ସୁରେନ୍ଦ୍ର ମହାନ୍ତି

# ଅତଳୀର ସୂର୍ଯ୍ୟ

ନବିଂଶ ଶତାବ୍ଦୀର ଓଡ଼ିଶା ଓ ମଧୁସୂଦନ (୧୮୪୮-୧୯୦୩)

# ଗଙ୍ଗୋତ୍ରୀର ସୂର୍ଯ୍ୟ



ଲାର୍କ ପ୍ରକାଶ

ଶତାବ୍ଦୀର ସୂର୍ଯ୍ୟ • ସୁରେନ୍ଦ୍ର ମହାନ୍ତି

ପ୍ରକାଶକ
ମହେନ୍ଦ୍ର ମିଶ୍ର
ଲାର୍କ ବୁକ୍ସ
ଷ୍ଟେସନରୋଡ଼, କଟକ-୨

ପ୍ରଥମ ପ୍ରକାଶ
୧୯୭୦

ଅଙ୍ଗସଜ୍ଜା ଓ ଆଲୋକଚିତ୍ର
ଅପ୍ରୀତ ମୁଖାର୍ଜି
ଶିଳ୍ପ ରୂପମ୍
କଟକ-୨

ମୁଦ୍ରଣ
ଶତାବ୍ଦୀ
ଷ୍ଟେସନରୋଡ଼, କଟକ-୨

ମୂଲ୍ୟ
କୋଡ଼ିଏଟଙ୍କା

# ଭୂମିକା

'ଶତାବ୍ଦୀର ସୂର୍ଯ୍ୟ' ଏକ ଚରିତୋପନ୍ୟାସ । ଇଂ ୧୮୦୩ରେ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର ଓ ଓଡ଼ିଆ ଜାତୀୟତାର ଚରମ ବିପର୍ଯ୍ୟୟ ପରଠାରୁ ଇଂ ୧୯୦୩ରେ ଉତ୍କଳ-ସମ୍ମିଳନୀ ମଣ୍ଡପରୁ ଓଡ଼ିଆ ଜାତୀୟତାର ନବଜନ୍ମ ଘୋଷଣା ପର୍ଯ୍ୟନ୍ତ, ଦୀର୍ଘ ଏକ ଶତାବ୍ଦୀ କାଳର ଇତିହାସ, ମଧୁସୂଦନ (ଜନ୍ମ ଇଂ ୧୮୪୮)ଙ୍କ ଜୀବନୀସୂତ୍ରରେ ଏଥିରେ ଗ୍ରଥିତ ହୋଇଅଛି । ଊନବିଂଶ ଶତାବ୍ଦୀରେ ଓଡ଼ିଶାର ନବଜାଗରଣ ଓ ସେଥିରେ ମଧୁସୂଦନଙ୍କ ଭୂମିକା, ଏହାର ବିଷୟବସ୍ତୁ !

ଓଡ଼ିଆରେ ଚରିତୋପନ୍ୟାସର ଏହା ହୁଏତ ପ୍ରଥମ ଉଦ୍ୟମ ନୁହେଁ । ମାତ୍ର ଏକ ସୁବିସ୍ତୃତ ପୃଷ୍ଠଭୂମିରେ, ବହୁ ଚରିତ୍ର ଓ ଘଟଣାର ସମାବେଶ, ପୁଣି ଚରିତ୍ର-ଚିତ୍ରଣରେ, ଏପରି ଚରିତୋପନ୍ୟାସ, ପଥିକୃତ ଉଦ୍ୟମର ଅନନ୍ୟତା ନିଶ୍ଚିତ ଭାବରେ ଦାବୀ କରେ । ବସ୍ତୁତଃ କେବଳ ଓଡ଼ିଆରେ କାହିଁକି, ଅନ୍ୟ ଭାରତୀୟ ସାହିତ୍ୟରେ ମଧ୍ୟ ଜୀବନଚରିତ ନାମରେ ଯାହା ପ୍ରାୟଶଃ ଦେଖାଯାଏ; ସେସବୁ ଚରିତାମୃତ (hagiography) ଠାରୁ ସ୍ୱତନ୍ତ୍ର ନୁହେଁ । ମାନବୀୟ ଉଷ୍ଣତା ଓ ଆବେଗର ଅଭାବ, ସେଥିରେ ଅତି ନଗ୍ନ ଭାବରେ ଅନୁଭୂତ ହୋଇଥାଏ । ବର୍ଣ୍ଣିତ ଚରିତ୍ର ମାନଙ୍କୁ ସେଥିରେ ଦେବତ୍ୱର ଘଟାଟୋପରେ ଆପାଦମସ୍ତକ ଏପରି ଆବୃତ କରାଯାଇଥାଏ ଯେ; ତାହା ମଧ୍ୟରେ ମାନବୀୟ ପରିଚୟଟି ସମ୍ପୂର୍ଣ୍ଣ ଉହ୍ୟ ରହିଯାଏ । ମାହାତ୍ମ୍ୟର ଭୁକ୍ତିନଶୀତଳତାରେ ସେସବୁ ମର୍ମର ପ୍ରତିମୂର୍ତ୍ତି ପରି; ସେଥିରେ ମାନବୀୟ ସ୍ପନ୍ଦନ ନଥାଏ ।

କିନ୍ତୁ 'ଶତାବ୍ଦୀର ସୂର୍ଯ୍ୟ'ରେ, ଊନବିଂଶ ଶତାବ୍ଦୀର ପୃଷ୍ଠଭୂମିରେ ମଧୁସୂଦନଙ୍କର ଗୋଟିଏ ମର୍ମର ପ୍ରତିମୂର୍ତ୍ତି ନିର୍ମାଣ କରିବାର ଉଦ୍ୟମ ମୁଁ କରିନାହିଁ । ରକ୍ତମାଂସ ଦେହଧାରୀ ଗୋଟିଏ ମନୁଷ୍ୟର ଆଲେଖ୍ୟ ମୁଁ ଏଥିରେ ଅଙ୍କନ କରିବା ପାଇଁ ଚେଷ୍ଟା କରିଛି ଓ ସେଥି ସଙ୍ଗେ ଊନବିଂଶ ଶତାବ୍ଦୀ ଓଡ଼ିଶାର ସମାଜ ଓ ରାଜନୀତିର ରୂପାୟନ । ବସ୍ତୁତଃ ଜୀବନଚରିତ, ସାଲ ସନ ତାରିଖର ଫର୍ମା ଭିତରେ ବନ୍ଧା କେତେକ ଶୁଷ୍କ ନିଷ୍ପ୍ରାଣ ତଥ୍ୟର ସମାହାର ନୁହେଁ । ପ୍ରତ୍ୟେକ ଘଟଣାର ନେପଥ୍ୟରେ ରହିଥାଏ ଜୀବନର ଗଭୀର ସ୍ପନ୍ଦନ । ସେହି ଦୃଷ୍ଟିରୁ ପ୍ରତ୍ୟେକ ମନୁଷ୍ୟର ଜୀବନ ଗୋଟିଏ ଗୋଟିଏ ନାଟକ; ମଧୁସୂଦନଙ୍କ ଜୀବନ ପୁଣି ଅଧିକ ନାଟକୀୟ ! ଜୀବନଚରିତର ଧରାବନ୍ଧା ସୂତ୍ରରେ ଏହାକୁ ଠିକ୍ ପରିବେଷଣ କରି ହେବ ନାହିଁ ! ସେଥିପାଇଁ ଜୀବନଚରିତ ପରିବର୍ତ୍ତେ ଚରିତୋପନ୍ୟାସ ଶୈଳୀରେ ମୁଁ ଏହାକୁ ରଚନା କରିଅଛି ।

କିନ୍ତୁ ଜୀବନଚରିତ ହେଉ ଅଥବା ଚରିତୋପନ୍ୟାସ ହେଉ; ଏହା ଇତିହାସର ଚୌହଦୀ ମଧ୍ୟରେ । ସେଥିପାଇଁ ଏଥିର ବୈଶିଷ୍ଟ୍ୟ ସମସ୍ୟା ହେଉଛି, (୧) ସମ୍ପୃକ୍ତ ଐତିହାସିକ ତଥ୍ୟ ଓ ଦଲିଲ ପ୍ରଭୃତିର ସନ୍ନିବେଶ, ଓ (୨) ସେଥିରୁ ଏକ କଳାଗତ ସୃଷ୍ଟି, – ଯାହାକୁ ଇଂରାଜୀରେ କୁହାଯିବ "ୱାର୍କ ଅଫ୍ ଆର୍ଟ" ! ଚରିତୋପନ୍ୟାସରେ ଏହି ଶେଷୋକ୍ତ ଆବଶ୍ୟକତା ଉପରେ ଅଧିକତର ପ୍ରାଧାନ୍ୟ ଆରୋପ କରାଗଲେହେଁ—ପ୍ରଥମୋକ୍ତ ବିଷୟଟି ପ୍ରତି ଦୃଷ୍ଟି ଦିଆ ନଗଲେ ଜୀବନଚରିତ ଦୃଷ୍ଟିରୁ ଏହାର କୌଣସି ଐତିହାସିକ ମୂଲ୍ୟ ରହିବ ନାହିଁ । ସେଥିପାଇଁ ପାଠକମାନେ ଲକ୍ଷ୍ୟ କରି ଦେଖିବେ, ଏହାର ପରିବେଷଣ ଶୈଳୀ ଉପନ୍ୟାସ-ସୁଲଭ ଥିଲେ ହେଁ ଇତିହାସ ପରି ଏହା କଠୋର ଭାବରେ ତଥ୍ୟନିଷ୍ଠ । ଏଥିର ବର୍ଣ୍ଣିତ ପ୍ରତ୍ୟେକ ଚରିତ୍ର ମଧ୍ୟ ଊନବିଂଶ ଶତାବ୍ଦୀ ଓଡ଼ିଶାର ନରନାରୀ ।

ମୁଖ୍ୟତଃ "ଉତ୍କଳ-ଦୀପିକା" ଓ ସମସାମୟିକ ବିଭିନ୍ନ ରିପୋର୍ଟ ପୁଣି ଚିଠିପତ୍ର ଉପରେ ନିର୍ଭର କରି, ମୁଁ ଏହା ରଚନା କରିଅଛି । ସ୍ୱର୍ଗୀୟା ମିସ୍ ଶୈଳବାଳା ଦାସଙ୍କ ଠାରୁ ମୁଁ ସଂଗ୍ରହ କରିଛି, ମଧୁସୂଦନଙ୍କ ସଂଗ୍ରାମ ବର୍ଷିତ ଆଦ୍ୟ ଯୌବନର ଇତିହାସ । ମଧୁସୂଦନଙ୍କ ଜୀବନୀ ସମ୍ପର୍କରେ ସେ ଇଂରାଜୀରେ ଖଣ୍ଡେ ପୁସ୍ତକ ଲେଖିଥିଲେ । ମାତ୍ର କେଉଁ କାରଣରୁ କେଜାଣି, ପ୍ରକାଶର ଦିବାଲୋକ ଦେଖିବା ପାଇଁ ସେ ତାହାକୁ ସୁଯୋଗ ଦେଇ ନଥିଲେ । ମୋ ପରି ଆଉ କେହି କେହି ମଧ୍ୟ ସେ ପୁସ୍ତକ ପାଠ କରିଥିବେ । ମଧୁସୂଦନଙ୍କ ଆଦ୍ୟ ଜୀବନ ସମ୍ପର୍କରେ ଏ ପୁସ୍ତକରେ ସନ୍ନିବେଷ୍ଟ ସମସ୍ତ ତଥ୍ୟ, ଉକ୍ତ ପୁସ୍ତକ ଉପରେ ବହୁ ପରିମାଣରେ ନିର୍ଭର କରିଅଛି । ଇଂ ୧୮୮୨ ଠାରୁ ୧୯୦୩ ପର୍ଯ୍ୟନ୍ତ ମଧୁସୂଦନଙ୍କ ଜୀବନୀର ବିଭିନ୍ନ ତଥ୍ୟ ଓ ଉପାଦାନ "ଉତ୍କଳ ଦୀପିକା"ରୁ ସଂଗୃହୀତ । ଏହାର ପ୍ରାମାଣିକତା ଯେ ଅନସ୍ୱୀକାର୍ଯ୍ୟ ତାହାର ଉଲ୍ଲେଖ ଦ୍ୱିରୁକ୍ତି ମାତ୍ର ।

ଏଥିପାଇଁ ମଧୁସୂଦନଙ୍କର ଜଣେ ସହକର୍ମୀ ଶ୍ରୀ ବ୍ରଜବନ୍ଧୁ ଦାସ ଆଡ୍‌ଭୋକେଟ୍‌ଙ୍କ ଠାରେ ମୁଁ କେଉଁ ପରିମାଣରେ ଋଣୀ ତାହା ଏଠାରେ ଉଲ୍ଲେଖ କରିବା ପାଇଁ ମୋର ଭାଷା ନାହିଁ । 'ଉତ୍କଳ ଦୀପିକା'ର ପୁରୁଣା ଫାଇଲ୍ ପାଇଁ ଓଡ଼ିଶା ଆର୍କାଇଭସ୍ ମଧ୍ୟ ମୋର ଧନ୍ୟବାଦର ପାତ୍ର । କିନ୍ତୁ ବ୍ରଜବନ୍ଧୁ ବାବୁ, ତାଙ୍କର ଆଜୀବନ ସଂଗୃହୀତ ସମସ୍ତ ତଥ୍ୟ ଓ ଉପାଦାନ ମୋତେ ଅକୁଣ୍ଠିତ ଚିତ୍ତରେ ଯୋଗାଇ ନଥିଲେ ଏ ପୁସ୍ତକର ରଚନା ହୁଏତ ସମ୍ଭବ ହୋଇ ନଥାନ୍ତା । ସ୍ୱର୍ଗୀୟା ଶୈଳବାଳା ମଧୁସୂଦନଙ୍କର କେତେକ ଦୁଷ୍ପ୍ରାପ୍ୟ ଚିଠିପତ୍ର, ଡାଏରୀ ଓ ନଥିପତ୍ର ମୋତେ ଯୋଗାଇ ମୋର କୃତଜ୍ଞତାଭାଜନ ହୋଇ ରହିଛନ୍ତି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ଆଲୋଚନାରୁ ମୁଁ ମଧ୍ୟ କେତେକ ନୂତନ ତଥ୍ୟ ଆହରଣ କରିଅଛି ।

ମୋର କନ୍ୟା ଆୟୁଷ୍ମତୀ ଲୋପାମୁଦ୍ରା ଏହି ପୁସ୍ତକର ଲିଖିତ ପାଣ୍ଡୁଲିପିଗୁଡ଼ିକୁ ସଂଗୃହୀତ କରିନଥିଲେ, ଏହା ହୁଏତ ପ୍ରକାଶର ଦିବାଲୋକ ଦେଖିପାରି ନଥାନ୍ତା । ଶ୍ରୀମାନ୍ ହୃଦୟବଲ୍ଲଭ ଦାସ ଅକ୍ଳାନ୍ତ ପରିଶ୍ରମ କରି ଏହାର ପାଣ୍ଡୁଲିପି ପ୍ରସ୍ତୁତ କରିଥିବାରୁ, ସେ ମୋର ଧନ୍ୟବାଦର ପାତ୍ର । ''ଲାର୍କ''ର ସ୍ୱତ୍ୱାଧିକାରୀ ଶ୍ରୀ ମହେନ୍ଦ୍ର ମିଶ୍ର ଏହି ପୁସ୍ତକ ପ୍ରକାଶନର ଦାୟିତ୍ୱ ବହନ କରିଥିବାରୁ ସେ ମୋର ଧନ୍ୟବାଦାର୍ହ । ଶିଳ୍ପୀ ଅଜିତ ମୁଖାର୍ଜିଙ୍କୁ ଅଶେଷ ଧନ୍ୟବାଦ ଏ ପୁସ୍ତକର ଅଙ୍ଗସଜ୍ଜା ଓ ଏଥିରେ ସନ୍ନିବେଶ ଆଲୋକଚିତ୍ର ପାଇଁ । ଏହି ପୁସ୍ତକର ପୀଠିକାରେ ମୁଦ୍ରିତ ମଧୁସୂଦନଙ୍କ ରଙ୍ଗୀନ ଚିତ୍ରର ବ୍ଲକ "ପୌରୁଷ"ର ସମ୍ପାଦକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗାଇ ଦେଇଥିବାରୁ ତାଙ୍କଠାରେ ମୁଁ ବିଶେଷ ଭାବରେ କୃତଜ୍ଞ । ଏ ସମସ୍ତଙ୍କ ଠାରେ ମୁଁ ଅପରିଶୋଧ୍ୟ ଋଣ ସ୍ୱୀକାର କରୁଅଛି ।

ଓଡ଼ିଆ ଜାତୀୟତାର ନବଜାଗରଣ ପୂର୍ଣ୍ଣ ଊନବିଂଶ ଶତାବ୍ଦୀର ଅନ୍ଧକାର ମଧ୍ୟରୁ ବିଂଶ ଶତାବ୍ଦୀର ଆଲୋକିତ ପ୍ରଭାତ ପଥରେ, ଓଡ଼ିଆ ଜାତୀୟତାର ଜୈତ୍ରଯାତ୍ରା—ମଧୁସୂଦନଙ୍କ ଜୀବନୀର ଏହି ପ୍ରଥମଖଣ୍ଡର ବିଷୟବସ୍ତୁ । ଇଂ ୧୯୦୩ ଠାରୁ ୧୯୩୪ ପର୍ଯ୍ୟନ୍ତ ମଧୁସୂଦନଙ୍କ ଜୀବନୀର ଉତ୍ତରାର୍ଦ୍ଧ ନିକଟ ଭବିଷ୍ୟତରେ ପ୍ରକାଶ କରିବାର ବାସନା ରହିଲା ।



ଶିବାଣୀ
୯ ଅଗଷ୍ଟ ୧୯୭୦

# ସୂଚୀପତ୍ର

## ପ୍ରଥମ ଭାଗ


| ପରିଚ୍ଛେଦ ଓ ପୃଷ୍ଠା | ବିଷୟ |
|---|---|
| ପ୍ରଥମ (୧-୨୩) | ଖ୍ରୀ:ଅ: ୧୮୦୩—ଇଂରେଜମାନଙ୍କର ଓଡ଼ିଶା ଅଧିକାର – ସତ୍ୟଭାମାପୁର ଗ୍ରାମ ସୃଷ୍ଟିର ଇତିହାସ – ମଧୁସୂଦନଙ୍କ ପୂର୍ବପୁରୁଷ – ଖ୍ରୀ.ଅ ୧୮୨୧; ପିତାମହଙ୍କ ସତୀଦାହ ଓ ମଧୁସୂଦନଙ୍କ ଜୀବନରେ ତାର ପ୍ରଭାବ – ଧ୍ୱଂସପ୍ରାପ୍ତ ଅତୀତର ସ୍ତୂପ ଉପରେ ଏକ ନୂତନ ଭବିଷ୍ୟତ ନିର୍ମାଣର ପ୍ରେରଣା । |
| ଦ୍ୱିତୀୟ (୨୪—୩୮) | ଶୈଶବ ଓ ବିଦ୍ୟାଶିକ୍ଷା—ଶ୍ରଦ୍ଧାନାମ ଗୋବିନ୍ଦ—ଜନନୀ ପାର୍ବତୀ ଦେଈଙ୍କ ବ୍ୟକ୍ତିତ୍ୱର ମଧୁସୂଦନଙ୍କ ଉପରେ ପ୍ରଭାବ । |
| ତୃତୀୟ (୩୯-୫୮) | ମହାପିଙ୍ଗପୁର ଭର୍ଣ୍ଣାକୁଲର ବିଦ୍ୟାଳୟର ଛାତ୍ର ମଧୁସୂଦନ – କଟକରେ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ—ଓଡ଼ିଶାରେ ଓଡ଼ିଆ ବଙ୍ଗାଳୀ ବିଦ୍ୱେଷ – 'ମଧୁ-ଓଡ଼ିଆ'ର ଚୁଟିକଟା—୧୮୬୪ରେ ଏଣ୍ଟ୍ରାନସ୍ ପାଶ୍ । |
| ଚତୁର୍ଥ ଓ ପଞ୍ଚମ (୫୯—୮୫) | କଣ୍ଟାବଣିଆ ବିଚିତ୍ରାନନ୍ଦ ଦାସଙ୍କ ବ୍ୟକ୍ତିତ୍ୱ ଓ ପରିଚୟ- ଓଡ଼ିଶାରେ ଯୌଥ କାରବାରର ପ୍ରଥମ ପ୍ରବର୍ତ୍ତକ; "ଉତ୍କଳ-ଦୀପିକା" ଓ କଟକ ପ୍ରିଣ୍ଟିଂ କୋମ୍ପାନୀ" ପ୍ରତିଷ୍ଠାର ମୁଖ୍ୟ ଉଦ୍ୟୋକ୍ତା ଇତ୍ୟାଦି —ବିଚିତ୍ରାନନ୍ଦଙ୍କ ଠାରୁ କଲେଜ ଶିକ୍ଷା ପାଇଁ ମଧୁସୂଦନଙ୍କ ପ୍ରେରଣା ଲାଭ—ବାଲେଶ୍ୱରରେ ତୃତୀୟ ଶିକ୍ଷକ ରୂପେ ନିଯୁକ୍ତ – ବାଲେଶ୍ୱର ଓଡ଼ିଆ ବଙ୍ଗାଳୀ ଭାଷା ବିବାଦର ରଣାଙ୍ଗନ—ସେଠାରୁ କଲିକତା ଗମନ । |
| ଷଷ୍ଠ (୮୬-୧୧୮) | କଲିକତାରେ—"ୟଙ୍ଗ ବେଙ୍ଗଲ୍"ର ଯୁଗ – ପାରମ୍ପରିକ ହିନ୍ଦୁ ସମାଜ ଓ ଚଳଣୀରେ ବୈପ୍ଳବିକ ଚିନ୍ତା – "ହିନ୍ଦୁ କଲେଜ"ର ଭୂମିକା – କଲିକତାରେ ଓଡ଼ିଆଙ୍କ ଲାଞ୍ଛନା ଓ ଗ୍ଳାନି ଏବଂ ଏ ସବୁର ମଧୁସୂଦନଙ୍କ ମନ ଉପରେ ପ୍ରତିକ୍ରିୟା । |

| | |
|---|---|
| | ଲଣ୍ଡନ ମିସନ ସୋସାଇଟୀ କଲେଜରେ ଶିକ୍ଷାଲାଭର ସୁଯୋଗ — ଅମ୍ବିକାଚରଣ ସରକାରଙ୍କ ସହିତ ବନ୍ଧୁତା — ପାଷ୍ଟର ଯଦୁନାଥ ଚାଟାର୍ଜିଙ୍କ ଘରେ ଯାପନ — ସୌଦାମିନୀ ଓ ସୁରଙ୍ଗିଣୀ — ୧୮।୮।୧୮୬୬ର ଉତ୍କଳ ଦୀପିକା ସଂଖ୍ୟାରେ ମଧୁସୂଦନଙ୍କ ଖ୍ରୀଷ୍ଟଧର୍ମ ଗ୍ରହଣ ଶୀର୍ଷକ ଶିରୋନାମାରେ କ୍ଷୁଦ୍ରାକୃତି ସମ୍ବାଦ। |
| ସପ୍ତମ ଓ ଅଷ୍ଟମ (୧୧୯-୧୮୫) | ମଧୁସୂଦନଙ୍କ ଖ୍ରୀଷ୍ଟଧର୍ମ ଗ୍ରହଣର ପୃଷ୍ଠଭୂମି — ପିତା ରଘୁନାଥଙ୍କ ଦୁଃଶ୍ଚିନ୍ତା — ପିତାପୁତ୍ରଙ୍କ ସମ୍ପର୍କରେ ଛେଦ — ବି.ଏ. ପରୀକ୍ଷା — ସଂସ୍କୃତ ପେପର୍ ନେଇ ବିଶ୍ୱବିଦ୍ୟାଳୟ ସହିତ ସଂଘର୍ଷ ଓ ମଧୁସୂଦନଙ୍କ ବିଜୟ — ୧୮୭୦ରେ ବି.ଏ. ଓ ୧୮୭୩ରେ ଏମ୍.ଏ. ପାଶ — ସୌଦାମିନୀଙ୍କ ସହ ବିବାହ — ବେକାର ଅବସ୍ଥା ସମୟରେ ୧୮୭୫ରେ **Model Questions** ପୁସ୍ତକ ପ୍ରଣୟନ — କଲିକତା ଖ୍ରୀଷ୍ଟିଆନ ସମାଜରେ ଅପାଂକ୍ତେୟ ମଧୁସୂଦନ — |
| ନବମ (୧୮୬-୨୨୭) | ଗୌରୀଶଙ୍କର ଓ ଉତ୍କଳ ଦୀପିକା — ଚାର୍ଲସ ନର୍ଥକୋଟଙ୍କ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ପ୍ରସ୍ତାବ ବିରୁଦ୍ଧରେ ବଙ୍ଗୀୟମାନଙ୍କ ତତ୍ପରତା — ରାଜେନ୍ଦ୍ର ଲାଲ ମିତ୍ରଙ୍କର କଟକରେ ଓଡ଼ିଆ ବିରୋଧୀ ଭାଷଣ ଓ ଉତ୍କଳ ଦୀପିକାରେ ତାହାର ପ୍ରତିବାଦ — ପରେ ପରେ 'ଉତ୍କଳ-ହିତୈଷିଣୀ'' ଓ "ସମ୍ବାଦ-ବାହିକା"ଙ୍କର ବଙ୍ଗୀୟ ପ୍ରତିପକ୍ଷ ମାନଙ୍କ ସହିତ ମସିଯୁଦ୍ଧ — ଗୌରୀଶଙ୍କରଙ୍କ ସହିତ କଲିକତାରୁ ମଧୁସୂଦନଙ୍କ ଯୋଗସୂତ୍ର — କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ବନାମ ଭୂଦେବ ଚନ୍ଦ୍ର ମୁଖୋପାଧ୍ୟାୟ — ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ଷଡଯନ୍ତ୍ରରେ ଯବନିକା ପତନ — ଫେବୃୟାରୀ ୧୮୭୫ରେ ବିଚିତ୍ରାନନ୍ଦ ଦାସ ଓ ବୈକୁଣ୍ଠ ନାଥ ଦେଙ୍କର ସାର୍ ରିଚାର୍ଡ ଟେମ୍ପଲଙ୍କଠାରେ ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପାଇଁ ସ୍ମାରକପତ୍ର ଦାଖଲ — ନନ୍ଦକିଶୋର ଦାସଙ୍କର ମଧୁସୂଦନଙ୍କୁ ଓଡ଼ିଶା ଫେରି ଆସିବା ପାଇଁ ଚିଠି — ଶୈଳବାଳାଙ୍କ ଜନ୍ମ — ସୁରେନ୍ଦ୍ରନାଥ ବାନାର୍ଜିଙ୍କ ସହ ମଧୁସୂଦନଙ୍କ ଘନିଷ୍ଠତା — ଆଶୁତୋଷ ମୁଖାର୍ଜିଙ୍କର ଗୃହଶିକ୍ଷକରୂପେ ଦାୟିତ୍ୱ ଗ୍ରହଣ — ୧୮୭୭ରେ ଦିବ୍ୟସିଂହ ଦେବଙ୍କ ଦ୍ୱୀପାନ୍ତର ଦଣ୍ଡ — ଠାକୁର ରାଜାଙ୍କ ବିରୋଧରେ ଇଂରେଜମାନଙ୍କ ଚକ୍ରାନ୍ତର ପୃଷ୍ଠଭୂମି। |
| ଦଶମ (୨୨୮-୨୩୩) | ୧୮୭୮ ସାଲ — ସୌଦାମିନୀଙ୍କ ମୃତ୍ୟୁ — ବି.ଏଲ୍. ପାଶ୍ — ୧୮୮୧ରେ କଟକ ପ୍ରତ୍ୟାବର୍ତ୍ତନ। |

# ଦ୍ୱିତୀୟ ଭାଗ

ପ୍ରଥମ (୧୩୪-୧୫୭) କୋଲ୍ବାଘାଟରେ ନନ୍ଦକିଶୋର, ଗୋପାଳ ବଲ୍ଲଭ ଓ ରାମଶଙ୍କରଙ୍କର ଆଦର ସମ୍ବର୍ଦ୍ଧନା—ବିହାରୀଲାଲ ପଣ୍ଡିତଙ୍କ ଗୁନ୍ଦାମାଚୌକି କୋଠାରେ ମଧୁସୂଦନଙ୍କ ବାସଗ୍ରହଣ—ପ୍ରଥମ ଓଡ଼ିଆ ଓକିଲ ମଧୁସୂଦନଙ୍କ ପ୍ରତି ଅଦାଲତରେ ବଙ୍ଗୀୟ ଓକିଲମାନଙ୍କର ତାଚ୍ଛଲ୍ୟ ଓ ଅବମାନନା—ଅବଶେଷରେ ଜଜ୍‌ଙ୍କ ଖାସ କାମରା ପାଖ ପ୍ରକୋଷ୍ଠରେ ମଧୁସୂଦନଙ୍କୁ ସ୍ଥାନ ମିଳିବା—କ୍ରମେ କ୍ରମେ ଓକିଲାତିରେ ପ୍ରତିଷ୍ଠା ।

ଦ୍ୱିତୀୟ (୧୫୭-୧୭୯) ୧୮୮୨—ଲର୍ଡ ରିପନଙ୍କ ସ୍ୱାୟତ୍ତ-ଶାସନ ବ୍ୟବସ୍ଥାର ଘୋଷଣା—କଟକ ସହରରେ ରାଜନୈତିକ ଜୀବନର ସୂତ୍ରପାତ—ଓଡ଼ିଶାର ସର୍ବପ୍ରଥମ ରାଜନୈତିକ ଅନୁଷ୍ଠାନ "ଉତ୍କଳସଭା"ର ଗଠନ ।

ତୃତୀୟ (୨୮୦-୩୦୨) ବଙ୍ଗଳାରେ ସୁରେନ୍ଦ୍ରନାଥ ବାନାର୍ଜ୍ଜି ଓ ଓଡ଼ିଶାରେ ମଧୁସୂଦନ-ଦୁହିଁଙ୍କ କର୍ମମୟ ଜୀବନର ସାଦୃଶ୍ୟ—ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ସୁରେନ୍ଦ୍ରନାଥଙ୍କ ଦ୍ୱାରା ସମର୍ଥିତ ନ ହେବାରୁ ଦୁହିଁଙ୍କ ରାଜନୈତିକ ଜୀବନରେ ସ୍ୱତନ୍ତ୍ରଧାରା ଅନୁସରଣ—୧୮୮୩ରେ ସୁରେନ୍ଦ୍ରନାଥ "କନ୍‌ଟେମ୍ପ୍ଟ ଅଫ୍ କୋର୍ଟ" ଅପରାଧରେ ଦଣ୍ଡିତ ହେବା ସମୟରେ କଟକରେ ମଧୁସୂଦନଙ୍କ ପ୍ରତିବାଦ ସଭା—କଟକରୁ ଆଇନ୍ କଲେଜ ଉଠାଇ ଦେବା ପାଇଁ ମନ୍ତ୍ରଣା—ମଧୁସୂଦନଙ୍କର ଲ' କଲେଜରେ ଅଧ୍ୟାପନା—୧୮୮୭ରେ କଟକ ଲୋକାଲବୋର୍ଡର ଭାଇସ ଚେୟାରମାନ ରୂପେ ନିର୍ବାଚିତ—କଟକରେ ସ୍ୱତନ୍ତ୍ର ଆଇନ କଲେଜ ପ୍ରତିଷ୍ଠା ପାଇଁ ଚେଷ୍ଟା ।

ଚତୁର୍ଥ (୩୦୧-୩୦୮) ଖୋର୍ଦ୍ଧାରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ପକ୍ଷରୁ ନାବାଳକ ରାଜା ମୁକୁନ୍ଦ ଦେବଙ୍କୁ ସ୍ୱୀକୃତ ଦିଆଇବା ସଂପର୍କରେ ମୋକଦ୍ଦମା—ମଧୁସୂଦନ ତାହା ଚଳାଇବାର ଦାୟିତ୍ୱ ।

ପଞ୍ଚମ (୩୧୯-୩୫୧) ଓଡ଼ିଶାରେ ତତ୍କାଳୀନ ରାଜନୈତିକ ଜୀବନ ଏବଂ ମଧୁସୂଦନଙ୍କ କର୍ମପ୍ରବାହ—୧୮୮୩ରେ ଇଲବର୍ଟ-ବିଲ୍ ବିରୁଦ୍ଧରେ ଆନ୍ଦୋଳନ ଏବଂ ସର୍ବଭାରତୀୟ ସ୍ତରରେ ରାଜନୈତିକ

ଜାଗରଣର ପ୍ରଥମ ସୂତ୍ରପାତ—ମଧୁସୂଦନଙ୍କର କଲିକତା କନଫରେନସରେ ଯୋଗଦାନ—ଉତ୍କଳ ସଭାକୁ ନାସନାଲ କନଫରେନ୍‌ସରେ ମିଶାଇ ଦେବା ପାଇଁ ସୁରେନ୍ଦ୍ରନାଥଙ୍କ ପ୍ରସ୍ତାବରେ ମଧୁସୂଦନଙ୍କ ଅସମ୍ମତି ।

ଷଷ୍ଠ (୩୫୩–୩୯୯) ୧୮୮୪—କଟକ ମ୍ୟୁନିସିପାଲିଟି ନିର୍ବାଚନ—'୮୮୫; ଲେଫଟେନେଣ୍ଟ ସାର୍ ରିଭର୍ସ ଥମ୍ପସନଙ୍କର କଟକ ଆଗମନ ଏବଂ ପୁରୀ ରାଜା ମୁକୁନ୍ଦଦେବଙ୍କୁ ରାଜା-ସନନ୍ଦ ପ୍ରଦାନ ।

ସପ୍ତମ ଓ ଅଷ୍ଟମ (୪୦୦–୫୦୮) ୧୮୮୫ରେ ବମ୍ବେରେ**Indian National Congress**ର ପ୍ରଥମ ଅଧିବେସନ—ଓଡ଼ିଶାରେ ତାର ପ୍ରତିଧ୍ୱନି—୧୮୮୬; କଲିକତାରେ କଂଗ୍ରେସର ଦ୍ୱିତୀୟ ଅଧିବେଶନ ଓ ସେଥିରେ ଉତ୍କଳ ସଭା ପକ୍ଷରୁ ଅନ୍ୟାନ୍ୟଙ୍କ ମଧ୍ୟରେ ମଧୁସୂଦନଙ୍କ ଯୋଗଦାନ—ଓଡ଼ିଶାର ସମସ୍ୟାକୁ ମହାଭାରତୀୟ ସ୍ତରରେ ଆଲୋଚନା ପାଇଁ ଚେଷ୍ଟା ଓ ସେଥିରେ ଅସଫଳତା – ପୁରୀର ସ୍ଥାନୀୟ ଇଂରେଜ କର୍ମଚାରୀ ଗୋଷ୍ଠୀର ପୁରୀ ମନ୍ଦିର ଜୋରଣ ଓ ସାରା ଓଡ଼ିଶାରେ ଅସନ୍ତୋଷ-ଏହା ବିରୁଦ୍ଧରେ କଲିକତା ହାଇକୋର୍ଟରେ ଅପିଲ ଦାୟର——ଅବଶେଷରେ ମୋକଦ୍ଦମାର ରଫା—ଲୋକାଲ ବୋର୍ଡ ଚେୟାରମାନ ରୂପେ ମଧୁସୂଦନଙ୍କ ନାମକୁ ସରକାରଙ୍କର ଅନୁମୋଦନ—୧୮୮୭; ମାନ୍ଦ୍ରାଜରେ କଂଗ୍ରେସର ତୃତୀୟ ଅଧିବେଶନ ଓ ସେଥିରେ ମଧୁସୂଦନଙ୍କ ଯୋଗଦାନ—ଭାରତରେ ଲବଣକର-ବିରୋଧୀ ଆନ୍ଦୋଳନର ଇତିହାସ ଓ ମଧୁସୂଦନଙ୍କ ଆନୁକୂଲ୍ୟରେ ଓଡ଼ିଶାରେ ତାର ପ୍ରଥମ ପ୍ରତିବାଦ—ହିନ୍ଦୁ ମୁସଲମାନ ସମ୍ପ୍ରୀତି—୧୮୮୮ ସାଲରେ ସାନଭାଇ ଗୋପାଳ-ବଲ୍ଲଭଙ୍କ ବିବାହ—“ଓଡ଼ିଶା ଗ୍ରାଜୁଏଟସ-ଆଣ୍ଡ୍-ଅଣ୍ଡର ଗ୍ରାଜୁଏଟସ୍ ଆସୋସିଏସନ”—ବଙ୍ଗଳାର ନୂତନ ଲେଫଟେନେଣ୍ଟ ଗଭର୍ଣ୍ଣର ସାର ଷ୍ଟୁଆର୍ଟ କୋଲ୍‌ଭିନ୍ ବେଲୀଙ୍କ ଓଡ଼ିଶା ପରିଦର୍ଶନ—“ଉତ୍କଳ-ସଭା” ପକ୍ଷରୁ ତାଙ୍କୁ ମାନପତ୍ର ପ୍ରଦାନ କରୁ ବେଲୀଙ୍କର ନୈରାଶ୍ୟପୂର୍ଣ୍ଣ ଉତ୍ତର ।

ନବମ (୫୦୯–୫୩୩) ୧୮୯୧—କେନ୍ଦୁଝରର ଭୂୟାଁ ମେଲୀ—ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ରାଜ୍ୟଚ୍ୟୁତ—ସେଇ ମୋକଦ୍ଦମା ବ୍ୟାପାରରେ ଲେଫଟେନେଣ୍ଟ ଗଭର୍ଣ୍ଣର ସାର ଚାର୍ଲସ ଆଲଫ୍ରେଡ୍ ଏଲିୟଟଙ୍କ

ସହିତ ମଧୁସୂଦନଙ୍କ ସାକ୍ଷାତ—ମହାରାଜାଙ୍କ ପୁନର୍ବାର କେନ୍ଦୁଝର ରାଜ୍ୟପ୍ରାପ୍ତି ।

ଦଶମ (୫୪୪-୫୬୧) ୧୮୯୫—ସମ୍ବଲପୁରରୁ ଓଡ଼ିଆ ଭାଷାର ଉଚ୍ଛେଦ—"ସମ୍ବଲପୁର ହିତୈଷିଣୀ' ଓ "ଉତ୍କଳ-ଦୀପିକା"ରେ ଏହାର ସମାଲୋଚନା—ଶ୍ରୀପତି ମିଶ୍ର, ବ୍ରଜମୋହନ ପଟ୍ଟନାୟକ ଇତ୍ୟାଦି ସମ୍ବଲପୁରର ବିଶିଷ୍ଟବ୍ୟକ୍ତି ମାନଙ୍କର ମଧୁବାବୁଙ୍କ ସହିତ ପରାମର୍ଶ— ସମ୍ବଲପୁରରେ ଆନ୍ଦୋଳନ ଓ ଆଲୋଡ଼ନ—ବଡ଼ଲାଟ ଏଲ୍‌ଗିନ୍‌ଙ୍କ ନିକଟକୁ ବିଭିନ୍ନ ସ୍ମାରକପତ୍ର ପ୍ରେରଣ—ସମ୍ବଲପୁରରୁ ଓଡ଼ିଆଭାଷା ବିଲୋପ ବିରୁଦ୍ଧରେ ନୀରବ ପ୍ରତିବାଦ ଜଣାଇ ମଧୁସୂଦନଙ୍କର ଜିଲ୍ଲାବୋର୍ଡ ଭାଇସଚେୟାରମ୍ୟାନ ପଦରୁ ଇସ୍ତଫା ।

ଏକାଦଶ (୫୬୨-୫୭୧) ୧୮୯୬ରେ ବଙ୍ଗଳା ଲେଜିସ୍‌ଲେଟିଭ କାଉନ୍‌ସିଲରେ ମଧୁସୂଦନଙ୍କ ସଭ୍ୟରୂପେ ଯୋଗଦାନ ।

ଦ୍ୱାଦଶ (୫୭୨-୫୮୯) ୧୮୯୭—ମଧୁସୂଦନଙ୍କ ଇଂଲଣ୍ଡ ଭ୍ରମଣ—ପ୍ରତ୍ୟାବର୍ତ୍ତନ ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ପାଇଁ ଚିନ୍ତା ଏବଂ କାର୍ଯ୍ୟ ।

ତ୍ରୟୋଦଶ (୫୯୦-୬୦୪) "ଯୌଥ ଭଣ୍ଡାର"ର ପ୍ରତିଷ୍ଠା—"ଓଡ଼ିଶା ଆର୍ଟୱେୟାର୍ସ" ଗଠନ ଓ ଦ୍ରୁତ ପ୍ରସାର ।

ଚତୁର୍ଦ୍ଦଶ (୬୦୫-୬୧୪) ୧୯୦୦—ବଙ୍ଗଳା ଲେଜିସ୍‌ଲେଟିଭ କାଉନସିଲକୁ ପୁନର୍ବାର ନିର୍ବାଚିତ ।

ପଞ୍ଚଦଶ (୬୧୫-୬୨୯) ୧୯୦୦—ପ୍ରଥମ ଯାତ୍ରୀବାହୀ ରେଲଗାଡ଼ି କଟକରେ ପହଞ୍ଚିଲା—ଲର୍ଡ କର୍ଜନଙ୍କ ଓଡ଼ିଶା ଆଗମନ ।

ଷୋଡ଼ଶ (୬୩୦-୬୫୨) ୧୯୦୧—ସମ୍ବଲପୁରରେ ଶ୍ରୀପତି ମିଶ୍ର, ମଦନମୋହନ ମିଶ୍ର ଇତ୍ୟାଦି ବିଶିଷ୍ଟ ବ୍ୟକ୍ତିଙ୍କର ଲର୍ଡ କର୍ଜନଙ୍କ ସହିତ ସାକ୍ଷାତ ପାଇଁ ସିମଲା ଗମନ—ସମ୍ବଲପୁରରେ ଓଡ଼ିଆ ଭାଷାର ପୁନର୍-ପ୍ରଚଳନ ସପକ୍ଷରେ ଚିଫ୍‌କମିଶନର ଫ୍ରେଜର୍‌ଙ୍କ ସରଜମିନ ତଦନ୍ତ ପରେ ଅନୁକୂଳ ମତ ପ୍ରଦାନ—ମଧୁସୂଦନଙ୍କ ଲର୍ଡ କର୍ଜନଙ୍କ ସହିତ ସାକ୍ଷାତକାର—୧୯୦୨ରେ ସରକାରୀ ଘୋଷଣା ପ୍ରକାଶ ପାଇଲା ସମ୍ବଲପୁରରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ ପାଇଁ—ସାର ଜନ୍ ଉଡ୍‌ବର୍ଣ୍ଣଙ୍କ ଓଡ଼ିଶା ଆଗମନ—ଓଡ଼ିଶା-ଆର୍ଟୱେୟାରସ ତରଫରୁ ତାଙ୍କୁ ମାନପତ୍ର ପ୍ରଦାନ—ମଧୁ-

ସୂଦନଙ୍କ ଉଦ୍ୟମ ଫଳରେ ୧୯୦୨ରେ କଲିକତା ବିଶ୍ୱବିଦ୍ୟାଳୟରେ ପାଠ୍ୟନିର୍ଘଣ୍ଟରେ ଓଡ଼ିଆଭାଷାର ସ୍ଥାନଲାଭ ।

ସପ୍ତଦଶ (୬୫୩-୬୭୩)

୧୯୦୩ ଜାନୁଆରୀ ପହିଲାରୁ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ—"ଉତ୍କଳ-ଶିଳ୍ପୋନ୍ନତି ସଭା"—ସ୍ୱଦେଶୀ ଶିଳ୍ପର ଭାବନା—ସପ୍ତମ ଏଡୱାର୍ଡଙ୍କ ଅଭିଷେକୋପଲକ୍ଷେ କଟକର ଲାଲବାଗ-କୋଠୀ ହତାରେ ଦରବାର ସମାରୋହ—"ଉତ୍କଳ ସମ୍ମିଳନୀ"ର ଜନ୍ମ—ଓଡ଼ିଶାରେ କଂଗ୍ରେସ ସ୍ପନ୍ଦନର କ୍ଷୀଣଧ୍ୱନି—ଗଂଜାମ-ଜାତୀୟ ସମ୍ମିଳନୀର ପ୍ରଥମ ଅଧିବେଶନ—ସେଇଠାରେ "ଉତ୍କଳ-ସମ୍ମିଳନୀ"ର ଭିତ୍ତି ସ୍ଥାପନ—"ଉତ୍କଳ-ସଭା"ର ୨୨।୪।୧୯୦୩ ତାରିଖ ବୈଠକରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସକାଶେ ପ୍ରସ୍ତାବ ଧାର୍ଯ୍ୟ ।

ଅଷ୍ଟାଦଶ (୬୭୪-୬୯୦)

ମାନସିଂପାଟଣା ଡକାୟତି—ମଧୁସୂଦନଙ୍କୁ ସେଥିରେ ଜଡ଼ିତ କରି ତାଙ୍କ ବିରୁଦ୍ଧରେ ଚରିତ୍ର ସଂହାର ଅଭିଯାନ—ସରକାରଙ୍କର ମଧୁସୂଦନଙ୍କୁ କ୍ଷମା ପ୍ରାର୍ଥନା—ତା ୭।୯।୧୯୦୩ରେ ମଧୁସୂଦନଙ୍କ ନେତୃତ୍ୱରେ କମିସନରଙ୍କୁ ସାକ୍ଷାତ ଏବଂ ଓଡ଼ିଶାକୁ ମଧ୍ୟପ୍ରଦେଶ ପରିବର୍ତ୍ତେ ବଙ୍ଗଳାରେ ମିଶାଇବା ପାଇଁ ଅନୁରୋଧ—ଜନନୀ ପାର୍ବତୀ ଦେଈଙ୍କ ମୃତ୍ୟୁ—ଓଡ଼ିଶା ଓ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧି ମାନଙ୍କର ଏକ ଜାତୀୟ ସମ୍ମିଳନୀ ଆହ୍ୱାନ କରିବା ପାଇଁ ଯୋଜନା—ଓଡ଼ିଆ ଜାତୀୟତାର ଉନ୍ମେଷ ।

ଉନବିଂଶ (୬୯୧-୭୦୭)

୧୯୦୩ ସାଲ ଡିସେମ୍ବର ମାସରେ ପ୍ରକାଶ ପାଇଲା ରିଜ୍ଲେ-ସର୍କୁଲାର—ଏଥିରେ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କୁ ଏକତ୍ରୀତ କରି ବଙ୍ଗଳା ଶାସନର ପରିସର ମଧ୍ୟରେ ରଖିବା ପାଇଁ ପରାମର୍ଶ—ଡିସେମ୍ବର ମାସରେ "ଉତ୍କଳ-ସମ୍ମିଳନୀ"ର ପ୍ରସ୍ତୁତି—କମିସନର କେ.ଜି. ଗୁପ୍ତଙ୍କ ଏଥିରେ ଯୋଗଦେବା ପାଇଁ ରାଜା ଜମିଦାର ଆଉ ସରକାରୀ କର୍ମଚାରୀମାନଙ୍କ ଉପରେ ନିଷେଧାଜ୍ଞା—ଗଭର୍ଣ୍ଣର ଆଣ୍ଡ୍ରୁ ଫ୍ରେଜରଙ୍କ ନିକଟରେ ମଧୁସୂଦନଙ୍କ ପ୍ରତିବାଦ ଓ ଅବଶେଷରେ ନିଷେଧାଜ୍ଞାର ପ୍ରତ୍ୟାହାର.
"କଂଗ୍ରେସ" ସଂପର୍କରେ ମଧୁସୂଦନଙ୍କ ମୋହଭଙ୍ଗ ।

ପୁସ୍ତକର କଳେବର ଦୃଷ୍ଟିରୁ ମଧୁସୂଦନଙ୍କ ଆତ୍ମଚରିତର ମୂଳଲେଖା ( ପୃ ୧୪ ଦ୍ରଷ୍ଟବ୍ୟ ) ପରିଶିଷ୍ଟରେ ସଂଯୋଜିତ ହୋଇ ପାରିଲା ନାହିଁ । ଏହା ପରବର୍ତ୍ତୀ ଭାଗରେ ସନ୍ନିବିଷ୍ଟ ହେବ ।

## ଚିତ୍ରସୂଚୀ


ଏକ ମଧୁସୂଦନଙ୍କ ପିତାମହୀ ଯେଉଁ ସ୍ଥାନରେ ସ୍ୱାମୀଙ୍କ ଚିତାରେ ସହଗମନ କରିଥିଲେ, ସେହି ସ୍ଥାନରେ ଏହି ଗର୍ଭିଣୀ ଗଛ ଅଦ୍ୟାବଧି ଦଣ୍ଡାୟମାନ ରହିଅଛି । (ପୃ ୧୪)

ଦୁଇ ରସକୁଣ୍ଡ ପୋଖରୀ— ପୋଖରୀ ଉପରେ ଥିବା ଘରଟିର ପରେ ପୁନର୍ନିର୍ମାଣ ହୋଇଛି । କିନ୍ତୁ ତାହା ତାଙ୍କର ପୈତୃକ ସ୍ଥାନ । (ପୃ ୨୭)

ତିନି ମଧୁସୂଦନ ଖ୍ରୀଷ୍ଟିଆନ ହେବାରୁ ତାଙ୍କପାଇଁ ଗାଁ ବାହାରେ ଅଲଗା ଘର ତୋଳା ହୋଇଥିଲା । (ପୃ ୭୩)

ଚାରି କଲକତାରେ ବେକାର ଅବସ୍ଥାରେ ଥିବା ବେଳେ ମଧୁସୂଦନ ଯେଉଁ "ମଡେଲ-କୋଶ୍ଚେନସ୍" ପୁସ୍ତକ ରଚନା କରିଥିଲେ, ତାହାର ପ୍ରଚ୍ଛଦ ପଟ୍ଟ । (ପୃ ୧୭୭)

ପାଞ୍ଚ  ସମ୍ବଲପୁରରୁ ଓଡ଼ିଆ ଭାଷାର ଉଚ୍ଛେଦ ସମ୍ପର୍କରେ ଲର୍ଡ କର୍ଜନଙ୍କ ସେକ୍ରେଟାରୀ ଡ଼ବ୍ଲ୍ୟୁ ଲରେନ୍ସଙ୍କ ଚିଠି । (ପୃ ୭୩୪)

ଛଅ  ମଧୁସୂଦନ ପ୍ରଥମ ଥର ପାଇଁ ଇଂଲଣ୍ଡ ଯାଇଥିବା ବେଳେ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ସାର ଜର୍ଜ ହାମିଲ୍‌ଟନ୍‌ଙ୍କ ସେକ୍ରେଟାରୀ ଡାଲ୍‌କାଙ୍କ ପତ୍ର । (ପୃ ୫୮୨)

ସାତ  ସ୍ୱର୍ଣ୍ଣମଣି ପାଟମହାଦେଈଙ୍କ ଦରଖାସ୍ତର କିୟଦଂଶ (ପୃ ୩୦୮)

ଆଠ  ପରବର୍ତ୍ତୀ କାଳରେ କଂଗ୍ରେସ ଖାସପତ୍ର, ବ୍ରିଟିଶ ଏମ୍. ପି. ଡ଼ବ୍ଲ୍ୟୁ, ୱେଡ଼ରବର୍ଣ୍ଣଙ୍କ ପତ୍ର । (ପୃଃ ୮୧)

ନଅ  ଟି: ଇ: ରାଭେନ୍‌ସାଙ୍କ ପତ୍ର । (ପୃ ୫୭୮)

ଦଶ  ସ୍ୱର୍ଣ୍ଣମଣି ପାଟମହାଦେଈଙ୍କ ଦ୍ୱିତୀୟ ଦରଖାସ୍ତ ଉପରେ ମଧୁସୂଦନଙ୍କ ସ୍ୱହସ୍ତ ଲିଖିତ ଲିପି । (ପୃ ୩୨୮)

ଏଗାର  ଓଡ଼ିଶା-ଆର୍ଟ-ୱେୟାରସ୍ ସମ୍ପର୍କରେ ମୟୂରଭଂଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପରିଦର୍ଶନ ମନ୍ତବ୍ୟ ।

ବାର  ଓଡ଼ିଶା-ଆର୍ଟ ୱେୟାରସରେ ନିର୍ମିତ ଜାରଜରୀ ସମ୍ପର୍କରେ ମିଷ୍ଟର ହ୍ୟାମଣ୍ଡଙ୍କ ପତ୍ର ।

ତେର  ବଙ୍ଗଳାର ଲେଫଟେନେଣ୍ଟ ଗଭର୍ଣ୍ଣର ସାର ଜନ୍ ଉଡ଼ବର୍ଣ୍ଣଙ୍କ ଓଡ଼ିଶା-ଆର୍ଟ-ୱେୟାରସ ପରିଦର୍ଶନ ସମ୍ପର୍କରେ ମଧୁସୂଦନଙ୍କ ସ୍ୱହସ୍ତ ଲିପିରେ ଲିଖିତ ସୂଚନା । (ପୃ ୭୪୮)

ଚଉଦ  ବଙ୍ଗଳାର ପ୍ରସିଦ୍ଧ ଜନନେତା ଶ୍ରୀ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପତ୍ର । (ପୃ ୭୪୧)

ପନ୍ଦର  କଟକରେ ଆଇନ କଲେଜ ପ୍ରତିଷ୍ଠା ସମ୍ପର୍କରେ ସାର ଆଶୁତୋଷ ମୁଖାର୍ଜୀଙ୍କ ପତ୍ର । (ପୃ ୩୦୦)

# ପ୍ରଥମ ପରିଚ୍ଛେଦ

## (ଏକ)

ଇଂ ୧୮୦୩ ଖ୍ରୀ.ଅ…
ମହାରାଜା ମୁକୁନ୍ଦ ଦେବଙ୍କ ନଅ ଅଙ୍କ…୧୨୦୯ ସାଲ୍,
୧୭୨୫ ଶକାବ୍ଦ ।
ଅଗିଣ ମାସ । ଦିନ ଦ୍ୱିପହରିଆ ବେଳ । କଟକ ଖୁର୍ଦ୍ଧାବାଲି ସଡ଼କରେ ଦୁଇଜଣ ଅଶ୍ୱାରୋହୀ ଧୂଳି ଉଡ଼ାଇ ଉଡ଼ାଇ, ଧୀର କଦ୍‌ମରେ ପୂର୍ବମୁହାଁ ହୋଇ ଆସୁଥିଲେ । ସଡ଼କ ନିର୍ଜନ । ପାଣିଟିଏ ଶୁଙ୍ଘା ଦେଖା ନଥିଲେ । ଅନେକ ଦୂରରେ, ଦିଗ୍‌ବଳୟ କୋଳରେ ଗୋଟିଏ କଳା କଳା ବିନ୍ଦୁ ସବୁ କାଳି ପିମ୍ପୁଡ଼ି ଧାଡ଼ି ପରି ଛୁଟି ଚାଲିଥିଲେ, ଟାଙ୍ଗୀ ଆଡ଼ର ବଣ ଜଙ୍ଗଲ ମୁହାଁ ହୋଇ !

କଟକ ସହରର ଅଧିବାସୀ ସେମାନେ ! ଇଂରେଜ ଫୌଜ କଟକ ସହର ଆକ୍ରମଣ କରିଥିଲେ । ଆକ୍ରମଣ ନୁହେଁ ତ ଅଧିକାର ! ସହରବାସୀ ତାହାର ପ୍ରତିରୋଧ ପରିବର୍ତ୍ତେ ପଳାୟନ କରୁଥିଲେ ଖାଲି ହାତ ଛାଡ଼ି !

ଅଶ୍ୱାରୋହୀ ଦୁଇଜଣ ଏକ ସମୟରେ ଦୀର୍ଘ ନିଶ୍ୱାସ ପକାଇଲେ । ଗୋଟିଏ ଐତିହାସିକ ଜାତି ଶେଷକୁ ମୁଠାଏ ଶୁଖିଲା ପତ୍ର ପରି ଇତିହାସର କାଳଘୂର୍ଣ୍ଣୀରେ ଏମିତି ଅସହାୟ ଭାବରେ ଉଡ଼ି ବୁଲିବ ..ଏକଥା କିଏ ବା ଭାବିଥିଲା କେବେ !

ମାଦଳା-ପାଞ୍ଜି ଏହି ଭାଗ୍ୟବିଡ଼ମ୍ବିତ ଇତିହାସକୁ ଲିପିବଦ୍ଧ କରିଅଛି…

"× × ମହାରାଜାଙ୍କ ୯ ଅଙ୍କ ୧୮୦୭ ମସିହାରେ ହ୍ୱିଣ ନାମକ ଇଂରେଜ ବାହାଦୁର ସାହେବ ଦକ୍ଷିଣରୁ ମିଲିମିଲି ସାହେବ କଲିକତାରୁ ବଡ ନେରଲ ହାରକୋର୍ଟ ସାହେବ ବହୁତ ସୈନ୍ୟ ସେନ ଓଡ଼ିଶାକୁ ଆକ୍ରମଣ କଲେ । ମରହଟ୍ଟା ମାନେ କଟକରେ ସାମାନ୍ୟ ଯୁଦ୍ଧ କରି ଇଂରାଜଙ୍କୁ ଓଡ଼ିଶା ଛାଡ଼ି ଦେଇଗଲେ ।"

ମରହଟ୍ଟାମାନେ ହେଲେ ଯୁଦ୍ଧ କରିଥାନ୍ତେ ! କିନ୍ତୁ ବିନା ଯୁଦ୍ଧରେ ସେମାନେ ମଧ୍ୟ ଛାଡ଼ିଦେଇ ପଳାଇଲେ ଓଡ଼ିଶାର ସସାଗରା ମେଦନୀ !

ଏ ଅଶ୍ୱାରୋହୀ ଦୁଇଜଣ, ସତ୍ୟଭାମାପୁରର ପ୍ରସିଦ୍ଧ ମଣିମଲ୍ଲ ଚଉପାଢ଼ୀର ଦୁଇ ଭାଇ, ଚଉଧୁରୀ ସୁଦର୍ଶନ ଦାସ ଆଉ ତାଙ୍କ ସାନ ଭାଇ ଚତୁର୍ଭୁଜ ଦାସ । ସୁଦର୍ଶନଙ୍କ ଉପରେ ବଡ଼ ଦୁଇ ଭାଇ ଲକ୍ଷ୍ମଣ ମଲ୍ଲ ଓ ଚଉଧୁରୀ ଦୁର୍ଯ୍ୟୋଧନ ଦାସ ସତ୍ୟଭାମାପୁର ଛାଡ଼ି ଅନ୍ୟତ୍ର ଉଠି ଯାଇଥିବାରୁ, ମଣିମଲ୍ଲ ଚଉପାଢ଼ୀର ଉପସ୍ଥିତ ଅଧିକାରୀ ହୋଇଥିଲେ, ସୁଦର୍ଶନ ଚଉଧୁରୀ । ଚତୁର୍ଭୁଜ ମଧ୍ୟକନିଷ୍ଠ ଭ୍ରାତା ସୁଦର୍ଶନଙ୍କ ସହିତ ତଥାପି ରହିଥିଲେ ଏକାନ୍ନବର୍ତ୍ତୀ ପରିବାରରେ । ସାଙ୍ଗିଆ ଚଉଧୁରୀ ଓ ଦାସ ଥିଲେହେଁ ଜ୍ୟେଷ୍ଠ ଅଂଶ ତଥାପି ପରିଚିତ ଥିଲେ, ଚଉପାଢ଼ୀର ପ୍ରତିଷ୍ଠାତା ମଣିମଲ୍ଲଙ୍କ ମଲ୍ଲ ସାଙ୍ଗିଆରେ । ସେଥିପାଇଁ ଶ୍ରୀକରଣ ସମାଜରେ ସେମାନଙ୍କ ପ୍ରତି ଆକ୍ଷେପଟା ତଥାପି ରହିଥିଲା, ମଲ୍ଲିଆ—ଚଉଧୁରୀ !··· ମାତ୍ର ଏହି ଶ୍ରୀକରଣମାନେ ମଲ୍ଲ ଚଉପାଢ଼ୀର ଥିଲେ ବେତନ ଭୋଗୀ କର୍ମଚାରୀ, ଗୁମାସ୍ତା ଓ ତହସିଲଦାର ପ୍ରଭୃତି ।

ଅଶ୍ୱାରୋହୀମାନଙ୍କ ପରିଧାନରେ ପାଇକଚ୍ଛା ଧୋତି ଉପରେ ଛିଟ-ସୁଜୁଣୀ, ପାଦରେ ମରହଟ୍ଟା ପାଣ୍ଡୋଇ, ମୁଣ୍ଡରେ ଡ଼ାଲିଆ ପଗଡ଼ୀ । କମରବନ୍ଧରୁ ଖୋଳ ଭିତରେ ପଟେ ପଟେ ଖଣ୍ଡା ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଲମ୍ବି ଆସିଥିଲା ।

ଦୁଇ ଭାଇ କଟକ ଯାଉଥିଲେ ମରହଟ୍ଟା ସୁବେଦାର ବାଙ୍କୋଜୀ ଶୁକଦେବର ଦରବାରକୁ,ଗୋଟିଏ ଫରିୟାଦ୍ ନେଇ···ଚଉଧୁରୀ ମାନଙ୍କର ସରସ୍ୱତୀ-ପ୍ରତିମାରେ କେତେଦିନ ତଳେ ମରହଟ୍ଟା ବର୍ଗୀମାନେ ଗୋଟାଏ

ବଡ଼ ଧରଣର ଗଡ଼ାଜାମା କରି, କେତେଟା ଗାଁ ଜାଳି ପୋଡ଼ି ଲୁଟ୍ କରି ଯାଇଥିଲେ, ଚଉଥ ଆଦାୟ ହାନ୍ତରେ ! ଚଉଥ ଦେବାକୁ କଉଡ଼ି କାହିଁ ? ବର୍ଷକୁ ବର୍ଷ ମହାନଦୀ ବିରୂପାର ବଢ଼ିରେ ଶସ୍ୟଶ୍ୟାମଳା ଏଇ ଭୂମି ପରିଣତ ହୋଇଥିଲା ବାଲିକୁଦ ଆଉ ବେଣାଜଙ୍ଗଲରେ ! ପ୍ରଜାମାନେ ତ ନିଜେ ବଞ୍ଚିବା ଦାୟ ! ଚଉଥ ପାଇଁ ଖଜଣା ପଇଠ କରିବେ କୁଆଡ଼ୁ ?

ମାତ୍ର କଟକ ଲାଲବାଗରେ କାଉ ଉଡ଼ୁଥିଲା ! ବିନା ଯୁଦ୍ଧରେ ବାରବାଟୀ ଅଧିକାର କରି ସାରିଥିଲେ "ହୁଣ ଆଉ ମିଲିମିଲି ସାହେବ" ·· ଇତିହାସ ବର୍ଣ୍ଣିତ କର୍ଣ୍ଣେଲ ହାରକୋର୍ଟ ଓ ମିଷ୍ଟର ମେଲଭିଲ ! ମରହଟ୍ଟାମାନେ କଟକ-ହାଭେଲୀ ଛାଡ଼ି ପଶ୍ଚିମମୁହାଁ ପଳାଇଥିଲେ ମହାନଦୀ ତୀରବର୍ତ୍ତୀ ଅରଣ୍ୟ ପର୍ବତର ଗହ୍ୱର ଭିତରକୁ, ବ୍ୟାଧଭୀତ ବଣ୍ୟପଶୁ ପରି ।

ପଶୁ ! ପଶୁ !···ଚଉଧୁରୀ ସୁଦର୍ଶନ ଦାସ ମନ ଭିତରେ ଚିତ୍କାର କରି ଉଠୁଥିଲେ ନିର୍ବୀର୍ଯ୍ୟ କ୍ରୋଧରେ !

କଟକ ସହରକୁ ଯେପରି କୋକୁଆ ଗ୍ରାସିଥିଲା ! ଲୋକେ ପଳାଉଥିଲେ, ଦଳ ଦଳ ଶରଣାର୍ଥୀଙ୍କ ପରି ମହାନଦୀ ଉତ୍ତର ତୀରର ବଣ ଜଙ୍ଗଲ ଭିତରକୁ ଇଂରେଜମାନଙ୍କ ଠାରୁ ଆତ୍ମରକ୍ଷା ପାଇଁ ।

ଆଗ ବାଁହାତି ମୋଡ଼ରେ ପଡ଼ିଛି ସତ୍ୟଭାମାପୁର ଚଉପାଢ଼ୀକୁ ଗୋଟିଏ ପାଦଚଲା ରାସ୍ତା, ଦୁଇପାଖେ କିଆବଣ ଆଉ ଛଡ଼ା ଛଡ଼ା ଆମ୍ବ-ତୋଟା ଭିତର ଦେଇ । ଦୁର୍ଯ୍ୟୋଧନ ଦାସ ପଚାରିଲେ···

"ମରହଟ୍ଟାମାନେ ତ କଟକ ଛାଡ଼ି ପଳାଇଲେ । ଏବେ କଣ ହେବ ଭାଇ ?"

ସୁଦର୍ଶନ ଉତ୍ତର ଦେଲେ···"ହେବ ଆଉ କଣ ? କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ ।"

ଦୁର୍ଯ୍ୟୋଧନ ଏ ପ୍ରହେଳିକାପୂର୍ଣ୍ଣ ଉତ୍ତରର ଅର୍ଥଭେଦ କରି ପାରିଲେ ନାହିଁ । ସେ ପଚାରିଲେ···"ମାନେ ?"

ସୁଦର୍ଶନ ବୁଝାଇ ଦେଲେ..."ମାନେ ଆଉ କଣ ? ମରହଟ୍ଟା ମାନେ ଏଣିକି କଟକରେ ରହିଲେ କାବୁ ହୋଇ ରହିବେ, ସାପ ପେଡ଼ି ଭିତରେ ରହିଲା ପରି ! ଇଂରେଜମାନେ ସେମାନଙ୍କୁ ତଡ଼ିଦେଲେ ମଧ୍ୟ ମଙ୍ଗଳ...ଲୋକେ ସ୍ୱସ୍ତି ନିଶ୍ୱାସ ପକାଇବେ ।"

ଦୁର୍ଯ୍ୟୋଧନ କହିଲେ···"କିନ୍ତୁ ଏ ଇଂରେଜମାନେ ଯେ ବିଦେଶୀ ···ସାତ ସମୁଦ୍ର ତେର ନଈ ସେପାରିର ବଣିଆ, ବିଜାତି !"

ସୁଦର୍ଶନ ଉତ୍ତର ଦେଲେ···"ଆଉ ଏ ଅଜାତି ମରହଟ୍ଟାମାନେ ଯାହା ତ ଭୋଗେଇଲେ, ଭୋଗିଲୁ । ମୋଗଲ-ପଠାଣ ଅମଳକୁ ସୁଦ୍ଧା ଏମାନଙ୍କ ଅତ୍ୟାଚାରର ବଳ ପଡ଼ିଲା । ମୋଗଲ-ପଠାଣ ଭାଙ୍ଗିଥିଲେ ଆମର ଦେଉଳ, ଚଉପାଢ଼ୀ···କିନ୍ତୁ ମରହଟ୍ଟାମାନେ ଭାଙ୍ଗି ଦେଇଗଲେ ଓଡ଼ିଆ ଜାତିର ଅଣ୍ଟା ! ସେଥିପାଇଁ ଦେଖିଲ ନାହିଁ, ଇଂରେଜ ଫଉଜ ମାଣିକ-ପାଟଣା ମୁହାଣ ବାଟେ ସିଧା ପୁରୀ ମଙ୍ଗଳାଘାଟକୁ ଆସିଲା ବେଳେ, ମାହାରାଜା ମୁକୁନ୍ଦ ଦେବ ଆଉ ଜଇ ରାଜଗୁରୁ ସେମାନଙ୍କୁ କେମିତି ଘଣ୍ଟଘଣ୍ଟା ପିଟି ସମ୍ଭୋଳି ଆଣିଲେ !"

ବଙ୍ଗଳାରେ ମଧ ପଲାସୀ-ବିଜୟୀ କ୍ଲାଇବ, ରାଜଧାନୀ ମୁର୍ଶିଦାବାଦ୍ ସହରରେ ପ୍ରବେଶ କରିବା ବେଳେ, ତାଙ୍କୁ ଦେଖିବା ପାଇଁ କୌତୁହଳୀ ଜନତାର ଯେଉଁ ଭିଡ଼ ହୋଇଥିଲା, ସେମାନେ ପ୍ରତ୍ୟେକେ କ୍ଲାଇଭ୍ ଆଉ ତାଙ୍କ ସଙ୍ଗରେ ଥିବା ମୁଷ୍ଟିମେୟ ଗୋରା ଫଉଜଙ୍କ ଉପରକୁ ଗୋଟିଏ ଗୋଟିଏ କରି ଟେକା ପକାଇଥିଲେ, ସେଦିନ ସେଇଠାରେ ଘଟିଥାନ୍ତା କ୍ଲାଇବଙ୍କ ପଲାସୀ ବିଜୟର ପରିସମାପ୍ତି । ଏକଥା କ୍ଲାଇବ ନିଜେ ସୁଦ୍ଧା ସ୍ୱୀକାର କରିବା ପାଇଁ କୁଣ୍ଠିତ ହୋଇ ନାହାନ୍ତି !

କିନ୍ତୁ ଦୁର୍ଯ୍ୟୋଧନ ତଥାପି ସେପରି ଆଶ୍ୱସ୍ତ ଚିତ୍ତରେ ମାନି ନେଇ ପାରୁ ନ ଥିଲେ ବିନା ପ୍ରତିରୋଧରେ ଇଂରେଜମାନଙ୍କର କଟକ ଦଖଲ ! ସେ କହିଲେ···"ଗୋଟାଏ ଇତିହାସପ୍ରସିଦ୍ଧ ଜାତି ଶେଷକୁ ମୁଠାଏ ଶୁଖିଲା ପତ୍ର ପରି ବଣ ଜଙ୍ଗଲ ଭିତରକୁ ଏମିତି ଉଡ଼ିଯିବେ, ଏକଥା କଏ ବା ଭାବିଥିଲା କୁହନ୍ତୁ ?"

ସୁଦର୍ଶନ ଉତ୍ତର ଦେଲେ···"ସେଦିନ ମାଧବାନନ୍ଦ ଗୋସେଇଁଙ୍କ ମଠରେ ମୁଁ ଶୁଣି ଆସିଥିଲି ମାଳିକା । ସେଥିରେ ବଚନ ଥିଲା ଏଇଆ । ମରହଟ୍ଟାଏ ଯିବେ । ଓଡ଼ିଶା ମୁଲକର କଉଡ଼ି ଖାଇବେ ସାତ ସମୁଦ୍ର ତେର ନଈ ସେପାରିର ଗୋରା ମୁଗଲ । ସେଇ କଥା ତ ଆଖି ଆଗରେ ଫଳିଗଲା ଦେଖିଲ ! ମରହଟ୍ଟା ବର୍ଗୀ ପଳେଇ ଗଲେ ; ଏଣିକି ଦେଖିବ ଓଡ଼ିଶାର ଦଶା ଫେରିବ । ତୁମେ କଅଁଳିବ ।"

ବସ୍ତୁତଃ ମରହଟ୍ଟା ଶାସନର ଉତ୍ପୀଡ଼ନରେ ଓଡ଼ିଶାର ଜନତା ଏପରି ଅତ୍ୟାଚାରିତ ଥିଲେ ଯେ ବ୍ରିଟିଶ ଆକ୍ରମଣ ଓ ଅଧିକାରକୁ ସେଦିନ ସେମାନେ ସ୍ୱାଗତ କରିଥିଲେ, ସଙ୍କଟରୁ ପରିତ୍ରାଣ ରୂପେ।

କିନ୍ତୁ ବ୍ରିଟିଶ ଶାସନରେ ଓଡ଼ିଆ ଜାତିର ସେ ମୋହଭଙ୍ଗ ପାଇଁ ବିଶେଷ ବିଳମ୍ବ ଲାଗି ନଥିଲା। ମୋହଭଙ୍ଗର ସେଇ ନିଷ୍ଠୁର ଇତିହାସ, ବ୍ରିଟିଶ ଶାସନରେ ଓଡ଼ିଆ ଜାତିର ବିଡ଼ମ୍ବିତ ଇତିହାସ। †

## ( ଦୁଇ )

ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ସମ୍ରାଟ ପୁରୁଷୋତ୍ତମ ଦେବ (ଖ୍ରୀ:ଅ: ୧୪୭୯-୧୫୦୪) ରାଜତ୍ୱର ତୃତୀୟ ଅଙ୍କରେ, ମହାନଦୀର ଉତ୍ତର ତୀରବର୍ତ୍ତୀ ଅଞ୍ଚଳରେ 'ଛଅଶହ ଭାଗ' ଶାସନ ଓ ସେଥିସହିତ ବହୁ ଜନବସତି ବସାଇଥିଲେ। ଏହି ଜନବସତି ମାନଙ୍କରେ ସେ ଅଗଣିତ ପୁଷ୍କରିଣୀ ଖୋଳାଇଥିଲେ ଓ ଦେବମନ୍ଦିର ନିର୍ମାଣ କରାଇଥିଲେ। ଦେବତା ମାନଙ୍କ ମଧ୍ୟରେ ଦଧିବାମନ ଓ ଲକ୍ଷ୍ମୀନୃସିଂହ ଥିଲେ ପ୍ରଧାନ।

ଶ୍ରୀପ୍ରିୟା ଦେଈ, ଭଦ୍ରା ଦେଈ, ମୋହନା ଦେଈ, ସତ୍ୟଭାମା ଦେଈ ଓ କୃଷ୍ଣା ଦେଈ ପ୍ରମୁଖ ରାଣୀ, ପୁଣି ଗୋପୀନାଥ ମହାରାଜ, ଧରାଧର ବ୍ରହ୍ମା, କପିଳ ଖାଡ଼ଙ୍ଗା, ପଦ୍ମନାଭ ପଟ୍ଟନାୟକ, ମାର୍କଣ୍ଡ ଆଚାର୍ଯ୍ୟ ଓ ବିଶ୍ୱନାଥ ମହାରାଜ ପ୍ରମୁଖ ପାତ୍ରମାନେ ସେ ଅଞ୍ଚଳରେ ମଧ୍ୟ ବହୁ ଶାସନ ଓ

---

† ଏହାର ଗୋଟିଏ ଶତାବ୍ଦୀ ପରେ, ଇମ୍ପିରିଆଲ-ଲେଜିସ୍-ଲେଟିଭ କାଉନସିଲରେ ମଧୁସୂଦନ ଥରେ ଭାଷଣ ପ୍ରସଙ୍ଗରେ ଏହି ମୋହଭଙ୍ଗର ସୂଚନା ଦେଇ କହିଥିଲେ···

"In the beginning of the nineteenth century the British occupation of Orissa was achieved at the invitation of the priests of the great Temple of Jaggernath, a singular tesimony from the Holy Land of the Hindus, to their faith in the British administration and their hope to participate in the advantages of the British administration ; alas ; they were blighted."

(Debates. Dt. 7.3.1913).

ଅଗଣିତ ଗ୍ରାମ ସ୍ଥାପନା କରିଥିଲେ । ଏ ସବୁ ଏବେ କଟକ ଜିଲ୍ଲା, ପଶ୍ଚିମ-ସାଲେପୁର ଥାନାର ଅନ୍ତର୍ଗତ । 'ଚକଡ଼ା ପୋଥି'ରେ * ସେ ଗ୍ରାମ ମାନଙ୍କର ଇତିବୃତ୍ତି ବର୍ଣ୍ଣିତ ଅଛି । ଏବେ ସୁଦ୍ଧା ସେ ଅଞ୍ଚଳରେ ପ୍ରତିଷ୍ଠାତା ମାନଙ୍କର ନାମାନୁସାରେ ପୁରୁଷୋତ୍ତମପୁର, ପାଟପୁର, ସିଂହମାପୁର, ପଦ୍ମପୁର, ବେଦ୍ରମାପୁର (ବେଦନାପୁର), ବୈଷ୍ଣନାଥପୁର, ଶଙ୍ଖରି, ଶାରଦା, ଭାତପଡ଼ା, ପୁରୁଷୋତ୍ତମପୁର, ଗଙ୍ଗାପୁର ଓ ଗୋପୀନାଥପୁର ପ୍ରଭୃତି ଗ୍ରାମ ମାନଙ୍କର ନାମ ତଥା ସେ ଗ୍ରାମମାନଙ୍କରେ ମିଳୁଥିବା ଭଗ୍ନାବଶେଷ, ସେ କାଳର ମୂର୍ତ୍ତି ବହନ କରି, ଧ୍ୱଂସର ବସ୍ତୁତ ମଧ୍ୟରେ ଜୀବନ୍ତ ପ୍ରତ୍ନତାତ୍ତ୍ୱିକ ଅବଶେଷ ପରି ପଡ଼ି ରହିଅଛି ।

ସମ୍ରାଟ ପୁରୁଷୋତ୍ତମ ଦେବ ଗଜପତି ସିଂହାସନରେ ଅଭିଷିକ୍ତ ହେବା ପରେ ସିଂହାସନ ପାଇଁ ଯେଉଁ ଗୃହଯୁଦ୍ଧର ସୂତ୍ରପାତ ହୋଇଥିଲା, 'ମାଦଳାପାଞ୍ଜି' ଓ ଷୋଡ଼ଶ ଶତାବ୍ଦୀର କବି ପୁରୁଷୋତ୍ତମ ଦାସଙ୍କ 'କାଞ୍ଚିକାବେରୀ' କାବ୍ୟରୁ ତାହାର ଇତିବୃତ୍ତ ଜଣାପଡେ । ସେତେବେଳେ ପୁରୁଷୋତ୍ତମ ଦେବ, କଟକରୁ ନିଜ ରାଜଧାନୀ ମହାନଦୀର ଉତ୍ତର-ପାରବର୍ତ୍ତୀ ଅଞ୍ଚଳକୁ ଉଠାଇ ନେବା ପାଇଁ ଉଦ୍ୟମ କରିଥିଲେ । ଏହାର ଅନ୍ୟ ଏକ କାରଣ ମଧ୍ୟ ଥାଇପାରେ । ଆଲୋଚିତ ଅଞ୍ଚଳରେ ସେତେବେଳେ ଯେଉଁ ସବୁ ଦେବାଳୟ ନିର୍ମିତ ହୋଇଥିଲା, ସେ ସବୁ ମୁଖ୍ୟତଃ ଦଧିବାମନ ଓ ଲକ୍ଷ୍ମୀନୃସିଂହଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ବସ୍ତୁତଃ ପ୍ରସନ୍ନ-ପୁରୁଷୋତ୍ତମପୁର, ଗୋପୀନାଥପୁର, ସୂର୍ଯ୍ୟକଛ ଓ ଅନ୍ୟତ୍ର ଲକ୍ଷ୍ମୀ-ନୃସିଂହଙ୍କ ପାଇଁ ସେଦିନ ଯେଉଁ ଦେବାଳୟମାନ ନିର୍ମିତ ହୋଇଥିଲା, ଆଜିସୁଦ୍ଧା ସେସବୁ ଜୀର୍ଣ୍ଣତା ପ୍ରାପ୍ତ ହୋଇ ମଧ୍ୟ ଦଣ୍ଡାୟମାନ ରହିଅଛି । ସୂର୍ଯ୍ୟକଛ ଗ୍ରାମରେ ପୁରୁଷୋତ୍ତମ ଦେବଙ୍କ ମହିଷୀ ଶ୍ରୀୟା ଦେଈ ଯେଉଁ ଲକ୍ଷ୍ମୀନୃସିଂହ ମନ୍ଦିର ସ୍ଥାପନା କରିଥିଲେ, ଆଜିସୁଦ୍ଧା ତାହାର ପ୍ରସିଦ୍ଧି ମ୍ଳାନ ହୋଇନାହିଁ । କଥିତ ଅଛି ଚୈତନ୍ୟ ଦେବ ଉତ୍କଳ ଆଗମନ କାଳରେ, ଏହି ମନ୍ଦିରରେ ଲକ୍ଷ୍ମୀନୃସିଂହଙ୍କୁ ଦର୍ଶନ କରିଥିଲେ । ଏହା ମଧ୍ୟ ହୋଇ

---

* 'ଚକଡ଼ା ପୋଥି' ଓ ଚକଡ଼ା ବସାଣ — ୧୮୯୩ ମସିହା (ମାର୍ଚ୍ଚ-ଏପ୍ରେଲ) 'ଉତ୍କଳପ୍ରଭା'ରେ ଏହାର କିୟଦଂଶ ପ୍ରକାଶିତ ହୋଇଥିଲା । ପରେ ଏହାର ପୂର୍ଣ୍ଣାଙ୍ଗ ପ୍ରତିଲିପି ଶ୍ରୀ ସୁଧାକର ପଟ୍ଟନାୟକଙ୍କ ଦ୍ୱାରା ସଂପାଦିତ ଓ ପ୍ରକାଶିତ ହୋଇଥିଲା ।

ପାଟରେ, ସମ୍ରାଟ ପୁରୁଷୋତ୍ତମ ଦେବ କାଞ୍ଚି-ବିଜୟରୁ ରନ୍ତ୍ର-ସେବିତ ଲକ୍ଷ୍ମୀନୃସିଂହଙ୍କୁ ଆଣିବା ପରେ, ପୁରୁଷୋତ୍ତମ-କ୍ଷେତ୍ରରେ ତାଙ୍କ ପୂଜା ଓ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ନପାଇ, ଏହି ଅଞ୍ଚଳରେ ଏକ ଲକ୍ଷ୍ମୀ-ନୃସିଂହ-କ୍ଷେତ୍ର ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ ହୋଇଥିଲେ । 'ଚକଡ଼ା ବିପାଣ' ପୋଥିରେ ଏ ସମ୍ପର୍କରେ ଉଲ୍ଲେଖ ଅଛି···

> ଶ୍ରୀ ମହାଶ୍ରମ (ମହାଶ୍ରମଣ) ଜାତସ୍ଥର ଶ୍ରୀ ପୁରୁଷୋତ୍ତମ ଦେବଙ୍କ ମନରେ ସ୍ମରଣ ହୋଇଲା, ଆର ଜନ୍ମ କଲ୍ପିତ କଥା । ଶ୍ରୀ ଲକ୍ଷ୍ମୀନୃସିଂହନାଥଙ୍କୁ କାଞ୍ଚି ନଗରୁ ଆଣି ଶାସନରେ ବିଜେ କରାଇବା ଏମନ୍ତ ବୋଲି ବିଚାରିଲେ । ※

ଏହାର ନେପଥ୍ୟରେ, ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଇତିହାସରେ ଯେଉଁସବୁ ଆଲୋଡ଼ନ ବିଲୋଡ଼ନ ଚାଲିଥିଲା ଓ ବୌଦ୍ଧତନ୍ତ୍ର ତଥା ହିନ୍ଦୁତନ୍ତ୍ର କ୍ରମେ ଯେପରି ପରସ୍ପର ସହିତ ସମନ୍ୱିତ ହୋଇ ପଡ଼ୁଥିଲା, ତାହା ଏକ ସ୍ୱତନ୍ତ୍ର ବିଷୟ । ଏଠାରେ ତାହାର ଆଲୋଚନା ଅପ୍ରାସଙ୍ଗିକ । କିନ୍ତୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେବ ଯେ, ଏ ଅଞ୍ଚଳ ଓଡ଼ିଶାର ଆଧ୍ୟାତ୍ମିକ ଇତିହାସରେ ସେତେବେଳେ ଏକ ନୂଆ ମୋଡ଼ ଫେରାଇଥିଲା । ତାହାର ତିନି ଶତାବ୍ଦୀ ପରେ ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ଓଡ଼ିଶାର ନବୀନ ଅଭ୍ୟୁଦୟର ସ୍ପନ୍ଦନ ମଧ୍ୟ, ଏହି ଐତିହାସିକ ଅଞ୍ଚଳରୁ ଜନ୍ମଲାଭ କରିଥିଲା ।

ମହାନଦୀର ଉତ୍ତର ପ୍ରାନ୍ତରେ ପୁରୁଷୋତ୍ତମ ଦେବ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କରାଇବାର ଆଉ ଏକ ତୃତୀୟ ଉଦ୍ଦେଶ୍ୟ ମଧ୍ୟ ଥାଇପାରେ । ତାହା ହେଉଛି, ବିରୂପା ଓ ମହାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ, କଟକ ତଥା ପୁରୁଷୋତ୍ତମପୁରୀର ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସମ୍ରାଟ କପିଳେନ୍ଦ୍ର ଦେବଙ୍କ କାଳରୁହିଁ ଓଡ଼ିଶା ଉପରେ ବଙ୍ଗଳାର ମୁସଲମାନ ନବାବ ଓ ଫୌଜଦାର ମାନେ ଶ୍ୟେନ ଦୃଷ୍ଟି ପକାଇବା ପାଇଁ ଆରମ୍ଭ କରିଥିଲେ । ସମ୍ରାଟ ପୁରୁଷୋତ୍ତମ ଦେବ ତେଣୁ ଏହି ପରିତ୍ୟକ୍ତ ଅଞ୍ଚଳକୁ ବାସୋପଯୋଗୀ କରାଇ ସେଠାରେ ନୂତନ ଜନବସତି ତଥା ଖଣ୍ଡାୟୁତ ଚୌପାଢ଼ୀମାନ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟିତ ହୋଇଥିବା ଅତ୍ୟନ୍ତ ସ୍ୱାଭାବିକ ଥିଲା ।

---

※ ଚକଡ଼ା ବପାଣ ପୃ:—୨୬

ପୁରୁଷୋତ୍ତମ ଦେବଙ୍କ କାଳରେ ସ୍ଥାପିତ ଶାସନ ବା ଗ୍ରାମମାନଙ୍କ ମଧ୍ୟରେ ସତ୍ୟଭାମାପୁର ଅନ୍ୟତମ ଥିଲା । 'ଚକଡ଼ା ବସାଣ' ପୋଥିର ବିବରଣୀ ଅନୁସାରେ, ସତ୍ୟଭାମା ଦେଈଙ୍କ ନାମାନୁସାରେ ସତ୍ୟଭାମାପୁର ଶାସନ ସ୍ଥାପିତ ହୋଇଥିଲା······

ଶ୍ରୀ ସତ୍ୟଭାମା ଦେଈ ପ୍ରଥମେ ଦଧିବାମନ ଦେବତା ବିଜେ କରାଇ ପୂର୍ବକୁ ବାଇଶ ଭାଗ କରି ଶାସନ ବସାଇ ବ୍ରାହ୍ମଣଙ୍କୁ ଦାନ ଦେଲେ । ଶାସନ ପୂର୍ବରେ ପୁଷ୍କରିଣୀ ଖୋଳାଇଲେ । ଶାସନ ନାମ ଆପଣା ନାଏଁ ସତ୍ୟଭାମାପୁର ବୋଲି ଦେଲେ । *

ଆଜି ସୁଦ୍ଧା ସତ୍ୟଭାମାପୁର ଗ୍ରାମରେ ସେହି ଦଧିବାମନ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ଦଧିବାମନଙ୍କ ପାଇଁ ଏକଦା ଖଞ୍ଜା ଯାଇଥିବା ବିସ୍ତୀର୍ଣ୍ଣ ଭୂସମ୍ପତ୍ତିର ଶେଷାବଶେଷ ମାରଫତଦାରମାନଙ୍କ ହାତରେ ସତ୍ୟଭାମା ଦେଈଙ୍କ ଭକ୍ତି ଓ ଦାକ୍ଷିଣ୍ୟର ଶେଷ ସାକ୍ଷ୍ୟ ବହନ କରି ତଥାପି ପଡ଼ି ରହିଅଛି ।

କଟକ ଠାରୁ ଏ ଗ୍ରାମଟି ଉତ୍ତର-ପୂର୍ବ କୋଣରେ ପ୍ରାୟ ଦଶ ମାଇଲ ଦୂରରେ ଅବସ୍ଥିତ । ଏହି ଗ୍ରାମର ଚଉଧୁରୀ ପରିବାର ଟୋଡ଼ର-ମଲ୍ଲଙ୍କ ବନ୍ଦୋବସ୍ତ କାଳରୁ ଏ ଅଞ୍ଚଳର ଜମିଦାର ରହିଥିଲେ । ଏ ମନ୍ଦିର ପାଇଁ ପରବର୍ତ୍ତୀ କାଳରେ ସେମାନେ ମଧ୍ୟ କେତେକ ଭୂସମ୍ପତ୍ତି ଖଞ୍ଜି ଦେଇଥିଲେ ।

## ( ତିନି )

ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ, ମଣିମଲ୍ଲ ନାମକ ଜନୈକ ଖଣ୍ଡାୟତ କେଉଁଆଡ଼ୁ କପରି ଆସି ସତ୍ୟଭାମାପୁର ଗ୍ରାମରେ ବସବାସ କରିବା ଆରମ୍ଭ କରିଥିଲେ ତାହାର ନିର୍ଦ୍ଦିଷ୍ଟ ଇତିହାସ ଜଣା ନାହିଁ । କଥିତ ଅଛି, ମଣିମଲ୍ଲ ଏକଦା ଖୋର୍ଦ୍ଧା ଆଡ଼ୁ ଆସିଥିଲେ । ତାଙ୍କ ବଂଶର ଯେଉଁ ବଂଶାବଳୀ ମିଳୁଅଛି, ସେଥିରୁ ଜଣାପଡ଼େ ଖ୍ରୀ:ଅ: ୧୬୦୯ ବେଳକୁ ସେ ଏଠାକୁ ଆସିଥିଲେ । ଖ୍ରୀ:ଅ: ୧୬୬୯ରେ ତାଙ୍କର ପରଲୋକ ପ୍ରାପ୍ତି ଘଟିଥିଲା ।

---

* ଚକଡ଼ା ବସାଣ— ପୃ, ୨୬

ଷୋଡ଼ଶ ଶତାବ୍ଦୀର ଶେଷ ଓ ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଉତ୍କଳର ଶେଷ ସ୍ୱାଧୀନ ସମ୍ରାଟ ମୁକୁନ୍ଦ ଦେବଙ୍କ ( ଖ୍ରୀ:ଅ: ୧୫୫୯ ) ମୃତ୍ୟୁପରେ ଓଡ଼ିଶାରେ ଦୀର୍ଘ ୧୯ ବର୍ଷ କାଳ ଅରାଜକତା ଲାଗି ରହିଥିଲା । ଆଫଗାନ୍‌ମାନେ ଓଡ଼ିଶାର ସ୍ୱାଧୀନ ରାଜଶକ୍ତିର ବିପର୍ଯ୍ୟୟର ସୁଯୋଗ ନେଇ ଏହି କାଳରେ ଉତ୍କଳରେ ସୁପ୍ରତିଷ୍ଠିତ ହୋଇ ପାରିଥିଲେ । କିନ୍ତୁ ମୋଗଲସମ୍ରାଟ ଆକବରଙ୍କ ସେନାପତି ଟୋଡ଼ରମଲ୍ଲ ଆଫଗାନ ବା ପଠାଣ ଫୌଜଦାର ଦାଉଦ୍ ଖାଁଙ୍କୁ ପରାସ୍ତ କରି ଓଡ଼ିଶାକୁ ପୁଣି ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରାଇଥିଲେ । ଏହାପରେ ମୋଗଲ ସାର୍ବଭୌମତ୍ୱର ପରିସର ମଧ୍ୟରେ ଖୋର୍ଦ୍ଧା ଏକପ୍ରକାର ସ୍ୱାଧୀନ ଘୋଷିତ ହୋଇଥିଲା ଓ ରାମଚନ୍ଦ୍ର ଦେବ ଭୋଇ ବଂଶର ପ୍ରଥମ ନରପତି ରୂପେ (ଖ୍ରୀ:ଅ: ୧୫୭୮-୧୬୦୭) ଖୋର୍ଦ୍ଧା ସିଂହାସନରେ ଅଭିଷିକ୍ତ ହୋଇଥିଲେ । କାଠଯୋଡ଼ିର ଉତ୍ତରକୁ ଓଡ଼ିଶାର ଅବଶିଷ୍ଟ ଅଞ୍ଚଳ ମୋଗଲମାନଙ୍କ ପ୍ରତ୍ୟକ୍ଷ ଅଧୀନରେ ରହି 'ମୋଗଲବନ୍ଦୀ' ନାମରେ ପରିଚିତ ହୋଇଥିଲା । ଓଡ଼ିଶା ଇତିହାସରେ ଏସବୁ ପ୍ରବଳ ଆଲୋଡ଼ନ ବିଲୋଡ଼ନ ମଧ୍ୟରେ ଖଣ୍ଡାୟତ ମଣିମଲ୍ଲ ଖୋର୍ଦ୍ଧାରୁ କପର ଆସି "କଟକ ହାଭେଲୀ" ଠାରୁ ଦଶ ମାଇଲ ଦୂରବର୍ତ୍ତୀ ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଚଉପାଢ଼ୀ ସ୍ଥାପନ କରିଥିଲେ ତାହାର କୌଣସି ନିର୍ଦ୍ଦିଷ୍ଟ ଇତିହାସ ଜଣା ନାହିଁ । ମଣିମଲ୍ଲଙ୍କ ବଂଶ ତତ୍‌ପୂର୍ବରୁ ମଧ୍ୟ ସତ୍ୟଭାମାପୁର ଗ୍ରାମରେ ବସବାସ କରି ରହିଥିବା ଅସମ୍ଭବ ନୁହେଁ ।

ଏହି ମଣିମଲ୍ଲଙ୍କ ଠାରୁ ସପ୍ତପୁରୁଷରେ ଚୌଧୁରୀ ରଘୁନାଥ ଦାସଙ୍କ ସ୍ୱପତ୍ନୀ ପାର୍ବତୀ ଦେଈଙ୍କ ଦ୍ୱିଷ୍ଟପୂ ଗର୍ଭରେ ମଧୁସୂଦନ ଇଂରାଜୀ ୧୮୪୮ ଖ୍ରୀ:ଅ: ଅପ୍ରେଲ ୨୮ ତାରିଖ ବା ୧୨୫୫ ସାଲ ମେଷ ୧ ଦିନ ଭୂମିଷ୍ଠ ହୋଇଥିଲେ । * ମଣିମଲ୍ଲଙ୍କ ବଂଶାବଳୀ ଓ କୁର୍ସିନାମା ଲକ୍ଷ୍ୟ କଲେ ଦେଖାଯାଏ, ସେ ବଂଶର ବହୁ ଶାଖା କ୍ରମେ ନିଃସନ୍ତାନ ହୋଇ ବିଲୀନ

---

* ମୌ: ସତ୍ୟଭାମାପୁର । ପ୍ରଗନା ପଦ୍ମପୁର । ଥାନା ସାଲେପୁର, ଜି: କଟକ ନିବାସୀ ଚୌଧୁରୀ ଘରର ବଂଶାବଳୀ, କୁର୍ସିନାମା ଓ ବନ୍ଦ ତାଲିକା ଦ୍ରଷ୍ଟବ୍ୟ । ଏହା ଚୌଧୁରୀ ରାଘବାନନ୍ଦ ଦାସଙ୍କ ଦ୍ୱାରା ପ୍ରସ୍ତୁତ ଓ ଗୋ.ପାଳବଲ୍ଲଭ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇ; ତାଙ୍କ ଦ୍ୱାରା ପ୍ରକାଶିତ ଓ କଲିକତା ଉତ୍କଳପ୍ରେସରୁ ଶ୍ରୀ ଲକ୍ଷ୍ମୀ ଦାସ ଷଣ୍ଢାସ୍ତକଙ୍କ ଦ୍ୱାରା ସନ ୧୯୧୬ ରେ ମୁଦ୍ରିତ ହୋଇଥିଲା ।

ହୋଇଥିଲେ । ମଣିମଲ୍ଲଙ୍କ ଜ୍ୟେଷ୍ଠପୁତ୍ର ନନ୍ଦଘୋଷଙ୍କ ଦୁଇ ପୁତ୍ର—ମୁକୁନ୍ଦ ଓ ପରମେଶ୍ୱର ନିଃସନ୍ତାନ ହୋଇ ପରଲୋକ ଗମନ କରିଥିବାରୁ ନନ୍ଦଘୋଷଙ୍କ ଶାଖା ବିଲୁପ୍ତ ହୋଇଗଲା । ମଣିମଲ୍ଲଙ୍କ କନିଷ୍ଠ ପୁତ୍ର ଦାମୋଦରଙ୍କ ଦୁଇ ପୁତ୍ରଙ୍କ ମଧ୍ୟରୁ କନିଷ୍ଠ ପୁତ୍ର ଘନ ନିଃସନ୍ତାନ ଥିବାରୁ ଘନଙ୍କ ଶାଖା ମଧ୍ୟ ଲୋପ ପାଇଥିଲା । ମାତ୍ର ଦାମୋଦରଙ୍କ ଜ୍ୟେଷ୍ଠ ପୁତ୍ର ଜୀବନମଲ୍ଲଙ୍କ ଚାରି ପୁଅ ଥିଲେ । ସେମାନଙ୍କ ମଧ୍ୟରୁ ସର୍ବକନିଷ୍ଠ ପୁତ୍ର ବଳଭଦ୍ର ଦାସଙ୍କ ଚାରି ପୁତ୍ର ଲକ୍ଷ୍ମଣ, ଦୁର୍ଯ୍ୟୋଧନ, ସୁଦର୍ଶନ ଓ ଚତୁର୍ଭୁଜଙ୍କ ମଧ୍ୟରୁ ତୃତୀୟ ପୁତ୍ର ସୁଦର୍ଶନଙ୍କ ଶାଖାରେ ମଧୁସୂଦନ ଜନ୍ମଗ୍ରହଣ କରିଥିଲେ । ସୁଦର୍ଶନଙ୍କ ପୁତ୍ର ଭଜନାନନ୍ଦଙ୍କ ଜ୍ୟେଷ୍ଠପୁତ୍ର ଲୋକନାଥ ଓ କନିଷ୍ଠପୁତ୍ର ବନବିହାରୀ ନିଃସନ୍ତାନ ଅବସ୍ଥାରେ ପରଲୋକ ଗମନ କରିଥିବାରୁ ସେମାନଙ୍କ ଶାଖା ମଧ୍ୟ ଲୋପ ପାଇଥିଲା । ଭଜନାନନ୍ଦଙ୍କ ମଧ୍ୟମପୁତ୍ର ରଘୁନାଥ ଦାସ ମଧୁସୂଦନଙ୍କ ପିତା ଥିଲେ । ମଧୁସୂଦନଙ୍କ ଉପରେ ଜନ୍ମିଥିଲେ କୁମୁଦ ଦେଈ । ସେ ପାଏଡା ପ୍ରଗନାରେ ବାଲସୁକୁଷ ଗ୍ରାମରେ ବିଭା ହୋଇଥିଲେ । ମଧୁସୂଦନଙ୍କ କନିଷ୍ଠା ଭଗିନୀଙ୍କ ନାମ ଥିଲା ଦୁର୍ଗା ଦେଈ । ସେ କୋକାଖଣ୍ଡ ପ୍ରଗନାର ଝଟେଲ ଗ୍ରାମରେ ବାସୁ ମହାନ୍ତିଙ୍କ ଘରକୁ ଯାଇଥିଲେ ବୋହୂ ହୋଇ । ଦୁର୍ଗାଙ୍କ ତଳଭାଇଙ୍କ ନାମ ଗୋପାଳବଲ୍ଲଭ—"ଭୀମାଭୂୟାଁ।"ର ଲେଖକ, ସୁକବି ଓ ସମାଲୋଚକ, ପୁଣି ରେଭେନ୍‌ସା କଲେଜର ପ୍ରଥମ ଏମ୍.ଏ । ସେ ମଧୁସୂଦନଙ୍କ ଠାରୁ ବୟସରେ ବାର ବର୍ଷ କନିଷ୍ଠ ଥିଲେ । ଗୋପାଳବଲ୍ଲଭ ମଧ୍ୟ ଅପୁତ୍ରିକ ଥିବାରୁ ନିଜ ଶ୍ୟାଳକ, କୁମୁଣ୍ଡା-ଜୟପୁରନିବାସୀ ରାୟ ବାହାଦୁର ରାଜକିଶୋର ଦାସଙ୍କ ତୃତୀୟପୁତ୍ର ଶ୍ରୀ ଉପେନ୍ଦ୍ର କିଶୋର ଦାସଙ୍କୁ ("ମଲାଜହ୍ନ" ଉପନ୍ୟାସର ପ୍ରଣେତା) ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିଥିଲେ । ଗୋପାଳବଲ୍ଲଭଙ୍କ ଦୁଇ କନ୍ୟାଙ୍କ ନାମ ଯଥାକ୍ରମେ ଉମା ଦେଈ ଓ ରମା ଦେଈ । ଉମା ଦେଈ ଝଙ୍କଡ଼ ପ୍ରଗନା ତେନ୍ତୁଳୀପଦା ଗ୍ରାମର ପଦ୍ମଚରଣ ପରିଜା ଓ ରମା ଦେଈ ଖେରସ ଜମିଦାରବଂଶର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ର ସୁପ୍ରସିଦ୍ଧ ଗୋପବନ୍ଧୁ ଚୌଧୁରୀଙ୍କ ପାଣି ଗ୍ରହଣ କରିଥିଲେ । ସମାଜସେବିକା ରୂପେ ରମା ଦେଈ ସ୍ୱନାମଧନ୍ୟା । ଇତିହାସର ଏକ ନିଷ୍ଠୁର ପୁନରାବୃତ୍ତିରେ ମଧୁସୂଦନଙ୍କ ଶାଖା ମଧ୍ୟ ବିଲୁପ୍ତ ହୋଇଅଛି । ମାତ୍ର ନିଜର ଜୀବନ ଓ ସାଧନାରେ କୁଳବୃଦ୍ଧ ଋଷିଙ୍କ ପରି ସେ ଆଜି ପ୍ରତ୍ୟେକ ଓଡ଼ିଆର ଶ୍ରଦ୍ଧାଭକ୍ତିରେ ପରିଣତ ହୋଇଅଛନ୍ତି ।

ମଧୁସୂଦନ ଯେପରି ବିଧାତା ପୁରୁଷଙ୍କ ଠାରୁ ଇନ୍ଦ୍ରଦ୍ୟୁମ୍ନଙ୍କ ପରି ବର ଭିକ୍ଷା କରିଥିଲେ, ତାଙ୍କର କୀର୍ତ୍ତି ଓ କୃତିତ୍ୱ ଦାବୀ କରିବା ପାଇଁ ତାଙ୍କ ବଂଶରେ କେହି ନରହନ୍ତୁ !

ମଧୁସୂଦନ ଓଡ଼ିଆ ଜାତିର ଶାଶ୍ୱତ ଦେବାଳୟ । କିଏ ତାର ନିର୍ମାତା ଅଥବା କିଏ ତାର ଉତ୍ତରାଧିକାରୀ, ସେ କଥାର ଗୌଣ । ନିଃସଙ୍ଗ ମହିମାରେ କାଳର ଦିଗ୍‌ବଳୟ ରେଖା ଭେଦି, ତାହା ଶିର ଦେଦୀପ୍ୟମାନ !

## (ଚାରି)

ଇଂ ୧୮୬୧ ସାଲ...

ଇତିମଧ୍ୟରେ ବର୍ଷକୁ ବର୍ଷ ନୂଆ ନୂଆ ବନ୍ଦୋବସ୍ତରେ ଜମାବୃଦ୍ଧି ଓ ତାହାର ଆଦାୟ ପାଇଁ ନିଲାମ ଡୋକ୍ ମଧ୍ୟରେ ଅନ୍ୟାନ୍ୟ ବହୁ ବୁନିଆଦ୍ ଭୂମ୍ୟାଧିକାରୀଙ୍କ ପରି ଚଉଧୁରୀ ସୁଦର୍ଶନ ଦାସଙ୍କ ସଂସାରରେ ମଧ୍ୟ କଳାକନା ବୁଲି ସାରିଥିଲା ।

ଏହି ସମୟରେ କଲିକତା ଆଡ଼ୁ ହଠାତ୍ ଦିନେ ଭାମ୍‌ଜାନ୍ ଚଢ଼ି ସେ ଅଞ୍ଚଳକୁ ଆସିଥିଲେ ଜଣୈକ 'ସ୍ପେକୁଲେଟର୍', ଭାଗ୍ୟାନ୍ୱେଷଣକାରୀ; ସାଙ୍ଗରେ ଦଳେ ବରକନ୍ଦାଜ ଓ କେତେଜଣ ସରକାରୀ ପିଆଦା ଧରି । ସେ ଅଞ୍ଚଳରେ ତାଙ୍କର ଏପରି ଆକସ୍ମିକ ଆବିର୍ଭାବର କାରଣ ସ୍ଥାନୀୟ ଲୋକେ ସେତେବେଳେ ବୁଝି ପାରି ନଥିଲେ । କିନ୍ତୁ ସତ୍ୟଭାମାପୁର ଚଉଧୁରୀ ମାନଙ୍କର ଜମିଦାରୀର କେତେକ ଅଂଶ, କଲିକତାରେ ସୂର୍ଯ୍ୟାସ୍ତ ଆଇନ ଅନୁସାରେ ସେ ନିଲାମ ଧରିଥିବାରୁ, ଦଖଲ ନେବାପାଇଁ ଦଳବଳ ଧରି ସେ ଅଞ୍ଚଳକୁ ସେ ଶୁଭାଗମନ କରିଥିଲେ । ସେ ଜମିଦାରୀ ଦଖଲ ନେବାବେଳେ, ଚଉଧୁରୀ ସୁଦର୍ଶନ ଦାସ କୌଣସି ପ୍ରତିବାଦ କଲେନାହିଁ, କିମ୍ବା ତାହାର ପ୍ରତିରୋଧ ମଧ୍ୟ କଲେ ନାହିଁ ।

ପୂର୍ବେ ଅନ୍ତତଃ ସ୍ୱତ୍ୱର ମିଛ ବା ନମିଛ ସୁଦର୍ଶନ କଟକ ଦଉଡ଼ି ଯାଉଥିଲେ ବାକେଶା ପଣ୍ଡିତର ଦରବାରକୁ । ମାତ୍ର ଏବେ କାହିଁ କଲିକତା ହାଇକୋର୍ଟ ? କେତେ ଦୂରରେ ? କଟକରେ କମିସନର୍ ପାଖରେ

ହାର ଗୁହାରି କରି ମଧ୍ୟ କୌଣସି ଲାଭ ନାହିଁ । ସେଠି ସିଧାକଥା — ସୁପ୍ରିମ୍ କୋର୍ଟରେ ଅପିଲ୍ କର । କିନ୍ତୁ ଅପିଲ୍ କଣ, କପରେ ହୁଏ, ସେ କଥା ଏବେ ଜଣା କାହାକୁ ?

ଏକା ଚଉଧୁରୀ ସୁଦର୍ଶନ ଦାସ ତ ନୁହନ୍ତି ! ତାଙ୍କର ପରି ବହୁ ଜମିଦାର, ମକଦ୍ଦମ, ମଧ୍ୟ-ସ୍ୱତ୍ତ୍ୱାଧିକାରୀଙ୍କର ମଧ୍ୟ ସେତେବେଳେ ସେହି ଏକା ଅବସ୍ଥା । ସେମାନଙ୍କ ଜମିଦାରୀ ଓ ଇଲାକାମାନ ଅକ୍ଷିପିଛୁଡ଼ାକେ ଚାଲି ଯାଉଛି, ବଙ୍ଗାଳୀ ଅମଲା ଓ ଚଟ୍ଟିମା ଶ୍ରେଣୀମାନଙ୍କ ହାତକୁ ! ପୁରୁଣା ଜମିଦାର ଯାଉଛନ୍ତି; ନୂଆ ଜମିଦାର ଆସୁଛନ୍ତି । ଇତିହାସରେ ଗୋଟାଏ ନୂଆ ମୋଡ଼ ଫିଟୁଛି ।

ଚଉଧୁରୀ ସୁଦର୍ଶନ ଦାସ ଏହାକୁ ନିଯ୍ୟତି ଅଥବା ଇତିହାସର ଅଲଂଘନୀୟ ବିଧାନ ରୂପେ ମାନିନେଇ ଦିନେ ବିଛଣା ଧରିଲେ । ଆଉ ଅନ୍ନଜଳ ସ୍ପର୍ଶ କଲେ ନାହିଁ । ତା ପରେ ଦିନେ ରାତିରେ ପାଞ୍ଚପୁଅ, ଭଜନାନନ୍ଦ, ଜଗମୋହନ, ନନ୍ଦନମୋହନ, ତ୍ରିଲୋଚନ ଓ ସନାତନଙ୍କୁ ବିଛଣା ପାଖରେ ଏକାଠି ବସାଇ କହିଲେ ··· "ଏଣିକି ତମମାନଙ୍କ ସଂସାର ତମେ ସମ୍ଭାଳ । ଭାଙ୍ଗି ପଡ଼ିବ ପଛେ ନଇଁବ ନାହିଁ । ଚଉଧୁରୀ ବଂଶ ଅଳ୍ପ ଜମିଦାରୀ ହରାଇ ପାରିଥାନ୍ତି । ମାତ୍ର ଏ ଦଶକୋଶ ଅଞ୍ଚଳରେ, ଜମିଦାର ବୋଲି ସେଇ ମାନଙ୍କର ଏକା ନାମଡାକ ! ଦାଣ୍ଡରୁ ଭାଟ ଭିକାରୀ ଫେରାଇବ ନାହିଁ । ଦେବୋତ୍ତର, ବ୍ରହ୍ମୋତ୍ତର ଛିଙ୍କିବ ନାହିଁ । ଆଶ୍ରିତଙ୍କ ଖବର ଅନ୍ତର ବୁଝିବ । ଗରିବ ହୋଇ ଯିବ ପଛେ, ଛୋଟ ହେବ ନାହିଁ ।···ମୁଁ ଚାଲିଲି ।"

ରାତି ପାହାନ୍ତା ପାହାନ୍ତା ହେଉଛି··· ଚଉଧୁରୀ ସୁଦର୍ଶନ ଦାସ ଆଖି ବୁଜିଲେ !

ସକାଳ ନ ହେଉଣୁ ଘରଆଡ଼େ ଜନରବ ଉଠିଗଲା··· ଚଉଧୁରୀ ସୁଦର୍ଶନ ଦାସଙ୍କ ସ୍ତ୍ରୀ କୃଷ୍ଣା ଦେଈ ସତୀ ହେବେ ! ସେହି ବିପର୍ଣ୍ଣ ସକାଳେ, ସବୁଆଡ଼େ ଗୋଟାଏ ହାୟ ହାୟ ରବ ପଡ଼ିଗଲା !

ସତ୍ୟଭାମାପୁର ଠାରୁ କୋଶେ ଛଡ଼ାରେ, ବିରୂପା କୂଳରେ ମାଳହଟା ଗାଁ । ଏହି ଗ୍ରାମରେ ଗୋଟିଏ ପ୍ରାଚୀନ ଖଣ୍ଡାୟତ ଚୌପାଢ଼ୀ ଥିଲା । ସେହି ଚଉପାଢ଼ୀର ଅଧିକାରୀ ଦକ୍ଷିଣ କବାଟଙ୍କ ଝିଅ କୃଷ୍ଣା ଦେଈ

ଥିଲେ ସୁଦର୍ଶନ ଦାସଙ୍କ ସହଧର୍ମିଣୀ । ଖଣ୍ଡାୟତ ଘର ଝିଅ କୃଷ୍ଣା ଦେଈ । ତାଙ୍କ ରକ୍ତରେ ଥିଲା ଚିତାନଳରେ ଏହାଠାରୁ ବଡ଼ ଆତ୍ମାହୁତିର ଉଦ୍‌ବୋଧନ ।

୧୮୨୧ ସାଲ ବେଳକୁ ସତୀଦାହ ପ୍ରଥା ଓଡ଼ିଶାରେ ଅବଶ୍ୟ ଯଥେଷ୍ଟ ଉଣା ହୋଇ ଆସିଥିଲା । ସତୀଦାହ ନିରୋଧ ପାଇଁ ଯେଉଁ କଟକଣାମାନ ସେତେବେଳକୁ ଜାରି କରାଯାଇଥିଲା, ଏହା ଥିଲା ତାହାର ଫଳଶ୍ରୁତି । ତତ୍‌କାଳୀନ ବୋର୍ଡ-ଅଫ୍-ରେଭିନ୍ୟୁ ରେକର୍ଡରୁ ଜଣାପଡ଼େ, ୧୮୨୦ ସାଲରେ ଓଡ଼ିଶାରେ ୩୩ ଜଣ ବିଧବା ସତୀ ହୋଇଥିଲେ । ପରବର୍ଷ ତାହାର ସଂଖ୍ୟା ୨୮କୁ କମି ଆସିଥିଲା । ୧୮୨୨ ସାଲର ସତୀଦାହ ସମ୍ପର୍କରେ ଆଲୋଚନା କରି ସଦର-ନିଜାମତ-ଅଦାଲତ ଏକ ମନ୍ତବ୍ୟ ଦେଇଥିଲେ···

"In the case of x x x No. 18 of the Satee statement, it was clearly competent to the Magistrate to have punished as for a misdemeanour the washerman Rajib who pushed the woman into the firy pit as assisting at a sacrifice, not wholly voluntary."*

ଅର୍ଥାତ୍ ··· "୧୮ ନମ୍ବର ସତୀ-ମାମଲାରେ ମାଜିଷ୍ଟ୍ରେଟ ରାଜୀବ ଧୋବାକୁ ଦଣ୍ଡଦେବା ଉଚିତ ଥିଲା । କାରଣ ଘଟଣାରୁ ଜଣାପଡ଼େ, ସ୍ତ୍ରୀ ଲୋକଟିକୁ ରାଜୀବ ଚିତାକୁଣ୍ଡ ଭିତରକୁ ଠେଲି ଦେଇଥିଲା । ଏ ସତୀଦାହ ସ୍ୱେଚ୍ଛାମୂଳକ ନଥିବାରୁ ଓ ରାଜୀବ ସେଥିରେ ଅଂଶ ଗ୍ରହଣ କରିଥିବା ହେତୁ ତାହା ଦଣ୍ଡନୀୟ ଅଟେ ।" ଏଥିରୁ ଜଣାପଡ଼େ ସ୍ୱେଚ୍ଛାପ୍ରଣୋଦିତ ହୋଇ କୌଣସି ନାରୀ ସେତେବେଳେ ସତୀ ହେଉଥିଲେ, ସେଥିରେ ବାଧା ନଥିଲା । ନଚେତ୍ ତାହା ଦଣ୍ଡନୀୟ ଅପରାଧ ଥିଲା । ସ୍ୱାମୀଙ୍କ ଚିତାନଳରେ କୃଷ୍ଣାଦେଈଙ୍କ ଆତ୍ମାହୁତି ସମ୍ପୂର୍ଣ୍ଣ ସ୍ୱେଚ୍ଛାପ୍ରଣୋଦିତ ଥିଲା । ସେଥିପାଇଁ ସେଥିରେ ଶାସନର କୌଣସି ବାଧା ନଥିଲା ।

ଶୈଶବରେ ପିତାମହୀ ଏ କାହାଣୀ ଅସଂଖ୍ୟ ଥର ଶୁଣି ସୁଦ୍ଧା ମଧୁସୂଦନଙ୍କର ସେଥିରେ ତୃପ୍ତି ନଥିଲା ।

---

* ନିଜାମତ୍ ଅଦାଲତର କାର୍ଯ୍ୟାବଳୀ ( ତା ୨୪-୫-୮୨୨ )—ପାଣ୍ଡୁଲିପି ଖଣ୍ଡ ୨୭ ( ବୋର୍ଡ଼ ଅଫ୍ ରେଭିନ୍ୟୁ ) —History of Freedom Movement in Orissa ପୃ ୧୧୪ ରେ ଉଦ୍ଧୃତ ।

ସ୍ୱାମୀଙ୍କ ଚିତାନଳରେ ସତୀଙ୍କର ଏହି ଆତ୍ମୋତ୍ସର୍ଗର ସ୍ମୃତି ମଧୁସୂଦନଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ରକୁ ଅତ୍ୟନ୍ତ ଗଭୀର ଭାବରେ ପ୍ରଭାବିତ କରିଥିଲା । ବସ୍ତୁତଃ ମଧୁସୂଦନଙ୍କର ଶୈଶବରେ ଯଦି କୌଣସି ଗୋଟିଏ ଘଟଣା ଭବିଷ୍ୟତ କାଳରେ ତାଙ୍କର ଚରିତ୍ରକୁ ନିୟନ୍ତ୍ରିତ କରିଥିଲା ଓ ତାଙ୍କ ଜୀବନରେ ଆଣି ଦେଇଥିଲା ଗଭୀର ଆଦର୍ଶନିଷ୍ଠା, ଋଜୁ ଅନମନୀ-ୟତା ଓ ଆତ୍ମୋତ୍ସର୍ଗର ତପସ୍ୱୀସୁଲଭ ସଂକଳ୍ପ, ତାହାହେଲେ ତାହାଥିଲା ଏହି ସତୀସ୍ମୃତିର ଉଦ୍‌ବୋଧନ । ମଧୁସୂଦନ ଏହି ପୁଣ୍ୟସ୍ମୃତିକୁ ଇଂରାଜୀରେ ଲିଖିତ ତାଙ୍କର ଅସମାପ୍ତ ଆତ୍ମଚରିତରେ ଲିପିବଦ୍ଧ କରିଯାଇ ଅଛନ୍ତି ।...*

"ସତୀରକ୍ତର ଉତ୍ତରାଧିକାର ଓ ତାହାର ପ୍ରେରଣା" ଶୀର୍ଷକ ଏକ ଅଧ୍ୟାୟରେ ସେ ଲେଖିଛନ୍ତି...

"ମୋର ପ୍ରପିତାମହୀ ସତୀ ହୋଇଥିଲେ । ତାଙ୍କ ସ୍ୱାମୀଙ୍କ ଚିତାନଳରେ ସେ ନିଜକୁ ଜୀବନ୍ତ ଅର୍ଘ୍ୟ ରୂପେ ନିବେଦିତ କରିଥିଲେ । ଏ ଘଟଣା ଅବଶ୍ୟ ମୋର ଜନ୍ମ ପୂର୍ବରୁ ଘଟିଥିଲା । କିନ୍ତୁ ଶୈଶବରେ ପିତାମହୀଙ୍କ ଠାରୁ ଏ କାହାଣୀ ବହୁବାର ମୁଁ ଶୁଣିଛି । ସେ ଏହାକୁ ଯେପରି ଭାଷାରେ ଓ ଭାବରେ ବର୍ଣ୍ଣନା କରୁଥିଲେ, ତାହାର ସମ୍ବେଦନଶୀଳତା ମୋର ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରୁଥିଲା । ପୁଣି ସେଦିନ ସେହି ସତୀ-ବିସର୍ଜନର ଘଟଣା ପିତାମହୀଙ୍କ ପ୍ରାଣରେ ଯେଉଁ ସ୍ପନ୍ଦନ ସୃଷ୍ଟି କରିଥିଲା, ତାଙ୍କର ବର୍ଣ୍ଣନା ମଧ୍ୟରେ ତାହାର ପ୍ରତିଧ୍ୱନି ମୋ ପ୍ରାଣରେ ମଧ୍ୟ ସ୍ପନ୍ଦିତ ହୋଇ ଉଠୁଥିଲା । ସେ ଘଟଣା ଏବେ ସୁଦ୍ଧା ମୋ ସ୍ମୃତିରେ ଉଜ୍ଜୀବିତ ରହିଅଛି ।

ସତୀଙ୍କର ସ୍ୱାମୀ ବହୁଦିନ ଧରି ଶଯ୍ୟାଶାୟୀ ହୋଇଥିଲେ । ସେ କୌଣସି ଖାଦ୍ୟ ସ୍ପର୍ଶ କରୁ ନଥିଲେ । ଉପରୁ ଯେ ଶେଷ ଡାକ ଆସିଥିଲା, ତାହା ସେ ଯେପରି ସ୍ପଷ୍ଟ ଅନୁଭବ କରି ପାରୁଥିଲେ । ସ୍ୱାମୀଙ୍କ ରୋଗ-ଶଯ୍ୟାରେ ସତୀ ସାଧ୍ୱୀ ଏକାକିନୀ ବସି ସ୍ୱାମୀଙ୍କ ପରିଚର୍ଯ୍ୟା

---

* ମୂଳଲେଖା ପାଇଁ ପରିଶିଷ୍ଟ ଦ୍ରଷ୍ଟବ୍ୟ—

କରୁଥିଲେ । ଦିନେ ରାତ୍ରି ସାନ୍ଧ୍ୟାନ୍ତାକୁ ସ୍ୱାମୀଙ୍କର ଦେହାନ୍ତ ହୋଇଗଲା । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ଚିତାନଳ ପ୍ରସ୍ତୁତ କରିବା ପାଇଁ ସତୀ ନିର୍ଦ୍ଦେଶ ଦେଲେ । ତାଙ୍କର ଚକ୍ଷୁରେ ଅଶ୍ରୁ ନଥିଲା । କିମ୍ବା ସେ ବିଳାପ କରୁ ନ ଥିଲେ । କନ୍ୟାଦାନ ପୂର୍ବରୁ ବାଗ୍‌ଦତ୍ତା ବଧୂ ଯେଉଁ ସମସ୍ତ ବିଧି ଆଚରଣ ପାଳନ କରିଥାଏ, ସେ ସେହି ସବୁ ବିଧିବିଧାନ ନିଷ୍ଠାର ହୃଦୟରେ ପାଳନ କରି ଯାଉଥିଲେ । ମୋର ପିତାମହୀଙ୍କୁ ସେ ଦୁଇ ଗୋଟି ଫୁଲହାର ଗୁନ୍ଥିବା ପାଇଁ କହିଲେ । ମୋର ପିତାମହୀ (ତାଙ୍କ ପୁତ୍ରବଧୂ) ତାଙ୍କ ଠାରୁ ନିର୍ଦ୍ଦେଶ ପାଇ ତାଙ୍କ ଗଳାରେ ସେଥିରୁ ଗୋଟିଏ ମାଳ ପିନ୍ଧାଇ ଦେଲେ । ତାପରେ ପରିବାରର କର୍ତ୍ତ୍ରୀ ରୂପେ ତାଙ୍କୁ ଅଧିଷ୍ଠିତ କରାଇ, ସେ ମୋର ପିତାମହୀଙ୍କୁ କେତେକ ଉପଦେଶ ଦେଇ ଥିଲେ । ତାପରେ ଅନ୍ୟ ମାଳାଟି ହାତରେ ଧରି ସେ ଶ୍ମଶାନ ଅଭି-ମୁଖରେ ବାହାରି ଆସିଲେ ।

ପରିବାରର ଅନ୍ୟମାନେ ଚିତାସ୍ଥାନକୁ ତାଙ୍କୁ ଅନୁଗମନ କରି ଆସିବା ବେଳକୁ ଆଖପାଖ ଗ୍ରାମର, ଲୋକମାନେ ସେଠାରେ ରୁଣ୍ଡ ହୋଇ ସାରିଥିଲେ । ସବୁଆଡ଼େ ଗୋଟାଏ ସ୍ତବ୍ଧ ଗାମ୍ଭୀର୍ଯ୍ୟ । ସେଠାରେ ବାଦ୍ୟରୋଳ ନଥିଲା, କୋଳାହଳ ନଥିଲା କିମ୍ବା ବିଳାପଧ୍ୱନି ନଥିଲା । ଘୃତ ସଂଯୋଗରେ ଚନ୍ଦନକାଠର ଚିତା ପ୍ରସ୍ତୁତ ହୋଇ ସାରିଥିଲା ।

ସତୀ ସମସ୍ତଙ୍କୁ ପ୍ରଣାମ କଲେ । ତା'ପରେ ଚିତା ଚାରିପଟେ ତିନିଥର ପ୍ରଦକ୍ଷିଣ କରିବାପରେ, ଚିତା ଆରୋହଣ କରି ସ୍ୱାମୀଙ୍କ ଗଳାରେ ସେହି ଫୁଲମାଳଟି ପିନ୍ଧାଇ ସ୍ୱାମୀଙ୍କ ପଦପ୍ରାନ୍ତରେ ବସି ପଡ଼ିଲେ । ଏହାପରେ ଚିତାନଳ ଜାଳିବା ପାଇଁ ସତୀ ନିର୍ଦ୍ଦେଶ ଦେବାରୁ ଜଣେ ଅଗ୍ନିହୋତ୍ରୀ ସେଥିରେ ଅଗ୍ନି ସଂଯୋଗ କଲେ । ଆଖି ପିଛୁଡ଼ାକେ ଅଗ୍ନି-ଶିଖା ହୁତ ହୁତ ଜଳି ଉଠିଲା । ଝୁଣା ଓ ଅଗୁରୁଗନ୍ଧମିଶ୍ରିତ ଧୂଆଁ ଭିତରେ, ସତୀ ଯେପରି ସ୍ୱାମୀଙ୍କ ସହିତ ସ୍ୱର୍ଗରେ ମିଳିତ ହେବା ପାଇଁ ଯାତ୍ରାରମ୍ଭ କରିଥିଲେ । ଯେଉଁମାନେ ମର୍ତ୍ତ୍ୟଦେହରେ ପତିପତ୍ନୀ ରୂପେ ମିଳିତ ହୋଇଥିଲେ, ଏହି ଦୃଶ୍ୟ ମଧ୍ୟରେ ସେମାନଙ୍କର ଅମର୍ତ୍ତ୍ୟ ଆତ୍ମାର ମିଳନ ସେଠାରେ ଯେପରି ଅଭିନୀତ ହେଉଥିଲା । ଏହାର ଅଗ୍ନିଶିଖା ଦର୍ଶକମାନଙ୍କ ଚେତନାରେ ଯେପରି ଉଲମ୍ଫନ କରି ଉଠୁଥିଲା ।

ପିତାମହୀ ମୋତେ ଅନ୍ତତଃ ପଚାଶଥର ଏହି ଘଟଣା ଶୈଶବରେ ଶୁଣାଇଥିବେ । ଏହି ଘଟଣାର କେତେକ ଅଂଶ ବର୍ଣ୍ଣନା କଲାବେଳେ, ସେ ମୋତେ ଛାତିରେ କୁଣ୍ଢାଇ ଧରୁଥିଲେ । ସେତେବେଳେ ତାଙ୍କର ବକ୍ଷ ଲୋତକାପ୍ଲୁତ ହୋଇ ଉଠୁଥିଲା । ମାତ୍ର ତାହା ଥିଲା ଆନନ୍ଦର ଅଶ୍ରୁ । ସେ ତାଙ୍କ ଶାଶୁଙ୍କୁ ଘେନି ଅତ୍ୟନ୍ତ ଗରବିଣୀ ଥିଲେ ।

ଏହି ବର୍ଣ୍ଣନା ଶୁଣିବାବେଳେ ମୋର କଳ୍ପନା ନେତ୍ରରେ ମଧ୍ୟ, ସେହି ଅଗ୍ନିଶିଖା ଯେପରି ଦେଦୀପ୍ୟମାନ ହୋଇ ଉଠୁଥିଲା । ତାହାର ସମ୍ବେଦନ ମୋର ଶିଶୁ ହୃଦୟରେ ଉଦ୍‌ବେଳିତ ହୋଇ ଯେପରି ପ୍ରତ୍ୟେକ ଶିରା ପ୍ରଶିରା ଦେଇ ମୋର ସର୍ବାଙ୍ଗକୁ ପ୍ଲାବିତ କରି ଦେଉଥିଲା । ସତୀରକ୍ତ ମୋର ଧମନୀରେ ଯେ ପ୍ରବାହିତ ଏ ଧାରଣା ମୋ ହୃଦୟରେ ଦୃଢ଼ୀଭୂତ ହେଉଥିଲା ।

ମୋର ପରିଣତ ବୟସରେ ସୁଦ୍ଧା କୌଣସି ପ୍ରକାର ବ୍ୟକ୍ତିଗତ କ୍ଷତି ଅଥବା ବିପଦର ଆଶଙ୍କାରେ କର୍ତ୍ତବ୍ୟପଥରୁ ବିଚ୍ୟୁତ ହୋଇ ସତୀରକ୍ତର ସେହି ଐତିହ୍ୟ କଳଙ୍କିତ ନ କରିବା ପାଇଁ ମୁଁ ଏକ ପବିତ୍ର କର୍ତ୍ତବ୍ୟ ରୂପେ ବିବେଚନା କରୁଥିଲି । ଏହି ସତୀରକ୍ତର ଉଦ୍‌ବୋଧନ ମୋତେ ସ୍ୱାଭିମାନୀ କରିଥିଲା । ଏହି ସତୀସ୍ମୃତି ହେତୁ ମୋର ଜନ୍ମଗ୍ରାମ ମୋ ନିକଟରେ ପବିତ୍ରତମ ତୀର୍ଥଭୂମି ହୋଇଥିଲା । ମୁଁ ଏହି ସତୀରକ୍ତରେ ଗଢ଼ା ହୋଇଛି ! ସବୁ ସଙ୍କଟ ମଧ୍ୟରେ ପୁଣି ମୁଁ ଶୁଣିଛି ସତୀରକ୍ତର ଏହି ଉଦ୍‌ବୋଧନ !"

ସତୀତ୍ୱର ଚିତାନଳରେ ପ୍ରପିତାମହୀଙ୍କର ଏହି ଆତ୍ମୋତ୍ସର୍ଗର ଉଦ୍‌ବୋଧନ ପରବର୍ତ୍ତୀ ଜୀବନରେ ବହୁଭାବରେ ବହୁସ୍ଥାନରେ ମଧୁସୂଦନ ପ୍ରକାଶ କରିଅଛନ୍ତି । ଖ୍ରୀଷ୍ଟଧର୍ମୀ ଶାସକମାନଙ୍କର ଦୃଷ୍ଟିରେ ସତୀଦାହ-ପ୍ରଥା ଘୋର କୁସଂସ୍କାର ରୂପେ ବିବେଚିତ ଥିବାରୁ ୧୮୨୯ ଖ୍ରୀଷ୍ଟାବ୍ଦରେ ସପ୍ତଦଶ ରେଗୁଲେସନ୍ ବଳରେ ଏ ପ୍ରଥାକୁ ଲୋପ କରାଯାଇଥିଲା ସତ୍ୟ, ମାତ୍ର ଖ୍ରୀଷ୍ଟିୟାନ ଧର୍ମରେ ଧର୍ମାନ୍ତରିତ ହୋଇ ସୁଦ୍ଧା ମଧୁସୂଦନ ଏହାର ମହିମା ବିସ୍ମୃତ ହୋଇ ପାରି ନଥିଲେ । ପରବର୍ତ୍ତୀ କାଳରେ ମଧୁସୂଦନ ଉତ୍କଳ-ସମ୍ମିଳନୀ ଉପଲକ୍ଷେ ଗୋଟିଏ କବିତାରେ ଲେଖିଥିଲେ :

"ପତିବ୍ରତା ସତୀ ପତିର ମିଳନ
ଲଭିବା ଆଶାରେ ପୋଡ଼େ,
କାହାର ମିଳନ ଲଭିବା ଆଶାରେ
ତୋର ପ୍ରାଣ କଅଁ ଡରେ ?"

ଅନ୍ୟ ଏକ କବିତାରେ ମଧୁସୂଦନ ଲେଖିଥିଲେ :

"ଶୁଣିଅଛୁ ଶାସ୍ତ୍ରେ ସତୀ ଅପମାନେ
ଧରାହୁଏ ବିଦାରଣ,
ଅପମାନ ହେତୁ ସୀତା ଦେବୀଙ୍କର
ମହୀ ହୃଦେ ବାସସ୍ଥାନ ।"

ଯଥେଷ୍ଟ ପରବର୍ତ୍ତୀ କାଳରେ ମଧୁସୂଦନ ସତୀପ୍ରଥାର ସମର୍ଥନ କରି ସୁଦ୍ଧା ଲେଖିଥିଲେ : The administrative wisdom in enacting Regulation XVII of 1829 is problematical. A careful study of the text of the Regulation shows the presumption that in every case a Sati was the victim of a cruel practice of society. × × × I once had a friendly discussion on the subject with the Hon. Sir John Woodborn, when he was Lieutenant Governor of Bengal. I observed that the framers of the Regulation, which made the Sati practice a crime, never saw a case of genuine Sati. The practice died before the camera came into use And there is probably no fauthfil representation of such a scene or I should have shown, His Honour one. A few months after Sir John sent me a valuable present, a book, the front page of which contains a painting of a Sati."

ଅର୍ଥାତ୍ "୧୮୨୯ ଖ୍ରୀ. ଅ. ର ଚତୁର୍ଦ୍ଦଶ ରେଗୁଲେସନ୍‌ର (ଯେଉଁଥିରେ ସତୀଦାହ ପ୍ରଥା ନିଷିଦ୍ଧ ହୋଇଥିଲା)ର ପ୍ରଶାସନିକ ବିଜ୍ଞତା, ସନ୍ଦେହଜନକ ମନେହୁଏ । ଏହି ରେଗୁଲେସନ୍‌କୁ ପାଠକଲେ ଜଣାଯାଏ, ପ୍ରତ୍ୟେକ ସତୀଦାହ ଘଟଣାରେ ସତୀ ଯେପରି ଏକ ନିଷ୍ଠୁର ବିଧାନର ଶିକାର ହେଉଥିଲେ । × × × ସାର୍ ଜନ୍ ଉଡବର୍ଣ୍ଣ ବଙ୍ଗଳାର ଲେଫଟ୍‌ନେଣ୍ଟ-ଗଭର୍ଣ୍ଣର ଥିବାବେଳେ ତାଙ୍କ ସହିତ ମୋର ଏହି ବିଷୟରେ ଆଲୋଚନା ହୋଇଥିଲା । ମୁଁ ସେତେବେଳେ ତାଙ୍କୁ କହିଥିଲି ଏ ରେଗୁଲେସନର ପ୍ରଣେତାମାନେ ବୋଧହୁଏ ସ୍ୱେଚ୍ଛାପ୍ରଣୋଦିତ ପ୍ରକୃତ ସତୀଦାହ ପ୍ରତ୍ୟକ୍ଷରେ କେବେ ଦେଖିନାହାନ୍ତି । କାମେରାର ପ୍ରଚଳନ ପୂର୍ବରୁ

ସତୀଦାହ ପ୍ରଥା ବିଲୁପ୍ତ ହୋଇଥିଲା । ତେଣୁ ଏହି ଦୃଶ୍ୟର ପ୍ରକୃତ ଚିତ୍ର ଖୋଜିଲେ ଅବଶ୍ୟ ମିଳିବ ନାହିଁ । ତା ନହେଲେ 'ହିଜ୍-ଅନର୍'ଙ୍କୁ ମୁଁ ତାହା ଦେଖାଇ ପାରିଥାନ୍ତି । ଏହାର କେତେ ମାସ ପରେ ସାର୍ ଜନ୍ ମୋତେ ଏକ ମୂଲ୍ୟବାନ ଉପଢୌକନ ପଠାଇଥିଲେ । ତାହାଥିଲା ଖଣ୍ଡେ ପୁସ୍ତକ । ଏହାର ପ୍ରଚ୍ଛଦପଟରେ ସତୀଦାହର ଗୋଟିଏ ଚିତ୍ର ମୁଦ୍ରିତ ଥିଲା ।" †

ମଧୁସୂଦନଙ୍କ ପ୍ରପିତାମହୀ କୃଷ୍ଣାଦେଈ ସତ୍ୟଭାମାପୁର ଗ୍ରାମପ୍ରାନ୍ତରେ ଯେଉଁ ସ୍ଥାନରେ ସତୀ ହୋଇଥିଲେ, ଏବେ ସୁଦ୍ଧା ତାହା 'ସତୀଚଉରା' ନାମରେ ରହିଅଛି ।

ଚିତାନଳ ମଧ୍ୟରେ ଗୋଟିଏ ଆଦର୍ଶ ପାଇଁ ପ୍ରପିତାମହୀଙ୍କ ନିଷ୍କାମ ଆତ୍ମୋତ୍ସର୍ଗର ଉଦ୍‌ବୋଧନ ମଧୁସୂଦନଙ୍କୁ ଜୀବନର ଶତ ଝଡ଼ଝଞ୍ଜା ମଧ୍ୟରେ ଏକ ନିଷ୍କମ୍ପ ଦୀପଶିଖାରେ ପରିଣତ କରିପାରିଥିଲା । ମଧୁସୂଦନ ଉଚ୍ଚ ଇଂରାଜୀ ଶିକ୍ଷାପ୍ରାପ୍ତ, ପୁଣି ଭାରତୀୟ ରେନେସାଁ ଓ ୟୁରୋପୀୟ ବୈଜ୍ଞାନିକ ହେତୁବାଦ ତଥା ଯନ୍ତ୍ରବାଦର ଘନିଷ୍ଠ ସମ୍ପର୍କରେ ଆସିଥିଲେ ସୁଦ୍ଧା; ଏକ ଆଦର୍ଶ ପାଇଁ ହିନ୍ଦୁନାରୀର ଏହି ପରମ ଆତ୍ମୋତ୍ସର୍ଗର ଜ୍ୱାଳାମୟୀ ପ୍ରଭାବରୁ ନିଜକୁ ମୁକ୍ତ କରି ପାରି ନଥିଲେ । ଲାଂଛିତା ଉତ୍କଳ ଜନନୀଙ୍କର ମାତୃମୂର୍ତ୍ତି ମଧ୍ୟ ସେ ଯେପରି ସେହି ଜ୍ୱଳନ୍ତ ଲେଲିହାନ ଚିତାନଳ ମଧ୍ୟରେ ଦେଖି

---

† ଇଂ ୧୯୦୬ ସାଲ ୫ ତାରିଖ ଅପ୍ରେଲ ଦିନ ସାର୍ ଜନ୍ ମଧୁସୂଦନଙ୍କ ନିକଟକୁ "Grindlay's Scenes in India" ନାମକ ଏକ ପ୍ରକାଣ୍ଡ ସଚିତ୍ର ପୁସ୍ତକ ପଠାଇଥିଲେ । ପୁସ୍ତକଟି ୧୮୨୬ ଖ୍ରୀ. ଅ.ରେ ଲଣ୍ଡନ୍‌ରେ ମୁଦ୍ରିତ ହୋଇଥିଲା । ଏଥିରେ ସନ୍ନିବେଷ୍ଟ ଚିତ୍ରଗୁଡ଼ିକ ସତେଜ ଓ ସେସବୁ ହସ୍ତାଙ୍କିତ ଥିଲା । ଏହି ପୁସ୍ତକରେ, ବରୋଦାର ଏହିପରି ଗୋଟିଏ ସତୀଚିତ୍ର ମୁଦ୍ରିତ ରହିଅଛି । ଗୋଟିଏ ନଦୀଘାଟର ପୃଷ୍ଠଭୂମିରେ କୌତୂହଳୀ ଭକ୍ତ ନରନାରୀଙ୍କର ଭିଡ଼...ନିଷ୍ପ୍ରାଣ ପାଦପଶ୍ରେଣୀ... ମୂକ, ମୌନ ମନ୍ଦିର ଚୂଡ଼ା । ଚିତାନଳରେ ଦଗ୍ଧୀଭୂତ ହେବା ପୂର୍ବରୁ ଅଗ୍ନିହୋତ୍ରୀ ପୁରୋହିତ, ଅବଗୁଣ୍ଠନବତୀ ଚନ୍ଦ୍ରାମୁଖୀ ସତୀଙ୍କୁ ସ୍ନାନାନ୍ତେ, ନଦୀକୁ ନମସ୍କାର ଜଣାଇବା ପାଇଁ ନିର୍ଦ୍ଦେଶ ଦେଉଥିଲେ । ଅବଗୁଣ୍ଠନର ଅନ୍ତରାଳରୁ ସତୀଙ୍କର ପ୍ରଣାମ ମୁଦ୍ରାବଦ୍ଧ, ଦୁଇ ହସ୍ତର ଭଙ୍ଗୀରେ ଏପରି ଏକ କାରୁଣ୍ୟ, ଶିଳ୍ପୀଙ୍କର ତୂଳିକାରେ ପ୍ରକାଶ ପାଇଛି ଯାହା ଦର୍ଶକର ପ୍ରାଣକୁ ଗଭୀର ସମ୍ବେଦନାରେ ଆଲୋଡ଼ିତ କରିଥାଏ । ଏ ପୁସ୍ତକଟି ମଧୁସୂଦନ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସାଇତି ରଖିଥିଲେ ।

ପାରିଥିଲେ ଓ ସେହି ଚିତାନଳ ମଧ୍ୟରେ ସେ ସ୍ୱାର୍ଥାହୁତି ଦେବାପାଇଁ ଦେଶବାସୀଙ୍କୁ ଆହ୍ୱାନ କରି ଲେଖିଥିଲେ :

"ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥମେଧ ଯଜ୍ଞ ସୃଜିଆତେ ନାଚ
ଘୃତକୁ ମିଶାଇ ଘୃତ ।
ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ରଭୁଜା,
ସେହି ତୋର ମାତା ସେହି ତୋର ଧାତା
କରି ସେହି ପାଦ ପୂଜା ।"

ଏହି ସଙ୍ଗୀତ ସ୍ମୃତି ମଧୁସୂଦନଙ୍କର ଦେଶସେବାକୁ ସ୍ୱାର୍ଥମେଧ ଯଜ୍ଞରେ ପରିଣତ କରିଥିଲା ପିନା, ସ୍ୱାର୍ଥସେବାରେ କେବେ ପରିଣତ କରିପାରି ନଥିଲା । ଖ୍ରୀଷ୍ଟିୟାନ ମଧୁସୂଦନଙ୍କ ପ୍ରାଣରେ ଯେଉଁ ଦେବୀ ଇଷ୍ଟଦେବୀ ରୂପେ ଜାଗ୍ରତ ରହିଥିଲେ, ସେ ଥିଲେ ହିନ୍ଦୁକଳ୍ପନାର ସହସ୍ରଭୁଜା ଦେବୀ ···ଛିନ୍ନମସ୍ତା !

ପୁରୀ ଠାରେ ୧୯୦୮ ସାଲରେ, ଉତ୍କଳ-ସମ୍ମିଳନୀର ଯେଉଁ ଅଧିବେଶନ ବସିଥିଲା, ସେଥିରେ ଭାଷଣ ପ୍ରସଙ୍ଗରେ, ମଧୁସୂଦନ ସେହି ସଙ୍ଗୀତ ସ୍ମରଣ କରି ମଧ୍ୟ କହିଥିଲେ...

"ମୋ ପ୍ରପିତାମହୀ ସତୀ ଥିଲେ । ସେ କିପରି ବଢ଼ିଥିଲେ, ସେ କଥା ମୋତେ ମୋର ପିତାମହୀ ଅନେକ ସମୟରେ କହୁଥିଲେ । କୌଣସି କୌଣସି ଲୋକ ମତେ ସମୟ ସମୟରେ କହନ୍ତି, କାହିଁକି ଏ କାମ କରୁଛ ? ଅମୁକ ଶତ୍ରୁ ହେବେ ଯେ! ନ ସେତେବେଳେ ମୋର ମନେ ହୁଏ ମୋର ପ୍ରପିତାମହୀଙ୍କ ରକ୍ତ ମୋ ଦେହରେ ବହୁଛି । ମୁଁ ସେ ରକ୍ତ କଳୁଷିତ କରିବ ନାହିଁ । ସେହିପରି ସମସ୍ତେ ଚିନ୍ତା କରି ପୂର୍ବପୁରୁଷଙ୍କ ରକ୍ତ କଳୁଷିତ କରିବ ନାହିଁ !"

## (ପାଞ୍ଚ)

ଏହି ପରିସ୍ଥିତି ଓ ପୃଷ୍ଠଭୂମିରେ ଇଂ ୧୮୪୮ ସାଲ ଅପ୍ରେଲ ୨୮ ତାରିଖ ଦିନ ସତ୍ୟଭାମାପୁର ଗ୍ରାମରେ ମଧୁସୂଦନ ଏହି ପ୍ରାଚୀନ

ଆଭିଜାତ୍ୟସିକ୍ତ ବଂଶରେ ଜନ୍ମ ଗ୍ରହଣ କରିଥିଲେ । ଏହି ପରମ୍ପରା ହେଉଛି ମଧୁସୂଦନଙ୍କ ଭାବନାରେ ଥିବା ଓଡ଼ିଶାର ବିସ୍ମୃତ ସୌଭାଗ୍ୟର ଉଦ-ବୋଧନ, ବ୍ୟକ୍ତିତ୍ୱରେ ଥିବା ଏକ ଅନମନୀୟ ଆଭିଜାତ୍ୟର ଋଜୁତା ପୁଣି ସାଧନାରେ ଥିବା ସତ୍ୟ-ସ୍ମୃତିର ପୁଣ୍ୟ ଉତ୍ତରଣ । ତାଙ୍କ ପରିବେଶରେ ମଧ୍ୟ ରହିଥିଲା ଏକଦା ଆଗଙ୍ଗାଗୋଦାବରୀବିସ୍ତୃତ, ଉତ୍କଳ ସାମ୍ରାଜ୍ୟର ସ୍ୱାଧୀନ ଗଜପତି ମାନଙ୍କର ବହୁ ସ୍ମୃତି ଓ କୀର୍ତ୍ତିର ପ୍ରେରଣାମୟ ଆହ୍ୱାନ । ଜନ୍ମଗ୍ରାମ ସତ୍ୟଭାମାପୁରର ସମୀପବର୍ତ୍ତୀ ଗୋପୀନାଥପୁର ଶାସନର ବଳଦେବ ମନ୍ଦିର ଶିଳାଲିପିରେ ଉତ୍କୀର୍ଣ୍ଣ ହୋଇଥିବା ସ୍ୱାଧୀନ ଉତ୍କଳସାମ୍ରାଜ୍ୟର ସାର୍ଥପ୍ରାପ୍ତ ଉଦ୍‌ଘୋଷଣା···

"କର୍ଣ୍ଣାଟୋଜ୍ଜାସସିଂହଃ            କଲବରଗ ଜୟୀ
ମାଳବ ଧ୍ୱଂସଶୀଳଃ
ବଂଗାଲୋ ଗୌଡ଼ମର୍ଦ୍ଦୀ            ଭ୍ରମରବରେ ନୃପ
ଧ୍ୱସ୍ତ ଡ଼ିଲ୍ଲୀନ୍ଦ୍ର ଗର୍ବଃ ॥
ସଂଗ୍ରାମେ ଦୃଷ୍ଟୁମେନଂ            ପ୍ରତିଭଟ ସୁଭଟାଃ
କେବଳନ୍ତେ ବଳନ୍ତେ
ଯେଷାଂ ସ୍ୟାମ୍ନାକନାସ୍ତି            କୁଚ କୁଳସ ତଟୀ
କୁଙ୍କୁମା ସଙ୍ଗରଙ୍ଗ ॥"

କୈଶୋରର ବହୁ ଉଜ୍ଜ୍ୱଳ ପ୍ରଭାତରେ, ବହୁ ଆତ୍ମବିସ୍ମୃତ ନିର୍ଜନ ମଧ୍ୟାହ୍ନରେ, ବହୁ ଗୋଧୂଳିଭିଡ଼ା ଅପରାହ୍ଣରେ, ସେହିଦିନ ଚଉଧୁରୀ ପରିବାରର ସେହି ଗିଅଁଲା ବାଳକଟି ଏ ଶିଳାଲେଖ ବହୁ ଆୟାସରେ ପଢ଼ି ପାରୁଥିଲା ସତ୍ୟ, ମାତ୍ର ତାହାର ମର୍ମ ବୁଝିପାରୁ ନଥିଲା । କିନ୍ତୁ ଶିରା ପ୍ରଶିରାରେ ସେ ସ୍ପଷ୍ଟ ଅନୁଭବ କରି ପାରୁଥିଲା ଏକ ଅବର୍ଣ୍ଣନୀୟ ସ୍ପନ୍ଦନ ।

ବସ୍ତୁତଃ ମଧୁସୂଦନଙ୍କ ଚିନ୍ତା, ଭାବନା ଓ ଚରିତ୍ର, ପୁଣି ଜୀବନର ଆତ୍ମମୁଖ୍ୟ ଶୈଶବରୁ ଏହିପରି ପରିବେଶ ମଧ୍ୟରେ ଗଠିତ ହୋଇଥିଲା । ପରବର୍ତ୍ତୀ କାଳରେ, ସେ ତାଙ୍କର ଅସମ୍ପୂର୍ଣ୍ଣ "ଆତ୍ମ ଚରିତ"ରେ ଏକଥା ଫିଟାଇ ଲେଖିଥିଲେ···

"All the sorroundings of my life were calculated to develop pride. I do not know whether to call it pride or vanity.

**My life was no exception to the general rule of human development; the environment of my life developed, what is known as megalomania."**

(ମୋର ଶୈଶବର ଏହିସବୁ ପରିବେଶ, ମୋ ଭିତରେ ଏକ ସ୍ୱାଭିମାନ ଉଦ୍ରିକ୍ତ କରିଥିଲା । ଏହାକୁ ଅହଙ୍କାର କୁହାଯିବ କି ଆତ୍ମାଳନ କୁହାଯିବ, ମୁଁ ଜାଣେ ନାହିଁ । ମନୁଷ୍ୟର ଚରିତ୍ରବିକାଶର ସାଧାରଣ ନିୟମରୁ ମୋ ଜୀବନ ଅବଶ୍ୟ ବାଦ୍ ପଡ଼ିନଥିଲା । ମୋର ଜୀବନର ପରିବେଶ ମୋ ଭିତରେ ବିକଶିତ କରିଥିଲା ନଭଶ୍ଚୁମ୍ବୀ ଏକ ଆତ୍ମବଡ଼ିମା)···

ବହୁ ଐତିହାସିକ ସ୍ମୃତି-ପ୍ରବର୍ଦ୍ଧିତ ଏହି ଭୂମିରେ ଜନ୍ମଲାଭ କରି ମଧୁସୂଦନ ଯେପରି ଓଡ଼ିଶା ଇତିହାସର ସେହି ଗୌରବମୟ ମୁହୂର୍ତ୍ତଗୁଡ଼ିକୁ ନିଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିଲେ । ସେଥିପାଇଁ ୧୯ଶ ଶତାବ୍ଦୀରେ ଓଡ଼ିଶାରେ ସେ ହୋଇ ପାରିଥିଲେ ରେନେସାଁ ବା ଅଭ୍ୟୁଦୟର ସୂତ୍ରଧର । ବସ୍ତୁତଃ ମଧୁସୂଦନଙ୍କ ବ୍ୟତୀତ ଉନବିଂଶ ଶତାବ୍ଦୀର ଅନ୍ୟ କୌଣସି ଉତ୍କଳୀୟ ମନୀଷୀଙ୍କ ଚିନ୍ତାରେ ଅଭ୍ୟୁଦୟ ବା ରେନାସାଁର ବଳିଷ୍ଠ ବିଦ୍ରୋହୀ ଭାବନା ଏପରି ପ୍ରକାଶ ପାଇ ନଥିଲା ।

ମଧୁସୂଦନ କୀଟଦଂଷ୍ଟ ଜରାଜୀର୍ଣ୍ଣ ଅତୀତର ଧ୍ୱଂସାବଶେଷରେ କେବଳ ଅନୁପ୍ରାଣିତ ନଥିଲେ । ସେ ମଧ୍ୟ ଅତୀତର ଅମାନିଶା ମଧ୍ୟରୁ ଏକ ନୂତନ ପ୍ରଭାତର ଅଭ୍ୟୁଦୟ କାମନା କରୁଥିଲେ । ସେ ସ୍ପଷ୍ଟ ବୁଝିଥିଲେ ଇଂରାଜୀ ଶିକ୍ଷା ମାଧ୍ୟମରେ କେବଳ ଅଭ୍ୟୁଦୟର ସିଂହଦ୍ୱାର ଉଦ୍‌ଘାଟିତ ହୋଇପାରିବ । ଅତୀତ ପ୍ରତି ଗଭୀର ଶ୍ରଦ୍ଧା ସହିତ ବର୍ତ୍ତମାନ ଓ ଭବିଷ୍ୟତ ପ୍ରତି ମଧ୍ୟ ସେ ଗଭୀର ଭାବରେ ସଚେତନ ଥିଲେ । ବସ୍ତୁତଃ ଭବିଷ୍ୟତର କଳ୍ପନା ପୁଣି ବର୍ତ୍ତମାନର ସଂଗ୍ରାମ ପାଇଁ ସେ ଅତୀତ ମଧ୍ୟରୁ ହିଁ ଖୋଜି ପାଇଥିଲେ ପ୍ରେରଣା । ସେଥିପାଇଁ ଅତୀତର ରୋମନ୍ଥନ ପରିବର୍ତ୍ତେ ଅତୀତର ମହିମାଦୀପ୍ତ ବଳିଷ୍ଠ ଚିନ୍ତା ଓ କ୍ରିୟା ପୁଣି ଓଡ଼ିଆର ଏକ ପ୍ରଚଣ୍ଡ ଅଭିମାନ, ମଧୁସୂଦନଙ୍କର ସକଳ କର୍ମ ଓ ଚିନ୍ତାର ଥିଲା ପ୍ରେରଣାର ଉତ୍ସ ।

୧୯୩୭ ମସିହା ଜୁନ ମାସରେ ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ରାୟସାହେବ ପଦବୀରେ ଭୂଷିତ ହେବା ଉପଲକ୍ଷରେ ମଧୁସୂଦନ ତାଙ୍କୁ ଇଂରାଜୀରେ ଯେଉଁ ପତ୍ର ଲେଖିଥିଲେ ସେଥିରେ ତାଙ୍କର ଏହି

ଚିନ୍ତାଧାରା ଅତି ସ୍ପଷ୍ଟ ଭାବରେ ପ୍ରକାଶ ପାଇଅଛି । ମଧୁସୂଦନ ଲେଖିଥିଲେ—

"The Utkal luminary which illuminated the Indian firmament has set, and has gone down the horizon. But an observer can see the rich colours reflected in the western sky.

We all wish to see the great luminary rise once more and give us the dawn of a new national life. x x x

The beautiful colours in the western sky must be fully appreciated, loved and admired before the youthful mind is aglow with a desire to see the dawn of a new national life."

( ଭାରତର ଆକାଶରୁ ଉତ୍କଳର ଗୌରବସୂର୍ଯ୍ୟ ଦିଗବଳୟରେ ଅସ୍ତମିତ ହୋଇଅଛି । ଏବେ ପଶ୍ଚିମ ଆକାଶରେ ବର୍ଣ୍ଣବିଳାସର ଛଟା । ଏହାରି ମଧ୍ୟରେ ଆମେ ପୁଣି ଏକ ନୂତନ ଜାତୀୟ ଜୀବନର ମଙ୍ଗଳପ୍ରଭାତରେ ସେହି ଗୌରବସୂର୍ଯ୍ୟର ଅଭ୍ୟୁଦୟ ପ୍ରତୀକ୍ଷା କରୁଅଛୁ । ତରୁଣର ପ୍ରାଣ ନୂତନ ଜାତୀୟ ଜୀବନ-ଅଭ୍ୟୁଦୟର ଅଣ୍ଣପ୍ରସାଦରେ ଅନୁପ୍ରେରିତ ହେବା ପୂର୍ବରୁ ପଶ୍ଚିମ ଆକାଶର ଏହି ବର୍ଣ୍ଣାଢ୍ୟତା ଅନୁଭୂତ, ଶ୍ଳାଘିତ ଓ ସମ୍ମାନିତ ହେବା ଆବଶ୍ୟକ ।)

ମଧୁସୂଦନଙ୍କର ଉପରୋକ୍ତ ପତ୍ରରେ "ପଶ୍ଚିମ" ଶବ୍ଦଟି ଶ୍ଳେଷାତ୍ମକ । "ପଶ୍ଚିମ" କେବଳ ଏକ ଦିଗନ୍ତ ନୁହେଁ । ତାହା ମଧ୍ୟ ନବ-ଦିଗନ୍ତର ଏକ ନୂତନ ବଳୟରେଖା ! ନୂତନ ମୂଲ୍ୟବୋଧର ଭିତ୍ତିରେ ପ୍ରାଚୀନର ନବରୂପାୟନ ମଧୁସୂଦନଙ୍କର ଓଡ଼ିଆ ଜାତୀୟତାର ମର୍ମକଥା ଥିଲା ।

୧୯୨୭ ସାଲରେ( ତା ୨୮-୯-୨୭ ) ଉତ୍କଳ-ଛାତ୍ର-ସମ୍ମିଳନୀକୁ ପ୍ରେରିତ ଏକ ବାର୍ତ୍ତାରେ ମଧୁସୂଦନ ତାଙ୍କର ଏହି ମର୍ମବାଣୀ ସୁସ୍ପଷ୍ଟ କରି ଲେଖିଥିଲେ ...

"Each student must feel that behind him stand his ancestors, before him are his progeny and his object of life is to connect the past and the future, so that the result is a homogenous whole."

"ଜାତି ଇତିହାସ ଜାତିର ନିର୍ଝର
କଳକଳ ରବେ ଧାଇଁଛି ସେ ଧାର,
ତହିଁ ବହେ ସଦା ଜାତି ପ୍ରାଣଧାର
ଅତୀତ ଗୌରବ ପାଇଁ ନିରନ୍ତର ।
ସେହି ଧାରୁ ନୀର ପିଏ ଯେଉଁ ନର
ଭାବ ଉନ୍ମତ୍ତର ହୃଦୟେ ନିର୍ଭର,
ନିଶ୍ଚେ ହେବ ସେହି ଜାତି କର୍ମବୀର
ଯଥା ଚନ୍ଦ୍ରୋଦୟେ ନାଚେ ରତ୍ନାକର ।"

ଓଡ଼ିଶାର ଗୌରବମୟ ଅତୀତର ଏକ ମହାଶ୍ମଶାନ ମଧ୍ୟରେ, ଏକ ମୃତନଦୀର ବିସ୍ତୃତ ବାଲିତଟ ଉପରେ, ପ୍ରପିତାମହଙ୍କ ଆତ୍ମାହୁତି-ପବିତ୍ର ସପ୍ତ-ବୃକ୍ଷ ଛାୟାରେ ଠିଆହୋଇ, ପଶ୍ଚିମ-ଦିଗନ୍ତରେ କେତେ ସୂର୍ଯ୍ୟାସ୍ତ ଆଡେ ଦୃଷ୍ଟି, ତରୁଣ ଅରୁଣବାହିତ ଏକ ନବପ୍ରଭାତର ସ୍ୱପ୍ନ ଧୀରେ ଧୀରେ ମଧୁସୂଦନଙ୍କ ଅଲକ୍ଷିତରେ, ତାଙ୍କର ଅବଚେତନରେ କ୍ରମେ ସମ୍ପ୍ରସାରିତ ହେଉଥିଲା ।

ଏହାକୁ ନିଶ୍ଚୟ ଅହଙ୍କାରପ୍ରୀତ ଅଭିମାନ କୁହାଯାଇ ପାରେ । ମଧୁସୂଦନ ସେ କଥା ନିଜେ ସ୍ୱୀକାର କରିଅଛନ୍ତି । କିନ୍ତୁ ସେପରି ଅଭିମାନ ନଥାଇ ଦୋକାନଦାର ହେବା ସମ୍ଭବ, ମନ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ମଧ୍ୟ ସହଜ । ବସ୍ତୁତଃ ସହଜ ଭୋଟସଂଗ୍ରହ ପାଇଁ ଶଠତାପୂର୍ଣ୍ଣ ବିନମ୍ରର ପ୍ରୟୋଜନ ଯଥେଷ୍ଟ ବେଶୀ । କିନ୍ତୁ ନିଜ ଐତିହ୍ୟ, ପରମ୍ପରା ଓ ସଂସ୍କୃତିରେ ଅଭିମାନୀ ନହେଲେ କେହି କୌଣସି ଭଗ୍ନଜାନୁ ଜାତିର ସେନାପତି ଅଥବା ସାରଥୀ ହେବା ସମ୍ଭବ ନୁହେଁ ।

ଏହା କିନ୍ତୁ ଅତୀତ-ସର୍ବସ୍ୱ ଆତ୍ମମ୍ଭରିତା —ଗୌଣ ମନୋବୃତ୍ତିର ପ୍ରକୃତି ଠାରୁ ସ୍ୱତନ୍ତ୍ର । ଅଗ୍ରଗତି ଓ ଅଭିବୃଦ୍ଧି ବାହାରର ପ୍ରୋତ୍ସାହନ ଓ ସମର୍ଥନରେ କେବଳ ସମ୍ଭବ ନୁହେଁ । ସେଥିପାଇଁ ଅନ୍ତରର ପ୍ରେରଣା ଓ ଉଦ୍‌ବୋଧନ ଥିବା ମଧ୍ୟ ଆବଶ୍ୟକ । ମଧୁସୂଦନଙ୍କ ଅହଙ୍କାରରେ ଥିଲା ଅନ୍ତରର ସେହି ପ୍ରେରଣା ଓ ଉଦ୍‌ବୋଧନ । ମଧୁସୂଦନଙ୍କ ସମ୍ପର୍କରେ କଲିକତା ହାଇକୋର୍ଟର ଜଣେ ପୂର୍ବତନ ପ୍ରଧାନ ବିଚାରପତି ସାର୍ ମନ୍ମଥନାଥ ମୁଖାର୍ଜୀ ଲେଖିଥିଲେ ···

"He believed that for a nation to prosper, more depends on inspiration and endeavours from within than from outside."

# ଦ୍ୱିତୀୟ ପରିଚ୍ଛେଦ

## ଶୈଶବ ଓ ବିଦ୍ୟାରମ୍ଭ

### (ଏକ)

ପୂର୍ବେ କୁହାଯାଇଅଛି, ଚୌଧୁରୀବଂଶରେ ବହୁ ଶାଖା ନିଃସନ୍ତାନ ଅବସ୍ଥାରେ କ୍ରମେ ଲୋପ ପାଇ ଯାଉଥିଲେ । ଭଜନାନନ୍ଦ ଚୌଧୁରୀଙ୍କ ତିନିପୁଅ, ଯଥାକ୍ରମେ ଲୋକନାଥ, ରଘୁନାଥ ଓ ବନବିହାରୀଙ୍କ ମଧ୍ୟରୁ, ଲୋକନାଥ ଓ ବନବିହାରୀ ନିଃସନ୍ତାନ ଥିଲେ । ମଧ୍ୟମ ପୁତ୍ର ରଘୁନାଥଙ୍କର କେବଳ ଦୁଇକନ୍ୟା ଓ ଦୁଇ ପୁତ୍ର ଥିଲେ । କନ୍ୟା ବଡ଼ । କୁମୁଦ ଦେଈ । ତାଙ୍କ ତଳକୁ ମଧୁସୂଦନ । ଅନ୍ୟଭାଇ ମାନଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ଚୌଧୁରୀ ପରିବାରରେ ମଧୁସୂଦନ ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶା ଭରସାର ପାତ୍ର ହୋଇଥିଲେ। ମଧୁସୂଦନ ଥିଲେ ଯେପରି ଚୌଧୁରୀବଂଶର ଏକମାତ୍ର ପ୍ରଦୀପ-ଶିଖା ।

ନବଜାତ ଶିଶୁର ଏକୋଇଶିଆ ଉତ୍ସବ ସମ୍ପନ୍ନ ହୋଇଥିଲା, ବେଶ୍ ଆଡ଼ମ୍ବରରେ । ବସ୍ତୁତଃ ବହୁଦିନରୁ ଚୌଧୁରୀ ପରିବାରରେ ସେପରି ଆଡ଼ମ୍ବରରେ ଅନ୍ୟ କୌଣସି ଉତ୍ସବ ଅନୁଷ୍ଠାନ ସମ୍ପନ୍ନ ହୋଇ ନଥିଲା । ସେତେବେଳେ ଚୌଧୁରୀ ରଘୁନାଥ ଦାସଙ୍କର କିନ୍ତୁ ସେଥିପାଇଁ ଯଥେଷ୍ଟ ସମ୍ବଳ ନଥିଲା । ମାତ୍ର ରଘୁନାଥଙ୍କ ଜନନୀଙ୍କ ଇଚ୍ଛା, ଦଶକୋଶ ମୂଲକରୁ ଶାସନୀ ବ୍ରାହ୍ମଣ ବରଣ ହୋଇ ଆସିବେ, ଲୁଚିଭାଜି ଖାଇବେ, ଜମିଦାରୀ ନଥିଲେ ସୁଦ୍ଧା ଗଡାୟୁ ଜମିଦାରୀର ପ୍ରଜାପାଟକ ଦାଣ୍ଡରେ ପତ୍ର ପକାଇବେ । ସତ୍ୟନାରାୟଣ ପାଲା ହେବ । ଆଉ କଣ୍ଟ ଘର ନକର ନିକୁଞ୍ଜରେ ଏତିକି ! ତେଣିକି ସଖ୍ୟକୁ ଯୁହିଁ ଅଧିକା ଆଜି ଯାହା ହେବାର ହେଉଥାଉ । ଭଜନାନନ୍ଦଙ୍କ ସ୍ତ୍ରୀ ଚୌଧୁରୀ ପରିବାରର ସଉଡ଼ନ୍ତ ବେଳରେ ସୁଦ୍ଧା ଦେଖିଥିଲେ ଅନ୍ୟ ବିବାହ ଓ ଏକୋଇଶିଆ ପ୍ରଭୃତି ଉପଲକ୍ଷ

ମାନଙ୍କରେ ଉତ୍ସବ ଆଡ଼ମ୍ବରର ଘଟା । ସେଥିପାଇଁ ଆୟୋଜନର ଏସବୁ ତାଲିକା ତାଙ୍କ ପକ୍ଷରେ ଥିଲା "ନକୁଳଙ୍କରେ ଏତକ !"

ମାତ୍ର ହଠାତ୍ ଦାରିଦ୍ର୍ୟ ଓ ଅଭାବର ସମ୍ମୁଖୀନ ହୋଇଥିବା ଭାଗ୍ୟବିଡ଼ମ୍ବିତ ରଘୁନାଥଙ୍କ ପକ୍ଷରେ ଏସବୁ ଆୟୋଜନ ଥିଲା ସାଧ୍ୟାତୀତ । ତଥାପି ଜନନୀଙ୍କର ଅଭିଳାଷ, ସ୍ତ୍ରୀ ପାର୍ବତୀ ଦେଈଙ୍କ ଜିଦ୍ ଓ ଭାଇମାନଙ୍କର ମଧ୍ୟ ଇଚ୍ଛା, ନବଜାତ ଶିଶୁପୁତ୍ରର ଏକୋଇଶିଆ ଆଣି-ଦୁଣିଆ ଭାବରେ ହେଉ ।

ଜ୍ୟେଷ୍ଠଭ୍ରାତା ଲୋକନାଥ କହିଲେ..."ରଘୁ! ତୁ ମନରେ ଆଉ କଳ୍ପନା କର ନାଁ । ସମସ୍ତଙ୍କର ଯେତେବେଳେ ଇଚ୍ଛା, ସେଥିରେ କାର୍ପଣ୍ୟ କଲେ, ପିଲାର ଅମଙ୍ଗଳ ହେବ । ଟଙ୍କା ପାଇଁ ଚିନ୍ତା କଣ ? ସରସ୍ୱତୀ ପ୍ରଗଣାରେ ଆମର ଯୋଡ଼ି ଲଖେରାଜ ତକ ଅଛି, ସେତକ ବହ୍ଲକୁଦ ବଙ୍ଗାଳୀଙ୍କ ପାଖରେ ବନ୍ଧା ରଖିଦେଲେ, ଟଙ୍କା କଣ ଅପ୍ରାପ୍ତ ହେବ ?"

ଅତୀତରେ ଏହିପରି ବ୍ୟବସ୍ଥାରେ ସେଣ୍ଟ୍ରିଧିଆ ପରିବାରର ନାନା ଉତ୍ସବ ଅନୁଷ୍ଠାନ ଜିଦ୍ ଓ ହୁଜୁର୍ ପାଇଁ କେତେବେଳେ ଅର୍ଥର ଅଭାବ ପଡ଼ି ନ ଥିଲା । ରଘୁନାଥଙ୍କ ସ୍ତ୍ରୀ ପାର୍ବତୀ ଦେଈ ସହଜେ ପୂର୍ଣ୍ଣ-ଗର୍ଭବତୀ ଜନନୀ । ତାଙ୍କର ବିଶ୍ୱାସ, ପୂର୍ବକଳ୍ପ ଓଡ଼ାସିଂ ଓ ପୁରୁଷୋତ୍ତମପୁର ପ୍ରଭୃତି ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଯେଉଁଠି ଯେତେ ଲକ୍ଷ୍ମୀନୃସିଂହ ମୂର୍ତ୍ତି ଦଧିବାମନ ଅଛନ୍ତି; ତୁଣ୍ଡି ବୁଟେଶ୍ୱର ପାର୍ବତୀଙ୍କ ଠାରୁ ଆରମ୍ଭ କରି ପାଖରେ ଯେଉଁଠି ଯେତେ କାଳୀ ଭଗବତୀ ଅଛନ୍ତି ସମସ୍ତଙ୍କ ପୀଠରେ ପୂଜା ମାନସିକ ହେବ । ଠାକୁରାଣୀମାନେ କଳାଶାଢ଼ୀ ପିନ୍ଧିବେ ଇତ୍ୟାଦି ।

ପାର୍ବତୀଦେଈଙ୍କ ଗୋଟିଏ କଥା "...ସବୁ ସାଉ ମହନ୍ତ ଆଉ ।"

କାର୍ଯ୍ୟତଃ ତାହାହିଁ ହେଲା । ସାତପୁରୁଷୀ ଜମିଦାର ସେଣ୍ଟ୍ରିଧିଆ ରଘୁନାଥ ଦାସ ଘୋଡ଼ାରେ ଚଢ଼ି ଗଲେ ବହ୍ଲକୁଦର ନବ୍ୟ-ବଙ୍ଗାଳୀ ଜମିଦାରମାନଙ୍କ ପାଖକୁ । ଗୁଜା ଲେଖିଦେଇ ଟଙ୍କା ଧରି ଆସିଲେ ।

ମହାସମ୍ଭାରରେ ଏକୋଇଶିଆ ଉତ୍ସବ ବଢ଼ିଲା । ନାହାକ ଖଣ୍ଡାପୋଛା କରି ଜାତକ ପଢ଼ିଲେ···

“ଶ୍ରୀ ରାମଚନ୍ଦ୍ର ଦେବ ମହାରାଜାଙ୍କ ବିଜେ ଶୁଭରାଜ୍ୟ ୩୮ ଅଙ୍କ ମେଷ ୧ ଦିନ, ସନ ୧୨୫୫ ସାଲ ଜ୍ୟେଷ୍ଠମାସେ କୃଷ୍ଣପକ୍ଷେ ଅଦ୍ୟ ଏକାଦଶୀ ତିଥୌ ଭୌମ ବାସରେ ଏ ଦିନ ବେଳ ଦ ୬୩।୧୦ ଲିତା ସମୟେ ତୁଳ ଲଗ୍ନ ଆଦ୍ୟ ପାଦରେ ଶ୍ରୀ ଚଉଧୁରୀ ଉପାଧି ରଘୁନାଥ ଦାସଙ୍କର ସୁପତ୍ନ୍ୟୋଦରେ ଦ୍ୱିତୀୟ ଗର୍ଭରୁ କୁଳୋଦ୍ଭବ ପୁତ୍ର ଜନ୍ମ । ସ୍ୱରାଶି ରେବତୀ (୨୭।୧୨) ମୀନ । ଜାତିରେ ଦେବତାଗଣ । ରାଶିନାମ ଦୟାନିଧି ଦାମୋଦର, ଦୈତାରୀ, ଶ୍ରଦ୍ଧାନାମ ଗୋବିନ୍ଦ । ଅଥ ରାଶି ଲକ୍ଷଣ—ଦେହ ଗୌରବର୍ଣ୍ଣ, ଅକ୍ଷରବକ୍ତା, ଏକ ଭାର୍ଯ୍ୟା ବିନାଶ, ଦ୍ୱିତୀୟ ଭାର୍ଯ୍ୟା ପ୍ରବନ୍ଧ । ପ୍ରଥମ ଭାର୍ଯ୍ୟା ପୁତ୍ରରେ କଷ୍ଟ × × × ।”

“ପୁତ୍ରରେ କଷ୍ଟ” ଶୁଣିବାକ୍ଷଣି ଚୌଧୁରୀ ଲୋକନାଥ ଦାସ ନାହାକଙ୍କୁ କହିଲେ ... “ଭଲକରି ଦେଖ ନାହାକେ !”

ଚୌଧୁରୀ ବଂଶରେ ପୁତ୍ରକଷ୍ଟ ଗୋଟାଏ ଅଭିଶାପରେ ପରିଣତ ହୋଇଛି । ନାହାକେ ମଧ୍ୟ ସେ କଥା ବୁଝନ୍ତି । ନାହାକେ କିନ୍ତୁ ଅନାସକ୍ତ କଣ୍ଠରେ ଉତ୍ତର ଦେଲେ...“ଭାଗ୍ୟଂ ଫଳତି ସର୍ବସଂ । ନ ଚ ବିଦ୍ୟା ନ ଚ ପୌରୁଷଂ । କପାଳ ଲିଖନକୁ ମୋ ଲେଖନରେ ବଦଳେଇ ପାରିବି କି ସାଆନ୍ତେ ? ହେଲେ ପିଲାଟି ହେବ ଦୀର୍ଘାୟୁ, ନୀରୋଗ ଆଉ କୀର୍ତ୍ତିମାନ୍ । ରାଜଯୋଗର ଲକ୍ଷଣ ।”

କବାଟ ଉହାଡ଼ରେ ପିତାମହୀ (ରଘୁନାଥଙ୍କ ଜନନୀ) ବସିଥିଲେ । ଶିଶୁପୁତ୍ର ଦୀର୍ଘାୟୁ ହେବ ଶୁଣିବାକ୍ଷଣି, ସେ କୁଳର ଇଷ୍ଟ ଦେବୀ ଗୃଟେଶ୍ୱର-ପାର୍ବତୀ ଓ ଇଷ୍ଟଦେବ ଦଧିବାମନଙ୍କ ଉଦ୍ଦେଶ୍ୟରେ ମାଟିରେ ତେରଥର ମୁଣ୍ଡ ପିଟି ପିଟି କହିଲେ··· “ଠାକୁରେ ମୋ ନାତିକୁ ଶଏ ଆଠ ବର୍ଷ ପରମାୟୁ ଦିଅ ! ପୁଅ ନହେଲେ ପଛେ ସେ ପୋଷ୍ୟ-ପୁଅ କରିବ ।”

ବ୍ରାହ୍ମଣମାନେ ବିଦାୟ ନେଇ ଯିବାବେଳେ ଶିଶୁପୁତ୍ର ମୁଣ୍ଡରେ ଦୁବାଅକ୍ଷତ ପକାଇ ଆଶୀର୍ବାଦ କରିଗଲେ ··· “ଅଷ୍ଟୋତ୍ତର ଶତ ସମ୍ବତ୍ସର ପରମାୟୁ ହେଉ ।”

ମଧୁସୂଦନଙ୍କ ଶୈଶବରେ ଶ୍ରଦ୍ଧାନାମ ଗୋବିନ୍ଦ ରହିଲା ।

## ( ଦୁଇ )

**ଗୋବିନ୍ଦ** ବା ମଧୁସୂଦନଙ୍କ ଜନ୍ମବେଳକୁ ସତ୍ୟଭାମାପୁର ଚୌଧୁରୀ-ବଂଶର ସୌଭାଗ୍ୟ-କର୍ପୂର ଉଡ଼ି ଯାଇଥିବା, ପୂର୍ବେ କୁହାଯାଇଅଛି ।

ଏହି ସାତପୁରୁଷୀ ଜମିଦାର-ବଂଶଟି ବର୍ଣ୍ଣିତ କାଳକୁ ଗୋଟିଏ ସାଧାରଣ ମଧ୍ୟବିତ୍ତ ଗୃହସ୍ଥର ଅବସ୍ଥାକୁ ଓହ୍ଲାଇ ଆସିଥିଲା । ତଥାପି ସେପର୍ଯ୍ୟନ୍ତ ସତ୍ୟଭାମାପୁର ଗ୍ରାମରେ ଚଉଦମାଣ ଚକ ଉପରେ ଚୌଧୁରୀମାନଙ୍କର ମଉଜମହଲ ସାତଶେଣିଆ ହାତିଶାଳ ଘର ଖଞ୍ଜାଘର, ଉଞ୍ଚା ପଥର ପିଣ୍ଡା, ପଥର ପାହାଚ, ଘୋଡ଼ାଶାଳ, ଶତବର୍ଷ ଉଚ୍ଚତାରେ କ୍ରମେ କମି କମି ଆସୁଥିବା ଧାନମରେଇ, ରସକୁଣ୍ଡ ପୁଷ୍କରିଣୀ, କନକଦଣ୍ଡା ଘଣ୍ଟି, ନଉଆମାଳ, ଆମ୍ବତୋଟା ଓ ଅମାର ପ୍ରଭୃତି ବିଗତ ସୌଭାଗ୍ୟର ମୂକସାକ୍ଷୀ ରୂପେ ଅକ୍ଷତ ରହିଥିଲା । ନିଲାମ, ବନ୍ଧକ ଓ ବିକ୍ରୀରେ ବିସ୍ତୀର୍ଣ୍ଣ ଭୂସମ୍ପତ୍ତି ହାତଛଡ଼ା ହୋଇଯିବା ପରେ ଆଖପାଖ ଗାଁରେ ଯେତିକି ନିଜର୍ଷ ଜମି ତଥାପି ବଳିଥିଲା, ତାହାହିଁ ଥିଲା ସଂସାର ଭରଣପୋଷଣର ଏକମାତ୍ର ସମ୍ବଳ । ମାତ୍ର ବଂଶମର୍ଯ୍ୟାଦାକୁ ରକ୍ଷି ଚଳିବା ପାଇଁ ତାହା ପର୍ଯ୍ୟାପ୍ତ ନଥିଲା ।

ସେଥିପାଇଁ ଚୌଧୁରୀ ରଘୁନାଥ ଦାସ କଟକର ସାନ ଅଦାଲତରେ ସଦ୍ୟ ଓକିଲାତି ଆରମ୍ଭ କରିଥିଲେ । ସେତେବେଳକୁ ପ୍ରଚଳିତ ଆଇନ୍‌କାନୁନ ଓ ରେଗୁଲେସନ୍ ସବୁ ଲେଖାଥିଲା ଇଂରେଜୀ ଅଥବା ବଙ୍ଗଳାରେ । ଚୌଧୁରୀ ରଘୁନାଥ ଦାସ ଏ ଉଭୟ ଭାଷାରେ ଅନଭିଜ୍ଞ ଥିଲେ । ମାତ୍ର ସଦର ଦେୱାନୀ ଓ ନିଜାମତ ଅଦାଲତରେ ୧୮୩୯ ସାଲ ଜୁଲାଇ ୫ ତାରିଖର ଆଦେଶ ବଳରେ, କଚେରୀର କାଗଜପତ୍ର ସବୁ ଉର୍ଦ୍ଦୁ ଓ ଫାରସୀରେ ଲେଖା ଯିବାର ବିଧି ପ୍ରଚଳିତ ହେଲା । ସେ କାଳର ପ୍ରଥା ଅନୁସାରେ ଚୌଧୁରୀ ରଘୁନାଥ ଦାସ ଏ ଦୁଇ ଭାଷା ସହିତ ବେଶ୍ ସୁପରିଚିତ ଥିଲେ । ସେଇ ହିସାବରେ ଚୌଧୁରୀ ରଘୁନାଥ ଦାସଙ୍କ ଓକିଲାତି ବ୍ୟବସାୟ ଯେପରି ଚଳିବା କଥା, ସେହିପରି ଚଳୁଥିଲା-ଅର୍ଥାତ୍ ତାହା ଅତ୍ୟନ୍ତ ସାମାନ୍ୟ ଥିଲା । ସେତେବେଳେ ପୁଣି ଓଡ଼ିଶାରେ ଓକିଲାତି ବ୍ୟବସାୟଟା ଆଗନ୍ତୁକ ବଙ୍ଗାଳୀ ଓ ଅନ୍ୟ ଅଣଓଡ଼ିଆଙ୍କ ହାତରେ ଏକ ହସ୍ତମୁଦ ମହାଲ ରୂପେ ରହିଥିଲା । ଓଡ଼ିଶାର ସବ

ପ୍ରଥମ ଓ ପ୍ରଧାନ ଓକିଲମାନେ ସେତେବେଳେ ଥିଲେ ପରଶୁରାମ ଦାସ, ଶ୍ରୀରାମ ବୋଷ ଓ ଇଶାନ ଚନ୍ଦ୍ର ଦାସ ପ୍ରଭୃତି। ଓକିଲଖାନାରେ ତେଣୁ ଚୌଧୁରୀ ରଘୁନାଥ ଦାସଙ୍କ ପାଇଁ ସ୍ଥାନ ନଥିଲା। ଚୌଧୁରୀ ରଘୁନାଥ ଦାସ ତ ଦୂରର କଥା, ଇଂ ୧୮୮୧ ସାଲରେ ସ୍ୱୟଂ ମଧୁସୂଦନ କଲିକତାରୁ କଟକ ଆସିବା ପରେ, କଟକର ବାର-ଲାଇବ୍ରେରୀରେ ତାଙ୍କୁ ସୁଦ୍ଧା ସ୍ଥାନ ମିଳି ନଥିଲା। ଚୌଧୁରୀ ରଘୁନାଥ କିନ୍ତୁ ସେତେବେଳେ ସ୍ୱେଚ୍ଛା ଚପରାଶି ପଗଡ଼ି ଦେଇ ସବୁ ଓକିଲଙ୍କ ପାଇଁ କଟକ ଚାଲାଉଥିଲେ, ଏ ବ୍ୟବସାୟରୁ ଅର୍ଥ ଉପାର୍ଜନ ପାଇଁ କେବଳ ନୁହେଁ; ମୋଟେ ବଂଶର ଅଭିମାନ ଓ ଆଭିଜାତ୍ୟର ମର୍ଯ୍ୟାଦା ରକ୍ଷା, ପୁଣି ସେତେବେଳର ଶିଷ୍ଟ ଓ ବରିଷ୍ଠ ମଣ୍ଡଳୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବା ଉଦ୍ଦେଶ୍ୟରେ।

ଏସବୁ ମଧ୍ୟରେ ଚୌଧୁରୀ ରଘୁନାଥ ଦାସ ସ୍ପଷ୍ଟ ଲକ୍ଷ୍ୟ କରି ପାରୁଥିଲେ ଯୁଗପରିବର୍ତ୍ତନର ସଙ୍କେତ। ବାହୁବଳ ସମୃଦ୍ଧିତଳର ଦିନ ମରହଟ୍ଟା କାଳର ଅବସାନ ସଙ୍ଗେ ଦେଶରୁ ବିଦାୟ ନେଇ ସାରିଥିଲା। ଏଣିକି ଆସୁଥିଲା ବିଦ୍ୟାବଳ ସଙ୍ଗେ ବୁଦ୍ଧି-ବଳର ଦିନ। ପୁଅକୁ ସୁଶିକ୍ଷିତ କରିବା ପାଇଁ ତେଣୁ ଚୌଧୁରୀ ରଘୁନାଥ ଦାସ ସଂକଳ୍ପବଦ୍ଧ ହୋଇଥିଲେ। ମାସ୍ତରୀ ଅବଧାନେ ମାସକୁ ପାଞ୍ଚଟଙ୍କା ବେତନରେ ନିଯୁକ୍ତ ହୋଇଥିଲେ ମଧୁସୂଦନଙ୍କ ବାଲ୍ୟଶିକ୍ଷକ ରୂପେ, ଓଡ଼ିଆ ଓ ଅଙ୍କ ପଢ଼ାଇବା ପାଇଁ। ପାର୍ସୀ ପଢ଼ାଇବା ପାଇଁ ମୁନସୀ ଥିଲେ ଜଣେ ଆଖୁଞ୍ଜି। ମଧୁସୂଦନଙ୍କ ଶିକ୍ଷାପାଇଁ ଚୌଧୁରୀ ରଘୁନାଥ ଦାସ ମୁକ୍ତହସ୍ତ ଥିଲେ କହିବାକୁ ହେବ।

କିନ୍ତୁ ଏସବୁ ପୋଥିଗତ ଶିକ୍ଷା ଅପେକ୍ଷା, ଜନନୀ ପାର୍ବତୀ ଦେଈଙ୍କ ପ୍ରଭାବରେ ମଧୁସୂଦନଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱ ନିର୍ମିତ ହୋଇଥିଲା। "ଆଲୋ ସଖୀ ଆପଣା ମହତ ଆପେ ରଖି"—ପାର୍ବତୀ ଦେଈ ଏହାକୁ ଯେ କେବଳ କଥାରେ କହୁଥିଲେ ତାହା ନୁହେଁ, ତାଙ୍କ ଜୀବନଚର୍ଯ୍ୟାରେ ମଧ୍ୟ ଏହା ପରିପାଳିତ ହେଉଥିଲା। ଭଗବାନଙ୍କ ଏକାନ୍ନବର୍ତ୍ତୀ ପରି-ବାରରେ, ଶ୍ୱଶୁର, ଶାଶୁ ଯାଆ, ନଣନ୍ଦ ଓ ଅନ୍ୟ ଆତ୍ମୀୟ ସ୍ୱଜନ, ପଡ଼ା ପ୍ରତିବେଶୀଙ୍କଠାରୁ ଆରମ୍ଭ କରି, ଘରେ ମୁଲିଆ, ପାଣିଆ, ଗୋରୁଗାଈ, ଘୋଡ଼ା, ବଳଦ, ସମସ୍ତଙ୍କ କଥା ପାର୍ବତୀ ଦେଈଙ୍କୁ ବୁଝିବା ପାଇଁ ପଡ଼ୁଥିଲା। ଶାଶୁ ଶ୍ୱଶୁରଙ୍କ ଖବର ବୁଝିବା ଠାରୁ ଗୋରୁ ବଳଦଙ୍କ

ଦାନା କୁକ୍କୁଟ ଶିଖାଇବା, ଗଳ୍ପ ଅଇଲା ପର୍ଯ୍ୟନ୍ତ ପ୍ରତ୍ୟେକ କଥା ନିଜେ ନ ବୁଝିଲେ ପାର୍ବତୀ ଦେଈଙ୍କର ପରିତୃପ୍ତି ନଥିଲା । ପାର୍ବତୀ ଦେଈଙ୍କ ଠାରୁ ମଧୁସୂଦନ ଶିକ୍ଷା କରିଥିଲେ ପୁଣି ଅନ୍ୟର ସେବାରେ ଆତ୍ମୋତ୍ସର୍ଗ ଏପରିକି ମୂକ ପଶୁଙ୍କ ପାଇଁ ସୁଦ୍ଧା ସମବେଦନାର ଶିକ୍ଷା । କାହା ପାଖରୁ ସେପରି ଚୂନ ଟିକେ ନଖାଏ, ପାର୍ବତୀ ଦେଈଙ୍କର ସେଥିପ୍ରତି ଦୃଷ୍ଟିଥିଲା ପ୍ରଖର । କେବଳ ନିଜ ପରିବାରରେ ନୁହେଁ, ସାଇପଡ଼ୋଶୀରେ ମଧ୍ୟ ଅନ୍ୟମାନଙ୍କର ଦୁଃଖ ଅଭାବ ମୋଚନରେ ପାର୍ବତୀ ଦେଈ ମୁକ୍ତହସ୍ତା ଥିଲେ । ସେଥିପାଇଁ ରଘୁନାଥଙ୍କ ଅଭାବର ସଂସାରରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କମ୍ ଦାମ୍ପତ୍ୟ କଳହ ଲାଗୁ ନଥିଲା । ସେପରି ଦିନ ମାନଙ୍କରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା ବନ୍ଦ ! ରଘୁନାଥ ଠା ପିଣ୍ଡାରେ ବସିଲେ, ପାର୍ବତୀ ଦେଈ ପାଖକୁ ନ ଆସି, କବାଟ କଣରୁ ଭାତଥାଳୀ, ତିଅଣ ଗିନା ପ୍ରଭୃତି ରଘୁନାଥଙ୍କ ପାଖକୁ ଠେଲି ଦିଅନ୍ତି । କଥାବାର୍ତ୍ତା ଯେତେ-ବେଳେ ବନ୍ଦ, ପାର୍ବତୀ ଦେଈ ଆଗକୁ ଆସି ପରିବେଷଣ କରିବେ କିପରି ? ବହ୍ୱାରମ୍ଭେ ଲଘୁକ୍ରିୟା ପରି ଦାମ୍ପତ୍ୟ କଳହର ମେଘ କଟିଯାଏ । ପାର୍ବତୀ ଦେଈଙ୍କ ଅକୁଣ୍ଠ ବଦାନ୍ୟତା କିନ୍ତୁ କାର୍ପଣ୍ୟରେ ମଳିନ ହୁଏ ନାହିଁ । ସେ କହନ୍ତି··· "ଥିବାଯାକେ ଦେଉଥିବ; ନୋହିଲେ ଠାକୁରେ ଆଉ ଦେବେ ନାହିଁ ।"

ପାର୍ବତୀ ଦେଈଙ୍କର ସବୁବେଳେ ସେଇ ଗୋଟାଏ କଥା: ଆଲୋ ସଖୀ ଆପଣା ମହତ୍ତ ଆପେ ରଖି ।

ଏକଥା କିନ୍ତୁ ମାତୃବାକ୍ୟ ଆଉଡ଼ାଇବା ପରି ସହଜ ନୁହେଁ, ସାଧନା ପରି ଏହା କଠୋର । ବସ୍ତୁତଃ ଜନନୀଙ୍କ ଠାରୁ ମହତ୍ତ୍ୱ-ରକ୍ଷାର ଏ ଶିକ୍ଷାଗ୍ରହଣ ମଧୁସୂଦନ ବହୁ ସ୍ଥାନରେ, ବହୁ ଉପଲକ୍ଷରେ ଘୋଷଣା କରିଥିଲେ । ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରି ବିହାରର ଜନୈକ ଡେପୁଟୀ ମାଜିଷ୍ଟ୍ରେଟ୍ ଶ୍ରୀ ପି.ସି. ରାୟ ଚୌଧୁରୀ ଲେଖିଥିଲେ ···

"How many times on the platform I have heard him say that it was his mother who taught him "*Apana mahatwa ape rakhi*," that is keep your prestige yourself. The child that lisped those words on the mother's lap remembered them well and carried the torch of that lesson high throughout his career. It is this spirit that bred in him an optimism that recognised no defeat."

କପର କଠୋର ଅନୁଶାସନ ମଧ୍ୟରେ ମଧୁସୂଦନ ମନୁଷ୍ୟତ୍ୱର ଏ ଶିକ୍ଷା ଲାଭ କରିଥିଲେ, ତାହା ଗୋଟିଏ ଘଟଣାରୁ ସ୍ପଷ୍ଟ ହେବ । ଶୈଶବରେ ମଧୁସୂଦନ ଥରେ ଅନ୍ୟ ପିଲାମାନଙ୍କ ସହିତ ଝଗଡ଼ା କରିବାରୁ ପାର୍ବତୀ ଦେଈ ମଧୁସୂଦନଙ୍କୁ ତିରସ୍କାର କଲେ । ମଧୁସୂଦନ ରାଗ ଅଭିମାନରେ କଷ୍ଟ କରି ସେ ରାତିରେ ଉପାସ ଶୋଇଲେ । ପାର୍ବତୀ ଦେଈ ତାଙ୍କୁ ବେଶୀ ବଳେଇଲେ ନାହିଁ । କିନ୍ତୁ ସକାଳରେ କ୍ଷୁଧିତ ମଧୁସୂଦନ ଯେତେବେଳେ ଉଠି ଦେଖିଲେ, ସମସ୍ତଙ୍କ ଖିଆ ପିଆ ସରିଲା, ଅଥଚ ମଧୁସୂଦନଙ୍କୁ ଖାଇବା ପାଇଁ କେହି ଥରେ ଡାକିଲେ ସୁଦ୍ଧା ନାହିଁ, ଅଗତ୍ୟା ସେ ପାର୍ବତୀ ଦେଈଙ୍କ ପାଖକୁ ଆସି ପଚାରିଲେ ... "ମୋତେ ଭୋକ କରୁଛି । କଣ ବୁଝି ପାରୁନ ?"

ପାର୍ବତୀ ଦେଈ କିନ୍ତୁ ଏଥିରେ ଟଳିବାର ପାତ୍ରୀ ନଥିଲେ । ସେ କହିଲେ..."ଯଦି ଉପାସ ରହି ନପାରିବୁ ତାହେଲେ ଖାଇବୁ ନାହିଁ ବୋଲି ଏତେ କଷ୍ଟ କରୁଥିଲୁ କିପରି ?"

ପାର୍ବତୀ ଦେଈଙ୍କ ବ୍ୟତୀତ ଅନ୍ୟ ଯେଉଁ କଲ୍ୟାଣମୟୀ ନାରୀ ଜଣକ ମଧୁସୂଦନଙ୍କ ଜୀବନକୁ ପ୍ରଭାବିତ କରିଥିଲେ, ସେ ଥିଲେ ତାଙ୍କ ପିତାମହୀ । ଚୌଧୁରୀ ବଂଶର ସାମ୍ରାଜ୍ୟ ଓ ବିଭବ, କୀର୍ତ୍ତି ଓ ଗୌରବ ସମ୍ପର୍କରେ ନାନା କାହାଣୀ ମଧୁସୂଦନ ଶୈଶବରେ ଶୁଣିଥିଲେ, ତାଙ୍କର ଏହି ପିତାମହୀଙ୍କ ଠାରୁ ।

ସେ ସବୁ ଅଧିକାଂଶ କିମ୍ବଦନ୍ତୀ । ସେ ସବୁର ପ୍ରମାଣଯୋଗ୍ୟ ଭିତ୍ତି ନଥିଲା । ତଥାପି ପ୍ରମାଣସିଦ୍ଧ ଇତିହାସ ଅପେକ୍ଷା ସେହିପରି ପ୍ରମାଣୋତ୍ତର କିମ୍ବଦନ୍ତୀ, ବ୍ୟକ୍ତି ଓ ଜାତିର ଅବଚେତନ (psyche) ଗଠନ କରିଥାଏ । ବ୍ୟକ୍ତି ଓ ଜାତି, ଶତ ସଂକଟ ଓ ସଂଗ୍ରାମ ମଧ୍ୟରେ, ଅଭ୍ୟୁଦୟ ଓ ଅଭିବୃଦ୍ଧି ପାଇଁ ସେହି ଅବଚେତନରୁ ସଂଗ୍ରହ କରିଥାଏ ପ୍ରେରଣା । ଯାହାର ସେପରି କିମ୍ବଦନ୍ତୀ ନାହିଁ, ତାହାର ପ୍ରକୃତରେ କିଛି ନାହିଁ ! ତାହାର ସବୁ ଥାଇ ସୁଦ୍ଧା, ପ୍ରାଣରେ ଚିନ୍ତାରେ ଓ ଆବେଗରେ ସେ ନିଃସ୍ୱ । ଧନ ଥିଲେ ଅର୍ବାଚୀନ, ମାନ ଥିଲେ ଅହଂକାରୀ ଓ ବଳ ଥିଲେ ବଳଦର୍ପୀ ହୋଇ, ସେ ସ୍ୱତଃ ବିନଷ୍ଟ ହୋଇଥାଏ । ବ୍ୟକ୍ତି ପକ୍ଷରେ ଏହା ଯେତିକି ସତ୍ୟ ଜାତି ପକ୍ଷରେ ତତୋଽଧିକ । ଖୋଜି ବସିଲେ ଏହାର ବହୁ ଉଦାହରଣ ମିଳିବ ।

କୃଷ୍ଣା ଦେଈଙ୍କ ସଙ୍ଗଦାନ୍ତ ବ୍ୟତୀତ ମଧୁସୂଦନ ତାଙ୍କ ବଂଶର ଆଉ ଏକ କିମ୍ବଦନ୍ତୀ ଶୁଣିଥିଲେ, ଏହି କଥାମୟୀ ପ୍ରପିତାମହୀଙ୍କ ଠାରୁ ।

ଅତୀତରେ କୁଆଡେ କେଉଁ ପୁରୁଷରେ ଚୌଧୁରୀ ବଂଶର ପାଞ୍ଚଭାଇ କଟକ ଯାଇଥିଲେ କେଉଁ ନାଏବ୍-ନାଜମ୍ ଅଥବା ସୁବାଦାରଙ୍କ ଦରବାରକୁ । ମାତ୍ର ସେମାନଙ୍କର ପଣ ଥିଲା, ସେମାନେ କେବେ ଘୋଡ଼ା ପିଠିରୁ ଓହ୍ଲାଇବେ ନାହିଁ; କିମ୍ବା ମୁଣ୍ଡ ନୁଆଁଇ ନବାବଭେଟିକୁ ଯିବେ ନାହିଁ । ସେମାନଙ୍କର ସ୍ପର୍ଦ୍ଧିତ ଅହଙ୍କାରର ଏ ଘୋଷଣା ଶୁଣି, ଲାଲବାଗ-କୋଠୀର ପ୍ରବେଶ ପଥରେ ଅଳ୍ପ ଉଚ୍ଚରେ ଏ ମୁଣ୍ଡରୁ ସେମୁଣ୍ଡ ବାନ୍ଧି ଦିଆ ଯାଇଥିଲା ଲୁହାପାଞ୍ଜିଆ ··· ଯେପରି ଘୋଡ଼ାରେ ଚଢ଼ି ଭିତରକୁ ପଶିଲେ, ମୁଣ୍ଡ ନୁଆଁଇବା ପାଇଁ ଆଗନ୍ତୁକ ମାନେ ବାଧ୍ୟ ହେବେ ! ଚୌଧୁରୀ ଭ୍ରାତାଏ ପ୍ରବେଶ ପଥରେ ପହଞ୍ଚି ଏ ବ୍ୟବସ୍ଥା ଦେଖିଲେ ଓ ତାହାର ଉଦ୍ଦେଶ୍ୟ ମଧ୍ୟ ବୁଝିଲେ । କିନ୍ତୁ ସେମାନେ ମୁଣ୍ଡ ନ ନୁଆଁଇ ସେହିପରି ଉଦ୍ଧତ ଦର୍ପରେ ଫାଟକ ଭିତରକୁ ଘୋଡ଼ା ଛୁଟାଇ ଦେଲେ । ଖଣ୍ଡାଧାରରେ ଚୌଧୁରୀ ପାଞ୍ଚଭାଇଙ୍କର ମୁଣ୍ଡ କଟିଥିଲା ସିନା, ମୁଣ୍ଡ କିନ୍ତୁ ନୋଇଁ ନଥିଲା ! ···

ଏହିପରି ଅନେକ କଥା, ଅନେକ କିମ୍ବଦନ୍ତୀ !

## ( ତିନି )

ମଧୁସୂଦନଙ୍କ ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା, ଚୌଧୁରୀଙ୍କ ଘର ପାଠଶାଳାରେ । ସେତେବେଳେ ପ୍ରାୟ ପ୍ରତ୍ୟେକ ବୁନିୟାଦ୍-ଘରେ, ଶିଶୁମାନଙ୍କର ଶିକ୍ଷା ପାଇଁ ଘରୋଇ ପାଠଶାଳା ରହୁଥିଲା ଓ ଏହା ପ୍ରାୟ ପ୍ରତ୍ୟେକ ସମ୍ଭ୍ରାନ୍ତ ପରିବାରର ଅଂଶ ବିଶେଷ ଥିଲା । ମାଟି ଚଟାଣ ଆଉ ଖଣ୍ଡେ ଖଡ଼ି ହେଲେ ପାଠଶାଳା ଚଳିଲା । ଅବଧାନେ ମାଟି ଚଟାଣ ଉପରେ ଅକ୍ଷର ସବୁ ଲେଖି ଦିଅନ୍ତି । ପିଲାଏ ବଡ କାଠିରେ ଡାକି ଡାକି ସେହି ଅକ୍ଷର ସବୁ ମଣ୍ଡାନ୍ତି ।

ମାଟିଚଟାଣ ଅପେକ୍ଷା ମାଟି କାନ୍ଥଟି କିନ୍ତୁ ଉପଯୋଗ ଦୃଷ୍ଟିରୁ ଅଧିକ ଉଲ୍ଲେଖ ଯୋଗ୍ୟ ଥିଲା । ମଧୁସୂଦନ ତାଙ୍କ ଅସମ୍ପୂର୍ଣ୍ଣ 'ଆତ୍ମ-ଚରିତ'ରେ ଏହି ମାଟିକାନ୍ଥ ସମ୍ପର୍କରେ ଲେଖିଛନ୍ତି···

"ଏ କାନ୍ଥ ଏକାଧାରରେ ଅବଧାନଙ୍କ ତଳପଞ୍ଜି ଓ ଦୈନିକ ସ୍ମାରକଲିପି ରୂପେ ବ୍ୟବହୃତ ହୋଇଥାଏ । ଅବଧାନେ ଏହି କାନ୍ଥକୁ ତାଙ୍କର ଦୈନିକ ହିସାବ ଠାରୁ ଆରମ୍ଭ କରି ବହୁଳ ଘୋଷଣାର ଅନୁଲେଖ ପର୍ଯ୍ୟନ୍ତ ନାନା ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି । ଗୃହବଧୂ-ମାନଙ୍କ ପାଇଁ ଏହା କିନ୍ତୁ ବ୍ୟବହୃତ ହୋଇଥାଏ, ଲଳିତ କଳାକର୍ମର ପୀଠିକା ରୂପେ । ମନୁଷ୍ୟ, ପଶୁ ଓ ବହୁଳ ଦୃଶ୍ୟାବଳୀର ଚିତ୍ର ମହିଳାମାନେ ଏହି ମାଟି କାନ୍ଥ ଉପରେ ଅଙ୍କନ କରିଥାନ୍ତି । ଅନେକ ସମୟରେ ଏପରି ଚିତ୍ରସବୁ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ଏଥିପାଇଁ ରଙ୍ଗ ରୂପେ ସେମାନେ ଯାହା ବ୍ୟବହାର କରିଥାନ୍ତି, ତାହା କେବଳ ଗେରୁଆ ମାଟିଗୋଳା ପାଣି । ଶିଳ୍ପୀର ତୂଳୀ ହୋଇଥାଏ ଆଙ୍ଗୁଠି । କଳା-ସମାଲୋଚକମାନେ ଏସବୁ ଚିତ୍ର ମଧ୍ୟରେ ବେଳେ ବେଳେ ଅନ୍ତର୍ନିହିତ ଏକ ଉଚ୍ଚର କଳା-ପ୍ରତିଭାର ପରିଚୟ ମଧ୍ୟ ପାଇଥାନ୍ତି ।" ମଧୁସୂଦନ ଲେଖିଛନ୍ତି·········

"The mud wall serves the purpose of memoranda tablets and diaries, where the teacher records enactments and accounts. : Mud walls are also used for painting the figures of men, animals and scenery. This is done by women. The design is sometimes attractive, and, considering that coloured earth made into a paste with water is the paint used, and that the fingers take the place of the painter's brush, it is no wonder that some of these paintings have been considered by experts in the art as an indication of inborn artistic taste."

ଏହି ଚିତ୍ର ସମ୍ପର୍କରେ ମଧୁସୂଦନ ପୁଣି ଲେଖିଛନ୍ତି, ଓଡ଼ିଶାର ଆଧୁନିକ ରୁଚିରେ ଏ ସବୁ ପ୍ରାଚୀର-ଚିତ୍ର କ୍ରମେ ଏହାର ମର୍ଯ୍ୟାଦା ହରାଇଲାଣି । କିନ୍ତୁ ପୋପଙ୍କର 'ଭାଟିକାନ୍'ରେ ଓ ନେପୋଲିୟନ୍‌ଙ୍କ ଭର୍ସାଇଲ ପ୍ରାସାଦରେ ସେପରି ଚିତ୍ରାବଳୀ ଅଦ୍ୟାପି ପରିଦୃଷ୍ଟ ହୋଇଥାଏ :

"Painting on the wall does not find favour with the present public taste, but we can see it in the Vatican, and in the palace of Versailles, where great Napoleon spent the proudest and perhaps the happiest period of his ambitious life."

ପୋପ୍ ଓ ନେପୋଲିଅନ୍‌ଙ୍କ ପରି ପରାକ୍ରମୀ ବ୍ୟକ୍ତିମାନଙ୍କ ପାଇଁ ଏ ସବୁ ଆଲିମ୍ପନ ଚିତ୍ର-ବିଳାସ ହୋଇ ପାରେ ମାତ୍ର ସାଧାରଣ ଗୃହସ୍ଥମାନଙ୍କ ପାଇଁ ଏହାର ଏକ ବ୍ୟାବହାରିକ ଉପଯୋଗିତା ରହିଅଛି । ଦିନର ବହୁଳ

କାର୍ଯ୍ୟକ୍ରମ କାନ୍ଥରେ ଟିପି ରଖିଲେ ସବୁବେଳେ ଆଖି ଆଗରେ ସେସବୁ ରହୁଥିବାରୁ ତାହା ଭୁଲିଯିବାର ଉପାୟ ନଥାଏ । ଓକିଲମାନେ ଜଟିଳ ମୋକଦ୍ଦମା ମାନଙ୍କରେ ସାକ୍ଷୀଗୁଡ଼ାମାନଙ୍କର ଜମାନବନ୍ଦୀ ଓ ଦଲିଲ ମାନଙ୍କରୁ ପ୍ରସଙ୍ଗ ସବୁ ଏକାଠି ସଜାଡ଼ିବା ପାଇଁ ଅଫିସ ବା ସିରସ୍ତା କାନ୍ଥରେ ଖଣ୍ଡେ ଖଣ୍ଡେ କାଗଜରେ ସେ ସବୁ ଲେଖି ଝୁଲାଇ, ସେଇ ଅଫିସ ବା ସିରସ୍ତା ଭିତରେ ଏ ପାଖରୁ ସେପାଖ ଟହଲ କଲେ ଦେଖିବେ — ମୋକଦ୍ଦମାଟି ବେଶ୍ ଆୟତ୍ତ ହୋଇଯିବ । ମଧୁସୂଦନ ଲେଖିଛନ୍ତି ...

"The use of the wall in a private man's office for keeping a memo of engagements made, will be the more effective and reliable, because the record stares him in the face. An advocate who has to study a very large number of documents, and makes a note of facts of a particular issue when they are to be collected from portions of several documents and from the depositions of a large number of witnesses, will find it very helpful to nail the papers to the walls of his office, and walk about the room to study them. Aristotle's peripatetic method of teaching others is equally effective in learning—which is only teaching oneself."

ଏହିପରି ଏକ ପାଠଶାଳାରେ ଆରମ୍ଭ ହୋଇଥିଲା ମଧୁସୂଦନଙ୍କ ବାଲ୍ୟଶିକ୍ଷା । ମଧୁସୂଦନଙ୍କ ବାଲ୍ୟଶିକ୍ଷକଙ୍କ ନାମ ଥିଲା ମାଗୁଣି ନାୟକ । ମାଟିବଂଶ ଅବଧାନ । ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ ମଧୁସୂଦନଙ୍କ ବାଲ୍ୟ-ଶିକ୍ଷକଙ୍କ ସମ୍ପର୍କରେ ଲେଖିଛନ୍ତି...

"ମାଗୁଣି ନାୟକ ମଧୁସୂଦନଙ୍କ ଗାଁ ଚାଟଶାଳୀର ଶିକ୍ଷକ ଥିଲେ । ସେହି ଗାଁ ଚାଟଶାଳୀ କଥା, ପୂର୍ବକାଳିଆ ଚାଟ-ଶାଳୀରେ ଶିକ୍ଷାପ୍ରଣାଳୀ କଥା ତାଙ୍କ ଅସମ୍ପୂର୍ଣ୍ଣ ଆତ୍ମଜୀବନୀରେ ଲେଖାଅଛି । ସେହି ମାଗୁଣି ନାୟକ ଅତି ବୁଢ଼ା ହୋଇ ପ୍ରାୟ ମରିବାର ଅଳ୍ପଦିନ ପୂର୍ବଯାଏ କଟକ ଆସୁଥିଲେ । ମଧୁବାବୁ ତାଙ୍କୁ ଦେଖିଲା ମାତ୍ରେ ଆସନରୁ ଉଠିଯାଇ ସାଷ୍ଟାଙ୍ଗ ପ୍ରଣାମ କରି, ତାଙ୍କ ଗୋଡ଼ତଳେ ପଡ଼ୁଥିଲେ । ପ୍ରତିଥର ମାଗୁଣି ନାୟକ ଆସିଲେ ପାଞ୍ଚ ଦଶଟଙ୍କା, ଲୁଗା, ଏ ସବୁ ପାଉଥିଲେ । ଏତେ ବଡ଼ ହୋଇ ସୁଦ୍ଧା ମଧୁବାବୁ

ତାଙ୍କର ବାଲ୍ୟଗୁରୁଙ୍କ ପ୍ରତି ଯେପରି ଶ୍ରଦ୍ଧା ଓ ଭକ୍ତି ଦେଖାଉଥିଲେ ତାହା ଛାତ୍ର ସମାଜର ଏକ ମହତ୍ ଆଦର୍ଶ ।"

ମଧୁସୂଦନ ଏହାଙ୍କ ସମ୍ପର୍କରେ ୧୯୧୯ ସାଲର ଉତ୍କଳ-ସମ୍ମିଳନୀରେ, ଗୌରୀଶଙ୍କରଙ୍କ ବିୟୋଗରେ ଶୋକପ୍ରସ୍ତାବ ପ୍ରସଙ୍ଗରେ ଭାଷଣ ଦେଲାବେଳେ କହିଥିଲେ..."ମୁଁ ଯାହାଠାରୁ ଗୋଟିଏ କଥା ଶିଖିଛି, ତାଙ୍କୁ ଗୁରୁଜ୍ଞାନ କରୁଛି । ପିଲାକାଳେ ଅବଧାନଙ୍କ ଠାରେ ୧୦।୧୨ ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ମୁଁ ୩୫ ବର୍ଷ ଜୀବନନ୍ତେ ପେନସନ୍ ଦେଇଥିଲି ।"

ଚୌଧୁରୀ ରଘୁନାଥ ଦାସ କଟେଶ୍ୱରବନ୍ଧରେ ଗାଁକୁ ଆସିଲେ ତାଙ୍କର ପ୍ରଥମ କାର୍ଯ୍ୟ ଥିଲା ମଧୁସୂଦନଙ୍କ ପଢ଼ାଶୁଣା ସମ୍ପର୍କରେ ମାଗୁଣି ଅବଧାନଙ୍କୁ ପଚାରି ବୁଝିବା । ମାଗୁଣି ଅବଧାନ ସବୁଥର ସେଇ ଏକାକଥା କହୁଥିଲେ—"ପିଲାଟି ଅତ୍ୟନ୍ତ ମେଧାବୀ, ବୁଦ୍ଧିମାନ୍, କିନ୍ତୁ ଚଞ୍ଚଳ ପ୍ରକୃତିର ।" ବାଳକଟି ଯେ ଭବିଷ୍ୟତରେ ବଂଶଧରଙ୍କର ମୁଖ ଉଜ୍ଜ୍ୱଳ କରିବ ସେଥିରେ ମାଗୁଣି ଅବଧାନଙ୍କର ସନ୍ଦେହ ନ ଥିଲା । କିନ୍ତୁ ଛାତ୍ରର ଶାଣିତ ବୁଦ୍ଧି, ପ୍ରଖର ଯୁକ୍ତିବାଦ ଓ ଚଞ୍ଚଳ ପ୍ରକୃତି ଯୋଗୁ କେବେ-କେବେ ଅପଦସ୍ତ ହେବା ପାଇଁ ମାଗୁଣି ନାୟକଙ୍କୁ ବେଶିଦିନ ବିଳମ୍ବ ନ ଥିଲା ।

ସେଦିନ ଚାଟଶାଳୀ ଘରେ ଯେବେ ମାଗୁଣି ଅବଧାନେ ନଡ଼ିଆ ଛପା ଉପରେ ବସି କାଠକୁ ଆଉଜି ପଡ଼ାଉ ପଡ଼ାଉ ତାଙ୍କ ଆଖିରେ ନିଦ ଲାଗି ଆସିଥିଲା । ଅନ୍ୟ ପିଲାମାନେ ପଣକିଆ ଓ ଫଳା ପ୍ରଭୃତି ଯେପରି ସୁର ଧରି ବୋଲୁଥିଲେ, ତାହାର ଐକ୍ୟତାନ ମାଗୁଣି ନାୟକଙ୍କ ଆଖିରେ ନିଦର ଆମେଜକୁ ବେଶ୍ ନିବିଡ଼ କରି ଆଣିଥିଲା । ମଧୁସୂଦନ ଅବଧାନଙ୍କ ଆଗରେ ବସି ଖଡ଼ି ଗୋଟାଳିରେ ଅଙ୍କ କଷୁଥିଲେ । ମାତ୍ର ତାଙ୍କ ଆଖି ଥିଲା ମାଗୁଣି ଅବଧାନେ ଢୁଳାଇବା ବେଳେ ତାଙ୍କର ମୁଣ୍ଡଝୁଙ୍କା ଓ ଘୁଙ୍ଗୁଡ଼ି ମାରି ପ୍ରଭୃତି ବିଭିନ୍ନ ହାସ୍ୟୋଦ୍ଦୀପକ ଅଙ୍ଗଭଙ୍ଗୀ ଉପରେ । ଅନ୍ୟ ଛାତ୍ରମାନେ ସେ ଦୃଶ୍ୟ ଯେ ଉପଭୋଗ କରୁନଥିଲେ ନୁହେଁ । ମାତ୍ର ମାଗୁଣି ଅବଧାନଙ୍କ ବେତ ଭୟରେ ସେମାନେ ସେଆଡ଼କୁ ଦୃଷ୍ଟି ଦେଇପାରି ଫଳା ଓ ପାଠ ମୁଖସ୍ଥ କରି ବୋଲୁଥିଲେ । ପାଠ ମୁଖସ୍ଥରେ ସାମାନ୍ୟ ବିରତି ପଡ଼ିଗଲେ ମାଗୁଣି ଅବଧାନଙ୍କ ତୂଳ ଭାଙ୍ଗିଯିବ ଓ ତାପରେ ତାଙ୍କ

ପାଖରେ ତଳେ ପଡ଼ିଥିବା କେତ ଖଣ୍ଡିକ, ସେମାନଙ୍କ ପିଠି ଉପରେ କାଳିଶୀ ଲଗିବା ପରି ଯେପରି ନାଚ ବୁଲିବ, ତାହାର ଆଶଙ୍କା ସେମାନଙ୍କୁ ଅତ୍ୟନ୍ତ ଆଶଙ୍କିତ କରି ଦେଉଥିଲା ।

ମଧୁସୂଦନ ଲକ୍ଷ୍ୟ କଲେ ମାଗୁଣୀ ଅବଧାନଙ୍କ ପାଦରେ ମରହଟ୍ଟୀ ଯୋତାରୁ ପଟେ କେବଳ ଲାଗିଛି । ଆଉପଟକ ତଳେ ଖସି ପଡ଼ିଛି । ମରହଟ୍ଟୀ ଯୋଡା ଜୋଡାକର ଦାମ ସେତେବେଳେ ଛଅଣା ପଇସା—ତଥାପି ଦୁର୍ମୂଲ୍ୟ କହିବା ପାଇଁ ପଡ଼ିବ । ସେଥିପାଇଁ, ମାଗୁଣୀ ଅବଧାନେ ନଡ଼ିଆଛପା ଉପରେ ବସିବା ବେଳେ ସୁଦ୍ଧା ଯୋଡା ଜୋଡ଼ାକ ପାଦରେ ପୂରାଇ ବସନ୍ତି । ଆଶଙ୍କା ··· କାଳେ କେଉଁଠି ହଜିଯିବ !

ମଧୁସୂଦନଙ୍କ ମୁଣ୍ଡରେ ହଠାତ୍ ଗୋଟାଏ ବୁଦ୍ଧି ଖେଳିଗଲା । ତଳେ ପଡ଼ିଥିବା ଯୋଡା ପଟିକ ସେ ପିନ୍ଧା ମିରଜାଇ ପକେଟ୍ ଭିତରେ ଲୁଚାଇ ପକାଇଲେ । ତାପରେ ···

"ଅବଧାନେ ଦୁଇ"

ମାଗୁଣି ଅବଧାନେ ଢୁଳୋଉ ଢୁଳୋଉ ହଲହଲେଇବା ପରି ହୁକୁମ ଦେଲେ···

"ସେଇଠି ଛେପ ପକେଇ ଯା ।"

ଅର୍ଥାତ୍ ଛେପ ଶୁଖିବା ପୂର୍ବରୁ ଯଥା ସ୍ଥାନକୁ ଫେରି ଆସିବା ପାଇଁ ପଡ଼ିବ । ନୋହିଲେ···ଚେତାଇ ଦେବାର ପ୍ରୟୋଜନ ନାହିଁ ! ମଧୁସୂଦନ କନକଦଣ୍ଡା ଝଡ଼ି ଭିତରେ ସେ ଯୋଡା ପଟକରେ ଲେଣ୍ଡୁଆଟାଏ ଖଣ୍ଡେ ଦଉଡ଼ିରେ ବାନ୍ଧି, ବେଶ୍ ଆଡ଼ମ୍ବରରେ ବିସର୍ଜନ ଦେଇସାରି ଚାଟଶାଳୀକୁ ଫେରି ଆସିଲେ ।

ଢୁଳ ଭାଙ୍ଗିବା ପରେ ମାଗୁଣି ଅବଧାନେ ଯେତେବେଳେ ଯୋଡା ପଟକ ଖୋଜି ନ ପାଇ ପଞ୍ଚମକୁ ଉଠିଲେ ସେତେବେଳେ ମଧୁସୂଦନ ଶାନ୍ତ ନିର୍ବିକାର କଣ୍ଠରେ କହିଲେ···"ଆଜ୍ଞା ଆପଣେ, ଆଜ କେଜାଣି ପଟେ ଯୋଡା ମାଡ଼ି ଆସିଥିବେ ପରା !"

ମାଗୁଣି ଅବଧାନେ ଚଡ଼ା କଣ୍ଠରେ ପଚାରିଲେ···"କଣ ! ମୁଁ ପଟେ ଯୋଡା ମାଡ଼ି ଆସିଥିଲି ?"

ମଧୁସୂଦନ ଉତ୍ତର ଦେଲେ······"ଆଜ୍ଞା ତ ଆପଣେ ! ସେ ଦିନ ମୁଁ ଘର ସ୍କୁଲରେ ଯେମିତି ପଟେ ଘୋଡା ମାଡ ଚାଟଶାଳୀକୁ ଆସିଥିଲି ବୋଲି ଆପଣ କହୁଥିଲେ !"

ସେ ଦିନ ଚାଟଶାଳୀରେ ମଧୁସୂଦନଙ୍କ ପଟେ ଘୋଡା କଏ ଜଣେ ସହପାଠୀ କୌତୁକରେ ଲୁଚାଇ ଦେଇଥିଲା । ମଧୁସୂଦନ ସେକଥା ଅବଧାନଙ୍କ ପାଖରେ ଗୁହାରି କରିବାରୁ, ମାଗୁଣି ଅବଧାନେ ଭ୍ରୂ ଟେକଇ ଭ୍ରୂ ନଚାଇ ମୀମାଂସା ଦେଇଥିଲେ······"ତୁ ପଟେ ଘୋଡା ମାଡ଼ ଆସିଥିବୁ ! ନଇଲେ ତୋ ଘୋଡା ପଟକ କିଏ ନବ କାହିଁକି ?"

ସେହି ପୂର୍ବ ମୀମାଂସା ଏବେ ନିଜ ପ୍ରତି ଏପରି ପ୍ରଯୁକ୍ତ ହେବ; ମାଗୁଣି ଅବଧାନେ କେବେ ତାହା ଭାବି ନଥିଲେ ।

ମାଗୁଣି ଅବଧାନେ କାନମୁଣ୍ଡ ଆଉଁସି ଚୁପ୍ ରହିଲେ । ଚାଟଶାଳୀରେ ପଢ଼ାଇବା ବେଳେ ସେ ବସି ଢୁଳାଉ ଥିଲେ, ଘୋଡା ଚୋରିଗଲା । ଏ ଅପମାନଅ କଥା ମାଗୁଣି ଅବଧାନେ ଗୁହାରି କରିବେ ବା କାହାକୁ ?

ମାଗୁଣି ଅବଧାନେ ଆଉଦିନେ ଖୁବ୍ ଆଡ଼ମ୍ବରରେ ପିଲାଙ୍କୁ ସାହିତ୍ୟ ପଢ଼ାଉଥିଲେ । ଗୁହାଳ ଶବ୍ଦଟାକୁ ସେ ବୁଝାଉଥିଲେ— "ଗୋଶାଳା" ଅର୍ଥାତ୍ ଗୋରୁମାନେ ଯେଉଁଠି ରହନ୍ତି ! ଢେର ସମୟ ଧରି, ଗୋଶାଳା ମାନେ ଗୋରୁ ଯେଉଁଠି ରହନ୍ତି, ଏହିପରି ମୁଖସ୍ଥ ଚାଲିବା ପରେ ମାଗୁଣି ଅବଧାନ ପଚାରିଲେ, "ସେପରି ଆଉ କଣ ଶବ୍ଦ ହୋଇପାରେ କହିଲୁ ?" ମାଣ୍ଟିବଂଶ ଅବଧାନଅ ପାଠ ସବୁଥିଲା ଏଇପରି ଜିଦା ! ମଧୁସୂଦନ ହଠାତ୍ ଉତ୍ତର ଦେଇ ନପାରିବାରୁ, ସ୍ୱଳ୍ପ ବେତ ଘାହାର ଓ ତାପରେ ମାଗୁଣି ଅବଧାନେ ମୁଖସ୍ଥ କରାଇଲେ, ସେପରି ଯେତେକ ଶବ୍ଦ ହୋଇପାରେ; ଯଥା— ଘୋଟକଶାଳା, ଘୋଡ଼ା ଯେଉଁଠି ରହନ୍ତି; ଅଶ୍ୱ ଶାଳା, ଅଶ୍ୱ ଯେଉଁଠି ରହନ୍ତି ଇତ୍ୟାଦି ।

ତାପର ଦିନ ସକାଳେ ଚାଟଶାଳୀ ଭିତରକୁ ପଶି ମାଗୁଣି ଅବଧାନଙ୍କ ଦୁଇଚକ୍ଷୁ ସ୍ତବ୍ଧ···ତାଙ୍କୁ ଖତେଇ ହେବା ପରି, କାନ୍ଥରେ ଖଡ଼ି ଗୋଟାଳୀରେ ବେଶ୍ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା..."ପଣ୍ଡିତଶାଳା" !

ପଣ୍ଡିତେ ଯେଉଁଠି ରହନ୍ତି—ଅର୍ଥାତ୍ ଚାଟଶାଳା—ଗୋଶାଳା ଓ ଘୋଟକଶାଳା ପରି "ପଣ୍ଡିତଶାଳା" ମଧ୍ୟ ହୋଇପାରେ । ତେଣୁ

ଅବଧାନେ ସେଥିରେ କ୍ଷୁଣ୍ଣ ଅଥବା ଉତ୍ତେଜିତ ହେବା ଭଳି କିଛି ନାହିଁ ! କିନ୍ତୁ ଏହାର ଅଭିଧା ଅର୍ଥ ଯାହା ହେଉ, ପଣ୍ଡିତ-ଶାଳାରେ ଯେପରି ଗୋଟାଏ ଯାବନିକ ବ୍ୟଞ୍ଜନା-ଅର୍ଥ ନିହିତ ଅଛି, ତାହା ନିତାନ୍ତ ଶ୍ଳାଘାପୂର୍ଣ୍ଣ ନୁହେଁ । ମାଗୁଣି ଅବଧାନେ କାଳଶୀ ଘର ବେତ ହଲେଇ ପଚାରିଲେ·· "ପଣ୍ଡିତଶାଳ। ଲେଖିଛି କିଏ ?"

ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ···"ମୁଁ ଲେଖିଛି ଅବଧାନେ । କାହିଁକି ଆଜ୍ଞା କଣ ଭୁଲ୍ ହେଇଗଲା କି?"

ମାଗୁଣି ଅବଧାନ ନୀରବ ରହିଲେ । କିନ୍ତୁ ସେଥିର କିଛିଦିନ ପରେ ଚୌଧୁରୀ ରଘୁନାଥ ଦାସ ସେଦିନ ଗ୍ରାମକୁ ଆସି ମଧୁସୂଦନଙ୍କ ପଢ଼ାଶୁଣା ସମ୍ପର୍କରେ ମାଗୁଣି ଅବଧାନଙ୍କୁ ପଚାରିଲେ, ମାଗୁଣି ଅବଧାନେ ଉତ୍ତର ଦେଲେ···"ତା'ପାଠ ମୋଠୁ ବଳିକି ଗଲାଣି ! ମୋତେ ଏଣିକି ଛୁଟୀ ଦିଅନ୍ତୁ !"

ଏହାର ଅଳ୍ପ ଦିନ ପରେ ମଧୁସୂଦନ ଗଲେ ସମୀପବର୍ତ୍ତୀ ମହା-ସିଙ୍ଗପୁର ଗ୍ରାମର ମିଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲକୁ ଓ ମାଗୁଣି ଅବଧାନେ ବୁଲିଗଲେ ଅନ୍ୟ ଚାଟଶାଳୀ ସନ୍ଧାନରେ ।

× × ×

ମଧୁସୂଦନଙ୍କ ବୌଦ୍ଧିକତାରେ ଥିଲା ଏଇପରି ଏକ ପ୍ରଚଣ୍ଡ ଯୁକ୍ତିବାଦ ! ମଧୁସୂଦନ ପ୍ରତ୍ୟେକ ବିଷୟକୁ ତାହାର ଯୌକ୍ତିକ ପରିଣତିର ଶେଷସୀମା ପର୍ଯ୍ୟନ୍ତ ପ୍ରସାରିତ କରି, ତାହାକୁ ଯେପରି ତାଙ୍କ ପ୍ରତିପକ୍ଷଙ୍କ ବିରୁଦ୍ଧରେ ପ୍ରୟୋଗ କରୁଥିଲେ, ମାଗୁଣି ଅବଧାନଙ୍କ ପରି ଅସ୍ୱସ୍ତିପୂର୍ଣ୍ଣ ନୀରବତା ମଧ୍ୟରେ ସେମାନଙ୍କୁ ତାହାର ଆଘାତ ସମ୍ଭାଳିବା ପାଇଁ ପଡ଼ୁଥିଲା । ଏ ସବୁ ବର୍ଣ୍ଣାଢ଼୍ୟ-ଶ-ସୁଲଭ ଯୁକ୍ତିବାଦ ଠାରୁ ବିଶେଷ ଦୂରବର୍ତ୍ତୀ ନଥିଲା । ବିଶେଷତଃ ଇଂରେଜ ବିଚାରପତି ଓ କାଉନ୍‌ସିଲ୍‌ର ପ୍ରତିପକ୍ଷମାନେ ମଧୁସୂଦନଙ୍କର ଏସବୁ ଶରାଘାତରେ ଯଥେଷ୍ଟ ଆହତ ହେଉଥିଲେ । ବସ୍ତୁତଃ "ରିପାର୍ଟି" ବା ପ୍ରତ୍ୟୁକ୍ତିରେ ମଧୁସୂଦନ ତଥାପି ଅଦ୍ୱିତୀୟ ହୋଇ ରହିଅଛନ୍ତି । ସେସବୁ କ୍ରମେ ଏକ ଲିଜେଣ୍ଡ୍‌ରେ ପରିଣତ ହେଲାଣି ।

ଥରେ ମଧୁସୂଦନ ଏକ କୋର୍ଟରେ ସୁଆଲ କରୁଥିବା ବେଳେ, ବିଚାରପତି ତାଚ୍ଛଲ୍ୟପୂର୍ଣ୍ଣ କଣ୍ଠରେ ଟିପ୍ପଣୀ କାଟିଲେ ······
**"Well, Mr, Das I can't really follow your arguments."**

ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ··· "Me Lord, I can give only facts, How can I give a brain to understand those ?"

ମଧୁସୂଦନଙ୍କ ସମସାମୟିକ ବୃଦ୍ଧ-କବି ବାଳକୃଷ୍ଣଙ୍କ ଠାରୁ ଶୁଣା କାହାଣୀ······ ଥରେ କୌଣସି କୋର୍ଟରେ ମଧୁସୂଦନ, କନ୍ୟାର ଉତ୍ତରାଧିକାର ସମ୍ପର୍କରେ ଗୋଟିଏ ମୋକଦ୍ଦମା ଶୁଆଲ କରୁଥିଲେ । ପିତାର ସମ୍ପତ୍ତି ଉପରେ କନ୍ୟାର କୌଣସି ଅଧିକାର ଥାଇପାରେ, ବିଚାରପତି ଏହା ମାନିବାପାଇଁ ଆଦୌ ପ୍ରସ୍ତୁତ ନଥିଲେ । ମଧ୍ୟାହ୍ନ ଭୋଜନ ଲଞ୍ଚ ପାଇଁ କୋର୍ଟ ବନ୍ଦ ରହିଲା । ମଧୁସୂଦନ ତାଙ୍କ ଟୋପିଟି କୋର୍ଟ-ରୁମରେ ଛାଡ଼ିଦେଇ ଆସିଲେ । ବାହାରକୁ ଆସିବା ପରେ ଜଜଙ୍କ ଅନୁମତି ନେଇ ଟୋପିଟିକୁ ସେଠାରୁ ଆଣିବା ପାଇଁ, ମଧୁସୂଦନ, ବାହାରେ ଅପେକ୍ଷା କରିଥିବା, ତାଙ୍କ ପାଳିତାକନ୍ୟା ଶୈଳବାଳାଙ୍କୁ କହିଲେ । ଶୈଳବାଳା ସେହିପରି ଭାବରେ ଟୋପିଟି ନେଇ ଆସିଲେ । ଲଞ୍ଚ୍ ବିରତି ପରେ ମଧୁସୂଦନ ଯେତେବେଳେ କୋର୍ଟରେ ସେହି ମୋକଦ୍ଦମାର ଅସମାପ୍ତ ଶୁଆଲ ଆରମ୍ଭ କରିବା ପାଇଁ ଆସିଲେ ; ସେତେବେଳେ ନିଜଆଡ଼ୁ ହଠାତ୍ ଆକ୍ରମଣ ଆରମ୍ଭ କରି କହିଲେ···"ପିତାର ସମ୍ପତ୍ତିରେ କନ୍ୟାର ତ ଅଧିକାର ନାହିଁ ! ହଜୁରଙ୍କ ଆଖି ଆଗରୁ, ହଜୁରଙ୍କ ଅନୁମତିରେ, ହଜୁରଙ୍କ ଇଜଲାସରୁ ମୋ ଝିଅ, ମୋ ଟୋପିଟା ନେଇ ପାରିଲା କପରି ?"

ବିଚାରପତି ଚୁପ୍ !

# ତୃତୀୟ ପରିଚ୍ଛେଦ

## (ଏକ)

ଗାଁ ଠାରୁ କୋଶେ ଛଡ଼ାରେ ମହାସିଙ୍ଗପୁର ଭର୍ଣ୍ଣାକୁଲାର ସ୍କୁଲ— ମଧୁସୂଦନ ଯେଉଁ ବର୍ଷ ଜନ୍ମହେଲେ ସେହି ବର୍ଷ ଅଗଷ୍ଟ ପନ୍ଦର ତାରିଖ ଦିନ ଏ ସ୍କୁଲଟି ସେ ଗ୍ରାମରେ ସ୍ଥାପିତ ହୋଇଥିଲା । ଚୌଧୁରୀ ରଘୁନାଥ ଦାସ ସେହି ସ୍କୁଲରେ ମଧୁସୂଦନଙ୍କ ନାମ ଲେଖାଇବା ପାଇଁ ନିଷ୍ପତ୍ତି କଲେ । ସ୍ୱୟଂ ରଘୁନାଥ ଶୈଶବରେ ଏହି ଗ୍ରାମର ମକ୍ତବ୍‌ରେ ଜଣେ ଆଖୁଁଜିଙ୍କଠାରୁ ପାର୍ସୀ ଭାଷା ଶିକ୍ଷା କରିଥିଲେ । ମକ୍ତବ୍ ମଦ୍ରାସାରେ ଆଖୁଁଜିଙ୍କ ଠାରୁ ପାର୍ସୀ ଉର୍ଦ୍ଦୁ ଶିକ୍ଷା କରିବାରେ ଅବଶ୍ୟ ଦୋଷ ନଥିଲା । ମାତ୍ର, ଇଂରେଜ ସରକାରଙ୍କ ଦ୍ୱାରା ସ୍ଥାପିତ ସ୍କୁଲରେ ସଂସ୍କୃତ ପାଠ ପଢିଲେ ସୁଦ୍ଧା ଜାତିଚ୍ୟୁତିର ଆଶଙ୍କା ରହିଥିଲା ।

ସେଥିପାଇଁ ମହାସିଙ୍ଗପୁର ଭର୍ଣ୍ଣାକୁଲାର ସ୍କୁଲରେ ମଧୁସୂଦନଙ୍କ ନାମ ଲେଖାଇବା, ଚୌଧୁରୀ ରଘୁନାଥ ଦାସଙ୍କ ପକ୍ଷରେ ଗୋଟିଏ ସହଜ ବ୍ୟାପାର ନଥିଲା । ଅର୍ଥାଭାବ ଏହାର କାରଣ ନଥିଲା । ସେତେବେଳେ ସ୍କୁଲରେ କୌଣସି ବେତନ ଦେବାକୁ ପଡୁନଥିଲା । କିନ୍ତୁ ବଡ଼ଭାଇ ଲୋକନାଥଙ୍କ ଠାରୁ ଆରମ୍ଭ କରି, ପଣ୍ଡା ପ୍ରାଣବେଣୀ ଓ କୁଳ ପୁରୋହିତଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଥମେ ଏ ପ୍ରସ୍ତାବ ଶୁଣି ମୁହଁ ମୋଡ଼ିଲେ । ସରକାରୀ ସ୍କୁଲରେ ପାଠ ପଢ଼ିଲେ ଏକେତ ଜାତି ଯିବ । ସେଥିରେ ପୁଣି ମହାସିଙ୍ଗପୁର ମୁସଲମାନ ଗାଁ । ଜଣେ ମୁସଲମାନ ଡେପୁଟି କଲେକ୍ଟର ମୌଲଭୀ ଅବଦୁଲ ଓ୍ୱାହାବ ସ୍କୁଲଟି ସେଠାରେ ସ୍ଥାପିତ କରିଥିଲେ । ଚୌଧୁରୀ ଘରର କୁଳନନ୍ଦନ ସେପରି ସ୍କୁଲରେ ପଢ଼ିବା ତ ନିତାନ୍ତ ଗର୍ହିତ କଥା । ସେଥିରେ କୁଳକୁ ଅପଯଶ ହେବ ସିନା ! ଇତ୍ୟାଦି ।

ଦ୍ୱେ ଧୂସ୍ତ ଲୋକନାଥ ଦାସ କହୁଲେ···"ଗୋଟାଏ ତ ତାଳପତ୍ର ଲେଖନରେ ଦୁଇପୃଷ୍ଠା ଲେଖି ଶିଖିଲଣି । ଅଙ୍କ ମାନସାଙ୍କ ଶୁଭଙ୍କରୀ ସାଧିସାରିଲଣି । ଭାଗବତ ଗ୍ରନ୍ଥ ଦ୍ୱେ ପଦ ବୋଲି ଜାଣିଲଣି, ପାର୍ସି ଇଲମ ବି କିଛି କିଛି ହାସଲ କଲଣି । ତେ ଏଥର କୋଉଠି କୋଉ ସରକାରୀ ସିରସ୍ତା ଦେଖି ତାକୁ ଗୋଟିଏ ମୋହରିର ପାଇଁ ତାଲିମ ଦେ । ଆଉ ବେଶୀ ପାଠ ଗୁଡ଼ାଏ ପଢ଼ି କଣ ହେବ ?" ବସ୍ତୁତଃ ଓଡ଼ିଶାରେ ସେତେବେଳେ ସ୍କୁଲ ଶିକ୍ଷା ପ୍ରତି ଥିଲା ଏହିପରି ମନୋଭାବ ଓ ଓଡ଼ିଶାରେ ଆଧୁନିକ ଶିକ୍ଷାର ଅବସ୍ଥା ଥିଲା ମଧ୍ୟ ଏଇଆ ।

ମାତ୍ର ଦ୍ୱେ ଧୂସ୍ତ ରଘୁନାଥ ଦାସ କଟକ ହାଓ୍ୱାରେ ଥାଇ ବୁଝିଥିଲେ, ଦିନ ବଦଳି ଗଲଣି । ଚୁଆଳୀ ଆଉ ଆଖୁଁଶଙ୍କ ଶିକ୍ଷାରେ ଏଣିକି ଆଉ ଚଳିବ ନାହିଁ ! ସେଥିପାଇଁ ଆଧୁନିକ ସ୍କୁଲଶିକ୍ଷା ଆବଶ୍ୟକ ।

× × ×

୧୮୪୭ ସାଲ ଡିସେମ୍ବର···

କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳରେ ଦିନେ ଗୋଟିଏ ସମ୍ବାଦ ଶୁଣି ସମାଜପତି ଓ କୁଳପତିମାନଙ୍କ ପ୍ରାଣରେ ଢେର ଗୋଟାଏ ଆନନ୍ଦ ସଞ୍ଚାରିତ ହୋଇଗଲା । ସ୍ମାର୍ତ୍ତମାନେ ଆଶ୍ୱସ୍ତ ହେଲେ । ଅବଧାନମାନେ ଆଶାନ୍ୱିତ ହେଲେ ।

ସମ୍ବାଦଟି ହେଉଛି ତିନିବର୍ଷ ତଳେ ଇଂ ୧୮୪୪ ସାଲରେ ସେଠାରେ ଯେଉଁ ଭଣ୍ଡାରୀକୁଲ୍ୟର "ହାର୍ଡ଼ିଂଜ" ସ୍କୁଲଟି ସ୍ଥାପିତ ହୋଇ ଗୋଟାଏ ମନ୍ଦଗ୍ରହ ରୂପେ ଆବିର୍ଭୂତ ହୋଇଥିଲା; ତାହାକୁ ବନ୍ଦ କରିବା ପାଇଁ ଏବେ ଉପରୁ ହୁକୁମ ଆସିଥିଲା ! ସ୍କୁଲର ବଙ୍ଗାଳୀ ହେଡ୍‌ମାଷ୍ଟର ସ୍କୁଲ ଘରେ ତାଲା ଝୁଲାଇ ପଣ୍ଡିତଙ୍କୁ ବିଦାୟ ଦେଇ ଦେହରେ ଖଣ୍ଡେ ଛିଟ ଜାମା ଗଳାଇ, ମୁଣ୍ଡ ଉପରେ ଛତାଟି ଫିଟାଇ ପାଦର ମଚମଚି ଜୋତା ହଲକରୁ ଘଷି ଘଷି ସଡ଼କ ଧୂଳି ଉଡ଼ାଇ, କାଖତଳେ ପୁଟୁଳିଟିଏ ଜାକି କଟକ ବାହୁଡ଼ି ଗଲେ ! ସ୍କୁଲରେ ପିଲା ସଂଖ୍ୟା କ୍ରମେ କମି କମି ଆସୁଥିଲା । ଅବଶେଷରେ ଇନ୍‌ସପେକ୍ଟରଙ୍କ ହୁକୁମ ଆସିଲା··"ସ୍କୁଲ ବନ୍ଦ କରି ଦିଅ ।"

ଏହାପରେ ପ୍ରଶ୍ନ ଉଠିଲା, ଏ ସ୍କୁଲଟି ଏଠାରୁ ଉଠିଯିବ କୁଆଡ଼େ ? କଟକ ଜିଲ୍ଲାରେ ଇଂ ୧୮୪୫ ସାଲରେ ମୋଟ ଯେଉଁ ତିନିଗୋଟି ସ୍କୁଲ

ଖୋଲିଥିଲା, ସେଥି ମଧ୍ୟରୁ ଏ ସ୍କୁଲଟି ଥିଲା ଗୋଟିଏ । କଟକ ଜିଲ୍ଲାରେ ସେପର୍ଯ୍ୟନ୍ତ ଶିକ୍ଷା ବିସ୍ତାର ବିଗରେ ଇଂରେଜ କୋମ୍ପାନୀ ସରକାର ବାହାଦୁରଙ୍କର ସେଇତକ ଥିଲା କୀର୍ତ୍ତି ! ତିନୋଟିରୁ ଦୁଇଟି ପ୍ରାୟ ବନ୍ଦ ହୋଇ ଶେଷକୁ ବର୍ତ୍ତିଥିଲା ଏ ସ୍କୁଲଟି ! ମାତ୍ର ସ୍ବାର୍ଥ ପୁରୋହିତ ଓ ପୁରୁଣା ଚାଲିଆ ଅବଧାନ ମାନଙ୍କର ପ୍ରଚାର ; ଇଂରେଜୀ ଇସ୍କୁଲରେ ପାଠ ପଢ଼ିଲେ ଜାତି ଯିବ ! ଇସ୍କୁଲ ପାଠ ହେଲେ ଅବଧାନ ମାନଙ୍କର ଚାଟଶାଳୀ ଉଠି ଯିବ ଓ ସ୍ୱାର୍ଥ ମାନଙ୍କର ଅଧିକାର ଲୋପ ପାଇବ ଭୟ ଥିଲା ; ଏ ମୂଳକଥା ବୁଝୁଛି କିଏ ? ମାହାଙ୍ଗା ସ୍କୁଲ ଏହିପରି ପରିସ୍ଥିତିରେ ହଠାତ୍ ବନ୍ଦ ହୋଇଗଲା ।

ଓଡ଼ିଶାରେ ସରକାରୀ ସ୍କୁଲ ଖୋଲିବା ବ୍ୟାପାରରେ ସ୍ୱାର୍ଥ ଓ ଅବଧାନ ମାନଙ୍କର ପକ୍ଷରୁ ଥିଲା ପ୍ରତିରୋଧ । କିନ୍ତୁ ମହାସିଙ୍ଗପୁର ଗୋଟିଏ ମୁସଲମାନବହୁଳ ଗ୍ରାମ । ସେଠାରେ ମୌଲବୀ ଅବଦୁଲ ଓ୍ୱାହିଦ ଥିଲେ ଜଣେ ପ୍ରତିପତ୍ତିଶାଳୀ ଡେପୁଟି କଲେକ୍ଟର । ତେଣୁ ତାଙ୍କ ଉଦ୍ୟମରେ, ସ୍କୁଲଟି ମାହାଙ୍ଗାରୁ ଉଠିଆସି ମହାସିଙ୍ଗପୁର ଗ୍ରାମ ଠାରେ ଇଂ ୧୮୪୮ ସାଲରେ ସ୍ଥାପିତ ହୋଇଥିଲା । ସରକାରୀ ସ୍କୁଲ ଖୋଲାଇବାରେ ମୁସଲମାନମାନଙ୍କର କୌଣସି ଆପତ୍ତି ବା ପ୍ରତିରୋଧ ନଥିଲା । ଚୌଧୁରୀ ରଘୁନାଥ ଦାସ, ସେହି ସ୍କୁଲରେ ହିଁ ମଧୁସୂଦନଙ୍କ ନାମ ଲେଖାଇ ଦେଲେ । ତାହା ଇଂ ୧୮୫୭ ସାଲ ସିପାହୀ-ବିଦ୍ରୋହ ବେଳର କଥା ।

ପରବର୍ତ୍ତୀ କାଳରେ ମଧୁସୂଦନ ଉଚ୍ଚତର ଶିକ୍ଷା ପାଇଁ କଲିକତା ଅଥବା ବିଲାତ ଯିବାବେଳେ, ସେ ଦୂରତ୍ୱ ଥିଲା ଭୌଗୋଳିକ । କିନ୍ତୁ ଆଲୋଚିତ କାଳରେ ସତ୍ୟଭାମାପୁରର ସମୀପବର୍ତ୍ତୀ ମହାସିଙ୍ଗପୁର ସ୍କୁଲକୁ ମଧୁସୂଦନ ଯିବାବେଳେ, ସାମାନ୍ୟ କୋଶେ ବାଟର ଦୂରତ୍ୱ ସୁଦ୍ଧା ମାନସିକ ଓ ସାମାଜିକ ଦୃଷ୍ଟିରୁ ଥିଲା ଯେପରି ଦୁସ୍ତର, ସେହିପରି ଅକଳ୍ପନୀୟ ।

ଚୌଧୁରୀ ରଘୁନାଥ ଦାସ ଓକିଲ ଥିବାରୁ ସିନା, ଏ କଥାକୁ ପାରିଲେ । ନୋହିଲେ ସେତେବେଳର ପରିସ୍ଥିତିରେ ଅନ୍ୟମାନଙ୍କ ପକ୍ଷରେ ତାହା ସହଜ ନଥିଲା । ମଧୁସୂଦନ ତେଣୁ ଓଡ଼ିଶାର ସର୍ବପ୍ରଥମ

ଉଚ୍ଚଶିକ୍ଷିତ ବ୍ୟକ୍ତି ବୋଲି ଯେଉଁ ଆତ୍ମଶ୍ଲାଘା ପ୍ରକାଶ କରୁଥିଲେ, ତାହା ବୁଝିବା ପାଇଁ ହେଲେ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଶାରେ ଶିକ୍ଷାର ଅବସ୍ଥା ପ୍ରତି ସମ୍ୟକ୍ ଦୃଷ୍ଟିପାତ କରିବା ଆବଶ୍ୟକ ।

ଏ ସମ୍ପର୍କରେ ହଣ୍ଟରଙ୍କ ବିବରଣୀ ପ୍ରଣିଧାନ ଯୋଗ୍ୟ । ହଣ୍ଟର ଲେଖିଛନ୍ତି...

"ଇଂ ୧୮୩୯ ସାଲ ପର୍ଯ୍ୟନ୍ତ ଖ୍ରୀଷ୍ଟିଆନ୍ ମିସନାରୀ ମାନଙ୍କ ପରିଚାଳନା ଓ ପ୍ରଭାବରେ ଥିବା ଦୁଇ ତିନିଗୋଟି ସ୍କୁଲ୍ ବ୍ୟତୀତ, ସ୍କୁଲ୍ ପଦବାଚ୍ୟ ଅନ୍ୟ କୌଣସି ଅନୁଷ୍ଠାନ ଓଡ଼ିଶାରେ ନଥିଲା । ପଚିଶଲକ୍ଷ ଜନସଂଖ୍ୟା ଅଧ୍ୟୁଷିତ ଏହି ପ୍ରଦେଶରେ ସବୁଠି ଅନ୍ଧକାର ଓ କୁସଂସ୍କାର ପୂର୍ଣ୍ଣ ହୋଇ ରହିଥିଲା । ଏଠି ସେଠି କେଉଁଠି କେଉଁଠି କୌଣସି କୌଣସି ଧନୀ ଜମିଦାରଙ୍କ ଉଆସର କେଉଁ କୋଣରେ ଚଉପାଢ଼ିଆ ପଣ୍ଡିତ ମାନେ ଅବଶ୍ୟ କେତୋଟି ପିଲାଙ୍କୁ ଜୁଟାଇ ସଂସ୍କୃତ ପଢ଼ାଉଥିଲେ । ମାତ୍ର ବଡ଼ ବଡ଼ ଗାଁ ମାନଙ୍କରେ ଏକରକମ ବରଗଛମୂଳିଆ ଚାଟଶାଳୀ ରହିଥିଲା । ସେଠାରେ ପ୍ରାୟ ଅଧ ଉଲଙ୍ଗ ସରଳ ସ୍ୱଚ୍ଛ ମାଟିରେ ବସି ସେହି ମାଟି ଉପରେ ଅକ୍ଷର ଶିକ୍ଷା କରୁଥିଲେ ; ପୁଣି ସୁରଧର ଗୀତ ବୋଲିବା ପରି ପଣିକିଆ ମୁଖସ୍ଥ କରୁଥିଲେ । ତାଳପତ୍ର ଲେଖନରେ ଯିଏ ଗୋଟାଏ ଦୁଇଟା ବାକ୍ୟ ଲେଖିପାରୁଥିଲା ; ସିଏ ଶିକ୍ଷିତ ପଦବାଚ୍ୟ ହେଉଥିଲା ।"

ମଧୁସୂଦନଙ୍କ ଅନ୍ୟତମ ପ୍ରତିଷ୍ଠ ସମସାମୟିକ ଗୌରୀଶଙ୍କର ରାୟଙ୍କ (ଖ୍ରୀ:ଅ: ୧୮୩୪-୧୯୧୭) ଜୀବନ-ଚରିତରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ମଧ୍ୟ ତତ୍କାଳୀନ ଶିକ୍ଷା-ବ୍ୟବସ୍ଥାର ଯେଉଁ ଚିତ୍ର ଅଙ୍କନ କରିଅଛନ୍ତି, ହଣ୍ଟରଙ୍କ ପୂର୍ବୋକ୍ତ ବିବରଣୀଠାରୁ ତାହା ଦୂରବର୍ତ୍ତୀ ନୁହେଁ । ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଲେଖିଛନ୍ତି...

"ଗୌରୀଶଙ୍କର ଯେତେବେଳେ ଶିଶୁ, ସେତେବେଳେ ଏ ଦେଶର ସାଧାରଣ ଶିକ୍ଷା କିପରି ଥିଲା, ସେ ବିଷୟରେ ଏତିକି କହିଲେ ଜଣାଯିବ ଯେ, ଆଜିକାଲି ପରି ଗୋଟିଏ ପାଠଶାଳା ବା ପ୍ରାଥମିକ ବିଦ୍ୟାଳୟ କେଉଁଠି ସେ ସମୟକୁ ବସି ନଥିଲା । ଓଡ଼ିଆ ତାଳପତ୍ର ପୋଥି ଏବଂ ପାରସୀର ହାତଲେଖା ହରିତାଳ କାଗଜ କଡ଼ାପ ଛଡ଼ା ଦେଶୀୟ ଭାଷାରେ ଛାପା ପୁସ୍ତକ କିଛି ଦେଖା ଯାଉ ନଥିଲା ।"

ଏହାର ପରିଣତି ହୋଇଥିଲା ଏଇଆ ଯେ, ସରକାରୀ ଚାକିରୀରେ କୌଣସି ଓଡ଼ିଆଙ୍କୁ ସେତେବେଳେ ଆଦୌ ନିଯୁକ୍ତି ମିଳୁ ନଥିଲା । କଟକ ଡିଷ୍ଟ୍ରିକ୍ଟ ଗେଜେଟିଅରର ପ୍ରଣେତା ଓ. ଏସ୍. ମାଲ୍ଲି ଏ ସମ୍ପର୍କରେ ଲେଖିଛନ୍ତି···

"ଆମେ ୧୮୦୩ ସାଲରେ ଓଡ଼ିଶା ଅଧିକାର କଲାବେଳେ ଜଣେ ହେଲେ ଓଡ଼ିଆ ସରକାରୀ ଚାକିରିରେ ନଥିଲେ । କଚେରୀ ଓ ସରକାରୀ ଦପ୍ତର ମାନଙ୍କରେ ଫାରସୀ ଭାଷାର ପ୍ରଚଳନ ଥିଲା । ଇଂ୧୮୦୫ ସାଲଠାରୁ ଏକ ସରକାରୀ ଆଦେଶ ବଳରେ ଓଡ଼ିଶା ଭିତରେ, ଓଡ଼ିଆ-ଭାଷୀଙ୍କ ପାଇଁ ସରକାରୀ କାର୍ଯ୍ୟ ବିଧିରେ ଉଭୟ ଓଡ଼ିଆ ଓ ଫାରସୀ ଭାଷା ବ୍ୟବହାର କରିବା ପାଇଁ ପଡ଼ିଲା । ଏହି ଆଦେଶ ହେତୁ ସରକାରୀ ଦପ୍ତର ମାନଙ୍କରେ କାର୍ଯ୍ୟ ପରିଚାଳନା ପାଇଁ, ଓଡ଼ିଆ ମୋହରିର ମାନଙ୍କର ପ୍ରୟୋଜନ ପଡ଼ିଲା । ଏମାନେ ଅବଶ୍ୟ ଲେଖନୀମୂନରେ ତାଳପତ୍ର ଖୋଦି ଲେଖିବାରେ ଖୁବ୍ ସିଦ୍ଧହସ୍ତ ଥିଲେ । କିନ୍ତୁ କାଗଜ ଉପରେ କଲମ ଧରି ଏମାନେ ଆଦୌ ଲେଖି ପାରୁ ନଥିଲେ । ଏ ଲିଖନକୌଶଳ ଆୟତ୍ତ କରିବାରେ ସେମାନେ ଅତ୍ୟନ୍ତ ମନ୍ଥର ବୋଲି ବୁଝା ଯାଉଥିଲା । ପୁଣି ଇଂରେଜ କାୟଦାରେ ଖଜଣା ହିସାବ ରଖିବା ଅଥବା ଅଫିସ କାର୍ଯ୍ୟ ପରିଚାଳନାରେ ସେମାନେ ଅନଭିଜ୍ଞ ଥିଲେ । ସେଥିପାଇଁ ଭଲ ସରକାରୀ ଚାକିରୀ ସବୁ ବଙ୍ଗାଳୀ କିରାଣୀମାନଙ୍କ ହାତକୁ ଚାଲି ଯାଉଥିଲା । ଭଲ ଦରମାରେ ଆକୃଷ୍ଟ ହୋଇ ସେମାନେ ବଙ୍ଗଳାରେ ଘରଦ୍ୱାର ଛାଡ଼ି, ଏଠାକୁ ସପରିବାର ଉଠିଆସି ବସବାସ କରି ରହିବା ପାଇଁ ଆରମ୍ଭ କରିଥିଲେ ।"

ଇଂ ୧୮୨୧ ସାଲ ପର୍ଯ୍ୟନ୍ତ ଏ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନଥିଲା । ପାଠକ ମାନଙ୍କର ସ୍ମରଣ ଥିବ ଏହିବର୍ଷ ମଧୁସୂଦନଙ୍କ ପ୍ରପିତାମହୀ କୃଷ୍ଣାଦେଈ ସତୀ ହୋଇଥିଲେ । ଓଡ଼ିଆଙ୍କ ଶିକ୍ଷାର ଅବସ୍ଥା ସମ୍ପର୍କରେ ସେହିବର୍ଷ କଟକର ମାଜିଷ୍ଟ୍ରେଟ ଏକ ରିପୋର୍ଟରେ ଲେଖିଥିଲେ···

" Scarcely a single real oriya receives a salary of more than Rs.10/- per mensem, but several are naturalized Bengalis or Mussalmans. I always give preference to oriyas, but at the

moment, I scarcely know a single oriya possessing qualifications to fit him for being a common muharrir."

(ମାସକୁ ଦଶଟଙ୍କା ବେତନ ପାଉଥିବା ଜଣେ ହେଲେ ଖାଣ୍ଟି ଓଡ଼ିଆ କ୍ୱଚିତ ମିଳିବେ । ମାତ୍ର ଅଧିକାଂଶ ହେଉଛନ୍ତି ବଙ୍ଗାଳୀ ଅଥବା ମୁସଲମାନ । ମୁଁ ଅବଶ୍ୟ ସବୁବେଳେ ଓଡ଼ିଆମାନଙ୍କୁ ଅଗ୍ରପ୍ରାଧାନ୍ୟ ଦେଇଥାଏ । କିନ୍ତୁ ଏ ସମୟରେ ଜଣେ ସାଧାରଣ ମୋହରିର ହେବାର ଯୋଗ୍ୟତା ଥିବାଭଳି ଜଣେ ହେଲେ ଓଡ଼ିଆ ସୁଦ୍ଧା ମୋ ଆଖିରେ ପଡ଼ୁନାହାନ୍ତି ।)

ତେଣୁ ମଧୁସୂଦନଙ୍କୁ ମୋହରିର ଚାକିରିରେ ଢୁକାଇ ଦେବା ପାଇଁ ଜ୍ୟେଷ୍ଠ ପିତୃବ୍ୟଙ୍କ ପରାମର୍ଶରେ ଅଯୌକ୍ତିକତା ନଥିଲା ।

ଓଡ଼ିଶାରେ ଇଂରେଜୀ ଶିକ୍ଷାର ଅଗ୍ରମାରମ୍ଭ ହୋଇନଥିଲେହେଁ, ସେତେବେଳକୁ କିନ୍ତୁ ବଙ୍ଗଳାରେ ଇଂରେଜୀ ଶିକ୍ଷାର ବ୍ୟାପକ ବିକାଶ ଘଟି ସାରିଥିଲା । ଏଥିପାଇଁ ଇଂରେଜମାନଙ୍କୁ ଦୋଷ ଦେବାର କୌଣସି କାରଣ ନାହିଁ । ଓଡ଼ିଶାର ରକ୍ଷଣଶୀଳ ଗୋଷ୍ଠୀହିଁ ଥିଲେ ସେ ପଥରେ ପ୍ରଧାନ ପ୍ରତିବନ୍ଧକ । ତଥାପି ଓଡ଼ିଶାରେ ଇଂରେଜୀ ଶିକ୍ଷାର ପ୍ରସାର ପ୍ରତି ବଙ୍ଗଳା ସରକାରଙ୍କ ଅବହେଳା ଓ ଉଦାସୀନତା ଯେ ନଥିଲା ନୁହେଁ । ଓଡ଼ିଶାର ତତ୍କାଳୀନ କମିଶନର୍ ଜି. ଏଫ୍. କକ୍‌ବର୍ଣ୍ଣ ବଙ୍ଗଳାସରକାରଙ୍କ ସେକ୍ରେଟାରୀଙ୍କ ନିକଟକୁ ଇଂ୧୮୫୯ ସାଲରେ ଅର୍ଥାତ୍ କଲିକତା ବିଶ୍ୱ-ବିଦ୍ୟାଳୟ ସ୍ଥାପିତ ହେବାର ପରବର୍ତ୍ତୀ କାଳରେ ସୁଦ୍ଧା ( ତା ୨୩-୨-୧୮୫୯ରିଖ ) ଏକ ରିପୋର୍ଟରେ ଲେଖିଥିଲେ···

"Lacs and lacs of rupees have been spent in almost every division of Bengal, except Orissa."···ଅର୍ଥାତ୍ "ଓଡ଼ିଶା ଛଡ଼ା ବଙ୍ଗଳାରେ ଅନ୍ୟ ଡିଭିଜନ ମାନଙ୍କରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଶିକ୍ଷା ଦିଗରେ ବ୍ୟୟିତ ହେଉଅଛି ।"

ଏହି ପ୍ରକାର ପରିସ୍ଥିତିରେ ଇଂ୧୮୫୫ ସାଲରେ ପୁରୀର ତତ୍କାଳୀନ କଲେକ୍ଟର ଉଇଲକିନ୍‌ସନ ପୁରୀଠାରେ "ପୁରୀ ଫ୍ରୀ ଏକାଡେମୀ" ନାମରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ କରିଥିଲେ । କିନ୍ତୁ ତାହା ସୁଦ୍ଧା ସ୍ଥାନୀୟ ମାନଙ୍କ ପ୍ରତିରୋଧ ହେତୁ ବନ୍ଦ ହୋଇଯିବା ପାଇଁ ବିଶେଷ ବିଳମ୍ବ

ଲାଗି ନଥିଲା । କେବଳ ଓଡ଼ିଶାରେ ଯେ ଇଂରାଜୀ ଶିକ୍ଷା ପ୍ରତି ଏ ପ୍ରକାର ବିତୃଷ୍ଣା ପ୍ରକାଶ ପାଉଥିଲା ତାହା ନୁହେଁ । ଅନ୍ୟତ୍ର ମଧ୍ୟ ସେହିପରି ପ୍ରତିରୋଧ ଲକ୍ଷ୍ୟ କରାଯାଉଥିଲା । ସେଥିପାଇଁ ଭାଇସରାୟ ଲର୍ଡ଼ ହାର୍ଡ଼ିଂଜଙ୍କ ଶାସନ କାଳରେ ଶିକ୍ଷା କ୍ଷେତ୍ରରେ ଏକ ପରିବର୍ତ୍ତନ ଘଟି ସମଗ୍ର ଭାରତରେ ଇଂ ୧୮୪୪ ସାଲରେ ପରୀକ୍ଷା ମୂଳକ ଭାବରେ ୧୦୧ ଗୋଟି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏ ବିଦ୍ୟାଳୟ ଗୁଡ଼ିକ "ହାର୍ଡ଼ିଂଜ୍ ବିଦ୍ୟାଳୟ" ନାମରେ ପରିଚିତ ଥିଲା । ଏଥି ମଧ୍ୟରୁ ଓଡ଼ିଶା ପାଇଁ ଆଠ ଗୋଟି ବିଦ୍ୟାଳୟ ମଞ୍ଜୁର ପାଇଥିଲା । ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ରେମୁଣା ଭଦ୍ରକ, କେନ୍ଦ୍ରାପଡ଼ା, ହରିହରପୁର ଓ ମାହାଙ୍ଗାରେ ଏ ଆଠଗୋଟି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏଥି ମଧ୍ୟରୁ କେନ୍ଦ୍ରାପଡ଼ା, ହରିହରପୁର (ଜଗତସିଂହପୁର) ଓ ମାହାଙ୍ଗାର ବିଦ୍ୟାଳୟମାନ କଟକ ଜିଲ୍ଲାର ଅନ୍ତର୍ଗତ ଥିଲା । ମାତୃଭାଷା ବା ଭର୍ଣ୍ଣାକୁଲାର ମାଧ୍ୟମରେ ବିଶେଷ ଓ ଅତ୍ୟାବଶ୍ୟକ ନିମ୍ନତମ ଶିକ୍ଷାଦାନ କରିବା ଏ ବିଦ୍ୟାଳୟ ଗୁଡ଼ିକର ନିର୍ଦ୍ଧାରିତ ଥିଲା । କିନ୍ତୁ ଓଡ଼ିଶା ଡିଭିଜନ୍‌ରେ ଖୋଲା ଯାଇଥିବା ଏ ହାର୍ଡ଼ିଂଜ୍ ବା ଭର୍ଣ୍ଣାକୁଲାର ସ୍କୁଲମାନ ଗୋଟିକ ପରେ ଗୋଟିଏ ବନ୍ଦ ହୋଇ ଇଂ୧୮୬୯-୭୦ ସାଲ ବେଳକୁ, ଦୁଇଗୋଟି ମାତ୍ର ବିଦ୍ୟାଳୟ ଅବଶିଷ୍ଟ ରହିଥିଲା—ଗୋଟିଏ ଖୋର୍ଦ୍ଧା, ଅନ୍ୟଟି ମହାସିଙ୍ଗପୁର ।

ମଧୁସୂଦନ ଏହି ମହାସିଙ୍ଗପୁର ଭର୍ଣ୍ଣାକୁଲାର ବିଦ୍ୟାଳୟରୁ ଯଥା ସମୟରେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ସରକାରୀ ସିରସ୍ତାରେ କିରାଣି ପାଇଁ ଏ ଯୋଗ୍ୟତା ସେତେବେଳେ ଅବଶ୍ୟ ଥିଲା ଯଥେଷ୍ଟ । କିନ୍ତୁ ମଧୁସୂଦନଙ୍କ ଜିଦ୍ ଏହା ପରେ ସେ କଟକରେ ଇଂରେଜୀ ପଢ଼ିବେ । ରଘୁନାଥ ଚୌଧୁରୀ ସ୍ୱଳ୍ପମତ୍ ଦୋଦୁଲ୍ୟମାନ ଅବସ୍ଥାରେ ପଡ଼ିଲେ ।

## ( ଦୁଇ )

**ଚୌଧୁରୀ** ରଘୁନାଥ ଦାସ ଅତ୍ୟନ୍ତ ରକ୍ଷଣଶୀଳ ଥିଲେ । ମଧୁସୂଦନଙ୍କୁ ଏଣ୍ଟ୍ରାନସ ପର୍ଯ୍ୟନ୍ତ ଇଂରେଜୀ ଶିକ୍ଷା ଦେବାପାଇଁ ତାଙ୍କର ଯେ ଗୋଟାଏ ପ୍ରଚଣ୍ଡ ଅଭିଳାଷ ନଥିଲା ନୁହେଁ । ମାତ୍ର ସେଥି ସଙ୍ଗେ ସଙ୍ଗେ

ଇଂରେଜୀ ଶିକ୍ଷା ପ୍ରତି ତାଙ୍କ ମନ ଭିତରେ ଗୋଟାଏ ଆଶଙ୍କା ଓ ଭୟ ମଧ୍ୟ ପ୍ରଚ୍ଛନ୍ନ ରହିଥିଲା । ରକ୍ଷଣଶୀଳ ସାମନ୍ତବାଦୀ ପରିବେଶରେ ଚୌଧୁରୀ ରଘୁନାଥ ଦାସ ବର୍ଦ୍ଧିତ ହୋଇଥିବାରୁ, ସ୍ମାର୍ତ୍ତମାନଙ୍କ ମତାମତ ପ୍ରତି ତାଙ୍କର ଗୋଟାଏ ପ୍ରଗାଢ଼ ଆସ୍ଥା ମଧ୍ୟ ରହିଥିଲା । ପାଞ୍ଜି, ବାର, ତିଥି, ନକ୍ଷତ୍ର ଓ କର୍ମକାଣ୍ଡ ବର୍ଣ୍ଣିତ ବହୁତ ଅବହୁତ ନର୍ଦ୍ଦେଶ ଅନୁସାରେ, ତାଙ୍କର ସମସ୍ତ ଦୈନିକ କାର୍ଯ୍ୟ ନିୟନ୍ତ୍ରିତ ହେଉଥିଲା । ଯୁଗ ପରିବର୍ତ୍ତନର ନାନା ଲକ୍ଷଣ ସେ ଦେଖିଥିଲେ ଓ ବୁଝିଥିଲେ ସତ୍ୟ । ସେଥିପାଇଁ ମହା- ସିଙ୍ଗପୁର ସରକାରୀ ଭର୍ଣ୍ଣାକୁଲାର ସ୍କୁଲରେ ମଧୁସୂଦନଙ୍କୁ ପାଠ ପଢ଼ାଇବା ପର୍ଯ୍ୟନ୍ତ ଯିବା ତାଙ୍କ ପକ୍ଷରେ ଅବଶ୍ୟ ସମ୍ଭବ ଥିଲା । ମାତ୍ର କଟକରେ ଇଂରେଜୀ ସ୍କୁଲରେ ମଧୁସୂଦନଙ୍କୁ ପାଠ ପଢ଼ାଇବା ପାଇଁ ସେ ମନ ଭିତରେ ସାହସ ଖୋଜି ପାଉ ନଥିଲେ । ପାର୍ବତୀ ଦେଈ ବେଳେ ବେଳେ ମଧୁସୂଦନଙ୍କ ପକ୍ଷରେ ରହି କଟକ ଇଂରେଜୀ ସ୍କୁଲରେ ପୁଅ ନାମ ଲେଖାଇବା ପାଇଁ ରଘୁନାଥଙ୍କ ଉପରେ ଚାପ ଦେଉଥିଲେ । ମାତ୍ର ରଘୁନାଥ କୌଣସି ଗୋଟାଏ ସ୍ଥିର ନିଷ୍ପତ୍ତିରେ ପହଞ୍ଚି ପାରୁ ନଥିଲେ ।

ଏହି ସମୟରେ ହଠାତ୍ ଦିନେ ଜଣେ ଜ୍ୟୋତିଷ କେଉଁଆଡ଼ୁ ଆସି, ଚୌଧୁରୀ ରଘୁନାଥ ଦାସଙ୍କ ଘରେ ପହଞ୍ଚିଲେ । ଚୌଧୁରୀ ବଂଶର ପୂର୍ବ ବୈଭବ ସେତେବେଳକୁ ନଥିଲେ ହେଁ ନାନାଆଡ଼ୁ ନାନାପ୍ରକାରର ସାଧୁ, ସନ୍ନ୍ୟାସୀ, ଜ୍ୟୋତିଷୀ ଖୋଜି ଖୋଜି ଚୌଧୁରୀଙ୍କ ଚଉପାଢ଼ୀକୁ ତଥାପି ଆସୁଥିଲେ । ବଂଶ-ମର୍ଯ୍ୟାଦା ରକ୍ଷା ପାଇଁ ଚୌଧୁରୀ ରଘୁନାଥ ଦାସ ଗୁଡ଼ା ଲେଖି ଦେଣାକରି ଯଥାସାଧ୍ୟ ସେମାନଙ୍କର ଚର୍ଚ୍ଚା ମଧ୍ୟ କରୁଥିଲେ । ଚୌଧୁରୀ ରଘୁନାଥ ଦାସ ସେଥିପାଇଁ ଯଥେଷ୍ଟ ଋଣଦାୟଗ୍ରସ୍ତ ହୋଇ ପଡ଼ିଥିଲେ । ରଘୁନାଥଙ୍କର ଏକ ବିକୃତ ଥିଲା, କୌଣସି ଜ୍ୟୋତିଷ ଦେଖିଲେ, ତାଙ୍କ ପାଖରେ ପରିବାରବର୍ଗଙ୍କର କୋଷ୍ଠୀ ଗଣନା କରାଇବା । ଚୌଧୁରୀ ବଂଶର ସୌଭାଗ୍ୟସୂର୍ଯ୍ୟର ଉଦୟ ଆଉ କେବେ ହେବ କି ନାହିଁ ! —ସେଥିପାଇଁ ଅନ୍ଧାର ଘରେ ସେ ଏଇପରି ଯଥେଷ୍ଟ ବାଡ଼ ବୁଲାଇ ହେଉଥିଲେ ।

ପୁତ୍ର ମଧୁସୂଦନର କରକୋଷ୍ଠୀ ଗଣନା ପାଇଁ ଚୌଧୁରୀ ରଘୁନାଥ ଦାସ ଏହି ଜ୍ୟୋତିଷଙ୍କୁ କହିଲେ । ମାଟିରେ ଅନେକ କୁଣ୍ଡଳୀ ଚକ୍ର କାଟି, ଅନେକ ଥର ହାତ ପାପୁଲୀର ରେଖା ସବୁ ନିରୀକ୍ଷଣ କରି

ଜ୍ୟୋତିଷ କହିଲେ...... ଜାତକର ପଞ୍ଚମରେ ମକର ଆଉ ଶୁକ୍ର—ଇଏ ହେଲା ଶଙ୍ଖକୁମ୍ଭ ଯୋଗ ! ପିଲା ଖୁବ୍ ବୁଦ୍ଧିମାନ ବିଚକ୍ଷଣ ହେବ । ଶନି ପୁଣି ଚତୁର୍ଥାଧିପତି, ଅର୍ଥାତ୍ ବିଦ୍ୟାରେ ଉଚ୍ଚ ସ୍ଥାନ ଅଧିକାର କରିବ । ମୋଟକଥା ପିଲାର ଭାଗ୍ୟରେ ରାଜଯୋଗ ସୁସ୍ପଷ୍ଟ । ଇଂରେଜୀ ପଢ଼ାଇବା ପାଇଁ ଜ୍ୟୋତିଷ ପରାମର୍ଶ ଦେଲେ । ଏହାପରେ ଇଂରାଜୀ ସ୍କୁଲରେ ମଧୁସୂଦନଙ୍କ ନାମ ଲେଖାଇବା ପାଇଁ ରଘୁନାଥଙ୍କର ଆଉ କୌଣସି ମାନସିକ ପ୍ରତିବନ୍ଧକ ନଥିଲା ।

ଏହାର ଅଳ୍ପଦିନ ପରେ ଦିନେ ସବୁଆଡ଼େ ଗୋଟାଏ ଖବର ରଟିଗଲା; ରଘୁ ଚୌଧୁରୀଙ୍କ ପୁଅ କଟକ ଯିବ, ଇଂରେଜୀ ଇସ୍କୁଲରେ ନାଁ ଲେଖାଇବା ପାଇଁ । ଖବର ଶୁଣି ଆଖପାଖ ଗାଁ ମାନଙ୍କରୁ ସୁଦ୍ଧା ଲୋକେ ଚୌଧୁରୀ ଘରକୁ ଆସିଲେ, ମଧୁସୂଦନଙ୍କୁ ଖାଲି ଦେଖିଯିବା ପାଇଁ... ଇଂରେଜୀ ସ୍କୁଲରେ ପାଠ ପଢ଼ିବାକୁ ଯିବାତ ସେତେବେଳେ ଏଇପରି ଥିଲା ଏକ ଆଶ୍ଚର୍ଯ୍ୟଜନକ ବ୍ୟାପାର !

ବସ୍ତୁତଃ କଲିକତାରେ ସ୍କୁଲ କଲେଜ ମାନଙ୍କରୁ ସେତେବେଳକୁ ପ୍ରତିବର୍ଷ ଶହଶହ ସଂଖ୍ୟାରେ ଇଂରେଜୀ ଶିକ୍ଷିତ ବ୍ୟକ୍ତି ବାହାରୁଥିଲେହେଁ; ଓଡ଼ିଶାରେ ଇଂରେଜୀ ପଢ଼ିବା ଗୋଟାଏ ଖାସ୍ ଆଚମ୍ବିତ ଘଟଣା ଥିଲା । ଇଂ ୧୮୫୬-୫୭ ସାଲ ମଧ୍ୟରେ ଓଡ଼ିଶାର ସର୍ବମୋଟ ତିନିଗୋଟି ସରକାରି ସ୍କୁଲରେ ଯେଉଁ ଛାତ୍ରମାନେ ଇଂରେଜୀ ଶିକ୍ଷା କରୁଥିଲେ; ସେମାନଙ୍କ ମୋଟ ସଂଖ୍ୟା ଥିଲା ୧୬୯, ସେଥିମଧ୍ୟରୁ ଅଧିକାଂଶ ଥିଲେ ପୁଣି ବଙ୍ଗାଳୀ ଆଗନ୍ତୁକ ମାନଙ୍କର ସନ୍ତାନ । ତେଣୁ ମଧୁସୂଦନ ଇଂରାଜୀ ସ୍କୁଲରେ ନାମ ଲେଖାଇବାର ସମ୍ବାଦ ସେକାଳର ପରିସ୍ଥିତିରେ ଯେ ଘୋର ଚାଞ୍ଚଲ୍ୟକର ଥିଲା ସେଥିରେ ବିସ୍ମିତ ହେବା ଭଳି କିଛି ନଥିଲା ।

କଟକ ଯିବାପାଇଁ ପାଞ୍ଜି ଦେଖି ଦିନେ ଶୁଭଯୋଗ ଓ ଲଗ୍ନ ସ୍ଥିର କରାଗଲା । ଦୁଇଖଣ୍ଡ ପାଲଙ୍କୀ ଅଂପଟ ସଜିଲ ହେଲେ । ଗୁଟେଶ୍ୱର ପାର୍ବତୀଙ୍କ ମାଜଣୀ ବଢ଼ିଲା । ଗ୍ରାମଦେବତୀ ମଧ୍ୟ ମାର୍ଜଣୀ ହେଲେ । ମଧୁସୂଦନ ମାଣିଆବନ୍ଦୀ ଧୋତି ଉପରେ ମିରଜାଇ ପିନ୍ଧି ମୁଣ୍ଡରେ ଚଟି ବେଣୀଟିକୁ ଟକ୍‌କଣ କରି ଲମ୍ବାଇ ପାଲଙ୍କୀରେ ବସିଲେ । ଗାଁ ମୁଣ୍ଡ ବାଲି ପୋଖରୀ ମୋଡ଼ରେ ପାଲଙ୍କୀ ଦୁଇଟି ଅଦୃଶ୍ୟ ହୋଇଯିବା ପରେ ପାଲଙ୍କୀ ପଛେ ପଛେ ଯେଉଁ ପଚ୍ଚୁଆରଟି ବାହାରି ଥିଲା ତାହା ଫେରି ଆସିଲା ।

ଫେରିବା ବାଟରେ କିଏ କହିଲା ଇଂରେଜୀପାଠ ପଢ଼ି ମଧୁ ମୁନସୀ ହେବ; କିଏ କହିଲା ସିରସ୍ତାଦାର ହେବ ।

ଚୌଧୁରୀ ନୀଳକଣ୍ଠ ଦାସ ବାଘ୍ରା ଜଣ ଦଳକ ଦୁଇ ହାତରେ ସାଉଁଳି ସାଉଁଳି କହିଲେ...... "ମଧୁ ଡୋପଟୀ ହେବ" !

× × ×

ସେତେବେଳେ ଓଡ଼ିଶାରେ ଇଂରେଜୀ ସ୍କୁଲ ତ ଦୂରର କଥା, ଭର୍ଣ୍ଣାକୁଲାର ସ୍କୁଲମାନଙ୍କର ଅବସ୍ଥା କିପରି ଥିଲା ଇତିହାସରେ ତାହା ଅଲେଖିତ ହୋଇଅଛି । କଲିକତାରେ ଯେତେବେଳକୁ ହିନ୍ଦୁ-କଲେଜ, ମହମେଡାନ କଲେଜ, ସଂସ୍କୃତ-କଲେଜ ଓ ମିସନାରୀ ପାଦ୍ରୀମାନଙ୍କର କେତେକ କଲେଜ ସ୍ଥାପିତ ହୋଇ ସାରିଥିଲେଣି, ଓଡ଼ିଶାରେ ଇଂରାଜୀ ଶିକ୍ଷାର ଅଆମାରମ୍ଭ ସୁଦ୍ଧା ହୋଇ ନଥିଲା ।

ଇଂରାଜୀ ଶିକ୍ଷା ବିସ୍ତାର ଦିଗରେ ପ୍ରଥମ ଉଦ୍ୟମ ରୂପେ, ଇଂ ୧୮୩୫ ସାଲରେ କଲେକ୍ଟର ୱିଲକିନ୍‌ସନ୍ ପୁରୀ ଠାରେ "ପୁରୀ ଫ୍ରି—ଏକାଡେମୀ" ନାମରେ ଗୋଟିଏ ଇଂରାଜୀ ବିଦ୍ୟାଳୟ ଖୋଲିଥିବା ପ୍ରସଙ୍ଗ ଉଲ୍ଲେଖ କରାଯାଇ ଅଛି । ଏ ସ୍କୁଲରେ ହେଡମାଷ୍ଟରୀ କରିବା ପାଇଁ ଓଡ଼ିଶାରେ ସେତେବେଳେ ଲୋକ ନ ମିଳିବାରୁ କଲିକତାରୁ ଗଙ୍ଗାନାରାୟଣ ଘୋଷ ନାମକ ଜଣେ ବ୍ୟକ୍ତି ସେଠାରେ ଆସି ହେଡମାଷ୍ଟର ହୋଇଥିଲେ । ସ୍କୁଲର ଛାତ୍ରସଂଖ୍ୟା ଥିଲା ପଚାଶ । ସେଥିରୁ ତିନିଭାଗ ଥିଲେ ଆଗନ୍ତୁକ ବଙ୍ଗାଳୀ । କିନ୍ତୁ ସ୍କୁଲଟି ଦୁଇବର୍ଷ ମଧ୍ୟରେ ବନ୍ଦ ହୋଇଯାଇ ଥିଲା । ହେଡ଼ମାଷ୍ଟର ଗଙ୍ଗାନାରାୟଣ ଘୋଷ ସ୍କୁଲର ପ୍ରଥମ ବାର୍ଷିକ ରିପୋର୍ଟରେ ଲେଖିଥିଲେ......

"The inhabitants of the town chiefly consist of priests of the temple of Juggernath, to whom a knowledge of the *shaster* is more important than the English language."

ଏହାପରେ ଇଂ ୧୮୩୮ ସାଲରେ, ଇଷ୍ଟ-ଇଣ୍ଡିଆ-କମ୍ପାନୀ ସରକାର ପୁଣି ଥରେ ଏହି ସ୍କୁଲଟିକୁ କିଛିଦିନ ଚଳାଇଥିଲେ । କିନ୍ତୁ ଏଥର ମଧ୍ୟ ତାହା ବନ୍ଦ ହୋଇ ଯାଇଥିଲା । ଐତିହାସିକ ଉଇଲିଅମ୍ ହଣ୍ଟର୍ ଲେଖିଛନ୍ତି......

"In 1838 Government entered the field and opened an English and a Sanskrit School at Puri. But these institutions

**proved altogether unable to make head against the tide of ignorance and bigotry, and presently sunk beneath the flood. In 1841 we opened a higher class English school at Cuttack, which after a long series of conflicts and discouragements still survives as the principal seat of education in the Province. × × × The Brahmans had hitherto held the monopoly of education and kept it strictly in their own bands and caste prejudice and religious superstition were the great obstacles in the way of progress. The Government schools, were looked upon as infidel inventions, and even as late as 1860, a learned Oriya, on being appointed to the orthodox post of a Sanskrit teacher in the Puri school, was excluded for a year or two from the Brahmanical orders and stormy discussions took place, as to whether he should not be formally expelled from his Caste."**

ପୁରୀ ସ୍କୁଲ୍ ବନ୍ଦ ହୋଇ ପଡ଼ିବା ପରେ ଏହି ପ୍ରକାର ପରିସ୍ଥିତିରେ ଖ୍ରୀ:ଅ: ୧୮୪୧ରେ କଟକରେ ଗୋଟିଏ ଇଂରାଜୀ ଉଚ୍ଚବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଚୌଧୁରୀ ରଘୁନାଥ ଦାସ ଏଠନେ ସେହି ବିଦ୍ୟାଳୟରେ ମଧୁସୂଦନଙ୍କ ନାମ ଲେଖାଇ ଦେଇଥିଲେ । ନାମ ଲେଖାଇବା ବେଳେ ଚୌଧୁରୀ ରଘୁନାଥ ଜାତକରେ ଶ୍ରଦ୍ଧାନାମ ଗୋବିନ୍ଦ ପରିବର୍ତ୍ତେ ମଧୁସୂଦନ ନାମରେ ନାମ ଲେଖାଇ ଦେଲେ । ପରବର୍ତ୍ତୀ କାଳରେ ସେହି ମଧୁସୂଦନ ନାମ ହିଁ ପରିଚିତ ରହିଥିଲା ।

ଏ ସ୍କୁଲର ହେଡ଼ମାଷ୍ଟର ଥିଲେ ଆଗନ୍ତୁକ ବଙ୍ଗୀୟ ଓ ଛାତ୍ରମାନେ ଅଧିକାଂଶ ମଧ୍ୟ ଥିଲେ ସେହି ଆଗନ୍ତୁକ କର୍ମଚାରୀ ମାନଙ୍କର ସନ୍ତାନ । ସେମାନେ ଥିଲେ ସୁମାର୍ଜିତ ଓ ସମ୍ଭ୍ରାନ୍ତ । ସେଦିନ ମଧୁସୂଦନଙ୍କ ମୁଣ୍ଡରେ ଚୁଟି ଓ ଦେହରେ ତନ୍ତୀବୁଣା ଖଦାକନାରେ ମିର୍ଜାଇ ପୋଷାକ ଦେଖି, ଉଡ଼ିଷ୍ୟାର କୋଉ ନପଟ ମଫସଲରୁ ଏ ପିଲାଟି ଧରା ହୋଇ ଆସିଛି ବୋଲି ସେମାନଙ୍କ ମଧ୍ୟରେ କୌତୁକ ପରିହାସର ଅନ୍ତ ନଥିଲା !

## ( ଦୁଇ )

ମଧୁସୂଦନ କଟକ ହା: ଇ: ସ୍କୁଲରେ ନାମ ଲେଖାଇବା ବେଳକୁ, ଓଡ଼ିଶାରେ ବଙ୍ଗାଳୀ-ଓଡ଼ିଆ ବିଦ୍ୱେଷଟା ବେଶ୍ ତେଜ ଉଠୁଥିଲା ।

ଏ ବିବାଦ ଓ ବିଦ୍ବେଷର ପୃଷ୍ଠଭୂମିରେ ଥିଲା, ଊନବିଂଶ-ଶତାବ୍ଦୀର ପ୍ରାରମ୍ଭରେ ଇଷ୍ଟଇଣ୍ଡିଆ-କୋମ୍ପାନୀ ଶାସନର ସୁଯୋଗ ନେଇ ଆଗନ୍ତୁକ ବଙ୍ଗୀୟମାନେ ଓଡ଼ିଶାର ପ୍ରାଚୀନ ଭୂମ୍ୟାଧିକାରୀମାନଙ୍କୁ ସେମାନଙ୍କ ଉତ୍ତରାଧିକାରରୁ ବଞ୍ଚିତ କରି ରାତାରାତି ବଡ଼ ବଡ଼ ଜମିଦାରରେ ପରିଣତ ହୋଇ ପଡ଼ିବାର ବିଡ଼ମ୍ବନା । ବକ୍ସୀ ଜଗବନ୍ଧୁଙ୍କ ପରି ଗୋଟିଏ ଐତିହାସିକ ସମ୍ମାନିତ ବଂଶର ଦାୟାଦ ଉପରି ଅଣଓଡ଼ିଆ ଆମଲାତନ୍ତ୍ରର କୂଟ କୌଶଳରେ ସର୍ବସ୍ୱ ହରାଇ ଦାଣ୍ଡର ଭିକାରୀ ହୋଇଥିଲେ ତାହା ଓ ସେହିପରି ଆଉରି ଅନେକ ଦୁର୍ଘଟଣାର ସ୍ମୃତି ସେତେବେଳକୁ ଓଡ଼ିଆ ଜାତିର ମର୍ମେ ମର୍ମେ ପାଉଁଶ ତଳେ ରଙ୍ଗ ନିଆଁ ପରି ତଥାପି ଧକ ଧକ କୁହୁଳୁଥିଲା ।

ଓଡ଼ିଶାରେ ବଙ୍ଗାଳୀ-ଓଡ଼ିଆ ସମ୍ପର୍କ ଊନବିଂଶ ଶତାବ୍ଦୀ ପୂର୍ବରୁ କିନ୍ତୁ ଅତ୍ୟନ୍ତ ପ୍ରୀତିପୂର୍ଣ୍ଣ ଥିଲା । ଚୈତନ୍ୟଙ୍କ ପୂର୍ବରୁ ମଧ୍ୟ ବହୁ ବଙ୍ଗଭାଷୀ ଉତ୍କଳରେ ପାରସ୍ପରିକ ଶ୍ରଦ୍ଧା ସମ୍ମାନ ଓ ସମ୍ପ୍ରୀତିର ସହିତ ବସବାସ କରି ରହିଥିଲେ । ପ୍ରତାପରୁଦ୍ରଙ୍କ ସଭାପଣ୍ଡିତ, ବାସୁଦେବ ସାର୍ବଭୌମଙ୍କ ନାମ ଏ ସମ୍ପର୍କରେ ଉଲ୍ଲେଖ କରାଯାଇପାରେ । ଚୈତନ୍ୟଙ୍କ ଉତ୍କଳ ଅବସ୍ଥାନ କାଳରେ ବଙ୍ଗୀୟ ଓ ଉତ୍କଳୀୟଙ୍କ ମଧ୍ୟରେ ସେ ପ୍ରୀତି-ପୂର୍ଣ୍ଣ ସମ୍ପର୍କ ଶୁଦ୍ଧା-ଭକ୍ତିବାଦୀ ଗୌଡ଼ୀୟ ଓ ଅତିବଡ଼ୀ ସମ୍ପ୍ରଦାୟ ମଧ୍ୟରେ ଧାର୍ମିକ ବିଭେଦ ଫଳରେ କେତେକାଂଶରେ କ୍ଷୁର୍ଣ୍ଣ ହୋଇଥିଲେ ବି ତାହା କିନ୍ତୁ ଦୁର୍ବଳ ହୋଇ ପାରି ନଥିଲା । ଓଡ଼ିଆ ଆଦିକବି ସାରଳାଙ୍କ ମହାଭାରତ ଏକଦା କିପରି ବଙ୍ଗଦେଶରେ ପ୍ରଚଳିତ ଥିଲା ସେକଥା ବଙ୍ଗୀୟ ପଣ୍ଡିତମାନେ ସୁଷ୍ଠା ସ୍ୱୀକାର କରିଅଛନ୍ତି । ବଙ୍ଗଳାରେ କାଶୀରାମ ଦାସଙ୍କ ମହାଭାରତକୁ ଏହା ବହୁ ପରିମାଣରେ ମଧ୍ୟ ପ୍ରଭାବିତ କରିଥିଲା । କାଶୀରାମ ଦାସଙ୍କ ସାନଭାଇ ଗଦାଧର କଟକରେ ବସବାସ କରି ରହୁଥିଲେ ଓ ସେତେବେଳେ ସେ "ଜଗନ୍ନାଥ ମଙ୍ଗଳ" ନାମରେ ଗ୍ରନ୍ଥେ କାବ୍ୟ ରଚନା କରିଥିଲେ । କାଶୀରାମ ଦାସ ସେହି ସମ୍ପର୍କ ଧରି ସାରଳା ମହାଭାରତ ସହିତ ସୁପରିଚିତ ହେବାପାଇଁ ଯଥେଷ୍ଟ ଅବକାଶ ପାଇଥିଲେ । ଅଷ୍ଟାଦଶ ଶତାବ୍ଦୀର ପ୍ରସିଦ୍ଧ ବଙ୍ଗକବି "ଅନ୍ନଦା-ମଙ୍ଗଳ"-ପ୍ରଣେତା ଭାରତଚନ୍ଦ୍ର ବର୍ଦ୍ଧମାନରୁ ରାଜ-ନିପିଡ଼ନରେ କଟକ ପଳାଇ ଆସିଥିଲେ । ସେତେବେଳେ ଓଡ଼ିଆ-କାବ୍ୟରେ ଭଙ୍ଗୀୟ ଅଳଙ୍କାର-

ଯୁଗର ପ୍ରଚଣ୍ଡ ମଧ୍ୟାହ୍ନ । କବି ଭାରତଚନ୍ଦ୍ର ସେହି ପ୍ରଭାବରେ, ସମ୍ଭବତଃ ତାଙ୍କ କାବ୍ୟରେ ଆଲଙ୍କାରିକ ଶୈଳୀ ଆହରଣ କରିଥିଲେ । ସେଥିପାଇଁ ତାଙ୍କର ପ୍ରସିଦ୍ଧ ସମସାମୟିକ ମୁକୁନ୍ଦରାମ୍ ଓ ପୂର୍ବରୁ ବା ପରେ ଅନ୍ୟ କବିମାନଙ୍କର କାବ୍ୟରେ ଆଲଙ୍କାରିକତା ପରିଦୃଷ୍ଟ ନହୋଇଥିଲେହେଁ ଭାରତଚନ୍ଦ୍ରଙ୍କ କାବ୍ୟକୃତି ମାନଙ୍କରେ ତାହା ବେଶ୍ ପରିଲକ୍ଷିତ ହୋଇଥାଏ । ଚୈତନ୍ୟଙ୍କ ସମସାମୟିକ କହ୍ନାଇ ଖୁଣ୍ଟିଆ, ମାଧବ ପଟ୍ଟନାୟକ, ଗୋବିନ୍ଦ ଦାସ ଓ ମାଧବୀ ଦାସୀ ପ୍ରମୁଖ ବହୁ ଓଡ଼ିଆ କବି, ବଙ୍ଗଳାରେ ମଧ୍ୟ ବହୁ ଅନୁପମ ପଦ୍ୟାବଳୀ ରଚନା କରିଥିଲେ । ସାଂସ୍କୃତିକ ଆଦାନ ପ୍ରଦାନ ମଧ୍ୟରେ ବଙ୍ଗୀୟ ଓ ଉତ୍କଳୀୟଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଏହିପରି ଅତ୍ୟନ୍ତ ନିବିଡ ଓ ପ୍ରୀତିପୂର୍ଣ୍ଣ ରହିଥିଲା ।

ସେହିଦିନରୁ ଯେଉଁ ବଙ୍ଗାଳୀମାନେ ଓଡ଼ିଶା ଆସି ବସବାସ କରି ରହିଥିଲେ, ସେମାନେ କ୍ରମେ ଓଡ଼ିଆ ମାଟିର ସନ୍ତାନରେ ପରିଣତ ହୋଇ ପଡ଼ିଥିଲେ । ଓଡ଼ିଆ ଭୂମି, ଭାଷା ଓ ସଂସ୍କୃତି ପ୍ରତି ସେମାନଙ୍କର ପ୍ରଗାଢ଼ ଶ୍ରଦ୍ଧା ରହିଥିଲା । ସେମାନେ ଥିଲେ ଓଡ଼ିଶାର ବଙ୍ଗଭାଷୀ ଅଧିବାସୀ । ଊନବିଂଶ ଶତାବ୍ଦୀରେ ଓଡ଼ିଶାର କଲ୍ୟାଣ ଓ ଅଭିବୃଦ୍ଧି ପାଇଁ ସେହିପରି ଅଧିବାସୀ-ବଙ୍ଗାଳୀ, ଓଡ଼ିଆଙ୍କ ସହିତ କାନ୍ଧକୁ କାନ୍ଧ ମିଶାଇ ଯଥେଷ୍ଟ ଲଢ଼ିଥିଲେ । ପ୍ରାତଃସ୍ମରଣୀୟ ଗୌରୀଶଙ୍କର, ରାମଶଙ୍କର ଓ ରାଧାନାଥ ପ୍ରମୁଖଙ୍କୁ ସେମାନଙ୍କ ମଧ୍ୟରେ ଉଲ୍ଲେଖ କରାଯାଇପାରେ ।

କିନ୍ତୁ ଊନବିଂଶ ଶତାବ୍ଦୀ ଆରମ୍ଭରେ କୋମ୍ପାନୀ-ଶାସନର ସୁଯୋଗ-ବାହକ ହୋଇ ଯେଉଁ ବଙ୍ଗଭାଷୀମାନେ ଓଡ଼ିଶାକୁ ଏକ ଔପନିବେଶିକ-ସୁଲଭ ଦର୍ପରେ ଆସିଥିଲେ, ସେମାନେ ଥିଲେ "ସ୍ପେକୁଲେଟର୍" । ସେମାନେ ଆସିଥିଲେ ଜମିଦାରୀ ଅଥବା ଚାକିରୀ ଅନ୍ୱେଷଣରେ । ଓଡ଼ିଶାରେ ବଙ୍ଗାଳୀ-ଓଡ଼ିଆ ବିଦ୍ୱେଷ ମୂଳରେ ରହିଥିଲେ ସେଇମାନେ । ଓଡ଼ିଶାରେ ସରକାରୀ ଦପ୍ତର ଓ ସେହି ସୂତ୍ରରେ ଶାସନକଳ ମଧ୍ୟ ପୂରାପୂରି ସେଇମାନଙ୍କ ଅକ୍ତିଆରରେ ରହିଥିଲା । ସରକାରୀ ଦପ୍ତରମାନଙ୍କରେ ଓଡ଼ିଆଙ୍କ ବାଟରେ ସେପରିକି କଣ୍ଟା ଛଟା ଯାଇଥିଲା । ସରକାରୀ ଦପ୍ତର ମାନଙ୍କରେ ଓଡ଼ିଆଭାଷାର ପ୍ରଚଳନ ନଥିବାରୁ ଏଇପରି ଘଟିଥିଲା ।

ଇଂ ୧୮୦୫ ସାଲରୁ ଅବଶ୍ୟ ସରକାରୀ ଦପ୍ତର ମାନଙ୍କରେ ଓଡ଼ିଆଭାଷାର ଆଂଶିକ ପ୍ରଚଳନ ଆରମ୍ଭ ହୋଇ ସାରିଥିଲା । ମାତ୍ର

ଇଂ ୧୮୨୧ ସାଲ ବେଳକୁ ସୁଦ୍ଧା କାଗଜ କଲମରେ (ତାଳପତ୍ର ଓ ଲେଖନରେ ନୁହେଁ) ଓଡ଼ିଆ ଲେଖିପାରିବା ଭଳି "ମୋହରିର" ମିଳୁ ନଥିବାରୁ ସରକାରୀ ଦପ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ଯେଉଁ ସରକାରୀ ନିର୍ଦ୍ଦେଶ ରହିଥିଲା ; ତାହା କାର୍ଯ୍ୟକାରୀ ହୋଇ ପାରୁନଥିଲା । ଏ ପରିସ୍ଥିତି ପୂର୍ବେ ସୂଚିତ ହୋଇଅଛି । ସେଥିପାଇଁ ଇଂ ୧୮୩୭ ସାଲ ଜାନୁୟାରୀ ମାସରେ ବୋର୍ଡ-ଅଫ୍-ରେଭିନ୍ୟୁ ପୁଣି ଥରେ ଆଦେଶ ଜାରୀ କଲେ ଯେ, ଏଣିକି ଫୌଜଦାରୀ ମୋକଦ୍ଦମା ମାନଙ୍କରେ ମଧ୍ୟ ଜମାନବନ୍ଦୀ ଓଡ଼ିଆ ଭାଷାରେ ଲିପିବଦ୍ଧ ହେବ ଓ ତାହାର ନକଲ ବା ପ୍ରତିଲିପି ମାତ୍ର ପାର୍ସୀ ଭାଷାରେ ରହିବ । ଓଡ଼ିଶାରେ କାର୍ଯ୍ୟ କରୁଥିବା ଆଗନ୍ତୁକ ବଙ୍ଗାଳୀ କର୍ମଚାରୀମାନଙ୍କ ପକ୍ଷରେ ଏହା ବିପଦର ଏକ କାରଣ ରୂପେ ଦେଖାଦେଲା । ସେଥିପାଇଁ ଏ ଆଦେଶର ପ୍ରତ୍ୟାହାର ପାଇଁ ନେପଥ୍ୟରେ କଲିକତାରେ ଯଥେଷ୍ଟ କଳକୌଶଳ ମୋଡ଼ା ଚାଲିଲା । ଏହାର ଫଳଶ୍ରୁତି ସ୍ୱରୂପ ଇଂ ୧୮୪୧ ସାଲ ଜାନୁୟାରୀ ମାସରେ, ସଦର ବୋର୍ଡ-ଅଫ୍-ରେଭିନ୍ୟୁ ପୂର୍ବଆଦେଶ ପ୍ରତ୍ୟାହାର କରି ଏକ ନୂଆ ଆଦେଶ ପୁଣି ଜାରୀ କଲେ ଯେ, ଓଡ଼ିଶାରେ ଏଣିକି ସରକାରୀ ଦପ୍ତର ମାନଙ୍କରୁ ଓଡ଼ିଆ ଭାଷାର ପ୍ରଚଳନ ବନ୍ଦ ହୋଇ କେବଳ ବଙ୍ଗଳା ଭାଷାହିଁ ପ୍ରଚଳିତ ହେବ । କିନ୍ତୁ ସୌଭାଗ୍ୟକୁ ସେତେବେଳେ କଟକରେ ଥିବା କମିସନର ମିଲସ୍ ଏହାର ତୀବ୍ର ବିରୋଧ କରିବାରୁ, ସଦର ବୋର୍ଡ-ଅଫ୍ ରେଭିନ୍ୟୁର ଏହି ଆଦେଶ ରହିତ ହୋଇଥିଲା ।

କିନ୍ତୁ ଆଗନ୍ତୁକ ବଙ୍ଗାଳୀମାନେ ସେଥିରେ ନିରୁତ୍ସାହିତ ହୋଇ ପଡ଼ିବାର ପାତ୍ର ନଥିଲେ । ମୂର୍ତ୍ତି ମାଇଲେ ଯିବ ସିନା ଦେବଙ୍କ ସଙ୍ଗେ କଳି କଲା ନ୍ୟାୟରେ ସେମାନେ ଏହାପରେ ସ୍କୁଲ ବିଭାଗର ଇନ୍‌ସପେକ୍ଟରଙ୍କୁ ଧରାଧରି କରି ଓଡ଼ିଶାର ବିଦ୍ୟାଳୟ ମାନଙ୍କରୁ ଓଡ଼ିଆଭାଷା ଉଠାଇ, ବଙ୍ଗଳାଭାଷା ପ୍ରବର୍ତ୍ତନ କରିବା ପାଇଁ ଏକ ପ୍ରସ୍ତାବ ଆରମ୍ଭ କରିଦେଲେ । ଓଡ଼ିଶାରେ ପାଠ୍ୟପୁସ୍ତକର ଅଭାବ ସେମାନଙ୍କ ପକ୍ଷରେ ଏକ ସହଜ ଓ ସୁଲଭ ଯୁକ୍ତି ଥିଲା ।

ସେତେବେଳେ ଶିକ୍ଷାବିଭାଗ ଇନ୍‌ସପେକ୍ଟରଙ୍କ ସେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲେ ଓଡ଼ିଶାର ଶିକ୍ଷାନୁଷ୍ଠାନ ମାନଙ୍କରୁ ଓଡ଼ିଆ ଭାଷା

ଶିକ୍ଷା ଲୋପ ପାଇବା ସଙ୍ଗେ ସଙ୍ଗେ ସରକାରୀ ଦପ୍ତର ମାନଙ୍କରୁ ଓଡ଼ିଆ ଭାଷା ଆଗେ ଆଗେ ଲୋପ ପାଇଯିବାକୁ ବିଶେଷ ବିଳମ୍ବ ଲାଗି ନଥାନ୍ତା ।

ପରବର୍ତ୍ତୀ କମିସନର ମିଷ୍ଟର ଗୋଲଡ୍‌ସ୍‌ବରୀ ଏହାର ତୀବ୍ର ବିରୋଧ କରିବାରୁ ସେ ପ୍ରସ୍ତାବଟି ମଧ୍ୟ କାର୍ଯ୍ୟକାରୀ ହୋଇ ପାରିନଥିଲା । କିନ୍ତୁ ଇଂ ୧୮୫୯ ସାଲରେ ବୋର୍ଡ-ଅଫ୍-ରେଭିନ୍ୟୁରୁ ପୁଣି ଏକ ଆଦେଶ ଜାରୀ କରାଗଲା ଯେ ଓଡ଼ିଆନଭିଜ୍ଞ ଡେପୁଟୀ ମାନଙ୍କୁ ଓଡ଼ିଶାରେ ଏଣିକି ଆଉ କୌଣସି ଚାକିରୀ ମିଳିବ ନାହିଁ । ସେମାନଙ୍କୁ ଓଡ଼ିଆଭାଷା ଶିକ୍ଷା କରିବାକୁ ହିଁ ପଡ଼ିବ । ଏହି ଆଦେଶ ଫଳରେ ଓଡ଼ିଶାର ସରକାରୀ ସିରସ୍ତା ମାନଙ୍କରେ ଓଡ଼ିଆ ଭାଷା ଉପରୁ ଶନିଦୃଷ୍ଟି କଟିଲା । ବଙ୍ଗୀୟ ଡେପୁଟୀ ମାନଙ୍କଠାରୁ ଆରମ୍ଭ କରି କମିସନର ରେଭେନ୍‌ସା ଓ ବିମସ୍ ପ୍ରମୁଖ କମିସନରମାନେ ଓଡ଼ିଆ ଭାଷା କେବଳ ଯେ ଶିକ୍ଷା କରିବା ପାଇଁ ଆରମ୍ଭ କଲେ ତାହା ନୁହେଁ; ରେଭେନ୍‌ସା, ବିମ୍‌ସ୍ ଓ ଗ୍ରୀୟରସନ୍‌ଙ୍କ ପରି ଶାସନ-କର୍ତ୍ତାମାନେ ଓଡ଼ିଆ ଭାଷାର ପ୍ରାଚୀନ ଐତିହ୍ୟ ଓ ସମ୍ପଦ ଆବିଷ୍କାର କରି ତାହାର ପ୍ରଶଂସାରେ ଶତଜିହ୍ୱ ହୋଇ ଉଠିଲେ ।

ମାତ୍ର ଏସବୁ ଭାଷା-ବିଦ୍ୱେଷ ବିସମ୍ବାଦ ସୃଷ୍ଟି କରିବା ମୂଳରେ ରହିଥିଲେ ଆଗନ୍ତୁକ ବଙ୍ଗାଳୀମାନେ । ଓଡ଼ିଶାର ଜନମାନସରେ ଆଗନ୍ତୁକ ମାନଙ୍କର ଔପନିବେଶିକ ଶୋଷଣ ଯେଉଁ ନିଆଁ ଜୁହୁଳାଇ ରଖିଥିଲା ; ଓଡ଼ିଆ ଭାଷା-ବିଦ୍ୱେଷ ସେ ଜୁହୁଳା ନିଆଁକୁ ପ୍ରବର୍ଦ୍ଧିତ କରିଦେଇଥିଲା ।

ଏହି ପରିସ୍ଥିତିରେ ମଧୁସୂଦନ କଟକ ହା: ଇ: ସ୍କୁଲରେ ନାମ ଲେଖାଇବା ପାଇଁ ଆସିଥିଲେ ।

( ତିନି )

ନିଜ ଅସମ୍ପୂର୍ଣ୍ଣ "ଆତ୍ମ-ଚରିତ"ରେ ମଧୁସୂଦନ କଟକ ହା: ଇ: ସ୍କୁଲରେ ସୃଷ୍ଟ ଏ ପରିସ୍ଥିତି ବର୍ଣ୍ଣନା କରି ଲେଖିଛନ୍ତି···

"My admission to the English High School brought me into contact with Bengali boys and Bengali teachers. The administration of the East India Company had brought into

Orissa a very large number of Bengalis. They were familiar with the system of British administration. Bengal had been under British administration for a pretty long time. They knew the English language and were conversant with the rules and laws of British administration. They were helpful to the officers who were responsible for the administration of Orissa. The people of Orissa were profoundly ignorant of the rules and laws by which the administration was carried on. It is natural for the Bengalis to treat the Oriyas with contempt. Orissa is the "Holy Land" of India. The people were averse to the adoption of the mode of daily life which the Bengalis had adpoted. There was a difference in dress, in language, in food, and in a thousand other respects."

ସେତେବେଳେ କଟକ ହା: ଇ: ସ୍କୁଲରେ ଓଡ଼ିଆ ଛାତ୍ରଙ୍କ ସଂଖ୍ୟା ଥିଲା ଅଙ୍ଗୁଳିମେୟ ! ମଧୁସୂଦନ ଏକେତ 'ଓଡ଼ିଆ'; ସେଥିରେ ମୁଣ୍ଡରେ ଚୂଟି, ଦେହରେ ଖଦି ତନ୍ତିବୁଣା ମିରଜାଇ, ପାଦରେ ମରହଟ୍ଟୀ ପାଣ୍ଡୋଇ ! ବିଦ୍ରୂପ ପରିହାସ ପାଇଁ ସହପାଠୀମାନଙ୍କୁ ଏପରି ଗୋଟାଏ ସୁଲଭ ଶୀକାର ବହୁଦିନୁ ମିଳି ନଥିଲା । ସେଦିନର ଗ୍ଳାନି ବର୍ଣ୍ଣନା କରି ମଧୁସୂଦନ ତାଙ୍କ 'ଆତ୍ମଚରିତ'ରେ ଲେଖିଛନ୍ତି :—

"ମୁଁ ଥିଲି ଏପରି ଅନେକ ପରିହାସର ଶରବ୍ୟ । ମୋର ବଙ୍ଗାଳୀ ସହପାଠୀମାନେ ମୋତେ ସବୁ ବେଳେ ଥଟ୍ଟା ଟାପରା କରୁଥିଲେ । ମୁଁ ସେତେବେଳେ ପିନ୍ଧୁଥିଲି ଗାଁ ତନ୍ତୀଙ୍କ ବୁଣା ଲୁଗା । ସେତେବେଳ ପର୍ଯ୍ୟନ୍ତ ଓଡ଼ିଶାକୁ ଇଂରେଜୀ ସାର୍ଟ ଆସିନଥିଲା । ମୁଁ ଯେଉଁ ଜାମା ପିନ୍ଧୁଥିଲି ତାହାକୁ କୁହାଯାଉଥିଲା ମିରଜାଇ । କିନ୍ତୁ ପ୍ରତ୍ୟହ ସ୍କୁଲରେ ମୋ ପ୍ରତି ଯେଉଁସବୁ ଲାଞ୍ଛନା ପରିହାସ ହେଉଥିଲା, ତାହା ମୋ ଭିତରେ କ୍ରମେ କ୍ଷମାଭାବର ସଞ୍ଚାର କରିଥିଲା । ବଙ୍ଗାଳୀ ସହପାଠୀମାନେ ମୋ ବିଷୟରେ କଣ ଭାବୁଥିଲେ ବା ନଭାବୁଥିଲେ ସେଥିପ୍ରତି ମୁଁ ସମ୍ପୂର୍ଣ୍ଣ ଉଦାସୀନ ହୋଇ ପଡ଼ିଥିଲି । ମୋ ମୁଣ୍ଡରେ ଗୋଟିଏ ଲମ୍ବା ଚୂଟି ଥିଲା । ଏ ଚୂଟିରେ ଗଣ୍ଠି ପଡ଼ୁଥିଲା । ସେମାନେ ଭାବୁଥିଲେ ଏହା ବାଳିକାର ଲକ୍ଷଣ ; ବାଳକର ନୁହେଁ । ବଙ୍ଗଳାରେ ସେତେବେଳକୁ ପିଲାଏ ମୁଣ୍ଡବାଳ ସାନ ସାନ କରି ରଖୁଥିଲେ । ତେଣୁ ମୁଣ୍ଡବାଳ ଛୋଟ କରି କାଟିବା ଫେସନରେ ପରିଣତ

ହୋଇ ଯାଇଥିଲା । ଥରେ ମୋର ଜଣେ ବଙ୍ଗାଳୀ ସହପାଠୀ କଇଁଚିରେ ମୋର ସେ ଚୁଟିଟିକୁ କାଟିଦେଲା ।"

ମାତ୍ର ଏହାର ପ୍ରତ୍ୟୁତ୍ତର ହେଲା ଅତି ଷସମ !

ସତ୍ୟଭାମାପୁର ଗ୍ରାମ-ପାଠଶାଳାରେ, ସେଦିନ ଯେଉଁ ବାଳକଟି ମାଗୁଣି ଅବଧାନଙ୍କ ଆଗରେ ଦୁର୍ବିନୀତ, ଉଦ୍ଧତ-ଚପଳ ଭଙ୍ଗୀରେ ସ୍ଥିର ଶାନ୍ତ କଣ୍ଠରେ ପଚାରିଥିଲା, "ଗୋଶାଳା ଯଦି ହୁଏ ପଣ୍ଡିତଶାଳା ନ ହେବ କାହିଁକି ?"…ଏବେ ଉଦ୍ଧ ପ୍ରକାଶ୍ୟ ସହପାଠୀମାନଙ୍କ ଉପରେ ସେହିପରି ଦୃଷ୍ଟି ହାଣି ଉତ୍କଟତର ପରିହାସରେ ସେ ବାଳକଟି କହୁଥିଲା…"ଥରେ ମୋର ବଙ୍ଗୀୟା ସ୍ତ୍ରୀଙ୍କ ପାଇଁ ସେଇ ଚୁଟିଟାର ଅବଶେଷରେ ହେବ ମୋର ପୌରୁଷର ପ୍ରମାଣ !"*

ସହପାଠୀମାନଙ୍କର ମୁହଁ ସବୁ କିନ୍ତୁ ସେଦିନ ଏ ଆକ୍ଷେପରେ ରଙ୍ଗା ପଡ଼ି ଯାଇଥିଲା । ଏହା ପର ଠାରୁ କଟକ ହାଃ ଇଃ ସ୍କୁଲରେ ମଧୁସୂଦନଙ୍କ ଅବସ୍ଥା ଅତ୍ୟନ୍ତ ଅସ୍ୱସ୍ତିକର ହୋଇ ପଡ଼ିଥିଲା । ମଧୁସୂଦନ ସେତେବେଳେ ଏହାର ଯେପରି ସମ୍ମୁଖୀନ ହୋଇଥିଲେ ; ତାହା ତାଙ୍କରି ଭାଷାରେ ପ୍ରକାଶ କରିବାହିଁ ନିରାପଦ । ମଧୁସୂଦନ ଲେଖିଛନ୍ତି—

* "I was the target. All my Bengali class-comrades constantly fired their volley of sarcasm and insult. I was dressed in clothes which were the product of the village weaver. The English shirt had not then made its way to Orissa. I was dressed in what is called "Mirjai." The insult and scorn which was my share in the daily life at school produced in me in the end a spirit of forgiveness coupled with a feeling of indifference as to what my Bengali comrades thought of me. I had long hair which was tied at the back. This they considered the sign of my being a girl, not a boy. In Bengal at that time short cropped hair was the fashion. One day one of my Bengali companions cut off my hair with a pair of scissors. I took it in good spirit. I asked my friend to let me have the tuft of hair, saying that I wanted to keep it, in order to prove my sex if I ever thought of marrying a Bengali girl. There was a sting in this retort.—(ଅସମ୍ପୂର୍ଣ୍ଣ ଆତ୍ମଚରିତ)

"Our headmaster was a young Bengali whose qualification was that he had passed .the Entrance examination, now called Matriculation. The selections from English Literature which were prescribed for Entrance Examination were taught by the Headmaster who was a recent indent from Bengal. He interpreted a sentence in a certain way. I considered his interpretation incorrect, and had the courage to say so. This was considered an instance of impudence and insolence which could not be tolerated in an Oriya boy. My name was removed from the register and I was expelled. This was a critical moment of my life. I realised the importance of my expulsion from school. It meant a full-stop to my progress in English education. The value and importance of the Bengalis was due to their knowledge of the English language. Without a knowledge of this language it was impossible for my future life to have a long journey through the arid desert. Some of my Oriya school-mates advised me to plead for my pardon to the Headmaster. I spent a most restless night, but the suggestion did not appeal to my conscience or sense of self-respect. Early next morinng I went to Mr. Haley's bungalow. He was the controlling authority of the school. I do not remember his initials, but he held some appointment in the Collectorate buildings. I did not then know of the existence of the Indian Civil Service, but soon after this incident of my life I learnt that Mr. Haley came out from England, and in course of time the highest office in the country's administration would be within his reach. Early next morning I went to this gentleman's bungalow, dressed as an Oriya with my Mirjai on. I was in the verandah. A table was covered by white linen and on it were the white cups and saucers. I did not know then what porcelain was, neither had I ever seen a European eating his meals. The peon or orderly in attendance explained to me the use of the table and the things on it. I stood out below the raised verandah to interview the Sahib when he came out. He talked to me in Oriya and asked me what I wanted. I narrated what had happened and showed him the passage. He asked me how I understood the passage and how the Headmaster understood it. On hearing me he smiled and asked me whether I was an Oriya, and to what caste I

belonged. He asked me to go to the school on the following morning at 11 00 A.M. I went to the school a little before the appointed time, and waited at the entrance of the school premises. Mr. Haley came in time. I bowed to him as he passed me in his buggy. I have no knowledge of what transpired, though at the time I felt an intense curiosity to know the details of the Headmaster's interview with him. Soon after Mr. Haley left the place. I was sent for by the Headmaster who said he had pardoned me and had decided to take me back into the school. After this incident there was a perceptible change in the conduct of my Bengali schoolmates towards me. The impressions which the incident produced on my mind can be recalled in their original vigour."

"During the years of the Bengali persecution at school I looked back with a sigh, a regret, sometimes with tears, to the days, I spent in my village before I was transported to Cuttack for my English education. I thought of the days when I was loved, respected, and blessed as the scion of an old family of Zamindars. But I was beginning to be reconciled to a life where scorn, contempt, and insult would be my share. My readmission into the school dispelled the dark clouds which had gathered on the horizon, a long vista of future life appeared before me. I realised the truth of the Sanskrit Couplet: "A King is honoured in his own country, but a learned man is honoured everywhere." I learned to distinguish between inherited respect and self-acquired respect, and I decided to devote the rest of my life to the pursuit of respect earned by merit."

ଏହି ପ୍ରକାର ପରିସ୍ଥିତି ମଧ୍ୟରେ ଇଂ ୧୮୬୪ ସାଲରେ ମଧୁସୂଦନ ଷୋଳବର୍ଷ ବୟସରେ କଟକ – ସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। କଟକ ସ୍କୁଲରେ ଛାତ୍ର ଥିବା ବେଳେ, ସେ ସେ ଅଧ୍ୟୟନ ପ୍ରତି ଏକାନ୍ତ ଭାବରେ ମନୋଯୋଗୀ ନଥିଲେ ଓ ପୂର୍ବୋକ୍ତ ଘଟଣା ପରି ନାନା ଘଟଣା ଦୁର୍ଘଟଣାରେ ବାରମ୍ବାର ଜଡିତ ଥାଇ, ଅଧ୍ୟୟନରେ ମନୋନିବେଶ କରିପାରୁ ନଥିଲେ ; ମଧୁସୂଦନଙ୍କ ପରି ଛାତ୍ର କିଶୋର ଉଚ୍ଚମାନରେ ଏଣ୍ଟ୍ରାନ୍ସ ପାସ କରିବାରୁ ତାହା ଅନୁମିତ ହୋଇଥାଏ।

ସେ ଯେଉଁ ବର୍ଷ ଏଣ୍ଟ୍ରାନ୍ସ ପାସ କଲେ, ସେହିବର୍ଷ ବାଲେଶ୍ବର ଜିଲ୍ଲା ସ୍କୁଲରୁ କବି ରାଧାନାଥ ରାୟ ମଧ୍ୟ ଏଣ୍ଟ୍ରାନ୍ସ ପାଶ କରିଥିଲେ । ପୁରୀ ସ୍କୁଲରୁ ସେହିବର୍ଷ ଏଣ୍ଟ୍ରାନ୍ସ ପାଶ କରିଥିଲେ ଶ୍ରୀ ରହାସ ବିହାରୀ ନାୟକ । ତାଙ୍କ ଦିନେ ସେ ଜଣେ ଅତି ପ୍ରସିଦ୍ଧ ଡେପୁଟୀ କଲେକ୍ଟର ହୋଇ ପାରିଥିଲେ । ରାଧାନାଥ ପରବର୍ତ୍ତୀ କାଳରେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ କର୍ଣ୍ଣଧାର ରୂପେ ଯଥାର୍ଥ “କବିବର” ରୂପେ ସମ୍ମାନିତ ହୋଇଥିଲେ, ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ମଧୁସୂଦନଙ୍କ ନାମ ଏଣ୍ଟ୍ରାନ୍ସ ପାସ ତାଲିକାର ଶେଷ ସ୍ଥାନରେ ଥିଲା··· “ମଧୋସୂଦନ ଡସ୍” । ତେଣୁ ମଧୁସୂଦନ ଭୁଲ୍ ନାମରେ କଟକ ହାଇସ୍କୁଲରୁ ଏଣ୍ଟ୍ରାନ୍ସ ପାଶ କରିଥିଲେ ବୋଲି ପରବର୍ତ୍ତୀ କାଳରେ ଯେଉଁ ତଥ୍ୟ ପ୍ରଚାରିତ ହୋଇଥିଲା, ତାହା ନିର୍ଜଳା ‘ରହସ୍ୟ ସୃଷ୍ଟି’ ବ୍ୟତୀତ ଅନ୍ୟ କିଛି ନଥିଲା । *

---

* **INDEX**

**To the Calcutta Gazetter.**

(January to June, 1865)

Orders by the Vice-Chancellor and the Syndicate.

Entrance Examination, pages from 15 to 24.

**Cuttack School**

IInd Division

1. E. J. Chateliar
2. Harish Chandra Mukherjee.
3. Madhoo Sudan Doss (Serial No. 317)
4. Madhusudan Mohapatra. (Serial No. 318)
5. Shyamcharan Banerjee. (Serial No. 480)

**Puri School**

1. Rahas Behari Nayak. (Serial No. 429)

Sd/- J.Sutcliffe, M.A.

2nd January, 1865 Offg. Registrar

# ପଞ୍ଚମ ପରିଚ୍ଛେଦ

( ଏକ )

ଏଣ୍ଟ୍ରାନ୍ସ ପାଠ, ଏଣ୍ଟ୍ରାନ୍ସ ପାଠ ··· ଏଣ୍ଟ୍ରାନ୍ସ ପାଠ ସରିଗଲା । ପରୀକ୍ଷା ଫଳ ବାହାରିବା ପରେ ମଧୁସୂଦନ ଗାଁରେ ହାତବାନ୍ଧି ବସିଲେ । ଏହାପରେ ଏଫ୍. ଏ ପଢ଼ିବା ପାଇଁ ଇଚ୍ଛା, ମାତ୍ର ଆଉ ପାଠ ପଢ଼ାଇବା ପାଇଁ ଚୌଧୁରୀ ରଘୁନାଥଙ୍କର ଧନ ନଥିଲା କି ମନ ନଥିଲା । ମଧୁସୂଦନଙ୍କ ପୂର୍ବରୁ ଗୌରୀଶଙ୍କରଙ୍କ ପରି କେତେକ କୃତୀ ଛାତ୍ର କଟକ ହାଇସ୍କୁଲରୁ ବୃତ୍ତି ପାଇ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ପାରିଥିଲେ । ମାତ୍ର ମଧୁସୂଦନ ପରୀକ୍ଷାରେ ବୃତ୍ତି ପାଇ ପାରିଲେ ନାହିଁ ବୋଲି ଚୌଧୁରୀ ରଘୁନାଥ ଦାସଙ୍କ ମନରେ ଅବଶୋଷର ଅନ୍ତ ନଥିଲା । ତାହାବା ମୋକଦ୍ଦମାର ନଷ୍ଟ ଭରି ମଧୁସୂଦନଙ୍କୁ ଚୌଧୁରୀ ରଘୁନାଥ ଗ୍ରାପ୍ୟ ସ୍ଥିତ ଦେଇଥିଲେ ।

୧୮୬୫ ସାଲ···

ନଅଙ୍କ ଦୁର୍ଭିକ୍ଷର ପୂର୍ବବର୍ଷ ।

ସେ ବର୍ଷ ମଧ୍ୟ ମରୁଡ଼ି । ଧାନ ଚାଉଳର ଦର ଅଗ୍ନିବେଗରେ ବୃଦ୍ଧି ପାଇବା ଆରମ୍ଭ କରିଥିଲା । ଚାଉଳ ଟଙ୍କାକୁ କଟକୀ ଦଶସେର । ଦୁର୍ଭିକ୍ଷ ଆଉ କାହାକୁ କହନ୍ତି ? ପୂର୍ବ ବର୍ଷ ଫସଲର ଅବସ୍ଥା ମଧ୍ୟ ବିଶେଷ ଭଲ ନଥିଲା । ରଘୁନାଥଙ୍କ ସଂସାରର ବ୍ୟୟଭାର ଦିନକୁ ଦିନ ଆୟକୁ ଟପି ବଳାଇ ପଡ଼ୁଥିଲା । ସେଥିରେ ପୁଣି ଦେଶୀଦାର ମାନଙ୍କର ହାତରେ ରଘୁନାଥ ନିତ୍ୟଜର୍ଜରିତ ଥିଲେ ।

କଚେରୀ ବନ୍ଦୀରେ ଚୌଧୁରୀ ରଘୁନାଥ ଦିନେ ଗ୍ରାମକୁ ଆସି ମଧୁସୂଦନଙ୍କୁ କହିଲେ···"କମିସନର୍‌ଙ୍କ ସିରସ୍ତାଦାର ଚିଦାନନ୍ଦ ବାବୁଙ୍କ ସଙ୍ଗରେ ମୁଁ କଥାବାର୍ତ୍ତା କରିଛି । କଲେକ୍ଟରୀ ଅଫିସରେ ସେ ତୋତେ ଢୁକାଇ ଦେବେ ! ଏଣ୍ଟ୍ରାନ୍ସ୍ ପାସ କଲୁ । ହାତବାନ୍ଧି ଘରେ ଆଉ କେତେ ଦିନ ବସି ରହିବୁ ?"

ମାତ୍ର ଧୋତି ଉପରେ ଚୋଗା ମଡ଼ାଇ, ମୁଣ୍ଡରେ ତାଲିଆ ପଗଡ଼ି ବାନ୍ଧି, କାଖରେ ନାଲି ବସ୍ତାନି ଜାକି, କାନରେ କଲମ ଖୋଷି, ତଉଡ଼ୀରେ ବନ୍ଧା ସ୍ୟାହି ବୋତଲ ଝୁଲାଇ, ସରକାରୀ ଅଫିସକୁ ଅମଲା ସାଜି ଯିବାର ଭାବନା ସୁଦ୍ଧା ମଧୁସୂଦନଙ୍କ ପକ୍ଷରେ ଉତ୍କଟ ଅସହ୍ୟ ଥିଲା । ସେତେବେଳକୁ ଅବଶ୍ୟ ଏକ ପ୍ରାଚୀନ ଜମିଦାର ବଂଶର ସନ୍ତାନ ରୂପେ ମଧୁସୂଦନଙ୍କ ମନରେ ଅହଙ୍କାରର ସେ ଉତ୍ତାପ ଆଉ ନଥିଲା ।

କଟକ ଇଂରେଜୀ-ସ୍କୁଲରେ ପଢ଼ିବା ଦିନୁ, ଓଡ଼ିଆ ଜାତିର ଅର୍ଥନୈତିକ, ବୌଦ୍ଧିକ ଓ ରାଜନୈତିକ ଅବସ୍ଥାର ପ୍ରକୃତ ପରିଚୟ ପାଇ ମଧୁସୂଦନଙ୍କର ସେ ସବୁ ଅହଙ୍କାର ଭାଙ୍ଗି ପଡ଼ିଥିଲା । ତଥାପି ତାଙ୍କ ମନରୁ ଯାଇନଥିଲା ଓଡ଼ିଆ ରୂପେ ଏକ ପ୍ରଚଣ୍ଡ ସ୍ୱାଭିମାନ । କର୍ପୂର ଉଡ଼ା କନା, କଳଙ୍କି ଲଗା କସ୍ତାଟ ପରି, ଜମିଦାର ବଂଶଗୌରବର ମିଥ୍ୟା ଦର୍ପରେ ନୁହେଁ, ବିଦ୍ୟା ଓ ବୌଦ୍ଧିକତା ପୁଣି ସାଧନା ଓ ସଂଗ୍ରାମ ମଧ୍ୟରେ ହୃତ ସମ୍ମାନର ଉଦ୍ଧାର ପାଇଁ ତାଙ୍କ ମନରେ ଗୋଟାଏ ଅଭିଳାଷ ଜାଗି ଥିଲା । ଓଡ଼ିଆ ଭୂମି, ଜାତୀୟତା, ଭାଷା ଓ ସଂସ୍କୃତିର ପ୍ରାଣପ୍ରତିଷ୍ଠା ପାଇଁ ଛାତ୍ରାବସ୍ଥାରେ ସେହି ପ୍ରତିଯୋଗିତା ମଧ୍ୟରୁ ତାଙ୍କ ମନରେ ତେଣୁ ଜାଗିଥିଲା ଗୋଟାଏ ସଂକଳ୍ପ । ଯେଉଁ ଆଗନ୍ତୁକ ବଙ୍ଗାଳୀ ସହପାଠୀ ମାନେ ନିତ୍ୟ ନାନା ଅଶ୍ଳୀଳ ବିଦ୍ରୂପରେ ତାଙ୍କୁ ଜର୍ଜରିତ କରୁଥିଲେ ଦିନେ କପରି ସେହିମାନଙ୍କର ସେ ସମ୍ମାନୀୟ ହୋଇ ପାରିବେ—ଏହାହିଁ ଥିଲା ତାଙ୍କ ତରୁଣ ମନର କଥା

ମାତ୍ର ସରକାରୀ ଅଫିସରେ ଅମଲା ହୋଇ ସେପରି ଅଭିଳାଷ ଚରିତାର୍ଥ ହେବାର କୌଣସି ଆଶା ଅଥବା ଅବକାଶ ନଥିଲା ।

ମଧୁସୂଦନ ପିତାଙ୍କୁ ଉତ୍ତର ଦେଲେ ··

"ମୋର ଇଚ୍ଛା ଏଫ୍. ଏ. ପଢ଼ିବି । ତାପରେ ବି. ଏ. । ମୁଁ ହେବି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ ।"

ସେ ପର୍ଯ୍ୟନ୍ତ ଓଡ଼ିଶାରେ କେହି ବି ଗ୍ରାଜୁଏଟ ନଥିଲେ ।

ଚୌଧୁରୀ ରଘୁନାଥ ଦାସ ଘଣ୍ଟେ ତେଲଡଙ୍କା ଆରାମ ଚୌକିରେ ପଡ଼ି ହୁକା ଟାଣୁଥିଲେ ।

ପୁତ୍ରର ଏପରି ଧାର୍ମିକ ଅଭିଳାଷ, ତାଙ୍କୁ ଅବାଧ୍ୟତା ପରି ଲାଗିଲା । ଚୌଧୁରୀ ରଘୁନାଥ ଯେପରି ଜବରଦସ୍ତ ସେହିପରି କ୍ଷଣକୋପୀ ଥିଲେ । କ୍ରୋଧରେ ସେ ହୁକା ନଳୀଟା ତଳେ ଫିଙ୍ଗି ଦେଇ କହିଲେ···

“କାଲି ସକାଳେ କଟକ ଯାଇଁ ସଚ୍ଚିଦାନନ୍ଦ ବାବୁଙ୍କ ସହିତ ଦେଖା କର । ଯିବାବେଳେ ସଚ୍ଚିଦାନନ୍ଦ ବାବୁଙ୍କ ପାଖକୁ ମୋର ଖଣ୍ଡେ ଚିଠି ନେଇ ଯିବ । ଢେର ପାଠ ହୋଇଗଲା । ତା ନହେଲେ ଚୌଧୁରୀ ରଘୁନାଥ ଦାସର ମୁହଁ ଉପରେ କଥା କହି ପାରନ୍ତ କିପରି ? ଆଉ ପାଠର ଦରକାର ନାହିଁ ! ଓଡ଼ିଆ ପିଲା ଗ୍ରାଜୁଏଟ ହେବାଟା ସହଜ କଥା ହଉଛି ?”···କଣ୍ଠରେ ଅଲଂଘନୀୟ ଆଦେଶର ସ୍ୱର !

ତା’ପରଦିନ ପ୍ରତ୍ୟୁଷରୁ ମଧୁସୂଦନ କାଖତଳେ ଛୋଟିଆ ପୁଟୁଳୀଟିଏ ଜାକି କଟକ ବାହାରିବା ବେଳେ, ତାଳ ନଡ଼ିଆ ଆମ୍ବତୋଟାଘେରା ଜନ୍ମସ୍ଥାନ ସତ୍ୟଭାମାପୁର ଗାଁ ଆଡ଼େ ଥରେ ଚାହିଁଲେ । ତାଙ୍କ ମନେ ମନେ କିଏ ଯେପରି ଚିତ୍କାର କରି କହୁଥିଲା···“ବିଦାୟ ବିଦାୟ !” ପ୍ରିୟ ଜନ୍ମସ୍ଥାନ, ନଡ଼ିଆଗଛ ବାଉଁଶ, ଆମ୍ବତୋଟାର ପତ୍ରଶୀର୍ଷ, ସବୁଠାରେ ଯେପରି ସକାଳର କଅଁଳ ଖରାରେ ଅଶ୍ରୁଳେଖଟା ବିଦାୟର ଯେଉଁ ବାଣୀ ମୂର୍ଚ୍ଛିତ ହୋଇ ଉଠିଥିଲା ।

ମଧୁସୂଦନ ପ୍ରତିଭାମୟୀ କୃଷ୍ଣାଦେବୀଙ୍କ ସତୀ ଚଉରା ନିକଟକୁ ଯାଇଁ ସେଠାରେ ଗର୍ଭଣୀ ଗଛମୂଳେ ଗୋଟିଏ ମୁଣ୍ଡିଆ ମାରିଲେ । ତାଙ୍କର ସାରାଦେହ ରୋମାଞ୍ଚିତ ହୋଇ ଉଠିଲା । ଗୋଟାଏ ଆଦର୍ଶ ପାଇଁ ପୁଣ୍ୟ ସଂକଳ୍ପ ଧରି ଚିତାନଳ ମଧ୍ୟରେ, ସତୀ ସାଧ୍ୱୀ କୃଷ୍ଣାଦେବୀଙ୍କ ଆତ୍ମୋତ୍ସର୍ଗ ଏକ ନିଷ୍ପନ୍ଦ ପ୍ରଦୀପଶିଖାପରି, ମଧୁସୂଦନଙ୍କ ହୃଦୟରେ ଉଦ୍ଭାସିତ ହୋଇ ଉଠିଲା । ତାଙ୍କ ଦେହରେ ତ ସେହି ସତୀଶିରୋମଣିଙ୍କର ରକ୍ତ ପ୍ରବାହିତ ହେଉଛି ! ତା’ ହେଲେ ଏ ଭୟ କାହିଁକି ? ଏ ଚିତ୍ତଦୌର୍ବଲ୍ୟ କେଉଁଥି ପାଇଁ ?

(ଦୁଇ)

କମିଶନର ଅଫିସର ସେରସ୍ତାଦାର ବାବୁ ହରିଆନନ୍ଦ ଦାସ ମଧୁସୂଦନଙ୍କ ଜୀବନ ନାଟକରେ ମୁଖ୍ୟ, ଗୌଣ, ଏସବୁରି [illegible]

ସୁଦ୍ଧା ନୁହନ୍ତି । ତେଣୁ ତାଙ୍କ ସମ୍ପର୍କରେ କୌଣସି ଆଲୋଚନା ଏଠାରେ ଅପ୍ରାସଙ୍ଗିକ ମନେ ହୋଇପାରେ । କିନ୍ତୁ ଏହି ବିଚିତ୍ରାନନ୍ଦ ହିଁ ଥିଲେ ମଧୁସୂଦନଙ୍କ ଜୀବନ-ନାଟକର ସୂତ୍ରଧର । ଏହି ବିଚିତ୍ରାନନ୍ଦଙ୍କଠାରୁ ମଧୁସୂଦନ ଏଣ୍ଟ୍ରାନ୍‌ସ୍ ପାଶ କରିବା ପରେ, କଟକରେ ଅମଲା ବୃତ୍ତି ନ କରି, ନିଜ ଶକ୍ତିରେ ନିଜେ କଲିକତାରେ ଉଚ୍ଚଶିକ୍ଷା ଲାଭ କରିବାର ପ୍ରେରଣା ପାଇଥିଲେ ।

ଯାଜପୁର ସବ୍‌ଡ଼ିଭିଜନ ଅନ୍ତର୍ଗତ କଣ୍ଟାବଣିଆଗ୍ରାମର ଗୋଟିଏ ସମ୍ଭ୍ରାନ୍ତ କରଣ ପରିବାରରେ ବିଚିତ୍ରାନନ୍ଦ ଜନ୍ମଗ୍ରହଣ କରିଥିଲେ । ମାତ୍ର ତାଙ୍କର ପ୍ରତିଷ୍ଠା, ବଂଶମର୍ଯ୍ୟାଦା ଉପରେ ଆଦୌ ନିର୍ଭରଶୀଳ ନଥିଲା । ଅତି ଅଳ୍ପ ବୟସରେ ସୁଦ୍ଧା ନିଜ ବୁଦ୍ଧିବଳରେ ସେ କମିସନର ଟ୍ରେବର ସାହେବଙ୍କର ଦକ୍ଷିଣହସ୍ତ ସ୍ୱରୂପ ହୋଇ ପାରିଥିଲେ । ପୁଣି ପ୍ରବଳ ପ୍ରତାପଶାଳୀ କମିସନର ରେଭେନ୍‌ସା ବିଚିତ୍ରାନନ୍ଦଙ୍କୁ ତାଙ୍କ ପ୍ରଧାନମନ୍ତ୍ରୀ "Prime Minister" ବୋଲି ସାଧାରଣରେ ପରିଚିତ କରାଇବା ପାଇଁ କୁଣ୍ଠିତ ହେଉ ନଥିଲେ । କମିସନର ଅଫିସର ସେରସ୍ତାଦାର ରୂପେ, ସେ ଯେପରି ପ୍ରବଳ ପ୍ରତାପୀ ଥିଲେ, ସେହିପରି ମଧ୍ୟ ଥିଲେ ଅକୃତ୍ରିମ ଦେଶବତ୍ସଳ । ଊନବିଂଶ ଶତାବ୍ଦୀର ଯେଉଁ କେତେଜଣ ମୁଷ୍ଟିମେୟ ଓଡ଼ିଆ ଦୁର୍ବାର ପ୍ରତିଭା ବଳରେ, ପ୍ରତିପକ୍ଷ ମାନଙ୍କର ଶତ ଷଡ଼ଯନ୍ତ୍ର ଓ ଆକ୍ରମଣ ମଧ୍ୟରେ ସୁଦ୍ଧା, ଓଡ଼ିଶାରେ ନବଯୁଗର ସୂତ୍ରପାତ କରିପାରିଥିଲେ; ସେମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ଦାସ ଅଗ୍ରଗଣ୍ୟ ଥିଲେ । ପ୍ରକୃତ ପକ୍ଷେ ମଧୁସୂଦନଙ୍କ ବହୁ ପୂର୍ବରୁ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣର ସ୍ୱପ୍ନ ବିଚିତ୍ରାନନ୍ଦ ହିଁ ସର୍ବପ୍ରଥମେ ଦେଖିଥିଲେ ।

ଖ୍ରୀ: ୧୮୭୫ ଅଗଷ୍ଟ ମାସରେ ବହୁମୂତ୍ର ରୋଗରେ ତାଙ୍କର ମୃତ୍ୟୁ ହୋଇଥିଲା । "ଉତ୍କଳ ଦୀପିକା" ଏହି ଉପଲକ୍ଷେ ଗୋଟିଏ ବିଶେଷ ସଂଖ୍ୟା ପ୍ରକାଶ କରି ସେଥିରେ ବିଚିତ୍ରାନନ୍ଦଙ୍କ "ଅସାଧାରଣ ବିଚକ୍ଷଣତା"ର ଭୂୟସୀ ପ୍ରଶଂସା କରିଥିଲେ । ତାଙ୍କ ଜୀବଦ୍ଦଶାରେ ସମସ୍ତେ ତାଙ୍କଠାରୁ "ଉତ୍କଳ ବିଷୟରେ ପରାମର୍ଶ ଗ୍ରହଣ କରୁଥିଲେ" ବୋଲି ଏଥିରେ ଉଲ୍ଲେଖ କରି ଯାଇଥିଲା । ବସ୍ତୁତଃ "ଉତ୍କଳ ଦୀପିକା" ସମ୍ବାଦପତ୍ର ଓ କଟକ-ପ୍ରିଣ୍ଟିଙ୍ଗ-କୋମ୍ପାନୀର ପ୍ରତିଷ୍ଠାତା ମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ଜଣେ ମୁଖ୍ୟ

ଉଦ୍‌ଯୋକ୍ତା ଥିଲେ । ସେଥିପାଇଁ "ଉତ୍କଳ ଦୀପିକା"ର ଉକ୍ତ ସଂଖ୍ୟାରେ† ତାଙ୍କୁ "ଉତ୍କଳ ଦୀପିକା"ର "ଉଦୟ-କର୍ତ୍ତା" ରୂପେ ସ୍ୱୀକାର କରାଯାଇଥିଲା ।

ମଧୁସୂଦନଙ୍କ ଜୀବନ ଯେପରି ରୋମାଞ୍ଚକର, ସେହିପରି ଅସୀମ-ସାହସିକ ଥିଲା । ତାଙ୍କ ପିତା ତ୍ରିଲୋଚନ ଦାସ ପୁରୀ ଅଠରନଳା ଘାଟରେ ଯାତ୍ରୀ-ଟିକସ ଆଦାୟ କର୍ମରେ ନିଯୁକ୍ତ ଥାଇ ପୁରୀ ଠାରେ ରହୁଥିଲେ । ମଧୁସୂଦନ ସେଠାରେ ପିତାଙ୍କ ନିକଟରେ ରହି ଏକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ତାଙ୍କ ବିଦ୍ୟାଳୟ ଶିକ୍ଷାରେ ତାଙ୍କର ମନୋନିବେଶ ନଥିଲା । ତେଣୁ କଟକରେ ତତ୍କାଳୀନ ଡେପୁଟୀ ବାବୁ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ରହି ଇଂରାଜୀ ପଢ଼ିବା ପାଇଁ, ତ୍ରିଲୋଚନ ଦାସ ତାଙ୍କୁ କଟକ ପଠାଇ ଦେଇଥିଲେ ।

କିନ୍ତୁ ମଧୁସୂଦନଙ୍କ ଚଞ୍ଚଳ ପ୍ରକୃତି ଓ ପ୍ରତିଭା କୌଣସି ବିଦ୍ୟାଳୟର ପ୍ରାଚୀର ମଧ୍ୟରେ ଆବଦ୍ଧ ହେବା ଭଳି ନଥିଲା । ଥରେ କଟକରୁ ସେ ହଠାତ୍ ନିରୁଦ୍ଦିଷ୍ଟ ଭାବରେ ବାଲେଶ୍ୱର ପଳାଇ ସେଠାରେ ନିମ୍‌କି-ମାହାଲ ବା ଲୁଣ ବିଭାଗରେ ଠିକାଦାରୀ ବ୍ୟବସାୟ ଆରମ୍ଭ କରିଦେଲେ । ସେଦିନ କିନ୍ତୁ ଲୁଣ ଉତ୍ପାଦନକାରୀ ଓଡ଼ିଆ "ମଲଙ୍ଗୀ"ଙ୍କ ଠାରୁ ଆରମ୍ଭ କରି, ବଙ୍ଗାଳୀ ଅମଲା ଓ ଇଂରେଜ ଏଜେଣ୍ଟ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ନୂଆ ଠିକାଦାରଟିକୁ ଦେଖି କି ବିସ୍ମିତ ହୋଇ ନଥିବେ !—କାରଣ ସେତେବେଳେ ମଧୁସୂଦନଙ୍କ ବୟସ ଥିଲା ମୋଟେ ତେର !

ଲୁଣ ଠିକାଦାରୀ ବ୍ୟବସାୟରେ ମନ୍ଦ ଆୟ ହେଲା ନାହିଁ । ଅଭିଜ୍ଞତା ମିଳିଲା ମଧ୍ୟ ପ୍ରଚୁର । ସେଥି ସଙ୍ଗେସଙ୍ଗେ ନାନା ପ୍ରକାର ସମ୍ପର୍କରେ ଆସି କିଛି କିଛି ନିଶାପାଣି ଅଭ୍ୟାସ ମଧ୍ୟ ହୋଇଗଲା···କିନ୍ତୁ ଏ ସବୁ ଉତ୍ତେଜନା ମଧ୍ୟରେ ସୁଦ୍ଧା ଲୁଣ ଠିକାଦାରୀରେ ମଧୁସୂଦନ ବେଶୀକାଳ ରହି ପାରିଲେ ନାହିଁ । ଅବଶେଷରେ ସେ ହଠାତ୍ ଥରେ ପୁଣି କଟକ ପଳାଇ ଆସି, ଫୌଜଦାରୀ ଅଦାଲତରେ ମୋହରୀର ଚାକିରୀରେ ବାହାଲ ହୋଇଗଲେ । ସେତେବେଳକୁ ବୟସ ତାଙ୍କର ସତର । ଏହି

† "ଉତ୍କଳ ଦୀପିକା" ତା ୭ । ୮ । ୧୮୭୯ ସନର ସଂଖ୍ୟା ଦ୍ରଷ୍ଟବ୍ୟ ।

ତରୁଣ ବୟସରେ ସୁଦ୍ଧା ତାଙ୍କର "ଅସାଧାରଣ ଗୁଣ"ର ବହୁ ପରିଚୟ ମିଳିବାରୁ ତତ୍କାଳୀନ କମିସନର୍ ତାଙ୍କୁ ସିରସ୍ତାଦାର ପଦରେ ନିଯୁକ୍ତ କରିଦେଲେ । ଇଂ ୧୮୭୫ ସାଲରେ ମୃତ୍ୟୁ ପର୍ଯ୍ୟନ୍ତ ବିଚିତ୍ରାନନ୍ଦ ସେହି ପଦରେ ରହି ଓଡ଼ିଶାର ନବ-ଜାଗରଣରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ ।

କମିସନର୍ ଅଫିସରେ ସିରସ୍ତାଦାରୀ ମଧ୍ୟରେ କିନ୍ତୁ ତାଙ୍କର ପ୍ରତିଭା ଓ କର୍ମଶକ୍ତି ସୀମିତ ରହି ପାରି ନଥିଲା । ମଧୁସୂଦନଙ୍କର ଊନବିଂଶ ଶତାବ୍ଦୀର ଶେଷପାଦ ବେଳକୁ ଓଡ଼ିଶାରେ ଶିଳ୍ପ-ଉଦ୍ୟୋଗ ଓ ସଂଗଠନର ସ୍ୱପ୍ନ ଦେଖିବାର ବହୁ ପୂର୍ବରୁ, ବିଚିତ୍ରାନନ୍ଦ କମିସନର୍ ଅଫିସରେ ସିରସ୍ତାଦାର ଥାଇ ସୁଦ୍ଧା କଟକରେ ଦୁଇଗୋଟି ଉଦ୍ୟୋଗ ପ୍ରତିଷ୍ଠାନ ସ୍ଥାପନ କରିଥିଲେ···"କଟକ କୋଅପରେଟିଭ ଆସୋସିଏସନ" ଓ "କାରେଜ-କୋମ୍ପାନି" । କଟକରେ ବାବୁ ରାଧାନାଥ ପାଲ ମୋକ୍ତାର ଏଥିର ସଞ୍ଚାଳକ ଥିଲେ । ଶୁଣାଯାଏ ସେ ଦୁହେଁ ବ୍ୟବସାୟରେ ଯେପରି ଅଭିନ୍ନ ଅଂଶୀଦାର ଥିଲେ, ନିଶାପାଣିରେ ମଧ୍ୟ ଥିଲେ ସେହିପରି ଅନ୍ତରଙ୍ଗ । ଓଡ଼ିଶାରେ କୋଅପରେଟିଭ ପ୍ରଚଳନ " କୋଅପରେଟିଭ ଆସୋସିଏସନ୍ "ର ବ୍ୟବସାୟିକ ଲକ୍ଷ୍ୟ ଥିଲା । ଇଂ ୧୮୬୮ ସାଲ ଡିସେମ୍ବର ମାସରେ "କାରେଜ କୋମ୍ପାନି" କଟକ ସହରରେ ଭଡ଼ା ଘୋଡ଼ାଗାଡ଼ି ଚଳାଇବା ବ୍ୟବସାୟ ଆରମ୍ଭ କରିଥିଲେ । "କୋଅପରେଟିଭ ଆସୋସିଏସନ୍"ର ପରିଣତି କଣ ହେଲା ଜଣାନାହିଁ । ମାତ୍ର ଭଡ଼ାଗାଡ଼ିରେ ଚଢ଼ିଲେ ଆରୋହୀମାନଙ୍କର ଜାତି ଯିବ ବୋଲି "କାରେଜ କୋମ୍ପାନି" ବିରୁଦ୍ଧରେ ସେତେବେଳେ ଏକ ପ୍ରଚାର ଚାଲିବାରୁ, କୋମ୍ପାନୀଟି ବେଶୀଦିନ ଆଉ ଚଳି ପାରିନଥିଲା । ଭଡ଼ାଗାଡ଼ୀ ସମ୍ପର୍କରେ ଏ ପ୍ରକାର ପ୍ରଚାର ଫଳରେ "କାରେଜ କୋମ୍ପାନି" ବେଶୀକାଳ ତିଷ୍ଠି ରହି ପାରିନଥିଲା । ୧୮୭୪ ସାଲ ଡିସେମ୍ବର ମାସ ବେଳକୁ ଏ କୋମ୍ପାନି ପୁରାପୁରି ବନ୍ଦ ହୋଇସାରିଥିଲା । ଅବଶେଷରେ "ଉତ୍କଳ ଦୀପିକା"ର ତା୨-୧-୧୮୭୫ ସଂଖ୍ୟାରେ ଗୋଟିଏ ବିଜ୍ଞାପନ ପ୍ରକାଶ ପାଇଥିଲା···

## ବିଜ୍ଞାପନ

"କଟକ-କାରେଜ-କମ୍ପାନିର କାଳବଜାର ଆଡ଼ଗଡ଼ାରେ ଏକଖଣ୍ଡ ଉତ୍ତମ ଫିଟନ୍ ଗାଡ଼ୀ ତହିଁର ଯୋଡ଼ିଘୋଡ଼ା ସହ ଅତି ଶୀଘ୍ର ନିମନ୍ତେ ରଖାଯାଇଅଛି

ଅଛି, ତାହାର ମୂଲ୍ୟ ଏକହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବନାହିଁ । ତାହା ସୌଖୀନ୍ ଧନୀ ବ୍ୟକ୍ତିଙ୍କ ବ୍ୟବହାରୋପଯୋଗୀ । ଯଦ୍ୟପି କାହାର ଖରିଦ୍ କରିବାର ଇଚ୍ଛା ହୁଏ, ତେବେ ସେ ଗାଡ଼ି ଘୋଡ଼ା ଦେଖି ତାହାର ମୂଲ୍ୟ ଆମ୍ଭ ସଙ୍ଗେ ସ୍ଥିର କରିପାରିବେ ।"

ତା ୧୭ । ୧୨ । ୧୮୭୪ ଶ୍ରୀ ରାଧାନାଥ ପାଲ

ମୋହରର, କେରେଜ କମ୍ପାନୀ

"କାରେଜ କୋମ୍ପାନୀ" ବିରୁଦ୍ଧରେ ସେତେବେଳେ ମୁଦ୍ରିତ ପ୍ରଚାରପତ୍ରରେ ଏହିପରି ଗୀତମାନ ଲେଖାଯାଇଥିଲା···

"ଟଗ୍ରନାମୀ ରହିଁଲେ ମାଡ଼ିଆସେ ଘୋଡ଼ାଗାଡ଼ି
ପଇସା ପକାଇ ଗାଡ଼ିରେ ଚଢ଼ିବୁ
ମନା ନାହିଁ ପ୍ରାଣ ହାଡ଼ି ।"

ବିଚିତ୍ରାନନ୍ଦ ମୁଦ୍ରଣ ଶିଳ୍ପ କ୍ଷେତ୍ରରେ ମଧ୍ୟ ପରିଚିତ ଥିଲେ । ଓଡ଼ିଶାରେ ବିଚିତ୍ରାନନ୍ଦହିଁ ଥିଲେ ପୁଣି ସର୍ବପ୍ରଥମ ଜନସେବକ ଓ ଉଦାର-ପନ୍ଥୀ ସମାଜ ସଂସ୍କାରକ । ୧୮୬୬ ସାଲ ନଅଙ୍କ ଦୁର୍ଭିକ୍ଷ ବେଳେ ଅସଂଖ୍ୟ କ୍ଷୁଧାର୍ତ୍ତ, ସରକାରୀ ଓ ବେସରକାରୀ ଅନ୍ନଛତ୍ର ମାନଙ୍କରେ ପଶି ପ୍ରାଣରକ୍ଷା କରିଥିବାରୁ ସେକାଳର ସମାଜ ଓ ଚଳଣିରେ ଜାତି ହରାଇ-ଥିଲେ । ହିନ୍ଦୁଧର୍ମଚ୍ୟୁତ ହୋଇ ବାଇବଲ ଧର୍ମରେ ଧର୍ମାନ୍ତରିତ ହେବା ବ୍ୟତୀତ ସେତେବେଳେ ସେମାନଙ୍କର ଅନ୍ୟ ଗତି ନଥିଲା । ସେହି ପରିସ୍ଥିତିରେ ହିନ୍ଦୁ ସମାଜରେ ସେମାନଙ୍କର ପୂର୍ନ-ସଂସ୍ଥାପନ ପାଇଁ ଉଦ୍ୟମ କମ୍ ଦୁଃସାହସିକତା ନଥିଲା । ବିଚିତ୍ରାନନ୍ଦ କିନ୍ତୁ "ସ୍ୱଜାତି-ସମ୍ମିଳନ" ନାମରେ ଗୋଟିଏ ଅନୁଷ୍ଠାନ ସ୍ଥାପିତ କରି, ତାହାର ଜରିଆରେ ବହୁ ତଥାକଥିତ ଜାତିଚ୍ୟୁତଙ୍କୁ ପୁଣି "ଜାତି" କରାଇ ପାରିଥିଲେ । ସେପରି ଜାତିଚ୍ୟୁତଙ୍କୁ "ପ୍ରାୟଶ୍ଚିତ୍ତ" ବିଧାନର କର୍ମପଦ୍ଧତିରେ ବ୍ୟସ୍ତ ନବାହ ପାଇଁ, ବିଚିତ୍ରାନନ୍ଦଙ୍କୁ ଯଥେଷ୍ଟ ଋଣଗ୍ରସ୍ତ ହେବାପାଇଁ ପଡିଥିଲା । କମିସନର ଅଫିସର ସିରସ୍ତାଦାର ପଦରେ ଥାଇ, ମଠ ବା ସଦାବର୍ତ୍ତ ଗୁଡ଼ିକର ସୁପରିଚାଳନା ପାଇଁ ସେ ସୂକ୍ଷ୍ମ ଦୃଷ୍ଟି ଦେଇଥିଲେ । ସେଥିପାଇଁ ପୁରୀ ଜଗନ୍ନାଥବଲ୍ଲଭ ମଠ କିଛିକାଳ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲା । ବସ୍ତୁତଃ ଓଡ଼ିଶାରେ ଏଣ୍ଡାଉମେଣ୍ଟ ବା ଦେବୋତ୍ତର ପରିଚାଳନାରେ

ବିଚକ୍ଷାନନ୍ଦଙ୍କୁ ମଧ୍ୟ 'ଉଦ୍ୟମକର୍ତ୍ତା' ରୂପେ ଗ୍ରହଣ କରାଯାଇପାରେ । ଏସବୁ ବ୍ୟତୀତ "କୃଷିବିଜ୍ଞାନ" ରଚନା ଓ "ଉତ୍କଳ ପାଞ୍ଜି" ପ୍ରକାଶ ଠାରୁ ଆରମ୍ଭକରି "କରଣକୁଣ୍ଡଳ" ନାମକ ପୁସ୍ତକ ଲେଖିବା ପର୍ଯ୍ୟନ୍ତ ; ସେତେବେଳର ସାଧାରଣ ଜୀବନର କୌଣସିଟି ସ୍ତର ତାଙ୍କ ବ୍ୟକ୍ତିତ୍ୱ ଓ ଉଦ୍ୟମର ଶୁଭସ୍ପର୍ଶରୁ ବଞ୍ଚିତ ରହିନ ନଥିଲା । ଏହାପର ନାନା କାର୍ଯ୍ୟରେ କିନ୍ତୁ ସେ ଘୋର ଋଣଦାୟଗ୍ରସ୍ତ ହୋଇପଡ଼ିଥିଲେ ।

ଖଣ୍ଡେ ଅମଲା ଚାକିରୀ ଯୋଗାଡ଼ କରିଦେବା ପାଇଁ, ଶ୍ରୀଧର ରଘୁନାଥ ଦାସଙ୍କ ଅନୁରୋଧ ଚିଠି ନେଇ ମଧୁସୂଦନ ସେଦିନ ଏହି ବିଚକ୍ଷାନନ୍ଦଙ୍କ ତୁଳସୀପୁର ବାସଭବନ ଠାରେ ଉପସ୍ଥିତ ହୋଇଥିଲେ ।

(ତିନି)

ରେଭିନ୍ୟୁ କମିସନର ଟ୍ରେଭର ସାହେବଙ୍କ ସିରସ୍ତାଦାର ପୁଣି ଦକ୍ଷିଣହସ୍ତ ସ୍ୱରୂପ ଥିବାରୁ ସରକାରୀ ଆଇନ କାନୁନରେ ବିଚକ୍ଷାନନ୍ଦ ବେଶ ପ୍ରବୀଣ ହୋଇ ଉଠିଥିଲେ । ସେଥିପାଇଁ ଆଇନଗତ ସରକାରୀ ବ୍ୟାପାର ମାନଙ୍କରେ ପରାମର୍ଶ ନେବାପାଇଁ ବିଚକ୍ଷାନନ୍ଦଙ୍କ ଦୁଆରେ ସକାଳ ସନ୍ଧ୍ୟା ଭିଡ଼ ଲାଗୁଥିଲା । ଉମେଦୁଆର ମାନଙ୍କ ମଧ୍ୟରେ ମୋଗଲବନ୍ଦୀର ଜମିଦାର ଓ ଗଡ଼ଜାତର ରାଜାମାନଙ୍କଠାରୁ ଆରମ୍ଭକରି, ମଫସଲର ସାଧାରଣ ଗୃହସ୍ଥଙ୍କ ପର୍ଯ୍ୟନ୍ତ ନାନା କିସମର ଲୋକଙ୍କ ମେଳା । ସେମାନଙ୍କ ମଧ୍ୟରେ ଥିଲେ, କଚେରୀର ଅମଲା, କମିସନର ସାହେବଙ୍କ କୃପାପ୍ରାର୍ଥୀ, ଅଧସ୍ତନ ଦେଶୀୟ ହାକମ, ଅନୁଗ୍ରହାକାଙ୍କ୍ଷୀ ଚାକିରୀପ୍ରାର୍ଥୀ ଯୁବକ ପୁଣି ସମାଜ ଓ ସଂସାରଦାୟଗ୍ରସ୍ତ ନାନା ଅବସ୍ଥାର ବ୍ୟକ୍ତି ।

ପିତାଦେଶରେ ମଧୁସୂଦନ ଥରେ ବିଚକ୍ଷାନନ୍ଦଙ୍କ ଦାଣ୍ଡରେ ଏହି ଉମେଦୁଆରମାନଙ୍କ ଭିତରେ ଆସି ଅପେକ୍ଷା କଲେ ସାକ୍ଷାତ ପାଇଁ । ବିଚକ୍ଷାନନ୍ଦ ସେତେବେଳେ କିନ୍ତୁ ଘରେ ନଥିଲେ ।

ଅନେକ କ୍ଷଣ ଅପେକ୍ଷା କରିବା ପରେ ଗୋଟାଏ ଘୋଡ଼ାଗାଡ଼ି ଫାଟକ ଭିତରକୁ ଆସିଲା । ଧୋତି ଓ ଗିଲକରା ପଞ୍ଜାବୀପିନ୍ଧା ଏକ ଶୀର୍ଣ୍ଣକାୟ ମୂର୍ତ୍ତି ହାତରେ ଖଣ୍ଡେ ଛଡ଼ି ଧରି, ଇଷତ୍ ସ୍ଥୂଳର ପାଦରେ ଓହ୍ଲାଇଲେ । ଉମେଦୁଆର ଓ ସାକ୍ଷାତ୍‌ପ୍ରାର୍ଥୀ ମାନଙ୍କ ଭିଡ଼ ମଧ୍ୟରେ,

ଅର୍ବାଚୀନ୍ କାଳ ଦୃଷ୍ଟିରେ, ମଧୁସୂଦନଙ୍କୁ ଚିହ୍ନିବାପାଇଁ ସଚ୍ଚିଦାନନ୍ଦଙ୍କୁ ବିଳମ୍ବ ଲାଗିନଥିଲା । ଅଷ୍ଟାଦଶରେ କଟକ ହାଇ ସ୍କୁଲରେ ଛାତ୍ର ଥିବାବେଳେ, ହେଡ଼ମାଷ୍ଟର ଚଣ୍ଡୀଚରଣ ବାନାର୍ଜୀ ସଙ୍ଗରେ ଭାଷା ବ୍ୟାପାରରେ ଝଗଡ଼ା କରି, ମଧୁସୂଦନ ସ୍କୁଲରୁ ଋଷ୍ଟିକେଟେଡ ହେବା, ପୁଣି ନିଜ ଚେଷ୍ଟା ଓ ସାହସ ବଳରେ କଲେକ୍ଟର ହାଲେ ସାହେବଙ୍କୁ ଧରି ହେଡ଼ ମାଷ୍ଟରଙ୍କ ବିରୋଧ ସତ୍ତ୍ୱେ ସ୍କୁଲରେ ପୁଣି ଯୋଗ ଦେବା ସେତେବେଳେ ଜଣେ ଓଡ଼ିଆ ଛାତ୍ର ପକ୍ଷରେ ଅଭାବିତ ଘଟଣା ଥିଲା । ସେଥିପାଇଁ କଟକର ଜନସମାଜରେ ମଧୁସୂଦନ ସେତେବେଳେ ବେଶ୍ ପରିଚିତ ହୋଇ ପଡ଼ିଥିଲେ ।

ମଧୁସୂଦନ ତାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରନ୍ତେ, ସଚ୍ଚିଦାନନ୍ଦ ମଧୁସୂଦନଙ୍କ କାନ୍ଧ ଉପରେ ହାତ ରଖି ପଚାରିଲେ······

"କିରେ ମଧୁ ହଠାତ୍ ତୁ କୁଆଡେ ?"

ରଘୁନାଥ ଦାସଙ୍କ ଶଠିଖଣ୍ଡ ସଚ୍ଚିଦାନନ୍ଦଙ୍କ ଆଡ଼େ ବଢ଼ାଇ ଦେବା ପାଇଁ ସମୟ ନଥିଲା । ସଚ୍ଚିଦାନନ୍ଦ ମଧୁସୂଦନଙ୍କ ହାତ ଧରି, ତାଙ୍କୁ ବୈଠକଖାନା ଭିତରକୁ ସଙ୍ଗୋଳି ନେଲେ ।

ଗୁଡ଼ଗୁଡ଼ିରୁ ଧୂଆଁ ଟାଣିଟାଣି ରଘୁନାଥଙ୍କ ଶଠିଖଣ୍ଡ ପଢ଼ିସାରିବା ପରେ ସଚ୍ଚିଦାନନ୍ଦଙ୍କ ମଳିନ ଆଖି ଦୁଇଟି ବିଷର୍ଣ୍ଣ ହୋଇଗଲା । ଶଠିଖଣ୍ଡ ଭାଙ୍ଗି ଭୁଙ୍ଗି ପକେଟରେ ରଖି ସେ ମନକୁ ମନ ସ୍ୱଗତୋକ୍ତି କଲା ପରି କହିଲେ·· "ଓଡ଼ିଶାରେ କେହି କଣ ଏଂଟ୍ରାନସ୍ ଉପରକୁ ଆଉ ବେଶୀ ପାଠ ପଢ଼ିବେ ନାହିଁ ? ମୋହନଭିର, ଅମଲା, ଚୁଟ୍କାରିଆ ଓକିଲ, ଏଇଆ ଶେଷକୁ ହେବ କଣ ଓଡ଼ିଆଙ୍କ କପାଳ ଲିଖନ ?"

ସଚ୍ଚିଦାନନ୍ଦ ବୈଠକଖାନା ଭିତରେ କିଛିକ୍ଷଣ ପାଦଚାରଣା କରିବା ପରେ କିଂକର୍ତ୍ତବ୍ୟ ବିମୂଢ଼ ମଧୁସୂଦନଙ୍କ ଆଡ଼େ ଫେରି ଚାହିଁ ପଚାରିଲେ······ "ତୁ କଣ କରିବୁ ଭାବୁଛୁ ମଧୁ ? ଅମଲା ହେବୁ ?" ମଧୁସୂଦନ ନିରୁତ୍ତର । ସେ ଶୁଣିବା ପାଇଁ ଅପେକ୍ଷା କରୁଥିଲେ ସଚ୍ଚିଦାନନ୍ଦଙ୍କ ପରାମର୍ଶ ।

ସଚ୍ଚିଦାନନ୍ଦ କହିଲେ···"ଏଂଟ୍ରାନସ୍ ପାଠ କିଛି ନୁହେଁ, କିଛି ନୁହେଁ । ଆହୁରି ପାଠ ଦରକାର । ଅନେକ ପାଠ । ଜାଣିଚୁ ମଧୁ ମୁଁ ଯାହ

ପାଠ ପଢ଼ିଥାନ୍ତି, ତା'ହେଲେ ମୁଁ ବକିଲ ସାଇଁ ହୋଇ ପାରିଥାନ୍ତି ଏଇ ଷ୍ଟେଭର ସାହେବ ପରି କମିସନର । ତାଙ୍କ ଅଫିସରେ ସିରସ୍ତାଦାର ନୁହେଁ । କିନ୍ତୁ ପଢ଼ିବା ବୟସରେ ତ ପଢ଼ିଲି ନାହିଁ । ସେ ଭୁଲ ତୁ କରିବୁ ନାହିଁ ମଧୁ ।"

ମଧୁସୂଦନ ମନରେ ହଠାତ୍ ଗୋଟାଏ ଦମ୍ଭ ଓ ଅବଲମ୍ବନ ଫେରି ପାଇ କହିଲେ···"କଟକରେ ତ ଏଫ୍.ଏ. କ୍ଲାସ ନାହିଁ । ସେଥିପାଇଁ କଲିକତା ଯିବାକୁ ପଡ଼ିବ ।"

କିନ୍ତୁ କଲିକତାରେ ପାଠ ପଢ଼ିବା ପାଇଁ ତାଙ୍କର ଯେ ସମ୍ବଳ ନଥିଲା, କିମ୍ବା ସେଥିପାଇଁ ଚୌଧୁରୀ ରଘୁନାଥ ଦାସଙ୍କର ଧନବଳ ନଥିଲା, ମଧୁସୂଦନ ସେକଥା ଆଉ ପ୍ରକାଶ କରି ପାରିଲେ ନାହିଁ । ସେକଥା କହିବା ବେଳେ ତାହା ଯେପରି ତାଙ୍କ ଓଠରେ ଅଟକି ଗଲା । ସଚ୍ଚିଦାନନ୍ଦ ସ୍ୱଗତୋକ୍ତି କଲାପରି ମନକୁମନ କହୁଥିଲେ··· "ଗୌରୀଶଙ୍କର ଠାରୁ ଅନେକ କିଛି ଆଶା କରୁଥିଲି । ମାତ୍ର ସେ ମଧ୍ୟ କଲିକତାରୁ ଅଧାବାଟିଆ ହୋଇ ଫେରି ଆସିଲା । ଏବେ ସେ ଜଣେ ସେଇ ଅମଲା । ପାଲମଣି ଷଡ଼ଙ୍ଗୀ ଖୁବ ମେଧାବୀ ଛାତ୍ର ଥିଲା । ପରୀକ୍ଷାରେ ଛାତ୍ରବୃତ୍ତି ସୁଦ୍ଧା ପାଇଲା । ସେ କିନ୍ତୁ ଆଉ ପାଠ ନପଢ଼ି, କେଉଁଠି ଏବେ ମାଷ୍ଟରୀ କରୁଛି । ଗୌରୀଶଙ୍କର ସାଙ୍ଗରେ ମୁଁ ଲଗାଇଛି, ଚାକିରି ଛାଡ଼ି କଟକରେ ଗୋଟାଏ ଛାପାଖାନା ଖୋଲିବା ପାଇଁ । କ୍ରମେ ସେହି ଛାପାଖାନାରୁ ବାହାରିବ ଖବର କାଗଜ । ଓଡ଼ିଆ ଜାତିର ପ୍ରାଣର କଥା, ମନର କଥା ସେଥିରେ ପ୍ରକାଶ ପାଇବ । ଓଡ଼ିଆ ଜାତିର ପ୍ରାଚୀନ କାବ୍ୟ ପୁରାଣ ସବୁ ସେହି ଛାପାଖାନାରେ ଛପାଯିବ । ପାଦ୍ରୀମାନେ ଓଡ଼ିଆ ସାହିତ୍ୟ ଗଢ଼ିଲେ ବୋଲି ଯେଉଁ ହେଣ୍ଡି ମାରୁଛନ୍ତି, ପୁଣି ସେଇ ପାଦ୍ରୀବହି ପଢ଼ି, କେତେଟା ଅପୋଗଣ୍ଡ ହାକିମ ଯେଉଁ ଭୁରୁଡ଼ି ମାରୁଛନ୍ତି ଓଡ଼ିଆ ଗୋଟାଏ ଭାଷା ନୁହେଁ ବୋଲି, ସେ ଭୁରୁଡ଼ି ଭାଙ୍ଗିବ । ମୁଁ ତ ସେଥିପାଇଁ ଗୌରୀଶଙ୍କରଙ୍କୁ ଚାକିରି ଛାଡ଼ିବା ପାଇଁ କହୁଛି, ଆଉ ତୋ ପାଇଁ ଗୋଟାଏ ଚାକିରି ବୁଝିଦେବି କୁଆଡ଼ୁ ?"

ଏତେବେଳକେ ମଧୁସୂଦନ ମୁହଁ ଖୋଲି କହିଲେ··· "କିନ୍ତୁ ବାପା କହୁଛନ୍ତି, କଲିକତାରେ ପଢ଼ାଇବା ପାଇଁ ତାଙ୍କର ଟଙ୍କା ନାହିଁ ।"

ଭକ୍ତାନନ୍ଦ ଘରଭିତରେ ପାଦଚାରଣା କଲାବେଳେ ତାଙ୍କ ଆଖି ଆଗରେ ସେପରି ଭାସି ଉଠିଲା ଅତୀତର ନିଜ ସଂଗ୍ରାମବିକ୍ଷତ ଜୀବନର ବହୁ ଉତ୍ତେଜନାପୂର୍ଣ୍ଣ ସ୍ମୃତି ।

ସେ କହିଲେ··· "ମୁଁ ଯଦି ନିଜ ପାଦରେ ନିଜେ ଠିଆ ହୋଇ ପାରିଲି, ତୁ କାହିଁକି ପାରିବୁ ନାହିଁ ? ପାରିବୁ, ନିଶ୍ଚୟ ପାରିବୁ । ଅସଲ ହେଲା ଇଚ୍ଛାଶକ୍ତି ।"

ଭକ୍ତାନନ୍ଦ ଆତ୍ମବିସ୍ମୃତ ଭାବରେ ପାଦଚାରଣା କରି ମନକୁ ମନ କେବଳ ସେହି କଥାଟି ଯେପରି ଦୋହରାଇ ହେଉଥିଲେ··· "ପାରିବୁ, ନିଶ୍ଚୟ ପାରିବୁ । ଅସଲ ହେଲା ଇଚ୍ଛାଶକ୍ତି ।"

କେତେ ସମୟ ପରେ ସେ ପୁଣି ମଧୁସୂଦନଙ୍କ ଆଡ଼େ ଫେରିଚାହିଁବା ବେଳକୁ ମଧୁସୂଦନ ସେଠାରେ ଆଉ ନଥିଲେ । ଭକ୍ତାନନ୍ଦଙ୍କ ପାଖରୁ ଫେରି ମଧୁସୂଦନ ଶୁଣିଲେ, ବାଲେଶ୍ୱର ହାଇ ସ୍କୁଲରେ ଗୋଟାଏ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା । ଖବରଟି ପାଇବା ମାତ୍ରେ ମଧୁସୂଦନ ବାଲେଶ୍ୱର ବାହାରି ଆସିଲେ । ବାଲେଶ୍ୱର ତ ସେଇ କଲିକତା ବାଟରେ ।

ମଧୁସୂଦନ ନିଜ ଆତ୍ମଜୀବନୀ, ଇଂ ୧୮୭୫ ସାଲରେ ଏଣ୍ଟ୍ରାନସ ପାସ ପର୍ଯ୍ୟନ୍ତ କେବଳ ଲେଖିଥିଲେ । ତେଣିକି ସେ ଆଉ ଲେଖି ନାହାନ୍ତି । ତେଣୁ ବାଲେଶ୍ୱରରେ ତାଙ୍କର ସଂକ୍ଷିପ୍ତ କର୍ମଜୀବନ ସମ୍ପର୍କରେ କୌଣସି ନିର୍ଭରଯୋଗ୍ୟ ପ୍ରାମାଣିକ ବିବରଣୀ ମିଳେ ନାହିଁ । ଫକୀରମୋହନ କେବଳ ତାଙ୍କ "ଆତ୍ମଚରିତ"ରେ ବାଲେଶ୍ୱରରେ ମଧୁସୂଦନଙ୍କ ଶିକ୍ଷକତା ପ୍ରସଙ୍ଗରେ ଲେଖିଛନ୍ତି···

"ବାବୁ ମଧୁସୂଦନ ଦାସ ସେ ସମୟରେ ଗଭର୍ଣ୍ଣମେଣ୍ଟ ସ୍କୁଲରେ ଥାର୍ଡ଼ ମାଷ୍ଟର ଥିଲେ । ତାଙ୍କର ବସା ଗଣ୍ଡଗଡ଼ିଆ ସମୀପରେ ଥିବାରୁ ସେ ପ୍ରାୟ ପ୍ରତ୍ୟହ ଆସି ଆମ୍ଭମାନଙ୍କ ଦଳରେ ମିଶୁଥିଲେ । ଆଜି ଅର୍ଦ୍ଧ ଶତାବ୍ଦୀ କାଳ ଅତୀତ ପ୍ରାୟ । ତଥାପି ମୋର ବେଶ ମନେ ଅଛି, ସେହି ତରୁଣ ବୟସରେ ମଧ୍ୟ ତାଙ୍କ ଉଚ୍ଚଭାବର କଥା ଓ ଉଚ୍ଚାକାଂକ୍ଷା କଥାସବୁ ଶୁଣି ଆମ୍ଭେମାନେ ସ୍ତମ୍ଭିତ ହୋଇ ଯାଉଥିଲୁ । ଆଜ ସ୍ୱତଃପ୍ରଣୋଦିତ

ବ୍ୟୟ ହେଉଥିବା ସ୍ୱଳ୍ପ ବେତନ ତାଙ୍କୁ ସଙ୍କୁଳାନ ହେଉନଥିଲା । ସେଥିପାଇଁ ସେ କର୍ମ ତ୍ୟାଗ କରି କଲିକତା ଚାଲି ଯାଇଥିଲେ ।”

କିନ୍ତୁ ବାଲେଶ୍ୱର ଛାଡ଼ି ଆସିବା ପୂର୍ବରୁ ମଧୁସୂଦନ ବାଲେଶ୍ୱର ରେଜେଷ୍ଟ୍ରୀଖାନାରେ କିଛିଦିନ ଅମଲା ରୂପେ ମଧ୍ୟ କାର୍ଯ୍ୟ କରିଥିଲେ ବୋଲି, ଆଉ କେତେକ ସମସାମୟିକଙ୍କ ବିବରଣୀରୁ ଜଣାପଡ଼େ । ମାତ୍ର ସେ କଥା ପରେ ।

୧୮୬୬ ସାଲ ।

ଓଡ଼ିଶାର ଦିଗେ ଦିଗେ ସେ ଦିନ ମରଣର ହୁଙ୍କାର !

କ୍ଷୁଧିତ, ରିକ୍ତ, ଜୀବନ ତରୁରୁ ସେଦିନ ମୁଠା ମୁଠା ଶୁଖିଲା ପତ୍ର ପରି ଗଣି ଗଣି ମଣିଷ ଜୀବନ ତଳେ ଝରି ପଡ଼ୁଥିଲା, ନିଃଶବ୍ଦ ମୌନତାରେ । ଗୋଟାଏ ସହାନୁଭୂତିହୀନ, ଅଥବା, ବିଜାତୀୟ ଶାସନର ଉଦାସୀନତା ମଧ୍ୟରେ, ସେଦିନ ଓଡ଼ିଶାର ପଲ୍ଲୀପଥ ଓ ପ୍ରାନ୍ତରରେ ମରଣ ଯେଉଁ ମହାତାଣ୍ଡବ ନାଚିଥିଲା, ଐତିହାସିକ ମାନେ ତାହାର ନାମ ରଖିଛନ୍ତି “ନଅଙ୍କ ଦୁର୍ଭିକ୍ଷ” । ମଧୁସୂଦନ ବାଲେଶ୍ୱରରେ ଶିକ୍ଷକ ଥିବାବେଳେ, ସେ ତାଣ୍ଡବର ଭୟଙ୍କରତା ସ୍ୱଚକ୍ଷୁରେ ଦେଖିଥିଲେ । ପୁଣି ଅଙ୍ଗେ ମଧ୍ୟ ନିଭେଇଥିଲେ । ଏକ ଶାସନାଧୀନରେ ଓଡ଼ିଆଭାଷୀ ଜାତି ଏକତ୍ରିତ ନହେବା ପର୍ଯ୍ୟନ୍ତ, ଓଡ଼ିଶାର ପରିତ୍ରାଣ ନଥିଲା ବୋଲି ସେହିଦିନ ସେହି ଦୁଷ୍କାଳ ମଧ୍ୟରେ ସେ ସ୍ପଷ୍ଟ ବୁଝି ପାରିଥିଲେ ।

ଏହାର ବହୁ ବର୍ଷପରେ···

୧୯୧୩ ସାଲ ।

ବାଲେଶ୍ୱର ହା:ଇ: ସ୍କୁଲରେ ସେଦିନର ସେହି ଅନାମଧେୟ ତୃତୀୟ ଶିକ୍ଷକ ମଧୁସୂଦନ, ଇମ୍ପିରିଆଲ-ଲେଜିସଲେଟିଭ କାଉନସିଲର ଜଣେ ବିଶିଷ୍ଟ ସଭ୍ୟ । ସେହିବର୍ଷ ସାତ ତାରିଖ ମାର୍ଚ୍ଚ ଦିନ, ଓଡ଼ିଶା ପ୍ରତି ବିଶେଷ ସାହାଯ୍ୟ ଦିଆଯିବାର ଆବଶ୍ୟକତା ସମ୍ପର୍କରେ ଏକ ଭାଷଣ ଦେବାବେଳେ, ମଧୁସୂଦନଙ୍କ ମନଶ୍ଚକ୍ଷୁରେ ଭାସି ଉଠିଥିଲା, ବାଲେଶ୍ୱରର ସେହି ସ୍ମୃତି, ଓଡ଼ିଆ ଜାତିର ସେହି ମରଣାନ୍ତକ ସଂଗ୍ରାମ, ପ୍ରଶାସନିକ ଅବହେଳାର ବହୁ ନିଷ୍କରୁଣ ନିଦର୍ଶନ ! ମଧୁସୂଦନ ଭାଷଣ ପ୍ରସଙ୍ଗରେ ସେ ଦିନ କହିଥିଲେ···

"Orissa was completely lost sight of by the paternal Government. How dark the *ignorance* of Government was with regard to the affairs of Orissa a reference to the devastating results of the great famine will show. Over a million of its population died of starvation while the Government at its head quarters in Calcutta remained in blissful ignorance of this dreadful state of things."

ମଧୁସୂଦନ ସେଦିନଠାରୁ ସ୍ପଷ୍ଟ ବୁଝିଥିଲେ, ଖଣ୍ଡବିଖଣ୍ଡ ଓଡ଼ିଆ-ଜାତି, ଏକ ଶାସନାଧୀନରେ, ଏକ ପ୍ରଦେଶରେ ସମ୍ମିଳିତ ନହେବା ପର୍ଯ୍ୟନ୍ତ, କେବଳ ତାହାର ସାଂସ୍କୃତିକ ସତ୍ତା ନୁହେଁ, ଦୈହିକ ସତ୍ତା ସୁଦ୍ଧା ବିପନ୍ନ ହୋଇ ରହିଥିବ ।

(ଗ୍ହ)

"ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ"ର ସୂତ୍ରଧର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ସେତେବେଳ ପର୍ଯ୍ୟନ୍ତ ବାଲେଶ୍ୱର ହା:ଇ: ସ୍କୁଲକୁ ସଂସ୍କୃତ ଓ ଓଡ଼ିଆ ପଣ୍ଡିତ ରୂପେ ନିଯୁକ୍ତି ପାଇ ଆସି ନଥିଲେ ।

ଖ୍ରୀ:ଅ: ୧୮୬୯ ରେ କାନ୍ତିଚନ୍ଦ୍ର ବାଲେଶ୍ୱରକୁ ଆସିବା ପର ଠାରୁ, ବାଲେଶ୍ୱର, ଭାଷା-ବିବାଦର କୁରୁ-ରଣାଙ୍ଗନରେ ପରିଣତ ହୋଇ ଉଠିଥିଲା । ତଥାପି ହା:ଇ: ସ୍କୁଲରେ ତୃତୀୟ-ଶିକ୍ଷକ ରୂପେ ନିଯୁକ୍ତି ପାଇ ମଧୁସୂଦନ ବାଲେଶ୍ୱର ଆସିବା ବେଳକୁ ଭାଷାବିବାଦର ସଂଘାତ ସଂଘର୍ଷ ମଧ୍ୟରେ, ବାଲେଶ୍ୱରର ବାତାବରଣଟା ବେଶ୍ ବିସ୍ଫୋରକ ହୋଇ ରହିଥିଲା । ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟ ପୁସ୍ତକ ନଥିବା ଦର୍ଶାଇ ଶିକ୍ଷା ବିଭାଗର କର୍ମକର୍ତ୍ତା ତଥା ଆଗନ୍ତୁକ ବଙ୍ଗାଳୀ ଶିକ୍ଷକମାନେ, ସ୍କୁଲ ପାଠ୍ୟକ୍ରମରୁ ଓଡ଼ିଆକୁ ପ୍ରାୟ ବିଦାୟ ଦେଇ ସାରିଥିଲେ । ଫକୀରମୋହନ ସେବେଳର ପରିସ୍ଥିତି "ଆତ୍ମଚରିତ"ରେ ଲେଖିଛନ୍ତି···

"ବାଲେଶ୍ୱର ବାରବାଟୀ ସ୍କୁଲ ଏବଂ ମିସନ୍ ସ୍କୁଲରେ ଓଡ଼ିଆ ପଢ଼ା ହେଉଥିଲା । ଜିଲ୍ଲା ସ୍କୁଲର ପିଲମାନେ ଓଡ଼ିଆ ପଢ଼ିବା ପାଇଁ ସରକାରରୁ ହୁକୁମ ଆସିଥିଲା ସତ୍ୟ; କିନ୍ତୁ ଛାତ୍ରମାନଙ୍କ ହାତରେ କେବେ ସୁଦ୍ଧା ଓଡ଼ିଆ ପୁସ୍ତକ ଦେଖାଯାଏ ନାହିଁ । ଛାତ୍ରମାନେ ଓଡ଼ିଆ ପୁସ୍ତକ କିଣିବା ସକାଶେ ଅଭିଭାବକ ମାନଙ୍କୁ ପଇସା ମାଗିଲେ ଉତ୍ତର ପାନ୍ତି

ସେ 'ତୁ ତ ଅବଧାନ ପାଖରେ ଓଡ଼ିଆ ପଢ଼ି ସାରିଛୁ, ଆଉ ଓଡ଼ିଆ କଣ ହେବରେ ? ଯା, ଇଂରେଜୀ ପଢ଼, ଯା ।' × × × ପୂର୍ବେ ସଂସ୍କୃତ ପଢ଼ୁଆ ପଣ୍ଡିତ ମାନେ ଓଡ଼ିଆ ପଢ଼ିବାକୁ ଓ ପଢ଼ାଇବାକୁ ଘୃଣା କରୁଥିଲେ । ଆପେ ଓଡ଼ିଆ ହାତଲେଖା ପଢ଼ି ପାରନ୍ତି ନାହିଁ କିମ୍ବା ଲେଖି ଜାଣନ୍ତି ନାହିଁ । ବିଦେଶରେ ଥିବା ପଣ୍ଡିତମାନେ ଘରକୁ ଚିଠି ଲେଖିଲେ ଅନ୍ୟ ହାତରେ ଲେଖାଇ ନିଅନ୍ତି । ଛାତ୍ରମାନେ ଯଦି ଓଡ଼ିଆ ପୁସ୍ତକ କିଣି ନ ଆଣିଲେ ତେବେ ଭଲ କଥା । ପଣ୍ଡିତେ ଛାତ୍ରମାନଙ୍କୁ କେବଳ ବିଦ୍ୟାସାଗରକୃତ ଉପକ୍ରମଣିକା ଖଣ୍ଡିକ ପଢ଼ାଇ ଦେଇ ନିଶ୍ଚିନ୍ତ ଥାନ୍ତି । ଏଣେ ପୁଣି ସ୍କୁଲର ସବୁ ମାଷ୍ଟର ଗୁଡ଼ିକ ବଙ୍ଗାଳୀ । ଛାତ୍ରମାନେ ଓଡ଼ିଆ ପଢ଼ନ୍ତୁ କି ନାହିଁ, ଏହା ତଦନ୍ତ କରିବାର ସେମାନଙ୍କର ପ୍ରୟୋଜନ କଣ ? ବରଂ ଓଡ଼ିଆଟା ଯଦି ସ୍କୁଲରୁ ଉଠିଯାଏ, ସେଇଟା ତ ଉତ୍ତମ କଥା । ଇଂରାଜୀ ସ୍କୁଲର ଛାତ୍ରମାନେ ଇଂରାଜୀମିଶା ବଙ୍ଗଳା କଥା ଭିନ୍ନ ଓଡ଼ିଆ କଥା କହିବା ଅପମାନର ବିଷୟ ବୋଲି ଜ୍ଞାନ କରୁଥିଲେ । ଏହିପରି ସ୍ୟନ୍ଦସ୍ପର୍ଶ ଯୋଗରେ ପଡ଼ି ଓଡ଼ିଆ ଭାଷାଟା ଇଂରାଜୀ ସ୍କୁଲମାନଙ୍କରୁ ଏକା ବେଳକେ ବିତାଡ଼ିତ ହୋଇଥିଲା ।" ବସ୍ତୁତଃ ଓଡ଼ିଆର ରାଷ୍ଟ୍ରୀୟ ସ୍ୱାତନ୍ତ୍ର୍ୟରକ୍ଷାର ହେତୁ ଆଦ୍ୟପର୍ବରେ, ଫକୀରମୋହନ, ଗୌରୀଶଙ୍କର, ବିଚିତ୍ରାନନ୍ଦ ଓ ବିଚ୍ଛନ୍ଦଚରଣଙ୍କ ପରି କେତେକ ଓଡ଼ିଆ-ସଂସ୍କୃତିବତ୍ସଳ ସୁସନ୍ତାନ, ସେନାପତି ରୂପେ ଆବିର୍ଭୂତ ହୋଇ ନଥିଲେ, ଆଜି ହୁଏତ ଓଡ଼ିଆ ଭାଷା ନଥାନ୍ତା, କିମ୍ବା ଭାଷାଭିତ୍ତିରେ ଓଡ଼ିଶାକୁ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ରୂପେ ଭାରତୀୟ ସାଧାରଣତନ୍ତ୍ରରେ ଦେଖିବା ପାଇଁ ମିଳି ନଥାନ୍ତା ।

ମଧୁସୂଦନ ବାଲେଶ୍ୱର ହାଇ: ସ୍କୁଲରେ ତୃତୀୟ ଶିକ୍ଷକ ରୂପେ ଯୋଗ ଦେବା ବେଳେ, ଓଡ଼ିଆ ପକ୍ଷରେ ସବୁଠାରୁ ବଡ଼ ଉତ୍ପୀଡ଼କ ପ୍ରଶ୍ନ ଥିଲା — ଓଡ଼ିଆ ଭାଷା ଏସବୁ ଆକ୍ରମଣରୁ ରକ୍ଷା ପାଇବ କିପରି ? ମଧୁସୂଦନ କଟକରେ ଛାତ୍ରାବସ୍ଥାରେ ସୁଦ୍ଧା, ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷାପାଇଁ, ଆଗନ୍ତୁକ ବଙ୍ଗାଳୀ ହେଡ଼ମାଷ୍ଟର ଚଣ୍ଡୀଚରଣ ବାନାର୍ଜୀଙ୍କ ସଙ୍ଗରେ ଝଗଡ଼ା କରି, ଚରମ ବିପଦର ସମ୍ମୁଖୀନ ହୋଇଥିବା ପୂର୍ବେ ବର୍ଣ୍ଣିତ ହୋଇଅଛି । କିନ୍ତୁ ବାଲେଶ୍ୱରକୁ ଶିକ୍ଷକତା କରିବା ପାଇଁ ଆସି, ସେତେବେଳେ ସେ ଯଦି କେବଳ କେତେଖଣ୍ଡ ଓଡ଼ିଆ ପାଠ୍ୟ-ପୁସ୍ତକ ପ୍ରଣୟନରେ ମନୋନିବେଶ କରିଥାନ୍ତେ ଓ ସେଇଥିରେ ବ୍ୟାପୃତ

ରହିଥାନ୍ତେ — ତାହାହେଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଓଡ଼ିଆମାନଙ୍କୁ ହୁଏତ ଆଉରି ବହୁକାଳ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ପଡ଼ିଥାନ୍ତା । ମାତ୍ର ସେଦିନ ଓଡ଼ିଆ ଭାଷା-ରକ୍ଷା ଆନ୍ଦୋଳନରେ ମଧୁସୂଦନ ଜଡ଼ିତ ନହେବା ଦ୍ୱାରା ଭାଷା-ରକ୍ଷା ଆନ୍ଦୋଳନରେ ଯାହା କ୍ଷତି ହୋଇଥାଉ ପଛେ, ସାର୍ବିକ ଦୃଷ୍ଟିରୁ ଓଡ଼ିଆ ଜାତିପ୍ରତି ତାର କିନ୍ତୁ ମହା କଲ୍ୟାଣ ସାଧିତ ହୋଇଥିଲା ।

ଜାତିନିର୍ମାଣ ପାଇଁ ସାହିତ୍ୟର ପ୍ରେରଣା ଅନସ୍ୱୀକାର୍ଯ୍ୟ । ଯାହାର ସାହିତ୍ୟ ନାହିଁ, ତାହାର ଜାତୀୟ ସତ୍ତା ନାହିଁ, ଏକଥା ମଧ୍ୟ ସତ୍ୟ । କାରଣ ସାହିତ୍ୟ ମଧ୍ୟରେ ହିଁ ଜାତିର ଅବଚେତନ ସମର୍ପିତ ରହିଥାଏ, ପୁଣି ସାହିତ୍ୟ ହିଁ କେବଳ ସେ ସମର୍ପିତ ଅବଚେତନକୁ ଉଦ୍‌ବୁଦ୍ଧ କରିଥାଏ । କିନ୍ତୁ ଗୋଟିଏ ଭାଷାଭାଷୀ ଗୋଷ୍ଠୀର ଜାତିସତ୍ତା, ଅର୍ଥନୈତିକ ରାଜନୈତିକ ଓ ସାଂସ୍କୃତିକ ସବୁ ଦିଗରୁ ବିପନ୍ନ ହୋଇ ପଡ଼ିଥିବା ବେଳେ, କେବଳ ସାହିତ୍ୟ ମାଧ୍ୟମରେ ତାହାର ପରିତ୍ରାଣ ସମ୍ଭବ ନୁହେଁ । ମସି ପରିବର୍ତ୍ତେ ସେତେବେଳେ ଲୋଡ଼ା ପଡ଼ିଥାଏ ଅସି ।

ମଧୁସୂଦନ ସେହି ଅସିର ସନ୍ଧାନରେ ଥିଲେ । ତା' ନହେଲେ ସେ ବାଲେଶ୍ୱର ନ ଆସି ମଧ୍ୟ ଅକ୍ଲେଶରେ ସେହି କଟକରେ ଅମଲା ଓ କ୍ରମେ ବିଚିତ୍ରାନନ୍ଦଙ୍କ ପରି ସିରସ୍ତାଦାରଟିଏ ହୋଇ ଓଡ଼ିଶାର ଯଥେଷ୍ଟ 'ସେବା' କରିପାରିଥାନ୍ତେ । କିନ୍ତୁ ଓଡ଼ିଶାର ସେବା ଅପେକ୍ଷା ନବଜାଗ୍ରତ ଓଡ଼ିଶାର ଅଭ୍ୟୁତ୍‌ଥାନ ତାଙ୍କ ଦୃଷ୍ଟିରେ ସେତେବେଳେ ମହତ୍ତର ଥିଲା ।

ତଥାପି ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ମଧୁସୂଦନଙ୍କ ରାଜନୀତିର ଏକ ବିଶିଷ୍ଟ ଆଭିମୁଖ୍ୟ ଥିଲା । ସେଥିପାଇଁ ଇଂ ୧୯୦୩ ସାଲରେ ଉତ୍କଳ-ସମ୍ମିଳନୀର ପ୍ରଥମ ଅଧିବେଶନରେ ଯେଉଁ ଦଶଗୋଟି ପ୍ରସ୍ତାବ ଗୃହୀତ ହୋଇଥିଲା, ସେଥି ମଧ୍ୟରୁ ଓଡ଼ିଆ ସାହିତ୍ୟର ଉନ୍ନତି ଗୋଟିଏ ବିଶିଷ୍ଟ ପ୍ରସ୍ତାବ ଥିଲା । ଇଂ ୧୯୦୩ ସାଲ ବେଳକୁ ଅବଶ୍ୟ ମଧୁସୂଦନ ଭାରତୀୟ ରାଜନୀତିରେ ଜଣେ ତୁଙ୍ଗ ପୁରୁଷ ରୂପେ ସୁପ୍ରତିଷ୍ଠିତ ହୋଇ ସାରିଥିଲେ । କିନ୍ତୁ ୧୮୬୭ ସାଲରେ ଭାଷା ଆନ୍ଦୋଳନ ବେଳକୁ ସେ ଥିଲେ ଜଣେ ସାମାନ୍ୟ ତୃତୀୟ ଶିକ୍ଷକ ମାତ୍ର !

ସେଥିପାଇଁ ବାଲେଶ୍ୱରରେ ଶିକ୍ଷକତା କରି ମଧୁସୂଦନଙ୍କର ଶାନ୍ତି ନଥିଲା ବା ତୃପ୍ତି ନଥିଲା ।

(ପାଞ୍ଚ)

ପଶ୍ଚିମ ଆକାଶରେ ଗୋଟାଏ ରୌଦ୍ରଦଗ୍ଧ ଭୟଙ୍କର ଦିନର ରକ୍ତସୂର୍ଯ୍ୟ କ୍ରମେ ଅସ୍ତମିତ ହେଉଥିଲା ।

ସଙ୍କଳ୍ପହୀନ, ଅଶାନ୍ତ, ଉଦ୍‌ବେଳିତ ଜୀବନ । ଫକୀରମୋହନ ଅନ୍ତତଃ ଓଡ଼ିଆରେ ବହି ଲେଖୁଛନ୍ତି । କିନ୍ତୁ ମଧୁସୂଦନଙ୍କର କଣ ଅଛି ?

ମୋତିଗଞ୍ଜ ବଜାର ଦାଣ୍ଡରେ ମଧୁସୂଦନ ଗଡ଼ଗଡ଼ିଆ ଭୂତ ବସାଘର ଆଡେ଼ ଏଇପରି ଚିନ୍ତା କରି କରି ଫେରୁଥିଲେ । ନିର୍ଦ୍ଦିଷ୍ଟ ଭାବରେ କଟକକୁ ପଳାଇ ଆସିବାର ବନ୍ଧୁବନ ଗଲେ, ଆଜ ଚୌଧୁରୀ ରଘୁନାଥ ଦାସଙ୍କ ଠାରୁ ଖଣ୍ଡେ ଚିଠି ଡାକରେ ମିଳିଥିଲା । ମଧୁସୂଦନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ହୋଇଥିବା ଜାଣି ରଘୁନାଥ ଆଦୌ ସନ୍ତୁଷ୍ଟ ନଥିଲେ । ଚିଠିରେ ଯେଉଁ ସବୁ ଅସନ୍ତୋଷ ଓ ଶତ ନିରୁତ୍ସାହର କଥା ଲେଖାଯାଇଥିଲା । ଦୁର୍ଭିକ୍ଷକାଳରେ ସଂସାର ପ୍ରତି-ପୋଷଣ କିପରି ଦିନୁ ଦିନ କଷ୍ଟସାଧ୍ୟ ହୋଇ ଉଠୁଛି, କନ୍ୟାବୋଝ କିପରି ବଢ଼େଇ ପଡ଼ୁଛି, ଦେଣାଦାୟ କିପରି ବଢ଼ି ବଢ଼ି ଚାଲିଛି… ରଘୁନାଥ ସେଇସବୁ ବୃତ୍ତାନ୍ତ ଚିଠିରେ ବିସ୍ତାରିତ ଭାବରେ ଲେଖିଥିଲେ । ରେଭିନ୍ୟୁ କମିସନର ଅଫିସରେ ମଧୁସୂଦନଙ୍କ ପାଇଁ ଖଣ୍ଡେ ଭଲ ଚାକିରି ଯୋଗାଡ଼ ହୋଇ ପାରିଥିବାର ସମ୍ବାଦ ମଧ୍ୟ ଚିଠିରେ ରହିଥିଲା । ବାଲେଶ୍ୱରରୁ ଚାକିରି ଛାଡ଼ି, ଯଥାଶୀଘ୍ର କଟକ ଫେରି ଆସିବାପାଇଁ ଚିଠିରେ ଥିଲା ତାଗିଦ୍ । ମଧୁସୂଦନ ହଠାତ୍ କଟକ ଛାଡ଼ି ବାଲେଶ୍ୱର ପଳାଇ ଆସିବା ଦ୍ୱାରା ଚୌଧୁରୀ ରଘୁନାଥ ଦାସ ଘୋର ନିରାଶ ହୋଇ-ଥିଲେ । ଚୌଧୁରୀ ରଘୁନାଥ ଦାସଙ୍କ ଇଚ୍ଛା ଥିଲା ମଧୁସୂଦନ ଏଣ୍ଟ୍ରାନସ୍ ପାସ୍ କରି, ଡେପୁଟୀ ମାଜିଷ୍ଟ୍ରେଟ ହୋଇଥାନ୍ତେ । ମଧୁସୂଦନଙ୍କ ପୂର୍ବରୁ ଯେଉଁ କେତେଜଣ ମୁଷ୍ଟିମେୟ ଓଡ଼ିଆ ଛାତ୍ର କଟକ ସ୍କୁଲରୁ ଏଣ୍ଟ୍ରାନସ୍ ପାସ୍ କରିଥିଲେ, ସେମାନେ ପ୍ରାୟ ସମସ୍ତେ ଡେପୁଟୀ କଲେକ୍ଟର ଅଥବା

ସ୍କୁଲ ବିଭାଗର ଡେପୁଟୀ ଇନସ୍‌ପେକ୍ଟର ହୋଇ ପାରିଥିଲେ । ଇଂ୧୮୭୦ ସାଲରେ, ବିଚ୍ଛନ୍ଦ ପଟ୍ଟନାୟକ ଜଗମୋହନ ଲାଲ ଓ ନନ୍ଦକିଶୋର ଦାସ ଏଣ୍ଟ୍ରାନସ୍ ପାଶ୍ ସଙ୍ଗେ ସଙ୍ଗେ ଉଚ୍ଚ ସରକାରୀ ଚାକିରିରେ ନିଯୁକ୍ତ ହୋଇ ପାରିଥିଲେ । ମଧୁସୂଦନ ସେହିପରି ଡେପୁଟୀ କଲେକ୍ଟର ଅଥବା ସ୍କୁଲ ବିଭାଗର ଡେପୁଟୀ ଇନସ୍‌ପେକ୍ଟରଟିଏ ହେବା ଚୌଧୁରୀ ରଘୁନାଥ ଦାସଙ୍କର ଏକ ବହୁପୋଷିତ ଅଭିଳାଷ ଥିଲା । କିନ୍ତୁ ମଧୁସୂଦନଙ୍କ ଆକାଂକ୍ଷା ଥିଲା ପିତାଙ୍କ ଅଭିଳାଷର ମୌଳିକ ବିରୋଧୀ । ଚାକିରି ଓ ନିରୁପଦ୍ରବ ଗୋବରିଆ ଜୀବନ ମଧୁସୂଦନଙ୍କ ଜୀବନର ଲକ୍ଷ୍ୟ ନଥିଲା । ତାଙ୍କର ଲକ୍ଷ୍ୟ ଥିଲା···ସର୍ବୋଚ୍ଚ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଓଡ଼ିଶାରେ ନବ ଜାଗରଣ ।

ପକେଟ ଭିତରେ ରଘୁନାଥଙ୍କ ଚିଠିଖଣ୍ଡ ଦୁର୍ଭାର ବୋଝ ପରି ଲାଗୁଥିଲା । ବିଷାଦରେ ପଢ଼ି ମଧୁସୂଦନ ଚିଠିଖଣ୍ଡ ଟୁକୁରା ଟୁକୁରା କରି ଛିଣ୍ଡାଇ ପବନରେ ଉଡ଼ାଇ ଦେଲେ । ବଞ୍ଚିବା ଏକ ଦାୟିତ୍ୱ ନିଶ୍ଚୟ । କିନ୍ତୁ ସେ ଦାୟିତ୍ୱ ଯଦି ଶ୍ରଦ୍ଧାବାସନାହୀନ ହୋଇ କ୍ରୀତଦାସତ୍ୱରେ ପରିଣତ ହୁଏ; ତାହାହେଲେ ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇ ଉଠେ । ସେତେବେଳେ ମଧୁସୂଦନଙ୍କ ମନର ଅବସ୍ଥା ଠିକ୍ ସେଇପରି ହୋଇ-ଥିଲା ।

ସେଦିନ ଦରମା ଟଙ୍କା ଝରିଶଟି ପକେଟରେ ପଡ଼ିଥିଲା । ଫେରିବା ବେଳକୁ ପାଉଣାଦାର ଦୋକାନୀମାନେ ବାଟରେ ଟଙ୍କା ପାଇଁ ଅପେକ୍ଷା କରି ବସିରହିଥିଲେ । ମଧୁସୂଦନ ସବୁଦିନେ ବେହିସାବୀ । ଖର୍ଚ୍ଚ ଚଳାଇବାରେ ହାତଉଧାରି ବଢ଼ୁଛି । ଟଙ୍କା ! ଟଙ୍କା !···ସମସ୍ତଙ୍କର ଦରକାର ଟଙ୍କା; ଟଙ୍କାଟା ଯେପରି ଜୀବନର ଚରମ ଓ ପରମ ! କିନ୍ତୁ ଏ ଟଙ୍କା ଯେ ହାତର ଧୂଳି !···ସେ କଥା କିଏ ବା କାହିଁକି ବୁଝନ୍ତା ?

ମଧୁସୂଦନ ପକେଟରୁ ମୁଠାଏ ଟଙ୍କା କାଢ଼ି ଦେଣାଦାର ମାନଙ୍କ ଉପରକୁ ପ୍ରାୟ ଫିଙ୍ଗିଦେଇ ସେଠାରୁ ପୁଣି ଚାଲିଆସିଲେ । ଏ ମାଷ୍ଟରଟା ସବୁଦିନେ ଏମିତି ଆଉଟପାଗଳା !··· ଦେଣାଦାର ମାନେ ଟଙ୍କା ଗଣୁ ଗଣୁ ନିଜ ଭିତରେ ଅସ୍ଫୁଟ କଣ୍ଠରେ ଟୀକାଟିପ୍ପଣୀ କରୁଥିଲେ ।

ମାତ୍ର ଗଡ଼ଗଡ଼ିଆ ଛୁଟରେ ମଧ୍ୟ ସେଇ ଏକ କଥା । ରବିବାରିଆ ଦିନ ଆଲୁଅରେ ଫକୀରମୋହନ ପ୍ରମୁଖ ବସି ସେଇ ଏକ ଆଲୋଚନା ଲଗାଇଥିଲେ ··· ବଙ୍ଗାଳୀ ହେଡ଼ମାଷ୍ଟର ଶ୍ରୀନାଥ ବାବୁଙ୍କର ଓଡ଼ିଆ ଭାଷା ବିଦ୍ୱେଷ ! ଶ୍ରୀନାଥ ବାବୁ କଥା ଛାଡ଼ନ୍ତୁ, ସେତ ଆଗନ୍ତୁକ । ଓଡ଼ିଆ ପଣ୍ଡିତ ଆର୍ତ୍ତତ୍ରାଣ ନନ୍ଦଙ୍କ କଥା ଶୁଣିଲେଣିନାଁ ? ନନ୍ଦେ ସୁଦ୍ଧା କହୁଛନ୍ତି ପାଠ୍ୟକ୍ରମରୁ ଓଡ଼ିଆ ଉଠିଗଲେ ମଙ୍ଗଳ !

ଅନ୍ୟଦିନ ହୋଇଥିଲେ ମଧୁସୂଦନ ମଧ୍ୟ ଏ ଆଲୋଚନାରେ କେତେଘଣ୍ଟା ପାଇଁ ବେଶ୍ ମିଶି ଯାଇ ପାରିଥାନ୍ତେ । ମାତ୍ର ଆଜ କୌଣସି କଥାରେ ତାଙ୍କର ଆଗ୍ରହ ନଥିଲା । ସେ ସେଠାରୁ ଉଠି ଫେରି ଆସୁଥିଲେ, ଫକୀରମୋହନ ତାଙ୍କୁ ପଛରୁ ଡାକ କହିଲେ··· "ଆଜ ଏତେ ସଅଳ ସଅଳ ବସାକୁ ବାହୁଡ଼ି ଯାଉଛନ୍ତି ଯେ ।"

ମଧୁସୂଦନ ଫେରିପଡ଼ି ପଚାରିଲେ··· "ବର୍ତ୍ତମାନ ଓଡ଼ିଶାର ଅର୍ଥାତ୍ କଟକ, ପୁରୀ, ବାଲେଶ୍ୱର ଜିଲ୍ଲାର ଲୋକସଂଖ୍ୟା କେତେ କହି ପାରିବେ ଫକୀରମୋହନ ବାବୁ ?"

ଫକୀରମୋହନ— "ଏଇ ଧରନ୍ତୁ ଅନ୍ଦାଜ କୋଡ଼ିଏ ଲକ୍ଷ ହେବ, ସମସ୍ତେ ଯଦି ଅବଶ୍ୟ·ନଅଙ୍କରୁ ବଞ୍ଚନ୍ତି ।"

ମଧୁସୂଦନ ଜବାବ ସୁଆଲ କଲା ପରି ପଚାରିଲେ··· "ବଙ୍ଗଳାର ଲୋକସଂଖ୍ୟା କେତେ ପ୍ରାୟ ପାଞ୍ଚକୋଟୀ, ସେକଥା ଜାଣନ୍ତି ତ ?"

ଫକୀରମୋହନ— "ଏହାରି ଅର୍ଥ ?"

ମଧୁସୂଦନ – "କୋଡ଼ିଏ ଲକ୍ଷ ଅଧିବାସୀଙ୍କର ଗୋଟାଏ ଭାଷା, ଥାଇପାରେ ବୋଲି ଯଦି ପାଞ୍ଚକୋଟୀ ଭାଷାଭାଷୀ ରାଜନୈତିକ ଓ ଶାସନ ତାନ୍ତ୍ରିକ କ୍ଷେତ୍ରରେ ସୁପ୍ରତିଷ୍ଠିତ ଗୋଟାଏ ଜାତିର ସନ୍ଦେହ ଜନ୍ମେ, ତାʼ ହେଲେ କହିବା କାହାକୁ ?"

ଫକୀରମୋହନ—"ଓଡ଼ିଆ ଭାଷା ସମ୍ପର୍କରେ ଶ୍ରୀନାଥ ବାବୁ ହେଡ଼ମାଷ୍ଟର ପରି ଆଗନ୍ତୁକ ବଙ୍ଗାଳୀଙ୍କର ସନ୍ଦେହ ଜନ୍ମି ପାରେ । କିନ୍ତୁ ଏ ଆର୍ତ୍ତତ୍ରାଣ ନନ୍ଦଟା ସୁଦ୍ଧା ଓଡ଼ିଆ ଭାଷା ସମ୍ପର୍କରେ ସନ୍ଦିହାନ ହେଲେ ! ଘର ଢିଙ୍କୀ କୁମ୍ଭୀର ପରି କଥା ।"

ମଧୁସୂଦନ ଅସହିଷ୍ଣୁ କଣ୍ଠରେ କହିଲେ,…"କିନ୍ତୁ ଏଇଟା ବା କେଉଁ ନୂଆ କଥା ? ଶିଶୀ ମନାଇଁ ନିଶ୍ଚୟ ଓଡ଼ିଆଭାଷୀ ଥିଲେ । ସେମାନେ କଦାପି ଆଗନ୍ତୁକ ବଙ୍ଗାଳୀ ନଥିଲେ । ଫକୀରମୋହନ ବାବୁ ବୁଝି ରଖନ୍ତୁ ଓଡ଼ିଆ ମାନଙ୍କଠାରୁ ବଳି ଓଡ଼ିଆର ଅନ୍ୟ ଶତ୍ରୁ ନାହିଁ । ଦେଖିଲେତ ଆଖି ଆଗରୁ ଦକ୍ଷିଣ-ପଶ୍ଚିମ ମେଦିନୀପୁର ଜିଲ୍ଲାରୁ ଓଡ଼ିଆ ଭାଷାଟା କପରି ଧୀରେଁ ଧୀରେଁ ହରଣଶୀଳ ହୋଇଗଲା ? କାହିଁ, ସେତେବେଳେ ତ କୌଣସି ଓଡ଼ିଆ ତାହାର ପ୍ରତିବାଦ ପ୍ରତିରୋଧ କଲେ ନାହିଁ !"

ଶିକ୍ଷା ବିଭାଗର ଇନସ୍ପେକ୍ଟର ମାର୍ଟିନ ସାହେବର ହୁକାପିଠା ହୁକୁମରେ ଦକ୍ଷିଣପଶ୍ଚିମ ମେଦିନୀପୁର ଜିଲ୍ଲାରୁ ଓଡ଼ିଆଭାଷା ବିଲୋପର ପ୍ଲାନ ସେପର୍ଯ୍ୟନ୍ତ କେହି ଭୁଲି ପାରି ନଥିଲେ । ତେଣୁ ଫକୀରମୋହନ ପ୍ରମୁଖ ମଧୁସୂଦନଙ୍କ କଥାର କୌଣସି ଉତ୍ତର ନଦେଇ ନୀରବ ରହିଲେ

ମଧୁସୂଦନ ପାଦଚାରଣା କରୁ କରୁ କହିଲେ… "ଓଡ଼ିଆ ସାହିତ୍ୟର ମର୍ମଭୂମି ଗଞ୍ଜାମ ଜିଲ୍ଲା ଆଜି କେଉଁଠି ? ସମ୍ବଲପୁର, ସିଂହଭୂମି ବା କୁଆଡେ ? ଓଡ଼ିଶା କହିଲେ ଆଜି କେବଳ ତିନିଗୋଟି ଜିଲ୍ଲା । ସେଇଥିପାଇଁତ ରିକେଟ୍ସ, ବାଜରଙ୍ଗ ପରି ଜିଲ୍ଲାମାଜିଷ୍ଟ୍ରେଟ ମାନେ ଏତେ ଆସ୍ପର୍ଦ୍ଧାରେ କହିପାରିଲେ, ଓଡ଼ିଆଭାଷାଭାଷୀ ଲୋକଙ୍କ ସଂଖ୍ୟା ଏତେ ଅଳ୍ପ ଓ ସେମାନେ ଏତେ ଦରିଦ୍ର ଯେ, ସେମାନଙ୍କର ଗୋଟାଏ ବଡ଼ ସାହିତ୍ୟ ତିଆରି ହୋଇପାରିବ, ଏହା କଳ୍ପନା କରାଯାଇ ନପାରେ ! …ଓଡ଼ିଆ ଭାଷାଭାଷୀଙ୍କୁ ସେଥିପାଇଁ ଏକ ଶାସନାଧୀନରେ ଏକତ୍ରିତ କରାଇ ଓଡ଼ିଶାର ପୂର୍ବ ଗୌରବ ଐତିହ୍ୟରେ ପ୍ରତିଷ୍ଠିତ କରିବାପାଇଁ ପଡିବ । ଓଡ଼ିଆ ଭାଷା ଓ ସାହିତ୍ୟ-ସମସ୍ୟାର ସେଇଆତ ଶେଷ ସମାଧାନ ।"

ମଧୁସୂଦନଙ୍କ କଥା ଯେପରି ଯୁକ୍ତିଯୁକ୍ତ ସେହିପରି ଅକାଟ୍ୟ ଥିଲା । କିନ୍ତୁ ସେଦିନ ଗଡ଼ଗଡ଼ିଆ ଘାଟରେ ମଧୁସୂଦନଙ୍କ ଠାରୁ ସେପରି କଥା ଶୁଣିବା । ଲୋକେ କେହି ତାହାର ଥଳକୂଳ ପାଇ ନଥିଲେ । ମଧୁସୂଦନ ନିଜେ ମୁଦ୍ଧା ତାହାର କୌଣସି କିନାରା ଦେଖିପାରୁ ନଥିଲେ ।

(ଛଅ)

ଶୈଶବରୁ ମାଗୁଣି ଅବଧାନଙ୍କ ପାଠଶାଳା ଦିନରୁ ମୁଦ୍ଧା, ମଧୁସୂଦନଙ୍କ ବ୍ୟକ୍ତିତ୍ୱ ବିସମ୍ବାଦବହୁଳ ହୋଇ ରହିଥିଲା । ବସ୍ତୁତଃ,

ଦୃଷ୍ଟିକୋଣରେ ମୌଳିକତା, ଶବ୍ଦାରେ ଦୁଃସାହସିକ ଅଭିନବତା ଓ ପର୍ଯ୍ୟବେକ୍ଷଣରେ ଅନନ୍ୟତା ନ ଥିଲେ, ଯେ କୌଣସି ବ୍ୟକ୍ତି ନିର୍ବୋଧ, ଉପଗ୍ରହ, ଗୋଷ୍ଠୀଗ୍ରସ୍ତ କ୍ଲୀବତ୍ୱ, ସଙ୍କୁଚିତ ଶଠତା ଓ ଅନ୍ତରଙ୍ଗତାହୀନ ଆପ୍ତବାକ୍ୟ ମାନଙ୍କରେ ଅଭ୍ୟସ୍ତ ସମାଜରେ ହଠାତ ବହୁ ବାଦବିସମ୍ବାଦର କେନ୍ଦ୍ରବିନ୍ଦୁରେ ପରିଣତ ହୋଇ ପଡଥାନ୍ତି । ଯୁଗେଯୁଗେ, କାଳେ କାଳେ ଏପରି ବ୍ୟକ୍ତିମାନେ ସମାଜରେ ଭୁଲବୁଝା ଓ ଚରିତ୍ରସଂହାର-ଠାରୁ ଆରମ୍ଭ କରି ରାଜନୈତିକ ହତ୍ୟା ପର୍ଯ୍ୟନ୍ତ ବହୁ ଉପଦ୍ରବ ଓ ଲାଞ୍ଛନାର କାରଣ ହୋଇଥାନ୍ତି ।

ଆରମ୍ଭରୁ ମଧୁସୂଦନଙ୍କ ଜୀବନରେ ଏସବୁ ତେଣୁ ଲକ୍ଷଲକ୍ଷଣ ହୋଇ ରହିଥିଲା । ବାଲେଶ୍ୱରରେ ମଧ୍ୟ ମଧୁସୂଦନ ସେଥିରୁ ନିଷ୍କୃତି ପାଇ ନଥିଲେ ।

ବାଲେଶ୍ୱର କଲେକ୍ଟରର ସିରସ୍ତାଦାର ବାବୁ ମୁକୁନ୍ଦବଲ୍ଲଭ ମିତ୍ର, ମଧୁସୂଦନଙ୍କ ଗ୍ରାମ ସତ୍ୟଭାମାପୁରର ସମୀପବର୍ତ୍ତୀ ସିଂଗମାପୁର ଗ୍ରାମର ଅଧିବାସୀ ଥିଲେ । ଯେଉଁ ବଙ୍ଗୀୟମାନେ ଓଡ଼ିଶାକୁ ଜନ୍ମଭୂମି ତୁଲ୍ୟ ଶ୍ରଦ୍ଧା କରୁଥିଲେ ଓ ଓଡିଆ ଭାଷା ସଂସ୍କୃତି ତଥା ଚଳଣି ସହିତ ଓତପ୍ରୋତ ଭାବରେ ନିଜକୁ ମିଶାଇ ଓଡିଆ ମାଟିର ସନ୍ତାନ ରୂପେ ପରିଣତ ହୋଇ ସାରିଥିଲେ , ସେମାନଙ୍କ ମଧ୍ୟରେ ମୁକୁନ୍ଦବଲ୍ଲଭଙ୍କ ପରିବାର ଥିଲେ ଅନ୍ୟତମ । ମୁକୁନ୍ଦବଲ୍ଲଭ ଓ ଚୌଧୁରୀ ରଘୁନାଥ ଦାସ ଥିଲେ ପୁଣି ସହପାଠୀ । ବାଲ୍ୟକାଳରେ ଉଭୟେ ମହାସିଂଗପୁର ମକ୍ତବ ବା ଉର୍ଦ୍ଦୁ ବିଦ୍ୟାଳୟରେ ଏକା ଆଖୁଞ୍ଜିଙ୍କ ପାଖରୁ ପାର୍ସିଭାଷା ଶିକ୍ଷା କରିଥିଲେ । ସେଥିପାଇଁ ମୁକୁନ୍ଦବଲ୍ଲଭ ମଧୁସୂଦନଙ୍କୁ ନିଜ ସନ୍ତାନ ଦୃଷ୍ଟିରେ ଦେଖୁ-ଥିଲେ ।

କଟକରୁ ମଧୁସୂଦନ ବାଲେଶ୍ୱର ପଳାଇ ଆସିଥିବା ଜାଣି ଚୌଧୁରୀ ରଘୁନାଥ ଦାସ, ବାଲ୍ୟବନ୍ଧୁ ମୁକୁନ୍ଦବଲ୍ଲଭଙ୍କୁ ଏକ ପତ୍ର ଲେଖି, ମଧୁସୂଦନଙ୍କ ପ୍ରତି ଦୃଷ୍ଟି ରଖିବା ପାଇଁ ଅନୁରୋଧ କରିଥିଲେ । ମଧୁସୂଦନ ଯେପରି ସରକାରୀ ଚାକିରିର ସମ୍ଭାବନା ଛାଡ଼ି ସାମାନ୍ୟ ଶିକ୍ଷକତା ଗ୍ରହଣ କରି, ରଘୁନାଥଙ୍କ ବହୁପୋଷିତ ଆଶା ଓ ସ୍ୱପ୍ନରେ ଧୂଳି ଫିଙ୍ଗିଥିଲେ, ତାହାର ବହୁ ଗ୍ଲାନିପୂର୍ଣ୍ଣ ବର୍ଣ୍ଣନା ଚୌଧୁରୀ ରଘୁନାଥ ଦାସଙ୍କ ଚିଠିରେ ମଧ୍ୟ ଉଲ୍ଲିଖିତ ରହିଥିଲା ।

ମଧୁସୂଦନ ବାଲେଶ୍ୱର ଆସିବାବେଳେ ଅବଶ୍ୟ ଆସିଥିଲେ ତୃତୀୟ ଶିକ୍ଷକର ଅନାମଧେୟ ପରିଚୟ ନେଇ । ମାତ୍ର ଅଳ୍ପଦିନ ମଧ୍ୟରେ ଓଡ଼ିଆଭାଷା ଆନ୍ଦୋଳନ ସଂକ୍ରାନ୍ତରେ ବିସମ୍ବାଦ ଓ ଉତ୍ତେଜନାର କେନ୍ଦ୍ରବିନ୍ଦୁରେ ପରିଣତ ହୋଇ ପଡ଼ିବା ପାଇଁ, ତାଙ୍କୁ ବେଶୀ ବିଳମ୍ବ ଲାଗି ନଥିଲା । ଏହି କାରଣରୁ ବାଲେଶ୍ୱରରେ ଆଗନ୍ତୁକ ଓଡ଼ିଆ ଭାଷା ବିରୋଧୀ ମାନଙ୍କର ସେ ହଠାତ୍ ଚକ୍ଷୁଶୂଳ ହୋଇ ଉଠିଥିଲେ । ଅପର ଦିଗରେ କେତେକ ବିଶୁଦ୍ଧ ଓଡ଼ିଆଭାଷୀଙ୍କର ଅକାରଣ ଅସୂୟାର ମଧ୍ୟ ମଧୁସୂଦନ ହୋଇଥିଲେ ଶରବ୍ୟ । ବାଲେଶ୍ୱରରୁ ତାଙ୍କୁ ବିତାଡ଼ିତ କରିବା ପାଇଁ ଚେଷ୍ଟା ଓ ଅପଚେଷ୍ଟାର ସେମାନଙ୍କର ଅନ୍ତ ନଥିଲା । ଶିକ୍ଷକ ବୃତ୍ତିରୁ ମଧୁସୂଦନଙ୍କୁ ଯେଉଁ ବେତନ ମିଳୁଥିଲା ତାହା ବ୍ୟୟିତ ହେଉଥିଲା, ଗଣ୍ଡଗଣ୍ଡିଆ ବସାଘରେ ଆଲୋଚନା - ମଜଲିସରେ, ବନ୍ଧୁ ମାନଙ୍କର ଆଦର, ଆପ୍ୟାୟନ ଓ ଆତିଥେୟତାରେ । ମଧୁସୂଦନ ସାମାନ୍ୟ ବେତନଭୋଗୀ ତୃତୀୟ ଶିକ୍ଷକ ଥିଲେହେଁ ତାଙ୍କ ରକ୍ତରେ ମିଶି ରହିଥିଲା ଆଭିଜାତ୍ୟର ବୈଭବ । ସେହି ଅନୁପାତରେ ଅଳ୍ପଦିନ ମଧ୍ୟରେ ମଧୁସୂଦନଙ୍କ ସ୍ୱାତନ୍ତ୍ର୍ୟଧାରର ପରିମାଣଟା ମଧ୍ୟ ବେଶ୍ ବଢ଼ି ଉଠିଥିଲା । ଅନ୍ୟ ନଷ୍ଟାହ, ଗୋବଚାରୀ, ସାଧାରଣ ଓଡ଼ିଆ କର୍ମଚାରୀ ମାନଙ୍କ ପକ୍ଷରେ ମଧୁସୂଦନଙ୍କର ଆୟରୁ ବ୍ୟୟ "ସଙ୍କୁଳାନ" ନ ହେବାର ଏସବୁ ଢଙ୍ଗରେ ସନ୍ଦେହ ଓ ପରୋକ୍ଷ ନିନ୍ଦାର ପରିମାଣଟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇ ଚାଲିଗଲା । "ଆଗନ୍ତୁକ" ଗୋଷ୍ଠୀ ଯେବେ ମଧୁସୂଦନଙ୍କୁ ବିପକ୍ଷବତ୍ ପରିହାର କରୁଥିଲେ କେତେକ ଓଡ଼ିଆଙ୍କ ଦୃଷ୍ଟିରେ ମଧୁସୂଦନ ହୋଇ ଉଠିଥିଲେ ଚକ୍ଷୁଶୂଳ ତାଙ୍କର ଆତ୍ମପ୍ରତ୍ୟୟସମ୍ପନ୍ନ ଅଭିଜାତ ବ୍ୟକ୍ତିତ୍ୱ ଓ ମୌଳିକତାପ୍ରସୂତ ନାନା ବୈପ୍ଳବିକ ଭାବନା ହେତୁ ! ଫକୀର-ମୋହନଙ୍କ ପରି ଜଣେ ନୈଷ୍ଠିକ ଓଡ଼ିଆପ୍ରେମୀ, ବାଲେଶ୍ୱରର ଅଧିବାସୀ ଥାଇଁ ସୁଦ୍ଧା, ଏପରି ଚିନ୍ତାମାନ୍ଦ୍ୟଗ୍ରସ୍ତ ଓଡ଼ିଆଙ୍କ ଦୃଷ୍ଟିରେ ସେତେବେଳେ ଯେପରି ଚକ୍ଷୁଶୂଳ ହୋଇଥିଲେ, ତାହାର ନାନା ହାସ୍ୟୋଦ୍ଦୀପକ ଘଟଣା ତାଙ୍କ ଆତ୍ମଚରିତରେ ଲିପିବଦ୍ଧ ରହିଅଛି । ଏହିସବୁ କାରଣରୁ ବାଲେଶ୍ୱରରେ ମଧୁସୂଦନଙ୍କ ଉପସ୍ଥିତି ଓ ଅବସ୍ଥାନ, ସେମାନଙ୍କ ଦୃଷ୍ଟିରେ ମଧ୍ୟ ବିଶେଷ ପ୍ରୀତିପ୍ରଦ ନଥିଲା ।

ଏସବୁ ପରିସ୍ଥିତି ମଧ୍ୟରେ ଶିକ୍ଷକତା ମଧୁସୂଦନଙ୍କୁ ଆଉ ଭଲ ଲାଗୁନଥିଲା, କିମ୍ବା ବାଲେଶ୍ୱର ପ୍ରତି ଆକର୍ଷଣ ମଧ୍ୟ ନଥିଲା ।

କପଗ୍ କେତେଶୀଘ୍ର ବାଲେଶ୍ୱର ଗ୍ରୁଡ଼ ସେ କଲିକତା ପଳାଇ ଯାଇ ପାରିବେ, ତାହାହିଁ ଥିଲା, ତାଙ୍କର ଏବାଗଣ୍ଠିର ଏକମାତ୍ର ଚିନ୍ତା ।

ଏହିଭଳି ସମୟରେ ହଠାତ୍ ଦିନେ ପିରସ୍ତାଦାର ମୁକୁନ୍ଦବଲ୍ଲଭ ବାବୁଙ୍କ ସହିତ ସାକ୍ଷାତ ହୋଇଯିବାରୁ ମୁକୁନ୍ଦବଲ୍ଲଭ କହିଲେ··· "ରେଜେଷ୍ଟ୍ରୀଖାନାରେ ଉପର ପାହ୍ୱାର ଗୋଟିଏ ଅମଲ୍ ପଦ ଖାଲି ପଡ଼ିଛି । ମୁଁ ତୁମକୁ ସେଥିରେ ମନୋନୀତ କରିସାରିଛି । ତୁମେ କେବଳ ଖଣ୍ଡେ ଦରଖାସ୍ତ ଲେଖି ଅଫିସରେ ମୋତେ ସାକ୍ଷାତ କର ।"

ମଧୁସୂଦନ ପଚାରିଲେ ··· "ଦରମା" ?

ମୁକୁନ୍ଦବଲ୍ଲଭ ଉତ୍ତର ଦେଲେ ··· "ଦରମା ଆରମ୍ଭରେ ଅବଶ୍ୟ ମାସକୁ ପଚିଶ ଟଙ୍କା । କିନ୍ତୁ ଅଳ୍ପଦିନ ମଧ୍ୟରେ ପଦୋନ୍ନତିର ସମ୍ଭାବନା ରହିଛି । ଏକଥା ରଘୁବାବୁଙ୍କ ପାଖକୁ ମୁଁ ପତ୍ରରେ ଲେଖି ଦେଇସାରିଛି ।"

ମଧୁସୂଦନ ଡେପୁଟୀ-କଲେକ୍ଟରୀର ପ୍ରଥମ ସୋପାନ ରୂପେ ଅମଲ ଭୃକେଶ୍ରୀରେ ଯୋଗ ଦେଉଥିବା ସମ୍ବାଦରେ ପିତୃଦେବ ଯେ ପରମ ପ୍ରୀତ ହେବେ, ସେଥିରେ ସନ୍ଦେହ ନଥିଲା । ସ୍ୱୟଂ ମଧୁସୂଦନ ମଧ୍ୟ ସେତେବେଳେ ଏ ପ୍ରସ୍ତାବରେ କମ ଆଶ୍ୱସ୍ତ ହୋଇନଥିଲେ । ଶିକ୍ଷକତା ହେଉ ଅଥବା ଅମଲ୍ କିମ୍ବା ଡେପୁଟୀ ଭୃକେଶ୍ରୀ ହେଉ, କୌଣସିଟିତ ମଧୁସୂଦନଙ୍କ ଜୀବନର ଲକ୍ଷ୍ୟ ଅଥବା ଅଭିଳାଷ ନଥିଲା । ଏସବୁ ଏକ ଦୀର୍ଘ ସଂଗ୍ରାମ ମଳିନ ଯାତ୍ରାପଥରେ, ଗୁଣ୍ଡିର ପାନ୍ଥଶାଳା ହୋଇପାରେ ; କିନ୍ତୁ ଯାତ୍ରାର ଶେଷ ନଥିଲା । କଲିକତାରେ ସର୍ବୋଚ୍ଚ ବିଶ୍ୱବିଦ୍ୟାଳୟ ଶିକ୍ଷାହିଁ ତାଙ୍କର ଏକମାତ୍ର ଅଭିଳାଷ ଥିଲା । ସେଥିପାଇଁ ସରକାରୀ ଦପ୍ତରରେ ସାମାନ୍ୟ ଅଧିକ ବେତନ ଓ ଗଡ୍ଡଳିକା ସ୍ରୋତରେ ପ୍ରବାହିତ ଶିକ୍ଷକତାରୁ ଅବ୍ୟାହତ ମିଳିପାରୁଥିବାରୁ ; ମଧୁସୂଦନ ବ୍ୟଗ୍ରଭାବରେ ମେଲି ସେ ସମ୍ଭାବନାକୁ ପ୍ରାପ୍ୟ ଅଭିନନ୍ଦନ କରିଥିଲେ । ଶିକ୍ଷକତାରୁ ଇସ୍ତଫା ଦେଇ ବାବୁ ମୁକୁନ୍ଦବଲ୍ଲଭ ମିତ୍ରଙ୍କ ପ୍ରସ୍ତାବ ଅନୁସାରେ ମଧୁସୂଦନ ରେଜେଷ୍ଟ୍ରୀଖାନା ଅମଲ ଭୃକେଶ୍ରୀରେ ସଙ୍ଗେସଙ୍ଗେ ବାହାଲ ହୋଇଗଲେ ।

ମୁକୁନ୍ଦବଲ୍ଲଭ ସେତେବେଳେ କିନ୍ତୁ ସାବଧାନ କରାଇ କହିଥିଲେ ··· "ଏ କଲିକତିଆଙ୍କୁ ତୁମେ କୂଟ କୌଶଳରେ ପାରିବ

ନାହିଁ ମଧ୍ୟ । କଟକଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ତୁମେ ଅପକ୍ଷ ଅନେକ ଶତ୍ରୁ ସୃଷ୍ଟି କରି ଆସିଲଣି । ଏଠି କିନ୍ତୁ ଅଧିକାଂଶ ସେଇ କଲିକତିଆ । କଲିକତାରେ ବୋର୍ଡ଼-ଅଫ୍-ରେଭିନ୍ୟୁ ଅଫିସ ସେମାନଙ୍କ ହାତମୁଠାରେ ଥିବା ପର୍ଯ୍ୟନ୍ତ ସେମାନେ ତୁମକୁ ଗଡ଼ କରିଦେଇ ପାରିବେ । ତୁମେ ସେମାନଙ୍କ ମନ ନେଇ ଚଳି ପାରିଲେ ଏ ଯୁକରିରେ କିନ୍ତୁ ଯଥେଷ୍ଟ ଉନ୍ନତି ରହିଛି ।"

ସ୍ଲେଟ ଯୁକେରି-ଜୀବନରେ କ୍ଳୀବତ୍ୱ, ନିର୍ବୋଧ ମୋସାହେବୀ, ମଧୁସୂଦନ ଇତିମଧ୍ୟରେ ବେଶ ଅଙ୍ଗେ ନିଭେଇ ସାରିଥିଲେ । ପଣ୍ୟ ପରି ବସ୍ତୁରି ଓ ବ୍ୟକ୍ତିଭିଙ୍କୁ ବନ୍ଧା ପକାଇ, ତେଲଲୁଣର ସଂସାର ନିରୁପଦ୍ରବ ସ୍ୱାଚ୍ଛନ୍ଦ୍ୟରେ ଚଳାଇବାରେ ଆଗ୍ରହ ମଧୁସୂଦନଙ୍କର କୌଣସି ଦିନ ନଥିଲା । ତାହାର ଭାବନା ସୁଦ୍ଧା ମଧୁସୂଦନଙ୍କ ମନକୁ ଭିତେ ଭିତେ ବିଷାକ୍ତ କରି ଦେଉଥିଲା ।

ରେଜେଷ୍ଟ୍ରୀଖାନାରେ ଅମଲା ଗୁଡ଼ିକଙ୍କ, ଦିନ କେତେଟା ମଧ୍ୟରେ ମଧୁସୂଦନଙ୍କ ପକ୍ଷରେ ନିତାନ୍ତ ଦୁର୍ବିସହ ହୋଇ ଉଠିଲା । ଏ ଗୁଡ଼ିକଙ୍କରେ ହଠାତ ଜଣେ ଓଡ଼ିଆ କଟକରୁ ଆସି ବାହାଲ ହେବା, ସେ ପୁଣି ବାଲେ-ଶ୍ୱରରେ ଓଡ଼ିଆ ଭାଷା-ଆନ୍ଦୋଳନରେ ଜଣେ ପଣ୍ଡା ସାଜିବା ଓ କଲି-କତାରୁ ଆସିଥିବା ବଙ୍ଗାଳୀ କର୍ମଚାରୀ ମାନଙ୍କ ପ୍ରତି ପ୍ରଚଣ୍ଡ ବେଖାତର ପୋଷଣ କରୁଥିବା ପ୍ରଭୃତି କାରଣରୁ, ସେମାନଙ୍କ ବିଷଦୃଷ୍ଟିରେ ପଡ଼ିବା ପାଇଁ ମଧୁସୂଦନଙ୍କୁ ବେଶୀ ବିଳମ୍ବ ଲାଗିନଥିଲା ।

ରେଜେଷ୍ଟ୍ରୀଖାନାରେ ମଧୁସୂଦନ ହିସାବରକ୍ଷକ କିରାଣୀ ପଦରେ ନିଯୁକ୍ତ ହୋଇଥିଲେ । କିନ୍ତୁ ବେପରୁଆ ବେହିସାବ ମଧୁସୂଦନଙ୍କ ଜନ୍ମଗତ ଓ ବଂଶଗତ ପ୍ରକୃତି ଥିଲା । ତାଙ୍କପକ୍ଷରେ ମାଛିମରା ନ୍ୟାୟରେ ହିସାବ ରଖିବା ଥିଲା ଭାଗ୍ୟର ଏକ ବିଡ଼ମ୍ବନା । ହିସାବ ଗୋଟିଏ ଦୃଷ୍ଟିରୁ ହେଲା, ସଂକୀର୍ଣ୍ଣ, ସଙ୍କୁଚିତ, ସାବଧାନୀ କାର୍ପଣ୍ୟପୀଡ଼ିତ ମନର ବ୍ୟାପାର ! କିନ୍ତୁ ଅମାପ ବେହିସାବ ମଧ୍ୟରେ, ମଧୁସୂଦନଙ୍କ ଜୀବନ ସେତେବେଳେ ଥିଲା, ଏକ ଅପରିଣାମଦର୍ଶୀ ଜୁଆଖେଳ । ବସ୍ତୁତଃ ଆକାଂକ୍ଷାମାନେ ଆମ୍ଭ-ମାନଙ୍କ ଆନୁଷ୍ଠାନିକ ହିସାବଶୁଚିତା ପାଇଁ ଆବଶ୍ୟକ ହୋଇପାରନ୍ତି, ମାତ୍ର ଅନୁଷ୍ଠାନ ସୃଷ୍ଟି କରିବା ଆକାଂକ୍ଷାଣ୍ଡ ମାନଙ୍କ ପକ୍ଷରେ ସମ୍ଭବ

ନୁହେଁ । ମଧୁସୂଦନ ଆରମ୍ଭରୁ ଜନ୍ମ ଥିଲେ ସ୍ରଷ୍ଟା, ପ୍ରବର୍ତ୍ତକ । ସ୍ୱଭାବ ରକ୍ଷକର ପ୍ରକୃତି ଅଥବା ପ୍ରବୃତ୍ତି ତାଙ୍କଠାରେ ନଥିଲା ।

ହଠାତ୍ ଦିନେ ଜଣାପଡ଼ିଲା କଣ୍ଟିଜେନ୍ସୀ ତହବିଲରେ କେତେ ଟଙ୍କା ଊଣା !

ମଧୁସୂଦନଙ୍କ ରକ୍ତପାନ ପାଇଁ ସୁଯୋଗ ଅପେକ୍ଷାରେ ଯେଉଁମାନେ ଲୋଲଜିହ୍ୱା ବିସ୍ତାର କରି ବସିଥିଲେ, ସେମାନେ ଏ ଘଟଣାରେ ହଠାତ ଦୈବର ଏକ ବିଧି ପ୍ରେରିତ ସୁଯୋଗ ପାଇଗଲେ । କଣ୍ଟିଜେନ୍ସୀ ତହବିଲରେ ଟଙ୍କା ଊଣା ଥିବା, ଝଟକେ ହେଡ଼କ୍ଲର୍କ ଯେତେବେଳେ ସନାକ୍ତ କରି ସାରିଲେଣି, ମଧୁସୂଦନ ଶୁକବନ୍ଧନ ପିଟିବେ, ତା ସାଙ୍ଗକୁ ତାଙ୍କୁ ଦକ୍ଷିଣା ପରି ସରକାରୀ ତହବିଲ ଆତ୍ମସାତ କରିଥିବା ହେତୁ ମଜା ସେ ନ ଭୋଗିବେ ନୁହେଁ । ଯେଉଁ କେତେଜଣ ଓଡ଼ିଆ ଅମଲା ମଧୁସୂଦନଙ୍କ ନିଯୁକ୍ତି ଦେଖି ଈର୍ଷ୍ୟାନ୍ୱିତ ହୋଇ ରହିଥିଲେ, ଆଗନ୍ତୁକ ବଙ୍ଗାଳୀ ଅମଲାମାନଙ୍କ ତୁଳନାରେ ସେଇମାନେହିଁ ଏକଥାଟାକୁ ସବସ ଜଳରେ ତୈଳବିନ୍ଦୁ ପ୍ରସାରିତ କରିଦେଲେ ବେଶୀ । ମଧୁସୂଦନ ହଠାତ୍ ସରକାରୀ ତହବିଲରୁ ଟଙ୍କା ଆତ୍ମସାତ କରିଥିବା ଏକ ଭୟଙ୍କର ଆସାମୀରେ ପରିଣତ ହୋଇପଡ଼ିଲେ । ମଧୁସୂଦନଙ୍କ ଅମାପ ଆତିଥେୟତାରେ ଯେଉଁମାନେ ନିତ୍ୟ ରସନାତୃପ୍ତି କରୁଥିଲେ, ସେଇମାନଙ୍କ ସରବ ରସନାରେ ଅପବାଦଟା ପ୍ରଚାରିତ ହୋଇଥିଲା ପୁଣି ବେଶୀ … "ସରକାରୀ ପାଣ୍ଠି ଚୋବଲାମ୍ ନ କରୁଥିଲେ ଏ ଅମିରି ଚଳୁଥାନ୍ତା କୁଆଡୁ ? ଆମେ ଆଉ ଦେଖିନ୍ତୁ !"

ସିରସ୍ତାଦାର ମୁକୁନ୍ଦବଲ୍ଲଭ ବାବୁଙ୍କ ପାଖରୁ ଏ ସମ୍ପର୍କରେ ଯଥାବିଧି କାଗଜପତ୍ର ଆସିଲା । ଆକାଉଣ୍ଟସ୍‌କ୍ଲର୍କ ରୂପେ ଅଫିସର ଦୈନନ୍ଦିନ ମାମୁଲି ଖର୍ଚ୍ଚ ପାଇଁ ମଧୁସୂଦନଙ୍କ ପାଖରେ ସାମାନ୍ୟ କିଛି ଟଙ୍କା ଗଚ୍ଛିତ ରହୁଥିଲା । ଖର୍ଚ୍ଚ ଯେତେ ସାମାନ୍ୟ ହେଉପଛେ ଫାଇଲ ଓ ନଥିପତ୍ର ଯଥେଷ୍ଟ, ଉପରବାଲା ହେବାପରେ ଯାଇଁ ଟଙ୍କା ମଂଜୁରୀ ମିଳିଥାଏ । ଖର୍ଚ୍ଚ ଯାହାହେଉ ଓ ତାହାର ପରିମାଣ ଯେତେ ସାମାନ୍ୟ ଥାଉ ପଛେ, ସେଥିପାଇଁ ପ୍ରଥମେ ମଂଜୁରୀ ନ ମିଳିଲେ ପାଣ୍ଠିରୁ ପଇସାଟିଏ ଖର୍ଚ୍ଚ କରିବା ନିଷିଦ୍ଧ । ଏହିପରି ନାନା ମାମୁଲି କଟକଣା ମଧ୍ୟରେ କଣ୍ଟିଜେନ୍ସୀ ପାଣ୍ଠିଟି ଅତ୍ୟନ୍ତ ଦୁର୍ଭେଦ୍ୟ ରହିଥାଏ ।

ବସ୍ତୁତଃ "ହାତୀ ଗଳିଯାଏ ପିମ୍ପୁଡ଼ି ନ ଗଳେ" ପ୍ରହେଳିକାର ସୁଷ୍ଠୁ ପ୍ରମାଣ ଯଦି କାହାର କେବେ ଆବଶ୍ୟକ ଥାଏ, ତାହାହେଲେ ଭାରତୀୟ ଅମଲାତନ୍ତ୍ର ସହିତ ତାହାଙ୍କୁ ଅତି ପରିଚିତ ହେବାପାଇଁ ପଡ଼ିବ । ସେହିଦିନୁ ଭାରତରେ ଅନେକ କିଛି ପରିବର୍ତ୍ତିତ, ସଂଶୋଧିତ ଓ ବିବର୍ତ୍ତିତ ହୋଇ ଗଲା । କିନ୍ତୁ ସେ ସବୁ ମଧ୍ୟରେ ଭାରତୀୟ ଅମଲାତନ୍ତ୍ର ଏକା, ଅପରିବର୍ତ୍ତିତ, ଅପରିବର୍ତ୍ତନୀୟ ଓ ସନାତନ ହୋଇ ରହିଗଲା ! ଏହାର ମୃତ୍ୟୁ ନଥିବା ହେତୁ, ଏହାକୁ ବୋଧହୁଏ "ଅମଲାତନ୍ତ୍ର" କୁହାଯାଇଅଛି ।

ମୁକୁନ୍ଦବଲ୍ଲଭ ବାବୁ ଦେଖିଲେ ଅଫିସରେ ସାଧାରଣ ଖର୍ଚ୍ଚ ପାଇଁ ବିଧିବଦ୍ଧ ଭାବରେ ରଖାଯାଇଁ କିଛି ଟଙ୍କା କଣ୍ଟିଜେନ୍‌ସୀ ପାଣ୍ଠିରୁ ବ୍ୟୟିତ ହୋଇଅଛି । ମାତ୍ର ଏ ବ୍ୟୟ ପାଇଁ କୌଣସି ମଂଜୁରୀ ନଥିଲା । ହେଡ଼କ୍ଲର୍କ ବାବୁ ଆଇନକାନୁନ୍ ମାଡିନୟମରେ ଦୋରସ୍ତ ଲୋକ । ସେ ଯେତେବେଳେ କହିଲେ ସରକାରୀ ଧନର ଏହା ସାମୟିକ ଆତ୍ମସାତ, ସେତେବେଳେ ତାଙ୍କ ସିଦ୍ଧାନ୍ତ କାଟିବା ପାଇଁ ସିରସ୍ତାଦାର ମୁକୁନ୍ଦବଲ୍ଲଭ ବାବୁଙ୍କ ପାଖରେ କୌଣସି ଅସ୍ତ୍ର ନଥିଲା ।

ଏ ସମ୍ବାଦରେ "ଆଗନ୍ତୁକ" ଗୋଷ୍ଠୀରେ ଗଣ୍ଡ କିଣିବାପରି ବିଜୟୋଲ୍ଲାସ ଖେଳିଗଲା । ଓଡ଼ିଆ ସହକର୍ମୀ ମାନଙ୍କୁ ପରଚର୍ଚ୍ଚା । ସଙ୍ଗେ ସଙ୍ଗେ, ନିଜ ନିଜ ପଦୋନ୍ନତିର ସମ୍ଭାବନା ଦେଖିବାପାଇଁ ଗୋଟାଏ ଅବକାଶ ମଧ୍ୟ ମିଳିଗଲା । ମଧୁସୂଦନଙ୍କ ଜୀବନରେ ମଧ୍ୟ ସେହିଦିନ ଗୋଟିଏ ମହାନ ଶିକ୍ଷା ମିଳିଗଲା— ଭାଷାର ବନ୍ଧନ ସର୍ବଥା ସୌଭ୍ରାତ୍ୟର ବନ୍ଧନ ନୁହେଁ । ବ୍ୟକ୍ତିଗତ କ୍ଷୁଦ୍ର ସ୍ୱାର୍ଥର ପ୍ରଶ୍ନ ଉଠିଲାବେଳେ, ଓଡ଼ିଆ ଅଣ-ଓଡ଼ିଆର ବିଚାର ନଥାଏ । ଭାଇଗଳାରେ ଛୁରୀ ଦେବାପାଇଁ ଭାଇ ଯେପରି ସେତେବେଳେ ଅଣ୍ଟାଭିଡ଼ି ବାହାରିପଡ଼େ, ଘୋର କୁଚକ୍ରୀ ଅଣଓଡ଼ିଆ ମାନଙ୍କର ସ୍ପୃହା ସେଥିପାଇଁ ବେଳେ ବେଳେ ବିବେକ-ଦଂଶନ ହୋଇଥାଏ ।

ଅବଶେଷରେ ବିଷୟଟି ଆସିଲା, ଖୋଦ କଲେକ୍ଟର ଫ୍ରାଙ୍କ୍ ବିକ୍‌ନୋଲ୍‌ଡ଼ ସାହେବଙ୍କ ଦରବାରକୁ । ଫ୍ରାଙ୍କ୍ ବିକ୍‌ନୋଲ୍‌ଡ଼ ଜଣେ ଉଦାରପନ୍ଥୀ, ସହାନୁଭୂତିସମ୍ପନ୍ନ କଲେକ୍ଟର ଥିଲେ । ସେଥିପାଇଁ ସେ ତତ୍କାଳୀନ ଲେଫଟେନେଣ୍ଟ ଗଭର୍ଣ୍ଣର ସାର ଚାର୍ଲସ କାମ୍ପବେଲଙ୍କ ବିଶେଷ ସୁନଜରରେ ପଡ଼ିପାରି ନଥିଲେ । କଲେକ୍ଟର ମାନଙ୍କ ପ୍ରତି କାମ୍ପବେଲଙ୍କ

ବିଭିନ୍ନ ନିର୍ଦ୍ଦେଶନାମାର ପରିହାସ କରି ବିକ୍ନୋଲଡ୍ ଯେଉଁ ଏକ ବ୍ୟଙ୍ଗ କବିତା ଲେଖିଥିଲେ, ସେଥିରୁ ତାଙ୍କର ମନୋଭାବ ସ୍ପଷ୍ଟ ହେବ···

"The model Magistrate, our rulers say
Decides all night, investigates all day;
The crack Collector, man of equal right
Reports all day, and corresponds all night." *

ବିକନୋଲଡ ଥିଲେ ଏହିପରି ଏକ "କ୍ରାକ୍-କଲେକ୍ଟର !"

କଣ୍ଟିକଜନସୀ-ପାର୍ଶ୍ୱରୁ କେତେଟଙ୍କା ସାମୟିକ "ଆତ୍ମସାତ" ଅଭିଯୋଗର ନ ଥିପତ୍ର ଦେଖିବା ମାତ୍ରେ, ମ୍ରୀଙ୍କ୍ ବିକନୋଲଡ୍ ହୁକୁମ ଦେଲେ··· "ଆସାମୀ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ !"

କିନ୍ତୁ ଏହାପରେ ମଧୁସୂଦନ ସେହି ଅଫିସରେ, ସେହି ବୃତ୍ତିରେ ରହିଲେ, ତାଙ୍କ ଉପରିସ୍ଥ କର୍ମଚାରୀମାନଙ୍କର ମାନସମ୍ମାନ ଧୂଳିକଣାର ହୋଇଯିବ ଯିନା ! ଓଡ଼ିଆ ସହକର୍ମୀମାନେ ଯେତେବେଳେ ଦେଖିଲେ, ବିକନୋଲଡ ସାହେବ ମଧୁସୂଦନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କଲେଣି, ଆଖିରୁ ଯଥେଷ୍ଟ କୁମ୍ଭୀରଲୁହ ଗଡ଼ାଇ, ସେମାନେ ପୁଣି ମଧୁସୂଦନଙ୍କ ପାଖକୁ ଫେରିଆସି ଭଲେଇ ହେବାରେ ଲାଗିଲେ··· "ଦେଖନ୍ତୁନା ଏ କଲିକତିଆ ମାନଙ୍କର କାଣ୍ଡ ! କେଡ଼େବଡ଼ ମାମଲାଟା ସେମାନେ ଖଞ୍ଜି ଦେଇନଥିଲେ ସତେ !"

ମାତ୍ର ମଧୁସୂଦନ ଯେଉଁ ବୃତ୍ତିରେ ବାହାଲ ଥିଲେ, ତାହା ଏକ ଅସ୍ଥାୟୀ ପଦ ଥିଲା। ଏ ଘଟଣା ପରେ ପରେ ରେଭେନ୍ୟୁ ବୋର୍ଡରୁ ସେ ପଦଟିକୁ ଉଠେଇ କରିଦିଆଗଲା । ମଧୁସୂଦନ ସ୍ୱସ୍ତିର ଦୀର୍ଘ ନିଃଶ୍ୱାସ ମାରିଲେ ! ଏତେ ସହଜରେ ଓ ଏତେ ଶୀଘ୍ର ଡେପୁଟୀ କଲେକ୍ଟର ହେବାର ଫାନ୍ଦରୁ ସେ ମୁକୁଳିବେ ବୋଲି, ମଧୁସୂଦନ ସ୍ୱପ୍ନରେ ସୁଦ୍ଧା କେବେ ଭାବି ନଥିଲେ !

ଏହାର ଦିନେ ବା ଦୁଇଦିନ ପରେ ମଧୁସୂଦନ ବାଲେଶ୍ୱରରୁ ହଠାତ ଯେପରି ନିରୁଦ୍ଦିଷ୍ଟ ହୋଇଗଲେ, ତାହା ଫକୀରମୋହନଙ୍କ

* ସାର ଜନ୍ ବୀମସଙ୍କ ପ୍ରଣୀତ Memoirs of a Benga Civilian. ପୃ ୨୦୦ ଦ୍ରଷ୍ଟବ୍ୟ

ଯେ ତାଙ୍କ ଅନ୍ତରଙ୍ଗ ବନ୍ଧୁମାନଙ୍କୁ ସୁଦ୍ଧା ଜଣା ନଥିଲା । କିନ୍ତୁ ପରେ ମୁକୁନ୍ଦବଲ୍ଲଭ ବାବୁ ଗୁନ୍ଦବାଲି ବନ୍ଦରରେ କଷ୍ଟମକ୍ଲର୍କ ପଦରେ ଥିବା ତାଙ୍କ କନିଷ୍ଠଭ୍ରାତା ଗୋଲକପ୍ରସାଦ ମିଶ୍ରଙ୍କ ପାଖରୁ ଚିଠି ପାଇ ସେଥିରୁ ଅବଗତ ହେଲେ, ମଧୁସୂଦନ ଅନାହୂତ ପରି ଦିନେ କୁଆଡୁ ଆସି ତାଙ୍କ ଠାରୁ ଟଙ୍କା କୋଡ଼ିଏଟି ଧାର କରି "ଦି ସ୍ୱାନ" ଷ୍ଟିମରରେ ବାହାରି ଯାଇଛନ୍ତି କଲିକତା !

ମୁକୁନ୍ଦବଲ୍ଲଭ ବାବୁ, ଏ ସମ୍ବାଦଟିକୁ ଯଥାସମୟରେ ବାଲ୍ୟବନ୍ଧୁ ରଘୁନାଥଙ୍କ ନିକଟକୁ ପଠାଇ ଦେଇ ଗୋଟାଏ ଗୁରୁ ଦାୟିତ୍ୱରୁ ଅବ୍ୟାହତି ପାଇଥିବା ପରି ସ୍ୱସ୍ତିର ଦୀର୍ଘନିଃଶ୍ୱାସ ମାରିଲେ ।

# ଷଷ୍ଠ ପରିଚ୍ଛେଦ

## (ଏକ)

୬, ମାର୍ଚ୍ଚ, ଇଂ ୧୯୧୩ ସାଲ······

ମଧୁସୂଦନ ସେଦିନକୁ ୬୫ ବର୍ଷ ବୟସର ଭାରରେ ଈଷତ୍ ଅବନତ । କିନ୍ତୁ ଇମ୍ପିରିଆଲ ଲେଜିସଲେଟିଭ୍ କାଉନ୍ସିଲରେ ସର୍ବ ପ୍ରଥମ ଓଡ଼ିଆ ଓ ପ୍ରତ୍ୟୁକ୍ତପ୍ରଗର ସଭ୍ୟ ରୂପେ, ମିଷ୍ଟର ଏମ.ଏସ. ଦାସ ସେତେବେଳେ ଏକ ସମ୍ମାନିତ ନାମ ।

ସେଦିନ କାଉନ୍ସିଲର ସେହି ସମ୍ଭ୍ରାନ୍ତ ପରିବେଶରେ ବୁଢ଼ା ମଧୁସୂଦନଙ୍କ ସ୍ମୃତିପଥରେ ଭାସିଉଠିଥିଲା ; ଏକଦା କଲିକତା ଫୁଟ୍‌ପାଥ୍‌ରେ ନିଜ ସଂଗ୍ରାମୀ ଯୌବନ ଦିନର ଚିତ୍ର ··· ଯେଉଁଦିନ ସେ କଲିକତାରେ ପହଞ୍ଚିଥିଲେ ଉଚ୍ଚଶିକ୍ଷା ପାଇଁ ଉଚ୍ଚତର ଆକାଂକ୍ଷା ନେଇ ! ମଧୁସୂଦନ ସେଦିନ ସେହି ଭାଷଣ ପ୍ରସଙ୍ଗରେ କହିଥିଲେ···

**"The first Oriya young man (I can hardly believe, I was ever young) who cherished the idea of a University education had to go to Calcutta, a journey of nearly three weeks."**

ଅର୍ଥାତ୍ "ସେହି ପ୍ରଥମ ଓଡ଼ିଆ ଯୁବକ (ମୁଁ ଯେ କିନ୍ତୁ କେବେ ଯୁବକ ଥିଲି, ତାହା ବିଶ୍ୱାସ କରିବା ଏବେ ମୋ ପକ୍ଷରେ କଠିନ),— ଯାହା ପ୍ରାଣରେ ଦିନେ ବିଶ୍ୱବିଦ୍ୟାଳୟ ଶିକ୍ଷା ପାଇଁ ପ୍ରବଳ ଆକାଂକ୍ଷା ଜାଗ୍ରତ ହୋଇଥିଲା— ତିନି ସପ୍ତାହକାଳବ୍ୟାପୀ ପଥଶ୍ରମ ସ୍ୱୀକାର କରି, ସେଦିନ ସେଥିପାଇଁ ତାଙ୍କୁ ସୁଦୂର କଲିକତା ଆସିବା ପାଇଁ ପଡ଼ିଥିଲା ।"

ଓଡ଼ିଶାରେ ଉଚ୍ଚ ବିଶ୍ୱବିଦ୍ୟାଳୟ ଶିକ୍ଷାର ବ୍ୟାପକତର ପ୍ରସାର ଦାବି କରି ମଧୁସୂଦନ ସେଦିନ ଭାଷଣ ପ୍ରସଙ୍ଗରେ ଏହିପରି ମନ୍ତବ୍ୟ ପ୍ରକାଶ କରିଥିଲେ । ନବଗଠିତ ବିହାର-ଓଡ଼ିଶା ପ୍ରଦେଶର ଏକ ଅନାମଧେୟ ଉପାନ୍ତରେ ପଡ଼ି ରହିଥିବା ଓଡ଼ିଶାରେ ଉଚ୍ଚଶିକ୍ଷାର ଦୟନୀୟ ଅବସ୍ଥା ସମ୍ପର୍କରେ ଶାସକଗୋଷ୍ଠୀଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ସେମାନ-

ଙ୍କର ସହାନୁଭୂତି ଆକର୍ଷଣ କରିବାପାଇଁ ମଧୁସୂଦନ ତାଙ୍କ ଭାଷଣରେ ଏହି ପ୍ରକାର ଏକ ନାଟକୀୟ ବ୍ୟଞ୍ଜନା ଆଣିଥିଲେ । ଏ ପ୍ରସଙ୍ଗରେ କିନ୍ତୁ ନିଜ ଆତ୍ମକଥା ଯୋଡ଼ିବାର ଅବଶ୍ୟ କୌଣସି ଆବଶ୍ୟକତା ନଥିଲା ! ତଥାପି ବହୁ ଦୁର୍ଗମ ଭୌଗୋଳିକ ଦୂରତ୍ୱ ଓ ବହୁ ଊର୍ଦ୍ଧ୍ୱରୁ ମାନସିକ ଦୌର୍ବଲ୍ୟ ଅତିକ୍ରମ କରି, ସେ ଯେ ଓଡ଼ିଆ ଜାତିର ସର୍ବପ୍ରଥମ, ସର୍ବୋଚ୍ଚ ବିଶ୍ୱ-ବିଦ୍ୟାଳୟ ଡିଗ୍ରୀଧାରୀ ଶିକ୍ଷିତ ଯୁବକ ହୋଇ ପାରିଥିଲେ, ଜୀବନର ବହୁ ଦୁର୍ଦ୍ଦିନରେ ସୁଦ୍ଧା, ମଧୁସୂଦନଙ୍କ ମନରୁ ସେ ଅହଙ୍କାର କଦାପି ନେଇ ନଥିଲା । ମଧୁସୂଦନ କିନ୍ତୁ ଚାନ୍ଦବାଲିରୁ ଷ୍ଟିମରରେ କଲିକତା ଆସିଥିବାରୁ ତାଙ୍କୁ କଦାପି ଜନସମ୍ବାଦ ପରିଶ୍ରମ କରିବାପାଇଁ ପଡ଼ିନଥିଲା । ତଥାପି ବକ୍ତବ୍ୟକୁ ଅଧିକତର ଭାବରେ ପ୍ରଭାବଶାଳୀ କରିବାପାଇଁ ନାଟକୀୟ ଅନ୍ତରଂଜନ, ମଧୁସୂଦନଙ୍କ ଭାଷଣ-ଶୈଳୀରେ ଗୋଟିଏ ଉଲ୍ଲେଖଯୋଗ୍ୟ ଚରିତ୍ର ଥିଲା ।

ଷ୍ଟିମରରେ ଚାନ୍ଦବାଲିରୁ କଲିକତା ଆସିବାରେ ସେତେବେଳେ ପୂରା ଗୋଟାଏ ଦିନ ଅତିବାହିତ ହେଉଥିଲା ! ସମୁଦ୍ରଆନ୍ଦୋଳିତ ଷ୍ଟିମର ପରି ଶତ ଶଂକା ଓ ସନ୍ଦେହ ମଧ୍ୟରେ ଆନ୍ଦୋଳିତ ସେହି ଗୋଟାଏ ଦିନ ମଧୁସୂଦନଙ୍କ ପକ୍ଷରେ ଶତ ଆଶଙ୍କା ଓ ଉଦ୍‌ବେଗପୂର୍ଣ୍ଣ ଥିଲା ! ବସ୍ତୁତଃ କଲିକତା ଯେତିକି ନିକଟତର ହୋଇ ଆସୁଥିଲା; ମନର ଉଦ୍‌ବେଗଟା ମଧ୍ୟ ସେତିକି ତୀବ୍ରତର ହେଉଥିଲା ।

ଉଚ୍ଚଶିକ୍ଷା ପାଇଁ ଓଡ଼ିଶାରୁ ସେ ଯେ ସର୍ବପ୍ରଥମ କଲିକତା ଆସିଥିଲେ, ତାହା ନୁହେଁ । ତାଙ୍କ ପୂର୍ବରୁ ଗୌରୀଶଙ୍କର ମଧ୍ୟ ଅଶେଷ ପରିଶ୍ରମ ସ୍ୱୀକାର କରି ଦିନେ ଆସିଥିଲେ କଲିକତା । ଗୌରୀଶଙ୍କରଙ୍କ ଜୀବନଚରିତରେ ସେ ବୃତ୍ତାନ୍ତ ଲିପିବଦ୍ଧ ଅଛି···

"ସରକାରୀ ବୃତ୍ତି ପ୍ରାପ୍ତ ହୋଇ ଗୌରୀଶଙ୍କର ୧୮୫୭ ଖ୍ରୀଷ୍ଟାବ୍ଦର ଜୁନ ମାସରେ ହୁଗୁଳୀ ଅଭିମୁଖରେ ଯାତ୍ରା କରିଥିଲେ । ଏକେତ ବର୍ଷା କାଳ, ତହିଁରେ ପୁଣି ନାନା ଉପଦ୍ରବମୟ ଘୋର ଦୁର୍ଗମ ପଥ । ବଳଦ-ଗାଡ଼ି ଛଡ଼ା ଆଉ କୌଣସି ପ୍ରକାର ଯାନର ସୁବିଧା ସେତେବେଳେ ନଥିଲା । ସେହି ଗାଡ଼ିରେ ଯାଇଁ ବାଲେଶ୍ୱର ଠାରେ ପହଞ୍ଚିବାକୁ ସେ ସମୟରେ ତାଙ୍କୁ ବାରଦିନ ଲାଗିଥିଲା । ଏପରି ବିଳମ୍ବ ଓ କଷ୍ଟମାନ ଦେଖି, ଶିକ୍ଷାର୍ଥୀ ଯୁବକ ବଳଦ ଗାଡ଼ିରେ ଯିବାର ଆଶା ଛାଡ଼ି ଦେଇ ପଦବ୍ରଜରେ

ଆଉ ଦଶଦିନ ଯାଇ ହୁଗୁଳୀଠାରେ ପଢ଼ୁଥିଲେ । ଉକ୍ତ କଲେଜରେ ଅଧ୍ୟାପିତଶ୍ରେଣୀଭୁକ୍ତ ହୋଇ ସେ ପୂର୍ବୋକ୍ତ ସିଜପୁର ସ୍କଲର୍ଶିପ୍ ବା ବର୍ଷୀୟାନ୍ ଛାତ୍ରବୃତ୍ତି ପରୀକ୍ଷାର ପାଠ୍ୟପୁସ୍ତକମାନ ଅକ୍ଳାନ୍ତବେଶ ସହକାରେ ଅଧ୍ୟୟନ କରିବାକୁ ଲାଗିଲେ ।”

ତଥାପି କଲିକତାରେ ଶିକ୍ଷା ଅସମାପ୍ତ ରଖି, ବର୍ଷକ ପରେ ଗୌରୀଶଙ୍କରଙ୍କୁ, ସ୍ୱଗ୍ରାମକୁ ଫେରି ଆସିବାପାଇଁ ପଡ଼ିଥିଲା । ଗୌରୀ-ଶଙ୍କର କଲିକତାରେ ବିବାହ କରିବା ମତଲବରେ ଥିବା ସମ୍ବାଦରେ, ପିତା ଆତଙ୍କିତ ହୋଇ ତାଙ୍କୁ କଲିକତାରୁ ଫେରାଇ ଆଣିଥିଲେ । ମଧୁ-ସୂଦନଙ୍କ ଅନ୍ୟତମ ପ୍ରସିଦ୍ଧ ସମସାମୟିକ ରାଧାନାଥ ରାୟ ମଧ୍ୟ ଉଚ୍ଚଶିକ୍ଷା ପାଇଁ କଲିକତା ଆସିଥିଲେ । ତାଙ୍କୁ ମଧ୍ୟ ଗୌରୀଶଙ୍କରଙ୍କ ପଦାଙ୍କ ଅନୁ-ସରଣ କରିବାପାଇଁ ବିଳମ୍ବ ଲାଗି ନଥିଲା । ତାହା କିନ୍ତୁ ଭିନ୍ନ କାରଣରୁ ! ଫକୀରମୋହନ ନିଜ “ଆତ୍ମ ଚରିତ”ରେ ଲେଖିଛନ୍ତି···

“ରାଧାନାଥ ଓ ତାଙ୍କ ଖୁଡ଼ୁତା ଜାହ୍ନବୀ ବାବୁ ସନ୍ଧ୍ୟା ସମୟରେ କଲିକତାରେ ପହଞ୍ଚି ଗୋଟାଏ ବସା ଧରି ରହିଲେ । ତହିଁ ଆରଦିନ ସକାଳେ ବିଛଣାରୁ ଉଠି ଦୁଇଜଣ ଯୋଡ଼ାଏ ଲୋଟାଧରି ଗୋଟାଏ ପଡ଼ିଆ ଜାଗା ସନ୍ଧାନରେ ବାହାରିଲେ । ଅନେକ ବେଳଯାଏ ଘୁରିଆଡ଼େ ବୁଲି ବୁଲି ଗୋଟାଏ ଯାଗା ନପାଇବାରୁ କଲିକତା ଉପରେ ଖପି ଖପା ହୋଇ କହିଲେ ‘ଏଟା ଭାରି ବେଜାୟ ସହର ।’ ଜାହ୍ନବୀ ବାବୁ ଜଣେ ସାଧାରଣ ଅମଲା ଥିଲେ । ତାହାଙ୍କ ଆୟ ମଧ୍ୟ ଅଳ୍ପ ଥିଲା । କଲିକତା ଖର୍ଚ୍ଚ ଯୋଗାଇ ନପାରିବାରୁ ରାଧାନାଥ ବାବୁ କେତେକ ମାସ ମାତ୍ର କଲିକତାରେ ରହି ବାଲେଶ୍ୱରକୁ ବାହୁଡ଼ି ଆଇଲେ । ପରେ ସେ ଏଫ୍.ଏ. ପାସ୍ କରିଥିଲେ ।”

ଗୌରୀଶଙ୍କରଙ୍କ ପରି ମାସକୁ ମାସ ମଧୁସୂଦନଙ୍କ ପାଇଁ କିନ୍ତୁ ଛାତ୍ରବୃତ୍ତି ନଥିଲା; କିମ୍ବା କଲିକତାକୁ ଟଙ୍କା ପଠାଇବା ପାଇଁ କେହି ପୃଷ୍ଠ-ପୋଷକ ନଥିଲେ । ପିତା ଚୌଧୁରୀ ରଘୁନାଥ ଦାସଙ୍କ ଆର୍ଥିକ ଓ ମାନସିକ ଅବସ୍ଥା ଯାହା, ସେଥିରେ କଲିକତାରେ ଉଚ୍ଚଶିକ୍ଷା ପାଇଁ ତାଙ୍କଠାରେ କୌଣସି ପ୍ରକାର ମାସିକ ସାହାଯ୍ୟ ସେ ଆଶା କରି ପାରୁ ନଥିଲେ । ପୁଣି ମଧୁସୂଦନ ଚାକିରୀ ଛାଡ଼ି କଲିକତାରେ ପାଠ ପଢ଼ିବା-ଚୌଧୁରୀ ରଘୁନାଥ ଦାସଙ୍କ ଇଚ୍ଛାବିରୁଦ୍ଧ ଥିଲା । ସେଥିପାଇଁ କଲିକତାରେ

ନିଜ ପାଦରେ ନିଜେ ଠିଆ ହେବା ବ୍ୟତୀତ, ମଧୁସୂଦନଙ୍କ ପାଇଁ ଅନ୍ୟ କୌଣସି ଅବଲମ୍ବନ ନଥିଲା ! ଏ ପରିସ୍ଥିତିରେ କଲିକତାରେ ସେ କପରି କଲେଜରେ ନାମ ଲେଖାଇବେ ସର୍ବାଦୌ ତାହାହିଁ ଥିଲା ତାଙ୍କ ପକ୍ଷରେ ଆଶଙ୍କା ଓ ଦୁଶ୍ଚିନ୍ତାର କାରଣ । ମଧୁସୂଦନ କୌଣସି ଅର୍ଥବଳ ଧରି ଅବଶ୍ୟ କଲିକତା ଆସି ନଥିଲେ । କିନ୍ତୁ ତାଙ୍କର ମାନସିକ ଦୃଢ଼ତା ଥିଲା ଅକଳନ । ପୁଣି ଉଚ୍ଚଶିକ୍ଷା ଲାଭ ପାଇଁ ସଂକଳ୍ପ ଥିଲା ମଧ୍ୟ ପ୍ରଚଣ୍ଡ । ଯାହା କିଛି ଦୁରନ୍ତ, ଦୁଃସାଧ ଓ ଭୟଙ୍କର ମଧୁସୂଦନଙ୍କ ପ୍ରତି ସେସବୁର ଗୋଟାଏ ପ୍ରଚଣ୍ଡ ଆହ୍ୱାନ ରହିଥିଲା । ସେପରି ଆହ୍ୱାନ ନଥିଲେ, ସେଦିନ ସହାୟସମ୍ବଳହୀନ ମଧୁସୂଦନ ଏତେ ଦମ୍ଭ ଓ ନିର୍ଭୟରେ ମୁଣ୍ଡରେ ଅପବାଦର ବୋଝ ଧରି ଗୁଡ଼ବାଲ ଠାରୁ କଲିକତାଗାମୀ ଷ୍ଟିମରରେ କଦାପି ଉଠିନଥାନ୍ତେ ।

ପକେଟ୍ ଶୂନ୍ୟ । ତଥାପି ଅସାଧ୍ୟକୁ ସାଧ୍ୟ କରିବାର ପ୍ରାଣଭରା ଦମ୍ଭ ନେଇ ମଧୁସୂଦନ ଷ୍ଟିମର୍‌ର ଡେକ୍ ଉପରେ ଅଶାନ୍ତ ଭାବରେ ପାଦ-ଚାରଣା କରୁଥିଲେ ।

ସେହି ଡେକ୍ ଉପରେ ସେଦିନ ସନ୍ଧ୍ୟାରେ ପ୍ରଥମ ପରିଚୟ ହୋଇଥିଲା, ଏକ ଅଧା-ପାଗଳା ପାଦ୍ରୀ ହେନ୍‌ରୀ ଗ୍ରୀଫିନ୍ ସହିତ । ପାଦ୍ରୀ ଗ୍ରୀଫିନ୍ ମାନ୍ଦ୍ରାଜରୁ ଫେରୁଥିଲେ କଲିକତା । ପ୍ରଥମ ଆଳାପରେ ମଧୁ-ସୂଦନ ଉଚ୍ଚଶିକ୍ଷା ପାଇଁ କଲିକତା ଯାଉଥିବା ଜାଣି ଗ୍ରୀଫିନ୍ ପଚାରିଲେ···

**"Can you define education ?"**

ସତେ ତ ! ଶିକ୍ଷାର ସ୍ୱରୂପ ତ ଜଣାଅଛି । କିନ୍ତୁ ଏହାର ସଂଜ୍ଞା କଣ ? ବହି ପଢ଼ିବା ? ନହିଁ, ଓ ପାଠ୍ୟପୁସ୍ତକ ଲେଖିପାରିବା ? ଦୁଇପଦ ଶୁଦ୍ଧଭାବରେ କହିପାରିବା ? ଗ୍ରୀଫିନ୍‌ଙ୍କର ଉଦ୍ଭାବନୀ ପ୍ରଶ୍ନ·· ବର୍ଣ୍ଣମାଳା ଓ ବ୍ୟାକରଣ ସୂତ୍ର ସହିତ ପରିଚିତ ଥିବା ଯେକୌଣସି ବ୍ୟକ୍ତି ପକ୍ଷରେ ଏସବୁ ସମ୍ଭବ ! ତା' ହେଲେ ? ପାଦ୍ରୀ ଗ୍ରୀଫିନ୍‌ଙ୍କର କଥା ସବୁ ମଧୁସୂଦନଙ୍କର ଚିନ୍ତାକୁ ଅଡୁଆ ସୂତାପିଣ୍ଡୁଳା ପରି ହଠାତ୍ ଗୋଳମାଳିଆ କରିଦେଉଥିଲା ।

ଗ୍ରୀଫିନ୍ ଡେକ୍ ଉପରେ ପାଦ ଚାରଣା କରୁ କରୁ କହିଲେ··· "ଭଗବାନଙ୍କୁ ଚିହ୍ନିବା ଓ ଜାଣିବା ହେଲା ଶିକ୍ଷାର ପ୍ରକୃତ ଅର୍ଥ । ପୁଣି

ଭଗବାନଙ୍କ ପ୍ରତି ଭୟ ମଧ୍ୟରେ ପ୍ରକୃତ ଶିକ୍ଷାର ଆରମ୍ଭ ହୋଇଥାଏ । ଯିଏ ଭଗବାନଙ୍କୁ ଭୟ କରେ ପୃଥିବୀରେ ଆଉ କାହାକୁ ଭୟ କରିବା ପାଇଁ ତାର କିଛି ନଥାଏ ।"

ପାଦ୍ରୀ ଗ୍ରୀଫିନଙ୍କର ଏହି କଥା ପଦକ ମଧୁସୂଦନଙ୍କ ମନଶ୍ଚକ୍ଷୁରେ ସେଦିନ ଏକ ନୂତନ ପୃଥିବୀ ଉଦ୍‌ଘାଟିତ କରି ଦେଇଥିଲା । ମଧୁସୂଦନ ଦୈନ୍ୟ, ଶଙ୍କା ଓ ସଂଶୟ ଭୁଲି ଏକ ନୂତନ ଆତ୍ମଶକ୍ତିରେ ହଠାତ୍ ଅନୁପ୍ରେରିତ ହୋଇ ଉଠିଥିଲେ । ପାଦ୍ରୀ ଗ୍ରୀଫିନ ତା'ପରେ ଅନ୍ଧକାର ମଧ୍ୟରେ କ୍ରମେ ସ୍ତିମିତ ହୋଇ ଆସୁଥିବା ଆକାଶ ଆଡ଼େ ଚାହିଁ, ଡେକ୍ ଉପରେ ପାଦଚାରଣା କରୁକରୁ ସ୍ୱଗତୋକ୍ତି କରିବା ପରି ମନକୁ ମନ ଆବୃତ୍ତି କରୁଥିଲେ···

**Teach me to do thy will**
**For thou art my god ;**
**Thy spirit is good**
**Lead me in the land of uprightness.**

ଏହାର ମର୍ମ ବୁଝିବା ପାଇଁ ସେତେବେଳେ ମଧୁସୂଦନଙ୍କ ମାନସିକ ପ୍ରସ୍ତୁତି ନଥିଲା । କିନ୍ତୁ ଗ୍ରୀଫିନଙ୍କ କଣ୍ଠରେ "ସାମ୍" ର (Psalm) ଆବୃତ୍ତି ସେହି ପରିବେଶରେ ଅତ୍ୟନ୍ତ ରହସ୍ୟମୟ ଲାଗୁଥିଲା । ଗ୍ରୀଫିନ୍, ତା' ପରେ ନିଜର ଖଣ୍ଡେ ଭିଜିଟିଙ୍ଗ୍ କାର୍ଡ଼ ହଠାତ୍ ମଧୁସୂଦନଙ୍କ ହାତରେ ଗୁଞ୍ଜି ଦେଇ କେବେ ପ୍ରୟୋଜନ ପଡ଼ିଲେ ନିଃସଙ୍କୋଚରେ ତାଙ୍କୁ କଲିକତାରେ ସାକ୍ଷାତ କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଡ଼ରେ ଠିକଣା ଲେଖାଥିଲା···**Rev. H. Griffins. 7. Middleton Row, Calcutta.**

ଅଜଣା ସହରରେ ହଠାତ୍ ଜଣେ ଶୁଭାକାଂକ୍ଷୀ ଏପରି ସହଜରେ ଖୋଜି ପାଇବା କମ୍ ସୌଭାଗ୍ୟର କଥା ନଥିଲା । ମଧୁସୂଦନ ସେ କାର୍ଡ଼ ଖଣ୍ଡି ମିରଜାଇ ପକେଟ ଭିତରେ ସାଇତି ରଖିଲେ ··· ଏକ ଦୈବ-ପ୍ରେରିତ ଶୁଭସଙ୍କେତ ପରି ।

ଶଙ୍କା ଓ ସଂଶୟ ଆନ୍ଦୋଳିତ ଦୀର୍ଘ ଯାତ୍ରାଶେଷରେ ଷ୍ଟୀମର ଅବଶେଷରେ କଲିକତାର ଜେଲିହାଉସୀ ସ୍କୋୟାର ନିକଟବର୍ତ୍ତୀ କଏଲା-ଘାଟଜେଟୀରେ ଲାଗିଲା ।

କଲିକତା ଯାତ୍ରୀମାନେ ଷ୍ଟିମରରୁ ଗୋଟି ଗୋଟି ହୋଇ ସମସ୍ତେ ଓହ୍ଲାଇଗଲେ । ଅବଶେଷରେ ସମସ୍ତଙ୍କ ପଛରେ ଯେଉଁ ଯାତ୍ରୀ ଜଣକ, ସଂଶୟ-ଆନ୍ଦୋଳିତ, ଅନିଶ୍ଚିତ ପାଦରେ ଷ୍ଟିମରରୁ ବାହାରି, ଘାଟ ଉପରକୁ ଉଠିଲେ···ସିଏ ମଧୁସୂଦନ ।

ଅଜଣାର ସମ୍ମୁଖୀନ ହେବା ପାଇଁ ତାଙ୍କଠାରେ ହଠାତ୍ ଆତ୍ମ-ପ୍ରତ୍ୟୟର ଯେ ଅଭାବ ଘଟିଥିଲା, ତାହାନୁହେଁ ! କିନ୍ତୁ କୟଲାଘାଟ-ଜେଟୀରେ ପାଲିଙ୍କୀବୁହାଳୀ ଦଳଦଳ ଓଡ଼ିଆ ବେହେରାଙ୍କୁ ଦେଖି ମଧୁସୂଦନ ହଠାତ୍ ସଙ୍କୁଚିତ ହୋଇ ପଡ଼ିଥିଲେ । ପାଲିଙ୍କୀରେ ଯାତ୍ରୀ-ମାନଙ୍କୁ ଉଠାଇ, "ଭାଇ ସାମାଲ, ହାପୁଁ ବଡ଼ ବୋଝାଲ" ପ୍ରଭୃତି ନାନା କିମ୍ଭୂତ ପଦଲ ମେଲି ସେମାନେ ଅଦୃଶ୍ୟ ହୋଇଯିବା ପର୍ଯ୍ୟନ୍ତ, ମଧୁସୂଦନ ନଦୀଘାଟରେ ଜଡ଼ ପରି ଠିଆ ହୋଇ ରହିଥିଲେ ।

ତା' ପରେ କୟଲାଘାଟର କୋଳାହଳମୁଖର ଜନତା ମଧ୍ୟରେ ମଧୁସୂଦନ ଅଲକ୍ଷିତରେ ନିଶ୍ଚିହ୍ନ ହୋଇ ପଡ଼ିଲେ ।

ମଇଦାନ୍ ସେପାଖେ ଗ୍ରାଣ୍ଡ୍-ହୋଟେଲ ।

ଅଜଣା ସହରର ଅଚହ୍ନା ଚଉମୁହାଣି !

( ଦୁଇ )

କଲିକତାର ଗଗନ ପବନରେ ସେତେବେଳେ ନବତାରୁଣ୍ୟର କଳରୋଳ ··· "ୟଙ୍ଗ୍ ବେଙ୍ଗଲ"ର ଯୁଗ ।

ଶତାବ୍ଦୀ ପରେ ଶତାବ୍ଦୀ ବ୍ୟାପୀ ଧର୍ମଭିତ୍ତିକ ନାନା କୁସଂସ୍କାର ମଧ୍ୟରେ ବଦ୍ଧମୂଳ ହିନ୍ଦୁସମାଜର ଅଚଳାୟତନ ସେଦିନ, ଏହି "ୟଙ୍ଗ-ବେଙ୍ଗଲ"ର ଝଞ୍ଜାବାତରେ, ଶଙ୍କିତ କମ୍ପିତ ହୋଇ ଉଠିଥିଲା । ପ୍ରାଣରେ ଉଦାରମୁକ୍ତିର ଦୁଃସାହସ ସେଦିନ ହିନ୍ଦୁ-ସମାଜର ସୀମିତ ବଳୟ ରେଖା ଅତିକ୍ରମ କରି, ନୂତନ ଯାତ୍ରା ପାଇଁ ପକ୍ଷ ସଞ୍ଚାର କରିଥିଲା । ନୂତନର ମୋହ ମଧ୍ୟରେ, ସେଦିନ ପ୍ରାଚୀନର ମୋହମୁକ୍ତି ଘଟିଥିଲା । ମାନବିକ ଚେତନାର ଉଦ୍‌ବୋଧନ ଓ ବୁଦ୍ଧିର ଉଜ୍ଜୀବନ ମଧ୍ୟରେ ସେ ଦିନ ନବଜୀବନର ଶୁଭଶଙ୍ଖ ବାଜିଥିଲା ।

ଆଦିମ କାଳର ଏକ ଜରାଜୀର୍ଣ୍ଣ ବଟବୃକ୍ଷ ଜଟାଜୂଟ ଓହଳ ଲମ୍ବାଇ ଠିଆ ରହିଥିବା ପରି, ସେଦିନ ହିନ୍ଦୁ ସମାଜ ଶୀତଳ ଅନ୍ଧକାର ଛାୟା ବିସ୍ତାର କରି ଚେର ମଡ଼ାଇ ସେପରି ଠିଆ ହୋଇଥିଲା; ତାହାର ଛାୟାରେ ପ୍ରଗତିର ଦୂର୍ବାଙ୍କୁରଟିଏ ମୁଣ୍ଡ ଉଠାଇବା ପାଇଁ ସେତେବେଳେ ଅବକାଶ ନଥିଲା । ସେହି ବଟତରୁର ଅନ୍ଧକାର ବିବର ମଧ୍ୟରୁ ଆଲୋକ ବାୟୁବଞ୍ଚିତ ପେଚକକୁଳ, ଶାସ୍ତ୍ରବାଣୀ ନାମରେ ଯେଉଁସବୁ ଚିତ୍କାର କରୁଥିଲେ, ସେଥିରେ ଆଡ଼ମ୍ବର ଥିଲା ଯଥେଷ୍ଟ । ମାତ୍ର ବୁଦ୍ଧିମାର୍ଜିତ ମନର ବିସ୍ମୟର ସନ୍ଧି ସେଥିରେ ନଥିଲା ।

ଏହା ବିରୁଦ୍ଧରେ ଲଣ୍ଡନ୍‌ରୁ ପ୍ରଥମେ ଶୁଭିଥିଲା ରାମମୋହନ ରାୟଙ୍କ ଜୀବନ ଓ ସାହିତ୍ୟରେ । ରାମମୋହନ ଲେଖିଥିଲେ ···

"I regret to say that the present system of religion adhered to by the Hindus is not well calculated to promote their political interest...It is I think necessary that some change should take place in their religion atleast for the sake of their political advantage and social comfort." †

ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପରି ସ୍ୱାର୍ଥ, ନୈଷ୍ଠିକ ହିନ୍ଦୁ ସୁଦ୍ଧା ସାଂଖ୍ୟ ଓ ବେଦାନ୍ତର ପ୍ରାମାଣିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେତେବେଳେ ଲେଖିଥିଲେ···

"That the Vedanta and Sankhya are false systems of Philosophy is no more a matter of dispute." ( ବେଦାନ୍ତ ଓ ସାଂଖ୍ୟର ଦର୍ଶନ ଯେ ଭ୍ରମାତ୍ମକ, ତାହା ଆଉ ବାଦବିସମ୍ବାଦର ଅପେକ୍ଷା ରଖେନାହିଁ । ) ଶତାବ୍ଦୀ ପରେ ଶତାବ୍ଦୀ ଧରି, ଏହି ସବୁ ଶାସ୍ତ୍ରର ଅନ୍ଧଧାରା ମଧ୍ୟରେ ହିନ୍ଦୁ ସମାଜ ସେଦିନକୁ ଚଳତ୍‌ଶକ୍ତିହୀନ, ଅଥର୍ବ ଓ ସ୍ଥବିର ହୋଇ ପଡ଼ିଥିଲା । ଏହି ସବୁ ଶାସ୍ତ୍ରର ନାଲିଆଖି ଦେଖାଇ ତଥାକଥିତ ସ୍ୱାର୍ଥି ସମାଜପତିମାନେ ଲଠିଆଳ ଲଗାଇ ହିନ୍ଦୁ ବିଧବାମାନଙ୍କୁ ସତୀକୁଣ୍ଡ ମଧ୍ୟକୁ ନିକ୍ଷେପ କରୁଥିଲେ । ସତୀକୁଣ୍ଡରୁ ବର୍ତ୍ତି ପାରିଲେ ଏହି ସବୁ ଦର୍ଶନର ତତ୍ତ୍ୱ ଓ ତଥ୍ୟ ହିନ୍ଦୁ ବିଧବାମାନଙ୍କୁ ଚିରବୈଧବ୍ୟର ଜ୍ୱଳନ୍ତ ଗୌରବ

---

† Ram Mohan's letter to John Digby.
("ଦେଶ" ସାହିତ୍ୟ ସଂଖ୍ୟା ୧୩୭୪—ପୃ.୯୦.)

ମଧ୍ୟକୁ ନିକ୍ଷିପ୍ତ କରୁଥିଲା । ସେଥିପାଇଁ ଈଶ୍ୱରଚନ୍ଦ୍ର, ବେଦାନ୍ତ ପରିବର୍ତ୍ତେ, natural science ବା ପ୍ରାକୃତିକ-ବିଜ୍ଞାନ ଅଧ୍ୟୟନ କରିବା ପାଇଁ ସେତେବେଳେ ଦେଶର ଯୁବସମାଜକୁ ପରାମର୍ଶ ଦେଉଥିଲେ । ବେଦାନ୍ତ ଓ ସାଂଖ୍ୟ ଅବଶ୍ୟ ସାର୍ବଜନୀନ ଦର୍ଶନଶାସ୍ତ୍ର ମଧ୍ୟରେ ସର୍ବଶ୍ରେଷ୍ଠ, ସନ୍ଦେହ ନାହିଁ । କିନ୍ତୁ ବନ୍ଧ ପଲ୍ୱଳ ପରି ସେତେବେଳେ ପଡ଼ି ରହିଥିବା ହିନ୍ଦୁ-ବୌଦ୍ଧିକତା ମଧ୍ୟରେ ଏ ସବୁ ପଙ୍କିଳ ବୁଦ୍‌ବୁଦ ସଦୃଶ, ସେତେବେଳେ ଜୀବନର ହେତୁବାଦୀ ବ୍ୟାପ୍ତି ଓ ସ୍ରୋତଧାରାକୁ ଆଚ୍ଛନ୍ନ କରି ରଖିଥିଲା । ସ୍ୱାମୀ ବିବେକାନନ୍ଦ ମଧ୍ୟ ଠିକ ଏହି ପରିସ୍ଥିତିରେ ଗୀତା ପାଠ ତ୍ୟାଗ କରି ଫୁଟବଲ ଖେଳିବା ପାଇଁ ଯୁବସମାଜକୁ ଆହ୍ୱାନ ଦେଇଥିଲେ ।

କିନ୍ତୁ ହିନ୍ଦୁ ସମାଜ ଅଥବା ବୌଦ୍ଧିକତାର ଏହା ଅବଶ୍ୟ ପ୍ରକୃତ ମୂଲ୍ୟାୟନ ନଥିଲା । ହିନ୍ଦୁର ସାଂଖ୍ୟ, ବେଦାନ୍ତ ଓ ଗୀତା ପ୍ରଭୃତି ଶାସ୍ତ୍ରକୁ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଠାରୁ ଆରମ୍ଭ କରି, ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ମନୀଷୀମାନେ ବିବେଚିପାରେ ପ୍ରତ୍ୟାଖ୍ୟାନ କଲାବେଳକୁ ମାକ୍ସ ମୁଲର୍ ଓ ମନିୟର୍ ଉଇଲିୟମସ୍ ପ୍ରମୁଖ ବହୁ ପାଶ୍ଚାତ୍ୟ ପଣ୍ଡିତ ସେହି ସବୁ ଗ୍ରନ୍ଥ ମଧ୍ୟରେ ସର୍ବକାଳୀନ ବିଶ୍ୱ ମନୀଷାର ଶ୍ରେଷ୍ଠ ନିଦର୍ଶନ ଆବିଷ୍କାର କରି ପାରିଥିଲେ । ଗୀତା ପ୍ରତି ବିବେକାନନ୍ଦଙ୍କ ସବୁ ତାଚ୍ଛଲ୍ୟ ସତ୍ତ୍ୱେ ଓ୍ୱାରେନ୍ ହେଷ୍ଟିଂସ୍‌ଙ୍କ ପରି ଇଂରେଜ ଶାସକ ଏହାର କାବ୍ୟ ଓ ତତ୍ତ୍ୱସୌନ୍ଦର୍ଯ୍ୟରେ ବିମୋହିତ ହୋଇ, ଏହାକୁ ଇଂରାଜୀରେ ଅନୂଦିତ କରାଇ ଥିଲେ । ମାତ୍ର ଅଷ୍ଟାଦଶ ଶତାବ୍ଦୀ ବେଳକୁ, ଭାରତରେ ହିନ୍ଦୁସମାଜ ଓ ବୌଦ୍ଧିକତାରେ ଚରମ ବିଶୃଙ୍ଖଳା ଲକ୍ଷ୍ୟ କରି କେବଳ ଈଶ୍ୱରଚନ୍ଦ୍ର ପ୍ରମୁଖ ପୂର୍ବୋକ୍ତ ପ୍ରକାରେ ଅଭିମତ ପୋଷଣ କରିଥିଲେ । ଅନ୍ଧ ସଂସ୍କାର ପରିବର୍ତ୍ତେ ହେତୁବାଦୀ ବିଚାର, ଶାସ୍ତ୍ରୀୟ ଅନୁଶାସନ ସ୍ଥାନରେ ମୁକ୍ତ ଚିନ୍ତା, ସମାଜପତି ମାନଙ୍କର ବିଶ୍ୱସ୍ତ ଅନୁସରଣ ପରିବର୍ତ୍ତେ ଯୁକ୍ତିସିଦ୍ଧ ଜିଜ୍ଞାସା; ସେତେବେଳର ପରିସ୍ଥିତିରେ ଏହି ଚିନ୍ତାନାୟକ ମାନଙ୍କର ଅଭିପ୍ରେତ ଥିଲା । ସେଥିପାଇଁ ହିନ୍ଦୁ ସମାଜ ଓ ପରମ୍ପରା ସମ୍ପର୍କରେ ସେମାନେ କେତେକ ଅତିରଞ୍ଜିତ ଉକ୍ତି କରିବାକୁ ବାଧ୍ୟ ହୋଇଥିଲେ । ଏ ସମ୍ପର୍କରେ ପ୍ରସଙ୍ଗତଃ ଏହା ମଧ୍ୟ ଉଲ୍ଲେଖ କରାଯାଇ ପାରେ ଯେ ଊନବିଂଶ ଶତାବ୍ଦୀରେ ଭାରତରେ ଶାସ୍ତ୍ରଚର୍ଚ୍ଚା କିଛିକାଳ

ଏପରି ବିକ୍ଷୋଭ ପ୍ରକାଶ ପାଉଥିବା ବେଳେ, ଇଂଲଣ୍ଡରେ ଶିକ୍ଷାକ୍ଷେତ୍ରରେ ମଧ୍ୟ ଶାସ୍ତ୍ର-ପ୍ରାଧାନ୍ୟ ବିରୁଦ୍ଧରେ ପ୍ରବଳ ଆକ୍ରମଣର ସୂତ୍ରପାତ ହୋଇଥିଲା । ଇଂରାଜୀ କବି ମାଥ୍ୟୁ ଆର୍‌ନଲ୍‌ଡଙ୍କ ପିତା ଥମାସ ଆରନଲ୍‌ଡ "ରଗବୀ" ସ୍କୁଲର ପ୍ରଧାନଶିକ୍ଷକ ପଦରେ ନିଯୁକ୍ତ ଥିବାବେଳେ ପାରମ୍ପରିକ ଶାସ୍ତ୍ର-ପଣ୍ଡିତ ଶିକ୍ଷା ବ୍ୟବସ୍ଥାରେ ସେ କେତେକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ।

ବସ୍ତୁତଃ ହିନ୍ଦୁ-ସମାଜ ଓ ଜୀବନଦର୍ଶନ କୌଣସି କାଳେ ଅନ୍ଧ ଅନୁଶାସନ ବଦ୍ଧ ନଥିଲା । ହିନ୍ଦୁର ଦର୍ଶନ ଓ ସଂସ୍କୃତି ମଧ୍ୟରେ ଉଦାର ମୁକ୍ତିର ସାଧନା କାଳେକାଳେ ପ୍ରକାଶ ପାଇ ଆସିଥିଲା । ହିନ୍ଦୁଧର୍ମ କସ୍ମିନ୍ କାଳେ, ସାମ୍ପ୍ରଦାୟିକ ପ୍ରଭୁତ୍ୱର ଧ୍ୱଜା ପ୍ରୋଥିତ କରିନଥିଲା । ହିନ୍ଦୁ ତାତ୍ତ୍ୱିକ ଓ ଦାର୍ଶନିକମାନେ ସଂକୀର୍ଣ୍ଣ ସଂସ୍କାର ଓ ଶୃଙ୍ଖଳା ମଧ୍ୟରେ କଦାପି ମନୁଷ୍ୟର ଜୀବନଚର୍ଯ୍ୟାକୁ ଶୃଙ୍ଖଳାବଦ୍ଧ ରଖି ନଥିଲେ । ହିନ୍ଦୁ ଜୀବନ-ଦର୍ଶନରେ କୌଣସିକାଳେ ଯୁକ୍ତି ଓ ହେତୁବାଦ ବିରୋଧୀ ମତାନ୍ଧ ଅନୁଶାସନ ନଥିଲା । ହିନ୍ଦୁଧର୍ମ ଥିଲା ଏକ ଉଦାର ମହୋଦଧି, ବହୁ ତରଙ୍ଗ, ବହୁ ଘୂର୍ଣ୍ଣୀ, ବହୁ ଜଳସ୍ରୋତର ପ୍ରଶାନ୍ତ ସମାହାର ! ସେଥିରେ ଏକ ପ୍ରଚଣ୍ଡ ଜୀବନଧର୍ମୀ ଗତିଶୀଳତା ରହିଥିଲା ।

ମାତ୍ର ଦୀର୍ଘକାଳବ୍ୟାପୀ ମୁସଲମାନ ରାଜତ୍ୱ ମଧ୍ୟରେ, ହିନ୍ଦୁ ସମାଜ ଧୀରେ ଧୀରେ ଗତିଶୀଳତା ହରାଇ ଏକ ଅଥର୍ବ ସ୍ଥବିରତ୍ୱ ମଧ୍ୟରେ ପର୍ଯ୍ୟବସିତ ହୋଇ ପଡ଼ିଥିଲା । ଇସ୍‌ଲାମର ପ୍ରବଳ ଆକ୍ରମଣ ମଧ୍ୟରେ ହିନ୍ଦୁ ସମାଜ ଆତ୍ମରକ୍ଷା ପାଇଁ ସଂସ୍କାରବଦ୍ଧ ଏକ ରକ୍ଷଣଶୀଳ ସମାଜରେ ପରିଣତ ହେବାକୁ ବାଧ୍ୟ ହୋଇଥିଲା । ହିନ୍ଦୁସମାଜ ଓ ଜୀବନଚର୍ଯ୍ୟାରେ ଯାହା କିଛି ଜୀବନଧର୍ମୀ, ଉଦାର ଓ ସୁନ୍ଦର ହିନ୍ଦୁ ସମାଜପତିମାନେ ସେତେବେଳେ ସେସବୁ ସଂରକ୍ଷଣ କରିଥିଲେ, ଭାରତର ଭାଗ୍ୟ ହୁଏତ ଅନ୍ୟ ଆକାର ଧାରଣ କରିଥାନ୍ତା । ମାତ୍ର ସେତେବେଳେ ସେମାନେ ଯାହା ସଂରକ୍ଷଣ କରିଥିଲେ ସେସବୁ ଥିଲା ବିଳମ୍ବ ବେଳର ବିକୃତି । ସେଥିରୁ ତେଣୁ ମୁକ୍ତି ନମିଳିବା ପର୍ଯ୍ୟନ୍ତ ଭାରତୀୟ ଜନସମାଜରେ କଲ୍ୟାଣର ସମ୍ଭାବନା ଯେପରି ସୁଦୂର ପରାହତ ରହିଥିଲା; ରାଜନୈତିକ ପ୍ରଗତିର ସମ୍ଭାବନା ମଧ୍ୟ ସେହିପରି ବିଡ଼ମ୍ବିତ ହୋଇ ପଡ଼ିଥିଲା ।

ଏହି ପରିସ୍ଥିତିରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ପାଶ୍ଚାତ୍ୟ ଶିକ୍ଷା ସଂସ୍ପର୍ଶରେ ଆସି ଏସବୁ ବୈପ୍ଳବିକ ଚିନ୍ତା ପାରମ୍ପରିକ ହିନ୍ଦୁ

ସମାଜରେ ଯେଉଁ ଆଲୋଡ଼ନ ଓ ମନ୍ଥନ ସୃଷ୍ଟି କରିଥିଲା, କଲିକତା ସେତେବେଳେ ଥିଲା ତାହାର ପ୍ରାଣକେନ୍ଦ୍ର । "ହିନ୍ଦୁ କଲେଜ" ଥିଲା ତାହାର ପ୍ରସୂତିଶାଳା । ଡିରୋଜିଓ ଓ ରିଚାର୍ଡ଼ସନ୍‌ଙ୍କ ପରି ଅଧ୍ୟାପକ ଓ ଅଧ୍ୟକ୍ଷମାନେ ଥିଲେ ତାହାର ମନ୍ତ୍ରଦାତା ଋତ୍ୱିକ । ମାଇକେଲ୍ ମଧୁସୂଦନ ଥିଲେ ତାହାର ବୈତାଳିକ ଓ କୃଷ୍ଣମୋହନଙ୍କ ପରି ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ ନୈଷ୍ଠିକ ବ୍ରାହ୍ମଣ ସନ୍ତାନମାନେ ଥିଲେ ତାହାର "ଆଗ୍ରୀ-ଯୁଙ୍ଗ୍" । ପ୍ରାଚୀନ ସମାଜର ସବୁ ବନ୍ଧନ ଓ ଶୃଙ୍ଖଳ ଭାଙ୍ଗି ନୂତନର ଅଭ୍ୟୁଦୟ ପାଇଁ "ୟଙ୍ଗ-ବେଙ୍ଗଲ" ଗୋଷ୍ଠୀ ସେଦିନ ଯେଉଁ "ଯୁଦ୍ଧଂ-ଦେହି" ଆହ୍ୱାନ ଦେଇଥିଲେ କଲିକତାର ଗଗନ ପବନ ସେଥିରେ ସେଦିନ ଉଚ୍ଛକିତ ହୋଇ ଉଠିଥିଲା । ଖ୍ରୀଷ୍ଟଧର୍ମ ଏହି ପ୍ରକାର ପରିସ୍ଥିତିରେ ସମାଜବିପ୍ଳବ ଓ ପ୍ରଗତିର ରୋମାଞ୍ଚପୂର୍ଣ୍ଣ ରାଜପଥରେ ପରିଣତ ହୋଇ ପଡ଼ିଥିଲା ।

କଲିକତାରେ ସେଦିନ ତରୁଣ ମଧୁସୂଦନଙ୍କ ସଂଗ୍ରାମୀ ଯୌବନ ଏ ସବୁ ଉଚ୍ଛ୍ୱାସ ଓ ଉନ୍ମାଦନା ଆକଣ୍ଠ ପାନ କରିଥିଲା । ଏହି ରୋମାଞ୍ଚପୂର୍ଣ୍ଣ ପଥର ଉତ୍ତେଜନା ସେଦିନ ଯଦି ମଧୁସୂଦନଙ୍କୁ ଆକୃଷ୍ଟ କରିଥିଲା, ତାହେଲେ ସେଥିରେ ବିସ୍ମିତ ହେବା ଭଳି କିଛି ନଥିଲା ।

(ତିନି)

ମାତ୍ର କଲିକତାର ବସ୍ତି ଫୁଟପାଥ ଗଳି ଓ ଉପଗଳିରେ, କ୍ଷୁଧିତ ଦେହ ଓ କ୍ଳାନ୍ତ ମନ ଧରି, ବୁଲି ବୁଲି ସେପଥର ବହୁ ଅନ୍ୱେଷଣ କରି ସୁଦ୍ଧା, ମଧୁସୂଦନ ତଥାପି ତାହାର କୌଣସି ସଙ୍କେତ ଖୋଜି ପାଉ ନଥିଲେ ।

କଟକ ବା ବାଲେଶ୍ୱର ପରି କ୍ଷୁଦ୍ର ମଫସଲି ସହର ମାନଙ୍କ ସହିତ ପରିଚିତ ଓ ସେଥିରେ ଅଭ୍ୟସ୍ତ ମଧୁସୂଦନଙ୍କୁ ନବ୍ୟ-ବ୍ରିଟିଶ ଉପନିବେଶବାଦର ରାଜଧାନୀ ଜବ୍ ଚର୍ଣ୍ଣକଙ୍କ କଲିକତା ମହାନଗରୀ ସେଦିନ ନିତାନ୍ତ ନିଃସଙ୍ଗ ଓ ଅପରିଚିତ ଲାଗୁଥିଲା । ଓଡ଼ିଶାର ଏକ ଅଖ୍ୟାତ ଅଜ୍ଞାତ ପଲ୍ଲୀଗ୍ରାମରୁ ଆସିଥିବା ନିଃସ୍ୱ ମଧୁସୂଦନ ତ ଦୂରର କଥା—ସେତେବେଳେ ବଙ୍ଗଳାର ପଲ୍ଲୀ ଗ୍ରାମମାନଙ୍କରୁ ଆଗନ୍ତୁକ ବଙ୍ଗୀୟମାନେ ସୁଦ୍ଧା, କଲିକତା ମହାନଗରୀରେ ଯେଉଁ ପରିସ୍ଥିତିର ସମ୍ମୁଖୀନ

ହେଉଥିଲେ, ତାହା ବର୍ଣ୍ଣନା କରି ଜଣେକ ସମସାମୟିକ ଲେଖକ, ଭବାନୀଚରଣ ବନ୍ଦୋପାଧ୍ୟାୟ "କଲିକତା-କମଳାଳୟ"ରେ ଲେଖିଛନ୍ତି···

"ପଲ୍ଲୀ ଗ୍ରାମବାସୀ ଓ ଅନ୍ୟାନ୍ୟ ନଗରବାସୀ ଲୋକ ଏଇ କଲିକତାୟ ଆସିୟା ଏଖାନ୍‌କାର ଆତୁର ବର୍ଗର ବ୍ୟବହାର ରୀତ ଓ ବାକ୍ କୌଶଲାଦି ଅବଗତ ହଇୟା ଆଶୁ ଅସମର୍ଥ ହୟେନ୍। ଚତୁ ପ୍ରଯୁକ୍ତ ଶଙ୍କାଯୁକ୍ତ ହଇୟା ଏତନ୍ନଗରବାସି ଲୋକେର ଦ୍ୱାରେର ନିକଟ ଗମନା ଗମନ କରେନ ଏବଂ ସଭ୍ୟ ଭବ୍ୟ ହଇୟା ଓ ତାଁହାର ଦ୍ୱାରେର ନିକଟ ଅସଭ୍ୟ ଓ ଅଭବ୍ୟ ନ୍ୟାୟ ବସିୟା ଥାକେନ୍।"

ଏ ପ୍ରକାର ପରିସ୍ଥିତିରେ ମଧୁସୂଦନ ସେହି ଅଜଣା ସହରରେ, କି ଦୁର୍ଯୋଗ ଓ ଲାଞ୍ଛନାର ସମ୍ମୁଖୀନ ହୋଇଥିବେ, ତାହା ବର୍ଣ୍ଣନା କରିବା ଅପେକ୍ଷା ଅନୁମାନ କରିବା ଅପେକ୍ଷାକୃତ ସହଜ ହେବ।

କଲିକତାରେ ସେତେବେଳକୁ ବିଜୁଳିବତୀ ଲାଗି ନଥିଲା। ଟ୍ରାମ ଗାଡ଼ି ଚାଲୁ ନଥିଲା। କିମ୍ବା ଯନ୍ତ୍ର-ଦାନବର କୋଇଲା ଧୂଆଁରେ କଲିକତାର ଆକାଶ ସେତେବେଳ ପର୍ଯ୍ୟନ୍ତ ଧୂମାଚ୍ଛନ୍ନ ହୋଇ ନଥିଲା। କଲିକତାର ମଧ୍ୟାହ୍ନ ସବୁ ସେତେବେଳ ପର୍ଯ୍ୟନ୍ତ ତଥାପି କପୋତ-ଜଳପିତ ପୁଣି ସନ୍ଧ୍ୟା ସବୁ ଶୃଗାଳ ମୁଖରିତ ହୋଇ ରହିଥିଲା।

ଏହି ନିଃସଙ୍ଗ ଅପରିଚିତ ମହାନଗରୀରେ ସେଦିନ ମଧୁସୂଦନଙ୍କର ପୁଣି କୌଣସି ପରିଚିତ ପ୍ରିୟଜନ ନଥିଲେ। ସେତେବେଳେ ଓଡ଼ିଶାରୁ ଯେଉଁମାନେ ବନ୍ୟା ଓ ଦୁର୍ଭିକ୍ଷ ଦାଉରେ ଉତ୍ପୀଡ଼ିତ ହୋଇ ଜୀବିକାର୍ଜନର ସନ୍ଧାନରେ କଲିକତା ପଳାଇ ଆସୁଥିଲେ, ସେମାନଙ୍କର ଜୀବନଯାତ୍ରା ଦୈନ୍ୟ ଓ ଲାଞ୍ଛନା ନିପୀଡ଼ିତ ହୋଇ ରହିଥିଲା। ସେମାନଙ୍କର ଏକମାତ୍ର ପରିଚୟ ଥିଲା, "ବାଗାନରମାଳୀ," ନୋହିଲେ ନବ୍ୟ-ସମ୍ଭ୍ରାନ୍ତ ମାନଙ୍କର ଶିବିକାବାହକ, ଅଥବା ମୋଟବୁହାଳି ମଜୁରିଆ।

କଲିକତାରେ ପହଞ୍ଚି ମଧୁସୂଦନ ପ୍ରଥମେ କିଛିଦିନ ସେଇମାନଙ୍କ ଅଯାଚିତ ଆତିଥେୟତା ଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ଆଶ୍ରୟରେ ବେଶିଦିନ ରହିବା ତାଙ୍କ ପକ୍ଷେ ସମ୍ଭବ ନଥିଲା; କିମ୍ବା ମଧୁସୂଦନଙ୍କୁ ବେଶୀଦିନ ଆଶ୍ରୟ ଦେବା ମଧ୍ୟ ସେମାନଙ୍କ ପକ୍ଷରେ ସହଜ ନଥିଲା।

ମଧୁସୂଦନ ସେତିକିବେଳେ କଲିକତାପ୍ରବାସୀ ଓଡ଼ିଆ ଶ୍ରମିକଜୀବନର ସଂସ୍ପର୍ଶରେ ଆସି ବୁଝିଥିଲେ, ଓଡ଼ିଆମାନେ ପ୍ରବାସଜୀବନରେ ଏ ଲାଞ୍ଛନା ଓ ଗ୍ଲାନି ମଧ୍ୟରୁ ମୁକ୍ତି ନପାଇବା ପର୍ଯ୍ୟନ୍ତ ଓଡ଼ିଶାର ଆତ୍ମମର୍ଯ୍ୟାଦା ପୁନର୍-ସଂସ୍ଥାପିତ ହେବାର ସମ୍ଭାବନା ନଥିଲା । ଓଡ଼ିଶାକୁ କୁଟୀର ଶିଳ୍ପ ଓ ଯନ୍ତ୍ରଶିଳ୍ପରେ ସମୃଦ୍ଧ କରିବାପାଇଁ ପରବର୍ତ୍ତୀ କାଳରେ ମଧୁସୂଦନ ଯେଉଁ ଭଗୀରଥପ୍ରୟାସ କରିଥିଲେ ତାହାର ନେପଥ୍ୟରେ ରହିଥିଲା ଏହି ଅଭିଜ୍ଞତାର ସ୍ମୃତି ଓ ପ୍ରେରଣା ।

ଏ ସବୁ ମଧ୍ୟରେ ସୁଦ୍ଧା କଲିକତାର ପଥେ ପଥେ, ୟଙ୍ଗ-ବେଙ୍ଗଲର ପ୍ରାଣଚାଞ୍ଚଲ୍ୟ ସେଦିନ ସେ ସ୍ପଷ୍ଟ ଅନୁଭବ କରି ପାରିଥିଲେ । ମାତ୍ର ସେଥିରେ ଅଂଶ ଗ୍ରହଣ କରିବା ପାଇଁ ସେତେବେଳେ ତାଙ୍କର ସୁଯୋଗ ନଥିଲା । ବାଲେଶ୍ୱରରୁ ଆସିବା ବେଳେ ସେ ସ୍ଥିର କରିଥିଲେ, "ହିନ୍ଦୁ କଲେଜ"ରେ ଛାତ୍ର ରୂପେ ନାମ ଲେଖାଇବା ପାଇଁ ।

ପରବର୍ତ୍ତୀ କାଳରେ ମଧୁସୂଦନ ଅବଶ୍ୟ କଲିକତା ବିଶ୍ୱବିଦ୍ୟାଳୟର ଜଣେ ସମ୍ମାନିତ ସିନେଟ-ସଦସ୍ୟ ହୋଇ ପାରିଥିଲେ । ମାତ୍ର ସେଦିନ ତାଙ୍କୁ କେତେବାର ଯେ ପ୍ରେସିଡେନ୍ସୀ କଲେଜ ବା ପୂର୍ବତନ ହିନ୍ଦୁ କଲେଜର ପ୍ରବେଶ ଦ୍ୱାରରୁ ବେଆଦବ ପରି ଫେରି ଆସିବା ପାଇଁ ପଡ଼ିଥିଲା, ତାହାର ଇୟତ୍ତା ନଥିଲା ! ହିନ୍ଦୁ-କଲେଜ ସେତେବେଳେ ଥିଲା, ଓଡ଼ିଶାର ଜମିଦାରୀ ଓ ବଙ୍ଗଳାର ଚିରସ୍ଥାୟୀ ବନ୍ଦୋବସ୍ତରେ ପରିପୁଷ୍ଟ ଅଥବା ନବ୍ୟ-ସମ୍ଭ୍ରାନ୍ତ "ୟଂ-ବେଙ୍ଗଲ୍" ଅଭିଜାତ ସନ୍ତାନମାନଙ୍କର ପୀଠ । ଭାରତରେ ବୌଦ୍ଧିକ ନବଜାଗରଣର ଅନ୍ୟତମ ସୂତ୍ରଧର, ଡେଭିଡ଼ ହେୟାରଙ୍କ ଉଦ୍ୟମ ଓ ରାମମୋହନ ରାୟଙ୍କ ସହ-ଯୋଗିତାରେ ଏହି ଅନୁଷ୍ଠାନ ଖ୍ରୀ: ଅ: ୧୮୨୩ରେ ପ୍ରଥମେ ସ୍ଥାପିତ ହୋଇଥିଲା ।

ମଧୁସୂଦନ ମଧ୍ୟ ଓଡ଼ିଶାର ଏକ ପ୍ରାଚୀନ ଭୂମ୍ୟାଧିକାରୀ ପରିବାରର ସନ୍ତାନ ଥିଲେ । ହିନ୍ଦୁ କଲେଜରେ ଅଧ୍ୟୟନ ପାଇଁ ତାଙ୍କର ଶ୍ରେଣୀଗତ ଯୋଗ୍ୟତା ଯେ ନଥିଲା ନୁହେଁ । ମାତ୍ର ମଧୁସୂଦନଙ୍କ ପୈତୃକ ଜମିଦାରୀରେ ଯେଉଁମାନେ ପରିପୁଷ୍ଟ ହୋଇଥିଲେ ସେଦିନ ସେଇମାନଙ୍କ ସନ୍ତାନମାନଙ୍କର ତାରୁଣ୍ୟ ଓ ଜୀବନ-ପ୍ରମତ୍ତତାରେ ହିନ୍ଦୁ କଲେଜର ପରିସର

କୋଲାହଳମୁଖର ହୋଇ ଉଠିଥିଲା । ମଧୁସୂଦନ ସେଠାରେ ଥିଲେ ଅପାଙ୍‌କ୍ତେୟ ।

ହିନ୍ଦୁ କଲେଜରେ ନାମ ଲେଖାଇବାରେ ସାହାଯ୍ୟ ପାଇଁ ମଧୁସୂଦନ ସେତେବେଳେ ଏହାର ପରିଚାଳନା ସମିତିର ବରିଷ୍ଠ ହିନ୍ଦୁ ନେତା ମାନଙ୍କର ଦ୍ୱାରସ୍ଥ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ, ଶୋଭାବଜାରର 'ରାଜା' ରାଧାକାନ୍ତ ଦେବ । କଲିକତା ହିନ୍ଦୁ-ସମାଜର ସେ ଥିଲେ ସେବେଳର ଜଣେ ବରିଷ୍ଠ ସମାଜପତି, ପୁଣି ହିନ୍ଦୁ-କଲେଜ ପରିଚାଳନା ସମିତିର ଅନ୍ୟତମ ସର୍ବମୟ କର୍ତ୍ତା । ମାତ୍ର "ଉଡ଼ିଷ୍ୟା"ରୁ ଆସିଥିବା ଶିକ୍ଷାପିପାସୁ ଏହି ଦୁଃସାହସିକ ତରୁଣ ପ୍ରତି କୌଣସିଠାରୁ ସେଦିନ କୌଣସି ସହାନୁଭୂତି ମିଳି ନଥିଲା ।

ହିନ୍ଦୁ ସମାଜ ସମ୍ପର୍କରେ ମଧୁସୂଦନଙ୍କ ତରୁଣ ପ୍ରାଣରେ ସେଦିନ ଯେଉଁ ବିକ୍ଷୋଭ ଓ ବିଦ୍ରୋହର ସୂତ୍ରପାତ ହୋଇଥିଲା, ସେଥିରେ ତେଣୁ ବିସ୍ମିତ ହେବାଭଳି କିଛି ନଥିଲା ! ବସ୍ତୁତଃ ଶତ ଅନ୍ଧ ଅନୁଶାସନ ମଧ୍ୟରେ ଜୀବନକୁ ସଙ୍କୁଚିତ ଓ ନିୟନ୍ତ୍ରିତ କରିବାରେ ହିନ୍ଦୁ ସମାଜ ସେଦିନ ଯେତେ ବ୍ୟସ୍ତ ଥିଲା, ଜୀବନର ବିକାଶ ଓ ପରିପ୍ରକାଶ ପାଇଁ ସେତେ ଆନ୍ତରିକତା ପ୍ରକାଶ ପାଇଥିଲେ, ହିନ୍ଦୁ ସମାଜ ଏକ ବଦ୍ଧ ପଲ୍ୱଳ ପରି ବୁଡ଼ିରହି ନଥାନ୍ତା ।

ସେ ଦିନ...

ଅନେକ କ୍ଷୁଧା, ଅନେକ କ୍ଳାନ୍ତି, ଅନେକ କିଂକର୍ତ୍ତବ୍ୟବିମୂଢ଼ତା ପରେ, କଲେଜ ସ୍କୋୟାର ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଥିବା, ଡେଭିଡ୍ ହେଆରଙ୍କ ପ୍ରତିମୂର୍ତ୍ତି ପୀଠର ପାଦଦେଶରେ ଲୁହା ରେଲିଙ୍ଗକୁ ଆଉଜି, ମଧୁସୂଦନଙ୍କ ଆଖିରେ କ୍ଳାନ୍ତ ତନ୍ଦ୍ରା ଲାଗି ଆସିଥିଲା ।

ଏହି ଡେଭିଡ ହେଆର ବଙ୍ଗଳାରେ ଥିଲେ ଇଂରାଜୀ ଶିକ୍ଷା ପୁଣି ସଂସ୍କାରମୁକ୍ତ ଚିନ୍ତାର ଆଦ୍ୟ ପ୍ରବର୍ତ୍ତକ । ସେଥିପାଇଁ ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ତାଙ୍କୁ କ୍ଷମା ଦେଇପାରି ନଥିଲେ । ଡେଭିଡ୍ ହେଆରଙ୍କ ମୃତ୍ୟୁ ପରେ ଖ୍ରୀଷ୍ଟିଆନ୍ ରୀତିରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାହିତ ହୋଇ ପାରି ନଥିଲା । କିନ୍ତୁ ହିନ୍ଦୁମାନେ ଡେଭିଡ୍ ହେଆରଙ୍କ ପାଇଁ ସେମାନଙ୍କ ଶ୍ରଦ୍ଧାର ସଙ୍କେତ ରୂପେ ତାଙ୍କର ଗୋଟିଏ ପ୍ରତିମୂର୍ତ୍ତି ସେଠାରେ ସ୍ଥାପିତ କରିଥିଲେ ।

ବସ୍ତୁତଃ ଖ୍ରୀଷ୍ଟିଆନ୍ ପାଦ୍ରୀମାନଙ୍କ ଦୃଷ୍ଟିରେ ସେଦିନ ଖ୍ରୀଷ୍ଟଧର୍ମ ଏକ ଆଚାର-ସର୍ବସ୍ୱ "କାଟେସିଜମ୍" ବା ଶୁଆ-ପଢ଼ାଳୀ ପରି କେତେକ ଅର୍ଥହୀନ ଆପ୍ତବାକ୍ୟ ଥିଲେ ହେଁ ଡେଭିଡ୍ ହେଆର୍ ପ୍ରମୁଖ ଯଥାର୍ଥ ଆଲୋକପ୍ରାପ୍ତ ଖ୍ରୀଷ୍ଟିଆନ୍ ମନୀଷୀମାନଙ୍କ ଦୃଷ୍ଟିରେ ତାହା ଥିଲା ମାନବର ସାମାଜିକ, ବୌଦ୍ଧିକ ଓ ରାଜନୈତିକ ମୁକ୍ତିର ସାଧନା । ଏହାକୁ ତେଣୁ କେବଳ ଏକ ସୀମିତ ଧର୍ମଆନ୍ଦୋଳନ ରୂପେ ବିଚାର କଲେ ଭୁଲ୍ କରାଯିବ । ଭାରତରେ ୟୁରୋପୀୟ ଖ୍ରୀଷ୍ଟିଆନ୍ ସମାଜରେ ଏହାର ସଙ୍କେତ ଥିଲେ ଡେଭିଡ୍ ହେଆରଙ୍କ ପରି ମାନବତାବାଦୀ ମନୀଷୀ ।

ସେଦିନ ସେହି ପୁଣ୍ୟଶ୍ଲୋକ ଡେଭିଡ୍ ହେଆର୍‌ଙ୍କ ପ୍ରସ୍ତରମୂର୍ତ୍ତିର ପାଦଦେଶରେ ମଧୁସୂଦନ କିଂକର୍ତ୍ତବ୍ୟବିମୂଢ଼ ପରି ବସି ବସି କ୍ଳାନ୍ତିରେ କେତେବେଳେ ଢୁଳାଇ ପଡ଼ିଥିଲେ ।

ଗତକାଲି ଠାରୁ ଏ ପର୍ଯ୍ୟନ୍ତ, ଦୁଇପଇସାର ମୁଢ଼ୀଭୁଜା ଆଉ ରାସ୍ତାକଡ଼ ଦୋକାନ ମାନଙ୍କରୁ ଅଞ୍ଜୁଳା ଅଞ୍ଜୁଳା ପାଣିରେ କଟିଛି । ଆସନ୍ତା କାଲି ଅନିଶ୍ଚିତ । ପଅରଦିନର ଚିନ୍ତା ଅସମ୍ଭବ । ତା ପରେ··· ?

ଗୋଟାଏ ଯୋଡ଼ୀଗାଡ଼ୀ ଘୋଡ଼ା ଟାପୁରେ ରାସ୍ତା ଦୁଲକାଇ ଚାଲିଗଲା । କଚୁଆନ୍‌ର "ହୁସିଆର୍ ତଫାତ୍ ହୋ" ଚିତ୍କାର ଓ ଚାବୁକର ସୁ-ସପାତ୍ ଶବ୍ଦରେ ମଧୁସୂଦନଙ୍କ ତନ୍ଦ୍ରା ଭାଙ୍ଗିଗଲା ।

ଏପରି କୃଚ୍ଛ୍ର-ସାଧନା ଆଉ ବେଶୀଦିନ କାଳ ସମ୍ଭବ ନଥିଲା । ଯାହା ପକ୍ଷରେ ଏ ଓଳି ପାଇଁ ଅନ୍ନ ଏକ ସମସ୍ୟା, ଆର ଓଳି ପାଇଁ ଏକ ସଙ୍କଟ, ପୁଣି ଆସନ୍ତା କାଲିର ଚିନ୍ତା କଳ୍ପନାତୀତ, ତା ପକ୍ଷରେ ଉଚ୍ଚ-ଶିକ୍ଷା ପାଇଁ କଲିକତାରେ ବୁଲିବା ଏକ ନିର୍ବୋଧ ଦୁଃସାହସ ବ୍ୟତୀତ ଆଉ କଣ ହୋଇପାରେ ? ଏବେ ଘର ପୁଅ ଘରକୁ ଫେରିଯିବା ହିଁ ଭଲ ।

ସେହି ଆତ୍ମପ୍ରତ୍ୟୟହୀନ, ବିଭ୍ରାନ୍ତକର ମୁହୂର୍ତ୍ତରେ, ମଧୁସୂଦନଙ୍କ ଆଖି ଆଗରେ ପ୍ରପିତାମହୀଙ୍କ ସହିଦାହର ଚିତ୍ର ସ୍ୱପ୍ନ ପରି ହଠାତ୍ ଭାସି ଉଠିଥିଲା··· ଜ୍ୱଳନ୍ତ ଚିତାନଳ ଓ ଧୂମଶିଖା ମଧ୍ୟରେ ଜଣେ ନାରୀ, ମୃତ ସ୍ୱାମୀଙ୍କ ପାଦତଳେ ବସି ରହିଛନ୍ତି ନିସ୍ପନ୍ଦ ଅଗ୍ନିଶିଖା ପରି, ଅଟଳ

ବିଶ୍ୱାସରେ । ସେ ଆଦର୍ଶ ହୁଏତ ମିଥ୍ୟା ହୋଇ ପାରିଥାଏ, ସେ ସଂସ୍କାର ଏକ ଅନ୍ଧ କୁସଂସ୍କାର ମଧ୍ୟ ହୋଇ ପାରିଥାଏ; ତଥାପି ଶପଥର ସେ ଅଟଳତା ଓ ଆତ୍ମୋତ୍ସର୍ଗର ସେ ମହିମା ତ ଆଉ ମିଥ୍ୟା ହେବାର ନୁହେଁ । ସେହିପରି ସତ୍ତା ରକ୍ତର ସ୍ପନ୍ଦନରେ ମଧୁସୂଦନଙ୍କ ପ୍ରତି ଧମନୀ ବି ସ୍ପନ୍ଦିତ । ତାହେଲେ ଶରୀରକ୍ଳେଶ ଭୟରେ, ସଂକଳ୍ପ ଓ ଶପଥ ଭୁଲି, ସେ ଏଠାରୁ ପଳାଇବେ କିପରି ?

ମଧୁସୂଦନଙ୍କ ମନରେ ନୈରାଶ୍ୟର ଚିନ୍ତା ଆଉ ନଥିଲା । ଦେହର ଶିରା ପ୍ରଶିରାରେ ଏକ ନୂତନ ଶପଥର ଉତ୍ତେଜନା । ପକେଟ୍‌ର ଆଉ କେତେ ପଇସା ଅବଶିଷ୍ଟ ଅଛି ? ମଧୁସୂଦନ ନିଜଜାଣି ପକେଟ ଭିତରକୁ ହାତ ପୂରାଇବା କ୍ଷଣି, ତାଙ୍କ ହାତରେ ଗ୍ରୀଫିନ୍ ସାହେବର ଦେଇ କାର୍ଡ ଖଣ୍ଡ ପଡ଼ିଗଲା । ମଧୁସୂଦନ ସେ କାର୍ଡ କଥା ଇତି ମଧ୍ୟରେ ଭୁଲି ସାରିଥିଲେ । ଏବେ ତାହା ପୁଣି ତାଙ୍କ ହାତରେ ମଜ୍ଜବାଷକ୍ତି, ଅଳମ କୌତୁହଳରେ କାର୍ଡ ଖଣ୍ଡିକ ଉପରେ ସେ ଥରେ ଆଖି ବୁଲାଇ ପଢ଼ିଲେ···

**Rev. H. Griffins**
**7, Middleton Row**
**Calcutta.**

ପାଦ୍ରୀ ଗ୍ରୀଫିନ୍ "ସ୍ୱାନ" ଷ୍ଟୀମରରେ ଆସିବାବେଳେ ଅଯାଚିତ ଭାବରେ ଭରସା ଦେଇଥିଲେ, ଆବଶ୍ୟକ ପଡ଼ିଲେ ତାଙ୍କୁ ସେହି ଠିକଣାରେ ସାକ୍ଷାତ କରିବା ପାଇଁ ।

ପାଦ୍ରୀ ଗ୍ରୀଫିନ ସହିତ ସାକ୍ଷାତ୍ କରିବା ସେତେବେଳେ ଈଶ୍ୱର-ନିର୍ଦ୍ଦିଷ୍ଟ ପରି ଅଲଂଘନୀୟ ହୋଇ ପଡ଼ିଥିଲା । ସାତ ନମ୍ବର ମିଡ଼ଲଟନ ରୋ, ···କାହିଁ କେତେଦୂର ?

ଜଣେ ବିହାରୀ ମୋଟିଆ, ସେଠାରୁ ଅଳ୍ପ ଛାଇରେ ବସି, ମଧ୍ୟାହ୍ନ ଭୋଜନ ପାଇଁ ଗୋଟିଏ ପିତ୍ତଳ ଡବାରେ ଛତୁ ଚକୁଥିଲା । ମଧୁସୂଦନ ତାକୁ ଶଙ୍କିତ କଣ୍ଠରେ ପଚାରିଲେ···"ମିଡଲଟନ୍ ରୋକୁ ବାଟ କେଉଁ ଆଡ଼େ ?"

ମୋଟିଆ ଜଣକ ଉତ୍ତର ଦେଲା···"ମଇଦାନକା ସିଧା·········କେମ୍ବଲ୍-କମ୍ପାନୀ କୋଠୀକା ବଗଲ୍ ମେ !"

(ତେର)

ସାତନମ୍ବର ମିଡ଼ଲଟନ ରୋ ରେ ପାଦ୍ରୀ ଗ୍ରୀଫିନ୍‌କୁ ଖୋଜି ବାହାର କରିବା ପାଇଁ ବିଳମ୍ବ ଲାଗିଲା ନାହିଁ । କାରଣ ଗ୍ରୀଫିନ୍ ସାହେବଟି ଆଡ଼ପାଗଳା । ଓଡ଼ିଆ ମାଳୀ ଜଣକ ବାହାରେ ମଧୁସୂଦନଙ୍କୁ ସାବଧାନ କରିଦେଲା; ସାହେବଟା ବଦ୍ଧ ପାଗଳ···ସାହେବ ମାନଙ୍କର ପାଗଳାମୀକୁ ଓଡ଼ିଆ ମାଳୀଟିର ପ୍ରାଣଭୟ ।

ପାଦ୍ରୀ ଗ୍ରୀଫିନ୍ ସାମନା ହଲ୍ ଘରେ ଖଣ୍ଡେ ବେତବୁଣା ଆରାମ ଚଉକି ଉପରେ ଠୁଙ୍ଗା ହୋଇ ବସି ମାଗ୍ନିଫାୟିଙ୍ଗ କାଚ ଆଖିରେ ଲଗାଇ ଖଣ୍ଡେ ବାଇବଲ୍ ପଢ଼ୁଥିଲେ । ଦୁଇପାଟି ଦାନ୍ତ ଭିତରେ ହୁକାନଳୀଟା ଚାପି ଗ୍ରୀଫିନ୍ ଅତ୍ୟନ୍ତ ତନ୍ମୟ ଭାବରେ ବସିଥିଲେହେଁ ହୁକାରେ ନିଆଁ ନଥିଲା ବା ଧୂଆଁ ନଥିଲା । କୋଠରୀ ବାହାରେ ବସି ଯେଉଁ ପଙ୍ଖା-ବର୍‌ଦାର ଜଣକ ପଙ୍ଖା ଟାଣୁଥିଲା ଆଖିରେ ଢୁଳ ଆସି ଥିବାରୁ ତାହାର ପଙ୍ଖାଟଣା ମଧ୍ୟ ସେତେବେଳେ ହଠାତ୍ ବନ୍ଦ ହୋଇ ପଡ଼ିଥିଲା ।

ଗ୍ରୀଫିନ ତାହା ଲକ୍ଷ୍ୟ କରି ଚଉକି ଉପରୁ ନିଃଶବ୍ଦରେ ସନ୍ତର୍ପିତ ପାଦରେ ଉଠି ଗୋଟିଏ ହାତପଙ୍ଖା କାଢ଼ିଲେ···ଯେପରି ପଙ୍ଖା-ବର୍‌ଦାରର ଢୁଳ ଭାଙ୍ଗିବାକୁ ସେ ଭୟ କରୁଥିଲେ । ତାପରେ ତା ପାଖରେ ଠିଆ ହୋଇ ସେହି ପଙ୍ଖାରେ ଗ୍ରୀଫିନ ତାକୁ ଯେପରି ବିଞ୍ଚିବା ଆରମ୍ଭକଲେ ସେଥିରେ ପଙ୍ଖା-ବର୍‌ଦାରର ନିଦ ଆହୁରି ବେଶ ଗଭୀର ଭାବରେ ଲାଗି ଆସୁଥିଲା ସିନା; ଭାଙ୍ଗିବାର କୌଣସି ଲକ୍ଷଣ ନଥିଲା । ଏ ଦୃଶ୍ୟ ଦେଖି ସାହେବ ପାଖକୁ ଆସିବା ପାଇଁ ମାଳୀର ଆଉ ସାହସ ନଥିଲା । ଭୂତ ଦେଖିବା ପରି ଆତଙ୍କରେ ସେ ସେଠାରୁ ଦଉଡ଼ି ପଳାଇ ଗଲା । ମଧୁସୂଦନ କିନ୍ତୁ ଅବିଚଳିତ ପାଦରେ ଗ୍ରୀଫିନ ସାହେବ ଆଡ଼େ ଆଗେଇ ଆସିଲେ । ଏଥିରେ ଭୟ କରିବାର ବା କଣ ଥିଲା ?

ମଧୁସୂଦନଙ୍କୁ ଦେଖିବା ମାତ୍ରେ ଗ୍ରୀଫିନ ହାତରୁ ପଙ୍ଖାଟା ତଳେ ଫିଙ୍ଗିଦେଇ, ଉଲ୍ଲାସରେ ଚିତ୍କାର କରିବା ପରି କଣ୍ଠରେ, ତାଙ୍କ ଆଡ଼େ ଦକ୍ଷିଣ ହାତର ତର୍ଜନୀଟା ବଢ଼ାଇ କହି ଉଠିଲେ···"ମୁଁ ତୁମକୁ ଚିହ୍ନୁଛି

ଦେଖିଛୁ । ନିଃସନ୍ଦେହ ଭାବରେ ଦେଖିଛୁ । ସେକଥା ତୁମେ କଦାପି ଅସ୍ୱୀକାର କରି ପାରିବ ନାହିଁ । କିନ୍ତୁ ସମସ୍ୟା ହେଉଛି, ସ୍ଥାନ ଓ କାଳର ସମସ୍ୟା । ମୁଁ ଆଶା କରେ, ତୁମେ ନିଶ୍ଚୟ ମୋ ସହିତ ଏଥିରେ ଏକମତ ହେବ ଯୁବକ ।"

ଗ୍ରୀଫିନ ସାହେବଙ୍କ ଏପରି ପ୍ରଗଲଭତାର ହଠାତ୍ କୌଣସି ସଦୁତ୍ତର ଖୋଜି ନପାଇ, ମଧୁସୂଦନ କିଂକର୍ତ୍ତବ୍ୟବିମୂଢ଼ ଭାବରେ ଗ୍ରୀଫିନ ସାହେବ ଦେଇଥିବା କାର୍ଡଖଣ୍ଡ ତାଙ୍କ ଆଡ଼େ ବଢ଼ାଇଦେଲେ । ଗ୍ରୀଫିନଙ୍କ ବେକରୁ କଳାଫିତାରେ ବନ୍ଧାହୋଇ ମ୍ୟାଗନିଫାୟିଙ୍ଗ କାଚ ଖଣ୍ଡ ଝୁଲୁଥିଲା । ଗ୍ରୀଫିନ ସେହି କାଚ ଲଗାଇ କାର୍ଡ଼ ଖଣ୍ଡ ବାରମ୍ବାର ପଢ଼ୁଥିଲେ, ଆଉ ପଢ଼ୁ ପଢ଼ୁ ଆଖି ଭ୍ରୂଲତା କପାଳ ଉପରକୁ ଉଠାଇ ମଧୁସୂଦନଙ୍କ ଆଡ଼େ ନିରୀକ୍ଷଣ କରି ଚାହୁଁଥିଲେ ।

କେତେକ୍ଷଣ ପରେ ଗ୍ରୀଫିନ ପଚାରିଲେ···

"ତୁମେ ରେଭରେଣ୍ଡ ଗ୍ରୀଫିନ ? କଦାପି ନୁହେଁ । କସ୍ମିନକାଳେ ନୁହେଁ । ଏକଥା ମୁଁ ଯେକୌଣସି ଅଦାଲତରେ ପ୍ରମାଣ କରି ଦେଇପାରେ ! ରେଭରେଣ୍ଡ ଗ୍ରୀଫିନ ହେଉଛି ମୁଁ । ଏ କାର୍ଡ ମୋର । ତୁମେ ଏହାକୁ ପାଇଲ କେଉଁଠୁ ?"

ମଧୁସୂଦନ ଆଶଙ୍କିତ କଣ୍ଠରେ ଉତ୍ତର ଦେଲେ···"ସାହେବ, ମୋ ନାଁ ହେଲା ମଧୁସୂଦନ ଦାସ, ମୁଁ ଓଡ଼ିଶାର ଲୋକ ! ମନେ ନାହିଁ ସ୍ୱାନ ଷ୍ଟିମରରେ ସେଦିନ ଆସିବାବେଳେ ଡ଼େକ୍ ଉପରେ ଆମର ଆଳାପ ପରିଚୟ ହୋଇଥିଲା ଓ ଆପଣ ମୋତେ ଏ କାର୍ଡ଼ ଖଣ୍ଡିକ ସେତେବେଳେ ଦେଇଥିଲେ ।"

ଗ୍ରୀଫିନ ଗୋଟାଏ ପ୍ରାଣଖୋଲା ଅଟ୍ଟହାସ ହସି କହିଲେ···"ସେଇ କଥା କହ ! ତୁମକୁ ମୁଁ ଠିକ ଚିହ୍ନିଛି ପ୍ରଥମ ଦେଖାରେ । ଏଇ କାର୍ଡ଼ ଖଣ୍ଡିକ କେବଳ କେତେକ ଅଯଥା ସନ୍ଦେହ ସୃଷ୍ଟି କରିଦେଲା ! ବେଶ, ବେଶ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି । ତୁମକୁ ପୁଣି ସାକ୍ଷାତ କରି ।"

ଗ୍ରୀଫିନଙ୍କ ଅଟ୍ଟହାସରେ ପଙ୍ଖାଟଣାଲୀର ତୁଳ ଭାଙ୍ଗିଗଲା । ଆଖି ମଳି ମଳି ସେ ପୁଣି, ଧୀରେ ଧୀରେ ପଙ୍ଖା ଟାଣିବା ପାଇଁ ଆରମ୍ଭ କଲା ।

ଗ୍ରୀଫିନ ସେତେବେଳେ ଟଣାପଙ୍ଖା ଆଡ଼େ ତନ୍ମୟ ଦୃଷ୍ଟିରେ ଚାହିଁ, ତା' ମଧ୍ୟରେ ହଠାତ ଯେପରି କୌଣସି ଐଶ୍ବରିକ ସତ୍ୟ ଆବିଷ୍କାର କରିବା ପାଇଁ ଚେଷ୍ଟା କରୁଥିଲେ । ଗ୍ରୀଫିନ ପଚାରିଲେ···"ତୁମେ କୌଣସି କଲେଜରେ ନାମ ଲେଖାଇବା ପାଇଁ କଲିକତା ଆସିଛ ନାଁ ?"

ମଧୁସୂଦନ ଉତ୍ତର ଦେଲେ···"କଲେଜରେ ଆଉ ନାମ ଲେଖାଇ ପାରିବା ସମ୍ଭବ ହେଉନାହିଁ ସାହେବ । ବର୍ତ୍ତମାନ ଆପାତତଃ ନାମ ଲେଖାଇଛି ମୁଁ ଫୁଟପାଥ ଆଉ ପାର୍କ ମାନଙ୍କରେ ।"

ଗ୍ରୀଫିନ ପଙ୍ଖା ଉପରୁ ଦୃଷ୍ଟି ଫେରାଇ ମଧୁସୂଦନଙ୍କ ଆଡ଼େ ଦକ୍ଷିଣ ହାତର ତର୍ଜନୀଟା ପ୍ରସାରିତ କରି ଚିତ୍କାର କରି ଉଠିଲେ···"ପାର୍କ ଆଉ ଫୁଟପାଥ । ପାର୍କ ଆଉ ଫୁଟପାଥ୍ । ଓ୍ବାଣ୍ଡରଫୁଲ୍ । ସେଇସବୁ ତ ଜୀବନର ଶ୍ରେଷ୍ଠ ବିଶ୍ବବିଦ୍ୟାଳୟ । ଡାଇଓଜିନସ, ସ୍ପିନୋଜା··· ଏମାନେ ସବୁତ ଏଇ ପାର୍କ ଆଉ ଫୁଟପାଥ ବିଶ୍ବବିଦ୍ୟାଳୟ ମାନଙ୍କର ଛାତ୍ର ଥିଲେ । ତୁମେ ମଧ୍ୟ ସେଠାରେ ନାମ ଲେଖାଇ ପାରିଥିବା ହେତୁ ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ଯୁବକ ।"

ମଧୁସୂଦନ ଭାବିଲେ, ଏଠାରୁ ଏଣିକି ଯଥାଶୀଘ୍ର ପଳାଇ ଯିବାହିଁ ବୁଦ୍ଧିମାନର କାର୍ଯ୍ୟ ହେବ । ଓଡ଼ିଆ ମାଳୀର ବାରଣ ନଶୁଣି ସେଠାକୁ ଆସିଥିବା ହେତୁ, ସେ ମନେମନେ କମ ଅପଶୋଷ କରୁନଥିଲେ । କିନ୍ତୁ ଏତେ ପଥଶ୍ରମ ସ୍ବୀକାର କରି ସେ ଯେତେବେଳେ ଏତେଦୂର ଆସିଛନ୍ତି, ଅସଲ ଉଦ୍ଦେଶ୍ୟଟା ପ୍ରକାଶ ନକରି ସେଠାରୁ ଚାଲିଯିବା ପାଇଁ ତାଙ୍କର ଇଚ୍ଛା ନଥିଲା । ମଧୁସୂଦନ ଉତ୍ତର ଦେଲେ··· "ମୋ ଦେଶରେ କଲିକତାର ପାର୍କ, ଫୁଟପାଥ ନଥାଇ ପାରେ । କିନ୍ତୁ ବଣ ଜଙ୍ଗଲର ଅଭାବ ନାହିଁ । ମୁଁ କିନ୍ତୁ ସେ ସବୁର ସନ୍ଧାନରେ ତ ଆଉ କଲିକତା ଆସି ନଥିଲି ।"

ଗ୍ରୀଫିନ ଗମ୍ଭୀର ଭାବରେ କଳାଫିତାରେ ବାନ୍ଧିଥିବା ମାଗନି-ଫାଇଙ୍ଗ୍-ଗ୍ଲାସଟା ହାତରେ ବୁଲାଇ ବୁଲାଇ କହିଲେ···"ଓ ଇୟେସ । ସତେତ ! ତୁମେ କଣ ଆଉ ପାର୍କ, ଫୁଟପାଥର ସନ୍ଧାନରେ କଲିକତା ଆସିଥିଲ ? କଦାପି ନୁହେଁ । ତାହା ମଧ୍ୟ କଦାପି ସମ୍ଭବ ହୋଇ ନପାରେ । ତୁମେ ନିଶ୍ଚୟ ଆସିଥିଲ, ଉଚ୍ଚ ଇଂରାଜୀ ଶିକ୍ଷାର ସନ୍ଧାନରେ । ମାତ୍ର ସମସ୍ୟା

ହେଉଛି, ତାହାର ସନ୍ଧାନ ମିଳିବ କେଉଁଠି ? କିପରି ? ସଂକ୍ଷେପରେ ସମସ୍ୟାଟି ଏଇଆ ନୁହେଁକି ?"

ଗ୍ରୀଫିନର ପାଗଳାମିରେ ମଧୁସୂଦନ କିଂକର୍ତ୍ତବ୍ୟବିମୂଢ଼ ହୋଇ ନୀରବ ରହିଲେ।

ଏଠାରେ ଠିଆ ହୋଇ ଏ ସବୁ ପ୍ରଳାପ ଶୁଣିବା ଅର୍ଥ, କେତେକ ମୂଲ୍ୟବାନ ମୁହୂର୍ତ୍ତର ଅପଚୟ କରିବା। ହଲର ଗୋଟାଏ କୋଣରେ ରଖାଯାଇଥିବା ଲେଖାମେଜ ପାଖକୁ, ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲି ଯିବା ବେଳେ ଗ୍ରୀଫିନ ଦକ୍ଷିଣ ହାତର ତର୍ଜନୀ ଉଠାଇ କହିଗଲେ···

"ମୁଁ ଏଠାକୁ ନଫେରିବା ପର୍ଯ୍ୟନ୍ତ ଖବରଦାର ତୁମେ ଏଠାରୁ ଚାଲିଯାଇ ପାରିବ ନାହିଁ।"

ଆଚ୍ଛା ପାଗଳ ହାବୁଡ଼ରେ ପଡ଼ିବା ଯୋଗଥିଲା ! ମଧୁସୂଦନ, ଅଗତ୍ୟା ଖଣ୍ଡେ ବେତ ମୋଡ଼ା ଉପରେ ବସି ପଡ଼ିଲେ।

ଅଳ୍ପକ୍ଷଣ ପରେ ହାତରେ ଖଣ୍ଡେ ଚିଠି ଧରି ଗ୍ରୀଫିନ ସେଠାକୁ ଫେରି ଆସି କହିଲେ··· "ଏ ଚିଠି ପାଇବେ କିଏ ଜାଣିଛ ? ରେଭରେଣ୍ଡ ଜେ.ପି ଆଷ୍ଟିନ; ଏଲ୍. ଏମ୍. ଏସ୍. କଲେଜର ପ୍ରିନ୍ସିପାଲ। ଏଲ୍., ଏମ୍. ଏସ୍. କଲେଜ, ଭବାନୀପୁର। ମନେ ରହିବତ ?"

ମଧୁସୂଦନ ଚିଠିଖଣ୍ଡିକ ଉପରେ ଆଖି ବୁଲାଉଥିବା ବେଳେ, ଗ୍ରୀଫିନ କହିଲେ··· "ସବୁ ସମସ୍ୟାର ସମାଧାନ କରି ଦେଇଛି ସେଥିରେ। ରେଭରେଣ୍ଡ ଜେ.ପି.ଆଷ୍ଟିନ ମୋର ଘନିଷ୍ଠ ବନ୍ଧୁ ଓ ସହକର୍ମୀ। ଏକା ଗାଁରେ ଘର ଆମର··· ସାଉଦାମ୍ପଟନ। ବିନା ମାସୁଲରେ ସେ ତୁମ ନାମ କଲେଜରେ ଲେଖାଇ ଦେବେ ଓ ତାହା ସହିତ ତୁମ ଶିକ୍ଷାର ବ୍ୟବସ୍ଥା ମଧ୍ୟ ହୋଇଯିବ।"

ଏହି ପାଗଳଟିକୁ ମଧୁସୂଦନ କିପରି କୃତଜ୍ଞତା ଜଣାଇବେ ତାହା ସେ ହଠାତ୍ ବୁଝି ପାରୁ ନଥିଲେ। ଗ୍ରୀଫିନ କହିଲେ··· "ନାଉ ରନ, ଡବଲ ମାର୍ଚ୍ଚ, କ୍ୱିକ୍।"

ମଧୁସୂଦନ ମଧ୍ୟ କେତେ ଶୀଘ୍ର ଭବାନୀପୁର ଏଲ୍ ଏମ୍. ଏସ୍ କଲେଜରେ ପହଞ୍ଚି ପାରିବେ ତାହାହିଁ ଥିଲା ସେତେବେଳେ ତାଙ୍କ ପକ୍ଷରେ ସମସ୍ୟା।

ବଗିଚ୍ଚ ଭିତରେ ସୁରକୀ ବିଛା ରାସ୍ତାରେ, ମଧୁସୂଦନ ଫେରି ଆସୁଥିଲେ, ଗ୍ରୀଫିନ ପଛରୁ ଚିତ୍କାର କରି ଉଠିଲେ... "ଏଲ୍ ଫର୍ ଲଣ୍ଡନ, ଏମ୍ ଫର୍ ମିସନ୍, ଏସ ଫର ସୋସାଇଟୀ ... ଲଣ୍ଡନ ମିସନ ସୋସାଇଟୀ କଲେଜ, ଭବାନୀପୁର... ନାଉ ରନ୍ ... କୁଇକ୍ ମାର୍ଚ୍ଚ, କ୍ୱିକ୍ ।"

ମଧୁସୂଦନଙ୍କୁ ସାହେବ ଗାଳି ଦେଉଛନ୍ତି ଭାବି, ବଗିଚ୍ଚରେ କାମ କରୁଥିବା ମାଳୀ ଗୋଟାଏ ବାକ୍‌ସଗଛ ବୁଦା ଉହାଡରେ ଲୁଚିଗଲା । ମଧୁସୂଦନ ମଧ୍ୟ ସେତେବେଳକୁ ଊର୍ଦ୍ଧ୍ୱଶ୍ୱାସ ହୋଇ ଭବାନୀପୁର ଏଲ୍. ଏମ ଏସ୍. କଲେଜର ସନ୍ଧାନରେ ଦଉଡ଼ିବା ପାଇଁ ଆରମ୍ଭ କରିଥିଲେ ।

## (ପାଞ୍ଚ)

**ପା**ଦର ଜୋତା ହଳକ ଘୋର ଦୋର ଛିଣ୍ଡି ଯାଇଥିଲା । କଲି-କତାର ବହୁ ରାଜପଥ, ବହୁ ଗଳି, ଉପଗଳିର ଗୋଲକଧନ୍ଦା ମଧ୍ୟରେ ବହୁ ବିଭ୍ରାନ୍ତି, ବହୁ ବ୍ୟର୍ଥତା ଓ ବହୁ କ୍ଷୁଧାର ଇତିହାସ, ସେହି ଛିଣ୍ଡା ଜୋତା ହଳକର ତନ୍ତୁରେ ତନ୍ତୁରେ ଯେପରି ଲିପିବଦ୍ଧ ରହିଥିଲା । ଆଃ... ଭଦ୍ର ଜନୋଚିତ, ହେଲେ ନୂଆ ଜୋତା ଯଦି କଣା ଯାଇ ପାରନ୍ତା । ମାତ୍ର ସେପରି ହାଲ୍‌କା ଜୋତା ଯୋଡ଼ାକର ମୂଲ୍ୟ ଅନେକ... ମଧୁସୂଦନଙ୍କ ପକେଟର ଅବସ୍ଥା ଦୃଷ୍ଟିରୁ ତାହା ଦୁର୍ଲ୍ଲଭ । ପୋଷାକର ଅବସ୍ଥା ପ୍ରାୟ ତଦ୍ରୂପ ।

ମଧୁସୂଦନ ବାହାରିଥିଲେ ଗୋଟିଏ ଟ୍ୟୁସନ୍ ସନ୍ଧାନରେ । ନେବୁ-ତଳାରେ କୌଣସି ପ୍ରବାସୀ ଓଡ଼ିଆ ଭଦ୍ରବ୍ୟକ୍ତିଙ୍କ ଘରେ ଗୃହଶିକ୍ଷକ ଆବଶ୍ୟକ ଥିବା ଶୁଣି ମଧୁସୂଦନ ସେଠାକୁ ଯାଇଥିଲେ । ମାତ୍ର ଭଦ୍ରବ୍ୟକ୍ତି ଜଣକ ନୈଷ୍ଠିକ ହିନ୍ଦୁ । ଅଫିସରୁ ଫେରିବା ପରେ ଗଙ୍ଗାଜଳ ସିଞ୍ଚିତ ହୋଇ ଶୌଚ ନହେଲେ ସେ ଗୃହ ପ୍ରବେଶ କରନଥାନ୍ତି । ଖ୍ରୀଷ୍ଟିଆନ ମିସନାରୀ ମାନଙ୍କ ଦ୍ୱାରା ପରିଚାଳିତ କଲେଜରେ ମଧୁସୂଦନ ଅଧ୍ୟୟନ କରୁଥିବା ପୁଣି ସେମାନଙ୍କ ମେସ୍ ବୋର୍ଡିଂରେ ରହୁଥିବା ସମ୍ବାଦଟି ଜାଣିବା ପରେ, ମଧୁସୂଦନଙ୍କୁ ଗୃହଶିକ୍ଷକ ପଦରେ ନିଯୁକ୍ତ

କରିବାର ପ୍ରଶ୍ନ ଆଉ ନଥିଲା । ବେଶୀବେଳ ପରେ ମଧୁସୂଦନ ସେଠାରୁ ଚାଲି ଚାଲି ଭବାନୀପୁର କଲେଜ ହଷ୍ଟେଲ ଆଡ଼େ ଫେରୁଥିଲେ । କଲେଜ-ସାହାଯ୍ୟରୁ ପକେଟରେ ପଡ଼ିଥିବା ଦୁଇଟଙ୍କାର ପରମାୟୁ ଆଉ କେତେଦିନ, ସବୁ ଗାଣିତିକ ପ୍ରଶ୍ନ ସତ୍ତ୍ୱେ ମଧୁସୂଦନ ତାହାର କୌଣସି ସଦୁତ୍ତର ଖୋଜି ପାଉ ନଥିଲେ । କଲେଜରୁ ଏପରି ହାତଟେକା ସାହାଯ୍ୟ ତାଙ୍କ ଆତ୍ମସମ୍ମାନକୁ ମଧ୍ୟ ଯଥେଷ୍ଟ ବାଧୁଥିଲା । ଏଲ୍.ଏମ୍.ଏସ୍ କଲେଜ ଖ୍ରୀଷ୍ଟିଆନ ମିସନାରୀ ମାନଙ୍କ ଦ୍ୱାରା ପରିଚାଳିତ ଥିଲେହେଁ ମଧୁସୂଦନଙ୍କ ପରି ଦୁଃସ୍ଥ ହିନ୍ଦୁ ଛାତ୍ର ମାନେ ମଧ୍ୟ ସେଠାରେ ମିସନାରୀ ମାନଙ୍କର ପୃଷ୍ଠପୋଷକତାରେ ଅଧ୍ୟୟନ କରି ପାରୁଥିଲେ । ମଧୁସୂଦନ ଅବୈତନିକ ଛାତ୍ର ଭାବରେ ସେଠାରେ ନାମ ଲେଖାଇଥିବା ପରି, ହାରାଣଚନ୍ଦ୍ର ରାହା, ଶଶିଭୂଷଣ ବାନାର୍ଜି, ଦୁର୍ଗାଚରଣ ବୋଷ ଓ ଅମ୍ବିକାଚରଣ ହାଜରା ପ୍ରମୁଖଙ୍କ ସହିତ, ଆଉରି କେତେଜଣ ହିନ୍ଦୁ ଛାତ୍ର ମଧ୍ୟ ମିସନାରୀ ମାନଙ୍କର ଦାକ୍ଷିଣ୍ୟରେ ସେହି ଏଲ. ଏମ୍ ଏସ୍ କଲେଜରେ ନାମ ଲେଖାଇ ପାରିଥିଲେ । ସେମାନଙ୍କ ମଧ୍ୟରୁ ଅମ୍ବିକାଚରଣ ହାଜରାଙ୍କ ସହିତ ପ୍ରଥମ ସାକ୍ଷାତରେ ମଧୁସୂଦନଙ୍କ ବନ୍ଧୁତ୍ୱ ଅତ୍ୟନ୍ତ ସହଜ ଓ ସ୍ୱାଭାବିକ ଭାବରେ ଘନିଷ୍ଠ ହୋଇ ପଡ଼ିଥିଲା ।

ମଧୁସୂଦନଙ୍କ ପରି ଅମ୍ବିକାଚରଣ ଏକ ନୈଷ୍ଠିକ ହିନ୍ଦୁ ଦରିଦ୍ର ପରିବାରର ସନ୍ତାନ ଥିଲେ । ସେ ମଧ୍ୟ ଉଚ୍ଚଶିକ୍ଷା ପାଇଁ ନିଃସ୍ୱ ଅବସ୍ଥାରେ କଲିକତା ଆସି କୌଣସି ମିସନାରୀଙ୍କ ସାହାଯ୍ୟରେ ଏଲ. ଏମ. ଏସ୍ କଲେଜରେ ଭର୍ତ୍ତି ହୋଇ ପାରିଥିଲେ । ଏକ ଅପରିଚିତ ସହରରେ ସମ ଦୁର୍ଦ୍ଦଶାପନ୍ନ ସମବୟସ୍କୀ ଦୁଇ ସହପାଠୀଙ୍କ ମଧ୍ୟରେ ଯେଉଁ ବନ୍ଧୁତା ଆସିବା କଥା ତାହା ଅପେକ୍ଷା ଏ ବନ୍ଧୁତ୍ୱ କିନ୍ତୁ ଆଉରି ଅନ୍ତରଙ୍ଗ ଥିଲା । କଥା ପ୍ରସଙ୍ଗରେ ମଧୁସୂଦନ ଯେଉଁଦିନ ଜାଣିଲେ ଅମ୍ବିକାଚରଣଙ୍କ ଘର ମେଦିନୀପୁର ଜିଲ୍ଲାର ଦାଣ୍ଟନରେ, ପୁରୁଣା ଦିନର ଆତ୍ମୀୟ ରୂପେ ତାଙ୍କୁ ଆଲିଙ୍ଗନ କରି ମଧୁସୂଦନ କହି ଉଠିଥିଲେ...

"ଆରେ ତୁ ତ ତାହେଲେ ଘରର ପୁଅ । ମେଦିନୀପୁର ତ ଉତ୍କଳର ।"

ଅମ୍ବିକାଚରଣ ମେଦିନୀପୁରିଆ ଜାଣି ମଧୁସୂଦନ ଏପରି ଉଲ୍ଲସିତ ହୋଇ ଉଠିଥିଲେ ଯେ, ଉପଚରିତ 'ତୁମେ' ବା 'ଆପଣ' ପରିବର୍ତ୍ତେ ତାଙ୍କ ତୁଣ୍ଡରୁ ହଠାତ୍ ବାହାରି ପଡିଥିଲା —'ତୁ' ।

ଅମ୍ବିକାଚରଣ ଉତ୍ତର ଦେଇଥିଲେ· "ତମକୁ ତା' ହେଲେ ଏଣିକି ଡାକିବି ଶଶୁର ।"··· ଅମ୍ବିକାଚରଣ ମଧୁସୂଦନଙ୍କ ଠାରୁ ବୟସରେ ସାମାନ୍ୟ କନିଷ୍ଠ ଥିଲେ । ସେହିଦିନଠୁ ଅମ୍ବିକାଚରଣ ମଧୁସୂଦନଙ୍କୁ ଶ୍ୱଶୁର ବୋଲି ଡାକିବା ଆରମ୍ଭ କରିଦେଲେ । ସାମୟିକ ଜ୍ୱାଇଁଚର୍ଚ୍ଚା ପାଇଁ ମଧୁସୂଦନଙ୍କ ଠାରେ ମଧ୍ୟ କୌଣସି କାର୍ପଣ୍ୟ ନଥିଲା ।

ଏଲ୍. ଏମ୍. ଏସ୍. କଲେଜରେ ମଧୁସୂଦନଙ୍କ ପରିଚୟ ହୋଇ ପଡ଼ିଥିଲା — "ମଧୁ ଉଡିଆ" । ଅଧ୍ୟାପକଙ୍କ ଠାରୁ ସହପାଠୀଙ୍କ ପର୍ଯ୍ୟନ୍ତ ମଧୁ-ଉଡିଆ ସମ୍ବୋଧନ ମଧ୍ୟରେ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧା ଓ ସଦ୍‌ଭାବର ଅବଶ୍ୟ ଅଭାବ ନଥିଲା । ତଥାପି ସେଥିରେ କିଛିଟା ତାଚ୍ଛଲ୍ୟର ସ୍ପର୍ଶ ଯେ ନଥିଲା ନୁହେଁ । ଏହି ପରିବେଶରେ ଅମ୍ବିକାଚରଣଙ୍କ ଆତ୍ମୀୟତାପୂର୍ଣ୍ଣ ବ୍ୟବହାର ଓ ଶଶୁର ସମ୍ବୋଧନ ସେ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱର ନିଗଡ଼କୁ ଆହୁରି ସୁଦୃଢ଼ କରି ଦେଇଥିଲା ।

ଅମ୍ବିକାଚରଣ ନିଜ ଗୁଜରାଣ ମେଣ୍ଟାଇବା ପାଇଁ ଗଡ଼ିଆହାଟା ଅଞ୍ଚଳରେ ଗୋଟିଏ ଟ୍ୟୁସନ କରୁଥିଲେ । ଅମ୍ବିକାଚରଣଙ୍କ ପାଖରୁ ଗୋଟାଏ ଟ୍ୟୁସନର ସନ୍ଧାନ ପାଇ ମଧୁସୂଦନ ଆମହର୍ଷ୍ଟ ଷ୍ଟ୍ରୀଟ ନେବୁତଳା ଯାଇଥିଲେ ସେହି ଟ୍ୟୁସନର ସନ୍ଧାନରେ । ମାତ୍ର ସେଠାରୁ ବ୍ୟର୍ଥ ହୋଇ ଏକ ବିଷର୍ଣ୍ଣ ଅପରାହ୍ଣରେ ସେ ଏବେ ପୁଣି ହଷ୍ଟେଲ ବୋର୍ଡିଙ୍ଗ ଆଡ଼େ ଫେରି ଆସୁଥିଲେ ।

ରାସ୍ତାରେ ଫେରୁଥିବା ବେଳେ, ଦଳେ ଲୋକ ଗୋଟାଏ ସରାପ ଦୋକାନ ସାମନାରେ ରୁଣ୍ଡ ହୋଇଥିବା ଦେଖି ମଧୁସୂଦନ ସେଠାରେ ଅଟକି ରହିଗଲେ । ଘଟଣାଟି ଯେପରି କରୁଣ ସେହିପରି ମଧ୍ୟ ହାସ୍ୟୋଦ୍ଦୀପକ ଥିଲା । ଗୋଟାଏ ଫିରିଙ୍ଗୀ ମାତାଲ ରାସ୍ତା ଉପରେ ଜଣେ ପାଦ୍ରୀଙ୍କୁ ଟାଣି ଭିଡ଼ି ସରାପ କିଣିବା ପାଇଁ ପଇସା ମାଗୁଥିଲା । ପାଦ୍ରୀ ଜଣକ ବୟସୀ ନିଖାଦ ବଙ୍ଗାଳୀ; ବୟସ ପଚାଶ ସେପଟେ, ମୁହଁର ଦାଢ଼ି ଛାତି ପର୍ଯ୍ୟନ୍ତ ଲମ୍ବି ଆସିଥିଲା; ଆଖି ଦୁଇଟିରେ କ୍ଷମାଶୀଳ ପ୍ରଶାନ୍ତି ।

ମାତାଲ ଫିରଙ୍ଗୀ ଜଣକୁ ସେ ଯେତେ ବୁଝାଇବା ପାଇଁ ଚେଷ୍ଟା କରୁଥିଲେ, "ଆଜି ପଇସା ନାହିଁ ବାବା"; ଫିରଙ୍ଗୀ ଜଣକ ତାଙ୍କ ଉପରେ ଆକ୍ରମଣର ମାତ୍ରା ସେତିକ ବଢ଼ାଇ, ତାଙ୍କ ଦାଢ଼ୀ, ମାଳୀ ଓ ଜସ ପ୍ରଭୃତିକୁ ଟଣାଓଟ୍ରା କରିବାରେ ଲାଗିଥିଲା । ପଥଚାରୀ ଜଣେ ନିରୀହ ବ୍ୟକ୍ତିଙ୍କ ଉପରେ ଗୋଟାଏ ମାତାଲର ଏ ପ୍ରକାର ଅଶୋଭନୀୟ ଆକ୍ରମଣ, ଦର୍ଶକମାନଙ୍କ ମଧ୍ୟରେ ଘୃଣା ଓ ପ୍ରତିରୋଧ ପରିବର୍ତ୍ତେ, ବେଶ ଆମୋଦ ଓ କୌତୁକ ସୃଷ୍ଟି କରିଥିଲା ।

ପାଦ୍ରୀ ଜଣକ ଗୋଟିଏ ଗ୍ରେଟିଆ ଗୀର୍ଜାର ପାଷ୍ଟର୍ । ଫିରଙ୍ଗୀ ମାତାଲ ଜଣକ ଅନେକ ସମୟରେ କୌଣସି ନା କୌଣସି ଦାତବ୍ୟ କାର୍ଯ୍ୟକ୍ରମ ଆଳରେ ପାଷ୍ଟରଙ୍କ ପାଖରୁ ଚାନ୍ଦା ନେଇଥାଏ । ମାତ୍ର ସେସବୁ ସରାପ୍ ଦୋକାନରେ ଯାଏ ବୋଲି ଖବର ପାଇବା ପରଠାରୁ ସେ ତାକୁ ଆଉ ପଇସା ଦେବା ବନ୍ଦ କରି ଦେଇଥିଲେ । ଆଜି କିନ୍ତୁ ସେଇ ଫିରଙ୍ଗୀ ଜଣକ ହାତମୁଠାରେ ପଡିଥିବାରୁ ତାଙ୍କଠାରୁ ପଇସା ଆଦାୟ ପାଇଁ ସେ ବଳପ୍ରୟୋଗ ଆରମ୍ଭ କରିଥିଲା । ଦେଖଣାହାରି ମାନେ ଚାରିପଟେ ଘେରି ଠିଆ ହୋଇ, ସେ ଦୃଶ୍ୟ ବେଶ ଉପଭୋଗ କରୁଥିଲେ ।

ମଧୁସୂଦନ ଲୋକ ଗହଳି ଭିତରୁ ବାହାରି ମାତାଲ ଫିରଙ୍ଗୀକୁ ଠେଲି ଦେଇ ରୁଷ୍ଟ କଣ୍ଠରେ ଇଂରାଜୀରେ ପଚାରିଲେ... "ରାସ୍ତା ଉପରେ ଜଣେ ନିରୀହ ପଥିକ ଉପରେ ଏ ଜୁଲୁମ କାହିଁକି ?"

ପାଷ୍ଟର କିନ୍ତୁ ଅନୁନୟପୂର୍ଣ୍ଣ କଣ୍ଠରେ କହିଲେ... "ତାକୁ ଆଘାତ କରନାହିଁ, ତାର କିଛି ଦୋଷ ନାହିଁ ବାବା ! ସେ ଅସୁସ୍ଥ ! ମଦ୍ୟ ବର୍ତ୍ତମାନ ତାକୁ ଆକଣ୍ଠ ପାନ କରିଅଛି ।"

ମଧୁସୂଦନ ପକେଟରେ ପଡିଥିବା ବିଶେଷ ଟଙ୍କାଟି ସେ ମାତାଲ ଉପରକୁ ଫିଙ୍ଗି ଦେଇ କହିଲେ... "ଆଉ ଥରେ କୌଣସି ଭଦ୍ରଲୋକ ଉପରେ ଏପରି ଗୁଣ୍ଡାମୀ ସଦର ରାସ୍ତା ଉପରେ ଦେଖିଲେ ମୁଁ ପୁଲିସ ଥାନାରେ ଖବର ଦେବି କିନ୍ତୁ ।"

ତା' ପରେ ପାଷ୍ଟରଙ୍କୁ ମଧୁସୂଦନ ପଚାରିଲେ... "ଆପଣ ଯିବେ କେତେଦୂର ? ଚାଲନ୍ତୁ ମୁଁ ଆପଣଙ୍କୁ ଛାଡ଼ି ଦେଇ ଆସିବି ।"

"ମୋ ପାଇଁ ଚିନ୍ତିତ ହେବ ନାହିଁ ବାବା । ମୁଁ ଯିବି ଭବାନୀପୁର ପର୍ଯ୍ୟନ୍ତ ।" …ପାଷ୍ଟର ଉତ୍ତର ଦେଲେ ।

ମଧୁସୂଦନ କହିଲେ… "ମୁଁ ତ ମଧ୍ୟ ସେହି ବାଟରେ ଯିବି, ଏଲ୍. ଏମ୍. ଏସ୍. କଲେଜ ବୋର୍ଡିଂ ପର୍ଯ୍ୟନ୍ତ । ଚାଲନ୍ତୁ ବରଂ ଏକ ସଙ୍ଗରେ ଯିବା ।"

ସେମାନଙ୍କ ଆଲାପରୁ ଜଣାପଡ଼ିଲା ପାଷ୍ଟରଙ୍କ ନାମ ଯଦୁନାଥ ଚାଟାର୍ଜି । ସେ ମଧ୍ୟ ଓଡ଼ିଆବହୁଳ ମେଦିନୀପୁର ଜିଲ୍ଲାର ଅଧିବାସୀ ଥିଲେ । ଧର୍ମାନ୍ତରିତ ହେବାପରେ କଲିକତା ଆସି ଗୋଟିଏ ଛୋଟିଆ ଗୀର୍ଜାରେ ସେ ପାଷ୍ଟରରୂପେ ରହିଥିଲେ । ଯଦୁନାଥ ମଧ୍ୟ ଯେତେବେଳେ ଜାଣିଲେ ମଧୁସୂଦନ ଏଲ୍. ଏମ୍. ଏସ୍. କଲେଜର ଜଣେ ଛାତ୍ର, ଗୁଜରାଣ ମେଣ୍ଟାଇବା ପାଇଁ ଟ୍ୟୁସନ ଖୋଜି ବୁଲୁଛନ୍ତି, ମଧୁସୂଦନଙ୍କ କାନ୍ଧ ଉପରେ ହାତରଖି ସେ କହିଲେ … "ପ୍ରଭୁ ଅତ୍ୟନ୍ତ କରୁଣାମୟ । ତା' ନହେଲେ ମାତାଲ ଫିରିଙ୍ଗୀ ହାବୁଡ଼ରୁ ମୋତେ ରକ୍ଷା କରିବା ପାଇଁ, ସେ ତୁମ୍ଭଙ୍କୁ ଦେବଦୂତ ରୂପେ ପ୍ରେରିତ କରି ନଥାନ୍ତେ । ମୁଁ ମଧ୍ୟ ଜଣେ ଉପଯୁକ୍ତ ଗୃହଶିକ୍ଷକ ପାଉନଥାନ୍ତି । ବିଧାତାଙ୍କ ବ୍ୟବସ୍ଥାରେ ସେ ମାତାଲ ଫିରିଙ୍ଗୀଟାର ମଧ୍ୟ ସ୍ଥାନ ଅଛି ।"

ଯଦୁନାଥ ଚାଟାର୍ଜିଙ୍କ ଦୁଇ କନ୍ୟା, ସୌଦାମିନୀ ଓ ସୁରଙ୍ଗିଣୀ । ଯଦୁନାଥ ଧର୍ମାନ୍ତରିତ ହେବା ପୂର୍ବରୁ ତାଙ୍କ ପରିବାରବର୍ଗ ମେଦିନୀପୁରରେ ରହୁଥିଲେ । ବ୍ରାହ୍ମଣ ସମାଜରେ ସ୍ତ୍ରୀ ଶିକ୍ଷା ସେତେବେଳେ ମନୁସ୍ମୃତିବିରୁଦ୍ଧ ଏକ ଅବୈଧ ଆଚରଣ ଥିଲା । ସେଥିପାଇଁ କନ୍ୟାମାନେ ପ୍ରାପ୍ତବୟସ୍କା ହେବା ପର୍ଯ୍ୟନ୍ତ ସୁଦ୍ଧା, ଯଦୁନାଥ ସେମାନଙ୍କୁ କୌଣସି ଶିକ୍ଷା ଦେଇ ପାରି ନଥିଲେ । କିନ୍ତୁ ଧର୍ମାନ୍ତର ଗ୍ରହଣ କରି କଲିକତା ଆସିବା ପରେ, କନ୍ୟାଦୁହିଁଙ୍କୁ ଶିକ୍ଷିତା କରାଇବା ଉଦ୍ଦେଶ୍ୟରେ ସେ ଜଣେ ଉପଯୁକ୍ତ ଗୃହଶିକ୍ଷକ ସନ୍ଧାନ କରୁଥିଲେ ।

କଲେଜ ଠାରୁ ଅଦୂରରେ ଯଦୁନାଥଙ୍କ ବସାଘର । ମଧୁସୂଦନଙ୍କୁ ସଙ୍ଗରେ ଧରି, ଯଦୁନାଥ ସେହି ବସାଘର ଦୁଆରେ ପହଞ୍ଚି, କଡ଼ା ଝଣ ଝଣ କରି ଡାକିଲେ … "ମା, ସୌଦାମିନୀ — ଦରଜା ଖୋଲିଦେ ।"

ଅଳ୍ପକ୍ଷଣ ପରେ ଦରଜା ଖୋଲିଲା । ଗୋଟିଏ ଯୁବତୀର ମୂର୍ତ୍ତି, ଜଣେ ଅପରିଚିତ ଯୁବକଙ୍କୁ ଦେଖି କବାଟ ଉହାଡରେ ପୁଣି ଆତ୍ମଗୋପନ କଲା ।

ଯଦୁନାଥ କହିଲେ… "ସୌଦାମିନୀ, ଏହେଲେ ତୋର ନୂଆ ଗୃହଶିକ୍ଷକ । ଲଜ୍ୟା କଣ ମା ? ପ୍ରଣାମ କର । ପ୍ରଣାମ କର ମା !"

କବାଟ ଉହାଡ଼ରୁ ବହୁ ସଙ୍କୋଚରେ ବାହାରି ସୌଦାମିନୀ ମଧୁସୂଦନଙ୍କୁ ପ୍ରଣାମ କଲେ । ସୌଦାମିନୀ କୃଶକାୟା । ଶ୍ୟାମାଙ୍ଗୀ । ସେ ମଧୁସୂଦନଙ୍କ ପ୍ରାୟ ସମବୟସୀ ଥିଲେ ।

ସୌଦାମିନୀଙ୍କ ପଛରେ ଆଉ ଗୋଟିଏ ବାଳିକାମୂର୍ତ୍ତି କୌତୁହଳରେ ଉଙ୍କି ମାରି ଉଠିଲା … ସେ ସୁରଙ୍ଗିଣୀ ।

(ଛଅ)

**ପାଞ୍ଚୁର** ଯଦୁନାଥଙ୍କ ଘରେ ଟିଉସନ ଜୁଟିବା ପରେ ମଧୁସୂଦନ ଆର୍ଥିକ ଦିଗରୁ ଏକପ୍ରକାର ନିଶ୍ଚିନ୍ତ ହୋଇଗଲେ । କଲେଜରେ ବେତନ ଦେବା ପାଇଁ ପଡେ ନାହିଁ, ପାଠ୍ୟ ପୁସ୍ତକ ମଧ୍ୟ କଲେଜ ପକ୍ଷରୁ ଅଭାବୀ ଛାତ୍ରମାନଙ୍କୁ ଯୋଗାଇ ଦିଆ ଯାଇଥାଏ । ହଷ୍ଟେଲ ବୋର୍ଡ଼ିଂରେ ଘର ଭଡ଼ା ନାହିଁ । ତଥାପି ଅନ୍ୟାନ୍ୟ ଖର୍ଚ୍ଚ ପାଇଁ କର୍ତ୍ତୃପକ୍ଷଙ୍କ ଠାରେ ଯେପରି ଯାଚଜ୍ଞା କରିବାକୁ ପଡ଼େ, ଟ୍ୟୁସନ ମିଳିବା ପରେ ଯାଚଜ୍ଞାର ସେ ଗ୍ଲାନିରୁ ଅନ୍ତତଃ ତାଙ୍କୁ ଅବ୍ୟାହତି ମିଳିଥିଲା ।

ଏହି ସମୟରେ ଦିନେ କଲେଜ ରିସେସ୍ ବେଳେ, ଡାକରେ ଖଣ୍ଡେ "ଉତ୍କଳ ଦୀପିକା" ପାଇ, ମଧୁସୂଦନ ଆନନ୍ଦ ଓ ବିସ୍ମୟରେ ଏପରି ଅଭିଭୂତ ହୋଇ ପଡ଼ିଲେ ଯେ, ଖୋଲିରୁ ଖୋଲି ତାହାକୁ ପଢ଼ିବା ପାଇଁ ସେତେବେଳେ ତାଙ୍କର ଆଉ ଧୈର୍ଯ୍ୟ ନଥିଲା । ସେ ବାଲେଶ୍ୱରରେ ଶିକ୍ଷକ ଥିବା ବେଳେ ୧୮୬୫ ସାଲ ଅଗଷ୍ଟ ମାସରେ ଏହାର ପ୍ରଥମ ସଂଖ୍ୟା, କଟକ ପ୍ରିଣ୍ଟିଂ କୋମ୍ପାନୀ ପ୍ରେସରୁ ପ୍ରକାଶ ପାଇଥିଲା । ମାତ୍ର ମୁଦ୍ରଣ ଶୈଳୀରେ କେତେକ ପ୍ରାଥମିକ ଅଭାବ ଅସୁବିଧା ହେତୁ ପଥରପଟା ଉପରେ ହାତରେ ଲେଖି, ସେତେବେଳେ ଲିଥୋ ପରି ତାହାକୁ ଛାପିବା

ପାଇଁ ପଡ଼ୁଥିଲା । ଏହି କାରଣରୁ ଏହାର ପ୍ରକାଶ ନିୟମିତ ହୋଇ ପାରୁ ନଥିଲା । ଭଗିରଥୀ ପାଠିଙ୍ଗ୍ରା ଜଣେ କୁଶଳୀ ଲିପିକାର ଥିବାରୁ, ତାଙ୍କର ହସ୍ତାକ୍ଷର ଲେଖାରୁ ଲିଥୋ ମୁଦ୍ରଣରେ "ଉତ୍କଳ ଦୀପିକା" ସେତେବେଳେ ପ୍ରକାଶ ପାଉଥିଲା । ସିରସ୍ତାଦାର ବାବୁ ବିଚିତ୍ରାନନ୍ଦ ଦାସ କଟକରେ ଗୋଟିଏ ଛାପାଖାନା ସ୍ଥାପନ ଓ ସେଥିରୁ ସମ୍ବାଦପତ୍ର ପ୍ରକାଶନର ଯେଉଁ ପରିକଳ୍ପନା କରୁଥିଲେ, "ଉତ୍କଳ-ଦୀପିକା" ଥିଲା ତାହାର ପରିଣତି ।

କିନ୍ତୁ ଏଲ୍. ଏମ୍. ଏସ୍ କଲେଜକୁ ମଧୁସୂଦନଙ୍କ ଠିକଣାରେ "ଉତ୍କଳ-ଦୀପିକା" ଆସିବାର କାରଣ ସେ ବୁଝି ପାରୁ ନଥିଲେ । ଅଗ୍ରଜ ପ୍ରତିମ ଗୌରୀଶଙ୍କର କଟକରେ ତାଙ୍କୁ କିଛିଦିନ ପଢ଼ାଇ ଥିବାରୁ, ସେ ତାଙ୍କୁ 'ମାଷ୍ଟର' ବୋଲି ସମ୍ବୋଧନ କରୁଥିଲେ । କାଳ ଓ ଦୂରତ୍ୱର ଏତେ ବ୍ୟବଧାନ ମଧ୍ୟରେ ଗୌରୀଶଙ୍କର ତାଙ୍କୁ ସ୍ମରଣ କରି, ତାଙ୍କ ନିକଟକୁ ଡାକରେ ଖଣ୍ଡେ ଉତ୍କଳ-ଦୀପିକା ପଠାଇଥିବା ହେତୁ ସେ ତାଙ୍କ ପ୍ରତି କିପରି କୃତଜ୍ଞତା ଜ୍ଞାପନ କରିବେ, ବୁଝି ପାରୁନଥିଲେ ।

କଲିକତାରୁ ସେତେବେଳକୁ ଇଂରାଜୀ ଓ ବଙ୍ଗଳାରେ ଏକାଧିକ ସମ୍ବାଦପତ୍ର ପ୍ରକାଶ ପାଉଥିଲେହେଁ ଓଡ଼ିଶାରେ କିନ୍ତୁ କୌଣସି ସମ୍ବାଦ-ପତ୍ର ନଥିଲା । ସେଥିପାଇଁ ଅନ୍ୟ ସହପାଠୀ ମାନଙ୍କ ସହିତ ଓଡ଼ିଶା ପ୍ରସଙ୍ଗରେ ସମ୍ବାଦପତ୍ର କଥା ଉଠିଲାବେଳେ ମଧୁସୂଦନ ମନେମନେ ଅତ୍ୟନ୍ତ ଲଜ୍ଜିତ ହେଉଥିଲେ । ଗୌରୀଶଙ୍କରଙ୍କ 'ଉତ୍କଳ-ଦୀପିକା, ସେ ଲଜ୍ଜ୍ୟା ନିବାରଣ କରିଥିବା ହେତୁ, ମଧୁସୂଦନଙ୍କ ମନରେ କୃତାର୍ଥତାର ଅନ୍ତ ନଥିଲା ।

ଅମ୍ବିକାଚରଣଙ୍କୁ କଲେଜ କରିଡ଼ୋରରେ ଦେଖିପାରି, ମଧୁସୂଦନ ବେପରୁଆ କଣ୍ଠରେ ଡ଼ାକଲେ..."ଅମ୍ବିକା ଏଠାକୁ ଆସ । ତୁମକୁ ଗୋଟାଏ ସୁସମ୍ବାଦ ଦେବି ।"

ଅମ୍ବିକା ପାଖକୁ ଆସି ପଚାରିଲେ ... "କି ସୁସମ୍ବାଦ ଶ୍ୱଶୁର ? ଶାଶୁଙ୍କ ସମ୍ପର୍କରେ ?"

ମଧୁସୂଦନ ଅମ୍ବିକାଚରଣଙ୍କ ଆଗରେ "ଉତ୍କଳଦୀପିକା" କାଗଜଖଣ୍ଡି ମେଲାଇ ଧରି କହିଲେ..."ଏଇ ଦେଖ, ମୋ ଦେଶର ଓଡ଼ିଆ ଖବର କାଗଜ, "ଉତ୍କଳ-ଦୀପିକା" ଡ଼ାକରେ ଆସିଛି ।"

ଅମ୍ବିକାଚରଣଙ୍କୁ ଓଡ଼ିଆ ଜଣାନଥିଲା କିମ୍ବା ଓଡ଼ିଶାର ଖବର ଅନ୍ତର ଜାଣିବାରେ ତାଙ୍କର ବିଶେଷ ଆଗ୍ରହ ମଧ୍ୟ ନଥିଲା । ତଥାପି ସେ କହିଲେ··· "ବେଶ୍ ତ, କାଗଜ ଖଣ୍ଡି ପଢ଼ି ଦେଖ ନା; ସେଥିରୁ ତମ ଦେଶରେ ଦୁର୍ଭିକ୍ଷର ଖବର ମିଳିପାରିବ । କଲିକତାର କାଗଜ ମାନଙ୍କ-ରେତ ଓଡ଼ିଶାର ଦୁର୍ଭିକ୍ଷ ଖବର ବିଶେଷ କିଛି ପ୍ରକାଶ ପାଉନାହିଁ ।"

ଓଡ଼ିଶାରେ ନଅଙ୍କ-ଦୁର୍ଭିକ୍ଷର ପ୍ରତିଧ୍ୱନି ସେତେବେଳକୁ ତଥାପି ନୀରବ ହୋଇ ନଥିଲା । ମଧୁସୂଦନ କାଗଜଖଣ୍ଡି ପଢ଼ିବାପାଇଁ ଫିଟାଇବା ମାତ୍ରେ ଦୁର୍ଭିକ୍ଷ ସମ୍ବାଦ ତ ଆଖିରେ ପଡ଼ିଲା ନାହିଁ; ଯେଉଁ ସମ୍ବାଦଟି ପ୍ରଥମେ ଆଖିରେ ପଡ଼ିଲା, ତାହା ମଧୁସୂଦନଙ୍କୁ କେନ୍ଦ୍ର କରି !

"ଉତ୍କଳ-ଦୀପିକା"ର ତାହା ଥିଲା; ତା ୧୮-୮-୧୮୬୬ର ସଂଖ୍ୟା । ମଧୁସୂଦନ ଦାସଙ୍କ "ଖ୍ରୀଷ୍ଟଧର୍ମ ଗ୍ରହଣ" ଶୀର୍ଷକ ଶିରୋନାମାରେ ନିମ୍ନ ସମ୍ବାଦଟି ସେଥିରେ ପ୍ରକାଶ ପାଇଥିଲା :—

"କଟକର ଷ୍ଟେଟ ଅଦାଲତର ଓକିଲ ରଘୁନାଥ ଦାସଙ୍କ ପୁତ୍ର ମଧୁସୂଦନ ଦାସ କଲିକତାକୁ ଯାଇଁ; ସେଠାରେ ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରି "ଅନ୍ଧକାର କୂପରୁ ଉଦ୍ଧାର ପାଇ ଦୀପ୍ତିମାନ ସ୍ୱର୍ଗ ମାର୍ଗରେ ଭ୍ରମଣ କରୁଅଛନ୍ତି ।" ସେ ଏଠାରୁ ବାଲେଶ୍ୱର ସ୍କୁଲରେ ଚତୁର୍ଥ ମାଷ୍ଟରୀରେ ନିଯୁକ୍ତ ହୋଇ ଯା'ନ୍ତି । ଏଥିପର ସେଠାକାର ରେଜେଷ୍ଟ୍ରୀ ଏଲାକାରେ କରାଣୀଗିରିରେ ସେ ରହିଲେ । କିଛିଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ କରିଥିବାରୁ, ସେ ଏ କର୍ମରୁ ମାଯୁଲ ହୋଇ କଲିକତା ପଳାଇଲେ । ଖ୍ରୀଷ୍ଟିଆନ୍ ଧର୍ମ ଅବଲମ୍ବନ କରିବା ମାତ୍ରକେ ସେହି ଧର୍ମସ୍ଥ ଏକ ସ୍ତ୍ରୀର ପାଣି ଗ୍ରହଣ କଲେ । ବୋଧହୁଏ ଏହି ଲୋଭରେ ଅନେକ ଖ୍ରୀଷ୍ଟିୟାନ ହେଉଛନ୍ତି ।

କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀଂ ବସଗା ନରାଃ
ଯତ୍ର କାମିନୀ ପ୍ରସାଦେନ ନୃପତି ଘୋଟକାୟତେ ।"

ଏ କୁତ୍ସାପୂର୍ଣ୍ଣ ସମ୍ବାଦଟିକୁ ମୂଳରୁ ଶେଷ ପର୍ଯ୍ୟନ୍ତ ସ୍ତବଧ ଭାବରେ ଦୁଇଥର ପଢ଼ି, ପୁଣି ଥରେ ପଢ଼ିବା ପାଇଁ ମଧୁସୂଦନ ତା ଉପରେ ଆଖି ବୁଲାଇବା ବେଳେ, ଅମ୍ବିକା କୌତୁହଳରେ ପଚାରିଲେ···

"ଦେଶର ଖବର ସବୁ କଣ ବାହାରିଛି ? ଦୁର୍ଭିକ୍ଷ ଅବସ୍ଥା କଣ ଅତି ଖରାପ ?"

ମଧୁସୂଦନ ଉତ୍ତର ଦେଲେ··· "ଖରାପ ନୁହେଁ ଜ୍ୱାଁଇ ! ଅତ୍ୟନ୍ତ ସୁସମ୍ବାଦ । ତୁମର ଶାଶୁଡ଼ୀ ତ ଏଇଠି ନିକଟରେ । ତାଙ୍କୁ ଦେଖିଲଣି ?"

ଅମ୍ବିକାଚରଣ ଏ ପ୍ରହେଳିକାପୂର୍ଣ୍ଣ ଉତ୍ତରର କୌଣସି ଅର୍ଥ ବୁଝି ନପାରି ପଚାରିଲେ ··· "କଣ କହୁଚ ତୁମେ ?"

ମଧୁସୂଦନ ଅଟ୍ଟହାସ କରି ଏକ ନାଟକୀୟ ଭଙ୍ଗୀରେ ଆବୃତ୍ତି କଲେ···

"କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀଂ ବଶଗା ନରାଃ !
ଯତ୍ର କାମିନ୍ୟ ପ୍ରସାଦେନ ନୃପତି ଶୋଟକାୟତେ ।"

ଅମ୍ବିକାଚରଣ ଯେପରି ମଧୁସୂଦନଙ୍କ ଏସବୁ ପୂର୍ବାପରସଙ୍ଗତି-ବିହୀନ ପ୍ରଳାପ ବୁଝି ପାରୁ ନଥିଲେ, ମଧୁସୂଦନ ମଧ୍ୟ ସେହିପରି ଏ ସମ୍ବାଦର ତାତ୍ପର୍ଯ୍ୟ ଠିକ୍ ଧରି ପାରି ପାରୁ ନଥିଲେ । ସେ କେବେ ଖ୍ରୀଷ୍ଟିଆନ ହେଲେ କେବେ ? ବସ୍ତୁତଃ ଖ୍ରୀଷ୍ଟିୟାନ ହେବା କଥାଟା ତାଙ୍କ ମନକୁ ସେପର୍ଯ୍ୟନ୍ତ ଆଦୌ ସ୍ପର୍ଶ ସୁଦ୍ଧା କରି ନଥିଲା !

"ଉତ୍କଳ-ଦୀପିକା" ରେ ପ୍ରକାଶିତ ଏହି ସମ୍ବାଦର ନେପଥ୍ୟରେ କ୍ଷୁଦ୍ର ଇର୍ଷ୍ୟାତୁର ମନର ଯେଉଁସବୁ ବିକୃତି ଉଦ୍‌ଗାରିତ ହୋଇଥିଲା; ମଧୁସୂଦନ ସେତେବେଳେ ତାହା ଅବଶ୍ୟ ଲକ୍ଷ୍ୟ କରି ପାରିନଥିଲେ; ସେଥିପାଇଁ ତାଙ୍କର ମାନସିକ କମ୍ପା ପ୍ରବୃତ୍ତି ମଧ୍ୟ ନଥିଲା ।

ମଧୁସୂଦନ ବାଲେଶ୍ୱରରୁ କଲିକତା ଚାଲିଆସିବା ପରେ, ଆଗନ୍ତୁକ ବୈଶ୍ୟ ସମାଜରେ, ସ୍ୱସ୍ତିର ଗୋଟାଏ ଦୀର୍ଘଶ୍ୱାସ ପଡ଼ିଥିଲା··· ଯା' ହେଉ ଗୋଟାଏ 'ଲଙ୍ଗ-ଲାଙ୍ଗର' ଗଲା । ତା' ପରେ ମଧୁସୂଦନଙ୍କ ସମ୍ପର୍କରେ ସେମାନଙ୍କର ଆଉ ବିଶେଷ କୌତୂହଳ ନଥିଲା । କିନ୍ତୁ ତାହା ପରେ ମଧୁସୂଦନଙ୍କୁ ନେଇ ସ୍ଥାନୀୟ ଅଧିବାସୀ କେତେକ ଭଦ୍ରବ୍ୟକ୍ତିଙ୍କ କୌତୂହଳ ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଥିଲା । ମଧୁସୂଦନ ଯଦି ବାଲେଶ୍ୱର ଛାଡ଼ି ପଳାଇଲେ; ତାହେଲେ ସେ ଗଲେ କୁଆଡ଼େ ? କାହିଁକି ? ମୁକୁନ୍ଦବଲ୍ଲଭ ବାବୁଙ୍କ ଠାରୁ ସେତେବେଳେ

ଶୁଣାଶୁଣିରେ ଜଣାପଡ଼ିଲା, ଗୃହବାଲରୁ ଟଙ୍କା ଧାର କର ଉଚ୍ଚଶିକ୍ଷା ପାଇଁ ସେ କଲକତା ଗ୍ଲଲଗଲେ, ସେମାନଙ୍କର କୌତୁହଳ ଜନ୍ମିଲା, କଲକତା-ରେ ତା'ହେଲେ କେଉଁ କଲେଜରେ ସେ ନାମ ଲେଖାଇଲେ ? କପର ଲେଖାଇଲେ ? ସେଠାରେ ପଢ଼ିବେ କପର ? ସେଥିପାଇଁ ଅର୍ଥବଳ କାହିଁ ? କଲକତାରେ କଲେଜ ସଂଖ୍ୟା ଅଙ୍ଗୁଳମେୟ । ସେତେବେଳେ ପୁଣି ଓଡ଼ିଶାରୁ ମଧୁସୂଦନଙ୍କ ବ୍ୟତୀତ ଆଉ କୌଣସି ଛାତ୍ର କଲକତାରେ ଅଧ୍ୟୟନ ଉଦ୍ଦେଶ୍ୟରେ ନଥିଲେ । ଏଣୁ ଅଙ୍ଗୁଳମେୟ କେତେ ଗୋଟି କଲେଜରେ "ମଧୁ ଉଡ଼ିଆ"କୁ ଠାବ କରିବା ଆଦୌ କଷ୍ଟସାଧ ନଥିଲା । ଏ ଗୋଏନ୍ଦାସୁଲଭ ଅନୁସନ୍ଧାନ ଓ ସେଥିପାଇଁ କ୍ଳେଶ ସ୍ୱୀକାରରେ କାହାର ସ୍ୱାର୍ଥସାଧନ ହେବାଭଳି କଛି ଅବଶ୍ୟ ସ୍ୱାର୍ଥ ନଥିଲା । ସେଥିରେ ଥିଲା କେବଳ ଏକ ବ୍ୟାଧିତ ମନର ତୁଚ୍ଛ ଇର୍ଷ୍ୟାତୁର କୌତୁହଳ । ଏହି ମନୋଭାବ କାଳେ କାଳେ ଓଡ଼ିଶାର ଯେତେ ଅନିଷ୍ଟ କରିଛି ଆଗନ୍ତୁକ ମାନଙ୍କର ସବୁ ଷଡଯନ୍ତ୍ର ଏକାଠି ମିଶି ସୁଦ୍ଧା ଓଡ଼ିଶାର ସେତେ କ୍ଷତ କରିଥିବା ପର ମନେ ହୁଏ ନାହିଁ । ପରବର୍ତ୍ତୀ କାଳରେ ମଧୁସୂଦନ ବାରମ୍ବାର ତାହାର କମ୍ ଶିକାର ହୋଇ ନଥିଲେ !

ଓଡ଼ିଶାର ସାଧାରଣ କ୍ଷେତ୍ରରେ ଏହି ବିଡମ୍ବନା ଲକ୍ଷ୍ୟ କରି ଜଣେ ଇଂରେଜ ବିଦ୍ବତପତ୍ତ ସାର୍. ଟି.ଏସ୍. ମାକଫର୍ସନ୍ (ଆଇ:ସି:ଏସ୍) ମଧୁସୂଦନଙ୍କ ସମ୍ପର୍କରେ ଲେଖିଥିଲେ···

**"He (Mr. Das) had much to contend with enmity such a man could not fail to arouse and the opponents who hampered his statesmanship most, were at times his own people, but he held on his course, determined that Orissa should rise again. x x"**

(ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ପ୍ରଖର ଥିବାରୁ ସେ ବହୁ ଶତ୍ରୁ ସୃଷ୍ଟି କରିଥିଲେ । ତାଙ୍କ କାର୍ଯ୍ୟରେ ପୁଣି ଯେଉଁମାନେ ବାଧା ବା ପ୍ରତି-ବନ୍ଧକ ସୃଷ୍ଟି କରୁଥିଲେ; ଅନେକ ସମୟରେ ସେଇମାନେହିଁ ଥିଲେ ତାଙ୍କର ନିଜ ଲୋକ । ତଥାପି ମଧୁସୂଦନ ତାଙ୍କ ପନ୍ଥାରୁ କଦାପି ବିଚ୍ୟୁତ ହୋଇନଥିଲେ । ଓଡ଼ିଶାର ଅଭ୍ୟୁଦୟ ପାଇଁ ସଙ୍କଳ୍ପବଦ୍ଧ ଭାବରେ ସେ କାର୍ଯ୍ୟ କରି ଯାଇଥିଲେ । )

ଖ୍ରୀଷ୍ଟିଆନ ପାଦ୍ରୀ ମାନଙ୍କ ଦ୍ୱାରା ପରିଚ୍ଚାଳିତ ଏଲ୍. ଏମ୍. ଏସ୍. କଲେଜରେ ମଧୁସୂଦନ ଯେତେବେଳେ ନାମ ଲେଖାଇଛନ୍ତି, ତା'ହେଲେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ନିଶ୍ଚିତ କଥା । କିନ୍ତୁ ସେତେବେଳେ ପ୍ରାୟ ପ୍ରତ୍ୟେକ କଲେଜ ଯେ ଖ୍ରୀଷ୍ଟିଆନ ପାଦ୍ରୀ ମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଓ ସେ କଲେଜ ମାନଙ୍କରେ ବହୁ ନୈଷ୍ଠିକ ହିନ୍ଦୁ ସନ୍ତାନ ମଧ୍ୟ ଶିକ୍ଷାଲାଭ କରୁଥିଲେ, ସେ ସମ୍ବାଦ ରଖିବାରେ ବା କି ଆବଶ୍ୟକ ଥିଲା ? ପୁଣି ମଧୁସୂଦନ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ଶିକ୍ଷାଲାଭ କରୁଛନ୍ତି କହିଲେ କେବଳ ତାହା ଯଥେଷ୍ଟ ଦୋଷାବହ ମନେ ହେବ ନାହିଁ— ସେଥିପାଇଁ ଏହା ମଧ୍ୟ ପ୍ରଚାର କରିବା ପାଇଁ ପଡ଼ିବ ଯେ "ସେ ପ୍ରୀତି ମାନ ସ୍ୱର୍ଗମାର୍ଗରେ ଭ୍ରମଣ କରୁଅଛନ୍ତି !" ଯଦି ଏକାକୀ ଭ୍ରମଣ କରୁଅଛନ୍ତି, ତା' ହେଲେ ସୁଦ୍ଧା ବିଷୟଟି ହୁଏତ ଦୋଷାବହ ମନେ ହୋଇ ନପାରେ ! ସେଥିପାଇଁ ସଙ୍ଗରେ ଜଣେ ପଥସଙ୍ଗିନୀକୁ ଯୋଡ଼ିବା ଆବଶ୍ୟକ । ଆଲୋଚିତ ସମ୍ବାଦରେ ତାହାହିଁ ହୋଇଥିଲା । କିନ୍ତୁ ଏ ସବୁ ସତ୍ତ୍ୱେ, ମଧୁସୂଦନ ଯଦି ସ୍ପଷ୍ଟ ବିଚାର ଓ ବିଶ୍ୱାସରେ ଧର୍ମାନ୍ତରିତ ହୋଇ ଜଣେ ଖ୍ରୀଷ୍ଟିୟାନ ବାଳିକାର ପାଣି ଗ୍ରହଣ କରିଥାନ୍ତି, ତା'ହେଲେ ହୁଏତ ଯଥେଷ୍ଟ ଗର୍ହିତ ବୋଲି କାହାରି କାହାରି ମନେ ହୋଇ ନପାରେ । ସେଥିପାଇଁ ଗୋଟିଏ "ବାଳିକା ଲୋଭରେ" କେବଳ ମଧୁସୂଦନ ଖ୍ରୀଷ୍ଟିୟାନ "ଧର୍ମସ୍ଥ ଏକ ସ୍ତ୍ରୀର ପାଣି ଗ୍ରହଣକଲେ" ବୋଲି ପ୍ରଚାର କରିବା ପାଇଁ ପଡ଼ିଲା ଓ ତାହା ସହିତ ଶେଷରେ ଯୋଡ଼ିବା ପାଇଁ ପଡ଼ିଲା "ମହାନ" ଶାସ୍ତ୍ରକାବ୍ୟ... "କିଂ କୁର୍ବନ୍ତି ନ କୁର୍ବନ୍ତି କାମିନାଂ ବଶଗାନରାଃ ?"

ଏ ସମ୍ବାଦଟି ଯେ ପୁରାପୁରି ଦ୍ୱେଷପ୍ରଣୋଦିତ ଓ କପୋଳ-କଳ୍ପିତ ଥିଲା; ସେକଥା କଟକରେ ବା ଅନ୍ୟତ୍ର ଆଜି କେହି ବୁଝନ୍ତୁ ନବୁଝନ୍ତୁ, ବାଲେଶ୍ୱରରେ ଫକୀରମୋହନ ପ୍ରମୁଖ ପ୍ରତ୍ୟକ୍ଷ ଅନୁଭବୀ ମାନଙ୍କର ଅନ୍ତତଃ ସେଥିରେ କୌଣସି ସନ୍ଦେହ ନଥିଲା । ମଧୁସୂଦନ ରେଭେନ୍ସାର୍ସ ଏଲାକାରେ କିରାଣୀଗିରିରେ ଥିଲେ···ଏକଥା ସେମାନେ ଜାଣିଥିଲେ । ସରକାରୀ ତହବିଲରୁ ବିନା ମଂଜୁରୀରେ ସାତଟଙ୍କା କେତେ ଅଣା ଖର୍ଚ୍ଚ କରିଥିବା ଘଟଣାଟି ମିଥ୍ୟା ନଥିଲା । ମାତ୍ର ତାହା ସେ ଆତ୍ମସାତ୍ କରିନଥିଲେ ! ସେ ତଥ୍ୟଟିକୁ କିନ୍ତୁ ମଧୁସୂଦନଙ୍କ ଖ୍ରୀଷ୍ଟଧର୍ମ

ଗ୍ରହଣ ସମ୍ବାଦ ସହିତ ଯୋଡ଼ି ଦେଲେ ତା ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ କିମ୍ବା ମଧୁସୂଦନ ଯେ କ୍ରମାନ୍ୱୟ "ଚେଞ୍ଜିଙ୍ଗ" ତାହା ମଧ୍ୟ ପ୍ରମାଣ ହେବ ନାହିଁ । ସେଥିପାଇଁ ଏକ ଦୁର୍ବୋଧ ପାରସି ଶବ୍ଦ ଯୋଡ଼ି ଲେଖିବା ପାଇଁ ପଡ଼ିଲା, "ସେ ଏହି କର୍ମରୁ ମାମୁଲି ହୋଇଗଲେ ।"

ଏପରି ନହେଲେ ମୂର୍ତ୍ତି ମାନଙ୍କର ସାମ୍ବାଦିକତା ଆଉ କଣ ହେଲା ? ବସ୍ତୁତଃ "ଉତ୍କଳ-ଦୀପିକା" ପକ୍ଷରେ ଏହା ଯେପରି ଏକ ଦୁରପନେୟ କଳଙ୍କ ଓଡ଼ିଆ ସାମ୍ବାଦିକତାର ମଧ୍ୟ ଏହା ସେହିପରି ଏକ ଦୁରତିକ୍ରମଣୀୟ ଅଭିଶାପ । ବସ୍ତୁତଃ ଓଡ଼ିଆ ସାମ୍ବାଦିକତା ସେ ଅଭିଶାପରୁ ଅଦ୍ୟାବଧି ତଥାପି ମୁକ୍ତ ହେଲା ନାହିଁ ।

"ଉତ୍କଳ-ଦୀପିକା"ରେ ଏ ସମ୍ବାଦ ପ୍ରକାଶ ପାଇବା ପୂର୍ବରୁ ଏଲ୍. ଏମ୍. ଏସ୍ କଲେଜର କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରିତ କେତେକ ବେନାମୀ ପତ୍ରରେ ମଧ୍ୟ ଅଭିଯୋଗ କରାଯାଇଥିଲା ଯେ, ମଧୁସୂଦନ ଗୋବର୍ଦ୍ଧନବଲ୍ଲଭ ନାମରେ ପ୍ରଥମେ ଏଣ୍ଟ୍ରାନ୍ସ ପାସ କରିଥିଲେହେଁ, ପରେ କେତେକ "କାରଣ" ହେତୁ ପୁଣି ଆଉଥରେ ମଧୁସୂଦନ ନାମରେ ଏଣ୍ଟ୍ରାନସ୍ ପାସ କରିଥିଲେ । କିନ୍ତୁ ଗୋଟିଏ ଡାଃ ଉଃ ସ୍କୁଲରୁ ଜଣେ ଗ୍ରାଜୁଏଟ କିପରି ଦୁଇଥର ଦୁଇ ସ୍ୱତନ୍ତ୍ର ନାମରେ ଆବେଦନ କରି, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବ, ତାହା ଅବଶ୍ୟ କେବଳ ସେହି ମାନଙ୍କୁ ହିଁ ଜଣାଥିବ । ମାତ୍ର ଏପରି ବେନାମ ଅଭିଯୋଗର ଭିତ୍ତିହୀନତା କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷା ଫଳରୁ ବୁଝିବା ପାଇଁ ଏଲ୍. ଏମ୍. ଏସ କଲେଜ କର୍ତ୍ତୃପକ୍ଷଙ୍କୁ ବିଶେଷ ବିଳମ୍ବ ଲାଗି ନଥିଲା ।

ମଧୁସୂଦନଙ୍କ ମୃତ୍ୟୁ ଆଜି କେତେ ଦଶନ୍ଧି ଭିତରେ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଓଡ଼ିଆଙ୍କ ଅଲଗା ଅସ୍ତି ନଥିଲେ— ଏହା ପୂର୍ବେ ବୁଝାଯାଇଅଛି । ମଧୁସୂଦନ ଏହି କଲିକତାରେ ଓଡ଼ିଶା ଲୋକ ଭଳି ଲୁଚବଧ୍ୟ ହୋଇ ରହିଥିଲେ, ତାହାହେଲେ ସେମାନଙ୍କ ପକ୍ଷରେ ଏହା ସତ୍ୟ ହୋଇ ପାରନ୍ତା କେବେଠେଲେ ? ବସ୍ତୁତଃ, ମଧୁସୂଦନଙ୍କ ଜୀବନରେ ସେତେବେଳେ ଏପ୍ରକାର ଚରିତ୍ର-ହନନ ଅଭିଯାନର ଏହାହିଁ ଥିଲା ଛଳନା ଉଦ୍ଦେଶ୍ୟ ।

ମଧୁସୂଦନଙ୍କ ମୃତ୍ୟୁ ପରେ ସୁଦ୍ଧା କେହି କେହି ସେହିପରି ଭୁଲ-ବୁଝାବୁଝିରୁ ତଥାପି ମୁକ୍ତ ରହି ପାରି ନାହାନ୍ତି । ଉଦାହରଣ ସ୍ୱରୂପ ମଧୁସୂଦନଙ୍କ ଅନ୍ୟତମ ବିଶିଷ୍ଟ "ଭକ୍ତ" ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ ନବକିଶୋର ଦାସଙ୍କ ଲିଖିତ "ଉତ୍କଳ ଗୌରବ ମଧୁସୂଦନ" ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି···

"ମଧୁବାବୁ କଲିକତାକୁ ଯାଇଁ ପଢିବା ଆଗରୁ ତାଙ୍କ ନାମ ଥିଲା ଗୋବିନ୍ଦବଲ୍ଲଭ । ଏକଥା ଲେଖକ ଉଲ୍ଲେଖ କରିବାକୁ ବୋଧହୁଏ ସାହସ କରିନାହାନ୍ତି, ବୋଧହୁଏ ସେ କୁଣ୍ଠାବୋଧ କରିଅଛନ୍ତି ଯେ, ଏଇଟା ମଧୁବାବୁଙ୍କ ଚରିତ୍ରରେ ଗୋଟାଏ ଦୂଷଣ । × × × ମୁଁ ନିଜେ ବ୍ରଜମୋହନ ଶତପଥୀଙ୍କ ଠାରୁ ମଧୁବାବୁଙ୍କ ବାଲ୍ୟଜୀବନର କାହାଣୀ ଶୁଣିଅଛି । ଯେଉଁ କାରଣରୁ ମଧୁବାବୁ ନାମ ବଦଳ କରନ୍ତୁ ପଛକେ, ତାହା ଉଲ୍ଲେଖ କରିବାରେ ଶଙ୍କାର ଲେଶମାତ୍ର ନାହିଁ । ଦସ୍ୟୁ ରତ୍ନାକର ପରେ ମହର୍ଷି ବାଲ୍ମୀକି ହୋଇ ଆଜି ଜଗତରେ ପୂଜିତ ।"

କିନ୍ତୁ ଏହାର ଲେଖକ ନିଜେ ସୁଦ୍ଧା ସେ କାହାଣୀଟି ଲିପିବଦ୍ଧ କରିବା ପାଇଁ କାହିଁକି କୁଣ୍ଠିତ ହେଲେ; ତାହା ମଧ୍ୟ ବୁଝି ହୁଏ ନାହିଁ । ହୁଏତ ସେପରି କାହାଣୀ, ବିଶ୍ୱବିଦ୍ୟାଳୟର ତକମା-ଅଙ୍କା ଏକ ପୁସ୍ତକରେ ଲିପିବଦ୍ଧ କରିଥିଲେ ତାହାର ଭିତ୍ତିହୀନ ଅସାରତା ବୁଝିବା ପାଇଁ ପାଠକ ମାନଙ୍କୁ ବିଳମ୍ବ ଲାଗିନଥାନ୍ତା । ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ମଧୁସୂଦନଙ୍କ ଠାରୁ ତାଲିମପ୍ରାପ୍ତ ଜଣେ ପ୍ରବୀଣ ଓକିଲ ଥିଲେ । ସେଥିପାଇଁ କେଉଁ ପର୍ଯ୍ୟନ୍ତ, କେଉଁ କଥା କେତେଦୂର ପ୍ରକାଶ କରି, ଅବଶିଷ୍ଟାଂଶ ମନ୍ତବ୍ୟ ଓ ଅନୁମାନ ମଧ୍ୟରେ ଗୁଡ଼ି ଦେଇହୁଏ, ସେକଥା ସେ ବେଶ୍ ବୁଝିଥିଲେ !

ମଧୁସୂଦନଙ୍କ ମୃତ୍ୟୁର ପ୍ରାୟ ତିରିଶ ବର୍ଷ ପରେ, ତାଙ୍କ ତ୍ରିଂଶତମ ମୃତ୍ୟୁଦିବସ ଉପଲକ୍ଷେ, ୧୯୬୮ ସାଲ ଫେବ୍ରୁୟାରୀ ତାରିଖ ଦିନ, ଶ୍ୟାମଚନ୍ଦ୍ର ଭବନରେ ଅନୁଷ୍ଠିତ ଏକ ଜନସଭାରେ ଓଡ଼ିଶାର ଜଣେ ତତ୍କାଳୀନ ବିଶିଷ୍ଟ କଂଗ୍ରେସନେତା, କେଉଁ ଉଦ୍ଦେଶ୍ୟରେ କେଜାଣି, ଏହି ଭିତ୍ତିହୀନ ପ୍ରସଙ୍ଗ ମଧ୍ୟ ଉତ୍ଥାପିତ ନକରି ନୀରବ ରହି ପାରି ନଥିଲେ । ଓଡ଼ିଶାର କୌଣସି ଏକ ବିଶିଷ୍ଟ ଦୈନିକ ପତ୍ରିକାର

ସମ୍ପାଦକ ୧୯୬୭ ସାଲ ତା୯ରିଖ ଫେବୃୟାରି ସଂଖ୍ୟାର ସମ୍ପାଦକୀୟ ସ୍ତମ୍ଭରେ ଏହି ଅସତ୍ୟର ପୁନରାବୃତ୍ତି କରି ମଧୁସୂଦନଙ୍କୁ ଜଣେ "ଛେଉକା" ଓକିଲ ରୂପେ ଅଭିହିତ କରିଥିଲେ । ପଣ୍ଡିତ ନୀଳକଣ୍ଠ ଜଣେ ଏକଦେଶଦର୍ଶୀ ତାତ୍ତ୍ୱିକ ଥିବାରୁ ଅନେକ ସମୟରେ ତାଙ୍କଠାରେ ତଥ୍ୟ-ନିଷ୍ଠାର ଅଭାବ ରହୁଥିଲା । ସେଥିପାଇଁ ମଧୁସୂଦନ ନାମ ବଦଳାଇ ଏଣ୍ଟ୍ରାନସ୍ ପାସ୍ କରିଥିବା ବୃତ୍ତାନ୍ତଟିକୁ ମଧ୍ୟ ସେ ତାଙ୍କ ଆତ୍ମଚରିତରେ ଯୋଡ଼ି ଦେବାପାଇଁ କୁଣ୍ଠିତ ହୋଇନଥିଲେ । କିନ୍ତୁ ନୀଳକଣ୍ଠଙ୍କର ସେଥିରେ ଯେ କୌଣସି ଉଦ୍ଦେଶ୍ୟ ନଥିଲା, ସେ ସମ୍ପର୍କରେ ଏହି ଲେଖକ ଅନ୍ତତଃ ନିଃସନ୍ଦେହ । ପଣ୍ଡିତ ନୀଳକଣ୍ଠଙ୍କୁ ପୁଣି ମଧୁସୂଦନ ଉତ୍ତରନେତୃତ୍ୱରେ ତାଙ୍କ ମୃତ୍ୟୁଶଯ୍ୟାରେ ଅଭିଷିକ୍ତ କରିଯାଇଥିଲେ । ସେଥିପାଇଁ ତାଙ୍କଠାରେ ଐତିହାସିକ ତଥ୍ୟନିଷ୍ଠାର ଅଭାବକୁ ଅଭିସନ୍ଧି ରୂପେ ଗ୍ରହଣ କରାଯାଇ ନପାରେ ।

ଚରିତ୍ରସଂହାରର ଏସବୁ ଅପପ୍ରୟାସର ଟିପ୍ପଣୀ କରି ଦେବା ପାଇଁ ମଧୁସୂଦନ ସେତେବେଳକୁ ଅବଶ୍ୟ ଜୀବିତ ନଥିଲେ । ଯଦି ଜୀବିତ ଥିଲେ ସୁଦ୍ଧା, ସେ କହିଥାନ୍ତେ "ପିତା ସେମାନଙ୍କୁ କ୍ଷମାକର । ସେମାନେ କଣ କହୁଛନ୍ତି ତାହା ନିଜେ ସୁଦ୍ଧା ବୁଝନ୍ତି ନାହିଁ !"

# ସପ୍ତମ ପରିଚ୍ଛେଦ

## (ଏକ)

ମଧୁସୂଦନଙ୍କ ଦୃଷ୍ଟିରେ ଧର୍ମ ଥିଲା, ଏକାନ୍ତ ଭାବରେ ଏକ ଆନ୍ତରିକ ବ୍ୟାପାର । ଧର୍ମ ସେନ ଧର୍ମାନ୍ଧ ହେବାଭଳି ବ୍ୟକ୍ତି ମଧୁସୂଦନ ନଥିଲେ । ମାନବିକତାର ବିକାଶରେ ଯାହା ସହାୟକ ହୁଏ ତାହାହିଁ ତାଙ୍କ ଦୃଷ୍ଟିରେ ଥିଲା ଧର୍ମର ପ୍ରକୃତ ସଂଜ୍ଞା । ଅପରପକ୍ଷରେ ଯାହା ସବୁ ମାନବିକତାର ବିକାଶକୁ ଖର୍ବ କରେ, ଅନ୍ୟ ଧର୍ମାବଲମ୍ବୀର ଜୀବନଚର୍ଯ୍ୟା ଅଥବା ଅନୁଷ୍ଠାନକୁ ଧାର୍ମିକ ନିର୍ଯ୍ୟାତନାରେ ଯାହାସବୁ ଲାଞ୍ଛିତ, ପୀଡ଼ିତ କରେ ସେସବୁ ଧର୍ମର ପରିପନ୍ଥୀ । ତାହା ଜୀବନକୁ ଧାରଣ କରିବା ବା ଜୀବନର ପୁଷ୍ଟିସାଧନ କରିବା ପରିବର୍ତ୍ତେ ତାହାର ବିକାଶର ସମ୍ଭାବନାକୁ ବିନଷ୍ଟ କରିଥାଏ । ମଧୁସୂଦନ ଇତିହାସର ଜଣେ ସଚେତନ ଛାତ୍ର ଥିବାରୁ ସେସବୁ ଅଭିଜ୍ଞତାର ଦିଗଦର୍ଶନ ଦ୍ୱାରା ତାଙ୍କର ଧର୍ମମତ ଯଥେଷ୍ଟ ପ୍ରଭାବିତ ହୋଇଥିଲା ।

ଇଂରେଜମାନେ ଇଂ ୧୮୦୩ ସାଲରେ ଓଡ଼ିଶା ଅଧିକାର କରିବା ପୂର୍ବରୁ ଓଡ଼ିଶା ମରହଟ୍ଟା ମାନଙ୍କ ଅଧିକାରରେ ରହିଥିଲା । ମରହଟ୍ଟା ମାନେ ଅତ୍ୟନ୍ତ ନୈଷ୍ଠିକ ହିନ୍ଦୁ ଥିଲେ ସନ୍ଦେହ ନାହିଁ । ବସ୍ତୁତଃ ଧର୍ମାନ୍ଧ ମୋଗଲଙ୍କର ଧାର୍ମିକ ନିର୍ଯାତନ ବିରୁଦ୍ଧରେ ଏକ ସବଳ ପ୍ରତିବାଦ ରୂପେ ଭାରତରେ ମରହଟ୍ଟା ଶକ୍ତିର ଅଭ୍ୟୁଦୟ ଘଟିଥିବା ଏକ ବହୁ-ବିଦିତ ଐତିହାସିକ ତଥ୍ୟ । କିନ୍ତୁ ମରହଟ୍ଟା ମାନଙ୍କ ରାଜନୈତିକ ଓ ଆର୍ଥିକ ସ୍ୱାର୍ଥର ପ୍ରଶ୍ନ ଉଠିବା ବେଳେ, ସେମାନେ ହିନ୍ଦୁ ନିର୍ଯ୍ୟାତନରେ ମୋଗଲ ପଠାଣଙ୍କୁ ସୁଦ୍ଧା ବଳି ପଡ଼ିଥିଲେ— ଇତିହାସରେ ଏହା ମଧ୍ୟ ଆଉ ଏକ ନିଷ୍ଠୁର ସତ୍ୟ । ଫକୀରମୋହନଙ୍କ "ଲଚ୍ଛମା" ଉପନ୍ୟାସରେ ସେ ବିଡ଼ମ୍ବନା ଭୋଁସଲା ଦରବାରରେ ଉତ୍କଳର ରାଜଦୂତ ରାୟଗୁରୁଙ୍କ ବିଳାପରେ ଅତି କଠୋର ଭାବରେ ପ୍ରକାଶ ପାଇଅଛି···

"ଆମ୍ଭଙ୍କ୍ ଅତି କଷ୍ଟରେ ଏବଂ ସଲଜ୍ଜ ଭାବରେ ବୋଲିବାକୁ ହେଉଅଛି, ଉତ୍କଳର ମହାତୀର୍ଥ କ୍ଷେତ୍ରରେ ବର୍ତ୍ତମାନ ଯେବେ କୌଣସି

ବୈଶ୍ୟ ଉପସ୍ଥିତ ଥାଏ, ସେ କେବଳ ହିନ୍ଦୁକୁଳ ସନ୍ତାନ ମହାରାଷ୍ଟ୍ର ବଂଶଧର ମାନେ । ଅଠରନଳା ଘାଟର ମର୍ଗି ଜୁଲୁମରେ ଗରିବ ଦୁଃଖୀ ଲୋକେ ତୀର୍ଥଦର୍ଶନ ରୂପକ ମହାପୁଣ୍ୟରୁ ବଞ୍ଚିତ ହେଲେଣି । ବୋଲନ୍ତୁ ଭଲା ଔରଙ୍ଗଜେବ୍‌ର ଜିଜିଆ ଠାରୁ ଏହାର ପାର୍ଥକ୍ୟ କଣ ଅଛି ? ସେଥିରେ ବରଞ୍ଚ ରକ୍ଷା ଥିଲା ।"

ମଧୁସୂଦନଙ୍କ କାଳକୁ ମଧ୍ୟ, ବର୍ଗୀଲୁଣ୍ଠନର ସେ ସ୍ମୃତି ଲୋକ ଗୀତିକା ଆକାରରେ ଓଡ଼ିଆ ସାରଙ୍ଗଗଡ଼ ଅଞ୍ଚଳରେ ପ୍ରଚଳିତ ଥିଲା:—

"ନାଅଁ ମୁଣ୍ଡେ ବନ୍ଧା ମଶା
ଟିମା ଘୋଡ଼ାଙ୍କର ଲଗେଣ୍ଟି ଧାରନ୍ତେ, ଧାନକଟା ହେଲା କଣା" !

ମରହଟ୍ଟା ବର୍ଗୀ ଆକ୍ରମଣରୁ ଆତ୍ମରକ୍ଷା କରି ପଳାୟନ କରିବା ଉଦ୍ଦେଶ୍ୟରେ ସତର୍କ କରିଦେବା ପାଇଁ, ଗାଁ ମୁଣ୍ଡ ମାନଙ୍କରେ ସେତେବେଳେ ଯେପରି ଜନ୍ମୁଆଳି ମଶା ବନ୍ଧା ଯାଉଥିଲା ଓ ମାଟିରୁ ଧାନ ଉଷେଟ ଛାଡ଼ି ଲୋକେ ଯେପରି ବର୍ଗୀ ଆସିବାର ସଙ୍କେତ ପାଇବା ମାତ୍ରେ ଗାଁ ଗଣ୍ଡା ଛାଡ଼ି ପଳାଉଥିଲେ, ଏ ଲୋକଗୀତରେ ତାହାର ଅଭିଜ୍ଞାନ ପ୍ରକଟ ।

ପୁଣି ଇଂ ୧୭୫୧ ସାଲରେ, ମରହଟ୍ଟାମାନେ ବଙ୍ଗ-ବିହାର ଓଡ଼ିଶାର ନବାବ ଅଲ୍ଲିବର୍ଦ୍ଦୀ ଖାଁଙ୍କ ଠାରୁ, ବଙ୍ଗଳାର ଚଉଥ ବାବଦକୁ, ବାର୍ଷିକ ବାରଲକ୍ଷ ଟଙ୍କା ବ୍ୟତୀତ ଓଡ଼ିଶାର ସୁବାଦାରୀ ପାଇବା ପରେ ସୁଦ୍ଧା, ସେମାନେ ଓଡ଼ିଶାରୁ ସଂଗୃହୀତ ଚଉଥ ଆଦାୟ ପାଇଁ ମନ୍ଦିର ବିଧ୍ୱଂସୀ କଟକ ମୁସଲମାନଙ୍କ ଜଣକରେ ନାଏବ—ନାଜିମ ପଦରେ ରଖିପାରିଥିଲେ । ଏହାପରେ ଭାବରେ ସ୍ୱାର୍ଥ ଯେଉଁଠାରେ ଜଡ଼ିତ, ସେଠାରେ ଧର୍ମର ସ୍ଥାନ ଏକ ଗୌଣ ମାତ୍ର । ତା' ନହେଲେ ଇଂ ୧୮୦୩ ସାଲରେ ପୁରୀର ହିନ୍ଦୁ ରାଜଶକ୍ତି ଓ ମନ୍ଦିର ପରିଚାଳକ ମାନେ ହାରକୋର୍ଟ ଓ ମେଲ୍‌ଭିଲଙ୍କର ବିରୋଧ କରିବା ପରିବର୍ତ୍ତେ, ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥାନ୍ତେ କିପରି ? ଧର୍ମ ଓ ଧର୍ମାଚାରର ଏ ବିଡ଼ମ୍ବନା ମଧୁସୂଦନ ବେଶ୍ ବୁଝିଥିଲେ ।

ମଧୁସୂଦନଙ୍କ ଧର୍ମମତର ପୃଷ୍ଠଭୂମି ରୂପେ ଏସବୁ ଏଠାରେ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି, ବନ୍ଧୁରଙ୍କ ଧର୍ମ ସମ୍ପର୍କ ଅନ୍ତରଙ୍ଗ

ଧାର୍ମିକତାର କୌଣସି ସମ୍ପର୍କ ନାହିଁ । ସେପରି ସମ୍ପର୍କ ଥିଲେ ହିନ୍ଦୁ ମରହଟ୍ଟା ବର୍ଗୀ ମାନେ ମୁସଲମାନ ନାଏବ-ନାଜିମ୍ ଲଗାଇ ହିନ୍ଦୁ ଓଡ଼ିଆ ମାନଙ୍କୁ ଲୁଣ୍ଠନ କରିନଥାନ୍ତେ କିମ୍ବା ହିନ୍ଦୁ ଜଗତର ମଉଡ଼ମଣି ଜଗନ୍ନାଥଙ୍କ ରାଜସେବକ ଓ ପଣ୍ଡା ପଡ଼ିଆରି ମାନେ ଖ୍ରୀଷ୍ଟିଆନ ରାଜ-ଶକ୍ତିର ପ୍ରତିରୋଧ ପରିବର୍ତ୍ତେ ମଙ୍ଗଳାଘାଟ ଠାରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନଥାନ୍ତେ ।

ଧର୍ମ ସମ୍ପର୍କରେ କିନ୍ତୁ ସେପର୍ଯ୍ୟନ୍ତ ମଧୁସୂଦନ କୌଣସି ସ୍ଥିର ସିଦ୍ଧାନ୍ତରେ ଉପହଞ୍ଚିବା ତ ଦୂରର କଥା, ନିଶ୍ଚିନ୍ତ ଭାବରେ ଏସବୁ ଚିନ୍ତା କରିବା ପାଇଁ ସୁଦ୍ଧା ଅବକାଶ ପାଇ ନଥିଲେ ।

ସେ ବାଲେଶ୍ୱରରେ ଶିକ୍ଷକତା କରୁଥିବା ବେଳେ ଗଡ଼ଗଡ଼ିଆ ଘାଟର ସୁହୃଦ ମଣ୍ଡଳୀରେ ଖ୍ରୀଷ୍ଟଧର୍ମ ଗ୍ରହଣ ସମ୍ପର୍କରେ ବହୁ ଆଲୋଚନା ଇତିପୂର୍ବରୁ ତାଙ୍କ ମନରେ ରେଖାପାତ କରି ସାରିଥିଲା । ସେତେବେଳେ ପିତାଙ୍କ ଭୟରେ, ରାଧାନାଥ ଖ୍ରୀଷ୍ଟିଆନ ହୋଇ ନଥିଲେ ସିନା; ନୋହିଲେ ବଙ୍ଗଳାରେ ଅମିତ୍ରାକ୍ଷରଛନ୍ଦର କବି ମାଇକେଲ୍ ମଧୁସୂଦନଙ୍କ ପରି ଓଡ଼ିଆରେ ଅମିତ୍ରାକ୍ଷରର ପ୍ରବର୍ତ୍ତକ କବି ରାଧାନାଥ ମଧ୍ୟ ଖ୍ରୀଷ୍ଟିଆନ ହେବାପାଇଁ ପ୍ରାୟ ନିଷ୍ପତ୍ତି କରି ସାରିଥିବା, ଫକୀରମୋହନ ନିଜ ଆତ୍ମ-ଚରିତରେ ଉଲ୍ଲେଖ କରିଅଛନ୍ତି । ଫକୀରମୋହନ ମଧ୍ୟ ସେତେବେଳେ ଖ୍ରୀଷ୍ଟିଆନ ହେବା ପାଇଁ ସ୍ଥିର କରିଥିବା, ଅମ୍ଳାନ ଚିତ୍ତରେ ନିଜ ଆତ୍ମ-ଚରିତରେ ସ୍ୱୀକାର କରିବା ପାଇଁ କୁଣ୍ଠିତ ହୋଇ ନାହାନ୍ତି ।

ବସ୍ତୁତଃ ଖ୍ରୀଷ୍ଟିଆନ ହେବା ସେତେବେଳେ କେବଳ ଏକ ଫେଶନ ନଥିଲା; ପୁରାତନ କୁସଂସ୍କାରଗ୍ରସ୍ତ ହିନ୍ଦୁଧ୍ୱଜାଧାରୀଙ୍କ ପଲ୍ଲବଦ୍ଧ ସମାଜ ପ୍ରତି ସେଥିରେ ମଧ୍ୟ ଏକ ଦୁର୍ବିନୀତ ଅସ୍ୱୀକୃତି ଓ ପ୍ରତିବାଦ ନିହିତ ରହିଥିଲା । କଲିକତାରେ "ୟଙ୍ଗ ବେଙ୍ଗଲ"ର ପ୍ରାଣଚଞ୍ଚଳତା ମଧ୍ୟରେ ମଧୁସୂଦନ ତାହାର ଧ୍ୱନି ଓ ସ୍ପନ୍ଦନ ଯଥେଷ୍ଟ ଶୁଣି ସାରିଥିଲେ ।

ଅମ୍ବିକାଚରଣ ଇତିମଧ୍ୟରେ କେତେଥର କଥାପ୍ରସଙ୍ଗରେ ଖ୍ରୀଷ୍ଟିଆନ ହେବା ପ୍ରସ୍ତାବ ଉଠାଇଥିଲେ । ମାତ୍ର ସେ ସମ୍ପର୍କରେ କୌଣସି ସ୍ଥିର ନିଷ୍ପତ୍ତି ନେବାପାଇଁ ସେତେବେଳେ ମଧୁସୂଦନଙ୍କ ମାନସିକ ପ୍ରସ୍ତୁତି ନଥିଲା । ଅପରପକ୍ଷରେ ସେତେବେଳେ ଯାଜନାସ୍ପୃଣ ବନ୍ଧୁ,

**Prospect of a Society for the promotion of national feeling among the educated Natives of Bengal"**ନାମରେ ଯେଉଁ ଇସ୍ତାହାର ପ୍ରକାଶ କରିଥିଲେ ଓ ଯେଉଁଥିରୁ 'ହିନ୍ଦୁମେଳା'ର ସୂତ୍ରପାତ ହୋଇ-ଥିଲା; ତାହାର ଉଦ୍‌ବୋଧନ ସେତେବେଳେ ଧର୍ମ ଅପେକ୍ଷା ମଧୁସୂଦନଙ୍କ ଚିନ୍ତାକୁ କିନ୍ତୁ ଆନ୍ଦୋଳିତ କରୁଥିଲା ବେଶୀ !

× × ×

୧୮୬୭ ସାଲ ଜାନୁୟାରୀ ମାସର ଆଖାଆଖି । କଲିକତାର ପଥପ୍ରାନ୍ତର ଠାରୁ ସୌଖୀନ ବୈଠକଖାନା, କଲେଜ ହଷ୍ଟେଲ ଠାରୁ ବିଭିନ୍ନ ସୋସାଇଟୀର ଆଡ୍‌ଡା, ସର୍ବତ୍ର ଆସନ୍ନ ଚୈତ୍ର-ମେଳା ବା ହିନ୍ଦୁ ଜାତୀୟ ମେଳା ପାଇଁ ପ୍ରସ୍ତୁତିର କୋଳାହଳ । ଏହି ଉପଲକ୍ଷରେ ପ୍ରତ୍ୟହ ଅପରାହ୍ନରେ କେଉଁଠି ନା କେଉଁଠି କୌଣସି ନା କୌଣସି ସୋସାଇଟୀ ଅଥବା ଆସୋସିଏସନ୍ ପକ୍ଷରୁ ବିଭିନ୍ନ ସଭା ସମିତି ଚାଲିଥିଲା । ଭାରତରେ ରାଜନୈତିକ ଜୀବନର ତାହା ପ୍ରଥମ ସ୍ପନ୍ଦନ । ବହୁ ସ୍ୱପ୍ନବାଦୀ କାକଳୀ, ବହୁ ଆଦର୍ଶବାଦୀ ବନ୍ଦୀଗାନରେ ମୁଖରିତ ତାହା ଥିଲା ଏକ ଆଶାବାଦୀ ପ୍ରଭାତ ।

ତରୁଣ ମଧୁସୂଦନଙ୍କ ପ୍ରାଣରେ ମଧ୍ୟ ନବ ପ୍ରଭାତର ସେ ଆହ୍ୱାନ ଜାଗିଥିଲା ।

ସେଦିନ ସନ୍ଧ୍ୟାରେ "ହାରିଙ୍ଗ୍‌ଟନ ଘେ" ଠାରେ ରାଜନାରାୟଣ ବସୁଙ୍କ ଜାତୀୟ ଗୌରବେଚ୍ଛା-ସଞ୍ଚାରିଣୀ ସଭାରୁ କଲେଜ ହଷ୍ଟେଲକୁ ଫେରିବା ବେଳେ ଫ୍ରି-ଚର୍ଚ୍ଚ-ଇନ୍‌ଷ୍ଟିଚ୍ୟୁଟ ପାଖରେ ମଧୁସୂଦନ ଟିକେ ଅଟକି ରହି ଯାଇଥିଲେ । ଚର୍ଚ୍ଚ-ଇନଷ୍ଟିଚ୍ୟୁଟ ଭିତରେ, ଅର୍ଗାନ୍ ଯୋଗେ ଗୋଟିଏ ଇଂରାଜୀ ପ୍ରାର୍ଥନା ସଙ୍ଗୀତ ନରନାରୀଙ୍କର ସମବେତ କଣ୍ଠରେ ଆବୃତ୍ତି ହେଉଥିଲା । ଛାୟାଘନ ସନ୍ଧ୍ୟାର ପୃଷ୍ଠଭୂମିରେ ଚର୍ଚ୍ଚର ଆଲୋକିତ ଝରକା କାଚ ସବୁ ଏକ ସ୍ୱପ୍ନଲୋକ ସୃଷ୍ଟି କରିଥିଲା । ଶୀତପବନର ଗୋଟାଏ ଝଟକାର ହାହାକାର ପତ୍ରବିରଳ ଶାଖା ମାନଙ୍କରେ ମର୍ମରିତ ହୋଇ ଉଠୁଥିଲା । ଆସନ୍ନ ସନ୍ଧ୍ୟାର ସେହି ସ୍ତବ୍ଧ ମୌନତା ମଧ୍ୟରେ, ଉଦ୍‌ବେଳିତ ଆତ୍ମାର କରୁଣ ଆକୃତି ରୂପେ, ସଙ୍ଗୀତର ଝଙ୍କାର ରାସ୍ତାର ପଥପାର୍ଶ୍ୱର ବୃକ୍ଷଶୀର୍ଷ ମାନଙ୍କୁ ଧୀରେ ଧୀରେ ଉତ୍ତରକୁ

ଉଠି ଜମହଲ୍ଲମାନ ଆଲୋକ ସହିତ ସନ୍ଧ୍ୟାର ତରଳ ଅନ୍ଧକାର ମଧ୍ୟରେ ମିଶି ଯାଉଥିଲା । ସେଦିନ ସନ୍ଧ୍ୟାରେ ସେହି ପ୍ରାର୍ଥନାସଙ୍ଗୀତର ମୂର୍ଚ୍ଛନା, ଜୀବନରେ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ, ମଧୁସୂଦନଙ୍କ ପ୍ରାଣରେ ଅନୁରଣିତ ହୋଇ ରହିଥିଲା···

**"I came on to Jesus, as I was weary**
**and worn and sad**
**I found in Him a resting place,**
**and He has made me glad."**

ସଙ୍ଗୀତ ଶେଷ ହୋଇଥିଲା । ଅରଗାନ୍ ବନ୍ଦ ହୋଇଥିଲା । ଚର୍ଚ୍ଚ ଭିତରୁ ଦଳ ଦଳ ନରନାରୀ ବାହାରି ଆସୁଥିଲେ । ରାସ୍ତାର ଲମ୍ପ ପୋଷ୍ଟ ମାନଙ୍କରେ କିରୋସିନ ଆଲୁଅ ସବୁ ଜଳି ଉଠୁଥିଲା । ମଧୁସୂଦନ ମୋହାବିଷ୍ଟ ପରି ଗୋଟାଏ ଲମ୍ପ୍ ପୋଷ୍ଟ ଦେହରେ ଆଉଜି ଠିଆ ରହିଥିଲେ । ତାଙ୍କର ପରିଧାନରେ ପାଣ୍ଟ୍ଲୁନ ଓ ବେକବୁଜା ଲମ୍ବା କୋଟ । ଜୋତାହଳକର ଦୁଇଗୋଇଠି ଏକାକଡଆ ହୋଇ ଚକଟେ ଚକଟେ ଘୋରି ଯାଉଥିଲା । ରାସ୍ତାରେ ଧୂଳି ଧୂଳି ପାଣ୍ଟ୍ଲୁନର ଧଡ଼ି ବଳାଗଣ୍ଠି ଉପରକୁ ନାଲି ଧୂଳିରେ ଫିକା ଗେରୁଆ ଦେଖା ଯାଉଥିଲା ।

ଚର୍ଚ୍ଚ-ଇନ୍ଷ୍ଟିଚ୍ୟୁଟରୁ ବାହାରି ଅମ୍ବିକାଚରଣ ମଧୁସୂଦନଙ୍କୁ ହଠାତ୍ ସେଠାରେ ସେପରି ଅବସ୍ଥାରେ ଠିଆ ହୋଇଥିବା ଦେଖି କହିଲେ··· "ତୁମେ ଏଠି ? ମୁଁ କିନ୍ତୁ ଚର୍ଚ୍ଚ ଇନ୍ଷ୍ଟିଚ୍ୟୁଟକୁ ଆସିଥିଲି ବୋଲି ତୁମେ ବୋର୍ଡ଼ିଙ୍ଗରେ ଶଶିଭୂଷଣ, ଦୁର୍ଗା କିମ୍ବା ହାରାଣ କାହାକୁ ସେପରି ନକୁହ । ମୁଁ ଖ୍ରୀଷ୍ଟିୟାନ୍ ହୋଇ ଯାଉଛି ବୋଲି ସେମାନେ ମନେ ମନେ ସନ୍ଦେହ କଲେଣି ।"

ମଧୁସୂଦନ ଗମ୍ଭୀର କଣ୍ଠରେ ଉତ୍ତର ଦେଲେ··· "ଏଠାରେ କିନ୍ତୁ ଏପରି ପ୍ରାଣସ୍ପର୍ଶୀ ସୁନ୍ଦର ପ୍ରାର୍ଥନା ସଙ୍ଗୀତ ବୋଲାଯାଏ ଜାଣିଥିଲେ ମୁଁ ତ ପ୍ରତିଦିନ ତୁମ ସଙ୍ଗରେ ଏଠାକୁ ଆସୁଥାନ୍ତି ଅମ୍ବିକା ।"

ମଧୁସୂଦନଙ୍କ ପ୍ରାଣରେ ସେହି ପ୍ରାର୍ଥନା ସଙ୍ଗୀତର ମଧୁର ମୂର୍ଚ୍ଛନା ଭାସି ଲାଗି ରହିଥିଲା । ସେ ମନକୁ ମନ ଆବୃତ୍ତି କରୁଥିଲେ···

"I came on to Jesus, as I was weary
and worn and sad."

କ୍ଳାନ୍ତି, ପରାଜୟ ଓ ବେଦନା ପୁଣି ଏପରି ରମଣୀୟ ହୋଇ-ପାରେ; ମଧୁସୂଦନ ସେହିଦିନ ତାହା ପ୍ରଥମକରି ସେହିଠାରେ ବୁଝିଥିଲେ ।

ଏହାର ଅଳ୍ପଦିନ ପରେ ଯେଉଁଦିନ ମଧୁସୂଦନ ଓ ଅମ୍ବିକା-ଚରଣ ଅଯାଚିତ ଭାବରେ ଏଲ୍. ଏମ୍. ଏସ୍. କଲେଜର ବାଇବଲ୍ କ୍ଲାସକୁ ଯୋଗ ଦେବାପାଇଁ ଆସିଲେ, ସେଦିନ ଯଦି ସେଥିରେ ସବୁଠାରୁ କେହି ହର୍ଷିତ ହୋଇଥିଲେ, ତା ହେଲେ ସେ ଥିଲେ ସ୍ୱୟଂ ପ୍ରିନ୍ସିପାଲ, ରେଭରେଣ୍ଡ ଜେ. ପି. ଆଷ୍ଟନ୍ ।

## (ଦୁଇ)

ମଧୁସୂଦନ ଏଣେ ବାଇବଲ୍-କ୍ଲାସରେ ଯୋଗ ଦେବା ପରେ "ୟଙ୍ଗ୍ ବେଙ୍ଗଲ୍" ଗୋଷ୍ଠୀର ଡିବେଟିଂ ସୋସାଇଟୀ ଓ ଆକାଡେମିକ୍ ଆସୋସିଏସନ୍ ପ୍ରଭୃତି ଅନୁଷ୍ଠାନ ସହିତ ସେତିକି ଘନିଷ୍ଠ ଭାବରେ ସମ୍ପୃକ୍ତ ହୋଇ ପଡ଼ିଥିଲେ "ୟଙ୍ଗବେଙ୍ଗଲ୍" ପ୍ରତି ଧୀରେ ଧୀରେ ତାଙ୍କର ସେତିକି ମୋହଭଙ୍ଗ ଘଟୁଥିଲା । "ୟଙ୍ଗ୍ ବେଙ୍ଗଲ୍" ମୁଖ୍ୟତଃ ଥିଲା ଏକ ବୌଦ୍ଧିକ ଆନ୍ଦୋଳନ, ତାରୁଣ୍ୟର ଏକ ଉଦ୍‌ବୁଦ୍ଧ ଭାବୋ-ଚ୍ଛ୍ୱାସ··· ଊନବିଂଶ ଶତାବ୍ଦୀର 'ଆଙ୍ଗ୍ରି ୟଙ୍ଗ୍' ଗୋଷ୍ଠୀ ।

କିନ୍ତୁ "ୟଙ୍ଗ୍ ବେଙ୍ଗଲ୍" ଗୋଷ୍ଠୀର ଯେଉଁସବୁ ଡିବେଟିଂ ସୋସାଇଟୀ ମାନଙ୍କରେ ଯୋଗ ଦେଇ ମଧୁସୂଦନ ବୁଝିଥିଲେ, ସେସବୁ ମୁଖ୍ୟତଃ ଥିଲା ମୁଷ୍ଟିମେୟ ନବ୍ୟ-ଇଂରେଜୀ ଶିକ୍ଷିତଙ୍କ ବ୍ୟାପାର । ପ୍ରାଚୀନକୁ ପାଦରେ ଦଳି ଭାଙ୍ଗିବା ପାଇଁ, ସେଥିରେ ଯଥେଷ୍ଟ ଉନ୍ମାଦନା ଥିଲା । ମାତ୍ର ନୂତନର ସ୍ୱରୂପ ଅଥବା ଦର୍ଶନ ସମ୍ପର୍କରେ ସେଥିରେ କୌଣସି ସ୍ପଷ୍ଟ ଚେତନା ନଥିଲା । ବସ୍ତୁତଃ ଏହି ଗୋଷ୍ଠୀର ନେତୃମଣ୍ଡଳୀ କୃଷ୍ଣମୋହନ ବନ୍ଦୋପାଧ୍ୟାୟ, ରାମଗୋପାଳ ଘୋଷ ଓ ଶିବଚନ୍ଦ୍ର ଦେବ ପ୍ରମୁଖ ଯେ ଏକନିଷ୍ଠ ଦେଶପ୍ରେମୀ ଥିଲେ, ତାହା ଅସ୍ୱୀକାର କରାଯାଇ ନପାରେ । ସେମାନଙ୍କ ଠାରେ କୌଣସି ସଙ୍କୀର୍ଣ୍ଣ ପ୍ରାଦେଶିକତା ଅଥବା

ସାମ୍ପ୍ରଦାୟିକତାର କ୍ଳେଶ ମାତ୍ର ନଥିଲା । ଭାରତରେ ଜାତୀୟ ଜାଗରଣର ପଥ ଏମାନେ ଉନ୍ମୋଚିତ କରିଥିଲେ, ତାହା ମଧ୍ୟ ଅସ୍ୱୀକାର କରାଯାଇ ନପାରେ । କିନ୍ତୁ ଡିରୋଜିଓଙ୍କ ଶିଷ୍ୟମଣ୍ଡଳୀ ନାମରେ ପରିଚିତ, ମୁଷ୍ଟି-ମେୟ ଇଂରେଜୀ ଶିକ୍ଷିତଙ୍କ ମଧ୍ୟରେ ଆବଦ୍ଧ ବୌଦ୍ଧିକ ବିତର୍କ ଓ ଚର୍ଚ୍ଚା ବ୍ୟତୀତ, ସେମାନଙ୍କର ଅନ୍ୟ କୌଣସି ଦାୟିତ୍ୱସମ୍ପନ୍ନ କାର୍ଯ୍ୟକ୍ରମ ନଥିଲା । କିନ୍ତୁ ଅତୀତର ସବୁ ପରମ୍ପରା ଚୂର୍ଣ୍ଣ କରିବା ଦ୍ୱାରରେ ଏହି ଖ୍ରୀଷ୍ଟଧର୍ମାନୁରକ୍ତ ଇଂରାଜୀଶିକ୍ଷିତ ଗୋଷ୍ଠୀ ଜାତୀୟ ଐତିହ୍ୟରୁ ସେପରି କ୍ରମେ ବିଚ୍ଛିନ୍ନ ହୋଇ ପଡୁଥିଲେ, ମଧୁସୂଦନଙ୍କୁ ତାହା ଆଶ୍ୱସ୍ତ କିମ୍ବା ଅନୁପ୍ରେରିତ କରି ପାରୁନଥିଲା ।

ମଧୁସୂଦନଙ୍କ ସମ୍ପର୍କ "ୟଙ୍ଗ୍ ବେଙ୍ଗଲ୍" ଗୋଷ୍ଠୀ ସହିତ ଘନିଷ୍ଠ ଥିଲେ ସୁଦ୍ଧା ଏହି କାରଣରୁ ରାଜନାରାୟଣ ବସୁ, ଦ୍ୱିଜେନ୍ଦ୍ରନାଥ ଠାକୁର ଓ ନବଗୋପାଳ ମିତ୍ର ପ୍ରମୁଖଙ୍କ ଦ୍ୱାରା ସ୍ଥାପିତ ଜାତୀୟ ମେଳା ଅଥବା ହିନ୍ଦୁମେଳା ପ୍ରତି ଅଧିକ ଆକୃଷ୍ଟ ହୋଇ ପଡ଼ିଥିଲେ ।

ରାଜନାରାୟଣ ବସୁଙ୍କ ଉକ୍ତ "ଇସ୍ତାହାର" ବା "ପ୍ରସପେକ୍ଟସ୍"ରେ ଘୋଷଣା କରାଯାଇଥିଲା;

"ଅଧୁନା ୟୁରୋପୀୟ ଜ୍ଞାନାଲୋକ ବଙ୍ଗଦେଶରେ ପ୍ରବିଷ୍ଟ ହୋଇ ଏତଦ୍ଦେଶୀୟ ଜନଗଣଙ୍କର ମନକୁ ତରଙ୍ଗଦ୍ୱାରା ଜାଗରିତ କରୁଅଛି । ବଙ୍ଗୀୟ ସମାଜରେ ଅବିଶ୍ରାନ୍ତ ଆନ୍ଦୋଳନ ଚାଲିଅଛି । ପରିବର୍ତ୍ତନ ଓ ଉନ୍ନତିର ଚିହ୍ନ ସର୍ବତ୍ର ଦୃଷ୍ଟିଗୋଚର ହେଉଅଛି । ନବ୍ୟ ସମ୍ପ୍ରଦାୟ ପ୍ରାଚୀନ ରୀତି ପଦ୍ଧତିରେ ବୀତରାଗ ହୋଇ ସମାଜ ସଂସ୍କାରାର୍ଥ ଏକାନ୍ତ ଉତ୍ସୁକ ହୋଇ ଅଛନ୍ତି ।··· କିନ୍ତୁ ଆମ୍ଭେମାନେ ପୂର୍ବପୁରୁଷଙ୍କ ଠାରୁ ଯେଉଁ ସମସ୍ତ ସୁରୀତି ଓ ସୁନୀତି ଲାଭ କରିଅଛୁ, ତାହା ହୁଏତ ଏହି ପରିବର୍ତ୍ତନ ସ୍ରୋତରେ ଭାସିଯିବ, ଏହିପରି ଆଶଙ୍କା ହେଉଅଛି ।"

ବସ୍ତୁତଃ ରାଜନାରାୟଣ ବସୁଙ୍କ "ଜାତୀୟ ଗୌରବେଚ୍ଛା—ସଞ୍ଚାରିଣୀ ସଭା" ପରିବର୍ତ୍ତନ ମଧ୍ୟରେ ପରମ୍ପରାର କଲ୍ୟାଣ-ଧର୍ମୀ ଜୀବନ ସୂତ୍ରକୁ ରକ୍ଷା କରିବା ଅଭିପ୍ରାୟରେ ସଙ୍ଗଠିତ ହୋଇଥିଲା । "ହିନ୍ଦୁ-ଜାତୀୟ ମେଳା"ର ଏହାହିଁ ପୁଣି ଉଦ୍ଦେଶ୍ୟ ଥିଲା । ୟଙ୍ଗ୍-ବେଙ୍ଗଲ୍ ଗୋଷ୍ଠୀର ଜ୍ଞାନସ୍ପୃହା ଓ ପରମ୍ପରାମୁକ୍ତିର ଆହ୍ୱାନ ତାଙ୍କୁ ଉଦ୍‌ବେଳିତ କରିଥିଲା

ସତ୍ୟ, ମାତ୍ର "ହିନ୍ଦୁମେଳା"ର ସୁବୋଧା ମାନଙ୍କର ଉଚ୍ଚ-ମଧ୍ୟବିତ୍ତ-ସୁଲଭ ସାମ୍ଭ୍ରାନ୍ତ୍ୟ ଓ ଜାତୀୟ ଐତିହ୍ୟପ୍ରୀତି ତାଙ୍କୁ ପ୍ରଭାବିତ ଓ ଅନୁପ୍ରେରିତ କରିଥିଲା ବେଶୀ ।

ଇତିମଧ୍ୟରେ ମଧୁସୂଦନ ବେଥୁନ କଲେଜର ଡିବେଟିଙ୍ଗ-ସୋସାଇଟୀରେ ଆୟୋଜିତ ତର୍କସଭା ମାନଙ୍କରେ ନିୟମିତ ଭାବରେ ଯୋଗ ଦେବା ଆରମ୍ଭ କରିଥିଲେ । ଏହି ତର୍କ ସଭା ମାନଙ୍କରେ ତାଙ୍କର ବାର୍ତ୍ତା ଓ ତାର୍କିକତା, ସେତେବେଳେ ଲର୍ଡ ନାପିଆର ଓ ହଟ୍ଟରପଣ୍ଡ ପ୍ରିମ୍ସାର ପ୍ରମୁଖ ଉଚ୍ଚ ଇଂରେଜ ରାଜପୁରୁଷ ମାନଙ୍କର ଶୁଭଦୃଷ୍ଟି ଆକର୍ଷଣ କରି ପାରିଥିଲା । ବିଶିଷ୍ଟ ଆମନ୍ତ୍ରିତ ଅତିଥି ରୂପେ ସେତେବେଳେ ସେମାନେ ଏପରି ତର୍କସଭା ମାନଙ୍କରେ ଯୋଗ ଦେଉଥିଲେ । ଏହି ତର୍କସଭା ମାନଙ୍କରୁ ହିଁ "ମଧୁ ଓଡ଼ିଆ"ର ନାମଡାକ କଲିକତାର ଛାତ୍ରସମାଜରେ ସର୍ବତ୍ର ବ୍ୟାପ୍ତ ହୋଇ ପଡ଼ିଥିଲା ।

ମଧୁସୂଦନଙ୍କର ଜଣେ ସମସାମୟିକ, କଲିକତାର ଡକ୍ଟର ସାର ଦେବପ୍ରସାଦ ସର୍ବାଧିକାରୀ, (ସି.ଆଇ.ଇ., ଏମ. ଏଲ. ଡି ) ସେହି କାଳର ସ୍ମୃତି ସ୍ମରଣ କରି ଲେଖିଛନ୍ତି···

"Madbu Oriya" in the London Missionary Institute in Calcutta was a wellknown and wellbeloved figure among Bengali students." ଲଣ୍ଡନ ମିସନାରୀ ଇନଷ୍ଟିଚ୍ୟୁଟର "ମଧୁ ଓଡ଼ିଆ" ବଙ୍ଗାଳୀ ଛାତ୍ର ସମାଜରେ ଏକ ସୁପ୍ରସିଦ୍ଧ ଓ ସୁପ୍ରିୟ ନାମରେ ପରିଚିତ ହୋଇଥିଲା ।

# ଅଷ୍ଟମ ପରିଚ୍ଛେଦ

## (ଏକ)

ରାତି ପାହାନ୍ତା ପାହାନ୍ତାକୁ ଦୂରପ୍ରବାସୀ ଗୋବିନ୍ଦଙ୍କୁ ସ୍ୱପ୍ନରେ ଦେଖି, ପାର୍ବତୀ ଦେଈଙ୍କ ନିଦଟା ହଠାତ୍ ଭାଙ୍ଗି ଯାଇଥିଲା । ବହଳ କୁହୁଡ଼ି ଭିତରେ ଗୋବିନ୍ଦ କୁଆଡ଼ୁ ଯେପରି ଗାଁ ଦାଣ୍ଡରେ ଫେରି ଆସୁଥିଲା । ପିଲାଦିନେ ସେ ଯେପରି ଦାଣ୍ଡ ମଝିରୁ ବୋଉ ବୋଉ ଡାକି, ଛୁଆଁ ଅଛୁଆଁ ନମାନି ଖଞ୍ଜା ଭିତରକୁ ଧାଇଁ ଆସେ, ସେହିପରି ଭାବରେ ସେ ପିଣ୍ଡାଉପରକୁ ଉଠି ଆସୁଥିଲା । ମାତ୍ର ଦାଣ୍ଡରେ ଲୁଗା ନଛାଡ଼ି ଘରଭିତରକୁ ଆସିବା ପାଇଁ ପାର୍ବତୀ ଦେଈ ତାକୁ ବାରଣ କରିବା ପାଇଁ ଦଉଡ଼ ଯାଉଁ ଯାଉଁ ନିଦଟା ହଠାତ୍ ଚହିଁ କରି ଭାଙ୍ଗି ଯାଇଥିଲା ।

ଗୋବିନ୍ଦ କାହିଁକି ମନରେ ଆସିଥିବ ଭାବି, ପାର୍ବତୀ ଦେଈ ଦାଣ୍ଡ କବାଟ ଫିଟାଇ ବାହାରକୁ ଆସିଲେ । ବାହାରେ ପାତଳ କୁହୁଡ଼ିର ଗୋଟାଏ ଅସ୍ୱଚ୍ଛ ଝିଲ୍ଲି ରହିଥିଲା । ରସକୁଣ୍ଡ ପୁଷ୍କରଣୀରେ ପାହାନ୍ତି ତାରାଟା ଚନ୍ଦ୍ର ଉଦୟ ପରି ଜଳୁଥିଲା । କିନ୍ତୁ ଗୋବିନ୍ଦ ନଥିଲା । ପାର୍ବତୀ ଦେଈ କେବଳ ଗୋଟାଏ ସ୍ୱପ୍ନ ଦେଖିଥିଲେ ।

ସେ ଦିନଟା ଯାକ ସେଇ ସକାଳୁ ପାର୍ବତୀ ଦେଈଙ୍କ ମନ ଘୋଳେଇ ଘାଣ୍ଟି ହେଉଥିଲା । ମଧୁସୂଦନଙ୍କ ଠାରୁ କୌଣସି ଚିଠିପତ୍ର ବହୁ ଦିନୁ ନଥିଲା । ଏଣେ ମଧୁସୂଦନ କିଛି ଟଙ୍କା ପଠାଇବା ପାଇଁ ଚିଠି ଲେଖିଥିଲେ । ସେତେବେଳେ ଟଙ୍କା ପାଇଁ କଲିକତାରେ ତାଙ୍କର ଭୟଙ୍କର ଅସୁବିଧା ଥିଲା । କିନ୍ତୁ ଚୌଧୁରୀ ରଘୁନାଥ ଦାସଙ୍କ ପ୍ରତିଜ୍ଞା, ସେ ଆଉ ପଇସାଟିଏ ହୁଣ୍ଡି ପଠାଇବେ ନାହିଁ । ମଧୁସୂଦନଙ୍କ ପ୍ରତି ସେ ଘୋର ରୁଷ୍ଟ ରହିଥିଲେ । ତା' ଉପରେ ପୁଣି "ଉତ୍କଳ-ଦୀପିକା"ରେ ମଧୁସୂଦନଙ୍କ 'ଖ୍ରୀଷ୍ଟଧର୍ମ ଗ୍ରହଣ ସମ୍ପର୍କରେ ସେଦିନ ଯେଉଁ ସମ୍ବାଦ ବାହାରିଥିଲା, ତାହା ପଢ଼ିବା ପରଠାରୁ ମଧୁସୂଦନଙ୍କ ସହିତ ସବୁ ସମ୍ପର୍କ, ସେ ପ୍ରାୟ ଛିଡ଼ାଇ ସାରିଥିଲେ । ମଧୁସୂଦନ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା

ସମ୍ବାଦ ପରେ ଅବଶ୍ୟ ମିଥ୍ୟା, ଭିତ୍ତିହୀନ ବୋଲି ଜଣାପଡ଼ିଲା । ତଥାପି ମଧୁସୂଦନଙ୍କ ଅବାଧ୍ୟତା ହେତୁ ସେ ତାଙ୍କୁ କ୍ଷମା ଦେଇ ପାରିନଥିଲେ । ଚୌଧୁରୀ ରଘୁନାଥ ଦାସ ସେହିପରି ଏକଛନ୍ଦିଆ ମଣିଷ ଥିଲେ ।

ମଧୁସୂଦନ କଟକରେ ଥିବା ବେଳେ ପାର୍ବତୀ ଦେଈ କେବେ କେବେ ଯେପରି ରଘୁନାଥଙ୍କୁ ଲୁଚାଇ ଗୁମାସ୍ତା ହାତରେ ତାଙ୍କ ପାଖକୁ ଟଙ୍କା ପଠାଉଥିଲେ, ଏବେ ସେହିପରି ଥରେ ନିଜ ସମ୍ପତ୍ତିରୁ ପୁରୁଣା ଜାହାଙ୍ଗୀରି ଟଙ୍କା ଦୁଇକୋଡ଼ି ବାହାର କରି କଲିକତାରେ ମଧୁ ପାଖକୁ ପଠାଇଦେବା ପାଇଁ, ପାର୍ବତୀ ଦେଈ ତାଙ୍କ ବୁଢ଼ା ଗୁମାସ୍ତାଙ୍କୁ ଅତି ନିରୋଳାରେ କହିଲେ । ମାତ୍ର କଲିକତା, କାହିଁ କେତେଦୂର, ସେ ସମ୍ପର୍କରେ ଗୁମାସ୍ତାଙ୍କର କୌଣସି ସ୍ପଷ୍ଟ ଧାରଣା ନଥିଲା । ସେ କେବଳ ବୁଝିଥିଲେ କଲିକତା କହିଲେ, ତିନି ସପ୍ତାହର ବାଟ । ପୁଣି ରଘୁନାଥ ନଜାଣି, କଟକରୁ ଡାକରେ ଟଙ୍କା ପଠାଇବା ଆଦୌ ସମ୍ଭବ ନଥିଲା ।

ଏଫ୍. ଏ. ପରୀକ୍ଷା ଫିସ ପାଇଁ, ମଧୁସୂଦନଙ୍କର ଯେତେବେଳେ ଟଙ୍କାର ପ୍ରୟୋଜନ ଥିଲା । ଟଙ୍କା ପଠାଇ ନପାରିବାରୁ ପାର୍ବତୀ ଦେଈ ଦୁଃଖିତା ହୋଇ ମନ ମାରି ରହିଥିଲେ । ମଧୁ ଯେ କିନ୍ତୁ କେବେ ଖ୍ରୀଷ୍ଟାନ ହେବନାହିଁ କିମ୍ବା ବଂଶ ମର୍ଯ୍ୟାଦା କ୍ଷୁଣ୍ଣ କଲାଭଳି କିଛି କାର୍ଯ୍ୟ କରିବ ନାହିଁ ପାର୍ବତୀ ଦେଈଙ୍କ ମନରେ ସେ ସମ୍ପର୍କରେ ସନ୍ଦେହ ନଥିଲା ।

ଖରାବେଳଟା ନିଛାଟିଆ । ଗାଁ ଦାଣ୍ଡଟା ଧଧକାର ହାତ ପରି ନିରୋଳା ପଡ଼ିଥିଲା । ପାର୍ବତୀ ଦେଈ, ଜଦୁଆଁ ଦାଣ୍ଡ କବାଟ ପାଖରେ କାହାର ଅକାରଣ ପ୍ରତୀକ୍ଷାରେ ଯେପରି, କାହାର ଦାଣ୍ଡକୁ ଚାହିଁ ଠିଆ ହୋଇଥିଲେ । ତଳସାହିରେ କେଉଁଠି ଯୋଗୀଟାଏ କେନ୍ଦରା ବଜାଇ ବୋଲୁଥିଲା··· "ବାହୁଡ଼ିଲା ପୁତ୍ର ମୋର ବାହୁଡ଼ ନଇଲେ ବୋଇଲା ।"

ପାର୍ବତୀ ଦେଈ, ଦାଣ୍ଡକବାଟଟା ବନ୍ଦ କରିଦେଇ, ଭିତ ଗୋଡ଼ାଇଲା ପରି ଖଞ୍ଜା ଭିତରକୁ ଚାଲିଆସିଲେ । ଗୋପାଳ ଗାଁରେ ଥିଲେ ଏ ନିଛାଟିଆ ଖରାବେଳଟା ଏତେ ଅସହ୍ୟକର ଲାଗନ୍ତା ନାହିଁ । କିନ୍ତୁ ଗୋପାଳ କଟକ ସ୍କୁଲରେ ନାଁ ଲେଖାଇ ସେଠାରେ ରହି ପଢୁଛି । ଝିଅ ଦୁଇଟି ବଡ଼ ହୋଇ ଗଲେଣି । ଏତେ ବଡ଼ ଖଞ୍ଜାଟାରେ କେବଳ ସେ ଆଉ ଶାଶୁବୁଢ଼ୀ ଖୁକର, ଯୋଉଁମାନେ କେଉଟାକୁ ଧରି ଘଡ଼ ବସିଛନ୍ତି ।

ଖଞ୍ଜା ଭିତରେ ସଜନାଗଛ ଡାଳରେ କାଉଟାଏ ବସି ରାବୁଥିଲା । ପାର୍ବତୀ ଦେଈ ଦୁଇ ମୁଠା ଚାଉଳ ଆଣି ଦୁଆରେ ରଖିଦେଲେ, କାଉ କେଉଁ ମୁଠାକରୁ ଚାଉଳ ଖାଉଛି, ସେଥିରୁ ମଧୁର ଭଲମନ୍ଦ ଉଦନ୍ତ ବୁଝିବା ପାଇଁ । କିନ୍ତୁ କାଉଟା ଏପଟ ସେପଟ ଚାହିଁ ସଜନା ଡାଳରୁ ଅନ୍ୟଆଡ଼େ ଉଡ଼ି ପଳାଇଲା ।

ହଠାତ୍ ଦାଣ୍ଡ ଖଞ୍ଜା ଆଡ଼ୁ ଚୌଧୁରୀ ରଘୁନାଥ କୁମବୋଉ କୁମବୋଉ ଡାକି ଭିତରକୁ ପଶି ଆସୁଥିଲେ । ଆଜି ଶୁକ୍ରବାର । ସାଧାରଣତଃ ପ୍ରତି ଶନିବାର ନୋହିଲେ ରବିବାରରେ ରଘୁନାଥ ଗାଁକୁ ଆସିଥାନ୍ତି । ମାତ୍ର ଆଜି ଅବେଳରେ ସ୍ୱାମୀଙ୍କୁ ହଠାତ୍ କଟକରୁ ଫେରିଥିବା ଦେଖି, ପାର୍ବତୀ ଦେଈଙ୍କ ମନରେ ପାପ ଛୁଇଁଲା । ସେ ସ୍ୱାମୀଙ୍କ ଆଡ଼କୁ ଦଉଡ଼ି ଯାଇଁ ପଚାରିଲେ... "ଟୋକାଠାରୁ କିଛି ଉଦନ୍ତ ମିଳିଲା କି ?"

ରଘୁନାଥ ପିଣ୍ଡାରେ ଖଣ୍ଡେ ଆରାମଚୌକି ଉପରେ ବସି ପଡ଼ି ଗମ୍ଭୀର କଣ୍ଠରେ କହିଲେ... "ଖବରଦାର ମୋତେ ଆଉ ତୁମେ କେବେ ତା' କଥା କହିବ ନାହିଁ କୁମବୋଉ ।"

ତା' ପରେ ଚୌଧୁରୀ ରଘୁନାଥ ଜାମା ପକେଟରୁ ଖଣ୍ଡେ ଚିଠି କାଢ଼ି ପାର୍ବତୀ ଦେଈଙ୍କ ଆଡେ ସେଖଣ୍ଡ ଫିଙ୍ଗି ଦେଇ କହିଲେ... "ନିଅ ପଢ଼ ଏ ଚିଠି । ସେଥିରୁ ବୁଝିବ ତୁମ ଗୁଣମଣିଙ୍କ ଖବର ।"

ପାର୍ବତୀ ଦେଈ ଚିଠିଖଣ୍ଡ ତଳୁ ଉଠାଇ, ରଘୁନାଥଙ୍କ ଆଡ଼େ ତାହା ପୁଣି ବଢ଼ାଇ ଦେଇ କହିଲେ... "ସେଥିରୁ ମୁଁ କଣ ପଢ଼ିବି ମ ? ତୁମେ ପଢ଼ ।"

ଚିଠି ଆସିଥିଲା ମଧୁସୂଦନଙ୍କ ପାଖରୁ । କିନ୍ତୁ ସେଥିର ସମ୍ବାଦଟି ପ୍ରୀତିଦାୟକ ନଥିଲା । ସେଥିରେ ପ୍ରଥମେ ଲେଖାଥିଲା ମଧୁସୂଦନ ଏଲ. ଏମ. ଏସ୍. କଲେଜରୁ ଏଫ୍.ଏ. ପାଶ କରି, ବି.ଏ କ୍ଲାସରେ ନାମ ଲେଖାଇଥିବାର ସମ୍ବାଦ । ତାହା ଶୁଣି ପାର୍ବତୀ ଦେଈ ଝଟେଶ୍ୱରଙ୍କ ଉଦ୍ଦେଶ୍ୟରେ ତଳେ ତେରଥର ମୁଣ୍ଡପିଟି ମନକୁ ମନ କହିହେଲେ... "ହେ ଠାକୁରେ, ତାକୁ ଭଲରେ ଭଲରେ ବାହୁଡ଼ାଇ ଆଣ । ମୁଁ ତୁମ ପାଖରେ ସୁନା ନାକ ଗଢ଼ିଦେବି ।"

ଗୋବନ୍ଦ ଠାରୁ ଚିଠି ଆସିଛି ଶୁଣି ପିତାମହୀ ରଘୁନାଥଙ୍କ ଜନନୀ ଗମ୍ଭୀର ଭିତରୁ ଥୁରୁ ଥୁରୁ ପାଦରେ ବାହାରକୁ ଆସିଲେ । ଗୋବନ୍ଦର ଖବର ବୁଝିବା ପାଇଁ ତାଙ୍କ ମନରେ ମଧ୍ୟ ପ୍ରବଳ ଉତ୍କଣ୍ଠା ।

ରଘୁନାଥ ସେତେବେଳେ ମଧୁସୂଦନ ଚିଠିରେ ଲେଖିଥିବା ସେହି ଦାରୁଣ ଦୁଃସମ୍ବାଦଟି ପଢୁଥିଲେ··· "ମୁଁ ଖ୍ରୀଷ୍ଟିୟାନ ହେବାପାଇଁ ସ୍ଥିର କରିଅଛି । କିନ୍ତୁ ଆପଣଙ୍କ ଅଜ୍ଞାତସାରରେ ତାହା ହୋଇ ପାରିବ ନାହିଁ ବୋଲି, ପ୍ରିନସିପାଲ୍ ରେଭରେଣ୍ଡ କେ.ପି ଆସ୍ଟିନ କହିବାରୁ, ମୁଁ ଆପଣଙ୍କୁ ଏ ପତ୍ର ଲେଖି ଏତଦ୍ଦ୍ୱାରା ତାହା ଜଣାଇ ଦେଉଅଛି । ଇତ୍ୟାଦି ।"

ପାର୍ବତୀ ଦେଈ ଅବିଚଳିତ କଣ୍ଠରେ କହିଲେ··· "ମୁଁ ଜାଣେ ମୋ ପୁଅ କେବେ କିଛି ଅଘଟଣ କଥା କରିବ ନାହିଁ, ସେ ତମକୁ ଚିଠି ଲେଖି ସବୁକଥା ଜଣାଇ ଦେଇଛି । ସାହେବ ଯେତେବେଳେ କହୁଛି ତମେ ମତ ନଦେଲେ ସେ ଖ୍ରୀଷ୍ଟିଆନ ହୋଇ ପାରିବ ନାହିଁ, ତମେ କଲିକତା ଯାଇଁ ସାହେବଙ୍କୁ ମନା କରିଦିଅ । ଢେର ପାଠ ହୋଇଗଲା । ଏଥର ମଧୁକୁ କଲିକତାରୁ ଘରକୁ ଫେରାଇ ନେଇଆସ ।"

କଲିକତା ଯିବା ପ୍ରସ୍ତାବରେ ରଘୁନାଥ ପ୍ରଥମେ ଅପ୍ରସ୍ତୁତ ଥିଲେ । କିନ୍ତୁ ପାର୍ବତୀ ଦେଈ ତାଙ୍କୁ ଅନେକ ବୋଧଶୋଧ ଦେବାରୁ; ତାଙ୍କ ମନ ଅବଶେଷରେ ବଦଳିଲା । କଲିକତା ଯିବାର ଲଗ୍ନ ଧରିବା ପାଇଁ ପାଞ୍ଜିଆଙ୍କୁ ଡାକ ପଡ଼ିଲା ।

ଖ୍ରୀଷ୍ଟଧର୍ମ ଗ୍ରହଣ ସମ୍ପର୍କରେ ଘଟଣା ସବୁ ଏତେ ଶୀଘ୍ର ଏପରି ଘଟିଯିବ ବୋଲି ମଧୁସୂଦନ କେବେ ଆଶା ବା ଆଶଙ୍କା କରି ନଥିଲେ ।

ଦିନେ ଅମ୍ବିକା ଖବର ଦେଲା ଫ୍ରି-ଚର୍ଚ୍ଚ-ଇନଷ୍ଟିଚ୍ୟୁଟକୁ ଆସୁଥିଲେ ବାଗ୍ମିପ୍ରବର ଡକ୍ଟର ଆଲେକଜାଣ୍ଡାର ଡଫ୍ ବକ୍ତୃତା ଦେବାପାଇଁ । ସାର ଆଲେକଜାଣ୍ଡାର ଡଫ୍ ସ୍କଟଲଣ୍ଡର ଏକ ଲର୍ଡ଼ ପରିବାରର ସନ୍ତାନ ଥିଲେ । ମାତ୍ର ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ସେ ମିସନାରୀ ଦୀକ୍ଷା ଗ୍ରହଣ କରିଥିଲେ । ସେଥିପାଇଁ କୌଣସି ସମ୍ପତ୍ତିରୁ ସେ କୌଣସି ପାରିଶ୍ରମିକ ନେଉନଥିଲେ । ଦେଶେ ଦେଶେ ଖ୍ରୀଷ୍ଟବାଣୀ ପ୍ରଚାର କରିବା ତାଙ୍କ ଜୀବନର ବ୍ରତ ଓ ତପସ୍ୟା ଥିଲା । ଡକ୍ଟର ଡଫ୍ କଲିକତା

ଅସି କଲେଜ ସ୍କୋୟାର ଠାରେ ରହୁଥିଲେ । ତାଙ୍କର ଅସାଧାରଣ ବାଗ୍ମିତା ଓ ଆବେଗମୟ ଉଦବୋଧନ ପ୍ରଭାବରେ ସେତେବେଳେ ବହୁ ବଶିଷ୍ଟ ବ୍ୟକ୍ତି ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ ହୋଇ ପାରଥିଲେ । ଲଣ୍ଡନ-ମିସନାରୀ-ସୋସାଇଟୀର ଜନ ଆଡାମସ ମଧ୍ୟ ତାଙ୍କର ଅନ୍ୟତମ ସହ-କର୍ମୀ ଥିଲେ । ଫ୍ରି-ଚର୍ଚ୍ଚ-ଇନ୍‌ଷ୍ଟିଚ୍ୟୁଟକୁ ଡକ୍‌ଟର ଡ଼ଫ୍ ବକ୍ତୃତା ଦେବା ପାଇଁ ଆସୁ ଥିବାର ସମ୍ବାଦ ଅମ୍ବିକାଚରଣ ପ୍ରଥମେ ଜନ ଆଡ଼ାମ୍‌ସଙ୍କ ପାଖରୁ ପାଇ, ତାହା ମଧୁସୂଦନଙ୍କୁ ଜଣାଇଥିଲେ ।

କଲକତାର "ୟଙ୍ଗ୍‌ବେଙ୍ଗଲ" ଗୋଷ୍ଠୀରେ ସ୍ୱର୍ଗତ ଡ଼ିରୋଜିଓଙ୍କ ପରକୁ ଆଲେକଜାଣ୍ଡ୍ରର ଡ଼ଫ୍‌ଙ୍କ ନାମ ଏକ ଐନ୍ଦ୍ରଜାଲିକ ନାମ ଥିଲା । ତାଙ୍କର ଭାଷଣରେ ଥିଲା ଏକ ସମ୍ମୋହନୀ ଶକ୍ତି ଓ ଏକ ପ୍ରାଣସ୍ପର୍ଶୀ ଆବେଦନ । ଖ୍ରୀଷ୍ଟଧର୍ମ ସମ୍ପର୍କରେ ଭାଷଣ ମାନଙ୍କରେ ଯେ ବାଇବଲର ବ୍ୟାଖ୍ୟା ଓ ଆବୃତ୍ତି କଲାବେଳେ ମାନବିକତା ବିରୁଦ୍ଧରେ ସଙ୍ଗଠିତ ପଶୁଶକ୍ତିର ସେହି ବର୍ଦ୍ଧ୍ୟୋଗାନ୍ତ ମହାନାଟକର ବାଇବେଲ୍ ବର୍ଣ୍ଣିତ ପ୍ରତ୍ୟେକଟି ଦୃଶ୍ୟ ଯେପରି ରକ୍ତମାଂସର ଶରୀର ଧରି ଶ୍ରୋତା ମାନଙ୍କର ମାନସଦୃଷ୍ଟିରେ ଉଦ୍ଭାସିତ ହୋଇ ଉଠୁଥିଲା ।

ଡ଼ଫ୍‌ଙ୍କ ବକ୍ତୃତା ଶୁଣିବା ପାଇଁ ସେଦିନ ମଧୁସୂଦନ ଓ ଅମ୍ବିକା ଚରଣ ଫ୍ରି-ଚର୍ଚ୍ଚ-ଇନ୍‌ଷ୍ଟିଚ୍ୟୁଟରେ ପହଞ୍ଚିଥିଲେ । ଡ଼ଫ୍‌ଙ୍କ ବକ୍ତୃତାର ବିଷୟବସ୍ତୁ ଥିଲା, ଖ୍ରୀଷ୍ଟଙ୍କ କ୍ରୁସିଫିକେସନ । ଖ୍ରୀଷ୍ଟଙ୍କ ପ୍ରିୟତମ ଶିଷ୍ୟ ଜୁଡ଼ାସ ସାମାନ୍ୟ ତିରିଶଟି ରୌପ୍ୟମୁଦ୍ରା ବିନିମୟରେ ତାଙ୍କୁ ଯେପରି ଶତ୍ରୁମାନଙ୍କ ଠାରେ ବନ୍ଦୀ କରି ଦେଇଥିଲେ, ରୋମର ଶାସନକର୍ତ୍ତା ପିଲେଟ୍ ଯେପରି ନ୍ୟାୟ ବିଚାରର ଅଭିନୟ କରି, ଯୀଶୁଖ୍ରୀଷ୍ଟଙ୍କୁ ପ୍ରାଣଦଣ୍ଡ ଦେବାପାଇଁ କୌଣସି ପ୍ରମାଣସିଦ୍ଧ ଅଭିଯୋଗ ନଥିଲେ ବି ସେ, କ୍ରୁଶବିଦ୍ଧ କରିବା ପାଇଁ ଆଦେଶ ଦେଇଥିଲେ, ଯୀଶୁଙ୍କ ମସ୍ତକରେ କଣ୍ଟକର ମୁକୁଟ ପିନ୍ଧାଇ ତାଙ୍କୁ ଯେପରି କ୍ରୁଶୟନ୍ତ୍ର ନିକଟକୁ ଚରମ ଲାଞ୍ଛନାର ରାଜପଥରେ ଟାଣି ଟାଣି ନିଆ ଯାଇଥିଲା— ତାହାର ମର୍ମାନ୍ତିକ ଦୃଶ୍ୟ ସବୁ ଡ଼ଫ୍‌ଙ୍କ ଭାଷଣରେ ଅତି ଜୀବନ୍ତ ହୋଇ ଉଠିଥିଲା । କ୍ରୁଶବିଦ୍ଧ ହେବା ପୂର୍ବରୁ ଯୀଶୁଙ୍କ ଅନ୍ତିମବାଣୀ... "ପିତା, ସେମାନଙ୍କୁ କ୍ଷମାକର, ସେମାନେ କଣ କରୁଛନ୍ତି, ଜାଣନ୍ତି ନାହିଁ" (Father ! Forgive them,

they know not what they do)ଡଫ୍‌ଙ୍କ ଭାଷଣରେ ଯେପରି ମନ୍ଦ୍ରିତ ହୋଇ ଉଠିଥିଲା, ମଧୁସୂଦନ ସେଥିରେ ସ୍ପଷ୍ଟ ଶୁଣି ପାରିଥିଲେ, ପଶୁଶକ୍ତି ବିରୁଦ୍ଧରେ ମାନବିକ ବିବେକର ଯୁଦ୍ଧଂ ଦେହି ଆହ୍ୱାନ; ଭବିତବ୍ୟ ଠାରେ ମୌନ ଆତ୍ମସମର୍ପଣ ଅଥବା ମୂକ-ଆର୍ତ୍ତନାଦ ନୁହେଁ !

ଡଫ୍ କହୁଥିଲେ, ଏ ବାଣୀ କିନ୍ତୁ ପାଶ୍ଚାତ୍ୟର ନୁହେଁ— ଏହା ପ୍ରାଚ୍ୟର। ପ୍ରାଚ୍ୟର ଏହି ମହାନ ବାଣୀ ପାଶ୍ଚାତ୍ୟକୁ ଧନେ ଅଭିମନ୍ତ୍ରିତ କରିଥିଲା।

ବକ୍ତୃତା ଶେଷରେ ଫ୍ରି ଚର୍ଚ୍ଚ-ଇନଷ୍ଟିଚ୍ୟୁଟରୁ ଫେରିବା ବେଳେ ମଧୁସୂଦନ ଗଭୀର ଭାବାବେଶରେ ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ। କଳ୍ପନାନେତ୍ରରେ ଯୀଶୁଙ୍କ ଗୌରବ ଆତ୍ମୋତ୍ସର୍ଗ ମଧ୍ୟରେ ମଧୁସୂଦନ ମଧ୍ୟ ଦେଖି ପାରୁଥିଲେ, ସତୀ-ଚିତାନଳରେ ପିତାମହୀଙ୍କ ଆତ୍ମୋତ୍ସର୍ଗର ଅଟଳ ତପସ୍ୟା, ଅବାରନ୍ତ ଚନ୍ଦ୍ରସମୁର ଦୃଶ୍ୟ। ଏ ମହାବାଣୀ ଯେ ପ୍ରାଚ୍ୟର କଣ୍ଠରୁ କେବଳ ନିଃସୃତ ହୋଇପାରେ, କରୁଣାର ଏ ମହାନ ସାଧନା କେବଳ ସେ ପ୍ରାଚ୍ୟର ଜୀବନଚର୍ଯ୍ୟାରେ ଅନୁଶୀଳିତ ହୋଇପାରେ; ମଧୁସୂଦନଙ୍କର ସେଥିରେ କୌଣସି ସନ୍ଦେହ ରହିଲା ନାହିଁ।

ଏହାର ଅଳ୍ପଦିନ ପରେ ମଧୁସୂଦନ ଯେଉଁଦିନ ଖ୍ରୀଷ୍ଟାନ ହେବେ ବୋଲି ଘୋଷଣା କରିଦେଲେ, ଅମ୍ବିକାଚରଣ ସୁଦ୍ଧା ତାହାର ଆକସ୍ମିକତାରେ ବିସ୍ମିତ ହୋଇ ପଡ଼ିଥିଲେ। ଅମ୍ବିକାଚରଣ ଯାହା ପ୍ରକାଶ କରିବା ପାଇଁ କେବେହେଁ ସାହସ ଖୋଜି ପାଉନଥିଲେ ମଧୁସୂଦନ ତାହା ଅକୁଣ୍ଠିତ ଭାବରେ ପ୍ରକାଶ କରିଦେବାରୁ ଅମ୍ବିକାଚରଣଙ୍କ ପକ୍ଷରେ ହଠାତ୍ ଯେପରି କୌଣସି ଜଟିଳ ସମସ୍ୟାର ସହଜ ସମାଧାନ ହୋଇ ଯାଇଥିଲା।

ମାତ୍ର ଏଥିରେ ପ୍ରତିବନ୍ଧକ ହେଲେ ପ୍ରିନସିପାଲ ଜେ. ଡ. ଅଷ୍ଟିନ ! ପିତାମାତାଙ୍କ ଅଜ୍ଞାତସାରରେ ଧର୍ମାନ୍ତରିତ ହେବା ପାଇଁ ସେ ସେମାନଙ୍କୁ ଅନୁମତି ଦେଇପାରିବେ ନାହିଁ। ସେଥିପାଇଁ ଉଭୟେ ନିଜ ନିଜ ପିତାଙ୍କ ନିକଟକୁ ଏ ପ୍ରସଙ୍ଗରେ ପତ୍ର ଲେଖି ଦେଇଥିଲେ।

ଅମ୍ବିକାଚରଣଙ୍କ ପତ୍ର ପାଇ ତାଙ୍କ ପିତା ଘାଣ୍ଟାଲରୁ କଲିକତା ଆସିଥିଲେ ତାଙ୍କୁ ଫେରାଇ ନେବା ପାଇଁ। ଖ୍ରୀଷ୍ଟଧର୍ମ ଗ୍ରହଣ ସମ୍ପର୍କରେ

ପିତାଙ୍କ ନିକଟକୁ ପତ୍ର ଲେଖିବା ତାଙ୍କ ପକ୍ଷରେ ଅବଶ୍ୟ ସହଜ ଥିଲା । ପୁଣି ପତ୍ର ପାଇ ଅମ୍ବିକାଚରଣଙ୍କ ପିତା ଯେ କଲିକତା ଆସିବେ—ସେ ବିଶ୍ୱାସ ମଧ୍ୟ ତାଙ୍କର ନଥିଲା । ମାତ୍ର ଏବେ ପିତାଙ୍କ ସମ୍ମୁଖୀନ ହେବା ପାଇଁ ଅମ୍ବିକାଚରଣଙ୍କର ସାହସ ନଥିଲା । ଅମ୍ବିକାଚରଣ ପୁଣି କଲିକତା ଆସିବା ପୂର୍ବରୁ ଗୋଟିଏ ବାଳିକା କନ୍ୟା ସେ ବିବାହ କରି ସାରିଥିଲେ । ପିତାଙ୍କ ଉପରେ ଅମ୍ବିକାଚରଣ ଏଲ୍. ଏମ୍. ଏସ କଲେଜ ହଷ୍ଟେଲରୁ ହଠାତ୍ ନିରୁଦ୍ଦିଷ୍ଟ ହୋଇ ପଡ଼ିଥିଲେ ।

ହଷ୍ଟେଲ କୋଠରୀ ନିର୍ଜନ । ଦିନଟି ରବିବାର ଥିବାରୁ ହଷ୍ଟେଲର ଅନ୍ତେବାସୀ ଖ୍ରୀଷ୍ଟିଆନ ଛାତ୍ର ଓ ଶିକ୍ଷକମାନେ ପ୍ରାର୍ଥନା ପାଇଁ ଗୀର୍ଜାକୁ ଚାଲି ଯାଇଥିଲେ । ମଧୁସୂଦନ ତାଙ୍କ ପ୍ରକୋଷ୍ଠରେ ଏକାକୀ ଉଚ୍ଚସ୍ୱର ପାଦଚାରଣା କରି ହାମଲେଟ ନାଟକରୁ ପାଠ ମୁଖସ୍ଥ କରୁଥିଲେ । ଘରଟିରେ ଦୁଇପାଖରେ ଦୁଇଖଣ୍ଡ ତକ୍ତପୋଷ ଓ ତକ୍ତ-ପୋଷର ମୁଣ୍ଡ ଉପରକୁ ଖଣ୍ଡେ ଖଣ୍ଡେ କାଠ ଟେବୁଲ । ମଧୁସୂଦନଙ୍କ ଟେବୁଲ ଉପରେ କାନ୍ଥରେ ଗୋଟାଏ ଦର୍ପଣ ଝୁଲୁଥିଲା । ଅମ୍ବିକାର ଟେବୁଲ ଉପର କାନ୍ଥରେ ଭର୍ଜିନ ମାଆଙ୍କର ଗୋଟାଏ ରଙ୍ଗୀନ ଫଟ । କୋଣିଆ ସିନ୍ଦୁରେ ଅମ୍ବିକା ରହନ୍ତି । ଅନ୍ୟ ସିଟ୍‌ଟି ମଧୁସୂଦନଙ୍କର । ଖଟ୍ ତକିଆ ଉପରେ ଗୁଡ଼ାଏ ଲୁଗା ଓ ବହିପତ୍ର ସ୍ତୂପୀକୃତ ହୋଇ ପଡ଼ିଥିଲା । ପାଦଚାରଣା କରି ଆବୃତ୍ତି କଲାବେଳେ, ମଧୁସୂଦନ କେବେ କେବେ ଅନ୍ୟ ତକିଆଟି ଉପରେ ବସିପଡ଼ି, ଖୋଲା ଝରକା ବାଟେ ବାହାରର ଆକାଶକୁ ଚାହିଁ, ସେଠାରେ ଯେପରି କୌଣସି ଗୋଟାଏ ଅଦୃଶ୍ୟ ମହାସତ୍ୟ ସନ୍ଧାନ କରୁଥିଲେ । କିଛିକ୍ଷଣ ପରେ ଝରକା ବାହାରୁ ଆଖି ଫେରାଇ ପୁଣି ଆବୃତ୍ତି କରିବାରେ ଲାଗିଲେ···

"What is a man
If his chief good and market of his time,
Be but to sleep and feed ? A beast
no more. "

ବାହାର ଦରଜାରେ ଠକ୍ ଠକ୍ ଶବ୍ଦ ଶୁଭିଲା । ମଧୁସୂଦନ ଅନ୍ୟମନସ୍କ ଭାବରେ "କମ୍ ଇନ୍" କହି ପୁଣି ଆବୃତ୍ତି କରିବାରେ ଲାଗିଲେ

"Now, whether it be
Bestial oblivion on some craven scruple..."

ମଧୁସୂଦନଙ୍କ ଆବୃତ୍ତି ହଠାତ୍ ଅସମାପ୍ତ ରହିଗଲା । ରଘୁନାଥ ଚୌଧୁରୀଙ୍କୁ ହଷ୍ଟେଲ କୋଠରୀ ଭିତରେ ଆକସ୍ମିକ ଭାବରେ ଦେଖି, ମଧୁସୂଦନଙ୍କ ହାତରୁ "ହାମଲେଟ୍" ବହିଟା ତଳେ ଖସି ପଡ଼ିଲା । ନୈଷ୍ଠିକ ରଘୁନାଥ ଚୌଧୁରୀ ଯେ ଏଲ. ଏମ. ଏସ୍ କଲେଜ ହଷ୍ଟେଲକୁ କେବେ ଆସିବେ ଏ ବିଶ୍ୱାସ ମଧୁସୂଦନଙ୍କର ନଥିଲା । ସେ ରଘୁନାଥଙ୍କ ପାଦ ଛୁଇଁ ପ୍ରଣାମ କଲେ ।

ମାତ୍ର ମଧୁସୂଦନ ଖ୍ରୀଷ୍ଟାନ ହୋଇ ସାରିଥିବା ଆଶଙ୍କା କରି ରଘୁନାଥ ପାଦଟା ଘୁଞ୍ଚାଇ ନେଲେ, ଯେପରି ଅବେଳାରେ ସ୍ପର୍ଶଦୋଷ ନଘଟେ !

ମଧୁସୂଦନଙ୍କୁ ପ୍ରଥମେ ତ ଚିହ୍ନି ପାରିଲେ ନାହିଁ ଚୌଧୁରୀ ରଘୁନାଥ ଦାସ । ପରିଧାନରେ ପାଇଜାମା, ଦେହରେ ଲମ୍ବା ଢିଲା କାମିଜ, ପାଦରେ ଚଟି । ପ୍ରଶସ୍ତ କପାଳ ଉପରେ ଅବିନ୍ୟସ୍ତ କେଶରାଶି । ଶାଣିତ ଆଖି ଦୁଇଟିରେ ଏକ ସୁଦୂରପ୍ରସାରୀ ଗଭୀର ଗମ୍ଭୀର ଦୃଷ୍ଟି । ଚୌଧୁରୀ ରଘୁନାଥ କାନ୍ଥରେ ଝୁଲୁଥିବା ଫଟୋଟି ଦେଖି ଅପ୍ରସନ୍ନ କଣ୍ଠରେ ପଚାରିଲେ··· "କାନ୍ଥରେ ସେଇଟା ପୁଣି କଣ ?"

ମଧୁସୂଦନ ଉତ୍ତର ଦେଲେ··· "ତାହା ମଣିଷର ହୃଦୟର ରାଜା । ଯୀଶୁ ସେଠି ଅନ୍ତରର କ୍ରନ୍ଦନ ଦେଉଛନ୍ତି, ମନୁଷ୍ୟର ମୁକ୍ତି ପାଇଁ ।"

ଏସବୁ ଅବାନ୍ତର ପ୍ରହେଳିକାପୂର୍ଣ୍ଣ ଉତ୍ତର ଶୁଣିବା ପାଇଁ ଚୌଧୁରୀ ରଘୁନାଥଙ୍କ ଧୈର୍ଯ୍ୟ ନଥିଲା । ଆସାମୀକୁ ଜବାବ ତଲବ କରିବା ଭଙ୍ଗୀରେ ସେ ପଚାରିଲେ··· "ତୁମେ ତାହାହେଲେ ପୁରା ଖ୍ରୀଷ୍ଟିଆନ ହୋଇଗଲଣି ପରା !"

ମଧୁସୂଦନ: – "ନାଁ, ଆପଣଙ୍କ ଅନୁମତି ପାଇଁ କେବଳ ବାକି ଅଛି ।"

ରଘୁନାଥ ଆର୍ତ୍ତନାଦ କରିବା ପରି କଣ୍ଠରେ କହିଲେ:—
"ତୁମେ କଦାପି ଖ୍ରୀଷ୍ଟିଆନ ହୋଇ ପାରିବ ନାହିଁ ମଧୁ ।"

ମଧୁସୂଦନ:— "ମୁଁ ବର୍ତ୍ତମାନ ଆଇନଚକ୍ଷୁରେ ପ୍ରାପ୍ତବୟସ୍କ । ସ୍ୱାଧୀନ ଭାବରେ ଚିନ୍ତା କରିବାର ଅଧିକାର ମୋର ଆସିଲାଣି ।"

ଏପରି ଦାମ୍ଭିକ ଅବାଧ୍ୟତା ରଘୁନାଥଙ୍କ କଳ୍ପନାତୀତ ଥିଲା । ତଥାପି କଣ୍ଠସ୍ୱରକୁ ଯଥାସମ୍ଭବ କୋମଳ କରି ସେ କହିଲେ···

"ତୁ କଦାପି ଖ୍ରୀଷ୍ଟିଆନ ହୋଇ ପାରିବୁ ନାହିଁ ମଧୁ ! ସେ ସବୁ ପିଲା ବୁଦ୍ଧି ଛାଡ଼ ।"

ମଧୁସୂଦନ କିନ୍ତୁ ଜବାବ ସୁଆଲ କରିବା ପରି କଣ୍ଠରେ ପଚାରିଲେ···"ଧର୍ମର ସଂଜ୍ଞା କଣ ? ଧର୍ମ କାହାକୁ କୁହାଯାଏ ?"

ଚୌଧୁରୀ ରଘୁନାଥ, ନିତାନ୍ତ ସାଦାସିଧା ଓଡ଼ିଆଲ ମଣିଷ ! ଏସବୁ ତାର୍କିକ ବ୍ୟାପାରରେ ତାଙ୍କର କାରବାର ନଥିଲା । ଚୋରାଣୀ ଛଣା ବହଳ ନିଶ ଦୁଇପଟି ପ୍ରଚଣ୍ଡ ଚାଞ୍ଚଲ୍ୟରେ ନଚାଇ, ସେ ଅସ୍ଫୁଟ ଚିତ୍କାର କରି ଉଠିଲେ··· "ହୁଃ···"

ମଧୁସୂଦନ କହିଲେ··· "ମନୁଷ୍ୟକୁ ଯାହା ଧାରଣ କରି ରଖେ, ତାହା ଧର୍ମ ! ହିନ୍ଦୁଧର୍ମ କିନ୍ତୁ ମନୁଷ୍ୟକୁ ଆଜି ଆଉ ଧାରଣ କରିବା ପରିବର୍ତ୍ତେ, ତାହାକୁ ସତ୍ୟ ପଥରୁ ନିର୍ବାସିତ କରି ଦେଉଛି । ମନୁଷ୍ୟ ଠାରୁ ବିଚ୍ଛିନ୍ନ କରି ରଖୁଛି । ସେଇଥିପାଇଁ ତ ଭାରତୀୟ ସମାଜ ଛିଡ଼ି ରହି ପାରୁନାହିଁ । ଇଂରେଜମାନେ ଏ ଦେଶ ଏତେ ସହଜରେ ଅଧିକାର କରିନେଲେ ।"

ଏସବୁ ତତ୍ତ୍ୱ କଥା ଶୁଣିବା ପାଇଁ ଚୌଧୁରୀ ରଘୁନାଥ ଦାସ ଏତେ ପରିଶ୍ରମ କରି କଲିକତା ଆସି ନଥିଲେ । ସେ କହିଲେ··· "ପାଠ ଯଥେଷ୍ଟ ହୋଇଗଲା, ଏଥର କଟକ ଫେରିଚାଲ । ମୁଁ ତୁମକୁ ଏଠାରୁ ନେଇ ଯିବାପାଇଁ ଆସିଛି ।"

ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ··· 'ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ନହେବା ପର୍ଯ୍ୟନ୍ତ ମୁଁ କଟକ ଫେରିବି ନାହିଁ । ଏ ମୋର ଶପଥ ।"

ରଘୁନାଥ କହିଲେ···' ତା' ହେଲେ, କାଳୀମନ୍ଦିରକୁ ଚାଲ, ସେଠି ଶପଥ ନେବ; ଖ୍ରୀଷ୍ଟିଆନ ହେବ ନାହିଁ ବୋଲି ।"

ମଧୁସୂଦନ ଉତ୍ତର ଦେଲେ··· "ଖ୍ରୀଷ୍ଟିଆନ ହେବା ପାଇଁ ମୁଁ କିନ୍ତୁ ଶପଥ ନେଇ ସାରିଛି ।"

ରଘୁନାଥଙ୍କ ଧୈର୍ଯ୍ୟଚ୍ୟୁତି ଘଟି ସାରିଥିଲା । ସେ ତଥାପି ନିଜକୁ ସଂଯତ ରଖି ଶାନ୍ତକଣ୍ଠରେ ଶେଷ ଅସ୍ତ୍ର ପ୍ରୟୋଗ କରି କହିଲେ···

"ବୋଉ ତୋତେ ଦେଖିବା ପାଇଁ ତୋ ଫେରିବା ବାଟ ଚାହିଁ ବସି ରହିଛି । ତୁ ଖ୍ରୀଷ୍ଟାନ ହେଲେ, ସେ ଆଉ ପ୍ରାଣ ଧରି ରହିବ ନାହିଁ ।"

ମଧୁସୂଦନ କିନ୍ତୁ ନିତାନ୍ତ ନିଷ୍ଠୁର କଣ୍ଠରେ ଉତ୍ତର ଦେଲେ··· "ମୁଁ ଖ୍ରୀଷ୍ଟିଆନ ହୋଇ ସାରିବା ପରେ ପୁଣି ବି.ଏ ପାସ କରି ବୋଉକୁ ଦେଖିବା ପାଇଁ ନିଜେ ଆସିବି ! ତା ପୂର୍ବରୁ ନୁହେଁ ।"

ବାରୁଦ ଗଦାରେ ହଠାତ୍ ନିଆଁ ଲାଗିବା ପରି ଚୌଧୁରୀ ରଘୁନାଥ ବିସ୍ଫୋରଣ କରି ଉଠି କହିଲେ···

"ସେତେବେଳକୁ ଆମେ ତୋ ନାଁରେ ଶୁଦ୍ଧି ହୋଇ ସାରିଥିବୁ ! କୁଳାଙ୍ଗାର, ତୋତେ ମୁଁ ଆଜିଠାରୁ ତ୍ୟାଜ୍ୟପୁତ୍ର କଲି ।"

ଚୌଧୁରୀ ରଘୁନାଥ ପ୍ରଚଣ୍ଡ କ୍ରୋଧରେ ଘରଭିତରୁ ବାହାରି ଚାଲିଗଲେ । ମଧୁସୂଦନ ତଳେ ମୁଣ୍ଡ ନୁଆଁଇ, ତାଙ୍କର ପାଦଧୂଳି ଉଦ୍ଦେଶ୍ୟରେ କେବଳ ବଡ଼ପୁଅର ଶେଷପ୍ରଣାମ ଜଣାଉଥିଲେ । ଚୌଧୁରୀ ରଘୁନାଥ ତାଙ୍କ ଜୋତାଶବ୍ଦ ସିଡ଼ିରେ ଧୀରେ ଧୀରେ ଖସି ମିଳାଇ ଯାଉଥିଲା ।

ସେଦିନ କିନ୍ତୁ ଏହି ତ୍ୟାଜ୍ୟପୁତ୍ରଙ୍କୁ, ସମାଜ ଓ ଦେଶ ଯେ ଆଦରର ସନ୍ତାନ ରୂପେ ବ୍ୟଗ୍ରବାହୁ ମେଲି ଆମନ୍ତ୍ରଣ କରିବ, ମଧୁସୂଦନଙ୍କର ସେଥିରେ ଆତ୍ମପ୍ରତ୍ୟୟର ଅଭାବ ନଥିଲା । କୁସନ୍ତାନ ସିନା କେବଳ ପିତାମାତାଙ୍କର, ମାତ୍ର ସୁସନ୍ତାନ ଯେ ସମଗ୍ର ଜାତିର ! ପିତାଙ୍କ ବ୍ୟବହାରରେ ତେଣୁ ମଧୁସୂଦନ ଦୁଃଖିତ ହୋଇଥିଲେହେଁ ଆହତ ହୋଇ ନଥିଲେ । ଅପର ପକ୍ଷରେ ତାହାକୁ ସେ ଏକ ଆହ୍ୱାନ ରୂପେ ଗ୍ରହଣ କରିଥିଲେ ।

୧୯୧୨ ସାଲରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ, ଉତ୍କଳ-ସମ୍ମିଳନୀର ଅଷ୍ଟମ ଅଧିବେଶନରେ ଭାଷଣ ଦେବା ବେଳେ, ଯୌବନର ଏହି ଅଭିମାନୀ ସ୍ୱାବଲମ୍ବନତା ପ୍ରକାଶକରି, ମଧୁସୂଦନ କହିଥିଲେ···

"ଉପେନ୍ଦ୍ରଭଞ୍ଜ ଏଇଠାରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ଉପେନ୍ଦ୍ରଙ୍କ ପିତା ମାତାଙ୍କର ନାମ, ତାଙ୍କ ବାଲ୍ୟକାଳର କଥା ଅଧିକାଂଶ କହିପାରିବେ ନାହିଁ । ମାତ୍ର ସମସ୍ତେ କହନ୍ତି ଆମ୍ଭର ଉପେନ୍ଦ୍ର ଭଞ୍ଜ । ମୁଁ ପ୍ରଶ୍ନ କରେ "ତୁମ୍ଭର ହେଲେ କପରି ?" ଜାଣି କହିଲି— ଯୋଗ୍ୟ ସୁସନ୍ତାନ ଜାତିର ଏବଂ କୁସନ୍ତାନ ବାପମାଆଙ୍କର । ଏହା ଜାତିର ଗର୍ବର ଅଟେ । ଉପେନ୍ଦ୍ରଙ୍କୁ ପଢାଇବାକୁ ଟଙ୍କା ମାଗିଥିଲେ କେହି ଦେଇ ନଥାନ୍ତେ । × ×

"ମିଲଟନ ଶେଷକାଳକୁ ଅନାହାରରେ ପ୍ରାଣତ୍ୟାଗ କଲେ । ସେକ୍‌ସପିୟର ଥିଏଟରପାର୍ଟୀଙ୍କ ଘୋଡ଼ା ଜଗି ପେଟ ପାଳୁଥିଲେ । ବର୍ତ୍ତମାନ ବିଲାତର ଲୋକେ କହନ୍ତି, ଆମର ମିଲଟନ, ଆମର ସେକସ୍‌ପିୟର । କାଳିଦାସ ପାଣିକି ବୋହୁଥିଲେ, ସେତେବେଳେ କେହି ଆହା କହି ନଥିଲେ । ମାତ୍ର ବର୍ତ୍ତମାନ ସମସ୍ତେ କହୁଛନ୍ତି ଆମର କାଳିଦାସ ! ଏହା ଜାତିର ଗର୍ବ ଅଟେ ।"

ଚୌଧୁରୀ ରଘୁନାଥ ଦାସଙ୍କ ଜୋତା ଶବ୍ଦ ସିଡ଼ିରେ ସମ୍ପୂର୍ଣ୍ଣ ନୀରବ ହୋଇଯିବା ପରେ ସେହି ଶୂନ୍ୟ ପ୍ରକୋଷ୍ଠ ମଧ୍ୟରେ ମଧୁସୂଦନଙ୍କର ମନେ ହେଲା; ସେ ଯେପରି ହଠାତ୍ ତାଙ୍କର ସବୁ ପ୍ରିୟଜନଙ୍କ ଠାରୁ ବିଚ୍ୟୁତ ହୋଇ ପଡ଼ିଥିଲେ । ତାଙ୍କର ସବୁ ପ୍ରିୟବନ୍ଧନ ମୁହୂର୍ତ୍ତକ ଭିତରେ ଛିଡ଼ି ଯାଇଥିଲା । ଚୌଧୁରୀ ରଘୁନାଥଙ୍କ ଶେଷକଥା ବାରମ୍ବାର ପ୍ରତିଧ୍ୱନିତ ହୋଇ ଉଠୁଥିଲା··· "କୁଳାଙ୍ଗାର ତୋତେ ମୁଁ ତ୍ୟାଜ୍ୟ ପୁତ୍ର କଲି ।"

## (ଦୁଇ)

ବି.ଏ ପରୀକ୍ଷା ମୁଣ୍ଡ ଉପରେ ।

ଜୀବନ ସଂଗ୍ରାମ, ରାଜନୀତି ପୁଣି ୟଙ୍ଗ୍ ବେଙ୍ଗଲର ନାନା ତର୍କ-ସଭା ପ୍ରଭୃତିରେ ଅହରହ ବ୍ୟସ୍ତ ଥାଇଁ ପରୀକ୍ଷା ପାଇଁ ପ୍ରସ୍ତୁତି ଶେଷ ହୋଇ ପାରି ନଥିଲା । ବି.ଏ କ୍ଲାସରେ ନାମ ଲେଖାଇବା ପରଠାରୁ ଏଲ୍.ଏମ୍.ଏସ୍ କଲେଜ ପକ୍ଷରୁ ମାସିକ ଆଠଟଙ୍କା ବୃତ୍ତି ମିଳୁଥିଲା । ଯଥାରୀତି

ଗୁଜରାଣ ମେଣ୍ଟିଯିବା ସେଥିରେ ଅବଶ୍ୟ ସମ୍ଭବ ଥିଲା । ମାତ୍ର ମଧୁସୂଦନଙ୍କ ପକ୍ଷରେ ତାହା ଥିଲା ଅତି ସାମାନ୍ୟ । ପୁଣି ଅମ୍ବିକାଚରଣଙ୍କୁ ମଧ୍ୟ ବେଳେ ବେଳେ ଅର୍ଥ ସାହାଯ୍ୟ କରିବାର ପ୍ରୟୋଜନ ପଡ଼ୁଥିଲା ! ସେଥିପାଇଁ ମାଷ୍ଟର ଯଦୁନାଥଙ୍କ ଦୁଇକନ୍ୟା ସୌଦାମିନୀ ଓ ସୁରଙ୍ଗିଣୀଙ୍କ ଟିଉସନ ସେ ଛାଡ଼ି ପାରୁ ନଥିଲେ । ଏହା ବ୍ୟତୀତ ଗରିଆହାଟା ଅଞ୍ଚଳରେ ଥିଲା ଆଉ ଦୁଇଜଣ ଛାତ୍ରଙ୍କୁ ସକାଳବେଳା ଟିଉସନି । ଅମ୍ବିକା ଖ୍ରୀଷ୍ଟିଆନ ହେବା ପରେ ବାଳିକା-ବଧୂ ପ୍ରସନ୍ନମୟୀକୁ ଘାଣ୍ଟାଲରୁ ତାର ପିତାଙ୍କଠାରୁ ଆଣିବା ପାଇଁ, ଶାଶୁ ଶ୍ୱଶୁର ଅନିଚ୍ଛୁକ ଥିଲେ । ସେଥିପାଇଁ, ପ୍ରତ୍ୟେକ ମାସରେ ପ୍ରସନ୍ନମୟୀ ଠିକଣାରେ ଅମ୍ବିକାଚରଣଙ୍କୁ କିଛି ଟଙ୍କା ପଠାଇବା ପାଇଁ ପଡ଼ୁଥିଲା ।

ସେଦିନ ଅମ୍ବିକାଚରଣ ମଧୁସୂଦନଙ୍କୁ କହୁଥିଲେ··· "ଟଙ୍କା କେତୋଟା ନ ପଠାଇଲେ, ତମର ଝିଅ ଉପାସ ରହିଯିବ ଶଶୁର !"

ମଧୁସୂଦନ ଅନ୍ୟମନସ୍କ କଣ୍ଠରେ ଉତ୍ତର ଦେଲେ··· "ସେଇ ଚକଆ ଚଳଟାତ ମୋ ଟ୍ରେଜେରୀ ! ଯାହାଥିବ ସେଠି ପଠାଇ ଦେ । ଜଲଦି ପଠାଇଦେ ! ମୋତେ ଆଉ ଦୁଇଦିନ ଆଗରୁ କହିଲୁ ନାହିଁ କାହିଁକି ?"

ମଧୁସୂଦନ ଚନ୍ଦବାରିଆ ରୋଡରେ ମାଷ୍ଟର ଯଦୁନାଥଙ୍କ ଘରକୁ ସନ୍ଧ୍ୟାରେ ଟିଉସନ ପାଇଁ ବାହାରିଥିଲେ ।

ସୁରଙ୍ଗିଣୀ ଅବଶ୍ୟ ଚଞ୍ଚଳା । ସୌଦାମିନୀ କିନ୍ତୁ ସ୍ଥିର ସୌଦାମିନୀ ।··· କେଉଁଦିନ ନଜର ଅଲକ୍ଷିତରେ ସୌଦାମିନୀ ପ୍ରତି ମଧୁସୂଦନ ମନେ ମନେ ଆକୃଷ୍ଟ ହୋଇ ପଡ଼ିଥିଲେ ତାହା ସେ ଠିକ୍ ଜାଣି ନଥିଲେ । କିନ୍ତୁ ନିର୍ଜନ ମୁହୂର୍ତ୍ତ ମାନଙ୍କରେ ସୌଦାମିନୀଙ୍କୁ କେନ୍ଦ୍ର କରି ତାଙ୍କର ନାନା ଦିବାସ୍ୱପ୍ନର ଅନ୍ତ ନଥିଲା ।

ସୌଦାମିନୀ ଘର ଝିଅ, ତାଙ୍କ ଜୀବନରେ ଆବଶ୍ୟକ ଥିଲା କର୍ମ-ସଙ୍ଗିନୀ ହେବା ପାଇଁ ! ମାଷ୍ଟର ଯଦୁନାଥ ଚାଟାର୍ଜିଙ୍କ ମତରେ ଏଥିରେ ଆପତ୍ତି କରିବା ପାଇଁ କିଛି ନଥିଲା । ମାତ୍ର ସୌଦାମିନୀଙ୍କୁ ଧରି ସତ୍ୟଭାମାପୁର ଗାଁରେ ଚୌଧୁରୀବର ଦାଣ୍ଡରେ ପହଞ୍ଚିବା, ମଧୁସୂଦନ ତାଙ୍କର ଦୁଃସାହସିକତମ ଚିନ୍ତାରେ ସୁଦ୍ଧା କଳ୍ପନା କରି ପାରୁନଥିଲେ । ଜ୍ୟେଷ୍ଠପୁତ୍ର ମଧୁସୂଦନଙ୍କ ପାଇଁ ପାଟଣା ଦେଇ କେତେ ସ୍ଥାନରେ କେତେ

ହିସଣା ବୁଝାଇ ନଥିବେ ! ମାତ୍ର ମଧୁସୂଦନ ଖ୍ରୀଷ୍ଟିଆନ ହେବା ପରେ ତାଙ୍କର ସେ ସବୁ ଆଶା ଧୂଳିସାତ୍ ହୋଇ ସାରିଥିଲା । ଚୌଧୁରୀ ରଘୁନାଥ ଦାସ ତ ତ୍ୟାଜ୍ୟ ପୁତ୍ର ଘୋଷଣା କରି ସାରିଥିଲେ । ତଥାପି ପାର୍ବତୀ ଦେବୀଙ୍କ ପାଦତଳେ ଗୋଟାଏ ମୁଣ୍ଡିଆ ପକାଇ, ମଧୁସୂଦନ ଯଦି କହନ୍ତେ··· "ଏଇ ତୋର ବୋହୂ ଆସିଛି"··· ତା'ହେଲେ ପାର୍ବତୀ ଦେବୀ କଣ ସୌଦାମିନୀଙ୍କୁ କୋଳକୁ ଟାଣି ନନେଇ ଦୂରକୁ ଠେଲି ଦେଇପାରନ୍ତେ ?···ଅନ୍ତତଃ ପାର୍ବତୀ ଦେବୀଙ୍କର ପ୍ରକୃତି ସେପରି ନଥିଲା ।

ମଧୁସୂଦନ ପାର୍ବତୀ ଦେବୀଙ୍କ ମାତୃପ୍ରାଣକୁ ଭଲେ ଭଲେ ଚିହ୍ନି ଥିଲେ । ପାର୍ବତୀ ଦେବୀଙ୍କ କେତେ ସ୍ୱପ୍ନ, କେତେ ଆଶା ଧୂଳିସାତ୍ ହୋଇ ଥିବାରୁ, ସେ ପ୍ରଥମେ ହୁଏତ ଅଭିମାନ କରନ୍ତେ, ମନ ଦୁଃଖ କରନ୍ତେ, କାନ୍ଦନ୍ତେ, ମାତ୍ର ସୌଦାମିନୀଙ୍କୁ କଦାପି ତଡ଼ି ଦେଇ ପାରନ୍ତେ ନାହିଁ । ହୁଏତ ଚୌଧୁରୀ ଘର ଭିଟାରେ ସୌଦାମିନୀ ପାଇଁ ସ୍ଥାନ ମିଳନ୍ତା ନାହିଁ ! ମାତ୍ର ପାର୍ବତୀ ଦେବୀଙ୍କ ହୃଦୟରେ ନୁହେଁ ! ସେହି ଭରସାରେ ସୌଦାମିନୀ ସମ୍ପର୍କରେ ଦିବାସ୍ୱପ୍ନର ଜାଲ ବୁଣିପିବା ପାଇଁ ମଧୁସୂଦନଙ୍କ ମନରେ ଗୋଟାଏ ଦ୍ୱନ୍ଦ୍ୱ ଆସୁଥିଲା ।

ଓଡ଼ିଶାର ନବଜାଗରଣ ପାଇଁ ସୌଦାମିନୀ ପରି ଶିକ୍ଷିତା ନାରୀର ଆବଶ୍ୟକତା ମଧୁସୂଦନ ସର୍ବାଦୌ ବୁଝିଥିଲେ । ଓଡ଼ିଶାରେ ନାରୀତ୍ୱର ଆଦର୍ଶ ଓ ମହତ୍ତ୍ୱ ସମ୍ପର୍କରେ ପାରମ୍ପରିକ ଶିକ୍ଷା ଓ ଚେତନାର ଅଭାବ ଅବଶ୍ୟ ନଥିଲା । ବସ୍ତୁତଃ ମଧୁସୂଦନଙ୍କ ଜନନୀ ପିତାମହୀ ଓ ପ୍ରପିତାମହୀ ସମସ୍ତେ ଆଦର୍ଶ କୁଳନାରୀ ଥିଲେ । କିନ୍ତୁ ସେପରି ବ୍ୟକ୍ତିଗତ ଆଚରଣଗତ ଆଦର୍ଶରେ କେବଳ ଗୋଟାଏ ଜାତିକୁ ନୂଆ କରି ଗଢ଼ିବା ସମ୍ଭବ ନଥିଲା । ଜାତିର ନାରୀ-ପୁରୁଷ ମାନଙ୍କୁ ଏକ ବଳିଷ୍ଠ ଆଦର୍ଶରେ ଅଭିମନ୍ତ୍ରିତ କରିବା ପାଇଁ ଯାହା ସର୍ବାଦୌ ଆବଶ୍ୟକ- ତାହା ଥିଲା ନାରୀ ଶିକ୍ଷା । ଗ୍ରନ୍ଥ ଚଉପଦୀ ବୋଲିବା, ଚିଠି ଲେଖିବା, ବଡ଼ୀ ପାରିବା ଅଥବା କାଇଁଚଜାଲି ବୁଣିବା ପ୍ରଭୃତି ବିଦ୍ୟାରେ ଓଡ଼ିଶାରେ କୁଳନାରୀମାନେ ଯେ ସୁଶିକ୍ଷିତା ନଥିଲେ ନୁହେଁ । ସେସବୁ ବିଦ୍ୟାରେ ବ୍ୟକ୍ତିଗତ ଗାର୍ହସ୍ଥ୍ୟ ଜୀବନକୁ ଭିତରୁ ରୁଚିସମ୍ପନ୍ନ ଓ ମାର୍ଜିତ କରିଯାଇ ପାରୁଥିଲା ସତ୍ୟ । ମାତ୍ର ସେଥିରେ ନାରୀ-ପୁରୁଷ ମାନଙ୍କ ଜୀବନ ଓ ଚରିତ୍ର ଗଠନ କରି ଏକ ଐତିହାସିକ ଜାତିର ନବଜାଗରଣ ସମ୍ଭବ ନଥିଲା ।

ସେଥିପାଇଁ ଆଧୁନିକ ଶିକ୍ଷାରେ ସୁଶିକ୍ଷିତା ନାରୀର ପ୍ରୟୋଜନ ମଧୁସୂଦନ ବେଶ୍ ବୁଝିଥିଲେ ।

ସେତେବେଳେ କିନ୍ତୁ ଓଡ଼ିଶାରେ ପୁରୁଷସମାଜରେ ମଧ୍ୟ ଶିକ୍ଷିତଙ୍କ ସଂଖ୍ୟା ଅଙ୍ଗୁଳିମେୟ ଥିଲା । ଯେଉଁମାନେ କିଛି କିଛି ଶିକ୍ଷିତ ହୋଇ ପାରୁଥିଲେ, ଚାକିରି ବ୍ୟତୀତ ଜୀବନରେ ସେମାନଙ୍କର ଅନ୍ୟ ଲକ୍ଷ୍ୟ ନଥିଲା । ସେମାନଙ୍କ ଠାରେ ଅବଶ୍ୟ ହରିଭକ୍ତି ଓ ଦେଶାତ୍ମବୋଧର ଅଭାବ ନଥିଲା । କିନ୍ତୁ ତାହା ଥିଲା ସେପରି କ୍ଷୁଦ୍ର ସେହିପରି କୁଣ୍ଠିତ । ଇତିହାସର ଶତ ଘାତ ପ୍ରତିଘାତ ମଧ୍ୟରେ, ଆତ୍ମପ୍ରତ୍ୟୟହୀନ ଗୋଟାଏ ମ୍ରିୟମାଣ ଜାତିକୁ ଉଦବୁଦ୍ଧ କରିବା ପାଇଁ, ସେଥିରେ ପ୍ରାଣଶକ୍ତି ନଥିଲା । ସେତେବେଳେ ଦେଶରେ ଆବଶ୍ୟକ ଥିଲା ସୁଶିକ୍ଷିତ, ଉତ୍ସର୍ଗୀକୃତ ଜୀବନ । କିନ୍ତୁ ଓଡ଼ିଶାର ଶିକ୍ଷିତ ପୁରୁଷସମାଜରେ ମଧ୍ୟ, ସେପରି ସଙ୍କଳ୍ପ କଳ୍ପନାତୀତ ଥିଲା । ଏ ପରିସ୍ଥିତିରେ ଶିକ୍ଷିତା, ଉତ୍ସର୍ଗୀକୃତା ନାରୀର ସନ୍ଧାନ କରିବା ସେଠାରେ ଥିଲା ଏକ କଷ୍ଟିତ କଳ୍ପନା । ଓଡ଼ିଶାରେ ଆଧୁନିକ ନାରୀଶିକ୍ଷା ଦୂରର କଥା । ବାଲେଶ୍ୱରରେ ଥିବାବେଳେ ଫକୀରମୋହନ ତାଙ୍କ "ସମ୍ବାଦବାହିକା"ରେ ଏକ ପ୍ରବନ୍ଧରେ ନାରୀମାନେ ସେମିଜ ପିନ୍ଧିବା ଉଚିତ ବୋଲି ଲେଖି ଦେଇଥିବାରୁ, ସହରର ସମ୍ଭ୍ରାନ୍ତ ଗୋଷ୍ଠୀଗତ ସମାଜରେ ତୁମୁଳ ଆନ୍ଦୋଳନ ଦେଖା ଯାଇଥିଲା । ଫକୀରମୋହନ "ଆତ୍ମଚରିତ" ରେ ଲେଖିଛନ୍ତି..."ସ୍ତ୍ରୀମାନେ ଅଙ୍ଗା ପିନ୍ଧିବେ ! ଏ ପ୍ରକାର ଅସଙ୍ଗତ ଅଦ୍ଭୁତ ବିଷୟ ସେମାନଙ୍କର ହାସ୍ୟୋଦ୍ରେକର କାରଣ । କଥାଟା ଉପରେ ଉପରେ ଉଡ଼ିଗଲା ।"

ମଧୁସୂଦନ କିନ୍ତୁ ସେକଥା ଭୁଲି ନଥିଲେ ।

ସୌଦାମିନୀ ବୟସରେ ମଧୁସୂଦନଙ୍କ ଠାରୁ ଗୋଟିଏ ବର୍ଷ ବଡ଼ ଥିଲେହେଁ ସେତେବେଳେ କେଥିଡ୍ରାଲ ସ୍କୁଲର ଛାତ୍ରୀ । ତାଙ୍କର ଶିକ୍ଷା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା । ମଧୁସୂଦନଙ୍କ ପ୍ରଗାଢ଼ ଚେଷ୍ଟାରେ ସେ ବର୍ଷ ଏଣ୍ଟ୍ରାନସ୍ ପରୀକ୍ଷା ଦେବା ପାଇଁ ସୌଦାମିନୀ ପ୍ରସ୍ତୁତ ହେଉଥିଲେ । ଏଣ୍ଟ୍ରାନସ୍ ପରେ ସୌଦାମିନୀଙ୍କୁ ବିଶ୍ୱବିଦ୍ୟାଳୟ ଶିକ୍ଷା ଦେବାପାଇଁ, ମଧୁସୂଦନ ମନେ ମନେ ମଧ୍ୟ ସଙ୍କଳ୍ପବଦ୍ଧ ହୋଇ ସାରିଥିଲେ ।

ସେଥିପାଇଁ ମୁଣ୍ଡ ଉପରେ ବି.ଏ ପରୀକ୍ଷାର ଖଡ୍‌ଗ ଝୁଲୁଥିଲେ ହେଁ, ପ୍ରତ୍ୟହ ସୌଦାମିନୀଙ୍କୁ ଟିଉସନ କରିବାରେ ମଧୁସୂଦନଙ୍କର ତ୍ରୁଟି

ବା ଅବହେଳା ନଥିଲା । ···ସୌଦାମିନୀଙ୍କୁ କର୍ମସଙ୍ଗିନୀରୁ ଧର୍ମସଙ୍ଗିନୀ ରୂପେ ମଧୁସୂଦନ କେଉଁଦିନ ନିଜର ଅଜ୍ଞାତରେ ବରଣ କରି ସାରିଥିଲେ !

ମେଜ ଉପରେ କରୋସିନ୍ ଆଲୁଅଟିଏ ଜଳୁଥିଲା । ସୋଟିଏ ପାଖରେ ପାଖାପାଖି ହୋଇ ପଡିଥିବା ଦୁଇଖଣ୍ଡ ଚଉକୀରୁ ଖଣ୍ଡେ ଚଉକୀ ଉପରେ ସୁରଙ୍ଗିଣୀ ଖଣ୍ଡେ ବହି ମେଲି, ଶୂନ୍ୟଦୃଷ୍ଟିରେ ବହିର ପୃଷ୍ଠା ଗୁଡିକୁ ଚାହିଁ ବସିଥିଲା । ସୌଦାମିନୀର ଚୌକିଟି ଖାଲି ପଡିଥିଲା ।

ମଧୁସୂଦନ ଝୁଙ୍କି ପଡ଼ି ପଡ଼ାଘର ଭିତରକୁ ପଶି ଆସି ପଚାରିଲେ··· "ତୋର ପାଠ କାହିଁ ?"···ମଧୁସୂଦନ ପକେଟରୁ ଗୋଟାଏ ଘଡ଼ି କାଢ଼ି ସମୟ ଦେଖିଲେ, ଛଅଟା ପନ୍ଦର ମିନିଟ ପାଇଁ ତଥାପି ଦୁଇ ମିନିଟ୍ ବାକି ଥିଲା । ସନ୍ଧ୍ୟା ଛଅଟା ପନ୍ଦର ମିନିଟ୍‌ରୁ ସାଢେ଼ ଆଠଟା, ମଧୁସୂଦନଙ୍କ ଟ୍ୟୁସନ୍‌ର ସମୟ ନିର୍ଦ୍ଦିଷ୍ଟ ଥିଲା ।

ସୁରଙ୍ଗିଣୀ ଖାତା ଉପରୁ ଦୁଇଟି ହାସ୍ୟୋଜ୍ଜ୍ୱଳ ଆଖି ଉଠାଇ ମଧୁସୂଦନଙ୍କ ଆଡେ଼ ଚାହିଁ ଉତ୍ତର ଦେଲା···"ସତେତ ! ମାଷ୍ଟର ବାବୁ ! ଝିଅକୁ ଏଇ କାମରେ ବାନ୍ଧି ରଖିଥିଲ ଯେ, ଏବେ କୁଆଡେ଼ ହଜାଇଲ କେଜାଣି ? ଆପଣ ଖୋଜି ଦେଖନ୍ତୁ ତ !"

ସୁରଙ୍ଗିଣୀ ଏକ୍ସପ୍ରେସ୍ ହାସ୍ୟମୟୀ ତରଙ୍ଗିଣୀ !

ମଧୁସୂଦନ କିନ୍ତୁ ନିତାନ୍ତ କାଷ୍ଠ-ରସିକ । ଭାବାବେଗ ଅପେକ୍ଷା ଶୀତଳ ହେତୁବାଦ ତାଙ୍କ ଚରିତ୍ରରେ ଅଧିକତର ସୁସ୍ପଷ୍ଟ ଥିଲା । ଅନ୍ୟକୁ ଆହତ କରିବାର ଶାଣିତ ଚତୁରତା ତାଙ୍କ ଠାରେ ଯଥେଷ୍ଟ ଥିଲା; ମାତ୍ର ପ୍ରଗଲ୍‌ଭ ରସିକତା ନଥିଲା । ସେ ରୁକ୍ଷ ଶିକ୍ଷକସୁଲଭ କଣ୍ଠରେ କହିଲେ···"ଦିନକୁ ଦିନ ଫାଜିଲ୍ ହୋଇ ଯାଉଛୁ ନା ? ଗ୍ରାମାର ପଢ଼ା ହୋଇଛି ?"

ମଧୁସୂଦନଙ୍କ ରୂଢ଼ କଠୋରତାରେ ସୁରଙ୍ଗିଣୀ ଆହତା ହୋଇ, ଲୁହରେ ଆଖି ଛଳଛଳ କରି କହିଲା···"ମୁଁ ଆଉ ପଢ଼ିବି ନାହିଁ ! ଯାଃ ! ମୁଁ ଜାଣେ ତୁମେ ଝିଅକୁ ଭଲ ପାଉଚ ! ସବୁବେଳେ ସେଥିପାଇଁ ସୌଦାମିନୀ, ସୌଦାମିନୀ !"

ହୃଦୟଘଟିତ ବ୍ୟାପାର ମାନଙ୍କରେ ମଧୁସୂଦନଙ୍କର କୌଣସି ଅଭିଜ୍ଞତା ଅଥବା ଅଭିରୁଚି ନଥିଲା । ସେ ଥିଲେ ମସ୍ତିଷ୍କର ମଣିଷ । ସୁରଙ୍ଗିଣୀର ଇର୍ଷ୍ୟାତୁର ବିସ୍ଫୋରଣ ପ୍ରତି ଦୃକ୍‌ପାତ ନକରି, ସେ ଶୀତଳ ଦୃଷ୍ଟିରେ ସୁରଙ୍ଗିଣୀ ଆଡେ ଚାହିଁ, ଜ୍ୟାମିତି ଅଥବା ବ୍ୟାକରଣ ପ୍ରଶ୍ନ ପଚାରିବା ପରି କଣ୍ଠରେ ପଚାରିଲେ···"ଭଲ ପାଇବାର ଅର୍ଥ କଣ ସୁରଙ୍ଗିଣୀ ? କାନ୍ ୟୁ ଡିଫାଇନ୍ ହ୍ୱାଟ୍ ଲଭ ଇଜ୍ !"···

ସୁରଙ୍ଗିଣୀକୁ କିନ୍ତୁ ଭଲ ପାଇବାର ଅର୍ଥ କହିବା ପାଇଁ ଆଉ ଦରକାର ପଡ଼ିଲା ନାହିଁ । ସୌଦାମିନୀ ସେହି ସମୟରେ ହାତରେ ପଢ଼ା ବହି ଖାତା ଧରି ଶଙ୍କିତ ପାଦରେ ପଢ଼ାଘର ଭିତରକୁ ପଶି ଆସିଥିଲା ! ମାଷ୍ଟର ମହାଶୟ ପକେଟରୁ ଘଣ୍ଟା କାଢି ସମୟ ଦେଖିଲେ, ସେତେବେଳକୁ ନିର୍ଦ୍ଦିଷ୍ଟ ସମୟରୁ ସତର ମିନଟ୍ ଉତ୍ତୀର୍ଣ୍ଣ ହୋଇ ସାରିଥିଲା ।

ବଜ୍ରପତନସୂଚକ ଗମ୍ଭୀର କଣ୍ଠରେ ମଧୁସୂଦନ ଅଭିଯୋଗ କଲେ···"ତୁମେ ଆଜ ସତର ମିନଟ୍ ଡେରିରେ ଆସିଛ ସଦୁ !"

ସୌଦାମିନୀ ସଙ୍କୋଚ ଓ ଭୟରେ ମରଣ ଲଜ୍ଜିଲା । ସେ ଜାଣେ ନିର୍ଦ୍ଦିଷ୍ଟ ସମୟରୁ ଘଡ଼ିକଣ୍ଟା ଏପାଖ ସେପାଖ ହେଲେ ପରିତ୍ରାଣ ନଥିଲା । ମଧୁସୂଦନ ଟେବୁଲ ଉପରେ ହାତମୁଠା ପିଟି, ଗୋଟାଏ ଅଦ୍ଭୁତ ଶବ୍ଦ କରି କହିଲେ···"**Knowledge can't wait for eternal fools !**"

ଝଡ଼ର ଏ ପ୍ରଥମ ହୁଙ୍କାର କଟିଯିବା ପରେ, ସୌଦାମିନୀ ନିୟମିତ ପାଠଚର୍ଚ୍ଚା ପାଇଁ ବହିଖାତା ଖୋଲୁଥିଲା; ମାତ୍ର ମଧୁସୂଦନ ସେତେବେଳେ ହଠାତ୍ ସେପରି ସୌଦାମିନୀର ଉପସ୍ଥିତି ଭୁଲିଯାଇଥିଲେ । ଅନ୍ୟକୁ ଶାସ୍ତି ଦେବାପାଇଁ, ମଧୁସୂଦନଙ୍କର ତାହାହିଁ ଥିଲା ରୀତି । ସେତେବେଳେ ସେ ତାହାର ଅସ୍ତିତ୍ୱ ସମ୍ପୂର୍ଣ୍ଣ ଉପେକ୍ଷା କରୁଥିଲେ ।

ମଧୁସୂଦନ ସୁରଙ୍ଗିଣୀକୁ ପଚାରିଲେ···
"ଗ୍ରାମାର୍ ପାଠ ହୋଇଛି ?"

ସୁରଙ୍ଗିଣୀ ଶାଢ଼ୀର ଅଞ୍ଚଳ ଦାନ୍ତରେ କାମୁଡ଼ି କାମୁଡ଼ି, ଶଙ୍କିତ କଣ୍ଠରେ ଉତ୍ତର ଦେଲା···"ହୋଇଛି ମାଷ୍ଟର ବାବୁ !"

ମଧୁସୂଦନ କହିଲେ...Do not chew the cud, ଗାଈ ପରି ପାକୁଳି କର ନାହିଁ । Now, name a word that is used as an adjective, an adverb, a conjunction or a preposition. ଏପରି ଗୋଟିଏ ଶବ୍ଦ କହ, ଯାହା ଆଡ୍‌ଜେକ୍ଟିଭ୍, ଆଡଭର୍ବ, କନ୍‌ଜଙ୍କସନ୍ ଅଥବା ପ୍ରିପୋଜିସନ୍ ହୋଇ ପାରିବ ।"

ଦୁଇଦିନ ତଳେ ମାଷ୍ଟର ବାବୁ, ଏ ଗୋଲକଧନ୍ଦା ପାଠ ସୁରଙ୍ଗିଣୀକୁ ଯଥେଷ୍ଟ ଘୋଷାଇ ଘୋଷାଇ ପଢ଼ାଇଥିଲେ । ମାତ୍ର ସୁରଙ୍ଗିଣୀ ଏବେ ତାହା ବିଲକୁଲ୍ ଭୁଲି ବସିଥିଲା । ମଧୁସୂଦନ ଧୈର୍ଯ୍ୟଚ୍ୟୁତ ନ-ହୋଇ, ଶାନ୍ତ କଣ୍ଠରେ ସୁରଙ୍ଗିଣୀକୁ ନୋଟ୍ ଡାକିଲେ...

"ଲେଖ ! ଉତ୍ତର ହେଉଛି...After, The after part of a ship ଏଠାରେ after ହେଲା ବିଶେଷଣ । They that came after, ଏଠାରେ after, ହେଲା ଆଡ୍‌ଭର୍ବ । He came after me ଏଠାରେ after ହେଲା ପ୍ରିପୋଜିସନ୍ । He came a week after I went, ଏଠାରେ after ହେଲା କନ୍‌ଜଙ୍କ୍‌ସନ୍ ! ...ବର୍ତ୍ତମାନ ପଚଶଥର ଲେଖି ଲେଖି ମୁଖସ୍ଥ କର ଏ ସବୁ !"

ସୁରଙ୍ଗିଣୀ ଖାତା ଉପରେ ଫଟା ଗ୍ରାମୋଫୋନ୍ ରେକର୍ଡ ପରି, ବସଇ ଏକ କଥା ପଚଶଥର ଆବୃତ୍ତି କରି ଲେଖିବା ଆରମ୍ଭ କରିଦେଲା ।

ଏହାପରେ ସୌଦାମିନୀ ପ୍ରତି କୌଣସି ଦୃଷ୍ଟିପାତ ନକରି, ମଧୁସୂଦନ "ୟୁରୋପିଆନ୍ ହିଷ୍ଟ୍ରି" ବହିଖଣ୍ଡ ପଢ଼ିବା ପାଇଁ ଆରମ୍ଭ କରିଦେଲେ । ମଧୁସୂଦନଙ୍କ ଠାରୁ ଏ ପ୍ରକାର ଶାସ୍ତି ସୌଦାମିନୀ ପ୍ରତି ଅବଶ୍ୟ ନୂତନ ନଥିଲା । ତଥାପି ଆଜିର ଉପେକ୍ଷା ଓ ତାଚ୍ଛଲ୍ୟରେ ଥିଲା, ଏପରି ଏକ ତୀବ୍ରତା ଯାହା ଏକ ଅତି କୋମଳ ସ୍ପର୍ଶକାତର ସ୍ଥାନରେ ସୌଦାମିନୀଙ୍କୁ ପ୍ରଚଣ୍ଡ ଭାବରେ ଆଘାତ କରୁଥିଲା । ସୌଦାମିନୀ କାନ୍ଦ କାନ୍ଦ ଗୀତା ବହି ଧରି ସେଠାରୁ ଉଠି ଆସିଲା ।

ମଧୁସୂଦନ ପକେଟରୁ ଘଣ୍ଟା କାଢ଼ି ଦେଖିଲେ ।

ସାଢ଼େ ଆଠଟା ବାଜିବାକୁ ତିନି ମିନିଟ ବାକି । ଏହାପରେ ମାଟିଆବୁରୁଜର ଓଡ଼ିଆ ଶ୍ରମିକ ମାନଙ୍କର ବସ୍ତୀ ଆଡ଼େ ଥରେ ମୁହଁ ମାରି

ହଷ୍ଟେଲକୁ ଫେରିବା ପାଇଁ ପଡ଼ିବ । ତା'ପରେ ସତ ଗାନ୍ଧୀଙ୍କା ପର୍ଯ୍ୟନ୍ତ ଗ୍ଲେବ ପରୀକ୍ଷା ପାଇଁ ପ୍ରସ୍ତୁତ ।

ମଧୁସୂଦନ ଉଠିବା ପୂର୍ବରୁ ଖଣ୍ଡେ କାଗଜରେ କଣ ଲେଖି, ସେ ଖଣ୍ଡ ଭଉଣୀଙ୍କୁ ସୁରଙ୍ଗିଣୀ ଅଡ଼େ ବଢ଼ାଇ ଦେଇ କହିଲେ···"ଏ କାଗଜ ଖଣ୍ଡ ଦିଦିକୁ ଦେଇଦେବୁ !"

ମଧୁସୂଦନ ଉଠି ଚାଲିଆସିଲେ ।

ମଧୁସୂଦନ ଯିବାପରେ ସୁରଙ୍ଗିଣୀ ପ୍ରବଳ କୌତୂହଳ ଚାପି ନପାରି ଡାକିଲା··· "ଦିଦି—ଏ ଦିଦି !"

ପାଖଘରେ ସୌଦାମିନୀ ପାଠ ମୁଖସ୍ଥ କରୁଥିଲା । ପାଠ ପ୍ରସ୍ତୁତ ହୋଇ ନଥିଲେ, କାଲି ପୁଣି କ ନୂତନ ଲାଞ୍ଛନା ନୂତନ ଶାସ୍ତି ଜୁଟିବ କେଜାଣି ? ସୁରଙ୍ଗିଣୀର ଡାକରେ ସୌଦାମିନୀ ଭିତରକୁ ଆସି, ଅପ୍ରସନ୍ନ ଭର୍ତ୍ସନାପୂର୍ଣ୍ଣ କଣ୍ଠରେ ପଚାରିଲା..."କଣ ? ବ୍ୟାପାର କଣ ? ଏନେ ଡାକ ପଡ଼ୁଛି କାହିଁକି ?"

ସୁରଙ୍ଗିଣୀ ଉତ୍ତରରେ ଦୁଷ୍ଟାମିଭରା ହସ ହସାଇ କହିଲା... "ମାଷ୍ଟର ବାବୁ ତୋତେ ଚିଠି ଦେଇଛନ୍ତି !"

ମାଷ୍ଟର ବାବୁଙ୍କ ଚିଠି ! ସୌଦାମିନୀ କମ୍ପିତ ହାତରେ କାଗଜ ଖଣ୍ଡ ଖୋଲି ପଢ଼ିଲା । ଚିଠି ନୁହେଁ—କୌଣସି କବିଙ୍କର ଏକ ଅପ୍ରକାଶ୍ୟ । ସେଥିରେ ଲେଖାଥିଲା...

**"Woman's cause is man's. They rise or sink together. Dwarf or god like, bond or free."**

ସୌଦାମିନୀ ଯେଥିରୁ ଅଧା ବୁଝିଲା, ଅଧା ବୁଝି ପାରିଲା ନାହିଁ ! କିନ୍ତୁ ମାଷ୍ଟର ବାବୁ ସୌଦାମିନୀକୁ ନିଜ ମନୋନୀତ କରି ଗଢ଼ିବା ପାଇଁ ଯେପରି ଅକ୍ଳାନ୍ତ ଚେଷ୍ଟା କରୁଥିଲେ, ସେଥିରେ ତାର ସନ୍ଦେହ ନଥିଲା ।

କିନ୍ତୁ କାହିଁକି ???

ମାଟିଆ ବୁରୁଜ ଓଡ଼ିଆ ଶ୍ରମିକ ବସ୍ତିରେ ଓଡ଼ିଆ ଶ୍ରମିକମାନଙ୍କ ପାଇଁ ମଧୁସୂଦନ ଗୋଟିଏ ନୈଶବିଦ୍ୟାଳୟ ଖୋଲିଥିଲେ । ସେଠାରେ

ଜଣେ ଶିକ୍ଷିତ ଓଡ଼ିଆ ଯୁବକ ସେହି ବିଡ଼ମ୍ବିତ ପ୍ରବାସରେ ନିଜ ଭିତରେ ପାଇ ନୈଶବିଦ୍ୟାଳୟ ପ୍ରତି ଓଡ଼ିଆ ଶ୍ରମିକମାନେ ପ୍ରଥମେ ଯଥେଷ୍ଟ ଆକୃଷ୍ଟ ହୋଇପଡ଼ିଥିଲେ । ନୈଶ-ବିଦ୍ୟାଳୟରେ ଯୋଗ ଦେବାପାଇଁ ଅନେକ ପ୍ରୌଢ଼ ମଧ୍ୟ ଯୁଟିଥିଲେ । ମଧୁସୂଦନ ପ୍ରତ୍ୟହ ସେମାନଙ୍କୁ ପଢ଼ାଇବା ଅବକାଶରେ ଓଡ଼ିଶାର ଅତୀତ ଗୌରବ ଓ ବର୍ତ୍ତମାନର ଅବସ୍ଥା ସମ୍ପର୍କରେ ଅନେକ କଥା ବୁଝାଉଥିଲେ : ଯେଉଁ ଜାତି ଭୁବନେଶ୍ୱର, କୋଣାର୍କ ମନ୍ଦିର ଗଢ଼ି ପାରିଲା ସେ ଜାତି, କଲିକତାରେ ପାଲିଙ୍କି ବୋହିବା, ବାଗାନ୍‌ରେ ଘାସ ଚାଞ୍ଛିବା ଅଥବା କଲିକତା ସଡ଼କରେ ଗାଡ଼ି ଟାଣିବା, ଇତିହାସ ପ୍ରତି ଏକ ଅପମାନ ଯେପରି, ଅଜ୍ଞାନ ମଧ୍ୟ ସେହିପରି ! ପ୍ରତି ଓଡ଼ିଆଙ୍କୁ ଶିକ୍ଷିତ କରାଇବା, ଓଡ଼ିଆଙ୍କ ମଧ୍ୟରେ ସୌଭ୍ରାତୃ ସଦ୍‌ଭାବ ଆଣିବା, ଓଡ଼ିଆ ଜାତିର ଅତୀତ ଓ ଐତିହ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା...ଏସବୁ ଥିଲା ମଧୁସୂଦନଙ୍କର ନିତ୍ୟଦିନର ଉଦ୍‌ବୋଧନ । ଏହି ନୈଶବିଦ୍ୟାଳୟକୁ କେନ୍ଦ୍ର କରି, ମଧୁସୂଦନ ପ୍ରବାସୀ ଓଡ଼ିଆ ଶ୍ରମିକ ମାନଙ୍କ ମଧ୍ୟରେ କିଛି କିଛି ସେବା କାର୍ଯ୍ୟ ମଧ୍ୟ ଆରମ୍ଭ କରି ଦେଇଥିଲେ । କଲିକତାରେ ଗୋଟାଏ ଶକ୍ତିଶାଳୀ ପ୍ରବାସୀ ଓଡ଼ିଆ ସଂଗଠନ ଗଢ଼ି ଓଡ଼ିଆ ମାନଙ୍କ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ଅଭ୍ୟୁଦୟର ଚେତନା ଆଣିବା, ମଧୁସୂଦନଙ୍କର ଅଭିପ୍ରାୟ ଥିଲା । କାରଣ କଲିକତାପ୍ରବାସୀ ଓଡ଼ିଆମାନେ କଲିକତାରେ ସେତେବେଳେ ଅତ୍ୟନ୍ତ ଉପେକ୍ଷିତ, ଶଙ୍କିତ ଅବସ୍ଥାରେ ଜୀବନ ଯାପନ କରୁଥିଲେ । ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାପାଇଁ ମୂଢ଼ ସେମାନେ କୁଣ୍ଠିତ ବୋଧ କରୁଥିଲେ । ସେ ପରିସ୍ଥିତିରେ ମଧୁସୂଦନଙ୍କ ଏ କାର୍ଯ୍ୟକ୍ରମର ଯେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ତାତ୍ପର୍ଯ୍ୟ ରହିଥିଲା, ସନ୍ଦେହନାହିଁ !

କିନ୍ତୁ ନୈଶ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା କ୍ରମେ କମିବାରେ ଲାଗିଲା । ଅବଶେଷରେ ଦିନେ ଦେଖାଗଲା, ନୈଶ ବିଦ୍ୟାଳୟଟି ପ୍ରାୟ ବନ୍ଦ ହେବା ଉପରେ । ସେଠାରେ ପ୍ରବାସୀ ଓଡ଼ିଆ ଶ୍ରମିକ ମାନଙ୍କ ମଧ୍ୟରେ କିଏ ଜଣେ ପ୍ରଚାର କରିଦେଲା···"ମଧୁସୂଦନଟା ବଙ୍ଗାଳୀ ଖ୍ରୀଷ୍ଟିଆନ । ନୈଶ ବିଦ୍ୟାଳୟ ଖୋଲି ଜାତି ନେବା ତାର ମତଲବ ।"

ଏପରି ପ୍ରଚାର ଫଳରେ ନୈଶ ବିଦ୍ୟାଳୟ ସ୍ଥାନୀୟ ଓଡ଼ିଆ ସମାଜରେ କ୍ରମେ ବାସନ୍ଦ ହୋଇ ପଡ଼ିଲା । ଉପସ୍ଥାନ ସଂଖ୍ୟା ଧୀରେ ଧୀରେ

କମିବାରେ ଲାଗିଲା । ମଧୁସୂଦନ ତଥାପି ନୈଶ-ବିଦ୍ୟାଳୟ ଉପରୁ ଆସ୍ଥା ହରାଇ ନଥିଲେ; କାରଣ ନୈଶ-ବିଦ୍ୟାଳୟରେ ତାଙ୍କର ଦୈନିକ ଉପସ୍ଥାନରେ କୌଣସି ଅନିୟମିତତା ନଥିଲା ।

ବସ୍ତୀ ଭିତରଟା ଅନ୍ଧାର । ଗୋଟାଏ ମିଂଜିମିଂଜିଆ କିରୋସିନ ଲାମ୍ପପୋଷ୍ଟ ବ୍ୟତୀତ ଗଳି ରାସ୍ତାରେ ଅନ୍ୟ ଆଲୋକ ନଥିଲା । ତାହା କିନ୍ତୁ ଆବର୍ଜନାପୂର୍ଣ୍ଣ ଗଳିକୁ ଆଲୋକିତ କରିବା ପରିବର୍ତ୍ତେ, ତାହାର ଅନ୍ଧକାରକୁ ଆହୁରି ଅରମା କରୁଥିଲା । ବସ୍ତୀ ଭିତରେ ହିନାଥମେଳା ଦାରେ ଅର୍ଦ୍ଧଲଙ୍ଗିଆ ଖଞ୍ଜରୀବାଡ଼ ପାଖରୁ ଗଞ୍ଜେଇ ଧୂଆଁର ଧୂମ୍ ଉଠିଥିଲା । ମଧୁସୂଦନ ହିନାଥମେଳାର ସଦସ୍ୟ ନଥିଲେ । କିନ୍ତୁ ଗଞ୍ଜେଇ ଟାଣିବା ପାଇଁ ଏହାକୁ ଯେପରି ପ୍ରତି ସନ୍ଧ୍ୟାରେ ଗୋଟାଏ ଧାର୍ମିକ ଅବକାଶରେ ପରିଣତ କରାଯାଉଥିଲା, ମଧୁସୂଦନ ଆରମ୍ଭରୁ ତାହାର ପ୍ରତିବାଦ କରି ଆସୁଥିଲେ । ଏହାର ପ୍ରତିକ୍ରିୟା ସ୍ୱରୂପ ଗୋଟିଏ ଗୋଷ୍ଠୀ ମଧୁସୂଦନଙ୍କୁ ସେଠାରୁ ତଡ଼ିବା ପାଇଁ ଖୁବ୍ ତତ୍ପର ହୋଇ ଉଠିଥିଲେ । ଏହି କାରଣରୁ ନୈଶ-ବିଦ୍ୟାଳୟଟି ବସ୍ତୀର ମାମଲତ-ଦାର'ମାନଙ୍କ ବକ୍ରଦୃଷ୍ଟିରେ ପଡ଼ିଥିଲା ।

ମଧୁସୂଦନ ତଥାପି ଆଶା ହରାଇ ନଥିଲେ ।

ଅନ୍ଧାର ଗଳିରାସ୍ତାରେ ଯିବାବେଳେ ଅନ୍ଧାର ଭିତରୁ କେତେଜଣ ହଠାତ୍ ରାସ୍ତା ଉପରକୁ ବାହାରି ପଡ଼ି ମଧୁସୂଦନଙ୍କୁ ଝିଙ୍କି ଧରି ପଚାରିଲେ···"ସ୍କୁଲ କୁଆଡ଼େ ?"

ସେମାନଙ୍କ ମୁହଁରୁ ପଚାପଚିଶା ନିଃଶ୍ୱାସ ମଧୁସୂଦନଙ୍କ ଦେହ ଉପରେ ଯେପରି କ୍ଲେଦାକ୍ତ ଅପରିଚ୍ଛନ୍ନତା ବୋଳି ଦେଇ ଯାଉଥିଲା ! ମଧୁସୂଦନ ନିଜକୁ ଯଥାସମ୍ଭବ ସଂଯତ କରି ଉତ୍ତର ଦେଲେ···"ମୁଁ ଯାଉଛି ନୈଶ-ବିଦ୍ୟାଳୟକୁ !"

ସେମାନଙ୍କ ମଧ୍ୟରୁ ଜଣେ ମଧୁସୂଦନଙ୍କୁ ଗୋଟିଏ ଧକ୍କା ଦେଇ କହିଲା···"ଆଉ ଯଦି ଏ ରାସ୍ତାରେ ପାଦ ଦେଲେ ଫେରିବାକୁ ତେଣିକି ବାଟ ନଥିବ ! ଆଜିକି ଛାଡ଼ି ଦେଲୁ ଯା··!"

ମଧୁସୂଦନ ଏ ଧମକର ଅର୍ଥ ବୁଝିଲେ । ସେହିମାନଙ୍କର କଲ୍ୟାଣ ପାଇଁ ସେ ଏପରି ଅନ୍ଧକାର, ଆବର୍ଜନାପୂର୍ଣ୍ଣ, ଗଳିରାସ୍ତାରେ ଝୁଣ୍ଟି ଝୁଣ୍ଟି ବୁଲିବାରେ କ୍ଳାନ୍ତ ବୋଧ କରୁନଥିଲେ, ସେମାନଙ୍କ ଠାରୁ, ଏପରି ରୂଢ଼ ଅପମାନଜନକ ବ୍ୟବହାର ସେ କେବେ ଆଦୌ ଆଶା କରି ନଥିଲେ । ତଥାପି ସେମାନଙ୍କ ବିରୁଦ୍ଧରେ କଥାରେ ଅଥବା ଆଚରଣରେ ସେଦିନ ମଧୁସୂଦନଙ୍କର କୌଣସି ଅଭିଯୋଗ ନଥିଲା ।

ଜୀବନସାରା ସେପରି ବହୁ ଅନ୍ଧକାର ଗଳିରାସ୍ତାରେ, ପ୍ରିୟଜନମାନଙ୍କ ଠାରୁ ସେହିପରି ବ୍ୟବହାର ପାଇଁ ସେହିଦିନ ଠାରୁ ସେ ନିଜକୁ ମନେ ମନେ ପ୍ରସ୍ତୁତ କରିବା ଆରମ୍ଭ କରି ଦେଇଥିଲେ ।

ମଧୁସୂଦନ ସେଠାରୁ ନୀରବରେ ଫେରି ଆସିଲେ ।

(ତିନି)

ବି. ଏ. ପରୀକ୍ଷା ଆସିଗଲା ।

କିନ୍ତୁ ସଂସ୍କୃତ-ପେପର୍ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ମଧୁସୂଦନଙ୍କର ଆରମ୍ଭ ହୋଇଗଲା ଏକ ବିସମ୍ବାଦ । ସଂସ୍କୃତ ପ୍ରଶ୍ନର ଉତ୍ତର ଯେତେବେଳେ ଦେବନାଗର ଲିପି ନୋହିଲେ ନିଜ ମାତୃଭାଷାର ଲିପିରେ ଲେଖିବା କଲିକତା ବିଶ୍ୱବିଦ୍ୟାଳୟର ନିୟମ ଥିଲା । କିନ୍ତୁ କଲିକତା ବିଶ୍ୱବିଦ୍ୟାଳୟର ସଂସ୍କୃତ ପରୀକ୍ଷକ କୃଷ୍ଣମୋହନ ବାନାର୍ଜୀ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ ଲିପିରେ ଉତ୍ତର ଲେଖିବା ପାଇଁ କୌଣସି ପରୀକ୍ଷାର୍ଥୀଙ୍କୁ ତେଣୁ ଅନୁମତି ମିଳୁ ନଥିଲା ।

କଲିକତା ଆସିବା ଦିନୁ ବଙ୍ଗଳାରେ କହିବା ଓ ଲେଖିବା, ମଧୁସୂଦନ ଅବଶ୍ୟ ବେଶ୍ ଆୟତ୍ତ କରି ସାରିଥିଲେ । ବଙ୍ଗଳା ଲିପିରେ ସଂସ୍କୃତ ପରୀକ୍ଷାର ଉତ୍ତର ଦେବା ତାଙ୍କ ପକ୍ଷରେ ଆଦୌ କଷ୍ଟସାଧ୍ୟ ନଥିଲା । ମାତ୍ର ମଧୁସୂଦନଙ୍କ ତାର୍କିକ ମନ ଏ ଅନୁଶାସନ ବିରୁଦ୍ଧରେ ଜିଜ୍ଞାସା କରି ଉଠିଲା···ବିଶ୍ୱବିଦ୍ୟାଳୟ ଅନୁଶାସନ କଣ ପରୀକ୍ଷକ କୃଷ୍ଣମୋହନ ବାନାର୍ଜୀଙ୍କ ଇଚ୍ଛାସାପେକ୍ଷ ? କୃଷ୍ଣମୋହନ ବାନାର୍ଜୀ ବଙ୍ଗଳା ଛଡ଼ା ଅନ୍ୟ

କୌଣସି ଭାରତୀୟ ଲିପି ପଢ଼ି ଜାଣନ୍ତି ନାହିଁ ବୋଲି, ବିଶ୍ୱବିଦ୍ୟାଳୟ ଅନୁଶାସନରେ ପ୍ରଦତ୍ତ ଅଧିକାର କଣ ବାଏଁ ବାଏଁ ଉଡ଼ିଯିବ ?

ମଧୁସୂଦନ ତାଙ୍କ ସଙ୍କଳ୍ପ ଘୋଷଣା କରିଦେଲେ—ସେ ଓଡ଼ିଆରେ ହିଁ ସଂସ୍କୃତ ପ୍ରଶ୍ନର ଉତ୍ତର ଲେଖିବେ । କାରଣ ପ୍ରାଚୀନ ଐତିହ୍ୟସମ୍ପନ୍ନ ଓଡ଼ିଆହିଁ ତାଙ୍କର ମାତୃଭାଷା; ବଙ୍ଗଳା ନୁହେଁ ।

ଶୁଭାକାଂକ୍ଷୀ ଅମ୍ବିକାଚରଣ ପରାମର୍ଶ ଦେଲେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ସାମାନ୍ୟ କଥାରେ ଝଗଡ଼ା ଲଗାଇ ଲାଭ କଣ ? ଭଲରେ ଭଲରେ କୌଣସି ମତେ ପରୀକ୍ଷା ଦେଇ ପାସ୍ କରିଗଲେ ହେଲା ।

ମଧୁସୂଦନ ଘୋର ଯୁକ୍ତିବାଦୀ ଥିଲେ । ସେଥିପାଇଁ କୌଣସି ପ୍ରକାର ସୁବିଧାବାଦୀ ମାର୍କା ଯୁକ୍ତି କୌଣସି ଦିନ ତାଙ୍କ ଚିନ୍ତା ଓ ଦୃଷ୍ଟିଭଙ୍ଗୀକୁ କେବେ ପ୍ରଭାବିତ କରି ପାରି ନଥିଲା । ମଧୁସୂଦନ ଅମ୍ବିକାଚରଣ ପ୍ରତି ଦୃଷ୍ଟିପାତ କରି ଉତ୍ତର ଦେଲେ···"କୌଣସି ମତେ ପାସ କରିଯିବାଟା ପ୍ରଶ୍ନ ନୁହେଁ ଅମ୍ବିକା । ପ୍ରଶ୍ନ ହେଉଛି, ପରୀକ୍ଷକ ଓଡ଼ିଆ ଜାଣନ୍ତି ନାହିଁ ବୋଲି ପରୀକ୍ଷାର୍ଥୀ କଣ ନିଜ ମାତୃଭାଷାରେ ଉତ୍ତର ଦେବା ଅଧିକାରରୁ ବଞ୍ଚିତ ହେବ ?"

ପରୀକ୍ଷା ପାଇଁ ପ୍ରସ୍ତୁତ ରହିଲା ପଛକୁ ।

ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ପାଖକୁ ସ୍ମାରକପତ୍ରଟି ପ୍ରସ୍ତୁତ ହେଲା । ମାତୃଭାଷା ଲିପିରେ ପରୀକ୍ଷାର୍ଥୀମାନେ ସଂସ୍କୃତ ପ୍ରଶ୍ନର ଉତ୍ତର ଲେଖି ପାରିବେ ବୋଲି ସେପରେ ତ କଲିକତା ବିଶ୍ୱବିଦ୍ୟାଳୟର ଅନୁଶାସନରେ ସେମାନଙ୍କୁ ଅଧିକାର ଦିଆଯାଇଅଛି ; ମଧୁସୂଦନଙ୍କୁ ଓଡ଼ିଆ ଲିପିରେହିଁ ସଂସ୍କୃତ ପତ୍ରର ଉତ୍ତର ଦେବା ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ ।

ଇତି ପୂର୍ବରୁ କୌଣସି ଓଡ଼ିଆ ଛାତ୍ର କଲିକତା ବିଶ୍ୱବିଦ୍ୟାଳୟରେ ବି. ଏ. ପରୀକ୍ଷା ଦେଇ ନଥିଲେ । ତେଣୁ ସଂସ୍କୃତ ପରୀକ୍ଷାର ଉତ୍ତର ଲେଖିବାରେ ଲିପି-ସମସ୍ୟା ଇତି ପୂର୍ବରୁ କଲିକତା ବିଶ୍ୱବିଦ୍ୟାଳୟରେ କେବେ ଉଠିନଥିଲା । ରେଜିଷ୍ଟ୍ରାର୍ ମଧୁସୂଦନଙ୍କ ଆବେଦନ

ଅଗ୍ରାହ୍ୟ କରିଦେଲେ । ତାଙ୍କୁ ବଙ୍ଗଳା ଲିପିରେ ସଂସ୍କୃତ ପରୀକ୍ଷାର ଉତ୍ତର ଲେଖିବା ପାଇଁ ହିଁ ପଡ଼ିବ ।

ଏହାପରେ ମଧୁସୂଦନ ଆବେଦନ କଲେ, ବିଶ୍ୱବିଦ୍ୟାଳୟର ଭାଇସ୍-ଚାନ୍‌ସେଲର ଏନ୍. ଜେ. ରେନ୍‌ଲଡ଼ସ୍‌ଙ୍କ ନିକଟକୁ । ମାତ୍ର ସେଥିରେ ମଧ୍ୟ କୌଣସି ସୁଫଳ ହେଲା ନାହିଁ । ମଧୁସୂଦନ ତଥାପି ନିରସ୍ତ ନହୋଇ ସିନେଟ ଓ ସିଣ୍ଡିକେଟର ସଭ୍ୟ ମାନଙ୍କର ଦୁଆର ଦୁଆର ହୋଇ ବୁଲିଲେ, ମାତୃଭାଷା ଓଡ଼ିଆ ଲିପିରେ ସଂସ୍କୃତ ପରୀକ୍ଷାର ଉତ୍ତର ଲେଖିବାର ଅନୁମତି ପାଇଁ । ମାତ୍ର ସବୁଠି ସେହି ଏକ ନାସ୍ତି ବାଣୀ । ଓଡ଼ିଆ ପୁଣି ଗୋଟାଏ ଭାଷା ? ତାର ପୁଣି ଗୋଟାଏ ଲିପି ?···ସବୁଠି ସେଇ ଏକ ଉପହାସ ! ଏକ ସନ୍ଦେହ !

ଓଡ଼ିଆ ଲିପିରେ ସଂସ୍କୃତ ପରୀକ୍ଷା ଦେଇ ନପାରିଲେ ମଧୁସୂଦନ ବରଂ ବି. ଏ. ପରୀକ୍ଷା ନଦେଇ ସେଥିପାଇଁ ଆଉ ବର୍ଷେ ଅପେକ୍ଷା କରିବେ; କିନ୍ତୁ ଓଡ଼ିଆ ଲିପି ଛଡ଼ା ଅନ୍ୟ ଲିପିରେ ସେ କଦାପି ସଂସ୍କୃତ ପରୀକ୍ଷା ଦେଇ ପାରିବେ ନାହିଁ ··ମଧୁସୂଦନ ଏହିପରି ଗୋଟାଏ ନିଷ୍ପତ୍ତି କରି ବସିଲେ । ପ୍ରିନ୍‌ସିପାଲ ଜେ. ପି. ଆଷ୍ଟିନ ଅଯଥା ଜିଦ୍ ନକରିବା ପାଇଁ ମଧୁସୂଦନଙ୍କୁ ଢେର ବୁଝାଇଲେ । କିନ୍ତୁ ମଧୁସୂଦନଙ୍କର ସେହି ଏକା ଉତ୍ତର···ବଙ୍ଗଳା ତ ତାଙ୍କ ମାତୃଭାଷା ନୁହେଁ ! ସେ ଜାତସାରରେ ଗୋଟାଏ ଜଘନ୍ୟ ମିଥ୍ୟାଚରଣ କରିବେ କିପରି ?

ଶେଷକୁ ଅନନ୍ୟୋପାୟ ହୋଇ ମଧୁସୂଦନ ବଙ୍ଗ-ବିହାର-ଓଡ଼ିଶାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର ଉଇଲିୟମ ଗ୍ରେଙ୍କ ନିକଟକୁ ଏକ ସ୍ମାରକପତ୍ର ଦାଖଲ କରିବା ପାଇଁ ବସିଗଲେ । ମଧୁସୂଦନଙ୍କ ଯୁକ୍ତି ହେଲା — ପୂର୍ବରେ ଆସାମ ଠାରୁ ଆରମ୍ଭ କରି ଉତ୍ତରରେ ବିହାର, ଆଗ୍ରା ଓ ଦକ୍ଷିଣରେ ଓଡ଼ିଶା ପର୍ଯ୍ୟନ୍ତ, ବହୁ ଭାଷାଭାଷି ଅଞ୍ଚଳ ଓ ଜାତିକୁ ନେଇ କଲିକତା ବିଶ୍ୱବିଦ୍ୟାଳୟ ଗଠିତ ହୋଇଅଛି । ସଂସ୍କୃତ ଏସବୁ ଭାଷାର ଜନନୀ ହୋଇଥିବା ଦୃଷ୍ଟିରୁ, ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ନିଜ ନିଜ ମାତୃଭାଷାର ଲିପିରେ ସଂସ୍କୃତ ପରୀକ୍ଷାର ଉତ୍ତର ଲେଖିବା ପାଇଁ ଅଧିକାର ଦିଆ ଯାଇଅଛି । ୧୮୫୭ ସାଲ ଜାନୁୟାରୀ ୨୪ ତାରିଖରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ସମ୍ପର୍କରେ ଯେଉଁ ଆକ୍ଟ ( Act )

ଗୃହୀତ ହୋଇଥିଲା, ତାହାର ଉପୋଦ୍‌ଘାତରେ ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ବା ଅଭିମୁଖ୍ୟ ଏହିପରି ସୂଚିତ ହୋଇଥିଲା···

**"Better encouragement of Her Majesty's subjects of all classes and denominations...in the pursuit of a regular and liberal course of education." ***

ବହୁଭାଷାଭାଷୀ ବଙ୍ଗଳା ପ୍ରେସିଡେନ୍ସୀରେ ବଙ୍ଗଳା ସମସ୍ତଙ୍କ ମାତୃଭାଷା ନୁହେଁ ; କିମ୍ବା ହୋଇ ନପାରେ । ଏବେ କିନ୍ତୁ ପରୀକ୍ଷକ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣନ୍ତି ନାହିଁ ବୋଲି ଯଦି ଓଡ଼ିଶାର ଜଣେ ଓଡ଼ିଆଭାଷୀ ଛାତ୍ରକୁ ନିଜ ମାତୃଲିପିରେ ସଂସ୍କୃତ ପରୀକ୍ଷା ଦେବାର ଅଧିକାରରୁ ବଞ୍ଚିତ କରାଯାଏ, ତାହାହେଲେ ଏକପକ୍ଷରେ ବିଶ୍ୱ-ବିଦ୍ୟାଳୟ ନିଜର ଅନୁଶାସନ ଲଂଘନ କରି ସେପରି ନିଜର ମର୍ଯ୍ୟାଦାକୁ ନିଜେ କ୍ଷୁର୍ଣ୍ଣ କରିବ, ଅପରପକ୍ଷରେ ଜଣେ ପରୀକ୍ଷାର୍ଥୀ ସେହିପରି ଅକାରଣରେ ନିଗୃହୀତ ହେବ—ଏଥିରେ ପରୀକ୍ଷକ କେବଳ ପୁରସ୍କୃତ ହେବେ ନିଜ ଅଜ୍ଞତା ପାଇଁ ସିନା ! ଜାଣି ଶୁଣିବାର ଆଉ କୁହାଯାଏ କାହାକୁ ? ଆବେଦନର ଦାବୀ ଯେତେ ଯଥାର୍ଥ ସେହିପରି ଅକାଟ୍ୟ ଓ ସୁଯୁକ୍ତିପୂର୍ଣ୍ଣ ଥିଲା । ଓଡ଼ିଆ ଲିପିରେ ସଂସ୍କୃତ ପରୀକ୍ଷାର ଉତ୍ତର ଦେବା ପାଇଁ ଅବଶେଷରେ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ହସ୍ତକ୍ଷେପ ଫଳରେ ମଧୁସୂଦନଙ୍କୁ ଅନୁମତି ମିଳିଲା ।

ଏ ଘଟଣାର ବହୁବର୍ଷ ପରେ···ମଧୁସୂଦନ ସେତେବେଳକୁ ୮୧ ବର୍ଷ ବୟସ୍କ ବୃଦ୍ଧ । ଓଡ଼ିଶାର ସମ୍ମାନିତ କୁଳବୃଦ୍ଧ । ତଥାପି ଓଡ଼ିଆ-ସଂହାରଧର୍ମୀ ପ୍ରତିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ମଧୁସୂଦନଙ୍କ ଓଡ଼ିଆତ୍ୱ ସମ୍ପର୍କରେ ସନ୍ଦେହ ପୋଷଣ କରିବାପାଇଁ ତଥାକଥିତ ଓଡ଼ିଆପ୍ରେମୀ ମାନଙ୍କର ଅଭାବ ନଥିଲା । ଅନେକ ସମୟରେ ସେ ବଙ୍ଗଳାରେ କଥାବାର୍ତ୍ତା କରୁଥିବା ଦେଖି କେହି କେହି ତାଙ୍କୁ ଅଣଓଡ଼ିଆ ରୂପେ ଚିତ୍ରଣ କରୁଥିଲେ । ସେହିମାନଙ୍କ ସନ୍ଦେହମୋଚନ ପାଇଁ ମଧୁସୂଦନ ୧୯୨୯ ସାଲରେ ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟଙ୍କୁ ଖଣ୍ଡେ ଚିଠିରେ, ଏ ଇତିହାସ ବର୍ଣ୍ଣନା କରି ଲେଖିଥିଲେ...

---

* **Asutosh Mukherjee — A Biographical Study By Narendra Kumar singh.** ( ପୃ-୫୦ )

"ସଂସ୍କୃତ ମୋର ସେକେଣ୍ଡ ଲାଙ୍ଗୁଏଜ୍ ଥିଲା । କିନ୍ତୁ ଓଡ଼ିଆ ଲିପିରେ ସଂସ୍କୃତ ପରୀକ୍ଷା ଦେବା ପାଇଁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ମୋତେ ରୀତିମତ ଲଢ଼ାଇ କରିବାକୁ ପଡ଼ିଥିଲା ।"*

ଏହିପରି ସଂଘର୍ଷ ଓ ସଂଗ୍ରାମ ମଧ୍ୟରେ ମଧୁସୂଦନ ୧୮୭୦ ସାଲରେ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ । ସେ ହେଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ । ମାତ୍ର "ଉତ୍କଳ ଦୀପିକା"ର ସ୍ତମ୍ଭରେ ଏ ଉଲ୍ଲେଖଯୋଗ୍ୟ ସମ୍ବାଦଟି ସେତେବେଳେ ପ୍ରକାଶ ପାଇଥିବା ପରି ଜଣା ପଡ଼େନାହିଁ । "କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀ ବଚନା ନରାଃ"—ମଧୁସୂଦନ, ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ ହୋଇଥିବାର ସମ୍ବାଦ "ଉତ୍କଳ ଦୀପିକା"ରେ ପ୍ରକାଶିତ ହୋଇ ନଥିଲେ ସୁଦ୍ଧା, ଓଡ଼ିଶାରେ ତାହା କିନ୍ତୁ ଲୁଚି ରହି ପାରି ନଥିଲା !

## (ଦୁଇ)

ଏଲ୍. ଏମ୍. ଏସ୍. କଲେଜରେ ଏମ୍. ଏ. କ୍ଲାସ ନଥିଲା । ବି.ଏ. ପାସ ପରେ ତେଣୁ ଏହି କଲେଜରେ ମଧୁସୂଦନଙ୍କ ଶିକ୍ଷା ସମାପ୍ତ ହୋଇଗଲା । ରେଭରେଣ୍ଡ ଆଷ୍ଟନ୍ ପରାମର୍ଶ ଦେଲେ ପ୍ରେସିଡେନ୍ସୀ କଲେଜରେ ଏମ୍. ଏ. କ୍ଲାସରେ ନାମ ଲେଖାଇବା ପାଇଁ । ବଙ୍ଗଳାରେ ନବଜାଗରଣର ଜନ୍ମପୀଠ ସେହି ହିନ୍ଦୁ କଲେଜରେ ଅଧ୍ୟୟନ କରିବାର ସ୍ୱପ୍ନ ଧରି ମଧୁସୂଦନ ଏଥର କଲିକତା ଆସିଥିଲେ, ତାହା ସେତେବେଳକୁ ପ୍ରେସିଡେନ୍ସି କଲେଜରେ ପରିଣତ ହୋଇ ସାରିଥିଲା । ରେଭରେଣ୍ଡ ଆଷ୍ଟନ୍‌ଙ୍କର ଉଦ୍ଦେଶ୍ୟ ଥିଲା ମଧୁସୂଦନ ଏମ୍. ଏ. ପାଶ କରିବା ପରେ ମିସନାରି ଗୋଷ୍ଠୀରେ ଆଉ ଜଣେ ଉଚ୍ଚଶିକ୍ଷିତ ଭାରତୀୟ ମିସନାରୀଙ୍କର ସଂଖ୍ୟାବୃଦ୍ଧି ହେବ ଓ ତାହା ଫଳରେ ମିସନ୍ କାର୍ଯ୍ୟରେ ସୁବିଧା ହେବ । ମଧୁସୂଦନ କୃତିତ୍ୱର ସହିତ ବି. ଏ. ପାସ୍ କରିଥିଲେ । ଏମ୍. ଏ ପଢ଼ିବା ପାଇଁ ସୋସାଇଟି ପକ୍ଷରୁ ତାଙ୍କ ପାଇଁ ଯଥାବିଧି ବୃତ୍ତି ମିଳିବାର ବ୍ୟବସ୍ଥା ମଧ୍ୟ ହୋଇଗଲା । ମଧୁସୂଦନଙ୍କ ପକ୍ଷରେ ସେତେବେଳକୁ ଅବଶ୍ୟ ବୃତ୍ତି ମିଳିବା ନମିଳିବା ଗୋଟାଏ ସମସ୍ୟା ହୋଇ

* ମଧୁସୂଦନଙ୍କ ତିରୋଧାନ ପରେ, 'ସମାଜ'ର ତା ୫-୨-୧୯୩୪ରିଖ ସଂଖ୍ୟାରେ, ଏ ପତ୍ରର ପ୍ରତିଲିପି ଓ ତାହାର ଅନୁବାଦ ପ୍ରକାଶ ପାଇଥିଲା ।

ଆଉ ନଥିଲା । ପ୍ରାଇଭେଟ୍-ଟ୍ୟୁଟର ରୂପେ ମଧୁସୂଦନ ସେତେବେଳକୁ ବେଶ୍ ସୁଖ୍ୟାତିସମ୍ପନ୍ନ ହୋଇ ସାରିଥିଲେ ।

ମଧୁସୂଦନ ବି. ଏ. ପାସ କରିଥିବାର ସମ୍ବାଦ କଟକରେ ଜଣା ପଡ଼ିବା ପରେ, ବିଚିତ୍ରାନନ୍ଦ ବାବୁ କଟକରୁ ପତ୍ର ଲେଖିଲେ...“ଯାହା ହେବାର ହୋଇଗଲା ; ଏବେ କଟକ ଫେରି ଆସିଲେ ସଙ୍ଗେ ସଙ୍ଗେ ଗୋଟାଏ ଡେପୁଟୀ ମାଜିଷ୍ଟ୍ରେଟ ଚାକିରି ମିଳିଯିବ ।” ବିଚିତ୍ରାନନ୍ଦ ଦୁର୍ଭିକ୍ଷ ବେଳର ବହୁ ଜାତିଚ୍ୟୁତଙ୍କୁ ଯେପରି ପ୍ରାୟଶ୍ଚିତ୍ତ କରାଇ ହିନ୍ଦୁଧର୍ମ ଭିତରକୁ ପୁଣି ଫେରାଇ ଆଣି ପାରିଥିଲେ, ମଧୁସୂଦନଙ୍କୁ ସେହିପରି ସ୍ୱଜାତି-ପ୍ରତିଷ୍ଠିତ କରାଇବା ପାଇଁ ସେ ଉତ୍କଣ୍ଠିତ ହୋଇ ପଡ଼ିଥିଲେ ।

କିନ୍ତୁ ଡେପୁଟି-ମାଜିଷ୍ଟ୍ରେଟ ଚାକିରି ପ୍ରତି ମଧୁସୂଦନଙ୍କର ପ୍ରଚଣ୍ଡ ତାଚ୍ଛଲ୍ୟ । ତାଙ୍କର ଅଭିଳାଷ ଓଡ଼ିଆ ଜାତିର କେବଳ ପ୍ରଥମ ଗ୍ରାଜୁଏଟ୍ ନୁହେଁ; ସେ ମଧ୍ୟ ହେବେ ଓଡ଼ିଆ ଜାତିର ପ୍ରଥମ ଏମ୍. ଏ ।

ଏମ୍. ଏ. କ୍ଲାସରେ ନାମ ଲେଖାଇବା ଆରମ୍ଭ ହେବ, ଜୁଲାଇ ମାସରେ । ଇତିମଧ୍ୟରେ ହାତରେ ପ୍ରାପ୍ତ ତିନିମାସ ସମୟ ରହିଲା । ଚୌଧୁରୀ ରଘୁନାଥ ଦାସଙ୍କ ଦେଇଥିବା ପ୍ରତିଶ୍ରୁତି ମଧୁସୂଦନଙ୍କର ମନେ ପଡ଼ିଗଲା—ବି. ଏ. ପାସ୍ କରିବା ପରେ ପୁଣି ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ ହୋଇ ସେ ଗ୍ରାମକୁ ଫେରି ମା' ପାର୍ବତୀ ଦେବୀଙ୍କ ସାକ୍ଷାତ କରିବେ ; ତାହା ପୂର୍ବରୁ ନୁହେଁ ! ଛଅ ବର୍ଷର ପ୍ରବାସ ପରେ ଗାଁ ଦାଣ୍ଡର ଧୂଳି ଯେପରି ଶତ ବ୍ୟଗ୍ରବାହୁ ମେଲି ତାଙ୍କୁ ଆମନ୍ତ୍ରଣ କରୁଥିଲା ।

ଜଗନ୍ନାଥଘାଟରୁ ଦିନେ ବୃନ୍ଦବାଲି ଯାଉଥିବା ଗୋଟାଏ ଷ୍ଟିମରରେ ମଧୁସୂଦନ ଉଠି ପଡ଼ିଲେ ।

× × ×

ସେଇ ବାଲିବନ୍ତ, ସେଇ ନବଣୀ ଚୂଡ଼ା, ପାନବରଜ, କଦଳୀବଣ ଆଉ ପାଟଗଧାର ଭିତରେ ସତ୍ୟଭାମାପୁର ଗାଁକୁ ବାଲିଆ ଧୂଳିଆ ସଡ଼କ । ଷ୍ଟିମର୍‌ରୁ ଜଗତ୍‌ପୁର ଲଞ୍ଚ୍ ଠାରେ ଓହ୍ଲାଇ ମଧୁସୂଦନ ସିଧା ଫେରି ଆସିଥିଲେ ଗାଁକୁ । ଦୀର୍ଘ ଛଅବର୍ଷକାଳ କଲିକତାରେ ଅତିବାହିତ କରିବା ପରେ ଶାନ୍ତ ପଲ୍ଲୀଭୂମି ମନରେ ରୋମାଞ୍ଚ ଓ ପୁଲକ ଆଣୁଥିଲା ।

ପାଦରେ ଧୂଳି ଘୂର୍ଣ୍ଣୀ ଉଡ଼ାଇ ଉଡ଼ାଇ ଉଦାସ ଦୃଷ୍ଟିରେ ସୁଦୂର ଆମ୍ବତୋଟା ତାଳବଣି ଓ ଶୂନ୍ୟ ଧାନକ୍ଷେତ ଆଡ଼େ ଚାହିଁ ମଧୁସୂଦନ ଆବୃତ୍ତି କରି କରି ଚାଲୁଥିଲେ···

**Some village Hampden, that with dauntless breast**
**The little tyrants of his fields withstood;**
**Some mute inglorious Milton here may rest—**
**Some Cromwell guiltless of his country's blood.**

ଏ ଛଅବର୍ଷ ମଧ୍ୟରେ କଲିକତାର ଅସଂଖ୍ୟ ପରିବର୍ତ୍ତନ ମଧୁସୂଦନ ନିଜ ଆଖିରେ ଦେଖି ପାରିଥିଲେ । ତାଙ୍କ ନିଜ ଜୀବନରେ ମଧ୍ୟ ଇତିମଧ୍ୟରେ କମ୍ ପରିବର୍ତ୍ତନ ଘଟିଯାଇ ନଥିଲା । ସେଦିନ ଯେଉଁ ଷୋଳବର୍ଷବୟସ୍କ ବାଳକଟି ପ୍ରପିତାମହୀଙ୍କ ପଦ୍ମଚରଣ ପାଖରେ ଶେଷ ନମସ୍କାର ପକାଇ, ଜୀବନସଂଗ୍ରାମର ଅନିଶ୍ଚିତ ଅନିର୍ଦ୍ଦିଷ୍ଟ ପଥରେ ଏଇ ସଡ଼କରେ ପାଦ ଦେଇଥିଲା, ଆଜି ସେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ । ତାର ପ୍ରଶସ୍ତ କପାଳରେ ଯୌବନ ଓ ପ୍ରତିଭାର ଉଜ୍ଜ୍ୱଳ ଲାବଣ୍ୟ । ଖଣ୍ଡାଧାର ପରି ତୀକ୍ଷ୍ଣ ନାସିକା ଓ ଦୁଇ ସ୍ଫୁରିତ ଓଷ୍ଠରେ ଆତ୍ମପ୍ରତ୍ୟୟର ଦୀପ୍ତି । ମୁହଁରେ ନିଶ ଓ ଶ୍ମଶ୍ରୁ ଯାହା ଥିଲା କୋମଳ ଶୈବାଳରେଖା ପରି, ସେସବୁ ଏବେ ବେଶ୍ ପରିସ୍ଫୁଟ ହୋଇ ଉଠିଥିଲା । ସର୍ବୋପରି ସମଗ୍ର ବ୍ୟକ୍ତିତ୍ୱରେ ଏପରି ଏକ ମାର୍ଜିତ ବୈଦଗ୍ଧ ପ୍ରସ୍ଫୁଟିତ ଥିଲା, ଯାହା ଏଇ କ୍ଲାନ୍ତ ଧୂଳିମଳିନ ପଥିକ ଜଣକୁ ସେହି ଗ୍ରାମ୍ୟପଥରେ ନିତାନ୍ତ ଅପରିଚିତ ଆଗନ୍ତୁକ କରି ଦେଇଥିଲା ।

ଗତ ଛଅବର୍ଷ ମଧ୍ୟରେ ଜୀବନରେ ଏତେ ଏତେ ପରିବର୍ତ୍ତନ ହୋଇଗଲା । ମାତ୍ର ସେସବୁ ଉତ୍ତେଜନାପୂର୍ଣ୍ଣ ନାଟକୀୟ ପରିବର୍ତ୍ତନ ମଧ୍ୟରେ ଓଡ଼ିଶାର ଏହି ପଲ୍ଲୀଭୂମି ଅପରିବର୍ତ୍ତିତ ଓ ଅପରିବର୍ତ୍ତନୀୟ ଅଚଳାୟତନ ପରି ତଥାପି ପଡ଼ି ରହିଥିଲା; ବିଗତ ସୌଭାଗ୍ୟର ଜୀର୍ଣ୍ଣ-କଙ୍କାଳ ପରି ! ଚୈତ୍ରମାସରେ ଶୁଖିଲା ଜୋଡ଼ ଓ କରନାଳୀ ସବୁ ଫାଟ ମାଟିରେ ଛନ୍ଦାଛନ୍ଦ ହୋଇ ଶୁଖିଲା ପଡ଼ିଥିଲା; ବୃଦ୍ଧର ଶୁଷ୍କ ଲୋଳିତ ଚର୍ମ ଉପରେ ଶିଥିଳ ବିବର୍ଣ୍ଣ ଧମନୀ ପରି

ଏହି ଦୈନ୍ୟପିଷ୍ଟ ଭୂମିରେ ଡେପୁଟୀ ମାଜିଷ୍ଟ୍ରେଟ ହେବା ସମ୍ଭାବନା ସିଦ୍ଧସ୍ତରେ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ରୂପେ ଜୀବିକାସନ୍ଧାନ ଅଭାବରେ

ପରିପୁଷ୍ଟ ହୋଇ ବସିବା, ଜୀବନ ଓ ଯୌବନ ପ୍ରତି ଏକ ଅପମାନ ଛଡ଼ା ଆଉ କଣ ହୋଇପାରେ ?—ଏହି ସ୍ଥାଣୁ ଅଚଳାୟତନକୁ ଆନ୍ଦୋଳିତ, ଆଲୋଡ଼ିତ, ମଥିତ, ବିବର୍ତ୍ତିତ କରି ସେଥିରେ ନବଜୀବନର ସ୍ପନ୍ଦନ ନଆଣିଲେ, ତାହା କ୍ରମେ ଏକ ଦୁର୍ଗନ୍ଧିତ ଶବପିଣ୍ଡରେ ପରିଣତ ହୋଇ ପଡ଼ିବ ! — ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା ।

ଏଥିପାଇଁ ଆବଶ୍ୟକ ଥିଲା ଦେଶରେ ସୁଶିକ୍ଷିତ ଗଡ୍ଡଳିକା-ପ୍ରବାହମୁକ୍ତ ନରନାରୀ— ଯେଉଁମାନେ ହୋଇ ପାରିବେ ଏ ନୂତନ ସମାଜ ବିପ୍ଳବର ଅଗ୍ରଦୂତ ! ମାଜିନି ଯେପରି କ୍ଳାନ୍ତ, ଶ୍ରାନ୍ତ, ଅବମାନିତ ଇଟାଲୀରେ ଆଣିଥିଲେ ‘‘ରିସର୍ଜିମେଣ୍ଟୋ’’ ବା ନବଜାଗରଣର ସ୍ପନ୍ଦନ, “ୟଙ୍ଗବେଙ୍ଗଲ” ଗୋଷ୍ଠୀର ଶୁଭଶଙ୍ଖ ନାଦରେ ଜୀବନ୍ତ ବଙ୍ଗଳା-ଦେଶରେ ଶୁଭିଥିଲା ଯେପରି ଅଭ୍ୟୁତ୍ଥାନର ବାର୍ତ୍ତା, ଓଡ଼ିଶାରେ ମଧୁସୂଦନ ନିଜ ପାଇଁ ସେହିପରି ଏକ ଭୂମିକା ବାଛି ନେଇଥିଲେ । ତାହାହିଁ ଯେପରି ଥିଲା ତାଙ୍କ ପ୍ରତି ଇତିହାସର ନିର୍ଦ୍ଦେଶ ! ଡେପୁଟିମାଜିଷ୍ଟ୍ରେଟ ରୂପରେ ସେ ସମ୍ଭାବନାର ସଫଳତା ନଥିଲା ।

ସତ୍ୟଭାମାପୁର ଗାଁର ବାଲିବୁଡ଼ ଅମ୍ବତୋଟା ଓ ତାଳବଣୀ ସବୁ କ୍ରମେ ଆଖି ଆଗରେ ଭାସି ଉଠିଲା । ସଣ୍ଢ-ଚକ୍ରର ଝଙ୍କାଳିଆ ଗର୍ଜ୍ଜଣା ଗଳୁଛି ମଧ୍ୟ ସ୍ନିଗ୍ଧ ସ୍ପର୍ଶ ମେଲି ପଥକ୍ଳାନ୍ତ ମଧୁସୂଦନଙ୍କ କପାଳରୁ ଧୂଳି ଓ ଝାଳ ପୋଛି ଦେବାପାଇଁ ଯେପରି ଅଞ୍ଚଳ ବିସ୍ତାର କରିଥିଲା । ମଧୁ-ସୂଦନ ସମାଚକ୍ରର ଧୂଳିରେ ଗୋଟିଏ ପ୍ରଣାମ ଜଣାଇ, ସେଠାରେ ଦଣ୍ଡେ ଠିଆ ହୋଇଗଲେ ।

ତାଙ୍କ ଅନ୍ତର ଭିତରେ କିଏ ଯେପରି ଆର୍ତ୍ତନାଦ କରି ଉଠିଲା …“ମା, ମୁଁ ଆଜି ଖ୍ରୀଷ୍ଟିଆନ !”

ଗାଁ ଭିତରକୁ ପଶିବା ପାଇଁ ସବୁ ଆତ୍ମପ୍ରତ୍ୟୟ ମଧୁସୂଦନ ହଠାତ୍ ଯେପରି ହରାଇ ବସିଥିଲେ । ତାହା କେବଳ ମୁହୂର୍ତ୍ତକ ପାଇଁ । ସଣ୍ଢ-ଚକ୍ରର ଓଡ଼ନମ୍ବରରେ ପ୍ରପିତାମହୀ କୃଷ୍ଣାନନ୍ଦଙ୍କ ଆତ୍ମା ଯେପରି ମଧୁସୂଦନଙ୍କୁ ଅଭୟ ଦେଉଥିଲେ… ଯୀଶୁଙ୍କ ଆତ୍ମୋତ୍ସର୍ଗ ଆଉ ମୋର ଆତ୍ମାହୁତି ମଧ୍ୟରେ ପ୍ରଭେଦ କେବଳ ରୂପରେ ସିନା, ପ୍ରାଣରେ ତ ନୁହେଁ ! ତୁମେ ଖ୍ରୀଷ୍ଟିଆନ ହୁଅ, ହିନ୍ଦୁ ହୁଅ, ମୁସଲମାନ ହୁଅ ସେଥିରେ

କଣ ଯାଏ ଆସେ ? ଆଦର୍ଶ ପାଇଁ ଯିଏ ତନୁକ୍ଷୟ କରେ ସେ ତ କଦାପି ମ୍ଳେଚ୍ଛ ହୋଇ ନପାରେ···! ମୂର୍ଖ ପଣ୍ଡିତମାନେ ଯେତେ ଯାହା ବ୍ୟବସ୍ଥା ଦିଅନ୍ତୁ ପଛେ !···

ଚୈତ୍ର ମଧ୍ୟାହ୍ନ । ସେଦିନ କଚେରିବାର ଥିବାରୁ ଚୌଧୁରୀ ରଘୁନାଥ ଦାସ କଟକରେ । ନିର୍ଜନ ଚଉଧୁରୀ ସାହି ଦାଣ୍ଡ ଖାଁ ଖାଁ କରୁଥିଲା । ସେହି ଗୁଡ଼ିଏ ଉଚ୍ଚ ପଥର ପିଣ୍ଡା ପଥର ପାହାଚ ଯେମିତି ଦୁର୍ଗ ପାଚେରି ପରି ମୌନ ଅଭିମାନରେ ଠିଆ ରହିଥିଲା ।

ହାତୀଶାଳ ପରି ମଣ୍ଡପଘର ଖଞ୍ଜା ସବୁ ଗତ ବର୍ଷ ମାନଙ୍କରେ ଲଗ ଲଗ ମରୁଡ଼ି ଯୋଗୁଁ, ନଡ଼ା ଅଭାବରେ ପୁଣି ଛପର ହୋଇପାରି ନଥିଲା । ସ୍ଥାନେ ସ୍ଥାନେ ଝଡ଼ରେ ଛପର ଉଡ଼ି ବିବର୍ଣ୍ଣ ବାଉଁଶର କଙ୍କାଳ ସବୁ ବାହାରକୁ ଦିଶି ପଡ଼ୁଥିଲା । ପଶ୍ଚିମପଟେ ଅସ୍ତାବଳ ଧାଙ୍ଗଡ଼ାଟା ଗୋଟାଏ ମଲାହାତୀ ପରି ପାଲେ ଭୁଷୁଡ଼ି ପଡ଼ିଥିଲା । ମରୁଡ଼ି ଫଳରେ ଧାନ ମରେଇ ସବୁ ଖାଲି ପଡ଼ିଥିଲା । ଚୌଧୁରୀ ରଘୁନାଥ ଦାସଙ୍କ ସାଂସାରିକ ଅସ୍ୱଚ୍ଛଳତାର ସଙ୍କେତ ସବୁ ଗୋଟି ଗୋଟି ହୋଇ ସ୍ପଷ୍ଟ ଦିଶି ପଡ଼ୁଥିଲା ।

କିନ୍ତୁ ସ୍ମୃତିଢ଼ଙ୍କା ରସକୁଣ୍ଡ ପୁଷ୍କରିଣୀରେ କାକଚକ୍ଷୁ ଜଳ ।

ମଧୁସୂଦନ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇଲେ ।

ଦାଣ୍ଡ ଘରେ କବାଟବନ୍ଧ ପାଖରେ, ମଧୁସୂଦନଙ୍କ ପିତାମହୀ ଅକାରଣରେ ଦାଣ୍ଡକୁ ଅନାଇଁ ବସି ରହିଥିଲେ । ଆଖିର ଦୃଷ୍ଟି କ୍ରମେ ନିସ୍ତେଜ ହୋଇ ପଡ଼ିଥିବାରୁ ତାଙ୍କୁ ଏବେ ସବୁ ଜାଲୁଜାଲୁଆ ଦିଶୁଥିଲା । ଦାଣ୍ଡ ପାହାଚ ତଳେ ମଧୁସୂଦନ ଠିଆ ହୋଇଥିଲେ ସୁଦ୍ଧା, ସେ ତାଙ୍କୁ ଦେଖି ପାରୁ ନଥିଲେ । ସେଠାରେ କେବଳ ଗୋଟାଏ ଛାଇ ପଡ଼ିଥିବା ପରି ତାଙ୍କୁ ଦେଖା ଯାଉଥିଲା ।

ବୁଢ଼ୀ ତାହା ବାରି ପାରି ଥରଥର ଶିଥିଳ କଣ୍ଠରେ ପଚାରିଲେ ···"କିଏ ସେଠି ଠିଆ ହେଇଛରେ ?"

କାହାଣୀଭରା ଶୈଶବର ସେହି ମମତାବୋଳା କଣ୍ଠ ।

—"ମା, ମୁଁ ! ମୁଁ ଆସିଛି" କହିବାପାଇଁ କେତେଥର ଚେଷ୍ଟା କରି ସୁଦ୍ଧା, ମଧୁସୂଦନ ସେ କଥା ଉଚ୍ଚାରଣ କରି ପାରୁନଥିଲେ। ଭିତରୁ କିଏ ଯେପରି ତାଙ୍କର କଣ୍ଠରୋଧ କରି ଦେଉଥିଲା।

ମଧୁସୂଦନଙ୍କୁ ପାହାଚ ତଳେ ଠିଆ ହୋଇଥିବା ଦେଖିପାରି, ଖଞ୍ଜା ଭିତରୁ କିଏ ଜଣେ ହଠାତ ଚାହିଁ କରି ଉଠିଲା···"ଆଲୋ କୁମରବୋଉ ଦଉଡ଼ିଆ —ଗୋବିନ୍ଦ ଫେରି ଆସିଛି ଦେଖିଲୁଣି ! ଏ ବଡ଼-ମା, ତୁ ଅନ୍ଧୁଣୀ ହେଲୁ ? ସିଏ ଗୋବିନ୍ଦ ପରା !"

ଏତେ ବହୁ କଣ୍ଠରେ ବହୁ ଉଚ୍ଛ୍ୱସିତ କୋଳାହଳ, ବହୁ କାନ୍ଦଣା ମଧ୍ୟରେ ଚଉଧୁରୀ ବାଡ଼ି ମୁଖରିତ ହୋଇ ଉଠିଲା। ପ୍ରଥମ ଧାକ୍କାର ଉତ୍ତେଜନା କଟିଯିବା ପରେ, ଯେତେବେଳେ ସମସ୍ତଙ୍କର ମନେ ପଡ଼ିଗଲା, ଗୋବିନ୍ଦ ଖ୍ରୀଷ୍ଟାନ ହୋଇ ଜାତି ହାରିଛି; ସେତେବେଳେ ଗୋବିନ୍ଦକୁ ନେଇ କଣ କରାଯିବ, ତାହା ହୋଇ ଉଠିଲା ସମସ୍ତଙ୍କ ପକ୍ଷରେ ଏକ ସମସ୍ୟା। ଘରେ କେହି ପୁରୁଷ ନଥିଲେ। ସମସ୍ତେ ବିଦେଶରେ।

ମଧୁସୂଦନଙ୍କ ଜନକଙ୍କ ପିତୃବ୍ୟ ମାନଙ୍କ ମଧ୍ୟରେ ଚୌଧୁରୀ ଚମ୍ପାଧର ଦାସ କେବଳ ଅବିବାହିତ ରହି ଗୃହ ସନ୍ୟାସୀ ରୂପେ ଘରେ ରହୁଥିଲେ। ରଘୁନାଥଙ୍କ ବାଡ଼ିରେ ପାଟିଗୋଳ ଶୁଣି ସେ ବାଡ଼ିକୁ ଆସିବା ବେଳକୁ, ଭଉଜ ପାର୍ବତୀ ଦେଈ, ମଧୁସୂଦନଙ୍କୁ କୁଣ୍ଢାଇ କାନ୍ଦଣା ଆରମ୍ଭ କରି ଦେଇଥିଲେ। ଅନ୍ୟ ପ୍ରତିବେଶିନୀ ମାନେ ବହୁ ଚେଷ୍ଟା କରି ସୁଦ୍ଧା ତାଙ୍କୁ ଶାନ୍ତ କରାଇ ପାରୁନଥିଲେ।

"ଆଲୋ ବୋହୂ କାନ୍ଦନା-କାଟନା, ଗୋବିନ୍ଦକୁ ଘରକୁ ନେ"— ବୋଲି ପିତାମହୀ ଥରଥର କଣ୍ଠରେ ବୋହୂକୁ ଡାକୁଥିଲେ ଡାକୁଥିଲେ ନିଜେ ସୁଦ୍ଧା ରଡ଼ି ପକାଇ କାନ୍ଦି ଉଠୁଥିଲେ।

ଚମ୍ପାଧର ପଛରୁ ପାଟିକରି ଉଠିଲେ··· "ଗୋବିନ୍ଦ ଆସିଲା, ଭଲ ହେଲା ! ପିଣ୍ଡାରେ କମ୍ବଳ ପକାଇ ଦିଅ। ଗୋଶାଳରେ ସେ ଗୋଡ଼ ହାତ ଧୋଇ ବସୁ। ତମେ ଭାଉଜବୋଉ, ଗୋବିନ୍ଦକୁ ଛୁଇଁଲଣି। ବୁଡ଼ଟାଏ ନପକାଇ ଅଉ ଖଞ୍ଜା ଭିତରକୁ ପଶ ନାହିଁ !"

ରକ୍ଷଣଶୀଳ, ବୁନିଆଦ ଘରେ ଖ୍ରୀଷ୍ଟାନ୍‌କୁ ଛୁଇଁ ଖଞ୍ଜା ଭିତରକୁ ପଶିବାଟା ଘୋର ଅନାଚାର କଥା !

ମଧୁସୂଦନଙ୍କର ମନେ ପଡ଼ିଗଲା, ସେ ସନ୍ଧ୍ୟା ! ତାଙ୍କ ଅନ୍ତରରେ ଗୋଟାଏ କେଉଁନାଦ ଯାତନା ହଠାତ୍ ଯେପରି ମୂର୍ତ୍ତିମନ୍ତ ହୋଇ ଉଠିଲା ।

ଶୈଶବର ପାଠଶାଳା ଘରେ ମଧୁସୂଦନଙ୍କ ପାଇଁ ଖଣ୍ଡେ ତକ୍ତପୋଷ ଉପରେ କମ୍ବଳ ବିଛଣା ହୋଇଥିଲା । ସେହି କମ୍ବଳାସନ ଉପରେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ମଧୁସୂଦନ ନିର୍ବୋଧ ପରି ଏକାକୀ ବସି ରହିଥିଲେ । ସେଇ ଭିତରେ ଗୋଟାଏ ଜୀଅନ୍ତା ଖ୍ରୀସ୍ତାନ ଦେଖିବାର କୌତୂହଳ ପ୍ରତିବେଶୀ ମାନଙ୍କର ଆଉ ନଥିଲା । ଅଳ୍ପ ପୂର୍ବେ ପାର୍ବତୀଦେଇ ମଧୁସୂଦନଙ୍କୁ ନିଜ ହାତରେ ଖୁଆଇ ପିଆଇ ପୁଣି ଆଉଥରେ ରସକୁଣ୍ଡ ପୋଖରୀରେ ବୁଡ଼ ପକାଇ ଗାଁ ଭିତରକୁ ଫେରି ଯାଇଥିଲେ, ରାତି ପାଇଁ ମଧୁସୂଦନଙ୍କ ପ୍ରିୟ ଖାଦ୍ୟ ସବୁ ନିଜ ହାତରେ ରାନ୍ଧିବା ବରାଦରେ !

ଏବେ ସେ ଘରେ ଆଉ ପାଠଶାଳା ହେଉ ନଥିଲା । ମାଗୁଣି ଅବଧାନଙ୍କ ବେତଶାଳୀ ଆଉ କାହା ଦାଣ୍ଡମେଲକୁ ଉଠି ଯାଇଥିଲା କେଜାଣି ? ଘରଟା ଯାକ ଭର୍ତ୍ତି ହୋଇଥିଲା ସିନ୍ଦୁକ, ତା' ଉପରେ ଗୁଡ଼ାଏ ପୋକ କଟା ଗାଲିଚ, ଗୁଡ଼ାଏ ଭଙ୍ଗାଭଙ୍ଗା ମୋଟ ଚକଆ, ଗୋଟାଏ ଦୋଳ ବିମାନ । ଚାଳରୁ ଗୁନ୍ଥା ହୋଇ ଝୁଲୁଥିଲା ବୁଢ଼ିଆ ଆଉ ଜମୁ କନା··· ବିଗତ ସ୍ମୃତିର ନାନା କୀଟଦଂଷ୍ଟ ଧ୍ୱଂସାବଶେଷ । ନାସାସ୍ପୃଷ୍ଟ ଅନ୍ଧାର କଳି, ମଧୁସୂଦନ ତାହାର ପ୍ରାଚୀନ ଗନ୍ଧ ଆଘ୍ରାଣ କରୁଥିଲେ··· ତାହା ଶୈଶବର ଗନ୍ଧ । ମାତ୍ର ସେଥିରେ କେବେକେବେ ମୋହଭଙ୍ଗ ଘଟି ଅଗ୍ନି ଦଗ୍ଧ ଶଲାକାରେ ତାଙ୍କର ଚେତନାକୁ କିଏ ଯେପରି ତଳେ ତଳେ ଦଗ୍ଧ କରି, ବାରମ୍ବାର କହି ଉଠୁଥିଲା···"ଖ୍ରୀସ୍ତାନ ! ସାବଧାନ !"

ଲୋକ ବାହାରି ଯାଇଥିଲା କଟକ, ଚୌଧୁରୀ ରଘୁନାଥ ଦାସଙ୍କ ପାଖକୁ, ମଧୁସୂଦନ ଗାଁକୁ ଫେରିଥିବାର ସମ୍ବାଦ ନେଇ !

କିନ୍ତୁ ଚୌଧୁରୀ ରଘୁନାଥ ଦାସ କଟକରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ମଧୁସୂଦନଙ୍କର ଆଉ ପ୍ରବୃତ୍ତି ନଥିଲା । କଲିକତାରେ ପିତାଙ୍କୁ ସେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂର୍ଣ୍ଣ ହୋଇଗଲା । ଏହାପରେ ଗ୍ରାମରେ ଆଉ ରହିବା ଅର୍ଥ, ରସକୁଣ୍ଡ ପୋଖରୀରେ ପାର୍ବତୀଦେଇଙ୍କୁ ବାରମ୍ବାର ବୁଡ଼ ପକାଇବା ଓ ଗୋବର ପାଣିରେ ଘର ଲିପାଇବାର ଶାସ୍ତି !

ରାତି ପାହାନ୍ତା ପାହାନ୍ତା ହୋଇଥିଲା । ପକ୍ଷୀକଣ୍ଠରେ ପ୍ରଭାତର କାକଳୀରେ ମଧୁସୂଦନଙ୍କ ନିଦ ଭାଙ୍ଗିଗଲା । କଲିକତାରେ ରହି ପ୍ରଭାତର ଏ ସଙ୍ଗୀତ ବହୁଦିନୁ ସେ ଭୁଲି ଯାଇଥିଲେ । ମାତ୍ର ଯନ୍ତ୍ରଣାରେ ପଡ଼ି ତାହା ଶୁଣିବା ପାଇଁ ଆଉ ସମୟ ନଥିଲା । ସକାଳ ହେଲେ ଏଠାରୁ ସହଜରେ ମୁକ୍ତି ପାଇ ଯିବାର ସମ୍ଭାବନା ନଥିଲା ।

ପୂର୍ବ ଆକାଶରେ ପାହାନ୍ତି ତାରା ନିଃସଙ୍ଗ ବେଦନାର ଅଗ୍ନିରେ ଯେପରି ତିଳ ତିଳ ହୋଇ ଜଳି ଯାଉଥିଲା । ଦାଣ୍ଡରୁ ବାହାରି ଆସି, ପାହାନ୍ତି ପହରର ନିଦରେ ଢିମେଇ ପଡ଼ିଥିବା ଗଞ୍ଜା ଆଡ଼େ ମଧୁସୂଦନ ଥରେ ଚାହିଁଲେ; ତା'ପରେ ପାହାଚ ଉପରେ ମୁଣ୍ଡ ଲଗାଇ ପ୍ରଣାମ କରି ମଧୁସୂଦନ ଲମ୍ବା ଲମ୍ବା ପାଦ ପକାଇ ରାତିଶେଷର କୁହୁଡ଼ି ଭିତରେ ମିଳାଇଗଲେ ।

× × ×

ଏହାର ପ୍ରାୟ ସପ୍ତାହକ ପରେ···

ଦିନେ ସନ୍ଧ୍ୟାରେ ମୁହଁ ଅନ୍ଧାର ଭିତରେ ଗୋଟିଏ ଘୋଡାଗାଡ଼ି ଜଗନ୍ନାଥଘାଟ ଷ୍ଟିମର ଘାଟରୁ ବାହାରି, ଚନ୍ଦବାଡ଼ିଆ ରୋଡ଼ରେ ଡାକ୍ତର ଯଦୁନାଥ ଚାଟାର୍ଜିଙ୍କ ଘର ଆଗରେ ରହିଲା । ଗାଡ଼ି ରହିବାରୁ ଦର-ୱାନ୍ ଗାଡ଼ି ଉପରୁ ଓହ୍ଲାଇ ଯଦୁନାଥଙ୍କୁ ଖବର ଦେଲା···"ଗାଡ଼ି ଭିତରେ ପାସେଞ୍ଜର୍‌ଟି ଜରରେ ପ୍ରାୟ ଅଚେତ ହୋଇ ପଡ଼ିଛି । ଜଗନ୍ନାଥ ଷ୍ଟିମର୍‌ରୁ ଓହ୍ଲାଇବା ବେଳେ ଠିକଣା କହିଦେବାରୁ ମୁଁ ତାକୁ ଏଠାକୁ ନେଇ ଆସିଛି !"

ଯଦୁନାଥ ଉଦ୍‌ବିଗ୍ନ ଭାବରେ ଗାଡ଼ି ଭିତରକୁ ଚାହିଁ ଆର୍ତ୍ତନାଦ କରି ଉଠିଲେ···"ଏ ଯେ ମଧୁସୂଦନ !···ଓ ସୌଦାମିନୀର ମା ! ଓ ସୌଦାମିନୀ··· ଦେଖିବ ଏ କି ବିପଦ !"

(ପାଞ୍ଚ)

କଲିକତାରେ ପଡ଼ିଥିବା ବନ୍ଧୁ ଜ୍ୱରର ପ୍ରବଳ ଆକ୍ରମଣରେ ମଧୁସୂଦନ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ । ବି.ଏ. ପାସ କରିବା ପରେ

ଏଲ୍. ଏମ୍. ଏସ୍. କଲେଜ ହଷ୍ଟେଲରେ ଆଉ ସ୍ଥାନ ନଥିଲା । ଅମ୍ବିକା-ଚରଣ ମଧ୍ୟ ବି.ଏ ପାସ ପରେ କେଉଁଠି ଚାକିରିର ଅନ୍ୱେଷଣ କରୁଥିଲେ ଜଣା ନଥିଲା । ମାଷ୍ଟର ଯଦୁନାଥ କିନ୍ତୁ ପୀଡ଼ିତ ମଧୁସୂଦନଙ୍କୁ ନିଜ ପାଖରୁ ଛାଡ଼ିଲେ ନାହିଁ । ଦେଖୁଁ ଦେଖୁଁ ଦୁଇ ସପ୍ତାହ ବିତିଗଲା । ଜ୍ୱରର ପ୍ରକୋପ ହ୍ରାସ ପାଇବା ପରିବର୍ତ୍ତେ, ଦିନକୁଦିନ ତାହା ବୃଦ୍ଧି ପାଇବାକୁ ଲାଗିଲା । ରାତିରେ ତାହାର ପ୍ରକୋପ ଥିଲା ସବୁଠାରୁ ବେଶୀ ! ରାତି ହେଲେ ଜ୍ୱରର ପ୍ରକୋପରେ ମଧୁସୂଦନ ଚୈତନ୍ୟଶୂନ୍ୟ ହୋଇ ପଡ଼ନ୍ତି । ତା'ପରେ ଚାଲେ ଅଶୁଦ୍ଧ ଓଡ଼ିଆରେ ନାନା ପ୍ରଳାପ, ଛଟ ଛଟାଳି ଓ ଚିତ୍କାର ।

ଅପରାହ୍ଣ ପ୍ରକୋଷ୍ଠ । ନିର୍ଜନ ରୋଗଶଯ୍ୟା । ମୁଣ୍ଡ ଉପରେ ଗୋଟାଏ ମେଜ ଉପରେ କେତେ ଗୁଡ଼ାଏ ଔଷଧ ମିକ୍ସଚରର ଶିଶି, ଲଣ୍ଠନର ଧୂଆଁ ଲାଗି ଅଲୁଅରେ ବ୍ୟାଧିତ ରାତିର ଭୟଙ୍କରତା ଓ ଆଶାଶୂନ୍ୟତାକୁ ଯେପରି ଶତଗୁଣ ବର୍ଦ୍ଧିତ କରି ଦେଉଥିଲା । ମାଷ୍ଟର ଯଦୁନାଥଙ୍କ ପରିବାରବର୍ଗ ଦିନ ପରେ ଦିନ ଧରି ରୋଗୀର ସେବା ଶୁଶ୍ରୂଷା କରି କରି କ୍ଳାନ୍ତ ହୋଇ ପଡ଼ିଥିଲେ । ରାତି ଉଜାଗର ହେବା ପାଇଁ କାହାରି ଆଉ ଶକ୍ତି ନଥିଲା । ମୁଣ୍ଡରେ ଓଦାପାଣି ପଟି ଦେଇ, କେତେବେଳେ ବରଫ ଲଗାଇ କେତେବେଳେ ଦେହରୁ ଝାଳ ପୋଛି, ଥର୍ମୋମିଟରରେ ଉତ୍ତାପ ଦେଖି, ରୋଗଶଯ୍ୟା ପାଖରେ ରାତି ପରେ ରାତି ଉଜାଗର ହୋଇ ବସି ରହୁଥିଲା କେବଳ ସୌଦାମିନୀ ।

ବେଳେ ବେଳେ ପିଆଜ ଫାଳିଆ ପରି ରଙ୍ଗା ଆଖି ଦୁଇଟା ମେଲି ମଧୁସୂଦନ ଖିରିଅଡ଼େ ଚାହିଁ କାହାକୁ ଯେପରି ଖୋଜନ୍ତି । "ବୋଉ ବୋଉ ମୁଁ ଫେରି ଆସିଛି ବୋଉ"...ଏହିପରି ଗୁଡ଼ାଏ ପ୍ରଳାପ କରନ୍ତି । ସୌଦାମିନୀ ସେ ସବୁର ଅର୍ଥ ବିସର୍ଗ ବୁଝିପାରେ ନାହିଁ । ମଧୁସୂଦନ ପୁଣି ଚିତ୍କାର କରି ଉଠନ୍ତି "ଖୋଲ୍, ଖୋଲ୍, ନୋହିଲେ ମୁଁ କବାଟ ଦରଜା ଭାଙ୍ଗି ଦେବି ।" ସୌଦାମିନୀ ଆତଙ୍କିତ ହୋଇ ଉଠେ ।

ଘର ଭିତରେ ଗୁଡ଼ାଏ ଛାଇ, ଉଲଙ୍ଗ ପ୍ରେତ ପରି ନାଚି ଉଠନ୍ତି । ମଧୁସୂଦନ ପୁଣି ସଂଜ୍ଞାହୀନ ହୋଇ ପଡ଼ନ୍ତି । ମିକ୍ସଚର ପିଆଇବା ବେଳକୁ ଦୁଇ ପାଟି ଦାନ୍ତରେ ଯାକି ପଡ଼ି ଯାଇଥାଏ । ଦାନ୍ତପାଟି ଖୋଲିବା ପାଇଁ ଗୋଟାଏ ଚାମୁଚ ଖୋଜି ଆଣିବାକୁ ସୌଦାମିନୀ ଡାକ ଉଠେ ।

ତୃତୀୟ ସପ୍ତାହରେ ଡାକ୍ତର ଯଦୁନାଥ ଚିକିତ୍ସା ପାଇଁ ଆଣିଲେ ଡକ୍ଟର ମାକ୍‌ନାମ୍ରାଙ୍କୁ । ଡକ୍ଟର ମାକ୍‌ନାମ୍ରା ସେତେବେଳେ ଥିଲେ କଲିକତାରେ ଜଣେ ଉଚ୍ଚଖ୍ୟାତିସମ୍ପନ୍ନ ମିସନାରୀ ଡାକ୍ତର । ଡାକ୍ତର ଯଦୁନାଥଙ୍କ ଅନୁରୋଧରେ ଅବଶେଷରେ ସେ ମଧୁସୂଦନଙ୍କ ଚିକିତ୍ସାପାଇଁ ଆସିଥିଲେ ।

ସାମୁଦ୍ରିକ ବିଦ୍ୟାରେ ଡକ୍ଟର ମାକ୍‌ନାମ୍ରାଙ୍କର ମଧ୍ୟ କିଛି କିଛି ଚର୍ଚ୍ଚା ଥିଲା । ରୋଗୀମାନଙ୍କର କଭ କପାଳ ଦେଖିବା ତାଙ୍କର ଏକ ଖିଆଲ୍ ଥିଲା । ଡକ୍ଟର ମାକ୍‌ନାମ୍ରା ରୋଗଶଯ୍ୟାରେ ମଧୁସୂଦନଙ୍କୁ ପରୀକ୍ଷା କରିବା ପୂର୍ବରୁ ତାଙ୍କର ପ୍ରଶସ୍ତ କପାଳ ଦେଖି ପ୍ରଥମେ ସେଥିପ୍ରତି ଆକୃଷ୍ଟ ହୋଇ ପଡ଼ିଲେ । ତା'ପରେ ମନକୁ ମନ ସ୍ୱଗତୋକ୍ତି କରିବା ଭଳି କହିଲେ···"ଏ କପାଳ ସମ୍ରାଟର କପାଳ !"

ଡାକ୍ତର ଯଦୁନାଥ ଶଙ୍କିତ କଣ୍ଠରେ ପଚାରିଲେ···

"କିନ୍ତୁ ବର୍ତ୍ତମାନ କଣ ହେବ ସାହେବ ?"

ଡକ୍ଟର୍ ମାକ୍‌ନାମ୍ରା ମଧୁସୂଦନଙ୍କ କପାଳ ଉପରେ ହାତ ବୁଲାଇ ବୁଲାଇ କହିଲେ...''ମୋର ମନେ ହେଉଛି, ଏଟା ଟାଇଫଏଡ୍ । ମସ୍ତିଷ୍କ ଆକ୍ରମଣ କରିଛି । ଆରୋଗ୍ୟ ହେବା ପାଇଁ କିଛି ସମୟ ଲାଗିବ । ଔଷଧ ଓ ଚିକିତ୍ସା ଅପେକ୍ଷା ସବୁଠାରୁ ଯାହା ବେଶୀ ପ୍ରୟୋଜନ ତାହା ହେଲା ଶୁଶ୍ରୂଷା ।"

ଡକ୍ଟର ମାକ୍‌ନାମ୍ରା ଗୋଟାଏ ପ୍ରେସ୍କ୍ରିପସନ୍ ଲେଖିବା ପାଇଁ ବସିଗଲେ ।

ପ୍ରାୟ ତିନିମାସ ପରେ ବ୍ୟାଧିର ଉପସର୍ଗ ସବୁ କ୍ରମେ ଦୂର ହୋଇଗଲା । ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ପାଇଁ ଡକ୍ଟର ମାକନାମ୍ରା ଜଳବାୟୁ ପରିବର୍ତ୍ତନର ପରାମର୍ଶ ଦେଲେ । ବିହାରର ଆରା ଠାରେ ସେତେବେଳେ ମିସନାରୀ ମାନଙ୍କର ଗୋଟିଏ ସାନାଟୋରିୟମ୍ ଥିଲା । ଜଳବାୟୁ ପରିବର୍ତ୍ତନ ପାଇଁ ଡକ୍ଟର ମାକନାମ୍ରାଙ୍କ ବ୍ୟବସ୍ଥାରେ ମଧୁସୂଦନ ଆରାରେ ସେହି ସାନାଟୋରିୟମ୍‌କୁ ଚାଲିଗଲେ ।

ଆଉ ସାନାଟୋରିୟମ୍‌ରେ ପ୍ରାୟ ଛଅମାସ ଅବସ୍ଥିତ ହେବାପରେ ମଧୁସୂଦନ ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ କରି ପୁଣି କଲିକତା ଫେରି ଆସିଲେ । କିନ୍ତୁ ସେତେବେଳକୁ ଏମ୍.ଏ. କ୍ଲାସରେ ନାମ ଲେଖାଇବାର ସମୟ ଉତ୍ତୀର୍ଣ୍ଣ ହୋଇଥିଲା । କଲିକତାର ରାସ୍ତାରେ ରାସ୍ତାରେ ବୁଲି ମଧୁସୂଦନ ପୁଣି ଜୀବନଗ୍ରନ୍ଥିର ଛିନ୍ନସୂତ୍ର ସବୁ ଗୋଟି ଗୋଟି କରି ଯୋଡ଼ିବାରେ ଲାଗିଲେ ।

ଅବଶେଷରେ ଏମ୍.ଏ. କ୍ଲାସରେ ନାମ ଲେଖାଗଲା— ତାହା କିନ୍ତୁ ପରବର୍ଷ, ଅର୍ଥାତ୍ ଇଂ ୧୮୭୧ ସାଲରେ । ଦୁଇ ବର୍ଷ ପରେ ୧୮୭୩ ସାଲରେ ମଧୁସୂଦନ ଓଡ଼ିଶାର ସର୍ବପ୍ରଥମ ଏମ୍.ଏ. ରୂପେ ପ୍ରେସିଡେନ୍‌ସୀ କଲେଜରୁ ଉତ୍ତୀର୍ଣ୍ଣ ହେଲେ । କିନ୍ତୁ ତାଙ୍କର ଏକମାତ୍ର ଅବ୍‌ଶୋଷ ରହିଗଲା; ଗଣିତରେ ସେ ଏମ୍.ଏ. ହୋଇ ପାରିଲେ ନାହିଁ । ଦୀର୍ଘ ଅସୁସ୍ଥତାବଶତଃ ବହୁକାଳଧରି ସେ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲେ । ସେଥିପାଇଁ ଗଣିତ ପରିବର୍ତ୍ତେ ତାଙ୍କୁ ଏମ୍.ଏ. କ୍ଲାସରେ ଇଂରାଜୀ ନେବା ପାଇଁ ପଡ଼ିଥିଲା । ମାତ୍ର ତାଙ୍କର ପ୍ରବଳ ହେତୁବାଦୀ ଯୁକ୍ତିନିଷ୍ଠ ମନ ସାହିତ୍ୟ ଅପେକ୍ଷା ଗଣିତ ପ୍ରତି ଆକୃଷ୍ଟ ଥିଲା ବେଶୀ ।

× × ×

ସେ ଦିନ ଏମ୍.ଏ. ପରୀକ୍ଷାର ଫଳ ପ୍ରକାଶ ପାଇଥିଲା । ମଧୁସୂଦନ ଏ ସଫଳତାର ଆନନ୍ଦ କାହାକୁ କିପରି ପ୍ରଥମେ ଜଣାଇବେ ବୁଝି ପାରୁ ନଥିଲେ । ସଫଳତାର ସବୁ ଉତ୍ତେଜନା ଓ ଆନନ୍ଦ ମଧ୍ୟରେ ମଧୁସୂଦନଙ୍କୁ ନିତାନ୍ତ ନିଃସଙ୍ଗ ଲାଗୁଥିଲା । ସେତେବେଳର ମନୋଭାବ ପ୍ରକାଶ କରି ୧୯୧୯ ସାଲରେ ଉତ୍କଳ-ସମ୍ମିଳନୀର ତ୍ରୟୋଦଶ ଅଧିବେଶନରେ ଭାଷଣ ପ୍ରସଙ୍ଗରେ ମଧୁସୂଦନ କହିଥିଲେ··· "ମୁଁ ଓଡ଼ିଆ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ପାପୀ । ଉତ୍କଳମାତାଙ୍କର ନିକୃଷ୍ଟ ସନ୍ତାନ । ତାହାର କାରଣ ବୋଧହୁଏ ଯେ, ମୁଁ ଓଡ଼ିଶାର ପ୍ରଥମ ଏମ୍.ଏ." ।

ଯଦୁନାଥଙ୍କ ଚନ୍ଦବାରିଆ-ରୋଡ଼ ଘରେ ସୌଦାମିନୀ ଜଣ ଗୋଟିଏ ଏମ୍ବ୍ରୋଇଡ଼ରୀ ବୁଣୁଥିଲେ । ମଧୁସୂଦନ ଝଡ଼ ପରି ସେ ଘର ଭିତରକୁ ପଶି ଆସି ଡାକିଲେ···"ଆସ, ସୌଦାମିନୀ !"

ସୌଦାମିନୀ ଏମ୍ବ୍ରୋଇଡ଼ରୀ ଉପରୁ ଆଖି ଉଠାଇ ବିସ୍ମୟରେ ପଚାରିଲେ···"କୁଆଡ଼େ ?"

ମଧୁସୂଦନ କହିଲେ···"ଆଃ ଆସନା ।"

ଦୀର୍ଘ ଦିନର ସମ୍ପର୍କ ସତ୍ତ୍ୱେ ମଧୁସୂଦନ ଅନ୍ତରଙ୍ଗ ଆତ୍ମୀୟତାର ଅଧିକାରରେ ସୌଦାମିନୀଙ୍କ ପ୍ରତି କୌଣସି ଦିନ ଏପରି କଣ୍ଠରେ କେବେ କଥାବାର୍ତ୍ତା କରି ନଥିଲେ । ସେ ମଧୁସୂଦନଙ୍କ ଆଡ଼େ କେବଳ କିଂକର୍ତ୍ତବ୍ୟ-ବିମୂଢ଼ ଦୃଷ୍ଟିରେ ଚାହିଁ ରହିଲେ । ବିଳମ୍ବ ସେପରି ମଧୁସୂଦନଙ୍କର ସହ୍ୟ ହେଉ ନଥିଲା । ସୌଦାମିନୀଙ୍କ ହାତ ଧରି ସେ ଚଉକି ଉପରୁ ତାଙ୍କୁ ଉଠାଇ ଧରି କହିଲେ···"ଉଠ ସୌଦା···ଆସ ! ଆଉ ଡେରି କର ନାହିଁ ।"

ସୌଦାମିନୀ ଶଙ୍କିତ କଣ୍ଠରେ ଉତ୍ତର ଦେଲେ···"ମୁଁ ତାହାହେଲେ ଏ ଲୁଗା ବଦଳାଇ ଆସେ ।"

ଥିଏଟର୍ ଦେଖିବାରେ ମଧୁସୂଦନଙ୍କ ପ୍ରବଳ ସଉକ୍ ଥିବା ସୌଦାମିନୀ ଜାଣିଥିଲେ । ସେ ଭାବିଲେ ମଧୁସୂଦନ ତାଙ୍କୁ ବୋଧହୁଏ କୌଣସି ଥିଏଟର ଦେଖିଯିବା ପାଇଁ ସଙ୍ଗରେ ନେଉଛନ୍ତି । କିନ୍ତୁ କୌଣସିଦିନ ସେ ଏପରି ଆଉ କେବେ ଡାକ ନଥିଲେ ତ: ସୌଦାମିନୀଙ୍କ ମନରେ ଆନନ୍ଦ ବିସ୍ମୟ ଓ ଅଭିମାନର ମିଶାମିଶି ଏକ ବିଚିତ୍ର ଭାବ ।

ମଧୁସୂଦନ କହିଲେ···"ଏଇ ଲୁଗା ବେଶ୍ । ବଦଳାଇବାର ଦରକାର ନାହିଁ ।"

'ନାସନାଲ୍ ଥିଏଟର୍'ରେ ନାଟ୍ୟକାର କିରଣଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କ "ଭାରତମାତା" ନାଟକର ଅଭିନୟ ଓ ସେଥିରେ ଦ୍ୱିଜେନ୍ଦ୍ରନାଥ ଠାକୁରଙ୍କ ସଙ୍ଗୀତ, କଲିକତାର ବିଦଗ୍ଧ ସମାଜରେ ସେତେବେଳେ ଏକ ପ୍ରବଳ ଆନ୍ଦୋଳନ ସୃଷ୍ଟି କରିଥିଲା । ସୌଦାମିନୀ ମନେ ମନେ ଭାବୁଥିଲେ, ହୁଏତ ନାସନାଲ-ଥିଏଟରକୁ ଯିବା ପାଇଁ ମଧୁସୂଦନ ହଠାତ୍ ଏପରି ଜିଦ୍ ଆରମ୍ଭ କରିଛନ୍ତି ।

ବାହାରେ ଗୋଟିଏ ଘୋଡ଼ାଗାଡ଼ୀ ଅପେକ୍ଷା କରିଥିଲା । ତା’ ଭିତରେ ରଖିଥିଲା ସଜଫୁଟା ଅର୍କିଡ ଫୁଲର ଦୁଇଟି ସ୍ତବକ । ସୌଦାମିନୀ ଭାବିଲେ ସେତେବେଳର ରୀତି ଅନୁସାରେ ପ୍ରିୟ ଅଭିନେତା ମାନଙ୍କୁ ଉପହାର ଦେବାପାଇଁ ଅର୍କିଡର ସ୍ତବକ ଦୁଇଟି ବୋଧହୁଏ ଉଦ୍ଦିଷ୍ଟ ଥିଲା ।

ମାତ୍ର ଗାଡ଼ୀ ଥିଏଟର ଆଡେ ନଯାଇଁ ଭବାନୀପୁର ଗୀର୍ଜାଘର ପାଖରେ ଅଟକି ରହିଗଲା ।

ସେଠାରେ ଏପରି ଆକସ୍ମିକ ଭାବରେ ମଧୁସୂଦନ ଓ ସୌଦାମି-ନୀଙ୍କୁ ଦେଖି ପାଷ୍ଟର୍ ଯଦୁନାଥ ଘୋଷଙ୍କ ତାହାର ଉଦ୍ଦେଶ୍ୟ ହଠାତ୍ ବୁଝି ପାରିଲେ ନାହିଁ ।

ପାଷ୍ଟର ଯଦୁନାଥଙ୍କ ଭ୍ରମ ଦୂର ନକରୁଣୁ, ମଧୁସୂଦନ ତାଙ୍କ ପାଦ ତଳେ ନତଜାନୁ ହୋଇ କହିଲେ...“ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ।”

ପାଷ୍ଟର୍ ଯଦୁନାଥଙ୍କର କଣ୍ଠରୋଧ ହୋଇଥିଲା । ତାଙ୍କର ଆବକ୍ଷ ଲମ୍ବିତ ଶ୍ମଶ୍ରୁ ଉପର ଦେଇ, ଆଖିରୁ କେତେ ବୁନ୍ଦ ଲୁହ ତଳେ କେବଳ ଝରି ପଡ଼ୁଥିଲା !

ତାହା ଆନନ୍ଦର ଅଶ୍ରୁ !

(ଛଅ)

ମଧୁସୂଦନଙ୍କର ଏ ପର୍ଯ୍ୟନ୍ତ ଝୁଙ୍କ ଥିଲା; ପ୍ରଥମ ଓଡ଼ିଆ ରୂପେ ସର୍ବୋଚ୍ଚ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କରିବା ପାଇଁ । ବସ୍ତୁତଃ ସେତେବେଳର ପରିସ୍ଥିତିରେ ତାହା ଏକ ଐତିହାସିକ କୃତିତ୍ୱ ଥିଲା ସନ୍ଦେହ ନାହିଁ । ବହୁ ଝଡ଼ଝଞ୍ଜା ଓ ସଂଗ୍ରାମ ମଧ୍ୟରେ ସେ ଅଭିଳାଷ ମେଣ୍ଟିଗଲା । ମଧୁସୂଦନ ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ ଓ ପ୍ରଥମ ଏମ୍.ଏ. ହୋଇ ସାରିଲେ । କିନ୍ତୁ ଏହା ପରେ ? ଓଡ଼ିଶାକୁ ଫେରିଯିବା

ପାଇଁ ତାଙ୍କ ମନରେ ଗୋଟାଏ ପ୍ରବଳ ଆକର୍ଷଣ ରହିଥିଲା । ଓଡ଼ିଶାକୁ ଫେରିଯାଇଁ ସେଠାରେ ସଙ୍ଗେ ସଙ୍ଗେ ଗୋଟାଏ ଡେପୁଟୀ ମାଜିଷ୍ଟ୍ରେଟ ଚାକିରି ମିଳିଯିବା ମଧ୍ୟ କଷ୍ଟସାଧ୍ୟ ନଥିଲା । କିନ୍ତୁ ଚାକିରି ପ୍ରତି ଅତୀତରେ କିମ୍ବା ଏବେ ଏମ.ଏ. ପାସ ପରେ ସୁଦ୍ଧା ତାଙ୍କର କୌଣସି ଆକର୍ଷଣ ନଥିଲା

ତାଙ୍କ ଅନ୍ତରର ଏକମାତ୍ର ଅଭିଳାଷ ଥିଲା, ଆତ୍ମବିସ୍ମୃତ ହୋଇ ଭବରେ ଏକ ମୌନ ଆର୍ତ୍ତନାଦ ରୂପେ ପଡ଼ିରହିଥିବା ଓଡ଼ିଆ ଜାତିକୁ ତାହାର ଐତିହାସିକ ଜନ୍ମାଧିକାରରେ ପୁନର୍ପ୍ରତିଷ୍ଠିତ କରିବା । ଆତ୍ମପ୍ରତ୍ୟୟହୀନ ଓଡ଼ିଆଜାତିର ପ୍ରାଣରେ ଆତ୍ମବିଶ୍ୱାସପୂର୍ଣ୍ଣ ଏକ ନୂତନ ପ୍ରାଣଶକ୍ତି ସଞ୍ଚାର କରିବା, ମୃତ୍ୟୁଞ୍ଜୟତାର ଏକ ନୂତନ ମନ୍ତ୍ରରେ, ଗୌଣ ମନୋଭାବାପନ୍ନ ଓଡ଼ିଆକୁ ଦୀକ୍ଷିତ କରିବା, ମଧୁସୂଦନଙ୍କ ଜୀବନର ଏକମାତ୍ର ଉଚ୍ଚାକାଂକ୍ଷା ଥିଲା ।

ଦୀର୍ଘକାଳ କଲିକତାରେ ରହି ସ୍ୱଜାତିର ଜଣେ ସଚେତନ ଛାତ୍ର ରୂପେ ଭାରତରେ ରାଜନୈତିକ ଜୀବନର ନୂତନ ଆନ୍ଦୋଳନ ଓ ଯେଉଁ ମୁହୂର୍ତ୍ତରେ ବଙ୍ଗଳାର ଅଭ୍ୟୁଦୟ ସେ ଲକ୍ଷ୍ୟ କରିଥିଲେ । ଓଡ଼ିଶା ଜାତୀୟ ଜୀବନରେ ସେହିପରି ଆନ୍ଦୋଳନ ଓ ସ୍ପନ୍ଦନ ସୃଷ୍ଟି କରିବା ମଧୁସୂଦନଙ୍କ ଅଭିଳାଷ ଥିଲା । ସର୍ବୋଚ୍ଚ ଇଂରାଜୀ ଶିକ୍ଷା ପାଇଁ ସେ ତେଣୁ ଏତେ ବ୍ୟାକୁଳ ଥିଲେ । କାରଣ ସେତେବେଳର ପରିସ୍ଥିତିରେ, ଇଂରାଜୀ ଶିକ୍ଷା ଥିଲା ଅଭ୍ୟୁଦୟର ମାର୍ଗ । ମାତ୍ର ଶିକ୍ଷା ଓ ଡିଗ୍ରୀ ତ କେବଳ ଯଥେଷ୍ଟ ନୁହେଁ । କାର୍ଯ୍ୟରେ ତାହାର ପ୍ରୟୋଗ ପାଇଁ ସାଧନ ଯେପରି ଆବଶ୍ୟକ, ଉପଯୁକ୍ତ ସାଧନାକ୍ଷେତ୍ର ଥିବା ମଧ୍ୟ ସେହିପରି ପ୍ରୟୋଜନ । ଓଡ଼ିଶାରେ ସେତେବେଳେ କୌଣସିଟି କିନ୍ତୁ ଥିଲା ନଥିଲା । ଏ ପରିସ୍ଥିତିରେ ନିଜପାଇଁ ଗୋଟାଏ ନିର୍ଭରଯୋଗ୍ୟ ଓ ନିଶ୍ଚିତ ଅବଲମ୍ବନ ନପାଇ; ହଠାତ୍ ନବ-ବିବାହିତା ଖ୍ରୀଷ୍ଟିଆନ ବଧୂ ସୌଦାମିନୀଙ୍କୁ ସଙ୍ଗରେ ଧରି ଓଡ଼ିଶାକୁ ଫେରିଆସିବା ପାଇଁ ସେ ଭରସି ପାରୁ ନଥିଲେ । କଲିକତାରେ ଆଉ କିଛି କାଳ ରହିଯିବା ପାଇଁ ମଧୁସୂଦନ ମନସ୍ଥ କଲେ ।

ଏହି ସମୟରେ କଲିକତାର ମିର୍ଜାପୁର ଷ୍ଟ୍ରୀଟରେ ଥିବା ମିସନାରୀ ସୋସାଇଟୀର ଏକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଚାକିରି ମଧ୍ୟ

ମିଳିଗଲା । ସେଠାରେ ପ୍ରଧାନ ଶିକ୍ଷକ ଥିବା ସମୟରେ ଥରେ ଲଣ୍ଡନ-ମିଶନାରୀ ସୋସାଇଟିର କର୍ମକର୍ତ୍ତା ରେଭରେଣ୍ଡ ଅଷ୍ଟିନ୍ ମଧୁସୂଦନଙ୍କୁ ଡକାଇ ପଠାଇଲେ, ତାଙ୍କ ସହିତ ଗୋଟାଏ ଜରୁରୀ ବିଷୟରେ ଆଲୋଚନା ପାଇଁ । ରେଭରେଣ୍ଡ ଜେ.ପି. ଅଷ୍ଟିନ୍‌ଙ୍କୁ ମଧୁସୂଦନ ଜଣେ ପରମ ହିତୈଷୀ ରୂପେ ବିବେଚନା କରୁଥିଲେ । ରେଭରେଣ୍ଡ ଅଷ୍ଟିନଙ୍କ ସାହାଯ୍ୟ ଓ ସହୃଦୟତାରେ ମଧୁସୂଦନ ଯଦି ବିଳାତ ଯାଇଁ ସେଠାରେ ବାରିଷ୍ଟରୀ ପାସ କରି ପାରନ୍ତେ ତାହା ହେଲେ ତାଙ୍କର ଅନ୍ୟ ଏକ ଇଚ୍ଛାକାଂକ୍ଷା ମଧ୍ୟ ଚରିତାର୍ଥ ହୋଇ ପାରନ୍ତା । ଅଷ୍ଟିନଙ୍କ ସହିତ ସାକ୍ଷାତ ଓ ଆଲୋଚନା ପାଇଁ ମଧୁସୂଦନ ମଧ୍ୟ ଗୋଟାଏ ସୁଯୋଗର ଅପେକ୍ଷାରେ ରହିଥିଲେ ।

ମାତ୍ର ରେଭରେଣ୍ଡ ଅଷ୍ଟିନ ଯେତେବେଳେ ମଧୁସୂଦନଙ୍କୁ ମିଶନାରୀ ହେବାପାଇଁ ପରାମର୍ଶ ଦେଲେ, ମଧୁସୂଦନ ତାଙ୍କୁ ହଠାତ୍ କଣ ଉତ୍ତର ଦେବେ [illegible] ସ୍ଥିର କରି ପାରିଲେ ନାହିଁ ।

ରେଭରେଣ୍ଡ ଅଷ୍ଟିନ୍ ଗୋଟାଏ ଢ଼ିଲା କଳା ଗାଉନ କାନ୍ଧ ଠାରୁ ପାଦ ପର୍ଯ୍ୟନ୍ତ ଲମ୍ବାଇ, ମୁଣ୍ଡରେ ଗୋଟାଏ କଳା ସ୍କଲ କ୍ୟାପ୍ ପିନ୍ଧି, ବେକରେ ଛାତି ପର୍ଯ୍ୟନ୍ତ ଗୋଟାଏ କ୍ରସ ଝୁଲାଇ ଗମ୍ଭୀର ଭାବରେ ଟେବୁଲ ଉପରେ ପଡ଼ିଥିବା "ଇଂଲିଶମ୍ୟାନ" ଖବରକାଗଜ ଉପରେ ଦୃଷ୍ଟି ନିବଦ୍ଧ କରି ବସିଥିଲେ । ମଧୁସୂଦନ ତାଙ୍କ ସାମନାରେ ଖଣ୍ଡେ ଚଉକି ଉପରେ ବସି, ରେଭରେଣ୍ଡ ଅଷ୍ଟିନଙ୍କ, ସ୍ୱାସ୍ଥ୍ୟପୁଷ୍ଟ ଚଉଖୁଣ୍ଟିଆ ମୁହଁ ଓ କପାଳ ତଳେ ବହଳ କେଶାବୃତ ଭ୍ରୂଲତା ଦୁଇଟିକୁ କୌତୂହଳପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଥିଲେ । ରେଭରେଣ୍ଡ ଅଷ୍ଟିନଙ୍କ ଚେହେରାରେ ମିଶନାରୀ-ସୁଲଭ ବୈରାଗ୍ୟ ଅଥବା ଆତ୍ମୋତ୍ସର୍ଗର କ୍ଷୀଣତମ ସଙ୍କେତ ନଥିଲା । ପାଦ୍ରି ମାନଙ୍କର ପୋଷାକ ପିନ୍ଧି ନଥିଲେ ଓ ଲଣ୍ଡନ ମିଶନାରୀ-ସୋସାଇଟିର ପ୍ରଧାନ କାର୍ଯ୍ୟାଳୟରେ ତାଙ୍କୁ ନଦେଖି, ଅନ୍ୟତ୍ର ଅନ୍ୟ ଭୂଖଣ୍ଡରେ ଦେଖିଥିଲେ ଜଣେ ସାଧାରଣ ଫିରିଙ୍ଗୀ ବ୍ୟବସାୟୀ ଅଥବା "ରାଇଟର୍ସ ବିଲ୍ଡିଙ୍ଗ"ର କୌଣସି ମୋଟିଆ ଇଂରେଜ କର୍ମଚାରୀ ରୂପେ ତାଙ୍କୁ ଅନୁମାନ କରିବା ଅସମ୍ଭବ ନଥିଲା । ମାତ୍ର ମଧୁସୂଦନ ମନେମନେ ରେଭରେଣ୍ଡ ଅଷ୍ଟିନ୍‌ଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ଥିଲେ । ବସ୍ତୁତଃ ରେଭରେଣ୍ଡ ଅଷ୍ଟିନ୍‌ଙ୍କ ସାହାଯ୍ୟ, ଶ୍ରଦ୍ଧା ଓ

ସହାୟତା ପାଇ ନଥିଲେ କଲିକତାରେ ମଧୁସୂଦନଙ୍କ ଉଚ୍ଚଶିକ୍ଷାର ଆକାଂକ୍ଷା ବିଡ଼ମ୍ବିତ ହୋଇ ରହିଥାନ୍ତା । ତଥାପି ମିସନାରୀ ହେବାପାଇଁ ରେଭରେଣ୍ଡ୍ ଆଷ୍ଟନ୍‌ଙ୍କ ପ୍ରସ୍ତାବ ମଧୁସୂଦନଙ୍କୁ ଏକ ଉତ୍କଟ ପରିହାସ ପରି ଲାଗୁଥିଲା ।

ମଧୁସୂଦନଙ୍କ ନୀରବତାକୁ ତାଙ୍କର ସମ୍ମତିର ଲକ୍ଷଣ ଭାବି ରେଭରେଣ୍ଡ୍ ଆଷ୍ଟନ୍, ଗୋଟାଏ ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚିଥିବା ପରି କଣ୍ଠରେ କହିଲେ··· "ତାହାହେଲେ ତୁମେ ଯଥାଶୀଘ୍ର କଲିକତା ବାହାରେ ଗୋଟାଏ ମିଶନ୍‌ରେ ଯୋଗ ଦେବାପାଇଁ ପ୍ରସ୍ତୁତ ହୋଇଯାଅ । ଇଚ୍ଛା କଲେ ଓଡ଼ିଶାକୁ ମଧ୍ୟ ଯାଇପାର ।"

ମଧୁସୂଦନ ଗୋଟାଏ କାଚ ପେପର୍‌ୱେଟ୍ ହାତରେ ଘୂରାଇ ଘୂରାଇ ପଚାରିଲେ··· "କିନ୍ତୁ କେଉଁ ପ୍ରକାର ମିସନାରୀ ହେବା ପାଇଁ ଆପଣ ମୋତେ ଆଶା କରନ୍ତି ?"

ରେଭରେଣ୍ଡ୍ ଆଷ୍ଟନ୍ ବିସ୍ମିତ କଣ୍ଠରେ ଉତ୍ତର ଦେଲେ··· "କେଉଁ ପ୍ରକାର ମିସନାରୀ କଣ ? ମିସନାରୀ ତ ଗୋଟିଏ ପ୍ରକାର ହୁଅନ୍ତି । ସେମାନଙ୍କ କର୍ତ୍ତବ୍ୟ ହେଲା ଗାଁ ଗାଁ ଦାଣ୍ଡିରେ ଖ୍ରୀଷ୍ଟ ଧର୍ମ ପ୍ରଚାର କରିବା, ଅନ୍ୟମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା ।"

ମାତ୍ର ମଧୁସୂଦନଙ୍କ ଦୃଷ୍ଟିରେ ବଜାର ପ୍ରାର୍ଥନା ଓ ଧର୍ମର ଢଣ୍ଢେରା ପ୍ରଚାର ଠାରୁ ବଳି ଅନ୍ୟ ଅପ୍ରୀତିକର କର୍ମ ନଥିଲା । ମିସନାରୀ ହେବାପାଇଁ କେବଳ ନାସ୍ତି କରି ଦେଲେ ତ ହେବ ନାହିଁ । ମିସନାରୀ ରୂପେ ରେଭରେଣ୍ଡ ଆଷ୍ଟନ୍‌ଙ୍କ ପ୍ରୀତିକର ଅହଙ୍କାରକୁ ମଧ୍ୟ ସଙ୍କୁଚିତ କରିଦେବା ପାଇଁ ପଡ଼ିବ । ତାହାର ଉଦ୍ଧତ ଅହଙ୍କାରକୁ ଅକ୍ଷତ ଛାଡ଼ିଦେବା ମଧୁସୂଦନଙ୍କ ପ୍ରକୃତିରେ ନଥିଲା ।

ମଧୁସୂଦନ ବିନୀତ କଣ୍ଠରେ କହିଲେ··· "ତାହାହେଲେ ମୋତେ ଅନ୍ତତଃ ଗୋଟିଏ ଦିନ ସମୟ ଦିଅନ୍ତୁ ଫାଦର୍ । ଇତିମଧ୍ୟରେ ମୁଁ ଆପଣଙ୍କୁ ମୋର ସୁଚିନ୍ତିତ ନିଷ୍ପତ୍ତି ଜଣାଇ ଦେବି ।"

ରେଭରେଣ୍ଡ୍ ଆଷ୍ଟନ୍ ଉତ୍ତର ଦେଲେ··· "ବେଶ୍ ବେଶ୍, ସେଥିରେ ଆପତ୍ତି କଣ ? କାଲି ବରଂ ଆମେ ଏ ବିଷୟରେ ପୁଣି ଥରେ

ଆଲୋଚନା କରିବା । ମାତ୍ର ଇତିମଧ୍ୟରେ ତୁମେ ପ୍ରସ୍ତୁତ ହୋଇଯିବା ଉଚିତ ।"

ଏହା ପରଦିନ ମଧୁସୂଦନ, ରେଭରେଣ୍ଡ୍ ଆଷ୍ଟନଙ୍କୁ ଭକ୍ତିପୂର୍ଣ୍ଣ ଅଭିବାଦନ ଜଣାଇ, ତାଙ୍କ ସମ୍ମୁଖରେ ବସିବା ମାତ୍ରେ, ରେଭରେଣ୍ଡ୍ ଆଷ୍ଟନ୍ ପଚାରିଲେ... ''କେତେଶୀଘ୍ର ତୁମେ କଲିକତା ଯାଇ ପାରିବ ବୋଲି ଆଶା କରୁଛ ?''

ମଧୁସୂଦନ ଉତ୍ତର ଦେଲେ... "ଫାଦର୍, ଆପଣ କାଲି କହିଲେ ନାଁ!, ମିସନାରୀମାନେ କେବଳ ଗୋଟିଏ ଶ୍ରେଣୀର ହୁଅନ୍ତି ! ମାତ୍ର ମୁଁ ଏବେ ଦେଖିଲି ମିସନାରୀ ମାନେ ଦୁଇ ଶ୍ରେଣୀର ହୋଇ ପାରନ୍ତି !"

ରେଭରେଣ୍ଡ୍ ଆଷ୍ଟନ୍ ବିସ୍ମିତ କଣ୍ଠରେ ପଚାରିଲେ..."ଦୁଇ ଶ୍ରେଣୀର ମିସନାରୀ ? ତୁମେ କହୁଚ କଣ ପ୍ରଗଲ୍ଭ ଯୁବକ ?"

ମଧୁସୂଦନ ସ୍ଥିର କଣ୍ଠରେ ଉତ୍ତର ଦେଲେ..."ଦୁଇ ଶ୍ରେଣୀର ମିସନାରୀ ଅଛନ୍ତି ଫାଦର୍ !"

ଏହାପରେ ଦଣ୍ଡେ ଅଟକି ଯାଇଁ ରେଭରେଣ୍ଡ୍ ଆଷ୍ଟନ୍‌ଙ୍କ ଦୁଇ ବହଳିଆ ଭ୍ରୂଲତା ମଝିରେ ଦୃଷ୍ଟି ନିବଦ୍ଧ ରଖି ମଧୁସୂଦନ କହିଲେ... "ଗୋଟିଏ ଶ୍ରେଣୀର ମିସନାରୀ ଅଛନ୍ତି ଯେଉଁମାନଙ୍କର ମାସକୁ ଦରମା ଛଅଶହ ଟଙ୍କା, ତା ଉପରେ ମିସନ୍ ପକ୍ଷରୁ ବଙ୍ଗ୍ଲାରେ ସବୁ ପ୍ରକାର ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ; ପ୍ରାର୍ଥନା ପାଇଁ ମନ ଡାକୁ ନଥିଲେ ବେଳେ ସୁଦ୍ଧା ଗଦ୍‌ଗଦ୍ କଣ୍ଠରେ ପ୍ରାର୍ଥନା ଅର୍ଥାତ୍ ପ୍ରାର୍ଥନାର ଛଳନା ଓ ଆଧ୍ୟାତ୍ମିକତା ନାମରେ ବଞ୍ଚନା ପ୍ରଚୁର !"

ମଧୁସୂଦନ ଧୀରେ ଧୀରେ ପ୍ରତ୍ୟେକଟି ଶବ୍ଦ ଉଚ୍ଚାରଣ କରିବା ବେଳେ, ରେଭରେଣ୍ଡ୍ ଆଷ୍ଟନ୍‌ଙ୍କ ଅହଙ୍କାରରେ ତାହା ଯେପରି ଶେଲବିଦ୍ଧ କରୁଥିଲା ।

ମଧୁସୂଦନ ପୁଣି କହିଲେ..."କିନ୍ତୁ ଆଉ ଏକ ଶ୍ରେଣୀର ମିସନାରୀ ଅଛନ୍ତି ଫାଦର, ଯେଉଁମାନେ କୌଣସି ପ୍ରକାର ଆର୍ଥିକ ପ୍ରତ୍ୟାଶା ନରଖି, ଗ୍ରାମରୁ ଗ୍ରାମାନ୍ତର ପାଦରେ ବୁଲି, ଶତ୍ରୁ, ମିତ୍ର ନିର୍ବିଶେଷରେ

ଯୀଶୁଙ୍କ ବାଣୀ ପ୍ରଚାର କରନ୍ତୁ ଓ ନିଜ ଜୀବନଚର୍ଯ୍ୟାରେ ମଧ୍ୟ ତାହାର ଅନୁଶୀଳନ କରନ୍ତୁ; ବିଶ୍ୱର କଲ୍ୟାଣ ପାଇଁ ସେହିମାନେ ତିଳେ ତିଳେ ତନୁ କ୍ଷୟ କରନ୍ତୁ । ମାତ୍ର ସେଥିପାଇଁ ସେମାନେ କାହାଠାରୁ କୌଣସି ବେତନ ଆଶାକରନ୍ତୁ ନାହିଁ ।"

ରେଭରେଣ୍ଡ ଆଷ୍ଟନଙ୍କ ମୁହଁଟା ସେତେବେଳକୁ ଅଗ୍ନିଦୀପ୍ତ କ୍ରୋଧରେ ଆରକ୍ତ ହୋଇ ଉଠିଥିଲା । ପ୍ରବଳ ଉତ୍ତେଜନାରେ ଦୁଇହାତର ଚଉଖଣ୍ଡିଆ ହାତ ଆଙ୍ଗୁଠିଗୁଡ଼ିକୁ ସେ ଛନ୍ଦାଛନ୍ଦି କରି, ତା' ଭିତରେ ନିଜ ଉତ୍ତେଜନାକୁ ଯେପରି ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଥିଲେ ।

ମଧୁସୂଦନ କହିଲେ ··"ଶେଷୋକ୍ତ ଶ୍ରେଣୀର ମିସନାରୀ ହେବା ପାଇଁ ମୋର ଆପତ୍ତି ନାହିଁ ଫାଦର । କିନ୍ତୁ ସେଥିପାଇଁ ମୋର ପରିସ୍ଥିତି ଅନୁକୂଳ ନୁହେଁ ।"

ରେଭରେଣ୍ଡ ଆଷ୍ଟନ ଉଚ୍ଚାରଣ କରି ଉଠିଲେ···

"Get out you Satan" ! (ସଇତାନ ଦୂର ହୁଅ) ।

ମଧୁସୂଦନ ଅତ୍ୟନ୍ତ ବିନମ୍ର ଭାବରେ, ରେଭରେଣ୍ଡ ଆଷ୍ଟନଙ୍କୁ ଯଥାଯଥ ଅଭିବାଦନ ଜଣାଇ ବାହାରକୁ ଆସିବା ବେଳେ କହିଲେ·· "ମୁଁ ଯାଉଛି ଫାଦର ! ଆପଣଙ୍କ ଠାରେ ମୁଁ ଅତ୍ୟନ୍ତ କୃତଜ୍ଞ ! ମାତ୍ର ଏ ସଇତାନକୁ ପୁଣି କେବେ ସାକ୍ଷାତ କରିବା ପାଇଁ ଯେବେ ଅବକାଶ ଆସେ ତାହେଲେ ଆପଣ ସେଦିନ ନିଶ୍ଚୟ ତାକୁ ଭଲ ଭାବରେ ସମ୍ବର୍ଦ୍ଧନା କରିବେ ।"

କ୍ରୋଧରେ ରେଭରେଣ୍ଡ ଆଷ୍ଟନଙ୍କର ସେତେବେଳକୁ ବାକ୍‌ରୋଧ ଘଟିଥିଲା ।

ମିର୍ଜାପୁର ଷ୍ଟ୍ରୀଟ ସ୍କୁଲଟି ରେଭରେଣ୍ଡ ଆଷ୍ଟନଙ୍କ କର୍ତ୍ତୃତ୍ୱରେ ଲଣ୍ଡନ ମିସନାରୀ ସୋସାଇଟୀ ଦ୍ୱାରା ପରିଚାଳିତ ହେଉଥିଲା । ଏହାପରେ ମଧୁସୂଦନ ସେ ସ୍କୁଲର ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଇଦେଲେ । ନାନା କାରଣରୁ ପେଶାଦାର ମିସନାରୀ ମାନଙ୍କ ସହିତ ସମ୍ପର୍କ ମଧୁସୂଦନଙ୍କ ପକ୍ଷରେ କ୍ରମେ ଦୁର୍ବିସହ ହୋଇ ଉଠୁଥିଲା ।

## (ସାତ)

ଶ୍ରୀରାମପୁର କଲେଜରେ ଗୋଟିଏ ଅଧ୍ୟାପକ ପଦ ଖାଲି ପଡ଼ିଥିଲା । ବେତନ ଯୋଗ୍ୟତା ଅନୁସାରେ । ଇଂରାଜୀସାହିତ୍ୟ ଠାରୁ ୟୁରୋପୀୟ ଇତିହାସ ଓ ଗଣିତ ପ୍ରଭୃତି ପ୍ରତ୍ୟେକ ବିଷୟରେ ପ୍ରାର୍ଥୀଙ୍କର ପାରଦର୍ଶିତା ଥିବା ଆବଶ୍ୟକ । ସେତେବେଳେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଜଣେ ଜଣେ ନିର୍ଦ୍ଦିଷ୍ଟ ଅଧ୍ୟାପକ ନିଯୁକ୍ତିର ବ୍ୟବସ୍ଥା ନଥିଲା । "ସମାଚାର ଦର୍ପଣ" କାଗଜରେ ବିଜ୍ଞାପନଟି ଦେଖି କଲେଜର ପ୍ରିନ୍‌ସି-ପାଲ୍‌ଙ୍କ ସହିତ ସାକ୍ଷାତକାର ପାଇଁ ମଧୁସୂଦନ କାଳବିଳମ୍ବ ନକରି ସଙ୍ଗେସଙ୍ଗେ ବାହାରି ପଡ଼ିଥିଲେ । ମିର୍ଜାପୁର ଷ୍ଟ୍ରୀଟ୍‌ରେ ମିସନାରୀ ସୋସାଇଟିର ସ୍କୁଲ୍ ଛାଡ଼ିବା ଦିନୁ ମଧୁସୂଦନ ପ୍ରାୟ ବେକାର ଅବସ୍ଥାରେ ଦିନାତିପାତ କରୁଥିଲେ ।

ଶ୍ରୀରାମପୁର କଲେଜ ଭାରତରେ ଇଂରାଜୀଶିକ୍ଷା ପ୍ରସାର କଳ୍ପେ, ଖ୍ରୀଷ୍ଟିଆନ୍ ମିସନାରୀ ମାନଙ୍କର ଅବଦାନମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଏହା ଖ୍ରୀ.ଅ. ୧୮୧୮ରେ ସ୍ଥାପିତ ହୋଇଥିଲା । ପାଦ୍ରୀମାନଙ୍କୁ ତାଲିମ୍ ଦେବାପାଇଁ ଏଠାରେ ମଧ୍ୟ ଥିଲା "ବିଶପ୍‌ସ୍ କଲେଜ" ! କଲିକତାର ପାଦ୍ରୀ-ବାତାବରଣରେ ମଧୁସୂଦନଙ୍କ ଶ୍ୱାସରୁଦ୍ଧ ହୋଇ ଆସିଥିଲେ ହେଁ, ଜୀବିକାର୍ଜନ ପାଇଁ ସେ ଏଠାକୁ ଆସିଥିଲେ । ଶିକ୍ଷକତା ପାଇଁ କିନ୍ତୁ ତାଙ୍କର ମନ ଆଦୌ ଡାକୁ ନଥିଲା ।

ସେଥିରେ ପୁଣି ସେତେବେଳେ କଲେଜର ପ୍ରିନ୍‌ସିପାଲ୍ ରେଭରେଣ୍ଡ୍ ଲିଙ୍ଗ୍ ମଧୁସୂଦନଙ୍କୁ କେତେଥର ଆପାଦମସ୍ତକ ନିରୀକ୍ଷଣ କରିବା ପରେ ଏମ୍. ଏ. ସାର୍ଟିଫିକେଟ୍‌ଟାକୁ ଗମ୍ଭୀର ଅଭିନିବେଶରେ ବହୁବାର ଆଦ୍ୟୋପାନ୍ତ ପରୀକ୍ଷା କରି ପଚାରିଲେ ···"କୌଣସି ପରିଚୟ ପତ୍ର ଇଂଟ୍ରୋଡକ୍‌ସନ୍ ଲେଟର ସଙ୍ଗରେ ଆଣିଛ ?"—ରେଭରେଣ୍ଡଙ୍କ ଦ୍ରୀତିବିରୁ ଦାମ୍ଭିକତାକୁ ପଙ୍କିଳ କରିଦେବା ପାଇଁ ମଧୁସୂଦନଙ୍କ ରସନା ଚଞ୍ଚଳ ହୋଇ ଉଠିଲା ।

ରେଭରେଣ୍ଡ୍ ଲିଙ୍ଗ୍ ଶୀର୍ଣ୍ଣକାୟ ବୃଦ୍ଧ । ତାଙ୍କ ଚେହେରାରେ ରହିଥିଲା ବୈଦିକତାର ଏକ ସୁସ୍ପଷ୍ଟ ସ୍ୱାକ୍ଷର । ଆସ୍ଥାନଙ୍କ ଅହଙ୍କାରରେ

ଥିଲା ସବୁ ଏକ ଅହେତୁକ ଆତ୍ମପ୍ରତ୍ୟୟ ; ରେଭରେଣ୍ଡ୍ ଲଙ୍ଗ୍‌ଙ୍କ ଅହଙ୍କାରରେ ଥିଲା ଏକ ସ୍ପର୍ଦ୍ଧିତ ଉନ୍ନାସିକତା !

ମଧୁସୂଦନ ବିନୀତ କଣ୍ଠରେ ଉତ୍ତର ଦେଲେ···"ବିଜ୍ଞାପନକୁ ବୁଝିଥିଲି ଆପଣଙ୍କର ଜଣେ ଶିକ୍ଷକ ଆବଶ୍ୟକ ଥିଲା । କିନ୍ତୁ ଇଣ୍ଟ୍ରୋଡକ୍‌ସନ୍ ଲେଟର ଆବଶ୍ୟକ ଥିବା ଜାଣିଥିଲେ ମୁଁ ତ ସେଥିରୁ ଗୋଟାଏ ଝୁଡ଼ି ସଂଗ୍ରହ କରି ସଙ୍ଗରେ ଆଣି ପାରିଥାନ୍ତି !"

ରେଭରେଣ୍ଡ୍ ଲଙ୍ଗ୍‌ଙ୍କ କୋଟରଗତ ଆଖି ଦୁଇଟି ବହଳ ଭ୍ରୂଲତା ତଳୁ ଦପ୍ ଦପ୍ ଜଳି ଉଠିଲା । ମଧୁସୂଦନ ତାଙ୍କ ଆଡ଼େ ସ୍ଥିର ଅବିଚଳିତ ଦୃଷ୍ଟିରେ ଚାହିଁ କହିଲେ···"ମୋର ଇଂଟ୍ରୋଡକ୍‌ସନ ଲେଟର ମୁଁ ନିଜେ ! ଆପଣ ସନ୍ତୁଷ୍ଟ ତ ?"

ରେଭରେଣ୍ଡ ଲଙ୍ଗ୍ ହୁଏତ ଏପରି ସ୍ପର୍ଦ୍ଧିତ ଉତ୍ତର ଇତିପୂର୍ବରୁ ଅନ୍ୟ କୌଣସି ଚାକିରିପ୍ରାର୍ଥୀଙ୍କ ଠାରୁ କେବେ ଶୁଣି ନଥିଲେ । ତାଙ୍କର ଆଖି ଦୁଇଟି ଆପେ ଆପେ ତଳକୁ ନଇଁ ଆସିଲା । ସେ କିଛିକ୍ଷଣ କଣ ଭାବିବା ପରେ ଚଉକି ଛାଡ଼ି ଠିଆ ହୋଇ କହିଲେ···"ଆସ ମୋ ସଙ୍ଗରେ । ଫଲୋ ମି ।"

ବି. ଏ. କ୍ଲାସରେ ତାହା ଥିଲା ଇଂରାଜୀ ସାହିତ୍ୟର ପିରିଅଡ଼ । ଟେବୁଲ ଉପରେ ସେକ୍‌ସପିଅରଙ୍କ ଗ୍ରନ୍ଥାବଳୀ ଖଣ୍ଡେ ପଡ଼ିଥିଲା । ଗ୍ରନ୍ଥାବଳୀଟି ଖୋଲିଦେବା ମାତ୍ରେ ବାହାରି ପଡ଼ିଲା ମାକ୍‌ବେଥ୍ ନାଟକର ପଞ୍ଚମ ଅଙ୍କ, ପ୍ରଥମ ଦୃଶ୍ୟ । ରେଭରେଣ୍ଡ ଲଙ୍ଗ୍ ମଧୁସୂଦନଙ୍କ ଆଡ଼େ କଠୋର ଦୃଷ୍ଟିରେ ଚାହିଁ କହିଲେ···"ଗୋ ଅନ୍ । ପଢ଼ାଅ । ଏ ହେଲା, ବି. ଏ. ଇଂରାଜୀ ଶ୍ରେଣୀ ।"

ବହି ପଢ଼ି ଆବୃତ୍ତି କରିବାର ପ୍ରୟୋଜନ ନଥିଲା । ମଧୁସୂଦନ ଅନର୍ଗଳ ଭାବରେ ନିଜ ମୁଖରୁ ଆବୃତ୍ତି କରି ଚାଲିଲେ···

"Lo you, here she comes ! This is her very guise, and upon my life, fast asleep, observe her ; stand close.

Doctor :— How came she by that light ?

Gentlewoman:— Why it stood by her. She has light by her continually : 'tis her command.

**Doctor : You see her eyes are open.**
**Gent. : Ay, but their sense is shut."**

ଏକ ନିଃଶ୍ୱାସରେ ଏହିପରି କିଛିକ୍ଷଣ ଆବୃତ୍ତି କରିବା ପରେ ମଧୁସୂଦନ ବହିଟା ବନ୍ଦ କରି ଟେବୁଲ ଉପରେ ପୁଣି ଫିଙ୍ଗି ଦେଲେ । ସେତେବେଳକୁ ପ୍ରିନ୍ସିପାଲ୍‌ଙ୍କ ଦୁଇ ଆଖିର ଅବସ୍ଥା ଲେଡୀ ମାକ୍‌ବେଥଙ୍କ ସେହି ତନ୍ଦ୍ରାଚ୍ଛନ୍ନ ଆଖି ପରି···"ay but their sense is shut !"

ଏହାପରେ ମଧୁସୂଦନ ମାକବେଥ୍ ନାଟକର ବ୍ୟାଖ୍ୟା ଆରମ୍ଭ କରି ଦେଲେ । ଏଲିଜାବେଥ୍‌ଆନ୍ ଇଂଲଣ୍ଡର ସ୍ୱବମୂର୍ତ୍ତି ଲେଡ଼ୀ ମାକବେଥ୍ । ବନ୍ଧୁ-ଦ୍ରୋହ ଓ ବିଶ୍ୱାସଘାତକତା ମଧ୍ୟରେ ସେତେବେଳେ ଇଂଲଣ୍ଡୀୟ ରାଜଶକ୍ତିର ବିସ୍ତାର ଘଟିଥିଲା ସତ୍ୟ, ମାତ୍ର ତାହା ମଧ୍ୟ ଜାତିର ବିବେକରେ ସୃଷ୍ଟି କରିଥିଲା ଏକ ପ୍ରଚଣ୍ଡ ମନ୍ଥନ !

ରେଭରେଣ୍ଡ୍ ଲଙ୍ଗ୍ 'ମାକବେଥ୍' ନାଟକର ଏପରି ଅଭିନବ ବ୍ୟାଖ୍ୟା ଇତିପୂର୍ବରୁ ଆଉ କେବେ ଶୁଣି ନଥିଲେ । ତାହାର ମୌଳିକତା ତାଙ୍କୁ ଆକୃଷ୍ଟ କରିଥିଲା ! ମାତ୍ର ଇଂଲଣ୍ଡୀୟ ରାଜଶକ୍ତିର ବିସ୍ତାରବାଦ ସମ୍ପର୍କରେ ଏଧରି ଅପ୍ରୀତିକର ଉଲ୍ଲେଖ ଆଉ ଶୁଣିବା ପାଇଁ ସେ ପ୍ରସ୍ତୁତ ନଥିଲେ । ମଧୁସୂଦନଙ୍କ ଅଧ୍ୟାପନା ବନ୍ଦ କରାଇ ସେ କହିଲେ···"ଦାଟ୍ ଉଇଲ୍ ଡୁ ! ନାଉ ଫଲୋ ମି !"

ଅନ୍ୟ ଶ୍ରେଣୀରେ ଥିଲା ଜ୍ୟାମିତି କ୍ଲାସ । ସେଠାରେ ମଧ୍ୟ ମଧୁସୂଦନଙ୍କୁ ଗଣିତରେ କିଛି ପରୀକ୍ଷା ଦେବା ପାଇଁ ପଡ଼ିଲା । ବସ୍ତୁତଃ ସ୍ୱାସ୍ଥ୍ୟଜନିତ କାରଣରୁ ଏମ୍. ଏ. ରେ ମଧୁସୂଦନ ଇଂରାଜୀ ନେବାପାଇଁ ବାଧ୍ୟ ହୋଇଥିଲେ ହେଁ, ଗଣିତ ପ୍ରତି ତାଙ୍କର ଆଗ୍ରହ ଥିଲା ପ୍ରବଳ । ତାଙ୍କର ହେଉବାଙ୍ଗ ମନୀଷା ସାହିତ୍ୟ ପ୍ରତି ହିଁ ଅଧିକ ଆକୃଷ୍ଟ ଥିଲା । ପ୍ରିନ୍ସିପାଲ୍ ଏହାପରେ ମଧୁସୂଦନଙ୍କୁ ନେଇଗଲେ, ୟୁରୋପୀୟ ଇତିହାସ ଶ୍ରେଣୀକୁ ।

କାନ୍ଥରେ ୟୁରୋପର ଗୋଟିଏ ମାନଚିତ୍ର ଝୁଲୁଥିଲା । ସେହି ମାନଚିତ୍ର ଉପରେ ରେଭରେଣ୍ଡ୍ ଲଙ୍ଗ୍‌ଙ୍କ ଦୃଷ୍ଟି ପଡିବା ମାତ୍ରେ, ତାଙ୍କ ପାଟିରୁ ହୁକୁମ ବାହାରି ପଡ଼ିଲା..."ଇଟାଲୀର ଇତିହାସ ପଢ଼ାଅ ।"

କିନ୍ତୁ ସେ କଣ ବୁଝିଥିଲେ ଅଷ୍ଟ୍ରିଆର ପରାଧୀନତା ମଧ୍ୟରେ ଖଣ୍ଡବିଖଣ୍ଡ ଇଟାଲୀ ଦେଶ ଓ ଜାତିର ଏକତ୍ରୀକରଣ ପାଇଁ ଜୋସେଫ୍ ମାଜିନିଙ୍କ ମନୀଷା, କାଉଣ୍ଟ୍ କାଭୁର୍‌ଙ୍କ କୂଟନୀତି ଓ ଗ୍ୟାରିବାଲ୍‌ଡୀଙ୍କ ବୀରତ୍ୱ, ମଧୁସୂଦନଙ୍କ ଚିନ୍ତା ଓ ଜାଗରଣରେ ଏକମାତ୍ର ସ୍ୱପ୍ନ ଥିବ ବୋଲି ! ଯେତେବେଳେ ଇମାନୁଏଲଙ୍କ ନେତୃତ୍ୱରେ ବିଖଣ୍ଡିତ ଇଟାଲୀ ପୁଣି ଯେପରି ଏକତ୍ରିତ ହୋଇ ପାରିଥିଲା, ଇଟାଲୀର ଜାତୀୟସତ୍ତାକୁ ବିଡ଼ମ୍ବିତ କରିବା ପାଇଁ ଅଷ୍ଟ୍ରିଆ ଓ ଫ୍ରାନ୍ସ ଯେତେବେଳେ ଯେଉଁସବୁ କୂଟ କୌଶଳ ଖେଳୁଥିଲେ, ପ୍ରତ୍ୟହ ସେସବୁର ପୁଙ୍ଖାନୁପୁଙ୍ଖ ବିବରଣୀ ସମ୍ବାଦପତ୍ର ମାନଙ୍କରୁ ସଂଗ୍ରହ କରୁଥିଲେ । ଖଣ୍ଡବିଖଣ୍ଡ ଓଡ଼ିଆଭାଷୀ ଭୂମିର ଏକତ୍ରୀକରଣ ପାଇଁ ପ୍ରେରଣା ମଧ୍ୟ ଇଟାଲୀ ଜାତୀୟ ଇତିହାସର ଏହି ଅଭିଜ୍ଞତାରୁ ମଧୁସୂଦନ ସଂଗ୍ରହ କରୁଥିଲେ । ତେଣୁ ଇଟାଲୀର ସାମ୍ପ୍ରତିକ ଇତିହାସ ଅଧ୍ୟାପନା ପାଇଁ ମଧୁସୂଦନଙ୍କୁ କୌଣସି ଆୟାସ ସ୍ୱୀକାର କରିବା ପଡ଼ି ନଥିଲା ।

ମାତ୍ର ଯେତେବେଳେ ଇଟାଲୀର ଜାତୀୟ ଇତିହାସରେ ଏକତ୍ରୀକରଣ ପ୍ରଚେଷ୍ଟାରେ ଭାଟିକାନର ପୋପ୍ ବା ପାଦ୍ରୀଙ୍କ ବିରୋଧ ଓ ସେଥିପାଇଁ ୧୮୭୦ ଖ୍ରୀ.ଅ.ରେ ଗାରିବାଲଡ଼ୀଙ୍କ ଦ୍ୱାରା ରୋମ ଅଧିକାର ପ୍ରସଙ୍ଗ ମଧୁସୂଦନ ଆରମ୍ଭ କରିଦେଲେ, ରେଭରେଣ୍ଡ ଲଙ୍ଗଙ୍କ ପକ୍ଷରେ ତାହା ଶ୍ରୁତିକଟୁ ହୋଇ ଉଠିଲା । ଇଟାଲୀର ଇତିହାସ ଅଧ୍ୟାପନା ପାଇଁ ସେ କହି ନ ପାରନ୍ତି ! ବରଂ ଇଟାଲୀ ପରିବର୍ତ୍ତେ ଜର୍ମାନୀର ଇତିହାସ ଅଧ୍ୟାପନା ପାଇଁ କହିଥିଲେ ଚଳିଥାନ୍ତା !

ଅପ୍ରସ୍ତୁତ ଭାବରେ ମଧୁସୂଦନଙ୍କ ଅଧ୍ୟାପନା ବନ୍ଦ କରାଇ ସେ କହିଲେ··· "ଏନଫ୍ ଅଫ୍ ଇଟ୍ ! ନାଉ ଗେଟ୍ ଆଉଟ୍ ସି ।"

ଅଫିସକୁ ଫେରି ଆସିବା ମାତ୍ରେ ରେଭରେଣ୍ଡ ଲଙ୍ଗ ମଧୁସୂଦନଙ୍କ ପିଠି ଥାପୁଡ଼େଇ କହିଲେ···"ସୋ ଦାଟ୍ ଇଜ୍ ସେଟଲ୍ଡ୍ ।"

ମଧୁସୂଦନ ନମ୍ର କଣ୍ଠରେ ପଚାରିଲେ··· "ହ୍ୱାଟ୍ ଇଜ୍ ସେଟଲଡ୍ ? କଣ ସ୍ଥିର ହୋଇଗଲା ?"

ପ୍ରିନ୍‌ସିପାଲ୍ କହିଲେ··· "ଆପଣ ତା'ହେଲେ ଦଶମୀରୁ ଆମ କଲେଜରେ ଯୋଗ ଦଅନ୍ତୁ । ମୁଁ ଏବେ ହାତେ ହାତେ ନିଯୁକ୍ତି ପତ୍ର ଲେଖି ଦେଉଛି ।"

ମଧୁସୂଦନ ପଚ୍ଚାରିଲେ··· "କିନ୍ତୁ ବେତନ କେତେ ? ତାହାତ ଏ ପର୍ଯ୍ୟନ୍ତ ସେଟଲଡ୍ ହେଲା ନାହିଁ।"

ପ୍ରିନସିପାଲ କହିଲେ··· "ଆମର ଇଏ ହେଲା ମିସନାରୀ କଲେଜ। ଆମେ ମାସକୁ ଦୁଇଶହ ଟଙ୍କାରୁ ଅଧିକ ବେତନ ଦେବା ଅବସ୍ଥାରେ ନାହୁଁ।"

ପ୍ରିନ୍‌ସିପାଲଙ୍କ କଣ୍ଠରେ ପୂର୍ବର ବହୁସ୍ଫୀତ ଅହଙ୍କାର ଏବେ ସଙ୍କୁଚିତ ହୋଇ ପଡିଥିଲା। ସେ ଏବେ ଯେପରି ମଧୁସୂଦନଙ୍କ ଠାରୁ ଦୁଇଶହ ଟଙ୍କା ବେତନ ମାନ ନେବା ପାଇଁ ଗୋଟାଏ ଅନୁଗ୍ରହ ଭିକ୍ଷା କରୁଥିଲେ। ମଧୁସୂଦନ ଟେବୁଲ ଉପରୁ ଟୋପିଟା ହାତରେ ଉଠାଇ ଧରି କହିଲେ··· "କ୍ଷମା କରିବେ ମହାଶୟ। ମାସିକ ଚାରିଶହ ଟଙ୍କାରୁ କମ ବେତନରେ ମୋତେ ଏ ଚାକରୀ ପୋଷାଇବ ନାହିଁ। ଆପଣ ନିଜ ଶକ୍ତି ଓ ସମ୍ବଳକୁ ବୁଝି ସେହିପରି ଅଧ୍ୟାପକ ଖୋଜନ୍ତୁ। ଉଇଶ୍ ୟୁ ସକ୍‌ସେସ୍।"

ମଧୁସୂଦନ ଯେପରି ଏକମୁହାଁ ହୋଇ ଶ୍ରୀରାମପୁର କଲେଜ ଅଫିସକୁ ଆସିଥିଲେ; ସେହିପରି ଏକମୁହାଁ ହୋଇ ସେଠାରୁ ବାହାରି ଚାଲିଗଲେ।

## (ଆଠ)

ଚନ୍ଦବାରିଆ ଗେଡରେ ଗୋଟିଏ ଛୋଟିଆ ଖପରଲି ଦୁଇଟି ଖଞ୍ଜା, ମାସିକ ଭଡ଼ା ମାତ୍ର ପାଞ୍ଚ ଟଙ୍କା। ତାହା ସୁଦ୍ଧା ନିୟମିତ ଭାବରେ ଦେବା ସମ୍ଭବ ନଥିଲା। ଟିଉସନ୍‌ରୁ ଯାହା ଆୟ ହେଉଥିଲା ଦୁଇଜଣଙ୍କ ପକ୍ଷରେ ତାହା ଚଳିବା ପାଇଁ ଥିଲା ଯଥେଷ୍ଟ। ମାତ୍ର ଟଙ୍କା ଉପାର୍ଜନ ପାଇଁ ମଧୁସୂଦନ ସର୍ବଦା ଯେପରି ବ୍ୟାକୁଳ ଥିଲେ, ହାତକୁ ଟଙ୍କା ଆସିବା ମାତ୍ରେ ତାହାକୁ ଉଡ଼ାଇ ଦେବା ପାଇଁ ମଧ୍ୟ ଥିଲେ ତତୋଧିକ ବ୍ୟଗ୍ର।

ଅଳ୍ପପୂର୍ବେ ଆସିଥିଲେ, ମେଡ଼ିକାଲ କଲେଜର ଜଣେ ଓଡ଼ିଆ ଛାତ୍ର-ଜନାର୍ଦ୍ଦନ ମହାପାତ୍ର, ନୈଷ୍ଠିକ ବ୍ରାହ୍ମଣ ସନ୍ତାନ। କିନ୍ତୁ ମେଡ଼ିକାଲ

କଲେଜରେ ଆନାଟମୀ କ୍ଲାସରେ ଛାତ୍ରମାନଙ୍କୁ ମଡ଼ା କାଟିବା ପାଇଁ ପଡ଼ୁଥାଏ । ବ୍ରାହ୍ମଣ ଶାସନ ଗ୍ରାମରେ ଏ ସମ୍ବାଦଟି ଜଣାପଡ଼ିବା ମାତ୍ରେ ସ୍ମାର୍ତ୍ତମାନେ ଧରି ବସିଲେ, ଜନାର୍ଦ୍ଦନ ଯଥାଶୀଘ୍ର ଡାକ୍ତରୀ ଅଧ୍ୟୟନ ଛାଡ଼ି ସ୍ୱଗ୍ରାମକୁ ଫେରି ଆସି ପ୍ରାୟଶ୍ଚିତ୍ତ କରନ୍ତୁ । ନୋହିଲେ ବଂଶ, ପରିବାର ସମେତ ସମସ୍ତେ ସମାଜରେ ଅପାଂକ୍ତେୟ ହେବେ । ଜନାର୍ଦ୍ଦନଙ୍କ ପିତାଙ୍କ ନିର୍ଦ୍ଦେଶ ଯାହା ହେବାର ହେଲା, ଏବେ ପତ୍ରପ୍ରାପ୍ତି ମାତ୍ରେ ସ୍ୱଗ୍ରାମକୁ ଫେରିବା ପାଇଁ ପଡିବ । ଏ ଚରମପତ୍ର ପରେ ମାସିକ ଯେଉଁ ଟଙ୍କା ମେସ ଖର୍ଚ୍ଚ ଓ କଲେଜ ଦରମା ପାଇଁ ପିତାଙ୍କ ଠାରୁ ନିୟମିତ ଆସୁଥିଲା; ତାହା ବନ୍ଦ ହୋଇଗଲା । ଡାକ୍ତରୀ କଲେଜରେ ପଢ଼ିଲେ ଛାତ୍ରମାନଙ୍କୁ ଶବ ବ୍ୟବଚ୍ଛେଦ କରିବା ପାଇଁ ପଡ଼ୁଥାଏ, ଏ ବୃତ୍ତାନ୍ତଟି ଜନାର୍ଦ୍ଦନଙ୍କ ପିତା ଜାଣି ନଥିଲେ । ଜନାର୍ଦ୍ଦନ ନୈଷ୍ଠିକ ବ୍ରାହ୍ମଣ ସନ୍ତାନ ହୋଇ ତାହା ତାଙ୍କ ଅଗୋଚରରେ ରଖିଥିବାରୁ ଜନାର୍ଦ୍ଦନଙ୍କ ପ୍ରତି ପିତା ମଧ୍ୟ ରୁଷ୍ଟ ହୋଇ ଉଠିଥିଲେ ।

ମଧୁସୂଦନ ବାହାର ଘରେ ଖଣ୍ଡେ ତକ୍ତପୋଷ ଉପରେ ବସି ଲେଖୁଥିଲେ ଏଣ୍ଟ୍ରାନ୍ସ ପରୀକ୍ଷାର୍ଥୀଙ୍କ ପାଇଁ "ମଡେଲ କୋଶ୍ଚେନସ୍" । ସେତେବେଳେ ଏଣ୍ଟ୍ରାନସ୍ ପରୀକ୍ଷାର୍ଥୀଙ୍କ ପାଇଁ ଇଂରାଜୀରେ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକ ନଥିବାରୁ, ପରୀକ୍ଷା ଦେବାରେ ପରୀକ୍ଷାର୍ଥୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ଶିକ୍ଷକ ତଥା ପ୍ରାଇଭେଟ୍ ଟ୍ୟୁଟର୍ ରୂପେ ମଧୁସୂଦନଙ୍କର ଏ ଅଭିଜ୍ଞତା ଭଲଭାବରେ ହୋଇଥିଲା । ପରୀକ୍ଷାର୍ଥୀମାନଙ୍କୁ ସହାୟକ ହେବାଭଳି ସେତେବେଳେ ବଜାରରେ ଖଣ୍ଡେ ହେଲେ ବହି ନଥିଲା । ସେପରି ଖଣ୍ଡେ ବହି ବାହାରିଲେ ବ୍ୟବସାୟ ଦୃଷ୍ଟିରୁ ତାହାର ପ୍ରଚୁର ସମ୍ଭାବନା ମଧ୍ୟ ରହିଥିଲା । ସେଥିପାଇଁ ଶ୍ରୀରାମପୁର କଲେଜରେ ଚାକିରି ନକରି ମଧୁସୂଦନ ବେକାର ବସିଥିବା ବେଳେ ଏଣ୍ଟ୍ରାନ୍ସ ପରୀକ୍ଷାର୍ଥୀଙ୍କ ପାଇଁ ସେହି ପ୍ରଶ୍ନୋତ୍ତର ବହି ଲେଖୁଥିଲେ । କଲିକତା, ମାନ୍ଦ୍ରାଜ ଓ ବମ୍ବେ ବିଶ୍ୱବିଦ୍ୟାଳୟ ମାନଙ୍କର ଏଣ୍ଟ୍ରାନ୍ସ ପରୀକ୍ଷାରେ ପେପର ପ୍ରଶ୍ନସବୁ ପଡ଼ୁଥିଲା; ଏଥିରେ ତାହାର ବିଶଦ ଉତ୍ତର, ପ୍ରଶ୍ନୋତ୍ତର ଛଳରେ ସନ୍ନିବେଶ ହୋଇଥିଲା ।

ଜନାର୍ଦ୍ଦନଙ୍କୁ ସେଠାରେ ଆକସ୍ମିକ ଭାବରେ ଦେଖି ମଧୁସୂଦନ ପଚାରିଲେ···"କୁଆଡେ ଆସିଲ ଜନାର୍ଦ୍ଦନ ? ଆଜିତ ଛୁଟୀ ଦିନ ନାହିଁ ।"

ଜନାର୍ଦ୍ଦନ ଗୋଟିଏ ଦୀର୍ଘଶ୍ୱାସ ପକାଇ ଉତ୍ତର ଦେଲେ··· ସବୁଦିନ ପାଇଁ କଲିକତାରୁ ଏଥର ମୋର ଛୁଟୀ ହୋଇଗଲା ମଧୁବାବୁ। ବାପାଙ୍କ ଆଦେଶ, ମୋତେ ଯଥା ଶୀଘ୍ର ଗ୍ରାମକୁ ଫେରି ପ୍ରାୟଶ୍ଚିତ୍ତ ହେବା ପାଇଁ ପଡ଼ିବ। ତା' ନହେଲେ ଆମେ ସମାଜରୁ ବାସନ୍ଦ ହୋଇଯିବୁ!

ବିସ୍ମିତ କଣ୍ଠରେ ମଧୁସୂଦନ ପଚାରିଲେ···"ଅପରାଧ"?

ଜନାର୍ଦ୍ଦନ ଉତ୍ତର ଦେଲେ···"ମେଡ଼ିକାଲ୍ କଲେଜରେ ଆନାଟୋମୀ ପଢ଼ିବା ବେଳେ ଛାତ୍ରମାନଙ୍କୁ ଶବ ବ୍ୟବଚ୍ଛେଦ କରିବା ପାଇଁ ପଡ଼ୁଥାଏ। ଏହା ବ୍ରାହ୍ମଣସନ୍ତାନର କର୍ମ ନୁହେଁ ବୋଲି ସମାଜରେ ଅଡ଼ି ବସିଛନ୍ତି। ତେଣୁପାଇଁ ବାପା ଟଙ୍କା ପଠାଇବା ବନ୍ଦ କରି ଦେଲେଣି। ଏବେ ଆପଣ ଟଙ୍କା କେତୋଟା ଉଧାର ଦେଲେ ମୁଁ ଗ୍ରାମକୁ ଫେରିଯାନ୍ତି।"

ମଧୁସୂଦନ ଦୀର୍ଘଶ୍ୱାସ ପକାଇ ମନକୁ ମନ କହିଲେ···"ହାୟରେ ଅଭିଶପ୍ତ ସମାଜ।"

ଓଡ଼ିଶାରୁ ଯେ ପର୍ଯ୍ୟନ୍ତ କେହି ଜଣେ ହେଲେ ଛାତ୍ର ମେଡିକାଲ୍ କଲେଜରେ ପଢ଼ି ଡାକ୍ତରୀ ପାଶ କରି ନଥିଲେ। ଇତିପୂର୍ବରୁ ଯେଉଁ ଏ. ଏଲ୍. ଏମ୍. ଏସ୍ କୋର୍ସ ବଙ୍ଗଳା ଭାଷାରେ ଶିକ୍ଷା ଦିଆ ଯାଉଥିଲା, ଓଡ଼ିଶାର ଦୁଇଜଣ ଛାତ୍ର କେବଳ ସେହି ପରୀକ୍ଷାରେ ପାସ କରି, ସାଧାରଣ ଭାବରେ ଡାକ୍ତର ହୋଇ ପାରିଥିଲେ। ମାତ୍ର ଏଣ୍ଟ୍ରାନସ ପାସ ପରେ ମେଡ଼ିକାଲ କଲେଜରେ ରୀତିବଦ୍ଧ ଭାବରେ ଚିକିତ୍ସାବିଦ୍ୟା ଅଧ୍ୟୟନ ପାଇଁ; ଓଡ଼ିଶାରୁ ଆସିଥିଲେ ଏକମାତ୍ର ଜନାର୍ଦ୍ଦନ ମହାପାତ୍ର। ଏବେ କିନ୍ତୁ ତାଙ୍କୁ ପ୍ରାୟଶ୍ଚିତ୍ତ ପାଇଁ ଗ୍ରାମକୁ ଫେରିଯିବାପାଇଁ ପଡ଼ୁଥିଲା। *

ମଧୁସୂଦନ ଚିନ୍ତିତ କଣ୍ଠରେ ପଚାରିଲେ ···"ଏହାପରେ କଣ କରିବ ବୋଲି ଭାବୁଛ ଜନାର୍ଦ୍ଦନ?"

ଜନାର୍ଦ୍ଦନ ଉତ୍ତର ଦେଲେ···"ଆଉ କରିବି କଣ? ପିତୃଆଜ୍ଞା ଶିରୋଧାର୍ଯ୍ୟ କରି ମୋତେ ଏବେ ଗ୍ରାମକୁ ଫେରିଯିବା ପାଇଁ ପଡ଼ିବ।"

---

* "ଉତ୍କଳ-ଦୀପିକା" ତା ୭-୩-୧୮୭୬ ସଂଖ୍ୟାରେ ଏକ ସମ୍ବାଦ ଦ୍ରଷ୍ଟବ୍ୟ।

ମଧୁସୂଦନ ତକ୍ତପୋଷ ଉପରୁ ଉଠି ଅସହିଷ୍ଣୁ ଭାବରେ ଘର ଭିତରେ ପାଦଚାରଣା କରୁ କରୁ କହିଲେ···"ନାଁ ଜନାର୍ଦ୍ଦନ, ତମକୁ ମେଡ଼ିକାଲ୍ କଲେଜରୁ ଡାକ୍ତରୀ ପାସ୍ କରିବା ପାଇଁ ପଢ଼ିବ ! ଓଡ଼ିଶାରେ ସୁଶିକ୍ଷିତ ଡାକ୍ତର ମାନଙ୍କର ଅତ୍ୟନ୍ତ ଅଭାବ । ସେଥିପାଇଁ ଓଡ଼ିଶା ବାହାରୁ ତୃତୀୟଶ୍ରେଣୀର ଡାକ୍ତରମାନେ ଧନ୍ୱନ୍ତରୀ ସାଜି ସେଠାକୁ ଆସୁଛନ୍ତି ।"

ଜନାର୍ଦ୍ଦନ ଅସହାୟ କଣ୍ଠରେ ପଚାରିଲା···"କିନ୍ତୁ ସେଥିପାଇଁ ଉପାୟ କଣ ? ବାପା ଟଙ୍କା ପଠାଇବା ଯେ ପୁରାପୁରି ବନ୍ଦ କରି ଦେଇଛନ୍ତି !"

ମଧୁସୂଦନ ପଚାରିଲେ ·· "ମାସକୁ କେତେ ଟଙ୍କା ଦରକାର ତମର ?"

"ବାପା ମାସକୁ ତିରିଶ ଟଙ୍କା ପଠାଉ ଥିଲେ" ଜନାର୍ଦ୍ଦନ ଉତ୍ତର ଦେଲା । ମଧୁସୂଦନ କହିଲେ···"ବେଶ, ମୁଁ ତୁମକୁ ପ୍ରତି ମାସରେ ସେଇ ତିରିଶ ଟଙ୍କା ଦେବି । ତୁମକୁ କିନ୍ତୁ ଡାକ୍ତରୀ ପାସ କରିବା ପାଇଁ ପଢ଼ିବ ।"

ମଧୁସୂଦନଙ୍କ ଠାରୁ ଏ ପ୍ରକାର ଅକୁଣ୍ଠ ସାହାଯ୍ୟ ଜନାର୍ଦ୍ଦନ କଦାପି ଆଶା କରି ନଥିଲେ । କିନ୍ତୁ ଏହିପରି ଆଉରି କେତେ ଓଡ଼ିଆ ଛାତ୍ରଙ୍କୁ ମଧୁସୂଦନ ତାଙ୍କ ସୀମିତ ସମ୍ବଳ ମଧ୍ୟରେ ସେତେବେଳେ ସାହାଯ୍ୟ କରୁଥିଲେ, ସେ ନିଜେ ସୁଦ୍ଧା ତାହାର ହିସାବ ରଖି ନଥିଲେ !

ମଧୁସୂଦନ ଭିତର ବାରଣ୍ଡାକୁ ଯାଇଁ ସୌଦାମିନୀଙ୍କୁ ଡାକି କହିଲେ···"ସୌଦାମିନୀ, ସୌଦାମିନୀ, ଶୁଣୁଚ ।"

ସୌଦାମିନୀ ରନ୍ଧାଘର ଭିତରୁ ଶାଢ଼ୀ ଅଞ୍ଚଳରେ ହାତ ପୋଛୁ ପୋଛୁ ବାହାରକୁ ଆସିବା ମାତ୍ରେ—ମଧୁସୂଦନ କହିଲେ··· "ଟ୍ରେଜେରୀଟା ଦେଖ ତ । କେତେ ଟଙ୍କା ଅଛି ।"

ଟ୍ରେଜେରୀର ଅର୍ଥ, ତକିଆ ତଳ ।

ଗତକାଲି ଟିଉସନରୁ ମିଳିଥିବା ପଚିଶଟି ଟଙ୍କା ସେହି ତକିଆ ତଳେ ପଡ଼ିଥିଲା । ସୌଦାମିନୀ ଶୋଇବା ଘର ଭିତରକୁ ଯାଇଁ ତକିଆ

ତନ୍ତୁ ପଚିଶ ଟଙ୍କାର ନୋଟ ବଣ୍ଡାଟାଏ କାଢ଼ି ଅପ୍ରସନ୍ନ ଭାବରେ ମଧୁସୂଦନଙ୍କ ହାତକୁ ବଢ଼ାଇ ଦେଲେ । ମଧୁସୂଦନ ସେଥିରୁ ଟଙ୍କା ତିରିଶଟି ଜନାର୍ଦ୍ଦନଙ୍କୁ ଦେଇ କହିଲେ···"ଯେ ପର୍ଯ୍ୟନ୍ତ ଅନ୍ୟ ବ୍ୟବସ୍ଥା ନ ହୋଇଛି, ସେପର୍ଯ୍ୟନ୍ତ ପ୍ରତି ମାସରେ ମୁଁ ତୁମକୁ ତିରିଶ ଟଙ୍କା ହିସାବରେ ଦେବି । ସଙ୍କୋଚ କର ନାହିଁ । ଏ ଟଙ୍କା ତୁମେ ମୋତେ ପରେ ଫେରାଇ ଦେବ ।" ଜନାର୍ଦ୍ଦନ ଚାଲିଯିବା ପରେ ମଧୁସୂଦନ "ମଡେଲ କୋଶ୍ଚେନ" ଲେଖିବାରେ ପୁଣି ମନୋନିବେଶ କଲେ ।

ଇଂ ୧୮୭୪ ଜୁଲାଇ ମାସରେ, "Model Questions" ପ୍ରକାଶ ପାଇଥିଲା । ସହସ୍ର ସହସ୍ର ଛାତ୍ର ସେତେବେଳେ "ମଧୁ ଉଡ଼ିଆ" ର ଏହି ପୁସ୍ତକ ପଢ଼ି ଏଣ୍ଟ୍ରାନସ୍ ପରୀକ୍ଷାରେ କୃତିତ୍ୱର ସହିତ ଇଂରାଜୀ ପାସ କରୁଥିଲେ । ପରବର୍ତ୍ତୀ କାଳରେ ବଙ୍ଗଳାର ଅନ୍ୟତମ ଦିକ୍‌ପାଳ, ସାର୍ ଆଶୁତୋଷ ମୁଖାର୍ଜୀ ଏହି ପୁସ୍ତକ ଅଧ୍ୟୟନ କରି, ଇଂରେଜୀରେ କୃତବିଦ୍ୟ ହୋଇଥିଲେ । ଇଂ ୧୮୮୬ ସାଲ ସୁଦ୍ଧା ଏ ପୁସ୍ତକର ଆଠଗୋଟି ସଂସ୍କରଣ ହୋଇଥିଲା । ମଧୁସୂଦନ ଏଥିରୁ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ । *

---

ଏହାର ଭୂମିକାରେ ଲେଖାଥିଲା...

*"The want of a prescribed course for the Entrance examination of the Calcutta University has left the students studying for that examination quite in dark with regard to the nature of the questions to be set at that examination. To remove this want as also to give the students facilities for mastering the idioms of the English language and the rules of its grammar, I lay the model questions before them. Knowing from personal experience that no method is so well calculated to impress on the minds of youngmen at this interrogatory method I hope this book will be of some use to those for whom it is designed. Questions marked (*) are from the Calcutta or Madras University calendars Questions marked (†) are from the calendars of the English University.

## ( ନଅ )

ମଧୁସୂଦନ ଏବେ ସବୁବେଳେ ଅତ୍ୟନ୍ତ କର୍ମବ୍ୟସ୍ତ । ମୁହୂର୍ତ୍ତିଏ ନିଶ୍ୱାସ ମାରିବା ପାଇଁ ଆଉ ଅବସର ନଥିଲା । ଗାର୍ଡ଼ନରିଚ ହାଇ-ସ୍କୁଲରେ ମିଳିଥିଲା ହେଡ଼ମାଷ୍ଟର ଚାକିରି । ତା' ଉପରେ କଲିକତା ହାଇକୋର୍ଟରେ ସେ ନିଯୁକ୍ତ ହୋଇଥିଲେ ପାର୍ଟ-ଟାଇମ୍ ଓଡ଼ିଆ ଟ୍ରାନସ୍-ଲେଟର । ସକାଳ ୯ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ହାଇକୋର୍ଟରେ ଓଡ଼ିଆ ନଥିର ଅନୁବାଦ; ୧୨ଟା ଠାରୁ ୫ଟା ପର୍ଯ୍ୟନ୍ତ ଗାର୍ଡ଼ନରିଚ୍ ସ୍କୁଲ୍;— ସନ୍ଧ୍ୟାରେ ପୁଣି ସେଇ ଟିଉସନ୍ । ଏସବୁ ଉପରେ ଥିଲା ଓଡ଼ିଆ ଶ୍ରମିକ ମାନଙ୍କ ପାଇଁ ପୁଣି ଆଉ ଏକ ନୈଶବିଦ୍ୟାଳୟର ଦାୟିତ୍ୱ । ଟଙ୍କାର ଅଭାବ ନଥିଲା । ତଥାପି ଅଭାବର ମଧ୍ୟ ଅଭାବ ନଥିଲା । ମଧୁସୂଦନଙ୍କ ନିଜର ବ୍ୟକ୍ତିଗତ ବ୍ୟୟ ଅତ୍ୟନ୍ତ ସାମାନ୍ୟ । ପୁଣି ସୌଦାମିନୀ ଗୋଟିଏ ପଇସା ଅପବ୍ୟୟ କରିବା ମଧୁସୂଦନ କଦାପି ବରଦାସ୍ତ କରି ପାରୁ ନଥିଲେ । ଏହି କାରଣ ଯୋଗୁଁ ଥରେ ଥରେ ସ୍ୱାମୀଙ୍କ ରୁକ୍ଷତାରେ ସୌଦାମିନୀ ମନେ ମନେ ଘୋର ଆହତ ଯେ ନହେଉଥିଲେ ନୁହେଁ ।

ସୌଦାମିନୀ ଦିନେ କଥା ପ୍ରସଙ୍ଗରେ ମଧୁସୂଦନଙ୍କୁ କହିଲେ··· "ତୁମେ ବଡ଼ ଅର୍ଥଲୋଭୀ" ।

ମଧୁସୂଦନ ଉତ୍ତର ଦେଲେ···"ଏ ସତ୍ୟଟା ଆଜି କଣ ଆବିଷ୍କାର କଲ ସୌଦାମିନୀ ? ମୁଁ ଯେପରି ଅର୍ଥଲୋଭୀ ସେହିପରି ମଧ୍ୟ କୃପଣ । କୃପଣକୁ କିନ୍ତୁ ଆଉ ଯାହା ବଦ୍‌ନାମ ଦିଅ ପଛେ, ସେ କଦାପି ସ୍ୱାର୍ଥପର ନୁହେଁ । ନିଜକୁ ତିଳେ ତିଳେ ବଞ୍ଚିତ କରି ସେ ଯେଉଁ ସମ୍ପଦ ସଞ୍ଚୟ କରି ରଖେ ତାହା କେବଳ ଅନ୍ୟର ଉପଭୋଗ ପାଇଁ । ମୁଁ କୃପଣ ହେବା ପାଇଁ ପ୍ରସ୍ତୁତ ଅଛି; କିନ୍ତୁ ସ୍ୱାର୍ଥପର ନୁହେଁ ।"

ମଧୁସୂଦନଙ୍କ ଉତ୍ତରରେ ପ୍ରଚ୍ଛନ୍ନ ଇଙ୍ଗିତ ବୁଝି ସୌଦାମିନୀ ମନେ ମନେ ଲଜ୍ଜିତ ହୋଇ ନୀରବ ରହିଥିଲେ । ସେହିଦିନୁ ମଧୁସୂଦନଙ୍କୁ ଟଙ୍କା ପଇସା ସମ୍ପର୍କରେ କିଛି ପରାମର୍ଶ ଦେବା ଏକ ପ୍ରକାର ଅଭିମାନରେ ସେ ଛାଡ଼ି ଦେଇଥିଲେ । ସ୍ୱାମୀଙ୍କ ପ୍ରତି ତାଙ୍କର ଅଭିମାନର ବିସ୍ମୟ

କାରଣ ଥିଲା, ଖ୍ରୀଷ୍ଟିଆନ୍ ପାଦ୍ରୀ ସମାଜ ପ୍ରତି ମଧୁସୂଦନଙ୍କର ତାଚ୍ଛଲ୍ୟ-ପୂର୍ଣ୍ଣ ମନୋଭାବ ।

ଘଟଣାଟି ଥିଲା ଅବଶ୍ୟ ସାମାନ୍ୟ ।

ତଥାପି ଅନେକ ସାମାନ୍ୟ ଘଟଣାର ପରିଣତି ଅତ୍ୟନ୍ତ ଗୁରୁତର ହେବାପରି, ଏ ସାମାନ୍ୟ ଘଟଣାଟି ସେତେବେଳେ ମଧୁସୂଦନଙ୍କୁ କଲିକତାର ଖ୍ରୀଷ୍ଟିଆନ୍ ସମାଜରେ ଭୁଲବୁଝାର ପାତ୍ର କରି ଦେଇଥିଲା ।

ଘଟଣାଟି ହେଉଛି ଗାର୍ଡ଼ନରିଚ୍ ବାପଟିଷ୍ଟ ଗୀର୍ଜାର ପାଦ୍ରୀ ମଧୁସୂଦନଙ୍କର ଜଣେ ବଶିଷ୍ଟ ବନ୍ଧୁ ଥିଲେ । ପ୍ରତି ସପ୍ତାହରେ ଅନେକ ଥର ସେ ମଧୁସୂଦନଙ୍କ ବସାଘରକୁ ଆସି ଖ୍ରୀଷ୍ଟଧର୍ମ ସମ୍ପର୍କରେ ଗୀର୍ଜାର ପରିଚାଳନା ଓ ବ୍ୟାପାରରେ ମଧୁସୂଦନଙ୍କ ସହିତ ଆଳାପ ଆଲୋଚନା କରିଥାନ୍ତି । କଲିକତାର ଗଳିକନ୍ଦିରେ ବୁଲି ବୁଲି ଅରକ୍ଷ-ମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ଓ ନବ ଦୀକ୍ଷିତଙ୍କ ପରିସଂଖ୍ୟା ବାପଟିଷ୍ଟ ମିସନ୍‌ର ପ୍ରଧାନ କର୍ମକେନ୍ଦ୍ରକୁ ପ୍ରତି ମାସରେ ପଠାଇଦେବା ତାଙ୍କର ଏକ ପ୍ରିୟକର୍ମ ଥିଲା । ସେହି ନବଦୀକ୍ଷିତଙ୍କ ମଧ୍ୟରୁ କାହାକୁ କାହାକୁ କୌଣସି ହିନ୍ଦୁ ସଂସ୍କାରବାଦୀ ତାଙ୍କ ଖିଆଲରୁ ଫିଟାଇ ନେଲେ ପାଦ୍ରୀ ସେମାନଙ୍କ ଉଦ୍ଦେଶ୍ୟରେ ଯେପରି ଅଭିସମ୍ପାତ ବର୍ଷଣ କରୁଥିଲେ; ତାହା ମଧୁସୂଦନଙ୍କୁ ନିତାନ୍ତ ଅଖ୍ରୀଷ୍ଟୀୟ ବୋଧ ହେଉଥିଲା । ଧର୍ମ ଓ ଧର୍ମାନ୍ତର ସହିତ ଏପରି ଲୁଚକାଳି ଖେଳ, ମଧୁସୂଦନଙ୍କୁ ଅତ୍ୟନ୍ତ କ୍ଷୁଣ୍ଣ କରୁଥିଲେ ହେଁ, ସେ ଏହି ସରଳବିଶ୍ୱାସୀ ନିରୀହ ପାଦ୍ରୀଙ୍କୁ ତାଙ୍କର ମନୋଭାବ ଫିଟାଇ କହିପାରୁ ନଥିଲେ ।

ଦିନେ ପାଦ୍ରୀ ଜଣକ ଅତ୍ୟନ୍ତ ବିଷଣ୍ଣ ଚିତ୍ତରେ ମଧୁସୂଦନଙ୍କ ପାଖକୁ ଆସି କହିଲେ···"ଇଣ୍ଟାଲୀ ଗୀର୍ଜାର ସେ କାଥଲିକ୍ ପାଦ୍ରୀଟା ମୋର ସବୁ ଉଦ୍ୟମ ବର୍ତ୍ତମାନ ପଣ୍ଡ କରିଦେଲା । ଗତ ସପ୍ତାହରେ ମୁଁ ଯେଉଁମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇ ଉପରକୁ ରିପୋର୍ଟ ପଠାଇ ଦେଇଥିଲି; ଏବେ ସେ ସଇତାନ ଧଡ଼ିବାଜ ପ୍ରତ୍ୟେକଙ୍କୁ ଟଙ୍କାଏ କରି ଉତ୍କୋଚ ଦେଇ, ନିଜ ଗୀର୍ଜାର ସାମିଲ୍ କରି ନେଲାଣି । ସେମାନେ ଆମ ଗୀର୍ଜାକୁ ଆଉ ନଆସି ଏବେ ଇଣ୍ଟାଲୀ ଗୀର୍ଜାକୁ ପ୍ରାର୍ଥନା ପାଇଁ ଯାଉଛନ୍ତି । କଣ ଉପାୟ କରାଯିବ କୁହନ୍ତୁ ତ ଦେଖି ।"

ମଧୁସୂଦନ ଈଷତ୍ ବିରକ୍ତ କଣ୍ଠରେ ପଚାରିଲେ···"ଆପଣ କଣ କରିବା ପାଇଁ ଭାବୁଛନ୍ତି ?"

ପାଦ୍ରୀ କହିଲେ···"ମୁଁ ଭାବୁଚି ସେମାନେ ପ୍ରତ୍ୟେକଙ୍କୁ ଦୁଇ ଟଙ୍କା କରି ଦେଇ ପାରିଲେ ଫେରାଇ ଆଣିବା ସହଜ ହୁଅନ୍ତା ।"

ଏହି "ମହତ୍" ଅଭିପ୍ରାୟରେ ଅର୍ଥସାହାଯ୍ୟ ପାଇଁ ପାଦ୍ରୀ ସେଦିନ ମଧୁସୂଦନଙ୍କ ଦ୍ୱାରସ୍ଥ ହୋଇଥିଲେ । ମଧୁସୂଦନ ଉତ୍ତର ଦେଲେ ···"ବେଶ୍‌ତ, ପ୍ରତ୍ୟେକଙ୍କ ପାଇଁ ମୁଁ ପ୍ରସ୍ତୁତ ଅଛି ଦୁଇଟଙ୍କା ଦେବାପାଇଁ । ତାହା କିନ୍ତୁ ଗୋଟିଏ ସର୍ତ୍ତରେ ।"

ପାଦ୍ରୀ ଉତ୍ସାହିତ କଣ୍ଠରେ କହିଲେ···"ଆପଣ ଯେଉଁ ସର୍ତ୍ତ ରଖିବେ ସେଥିରେ ମୋର ମଞ୍ଜୁର । ସେଇ କାଥଲିକ୍ ଧଡ଼ିବାଜଙ୍କୁ ଗୋଟାଏ ଉଚିତ୍ ଶିକ୍ଷା ଦେବାପାଇଁ ପଡ଼ିବ ।"

ମଧୁସୂଦନ ଉତ୍ତର ଦେଲେ···"ମୋର ସର୍ତ୍ତ ହେଉଛି, ସେମାନେ ଯଦି ଇସଲାମ୍ ଧର୍ମରେ ଦୀକ୍ଷିତ ହୁଅନ୍ତି; ତାହାହେଲେ ମୁଁ ପ୍ରତ୍ୟେକଙ୍କୁ ଦୁଇଟଙ୍କା ହିସାବରେ ଦେବି । ଆପଣ ସେହି ମର୍ମରେ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ ।"

ପାଦ୍ରୀ ଜଣକ ଆର୍ତ୍ତନାଦ କରିବା ପରି କଣ୍ଠରେ ଚିତ୍କାର କରି ଉଠିଲେ···"ଜଣେ ଖ୍ରୀଷ୍ଟିଆନ୍ ମୁହଁରେ ଏ ପ୍ରକାର ଧର୍ମଦ୍ରୋହୀ କଥା ? ସଇତାନ୍‌ର କଣ୍ଠସ୍ୱର ଏଠାରେ ମୁଁ ଶୁଣୁନାହିଁତ ?"

ମଧୁସୂଦନ କହିଲେ···"ସଇତାନର କଣ୍ଠସ୍ୱର ଶୁଣିବାରେ ଆପଣ ସର୍ବଦା ଅଭ୍ୟସ୍ତ ଥିବାରୁ ସେପରି ହୁଏତ ଆଶଙ୍କା କରୁଛନ୍ତି ।"

ସତକୁ ସତ ସଇତାନ୍ ଦେଖିବା ପରି ଆର୍ତ୍ତଚିତ୍କାର କରି ପାଦ୍ରୀ ତାଙ୍କ ଛତାଟିକୁ କାଖରେ ଜାକି, ସେଠାରୁ ଯେପରି ପଳାଇଲେ, ମଧୁସୂଦନ ହାସ୍ୟ ସମ୍ବରଣ କରି ରହି ପାରିଲେ ନାହିଁ ।

ଏ ଘଟଣାଟି କିନ୍ତୁ ସେଇଠାରେ ଶେଷ ହୋଇ ନଥିଲା । ଯଥା ସମୟରେ ଏ ଅଭିଯୋଗ ପହଞ୍ଚି ଥିଲା, କଲିକତାରେ ଖ୍ରୀଷ୍ଟିଆନ୍ ସମାଜ-ପତି ଓ ଧର୍ମଗୁରୁ ରେଭରେଣ୍ଡ୍ କୃଷ୍ଣମୋହନ ବାନାର୍ଜି ପୁଣି ଲଣ୍ଡନ-

ମିସନାରୀ ସୋସାଇଟୀର ଅଧ୍ୟକ୍ଷ ରେଭରେଣ୍ଡ୍ ଆଷ୍ଟନ୍ ପ୍ରମୁଖଙ୍କ ପାଖରେ । ସେମାନେ ପାଷ୍ଟର ଯଦୁନାଥ ଘୋଷଙ୍କୁ ଡାକି ବ୍ୟବସ୍ଥା ଦେଲେ, ଗାର୍ଡ଼-ନରିଚ ପାଦ୍ରୀଙ୍କ ପାଖକୁ ଯାଇଁ ମଧୁସୂଦନଙ୍କୁ କ୍ଷମାଭିକ୍ଷା କରିବାପାଇଁ ପଡ଼ିବ । ଜଣେ ଖ୍ରୀଷ୍ଟିଆନ୍ ଅନ୍ୟ ଖ୍ରୀଷ୍ଟିଆନ୍ ମାନଙ୍କୁ ଇସଲାମ ଧର୍ମରେ ଧର୍ମାନ୍ତରିତ କରିବା ପାଇଁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବା ଧର୍ମଦ୍ରୋହୀ 'ବ୍ଲାସଫେମି' ଛଡ଼ା ଆଉ କଣ ହୋଇପାରେ ?

ମଧୁସୂଦନଙ୍କ ଏବଂବିଧ ଆଚରଣର ବୃତ୍ତାନ୍ତ ଶୁଣି ପାଷ୍ଟର୍ ଯଦୁନାଥ କ୍ଷୁର୍ଣ୍ଣ ଓ ଆହତ ହୋଇଥିଲେ । ସେ ମଧୁସୂଦନଙ୍କୁ ପରାମର୍ଶ ଦେଲେ, ଗାର୍ଡ଼ନରିଚ ପାଦ୍ରୀଙ୍କ ଠାରେ କ୍ଷମା ମାଗି ଏ ଭୁଲବୁଝା ତୁଟାଇ ଦେବା ଆବଶ୍ୟକ । ଗାର୍ଡ଼ନରିଚର ପାଦ୍ରୀ ପାଷ୍ଟର୍ ଯଦୁନାଥଙ୍କର ଥିଲେ 'ଉପରବାଲା' ।

ମଧୁସୂଦନ କିନ୍ତୁ କ୍ଷମା ମାଗିବା ପାଇଁ ପ୍ରସ୍ତୁତ ନଥିଲେ । ଅନମନୀୟ ଦୃଢ଼ତାରେ ସେ ଉତ୍ତର ଦେଲେ "ଟଙ୍କାର ପ୍ରଲୋଭନ ଦେଖାଇ ଅନ୍ୟଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ଠାରୁ ବଳି ଖ୍ରୀଷ୍ଟଧର୍ମ ପ୍ରତି ଅନ୍ୟ ଅପମାନ ନାହିଁ । ଧର୍ମକୁ ଯେଉଁମାନେ ପଣ୍ୟ ପରି ଏହିପରି ଭାବରେ ବ୍ୟବହାର କରନ୍ତି, ସେମାନଙ୍କ ଠାରୁ ବଳି ଖ୍ରୀଷ୍ଟବିରୋଧୀ ଆଉ କେହି ଥାଇ ନପାରେ ।"

ପାଷ୍ଟର୍ ଯଦୁନାଥ ଉଚ୍ଚକଣ୍ଠରେ ପଚାରିଲେ···"ତୁମର କହିବା କଣ ମତଲବ୍ ଗାର୍ଡନରିଚ୍‌ର ପାଦ୍ରୀ ଖ୍ରୀଷ୍ଟିଆନ୍ ନୁହନ୍ତି ?"

ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ···"ମୋ ମତରେ ଯୀଶୁଖ୍ରୀଷ୍ଟହିଁ ହେଉଛନ୍ତି ପୃଥିବୀର ଶେଷ ଖ୍ରୀଷ୍ଟିଆନ୍ । ଅନ୍ୟମାନେ ସମସ୍ତେ ଚର୍ଚ୍ଚିଆନ୍ । ଚର୍ଚ୍ଚ ହିଁ ସମସ୍ତଙ୍କର ଆରାଧ୍ୟ ; ଯୀଶୁ ନୁହନ୍ତି ।"

ପାଷ୍ଟର ଯଦୁନାଥ ତେଣୁ ଏ ଆକ୍ଷେପରୁ ମଧ୍ୟ ବାଦ ନଥିଲେ । ସେହିଦିନରୁ ଯଦୁନାଥଙ୍କ ସହିତ ମଧୁସୂଦନଙ୍କ ସବୁ ସମ୍ପର୍କ ଏକପ୍ରକାର ପ୍ରାୟ ଛିନ୍ନ ହୋଇଥିଲା । ଏହା ପର ଠାରୁ କଲିକତାର ଖ୍ରୀଷ୍ଟିଆନ୍ ସମାଜରେ ସେ ପ୍ରାୟ ଅପାଙ୍କ୍ତେୟ ହୋଇ ପଡ଼ିଥିଲେ । ଏହି ଘଟଣା ଯେବେ ସୌଦାମିନୀଙ୍କ ମନରେ ସେଥିପାଇଁ ଗୋଟାଏ ବଡ଼ ଅପ୍‌ଶୋଷ ରହି ଯାଇଥିଲା ।

ଏହାର ଅବ୍ୟବହିତ ପରେ ଏପରି ଆଉ ଏକ ଘଟଣା ଘଟିଲା ; ଯାହା ଫଳରେ ମଧୁସୂଦନଙ୍କୁ ପ୍ରତ୍ୟେକ ଚର୍ଚ୍ଚ ସହିତ ରବିବାସରୀୟ ସମ୍ପର୍କଟି ସୁଦ୍ଧା ଛିଣ୍ଡାଇ ଦେବାପାଇଁ ପଡିଥିଲା । ସେ ଘଟଣାଟି ମଧ ଘଟିଥିଲା ନିତାନ୍ତ ଆକସ୍ମିକ ଭାବରେ ।

ଖିଦିରପୁର ଡକ୍‌ରେ ସେତେବେଳେ ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ଖ୍ରୀଷ୍ଟିଆନ୍ କୌଣସି ସାମାନ୍ୟ ମିସ୍ତ୍ରୀ କାର୍ଯ୍ୟରେ ନିଯୁକ୍ତ ଥିଲା । କାର୍ଯ୍ୟ କରୁଥିବା ବେଳେ ସେ ଅତ୍ୟନ୍ତ ଶାନ୍ତ, ଶିଷ୍ଟ, ଦାୟିତ୍ୱସମ୍ପନ୍ନ ଭାବରେ ନିଜର କାର୍ଯ୍ୟ କରିଯାଏ । ମାତ୍ର କାମରୁ ଛୁଟି ପାଇବା ମାତ୍ରେ ସେ ହୋଇ ଉଠେ ଘୋର ମାତାଲ୍ ଓ ଉଚ୍ଛୃଙ୍ଖଳ । ତାର ମାତ୍ରାଳମୀତା ପୁଣି ପ୍ରତି ରବିବାର ଦିନ ସକାଳୁ ସକାଳୁ ପହଞ୍ଚି ଯାଏ ଚରମରେ ।

ଥରେ ଏକ ରବିବାର ଦିନ ଗାର୍ଡ଼ନରିଚ ଗୀର୍ଜାରେ ପ୍ରାର୍ଥନା ଚାଲିଥିବା ବେଳେ ସେହି ମାତାଲଟି ଦେହରେ ଗଦାଏ ଛିଣ୍ଡା, ମଇଳା ପାଣ୍ଟ୍ କୋଟ୍ ପିନ୍ଧି, ମୁଣ୍ଡରେ ଗୋଟିଏ ମଇଳା ଫେଲ୍‌ଟ୍ ଟୁପି ଟଳି ଟଳି ଗୀର୍ଜା ଭିତରକୁ ପଶି ଆସିଥିଲା । ମଦନଶାରେ ରେଡା ଦିଶୁଥିବା ତାହାର ଅଧୌତ, ଅକ୍ଷୌରିତ ମୁହଁ ଉପରେ ଆଖିରୁ ଧାରି ଧାରି ଲୁହ ଗଡ଼ି ଆସୁଥିଲା ! ··· ତାହା ଏକ କରୁଣ ଦୃଶ୍ୟ ।

ତା' ଉପରେ ପାଦ୍ରୀଙ୍କ ନଜର ପଡ଼ିବା ମାତ୍ରେ, ସେ କ୍ରୁଦ୍ଧ କଣ୍ଠରେ ତାକୁ ଚର୍ଚ୍ଚ୍ ଭିତରୁ ବାହାରି ଯିବା ପାଇଁ ଆଦେଶ ଦେଲେ ।

ମଧୁସୂଦନ ସେଠାରେ ଉପସ୍ଥିତ ଥିଲେ । ମାତାଲ୍‌ଟି ପ୍ରତି ସେପରି ରୁଢ଼ ବ୍ୟବହାରର ପ୍ରତିବାଦ କରି, ସେ କହିଲେ··· "ଲୋକଟି ମାତାଲ୍ ବୋଲି ତାକୁ ଏ ପବିତ୍ର ଗୀର୍ଜା ଗୃହରୁ ତଡ଼ିଦେବାର ଅଧିକାର କାହାରି ଥାଇ ନପାରେ । ଲୋକଟି ମାତାଲ୍ ହୋଇପାରେ , ମାତ୍ର ତାର ହୃଦୟ ହୁଏତ ଶିଶିର ବିନ୍ଦୁ ପରି ସ୍ୱଚ୍ଛ, ନିଷ୍କଳୁଷ ଓ ସୁନ୍ଦର । ତାହାର ଲୋତକ ଧାରାରେ ତାହା ସୁସ୍ପଷ୍ଟ । ସମାଜରେ ଏହିପରି ପତିତ ମାନଙ୍କ ସହିତ ଯୀଶୁଖ୍ରୀଷ୍ଟଙ୍କ ଯେପରି ସାଯୁଜ୍ୟ ରହିଥିଲା ; ସେମାନଙ୍କୁ ଶାନ୍ତି ଓ ପରିତ୍ରାଣ ଦେବାପାଇଁ ତାଙ୍କର ସମବେଦନା ମଧ ସେହିପରି ରହିଥିଲା । ବ୍ୟକ୍ତିର ପ୍ରାଣରେ ଶାନ୍ତି ଓ ସାନ୍ତ୍ୱନା ଦେବା ଧର୍ମର କର୍ତ୍ତବ୍ୟ—ବିଚାରା-ଳୟରେ ଅପରାଧୀକୁ ଦଣ୍ଡାଦେଶ ଦେବା ଧର୍ମର ଉଦ୍ଦେଶ୍ୟ କଦାପି

ଅଭିପ୍ରାୟ ନୁହେଁ । ପାପୀକୁ ପରିତ୍ରାଣ କରିବା ଧର୍ମର କର୍ତ୍ତବ୍ୟ, ତାହାକୁ ପତିତ କରିବା ନୁହେଁ ।"

ମଧୁସୂଦନଙ୍କ ଉପରେ ପ୍ରତିଶୋଧ ନେବାପାଇଁ ପାଦ୍ରୀ ଏତେଦିନ ଗୋଟାଏ ସୁଯୋଗର ଅପେକ୍ଷାରେ ଥିଲେ । ଏବେ ସେଥିପାଇଁ ତାଙ୍କୁ ଗୋଟାଏ ଅବକାଶ ମିଳି ଯାଇଥିଲା ।

ସେ ସେଇଠାରେ ରୁଦ୍ର କଣ୍ଠରେ ମଧୁସୂଦନଙ୍କ ପ୍ରତି ଦଣ୍ଡାଦେଶ ଘୋଷଣା କରିଦେଲେ···"ଯେ ମାତାଲ୍‌ଟା ପ୍ରତି ତୁମର ଯଦି ଏତେ ଦରଦ, ତାହାହେଲେ ତା ସହିତ ତୁମେ ମଧ୍ୟ ଏ ଗୀର୍ଜାରୁ ବାହାରି ଯାଇ ପାର ।"

ମଧୁସୂଦନ ବିନା ପ୍ରତିବାଦରେ ସେଠାରୁ ସେଦିନ ବାହାରି ଆସିଥିଲେ । ସେହିଦିନ ଠାରୁ କୌଣସି ଗୀର୍ଜାକୁ ଯିବା ସେ ବନ୍ଦ କରି ଦେଇଥିଲେ । *

ମଧୁସୂଦନ ଜୀବନଚର୍ଯ୍ୟା ଓ ଭାବନାରେ ଧର୍ମୋତ୍ତର ଥିଲେ । ଏଥିକସ୍‌ର ମାନବିକତା ଓ ଗଭୀର ବିଶ୍ୱାସ ତାଙ୍କର ଜୀବନର ପ୍ରତ୍ୟେକ କାର୍ଯ୍ୟକୁ ନିୟନ୍ତ୍ରିତ କରୁଥିଲା; ଧାର୍ମିକ ମତାନ୍ଧତା ବା ସଂକୀର୍ଣ୍ଣ ଧର୍ମାଗ୍ରହ ନୁହେଁ । ସେଥିପାଇଁ ସେଦିନ ଗୀର୍ଜାରୁ ବିତାଡ଼ିତ ହେବାରେ ମନରେ ତାଙ୍କର କୌଣସି ଗ୍ଲାନି ବା ଶୋଚନା ନଥିଲା ।

ମାତ୍ର ପାଷ୍ଟର ଯଦୁନାଥଙ୍କ କନ୍ୟା ସୌଦାମିନୀ ସେ ଆଘାତ ସହ୍ୟ କରିପାରି ନଥିଲେ ।

ଅନତିକାଳ ପରେ ଦିନେ ହଠାତ ଅମ୍ବିକାଚରଣ ତାଙ୍କ ସ୍ତ୍ରୀ ପ୍ରସନ୍ନମୟୀଙ୍କୁ ଧରି ମଧୁସୂଦନଙ୍କ ବସାଘରେ ହାଜର । ଅମ୍ବିକା-ଚରଣଙ୍କର ବହୁଦିନ ଧରି ସାକ୍ଷାତ ନଥିଲା । ବି.ଏ. ପାସ୍ ପରେ ବଙ୍ଗଳା ସେକ୍ରେଟାରିଏଟ୍‌ରେ ତାଙ୍କୁ ଗୋଟାଏ ଅମଲାନବିସ ଚାକିରି ମିଳିଥିଲା । ଉଭୟଙ୍କ କର୍ମକ୍ଷେତ୍ର ସ୍ୱତନ୍ତ୍ର ଥିବାରୁ ସେମାନଙ୍କର ଆଉ ପ୍ରାୟ ଦେଖା-

---

*Madhusudan Through Many Eyes ରେ ଶ୍ରୀ ଜଗନ୍ନାଥ ମହାନ୍ତିଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ସାକ୍ଷାତ ହେଉ ନଥିଲା । ଅମ୍ବିକାଚରଣ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବା ହେତୁ ସମାଜଚ୍ୟୁତ ତ୍ୟଜ୍ୟପୁତ୍ର ହୋଇଥିଲେ । ସେଥିପାଇଁ ସଦ୍ୟ-ଯୌବନପ୍ରାପ୍ତା ବାଳିକାବଧୂ ପ୍ରସନ୍ନମୟୀ ମଧ୍ୟ ଗ୍ରାମରେ ସ୍ବାମୀ ମାନଙ୍କ ବର୍ତ୍ତମାନରେ, ହିନ୍ଦୁ ସମାଜରେ ଅପାଙ୍କ୍ତେୟା ଘୋଷିତ ହୋଇଥିଲା ।

× × ×

ଅମ୍ବିକାଚରଣଙ୍କ ଧର୍ମାନ୍ତର ପରେ ପ୍ରସନ୍ନମୟୀଙ୍କ ପାଇଁ ସ୍ୱାମୀକୁଳ ପିତୃକୁଳ କୌଣସିଠାରେ ସ୍ଥାନ ନଥିଲା । ଅଗତ୍ୟା ହେନେ ଅମ୍ବିକାଚରଣ ପ୍ରସନ୍ନମୟୀଙ୍କୁ କଲିକତା ନେଇ ଆସିଲେ । ନିରକ୍ଷର ପଲ୍ଲୀବାଳିକା ପ୍ରସନ୍ନମୟୀ, ସେଥିରେ ପୁଣି ନବ୍ୟଫେସନ୍‌ର ଲୀଳାଭୂମି କଲିକତାରେ ଅମ୍ବିକାଚରଣଙ୍କ ଖ୍ରୀଷ୍ଟିଆନ୍ ସମାଜର ଚାଲିଚଳଣି ପ୍ରସନ୍ନମୟୀ ପକ୍ଷରେ ଅତ୍ୟନ୍ତ ଅସ୍ୱସ୍ତିକର ହୋଇ ପଡ଼ିଲା । ଅନ୍ୟ ଖ୍ରୀଷ୍ଟିଆନ୍ ମହିଳା ମାନଙ୍କ ପରି ମୁଣ୍ଡରୁ ଓଢ଼ଣା କାଢ଼ି ସେ ବାହାରି ଚାଲି ପାରେ ନାହିଁ । ଅନେକ କଷ୍ଟରେ ପ୍ରସନ୍ନମୟୀ ଦେହରେ ଖଣ୍ଡେ ପୁରା ହାତ ସେମିଜ୍ ପିନ୍ଧିଲା ସତ୍ୟ, ମାତ୍ର କଳହ ଓ ନାନା କଟୂକ୍ତି ସତ୍ତ୍ୱେ ପାଦରେ ଜୋତା ପିନ୍ଧିବା ତା ପକ୍ଷରେ ଆଦୌ ସମ୍ଭବ ହୋଇ ପାରିଲା ନାହିଁ ! କିନ୍ତୁ ପ୍ରସନ୍ନମୟୀ ପାଦରେ ମଗରମୁହାଁ ମଞ୍ଜି ସହିତ ଜୋତାର ସମନ୍ୱୟ ଘଟିଥିଲେ ତାହା ଯେ ଆଉରି କିସଦୃଶ ହୋଇଥାନ୍ତା; ସେଥିରେ ସନ୍ଦେହ ନଥିଲା । ଏହିପରି ସମୟରେ ଅମ୍ବିକାଚରଣଙ୍କୁ ଆସିଥିଲା ସିମିଲା ବଦଳି ଆଦେଶ । ସେତେବେଳେ ଶୀତଋତୁ ବ୍ୟତୀତ ବର୍ଷର ଅନ୍ୟ ଋତୁ ମାନଙ୍କରେ ସେକ୍ରେଟାରିଏଟ୍ ସିମିଲା ଠାରେହିଁ କାର୍ଯ୍ୟ କରୁଥିଲା ।

ପ୍ରସନ୍ନମୟୀଙ୍କୁ ସେତେବେଳେ ସିମିଲା ନେବା ସମ୍ଭବ ନ ଥିବାରୁ, ମଧୁସୂଦନଙ୍କ ପରିବାରରେ ଛାଡ଼ିଯିବା ପାଇଁ ତାଙ୍କୁ ସଙ୍ଗରେ ଧରି ଅମ୍ବିକାଚରଣ ସେଠାକୁ ଆସିଥିଲେ ।

ଉପାର୍ଜନ ଧନରେ ସଂସାରରେ ଅଭାବର ସୀମା ନଥିଲା । ତା ଉପରେ ପ୍ରସନ୍ନମୟୀର ଦାୟିତ୍ୱ ମୁଣ୍ଡାଇବା ପାଇଁ ସୌଦାମିନୀ କୁଣ୍ଠିତା ଥିଲେ । ପ୍ରସନ୍ନମୟୀଙ୍କୁ ଅମ୍ବିକାଚରଣ ବାଲ୍ୟ ବିବାହ କରିଥିଲେ । ଏବେ ସେ ସଦ୍ୟବୟଃପ୍ରାପ୍ତା ଯୁବତୀ, ବୟସରେ ସୌଦାମିନୀ ଠାରୁ

ପୁଣି ଅନେକ ସ୍ଥାନ । କଲିକତାର ଖ୍ରୀଷ୍ଟିଆନ୍ ସମାଜରେ ଚଳିବା ପାଇଁ ପଦେ ପଦେ ତାର ଆପତ୍ତି । ତାର ଶାନ୍ତ ଆଖି ଦୁଇଟିରେ ଚେଣ୍ଟୁ ଗୋଟିଏ ବନ୍ୟ ଆତଙ୍କ । ଲଜ୍ୟାବତୀ ଶଙ୍କିତା ଏହି ପଲ୍ଲୀ ବାଳକାଟିକୁ ଦେଖି ମଧୁସୂଦନଙ୍କ ପ୍ରାଣ ଗଭୀର ମମତା ଓ ସହାନୁଭୂତିରେ ସ୍ନିଗ୍ଧ ହୋଇ ଉଠିଥିଲା ।

ସେ ସୌଦାମିନୀଙ୍କୁ ଡାକ କହିଲେ···"ଝିଅ ଏବେ ବାପ ଘରକୁ ଫେରି-ଆସିଲା । ଏଣିକି ପ୍ରସନ୍ନମୟୀକୁ ସମ୍ଭାଳ । ଅମ୍ବିକାଟା ଭୂମର ହ୍ୱାଇଁ ସେ !"

ନିଜର ରସିକତା ରେ ମଧୁସୂଦନ ଅଟ୍ଟହାସ କରି ଉଠିଲେ ।

———

# ନବମ ପରିଚ୍ଛେଦ

## (ଏକ)

**ସେ** ଦିନ ଡାକରେ ସାପ୍ତାହିକ "ଉତ୍କଳ-ଦୀପିକା" ଆସିଥିଲା । "ଉତ୍କଳ-ଦୀପିକା"ର ସ୍ତମ୍ଭରେ ଅତୀତରେ ମଧୁସୂଦନଙ୍କ ସମ୍ପର୍କରେ ଯଥେଷ୍ଟ ଚରିତ୍ରସଂହାର ଚଳାଯାଇଥିଲେହେଁ, ପତ୍ରିକାଟି ପ୍ରତି ମଧୁସୂଦନ ଅନୁରକ୍ତ ଥିଲେ । ଏହାର ସମ୍ପାଦକ ଗୌରୀଶଙ୍କର ଛାତ୍ରାବସ୍ଥାରେ କେତେଦିନ ପାଇଁ ଥିଲେ ମଧୁସୂଦନଙ୍କ ଶିକ୍ଷକ । ପୁଣି ଓଡ଼ିଶାରୁ ଓଡ଼ିଆ-ଭାଷା-ଉଚ୍ଛେଦ ପାଇଁ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ପ୍ରବଳ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ "ଉତ୍କଳ-ଦୀପିକା" ସ୍ତମ୍ଭରେ ଗୌରୀଶଙ୍କରଙ୍କ ମସୀ-ଯୁଦ୍ଧହିଁ ଓଡ଼ିଆ ଭାଷାକୁ ନିଶ୍ଚିତ ବିଲୋପ ମୁଖରୁ ରକ୍ଷା କରି ପାରିଥିଲା । ୧୯୧୯ ସାଲ ଉତ୍କଳ-ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ଗୌରୀଶଙ୍କରଙ୍କ ବିୟୋଗରେ ଶୋକପ୍ରସ୍ତାବ ସମ୍ପର୍କିତ ଭାଷଣ ପ୍ରସଙ୍ଗରେ ମଧୁସୂଦନ "ଉତ୍କଳ-ଦୀପିକା"ର ସମ୍ପାଦକ ଗୌରୀଶଙ୍କରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନିବେଦନ କରି କହିଥିଲେ··

"ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ-ଦୀପିକା' ଉତ୍କଳର ଦୀପଟିଏ । ଏକ ସମୟରେ ମନୁଷ୍ୟ ଜାତି ଅସଭ୍ୟ ଅବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନ ଯେତେବେଳେ ସୂର୍ଯ୍ୟଅସ୍ତ ହେଲେ ଅନ୍ଧକାର ପୃଥିବୀରେ ଘୋଟିଗଲା । ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା । ସେତେବେଳେ ମନୁଷ୍ୟ ନୈଶ ଜୀବନରେ ତାହାର ସହାୟ ହେବାକୁ ଦୀପର ସୃଷ୍ଟି କଲା । × × × ବର୍ତ୍ତମାନ ଦୀପ ଜାଳିବା ଅତି ସହଜ । କିନ୍ତୁ ପ୍ରଥମରେ ଯାହାର ମସ୍ତିଷ୍କ ଦୀପ ଆବିଷ୍କାରରେ ନିୟୋଜିତ ହେଲା ତାହାର କେତେ ଚେଷ୍ଟାର ଫଳ ଏହା । ତେଣୁ ମାନବ ଜାତି ତାହା ନିକଟରେ କୃତଜ୍ଞ ରହିବାକୁ ବାଧ୍ୟ ।"

କଟକ ଜିଲ୍ଲାର ସାଲେପୁର ଥାନାନ୍ତର୍ଗତ ଅସୁରେଶ୍ୱର ପ୍ରଗଣ୍ଣାର ଦାକ୍ଷିଣପଡ଼ା ଗ୍ରାମରେ ୧୮୩୮ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ଗୌରୀଶଙ୍କର ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତା ସଦାଶିବ ପ୍ରସାଦ ରାୟ କଟକରେ ଜଣେ ସାମାନ୍ୟ ଅମଲା କର୍ମରେ ନିଯୁକ୍ତ ଥିଲେ । ସଦାଶିବଙ୍କ ସ୍ୱରପୁତ୍ରଙ୍କ ମଧ୍ୟରେ ଗୌରୀଶଙ୍କର ଜ୍ୟେଷ୍ଠ ଏବଂ ରାମଶଙ୍କର କନିଷ୍ଠ ଥିଲେ । ଓଡ଼ିଆ ନାଟକର ଅନ୍ୟତମ ଆଦିପ୍ରବର୍ତ୍ତକ ଓ ଫକୀରମୋହନଙ୍କ ପୂର୍ବରୁ "ବିବାସିନୀ" ଓ "ଉଦାସିନୀ" (ଅସମ୍ପୂର୍ଣ୍ଣ) ପ୍ରଭୃତି ଉପନ୍ୟାସର ଲେଖକ ରୂପେ ରାମଶଙ୍କର ମଧ୍ୟ ଓଡ଼ିଆ ସାହିତ୍ୟର ଇତିହାସରେ କେତେକ ପରିମାଣରେ ପ୍ରତିଷ୍ଠିତ ହୋଇ ପାରି ଅଛନ୍ତି ।

ପୂର୍ବେ କୁହାଯାଇଅଛି ବ୍ରିଟିଶ ମାନଙ୍କର ଓଡ଼ିଶାଧିକାରର ବହୁ ପୂର୍ବରୁ ବହୁ ବଙ୍ଗୀୟ ପରିବାର ନାନା ସୂତ୍ରରେ ଆସି ଓଡ଼ିଶାରେ ବସବାସ କରି ରହିଥିଲେ । ଦୀର୍ଘକାଳ ଓଡ଼ିଶାରେ ବସବାସ କରି ରହିବା ଫଳରେ ସେମାନେ ସମ୍ପୂର୍ଣ୍ଣ ଭାବରେ ନିଜକୁ ଓଡ଼ିଶାର ମାଟି ପାଣି ପବନ ଭାଷା ଓ ସଂସ୍କୃତି ସହିତ ଓତପ୍ରୋତ ଭାବରେ ମିଶାଇ ଦେଇଥିଲେ । ସେମାନେ ବଙ୍ଗଭାଷୀ ଥିଲେହେଁ ମନ ଓ ପ୍ରାଣରେ ଥିଲେ ପୁରାପୁରି ଓଡ଼ିଆ । ବଙ୍ଗଦେଶ ଓ ବଙ୍ଗଳା ଅପେକ୍ଷା ଓଡ଼ିଶା ଓ ଓଡ଼ିଆ ଭାଷା ପ୍ରତି ସେମାନଙ୍କର ଆକର୍ଷଣଟା ଥିଲା ବେଶୀ । ବ୍ରିଟିଶ ଅଧିକାରର ପ୍ରାରମ୍ଭରେ ଶାସକ-ଗୋଷ୍ଠୀର ଅଧସ୍ତନ ପୁଚ୍ଛବାହକ ରୂପେ ଓଡ଼ିଶାକୁ ଆସିଥିବା ଆଗନ୍ତୁକ ବଙ୍ଗାଳୀ ମାନଙ୍କଠାରୁ ଏହି ଦୃଷ୍ଟିରୁ ସେମାନଙ୍କର ଏକ ମୌଳିକ ପାର୍ଥକ୍ୟ ରହିଥିଲା । ବସ୍ତୁତଃ, ଆଗନ୍ତୁକ ବଙ୍ଗାଳୀ ମାନଙ୍କର ନାନା ଷଡ଼ଯନ୍ତ୍ରରୁ ଓଡ଼ିଆଭାଷା ଓ ଓଡ଼ିଶାର ସ୍ୱାର୍ଥରକ୍ଷା ପୁଣି ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି ଦିଗରେ ଏମାନଙ୍କର ଉଦ୍ୟୋଗ ଓ ଅବଦାନ ସାମାନ୍ୟ ନଥିଲା । ଏମାନଙ୍କ ଓଡ଼ିଶା ପ୍ରେମ ସେତେବେଳର ଯେ କୌଣସି ଓଡ଼ିଶାପ୍ରେମୀ ଓଡ଼ିଆଙ୍କ ତୁଳନାରେ କୌଣସି ଗୁଣରେ ଊଣା ନଥିଲା । ଦାକ୍ଷିଣପଡ଼ାର ରାୟବଂଶ ଏହି ଶେଷୋକ୍ତ ଶ୍ରେଣୀର ବଙ୍ଗାଳୀ ଥିଲେ ।

ଗୌରୀଶଙ୍କର ପୂର୍ବସ୍ମୃତି ଅନୁସାରେ ଗୁରୁଶାଳୀର ଅବଧାନ ଓ ମକତବ୍‌ର ଆଖୁଞ୍ଜିଙ୍କ ଠାରୁ ପ୍ରାଥମିକ ଓଡ଼ିଆ ତଥା ପାର୍‌ସୀ ଓ ଉର୍ଦ୍ଦୁ ଭାଷା ଶିକ୍ଷା ସମାପ୍ତ କରିବା ପରେ, ଏକାଦଶ ବର୍ଷ ବୟସରେ କଟକ ହାଇ-

ସ୍କୁଲରେ ନାମ ଲେଖାଇଥିଲେ । ତାଙ୍କ ଶୈଶବରେ ଓଡ଼ିଆରେ ମୁଦ୍ରିତ ପୁସ୍ତକ ନଥିଲା । ହାତଲେଖା ହରତାଲୀ କାଗଜ କତାସ ଓ ଓଡ଼ିଆ ତାଳପତ୍ର ପୋଥିରେ ତାଙ୍କର ବିଦ୍ୟାଶିକ୍ଷା ଆରମ୍ଭ ହୋଇଥିଲା ।

କଟକ ହାଇ ସ୍କୁଲରୁ ଗୌରୀଶଙ୍କର ଜୁନିଅର୍—ସ୍କଲର୍ସିପ୍ ପରୀକ୍ଷାରେ ପ୍ରଶଂସା ସହକାରେ ମାସିକ ଆଠ ଟଙ୍କା ସରକାରୀ ବୃତ୍ତି ପାଇ ଉତ୍ତୀର୍ଣ୍ଣ ହେବା ପରେ, ୧୮୫୭ ସାଲ ଜୁନ ମାସରେ କଲେଜରେ ଅଧ୍ୟୟନ କରିବା ପାଇଁ ହୁଗୁଲୀ ଯାତ୍ରା କରିଥିଲେ । ଓଡ଼ିଶାରେ ସେତେବେଳେ ଉଚ୍ଚତର ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିଲା । ତାହା ସିପାହୀ-ବିଦ୍ରୋହର ଅବ୍ୟବହିତ ପୂର୍ବର କଥା । ଓଡ଼ିଶାରେ ଇଂରେଜ ଅଧିକାରର ଅର୍ଦ୍ଧଶତାବ୍ଦୀ ସେତେବେଳକୁ ବିତିଯାଇ ଥିଲେହେଁ ଜନସାଧାରଣଙ୍କ ଠାରୁ ମାଡ଼ି ପିଟି ରାଜସ୍ୱ ଆଦାୟ କରିବା ବ୍ୟତୀତ, ସେପର୍ଯ୍ୟନ୍ତ ଓଡ଼ିଶାରେ ଇଂରେଜ ଶାସନର ଅନ୍ୟ କୌଣସି ଉଦ୍ଦେଶ୍ୟ ଅଥବା ଆଭିମୁଖ୍ୟ ନଥିଲା । ଗମନାଗମନର କୌଣସି ସୁଯୋଗ ନଥିଲା । ମୋଗଲ-ପଠାଣ ମାନଙ୍କ କାଳର ଯେଉଁ ଜଗନ୍ନାଥ ସଡ଼କ ଓଡ଼ିଶା ଓ ବଙ୍ଗଳା ମଧ୍ୟରେ ସଂଯୋଗ ସ୍ଥାପନକାରୀ ଏକମାତ୍ର ପ୍ରଧାନ ଜାତୀୟ ରାଜପଥ ଥିଲା କୋମ୍ପାନୀ-ଶାସନରେ ତାହା ଘୋର ଉପଦ୍ରବମୟ ଓ ଦୁର୍ଗମ ହୋଇ ପଡ଼ିଥିଲା । ଗୌରୀଶଙ୍କର ସେହି ଦୁର୍ଗମ ପଥରେ ଶଗଡ଼ଗାଡ଼ିରେ ହୁଗୁଲୀ ଯାତ୍ରା କରିଥିଲେ । ବାଲେଶ୍ୱର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସେତେବେଳେ ତାଙ୍କୁ ପାର୍ଦ୍ଧ ବାରଦିନ ସମୟ ଲାଗିଥିଲା । ବାଲେଶ୍ୱର ଠାରୁ ସଡ଼କର ଅବସ୍ଥା ତେଣିକି ଆହୁରି ଦୁର୍ଗମ ଓ ବିପଦସଙ୍କୁଳ ଥିଲା । ବନ୍ୟଜନ୍ତୁ ମାନଙ୍କର ଆକ୍ରମଣରୁ ଆତ୍ମରକ୍ଷା କରିବାର ବରଂ ଉପାୟ ଥିଲା, କିନ୍ତୁ ନରପଶୁ ଡକାୟତ ମାନଙ୍କ ଠାରୁ ଆତ୍ମରକ୍ଷାର କୌଣସି ଉପାୟ ନଥିଲା । ଶଗଡ଼ଗାଡ଼ିରେ ଆଗେଇବା ଆଉ ସମ୍ଭବ ନଥିବାରୁ ଗୌରୀଶଙ୍କର ସେଠାରୁ ପାଦରେ ଚାଲି ଚାଲି ଆହୁରି ଦଶ ଦିନ ପରେ ହୁଗୁଲୀ ଠାରେ ପହଞ୍ଚିଥିଲେ ।

ତାରୁଣ୍ୟର ପ୍ରାଣଚଞ୍ଚଳ ଓ ଅନୁଶାସନମୁକ୍ତ ନିରଙ୍କୁଶ ଜୀବନ ମଧ୍ୟରେ ଗୌରୀଶଙ୍କର ନିର୍ଦ୍ଦିଷ୍ଟ ସମୟରେ ହୁଗୁଲୀ କଲେଜରେ ବୃତ୍ତି ପରୀକ୍ଷା ଦେଇ ପାରିଲେ ନାହିଁ । ପୁଣି ଏପରି ସମ୍ବାଦ ରଟିଲା, ଗୌରୀ-ଶଙ୍କର ସିନିୟର୍-ସ୍କଲର୍ସିପ ସାର୍ଟିଫିକେଟ ପରିବର୍ତ୍ତେ ହୁଗୁଲୀରେ ଗୋଟିଏ

ବଧୂ ଯୋଗାଡ଼ରେ ବେଶୀ ବ୍ୟସ୍ତ ଅଛନ୍ତି । ପୁଣି ବଙ୍ଗଦେଶରେ ବିବାହ କରିବା ପିତାଙ୍କ ପକ୍ଷରେ ଅସମ୍ମାନଜନକ ବିବେଚିତ ହେବାରୁ, ସଦାଶିବଙ୍କ କଠୋର ଆଦେଶରେ ଗୌରୀଶଙ୍କର କଲିକତା ବାଟେ କଟକ ଫେରି ଆସିଲେ । ଗୌରୀଶଙ୍କରଙ୍କ କଲେଜଶିକ୍ଷା ସେଇଠାରେ ସେତିକରେ ସମାପ୍ତ ହେଲା ।

ସେତେବେଳକୁ ସିପାହୀ-ବିଦ୍ରୋହର ଅବସାନ ଘଟି କୋମ୍ପାନୀ ଅମଳ ଶେଷ ହୋଇ ଆସୁଥିଲା । ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣା ଉପଲକ୍ଷେ କଲିକତା ମହାନଗରୀ ଉତ୍ସବମୟୀ । ମାତ୍ର ସେସବୁ ଦୃଶ୍ୟ ଉପଭୋଗ କରିବା ପାଇଁ ଗୌରୀଶଙ୍କରଙ୍କର ଅବସର ନଥିଲା । ତାଙ୍କର ପିତୃବ୍ୟ ଭବାନୀ ପ୍ରସାଦ ରାୟ ସେତେବେଳେ ବାଲେଶ୍ୱରରେ ନାଜର ଥିଲେ । ତାଙ୍କ ଯତ୍ନରେ ଗୌରୀଶଙ୍କରଙ୍କୁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାସିକ କୋଡ଼ିଏ ଟଙ୍କା ବେତନରେ ଅସ୍ଥାୟୀ ଶିକ୍ଷକ ଚାକିରିଟିଏ ମିଳିଗଲା । ସେଠାରେ କେତେମାସ ଶିକ୍ଷକତା କରିବା ପରେ ଗୌରୀଶଙ୍କର ୧୮୫୯ ସାଲରେ କଟକ ଫେରି ଆସିଲେ ।

ଏହାପରେ କମିସନର ଅଫିସରେ ଗୌରୀଶଙ୍କରଙ୍କୁ କେତେଦିନ ପାଇଁ ଗୋଟିଏ ଅସ୍ଥାୟୀ ଅମଲା କର୍ମ ମିଳିଯାଇଥିଲା । ତା ପରେ କଟକ-କଲେକ୍ଟରେଟ୍‌ରେ ମାସିକ କୋଡ଼ିଏ ଟଙ୍କା ବେତନରେ ସେ ମନିଅର୍ଡର-ଏଜେଣ୍ଟ ରୂପେ ନିଯୁକ୍ତ ହୋଇଥିଲେ । ସେତେବେଳେ ଡାକଘର ମାନଙ୍କରୁ ମନିଅର୍ଡର ପଠାଯାଉ ନଥିଲା । ତାହା କଲେକ୍ଟରେଟ୍‌ରେ ଅବକାରୀ-ବିଭାଗ ଅଧୀନରେ ପରିଚାଳିତ ହେଉଥିଲା । କଲେକ୍ଟରେଟ୍‌ରେ କରଣୀ ଥିବା ସମୟରେ ବିଚିତ୍ରାନନ୍ଦଙ୍କ ପ୍ରୋତ୍ସାହନ ଓ ସହଯୋଗିତାରେ ୧୮୬୬ ସାଲର "ନଅଙ୍କ ଦୁର୍ଭିକ୍ଷ" ପରେ କଟକ-ପ୍ରିଣ୍ଟିଙ୍ଗ୍ କୋମ୍ପାନୀ ପ୍ରେସରୁ ଗୌରୀଶଙ୍କର "ଉତ୍କଳ ଦୀପିକା"ର ପ୍ରକାଶନ ଆରମ୍ଭ କରିଥିଲେ ।

ମଧୁସୂଦନ ତାଙ୍କ ପୂର୍ବୋକ୍ତ ଭାଷଣରେ ଗୌରୀଶଙ୍କରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରସଙ୍ଗରେ ଆହୁରି କହିଥିଲେ···

"ବର୍ତ୍ତମାନର ସ୍ୱାଧୀନତାର ପ୍ରଚୁର ସତ୍ତ୍ୱେ ଏ ବିଂଶ ଶତାବ୍ଦୀର ସଭ୍ୟତା ଯୁଗରେ କୌଣସି ସାଧାରଣ କାର୍ଯ୍ୟ କଲେ ସରକାର ପୋଲିସ ସେପରି ବାଘ ପରି ଗିଳି ଦେବାକୁ ବସୁ ଅଛନ୍ତି, ପଚିଶ ବର୍ଷ ତଳେ

ସେମାନେ କପଟୀ ହୋଇ ନଥିବେ ଭାବନ୍ତୁ । ସେତେବେଳେ ଗୌରୀଶଙ୍କର କାର୍ଯ୍ୟକ୍ଷେତ୍ରରେ ବାଘ ପରି ଛୁଡ଼ା ହୋଇଥିଲେ ।"

କଲେକ୍ଟରେଟ୍‌ରେ ସାମାନ୍ୟ କୋଡ଼ିଏ ଟଙ୍କିଆ ମନିଅର୍ଡ଼ର-ଏଜେଣ୍ଟ କର୍ମରେ ନିଯୁକ୍ତ ଥିବା ବେଳେ ସୁଦ୍ଧା ଗୌରୀଶଙ୍କର ଅନନ୍ୟସାଧାରଣ ନିର୍ଭୀକତାର ଯଥେଷ୍ଟ ପରିଚୟ ଦେଇଥିଲେ ।

ନିୟମ ଅନୁସାରେ ସେତେବେଳେ ଅପରାହ୍ଣ ତିନିଟା ପରେ କୌଣସି ମନିଅର୍ଡ଼ର ଗ୍ରହଣ କରାଯାଉ ନଥିଲା । ଦିନେ ତିନିଟା ବାଜି ଯିବାପରେ ଜଏଣ୍ଟ ମାଜିଷ୍ଟ୍ରେଟ୍ ମିଷ୍ଟର ଆର୍ମଷ୍ଟ୍ରଙ୍ଗ୍ ଜଣେ ଚପରାସୀ ହାତରେ ଗୌରୀଶଙ୍କରଙ୍କ ନିକଟକୁ ନିଜର ଗୋଟିଏ ମନିଅର୍ଡ଼ର କରିବା ପାଇଁ ପଠାଇ ଦେଲେ । ମାତ୍ର ନିୟମାନୁସାରେ ସେଦିନର ମନିଅର୍ଡ଼ର ହିସାବ ବନ୍ଦ ହୋଇ ସାରିଥିବାରୁ ଆଉ ମନିଅର୍ଡର ଗ୍ରହଣ କରିବା ପାଇଁ ଗୌରୀଶଙ୍କର ଚପରାସୀକୁ ନାସ୍ତି କରିଦେଲେ । ଆର୍ମଷ୍ଟ୍ରଙ୍ଗ୍ "ଷ୍ଟ୍ରଙ୍ଗଆର୍ମ" ପ୍ରକୃତିର ସାହେବ ଥିଲେ । ମନିଅର୍ଡ଼ର ଫେରସ୍ତ ଦିଆ ଯାଇଥିବା ଶୁଣି ସେ କ୍ରୁଦ୍ଧ ହୋଇ କହି ପଠାଇଲେ, ତାଙ୍କ ହୁକୁମରେ ତିନିଟା ପରେ ସୁଦ୍ଧା ମନିଅର୍ଡ଼ର ପଠାଯିବ । ଗୌରୀଶଙ୍କର ଏ ହୁକୁମ ପାଇ ଖବର ପଠାଇ ଦେଲେ, ସାହେବ ତାଙ୍କ ହେଲେ ନିଜେ ଆସି ନିଜ ମନିଅର୍ଡ଼ର ପଠାଇ ଦେଇପାରନ୍ତି । ଜଣେ କିରାନୀର ଏ ପ୍ରକାର ଆସ୍ପର୍ଦ୍ଧାରେ ସାହେବ ଘୋର କୋପାନ୍ୱିତ ହୋଇ ସ୍ୱୟଂ ଆସି ସେଠାରେ ପହଞ୍ଚିଗଲେ । ତାଙ୍କର କ୍ରୋଧମୂର୍ତ୍ତିରେ ଗୌରୀଶଙ୍କର ତିଳେମାତ୍ର ବିଚଳିତ ନହୋଇ, ମନିଅର୍ଡ଼ର ହିସାବଖାତାଟି ତାଙ୍କ ଆଗରେ ମେଲାଇ ରଖିଦେଲେ । ଅଗତ୍ୟା ଜଏଣ୍ଟ-ମାଜିଷ୍ଟ୍ରେଟ ଆର୍ମଷ୍ଟ୍ରଙ୍ଗଙ୍କୁ ନିଜ ହାତରେ ନିଜ ମନିଅର୍ଡ଼ର ପଠାଇବା ପାଇଁ ପଡ଼ିଥିଲା । କିନ୍ତୁ ଗୌରୀଶଙ୍କର ଏଥିପାଇଁ "ଉତ୍କଳ-ଦୀପିକା" ସ୍ତମ୍ଭରେ ଆର୍ମଷ୍ଟ୍ରଙ୍ଗଙ୍କୁ ଅକ୍ଷତ ଛାଡ଼ି ଦେଇ ନଥିଲେ । ଗୌରୀ-ଶଙ୍କରଙ୍କ ନିର୍ଭୀକତା ସମ୍ପର୍କରେ ଏହିପରି ନାନା ଘଟଣା ଶୁଣାଅଛି ।

କଟକ କଲେକ୍ଟରେଟ୍‌ରେ ଦୀର୍ଘ ବାରବର୍ଷ କାଳ କାର୍ଯ୍ୟ କରିବା ପରେ ଗୌରୀଶଙ୍କର ଜିଲ୍ଲା ଜଜ୍‌କୋର୍ଟରେ ଟ୍ରାନସ୍‌ଲେଟର ପଦରେ ନିଯୁକ୍ତ ହୋଇଥିଲେ । ୧୮୮୨ ଖ୍ରୀ.ଅ.ରେ ଅର୍ଥାତ୍ ମଧୁସୂଦନ କଲିକତା ଛାଡ଼ି କଟକ ଫେରିବା ପର ଠାରୁ ଗୌରୀଶଙ୍କର ନିଜକୁ ସମ୍ପୂର୍ଣ୍ଣ ଭାବରେ

"ଉତ୍କଳ-ଦୀପିକା"ର ସମ୍ପାଦନା ଓ ରାଜନୀତିରେ ନିଯୁକ୍ତ କରିଥିଲେ । ଗୌରୀଶଙ୍କରଙ୍କ ସହାୟତାରେ ସେତ୍ରିବର୍ଷ ମଧୁସୂଦନ ଓଡ଼ିଶାର ସର୍ବ-ପ୍ରଥମ ବିଧିବଦ୍ଧ ରାଜନୈତିକ ଅନୁଷ୍ଠାନ "ଉତ୍କଳ-ସଭା" ସ୍ଥାପିତ କରିଥିଲେ । ୧୮୮୭ ସାଲରୁ ସେ ମଧ ମଧୁସୂଦନଙ୍କ ସହିତ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନରେ ଓଡ଼ିଶାର ପ୍ରତିନିଧି ରୂପେ ଯୋଗ ଦେଇ ଆସୁଥିଲେ । ୧୯୧୭ ଖ୍ରୀ.ଅ. ମାର୍ଚ୍ଚ ମାସ ୩ ତାରିଖ ଦିନ ୭୯ ବର୍ଷ ବୟସରେ ସେ ପରଲୋକ ଗମନ କରିଥିଲେ ।

ବସ୍ତୁତଃ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ "କଟକ-ପ୍ରିଣ୍ଟିଙ୍ଗ୍ କୋମ୍ପାନୀ" କୋଠା ଯେପରି ଓଡ଼ିଶାର ପ୍ରଧାନ ରାଜନୈତିକ କର୍ମକେନ୍ଦ୍ର ଥିଲା, "ଉତ୍କଳ ଦୀପିକା" ସେହିପରି ମଧ ଥିଲା ତମସାଚ୍ଛନ୍ନ ଓଡ଼ିଶାରେ ନବଜାଗରଣର ଏକମାତ୍ର କ୍ଷୀଣ ପ୍ରଦୀପ ଶିଖା; ପୁଣି ଓଡ଼ିଆର ଆତ୍ମରକ୍ଷାର ଆୟୁଧ । ଏହାକୁ ଲକ୍ଷ୍ୟକରି ମଧୁସୂଦନ ପୂର୍ବାଲୋଚିତ ଭାଷଣରେ "ଉତ୍କଳ ଦୀପିକା" ପ୍ରତି ଶ୍ରଦ୍ଧାଞ୍ଜଳି ନିବେଦନ କରି କହିଥିଲେ..."ଉତ୍କଳ-ଦୀପିକା ଉତ୍କଳର ଦୀପଟିଏ ।"

ଓଡ଼ିଶାର ଆଦ୍ୟ ସମ୍ପାଦକ ଓ ବଳିଷ୍ଠ ଓଡ଼ିଆ ଗଦ୍ୟଶୈଳୀର ଆଦ୍ୟ ପ୍ରବର୍ତ୍ତକ ରୂପେ କେବଳ ନୁହେଁ ଓଡ଼ିଶାର ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ପୁଣି ଆଧୁନିକ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ ତଥା ପ୍ରକାଶନରେ ଗୌରୀ-ଶଙ୍କରଙ୍କ ଭୂମିକା ସ୍ମରଣୀୟ ଓ ସମ୍ମାନାର୍ହ ଥିଲା । ତାଙ୍କର ଉଦ୍ୟମରେ ତଥା-କଥିତ ଅଶ୍ଳୀଳତା ଅପବାଦ ମଧ୍ୟରେ ନିମଜ୍ଜିତ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ ଲୋକଲୋଚନକୁ ଆସି ପାରିଥିଲା । ୧୯୧୬ ସାଲରେ ଉତ୍କଳ-ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନରେ ଭାଷଣ ପ୍ରସଙ୍ଗରେ ଗୌରୀଶଙ୍କର କହିଥିଲେ···

" × × × ଭାରତ ଏକ ବିଶାଳ ରାଜ୍ୟ । ସେଥିର ଖଣ୍ଡ ବା ପ୍ରଦେଶର ବିଦ୍ୟା ଓ ସଭ୍ୟତାର ପ୍ରମାଣ ସେ ପ୍ରଦେଶ ପ୍ରଚଳିତ ଭାଷା ସାହିତ୍ୟ ଅଟେ । ଉତ୍କଳର ପୂର୍ବଗୌରବ ଯେମନ୍ତ· ଏକ ଦିଗରେ ଭୁବନେଶ୍ୱର ପୁରୀ ମନ୍ଦିରାଦି ତେମନ୍ତ ଅନ୍ୟ ଦିଗରେ ପୂର୍ବରଚିତ ଉତ୍କୃଷ୍ଟ ସାହିତ୍ୟ ଗ୍ରନ୍ଥମାନ ଜ୍ୱଳନ୍ତ ଭାଷାରେ ଜଣାଇ ଦେଉଅଛି । ×

× × ଦୁଃଖର ବିଷୟ ଯେ ଏଣିକି ଶିକ୍ଷା ବିସ୍ତାର ଅନୁପାତରେ ସାହିତ୍ୟ ଚର୍ଚ୍ଚା ଆଶାନୁରୂପ ବଢ଼ୁ ନାହିଁ । ମୁଁ ପିଲାଦିନେ ଦେଖିଥିଲି ଯେ ଗ୍ରାମେ ଗ୍ରାମେ ପାଠୁଆ ବୟସ୍କ ବ୍ୟକ୍ତିମାନେ ଏକ ସ୍ଥାନରେ ବସି ସାହିତ୍ୟ ପାଠ, ଅର୍ଥ ଆଲୋଚନା ଏବଂ ଅଧିକାଂଶ ଗୀତିକାବ୍ୟ ରାଗ ତାଳଯୁକ୍ତ ଥିବାରୁ ଗାୟନ କରୁଥିଲେ । ସେଥିରେ ସାହିତ୍ୟ ଓ ସଙ୍ଗୀତ ଉଭୟର ଉନ୍ନତି ସାଧନ ହେଉଥିଲା । × × × ପ୍ରାଚୀନ କାବ୍ୟଚର୍ଚ୍ଚାର ଅନ୍ୟାନ୍ୟ ବାଧା ମଧ୍ୟରେ ଗୋଟିଏ ପ୍ରଧାନ ଏହି କି, କେତେକ ଶିକ୍ଷିତ ଯୁବା ତହିଁରେ ଆଦିରସର ବାହୁଲ୍ୟ ଦେଖି ଅଶ୍ଳୀଳ ବୋଲି ଚିତ୍କାର କରି ଶିକ୍ଷିତ ସମ୍ପ୍ରଦାୟ କାହିଁକି ଗଭର୍ଣ୍ଣମେଣ୍ଟଙ୍କ ମନ ସୁଦ୍ଧା ବିଗାଡ଼ି ଦେଲେ । ଏ ଚିତ୍କାର ଏତେ ଉଚ୍ଚରୁ ଉଠିଲା ଯେ, ବାବୁ ପ୍ୟାରୀମୋହନ ସେନ୍ ପ୍ରାଥମିକ ବିଦ୍ୟାଳୟରେ ଗୁଣକ୍ୟ ପଢ଼ାଇବାକୁ ଚେଷ୍ଟା କରନ୍ତେ ତହିଁରେ କେଉଁଠାରେ ଅଶ୍ଳୀଳ ବାକ୍ୟ ଥିବା ଦେଖାଇ କେହି କେହି ବିଫଳ କରାଇଦେଲେ । × × ଆଦିରସ ପ୍ରକଟିତ ମୂର୍ତ୍ତିମାନ ମନ୍ଦିର ଦେହରେ ଥିବା ପରି କାବ୍ୟରେ ତାହା ଥିବା ହେତୁ ସେ ସବୁ ପରିତ୍ୟକ୍ତ, ବିଲୁପ୍ତ ହୋଇନାହିଁ । ଧର୍ମପ୍ରାଣ ଓ ସାଧକ ବ୍ୟକ୍ତି ବୃନ୍ଦ ଅନ୍ୟଆଡ଼େ ଦୃଷ୍ଟି ନ ଦେଇ ନିଷ୍ଠାପୂର୍ବକ ଦେବସେବା କରୁଅଛନ୍ତି । ଫଳତଃ ଇଦାନୀଂ ଧର୍ମ ଓ ସୁନୀତିର ଶିଥିଳତା ନାନା କାରଣରୁ ଘଟୁଅଛି । ସେଥି ସକାଶେ ପ୍ରାଚୀନ କାବ୍ୟକୁ ଦାୟୀ କରିବା ସୁସଙ୍ଗତ ନୁହେଁ । ମୋହର କ୍ଷୁଦ୍ର ବିବେଚନାରେ ତାହା ପାଠ କରିବା ସମସ୍ତଙ୍କର କର୍ତ୍ତବ୍ୟ ଏବଂ ତହିଁର ଉତ୍ସାହ ଦେବା ସାହିତ୍ୟ ସମାଜର ଗୋଟିଏ ପ୍ରଧାନ କାର୍ଯ୍ୟ । ତହିଁ ସଙ୍ଗେ ସଙ୍ଗୀତ ଶିକ୍ଷା ଓ ଚର୍ଚ୍ଚା ବଢ଼ାଇବା ପ୍ରତି ମନୋଯୋଗୀ ହେବା ସମାଜର କର୍ତ୍ତବ୍ୟ ଅଟେ ।" ଓଡ଼ିଶୀ ସଙ୍ଗୀତ ଚର୍ଚ୍ଚା ପ୍ରତି ମଧ୍ୟ ଗୌରୀଶଙ୍କରଙ୍କର ଆକର୍ଷଣ ପ୍ରବଳ ଥିଲା ।

ସମାଜସେବୀ, ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୀବନଚର୍ଯ୍ୟାରେ ପ୍ରତାରଣାପୂର୍ଣ୍ଣ ଛଦ୍ମବେଶ, ମହତ୍ତ୍ୱ ଓ ମାହାତ୍ମ୍ୟର କ୍ରମେ ଏକ ପରିଗ୍ରହୁକ ହେଲଣି । ନେପଥ୍ୟ ଜୀବନରେ, ଶତ ଅଶ୍ଳୀଳତା ଓ ଆବର୍ଜନା ମଧ୍ୟରେ ଆକଣ୍ଠ ନିମଜ୍ଜିତ ଥାଇ ସୁଦ୍ଧା, ପ୍ରକାଶ୍ୟରେ ଅନେକ ପରିଚ୍ଛନ୍ନ, ଶୁଭ୍ର, ଶୁଚିତାର ଅବତାର ରୂପେ ନିଜକୁ ପ୍ରଖ୍ୟାପିତ କରିବାରେ କୁଣ୍ଠାବୋଧ କରିନଥାନ୍ତି ।

କିନ୍ତୁ ବିଗତ ଶତାବ୍ଦୀରେ ସାଧାରଣ ଜୀବନରେ ଏପରି ବିକଧର୍ମୀ ଶଠତା ନଥିଲା । ସେଥିପାଇଁ କଟକ-ପ୍ରିଣ୍ଟିଙ୍ଗ୍ କୋମ୍ପାନୀ କୋଠାରେ କଟକର ଲଳିତକଣ୍ଠୀମାନଙ୍କୁ ଧରି ଓଡ଼ିଶୀ ଧ୍ରୁପଦ-ଚକ୍ରପଦ ଚର୍ଚ୍ଚା କରିବା ଅଥବା ସାହାଦଲ ସଙ୍ଗରେ ମିଶିବା ପାଇଁ ଗୌରୀଶଙ୍କରଙ୍କର କୁଣ୍ଠା ଅଥବା ସଙ୍କୋଚ ନଥିଲା ।

ଗୌରୀଶଙ୍କରଙ୍କ ଜୀବନୀଲେଖକ ମୃତ୍ୟୁଞ୍ଜୟ ରଥ ଲେଖିଛନ୍ତି···

"ତାଙ୍କର ସଙ୍ଗୀତଚର୍ଚ୍ଚା ଏତିକରେ ପର୍ଯ୍ୟବସିତ ହୋଇ ନଥିଲା । ଏ ନଗରୀର ଗଣିକା ମାନଙ୍କୁ ନିଜସ୍ୱ ଖର୍ଚ୍ଚରେ ସଙ୍ଗୀତ ଶିକ୍ଷା ଦେବାପାଇଁ ସେମାନଙ୍କ ମଧ୍ୟରେ ପଶି ସେ ଅଜସ୍ର ଅର୍ଥବ୍ୟୟ କରିଥିଲେ ଏବଂ ବୈଠକରେ ସେମାନଙ୍କ ଠାରୁ ଗୀତ ଶୁଣି ଦୋଷାଦୋଷ ବିଚାର ପୂର୍ବକ ଉତ୍ସାହ ଦେଉଥିଲେ । ଏହି ଉଦ୍ଦେଶ୍ୟରେ ପ୍ରତି ସପ୍ତାହର ଶନିବାର ଓ ମଙ୍ଗଳବାର ରାତିରେ ପ୍ରିଣ୍ଟିଙ୍ଗ୍ କୋମ୍ପାନୀର ଦ୍ୱିତଳ ଗୃହରେ ମିତ୍ର ସମ୍ମିଳନ ହେଉଥିଲା । ଆମନ୍ତ୍ରିତ ବନ୍ଧୁମାନଙ୍କୁ ଗୌରୀଶଙ୍କର ନିଜ ବ୍ୟୟରେ ଉପାଦେୟ ଭୋଜ୍ୟାଦି ପ୍ରଦାନ କରୁଥିଲେ । ସନ୍ଧାନ ଦ୍ୱାରା ଯେତେଦୂର ବୁଝା ଯାଇଅଛି ତାଙ୍କର ଅଭିପ୍ରାୟ ଏହି ଥିଲା ଯେ ବେଶ୍ୟା-ମାନେ ସଙ୍ଗୀତ ଶିଖିଥିଲେ ଘୂରିଆଡ଼େ ବୁଲି ପ୍ରଚାର କରିବେ । ନଚେତ୍ ପରିଣାମରେ ଦିନେ ଏ ଦେଶରୁ ସଙ୍ଗୀତଚର୍ଚ୍ଚା ଲୋପ ପାଇଯିବ ।" *

ଇଂ ୧୮୬୯ ସାଲ ବେଳକୁ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆଭାଷା ଶିକ୍ଷାର ମାଧ୍ୟମ ରୂପେ ସ୍ୱୀକୃତି ଲାଭ କରିଥିଲେ ସୁଦ୍ଧା ଓଡ଼ିଆରେ ପାଠ୍ୟପୁସ୍ତକର ଅଭାବ ସେଥିରେ ଏକ ପ୍ରତ୍ୟବାୟ ଥିଲା । ସେଥିପାଇଁ ଯେଉଁମାନେ ରାତିରାତି ଉଜାଗର ରହି ଓଡ଼ିଆରେ ପାଠ୍ୟ ପୁସ୍ତକ ଲେଖି ଓଡ଼ିଆ ଭାଷା ଓ ସାହିତ୍ୟକୁ ସେତେବେଳେ ବିଦ୍ୟାଳୟ ମାନଙ୍କରେ ଉଚ୍ଛେଦ ମୁଖରୁ ରକ୍ଷା କରି ପାରିଥିଲେ, ସେମାନଙ୍କ ମଧ୍ୟରେ ବିଚ୍ଛନ୍ଦ ପଟ୍ଟନାୟକ, ଷଡ଼ାନନ୍ଦ ଦାସ, ଜଗମୋହନ ଲାଲ, ଫକୀରମୋହନ ସେନାପତି, ପ୍ରଭାକର ବିଦ୍ୟାରତ୍ନ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଦ୍ୱାରକା-ନାଥ ଚକ୍ରବର୍ତ୍ତୀ, କପିଳେଶ୍ୱର ବିଦ୍ୟାଭୂଷଣ ଓ ଗୌରୀଶଙ୍କର ରାୟ ପ୍ରମୁଖ ସର୍ବାଗ୍ରଗଣ୍ୟ ଥିଲେ । ବାଙ୍କୀର ପଣ୍ଡିତ ଗୋବିନ୍ଦ ରଥ ମଧ୍ୟ ପୁସ୍ତକ ପ୍ରକା-

* କର୍ମଯୋଗୀ ଗୌରୀଶଙ୍କର—ଦଶମ ପରିଚ୍ଛେଦ—ପୃ-୮୭ ।

ଶନରେ ଗୌରୀଶଙ୍କରଙ୍କ ଦକ୍ଷିଣହସ୍ତ ସ୍ୱରୂପ ଥିଲେ । ଓଡ଼ିଆରେ ପାଠ୍ୟପୁସ୍ତକ ଲେଖା ଓ ଓଡ଼ିଶାରେ ଓଡ଼ିଆ ଭାଷାର ସ୍ୱତ୍ୱରକ୍ଷା, ସେତେବେଳେ ଓଡ଼ିଶାର ଏକମାତ୍ର ମୁଖ୍ୟ ରାଜନୈତିକ ସମସ୍ୟାରେ ପରିଣତ ହୋଇପଡ଼ିଥିଲା । ବସ୍ତୁତଃ ଓଡ଼ିଶାରେ ଓଡ଼ିଆଭାଷାର ସ୍ୱତ୍ୱରକ୍ଷା ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକୀକରଣ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ । ଗୌରୀଶଙ୍କର ଥିଲେ ଏ ଆନ୍ଦୋଳନର ନେତା ଓ "ଉତ୍କଳଦୀପିକା" ଥିଲା ତାହାର ସାଧନ । ଏସବୁ ଆଲୋଡ଼ନ ବିଲୋଡ଼ନ ସହିତ ମଧୁସୂଦନଙ୍କ ପ୍ରତ୍ୟକ୍ଷ ସମ୍ପର୍କ ନଥିଲେହେଁ "ଉତ୍କଳ ଦୀପିକା"ର ମାଧ୍ୟମରେ ଏହା ସହିତ ସେ ବେଶ୍ ସୁପରିଚିତ ଥିଲେ ।

## (ଦୁଇ)

ଇଂ ୧୮୬୮ ସାଲ ବେଳକୁ ଓଡ଼ିଶାରେ ଭାଷାବିବାଦର ସାମୟିକ ଭାବରେ ଗୋଟାଏ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ଓଡ଼ିଶାର ଶିକ୍ଷାନୁଷ୍ଠାନ ମାନଙ୍କରେ ଓଡ଼ିଆ ଓ ବଙ୍ଗଳାର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରତିଷ୍ଠିତ ହୋଇ ସାରିଥିଲା । ସେତେବେଳେ ପାଠଶାଳା ଠାରୁ କଟକ ନର୍ମାଲସ୍କୁଲ ପର୍ଯ୍ୟନ୍ତ ସବୁଥିଲେ ଗଦ୍ୟପୁସ୍ତକ ଓଡ଼ିଆରେ ଥିଲେ ପଦ୍ୟ ଏବଂ ବ୍ୟାକରଣ ବଙ୍ଗଳାରେ ଭୂଗୋଳ ଓଡ଼ିଆରେ ହେଉଥିଲେ, ଇତିହାସ ବଙ୍ଗଳାରେ ପଢ଼ା ଯାଉଥିଲା ।* ଆଗନ୍ତୁକ ବଙ୍ଗୀୟ ଶିକ୍ଷକ ମାନଙ୍କ ପକ୍ଷରେ ଏ ବ୍ୟବସ୍ଥା ଯେ ଅତ୍ୟନ୍ତ ଅସ୍ୱସ୍ତିକର ଥିଲା ଓ ଓଡ଼ିଆରେ ଶିକ୍ଷା ଦେବା ବେଳେ ସେମାନେ ଛାତ୍ରମାନଙ୍କର ଉପହାସର ପାତ୍ର ହେଉଥିଲେ; ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ସେହିବର୍ଷ ଦୁଇଗୋଟି ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା । ପ୍ରଥମ ଘଟଣାଟି ହେଉଛି, ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ ସାର ଷ୍ଟାର୍ଫୋର୍ଡ଼ ନର୍ଥକୋଟ ୧୮୬୬ ସାଲର ନଅଙ୍କ ଦୁର୍ଭିକ୍ଷ କାଳରେ ଓଡ଼ିଶା ପ୍ରତି ଘୋର ପ୍ରଶାସନିକ ଅବହେଳା ଓ ତଜ୍ଜନିତ ବ୍ୟାପକ ଜନକ୍ଷୟର ଶୋଚନୀୟ ଅଭିଜ୍ଞତାରୁ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରସ୍ତାବ ଦେଇଥିଲେ । ସାର ଷ୍ଟାର୍ଫୋର୍ଡ଼ ନର୍ଥକୋଟଙ୍କର ସେ ପ୍ରସ୍ତାବ ପ୍ରତି ଓଡ଼ିଶାରେ

---

* କର୍ମଯୋଗୀ ଗୌରୀଶଙ୍କର-ଲେଖକ ମୃତ୍ୟୁଞ୍ଜୟ ରଥ-ପୃ-୩୯ ।

ସେତେବେଳେ କାହାରି ଦୃଷ୍ଟି ପଡ଼ି ନଥିଲା; କିମ୍ବା ଓଡ଼ିଶାର ରାଷ୍ଟ୍ରୀୟ ଦାବୀ ବଳିଷ୍ଠ ଭାବରେ ପ୍ରତିନିଧିତ୍ୱ କରିବା ପାଇଁ ସେତେବେଳେ ଓଡ଼ିଶାରେ ସେପରି କୌଣସି ଜନନେତା ନଥିଲେ । ବଙ୍ଗଳା-ପ୍ରେସି-ଡେନ୍‌ସୀ ସେତେବେଳେ ଆକାର ଓ ପରିସରରେ ସୁବିସ୍ତୀର୍ଣ୍ଣ ଥିବାରୁ କଲିକତାରୁ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣରଙ୍କ ପକ୍ଷରେ ବଙ୍ଗଳା ପ୍ରେସିଡେନ୍‌ସୀର ଗୋଟିଏ ଗୋଟିଏ କୋଣରେ ପଡ଼ିରହିଥିବା ଆସାମ, ଓଡ଼ିଶା ଓ ପୂର୍ବ ବଙ୍ଗଳା ପରି ଅଞ୍ଚଳମାନଙ୍କ ପ୍ରତି ଯଥାର୍ଥ ଦୃଷ୍ଟି ଦେବା ସମ୍ଭବ ନଥିଲା । ଏହି କାରଣରୁ ଓଡ଼ିଶାର ନଅଙ୍କ-ଦୁର୍ଭିକ୍ଷରେ ପ୍ରବଳ ଜନକ୍ଷୟ ହୋଇ ପାରିଲା ବୋଲି ସେତେବେଳେ ଇଂରେଜ ଶାସନକର୍ତ୍ତାମାନେ ସୁଦ୍ଧା ଅସ୍ୱୀକାର କରିନଥିଲେ । ସାର ଚାର୍ଲସ୍ ନର୍ଥକୋଟ୍ ଏହି ପୃଷ୍ଠଭୂମିରେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରସ୍ତାବ ଦେଇଥିଲେ । ସାର୍ ଚାର୍ଲସ୍‌ଙ୍କର ଏହି ପ୍ରସ୍ତାବ ଅନୁସାରେ ଆସାମର ଇଂରେଜ ଚା' ବ୍ୟବସାୟୀ ଓ ଚା' ବଗିଚା ମାଲିକମାନଙ୍କ ପ୍ରଚେଷ୍ଟାରେ ଇଂ୧୮୭୪ ସାଲରେ ଆସାମ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହୋଇ ପାରିଥିଲା । ମାତ୍ର ଓଡ଼ିଶାରେ ସେତେ-ବେଳେ ସଙ୍ଗଠିତ ଜନମତ ଓ ନେତୃତ୍ୱ ଅଭାବରୁ ଓଡ଼ିଶାର ସ୍ୱତନ୍ତ୍ର ରାଷ୍ଟ୍ରସତ୍ତାର ଦାବୀ ବାସ୍ତବ ହେବାତ ଦୂରର କଥା, ତାହା ଉତ୍‌ଥାପିତ ସୁଦ୍ଧା ହୋଇ ପାରି ନଥିଲା । ଅଥଚ ଏହାର ଯଥେଷ୍ଟ ପୂର୍ବରୁ ଇଂ ୧୮୪୧ ସାଲରେ ଭାରତର ଯେଉଁ ମାନଚିତ୍ର ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ହୋଇଥିଲା, ସେଥିରେ ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ ଥିବା ଓଡ଼ିଆ ଭାଷୀ ଅଞ୍ଚଳମାନ ଓଡ଼ିଶା ସହିତ ଏକତ୍ର ସୂଚିତ ହୋଇ ଥିଲା । ଇଂ ୧୮୯୫ ସାଲରେ କମିସନର କୁକ୍‌ସ ଏକଥା ସର୍ବପ୍ରଥମେ ଆବିଷ୍କାର କରିଥିଲେହେଁ ସେ ପର୍ଯ୍ୟନ୍ତ ଏଥିପ୍ରତି ଓଡ଼ିଶାରେ କାହାର ଦୃଷ୍ଟି ପଡ଼ି ନଥିଲା ।

କିନ୍ତୁ ଆଗନ୍ତୁକ ବଙ୍ଗୀୟ ଗୋଷ୍ଠୀ ସାର୍ ଚାର୍ଲସ ନର୍ଥକୋଟ୍‌ଙ୍କ ଏ ପ୍ରସ୍ତାବରେ ନିଧିସ୍ୱତ୍ତ୍ୱାଧିକାରୀ-ଶାସକ-ଗୋଷ୍ଠୀ ରୂପେ, ନିଜର ପ୍ରାଧାନ୍ୟ ଓ ପ୍ରତିଷ୍ଠା ପ୍ରତି ଏକ ଆହ୍ୱାନର ସଙ୍କେତ ଦେଖି ପାରିଥିଲେ । ଓଡ଼ିଆଭାଷାର ଉଚ୍ଛେଦ ପାଇଁ ସେମାନେ ସରକାରୀ ସ୍ତରରେ ଆନ୍ଦୋଳନ କରି ବହୁଦୂର ଅବଶ୍ୟ ଆଗେଇ ପାରିଥିଲେ । ଏହାଫଳରେ ଆଂଶିକ ଭାବରେ ବଙ୍ଗଳା ଭାଷା ଓଡ଼ିଶାରେ ଶିକ୍ଷାର ମାଧ୍ୟମ ରୂପେ

ଭଗ୍ନି ରହିପାରିଲା । ଏବେ ଯଦି ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ସାର ଷ୍ଟାର୍ଲସ ନର୍ଥକୋର୍ଟଙ୍କ ପ୍ରସ୍ତାବ କ୍ରମେ ଓଡ଼ିଆଭାଷା ଭିତ୍ତିରେ ଗୋଟିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୁଏ, ତାହାହେଲେ ଓଡ଼ିଶାରେ ସେମାନଙ୍କ ସ୍ୱାର୍ଥ ଘୋର ବିପନ୍ନ ହେବା ସମ୍ପର୍କରେ ସେମାନଙ୍କର କ୍ଷୀଣତମ ସନ୍ଦେହ ନଥିଲା । ସେଥିପାଇଁ "ମୂଳ ମାରିଲେ ଯିବ ସର" ନ୍ୟାୟରେ ଓଡ଼ିଆ ଭାଷାକୁ ପୁରାପୁରି ଶିକ୍ଷା ଓ ଶାସନ କ୍ଷେତ୍ରରୁ ନିଷ୍କାସିତ କରିଦେବା ପାଇଁ ସେମାନେ ଏକ ସୁଯୋଗର ଅପେକ୍ଷାରେ ରହିଥିଲେ ।

ଏହି ସମୟରେ ବଙ୍ଗଳାର ପ୍ରତ୍ନତାତ୍ତ୍ୱିକ ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଶା ଆଗମନ ଆଗନ୍ତୁକ ମାନଙ୍କୁ ସେଥିପାଇଁ ଏକ ବହୁ ପ୍ରତ୍ୟାଶିତ ସୁଯୋଗ ଆଣି ଦେଇଥିଲା ।

ସେହିବର୍ଷ ଅର୍ଥାତ୍ ଇଂ ୧୮୬୮ ସାଲରେ ଲଣ୍ଡନର ରୟାଲ୍ ସୋସାଇଟୀ-ଅଫ୍-ଆର୍ଟ ପ୍ରାଚୀନ ଭାରତୀୟ ମନ୍ଦିର ମାନଙ୍କରେ ହିନ୍ଦୁ ଦେବମୂର୍ତ୍ତି ମାନଙ୍କର କେତେକ ନମୁନା ଓ ଛାଞ୍ଚ ପାଇବା ପାଇଁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ । ରୟାଲ୍-ସୋସାଇଟୀର ଅନୁରୋଧ ରକ୍ଷା କରି ଏହି ଉଦ୍ଦେଶ୍ୟରେ ଭାରତ ସରକାର ବଙ୍ଗଳା ସରକାରଙ୍କୁ ସେତେବେଳେ ପ୍ରଚୁର ଅର୍ଥ ସାହାଯ୍ୟ ଦେଇ ଥିଲେ । କିନ୍ତୁ ସମଗ୍ର ବଙ୍ଗଳା ପ୍ରେସିଡେନ୍ସୀରେ ଏକମାତ୍ର ଓଡ଼ିଶା ବ୍ୟତୀତ ଅନ୍ୟ କୌଣସି ଠାରେ ପ୍ରତ୍ନତତ୍ତ୍ୱ ଓ ଭାସ୍କର୍ଯ୍ୟ ଦୃଷ୍ଟିରୁ ଗୁରୁତ୍ୱ-ପୂର୍ଣ୍ଣ କୌଣସି ପ୍ରାଚୀନ ମନ୍ଦିର ଅଥବା ଐତିହାସିକ କୀର୍ତ୍ତୀ ନଥିଲା । ସେଥିପାଇଁ ସେହିବର୍ଷ ଶୀତଋତୁରେ ଭୁବନେଶ୍ୱର ମନ୍ଦିରର ମୂର୍ତ୍ତି ମାନଙ୍କର ଛାଞ୍ଚ ଓ ନମୁନା ସଂଗ୍ରହ ପୁଣି ସେ ମୂର୍ତ୍ତି ଅଥବା କୀର୍ତ୍ତି ମାନଙ୍କର ଐତିହାସିକ ତଥା ସାଂସ୍କୃତିକ ପୃଷ୍ଠଭୂମି ଗବେଷଣା କରିବା ଓ ଓଡ଼ିଶାର ପ୍ରାଚୀନ ଇତିହାସ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ପ୍ରତ୍ନତାତ୍ତ୍ୱିକ ରାଜେନ୍ଦ୍ରଲାଲ ମିତ୍ର ବଙ୍ଗଳା ସରକାରଙ୍କ ଦ୍ୱାରା ଓଡ଼ିଶାକୁ ପ୍ରେରିତ ହୋଇଥିଲେ । ଓଡ଼ିଶାର ପ୍ରାଚୀନ ଦେବାଳୟ ଓ ସଂସ୍କୃତି ସମ୍ପର୍କରେ ରାଜେନ୍ଦ୍ରଲାଲ ମିତ୍ରଙ୍କ ଏ ଗବେଷଣାର ଫଳ The Antiquities of Orissa ନାମକ ଗ୍ରନ୍ଥ ଦୁଇଭାଗରେ ୧୮୭୫ ସାଲ ବେଳକୁ ଭାରତ ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା । ରାଜେନ୍ଦ୍ରଲାଲ ଓଡ଼ିଆ ଭାଷା ପ୍ରତି ସାମୟିକ ଭାବରେ ଯାହା ଅବିଚାର କରିଥାନ୍ତୁ ନା

କାହିଁକି ତାଙ୍କର ଏହି ପୁସ୍ତକରେ ସେ ପ୍ରାମାଣିକ ଭାବରେ ଓଡ଼ିଶାର ଅତୁଳନୀୟ ପ୍ରାଚୀନ କୀର୍ତ୍ତିରାଜି ସମ୍ପର୍କରେ ପାଶ୍ଚାତ୍ୟ ପଣ୍ଡିତ ସମାଜର ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ଏ ପୁସ୍ତକର ସଂକ୍ଷିପ୍ତ ପରିଚୟ ଦେଇ ରାଜେନ୍ଦ୍ର ଲାଲ ପୁସ୍ତକର ପୀଠିକାରେ ଲେଖିଥିଲେ··· "These are some of the relics of the past, weeping over a lost civilisation and an extinguished grandeur.

(ଅତୀତର ଏକ ବିସ୍ମୃତ ସଭ୍ୟତା ଓ ବିଗତ ସୌଭାଗ୍ୟ ଉପରେ ଅଶ୍ରୁତର୍ପଣ କରୁଥିବା କେତେକ ପ୍ରାଚୀନ ଧ୍ୱଂସାବଶେଷର ବିବରଣୀ ଏଥିରେ ବର୍ଣ୍ଣିତ ଅଛି ।)

ରାଜେନ୍ଦ୍ର ଲାଲ ଏହି ପୁସ୍ତକରେ, ଓଡ଼ିଶାର ସୀମା ଏକଦା ଉତ୍ତରରେ ହୁଗୁଳୀ ନଦୀ ଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିବା ଅମ୍ଳାନ ଚିତ୍ତରେ ଅବଶ୍ୟ ସ୍ୱୀକାର କରିଥିଲେ । ତଥାପି ସେହି "ବିସ୍ମୃତ ସଭ୍ୟତା ଓ ବିଗତ ସୌଭାଗ୍ୟ"ର ଦାୟାଦ ରୂପେ (ତାଙ୍କ ଦୃଷ୍ଟିରେ)— "ଅପରିଚ୍ଛନ୍ନ ଓ ଅମାର୍ଜିତ" ଓଡ଼ିଆମାନେ ବୈଦେଶିକ ଶାସନର ଶତ ଷଡ଼ଯନ୍ତ୍ର ମଧ୍ୟରେ ଖଣ୍ଡବିଖଣ୍ଡ, ଇତଃସ୍ତତ ଓ ବିକ୍ଷିପ୍ତ ହୋଇ ତିନିଗୋଟି ପ୍ରାଦେଶିକ ଶାସନାଧୀନରେ ଯେପରି ପଡ଼ି ରହିଥିଲେ, ତାହା ସେ ଲକ୍ଷ୍ୟ କରି ପାରି ନଥିଲେ । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରେ ଅତୀତକୁ ଚହ୍ନିବାରେ ତାଙ୍କର କୌଣସି ତ୍ରୁଟୀ ନଥିଲା । ମାତ୍ର ବର୍ତ୍ତମାନ କାଳରେ ଓଡ଼ିଆ ଜାତିର ଉପସ୍ଥିତ ଅବସ୍ଥାକୁ ସେ ବୁଝି ପାରି ନଥିଲେ । ସେଥିପାଇଁ ସେହି ବିସ୍ମୃତ ସଭ୍ୟତା ଓ ବିଗତ ସୌଭାଗ୍ୟର ଧ୍ୱଂସାବଶେଷ ସବୁ, ତାଙ୍କ ଦୃଷ୍ଟିରେ କେଜାଣି ବେୱାରିସ୍ ସମ୍ପତ୍ତି ପରି ସେଦିନ ମନେ ହୋଇଥିଲା !

ରବୀନ୍ଦ୍ରନାଥ ତାଙ୍କ "ଜୀବନ ସ୍ମୃତି"ରେ ରାଜେନ୍ଦ୍ର ଲାଲଙ୍କ ସମ୍ପର୍କରେ ଲେଖିଛନ୍ତି ସେ ଟିକିଏ କଡ଼ବୋଲା ଥିଲେ । ମହାପଣ୍ଡିତମାନେ କଡ଼ବୋଲା ହେଲେ ଯେଉଁ ବିପତ୍ତି ଘଟିଥାଏ, ରାଜେନ୍ଦ୍ର ଲାଲଙ୍କ ପକ୍ଷରେ ମଧ୍ୟ ସେହିପରି ବିପତ୍ତି ଘଟିଥିଲା । କଟକରେ ତତ୍କାଳୀନ କଲେକ୍ଟର ଓ "Comparative Grammar of Indo-Aryan Languages." ର ଲେଖକ ସାର୍ ଜନ୍ ବୀମସ୍‌ଙ୍କ ସହିତ ଓଡ଼ିଆ ଭାଷା ତଥା ଓଡ଼ିଆ ସଂସ୍କୃତି

ସମ୍ପର୍କରେ ତାଙ୍କର ଅନେକ ଆଲୋଚନା ହୋଇଥିଲେ ସୁଦ୍ଧା ବଙ୍ଗଳା ଅପେକ୍ଷା ଓଡ଼ିଆଭାଷା ବୃହତ୍ତର ଜନସମାଜରେ କଥିତ, ଅଧିକ ଐଶ୍ବର୍ଯ୍ୟ ଶାଳୀ ପୁଣି ଐତିହ୍ୟ ସମ୍ପନ୍ନ ଥିବା ସମ୍ପର୍କରେ ବାମ୍‌ସଙ୍କ ପ୍ରାମାଣିକ ଅଭିମତ ରାଜେନ୍ଦ୍ରଲାଲ ବୋଧହୁଏ ଶୁଣି ପାରି ନଥିଲେ । ଜନ୍ ବାମସ୍ ଆଲୋଚିତ ଗ୍ରନ୍ଥରେ ଲେଖିଥିଲେ "ପୃଥିବୀରେ ପର୍ତ୍ତୁଗୀଜ ଜାତିର ସଂଖ୍ୟା ସର୍ବାପେକ୍ଷା ଅଳ୍ପ, ତାହାବୋଲି କଣ ପର୍ତ୍ତୁଗୀଜ ଭାଷା ପୃଥିବୀରେ ରହିବ ନାହିଁ ?" ଓଡ଼ିଆଭାଷାଭାଷୀଙ୍କ ସଂଖ୍ୟାନ୍ୟୂନତା ଦୃଷ୍ଟିରୁ ଓଡ଼ିଆ ଗୋଟାଏ ସ୍ୱତନ୍ତ୍ର ଭାଷା ରୂପେ ରହି ନପାରେ ବୋଲି ସେତେବେଳେ ବଙ୍ଗୀୟ ପ୍ରଶ୍ନପକ୍ଷମାନେ ଯେଉଁସବୁ ଭୂଇଁଫୋଡ଼ ଯୁକ୍ତିର ଅବତାରଣା କରୁଥିଲେ, ଏଥିରେ ଜନ୍ ବାମସ୍ ତାହାର ଅସାରତା ପ୍ରତିପାଦିତ କରିଥିଲେ । ବସ୍ତୁତଃ ଓଡ଼ିଆଭାଷାର ଅସ୍ତିତ୍ୱରକ୍ଷା ପାଇଁ, ଜନ୍‌ବାମସ୍‌ଙ୍କ ଠାରେ ଓଡ଼ିଶା କେପରି ଋଣୀ ତାହା ବୁଝାଇ କହିବାର ନୁହେଁ ।

ମାତ୍ର ରାଜେନ୍ଦ୍ରଲାଲଙ୍କ ମୁଣ୍ଡରେ ପଶିଥିଲା, କଟକ ପୁରୀ ବାଲେଶ୍ୱର ମୋଟେ ଏହି ତିନିଗୋଟି ଜିଲ୍ଲାକୁ ନେଇ ଓଡ଼ିଶା ! ଲୋକ ସଂଖ୍ୟା କୋଡ଼ିଏ ଲକ୍ଷ ହେବନାହିଁ ! କୋଡ଼ିଏ ଲକ୍ଷ ଲୋକଙ୍କ ପାଇଁ ପୁଣି ଗୋଟାଏ ଭାଷାର ପ୍ରୟୋଜନ କଣ ? ଓଡ଼ିଶା ବଙ୍ଗଭାଷୀ ହୋଇ ପାରିଲେ ସେହି "ବିସ୍ତୃତ ସଭ୍ୟତା ଓ ବିଗତ ସୌଭାଗ୍ୟ"ର ଉତ୍ତରାଧି-କାରୀ ରାଜେନ୍ଦ୍ରଲାଲଙ୍କ ଭାଷାଭାଷୀମାନଙ୍କୁ ଅନେକାଂଶରେ ମିଳିଯାଇ ପାରିବ ; ଏପରି ଭାବନା ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଚିନ୍ତାରେ ହୁଏତ ଉଦିତ ହୋଇଥିଲା ।

ସେତେବେଳେ କଟକର "ଓଡ଼ିଶା ପେଟ୍ରିଅଟ୍" ପ୍ରେସ୍‌ରୁ ପ୍ରକାଶିତ "ଉତ୍କଳ ହିତୈଷିଣୀ" ଓ ଇଂରାଜୀ ସାପ୍ତାହିକ "କଟକ ଷ୍ଟାର୍" ଓଡ଼ିଆଭାଷାବିରୋଧୀ ଆନ୍ଦୋଳନର ମୁଖପତ୍ର ଥିଲା । ଜନୈକ ଆଗନ୍ତୁକ ଜମିଦାର ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ଏ ପତ୍ରିକା ଦୁଇଟିର ସମ୍ପାଦକ ଥିଲେ । "କଟକ ଡିବେଟିଙ୍ଗ୍ ସୋସାଇଟୀ" ଓଡ଼ିଆଭାଷା ବିରୋଧୀ ଆନ୍ଦୋଳନର ରାଜନୈତିକ ମଞ୍ଚ ଥିଲା । କଟକ ହାଇସ୍କୁଲ ସହିତ ସେତେବେଳେ ଯୋଡ଼ା ଯାଇଥିବା ଆଇନଶ୍ରେଣୀର ଅଧ୍ୟାପକ ବାବୁ ରାଜକୃଷ୍ଣ ମୁଖୋପାଧ୍ୟାୟ ଓ ଅନ୍ୟଜଣେ ବଙ୍ଗୀୟ ଆଗନ୍ତୁକ ଉମାଚରଣ ହାଲଦାର ଏଥିରେ ମୁଖ୍ୟ

କାରପଟ୍‌ଦାର୍‌ ଥିଲେ । ସେମାନେ ଭାବ ସ୍ଥିର କଲେ ରାଜେନ୍ଦ୍ରଲାଲ ମିତ୍ରଙ୍କ ପରି ଜଣେ ସରକାରୀ ପଣ୍ଡିତ ଯଦି ଓଡ଼ିଆ ଭାଷାର ବିଲୋପ ସମ୍ପର୍କରେ ଗୋଟାଏ ପ୍ରାମାଣିକ ମତ କଟକରେ ପ୍ରକାଶ କରିଯାନ୍ତି, ତାହାହେଲେ ସେମାନଙ୍କ ପକ୍ଷରେ ତାହା ଅନୁକୂଳ ହେବ ଓ ଓଡ଼ିଆ ଭାଷାର ସମର୍ଥକ ମାନେ ତାଙ୍କର ପ୍ରତିବାଦ କରି ନପାରି ନୀରବ ହୋଇ ରହିବେ ।

ଏହି ଅଭିପ୍ରାୟରେ କଟକ-ଡ଼ିବେଟିଙ୍ଗ୍‌-ସୋସାଇଟୀରେ ଭାଷଣ ଦେବାପାଇଁ ପଣ୍ଡିତପ୍ରବର ରାଜେନ୍ଦ୍ରଲାଲ ମିତ୍ର ସେଦିନ ଆମନ୍ତ୍ରିତ ହୋଇ ଆସିଥିଲେ । ଏହା ପୂର୍ବରୁ "କଟକ ଷ୍ଟାର" ପତ୍ରିକା ଅଫିସରେ ତାଙ୍କ ବଡ଼ିବୋଲି କାନରେ ଯଥେଷ୍ଟ ମନ୍ତ୍ରଭେଦ କରିଯାଇଥିଲା । ରାଜେନ୍ଦ୍ର-ଲାଲ ଉକ୍ତ ସୋସାଇଟୀରେ ଭାଷଣ ପ୍ରସଙ୍ଗରେ କହିଥିଲେ···

"× × × ଦୁର୍ଭିକ୍ଷ କମିଶନରଙ୍କ ଗଣନାନୁସାରେ ଉତ୍କଳର ବର୍ତ୍ତମାନ ଲୋକସଂଖ୍ୟା କୋଡ଼ିଏ ଲକ୍ଷ ; ଏଥିରୁ ସ୍ତ୍ରୀ ବାଳକ ମିହ୍ନା ଦେଲେ ପ୍ରାୟ ଦଶ ବାର ଲକ୍ଷ ଲୋକେ ଲେଖାପଢ଼ା ଜାଣିବାର ସମ୍ଭବ । କିନ୍ତୁ ଏତିକି ଲୋକ କି ଗୋଟିଏ ସ୍ୱତନ୍ତ୍ର ଭାଷା ରଖି ପାରନ୍ତି ? ଅଳ୍ପ ଗ୍ରାହକ ଥିବାରୁ ଏଠାରେ କେହି ନୂତନ ପୁସ୍ତକ କରି କୃତକାର୍ଯ୍ୟ ହେବା ଅସମ୍ଭବ । ବଙ୍ଗ ଦେଶ ବହୁ ବିସ୍ତୃତ ଏବଂ ସେଠାର ଲୋକସଂଖ୍ୟା ଅଧିକ ବୋଲି ସେଠାରେ ଭାଷାର ଏତାଦୃଶ ଉନ୍ନତି ହୋଇଅଛି । ଯେବେ ଉତ୍କଳରେ ବଙ୍ଗଭାଷା ପ୍ରଚଳିତ ହୁଏ, ତେବେ ବଙ୍ଗଦେଶର ପୁସ୍ତକ ମାନ ଏଠାରେ ଚଳିବ ଏବଂ ଏଠା ଲୋକେ ଅନାୟାସରେ ଉତ୍ତମ ପୁସ୍ତକ ପାଇ ପାରିବେ ।"*

ରାଜେନ୍ଦ୍ରଲାଲଙ୍କ ଏ ଭାଷଣ ପରେ ଯେଉଁ ଓଡ଼ିଆ ଭାଷା-ବିଦ୍ୱେଷୀମାନେ ମୁହଁ ମାଡ଼ି ପଡ଼ି ରହିଥିଲେ, ସେମାନେ ହଠାତ ଚେତ ଉଠିଲେ । ଏହି ପ୍ରସଙ୍ଗରେ "ଉତ୍କଳ-ଦୀପିକା" ସ୍ତମ୍ଭରେ ଗୌରୀଶଙ୍କର ଏହାର ପ୍ରତିବାଦ କରି ଯାହା ଲେଖିଥିଲେ ; ସେଥିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭାବନା ଅତି କ୍ଷୀଣ ଓ ପରୋକ୍ଷ ଭାବରେ କିନ୍ତୁ ସର୍ବ-ପ୍ରଥମ ଥର ପାଇଁ ସୂଚିତ ହୋଇଥିଲା । ଗୌରୀଶଙ୍କର ଲେଖିଥିଲେ···

---

କର୍ମଯୋଗୀ ଗୌରୀଶଙ୍କର— ଲେଖକ ମୃତ୍ୟୁଞ୍ଜୟ ରଥ-ପୃ୪୦

"ଆମ୍ଭେମାନେ ଜ୍ଞାନ କରୁଥିଲୁ ଯେ ରାଜେନ୍ଦ୍ରବାବୁ ଉତ୍କଳକୁ ଆସି ଏଠାର ଅନେକ ବିଷୟ ଅବଗତ ହୋଇଅଛନ୍ତି ; କିନ୍ତୁ ଉପର୍ଯ୍ୟୁକ୍ତ କଥାମାନ ତାଙ୍କଠାରୁ ଶୁଣି ବିସ୍ମିତ ହେଲୁ । ବାସ୍ତବରେ ସେ ଆପଣା ଅନ୍ତର୍ଗତ ଭାବ ବ୍ୟକ୍ତ କଲେ କିମ୍ବା ସ୍ୱଦେଶାନୁରାଗୀ ହୋଇ ମିଥ୍ୟା କାରଣ ପ୍ରଦର୍ଶନ ପୂର୍ବକ ଆପଣା ମତ ସ୍ଥାପନ କରିବାକୁ ଚେଷ୍ଟା କଲେ ତାହା ସ୍ଥିର କରିବା କଠିନ ବୋଧ ହେଉଅଛି । ଯେତେବେଳେ ସେ ଉତ୍କଳର ଲୋକସଂଖ୍ୟା କହିଲେ, ସେ କଣ ଜାଣୁ ନଥିଲେ ଯେ, ଉକ୍ତ ଲୋକସଂଖ୍ୟା କେବଳ ମୋଗଲବନ୍ଦୀର ଅଟଇ ଓ ଉତ୍କଳଭାଷା ପ୍ରଚଳିତ ଥିବା ଦେଶର ଉତ୍ତରସୀମା ମେଦିନୀପୁର, ଦକ୍ଷିଣସୀମା ଗଞ୍ଜାମ ଏବଂ ପୂର୍ବ ପଶ୍ଚିମରେ ବଙ୍ଗ ଅଖାତ ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ବିସ୍ତୃତ ? × × × ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ ତାହାର ସେ ବିଷୟରେ କୌଣସି କଥା କହିବା ଅନୁଚିତ ଅଟଇ । ପ୍ରକୃତରେ ଦେଖାଯାଏ ଯେ ଉତ୍କଳ ଭାଷା ପ୍ରଚଳିତ ଥିବା ଭୂମିଖଣ୍ଡର ଆୟତନ ବଙ୍ଗଳା ପ୍ରଚଳିତ ଦେଶରୁ ଊଣା ନୁହଇ । ଅତଏବ ଉତ୍କଳଭାଷାର ଉନ୍ନତି ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । × × × ତେବେ ଉତ୍କଳଭାଷାର ଉନ୍ନତି ପକ୍ଷରେ କଣ ବ୍ୟାଘାତ ଅଛି ? ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ବର୍ତ୍ତମାନ ଉତ୍କଳଭାଷା "ତିନଥେଣ୍ଟିଆ ଜାକୁଡ଼ ବାଡ଼" ପ୍ରାପ୍ତ ହୁଆକୁ କ୍ଷତଗ୍ରସ୍ତ ହେଉଅଛି । ଏହାର ରକ୍ଷକ ତିନି ଗବର୍ଣମେଣ୍ଟ ହୋଇଅଛନ୍ତି । ଏକଭାଗ ମାନ୍ଦ୍ରାଜ ଗବର୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଏକ ଭାଗ ମଧ୍ୟପ୍ରଦେଶ ଗଭର୍ଣ-ମେଣ୍ଟଙ୍କ ହସ୍ତେ ପଡ଼ିବାରୁ ଏହାର ସବାଙ୍ଗ ସମାନ ରୂପେ ଗଠିତ ହେଉ ନାହିଁ । ଏକ ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଏ । କେଉଁ ନିୟମ ଭଲ ଅଥବା ମନ୍ଦ ଜାଣିବାର ଉପାୟ ନାହିଁ । ସୁତରାଂ ଉତ୍କଳଭାଷା ଦୁଇଘର କୁଣିଆ ହୋଇ ଉପବାସ ଶୋଉଅଛି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । × × × ନିତାନ୍ତ ପକ୍ଷରେ ଭିନ୍ନସ୍ଥାନର ଅବସ୍ଥା ଜାଣିବାର ଗୋଟିଏ ଉପାୟ ହେଉ ତାହାହେଲେ ଆମ୍ଭମାନଙ୍କ ଉଦ୍ଦେଶ୍ୟ ସାଧନ ହେବ ।"

ମଧୁସୂଦନ "ଉତ୍କଳ-ଦୀପିକା"ର ଏ ଅଗ୍ରଲେଖ କଲିକତାରେ ପଢ଼ି ଗୌରୀଶଙ୍କରଙ୍କୁ ଏକ ପତ୍ରରେ ଲେଖିଥିଲେ "ବେମାଲୁମ ଚଲାଇଛନ୍ତି ଠିକ୍ । କିନ୍ତୁ ପ୍ରତିକାର କଣ ?"

ତାହାର ଏକମାତ୍ର ପ୍ରତିକାର ସେତେବେଳେ ଥିଲା, ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ । ସେଥିପାଇଁ ସେକ୍ରେଟେରୀ ଅଫ୍-ଷ୍ଟେଟ୍ ସାର ଷ୍ଟାଫର୍ଡ ନର୍ଥକୋଟ୍ ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ଯଥେଷ୍ଟ ପୂର୍ବରୁ ତାହାର ସୂଚନା ଦେଇ ସାରିଥିଲେ । ମାତ୍ର ତାହାକୁ ପ୍ରତିଷ୍ଠିତ କରିବା ପାଇଁ ସେତେବେଳେ ଓଡ଼ିଶାରେ ରାଜନୈତିକ ନେତୃତ୍ୱର ଅଭାବ ରହିଥିଲା । ଲଣ୍ଡନ-ମିସନାରୀ ସୋସାଇଟୀ କଲେଜରେ ଏଫ୍.ଏ. ଶ୍ରେଣୀର ଛାତ୍ର ମଧୁସୂଦନ ବା ତାହାର କି କୂଳ କିନାରା ସେତେବେଳେ ପାଆନ୍ତେ ?

(ତିନି)

ଏଥର ମଧ୍ୟ ଓଡ଼ିଆଭାଷା ଆକ୍ରମଣର ହିଂସ୍ର ପଞ୍ଝାମୁରୁ ଆତ୍ମରକ୍ଷା କରି କୌଣସିମତେ ତିଷ୍ଠି ରହି ପାରିଥିଲା । କିନ୍ତୁ ଏହା ପରେ ପରେ ଓଡ଼ିଆଲିପି ଉପରେ ଆସି ପଡ଼ିଥିଲା ଆଉ ଏକ ବିପଦ । ସେତେବେଳେ ପ୍ରଚଳିତ ବିଭିନ୍ନ ଭାଷାରେ କୋର୍ଟ କଚେରୀରେ ସାକ୍ଷୀ ମାନଙ୍କ ଠାରୁ ନିଆଯାଉଥିବା ଜମାନବନ୍ଦୀ ପ୍ରଭୃତି ପଢିବାରେ ଇଂରେଜ ବିଚାରକର୍ତ୍ତା ଓ ମାଜିଷ୍ଟ୍ରେଟ୍ ମାନଙ୍କର ଅସୁବିଧା ହେଉଥିବାରୁ ବିଭିନ୍ନ ଭାରତୀୟ ଭାଷା ରୋମାନ୍ ଲିପିରେ ଲେଖିବା ପାଇଁ ଏକ ପ୍ରସ୍ତାବ ଉଠିଥିଲା । ସାର ଚାର୍ଲସ୍ ଟ୍ରେଭେଲିଆନ୍ ଓ ସାର୍ ହେନେରୀ ପ୍ରିନ୍ସେପ୍ ପ୍ରମୁଖ ବ୍ରିଟିଶ ରାଜନୀତିଜ୍ଞମାନେ ଏ ପ୍ରସ୍ତାବକୁ ସେତେବେଳେ ସ୍ୱାଗତ ଜଣାଇଥିଲେ । ବିଲାତର "ଟାଇମସ୍", "ଲଣ୍ଡନ ରିଭ୍ୟୁ" ଓ "ଗ୍ଲୋବ୍" ପ୍ରଭୃତି ପତ୍ରିକା ମାନଙ୍କରେ ମଧ୍ୟ ଏହା ଖୁବ୍ ସମର୍ଥିତ ହୋଇଥିଲା ।*

*୧୮୯୫ ସାଲରେ ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ ବିରୁଦ୍ଧରେ, "ଉତ୍କଳ ସଭା" ପକ୍ଷରୁ ମଧୁସୂଦନ ତତ୍‌କାଳୀନ ଭାଇସରୟ ଲର୍ଡ଼ ଏଲଗିନଙ୍କୁ ଯେଉଁ ସ୍ମାରକପତ୍ର ପଠାଇଥିଲେ ସେଥିରେ ଏହାର ସୂଚନା ରହିଅଛି:—

"30 That in order to facilitate the requirement of the Native dialect it was at one time proposed to substitute for the complicated oriental alphabets the Roman alphabets, but even this innovation, which involved a change was not authoritatively enforced though the change was proposed by statesmen like Sir Charles Trevelyan, and Sir Henry Prinsep and was supported by the Times, the London Review and the Globe."

ପରବର୍ତ୍ତୀ କାଳରେ ଏ ପ୍ରସ୍ତାବ ବର୍ଜିତ ହୋଇଥିଲେହେଁ ଓଡ଼ିଆଭାଷା ବିଲୋପ ପାଇଁ ବହୁ ଆନ୍ଦୋଳନ କରି ଯେଉଁମାନେ ହତାଶ ହୋଇ ରହିଥିଲେ; ଓଡ଼ିଆଭାଷା ଉପରେ ନୂତନ ଆକ୍ରମଣ ପାଇଁ ସେମାନେ ଏଥିରେ ଆଉ ଗୋଟିଏ ଅବକାଶ ପାଇଗଲେ ।

ଭାରତରେ ଏକ ବର୍ଣ୍ଣମାଳା ପ୍ରବର୍ତ୍ତନ ପ୍ରସ୍ତାବର ସୁଯୋଗରେ ବିହାରରେ ସେତେବେଳେ କାଇଥୀ ଲିପି ପରିବର୍ତ୍ତେ ଦେବନାଗରୀ ଲିପି ପ୍ରବର୍ତ୍ତନ ପାଇଁ ଏକ ପ୍ରସ୍ତାବ ଉଠିଥିଲା । ଏହି ସୁଯୋଗରେ ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବା ପାଇଁ ଓଡ଼ିଆ ଭାଷା ବିରୋଧୀ-ମାନେ ଆଉ ଗୋଟିଏ ଆନ୍ଦୋଳନ ଠିଆ କରାଇଦେଲେ । ଓଡ଼ିଆଭାଷା ବଙ୍ଗଳା ଲିପିରେ ଲେଖା ଚାଲିଲେ କାଳକ୍ରମେ ଏଇଥିରୁ ଓଡ଼ିଆ ପରିବର୍ତ୍ତେ ବଙ୍ଗଳାଭାଷା ପ୍ରଚଳନ ପାଇଁ ଆପେ ଆପେ ପଥ ପରିଷ୍କାର ହୋଇ-ଯିବ । "କଟକ ଷ୍ଟାର" ପତ୍ରିକାରେ ଏ ସମ୍ପର୍କରେ ଶ୍ରୀଯୁକ୍ତ ଉମାଚରଣ ହାଲ୍‌ଦାରଙ୍କର ଏକ ପତ୍ର ପ୍ରକାଶ ପାଇଥିଲା । ସେତେବେଳେ ଓଡ଼ିଆ ଲିପିର ଅସ୍ତିତ୍ୱ ରକ୍ଷା ପାଇଁ "ଉତ୍କଳ ଦୀପିକା" ସ୍ତମ୍ଭରେ ଗୌରୀଶଙ୍କର ଏହାର ପ୍ରତିବାଦ କରି ଲେଖିଥିଲେ···

"ହାଲଦାର ବାବୁଙ୍କୁ ଜଣେ ଉତ୍କଳର ହିତୈଷୀ ବୋଲିବାକୁ ହେବ, କାରଣ ଭିନ୍ନ ସ୍ଥାନର ଲୋକମାନଙ୍କ ମଧ୍ୟରେ ଉତ୍କଳ ଭାଷା ପ୍ରଚଳ କରାଇବା ପାଇଁ ସଦୁପାୟ ନିର୍ଣ୍ଣୟ କରିବାରେ ସେ ଯେତେ ପରିଶ୍ରମ ଓ କାଳବ୍ୟୟ କରି ଅଛନ୍ତି ତାହା ଉକ୍ତ ପତ୍ର ପ୍ରତି ଦୃଷ୍ଟି ଦେଲେ ପ୍ରତୀତ ହେବ । ଯୁକ୍ତିମାନ ମଧ୍ୟ ଅଲୌକିକ ଅଟଇ । ତନ୍ମଧ୍ୟରେ ପ୍ରଧାନ ଯୁକ୍ତି ଏହିକି ଯେବେ ବଙ୍ଗଳା କାଗଜ ବଙ୍ଗଳା କଲମ ଓ ସିହାଇରେ ଉତ୍କଳାକ୍ଷର ଲେଖା ହେଲା; ତେବେ ବଙ୍ଗଳା ଅକ୍ଷରରେ କିମ୍ପାଇଁ ଲେଖା ନହେବ ? ଅସ୍ମଦେଶୀୟ ପାଠକମାନେ ଯେବେ କାଗଜ, କଲମ ଓ ସିହାଇର ସୃଷ୍ଟି ବିଷୟ ନଜାଣନ୍ତି ତେବେ ସ୍ମରଣ ରଖନ୍ତୁ ଯେ, ଏ ସମସ୍ତ ବଙ୍ଗଳାରୁ ଜାତ ହୋଇଅଛି ! ଏଥିର ପ୍ରମାଣ ଖୋଜିବାକୁ ବିଶେଷ ବୁଦ୍ଧିର ଆବଶ୍ୟକ ନ ରଖେ । କାଗଜ କଲମ ପ୍ରଭୃତି ଶବ୍ଦ* ବାବୁଙ୍କ କଥା ସପ୍ରମାଣ କରିଛନ୍ତି । ଏହି ଗୋଟିଏ ଯୁକ୍ତି ହାରା ବାବୁ ଏତେ କଥା ସ୍ଥାପନ କରିବାକୁ ଚେଷ୍ଟା କରି ନାହାନ୍ତି । ତାଙ୍କର ଆଉ ଗୋଟିଏ ଯୁକ୍ତିର

* କାଗଜ, କଲମ ପ୍ରଭୃତି ଶବ୍ଦ ଆରବୀ ଭାଷାରୁ ଆହୃତ ।

କଥା ଶୁଣନ୍ତୁ । ଓଡ଼ିଆ ବଙ୍ଗଳା ଅକ୍ଷର ସବୁକୁ ବାବୁ ମନୋଯୋଗ ପୂର୍ବକ ପରୀକ୍ଷା ଓ ତୁଳନା କରି ଦେଖିଲେ ଯେ ବଙ୍ଗଳା ଅକ୍ଷର ବଡ଼ ଶୋଭା ପାଉଅଛି । ଅବା ଏଥିରେ ବିଚାର କଣ ? ଯାହା ପ୍ରିୟ ତାହାକୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲାକାର । ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧ ଗୋଲ । ଏହା ତାହାଙ୍କୁ ଗଜମୁକ୍ତାହାରରେ ହୀରକଖଚିତ ପଦକପ୍ରାୟ ବଡ଼ ଜାଜ୍ୱଲ୍ୟମାନ ଦିଶିଲା । ଅଥବା ବାବୁଙ୍କର ବୈଷ୍ଣବଭାବ ଉଦୟ ହେଉଥିବ ଯେ, ତ୍ରିଭଙ୍ଗ ରୂପ ଦେଖି ଗୋପକନ୍ୟାଙ୍କର କଥା ଅକସ୍ମାତ ମନରେ ପଡ଼ିଲାରୁ ପ୍ରେମରେ ପୂର୍ଣ୍ଣ ହୋଇଗଲେ । ଯେବେ ଏପରି କିଛି ନ ହୋଇଥିବ, ତେବେ ବାବୁ କାହିଁକି ଏହି ଦୁଇ ଅକ୍ଷରକୁ ଦେଖୁ ଦେଖୁ ବଙ୍ଗଳାକୁ ସୁନ୍ଦର ମନେ କରି ହଠାତ୍ ଚମକ ପଡ଼ି କହିଲେ, ଯେବେ ବଙ୍ଗଳା ଅକ୍ଷର ଏତେ ସୁନ୍ଦର ତେବେ ଓଡ଼ିଆ ଭାଷା କାହିଁକି ଏଥିରେ ଲେଖା ନହେବ । ବାବୁ ଯେ ଚମକି ଥିବେ ଏଥିରେ ସନ୍ଦେହ ନାହିଁ । କାରଣ ଆମ୍ଭେମାନେ ଶୁଣି ଚମତ୍କୃତ ହେଲୁ । ଶେଷରେ ବାବୁଙ୍କୁ ଏତିକି କହିବା ଆବଶ୍ୟକ ଯେ ଏକଥା ପାଇଁ ଏତେ ପତ୍ର ଲେଖି ମୁଣ୍ଡ ହାତକୁ କେଣ ଦେବାର ପ୍ରୟୋଜନ କଣ ଥିଲା ? ଦୁଇ ଚାରିଖଣ୍ଡ ଓଡ଼ିଆ ପୁସ୍ତକ ବଙ୍ଗଳା ଅକ୍ଷରରେ ଛପାଇ ଦେଲେ ତ ସବୁ ବୁଦ୍ଧି କାର୍ଯ୍ୟରେ ପ୍ରକାଶ ପାନ୍ତା !" *

ଗୌରୀଶଙ୍କରଙ୍କ ସମାଲୋଚନାର ଶାଣିତ ବ୍ୟଙ୍ଗ ଚଟୁଳ ପରିହାସ ଓ ଅକାଟ୍ୟ ଯୁକ୍ତି ହାଲ୍‌ଦାର ଗୋଷ୍ଠୀଙ୍କୁ ଯେ ଉପହସିତ ଅପଦସ୍ଥ ଓ ନୀରବ କରି ଦେଇଥିଲା; ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । "ଉତ୍କଳୋଲ୍ଲାସିନୀ ସଭା" ମଧ୍ୟ ଏ ପ୍ରସ୍ତାବର ପ୍ରତିବାଦ କରି ଗୋଟିଏ ନିର୍ଦ୍ଧାରଣ ଗ୍ରହଣ କରିଥିଲେ । ସେଥିରେ କୁହା ଯାଇଥିଲା...

"ବର୍ତ୍ତମାନ ବଙ୍ଗଭାଷାର ସତ୍ୟନାରାୟଣ ପାଲା, ଚୈତନ୍ୟ ଚରିତାମୃତ ଏବଂ ବୈଷ୍ଣବ ପଦାବଳୀ ପ୍ରଭୃତି ଏ ଦେଶୀୟ ଲୋକମାନେ ଉତ୍କଳାକ୍ଷରରେ ଲେଖି ପଢ଼ିବାରୁ ସେଥିରେ ବଙ୍ଗଭାଷାର ଯେଉଁ ଦୁର୍ଗତି ହୋଇଅଛି, ବଙ୍ଗାକ୍ଷରରେ ଲେଖା ହେଲେ ଉତ୍କଳ ଭାଷାର ଅନିଷ୍ଟ ଭିନ୍ନ ଉନ୍ନତିର କୌଣସି ଆଶା ନାହିଁ ।" †

* ଉତ୍କଳ-ଦୀପିକା—ତା ୧୦ । ୭ । ୧୮୭୧ ଖ୍ରୀ

† କର୍ମଯୋଗୀ ଗୌରୀଶଙ୍କର ପୃ ୪୭

ଏହି ସମୟରେ ଗୌରୀଶଙ୍କର "ଉତ୍କଳ-ଦୀପିକା" ପତ୍ରରେ ଛଦ୍ମନାମରେ ଗୋଟିଏ ପଦ୍ୟ ଲେଖି, ହାଲ୍‌ଦାର୍ ଗୋଷ୍ଠୀଙ୍କୁ ସେଥିରେ ଆଉରି ପ୍ରଚ୍ଛନ୍ନ ଉପହସିତ କରାଇଥିଲେ —

"ସଙ୍ଗୀତ କି ଶୁଣିଲ ଆଚମ୍ବିତ। କାହ୍ନି ଏଥୁଁ ବଳି ଆଚମ୍ବିତରେ
ଓଡ଼ିଆ ପାଇଁକି ଯାହାଙ୍କ ପଞ୍ଜିଆ କରମ ବଟିଯା ହେଲା,
ବଣା କଲା ତାଙ୍କୁ ଓଡ଼ିଆ ଅକ୍ଷର ଭାଷା ଅଣ୍ଡୁଆ ଲାଗିଲା ରେ ।୧
ଶିଖି ନାନା ଜ୍ଞାନ ବୋଲନ୍ତି ସୁଜାଣ ବୃଦ୍ଧି ହୋଇଛି କବାଡ
ଏକ ହଟ ହଟା ଅକ୍ଷର କେତେଟା ମଣୁଛନ୍ତି କଣ୍ଟା ବାଡରେ ।୨
ଠାଣପଣେ ଜଣେ ସିଦ୍ଧାଣରୁ ଭଣ୍ଡ ସତନେ ପିଦ୍ଧାଣ ଫେଡ଼ି
ବଙ୍ଗଳା ଅକ୍ଷରେ ଓଡ଼ିଆ ଲେଖିବା ବିଧିକି ଦେଇଛି ଭଡିରେ ।୩
ପାଇ ଏ ବିଧାନ ଭଟ୍ଟଙ୍କ ପ୍ରଧାନ (ଅଧ୍ୟାପକ) କରୁଛନ୍ତି ଯେତେ
ନାଟ
ତା ଦେଖି ମୁଁ ଭାଳେଁ ପରଚଳୁ ଦେଲେ କଣାଙ୍କୁ ଦକ୍ଷିଣ ବାଟରେ ।୪

ହାଲ୍‌ଦାର୍ ଗୋଷ୍ଠୀ ଏଥିରେ ନୀରବ, ନିରସ୍ତ ହୋଇ ରହିବାର ପାତ୍ର ନଥିଲେ । ଓଡ଼ିଆ ଲିପିରକ୍ଷା ପାଇଁ "ଉତ୍କଳ ଦୀପିକା"ର ପ୍ରତ୍ୟକ୍ଷ ଆକ୍ରମଣର ଉତ୍ତରରେ "ଉତ୍କଳ ହିତୈଷିଣୀ"ରେ ଆରମ୍ଭ ହୋଇଗଲା ପ୍ରତ୍ୟାକ୍ରମଣ । ଏ ମସି ଯୁଦ୍ଧରେ "ଉତ୍କଳ ଦୀପିକା" ସାଙ୍ଗକୁ ବାଲେଶ୍ୱରରୁ ପ୍ରକାଶିତ "ସମ୍ବାଦ ବାହିକା"ରେ ଫକୀରମୋହନ ସେନାପତିଙ୍କ ବ୍ୟଙ୍ଗଧର୍ମୀ ଲେଖମା ଓଡ଼ିଆ ଭାଷା ଓ ଲିପିରକ୍ଷା ପାଇଁ ବଙ୍ଗୀୟ ପ୍ରତିପକ୍ଷ ମାନଙ୍କୁ ଯଥେଷ୍ଟ କ୍ଷତାକ୍ତ କରି ଦେଇଥିଲା । "ଉତ୍କଳୋଲ୍ଲାସିନୀ ସଭା"ରେ ଓଡ଼ିଆ ଭାଷା ଓ ଲିପିର ସ୍ୱତନ୍ତ୍ରରକ୍ଷା ପାଇଁ ଧାରାବାହିକ ଆନ୍ଦୋଳନର ପ୍ରତିକ୍ରିୟା ରୂପେ "କଟକ ଡିବେଟିଙ୍ଗ୍ ସୋସାଇଟୀ"ରେ ଆରମ୍ଭ ହୋଇଗଲା ଓଡ଼ିଆ ଭାଷା ଓ ଲିପିକୁ ଉଚ୍ଛେଦ କରି ବଙ୍ଗଳା ଭାଷା ଓ ଲିପି ପ୍ରବର୍ତ୍ତନର ଦାବୀ । ଓଡ଼ିଶାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ ବିଦ୍ୱେଷ ଏପ୍ରକାର ପରିସ୍ଥିତିରେ ଅତ୍ୟନ୍ତ ଉତ୍କଟ ହୋଇ ଉଠିଲା ।

କିନ୍ତୁ ସବୁ ଆଗନ୍ତୁକ ବଙ୍ଗାଳୀ ଯେ ହାଲ୍‌ଦାର୍ ଗୋଷ୍ଠୀର ମନୋଭାବାପନ୍ନ ଥିଲେ ତାହା ନୁହେଁ । ସେମାନଙ୍କ ମଧ୍ୟରୁ ଅନେକେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଯଥେଷ୍ଟ ସମ୍ଭ୍ରମଶୀଳ ଥିଲେ । ରଙ୍ଗଲାଲ

ବନ୍ଦୋପାଧ୍ୟାୟ କଟକରେ ଡେପୁଟୀ ମାଜିଷ୍ଟ୍ରେଟ୍ ଥିବା ବେଳେ, ଓଡ଼ିଆ
ସାହିତ୍ୟ ସହିତ ଘନିଷ୍ଠ ପରିଚୟର ସୁଯୋଗ ପାଇଥିଲେ । ୧୭ ଶ
ଶତାବ୍ଦୀର ଓଡ଼ିଆ କବି ପୁରୁଷୋତ୍ତମ ଦାସଙ୍କ "କାଞ୍ଚିକାବେରୀ" କାବ୍ୟ
ଦ୍ୱାରା ଅନୁପ୍ରେରିତ ହୋଇ ସେ ବଙ୍ଗଳାରେ "କାଞ୍ଚିକାବେରୀ" ନାମରେ
ଖଣ୍ଡେ କାବ୍ୟ ସୁଦ୍ଧା ଲେଖିଥିଲେ । ଓଡ଼ିଶାରେ ଓଡ଼ିଆଭାଷା ଯେବେ
ଦୁଇ ଭାଷାଭାଷୀ ସମ୍ପ୍ରଦାୟ ମଧ୍ୟରେ ଏ ପ୍ରକାର ଉତ୍କଟ ତିକ୍ତତା ଲାଗି
ରହିଥିବା ବେଳେ ରଙ୍ଗଲାଲ ହୁଗୁଳୀ ଠାରୁ "ଉତ୍କଳ—ଦୀପିକା"ରେ
ପ୍ରକାଶିତ ଏକ ପତ୍ରରେ ଲିପି ବିବାଦ ସମ୍ପର୍କରେ ଲେଖିଥିଲେ···

"ଯଦିଚ ଏକ ଜାତି ହେବାରୁ ଏକ ଭାଷା ଓ ଏକ ବର୍ଣ୍ଣମାଳା
ପ୍ରଚଳିତ କରିବା କର୍ତ୍ତବ୍ୟ ବୋଧହୁଏ; ତେବେ ଆମ୍ଭମାନଙ୍କ ଆଦିଭାଷା
ସଂସ୍କୃତ ଏବଂ ଆଦି ବର୍ଣ୍ଣମାଳା ସର୍ବଦେଶରେ ପ୍ରଚଳିତ କରିବା
ବିଧେୟ ।"

ସୁପଣ୍ଡିତ ରଙ୍ଗଲାଲ ବାନାର୍ଜିଙ୍କ ଏପରି ଅଭିମତ ସତ୍ତ୍ୱେ ଆଗନ୍ତୁକ
ମାନେ ଓଡ଼ିଆ ଭାଷା-ବିଲୋପ ଉଦ୍ୟମରୁ ବିରତ ନ ରହି, ଅବଶେଷରେ
ଶାଠ୍ୟର ଆଶ୍ରୟ ଗ୍ରହଣ କରିଥିଲେ । କେତେକ ଓଡ଼ିଆଙ୍କ ସ୍ୱାକ୍ଷର ସଂଗ୍ରହ
କରି ଓଡ଼ିଆ-ଭାଷା ବିଲୋପ ପାଇଁ କଲିକତାର "ଇଣ୍ଡିଆନ୍ ମିରର୍"
ସମ୍ବାଦପତ୍ରକୁ ସେମାନେ ଏକ ଲେଖା ପଠାଇଦେଲେ । ମାତ୍ର ସେପରି
ଶାଠ୍ୟ ସୁଦ୍ଧା ଫଳପ୍ରଦ ହୋଇ ପାରି ନଥିଲା । ଓଡ଼ିଆ ଭାଷା ଓ ଲିପି ଅବ-
ଶେଷରେ ଏ ଆକ୍ରମଣରୁ ବର୍ତ୍ତି ରହିଲା । ଓଡ଼ିଶାର କମିସନର୍ ରେଭେନ୍ସା
ଙ୍କର ଏଥିରେ ଏକ ବିଶିଷ୍ଟ ଭୂମିକା ରହିଥିଲା । ବସ୍ତୁତଃ ଓଡ଼ିଆ
ଭାଷା ଓ ଲିପି ପ୍ରତି ତାଙ୍କର ବଳିଷ୍ଠ ସମର୍ଥନ ନଥିଲେ ପରିସ୍ଥିତି ଯେ
ଭିନ୍ନ ଆକାର ଧରି ନଥାନ୍ତା ତାହା ଅସ୍ୱୀକାର କରାଯାଇ ନପାରେ ।

ଏ ଆନ୍ଦୋଳନ ନୀରବ ହେବା ପରେ ଓଡ଼ିଆ ପାଠ୍ୟ ପୁସ୍ତକ
ରଚନାରେ ଓଡ଼ିଆ ଜାତିର ସବୁ ଶକ୍ତି ଓ ସାମର୍ଥ୍ୟ ଯେପରି
କି କେନ୍ଦ୍ରୀଭୂତ ହୋଇ ପଡ଼ିଥିଲା । ସେତେବେଳେ ମଧୁସୂଦନ
ଗୌରୀଶଙ୍କରଙ୍କୁ ଏକ ପତ୍ରରେ ଲେଖିଥିଲେ ··· "ଓଡ଼ିଶାରେ ଓଡ଼ିଆ
ଭାଷା ଓ ଲିପି ଆବହମାନ କାଳରୁ ଥିଲା । ଏବେ ମଧ୍ୟ ରହିଲା । କିନ୍ତୁ
ଏହା ପରେ କଣ ?"

କିନ୍ତୁ ଗୌରୀଶଙ୍କରଙ୍କ ବିବେଚନାରେ ମଧୁସୂଦନ କଲି-କତାରେ ଥାଇ ବଙ୍ଗାଳୀ ହୋଇ ଯାଇଥିଲେ । ଅର୍ଥାତ୍ ସେ ଓଡ଼ିଆ ଥିବା ପରି ତାଙ୍କୁ ପ୍ରତୀତ ହେଉ ନଥିଲା । ଗୌରୀଶଙ୍କର ଉତ୍ତରରେ ଲେଖି-ଥିଲେ···“ଓଡ଼ିଆରେ କିଛି କିଛି ପାଠ୍ୟ ପୁସ୍ତକ ଲେଖ।” ଏହାର ପ୍ରଚ୍ଛନ୍ନ ବ୍ୟଙ୍ଗ, ମଧୁସୂଦନ ବେଶ୍ ଧରି ପାରିଥିଲେ ।

## ( ଚାରି )

ଭାଷା ବିବାଦର ଉତ୍ତେଜନା ଓ ତିକ୍ତତା ଧୀରେ ଧୀରେ ଊଣା ପଡ଼ି ଆସୁଥିବା ବେଳେ ଏକ ଧୂମକେତୁ ପରି ବାଲେଶ୍ୱର ଜିଲ୍ଲା ସ୍କୁଲରେ ହଠାତ୍ ଆବିର୍ଭୂତ ହେଲେ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ଏହାଙ୍କ ଉର୍ବର ମସ୍ତିଷ୍କରୁ ବାହାରି ଥିଲା “ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ” ସନ୍ଦର୍ଭ । ନଅଙ୍କ ଦୁର୍ଭିକ୍ଷ ପୂର୍ବରୁ ସୁଦ୍ଧା ବାଲେଶ୍ୱରରେ ଭାଷା-ବିବାଦ ନିଆଁ କୁହୁଳିବା ପରି କୁହୁଳି କୁହୁଳି ରହିଥିଲା । ଭଟ୍ଟାଚାର୍ଯ୍ୟଙ୍କ ଆଗମନ ସେଥିରେ ଯେପରି ଇନ୍ଧନ ସଂଯୋଗ କରିଥିଲା । ଫକୀରମୋହନ ଏହାଙ୍କ ସମ୍ପର୍କରେ ତାଙ୍କ “ଆତ୍ମଚରିତ”ରେ ଲେଖିଛନ୍ତି :

> “ନନ୍ଦ ଆପଣେ ପେନସନ୍ ନେବାରୁ ତାହାଙ୍କ ପଦରେ ବଙ୍ଗଦେଶବାସୀ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନିଯୁକ୍ତ ହୋଇ ଆସିଲେ । ବୋଧକରୁ ସେ ମନରେ କରି ଆସିଥିଲେ ଯେ ଓଡ଼ିଆଙ୍କୁ ପଢ଼ାଇବା ତାହାଙ୍କ ପକ୍ଷରେ ଅସହଜ ହେବନାହିଁ । ଭଟ୍ଟାଚାର୍ଯ୍ୟ ଚାରି ଛ’ମାସ ପରିଶ୍ରମ କରି ସ୍କୁଲର ସମସ୍ତ ଓଡ଼ିଆ ଭାଷା ପାଠ୍ୟ ପୁସ୍ତକ ଗୁଡ଼ିକ ପଢ଼ି ପକାଇଲେ । ହେଲେ କଣ ମୂଳ କଥାଟାରେ ରହିଲା ବଖେଡ଼ା । ଖୁବ୍ ଚେଷ୍ଟାକରି ମଧ୍ୟ ଓଡ଼ିଆ କଥାଟି କହି ପାରିଲେ ନାହିଁ, ଆଉ “ଙ” ଓ ‘ଳ” ଉଚ୍ଚାରଣ କରିବା ତାହାଙ୍କ ପକ୍ଷରେ ନିତାନ୍ତ ଅସାଧ ହୋଇ ପଡ଼ିଲା । ଭଟ୍ଟାଚାର୍ଯ୍ୟଙ୍କ ବୟସ ସେ ସମୟରେ “ପଞ୍ଚାଶତଂ ବନଂ ବ୍ରଜେତ୍” ପ୍ରାୟ । ବୃଦ୍ଧ କାଠୁଆ ଜିଭରେ ଅନଭ୍ୟସ୍ତ ଅକ୍ଷର ଉଚ୍ଚାରଣ କରିବା କଣ ସହଜ କଥା ? “ଳ” କୁ ଉଚ୍ଚାରଣ କରନ୍ତି “ଡ଼” ଓ “ଣ”କୁ ଉଚ୍ଚାରଣ କରନ୍ତି “ନୋ” । ଯଥା “ହେ ବାଡ଼କ ଗଟନା”—

ତାଙ୍କ କଥା ଶୁଣି ଶ୍ରେଣୀ ଯାକ ଛାତ୍ର ଠୋ ଠୋ କରି ହସି ପକାନ୍ତି । ଏପରି ଅପମାନ ଏତେ ବଡ଼ ପଣ୍ଡିତଙ୍କ ଦେହ କେତେକେ ସହେ ? କାମ ଅଟକିଲେ ବୁଦ୍ଧି ବାହାରେ । ଦିନେ ଭଟ୍ଟାଚାର୍ଯ୍ୟ ସ୍କୁଲକୁ ଆସି ପିଲାମାନଙ୍କ ଆଗରେ କହି ପକାଇଲେ –

"ଆରେ ଉଡ଼ିଆଟା ସ୍ୱତନ୍ତ୍ର ଭାଷା ନୁହେଁ । ବାଙ୍ଗଲାର ବିକୃତ ମାତ୍ର । ଉଡ଼େ ପଢ଼ିବାର ଆଉ ଦରକାର ନାହିଁ ।" "ଉଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ" ଲୁଚ୍ଚା ମୁହଁରେ କହିଲେ ତ ହେବ ନାହିଁ । ପ୍ରମାଣ କରିବାକୁ ହେବ । ପଣ୍ଡିତେ ଖଣ୍ଡେ ଗ୍ରନ୍ଥରଚନା କରିବାକୁ ବସିଗଲେ । ନାମ ହେଲା "ଉଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ" ।"

କାନ୍ତିଚନ୍ଦ୍ରଙ୍କ ଏ ଭୁଇଁଫୋଡ଼୍ ଭାଷାତତ୍ତ୍ୱ ସେତେବେଳେ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ସାଧାରଣ ଜନସମାଜରେ ବେଶ୍ ଗୋଟାଏ ଆନ୍ଦୋଳନ ସୃଷ୍ଟି କରିଥିଲା । ଓଡ଼ିଆ ଭାଷା-ବିଦ୍ୱେଷୀମାନେ ତାହାର ଭାଷାତତ୍ତ୍ୱରେ ଚମତ୍କୃତ ହୋଇଥିଲେ, ପୁଣି ମାର୍ଟିନଙ୍କ ପରି ଶିକ୍ଷା-ବିଭାଗର ଅଧିକର୍ତ୍ତା ମାନେ ପଣ୍ଡିତଙ୍କ ପାଣ୍ଡିତ୍ୟ ଦେଖି ଓଡ଼ିଆ ଭାଷା ସମ୍ପର୍କରେ ଯଥେଷ୍ଟ ସନ୍ଦିହାନ ମଧ୍ୟ ହୋଇଥିଲେ । କାଳର ଆବର୍ଜନା ସ୍ତୂପରେ ବହୁ ତଥାକଥିତ ଇତିହାସର ବିଲୁପ୍ତ ହୋଇଥିବା ପରି, କାନ୍ତି-ଚନ୍ଦ୍ରଙ୍କ ଇତିହାସର ଆଜି ବିସ୍ମୃତ ଓ ବିଲୁପ୍ତ ହୋଇଅଛି । "ଉତ୍କଳ ଦୀପିକା"ରେ ଏହାର ସମାଲୋଚନାରୁ କାନ୍ତିଚନ୍ଦ୍ରଙ୍କ ସନ୍ଦର୍ଭର କେତେକ ସୂଚନା ମିଳିଥାଏ । ଗୌରୀଶଙ୍କର "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ"ର ସମାଲୋଚନା ପ୍ରସଙ୍ଗରେ "ଉତ୍କଳ-ଦୀପିକା"ରେ ଲେଖିଥିଲେ:

"× × ଏଥିରେ ଗ୍ରନ୍ଥକର୍ତ୍ତା ସ୍ୱଜାତିର ଗୋଟିଏ ଲକ୍ଷଣ ଅର୍ଥାତ୍ "ହୁଙ୍କୁଟେ ବାଙ୍ଗାଲ" ଯେଉଁ ପ୍ରବାଦ ଅଛି ତାହା ସାର୍ଥକ କରି ଅଛନ୍ତି । × × କେବଳ ସୌସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲି ଯାଇପାରେ ତେବେ କେହି ଓଡ଼ିଆରୁ ହିନ୍ଦୀ ବା ବଙ୍ଗଳା ବାହାରି ଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ଲୁଚ୍ଚାକୁ ଏତେ ଅହଙ୍କାର କରନ୍ତି ନାହିଁ । ଅଥଚ ବିଚାର କଲେ ଏହାଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି ।

ଓଡ଼ଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ଶାକୁ ଜୟ କରିଥିବାର ଶୁଣା ନାହିଁ । ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ଶାର ପୂର୍ବ-କାଳୀୟ ଲୋକ ବଙ୍ଗଳାର ଶ୍ରେଷ୍ଠ ଥିବା ପ୍ରତ୍ୟକ୍ଷ ଭାଷା ନିମିତ୍ତ ଅନ୍ୟଠାରେ ଋଣୀ ହୋଇଥିଲେ, ଏହା କଦାଚ ସମ୍ଭବ ନୁହେଁ । ବରଂ ଓଡ଼ଶାର ଭାଷା-କେତେକ ବଙ୍ଗଳାରେ ଚଳିବାର ଅନୁମାନସିଦ୍ଧ ଅଟେ ଓ ଗ୍ରନ୍ଥକର୍ତ୍ତା ମେଦିନୀପୁର ଓଲବାଡ଼ୟା ପ୍ରଭୃତି ସ୍ଥାନର କେତେକ କଥା ସଙ୍ଗେ ଓଡ଼ିଆ ଭାଷା ତୁଲ୍ୟ ଥିବାର ଯାହା ଲେଖନ୍ତି ସେଥିରୁ ଉକ୍ତ ପ୍ରକାର ଅନୁମାନ ବାସ୍ତବ ଥିବାର ଦେଖାଯାଏ । ବିଶେଷରେ ଓଡ଼ିଆରେ ଯେତେ ପ୍ରାଚୀନ ଗ୍ରନ୍ଥ ଅଛି ବଙ୍ଗଳାରେ ତେତେ ନାହିଁ । ମାଗି ଆଣିବା ଭଉଣରେ କି କୁଟୁମ୍ବ ପୋଷା ଯାଏ ?"

ଶିକ୍ଷାବିଭାଗର ଇନସ୍‌ପେକ୍‌ଟର ଓ ବଙ୍ଗଳାର ଜଣେ ବିଶିଷ୍ଟ ପଣ୍ଡିତ ଭୂଦେବଚନ୍ଦ୍ର ମୁଖୋପାଧ୍ୟାୟ ସେତେବେଳେ କଲିକତାର ଏଜୁକେଶନ ଗେଜେଟର ସମ୍ପାଦକ ଥିଲେ । କାନ୍ତି ଭଟ୍ଟାଚାର୍ଯ୍ୟ ବଡ଼ ଆଶାରେ ତାଙ୍କର ଏ ଭୁଇଁଫୋଡ଼ ସନ୍ଦର୍ଭଟିକୁ ଭୂଦେବ ବାବୁଙ୍କ ନିକଟକୁ ସମାଲୋଚନା ପାଇଁ ପଠାଇ ଦେଇଥିଲେ । ଏଡୁକେଶନ ଗେଜେଟରେ ଭୂଦେବବାବୁଙ୍କ କଲମରୁ ଯଦି ଭଟ୍ଟାଚାର୍ଯ୍ୟଙ୍କ ସନ୍ଦର୍ଭ ପ୍ରଶଂସିତ ହୋଇପାରେ, ତାହାହେଲେ ସନ୍ଦର୍ଭର ଗୋଟିଏ ପ୍ରାମାଣିକତା ଆସିଯିବ ଓ ସେଥିପ୍ରତି ଶିକ୍ଷାବିଭାଗର ଦୃଷ୍ଟି ମଧ୍ୟ ଆକୃଷ୍ଟ ହେବ । ତେଣିକି ଲେଫଟନେଣ୍ଟ ଗଭର୍ଣ୍ଣରର କାର୍ମିଚେଲ୍‌ଙ୍କ ଟୁଁ କରିପାରିବେ ନାହିଁ । ମାତ୍ର ଭୂଦେବ ଚନ୍ଦ୍ର ମୁଖୋପାଧ୍ୟାୟ, କାନ୍ତି ଚନ୍ଦ୍ରଙ୍କ ପରି ଭୁଷ୍‌ପଣ୍ଡିତ ନଥିଲେ । ଯୁକ୍ତିସମ୍ମତ ତଥ୍ୟଭିତ୍ତିକ ଭାଷାତତ୍ତ୍ୱ ଦୃଷ୍ଟିରୁ ଆଲୋଚନା କରି ସେ ଲେଖିଲେ······

"× × × ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ । ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ ଏକ ପ୍ରସୂତିର ଭିନ୍ନ ଭିନ୍ନ ସନ୍ତତି ମାତ୍ର । ମୂଳ ବୃକ୍ଷ କାଳ ସହକାରେ ଲୋପ ପାଇଅଛି । ଶାଖାମାନ ଆପଣା ଆପଣା ଶକ୍ତି ପ୍ରଭାବରେ ପରସ୍ପର

ନିରପେକ୍ଷ ହୋଇ ପ୍ରାଣଧାରଣ କରୁଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ଶରୀରରେ ପରିଣତ କରିବାକୁ ଚେଷ୍ଟା କଲେ ବ୍ୟର୍ଥ ପ୍ରଯନ୍ନ ହେବେ । ଯେ ଜାବସ୍ରୋତ ଦ୍ୱିଧା ହୋଇ ପ୍ରବାହିତ ହେଉଅଛି, ତାହା ଆଉ ମିଳିବାର ନୁହେଁ, ସେ ମିଳିବାର ସମୟ ଯାଇଅଛି । ଯେବେ ବଙ୍ଗଳା ଓ ଓଡ଼ିଆ ମିଳିଯିବାର ହୋଇଥାନ୍ତା, ଏମାନଙ୍କ ଶୈଶବାବସ୍ଥାରେ ସେ ମେଳ ଘଟିଥାନ୍ତା । ବର୍ତ୍ତମାନ ଏ ଦୁହେଁ ସମଧିକ ପରିପୁଷ୍ଟ ଓ ସ୍ୱାଧୀନ ଭାବରେ ପ୍ରାଣଧାରଣର ଉପଯୋଗୀ ଅଙ୍ଗପ୍ରତ୍ୟଙ୍ଗରେ ଭୂଷିତ ହୋଇ ଅଛନ୍ତି । ଏତେବେଳେ ଏମାନଙ୍କ ମଧ୍ୟରେ କାହାରିକୁ ବଳପୂର୍ବକ ଅଦାଲତ ଏବଂ ବିଦ୍ୟାଳୟ ସମ୍ବନ୍ଧରୁ ଦୂରୀଭୂତ କଲେ ଲୋପ ପାଇବ ନାହିଁ; ପ୍ରତ୍ୟୁତ ଅଦାଲତ ଓ ବିଦ୍ୟାଳୟରେ ବଳପ୍ରଚଳିତ ଭାଷାର ଅବନତି ହେବ । ଆମ୍ଭେମାନେ ଆସାମର ଅଦାଲତରେ ପ୍ରଚଳିତ ବଙ୍ଗଭାଷା ଦେଖିଅଛୁ । ଓଡ଼ିଶାର ଅଦାଲତରେ ପ୍ରଚଳିତ ବଙ୍ଗଭାଷା ମଧ୍ୟ ଦେଖିଅଛୁଁ × × × ଯେବେ ଆମ୍ଭେମାନେ କଟକରେ ଯାଇଁ ରାଜା ହୋଇ ପାରନ୍ତୁ, ତାହାହେଲେ ସମୟରେ ଓଡ଼ିଶାରେ ବଙ୍ଗଭାଷା ଚଳି ପାରିବାର ସମ୍ଭାବନା ଥିଲା ଏବଂ ସେଥି ନିମନ୍ତେ ଆମ୍ଭମାନଙ୍କୁ ଓଡ଼ିଶାଦେଶୀୟ ଅଦାଲତ ଓ ବିଦ୍ୟାଳୟର ଭାଷା ବଳପୂର୍ବକ ପରିବର୍ତ୍ତିତ କରିବାକୁ ପଡ଼ନ୍ତା ନାହିଁ ।"*

କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପରି କେତେକ ଆଗନ୍ତୁକ ଓଡ଼ିଶାରେ ନିଜକୁ ରାଜଶକ୍ତିର ପୃଷ୍ଠପୋଷକ ରୂପେ ବିବେଚନା କରି ସେଇ ଭାସରେ ଚର୍ଚ୍ଚିତ ଥିବାରୁ ନିଜ ଭାଷାକୁ ଜୋର ଜବରଦସ୍ତ ଓଡ଼ିଶାରେ ଚଳାଇବା ପାଇଁ ଚେଷ୍ଟିତ ଥିଲେ । ମାତ୍ର ଗୌରୀଶଙ୍କର ପ୍ରମୁଖଙ୍କ ପ୍ରବଳ ମସୀଯୁଦ୍ଧରେ ସେ ଷଡ଼ଯନ୍ତ୍ର ବାରମ୍ବାର ବିନଷ୍ଟ ହୋଇଥିଲା । କିନ୍ତୁ ଓଡ଼ିଶା ପରି ଏକ ପ୍ରାଚୀନ ଐତିହ୍ୟସମ୍ପନ୍ନ ଭାଷା ଓ ସାହିତ୍ୟର ବିଲୋପ ପ୍ରଚେଷ୍ଟା ଯେ ନିତାନ୍ତ ନିନ୍ଦନୀୟ ଥିଲା ତାହା ଉଲ୍ଲେଖ କରି କଲିକତାର ସାହେବୀ ପତ୍ରିକା "କଲିକତା ରିଭ୍ୟୁ" ମଧ୍ୟ ଲେଖିଥିଲେ······"× × × ଓଡ଼ିଶା ଲୋକଙ୍କୁ ବଳପୂର୍ବକ ବଙ୍ଗଳା ଶିକ୍ଷା ଦେଲେ ଏ ଗଭର୍ଣ୍ଣମେଣ୍ଟ ସେହିପରି ଅନ୍ୟାୟ କରିଥାନ୍ତେ, ଯେପରିକ ପ୍ରସିଆ ଗଭର୍ଣ୍ଣମେଣ୍ଟ ଉପର ଜର୍ମଭାଷା ହୋଲଷ୍ଟିନ୍‌ରେ ପ୍ରଚୁର ବିଷୟରେ ଅନ୍ୟାୟାଚରଣ କରିଥିଲେ ।" †

* ଉତ୍କଳ-ଦୀପିକା ତା ୩୦।୪।୧୮୭୦ରିଖ ।

† କର୍ମଯୋଗୀ ଗୌରୀଶଙ୍କର ପୃ ୬୮ ।

ଅବଶେଷରେ ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ମୁଷ୍ଟିମେୟ ଆଗନ୍ତୁକ ଓ ସରକାରୀ କର୍ମଚାରୀଙ୍କ ସବୁ ଷଡ଼ଯନ୍ତ୍ରରେ ଗୋଟିଏ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଓଡ଼ିଶାର ଶିକ୍ଷା ବିଭାଗରେ ସେ ପର୍ଯ୍ୟନ୍ତ ଅଣଓଡ଼ିଆ କର୍ମକର୍ତ୍ତାମାନେ ଅବସ୍ଥାପିତ ଥିବାରୁ ଓଡ଼ିଆଭାଷାର ପ୍ରସାର ବାଧାଗ୍ରସ୍ତ ହେଉଥିଲା । ସେମାନେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ପ୍ରତି ହିଁ ପକ୍ଷପାତିତ୍ୱ ପ୍ରଦର୍ଶନ କରୁଥିଲେ ବେଶୀ । ସେଥିପାଇଁ ୧୮୭୩ ସାଲରେ ଶିକ୍ଷା ବିଭାଗର ଜଏଣ୍ଟ ଇନସ୍‌ପେକ୍ଟର୍ ରୂପେ ନିଯୁକ୍ତ ହୋଇଥିଲେ ନନ୍ଦକିଶୋର ଦାସ । ବାଲେଶ୍ୱର ଜିଲ୍ଲାର ଓଡ଼ିଆ ବିଦେଷୀ ଡେପୁଟୀ ଇନସ୍‌ପେକ୍ଟର ଶିବଦାସ ଭଟ୍ଟାଚାର୍ଯ୍ୟ ବାଲେଶ୍ୱରରୁ ଅପସାରିତ ହେବାପରେ ତାଙ୍କ ସ୍ଥାନରେ ରାଧାନାଥ ରାୟ (ପରବର୍ତ୍ତୀ କାଳରେ କବିବର) ନିଯୁକ୍ତ ହୋଇଥିଲେ ଡେପୁଟୀ ଇନସ୍‌ପେକ୍ଟର ପଦରେ ।

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ରାଜନୀତିର ଏହାହିଁ ଥିଲା ପ୍ରଥମ ଅଧ୍ୟାୟ । ଗୌରୀଶଙ୍କର ଥିଲେ ଏ ପର୍ଯ୍ୟାୟର ଅବିସମ୍ବାଦିତ ନେତା । ଫକୀରମୋହନ ଏହା ସ୍ୱୀକାର କରି "ଆତ୍ମଚରିତ"ରେ ଲେଖିଛନ୍ତି......

"ବାବୁ ଗୌରୀଶଙ୍କର ରାୟଙ୍କ ଉଦ୍ଦେଶ୍ୟରେ ଶତ ସହସ୍ର ପ୍ରଣିପାତ କରୁଅାଉଁ । ସେ ଉତ୍କଳ-ଦୀପିକାରେ ଉତ୍କଳ ଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କରୁଥାନ୍ତି । ଆମ୍ଭେମାନେ ବାଲେଶ୍ୱର-ବାସୀ ଶୁଣୁଥାଉଁ । ଅାମ୍ଭମାନଙ୍କ ବାଲେଶ୍ୱରରେ ନବପ୍ରକାଶିତ ବାଲେଶ୍ୱର "ସମ୍ବାଦ-ବାହିକା"ରେ କିଛି କିଛି ଲେଖୁଥାଉଁ ।"

ମଧୁସୂଦନ କଲିକତାରେ ଦୂର ପ୍ରବାସରେ ରହି "ଉତ୍କଳ-ଦୀପିକା" ସୂତ୍ରରେ ଏ ଆନ୍ଦୋଳନ ସହିତ ପରିଚିତ ଥିଲେ ।

କିନ୍ତୁ ଏସବୁ ମଧ୍ୟରେ ତାଙ୍କର ଜିଜ୍ଞାସାଟି ତଥାପି ଅସମାଧିତ ରହି ଯାଇଥିଲା । ଓଡ଼ିଶାରେ ସ୍ମରଣାତୀତ କାଳରୁ ଓଡ଼ିଆ ଭାଷା, ଲିପି ଓ ସାହିତ୍ୟ ରହିଥିଲା । ଏବେ ମଧ୍ୟ ରହିଛି । କିନ୍ତୁ ଏହାପରେ କଣ ?

ସେଇ ଉତ୍ପୀଡ଼କ ଜିଜ୍ଞାସାର କୌଣସି ସମାଧାନ ମଧୁସୂଦନ ତଥାପି ଖୋଜି ପାଉନଥିଲେ । ୧୮୭୪ ସାଲରେ ଆସାମ ଏକ ସ୍ୱତନ୍ତ୍ର

ପ୍ରଦେଶ ହୋଇଗଲା । ଖଣ୍ଡ ବିଖଣ୍ଡ ଓଡ଼ିଆଭାଷୀ ଅଞ୍ଚଳମାନ ସେହିପରି ଏକ ଶାସନାଧୀନରେ ଏକ ପ୍ରଦେଶ ନହୋଇ ପାରିବ କାହିଁକି ? ଏହିପରି ଭାବନା ମଧୁସୂଦନଙ୍କ ଚିନ୍ତାରେ ବାରମ୍ବାର ଉଦିତ ହୋଇ, ବାରମ୍ବାର ଶରତର ଛିନ୍ନ ମେଘ ପରି ବିଲୀନ ହୋଇ ଯାଉଥିଲା ।

ଓଡ଼ିଶାରେ ସମସ୍ତେ ସେତେବେଳେ ଓଡ଼ିଆ ବର୍ଣ୍ଣବୋଧ ଶିଶୁବୋଧ ଲେଖିବାରେ ବ୍ୟସ୍ତ । ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଚିନ୍ତା କରିବାକୁ କାହାର ବା ସେତେବେଳେ ଅବକାଶ ଥିଲା ?

× × ×

ସେଦିନ ଡାକରେ ଆସିଥିବା 'ଉତ୍କଳ-ଦୀପିକା' ଖଣ୍ଡ ଫିଟାଇବା ମାତ୍ରେ ଗୋଟିଏ ସମ୍ବାଦ ଉପରେ ମଧୁସୂଦନଙ୍କ ଦୃଷ୍ଟି ଅଟକି ରହିଗଲା । ସେହି ସମ୍ବାଦରେ ଯେପରି ମଧୁସୂଦନଙ୍କ ସବୁ ଉତ୍ପୀଡ଼କ ଜିଜ୍ଞାସାର ଗୋଟାଏ ସମାଧାନ ରହିଥିଲା ।

ବଙ୍ଗଳାର ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାର ରିଚାର୍ଡ଼ ଟେମ୍ପଲ ଓଡ଼ିଶା ପରିଭ୍ରମଣରେ ଆସିଥିବା ବେଳେ ବାଲେଶ୍ୱର ଠାରେ ୧୮୭୫ ସାଲ ୨୭ ତାରିଖ ଫେବ୍ରୁୟାରୀ ଦିନ ବାବୁ ବିଚିତ୍ରାନନ୍ଦ ଦାସ ଓ ରାଜା ବୈକୁଣ୍ଠନାଥ ଦେ ତାଙ୍କୁ ଗୋଟିଏ ସ୍ମାରକପତ୍ର ଦେଇ ସେଥିରେ ଓଡ଼ିଶାରେ ରେଳପଥର ପ୍ରସାର ଓ ପ୍ରତି ସବଡ଼ିଭିଜନର ସଦର ମହକୁମାରେ ଉଚ୍ଚବିଦ୍ୟାଳୟ ସ୍ଥାପନ ସାଙ୍ଗକୁ ପ୍ରସଙ୍ଗକ୍ରମେ ଏକଶାସନାଧୀନରେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ନିବେଦନ କରିଥିଲେ । ତାହାର ପୂର୍ବବର୍ଷ ଆସାମ ବଙ୍ଗଳା ପ୍ରେସିଡ଼େନ୍‌ସୀରୁ ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଘଟଣାରୁ ବିଚିତ୍ରାନନ୍ଦ, ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ପ୍ରେରଣା ପାଇଥିବା ସମ୍ଭବ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଓଡ଼ିଶାର ଜନସମାଜରୁ ଏହାହିଁ ଥିଲା ପ୍ରଥମ ଦାବୀ ।

'ଉତ୍କଳ-ଦୀପିକା'ରେ ସମ୍ବାଦଟି ପଢ଼ି ମଧୁସୂଦନ ସେଦିନ ହଠାତ ଯେପରି ଗୋଟାଏ ରାସ୍ତା ଦେଖିପାରିଥିଲେ !

( ପାଞ୍ଚ )

ନନ୍ଦକିଶୋର —ନନ୍ଦକିଶୋର ଦାସ ( ପରବର୍ତ୍ତୀ କାଳରେ ରାୟ ବାହାଦୁର )—ଙ୍କ ଠାରୁ ସକାଳ ଡାକରେ ଖଣ୍ଡେ ଚିଠି ଆସିଥିଲା; ···କଲିକତା ଛାଡ଼ି କଟକ ଫେରି ଆସିବା ପାଇଁ ।

ନନ୍ଦକିଶୋର ମଧୁସୂଦନଙ୍କ ଜନ୍ମଗ୍ରାମ ସତ୍ୟଭାମାପୁର ଠାରୁ ପ୍ରାୟ ତିନିକୋଶ ଦୂରରେ ଉତ୍ତରକୁ ବିରୂପାନଦୀ କୂଳରେ ଅବସ୍ଥିତ ମାହାଙ୍ଗା ଥାନାର ଜୟପୁର ଗ୍ରାମରେ ୧୮୪୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ନୃସିଂହ ଚରଣ ଦାସ ଥିଲେ କୋମ୍ପାନୀ ଅମଳରେ ପ୍ରଥମ ଓଡ଼ିଆ ଡେପୁଟୀ । ଜୟପୁରର ଏହି ସମ୍ଭ୍ରାନ୍ତ କରଣ ପରିବାର ସହିତ ମଧୁସୂଦନଙ୍କ ପରିବାରର ଘନିଷ୍ଠ ସାମାଜିକ ସମ୍ପର୍କ ରହିଥିଲା । ମଧୁସୂଦନଙ୍କ ଜନ୍ମବର୍ଷ ପୂର୍ବରୁ ନନ୍ଦକିଶୋର କଟକ ହାଇ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ କରି ୨୦ ବର୍ଷ ବୟସରେ ଶିକ୍ଷାବିଭାଗରେ ଡେପୁଟୀ ଇନସପେକ୍ଟର ପଦରେ ନିଯୁକ୍ତ ହୋଇଥିଲେ । ମାତ୍ର ଶିକ୍ଷାବିଭାଗ ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ଶାସନବିଭାଗରେ ଯୋଗଦେଇ ଡେପୁଟୀ ମାଜିଷ୍ଟ୍ରେଟ ଓ କାଳକ୍ରମେ ଅନୁଗୁଳର ଡେପୁଟୀ କମିସନର ପଦକୁ ଉନ୍ନୀତ ହୋଇ ପାରିଥିଲେ । ସେ ଏକମାତ୍ର ଓଡ଼ିଆ, ଯିଏ ସେତେବେଳେ ସିଭିଲ ସର୍ଭିସ ପାହ୍ୱାକୁ ଉନ୍ନୀତ ହୋଇ, ପୁରୀର କଲେକ୍ଟର ରୂପେ ନିଯୁକ୍ତି ପାଇଥିଲେ । ମାତ୍ର ପୁରୀ ଯିବା ପୂର୍ବରୁ ୧୮୯୪ ଖ୍ରୀଷ୍ଟାବ୍ଦରେ ମୋଟେ ୪୯ ବର୍ଷ ବୟସରେ ସେ ହଠାତ ପରଲୋକ ଗମନ କରିଥିଲେ ।

ଓଡ଼ିଆ ଭାଷାରକ୍ଷା ଆନ୍ଦୋଳନରେ ନନ୍ଦକିଶୋରଙ୍କର ମଧ୍ୟ ଏକ ବିଶିଷ୍ଟ ଭୂମିକା ରହିଥିଲା । ସେ ମଧ୍ୟ ସ୍ୱତନ୍ତ୍ର ଉଦ୍ୟୋଗରେ ରହି ସେତେବେଳେ ଓଡ଼ିଆରେ ଅନେକ ପାଠ୍ୟ ପୁସ୍ତକ ରଚନା କରିଥିଲେ । ମଧୁସୂଦନ କଟକରେ ସ୍ଥିତ ଥିବା ଦିନୁ ନନ୍ଦକିଶୋରଙ୍କ ସହିତ ତାଙ୍କର ପରିଚୟ ଘନିଷ୍ଠ ଥିଲା । ନନ୍ଦକିଶୋର ଚିଠିରେ ଲେଖିଥିଲେ, ଓଡ଼ିଶା ମଧୁସୂଦନଙ୍କ ପରି ଉଚ୍ଚଶିକ୍ଷିତ ଯୁବକ ମାନଙ୍କର ସେବାର ଅପେକ୍ଷା କରୁଅଛି ! ଓଡ଼ିଶାରେ ଗୋଟାଏ ନୂଆଯୁଗର ମୋଡ଼ ଫିଟିଛି । ଏତେ-

ତେବେ ମଧୁସୂଦନ ଓଡ଼ିଶା ଫେରି ଆସିବା ଆବଶ୍ୟକ । ଏହିପରି ଚିଠି ଓଡ଼ିଶାରୁ ଆଉ କେତେଜଣ ଶୁଭାକାଂକ୍ଷୀଙ୍କ ଠାରୁ ମଧୁସୂଦନ ମଧ ଆଗରୁ ପାଇଥିଲେ । ମାତ୍ର ଏକ ଅଚଳାୟତନ ପରି ସେତେବେଳେ ମୌନ ଆର୍ତ୍ତନାଦ ମଧରେ ପଡ଼ି ରହିଥିବା ଓଡ଼ିଶାକୁ ଉଠାଇବା ପାଇଁ ଯେଉଁ ପ୍ରସ୍ତୁତିର ଆବଶ୍ୟକ, ମଧୁସୂଦନ ନିଜ ଠାରେ ତାହାର ଅଭାବ ଅନୁଭବ କରୁଥିଲେ । ଓଡ଼ିଶାକୁ ଫେରିଯାଇଁ ଆଉ କେତେଖଣ୍ଡ ପାଠ୍ୟପୁସ୍ତକ ଲେଖିବା ଅଥବା ଡେପୁଟୀ ମାଜିଷ୍ଟ୍ରେଟ ହୋଇ ଦେଶସେବକ ହେବା ପାଇଁ ତାଙ୍କର ବାସନା ନଥିଲା । ସେପରି ଦେଶସେବାରେ ଆନ୍ତରିକତାର ଅବଶ୍ୟ ଅଭାବ ନଥିଲା । ମାତ୍ର ସେଥିରେ ବଳିଷ୍ଠ ଦୂରଦୃଷ୍ଟିର ଅଭାବ ରହିଥିଲା । ଓଡ଼ିଶାର ଜାଗୃତି ପାଇଁ ସେତେବେଳେ ଆବଶ୍ୟକ ଥିଲା ଯେଉଁ ପ୍ରଚଣ୍ଡ ପ୍ରାଣଶକ୍ତି, କର୍ମଶକ୍ତି, ସଙ୍ଗଠନଶକ୍ତି, ଓ ଅର୍ଥଶକ୍ତି ତାହା ସେତେବେଳେ ଓଡ଼ିଶାରେ ସୁଲଭ ନଥିଲା କିମ୍ବା ଓଡ଼ିଶାରେ ସାଧାରଣ ସାର୍ବଜନୀନ ଜୀବନ ବୋଲି ସେତେବେଳେ କିଛି ନଥିଲା । ସେଥିପାଇଁ ମଧୁସୂଦନ ସେତେବେଳେ ଓଡ଼ିଶା ଫେରିଯିବା ପାଇଁ ବିଶେଷ ଉତ୍ସାହିତ ନଥିଲେ ।

ପୁଣି ଅମ୍ବିକାଚରଣର ପରିବାର ଯେବେ ମଧୁସୂଦନଙ୍କ ଉପରେ ନ୍ୟସ୍ତ ହୋଇଥିଲା ଆଉ ଏକ ନୂଆ ଦାୟିତ୍ୱ । ମଧୁସୂଦନଙ୍କ ଘରେ ପ୍ରସନ୍ନମୟୀଙ୍କର ପ୍ରଥମ କନ୍ୟା ପ୍ରାୟ ଅକାଳରେ ଜନ୍ମ ହୋଇଥିଲା । କନ୍ୟାଟି ଭୂମିଷ୍ଠ ହେବାପରେ ଅମ୍ବିକାଚରଣ ମଧୁସୂଦନଙ୍କୁ କହିଥିଲେ··· "ଶ୍ୱଶୁର ଏ ଝିଅ ତୁମକୁ ଏଣିକି ଲାଗିଲା । ମୁଁ ଗ୍ଭଲିଲି ସିମଲା । ଏ ତୁମର ନାତୁଣୀ ନୁହେଁ, ଝିଅ ।"

ମଧୁସୂଦନ ଏହି କନ୍ୟାର ନାମ ରଖିଥିଲେ, ଶୈଳବାଳା ।

ବିବାହର ଦୁଇବର୍ଷ ଅତୀତ ହୋଇଥିଲେ ସୁଦ୍ଧା ସେପର୍ଯ୍ୟନ୍ତ ସୌଦାମିନୀଙ୍କର କୌଣସି ସନ୍ତାନ ଜନ୍ମି ନଥିଲେ । ମଧୁସୂଦନଙ୍କ ଚେହେରା ପରି ଶିଶୁର ମୁହଁଟି ଲମ୍ବୁଳିଆ, କପାଳ ସେହିପରି ପ୍ରଶସ୍ତ, ନାସିକା ସେହିପରି ଉନ୍ନତ, ଆଖି ଦୁଇଟିରେ ସେହିପରି ଶାଣିତ, ଅନ୍ତର୍ଭେଦୀ ତୀକ୍ଷ୍ଣତା । ମଧୁସୂଦନ ସୌଦାମିନୀଙ୍କ କୋଳରେ ନବଜାତ କନ୍ୟାଟିକୁ ଟେକିଦେଇ କହିଲେ··· "ପ୍ରସନ୍ନମୟୀ ପିଲାଲୋକ । ଏ ଝିଅର ପାଳନ ଦାୟିତ୍ୱ ଏଣିକି ତୁମର ।"

ଏହି ସମୟରେ ସୁରେନ୍ଦ୍ରନାଥ ବାନାର୍ଜୀ, ଆଇ.ସି. ଏସ. ଚାକରୀରୁ ବିତାଡ଼ିତ ହୋଇ, କଲିକତାରେ "ଇଣ୍ଡିଆନ-ଆସୋସିଏସନ" ନାମରେ ଏକ ନୂତନ ଅନୁଷ୍ଠାନ ସ୍ଥାପିତ କରିଥିଲେ । ବ୍ରିଟିଶ-ଇଣ୍ଡିଆନ-ଆସୋସିସନର ଏ କାର୍ଯ୍ୟକ୍ରମ କେବଳ ଶିକ୍ଷିତ ଉଚ୍ଚବର୍ଗ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ରହିଥିବାରୁ ସାଧାରଣ ଜନସମାଜରେ ରାଜନୈତିକ ଆଭିମୁଖ୍ୟ ଧରି କାର୍ଯ୍ୟ କରିବା ପାଇଁ ସୁରେନ୍ଦ୍ରନାଥ, "ଦି ଇଣ୍ଡିଆନ୍ ଆସୋସିଏସନ" ବା "ଭାରତ-ସଭା" ସ୍ଥାପିତ କରିଥିଲେ । * କଲିକତାର ତରୁଣ ଛାତ୍ର ସମାଜ ଭିତରେ ସେତେବେଳେ ସୁରେନ୍ଦ୍ରନାଥଙ୍କ କାର୍ଯ୍ୟକ୍ରମ ମୁଖ୍ୟତଃ ସୀମାବଦ୍ଧ ରହିଥିଲା । ସେହି ସୂତ୍ରରେ ସୁରେନ୍ଦ୍ରନାଥଙ୍କ ସହିତ ମଧୁସୂଦନଙ୍କର ଘନିଷ୍ଠତା ବୃଦ୍ଧି ପାଇଥିଲା । ରାଜନୈତିକ ମତାନ୍ତର ଓ ବ୍ୟକ୍ତିତ୍ୱର ନାନା ସଂଘର୍ଷ ସତ୍ତ୍ୱେ ଦୁହିଁଙ୍କ ମଧ୍ୟରେ ସେ ଘନିଷ୍ଠତା ସୁରେନ୍ଦ୍ରନାଥଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିଲା । ସୁରେନ୍ଦ୍ରନାଥ ବାନାର୍ଜୀ ଓଡ଼ିଶାର ସ୍ୱାତନ୍ତ୍ର୍ୟ ପ୍ରତି ପ୍ରଥମେ ଅବଶ୍ୟ ସହାନୁଭୂତିଶୀଳ ନଥିଲେ । କିନ୍ତୁ ପରେ ୧୯୨୦ ସାଲରେ ଇମ୍ପେରିଆଲ୍- ଲେଜିସଲେଟିଭ୍ କାଉନସିଲରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ କନିକା ରାଜା ସାର୍ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ପ୍ରସ୍ତାବ ପ୍ରତି ସେ ବଳିଷ୍ଠ ସମର୍ଥନ ପ୍ରକାଶ କରିଥିଲେ । †

"ଇଣ୍ଡିଆନ୍-ଆସୋସିଏସନ"ର ଅଧିବେଶନ ସବୁ ସେତେବେଳେ ଆଲବର୍ଟ—ହଲରେ ବସୁଥିଲା । ସେଠାରେ କେତେଗୋଟି ଅଧିବେଶନରେ ଯୋଗ ଦେବା ପରେ, ବାରିଷ୍ଟର ହେବା ପାଇଁ ମଧୁସୂଦନଙ୍କ ମନରେ ଗୋଟାଏ ପ୍ରବଳ ଆକାଂକ୍ଷା ଜାତ ହୋଇଥିଲା । ବାବୁ ମନୋମୋହନ ଘୋଷ, ଲାଲମୋହନ ଘୋଷ ଓ ଆନନ୍ଦମୋହନ ବସୁ ପ୍ରମୁଖ, ଇଣ୍ଡିଆନ-ଆସୋସିଏସନର କର୍ମକର୍ତ୍ତାମାନେ, ସମସ୍ତେ ବାରିଷ୍ଟର ଥିଲେ । କିନ୍ତୁ ବିଲାତ ଯାଇଁ ବାରିଷ୍ଟରୀ ପଢ଼ିବା ପାଇଁ ସେତେବେଳେ ମଧୁସୂଦନଙ୍କର ସୁଯୋଗ ଅଥବା ସମ୍ବଳ ନଥିଲା ।

ତେଣୁ ସେହିଦିନୁ ଓକିଲାତି ପଢ଼ିବା ପାଇଁ ପ୍ରେସିଡେନ୍ସୀ କଲେଜରେ ବି.ଏଲ୍: କ୍ଲାସରେ ନାମ ଲେଖାଇ ଦେଲେ ।

---

* A Nation in Making (1925) ch. V

† Legislative Council Debates

ମଧୁସୂଦନ ଏ ପରିସ୍ଥିତିରେ ନନ୍ଦକିଶୋରଙ୍କୁ ଏକ ପତ୍ର ଲେଖି ଜଣାଇ ଦେଲେ, ତାଙ୍କ ଅଭାବରେ ଓଡ଼ିଶାର କୌଣସି କ୍ଷତି ହେବନାହିଁ; ସେ ଲ' କ୍ଲାସରେ ନାମ ଲେଖାଇଲେଣି । ଓଡ଼ିଶାରେ ତଥାପି ସେପର୍ଯ୍ୟନ୍ତ କୌଣସି ଓଡ଼ିଆ ବିଧିବଦ୍ଧ ଭାବରେ ବି.ଏଲ୍. ପାଶ କରି ଆଡ଼ଭୋକେଟ ହୋଇ ନଥିଲେ । ସେ ମଧ୍ୟ ହେବେ ପ୍ରଥମ ଓଡ଼ିଆ ଆଡଭୋକେଟ !

ଏ କଥାଟା ଏତେଦିନ ତାଙ୍କ ମନକୁ କିପରି ଛୁଇଁ ନଥିଲା; ତାହା ଭାବି ସେ ମନେ ମନେ ସେଦିନ ଯଥେଷ୍ଟ ବିସ୍ମିତ ମଧ୍ୟ ହୋଇଥିଲେ ।

## ( ଛଅ )

୨୧୧ କର୍ଣ୍ଣୱାଲିସ ଷ୍ଟ୍ରୀଟରେ 'ହିନ୍ଦୁମେଳା'ର ଏକାଦଶ ଅଧିବେଶନ ଉପଲକ୍ଷେ କଲିକତାର ପଥେପଥେ ବିରାଟ ଉଦ୍ଦୀପନା । ପରବର୍ତ୍ତୀ କାଳରେ କବିଗୁରୁ ରବୀନ୍ଦ୍ରନାଥ ସେଦିନ ଅପରିଚିତ କିଶୋର କବି । କିନ୍ତୁ ମେଳା ମଣ୍ଡପରେ କଣ୍ଠେ କଣ୍ଠେ ସେଦିନ ତାଙ୍କର ସଙ୍ଗୀତ···

"ଭାରତ କଙ୍କାଳ ଆର କି ଏଖନ
ପାଇବେ ହାୟରେ ନୂତନ ଜୀବନ,
ଭାରତେର ଭସ୍ମେ ଆଗୁନ ଜ୍ୱାଲିୟା
ଆର କି କଖନ ଦିବେରେ ଜ୍ୟୋତି ?"

"ହିନ୍ଦୁମେଳା"ର ପ୍ରତ୍ୟେକ ଅଧିବେଶନ ଉପଲକ୍ଷେ, କୃଷି ଓ ଶିଳ୍ପ ପ୍ରଦର୍ଶନୀର ବ୍ୟବସ୍ଥା ହେଉଥିଲା । ଏ ପ୍ରଦର୍ଶନୀ ଦେଖିବା ପାଇଁ ମେଳା ମଣ୍ଡପରେ ସହସ୍ର ସହସ୍ର ନରନାରୀ ସମବେତ ହେଉଥିଲେ । ବଙ୍ଗଳାର ସମାଜ ସଂସ୍କାରକ ଓ ଜନନେତାଙ୍କ ଠାରୁ ଆରମ୍ଭ କରି, କବି ଓ ସାଧକ ପୁଣି ଶିଳ୍ପୀ ଓ କୃଷକ, ପ୍ରତ୍ୟେକଙ୍କୁ ବଙ୍ଗଳାର ନୂତନ ଅଭ୍ୟୁଦୟର ମନ୍ତ୍ରରେ ଅଭିମନ୍ତ୍ରିତ ଉଦ୍‌ବୋଧିତ କରିବା ଏ ପ୍ରଦର୍ଶନୀ ଗୁଡିକର ଅଭିପ୍ରାୟ ଥିଲା । 'ହିନ୍ଦୁମେଳା'ର ଅନ୍ୟତମ କର୍ଣ୍ଣଧାର ମନୋମୋହନ ବସୁ ଏହି ପ୍ରଦର୍ଶନୀର ଏକ ଅଧିବେଶନରେ ଭାଷଣ ପ୍ରସଙ୍ଗରେ କହିଥିଲେ··· "ହେ ଶିଳ୍ପୀ, ହେ କୃଷକ, ହେ ଉଦ୍ୟାନପାଳକ, ହେ ଯନ୍ତ୍ରୀ, ହେ ଗାୟକ,

ଯେ ପାଇକ, ଯେ ପଣ୍ଡିତଙ୍କୁ ସମସ୍ତଙ୍କୁ ଆଜି ଅନୁରୋଧ କରି ଡାକ ଅଣା ହୋଇଅଛି ··· ଯେତେବେଳେ ଦେଖାଯିବ, ସେଇ ସମସ୍ତ ଲୋକ ଓ ସେଇ ସମୃଦ୍ଧ ଦ୍ରବ୍ୟସମ୍ଭାର ସ୍ୱେଚ୍ଛାରେ ଆସୁଅଛି, ଯେତେବେଳେ ଦେଖାଯିବ ଢାକା ଓ ଶାନ୍ତିପୁରର ତନ୍ତୁବାୟୁଗଣ, କାଶୀ ଓ କାଶ୍ମୀରର କାରୁଗଣ, ଜୟପୁର ଓ ଲକ୍ଷ୍ନୌର ଭାସ୍କରଗଣ, ଚଣ୍ଡୀଗଡ଼ ଓ କୁମାରଟୁଲିର କୁମାରଗଣ, ପାଟଣାର କୃଷକଗଣ, ଏହି ମେଳାରେ ପ୍ରଦତ୍ତ ପ୍ରତିଷ୍ଠା ଓ ପୁରସ୍କାରକୁ ଅମୂଲ୍ୟ ଓ ଅତୁଲ୍ୟ ଗୌରବାନ୍ୱିତ ଜ୍ଞାନ କରୁଅଛନ୍ତି, ସେହିଦିନ ଜଣାଯିବ, ଏହି ନବରୋପିତ ବୃକ୍ଷରେ ଫଳଲାଭ ହୋଇଅଛି ।"*

ମଧୁସୂଦନ ସୌଦାମିନୀଙ୍କୁ ସଙ୍ଗରେ ଧରି ହିନ୍ଦୁ ମେଳା ପ୍ରଦର୍ଶନୀରେ ବିପଣୀରୁ ବିପଣୀ ବୁଲି ବିଭିନ୍ନ ଦ୍ରବ୍ୟ ସମ୍ଭାର ଦେଖୁଥିଲେ । କୁମାରଟୁଲିର ମୂର୍ତ୍ତିକାର ମାନେ କେତେକ ମାଟି ତିଆରି ମୂର୍ତ୍ତି ପ୍ରଦର୍ଶନୀ ମଣ୍ଡପକୁ ଆଣିଥିଲେ । ସେସବୁ ଦେଖିବା ପାଇଁ ଦର୍ଶକ ମାନଙ୍କର ପ୍ରବଳ ଭିଡ଼ । ମୂର୍ତ୍ତି ଗୁଡ଼ିକର ଗଠନ ସୁଷମାର ପ୍ରଶଂସାରେ ଦର୍ଶକମାନେ ଶତମୁଖ । ସୌଦାମିନୀ ସେଠାରେ ଅଟକି ଯାଇଥିଲେ । ମଧୁସୂଦନ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ କହିଲେ···"ମାଟି ତିଆରି ମୂର୍ତ୍ତି ଦେଖି ତମେ ସବୁତ ଏପରି ବିହ୍ୱଳ । କିନ୍ତୁ ଓଡ଼ିଶାର ମନ୍ଦିର ମାନଙ୍କରେ ପଥର ମୂର୍ତ୍ତି ସବୁ ଯଦି ଦେଖନ୍ତ ତା'ହେଲେ ଜାଣେନା "ଦାରୁଣ" "ଭୟଙ୍କର" କହି କିପରି ପାଗଳ ନ ହୁଅନ୍ତ !"

ସୌଦାମିନୀ ପଚାରିଲେ ··· "ସେ ସବୁ କଣ ଜୟପୁରର ଏଇ ମୁଗୁନି ପଥରରେ ଖୋଳା ରାଧାକୃଷ୍ଣ ମୂର୍ତ୍ତିଠାରୁ ସୁଦ୍ଧା ଆଉରି ସୁନ୍ଦର ?"

ମଧୁସୂଦନ ଅସହିଷ୍ଣୁ କଣ୍ଠରେ ଉତ୍ତର ଦେଲେ···"ସେ କଥା, ରାଜେନ୍ଦ୍ରଲାଲ ମିତ୍ରଙ୍କୁ ପଚାର । ସେ ତାର ଉତ୍ତର ଦେବେ । କିନ୍ତୁ ଏ ମେଳାରେ କାହାନ୍ତି ଓଡ଼ିଶାର ସେହି କାରିଗରକୁଳ ? କାହାନ୍ତି କଟକର ତାରକସୀ ବଣିଆ ? କାହିଁ ସେମାନଙ୍କ ତାରକସୀ କାମ ? କାହିଁ ଓଡ଼ିଆ ଘରର ବୋହୂଝିଅ ମାନଙ୍କର ହାତବୁଣା ବିଞ୍ଚଣା, ପେଡ଼ୀ ? ଆଃ··· ଓଡ଼ିଆଘରର ବଡ଼ୀ ତ ତମେ ମାନେ ଏ ପର୍ଯ୍ୟନ୍ତ ଜାଣି ପାରିଲ ନାହିଁ ।"

* "ଦେଶ" ସାହିତ୍ୟ ସଂଖ୍ୟା, ୧୩୬୯—ହିନ୍ଦୁମେଳା

ମଧୁସୂଦନ ହଠାତ୍ ଅନ୍ୟମନସ୍କ ହୋଇ ଉଠୁଥିଲେ । ଉତ୍କଳର ଶିଳ୍ପ ଓ କଳା ସମ୍ପଦ ହୁଏତ ରାଜେନ୍ଦ୍ରଲାଲଙ୍କ ପରି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ଅଥବା ହଣ୍ଟର, ଷ୍ଟାମସ୍ ପରି ଶାସକମାନଙ୍କ ଆଖିରେ କେବଳ ପ୍ରାନ୍ତିକ ସାମଗ୍ରୀ ରୂପେ ପଡ଼ିବ । କିନ୍ତୁ ଏହାର ଶିଳ୍ପୀକୁଳ ଅନାହାରରେ ଅବହେଳା ମଧ୍ୟରେ କ୍ରମେ ନିଶ୍ଚିହ୍ନ ହୋଇ ଯାଉଛନ୍ତି ସିନା ! ସ୍ୱୀକୃତି ଅଭାବରେ ଆତ୍ମପ୍ରତ୍ୟୟହୀନ ହୋଇ ସେମାନଙ୍କ ଅବସାନ ସଙ୍ଗେ ସଙ୍ଗେ ଉତ୍କଳର କଳା ଓ ଶିଳ୍ପର ଐତିହ୍ୟ କାଳକାଳ ପାଇଁ ସମାଜରୁ ବିଲୀନ ହୋଇଯିବ ସିନା ! ଓଡ଼ିଆ ଜାତିର ଅନ୍ତର୍ନିହିତ ଶକ୍ତିର ବିକାଶ ଘଟିଥିଲା, ତାର ସାମ୍ରାଜ୍ୟନିର୍ମାଣରେ ଯେତେ ନୁହେଁ ; ସେତେ ତାର କଳା ଓ ସାହିତ୍ୟରେ । କିନ୍ତୁ ତାହା ଯଦି ବିନଷ୍ଟ ହେଲା, ତା ହେଲେ ଓଡ଼ିଆର ଆଉ ରହିଲା ବା କଣ ? କିନ୍ତୁ ଓଡ଼ିଶାରେ ଏହିପରି ପ୍ରଦର୍ଶନୀର ଆୟୋଜନ ହୋଇ ନପାରିଲେ ଓଡ଼ିଶାର ସେସବୁ ସମ୍ପଦ ବୁଝିବ କିଏ ? ଅଥବା ତାର ଉପେକ୍ଷିତ ଶିଳ୍ପୀକୁଳକୁ ଚିହ୍ନିବ ବା କିଏ ?

ଗୋଟାଏ ଶାନ୍ତିପୁରୀ ଶାଢ଼ୀ ଦୋକାନ ପାଖରେ ସୌଦାମିନୀ ଅଟକି ଯାଇଥିଲେ । ଶାଢ଼ୀ ଗୁଡ଼ିକର ସମ୍ଭାର ଓ ବାହାର୍ ତାଙ୍କୁ ମୁଗ୍ଧ ଆକୃଷ୍ଟ କରିଥିଲା । ସୌଦାମିନୀଙ୍କ ମନୋଭାବ ବୁଝିପାରି ମଧୁସୂଦନ ତାଙ୍କୁ କହିଲେ ··· "ତମେ ତଥାପି ତ ଦେଖିଲ ନାହିଁ ଓଡ଼ିଶାର ମାଣିଆବନ୍ଧୀ ଗୁଲୁନଗଣ୍ଡା ଶାଢ଼ୀ ! ଓଡ଼ିଆ ଘରର ବଉଳ ପାଟ ତମେ ପିନ୍ଧି ପାରିଲ ବା କେଉଁଠି ?"

ଏହି ସମୟରେ କାନ୍ଧ ଉପରେ ହଠାତ୍ କାହା ହାତର ସ୍ପର୍ଶ ପାଇ ମଧୁସୂଦନ ପଛକୁ ଫେରି ଚାହିଁଲେ । କଲିକତାର ପ୍ରସିଦ୍ଧ ଡାକ୍ତର ଗଙ୍ଗାନାଥ ମୁଖାର୍ଜୀ ମଧୁସୂଦନଙ୍କ କାନ୍ଧରେ ହାତ ରଖି କହୁଥିଲେ··· "ତମକୁ ମନେ ମନେ ଅନେକ ଖୋଜୁଥିଲି ମଧୁସୂଦନ; ଦୈବାତ ଏଠାରେ ଦେଖା ହୋଇଗଲା ।"

ଡାକ୍ତର ଗଙ୍ଗାନାଥ କଲିକତାର ଜଣେ ସୁପରିଚିତ ଡାକ୍ତର । କୁଞ୍ଚଓହଳା ଧୋତି ଉପରେ ବେକବୁଜା ଲମ୍ବା କୋଟ, ଛାତି ପକେଟରେ ଘଡ଼ୀଚେନ, କାନ୍ଧରେ ମୋଡ଼ାମୋଡ଼ି କୁଞ୍ଚ ଚଦର, ପାଦରେ ଜୋତା,

ହାତରେ ଛଡ଼ି । ଡାକ୍ତର ଗଙ୍ଗାନାଥଙ୍କ ସହିତ ତାଙ୍କର କିଶୋର ପୁତ୍ର ଆଶୁତୋଷ ମଧ୍ୟ ମେଳା ଦେଖିବା ପାଇଁ ସେଦିନ ସଙ୍ଗରେ ଆସିଥିଲେ । ଆଶୁତୋଷ ସେତେବେଳେ କଲିକତାର ସାଉଥ୍-ସୁବରବାନ୍ ସ୍କୁଲର ଛାତ୍ର । କିନ୍ତୁ ଇତିପୂର୍ବରୁ ଆଶୁତୋଷ ଭବାନୀପୁର ଚକ୍ରବାରିଆ ସ୍କୁଲରେ ଛାତ୍ର ଥିବା ବେଳେ ମଧୁସୂଦନ ସେ ସ୍କୁଲରେ କିଛିକାଳ ଶିକ୍ଷକତା କରିଥିଲେ । ସେହି ସୂତ୍ରରେ ମଧୁସୂଦନଙ୍କ ସହିତ ଡାକ୍ତର ଗଙ୍ଗାନାଥଙ୍କ ପରିଚୟ ଘଟିଥିଲା ।

ଡାକ୍ତର ଗଙ୍ଗାନାଥ ଜଣେ ସ୍ୱଦେଶାଭିମାନୀ ବ୍ୟକ୍ତି ଥିଲେ । ମେଡ଼ିକାଲ୍ କଲେଜରୁ ଏମ୍.ବି ପାସ କରିବା ପରେ ଭାଇସରୟଙ୍କ ଚିକିତ୍ସକ ରୂପେ ତାଙ୍କୁ ନିଯୁକ୍ତି ଦେବାର ପ୍ରସ୍ତାବ ହୋଇଥିଲା । ଏହି ଉଦ୍ଦେଶ୍ୟରେ ଭାଇସରୟଙ୍କ ମିଲିଟାରୀ ସେକ୍ରେଟାରୀଙ୍କ ସହିତ ଇଣ୍ଟରଭ୍ୟୁ ପାଇଁ ଯିବା ବେଳେ ଡାକ୍ତର ଗଙ୍ଗାନାଥ ଧୋତି କୋଟ ପିନ୍ଧି ଯାଇଥିଲେ । ମିଲିଟାରୀ-ସେକ୍ରେଟାରୀ କହିଥିଲେ ଟ୍ରାଉଜର ନ ପିନ୍ଧିଲେ ଏ ଚାକିରୀ ଚଳି ପାରିବ ନାହିଁ । ଉତ୍ତରରେ ଡାକ୍ତର ଗଙ୍ଗାନାଥ ତାଙ୍କୁ କେବଳ ଧନ୍ୟବାଦ ଜଣାଇ ସେଠାରୁ ସେଦିନ ଚାଲି ଆସିଥିଲେ । ତା' ପରେ ସେଠାରୁ ଫେରି ଆସି ମେଡ଼ିକାଲ୍ କଲେଜର ପ୍ରିନ୍‌ସିପାଲଙ୍କୁ ସେ କହିଥିଲେ··· "ଭାଇସରାୟ ସାହେବଙ୍କର ଡାକ୍ତର ଆବଶ୍ୟକ ନଥିଲା । ତାଙ୍କର ଆବଶ୍ୟକ ଥିଲା, କେବଳ ହଳେ ଟ୍ରାଉଜର !"

ପୁତ୍ର ଆଶୁତୋଷ ପାଇଁ ଏଇ ଡାକ୍ତର ଗଙ୍ଗାନାଥ ଜଣେ ଉପଯୁକ୍ତ ଗୃହଶିକ୍ଷକର ସନ୍ଧାନରେ ଥିଲେ ।

ଆଶୁତୋଷଙ୍କୁ ଦେଖାଇ ଦେଇ ଡାକ୍ତର ଗଙ୍ଗାନାଥ କହିଲେ··· "ଆଶୁର ଦାୟିତ୍ୱ ଆପଣଙ୍କୁ ନେବାପାଇଁ ପଡ଼ିବ ମଧୁବାବୁ । ମାଥାମେଟିକ୍‌ସ୍‌ରେ ସେ ଅବଶ୍ୟ ଅଦ୍ୱିତୀୟ, କିନ୍ତୁ ଇଂରାଜୀରେ ବଡ଼ ଦୁର୍ବଳ ।"

ସେତେବେଳେ କିନ୍ତୁ ହାଇକୋର୍ଟରେ ଚାକିରୀ, ଗାର୍ଡ଼ିନରିଚରେ ମାଷ୍ଟରୀ ଓ ସନ୍ଧ୍ୟାରେ ଲ' କ୍ଲାସ ମଧ୍ୟରେ ସ୍ୱସ୍ତିରେ ନିଶ୍ୱାସ ମାରିବା ପାଇଁ ମଧୁସୂଦନଙ୍କର ଅବକାଶ ନଥିଲା । ତଥାପି ଡାକ୍ତର ଗଙ୍ଗାନାଥଙ୍କ ଅନୁରୋଧ ଉପେକ୍ଷା କରି ନପାରି ମଧୁସୂଦନ ଉତ୍ତର ଦେଲେ··· "ମୁଁ ତ ଏବେ

ସବୁବେଳେ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ । ସମୟର ଘୋର ଅଭାବ । ତେବେ ଯଦି ସନ୍ଧ୍ୟାରେ ମୁଁ ଲ' କ୍ଲାସରୁ ଫେରିବା ପରେ ଆଶୁ ମୋ ପାଖକୁ ଆସିପାରେ, ତା' ହେଲେ ତାର ଟ୍ୟୁସନର ଦାୟିତ୍ୱ ନେବାରେ ମୋର ଆପତ୍ତି ନାହିଁ ।"

ପରବର୍ତ୍ତୀ-କାଳରେ ଏହି ଆଶୁତୋଷ ବଙ୍ଗଳା ହାଇକୋର୍ଟର ବିଚାରପତି ଓ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ । ତାଙ୍କର ପ୍ରତିଭା ବହୁମୁଖୀ ଥିଲା । ଗଣିତରେ ସେ ଯେପରି ଥିଲେ ଅସାଧାରଣ ପ୍ରତିଭାସମ୍ପନ୍ନ, କୁରିସ୍ତ ରୂପେ ତାଙ୍କର ପ୍ରତିଷ୍ଠା ମଧ୍ୟ ସେହିପରି ଥିଲା ଅଦ୍ୱିତୀୟ । ତାଙ୍କୁ କୁହାଯାଉଥିଲା ବଙ୍ଗଳାର 'ରୟଲ ବେଙ୍ଗଲ ଟାଇଗର ।' ମାତ୍ର ନଭଶ୍ଚୁମ୍ବୀ ପ୍ରତିଷ୍ଠା ସତ୍ତ୍ୱେ, ଶିକ୍ଷାଗୁରୁ ମଧୁସୂଦନଙ୍କ ନିକଟରେ ସାର ଆଶୁତୋଷ ଅତ୍ୟନ୍ତ ବିଶମ୍ବଦ ଓ କୃତଜ୍ଞ ଥିଲେ । ୧୯୨୪ ସାଲରେ ମଧୁସୂଦନଙ୍କ 'ଉତ୍କଳ-ଟ୍ୟାନେରୀ'ର ଅବସ୍ଥା ଅତ୍ୟନ୍ତ ଦୁର୍ଗତ ହୋଇ ପଡ଼ିଥିବା ବେଳେ, ଟ୍ୟାନେରୀକୁ ବଞ୍ଚାଇ ରଖିବା ପାଇଁ, ସାର ଆଶୁତୋଷ ମୁଖାର୍ଜି (ମେଜର୍ ଏଚ୍. ସରୱିପ, ଆଇ:ଏମ: ଏସ)ଙ୍କ ନିକଟକୁ ଏକ ପତ୍ରରେ ମଧୁସୂଦନଙ୍କୁ "ଗୁରୁ" ରୂପେ ସ୍ୱୀକାର କରି ଲେଖିଥିଲେ:—

"May I introduce you Mr. M.S. Das, C.I.E. of whom you have no doubt heard. He is my Guru,....."

(ମିଷ୍ଟର ମଧୁସୂଦନ ଦାସ, ସି.ଆଇ:ଇ ଙ୍କ କଥା ଆପଣ ନିଶ୍ଚୟ ଶୁଣିଥିବେ । ସେ ମୋର ଗୁରୁ ଅଟନ୍ତି ‥ )

ସାର୍ ଆଶୁତୋଷଙ୍କ ପୁତ୍ର ଭାରତର ଅନ୍ୟତମ ପ୍ରସିଦ୍ଧ ଜନନେତା ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜି ମଧୁସୂଦନଙ୍କ ପ୍ରତି ଆଶୁତୋଷଙ୍କ ଭକ୍ତି ଓ ଶ୍ରଦ୍ଧା ବର୍ଣ୍ଣନା କରି ଲେଖିଛନ୍ତି···

"x x With delight and gratitude my father often described his association with Das and told as how much he owed to his former teacher. "He not only taught me English but also inspired me to regard character and independence as two of the supreme virtues in man." he used to say. Such was the force of Das's personality and so genuine was the understanding between these two great minds that the sweet relationship

**between the teacher and the pupil well stood the passage of years and euvironment and never did it grow dim or stale." ***

("× × ଶିକ୍ଷାଗୁରୁ ଦାସଙ୍କ ସହିତ ତାଙ୍କର ସମ୍ପର୍କ ଓ ତାଙ୍କ ଠାରେ ସେ କେତେ ଋଣୀ ତାହା ବର୍ଣ୍ଣନା କଲାବେଳେ, ମୋ ପିତା ଅସୀମ ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରୁଥିଲେ । "ମଧୁସୂଦନ ମୋତେ ଯେ କେବଳ ଇଂରାଜୀ ଶିକ୍ଷା ଦେଇଥିଲେ ତାହା ନୁହେଁ । ମନୁଷ୍ୟର ଦୁଇଟୋଟି ପ୍ରଧାନ ଗୁଣ, ଚରିତ୍ର ଓ ସ୍ୱାଧୀନତା ଅନୁଶୀଳନ କରିବା ପାଇଁ ସେ ମୋତେ ଯଥେଷ୍ଟ ଅନୁପ୍ରେରିତ କରିଥିଲେ ।"—ଏକଥା ମୋର ପିତା ବରାବର ସ୍ୱୀକାର କରୁଥିଲେ । ଦାସଙ୍କ ବ୍ୟକ୍ତିତ୍ୱ ଏପରି ଶକ୍ତିଶାଳୀ ଥିଲା, ପୁଣି ଏହି ଦୁଇ ବିରାଟ ମନୀଷୀଙ୍କ ମଧ୍ୟରେ ବୁଝାମଣା ଏପରି ଗଭୀର ଥିଲା ଯେ, ସମୟ ଓ ପରିସ୍ଥିତିର ପରିବର୍ତ୍ତନ ସତ୍ତ୍ୱେ, ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସେ ମଧୁର ସମ୍ପର୍କ ହ୍ରାସ ପାଇ ନଥିଲା, କିମ୍ବା ମଳିନ ପଡ଼ି ନଥିଲା ।" )

୧୮୭୭ରୁ ୧୮୭୯ ପର୍ଯ୍ୟନ୍ତ ମଧୁସୂଦନ ଆଶୁତୋଷଙ୍କ ଗୃହ-ଶିକ୍ଷକ ରହିଥିଲେ । ସେହିଦିନୁ ଉଭୟଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ପ୍ରୀତିର ସୂତ୍ରପାତ ହୋଇଥିଲା ।

ଓଡ଼ିଶାର ଉନ୍ନତି କଳ୍ପେ ମଧୁସୂଦନଙ୍କ ନାନା କର୍ମଯୋଜନାରେ ସାର ଆଶୁତୋଷ ତାଙ୍କର ବଶମ୍ବଦ ସହକର୍ମୀ ହୋଇପଡ଼ିଥିଲେ ।

## (ସାତ)

ଇଂ ୧୮୭୭ ସାଲ...

କଲିକତାରେ ବିରାଟ ଚହଳ, ଜଗନ୍ନାଥ ପୁରୀର ଠାକୁର ରାଜା, ଦିବ୍ୟସିଂହ ଦେବଙ୍କୁ ଦ୍ୱୀପାନ୍ତର ଦଣ୍ଡ ହୋଇଗଲା ! କଟକ ଜଜ୍‌ଙ୍କ ରାୟ ବାହାରିବା ସଙ୍ଗେ ସଙ୍ଗେ ସରକାର ଗତାଗତି ତାଙ୍କୁ ଗୋଟିଏ ଜାହାଜରେ ଲୁଚାଇ ଆଣ୍ଡାମାନ୍‌କୁ ଦ୍ୱୀପାନ୍ତରିତ କରିଦେଲେ । ଜଜ ଥାମସ୍ ସେତେ-

* "Life of Madhusudan as seen by Many Eyes"...... ରେ ଡକ୍‌ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନିବନ୍ଧ—ପୃ ୬

ବେଳେ ଓଡ଼ିଶା ଡ଼ିଭିଜନର କମିସନର ଓ ଜୋଷେଫ ଆର୍ମଷ୍ଟ୍ରଙ୍ଗ ପୁରୀର କଲେକ୍ଟର ଥିଲେ । *

ସମ୍ବାଦଟି ପ୍ରକାଶ ପାଇଥିଲା "ଇଂଲଣ୍ଡମାନ" ଓ ଅନ୍ୟ ସମ୍ବାଦ ପତ୍ର ମାନଙ୍କରେ । ପୁରୀ ରାଜାଙ୍କୁ ଅପିଲ କରିବା ପାଇଁ ସୁଯୋଗ ନଦିଆଯିବା ପୂର୍ବରୁ ତାଙ୍କୁ ହରଣଚାଲ କରି ଆଣ୍ଡାମାନ ଦ୍ୱୀପାନ୍ତରିତ କରି ଦିଆ ଯାଇଥିବାରୁ ହାଇକୋର୍ଟର ଖରଣସୂ ହିନ୍ଦୁ ଓକିଲ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଦିବ୍ୟସିଂହ ଦେବଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା—ନରହତ୍ୟା । ଜଣେ ବୃଦ୍ଧ ସନ୍ୟାସୀଙ୍କୁ ରାଜା ଦିବ୍ୟସିଂହ ଦେବଙ୍କ ଆଦେଶରେ ହତ୍ୟା କରି, ନଅର ପାଚେରୀ ବାହାରକୁ ଫିଙ୍ଗି ଦିଆଯାଇଥିବା ଓ ସନ୍ୟାସୀ ଜଣକ ମୃତ୍ୟୁ କାଳୀନ ଜମାନବନ୍ଦୀରେ ସେପରି ଅଭିଯୋଗ କରିଥିବା, ସମ୍ବାଦରେ ମଧ୍ୟ ପ୍ରକାଶ ପାଇଥିଲା । କିନ୍ତୁ ଘଟଣାଟି ଯେପରି ଘଟିଗଲା ସେଥିରେ ଦିବ୍ୟସିଂହ ଦେବ ପ୍ରକୃତରେ ହତ୍ୟାକାଣ୍ଡ ପାଇଁ ଦାୟୀ ଥିଲେ ବୋଲି ନିର୍ଦ୍ଦିଷ୍ଟ ନିର୍ଭରଯୋଗ୍ୟ ପ୍ରମାଣ ନଥିଲା । ମଧୁସୂଦନ ଖ୍ରୀଷ୍ଟିଆନ ଥିଲେହେଁ ଐତିହାସିକ ଉତ୍କଳର ଅଭିମାନର ପ୍ରତିରୂପ ପୁରୀ ରାଜାଙ୍କ ପ୍ରତି ଏପରି ତୁଚ୍ଛ ବ୍ୟବହାର ତାଙ୍କୁ ସେତେବେଳେ ଘୋର ଆହତ କରିଥିଲା । ଦିବ୍ୟସିଂହ ଦେବଙ୍କୁ ଗୋପନରେ ଦ୍ୱୀପାନ୍ତରିତ କରିବାର ପୃଷ୍ଠଭୂମିରେ ଏକ ସୁପରିକଳ୍ପିତ ରାଜନୈତିକ ଷଡ଼ଯନ୍ତ୍ର ରହିଥିବା ସନ୍ଦେହରୁ ସେ ନିଜକୁ ମୁକ୍ତ କରି ପାରୁ ନଥିଲେ ।

ବସ୍ତୁତଃ ଇଂ ୧୮୦୩ ସାଲରେ, ଇଂରେଜ ମାନଙ୍କର ଓଡ଼ିଶା ଅଧିକାର ପର ଠାରୁ, ଖୋର୍ଦ୍ଧାର ଐତିହାସିକ ସତ୍ତା ଓ ସେଥି ସଙ୍ଗେ ସଙ୍ଗେ ଖୋର୍ଦ୍ଧା ରାଜବଂଶକୁ ବିଲୋପ କରିବା ପାଇଁ, ଊନବିଂଶ ଶତାବ୍ଦୀର

---

* ବୀମସ "Memoirs of a Bengal Civilian" ପୁସ୍ତକରେ ଲେଖିଛନ୍ତି...
The Maharaja was arrested, tried and sentenced to imprisonment for life. x x Immense excitement was aroused all over Orissa and crowds assembled round the Judge's Court every day during the trial. The boy was smuggled away at night with a strong guard to the steamer." (ପୃ-୨୭୩)

ଶେଷ ପର୍ଯ୍ୟନ୍ତ ଯେଉଁ ଧାରାବାହିକ ଚକ୍ରାନ୍ତ ଚାଲି ଆସିଥିଲା, ଦିବ୍ୟସିଂହ ଦେବଙ୍କ ଦ୍ୱୀପାନ୍ତର, ତାହାର ଥିଲା ପ୍ରଥମ ପର୍ଯ୍ୟାୟ ।

୧୮୦୩ ସାଲରେ ଓଡ଼ିଶାବିଜୟୀ କର୍ଣ୍ଣେଲ ହାରକୋର୍ଟ ଓ ମିଷ୍ଟର ମେଲଭିଲ କୋମ୍ପାନୀର କମିସନର ରୂପେ କେତେକ ଖଣ୍ଡାୟତ ଦୁର୍ଗାଧିପତିଙ୍କ ସହିତ ଯେଉଁ "କୁଲନାମା" ବା ସନନ୍ଦ ସେହିବର୍ଷ ନଭେମ୍ବର ୨୩ ତାରିଖ ଦିନ ସମ୍ପାଦନ କରିଥିଲେ, ସେଥିରେ ସେମାନଙ୍କୁ "କରଦରାଜା" ରୂପେ ସ୍ୱୀକୃତି ଦିଆଯାଇଥିଲା । କିନ୍ତୁ ତାହାର ଦୁଇବର୍ଷ ପରେ ରାଜସ୍ୱ ଆଦାୟ ସମ୍ପର୍କରେ ବଙ୍ଗଳା ସରକାରଙ୍କ ଯେଉଁ ରେଗୁଲେସନ (Rgulation XII) ଜାରି ହେଲା, ସେଥିରେ ଉକ୍ତ ରାଜା ମାନଙ୍କୁ ଜମିଦାର ରୂପେ ଘୋଷଣା କରି, ସେମାନଙ୍କ ଠାରୁ କଡ଼ାକଡ଼ି ଭାବରେ ରାଜସ୍ୱ ଆଦାୟର ବ୍ୟବସ୍ଥା ହୋଇଥିଲା । *

ସମଗ୍ର ଓଡ଼ିଶାର ଠାକୁର ରାଜା ରୂପେ ଖୋର୍ଦ୍ଧା ମହାରାଜାଙ୍କର ଏକ ସ୍ୱତନ୍ତ୍ର ସ୍ଥିତି ମୋଗଲ ମରହଟ୍ଟା କାଳରୁ ସ୍ୱୀକୃତ ହୋଇ ଆସୁଥିଲେହେଁ, ଓଡ଼ିଶା ଅଧିକାର ପରେ ଇଂରେଜମାନେ ତାଙ୍କୁ 'ମହାରାଜା' ରୂପେ ସ୍ୱୀକାର ନକରି, କେବଳ ରାଜାରୂପେ ସ୍ୱୀକୃତି ଦେଇଥିଲେ । ମହାରାଜା ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ, ସେତେବେଳେ ଇଂରେଜ ରାଜଶକ୍ତି ପକ୍ଷରେ ହଠାତ ଯେପରି ଏକ କଣ୍ଟକ ରୂପେ ଦେଖା ଦେଇ ଥିଲେ ତାହାର ଶାସ୍ତି ସ୍ୱରୂପ ଖୋର୍ଦ୍ଧାର ମହାରାଜାଙ୍କ ପ୍ରତି ଏପରି ବ୍ୟବହାର କରାଯାଇଥିଲା ।

ଇଂରେଜମାନଙ୍କର ରୋଷବହ୍ନି ସେତିକରେ ସେଦିନ ପ୍ରଶମିତ ହୋଇ ନଥିଲା । ଖୋର୍ଦ୍ଧା ମହାରାଜା କେବଳ ରାଜା ହୁଅନ୍ତୁ ଅଥବା ମହାରାଜା ହୁଅନ୍ତୁ, ଖୋର୍ଦ୍ଧାର ରାଜନୈତିକ ସ୍ଥିତି ସମ୍ପୂର୍ଣ୍ଣ ବିଲୁପ୍ତ ନହେବା ପର୍ଯ୍ୟନ୍ତ ଇଂରେଜମାନଙ୍କ ପକ୍ଷରେ, ଖୋର୍ଦ୍ଧା ନିତ୍ୟ ଏକ ଆଶଙ୍କାର କାରଣ ହୋଇ ରହିଥିଲା । ସେଥିପାଇଁ ଇଂ ୧୮୦୯ ସାଲରେ ଆଗନ୍ତୁକ ସ୍ପେକୁଲେଟର ବା ଭୂମି-ବ୍ୟବସାୟୀ ମାନଙ୍କୁ ସ୍ଥାୟୀ ଅଥବା ଅସ୍ଥାୟୀ ସୂତ୍ରରେ ଖୋର୍ଦ୍ଧା ରାଜ୍ୟ ପଟ୍ଟା ଦେବାପାଇଁ ସୁଦ୍ଧା ମସୁଧା ଚାଲିଥିଲା । କଟକର ତତ୍-

* "Memorandum on Treaties, Position and Status of the Feudatory States of Orissa" ଦ୍ରଷ୍ଟବ୍ୟ ।

କାଳୀନ କମିସନର ମିଷ୍ଟର ସି. ବଟଲର ଏ ସମ୍ପର୍କରେ ଗଭର୍ଣ୍ଣର-ଜେନେରାଲ ଲର୍ଡ ମିଣ୍ଟୋଙ୍କୁ (ଇଂ ୧୮୦୯ ସାଲ, ୨ ତାରିଖ ଫେବୃୟାରି ) ଏକ ରିପୋର୍ଟରେ ପ୍ରସ୍ତାବ ଦେଇଥିଲେ···

"Under the above circumstances my first wish is to let the estate in farm for a period of ten years to an opulent person, provided one of undoubted property would agree to take it at an adequate sum."

(କୌଣସି ନିର୍ଭରଯୋଗ୍ୟ ଧନାଢ୍ୟ ବ୍ୟକ୍ତି ମିଳିଲେ, ଖୋର୍ଦ୍ଧାକୁ ଦଶବର୍ଷ ପାଇଁ ପଟ୍ଟା ଦେଇଦେବା ପାଇଁ ପ୍ରଥମେ ମୁଁ ପ୍ରସ୍ତାବ କରିବ ।)*

ଖୋର୍ଦ୍ଧା ରାଜ୍ୟକୁ ନିଲାମ ଡାକ ପଟ୍ଟା ଦେବାପାଇଁ ଓଡ଼ିଶା ବାହାରେ ବିଜ୍ଞାପନ ମଧ୍ୟ ପ୍ରକାଶିତ ହୋଇଥିଲା । କିନ୍ତୁ ଇଂରେଜ ମାନଙ୍କ ସର୍ତ୍ତରେ ସେତେବେଳେ ସେପରି କୌଣସି ନିର୍ଭରଯୋଗ୍ୟ ଧନାଢ୍ୟ ବ୍ୟକ୍ତି ଖୋର୍ଦ୍ଧାକୁ ନିଲାମ ଧରିବା ପାଇଁ ମିଳି ନଥିଲେ । ନୋହିଲେ ଐତିହାସିକ ଉତ୍କଳର ହୃତ୍ପିଣ୍ଡ ଖୋର୍ଦ୍ଧାରେ କୌଣସି ଆଗନ୍ତୁକ, ଚିରସ୍ଥାୟୀ ବନ୍ଦୋବସ୍ତ ସୂତ୍ରରେ ଅକ୍ଲେଶରେ ଖୋର୍ଦ୍ଧାର "ଗଜପତି" ମହାରାଜା ହୋଇ ସୁଦ୍ଧା ବସିଥାନ୍ତେ ଓ ଐତିହାସିକ ଉତ୍କଳର ସବୁ କୀର୍ତ୍ତି ଓ ଇତିହାସ ଏକ ପ୍ରତିବେଶୀ ଅଞ୍ଚଳର ଅନାପେକ୍ଷିକ କୃତିତ୍ୱ ରୂପେ ପରବର୍ତ୍ତୀ କାଳରେ ଘୋଷିତ ହୋଇ ପାରିଥାନ୍ତା !

ଇଂ ୧୮୫୭ ସାଲ ସିପାହୀ-ବିଦ୍ରୋହ ପରେ, ଇଷ୍ଟ-ଇଣ୍ଡିଆ-କୋମ୍ପାନୀ ହାତରୁ ଭାରତ ଶାସନ ବ୍ରିଟିଶ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନକୁ ଆସିବା ପରେ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବା ଇଂରେଜ ଶାସନର ଏକ ପ୍ରଧାନ ଅଭିମୁଖ୍ୟରେ ପରିଣତ ହୋଇଥିଲା । ସେତେବେଳେ ଦେଖା ଯାଇଥିଲା, ପ୍ରଥମେ ମେଲ୍‌ଭିଲ୍ ଓ ହାରକୋର୍ଟ୍ ଯେଉଁ 'ସାମନ୍ତ' ମାନଙ୍କୁ କରଦରାଜା ରୂପେ ସ୍ୱୀକୃତ ଦେଇଥିଲେ, ଇଂ ୧୮୦୫ ସାଲର ରେଗୁଲେସନ୍‌ରେ ସେମାନଙ୍କୁ ଜମିଦାର ପାହ୍ୟାକୁ ଖସାଇ ସେମାନଙ୍କ ଠାରୁ ବଧିମତେ ରାଜସ୍ୱ କରି ଯାଉଥିଲା । ନିର୍ଦ୍ଦିଷ୍ଟ ସମୟରେ ରାଜସ୍ୱ ପଇଠ ଦେଇ ପାରି ନଥିବା ହେତୁ; ଇଂ ୧୮୧୮

* ପରିଶିଷ୍ଟରେ କମିଶନର ସି. ବଟଲରଙ୍କ ରିପୋର୍ଟ ଦ୍ରଷ୍ଟବ୍ୟ ।

ସାଲରେ ଦଶପଲ୍ଲା, ନରସିଂହପୁର, ନୟାଗଡ଼, କେନ୍ଦୁଝର, ଖଣ୍ଡିଆ ଓ ହିନ୍ଦୋଳ ପ୍ରଭୃତି ଗଡ଼ଜାତ ରାଜ୍ୟ ନାମରେ ସୁଦ୍ଧା ଉଠିଥିଲା । *

୧୮୦୫ ସାଲ ରେଗୁଲେସନ୍‌ର ଏ ଭ୍ରମ ପରିଲକ୍ଷିତ ହେବାପରେ ତାହାର ସଂଶୋଧନ ପାଇଁ, ୧୮୭୪ ସାଲରେ କଟକରେ ଏକ ଦରବାର ଅନୁଷ୍ଠିତ ହୋଇଥିଲା । ବଙ୍ଗଳାର ଲେଫ୍‌ଟନେଣ୍ଟ ଗଭର୍ଣ୍ଣର୍ ସାର ରିଚ୍ଚାର୍ଡ୍ ଟେମ୍ପଲ୍ ଏହି ଦରବାରରେ ଗଡ଼ଜାତର ରାଜା ଓ ମୋଗଲବନ୍ଦୀର ଜମିଦାର ମାନଙ୍କୁ ନୂତନ ସନନ୍ଦ ପ୍ରଦାନ କରି ଯେଉଁ ରାଜାମାନେ ଜମିଦାର ପାହ୍ୱାକୁ ଖସି ଆସିଥିଲେ ସେମାନଙ୍କୁ ପୁଣି ରାଜା ସନନ୍ଦ ଦେଇଥିଲେ ।

ଏହି ଦରବାରରେ ଇଂରେଜ ରାଜଶକ୍ତି ଓ ଦିବ୍ୟସିଂହ ଦେବଙ୍କ ମଧ୍ୟରେ ଏକ ତିକ୍ତ, ଅପ୍ରୀତିକର ପରିସ୍ଥିତିର ସୂତ୍ରପାତ ହୋଇଥିଲା । ଦିବ୍ୟସିଂହ ଦେବଙ୍କୁ ବୟସ ସେତେବେଳେ ଚବିଶ କିମ୍ବା ପଚିଶ । ଦରବାରରେ ଯୋଗଦେବା ପାଇଁ କଟକ ଆସି ସେ ବୁଝିଲେ ଦରବାରରେ ତାଙ୍କୁ କୌଣସି ସନନ୍ଦ ମିଳିବାର ନାହିଁ । ଅନ୍ୟ ଗଡ଼ଜାତ ରାଜାମାନଙ୍କ କ୍ଷେତ୍ରରେ ଯାହା ଯାହା ହେଉ, ଖୋର୍ଦ୍ଧା ମହାରାଜାଙ୍କ ପ୍ରତିଷ୍ଠାକୁ ନ୍ୟୂନତର ରଖିବା ଓଡ଼ିଶାରେ ଇଂରେଜ ଶାସନର ମୌଳିକ କୂଟନୀତି ଥିଲା । ପୁଣି ସାର୍ ରିଚ୍ଚାର୍ଡ୍ ଟେମ୍ପଲ୍‌ଙ୍କ ଦରବାରରେ, ଗଡ଼ଜାତର ସବୁ ରାଜା ଓ ମହାରାଜାଙ୍କ ପୂର୍ବଭାଗରେ ଆସନ ପାଇବା ପାଇଁ, ଖୋର୍ଦ୍ଧା ରାଜା ଅଥବା ମହାରାଜାଙ୍କର ଏକ ଐତିହାସିକ ଅଧିକାର ଥିଲେହେଁ, ଗଡ଼ଜାତ ରାଜା ମାନଙ୍କ ପଛରେ, କିନ୍ତୁ ଜମିଦାର ମାନଙ୍କ ଆଗରେ, ଗୋଟିଏ ଆସନରେ ବସିବା ପାଇଁ ଦିବ୍ୟସିଂହ ଦେବଙ୍କ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥିଲା । ତାଙ୍କ ଆସନର ସଂଖ୍ୟା ଥିଲା ସତାଇଶ, ଅର୍ଥାତ୍ ଛବିଶ ଜଣଙ୍କ ପଛକୁ ତାଙ୍କୁ ସ୍ଥାନ ମିଳିଥିଲା । †

ଏପରି ଅପମାନରେ ଆହତ କ୍ଷୁବ୍ଧ ହୋଇ ଲେଫ୍‌ଟନେଣ୍ଟ ଗଭର୍ଣ୍ଣରଙ୍କ ଦରବାରରୁ ଦିବ୍ୟସିଂହ ଦେବ ପ୍ରବଳ ଆସ୍ଫାଳନ କରି ଉଠି ଆସୁଥିଲେ । ମାତ୍ର ସେତେବେଳେ ସରକାର ପକ୍ଷରୁ ବଳପ୍ରୟୋଗ କରି,

* Memorandum on Treaties. ଦ୍ରଷ୍ଟବ୍ୟ ।

† "Modern History of the Indian Chiefs, Rajas and Zamindars" by Lokanath Ghosh, ପୃ ୪୫୦ ଦ୍ରଷ୍ଟବ୍ୟ ।

ତାଙ୍କୁ ସେଠାରେ ସତେଇଶ ନମ୍ବର ଆସନରେ—ଗଡ଼ଜାତ ରାଜାମାନଙ୍କ ପଛରେ ବସିବା ପାଇଁ ଜବରଦସ୍ତ କରାଯାଇଥିଲା । ଦରବାର ଶେଷ ହେବାମାତ୍ରେ ଦିବ୍ୟସିଂହ ଦେବ ଲେଫଟ୍‌ନେଣ୍ଟ ଗଭର୍ଣ୍ଣରଙ୍କଠାରୁ ଉପ-ଚରିତ ସ୍ୱତରେ ବିଦାୟ ନନେଇ ପୁରୀ ଚାଲି ଆସିଲେ । ଇଂରେଜ ଶାସକଗୋଷ୍ଠୀ ଦାନ୍ତ ଚିପି ବାହାକାମୋଡ଼ି ରହିଲେ । ସେହିଦିନୁ ଇଂରେଜ ଶାସକଗୋଷ୍ଠୀ ଦିବ୍ୟସିଂହ ଦେବଙ୍କୁ ବେଆଦବୀ ପାଇଁ ଯେପରି ଶାସ୍ତି ଦେବାର ଅବକାଶ ଖୋଜୁଥିଲେ, ଦିବ୍ୟସିଂହ ଦେବ ମଧ୍ୟ ସେହିପରି ସେମାନଙ୍କ ଉପରେ ଅଙ୍କସ ନେବାପାଇଁ ସୁଯୋଗର ଅପେକ୍ଷାରେ ରହିଥିଲେ ।

ଏହାର ଅଳ୍ପଦିନ ପରେ ବନାରସର ପଣ୍ଡିତମାନେ ଗଣନା କରି ସେମାନଙ୍କ ପଞ୍ଚାଙ୍ଗରେ ପ୍ରକାଶ କଲେ ଯେ ସେ ବର୍ଷ "ଗୋବିନ୍ଦ ଦ୍ୱାଦଶୀ" ଯୋଗ ପଡ଼ିବ । ଗତ ଶହେବର୍ଷ କିମ୍ବା ତହିଁରୁ ଊର୍ଦ୍ଧ୍ୱ କାଳ ମଧ୍ୟରେ ସେପରି ଯୋଗ କୁଆଡ଼େ ଆଉ କେବେ ପଡ଼ିନଥିଲା । ବନାରସର ପଞ୍ଚାଙ୍ଗରେ ପଣ୍ଡିତମାନଙ୍କର ଏ ଗଣନା ପ୍ରଚାରିତ ହେବା ଫଳରେ, ସେ ବର୍ଷ ପୁରୀକୁ ଭାରତର ବିଭିନ୍ନ ପ୍ରାନ୍ତରୁ ଅସଂଖ୍ୟ ଯାତ୍ରୀ ଆସୁଥିବା ଜଣା ପଡିଲା । ଏଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ, ମନ୍ଦିରର ପରିଚାଳକ ଓ ତତ୍ତ୍ୱାବଧାରକ ରୂପେ ପୁରୀରାଜାଙ୍କ ନିକଟକୁ ବଙ୍ଗଳା ସରକାରରୁ ଆଦେଶ ପ୍ରେରିତ ହେଲା ।

ଦିବ୍ୟସିଂହ ଦେବ ଏ ଆଦେଶ ପାଇବା ମାତ୍ରେ ତାହାକୁ ଛିଣ୍ଡାଇ ଫିଙ୍ଗି ଦେଇ କମିସନରଙ୍କୁ ଜଣାଇ ଦେଲେ ଗୋବିନ୍ଦଦ୍ୱାଦଶୀ ଯୋଗ ସମ୍ପର୍କରେ ମୁକ୍ତିମଣ୍ଡପ ସଭା ତାଙ୍କୁ କୌଣସି ପରାମର୍ଶ ଦେଇ ନଥିବାରୁ ସେ ତାହାର କୌଣସି ବ୍ୟବସ୍ଥା କରି ପାରିବେ ନାହିଁ । ମନ୍ଦିରର ସେବା ବିଧି ଓ ପରିଚାଳନା ସମ୍ପର୍କରେ ବନାରସର ପଣ୍ଡିତ ଅଥବା ସରକାରଙ୍କର କିଛି କହିବାର ଥାଇ ନପାରେ । କମିସନର ସାମସ୍ ଓ କଲେକ୍ଟର ଆର୍ମଷ୍ଟ୍ରଙ୍ଗ୍ ବୁଝାଇବା ପାଇଁ ଚେଷ୍ଟାକଲେ ବନାରସର ପଣ୍ଡିତ ମାନଙ୍କ ଗଣନା ଠିକ୍ ହେଉ ବା ନହେଉ, ସେମାନଙ୍କ ଗଣନା ଅନୁସାରେ ଭାରତର ବିଭିନ୍ନ ଅଞ୍ଚଳରୁ ଅସଂଖ୍ୟ ଯାତ୍ରୀ ପୁରୀ ଆସିବାର ସମ୍ଭାବନା ଥିବାରୁ ପୁରୀ ରାଜାଙ୍କୁ ହିଁ ସୁବ୍ୟବସ୍ଥା କରିବା ପାଇଁ ପଡ଼ିବ । କିନ୍ତୁ ଦିବ୍ୟସିଂହ ଦେବଙ୍କ ସେହି ଏକ ଉତ୍ତର; ଏଥିରେ ତାଙ୍କର କୌଣସି ଦାୟିତ୍ୱ ନାହିଁ ।

ଅବଶେଷରେ ନିର୍ଦ୍ଦିଷ୍ଟ ଦିନ ଦେଖାଗଲା ଭାରତର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଯାତ୍ରୀ ସିଂହଦ୍ୱାର ଠାରେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଭିଡ଼ ବାନ୍ଧିଥିଲେ । ନିର୍ଦ୍ଦିଷ୍ଟ ସମୟରେ ଜଗନ୍ନାଥ ଦର୍ଶନ ପାଇଁ ଯାତ୍ରୀମାନଙ୍କ ମଧ୍ୟରେ ପ୍ରବଳ ଠେଲାପେଲା । ରଥଦାଣ୍ଡରେ କଲେକ୍ଟର ଆର୍ମଷ୍ଟ୍ରଙ୍ଗ ଘୋଡାପିଠିରେ ବସି ମୁଷ୍ଟିମେୟ ପୁଲିସ ସିପାହୀଙ୍କ ସାହାଯ୍ୟରେ ଯାତ୍ରୀମାନଙ୍କ ମଧ୍ୟରେ ଶାନ୍ତିରକ୍ଷା ପାଇଁ ଯେତିକି ଉଦ୍ୟମ କରୁଥିଲେ, ଯାତ୍ରୀମାନେ ସେତିକି ଅସମ୍ଭାଳ ହେଉଥିଲେ । ସେତେବେଳେ ଠାକୁରଙ୍କ ପହୁଡ଼ ପଡ଼ିଥିବାରୁ ସିଂହଦ୍ୱାର ବନ୍ଦ । ଯାତ୍ରୀମାନଙ୍କ ମଧ୍ୟରେ ଅନିର୍ଦ୍ଦିଷ୍ଟ ପ୍ରତୀକ୍ଷାଜନିତ ଅଧୀରତାକୁ ତାହା ଆହୁରି ଅସମ୍ଭାଳ କରି ଦେଉଥିଲା । ଏ ଅବସ୍ଥାରେ ଦିବ୍ୟସିଂହ ଦେବ ସେଠାକୁ ଆସି ଅବସ୍ଥା ସମ୍ଭାଳିବା ପାଇଁ ତାଙ୍କ ନିକଟକୁ କଲେକ୍ଟର ଆର୍ମଷ୍ଟ୍ରଙ୍ଗ ଖବର ପଠାଇଲେ, ପୁରୀ ରାଜା ଚଳନ୍ତି ବିଷ୍ଣୁ ରୂପେ ହିନ୍ଦୁଜଗତରେ ସମ୍ମାନିତ ଥିବାରୁ ଦିବ୍ୟସିଂହ ଦେବ ସେଠାରେ ପହଞ୍ଚିଲେ ପରିସ୍ଥିତି ତୁରନ୍ତ ସମ୍ଭାଳା ପଡ଼ିବ—ଏହା ଥିଲା ଆର୍ମଷ୍ଟ୍ରଙ୍ଗଙ୍କ ବିଶ୍ୱାସ ।

ମାତ୍ର ଦିବ୍ୟସିଂହ ଦେବ ବଡଦାଣ୍ଡକୁ ଆସିବା ପାଇଁ ନାସ୍ତି କରିଦେଲେ । ତାଙ୍କର ଯୁକ୍ତି ହେଲା— ମନ୍ଦିର ବାହାରେ ଶାନ୍ତିରକ୍ଷା କରିବା ପୁରୀ ରାଜାଙ୍କର ଦାୟିତ୍ୱ ନୁହେଁ । ଇଂରେଜ କର୍ମଚାରୀ ଗୋଷ୍ଠୀଙ୍କ ଉପରେ ଅଯଶ ନେବା ପାଇଁ ଏତେଦିନ ସେ ଯେଉଁ ସୁଯୋଗ ଖୋଜୁଥିଲେ ଏବେ ତାହା ଉପସ୍ଥିତ ହୋଇଥିଲା । ଲକ୍ଷାଧିକ ଯାତ୍ରୀ କ୍ରମେ ଧୈର୍ଯ୍ୟଚ୍ୟୁତ ହୋଇ ସମୁଦ୍ର ଲହରୀ ପରି ସିଂହଦ୍ୱାର ଉପରେ ଓଜାଡ଼ି ପଡ଼ିବାରୁ; ସିଂହଦ୍ୱାରର ସଦର ଦରଜା ଭାଙ୍ଗିଗଲା । ଯାତ୍ରୀମାନେ ମନ୍ଦିର ଭିତରକୁ ପ୍ରବଳ ବନ୍ୟାସ୍ରୋତ ପରି ଏକ ସମୟରେ ମାଡି ଆସିବା ବେଳେ, ଆଗରେ ଯେଉଁମାନେ ପଡିଲେ ଦଳାଚକଟାରେ ସେମାନଙ୍କ ମଧ୍ୟରୁ ଅନେକେ ସେଇଠାରେ ପ୍ରାଣ ହରାଇଲେ । ହାନସ୍‌ଙ୍କ ବିବରଣୀ ଅନୁସାରେ ଆଠଜଣ ଯାତ୍ରୀ ଏ ଦଳାଚକଟାରେ ମନ୍ଦିର ଭିତରେ ପ୍ରାଣ ହରାଇଥିଲେ । ମାତ୍ର ଏ ଦୁର୍ଘଟଣାରେ ସରକାରୀ ସଂଖ୍ୟା ଠାରୁ ପ୍ରକୃତରେ ଯାତ୍ରୀ ମାନଙ୍କର ପ୍ରାଣହାନିର ସଂଖ୍ୟା ଅନେକ ବେଶୀ ଥିଲା । ମନ୍ଦିର ଭିତରେ ଦଳାଚକଟାରେ ରକ୍ତପାତ ହେବାରୁ ମନ୍ଦିର ଅଶୁଦ୍ଧ ହେଲା ବୋଲି ଦେଉଳଶୋଧ

ପାଇଁ ସେବକମାନେ ସଙ୍ଗେ ସଙ୍ଗେ ଠାକୁରଙ୍କ ଚତୁର୍ଦ୍ଧା ଫକାଇଦେଲେ । ଫଳରେ ଜଗନ୍ନାଥ ଦର୍ଶନ କରି ନପାରି ଲକ୍ଷ ଲକ୍ଷ ଯାତ୍ରୀ ନିରାଶ ହୋଇ ଫେରିବା ପାଇଁ ବାଧ୍ୟ ହୋଇଥିଲେ ।

ଏ ଦୁର୍ଘଟଣା ଫଳରେ ଓଡ଼ିଶାରେ ଇଂରେଜ ଶାସନ ସମଗ୍ର ଭାରତରେ ସେତେବେଳେ ଯେପରି ନିନ୍ଦିତ ହୋଇ ପଡ଼ିଥିଲା ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ମାତ୍ର ଆଇନତଃ ସେତେବେଳେ ଦିବ୍ୟସିଂହ ଦେବଙ୍କୁ ଏଥିପାଇଁ ଦାୟୀ କରାଯାଇ ପାରିନଥିଲା ।

କଲେକ୍ଟର ଆର୍ମଷ୍ଟ୍ରଙ୍ଗ ସେଥିନିମନ୍ତେ ଦିବ୍ୟସିଂହ ଦେବଙ୍କୁ ଚରମ ଶାସ୍ତି ଦେବାପାଇଁ ସୁଯୋଗର ଅପେକ୍ଷାରେ ରହିଥିଲେ । ଏକ ସନ୍ଦେହ-ଜନକ ନରହତ୍ୟା ଅଭିଯୋଗରେ ଦିବ୍ୟସିଂହ ଦେବଙ୍କୁ ଅଭିଯୁକ୍ତ କରି, ତାଙ୍କୁ ଯେପରି ଆଣ୍ଡାମାନକୁ ନିର୍ବାସିତ କରାଯାଇଥିଲା, ତାହା ଇତିପୂର୍ବେ ବର୍ଣ୍ଣିତ ହୋଇଅଛି । ନିର୍ବାସନ ପରେ ଇଂରେଜ ଶାସନକର୍ତ୍ତା ମାନଙ୍କ ଆଦେଶରେ ଦିବ୍ୟସିଂହ ଦେବଙ୍କ ନାମରେ ଅଙ୍କର ପ୍ରଚଳନ ବନ୍ଦ ହୋଇଗଲା ଓ ପୁରୀ ମନ୍ଦିର ଉପରେ ତାଙ୍କର କର୍ତ୍ତୃତ୍ୱ ମଧ୍ୟ ଲୋପ ପାଇଗଲା । ଦିବ୍ୟସିଂହ ଦେବଙ୍କ ରାଜା ପଦବୀ ମଧ୍ୟ ପୁରୀ କଲେକ୍ଟରଙ୍କ ଏକ ପରୱାନା ବଳରେ ରଦ୍ଦ ହୋଇଗଲା ।

ମଧୁସୂଦନ ବିଭିନ୍ନ କାଗଜରେ ଦିବ୍ୟସିଂହ ଦେବଙ୍କ ନିର୍ବାସନ ସମ୍ବାଦ ପଢ଼ିବା ବେଳେ ଏ ପୃଷ୍ଠଭୂମି ସହିତ ପରିଚିତ ନଥିଲେ । ମାତ୍ର ଏହା ଯେ ବ୍ରିଟିଶ ଶାସନର ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ଥିଲା ସେଥିରେ ତାଙ୍କର ସନ୍ଦେହ ନଥିଲା । ତା ନହୋଇଥିଲେ ରାତାରାତି ଦିବ୍ୟସିଂହ ଦେବଙ୍କୁ ଗୋପନରେ ହରଣଚାଳ କରି, ଗୋଟାଏ ଷ୍ଟୀମରରେ ଆଣ୍ଡାମାନ ପଠାଇ ଦିଆ ଯାଇଥାନ୍ତା କାହିଁକି ? ପୁରୀ ରାଜା ଦିବ୍ୟସିଂହ ଦେବଙ୍କୁ ମଧୁସୂଦନ ପ୍ରତ୍ୟକ୍ଷରେ କେବେ ଦେଖି ନଥିଲେ; ଅଥବା ଜାଣି ନଥିଲେ । ମାତ୍ର ଦିବ୍ୟସିଂହ ଦେବଙ୍କ ଲାଞ୍ଛନାରେ ସମଗ୍ର ଓଡ଼ିଶାଭୂମି ଓ ଓଡ଼ିଆ ପ୍ରାଣର ଲାଞ୍ଛନା ସେ ଯେପରି ମର୍ମେ ମର୍ମେ ଯନ୍ତ୍ରଣା ଅନୁଭବ କରି ପାରୁଥିଲେ ।

———

# ଦଶମ ପରିଚ୍ଛେଦ

## (ଏକ)

୧୮୭୮ ସାଲ । ବି.ଏଲ୍. ପରୀକ୍ଷା ମୁଣ୍ଡ ଉପରେ । ସୌଦାମିନୀଙ୍କ ସ୍ୱାସ୍ଥ୍ୟ ଗତ କେତେଦିନ ଧରି ଭଲ ରହୁ ନଥିଲା । ଅଳ୍ପ ଅଳ୍ପ ଦିନ ଅନ୍ତରରେ ସେ ବାରମ୍ବାର ବିଛଣା ଧରୁଥିଲେ । ଡାକ୍ତରମାନେ ତାଙ୍କର ବ୍ୟାଧିଟି ଠିକ୍ ନିର୍ଣ୍ଣୟ କରି ପାରୁ ନଥିଲେ । ପ୍ରବଳ ଜ୍ୱର ଓ ଜ୍ୱର ପରେ ପରେ ଦୁବଳତା ତାଙ୍କ ବ୍ୟାଧିର ଲକ୍ଷଣ ଥିଲା । ସୌଦାମିନୀଙ୍କ ଶୁଶ୍ରୂଷାରେ ମଧୁସୂଦନଙ୍କ ହେଳା ନଥିଲା । ମାତ୍ର ଜୀବନ-ସଂଗ୍ରାମର ଶତ ଜଞ୍ଜାଳ ମଧ୍ୟରେ ସୌଦାମିନୀଙ୍କ ଶୁଶ୍ରୂଷାର ଦାୟିତ୍ୱ ପ୍ରସନ୍ନମୟୀଙ୍କ ଉପରେ ସେ ପୁରାପୁରି ଛାଡ଼ି ଦେଇଥିଲେ ।

ସକାଳେ ହାଇକୋର୍ଟରେ ଟ୍ରାନ୍ସଲେଟର୍ ଗିରିକରି ଠାରୁ-ସନ୍ଧ୍ୟାରେ ଆଶୁତୋଷଙ୍କୁ ଟିଉସନ୍ କରିବା, ତା'ପରେ ଡାକ୍ତର ଗଙ୍ଗାନାଥଙ୍କ ପ୍ରେସ୍କ୍ରିପ୍ସନ୍ ଅନୁସାରେ ବଜାରରୁ ଔଷଧ ଆଣିବା ପର୍ଯ୍ୟନ୍ତ ଦିନର ସବୁ କାର୍ଯ୍ୟ ଶେଷକରି, ମଧୁସୂଦନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ।

ସେଦିନ ଗୀର୍ଜା ଘଣ୍ଟାରେ ରାତି ଦୁଇଟା ବାଜିଲା ।

ମଧୁସୂଦନ ହାଇ ପରେ ହାଇ ମାରି, ନିଦୁଆ ଆଖିରେ ପଢ଼ୁଥିବା ବହିର କେତେଗୁଡ଼ା ପୃଷ୍ଠା ଓଲଟାଉଥିଲେ । ଏହି ସମୟରେ ପ୍ରସନ୍ନମୟୀ ଭିତରୁ ଦଉଡ଼ି ଆସି କହିଲା···"ଦିଦିର ଛାତି କଣ ହୋଇ ଯାଉଛି । ସେ ନିଃଶ୍ୱାସ ନେଇ ପାରୁ ନାହାନ୍ତି । ଶୀଘ୍ର ଡାକ୍ତର ଡାକନ୍ତୁ ।" ମାତ୍ର ଡାକ୍ତର ଗଙ୍ଗାନାଥ ମୁଖାର୍ଜୀଙ୍କୁ ସେହି ରାତି ଅଧରେ ଉଠାଇ ରୋଗଶଯ୍ୟା ପାଖକୁ ଆଣିବା ବେଳକୁ ସୌଦାମିନୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ।

ସେ ଏକ ପ୍ରଚଣ୍ଡ ବେଦନାଦାୟକ ସ୍ମୃତି । ସେହିଦିନରୁ ଦିନ ପରେ ଦିନ ଯେତିକି ଅତୀତ ହେଉଥିଲା ବେଦନାର କ୍ଷତ ଶୁଖିବା ପରିବର୍ତ୍ତେ ତାହା ସେତିକି ଘୋରତର ହେଉଥିଲା ।

ସେଦିନ ଅଝରଝର ବର୍ଷା···ଆକାଶ ଯେପରି ଏକା ବର୍ଷଣରେ ସବୁ ଲୁହ ଝରାଇ ଅଶ୍ରୁହୀନ ହେବା ପାଇଁ ବ୍ୟର୍ଥ ଚେଷ୍ଟା କରୁଥିଲା । ପାଷ୍ଟର ଯଦୁନାଥ ଓ ଅଳ୍ପ କେତେଜଣ ଆତ୍ମୀୟ ସୌଦାମିନୀଙ୍କ କଫିନ୍ ଗାଡ଼ୀଟିକୁ ଠେଲି ଠେଲି ଗାର୍ଡ଼ନରଚ—ସିମେଣ୍ଟ୍ରୀ ଅଭିମୁଖରେ ବିଷଣ୍ଣ ଶବଯାତ୍ରାରେ ଚାଲିଥିଲେ । ଶବବାହକ ଦଳରେ ମଧୁସୂଦନ କଫିନ୍ ପଛେ ପଛେ ଚାଲିଥିଲେ ଶୋକ ଓ ଶୂନ୍ୟତାର ଚଉମୁହାଣୀ ଛକରେ ପଥଭ୍ରାନ୍ତ ପରି । କବର ଭିତରେ କଫିନ୍ ଉପରକୁ ପ୍ରଥମ ମାଟି ଆଞ୍ଜୁଳା ପକାଇବା ବେଳେ ମଧୁସୂଦନଙ୍କର ମନେ ପଡ଼ିଥିଲା···ଆଃ, ସୌଦାମିନୀର ଖଣ୍ଡେ ଫଟୋ ସୁଦ୍ଧା ସେ ରଖି ପାରିଲେ ନାହିଁ !

ତା'ପରେ ସିନେ ସୌଦାମିନୀଙ୍କ କବରର ଖଣ୍ଡେ ଫଟୋ ଉଠାଇ ତାହାକୁ ସେ ପାଖେ ପାଖେ ଜୀବନର ଏକ ସାଇତା ସ୍ମୃତି ପରି ଶେଷଦିନ ପର୍ଯ୍ୟନ୍ତ ରଖିଥିଲେ ।

× × ×

ମଧୁସୂଦନ ବି. ଏଲ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଚବିଶ ପ୍ରଗନ୍ନାର ଅଲ୍ଲୀପୁର କୋର୍ଟରେ ଓକିଲତି ଆରମ୍ଭ କରିଥିଲେ । ମାତ୍ର ତଳ-କୋର୍ଟରେ ଗ୍ରୋଟକାଟିଆ ଓକିଲତି ପାଇଁ ତାଙ୍କର ଆଗ୍ରହ ନଥିଲା । ସେଥିରେ ଜୀବିକା ଥିଲା । କିନ୍ତୁ ଜୀବନ ନଥିଲା । ସେଥିପାଇଁ କଲିକତା-ହାଇକୋର୍ଟରେ ପ୍ରାକ୍ଟିସ୍ କରିବା ଅଭିପ୍ରାୟରେ ସେ ବିଶିଷ୍ଟ ଇଂରେଜ ବାରିଷ୍ଟର ଜେ. ଟି. ଉଡ୍‌ରଫଙ୍କ ସିରସ୍ତାରେ ଜୁନିଅର ରୂପେ ଯୋଗଦେଇ କାର୍ଯ୍ୟଶିକ୍ଷା ଆରମ୍ଭ କରିଥିଲେ । ମାତ୍ର ସୌଦାମିନୀଙ୍କ ଆକସ୍ମିକ ମୃତ୍ୟୁ ପର ଠାରୁ ମଧୁସୂଦନଙ୍କ ଜୀବନ ନିତାନ୍ତ ଶୂନ୍ୟ ଓ ନିଃସଙ୍ଗ ହୋଇ ପଡ଼ିଥିଲା । କଲିକତା-ଜୀବନ ତାଙ୍କ ପକ୍ଷରେ କ୍ରମେ ଅସହ୍ୟ ହୋଇ ପଡ଼ୁଥିଲା ।

କଟକର ଆକର୍ଷଣ କେତେଥର ତାଙ୍କୁ କଲିକତା ଛାଡ଼ି ଯିବା ପାଇଁ ଯେ ଅନୁପ୍ରେରିତ କରୁ ନଥିଲା ନୁହେଁ ! ମାତ୍ର "ଉତ୍କଳ ଦୀପିକା"ରେ ବର୍ଷକ ତଳେ ଗୋଟିଏ ସମ୍ବାଦ ପଢ଼ିବା ଦିନୁ ଓଡ଼ିଶା ସମ୍ପର୍କରେ ସେ ଘୋର ଅଭିମାନୀ ଓ ଉଦାସୀନ ହୋଇ ପଡ଼ିଥିଲେ । ଉକ୍ତ ସମ୍ବାଦଟି ଥିଲା ଏହିପରି···

"କଲିକତା ବିଶ୍ୱବିଦ୍ୟାଳୟର ବି. ଏ. ପରୀକ୍ଷା ଫଳ ବାହାରିଛି । ତହିଁରେ ଆମେ ଅତ୍ୟନ୍ତ ଆନନ୍ଦିତ ଯେ, ନିତ୍ୟାନନ୍ଦ ଘୋଷ ଓ ଚତୁର୍ଭୁଜ ପଟ୍ଟନାୟକ ପ୍ରେସିଡେନ୍‌ସୀ କଲେଜରୁ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥି ପୂର୍ବରୁ କେବଳ ମଧୁସୂଦନ ଦାସ, ଫ୍ରି.ଏମ୍. ଏସ୍. କଲେଜରୁ ୧୮୭୦ରେ ବି.ଏ, ଓ ୧୮୭୩ରେ ଏମ୍.ଏ. ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଓଡ଼ିଶାରୁ ବାହାରି ଯାଇଁ ଖ୍ରୀଷ୍ଟିଆନ୍ ହୋଇ କଲିକତାରେ ଅଧ୍ୟୟନ କରିବା ଦ୍ୱାରା କୃତକାର୍ଯ୍ୟ ହୋଇଥିବାରୁ ଓଡ଼ିଶା ଲୋକ ପରି ବୋଧ ହେଲେ ନାହିଁ ।"*

ମଧୁସୂଦନ ଓଡ଼ିଶାର ଉପେକ୍ଷିତ ସନ୍ତାନ !···ତାଙ୍କର ପ୍ରଥମ ଅପରାଧ—ସେ ଉଚ୍ଚଶିକ୍ଷା ପାଇଁ କଲିକତା ଆସିଥିଲେ ! ଦ୍ୱିତୀୟ ଅପରାଧ—ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ସେଥିପାଇଁ "ଉତ୍କଳ ଦୀପିକା"ଙ୍କ ଦୃଷ୍ଟିରେ ସେ ଓଡ଼ିଆ ନଥିଲେ ! ବନ୍ଧୁ ନନ୍ଦକିଶୋରଙ୍କୁ ସେହି ସମୟରେ ଏକ ପତ୍ରରେ ସେ ଲେଖିଥିଲେ, ଉତ୍କଳଜନନୀଙ୍କ କୋଳରେ ଏହି ପ୍ରବାସୀ ଖ୍ରୀଷ୍ଟିଅନ୍ ପୁତ୍ର ପାଇଁ ଯଦି ସ୍ଥାନାଭାବ, ତାହେଲେ ତାଙ୍କୁ ଅଯଥା ଭାରାକ୍ରାନ୍ତ କରିବାର ଅଭିପ୍ରାୟ ତାଙ୍କର କିନ୍ତୁ ନାହିଁ । କିନ୍ତୁ ଯଦି କେବେ ଉତ୍କଳଜନନୀଙ୍କ କୁଟୀରକୁ ଏହି ଉପେକ୍ଷିତ ସନ୍ତାନ ପାଇଁ ଫେରିବାର ଅହ୍ୱାନ ଆସେ ତାହାହେଲେ ସେଦିନ ଉତ୍କଳ-ଜନନୀଙ୍କର ସେବାପାଇଁ ସେ ନିଶ୍ଚୟ ଆଗେଇ ଆସିବ, ଭାଷା, ଧର୍ମ, ଗୋଷ୍ଠୀ ଓ ଦେଶର ବନ୍ଧନମୁକ୍ତ ଜଣେ ଅକିଞ୍ଚନ ରୂପେ ; ଓଡ଼ିଆ-ଭିର ଦାବୀ ଅଥବା ଅଧିକାରରେ ନୁହେଁ ! କିମ୍ବା ସେଥିପାଇଁ କୌଣସି ପ୍ରଶଂସା ଅଥବା ପୁରସ୍କାରର ପ୍ରତ୍ୟାଶା ନରଖି ।

( ଦୁଇ )

ମଧୁସୂଦନ ବର୍ତ୍ତମାନ ତିରିଶ ବର୍ଷର ଯୁବକ ; ଉଚ୍ଚଶିକ୍ଷାପ୍ରାପ୍ତ ପୁଣି ଓକିଲାତି ବ୍ୟବସାୟରେ ସମ୍ଭାବନା ମଧ୍ୟ ଉଜ୍ଜ୍ୱଳ । ସେଥିପାଇଁ ଦ୍ୱିତୀୟ ବିବାହର ପ୍ରସ୍ତାବ ନେଇ ବହୁ କନ୍ୟାଦାୟଗ୍ରସ୍ତ ପିତା ଓ ସ୍ୱୟଂ-ବରିକା ରୂପେ ସେମାନଙ୍କର କନ୍ୟା ସେତେବେଳେ ମଧୁସୂଦନଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇବା ଆରମ୍ଭ କରିଥିଲେ । ଡାକ୍ତର

* ଉତ୍କଳ-ଦୀପିକା—ତା ୧୦ । ୨ । ୧୮୭୭ ପୃ-୨୨

ଯଦୁନାଥ ଘୋଷଙ୍କ କନିଷ୍ଠାକନ୍ୟା ସୁରଙ୍ଗିଣୀଙ୍କୁ ମଧୁସୂଦନଙ୍କୁ ବିବାହ ଦେବା ପାଇଁ ଘରୋଇସ୍ତରରେ କେତେଥର ପ୍ରସ୍ତାବ ମଧ୍ୟ ଦେଇଥିଲେ !

ସୁରଙ୍ଗିଣୀ ସେ ପର୍ଯ୍ୟନ୍ତ ଦୁଇଥର ଏଣ୍ଟ୍ରାନ୍ସ ପରୀକ୍ଷାରେ ଫେଲ ହେବା ପରେ ସ୍କୁଲ ଛାଡ଼ି ଘରେ ରହିଥିଲା । ସୁରଙ୍ଗିଣୀ ପ୍ରତି ମଧୁସୂଦନଙ୍କ ସ୍ନେହ ମମତା ଥିଲା ପ୍ରଚୁର । ହାସ୍ୟମୟୀ, ଲାସ୍ୟମୟୀ ସୁରଙ୍ଗିଣୀର ତରଙ୍ଗର ଛୁଆଁ ମଧୁସୂଦନଙ୍କ ମନକୁ କେତେଥର ଯେ ସ୍ପର୍ଶ ନକରିଥିଲା ନୁହେଁ । କିନ୍ତୁ ସେପରି ମୁହୂର୍ତ୍ତମାନଙ୍କରେ ମଧୁସୂଦନଙ୍କ ମନର ଶ୍ମଶାନରେ ପ୍ରପିତାମହୀ କୃଷ୍ଣାଦେଈଙ୍କ ସହଦାହର ଚିତାନଳ ଲେଲିହାନ ଶିଖା ବିସ୍ତାର କରି ବାରମ୍ବାର ଡେଇଁ ଉଠୁଥିଲା ।

ନିଃସଙ୍ଗ ଜୀବନସଂଗ୍ରାମରେ ସେ ବନ୍ଧୁବନ୍ଧୁ ହରାଇଥିଲେ ପିତାମହୀ ଓ ଜନନୀଙ୍କ ଅକୃତ୍ରିମ ସ୍ନେହର ସୁଶୀତଳ ସ୍ପର୍ଶ, ଏବେ ଜୀବନ-ସଙ୍ଗିନୀ ସୌଦାମିନୀଙ୍କ ପ୍ରୀତିରୁ ମଧ୍ୟ ସେ ବଞ୍ଚିତ ହେଲେ । ଜୀବନ ଏଣିକି ନିଦାଘର ଏକ ବାଲୁମୟ ପଥ···ତାହା ସେବା ଓ ଆତ୍ମାହୁତିର । ସୌଦାମିନୀଙ୍କ ପରି ସେ ମଧ୍ୟ ଜୀବନ ନେବେ···କିନ୍ତୁ କର୍ମ ମଧ୍ୟରେ ! ତାହାହିଁ ତାଙ୍କର କର୍ମସନ୍ନ୍ୟାସ ; ସୌଦାମିନୀଙ୍କ ସହିତ ସହଗମନ !

ମଧୁସୂଦନ ସେତେବେଳେ ତାଙ୍କର ମନୋଭାବ ପ୍ରକାଶ କରି ହଠାତ୍ ଗୋଟିଏ କବିତା ଲେଖି ପକାଇଥିଲେ···

"ପ୍ରେମର ଚୁମ୍ବନ ଯାହାକୁ ବୋଲନ୍ତି
ଏ ଭବେ ପାଇବ କାହିଁ ?
ସ୍ୱର୍ଗର ଲତିକା ରୋପିଥିଲେ ଦେବେ
ମାନବେ ଚାହିଁଲେ ନାହିଁ ।
ବାରିଧିର ଜଳ ଚନ୍ଦ୍ରମା ମୂରତି
କୋଳରେ ଦୋଳାଇ ନାଚେ
କିନ୍ତୁ କଳା ମେଘ ଗଗନେ ଦେଖିଲେ
ଚନ୍ଦ୍ରମା ଭୟରେ ଲୁଚେ ।
ପ୍ରେମ ଚୁମ୍ବନର ଏ ନୁହେଁ ଲକ୍ଷଣ
ପ୍ରେମ ବନ୍ଧ ଛୁଟେ କାହିଁ ?

ପ୍ରେମର ମିଳନ କ୍ଷୀର ନୀର ପରି
ଅଲଗ ଛଡ଼ା ଛଡ଼ି ନାହିଁ ।
ଫୁଲରୁ ସୁଗନ୍ଧ ପାଇବା ଆଶାରେ
ଭ୍ରମର ତା ପାଖେ ଉଡ଼େ
କିନ୍ତୁ ଭ୍ରମରକୁ ଚୁମ୍ବିବା ଆଶାରେ
ଫୁଲ କି ତା ସ୍ଥାନ ଛାଡ଼େ ?
ରବିର ଉଦୟୁ ଆକାଶେ ଦେଖିଲେ
କମଳ ତା' ଆଖି ମେଲେ
କିନ୍ତୁ କମଳକୁ ତୁଚ୍ଛ ଜ୍ଞାନ କରି
ରବି ଯାଏ ଅସ୍ତାଚଳେ ।
ପ୍ରୀତିର ମିଳନ ଦୂରୁ ଆକର୍ଷଣ
ଚୁମ୍ବନ ତ ସଂଘର୍ଷଣ
ସଂଘର୍ଷଣ ହେଲେ ହୁତାଶନ ଜଳେ
ଦହିବାକୁ ମନ ପ୍ରାଣ ।
ରବି ଦୂରେ ଥାଇଁ କିରଣ ବଳରେ
ପ୍ରାଣଦାନ କରେ ଜୀବେ
ରବିର ଚୁମ୍ବନ ହେଲେ ସଂଘଟନ
ବିପ୍ଳବ ଘଟିବ ଭବେ ।
କଳାମେଘ ଦେହେ ସୌଦାମିନୀ ହସେ
ଜଳଧର ମନ ତୋଷେ
ଚପଳା ଆସିଲେ ଚୁମ୍ବନ କରିଲେ
ସମସ୍ତ ଅନ୍ଧାର ଦିଶେ ।"

ମଧୁସୂଦନଙ୍କ ଜୀବନରେ ଏହା ପ୍ରଥମ ଓ ଶେଷ ପ୍ରେମ-କବିତା ।

## (ତିନି)

**ମ**ଧୁସୂଦନଙ୍କୁ ଓଡ଼ିଶାକୁ ଫେରାଇ ଆଣିବା ସମ୍ପର୍କରେ ନନ୍ଦକିଶୋର ତଥାପି ଆଶା ହରାଇ ନଥିଲେ । ନନ୍ଦକିଶୋର ସେତେବେଳେ ରେଭିନ୍ୟୁ କମିସନରଙ୍କ ଆସିଷ୍ଟାଣ୍ଟ ରୂପେ ଗଡ଼ଜାତ ମହାଲର ସୁପରିଣ୍ଟେଣ୍ଡେଣ୍ଟ୍ । ସେ ଏକ ପତ୍ରରେ ଲେଖିଥିଲେ ଭାଇସରାୟ ଲର୍ଡ ରିପନ ଅନ୍ତ

ନିକଟରେ କେତେକ ସୁଦୂରପ୍ରସାରୀ ଶାସନସଂସ୍କାର ପ୍ରବର୍ତ୍ତିତ କରିବାର ସମ୍ଭାବନା ରହିଛି । ଦେଶର ସ୍ୱାୟତ୍ତଶାସନ କ୍ଷେତ୍ରରେ ଏହା ଫଳରେ ବହୁ ବିରାଟ ପରିବର୍ତ୍ତନ ଘଟିବ । ଏତେବେଳେ ମଧୁସୂଦନ ଯଥାଶୀଘ୍ର ଓଡ଼ିଶା ଫେରି ଆସିବା ଉଚିତ । ପୁଣି କଟକରେ ଓକିଲାତି ବ୍ୟବସାୟ କ୍ଷେତ୍ରରେ କୌଣସି ବିଧିବଦ୍ଧ ଓଡ଼ିଆ ଓକିଲ ମଧ୍ୟ ନାହାନ୍ତି । ସେଥିପାଇଁ ଓଡ଼ିଶାର ସାଧାରଣ ଜୀବନରେ ଆଗନ୍ତୁକ ଓକିଲ ମାନଙ୍କର ପ୍ରାଧାନ୍ୟ ବେଶୀ । ଓଡ଼ିଶା ବର୍ତ୍ତମାନ ମୁହୂର୍ତ୍ତରେ ମଧୁସୂଦନଙ୍କୁ ପ୍ରତୀକ୍ଷା କରୁଅଛି ।

ମଧୁସୂଦନ ଏଥର ଟେଲିଗ୍ରାମରେ ଉତ୍ତର ପଠାଇଲେ କଟକ ଫେରିଆସିବା ପାଇଁ ସେ ପ୍ରସ୍ତୁତ । କିନ୍ତୁ କଟକରେ ରହିବା ପାଇଁ ଗୋଟାଏ ଭଲ ଘର ମିଳି ପାରିବ ତ ?

ନନ୍ଦକିଶୋରଙ୍କ ଠାରୁ ଉତ୍ତର ମିଳିଲା,—ଘରର ତ ଅଭାବ ନାହିଁ ! ଘର ଠିକ୍ ହୋଇଛି । ବିହାରୀଲାଲ ପଣ୍ଡିତଙ୍କ ବିରାଟ କୋଠା ; ସିଂହଦ୍ୱାର ବ୍ଲ୍ୟାକ୍‌ବ୍ରିଜ୍ କ ଉପରେ ।

× × ×

ଏହାପରେ ଦିନେ ଷୋଳବର୍ଷ ତଳର ସେହି କୟଲାଘାଟରୁ ବ୍ରିନ୍ଦାବାନ ଆସୁଥିବା ଗୋଟାଏ ଷ୍ଟୀମର୍‌ରେ ମଧୁସୂଦନ ଉଠିଲେ । ସେଦିନ ତାଙ୍କୁ ବିଦାୟ ଦେବାପାଇଁ ଜାହାଜଜେଟୀରେ ଉପସ୍ଥିତ ଥିଲେ ଅମ୍ବିକାଚରଣ, ପ୍ରସନ୍ନମୟୀ, ପାଷ୍ଟର ଯଦୁନାଥ ଘୋଷାଲ ଓ ଆଉ କେତେଜଣ ପରିଚିତ ବ୍ୟକ୍ତି, ଯେଉଁମାନେ ଥିଲେ ମଧୁସୂଦନଙ୍କ ସହକର୍ମୀ ବନ୍ଧୁ ଅଥବା ଶିକ୍ଷକ ।

ଷ୍ଟୀମର୍ କୟଲାଘାଟ ଜେଟୀ ଛାଡ଼ିଲା । ସାଇରେନ୍‌ର ଚିତ୍କାରରେ ବିଦାୟର ବିସର୍ଜନ ; ଗୋଟାଏ ମୋଡ଼ ବାଙ୍କରେ କୟଲାଘାଟ ଜେଟୀ କ୍ରମେ ଅଦୃଶ୍ୟ ହୋଇ ଆସିଲା । ପଛରେ ରହିଗଲା କଲିକତା ଓ ତାହାର ପଥେ ପଥେ, ଦୀର୍ଘ ଷୋଳବର୍ଷବ୍ୟାପୀ ଜୀବନକାଳର ବହୁ ଅନୁଭୂତି, ବହୁ ସଂଗ୍ରାମ, ବହୁ ସଫଳତା ଓ ବହୁ ବ୍ୟର୍ଥତାର ଇତିହାସ । ସେହି ସବୁର ଅଶାନ୍ତ ମନ୍ଥନ ପରି ଗୋଟାଏ ନିଃସଙ୍ଗ ଗଲ୍ ପକ୍ଷୀ ଷ୍ଟୀମର୍‌ର ଡେକ୍ ସ୍ପର୍ଶକରି ଓ ପଛେ ପଛେ ଉଡ଼ି ଷ୍ଟୀମର୍ ସହିତ ଯେପରି ଗୋଟାଏ ପ୍ରତିଯୋଗିତା ଆରମ୍ଭ କରିଥିଲା ।

# ପ୍ରଥମ ପରିଚ୍ଛେଦ

## ( ଏକ )

ଦୀର୍ଘ ଷୋଳବର୍ଷବ୍ୟାପୀ ପ୍ରବାସ ପରେ ମଧୁସୂଦନ ଯେଉଁଦିନ କଟକ ଫେରି ଆସିଲେ, ସେ ଦିନଟି ଓଡ଼ିଶା ଇତିହାସରେ ନିଶ୍ଚୟ ଏକ ସ୍ମରଣୀୟ ଦିବସ । ଊନବିଂଶ ଶତାବ୍ଦୀର ବହୁତ୍ୱବାଦ, ଗଣତାନ୍ତ୍ରିକ ଶାସନାଦର୍ଶ, ଅନୁଶାସନମୁକ୍ତ ଚିନ୍ତା ଓ ଶୈଳ୍ପିକ ଅଭ୍ୟୁଦୟର ଚେତନା ସେଦିନ ଔପନିବେଶିକ ଭାରତ ମଧ୍ୟରେ ଅନ୍ୟ ଏକ ଉପନିବେଶ ପରି ଅନଗ୍ରସରତା ଓ ଅନ୍ଧକାର ମଧ୍ୟରେ ପଡ଼ି ରହିଥିବା ଓଡ଼ିଶାରେ ସେହି ଦିନୁ ସ୍ପନ୍ଦିତ ହେବା ପାଇଁ ଆରମ୍ଭ କରିଥିଲା । ଗୁପ୍ତାଢ଼୍ୟା ଏକ ଶାନ୍ତ ପୁଷ୍କରିଣୀର ନିଥର ଜଳରାଶିରେ ନିକ୍ଷିପ୍ତ ଉପଳଖଣ୍ଡ ପ୍ରଥମେ ଅବଶ୍ୟ ଅଲକ୍ଷିତରେ ମିଳାଇ ଯାଇଥାଏ । ମାତ୍ର ତାହାର ଆଲୋଡ଼ନର ତରଙ୍ଗ କ୍ରମ ବିସ୍ତାରିତ ହୋଇ ପୁଷ୍କରିଣୀର ଜଳରାଶିକୁ ଆନ୍ଦୋଳିତ ଓ ଉଦ୍‌ବେଳିତ କରେ । ମଧୁସୂଦନ, ସେଦିନ କଟକରେ ପହଞ୍ଚିଥିଲେ ଓଡ଼ିଶାର ନିଥର, ଶାନ୍ତ ଜଳରାଶିରେ ଇତିହାସ ଦ୍ୱାରା ନିକ୍ଷିପ୍ତ ସେହି ଉପଳଖଣ୍ଡ ପରି ।

ଇଂ ୧୮୮୧ ସାଲ ସେପ୍ଟେମ୍ବର ମାସର ଅଧାଅଧି···

କଲିକତା ଫେରନ୍ତା ଷ୍ଟୀମର ଜୋବ୍ରା ଘାଟରେ ଲାଗିଲା ବେଳେ ମଧୁସୂଦନଙ୍କୁ ପାଛୋଟି ନେବାପାଇଁ ସେଠାରେ କେହି ନଥିଲେ । ଘାଟରେ ଅପେକ୍ଷା କରିଥିବା ଗହଳି ମଧ୍ୟରେ ଚିହ୍ନା ମୁହଁ କିମ୍ବା ସମ୍ବର୍ଦ୍ଧନାର ସଙ୍କେତ ନଦେଖି ମଧୁସୂଦନଙ୍କ ମନଟା ଭଙ୍ଗା ପଡ଼ି ଯାଇଥିଲା । ଷ୍ଟୀମରରୁ ଓହ୍ଲାଇଗଲେ କେତେଜଣ ଇଂରେଜ, ଜଣ କେତେ ବଙ୍ଗାଳୀ କର୍ମଚାରୀ, ଓ ଜଣେ ଦୁଇଜଣ ପଶ୍ଚିମା ବ୍ୟବସାୟୀ । ମଧୁସୂଦନ ସମସ୍ତଙ୍କ ପଛରେ ଷ୍ଟୀମର୍ ଭିତରୁ ଜେଟୀ ଉପରକୁ ଆସି ବର୍ଷାସ୍ଫୀତ ମହାନଦୀ ଓ ନଦୀଗର୍ଭର ପଠାରେ କାଶ ଜଙ୍ଗଲ ଆଡ଼େ ଅନ୍ୟମନସ୍କ ଭାବରେ ଚାହିଁଲେ । ଦୀର୍ଘ ଷୋଳ ବର୍ଷ ପରେ କଟକର ମାଟି, ଆକାଶ, ନଦୀ ଓ କାଶଫୁଲ, ସବୁ ତାଙ୍କୁ ନୂଆ ପରି ଲାଗୁଥିଲା । ପ୍ରିୟଜନମାନଙ୍କର ଆଦର ସମ୍ବର୍ଦ୍ଧନାରେ

କଲିକତାରୁ ଏହି ବହୁ ପ୍ରତ୍ୟାଶିତ ମୁହୂର୍ତ୍ତଟି ଉତ୍ସବ ମୁଖରିତ ନଥିଲେ ହେଁ, ଶରତର ଉନ୍ମେଷ ରୌଦ୍ରସ୍ନାତ ଆକାଶ, କାଠଯୋଡ଼ିର ଧବଳିତ କୋଳାହଳ ଓ ଶୀତଳ ପବନର ସ୍ପନ୍ଦନରେ ଏହି ପ୍ରବାସୀଟି ପାଇଁ ଯେପରି ଫିଟି ପଡୁଥିଲା ସ୍ନେହମୟୀ ଜନନୀର ଅଞ୍ଚଳ ।

ମଧୁସୂଦନଙ୍କୁ ହଠାତ ଚିହ୍ନି ପାରିବାର ଉପାୟ ନଥିଲା । ତାଙ୍କର ପରିଧାନରେ ସାହେବୀ କାଇଦାର ପାଣ୍ଟଲୁନ୍ ଓଭରକୋଟ, ଜାକେଟ୍ ବୋ-ଟାଇ, ମୁଣ୍ଡରେ ଷ୍ଟୋଭପାଇପ ହାଟ୍, ହାତରେ ଛଡ଼ି ଓ ଚାଲିଚଳନରେ ଏକ ଆତ୍ମପ୍ରତ୍ୟୟସମ୍ପନ୍ନ ଉନ୍ନାସିକତା । ମଧୁସୂଦନ ଘାଟ ଉପରକୁ ଆସିବା ମାତ୍ରେ ନନ୍ଦକିଶୋର ଲୋକଗହଳି ଭିତରୁ ବାହାରି ଆସି ତାଙ୍କର କର-ମର୍ଦ୍ଦନ କରି କହିଲେ···

"So the prodigal returns" !

ସେମାନଙ୍କଠାରୁ ଅଳ୍ପ ଦୂରରେ ସସଙ୍କୋଚ ଦୃଷ୍ଟିରେ ଚାହିଁ ଠିଆ ହୋଇଥିଲେ ଗୋପାଳବଲ୍ଲଭ ଓ ରାମଶଙ୍କର ।

ଗୋପାଳବଲ୍ଲଭଙ୍କୁ ନନ୍ଦକିଶୋର ଚିହ୍ନାଇ ଦେଇ କହିଲେ··· ଇଏ "ଗୋପାଳ । ଏଫ୍. ଏ କ୍ଲାସରେ ପଢ଼ୁଛି ।"

କନିଷ୍ଠଭ୍ରାତା ଗୋପାଳବଲ୍ଲଭଙ୍କୁ ଏ ପର୍ଯ୍ୟନ୍ତ ମଧୁସୂଦନ କେବେ ଦେଖି ନଥିଲେ । ଗୋପାଳ ପିଠିରେ ହାତ ରଖି ଏହି ପ୍ରଥମ ମିଳନ ମୁହୂର୍ତ୍ତରେ ମଧୁସୂଦନ ତାଙ୍କୁ କଣ କହି କିପରି ସଙ୍କୋଳିବେ ଠିକ୍ କରି ପାରିଲେ ନାହିଁ । ରାମଶଙ୍କରଙ୍କ ଆଡ଼େ ଚାହିଁ ମଧୁସୂଦନ ପଚାରିଲେ···"ଆଉ ଇଏ କିଏ ?" ନନ୍ଦକିଶୋର ତାଙ୍କୁ ଚିହ୍ନାଇ ଦେଇ କହିଲେ···"ସିଏ ରାମଶଙ୍କର । କାଞ୍ଚିକାବେରୀ ନାଟକର ଲେଖକ ।" ମଧୁସୂଦନ ତାଙ୍କୁ କୁଣ୍ଢାଇ ପକାଇ କହିଲେ···"ଓ ତୁମେ ରାମଶଙ୍କର ! ଆୱାର୍ ଲୋକାଲ୍ ସେକସ୍‌ପିଅର୍ ! ମାଷ୍ଟର ତା କିପରି ଅଛନ୍ତି ?"

ମାଷ୍ଟର୍ ଅର୍ଥାତ୍ ଗୌରୀଶଙ୍କର, ରାମଶଙ୍କରଙ୍କ ଜ୍ୟେଷ୍ଠଭ୍ରାତା ।

ମଧୁସୂଦନ ସେଠାରେ କିନ୍ତୁ ମନେ ମନେ ପିତା ଚୌଧୁରୀ ରଘୁନାଥ ଦାସଙ୍କୁ ଖୋଜୁଥିଲେ । ମାତ୍ର ରଘୁନାଥ ଧର୍ମାନ୍ତରିତ ପୁତ୍ରର ମୁଖଦର୍ଶନ କରିବେ ନାହିଁ ବୋଲି ଯେଉଁ ପଣ କରିଥିଲେ ମୃତ୍ୟୁ ପର୍ଯ୍ୟନ୍ତ ବହୁ ଦୁର୍ବଳ ମୁହୂର୍ତ୍ତରେ ସୁଦ୍ଧା ସେଥିରୁ କେବେ ବିଚ୍ୟୁତ ହୋଇ ନଥିଲେ । ଜୋବରା ଘାଟକୁ ଚୌଧୁରୀ ରଘୁନାଥ ଦାସ ସେଦିନ ଆସି ନଥିଲେ ।

ଏ ସମ୍ବାଦଟି କିନ୍ତୁ "ଉତ୍କଳ ଦୀପିକା"ରେ ପ୍ରକାଶିତ ହୋଇଥିଲା ···"ବିଧିବଦ୍ଧ ଭାବରେ ଓକିଲାତି ପାସ କରିଥିବା ଜଣେ ଓଡ଼ିଆ ଓକିଲ, କଟକ ଫେରି ଆସିଛନ୍ତି । ଏଠା ଅଦାଲତ ମାନଙ୍କରେ ସେ ଓକିଲାତି କରିବେ । ଇତିପୂର୍ବରୁ ଚବିଶପ୍ରଗନ୍ନାର ଆଲ୍ଲିପୁର କୋର୍ଟରେ ସେ ଓକିଲାତି କରୁଥିଲେ ଓ କଲିକତା ହାଇକୋର୍ଟରେ ଟ୍ରାନ୍ସ୍ଲେଟର ମଧ୍ୟ ଥିଲେ । ସେ ହେଲେ ବାବୁ ମଧୁସୂଦନ ଦାସ, ଚୌଧୁରୀ ରଘୁନାଥ ଦାସଙ୍କ ପୁତ୍ର ।" †

କଟକର ଓଡ଼ିଆ ପାଠକ ସମାଜରେ ଏ ସମ୍ବାଦଟି ସେ ଦିନ ବେଶ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ସମ୍ବାଦଟି ପଢ଼ି, ସେମାନଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା···ଇଏ ହେଉ, କି° କୁଟକୁ ନ କୁଟନ୍ତି କାମିନୀ ବସଗା ନଗ୍ନଃ ମଧୁସୂଦନ କହୋ ? ଯିଏ ଖ୍ରୀଷ୍ଟିଆନ୍ ରମଣୀର ପାଣି ଗ୍ରହଣ ଲୋଭରେ ଖ୍ରୀଷ୍ଟିଆନ୍ ହୋଇଥିଲେ ବୋଲି ଷୋଳବର୍ଷ ତଳେ ପତ୍ରିକାରେ ଖବର ଛପା ହୋଇଥିଲା ?

ମଧୁସୂଦନ କଟକ ଫେରି ଆସିଥିବାର ସମ୍ବାଦ ସେମାନଙ୍କ ମଧ୍ୟରେ ଗୋଟାଏ ବ୍ୟାଧିତ କୌତୁହଳ ଉଦ୍ରେକ କରିଥିଲା । ଆଉ କେହି କେହି ଟିପ୍ପଣୀ କରିଥିଲେ, ଯାହାହେଉ ଏତେଦିନେ ଜଣେ ଓଡ଼ିଆ ପ୍ରଥମେ ଓକିଲାତି ପାସ କରି, ଓକିଲ ହୋଇ ପାରିଲା ! ହଉ ଦେଖାଃ, ଏଠି ହରିବଲ୍ଲଭ ବାବୁ, ପ୍ରିୟନାଥ ବାବୁ, କେତେ କେତେ ବଡ଼ ବଙ୍ଗାଳୀ ଓକିଲ ଅଛନ୍ତି । ସେମାନଙ୍କ ଆଗରେ ମୁଣ୍ଡ ଟେକି ଠିଆ ହୋଇ ପାରିଲେତ !

ମଧୁସୂଦନଙ୍କ ସମ୍ପର୍କରେ ସଫଳତାବାଦୀ ସମାଜରେ ଏହିପରି ଶୁଭେଚ୍ଛା ପୂର୍ଣ୍ଣ ବହୁ ସନ୍ଦେହ ।

ରାମଶଙ୍କରଙ୍କ ପରି ଯୁବ-ସମାଜରେ କିନ୍ତୁ ପ୍ରବଳ ଉଲ୍ଲାସ, ସାଧାରଣ କ୍ଷେତ୍ରରେ ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କ ଆବିର୍ଭାବ ହେଲା । ଆଗନ୍ତୁକ ଗୋଷ୍ଠୀର ଓକିଲ ସମାଜରେ ପ୍ରଚଣ୍ଡ ଚାଞ୍ଚଲ୍ୟ··· ଓଡ଼ିଆ ପୁଣି ଗୋଟାଏ ଓକିଲ !

---

† ଉତ୍କଳ ଦୀପିକା, ୨୪ ସେପ୍ଟେମ୍ବର, ୧୮୮୧ ।

ବୃନ୍ଦାବନ୍ଦେଶ୍ୱରେ ବାବୁ ହରିହରଲାଲ ପଣ୍ଡିତଙ୍କ ସ୍ୱର୍ଣ୍ଣାବାଗ କୋଠା । ମଧୁସୂଦନଙ୍କ ପାଇଁ ଏହି ଘରଟିକୁ ନନ୍ଦକିଶୋର ଭଡ଼ା ନେଇଥିଲେ । ମଧୁସୂଦନ କଲିକତାରୁ ତାଙ୍କ ପାଖକୁ ଲେଖିଥିଲେ, ଘରଟା ବିଶେଷ ବଡ଼ ହୋଇଥିବା ଆବଶ୍ୟକ । ବଗିଚ ହତା ମଧ୍ୟରେ କୋଠାଟି ପ୍ରକାଣ୍ଡ ଦ୍ୱିତଳବିଶିଷ୍ଟ । ହତା ଭିତରେ ଆମ୍ବତୋଟା, ପଶ୍ଚିମ ପଟକୁ ପଥର ଘାଟବନ୍ଧା ଗୋଟିଏ ପୁଷ୍କରିଣୀ । ପୁଷ୍କରିଣୀ ଦକ୍ଷିଣପଟେ ଫୁଲବଗିଚା । ମଧୁସୂଦନ କଲିକତାରୁ ସଙ୍ଗରେ ଧରି ଆସିଥିଲେ ଗୋଟାଏ ନେମ୍‌ପ୍ଲେଟ । ପହଞ୍ଚିବା ମାତ୍ରେ ସ୍ୱର୍ଣ୍ଣାବାଗ୍ ଫାଟକରେ ସେଇଟା ସଙ୍ଗେ ସଙ୍ଗେ ଯୋଡ଼ା ହୋଇଗଲା···

"ଏମ୍.ଏସ୍. ଦାସ୍, ଏସ୍‌କ୍ୱାୟାର୍, ଏମ୍. ଏ., ବି. ଏଲ୍, ଉକିଲ ।

× × ×

ସ୍ୱର୍ଣ୍ଣାବାଗର ଦୋମହଲାରେ ମଧୁସୂଦନଙ୍କ ଶୟନକକ୍ଷ ଓ ଲାଇବ୍ରେରୀ । ତଳମହଲାରେ ରହିବ ସିରସ୍ତା, ଅଫିସ ଓ ଡ୍ରାଇଂଙ୍ଗ୍ ହଲ୍ । ଖାନସାମା ଓ ବବୁର୍ଚ୍ଚୀ ପ୍ରଭୃତି ପୂର୍ବରୁ ନିଯୁକ୍ତ ହୋଇ ସାରିଥିଲେ । ମଧୁସୂଦନଙ୍କର ପ୍ରିୟସ୍ୱପ୍ନ ଥିଲା ସୌଦାମିନୀ ଦିନେ ଆସି, କଟକରେ ଗୋଟିଏ ସୁପରିଚ୍ଛନ୍ନ ଗୃହସ୍ଥଳୀ ନିଜ ହାତରେ ସଜାଡ଼ି ଥାନ୍ତେ । ମାତ୍ର ବିଧିନିର୍ଦ୍ଦେଶରେ ଘଟଣା ଅନ୍ୟ ପ୍ରକାର ଘଟିଲା । ଏବେ ଅନାଡ଼ୀ ଖାନସମା, ବବୁର୍ଚ୍ଚୀ ଓ ଜମାଦାର ମିଳି ତଳମହଲାରେ ଏହି ବିପତ୍ନୀକ ଓକିଲଙ୍କର ଗୃହସ୍ଥଳୀ ନିଜ ନିଜର ରୁଚି ଓ ସାଧ ଅନୁସାରେ ସଜାଡ଼ୁଥିଲେ । ସେସବୁ ସଜାଡ଼ିବା ବେଳେ କେଉଁଠି ପ୍ଲେଟ ପଡ଼ି ଭାଙ୍ଗୁଥିଲା । କାଚଗ୍ଲାସ ତଳେ ପଡ଼ି ଝଣଝଣରେ କୋଳାହଳ ସୃଷ୍ଟି କରିଥିଲା । ମାତ୍ର ମଧୁସୂଦନଙ୍କର କାନରେ ସେ ସବୁ ପଡ଼ୁ ନଥିଲା ।

ଉପରମହଲାରେ ଲାଇବ୍ରେରୀ ପାଇଁ ଉଦ୍ଦିଷ୍ଟ ହଲ ମଧ୍ୟରେ ଏ ପାଖରୁ ସେପାଖ ପାଦଚାରଣା କରି ନୂତନ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇବା ପାଇଁ ସେ ଚେଷ୍ଟା କରୁଥିଲେ । ଘର ଭିତରେ ଚଉଦଟା ସାଗୁଆନି କାଠର ଗୁଡ଼ାଏ ବହି ବାକ୍ସ ବନ୍ଦ ହୋଇ ପଡ଼ିଥିଲା । ପ୍ରତ୍ୟେକ ବାକ୍ସରେ ବଡ଼ ବଡ଼ ଲେବଲ ଉପରେ ଲେଖା:—

"ବୁକ୍‌ସ୍ ଉଇଥ କେଆର୍‌...ଏମ୍.ଏସ ଦାସ, ଏମ୍.ଏ.ବି.ଏଲ୍... ଉତ୍କଳ, କଟକ ।"

ଏହି ସମୟରେ ରାମଶଙ୍କର ସେଠାକୁ ଆସି କହିଲେ..."ଦାଦା, ପଠାଇଛନ୍ତି ସଭାର ନୋଟିସ ଓ ଆପଣଙ୍କ ବକ୍ତୃତାର ବିଷୟ ସ୍ଥିର କରିବା ପାଇଁ ।"

ନବାଗତ ମଧୁସୂଦନଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଗୋଟିଏ ସଭାର ଆୟୋଜନ କରିଥିଲେ ଗୌରୀଶଙ୍କର ।

ମଧୁସୂଦନ ଉତ୍ତର ଦେଲେ..."ସଭା ହେବ, କେଶ ଭଲ କଥା । କିନ୍ତୁ କେଉଁ ଅନୁଷ୍ଠାନ ପକ୍ଷରୁ ଏ ସଭାର ଆୟୋଜନ ?"

ରାମଶଙ୍କର କୁଣ୍ଠିତ କଣ୍ଠରେ କହିଲେ..."ଆପଣ ପରିକାର ପରିସ୍ଥିତି ହୃଦୟଙ୍ଗମ କରି ନଥିବେ । ଏଠାରେ ବର୍ତ୍ତମାନ ଆଗନ୍ତୁକ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ସମ୍ପର୍କଟା ଭଲ ନୁହେଁ । ଲଳିତ ଚକ୍ରବର୍ତ୍ତୀ ମନା କରିଦେଲେ ଶିକ୍ଷାଭିଧାୟିନୀସଭା ପକ୍ଷରୁ ସେମାନେ କିଛି କରି ପାରିବେ ନାହିଁ । କଟକ ୟଙ୍ଗ୍‌ମେନସ୍- ଲାଇବ୍ରେରୀ- ଆସୋସିଏସନ୍ ପକ୍ଷରୁ ଏ ସଭାଟି ଆୟୋଜିତ ହୋଇଥିଲେ ସବୁ ଦୃଷ୍ଟିରୁ ଭଲ ହୋଇଥାନ୍ତା । ମାତ୍ର ତାହାର ସେକ୍ରେଟାରୀ ଭଗବତୀ ଘୋଷ ମଧ୍ୟ ଏ ପ୍ରସ୍ତାବରେ ଅମତ ହେଲେ । କଟକ ପ୍ରୋସାଇଟୀର ଅବନୀଶ ଘୋଷ ଏ ପ୍ରସ୍ତାବର ବିରୋଧରେ । ଆଉ କଟକ-ଡିବେଟିଂ-କ୍ଲବ ତ ସେହି ମାନଙ୍କ ହାତରେ, ଓଡ଼ିଆ ଭାଷା-ବିରୋଧୀ—ଆନ୍ଦୋଳନର ପୀଠ । ଅଗତ୍ୟା ଦାଦା ସ୍ଥିର କରିଛନ୍ତି ଉତ୍କଳୋଲ୍ଲାସିନୀ ସଭା ପକ୍ଷରୁ ଏ ସଭାର ଆୟୋଜନ କରିବା ପାଇଁ । ଭାଷା ବିବାଦ ବନ୍ଦ ହେବା ଦିନୁ ଉତ୍କଳୋଲ୍ଲାସିନୀ-ସଭା ମଧ୍ୟ ବନ୍ଦ ହୋଇ ପଡ଼ିଛି । ତଥାପି ସେହି ଅନୁଷ୍ଠାନ ପକ୍ଷରୁ ଏ ସଭାର ଆୟୋଜନ କରିବା ଆମ ସମସ୍ତଙ୍କର ଇଚ୍ଛା ।"

ରାମଶଙ୍କରଙ୍କ ପ୍ରସ୍ତାବ ଶୁଣି ମଧୁସୂଦନ କହିଲେ..."ରାମଶଙ୍କର, ଏ ସଭା ବରଂ ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାରେ ତୁମ ନିଜ ପକ୍ଷରୁ ଆୟୋଜନ କର । ମୁଁ ଆନନ୍ଦର ସହିତ ସେ ସଭାରେ ଯୋଗ ଦେବି । ଉତ୍କଳୋଲ୍ଲାସିନୀ ସଭାକୁ ସେଥିରୁ ଅବ୍ୟାହତି ଦେଲେ ଭଲ ହେବ ।

ଉତ୍କଳକୁ ଉଲ୍ଲସିତ କରିବା ମୋର କର୍ମ ନୁହେଁ । ଉତ୍କଳୀୟଙ୍କୁ ଆନ୍ଦୋଳିତ, ଆଳୋଡ଼ିତ, ମଥିତ, ବିକ୍ଷୁବ୍ଧ କରିବାର କର୍ମଯୋଜନା ଧରି ମୁଁ ଓଡ଼ିଶା ଆସିଛି । ଉତ୍କଳୋଲ୍ଲାସିନୀ ସଭାରେ କିନ୍ତୁ ତାହା ଏକାନ୍ତ ଖାପଛଡ଼ା ଦିଶିବ । ତା ଛଡ଼ା ମୁଁ ଭାଷଣ ଦେବି ଇଂରାଜୀରେ । ବାଇ ଦି ୱେ, ମୁଁ ସେତେବେଳେ କଲିକତାରେ ପ୍ରଥମେ ପହଞ୍ଚେ, ଷୋଳବର୍ଷ ତଳେ ସେତେବେଳେ ବଙ୍ଗଦେଶରେ ମଧ୍ୟ ଏହିପରି ଏକ ଅନୁଷ୍ଠାନର ନାମ ଶୁଣିଥିଲି— ନାଗରିକ-ଗୌରବେଚ୍ଛା-ସଞ୍ଚାରିଣୀ ସଭା । ତମର ଉତ୍କଳ—ଉଲ୍ଲାସିନୀ ସଭାର ନାମଟି ସେଇ ଗୌରବେଚ୍ଛା-ସଞ୍ଚାରିଣୀର ନାମ ମନେ ପକାଇ ଦିଏ । କିନ୍ତୁ ସେସବୁ ବଡ଼ ଆରକେଇକ୍, ଭୟଙ୍କର ଭାବରେ ରିଭାଇ-ଭାଲିଷ୍ଟ୍ । ତୁମେ କଣ ଚାହଁ ଗ୍ରାମଣଙ୍କର ରିଭାଇଭାଲିଜମ, ଅତୀତର ପୁନରୁଦ୍ଧାର ? ନାଁ ରିନେସାଁ ? ଅତୀତର ଭିତ୍ତିରେ ଆଗାମୀର ନବ ନିର୍ମାଣ ? ମୁଁ ଚାହେଁ ରିନେସାଁ।...।"

ଅସଲ କଥା ହେଉଛି, କଟକରେ ସେତେବେଳର ସାମ୍ପ୍ରଦାୟିକ ଗୋଷ୍ଠୀ ବିବାଦ ସଙ୍କୁଚିତ ନିଜକୁ ହଠାତ୍ ଜଡ଼ିତ ନକରି, ଓଡ଼ିଶାର ଅଭ୍ୟୁଦୟ ଦିଗରେ ଏକ ସାର୍ବଜନୀନ ସର୍ବଜନଗ୍ରାହ୍ୟ ବାତାବରଣ ସୃଷ୍ଟି କରିବା ଆରମ୍ଭରୁ ମଧୁସୂଦନଙ୍କ ଉଦ୍ଦେଶ୍ୟ ଥିଲା । ସେଥିପାଇଁ ଉତ୍କଳୋଲ୍ଲାସିନୀ-ସଭା ପକ୍ଷରୁ ସମ୍ବର୍ଦ୍ଧନାର ଆୟୋଜନରେ ମଧୁସୂଦନଙ୍କ ସମ୍ମତି ନଥିଲା ।

ବିଷୟଟି ଯେତେ ସାମାନ୍ୟ ହେଉ ପଛେ, ପ୍ରତ୍ୟେକ କଥାକୁ ଗୋଟାଏ ତାର୍କିକ ଘଟାଟୋପ ପିନ୍ଧାଇ ତାହାକୁ ଗୁରୁଗମ୍ଭୀର ଭାବରେ ଠିଆ କରାଇବା "ପଣ୍ଡିତାଣାଳା" ଧନୁ ମଧୁସୂଦନଙ୍କର ଗୋଟାଏ ଅଭ୍ୟାସରେ ପରିଣତ ହୋଇଥିଲା । ଏ କଥାଟି ମଧ୍ୟ ଥିଲା ସେହିପରି !

ଗ୍ରାମଣଙ୍କର ପଚାରିଲେ..." ତା' ହେଲେ କେଉଁ ବିଷୟରେ ଆପଣ ଭାଷଣ ଦେବେ ? ନୋଟିସରେ ତାହା ମଧ୍ୟ ଲେଖା ରହିବା ଆବଶ୍ୟକ ।"

ମଧୁସୂଦନ ଛାତି ଉପରେ ଦୁଇ ବାହୁ ଛନ୍ଦି, କେତେକ୍ଷଣ ଭାବଚିନ୍ତା କରିବା ପରେ କହିଲେ..."**Unification of Indian Alphabets ?**"

ବିଷୟବସ୍ତୁର ନାମ ଶୁଣି ଗ୍ରାମଣଙ୍କର ଚମକ ପଡ଼ିଲେ । ଭାରତୀୟ ଭାଷାମାନଙ୍କ ପାଇଁ ଏକ ସାଧାରଣ ଲିପିର ସ୍ୱପ୍ନ ଯେପରି ନୂତନ

ଅତୀତରେ ଓଡ଼ିଶାରେ ଯେତେ ଯେତେ ଆନ୍ଦୋଳନ ମନ୍ଥନ ହୋଇ ଯାଇଛି, ମଧୁଦା' ତାହାର ଖବର ରଖି ନାହାନ୍ତି ନାଁ କଣ ? ଏହି ଆଳରେ ସେତେବେଳେ ଓଡ଼ିଆ ଭାଷାକୁ ଲୋପ କରିବାର ଉଦ୍ୟମ ଯେପରି ପୁଣି ଥରେ ନୂଆ କରି ମୁଣ୍ଡ ଟେକିଥିଲା, ରାମଶଙ୍କର ତାହା ଜାଣି ତଥାପି ଭୁଲି ନଥିଲେ । ରାମଶଙ୍କର କହିଲେ···"ନା, ଦାଦା ଏ ବିଷୟଟି ଆଦୌ ଚଳିବ ନାହିଁ । ଓଡ଼ିଆ ଲିପିର ବିଲୋପ ପ୍ରଶ୍ନ ଉଠିଥିଲା ବେଳେ, ଓଡ଼ିଶାରେ କି ପ୍ରଚଣ୍ଡ ଆନ୍ଦୋଳନ ହୋଇଥିଲା, ଆପଣ ତାହା ବୋଧହୁଏ ଜାଣନ୍ତି ନାହିଁ ! ତା' ଛଡ଼ା ବଡ଼ଦାଦା (ଗୌରୀଶଙ୍କର) ଏପରି ପ୍ରସ୍ତାବର ଘୋର ବିରୋଧୀ । ଆପଣ ସେ ବିଷୟରେ ବକ୍ତୃତା ଦିଅନ୍ତୁ ନାହିଁ । ସେ ବିଷୟଟା ଆଦୌ ପପୁଲାର ହେବ ନାହିଁ । ବରଂ ଅନ୍ୟ ଗୋଟାଏ ସବ୍‌ଜେକ୍ଟ ସ୍ଥିର କରନ୍ତୁ । ମୁଁ ଭାବୁଛି "କର୍ତ୍ତବ୍ୟଜ୍ଞାନ" ଉପରେ ଭାଷଣ ଦେଲେ କପରି ହୁଅନ୍ତା ?"

କୌଣସି କଥାରେ କୌଣସି ପ୍ରକାର ପ୍ରତିବାଦ ବରଦାସ୍ତ କରିବା ମଧୁସୂଦନଙ୍କ ପକ୍ଷରେ ସବୁଦିନେ କଠିନ ଥିଲା । ତା'ଛଡ଼ା 'ପପୁଲାରିଟୀ' ବା ଲୋକପ୍ରିୟତା ଲୋଭରେ କୌଣସି କଥା କହିବା ବା କରିବା ମଧ୍ୟରେ ସେ ନିଜ ପ୍ରତି ସ୍ୱେଚ୍ଛାକୃତ ଅପମାନର ଏକ ଇଙ୍ଗିତ ଦେଖୁଥିଲେ ।

ମଧୁସୂଦନ କଣ୍ଠରେ ଶାଣିତ ବ୍ୟଙ୍ଗ ଫୁଟାଇ କହିଲେ···"ତୁମେ ଚାହୁଁଛ ମୋତେ ପପୁଲାର କରିବା ପାଇଁ ? ଲୋକେ ଯେପରି ବାହାବା ଦେବେ ! ତା' ହେଲେ ତୁମର କୌଣସି ନାଟକରେ ମୋତେ ଗୋଟାଏ ବିଦୂଷକର ପାର୍ଟ ଦେଲେତ ଚଳନ୍ତା !" ରାମଶଙ୍କର ଅପ୍ରସ୍ତୁତ ହୋଇ ପଡ଼ିଲେ ।

ରାମଶଙ୍କର କୌଣସି ଉତ୍ତର ନ ଦେଉଣୁ ମଧୁସୂଦନ ପୁଣି କହିଲେ···"ଲିପିର ଗୋଟାଏ ନିୟମ ଅଛି, ରାମଶଙ୍କର ! ଯେଉଁ ଜାତି ଯେତେ ବେଶୀ କଳାପ୍ରବଣ, ତାର ଲିପି ସେତେ ବର୍ତ୍ତୁଳାକାର । ଯେଉଁ ଓଡ଼ିଆ ଜାତି ଭୁବନେଶ୍ୱର, କୋଣାର୍କର ନିର୍ମାତା, ତାର ଲିପି ବର୍ତ୍ତୁଳାକାର ହେବା ସ୍ୱାଭାବିକ । କେବଳ ଲେଖନ ମୁନରେ ତାଳପତ୍ରରେ ଲେଖା ହେବା ପାଇଁ ଓଡ଼ିଅଲିପି ଯେ ବର୍ତ୍ତୁଳାକାର ହୋଇଛି, ତାହା ନୁହେଁ । ତାଳପତ୍ର ଓ ଲେଖନରେ ଦେବନାଗରୀ ଲିପିରେ ମଧ୍ୟ କମ୍ ପୋଥି

ଲେଖା ଯାଇ ନାହିଁ । ମାତ୍ର ଓଡ଼ିଆଭାଷାର ସ୍ୱାଭାବିକ କଳାପ୍ରବଣତା ତାହାର ଲିପିରେ ପ୍ରକାଶ ପାଉଛି । ଭାରତୀୟ ଲିପି ସମ୍ପର୍କରେ ବିଶେଷଜ୍ଞ ନାମ୍ବୁଦ୍ରି କହିଛନ୍ତି, ପ୍ରତ୍ୟେକ ରେକ୍‌ଟିଲିନିୟର-ଜ୍ୟାମିତିକ ଲିପିର ବିକାଶ ଓ ପରିବର୍ତ୍ତନ ହୋଇଛି, କରଭିଲିନିଅର ବା ବର୍ତ୍ତୁଳାକାର ଲିପି ଆଗରେ । ତେଣୁ ମୋ ଦୃଷ୍ଟିରେ ଓଡ଼ିଆ ଲିପି ହେଉଛି, ଉତ୍ତର-ଭାରତର ଶ୍ରେଷ୍ଠ ସୁଦୃଶ୍ୟ ଲିପି ଓ ସେଥିରେ ଭାଷାର ପ୍ରକୃତ ଧ୍ୱନିଶୃଙ୍ଖଳା ପ୍ରକାଶ ପାଇ ପାରିଅଛି । ମାତ୍ର ପ୍ରଶ୍ନଟା ତାହା ନୁହେଁ ରାମଶଙ୍କର । ଓଡ଼ିଆଜାତି ସମ୍ପର୍କରେ ମୁଖ୍ୟପ୍ରଶ୍ନ ହେଉଛି ଓଡ଼ିଆ ସାହିତ୍ୟ । ତମେ କଣ ଭାବୁଛ, ଘରଭିତରେ ବସିଥାଇ କବାଟ କିଳି ତମର ସାହିତ୍ୟ ସର୍ବଶ୍ରେଷ୍ଠ ବୋଲି ଡିଣ୍ଡିମ ପିଟିବା ପାଇଁ ? ଅନ୍ୟ ଭାଷାଭାଷୀମାନେ ଓଡ଼ିଆ ଭାଷାର ଐଶ୍ୱର୍ଯ୍ୟ ସହିତ ପରିଚିତ ହେବାତ ମଧ୍ୟ ଆବଶ୍ୟକ । ତମର 'କାଞ୍ଚି-କାବେରୀ' ନାଟକ ଗୋଟାଏ ସାଧାରଣ ଭାରତୀୟ ଲିପିରେ ଲେଖା ହୋଇ ପାରିଥିଲେ, ଅନ୍ୟ ଭାଷାଭାଷୀମାନେ ତାହାକୁ ସବୁ ବୁଝି ନପାରନ୍ତୁ ପଛେ ତାହା ଅନ୍ତତଃ ପଢ଼ି ବୁଝିବା ପାଇଁ ଚେଷ୍ଟା କରିଥାନ୍ତେ । ମୁଁ ଭାବେ ଓଡ଼ିଶା ଓ ଓଡ଼ିଆ ଅତୀତରେ ଶତ ଭୟଙ୍କର ପ୍ରତିଯୋଗିତା ମଧ୍ୟରେ ଯେପରି ନିଜର ଆତ୍ମପ୍ରତିଷ୍ଠା କରି ପାରିଥିଲା, ଏବେ ମଧ୍ୟ ସେହିପରି ସବୁ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ଭିତ୍ତିରେ ନିଜର ଆତ୍ମପ୍ରତିଷ୍ଠା କରୁ । ପ୍ରତିଯୋଗିତାରୁ ପଳାୟନ କରି କବାଟ କିଳି ନୁହେଁ ।''

ରାମଶଙ୍କରଙ୍କ ମାନସ-ଦୃଷ୍ଟିରେ ଏକ ନୂତନ ଦିଗ୍‌ବଳୟ ଧୀରେ ଧୀରେ ଫିଟି ଆସୁଥିଲା । ସେ କହିଲେ···"ଆପଣଙ୍କ ପ୍ରସ୍ତାବ ଅତ୍ୟନ୍ତ ଉପାଦେୟ ମନେ ହେଉଛି । ମୁଁ ବଡ଼ଦାଙ୍କୁ ଏକଥା ବୁଝାଇ ଦେବି । ତାହାହେଲେ ନୋଟିସ୍‌ଟା ···"

ମଧୁସୂଦନ କହିଲେ···"ତୁମର ସ୍ୱାକ୍ଷରରେ ନୋଟିସ୍ ବାହାରୁ । କ୍ଷତି କଣ ? ମୁଁ କଲିକତାରେ ଦେଖି ଆସିଲି ୟଙ୍ଗ-ବେଙ୍ଗଲର ଯୁଗ । ଓଡ଼ିଶାରେ ମଧ୍ୟ ସେହିପରି ୟଙ୍ଗ୍ ଉତ୍କଳର ଅଭ୍ୟୁଦୟ ମୁଁ କାମନା କରେ । ନୋଟିସ ତୁମେ ତିଆରି କର ରାମଶଙ୍କର । ତୁମର ସ୍ୱାକ୍ଷରରେ ତାହାକୁ ପ୍ରକାଶ କର । ଯୁବସମାଜରେ ଆତ୍ମପ୍ରତ୍ୟୟ ଆସୁ ।"

ରାମଶଙ୍କର ସେଇଠି ନୋଟିସ୍‌ର ଛଟା କରି ମଧୁସୂଦନଙ୍କ ଆଡ଼େ ତାହା ବଢ଼ାଇ ଦେଲେ । ମଧୁସୂଦନ ନୋଟିସଟା ଉପରେ ଥରେ ଆଖି ବୁଲାଇ କହିଲେ···"ଠିକ୍ ଅଛି । ସେଥିରେ କେବଳ ଯୋଡ଼ିଦିଅ··· Gentlemen interested in the matter are respectfully requested to be punctual in attendance to secure proper seats."

ରାମଶଙ୍କର କହିଲେ···"ସାଧାରଣତଃ ଏଠାରେ ସଭା ସମିତି ମାନଙ୍କରେ ବେଶୀଲୋକ ହୋଇ ନଥାନ୍ତି । ତେଣୁ ଏକଥା ଯୋଡ଼ି ଲାଭ କଣ ?"

ମାତ୍ର ରାମଶଙ୍କର କାହିଁ ବୁଝିବେ ମଧୁସୂଦନଙ୍କର ଆତ୍ମପ୍ରତ୍ୟୟର ଅଭିମାନ ? ତାଙ୍କ ଭାଷଣ ଶୁଣିବା ପାଇଁ ଯେଉଁମାନେ ଇଚ୍ଛୁକ, ସେମାନେ ସମୟାନୁବର୍ତ୍ତୀ ଭାବରେ ଆସିବା ନିଶ୍ଚୟ ଆବଶ୍ୟକ । ତା' ନହେଲେ ସେମାନଙ୍କ ପାଇଁ ଯେ ସ୍ଥାନାଭାବ ହୋଇପାରେ ତାହା ଘୋଷଣା କରି-ଦେବା ତ ଆବଶ୍ୟକ ! ଅବଶେଷରେ ଉକ୍ତ ବିଜ୍ଞାପନଟି "ଉତ୍କଳ-ଦୀପିକା"ରେ ଏହି ଭାବରେ ପ୍ରକାଶ ପାଇଥିଲା···*

## NOTICE

Is hereby given that Babu Madhu Sudan Das, M.A.B.L. will deliver a lecture in English on Monday the 26th instant at the premises of the Cuttack Printing Company on "Unification of Indian Alphabets". Gentlemen interested in the matter are respectfully requested to be punctual in attendance to secure proper seats.

Cuttack,
24.9.81 Ram Sankar Ray

ସେଦିନ ସନ୍ଧ୍ୟାର ଯଥେଷ୍ଟ ପୂର୍ବରୁ କଟକ ପ୍ରିଣ୍ଟିଂ-କୋମ୍ପାନୀ କୋଠାରେ ଲୋକସମାଗମ ଆରମ୍ଭ ହୋଇଥିଲା । ଲିପି-ବିବାଦରେ ସପକ୍ଷ ଓ ବିପକ୍ଷ ଉଭୟ ଗୋଷ୍ଠୀ ବିଷୟବସ୍ତୁର ଅଭିନବ ଦୁଃସାହ-ସିକତାରେ ଆକୃଷ୍ଟ ହୋଇ ଆସିଥିଲେ ; ମଧୁସୂଦନଙ୍କ ଭାଷଣ ଶୁଣିବା ପାଇଁ ।

* ଉତ୍କଳ-ଦୀପିକା ତା ୨୪।୯।୧୮୮୧ ।

( ଦୁଇ )

**ସେ**ତେବେଳେ କଟକରେ ଥିବା ସିନିୟର୍ ଓକିଲମାନେ ସମସ୍ତେ ଥିଲେ ବହିରାଗତ, ଆଗନ୍ତୁକ । ୧୮୮୪ ସାଲରେ ଓକିଲାତି ପରୀକ୍ଷାଫଳ ସମ୍ପର୍କରେ ଏକ ସମ୍ପାଦକୀୟ – ଆଲୋଚନାରେ "ଉତ୍କଳ-ଦୀପିକା" ଲେଖିଥିଲେ···

" × × ଓଡ଼ିଶାର ସର୍ବୋଚ୍ଚ ଅଦାଲତରେ ଯେଉଁମାନେ କର୍ମ କରୁ ଅଛନ୍ତି ସେମାନେ ପ୍ରାୟ ସମସ୍ତେ ଅନ୍ୟସ୍ଥରେ ଯୋଗ୍ୟତା ଲାଭ କରି ଏଠାକୁ କର୍ମ କରିବାକୁ ଆସି ଅଛନ୍ତି ଏବଂ ବାବୁ ଦୀନାନାଥ ସରକାର ଓ ବାବୁ ମଧୁସୂଦନ ଦାସଙ୍କୁ ଛାଡ଼ି, ଆଉ ସମସ୍ତେ ବଙ୍ଗଦେଶରୁ କେବଳ ଓକିଲାତି କାର୍ଯ୍ୟ କରିବା କାରଣ ଏଠାକୁ ଆସି ଅଛନ୍ତି । ।"*

ମଧୁସୂଦନଙ୍କୁ ଓକିଲାତି ବ୍ୟବସାୟରେ ସାହାଯ୍ୟ କରିବା ପାଇଁ ପିତା ରଘୁନାଥ ଜଣେ ବିଶ୍ବସ୍ତ ଓ ପରିଚିତ ମୋହରିର ଶଙ୍କର ମହାନ୍ତିଙ୍କୁ ତାଙ୍କ ସିରସ୍ତାକୁ ପଠାଇ ଦେଇଥିଲେ । ଶଙ୍କର ମହାନ୍ତି ଜାତି, କରଣୀ ଲେଖାପଢ଼ାରେ ଯେପରି ଧୁରନ୍ଧର, ମୋକଦ୍ଦମା ତଦ୍‌ବିର୍ କରିବା, ମହକିଲ ଯୁଟାଇବା, ପୁଣି ଟପକ୍‌ନବିଶୀରେ ମଧ୍ୟ ସେହିପରି ବହୁଦର୍ଶୀ ଥିଲେ । ଓକିଲାତି ବ୍ୟବସାୟଟା କଟକରେ ସେତେବେଳେ ପୁରାପୁରି ଆଗନ୍ତୁକ ବଙ୍ଗାଳୀ ମାନଙ୍କ ହାତରେ ରହିଥିଲା ।ସବୁଆଡ଼େ ସେଇମାନଙ୍କର ନାମ ଡାକ । ସେମାନଙ୍କ ସାଙ୍ଗରେ ପାରି ଉଠିବା ପାଇଁ ହେଲେ, ମହକିଲ ସାଉଣ୍ଟିବା ଦରକାର । ନୂଆ ଓକିଲ ବାବୁଙ୍କର ମନ କିନ୍ତୁ ସେଥିରେ ନଥିଲା । କଟକ ଆସିବା ଦିନୁ କେବଳ ଏଠି ସଭା, ସେଠି ବୈଠକ । ଜଣେ ଅଧେ ମହକିଲ ବଙ୍ଗାଳୀ ଓକିଲ ମାନଙ୍କୁ ଟଙ୍କା ଦେଇ ନପାରି ଶସ୍ତାରେ କାର୍ଯ୍ୟୋଦ୍ଧାର ପାଇଁ ମଧୁସୂଦନଙ୍କ ପାଖକୁ ଆସିଲେ ସେମାନଙ୍କୁ ଯେପରି ସେ ତଡ଼ି ଦେଉଥିଲେ, ସେଥିରେ କୋଉ ମହକିଲ ତାଙ୍କ ପାଖକୁ କାହିଁକି ମାଡ଼ନ୍ତା ?

ଏହି ସମୟରେ ସହରରେ ଦିନେ ପ୍ରବଳ ଚାଞ୍ଚଲ୍ୟ ଖେଳିଗଲା ନୂଆ ଓକିଲ ମଧୁସୂଦନଙ୍କ ସମ୍ପର୍କରେ ଗୋଟାଏ ଘଟଣା ଦେଖି ।

* ଉତ୍କଳ ଦୀପିକା—ତା ୨୫ । ୪ । ୮୩

ଘଟଣାଟି ପ୍ରକୃତରେ କଣ, କେହି ନିର୍ଦ୍ଦିଷ୍ଟ ଭାବରେ ଜାଣି ନଥିଲେ··· ସବୁ ଶୁଣା କଥା । କଟକ ସହର "ଗୁଜବ"ର ସହର—ଏ ସହରରେ ଅନୁସନ୍ଧାନସିଦ୍ଧ ତଥ୍ୟ ଅପେକ୍ଷା ଅନ୍ୟ ଠାରୁ ଶୁଣା ଗୁଜବ ଓ ଉଡ଼ା ଖବର ଜନମତକୁ ଅଧିକ ଆନ୍ଦୋଳିତ କରିଥାଏ । ତେଣୁ ଘଟଣାଟି କଣ କେହି ନିର୍ଦ୍ଦିଷ୍ଟ ଭାବରେ ଜାଣି ନଥିଲେ ସୁଦ୍ଧା, ତାହା ଘେନ ସର୍ବତ୍ର ପ୍ରବଳ ତର୍କ ବିତର୍କ ଆରମ୍ଭ ହୋଇ ଯାଇଥିଲା ।

କେହି କହୁଥିଲେ — ଜଜ୍ ସାହେବ ମିଷ୍ଟର କର୍କ୍ଲାନ୍ ମଧୁବାବୁ ଓକିଲଙ୍କୁ ନିଜ ଖାସକାମରାରେ ନଜରବନ୍ଦୀ କରି ରଖିଲେ; ଆଉ କେହି ବା କହୁଥିଲେ ମଧୁବାବୁଙ୍କୁ ମୁନ୍‌ସଫ୍ ପାହ୍ୟା ମିଳିଗଲା । ସିଏ ଆଉ ଓକିଲାତି କରିବେ ନାହିଁ । ପ୍ରତ୍ୟେକେ ପୁଣି ପ୍ରତ୍ୟକ୍ଷଦ୍ରଷ୍ଟା; କେହି କାହାରି କଥା ଶୁଣିବା ଅଥବା ବୁଝିବା ଅବସ୍ଥାରେ ନଥିଲେ । ଆଗନ୍ତୁକ ଓକିଲ ମାନଙ୍କ ଟରଣୀମାନେ ପରମ ଉତ୍ସାହରେ ମଧୁବାବୁ ଓକିଲ ନଜରବନ୍ଦୀ ହୋଇଥିବା ଗୁଜବଟିକୁ ଯେପରି ପ୍ରଚାରିତ କରି ଦେଉଥିଲେ ସେମାନଙ୍କ ପ୍ରତିପକ୍ଷମାନେ ମଧୁବାବୁଙ୍କୁ ମୁନସିଫ୍ ପାହ୍ୟା ମିଳିଗଲା ବୋଲି ସେହିପରି ପ୍ରଚାର କରି ବୁଲୁଥିଲେ । ଅଥଚ ମଧୁବାବୁ ନଜରବନ୍ଦୀ ହୋଇନଥିଲେ କିମ୍ବା ତାଙ୍କୁ ମୁନ୍‌ସିଫ୍ ପାହ୍ୟା ମିଳି ନଥିଲା ।

ଘଟଣାଟି ହେଉଛି, ମଧୁସୂଦନ ପ୍ରଥମ ଓଡ଼ିଆ ଓକିଲ ରୂପେ କଟକ ଆସିବା ଦିନୁ, ତାଙ୍କୁ ବାର-ଲାଇବ୍ରେରୀରେ ବସିବା ପାଇଁ ସ୍ଥାନ ଟିକିଏ ସୁଦ୍ଧା ମିଳି ନଥିଲା । ବାର୍-ଆସୋସିଏସନ୍‌ର ସଭ୍ୟଶ୍ରେଣୀଭୁକ୍ତ ନହେଲେ ବାର୍-ଲାଇବ୍ରେରୀରେ ସ୍ଥାନ ପାଇବାର ଅଧିକାର ମିଳେ ନାହିଁ । ମାତ୍ର ମଧୁସୂଦନଙ୍କୁ ସେ ପର୍ଯ୍ୟନ୍ତ ବାର୍-ଆସୋସିଏସନ୍‌ରେ ସଭ୍ୟ ରୂପେ ଗ୍ରହଣ କରାଯାଇ ନଥିଲା । ସେ ଯେଉଁଦିନ, ପ୍ରଥମେ ବାର-ଲାଇବ୍ରେରୀକୁ ଆସନ୍ତି, ସେଦିନ ନବାଗତ ରୂପେ ତାଙ୍କୁ ସେଠାରେ ସାଧାରଣ ସୌଜନ୍ୟରେ କେହି ସ୍ୱାଗତ ସମ୍ଭାଷଣ କରିବାତ ଦୂରର କଥା, ସେ ଅନେକ କ୍ଷଣ ଠିଆ ହୋଇ ଅପେକ୍ଷା କରିବା ପରେ ସୁଦ୍ଧା ବସିବା ପାଇଁ ତାଙ୍କୁ ଚଉକି ଖଣ୍ଡେ ସୁଦ୍ଧା ମିଳି ପାରିନଥିଲା । ସେ ଦିନ କଚେରୀ ଆରମ୍ଭ ହେବା ପୂର୍ବରୁ ବରିଷ୍ଠ ସିନିଅର ଓକିଲ ମାନେ, ଆରାମଚୌକି ମାନଙ୍କ ଉପରେ ସ୍ଫୀତ ଉଦର ଓ ତତୋଽଧିକ ସ୍ଫୀତ ଅହମିକା ଢାଳି, ଘୋର ତାଚ୍ଛଲ୍ୟରେ ମଧୁସୂଦନଙ୍କ ପ୍ରତି ଦୃକ୍‌ପାତ ସୁଦ୍ଧା କରି ନଥିଲେ । ବାର ଲାଇବ୍ରେରୀର

ଭିତରେ ହୁକା ମାନଙ୍କରୁ ଅମ୍ବୁରି ତମାଖୁର ବେଶ ଗୋଟାଏ ମିଠା ବାସ୍ନା ପବନରେ ଉଡ଼ି ବୁଲୁଥିଲା । ମଧୁସୂଦନ ପର୍ଦ୍ଦା ଆଡ଼େଇ ବାର୍-ଲାଇବ୍ରେରୀ ଭିତରକୁ ପଶିବା ମାତ୍ରେ, ଅନେକ ଯୋଡ଼ା ଆଖି ତାଙ୍କ ଉପରେ ନିବଦ୍ଧ ହୋଇଗଲା...ସେ ଆଖିର ଦୃଷ୍ଟିରେ ବିଦ୍ୱେଷ ବା ଈର୍ଷ୍ୟା ଯେତେ ନଥିଲା ; ସେତେଥିଲା ଗୋଟାଏ ଅହେତୁକ ତାଚ୍ଛଲ୍ୟ । ମଧୁସୂଦନ ସେଠାରେ ଯେପରି ଅନଧିକାର ପ୍ରବେଶ କରିଥିଲେ ।

ମଧୁସୂଦନ ଅଗତ୍ୟା କିଂକର୍ତ୍ତବ୍ୟବିମୂଢ଼ ପରି ସେଠାରୁ ବାହାରକୁ ଚାଲି ଆସିବା ମାତ୍ରେ, ବାର-ଲାଇବ୍ରେରୀଟା ଗୋଟାଏ ଅକାରଣ ଅଟ୍ଟ-ହାସ୍ୟରେ ଯେପରି ଫାଟି ପଡ଼ିଲା ।

ତା' ପରଦିନ ଠାରୁ ଦେଖାଗଲା ଜଜ୍‌ସାହେବ କକ୍‌ଲିନ୍‌ଙ୍କ ଇଜଲାସ୍‌ର ବାରଣ୍ଡାରେ ଗୋଟାଏ ଆରାମ ଚୌକି ପଡ଼ିଛି ଓ ତା' ଉପରେ ନିର୍ବିକାର ଚିତ୍ତରେ ନୂଆ ଓକିଲ ମଧୁବାବୁ ବସି ହୁକା ଟାଣି, ଖବରକାଗଜ କୋହ୍ଲେ ଲ'ରିପୋର୍ଟର ପୃଷ୍ଠା ଓଲଟାଉଛନ୍ତି । ଶଙ୍କର ମୋହରର ନାଲିଆ ବସ୍ତାମା ପ୍ରଭୃତି ସ୍ଥାନେ ସ୍ଥାନେ ସ୍ୟାଇଡ଼ା ଗୋଟିଏ ପୁରୁଣା ସତରଞ୍ଜି ଉପରେ ସଜାଇ ମହକିଲ ମାନଙ୍କ ଅପେକ୍ଷାରେ ବସି ରହିଛନ୍ତି । ମାତ୍ର ଯେଉଁ ଓକିଲକୁ ବାର୍-ଲାଇବ୍ରେରୀରେ ବସିବା ପାଇଁ ଚଉକି ଖଣ୍ଡେ ମିଳିଲା ନାହିଁ ; କେଉଁ ମହକିଲ କେଉଁ ପତିଆରାରେ ତାଙ୍କୁ ବା ମୋକଦ୍ଦମାର ଦାୟିତ୍ୱ ଦେବ ?

ଏହିପରି କେତେଦିନ ଅତିବାହିତ ହେବା ପରେ, ଏ ବିଚିତ୍ର ଦୃଶ୍ୟ ଅକସ୍ମାତ୍ ଦିନେ ଜଜ୍ କକ୍‌ଲିନଙ୍କ ଦୃଷ୍ଟି ଆକର୍ଷଣ କଲା । ତାଙ୍କ ଇଜଲାସ ବାରଣ୍ଡାରେ ମଧୁସୂଦନ ହଠାତ୍ ଓକିଲ ସିରସ୍ତା ଖୋଲିଥିବାର ରହସ୍ୟ ସେ ବୁଝିପାରିଲେ ନାହିଁ । କିଛିକ୍ଷଣ ପରେ କକ୍‌ଲିନ୍‌ଙ୍କ ଠାରୁ ମଧୁସୂଦନଙ୍କ ପାଖକୁ ଚପରାଶୀ ହାତରେ "ସଲାମ" ଆସିଲା । ସେପର୍ଯ୍ୟନ୍ତ ଓଡ଼ିଶାର ପ୍ରଥମ ଓଡ଼ିଆ ଓକିଲ ମଧୁସୂଦନଙ୍କ ସହିତ ଜଜ୍ କକ୍‌ଲିନଙ୍କର ପ୍ରତ୍ୟକ୍ଷ ପରିଚୟ ଘଟି ନଥିଲା । ଇଜଲାସ ବାରଣ୍ଡାରେ ସିରସ୍ତା ଖୋଲି ବସିବାର କାରଣ ଜଜ୍ ସାହେବ ଜିଜ୍ଞାସା କରନ୍ତେ, ମଧୁସୂଦନ ଉତ୍ତର ଦେଲେ... "ମୁଁ ଓଡ଼ିଶାର ପ୍ରଥମ ଓଡ଼ିଆ ଓକିଲ । ଚବିଶପ୍ରଗନ୍ନାର ଆଲିପୁର କୋର୍ଟରେ ପ୍ରତିଷ୍ଠିତ ପ୍ରାକଟିସ ଛାଡ଼ି ମୁଁ ଓଡ଼ିଶା ଆସିଥିଲି

ହଜୁରଙ୍କ କୋର୍ଟରେ ଏଠାରେ ପ୍ରାକ୍‌ଟିସ କରିବା ପାଇଁ । ମାତ୍ର ଏଠାରେ ଆସି ଦେଖୁଛି ଓଡ଼ିଶାର ବାର୍‌ ଲାଇବ୍ରେରୀରେ ଓଡ଼ିଆ ଓକିଲ ପାଇଁ ସ୍ଥାନ ନାହିଁ । କିନ୍ତୁ ମୋର ବିଶ୍ୱାସ ହଜୁରଙ୍କ ବାରଣ୍ଡାରେ ମୋ ପାଇଁ ସ୍ଥାନାଭାବ ହେବନାହିଁ ।"

କକ୍‌ଲାନ ତଳକୁ ଉପରକୁ କିଛିକ୍ଷଣ ସ୍ଥିର ହୋଇ ଭାବିଲେ । ତା'ପରେ କହିଲେ, "ବାର ଲାଇବ୍ରେରୀର ପରିଚାଳନା ସମ୍ପର୍କରେ ମୋର କିଛି କହିବାର ନାହିଁ । ତେବେ ଆପଣଙ୍କର ଯଦି ଅସୁବିଧା ନହୁଏ, ମୋର ଖାସ କାମରାକୁ ଲାଗି, ଏ ଯେଉଁ କାମରାଟି ପେସ୍କାର ପାଇଁ ଅଛି, ଅନ୍ୟ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଆପଣ ତାହା ବ୍ୟବହାର କରି ପାରନ୍ତି ।"

ସେହିଦିନ ଠାରୁ ମଧୁସୂଦନ ତାଙ୍କ ସିରସ୍ତା ପାଇଁ ଗଙ୍ଗାମନ୍ଦିର ପୋଖରୀକୁ ଲାଗି, ଜଜ୍‌କୋର୍ଟର ପଶ୍ଚିମପାଖ ଧାଡ଼ିରେ ଗୋଟିଏ ସ୍ୱତନ୍ତ୍ର କୋଠରୀ ପାଇଗଲେ ।

ଏହି ଘଟଣାକୁ କେନ୍ଦ୍ର କରି ସହରରେ ସେଦିନ ଉପରୋକ୍ତ ପ୍ରକାରେ ପ୍ରବଳ ଜନରବ ସୃଷ୍ଟି ହୋଇଥିଲା ।

ଘଟଣାର ସତ୍ୟାସତ୍ୟ ସ୍ୱଚକ୍ଷୁରେ ଦେଖି ବୁଝିବା ପାଇଁ ଜଜ୍‌-କୋର୍ଟରେ ପକ୍ଷ ଓ ମହକିଲଙ୍କ ଠାରୁ ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ କିଛିଦିନ ବେଶ୍‌ ଗହଳ ବୃଦ୍ଧି ପାଇବାରେ ଲାଗିଲା । କୌତୂହଳୀମାନେ ଦେଖିଲେ ମଧୁବାବୁ ଓକିଲ ନଜରବନ୍ଦୀ ହୋଇ ନଥିଲେ, ବରଂ ମୁନସିଫ୍‌ ପାହିଆ ପାଇନଥିଲେ । ଗୋଟାଏ ସ୍ୱତନ୍ତ୍ର ଖାସ୍‌-କାମରାରେ ଆରାମଚୌକି ଉପରେ ବସି ସେ ହୁକା ଟାଣୁଥିଲେ, ନଥିପତ୍ର ପଢୁଥିଲେ । ଶଙ୍କର ମୋହରିର ଚଳାଇଦେଲେ···"ମଧୁବାବୁ ଓକିଲଙ୍କୁ ଜଜ୍‌ସାହେବଙ୍କର ଭାରି ଖାତିର । ନହେଲେ ତାଙ୍କୁ ଡାକି ଆଣି ଗୋଟାଏ ଖାସ୍‌ କାମରାରେ ବସାଇଥାନ୍ତେ କିହୋ ? ଓକିଲଖାନାରେ ତ କେତେ ଓକିଲ ସେମିତି ଗଡ଼ଗଡ଼ୋଉଛନ୍ତି ।"

କ୍ରମେ ଅନ୍ୟ ସବୁ ଗୁଜବ୍‌ ମଉଳିଯାଇ ଏହି ଗୁଜବଟି କେବଳ କାନରୁ କାନ ପ୍ରଚାରିତ ହୋଇଗଲା ଯେ ମଧୁବାବୁ ଓକିଲ ପ୍ରତି ଜଜ୍‌

କଲ୍‌ଭିନ ସାହେବଙ୍କର ଖାସ ଖାତିର । ତା ପରଠାରୁ ଜଣେ ଅଧେ ମହକିଲ ପ୍ରତ୍ୟହ ଚାନ୍ଦନୀଚୌକିରେ ନୂଆ ଓକିଲ ମଧୁବାବୁଙ୍କ ଘର ଠିକଣା ପଚାରି, ସେ ଆଡ଼େ ମୁହାଁଇବାର ଲକ୍ଷ୍ୟ କରାଗଲା ।

## (ତିନି)

କଟକ ଆସିବା ଦିନରୁ ଇତି ମଧ୍ୟରେ ପ୍ରାୟ ଚାରିମାସ ଅତିବାହିତ ହୋଇଗଲାଣି । ପ୍ରଥମ ଓଡ଼ିଆ ଓକିଲ ରୂପେ ମଧୁସୂଦନ କଟକ-ସମାଜରେ ସାମାନ୍ୟ ଆଲୋଡ଼ନ ସୃଷ୍ଟି କରିଥିଲେ ହେଁ, ବ୍ୟବସାୟ ଦୃଷ୍ଟିରୁ ମହକିଲ ଗୋଷ୍ଠୀରେ ତଥାପି ସେ ପର୍ଯ୍ୟନ୍ତ ସେ କୌଣସି ରେଖାପାତ କରି ପାରି ନଥିଲେ । କଲିକତାରୁ ସଙ୍ଗରେ ଧରି ଆସିଥିବା ସଞ୍ଚିତ ପାଣ୍ଠି ଧୀରେ ଧୀରେ କମିବାରେ ଲାଗିଥିଲା । ସେତକ ଶେଷ ହୋଇଯିବା ପରେ, ହୁଏତ ଋଣ ସନ୍ଧାନରେ ନନ୍ଦକିଶୋରଙ୍କ ପରି ଶୁଭାକାଂକ୍ଷୀ ମାନଙ୍କର ଦ୍ୱାରସ୍ଥ ହେବା ପାଇଁ ପଡ଼ିବ ; ଶଙ୍କର ମୋହରିର ସଙ୍ଗରେ ଜଣେ ଅଧେ ମହକିଲ ନେଇ ଦିନେ ଦିନେ ଆସନ୍ତି । ମାତ୍ର ସେମାନଙ୍କ ମୋକଦ୍ଦମା ସବୁ ଅତି ସାମାନ୍ୟ । ପୁଣି ଓକାଲତନାମା ଦସ୍ତଖତ ପାଇଁ ଖୋସଣୀରୁ ଆଠଅଣା ଟଙ୍କାଏ କାଢ଼ିବା ପାଇଁ ସୁଦ୍ଧା ସେମାନେ କୁଣ୍ଠିତ । ଓଡ଼ିଆ ଓକିଲ ଠାରୁ ଯେତେ ଶସ୍ତାରେ କାର୍ଯ୍ୟ ଉଦ୍ଧାର ହୋଇପାରେ ସେତେ ଭଲ··· ଏହିପରି ସେମାନଙ୍କର ଏକ ଧାରଣା । ମଧୁସୂଦନ ସେମାନଙ୍କୁ ଦେଖିବା ମାତ୍ରେ ନାସିକା କୁଞ୍ଚନ କରି କହନ୍ତି··· "ଓଦେର କାଛେ ପାଠିୟେ ଦାଓ ଶଙ୍କର ।"

ଶଙ୍କର ମୋହରିର ଅଗତ୍ୟା ଦିନେ ମୁହଁ ଫିଟାଇ କହିଲେ··· "ଏପରି କଣ ବ୍ୟବସାୟ ଚଳେ ?"

ମଧୁସୂଦନ କ୍ଳାନ୍ତ କଣ୍ଠରେ ଉତ୍ତର ଦେଲେ···

"ମୋର ଅନେକ, ଅନେକ ଟଙ୍କା ଦରକାର ଶଙ୍କର ! ଟଙ୍କା ପାଇଁ କେବଳ ମୁଁ ଓକିଲ ହୋଇଛି ସିନା ! ନୋହିଲେ ଓକିଲାତି କରିବାର ମୋର ପ୍ରୟୋଜନ ନଥିଲା ।"

ଶଙ୍କର ମୋହନରର ଶୁଭାକାଂକ୍ଷୀ ପରି ପରାମର୍ଶ ଦେଲେ…"କିନ୍ତୁ ମହକିଲ ମାନଙ୍କୁ ଫିଙ୍ଗାଇ ଦେଲେ ତ ଅଥୁଆ ହିବ ପଥୁଆ ହିବ ।"

ମଧୁସୂଦନ ତାଙ୍କ ରୁଢ଼ ଅସହିଷ୍ଣୁ ଭାବରେ ଘର ଭିତରେ ପାଦଚାରଣା କରି କହିଲେ…"ଶଙ୍କର, ଗୋଟାଏ ଗୋଟାଏ ବ୍ରିଫରୁ ମୁଁ ଚାହେଁ ପାଞ୍ଚହଜାର, ଦଶ ହଜାର, ପନ୍ଦର ହଜାର, କୋଡ଼ିଏ ହଜାର,… ରୋଜଗାର କରିବା ପାଇଁ, ମୋର ଅନେକ ଟଙ୍କା ଆବଶ୍ୟକ । ସେପରି ମହକିଲ ତମେ ଯୋଗାଡ଼ କରି ପାରତ ଭଲ କଥା । ନୋହିଲେ କାକର ଟିପି ଘଣ୍ଟା ଭର୍ତ୍ତି କରିବା ଲୋକ ମୁଁ ନୁହେଁ ।"

ବାସ୍ତବିକ ମଧୁସୂଦନଙ୍କ ଚାଲିଚଳଣି, ଗତିବିଧି ଓ କାର୍ଯ୍ୟକ୍ରମ ଯାହା, ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ—ସେଥିରେ ଶଙ୍କର ମୋହନରଙ୍କର ସନ୍ଦେହ ନଥିଲା ।

କ୍ରମେ ଦେଖାଗଲା, କେତେକ ଜମିଦାର ଦିନେ ଦିନେ ଆମନ୍ତ୍ରିତ ହୋଇ ଆସୁଛନ୍ତି ବହାଲିବାଗ କୋଠିକୁ । ସାହେବମାନଙ୍କ କୋଠିରେ ଚା' ଭୋଜି କାଯ଼ଦାରେ, ବହାଲିବାଗରେ ମଧ୍ୟ ଦିନେଦିନେ ଚା'ଭୋଜି ଗାର୍ଡେନ ପାର୍ଟିର ଆଡ଼ମ୍ବର ହେଉଛି । କଲେଜରୁ ଦଳ ଦଳ ପିଲା ଆସି ଭୂରି ଭୋଜନରେ ଆପ୍ୟାୟିତ ହୋଇ ଯାଉଛନ୍ତି । ଅଥଚ ଏ ସବୁ ସହିତ ଉତ୍କଳଶାରକ ସମ୍ପର୍କ ଅଛି, ତାହା ଶଙ୍କର ମୋହନରଙ୍କ ବୁଦ୍ଧିର ଅଗମ୍ୟ ହୋଇ ରହିଥିଲା । ମଧୁସୂଦନ ଯେ କେବଳ ଓକାଲତି ପାଇଁ କଟକ ଆସି ନଥିଲେ, ଓଡ଼ିଶାରେ ଏକ ସାଧାରଣ ରାଜନୈତିକ ଜୀବନର ସୂତ୍ରପାତ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା ଓ ଉତ୍କଳଶା ଥିଲା ସେଥିର ଉପାୟ ମାତ୍ର, ଶଙ୍କର ମୋହନରର ତାହା ବୁଝି ପାରୁ ନଥିଲେ ।

ମଧୁସୂଦନ କଟକ ଆସିବା ପର ଠାରୁ ଲକ୍ଷ୍ୟ କରିଥିଲେ; ଓଡ଼ିଶାରେ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀର ଅଭାବ । ଅଥଚ ଦେଶରେ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀ ନଥିଲେ କୌଣସି ରାଜନୈତିକ ଜାଗରଣ ସମ୍ଭବ ନଥିଲା । ଶୋଷଣପିଷ୍ଟ ଓଡ଼ିଶାର କୋଣେ କୋଣେ କିନ୍ତୁ ସେତେବେଳେ ଦାରିଦ୍ର୍ୟ, ଅଶିକ୍ଷା ଓ ଅନ୍ଧକାରର ରାଜତ୍ବ । ସାଧାରଣ ଜନତାର ମନରେ ଦମ୍ଭ ନାହିଁ । ଠିଆ ହୋଇ ଲଢ଼ିବା ପାଇଁ ମନବଳ ନାହିଁ । କିମ୍ବା ଧନବଳ ନାହିଁ । ବଙ୍ଗଳାରେ ମଧ୍ୟ ଦିନେ ଏହିପରି ଅବସ୍ଥା

ଥିଲା । ମାତ୍ର ଇଂରାଜୀ ଶିକ୍ଷାର ବିସ୍ତାର, ଇଂ ୧୮୫୭ ସାଲରେ କଲିକତା ବିଶ୍ୱବିଦ୍ୟାଳୟ ଓ ଇଂ ୧୮୬୧ ସାଲର ଲେଟର୍ ପାଟେଣ୍ଟ୍ ବଳରେ କଲିକତା ହାଇକୋର୍ଟର ପ୍ରତିଷ୍ଠା, ଭାରତୀୟ ସାମ୍ରାଜ୍ୟର ପ୍ରଧାନ ବାଣିଜ୍ୟ କେନ୍ଦ୍ର ରୂପେ କଲିକତାର ଅଭିବୃଦ୍ଧି ଓ ଚିରସ୍ଥାୟୀ ବନ୍ଦୋବସ୍ତ ଫଳରେ ବଙ୍ଗଳାରେ କ୍ରମେ ଏକ ଶକ୍ତିଶାଳୀ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀର ପ୍ରବଳ ଆବିର୍ଭାବ ହୋଇ ସାରିଥିଲା । ସେ ଦୃଷ୍ଟିରୁ ବଙ୍ଗଳା ତୁଳନାରେ ଓଡ଼ିଶା ଥିଲା ଗୋଟିଏ ଶତାବ୍ଦୀ ପଛରେ । ଓଡ଼ିଶା ସବା ଶେଷରେ ବ୍ରିଟିଶ ଅଧିକାରକୁ ଆସିଥିବା ହେତୁ ବ୍ରିଟିଶ ଶାସନର ସବୁ କଲ୍ୟାଣପ୍ରଦ ସୁଫଳରୁ ବଞ୍ଚିତ ରହି କେବଳ କୁଫଳତକ ହିଁ ସେତେବେଳେ ଯେପରି ଭୋଗ କରୁଥିଲା । ଓଡ଼ିଶାର କ୍ଷୁଦ୍ର ଶିକ୍ଷିତ ଗୋଷ୍ଠୀ ଥିଲେ ସରକାରୀ ଚାକିରୀର ଅଡ଼ା ଭିତରେ । ଓଡ଼ିଶାର କଲ୍ୟାଣ ଓ ଅଗ୍ରଗତି ପାଇଁ ସେମାନଙ୍କ ଆନ୍ତରିକ ସଦିଚ୍ଛା ଓ ସାଧ୍ୟମତେ ଦେଶସେବାରେ ଅଭାବ ନଥିଲା । ମାତ୍ର ସେଥିରେ ବଳିଷ୍ଠ ଦୃଢ଼ତା ନଥିବାରୁ ସଦିଚ୍ଛା କେବଳ ଯଥେଷ୍ଟ ନଥିଲା । ଆଉ ଯେଉଁ ତରୁଣ ଛାତ୍ରସମାଜ ଥିଲେ, ସେମାନଙ୍କ ଜୀବନର ଚରମ ଲକ୍ଷ୍ୟ ଥିଲା ଡେପୁଟୀ ମାଜିଷ୍ଟ୍ରେଟ ଅଥବା ସ୍କୁଲ୍ ବିଭାଗରେ ଜଏଣ୍ଟ ଇନସ୍‌ପେକ୍ଟର ଚାକିରୀ । ଏ ପରିସ୍ଥିତିରେ ଓଡ଼ିଶାରେ ଜମିଦାର ମାନେ ସେତେବେଳେ ଥିଲେ ଏକମାତ୍ର ଶିକ୍ଷିତ ଓ ସ୍ୱାଧୀନ ମଧ୍ୟବିତ୍ତ ଗୋଷ୍ଠୀ । ପରବର୍ତ୍ତୀ କାଳରେ ଓଡ଼ିଆ ଚାଷୀ ଓ କୃଷକର ସ୍ୱାର୍ଥରକ୍ଷା ପାଇଁ ଜମିଦାର ମାନଙ୍କ ସଙ୍ଗଠିତ ସ୍ୱାର୍ଥ ବିରୁଦ୍ଧରେ ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍‌ସିଲଠାରୁ ବିହାର-ଓଡ଼ିଶା ଲେଜିସ୍-ଲେଟିଭ୍ ଆସେମ୍ବ୍ଲି ଓ "ପ୍ରଜା-ପ୍ରତିନିଧି" ସଭା ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନରେ ମଧୁସୂଦନ କମ୍ ସଂଗ୍ରାମ କରି ନଥିଲେ । ମାତ୍ର ସେଦିନ ଓଡ଼ିଶାରେ ରାଜନୈତିକ ଜାଗରଣ ପାଇଁ ଏହି ଜମିଦାର ମାନେହିଁ ଥିଲେ ଏକମାତ୍ର ଅବଲମ୍ବନ । ସେଥିପାଇଁ ବିହାରିଲାଲ ପଣ୍ଡିତ, ଚୌଧୁରୀ କାଶୀନାଥ ଦାସ, ଚୌଧୁରୀ ରାଧାମାଧବ ସାଆନ୍ତରା ଓ ଚୌଧୁରୀ ଶ୍ୟାମ-ସୁନ୍ଦର ରାୟଗୁରୁ ପ୍ରମୁଖ ଜମିଦାର ମାନଙ୍କୁ ମଧୁସୂଦନ ସେମାନଙ୍କ ନିରୁପଦ୍ରବ ବୈଠକଖାନା ଭିତରୁ ରାଜନୈତିକ ଆନ୍ଦୋଳନର ରାଜପଥକୁ ଓହ୍ଲାଇ ଆଣି ପାରିଥିଲେ । ସେ ନିଜେ ତ ଥିଲେ ପୁଣି ଏକ ଐତିହାସିକ ଅଭିଜାତ ଜମିଦାର ବଂଶର ସନ୍ତାନ । ତେଣୁ ଅନ୍ୟ ଜମିଦାର ମାନେ

ସମଗୋତ୍ରୀୟତା ଦୃଷ୍ଟିରୁ ତାଙ୍କ ପ୍ରତି ଆକୃଷ୍ଟ ଓ ଆସ୍ଥାଶୀଳ ହେବା ସ୍ୱାଭାବିକ ଥିଲା ।

ଓଡ଼ିଶାରେ ଜମିଦାର ମାନଙ୍କର ମଧ୍ୟ ସେତେବେଳେ କେତେକ ଉତ୍କଟ ସମସ୍ୟା ରହିଥିଲା । କନିକା, ଆଳି, କୁଜଙ୍ଗ, ହରିଶପୁର, ମରିଚପୁର, ଦର୍ପଣୀ ଓ ସୁକିନ୍ଦା ପ୍ରଭୃତି କେତେଗୋଟି ଜମିଦାରୀ ଚିରସ୍ଥାୟୀ ସୂତ୍ରରେ ବନ୍ଦୋବସ୍ତ ହୋଇଥିଲେ ହେଁ, ଅନ୍ୟ ଜମିଦାରୀ ମାନଙ୍କରେ ରାଜସ୍ୱ ଆଦାୟ ପାଇଁ ନୂଆ ନୂଆ ଅସ୍ଥାୟୀ ବନ୍ଦୋବସ୍ତ ଲାଗି ରହିଥିଲା । ଏଥିରେ ପୁଣି ବିଭିନ୍ନ ଜମିଦାରୀ ମଧ୍ୟରେ ରାଜସ୍ୱ ନିର୍ଦ୍ଧାରଣରେ କୌଣସି ସାମଞ୍ଜସ୍ୟ ବା ସ୍ଥିରତା ନଥିଲା । କେତେକ ମାଲିକାନାରେ ଶତାଂଶ ୩୦ ରାଜସ୍ୱ ଧାର୍ଯ୍ୟ ଥିବା ବେଳେ, କେତେକ ମାଲିକାନାରେ ଶତାଂଶ ୩୫ ଓ ଆଉ କେତେକରେ ଶତାଂଶ ୪୦ ହାରରେ ରାଜସ୍ୱ ଧାର୍ଯ୍ୟ କରା ଯାଇଥିଲା । ରାଜସ୍ୱର ପରିମାଣ ଯେପରି ଅନିଶ୍ଚିତ ଥିଲା ତାହା ପଇଠ ହେବାରେ ସାମାନ୍ୟ ବିଳମ୍ବ ହେଲେ ବା ଜମିଦାରୀର କୌଣସି ଅଂଶୀଦାର ଯଥା ସମୟରେ ରାଜସ୍ୱ ପଇଠ ଦେଇ ନପାରିଲେ ସମଗ୍ର ଜମିଦାରୀ ସେହିପରି ନିମିଷକ ମାତ୍ରେ ନିଲାମରେ ଉଠୁଥିଲା । ବନ୍ୟା ଅଥବା ମରୁଡ଼ି ପଡ଼ିଲେ ଜମିଦାର ମାନେ ପ୍ରଜାମାନଙ୍କଠାରୁ ରାଜସ୍ୱ ଆଦାୟ କରି ପାରୁନଥିଲେ ସୁଦ୍ଧା ଜମିଦାର ମାନଙ୍କୁ ନିର୍ଦ୍ଦିଷ୍ଟ ରାଜସ୍ୱରୁ କୌଣସିପ୍ରକାର ରିହାତି ମିଳୁ ନଥିଲା । ଏହିପରି ନାନା କାରଣରୁ ଜମିଦାର ମାନଙ୍କର ସେତେବେଳେ ନାନା ସମସ୍ୟା ଓ ଅସନ୍ତୋଷ ରହିଥିଲା ।

ଇଂ ୧୮୫୯ ସାଲ ଆରମ୍ଭରେ ବଙ୍ଗଳା ପ୍ରେସିଡେନ୍‌ସୀର ପ୍ରଥମ ଲେଫଟେନେଣ୍ଟ-ଗଭର୍ଣ୍ଣର ସାର୍‌ ଫ୍ରେଡେରିକ୍‌ ଜେମସ୍‌ ହାଲିଡେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାର ଜମିଦାର ମାନେ ଏ ସମସ୍ତ ଅଭିଯୋଗ ଦର୍ଶାଇ ତାଙ୍କଠାରେ ଗୋଟିଏ ସ୍ମାରକପତ୍ର ଦେଇଥିଲେ । ସାର ଫ୍ରେଡେରିକ୍‌ ଉପରୋକ୍ତ ସ୍ମାରକ କୁ ଅଭିଯୋଗର ପ୍ରତିକାର ପାଇଁ ଜମିଦାର ମାନଙ୍କୁ ଗୋଟିଏ ପ୍ରତିଶ୍ରୁତି ମଧ୍ୟ ଦେଇ ଯାଇଥିଲେ । ମାତ୍ର ପରବର୍ତ୍ତୀ ଲେଫଟେନେଣ୍ଟ ଗଭର୍ଣ୍ଣର ମାନଙ୍କ କାଳରେ ତାହା କେବଳ ପ୍ରତିଶ୍ରୁତିରେହିଁ ରହିଯାଇଥିଲା । ଓଡ଼ିଶାରେ ଜମିଦାରମାନେ ସେତେବେଳେ ତେଣୁ ଏକ ବଳିଷ୍ଠ ନେତୃତ୍ୱର ପ୍ରତୀକ୍ଷାରେ ରହିଥିଲେ ।

ମଧୁସୂଦନ ସେମାନଙ୍କ ଆଗରେ ପରିହାଣର ପନ୍ଥା ରୂପେ ରଖିଥିଲେ, ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରସ୍ତାବ । ବସ୍ତୁତଃ ଏକା ବଙ୍ଗଳା ପ୍ରେସିଡେନ୍‌ସୀ ମଧ୍ୟରେ ରହି ବଙ୍ଗଳାରେ ଜମିଦାର ମାନେ ଯଦି ଚିରସ୍ଥାୟୀ ବନ୍ଦୋବସ୍ତର ସୁଫଳ ଭୋଗ କରି ପାରିଲେ, ମାନ୍ଦ୍ରାଜ ଅଧୀନରେ ଉତ୍ତର-ସରକାର ଅନ୍ତର୍ଗତ ଗଞ୍ଜାମରେ ଯଦି ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତିତ ହୋଇ ପାରିଲା, ପୁଣି ଓଡ଼ିଶା ଭୂଭାଗ ମଧ୍ୟରେ ସୁଦ୍ଧା କେତେକ ଜମିଦାରୀ ଯଦି ଚିରସ୍ଥାୟୀ ବନ୍ଦୋବସ୍ତ ଅଧୀନରେ ରହି ପାରିଲେ, ତାହା ହେଲେ ଅବଶିଷ୍ଟ ଜମିଦାର ମାନେ ସେ ଅଧିକାର ଓ ସୁଯୋଗରୁ ବଞ୍ଚିତ ହେବା ପାଇଁ କୌଣସି ଯୁକ୍ତିଯୁକ୍ତ କାରଣ ନଥିଲା । * ମଧୁସୂଦନଙ୍କ ଏପରି ଯୁକ୍ତି ଜମିଦାର ମାନଙ୍କ ମନକୁ ଖୁବ୍ ପାଇଥିଲା । ଏହି କାରଣରୁ ଜମିଦାରଗୋଷ୍ଠୀ ମଧୁସୂଦନଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ପଡିଥିଲେ ।

ଥରକୁଥର ବନ୍ଦୋବସ୍ତ ଫଳରେ ଜମିଦାରଙ୍କ ଠାରୁ ଚାଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ଯେପରି ସର୍ବସ୍ୱାନ୍ତ ହେଉଥିଲେ ତାହାର ବହୁ ତିକ୍ତ ଅଭିଜ୍ଞତା ମଧୁସୂଦନ ଅଙ୍ଗେ ନିଭେଇ ଥିଲେ । ବସ୍ତୁତଃ ଏହିପରି ପରି-ସ୍ଥିତିରେ ତାଙ୍କ ବଂଶର ପ୍ରାଚୀନ ଜମିଦାରୀ ମାହାଲ ଯେପରି ଆଗନ୍ତୁକ ବଙ୍ଗାଳୀ ଜମିଦାର ମାନଙ୍କ ହାତକୁ ଚାଲି ଯାଇଥିଲା ; ତାହାର ଇତିହାସ ମଧୁସୂଦନଙ୍କୁ ମଧ୍ୟ ଅଜଣା ନଥିଲା । ମାଲିକାନାରେ ସ୍ଥାୟୀ ସ୍ୱତ୍ୱ ନଥିବାରୁ ପୁଣି ଜମିଦାର ମାନେ ଜମିଦାରୀର ଉନ୍ନତି ଅଥବା ପ୍ରଜାକୁଳଙ୍କର କଲ୍ୟାଣ ପ୍ରତି କୌଣସି ଦୃଷ୍ଟି ଦେଉନଥିଲେ । କେବଳ ରାଜସ୍ୱ ଆଦାୟ ବ୍ୟତୀତ ଜମିଦାରୀରେ ସେମାନଙ୍କର ଅନ୍ୟ ସ୍ୱାର୍ଥ ନଥିଲା । ତେଣୁ ଚିରସ୍ଥାୟୀ ବନ୍ଦୋବସ୍ତ ଫଳରେ ଉଭୟ ଜମିଦାର ଓ ପ୍ରଜା ସମସ୍ତଙ୍କର ସର୍ବାଙ୍ଗୀନ କଲ୍ୟାଣ ସାଧିତ ହୋଇ ପାରିବ ବୋଲି ମଧୁସୂଦନଙ୍କର ଏକ ଦୃଢ଼ ପ୍ରତ୍ୟୟ ଜନ୍ମିଥିଲା ।

ଜମିଦାର ମାନଙ୍କ ବ୍ୟତୀତ ସେତେବେଳେ ସ୍କୁଲ୍ କଲେଜରେ ଗୋଟାଏ ନୂତନ ଶିକ୍ଷିତ ତରୁଣଗୋଷ୍ଠୀ ମୁଣ୍ଡଟେକି ଉଠୁଥିଲା । ମଧୁ-ସୂଦନ ସେମାନଙ୍କୁ ଓଡ଼ିଶାର ନବନିର୍ମାଣ କ୍ଷେତ୍ରରେ ନିୟୋଜିତ କରିବା

* History of Freedom Movement in Orissa. Vol II 3. 'Land Tenure and Land Reforms in Orissa" ଦ୍ରଷ୍ଟବ୍ୟ ।

ପାଇଁ ଆରମ୍ଭରୁ ସଚେଷ୍ଟ ରହିଥିଲେ । କଲିକତାରେ ଛାତ୍ର ଥିବାବେଳେ "ୟଙ୍ଗ୍-ବେଙ୍ଗଲ"ର ସ୍ପନ୍ଦନ ସେ ଯେପରି ଅନୁଭବ କରିଥିଲେ, ତାହାର ସଙ୍ଗଠନ କୌଶଳ ମଧ୍ୟ ସେହିପରି ଲକ୍ଷ୍ୟ କରିପାରିଥିଲେ । ଆଧୁନିକ ବଙ୍ଗଳାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁତ୍ଥାନରେ ୟଙ୍ଗ୍-ବେଙ୍ଗଲର ଭୂମିକା ମଧୁସୂଦନଙ୍କୁ ଅଜଣା ନଥିଲା । ସେଥିପାଇଁ କଟକରେ ପହଞ୍ଚିବା ପର ଠାରୁ ମଧୁସୂଦନ ଓଡ଼ିଶାର ଛାତ୍ରସମାଜ ପ୍ରତି ବିଶେଷ ଆକୃଷ୍ଟ ହୋଇ ପଡ଼ିଥିଲେ । ବସ୍ତୁତଃ ଇତିହାସ ଦୃଷ୍ଟିରୁ ମଧୁ-ସୂଦନ ଓଡ଼ିଶାରେ ଯୁବ ଓ ଛାତ୍ର ଆନ୍ଦୋଳନର ଅଗ୍ରଦୂତ ଓ ପଥିକୃତ ଥିଲେ । "କଟକ ଷ୍ଟୁଡେଣ୍ଟସ ଆସୋସିଏସନ" ତାଙ୍କରି ପ୍ରେରଣାରେ ଓଡ଼ିଶାରେ ସର୍ବପ୍ରଥମେ ସ୍ଥାପିତ ହୋଇଥିଲା ।

× × ×

ରବିବାର । କଚେରି ବନ୍ଦ । ମଧୁସୂଦନ ସକାଳେ ଦୋତାଲାର ଲାଇବ୍ରେରି ଘରେ ବସି, ଖଣ୍ଡେ କାଗଜରେ କଟକରେ କଣ କଣ ନାହିଁ, କଣ କଣ ଅଭାବ ରହିଛି, ତାର ଗୋଟିଏ ଚିଠା କରୁଥିଲେ । ଏହି ସମୟରେ ରାମଶଙ୍କର ସେଠାକୁ ଆସିବାରୁ ମଧୁସୂଦନ ହୁକାରୁ କଳେ ଧୂଆଁ ଛାଡ଼ି ପଚାରିଲେ..."ମନେ ଅଛି ରାମଶଙ୍କର, ମୁଁ ତମକୁ ଦିନେ ଯେଉଁ ପ୍ରଶ୍ନ ପଚାରିଥିଲି...ଗତ ଦଶବର୍ଷ ମଧ୍ୟରେ, ଦୁର୍ଭିକ୍ଷ ଅଥବା ସେହିପରି କୌଣସି ପ୍ରାକୃତିକ ଉତ୍ପାତ ନଥାଇଁ, କଟକରେ ଲୋକସଂଖ୍ୟା ବଢ଼ିବା ପରିବର୍ତ୍ତେ କମିଛି କାହିଁକି ? ତାହାର କୌଣସି କାରଣ ତୁମେ ସନ୍ଧାନ କରି ପାରିଛ ?"

ରାମଶଙ୍କର ଖଣ୍ଡେ ଖବରକାଗଜ ପୃଷ୍ଠା ଓଲଟାଉ ଥିଲେ । ସେ ଅନ୍ୟମନସ୍କ କଣ୍ଠରେ ଉତ୍ତର ଦେଲେ... "ନାଁ।" ।

ମଧୁସୂଦନ ହୁକାନଳୀଟା ତଳକୁ ଫିଙ୍ଗିଦେଇ ଟେବୁଲ ଉପରକୁ ଝୁଙ୍କି ପଡ଼ି କହିଲେ .. "କଟକରେ ଲୋକସଂଖ୍ୟା ହ୍ରାସର କାରଣ ମୁଁ ଆବିଷ୍କାର କରିଛି ରାମଶଙ୍କର । ଏ ଏକ ନିର୍ଜୀବ ସହର । ଏ ସହରରେ ଗୋଟାଏ ଟାଉନ୍‌ହଲ ନାହିଁ, ଯାହା ସହରରେ ସାଧାରଣ ଜୀବନର ପ୍ରାଣକେନ୍ଦ୍ର ହୋଇପାରନ୍ତା ! ଗୋଟାଏ ପବ୍ଲିକ ଲାଇବ୍ରେରି ନାହିଁ, ଯାହା

ବୌଦ୍ଧିକ ଜୀବନର ମିଳନ ପୀଠ ହୁଅନ୍ତା । ଗୋଟାଏ ଥିଏଟର୍-ଷ୍ଟେଜ୍ ନାହିଁ, ଯାହା ସମାଜରେ କଳାଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପାରନ୍ତା । ନାରୀସମାଜ ପୁଣି ଜନସଂଖ୍ୟାର ଅଧେ । ଦେହର ଗୋଟାଏ ଅଙ୍ଗ ପକ୍ଷାଘାତଗ୍ରସ୍ତ ହେବା ଯାହା, ନାରୀ ସମାଜକୁ ଅଶିକ୍ଷିତ ଅବସ୍ଥାରେ ଘର କୋଣରେ ପକାଇ ରଖିବା ସେଇଆ । ଅଥଚ କଟକରେ ଗୋଟାଏ ବାଳିକା ବିଦ୍ୟାଳୟ ସୁଦ୍ଧା ନାହିଁ । ଗୋଟାଏ ବଢ଼ିଆ ଡାକ୍ତରଖାନା ବି ନାହିଁ ... ଗୋଟାଏ ବର୍ଦ୍ଧିଷ୍ଣୁ ଜାତିକୁ ଆକୃଷ୍ଟ କରିବା ପାଇଁ ଏ ସହରରେ କିଛି ନାହିଁ ରାମଶଙ୍କର ! କଟକରେ ଲୋକସଂଖ୍ୟା ବୃଦ୍ଧି ନପାଇବାର କାରଣ ତ ଏଇଆ ।"

ରାମଶଙ୍କର କହିଲେ···"ବାସ୍ତବିକ ଗୋଟାଏ ସ୍ଥାୟୀ ରଙ୍ଗମଞ୍ଚର ଅଭାବ ଆମେ ସମସ୍ତେ ଖୁବ୍ ଅନୁଭବ କରୁଛୁ । ରଙ୍ଗମଞ୍ଚ ନଥିବାରୁ ଓଡ଼ିଆ ନାଟକର ବିକାଶରେ କୌଣସି ଉନ୍ନତି ହୋଇ ପାରୁନାହିଁ । ଆଗନ୍ତୁକ ବଙ୍ଗାଳୀ ଜମିଦାରମାନେ ନିଜ ନିଜ ଘରେ ପ୍ରତିବର୍ଷ ଟେଣ୍ଟ ଥିଏଟର ଆୟୋଜନ କରୁଅଛନ୍ତି ସେଥିରେ କେବଳ ବଙ୍ଗଳା ନାଟକମାନ ଅଭିନୀତ ହେଉଛି । ମୋର 'କାଞ୍ଚୀକାବେରୀ' ନାଟକ ଏ ବର୍ଷ ମାର୍ଚ୍ଚ ମାସରେ ଅନେକ କଷ୍ଟରେ ବାବୁ ଗୋପାଳ ମିତ୍ରଙ୍କ ଗୃହରେ ମଞ୍ଚସ୍ଥ କରାଇ ପାରିଥିଲି । ମାତ୍ର ସହରର କେତେ ମାନ୍ୟଗଣ୍ୟ ବ୍ୟକ୍ତି ସେ ନାଟକ ଦେଖିବା ପାଇଁ ଆସିଲେ ନାହିଁ । ଗୋଟାଏ ସ୍ଥାୟୀ ରଙ୍ଗମଞ୍ଚ ନହେଲେ ଓଡ଼ିଆ ନାଟକର ଉନ୍ନତି ସମ୍ଭବ ହେବ ନାହିଁ ।"

ହୁକାନଳୀରୁ କଳେ ଧୂଆଁ ଛାଡ଼ି ମଧୁସୂଦନ କହିଥିଲେ·· "ତୁମ ସହିତ ମୁଁ ସମ୍ପୂର୍ଣ୍ଣ ଏକମତ ରାମଶଙ୍କର, କେବଳ ଓଡ଼ିଆ ନାଟକର ଉନ୍ନତି ନୁହେଁ, ଜାତୀୟ ଜୀବନର ରୁଚି ଓ ପ୍ରବୃତ୍ତିର ଅଭିବ୍ୟକ୍ତି ପୁଣି ଉନ୍ନତତର ଚେତନାର ବିକାଶ ପାଇଁ ମଧ୍ୟ ରଙ୍ଗମଞ୍ଚ ଆବଶ୍ୟକ । କଲିକତାର ନାସନାଲ-ଥିଏଟର ଏହାର ପ୍ରମାଣ । କଟକରେ ସେହିପରି ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚର ଅଭାବ ମୁଁ ଏଠାକୁ ଆସିବା ଦିନୁ ବରାବର ଅନୁଭବ କରୁଛି ।"

"କିନ୍ତୁ ସେଥିପାଇଁ ଅନେକ ଟଙ୍କା ଆବଶ୍ୟକ —ରାମଶଙ୍କର ଉତ୍ସାହ ଓ ନୈରାଶ୍ୟର ମିଶାମିଶି କଣ୍ଠରେ କହିଲେ ।

ମଧୁସୂଦନ ଉତ୍ତର ଦେଲେ··· "ସେଇଥିପାଇଁ ତ ମୋର ମଧ୍ୟ ଅନେକ ଅନେକ ଟଙ୍କା ଆବଶ୍ୟକ ରାମଶଙ୍କର ।"

ଏହି ସମୟରେ ବାହାର ଶିଡ଼ୀରେ କିଏ ଜଣେ ଘାଘଡ଼ା କଣ୍ଠରେ "ରାଧେ ଜୟ ରାଧେ" ଡ଼ାକ ଦେଇ ଉପରକୁ ଉଠି ଆସୁଥିଲେ । ଶିଡ଼ୀରେ ଶଙ୍କର ମୋହନଙ୍କ କଣ୍ଠସ୍ୱର ମଧ୍ୟ ଶୁଭୁଥିଲା । ସେ କହୁଥିଲେ ..."ଏଇ ବାଁ ହାତ ରାଗ୍ଗିଂ ଉପରକୁ ଉଠିବା ହୁଅନ୍ତୁ ।"

ମଧୁସୂଦନ ଚୌକି ଉପରେ ଦେହ ସିଧା କରି ବସିଲେ । ଶଙ୍କର ମୋହନଙ୍କ ପଛେ ପଛେ ଭିତରକୁ ଆସିଲେ ଜଣେ ପୃଥୁଳୋଦର, ମହନ୍ତ । ନାସାଗ୍ରରେ ରସକଳୀ ଚିତା । ବେକରେ ତିନି ସାରି ତୁଳସୀମାଳୀ । ଦେହରେ ନାମାବଳୀ ଓଢ଼ା ।

ଶଙ୍କର ମୋହନଙ୍କ କହିଲେ..."ମହନ୍ତ ମହାରାଜ ଗୋଟିଏ ମାମଲାରେ ଆସିଛନ୍ତି ।"

ମଧୁସୂଦନ ହୁକାନଳୀରୁ କଳେ ଧୂଆଁ ଛାଡ଼ି ପଚାରିଲେ..."କ ? ବ୍ୟାପାରଟା କ ? କାଗଜ ପତ୍ର ଏନେଛେନ୍ ?"

ମହନ୍ତ କହିଲେ..."କାଗଜ ପତ୍ର ହରିବଲ୍ଲଭ ଘୋଷ ଓକିଲଙ୍କ ପାଖରେ ରହିଛି ।"

ମଧୁସୂଦନ ଅସହିଷ୍ଣୁ କଣ୍ଠରେ ଉତ୍ତର ଦେଲେ... "ତା'ହଲେ ଆମାର ଏଖାନେ ପାୟେର ଧୂଲୋ ଦିଯେଛେନ୍ କ ନାମ୍‌କୀର୍ତ୍ତନ୍ ଶୋନାତେ ?"

ମଧୁସୂଦନଙ୍କ ମିଜ ଲକ୍ଷ୍ୟ କରି ଶଙ୍କର ମୋହନଙ୍କ କହିଲେ ..."ଏକା ହରିବଲ୍ଲଭ ବାବୁ ନୁହନ୍ତି, କଟକର ସବୁ ଓକିଲଙ୍କ ଠାରୁ ମହନ୍ତ ମହାରାଜ ଫିଜ୍ ଦେଇ ଉକାଲତ୍‌ନାମାରେ ଦସ୍ତଖତ ନେଇ ସାରିଲେଣି । କେବଳ ଆପଣ ବାକି ପଡ଼ିଥିଲେ ।"

ମଧୁସୂଦନ ବିସ୍ମିତ କଣ୍ଠରେ ପଚାରିଲେ...'କିନ୍ତୁ କାହିଁକି ? ଉଦ୍ଦେଶ୍ୟ କଣ ?"

ମହନ୍ତ ମହାରାଜ ଗୋଟାଏ ଇଙ୍ଗିତପୂର୍ଣ୍ଣ ଦୃଷ୍ଟିରେ ମଧୁସୂଦନଙ୍କ ଆଡ଼େ ଚାହିଁ ଝୁଲାମୁଣୀରୁ ପାଞ୍ଚଖଣ୍ଡ ଦଶଟଙ୍କିଆ ନୋଟ କାଢ଼ି ଟେବୁଲ ଉପରେ ରଖିଲେ । ଗୋଟାଏ ଉକାଲତ୍‌ନାମାରେ କେବଳ ଦସ୍ତଖତଟାଏ

ଦେବାପାଇଁ ଏ ପର୍ଯ୍ୟନ୍ତ ମଧୁସୂଦନଙ୍କୁ କେହି ପଚିଶ ଟଙ୍କା ସଲାମୀ ଯାଚି ନଥିଲେ ।

ମହନ୍ତ ମହାରାଜଙ୍କର ଗୋଟାଏ ସେସନ୍ସ ମୋକଦ୍ଦମା ଡିଷ୍ଟ୍ରିକ୍ଟ ଜଜ୍ କକ୍‌ଲାନ୍ ସାହେବଙ୍କ କୋର୍ଟରେ ସେତେବେଳେ ବିଚାରାଧୀନ ଥିଲା । ପ୍ରତିବାଦୀ ଜଣେ ଦୁର୍ବଳ, ଦୁଃସ୍ଥ ଚାଷୀ । ମହନ୍ତ ମହାରାଜ ଲଠିଆଳ ଲଗାଇ କରି ମୁଣ୍ଡ ଫଟାଫଟି କରି, ତାହାର ସମ୍ପତ୍ତି ଜବର ଦଖଲ କରିଯାଇ ଥିଲେ । ମହନ୍ତଙ୍କ ଉଦ୍ଦେଶ୍ୟ, କଟକର ସବୁ ଓକିଲଙ୍କୁ ତାଙ୍କ ପକ୍ଷରେ ନିଯୁକ୍ତ କରିନେବେ । ତାହାହେଲେ ଅପରପକ୍ଷ ପାଇଁ ଆଉ ଓକିଲ ନଥିବେ । ସେଥିପାଇଁ କଟକର ସବୁ ଓକିଲଙ୍କୁ ସଲାମୀ ଟଙ୍କା ଦେଇ ସେ ଓକାଲତନାମାରେ ଦସ୍ତଖତ ନେଇ ସାରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ମନେ ପଡିଲା, ନୂଆ ଓକିଲ ବାବୁ ମଧୁସୂଦନ ଦାସ ବାଦ୍ ପଡ଼ିଯାଇଛନ୍ତି । ସେଇଥିପାଇଁ ତାଙ୍କଠାରୁ ଦସ୍ତଖତ ନେବା ପାଇଁ ଶଙ୍କର ମୋହରିରଙ୍କୁ ଧରି ମହନ୍ତ ମଧୁସୂଦନଙ୍କ ପାଖକୁ ଆସିଥିଲେ ।

ମହନ୍ତ ମହାରାଜ ତାଙ୍କ ଉଦ୍ଦେଶ୍ୟଟି ମଧୁସୂଦନଙ୍କୁ ଫିଟାଇ କହି ନଥିଲେ ସୁଦ୍ଧା ମଧୁସୂଦନ ତାହା ବେଶ୍ ଅନୁମାନ କରି ପାରିଥିଲେ । ଓକାଲତନାମାଟି କଟକର ଅନ୍ୟ ଓକିଲ ମାନଙ୍କର ସ୍ୱାକ୍ଷର ବହନ କରି ମହନ୍ତଙ୍କ ଦେହରେ ନାମାବଳୀ ଓଢା ପରି ଦିଶୁଥିଲା । ଓକାଲତ-ନାମାଟି ଶଙ୍କର ମୋହରିର ହାତକୁ ଫେରାଇ ଦେଇ ମଧୁସୂଦନ କହିଲେ – "ତାଙ୍କୁ କହିଦିଅ, ମୋ ଦସ୍ତଖତ ସେ ପାଇବେ ନାହିଁ ।"

କେବଳ ଗୋଟିଏ ଦସ୍ତଖତ ପାଇଁ ପଚିଶଟଙ୍କା ! ମଧୁସୂଦନ ଏପରି ଅବହେଳାରେ ଏହାକୁ ପ୍ରତ୍ୟାଖ୍ୟାନ କରିଦେବେ ବୋଲି ଶଙ୍କର ମୋହରିର କିମ୍ବା ମହନ୍ତ ମହାରାଜ କେହି ବିଶ୍ୱାସ କରିନଥିଲେ । ଅନ୍ୟ ଓକିଲ୍ ମାନେ କେହି କେହି ଏହାଠାରୁ କମ ସଲାମୀରେ ସୁଦ୍ଧା ଓକାଲତ-ନାମାରେ ଦସ୍ତଖତ ଦେଇ ସାରିଥିଲେ ।

ମଧୁସୂଦନଙ୍କ ଠାରୁ ଦସ୍ତଖତ ନେବା ପାଇଁ ମହନ୍ତଙ୍କ ଜିଦ୍ ଚଢି ଥିଲା । ସେ ଗୋଟାଏ ଅମ୍ଳାନ ହସ ହସି, କେତେଥର "ରାଧେ ଜୟ ରାଧେ" ଉଚ୍ଚାରଣ କରି, ଝୁଲାମୁଣିରୁ ଆଉରି ପଚିଶ ଟଙ୍କାର ନୋଟ କାଢ଼ି ଥାକ କରି ଟେବୁଲ ଉପରେ ସଜାଇଲେ । ତା ଉପରେ ଅଣ୍ଟାରୁ ଗୋଟାଏ ମହାରାଣୀ ମାର୍କା ଟଙ୍କା କାଢ଼ି ନୋଟ ସାଙ୍ଗରେ ମଧ ରଖିଲେ ।

ଶଙ୍କର ମୋହରିର କହିଲେ···"ମହାରାଜ ଶହେ ଏକ ଟଙ୍କା ସଲାମୀ ଦେଉଛନ୍ତି ।"

ମଧୁସୂଦନ ଅସନ୍ତୁଷ୍ଟ ଭାବରେ ଚଉକିରୁ ଉଠିପଡି କହିଲେ··· "ପ୍ରଜାବାଘ ପକ୍ଷରୁ ମୁଁ ଏ ମୋକଦ୍ଦମା ଚଳାଇବି । ଏ ଉକାଲତନାମାରେ ତେଣୁ ମହନ୍ତ ମୋ ଦସ୍ତଖତ ପାଇ ପାରିବେ ନାହିଁ ।"

ମହନ୍ତ ମହାରାଜ ଏପରି ଅପମାନିତ ହୋଇ ଫେରିବେ ବୋଲି ଜାଣିଥିଲେ ମଧୁସୂଦନଙ୍କ ପାଖକୁ କଦାପି ଆସି ନଥାନ୍ତେ । ଶଙ୍କର ମୋହରିର କଥାରେ ପଡି କେବଳ ସେ ଏଠାକୁ ଆସିଥିଲେ ସିନା !

ଶଙ୍କର ମୋହରିର ଅପ୍ରତିଭ କଣ୍ଠରେ କହିଲେ···"ପ୍ରଜାବାଘ ଗୋଟାଏ ଦୀନ ମଜୁରିଆ ଶ୍ରେଣୀର । ତଳ କୋର୍ଟରେ ସେ କଂସାବାସନ ବନ୍ଧକି କରି ମୋକଦ୍ଦମା ଚଳାଇଥିଲା । ଏବେ ଜଜ୍‌କୋର୍ଟରେ ମୋକଦ୍ଦମା ଚଳାଇବା ପାଇଁ ସେ ଆପଣଙ୍କୁ ଟଙ୍କା ଦେଇ ପାରିବ କେଉଁଠୁ ?"

ମଧୁସୂଦନ ଉତ୍ତର ଦେଲେ···"ମୋର ଫିସ୍ ଦରକାର ନାହିଁ । ବିନା ଫିସ୍‌ରେ ମୁଁ ହାତରୁ ଟଙ୍କା ଦେଇ ଏ ମୋକଦ୍ଦମା ଚଳାଇବି ।"

ଓକିଲଟି ପାଗଳ ନା କଣ ? ମହନ୍ତ ମହାରାଜ "ଜୟ ରାଧେ ଜୟ ରାଧେ" ଆଶୀର୍ବାଦ କରି ଭୂତ ଗୋଡେଇଥିବା ପରି ସେଠାରୁ ପଳାଇ ଆସିଲେ ।

× × ×

କଟକର ସବୁ ଓକିଲ ମହନ୍ତଙ୍କ ପକ୍ଷରେ, ଆଉ ପ୍ରଜାବାଘଙ୍କ ପକ୍ଷରେ କେବଳ ନୂଆ ଓକିଲ ମଧୁସୂଦନ । ମୋକଦ୍ଦମାଟି ସହରରେ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ମଧୁସୂଦନ କିନ୍ତୁ ମୋକଦ୍ଦମାଟି ଅବଶେଷରେ ଜିଣିଲେ । ପ୍ରଜାବାଘ ତାଙ୍କୁ ଫିସ୍ ଦେବା ତ ଦୂରର କଥା ; ମୋକଦ୍ଦମା ଶେଷରେ ଜୟପତ୍ର ସହିତ ମଧୁସୂଦନଙ୍କ ଠାରୁ କିଛି ବିଦାଣି ଧରି ସେ ଗ୍ରାମକୁ ଫେରିଥିଲା ।

—·—

# ଦ୍ୱିତୀୟ ପରିଚ୍ଛେଦ

## ( ଏକ )

ଜଏଣ୍ଟ-ମାଜିଷ୍ଟ୍ରେଟ ମାନେଷ୍ଟ୍ରୀ ସାହେବଙ୍କର ଗୋଟାଏ ନୂଆ ଅନୁଶାସନ କଟକ ମ୍ୟୁନିସିପାଲଟୀରେ ଜାରି ହୋଇଥିଲା···କେହି ଆଉ ଅଦାଲତ ପୁଷ୍କରିଣୀରେ ଗାଧୋଇ ପାରିବେ ନାହିଁ । ଗାଧୋଇଲେ ଜୋରିମାନା ଗଣିବା ପାଇଁ ପଡ଼ିବ । ସହରରେ ଗୋଟାଏ ହୁଲସ୍ଥୁଲ ପଡ଼ିଗଲା ।

କିନ୍ତୁ ମହାନଦୀକୁ ଗାଧୋଇବା ପାଇଁ ଯାଏ ବା କିଏ ? ମହାନଦୀ ଘାଟରେ ପଲଟଣ ଆଉ ଗୋରା ମାନଙ୍କର ଉପଦ୍ରବ । ସେଦିନ ମହାନଦୀ କୂଳରେ ମାଡ଼ାମଠର ଜଣେ ବାବାଜୀ ଆଉ ଜଣେ ପଲଟଣିଆ ମଧ୍ୟରେ ଝଗଡ଼ା ଲାଗିଲା । ବାବାଜୀ ପଲଟଣିଆକୁ ରାଗରେ କହିଦେଲା···"ଧ୍ୱଂସ ହୋଇଯିବୁ ।" ପଲଟଣିଆ ମାନେଷ୍ଟ୍ରୀ ସାହେବ ପାଖରେ ଫେରାଦ୍ ହେଲା । ଜଏଣ୍ଟ-ମାଜିଷ୍ଟ୍ରେଟ୍ ମାନେଷ୍ଟ୍ରୀ ସାହେବଙ୍କ କଚେରିରେ ବାବାଜୀଙ୍କୁ ହୋଇଗଲା ଜେଲଦଣ୍ଡ ଓ ଜୋରିମାନା । ସେଥିପାଇଁ ପଲଟଣିଆଙ୍କ ଭୟରେ ସାଧାରଣ ଲୋକେ ମହାନଦୀକୁ ନଯାଇଁ ସ୍ନାନ ପାଇଁ ଅଦାଲତ ପୁଷ୍କରିଣୀକୁ ବ୍ୟବହାର କରୁଥିଲେ । ପୁଷ୍କରିଣୀ ଜଳ ଅପରିଷ୍କୃତ ଓ ଘାଟ ଆବର୍ଜନାପୂର୍ଣ୍ଣ ହୋଇ ପଡ଼ୁଥିବାରୁ ମାନେଷ୍ଟ୍ରୀ ସାହେବଙ୍କ ହୁକୁମରେ ଅଦାଲତ-ପୁଷ୍କରିଣୀ ସାଧାରଣଙ୍କ ବ୍ୟବହାର ପାଇଁ ନିଷିଦ୍ଧ ହୋଇଥିଲା । ଲୋକେ ଆପତ୍ତି ପ୍ରତିବାଦରେ ଶତମୁଖ ହୋଇ ଉଠିଲେ । "ଉତ୍କଳ-ଦୀପିକା"ରେ ସୁଦ୍ଧା ସମ୍ବାଦ ପ୍ରକାଶ ପାଇଲା । ମାତ୍ର ମ୍ୟୁନିସିପାଲଟୀ କମିସନର୍ ମାନେ ନାଚାର । ଏ କାହାର ଆଜ୍ଞା ନାଁ ଖୋଦ୍ ଭାଇସ୍-ପ୍ରେସିଡେଣ୍ଟ୍ ଜଏଣ୍ଟ୍ ମାଜିଷ୍ଟ୍ରେଟ୍ ମାନେଷ୍ଟ୍ରୀ ସାହେବଙ୍କ ଆଜ୍ଞା ! ତାକୁ ଅବଜ୍ଞା କରିବା ପାଇଁ ଗୁର୍ଦା କାହାର ?

ମାନେଷ୍ଟ୍ରୀ ସାହେବଙ୍କ ହୁକୁମତରେ ପୁଣି ପ୍ରତ୍ୟହ ମ୍ୟୁନିସିପାଲଟୀର କିଛି ନା କିଛି ଗୋଟାଏ ଜୁଲୁମ୍ ଲାଗିରହିଥିଲା । ସେଦିନ

ମ୍ୟୁନିସିପାଲିଟୀର ଆଉ ଗୋଟାଏ ହୁକୁମ ଜାରି ହୋଇଥିଲା, କଟକ ସହରରେ କେହି ଆଉ ଚୁଲଘର ରଖି ପାରିବେ ନାହିଁ ! ଅଥଚ ସହରରେ ସବୁ ଘର ପ୍ରାୟ ଚୁଲଘର । ମ୍ୟୁନିସିପାଲିଟୀର ଏହିପରି ହୁକାପିଠା ଜୁଲୁମ୍ ଭିତରେ ଲୋକେ ଅଣନିଶ୍ୱାସୀ ହୋଇ ପଡ଼ିଥିଲେ ।

ଏହିପରି ସମୟରେ ଭାଇସରାୟ ଲର୍ଡ଼ ରିପନ୍‌ଙ୍କ ସ୍ୱାୟତ୍ତ-ଶାସନ ଘୋଷଣା ଶୁଣି କଟକ ସହରର ଲୋକେ ସ୍ୱସ୍ତିନିଃଶ୍ୱାସ ମାରିଥିଲେ ।

× × ×

ଇଂ ୧୮୮୨ ସାଲ, ଭାରତର ସାମ୍ବିଧାନିକ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ମରଣୀୟ ବର୍ଷ । ଭାଇସରାୟ ଲର୍ଡ ରିପନ୍‌ଙ୍କ ଶାସନକାଳରେ ସେହିବର୍ଷ ସ୍ୱାୟତ୍ତ-ଶାସନ ବ୍ୟବସ୍ଥା ଘୋଷିତ ହୋଇଥିଲା । ତାଙ୍କ ପୂର୍ବରୁ ଲର୍ଡ ମେଓ ଭାଇସରାୟ ଥିବା କାଳରେ ୧୮୭୦ ସାଲରେ ସ୍ୱାୟତ୍ତ-ଶାସନ ବ୍ୟବସ୍ଥାର କ୍ଷୀଣ ପଦକ୍ଷେପ ରୂପେ ମ୍ୟୁନିସିପାଲିଟୀ ସଂସ୍ଥାମାନ ଦେଶରେ ଅବଶ୍ୟ ଗଠିତ ହୋଇ ସାରିଥିଲା । ମାତ୍ର ସେଥିରେ ନିର୍ବାଚନ ପ୍ରଣାଳୀ ନଥିଲା ।

ବସ୍ତୁତଃ ଇଂ ୧୮୭୬ ମସିହାରୁ କଟକ ମ୍ୟୁନିସିପାଲିଟୀ ସ୍ଥାପିତ ହୋଇ ସାରିଥିଲେ ସୁଦ୍ଧା ସରକାରୀ ମନୋନୀତ କମିସନର୍ ମାନଙ୍କୁ ନେଇ କେବଳ ଏହା ଗଠିତ ହୋଇଥିଲା । ସେଥିପାଇଁ ମ୍ୟୁନିସିପାଲିଟୀର ଭାଇସ୍-ଚେଆରମେନ୍ ଜଏଣ୍ଟ ମାଜିଷ୍ଟ୍ରେଟ୍ ମାନେଷ୍ଟୀ ସାହେବଙ୍କର ଏହା ହୋଇଥିଲା ଏକ ହସ୍ତମୁଦି ମାହାଲ । ମ୍ୟୁନିସିପାଲିଟୀର ମନୋନୀତ କମିସନର୍ ମାନେ ମାନେଷ୍ଟୀ ସାହେବଙ୍କ ବଚସ୍କର ଥିବାରୁ, ସ୍ୱାୟତ୍ତ-ଶାସନ ନାମରେ ଆରମ୍ଭ ହୋଇଥିଲା ଏକ ପ୍ରକାର ହୁକାପିଠା, ମେଞ୍ଚ ରାଜୁ ଶାସନ । ମ୍ୟୁନିସିପାଲିଟି କରଦାତା ମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ନିର୍ବାଚନ ପଦ୍ଧତି ପାଇଁ ଆବେଦନ କଲେ ତାହା ପ୍ରବର୍ତ୍ତିତ ହୋଇ ପାରିବା ପାଇଁ ଆଇନରେ ଅବଶ୍ୟ ଗୋଟିଏ ବ୍ୟବସ୍ଥା ରହିଥିଲା । ମଧୁସୂଦନ କଟକ ଆସିବା ଦିନୁ ପ୍ରିଣ୍ଟିଙ୍ଗ୍-କୋମ୍ପାନୀ-କୋଠାରେ କେତେ ଥର ସଭା, ସମିତି ହୋଇ, ନିର୍ବାଚିତ ମ୍ୟୁନିସିପାଲିଟୀ ପାଇଁ ବହୁ ଦାବୀ ହୋଇଗଲାଣି । ଟ୍ୟାକ୍ସଦାତା ମାନଙ୍କ ଠାରୁ କେତେଥର ଦସ୍ତଖତ ସଂଗ୍ରହର ଉଦ୍ୟମ ମଧ୍ୟ ହେଲାଣି, ମାତ୍ର ସେ ପ୍ରସ୍ତାବ ଓ ଆବେଦନ ସବୁ

ଜଏଣ୍ଟ ମାଜିଷ୍ଟ୍ରେଟ୍ ମାନେନଙ୍କ ସାହେବଙ୍କ ଇଜଲାସ୍ ତେଜିଁ ଆଉ ଅଗ୍ରସର ହୋଇ ପାରୁ ନଥିଲା । ଏହିପରି ସମୟରେ ରିପନ୍‌ଙ୍କ ଆତ୍ମ-ଶାସନପ୍ରଣାଳୀ ଘୋଷଣା କଟକ ସହରରେ ଏକ ମହାମୁକ୍ତିର ବାତା-ବରଣ ସୃଷ୍ଟି କରିଥିଲା ।

ଗେଜେଟ୍‌ରେ ଆତ୍ମଶାସନ-ପ୍ରଣାଳୀର ଆଇନ ବ୍ୟବସ୍ଥା ଘୋଷିତ ହେବା ସଙ୍ଗେସଙ୍ଗେ, ମଧୁସୂଦନ ଗୌରୀଶଙ୍କରଙ୍କୁ ଧରି ବସିଲେ, ଗୋଟାଏ ବଡ଼ଧରଣ ସଭା ଡାକ ଲର୍ଡ ରିପନ୍‌ଙ୍କୁ ଧନ୍ୟବାଦ ଜ୍ଞାପନ କରିବା ପାଇଁ । କଟକ ମ୍ୟୁନିସିପାଲିଟୀ ଯେପରି ଯଥାଶୀଘ୍ର ମାଜିଷ୍ଟ୍ରେଟ୍ ମାନଙ୍କର ମେଖ-ଖିସ୍ତ ଜୁଲୁମ୍‌ରୁ ମୁକ୍ତି ପାଏ ତାହା ଦାବୀ କରିବା ମଧ ଏ ସଭାର ଅନ୍ୟତମ ଉଦ୍ଦେଶ୍ୟ ଥିଲା । "ଉତ୍କଳ-ଦୀପିକା" ଲେଖିଥିଲେ···

"ମାତ୍ର ଏତାବତ୍ କାଳ ଆମ୍ଭେମାନେ କେବେ କିଛି ମାତ୍ର ଶିକ୍ଷା ପାଇନାହୁଁ । ବରଂ ରାଜପୁରୁଷ ମାନଙ୍କର ଏହି ବିଷୟରେ ଚିରକାଳ ଔଦାସ୍ୟଭାବହିଁ ଦେଖାଯାଏ । ଆତ୍ମଶାସନର କଥା ହେଲେ ସେମାନେ ବୋଲନ୍ତି ଯେ, ଭାରତବର୍ଷୀୟ ମାନେ ଏବେ ସେ ବିଷୟରେ ଉପଯୁକ୍ତ ହୋଇ ନାହାନ୍ତି । × × ଅତଏବ ସ୍ୱଦେଶବାସୀ ଓ ଓଡ଼ିଶା ମଙ୍ଗଳା-କାଙ୍କ୍ଷୀ ମହୋଦୟ ଗଣ । ଦେଶର ଉନ୍ନତି ସାଧନରେ ଅଗ୍ରସର ହେଉନ୍ତୁ । ଉତ୍ତମ ସମୟ ଉପସ୍ଥିତ ହୋଇଅଛି । ଧାର୍ମିକବର ଲର୍ଡ ରିପନ୍ ବାହାଦୁର ଆମ୍ଭମାନଙ୍କ ପ୍ରଧାନ ଶାସକ; ନ୍ୟାୟସଙ୍ଗତ ଯାହା ପ୍ରାର୍ଥନା କରିବ ତାହା ମଧ ପାଇ ପାରିବ । କଟକରେ ଯେପରି ନିର୍ବାଚନ ପ୍ରଣାଳୀ ପ୍ରବର୍ତ୍ତିତ ହୁଏ, ତଦ୍‌ବିଷୟରେ ଆପଣମାନେ ବିଶେଷ ଚେଷ୍ଟା କରନ୍ତୁ ।"

(ଉତ୍କଳ-ଦୀପିକା ତା୨୪-୬-୮୨)

ଏହି ଉଦ୍ଦେଶ୍ୟରେ ଇଂ ୧୮୮୨ ସାଲ ଜୁନ୍ ମାସ ୩୦ ତାରିଖ, ଶୁକ୍ରବାର ଦିନ କଟକ-ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାରେ ସେହି ସାଧାରଣ ସଭାର ଆୟୋଜନ ହୋଇଥିଲା ।

"ଉତ୍କଳ-ଦୀପିକା"ରେ ସଭାର ବିବରଣୀ ଏହିପରି ପ୍ରକାଶ ପାଇଥିଲା ···

"ଗତ ସପ୍ତାହ ଶୁକ୍ରବାର ଏଠା ଛାପାଖାନାରେ ଯେଉଁ ସଭା ହୋଇଥିଲା ଏବଂ ଯହିଁର ସମ୍ବାଦ ମାତ୍ର ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁ ଏପରି ସଭା ଦୀର୍ଘକାଳ ହେଲା ଏ ସହରରେ ଦେଖାଯାଇ ନାହିଁ । ନଗରବାସୀ, ରାଜା, ଜମିଦାର ଗବର୍ଣ୍ଣମେଣ୍ଟ କର୍ମଚାରୀ, ଓକିଲ ମୁକ୍ତାର, ମହାଜନ ଦୋକାନଦାର ପ୍ରଭୃତି ଏତେଲୋକ ଏକତ୍ରିତ ହୋଇଥିଲେ ଯେ, ଦୋମହଲା ଘର ଭିତରଛଡ଼ା ଦୁଇପାଖ ବାରଣ୍ଡାରେ ମଧ୍ୟ ସ୍ଥାନ ନପାଇ ଫେରିଗଲେ ଏବଂ ଅନେକ ଲୋକ ତଳେ ଛିଡ଼ା ହୋଇ ରହିଲେ । ସଭାଗୃହ ଏବଂ ବାରଣ୍ଡାରେ ପ୍ରାୟ ୩୦୦ ଜଣ ସଭ୍ୟ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ବାବୁ ବହାରୀଲାଲ ପଣ୍ଡିତ ସଭାପତି ପଦରେ ବରଣ ହୁଅନ୍ତେ ଦୁଇ ଚାରି କଥାରେ ସୁନ୍ଦର ରୂପେ ଉକ୍ତ ସମ୍ମାନ ସକାଶେ ସଭାରେ କୃତଜ୍ଞତା ସ୍ୱୀକାର କଲେ ଏବଂ ଯୋଗ୍ୟତା ସହିତ ସଭାର କାର୍ଯ୍ୟ ନିର୍ବାହ କଲେ ।

ବାବୁ ହରିବଲ୍ଲଭ ଘୋଷ ପ୍ରଥମ ନିର୍ଦ୍ଧାରଣ ଏହିପରି ପ୍ରସ୍ତାବ କଲେ କି, ଆତ୍ମଶାସନ ରୂପ କ୍ଷମତା ପ୍ରଦାନ କରିବାରୁ ଅସ୍ମଦ୍ଦେଶୀୟ ମାନେ ଯଥୋଚିତୋନାସ୍ତି ଆନନ୍ଦ ଏବଂ କୃତଜ୍ଞତା ସହ ମହାମାନ୍ୟ ଲର୍ଡ ରିପନଙ୍କୁ ଧନ୍ୟବାଦ ଦେଉ ଅଛନ୍ତି । ଶ୍ରୀଯୁକ୍ତ ରାଜା କନିକା ଡୋମପଡ଼ା ଏ ପ୍ରସ୍ତାବକୁ ଅନୁମୋଦନ ଏବଂ ବାବୁ ମଧୁସୂଦନ ରାଓ ସମର୍ଥନ କଲେ ।

ତହିଁ ଉତ୍ତାରୁ ବାବୁ ମଧୁସୂଦନ ଦାସ ଦ୍ୱିତୀୟ ନିର୍ଦ୍ଧାରଣ ଏହିପରି ପ୍ରସ୍ତାବ କଲେ କି, ଏ ନଗର ଓଡ଼ିଶାର ରାଜଧାନୀ ଏବଂ ବାଣିଜ୍ୟର ପ୍ରଧାନ କେନ୍ଦ୍ର ଥିବାରୁ ଏବଂ ବଙ୍ଗଳାର ଅନେକ ନଗର ପରି ଏହା ଉନ୍ନତିକୁ ଲଭି ଥିବାରୁ ଏଠାରେ ନିର୍ବାଚନ ପ୍ରଣାଳୀ ଦ୍ୱାରା ସଭା ସଙ୍ଗଠନର ବ୍ୟବସ୍ଥା ପ୍ରଚଳିତ ହେଉ ଏବଂ କମିଶନର ଏବଂ ସ୍ଥାନୀୟ ବୋର୍ଡର ସଭାପତି ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିଯୁକ୍ତ ନ ହୋଇ ସଭାର ମନୋନୀତ ଅନୁସାରେ ନିଯୁକ୍ତ ହେଉନ୍ତୁ ।

ହାଜି ଅବ୍ଦୁଲ ରହମାନ୍ ମୁନ୍ସୀ ଏ ପ୍ରସ୍ତାବକୁ ଅନୁମୋଦନ ଏବଂ ବିପିନବିହାରୀ ମିତ୍ର ସମର୍ଥନ କଲେ ।"

ଏହି ପ୍ରସ୍ତାବ ଆଗତ କରି ମଧୁସୂଦନ ଭାଷଣ ପ୍ରସଙ୍ଗରେ ସେ ଦିନ କହିଥିଲେ :-

"ଓଡ଼ିଶାର ପୂର୍ବାବସ୍ଥା ଯାହା ଆଜ ଗତ ୧୫/୨୦ ବର୍ଷ ହେଲା ହେଲା ଏଠାରେ ଶିକ୍ଷାର ଉନ୍ନତି ହେଉଅଛି । ପ୍ରତିବର୍ଷ ଅନେକ ଛାତ୍ର ବିଶ୍ୱବିଦ୍ୟାଳୟର ଉପାଧିମାନ ପ୍ରାପ୍ତ ହୋଇ ଯୋଗ୍ୟତାର ପରିଚୟ ଦେଉଅଛନ୍ତି । ବାଣିଜ୍ୟ ବ୍ୟବସାୟର ବୃଦ୍ଧି ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ଜ୍ଞାନ ଓ ସଭ୍ୟତା ବୃଦ୍ଧି ହେଉଅଛି । ସାମାନ୍ୟ ଦୋକାନଦାର ସୁଦ୍ଧା ହାକିମ ମାନଙ୍କର ନ୍ୟାୟ ଅନ୍ୟାୟ ଅନୁଭବ କରିବାକୁ ସମର୍ଥ ହେଉ ଅଛନ୍ତି । ଏପରି ଅବସ୍ଥାରେ ଯେଉଁମାନେ ବୋଲନ୍ତି କି, ଏଠାରେ ଆତ୍ମଶାସନ ପ୍ରଣାଳୀ ଚଳାଇବାର ସମୟ ହୋଇନାହିଁ, ସେମାନେ ମହତ୍ ଭ୍ରମରେ ପଡ଼ିଅଛନ୍ତି । ଅବଶ୍ୟ ଏ ପ୍ରକାର ଗୁରୁତର ବିଷୟରେ ଲୋକମାନେ ଏକାବେଳକେ ସମ୍ପୂର୍ଣ୍ଣ ଯୋଗ୍ୟତା ଦେଖାଇବେ, ଏପରି ଆଶା କରିବା ଅଯୌକ୍ତିକ ଅଟଇ । ହାକିମମାନେ ଦୀର୍ଘକାଳ ଏହି ପ୍ରକାର କାର୍ଯ୍ୟକରି ଏବଂ ବିଶେଷ ବହୁଦର୍ଶିତା ଲାଭ କରି ସୁଦ୍ଧା ଯେତେବେଳେ ସମୟ ସମୟରେ ଭ୍ରମରେ ପଡ଼ି ଅଛନ୍ତି, ସେ ସ୍ଥଳେ ଅନଭ୍ୟସ୍ତ ଲୋକଙ୍କ କଥା କେତେ ମାତ୍ର ? କିନ୍ତୁ ପ୍ରଥମେ ଭ୍ରମ ହେବ ବୋଲି ଯେ ଲୋକଙ୍କୁ ଏ ଭାର ଦିଆଯିବ ନାହିଁ ଏହା ଯୁକ୍ତିଯୁକ୍ତ ନୁହଇ । ଯେବେ ଭାର ନ ଦିଆଯାଏ ତେବେ ସେମାନେ କଦାଚ ଶିକ୍ଷିତ ହେବେ ନାହିଁ । ଯେ ବ୍ୟକ୍ତି ସାହସ ଓ ଧୈର୍ଯ୍ୟର ସହିତ କାର୍ଯ୍ୟ କରେ ସେ କେବେ କେବେ ଭ୍ରମରେ ପଡ଼ୁ ପଛକେ କାର୍ଯ୍ୟ ନ କରିବା ବ୍ୟକ୍ତି ଠାରୁ ତାହାକୁ ଭଲ ବୋଲିବାକୁ ହେବ । ଘୋର ତୋଫାନରେ ଜାହାଜ ଟଳମଳ ହୋଇ ପ୍ରତି ମୁହୂର୍ତ୍ତରେ ନିକଟସ୍ଥ ସାଂଘାତିକ ପଥରରାଶି ଉପରେ କଚାଡ଼ି ପଡ଼ିବାର ଆଶଙ୍କା ସ୍ଥଳେ ଯେଉଁ ନାବିକ ସାହସକୁ ଅବଲମ୍ବନ କରି ମଙ୍ଗଧରାକୁ ମାଡ଼ି ବସିଥିବ; ସେ କେତେବେଳେ ଜାହାଜକୁ ସମ୍ଭାଳି ନପାରିଲେ ସୁଦ୍ଧା ତାହାକୁ ପ୍ରକୃତ ନାବିକ ବୋଲାଯିବ । ମାତ୍ର ଯେଉଁ ବ୍ୟକ୍ତି ସେ ସମୟରେ ହତାଶ ହୋଇ ମଙ୍ଗଧରା ପାଖକୁ ଯିବ ନାହିଁ, ତାହାକୁ କେହି ଭଲ କହିବେ ନାହିଁ । ଅତଏବ ଏଠା ଲୋକଙ୍କୁ ଭାର ଦିଆଗଲେ ସେମାନେ ତାହାକୁ ନିର୍ବାହ କରିବାକୁ ଚେଷ୍ଟା କରିବେ ଏବଂ ତହିଁରେ ସଫଳ ହେବେ, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ମ୍ୟୁନିସିପାଲ ଇତ୍ୟାଦି କମିଟୀ ଦ୍ୱାରା କୌଣସି ଉପକାର ନହେବାର ଏକମାତ୍ର କାରଣ ଏହିକ ଉପଯୁକ୍ତ ବ୍ୟକ୍ତିଙ୍କୁ ସେ ଭାର ଦିଆଯାଉ ନାହିଁ । ହାକିମମାନେ କେବଳ ମର୍ଯ୍ୟାଦାବନ୍ତ ଏବଂ ଧନୀଲୋକଙ୍କୁ ସାଧାରଣ ପ୍ରତିନିଧି ସ୍ୱରୂପ ସଭାର

ମେମ୍ବର ନିଯୁକ୍ତ କରନ୍ତି କିନ୍ତୁ ସେମାନେ ବୁଝନ୍ତି ନାହିଁ ଯେ, ଯାହାର ମର୍ଯ୍ୟାଦା ଓ ଧନ ଯେତେ ଅଧିକ ସେ ସାଧାରଣ ଟାକ୍ସଦାତାଙ୍କ ଠାରୁ ସେତେ ଅନ୍ତରରେ ଅବସ୍ଥିତ କରଇ । ସୁତରାଂ ଉପଯୁକ୍ତ ସହାନୁଭୂତି ଅଭାବରୁ ତାହାଙ୍କ ଦ୍ୱାରା କୌଣସି କାର୍ଯ୍ୟ ହୁଅଇ ନାହିଁ । ପ୍ରଜାମାନେ ସଭ୍ୟ ମନୋନୀତ କଲେ ସେପରି ଘଟିବ ନାହିଁ ।" *

'ଉତ୍କଳ-ଦୀପିକା' ମଧୁସୂଦନଙ୍କ ଏ ବକ୍ତୃତା ସମ୍ପର୍କରେ ଲେଖିଥିଲେ···"ସମସ୍ତ ଉତ୍ତମ ବକ୍ତୃତା ମଧ୍ୟରେ ବାବୁ ମଧୁସୂଦନ ଦାସ'ଙ୍କ ଇଂରାଜୀ ବକ୍ତୃତା ଅତ୍ୟନ୍ତ କର୍ଣ୍ଣପ୍ରିୟ ବୋଧ ହୋଇଥିଲା । ଅବଶେଷରେ ବାବୁ ହରିଚରଣ ବାନାର୍ଜୀ ସଭାପତିଙ୍କୁ ଧନ୍ୟବାଦ ଦେବା ପରେ ସଭା ଶେଷ ହେବା ବେଳକୁ, ମ୍ୟୁନିସିପାଲଟୀର ଓଭରସିଅର ବାବୁ କ୍ଷେତ୍ରମୋହନ ରାୟ, କ୍ରୋଧରେ କମ୍ପମାନ ହୋଇ କଣ ଦୁଇ ଏକ କଥା କହିବା ପାଇଁ ଠିଆ ହୋଇ ପଡ଼ିଥିଲେ । ମ୍ୟୁନିସିପାଲିଟୀ କମିଶନର ମାନେ ହାକିମ ମାନଙ୍କ ପାଳିଆ ଅଟନ୍ତି ଓ ସେମାନଙ୍କର ଆଧିପତ୍ୟ ଶୀଘ୍ର ବିଦୂରିତ ହେବା ଉଚିତ୍ ବୋଲି, ବକ୍ତୃ ବକ୍ତା ଯାହା କହିଥିଲେ; ତାହା ଖଣ୍ଡନ କରିବା ଓଭରସିଅର ବାବୁଙ୍କ ଉଦ୍ଦେଶ୍ୟ ଥିଲା । ମ୍ୟୁନିସିପାଲଟୀର ଉପସ୍ଥିତ ପରିଚାଳନା ସର୍ବୋତ୍ତମ ଓ ନିର୍ବାଚନପ୍ରଣାଳୀରେ କୌଣସି ଲାଭ ହେବ ନାହିଁ ବୋଲି ସେ କହିଦେବା ମାତ୍ରେ, ଦର୍ଶକମାନେ ଘନ ଘନ କରତାଳି ପ୍ରଦାନ ପୂର୍ବକ ତାଙ୍କ ମୁହଁ ବନ୍ଦ କରିଦେଲେ ଏବଂ ସେ ଆଉ କିଛି କହିବାକୁ ଅବସର ନପାଇ କ୍ଷୁନ୍ନ ହୋଇ ଆପଣା ସ୍ଥାନକୁ ଫେରି ଆସିଲେ ।"

ଘଟଣାଟି ଅବଶ୍ୟ ଥିଲା "ଉତ୍କଳ-ଦୀପିକା" ଙ୍କ ଭାଷାରେ କୌତୁକଜନକ" । ମାତ୍ର ଏକ ସର୍ବସାଧାରଣ ସମ୍ମତ ସଭାରେ ଏପରି ବିଭେଦ ଓ ବିରୋଧ ମଧୁସୂଦନଙ୍କୁ ମନେ ମନେ ବିସ୍ମିତ ଯେତେ କରିନଥିଲା, ତା'ଠାରୁ ଦୁଃଖିତ କରିଥିଲା ବେଶୀ । ସମସ୍ତେ ବିଦାୟ ନେଇ ଚାଲିଗଲା ପରେ ମଧୁସୂଦନ ଗୌରୀଶଙ୍କରଙ୍କୁ ପଚାରିଥିଲେ··· "କ୍ଷେତ୍ରମୋହନ ବ୍ୟାପାରଟି ତ ବୁଝି ପାରିଲି ନାହିଁ ଦାଦା !"

* ଉତ୍କଳ-ଦୀପିକା-ତା ୮-୭-୧୮୯୨

ଗୌରୀଶଙ୍କର ଇଷତ୍ ଅପ୍ରସନ୍ନ କଣ୍ଠରେ ଉତ୍ତର ଦେଇଥିଲେ··· "ଇଏ ଗୀତାନାଥ ବାନାର୍ଜୀର କାଣ୍ଡ । କ୍ଷେତ୍ରମୋହନ ସେଥିରେ ନିମିତ୍ତ ମାତ୍ର ।"

ମଧୁସୂଦନ କହିଲେ···"ବାସ୍ତବିକ ! ଏ ସଭାକୁ ସମସ୍ତେ ଆସିଲେ । କିନ୍ତୁ ଗୀତନାଥ ବାନାର୍ଜୀ ଆସିଲେ ନାହିଁତ ।"

ଗୌରୀଶଙ୍କର କହିଲେ··· "କାଳୀଗାଈର ଭଉଣୀ ଗୋଠ ପଶୁ : ସେ ଏଠିକୁ ଆସନ୍ତେ କପରି ?"

ସଭାର ଆଶାତୀତ ସଫଳତାରେ କିନ୍ତୁ ମୁଗ୍‌ଧ ହୋଇ ଗୌରୀ-ଶଙ୍କର ମଧୁସୂଦନଙ୍କୁ କହିଲେ···"ସଭାରେ ଏତେ ଲୋକ ହେବେ ପୁଣି ସବୁ ସମ୍ପ୍ରଦାୟର ଲୋକେ ଏପରି ବହୁସଂଖ୍ୟାରେ ସଭାକୁ ଆସିବେ ବୋଲି କେହି ଆଶା କରିନଥିଲେ । ତୁମେ କିନ୍ତୁ ଇଂରାଜୀରେ ଭାଷଣ ଦେଇ ନଥିଲେ ଭଲ ହୋଇଥାନ୍ତା !"

ମାତ୍ର ସେତେବେଳେ ଇଂରାଜୀ ଭାଷାହିଁ ଥିଲା ରାଜନୀତିର ମାଧ୍ୟମ । ଉଚ୍ଚବର୍ଗ ଓ ଶିକ୍ଷିତ ମଧ୍ୟବର୍ଗ ଗୋଷ୍ଠୀ ମଧ୍ୟରେ ରାଜନୀତି ଆବଦ୍ଧ ଥିବା ହେତୁ ସାଧାରଣ ସଭା ମାନଙ୍କରେ ଇଂରାଜୀରେ ଭାଷଣ ଦେବା ଥିଲା ରୀତି ।

"ଓଡ଼ିଆରେ କହିବା ପାଇଁ ମୁଁ କେଜାଣି କାହିଁକି ଆତ୍ମପ୍ରତ୍ୟୟ ପାଉନାହିଁ । ସବୁବେଳେ ମନେ ହେଉଛି, କେଉଁଠି ଯେପରି କଣ ଗୋଟାଏ ଭୁଲ ରହିଗଲା । ତା' ଛଡ଼ା କଲେକ୍ଟର ମିଷ୍ଟର ପାର୍ସୀ ଓ ଅନ୍ୟ ଯେଉଁ ସାହେବ ମାନେ ସଭାରେ ଉପସ୍ଥିତ ଥିଲେ ; ସେମାନେ ତ ଆମ୍ଭ ଓଡ଼ିଆ ଭାଷଣ ବୁଝି ପାରିନଥାନ୍ତେ । ଆଜି ଆମ କଥା ଆମେ ବୁଝିବା ଯେତେ ବଡ଼ କଥା ନୁହେଁ, ସେତେ ବଡ଼ କଥା ହେଲା ଏ ସାହେବମାନଙ୍କୁ ଆମ କଥା ବୁଝେଇବା ।" ···ମଧୁସୂଦନ କୈଫିୟତ୍ ଦେଇଥିଲେ ।

ଗୌରୀଶଙ୍କର କହିଲେ···"ସେ କଥାଟି ମଧ୍ୟ ମିଥ୍ୟା ନୁହେଁ ।"

## (ଦୁଇ)

ଅଷ୍ଟାଦଶରେ ଭାଷା-ଆନ୍ଦୋଳନ ବେଳେ "ଉତ୍କଳୋଲ୍ଲାସିନୀ ସଭା" ପକ୍ଷରୁ ପ୍ରିଣ୍ଟିଂ-କୋମ୍ପାନୀ-କୋଠାରେ ଅବଶ୍ୟ ଅନେକ ଆଲୋଚନା ସଭା ହୋଇଥିଲା; ପୁରସ୍କାର-ବିତରଣୀ ଅଥବା କଲେକ୍ଟର କମିସନର

ପ୍ରମୁଖଙ୍କ ସମ୍ବର୍ଦ୍ଧନା ଓ ବିଦାୟ-ସଭା ସହିତ ସହରବାସୀ ମଧ୍ୟ ବେଶ୍ ପରିଚିତ ଥିଲେ, ପୁଣି ଲେଫଟେନେଣ୍ଟ୍ ଗଭର୍ଣ୍ଣର ମାନେ ଓଡ଼ିଶା ପରିଦର୍ଶନରେ ଆସିଲେ ଦରବାରୀ ସମାରୋହ ପ୍ରାୟ ଏକ ବାର୍ଷିକ ବ୍ୟାପାର ଥିଲା । ସେଦିନ ଲର୍ଡ ରିପନ୍‌ଙ୍କୁ ଧନ୍ୟବାଦ ଜ୍ଞାପନ ଉଦ୍ଦେଶ୍ୟରେ ଯେଉଁ ସାଧାରଣ ସଭାଟି ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାରେ ଅନୁଷ୍ଠିତ ହୋଇଥିଲା, ତାହା ଥିଲା ଏହି ଶ୍ରେଣୀର । ମାତ୍ର ରାଜନୈତିକ ପରିସ୍ଥିତି ଆଲୋଚନା କରି, ଜନମତର ସ୍ୱରୂପ ଓ ଦାବୀ ପ୍ରକାଶ କରିବା ପାଇଁ ଯେ ଏକ ରାଜନୈତିକ-ଅନୁଷ୍ଠାନ ଗଠିତ ହୋଇପାରେ; ପୁଣି ଭାଷା, ଦଳ, ଗୋଷ୍ଠୀ ଓ ଧର୍ମ ନିର୍ବିଶେଷରେ ସମସ୍ତେ ସେଥିରେ ଯୋଗ ଦେଇ ପାରନ୍ତି— ଏ ଧାରଣା ଅନେକଙ୍କର ସେତେବେଳେ ନଥିଲା ।

ଲର୍ଡ ରିପନ୍‌ଙ୍କ ସ୍ୱାୟତ୍ତ-ଶାସନ ଘୋଷଣା ଓ ସେ ପରିସ୍ଥିତିରେ ଓଡ଼ିଶାରେ ଏକ "ସଭା" ସଂଗଠନର ପ୍ରସ୍ତାବ ଆଲୋଚନା କରିବା ପାଇଁ, ମଧୁସୂଦନ ଗୋଟିଏ ସାଧାରଣ ସଭା ଆୟୋଜନ କରିବାର ପ୍ରସ୍ତାବ ଘେନି, ସେତେବେଳେ ଗୌରୀଶଙ୍କରଙ୍କ ପାଖକୁ ଆସିଲେ, ଗୌରୀଶଙ୍କର ତାହାର ସଫଳତାରେ ପ୍ରଥମେ ଘୋର ସନ୍ଦେହ ପ୍ରକାଶ କରିଥିଲେ । ସେ ପର୍ଯ୍ୟନ୍ତ ଓଡ଼ିଶାରେ ସାଧାରଣ ଜୀବନର ପଦ୍ଧତି ଓ ପରମ୍ପରା ସମ୍ପର୍କରେ ଗୌରୀଶଙ୍କର ବା ଅନ୍ୟ ସମାଜନେତା ମାନଙ୍କର କାହାରି ଯଦି କୌଣସି ସ୍ପଷ୍ଟ ଧାରଣା ନଥିଲା, ତା'ହେଲେ ସେଥିରେ ବିସ୍ମିତ ହେବା ଭଳି କିଛି ନଥିଲା । କାରଣ ଓଡ଼ିଶାର ଅନ୍ୟ ଅଞ୍ଚଳ ଦୂରର କଥା, ଓଡ଼ିଶା ଡିଭିଜନ୍‌ର ରାଜଧାନୀ ଖୋଦ୍ କଟକ ସହରରେ ସୁଦ୍ଧା ସେ ପର୍ଯ୍ୟନ୍ତ, ସାଧାରଣ ଜୀବନ ବା ରାଜନୀତିର ସୂତ୍ରପାତ ହୋଇ ନଥିଲା । ଭାଷା-ଆନ୍ଦୋଳନ କଟକର ସାମାଜିକ ଜୀବନରେ ଯେଉଁ ଆନ୍ଦୋଳନ ସୃଷ୍ଟି କରିଥିଲା, ତାହା ସେତେବେଳକୁ ନୀରବ ଓ ନିସ୍ପନ୍ଦ ହୋଇ ସାରିଥିଲା ।

ଏ ପରିସ୍ଥିତିରେ ରାଜନୈତିକ ଓ ଶାସନତାନ୍ତ୍ରିକ ବିଷୟ ଆଲୋଚନା କରିବା ପାଇଁ, ସଭା ଆୟୋଜନ କରିବାରେ କାହାରି ଡେଣୁ ବିଶେଷ ଉତ୍ସାହ ନଥିଲା । କଟକର ଶିଷ୍ଟ ଓ ବିଶିଷ୍ଟ ସମାଜରେ ଅଙ୍ଗୁଳିମେୟ ଯେଉଁ କେତେଜଣ ଆଖିରେ ପଡ଼ୁଥିଲେ, ସେମାନେ ଥିଲେ ହୁଏତ ସରକାରୀ କର୍ମଚାରୀ ନୋହିଲେ ଜମିଦାର । ସାଧାରଣ ବ୍ୟାପାର ମାନଙ୍କରେ

ସେମାନଙ୍କର ଆଗ୍ରହ ଥିଲା ଅପରିସୀମ, ମାତ୍ର ସେଥିରେ ଘନିଷ୍ଠ ଭାବରେ ସମ୍ପୃକ୍ତ ହେବା ପାଇଁ ସେମାନଙ୍କର ଅବସର ଯେପରି ଥିଲା ସୀମିତ, ମାନସିକ ବଳ୍‌ବଳସ୍ତ ମଧ୍ୟ ସେହିପରି ଥିଲା ସଙ୍କୁଚିତ। ତଥାପି କଟକର ଜନସମାଜରେ ସେହିମାନେହିଁ ଥିଲେ ଶିକ୍ଷିତ ଓ ବୁଦ୍ଧିଜୀବୀ। ସେମାନଙ୍କୁ ବାଦ୍ ଦେଇ କୌଣସି ସଙ୍ଗଠନର ସମ୍ଭାବନା ନଥିଲା। ବୌଦ୍ଧିକ ସ୍ତରରେ କଟକର ଜନସମାଜ ଯେପରି ମାନ୍ଦ୍ୟଗ୍ରସ୍ତ ରହିଥିଲା, ସାମାଜିକ ସ୍ତରରେ ଏହା ମଧ୍ୟ ସେହିପରି ଥିଲା ପ୍ରବଳ ଦ୍ୱିଧାଗ୍ରସ୍ତ। ଭାଷା-ଆନ୍ଦୋଳନ ହେତୁ ଆଗନ୍ତୁକ ଓ ଅଧିବାସୀ ମାନଙ୍କ ମଧ୍ୟରେ ସମ୍ପର୍କ ବେଶ୍ ତିକ୍ତ ହୋଇ ରହିଥିଲା। ଓଡ଼ିଶାର ଅଧିବାସୀ ବଙ୍ଗଭାଷୀ ସମ୍ପ୍ରଦାୟ, ଓଡ଼ିଶାର ସମସ୍ୟା ସଙ୍କଟ ସହିତ ନିଜକୁ ଓତପ୍ରୋତ ଭାବରେ ମିଶାଇ ପାରି ଥିବାରୁ ଆଗନ୍ତୁକ ବଙ୍ଗଭାଷୀ ମାନଙ୍କ ସହିତ ସେମାନଙ୍କ ସମ୍ପର୍କ ମଧ୍ୟ ପ୍ରୀତିପୂର୍ଣ୍ଣ ନଥିଲା। "ଉତ୍କଳଭାଷା ଉଦ୍ଦିପନୀ ସଭା" ଓ "ଉତ୍କଳୋନ୍ନତିବିଧାୟିନୀ ସଭା" ପ୍ରଭୃତି ଓଡ଼ିଆ ଅନୁଷ୍ଠାନ ଭାଷାବିବାଦର ପୃଷ୍ଠଭୂମିରେ, ଆଗନ୍ତୁକ ମାନଙ୍କ ବିରୁଦ୍ଧରେ ଖଡ୍ଗହସ୍ତ ଓ ଶତଜିହ୍ୱ ହୋଇ ରହିଥିଲେ। ସେହିପରି ଆଗନ୍ତୁକ ବଙ୍ଗାଳୀ ମାନେ "କଟକ ସୋସାଇଟୀ" "କଟକ ଡ଼ିବେଟିଙ୍ଗ୍ କ୍ଲବ" "କଟକ ୟୁଙ୍ଗମେନ୍‌ସ୍ ଲାଇବ୍ରେରୀ ଅସୋସିଏସନ୍" "ଶିକ୍ଷା ବିଧାୟିନୀ ସଭା" ଓ "ସୁହୃଦ ସମାଜ" ପ୍ରଭୃତି ଯେଉଁ ସବୁ ଅନୁଷ୍ଠାନ ଗଢ଼ିଥିଲେ ସେସବୁ ଓଡ଼ିଆ ସମାଜର ଆଶା ଅଭିପ୍ସାର ପରିପନ୍ଥୀ ହୋଇ ରହିଥିଲେ। ଅଥଚ ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ସୁସମ୍ପର୍କ ଓ ସୌଭ୍ରାତୃ ପ୍ରତିଷ୍ଠିତ ନହେଲେ କଟକରେ ଏକ ରାଜନୈତିକ ସଙ୍ଗଠନର ସମ୍ଭାବନା ବିରଳ ଥିଲା!

ଓଡ଼ିଆ ମାନଙ୍କ ମଧ୍ୟରେ ଯେଉଁମାନେ ଓଡ଼ିଶାର କଲ୍ୟାଣ-ଚିନ୍ତାରେ ବ୍ରତୀ ଥିଲେ, ସେମାନଙ୍କଠାରେ ଆନ୍ତରିକତାର ଅଭାବ ନଥିଲେ ହେଁ ସେମାନଙ୍କ ଠାରୁ ରାଜନୈତିକ ନିଷ୍ଠା ଆଶା କରାଯାଇ ପାରୁ ନଥିଲା। ଗୌରୀଶଙ୍କର ପାଠ୍ୟ ପୁସ୍ତକ ରଚନା, ଓଡ଼ିଶୀ ସଙ୍ଗୀତ ଚର୍ଚ୍ଚା ଓ "ଉତ୍କଳ-ଦୀପିକା"ର ସମ୍ପାଦନାରେ ଆନାସିକା ନିମଜ୍ଜିତ ରହିଥିଲେ। ତଥାପି ତାଙ୍କର "ଉତ୍କଳ-ଦୀପିକା" ଓ କଟକ-ପ୍ରିଣ୍ଟିଙ୍ଗ୍-କୋମ୍ପାନୀ-କୋଠା ସେତେବେଳେ କଟକର କ୍ଷୀଣ ରାଜନୈତିକ ଜୀବନର ପ୍ରାଣକେନ୍ଦ୍ର ହୋଇ ରହିଥିଲା। କଲିକତାର ଜମିଦାର ମାନେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍

ଓ ଇଣ୍ଡିଆନ୍ ଆସୋସିଏସନ୍ ପ୍ରଭୃତି ରାଜନୈତିକ ଅନୁଷ୍ଠାନ ମାନଙ୍କରେ ସକ୍ରିୟ ଅଂଶ ଗ୍ରହଣ କରୁଥିବା ବେଳେ ଓଡ଼ିଶାର ଜମିଦାର ମାନେ ନିଜ ନିଜର ସାମନ୍ତବାଦୀ କଚ୍ଛପ ଖୋଳ ମଧ୍ୟରେ ତଥାପି ଆବଦ୍ଧ ହୋଇ ରହିଥିଲେ । ବିହାରୀଲାଲ ପଣ୍ଡିତ ସହରର ଜମିଦାର ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଓ ପ୍ରତିଷ୍ଠାବାନ୍ ଥିଲେ । କର୍ମକାଣ୍ଡର ବନ୍ଧନ ଭିତରୁ ଭାରତୀୟ ସମାଜ ମୁକ୍ତ ହେଉଥିଲା ବେଳେ ସେ ଦଳେ କର୍ମକାଣ୍ଡବାଦୀ ପଣ୍ଡିତଙ୍କୁ ଧରି କର୍ମକାଣ୍ଡ ସଙ୍କଳନରେ ମଗ୍ନ ରହିଥିଲେ । ଜଗନ୍ମୋହନ ଲାଲ କଟକ ହାଇସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେତେବେଳେ କଲେକ୍ଟରେଟ୍‌ରେ ସିରସ୍ତାଦାର ପଦରେ ନିଯୁକ୍ତ ଥିଲେ । ଓଡ଼ିଆ ଭାଷା-ରକ୍ଷା-ଆନ୍ଦୋଳନ ଓ ସମାଜସଂସ୍କାର ପ୍ରଭୃତି ବ୍ୟାପାର ମାନଙ୍କରେ ତାଙ୍କର ଉତ୍ସାହ ପ୍ରବଳ ଥିଲା । ପୁଣି ପ୍ରଥମ ଓଡ଼ିଆ-ନାଟକ "ବାବାଜୀ"ର ପ୍ରଣେତା ରୂପେ କଟକର ଜନସମାଜରେ ସେ ମଧ୍ୟ ବେଶ୍ ସୁପରିଚିତ ଥିଲେ । ମାତ୍ର ବୃହତ୍ତର ରାଜନୈତିକ ଜୀବନ ସହିତ ସଂଶ୍ଳିଷ୍ଟ ହେବାପାଇଁ ତାଙ୍କର କୌଣସି ଉତ୍ସାହ ନଥିଲା । ଡେପୁଟୀ ହରେକୃଷ୍ଣ ଦାସ ଓ ନନ୍ଦକିଶୋର ଦାସ ପ୍ରମୁଖ ଭଳି ରାଜକର୍ମଚାରୀମାନେ ନିଜ ନିଜ ବୃତ୍ତିରୁ ଯେତିକି ଅବସର ପାଉଥିଲେ ସେଥିରେ ସାଧାରଣ କ୍ଷେତ୍ରରେ କିଛି କିଛି କାର୍ଯ୍ୟ କରିବା ପାଇଁ ଅବଶ୍ୟ କୁଣ୍ଠିତ ନଥିଲେ— ମାତ୍ର ସେମାନଙ୍କ ଠାରୁ ସେପରି କୌଣସି ବଳିଷ୍ଠ ମାର୍ଗଦର୍ଶନ ଆଶା କରାଯାଇ ପାରୁନଥିଲା । କଟକର ବୁଦ୍ଧିଜୀବୀ ଓ ସମାଜନେତା ମାନଙ୍କର ଏହିପରି ଅବସ୍ଥାରେ ସ୍ୱାୟତ୍ତଶାସନର ଅଭିବ୍ୟକ୍ତି ବିଡମ୍ବିତ ହୋଇ ରହିଥିଲା । ସେତେବେଳେ ବଙ୍ଗଳାର ଅବସ୍ଥା ତୁଳନାତ୍ମକ ଦୃଷ୍ଟିରୁ ବିଶେଷ ଦୂରବର୍ତ୍ତୀ ନଥିଲେ ହେଁ ସୁରେନ୍ଦ୍ରନାଥ ବାନାର୍ଜୀ ପ୍ରମୁଖଙ୍କ ନେତୃତ୍ୱରେ ଜନମତ ସେଠାରେ କ୍ରମେ ଶିକ୍ଷିତ ଓ ସଙ୍ଗଠିତ ହୋଇ ଆସୁଥିଲା । ଲର୍ଡ ରିପନ୍‌ଙ୍କ ସ୍ୱାୟତ୍ତ ଶାସନ ପ୍ରସ୍ତାବ ଘୋଷିତ ହେବା ଦିନୁ କଲିକତାରେ ବହୁ ସଭା ସମିତି ସୁରେନ୍ଦ୍ରନାଥଙ୍କ "ଭାରତ-ସଭା" ବା "ଇଣ୍ଡିଆନ୍ ଆସୋସିଏସନ୍" ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ, ନିର୍ବାଚନ ପ୍ରଥା ପ୍ରବର୍ତ୍ତନ ତଥା ସ୍ୱାୟତ୍ତ-ଶାସିତ ସଂସ୍ଥା ମାନଙ୍କୁ ପ୍ରଶାସନିକ ନିୟନ୍ତ୍ରଣରୁ ମୁକ୍ତ ରଖିବା ପାଇଁ ଦାବୀ ହୋଇ ଆସୁଥିଲା । ଏ ସବୁ ଆନ୍ଦୋଳନ ମଧ୍ୟରେ ବଙ୍ଗଳାରେ ଜନମତ କ୍ରମେ ଗଣତାନ୍ତ୍ରିକ ଚେତନାରେ ଜାଗ୍ରତ ଓ ସଙ୍ଗଠିତ ହୋଇ

ଉଠୁଥିଲା । ଏସବୁ ଲକ୍ଷ୍ୟ କରି ଲର୍ଡ଼ ରିପନ୍ କଲିକତା ବିଶ୍ୱବିଦ୍ୟାଳୟର ଚାନ୍‌ସେଲର୍ ରୂପେ ଏକ ଭାଷଣରେ କହିଥିଲେ···

"Time is fast approaching when popular opinion in India will become the irresistible and unresistable master of the Goverament." କିନ୍ତୁ କଟକର ଜନସମାଜରେ ସେପରି ଜାଗରଣର କ୍ଷୀଣ ସୂଚନା ସେତେବେଳେ କୁଆଡ଼ି ପରିଲକ୍ଷିତ ହେଉନଥିଲା ।

ମଧୁସୂଦନ ଯେଉଁ ସେତେବେଳେ ଓଡ଼ିଶାରେ 'ଭାରତ-ସଭା' ପରି ଗୋଟିଏ ରାଜନୈତିକ ଅନୁଷ୍ଠାନ ଗଠନ କରିବାର ପ୍ରସ୍ତାବ ଘେନି ଗୌରୀଶଙ୍କରଙ୍କ ପାଖକୁ ଆସିଲେ, ଗୌରୀଶଙ୍କର କହିଲେ···"ବେଶତ, ସେହି ଭାରତ-ସଭାର ଗୋଟିଏ ଶାଖା ଏଠାରେ ଖୋଲି ଦେଲେ ଚଳିବ ।"

ମଧୁସୂଦନ ସେଥିରେ କିନ୍ତୁ ସମ୍ମତ ନଥିଲେ । ଓଡ଼ିଶାର ସମସ୍ୟା ବଙ୍ଗଳାର ସମସ୍ୟା ଠାରୁ ସ୍ୱତନ୍ତ୍ର । ଏହା ବିଚ୍ଛିନ୍ନ ଥିଲା ଓଡ଼ିଆ ଭାଷୀ ଅଞ୍ଚଳ ମାନଙ୍କର ଏକତ୍ରିକରଣର ସମସ୍ୟା ! କିନ୍ତୁ "ଭାରତ-ସଭା"ରେ ସେ ସବୁର ସମାଧାନର ସମ୍ଭାବନା ନଥିଲା ।

ମଧୁସୂଦନ କହିଲେ··· "ନାମକୁ ସିନା ଭାରତ-ସଭା, କିନ୍ତୁ ତାହାର ସମସ୍ତ କାର୍ଯ୍ୟକ୍ରମ କେବଳ କଲିକତା ସହର ମଧ୍ୟରେ ସୀମାବଦ୍ଧ । ବମ୍ବେ ଓ ମାନ୍ଦ୍ରାଜ ପ୍ରଭୃତି ପ୍ରେସିଡେନ୍‌ସୀ ସହର ମାନଙ୍କରେ ସେହିପରି ବୋମ୍ବାଇ-ପ୍ରେସିଡେନ୍‌ସୀ-ଆସୋସିଏସନ୍ ଓ ମାନ୍ଦ୍ରାଜ-ମହାଜନ-ସଭା ପ୍ରଭୃତି କେତେକ ଅନୁଷ୍ଠାନ ଗଢ଼ି ଉଠିଲାଣି । ଏ ସବୁ ଅନୁଷ୍ଠାନ ନାମରେ ଭାରତୀୟ କିନ୍ତୁ କାର୍ଯ୍ୟରେ ପୁରାପୁରି ଆଞ୍ଚଳିକ । ଓଡ଼ିଶାରେ "ଉତ୍କଳ ସଭା" ନାମରେ ବରଂ ଗୋଟିଏ ଅନୁଷ୍ଠାନ ସ୍ଥାପନା କରାଯାଇ ପାରେ ।"

ଗୌରୀଶଙ୍କର କହିଲେ···"ତା ହେଲେ ଆଉ ଗୋଟାଏ ଉତ୍କଳ ସଭା କାହିଁକି ଗଢ଼ିବ ? ଉତ୍କଳ-ଉନ୍ନତିବିଧାୟିନୀ ସଭାଟା କେତେବର୍ଷ ହେବ ବନ୍ଦ ପଡ଼ିଛି । ସେଇଆକୁ ପୁଣି ଥରେ ଆରମ୍ଭ କଲେ ତ ହୁଏ ।"

ମାତ୍ର ଭାଷା-ବିବାଦ ଦିନୁ ଉତ୍କଳ-ଉନ୍ନତିବିଧାୟିନୀ ସଭା, ଓଡ଼ିଆ-ଭାଷାଭାଷୀ ସମ୍ପ୍ରଦାୟର ସମର- ସାମ୍ମୁଖ୍ୟରେ ପରିଣତ ହୋଇଥିବାରୁ ଅନ୍ୟ ଭାଷାଭାଷୀ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ସେଥିପ୍ରତି ଆକୃଷ୍ଟ

କରବାର ସମ୍ଭାବନା ନଥିଲା । ସେହି ଅଭିପ୍ରାୟରେ ମଧୁସୂଦନ ସେଦିନ ଆଗନ୍ତୁକ ବଙ୍ଗାଳୀ ସମାଜର ଅନ୍ୟତମ ମୁଖ୍ୟ ହରିବଲ୍ଲଭ ଘୋଷଙ୍କ ଘରକୁ ଯାଇଥିଲେ ।

ମାତ୍ର କଥାଟି ଲୁଚି ରହି ପାରି ନଥିଲା । ଏହାର ଦିନେ ଦୁଇଦିନ ପରେ ସଭା ଗଠନ ସମ୍ପର୍କରେ ଗୌରୀଶଙ୍କରଙ୍କ ସହିତ ମଧୁସୂଦନଙ୍କର ସାକ୍ଷାତ ହେବା ମାତ୍ରେ, ଗୌରୀଶଙ୍କର ପଚାରିଦେଲେ···"ତୁମେ ହରି-ବଲ୍ଲଭ ଘୋଷ, ପ୍ରିୟନାଥ ଚଟ୍ଟୋପାଧ୍ୟାୟଙ୍କ ଘରକୁ ଏବେ ଯିବା ଆସିବା କଲଣି କି ମଧୁ ?"

ମଧୁସୂଦନ ବିସ୍ମିତ କଣ୍ଠରେ ଉତ୍ତର ଦେଲେ···"କାହିଁକି, କଣ ହେଲା ମାଷ୍ଟର୍ ଦାଦା ?"

ଗୌରୀଶଙ୍କର ଅପ୍ରସନ୍ନ କଣ୍ଠରେ କହିଲେ···"ହେବ ଆଉ କଣ ! ଜଗମୋହନ ଲାଲ୍ ଏକଥା କୋଉଠୁ ଶୁଣି ମୋତେ କହୁଥିଲେ, ଦେଖିଲତ ଗୌରୀବାବୁ, କଲକତିଆ କଲକତିଆ କେମିତି ଏକାଠି ହୋଇଗଲେ ।"

ଗୌରୀଶଙ୍କରଙ୍କ କଥା ଶୁଣି ମଧୁସୂଦନ ଉଚ୍ଚକଣ୍ଠରେ ହସି ଉଠିଲେ । ଜଗମୋହନ ଲାଲଙ୍କ ପୂର୍ବପୁରୁଷ ମାନେ ଉତ୍ତର-ପ୍ରଦେଶ ଆଉ ଓ ଗୌରୀଶଙ୍କରଙ୍କ ପୂର୍ବଜମାନେ ବଙ୍ଗଳା ଦେଶରୁ ଓଡ଼ିଶାକୁ ଆସିଥିବାରୁ ସେମାନେ ବା କେଉଁ ଓଡ଼ିଆ ? ମଧୁସୂଦନ କପଟ ଗାମ୍ଭୀର୍ଯ୍ୟରେ ପଚାରିଲେ···" ଆଚ୍ଛା ମୁଁ କଣ ମାଷ୍ଟର୍ ଦାଦା··· ଓଡ଼ିଆ ନା ବଙ୍ଗାଳୀ ?"

ଏହାର ନେପଥ୍ୟରେ ଗୌରୀଶଙ୍କରଙ୍କ ପ୍ରତି ଯେଉଁ ଆକ୍ଷେପ ପ୍ରଚ୍ଛନ୍ନ ରହିଥିଲା ତାହା ଗୌରୀଶଙ୍କର ବେଶ୍ ବୁଝି ପାରିଲେ । "ଉତ୍କଳ-ଦୀପିକା" ସ୍ତମ୍ଭରେ ଏକଦା ମଧୁସୂଦନ ଯେପରି ବଙ୍ଗାଳୀ ରୂପେ ଚିହ୍ନିତ ହୋଇଥିଲେ; ତାହା ଗୌରୀଶଙ୍କର କମ୍ବା ମଧୁସୂଦନ କେହି ତଥାପି ଭୁଲି ନଥିଲେ ।

ଗୌରୀଶଙ୍କର କହିଲେ..."ତୁମେ କିନ୍ତୁ ଓଡ଼ିଆ ପରୀକ୍ଷାରେ ପାସ୍ କରି ସାରିଲଣି ମଧୁ ! ସେ କଥା ଏବେ ପଡ଼ୁନାହିଁ । କିନ୍ତୁ ଆଗନ୍ତୁକ ବଙ୍ଗାଳୀ ମାନେ ଆମ ସାଙ୍ଗକୁ ଆସିବେ ତ ?"

ମଧୁସୂଦନ ଉତ୍ତର ଦେଲେ···"ସେମାନେ ଆସିବେ, ନିଶ୍ଚୟ ଆସିବେ ମାଷ୍ଟର ଦାଦା । ଆସିବେ ନାହିଁ କାହିଁକି ?" ତାପରେ ଈଷତ୍ ଗମ୍ଭୀର କଣ୍ଠରେ ମଧୁସୂଦନ କହିଲେ···"ଓଡ଼ିଆ ଅଣଓଡ଼ିଆ, ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିଆନ୍ ଏଠାରେ ପ୍ରତ୍ୟେକେ ଯେପରି ପ୍ରତ୍ୟେକଙ୍କ ଠାରୁ ବିଭକ୍ତ ହୋଇ ରହିଛନ୍ତି, ସମସ୍ତଙ୍କୁ ଏକାଠି ନକଲେ, ଓଡ଼ିଶାରେ ଜାତୀୟ ଜୀବନ ସମ୍ଭବ ହେବ କିପରି ? ଯିଏ ଯେଉଁ ଭାଷାଭାଷୀ, ଯେଉଁ ଧର୍ମାବଲମ୍ବୀ ହୋଇଥାନ୍ତୁ ନା କାହିଁକି, ଓଡ଼ିଶା ଯେଉଁ ମାନଙ୍କର ଅଥବା ଯେଉଁ ମାନଙ୍କର ସନ୍ତାନମାନଙ୍କର ଶୈଶବର କ୍ରୀଡ଼ାଭୂମି, ଯୌବନର କର୍ମଭୂମି, ବାର୍ଦ୍ଧକ୍ୟର ବିଶ୍ରାମସ୍ଥଳ ପୁଣି ଅନ୍ତିମ ଅବସ୍ଥାରେ ଶେଷ ଆଶ୍ରୟ ଭୂମି, ସେମାନେ ସମସ୍ତେ ଓଡ଼ିଆ । ଓଡ଼ିଶାର ସର୍ବାଙ୍ଗୀନ କଲ୍ୟାଣରେ ସେ ସମସ୍ତଙ୍କର ଗୋଟାଏ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି ।"

ଗୌରୀଶଙ୍କର କହିଲେ···"ସେକଥା ମୋତେ ବୁଝାଇ ଲାଭ ନାହିଁ ମଧୁ ! ଗତ ସଭା ପର ଠାରୁ ମୋର ମଧ୍ୟ ପ୍ରତ୍ୟୟ ଜନ୍ମିଛି ଯେ, ଏପରି ଗୋଟାଏ ଅନୁଷ୍ଠାନ ହେଲେ; ସମସ୍ତେ ସେଥିରେ ଯୋଗ ଦେବେ । କିନ୍ତୁ ସେଇ ଘନାନାଥ ସମ୍ପର୍କରେ ମୋର ଯାହା ସନ୍ଦେହ । କାଳୀ ଗାଈର ଭଳିଏ ଗୋଠ କ ନା ! ତଥାପି ଲୋକଟି, ଅତ୍ୟନ୍ତ କାମିକା କିନ୍ତୁ ।"

× × ×

ବାବୁ ଘନାନାଥ ବାନାର୍ଜୀ ଆଗନ୍ତୁକ ସମାଜର ଥିଲେହେଁ ଇଣ୍ଡ ମଧ୍ୟରେ କେବଳ ଓଡ଼ିଆ ଉଚ୍ଚାରଣ ବ୍ୟତୀତ, ଅନ୍ୟ ସବୁଥିରେ ସେ ଜଣେ ଖାଣ୍ଟି ଓଡ଼ିଆ ହୋଇ ପାରିଥିଲେ । ବସ୍ତୁତଃ କଟକ ସହରରେ ସେ ଥିଲେ ଏକ ଅନୁଷ୍ଠାନ । ଲୋକଟି ତରବରିଆ ଅଶାନ୍ତ, ଚଞ୍ଚଳ ପ୍ରକୃତିର । ଏପରି କୌଣସି ବ୍ୟାପାର ନଥିଲା; ଯେଉଁଥିରେ ଘନାନାଥ ସ୍ୱନିର୍ବାଚିତ ନେତାରୂପେ ଅଗ୍ରଣୀ ହୋଇ ବାହାରୁ ନଥିଲେ । କିନ୍ତୁ କୌଣସି ଅନୁଷ୍ଠାନ ମଧ୍ୟରେ ଅନୁଶାସନ ମାନି କାର୍ଯ୍ୟ କରିବା ତାଙ୍କ ପ୍ରକୃତିରେ ନଥିଲା । ସେ ଥିଲେ ସୁରାପାନ-ନିବାରଣୀ-ସଭାର ପ୍ରତିଷ୍ଠାତା, ଉତ୍କୋଚ-ନିବାରଣୀ-ସଭାର ଉଦ୍ୟୋକ୍ତା, ଶିକ୍ଷା-ବିଧାୟିନୀ-ସଭାର ଅନ୍ୟତମ କର୍ଣ୍ଣଧାର, ଟାଉନ୍-ଲାଇବ୍ରେରୀର ପ୍ରୋତ୍ସାହକ, ଖାସ୍‌ମହାଲ ବନ୍ଦୋବସ୍ତ-ବିରୋଧୀ-ଆନ୍ଦୋଳନର ନେତା, ପ୍ୟାରୀମୋହନଙ୍କ ଅନ୍ତାଳ

ମୃତ୍ୟୁ ପରେ ପ୍ୟାରୀମୋହନ ଆକାଡେମୀ ବଞ୍ଚାଇ ରଖିବାରେ ଅଗ୍ରଣୀ । ଗୌରୀଶଙ୍କରଙ୍କ ପ୍ରିଣ୍ଟିଙ୍ଗ୍-କୋମ୍ପାନୀ ସହିତ ପ୍ରତିଯୋଗିତା କରିବା ଅଭି-ପ୍ରାୟରେ ସେ ମଧ୍ୟ ହୋଇଥିଲେ ଏକ ଛାପାଖାନାର ମୁଦ୍ରାକର ଓ ପ୍ରକାଶକ । ଦୀନାନାଥଙ୍କ ଉତ୍ସାହ ଓ କର୍ମପ୍ରବଣତାରେ ସୀମା ନଥିଲା ।

ବଙ୍ଗଳାରୁ ଅନୁବାଦ କରି ଓଡ଼ିଆ ପାଠ୍ୟ ପୁସ୍ତକ ରଚନା ପ୍ରସ୍ତାବର ସେ ମଧ୍ୟ ଥିଲେ ପ୍ରବକ୍ତା । କିନ୍ତୁ ଓଡ଼ିଶାରେ ଏହା ପ୍ରବଳ ବିରୋଧ ସୂତ୍ରପାତ କରିବାରୁ ବାବୁ ଦୀନାନାଥଙ୍କର ସେ ପରିକଳ୍ପନା ବିଶେଷ ଅଗ୍ରସର କରି ପାରି ନଥିଲା । ଆଗନ୍ତୁକ ଥିଲେହେଁ ଦୀନାନାଥ ଅନ୍ୟ ଆଗନ୍ତୁକ ମାନଙ୍କ ପରି ଉନ୍ନାସିକ ନଥିଲେ । ସେଥିପାଇଁ ଆଗନ୍ତୁକ ବର୍ଗୀୟ ସମାଜରେ ମଧ୍ୟ ସେ ଥିଲେ ସନ୍ଦେହର ପାତ୍ର । ଅପର ପକ୍ଷରେ ଓଡ଼ିଆ ଜନସମାଜରେ ସେ ଗୌରୀଶଙ୍କର ପ୍ରମୁଖଙ୍କ ପରି ଅଭିନ୍ନ ଭାବରେ ମିଶି ପାରି ନଥିଲେ । ତାଙ୍କର ଥିଲା ଭିନ୍ନ ଗୋଠ । ତଥାପି ଦୀନାନାଥଙ୍କୁ ପ୍ରସ୍ତାବିତ ସଙ୍ଗଠନରେ ଅନ୍ୟତମ ଉଦ୍ୟୋକ୍ତା ରୂପେ ମିଶାଇବା ପାଇଁ, ଗୌରୀଶଙ୍କରଙ୍କ ପରାମର୍ଶ ଅନୁସାରେ, ବାଲୁବଜାରରେ ଦୀନାନାଥଙ୍କ ବାସଭବନ ଅଭିମୁଖରେ ମଧୁସୂଦନ ବାହାରି ପଡ଼ିଥିଲେ ।

ବାବୁ ଦୀନାନାଥ ଚାଲନ୍ତି ନାହିଁ—ସେ ପ୍ରାୟ ଦଉଡନ୍ତି; ଯେପରି କେଉଁଠି କାହାର ଗୋଟାଏ ଘର ପୋଡ଼ି ଯାଉଛି । ସକାଳ, ସନ୍ଧ୍ୟା, ଶୀତ ବସନ୍ତରେ ବାବୁ ଦୀନାନାଥଙ୍କ ମୁଣ୍ଡ ଉପରେ ଛତାଟିଏ ଖୋଲା ରହିଥାଏ; ଏପରିକି ରାତିରେ ସୁଦ୍ଧା ବାବୁ ଦୀନାନାଥ ମୁଣ୍ଡ ଉପରେ ଛତା ମେଲି ଚାଲିବା, କଟକ ସହରର ରାସ୍ତାରେ ଏକ ସାଧାରଣ ଦୃଶ୍ୟ ଥିଲା । ପିନ୍ଧାରେ କୁଞ୍ଚ ଧୋତି, ପଞ୍ଜାବୀ, କାନ୍ଧରେ ଦଉଡ଼ି ପରି ବଳା ହୋଇଥିବା ଚାଦର ।

ବାବୁ ଦୀନାନାଥ ବାଲୁବଜାରରୁ ବାହାରି, ଅଣନିଃଶ୍ୱାସୀ ହୋଇ କେଉଁଆଡ଼େ ଚାଲିଥିଲେ କେଜାଣି; ମଧୁସୂଦନ ପଛରୁ ବଙ୍ଗଳାରେ ଡାକ ପକେଇଲେ···"ଆହେ ଦୀନାନାଥ ବାବୁ ଶୁଣ ଶୁଣ, ମୁଁ ତୁମ ପାଖକୁ ଆସିଥିଲି ।"

ଦୀନାନାଥ ବାବୁ ପଛକୁ ଚାହିଁ ଓଡ଼ିଆରେ ପଚାରିଲେ···"କି ଅଭିପ୍ରାୟରେ ବାବୁ ମହାଶୟଙ୍କର ଆସା ହୋଇଅଛି ?"

ମଧୁସୂଦନ ଖାଣ୍ଟି ବଙ୍ଗଳାରେ କହିଲେ···"ସେଦିନ ଲର୍ଡ ରିପନ୍‌ଙ୍କୁ ଧନ୍ୟବାଦ ଦେବା ପାଇଁ ଏତେ ବଡ଼ ସଭାଟାଏ ହେଲା, ଅଥଚ ଆପଣ ସେଥିରେ ଯୋଗ ଦେଲେ ନାହିଁ । ଏବେ ଆତ୍ମଶାସନ ସମ୍ପର୍କରେ ଗୋଟିଏ ଅନୁଷ୍ଠାନ ଗଢ଼ିବା ଆମ ସମସ୍ତଙ୍କର ଅଭିପ୍ରାୟ । ସେହି ଉଦ୍ଦେଶ୍ୟରେ ପ୍ରିଣ୍ଟିଙ୍ଗ୍ କୋମ୍ପାନୀ କୋଠାରେ ଆଜି ଗୋଟିଏ ସଭା ଡକାଯାଉଛି, ଆପଣ ସେଥିରେ ଆବାହକ ରୂପେ ସ୍ୱାକ୍ଷର ଦେଉନ୍ତୁ— ଏହା ସମସ୍ତଙ୍କର ଇଚ୍ଛା ।"

ଗୌରୀନାଥ ଗମ୍ଭୀର କଣ୍ଠରେ ଉତ୍ତର ଦେଲେ···ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାରେ ଗୋଟାଏ ଦୁଇଟା ବକ୍ତୃତା ଦେଇଦେଲେ, ମହାତ୍ମା ରିପନ୍‌ଙ୍କ ପ୍ରତି ଧନ୍ୟବାଦ ଜ୍ଞାପନ ହୋଇଗଲା କି ନା କଣ ? ସେଥିପାଇଁ ମୋର ପ୍ରସ୍ତାବ ଅଛି ତାରକସୀ ବଣିଆମାନେ ମହାତ୍ମା ରିପନ୍‌ଙ୍କ ନାମ ଲେଖି ଗୋଲାପ ଫୁଲ ତିଆର କରନ୍ତୁ । କୃଷ୍ଣନଗରର ତନ୍ତୀମାନେ ଧଡ଼ିରେ ରିପନ୍‌ଙ୍କ ନାମ ଲେଖି ଲୁଗା ବୁଣନ୍ତୁ । ଏହିପରି ଭାବରେ ମହାତ୍ମା ରିପନ୍‌ଙ୍କ ନାମ ସବୁଆଡ଼େ ପ୍ରଖ୍ୟାପିତ କରାଯାଉ । ତାହା ଫଳରେ ଲୋକେ ଆତ୍ମଶାସନ ବସ୍ତୁଟିକୁ ମଧ ଭଲ ବୁଝି ପାରିବେ । ମାତ୍ର ଗୌରୀଶଙ୍କର ବାବୁ ତ ମୋ ପ୍ରସ୍ତାବ ରଖିଲେ ନାହିଁ ।"

ମଧୁସୂଦନ କହିଲେ···"ହେଉ, ସେ ଯାହା ହେବାର ହୋଇ ଯାଇଛି । ଗତସ୍ୟ ଶୋଚନା ନାସ୍ତି । ଏବେ ଆତ୍ମଶାସନ ପାଇଁ ଗୋଟିଏ ସଭା କପରି ସ୍ଥାପିତ ହେବ; ଆପଣ ସେ ଉଦ୍ୟମ ଚଳାନ୍ତୁ । ତା' ନହେଲେ କଏଣ୍ଟ ମାନେଜମେଣ୍ଟ୍ ମାନଷ୍ଟ୍ରୀର ମତଲବ୍‌ଟା ଭଲ ଜଣା ପଡ଼ୁନାହିଁ ।"

ଗୌରୀନାଥ, ଦୁଇ ଆଖି କିଛିକ୍ଷଣ ଅର୍ଦ୍ଧନିମୀଳିତ କରି, ଗମ୍ଭୀର ଭାବରେ କଣ ଚିନ୍ତା କରିବା ପରି ଭଙ୍ଗୀରେ କହିଲେ···"ଆପଣ ମାନେ ସଭା କରନ୍ତୁ କିନ୍ତୁ ଏ ଗୌରୀନାଥକୁ ସେଥିରେ ଜଡ଼ିତ କରିବେ ନାହିଁ । ଆତ୍ମ-ଶାସନ ସମ୍ପର୍କରେ ମୋର ପ୍ରସ୍ତାବ ଯଥା ସମୟରେ ସହରବାସୀ ସମସ୍ତେ ଜାଣି ପାରିବେ । ତା'ଛଡ଼ା କଥାଟି କଣ ବୁଝୁଛନ୍ତି ବାବୁ ମହାଶୟ ? ମୁଁ ଆଉଟ-ଡୋର, ଓପନ୍ ଏଆର ପଲିଟିକସ୍‌ରେ ବିଶ୍ୱାସ କରେ । ଆପଣମାନେ ତ ଇନ୍-ଡୋର୍ ବାଲା ।" ମଧୁସୂଦନ ଉତ୍ତର ଦେଲେ··· "କିନ୍ତୁ ପେପେଣ୍ଟ୍ ତ ନୋହୁ ।"

ବାବୁ ଦୀନାନାଥଙ୍କ ବିରୋଧ ସତ୍ତ୍ୱେ ଅବଶେଷରେ କଟକରେ ଗୋଟିଏ ସଭା ବା ସଙ୍ଗଠନ ସ୍ଥାପନ ଉଦ୍ଦେଶ୍ୟରେ ''ଉତ୍କଳ-ଦୀପିକା''ର ୧୨ ତାରିଖ ଅଗଷ୍ଟ, ୧୮୮୨ ମସିହା ସଂଖ୍ୟାରେ ନିମ୍ନ ନିବେଦନଟି ପ୍ରକାଶ ପାଇଥିଲା···

"ଏହି ଜିଲ୍ଲାରେ ସ୍ଥାନୀୟ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତନ କରିବା ଆଉ ସାଧାରଣ ମଙ୍ଗଳ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଗୋଟିଏ ସଭା ସ୍ଥାପନ କରିବା ଉଚିତ । ଅତଏବ ସର୍ବସାଧାରଣ ଜନମାନଙ୍କ ନିକଟରେ ପ୍ରାର୍ଥନା ଏହି ଯେ ଚଳିତ ଅଗଷ୍ଟ ମାସ ତା ୧୬ ରିଖ ବୁଧବାର ରାତ୍ରି ୮ ଘଣ୍ଟା ସମୟରେ ସେମାନେ ଅନୁଗ୍ରହ କରି ଦରଘାବଜାର ଛାପାଖାନା ଦୋ-ମହଲଠାରେ ଉପସ୍ଥିତ ହେବେ ।" ଇତି ।

ହରିବଲ୍ଲଭ ଘୋଷ ।
ବେହାରୀଲାଲ ପଣ୍ଡିତ ।
ମଧୁସୂଦନ ଦାସ ।
ଚୌଧୁରୀ କାଶୀନାଥ ଦାସ ।
କଟକ ଚୌଧୁରୀ ରାଧାମାଧବ ସାମନ୍ତରାୟ ମହାପାତ୍ର ।
୩।୮।୮୨ ଚୌଧୁରୀ ଶ୍ୟାମସୁନ୍ଦର ରାୟଗୁରୁ ।

ଏ ନିବେଦନ ପତ୍ରରେ ସ୍ୱାକ୍ଷର ଦେବାପାଇଁ ଗୌରୀଶଙ୍କର କିନ୍ତୁ ନାସ୍ତି କରିଦେଲେ ।

ଗୌରୀଶଙ୍କର କହିଲେ···"ବାରବର୍ଷ ତଳେ ଆମର ଉତ୍କଳ-ଉଲ୍ଲାସିନୀ ସଭା ଯାହାକୁ ଧଳା କହିଲେ ଅବିନାଶ ଗୁହଠାକୁର୍ତ୍ତାଙ୍କ କଟକ-ସୋସାଇଟୀ ତାହାକୁ କହିଲେ କଳା । ଦୁଇ ସଭାକୁ ମିଳାଇ ଦେଲେ ବୃଥା ଶକ୍ତିକ୍ଷୟ ନହୋଇ କାର୍ଯ୍ୟ କରିବାରେ ସୁବିଧା ହେବ ବୋଲି, ଉଭୟ ଅନୁଷ୍ଠାନକୁ ମିଶାଇ ଗୋଟିଏ ଅନୁଷ୍ଠାନରେ ପରିଣତ କରିବା ପାଇଁ ସେତେବେଳେ ମୁଁ କମ୍ ଉଦ୍ୟମ କରି ନଥିଲି ! ଉଭୟ ଅନୁଷ୍ଠାନ ପକ୍ଷରୁ ଦୁଇଜଣ ପ୍ରତିନିଧି ବସି ଏ ବିଷୟରେ ଅନେକ ବିଚାର ଆଲୋଚନା ପରେ "ଓଡ଼ିଶା-ସୋସାଇଟୀ" ନାମରେ ଗୋଟିଏ ଅନୁଷ୍ଠାନ ମଧ୍ୟ ଗଠିତ ହେଲା । କିନ୍ତୁ ଶେଷ ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମନ ନ ମିଳିବାରୁ ଓଡ଼ିଶା-ସୋସାଇଟୀ ଆରମ୍ଭ ହେବାର ଗୋଟାଏ ବର୍ଷ

ଭିତରେ ତାହା ବନ୍ଦ ହୋଇଗଲା । * ତୁମେ ଆଜି ସେଥିରେ ମନ ବଳାଅ ନାହିଁ ମଧୁ । ସମସ୍ତଙ୍କୁ ମିଶାଇ ମନାଇ ଏକମନରେ ଏକ ପ୍ରାଣରେ ଏ ସହରରେ ଯେ ଗୋଟିଏ ସଭା ସ୍ଥାପନ କରି ପାରିବ; ସେ ଆଶା ବୃଥା । ଦେଖିଲ ତ ଗୌରୀନାଥ ବାବୁ ସ୍ୱାକ୍ଷର ଦେବାକୁ କପରି ମନା କରିଦେଲେ । ଭାଷା-ଆନ୍ଦୋଳନ ବେଳେ ଆମରି ଭିତରୁ ଦଳେ ତ ପୁଣି ମୋ ବିରୁଦ୍ଧରେ ଲାଗି ପଡ଼ିଥିଲେ । ତୁମେ ମଧ୍ୟ ସେକଥା ଧୀରେ ଧୀରେ ବୁଝିବ ଯେ ।"

ଅଙ୍ଗୀତରେ ବହୁ ତୁଚ୍ଛତା, ଈର୍ଷ୍ୟା ଓ ସଂକୀର୍ଣ୍ଣତାର ଆକ୍ରମଣ ଗୌରୀଶଙ୍କରଙ୍କୁ ଭକ୍ତ ନୈରାଶ୍ୟବାଦୀ କରି ଦେଇଥିଲା । ସେପରି ଅନୁଭୂତି କନ୍ତୁ ଯୁବାବସ୍ଥା ଦିନରୁ ସୁଦ୍ଧା ମଧୁସୂଦନଙ୍କର ଯଥେଷ୍ଟ ରହିଥିଲା । ମଧୁସୂଦନ କହିଲେ···"ମାଷ୍ଟର ଦାଦା, ଓଡ଼ିଆ ଜାତି ଅଙ୍ଗୀତରେ ସବଳର ବହୁ ଅତ୍ୟାଚାର ଓ ଶୋଷଣ ମଧ୍ୟରେ ଦେହରେ କେବଳ ନୁହେଁ ମନରେ ମଧ୍ୟ ଗ୍ରେଷ୍ଟ ହୋଇ ଯାଇଛି । ଓଡ଼ିଶାରେ ସେଥିପାଇଁ ଏପର୍ଯ୍ୟନ୍ତ ଗୋଟାଏ ସୁସ୍ଥ ପବ୍ଲିକ୍ ଲାଇଫ୍ କହିଲେ ଯାହା ବୁଝାଏ ତାହାର ଆରମ୍ଭ ହୋଇ ପାରିଲା ନାହିଁ । ଆମେ ଯେଉଁ କେତେଜଣ ଏଥିରେ ଆଗୁଆ ହୋଇ ବାହାରିଛୁ, ଆମକୁ ହୁଏତ ଆହୁରି ବହୁ ବିରୋଧ ଆମରି ନିଜ ଲୋକଙ୍କ ଠାରୁ ସହିବାକୁ ପଡ଼ିବ । ପ୍ରତିପକ୍ଷ ମାନଙ୍କୁ ଦୋଷ ଦେବା କନ୍ତୁ ବୃଥା । ଆପଣା ସୁନାତ ଭେଣ୍ଡି ।"

ଗୌରୀଶଙ୍କର ନିବେଦନ-ପତ୍ରରେ ସ୍ୱାକ୍ଷର ନଦେଲେହେଁ ସଭାଟି ଯେପରି ସଫଳ ଭାବରେ ନବାହିତ ହୁଏ, ସେଥିପାଇଁ ଗୌରୀଶଙ୍କରଙ୍କ ଆନ୍ତରିକତା ଓ ଶୁଭେଚ୍ଛାରେ ଅଭାବ ନଥିଲା ।

× 　 × 　 ×

ନର୍ଦ୍ଦିଷ୍ଟ ଦିବସରେ ଏ ସଭାଟି ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାରେ ଚୌଧୁରୀ କାଶୀନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜଗମୋହନ ଲାଲ ଓ ମଧୁସୂଦନ ରାଓଙ୍କ ପରି ସାହିତ୍ୟିକଙ୍କ ଠାରୁ ହରେକୃଷ୍ଣ ଦାସ ଡେପୁଟୀ ମ୍ୟାଜିଷ୍ଟ୍ରେଟ୍, ନମାଇଁ ମିତ୍ର ଓକିଲ, ବାରିଷ୍ଟର ଊଇକଲସନ୍ ଓ ଡେପୁଟୀ କଲେକ୍ଟର ଡ୍ରେଭେଡ଼୍ସନ୍‌ଙ୍କ ପର୍ଯ୍ୟନ୍ତ, ସବୁ ଶ୍ରେଣୀ ଓ ଗୋଷ୍ଠୀର ମୁଖ୍ୟ ବ୍ୟକ୍ତି ସେଦିନ ଏଥିରେ ଯୋଗ ଦେଇଥିଲେ ।

* କର୍ମଯୋଗୀ ଗୌରୀଶଙ୍କର—ମୃତ୍ୟୁଞ୍ଜୟ ପୃ-୭୧ ।

କବି ମଧୁସୂଦନ ରାଓ ଶେଷ ପର୍ଯ୍ୟନ୍ତ ଅବଶ୍ୟ ସଭାକୁ ଆସିବା ପାଇଁ ଅନନ୍ତୁକ ଥିଲେ । ମାତ୍ର କଲିକତାରେ ସେତେବେଳେ ଆନନ୍ଦ-ମୋହନ ବସୁ, ଶିବନାଥ ଶାସ୍ତ୍ରୀ, ଉମେଶଚନ୍ଦ୍ର ଦତ୍ତ ଓ ଭୁବନ ମୋହନ ଦାସ ପ୍ରମୁଖ ବ୍ରାହ୍ମନେତା ମାନେ ରାଜନୀତିରେ ଯେପରି ଯୋଗ ଦେଇଥିଲେ ପୁଣି ଆନନ୍ଦମୋହନ ବସୁ ଭାରତ ସଭାର ପ୍ରଥମ ସଭାପତି ହୋଇଥିଲେ; ତାହାର ନଜିର୍ ଦେଇ ମଧୁସୂଦନ କହିଲେ···

"ସୃଷ୍ଟି ଆନନ୍ଦମୟ ବୋଲି କବିତାରେ ଗୋଟାଏ ଇସ୍ତାହାର ଜାରୀ କରିଦେଲେ ଚଳିବ ନାହିଁ କବି ! ବହୁଜନର କଲ୍ୟାଣ ମଧ୍ୟରେ କେବଳ ଆନନ୍ଦର ସାଧନା ସମ୍ଭବ । ରାଜନୀତିରେ ତାହାର ନାମ ଉମୋକ୍ରାସୀ । ମୁଁ ମଧ୍ୟ ଥରେ ଅଧେ କବିତା ଲେଖିଛି । କିନ୍ତୁ କବିତା ଲେଖିବା ବେଳେ ମୋର ମନେ ହୁଏ··· a hungry man can have no poetry."

ଅବଶେଷରେ ମଧୁସୂଦନ ରାଓଙ୍କ ପରି ରାଜନୀତିବିମୁଖ କବି ଓ ଭକ୍ତ ସୁଦ୍ଧା ମଧୁସୂଦନଙ୍କ ଆହ୍ୱାନରେ ସେଦିନ ସଭାରେ କେବଳ ଯୋଗ ଦେଇ ନଥିଲେ ସେଥିରେ ମଧ୍ୟ ଏକ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

"ଉତ୍କଳ ପତ୍ରିକା"ର ଅଗଷ୍ଟ ୧୯ ତାରିଖ, ୧୮୮୨ ସଂଖ୍ୟାରେ ଏହି ସଭାର ବିବରଣୀ ନିମ୍ନରୂପେ ପ୍ରକାଶ ପାଇଥିଲା—

"ଗତ ସପ୍ତାହରେ ପ୍ରକାଶ ହୋଇଥିବା ବିଜ୍ଞାପନ ଅନୁସାରେ ଗତ ବୁଧବାର ରାତ୍ର ଆଠଘଣ୍ଟା ସମୟରେ ଆମ୍ଭମାନଙ୍କ କାର୍ଯ୍ୟାଳୟର ଦୋମହଲା ଘରେ ବୃହତ୍ ସଭା ହୋଇଥିଲା । ଏପରି ବୃହତ୍ ସଭା ଅନେକ କାଳରୁ ଏ ନଗରରେ ଦେଖାଯାଇ ନଥିଲା । ଗତ ଜୁନମାସ ୩୦ ତାରିଖ ସଭା ଠାରୁ ଏଥିରେ ଅଧିକ ଲୋକ ଉପସ୍ଥିତ ହୋଇଥିଲେ ଏବଂ ସଭାପତି ଅକସ୍ମାତ୍ୟ ଲୋକଙ୍କର ଅଧିକ ଆଗ୍ରହର ପରିଚୟ ଏଥିରୁ ମିଳୁଅଛି । ଇଂରେଜଙ୍କ ମଧ୍ୟରେ କେବଳ ଉଇଲକିନସନ୍ ସାହେବ ବାରିଷ୍ଟର ଏବଂ ଜେଉଡ୍‌ସନ୍ ସାହେବ ଜେସୁଇଟୀ କଲେଜର ଉପସ୍ଥିତ ଥିଲେ । ମାତ୍ର ସକଳ ଶ୍ରେଣୀର ଦେଶୀୟ ପ୍ରଧାନ ଲୋକମାନେ ଉପସ୍ଥିତ ହୋଇ-

ଥିଲେ । ଘର ଓ ଦୁଇ ବାରଣ୍ଡାରେ ଏତେ ଲୋକ ହୋଇଥିଲେ ଯେ, ଯିବା ଆସିବାର ବାଟ ମିଳୁ ନାହିଁ ଏବଂ ଆସନର ଅଭାବରୁ ଅନେକ ଲୋକ ଛିଡ଼ା ହୋଇ ରହିଲେ ଏବଂ ଆହୁରି କେତେଲୋକ ଛିଡ଼ା ହେବାର ସ୍ଥାନ ସୁଦ୍ଧା ନପାଇ ବାହୁଡ଼ି ଗଲେ ।

ନିରୂପିତ ସମୟର ଅବଲମ୍ବେ ସଭାର କାର୍ଯ୍ୟ ଆରମ୍ଭ ହୋଇ ସମସ୍ତଙ୍କ ମନୋନୀତ ମତେ ଶ୍ରୀ ଚୌଧୁରୀ କାଶୀନାଥ ଦାସ ସଭାପତିଙ୍କ ଆସନ ଗ୍ରହଣ କଲେ ଏବଂ ସେ ଦୁଇ ଚାରି ଅତି ସୁନ୍ଦର କୋମଳ ବାକ୍ୟ ଦ୍ୱାରା ଏହି ସମ୍ମାନ ସକାଶେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ଉପସ୍ଥିତ କାର୍ଯ୍ୟ ନିର୍ବାହ କରିବାର ଆଦେଶ ଦେଲେ ।

ବାବୁ ମଧୁସୂଦନ ରାଓ ସଭାର ପ୍ରଥମ ନିର୍ଦ୍ଧାରଣ ପ୍ରସ୍ତାବ ଏବଂ ବାବୁ ଜଗନ୍ମୋହନ ଲାଲ ତାହା ଅନୁମୋଦନ କଲେ । ପ୍ରଥମ ନିର୍ଦ୍ଧାରଣର ମର୍ମ ଏହିକ ସ୍ଥାନୀୟ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତିତ ଏବଂ ସାଧାରଣ ମଙ୍ଗଳ କାର୍ଯ୍ୟ ସମ୍ବୃଦ୍ଧି ଉଦ୍ଦେଶ୍ୟରେ ଏ ଜିଲ୍ଲାରେ ଗୋଟିଏ ଚିରସ୍ଥାୟୀ ସଭା ସ୍ଥାପିତ ହେଉ ।

ବାବୁ ମଧୁସୂଦନ ରାଓ ଏ ପ୍ରକାର ସଭାର ଆବଶ୍ୟକତା ଏବଂ ତଦ୍ଦ୍ୱାରା ଜାତୀୟ ଜୀବନ ଏବଂ ଏକତାର ସମ୍ବୃଦ୍ଧି ବିଷୟରେ ଅନେକ ବ୍ୟାଖ୍ୟା କରି କହିଲେ ଯେ, ସଭା ଦ୍ୱାରା ଗବର୍ଣ୍ଣମେଣ୍ଟ ଏବଂ ପ୍ରଜା ଉଭୟଙ୍କର ହିତ ଅଛି । ଗବର୍ଣ୍ଣମେଣ୍ଟ ଯେତେ ବିଚକ୍ଷଣ ଏବଂ ଦୟାଳୁ ହୁଅନ୍ତୁ ପଛକେ ପ୍ରଜାଙ୍କର ଅଭାବ ଓ ଦୁଃଖ ଜାଣି ନପାରିଲେ ତହିଁର ସମ୍ୟକ୍ ପ୍ରତିକାର କରିବାକୁ ସମର୍ଥ ହେବେ ନାହିଁ । ପକ୍ଷାନ୍ତରେ ଗବର୍ଣ୍ଣମେଣ୍ଟଙ୍କର ପ୍ରକୃତ ଉଦ୍ଦେଶ୍ୟ ବୁଝି ନପାରି, ଅନେକ ସମୟରେ ପ୍ରଜାମାନଙ୍କର ସ୍ୱାଭାବିକ ରାଜଭକ୍ତି ଏବଂ ବିଶ୍ୱାସ ବିଚଳିତ ହୋଇଥାଏ । ସଭା ଦ୍ୱାରା ଏ ଦୁଇଟିର ସାମଞ୍ଜସ୍ୟ ରକ୍ଷା ହେବ ।

ତହିଁ ଉତ୍ତାରୁ ବାବୁ ଜଗନ୍ମୋହନ ଲାଲ ଅସ୍ମଦ୍ଦେଶରେ ପ୍ରାଚୀନ କାଳରୁ ଚାଲି ଆସୁଥିବା ପଞ୍ଚାଏତ ଏବଂ ଜାତୀୟ ସଭାର ବର୍ଣ୍ଣନା କରି, ଆଧୁନିକ ସଭାର ଉଲ୍ଲେଖ କଲେ । ଏହାଙ୍କ ବକ୍ତୃତା ବଡ଼ ସୁନ୍ଦର ଓ ରସାଳ ହୋଇଥିଲା ଏବଂ ଶ୍ରୋତାମାନେ ପୁନଃପୁନ କରତାଳି ପ୍ରଦାନ ପୂର୍ବକ ଆନନ୍ଦ ଓ ଗ୍ରାହକତା ପ୍ରକାଶ କରିଥିଲେ । ପଞ୍ଚାୟତ ଓ ଜାତୀୟ

ସଭାକୁ ଲକ୍ଷ୍ୟ କରି ସେ କହିଲେ ଯେ, ଏହାଙ୍କ ଦ୍ୱାରା ଯେମନ୍ତ ଉତ୍ତମ କାର୍ଯ୍ୟ ହେଉଥିଲା ବା ହେଉଅଛି ତେମନ୍ତ ଅଦାଲତ ଦ୍ୱାରା ହେଉନାହିଁ । ଦେବାଣୀ ମୋକଦ୍ଦମା ଯେଉଁ ଅଦାଲତକୁ ଆସିଲେ ଉଭୟ ପକ୍ଷ ଓକିଲ ମୁକ୍ତାର ଅମଲା ଷ୍ଟାମ୍ପ ଭେଣ୍ଡରଙ୍କର ଟଣାଟଣି ଓ ସରକାରୀ ଖର୍ଚ୍ଚରେ ସର୍ବସ୍ୱାନ୍ତ ହୋଇ ଘରକୁ ଫେରି ଆସନ୍ତି । ଜୟୀର ଶତ୍ରୁ କେବଳ ଡ଼ିଗ୍ରୀ ମାତ୍ର ହାତରେ ରହଇ କିନ୍ତୁ ପଞ୍ଚାୟତ ଉଭୟଙ୍କ କଳି ନିଷ୍ପତ୍ତି କରି ସମ୍ପତ୍ତି ରକ୍ଷାର ବାଟ ବତାଇ ଦିଅନ୍ତି । ଏହିପରି ଫଉଜଦାରୀରେ ଯଥାର୍ଥ ଦୋଷୀ ବ୍ୟକ୍ତି ଦଣ୍ଡ ପାଇଲେ ସେ କାରାବାସ ବା ଅର୍ଥଦଣ୍ଡ ପଞ୍ଚାୟତଙ୍କ ଅର୍ଥଦଣ୍ଡ ଠାରୁ ଅଧିକ ଫଳପ୍ରଦ ହୁଅଇ ନାହିଁ । ସ୍ୱଗ୍ରାମର ପାଞ୍ଚଜଣଙ୍କ ସାକ୍ଷାତରେ ଦୋଷୀ ସାବ୍ୟସ୍ତ ହୋଇ ଅଳ୍ପ ଅର୍ଥଦଣ୍ଡ ଦେବା ଏବଂ ଗୋଡ଼ ତଳେ ପଡ଼ି ବା ହାତ ଯୋଡ଼ି ଧରି କ୍ଷମାପ୍ରାର୍ଥନା କରିବା ସାମାନ୍ୟ ଦିଶିଲେ ହେଁ, କଠିନ ଦଣ୍ଡ ଅଟଇ । ଜାତୀୟ ସଭାରେ ମଧ୍ୟ ଏହିପରି ନ୍ୟାୟ ହୋଇଥାଏ ଏବଂ ତହିଁର ଅଧିକ ଧର୍ମ ଓ ନୈତିକ ଶାସନ ଏହାଦ୍ୱାରା ହୁଅଇ କି ଯହିଁର ଅନ୍ୟ ଉପାୟ ବର୍ତ୍ତମାନ ନାହିଁ । ଏକା ସାମାନ୍ୟ ଜାତିଙ୍କ ମଧ୍ୟରେ ଏ ସଭାମାନ ରହିଅଛି । ଉଚ୍ଚ ଓ ଭଦ୍ର ଜାତି ମଧ୍ୟରେ ସେପରି ନାହିଁ ।

ଆଧୁନିକ ସଭା ପ୍ରସଙ୍ଗରେ ସେ କହିଲେ କି, ପୂର୍ବେ ଏହି ନଗରରେ ଉତ୍କଳୋନ୍ନତିବିଧାୟିନୀ ନାମକ ଏକ ସଭା ଥିଲା ଏବଂ ତାହା ଚିରସ୍ଥାୟୀ ନହେଲେ ମଧ୍ୟ ତଦ୍ଦ୍ୱାରା କେତେଗୁଡ଼ିଏ ମଙ୍ଗଳକାର୍ଯ୍ୟ ସାଧିତ ହୋଇଥିଲା । ଏହିସବୁ କହି ପ୍ରସ୍ତାବିତ ସଭାକୁ ଚିରସ୍ଥାୟୀ ଓ କାର୍ଯ୍ୟକାରୀ କରିବା କାରଣ ସମସ୍ତଙ୍କୁ ଉତ୍ସାହିତ ହେବାକୁ ସେ ଅନୁରୋଧ କଲେ ।

ବାବୁ ହରେକୃଷ୍ଣ ଦାସ ୧ମ ନିର୍ଦ୍ଧାରଣ ପାଠ କଲେ । ତାହା ଏହିକି ଏ ସଭାର ନାମ ଉତ୍କଳ-ସଭା ହେଉ । × × ବାବୁ ଗୌରୀ-ଶଙ୍କର ରାୟ ଏ ପ୍ରସ୍ତାବକୁ ମନୋନୀତ କଲା ଉତ୍ତାରୁ ତାହା ଧାର୍ଯ୍ୟ ହେଲା ।"

ଅବଶେଷରେ ଚୌଧୁରୀ କାଶୀନାଥ ଦାସ ଉତ୍କଳ-ସଭାର ସଭାପତି, ବାବୁ ନନ୍ଦକିଶୋର ଦାସ ଏବଂ ହାଜୀ ଅବଦୁଲ୍ ରହମାନ ମୁସୀ ସହକାରୀ ସଭାପତି ଓ ଗୌରୀଶଙ୍କର ରାୟ ସମ୍ପାଦକ ରୂପେ ନିଯୁକ୍ତ ହେବା ପାଇଁ, ବାବୁ ବିହାରୀଲାଲ ପଣ୍ଡିତ ପ୍ରସ୍ତାବ ଦେଲେ ଓ ବାବୁ ବଳଭଦ୍ର ପଟ୍ଟନାୟକ ତାହା ଅନୁମୋଦନ କଲେ ।

କିନ୍ତୁ ମଧୁସୂଦନଙ୍କୁ ବାଦ୍ ଦେଇ କି ଉତ୍କଳ-ସଭା ଚାଲିବ ? ମଧୁସୂଦନ ଅନ୍ୟତମ ସହକାରୀ ସଭାପତି ଅଥବା ସମ୍ପାଦକ ରୂପେ ରହନ୍ତୁ ବୋଲି ଗୌରୀଶଙ୍କର ସଂଶୋଧନ ପ୍ରସ୍ତାବ ଦେବା ପାଇଁ ଉଠିଥିଲେ । ମାତ୍ର ମଧୁସୂଦନ ତାଙ୍କୁ ସେଥିରୁ ନିରସ୍ତ କରି କହିଲେ···ସେ ଆରମ୍ଭରୁ ଅନୁଷ୍ଠାନର କୌଣସି କର୍ମକର୍ତ୍ତା ହୋଇ ବସିଲେ ଅନେକେ ସେଥିରେ ହୁଏତ ନାନା ଉଦ୍ଦେଶ୍ୟ ଆରୋପ କରି ଅକାରଣରେ ଅନୁଷ୍ଠାନର ବିରୋଧ କରି ବସିବେ । ଫଳରେ ଉତ୍କଳ-ସଭାର ଲାଭ ପରିବର୍ତ୍ତେ କ୍ଷତି ହେବ ବେଶୀ । ଏହା ଅପେକ୍ଷା ନେପଥ୍ୟରେ ରହିବା ଅଧିକ ସମୀଚୀନ ହେବ । ଗଛର ଚେର ତ ସବୁବେଳେ ଥାଏ ମାଟିତଳେ; ସମସ୍ତଙ୍କ ଅଲକ୍ଷିତରେ ।”

ମଧୁସୂଦନ ସେଦିନ ଏ ସଭାରେ ସମସ୍ତଙ୍କୁ କେବଳ ଧନ୍ୟବାଦ ଜ୍ଞାପନ କରିଥିଲେ ।

ବାବୁ ଦୀନାନାଥ ବାନାର୍ଜି ଏ ସଭାକୁ ଅବଶ୍ୟ ଆସି ନଥିଲେ ।

କିନ୍ତୁ ସେଦିନ ପ୍ରିଣ୍ଟିଂ-କମ୍ପାନୀ-କୋଠାରେ ଉତ୍କଳ-ସଭାର ଅଧିବେଶନ ଚାଲିଥିବା ବେଳେ, ରେଭେନ୍ସା କଲେଜ ହଲ୍‌ରେ ଦୀନାନାଥଙ୍କ ଆୟୋଜନରେ ଆଉ ଗୋଟିଏ ସମାନ୍ତରାଳ ସାଧାରଣ ସଭା ଆୟୋଜିତ ହୋଇଥିଲା । ‘ଉତ୍କଳ-ଦୀପିକା’ର ବିବରଣୀ ଅନୁସାରେ···

“ନିର୍ଦ୍ଧାର୍ଯ୍ୟ ସମୟରେ କେହି ଉପସ୍ଥିତ ନୋହିବାରୁ ନଅଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ପ୍ରାୟ ୬୦ ଜଣ ସଭ୍ୟଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଆରମ୍ଭ ହେଲା । ଏଥିରେ ଅଧିକାଂଶ ନିମ୍ନଶ୍ରେଣୀସ୍ଥ ଲୋକ ଥିଲେ । + + ଏହି ସମୟରେ ଉତ୍କଳ-ସଭା ଭଙ୍ଗ ହେବାରୁ କେତେକ ସମ୍ଭ୍ରାନ୍ତ ବ୍ୟକ୍ତି ଓ ଅଧିକାଂଶ ସ୍କୁଲ ଛାତ୍ର ସେଠାରେ ଉପସ୍ଥିତ ହୋଇ ଏକ ଦିନରେ ଏକ ଉଦ୍ଦେଶ୍ୟରେ ଦୁଇଗୋଟି ସଭାର କାରଣ ଜାଣିବାକୁ ଇଚ୍ଛୁକ ଓ ପ୍ରାର୍ଥୀ ହେବାରୁ ସଭା ପକ୍ଷରୁ ଯେଉଁ କାରଣମାନ ପ୍ରଦର୍ଶିତ ହେଲା ତାହା ଛାତ୍ରମାନଙ୍କୁ ବୁଝା ଭୁଲାଇ ପାରିଲା ନାହିଁ । ସେମାନେ ସହଜ ଏବଂ ସରଳ ଯୁକ୍ତି ଦ୍ୱାରା ଉକ୍ତ ସଭାର ଅନାବଶ୍ୟକତା ପ୍ରମାଣ କରାଇ ଦେଲେ ଏବଂ କୌଣସି ବିଦ୍ୱେଷ ଭାବ ଏ ସଭାର କାରଣ ବୋଲି ଅନେକଙ୍କର ବୋଧଗମ୍ୟ ହୋଇ ପଡ଼ିଲା । ଛାତ୍ରଜଣ ଛାତ୍ର ଏ ସମ୍ବନ୍ଧରେ କହିଥିଲେ । କିନ୍ତୁ ଶେଷବକ୍ତା ଅତି

ସୁନ୍ଦର ରୂପରେ ଏକଡା କଣ୍ଠସ୍ୱରେ ଅନେକ ଗୁଡଏ କଥା କହିଥିଲେ ଓ ସଭାଗୃହ ଆନନ୍ଦ ଧ୍ୱନିରେ ପରିପୂର୍ଣ୍ଣ ହୋଇଥିଲା !"

'ଉତ୍କଳ-ଦୀପିକା' ଗୌରୀନାଥଙ୍କ ସଭା ସମ୍ପର୍କରେ ଏକ ସମ୍ପାଦକୀୟ ଆଲୋଚନାରେ ଲେଖିଥିଲେ···"ମାତ୍ର ଯେ ସ୍ଥଳେ ବଙ୍ଗଳାର ଅନ୍ୟାନ୍ୟ ବୃହତ୍ତ ଜିଲ୍ଲାରେ ଗୋଟିଏ ସଭା ଦ୍ୱାରା ଯେ କାର୍ଯ୍ୟ ସମ୍ପନ୍ନ ହେବାର ଦେଖାଯାଏ ସେ ସ୍ଥଳେ କଟକ ପରି କ୍ଷୁଦ୍ର ସ୍ଥାନରେ ଦୁଇଗୋଟି ସଭାର ଆବଶ୍ୟକତା ଆଦୌ ଜଣା ଯାଉ ନାହିଁ । ଅଥଚ ଏକା ଦିନରେ ଦୁଇ ସଭା କରିବା ଦ୍ୱାରା ଅଧିକ କି ଲାଭ ହେଲା ? ଆମ୍ଭେମାନେ ଅନୁମାନ କରୁଁ କି ପାଞ୍ଚ ବାବୁ ସଭା ସଙ୍ଗଠନରେ ମନୋଯୋଗୀ ନହୋଇ ଆପେ ଏକ ଏକ ଦିନ ଏକ ଏକ ବଜାରରେ ଆତ୍ମଶାସନର ମର୍ମ ଲୋକଙ୍କୁ ବୁଝାଇ ଦେବାକୁ ପ୍ରବୃତ୍ତ ହେଲେ ସର୍ବାପେକ୍ଷା ଅଧିକ ପରିମାଣରେ କାର୍ଯ୍ୟ କରି ପାରିବେ ଏବଂ ସମସ୍ତ ସଭା ତାହାଙ୍କୁ ମୁକ୍ତ କଣ୍ଠରେ ଧନ୍ୟବାଦ ଦେବେ !"

(ଉତ୍କଳ-ଦୀପିକା—ତା ୧୯ । ୮ । ୮୨ଖ୍ରୀ)

ଏପରି ସମାଲୋଚନା ହେତୁ ବାବୁ ଗୌରୀନାଥ ଅନେକ ଦିନ ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କ ପ୍ରତି କ୍ଷୁବ୍ଧ ହୋଇ ରହିଥିବା ଲକ୍ଷ୍ୟ କରା ଯାଇଥିଲା । "ଉତ୍କଳ-ଦୀପିକା"ର ସମାଲୋଚନା ପ୍ରସଙ୍ଗ ଉଠିବା ମାତ୍ରେ, ସେ କହିଥିଲେ···"ଠିକ୍ ଅଛି, ଆତ୍ମଶାସନର ମର୍ମ ବୁଝାଇବାରେ ଦିନେ "ଓଡ଼ିଶା ପିପଲସ୍ ଆସୋସିଏସନ୍" ଉତ୍କଳ-ସଭାର ଆଖି ଫିଟାଇ ଦେବ । କିନ୍ତୁ ଗୌରୀଶଙ୍କର "ଉତ୍କଳ-ଦୀପିକା"ରେ କେବଳ ଛାପିଲେ ହେଲା ।"

ସେଦିନ ରେଭେନ୍ସା-କଲେଜ ହଲ୍‌ରେ ସେଇ କୋଡ଼ିଏ ଜଣିଆ ସଭାରେ ବାବୁ ଗୌରୀନାଥ ଷ୍ଟାର୍କଙ୍କ "ଓଡ଼ିଶା-ପିପଲସ୍ ଆସୋସିଏସନ" ବା "ଉତ୍କଳ-ସାଧାରଣ-ସଭା" ଗଠିତ ହୋଇଥିଲା ।

ଏହାପରେ ଦିନେ ଦେଖାଗଲା, ବାବୁ ଗୌରୀନାଥ, ସହରରେ ଗଳି ଗଳି ବୁଲି ଆତ୍ମଶାସନର ତତ୍ତ୍ୱ ଲୋକଙ୍କୁ ବୁଝାଉଛନ୍ତି ଗୌରୀଶଙ୍କର "ଉତ୍କଳ-ଦୀପିକା"ରେ ସମ୍ବାଦଟି ଛପାଇବାରେ ମଧ୍ୟ କାର୍ପଣ୍ୟ କରି ନଥିଲେ···

"ଉତ୍କଳ-ସାଧାରଣ ସଭାର ସହକାରୀ ସଭାପତି ଏବଂ ସମ୍ପାଦକଙ୍କୁ ଘେନି ବାବୁ ଦୀନାନାଥ ବାନୁର୍ଯ୍ୟା ଗତ ସୋମବାର ଠାରୁ ଆତ୍ମଶାସନ ବିଧି ବୁଝାଇବା ପାଇଁ ଆରମ୍ଭ କରି ଅଛନ୍ତି । ସେଦିନ ଅପରାହ୍ଣ କାଳରେ କଲେକ୍ଟରୀ ହତା ସମ୍ମୁଖରେ ଏମାନେ ଛିଡ଼ା ହୋଇ ଲୋକମାନଙ୍କୁ ବୁଝାଉଥିଲେ ଏବଂ ଅନେକ ଗୁଡ଼ିଏ ଲୋକ ସେସବୁ ମନଦେଇ ଶୁଣୁଥିଲେ ।"

(ଉତ୍କଳ-ଦୀପିକା ତା ୨୫ । ୮ ।୧୮୮୨)

ଯାହାହେଉ ଏହିପରି ଭାବରେ ସେଦିନ ଗଠିତ ହୋଇଥିଲା, ଓଡ଼ିଶାର ସର୍ବପ୍ରଥମ ରାଜନୈତିକ ଅନୁଷ୍ଠାନ "ଉତ୍କଳ ସଭା" ।

# ତୃତୀୟ ପରିଚ୍ଛେଦ

## ( ଏକ )

ବଙ୍ଗଳାର "ରାଷ୍ଟ୍ରଗୁରୁ" "ମୁକୁଟହୀନ ସମ୍ରାଟ" ରୂପେ ଅଭିହିତ, ସୁରେନ୍ଦ୍ରନାଥ ବାନାର୍ଜି ମଧୁସୂଦନଙ୍କ ସମବୟସ୍କ ଥିଲେ । ମଧୁସୂଦନଙ୍କ ପରି ସୁରେନ୍ଦ୍ରନାଥ ମଧ୍ୟ ୧୮୪୮ ଖ୍ରୀ:ଅ:ରେ ଏକ ନୈଷ୍ଠିକ, ରକ୍ଷଣଶୀଳ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ରନାଥ ବଙ୍ଗଳାରେ ଜନ୍ମ ଗ୍ରହଣ କରିଥିବା ହେତୁ, ଉଚ୍ଚ ଇଂରାଜୀ ଶିକ୍ଷା ପାଇଁ ଅବଶ୍ୟ ସୁଲଭ ଅବକାଶ ପାଇଥିଲେ । ମାତ୍ର ମଧୁସୂଦନଙ୍କ ପକ୍ଷରେ ଏହା ସଂଗ୍ରାମ-ସାପେକ୍ଷ ଥିଲା । ସୁରେନ୍ଦ୍ରନାଥ, ଭାରତୀୟ ସିଭିଲିଆନ ଆଇ.ସି.ଏସ୍ ମାନଙ୍କ ମଧ୍ୟରେ ସର୍ବପ୍ରଥମ ନହେଲେହେଁ, ଆଦ୍ୟ ଆଇ ସି.ଏସ୍, ଗୋଷ୍ଠୀର ଥିଲେ । ଆଇ.ସି.ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଁ ପରେ ୧୮୭୧ ଖ୍ରୀ.ଅ. ରୁ ୧୮୭୪ ଖ୍ରୀ ଅ. ପର୍ଯ୍ୟନ୍ତ ଶ୍ରୀହଟ୍ଟରେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ପଦରେ ସେ ଅବସ୍ଥାପିତ ଥିଲେ । ମାତ୍ର ୧୮୭୪ ଖ୍ରୀ.ଅ.ରେ ଶାସନକାର୍ଯ୍ୟରେ ଅସାବଧାନତା ଜନିତ ଏକ ସାମାନ୍ୟ ତ୍ରୁଟୀ ହେତୁ ତାଙ୍କୁ ସିଭିଲିଆନ୍ ପଦରୁ ଅପସାରିତ ହେବା ପାଇଁ ପଡ଼ିଥିଲା ।

ଉପରିସ୍ଥ ଇଂରେଜ ଶାସକ-ଗୋଷ୍ଠୀଙ୍କ ଈର୍ଷାଭାଜନ ହୋଇଥିବା ହେତୁ ସେମାନଙ୍କ ଷଡଯନ୍ତ୍ରରେ ଆଇ.ସି ଏସ୍ ଚାକିରୀରୁ ତାଙ୍କୁ ବିତାଡ଼ିତ ହେବା ପାଇଁ ପଡ଼ିଥିଲା ବୋଲି, ସୁରେନ୍ଦ୍ରନାଥଙ୍କ ଚରିତଲେଖକ ମାନେ ଏ ଘଟଣାଟି ଉପରେ ପରବର୍ତ୍ତୀକାଳରେ ଯଥେଷ୍ଟ ସ୍ପଷ୍ଟ ବୋଳି ଅଛନ୍ତି । ଘଟଣାଟି ଆପାତ ଦୃଷ୍ଟିରେ ଅବଶ୍ୟ ଥିଲା ସାମାନ୍ୟ । କିନ୍ତୁ ବ୍ୟକ୍ତି ସ୍ୱାଧୀନତା ପୁଣି ଶହେଜଣ ଅପରାଧୀ ବେକସୁର ଖଲାସ ହୁଅନ୍ତୁ ପଛେ ମାତ୍ର ଜଣେ ସୁଦ୍ଧା ନିରପରାଧ ବ୍ୟକ୍ତି ଦଣ୍ଡିତ ନହୁଅନ୍ତୁ—ବ୍ରିଟିଶ ଦଣ୍ଡନୀତିର ଏହି ପରମ୍ପରାରେ ବର୍ଦ୍ଧିତ ଇଂରେଜ ଶାସକ ଗୋଷ୍ଠୀଙ୍କ ଦୃଷ୍ଟିରେ, ଏ ସାମାନ୍ୟ ଘଟଣାଟି ଅତ୍ୟନ୍ତ ଗୁରୁତର ବିବେଚିତ ହୋଇଥିବା ସ୍ୱାଭାବିକ ଥିଲା ।

ଘଟଣାଟି ହେଉଛି—ସୁରେନ୍ଦ୍ରନାଥ ଶ୍ରୀହଟ୍ଟରେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଥିବାବେଳେ, ତାଙ୍କ ଏଜଲାସରେ ଅତିର ଗୋଟିଏ ଛୋଟା ଚୋରି ମୋକଦ୍ଦମା ଦାଏର ହୋଇଥିଲା । ଯୁଧିଷ୍ଠିର ନାମକ ଜଣେକ ବ୍ୟକ୍ତି ଏହି ମାମଲାରେ ପ୍ରଥମ ଆସାମୀ ଥିଲା । ଯୁଧିଷ୍ଠିର ବିରୁଦ୍ଧରେ ଅଭିଯୋଗ ସାବ୍ୟସ୍ତ ହେବା ଭଳି ପ୍ରମାଣ ନ ଥିଲା । କିନ୍ତୁ ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ବ୍ୟକ୍ତି ସାକ୍ଷ୍ୟ ପ୍ରମାଣ ବଳରେ ଦୋଷୀ ସାବ୍ୟସ୍ତ ହୋଇ ଯଥାଯୋଗ୍ୟ ଶାସ୍ତି ପାଇଥିଲା । ଯୁଧିଷ୍ଠିର ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ହେଁ ଅସାବଧାନତାବଶତଃ ଅଭିଯୁକ୍ତ ତାଲିକାରୁ ତାର ନାମଟି କିନ୍ତୁ କଟି ନଥିଲା । ଏ ମାମଲା ନିକାଶ ହୋଇ ସାରିଥିଲେ ସୁଦ୍ଧା ଯୁଧିଷ୍ଠିର ନାମରେ ପୁଣି ସାମ ୱାରେଣ୍ଟ ବାହାରିଥିଲା ଓ ପାଲଟାମାସୀ ରିପୋର୍ଟରେ ମୋକଦ୍ଦମାଟି ମୁଲତୁବୀ ରହିଥିବା ଦର୍ଶା ଯାଇଥିଲା । ସୁରେନ୍ଦ୍ରନାଥ ବାନାର୍ଜୀ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ରୂପେ ଏହି ରିପୋର୍ଟରେ ସ୍ୱାକ୍ଷର କରିଥିଲେ । ଯୁଧିଷ୍ଠିର ପୁଣି ୱାରେଣ୍ଟ ପାଇ ଏହା ବିରୁଦ୍ଧରେ ଆବେଦନ କରିବାରୁ; ମିଥ୍ୟା ରିପୋର୍ଟ ଦେବା ଓ ଜଣେ ନିରପରାଧ ବ୍ୟକ୍ତିକୁ ଅପରାଧୀ ତାଲିକାଭୁକ୍ତ କରିଥିବା ହେତୁ, ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ସୁରେନ୍ଦ୍ରନାଥଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟବିଧି ଆରମ୍ଭ ହୋଇଥିଲା । ଜଣେ ଇଂରେଜ ବିଚାରକ ଏ ନଥିପତ୍ର ସବୁ ପରୀକ୍ଷା କରିବା ପରେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ସୁରେନ୍ଦ୍ରନାଥଙ୍କୁ "ଅମାର୍ଜନୀୟ ଅସାବଧାନତା" ଦୋଷରେ ଦୋଷୀ ସାବ୍ୟସ୍ତ କରି ତାଙ୍କ ଠାରୁ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରତ୍ୟାହାର କରି ନେଇଥିଲେ । କିନ୍ତୁ ଅପିଲ୍ ରେ କଲିକତା ହାଇକୋର୍ଟ ଅଥବା ବଙ୍ଗଳା ସରକାର ଏ ପ୍ରକାର ଲଘୁଦଣ୍ଡରେ ସନ୍ତୁଷ୍ଟ ନହୋଇ ଏହାର ସ୍ୱତନ୍ତ୍ର ବିଚାର ପାଇଁ ଗୋଟିଏ ସ୍ୱତନ୍ତ୍ର କମିସନ୍ ନିଯୁକ୍ତ କରିଥିଲେ । ତିନିଜଣ ଇଂରେଜଙ୍କୁ ନେଇ ଏହି କମିସନ୍ ଗଠିତ ହୋଇଥିଲା । କମିସନ୍ ରେ ଆତ୍ମପକ୍ଷ ସମର୍ଥନ କରିବା ପାଇଁ ସୁରେନ୍ଦ୍ର-ନାଥ ମିଷ୍ଟର୍ ମଣ୍ଟ୍ରିଓ ନାମକ ଜଣେ ଇଂରେଜ ବାରିଷ୍ଟରଙ୍କୁ ନିଯୁକ୍ତ କରିଥିଲେ । କିନ୍ତୁ ଏହି କମିସନ୍ ର ବିଚାରରେ ମଧ୍ୟ ସୁରେନ୍ଦ୍ରନାଥ ଶାସ୍ତିରୁ ନିଷ୍କୃତି ପାଇ ନଥିଲେ । ଭାରତସରକାର କମିସନ୍ ର ସୁପାରିସ ଅନୁସାରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ସିଭିଲ-ସର୍ଭିସ୍ ରୁ ଅପସାରିତ କରିଥିଲେ । ସୁରେନ୍ଦ୍ରନାଥଙ୍କ ପ୍ରତି ଉପରସ୍ଥ ଇଂରେଜ କର୍ତ୍ତା ମାନଙ୍କର ଈର୍ଷ୍ୟା ଏହାର ପ୍ରଧାନ କାରଣ ଥିଲା । ଇଂରେଜ ମାନଙ୍କ ହସ୍ତକ୍ଷେପ

ମାହାଲ୍ ରୂପୀ ଆଇ.ସି.ଏସ୍ ଗୃହକକ୍ଷରେ ଜଣେ ଶକ୍ତିଶାଳୀ ଭାରତୀୟର ଅନୁପ୍ରବେଶ ସେମାନଙ୍କ ପକ୍ଷରେ ଅସହ୍ୟ ଥିଲା । ତଥାପି ଜଣେ ନିର-ପରାଧ ବ୍ୟକ୍ତିଙ୍କୁ ଅପରାଧୀ ଭାବରେ ଧରି ତା'ନାମରେ ଓ୍ବାରେଣ୍ଟ ବୁଲାଇବା ଯେ ଏକ "ଅମାର୍ଜନୀୟ ଅସାବଧାନତା" ସେଥିରେ ଦ୍ୱିମତ ଥାଇ ନପାରେ ।

ସିଭିଲ୍-ସର୍ଭିସ୍‌ରୁ ଏପରି ଲାଂଛିତ ଅପସାରଣ ସୁରେନ୍ଦ୍ରନାଥଙ୍କୁ ଘୋର ମର୍ମାହତ କରିଥିଲା । ସିଭିଲ ସର୍ଭିସ୍‌ରୁ ପଦଚ୍ୟୁତିର ଆଦେଶ ରଦ୍ଦ କରିବା ପାଇଁ ସୁରେନ୍ଦ୍ରନାଥ ବିଲାତ ପର୍ଯ୍ୟନ୍ତ ଦଉଡ଼ି ଥିଲେ । ମାତ୍ର ସେଠାରେ ସୁଦ୍ଧା କୌଣସି ସୁଫଳ ମିଳି ନଥିଲା । ସୁରେନ୍ଦ୍ରନାଥ ବାରିଷ୍ଟରୀ ପଢିବା ପାଇଁ ଅବଶେଷରେ ମିଡଲ୍-ଟେମ୍ପଲରେ ଯୋଗ ଦେଇଥିଲେ । ବାରିଷ୍ଟରୀ ପରୀକ୍ଷାରେ ସୁରେନ୍ଦ୍ରନାଥ ଉତ୍ତୀର୍ଣ୍ଣ ହୋଇଥିଲେ ସୁଦ୍ଧା ଜଣେ ପଦଚ୍ୟୁତ ସିଭିଲିଆନ୍‌ଙ୍କୁ ବାରିଷ୍ଟରୀ ଡ଼ିପ୍ଲୋମା ଦେବା ପାଇଁ ମିଡଲ-ଟେମ୍ପଲର କର୍ତ୍ତୃପକ୍ଷ ପ୍ରସ୍ତୁତ ନଥିଲେ । ଅବଶେଷରେ ସବୁ ଦିଗରୁ ବ୍ୟର୍ଥ ଓ ଭଗ୍ନ-ମନୋରଥ ହୋଇ ସୁରେନ୍ଦ୍ରନାଥ ବିଲାତରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ଭାରତ ସରକାରରୁ ମାସିକ ପଚାଶ ଟଙ୍କା ପେନସନ୍ ବା "କମ୍ପାସନେଟ୍ ଆଲାଉନ୍‌ସ୍" ସେତେବେଳେ ତାଙ୍କର ଏକମାତ୍ର ସମ୍ବଳ ଥିଲା । ସୁରେନ୍ଦ୍ରନାଥ ତାହା ପ୍ରତ୍ୟାଖ୍ୟାନ କରି ନଥିଲେ, କିମ୍ବା ଯେତେବେଳେ କଲିକତାର ଜନୈକ "Justice of peace" ପଦରେ ତାଙ୍କୁ ନିଯୁକ୍ତ ଦିଆଗଲା, ତାହା ଗ୍ରହଣ କରିବା ପାଇଁ ସୁରେନ୍ଦ୍ରନାଥଙ୍କର ଅନିଚ୍ଛା ନଥିଲା । ସେଥିପାଇଁ ସୁରେନ୍ଦ୍ରନାଥଙ୍କର ନିନ୍ଦୁକମାନେ କହୁଥାନ୍ତି, ଦାୟରେ ପଡି କେବଳ ସେ ଦେଶପ୍ରେମୀ ହୋଇଥିଲେ ! ମାତ୍ର ଏପରି ଅପବାଦର ଭୁକ୍ତତା ସତ୍ତ୍ୱେ ଏକଥା ନିଶ୍ଚିତ ଯେ, ଔଜ୍ଜ୍ୱଲ୍ୟପୂର୍ଣ୍ଣ ସିଭିଲ ସର୍ଭିସ୍‌ରୁ ଅପସାରଣ ଅବଶେଷରେ ସୁରେନ୍ଦ୍ରନାଥଙ୍କ ଜୀବନରେ ଏକ ପ୍ରଚ୍ଛନ୍ନ ଆଶୀର୍ବାଦରେ ପରିଣତ ହୋଇଥିଲା । ଛାତ୍ରାବସ୍ଥାରୁ ତାଙ୍କ ମଧ୍ୟରେ ଯେଉଁ ଦେଶସେବା ଓ ଜନୋପଚିକୀର୍ଷା ବୃତ୍ତି ପ୍ରଚ୍ଛନ୍ନ ରହିଥିଲା, ତାହାର ପରିପ୍ରକାଶ ପାଇଁ ଏବେ ସେପରି ତାଙ୍କୁ ଏକ ପରିପୂର୍ଣ୍ଣ ଅବକାଶ ମିଳିଯାଇଥିଲା ।

ବିଲାତରୁ ଫେରିବା ପରେ ସୁରେନ୍ଦ୍ରନାଥ ସମ୍ପୂର୍ଣ୍ଣ ନିଃସ୍ୱ ଓ ନିଃସମ୍ବଳ ହୋଇ ପଡିଥିଲେ । ସେତେବେଳେ ଅଗତିର ଗତି କରୁଣା-ସାଗର ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ସୁରେନ୍ଦ୍ରନାଥଙ୍କର ସହାୟ ହୋଇ

ଥିଲେ । ଈଶ୍ୱରଚନ୍ଦ୍ରଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ମେଟ୍ରୋପଲିଟାନ୍-କଲେଜରେ ସୁରେନ୍ଦ୍ରନାଥଙ୍କୁ ମାସିକ ଦୁଇଶତ ଟଙ୍କା ବେତନରେ ଇଂରାଜୀ ଅଧ୍ୟାପକ ଚାକିରୀ ସେ ବ୍ୟବସ୍ଥା କରି ଦେଇଥିଲେ । ଏହି ମେଟ୍ରୋପଲିଟାନ୍ କଲେଜରେ ଅଧ୍ୟାପକ ଥିବା ବେଳେ, ସୁରେନ୍ଦ୍ରନାଥଙ୍କର ରାଜନୈତିକ ଜୀବନର ସୂତ୍ରପାତ ହୋଇଥିଲା ।

ଏହି ସମୟରେ ଆନନ୍ଦମୋହନ ବସୁଙ୍କ ସହାୟତାରେ ସୁରେନ୍ଦ୍ର-ନାଥ "ଛାତ୍ର ସଭା" ନାମରେ ଗୋଟିଏ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସୁରେନ୍ଦ୍ରନାଥଙ୍କ ଚରିତଲେଖକ ଲେଖିଛନ୍ତି—

"ଏହି ପ୍ରତିଷ୍ଠାନର ଅଣ୍ତରାଳରେ ତାଙ୍କର ଅଲୋକସାମାନ୍ୟ ବାଗ୍‌ବିଭୂତି ପ୍ରକାଶିତ ହୁଏ ଓ ରାଷ୍ଟ୍ରନେତୃତ୍ୱ ଗଢ଼ି ଉଠେ ।"*

ସୁରେନ୍ଦ୍ରନାଥଙ୍କ ବାଗ୍ମୀତା, ଦୈବ-ବଡ଼ମ୍ବିତ ଜୀବନର ଟ୍ରାଜିକ୍ ଗାମ୍ଭୀର୍ଯ୍ୟ ପୁଣି ଔଜ୍ଜ୍ୱଲ୍ୟମୟ ସିଭିଲିଆନ୍ ଆଇ.ସି.ଏସ୍ ଗୋଷ୍ଠୀରୁ ଇଂରେଜ ସିଭିଲିଆନ୍ ମାନଙ୍କ ଚକ୍ରାନ୍ତରେ ବିତାଡ଼ିତ ହେବାର ଦୁର୍ଭାଗ୍ୟ ମଧ୍ୟରେ ତାଙ୍କର ଅନମନୀୟ ସଂଗ୍ରାମୀ ବ୍ୟକ୍ତିତ୍ୱର ମହିମା, ମଧୁସୂଦନଙ୍କୁ ତାଙ୍କ ପ୍ରତି ସେତେବେଳେ ପ୍ରବଳ ଭାବରେ ଆକୃଷ୍ଟ କରିଥିଲା । ସୁରେନ୍ଦ୍ର-ନାଥ "ଭାରତ-ସଭା" ବା ଇଣ୍ଡିଆନ୍ ଆସୋସିଏସନ୍ ଗଠନ କରିବା ପରେ ଏହି ଅନୁଷ୍ଠାନ ଜରିଆରେ ମଧୁସୂଦନ ସୁରେନ୍ଦ୍ରନାଥଙ୍କ ଘନିଷ୍ଠତର ସମ୍ପର୍କରେ ଆସିବା ପାଇଁ ଅନେକ ସୁଯୋଗ ପାଇଥିଲେ । ଆଲବର୍ଟ ହଲ୍‌ରେ ଅନୁଷ୍ଠିତ ହେଉଥିବା "ଭାରତ-ସଭା"ର ଅଧିବେଶନ ମାନଙ୍କରେ ମଧୁସୂଦନ ନିୟମିତ ଭାବରେ ଯୋଗ ଦେଉଥିଲେ । ଓଡ଼ିଶାରେ ଏହିପରି ଗୋଟିଏ ରାଜନୈତିକ ସଙ୍ଗଠନ ପାଇଁ ମଧୁସୂଦନ ଏହି "ଭାରତ-ସଭା"ରୁ ସେତେବେଳେ ପ୍ରେରଣା ପାଇଥିଲେ । ବସ୍ତୁତଃ "ଉତ୍କଳ-ସଭା" ବା "ଓଡ଼ିଶା ଆସୋସିଏସନ୍"ର ନାମକରଣ "ଭାରତ-ସଭା" ବା ଇଣ୍ଡିଆନ୍ ଆସୋସିଏସନ୍" ଦ୍ୱାରା ପ୍ରଭାବିତ ଥିଲା । ସୁରେନ୍ଦ୍ରନାଥ ଯେପରି ତରୁଣ ବଙ୍ଗଳାର ପ୍ରାଣ-ଶକ୍ତିକୁ ଉଜ୍ଜୀବିତ କରି ଦେଶମାତୃକାର ସେବାରେ ତରୁଣମାନଙ୍କୁ ନିୟୋଜିତ କରିଥିଲେ; ମଧୁସୂଦନ ମଧ୍ୟ ସେହିପରି ଓଡ଼ିଶାରେ ତାଙ୍କ

---

* ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ — ଲେଖକ ମଣି ବାଗଚୀ

ଥିଲେ । ଈଶ୍ୱରଚନ୍ଦ୍ରଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ମେଟ୍ରୋପଲିଟାନ୍-କଲେଜରେ ସୁରେନ୍ଦ୍ରନାଥଙ୍କୁ ମାସିକ ଦୁଇଶତ ଟଙ୍କା ବେତନରେ ଇଂରାଜୀ ଅଧ୍ୟାପକ ଚାକିରୀ ସେ ବ୍ୟବସ୍ଥା କରି ଦେଇଥିଲେ । ଏହି ମେଟ୍ରୋ-ପଲିଟାନ୍ କଲେଜରେ ଅଧ୍ୟାପକ ଥିବା ବେଳେ, ସୁରେନ୍ଦ୍ରନାଥଙ୍କର ରାଜନୈତିକ ଜୀବନର ସୂତ୍ରପାତ ହୋଇଥିଲା ।

ଏହି ସମୟରେ ଆନନ୍ଦମୋହନ ବସୁଙ୍କ ସହାୟତାରେ ସୁରେନ୍ଦ୍ର-ନାଥ "ଛାତ୍ର ସଭା" ନାମରେ ଗୋଟିଏ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସୁରେନ୍ଦ୍ରନାଥଙ୍କ ଚରିତଲେଖକ ଲେଖିଛନ୍ତି—

"ଏହି ପ୍ରତିଷ୍ଠାନର ଆଶ୍ରୟରେ ତାଙ୍କର ଅଲୋକସାମାନ୍ୟ ବାଗ୍‌ବିଭୂତି ପ୍ରକାଶିତ ହୁଏ ଓ ରାଷ୍ଟ୍ରନେତୃତ୍ୱ ଗଢ଼ି ଉଠେ ।"*

ସୁରେନ୍ଦ୍ରନାଥଙ୍କ ବାଗ୍ମିତା, ଦୈବ-ବିଡମ୍ବିତ ଜୀବନର ଟ୍ରାଜିକ୍ ଗାମ୍ଭୀର୍ଯ୍ୟ ପୁଣି ଔଜ୍ଜ୍ୱଲ୍ୟମୟ ସିଭିଲିଆନ୍ ଆଇ.ସି.ଏସ୍ ଗୋଷ୍ଠୀରୁ ଇଂରେଜ ସିଭିଲିଆନ୍ ମାନଙ୍କ ଚକ୍ରାନ୍ତରେ ବିତାଡ଼ିତ ହେବାର ଦୁର୍ଭାଗ୍ୟ ମଧ୍ୟରେ ତାଙ୍କର ଅନମନୀୟ ସଂଗ୍ରାମୀ ବ୍ୟକ୍ତିତ୍ୱର ମହିମା, ମଧୁସୂଦନଙ୍କୁ ତାଙ୍କ ପ୍ରତି ସେତେବେଳେ ପ୍ରବଳ ଭାବରେ ଆକୃଷ୍ଟ କରିଥିଲା । ସୁରେନ୍ଦ୍ର-ନାଥ "ଭାରତ-ସଭା" ବା ଇଣ୍ଡିଆନ୍ ଆସୋସିଏସନ୍ ଗଠନ କରିବା ପରେ ଏହି ଅନୁଷ୍ଠାନ ଜରିଆରେ ମଧୁସୂଦନ ସୁରେନ୍ଦ୍ରନାଥଙ୍କ ଘନିଷ୍ଠତର ସମ୍ପର୍କରେ ଆସିବା ପାଇଁ ଅନେକ ସୁଯୋଗ ପାଇଥିଲେ । ଆଲବର୍ଟ ହଲ୍‌ରେ ଅନୁଷ୍ଠିତ ହେଉଥିବା "ଭାରତ-ସଭା"ର ଅଧିବେଶନମାନଙ୍କରେ ମଧୁସୂଦନ ନିୟମିତ ଭାବରେ ଯୋଗ ଦେଉଥିଲେ । ଓଡ଼ିଶାରେ ଏହିପରି ଗୋଟିଏ ରାଜନୈତିକ ସଙ୍ଗଠନ ପାଇଁ ମଧୁସୂଦନ ଏହି "ଭାରତ-ସଭା"ରୁ ସେତେବେଳେ ପ୍ରେରଣା ପାଇଥିଲେ । ବସ୍ତୁତଃ "ଉତ୍କଳ-ସଭା" ବା "ଓଡ଼ିଶା ଆସୋସିଏସନ୍"ର ନାମକରଣ "ଭାରତ-ସଭା" ବା ଇଣ୍ଡିଆନ୍ ଆସୋସିଏସନ୍" ଦ୍ୱାରା ପ୍ରଭାବିତ ଥିଲା । ସୁରେନ୍ଦ୍ରନାଥ ଯେପରି ତରୁଣ ବଙ୍ଗଳାର ପ୍ରାଣ-ଶକ୍ତିକୁ ଉଜ୍ଜୀବିତ କରି ଦେଶମାତୃକାର ସେବାରେ ତରୁଣମାନଙ୍କୁ ନିୟୋଜିତ କରିଥିଲେ; ମଧୁସୂଦନ ମଧ୍ୟ ସେହିପରି ଓଡ଼ିଶାରେ ତାଙ୍କ

---

* ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ — ଲେଖକ ମଣି ବାଗଚୀ

ରାଜନୈତିକ ଜୀବନର ଅଯୁମାରମ୍ଭ ଛାତ୍ର-ସମାଜ ମଧ୍ୟରେ ଆରମ୍ଭ କରିଥିଲେ । ବସ୍ତୁତଃ ଓଡ଼ିଶାରେ ମଧୁସୂଦନହିଁ ଛାତ୍ର-ଆନ୍ଦୋଳନର ଆଦ୍ୟ ପ୍ରତିଷ୍ଠାତା ଥିଲେ । ତାଙ୍କର ପ୍ରେରଣାରେ ୧୮୮୨ ଖ୍ରୀ:ଅ:ରେ ଓଡ଼ିଶାର ସର୍ବପ୍ରଥମ ଛାତ୍ର-ସଙ୍ଗଠନ "ଓଡ଼ିଶା ଷ୍ଟୁଡେଣ୍ଟସ୍ ଆସୋସିଏସନ୍" ରେଭେନ୍‌ସା-କଲେଜରେ ସ୍ଥାପିତ ହୋଇଥିଲା । ସୁରେନ୍ଦ୍ରନାଥ "ଦି ବେଙ୍ଗଲୀ" ଇଂରାଜୀ ସାପ୍ତାହିକ ପ୍ରତିଷ୍ଠା କରି ତାହାର ସ୍ତମ୍ଭରେ ତାଙ୍କର ରାଜନୈତିକ ବାର୍ତ୍ତା ପ୍ରଚାର କରିଥିଲେ । ମଧୁସୂଦନଙ୍କ ଇଂରାଜୀ-ସାପ୍ତାହିକର ନାମ ଥିଲା "ଦି ଓଡ଼ିଆ" । ସୁରେନ୍ଦ୍ରନାଥ ଓ ମଧୁସୂଦନ ବଙ୍ଗଳା ଲେଜିସଲେଟିଭ-କାଉନସିଲ୍ ଠାରୁ ଇମ୍ପିରିଆଲ୍ କାଉନସିଲ୍ ପର୍ଯ୍ୟନ୍ତ ଏକତ୍ର ସଭ୍ୟ ରୂପେ କାର୍ଯ୍ୟ କରି ଆସିଥିଲେ । ମଧୁସୂଦନଙ୍କ ବାଗ୍‌ବିଭୂତି ମଧ୍ୟ କୌଣସି ଗୁଣରେ ସୁରେନ୍ଦ୍ରନାଥଙ୍କ ଠାରୁ ଊଣା ନଥିଲା । ବସ୍ତୁତଃ ବଙ୍ଗଳା ଲେଜିସଲେଟିଭ୍-କାଉନସିଲ୍‌ରେ ମଧୁସୂଦନ "କାଟୋ" ରୂପେ ଅଭିହିତ ଥିଲେ । ସୁରେନ୍ଦ୍ରନାଥ ୧୯୧୭ ଖ୍ରୀ:ଅ:ରେ ମଣ୍ଟେଗୁ ଚେମସ-ଫୋର୍ଡ ରିଫର୍ମସ୍ ଅନୁସାରେ ମନ୍ତ୍ରିମଣ୍ଡଳରେ ଯୋଗଦେଇ ଯେପରି ସ୍ୱାୟତ୍ତ-ଶାସନ-ବିଭାଗର ମନ୍ତ୍ରୀ ହୋଇଥିଲେ, ମଧୁସୂଦନ ମଧ୍ୟ ସେହିପରି ୧୯୨୧ ଖ୍ରୀ:ଅ:ରେ ବିହାର-ଓଡ଼ିଶା ମନ୍ତ୍ରିମଣ୍ଡଳରେ ସ୍ୱାୟତ୍ତ-ଶାସନ ବିଭାଗର ମନ୍ତ୍ରୀ ରୂପେ ଯୋଗ ଦେଇଥିଲେ । ଉଭୟେ ଥିଲେ ପୁଣି ସ୍ୱାୟତ୍ତ-ଶାସନାଦର୍ଶର ଗୋଟିଏ ଗୋଟିଏ ସ୍ତମ୍ଭ ସଦୃଶ । ମନ୍ତ୍ରିମଣ୍ଡଳରେ ଯୋଗ ଦେବା ଦିନୁ ସୁରେନ୍ଦ୍ରନାଥଙ୍କ ରାଜନୈତିକ ଜୀବନରେ ଦୁଷ୍କାଳ ଆରମ୍ଭ ହୋଇଥିବା ପରି ମଧୁସୂଦନଙ୍କ ଜୀବନରେ ମଧ୍ୟ ବିପର୍ଯ୍ୟୟର ନାନା ବିଲକ୍ଷଣ ଠିକ୍ ସେହିବେଳୁ ପ୍ରକାଶ ପାଇଥିଲା । ପାର୍ଥକ୍ୟ ମଧ୍ୟରେ ସୁରେନ୍ଦ୍ରନାଥ ଜୀବନର ଆରମ୍ଭରେ ସୌଭାଗ୍ୟ ଓ ସମୃଦ୍ଧିର ଔଜ୍ଜ୍ୱଲ୍ୟମୟ ଚୂଡ଼ାରୁ ନିଃସ୍ୱତା ମଧ୍ୟକୁ ନିକ୍ଷିପ୍ତ ହୋଇଥିଲେ । କିନ୍ତୁ ଜୀବନର ସାୟାହ୍ନରେ ମଧୁସୂଦନଙ୍କୁ ନିଃସ୍ୱ ହେବା ପାଇଁ ପଡ଼ିଥିଲା । ମାତ୍ର ସୁରେନ୍ଦ୍ରନାଥଙ୍କ ନିଃସ୍ୱତା ଥିଲା ଯଦି ଘଟଣାର ବିଡ଼ମ୍ବନା, ମଧୁସୂଦନଙ୍କ ନିଃସ୍ୱତା ଥିଲା, ସ୍ୱେଚ୍ଛାକୃତ···"ସ୍ୱାର୍ଥମେଧ ଯଜ୍ଞ"ରେ ଚରମ ଆହୁତି ।

ସର୍ବଭାରତୀୟ ରାଜନୈତିକ କ୍ଷେତ୍ରରେ ମଧ୍ୟ ମଧୁସୂଦନ ଓ ସୁରେନ୍ଦ୍ରନାଥ ଏକ ସଙ୍ଗରେ ୧୮୮୬ ଖ୍ରୀ.ଅ: ଠାରୁ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେବା ଆରମ୍ଭ କରିଥିଲେ । କିନ୍ତୁ ଚଳିତ ଶତାବ୍ଦୀ

ଆରମ୍ଭରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକ ଶାସନାଧୀନରେ ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମଧୁସୂଦନ ଯେଉଁ ସ୍ୱପ୍ନ ଦେଖିଥିଲେ; ତାହା ସୁରେନ୍ଦ୍ରନାଥଙ୍କ ଦ୍ୱାରା ଆରମ୍ଭରେ ସମର୍ଥିତ ନଥିବାରୁ ଦୁହିଁଙ୍କ ରାଜନୈତିକ ଜୀବନ ଦୁଇ ସ୍ୱତନ୍ତ୍ରଧାରା ଅନୁସରଣ କରିଥିଲା । ତଥାପି ସୁରେନ୍ଦ୍ରନାଥଙ୍କ ପ୍ରତି ମଧୁସୂଦନଙ୍କ ଶ୍ରଦ୍ଧାର ଅଭାବ ନଥିଲା । ଓଡ଼ିଶାର କଲ୍ୟାଣ ପାଇଁ ମଧୁସୂଦନଙ୍କ ବହୁ କର୍ମ-ଯୋଜନାରେ ସୁରେନ୍ଦ୍ରନାଥ ପରମ ସହାୟକ ଥିଲେ । ୧୯୨୦ ଖ୍ରୀ.ଅ. ବେଳକୁ ଅବଶ୍ୟ ସୁରେନ୍ଦ୍ରନାଥ ଇମ୍ପିରିଆଲ୍ କାଉନ୍ସିଲ୍‌ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବଳିଷ୍ଠ ସମର୍ଥକରେ ପରିଣତ ହୋଇ ପଡ଼ିଥିଲେ । ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ଶେଷ ପର୍ଯ୍ୟନ୍ତ ଯେପରି ନିବିଡ ଥିଲା, ବିଭିନ୍ନ ବ୍ୟାପାରରେ ପତ୍ରାଳାପ ମଧ୍ୟ ସେହିପରି ନିରବଚ୍ଛିନ୍ନ ରହିଥିଲା । ଏପରି ଆପାତ ଘନିଷ୍ଠତାର ନେପଥ୍ୟରେ କିନ୍ତୁ ଦୁହିଁଙ୍କ ମଧ୍ୟରେ ଏକ ପ୍ରଚ୍ଛନ୍ନ ପ୍ରତିଯୋଗିତା ଲୁକ୍‌କାୟିତ ରହିଥିଲା । ମାତ୍ର ସେଥିରେ ଇର୍ଷ୍ୟା ଅଥବା ବିଦ୍ୱେଷର ସ୍ଥାନ ନଥିଲା ।

## ( ଦୁଇ )

୧୮୮୩ ସାଲ ମେ' ମାସ···

"ବେଙ୍ଗଲୀ" ପତ୍ରିକାର ସମ୍ପାଦକ ସୁରେନ୍ଦ୍ରନାଥ ବାନାର୍ଜିଙ୍କୁ କଲିକତା ହାଇକୋର୍ଟ "କନ୍‌ଟେମ୍ପଟ୍ ଅଫ୍ କୋର୍ଟ" ଅପରାଧରେ ଦୁଇ ମାସ ଅଶ୍ରମ କାରାଦଣ୍ଡ ଦେଇଥିବା ଘଟଣା ଯେବେ, ସେତେବେଳେ ଭାରତର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ଏକ ଭୂମୁଳ ଅସନ୍ତୋଷର ମୂତ୍ରପାତ ହୋଇଥିଲା । ଏହାର ପୂର୍ବ ବର୍ଷ "କେଶରୀ"ର ସମ୍ପାଦକ ଲୋକମାନ୍ୟ ତିଳକ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ବେଳେ, ଦେଶବ୍ୟାପୀ ଯେପରି ବିକ୍ଷୋଭ ଦେଖା ଦେଇଥିଲା ଏହା ତାହାଠାରୁ କୌଣସି ଗୁଣରେ ଊଣା ନଥିଲା । ବସ୍ତୁତଃ "କନଟେମ୍ପଟ୍ ଅଫ୍ କୋର୍ଟ" ଅପରାଧରେ କାରାଦଣ୍ଡରେ ଦଣ୍ଡିତ ଭାରତୀୟ ସମ୍ପାଦକ ମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ ବାନାର୍ଜି ବୋଧହୁଏ ଲୋକମାନ୍ୟଙ୍କ ପରେ ଦ୍ୱିତୀୟ ଥିଲେ ।

କନ୍‌ଟେମ୍ପଟ ଅଫ୍‌-କୋର୍ଟ ପ୍ରତି ମଧୁସୂଦନ ଘୋଷ ଅସହିଷ୍ଣୁ ଥିଲେ । ଶ୍ୱେତାଙ୍ଗ ମାନଙ୍କର ନିଜ ଦେଶରେ ବିଚାରକ ମାନଙ୍କର ଏପରି ଏକ ସ୍ୱାଧିକାର ଥିଲେହେଁ, ତାହା ଉପନିବେଶ ମାନଙ୍କରେ ଶାସିତ ମାନଙ୍କ ପ୍ରତି କେବଳ ଅତିରଂଜିତ ଓ ପ୍ରମତ୍ତ ଭାବରେ ପ୍ରଯୁକ୍ତ ହେଉଥିଲା । ଇଂରେଜମାନଙ୍କର ନିଜ ଦେଶରେ ବିଚାରକ ମାନେ ସମାଲୋଚିତ ହେଲେ ସମାଲୋଚକ ମାନଙ୍କ ଉପରେ "କନ୍‌ଟେମ୍ପଟ୍‌"ର ଅସ୍ତ୍ର ଏପରି ଅବହେଳାରେ ନିକ୍ଷିପ୍ତ ହେଉ ନଥିଲା । ସେପରି ସମାଲୋଚନା ଓ ସମାଲୋଚକ ମାନଙ୍କର ବିଚାରକୁ ଶିଷ୍ଟ ସମାଜର ସୁରୁଚି ଉପରେ ଛାଡି ଦିଆ ଯାଉଥିଲା । ସେଥିପାଇଁ ଇଂଲଣ୍ଡରେ ଅଦାଲତ ଅବମାନନା ବା କନ୍‌ଟେମ୍ପଟ ଅଫ୍ କୋର୍ଟ ମୋକଦ୍ଦମାର ନଜୀର ପ୍ରାୟ ବିରଳ କହିଲେ ଚଳେ ।

ମାତ୍ର ଇଷ୍ଟ-ଇଣ୍ଡିଆ-କୋମ୍ପାନୀର ସୁପ୍ରୀମ କୋର୍ଟରେ ମହାରାଜା ନନ୍ଦକୁମାରଙ୍କ ପ୍ରତି ପ୍ରଧାନ ବିଚାରପତି ସାର୍ ଏଲିଜା ଇମ୍ପେଙ୍କ ପ୍ରାଣଦଣ୍ଡ ଆଦେଶ ଠାରୁ, ଇଂରେଜ ବିଚାରକ ମାନଙ୍କର ବିଚାର ବିଡ଼ମ୍ବନାର (Miscarriage of Justice) ବହୁ ଉଦାହରଣରେ ବ୍ରିଟିଶ ବିଚାର-ପଦ୍ଧତିର ଆଦ୍ୟ ଇତିହାସ ପରିପୂର୍ଣ୍ଣ ଥିଲା । ଭାରତରେ ବିଚାରପତି ମାନଙ୍କୁ ସମାଲୋଚନାର କୁଠାରାଘାତରୁ ରକ୍ଷା କରିବା ପାଇଁ ତେଣୁ ସ୍ୱାଧି-କାରର ଅନ୍ତରାଳରେ ସେମାନଙ୍କୁ ଏକପ୍ରକାର ଅବଗୁଣ୍ଠିତ ଓ ଅସ୍ପର୍ଶ-ନୀୟ ରଖା ଯାଇଥିଲା । ଏହି ଉଦ୍ଦେଶ୍ୟରେ ଅଦାଲତ ଅବମାନନା ବା କନ୍‌ଟେମ୍ପଟ୍‌କୁ କେବଳ ଯେ ଭାରତୀୟ ଦଣ୍ଡବିଧି ଆଇନ୍‌ରେ ଏକ ଦଣ୍ଡନୀୟ ଅପରାଧ ରୂପେ ଗଣ୍ୟ କରା ଯାଇଥିଲା ତାହା ନୁହେଁ; ଏଥିପାଇଁ ହାଇକୋର୍ଟ ମାନଙ୍କୁ "ସମାରି ଜୁରିସଡିକ୍‌ସନ୍" କ୍ଷମତା ମଧ୍ୟ ଦିଆ ଯାଇଥିଲା । ଏ ସବୁ ସ୍ୱାଧିକାର ବିଚାରକମଣ୍ଡଳୀଙ୍କ ମଧ୍ୟରେ ଏକ ଅହେତୁକ ସ୍ପର୍ଶକାତରତା ସୃଷ୍ଟି କରିଥିଲା । ପୁଣି ସେମାନଙ୍କୁ ଏକ ସ୍ୱାଧିକାର-ପ୍ରମତ୍ତ ଅସହିଷ୍ଣୁ ଓ ଦର୍ପିତ ଗୋଷ୍ଠୀରେ ପରିଣତ କରି ଦେଇଥିଲା । ବସ୍ତୁତଃ କେବଳ "Laws's delay" (ବିଚାରରେ ବିଳମ୍ବ) ନୁହେଁ "insolence of office" (ଧର୍ମାଧିକରଣ ମାନଙ୍କର ଦର୍ପ) ମଧ୍ୟ ଭାରତୀୟ ବିଚାରପଦ୍ଧତିକୁ ଘୋର ବିଡ଼ମ୍ବନାପୂର୍ଣ୍ଣ କରି ରଖିଥିଲା । ବିଚାରପତି ମାନଙ୍କର ସ୍ୱାଧିକାରସ୍ଫୀତ ଅହଙ୍କାର ପ୍ରତି ଶାଣିତ କଟାକ୍ଷ ଓ

ଊନବିଂଶ ଶତାବ୍ଦୀର ରାଜନୈତିକ ପରମ୍ପରାରେ ବ୍ରିଟିଶ ରାଜଶକ୍ତି ପ୍ରତି ବିଶ୍ୱସ୍ତତା ସୁରେନ୍ଦ୍ରନାଥଙ୍କ ରାଜନୀତିର ଭିତ୍ତି ଥିଲେହେଁ, ଇଂରେଜ ଅଫିସର ମାନଙ୍କର କୂଟ ଚକ୍ରାନ୍ତରେ ସେ ଏକଦା ସିଭିଲଆଇନ୍ ଗୋଷ୍ଠୀରୁ ବହିଷ୍କୃତ ହୋଇଥିବା ହେତୁ, ରାଜନୈତିକ ଭାବନାରେ ଏକ ପ୍ରକାର ଚରମପନ୍ଥୀ ହୋଇ ପଡ଼ିଥିଲେ । ସେଥିପାଇଁ ୧୮୮୩ ସାଲ, ୨୮ ତାରିଖ ଅପ୍ରେଲ ସଂଖ୍ୟାରେ "ବେଙ୍ଗଲୀ" ସମ୍ପାଦକୀୟ ସ୍ତମ୍ଭରେ, କଲିକତା ହାଇକୋର୍ଟର ଅନ୍ୟତମ ଇଂରେଜ ପୁଇନୀ ଜଜ୍ ଫ୍ରିମାନ୍ ନରିସ୍‌ଙ୍କ ସମ୍ପର୍କରେ ସମାଲୋଚନା କଲାବେଳେ, ସୁରେନ୍ଦ୍ରନାଥ ଭାରସାମ୍ୟ ରକ୍ଷା କରି ପାରି ନଥିଲେ । ବିଚାରପତି ନରିସ୍‌ଙ୍କ ଏକ ହୁଙ୍କାପିଠା କାର୍ଯ୍ୟର କଠୋର ସମାଲୋଚନା କରି ସୁରେନ୍ଦ୍ରନାଥ ଲେଖିଥିଲେ···

"Mr Justice Norris is determined to set the Hugli on fire. The last act of Jabardusti on his Lordship's part was the bringing of a Salagram (a stone idol) into court for identification. There have been very many cases both in the late Supreme Court and the present High Court of Calcutta, regarding the custody of Hindu idols, but the presiding deity of a Hindu household has never before had the honour of being dragged into the Court. Our Calcutta Daniel looked at the idol and said it could not be a hundred years old. So Mr. Justice Norris is not only versed in law and medicine but is also a connoisseur of Hindu idols. If is difficult to say, what he is not. Whether the orthodox Hindus of Calcutta will tamely submit to their family idols being dragged into Court is a matter for them to decide. but it does seem to us that some public steps should be taken to put a quietus to the wild eccentricities of this young and raw dispenser of Justice."

ଘଟଣାଟି ହେଉଛି — ଗୋଟିଏ ମୋକଦ୍ଦମାର ବିଚାର ପ୍ରସଙ୍ଗରେ ବିଚାରପତି ନରିସ୍ କୌଣସି ନୈଷ୍ଠିକ ହିନ୍ଦୁ ପରିବାରରେ ପୂଜିତ ଏକ ଶାଳଗ୍ରାମ ଶିଳାକୁ ହାଇକୋର୍ଟକୁ ତଲବ କରିଥିବା ହେତୁ, ବଙ୍ଗଳାର ଜନମତ ସେତେବେଳେ ଘୋର ଆହତ ହୋଇଥିଲା । ତାହାର ତୀବ୍ର ପ୍ରତିବାଦରେ ସୁରେନ୍ଦ୍ରନାଥ "ଦି ବେଙ୍ଗଲୀ" ସ୍ତମ୍ଭରେ ଉପରୋକ୍ତ ଅଗ୍ର-ଲେଖାଟି ଲେଖିଥିଲେ । ଏଥିପାଇଁ ତାଙ୍କୁ ଅଦାଲତ — ଅବମାନନା କାର୍ଯ୍ୟ ବିଧିର ସମ୍ମୁଖୀନ ହେବାପାଇଁ ପଡ଼ିଥିଲା ।

କନ୍‌ଟେମ୍ପ୍‌ଟ ଅଫ୍-କୋର୍ଟ ପ୍ରତି ମଧୁସୂଦନ ଘୋର ଖଡ୍‌ଗହସ୍ତ ଥିଲେ । ଶ୍ୱେତାଙ୍ଗ ମାନଙ୍କର ନିଜ ଦେଶରେ ବିଚାରକ ମାନଙ୍କର ଏପରି ଏକ ସ୍ୱାଧିକାର ଥିଲେହେଁ, ତାହା ଉପନିବେଶ ମାନଙ୍କରେ ଶାସିତ ମାନଙ୍କ ପ୍ରତି କେବଳ ଅନ୍ତରଂଜିତ ଓ ପ୍ରମତ୍ତ ଭାବରେ ପ୍ରଯୁକ୍ତ ହେଉଥିଲା । ଇଂରେଜମାନଙ୍କର ନିଜ ଦେଶରେ ବିଚାରକ ମାନେ ସମାଲୋଚିତ ହେଲେ ସମାଲୋଚକ ମାନଙ୍କ ଉପରେ "କନ୍‌ଟେମ୍ପ୍‌ଟ୍"ର ଲଗୁଡ଼ ଏପରି ଅବହେଳାରେ ନିକ୍ଷିପ୍ତ ହେଉ ନଥିଲା । ସେପରି ସମାଲୋଚନା ଓ ସମାଲୋଚକ ମାନଙ୍କର ବିଚାରକୁ ଶିଷ୍ଟ ସମାଜର ସୁରୁଚି ଉପରେ ଛାଡ଼ି ଦିଆ ଯାଉଥିଲା । ସେଥିପାଇଁ ଇଂଲଣ୍ଡରେ ଅଦାଲତ ଅବମାନନା ବା କନ୍‌ଟେମ୍ପ୍‌ଟ ଅଫ୍ କୋର୍ଟ ମୋକଦ୍ଦମାର ନଜୀର ପ୍ରାୟ ବିରଳ କହିଲେ ଚଳେ ।

ମାତ୍ର ଇଷ୍ଟ-ଇଣ୍ଡିଆ-କୋମ୍ପାନୀର ସୁପ୍ରୀମ କୋର୍ଟରେ ମହାରାଜା ନନ୍ଦକୁମାରଙ୍କ ପ୍ରତି ପ୍ରଧାନ ବିଚାରପତି ସାର୍ ଏଲିଜା ଇମ୍ପେଙ୍କ ପ୍ରାଣଦଣ୍ଡ ଆଦେଶ ଦାନ, ଇଂରେଜ ବିଚାରକ ମାନଙ୍କର ବିଚାର ବିଡ଼ମ୍ବନାର (**Miscarriage of Justice**) ବହୁ ଉଦାହରଣରେ ବ୍ରିଟିଶ ବିଚାର-ପଦ୍ଧତିର ଆଦ୍ୟ ଇତିହାସ ପରିପୂର୍ଣ୍ଣ ଥିଲା । ଭାରତରେ ବିଚାରପତି ମାନଙ୍କୁ ସମାଲୋଚନାର କୁଠାରାଘାତରୁ ରକ୍ଷା କରିବା ପାଇଁ ତେଣୁ ସ୍ୱାଧି-କାରର ଅନ୍ତରାଳରେ ସେମାନଙ୍କୁ ଏକପ୍ରକାର ଅବଗୁଣ୍ଠିତ ଓ ଅସୂର୍ଯ୍ୟ-ମ୍ପଶ୍ୟ ରଖା ଯାଇଥିଲା । ଏହି ଉଦ୍ଦେଶ୍ୟରେ ଅଦାଲତ ଅବମାନନା ବା କନ୍‌ଟେମ୍ପ୍‌ଟ୍‌କୁ କେବଳ ଯେ ଭାରତୀୟ ଦଣ୍ଡବିଧି ଆଇନ୍‌ରେ ଏକ ଦଣ୍ଡନୀୟ ଅପରାଧ ରୂପେ ଗଣ୍ୟ କରା ଯାଇଥିଲା ତାହା ନୁହେଁ; ଏଥିପାଇଁ ହାଇକୋର୍ଟ ମାନଙ୍କୁ "ସମାରି ଜୁରିସଡ଼ିକ୍‌ସନ୍" କ୍ଷମତା ମଧ୍ୟ ଦିଆ ଯାଇଥିଲା । ଏ ସବୁ ସ୍ୱାଧିକାର ବିଚାରକମଣ୍ଡଳୀଙ୍କ ମଧ୍ୟରେ ଏକ ଅହେତୁକ ସ୍ପର୍ଶକାତରତା ସୃଷ୍ଟି କରିଥିଲା । ପୁଣି ସେମାନଙ୍କୁ ଏକ ସ୍ୱାଧିକାର-ପ୍ରମତ୍ତ ଅସହିଷ୍ଣୁ ଓ ଦର୍ପିତ ଗୋଷ୍ଠୀରେ ପରିଣତ କରି ଦେଇଥିଲା । ବସ୍ତୁତଃ କେବଳ "**Laws's delay**" (ବିଚାରରେ ବିଳମ୍ବ) ନୁହେଁ "**insolence of office**" (ଧର୍ମାଧିକରଣ ମାନଙ୍କର ଦର୍ପ) ମଧ୍ୟ ଭାରତରେ ବିଚାରପଦ୍ଧତିକୁ ଘୋର ବିଡ଼ମ୍ବନାପୂର୍ଣ୍ଣ କରି ରଖିଥିଲା । ବିଚାରପତି ମାନଙ୍କର ସ୍ୱାଧିକାରସ୍ଫୀତ ଅହଙ୍କାର ପ୍ରତି ଶାଣିତ କଟାକ୍ଷ ଓ

ବ୍ୟଙ୍ଗୋକ୍ତିରେ ଏହା ବିରୁଦ୍ଧରେ ପ୍ରତିବାଦ କରିବା ବ୍ୟତୀତ ମଧୁସୂଦନଙ୍କର ଅବଶ୍ୟ ଅନ୍ୟ ପନ୍ଥା ନଥିଲା । କାରଣ ବୃତ୍ତିରେ ମଧୁସୂଦନ ଆରମ୍ଭରୁ ଆଇନଜୀବୀ ରହିଥିଲେ । ମାତ୍ର ସୁରେନ୍ଦ୍ରନାଥଙ୍କ କ୍ଷେତ୍ରରେ ସେପରି କୌଣସି ବାଧା ବନ୍ଧନ ନଥିଲା । ସେଥିପାଇଁ କଲିକତା ହାଇକୋର୍ଟଙ୍କୁ ବିଚାରପତି ନରିସ୍ ସେଦିନ ଏକ ଶାଳଗ୍ରାମ ଆଣିବା ବ୍ୟାପାରରେ ନୈଷ୍ଠିକ ହିନ୍ଦୁ ସୁରେନ୍ଦ୍ରନାଥ ତାହାର କଠୋର ସମାଲୋଚନା ପାଇଁ ଆଦୌ କୁଣ୍ଠିତ ନଥିଲେ ।

ଯେଉଁ ଘଟଣାକୁ କେନ୍ଦ୍ରକରି ବ୍ୟାପାରଟି ଏପରି ଆକାର ଧାରଣ କରିଥିଲା, ତାହାଥିଲା ଏହିପରି···

କଲିକତା ହାଇକୋର୍ଟର ବିଚାରପତି ନରିସ୍‌ଙ୍କ କୋର୍ଟରେ ଥରେ ଏକ ଶାଳଗ୍ରାମର ସ୍ୱତ୍ୱ ଯେନ ଗୋଟିଏ ବିବାଦୀୟ ମୋକଦ୍ଦମା ଆଗତ ହୋଇଥିଲା । ବଡବଜାରର ଅଧିବାସୀ ଜନୈକ ଭୂପେନ୍ଦ୍ରନାଥ ଠାକୁରଙ୍କ ପରିବାରରେ ପୂଜିତ ହେଉଥିବା ଶାଳଗ୍ରାମର ପ୍ରକୃତ ଅଧିକାରୀ କିଏ, ତାହା ଯେନ ଏ ମୋକଦ୍ଦମାର ସୂତ୍ରପାତ ହୋଇଥିଲା । ଶାଳଗ୍ରାମର ଚିହ୍ନୋଟ ବା ଆଇଡେଣ୍ଟିଫିକେସନ୍ ପାଇଁ କଥା ଉଠିବାରୁ ଉଭୟ ପକ୍ଷର ହିନ୍ଦୁ ଓକିଲ ସେଥିରେ ପ୍ରଥମେ କୌଣସି ଆପତ୍ତି କରି ନଥିଲେ । ବିଚାରପତି ନରିସ୍ ଏଥିପାଇଁ ଆଦେଶ ଦେବା ପୂର୍ବରୁ ଏହାର ସମୀଚୀନତା ସମ୍ପର୍କରେ ହାଇକୋର୍ଟରେ ଉପସ୍ଥିତ ଥିବା ବାଦୀଙ୍କ ପକ୍ଷରେ ଗୌରୀକାନ୍ତ ବର୍ମନ୍ ନାମକ ଜଣେ ନୈଷ୍ଠିକ ବ୍ୟକ୍ତିଙ୍କ ସହିତ ମଧ୍ୟ ପରାମର୍ଶ କରିଥିଲେ । ଗୌରୀକାନ୍ତଙ୍କର ଏ ପ୍ରସ୍ତାବରେ କୌଣସି ଆପତ୍ତି ନଥିଲା । ମାତ୍ର ହାଇକୋର୍ଟ ଇଜଲାସରେ ଚଟାଣ ଉପରେ କାର୍ପେଟ୍ ପଡ଼ିଥିବା ହେତୁ ଶାଳଗ୍ରାମ ଶିଳା ସେଠାକୁ ନଆଣି ହାଇକୋର୍ଟ କରିଡର୍‌ରେ ତାହାକୁ ରଖାଯିବା ପାଇଁ ଗୌରୀକାନ୍ତ ପରାମର୍ଶ ଦେଇଥିଲେ । କୋର୍ଟ ଇନସ୍‌ପେକ୍ଟର ବାବୁ ବେଣୀମାଧବ ମୁଖାର୍ଜୀ ଏ ସମ୍ପର୍କରେ ଏକମତ ଥିଲେ । ଜଜ୍ ନରିସ୍ ଏ ଏବୁ ପରାମର୍ଶ ଶୁଣି ଉଭୟ ପକ୍ଷର ହିନ୍ଦୁ ଓକିଲଙ୍କ ଏଥିରେ ଅସମ୍ମତି ନଥିବା ଦୃଷ୍ଟିରୁ ଉକ୍ତ ଶାଳଗ୍ରାମ ଶିଳା ଉପରେ ସମନ୍ ଜାରି କରି ତାହାକୁ ହାଇକୋର୍ଟ-କରିଡର୍ ପର୍ଯ୍ୟନ୍ତ ଆଇଡେଣ୍ଟିଫିକେସନ୍ ପାଇଁ ଅଣାଇଥିଲେ ।

ପ୍ରୋସିଡିଓରର୍ ବା କାର୍ଯ୍ୟବିଧି ଦୃଷ୍ଟିରୁ ନରସ୍ ସାହେବଙ୍କ କାର୍ଯ୍ୟ ନିନ୍ଦିତ ଅଥବା ସମାଲୋଚିତ ହେବା ଭଳି ନଥିଲା । କିନ୍ତୁ ହିନ୍ଦୁ ସମାଜର ପରମାରାଧ୍ୟ ବସ୍ତୁ ଶିଳା ରୂପେ ବିବେଚିତ ଶାଳଗ୍ରାମ ଉପରେ ସମନ ଜାରି କରି ହାଇକୋର୍ଟକୁ ଅଣାଯିବା କାର୍ଯ୍ୟ ଏକ ଅସଙ୍ଗତ ବ୍ୟାପାର—ସେଦିନ ବଙ୍ଗଳା ହିନ୍ଦୁ ସମାଜର ବହୁ ବିକ୍ଷୁବ୍ଧ ପ୍ରତିବାଦ ମଧ୍ୟରେ ତାହା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା । ବହୁ ସମ୍ମାନିତ ହିନ୍ଦୁ ସମାଜପତି ଥାଉଁ ଥାଉଁ ଜଣେ ଦୁଇଜଣ ଅଖ୍ୟାତ ଅଜ୍ଞାତ ହିନ୍ଦୁଙ୍କ ପରାମର୍ଶରେ ବିଚାରପତି ନରସ୍ ଶାଳଗ୍ରାମ ଶିଳାକୁ ଯେପରି ହାଇକୋର୍ଟକୁ ଅଣିଲେ ତାହା ସେତେବେଳେ ପ୍ରବଳ ସମାଲୋଚନାର ବିଷୟବସ୍ତୁ ହୋଇ ପଡ଼ିଥିଲା ।

ସୁରେନ୍ଦ୍ରନାଥ ନୈଷ୍ଠିକ ହିନ୍ଦୁ ଥିଲେହେଁ ନରସ ସାହେବଙ୍କ ଏ ଅଘଟଣ କାଣ୍ଡ ପ୍ରତି ପ୍ରଥମେ କିନ୍ତୁ ତାଙ୍କର ସମ୍ପାଦକୀୟ ଦୃଷ୍ଟି ଆକୃଷ୍ଟ ହୋଇ ନଥିଲା । ସେତେବେଳେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପିତା କଲିକତା ହାଇକୋର୍ଟର ଅନ୍ୟତମ ଆଡ୍‌ଭୋକେଟ୍ ଭୁବନମୋହନ ଦାସ "ବ୍ରାହ୍ମ ପବଲିକ୍ ଓପିନିଅନ୍" ନାମରେ ଗୋଟିଏ ସାପ୍ତାହିକ ସମ୍ବାଦପତ୍ରର ସମ୍ପାଦନା କରୁଥିଲେ । ଭୁବନମୋହନ ପ୍ରଥମେ ଉକ୍ତ ପତ୍ରିକାର ୧୯ ତାରିଖ ଅପ୍ରେଲ ସଂଖ୍ୟାରେ ଏ ସମ୍ପର୍କରେ କେତେକ କଠୋର ମନ୍ତବ୍ୟ ପ୍ରକାଶ କରିଥିଲେ । ବସ୍ତୁତଃ ଏହି ଆଲୋଚନାକୁ ଭିତ୍ତି କରି ସୁରେନ୍ଦ୍ରନାଥ ବାନାର୍ଜି "ବେଙ୍ଗଲୀ" ସ୍ତମ୍ଭରେ ଉପରୋକ୍ତ ସମ୍ପାଦକୀୟ ନିବନ୍ଧ ପ୍ରକାଶ କରିଥିଲେ ।

ମାତ୍ର କେବଳ ସୁରେନ୍ଦ୍ରନାଥ ବାନାର୍ଜିଙ୍କ ସମାଲୋଚନା ହିଁ ବିଚାରପତି ନରସ୍‌ଙ୍କ କୋପଦୃଷ୍ଟି ଆକର୍ଷଣ କରିଥିଲା । ଏପରି ଉଦାହରଣର ଅଭାବ ନାହିଁ ଯେ ଅନ୍ୟ ସମ୍ବାଦପତ୍ରରେ 'ବିରୁଦ୍ଧ ସମାଲୋଚନାକୁ ବିଚାରପତି ମାନେ ନିର୍ବିବାଦରେ ଗଳାଧଃକରଣ କରିଗଲେହେଁ, କୌଣସି କୌଣସି ନିର୍ଦ୍ଦିଷ୍ଟ ସମ୍ବାଦପତ୍ର ଓ ସମ୍ପାଦକଙ୍କ ସମାଲୋଚନା ପ୍ରତି ସେମାନେ ଅତ୍ୟନ୍ତ ଅସହିଷ୍ଣୁ ଓ କ୍ଷୁବ୍ଧ ହୋଇ ପଡ଼ିଥାନ୍ତି । ଏହି ଲେଖକର ସାମ୍ବାଦିକ ଜୀବନରେ ସେହିପରି ଏକାଧିକ ଘଟଣା ଘଟିଅଛି । ସୁରେନ୍ଦ୍ରନାଥ ବାନାର୍ଜିଙ୍କ ସମ୍ପର୍କରେ ମଧ୍ୟ ତାହାହିଁ ଘଟିଥିଲା । ବିଚାରପତି

ନରସ୍ "ବ୍ରାହ୍ମ ପବଲକ୍ ଓପିନିଅନ୍"ର ସମ୍ପାଦକଙ୍କୁ ଅଷତ ଗ୍ଧତ ଦେଇ-ଥିଲେହେଁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ବିରୁଦ୍ଧରେ କେବଳ ଅଦାଲତ ଅବମାନନା କାର୍ଯ୍ୟବିଧି ଆରମ୍ଭ କରିଦେଇଥିଲେ ।

ମାତ୍ର ମୋକଦ୍ଦମା ଦୃଷ୍ଟିରୁ ଦୁଇଜଣ ହିନ୍ଦୁଙ୍କ ପରାମର୍ଶରେ ବିଗ୍ଭରପତି ନରସ୍ ଶାଳଗ୍ରାମ ଶିଳା ହାଇକୋର୍ଟକୁ ଆଣିଥିବାରୁ ସୁରେନ୍ଦ୍ର-ନାଥଙ୍କ ସମାଲୋଚନା ପାଇଁ କୌଣସି ଯୁକ୍ତିଯୁକ୍ତ ଭିତ୍ତି ଅଥବା ସମୀ-ଚୀନତା ନଥିଲା । ସେଥିପାଇଁ ଆଟର୍ଣ୍ଣୀ ମାନଙ୍କ ପରାମର୍ଶ କ୍ରମେ ସୁରେନ୍ଦ୍ରନାଥ ତାଙ୍କ ବକ୍ତବ୍ୟରେ ଉପରୋକ୍ତ ସମାଲୋଚନା ପାଇଁ କ୍ଷମା ପ୍ରାର୍ଥନା କରି ଉକ୍ତ ବକ୍ତବ୍ୟ ମଧ୍ୟ ପ୍ରତ୍ୟାହାର କରି ନେଇଥିଲେ ।

ସୁରେନ୍ଦ୍ରନାଥ ନିଜ ସମ୍ପାଦକୀୟ ସମାଲୋଚନା ପ୍ରତ୍ୟାହାର କରିବା ଅଥବା ସେଥିପାଇଁ ଦୁଃଖପ୍ରକାଶ ଅଥବା କ୍ଷମାପ୍ରାର୍ଥନା କରିବା ପାଇଁ କିନ୍ତୁ କୌଣସି କାରଣ ନଥିଲା । ବିଗ୍ଭରପତି ନରସ୍ ହିନ୍ଦୁ ମାନଙ୍କର ଆରାଧ୍ୟ ଶାଳଗ୍ରାମ ଶିଳାକୁ ଏକ ତୁଚ୍ଛ "ଏକ୍‌ଜିବିଟ୍" (Exxibit) ରୂପେ ହାଇକୋର୍ଟକୁ ସମନ୍ ଜାରି କରି ଆଣିବା ଦ୍ୱାରା ସେମାନଙ୍କର ଧର୍ମ-ପ୍ରବଣତା ଉପରେ ଯେ ଘୋର ଆଘାତ ଆଣିଥିଲେ, ଏହା ନିଃସନ୍ଦେହ । ଜନମତର ପ୍ରତିନିଧିତ୍ୱ କରୁଥିବା ଜଣେ ସମ୍ବାଦପତ୍ର ସମ୍ପାଦକ ରୂପେ, ସୁରେନ୍ଦ୍ରନାଥ ନିର୍ଭୀକ ଭାବରେ ତାହା ସମାଲୋଚନା କରିବାରେ କୌଣସି ଅଦାଲତ ଅବମାନନା ନଥିଲା । ସେଥିପାଇଁ ଚରମ ଶାସ୍ତି ଅମ୍ଳାନ ଚିତ୍ତରେ ବହନ କରିବା ବରଂ ମର୍ଯ୍ୟାଦାସମ୍ପନ୍ନ ହୋଇଥାନ୍ତା ।

ସୁରେନ୍ଦ୍ରନାଥ କ୍ଷମାପ୍ରାର୍ଥନା କରିବା ପରେ, ଆଶା କରା ଯାଉଥିଲା ଯେ, ତାଙ୍କ ବିରୁଦ୍ଧରେ ହାଇକୋର୍ଟର କାର୍ଯ୍ୟବିଧି ପ୍ରତ୍ୟାହୃତ ହେବ । ମାତ୍ର ତାହା ହେଲା ନାହିଁ । ସୁରେନ୍ଦ୍ରନାଥଙ୍କୁ ଶାସ୍ତି ଦେବା ପାଇଁ ଇଂରେଜ ଶାସକଗୋଷ୍ଠୀ ଯେପରି ସଂକଳ୍ପବଦ୍ଧ ରହିଥିଲେ । ସୁରେନ୍ଦ୍ର-ନାଥଙ୍କ ମୋକଦ୍ଦମାର ବିଗ୍ଭର ପାଇଁ ଗୋଟିଏ ଫୁଲ୍‌ବେଞ୍ଚ୍ ବସିଲା । ଅଭିଯୋଗକାରୀମାନେ ଏଥିରେ ନିଜେ ବିଗ୍ଭରକ । କ୍ଷମାପ୍ରାର୍ଥନା ସତ୍ତ୍ୱେ, କୋର୍ଟର ରାୟ ବାହାରିଲା···

"The Court's order is, that you be imprisoned on the civil side of the Presidency Jail for the space of two months."

ହାଇକୋର୍ଟର ଏ ବିଚାର ଅଥବା ଅବିଚାରରେ ସୁରେନ୍ଦ୍ରନାଥ ବାନାର୍ଜିଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦୁଇମାସ ସିଭିଲ୍ ଜେଲଦଣ୍ଡ ହୋଇଗଲା ।

କିନ୍ତୁ ଫୁଲବେଞ୍ଚର ବିଚାରକମଣ୍ଡଳୀଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ବିଚାରପତି ଜେ: ମିତ୍ର ଏହି ଦଣ୍ଡାଦେଶ ଠାରୁ ଗୋଟିଏ ସ୍ୱତନ୍ତ୍ର ରାୟ ଦେଇଥିଲେ । ସୁରେନ୍ଦ୍ରନାଥ ଆଲୋଚିତ ସମ୍ପାଦକୀୟ ଦ୍ୱାରା ଅଦାଲତ ଅବମାନନା କରିଥିବା ସିଦ୍ଧାନ୍ତରେ ସେ ଏକମତ ଥିଲେହେଁ ସୁରେନ୍ଦ୍ର-ନାଥ କ୍ଷମାପ୍ରାର୍ଥନା କରିଥିବା ଦୃଷ୍ଟିରୁ ତାଙ୍କୁ ଆଉ କାରାଦଣ୍ଡ ଦିଆ ନଯିବା ପାଇଁ ବିଚାରପତି ମିତ୍ର ସିଦ୍ଧାନ୍ତ ଦେଇଥିଲେ । ଏ ସମ୍ପର୍କରେ କଲିକତା ହାଇକୋର୍ଟର ଅତୀତରେ ଦୁଇଗୋଟି ନଜିର ମଧ୍ୟ ସେ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ।

ଇତିପୂର୍ବରୁ ପିଫାର୍ଡ-ମୋକଦ୍ଦମା (Piffard Case) ନାମରେ ଘଟିତ ଏକ ମାମଲାରେ କଲିକତା ହାଇକୋର୍ଟର ଚିଫ୍ ଜଷ୍ଟିସ୍ ସାର୍ ବାର୍ନସ ପିକକ୍ ରାୟ ଦେଇଥିଲେ ଯେ, "The Court would be content with an apology, nor need the apology be an abject one" (କେବଳ କ୍ଷମାପ୍ରାର୍ଥନାରେ ହିଁ କୋର୍ଟ ସନ୍ତୁଷ୍ଟ ହେବେ । ପୁଣି ସେପରି କ୍ଷମାପ୍ରାର୍ଥନା ଆସାମୀଙ୍କ ପକ୍ଷରେ ନିତାନ୍ତ ଅପମାନଜନକ ହେବା ମଧ୍ୟ ଉଚିତ ନୁହେଁ । ) ଅନ୍ୟ ନଜିରଟି ହେଉଛି ୧୮୬୯ ସାଲରେ "ଇଂଲିସ-ମାନ" ପତ୍ରିକାର ସ୍ତମ୍ଭରେ ମିଷ୍ଟର ଟେଲର୍ ନାମରେ ଜଣେ ବ୍ୟକ୍ତି କଲିକତା ହାଇକୋର୍ଟର ଜନୈକ ଭାରତୀୟ ବିଚାରପତି ଦ୍ୱାରିକାନାଥ ମିତ୍ରଙ୍କ ସମ୍ପର୍କରେ କେତେକ ଅସମ୍ମାନଜନକ ମନ୍ତବ୍ୟ ପ୍ରକାଶ କରିବା ଦ୍ୱାରା ଅଦାଲତ ଅବମାନନା ଅଭିଯୋଗରେ ସେ ଅଭିଯୁକ୍ତ ହୋଇଥିଲେ । ତାଙ୍କ ବିରୁଦ୍ଧରେ ଅବମାନନା ଅଭିଯୋଗ ମଧ୍ୟ ସାବ୍ୟସ୍ତ ହୋଇଥିଲା । କିନ୍ତୁ ଟେଲର୍ "ଇଂଲିସମାନ" ପତ୍ରିକାରେ କ୍ଷମାପ୍ରାର୍ଥନା ପ୍ରକାଶ କରିବାରୁ, ସାମାନ୍ୟ ଅର୍ଥଦଣ୍ଡରେ କେବଳ ପ୍ରଧାନ ବିଚାରପତି ପିକକ୍ ତାଙ୍କୁ ସେଥିରୁ ନିସ୍କୃତି ଦେଇଥିଲେ । ଏହି ଦୁଇଗୋଟି ନଜିର୍ ଉପରେ ନିର୍ଭର କରି ବିଚାରପତି ମିତ୍ର ସୁରେନ୍ଦ୍ରନାଥଙ୍କ କ୍ଷମାପ୍ରାର୍ଥନା ଦୃଷ୍ଟିରୁ ତାଙ୍କୁ କାରାଦଣ୍ଡରୁ ଅବ୍ୟାହତି ଦେବାପାଇଁ ମତପୋଷଣ କରିଥିଲେ । ଉପରୋକ୍ତ ଦୁଇ ଅଭିଯୁକ୍ତ ବ୍ୟକ୍ତି ଥିଲେ ଶ୍ୱେତାଙ୍ଗ ଇଂରେଜ—କିନ୍ତୁ

ସୁରେନ୍ଦ୍ରନାଥ ଥିଲେ ଉଗ୍ର ଜାତୀୟତାବାଦୀ ଭାରତୀୟ-ଏ ମୌଳିକ ପାର୍ଥକ୍ୟଟି ଉଦ୍ଧରପନ୍ତ ମିଶ ଭୁଲି ଯାଇଥିଲେ ।

ଇଂରେଜ ବିଚାରପତିମାନଙ୍କ ସଂଖ୍ୟାଗରିଷ୍ଠ ସିଦ୍ଧାନ୍ତ ଅନୁସାରେ ସୁରେନ୍ଦ୍ରନାଥଙ୍କୁ ଅବଶେଷରେ ଦୁଇମାସ କାରାଦଣ୍ଡ ଆଦେଶ ହୋଇଥିଲା । ସୁରେନ୍ଦ୍ରନାଥଙ୍କ ପ୍ରତି କଲିକତା ହାଇକୋର୍ଟ ଯେ ବିଦ୍ୱେଷପ୍ରଣୋଦିତ ହୋଇ ଏକ ଅବିଚାର କରିଛନ୍ତି; ସେଥିରେ କାହାରି କାହାରି ସନ୍ଦେହ ନଥିଲା । ସେତେବେଳର ଅନ୍ୟ ପତ୍ରପତ୍ରିକାଙ୍କ ମଧ୍ୟରେ ସାହେବୀ ସମ୍ବାଦପତ୍ର "ଷ୍ଟେଟସମ୍ୟାନ" ମଧ୍ୟ ଏ ଦଣ୍ଡାଦେଶର ତୀବ୍ର ସମାଲୋଚନା କରି···"The Contempt Case" ଶିରୋନାମାରେ ଲେଖିଥିଲେ···

"x x The whole occurence is deeply to be regretted; and a prosecution of this unusual kind, ending in a sentence of some severity, against a popular Bengali editor is likely to exasperate feelings already too bitter. Under what law then, can the court inflict a penalty of two months imprisonment, without the option of a fine, when the offence happens to be committed out of Court ?"

କଲିକତା ହାଇକୋର୍ଟର ଏ ଅନ୍ୟାୟ ଦଣ୍ଡାଦେଶ ବିରୁଦ୍ଧରେ ପ୍ରିଭିକାଉନ୍ସିଲରେ ଅପିଲ ହୋଇଥିଲା । ମାତ୍ର ପ୍ରିଭି-କାଉନ୍ସିଲ ତାହା ନାମଞ୍ଜୁର କରି କଲିକତା ହାଇକୋର୍ଟର ଦଣ୍ଡାଦେଶ କାୟେମ ରଖିଥିଲେ ।

× × ×

ଏହି ଦଣ୍ଡାଦେଶ ବିରୁଦ୍ଧରେ ଭାରତରେ ସେତେବେଳେ ଏକ ପ୍ରବଳ ରାଜନୈତିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । "ଭାରତ-ସଭା"ର ଅନ୍ୟତମ କର୍ମକର୍ତ୍ତା (ପରବର୍ତ୍ତୀ କାଳରେ କଂଗ୍ରେସର ସଭାପତି) ଓ କଲିକତା ହାଇକୋର୍ଟର ବାରିଷ୍ଟର ଆନନ୍ଦମୋହନ ବୋଷଙ୍କ ଠାରୁ ମଧୁସୂଦନଙ୍କ ନିକଟକୁ ସେଦିନ ସକାଳ ଡାକରେ ପତ୍ର ଆସିଥିଲା··· ସୁରେନ୍ଦ୍ରନାଥଙ୍କ ପ୍ରତି ଦଣ୍ଡାଦେଶ ବିରୁଦ୍ଧରେ ସାଧାରଣସଭାରେ ପ୍ରତିବାଦ ଜଣାଇବା ପାଇଁ । ଆନନ୍ଦମୋହନଙ୍କ ଚିଠି ପାଇ "ଉତ୍କଳ-ସଭା"ର ସମ୍ପାଦକ ଗୌରୀଶଙ୍କରଙ୍କୁ ମଧୁସୂଦନ ଡକାଇ ପଠାଇଥିଲେ ସେ ସମ୍ପର୍କରେ ଆଲୋଚନା ପାଇଁ ।

ଟ୍ରେନିଙ୍ଗ୍ ସ୍କୁଲର ହେଡମାଷ୍ଟର ଦ୍ୱାରକାନାଥ ଚକ୍ରବର୍ତ୍ତୀ ମଧ୍ୟ ଅପେକ୍ଷା କରି ବସିଥିଲେ ରାଜସ୍ଥାନ ଜୟପୁରର ଆର୍ଟ ସ୍କୁଲକୁ ଓଡ଼ିଶାରୁ ସ୍ୱରିଜଣ ଛାତ୍ର ପଠାଇବା ପାଇଁ ସରକାରରୁ ଯେଉଁ ଚିଠି ଆସିଥିଲା— ସେ ସମ୍ପର୍କରେ ମଧୁସୂଦନଙ୍କ ସତ୍ୱର ପରାମର୍ଶ ପାଇଁ। ରେଭେନ୍ସା କଲେଜ ଷ୍ଟୁଡେଣ୍ଟସ୍-ଆସୋସିଏସନର ସମ୍ପାଦକ ଅତୁଲ୍ୟକୃଷ୍ଣ ରାୟ ସଙ୍ଗରେ ଅଭିରାମ ଭଞ୍ଜଙ୍କୁ ଧରି ସକାଳୁ ଅପେକ୍ଷା କରି ବସିଥିଲେ, ଆସୋ-ସିଏସନର ଗୋଟିଏ ସଭାରେ ମଧୁସୂଦନଙ୍କ ଅଭିଭାଷଣର ବ୍ୟବସ୍ଥା କରିବାପାଇଁ। ଅଳ୍ପଦିନ ପୂର୍ବେ ଆସୋସିଏସନର ଏକ ସଭାରେ ମଧୁସୂଦନ ବକ୍ତୃତା ଦେଇଥିଲେ ଡାରଉଇନ-ତତ୍ତ୍ୱ ସମ୍ପର୍କରେ··· "The theory of natural selection in its bearing on the origin of man" ଓଡ଼ିଆ ଜାତିକୁ ଆତ୍ମଶକ୍ତିସମ୍ପନ୍ନ ହେବା ପାଇଁ ସେ ଭାଷଣରେ ମଧୁସୂଦନ ଛାତ୍ର ସମାଜକୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ମଧୁସୂଦନଙ୍କ ଠାରୁ ଏ ସମ୍ପର୍କରେ ଆଉରି ଭାଷଣ ଶୁଣିବା ପାଇଁ। ମଧୁସୂଦନଙ୍କର ମଧ୍ୟ ଅଭିପ୍ରାୟ ଓଡ଼ିଶାର ତରୁଣ ଛାତ୍ରସମାଜରେ ନବ-ଜୀବନର ଉଜ୍ଜୀବନ। ତୋମପଡ଼ା ରାଜାଙ୍କ ଲୋକମାନେ ଅପେକ୍ଷା କରି ବସିଥିଲେ, ଗୋଟାଏ ମୋକଦ୍ଦମା ସମ୍ପର୍କରେ ପରାମର୍ଶ ପାଇଁ। କୌଣସି ଏକ ଟଙ୍କା ରସିଦ୍‌ରେ ତୋମପଡ଼ା ରାଜା ରସିଦ୍-ଟିକଟ୍ (ରେଭିନ୍ୟୁ ଷ୍ଟାମ୍ପ) ନ ଦେଇ ଦସ୍ତଖତ ଦେଇଥିବାରୁ, ଜଏଣ୍ଟ-ମାଜିଷ୍ଟ୍ରେଟ୍ ମାନେଷ୍ଟି ତୋମପଡ଼ା ରାଜାଙ୍କ ବିରୁଦ୍ଧରେ "ଷ୍ଟାମ୍ପ-ଆକ୍ଟ" ଅନୁସାରେ ଏକ ମୋକଦ୍ଦମା ଆରମ୍ଭ କରିଥିଲେ।

ମାତ୍ର ପ୍ରିଭି-କାଉନସିଲରେ ସୁରେନ୍ଦ୍ରନାଥଙ୍କ ଅପିଲ୍ ନାମଞ୍ଜୁର ହୋଇଥିବାର ସମ୍ବାଦ ଓ ଆନନ୍ଦମୋହନ ବସୁଙ୍କ ଚିଠି ମଧୁସୂଦନଙ୍କୁ ବିବ୍ରତ କରିଦେଇଥିଲା। ସେ ସମ୍ପର୍କରେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଥିବା ଅଗ୍ରଲେଖାମାନ ନିବିଷ୍ଟ ଭାବରେ ସେ ପଢ଼ୁଥିଲେ।

ଆନନ୍ଦମୋହନ ବସୁଙ୍କ ପତ୍ରରେ ଥିଲା "ଇଣ୍ଡିଆନ୍ ଏମ୍ପାୟାର୍" ପତ୍ରିକାର ମେ' ୨୦ ତାରିଖ ସଂଖ୍ୟାରେ ପ୍ରକାଶିତ ଅଗ୍ରଲେଖାର ଏକ କ୍ଲିପିଂ ଅଂଶ···

"It is no exggageration to say that there is scarcely any remarkable town in India that has not echoed the sound of sorrow, sympathy and indignation."

ମଧୁସୂଦନ ଚଉକି ଉପରୁ ଉଠିପଡ଼ି କହିଲେ···"ଜାଣନ୍ତି ମାଷ୍ଟର ଦାଦା, ଯେଉଁ ପ୍ରିଭି-କାଉନସିଲରେ ବସି, ସୁରେନ୍ଦ୍ରନାଥଙ୍କ ଆପିଲ୍ ନାମଞ୍ଜୁର କରି ଦେଇଛନ୍ତି, ସେହି ପିକକ କଲିକତା ହାଇକୋର୍ଟରେ ଚିଫ୍ ଜଷ୍ଟିସ ଥିବାବେଳେ, ପିଫାର୍ଡ଼-ଆଉ-ଟେଲର କେସ୍ ମାନଙ୍କରେ କେବଳ କ୍ଷମାପ୍ରାର୍ଥନାରେ ଆସାମୀମାନଙ୍କୁ ଛାଡ଼ି ଦେଇଥିଲା । ଅଥଚ ସୁରେନ୍ଦ୍ରନାଥଙ୍କ କ୍ଷମାପ୍ରାର୍ଥନା ସତ୍ତ୍ୱେ ସେହି ପିକକ୍, ପ୍ରିଭି-କାଉନସିଲରେ ତାଙ୍କ ପ୍ରତି କାରାଦଣ୍ଡ ଆଦେଶ ଏବେ କାଏମ୍ ରଖିଲେ । ଟେଲର୍-କେସରେ ଦ୍ୱାରକା ଚକ୍ରବର୍ତ୍ତୀ ନେଟିଭ୍ ଜଜ୍ ଥିବାରୁ ତାଙ୍କ ପ୍ରତି ଇଂରେଜ ଟେଲର୍ର ସମାଲୋଚନା ବୋଧହୁଏ ଧର୍ତ୍ତବ୍ୟ ହେଲା ନାହିଁ । ଅଥଚ ଭାରତୀୟ ସୁରେନ୍ଦ୍ରନାଥ ଇଂରେଜ ବିଚାରପତି ନରିସ୍ ସାହେବଙ୍କ ସମାଲୋଚନା କରିଥିବାରୁ ତାଙ୍କୁ ମିଳିଲା କାରାଦଣ୍ଡ । କାଙ୍ଗ ବିଚାର ଆଉ କାହାକୁ କହନ୍ତି ? ··· ଏତ ଜଷ୍ଟିସ୍ ନୁହେଁ Legalised tyranny । ଏହାର ପ୍ରତିବାଦ ଅବଶ୍ୟ କର୍ତ୍ତବ୍ୟ ।"

ମାତ୍ର ପ୍ରବଳ ପ୍ରତାପଶାଳୀ ଇଂରେଜ ବିଚାରପତି ନରିସ୍ ସାହେବ ପୁଣି କଲିକତା ହାଇକୋର୍ଟ ବିରୁଦ୍ଧରେ ସାଧାରଣସଭାରେ ପ୍ରତିବାଦ ଘୋଷଣା କରିବା ପାଇଁ "ଉତ୍କଳ-ସଭା"ର ସଭ୍ୟମାନେ ସେତେବେଳେ ଘୋର ଶଙ୍କିତ ଥିଲେ । "ଉତ୍କଳ-ସଭା"ର ସବୁ ସଭ୍ୟ ପ୍ରାୟ ଓକିଲ, ଜମିଦାର, ନୋହିଲେ ସରକାରୀ କର୍ମଚାରୀ । ଗୌରୀଶଙ୍କର କହିଲେ··· "ଉତ୍କଳ-ସଭା ତରଫରୁ ସାଧାରଣରେ ପ୍ରତିବାଦ ସଭା ପାଇଁ କେହି ହଠାତ୍ ଭରସିବେ ନାହିଁ ।"

ହଠାତ୍ ମଧୁସୂଦନଙ୍କ ଆଖି ପଡ଼ିଲା କଲେଜଛାତ୍ର ଅତୁଲ୍ୟକୃଷ୍ଣଙ୍କ ଉପରେ । ସେ କହିଲେ···"ଅତୁଲ୍ୟ ତୁମେମାନେ ବରଂ ଷ୍ଟୁଡେଣ୍ଟସ— ଆସୋସିଏସନ ପକ୍ଷରୁ ଗୋଟାଏ ସାଧାରଣ ସଭାର ଆୟୋଜନ କର । କେହି न ବାହାରିଲେ ସେ ସଭାରେ ମୁଁ ଏକୁଟିଆ ଏ ଅନ୍ୟାୟ ଦଣ୍ଡାଦେଶର ପ୍ରତିବାଦ କରିବି ।"

ଏକ ଶକ୍ତିଶାଳୀ ଓ ସଂଗ୍ରାମଧର୍ମୀ ରାଜନୈତିକ ଅନୁଷ୍ଠାନ ରୂପେ "ଉତ୍କଳ-ସଭା"ର ଶଙ୍କିତ, ସଙ୍କୁଚିତ ଦୈନ୍ୟ ମଧୁସୂଦନ ବେଶ୍ ଉପଲବ୍ଧି କରି ପାରୁଥିଲେ । ଆରାମଚୌକିର ତେଲଚିକଟା ଭଦ୍ରଲୋକୀ

ଓ କୁକାନନ୍ଦୀର 'ନାଗ-ବନ୍ଧନରୁ' ଭାରତମାତାଙ୍କୁ ମୁକ୍ତ କରିବାର ବେଳ ସେତେବେଳେ ଯେ ଆସିସାରିଥିଲା, ସେଥିରେ ମଧୁସୂଦନଙ୍କର ଆଉ ସନ୍ଦେହ ନଥିଲା । ଭଦ୍ରଲୋକ—ଗୋଷ୍ଠୀ ଯଦି ସଂଗ୍ରାମୀ ଭାରତମାତାର ଆହ୍ୱାନରେ ଖାତବସ୍ତ୍ର, ଅଶିକ୍ଷିତ ସାଧାରଣ ଜନତା ମଧ୍ୟ ଦୈନନ୍ଦିନ ଜୀବନର ତୈଳତଣ୍ଡୁଳାଦି କୁଞ୍ଚତୀ ମଧ୍ୟରେ ବୃହତ୍ତର ଆଦର୍ଶର ଉଦ୍-ବୋଧନ ପ୍ରତି ବଧୀର ! ଉଜ୍ଜୀବନର ସ୍ପନ୍ଦନ ସୃଷ୍ଟି କରିବା ସେଥିପାଇଁ କେବଳ ତରୁଣ ଛାତ୍ରସମାଜ ପକ୍ଷରେ ହିଁ ସମ୍ଭବ ଥିଲା ।

ଅତୁଲ୍ୟକୃଷ୍ଣ ଓ ଅଭିରାମଙ୍କୁ ମଧୁସୂଦନ ପୁଣି ଥରେ କହିଲେ···
"ତୁମେମାନେ ଯଥାଶୀଘ୍ର ଷ୍ଟୁଡେଣ୍ଟସ୍-ଆସୋସିଏସନ୍ ପକ୍ଷରୁ ଗୋଟାଏ ପ୍ରତିବାଦ ସଭାର ଆୟୋଜନ କର । ଏଥିରେ ଆଉ ବିଳମ୍ବ କରିବା ଉଚିତ ନୁହେଁ ।"

ଏ ସଭାର ବିବରଣୀ "ଉତ୍କଳ-ଦୀପିକା"ରେ ପ୍ରକାଶ ପାଇଥିଲା···

"ବଙ୍ଗନେତା ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଉପସ୍ଥିତ ଦୁଃଖରେ ସହାନୁଭୂତି ପ୍ରକାଶ କରିବା ନିମିତ୍ତ ଗୁରୁବାର ସନ୍ଧ୍ୟା ସମୟରେ କଟକ କଲେଜର ଛାତ୍ରମାନେ ଏକ ସଭା କରିଥିଲେ । ବାବୁ ମଧୁସୂଦନ ଦାସ ଏଥିର ସଭାପତି ହୋଇଥିଲେ ।" *

ଏ ସଭା ପରେ ଅବଶ୍ୟ "ଉତ୍କଳ-ସଭା" ଓ କଟକ ମେଡ଼ିକାଲ ଛାତ୍ରମାନଙ୍କ ପକ୍ଷରୁ ବିଭିନ୍ନ ସଭା ଆୟୋଜିତ ହୋଇ ସେଥିରେ ସୁରେନ୍ଦ୍ର-ନାଥଙ୍କ ପ୍ରତି ସହାନୁଭୂତି ଜ୍ଞାପନ କରାଯାଇଥିଲା । ମାତ୍ର ମଧୁସୂଦନଙ୍କ ପ୍ରତିବାଦ ସଭାହିଁ ଥିଲା, କଟକରେ ସର୍ବପ୍ରଥମ ।

ମଧୁସୂଦନଙ୍କ ସାଧାରଣସଭା ପରେ, ବାବୁ ଦୀନାନାଥ ମଧ୍ୟ ନୀରବ ରହି ନଥିଲେ । ପରବର୍ତ୍ତୀ ସପ୍ତାହରେ "ଉତ୍କଳ ସଭା" ପକ୍ଷରୁ ଇଲବର୍ଟ-ବିଲ୍‌ର ଆଲୋଚନା ଓ ସୁରେନ୍ଦ୍ରନାଥଙ୍କ ପ୍ରତି ଦଣ୍ଡାଦେଶ ସମ୍ପର୍କରେ ଯେଉଁ ସଭା ଆୟୋଜିତ ହୋଇଥିଲା, ଦୀନାନାଥ ସେଥିରେ ଯୋଗ ଦେବାକୁ ଦାବି କରି "ଉତ୍କଳ-ଦୀପିକା"ରେ ଗୋଟିଏ ବିଜ୍ଞାପନ ଛପାଇଥିଲେ··

* ଉତ୍କଳ-ଦୀପିକା—ତା ୧୯-୫-୮୩ ପୃ:୧୫୭

"ସର୍ବସାଧାରଣଙ୍କ ସମୀପରେ ନିବେଦନ ଯେ କଲିକତାନିବାସୀ ସାଧାରଣ ହିତାକାଙ୍କ୍ଷୀ ବାବୁ ସୁରେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କୁ ମହାମାନ୍ୟ ହାଇକୋର୍ଟ ଦୁଇମାସ କାରାଦଣ୍ଡ ଦେଇ ଅଛନ୍ତି । ସେ ହୁକୁମ ଆଇନ ସଙ୍ଗତ ଅଥବା ପକ୍ଷପାତବର୍ଜିତ କିମ୍ବା ଭାରତବାସୀଙ୍କର ତୃପ୍ତିକର ହୋଇଅଛି କି ନାହିଁ ତହିଁର ସମାଲୋଚନା ନିମିତ୍ତ ଆଗାମୀ ତା ୧୯ରିଖ ମଇ ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ କଟକ ପ୍ରିଣ୍ଟିଙ୍ଗ୍ ହଲରେ ସାଧାରଣ ସଭା ହେବ । ସହୃଦୟ ମହୋଦୟମାନେ ଉପସ୍ଥିତ ହେଲେ ବାଧିତ ହେବୁଁ । ନିବେଦନମିତି ।

ଶ୍ରୀ ଦୀନାନାଥ ବନ୍ଦୋପାଧ୍ୟାୟ ।"*

ଏ ବିଜ୍ଞାପନ ଦେଖି ଦୀନାନାଥଙ୍କ ସହିତ ସାକ୍ଷାତ ହେବା ମାତ୍ରେ ମଧୁସୂଦନ ପଚାରିଲେ···" ପ୍ରତିବାଦ ପାଇଁ ସୁଦ୍ଧା ଉତ୍କଳ-ସଭା ସହିତ ଆପଣ ଐକ୍ୟ ହୋଇ ପାରିଲେ ନାହିଁ ଦୀନୁବାବୁ ?" ଦୀନାନାଥ ବ୍ୟସ୍ତ ବିବ୍ରତ କଣ୍ଠରେ କହିଲେ···"ଏ ବାବଦରେ ଓଡ଼ିଶା-ପିପଲ୍‌ସ୍-ଆସୋସିଏସନର ଗୋଟାଏ ନିଜସ୍ୱ ବିଚାର ଓ ମତାମତ ରହିଛି । ତାହା ଆମ୍ଭେ ଯଥା ସ୍ଥାନରେ ଯଥା ସମୟରେ ବ୍ୟକ୍ତ କରିବୁ ।"

## ( ତିନି )

**ସେ**ଦିନ କଟକ-ପ୍ରିଣ୍ଟିଙ୍ଗ୍-କୋମ୍ପାନି କୋଠାରେ ଶିକ୍ଷା-ବିଧାୟିନୀ-ସଭାର ଗୋଟିଏ ବୈଠକରେ ସମ୍ପାଦକ ଦାମୋଦର ଶତପଥୀଙ୍କଠାରୁ ପ୍ରଥମେ ଜଣା ପଡ଼ିଥିଲା—ରେଭେନ୍‌ସା କଲେଜରେ ନୂଆ ଖୋଲାଯାଇଥିବା ଆଇନ-କଲେଜ ବନ୍ଦ ହୋଇ ଯାଉଥିବାର ସମ୍ବାଦ ! ଆଇନ-ଶ୍ରେଣୀରେ ଏକେତ ଛାତ୍ରସଂଖ୍ୟା କମିବାରେ ଲାଗିଥିଲା; ସେଥିରେ ପୁଣି ଧାରାବାହିକ ଭାବରେ ପରୀକ୍ଷାଫଳ ଆଦୌ ସନ୍ତୋଷଜନକ ହେଉ ନଥିଲା । ସେଥିପାଇଁ ରେଭେନ୍‌ସା—କଲେଜର ପ୍ରିନ୍‌ସିପାଲ ଓ ଜଏଣ୍ଟ-ଇନ୍‌ସ୍‌ପେକ୍ଟର ମିଷ୍ଟର ଆକାର୍ କଟକରୁ ଆଇନ-କଲେଜ ଉଠାଇ ନେବାର ପ୍ରସ୍ତାବ ସରକାରଙ୍କୁ ଦେଇଥିଲେ !

---

* ଉତ୍କଳ-ଦୀପିକା—ତା ୧୯।୫।୮୩ ପୃ ୧୬୦

ବସ୍ତୁତଃ ଅଗ୍ରାହ୍ନରେ ରେଭେନ୍‌ସା କଲେଜକୁ ଉଠାଇ ଦେବାର ପ୍ରସ୍ତାବ ସୁଦ୍ଧା ୧୮୮୦ ସାଲରେ ଥରେ ହୋଇଥିଲା । କମାନ୍ଦ୍ୱପୂରେ ଦୁଇ-ବର୍ଷ ଧରି ରେଭେନ୍‌ସା କଲେଜର କୌଣସି ଛାତ୍ର ବି. ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିନଥିଲେ । ସେଥିପାଇଁ ସେବର୍ଷ ସରକାର ସ୍ଥିର କରିଥିଲେ ରେଭେନ୍‌ସା କଲେଜରୁ କୌଣସି ଛାତ୍ର ସେହି ତୃତୀୟ ବର୍ଷରେ ସୁଦ୍ଧା ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ, କଲେଜକୁ ପୁରାପୁରି ବନ୍ଦ କରି ଦିଆଯିବ । ସେତେବେଳକୁ ଅବଶ୍ୟ କମିସନର ରେଭେନ୍‌ସା ନ ଥିଲେ । ମାତ୍ର ରେଭେନ୍‌ସା-କଲେଜର ସୌଭାଗ୍ୟକୁ ସେ ବର୍ଷ ଦୁର୍ଗାଚରଣ ସାହୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ସମ୍ବାଦ ପାଇବା ମାତ୍ରେ ପ୍ରିନ୍‌ସିପାଲ ଆଜର୍ ସାହେବ ଆନନ୍ଦରେ ଏପରି ବିହ୍ୱଳିତ ହୋଇ ପଡ଼ିଥିଲେ ଯେ, ଦୁର୍ଗାଚରଣଙ୍କ ନାମ ଭୁଲିଯାଇଁ କେବଳ He has passed, He has passed ଚିତ୍କାର କରି କରି ସେ କଲେଜସାରା ନାଚି ବୁଲିଥିଲେ ।

ଏବେ ଲ' କଲେଜ ସମ୍ପର୍କରେ ଠିକ୍ ସେହିପରି ଅବସ୍ଥା ସୃଷ୍ଟି ହୋଇଥିଲା । ଇତିମଧ୍ୟରେ ଲ କଲେଜରେ ଥିବା ପାର୍ଟ-ଟାଇମ୍ ଲେକଚରର ବାବୁ ଲକ୍ଷ୍ମୀନାରାୟଣ ଦାସ କୃଷ୍ଣନଗରକୁ ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ଆସିଥିଲେ ଜଣେ ଇଂରେଜ ବାରିଷ୍ଟର ମିଷ୍ଟର୍ ଉଇଲକିନ୍‌ସନ୍ । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ସେ ଓକିଲାତି ବ୍ୟବସାୟ କରୁଥିଲେ । ଲୋକଟିର ଧାତୁରେ କିନ୍ତୁ ବ୍ୟବସାୟମୂଳକ ବୁଦ୍ଧି ନଥିଲା । ଓକିଲାତି ବ୍ୟତୀତ ଅନ୍ୟ ସବୁଥିରେ ଥିଲା ତାଙ୍କର ପ୍ରଚୁର ଆଗ୍ରହ । ପୁଣି ଅଧିକାଂଶ ସମୟ ମଦ ନିଶାରେ ସେ ପ୍ରାୟ ବିଭୋର ରହୁଥିଲେ । ସେତେବେଳେ ଲ କଲେଜ ପାଇଁ କେହି ଅଧ୍ୟାପକ ମିଳୁ ନଥିବାରୁ ଆଜର ସାହେବ ତାଙ୍କୁ କଟକ ଲ କଲେଜରେ ନିଯୁକ୍ତି ଦେଇଥିଲେ ପାର୍ଟଟାଇମ ଅଧ୍ୟାପକ ରୂପେ । କିନ୍ତୁ ଉଇଲକିନସନ୍‌ଙ୍କ ଧାତୁରେ ଅଧ୍ୟାପନା ନଥିଲା । ଅଧିକାଂଶ ଦିନ ନିର୍ଦ୍ଦିଷ୍ଟ ସମୟରେ ସେ କ୍ଲାସ୍‌କୁ ଆସିବା ପାଇଁ ଭୁଲି ଯାଉଥିଲେ । ଯେଉଁଦିନ ବା କ୍ଲାସକୁ ଆସୁଥିଲେ, ସେଦିନ ସେ ଛାତ୍ରମାନଙ୍କୁ ଆଇନ ବ୍ୟତୀତ ଅନ୍ୟ ସବୁ ସମ୍ଭାବ୍ୟ ବିଷୟରେ ଅନେକ ବକ୍ତୃତା ଶୁଣାଉଥିଲେ । ଏହା ଫଳରେ ୧୮୮୨ ସାଲରେ ମଧ୍ୟ ଲ-କଲେଜର ପରୀକ୍ଷା ଫଳ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା । ସେ ବର୍ଷ ବିମ୍ବାଧର ଦାସ ନାମକ କେବଳ ଜଣେ

ମାତ୍ର ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ପୁଣି "ନିମ୍ନଶ୍ରେଣୀର ଓକିଲାତି ପାସ୍ ।"

ୱିଲକିନ୍‌ସନ୍‌ଙ୍କର ମଧ୍ୟ ଆଇନ-କଲେଜରେ ପାର୍ଟ-ଟାଇମ୍ ଲେକଚରର୍ ରହିବା ପାଇଁ ଆଉ ପ୍ରବୃତ୍ତି ନଥିଲା । ଏ ପରିସ୍ଥିତିରେ ତେଣୁ ଲ-କଲେଜଟି ପୁରାପୁରି ବନ୍ଦ ହୋଇଯିବା ଅବସ୍ଥାକୁ ଆସି ଯାଇଥିଲା । ସେ ବର୍ଷ ଲ କଲେଜରେ ଯେଉଁ ଗୁଟିଜଣ ଛାତ୍ର ନାମ ଲେଖାଇଥିଲେ, ସେମାନଙ୍କ ମଧ୍ୟରେ ଗୋକୁଳାନନ୍ଦ ଚୌଧୁରୀ ଥିଲେ ଅନ୍ୟତମ । ଲ'-କଲେଜର ଭବିଷ୍ୟତ ସହିତ ସେମାନଙ୍କ ଭବିଷ୍ୟତ ମଧ୍ୟ ଅନିଶ୍ଚିତ ହୋଇ ପଡ଼ିଥିଲା ।

ଅନ୍ୟାନ୍ୟ ଅନେକ ବର୍ଷୀୟାନ୍ କଲେଜଛାତ୍ରଙ୍କ ପରି ଗୋକୁଳାନନ୍ଦ ଚୌଧୁରୀ ଅନେକ ସମୟରେ ମଧୁସୂଦନଙ୍କ ସିରସ୍ତାକୁ ଆସୁଥିଲେ । ହାତରେ କାମ ଥାଉ ବା ନଥାଉ ଛାତ୍ରମାନଙ୍କ ସହିତ ଦେଶର ଅବସ୍ଥା ଓ ରାଜନୈତିକ ସମସ୍ୟା ଆଲୋଚନା କରିବା ମଧୁସୂଦନଙ୍କର ନିୟମିତ ଅଭ୍ୟାସ ଥିଲା । ଯେ ବୃତ୍ତିରେ ଓକିଲ ଥିଲେ ହେଁ ମନରେ ଓ ଚିନ୍ତାରେ ଥିଲେ ଜଣେ ଶିକ୍ଷକ !

ଗୋକୁଳାନନ୍ଦଙ୍କୁ ଦେଖିବା ମାତ୍ରେ ସ୍ୱଭାବସୁଲଭ ଢଙ୍ଗରେ ମଧୁସୂଦନ ବଙ୍ଗଳାରେ କହି ଉଠିଲେ···"କିହେ ଗୋକୁଳାନନ୍ଦ ! ଦେଶଟି ବର୍ତ୍ତମାନ କେଉଁ ଆଡ଼େ ଯାଉଛି, ସେ ଖବର ରଖିଛ ?"

ଗୋକୁଳାନନ୍ଦ ବଙ୍ଗଳା ଭାଷାର ପ୍ରଚଣ୍ଡ ବିରୋଧୀ । ଅନ୍ୟ ଦିନ ମାନଙ୍କରେ ମଧୁସୂଦନଙ୍କ ବଙ୍ଗଳା କଥା ସେ ନୀରବରେ ଗଳାଧଃକରଣ କରିଯାନ୍ତି । ମାତ୍ର ସେ ଦିନର ମାନସିକ ଆବସ୍ଥାରେ ସେଥିପାଇଁ ସେ ପ୍ରସ୍ତୁତ ନଥିଲେ । ଗୋକୁଳାନନ୍ଦ ଶ୍ଳେଷପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ ···

"ଦେଶଟି ବର୍ତ୍ତମାନ ଚାଲିଛି ଆପଣଙ୍କ କଲିକତା ଆଡ଼େ !"

ମଧୁସୂଦନ ଏହାର ମର୍ମ ବୁଝିନପାରି ପଚାରିଲେ···"ମାନେ ? କଥାଟି ସ୍ପଷ୍ଟ କରି କୁହନା ଗୋକୁଳାନନ୍ଦ !"

ଗୋକୁଳାନନ୍ଦ କହିଲେ··· " ମାନେ ହେଉଛି, ଆଜିର ସାହେବ ପ୍ରିନ୍ସିପାଲ ବର୍ତ୍ତମାନ ଲ-କଲେଜକୁ ପୁଣି ବନ୍ଦ କରିଦେବା ପାଇଁ

କହୁଛନ୍ତି । ଉଇଲକନ୍‌ସନ୍ ପାର୍ଟ-ଟାଇମ ଲେକଚରର୍ ହୋଇ ରହିବା ପାଇଁ ନାରାଜ । ସେଥିରେ ସେ ପୁଣି ବିଦ୍ୟାରେ ଯେପରି ଦିଗ୍‌ଗଜ ପରୀକ୍ଷା ଫଳରୁ ତାହା ବେଶ୍ ଜଣା ପଡ଼ି ଯାଇଛି । ଏବେ ଆପଣ ଯଦି ବାପାଙ୍କୁ କୌଣସି ଉପାୟରେ ବୁଝାଇ ଲ' ପଢ଼ିବା ପାଇଁ ମୋତେ କଲିକତା ପଠାଇ ପାରନ୍ତି; ତା ହେଲେ ତ ହେଲା । ନୋହିଲେ ଲ' ପାଠରେ ଏଇଠାରେ ତୋରାଣି ବନ୍ଧା ହେଲା ଜାଣନ୍ତୁ ।"

ମଧୁସୂଦନ ପଚାରିଲେ···"ଉଇଲ୍‌କିନ୍‌ସନ୍ ଗ୍ଲେଗଲେ କଣ ଆଉ ଲେକ୍‌ଚରର୍ ମିଳିବେ ନାହିଁ ?"

ଗୋକୁଳାନନ୍ଦ କହିଲେ···"ଦୁଇଶହ ଟଙ୍କା ବେତନରେ ପାର୍ଟ-ଟାଇମ ଲେକ୍‌ଚରର ହେବା ପାଇଁ ଏଠାକୁ ଆସିବେ କିଏ ? କେଉଁଠୁ ?"

ମଧୁସୂଦନ ହଠାତ କହି ଉଠିଲେ···" ଭଲ ଲେକ୍‌ଚରର ମିଳିଲେ ଯଦି ଏଠାରେ ଲ-କଲେଜ ରହିପାରିବ, ତା ହେଲେ ତୁମ ପ୍ରିନ୍‌ସିପାଲଙ୍କୁ ଯାଇଁ କୁହ ଗୋକୁଳାନନ୍ଦ, ମୁଁ ପାର୍ଟ-ଟାଇମ୍ ଲେକଚରର ହେବା ପାଇଁ ପ୍ରସ୍ତୁତ ଅଛି ।"

ସୁରେନ୍ଦ୍ରନାଥ ବାନାର୍ଜୀ ଅଧ୍ୟାପକ ରୂପେ ବଙ୍ଗଳାର ବୁଦ୍ଧିଜୀବୀ ସମାଜରେ ସେତେବେଳେ ଯେପରି ସୁପ୍ରତିଷ୍ଠିତ ହୋଇ ପାରିଥିଲେ, ମଧୁସୂଦନଙ୍କୁ ତାହା ଅଜଣା ନଥିଲା । ମଧୁସୂଦନଙ୍କ ମନେ ମନେ ମଧ୍ୟ ଗୋଟାଏ ଅଭିଳାଷ ଥିଲା କଲେଜରେ ଅଧ୍ୟାପନା ପାଇଁ । ସୁରେନ୍ଦ୍ରନାଥ ବେତନ ପାଇଁ କଲେଜରେ ଅଧ୍ୟାପନା କରୁଥିଲେ ; ମାତ୍ର ମଧୁସୂଦନ ଅଧ୍ୟାପନା କରିବେ ଅବୈତନିକ ଭାବରେ ।

ମଧୁସୂଦନ କହିଲେ···"କିନ୍ତୁ ଗୋକୁଳାନନ୍ଦ, ମୋର ଗୋଟିଏ ସର୍ତ୍ତ ଅଛି । ସେ ସର୍ତ୍ତଟି ମଧ୍ୟ ତୁମର ପ୍ରିନ୍‌ସିପାଲ୍ ଜାଣିବା ଆବଶ୍ୟକ । କଲେଜରୁ ମୁଁ କୌଣସି ବେତନ ନେବି ନାହିଁ ।"

ଏ ସର୍ତ୍ତରେ ବ୍ୟକ୍ତିଗତ ଅଭିମାନ କେବଳ ଯେ ଅକ୍ଷୁର୍ଣ୍ଣ ରହିବ ତାହା ନୁହେଁ; କର୍ତ୍ତୃପକ୍ଷ ସ୍ଥିର କଲେ ବି ଅବୈତନିକ ଅଧ୍ୟାପକ ମିଳୁଥିବା ବେଳେ, ଲ' କଲେଜଟି ଉଠାଇ ନଆସିବ କେଉଁ ଯୁକ୍ତିରେ ? ଲ' କଲେଜ ରଖିବାରେ ସରକାରଙ୍କୁ ତ ଆଉ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ ।

ଏହିପରି ପରିସ୍ଥିତିରେ ଅତ୍ୟନ୍ତ ଆକସ୍ମିକ ଭାବରେ ମଧୁସୂଦନ ଲ' କଲେଜ ସହିତ ଜଡ଼ିତ ହୋଇ ପଡ଼ିଥିଲେ । ୧୮୮୭ ଖ୍ରୀ.ଅ. ରେ ମଧୁସୂଦନ କଟକ ଲୋକାଲବୋର୍ଡ଼ର ଭାଇସ-ଚେଆରମେନ୍ ରୂପେ ନିର୍ବାଚିତ ହେବା ପର୍ଯ୍ୟନ୍ତ ଆଇନ କଲେଜ ସହିତ ତାଙ୍କର ସମ୍ପର୍କ ଘନିଷ୍ଠ ରହିଥିଲା । ସେ ଆଇନ-କଲେଜର ଅଧ୍ୟାପକ ଥିବା ବେଳେ ଗୋକୁଳାନନ୍ଦ ଚୌଧୁରୀ, ଜାନକୀନାଥ ବୋଷ ଓ ବୈକୁଣ୍ଠନାଥ ଦତ୍ତ ପ୍ରମୁଖ ପରବର୍ତ୍ତୀ କାଳର ପ୍ରସିଦ୍ଧ ଓକିଲମାନେ ତାଙ୍କର ଛାତ୍ର ଥିଲେ ।

ମଧୁସୂଦନଙ୍କ ସମ୍ପର୍କ ଛିନ୍ନ ହେବା ମାତ୍ରେ ରେଭେନ୍ସା କଲେଜରେ ଆଇନ ଶ୍ରେଣୀ ବନ୍ଦ ହୋଇ ପଡ଼ିଥିଲା । ସେହିଦିନୁ କଟକରେ ଗୋଟିଏ ସ୍ୱତନ୍ତ୍ର ଆଇନ-କଲେଜର ପ୍ରତିଷ୍ଠା ପାଇଁ ମଧୁସୂଦନଙ୍କ ଉଦ୍ୟମର ଅନ୍ତ ନଥିଲା । କଲିକତା-ବିଶ୍ୱବିଦ୍ୟାଳୟର ଭାଇସ୍-ଚାନସେଲର୍ ମଧୁସୂଦନଙ୍କ ପୂର୍ବତନ ଛାତ୍ର ସାର୍ ଆଶୁତୋଷ ମୁଖାର୍ଜି ଏଥିରେ ତାଙ୍କର ପ୍ରଧାନ ସହାୟକ ଥିଲେ । ଆଶୁତୋଷଙ୍କ ନିମ୍ନୋକ୍ତ ପତ୍ର ତାହାର ସାକ୍ଷ୍ୟ ବହନ କରିଥାଏ :—

Confidential

Bhowanipur
12th July, 1908

My Dear Sir,

I am much obliged to you for your kind letter which reached me this morning. Before replying to you I thought it desirable to speak about it to Hon'ble the Lieutnant Governor. I had just had an interview with him, and I have explained the whole situation clearly to him. His Honour has agreed and he has authorised me to write this to you that Orissa will be given a law school well equipped from the University point of view or if the number of students be very small, special scholarships will be instituted to enable every student to come to Calcutta and read here. So far as I could judge, if the number of students is even moderately large, you will have a law school. The point I take it—which will be cheaper to Government—to have a Law School or to have scholarship say Rs. 20/- or Rs. 25/- a month. ... ... ... I hope

you will now work and get your representation ready. You can rely upon all assistance you require from me. I may add that I had no intention of dragging all the Oriya students to Calcutta. I mentioned Dacca and Bankipore by name, but I added a sentence that it was not conceivable that those might be Law Schools in the parts of the Province. When I wrote this I had Orissa in view.

It would be a great thing if you would attend Senate meeting on the 21st (Tuesday at 5. 15 P. M ). Desperate efforts are being made by some ... ... ... to weaken my scheme and your support on such a critical occasion will be invaluable to the Syndicate.

I am quite well with my family. I hope you are quite well.

Yours affly.
Ashutosh Mukherjee

ଅନ୍ୟାନ୍ୟ ନାନା କ୍ଷେତ୍ର ପରି ଉତ୍କଳରେ ଆଇନ ଶିକ୍ଷା କ୍ଷେତ୍ରରେ ମଧ୍ୟ ମଧୁସୂଦନ ଥିଲେ ପ୍ରବର୍ତ୍ତକ ଓ ପ୍ରେରଣାଦାତା ।

# ଚତୁର୍ଥ ପରିଚ୍ଛେଦ

## ( ଏକ )

କ୍ଲାନ୍ତ ଘଣ୍ଟାରେ ରାତି ଗୋଟାଏ ବାଜିଲା ।

ଲାଲବାଗ ଥାନା ଟ୍ରେଜେରୀ, ବହାଦୁରଲାଲଙ୍କ କୋଠା ଓ କମିଶନର୍ କୋଠୀ ଘଣ୍ଟା ମାନଙ୍କରେ ତାର ପ୍ରତିଧ୍ୱନି ଗୋଟିଏ ପରେ ଗୋଟିଏ ଝଲଝଲେଇ ଉଠି ପୁଣି ଝିମେଇ ପଡ଼ିଲା ।

ବହାଦୁରବାଗରେ ମଧୁସୂଦନଙ୍କ ଉପରମହଲା ଲାଇବ୍ରେରୀରେ ଅଲୋକ ତଥାପି ନିଭି ନଥିଲା । ଟେବୁଲ ଉପରେ ଗଦାଏ ବହି ଆଉ ତାଳପତ୍ର ପୋଥି ସ୍ତୂପୀକୃତ ରହିଥିଲା । ହଣ୍ଟର୍ , ଟ୍ୟୁନ୍‌ବୀ, ଷ୍ଟର୍ଲିଙ୍ଗ୍ ଓ ହମସ୍ ପ୍ରମୁଖଙ୍କ ଓଡ଼ିଶା ଇତିହାସ, ଇମ୍ପିରିଆଲ ଗେଜେଟିଆର ଓ ରୟଲ୍ ଏସିଆଟିକ୍-ସୋସାଇଟୀ ଜର୍ଣ୍ଣାଲର୍ କେତେଖଣ୍ଡ ବନ୍ଧା ଭଲ୍ୟୁମ୍, ବିଭିନ୍ନ ସେଟଲମେଣ୍ଟ ରିପୋର୍ଟ, ଡିଷ୍ଟ୍ରିକ୍ଟ ଗେଜେଟିଅର୍ ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ "ଆଣ୍ଟିକ୍ୱିଟିଜ୍ ଅଫ ଓଡ଼ିଶା" ପ୍ରଭୃତି ପୁସ୍ତକ ଟେବୁଲ୍ ଉପରେ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଥିଲା । ପୁରୀରୁ ଅଣାଯାଇଥିବା ମାଦଳାପାଞ୍ଜି ଓ ମାଳାପ୍ରି —ମହୋଦୟ ପ୍ରଭୃତି ପୋଥି ବଡ଼ା ସବୁ ମଧ୍ୟ ଟେବୁଲ୍ ଉପରେ ଫିଟା ହୋଇ ପଡ଼ିଥିଲା । ସେହି ପରିବେଶରେ ମଧୁସୂଦନଙ୍କୁ ହଠାତ୍ ଦେଖିଲେ ଜାଣି ନଥିବା ଲୋକ ତାଙ୍କୁ ଉକିଲ ପରିବର୍ତ୍ତେ, ପ୍ରାଚୀନ-ଇତିହାସର ଗବେଷଣାରତ କୌଣସି ଅଧ୍ୟବସାୟୀ ଛାତ୍ର ରୂପେ ଭ୍ରମ କରିବା ଅସମ୍ଭବ ନଥିଲା ।

ସନ୍ଧ୍ୟାବେଳୁ ମଧୁସୂଦନ କଚେରୀ ପୋଷାକ ନବଦଳାଇ ସେହିପରି ଏ ସବୁ ବହି ଆଉ ପୋଥିର ସ୍ତୂପ ମଧ୍ୟରେ ମୁଣ୍ଡମାଡ଼ି ବସିଥିଲେ । ତା'ର ଭିତରେ ଅନେକ ଥର ହୁକା ବଦଳ ସରିଥିଲା, ରାତ୍ରି-ଭୋଜନ ଡାଇନିଙ୍ଗ୍ ହଲ ପରିବର୍ତ୍ତେ ସେହିଠାରେହିଁ ସମାପ୍ତ ହୋଇଥିଲା, ପୁଣି ଆସନ୍ତା ସପ୍ତାହରେ ଧାର୍ଯ୍ୟ ଥିବା ମୋକଦ୍ଦମା ମାନଙ୍କର ମହଲତ୍ ପାଇଁ ଶଙ୍କର ମୋହରିରଙ୍କୁ ମଧ୍ୟ ସଂକ୍ଷିପ୍ତ ନିର୍ଦ୍ଦେଶ ଦିଆ ଯାଇଥିଲା !

...ଓଡ଼ିଶା ଇତିହାସର ଶୀର୍ଷ ସ୍ଥାନ ମଧ୍ୟରେ ମଧୁସୂଦନ ନିଜକୁ ଯେପରି ସମ୍ପୂର୍ଣ୍ଣ ଭାବରେ ହରାଇ ଦେଇଥିଲେ ।

ମଧୁସୂଦନ କିନ୍ତୁ କୌଣସି ଐତିହାସିକ ଗବେଷଣାରେ ନିଯୁକ୍ତ ନଥିଲେ । ପୁରୀ ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ମାମଲାରେ ଗୋଟାଏ ଦରଖାସ୍ତ ତିଆରି କରୁ କରୁ, ଓଡ଼ିଶା ଇତିହାସର ଅନ୍ଧଗଳି ମଧ୍ୟରେ ସେ ହଠାତ୍ ଯେପରି ବାଟବଣା ହୋଇ ପଡ଼ିଥିଲେ । ପୁରୀ ରାଜା ଦିବ୍ୟସିଂହ ଦେବ ନରହତ୍ୟା ଅପରାଧରେ ଆଣ୍ଡାମାନ୍‌କୁ ନିର୍ବାସିତ ହେବାରୁ ପୁରୀ ଗାଦି ଶୂନ୍ୟ ପଡ଼ିଥିଲା । ଇଂରେଜ କର୍ମଚାରୀ ଗୋଷ୍ଠୀ ଦେଖିଲେ, ଶ୍ରୀମନ୍ଦିର କରଗତ କରିବା ପାଇଁ ସେମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳି ଯାଇଛି । ଦିବ୍ୟସିଂହ ଦେବ ଆଣ୍ଡାମାନକୁ ନିର୍ବାସିତ ହେବା ପରେ ପରେ, ବୋର୍ଡ-ଅଫ୍-ରେଭିନ୍ୟୁର ମେମ୍ବର ମିଷ୍ଟର୍ ଡାମ୍ପିୟର୍ ମନ୍ଦିର ପରିଚାଳନା ପାଇଁ ଗୋଟିଏ କମିଟି ଗଠନର ପ୍ରସ୍ତାବ ଦେଇଥିଲେ । ସରକାରଙ୍କ ଦ୍ୱାରା ଏ କମିଟି ଗଠିତ ହୋଇ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କରିବେ । ମାତ୍ର ଏହା ଫଳରେ ହିନ୍ଦୁ ଧର୍ମାନୁଷ୍ଠାନ ପରିଚାଳନାରେ ହସ୍ତକ୍ଷେପ ଆଶଙ୍କାରେ ଭାଇସରୟ ଲର୍ଡ ରିପନ୍ ଏ ପ୍ରସ୍ତାବକୁ ବିଚାରାଧୀନ ଅବସ୍ଥାରେ ପକାଇ ରଖିଥିଲେ । ଏହାସତ୍ତ୍ୱେ ଓଡ଼ିଶାରେ ଇଂରେଜ ଶାସକ ଗୋଷ୍ଠୀ ଅଦମିତ ଉତ୍ସାହରେ ମନ୍ଦିର ପରିଚାଳନା ପାଇଁ କମିଟୀ ଗଠନରେ ଲାଗି ପଡ଼ିଥିଲେ । ପୁରୀର କୌଣସି କୌଣସି ମହନ୍ତ ଏହି ସୁଯୋଗରେ ଶ୍ରୀମନ୍ଦିରକୁ ଅକ୍ତିଆର କରିବାର ଅଭିସନ୍ଧି ରଖି ଇଂରେଜ କର୍ମଚାରୀ ଗୋଷ୍ଠୀଙ୍କ ସହିତ ମଧ୍ୟ ହାତ ମିଶାଇ ଦେଇଥିଲେ । ଏ ପରିସ୍ଥିତିରେ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ଦେଖିଲେ ସିଂହାସନରେ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଜଗନ୍ନାଥ ଜେନାମଣିଙ୍କୁ ରାଜାରୂପେ ଅଭିଷିକ୍ତ ନ କଲେ, ମନ୍ଦିରରକ୍ଷାର ଅନ୍ୟ ଉପାୟ ନାହିଁ । ତେଣୁ ଜଗନ୍ନାଥ ଜେନାମଣିଙ୍କୁ ରାଜା ମୁକୁନ୍ଦଦେବ ନାମ ଦେଇ ସେ ସିଂହାସନରେ ଅଭିଷିକ୍ତ କରାଇ ଦେଲେ । ମାତ୍ର ଇଂରେଜ ଶାସନ କର୍ତ୍ତୃପକ୍ଷ ଏହାକୁ ସ୍ୱୀକୃତି ଦେବା ପାଇଁ ପ୍ରସ୍ତୁତ ନଥିଲେ ।

ସେଦିନ ମଧୁବାବୁ ଯେପରି କମିସନର୍ ସାହେବଙ୍କ ଇଜଲାସରେ କଥା ପଦକେ ଢେଙ୍କାନାଳ ରାଜାଙ୍କୁ ଗୋଟାଏ ଷ୍ଟାମ୍ପ ମୋକଦ୍ଦମାରୁ ମାଜେଷ୍ଟ୍ରୀ-ସାହେବଙ୍କ ହାତରୁ ବଞ୍ଚାଇ ଥିଲେ, ତାହା ତାଙ୍କ ବ୍ୟବସାୟିକ

ମୁଖ୍ୟାଣ୍ଡ ଓ ବସନ୍ତ ସଙ୍ଗେ ସଙ୍ଗେ କମିସନରଙ୍କ ଉପରେ ମଧୁସୂଦନଙ୍କ ପ୍ରଭାବ ସମ୍ପର୍କରେ ଏକ ଅତିରଞ୍ଜିତ ଧାରଣା ସୃଷ୍ଟି କରିଥିଲେ । ସେଥିପାଇଁ ସୂର୍ଯ୍ୟମଣି ପାଟମହାଦେଈ ତାଙ୍କର ଶରଣାପନ୍ନ ହୋଇଥିଲେ । ମାତ୍ର ଡୋମପଡ଼ା ରାଜାଙ୍କ ବିରୁଦ୍ଧରେ ସାମାନ୍ୟ ରେଭିନ୍ୟୁ-ଷ୍ଟାମ୍ପ ମୋକଦ୍ଦମା ଏକ କଥା; କିନ୍ତୁ ପୁରୀର ନାବାଳକ ରାଜା ମୁକୁନ୍ଦଦେବଙ୍କୁ ସ୍ୱୀକୃତ ଦିଆଇବା ଥିଲା ଆଉ ଏକ କଥା ।

ଖୋର୍ଦ୍ଧାରାଜା ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହେଲେହେଁ ଜୀବିତ ଥାଉଁ ଥାଉଁ ଯେପରି ତରବରିଆ ଭାବରେ ତାଙ୍କର ନାବାଳକ ଶିଶୁପୁତ୍ରଙ୍କୁ ଗାଦିନସିନ୍ କରାଗଲା ତାହା ରାଜବଂଶର ଅନେକ ଶୁଭକାଂକ୍ଷୀ ହିନ୍ଦୁଙ୍କ ମନରେ ମଧ୍ୟ ସନ୍ଦେହର ସୂତ୍ରପାତ କରିଥିଲା । ପରବର୍ତ୍ତୀ କାଳରେ ମନ୍ଦିର ପରିଚାଳନାରେ ଇଂରେଜମାନଙ୍କର ହସ୍ତକ୍ଷେପର ପ୍ରବଳ ବିରୋଧୀ ଗୌରୀଶଙ୍କର ମଧ୍ୟ ସେଦିନ "ଉତ୍କଳ ଦୀପିକା"ରେ ଏ ସନ୍ଦେହ ସୂଚିତ କରି ଲେଖିଥିଲେ···

"ରାଜମାତା ଏବଂ ରାଣୀ ଯେ ଇଚ୍ଛା ପୂର୍ବକ ଏ କାର୍ଯ୍ୟ ଆରମ୍ଭ କରିଛନ୍ତି; ଏହା ଆମ୍ଭମାନଙ୍କର ବିଶ୍ୱାସ ହେଉନାହିଁ । ଆମ୍ଭେମାନେ ଆଶଙ୍କା କରୁ ସେମାନେ ସ୍ୱାର୍ଥପର କର୍ମଚାରୀଙ୍କ ଗୂଢ଼ ଅଭିସନ୍ଧିରେ ପଡ଼ି ଏହା କରିଅଛନ୍ତି । × × ଆମ୍ଭେମାନେ ଅନୁରୋଧ କରୁଁ ଯେ ପୁରୀ ରାଜ ପରିବାରର ହିତାକାଂକ୍ଷୀ ଏବଂ ମନ୍ଦିରର ସୁଶାସନରେ ସ୍ୱାର୍ଥବାନ ହିନ୍ଦୁମାନେ ପୁରୀ ରାଜାଙ୍କର ସମସ୍ତ ବିଷୟ କୋର୍ଟ-ଅଫ-ଓ୍ୱାର୍ଡସ୍‌ରେ ଆଣିବା କାରଣ ଗବର୍ଣ୍ଣମେଣ୍ଟରେ ଆବେଦନ କରନ୍ତୁ ।"

(ଉତ୍କଳ-ଦୀପିକା ତା ୧୩।୫।୮୨)

ଏ ପରିସ୍ଥିତିରେ ପୁରୀର କଲେକ୍ଟର ମିଷ୍ଟର ଗ୍ରାଣ୍ଟସ୍ ମୁକୁନ୍ଦ ଦେବଙ୍କୁ ରାଜା ରୂପେ ସ୍ୱୀକୃତ ଦେବା ପାଇଁ ନାନା ପ୍ରକାର କଳ ମୋଡ଼ିବା ଆରମ୍ଭ କରିଦେଲେ ।

କିନ୍ତୁ ଏଡ଼ିକି କଥାରେ ଏତେ ପୋଥି ଆଉ ବସ୍ତା ନେଇ ଏତେ ଘାଣ୍ଟି ଚକଟର ତାତ୍ପର୍ଯ୍ୟ ଖୋର୍ଦ୍ଧାରାଣୀଙ୍କ ଲୋକେ ବୁଝି ପାରୁ ନଥିଲେ । ମଧୁ ଓକିଲ ମୁଣ୍ଡରେ "ଛିଟ୍" ଅଛି ବୋଲି ଯାହା ଶୁଣାଯାଏ, ତାହା

ମିଥ୍ୟା ନୁହେଁ ବୋଲି ସେମାନଙ୍କ ଧାରଣା କ୍ରମେ ଦୃଢ଼ୀଭୂତ ହୋଇଥିଲା । ବାହାର ବାରଣ୍ଡାରେ ବହୁ ସମୟ ଅପେକ୍ଷା କରି କରି, ସେମାନେ ବହୁବେଳୁ ସେଠାରୁ ବିରକ୍ତ ହୋଇ ସନ୍ଥମଠକୁ ପଳାଇ ସାରିଥିଲେ । ଦାମ-ମହାନ୍ତ ମୁକ୍ତ୍ୟାର୍‌ଙ୍କୁ ଆଉ ଓକିଲ ମିଳୁ ନଥିଲା ପରା ! ସେ ମଧୁବାବୁ ଓକିଲଙ୍କୁ ଆଣି ଜୁଟାଇଲେ ! ମୋକଦ୍ଦମାଟି ପ୍ରଥମେ ଥିଲା ଜଣେ ବଙ୍ଗାଳୀ ଓକିଲଙ୍କ ହାତରେ । କିନ୍ତୁ ଦାମୋଦର ମହାନ୍ତ ମୁକ୍ତ୍ୟାର୍‌ଙ୍କ ପରାମର୍ଶରେ ରାଣୀ ସୂର୍ଯ୍ୟମଣି ପାଟମହାଦେଈ, ମଧୁବାବୁଙ୍କୁ ସେଥିରେ ଓକିଲ ନିଯୁକ୍ତ କରିଥିଲେ ।

ବସ୍ତୁତଃ, ଏହାର ନେପଥ୍ୟରେ ପୁରୀ ରାଜାଙ୍କ ପ୍ରତି, ଓଡ଼ିଆ ଜାତିର ଅବଚେତନରେ ଯେଉଁ ପାରମ୍ପରିକ ଆନୁଗତ୍ୟ ରହିଥିଲା, ସେଥିରୁ ତାଙ୍କୁ ଉତ୍ପାଟିତ କରି ସେଠାରେ ବ୍ରିଟିଶ ରାଜଶକ୍ତିକୁ ଆରୋପିତ କରିବା ଓଡ଼ିଶାରେ ଇଂରେଜ-କୂଟନୀତିର ଗୋଟିଏ ମୁଖ୍ୟ ଆଭିମୁଖ୍ୟ ରହି ଆସିଥିଲା । ସେଥିପାଇଁ ଲେଫ୍‌ଟେନାଣ୍ଟ-ଗଭର୍ଣ୍ଣର ସାର ରିଚ୍ଛାର୍ଡ଼ ଟେମ୍ପଲଙ୍କ ଦରବାରରେ ଦିବ୍ୟସିଂହ ଦେବଙ୍କୁ ମହାରାଜା ସନନ୍ଦରୁ ବଞ୍ଚିତ କରି, ତାଙ୍କୁ ଯେପରି ଲାଞ୍ଛିତ କରାଯାଇଥିଲା ଓ ଅବଶେଷରେ ଏକ ସନ୍ଦେହ-ଜନକ ନରହତ୍ୟା ଅପରାଧରେ ତାଙ୍କୁ ଯେପରି ଆଣ୍ଡାମାନ୍‌କୁ ନିର୍ବାସିତ କରାଯାଇଥିଲା; ତାହା ପୂର୍ବେ ଆଲୋଚିତ ହୋଇଅଛି ।

ମଧୁସୂଦନ ଟେବୁଲ୍ ପାଖରୁ ଉଠିଆସି କିଛିକ୍ଷଣ 'ଷ୍ଟାଣ୍ଡ' ଉପରେ ପାଦରକ୍ଷଣୀ କରି କାନ୍ଥରେ ଝୁଲୁଥିବା, ଖୋର୍ଦ୍ଧା ରାଜବଂଶର ବଂଶାବଳୀ ପାଖରେ ଦଣ୍ଡେ ଠିଆ ହୋଇଗଲେ । ମାଦଳା-ପାଞ୍ଜି ପୋଥିରେ ଯେଉଁ ରାମଚନ୍ଦ୍ର ଦେବ ମୁସଲମାନ ହୋଇଥିବା ବିଷୟ ବର୍ଣ୍ଣିତ ଅଛି, ବଂଶ-ଲତାରେ ତାଙ୍କର ସ୍ଥାନ ମଧୁସୂଦନ ଅନୁସନ୍ଧାନ କରୁଥିଲେ । ରାମଚନ୍ଦ୍ର ଦେବ ଧର୍ମାନ୍ତରିତ ହେବା ପରେ, ଜଗନ୍ନାଥଙ୍କ ସେବାପୂଜାର ପାରମ୍ପରିକ ଅଧିକାରରୁ ବଞ୍ଚିତ ହୋଇଥିଲେ । ତାଙ୍କ ପାଇଁ ମନ୍ଦିର ଗୁମ୍ଫରେ ସେତେବେଳେ ପତିତପାବନ ମୂର୍ତ୍ତି ସ୍ଥାପନା କରାଯାଇଥିଲା । ରାଣୀଙ୍କ ଜବାବ ଶଠା ପାଇଁ ଏଇ ତଥ୍ୟଟି ମଧୁସୂଦନଙ୍କ ଦୃଷ୍ଟିରେ ସେତେବେଳେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ପଡ଼ିଥିଲା । ବଂଶାବଳୀରେ ଦିବ୍ୟସିଂହ ଦେବଙ୍କ ପ୍ରପିତାମହ ମହାରାଜା ମୁକୁନ୍ଦଦେବଙ୍କ ନାମ ଉପରେ ମଧୁ-ସୂଦନଙ୍କ ଦୃଷ୍ଟି ଅଟକି ରହିଗଲା । ୧୮୦୩ ସାଲରେ କରିନେଲା

ହାରକୋର୍ଟ ଓ ମିଷ୍ଟର୍ ମେଲଭିଲ୍‌ଙ୍କ ନେତୃତ୍ୱରେ ଇଂରେଜ୍ ସୈନ୍ୟ-ବାହିନୀ ମାଣିକପାଟଣା ମୁହାଣ ବାଟେ ଦକ୍ଷିଣରୁ ଆସି, ପୁରୀ ସହରର ଉପକଣ୍ଠରେ ପ୍ରଥମେ ପାଦ ଦେବାବେଳେ ଏଇ ଅଭିଶପ୍ତ ମୁକୁନ୍ଦଦେବ, ସେଦିନ ସେମାନଙ୍କର ପ୍ରତିରୋଧ ନକରି ସେମାନଙ୍କୁ ସ୍ୱାଗତ ଜଣାଇ ଥିଲେ। ହଣ୍ଟର୍ ପ୍ରମୁଖ ଇଂରେଜ ଐତିହାସିକମାନେ ଏ ସମ୍ପର୍କରେ ଯଥେଷ୍ଟ ପ୍ରୌଢ଼ି କରି ଲେଖିଛନ୍ତି : ଚିଲିକା ବାଟେ ଇଂରେଜ ସୈନ୍ୟ-ବାହିନୀ ଦକ୍ଷିଣରୁ ଆସୁଥିବା ବେଳେ ଓଡ଼ିଶାର ସୈନ୍ୟବାହିନୀ ସାମାନ୍ୟ ପ୍ରତିରୋଧ କରି ପାରିଥିଲେ ଇଂରେଜ ମାନଙ୍କର ଓଡ଼ିଶା-ଅଧିକାରର ଦର୍ପ, ସେଦିନ ଚିଲିକା-ଗର୍ଭରେ ସଲିଳ ସମାଧି ପାଇଥାନ୍ତା। କିନ୍ତୁ ମୁକୁନ୍ଦ ଦେବ ଓ ଜୟୀ ରାଜଗୁରୁ ସେଦିନ ଏକ ଦସ୍ୟୁମାନଙ୍କ ସରଳ ବିଶ୍ୱାସରେ, ଇଂରେଜମାନଙ୍କୁ ହୁଏତ ଆମନ୍ତ୍ରଣ କରିଥିଲେ, ମରହଟ୍ଟାମାନଙ୍କର ଜୁଲୁମ୍‌ରୁ ଆତ୍ମରକ୍ଷାପାଇଁ। ମାତ୍ର ଓଡ଼ିଶା ଅଧିକାର ପରେ ଇଂରେଜମାନେ ମୁକୁନ୍ଦ ଦେବଙ୍କୁ ମେଦିନୀପୁର ଜେଲରେ କାରାରୁଦ୍ଧ ରଖି ଇଂରେଜ ମାନଙ୍କ ପ୍ରତି ତାଙ୍କର ବିଶ୍ୱସ୍ତତା ଓ ସହାୟତାର ଯଥାଯୋଗ୍ୟ ପୁରସ୍କାର ଦେଇଥିଲେ ! ଓଡ଼ିଶାର ସ୍ୱାଧୀନତା ପ୍ରତି ମୁକୁନ୍ଦଦେବଙ୍କ ବିଶ୍ୱାସଭଙ୍ଗ, ଇଂରେଜ ମାନଙ୍କର ବିଶ୍ୱାସଘାତକତା ଦ୍ୱାରା ସେଦିନ ଏହିପରି ଭାବରେ ପୁରସ୍କୃତ ହୋଇଥିଲା ! ଓଡ଼ିଶା ଇତିହାସର ତାହା ଏକ ଅଦୃଷ୍ଟବିଡମ୍ବିତ ଗ୍ଳାନିପୂର୍ଣ୍ଣ ଅଧ୍ୟାୟ।

ଏ ମଧ୍ୟ ଅନ୍ୟ ଏକ ମୁକୁନ୍ଦ ଦେବ !···ଦିବ୍ୟସିଂହଦେବଙ୍କ ପୁତ୍ର ଜଗନ୍ନାଥ ଜେନାମଣି, ମୁକୁନ୍ଦ ଦେବ ନାମରେ ଖୋର୍ଦ୍ଧା ରାଜଗାଦିରେ ଅଭିଷିକ୍ତ ହୋଇଥିଲେ। ମାତ୍ର ତାଙ୍କର ରାଜଶକ୍ତିହୀନ "ରାଜତ୍ୱ" ଆରମ୍ଭ ନ ହେଉଣୁ ସୁଦ୍ଧା, ବ୍ରିଟିଶ କୂଟନୀତିର ଲୋଲଜିହ୍ୱା ଖୋର୍ଦ୍ଧା ସିଂହାସନ ଉପରେ ସର୍ପିଳ କ୍ରୂରତାରେ ଆଘାତ ହାଣିବା ପାଇଁ ଆରମ୍ଭ କରିଥିଲା।

ଦିବ୍ୟସିଂହ ଦେବ ନରହତ୍ୟା ଅପରାଧରେ ଆଣ୍ଡାମାନକୁ ଦ୍ୱୀପାନ୍ତରିତ ହେବା ପରେ, ତାଙ୍କ ନାମରେ ଅଙ୍କଗଣନା ବନ୍ଦ ହୋଇଗଲା। ପୁତ୍ର ଜଗନ୍ନାଥ ଜେନାମଣି ନାବାଳକ ଶିଶୁ। ଇଂରେଜ ଶାସକଗୋଷ୍ଠୀ ଦେଖିଲେ ଖୋର୍ଦ୍ଧା ରାଜଗାଦି ଲୋପ କରିବା ସଙ୍ଗେ ସଙ୍ଗେ ଜଗନ୍ନାଥ ମନ୍ଦିରର ପରିଚାଳନା ନିଜ ହାତମୁଠାକୁ ଆଣିବା ପାଇଁ,

ଏହାଙ୍କ ମାହେନ୍ଦ୍ର ମୂହୂର୍ତ୍ତ । ପୁଣି ପ୍ରବଳ ପ୍ରଭାଶୀ ଇଂରେଜ ସରକାରଙ୍କ ରାଜତ୍ୱରେ ସାରା ଭାରତରେ ଅନ୍ୟ କେଉଁଠି କାହା ନାମରେ ଗୋଟାଏ ସ୍ୱତନ୍ତ୍ର ଅଙ୍କ ଗୁଣ୍ଟୁ ନଥିବା ବେଳେ, ଓଡ଼ିଶାରେ କେବଳ ଗୋଟାଏ ସ୍ୱତନ୍ତ୍ର ଅଙ୍କ ଚଳବ, ଇଂରେଜ ଶାସକଗୋଷ୍ଠୀଙ୍କ ପକ୍ଷରେ ଏହା ମଧ୍ୟ ବରଦାସ୍ତ ହେଉ ନଥିଲା । ଏବେ ତାହାକୁ ଲୋପ କରିଦେବା ପାଇଁ ଏକ ଅବକାଶ ଆସିଯାଇଥିଲା । ମାତ୍ର ସେମାନେ ସେତେବେଳେ ଅନ୍ତଃପୁର ବାସିନୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ଶକ୍ତି ଓ ପାରଙ୍ଗମତାର ପ୍ରକୃତ କଳନା କରିପାରି ନଥିଲେ । ପୁରୀ କଲେକ୍ଟର ଗ୍ରାଣ୍ଟ୍ ଭାବଥିଲେ, ବୀରହସ୍ତୀ ମାଡ଼ ଦେଖି କୋଳଥ ଚେପା ହେବା ପରି, ଦିବ୍ୟସିଂହ ଦେବଙ୍କ ଦ୍ୱୀପାନ୍ତର ଦଣ୍ଡ ପରେ ସୂର୍ଯ୍ୟମଣି ପାଟମହାଦେଈ ମଧ୍ୟ ଭାଗ୍ୟ ଆଦର ଇଂରେଜମାନଙ୍କୁ ଉତ୍ତମର ରକ୍ଷିବେ । ମାତ୍ର ଖୋର୍ଦ୍ଧା ରାଜବଂଶର ପରମ୍ପରା ସମ୍ଭାଳିବା ପାଇଁ, ସୂର୍ଯ୍ୟମଣି ପାଟମହାଦେଈ ସର୍ପିଣୀ ପରି ଯେ ଫଣା ବିସ୍ତାର କରିବେ, ଏହା ସେମାନଙ୍କର ଚିନ୍ତା ବା ଭାବନାରେ ନଥିଲା ।

× × ×

ସ୍ୱର୍ଗତ ରାଜା ପଦ୍ମନାଭ ଦେବଙ୍କ ଦୁଇ ରାଣୀ ଥିଲେ— ଚନ୍ଦ୍ରମଣି ଓରଫ ସୂର୍ଯ୍ୟମଣି ପାଟମହାଦେଈ ଓ ଶ୍ରୀମତୀ ମହାଦେଈ । ସୂର୍ଯ୍ୟମଣି ପାଟମହାଦେଈଙ୍କ ପୁତ୍ର ଦିବ୍ୟସିଂହ, ଶ୍ରୀମତୀ ମହାଦେଈଙ୍କ ପୁତ୍ର ଭାଗିରଥୀ । ପଦ୍ମନାଭ ଦେବଙ୍କ ଅନ୍ତେ ଦିବ୍ୟସିଂହ ଦେବ ଖୋର୍ଦ୍ଧା ସିଂହାସନରେ ରାଜା ରୂପେ ସ୍ୱୀକୃତି ଲାଭ କରିଥିଲେ । ମାତ୍ର ଯେଉଁ ପରିସ୍ଥିତିରେ ସେ ଆଣ୍ଡାମାନକୁ ନିର୍ବାସିତ ହୋଇଥିଲେ ତାହା ଇତିପୂର୍ବେ ବର୍ଣ୍ଣିତ ହୋଇଅଛି ।

ଦିବ୍ୟସିଂହ ଦେବଙ୍କ ନାମରେ ଅଙ୍କ ଗଣନା ବନ୍ଦ ହେବା ସଙ୍ଗେ ସଙ୍ଗେ, ଶ୍ରୀମନ୍ଦିର ପରିଚାଳନାରେ ଇଂରେଜମାନଙ୍କ ହସ୍ତକ୍ଷେପ ବୃଦ୍ଧି ପାଇବାରେ ଲାଗିଲା । ମହାରାଣୀ ସୂର୍ଯ୍ୟମଣି ପାଟମହାଦେଈ ଅନ୍ତଃପୁରିକା ଥିବାରୁ, ପୁରୀଜିଲ୍ଲା କଲେକ୍ଟର ପୁଣି ଶ୍ରୀମନ୍ଦିରରେ, ଆନନ୍ଦମୋହନ ବାନାର୍ଜୀ ନାମରେ ଜଣେ ଆଗନ୍ତୁକଙ୍କୁ ଦେୱାନ୍ ରୂପେ ଥାପି ଦେଲେ ।

ଏ ପରିସ୍ଥିତିରେ ଖୋର୍ଦ୍ଧା ଗାଦି ରକ୍ଷା ପାଇଁ ଉପାୟାନ୍ତର ନଦେଖି, ସୂର୍ଯ୍ୟମଣି ପାଟମହାଦେଈ, ଦିବ୍ୟସିଂହଙ୍କ ନାବାଳକ ପୁତ୍ର ଜଗନ୍ନାଥ

କେନାମଣିଙ୍କୁ ମୁକୁନ୍ଦଦେବ ନାମ ଦେଇ ଖୋର୍ଦ୍ଧା ରାଜା ରୂପେ ଅଭିଷିକ୍ତ କରାଇ ଦେବାରୁ, ଇଂରେଜ ଶାସକଗୋଷ୍ଠୀ ସେମାନଙ୍କର ଚକ୍ରାନ୍ତ ଏହିପରି ଭାବରେ ପଣ୍ଡ ହେଉଥିବା ଦେଖି, ଶ୍ରୀମତୀ ମହାଦେଈଙ୍କ ପୁତ୍ର ଭାଗିରଥୀଙ୍କୁ ଖୋର୍ଦ୍ଧା ସିଂହାସନ ପାଇଁ ଏକ ପ୍ରତିଦ୍ୱନ୍ଦୀ ରୂପେ ଠିଆ କରାଇ ଦେଲେ । ଦାଦା ପୁତୁରାଙ୍କ ମଧ୍ୟରେ ଝଗଡ଼ା ଲାଗିଲେ ତୃତୀୟ ପକ୍ଷ ରୂପେ ଇଂରେଜମାନଙ୍କର ଲାଭ— ଏହାହିଁ ଥିଲା ପରିକଳ୍ପନା ।

ତେଣୁ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧା ରାଜା ରୂପେ ସ୍ୱୀକୃତି ଦେବାପାଇଁ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ଯେତେବେଳେ ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ କଲେ — ମୁକୁନ୍ଦ ଦେବ ଯେ ଦିବ୍ୟସିଂହ ଦେବଙ୍କର ପ୍ରକୃତ ଉତ୍ତରାଧିକାରୀ, ତାହାର ପ୍ରମାଣ ଦେବା ପାଇଁ ସୂର୍ଯ୍ୟମଣି ପାଟମହାଦେଈଙ୍କୁ ଆସିଲା ନିର୍ଦ୍ଦେଶ । ଜଗନ୍ନାଥ କେନାମଣି ପୁଣି ମୁକୁନ୍ଦଦେବ ହୋଇ ପାରିବେ କିପରି ? ପୁରୀ ଜିଲ୍ଲାର ଜଏଣ୍ଟ କଲେକ୍ଟର କେ.ଜି.ଗୁପ୍ତ, ଏକ ପରୱାନାରେ ଆଦେଶ ଦେଲେ···

"ଶ୍ରୀମତୀ ସୂର୍ଯ୍ୟମଣି ପାଟମହାଦେଈ ପିତାମହୀ ଓ ମାହାଫିଜ୍ ଜଗନ୍ନାଥ କେନାମଣି ନାବାଳଗ ପୁତ୍ର—ଦିବ୍ୟସିଂହ ଦେବ ପାସାନ୍ତର ଗାମି ମୁକାମକୁ — ଯେହେତୁ ତୁମ୍ଭେ ଜଗନ୍ନାଥ କେନାମଣି ନାମ ରାଜା ମୁକୁନ୍ଦଦେବ ହେବା ସମୟରେ ଗବର୍ଣ୍ଣମେଣ୍ଟରେ ଯେଉଁ ଆପିଲ ଦରଖାସ୍ତ କରିଅଛ ତହିଁ ବିଷୟରେ ତୁମ୍ଭର ଯେ ପ୍ରମାଣ ଅଛି ତାହା ହଜୁରରେ ଆଗତ କର × × × ୨୬।୬।୮୩ ତାରିଖ ।"

ଏହାର ଉତ୍ତରରେ ସୂର୍ଯ୍ୟମଣି ପାଟମହାଦେଈ ଲେଖିଲେ···

"ଦରଖାସ୍ତ ଶ୍ରୀ ମହାରାଣୀ ସୂର୍ଯ୍ୟମଣି ପାଟମହାଦେଈ ॥ସା॥ ନଅର କୁଣ୍ଡାଇବେଣ୍ଟ ସାହି । ଇ । ପୁରୀ ଓଡ଼ୀସା ଏହିକ ଆମ୍ଭର ପୌତ୍ରଙ୍କର ରାଜାପଦ ଓ ମୁକୁନ୍ଦ ଦେବ ନାମ ମହାମାନ୍ୟ ଗବର୍ଣ୍ଣମେଣ୍ଟରୁ ମଞ୍ଜୁର ହେବା ପ୍ରାର୍ଥନାରେ ଆବେଦନ କରିଥିବାରୁ ସେ ବିଷୟର ପ୍ରମାଣ ହଜୁରରେ ଆଗତ କରିବା ସକାଶ ଆମ୍ଭଙ୍କୁ ଶ୍ରୀ ହଜୁରଙ୍କ ଗତ ଯୁନ ମାସ ତା୨୬ରିଖ ଲେଖିତ ନ୩୨୯ ମ୍ବର ପରୱାନା ଦ୍ୱାରା ଆଦେଶ ହୋଇଅଛି । ଏଥକୁ ଉକ୍ତ ରାଜାପଦ ଓ

ମୁକୁନ୍ଦ ଦେବ ନାମ ଏମନ୍ତେ ଆମ୍ଭର ଯେ ଆବଶ୍ୟକୀୟ ପ୍ରମାଣ ଅଛି ତାହା ନିମ୍ନ ଲିଖିତ ଅନୁସାରେ ପ୍ରକାଶ କରୁଅଛୁ । ନିବେଦନ ॥

୧ । ଆମ୍ଭ ବଂଶୀୟ ରାଜାମାନେ ଓଡ଼ିଶାର ଗଜପତି ସିଂହାସନାରୂଢ଼ ଭୋଇବଂଶ ରାଜା ବୋଲି ସୁବିଖ୍ୟାତ ଅଟନ୍ତି ଓ ସେ ବିଷୟ ଓଡ଼ିଶା ଇତିହାସ ମାନଙ୍କରେ ଉଲ୍ଲେଖ ଅଛି ଓ ଏ ସମ୍ବନ୍ଧୀୟ କୁର୍ସିନାମାରୁ ପ୍ରକାଶ ପାଇବ ଉକ୍ତ ଭୋଇବଂଶର ଆଦିପୁରୁଷ ଶ୍ରୀ ରାଜା ରାମଚନ୍ଦ୍ର ଦେବ ୧୫୦୩ ସକାବ୍ଦରେ ସିଂହାସନାରୂଢ଼ ହୋଇଥିଲେ । ୧୫୦୩ ସକାବ୍ଦ ଠାରୁ ୧୭୩୭ ସକାବ୍ଦ ଅର୍ଥାତ୍ ଇଂରେଜ ବାହାଦୁରଙ୍କ ଅମଲଦାରି ଆରମ୍ଭ ପର୍ଯ୍ୟନ୍ତ ଆମ୍ଭର ଉକ୍ତ ଭୋଇବଂଶ ରାଜାମାନେ ଖୋରଧାର ସ୍ୱାଧୀନରାଜା ଥାଇ ସର୍ବସାଧାରଣରେ ମହାରାଜା ପଦରେ ବାଚ୍ୟ ହୋଇ ଆପଣା ଆପଣା ରାଜତ୍ୱ ସମୟରେ ମହାରାଜା ଉପାଧି ସହିତ ସ୍ୱ ସ୍ୱ ନାମରେ ଅଙ୍କ କଟାଉ ଥିଲେ ଓ ଇଂରେଜ ବାହାଦୁରଙ୍କ ଅମଲଦାରି ମଧ୍ୟରେ ୧୭୩୭ ସକାବ୍ଦ ଅର୍ଥାତ ସନ ୧୮୦୩ ଖ୍ରୀଷ୍ଟାବ୍ଦ ଠାରୁ ସନ ୧୮୭୮ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ଆମ୍ଭ ପୂର୍ବ ଶ୍ରୀ ଦିବ୍ୟସିଂହ ଦେବ ଦୀପାନ୍ତରିତ ହେବା ପର୍ଯ୍ୟନ୍ତ ଯଦ୍ୟପି କେତେକ ସରକାରୀ ଚିଠି ପତ୍ରାଦିରେ ମହାରାଜା ଓ [୨] କେତେକରେ ରାଜା ବୋଲି ଉଲ୍ଲେଖ ହୋଇ ଆସୁଥିଲା ତଥାଚ ଆମ୍ଭ ବଂଶର ରାଜାମାନଙ୍କୁ ସର୍ବସାଧାରଣ ପୂର୍ବ ପ୍ରାଏ ମହାରାଜା ବୋଲି ସମ୍ବୋଧନ କରୁଥିଲେ ଓ ମଧ୍ୟ ଏତଦ୍ଦେଶୀୟ ଲୋକ ମାନଙ୍କର ହରେକ ପ୍ରକାର ଦଲିଲ ଦସ୍ତାବିଜରେ ଓ ସର୍ବସାଧାରଣଙ୍କ ଜନ୍ମପତ୍ରିକାରେ ଓ ଚିଠି ମାନଙ୍କରେ ମହାରାଜା ପଦ ଓ ତାହାଙ୍କର ଅଙ୍କ ଉଲ୍ଲେଖ ହୋଇ ଆସୁଥିଲା ଓ ଆସୁଅଛି ଅତେବ ବହୁକାଳରୁ ଆମ୍ଭ ବଂଶରେ ପୁରୁଷାନୁକ୍ରମେ ମହାରାଜା ପଦ ପ୍ରଚଳିତ ହୋଇ ଆସୁଥିବା ଓ ଇଂରେଜ ବାହାଦୁରଙ୍କ ଅମଲଦାରି ମଧ୍ୟରେ ସର୍ବସାଧାରଣରେ ଉକ୍ତ ମହାରାଜା ପଦ ଓ ସରକାରୀ କାଗଯାତରେ ରାଜାପଦ ପ୍ରଚଳିତ ହୋଇ ଆସୁଥିବା ବିଷୟରେ କିଛି ମାତ୍ର ସନ୍ଦେହ ନାହିଁ । ଏଥିର ପ୍ରମାଣ ପ୍ରାଚୀନ ମାଦଳାପାଞ୍ଜି ଓ ଦେଶୀୟ ପଞ୍ଜିକା ମାନ ଓ ସଟନ୍ ସାହେବ ଓ ହଣ୍ଟର ସାହେବ ଓ ପ୍ୟାରିମୋହନ ଆଚାର୍ଯ୍ୟ ଓ ଶିବଚନ୍ଦ୍ର ସୋମଙ୍କ କୃତ ଓଡ଼ିଶା ଇତିହାସମାନ ଓ ରେଗୁଲେସନ

ସିରସ୍ତାର ପୁରାତନ ଦଲିଲ ବ୍ୟାବସ୍ଥର ନକଲ ବର୍ତ୍ତମାନ ଓ ବନ୍ଦୋବସ୍ତ କାଗଯାତମାନ ଓ ଆମ୍ଭେ ଆଗତ କରୁଥିବା ସରକାରୀ ଚିଠି ଓ ପରୱାନା ଆଦି ଦୃଷ୍ଟିରେ ସ୍ପଷ୍ଟ ପ୍ରକାଶ ପାଇବ । ବିଶେଷତ ସ୍ନ ୧୮୫୯ ମସିହା ଯୁନମାସ ୨୦ ତାରିଖ ଲେଖିତ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ସରକ୍ୟୁଲର ଆଦେଶ ମତେ ଏ ଜିଲ୍ଲାର ଶ୍ରୀଯୁକ୍ତ କାଲଟର ସାହେବ ଏ ଜିଲାର ଉପାଧିଧାରୀ ମାନ୍ୟବାନ ବ୍ୟକ୍ତି ମାନଙ୍କର ଯେଉଁ ତାଲିକା ଶ୍ରୀଯୁକ୍ତ କମିସନର ସାହେବଙ୍କ ହଜୁରକୁ ପ୍ରେରଣ କରିଥିଲେ ଏବଂ ଯେ ତାଲିକା ଶ୍ରୀ ହଜୁରଙ୍କ ସିରସ୍ତାରେ ବିଦ୍ୟମାନ ଥିବା ଶ୍ରୀ ହଜୁରରୁ ସେ ତାଲିକା ଦୃଷ୍ଟି କରାଗଲେ ଆମ୍ଭ ବଂଶରେ ପୁରୁଷାନୁକ୍ରମେ ରାଜାପଦ ପ୍ରଚଳିତ ଥିବାର ସ୍ପଷ୍ଟ ହୃଦ୍‌ବୋଧ ହେବ ।

୨ । ସ୍ନ ୧୮୭୭ ମସିହା ଯୁଲାଇ ମାସ ତା ୧୭ରିଖ ଲେଖିତ ଶ୍ରୀଯୁକ୍ତ କାଲଟର ସାହେବଙ୍କ ନ ୫୭୭ମ୍ବର ପରୱାନାରୁ ପ୍ରକାଶ ଯେ ମହାମାନ୍ୟ ଗବର୍ଣ୍ଣମେଣ୍ଟରୁ ଆମ୍ଭ ପୁତ୍ର ଶ୍ରୀ ବିବ୍ୟସିଂହ ଦେବଙ୍କ ମାହାରାଜା ପଦର ଯେଉଁ ସନନ୍ଦ ଦିଆ ଯିବାର ମଞ୍ଜୁର ହୋଇଥିଲା ସେ ସନନ୍ଦ କାଯୁତ୍ରିକାଳ ନିମନ୍ତେ ସ୍ଥଗିତ ରଖା ଯାଇଥିଲା । ଧର୍ମାବତାର ଯେଉଁ ମାନଙ୍କର ପୂର୍ବରୁ ରାଜା-ପାଦ ପ୍ରଚଳିତ ଥାଏ [୩] ସେମାନଙ୍କୁ ଗବର୍ଣ୍ଣମେଣ୍ଟରୁ ମହାରାଜା ପଦ ଓ ତର୍ଣ୍ଣିର ସନନ୍ଦ ଦିଆଯିବାର ବିଧି ଅଛି । ପୂର୍ବରୁ ରାଜାପଦ ପ୍ରଚଳିତ ନଥିଲେ × × ମାହାରାଜା ପଦ ଦିଆଯିବା ବିଧି ନାହିଁ । ଅତଏବ ଯଦି ଆମ୍ଭ ବଂଶରେ ପାରଂପରିକ ପ୍ରଚଳିତ ଥିବା ରାଜାପଦ ଗବର୍ଣ୍ଣମେଣ୍ଟରେ ପୂର୍ବରୁ ମଂଯୁର ଓ ଗ୍ରହଣ ହୋଇ ନଥାନ୍ତା, ତେବେ ମାହାରାଜା ପଦର ସନନ୍ଦ କପରି ଦିଆଯିବାର ମଞ୍ଜୁର ହୋଇଥିଲା, ତାହା ଶ୍ରୀହଜୁର ଅନାୟାସେ ବିବେଚନା କରି ପାରିବେ ।

୩ । ଏତ୍ଭିନ୍ନ ଆମ୍ଭ ବଂଶର ରାଜାମାନେ ପୂର୍ବ ଚତୁର୍ଥ ପୁରୁଷର ନାମ ଧାରଣ କରିବାର ପ୍ରଥା ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି । ତାହା ଏଥି ସଙ୍ଗେ ଦାଖଲ ଥିବା କୁସିନାମା ଓ ମାଦଳାପାଞ୍ଜି ଓ ପୁରାତନ ଦେସିପୁ ପଞ୍ଜିକା ମାନଙ୍କରୁ ପ୍ରମାଣ ହେବ । ଏହି କୌଳିକ ପ୍ରଥା ଅନୁସାରେ ଆମ୍ଭେ ପୌତ୍ରଙ୍କର ନାମ ଶ୍ରୀ ମୁକୁନ୍ଦ ଦେବ ଦେଇଅଛୁଁ :—

୪ । ଏଗ୍ରୀକ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର କେତେକ ନୀତି ଓ ସେବା ମାନ ଆମ୍ଭ ବଂଶର ରାଜାଙ୍କୁ ସ୍ୱୟଂ ଅଥବା ତାହାଙ୍କ ଅନୁପସ୍ଥିତରେ ତାହାଙ୍କ ମନୋନୀତ ମୁଦ୍‌ରଥ ନାମକ ପ୍ରତିନିଧି ଦ୍ୱାରା ନିର୍ବାହ କରିବାର ଶାସ୍ତ୍ରୀୟ ବିଧି ଥାଇ ସେ ଅନୁସାରେ କାର୍ଯ୍ୟ ଚଳି ଆସୁଅଛି । ଏଥିକୁ ରାଜଗାଦି ଶୂନ୍ୟ ରହିଲେ ଅନ୍ୟ ମୁଦ୍‌ରଥ ମନୋନୀତ ହୋଇ ନ ପାରିଲେ ଶ୍ରୀଜିଉଙ୍କ ନୀତି ମାନଙ୍କ ପକ୍ଷେ ବ୍ୟାଘାତ ଜନ୍ମିବ ଓ ତଦ୍ ହେତୁ ଧର୍ମ ନଷ୍ଟ ହେବା ଦୃଷ୍ଟିରେ ଆମ୍ଭର ନାବାଳକ ପୌତ୍ରଙ୍କୁ ଗାଦିନସିନ୍ କରାଇ ଆମ୍ଭର କୌଳିକ ପ୍ରଥା ଅନୁସାରେ ଶ୍ରୀ ରାଜା ମୁକୁନ୍ଦଦେବ ନାମ ଦେବାକୁ ବାଧ ହୋଇଅଛୁ । ଏ ବିଷୟର ଶାସ୍ତ୍ରୀୟ ପ୍ରମାଣ ନାରଦୀୟ ପଞ୍ଚରାତ୍ର ଓ ନୀଳାଦ୍ରି ମହୋଦୟ ନାମକ ପୁସ୍ତକରୁ ପ୍ରକାଶ ହେବ ।

୫ । ଧର୍ମାବତାର ଆମ୍ଭେ ଆମ୍ଭର ପୌତ୍ରଙ୍କୁ ଯେ ଗାଦିନସିନ୍ ରାଜା ମୁକୁନ୍ଦଦେବ ନାମ ଦେଇଅଛୁ ତଦ୍ଦ୍ୱାରା ଆମ୍ଭେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ଆଦେଶର କୌଣସି ବିପରୀତ କାର୍ଯ୍ୟ କରିନାହୁଁ । ତାହା କେବଳ ଆମ୍ଭର କୌଳିକ ପ୍ରଥା ବଜାଏ ରଖିବାକୁ ଏବଂ ଧର୍ମରକ୍ଷା ନିମିତ୍ତ କରିଅଛୁଁ । ଯଦି ମହାମାନ୍ୟ ଗବର୍ଣ୍ଣମେଣ୍ଟରୁ ଆମ୍ଭ ପୌତ୍ରଙ୍କର ରାଜାପଦ ନାମଞ୍ଜୁର କରାଯାଏ ତେବେ ଆମ୍ଭଙ୍କୁ ଅନ୍ୟ × × ସମୀପରେ ଲଜ୍ଜିତ ହେବାକୁ ହେବ ଓ ମଧ୍ୟ ହିନ୍ଦୁ ଧର୍ମ ପକ୍ଷେ ବ୍ୟାଘାତ ହେବ । ଅତଏବ ପ୍ରାର୍ଥନା ଯେ ଆମ୍ଭର ଉଲ୍ଲେଖିତ ପ୍ରମାଣ ମାନଙ୍କ ଦୃଷ୍ଟିରେ ଓ ଆମ୍ଭର ପୂର୍ବ ଖାନ୍‌ଦାନୀ ବିବେଚନାରେ ଶ୍ରୀହଜୁର ଅନୁଗ୍ରହ ପୂର୍ବକ ଆମ୍ଭ ପୌତ୍ରଙ୍କର ରାଜା ମୁକୁନ୍ଦଦେବ ନାମ କାଏମ ରଖାଯିବା ପକ୍ଷେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ସୁପାରିସ × ପ୍ରଦାନ କରିବେ—ତା ୧୬ ରିଖ ମାହେ ଯୁଲାଇ ସନ୍ ୧୮୮୩ ମସୀହୀ । ×"

ଇଂରେଜ ଶାସକଗୋଷ୍ଠୀ କିନ୍ତୁ ଏହାର ଉତ୍ତରରେ ସୂର୍ଯ୍ୟମଣି ପାଟମହାଦେଈଙ୍କ ଠାରୁ ଗଜପତି ସିଂହାସନର ପରମ୍ପରା ଶ୍ରୀମନ୍ଦିର ପରିଚାଳନାରେ ରାଜାଙ୍କର ଶାସ୍ତ୍ରୋକ୍ତ ଅଲଙ୍ଘନୀୟ ଅଧିକାର ଓ କୌଳିକ ବିଧିର ପ୍ରେରଣା ପ୍ରବୃତ୍ତିର ଆସ୍ଫାଳନ ଆଶା କରୁନଥିଲେ । ପାଟ-ମହାଦେଈଙ୍କ "ଜବାବ—ଦରଖାସ୍ତ"ରେ ଉପଚରିତ ବଶମ୍ବଦତାର

ନେପଥ୍ୟରେ ଗୋଟିଏ ଦୁର୍ଦ୍ଧମନୀୟ ଅହଙ୍କାର ଇଂରେଜ ଶାସକ ମାନଙ୍କର ଦୃଷ୍ଟିରୁ ପ୍ରଚ୍ଛନ୍ନ ରହିପାରିନଥିଲା ।

ଏହା ପରେ ନିତାନ୍ତ ଅବିଶ୍ବସ୍ତ ଭାବରେ, ସରକାରଙ୍କ ଲିଗାଲ୍-ରିମେମ୍ବ୍ରାନ୍ସର୍ ପ୍ରମୁଖ ଆଇନ ପରାମର୍ଶଦାତା ମାନଙ୍କର ମତାମତ ନନେଇ, ଅଫିସିଏଟିଙ୍ଗ୍ କମିସନର ମିଷ୍ଟର ଲାରମିନି, ସୂର୍ଯ୍ୟମଣି ପାଟମହାଦେଈଙ୍କୁ ମହାଫିସ୍ ରୂପେ ମିଳୁଥିବା ମାସିକ ପେନ୍‌ସନ୍ ହଠାତ ବନ୍ଦ କରିଦେଲେ । "ଦୁର୍ଯ୍ୟୋଧବାଦେ" ମନ୍ତରେ, ଏଠାରେ ମଧ୍ୟ ଶ୍ରୀମତୀ ମହାଦେଈଙ୍କୁ ଠିଆକରାଇ କୁହାଗଲା ଯେ ପାଟମହାଦେଈ ଶ୍ରୀମତୀ ମହାଦେଈଙ୍କୁ ନିୟମିତ ଭାବରେ ପେନସନରୁ ତାଙ୍କର ପ୍ରାପ୍ୟ ଅଂଶ ଦିଆଯାଉ ଥିବାର ରସିଦ ଟ୍ରେଜେରୀରେ ଦାଖଲ ନକଲେ, ପେନସନ୍ ଟଙ୍କା ଆଉ ପାଇ ପାରିବେ ନାହିଁ । କିନ୍ତୁ ଶ୍ରୀମତୀ ମହାଦେଈଙ୍କ ପୁତ୍ର ଭଗିରଥୀ କୁମାର ରାୟ ଖୋର୍ଦ୍ଧା ସିଂହାସନ ପାଇଁ ପ୍ରତିବାଦୀ ଥିବାରୁ ସୂର୍ଯ୍ୟମଣି ପାଟମହାଦେଈଙ୍କୁ ସେପରି ରସିଦ୍ ମିଳିବାର ସମ୍ଭାବନା ମଧ୍ୟ ନଥିଲା ।

ଏହି ପେନ୍‌ସନ୍ ଟଙ୍କା କିନ୍ତୁ ସେତେବେଳେ ପୁରୀ ରାଜବାଟୀରେ ଥିଲା ସଂସାର ଭରଣପୋଷଣର ଏକମାତ୍ର ଉପାୟ । ମନ୍ଦିରର ଆୟ ପୁରୀ କଲେକ୍ଟରଙ୍କ ହାତ ମୁଠାରେ । ରାଜାଙ୍କର ବ୍ୟକ୍ତିଗତ ମାହାଲ ମାନଙ୍କରୁ ଆୟ ଦେଓ୍ବାନ୍‌ଙ୍କ ପୁରାପୁରି ନିୟନ୍ତ୍ରଣାଧୀନ । ଶ୍ରୀନବରରେ ଦୈନନ୍ଦିନ ବ୍ୟୟନିର୍ବାହ ପାଇଁ ସୁଦ୍ଧା ଅର୍ଥାଭାବ ଦେଖା ଦେଲା । ଏହି ପରିସ୍ଥିତିରେ ସୂର୍ଯ୍ୟମଣି ପାଟମହାଦେଈ, ମଧୁସୂଦନଙ୍କୁ ପୁରୀ ଡକାଇ ପଠାଇଥିଲେ ମୋକଦ୍ଦମାର ପରାମର୍ଶ କରିବା ପାଇଁ । କଟକର ଅନ୍ୟ ଓକିଲ ମାନଙ୍କୁ ଫି଼ଜ୍ ଦେବା ପାଇଁ ସମ୍ବଳ ନଥିଲା ; ମୋକଦ୍ଦମା କଥା ଉଠିଲେ ସେମାନେ ମୁହଁ ମୋଡ଼ୁଥିଲେ । ନୂଆ ଓକିଲ ମଧୁବାବୁ ଯଦି ଐତିହାସିକ ଓଡ଼ିଶା ରାଜବଂଶର ମାନରକ୍ଷା ପାଇଁ ସାହାପକ୍ଷ ହୁଅନ୍ତି; ··· ଏହିପରି ଥିଲା ସୂର୍ଯ୍ୟମଣି ପାଟମହାଦେଈଙ୍କ ମନର ଭାବନା ।

ଏପରିକି ନବରରେ କ୍ରମେ ଅନ୍ନକଷ୍ଟ ସୁଦ୍ଧା ଦେଖା ଦେଲାଣି । କୁଣ୍ଢେଇ ବେଣ୍ଟସାହୀ ନବରର ଦୁର୍ଦ୍ଦଶା ବର୍ଣ୍ଣନାତୀତ । ଅଙ୍ଗଣରେ ବହୁବର୍ଷର ଶିଉଳୀ ଓ ଧୂଳିରେ ବେମରାମତିରୁ ଟଥାପି ବର୍ତ୍ତି ରହିଥିବା କାନ୍ଥ ସବୁ ବିବର୍ଣ୍ଣ ଓ ଦସ୍ତୁମାସ୍ତ ଦିଶୁଥିଲା । ଦିବ୍ୟସିଂହଦେବ ନିର୍ବାସିତ ହେବାଦିନୁ ବାହାର

ପ୍ରସ୍ଥର ହଲ୍‌ଘର, ବାରଣ୍ଡା ସବୁ ଅବ୍ୟବହୃତ ଓ କ୍ରମେ ପରିତ୍ୟକ୍ତ ହୋଇ ଆବର୍ଜନା ସ୍ତୂପରେ ପରିଣତ ହୋଇଥିଲା । ତାର ଭିତରେ ଏଠି ସେଠି କର୍ମହୀନ ଭିତରିଆ ପାଖଟାଲକ ଜଣେ ଅଧେ ଢଏ ଭାଙ୍ଗନିଶାରେ ଢୁଳାଇ ବସିଥିଲେ । ଭଙ୍ଗା ଆରାମ ଚୌକି ଓ କୁର୍ସୀ ପ୍ରଭୃତି ଆସବାବ ସବୁ ବାହାରେ ଜୀର୍ଣ୍ଣ କଙ୍କାଳ ପରି ଇତଃସ୍ତତ ବିକ୍ଷିପ୍ତ ହୋଇ ପଡ଼ିଥିଲା । ଭଙ୍ଗା ମହାପ୍ରସାଦ ଅନ୍ନକୁଡ଼ୁଆରେ ଅଗଣାଟା ଭର୍ତ୍ତି । ଖୋର୍ଦ୍ଧା ଭୋଇବଂଶର ଇତିହାସ ହତବୀର୍ଯ୍ୟ, ହତଶ୍ରୀ ହୋଇ, ଅବଶେଷରେ ଯେପରି ବଳପୁର ଏକ ଆବର୍ଜନା ସ୍ତୂପରେ ପରିଣତ ହୋଇଥିଲା ।

ବାହାରପ୍ରସ୍ଥ ଟପିଗଲେ ଯେଉଁ ପ୍ରସ୍ଥଟା ଭିତରକୁ ପଡ଼େ ତାହା ସ୍ୱୟଂ ଦିବ୍ୟସିଂହ ଦେବଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା । ସେ ପ୍ରସ୍ଥର ଅବସ୍ଥା ମଧ୍ୟ ବାହାର ପ୍ରସ୍ଥ ପରି । ଦିବ୍ୟସିଂହ ଦେବ ବ୍ୟାୟାମ-କୁଶଳୀ ମଲ୍ଲ ଥିଲେ । ତାଙ୍କ ନିୟମିତ ବ୍ୟାୟାମଚର୍ଚ୍ଚାରେ ବ୍ୟବହୃତ ଗଦା ଓ ମୁଦ୍‌ଗର ପ୍ରଭୃତି ବହୁ ଉପକରଣ ଏଠି ସେଠି କାନ୍ଥରେ ଓଲମ୍ବି ହୋଇ ରହିଥିଲା । ବଳସ୍ପୁ ଓ ପତନର ପାଦଟୀକା ପରି ଦେଉଳିଆ ପ୍ରାୟ ମ.ନଙ୍କର କାଠି କୁଟା ଓ ଆବର୍ଜନାରେ ଏ ପ୍ରସ୍ଥଟି ମଧ୍ୟ ପୂର୍ଣ୍ଣ ହୋଇଥିଲା ।

ଭିତରପ୍ରସ୍ଥ ଅଗଣା ଭିତରକୁ ପଶିବା ବେଳେ, ବାଟ କଢ଼ାଇ ଦେଉଥିବା ଉଆସକରଣ କହିଲେ ··· "ପାନ୍ତୋଇ ହଳକ ପାଦରୁ ସେଇଠି କାଢ଼ି ରଖିବା ହେଉନ୍ତୁ ।" ମଧୁସୂଦନ ପାଦରୁ ଜୋତା କାଢ଼ି ଅଗଣା ଭିତରକୁ ଆସିଲେ ।

ଉଆସକରଣ କହିଲେ···" ଶ୍ରୀନବରର ହାଲ୍ ତ ସ୍ୱଚକ୍ଷୁରେ ଦେଖୁଛନ୍ତି । ଆଉ ଅଧିକ କଣ କହିବୁ ? ପେନ୍‌ସନ୍ ବନ୍ଦ କରିବା ଦିନୁ ଉଆସ ଭିତରେ ଦିନେ ଓଳିଏ ଉପାସ ରହିବା ମଧ୍ୟ ହେଲାଣି । ମନ୍ଦିରରୁ ଯେଉଁ ମହାପ୍ରସାଦ ମିଳିବା କଥା, ତା ଉପରେ ସୁଦ୍ଧା କଲେକ୍ଟର ସାହେବ କଡ଼ାକଡ଼ି କଲେଣି ।"

ଅଗଣାରୁ ବାରଣ୍ଡା ଡେଇଁ ମଧୁସୂଦନ ଯେଉଁ ହଲ୍ ଘର ଭିତରକୁ ପ୍ରଥମେ ଆସିଲେ, ତାହା ଏକଦା ଦିବ୍ୟସିଂହ ଦେବଙ୍କ ଖାସ୍ ବୈଠକଖାନା ଥିଲା । ଗୋଟାଏ ପାଖ କାନ୍ଥରେ ଢାଲଟାଏ ଦୁଇପଟ

ଖଣ୍ଡାଛକ ଭିତରେ ଝୁଲୁଥିଲା । ଅନ୍ୟ କାନ୍ଥମାନଙ୍କରେ ଜଗନ୍ନାଥ ବଳଭଦ୍ର କାଞ୍ଚି-ଅଭିଯାନ ପଥରେ ଘୋଡା ଉପରେ ବସି ମାଣିକ ଗଉଡୁଣୀ ଠାରୁ ଦହି କିଣିବା, ନବଗୁଞ୍ଜର ଓ ଶ୍ରୀ ମନ୍ଦିରର ଅନ୍ୟ ଯେଉଁ ପଟୁଆ ଚିତ୍ର ସବୁ ଅଙ୍କିତ ରହିଥିଲା ତା ଉପରଯାକ ମଧ୍ୟ ଅଧଃପତନ ଓ ଅବହେଳାର ଧୂଳି ପଟଳ ମାଡ଼ି ଯାଇଥିଲା ।

ଅନେକ ଦିନ ପରେ ସେ ଦିନ ସମ୍ଭବତଃ ଏ ହଲ୍ ଘରର ଗୋଟାଏ ରୁଦ୍ଧ କବାଟ ଫିଟିଥିଲା । ତଥାପି ଓକିଲଙ୍କ ସହିତ ସୂର୍ଯ୍ୟମଣି ପାଟମହାଦେଈଙ୍କ ପରାମର୍ଶ ବିପକ୍ଷ-ଗୋଷ୍ଠୀର କେହି ଶୁଣିବା ଆଶଙ୍କାରେ ଅନ୍ୟ କବାଟ ଓ ଝରକା ସବୁ ଭିତରୁ ଅର୍ଗଳବନ୍ଧ କରା ଯାଇଥିଲା । ପାଞ୍ଚବର୍ଷର ଶିଶୁ ଜଗନ୍ନାଥ ଜେନାମଣିଙ୍କର ଯେଉଁ ଦିନ ଅଭିଷେକ ହୋଇଥିଲା, ସେହିଦିନ ଏ ହଲ୍ ଘରେ ପଣ୍ଡା, ପଡ଼ିଆରି, ଶ୍ରୀକ୍ଷେତ୍ରର କେତେଜଣ ମହନ୍ତ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କର ଯାହା ସମାଗମ ହୋଇଥିଲା । ତାହା ପରଠାରୁ ଏ ବୈଠକଖାନା ଆଉ କେବେ ସମ୍ଭବତଃ ଖୋଲା ଯାଇ ନଥିଲା । ଦୁଇଟା ଚେମଣିଆ ବାହାରକୁ ପଳାଇବା ପାଇଁ ବାଟ ଖୋଜି ନପାଇ, ଅନ୍ଧ-ଆତଙ୍କରେ ଉଡ଼ି ଉଡ଼ି ଉପର ଛାତରୁ ଝୁଲୁଥିବା ଶରାଗ୍‌ଦାନ୍ ଦେହରେ ବାରମ୍ବାର ଧକ୍‌କା ଖାଉଥିଲେ ।

ଇତିହାସ-ଉପେକ୍ଷିତ ଏହି ବିଳୟଗ୍ରସ୍ତ ପରିବେଶ ମଧ୍ୟରେ ମଧୁସୂଦନ ଖଣ୍ଡେ କୁର୍ଶୀ ଉପରେ ବସି ହଠାତ୍ ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ । ତାଙ୍କର ବାରମ୍ବାର ମନେ ପଡ଼ୁଥିଲା, ଓଡ଼ିଶା ଇତିହାସରେ ସେଇ ବିଡ଼ମ୍ବନାର କଥା···ଯେଉଁଦିନ ଚିଲିକା କୂଳ ପଯ୍ୟାଟୀ ଗାଁରୁ ଛଅଶହ ୟୁରୋପିଆନ୍ ତିନିଶହ ତେଲେଙ୍ଗା ସିପାହୀ ଆଉ ଆଠଶହ ଶଗଡ଼ ରସଦ ସଙ୍ଗରେ ଧରି, ହାରକୋର୍ଟ୍, ମେଲଭିଲ୍ ଚିଲିକା ପାଣି ବାଟରେ ଆସିଥିଲେ···ସେ ଦିନ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବ ଓ ଜୟୀ ରାଜଗୁରୁ ସେମାନଙ୍କର ସାମାନ୍ୟ ପ୍ରତିରୋଧ କରିଥିଲେ ଓଡ଼ିଶାର ଇତିହାସ ହୁଏତ ଅନ୍ୟ ଗତି ଧରିଥାନ୍ତା ! କିନ୍ତୁ ଗୋଟାଏ ଜାତିର ଇତିହାସରେ ଯେତେବେଳେ ବିଳୟ ଓ ଅଧଃପତନର ବିଡମ୍ବିତ ମୁହୂର୍ତ୍ତ ଆସେ, ସେତେବେଳେ ତାହାର ପ୍ରଥମ ବିକୃତି ଆରମ୍ଭ ହୁଏ, ଜାତିର ନେତା ଓ ଭାଗ୍ୟନିୟନ୍ତା ମାନଙ୍କର ବିବେକ ଓ ପ୍ରାଣଶକ୍ତିରେ । ବିଳୟର ସେହି

ବିକୃତି ସେଦିନ ରାଜା ମୁକୁନ୍ଦଦେବ ଓ ତାଙ୍କ ମନ୍ତ୍ରଣାଦାତା କଥିତ ରାଜଗୁରୁଙ୍କ ବିବେକରେ ମଧ୍ୟ ଆରମ୍ଭ ହୋଇଥିଲା । ସେମାନଙ୍କର ପ୍ରାଣଶକ୍ତି ସେଦିନ ଯେପରି ଅଥର୍ବ ଇଚ୍ଛାଶକ୍ତି ମଧ୍ୟ ସେହିପରି ପଙ୍ଗୁ ହୋଇ ପଡ଼ିଥିଲା ।

ଆଜି ସେହି ମୁକୁନ୍ଦଦେବଙ୍କ ବଂଶର କୁଳବଧୂ ସୂର୍ଯ୍ୟମଣି ପାଟମହାଦେଈ ଇଂରେଜ ଶାସନର ଚହାନ୍ତରେ ଅରକ୍ଷଣୀୟା ଉତ୍ତର-ପୁରୁଷ ଦିବ୍ୟସିଂହ ଦେବ ଆନ୍ଦାମାନ୍‌କୁ ନିର୍ବାସିତ ! ସିଂହାସନର ଉତ୍ତରାଧିକାରୀ ଅନ୍ୟ ଏକ ମୁକୁନ୍ଦଦେବ ଇଂରେଜ କମିସନର ଓ କଲେକ୍ଟର ମାନଙ୍କ କୂଟମନ୍ତ୍ରର କ୍ରୀଡ଼ନକ !

ଏହା କଣ ବିଧାତାର ଅଭିଶାପ ? ଇତିହାସର ବିଡମ୍ବନା ? ନାଁ କୃତକର୍ମର ଶାସ୍ତି ?

ହଲ୍ ଘରର ଭିତର ଦରଜାରେ ଝୁଲୁଥିବା ଗୋଟାଏ ବହଳ ପର୍ଦ୍ଦାର ଉଢ଼ାଳରୁ ସୂର୍ଯ୍ୟମଣି ପାଟମହାଦେଈଙ୍କ କଣ୍ଠସ୍ୱର ମଧୁସୂଦନଙ୍କ ଆତ୍ମବିସ୍ମୃତ ଅନ୍ୟମନସ୍କତା ଭାଙ୍ଗି ଦେଲା । ପରିଣତ ବୟସରେ ପାଟମହାଦେଈଙ୍କ କଣ୍ଠସ୍ୱର ଶିଥିଳ ଶୁଭୁଥିଲା; ତଥାପି ସେହି ଶିଥିଳତା ମଧ୍ୟରେ ପ୍ରଚ୍ଛନ୍ନ ରହିଥିଲା ଏକ ଅନମନୀୟ ସୁସ୍ପଷ୍ଟ କୃତନିଶ୍ଚିତତା । ସୂର୍ଯ୍ୟମଣି ପାଟମହାଦେଈ ଅସୂର୍ଯ୍ୟମ୍ପଶ୍ୟା ଥିବାରୁ ମଧୁସୂଦନଙ୍କ ସମ୍ମୁଖକୁ ନ ଆସି ପର୍ଦ୍ଦା ଆଢ଼ୁଆଳରେ ଠିଆ ହୋଇଥିଲେ । ତାଙ୍କୁ ତେଣୁ ଦେଖିବାର ଉପାୟ ନଥିଲା । ପର୍ଦ୍ଦାର ଅନ୍ତରାଳରୁ ତାଙ୍କର ପାଦ ଦୁଇଟି କେବଳ ବାହାରକୁ ଦେଖାଯାଉଥିଲା । ପାଦରେ ଯେଉଁ ଚଳଫଳିଆ ଚିତା କୁଟା ଯାଇଥିଲା, ତାହା ଶିଥିଳ ଚର୍ମ ଉପରେ ତଥାପି ଅମ୍ଳାନ ରହିଥିଲା । ଦୁଇପାଦର ଆଙ୍ଗୁଠି ସବୁ ଗୋଟାଏ ପ୍ରବଳ ଉତ୍ତେଜନାରେ, ଚଟାଣ ଉପରେ ଅସୁମାରି ଅଦୃଶ୍ୟ ରେଖା ଟାଣି-ପୁଣି ସେ ସବୁ ଲିଭାଇ ଦେଉଥିଲା । ମଧୁସୂଦନଙ୍କ ମାନସଦୃଷ୍ଟିରେ ଭାସି ଉଠୁଥିଲା ନିଜ ଜନନୀଙ୍କ ଚିତ୍ର । ଏହି ବିଗତ ସୌଭାଗ୍ୟ, ଐତିହାସିକ ବଂଶ ସହିତ ଏକ ପାରମ୍ପରିକ ନିବିଡ଼ ସମ୍ପର୍କର ଉଦ୍‌ବୋଧନ, ସେ ଯେପରି ତାଙ୍କର ଅବଚେତନରେ ଶୁଣି ପାରୁଥିଲେ !

ପର୍ଦ୍ଦା ଉହାଡ଼ରୁ ସୂର୍ଯ୍ୟମଣି ପାଟମହାଦେଈ କହିଲେ··· "ଉଆସ କରଣ ଦୁଃଖିଶ୍ୟାମ ପଟ୍ଟନାୟକଙ୍କ ଠାରୁ ବାବୁ ତ ସବୁ ହାଲ୍ ହକୀକତ ବୁଝିଥିବେ । କମିସନର୍ ସାହେବ ରାଜାଙ୍କ ପେନସନ୍ ବନ୍ଦ କରିବା ଦିନୁ ଉଆସ ଅଚଳ । ମହାପ୍ରସାଦ କଣିକାକୁ ଆଶ୍ରା କରି ଆମେ ବସି ରହିଛୁ । ବଙ୍ଗାଳୀ ଦେୱାନ୍, କାଲେଟର କଥାରେ ଆମ ପ୍ରତି ଦାଉ ସାଧିବାରେ ଲାଗିଛନ୍ତି । ନାବାଳକ ନାତିକୁ ରାଜାପଦ ନଦେବା ପାଇଁ ପାନରାଣୀ କୁଟ କୌଶଳ ଯୋଡ଼ିଛନ୍ତି । ପଟେଇତଙ୍କ ପୁଅ ଭଗିରଥୀ କୁମାରଙ୍କୁ ରାଜା କରିବା ପାଇଁ କାଲେଟର କମିସନରଙ୍କ ପକ୍ଷରୁ ପାନରାଣୀଙ୍କୁ ଉସୁକେଇ ଦିଆ ଯାଇଛି ! ଏଥିକୁ ବାବୁ ସହାୟ ନ ହେଲେ, ଆମର ମାନ ମହତ ରହିବ ନାହିଁ ।"

ସୂର୍ଯ୍ୟମଣି ପାଟମହାଦେଈଙ୍କ କଥାରୁ ମୋକଦ୍ଦମାର ମୂଳ ପ୍ରସଙ୍ଗ ଠିକ୍ ଧରିପାରୁ ନଥିଲେ ହେଁ, ତାହା ବୁଝିବା ପାଇଁ ମଧୁସୂଦନ ଚେଷ୍ଟା କରୁଥିଲେ ।

ହଠାତ୍ ପର୍ଦ୍ଦା ଅନ୍ତରାଳରୁ କ୍ଷୀଣ ନାରୀ କଣ୍ଠରେ ଚିତ୍କାର ଶୁଭିଲା ..."ମା ମଣିମା, ଜେନାମଣି ପଲଙ୍କ ତଳୁ ପଦାକୁ ବାହାରୁ ନାହାନ୍ତି ।"

ସୂର୍ଯ୍ୟମଣି ପାଟମହାଦେଈ ଆଦର ଓ ଶାସନର ମିଶାମିଶି କଣ୍ଠରେ ଡାକ ଉଠିଲେ···"ଜେନାମଣି ଅବାଧ ହୁଅନାହିଁ ! ପଲଙ୍କ ତଳୁ ବାହାର କରି ଆସ ।"

ତା'ପରେ ମଧୁସୂଦନଙ୍କୁ କହିଲେ·····"ଜେନାମଣି ବଡ ଲାଜକୁଳୀ । ପୁଣି ବୟସ ବା କେତେ ? ଏଇ ଛଅ ବର୍ଷ । ସେଥିପାଇଁ ବାବୁଙ୍କ ସାମନାକୁ ଆସିବା ପାଇଁ ସେ ଡରୁଛନ୍ତି ।"

ଜେନାମଣି ଅର୍ଥାତ୍ ରାଜା ମୁକୁନ୍ଦ ଦେବ ପଲଙ୍କ ତଳେ ଆତ୍ମ-ଗୋପନ କରିଥିଲେ ।

ଜେନାମଣିଙ୍କୁ ପଲଙ୍କ ତଳୁ ପଦାକୁ ଆଣିବାବେଳେ, ତାଙ୍କର ପ୍ରତିରୋଧ ବିଫଳ ହେଉଥିବାରୁ ସେ ଆଉରି ପାଟି ମେଲି କାନ୍ଦି ଉଠୁଥିଲେ । ସୂର୍ଯ୍ୟମଣି ପାଟମହାଦେଈ ଶାସନ କରିବା ପରି ଗମ୍ଭୀର କଣ୍ଠରେ କହିଲେ··"ଏଠିକୁ ଉଠି ଆସ ଜେନାମଣି !"

କିଛିକ୍ଷଣ ପରେ ଟୋଗୋଟିଏ ଛଅ ବର୍ଷର ବାଳକ ଜରିଦାର ପୋଷାକ ପିନ୍ଧି, ଲୁହ ଓ ଲାଳବୋଳା ମୁହଁରେ ପର୍ଦ୍ଦା ଉତାଳରୁ ହଲ୍ ଘର ଭିତରକୁ ଭୀତ ଓ କୁଣ୍ଠିତ ପାଦରେ ବାହାରି ଆସିଲା ! ସେହି ଶିଶୁ ରାଜା ମୁକୁନ୍ଦ ଦେବ ନାମରେ ଅଭିଷିକ୍ତ—ଜଗନ୍ନାଥ ଜେନାମଣି; ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ।

ଜେନାମଣିଙ୍କ ଦୁଇ ନବୋଧ, ବିସ୍ଫାରିତ ଆଖିରେ ଏକ ବନ୍ୟ ଆତଙ୍କ । ଏହି ଦୁର୍ବଳ ସ୍କନ୍ଧ ଉପରେ ଖୋର୍ଦ୍ଧା ରାଜବଂଶର ପରମ୍ପରା ସଂସ୍ଥାପିତ ହେବ···ଇତିହାସରେ ଏହାଠାରୁ ବଳି ଅନ୍ୟ ବିକଟ ବିଡ଼ମ୍ବନା ଥିବା ପରି ମଧୁସୂଦନଙ୍କର ମନେ ହେଉ ନଥିଲା ।

ସୂର୍ଯ୍ୟମଣି ପାଟମହାଦେଈ ପର୍ଦ୍ଦା ଅନ୍ତରାଳରୁ କହିଲେ··· "ବିପକ୍ଷ ଲୋକେ ଜେନାମଣିଙ୍କୁ ବିଷ ଦେଇ ମାରିଦେବା ପାଇଁ ଓଉ ଉଣ୍ଡୁଛନ୍ତି । ସେଥିପାଇଁ ଗର୍ଭିଣୀ ଭିତରେ ସବୁବେଳେ ତାଙ୍କୁ ମୁଁ ବନ୍ଦ କରି ରଖିଛି । ଜେନାମଣିଙ୍କୁ ରାଜାପଦ ଦେବାପାଇଁ ବର୍ଷେ ହେଲା କଟକ କମିସନର୍ ଠାରୁ କଲିକତାର ଗ୍ରୋଟଲାଟ, ସିମଲାରେ ବଡ଼ଲାଟ ପର୍ଯ୍ୟନ୍ତ ଯେତେ ଯେତେ ଦରଖାସ୍ତ ହେଲାଣି; ସେ ସବୁର ବିଚାର ନହୋଇ ସେମିତି ପଡ଼ି ରହିଛି । ବୈଶାଖ ମାସରେ ଫୋର୍ଟ ଉଇଲିଅମ୍ ଗ୍ରୋଟଲାଟଙ୍କ ଠାରୁ ଚିଠାଉ ଆସିଲା, ନାବାଳକ ଜଗନ୍ନାଥ ଜେନାମଣିଙ୍କୁ ଏତେ ଉର-ବରରେ ରାଜପଦ ଦେବାରେ କଣ କାରଣ ଥିଲା ଦର୍ଶାଅ ।"

ମଧୁସୂଦନ ପଚାରିଲେ ··"ତାର କଣ ଜବାବ ଦିଆଗଲା ?"

ଦୁଃଖିଶ୍ୟାମ ପଟ୍ଟନାୟକ ବସ୍ତାନି ଭିତରୁ ପାର୍ଚ୍ଚା କାଗଜ ଖଣ୍ଡେ ମଧୁସୂଦନଙ୍କ ଆଡ଼କୁ ବଢ଼ାଇ ଦେଲେ । ସେଥିରେ ଲେଖା ଥିଲା, ଲେଫଟନାଣ୍ଟ୍ ଗଭର୍ଣ୍ଣରଙ୍କୁ ସୂର୍ଯ୍ୟମଣି ପାଟମହାଦେଈଙ୍କ ଜବାବର ନକଲ···

To

His Honour the Lieutenant Governor of Bengal.

Fort William.

May it Please your Honour.

With reference to para 3 of your Honour's petitioner's memorial dated 20th instant praying to uphold the prestige of

her family by approving the assumption of the hereditary title of Rajah by her grandson at the time of his installation, your Honours' petitioner respectfully begs to submit herewith extracts from the "*Nilatri Mahoday Purana*" together with English Translation of the same for your Honour's perusal.

It will be observed from the above extracts that the minor's installation and the assumption of the patromynical cognomen of "Raja Mukunda Dev" were absolutely necessary under the *Shastra* for the due performance of certain important religious ceremonies of Jagannath.

Your Honour's petitioner hopes that the subject will meet with your Honour's favourable consideration and for this act of your Honour's kindness, Your Honour's petitioner, as in duty bound, will ever pray.

Pooree
The 30th April, 1883. Suryamoni Pattamahadei

ଉଆସକରଣ ଦୁଃଖିଶ୍ୟାମ ପଟ୍ଟନାୟକ, ପଶାଖେଳରେ କିସ୍ତିମାତ କରିବା ପରି ଉଲ୍ଲାସରେ ଖଣ୍ଡେ ପାନଚୋବାଳା ହସ ହସି କହିଲେ ...“ଆଜ୍ଞା, ଗୌର୍ କରିବା ହେଉନ୍ତୁ, ପୁଣି କଲ୍ଟର ଭୁରୁଡ଼ି ମାରୁଚନ୍ତି, ମନ୍ଦିରରେ ରାଜା କିଏ ? ରାଜା ନଥିଲେ ସେବା ବିଧିରେ ବାଧା ପଡ଼ିବ କାହିଁକି ? ମାନିକ ନୀଳାଦ୍ରି ମହୋଦୟର ସପ୍ତମ ଅଧ୍ୟାୟରେ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ବ୍ରହ୍ମବାକ୍ୟ ହେଉଛି...

“ଏବଂ ମହୋତ୍ସବଂ କୁର୍ଯ୍ୟାତ୍ ପୂଜୟାଂ ଚ ରମାପତେ
ଯଦିମେ ତାଦୃଶଂ କର୍ତ୍ତୁଂ ନୋ ଶକ୍ୟଂ ଦେବ ପ୍ରଧାନ୍ନୃପ ।
ତଦା ପ୍ରତିନିଧିଂ କୁର୍ଯ୍ୟାଦ୍ ବିପ୍ରଂ କଂ ଚିତ୍ତୁ ଧାର୍ମିକଂ
ତବ ପ୍ରତିନିଧିଃ ସୋପ୍ୟଂ ସର୍ବ ଶାସ୍ତ୍ରାର୍ଥ ତତ୍ତ୍ୱବିତ୍ ।”

ଏହାର ଅର୍ଥ ହେଲା, ଜଗନ୍ନାଥଙ୍କର ସବୁ ପୂଜା ଉତ୍ସବ କେବଳ ରାଜାଙ୍କ ଦ୍ୱାରା ଓ କୌଣସି କାରଣରୁ ସେଥିପାଇଁ ସେ ସମର୍ଥ ନ ଥିଲେ, ତାଙ୍କ ପ୍ରତିନିଧି ମୁଦିରଥଙ୍କ ଦ୍ୱାରା ତାହା ସମ୍ପାଦିତ ହେବ ।”

କିନ୍ତୁ “ନୀଳାଦ୍ରୀ-ମହୋଦୟ”ର ପ୍ରାମାଣିକତା ସେ ଇଂରେଜ କଟମାଣ୍ଡ ଦୃଷ୍ଟିରେ ଅଚଳ, ତାହା ଉଆସକରଣ ଦୁଃଖିଶ୍ୟାମ ପଟ୍ଟନାୟକ

ଅଥବା ସୂର୍ଯ୍ୟମଣି ପାଟମହାଦେଈଙ୍କୁ ସେତେବେଳେ ବୁଝାଇବାର ଉପାୟ ନଥିଲା । ରାଜାଙ୍କ ଅବର୍ତ୍ତମାନରେ ତାଙ୍କର ପ୍ରତିନିଧି ମୁଦିରଥ, ସେବାପୂଜାର ବିଧି ବିଧାନ ଯନ୍ତ୍ର ବୁଝିବା କଥା, ତା' ହେଲେ ନାବାଳକ ଜଗନ୍ନାଥ ଜେନାମଣିଙ୍କୁ ହଠାତ୍ ଏତେ ତରବରରେ ରାଜାପଦ ଦେବାର ପ୍ରୟୋଜନ ମଧ୍ୟ କଣ ? ସେହି ନୀଳାଦ୍ରୀ ମହୋଦୟର ପ୍ରାମାଣିକତା ଅନୁସାରେ କମିସନରଙ୍କ ଏ ପ୍ରକାର ଯୁକ୍ତିର ସଦୁତ୍ତର ସୂର୍ଯ୍ୟମଣି ପାଟମହାଦେଈଙ୍କ ପକ୍ଷରୁ ତଥାପି ଦିଆ ଯାଇ ପାରି ନଥିଲା ।

ବରଂ ଆଉ ଆଗରୁ ସୂର୍ଯ୍ୟମଣି ପାଟମହାଦେଈ କହିଥିଲେ··· "କମିସନର୍ ସାହେବ କଣ ନୀଳାଦ୍ରୀ-ମହୋଦୟ ଶାସ୍ତ୍ର ବାକ୍ୟକୁ ଉଡ଼ାଇ ଦେବେ ? ରାଜା ନଥିଲେ ଶ୍ରୀଜୀଉଙ୍କ ସେବା ପୂଜା ଚାଲିବ କିପରି ? ଆମେ ତ ସେଇଥିପାଇଁ ଆମ ନାତି, ଜଗନ୍ନାଥ ଜେନାମଣିଙ୍କୁ ରାଜାପଦ ଦେଲୁ । ବାବୁ ସେଇ କଥା ଲାଟ ସାହେବ, କମିସନର୍ ସାହେବ ମାନଙ୍କୁ ବୁଝାଇ ଏଥିର ବିହିତ ବ୍ୟବସ୍ଥା କରନ୍ତୁ ।"

ମଧୁସୂଦନଙ୍କର ହଠାତ୍ ମନେ ପଡ଼ିଗଲା, ସେ ଖ୍ରୀଷ୍ଟିଆନ୍; ଯେଉଁମାନେ ଜଗନ୍ନାଥଙ୍କୁ "ଜଗର୍ନଟ" ଉଚ୍ଚାରଣ କରି, ଅବ୍ୟକ୍ତ ସୌନ୍ଦର୍ଯ୍ୟର ଏକ ଅପୂର୍ବ ପରିପ୍ରକାଶକୁ ସବୁ କୁତ୍ସିତତା ଓ ଆଦିମ ବର୍ବରତାର ସଙ୍କେତ ରୂପେ ଚିତ୍ରଣ କରିଥାନ୍ତି । ମଧୁସୂଦନ ସେହି ପାଶ୍ଚାତ୍ୟ ପାଦ୍ରୀ-ପ୍ରଭାବିତ ଗୋଷ୍ଠୀର ଅନ୍ୟତମ । ତାଙ୍କ ପକ୍ଷରେ ହିନ୍ଦୁ ଜଗତର ସେହି ଇଷ୍ଟ ଦେବତା "ଜଗର୍ନଟ"ଙ୍କ ସେବାପୂଜା ଓ ସ୍ମାର୍ତ୍ତ ଗୋଷ୍ଠୀର ଶାସ୍ତ୍ର "ନୀଳାଦ୍ରୀ-ମହୋଦୟ" ସମ୍ପର୍କରେ ଏତେଟା ବିଶ୍ୱାସ ଓ ଅନୁରକ୍ତି ଦେଖିଲେ ରେଭରେଣ୍ଡ ମିଲର୍ ଅଥବା ରେଭରେଣ୍ଡ ସାରି ଆଲେକଜାଣ୍ଡର ଡଫ୍ ପ୍ରମୁଖ ତାଙ୍କର ଧର୍ମଗୁରୁ ମାନେ ଯେପରି ଚମକନ୍ତେ—ମନେ ମନେ ତାହା କଳ୍ପନା କରି ତାଙ୍କୁ ହସ ଲାଗୁଥିଲା । ବୃତ୍ତିରେ ଅବଶ୍ୟ ମଧୁସୂଦନ ଓକିଲ । ବ୍ୟବସାୟିକ ଦୃଷ୍ଟିରୁ ହିନ୍ଦୁ-ମାନଙ୍କର ମୋକଦ୍ଦମା ମଧ୍ୟ ତାଙ୍କ ଚଳାଇବା ପାଇଁ ସମ୍ଭବ । ମାତ୍ର ଏ ମୋକଦ୍ଦମାରେ ସୂର୍ଯ୍ୟମଣି ପାଟମହାଦେଈଙ୍କ ଠାରୁ ଉଲ୍ଲେଖଯୋଗ୍ୟ ତ ଦୂରର କଥା, ସାଧାରଣ ପାରିଶ୍ରମିକ ସୁଦ୍ଧା ମିଳିବାର ସମ୍ଭାବନା ନଥିଲା—ସେ କଥା, ଲ'ଏଜେଣ୍ଟ ଦାମୋଦର ମହାନ୍ତି ଯଥେଷ୍ଟ ପୂର୍ବରୁ ସୂଚନା ଦେଇ ସାରିଥିଲେ । ତେଣୁ ଯାହା ତାଙ୍କର ସ୍ୱଧର୍ମ, ପୁଣି

ବ୍ୟବସାୟ ଦୃଷ୍ଟିରୁ ଯାହା ଲାଭପ୍ରଦ ନୁହେଁ, ମଧୁସୂଦନ ସେଥିରେ ଏତେ ଉତ୍ସାହିତ କାହିଁକି ? ···ମଧୁସୂଦନ ମନେ ମନେ ଆତ୍ମବିଶ୍ଳେଷଣ କରୁଥିଲେ ।

ପରମୁହୂର୍ତ୍ତରେ, ହଲ୍‌ଘର କାନ୍ଥରେ ଅଙ୍କିତ ଥିବା ଜଗନ୍ନାଥଙ୍କର ଗୋଟିଏ ଚିତ୍ରପଟ୍ଟ ଆଡେ ଦୃଷ୍ଟି, ମଧୁସୂଦନଙ୍କର ମନେ ହେଲା, ଜଗନ୍ନାଥ ତ କେବଳ ହିନ୍ଦୁଜଗତର ଆରାଧ୍ୟ ଦେବତା ନୁହନ୍ତି । ଓଡ଼ିଆ ଜାତିର ଅଭିମାନ ଓ ଆତ୍ମପ୍ରତ୍ୟୟର ସେ ଯେପରି ଅମ୍ଳାନ ସଙ୍କେତ, ଉତ୍କଳ ରାଷ୍ଟ୍ରର ମଧ୍ୟ ସେହିପରି ପ୍ରେରଣାର ଉତ୍ସ । ଉତ୍କଳର କୀର୍ତ୍ତି ଓ ସମ୍ରାଜ୍ୟର, ରାଷ୍ଟ୍ରସତ୍ତା ଓ ସଂଗ୍ରାମର, ପ୍ରାଣଶକ୍ତି ଓ ପୌରୁଷର ମହିମାମୟ ପ୍ରତିରୂପ ଜଗନ୍ନାଥ । ଦୀର୍ଘ ଏକହଜାର ବର୍ଷ ବ୍ୟାପୀ ଓଡ଼ିଶା ଇତିହାସର ବହୁ ସ୍ମୃତି, ପରମ୍ପରା ଓ ପ୍ରବାହ ତାଙ୍କଠାରେ ନିହିତ ରହିଅଛି । ସେଥିପାଇଁ ମୋଗଲ ସମ୍ରାଟ ଆକବରଙ୍କ ବିଜୟୀ ସେନାପତି ଟୋଡ଼ରମଲ୍ଲ ମାନସିଂହଙ୍କଠାରୁ, ଇଷ୍ଟ-ଇଣ୍ଡିଆ କୋମ୍ପାନୀର ଲର୍ଡ ୱେଲେସ୍‌ଲିଙ୍କ ପର୍ଯ୍ୟନ୍ତ ସମସ୍ତେ ଜଗନ୍ନାଥଙ୍କ ପ୍ରତିଷ୍ଠା ଏକବାକ୍ୟରେ ସ୍ୱୀକାର କରି ଆସିଛନ୍ତି ।

୧୮୦୩ ସାଲରେ ଇଂରେଜମାନଙ୍କର ଓଡ଼ିଶା ଅଧିକାର ପରେ ବିମଳାଙ୍କ ମନ୍ଦିର ଉପରେ ଥରେ ଗୋଟାଏ ଶାଗୁଣା ବସିଥିଲା । ଆଉ ଦିନେ ବିମଳାଙ୍କ ଶାଢ଼ୀ ଝାଳରେ ହଠାତ୍ ଭିଜି ଯାଇଥିବା ସେବାୟତ ମାନେ ଲକ୍ଷ୍ୟ କରିଥିଲେ । ଦେଶରେ ଦୁର୍ଭିକ୍ଷ ଓ ମହାମାରୀ ପ୍ରଭୃତି ବ୍ୟାପିବାର ଏସବୁ ଅଶୁଭ ଶଙ୍କୁଳ ଥିବା ଆଶଙ୍କା କରି, ବିଶେଷ ପୂଜା ଓ ଅନୁଷ୍ଠାନ ପାଇଁ ଆବଶ୍ୟକୀୟ ଉପକରଣ ଯୋଗାଇ ଦେବା ପାଇଁ ଶ୍ରୀମନ୍ଦିରର ପରିଛା କୋମ୍ପାନୀ ସରକାରଙ୍କୁ ଦରଖାସ୍ତ କରିଥିଲେ । ସେତେବେଳେ ଫୋର୍ଟ ଉଇଲିୟମରେ କୋମ୍ପାନୀ ସରକାରଙ୍କ ଠାରୁ ପୁରୀର କଲେକ୍ଟର ଜେ. ହଣ୍ଟରଙ୍କ ନିକଟକୁ ଯେଉଁ ଆଦେଶନାମା ପ୍ରେରିତ ହୋଇଥିଲା, ସେଥିରେ ସ୍ପଷ୍ଟ ଘୋଷଣା କରାଯାଇଥିଲା:—

It has been the anxious solicitude and desire of the Commissioners founded upon the express orders of His Excellency the Most Noble Governor General that no interference or intervention should be experienced at the pagodah

of Jagannath by any act of their authority and that the former ceremonies and customs should be permitted and supported on every occasion arising from the great importance and magnitude of the question as affecting in the utmost degree the peace and happiness of so vast a proportion of the inhabitants of the British Dominion in India." †

ଭାରତରେ ପୁରୁଷୋତ୍ତମ ପୁରୀ ଶ୍ରୀମନ୍ଦିରର ଅତୁଳନୀୟ ପ୍ରତିଷ୍ଠା ଓ ପ୍ରାଧାନ୍ୟ ("great importance and magnitude") ସେଦିନ କେବଳ ଯେ ଇଂରେଜ ମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା ତାହା ନୁହେଁ, ତାହାର ତିନି ଶତାବ୍ଦୀ ପୂର୍ବେ ଷୋଡ଼ଶ ଶତାବ୍ଦୀରେ ଆକବରଙ୍କ ବିଜୟୀ ସେନାପତି ମାନସିଂହ ଏହି ଶ୍ରୀମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ହୋଇ " କପିଳ ସଂହିତା" ରୁ ଆବୃତ୍ତି କରିଥିଲେ···"ସର୍ବ ରାଜ୍ୟହରଂ ଦେଶଂ କ୍ଷେତ୍ରଂ ଦେବୈସ୍ତୁ କଳ୍ପିତଂ" ! ଜଗନ୍ନାଥଙ୍କ ପାଇଁ ସେଦିନ ପ୍ରତାପଶାଳୀ ମୋଗଲ ଅଧୀଶ୍ୱର ଆକବର ଖୋର୍ଦ୍ଧା ରାଜ୍ୟର ସ୍ୱାତନ୍ତ୍ର୍ୟ ଓ ସାର୍ବଭୌମତ୍ୱ ସ୍ୱୀକାର କରିବା ପାଇଁ ବାଧ୍ୟ ହୋଇଥିଲେ ।

ଇତିହାସର ପ୍ରତିକୂଳ ଗତିରେ ସେହି ଲାଞ୍ଛିତ ଓ ଅପମାନିତ ଉତ୍କଳର ଅଭିମାନ ପୁଣି ଅଭ୍ୟୁତ୍‌ଥାନର ପ୍ରେରଣାମୟ ସଙ୍କେତ—ଜଗନ୍ନାଥ । ଶ୍ରୀମନ୍ଦିର କେବଳ ତ ଏକ ଦେବାୟତନ ନୁହେଁ, ଏହା ଓଡ଼ିଆ ଜାତିର ନିରବଚ୍ଛିନ୍ନ ଇତିହାସର ପ୍ରନ୍ନଶାଳା । ଏବେ ସେହି ଶ୍ରୀମନ୍ଦିରରେ ଖୋର୍ଦ୍ଧାରାଜାଙ୍କୁ ତାଙ୍କ ପାରମ୍ପରିକ ଐତିହାସିକ ଅଧିକାରରୁ ବଞ୍ଚିତ କରି ସେଠାରେ ଇଂରେଜ ଅମଲାତନ୍ତ୍ରର ଆରୋପ, ଖ୍ରୀଷ୍ଟିଆନ୍ ମଧୁସୂଦନଙ୍କୁ ସୁଦ୍ଧା ତୀବ୍ର ଭାବରେ ଆନ୍ଦୋଳିତ କରି ଦେଉଥିଲା ।

ଦୁଃଖିଶ୍ୟାମ ପଟ୍ଟନାୟକ ବସ୍ତାନି ଭିତରୁ ଆଉ ଖଣ୍ଡେ କାଗଜ ମଧୁସୂଦନଙ୍କ ଆଗେ ବଢ଼ାଇ ଦେଇ କହିଲେ···"ଏ କାଗଜ ଖଣ୍ଡି କରୁ ଦେଖିବା ହେବେ, ପାଟମହାଦେଈ ମଣିମାଙ୍କ ଦରଖାସ୍ତ ସବୁ ସେହିଦିନୁ ସରକାରୀ ସିରସ୍ତାରେ ସେମିତି ବଢ଼ା ବନ୍ଧା ହୋଇ ପଡ଼ିଛି । ମନ୍ଦିର

† From Secretary Fort Williams to J. Hunter, Collector, Jagganath, dated 3rd July, 1804.
(Board of Revenue Documents)

ହାତକୁ ନେବା ମତଲବ୍‌ରେ ଇଂରେଜ ସରକାର ରାଜା ମୁକୁନ୍ଦଦେବଙ୍କୁ ସନନ୍ଦ ଦେବା ପାଇଁ କେମିତି ଖେଳ ଖେଳୁଛନ୍ତି" । କାଗଜ ଖଣ୍ଡିକ ପଲିଟିକାଲ ଡ଼ିପାର୍ଟମେଣ୍ଟର ଖଣ୍ଡେ ମାମୁଲି ଚିଠି; ସେଥିରେ ମହାରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ପ୍ରତି ଯଥୋଚିତ ସମ୍ବୋଧନର ସାଧାରଣ ସୌଜନ୍ୟ ସୁଦ୍ଧା ନଥିଲା···

**No 416 P.O.**
**Office Memorandum**
**Political Department**
**Darjeeling, the 29th May, 1883.**

**Suryamoni Pattamahadei, guardian of the minor son of Dibyasingh Dev of Puri is informed that her two petitions dated the 20th and 30th April last praying that the assumption by the minor of the title of *Raja* may be approved by Government have been forwarded to the Commissioner of Orissa for report.**

**Sd/Illegible**
**Under Secretary to the Government**
**Bengal.**

ମଧୁସୂଦନ ଚିଠି ଖଣ୍ଡିକ ଉପରେ ଅନ୍ୟମନସ୍କ ଭାବରେ ଆଖି ବୁଲାଇବା ବେଳେ, ତାଙ୍କ ଦୃଷ୍ଟିରେ ଭାସି ଉଠୁଥିଲା ଆଗଙ୍ଗା-ଗୋଦାବରୀ ବିସ୍ତୃତ ଉତ୍କଳ-ସମ୍ରାଜ୍ୟର ବିଲୟ ଓ ବିଡ଼ମ୍ବନାର ଦୃଶ୍ୟ ପରେ ଦୃଶ୍ୟ । ହାୟ ଦୁର୍ଭାଗ୍ୟ ! ଉତ୍କଳର ଗଜପତି-ସିଂହାସନ ଆଜି ଜଣେ ସାମାନ୍ୟ ଇଂରାଜ କମିସନର୍‌ର ଦାକ୍ଷିଣ୍ୟ ଓ ଅନୁଗ୍ରହ ଉପରେ ନିର୍ଭରଶୀଳ । କାହିଁ ଗଲେ ଉତ୍କଳର ବୀର ଶ୍ରୀଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବୀରାଧିବୀରବର ସମ୍ରାଟମାନେ ? ଆଜି ସେହି ସିଂହାସନରେ ରାଜାପଦ ପାଇଁ କୋର୍ଟଫିଜ୍ ଲଗାଇ ଦରଖାସ୍ତ ଦେବା ପାଇଁ ପଡ଼ୁଛି !

ଦୁଃଖିଶ୍ୟାମ କହିଲେ···" ଏବେ ବୁଝିବା ହେଉନୁ, ମହାରାଣୀଙ୍କ ଦରଖାସ୍ତ ସବୁ ବର୍ତ୍ତମାନ କମିସନର ମେଟକାଫ୍ ସାହେବ ପାଖରେ ! ତାଙ୍କର କଲମଗାର ଉପରେ ଏବେ ଖୋର୍ଦ୍ଧା ରାଜବଂଶର ମାନ ସମ୍ମାନ ନିର୍ଭର କରୁଛି ।"

ଚିତ୍କାର କରି କହିବା ପାଇଁ ମଧୁସୂଦନଙ୍କର ଇଚ୍ଛା ହେଉଥିଲା···"କୃତକର୍ମର ଏହା ଅଲଂଘନୀୟ ଶାସ୍ତି !"

ମଧୁସୂଦନଙ୍କର ଦୃଷ୍ଟି ହଠାତ ପଡ଼ିଗଲା, ତାଙ୍କ ଠାରୁ ଅଦୂରରେ ଦୁଃଖିଶ୍ୟାମଙ୍କ ହାତ ଧରି ନିର୍ବୋଧ ଆଖି ମେଲି ଠିଆ ହୋଇଥିବା ଛଅବର୍ଷର ବାଳକ, ରାଜା ମୁକୁନ୍ଦ-ଦେବଙ୍କ ଉପରେ । ବିଲୟ ଓ ଅଧଃପତନର ମଳିନ ଛାୟା ସେହି ବାଳକଟିର ଖାତ, ଶଙ୍କିତ ଦୃଷ୍ଟିରେ ଯେପରି ଗଭୀର ଭାବରେ ଫୁଟି ଉଠିଥିଲା । ବାଳକଟି ପ୍ରତି ମଧୁସୂଦନଙ୍କ ଅନ୍ତଃସ୍ଥଳ କରୁଣା ଓ ସହାନୁଭୂତିରେ କୋମଳ ହୋଇ ଉଠିଲା । ଯେଉଁ ଅଧଃପତିତ ଉତ୍କଳର ଅଭ୍ୟୁଦୟ ତାଙ୍କର ପ୍ରିୟତମ ସ୍ୱପ୍ନ; ଏଇ ଅସହାୟ ବାଳକଟି ତ ତାହାର ଐତିହାସିକ ସଙ୍କେତ ! ତାଙ୍କ ନିଜ ଜୀବନ ଇତିହାସର ଜନ୍ମଜାତକ ସୁଦ୍ଧା ଏହି ରାଜବଂଶର ପ୍ରଶସ୍ତି ମଧ୍ୟରେ ଆରମ୍ଭ ହୋଇଅଛି । ପ୍ରତି ଓଡ଼ିଆ ପରି ତାଙ୍କର ଗଭୀରତମ ଅବଚେତନ ମଧ୍ୟ ଏହି ରାଜବଂଶର ପରମ୍ପରା ସହିତ ଏକ ଦୁଃଚ୍ଛେଦ୍ୟ ଗ୍ରନ୍ଥିରେ ଆବଦ୍ଧ । ଏହି ରାଜବଂଶର ମାନ ଅପମାନ ମଧୁସୂଦନଙ୍କ ଦୃଷ୍ଟିରେ ହଠାତ ଯେପରି ସମଗ୍ର ଓଡ଼ିଆ ଜାତିର ମାନ ଅପମାନରେ ପରିଣତ ହୋଇ ପଡ଼ିଥିଲା !

ମଧୁସୂଦନ ତନ୍ଦ୍ରାଳୁର ପରି ବାଳକ ମୁକୁନ୍ଦଦେବଙ୍କୁ ହଠାତ୍ କୋଳକୁ ଟାଣି ଆଣିଲେ । ଭିତରୁ ସୂର୍ଯ୍ୟମଣି ପାଟମହାଦେଈଙ୍କ କଣ୍ଠସ୍ୱର ଶୁଭିଲା··· "ବାବୁଙ୍କୁ ବୁଢ଼ ଦୁଃଖୀଶ୍ୟାମ; ଆଜିଠାରୁ ଜଗନ୍ନାଥ ନେନାମଣିଙ୍କ ଦାୟିତ୍ୱ ତାଙ୍କୁ ଲାଗିଲା ।"

× × ×

ଜଗନ୍ନାଥ ମନ୍ଦିରର ପରିଚାଳନାରେ ଇଂରେଜମାନେ ଯେ ଖୁବ୍ ଆଗ୍ରହୀ ଥିଲେ ତାହା ନୁହେଁ । ଅତୀତରେ ମନ୍ଦିରର ପରିଚାଳନା ଇଂରେଜମାନେ ହାତକୁ ନେଇଥିଲେହେଁ, ସେଥିର ଆର୍ଥିକ ଦାୟିତ୍ୱ ହେତୁ ସେମାନେ ତାହା ପୁଣି ଖୋର୍ଦ୍ଧା ରାଜାଙ୍କ ଠାରେ ନ୍ୟସ୍ତ କରିଥିଲେ । ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ଜଗନ୍ନାଥ ମନ୍ଦିର ମରହଟ୍ଟା ମାନଙ୍କର ପରିଚାଳନାଧୀନରେ ରହିଥିଲା । ଖୋର୍ଦ୍ଧା ରାଜାଙ୍କର ସେଥିରେ କୌଣସି ଅଧିକାର ନଥିଲା । ମନ୍ଦିରର ଆୟ ଓ ବ୍ୟୟ ମଧ୍ୟରେ

ଯେଉଁ ଅର୍ଥ ଅଭାବ ଘଟୁଥିଲା, ମରହଟ୍ଟାମାନେ ତାହାର ଭରଣା କରୁଥିଲେ । ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ସେହି ପରମ୍ପରା ଧରି ଜଗନ୍ନାଥ ମନ୍ଦିର ମଧ୍ୟ ଇଂରେଜ ମାନଙ୍କର ନିୟନ୍ତ୍ରଣକୁ ଆସିଲା । ଇଂ୧୮୦୪ ସାଲରେ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବ ମନ୍ଦିରରେ ନିଜ କର୍ତ୍ତୃତ୍ୱର ପୁନର୍ପ୍ରତିଷ୍ଠା ପାଇଁ ଉଦ୍ୟମ କରି ସେତେବେଳେ ବ୍ୟର୍ଥ ହୋଇଥିଲେ । ମାତ୍ର ମନ୍ଦିର ପରିଚାଳନା ପାଇଁ ଆୟ ଓ ବ୍ୟୟ ମଧ୍ୟରେ ଅଭାବ ପଡୁଥିବା ଅର୍ଥ ଭରଣା କରିବାର ଦାୟିତ୍ୱ ଇଂରେଜ ମାନଙ୍କୁ ବହନ କରିବାପାଇଁ ପଡୁଥିବାରୁ ଓ ବ୍ୟବସାୟ ଦୃଷ୍ଟିରୁ ସେଥିରେ କୋମ୍ପାନୀ-ସରକାରଙ୍କର କୌଣସି ଲାଭ ନଥିବାରୁ ମନ୍ଦିରର ପରିଚାଳନା ନିଜ ହାତରେ ରଖିବାରେ ସେମାନେ ଆଉ ବିଶେଷ ଆଗ୍ରହୀ ନଥିଲେ । ତେଣୁ ଇଂ୧୮୦୭ ସାଲରେ ରାଜା ମୁକୁନ୍ଦଦେବ ମେଦିନୀପୁର ଜେଲ୍‌ରୁ କାରାମୁକ୍ତ ହୋଇ ଫେରିବା ପରେ, ଇଂ୧୮୦୯ ସାଲର ୪ର୍ଥ ରେଗୁଲେସନ୍‌ରେ ମନ୍ଦିର ପରିଚାଳନାର ଅଧିକାର ଖୋର୍ଦ୍ଧା ରାଜାଙ୍କ ଉପରେ ସେମାନେ ପୁଣି ନ୍ୟସ୍ତ କରିଥିଲେ । ସେଥି ସଙ୍ଗେସଙ୍ଗେ ଖୋର୍ଦ୍ଧା ରାଜାଙ୍କ ଠାରେ "ଅସଦାଚରଣ" ( misconduct ) ଓ "ଅସାମର୍ଥ୍ୟ" ( incapacity ) ଯେବେ ପରିଲକ୍ଷିତ ହେଲେ, ଅର୍ଥାତ୍ ଇଂରେଜ ସରକାର ପ୍ରତି ତାଙ୍କର ଆନୁଗତ୍ୟରେ ସାମାନ୍ୟ ଅଭାବ ଘଟିଲେ, ମନ୍ଦିର ପରିଚାଳନାର ଅଧିକାରରୁ ତାଙ୍କୁ ବଞ୍ଚିତ କରିବା ପାଇଁ ଇଂ୧୮୧୭ ସାଲର ୧୨ଶ ରେଗୁଲେସନ୍‌ରେ ପରେ ବ୍ୟବସ୍ଥା କରା ଯାଇଥିଲା । ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ଅମାନିଆ ହେବା ଜନ୍ୟ ଏହି ଦ୍ୱାଦଶ ରେଗୁଲେସନ୍ ବଳରେ ଖୋର୍ଦ୍ଧା ରାଜାଙ୍କୁ ମନ୍ଦିରର ପରିଚାଳନା ଅଧିକାରରୁ ବଞ୍ଚିତ କରି ତାହା ନିଜ ହାତକୁ ନେବା ପାଇଁ ଇଂରେଜ ସରକାର ଚେଷ୍ଟିତ ରହିଥିଲେ ।

କୁଣ୍ଡାଇବେଣ୍ଟ ସାହି ଶ୍ରୀନବରତ୍ନ ଫେରି, ସୂର୍ଯ୍ୟମଣି ପାଟମହା-ଦେଈଙ୍କ ଦରଖାସ୍ତ ସମ୍ପର୍କରେ ପୁରୀର କଲେକ୍ଟର ଗ୍ରାଣ୍ଟ ସାହେବଙ୍କ ସହିତ ଆଲୋଚନା କଲାବେଳେ ମଧୁସୂଦନ ତାହା ବେଶ୍ ବୁଝି ପାରିଥିଲେ ।

ମିଷ୍ଟର ଗ୍ରାଣ୍ଟ କହିଲେ···" ରାଜା ଦିବ୍ୟସିଂହ ଦେବ ନରହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ଆଣ୍ଡାମାନ୍‌କୁ ଦ୍ୱୀପାନ୍ତରିତ ହୋଇଛନ୍ତି ସତ୍ୟ, ମାତ୍ର ସେ ତ ରାଜ୍ୟଚ୍ୟୁତ ହୋଇ ନାହାନ୍ତି ! ତେଣୁ

ଖୋର୍ଦ୍ଧା ଗାଦୀରେ ତାଙ୍କର ନାବାଳକ ପୁତ୍ରକୁ ରାଜା ରୂପେ ଏବେ ସ୍ୱୀକାର କରାଯାଇ ପାରିବ କିପରି ?”

ପରିସ୍ଥିତିଟି ବୁଝିବା ପାଇଁ ମଧୁସୂଦନଙ୍କୁ ଆଉ ଗୋଟିଏ ମୁହୂର୍ତ୍ତ ବିଳମ୍ବ ସୁଦ୍ଧା ଲାଗିଲା ନାହିଁ । ଏ ଯୁକ୍ତିଟି ମଧ୍ୟ ଅକାଟ୍ୟ । ରାଜା ଦିବ୍ୟସିଂହ ଦେବ ଜୀବିତ ଥାଇଁ ଥାଉଁ ତାଙ୍କ ନାବାଳକ ପୁତ୍ରକୁ ରାଜାରୂପେ ସ୍ୱୀକୃତି ଦିଆଯିବା ନିଶ୍ଚୟ ଅସଙ୍ଗତ କଥା !

ଗ୍ରାଣ୍ଟ ପୁଣି କହିଲେ···“ ରାଜା ଦିବ୍ୟସିଂହ ଦେବଙ୍କୁ କ୍ଷମା ଦେଇ ତାଙ୍କୁ ଫେରାଇ ଆଣିବା ପାଇଁ ରାଣୀମହାଦେଈଙ୍କର ଏକ ଦରଖାସ୍ତ ବର୍ତ୍ତମାନ ମଧ୍ୟ ବିଚାରାଧୀନ ଅଛି । ସେ ଫେରି ଆସି ଯେତେବେଳେ ଦେଖିବେ ଯେ ଇତିମଧ୍ୟରେ ରାଜ୍ୟଚ୍ୟୁତ ହୋଇ, ତାଙ୍କ ସ୍ଥାନରେ ତାଙ୍କର ନାବାଳକ ପୁତ୍ରଙ୍କୁ ରାଜା କରା ଯାଇଅଛି, ସେତେବେଳେ ପରିସ୍ଥିତିଟା କିପରି ଅଦ୍ଭୁତ ହେବ, ଆପଣ ବିଚାର କରି ଦେଖନ୍ତୁ ତ !”

ମଧୁସୂଦନ ପଚାରିଲେ··· “ ରାଜା ଦିବ୍ୟସିଂହ ଦେବଙ୍କୁ ଦଣ୍ଡରୁ ମୁକ୍ତି ଦେବା ପାଇଁ ଯେଉଁ ଦରଖାସ୍ତ ଦିଆ ଯାଇଅଛି ତାହାର ବିଚାର ବର୍ତ୍ତମାନ କେଉଁ ଅବସ୍ଥାରେ ଅଛି ? ”

ମିଷ୍ଟର ଗ୍ରାଣ୍ଟ ଅପ୍ରସ୍ତୁତ କଣ୍ଠରେ ଉତ୍ତର ଦେଲେ··· “ ସେ ବିଷୟ ଆପଣ ବଙ୍ଗଳା ଗଭର୍ଣ୍ଣମେଣ୍ଟଙ୍କ ଠାରୁ ଅନୁସନ୍ଧାନ କରି ପାରନ୍ତି । କିନ୍ତୁ ରାଜା ଦିବ୍ୟସିଂହ ଦେବ ଜୀବିତ ଥାଉଁ ଥାଉଁ ତାଙ୍କ ନାବାଳକ ପୁତ୍ରକୁ ରାଜା ମୁକୁନ୍ଦ ଦେବ ରୂପେ ସ୍ୱୀକୃତି ଦେବା ଅସମ୍ଭବ କଥା !”

ଜଗନ୍ନାଥ ଜେନାମଣିଙ୍କୁ ରାଜା ମୁକୁନ୍ଦ ଦେବ ରୂପେ ସ୍ୱୀକୃତି ନ ଦେବାର କୈଫିୟତ ଏବେ ଜଣା ପଡିଗଲା । କଲେକ୍ଟର ଗ୍ରାଣ୍ଟ୍‌ଙ୍କ ସହିତ ଆଉ କୌଣସି ବାକ୍ୟବ୍ୟୟ ନକରି ମଧୁସୂଦନ ତାଙ୍କ ଠାରୁ ବିଦାୟ ନେଇ ଚାଲି ଆସିଲେ । ପୁରୀରୁ ଫେରିବା ବେଳେ ସଙ୍ଗରେ ସେ ଆଣିଥିଲେ ରାଜବଂଶର ମାଦଳା ପାଞ୍ଜି; ରାଜବଂଶର ଅଜ୍ଞାତ ଇତିହାସ ମଧ୍ୟରେ କଲେକ୍ଟର ଗ୍ରାଣ୍ଟ୍‌ଙ୍କ ପ୍ରଶ୍ନର ଉତ୍ତର ଅନୁସନ୍ଧାନ କରିବା ପାଇଁ ।

× × ×

କାନ୍ଥଘଣ୍ଟାରେ ରାତି ତିନିଟା ବାଜିଲା ।

ମଧୁସୂଦନ କ୍ଳାନ୍ତ ଭାବରେ ଦୁଇ ଆଖି ମଳି ମଳି କାନ୍ଥଘଣ୍ଟା ଆଡ଼େ ଚାହିଁଲେ । ସୂର୍ଯ୍ୟମଣି ପାଟମହାଦେଈଙ୍କ ଉତ୍ତରର ଖସଡ଼ା ରାତ୍ର ମଧ୍ୟରେ ଶେଷ କରି କାଲି କମିସନର୍‌ଙ୍କ ଠାରେ ଦାଖଲ କରିବା ପାଇଁ ଘଡ଼ିବ ।

ମଧୁସୂଦନ ଟେବୁଲ ପାଖରୁ ଅଫିସ କାନ୍ଥରେ ଝୁଲୁଥିବା ଖୋର୍ଦ୍ଧା ରାଜବଂଶର ବଂଶାବଳୀ ପାଖକୁ ଉଠି ଆସିଲେ । ସେହି ବଂଶାବଳୀରେ ଅଷ୍ଟାଦଶ ଶତାବ୍ଦୀର ରାଜା ରାମଚନ୍ଦ୍ରଦେବଙ୍କ ନାମ ଚାରିପଟେ ଇତି ମଧ୍ୟରେ ନାଲି ପେନ୍‌ସିଲ୍‌ରେ ଗୋଟିଏ ମୁଣ୍ଡଳା ବୁଲା ସାରିଥିଲା । ଖ୍ରୀ ୧୭୨୫ ରେ ଏହି ରାମଚନ୍ଦ୍ର ଦେବ ଦକ୍ଷିଣରେ ଟିକାଲି-ରଘୁନାଥପୁର ଯୁଦ୍ଧରେ ମୋଗଲମାନଙ୍କ ଦ୍ୱାରା ପରାସ୍ତ ହେବା ପରେ ବନ୍ଦୀ ହୋଇ କଟକ ଆସିଥିଲେ । କଟକରେ ସେତେବେଳେ ପ୍ରବଳ ହିନ୍ଦୁ-ବିଦ୍ୱେଷୀ ନାଏବ ନାଜିମ୍ ତକୀଖାଁର ଅମଳ । କଟକ ବାରବାଟୀ ଦୁର୍ଗରେ ବନ୍ଦୀ ଥିବାବେଳେ, କେତେକ ଘଟଣାଚକ୍ରରେ ରାମଚନ୍ଦ୍ର ଦେବ ଇସଲାମ ଧର୍ମରେ ଧର୍ମାନ୍ତରିତ ହୋଇ ତକୀଖାଁର ଭଗିନୀ ରଜିଆକୁ ବିବାହ କରିଥିଲେ । ରାଜା ରାମଚନ୍ଦ୍ର ଦେବଙ୍କ ନାମ ହାଫିଜ୍ କାଦାର ବେଗ୍‌ରେ ପରିଣତ ହୋଇଥିଲା । ରାମଚନ୍ଦ୍ର ଦେବ ମୁସଲମାନ୍ ହୋଇ ସୁଦ୍ଧା ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଓ ନିଷ୍ଠାରେ ଅଭାବ ନଥିଲା । ଜଗନ୍ନାଥଙ୍କର ରାଜସେବକ କେବଳ ଉତ୍କଳର ସିଂହାସନରେ ଅଧିକାରୀ ହୋଇ ପାରନ୍ତି । ସ୍ମରଣାତୀତ କାଳରୁ ଜଗନ୍ନାଥ ଉତ୍କଳର ସାର୍ବଭୌମ ରାଜଶକ୍ତିର ସଙ୍କେତରେ ପରିଣତ ହୋଇ ସାରିଥିଲେ । ରାମଚନ୍ଦ୍ର ଦେବ ଧର୍ମାନ୍ତରିତ ହୋଇ ଜଗନ୍ନାଥଙ୍କ ସେବକତ୍ୱର ଅଧିକାରରୁ ବଞ୍ଚିତ ହେଲେ ଉତ୍କଳର ଜନସାଧାରଣଙ୍କ ଆନୁଗତ୍ୟ ହରାଇବେ ଓ ଖୋର୍ଦ୍ଧାକୁ ମୋଗଲଶକ୍ତିର ଅଧୀନସ୍ଥ କରାଇବା ସୁଗମ ହେବ ; ଏହିପରି କୂଟବୁଦ୍ଧିରେ କେବଳ ତକୀଖାଁ ରାମଚନ୍ଦ୍ର ଦେବଙ୍କୁ ଧର୍ମାନ୍ତରିତ କରାଇଥିଲେ । କିନ୍ତୁ ରାମଚନ୍ଦ୍ର ଦେବ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ ସୁଦ୍ଧା ଉତ୍କଳର ଇଷ୍ଟଦେବ ଜଗନ୍ନାଥଙ୍କ ପ୍ରତି ଆନୁଗତ୍ୟ ଛାଡ଼ି ନଥିଲେ । ତାଙ୍କ ଦର୍ଶନ ପାଇଁ ଦେଉଳ ସିଂହଦ୍ୱାର ଗୁମଟରେ ପତିତପାବନ ମୂର୍ତ୍ତି ସ୍ଥାପିତ ହୋଇଥିଲେ । ମାଦଳାପାଞ୍ଜିରେ ସେ ଇତିବୃତ୍ତି ଲିପିବଦ୍ଧ ଥିଲା ।

ମଧୁସୂଦନ ଟେବୁଲ ପାଖକୁ ଫେରିଆସି ସୂର୍ଯ୍ୟମଣି ପାଟ-ମହାଦେଈଙ୍କ ଜବାବ-ଦରଖାସ୍ତରେ ସେହି ଇତିହାସ ଯୋଡ଼ି ବସିଲେ । ରାଜା ଦିବ୍ୟସିଂହ ଦେବ ଆଣ୍ଡାମାନରୁ ଦଣ୍ଡମୁକ୍ତ ହୋଇ ଫେରିଲେ ସୁଦ୍ଧା, ମ୍ଳେଚ୍ଛ ରୂପେ ପରିଗଣିତ ହୋଇ ଜଗନ୍ନାଥଙ୍କ ସେବାପୂଜାର ଅଧିକାରରୁ ନିଶ୍ଚୟ ବଞ୍ଚିତ ହେବେ । ସେଥିପାଇଁ ଶାସ୍ତ୍ରୀୟ ପରମ୍ପରା ଅନୁସାରେ, ତାଙ୍କର ଉତ୍ତରାଧିକାରୀ ମୁକୁନ୍ଦଦେବଙ୍କୁ ରାଜାରୂପେ ସ୍ୱୀକାର କରିବା ପାଇଁ ପଡ଼ିବ । ତା' ନ ହେଲେ ଏହି ଐତିହାସିକ ମନ୍ଦିରର ପରିଚାଳନାରେ ହସ୍ତକ୍ଷେପ କରାଯିବା ସଙ୍ଗେ ସଙ୍ଗେ, ହିନ୍ଦୁ ଧର୍ମାଚରଣକୁ ମଧ୍ୟ ବାଧାଗ୍ରସ୍ତ କରାଯିବ । ମଧୁସୂଦନ ଲେଖି ବସିଲେ···

"As a precedent, I take the liberty to bring to your notice that one of my ancestors named Raja Rama Chandra Deb, who ascended the throne in 1660 Shakabda (1725 A.D.) having been compelled to be associated with a daughter of the then Mahammedan Noble was not allowed to perform the services of Jagannath or to enter the temple and as he expressed his desire to worship the idol, the Pattitapaban Deb, a representative of Jagannath was set up at Singhaduar (the Lion Gate of the Temple) in order that the fallen Raja might be able to see and worship it from outside. The Raja having thus become disqualified to perform the religions and social ceremonies of the family, the officials of the palace brought down his daughter's son from Athgarh and installed him on the Gadi as Raja Birakishore Deb."

ଏବେ ଦ୍ୱୀପାନ୍ତରିତ ରାଜା ଦିବ୍ୟସିଂହ ଦେବ ଜୀବିତ ଥିବା କାଳରେ ତାଙ୍କ ନାବାଳକ ପୁତ୍ର ଜଗନ୍ନାଥ ଜେନାମଣିଙ୍କୁ ସିଂହାସନରେ ଅଭିଷିକ୍ତ କରାଇବାରେ ସେହି ପରମ୍ପରା କେବଳ ଅନୁସୃତ ହୋଇଥିଲା ମାତ୍ର । ଦିବ୍ୟସିଂହ ଦେବ ଦଣ୍ଡମୁକ୍ତ ହୋଇ ଆଣ୍ଡାମାନରୁ ଫେରି ଆସିଲେ ସୁଦ୍ଧା ମ୍ଳେଚ୍ଛତ୍ୱ ଦୋଷରୁ ସେ ମୁକ୍ତ ହୋଇ ପାରିବେ ନାହିଁ । ମନ୍ଦିରର ସେବା ପୂଜାରେ ମଧ୍ୟ ତାଙ୍କର କୌଣସି ଅଧିକାର ରହି ପାରିବ ନାହିଁ । ତେଣୁ ରାଜା ଦିବ୍ୟସିଂହ ଦେବ ଜୀବିତ ଥିବା କାଳରେ ସୁଦ୍ଧା ତାଙ୍କର ନାବାଳକ ପୁତ୍ର ଜଗନ୍ନାଥ ଜେନାମଣିଙ୍କୁ ରାଜା ମୁକୁନ୍ଦ

ଦେବ ରୂପେ ସ୍ୱୀକୃତ ହେବାରେ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ । ବସ୍ତୁତଃ ହିନ୍ଦୁ ଧର୍ମାଳୟର ସ୍ୱାଧୀନତା ପାଇଁ ତାହା ଅଲଂଘନୀୟ ଥିଲା ।

ସୂର୍ଯ୍ୟମଣି ପାଟମହାଦେଈଙ୍କ ଜବାବ ଦରଖାସ୍ତ ଚିଠା କରୁ କରୁ ଟେବୁଲ ଉପରେ ଓଡ଼ିଶାର ପ୍ରାଚୀନ ଇତିହାସ, ଆସିଆଟିକ୍ ସୋସାଇଟୀର ସ୍ୱୀକୃତ ଜର୍ଣ୍ଣାଲ ଓ ମାଦଳା ପାଞ୍ଜିର ପୋଥିବନ୍ଧା ମଧ୍ୟରେ ମୁହଁ ମାଡି କ୍ଳାନ୍ତି ଓ ଅବସାଦରେ ତାଙ୍କ ଆଖିରେ କେତେବେଳେ ନିଦ ଲାଗି ଆସିଥିଲା ।

ରାତିଶେଷର ପ୍ରଥମ ପାଂଶୁଳ ଆଲୋକରେ ତାଙ୍କ ନିଦ୍ରା ଭାଙ୍ଗିଗଲା । ପୂର୍ବପଟର ଖୋଲା ଝରକା ବାଟେ ପ୍ରଭାତର ବିବର୍ଣ୍ଣ ଧୂସର ଆଲୋକ ଓଡ଼ିଶାର ବିସ୍ମୃତ ଇତିହାସର ସେଇ ସବୁ ପାଂଶୁଳ ସ୍ତୂପ ଉପରେ ଏକ ବିଷର୍ଣ୍ଣ ଅଭିଲେଖ ପରି ଫୁଟି ଉଠିଥିଲା ।

# ପଞ୍ଚମ ପରିଚ୍ଛେଦ

## ଏକ

ବିସ୍ମୃତ ଅତୀତ ମଧ୍ୟରେ ନିମଜ୍ଜିତ ହୋଇ ରହିବା ପାଇଁ କିନ୍ତୁ ସମୟ ନଥିଲା । ସମ୍ମୁଖରେ ଡେଇଁ ଉଠିଥିଲା ବର୍ତ୍ତମାନର ଉଦଗ୍ର ଆହ୍ୱାନ ।

ଓକିଲାତି ବ୍ୟବସାୟର ଘଟଣାବହୁଳ ନୈମିତ୍ତିକତା ପୁଣି ଉତ୍କଳ-ସଭା ରାଜନୀତିର ସୀମିତ ପରିସର ମଧ୍ୟରେ ମଧୁସୂଦନ ଅଣନିଶ୍ୱାସୀ ହୋଇ ଉଠିଥିଲେ । ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତିତ ହେଉଛି ସତ୍ୟ । ମାତ୍ର ଏହାର ବାର୍ତ୍ତା ପଲ୍ଲୀଗ୍ରାମ ମାନଙ୍କରେ ପହଞ୍ଚି ପାରି ନଥିଲା । ଯାହା ଜନସାଧାରଣଙ୍କ ମଧ୍ୟରେ ଏକ ନୂତନ ରାଜନୈତିକ ଚେତନା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ତାହା ମୁଷ୍ଟିମେୟ ଇଂରେଜ ଶିକ୍ଷିତ ଉଚ୍ଚ ମଧ୍ୟବିତ୍ତ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଉଚ୍ଚାକାଂକ୍ଷା ଉଦ୍ଦ୍ରିକ୍ତ କରିବାରେ କେବଳ ସହାୟକ ହୋଇଥିଲା । ଆତ୍ମଶାସନର ସଫଳତା ପାଇଁ ଜନସାଧାରଣଙ୍କୁ, ସେମାନଙ୍କର କର୍ତ୍ତବ୍ୟ ଓ ଅଧିକାର ଚେତନାରେ ସୁସଙ୍ଗଠିତ କରିବା ଆବଶ୍ୟକ ମାତ୍ର ସଙ୍ଗଠନର ସେ କଠିନ ଦାୟିତ୍ୱ ବହନ କରିବା ପାଇଁ ଉତ୍କଳ-ସଭା ର ନେତୃବୃନ୍ଦ ପ୍ରସ୍ତୁତ ନଥିଲେ । କଟକ ପ୍ରିଣ୍ଟିଙ୍ଗ-କୋମ୍ପାନୀ କୋଠାରେ ଚୁକା, ଆରାମଚୌକି ଓ ତକିଆପୋଷ ଛାଡ଼ି ଧୂଳିଧୂସରିତ ପ୍ରତ୍ୟକ୍ଷ ରାଜନୀତି ପାଇଁ ସେମାନଙ୍କର କାହାରି ଆଗ୍ରହ ଅଥବା ଉତ୍ସାହ ନଥିଲା ।

ଉତ୍କଳସଭାର ରକ୍ଷଣଶୀଳତା ସତ୍ତ୍ୱେ ମଧୁସୂଦନ ନିଜକୁ ମଧ୍ୟ ପୁରାପୁରି ଖାପ ଖୁଆଇ ପାରୁ ନଥିଲେ । ସେଦିନ ଉତ୍କଳ-ସଭାର ଗୋଟିଏ ଅଧିବେଶନ ବସିଥିଲା, ବଙ୍ଗଳା କାଉନସିଲରେ ପ୍ରବର୍ତ୍ତିତ ରେଣ୍ଟବିଲର ଆଲୋଚନା ପାଇଁ । ଏ ବିଲ୍ ମୁଖ୍ୟତଃ ଉଦ୍ଦିଷ୍ଟ ଥିଲା, ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବା ଜମିଦାରୀ ମାହାଲ ମାନଙ୍କ ପାଇଁ । ମାତ୍ର ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇନଥିବାରୁ, ଓଡ଼ିଶା ପ୍ରତି ଏ ବିଲର କୌଣସି ସମ୍ପର୍କ ନଥିଲା । ତଥାପି ଏଥିରେ ପ୍ରଜାଙ୍କୁ ଜମିର ଦଖଲ ସ୍ୱତ୍ୱ ଓ ତାହାର ହସ୍ତାନ୍ତରରେ ଯେଉଁ ଅଧିକାର ଦିଆ ଯାଇଥିଲା ତାହା ଥିଲା ଏହି ବିଲ୍ର ଏକ

ଉଲ୍ଲେଖଯୋଗ୍ୟ ପ୍ରଗତିଶୀଳ ବୈଶିଷ୍ଟ୍ୟ । ସେଥିପାଇଁ ଜମିଦାର ଗୋଷ୍ଠୀ ଏ ବିଲ୍‌ର ପ୍ରବଳ ବିରୋଧରେ ଥିଲେ । ବିଲ୍ ସମ୍ପର୍କରେ ସରକାରଙ୍କୁ ମତାମତ ଜଣାଇବା ପାଇଁ ସେଦିନ 'ଉତ୍କଳ-ସଭା'ରେ ଯେଉଁ ସବ୍-କମିଟି ଗଠିତ ହେଲା ସେଥିରେ ସ୍ଥାନ ପାଇଲେ କେବଳ ସେହି ଜମିଦାର ମାନେ । ମଧୁସୂଦନ ସଭାରୁ ନୀରବରେ ଉଠି ଆସିଥିଲେ । ମାତ୍ର ତାପରେ 'ସ୍ପେକ୍‌ଟେଟର୍' ଛଦ୍ମ ନାମରେ ସେ 'ଉତ୍କଳ-ଦୀପିକା'ରେ ସମ୍ପାଦକଙ୍କୁ ପତ୍ର ସ୍ତମ୍ଭରେ ଲେଖିଥିଲେ···

"In the name of conscience and fairplay I earnestly entreat the Association that they should not tinker with the just right of a hardworking, but much oppressed class, that are the real backbone of our Sceiety, the real source of our wealth."

( ଉତ୍କଳ-ଦୀପିକା-ତା ୨୮ । ୭ । ୮୩ )

କିନ୍ତୁ ଜନସାଧାରଣଙ୍କ ମଧ୍ୟରେ ଯଦି ନିଜର ଦାବୀ ଓ ଅଧିକାର ସମ୍ପର୍କରେ ସଚେତନତା ପୁଣି ତାହାକୁ ରକ୍ଷା କରିବା ପାଇଁ ସଙ୍କଳ୍ପ ନ ଆସେ, ତାହା ହେଲେ ଏ ସବୁ ଶୁଭେଚ୍ଛାର ମଧ୍ୟ କୌଣସି ବିଶେଷ ଅର୍ଥ ନାହିଁ ।

ଓଡ଼ିଶାରେ ସେତେବେଳେ ମାତ୍ର ରାଜନୈତିକ ଜୀବନର ପ୍ରଥମ ସୂତ୍ରପାତ ହୋଇଥିଲା । ଶାସନ ଉପରେ ଜନଶକ୍ତି ଓ ଜନମତର ଯେ ଗୋଟାଏ ପ୍ରଭାବ ଅଛି, ପୁଣି ଆପଣାର ଜନସାଧାରଣଙ୍କୁ ସ୍ୱାୟତ୍ତ-ଶାସନ ଅଧିକାର ପରି, ଯେ ଗୋଟାଏ ବିରାଟ ଅଧିକାର ମିଳିଅଛି, ସେ ସମ୍ପର୍କରେ ଲୋକସାଧାରଣ ତ ଦୂରର କଥା, ଶିକ୍ଷିତ ଓ ସଚେତନ ଲୋକଙ୍କର ସୁଦ୍ଧା ତଥାପି କୌଣସି ସ୍ପଷ୍ଟ ଧାରଣା ନଥିଲା । ରାଜନୀତି-ସଚେତନ ମୁଷ୍ଟିମେୟ ବ୍ୟକ୍ତିଙ୍କ ମଧ୍ୟରେ ରାଜନୀତିର ପରିସର ପୁଣି ସୀମିତ ଥିଲା, ସୌଖୀନ ବୈଠକଖାନା, ମଜଲିସ୍, ଆରାମଚୌକି, ହୁକାନଳ, କମିଶନର ଓ ଲେଫ୍‌ଟେନାଣ୍ଟଙ୍କୁ ସମ୍ବର୍ଦ୍ଧନା ପୁଣି ସେହି ଉପଲକ୍ଷରେ ସ୍ମାରକପତ୍ର ଲେଖା ମଧ୍ୟରେ । ମଧୁସୂଦନ ଏ ସବୁଥିରୁ ଅବଶ୍ୟ ବିଶେଷ ଦୂରବର୍ତ୍ତୀ ନଥିଲେ । ତଥାପି ଜନମତର ସଙ୍ଗଠନରେ ମଧ୍ୟ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଥିଲା । ଲର୍ଡ଼ ରିପନ୍‌ଙ୍କ ଦ୍ୱାରା ପ୍ରବର୍ତ୍ତିତ ସ୍ୱାୟତ୍ତ-ଶାସନ ଭାରତର ଆତ୍ମଶାସନ ଦିଗରେ ଯେଉଁ କ୍ଷୀଣ ସଙ୍କେତ ଦେଇଥିଲା ତାହାର ବୃହତ୍ତର ସମ୍ଭାବନା

ମଧୁସୂଦନ ସ୍ପଷ୍ଟ କଳନା କରି ପାରିଥିଲେ । ସେଥିପାଇଁ ବଣହରି ଛୁଟୀରେ କଟକରୁ ବାହାର ହେବା ମାତ୍ରେ ଦେହରେ ଖଦଡ଼ର ହାତ ବୁଣା ଧୋତି ଆଉ ମିର୍‌ଜାଇ ପିନ୍ଧି ସେ ବାହାରି ପଡ଼ୁଥିଲେ ଓଡ଼ିଶାର ପଲ୍ଲୀ-ପଥରେ । ତାଙ୍କ ଦୃଷ୍ଟିରେ ଏହା କିନ୍ତୁ ସେଦିନ ଏକ ନୂତନ ଅଭିଜ୍ଞତାର ତୋରଣ ଉଦ୍‌ଘାଟିତ କରିଥିଲା । ଇତିହାସର ଜୀର୍ଣ୍ଣ ପୃଷ୍ଠାରେ ସେଦିନ ସେ ଯେଉଁ ଓଡ଼ିଶାର ପରିଚୟ ପାଇଥିଲେ; ଏହା ଯେପରି ତାଙ୍କର ପରିଚିତ ଓଡ଼ିଶା ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଆଉ ଏକ ଓଡ଼ିଶା । ମାତ୍ର ଏହି ଓଡ଼ିଶାଟି ତ ଇତିହାସର ସେ ଓଡ଼ିଶା ଠାରୁ ଅଧିକ ବାସ୍ତବ !

ବନ୍ୟା ଅଥବା ମରୁଡ଼ୀ ହାତରେ ନିତ୍ୟ ଜର୍ଜରିତ, ଚିଲିକାରୁ ଧୋଇ ହୋଇ ଆସୁଥିବା ମୂଳକର ଗୋଟିଏ ନାଁ ନଜଣା ଗାଁ; ଭୂଗୋଳରେ ତାହାର ଚିହ୍ନ ନାହିଁ, ଇତିହାସରେ ତାହାର ସ୍ଥାନ ନାହିଁ । ମ୍ୟାଲେରିଆରେ ଜୀବନ୍ମୃତ, ଜମିଦାରୀ ଶୋଷଣରେ ରକ୍ତହୀନ ପୁଣି ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ପ୍ରାଣଶକ୍ତିହୀନ ହୋଇ, ବାଉଁଶବଣ ଓ ଦଳପୋଖରୀ ମଧ୍ୟରେ ତାହା ଯେପରି କୌଣସିମତେ ଆତ୍ମରକ୍ଷା କରି ରହିଥିଲା !

ଗାଁଟିର ନାଁ ମଧୁପୁର । ଦେଗାବଣୀ ନଦୀ କୂଳରେ । ଚଳିତ ଶତାବ୍ଦୀ ଆରମ୍ଭର ସୂର୍ଯ୍ୟାସ୍ତ—ଆଇନ ବଳରେ ଓଡ଼ିଶାର ବହୁ ବିସ୍ତୀର୍ଣ୍ଣ ଅଞ୍ଚଳ କଲିକତାର ଆଗନ୍ତୁକ ଜମିଦାର ମାନଙ୍କ ହାତକୁ ଚାଲିଯିବା ବେଳେ ଏ ଅଞ୍ଚଳଟି ମଧ୍ୟ ସେହିପରି ଜଣେକ ଜମିଦାରଙ୍କ କରଗତ ହୋଇଥିଲା । ଅଦାଲତର କିରାଣୀ ନଟବର ମହାନ୍ତିଙ୍କ ଘର ଏଇ ଗାଁରେ । ତାଙ୍କ ନିମନ୍ତ୍ରଣରେ ମଧୁସୂଦନ ଏଇ ଗାଁକୁ ଆସିଥିଲେ ଉତ୍କଳ-ସଭାର ବାର୍ତ୍ତାପ୍ରଚାର ପାଇଁ । ଉପରେ ଆଶ୍ୱିନର ମୁଣ୍ଡଫଟା ଖରା । ମଧୁସୂଦନ ଓ ତାଙ୍କ ପଛେ ପଛେ ନଟବର ଗୋଟାଏ ପାଟ ଭିତରେ ଚାଲିଥିଲେ । ପଛେ ପଛେ ଆଠଜଣ ଆସନ୍ତି ଗୋଟାଏ ସୁଆରୀ କାନ୍ଧେଇ ଆସୁଥିଲେ । ନଟବରଙ୍କ ବହୁ ଅନୁରୋଧ ସତ୍ତ୍ୱେ ମଧୁସୂଦନ ସୁଆରୀରେ ନ ବସି ପାଦରେ ଚାଲି ଚାଲି ଆସୁଥିଲେ ।

ମଧୁସୂଦନଙ୍କର ମନେ ହେଉଥିଲା; ଏତେ ସୌନ୍ଦର୍ଯ୍ୟ ଓ ଏତେ ବିକଟତାର ଏପରି ଅଦ୍ଭୁତ ସମାବେଶ ସେ ଯେପରି ଇତିପୂର୍ବରୁ ଆଉ କେବେ ଦେଖି ନଥିଲେ । କେଉଁ ଗାଁମୁଣ୍ଡରେ ସେହି ପରିତ୍ୟକ୍ତ

ଯାଣ୍ଡି ଦେବାଳୟଗୁଡ଼ିକରେ ଯେପରି ଉତ୍କୀର୍ଣ୍ଣ ରହିଥିବା ଅତୀତର ବିସ୍ମୃତ ମହିମା ଓ ଐଶ୍ୱର୍ଯ୍ୟ । କୁଅାଁଶିଆ ଝାଟିମାଟି କୁଡ଼ିଆଟିରେ ସେହିପରି ଫୁଟି ଉଠିଥିଲା ଆଶାହୀନ, ସମ୍ଭାବନାହୀନ ଏକ ବିଷାଦ ଓ ଦୈନ୍ୟ । ଛାୟାସ୍ନିଗ୍ଧ ଆମ୍ବ ତୋଟାଟିରେ କିନ୍ତୁ ଅନନ୍ତଯୁଗର ଶୀତଳତା ଓ ପ୍ରଶାନ୍ତି । ମାତ୍ର ତା ପାଖରେ ଜଳସେଚନର ସୁବିଧା ନଥିବା ମରୁଡ଼ିଜଳା ମାଟି ଅନନ୍ତ-ତୃଷାରେ ଯେପରି ଚୌଚିର ହୋଇ ଫାଟିପଡ଼ିଥିଲା ।

ଏ ଅଞ୍ଚଳରେ ଗତବର୍ଷ ବନ୍ୟାରେ ଗୋବରୀରେ ଘାଇ ପଡ଼ିଥିଲା ! ବନ୍ୟାରେ ଜମି ଉପରେ ଯେଉଁ ବାଲିଚର ମାଡି ଯାଇଥିଲା, ସେଠାରେ କାଶତଣ୍ଡି ଏବେ ଶ୍ୱେତଚାମର ଢୋଳାଉଥିଲା । ଜମି ଉପରୁ ବାଲି କାଢ଼ିବା ପାଇଁ ଚାଷୀମାନଙ୍କୁ କେତେବର୍ଷ ଲାଗିବ କେଜାଣି । ଯେଉଁଠି ସ୍ଥାନେ ସ୍ଥାନେ ଚାଷୀମାନେ ଜମିଉପରୁ ବାଲି ସଫା କରି ଧାନ ବୁଣି ପାରିଥିଲେ; ଏବର୍ଷର ମରୁଡ଼ିରେ ସେ ଧାନଗଛସବୁ ଜଳି ହଳଦିଆ ପଡ଼ି ଆସିଥିଲା । କେତେଟା କଙ୍କାଳସାର ଗୋରୁ ସେହିସବୁ ଧାନକ୍ଷେତ ଭିତରେ ଚରି-ବୁଲୁଥିଲେ । ଅଳ୍ପ ଦୂରରେ କେତୋଟି କଙ୍କାଳସାରମୂର୍ତ୍ତି ସେହି ମରୁଡ଼ିଜଳା ଚକ ଭିତରେ ଇତଃସ୍ତତ ବୁଲି କଣ ସନ୍ଧାନ କରୁଥିଲେ କେଜାଣି ? ହୁଏତ ଆଜ ଦିନଟିପାଇଁ ବଞ୍ଚିବାର ସମ୍ବଳ !

ନଟବର ପଛରୁ କହିଲେ·····“ଆରବର୍ଷ ଥିଲା ବଢି, ଏବର୍ଷ ମରୁଡ଼ି ।”

ମଧୁସୂଦନ କିନ୍ତୁ ମନେ ମନେ ଭାବୁଥିଲେ ଏମାନଙ୍କ ପାଇଁ ସ୍ୱାୟତ୍ତ-ଶାସନର କି ଅର୍ଥ ଅଛି ? ·····ଯେଉଁ ହାତ ଦିନେ କୋଣାର୍କ ଭୁବନେଶ୍ୱର ଗଢିଥିଲା; ଆଜ ସେଇ ହାତ ମରୁଡ଼ିଜଳା ମାଟିଖାଣ୍ଡି, ସାମାନ୍ୟ ମୁଠାଏ ଅନ୍ନ ଖୋଜି ବୁଲୁଛି । ଯେଉଁ ବାହୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଉତ୍କଳ-ସାମ୍ରାଜ୍ୟ ବିସ୍ତାର କରିଥିଲା, ଆଜି ସେହି-ବାହୁ ହତା ଅଡ଼େଇବା ପାଇଁ ପାଞ୍ଚଣ ଉଞ୍ଚାଉଛି । କିନ୍ତୁ ଗୋଟାଏ ଐତିହାସିକ ଜାତିର ଏପରି ଅଧଃପତନ ଘଟିଲା କିପରି ? ଏତେ ଦାରିଦ୍ର୍ୟ, ଏତେ କ୍ଷୁଧା, ମଧୁସୂଦନ ଇତି ପୂର୍ବେ ଆଉ କେବେ କେଉଁଠି ଦେଖିଥିବା ପରି ତାଙ୍କର ମନେ ହେଉନଥିଲା ।

ନଟବର ପୁଣି କହିଲେ······"ଏ ଅଞ୍ଚଳରୁ ଲୋକେ ଏବେଠାରୁ କଲିକତା, ରେଙ୍ଗୁନ ପଳାଇବାପାଇଁ ଆରମ୍ଭ କଲେଣି । ଜନ୍ମ ଜନ୍ମମାଟିରୁ ଜୀବନସଂଗ୍ରାମର ଏହି ପଳାତକମାନଙ୍କୁ ମଧୁସୂଦନ କଲିକତାରେ ଅନେକ ଦେଖିଛନ୍ତି···ଶିକ୍ଷକ-ବାହକ, ଘରବାଳୀ ଚାକର ! କିନ୍ତୁ ଗାଁ ମାଟି ଛାଡ଼ି ପଳାଇବା ଛଡ଼ା ସେମାନଙ୍କର ଆଉ ବା କି ଗତ୍ୟନ୍ତର ଅଛି ?

ମଧୁସୂଦନ କହିଲେ······"ଆମ ଦେଶରେ କୃଷିର ଅବସ୍ଥା ଯାହା ତା ଉପରେ ନିର୍ଭର କଲେ ତ ଏଇପରି ଅବସ୍ଥା ଭୋଗିବାପାଇଁ ପଡ଼ିବ । ଏସବୁ ଜମି ବନ୍ୟାରୁ ସୁରକ୍ଷିତ ଥିଲେ, ଜମିରେ ଜଳସେଚନର ସୁବିଧା ଥିଲେ, ହୁଏତ ଏ ଲୋକଙ୍କୁ ଗାଁ ମାଟିର ମାୟା ଛାଡ଼ିଭାଇ ଦୂର ପ୍ରବାସକୁ ଯିବା ପାଇଁ ପଡ଼ୁନଥାନ୍ତା ! ତଥାପି କୃଷକରେ ମଧ୍ୟ ସେମାନଙ୍କୁ ବର୍ଷରେ ଅଧେ ଦିନ ବେକାର ବସିବାପାଇଁ ପଡ଼େ । ସେମାନଙ୍କ ପାଇଁ କେଉଁ ଅନ୍ୟ ଧନ୍ଦା ସୃଷ୍ଟି ନକଲେ କୃଷକରେ କେବଳ, ସେମାନେ ବଞ୍ଚିପାରିବା ସମ୍ଭବ ନୁହେଁ ।" ତା'ପରେ ମନକୁ ମନ ସ୍ୱଗତୋକ୍ତି କରିବା ପରି ମଧୁସୂଦନ କହି ଉଠିଲେ······"କିନ୍ତୁ କପରି ? କପରି ? ଓଡ଼ିଶାରେ ଏପର୍ଯ୍ୟନ୍ତ ଶିଳ୍ପ-କାରଖାନା ଦୂରର କଥା ଶିଳ୍ପଶିକ୍ଷାର ଆରମ୍ଭ ତ ସୁଦ୍ଧା ହେଲା ନାହିଁ !

ନଟବରଙ୍କ ଗାଁମୁଣ୍ଡ ମେଲଣତୋଟା ଦେଖାଯାଉଥିଲା । ନଟବର କହିଲେ······ " ନାଲ ତ ଲୋକଙ୍କର କାଳ ହୋଇଛି ଆଜ୍ଞା ! ଜମିକର ଆଦାୟ ଜୁଲୁମରେ ପ୍ରଜାମାନେ ଖାଇ ଖାଇ ଡ଼ାକିଲେଣି ।"

ଏ କଥାଟି ମଧ୍ୟ କେତେକାଂଶରେ ସତ । ଜମିଦାରଙ୍କର ଧାନ ଜମି ମାଣ ପ୍ରତି କହନ୍ତି ଦେଢ଼ ଟଙ୍କା, ଉଠାଣି ଟଙ୍କାଏ । ଶାଗସବଜି ପାଇଁ ମାଣ କହନ୍ତି ଦେଢ଼ଟଙ୍କା, ଉଠାଣି ଦଶଅଣା । ମାତ୍ର ସେତିକ ସୁଦ୍ଧା ପ୍ରଜାମାନେ ଆଦାୟ ଦେଇ ପାରୁନାହାନ୍ତି । କବାଟ ଚଉକାଠ କୋରଣରେ ଉଠୁଛି ।

ମଧୁସୂଦନ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇଲେ ।

ସେଦିନଠାରୁ କୃଷି ଓ କୃଷକର ସମସ୍ୟା ମଧୁସୂଦନଙ୍କ ରାଜନୈତିକ ଚିନ୍ତା ତଥା କାର୍ଯ୍ୟକ୍ରମରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ବସିଲା । ଏହା ପରଠାରୁ ଉତ୍କଳ-ସମ୍ମିଳନୀର ବିଭିନ୍ନ ଅଧିବେଶନରେ କୃଷିର ଉନ୍ନତି

ଓ ଭୂମିରେ ଜଳସେଚନର ବ୍ୟବସ୍ଥା ପାଇଁ ଏକାଧିକ ପ୍ରସ୍ତାବ ଗୃହୀତ ହେବାପାଇଁ ଲାଗିଲା । ଉତ୍କଳ-ସଙ୍ଘର କାର୍ଯ୍ୟକ୍ରମରେ ଏକ ଅର୍ଥନୈତିକ ଆଭିମୁଖ୍ୟ ଫିଟିଲା । ମଧୁସୂଦନ ବହୁ ପ୍ରତିନିଧି ଦଳର ନେତୃତ୍ୱ ନେଇ ଜଳସେଚନର ସୁବ୍ୟବସ୍ଥା ପାଇଁ କମିଶନର ଓ ଲେଫ୍ଟେନାଣ୍ଟ ମାନଙ୍କ ଠାରେ ବହୁ ଦାବି କରିବା ପାଇଁ ଲାଗିଲେ । ମଧୁସୂଦନଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହେଲା ବେଳେ ସୁଦ୍ଧା କୃଷି ଓ କୃଷକର ଉନ୍ନତି ମଧ୍ୟ ଏହାର ବିଭିନ୍ନ ଲକ୍ଷ୍ୟ ଓ କାର୍ଯ୍ୟକ୍ରମରେ ଅଗ୍ର-ପ୍ରାଧାନ୍ୟ ଲାଭ କରିଥିଲା ।

## ( ଦୁଇ )

କିଆପୁର ଗାଁରେ ଚକ୍ରବର୍ତ୍ତୀ ମହାନ୍ତିଙ୍କ ଦାଣ୍ଡକୁ ଲୋକେ ପିମ୍ପୁଡ଼ି ଧାର ପରି ଛୁଟିଥିଲେ । ନଟବର ମହାନ୍ତିଙ୍କ ବାପା ଚକ୍ରବର୍ତ୍ତୀ ମହାନ୍ତି ଗାଁ ମହାଜନ, ହାତଗୁଣ ପ୍ରାପ୍ତ ଦୁଇବାଟୀ ଭଳି । ସେଥିପାଇଁ ସେ ଅଞ୍ଚଳରେ ଚକ୍ରବର୍ତ୍ତୀ ମହାନ୍ତି ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ସହଜେ ପୁଣି ନଟବର ମହାନ୍ତି କଟକ ଅଦାଲତରେ ଅମଲା । ଚକ୍ରବର୍ତ୍ତୀ ମହାନ୍ତିଙ୍କ ପ୍ରତିଷ୍ଠାକୁ ତାହା ଲୋକଚକ୍ଷୁରେ ଆଉରି ବର୍ଦ୍ଧିତ କରି ଦେଇଥିଲା ।

ସେଇ ଚକ୍ରବର୍ତ୍ତୀ ମହାନ୍ତିଙ୍କ ଘରକୁ କଟକ ସହରରୁ କିଏ ଜଣେ ବଡ଼ ଓକିଲ ପୁଣି ଓଡ଼ିଆ ଜାତିର ପ୍ରଥମ ବି.ଏ., ପ୍ରଥମ ଏମ୍. ଏ, ପ୍ରଥମ ଓକିଲ ଆସିଥିବା ଶୁଣି; ତାଙ୍କୁ ଦେଖିବା ପାଇଁ ଲୋକେ ଚକ୍ରବର୍ତ୍ତୀ ମହାନ୍ତିଙ୍କ ଦାଣ୍ଡରେ ଭିଡ଼ ବାନ୍ଧିଥିଲେ ।

ତଉପାଡ଼ୀ ଉପରେ ସତରଞ୍ଜି ଚକଆ ପଡ଼ିଥିଲା । ଜଣେ ଶୀର୍ଣ୍ଣକାୟ ଗୌର ହୁକାନଳୀ ହାତରେ ଧରି, ଚକଆ ଦେହରେ ଆଉଜି ବସିଥିଲେ । ଲୋକେ ଅସ୍ପଷ୍ଟ କଣ୍ଠରେ କୁହାକୁହି ହେଉଥିଲେ ସେଇ ମଧୁବାବୁ; ସହରରୁ ଆସିଥିବା ବଡ଼ ଓକିଲ । କିନ୍ତୁ ଲୋକେ ଗୋଟାଏ ଅଦ୍ଭୁତ ଦୃଶ୍ୟ ଦେଖିବେ ବୋଲି ଯାହା ଆଶା କରି ଆସିଥିଲେ ସେ ସବୁ କିଛି ନ ଦେଖି ମନେ ମନେ ହତାଶ ହେଉଥିଲେ । ସେ ପିନ୍ଧିଥିଲେ ଖଣ୍ଡେ ସାଧାରଣ ହାତବୁଣା ଖଦୀ ଆଉ ଫତେଇ । ମାତ୍ର ସେ କଣ ସବୁ କହୁଥିଲେ, ଲୋକେ ତାହା ହଠାତ୍ ବୁଝି ପାରୁନଥିଲେ ।

ମଧୁସୂଦନ କହୁଥିଲେ···“ ସରକାର ବାହାଦୁର ଆମ ଦେଶରେ ବର୍ତ୍ତମାନ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତନ କରିଛନ୍ତି । ଆମ ଜିଲ୍ଲାରେ ଲୋକଙ୍କ ଭୋଟରେ ଲୋକାଲ ବୋର୍ଡ଼ ଗଠିତ ହେବ । ଏହି ଲୋକାଲ ବୋର୍ଡ ଜରିଆରେ ରାସ୍ତା ସ୍କୁଲ ଡ଼ାକ୍ତରଖାନା ମାନ ତିଆରି ହେବ । ଏ ଦାୟିତ୍ୱ ସବୁ ଲୋକେ, ନିଜ ହିତ ପାଇଁ, ନିଜ ପ୍ରତିନିଧି ମାନଙ୍କ ଜରିଆରେ ଚଳାଇବେ । ଏଇ ଆତ୍ମଶାସନ ହେଲା ସ୍ୱାଧୀନତାର ମୂଳ ପାହାଚ । ”

କିନ୍ତୁ ଆତ୍ମଶାସନ ବସ୍ତୁଟା କଣ ? ସେ କଥା ଜାଣିଛି କିଏ ?

ବଳଦ ଆଖି ପରି ଗୁଡ଼ାଏ ଡମାଡମା ନିର୍ବୋଧ ଆଖି, ଚଉଖୁଣ୍ଟିଆ ଶୀର୍ଣ୍ଣ ହାଡୁଆ ମୁହଁର ଢ଼ବର ମାନଙ୍କରୁ ମଧୁସୂଦନଙ୍କ ଆଡେ ନିର୍ବାକ ବିଭ୍ରାନ୍ତିରେ ଅନାଇଁ ରହିଥିଲା । ସେମାନଙ୍କ ଭାବେଲେଣି, ମରୁଡ଼ିରୁ କିପରି ପ୍ରାଣ ବଞ୍ଚାଇବେ ! ସେମାନଙ୍କ ଚିନ୍ତା ଜମିଦାରଙ୍କୁ କିପରି ଦୁଇ ବର୍ଷର ବାକିଆ ଖଜଣା ଏ ବର୍ଷ ଗଣିବେ, ପାଣିକର ଦେବେ । କିନ୍ତୁ ଆତ୍ମଶାସନ କି ବସ୍ତୁ, ସେମାନେ ତାହା ବୁଝି ପାରୁ ନ ଥିଲେ ।

ମଧୁସୂଦନଙ୍କ ପଛରେ ନଟବର ଚଉପାଢ଼ୀ ଉପରେ ବସିଥିଲେ । ମୁରବିଗିରି କରି ସେ ପଚାରି ଦେଲେ···‘‘ ବାବୁ ଯେଉଁ ଆତ୍ମଶାସନ କଥା କହୁଛନ୍ତି, ସେ କଥା ଭଲ ଭାବରେ ବୁଝିଲତ ? ସେଥିରେ ଦେଶର ମଙ୍ଗଳ ତମ ମାନଙ୍କର ମଙ୍ଗଳ ହେବ । ତମ ମାନଙ୍କୁ ସେଇ କଥା ବୁଝାଇବା ପାଇଁ ବାବୁ ଏତେ ବାଟରୁ କଟକ ମୁକାମରୁ ଧାଇଁ ଆସିଛନ୍ତି ।’’

ଲୋକେ ତଥାପି ନୀରବ ଓ ନିରୁତ୍ତର । ସେମାନଙ୍କ ମଧ୍ୟରୁ ଆଗରେ ବସିଥିବା ଜଣେ ବୁଢ଼ା କେବଳ କଣ ଗୋଟାଏ କହିବା ପାଇଁ, କେତେଥର ବାରମ୍ବାର ଚେଷ୍ଟା କରୁଥିଲା । ସିଏ ନଧିପୁର ଗାଁର ଇଜମାଲି ଅଜା···ଗୋପାଳ ପ୍ରଧାନ । ବୟସ ପଚାରିଲେ କହିବ ପାଞ୍ଚକୋଡ଼ି । ସାତ କୋଡ଼ି । ମାତ୍ର ପ୍ରକୃତ ବୟସ ଏତେ ହୋଇ ନ ପାରେ ବୋଲି କେହି ସଂଶୋଧନ କରିଦେଲେ ଅମ୍ଳାନ କଣ୍ଠରେ ସେ କୁହେ···‘‘ହଃ ମ, ସେଇ ଏକାକଥା ! ଗାଁରେ ସବୁ ପ୍ରଶ୍ନ ତାହା ଯେତେ ଜଟିଳ ହେଉ ପଛେ, ତାହାର ଗୋଟାଏ ନିଜସ୍ୱ ଉତ୍ତର ଥାଏ—ମାତ୍ର ପ୍ରଶ୍ନ ସହିତ ଉତ୍ତରର କୌଣସି

ସମ୍ବନ୍ଧ ନ ଥାଏ । ଉତ୍ତରରେ ନବୋଧଙ୍କୁ କେହି ବୁଝାଇ ଦେଲେ, ସେଥିରେ ଭାବି ନପାରି ତଥାପି ଯୁକ୍ତି କଲେ···"ହଁ ମ, ମୁଁ ପରା ସେଇକଥା କହୁଛି । ସେଇ ଏକା କଥା ସବୁ ।"

ତାଙ୍କ କହିବାର ଭଙ୍ଗୀ ଓ ବିଦୁଷକତାରେ ସେଠାରେ ଥିବା ଲୋକେ ହସିଉଠନ୍ତି । ସେଇ ଗୋପାଳ ପଧାନ ହୁକ୍କା ପରି ଦୁଇ ଆଣ୍ଠୁ ଭାଙ୍ଗି ତଳେ ବସିଥିଲେ । ଦୁଇହାତ ଯୋଡ଼ି କାହାକୁ ନମସ୍କାର କରିବା ପରି ତାଙ୍କର ଦୁଇ ଶିଥିଳ ହାତ ମୁଣ୍ଡଉପରେ ଯୋଡ଼ା ହୋଇ ଉପରକୁ ଫଣା ପରି ଉଠିଥିଲା । ଗୋପାଳ ପଧାନ କହିଲେ······"ହଃ ବାବୁ ଠିକ୍ କଥା କହୁଚନ୍ତି ! ସବୁ ସେଇ ଆତ୍ମାପୁରୁଷର ଖେଳା······ଶାସ୍ତ୍ର କହୁଚି ପରା······ ···

ଆତ୍ମା ସନ୍ତୋଷେ ସର୍ବସିଦ୍ଧି
ଜାଣିବ ଏହୁ ମହାବିଧି ।

ବାବୁତ ସେଇକଥା କହୁଚନ୍ତି । ଆଉ ବୁଝିପାରୁନା କଣ ?"

ଏସବୁ ପ୍ରଗଲ୍ଭତା ମଧୁପୁର ଗାଁର ଗ୍ରାମ୍ୟ ସମାଜରେ ବେଶ୍ ଉପଭୋଗ୍ୟ ହୋଇପାରେ । ମାତ୍ର କଟକରୁ ଆସିଥିବା ମଧୁବାବୁ ଓକିଲଙ୍କ-ପରି ଜଣେ ସମ୍ମାନିତ ଅତିଥିଙ୍କ ସମ୍ମୁଖରେ ଏ ପ୍ରକାର ବାଚାଳତାରେ କ୍ଷୁବ୍ଧ ହୋଇ ନଟବର କହିଲେ······"ତମେ ସେମିତି କଣ ଗୁଡ଼ାଏ ମୂର୍ଖଙ୍କ ପରି ଗପିଯାଉଚ ହୋ ଗୋପାଳଭାଇ ! ବାବୁ କହୁଚନ୍ତି ଆତ୍ମଶାସନ କଥା । ଭଏ ବୁଝିଲେ ଆତ୍ମାପୁରୁଷ ! ଏ ମୂର୍ଖଙ୍କୁ ନେଇ କଣ କରିବ କହିଲଭଲ !"

ମଧୁସୂଦନ ରୁଷ୍ଟକଣ୍ଠରେ କହିଲେ····· "ତମେ ଭୁଲ ବୁଝିଛ ନଟବର । ଯେଉଁ ଜାତି ଭାଗବତ ଶୁଣେ, ଆତ୍ମା, ପରମାତ୍ମାର ତତ୍ତ୍ୱ ବୁଝେ, ସେ ଜାତି କଦାପି ମୂର୍ଖ ହୋଇ ନପାରେ । ସେ ଜାତିର ଲୋକେ ନିରକ୍ଷର ହୋଇପାରନ୍ତି; ମାତ୍ର କଦାପି ଅଶିକ୍ଷିତ ନୁହନ୍ତି ।"

ତା'ପରେ ଗୋପାଳ ପଧାନଙ୍କ ଆଡେ ପ୍ରସନ୍ନ ଦୃଷ୍ଟିରେ ଚାହିଁ, ମଧୁସୂଦନ କହିଲେ·····"ଠିକ୍ କଥା କହିଚ ବୁଢ଼ା । ସେଇ ଆତ୍ମାପୁରୁଷ ଦେଶଶାସନ କଲେ, ଆତ୍ମସନ୍ତୋଷ ମିଳିବ । ଆତ୍ମଶାସନରେ

ଆତ୍ମାପୁରୁଷର ଶାସନ ଆସିବ । ତେବେ ଯାଇଁ ସବାସିଦ୍ଧ ମିଳିବ । ସେଇ ଆତ୍ମଶାସନ କଥା ପଚାରୁଛୁ ଏଠି ।"

ଗୋପାଳ ପ୍ରଧାନଙ୍କ କଥାକୁ ଶୁଣି ଲୋକେ ଏପରି ଗୁଞ୍ଜରଣ ଦେବାର ଅନୁଭୂତି ତାଙ୍କ ଜୀବନରେ ଇତିପୂର୍ବେ ନଥିଲା । ସେ ଉଲ୍ଲସିତ କଣ୍ଠରେ ଚିତ୍କାର କରି ଉଠିଲେ······"ହରିବୋଲ ।"

ଲୋକେ ସେଥିରୁ କଣ ବୁଝିଲେ କେଜାଣି ଏକସ୍ବରରେ ପ୍ରତିଧ୍ବନି ଫେରାଇଲେ······"ହରିବୋଲ !"

ହରିବୋଲ କୋଳାହଳ ବନ୍ଦ ହେବାପରେ, ମଧୁସୂଦନଙ୍କ ଆନ୍ତରିକତାରେ ଉତ୍ସାହିତ ହୋଇ, ଆଉ ଜଣେ କହିଲେ···"ବାବୁ ଆମେ ମୂର୍ଖ, ଗରିବଲୋକ । ଜମିଦାର, ସରକାର, ମହାଜନ ଆମର ମା ବାପ । ସେମାନେ ଯେ ଯେମିତି ଚଳେଇବେ ଆମେ ସେମେିତ ଚଳିବୁ । ଆମ ଠେଇ କଣ ଅଛି ?"

ମଧୁସୂଦନଙ୍କ ଠାରେ ପୂର୍ବର ପ୍ରସନ୍ନତା ଏବେ ନଥିଲା । ସେ ରୁକ୍ଷ କଣ୍ଠରେ କହିଲେ······"ଓଡ଼ିଆଜାତି ମୂର୍ଖ ନୁହେଁ । ଗୋଟାଏ ଜାତିକୁ ଏପରି ନିନ୍ଦା କରନାହିଁ । ବଙ୍ଗଳା ବିହାର ଓଡ଼ିଶା ଭିତରେ ଓଡ଼ିଶାର ଚାଷୀମାନେ ହେଉଛନ୍ତି ସବୁଠାରୁ ବେଶୀ ଶିକ୍ଷିତ, ଇଏ ସରକାରୀ ରିପୋର୍ଟର କଥା । ଓଡ଼ିଆମାନେ ଧନରେ ଗରିବ ହୋଇ ପାରନ୍ତି; ମାତ୍ର ମନରେ ନୁହନ୍ତି । ମନରେ ଯେମାନେ ଗରିବ ହୋଇଥିଲେ, ଆଜି ସୁଦ୍ଧା ମାଟିକାନ୍ଥରେ ଓଡ଼ିଆ ଚାଷୀ ଘରର ଝିଅ ବୋହୂମାନେ ଏପରି ସୁନ୍ଦର ଚିତା ଆଙ୍କି ପାରୁ ନଥାନ୍ତେ, ଓଡ଼ିଆ ତନ୍ତୀ ଏପରି ସୁନ୍ଦର ଲୁଗା ବୁଣି ପାରୁ ନଥାନ୍ତେ, ଓଡ଼ିଆ କାରିଗର ଏପରି ସୁନ୍ଦର ସୁନ୍ଦର ଜିନଷ ତିଆରି କରି ପାରୁ ନଥାନ୍ତେ ! ଯେଉଁମାନେ କୁହନ୍ତି, ଓଡ଼ିଆ ଜାତି ମୂର୍ଖ ଦରିଦ୍ର ବୋଲି ସେହିମାନେହିଁ ପ୍ରକୃତରେ ବିଦ୍ୟାରେ ସେପରି ମୂର୍ଖ; ମନରେ ସେହିପରି ଦରିଦ୍ର । ମାତ୍ର ଏବେ ସେହି ଓଡ଼ିଆ ମାନଙ୍କୁ ମୂର୍ଖ ଦରିଦ୍ର କରି ରଖା ଯାଉଛି ।"

ଏଇ ଓଡ଼ିଆ ଜାତିର କୃଷକ-ସେନା ଅତୀତରେ କପିଳ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ, ଓଡ଼ିଆ ସାଧବମାନେ କପରି ସାତସମୁଦ୍ରରେ ବୋଇତ ମେଲିଥିଲେ, ଓଡ଼ିଆ ବଣିକମାନେ

କପରି ଭୁବନେଶ୍ୱର କୋଣାର୍କ ଦେଉଳ ତୋଳା ଥିଲେ, ଓଡ଼ିଆ କବି ମାନେ ଛାନ୍ଦ ଚୌପଦୀ ଲେଖିଥିଲେ, ମଧୁସୂଦନ ସେସବୁ ବର୍ଣ୍ଣନା କଲାବେଳେ, ବନ୍ୟା ଓ ମରୁଡ଼ୀ ନିପୀଡ଼ିତ ସେଇ ମୂକ ଜନତା ଯେଉଁ ମର୍ମେ ମର୍ମେ ମୁହୂର୍ତ୍ତକ ପାଇଁ ସ୍ପନ୍ଦିତ ହୋଇ ଉଠୁଥିଲା । ଏପରି ଆଶାର କଥା, କୀର୍ତ୍ତି ଓ ଗୌରବର କଥା, ସେମାନେ ଯେପରି ଇତିପୂର୍ବେ ଆଉ କେଉଁଠି କେବେ ଶୁଣି ନଥିଲେ । ମଧୁସୂଦନ କହିଲେ—"ମୁଁ ଚାହେଁ, ବିଦେଶୀ ଶାସନରେ ଖଣ୍ଡ ଖଣ୍ଡ ଭାଙ୍ଗି ପଡ଼ିଥିବା ଓଡ଼ିଆ ଜାତି ପୁଣି ଥରେ ମୁଣ୍ଡ ଟେକି ଠିଆ ହେଉ । କିନ୍ତୁ ତାହା ହେବ କପରି ? କପରି ?"

ମଧୁସୂଦନ ମନକୁ ମନ ଯେପରି ସ୍ୱଗତୋକ୍ତି କରୁଥିଲେ !

ଜନତାର ଗୁଞ୍ଜରଣରେ ମଧ୍ୟ ସେହି ପ୍ରଶ୍ନ ପ୍ରତିଧ୍ୱନିତ ହୋଇ ଉଠିଥିଲା ।

ମଧୁସୂଦନ କହିଲେ···"ସେଥିପାଇଁ ପ୍ରଥମ କଥା ହେଲା, କୃଷିର ଉନ୍ନତି । କୃଷିର ଉନ୍ନତି ପାଇଁ ଦରକାର ଆଧୁନିକ ଧରଣର ଚାଷ, ଜମିରେ ଜଳସେଚନର ସୁବିଧା, ବନ୍ୟା ହାତରୁ ସୁରକ୍ଷା । ଦ୍ୱିତୀୟ କଥା ହେଲା, ଶିଳ୍ପର ବିସ୍ତାର । ଏଥିପାଇଁ ଦରକାର ମଧ୍ୟ ଶିକ୍ଷା । କେବଳ ପୁଅ ମାନଙ୍କର ଶିକ୍ଷା ନୁହେଁ, ଝିଅ ମାନଙ୍କର ମଧ୍ୟ । ମା' ମାନଙ୍କ ଠାରୁ ଆମେ ପ୍ରଥମ ଶିକ୍ଷା ଆରମ୍ଭ କରିଥାଉ । ମୋ ବୋଉ ମୋତେ ପିଲାଦିନେ ଗୋଟିଏ ମହତ୍ତ୍ୱ ଶିକ୍ଷା ଦେଇଥିଲେ, ଆପଣା ସମ୍ମାନ, ଆପଣା ମହତ୍ତ୍ୱ ଆପେ ରଖି । ସେଇ ଶିକ୍ଷା ବଳରେ ମୁଁ ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍. ଏ, ପ୍ରଥମ ଓକିଲ ହୋଇ ପାରିଛି ।"

ଲୋକେ ସେଥିରୁ କେତେ କଥା ବୁଝିଥିଲେ; ଆଉ କେତେ କଥା ବୁଝି ପାରୁ ନଥିଲେ । ମାତ୍ର ଗୋଟିଏ କଥାରେ ସମସ୍ତଙ୍କର ହୃଦ୍‌ବୋଧ ହେଉଥିଲା···ଗୋଟାଏ ନୂଆ ଆଶା, ନୂଆ ସ୍ୱପ୍ନ, ନୂଆ ଜୀବନର ଜୁଆର, ସେହି ଅପାଣ୍ଡବା ଚଳନ୍ତି ଗାଁରେ ସୁଦ୍ଧା ଖେଳି ଯାଇଥିଲା ।

ରାତି ଅନେକ ହୋଇଥିଲା । ଛକଡ଼ି ମହାନ୍ତିଙ୍କ ଘରେ ବାରଣ୍ଡାରେ ଗୋଟାଏ ପଲଙ୍କ ଉପରେ ପଡ଼ି, ମଧୁସୂଦନ ଘୋର ଅସ୍ୱସ୍ତିରେ ଏକଡ଼ ସେକଡ଼ ହେଉଥିଲେ । ଅସହ୍ୟ ଗରମ ସେଥିରେ ପୁଣି ମଶାଙ୍କ ବାହାରେ ଦଳ ଦଳ ମଶା । ତାଙ୍କ ଆଖିରେ ନିଦ ନଥିଲା । କାଲି ସକାଳୁ ପୁଣି ଆଉ

କେତେଖଣ୍ଡ ଗାଁ ବୁଲି, ସେ ଯିବେ କେନ୍ଦ୍ରାପଡ଼ା, ସେଠାରୁ ଫେରିବେ କଟକ ।

ଶେଷରାତି ପାହାନ୍ତା ବେଳକୁ ମଧୁସୂଦନଙ୍କ ଆଖିରେ ଟିକିଏ ନିଦ ଲାଗି ଆସିଥିଲା । ଖୋଲା ଝରକା ପାଖରେ କାହାର ପାଦଶବ୍ଦରେ ମଧୁସୂଦନଙ୍କ ଟିକିଏ ନିଦ ହଠାତ ଭାଙ୍ଗିଗଲା । ମଶାରି ଉଠାଇ ଚାହିଁବାବେଳକୁ ଗୋଟାଏ ଛାୟାମୂର୍ତ୍ତି ଝରକା ପାଖରୁ ନିଃଶବ୍ଦରେ ଘୁଞ୍ଚି ଯାଉଥିଲା । ଝରକା ପାଖକୁ ଉଠିଆସି ମଧୁସୂଦନ ପଚାରିଲେ··· "କିଏ ସେଠି ?"

ରାତି ଶେଷର ପାହାନ୍ତିଆ ଆଲୁଅ ସେତେବେଳକୁ ସବୁଆଡ଼େ ଫିଟି ପଡ଼ିଥିଲା ।

ଇଏ ଯେ କାଲି ସନ୍ଧ୍ୟାର ସେହି ବାବଦୂକ, ଗୋପାଳ ପଧାନ ! ଏ ବର୍ଷା ସକାଳଟାରୁ ସେ ଏଠି କାହିଁକି ? ମଧୁସୂଦନ ପଚାରିଲେ··· "ଏତେବେଳେ, ତୁମେ ଏଠି କଣ କରୁଛ ?" ମଧୁସୂଦନଙ୍କ ମନରେ ସନ୍ଦେହ··· ଲୋକଟା ଚୋର ନୁହେଁତ !

ଗୋପାଳ ପଧାନର କଣ୍ଠସ୍ୱରରେ ଗତ ସନ୍ଧ୍ୟାର ବାବଦୂକତା ନଥିଲା । ଗୋପାଳ ପଧାନର କଣ୍ଠସ୍ୱର ଅତ୍ୟନ୍ତ କରୁଣ ଶୁଭୁଥିଲା ।

ମଧୁସୂଦନ ପଚାରିଲେ·· "ତୁମର କଣ ଦରକାର କୁହ । ମୋ ଦ୍ୱାରା ଯଦି ସମ୍ଭବ ହୋଇପାରେ, ତାହାହେଲେ ମୁଁ ନିଶ୍ଚୟ ତୁମକୁ ସାହାଯ୍ୟ କରିବି ।"

ଗୋପାଳ ପଧାନ ଶଙ୍କିତ ଦୃଷ୍ଟିରେ ଏଣିକି ତେଣିକି ଚାହିଁ କହିଲେ··· "ହଜୁର ଜଣେ ବଡ଼ ଓକିଲ ଶୁଣି ମୁଁ କାଲି ମହାଜନଙ୍କ ଡାଣ୍ଡିକୁ ଆସିଥିଲି । ହେଲେ ସେଠି ତାଙ୍କ ଡରରେ ହଜୁରଙ୍କୁ ମୋ ଦୁଃଖ ଜଣାଇ ପାରିଲି ନାହିଁ ।"

···ଭୟ, ଭୟ । ଓଡ଼ିଆ ଜାତିର ଆଜି ପଦେ ପଦେ ଭୟ··· ସାହେବଙ୍କୁ ଭୟ, ପୁଲିସ ଦାରୋଗାକୁ ଭୟ, ମହାଜନକୁ ଭୟ, ଜମିଦାରକୁ ଭୟ ! ନିଜ ଛାଇକୁ ସୁଦ୍ଧା ଭୟ ! ସବୁଆଡ଼େ ଗୋଟାଏ ଭୂତର ଭୟ । ମଧୁସୂଦନଙ୍କ କଣ୍ଠ ଅସ୍ୱାଭାବିକ ଭାବରେ ରୁକ୍ଷ ହୋଇ ଉଠିଲା । ଅସହାୟ

ଭାବରେ ସେ ପଚାରିଲେ··· "ତୁମ ଦୁଃଖଟା କଣ କୁହନା ! ଗୁଡ଼ାଏ ବାଜେ କଥା ବକ ଲାଭ କଣ ?"

ବାବୁ ରାଗିଲେ ବୋଲି, ଗୋପାଳ ପ୍ରଧାନ ଭୟରେ ପିଣ୍ଡା ତଳକୁ ଓହ୍ଲାଇ ଚାଲି ଯାଉଥିଲା । ମଧୁସୂଦନ ପଛରୁ ଡାକିଲେ "ଶୁଣ ! ଚାଲି ଯାଉଚ ଯେ !"

ଏହି ନଗଣ୍ୟ ବୃଦ୍ଧଟି ଉପରେ ଅକାରଣରେ କ୍ଷିପ୍ତ ହୋଇଥିବା ହେତୁ ମଧୁସୂଦନ ମନେ ମନେ ଈଷତ୍ ଲଜ୍ଜିତ ହୋଇ ପଡ଼ିଥିଲେ । ମାଟିର ସନ୍ତାନ ଏମାନେ; ମାଟିପରି ସହନଶୀଳ । କଣ୍ଠସ୍ୱର ଯଥାସମ୍ଭବ କୋମଳ କରି, ମଧୁସୂଦନ ପଚାରିଲେ··· "ତୁମର ଦୁଃଖଟା କଣ କହିଲ ନାହିଁ ଯେ !"

ଗୋପାଳ ପ୍ରଧାନ ମୁଣ୍ଡ ଅନେକ କୁଣ୍ଡାଇ କୁଣ୍ଡାଇ, ଅଙ୍ଗୁଆ ସୁତାଖିଅ ଆଉରି ଅଙ୍ଗୁଆ ତଙ୍ଗୁଆ କରିବା ପରି, ଗୋଳମାଳିଆ ଭାବରେ ଯାହା ସବୁ କହିଲେ; ତାର ସାରମର୍ମ ହେଉଛି, ନଥପୁର ଆଉ ନଛିପୁର ଗାଁ ହୋସିମାଳିରେ ମାଣେ ଦୋଫସଲି କଳନ୍ଦ ଜମି, ରାମ ବେହେରା ଗଉଡ଼ ଠାରୁ, ଶ୍ୟାମ ପ୍ରଧାନ କିଣିଥିଲା ଦଶ କୋଡ଼ି ଟଙ୍କାରେ । ଦେଣା ଶୁଝିବା ପାଇଁ, ଜମିଦାରବାବୁ ରାମ ବେହେରାର ଜମି ଶ୍ୟାମ ପ୍ରଧାନକୁ ବିକାଇ ଦେଇଥିଲେ । ସେତେବେଳେ ବାପୁ ମୁତ୍ସଦ୍ଦି ଦୁହେଁ ଜମିଦାରଙ୍କୁ ଦୁଇକୋଡ଼ି ଦଶ ଟଙ୍କା ଖାତାପତ୍ରା ରୋଷମ ଗଣିଥିଲେ । ଶ୍ୟାମ ପ୍ରଧାନ ପାଟର ଜମିଦାରଙ୍କର ମଧ୍ୟ କିଛି ଦେଣା ରହିଥିଲା । ସେ ଦେଣା ସୁଝିବା ପାଇଁ ଖୋଦସ୍ତ୍ୟ ଜମିଦାରବାବୁ ଗୋପାଳ ପ୍ରଧାନକୁ ଡ଼କାଇ ସେଇ ଜମି ଖଣ୍ଡିକ ବାରକୋଡ଼ି ଟଙ୍କାରେ । ବିକାଇ ଟଙ୍କାରେ ପୁଣି ଚାରଣା ରୋଷମ ନେଇଥିଲେ । ଗଲାବର୍ଷ ବଢ଼ିରେ ଗୋପାଳ ପ୍ରଧାନର ଘର ଧୋଇ ଗଲା । ବଳଦ ହଳକ ମରି ଗଲେ । ଏ ବର୍ଷକୁ ମରୁଡ଼ି । ମହାଜନଙ୍କର 'କିଛି ଦେଣା ମଧ୍ୟ ପୂର୍ବରୁ ରହିଥିଲା । ତା' ଉପରେ ହିଁଅ ସୁଆଣି ଯିବ ମଗୁଶିର ମାସରେ । ଜମିଦାର କହୁଛନ୍ତି ସେ ଜମି ଖଣ୍ଡିକୁ ହରି ମିଶ୍ରଙ୍କୁ ବିକ ଦେ, ଜମି ବିକ ନ ବିକ ତୋ ଇଚ୍ଛା କଥା—ମୋ ଦେଣା ଆଉ ବାକିଆ ଖଜଣା କଡ଼ା ଗଣ୍ଡା ଅସୁଲ୍ କରିଦେ । ଜମିଟା କଳନ୍ଦ ଦୋ ଫସଲି । ଅନ୍ୟ ରାସ୍ତା ବି ବୁଝୁ ନାହାନ୍ତି । ହେଲେ ସେଇ ଏକା ଜମି ଉପରେ ଟଙ୍କାରେ ପୁଣି ଚାରଣା ରୋଷମ ଜମିଦାର ନେବେ ।

ଜମିଦାର ମାନେ ଖଣ୍ଡେ ଖଣ୍ଡେ ଜମିକୁ ଏଇପରି ଗୁରିଥର ଏ ହାତ ସେ ହାତ କରାଇ, ସେଲାମ୍ ନାଁରେ ଚାଷୀ ମାନଙ୍କ ଠାରୁ ଜମିର ପୁରା ମୂଲ୍ୟ ଆଦାୟ କରି ସାରିଥିଲେ । ଏହାପରେ ଯେତେଥର ସେ ଜମି ଖଣ୍ଡିକ ବନ୍ଧୀ ହୋଇ ପାରୁଥିବ ; ଜମିଦାର ସେତେଥର ଟଙ୍କାରେ ଗୁରିଅଣା ଆୟ କରି ଚାଲିଥିବେ । ଜମି ଉପରେ ଜମିଦାରର କୌଣସି ସ୍ୱତ୍ୱ ଆଇନରେ ନଥିଲେ ସୁଦ୍ଧା, ଜମି ଉପରେ ସେହି ପୂର୍ଣ୍ଣ ସର୍ବ ସ୍ୱତ୍ୱାଧିକାରୀ । ଅଥଚ ଜମି ଉପରେ ଚାଷୀର ପୂର୍ଣ୍ଣ ସ୍ୱତ୍ୱ ଥିବାବେଳେ; ଜମିର ସ୍ୱତ୍ୱରୁ ସେ ଯେପରି ବଞ୍ଚିତ, ଉତ୍ପାଦନରୁ ମଧ୍ୟ ସେହିପରି ଲୁଣ୍ଠିତ ।

ଗୋପାଳ ପଧାନ ଆଖିରେ ଚାହିଁ, ମଧୁସୂଦନଙ୍କ ମାନସ-ଦୃଷ୍ଟିରେ ଭାସି ଉଠିଲା ଗୋଟାଏ ଦୃଶ୍ୟ...ଚାଷୀ ପଲେ ପଲେ ଦେହ କ୍ଷୟ କରି ମାଟି ଭାଙ୍ଗୁଛନ୍ତି...ସେଇ ମାଟିରୁ ସୁନେଲି ଫସଲର ଗୋଟାଏ ସୁଅ ବୋହି ଚାଲିଛି ମହାଜନ-ସାହୁକାର ଘରକୁ...ମହାଜନ ଘରୁ ଜମିଦାର କଚେରୀକୁ ଯେଉଁ-ସୁଅ ପଡ଼ୁଛି ସେଥିରେ ସେହି ସୁନେଲି ଫସଲ ବୋହି ଚାଲିଛି ଟଙ୍କା ଆକାରରେ...ଜମିଦାର କଚେରୀରୁ ସରକାର ଟ୍ରେଜେରୀକୁ ଆଉ ଗୋଟାଏ ସୁଅ ଫିଟିଛି...ସେ ସୁଅରେ ଟଙ୍କା ପରିଣତ ହୋଇଯାଇଛି କରେନ୍ସୀ ନୋଟରେ...ସରକାର ଟ୍ରେଜେରୀରୁ ପୁଣି ଯେଉଁ ସୁଅ ବୋହି ଚାଲିଛି ବିଲାତକୁ; ତାହା କେବଳ ସୁନା ଆଉ ସୁନା !

ଔପନିବେଶିକ-ସାମନ୍ତବାଦୀ ଶୋଷଣର ଏ ଏକ ଅଦ୍ଭୁତ ସ୍ୱୟଂଚାଳିତ ଯନ୍ତ୍ର !

ମଧୁସୂଦନ ଏ ଚିତ୍ରଟିକୁ ଆଦୌ ଭୁଲି ପାରି ନଥିଲେ । ଏହାର ବହୁବର୍ଷ ପରେ ୧୯୧୮ ସାଲ ଉତ୍କଳ-ସମ୍ମିଳନୀ ମଣ୍ଡପରେ, ମଧୁସୂଦନଙ୍କ ନିର୍ଦ୍ଦେଶରେ ଏହିପରି ଏକ ଚିତ୍ରପଟ ଅଙ୍କିତ ହୋଇ ପ୍ରଦର୍ଶିତ ହୋଇଥିଲା ।

ଜମିଦାରଙ୍କ କବଳରୁ ଅବ୍ୟାହତି ପାଇବାର ଉପାୟ ପରାମର୍ଶ ପାଇଁ ଗୋପାଳ ପଧାନ ମଧୁସୂଦନଙ୍କ ପାଖକୁ ବଡ଼ ସକାଳଠାରୁ ଧାଇଁ ଆସିଥିଲା । ମହାଜନଙ୍କ ସାମନାରେ ଏକଥା ପରାମର୍ଶ କଲେ, ଚୂଲି ଗୁଲରେ ଆଉ ବାସ ରହିବ ନାହିଁ । କିନ୍ତୁ ଆଇନ୍‌ରେ ଏହାର କ

ପ୍ରତିକାର ଅଛି ? ମଧୁସୂଦନ ତାକୁ ସେଥିରୁ କିପରି ବା ରକ୍ଷା କରି ପାରିବେ ? ଔପନିବେଶିକ-ସାମନ୍ତବାଦୀ ଶୋଷଣର ଯେଉଁ ମୁଅ ବନ୍ୟା-ମରୁଡ଼ୀ ପ୍ରପୀଡିତ ଏହି ପଲ୍ଲୀଗ୍ରାମ ମାନଙ୍କରୁ ବାହାରକୁ ଛୁଟିଛି, ଆଇନ ତ ସେଥିରେ ସହାୟକ ମାତ୍ର !

ଏ ଆଇନ ଭାଙ୍ଗିବାକୁ ପଡ଼ିବ, ବଦଳାଇବାକୁ ପଡ଼ିବ । ମାତ୍ର ଆଜ ?

ମଧୁସୂଦନ ବଣ୍ଡେ ଚିନ୍ତା କରି, ଟଙ୍କଆଟକୁ କେତେଖଣ୍ଡ ନୋଟ କାଢ଼ି ଗୋପାଳ ପ୍ରଧାନ ହାତ ଭିତରେ ଧରାଇ ଦେଇ କହିଲେ··· "ଯାଅ ପଳାଅ ଏଠୁ । ଜମି ବନ୍ଦୀ କରିବା ତୁମର ଆଉ ଦରକାର ପଡ଼ିବ ନାହିଁ ।"···ଏ ସବୁ ସ୍ୱପ୍ନ ନା ସତ୍ୟ ଗୋପାଳ ପ୍ରଧାନ କିଛି ବୁଝି ପାରୁ ନଥିଲା ।

କିଂକର୍ତ୍ତବ୍ୟବିମୂଢ଼, ବିଭ୍ରାନ୍ତ ଓ ବିସ୍ମିତ ଗୋପାଳ ପ୍ରଧାନ ମୁହଁ ଉପରେ ମଧୁସୂଦନ ଝରକାଟା ବନ୍ଦ କରିଦେଲେ ।

ସକାଳେ ନଥିପୁର ଗାଁରୁ ଫେରିବା ବାଟରେ ମଧୁସୂଦନ ବାଟସାରା ମନେ ମନେ ଭାବୁଥିଲେ, ଏ ଗାଁକୁ ଆସି ନଥିଲେ, ହୁଏତ ଓଡ଼ିଶାର ପ୍ରକୃତ ପରିଚୟରୁ ସେ ବଞ୍ଚିତ ରହିଥାନ୍ତେ । କୋଣାର୍କ, କପିଳେନ୍ଦ୍ରଙ୍କ ଓଡ଼ିଶା ଠାରୁ ଏ ଓଡ଼ିଶା ଏକ ବୃହତ୍ତର ସତ୍ୟ । ଓଡ଼ିଆ ଭାଷାର ସ୍ୱତ୍ତ୍ୱ ରକ୍ଷା, ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ, ଆତ୍ମଶାସନ ପ୍ରଣାଳୀ, ଏହି ବିକଟ ପରିଚୟ ସମ୍ମୁଖରେ ଅତ୍ୟନ୍ତ ତୁଚ୍ଛ ହୋଇ ପଡ଼ୁଥିଲା ।

( ତିନି )

ଇଂ ୧୮୮୩ ସାଲ ଡ଼ିସେମ୍ବର···

ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପାଖରୁ ଉତ୍କଳ-ସଭାକୁ ଚିଠି ଆସିଥିଲା କଲିକତା ଆଲବର୍ଟ-ହାଲରେ ଇଲବର୍ଟ ବିଲ୍ ବିରୁଦ୍ଧରେ ଅନୁଷ୍ଠିତ ହେଉଥିବା ନାସନାଲ କନଫରେନସ୍ ଅଧିବେଶନରେ ଯୋଗ ଦେବା ପାଇଁ ।

ବସ୍ତୁତଃ ଏହି ଇଲବର୍ଟ-ବିଲ୍-ଆନ୍ଦୋଳନରୁ ହିଁ ଭାରତରେ ସର୍ବଭାରତୀୟ ସ୍ତରରେ ରାଜନୈତିକ ଜାଗରଣର ପ୍ରଥମ ସୂତ୍ରପାତ ହୋଇଥିଲା ; ଦୁଇବର୍ଷ ପରେ ଯାହାର ପରିଣତି ହୋଇଥିଲା—ଭାରତୀୟ-କଂଗ୍ରେସ । ଏ ସମ୍ପର୍କରେ ଜଣେ ଇଂରେଜ ଲେଖକ ଯଥାର୍ଥରେ ଲେଖିଥିଲେ...“ The Ilbert Bill Controversy was a turning point in the history of India's nationalism.” * ଜାତୀୟ-କଂଗ୍ରେସର ଐତିହାସିକ ପଟ୍ଟାଭି ସୀତାରାମାୟା ମଧ୍ୟ ଏହି ଆନ୍ଦୋଳନ ସଂପର୍କରେ ଲେଖିଛନ୍ତି...“ ‘It taught the public men of India at the time the lessons of organisation; and immediately in the year 1883 there was held a political conference at the Albert Hall in Calcutta.” ଏହି ଆନ୍ଦୋଳନରେ କଲିକତାର ଦୁଇ ପ୍ରଧାନ ରାଜନୈତିକ ସଙ୍ଗଠନ— ଦ୍ୱାରକାନାଥ ଠାକୁରଙ୍କ ବ୍ରିଟିଶ -ଇଣ୍ଡିଆନ୍ ଆସୋସିଏସନ୍ ଓ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଇଣ୍ଡିଅନ୍ ଆସୋସିଏସନ୍ ବା ଭାରତ-ସଭା— ନିଜ ନିଜର ପୃଥକ ସତ୍ତା ଲୋପ କରି ଏକ ହୋଇ ଯାଇଥିଲେ । ୧୮୮୭ ସାଲରେ ଭାରତୀୟ ଜାତୀୟ କଂଗ୍ରେସରେ ଏହାର ସତ୍ତା ବିଲୁପ୍ତ ହେବା ପର୍ଯ୍ୟନ୍ତ ନାସନାଲ-କନଫରେନ୍ସ ପୁଣି ଭାରତରେ ଏକ ମାତ୍ର ସର୍ବଭାରତୀୟ ରାଜନୈତିକ ସଙ୍ଗଠନ ହୋଇ ରହିଥିଲା ।

ଭାଇସରୟ ଲର୍ଡ ରିପନ୍‌ଙ୍କ ଶାସନକାଳରେ, ଭାରତରେ ଯେଉଁ କେତେକ ଉଦାରପନ୍ଥୀ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା, ଇଲବର୍ଟ-ବିଲ ସେଥି ମଧ୍ୟରୁ ଅନ୍ୟତମ ଥିଲା । ଲର୍ଡ ରିପନ୍‌ଙ୍କ ଆଇନ ସଚିବ ବା ଲ'-ମେମ୍ବର (Law Member)ମିଷ୍ଟର ଇଲବର୍ଟ ଏ ବିଲ୍ ପ୍ରସ୍ତୁତ କରିଥିଲେ । ଭାରତୀୟ ମାଜିଷ୍ଟ୍ରେଟ୍ ବା ବିଚାରକମାନେ ସମଯୋଗ୍ୟତାସମ୍ପନ୍ନ ଥିଲେହେଁ ଇତପୂର୍ବରୁ ଇଂରେଜ ମାଜିଷ୍ଟ୍ରେଟ୍ ଓ ବିଚାରକ ମାନଙ୍କ ସମତୁଲ୍ୟ ଅଧିକାରରୁ ବଞ୍ଚିତ ରହିଥିଲେ । କୌଣସି ଶ୍ୱେତାଙ୍ଗ କୌଣସି ଗର୍ହିତ ଅପରାଧରେ ଅଭିଯୁକ୍ତ ଥିଲେ ସୁଦ୍ଧା, ତାହାଙ୍କୁ ବିଚାର କରିବାର ଅଧିକାର ସେତେବେଳେ ଭାରତୀୟ ସିଭିଲିଅନ୍ ମାନଙ୍କର ନଥିଲା । ଶ୍ୱେତାଙ୍ଗ ବଣିକଗୋଷ୍ଠୀ ଔପନିବେଶିକ ଶାସକ ରୂପେ ଭାରତୀୟ ସମାଜରେ

* India Under Ripon—W.S. Blunt.

† History of Congress Vot I.—S.P. Sitaramaya.

ସେତେବେଳେ ଯେଉଁ ସମସ୍ତ ସ୍ୱାଧିକାର ଦାବୀ କରୁଥିଲେ; ଏହା ସେଥି-ମଧ୍ୟରୁ ଅନ୍ୟତମ ଥିଲା । ଶ୍ୱେତାଙ୍ଗ ବଣିକ ଗୋଷ୍ଠୀଙ୍କର ମଧ୍ୟ ସେତେବେଳେ ଏପରି ସ୍ୱାଧିକାରର ପ୍ରୟୋଜନ ଥିଲା, ସେମାନଙ୍କ ଶୋଷଣକୁ ସୁରକ୍ଷିତ ରଖିବା ପାଇଁ । ଏ ସ୍ୱାଧିକାର ମଧ୍ୟରେ କିନ୍ତୁ ଭାରତୀୟ ମାନଙ୍କ ପ୍ରତି ଏକ ଉତ୍କଟ ତାଚ୍ଛଲ୍ୟ ପ୍ରଚ୍ଛନ୍ନ ରହିଥିଲା । ସୁରେନ୍ଦ୍ରନାଥ ବାନାର୍ଜୀ ସିଭିଲିଆନ୍ ଥିବା କାଳରେ ମର୍ମେ ମର୍ମେ ଏ ଗ୍ଲାନି ଯଥେଷ୍ଟ ଅନୁଭବ କରିଥିଲେ । ପୁଣି ଇଂରେଜ ସିଭିଲିଆନ୍ ଗୋଷ୍ଠୀଙ୍କ ଚକ୍ରାନ୍ତରେ ସୁରେନ୍ଦ୍ରନାଥ ସିଭିଲିଆନ୍ ପଦରୁ ବିତାଡ଼ିତ ହୋଇ ଥିବାରୁ ସେମାନଙ୍କ ବିରୁଦ୍ଧରେ ସେ ସର୍ବଦା ଈର୍ଷାନ୍ୱିତ ହୋଇ ରହିଥିଲେ । ତେଣୁ ଭାରତୀୟ ଓ ଇଂରେଜ ସିଭିଲିଆନ୍ ମାନଙ୍କ ମଧ୍ୟରେ ରହିଥିବା ଏ ପାର୍ଥକ୍ୟ ବିଲୋପ ପାଇଁ, ମିଷ୍ଟର ଇଲବର୍ଟ ପ୍ରଥମେ ଯେଉଁ ବିଲ୍ ପ୍ରଣୟନ କରିଥିଲେ; ତାହା ସେତେବେଳେ ସୁରେନ୍ଦ୍ରନାଥଙ୍କ ପରି ଜାତୀୟତାବାଦୀ ଭାରତୀୟ ବୁଦ୍ଧିଜୀବି ଗୋଷ୍ଠୀଙ୍କଦ୍ୱାରା ଅଭିନନ୍ଦିତ ହୋଇଥିଲା ।

ମାତ୍ର ଇଲବର୍ଟଙ୍କ ଏ ବିଲ୍ ବିରୁଦ୍ଧରେ ଶ୍ୱେତାଙ୍ଗ ବଣିକ-ସମାଜ ସେତେବେଳେ ଏକ ପ୍ରଚଣ୍ଡ ବିକ୍ଷୋଭ ସୃଷ୍ଟି କରିଦେଇଥିଲେ । ଇଲବର୍ଟ ବିଲ୍‌କୁ ଆଇନ୍‌ରେ ପରିଣତ କରାଇ ନଦେବା ପାଇଁ, ଭାଇସରୟ ଲର୍ଡ ରିପନ୍‌ଙ୍କୁ ସୁଦ୍ଧା ବଳ ପ୍ରୟୋଗ କରି ଗୋଟାଏ ଷ୍ଟିମରରେ କଲିକତା ଚାନ୍ଦପାଳ ଘାଟରୁ ଇଂଲଣ୍ଡକୁ ହରଣଚାଳ କରିନେବା ପାଇଁ ସେତେବେଳେ କଲିକତାର ଶ୍ୱେତାଙ୍ଗ ଗୋଷ୍ଠୀ ଗୋଟାଏ ଷଡ଼ଯନ୍ତ୍ର ମଧ୍ୟ ପାଞ୍ଚିଥିଲେ । * ଶ୍ୱେତାଙ୍ଗ ବଣିକ ଗୋଷ୍ଠୀଙ୍କର ଏପରି ପ୍ରବଳ ବିକ୍ଷୋଭ ଫଳରେ ଇଲବର୍ଟ୍-ବିଲ୍ ଅବଶେଷରେ ଆମୂଳ ପରିବର୍ତ୍ତିତ ହୋଇଥିଲା । କେବଳ ନୀତିଗତ ଦୃଷ୍ଟିରୁ ଭାରତୀୟ ଡ଼ିଷ୍ଟ୍ରିକ୍‌ଟ୍ ମାଜିଷ୍ଟ୍ରେଟ୍ ଓ ସେସନ୍‌ସ୍ ଜଜ୍‌ମାନେ ଶ୍ୱେତାଙ୍ଗ ମାନଙ୍କୁ ବିଚାର କରି ପାରିବାର ଅଧିକାର ସଂଶୋଧିତ ବିଲ୍‌ରେ ସ୍ୱୀକୃତ ହୋଇଥିଲେହେଁ; ଅନ୍ୟ ଶ୍ରେଣୀର ଭାରତୀୟ ସିଭିଲିଆନ୍ ମାନଙ୍କୁ ଏ ଅଧିକାରରୁ ବଞ୍ଚିତ ରଖା ଯାଇଥିଲା ।

ସିଭିଲିଆନ୍ ଗୋଷ୍ଠୀରୁ ବିତାଡ଼ିତ, ଭାରତୀୟ-ସିଭିଲିଆନ୍ ସୁରେନ୍ଦ୍ରନାଥ ବାନାର୍ଜୀ ଏହା ବିରୁଦ୍ଧରେ ତେଣୁ ଏକ ପ୍ରବଳ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ । ଭାରତୀୟ ମଧ୍ୟବିତ୍ତ-ବୁଦ୍ଧିଜୀବୀ ମାନଙ୍କର

---

* ଡ଼କ୍‌ଟର ପଟ୍ଟାଭି ସୀତାରାମାୟାଙ୍କ ପ୍ରଣୀତ History of Congress.

ଭାବନାକୁ ସେତେବେଳେ ଏ ଆନ୍ଦୋଳନ ପ୍ରବଳ ଭାବରେ ଆନ୍ଦୋଳିତ କରି ପାରିଥିଲା । ସୁରେନ୍ଦ୍ରନାଥ ବାନାର୍ଜୀ ଏ ସମ୍ପର୍କରେ ଲେଖିଥିଲେ···

"The National Conference was the reply of educated India to the Ilbert Bill agitation—a resonant blast on their golden trumpet."

ଇଲବର୍ଟ-ବିଲ୍ ଆନ୍ଦୋଳନର ତରଙ୍ଗ ଓଡ଼ିଶା ଚେତନାରେ ମଧ୍ୟ ସେତେବେଳେ ଏକ ଧକ୍କା ଦେଇଥିଲା । କେତେକ ନ୍ୟସ୍ତସ୍ୱାର୍ଥି ଆଙ୍ଗ୍ଲୋ-ଇଣ୍ଡିଆନ୍‌ଙ୍କ ଦ୍ୱାରା ସେତେବେଳେ ଭାରତୀୟ ଚରିତ୍ରର କି ପ୍ରକାର କୁତ୍ସିତ ଚିତ୍ରଣ ଅପପ୍ରଚାରିତ ହେଉଥିଲା, ତାହା "ଉତ୍କଳ-ଦୀପିକା"ରେ "ଓଡ଼ିଶା ଓ ଇଲବର୍ଟ-ବିଲ୍" ଶିରୋନାମାରେ ନିମ୍ନ ନିବନ୍ଧରେ ପ୍ରକାଶ ପାଇଥିଲା···

"× × × ଇଲବର୍ଟ-ବିଲ୍ ଭାରତ ବ୍ୟବସ୍ଥାପକ ସଭାରେ ଆଗତ ହେଲା ଦିନରୁ କ୍ଷୁଦ୍ରମନା ଭାରତୀୟ ଇଂରାଜମାନେ ନିଜ ସ୍ୱଭାବର ନୀଚତା ସମ୍ପାଦନ କରି ଯେ ରୂପ ତୀବ୍ର ଭାବରେ ଦେଶୀୟ ଲୋକଙ୍କର ଆଚରଣାଦି ସମାଲୋଚନା କରି ସେମାନଙ୍କୁ ଅଜସ୍ର ଭାବରେ ଗାଳି ମନ୍ଦ ଦେଇ ଆସୁଅଛନ୍ତି ତାହା କାହାରିକି ଅବିଦିତ ନାହିଁ । ପରାଧୀନ ଭାରତବାସୀ ତାହା ବିଶେଷ ସହିଷ୍ଣୁତା ସହକାରେ ସହ୍ୟ କରି ଯେ ରୂପ ଭାବରେ ଆପଣାର ମନୋସଂଯମତା ଦେଖାଇ ଆସିଅଛନ୍ତି, ତାହା ଅତୀବ ପ୍ରଶଂସନୀୟ । × × × ଦିନେ କଟକରେ ଜଣେ ବନ୍ଧୁଙ୍କ ସଙ୍ଗେ ଯାଉଥିବା ସମୟରେ ତାଙ୍କ ଠାକୁ ଆସୁଥିବା ମୋକଦ୍ଦମା ମାନଙ୍କର କଥା କହୁଁ କହୁଁ ସେ କଠୋର ଭାବରେ କାର୍ଯ୍ୟ ଚଳାଉ ନଥିଲେ ଓଡ଼ିଆମାନେ ଆପଣାର ଅଶେଷ ମିଥ୍ୟା କଥା ଓ ସଂଖ୍ୟା ସଂଖ୍ୟା କୃତ୍ରିମ ସାକ୍ଷୀଙ୍କ ସାହାଯ୍ୟରେ ଦେଶୀୟ ମେଜେଷ୍ଟ୍ରେଟଙ୍କ ପ୍ରାୟ ତାଙ୍କୁ ଠକାଇବା କିଛି ବିଚିତ୍ର ନୁହେଁ ।" ପୁଣି କହୁଅଛନ୍ତି ଯେ "ସୃଷ୍ଟିର ଆଦ୍ୟ କାଳରୁ ପରିଚୟ ନଥିବା ସାକ୍ଷୀମାନଙ୍କୁ ମଧ୍ୟ ଶିଖାଇବାରେ ଓଡ଼ିଆ ମାନଙ୍କର ଏକ ବିଶେଷ ଗୁଣ ଓ ବିଭୂତି ଅଛି" ଇତ୍ୟାଦି । × × ପାଠକେ ଏହାକୁ ଚିନ୍ତି ରଖ । ସନ ୧୮୦୩ ମସିହାରେ ଓଡ଼ିଶା ଜୟ ହେଲା ତାରିଖରୁ ଆଜକୁ ୮୦ ବର୍ଷ ହେଲା ଇଂରେଜମାନେ ଓଡ଼ିଆଙ୍କ ସଙ୍ଗେ କାରବାର କରୁଅଛନ୍ତି । କିନ୍ତୁ

ଏ ଅଶୀତି ବର୍ଷ କାଳ ଉତ୍ତରୁ ଓଡ଼ିଆଙ୍କ ସମ୍ବନ୍ଧରେ ଇଂରାଜଙ୍କ ଏହିପରି ମତ !''

(ଉତ୍କଳ-ଦୀପିକା, ୨୯ ସେପ୍ଟେମ୍ବର ୧୮୮୩)

ଇଲ୍ବର୍ଟ୍ ବିଲ୍‌ର ପ୍ରତିବାଦ ପାଇଁ କଲିକତାରେ ଅନୁଷ୍ଠିତ, ନାସନାଲ୍-କନ୍‌ଫରେନ୍‌ସ ଅଧିବେଶନରେ ଯୋଗ ଦେବାପାଇଁ, ମାନ୍ଦ୍ରାଜ, ବମ୍ବେ, ପଞ୍ଜାବ, ଯୁକ୍ତପ୍ରଦେଶ, ବିହାର ଓ ଓଡ଼ିଶା ପ୍ରଭୃତି ବିଭିନ୍ନ ଅଞ୍ଚଳରୁ ପ୍ରଧାନ ନେତୃସ୍ଥାନୀୟ ବ୍ୟକ୍ତିବୃନ୍ଦ ଆମନ୍ତ୍ରିତ ହୋଇଥିଲେ । ସେହି ଅବସରରେ ସମଗ୍ର ଭାରତବର୍ଷକୁ ଏକ ଜାତୀୟତା ସୂତ୍ରରେ ଆବଦ୍ଧ କରିବାର ରାଜନୈତିକ ଭାବନା ଜାଗ୍ରତ ହୋଇଥିଲା । ସେହି ଆହ୍ୱାନରେ "ଉତ୍କଳ-ସଭା" ପକ୍ଷରୁ ମଧୁସୂଦନ ମଧ୍ୟ ଏହି ଅଧିବେଶନରେ ଯୋଗ-ଦେଇଥିଲେ ।

× × ×

ଗ୍ରାଣ୍ଡ ହୋଟେଲ୍...

କନ୍‌ଫରେନ୍‌ସ ଶେଷରେ ମଧୁସୂଦନଙ୍କ ସହିତ ସାକ୍ଷାତ ଓ ଆଲୋଚନାପାଇଁ ସୁରେନ୍ଦ୍ରନାଥ ଗ୍ରାଣ୍ଡ୍ ହୋଟେଲରେ ମଧୁସୂଦନଙ୍କ 'ସୁଇଟ୍'କୁ ଆସିଥିଲେ ।

ବାହାରେ ଶେଷ ଡିସେମ୍ବରର କୁହେଳିକାଛନ୍ନ ସନ୍ଧ୍ୟା । ରାସ୍ତାରେ ବଡ଼ଦିନର ଉତ୍ସବମୁଖରିତ କୋଳାହଳ । ସୁରେନ୍ଦ୍ରନାଥ ଚେୟାର-ଗ୍ଲାସରୁ ଶେଷ ଚୁମୁକ ନେଇ ବଙ୍ଗଳାରେ କହିଲେ..."ମୋର ଭାରତସଭାକୁ ଯେତେବେଳେ ନାସନାଲ-କନ୍‌ଫରେନ୍‌ସ ସହିତ ମିଶାଇ ଦେଲି, ସେତେବେଳେ ତୁମ ମାନଙ୍କର ଉତ୍କଳସଭା ଆଉ ଅଲଗା ରହିବ କାହିଁକି ? ତାହାକୁ ମଧ୍ୟ ଏହା ସହିତ ଏଣିକି ମିଶାଇଦେବା ଉଚିତ ।"

ମଧୁସୂଦନ ସୁରେନ୍ଦ୍ରନାଥଙ୍କ ଆଡ଼େ କେତେ କ୍ଷଣ ଚାହିଁ, ଧୀରେ ଧୀରେ ପାଟିରୁ ହୁକାଧୂଆଁର କୁଣ୍ଡଳୀ ଛାଡ଼ିଲେ । ଧୂଆଁର କୁଣ୍ଡଳୀ ଭିତରେ ସୁରେନ୍ଦ୍ରନାଥଙ୍କ ଉଜ୍ଜ୍ୱଳ ଆଖି ଦୁଇଟି ଅତ୍ୟନ୍ତ ଆଶାନ୍ୱିତ ଭାବରେ ଗୋଟାଏ ଆସ୍ତିସୂଚକ ଉତ୍ତର ଅପେକ୍ଷାରେ ଯେପରି ମଧୁ-ସୂଦନଙ୍କ ଆଡ଼େ ଅନାଇଁ ରହିଥିଲା ।

ମଧୁସୂଦନ ସୋଫା-କାଉଚ ଉପରୁ ଉଠି ଆସି ଖୋଲା ଝରକା ବାଟେ ବାହାରର ଦୀପାଲୋକିତ ରାଜପଥ ଆଡ଼େ ଚାହିଁ ଇଂରାଜୀରେ ପଚାରିଲେ...

"ଭାରତ-ସଭା ଆଉ ନ୍ୟାସନାଲ୍—କନ୍‌ଫରେନସ୍ ମଧ୍ୟରେ ପ୍ରଭେଦଟା କଣ ମୋତେ ବୁଝାଇ ଦେଇ ପାରିବେ ମିଷ୍ଟର ବାନାର୍ଜୀ!"

ସୁରେନ୍ଦ୍ରନାଥ ଉତ୍ତର ଦେଲେ…"ଭାରତ-ସଭା, ଜାତୀୟ-କନ୍‌ଫରେନସ୍, ସବୁ ଏକ କଥା।"

ମଧୁସୂଦନ କହିଲେ…"ଟୁଇଡ୍‌ଲ୍‌ଡମ୍ ଟୁଇଡଲ୍‌ଡ୍ରୀ…ମାତ୍ର ଦୁଇ ବର୍ଷ ପୂର୍ବେ ଯେଉଁଥିପାଇଁ ଉତ୍କଳ-ସଭା ଭାରତ-ସଭାରେ ମିଶି ପାରି ନଥିଲା, ଠିକ ସେହି କାରଣରୁ ଉତ୍କଳ-ସଭା ଏବେ ମଧ୍ୟ ନ୍ୟାସନାଲ୍ କନ୍‌ଫରେନସ୍ ସହିତ ମିଶିବାରେ ଅସୁବିଧା ରହିଛି। ତଥାପି ଉତ୍କଳ-ସଭାର ପ୍ରତିନିଧିମାନେ କନ୍‌ଫରେନସ୍ ଅଧିବେଶନରେ ଯୋଗ ଦେବାରେ ଆମ୍ଭମାନଙ୍କର କୌଣସି ଆପତ୍ତି ରହିବ ନାହିଁ।"

ସୁରେନ୍ଦ୍ରନାଥ ଈଷତ୍ ଅପ୍ରସନ୍ନ କଣ୍ଠରେ ପଚାରିଲେ…"କାହିଁକି? କାହିଁକି?"

ମଧୁସୂଦନ କୁଳପତି ସୁରେନ୍ଦ୍ରନାଥଙ୍କ ଆଡ଼େ ହଠାତ୍ ମୁହଁ ଫେରାଇ କହିଲେ…"ଓଡ଼ିଶା ଗୋଟାଏ ଉପନିବେଶର ଉପନିବେଶ…କଲୋନୀ ଅଫ୍ ଏ କଲୋନୀ! ତାହାର ସମସ୍ୟା ସ୍ୱତନ୍ତ୍ର। ଭାରତ-ସଭାରେ ତାହାର ସମାଧାନ ନଥିଲା କିମ୍ବା ନ୍ୟାସନାଲ-କନ୍‌ଫରେନସ୍‌ରେ ମଧ୍ୟ ତାହା ମିଳିବ ନାହିଁ!"

## (ଚାରି)

କଲିକତାରେ ସେତେବେଳେ ଜାତୀୟ-ପ୍ରଦର୍ଶନୀ-ମେଳାର ଧୂମ୍। ବଙ୍ଗଳା ପ୍ରେସିଡ଼େନ୍‌ସୀର ପ୍ରତ୍ୟେକ ଅଞ୍ଚଳରୁ ପ୍ରତିବର୍ଷ ବହୁ ଲୋକ ଏହି ପ୍ରଦର୍ଶନୀ ଦେଖିବାପାଇଁ ଆସିଥାନ୍ତି। ଭାରତର ବିଶେଷତଃ ବଙ୍ଗଳା-ପ୍ରେସିଡ଼େନ୍‌ସୀର ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ଶିଳ୍ପଜାତ ଓ କୃଷିଜାତ ଦ୍ରବ୍ୟମାନ ଏଥିରେ ପ୍ରଦର୍ଶିତ ହୋଇଥାଏ। ସ୍ୱୟଂ ବଡ଼ଲାଟଙ୍କ ପୃଷ୍ଠ-ପୋଷକତାରେ ଏ ପ୍ରଦର୍ଶନୀ ଆୟୋଜିତ ହୁଏ। ବସ୍ତୁତଃ ଭାରତରେ ଶୈଳ୍ପିକ ଓ ଔଦ୍ୟୋଗିକ ଜାଗରଣ ମୂଳରେ ଏହି ପ୍ରଦର୍ଶନୀର ଗୋଟିଏ ବିଶିଷ୍ଟ ଭୂମିକା ରହିଥିଲା। ଏ ବର୍ଷ ପ୍ରଦର୍ଶନୀ ଦେଖିବା ପାଇଁ ମଧ୍ୟ କଟକରୁ

ଅନେକ ଅମଲା, ସାଧାରଣ ଲୋକେ ଓ ଗଡ଼ଜାତର କେତେଜଣ ରାଜା ଆସିଥିଲେ । ଏଥର ପ୍ରଦର୍ଶନୀରେ ପୁଣି କଟକର କେତେଜଣ ତାରକସୀ ବଣିଆଙ୍କ ତାରକସୀ କାମ ଦର୍ଶକ ମାନଙ୍କ ମୁଖରେ ଯଥେଷ୍ଟ ପ୍ରଶଂସିତ ହୋଇଥିଲା । ସେଥିପାଇଁ ନାସନାଲ କନଫରେନସ୍ ଅଧିବେଶନ ଶେଷ ହେବା ମାତ୍ରେ ମଧୁସୂଦନ ଜାତୀୟ-ପ୍ରଦର୍ଶନୀ ଆଡ଼୍ ଥରେ ବୁଲି ଦେଖି ଆସିବା ପାଇଁ ବାହାରିଥିଲେ ।

ପ୍ରଦର୍ଶନୀରେ କଟକର ଶିବନାଥ ସାହୁ ଓ ନନ୍ଦ ସାହୁଙ୍କ ଦୋକାନ ଆଗରେ ପ୍ରଚଣ୍ଡ ଭିଡ଼ । ନନ୍ଦ ସାହୁଙ୍କ ତାରକସୀ କାମର ବାହାର୍ ଦେଖି, ଦର୍ଶକମାନଙ୍କ ମୁହଁରେ ଅଜସ୍ର ପ୍ରଶଂସା । ବିଶେଷତଃ ରୂପା ତାରକସୀର ହୁକାଟି ଉପରେ ସମସ୍ତଙ୍କ ଆଖି ରହିଥିଲା । ପ୍ରଦର୍ଶନୀ କର୍ତ୍ତୃପକ୍ଷ, ନନ୍ଦ ସାହୁଙ୍କ ରୂପା ତାରକସିର ହୁକା, ପାନଦାନ, ଅତରଦାନ, ଫୁଲଦାନ ଓ ବଟିଆ ପ୍ରଭୃତି କେତେକ ଦ୍ରବ୍ୟ ପାଇଁ ପ୍ରଥମ ସାର୍ଟିଫିକେଟ ଓ ରୁପାର ତକମା ପୁରସ୍କାର ଦେବା ଘୋଷଣା କରିଥିଲେ । ମାତ୍ର ନନ୍ଦ ସାହୁ ସୁନାର ତକମା ପାଇବା ଉଚିତ ଥିଲା ଓ ରୂପା ତକମା ତାଙ୍କ ପ୍ରତି ଅବଗ୍ଧର ବୋଲି କେହି କେହି ଆକ୍ଷେପ କରିବା ମଧ୍ୟ ଶୁଣା ଯାଉଥିଲା ।

ମଧୁସୂଦନଙ୍କୁ ଦେଖିବା ମାତ୍ରେ ନନ୍ଦ ସାହୁ ଆହ୍ଲାଦରେ ଗଦ୍ ଗଦ୍ ହୋଇ କହିଲେ···"ଆସିବା ହେଉ ଆଜ୍ଞା । ଏଠି ଥରେ ପାଦଧୂଳି ଦେଇ ଯାନ୍ତୁ ।"

ମଧୁସୂଦନଙ୍କୁ ଆମନ୍ତ୍ରଣ କରିବାର କୌଣସି ପ୍ରୟୋଜନ ନଥିଲା । ବହୁ ମୁଖରେ, ଏକ କଣ୍ଠରେ ପ୍ରଶଂସିତ, ଓଡ଼ିଆ କାରିଗରର ଏହି ଶିଳ୍ପ କର୍ମ ସବୁ, ତାଙ୍କ ଦୃଷ୍ଟିରେ ହଠାତ୍ ଓଡ଼ିଆର ଗୌରବ ସଙ୍କେତରେ ପରିଣତ ହୋଇ ପଡ଼ିଥିଲା ।

ଷ୍ଟଲ୍ ଭିତରେ ମଧୁସୂଦନ କେତେଟା ଅତରଦାନ ଫୁଲଦାନ ଅଭିନିବେଷ୍ଟ ଭାବରେ ତନ୍ନ ତନ୍ନ କରି ପରୀକ୍ଷା କରୁଥିଲେ । କଳାବତୁ (ତାରକସୀ ସୁତା) ସବୁ ଆଉରି ଧରୁ ଆଉରି ପାତଳ ହୋଇଥିଲେ ଏ କାରିଗିରିର ସୂକ୍ଷ୍ମତା ଆଉରି ପରିସ୍ଫୁଟ ହୋଇ ପାରିଥାନ୍ତା ।

ନନ୍ଦ ସାହୁ ଯେ ଅପୂର୍ଣ୍ଣତାଟି ଟେର ବୁଝି ନଥିଲେ ନୁହେଁ । ନନ୍ଦ ସାହୁ କହିଲେ···"ଜନ୍ତା ଆଉ ସିଆଡ଼ୀରେ ଟାଣି ଟାଣି ଦନକୁ ଫଦିର

ସୂତା ତିଆରି କରିପାରିଲେ ବଡ଼ କଥା । ସେଥିରେ କଳାବତୁ ଆଉରି ସରୁ ହୋଇପାରିବ କୁଆଡ଼ୁ ? ସେଥିପାଇଁ ମଜୁରି ଦେବ ବା କିଏ ?" ସକାଳୁ ସଞ୍ଜ ପର୍ଯ୍ୟନ୍ତ ପିଆଡ଼ିରେ ଟାଣି ଟାଣି କଳାବତୁ ତିଆରି କରିବା ପାଇଁ ଭରିକୁ ମଜୁରି ଦଶ ପଇସା ସୁଦ୍ଧା ପଡ଼େ ନାହିଁ । ସେଥିରେ ତାରକସୀ ସୂତାକୁ ହାତରେ ଟାଣି ଆଉରି ସରୁ କରିବା ପାଇଁ କେଉଁ କାରିଗର ବା ରାଜି ହେବ ? ମଧୁସୂଦନ ଭାବୁଥିଲେ ଯଦି କୌଣସି ଯାନ୍ତ୍ରିକ ଉପାୟରେ ଏ ରୂପାର କଳାବତୁ ସରୁ ଆଉରି ସୂକ୍ଷ୍ମ କରାଯାଇ ପାରନ୍ତା !

ମଧୁସୂଦନ କହିଲେ···"ତମର ଏ ତାରକସୀ କାମ ଆଉରି ବାରିକ୍ ନହେଲେ, ସୁନା ତକ୍‌ମା ମିଳିବାର ଆଶା କିଛି ଦିଶୁ ନାହିଁ ।"

ନନ୍ଦ ସାହୁଙ୍କ କାରିଗିରି ସମ୍ପର୍କରେ ଏ ପ୍ରକାର ମନ୍ତବ୍ୟ ତାଙ୍କୁ ସୁଖ ଲାଗିଲା ନାହିଁ । ସେ ଈଷତ୍ ରୁକ୍ଷ କଣ୍ଠରେ ଉତ୍ତର ଦେଲେ "ଖାଲି କହିଦେଲେ ହୋଇଗଲା ? କରି ଦେଖାଇ ଦେଲେ ହୁଅନ୍ତା ସିନା ! ମୁର୍ସିଦାବାଦର କାରୀଗର ମାନେ ସୁଦ୍ଧା ଏଇ କାମକୁ ହାସଲ ହୋଇପାରୁ ନାହାନ୍ତି ।"

ନନ୍ଦସାହୁଙ୍କ ତାରକସୀ ଦୋକାନ ଠାରୁ ଅଳ୍ପଦୂରତାରେ ଗୁଲନଗରର ଆଉ ମାଣିଆବନ୍ଧୀ ଶାଢ଼ୀର ଷ୍ଟଲ୍ । ସେଠାରେ ମଧ୍ୟ ଦର୍ଶକଙ୍କ ଭିଡ଼ । ମଧୁସୂଦନଙ୍କ ଚିନ୍ତାରେ କିନ୍ତୁ ସେତେବେଳେ ଇଲବର୍ଟ-ବିଲ୍ ଓ ନାସନାଲ୍ କନଫରେନ୍‌ସ ଠାରୁ ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଥିଲା, ତାହା ଥିଲା ତାରକସୀର ସମସ୍ୟା । ଓଡ଼ିଆ ବୈଶିଷ୍ଟ୍ୟ ଓ ଅସାଧାରଣ କଳା ପ୍ରବଣତା ଯଦି ଇତିହାସର ଶତ ଆକ୍ରମଣ ମଧ୍ୟରେ ସେତେବେଳେ କେଉଁଠି ବଞ୍ଚି ରହିପାରିଥିଲା; ତା'ହେଲେ ତାହା ବଞ୍ଚି ରହିଥିଲା ଏହି ତାରକସୀ ଶିଳ୍ପ ମଧ୍ୟରେ । ମଧୁସୂଦନଙ୍କ ଦୃଷ୍ଟିରେ ତାରକସୀ ଶିଳ୍ପ ଅତ୍ୟନ୍ତ ଆକସ୍ମିକ ଭାବରେ ହଠାତ ଏକ ନୂତନ ମହତ୍ତ୍ୱ ଆହରଣ କରିଥିଲା । ରୂପା ଓ ସୁନାର କଳାବତୁକୁ କପରି ଆଉରି ସୂକ୍ଷ୍ମ କରାଯାଇଁ, ତାହାର ଉତ୍ପାଦନକୁ ଲାଭପ୍ରଦ କରାଯାଇ ପାରିବ; ତାହାହିଁ ତାଙ୍କ ଦୃଷ୍ଟିରେ ସେତେବେଳେ ଯେପରି ଓଡ଼ିଶାର ଏକମାତ୍ର ଜାତୀୟ ସମସ୍ୟାରେ ପରିଣତ ହୋଇ ପଡ଼ିଥିଲା ।

ପ୍ରଦର୍ଶନୀର ଶେଷପ୍ରାନ୍ତକୁ ଗୋଟାଏ ଲୁହା କଳକବ୍ଜା ଦୋକାନ। ସେଠାରେ ଖଣ୍ଡେ ଟେବୁଲ୍ ଦେହରେ ଗୋଟାଏ ଯନ୍ତ୍ର ଯୋଡ଼ା ଯାଇଁ ରଖା ଯାଇଥିଲା। ତାହାକୁ ଦେଖିଲେ, ଯନ୍ତ୍ରଟି କଣ ଓ କେଉଁ ଉଦ୍ଦେଶ୍ୟରେ ତାହା ବ୍ୟବହୃତ ହୋଇପାରେ, ସେସବୁ କିଛି ବୁଝା ପଡୁନଥିଲା। ଅନେକାଂଶରେ ତାହା ଗୋଟାଏ ସିଲେଇ କଳ ପରି ମନେ ହେଉଥିଲା। ଦୋକାନର ମାଲିକ ଜଣେ ଶିଖ୍ ମିସ୍ତ୍ରୀ— ହରଗୋପାଳ ସିଂହ। ନାମଟା ସାଇନ୍‌ବୋର୍ଡରୁ ବୁଝାପଡ଼ୁଥିଲା। ହରଗୋପାଳ ସିଂହ ନିର୍ବିକାର ଭାବରେ ଖଣ୍ଡେ ଚଉକୀ ଉପରେ ବସି ମେଳାର ଜନ ସମାଗମ ଲକ୍ଷ୍ୟ କରୁଥିଲେ। ତାଙ୍କ ଦୋକାନରେ କୌଣସି ଦର୍ଶକ ନଥିଲେ। ବେଳେ ବେଳେ ଜଣେ ଜଣେ ସାହେବ ଷ୍ଟଲ୍ ଭିତରକୁ ଆସି କୃପାପୂର୍ଣ୍ଣ ଦୃଷ୍ଟିରେ ଯନ୍ତ୍ରଟି ଦେଖି ନିଜନିଜ ମଧ୍ୟରେ କଣ କଥାବାର୍ତ୍ତା ହୋଇ ଚାଲି ଯାଉଥିଲେ। ସେଥିପ୍ରତି ଅନ୍ୟ କାହାରି ଆଉ କୌଣସି ଆଗ୍ରହ ନଥିଲା। ସ୍ୱୟଂ ହରଗୋପାଳ ସିଂହ ମଧ୍ୟ ତାଙ୍କ ଯନ୍ତ୍ରଟି ପ୍ରତି ବିଶେଷ ଆଗ୍ରହାନ୍ୱିତ ଥିବା ପରି ଜଣା ପଡୁନଥିଲେ। ସେ କିନ୍ତୁ ଥିଲେ ସେହି ଯନ୍ତ୍ରର ଉଦ୍ଭାବକ ଓ ନିର୍ମାତା।

କଳଟି ଦେଖିବାକୁ ଗୋଟିଏ ସିଲେଇ ମେସିନ୍ ପରି। ଏହାର ବାମ ପାଖରେ ଗୋଟିଏ ବଡ଼ ଚକ ବ୍ୟତୀତ ଡାହାଣ ପାଖରେ ମଧ୍ୟ ସାନ ସାନ ତିନୋଟି ଚକ ଲାଗିଥିଲା। ଟେବୁଲ୍ ତଳେ ଓ ଠିକ୍ ମଝିରେ ପାଦ ରଖିବା ପାଇଁ ଟ୍ରେଡଲ୍ ରହିଥିଲା। ଟ୍ରେଡଲ୍ ଉପରେ ପାଦ ରଖି ଚଳାଇଲେ ବାମପାଖରେ ବଡ଼ ଚକଟି ଘୂରିବା ପାଇଁ ଆରମ୍ଭ କରେ ଓ ତାର ବଳରେ ଦକ୍ଷିଣ ପାଖରେ ଥିବା ସାନ ସାନ ଚକ ତିନୋଟି ମଧ୍ୟ ଘୂରେ। ଏ ଚକ ସବୁ ଘୂରିବା ମାତ୍ରେ ଉପରେ ଥିବା ବାର ଗୋଟି ସ୍ପୁଲ୍ ବା ଚକଣ୍ଡା ଘୂରିବା ପାଇଁ ଆରମ୍ଭ କରେ।

ଏ ଯନ୍ତ୍ରଟିକୁ କିଛିକ୍ଷଣ ଚାହିଁ ଦେଖିବା ପରେ, ମଧୁସୂଦନ ଷ୍ଟଲ୍ ଭିତରକୁ ଆସି ପଚାରିଲେ··· "ଏଟା କି ମେସିନ୍ ସର୍ଦ୍ଦାରଜୀ ?"

ହରଗୋପାଳ ସିଂହ ଇଂରାଜୀ ବୁଝନ୍ତି ନାହିଁ। ଯେଉଁ ପ୍ରଣାଳୀରେ ଏଥିରେ, ୧ନମ୍ବର ଠାରୁ ୩୬ନମ୍ବର ପର୍ଯ୍ୟନ୍ତ ରୂପା ଓ ସୁନାର କଲାବତୁ ତିଆରି ହୋଇପାରେ ତାହା ସେ ଉର୍ଦ୍ଦୁ ଭାଷାରେ ବୁଝାଇବା

ପାଇଁ ଲଗିଲେ । ଦିନକୁ ୧୦ ଘଣ୍ଟା ଚଲାଇଲେ ଏଥିରୁ ୧୫୦ ତୋଳା କଳାବତ୍ତୁ ତିଆରି ହୋଇ ପାରିବ ।*

ବହୁତ ସମୟ ଧରି, ମଧୁସୂଦନ ମେସିନ୍‌ଟି ପରୀକ୍ଷା କଲେ ଓ ସେଥିରେ ପ୍ରସ୍ତୁତହୋଇଥିବା ରୂପା କଳାବତ୍ତୁର ସୂକ୍ଷ୍ମତା ମଧ୍ୟ ପରୀକ୍ଷା କରି ଦେଖିଲେ । ସିଆଳୀ ଓ ଜନ୍ତାରେ ତିଆରି କଳାବତ୍ତୁ ଠାରୁ ଏସବୁ ଅବଶ୍ୟ ସୂକ୍ଷ୍ମତର ନଥିଲା । ତଥାପି ଚେଷ୍ଟା କଲେ ଏଥିରୁ ଆହୁରି ସୂକ୍ଷ୍ମ କଳାବତ୍ତୁ ବାହାର କରିଯାଇ ପାରନ୍ତା ।

ହରିଗୋପାଳ ସିଂହ ଗୋଟାଏ ଦୀର୍ଘଶ୍ୱାସ ପକାଇ କହିଲେ··· "ମେସିନ୍‌ଟି ବଡ଼ େ କଷ୍ଟରେ ତିଆରି କଲି । କିନ୍ତୁ କୌଣସି କାରିଗର ଭୁଲ୍‌ରେ ଥରେ ଏହାକୁ ଦେଖିବା ପାଇଁ ସୁଦ୍ଧା ଆସିଲେ ନାହିଁ । ଯେଉଁମାନେ ଆସିଲେ; ସେମାନେ କହିଗଲେ ଏଇଟା ଗୋଟାଏ କି ଅଦ୍ଭୁତ ଯାନ୍ତ୍ରିକକଳ !"

ମଧୁସୂଦନ କିନ୍ତୁ ମନେ ମନେ ଯାହା ଖୋଜୁଥିଲେ; ଏତେ ଶୀଘ୍ର ଦୈବପ୍ରେରିତ ପରି ତାହା ତାଙ୍କୁ ସେଠାରେ ହଠାତ୍ ମିଳିଯିବ ବୋଲି ସେ କଦାପି ଆଶା କରି ନଥିଲେ । କଟକର ତାରକସୀ କାରିଗର ମାନେ ଯଦି ଏହିପରି ମେସିନ୍ ବ୍ୟବହାର କରନ୍ତେ, ସେମାନଙ୍କ କାମ ଆହୁରି ସୂକ୍ଷ୍ମ ଓ ସୁନ୍ଦର ହୋଇ ପାରନ୍ତା !

ନନ୍ଦସାହୁଙ୍କ ସ୍କୁଲ୍‌କୁ ଫେରିଯାଇଁ, ମଧୁସୂଦନ ତାଙ୍କୁ ସେହି ମେସିନ୍ ସ୍କୁଲ୍‌କୁ ଟାଣି ଆଣିଲେ । ମଧୁସୂଦନ ଆଶା କରିଥିଲେ ଏ ଆବିଷ୍କାରରେ ନନ୍ଦସାହୁ ଆହ୍ଲାଦିତ ହେବେ, କିନ୍ତୁ ସ୍କୁଲ୍ ଭିତରକୁ ନଆସୁଣୁ ନନ୍ଦ ସାହୁ କହିଦେଲେ··· "ଏ ଗୁଡ଼ା କାବୁଲି ମହାଜନ ଆଜ୍ଞା । ତାରକସୀ ବଣିଆଁଙ୍କୁ ଏମାନେ ଶୋଷୁଛନ୍ତି !"

ମଧୁସୂଦନ ଦାନ୍ତରେ ଦାନ୍ତ ଚପି, ପ୍ରଚଣ୍ଡ କ୍ରୋଧ ସମ୍ବରଣ କରି କହିଲେ···"ଇଏ ଶିଖ୍, ଶିଖ୍ କାରିଗର; କାବୁଲି ମହାଜନ ନୁହେଁ । ଶିଖ୍ ମାନଙ୍କର ମଧ୍ୟ ଲମ୍ବା ଦାଢ଼ି ଥାଏ !"

ମେସିନ୍‌ଟା କିନ୍ତୁ ନନ୍ଦ ସାହୁଙ୍କ ମନକୁ ଯୋଗଲା ନାହିଁ । ସେ କହିଲେ··· "ଏ କଳ ତିଆରି କଳାବତ୍ତୁରେ ଆମ ତାରକସୀ କାମ ଫିଟିବ ନାହିଁ ।"

---

* ଉତ୍କଳ-ଦୀପିକା —ତା ୧୦-୫-୧୮୮୭ରିଖ, ପୃ. ୧୦୬ ଦ୍ରଷ୍ଟବ୍ୟ

ମଧୁସୂଦନ ବିସ୍ମିତ କଣ୍ଠରେ ପଚାରିଲେ··· "କାରଣ ?"

ନନ୍ଦସାହୁ କହିଲେ··· "ଆମ ବାପ, ଗୋସେଇଁ ବାପ ଅମଳରୁ ଜନ୍ମା ଆଜି ସିଆଡ଼ୀରେ ଯୋଡ଼ କଳାବଳୁ ତିଆରି ହୁଏ, ଆମେ ସେଇଥିରେ ତାରକସୀ କାମ କରି ଆସୁଛୁ । କଳଭିଆରି କଳାବଳୁରେ କାମ କରିବା କଥା ତ ଆମ ଚଉଦ ପୁରୁଷରୁ ନାହିଁ ।"

ନନ୍ଦସାହୁ ଆଉ ବାକ୍ୟ ବ୍ୟୟ ନକରି ସେଠାରୁ ଫେରି ଆସିଲେ ।

ଉସୌଜନ୍ୟଙ୍କୁ ହରି ଗୋପାଳ ସିଂହ ଏ କଥୋପକଥନରୁ କିଛି ବୁଝି ପାରି ନଥିଲେ । ନନ୍ଦସାହୁ ଚାଲିଯିବା ପରେ ସେ ପଚାରିଲେ··· "ମୁଁ ଜାଣେ ସିଏ ଜଣେ ଇଲମ୍‌ଦାର କାରିଗର । ମୋ ମେସିନ୍ ସମ୍ପର୍କରେ ସେ କଣ କହିଲେ ?"

ମଧୁସୂଦନ ଅସ୍ୱସ୍ତିପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ··· "ସେ କହିଲେ ନଂମ୍ବର ସୂତା ଠାରୁ ଅଉରି ଫାଇନ୍ ସୂତା ହୋଇ ପାରିବା ଭଳି କଳ ଦରକାର ।"

ହରଗୋପାଳ ସିଂହ ଅନ୍ୟମନସ୍କ ଭାବରେ କଳ ଚକଟା ଅରେ ଘୁରାଇ ଦେଇ କହିଲେ··· "ଏଇ କଳକୁ ତ କେହି ପଚାରିଲେ ନାହିଁ !" ଅବଶ୍ୟ ମୋତେ ଏଥିପାଇଁ ଗୋଟାଏ ରୁପା ମେଡାଲ୍ ମିଳିଛି ।"

ମଧୁସୂଦନଙ୍କର ମନେ ହେଲା, ଦେଶରେ ସବୁଆଡେ ଆଜି ଏହିପରି "ହେବନାହିଁ" "ହୋଇ ପାରିବ ନାହିଁ" ଆର୍ତ୍ତନାଦ ! ନୂତନର ଅନୁଶୀଳନ ପାଇଁ ଦୁରନ୍ତ ସାହସ ନାହିଁ, ବଳିଷ୍ଠ ଆତ୍ମପ୍ରତ୍ୟୟ ନାହିଁ, ଅଶାନ୍ତ ଗତିଶୀଳତା ନାହିଁ । ସବୁଆଡେ ଗୋଟାଏ ଜରାଗ୍ରସ୍ତ, କୁଣ୍ଠିତ, ଧୂସର ବାର୍ଦ୍ଧକ୍ୟ । ଆଧୁନିକ ପ୍ରଣାଳୀରେ କୃଷି ସମ୍ଭବ ନୁହେଁ, ଯାନ୍ତ୍ରିକ ପ୍ରଣାଳୀରେ ଶିଳ୍ପ କର୍ମ ସମ୍ଭବ ନୁହେଁ ! ଇଂରେଜମାନେ ମଧ କହୁଛନ୍ତି, ଆତ୍ମଶାସନ ଭାରତରେ ସମ୍ଭବ ନୁହେଁ !···**A heap of bones, bones, bones, all the way.**"

ହରଗୋପାଳ ସିଂହଙ୍କ ଠିକଣା, ମଧୁସୂଦନ ଡାଏରୀରେ ଟିପି-ରଖିଲେ··· ୭୩ ନମ୍ବର, ଭୁଲାପଟୀ ଲେନ୍ ।

---

୪୭—ଘଗ ଚକ୍ରର ଖାଗ ବର୍ଣ୍ଣନା ଗଛ (ପୃ ୧୮)





ଛବି—ସତ୍ୟଭାମାପୁର ଗ୍ରାମ ବାହାରେ ମଧୁସୂଦନଙ୍କ ରହିବା ପାଇଁ
ଗୋପାଳବନ୍ଧୁଙ୍କ ତୋଳାଇଥିବା କୁଡ଼ିଆଘର ( ପୃ [illegible] )

( ୬୪ ଚି ) ଉଭ ଅଙ୍ଗରିଙ୍କ ଓ ଉଭୟର ଶିରର—ଓଡ଼ି



ଚିତ୍ର—ମଡେଲ କ୍ୱେଶ୍ଚନ ପୁସ୍ତକର ପ୍ରଚ୍ଛଦପଟ ( ପୃ ୧୭୭ )

# MODEL QUESTIONS

IN

ENGLISH

DESIGNED FOR THE USE

OF

# ENTRANCE CANDIDATES

BY

MADHU SUDAN DAS, M.A.

Law Lecturer, Ravenshaw College, Cuttack.

*Eighth Edition.*

PART I.

---

BHOWANIPORE :

PRINTED BY B. M. BOSE, SAPTAHIK SAMBAD

*To be had at the Canning Library*

*55 College Street, Ca*

1884.

ଘାଞ୍ଚ—ଲର୍ଡ୍ କର୍ଜନଙ୍କ ସେକ୍ରେଟାରୀ ଡବ୍ଲ୍ୟୁ ଲରେନ୍ସଙ୍କ ଚିଠି ( ପୃ ୬୩୪ )

VICEREGAL LODGE,
SIMLA

12th September 1901.

Dear Sir;

I have shown your letter of the th Instant and its enclosure to the eroy. I have also shown him your elegrams.

It is understood that Mr. Fraser before him a representation on the subject of the use of Uriya in Sambalpur. When Mr. Fraser's report is received by the Government of India, His Excellency will go into the matter.


With my kindest regards,

Believe me, Yours sincerely,

W. Lawrence

The Honourable M.S.Das.

ଚିତ୍ର—ସାର୍ ଚାର୍ଲସ ଡିଲ୍‌କାଙ୍କ ପତ୍ର ( ୫୮୨ )



45 Maresfield Gardens
Hampstead.

Sept 8.

Dear Sir

I shall derive much pleasure in reading your two pamphlets. I fully sympathize with the wrongs in the case which you explained to me, and


I should be glad to have
an opportunity of talking the
subject over with Lord George
Hamilton.

Believe me


Yours very truly

Gordon.

ସାକ୍ଷ— ସୂର୍ଯ୍ୟମଣି ପାଟମହାଦେଈଙ୍କ ଦରଖାସ୍ତର କିଛି ଅଂଶ ( ପୃ ୩୦୮ )



ଆ।୦ — ଉବ୍‌ଲ୍ୟୁ ଉଡ଼େରବର୍ଣ୍ଣଙ୍କ ପତ୍ର ( ପୃ ୪୮୧ )



23d September 97

TELEGRAMS, HUNTLEY, GLOS.

MEREDITH.
GLOUCESTER.

Dear Mr. Das,


I thank you for the revised copy of your note on Orissa. I have also received the beautiful specimen of Cuttack silver which you have so kindly sent me as a remembrance. I never saw a

more artistic piece
of pottery work, and
accept it in the friendly
spirit, in which it
is offered, though I
am sorry that you
should have incurred
the expense on my
account

Poor India seems now to be suffering from every calamity to which a nation can be subjected, but I see some signs that the people of this country are gradually opening their eyes to the ruinous policy pursued by of[ficial] rulers

Yours sincerely
W. Wedderburn

ନଅ—ଟି. ଇ. ରେଭେନ୍‌ସାଙ୍କ ଚିଠି ( ପୃ ୫୭୮ )



30th December
1898

My dear Friend

I enclose you a
Xmas card & my hearty
& best wishes will be with
you not only yourself
but with all my dear
old Orissa friends will
you kindly let any of them
who remember me know
that my heart is still

in Orissa & that I
am growing old they are
not forgotten

I shall be very pleased
to hear from you & to
learn how the Country
is getting on. I trust you
may enjoy peace plenty
& progress especially in
Education.

Remember me most
kindly & affectionately
to the Rajahs and Chiefs
of the Guzerat States

some from time to time
heard favorable reports of
their loyalty & progress
May God bless & prosper
Orissa is the fervent prayer
of your ever sincere
an affectionate old friend

T E Ravenshaw

I still have the little silver
match box you so kindly
sent me, it is now before
me & reminds me of the giver
is there any probability of your
coming across to England? if so
you will not fail to come & see
see me

TER

The Direction of the Brahma to Indradumna Maharaja

(Extracts from Chapter VII of Niladrimohodoya Puran)

A directed above during the festival time, the important ceremonies of Jagannath will be performed by the Raja himself & when the Raja will be unable to perform them personally they will be performed by "Agnisharma" (Undivath) nominated by the Raja as his representative

2 (Extracts from Chapter IX of the Niladri mohodaya)


The person to be nominated as as Agnisharma" (Undivath) must undergo the ceremony of investiture of the sacred thread at the age of 6 years & 2 months He must be always pious; should be a devotee; give his time to the study of "Veda" & must not dine in any ones house He shall hold his office until he reaches his 12th year, when he shall be disqualified for his service being considered as a dead body; & if perchance he comes in contact with Jagannath, the body of Jagannath will be considered polluted & the necessary ablutions (Mahasnan) should be performed to make the body sacred.

**ଏଗାର**—ମୟୂରଭଞ୍ଜ ମହାରାଜାଙ୍କ ପରିଦର୍ଶନ ମନ୍ତବ୍ୟ ( ତା ୧୮-୩-୧୯୧୩ )

The Hon Mr M S Das showed me over his works yesterday morning. The things it turns out are of beautiful design and finish. The workshop is an unique one of its kind in Orissa and bears witness to Mr Das's indomitable energy and enthusiasm and artistic skill. It is a standing example of what perseverance and earnestness may accomplish in the face of enormous difficulties and I hope the moral it teaches will not be lost upon my countrymen of Orissa.

R C Bhanj Deo
15/3/13
Maharajah of Mayurbh[illegible]

ତାର—ତାରକସୀ ସମ୍ପର୍କରେ ମିଷ୍ଟର ହାମଣ୍ଡଙ୍କ ପତ୍ର ( ତା ୭-୭-୧୯୦୩ )



THE SHRUBBERY DARJEELING

The 7th July I903.

Dear Sir,

His Honour desires to thank you for the silver statuette you have kindly sent and to say that he considers it a delightfully excellent piece of work.

I enclose a cheque for 25/- which please acknowledge.

Yours truly.

E. J. Hammond

To


M.S. Das Esq.

୩୭୧—ସାର୍ ଜନ ଉଡ୍‌ବର୍ଣ୍ଣଙ୍କ ଓଡ଼ିଶା-ଆର୍ଟ-ୱେୟାର୍ସ ପରିଦର୍ଶନ ସମ୍ପର୍କରେ ମଧୁସୂଦନଙ୍କ ସ୍ୱହସ୍ତ ଲିଖିତ ସୂଚନା ( ପୃ ୭୩ )

On 20th August 1902 His Hon'ble the Lt. Governor of Bengal the Hon'ble Sir John Woodburn visited the Orissa Art Wares and received an address from the Proprietors.

The following account of the ceremony appeared in the "Statesman" of Calcutta in its issue of 27th idem

ଚଉଦ—ଶ୍ରୀ ସୁରେନ୍ଦ୍ରନାଥ ବାନାର୍ଜ୍ଜୀଙ୍କ ପତ୍ର ( ପୃ ୭୪୯ )



Simultala
16/5/1917

My dear Mr Das,
I am staying here
and have received your
interesting letter, and I
am charmed with its
contents. I will have
something to say about
your school and
your work in the
the Bengalee. ...

a noble work upon
which you are engaged
and in which you
are bound to have
the sympathies of
all true lovers of
their country. Your
you write organize
an Industrial Ex-
hibition in connection
with the General
Conference


of next year—

I shall be here for about three or four weeks or longer. Nothing pleases me so much as solitude and the mountains, and I get both—these I have to work hard for my pictures

but the sight of
the mountains around
and the jungles
close by have a most
exhilarating effect
upon my mind.
Hope you are in
good health. I
remain
Yours sincerely
Surendranath Tagore

The Hon'ble Mr. S. Das

ପନ୍ଦର—ସାର୍ ଅଶୁତୋଷ ମୁଖାର୍ଜ୍ଜିଙ୍କ ପତ୍ର ( ପୃ ୩୦୦ )




Bhowanipore
12th July 1908

My dear Sir,

I am much obliged to you for your kind letter, which reached me this morning. Before replying to you, I thought it desirable to speak about it to H. H. the Lieutenant Governor. I had just now an interview with him, and I have explained the whole situation clearly to him. His Honour has agreed — and he has authorised me to

P. T. O.

Orissa will be given
a Law School outright
from the University point
of view, or, if the number
of students be very small,
special scholarships will
be instituted to enable
every Oriyan student to
come to Calcutta and read
here. I hope this will be
satisfactory to you. So far
as I could judge, if the
number of students is
even moderately large, you
will have a Law School.
The point I take it will
be — which will be cheaper
to Govt — to have a Law
School or to have scholarships
Rs 20/- or 25

in Calcutta College
& students I hope you
will now set to work, and
get your representation
ready. You can rely upon
all assistance you require
from me. I may add
that I had no intention of
dragging all the Orissa students
to Calcutta — I mentioned
Dacca and Bankipore by
name, but I added a sentence
that it was not inconceivable
that there might be Law Schools
in other parts of the Province;
when I wrote this, I had
Orissa in view.

It would be a great
thing if you could
attend the Senate Meeting
on the 21st (Tuesday, at 5.15 P.M.)

desperate efforts
made by Sir [redacted] B's
supporters to wreck my
scheme, and your presence
on such a critical occasion
would be invaluable to the
Syndicate.

I am quite well,
with my family, & hope
you are quite well

Yours affly
Charlotte [illegible]

# ଷଷ୍ଠ ପରିଚ୍ଛେଦ

## ( ଏକ )

୧୮୮୪ ସାଲ୍...

ମ୍ୟୁନସିପାଲିଟୀ ନିର୍ବାଚନ ନେଇ କଟକ ସହରରେ ପ୍ରବଳ ଧୂମ୍ ଧାମ୍ । ଇତିପୂର୍ବରୁ ନିର୍ବାଚନ ପଦ୍ଧତି ଓ ଭୋଟଦାନ ସମ୍ବନ୍ଧ ସହରବାସୀଙ୍କର ପରିଚୟ ନଥିଲା । ସେତେବେଳେ ମାଜିଷ୍ଟ୍ରେଟ୍ ମାନଙ୍କର ଖିଆଲ ଓ ମେଜିଗୁସ୍ତୁ ହିଁ ଥିଲା ମ୍ୟୁନସିପାଲିଟୀ ଶାସନ । ମାତ୍ର ଏଣିକି ନିର୍ବାଚିତ ପ୍ରତିନିଧି ମାନଙ୍କ ଜରିଆରେ ମ୍ୟୁନସିପାଲିଟୀ ପରି ସଂସ୍ଥାମାନ ପରିଚାଳିତ ହେବ । ଏହା ଯେପରି ଥିଲା ଅଭିନବ, ତାହାର ସମ୍ଭାବନା ମଧ୍ୟ ସେହିପରି ଥିଲା ଆଶା ଓ ଉତ୍ତେଜନାପୂର୍ଣ୍ଣ । ନିର୍ବାଚନର ନିୟମାବଳୀ ବିଧିବଦ୍ଧ ଭାବରେ ଗେଜେଟରେ ପ୍ରକାଶିତ ହୋଇ ସାରିଥିଲା । ଯେଉଁମାନଙ୍କର ମାସିକ ବେତନ ପଚିଶ ଟଙ୍କା ଅଥବା ଯେଉଁମାନେ ଓକିଲ, ମୁକ୍ତାର, ଡାକ୍ତର କିମ୍ବା ସେହିପରି ଅନ୍ୟ ଡିଗ୍ରୀପ୍ରାପ୍ତ ବ୍ୟକ୍ତି ଅଥବା ଯେଉଁମାନେ ବାର୍ଷିକ ଦେଢ଼ଟଙ୍କା ହୋଲ୍ଡିଙ୍ଗ୍ ଟ୍ୟାକ୍ସ ଦିଅନ୍ତି; ଏ ନିର୍ବାଚନରେ ସେହିମାନେ ହିଁ କେବଳ ମତଦାତା ବା ଭୋଟର ଓ ପ୍ରାର୍ଥୀ ହୋଇ ପାରିବେ । ଇତିପୂର୍ବେ କଟକ ସହର ଛଅଗୋଟି ୱାର୍ଡରେ ବିଭକ୍ତ ଥିଲା । ବର୍ତ୍ତମାନ ନିର୍ବାଚନ ପାଇଁ ତାହା ନଅଗୋଟି ୱାର୍ଡରେ ପରିଣତ ହୋଇଥିଲା ।

ନଭେମ୍ବର ୨୫ ତାରିଖ ଦିନ ନିର୍ବାଚନ । ଉପରୋକ୍ତ ନିୟମ ଅନୁସାରେ କଟକ ସହରର ମୋଟ ନଅଗୋଟି ୱାର୍ଡରେ ମୋଟେ ୧୪୩୦ ଜଣ ଭୋଟର ତାଲିକାଭୁକ୍ତ ହୋଇଥିଲେ । ନିର୍ବାଚନର ତିରିଶ ଦିନ ପୂର୍ବରୁ ପ୍ରାର୍ଥୀପତ୍ର ଦାଖଲ ହେବା କଥା । ସେଥିପାଇଁ ପ୍ରତ୍ୟେକ ମ୍ୟୁନସିପାଲ୍ ୱାର୍ଡରେ ଭୋଟର ତାଲିକା ସାଧାରଣ ସ୍ଥାନ ମାନଙ୍କରେ ଲଗାଇ ଦିଆ ସରିଥିଲା । ଯେଉଁମାନଙ୍କ ନାମ ଭୁଲକ୍ରମେ ଭୋଟର—ତାଲିକାରୁ ବାଦ ପଡ଼ିଥିଲା, ସେମାନେ ଏଥିରୁ ଦେଖି, ସଂଶୋଧନ ପାଇଁ ଆବେଦନ କରିବା ପାଇଁ ମଧ୍ୟ ସୁବିଧା ଦିଆ ଯାଇଥିଲା । ସବୁଆଡ଼େ ସାଜ ସାଜ ରବ ପଡ଼ି ଯାଇଥିଲା ।

ଗୌରୀଶଙ୍କର "ଉତ୍କଳ-ଦୀପିକା"ରେ ଅଗ୍ରଲେଖା ଲେଖୁଥିଲେ ।

ମଧୁସୂଦନ ସେତିକିବେଳେ ପତ୍ରିକା ଅଫିସରେ ପହଞ୍ଚି ଯିବାରୁ ଗୌରୀଶଙ୍କର ତାଙ୍କୁ ନିଜ ଲେଖା ପଢ଼ି ଶୁଣାଇଲେ :—

"ଆତ୍ମଶାସନ ନିମିତ୍ତ ଏତେକାଳ ଡାକପଡ଼ୁଥିଲା । ବର୍ତ୍ତମାନ ପରୀକ୍ଷାର ସମୟ ଉପସ୍ଥିତ ହୋଇଅଛି । ପ୍ରଥମ ପରୀକ୍ଷାରେ ଯେମନ୍ତ ନଗରବାସିମାନେ ଅତ୍ୟନ୍ତ ପ୍ରଶଂସାର ସହିତ ଉତ୍ତୀର୍ଣ୍ଣ ହେବେ, ସେଥିରେ ବିଶେଷ ଚେଷ୍ଟା ସମସ୍ତଙ୍କୁ କରିବା ଉଚିତ ।

( ଉତ୍କଳ ପତ୍ରିକା-ତା ୧୧ । ୧୦ । ୧୮୮୪ )

ମଧୁସୂଦନ ଘର ଭିତରେ ଏପାଖରୁ ସେପାଖ ପାଦଚାରଣା କରି ବୁଲି ବୁଲି କହିଲେ···"ମାଷ୍ଟର ଦାଦା; ପରୀକ୍ଷାଟା ହେଉଛି ଠିକ୍, ପରୀକ୍ଷାର୍ଥୀ ମାନେ ପରୀକ୍ଷା ମଧ ଦେବେ ଠିକ୍ । କିନ୍ତୁ ନଗରବାସିମାନେ ପ୍ରଶଂସାର ସହିତ ଏଥିରେ ଉତ୍ତୀର୍ଣ୍ଣ ହେବେ କି ନାହିଁ, କୋହିଯାଇ ନପାରେ ।"

ଗୌରୀଶଙ୍କର ବିସ୍ମିତ କଣ୍ଠରେ ପଚାରିଲେ···"ଏପରି ଆଶଙ୍କାର କାରଣ ?"

ମଧୁସୂଦନ କହିଲେ···" ପରୀକ୍ଷାରେ କପି କରି ଉତ୍ତୀର୍ଣ୍ଣ ହେବାଟାକୁ ଆପଣ କଣ ପ୍ରଶଂସାର ସହିତ ଉତ୍ତୀର୍ଣ୍ଣ ହେବା କହିବେ ?"

"କିନ୍ତୁ ଏଥିରେ କପି କରିବାର କଣ ଅଛି? "—ମଧୁସୂଦନଙ୍କ ପ୍ରହେଳିକାପୂର୍ଣ୍ଣ କଥାରେ ଗୌରୀଶଙ୍କର ବିଭ୍ରାନ୍ତ କଣ୍ଠରେ ପଚାରିଲେ । ମଧୁସୂଦନ କହିଲେ···" ପରୀକ୍ଷାରେ ପରୀକ୍ଷକ ଯଦି କୌଣସି କୌଣସି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନର ଉତ୍ତର ବତାଇ ଦିଅନ୍ତି; ତାହାହେଲେ ତାହାକୁ କପି ଛଡ଼ା ଆଉ କଣ ବୋଲାଯିବ କୁହନ୍ତୁ !"

ଗୌରୀଶଙ୍କର ହତାଶ ଭାବରେ କଲମଟା କଲମଦାନ୍‌ରେ ରଖିଦେଇ କହିଲେ···" ମଧୁ, ତୁମେ କଣ କହୁଚ ମୁଁ ସତରେ ଆଦୌ ବୁଝିପାରୁ ନାହିଁ । ନିର୍ବାଚନରେ ମତଦାତାମାନେ ମତ ଦେବେ, ଏଥିରେ ପରୀକ୍ଷା, କପି, ଏ ସବୁ ଆସିଲା କୁଆଡ଼ୁ ?"

—" କିନ୍ତୁ ପରୀକ୍ଷାର ସମୟ ଉପସ୍ଥିତ ହୋଇଅଛି ବୋଲି, ଆପଣ ନିଜେ ଲେଖିଛନ୍ତି ଯେ ! "···ମଧୁସୂଦନଙ୍କ ଦୁଇ ଆଖିରେ ଶାଣିତ ବିଦ୍ରୂପ ।

ଗୌରୀଶଙ୍କର ଉତ୍ତର ଦେଲେ···" ଆରେ, ମୁଁ କଣ ସେ ପରୀକ୍ଷା କଥା ଲେଖିଛି ? ମୁଁ ଲେଖିଛି ସିନା, ଆତ୍ମଶାସନର ପ୍ରଥମ ପରୀକ୍ଷା କଥା ।

ଏ ପ୍ରଥମ ପରୀକ୍ଷା ନୁହେଁ ତ ଆଉ କଣ ? ମହାତ୍ମା ରିପନ୍ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତନ କରିବା ପୂର୍ବରୁ ଆମ ଲୋକେ କଣ ନିର୍ବାଚନ କଥା ଜାଣିଥିଲେ ?"

ମଧୁସୂଦନ କହିଲେ···" ମୁଁ ଠିକ୍ ସେହି ପରୀକ୍ଷା କଥା କହୁଛି ମାଷ୍ଟର ବାବା ! ଭୋଟର-ଲିଷ୍ଟରେ ଏବେବି ଅମଲା ମାନଙ୍କ ପ୍ରାଧାନ୍ୟ । ଯେତେକ ଅମଲା, ସମସ୍ତେ ଭୋଟର ତାଲିକାରେ ଉଠିଛନ୍ତି । ସେଥିରେ ପୁଣି ଭୋଟ ନିଆଯିବା ବେଳେ, ମତଦାତା ମାନେ ଗୁପ୍ତରେ କେହି ଭୋଟ ଦେଇ ପାରିବେ ନାହିଁ । ପ୍ରତ୍ୟେକ ଭୋଟକେନ୍ଦ୍ରରେ ପାଞ୍ଚ ପାଞ୍ଚ ଜଣ ଭଲଲୋକଙ୍କୁ ଧରି ଜଣେ ଜଣେ ମାଜିଷ୍ଟ୍ରେଟ୍ ଅଥବା ସରକାରୀ ହାକିମ ସାମିଆନା ଟାଣି ବସିବେ । ସେମାନଙ୍କ ମୁକାବିଲାରେ ପ୍ରତ୍ୟେକ ଭୋଟର ଉପସ୍ଥିତ ହୋଇ କାହାକୁ ଭୋଟ ଦେଲେ, ସେକଥା ଲେଖି ଦେଇ ଆସିବେ । ପରୀକ୍ଷାରେ ପରୀକ୍ଷକ କୌଣସି କୌଣସି ପରୀକ୍ଷାର୍ଥୀକୁ ପ୍ରଶ୍ନର ଉତ୍ତର ଯୋଗାଇ ଦେବା ଯାହା, ହାକିମ ମାନଙ୍କ ଆଗରେ ଭୋଟର ଭୋଟ ଦେବା ସେଇଆ ! ପ୍ରାର୍ଥୀମାନେ ଯେତେ ଅନୁପଯୁକ୍ତ ହୋଇଥାନ୍ତୁ ପଛେ , ହାକିମ ମାନଙ୍କ ମନକୁ ପାଇଲେ ସେହିମାନେହିଁ କେବଳ ହାକିମ ମାନଙ୍କ ଆଖି ମିଟିକାରେ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବେ ।"

ବସ୍ତୁତଃ ଭୋଟଦାନର ସେହିପରି ନିୟମାବଳୀ ଗେଜେଟ୍‌ରେ ପ୍ରକାଶ ପାଇଥିଲା ।

ଗୌରୀଶଙ୍କର ଗୋଟିଏ ଦୀର୍ଘନିଶ୍ୱାସ ପକାଇ କହିଲେ···" ସେ କଥା ତୁମେ ଯାହା କହିଲ, ମିଥ୍ୟା ନୁହେଁ । ନିୟମତ ସେଇଆ । ସେଥିକୁ ତୁମର ବା ମୋର ଗୁରି କଣ ? ସେଇଥିପାଇଁ ତ ମୁଁ ଲେଖୁଛି ଯେମନ୍ତ ନଗରବାସିମାନେ ଅତ୍ୟନ୍ତ ପ୍ରଶଂସାର ସହିତ ଉତ୍ତୀର୍ଣ୍ଣ ହେବେ । ସେଥିର ବିଶେଷ ଚେଷ୍ଟା ସମସ୍ତଙ୍କୁ କରିବା ପାଇଁ ପଡିବ । ତୁମେ ତାର ତାତ୍ପର୍ଯ୍ୟଟା ଧରି ପାରିଲ ନାହିଁ ପରା !"

ଗୌରୀଶଙ୍କର ପୁଣି କହିଲେ···" ଶିକ୍ଷିତ ଲୋକେ କେବଳ ଏ ନିର୍ବାଚନରେ ମତଦାନର ଅଧିକାର ପାଇଛନ୍ତି । ଯେତେ ମାଜିଷ୍ଟ୍ରେଟ ଅଥବା ସରକାରୀ ହାକିମ ରହିଥିଲେ ସୁଦ୍ଧା, ସେମାନେ'ଯେ କେବେ ମତଦାନରେ ଭୁଲ କରିବେ ନାହିଁ, ସେ ବିଶ୍ୱାସ ମୋର ରହିଅଛି ।"

ମଧୁସୂଦନ ଉତ୍ତର ଦେଲେ "ମାଷ୍ଟର ଦାଦା, ଏହି ଶିକ୍ଷିତ ଲୋକହିଁ ଭୁଲ କରଥାନ୍ତି ବେଶି ! କଥା ଅଛି, ଦୁତେ଼ ତରନ୍ତି, ମୂଢ଼େ ତରନ୍ତି, ମଝିମଝିକିଆ ବୁଡ଼ି ମରନ୍ତି ! ଏ ଶିକ୍ଷିତଲୋକମାନେହେଲେ ମଝିମଝିଆ ଶ୍ରେଣୀର, ସେମାନଙ୍କ ପୁଅ ମୁଣ୍ଡରେ ହାତ, ଚେଲଡଙ୍ଗୀରେ ହାତ । ମାଜିଷ୍ଟ୍ରେଟ୍ ଆଉ ହାକିମମାନଙ୍କ ଠାରେ ସେଇମାନଙ୍କ ନ୍ୟସ୍ତସ୍ୱାର୍ଥଟାଇ ବେଶୀ ! ସେମାନେ ତେଣୁ ଭୁଲ କରିବେ ମଧ ବେଶୀ । ତଥାପି ମାଷ୍ଟର ଦାଦା, ଏଥିରେ ଆଶାର କଥା କଣ ଜାଣିଛନ୍ତି ? ଅନେକ ଭୁଲ ହେବ । ମାତ୍ର ସେହି ଭୁଲ ମଧ୍ୟରେ ଠିକ୍‌ର ସନ୍ଧାନ ହେଲା, ଆତ୍ମଶାସନର ମୂଳ କଥା ।"

ଗୌରୀଶଙ୍କର କହିଲେ..." ସେଥିପାଇଁ ମୁଁ ଭାବୁଥିଲି, ବାଲେଶ୍ୱରରେ ଯେପରି ସହରବାସିମାନେ ସମସ୍ତେ ଆପଣା ମଧ୍ୟରେ ସ୍ୱଜନାମାରେ ଛଅଟା ଓ୍ୱାର୍ଡ ପାଇଁ ପ୍ରାର୍ଥୀ ଠିକଣା କରୁଛନ୍ତି; ଆମେ କଟକରେ ସେପରି କରି ପାରିଲେ ଆଉ ନିର୍ବାଚନ କମ୍ବା ହାକିମ ମାନଙ୍କ ମୁକାବିଲାରେ ମତଗ୍ରହଣର ପ୍ରୟୋଜନ ପଡ଼ନ୍ତା ନାହିଁ । ସବୁ ଲେଣ୍ଠା ସହଜରେ ଛିଡ଼ି ଯାଆନ୍ତା ।"

ମଧୁସୂଦନ ଉତ୍ତର ଦେଲେ..." ଆଉ କେଉଁଠି କେଜାଣି ସେକଥା ସମ୍ଭବ ହୋଇ ପାରେ । ଏଠି କଟକରେ କିନ୍ତୁ ସେପରି କୌଣସି ସର୍ବସମ୍ମତ କାର୍ଯ୍ୟ ହୋଇ ପାରିବା ଭଳି ମୋତେ ଦିଶୁ ନାହିଁ । ଏଠି ଆଗନ୍ତୁକ ଗୋଷ୍ଠୀ ଅଛନ୍ତି; ତମେ ଯାହାକୁ କହିବ ଧଳା, ସେମାନେ ତାକୁ କହିବେ କଳା । ଅମଲା-ଗୋଷ୍ଠୀ ଅଛନ୍ତି, ମାନେଷ୍ଟ୍ରୀ ଯାହେବ ମାଜିଷ୍ଟ୍ରେଟ୍‌ର କଥା ସେମାନଙ୍କ ପାଇଁ ବେଦର ଗାର । ବାସିନ୍ଦା ଓଡ଼ିଆ ମାନେ ତ ସହଜେ ଶାଗଖିଆଙ୍କୁ ପେଜଖିଆ ଦେଖି ପାରେନାହିଁ । ଏ ସମସ୍ତଙ୍କ ଭିତରେ ଗୋଟାଏ ଐକ୍ୟବଦ୍ଧ ଚିନ୍ତା ଅଥବା ନିଷ୍ପତ୍ତି ସମ୍ଭବ ହୋଇ ପାରିବ କୁଆଡୁ ?"

ଏହି ସମୟରେ ବାବୁ ଦୀନାନାଥ ବାନାର୍ଜୀ ଶରୁଡ଼ୀ ବାନ୍ଧିବା ପରି, କେଉଁଆଡ଼ୁ ହଠାତ୍ ସେଠାରେ ଆସି ପହଞ୍ଚିଗଲେ ।

ମଧୁସୂଦନ କପଟ ଗାମ୍ଭୀର୍ଯ୍ୟରେ ପଚାରିଲେ..."ଦୀନୁବାବୁ ଆପଣଙ୍କର ଉତ୍କୋଚ-ସଂହାରଣୀ, ସୁରାପାନ-ନିବାରଣୀ ସଭା ମାନଙ୍କର

ଖବର କଣ ? ଏଣେ ଯେ ମ୍ୟୁନିସିପାଲଟୀ ନିର୍ବାଚନ ଆସିଗଲା । ଓଡ଼ିଶା-ପିପୁଲସ୍ ଅସୋସିଏସନ୍ ସେଥିପାଇଁ କି ସ୍ଥିର କରୁଛନ୍ତି ?"

ଦୀନାନାଥ ସବୁବେଳେ ବ୍ୟସ୍ତବାଗୀଶ ଲୋକ । ସେ ବିବ୍ରତ ଭାବରେ ଖଣ୍ଡେ ଚଉକି ଉପରେ ବସିପଡ଼ି, ଚନ୍ଦାମୁଣ୍ଡରେ ଫୁଟି ଉଠିଥିବା ବଡ଼ ବଡ଼ ଝାଳ ଚଦରକାନରେ ପୋଛୁ ପୋଛୁ କହିଲେ···"ପାଣିକର ଅତ୍ୟାଚାର ନିବାରଣରେ ଓଡ଼ିଶା-ପିପଲସ୍-ଆସୋସିଏସନ୍କୁ ଦଣ୍ଡେ ନିଶ୍ୱାସ ମାରିବା ପାଇଁ ତର ନାହିଁ ମ୍ୟୁନିସିପାଲଟୀ ନିର୍ବାଚନ କଥା ଭାବୁଛି କିଏ ? ତେବେ ମୁଁ ଆପାତତଃ ସ୍ଥିର କରିଛି, ନିର୍ବାଚନ ପୂର୍ବରୁ ଓ୍ୱାର୍ଡ ଓ୍ୱାର୍ଡ ବୁଲି, ମତଦାତା ମାନଙ୍କୁ ଜଣାଇ ଦେବି, ଲୋକେ ଉପଯୁକ୍ତ ପ୍ରାର୍ଥୀ ଦେଖି ବୁଝି ଆପଣାର ପ୍ରତିନିଧି ସ୍ଥିର କରନ୍ତୁ ।"

ଗୌରୀଶଙ୍କର କହିଲେ..."ଓ ! ଭାରି ଗୋଟାଏ ଆଚମ୍ବିତ କଥା ତା'ହେଲେ ବୁଝାଇ ଦେବ ତୁମେ ! ଉପଯୁକ୍ତ ପ୍ରାର୍ଥୀ ଦେଖି ବୁଝି ପ୍ରତିନିଧି ବାଛିବା ପାଇଁ, ମାନେଷ୍ଟ୍ରୀ ସାହେବ ମାଜିଷ୍ଟ୍ରେଟ ସୁଦ୍ଧା କହୁଛନ୍ତି ! ତୁମେ ନୂଆ କଥାଟାଏ ବୁଲି ବୁଲି ଆଉ କହିବ କଣ ? ଉପଯୁକ୍ତ କିଏ, କିପରି, ସେଇ-ତ ପଞ୍ଚଛ କଥା ! ତୁମେ ନିଜେ କେଉଁ ଓ୍ୱାର୍ଡରୁ ପ୍ରାର୍ଥୀ ହେଉଛ ଦୀନୁଦା ?"

ଦୀନାନାଥ କହିଲେ···"ମୁଁ ପ୍ରାର୍ଥୀ ହେବି । ମା କାଳି ରକ୍ଷା କର ! ମୋତେ ଅବଶ୍ୟ ଅନେକ ବାଧ୍ୟ କରୁଛନ୍ତି ପ୍ରାର୍ଥୀ ହେବା ପାଇଁ ! କିନ୍ତୁ ଏ ପାଣିକର-ଅତ୍ୟାଚାରର ଗୋଟାଏ ସୁବିଚାର ନହେବା ପର୍ଯ୍ୟନ୍ତ ଦୀନାନାଥ ସେଥିରେ ଆଉ ମୁଣ୍ଡ ଖେଳାଉ ନାହିଁ । ଦୀନାନାଥର ଯାହା କଥା; ତାହା କାର୍ଯ୍ୟ !"

ପ୍ରବଳ ଆତ୍ମପ୍ରତ୍ୟୟ ଓ ଶିଶୁସୁଲଭ ଆତ୍ମପ୍ରବଞ୍ଚନା ମଧ୍ୟରେ ଯେପରି ସୀମାରେଖା ନଥାଏ; ବାବୁ ଦୀନାନାଥ ତାହାର ଏକ ଉଦାହରଣ । ସରଳ ବିଶ୍ୱାସ ଓ ପ୍ରବଳ ଆତ୍ମପ୍ରତ୍ୟୟରେ ଅତୀତରେ ନାନା ବ୍ୟାପାରରେ ପ୍ରବଳ ପ୍ରତାପୀ ସେକ୍ରେଟାରି-ଅଫ୍-ଷ୍ଟେଟଙ୍କୁ ସୁଦ୍ଧା ପତ୍ର ଲେଖିବା ପାଇଁ ସେ କୁଣ୍ଠିତ ନଥିଲେ । ସେସବୁର କୌଣସି ଫଳ ହେଉ ବା ନହେଉ "ଉତ୍କଳ-ଦୀପିକା"ରେ "ପ୍ରେରିତପତ୍ର"ର ସ୍ତମ୍ଭ ପୂରଣ ପାଇଁ ଉପାଦାନର ଅଭାବ, ସେସବୁ ଯେପରି ପୂର୍ଣ୍ଣ କରିଥିଲା; ସେହିପରି ବାବୁ ଦୀନାନାଥଙ୍କ ଆତ୍ମପ୍ରତ୍ୟୟକୁ ସେସବୁ ଆତ୍ମଶ୍ଳାଘାରେ ମଧ୍ୟ ଉଚ୍ଛ୍ୱସିତ

କରି ପାରିଥିଲା । ଊନବିଂଶ-ଶତାବ୍ଦୀର "ସମ୍ପାଦକଙ୍କୁ ପତ୍ର"ର ଅକ୍ଳାନ୍ତ ଲେଖକ ମାନଙ୍କ ମଧ୍ୟରେ ବାବୁ ଦୀନାନାଥ ଅଗ୍ରଣୀ ଥିଲେ, କହିଲେ ଅତ୍ୟୁକ୍ତି ହେବ ନାହିଁ । "ଉତ୍କଳଦୀପିକା"ର ସ୍ତମ୍ଭ ତାହାର ସାକ୍ଷ୍ୟ ବହନ କରିଅଛି ।

ଦୀନାନାଥ ପକେଟରୁ ଖଣ୍ଡେ କାଗଜ କାଢ଼ି କହିଲେ······ "ଗ୍ଲେଡଷ୍ଟୋନ୍ ସାହେବଙ୍କ କାଣ୍ଡଟା ଦେଖିଲେତ ମଧୁବାବୁ !"

ଗୌରୀଶଙ୍କର ସମ୍ପାଦକୀୟ ଲେଖାରେ ବ୍ୟସ୍ତ ଥିଲେ । ମଧୁସୂଦନ କୌଣସି "କାଣ୍ଡ" ସେପର୍ଯ୍ୟନ୍ତ କିଛି ଦେଖି ନଥିଲେ । ସେ ପଚାରିଲେ··· "ସେ ଖଣ୍ଡ ସମ୍ପାଦକଙ୍କୁ ପତ୍ର ବୋଧହୁଏ ? କିନ୍ତୁ କାଣ୍ଡଟା କଣ ଆଗେ କୁହନ୍ତୁ ତ !"

ଦୀନାନାଥ କହିଲେ··· "ବଡ଼ଲାଟ ରିପନ୍‌ଙ୍କ ପାଖକୁ ଓଡ଼ିଶା-ପିପଲସ୍-ଆସୋସିଏସନ ପକ୍ଷରୁ ପାଣିକର ଅତ୍ୟାଚାରର ସମ୍ପର୍କରେ ଯେଉଁ ଆବେଦନପତ୍ର ପ୍ରେରଣ କରାଯାଇଥିଲା; ବଡ଼ଲାଟ ସାହେବ ତାହାର ତଦନ୍ତ ନିମନ୍ତେ ପଠାଇ ଦେଲେ ଗ୍ଲେଡଷ୍ଟୋନ୍ ସାହେବଙ୍କ ନିକଟକୁ । ବର୍ତ୍ତମାନ ଦେଖାଯାଉଅଛି ପାଣିକର ସମ୍ପର୍କରେ ତଦନ୍ତ ପାଇଁ ଗ୍ଲେଡଷ୍ଟୋନ୍ ସାହେବ ଗୋଟିଏ ତିନିଜଣିଆ କମିସନ୍ ନିଯୁକ୍ତ କରିଛନ୍ତି । ସେଥିରେ ରହିବେ ଓଡ଼ିଶାର ଡିଭିଜନାଲ କମିଶନର, ବିହାର ଡିଭିଜନ୍‌ର ଇରିଗେସନ୍ ଇଂଜିନିଅର, ପୁଣି ଇରିଗେସନ୍ ଇଲାକାର ସେକ୍ରେଟାରୀ ।"

ସମଗ୍ର ବଙ୍ଗଳା-ପ୍ରେସିଡ଼େନ୍‌ସୀରେ ଜଳକର ସମସ୍ୟାର ଅନୁଧ୍ୟାନ ପାଇଁ ସେତେବେଳେ ଏହିପରି ଇରିଗେସନ କମିସନ୍ ନିଯୁକ୍ତ ହୋଇଥିଲା । ଏହା ସହିତ ଓଡ଼ିଶା ପିପୁଲସ୍ ଆସୋସିଏସନ୍‌ର ଆବେଦନ ଅଥବା ସ୍ମାରକପତ୍ରର କୌଣସି ସମ୍ପର୍କ ନଥିଲା । ତଥାପି ବାବୁ ଦୀନାନାଥଙ୍କ ଆତ୍ମ ପ୍ରତ୍ୟୟକୁ ଆହତ ନକରିବା ଉଦ୍ଦେଶ୍ୟରେ ମଧୁସୂଦନ କହିଲେ··· "ବେଶ୍ ତ, ଓଡ଼ିଶା-ପିପୁଲସ୍-ଆସୋସିଏସନ୍ ପକ୍ଷରେ ଏ ଗୋଟିଏ କମ୍ କୃତିତ୍ୱର କଥା ନୁହେଁ ।"

ଦୀନାନାଥ କହିଲେ··· "ଆପଣ ଏଇଆ ବୁଝିଲେ ? ଏ ସବୁ ସରକାରୀ ଲୋକେ ପାଣିକର ଅତ୍ୟାଚାରର ନିରପେକ୍ଷ ତଦନ୍ତ କରିବେ କଣ ? ସେମାନଙ୍କ ସହିତ ବେସରକାରୀ, ଅଭିଜ୍ଞ ଲୋକଙ୍କୁ ମଧ୍ୟ ସ୍ଥାନ ଦେବାର

ଉଠିବ ଥିଲା । ସେଥିପାଇଁ ଆମ ଆସୋସିଏସନ୍ ପକ୍ଷରୁ ବଡ଼ଲାଟ ସ୍ଥାମୁଁଙ୍କୁ ପୁଣି ଦରଖାସ୍ତ ଦିଆଯିବ । ଏ ପତ୍ରରେ ସେଇ କଥା ଲେଖା ଯାଇଅଛି··· ।

ଘନାନାଥ ଚଷମାଟା ନାକ ଉପରକୁ ଉଠାଇ ଧରି ତାଙ୍କ "ପ୍ରେରିତ-ପତ୍ର" ଖଣ୍ଡ ପଢ଼ି ବସିଲେ···

"× × ଏହି ସପ୍ତାହ ମଧ୍ୟରେ ଓଡ଼ିଶାର ନାଲ ଇଲାକାର ଅତ୍ୟାଚାର ମାନ ତଦନ୍ତ ନିମନ୍ତେ ଏହି ସଭାର ପ୍ରାର୍ଥନା ମତେ ଏବଂ (ଉତ୍କଳ-ସଭାର ଯେଉଁ ଦରଖାସ୍ତ ଶ୍ରୀଯୁକ୍ତ କମିସନ୍‌ର ସାହେବଙ୍କ ସ୍ଥାମୁଁରେ ହୋଇଥିଲା ) ତହିଁରେ ଯେଉଁ ସରକାରୀ କର୍ମଚାରୀ ତିନିଜଣ କମିସନ୍ ନିଯୁକ୍ତ ହୋଇ ଅଛନ୍ତି ସେମାନଙ୍କ ସଙ୍ଗରେ ଆଉରି ସମସଂଖ୍ୟକ ନନ୍-ଅଫିସିଅଲ୍ କର୍ମଚାରୀ ନିଯୁକ୍ତ ନିମନ୍ତେ ମହାମାନ୍ୟ ବଡ଼ଲାଟ ମହୋଦୟଙ୍କ ଓ ମାନ୍ୟବର ଲେପ୍ଟେନାଣ୍ଟଙ୍କ ସ୍ଥାମୁଁକୁ ଦି ଖଣ୍ଡି ଦରଖାସ୍ତ ପ୍ରେରିତ ହେବ ଏବଂ ତହିଁ ଉତ୍ତାରୁ ଆଗାମୀ ୨୫ ତାରିଖରେ ଓଡ଼ିଶା ବିଭାଗର ନାଲ-ଇଲାକାର ଅତ୍ୟାଚାର ମାନ ଉତ୍ତମ ରୂପରେ ଜାଣନ୍ତି ଏପରି ସ୍ୱାଧୀନ ( ସରକାରୀ କର୍ମଚାରୀ ନୁହେଁ ) ଲୋକମାନଙ୍କର ନାମ ଶ୍ରୀଯୁକ୍ତ ଛୋଟଲାଟ ବାହାଦୁରଙ୍କ ସ୍ଥାମୁଁକୁ ପଠାଇବାକୁ ହେବ । ସେଥିପାଇଁ ଏହି ବିଜ୍ଞାପନ ଦ୍ୱାରା ଉତ୍କଳ-ସଭା ବାଲେଶ୍ୱର ସଭାକୁ ଏବଂ କୌଣସି ସଭାଭୁକ୍ତ ନୁହେଁ ଏପରି ଅଭିଜ୍ଞ ସାଧାରଣଙ୍କୁ ଜଣାଉଅଛୁଁ କି, ସେମାନଙ୍କ ମଧ୍ୟରେ ଯେଉଁମାନେ କମିସନ୍ ହେବାକୁ ଉପଯୁକ୍ତ ମଣିବାକୁ ସକ୍ଷମ; ସେମାନେ ଅନୁଗ୍ରହ କରି ଆପଣା ଆପଣା ନାମଧାମ ଇତ୍ୟାଦି ଓଡ଼ିଶା ପିପଲସ୍-ଆସୋସିଏସନ୍‌କୁ ଚଳିତ ମାସର ୨୨ ତାରିଖ ମଧ୍ୟରେ ଲେଖି ପଠାଇଲେ ଏ ସଭାରୁ ସେମାନଙ୍କ ନାମ ଛୋଟଲାଟ ବାହାଦୁରଙ୍କ ସ୍ଥାମୁଁକୁ ଚଳିତ ମାସର ତା ୨୫ରିଖରେ ପ୍ରେରଣ କରାଯିବ । ଇତି

ଶ୍ରୀ ଘନାନାଥ ବନ୍ଦୋପାଧ୍ୟାୟ

ଅନରେରୀ ସେକ୍ରେଟାରୀ

ଓଡ଼ିଶା ପିପଲସ୍ ଆସୋସିଏସନ୍ ।"

ଲେଖାଖଣ୍ଡ ପଢ଼ି ସାରି ଘନାନାଥ ତାହା ଗୌରୀଶଙ୍କରଙ୍କ ଆଡ଼େ ବଢ଼ାଇଦେଲେ । ଘନାନାଥଙ୍କ କୌଣସି ପତ୍ର ପ୍ରକାଶ କରିବାରେ ଗୌରୀଶଙ୍କର କଦାପି କୁଣ୍ଠା କାର୍ପଣ୍ୟ କରୁନଥିଲେ । ଗୌରୀଶଙ୍କର ଚିଠିଖଣ୍ଡ ଗୋଟାଏ କାଗଜ ଚାପାତଳେ ରଖିଦେଇ କହିଲେ···

"ତମ ଆସୋସିଏସନ୍‌ର ପ୍ରସ୍ତାବ ପାଇବାର ସପ୍ତାହକ ମଧ୍ୟରେ ଗ୍ରେଟଲାଟ ସାହେବ ଯେତେବେଳେ ଗୋଟାଏ ଏଡ଼େ ବଡ଼ କମିସନ୍ ନିଯୁକ୍ତ କରିଦେଲେ ; ସେଥିରେ ତୁମର ଲେଖା ଅନୁସାରେ ଏବେ ବେସରକାରୀ ଅଭିଜ୍ଞ ବ୍ୟକ୍ତି ମାନଙ୍କୁ ସ୍ଥାନ ନଦେଇ ତାଙ୍କର ଭୁଲ୍ କଣ ? ସେପରି ଇଚ୍ଛୁକ ବ୍ୟକ୍ତିମାନେ ତୁମ ଅଫିସକୁ ଗଲେ ସେମାନଙ୍କ ନାମଧାମ ଲେଖି ପଠାଇବେ; ନୁହେଁ ? ମଧୁବାବୁ ତୁମେ ଖଣ୍ଡେ ଦରଖାସ୍ତ ପଠା ଦିଅ । ପାନୁବାବୁତ ଅଛନ୍ତି । ଚିନ୍ତା କଣ ?"

ଏ ସବୁ ପରିହାସ, ରସିକତା ପାଇଁ ମଧୁସୂଦନଙ୍କର ସମୟ ନ-ଥିଲା । ସେ ସେଠାରୁ ଉଠି ଆସିଲେ ।

ବାଙ୍କାବଜାର ବାଟେ ଫେରିବା ବେଳେ, ମଧୁସୂଦନ ହଠାତ୍ ନନ୍ଦକିଶୋର ବାବୁଙ୍କ ହତା ଭିତରକୁ ପଶି ଆସିଲେ । ତଳ ମହଲାରେ ନନ୍ଦକିଶୋରଙ୍କ ବୈଠକଖାନାରେ ଗୋଟିଏ ଉଜ୍ଜ୍ୱଳ କିରୋସିନ୍ ଆଲୁଅ ସେଦିନମାନ ଲଗା ହୋଇଥିଲା । ପୋର୍ଚ୍ଚରେ କେତୋଟା ଜୋଡ଼ି ଗାଡ଼ି ଅପେକ୍ଷା କରିଥିଲା । ସେଠାରେ ମଧ୍ୟ ଆସନ୍ନ ମ୍ୟୁନିସିପାଲଟୀ ନିର୍ବାଚନର ହୁଲ୍ଲୁର ।

ମଧୁସୂଦନଙ୍କୁ ଦେଖିବା ମାତ୍ରେ, ବାବୁ ଜଗନ୍ମୋହନ ଲାଲ ହୁକାନଳୀରୁ କଳେ ଧୂଆଁ ଛାଡ଼ି କହିଲେ..."ତୁମେ ବହୁଦିନ ବଞ୍ଚିବ ହେ ମଧୁ ! ଏଇମାତ୍ର ତୁମ କଥା ପଡ଼ିଥିଲା ।"

ମଧୁସୂଦନ ଖଣ୍ଡେ ଚଉକୀ ଉପରେ ବସିପଡ଼ି ପଚାରିଲେ... "କାହିଁକି ? କଥା କଣ ?"

ନନ୍ଦକିଶୋର କହିଲେ..."ମୁଁ ଶୁଣିଲି, ଆପଣ କୁଆଡ଼େ ନିର୍ବାଚନରେ ଠିଆ ହେବା ପାଇଁ ନାରାଜ । କଥା କଣ ? କାହିଁକି !"

ମଧୁସୂଦନ ଉତ୍ତର ଦେଲେ "ଆପଣ ଶୁଣିଛନ୍ତି ଠିକ୍ । ଆତ୍ମଶାସନ ଓ ନିର୍ବାଚନ ପ୍ରଣାଳୀ ପାଇଁ ମୁଁ ଆନ୍ଦୋଳନ କରି ଆସିଛି ଯଥେଷ୍ଟ । ମାତ୍ର ଏ ନିର୍ବାଚନ ବସ୍ତୁଟା ମୋ ଧାତୁରେ କିପରି ଅଚଳ ।"

ନନ୍ଦକିଶୋର କହିଲେ..."ନାଁ, ନାଁ, ସେପରି କହିଲେ ଚଳିବ ନାହିଁ । ଲୋକାଲ୍ ସେଲ୍‌ଫ୍ ଗଭର୍ଣ୍ଣମେଣ୍ଟର ପ୍ରଥମ ପରୀକ୍ଷା ବର୍ତ୍ତମାନ ଆରମ୍ଭ ହେଉଛି । ନିର୍ବାଚିତ ମ୍ୟୁନିସିପାଲଟୀ ମାନଙ୍କରେ ଯଦି ଉପଯୁକ୍ତ ବ୍ୟକ୍ତି ଦାୟିତ୍ୱ ନ ନିଅନ୍ତି, ତାହେଲେ ଏସବୁ ସଂସ୍ଥା ବିଫଳ ହେବା

ସଙ୍ଗେ ସଙ୍ଗେ, ଆତ୍ମଶାସନ ମଧ୍ୟ ବ୍ୟର୍ଥ ହୋଇ ପଡ଼ିବ । ଆମ ସମସ୍ତଙ୍କର ଇଚ୍ଛା, ଆପଣ ମ୍ୟୁନିସିପାଲିଟୀକୁ ଆସନ୍ତୁ । କମିସନର ଲରମିନି ସାହେବ ମୋତେ ସେଦିନ କହୁଥିଲେ, ଆପଣଙ୍କ ପରି ଲୋକ ମ୍ୟୁନିସିପାଲିଟୀ କମିସନର୍ ହୋଇ ପାରିଲେ ସହରର ଯଥେଷ୍ଟ ଉନ୍ନତି ହୋଇ ପାରନ୍ତା ।"

ମ୍ୟୁନିସିପାଲିଟୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ମଧୁସୂଦନଙ୍କର ଯେ ଇଚ୍ଛା ନଥିଲା ନୁହେଁ । କଟକ ସହରକୁ ଆସିବା ଦିନୁ ଏହାକୁ ଏକ ଆଧୁନିକ ସହର ରୂପେ ଗଢ଼ିବା ପାଇଁ ତାଙ୍କର ଗୋଟାଏ ଅଭିଳାଷ ଜାଗିଥିଲା । ମ୍ୟୁନିସିପାଲିଟୀ ନିର୍ବାଚନ ମଧ୍ୟରେ ସେଥିପାଇଁ ଆସିଥିଲା ବହୁ ପ୍ରତ୍ୟାଶିତ ଏକ ଅବକାଶ । ତଥାପି ସେ ଅପେକ୍ଷା କରିଥିଲେ ଶୁଭକାଂକ୍ଷୀ ଓ ସମର୍ଥକ ଗୋଷ୍ଠୀରୁ ଏହିପରି ଅକୁଣ୍ଠିତ ଅନୁରୋଧ···ସେଥିରେ ତାଙ୍କର ଆତ୍ମଶ୍ଳାଘା ଚରିତାର୍ଥ ହେଉଥିଲା । କୌଣସି ବିଷୟରେ ତାଙ୍କର ଯେପରି ଯାଚଞ୍ଚା ନଥିଲା । ସବୁଠି ପାଇଁ ତାଙ୍କର ଯେପରି ଏକ ଅନାପେକ୍ଷିକ ଦାବୀ ରହିଥିଲା ; ଏହିପରି ଥିଲା ତାଙ୍କର ଏକ ପ୍ରବଳ ଅଭିମାନ !

ନନ୍ଦକିଶୋର କହିଲେ···" ଆପଣ ବରଂ ଏଇ ଚାରି ନମ୍ବର ଓ୍ୱାର୍ଡ଼ରୁ ଠିଆ ହୁଅନ୍ତୁ ।"

କିନ୍ତୁ ମଧୁସୂଦନଙ୍କ ନାମ ଉଠିଥିଲା ଏକ ନମ୍ବର ଓ୍ୱାର୍ଡ଼, ଚାନ୍ଦନୀଚୌକ ଅଞ୍ଚଳର ଭୋଟର-ଲିଷ୍ଟରେ । ନନ୍ଦକିଶୋରଙ୍କ ଦାକ୍ଷିଣ୍ୟ ଉପରେ ନିର୍ଭର କରି ଚାରି ନମ୍ବର ଓ୍ୱାର୍ଡ଼ରୁ ଠିଆ ହେବା ପାଇଁ ମଧୁସୂଦନଙ୍କର ଅଭିଳାଷ ନଥିଲା । ଟେବୁଲ୍ ଉପରେ ଗୋଟାଏ କାଚ ପେପରଓ୍ୱେଟ୍ ଭିତରକୁ ନିବଦ୍ଧ ଦୃଷ୍ଟିରେ ଚାହିଁ ସେ କହିଲେ " ଯଦି ଠିଆ ହୁଏ, ତା' ହେଲେ ଏକ ନମ୍ବର ଓ୍ୱାର୍ଡ଼ରୁ ହିଁ ଠିଆ ହେବି । ନମିନେସନ ଦାଖଲ କରିବା ପାଇଁ ତଥାପି ତ ଆଉରି କେତେଦିନ ବାକି ଅଛି !"

## ( ଦୁଇ )

ନିର୍ବାଚନର ନିର୍ଘଣ୍ଟ "ଉତ୍କଳ-ଦୀପିକା" ରେ ପ୍ରକାଶ ପାଇଥିଲା··· " ଅାଗାମୀ ବୁଧବାର ବେଳା ଘ ୧୨ଟା ସମୟରେ ଏହି ନିର୍ବାଚନ

କାର୍ଯ୍ୟ ପୃଥକ ପୃଥକ ୱାର୍ଡ଼ରେ ଏକ ସମୟରେ ଆରମ୍ଭ ହେବ । ଯେଉଁ ସ୍ଥାନ ମାନଙ୍କରେ ଯେଉଁ ବ୍ୟକ୍ତିମାନଙ୍କ ଦ୍ୱାରା ଏ କାର୍ଯ୍ୟ ନିର୍ବାହ ହେବ ଓ ଯେଉଁ ଯେଉଁ ୱାର୍ଡ଼ରେ ଯେଉଁମାନେ କମିସନର୍ ହେବାର ପ୍ରାର୍ଥୀ ସେମାନଙ୍କ ନାମ ତଳେ ଲେଖୁଅଛୁଁ । ଯଥା :—

ନ ୧ମ୍ବର ନିର୍ବାଚନ କାର୍ଯ୍ୟ ବୃଦ୍ଧମା ଚୌକରେ ବାବୁ ଜଗନ୍ମୋହନ ରାୟ ଡେପୁଟୀଙ୍କ ଦ୍ୱାରା ହେବ । ପ୍ରାର୍ଥୀ ଶ୍ରୀଯୁକ୍ତ ବଣ୍ଡ୍ ସାହେବ, ବାବୁ ମଧୁସୂଦନ ଦାସ ଓ ବାବୁ ଦର୍ପନାରାୟଣ ଦାସ ।"

( ଉ : ଘ :-ତା ୧୩ । ୧୨ । ୧୮୮୪ )

ବଣ୍ଡ୍ ସାହେବ ଏକ ଗୀର୍ଜାର ପାଦ୍ରୀ । ଜଏଣ୍ଟ କଲେକ୍ଟର୍ ମାନେଷ୍ଟୀ ତାଙ୍କୁ ଏକ ନମ୍ବର ୱାର୍ଡ଼ରେ ଠିଆ କରାଇଥିଲେ, ମଧୁସୂଦନଙ୍କୁ କେବଳ ପରାସ୍ତ କରାଇବା ଉଦ୍ଦେଶ୍ୟରେ, ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଭୋଟ ବିଭକ୍ତ କରିବା । ସେକଥା ବୁଝା ପଡ଼ିଲା । କିନ୍ତୁ ଏ ଦର୍ପନାରାୟଣ ଦାସଟି କିଏ ? ମଧୁସୂଦନ ଶଙ୍କର ମୋହରିରଙ୍କୁ ପଚାରିଲେ···" ଏ ଦର୍ପନାରାୟଣଟି କିଏ ?··· Never heard his name !"

" ଦର୍ପନାରାୟଣଙ୍କର ଘର କଣ୍ଠାପାର । ଷ୍ଟେଟ ଅଦାଲତରେ ସେ ଜଣେ ଅମଲା । ଢ଼ଗରପଡ଼ାରେ ବସା କରି ରହିଛନ୍ତି ।" ···ଶଙ୍କର ଉତ୍ତର ଦେଲେ ।

ହୁଅନ୍ତୁ ପଛେ ଷ୍ଟେଟ ଅଦାଲତର ଅମଲା ! ନାମଟି କିନ୍ତୁ ଦର୍ପନାରାୟଣ !

ମଧୁସୂଦନ ପଚାରିଲେ···" ଦର୍ପନାରାୟଣ ମୋ ବିରୁଦ୍ଧରେ ଠିଆ ହେଉଥିବା ଜାଣି ଲୋକେ କଣ କହୁଛନ୍ତି ?"

ଶଙ୍କର ମୋହରିର ଭାବଚିନ୍ତ ଉତ୍ତର ଦେଲେ କିଛିଟା ତଥ୍ୟ ଓ କିଛିଟା କଳ୍ପନା ଯୋଡ଼ି··· "ଲୋକେ କହୁଚନ୍ତି, କାହିଁ ମଧୁବାବୁ ଓକିଲ, ଆଉ କାହିଁ ଦରପୁ ଦାସ ଅମଲା ?"

ଅନାମଧେୟ ଅମଲା ଦର୍ପନାରାୟଣ ଦାସ, ମଧୁସୂଦନଙ୍କୁ ପ୍ରତିଦ୍ୱନ୍ଦିତା କରୁଥିବାର ଗ୍ଲାନି ଶଙ୍କର ମୋହରିର କଥାରେ କଟିଗଲା । ଶଙ୍କର ମୋହରିର କହିଲେ···" ଆପଣ କିନ୍ତୁ ୱାର୍ଡ଼ରେ ଥରେ ଭୋଟର ମାନଙ୍କର ଘର ଘର ବୁଲି ଆସିଲେ ଭଲ ହୁଅନ୍ତା !"

ଘର ଘର ବୁଲି ଭୋଟ ଭିକ୍ଷା କରିବା ପାଇଁ ପଡ଼ିବ ପୁଣି ମଧୁସୂଦନଙ୍କୁ ? ଯିଏ ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍. ଏ, ପ୍ରଥମ ସିନିଅର ଓକିଲ, ଯିଏ ସବୁଥିରେ ଓଡ଼ିଆ ଜାତିର ପ୍ରଥମ ? ଶଙ୍କର ମୋହନରର ଆଡେ ଅପ୍ରସନ୍ନ ଦୃଷ୍ଟିରେ ଚାହିଁ ମଧୁସୂଦନ ପଚାରିଲେ···
"ରାମପଡ଼ା ରାଜା, ଗୋପୀନାଥ ମଠର ମହନ୍ତ, ଏମାନଙ୍କ ପରି ଲୋକେ ମୋତେ ଓକାଲତ୍‌ନାମା ଦେବା ପାଇଁ ମୋ ପାଖକୁ ଦଉଡ଼ନ୍ତି, ନାଁ ମୁଁ ସେମାନଙ୍କ ଦୁଆରକୁ ଦଉଡ଼େ ? ଲୋକଙ୍କର ଯଦି ମୋତେ ପ୍ରତିନିଧି ରୂପେ ନିଯୁକ୍ତ କରିବା ଇଚ୍ଛା; ତାହା ହେଲେ ସେମାନେ ମୋ ପାଖକୁ ଆସିବେ ନାଁ ମୁଁ ସେମାନଙ୍କ ପାଖକୁ ଦଉଡ଼ିବି ?"

ଯୁକ୍ତି ଦୃଷ୍ଟିରୁ କଥାଟା ଅବଶ୍ୟ ଅକାଟ୍ୟ । କିନ୍ତୁ ନିର୍ବାଚନ—ରାଜନୀତି ଯୁକ୍ତିରେ ଚଳେ ନାହିଁ । ଶଙ୍କର ମୋହନରର କହିଲେ··· "କିନ୍ତୁ ଏ କଥାଟା ଚଳି ନଆସେ ।"

ଏ ବ୍ୟାପାରରେ ଶଙ୍କର ମୋହନରର ସହିତ ଯୁକ୍ତିତର୍କ ପାଇଁ ମଧୁସୂଦନଙ୍କର ଅଭିଳାଷ ନଥିଲା । ସେ ଅସନ୍ତୁଷ୍ଟ କଣ୍ଠରେ କହିଲେ "ଖାନସମାନଙ୍କୁ ଭୁଣ୍ଡ ହୁକା ଦେବା ପାଇଁ ।"

ଶଙ୍କର ମୋହନରର ଏ ଇଙ୍ଗିତଟି ମଧ ବୁଝି ପାରିଲେ ।

ପ୍ରାର୍ଥୀ ମନୋନୟନ ପରେ "ଉତ୍କଳ-ଦୀପିକା"ରେ ପୁଣି ପ୍ରକାଶ ପାଇଥିଲା··· "ପ୍ରାର୍ଥୀଙ୍କ ମଧ୍ୟରେ ଜମିଦାର ମହାଜନ ଏବଂ ଶିକ୍ଷକଙ୍କ ସଂଖ୍ୟା ଦୁଇଜଣ ଲେଖାଏଁ, ଉକିଲ ଜଣେ, ହାକିମ ଚାରିଜଣ, ଅବଶିଷ୍ଟ ସମସ୍ତ ଅମଲା ଅଟନ୍ତି । ସୁତରାଂ ସମସ୍ତ ଶ୍ରେଣୀର ଯୋଗ୍ୟ ଲୋକ ରହି ଅଛନ୍ତି । ଏଥିମଧ୍ୟରୁ କରଦାତା ମାନେ କେଉଁ ଶ୍ରେଣୀର ଲୋକ ଅଧିକ ନେଉଛନ୍ତି ଫଳ ଦ୍ୱାରା ଜଣାପଡ଼ିବ । ଆମ୍ଭମାନଙ୍କ ବିବେଚନାରେ କଚେରୀ କର୍ମଚାରୀଙ୍କ ଅପେକ୍ଷା ସ୍ୱାଧୀନ ଶ୍ରେଣୀର ଲୋକେ ଅଧିକ ରହିବାର ଉଚିତ । ଯେବେ ହାକିମ ଓ ଅମଲାଙ୍କ ଭାଗ ଅଧିକ ହେବ ତେବେ ଅମଲାମାନେ ହାକିମଙ୍କ ମତ ବିରୁଦ୍ଧରେ କଥା କହିବାକୁ ଅନେକ ସମୟରେ କୁଣ୍ଠିତ ହେବେ ଓ ତହିଁରେ ନିର୍ବାଚନ ପ୍ରଣାଳୀର ପ୍ରକୃତ ଉଦ୍ଦେଶ୍ୟ ସାଧନ ପକ୍ଷରେ ବ୍ୟାଘାତ ହେବ ।"

( ଉ: ଦୀ:- ତା ୧୩ । ୧୨ । ୧୮୮୪ )

କିନ୍ତୁ ନିର୍ବାଚନର ସର୍ବପ୍ରଥମ ଫଳ ଘୋଷଣାରେ ସରକାରୀ ଅମଲା ବାବୁ ଦର୍ପନାରାୟଣ ଦାସ ଜୟଯୁକ୍ତ ଘୋଷିତ ହେଲେ । "ଉତ୍କଳ-ଦୀପିକା"ରେ ତାହା ପ୍ରକାଶ ପାଇଥିଲା···

"ପ୍ରତ୍ୟେକ ଓ୍ୱାର୍ଡର ନିର୍ବାଚନର ଫଳ ନିମ୍ନେ ପ୍ରକାଶିତ ହେଲା । ଯେଉଁ ପ୍ରାର୍ଥୀ ଯେତେ ମତ ପାଇଅଛନ୍ତି ତହିଁର ସଂଖ୍ୟା ତାହାର ନାମ ପାର୍ଶ୍ୱରେ ଲେଖାଗଲା । ଯଥା—

| | |
|---|---|
| ବାବୁ ଦର୍ପନାରାୟଣ ଦାସ | ୪୭ |
| ବାବୁ ମଧୁସୂଦନ ଦାସ | ୨୦ |
| ମିଷ୍ଟର ବଣ୍ଡ | ୧ |
| | ୬୮ |

ପ୍ରଥମ ନିର୍ବାଚନରେ ସରକାରୀ ଅମଲା ମାନଙ୍କ ପ୍ରାଦୁର୍ଭାବ ଘଟିବ ବୋଲି ପ୍ରଥମେ ଯାହା ଆଶଙ୍କା କରାଯାଉଥିଲା; ଅବଶେଷରେ ଫଳତଃ ତାହାହିଁ ଘଟିଲା ।"ଉତ୍କଳ-ଦୀପିକା" ଏ ସମ୍ପର୍କରେ ସମ୍ପାଦକୀୟ ଆଲୋଚନା ପ୍ରସଙ୍ଗରେ ଲେଖିଥିଲେ···

"× × ଉପରଲିଖିତ ଫଳାନୁସାରେ ଯେଉଁମାନେ ପଦପ୍ରାପ୍ତ ହେଲେ ସେମାନଙ୍କ ନାମ ଓ ବ୍ୟବସାୟ ନିମ୍ନେ ଲେଖାଗଲା । ଯଥା:—

ବାବୁ ଚନ୍ଦ୍ରଶେଖର ବାନୁର୍ଜ୍ୟା ଓ ବାବୁ ନନ୍ଦକିଶୋର ଦାସ ଆସିଷ୍ଟାଣ୍ଟ କମିସନର ଓ ଆସିଷ୍ଟାଣ୍ଟ ଗଡଜାତ ସୁପରିଣ୍ଟେଣ୍ଡେଣ୍ଟ ବାବୁ ରାମ ଦାସ ଚକ୍ରବର୍ତ୍ତୀ, କଲେଜିଏଟ୍ ସ୍କୁଲର ହେଡମାଷ୍ଟର, ବାବୁ ହରିଚରଣ କାନୁନ୍‌ଗୋ ଓ ବାବୁ ଯୋଗେଶ୍ୱର ଚନ୍ଦ୍ର, ଉଚ୍ଚଶ୍ରେଣୀୟ ଓକିଲ, ବାବୁ ସାମସେନ ରାଉତ, ବାବୁ ହରେକୃଷ୍ଣ ଦାସ ଓ ବାବୁ ଜଗନ୍ମୋହନ ଲାଲ; ଯଥାକ୍ରମେ କମିଶ୍ନର, ଜଜ୍ ଓ କଲେକ୍ଟରଙ୍କ ସିରସ୍ତାଦାର । ବାବୁ ଜାନକୀବଲ୍ଲଭ ଘୋଷ, ଗ୍ରେଣ୍ଟ ଅଦାଲତର ହେଡ଼-କିରାଣୀ ବାବୁ ଦର୍ପନାରାୟଣ ଦାସ, ବାବୁ ମଧୁସୂଦନ ମହାପାତ୍ର ଓ ବାବୁ କୃପାନିଧି ସାହୁ କମିଶ୍ନରୀ କିରାଣୀ । ଏଥିରୁ ଦେଖାଯାଏ ଯେ, ଅମଲାଙ୍କ ଏବଂ ତହିଁ ମଧ୍ୟରେ କମିଶ୍ନରୀ ଅମଲାଙ୍କ ସଂଖ୍ୟା ଅଧିକ । ଜ୧୨ଣ ମଧ୍ୟରୁ ଜ୬ଣ ଏକା କମିଶ୍ନରୀ କଚେରୀର ଲୋକ ଥିବାରୁ ଜଣା ଯାଉଅଛି ଯେମନ୍ତ କି କମିଶ୍ନର ପଦ ଲଭିବା ତାହାଙ୍କର ସ୍ୱାଭାବିକ ଅଧିକାର ।"

( ଉତ୍କଳ ଦୀପିକା- ତା ୨୦ । ୧୨ । ୮୪ରିଖ )

ଆତ୍ମଶାସନର ଅନୁଶୀଳନକୁ ବ୍ୟର୍ଥ ଓ ବାଧାଗ୍ରସ୍ତ କରି, ସରକାରୀ ହାକିମ ଓ ମାଜିଷ୍ଟ୍ରେଟ୍ ମାନଙ୍କ ପ୍ରଭାବ ଅକ୍ଷୁର୍ଣ୍ଣ ରଖିବା ଅଭିପ୍ରାୟରେ ଏହି ସର୍ବପ୍ରଥମ ନିର୍ବାଚନର ନେପଥ୍ୟରେ କେବଳ ଯେ ଏକ ଷଡ଼ଯନ୍ତ୍ର ପ୍ରଚ୍ଛନ୍ନ ରହିଥିଲା ତାହା ନୁହେଁ, ସେଥିରେ ମଧ୍ୟ ମିଶିଥିଲା ଆଗନ୍ତୁକ ଓ ସ୍ଥାୟୀ ଅଧିବାସୀଙ୍କ ମଧ୍ୟରେ ଘୃଣ୍ୟ ବିବାଦର ପ୍ରତିଧ୍ୱନି । ବିଶେଷତଃ ମଧୁସୂଦନଙ୍କୁ ପରାସ୍ତ କରିବା ପାଇଁ ମାନେଷ୍ଟ୍ରୀଙ୍କ ପରି ହାକିମ ମାନଙ୍କର ଷଡ଼ଯନ୍ତ୍ର ଓ ଆଗନ୍ତୁକ ଗୋଷ୍ଠୀର ପ୍ରଚ୍ଛନ୍ନ ପ୍ରୋତ୍ସାହନ ସହିତ ମିଶିଥିଲା, ଦର୍ପନାରାୟଣଙ୍କ ଦଳର ଚରିତ୍ର-ସଂହାର । ଓଡ଼ିଆଙ୍କ ଦୃଷ୍ଟିରେ ମଧୁସୂଦନ ବଙ୍ଗାଳି ପୁଣି ଆଗନ୍ତୁକ ମାନଙ୍କ ଦୃଷ୍ଟିରେ ମଧୁସୂଦନ ନିର୍ଯ୍ୟାତ ଓଡ଼ିଆ । ଦର୍ପନାରାୟଣ ଘର ଘର ବୁଲି ପ୍ରଚାର କରିଥିଲେ··· "ମଧୁବାବୁ ପରି ବିଧର୍ମୀ ଖ୍ରୀଷ୍ଟାନ୍ । ସିଏ କି କରିଣ ହେବ ? ତାଙ୍କ ବାପା ଚୌଧୁରୀ ରଘୁନାଥ ଦାସ ପରି ତାଙ୍କୁ ତ୍ୟାଜ୍ୟ ପୁତ୍ର କରିଛନ୍ତି । ତାଙ୍କୁ କି ଭୋଟ ଦେବ ?" ପାଦ୍ରୀ ମିଷ୍ଟର ବର୍ଣ୍ଣ କିନ୍ତୁ ବିଶେଷ ଦଳମୁକ୍ତ କରିପାରି ନଥିଲେ ।

ମଧୁସୂଦନ ହୋଇ ପାରନ୍ତି ଓଡ଼ିଶାରେ ଆତ୍ମଶାସନର ଭଗୀରଥ । ମାତ୍ର ସେହି ଆତ୍ମଶାସନର ନିର୍ବାଚନରେ, ସ୍ପେସ୍ ଅଦାଲତର ଅମଲା ବାବୁ ଦର୍ପନାରାୟଣ ଦାସଙ୍କ ତୁଳନାରେ ସେ ଅନୁପଯୁକ୍ତ ବିବେଚିତ ହେବାରେ ମନେ ମନେ ଘୋର ଆହତ ହୋଇଥିଲେ ହେଁ, ବିସ୍ମିତ ହୋଇ ନଥିଲେ । ଅମଲାମାନେ ସେଦିନର ସମାଜରେ ଥିଲେ ସର୍ବଶକ୍ତିଧର । ପୁଣି "ହାକିମ" ମାନଙ୍କ ମୁକାବିଲାରେ "ଯେତେବେଳେ ଯେ ଆସି ମତ ପ୍ରଦାନ କରିବ ତାହା ଲେଖି ନେବାର ନିୟମ ଥିବାରୁ × × ଓ ଯେ ବ୍ୟକ୍ତି ଯାହା ସକାଶେ ମତ ଦେଲା ପ୍ରଥମରୁ ହାକିମ ମାନେ ସେକଥା ଲେଖି ନେବାରୁ" ସରକାରୀ ଅମଲାମାନେ ଯେ ଏ ନିର୍ବାଚନରେ ଜୟଯୁକ୍ତ ହୋଇପାରିଲେ, ସେଥିରେ ସନ୍ଦେହ ନଥିଲା । ଯେଉଁ ମାଜିଷ୍ଟ୍ରେଟ୍ ମାନଙ୍କ ଆଧିପତ୍ୟରୁ ମ୍ୟୁନିସିପାଲିଟୀ ପରିଚାଳନାକୁ ମୁକ୍ତ ରଖିବା ଆତ୍ମଶାସନର ଅଭିପ୍ରାୟ ଥିଲା, ଅମଲାତନ୍ତ୍ରର କୂଟ-ଚକ୍ରାନ୍ତରେ କାର୍ଯ୍ୟତଃ ସେହିମାନେହିଁ ପରୋକ୍ଷରେ ଅବଶେଷରେ ଜୟଯୁକ୍ତ ହେଲେ ।

" ଉତ୍କଳ-ଦୀପିକା" ଏ ସମ୍ପର୍କରେ ପୁଣି ଲେଖିଥିଲେ···
" ପ୍ରକାଶ୍ୟରେ ଅମଲମାନଙ୍କ ପ୍ରାଦୁର୍ଭାବ ଭଲ ଦେଖାଯାଉ ନଥିଲେହେଁ ଯେ ସ୍ଥଳେ ଏ ନଗରର ବର୍ତ୍ତମାନ ଅବସ୍ଥା ଅନୁସାରେ ଅମଲମାନେ ଅଧିକାଂଶ କରଦାତାଙ୍କର ପରିଚିତ ଏବଂ ବିଶ୍ୱାସର ପାତ୍ର ହୋଇ ଅଛନ୍ତି ଏବଂ କେତେକ ଓ୍ୱାର୍ଡ଼ର ସ୍ଥାୟୀ ନିବାସୀଙ୍କ ମଧ୍ୟରେ ଅମଲ ଅପେକ୍ଷା ଅନ୍ୟ ଶ୍ରେଣୀର ଲୋକ ଅଧିକ ଯୋଗ୍ୟ ହୋଇ ନାହାନ୍ତି, ସେ ସ୍ଥଳେ ଏଥିରେ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ ।"

( ଉ : ଦୀ :—ତା ୨୦ । ୯ । ୧୮୮୭ରିଖ )

ନିର୍ବାଚନ ପରେ କଲକତାର "ଷ୍ଟେଟସମାନ୍" ପତ୍ରିକାକୁ ବେନାମୀଚିଠିଟା କିଏ ପଠାଇଥିଲା, ଜଣା ପଡ଼ିଲା ନାହିଁ । ଏଥିପାଇଁ ଅନେକ ଅବଶ୍ୟ ସନ୍ଦେହ କରିଥିଲେ ବାବୁ ଦୀନାନାଥ ବାନାର୍ଜୀଙ୍କୁ । ମାତ୍ର ପରେ ଜଣାପଡ଼ିଲା ୪ ନମ୍ବର ୱାର୍ଡ଼ରୁ ବାବୁ ଦୀନାନାଥ ସରକାର ପରାସ୍ତ ହୋଇ "ଷ୍ଟେଟସମାନ୍"କୁ ପ୍ରେରିତପତ୍ରରେ ଲେଖିଥିଲେ···

" ଆମ୍ଭେ ବିଶ୍ୱାସ କରୁ ଏମାନେ ସମଗ୍ର ଭାରତବର୍ଷରେ ସର୍ବା-ପେକ୍ଷା ଅଧମ ଜାତି ଅଟନ୍ତି ।"

ଏ ପତ୍ରଟି "ଷ୍ଟେଟସ୍‌ମାନ" ପତ୍ରିକାର ଡିସେମ୍ବର ୨୩ ତାରିଖ ୧୮୮୭ ସଂଖ୍ୟାରେ ପ୍ରକାଶ ପାଇଥିଲା ।

ଓଡ଼ିଶାରେ ଆତ୍ମଶାସନ ପ୍ରବର୍ତ୍ତନର ଫଳ ଆଉ ଯାହା ହେଉ ନହେଉ, ମ୍ୟୁନିସିପାଲିଟୀ ନିର୍ବାଚନ ଯୋଗେ କଟକ ସହରରେ ଓଡ଼ିଆ-ବଙ୍ଗାଳୀ ସମ୍ପର୍କଟା ପୁଣି ଏହିପରି ତିକ୍ତ ହୋଇ ପଡ଼ିଥିଲା ।

ନିର୍ବାଚନରେ ପରାସ୍ତ ହେବା ପରେ କଟକର ପରିସ୍ଥିତି ମଧୁସୂଦନଙ୍କ ପକ୍ଷରେ ମଧ୍ୟ ଅସହ୍ୟ ହୋଇ ଉଠିଥିଲା । ହଠାତ୍ ଜୋବ୍ରାରୁ ଟିକେଟ କାଟି ଶୁକ୍ରବାର ପାଳରେ ବୃନ୍ଦାବନ ଯାଉଥିବା ଓଡ଼ିଶା କୋଷ୍ଟ୍-କୋମ୍ପାନୀର ଗୋଟାଏ ଷ୍ଟୀମରରେ ସେ ଉଠିପଡ଼ିଲେ ।

ଷ୍ଟୀମର ଘାଟରେ ଦେଖା ହେଲା ଦୀନବନ୍ଧୁ ମହାନ୍ତି ମୁକ୍ତିଆରଙ୍କ ସହିତ । କାର୍ଯ୍ୟୋପଲକ୍ଷରେ ସେହି ଷ୍ଟୀମରରେ ସେ ଯାଉଥିଲେ

ବାଲେଶ୍ୱର । ମଧୁସୂଦନଙ୍କୁ ଦେଖିପାରି ଘାନବନ୍ଧୁ ପଚାରିଲେ··· "ଦେଶଯାକ ଏତେ ଆଡ଼େ ଏତେ ରେଳବାଟ ଫିଟିଲା, ଆଉ ଓଡ଼ିଆଙ୍କ କପାଳ କଣ ପଥରତଳେ ? ଜୀବନ ମୂରୁଛି ସେମାନେ ଫୁଟା ଷ୍ଟୀମରରେ ଏହିପରି ଯାତାୟାତ କରୁଥିବେ ?"

ମଧୁସୂଦନ କ୍ଳାନ୍ତ କଣ୍ଠରେ ଉତ୍ତର ଦେଲେ···" ସେ କଥା ଅମଲାମାନଙ୍କୁ ପଚାରିବେ ଘାନବନ୍ଧୁ ବାବୁ ।"

ଘାନବନ୍ଧୁ ବାବୁ ଅପ୍ରସ୍ତୁତ କଣ୍ଠରେ କହିଲେ···" ଆତ୍ମଶାସନରେ ତ ନାକ କାଟିଛୁ । ଆଉ କହିବୁ କାହାକୁ ?"

———

# ସପ୍ତମ ପରିଚ୍ଛେଦ

## ( ଏକ )

**ଫୋର୍ଟ**-ୱିଲିଅମ୍ ସେକ୍ରେଟାରିଏଟ୍ କରିଡରରେ ଧୋପ୍ ଦୁରସ୍ତ ଇଂରାଜୀ ପୋଷାକ ପରିହିତ ଜଣେ ଯୁବକ ମୁଣ୍ଡରେ ଗୋଟିଏ ଫେଲ୍ଟ୍ ଟୋପି ଦେଇ, ହାତରେ ଛତା ଖଣ୍ଡେ ଧରି, ପଥରର ଚଟାଣ ଉପରେ ଖଟାଖଟ ଜୋତାଶବ୍ଦ କରି, ପଲିଟିକାଲ୍ ଡିପାର୍ଟମେଣ୍ଟର ଅଣ୍ଡର ସେକ୍ରେଟାରୀ ମିଷ୍ଟର ବ୍ଲାଇଦ୍‌ଙ୍କ ଦପ୍ତର ଖୋଜି ବୁଲୁଥିଲେ।

ଫୋର୍ଟ-ୱିଲିୟମ୍‌ରେ ବଙ୍ଗଳା ସେକ୍ରେଟରିଏଟ ଶୀତ ଋତୁରେ ପୁଣି କର୍ମମୁଖର ହୋଇ ଉଠିଥିଲା । ଅପ୍ରେଲ ମାସରେ ଗ୍ରୀଷ୍ମ-ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସେକ୍ରେଟାରିଏଟ୍ ଉଠିଯାଏ ଦାର୍ଜିଲିଙ୍ଗ୍, ଶୀତଋତୁରେ ପୁଣି ଫେରିଆସେ କଲିକତା ।

ମୁକୁନ୍ଦଦେବଙ୍କୁ ରାଜା ସନନ୍ଦ ଦେବା ପାଇଁ, ସୂର୍ଯ୍ୟମଣି ପାଟମହାଦେଈଙ୍କ ଦରଖାସ୍ତର ଅବସ୍ଥା ବଙ୍ଗଳା ସେକ୍ରେଟେରିଏଟ୍‌ରୁ ବୁଝିବା ପାଇଁ ମଧୁସୂଦନ ବାହାରିଥିଲେ । ଲେଫ୍‌ଟେନେଣ୍ଟ୍-ଗଭର୍ଣ୍ଣର ସାର୍ ରିଭର୍ସ ଥମ୍ପସନ୍ ଦଳବଳ ଧରି କଲିକତାରେ ରହୁଥିଲେ । ସୂର୍ଯ୍ୟମଣି ପାଟମହାଦେଈଙ୍କ ଆବେଦନ ସମ୍ପର୍କରେ ତାଙ୍କୁ ମଧ ଥରେ ସାକ୍ଷାତ କରିବା ଆବଶ୍ୟକ । କିନ୍ତୁ ତା ପୂର୍ବରୁ ପଲିଟିକାଲ୍ ଡିପାର୍ଟମେଣ୍ଟରେ ପାଟମହାଦେଈଙ୍କ ଦରଖାସ୍ତ କେଉଁ ଅବସ୍ଥାରେ ପଡ଼ିଛି ତାହା ଅନୁସନ୍ଧାନ କରିବା ପାଇଁ, ମଧୁସୂଦନ ପଲିଟିକାଲ୍ ଡିପାର୍ଟମେଣ୍ଟରେ ପହଞ୍ଚିଥିଲେ ।

ସେଠାରେ ଅଣ୍ଡର-ସେକ୍ରେଟାରୀ ଡ଼ବଲ୍ୟୁ.ଡ଼. ବ୍ଲାଇଦ୍‌ଙ୍କ ( W. D. Blythe) ଠାରୁ ଜଣା ପଡ଼ିଲା, ମୁକୁନ୍ଦଦେବଙ୍କୁ ରାଜା ସନନ୍ଦ ଦେବା ପାଇଁ ଅବଶେଷରେ ବଙ୍ଗଳା ସରକାର ରାଜି ହୋଇଛନ୍ତି । ବର୍ଷ ଶେଷ ବେଳକୁ କଟକରେ ଯେଉଁ ଦରବାର ବସିବ; ସେଥିରେ ହିଜ୍ ଅନର୍ ଲେଫଟେନେଣ୍ଟ୍-ଗଭର୍ଣ୍ଣର ସ୍ୱହସ୍ତରେ ମୁକୁନ୍ଦଦେବଙ୍କୁ ରାଜା

ସନନ୍ଦ ପ୍ରଦାନ କରିବେ । ସୂର୍ଯ୍ୟମଣି ପାଟମହାଦେଈ କେତେ ନଜରାଣା ଦେଇ ପାରିବେ ଜାଣିବା ପାଇଁ ତାଙ୍କୁ ଚିଠି ଲେଖା ଯାଇଥିଲା । କିନ୍ତୁ ପୁରୀ କଲେକ୍ଟର୍ ଜୋନସ୍ ରିପୋର୍ଟ ପଠାଇଛନ୍ତି ଯେ, ହିଜ୍ ହନର୍ ଲେଫ୍ଟ୍-ନେଣ୍ଟ-ଗଭର୍ଣ୍ଣରଙ୍କ ଠାରୁ ରାଜା ସନନ୍ଦ ନେବା ପାଇଁ, ସୂର୍ଯ୍ୟମଣି ପାଟମହା-ଦେଈ କୁଆଡ଼େ ଅନିଚ୍ଛା ପ୍ରକାଶ କରିଛନ୍ତି ।

ସମ୍ବାଦଟି ପାଇ ମଧୁସୂଦନ ବିସ୍ମୟରେ ଚମକି ପଡ଼ିଲେ । ରାଣୀ ସୂର୍ଯ୍ୟମଣି ପାଟମହାଦେଈ ଯେପରି ଦଳେ କୁଚକ୍ରୀଙ୍କ ଦ୍ୱାରା ପରିବେଷ୍ଟିତ, ସେଥିରେ ସବୁକଥା ସମ୍ଭବ । ଏତେବଡ଼ ସମ୍ବାଦଟା ସେଇଥିପାଇଁ ହୁଏତ ତାଙ୍କୁ ଏପର୍ଯ୍ୟନ୍ତ ଜଣାଇ ଦିଆ ଯାଇନଥିଲା । ଏହା ମଧ୍ୟ ହୋଇପାରେ, ମଧୁସୂଦନ ଇତି ମଧ୍ୟରେ ନାନା କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥିବାରୁ, ସୂର୍ଯ୍ୟମଣି ପାଟମହାଦେଈ ତାଙ୍କୁ କେତେଥର ପୁରୀ ଡକାଇଥିବା ସତ୍ତ୍ୱେ ସେ ଯାଇ ପାରି ନଥିଲେ କିମ୍ବା ଏ ସମ୍ବାଦଟି ପାଇ ପାରି ନଥିଲେ । ସେହି ସୁଯୋଗରେ କୁଚକ୍ରୀମାନେ ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କୁ ସେପରି ପରାମର୍ଶ ଦେଇଥିବା ଅସମ୍ଭବ ନଥିଲା । ମାତ୍ର ମଧୁସୂଦନଙ୍କ ସହିତ ଓକିଲ ପରାମର୍ଶ ନକରି, ଏପରି ଗୋଟାଏ ଉତ୍ତର ପଠାଇବା ତ ଅସମ୍ଭବ । କିନ୍ତୁ ସୂର୍ଯ୍ୟମଣି ପାଟମହାଦେଈଙ୍କ ଏଥିରେ ମତଲବ୍ କଣ ? ଏହା ମଧ୍ୟ ହୋଇପାରେ ପୁରୀ କଲେକ୍ଟରଙ୍କର ଏହା ଏକ ମିଥ୍ୟା, ମନଗଢ଼ା ରିପୋର୍ଟ । ରାଜା ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହେବା ଦିନୁ, ଜଣେ ଦୁଇଜଣ ମହନ୍ତ ଜଗନ୍ନାଥ ମନ୍ଦିରକୁ ଅକ୍ତିଆର୍ କରିବା ଉଦ୍ଦେଶ୍ୟରେ, ବଡ଼ ବଡ଼ ସରକାରୀ କର୍ମଚାରୀ ମାନଙ୍କୁ ଧରି, ପୁରୀ ରାଜବଂଶ ବିରୁଦ୍ଧରେ ଯେପରି ନାନା ଷଡ଼ଯନ୍ତ୍ର ଚଳାଇଥିଲେ ତାହା ମଧୁସୂଦନଙ୍କୁ ଆଉ ଅଜଣା ନଥିଲା ।

ମଧୁସୂଦନ କହିଲେ... "ରାଜା ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହେବା ଦିନୁ, ପାଟମହାଦେଈ ଦୁଃଖ ଓ ବିଷାଦରେ ପାଗଳିନୀ ପରି ହୋଇ ପଡ଼ିଛନ୍ତି । ତାଙ୍କ ଚିଠି ଦେଖିପାରେ କି ? କଲେକ୍ଟର ରାଣୀଙ୍କ ଚିଠିର ନକଲ, ରିପୋର୍ଟ ସହିତ ନିଶ୍ଚୟ ପଠାଇଥିବେ ।"

ସୂର୍ଯ୍ୟମଣି ପାଟମହାଦେଈ ଲେଖିଥିଲେ... "ଶ୍ରୀଲ ଶ୍ରୀଯୁକ୍ତ ଏଫ୍. ଜୋନସ୍ ସାହେବ, ମେଜେଷ୍ଟ୍ରେଟ ଓ କାଲେକ୍ଟର୍ । ମୁ । ପୁରୀ, ବରାବରେଷୁ...

ମହାଶୟ,

୧ । ଏହ୍ଵାର ଆପଣଙ୍କ ଚଳିତ ସନ୍ ମଇମାସ ତା ୧୫ ରିଖ ଲେଖିତ ପତ୍ର ପ୍ରାପ୍ତ ହୋଇ ଅତ୍ୟନ୍ତଂ ଆହ୍ଲାଦର ସହିତ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ମହାମାନ୍ୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଅନୁଗ୍ରହ ପୂର୍ବକ ଆମ୍ଭ ନାବାଲଗ ନାତିଙ୍କୁ ତାଙ୍କର ଆତ୍ମ ଗଉରବ ସ୍ୱରୂପ ରାଜାପଦ ପ୍ରଦାନ କରିବାକୁ ଅନୁମୋଦନ କରିଥିବାରୁଂ ତହିଁ ସକାସେ ମାହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କୁ ନଜରାନା ସ୍ୱରୂପ ଆମ୍ଭେଂ କେତେ ସୁବର୍ଣ୍ଣ ମୁଦ୍ରା ଦେବାକୁ ଇଚ୍ଛୁକ ଅଛୁଁ ତାହା ଜାଣିବା ସକାସେ ଶ୍ରୀଯୁକ୍ତ କମିସନର ସାହେବ ଇଚ୍ଛା କରନ୍ତିଂ ଅତଏବ ତଦୁତ୍ତରରେ ଜଣାଉଅଛୁଁ ଯେ ଆମ୍ଭେ ଆମ୍ଭ ନାତିଙ୍କ ଉକ୍ତ ରାଜାପଦ ପ୍ରାପ୍ତି ଉପଲକ୍ଷେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କୁ ଆମ୍ଭର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଏକହଜାର ପାଞ୍ଚଶତ ଟ୧୫୦୦ ଙ୍କା ମୂଲ୍ୟର ସୁବର୍ଣ୍ଣ ମୁଦ୍ରା ଦେବାର ଇଚ୍ଛା ରଖୁଂ ।

୨ । ସ୍ୱେହାକି ଆମ୍ଭେ ପରସ୍ପର ଅବଗତ ହେଲୁଯେ, ମହାମାନ୍ୟ ଗବର୍ଣ୍ଣମେଣ୍ଟ ଅନୁଗ୍ରହ ପୂର୍ବକ ଆମ୍ଭ ନାବାଲଗ ନାତିଙ୍କୁ ରାଜାପଦ ପ୍ରଦାନ କରୀବା ସମ୍ବନ୍ଧରେ ଯେ ଅନୁମୋଦନ କରିଅଛନ୍ତି ସେ ଉପଲକ୍ଷେ କଟକ ମୁକାମରେ ଏକ ସଭା ହୋଇ ଉକ୍ତ ସଭାରେ ଆମ୍ଭର ନାବାଲଗ ନାତିଙ୍କୁ ଉପସ୍ଥିତ ହୋଇ ଶ୍ରୀଯୁକ୍ତ କମିସନର୍ ସାହେବଙ୍କ ହସ୍ତରୁ ରାଜାପଦ ଗ୍ରହଣ କରିବାକୁ ହେବ । ସ୍ୱେଥକୁ ଆମ୍ଭର ନାତି ନିତାନ୍ତ ବାଳକ ଅର୍ଥାତ ସାତବର୍ଷ ବୟସର ଥାଇ ଅତ୍ୟନ୍ତ ଗରହୁସିଆର ଓ ମାତୃସ୍ନେହରେ ଆବଦ୍ଧ ଥିବାରୁଂ ସ୍ୱେପର୍ଯ୍ୟନ୍ତ ହାକିମ ହୁକୁମା ମାନଙ୍କ ସହ ବାସ କରିନଥିବା ହେତୁ ସଭାସ୍ଥଳେ ଉପସ୍ଥିତ ହେବାପ୍ରତି ସମ୍ପୂର୍ଣ୍ଣ ଅକ୍ଷମ ଅଛନ୍ତି । ଅତସ୍ୱେବ ପ୍ରାର୍ଥନା ଯେ ଆମ୍ଭ ନାବାଲଗ ନାତି ସଭାରେ ଉପସ୍ଥିତ ନହୋଇ ମହାମାଣ୍ୟ ଗବର୍ଣ୍ଣମେଣ୍ଟରୁ ମଂଜୁର ହୋଇଥିବା ରାଜାପଦର ସମ୍ମାନସୂଚକ ଚିହ୍ନ ସ୍ୱେଷ୍ଟ ପୁରୀ ମୁକାମ ଶ୍ରୀ ହଜୁରଙ୍କ କୋଠୀ ଠାରେ ଶ୍ରୀଯୁତ କମିସନର ସାହେବ ଅଥବା ଶ୍ରୀହଜୁରଙ୍କ ହସ୍ତରୁ ତାହାଙ୍କୁ ପ୍ରଦାନ କରାଯିବା ପକ୍ଷେ ବାଞ୍ଛିତ ବନ୍ଦୋବସ୍ତ କରାଯିବାର ଆଜ୍ଞା ପ୍ରଦାନ ହେଉ ।—”

ଅନ୍ତରେ ସେକ୍ରେଟାରୀ ବ୍ଲାଇଡ୍ କହିଲେ— "ବାଧ୍ୟବାଧକ ଭାବରେ ନଜରାନା ଦେଇ ଷ୍ଟିଫନର୍‌ଙ୍କ ଦରବାରରେ ମୁକୁନ୍ଦଦେବଙ୍କୁ ରାଜା ସନନ୍ଦ ଗ୍ରହଣ କରିବା ପାଇ ପଡ଼ିବ । ତା' ନ ହେଲେ ତାଙ୍କୁ ସନନ୍ଦ ଦେବାପାଇଁ ଗବର୍ଣ୍ଣମେଣ୍ଟ୍ ବାଧ୍ୟ ନୁହନ୍ତି ।"

ମଧୁସୂଦନ କହିଲେ···" ନିଶ୍ଚୟ, ନିଶ୍ଚୟ ସେଥିରେ ଦ୍ୱିମତ ଥାଇ ନପାରେ ମିଷ୍ଟର ବ୍ଲାଇଡ୍ । ମୁଁ ରାଣୀଙ୍କ ଓକିଲ ହୋଇଥିଲେ ସୁଦ୍ଧା ତାଙ୍କର ଏ ଭୀତି ବିଷୟରେ ଏପର୍ଯ୍ୟନ୍ତ ଜାଣି ନଥିଲି । ତେବେ କଥା କଣ ଜାଣନ୍ତି, ମିଷ୍ଟର ବ୍ଲାଇଡ୍ ? ଅତୀତରେ ଏହି ଅଭିଶପ୍ତ ରାଜବଂଶରେ ଯାହା ଯାହା ସବୁ ଘଟି ଯାଇଛି; ସେଥିରେ ରାଣୀ ଏପରି ଭୀତତ୍ରସ୍ତ ଯେ, ତାଙ୍କର ଆଶଙ୍କା କମିସନର୍ ମୁକୁନ୍ଦଦେବଙ୍କୁ ସନନ୍ଦ ଦେବା ପାଇଁ ଡାକି ନେଇ କଟକରେ ଗିରଫ୍ କରି ରଖିବା ଅସମ୍ଭବ ନୁହେଁ ।"

ମିଷ୍ଟର ବ୍ଲାଇଡ୍ ପାଇପ୍‌ରୁ କଳେ ଧୂଆଁ ଛାଡ଼ି ଅସ୍ୱସ୍ତିପୂର୍ଣ୍ଣ ଭାବରେ ବାଁ ଆଖିର "ପିନ୍‌ସ୍-ନେଜ୍" ଚଷମାକୁ ହାତରେ ନଚାଇ ୨ ଉତ୍ତର ଦେଲେ···"ରାଣୀଙ୍କୁ ବୁଝାଇ ଦିଅନ୍ତୁ ସେପରି ଆଶଙ୍କା ସମ୍ପୂର୍ଣ୍ଣ ଭିତ୍ତିହୀନ । ବ୍ରିଟିଶ ଗବର୍ଣ୍ଣମେଣ୍ଟ୍ କୌଣସି ବ୍ୟକ୍ତିଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟରୁ କଦାପି ବଞ୍ଚିତ କରି ନ ପାରନ୍ତି । କିମ୍ବା ହିନ୍ଦୁମାନଙ୍କର ପ୍ରଧାନ ଦେବତା ଜଗନ୍ନାଥଙ୍କ ମନ୍ଦିରରେ କୌଣସି ପ୍ରକାର ଅଯଥା ହସ୍ତକ୍ଷେପ କରିବା ମଧ୍ୟ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ନୁହେଁ । ନଜରାନାର ପରିମାଣଟା ଆପଣ ବଢ଼ାଇବା ପାଇଁ ଚେଷ୍ଟାକଲେ ବୋଧହୁଏ ଭଲ ହୁଅନ୍ତା ।"

ବ୍ଲାଇଡ୍‌ଙ୍କ ଆଡ଼େ ଚାହିଁ, ମଧୁସୂଦନ ଭାବୁଥିଲେ, ଆଶ୍ଚର୍ଯ୍ୟ ଏଇ ବ୍ଲାଇଡ୍‌ର ଦଳ ! ଏପରି କୌଣସି ବିଷୟ ନାହିଁ ଯାହା ଏମାନଙ୍କ ପକ୍ଷରେ ବ୍ୟବସାୟର ପଣ୍ୟ ନୁହେଁ । ବସ୍ତୁତଃ ଭାରତୀୟ ସାମ୍ରାଜ୍ୟଟା ତ ସେମାନଙ୍କ ଦୃଷ୍ଟିରେ ଏକ ବିରାଟ ବ୍ୟବସାୟ !

ମଧୁସୂଦନ ସ୍ମିତ ହସି ସମ୍ଭ୍ରମପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ·· "ସେକଥା ମୁଁ ନିଶ୍ଚୟ ଚେଷ୍ଟା କରି ଦେଖିବି, ମିଷ୍ଟର୍ ବ୍ଲାଇଡ୍ ! କିନ୍ତୁ କଥା କଣ ଜାଣନ୍ତି ? ରାଜା ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହେବା ଦିନୁ, ରାଣୀ ସୂର୍ଯ୍ୟମଣି ପାଟମହାଦେଈ ଘୋର ଅର୍ଥ କଷ୍ଟରେ ପଡ଼ିଛନ୍ତି ।"

ବ୍ଲାଇଡ୍ ମଧୁସୂଦନଙ୍କ ଉପରେ ଗୋଟାଏ ବକ୍ର ପ୍ରପୂର୍ଣ୍ଣ ଦୃଷ୍ଟି ହାଣି ରୁମାଲରେ ପିନ୍ସ-ନେଜ୍ ଚଷମା ଯୋଡ଼ିକ ପୋଛି ପୋଛି କହିଲେ···"କିନ୍ତୁ ମିଷ୍ଟର ଦାସ, ମୁଁ ଶୁଣିଛି ଆପଣ ଜଣେ ନୈଷ୍ଠିକ ଖ୍ରୀଷ୍ଟିୟାନ୍। ଏହା ସତ୍ତ୍ୱେ ହିନ୍ଦୁମାନଙ୍କର ମନ୍ଦିର ଓ ସେମାନଙ୍କ ସେବା-ପୂଜା ବ୍ୟାପାରରେ ଓକିଲାତି କରି ରାଣୀଙ୍କ ଠାରୁ ଆପଣଙ୍କ ମୋଟା ଫିକ୍ ଉପାର୍ଜନରେ ତ ବାଧା ପଡ଼ୁନାହିଁ ।"

ବ୍ଲାଇଡ୍‌ଙ୍କୁ ଦୁଇ ପିଙ୍ଗଳ ଆଖି ଭିତରକୁ ଚାହିଁ ମଧୁସୂଦନ ଉତ୍ତର ଦେଲେ···" ହିନ୍ଦୁମାନଙ୍କ ମନ୍ଦିରରୁ ରାଜସ୍ୱ ଅଦାୟ କରି ଯଦି ଖ୍ରୀଷ୍ଟିଆନ୍ ଗଭର୍ଣ୍ଣମେଣ୍ଟଙ୍କୁ ସ୍ପର୍ଶଦୋଷ ଲାଗୁନାହିଁ; ତାହା ହେଲେ ମୋର ଓକିଲ ଫିଜ୍ ନେବାରେ ବାଧା କେଉଁଠି ? କିନ୍ତୁ ଆପଣଙ୍କ ଅବଗତି ପାଇଁ ମୁଁ ଆପଣଙ୍କୁ କହିପାରେ ମିଷ୍ଟର୍ ବ୍ଲାଇଡ୍, ରାଣୀ ସୂର୍ଯ୍ୟମଣି ପାଟ-ମହାଦେଈ ଗଭର୍ଣ୍ଣମେଣ୍ଟଙ୍କୁ ପନ୍ଦରଶହ ଟଙ୍କା ସୁଦ୍ଧା ନଜ୍‌ରାନା ଦେବା ପାଇଁ ହେଲେ ମୋତେ ମୋର ଫିଜ୍‌ରୁ ବଞ୍ଚିତ ହେବା ପାଇଁ ପଡ଼ିବ । କାରଣ ରାଣୀ ବର୍ତ୍ତମାନ କପର୍ଦ୍ଦକଶୂନ୍ୟ ।"

ମଧୁସୂଦନଙ୍କ କଥା ଶୁଣି ନଥିବାର ଅଭିନୟ କରି ମିଷ୍ଟର ବ୍ଲାଇଡ୍, ଅକାରଣ ବ୍ୟସ୍ତତାରେ ଗୋଟାଏ ଫାଇଲ୍‌ର ପୃଷ୍ଠା ଓଲଟାଇ ଓଲଟାଇ ମଧୁସୂଦନଙ୍କ ଶାଣିତ ବକ୍ରୋକ୍ତିର ଆଘାତ ନୀରବରେ ସମ୍ଭାଳି ନିବା ପାଇଁ ଚେଷ୍ଟା କରୁଥିଲେ ।

କଲିକତାରେ ଆଉ କାଳ ବିଳମ୍ବ ନକରି ପରବର୍ତ୍ତୀ ଫେରନ୍ତା ଷ୍ଟିମରରେ ମଧୁସୂଦନ କଟକ ଫେରି ଆସିଲେ ।

(ଦୁଇ)

ମ୍ୟୁନିସିପାଲିଟି ପରିଚାଳନା ଲୋକପ୍ରତିନିଧି ମାନଙ୍କ ହାତକୁ ଯିବାପରେ ସହରବାସୀ କୌଣସି ସଦ୍ୟ ଫଳ ପାଆନ୍ତୁ ବା ନପାଆନ୍ତୁ ଓଡ଼ିଆ -ବଙ୍ଗାଳୀ ବିଦ୍ୱେଷଟା ଏହା ପରେ ପରେ ଅତ୍ୟନ୍ତ ତିକ୍ତ ହୋଇ ଉଠିଥିଲା ।

ସୁଦୀର୍ଘବର୍ଷ ତଳେ କଟକକୁ କର୍ମକ୍ଷେତ୍ର ରୂପେ ବାଛିନେଇ ମଧୁସୂଦନ କଲିକତାରୁ ଆସିବା ଦିନୁ, କଟକର ଜନସମାଜରେ ଓ ସେହି ସୂତ୍ରରେ ଓଡ଼ିଶାର ବିଭିନ୍ନ ଭାଷାଭାଷୀ ତଥା ସମ୍ପ୍ରଦାୟ ମଧ୍ୟରେ ଉତ୍କଳୀୟ ଭାତୃ ସୌଭ୍ରାତୃତ୍ୱ ଆଣିବା ପାଇଁ ଯେତେ ଯେତେ ଉଦ୍ୟମ କରି ଆସିଥିଲେ, ସେସବୁ ନିର୍ବାଚନର ତିକ୍ତତା ମଧ୍ୟରେ ହଠାତ୍ ପଣ୍ଡ ହୋଇ ପଡ଼ିଥିଲା । ଓଡ଼ିଆ ବଙ୍ଗାଳୀ ବିଦ୍ୱେଷ ମଧ୍ୟରେ କଟକର ସମାଜ ଜୀବନ ପୁଣି ଘୋର ପର୍ଯ୍ୟୁଷିତ ହୋଇ ଉଠିଥିଲା । ସ୍ଥାୟୀ ବଙ୍ଗାଳୀ ବାସିନ୍ଦାମାନେ ସୁଦ୍ଧା ତାହାର ବିଷାକ୍ତ ପ୍ରଭାବରେ କ୍ରମେ ପ୍ରଭାବିତ ହୋଇ ପଡ଼ୁଥିଲେ । ଗୌରୀଶଙ୍କର "ଉତ୍କଳ-ଦୀପିକା"ରେ ଲେଖିଥିଲେ…

"କଟକ ନଗରରେ ନୂତନ ମ୍ୟୁନିସିପାଲିଟୀ କାଉନସିଲ୍‌ରେ କମିସନର ନିର୍ବାଚନ ପାଇଁ ଓଡ଼ିଆ-ବଙ୍ଗାଳୀଙ୍କ ମଧ୍ୟରେ ବିଦ୍ୱେଷ ଓ ଈର୍ଷ୍ୟା ଦେଖାଯାଉଅଛି । ଏପରି ହେଲେ ଜାତିର ମଙ୍ଗଳ ହେବ ନାହିଁ । ଯେଉଁ ବଙ୍ଗାଳୀମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ଅଟନ୍ତି, ସେମାନେ କାର୍ଯ୍ୟତଃ ଓଡ଼ିଆ । ଅତଏବ ଏ ବିଦ୍ୱେଷ ତ୍ୟାଗ କରି ନଗରର ଉନ୍ନତି କଲେ ସମସ୍ତେ ଲାଗି ପଡ଼ନ୍ତୁ ।"

(ଉତ୍କଳ-ଦୀପିକା- ତା ୨ । ୧ । ୮୫)

ମାତ୍ର ଯେଉଁ ବଙ୍ଗାଳୀମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା, ସେମାନେ ତ ଏ ବିଦ୍ୱେଷ ସୃଷ୍ଟି କରି ନଥିଲେ । ଯେଉଁ ଆଗନ୍ତୁକ ମାନେ ବୃତ୍ତି ଓ ବ୍ୟବସାୟ ଅନ୍ୱେଷଣରେ କେବଳ ଉଡ଼ନ୍ତା ଚଢ଼େଇ ପରି ଓଡ଼ିଶାକୁ ଉଡ଼ି ଆସିଥିଲେ; ସେହିମାନେ ଥିଲେ ଏହାର ସୂତ୍ରଧର । ପୁଣି ନିର୍ବାଚନରେ ଅନେକ ଓଡ଼ିଆ ପ୍ରାର୍ଥୀ ପରାଜିତ ହୋଇଥିବାରୁ, ସେମାନଙ୍କ ରାଗ ଛୁଟିଥିଲା ସେହି ଆଗନ୍ତୁକ ମାନଙ୍କ ଉପରେ ।

"ଉତ୍କଳ-ଦୀପିକା"ରେ ଗୌରୀଶଙ୍କରଙ୍କ ଲେଖା ପଢ଼ି ମଧୁସୂଦନ କହିଥିଲେ… "କେହି ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୁଅନ୍ତୁ ବା ନହୁଅନ୍ତୁ ଉତ୍କଳକୁ ଯେଉଁମାନେ ଯୌବନର କର୍ମଭୂମି, ବାର୍ଦ୍ଧକ୍ୟର ବିଶ୍ରାମଭୂମି ଓ ପରକାଳରେ ଶ୍ମଶାନଭୂମି ରୂପେ ବାଛିନେଇ ଅଛନ୍ତି; ସେମାନେ ଓଡ଼ିଆଭାଷୀ ହୋଇ ନପାରନ୍ତି; ମାତ୍ର ସେମାନେ ସମସ୍ତେ ଉତ୍କଳୀୟ ।"

ଗୌରୀଶଙ୍କର ଉତ୍ତର ଦେଲେ… "ସେକଥା ମନା କରୁଛି କିଏ ? କିନ୍ତୁ ଦେଖିଲିତ, ବିଶେଷ ଆଉ ଚତୁର୍ଥ ଓ୍ୱାର୍ଡ଼ରେ କିପ୍ରକାର ବିଷୋଦ୍‌ଗାର

ଚଳିଲା ? ଚତୁର୍ଥ ଓ୍ୱାର୍ଡ଼ରେ ନନ୍ଦକିଶୋର ବାବୁଙ୍କ ପରି ସରକାରୀ ହାକିମ ଠିଆ ହୋଇଥିଲେ ବୋଲି ସିନା ବର୍ତ୍ତିଗଲେ । ନୋହିଲେ ପ୍ରିୟନାଥ ଷ୍ଟୁର୍ଯ୍ୟା ଆଉ ଦୀନାନାଥ ସରକାର ଭୋଟର ମାନଙ୍କ ମଧ୍ୟରେ ନିର୍ବାଚନ ପ୍ରଚାରରେ ତ ଖୋଲାଖୋଲି ଓଡ଼ିଆ ଅଣଓଡ଼ିଆ ବିଦ୍ୱେଷଟା ସୃଷ୍ଟି କରିଦେଇଥିଲେ ! ଦ୍ୱିତୀୟ ଓ୍ୱାର୍ଡ଼ରେ ମଧ୍ୟ ସେହିକଥା ।"

ମଧୁସୂଦନ କହିଲେ... "କିନ୍ତୁ ବଙ୍ଗାଳୀ ମାନଙ୍କୁ ଏକତରଫା ଦୋଷ କାହିଁକି ଦେଉଛନ୍ତି ମାଷ୍ଟର ଦାଦା ? ଓଡ଼ିଆମାନେ କଣ ସେଥିରେ ଭାଗି ନୁହନ୍ତି ? ପ୍ରଥମ ନମ୍ବର ଓ୍ୱାର୍ଡ଼ରେ ଦର୍ପନାରାୟଣ ତ ପୁଣି ଘରେ ଘରେ ବୁଲି ମୁଁ ବଙ୍ଗାଳୀ-ଖ୍ରୀଷ୍ଟିଆନ୍ ବୋଲି ପ୍ରଚାର ଚଳାଇଥିଲେ ! ମୂର୍ଖତା ଓ ଅବିବେକତା, କୌଣସି ଗୋଟାଏ ଭାଷାଭାଷୀ ଗୋଷ୍ଠୀର ଏକହାତିଆ କାରବାର ନୁହେଁ ମାଷ୍ଟରଦାଦା ! ମୋର କିନ୍ତୁ କଣ ମନେ ହେଉଛି ଜାଣନ୍ତି ? ନିର୍ବାଚନରେ ଲୋକପ୍ରତିନିଧି ବାଛିବା ବେଳେ ବହୁପକ୍ଷ ଲୋକଙ୍କ ମଧ୍ୟରେ ଈର୍ଷ୍ୟା, ଜାତିଆଣି ଭାବ ଓ ସାମ୍ପ୍ରଦାୟିକ ବିଦ୍ୱେଷ ପ୍ରଭୃତି ଯେଉଁ ସମସ୍ତ ନୀଚତା ପ୍ରଚ୍ଛନ୍ନ ଥାଏ, ସେହି ସବୁହିଁ ବେଶୀ ବେଶୀ ପରିସ୍ଫୁଟ ହୋଇ ପଡ଼ିବା ସ୍ୱାଭାବିକ । ଆତ୍ମଶାସନର ମନ୍ଥନ ଭିତରୁ ଅମୃତ ମିଳୁ ବା ନମିଳୁ ବିଷ ବାହାରିବା ସୁନିଶ୍ଚିତ କଥା । କିନ୍ତୁ ସେ ବିଷଭାଗଟା ଯଦି ବେଶୀ ହୁଏ; ପୁଣି ସେ ବିଷପାନ ପାଇଁ ଯଦି ନୀଳକଣ୍ଠ ନଥାନ୍ତି, ତା ହେଲେ ଆତ୍ମଶାସନ ପ୍ରଣାଳୀର ପରିଣତି ମହା ବିଷମୟ ହେବ ।"

ମଧୁସୂଦନ ନିଜକୁ ସେହି ନୀଳକଣ୍ଠ ଭୂମିକା ପାଇଁ ପ୍ରସ୍ତୁତ କରିଥିଲେ । ଦୁଇ ସମ୍ପ୍ରଦାୟ ମଧ୍ୟରେ ପୁଣି କିପରି ସୌହାର୍ଦ୍ଦ୍ୟ ଓ ସମ୍ପ୍ରୀତି ଫେରି ଆସିବ; ତାହାହିଁ ହୋଇ ପଡ଼ିଲା ତାଙ୍କର ଦିବସରାତିର ଚିନ୍ତା ।

ମାତ୍ର ନିର୍ବାଚନରେ ଦଶଜଣ ସରକାରୀ କର୍ମଚାରୀ ଜୟଯୁକ୍ତ ହୋଇଥିବାରୁ " ଓଡ଼ିଆମାନେ ସମଗ୍ର ଭାରତବର୍ଷରେ ସବାପେକ୍ଷା ଅଧମ ଜାତି ଅଟନ୍ତି" ବୋଲି ଯେଉଁ ବେନାମୀ ପତ୍ରଟି କଲିକତାର "ଷ୍ଟେଟସମାନ୍" ପତ୍ରିକାରେ ପ୍ରକାଶ ପାଇଥିଲା; ତାହା ପରିସ୍ଥିତିକୁ କିଛିକାଳ ଅତ୍ୟନ୍ତ ତିକ୍ତ ଓ ବିସ୍ଫୋରକ କରି ରଖିଥିଲା । "ଉତ୍କଳ-ଦୀପିକା" ରେ ଗୌରୀଶଙ୍କର ଏ ଅପବାଦ ଓ ଅପପ୍ରଚାରର ଉତ୍ତରରେ ଲେଖିଥିଲେ...

" ଯେଉଁ ବାରଜଣ କମିଶ୍ନର ଲୋକଙ୍କ ଅର୍ଥାତ ଓଡ଼ିଆଙ୍କ କର୍ତ୍ତୃକ ମନୋନୀତ ହୋଇ ଅଛନ୍ତି; ତନ୍ମଧ୍ୟର ଅର୍ଦ୍ଧାଂଶ ପ୍ରକୃତ ଓଡ଼ିଆ ନୁହନ୍ତି ଏବଂ ବାବୁ ଜାନକୀବଲ୍ଲଭ ଘୋଷ ଓ ଜଗନ୍ମୋହନ ଲାଲଙ୍କୁ ଛାଡ଼ିଦେଲେ, ଅବଶିଷ୍ଟ ଅର୍ଥାତ ବାବୁ ଚନ୍ଦ୍ରଶେଖର ବାନ୍ଦ୍ୟା ଏବଂ ବାବୁ ରାମଦାସ ଚକ୍ରବର୍ତ୍ତୀ କଞ୍ଚା ବଙ୍ଗାଳୀ ଅଟନ୍ତି ଏବଂ ଏମାନଙ୍କୁ ମନୋନୀତ କରିବାରୁ ସ୍ପଷ୍ଟ ପ୍ରକାଶ ହେଉଅଛି କି, ଓଡ଼ିଆ ମାନଙ୍କର ବଙ୍ଗାଳୀ ମାନଙ୍କ ପ୍ରତି ଆଦୌ କୌଣସି ବିଦ୍ବେଷ ନାହିଁ ।"

(ଉ: ଦୀ: -ତା ୩ । ୧ । ୧୮୮୫)

ପରିସ୍ଥିତି ଏହିପରି ବିସ୍ଫୋରକ ଥିବା ସମୟରେ ଡେପୁଟୀ-କଲେକ୍ଟରୀ ପରୀକ୍ଷାରେ ଗୋପାଳବଲ୍ଲଭଙ୍କ ଅକୃତକାର୍ଯ୍ୟତା ଶିକ୍ଷିତ ଓଡ଼ିଆଙ୍କ ମଧ୍ୟରେ ପ୍ରଚ୍ଛନ୍ନ ବିଦ୍ୱେଷର ସେହି ଉଦ୍ଧ ନିଆଁକୁ ପୁଣି ଯେପରି କୁହୁଳାଇ ଦେଇଥିଲା ।

ଗୋପାଳବଲ୍ଲଭ ଦାସ— ମଧୁସୂଦନଙ୍କ କନିଷ୍ଠଭ୍ରାତା—ରେଭେନ୍ସା କଲେଜର ସର୍ବ ପ୍ରଥମ ଏମ୍.ଏ. ଥିଲେ। ସେ ପୁଣି ଥିଲେ ସୁଲେଖକ ଓ କଲେଜର କୃତୀ ଛାତ୍ର । ବହ୍ରାମାରେ ସେ ଏମ୍.ଏ. ପାସ୍ କରିଥିଲେ । ଡେପୁଟୀ-କଲେକ୍ଟରୀ ପରୀକ୍ଷାରେ ସେ ଅକୃତକାର୍ଯ୍ୟ ହୋଇଥିବାର ସମ୍ବାଦ ପ୍ରତ୍ୟେକ ଶିକ୍ଷିତ ଓଡ଼ିଆର ଅଭିମାନକୁ ପ୍ରଚଣ୍ଡ ଭାବରେ ଆହତ କରିଥିଲା । ଗୌରୀଶଙ୍କର "ଉତ୍କଳ-ଦୀପିକା"ରେ ଲେଖିଥିଲେ···

"ଗତ ଜାନୁୟାରୀ ମାସରେ ଯେଉଁ ଡେପୁଟୀ କଲେକ୍ଟରୀ କାର୍ଯ୍ୟାର୍ଥୀଙ୍କର ପରୀକ୍ଷା ହୋଇଥିଲା, ତନ୍ମଧ୍ୟର ଫଳ ପ୍ରକାଶିତ ହୋଇଅଛି । × × × ଓଡ଼ିଶାରୁ ବାବୁ ଗୋପାଳବଲ୍ଲଭ ଦାସ ଏହି ପରୀକ୍ଷାରେ ଉପସ୍ଥିତ ହୋଇଥିଲେ । ବଡ଼ ଦୁଃଖର ବିଷୟ ଯେ ତାଙ୍କ ଶ୍ରମ ସଫଳ ହେଲା ନାହିଁ ଏବଂ ତାହାଙ୍କ ସଙ୍ଗେ ସଙ୍ଗେ ଆଉ ଜଣେ ଉତ୍କଳବାସୀଙ୍କୁ ଡେପୁଟୀ କଲେକ୍ଟରୀ ପଦାରୂଢ଼ ହେବାର ଆମ୍ଭେମାନେ ଯାହା ଆଶା କରିଥିଲୁ ତାହା ଆପାତତଃ ବ୍ୟର୍ଥ ହେଲା । ବାସ୍ତବରେ ଓଡ଼ିଶାର ବର୍ତ୍ତମାନ ଅବସ୍ଥା-ଦୃଷ୍ଟିରେ କେହି ଓଡ଼ିଆ ପୁଅ ବଙ୍ଗାଳୀଙ୍କ ସଙ୍ଗେ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବା ବଡ଼ କଠିନ ବ୍ୟାପାର ।"

(ଉ: ଦୀ:- ତା ୪ । ୪ । ୮୫ରଖ)

କିନ୍ତୁ ଗୋପାଳବଲ୍ଲଭଙ୍କ ଅକୃତକାର୍ଯ୍ୟତାରେ ମଧୁସୂଦନ ଯେତେ ବ୍ୟଥିତ ହୋଇ ନଥିଲେ, ସେତେବେଶୀ ବ୍ୟଥିତ ହୋଇଥିଲେ "ଉତ୍କଳ-ଦୀପିକା" ସ୍ତମ୍ଭରେ ଓଡ଼ିଆର ଏହି ଦୈନ୍ୟ ଘୋଷଣାରେ । ଓଡ଼ିଆମାନେ ବଙ୍ଗାଳୀଙ୍କ ସହିତ ପ୍ରତିଯୋଗିତାରେ ଯେ କୃତକାର୍ଯ୍ୟ ହୋଇ ପାରିବେ ନାହିଁ; ଏହା ତାଙ୍କର ଅଭିମାନକୁ ବେଶୀ ଆହତ କରିଥିଲା । ଡେପୁଟୀ-କଲେକ୍ଟର୍ସ ପରୀକ୍ଷା କଲିକତାରେ ପୁଣି ବଙ୍ଗାଳୀ ପରୀକ୍ଷକ ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ; ଓଡ଼ିଆ ପ୍ରାର୍ଥୀ ଗୋପାଳବଲ୍ଲଭ ଅକୃତକାର୍ଯ୍ୟ ହୋଇଥିଲେ— ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା । ତଥାପି ଓଡ଼ିଆର ଦୈନ୍ୟଘୋଷଣା ମଧୁସୂଦନଙ୍କ ଅଭିମାନକୁ ବଡ଼ ବାଧିଥିଲା ।

ଏ ସମ୍ପର୍କରେ "ଉତ୍କଳ-ଦୀପିକା"କୁ ଏକ ପତ୍ର ଲେଖିବା ଆରମ୍ଭ' କରିବା ବେଳେ; ଗୋକୁଳାନନ୍ଦ ଓ ତାଙ୍କ ପଛେ ପଛେ ଗୋପାଳବଲ୍ଲଭ, ମଧୁସୂଦନଙ୍କ "ଷ୍ଟଡ଼ି" ଭିତରକୁ ପଶି ଆସିଲେ । ଗୋପାଳବଲ୍ଲଭଙ୍କ ଦୁଇ ଆଖି ବିଷାଦରେ ଯେତିକ ମଳିନ, ଗୋକୁଳାନନ୍ଦଙ୍କ ଆଖି ଉତ୍ତେଜନାରେ ସେତିକ ପ୍ରଖର ଦିଶୁଥିଲା । ଗୋକୁଳାନନ୍ଦ ପକେଟ ଭିତରୁ ଖଣ୍ଡେ "ଉତ୍କଳ-ଦୀପିକା" ବାହାର କରି କହିଲେ···"ଗୌରୀଶଙ୍କର ବାବୁଙ୍କ ଲେଖା ଦୀପିକାରେ ପଢ଼ିଛନ୍ତି ସାର୍ ?"

ମଧୁସୂଦନ ଲେଖା ଆରମ୍ଭ କରିଥିବା କାଗଜଖଣ୍ଡ ମୋଡ଼ି ମାଡି ଅସନ୍ତୁଷ୍ଟ ଭାବରେ ୱେଷ୍ଟ-ପେପର ବାସ୍କେଟ୍ ଭିତରକୁ ଫିଙ୍ଗିଦେଇ ପଚାରିଲେ···"କେଉଁ ଲେଖା ? କେଉଁ ବିଷୟରେ ?"

ଗୋକୁଳାନନ୍ଦ କହିଲେ··· "ଡେପୁଟୀ-କଲେକ୍ଟରୀ ପରୀକ୍ଷାରେ ଗୋପାଳବଲ୍ଲଭ ଫେଲ୍ ହେବା ସମ୍ପର୍କରେ । ଆପଣ ପଢ଼ି ନାହାନ୍ତି ସାର୍ ?'

ମଧୁସୂଦନ ଚଉକିରୁ ଉଠି ଷ୍ଟଡ଼ି ଭିତରେ ପାଦଚାରଣା କରୁ କରୁ କହିଲେ··· "ହଁ, ସେ ଲେଖା ପଢ଼ିଛି ମୁଁ । ଥରେ ନୁହେଁ, ଅନେକ ଥର । କିନ୍ତୁ କଣ କହୁଛ ତୁମେ ଗୋକୁଳାନନ୍ଦ ?"

ଗୋକୁଳାନନ୍ଦ କିମ୍ବା ଗୋପାଳବଲ୍ଲଭ କେହି ଏପ୍ରକାର ଏକ ଦୁଃସମ୍ବାଦରେ ମଧୁସୂଦନଙ୍କ ଠାରୁ କିରୁଦ୍‌ବିଗ୍ନ ଉଦାସୀନତା ଆଶା କରୁ ନଥିଲେ । ମଧୁସୂଦନ ସେହିପରି ଆଶା କରୁ ନଥିଲେ ନବଜାଗ୍ରତ ଓଡ଼ିଶାର ଯୁବକ ମାନଙ୍କ ଠାରୁ ଆତ୍ମଗ୍ଲାନିର ଦୈନ୍ୟ ! ପରାଜୟ ମଧ୍ୟରେ ସୁଦ୍ଧା ସେ ଆଶା କରୁଥିଲେ, ଏକ ଔଦ୍ଧତ୍ୟ !

ମଧୁସୂଦନ କହିଲେ... "ଡାରଉଇନଙ୍କ ଥିଓରୀ ଅଫ୍ ଇଭଲ୍ୟୁସନ୍ ବୁଝିଛ ? ସେଦିନ ରେଭେନ୍‌ସା କଲେଜରେ ସେ ସମ୍ପର୍କରେ ମୁଁ ଗୋଟିଏ ବକ୍ତୃତା ଦେଇଥିଲି । ଏ ପୃଥିବୀ ପ୍ରତିଯୋଗିତାର; ଏଥିରେ ଦୁର୍ବଳର ସ୍ଥାନ ନାହିଁ !"

ମଧୁସୂଦନ 'ଷ୍ଟଡ଼ି' ଭିତରେ ସେଣ୍ଟପର ପାଦଚାରଣା କରୁ କରୁ କହିଲେ... "ମାଥେମେଟିକସ୍‌ରେ ଏମ୍. ଏ.ପାସ୍ କରିବା ପାଇଁ ମୋର ଦିନେ ପ୍ରବଳ ଇଚ୍ଛା ଥିଲା । ମୋର ଛାତ୍ର ଆଶୁତୋଷ ଗଣିତ କ୍ଷେତ୍ରରେ ଆଜି ଏକ ଦିକ୍‌ପାଳ । କିନ୍ତୁ ଘଟଣାଚକ୍ରରେ ମୁଁ ଏମ୍. ଏ, ପାସ୍ କଲି ଇଂରାଜୀରେ । ମାତ୍ର ତୁମେ ଧର ଗଣିତରେ ମୁଁ ଏମ୍. ଏ. ପାସ କରିଥିଲେ, କଣ କରିଥାନ୍ତି ଜାଣ ଗୋପାଳ ?"

ଗୋପାଳବଲ୍ଲଭ ଶଙ୍କିତ ଦୃଷ୍ଟିରେ ମଧୁସୂଦନଙ୍କ ଆଡ଼େ ଚାହିଁଲେ ।

ମଧୁସୂଦନ କହିଲେ... "ମୁଁ ହୁଏତ ଆରମ୍ଭ କରିଥାନ୍ତି ବୈଜ୍ଞାନିକ ପ୍ରଣାଳୀରେ କୃଷି । ଫାର୍ମିଙ୍ଗ୍ । କପା, ଆଖୁ ଏଇସବୁ । ଡେପୁଟୀ ମାଜିଷ୍ଟ୍ରେଟ୍ ଚାକିରି ନମିଳିବାରୁ ଏପରି ଭାଙ୍ଗି ପଡ଼ିନଥାନ୍ତି !"

ଜ୍ୟେଷ୍ଠଭ୍ରାତା ଏବେ ଯଦି ଗାଁକୁ ଯାଇଁ ସେଠାରେ କୃଷିକାର୍ଯ୍ୟ କରିବା ପାଇଁ କହନ୍ତି; ସେହି ଚିନ୍ତାରେ ଗୋପାଳବଲ୍ଲଭ ଭିତରୁ ଆଶଙ୍କିତ ହୋଇ ପଡ଼ିଥିଲେ । ମଧୁସୂଦନ ଟେବୁଲର ଦରାଜ ଭିତରୁ ଖଣ୍ଡେ କାଗଜ କାଢ଼ି ଗୋପାଳବଲ୍ଲଭଙ୍କ ଆଡ଼େ ସେଖଣ୍ଡ ବଢ଼ାଇ ଦେଇ କହିଲେ..." ଏ ଇକ୍ୟୁଏସନ୍‌ଟା ବୁଝି ପାରିବ ତମେ ?"

କାଗଜରେ ଗୋଟାଏ ଫରମୁଲା ପରି ଲେଖାଥିଲା...

$1^2+R=0$

ମଧୁସୂଦନ ପଚାରିଲେ..." ବୁଝି ପାରିଲ କିଛି ?"

ଅପ୍ରସ୍ତୁତ ଭାବରେ ମୁଣ୍ଡ ହଲାଇ ଗୋକୁଳାନନ୍ଦ ଓ ଗୋପାଳବଲ୍ଲଭ କହିଲେ..." ନାଁ ତ !"

ମଧୁସୂଦନ କହିଲେ... "ଇରିଗେସନ, ଇଣ୍ଡଷ୍ଟ୍ରୀ ଆଉ ରେଲୱେର ବ୍ୟାପକ ବିସ୍ତାର ମଧ୍ୟରେ ଓଡ଼ିଶାର ଅଭ୍ୟୁଦୟ ସମ୍ଭବ । ଆଧୁନିକ ପ୍ରଣାଳୀରେ କୃଷିର ବିକାଶ ଦ୍ୱାରା ଓଡ଼ିଶାର ଅର୍ଥନୈତିକ ଉନ୍ନତି ସମ୍ଭବ

ହୋଇ ପାରିବ । କୃଷିର ଉନ୍ନତି ହେଲେ ଇଣ୍ଡଷ୍ଟ୍ରୀ ପାଇଁ ବାଟ ଫିଟିବ । ଏଇ ଦେଖନା, କାନପୁରରେ ଓ ଅନ୍ୟ ଆଡ଼େ କେତେ ଲୁଗାକଳ ବସିଲାଣି । ସବୁଦିନ ଗୋଟାଏ ହିସାବରେ ଦେଖିଥିଲି ଭାରତବର୍ଷରେ ସବୁସୁଦ୍ଧା ୮୯ ଗୋଟା ତୁଳା କଳ ଅଛି । ସେଥିରେ ୧୯୦୦ ତନ୍ତ ଚାଲୁଅଛି ଓ ପ୍ରାୟ ୩୦ ଲକ୍ଷ ମହଣ ତୁଳାର କାର୍ଯ୍ୟ ହେଉଅଛି । * କିନ୍ତୁ ଓଡ଼ିଶାରେ ଲୁଗାକଳ ପାଇଁ ସୁବିଧା ନାହିଁ । କାରଣ ତୁଳାଚାଷ ଓଡ଼ିଶାରେ ନାହିଁ । ଏହା ବ୍ୟତୀତ ଆବଶ୍ୟକ ରେଳପଥର ପ୍ରସାର । ଚାନ୍ଦବାଲି ବାଟେ ଅନେକ ଜାହାଜ ସମୁଦ୍ରରେ ମାରି ପଡ଼ୁଛି । ସେଥିପାଇଁ ବ୍ୟବସାୟୀ ମାନେ ଯଥେଷ୍ଟ କ୍ଷତିଗ୍ରସ୍ତ ହେଉଛନ୍ତି । ରେଳପଥର ବିସ୍ତାର ନ ହେଲେ ଓଡ଼ିଶାରେ ବ୍ୟବସାୟର ପ୍ରସାର ମଧ୍ୟ ହୋଇ ପାରିବ ନାହିଁ । ମୋଗଲସରାଇ ଠାରୁ ପୁରୀ ପର୍ଯ୍ୟନ୍ତ ରେଳରାସ୍ତା ପାଇଁ ଅନେକ ଦିନୁ କେବଳ ସର୍ଭେ କାର୍ଯ୍ୟ ଚାଲିଛି । ଅଥଚ ୧୮୮୩ ସାଲର ଆଡ଼ମିନିଷ୍ଟ୍ରେସନ୍ ରିପୋର୍ଟରେ ଦେଖୁଥିଲି, ବଙ୍ଗଳାରେ ୧୨୩୭ ମାଇଲ ବ୍ରଡ୍ ଗଜ୍, ୪୪୦ ମାଇଲ ମିଟର୍ ଗଜ୍ ରେଳପଥ ଖୋଲିଗଲାଣି ! ଏ ଫରମୁଲାଟା ସେଦିନ କମିସନର ମେଟକାଫ୍ ସାହେବଙ୍କୁ ଦେଖାଇଥିଲି; କିନ୍ତୁ ସେ ମୋତେ କଣ କହିଥିଲେ ଜାଣ ?···ସେ କହିଥିଲେ ..."What you need first is men, men !" ତାଙ୍କ କଥାଟା ମଧ୍ୟ ସତ । ତୁମେ ବିଲାତରେ ଏମ୍. ଏ. ପାସ୍ କଲ । ଆଧୁନିକ ପ୍ରଣାଳୀରେ ତୁମେ ଯଦି କୃଷିର ଉନ୍ନତି କରି ପାରନ୍ତ; ତାହେଲେ ଗାଁ ଗହଳର ଚାଷୀମାନେ ସେଥିରୁ ଶିଖନ୍ତେ, ଉନ୍ନତି କରନ୍ତେ ।"

ଗୋପାଳବଲ୍ଲଭ କୁଣ୍ଠିତ କଣ୍ଠରେ କହିଲେ..."ବିଲାତରେ ଏମ. ଏ. ପାସ ଏକ କଥା । ହାତରେ ଚାଷ କରି ସେ ବିଦ୍ୟାକୁ କାର୍ଯ୍ୟରେ ଲଗାଇବା ଆଉ ଏକ କଥା ।"

ମଧୁସୂଦନ ଉତ୍ତେଜିତ କଣ୍ଠରେ କହିଲେ..."ତା' ହେଲେ ଯାଅ, ଆଉଥରେ ଚେଷ୍ଟା କରି ଡେପୁଟୀ-କଲେକ୍ଟର ହୁଅ । ବାପାଙ୍କର ମଧ୍ୟ ଭାରି ଗୋଟାଏ ଅପ୍‌ଶୋଷ ରହିଗଲା; ମୁଁ ଡେପୁଟୀ-କଲେକ୍ଟର ହୋଇ ପାରିଲି ନାହିଁ । ମୁଁ କିନ୍ତୁ ବେଳେ ବେଳେ ଆଶ୍ଚର୍ଯ୍ୟ ହୋଇ ଭାବେ, କଣ ହେଲା ଏ ଜାତିଟାର ? ଯଦି ଜଣେ ଓଡ଼ିଆ ସ୍ୱପ୍ନ ଦେଖୁଥିଲା, ସେ ହେବ ଶିଳ୍ପୀ,

* ( ଉ: ଦୀ:— ତା ୪ । ୭ । ୮୬ -ପୃ ୧୨୮ )

କବି, ସୌଦାଗର, ନୌବାଲେ ସେନାପତି । ଆଜି କିନ୍ତୁ ଓଡ଼ିଆର ଏକମାତ୍ର ଧ୍ୟାନ, କ୍ଲର୍କସି, କ୍ଲର୍କସି ! କ୍ଲର୍କସି, ଗୋଲାମୀ ବ୍ୟକ୍ତିତ୍ୱ, ବିଧାତା ଯେପରି ଏ ଐତିହାସିକ ଜାତିର ଭାଗ୍ୟରେ ଆଉ କିଛି ଲେଖି ନାହାନ୍ତି !”

ମୁନସଫ୍ ହେବା ପାଇଁ ଗୋକୁଳାନନ୍ଦଙ୍କର ମନେମନେ ଏକ ପ୍ରଚ୍ଛନ୍ନ ଅଭିଳାଷ ରହିଥିଲା ! ତାହା ଏପରି ଭାବରେ ଧରା ପଡ଼ିଯିବାରୁ ସେ ରୁଷ୍ଟ କଣ୍ଠରେ ଉତ୍ତର ଦେଲେ ...“ ଆଉ ବିଧାତା କଣ ଏଇଆ ଲେଖିଛନ୍ତି ଯେ, ସବୁ ଯୋଗ୍ୟତା ସତ୍ତ୍ୱେ ଓଡ଼ିଆମାନେ ନିଜ ଦେଶରେ ଅନାଥ ଛେଉଣ୍ଡ ପରି ବୁଲୁଥିବା ବେଳେ ଅନ୍ୟମାନେ ବାହାରୁ ଆସି ଓଡ଼ିଶାରେ ହର୍ତ୍ତା କର୍ତ୍ତା ହୋଇ ବସିବେ ?”

ମଧୁସୂଦନ ସ୍ମିତ ହସି କହିଲେ··· “ମୋ ବୋଉ କଥା କଥାକେ ଗୋଟିଏ ଢଗ ବୋଲନ୍ତି, ରଂଜା ରଂଜାଇଲା କାକୁଡ଼ି ପାଇଁକି ବଳେ ମାଡ଼ିଗଲା ପୋଇ ! ରଂଜା ସଜାଡ଼ିଲେ ଯିନା ହେବ ! ବାହାର ଲୋକଙ୍କ ସଙ୍ଗରେ ଝଗଡ଼ା କଲେ ସେଥିରୁ କି ଲାଭ ମିଳିବ ? ସେଇ ରଂଜା ସଜା-ଡ଼ିବା କଥାଟା କାହାର ମୁଣ୍ଡରେ ପଶୁ ନାହିଁ ଯେ ! ତୁମେ ସମସ୍ତେ ତ ଭାବିଲ ଡେପୁଟୀ ହେବ ! ରଂଜା କଥା ଭାବିବା ପାଇଁ ବେଳ କାହାକୁ ଅଛି ?”

ମଧୁସୂଦନଙ୍କର ମନେ ପଡ଼ିଗଲା ପ୍ରାୟ ବର୍ଷକ ତଳେ “ଉତ୍କଳ-ଦୀପିକା”ରେ ପ୍ରଶ୍ନୋତ୍ତର ଛଳରେ ପ୍ରକାଶ ପାଇଥିଲା······

“ପ୍ରଶ୍ନ :— ଓଡ଼ିଶାର ଦଶା ଫେରୁ ନାହିଁ କାହିଁକି

ଉତ୍ତର :—ବିଶେଷ ପ୍ୟାଗ୍ର ନାହାନ୍ତି । ବାଙ୍କି ମାନେତ ପେଟ ଓ ହାଟରେ ବ୍ୟସ୍ତ । ଦଶା ଫେରାଉଛି କିଏ ?”

( ଉ: ଦୀ: - ତା ୧୯ । ୧ । ୮୪ )

“ଉତ୍କଳ·ଦୀପିକା”ର ସେ ଆକ୍ଷେପ ସେହିଦିନରୁ ମଧୁସୂଦନଙ୍କ ମନରେ ଏକ ଅଲିଭା ଗାର ପରି ରହି ଯାଇଥିଲା । ସେ ତାହାର ପୁନରାବୃତ୍ତି କରି କହିଲେ··· “ସମସ୍ତେ ତ ପେଟ ଆଉ ହାଟରେ ବ୍ୟସ୍ତ । ଓଡ଼ିଶାର ଦଶା ଫେରାଉଛି କିଏ ?”

ଗୋକୁଳାନନ୍ଦ କହିଲେ··· “ଓଡ଼ିଆଭାଷୀ ଅଞ୍ଚଳମାନ ଏକାଠି ଠୁଳ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ନହେବା ପର୍ଯ୍ୟନ୍ତ ଓଡ଼ିଆଙ୍କ ଦଶା ଫେରିବ ନାହିଁ । ଗୋପାଳବଲ୍ଲଭଙ୍କ ପରି ପ୍ରାର୍ଥୀଙ୍କୁ ଯେଉଁଠି ସାମାନ୍ୟ

ଡେପୁଟୀ କଲେକ୍ଟରୀ ପରୀକ୍ଷାରେ ଫେଲ୍ କରି ଦିଆଗଲା; ସେଠି ଅନ୍ୟମାନଙ୍କର କଥା କଣ କୁହାଯିବ ?"

ମଧୁସୂଦନ ଭ୍ରୂକୁଞ୍ଚିତ କରି ପଚାରିଥିଲେ... "ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଲେ, ଓଡ଼ିଆ ମାନଙ୍କର ଦଶାଟା କଣର ଫେରିବ ବୋଲି ଭାବୁଚ ଶୁଣେ ।"

ଗୋପାଳବଲ୍ଲଭ ଏଥର ଉତ୍ତର ଦେଲେ... "ହଁ' ହେଲେ ଓଡ଼ିଶା ଉଦ୍ଦିଷ୍ଟ ହେବ କେବଳ ଓଡ଼ିଆ ମାନଙ୍କ ପାଇଁ ! Orissa for Oriyas ! ଓଡ଼ିଆମାନେ ସେତେବେଳେ ଯାଇଁ ଛିଡ଼ାଇ ପାରିବେ ।"

ମଧୁସୂଦନଙ୍କ ଓଠ ବକ୍ର ପରେ କୁଞ୍ଚିତ ହୋଇ ଉଠିଲା । ସେ ସ୍ମିତ ହସି ପଚାରିଲେ... "ତା' ହେଲେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାର ଯୋଗ୍ୟତା ନଥାଇଁ ସୁଦ୍ଧା ଓଡ଼ିଆମାନେ ବଡ଼ ବଡ଼ ପଦ ପଦବୀ ପାଇବା ସହଜ ହୋଇଯିବ, ! ନୁହେଁ ? କିନ୍ତୁ ଅନ୍ୟକ୍ଷେତ୍ରରେ ପ୍ରତି-ଯୋଗିତାରେ ଓଡ଼ିଆମାନେ ସଫଳ ହୋଇ ପାରିବେ ନାହିଁ ବୋଲି ଯଦି ଦୁର୍ବଳର ଆତ୍ମରକ୍ଷା ଉଦ୍ଦେଶ୍ୟରେ କେବଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରୟୋଜନ ହେଉଥାଏ; ତା, ହେଲେ ମୁଁ ତାହାର ବିରୋଧୀ । ଯେଉଁ ଜାତିର ସାମ୍ରାଜ୍ୟ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଦିନେ ବିସ୍ତୃତ ଥିଲା; ଯେଉଁ ଜାତି କୋଣାର୍କ, ଭୁବନେଶ୍ୱର ମନ୍ଦିର ଗଢ଼ି ପାରିଥିଲା, ସାରଳା, ଜଗନ୍ନାଥ ଜନ୍ମ ଦେଇଥିଲା; ସେ ଜାତିର ସନ୍ତାନ ମାନେ ପ୍ରତିଯୋଗିତାରେ କଦାପି ଭୟଭୀତ ହେବା ଉଚିତ ନୁହେଁ । କଲିକତାରେ ମୁଁ ପାଠ ପଢ଼ୁଥିବା ବେଳେ, ବଙ୍ଗାଳୀମାନେ ମୋତେ ଥଟ୍ଟା କରୁଥିଲେ "ମଧୁ ଉଡ଼େ" ମୁଁ ସେମାନଙ୍କୁ ଉତ୍ତର ଦେଉଥିଲି, ଚୈତନ୍ୟଦେବଙ୍କୁ ତା' ହେଲେ ତୁମେମାନେ ଚୈତନ୍ୟ ଉଡ଼େ କହିବା ପାଇଁ କୁଣ୍ଠିତ ହେବା ଉଚିତ ହେବନାହିଁ । କାରଣ ଚୈତନ୍ୟଦେବ ତ ଥିଲେ, ଓଡ଼ିଆ ବ୍ରାହ୍ମଣ ।"

ମଧୁସୂଦନଙ୍କ କଥାରେ ଥିଲା ଏକ ଐନ୍ଦ୍ରଜାଳିକ ସଞ୍ଜୀବନୀ ଶକ୍ତି । ନିତାନ୍ତ ବ୍ୟର୍ଥ ଓ ହତାଶଙ୍କୁ ସୁଦ୍ଧା, ତାହା ଏକ ନୂତନ ଆଶା ଓ ପ୍ରେରଣାରେ ଅନୁପ୍ରାଣିତ କରି ପାରୁଥିଲା । ମଧୁସୂଦନଙ୍କ କଥାରେ ଗୋପାଳବଲ୍ଲଭ ଅନେକାଂଶରେ ଭୁଲି ଯାଉଥିଲେ ବ୍ୟର୍ଥତାର ଆତ୍ମଗ୍ଲାନି, ଗୋକୁଳାନନ୍ଦଙ୍କ ମନରୁ ଉତ୍ତେଜନା କମି ଯାଇ ପ୍ରକାଶ ପାଉଥିଲା ସଙ୍କଳ୍ପର ପ୍ରଶାନ୍ତି ।

ମଧୁସୂଦନ ଟେବୁଲ୍ ପାଖରେ, ତାଙ୍କଠାରୁ ବସିପଡ଼ି କହିଲେ:–"ଓଡ଼ିଆଙ୍କ ପାଇଁ ଓଡ଼ିଶା, Orissa for Oriyas ତୁମେ କହିଲ ନାଁ ଗୋକୁଳାନନ୍ଦ ? ମୁଁ କହେ କିନ୍ତୁ Oriyas for Orissa," ଓଡ଼ିଆମାନେ ଓଡ଼ିଶା ପାଇଁ ଉତ୍ସର୍ଗ ହେବା ଆବଶ୍ୟକ । ଓଡ଼ିଆ ମାନଙ୍କ ବ୍ୟକ୍ତିଗତ ଗୋଷ୍ଠୀଗତ ସ୍ୱାର୍ଥସିଦ୍ଧି ପାଇଁ ଓଡ଼ିଶା ଉତ୍ସର୍ଗ ହେବ ନାହିଁ । ତା ହେଲେ ଓଡ଼ିଶା ଓ ଓଡ଼ିଆର ଅଭ୍ୟୁଦୟ ସମ୍ଭବ ହୋଇ ପାରିବ ।"

× × ×

ସେ ବର୍ଷ ଜୁଲାଇ ମାସରେ ମହାନଦୀ ଓ କାଠଯୋଡ଼ିରେ ଆସିଥିଲା ପ୍ରଳୟଙ୍କରୀ ବନ୍ୟା । 'ମହାନଦୀ' ଉପର ମୁଣ୍ଡରେ ରାୟପୁର ଠାରେ ମାସାଧିକକାଳ ଲାଗି ବୃଷ୍ଟିପାତ ଫଳରେ ଅଭୂତପୂର୍ବ ପ୍ଲାବନରେ ମହାନଦୀ ଓ ତାହାର ଶାଖାନଦୀ ମାନ ବନ୍ୟାପ୍ଲାବିତ ହୋଇ ଥିଲା । କାଠଯୋଡ଼ିରେ ହୋଇଥିଲା ୨୫ ଫୁଟ ପାଣି । (କାଠଯୋଡ଼ିର ବିପଦ ସୀମା ସାଧାରଣତଃ ୨୭ ଫୁଟ) ତା' ଉପରେ ପୁଣି ଲାଗି ରହିଥିଲା ଅବିରାମ ବର୍ଷା । କାଠଯୋଡ଼ିର ବନ୍ୟାଜଳ କଟକ ସହର ଭିତରକୁ ବକ୍ସିବଜାର ପର୍ଯ୍ୟନ୍ତ ମାଡ଼ି ଆସିଥିଲା । ଗୁଡ଼ୁଙ୍ଗାଗଞ୍ଜ ଓ ଖାନ୍‌ନଗର ଅଞ୍ଚଳରେ ବନ୍ୟାଜଳ ମାଡ଼ି ଜଳଜାର ଭ୍ରମ ସୃଷ୍ଟି କରିଥିଲା । ମହାନଦୀରେ ବନ୍ୟା ଥିଲା ଅତ୍ୟଧିକ ପ୍ରବଳ । ଜଗତପୁର ଲକ୍ ପାଣିରେ ବୁଡ଼ି ରହିବା ଫଳରେ ଲକ୍ ଉପରେ ବାଲି ପଡ଼ି ଯାଇଥିବାରୁ ଉଦ୍ରୁଣ, ଗୁନ୍ଦବାଲକୁ ଜାହାଜ ଚଳାଚଳ ବନ୍ଦ ହୋଇ ଯାଇଥିଲା । ପଟିଆ ଓ ବାଙ୍କୀ ପ୍ରଭୃତି ଅଞ୍ଚଳ ବନ୍ୟାରେ ଉଦବେଗ ଦେଇଥିଲା । ଅଳକାନଦୀର ଅନ୍ଧୁଟିପୁର ଟେଣ୍ଟୁଲିଆ ଘାଇ ଭାଙ୍ଗି ଜଗତସିଂହ ପୁର ଅଞ୍ଚଳ ଜଳାର୍ଣ୍ଣବରେ ପରିଣତ ହୋଇଥିଲା । କାଠଯୋଡ଼ି ନଦୀର ବଲୁଆ ଘାଇ ଭାଙ୍ଗି ସାଗ ହାଇସ୍କୁଲ ପ୍ରଗନ୍ୟଟା ବନ୍ୟାରେ ବୁଡ଼ି ରହିଥିଲା । କାଠଯୋଡ଼ି ବନ୍ଧର ଅବସ୍ଥା ଯାହା ହୋଇଥିଲା, ସେଥିରେ କଟକ ସହର ଭିତରକୁ କେତେବେଳେ ଯେ ପାଣି ପଶିବ; ତାହାର କୌଣସି ସ୍ଥିରତା ନଥିଲା । ସେହି ଆଶଙ୍କାରେ ସହରବାସୀ ସମସ୍ତେ ଆତଙ୍କିତ ହୋଇ ପଡ଼ିଥିଲେ ।

ମଧୁସୂଦନ ଦଳେ ସ୍ୱେଚ୍ଛାସେବକ ଗ୍ରୁପଙ୍କୁ ସଙ୍ଗରେ ଧରି, ନିକାହଶିଆ, ବେଣାହାଣ୍ଡ ଓ ସାଇକଣ୍ଡ ଆଡ଼େ ଯାଇଥିଲେ; ବନ୍ୟାକ୍ଷୁର୍ଧ୍ରିତଙ୍କ

ଉଦ୍ଧାର ଓ ରିଲିଫ୍‌-କାର୍ଯ୍ୟରେ । ଡଙ୍ଗାରେ ଫେରିବା ବେଳେ ଅପରାହ୍ଣର ସ୍ତିମିତ ଆଲୋକରେ କଟକ ସହରର ଦୂରରୁ ଗୋଟାଏ ଟାପୁ ପରି ଦେଖାଯାଉଥିଲା । କୋଉଠି ଗ୍ରାମଟିଏ, କୋଉଠି ଅଶ୍ୱଟିଏ, କୋଉଠି ପୁରୁଷେ ପାଣି ଭିତରେ ଗୋଟାଏ ଡଙ୍ଗାରେ ଆହୁଲା ମାରି ମାରି, ପ୍ରବଳ ସୁଅ ତୋଡ଼ କଟାଇ, ମଧୁସୂଦନଙ୍କ ଦଳ ସହରର ଉପକଣ୍ଠରେ ପହଞ୍ଚିବା ବେଳକୁ, ସନ୍ଧ୍ୟା ହୋଇ ଆସିଥିଲା ।

କାଠଯୋଡ଼ୀ ବନ୍ଧ ଉପରେ ଧାଡ଼ି ଧାଡ଼ି ଲଣ୍ଠନ ଆଲୁଅ ଜଳି ଉଠିଥିଲା । ଲୋକେ ବାଲିବସ୍ତା ଧରି ବନ୍ଧ ଜଗି ବସିଥିଲେ । ଦୂରରୁ ଧାଡ଼ି ଧାଡ଼ି ଆଲୋକ ଦେଖି, ଏହାକୁ କଟକ ସହର ବୋଲି ଭାବିବାରେ ଅନେକଙ୍କର ଭ୍ରମ ହେଉଥିଲା ।

ନାଉରୀ କହିଲା... "ବନ୍ଧ ଭାଙ୍ଗିବ ବୋଲି ଲୋକେ ଆଲୁଅ ଜାଳି ବନ୍ଧ ଜଗିଛନ୍ତି ।"

ଖାନ୍‌ନଗର ବାଟେ ବହୁ ଘୂର୍ଣ୍ଣୀ ଓ ଜଳସ୍ରୋତ କଟାଇ ମଧୁସୂଦନଙ୍କ ଦଳ ସ୍ନାନଘାଟ ଠାରେ ପହଞ୍ଚିଲେ ।

କାଠଯୋଡ଼ୀ ବନ୍ଧର ଅବସ୍ଥା ପ୍ରକୃତରେ ଅତ୍ୟନ୍ତ ସଙ୍କଟାପନ୍ନ ହୋଇ ପଡ଼ିଥିଲା । ବନ୍ଧ ସମ୍ଭାଳିବା ପାଇଁ ସହରର ଆପାମର ଜନତା ଭାଷା, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ନିର୍ବିଶେଷରେ ସେଠାରେ ଏକାଠି ହୋଇଥିଲେ । କେଉଁଠି ହଠାତ୍‌ ଗୋଟାଏ ଗଳିଆ ଫିଟିଗଲେ, ତାହା ଲକ୍ଷ୍ୟ କରି କେହି ବଙ୍ଗଳାରେ ଆର୍ତ୍ତନାଦ କରି ଉଠିବା ବେଳକୁ ଓଡ଼ିଆରେ ଉଦ୍ଘୋଷଣା କରି, କେହି ସେଠି ବାଲିବସ୍ତାଟାଏ ଆଣି କଚାଡ଼ି ଦେଉଥିଲା । ଉର୍ଦ୍ଦୁରେ କିଏ କାହାକୁ ଗୋଟାଏ ନିର୍ଦ୍ଦେଶ ଦେବା ବେଳକୁ ଇଂରାଜୀରେ କିଏ ପାଟି କରି ଉଠୁଥିଲା..." ସର୍ବନାଶ; ଏଠି ଆଉ ଗୋଟାଏ ଗଳିଆ ଫିଟିଲା ପରା !" ଘନ ଘନ ହରିବୋଲ ଧ୍ୱନିରେ କିନ୍ତୁ କୌଣସି ଭାଷା ବିଗ୍ରହ ନଥିଲା ।

ମଧୁସୂଦନ ସେଠାରେ ଦୁଇଜଣ କଲେଜ ଛାତ୍ର, ଅଭିରାମ ଭଂଜ ଓ ଅତୁଳକୃଷ୍ଣ ରାୟଙ୍କୁ ଦେଖି କହିଲେ..." ଆମ ସମସ୍ତଙ୍କ ପାଇଁ ଏ ବନ୍ୟା ଯେଉଁ ମାନ୍ତଶିକ୍ଷା ଆଣିଦେଇଛି; ତାହା ବୁଝି ପାରୁଛ କିଛି ? ଏ ବନ୍ଧକୁ ରକ୍ଷା କରିବା ପାଇଁ ଭାଷା ଓ ଗୋଷ୍ଠୀ ବିଦ୍ୱେଷ ଭୁଲି, ସମସ୍ତେ

ସେପରି ଏକ ମନରେ ଲାଗି ପଡ଼ିଛନ୍ତି ଓଡ଼ିଶାର ଅଭ୍ୟୁଦୟ ପାଇଁ ସମସ୍ତେ ସେହିପରି ସବୁ ପ୍ରକାର ଭେଦାଭେଦ ଭୁଲି ଏକପ୍ରାଣରେ ଲାଗିପଡ଼ିବା ଆବଶ୍ୟକ ।"

ନଈର ଉପର ମୁଣ୍ଡ ଚଉଁରି ଡାକ ଉଠୁଥିଲା । କାଠଯୋଡ଼ିରେ ବନ୍ୟାର ଗୁରୁ ଗୁରୁ ଗର୍ଜନ ମଧ୍ୟରେ ଫୁଟି ଉଠିଥିଲା, ସଂଗ୍ରାମଧର୍ମୀ ମନୁଷ୍ୟ ପ୍ରତି ପ୍ରକୃତିର ଆଉ ଏକ ଆହ୍ୱାନ ।

( ତିନି )

ପ୍ରଳୟଙ୍କରୀ ବନ୍ୟା ପରେ ପରେ ସେ ବର୍ଷ ସେପ୍ଟେମ୍ବର ମାସରେ ଆସିଥିଲା ଅଭୂତପୂର୍ବ ବାତ୍ୟା-ବଜ୍ରପାତ । ଶହେ ବର୍ଷର ବୁଢ଼ା ବୁଢ଼ୀ ମାନେ କହିଲେ ଏପରି ଝଡ଼ ସେମାନେ କେବେ ଅଙ୍ଗେ ନିଭେଇ ନଥିଲେ, କି ଶୁଣି ନଥିଲେ !

୧୮୮୫ ସାଲ ସେପ୍ଟେମ୍ବର ୨୨ ତାରିଖ···

ପାହାନ୍ତା ପାହାନ୍ତାକୁ ପ୍ରବଳ ଘୂର୍ଣ୍ଣୀ ବାତ୍ୟା ସହିତ ୧୫ ଫୁଟ ଉଚ୍ଚର ସମୁଦ୍ର ଲହରୀ ସ୍ଥଳ ଭାଗ ଉପରକୁ ମାଡ଼ି ଆସିଲା । ଏହି ସମୁଦ୍ର ପ୍ଲାବନରେ ଉପକୂଳବର୍ତ୍ତୀ ୨୫୦ ବର୍ଗ ମାଇଲ ପରିମିତ ଅଞ୍ଚଳରେ ୧୫୦ ଗୋଟି ଗ୍ରାମ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଗଲା । ଘୂର୍ଣ୍ଣୀବାତ୍ୟାରେ ଆଉରି ୧୫୦ ଗୋଟି ଗ୍ରାମ ନିଶ୍ଚିହ୍ନ ହୋଇଗଲା । ସରକାରୀ-ରିପୋର୍ଟ ଅନୁସାରେ ପାଞ୍ଚ-ହଜାର ଲୋକ ଏହି ପ୍ରଳୟଙ୍କରୀ ଘୂର୍ଣ୍ଣୀବାତ୍ୟାରେ ପ୍ରାଣ ହରାଇଥିଲେ । ଫଲ୍‌ସପଏଣ୍ଟରେ ଥିବା ବନ୍ଦରଘାଟି ଓ ଜନବସତି ଏ ସମୁଦ୍ରପ୍ଲାବନ ଓ ଘୂର୍ଣ୍ଣୀ ମଧ୍ୟରେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ପଡ଼ିଥିଲା । * ଯାଜପୁର ସବ୍-ଡିଭିଜନ୍ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ ଥିଲା ସବୁଠାରୁ ବେଶୀ । ବାତ୍ୟା ପରେ ପରେ ଉପଦ୍ରୁତ ଅଞ୍ଚଳ ମାନଙ୍କରେ ବହୁଦିନ ପର୍ଯ୍ୟନ୍ତ ଅନ୍ନଛତ୍ର ଖୋଲା ଯାଇଁ ଦୈନିକ ଆଠ ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆ ଯାଇଥିଲା ।

---

* ଓଡ଼ିଶା ଆଡ଼ମିନିଷ୍ଟ୍ରେସନ ରିପୋର୍ଟ, ୧୮୮୫

ମଧୁସୂଦନ ସଙ୍ଗରେ କେତେକ ଜାତୀୟକ ଯୁବକଙ୍କୁ ଧରି ଯାଜପୁର ଆଡ଼କୁ ରିଲିଫ୍-ସଙ୍ଗଠନ ପାଇଁ ବାହାରି ପଡ଼ିଲେ । ରିଲିଫ୍ ବାଣ୍ଟିବା ପାଇଁ ସଙ୍ଗରେ ତାଙ୍କର ବିଶେଷ ସମ୍ବଳ ନଥିଲା । ଚୂଡ଼ା ଗୁଡ଼ଳ ବାଣ୍ଟିବାର ପୁଣି ସେ ଥିଲେ ପ୍ରବଳ ବିରୋଧୀ । ସେ କହୁଥିଲେ "ଝଡ଼ଟା ପୂର୍ବ ଦିଗରୁ ନ ବୋହି, ପଶ୍ଚିମ ଦିଗରୁ ବୋହିଥିଲେ ବା କଟକ ସହରଟା ଝଡ଼ ଘୂର୍ଣ୍ଣୀ ମଧ୍ୟରେ ପଡ଼ିଥିଲେ ଆମେ ହୁଏତ ଚୂଡ଼ା ଗୁଡ଼ଳ ପାଇଁ ଅନ୍ୟଠାରେ ହାତ ପତେଇଥାନ୍ତୁ !" ତାଙ୍କର କଠୋର ନିର୍ଦ୍ଦେଶ ଥିଲା ଉପଦ୍ରୁତ ଅଞ୍ଚଳରେ ଲୋକେ ଯେପରି ଉପବାସ ଓ ଯନ୍ତ୍ରଣା ମଧ୍ୟରେ ପଡ଼ି ରହିଛନ୍ତି, ସ୍ୱେଚ୍ଛାସେବକ ମାନଙ୍କୁ ମଧ୍ୟ ଠିକ୍ ସେହିପରି ଉପବାସ ଓ କାୟିକ କ୍ଲେଶ ସହ୍ୟ କରି ରିଲିଫ୍ କାର୍ଯ୍ୟ କରିବା ପାଇଁ ପଡ଼ିବ । ଏପରି ମହାପ୍ରଳୟ କାଳରେ ଅନ୍ୟର ଦୁଃଖ ଦୈନ୍ୟ ମଧ୍ୟରେ ଦାତାର ଅଥବା ସାହାଯ୍ୟକର୍ତ୍ତାର ଅଭିମାନ ପରିତୃପ୍ତ କରିବା ତାଙ୍କ ଦୃଷ୍ଟିରେ ଏକ ନୈତିକ ଅପରାଧ ଥିଲା । ସେଥିପାଇଁ ମଧୁସୂଦନ ଓ ତାଙ୍କ ତରୁଣ ସ୍ୱେଚ୍ଛାସେବୀ ଦଳ, ଘୋର ଉପାସରେ ଗ୍ରାମେ ଗ୍ରାମେ ବୁଲି ଲୋକଙ୍କୁ ଚୂଡ଼ା ଗୁଡ଼ଳ ଯେତେ ବାଣ୍ଟୁ ନଥିଲେ, ସେତେ ସେମାନଙ୍କୁ ଦେଉଥିଲେ ସ୍ଥିର ଦମ୍ଭ କରି ଲଢ଼ିବା ପାଇଁ ପ୍ରେରଣା ଓ ସାହାସ ।

ପ୍ରକୃତିର ଏହିପରି ଶତ ଶତ ଆକ୍ରମଣ ମଧ୍ୟରେ ଗଢ଼ା ହୋଇଅଛି ମନୁଷ୍ୟର ସଭ୍ୟତା ଓ ସମାଜ । ମନୁଷ୍ୟ ପ୍ରଳୟର ସନ୍ତାନ । ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ମନୁଷ୍ୟର ଯେତେ ପ୍ରୟୋଜନ ନଥାଏ ରିଲିଫ୍ ସାହାଯ୍ୟ ସେତେ ବେଶୀ ପ୍ରୟୋଜନ ଥାଏ ଦମ୍ଭ ଓ ଆତ୍ମଶକ୍ତି । ମଧୁସୂଦନ ଥିଲେ ସେହି ଅପରାଜେୟତାର ବାର୍ତ୍ତାବହ । ରିଲିଫ୍ ଗୁଡ଼ଳ ବାଣ୍ଟି, ଲୋକପ୍ରିୟତା ସାଉଣ୍ଟିବା, ତାଙ୍କ ସମାଜସେବା ଅଥବା ରାଜନୀତିର ଆଭିମୁଖ୍ୟ ନଥିଲା । ଶତ ଅକ୍ରମଣ ମଧ୍ୟରେ, ସଂଗ୍ରାମଧର୍ମୀ ମନୁଷ୍ୟର ବଳିଷ୍ଠ ଆତ୍ମପ୍ରତ୍ୟୟ ଓ ଅପରାଜେୟତାରେ ଅବିଚଳିତ ବିଶ୍ୱାସ ମଧୁସୂଦନଙ୍କ ରାଜନୀତି ଓ ଜୀବନ ଦର୍ଶନର ଭିତ୍ତିଭୂମି ଥିଲା ।

ବାତ୍ୟା ପରେ ପରେ ସମ୍ବାଦ ପହଞ୍ଚିଲା, ବଙ୍ଗଳା-ପ୍ରେସିଡେନ୍ସୀର ଲେଫ୍ଟେନେଣ୍ଟ ଗଭର୍ଣ୍ଣର ହିଜ ଅନର ସାର୍ ରିଭର୍ସ ଥମସନ୍ ଓଡ଼ିଶା

ପରିଦର୍ଶନରେ ଆସୁଥିଲେ । ଲୋଟଲାଟଙ୍କ ଅଭ୍ୟର୍ଥନା ପ୍ରସ୍ତୁତିର କର୍ମ-ଶୃଙ୍ଖଳ୍ୟ ମଧ୍ୟରେ ବନ୍ୟା ଓ ବାତ୍ୟାଘାତରେ ଅବସନ୍ନ କଟକ ସହର ପୁଣି ଚେଇଁ ଉଠିଲା । ଗ୍ରେଟଲାଟ ସାହେବଙ୍କୁ କପରି ଅଭିନନ୍ଦନ ଦିଆଯିବ, କେଉଁ ଭାବରେ ମାନପତ୍ର ଲେଖାଯିବ, ମାନପତ୍ରରେ କେଉଁ କେଉଁ ବିଷୟମାନ ସ୍ଥାନ ପାଇବ, ତାହା କଟକର ପ୍ରତ୍ୟେକ ଅନୁଷ୍ଠାନରେ ଆଲୋଚନା ଓ ବିତର୍କର ବିଷୟବସ୍ତୁ ହୋଇ ପଡ଼ିଲା ।

ଏହି ଉଦ୍ଦେଶ୍ୟରେ ଉତ୍କଳ-ସଭା ବା ଓଡ଼ିଶା-ଆସୋସିଏସନ୍‌ର ଏକ ଅଧିବେଶନ ମଧ୍ୟ କଟକ-ପ୍ରିଣ୍ଟିଙ୍ଗ୍ କୋଠାରେ ଆହୂତ ହୋଇଥିଲା ।

ଓଡ଼ିଶା-ଆସୋସିଏସନ ପକ୍ଷରୁ ଗ୍ରେଟଲାଟ ସାହେବଙ୍କୁ ଗୋଟିଏ ମାନପତ୍ର ଦିଆଯିବା ପ୍ରସ୍ତାବରେ ସମସ୍ତେ ପ୍ରାୟ ଏକମତ ଥିଲେ । ବାବୁ ବୈଦ୍ୟନାଥ ପଣ୍ଡିତ ଓ ବିହାରିଲାଲ ପଣ୍ଡିତ ଏ ମାନପତ୍ରର ସୁଦୃଶ୍ୟମୁଦ୍ରଣ-ବ୍ୟୟ ବହନ କରିବା ପାଇଁ ମଧ୍ୟ ପ୍ରସ୍ତୁତ ଥିଲେ । ମାତ୍ର ସଭାରେ ଜଣାପଡ଼ିଲା— ଓଡ଼ିଶା-ପିପଲସ୍-ଆସୋସିଏସନ ପକ୍ଷରୁ ମଧ୍ୟ ଏକ ମାନପତ୍ର ଦେବାପାଇଁ ବାବୁ ଦୀନାନାଥ ବାନାର୍ଜ୍ଜୀ ଲାଗି ପଡ଼ିଥିଲେ । ବର୍ତ୍ତମାନ ବିଭିନ୍ନ ସମସ୍ୟା ସମ୍ପର୍କରେ ଓଡ଼ିଶା-ଆସୋସିଏସନ୍ ପକ୍ଷରୁ ଯେଉଁ ମାନପତ୍ର ଦିଆ ଯାଉଅଛି, ସେଥିରେ ସବୁ ଅନୁଷ୍ଠାନ ଓ ଗୋଷ୍ଠୀ ମିଶି ସହଯୋଗ କଲେ ଦାବୀଗୁଡ଼ିକ ଯେପରି ବଳିଷ୍ଠ ଓ ସର୍ବସମ୍ମତ ହୁଅନ୍ତା, ମାନପତ୍ର ଦେବାରେ ପ୍ରତିଯୋଗିତାର ହାସ୍ୟକର ପରିସ୍ଥିତିରୁ ମଧ୍ୟ ସେହିପରି ରକ୍ଷା ମିଳନ୍ତା । ଏହି ମର୍ମରେ କେହିକେହି ଦୀନାନାଥ ବାନାର୍ଜ୍ଜୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଦୀନାନାଥଙ୍କର ସେଇ ଗୋଟିଏ କଥା···"ପାଣିକର ଉପ୍ସୁଲଘଟିତ ଅତ୍ୟାଗ୍ଭୁର" ଓ ଖାସମାହାଲ ମହଲ୍ଲମାରେ ଅବିଗ୍ଭୁର ସମ୍ପର୍କରେ ଓଡ଼ିଶା-ପିପଲସ୍ ଆସୋସିଏସନ, ଗ୍ରେଟଲାଟ ବର୍ଡଲାଟଙ୍କ ଠାରୁ ଆରମ୍ଭ କରି ବିଲାତ ପାର୍ଲିଆମେଣ୍ଟ, ଏପରିକି ସେକ୍ରେଟେରୀ-ଅଫ୍-ଷ୍ଟେଟ୍‌ଙ୍କ ପର୍ଯ୍ୟନ୍ତ କଲମ ଚଳାଇ ଆସିଛି । ତେଣୁ ହିଜ୍ ଅନର୍ ଗ୍ରେଟଲାଟ ସାହେବଙ୍କୁ କଟକଠାରେ ପିପଲ୍‌ସ ଆସୋସିଏସନ ପକ୍ଷରୁ ଗୋଟାଏ ମାନପତ୍ର ନ ଦେଲେ ଚଳିବ କିପରି ? ଏ ମାନପତ୍ରରେ ଅବଶ୍ୟ ଉତ୍କୋଚ ସଂହାରିଣୀ ସଭା, ସୁରାପାନ ନିବାରିଣୀ ସଭା ଓ ଶିକ୍ଷାଦାନ ବିବର୍ଦ୍ଧିନୀ ସଭା ପ୍ରଭୃତି ମଧ୍ୟ ସାମିଲ ହେବେ ।

ମ୍ୟୁନିସିପାଲିଟିର ଭାଇସ-ଚେୟାରମେନ ଯଜ୍ଞେଶ୍ୱର ଚନ୍ଦ୍ର ମହାଶୟ କହିଲେ···"ଦୀନାନାଥ ବାନାର୍ଜିଙ୍କୁ ବୁଝାଇବାକୁ ଚେଷ୍ଟା କରିବା ବୃଥା···କାଳୀ ଗାଈର ଭିନ୍ନେ ଗୋଠ । କିନ୍ତୁ ଓଡ଼ିଶା ଆସୋସିଏସନ ପକ୍ଷରୁ ଗୋଟିଏ ମାନପତ୍ର ଦେବା ପରେ ଓଡ଼ିଶା-ପିପଲସ-ଆସୋସିଏସନ ପକ୍ଷରୁ ଯଦି ଆଉ ଏକ ମାନପତ୍ର ବାହାରେ ତା'ହେଲେ ଅବସ୍ଥାଟା କଣ ହେବ ମନେ ମନେ ଭାବନ୍ତୁ ଦେଖି ! ଏତେଗୁଡ଼ାଏ ମାନପତ୍ର ଶୁଣି ଶୁଣି ହିଜ୍ ଅନର କେବଳ ଯେ କ୍ଳାନ୍ତ ହୋଇ ପଡ଼ିବେ ତାହା ନୁହେଁ, ଦୁଇ ମାନପତ୍ରରେ ବିଷୟବସ୍ତୁ ପରସ୍ପର ବିରୋଧୀ ଥିଲେ ଇଷ୍ଟ ଅପେକ୍ଷା ଅନିଷ୍ଟ ହିଁ ହେବ ବେଶୀ !

ଯଜ୍ଞେଶ୍ୱର ଚନ୍ଦ୍ରଙ୍କ କଥା ମଧୁସୂଦନଙ୍କ ମନକୁ ପାଇଲା । ସେ କହିଲେ···"ଯଜ୍ଞେଶ୍ୱର ବାବୁଙ୍କ ପରାମର୍ଶ ଯଥାର୍ଥ । ଦୀନାନାଥ ବାବୁ ତାଙ୍କ ଆସୋସିଏସନ ପକ୍ଷରୁ ମାନପତ୍ର ଦେବେ ତ ଦିଅନ୍ତୁ । ହିଜ୍ ଅନର ଯେତେବେଳେ କଟକ ସହରକୁ ଆସୁଛନ୍ତି, ପୁଣି କଟକ ସହରରେ ଗୋଟିଏ ଲୋକନିର୍ବାଚିତ ମ୍ୟୁନିସିପାଲିଟି ସଂସ୍ଥା ସଦ୍ୟ ପ୍ରତିଷ୍ଠିତ ହୋଇଛି, ସେତେବେଳେ ହିଜ୍ ଅନରଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ମାନପତ୍ର ଦେବା ହିଁ ଯୁକ୍ତିଯୁକ୍ତ ହେବ । ଓଡ଼ିଶା ଆସୋସିଏସନର ବକ୍ତବ୍ୟ ସେହି ମାନପତ୍ରରେ ରହିଲେ ହେଲା ! ଆସୋସିଏସନ ପକ୍ଷରୁ ହିଜ ଅନରଙ୍କୁ ଆଉ ଗୋଟିଏ ସ୍ୱତନ୍ତ୍ର ମାନପତ୍ର ଦେବାର ପ୍ରୟୋଜନ ପଡ଼ିବ ନାହିଁ ।

ମଧୁସୂଦନଙ୍କ ପ୍ରସ୍ତାବ ସମସ୍ତଙ୍କ ମନକୁ ଘେନିଲା । କମିସନର ମେଟକାଫ୍ ସୁଦ୍ଧା ଏହାକୁ ଅନୁମୋଦନ କଲେ । ସହରବାସୀଙ୍କ ପକ୍ଷରୁ ମାନପତ୍ର ପ୍ରସ୍ତୁତ କରିବାର ଦାୟିତ୍ୱ ଅର୍ପିତ ହେଲା ମଧୁସୂଦନଙ୍କ ଉପରେ । ଏହାପରେ ମାନପତ୍ରର ବିଷୟବସ୍ତୁ ଓ କେଉଁ କେଉଁ ବିଷୟକୁ ସେଥିରେ ଅଗ୍ରପ୍ରାଧାନ୍ୟ ଦିଆଯିବ, ସେ ସମ୍ପର୍କରେ ଚାଲିଲା ବହୁ ସମୟ ପର୍ଯ୍ୟନ୍ତ ନାନା ତର୍କ ବିତର୍କ ।

ମଧୁସୂଦନ କହିଲେ···"ମାନପତ୍ରରେ ଆଉ ଯାହା ଲେଖା ଯାଉ ବା ନଯାଉ, ଓଡ଼ିଶାର ବାତ୍ୟା-ବିତ୍ପାତ କଥା ସେଥିରେ ସର୍ବପ୍ରଥମେ ସ୍ଥାନ ପାଇବା ଆବଶ୍ୟକ । ବାତ୍ୟାପୀଡ଼ିତ ଅଞ୍ଚଳ ମାନଙ୍କରେ ବୁଲି ମୋର ଯାହା ଅନୁଭୂତ ହୋଇଛି; ସରକାର ବାତ୍ୟା-ପ୍ରଳୟର ପ୍ରକୃତ

ଚଳ ତଥାପି ଯାଇ ନାହାନ୍ତି । ତା'ଛଡ଼ା ସମୁଦ୍ର ଯେପରି ମାଡ଼ି ଆସିଲା, ତାହାର ଗୋଟିଏ ସ୍ଥାୟୀ ପ୍ରତିକାର ଚିନ୍ତା କରାଯିବା ମଧ୍ୟ ଆବଶ୍ୟକ ।"

ଗୌରୀଶଙ୍କର ଆଲୋଚନା ସବୁ ନୀରବରେ ବସି ଶୁଣୁଥିଲେ । ସେ କହିଲେ···"ମାନପତ୍ରରେ ସର୍ବପ୍ରଥମେ ରେଳପଥର ସମସ୍ୟା ପ୍ରତି ଗ୍ରେଟଲାଟ ସାହେବଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଉଚିତ । ବ୍ରିଟିଶ ଶାସନରେ ଓଡ଼ିଶା ପ୍ରତି ଯେମନ୍ତ କି ସଉତୁଣୀ ପୁଅ ଭଳି ବ୍ୟବହାର କରାଯାଇ ଆସୁଅଛି । ଏଇ ଦେଖିବା ହେଉନ୍ତୁ ୧୮୮୪ ମସିହା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା, ବଙ୍ଗଳାରେ ୧୧୩୬ ମାଇଲ ବ୍ରଡଗଜ୍, ୪୫୦ ମାଇଲ ମିଟର ଗଜ୍ ରେଳପଥ ଖୋଲିଗଲାଣି । ଅଥଚ ଓଡ଼ିଶାରେ ଲୋକେ ଏ ପର୍ଯ୍ୟନ୍ତ ରେଳଗାଡ଼ି ଗୋଟିଏ କେମନ୍ତ ପଦାର୍ଥ ଦେଖିବାକୁ ସୁଦ୍ଧା ପାଇଲେ ନାହିଁ । ଆପଣମାନେ ପୁଣି ଦେଖିବା ହେଉନ୍ତୁ ଯେ ଗତବର୍ଷ ନଭେମ୍ବର ମାସରେ ଶୁଣାଯାଉଥିଲା, ମୋଗଲସରାଇରୁ ପୁରୀ ପର୍ଯ୍ୟନ୍ତ ୫୯୩ ମାଇଲ ରେଳରାସ୍ତା ପକାଇବା ପାଇଁ ସର୍ଭେ ଶେଷ ହୋଇ ଗଲାଣି । ଏ କଥା ଓଡ଼ିଶା ଆଡ଼ମିନିଷ୍ଟ୍ରେସନ୍-ରିପୋର୍ଟରେ ମଧ୍ୟ ଦରଜ୍ ହୋଇଥିଲା । ମାତ୍ର ସେ ସର୍ଭେ କୁଆଡ଼େ ଗଲାଣି, ରେଳପଥ କୁଆଡ଼େ ଗଲାଣି ! ମାନପତ୍ରରେ ଏ କଥା ତେଣୁ ପ୍ରଥମେ ଲେଖାଯିବା ଆବଶ୍ୟକ ।"

ରେଳପଥ ସମ୍ପର୍କରେ କାହାରି ଦ୍ୱିମତ ନଥିଲା । ତେଣୁ ମାନପତ୍ରରେ ରେଳପଥ ପ୍ରସଙ୍ଗ ପ୍ରଥମେ ଉଲ୍ଲେଖ କରାଯିବା ସର୍ବସମ୍ମତ ଭାବରେ ଗୃହୀତ ହୋଇଗଲା ।

ମଧୁସୂଦନ କହିଲେ ·· "ଓଡ଼ିଶାରେ ଶିଳ୍ପଶିକ୍ଷା, ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ବିଷୟଟି ମଧ୍ୟ ମାନପତ୍ରରେ ସ୍ଥାନ ପାଇବା ଉଚିତ । ୧୮୫୪ ସାଲରୁ କଲିକତାରେ ଶିଳ୍ପ-ବିଦ୍ୟାଳୟ ସରକାରୀ ସାହାଯ୍ୟରେ ପ୍ରତିଷ୍ଠିତ ହୋଇ ସାରିଲାଣି । ମାତ୍ର ଓଡ଼ିଶାରେ ଏ ପର୍ଯ୍ୟନ୍ତ ତାହାର ନାମ ଗନ୍ଧ ସୁଦ୍ଧା ନାହିଁ । ଦେଶ ମଧ୍ୟରେ ସୋରା, ଗନ୍ଧକ, ନୀଳ, ହରିତାଳ, ତାମ୍ର, ଲୁହା, ସୀସା, ଖୋଟ, ତୁଳା ପ୍ରଭୃତି ବସ୍ତୁ ପ୍ରଚୁର ପରିମାଣରେ ଉତ୍ପନ୍ନ ହେଉଛି । ମାତ୍ର ଏ ସବୁ ଦ୍ରବ୍ୟ ଦେଶ ମଧ୍ୟରେ କୌଣସି କାର୍ଯ୍ୟରେ ନଲାଗି, ଜାହାଜରେ ବିଲାତ ପଠା ଯାଉଛି । ସେଥିରେ ବିଲାତ ଦେଶରେ ଯେଉଁ ସମସ୍ତ ପଦାର୍ଥ ପ୍ରସ୍ତୁତ ହେଉଛି, ତାହା ଏ ଦେଶକୁ ଆମଦାନି

ହୋଇ ଅମୂଲ୍ୟ ମୂଲ୍ୟରେ ବିକ୍ରୀ ହେଉଅଛି । ଆମ ଦେଶ ଲୋକେ ମାତ୍ର ଧରି କଙ୍କଡ଼ା ଖାଇବାହିଁ ସାର ହେଉଛି । ଏହାଛଡ଼ା ଓଡ଼ିଶାରେ ତାରକସୀ ଓ ଲୁଗାବୁଣା ପ୍ରଭୃତି କେତେକ ବିଖ୍ୟାତ ଶିଳ୍ପ ରହିଛି । ଓଡ଼ିଶାରେ ଶିଳ୍ପଶିକ୍ଷାର ସୁଯୋଗ ଅଭାବରୁ ସେ ସବୁର ବିକାଶ ହୋଇ ପାରୁନାହିଁ । ଓଡ଼ିଶାରେ ଶିଳ୍ପବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲେଫ୍ଟେନେଣ୍ଟ ଗଭର୍ଣ୍ଣରଙ୍କୁ ଅନୁରୋଧ କରାଯିବା ତେଣୁ ସର୍ବାଦୌ ଆବଶ୍ୟକ ।”

ବାବୁ ବୈଦ୍ୟନାଥ ପଣ୍ଡିତ ଡାକ୍ତରୀ ଶିକ୍ଷା, ବିଶେଷତଃ ଧାତ୍ରୀ ଶିକ୍ଷାପ୍ରତି ବଡ ଆଗ୍ରହୀ । ସେ ପ୍ରସ୍ତାବ ଦେଲେ, ଓଡ଼ିଶାରେ ଡାକ୍ତରୀ ଓ ଧାତ୍ରୀ ବିଦ୍ୟା ଶିକ୍ଷା ପାଇଁ ବ୍ୟବସ୍ଥା ହେବା ଆବଶ୍ୟକ । ଗୋପାଳ ବଲ୍ଲଭଙ୍କ ପ୍ରସ୍ତାବ, କୃଷିଶିକ୍ଷାର ବିଶେଷ ବ୍ୟବସ୍ଥା ହେବା ବାଞ୍ଛନୀୟ । ଏ ସବୁ ଦାବୀ ମାନପତ୍ରରେ ସ୍ଥାନ ପାଇବା ଯେ ଆବଶ୍ୟକ; ସେଥିରେ କାହାରି ଦ୍ୱିମତ ନଥିଲା । କିନ୍ତୁ ଅସଲ ସମସ୍ୟାଟି ସେପର୍ଯ୍ୟନ୍ତ କେହି ଉଠାଇ ନଥିବାରୁ ସଭାର ପଛପଟୁ ବହୁ କଣ୍ଠର ଏକ ଗୁଞ୍ଜରଣ କ୍ରମେ ସ୍ପଷ୍ଟତର ହୋଇ ଉଠୁଥିଲା ।

ନନ୍ଦକିଶୋର ପଚାରିଲେ -“ମୋଟାମୋଟି ସବୁକଥାତ ମାନପତ୍ରରେ ରହିଗଲା । ଆଉ କିଏ କଣ କହୁଛନ୍ତି ?”

ଦୀନବନ୍ଧୁ ମହାନ୍ତି ମୁକ୍ତିଆର୍ ଉଠିପଡ଼ି ଉତ୍ତେଜିତ କଣ୍ଠରେ କହିଲେ-“ଅସଲ ବିଷୟଟି ତ ଆପଣମାନେ ଛାଡ଼ିଗଲେ । ଆଉ ଏ ସବୁ ଚକ୍ଷୁକୁଟାରୁ କି ଲାଭ ମିଳିବ ? ଓଡ଼ିଶାରେ ବଡ଼ପାହିଆ ଚାକିରି ମାନଙ୍କରେ ଓଡ଼ିଆ ମାନଙ୍କ ପାଇଁ କିପରି କଣ୍ଟା ଛଟା ଯାଉଛି, ସେ କଥା ଆପଣମାନେ କଣ ଦେଖୁନାହାନ୍ତି ? ଏଇ ଆଖି ଆଗରେ ତ ଦେଖିଲେ ଗୋପାଳବଲ୍ଲଭ ବାବୁଙ୍କ ପରି ପ୍ରାର୍ଥୀ ଡେପୁଟୀ କଲେକ୍ଟରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ତାଙ୍କ ପରି ଗ୍ରାଜୁଏଟ, ପୁଣି ରେଭେନ୍ସା କଲେଜର ପ୍ରଥମ ଏମ. ଏ. କଣ ଡେପୁଟୀ କଲେକ୍ଟର ପଦ ପାଇଁ ଅଭାଜନ ହେଲେ ? ଯୋଉଠି ତାଙ୍କର ଏ ଅବସ୍ଥା, ସେଠି ଅନ୍ୟ ମାନଙ୍କ ଦଶା ବା କଣ କହିବା ? ସେଥିପାଇଁ ଓଡ଼ିଆ ମାନଙ୍କ ଚାକିରି କଥା, ଏ ମାନପତ୍ରରେ ସର୍ବପ୍ରଥମେ ସ୍ଥାନ ପାଇବା ଆବଶ୍ୟକ । ପଛକୁ ଆଉ ସବୁ । ଆମେ ଦାବୀ କରିବା କଥା, ଓଡ଼ିଆ ପ୍ରାର୍ଥୀମାନେ

ଯେପରି ଅଧିକରୁ ଅଧିକ ଉଚ୍ଚ ପାହ୍ୱାଆ ଗୃହକଣ୍ଟି ପାଇ ପାରନ୍ତି, ସେଥିପାଇଁ ସରକାର ବାହାଦୁର ସୁବିଧା ଦେବା ଉଚିତ ।" ବହୁକଣ୍ଠରେ ଏ ପ୍ରସ୍ତାବ ଯେପରି ସମସ୍ୱରରେ ସମର୍ଥିତ ହେଲା ତାହାର କୋଳାହଳ ମଧ୍ୟରେ ବହୁ ସମୟ ଧରି ସଭାର କାର୍ଯ୍ୟ ପ୍ରାୟ ଅଚଳ ହୋଇଗଲା ।

ଏ ସବୁ କୋଳାହଳ ମଧ୍ୟରେ ମଧୁସୂଦନ ନୀରବରେ ବସି ଅପେକ୍ଷା କରୁଥିଲେ; ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗଳା ପ୍ରେସିଡେନ୍ସୀ ମଧ୍ୟରେ ତିନୋଟି ଆ କାକୁଡ଼ିବାଡ଼ି ପରି ଖଣ୍ଡ ଖଣ୍ଡ ବିକ୍ଷିପ୍ତ ହୋଇ ପଡ଼ିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପ୍ରସ୍ତାବ ସେ କେବଳ ଉଠାଇବେ । ବହୁବର୍ଷ ପୂର୍ବେ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ସାର ରିଚାର୍ଡ଼ ଟେମ୍ପଲ ଓଡ଼ିଶା ପରିଦର୍ଶନରେ ଆସିଥିବା ବେଳେ, ବାଲେଶ୍ୱର ଠାରେ ତାଙ୍କୁ ସ୍ୱର୍ଗତ ବାବୁ ବିଶ୍ୱନାଥ ଦାସ ଓ ରାଜା ବୈକୁଣ୍ଠ ନାଥ ଦେ ବାହାଦୁର, ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ଦାବୀ କରି ଏକ ମାନପତ୍ର ଦେଇଥିଲେ । ମାତ୍ର ସେଦିନଠୁ ସେ ବିଷୟରେ ଆଉ କିଛି ଶୁଣା ଯାଇ ନଥିଲା । କେବଳ ମାନପତ୍ରଟାଏ ଦେଇଦେବା ଯଥେଷ୍ଟ ନୁହେଁ । ଦାବିର ସଫଳତା ପାଇଁ ଯଦି ଧାରାବାହିକ ପ୍ରଚେଷ୍ଟା ନଥାଏ ତାହେଲେ ସେ ଦାବୀ କେବଳ କଥାର କଥା ହୋଇ ରହିଯିବାକୁ ସାର ହେବ । ଏବେ ସେ ପ୍ରସ୍ତାବ ଅନ୍ୟ କୌଣସି ସ୍ତରରୁ ନ ଉଠିବାରୁ ମଧୁସୂଦନ କହିଲେ, "ମୁଁ ଭାବୁଛି ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରିକରଣ ଦାବୀଟା ଏଇଠାରେ ପୁଣି ଥରେ ଉଠାଇବା ପାଇଁ ହେବ ।" ଏଥିରେ ମଧ୍ୟ କାହାରି ଆପତ୍ତି କରିବାର ନଥିଲା । ମାତ୍ର ବିଭିନ୍ନ ଦାବୀ ମଧ୍ୟରେ ଅଗ୍ର-ପ୍ରାଧାନ୍ୟରେ ଶେଷ ଦାବୀ ରୂପେ ଏହାକୁ ମାନପତ୍ରରେ ସ୍ଥାନ ଦେବାପାଇଁ ସେ ଦିନ ସିଦ୍ଧାନ୍ତ ହୋଇଥିଲା । ଅର୍ଥାତ ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ସେ ପର୍ଯ୍ୟନ୍ତ ସୁଦ୍ଧା ଓଡ଼ିଆ ଜାତିର ଚିନ୍ତାରେ ଅଗ୍ରପ୍ରାଧାନ୍ୟ ଲାଭ କରି ନଥିଲା ।

× × ×

ଲେଫଟେନେଣ୍ଟ-ଗଭର୍ଣ୍ଣରଙ୍କ ସାର ଚାର୍ଲସ ଥମ୍ପସନ୍‌ଙ୍କ କଟକ ଆଗମନର ଦିନ ଯେତିକି ନିକଟତର ହୋଇଆସିଲା; ତାଙ୍କ ଅଭିନନ୍ଦନ

ପାଇଁ ପ୍ରସ୍ତୁତିର କର୍ମଚଞ୍ଚଳତା ମଧ୍ୟରେ କଟକ ସହରର ସେଦିନର ଉତ୍ସବ ମୁଖର ହୋଇ ଉଠିଲା । ତାହାର ବିବରଣୀ ଉତ୍କଳ-ଦୀପିକାରୁ ଉଦ୍ଧାର କରି ଦେବାଟି ଏଠାରେ ସମୀଚୀନ ହେବ...

" ଦୁଇ ସପ୍ତାହ ଠାରୁ ଏହି ଉପଲକ୍ଷରେ ଯେ ସମସ୍ତ ଆୟୋଜନ ଲାଗିଥିଲା ଗତ ସୋମବାର ଠାରୁ ସେ ସମସ୍ତ ଦାଣ୍ଡରେ ପ୍ରତ୍ୟକ୍ଷ ହେଲା । ସେଦିନ କେତେଗୋଟି ଦେହୁଡ଼ି ଛିଡ଼ା ହେଲା ଏବଂ ତାହାଁ ଦେଖି ଲୋକଙ୍କ ମନରେ ପ୍ରତ୍ୟୟ ହେଲା ଯେ, ନିଶ୍ଚୟ ଲାଟସାହେବ ଆସୁଅଛନ୍ତି । ତହିଁ ଆରଦିନ ମଙ୍ଗଳବାର ସକାଳୁ ସଡ଼କ ଦୁଇପାଖରେ ପତାକା ଓ ଲୁଗା ଝାଲର ଖଞ୍ଜାଗଲା ଓ ତହିଁର ହିଫାଜତ୍ ନିମିତ୍ତ ପୁଲିସ ପହରା ବସିଗଲା । ଜୋବ୍ରା କାରଖାନା ଘରଠାରୁ ଚାରଘର ପର୍ଯ୍ୟନ୍ତ ସଡ଼କ ଦୁଇ ପାଖରେ ଅଳ୍ପ ଛଡ଼ାରେ ପତାକା ପୋତାଯାଇଁ ସେହି ପତାକା ବାଉଁଶରେ ଦୌଡ଼ି ବନ୍ଧା ଯାଇଁ ତହିଁରେ ଦେବଦାରୁ ପତ୍ର ଝୁଲାଇ ଦିଆ ଯାଇଥିଲା । ସେହିଠାରୁ କେବଳ କମ୍ପ ଏରିଆ ଛଡ଼ା ବାକି ସମସ୍ତ ବାଟ ଲାଲବାଗ କୋଠି ପର୍ଯ୍ୟନ୍ତ ସଡ଼କ ଦୁଇପାଖରେ ସେହିପରି ପତାକା ପୋତା ଯାଇଁ, ତାହା ଦେହରେ ଲୁଗା ଝାଲର ବନ୍ଧା ଯାଇଥିଲା । ଚାରଘର, ତିନ-କୋଣିଆ ବଗିଚା, ଚୌଧୁରି ବଜାର ଛକ, ବାଲୁବଜାର ଛକ ଏବଂ ଲାଲବାଗ ଏହି ପାଞ୍ଚ ସ୍ଥାନରେ ଗୋଟିଏ ଲେଖାଏଁ ଦେହୁଡ଼ି ପ୍ରସ୍ତୁତ ହୋଇଥିଲା । ତହିଁ ମଧ୍ୟରେ ପ୍ରଥମ ଓ ଚତୁର୍ଥ ଦେହୁଡ଼ି ଠାରୁ ୨ୟ ଓ ୩ୟ ଦେହୁଡ଼ି ବିଶେଷରେ ୩ୟ ଦେହୁଡ଼ି ଅଧିକ ଲୋଭନୀୟ ହୋଇଥିଲା । ମାତ୍ର ଶେଷ ଅର୍ଥାତ ଲାଲବାଗ ଫାଟକ ଦେହୁଡ଼ି ସର୍ବାପେକ୍ଷା ଉତ୍କୃଷ୍ଟ ଓ ନୂତନ ପ୍ରକାରର ଥିଲା । ଏଥିରେ କେତେଗୁଡ଼ିଏ ପ୍ରତିମା ଖଞ୍ଜା ହୋଇଥିଲେ । ଦୁଇ ପାର୍ଶ୍ୱରେ ଦୁଇଟି ବ୍ରାହ୍ମଣୀ ସ୍ତ୍ରୀ ଉତ୍କଳ ବେଶଭୂଷାରେ ପୁଷ୍ପାଞ୍ଜଳି ସହିତ ଛିଡ଼ା ହୋଇଥିଲେ । ତହିଁ ଉପରକୁ ଯୋଡ଼ିଏ ପରୀ ପୁଷ୍ପମାଳା ହାତରେ ଧରି ଯାଚିବା ଭଙ୍ଗୀରେ ବସିଥିଲେ । ତହିଁ ଉପରକୁ ରଏଲ୍ ଆର୍ମସ୍ । ସର୍ବୋପରେ ମେମାକୃତିର କନ୍ୟାଟିଏ ପତାକା ଧରିଥିଲା । ଏହା ଅତି ଚମତ୍କାର ହୋଇଥିଲା ଓ ଦୂରକୁ ପ୍ରକୃତ ଇଂରେଜ ବାଳକା ପରି ଦିଶୁଥିଲା । ସିଂହ, ବ୍ୟାଘ୍ର ଆଦି ମଧ୍ୟ କେତେକ ଥିଲେ । ଫାଟକର ଦୁଇ ପାର୍ଶ୍ୱରେ ଦୁଇ ଧାଡ଼ିରେ ଅନେକ ଗୁଡ଼ିଏ ମଙ୍ଗଳସୂଚକ ପ୍ରତିମା ମାନ ଥିଲେ । ଏହା ଲଙ୍କାଜୟ ଉତ୍ସବରେ ଶ୍ରୀରାମଚନ୍ଦ୍ରଙ୍କ ଅଯୋଧ୍ୟା-

ପ୍ରବେଶ ସମୟର ମଙ୍ଗଳାଚରଣ ସଦୃଶ ସଜ୍ଜିତ ହୋଇ ଅତି ସୁନ୍ଦର ଓ ମନୋହର ଦିଶୁଥିଲା । ପଲଟନ ଏଲାକାର ସଡ଼କକୁ ସଜାଇବାର ଭାର ପଲଟନିଆ ମାନେ ନେଇଥିଲେ । ମାତ୍ର ବୋଧ ହୁଏଇ ପଲଟନ ବଦଳି ହେବାର ଦିନ ନିକଟ ହେଉଥିବାରୁ ସେମାନେ ବ୍ୟସ୍ତ ଥିବାରୁ କେବଳ ସାମାନ୍ୟ ପ୍ରକାର ଯୋଡ଼ିଏ ଦେଉଡ଼ି ନିର୍ମାଣ କରିଥିଲେ ଏବଂ ସଡ଼କ ପାଖରେ ଖଣ୍ଡ ଟକରେ ପତାକା ପୋତି ଦେଇଥିଲେ । ଅଧିକ ଉପରେ ଗୋଟିଏ ଦେଉଡ଼ି ଉପରେ ନହବତ୍ ବାଜା ବସିଥିଲା । ଯୋବ୍ରାଘାଟ ଠାରେ ଜାହାଜରୁ ଓହ୍ଲାଇବା ପାଇଁ କାଠର ଘର ବନ୍ଧା ଯାଇଁ ତହିଁ ଉପରେ ଏବଂ ଖଣ୍ଡେ ଦୂର ଯାଏ ସାଲୁ ବିଛା ହୋଇଥିଲା । କଲେକ୍ଟରୀଟି ପତାକାମାଳାରେ ମଣ୍ଡିତ ହୋଇଥିଲା ଏବଂ ଅନ୍ୟାନ୍ୟ ଘର ମଧ୍ୟରେ ମିସନ୍ ପୁସ୍ତକାଳୟ ଏବଂ କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀଙ୍କ କୋଠା ସୁସଜ୍ଜିତ ହୋଇଥିଲା ।

ବୁଧବାର ଲାଟସାହେବଙ୍କ ପ୍ରବେଶ ହେବାର ଦିନ ବଡ଼ି ସକାଳୁ ଅର୍ଥାତ୍ ଅନ୍ଧାର ଥାଉଁ ଥାଉଁ ମିଉନିସିପାଲ୍ ମେହେନ୍ତର ମାନେ ସଡ଼କ ଝାଡ଼ିବାର ଆରମ୍ଭ କଲେ ଏବଂ ତହିଁ ପଛେ ପଛେ ପାଣି ଛିଞ୍ଚା ଯାଇ ସୂର୍ଯ୍ୟୋଦୟ ସରିକି ସମୁଦାୟ ସଡ଼କ ପରିଷ୍କାର ହୋଇଥିଲା । ମିଉନିସି-ପାଲଟୀ ଏ ଦିନର କାର୍ଯ୍ୟ ପ୍ରଶଂସନୀୟ ରୂପେ ନିର୍ବାହ କରିଥିଲେ । ବାଟ ପରିଷ୍କାର ସଙ୍ଗେ ସଙ୍ଗେ ପୁଲିସ କନେଷ୍ଟବଲ ଏବଂ ଚଉକିଦାରମାନେ ସଡ଼କ ଦୁଇ ପାଖରେ ଧାରି ଧାରି ହୋଇ ପହରା ଛିଡ଼ା ହୋଇଥିଲେ । ଏମାନଙ୍କ ପ୍ରତି କି ଆଜ୍ଞା ଥିଲା ଆମ୍ଭେମାନେ ଜାଣିନପାରୁ ଏବଂ ନଗର-ବାସୀଙ୍କି ଘୋଷଣା ଦ୍ୱାରା ତାହା ଜଣାଇ ଦିଆଯାଇ ନାହିଁ । ସାହେବ ମାନଙ୍କର ଘୋଡ଼ାଗାଡ଼ି ଠାରୁ ବଳଦଗାଡ଼ି ପର୍ଯ୍ୟନ୍ତ ଅନାୟାସରେ ଛାଡ଼ି ଦେଲେ ମାତ୍ର କଳାଲୋକଙ୍କ ଗାଡ଼ି କି ପାଲିଙ୍କି ଛାଡ଼ି ଦେଲେ ନାହିଁ । ପାଲିଙ୍କିବାଲାମାନେ ଗଳିବାଟରେ ଏବଂ ଗାଡ଼ିବାଲାମାନେ ନାନା ସଡ଼କ ବୁଲି ଲାଲବାଗ ଅଭ୍ୟର୍ଥନା ସଭାରେ ପହଞ୍ଚିଲେ । ଏଥିରେ ଅନେକ ଭଦ୍ରଲୋକ ଅପମାନ ବୋଧ କରିଅଛନ୍ତି ଏବଂ ସେ ହେତୁରୁ ଆମ୍ଭେମାନେ ଏଦିନର ପୋଲିସ ବନ୍ଦୋବସ୍ତକୁ ନିନ୍ଦା କରିବାକୁ ବାଧ ହେଲୁ ।"

(ଉତ୍କଳ-ଦୀପିକା ତା ୨୧ । ୧୧ । ୮୫)

ଏହିପରି ପରିବେଶରେ ବଙ୍ଗ୍-ଅନର ଲେଫଟେନେଣ୍ଟ-ଗଭର୍ଣ୍ଣର ସାର ରିଭର୍ସ ଥମ୍ପସନ୍ କଲିକତା ଡାଏମଣ୍ଡ ହାରବରରୁ ବାହାରି ବ୍ରିଟିଶ-ଇଣ୍ଡିଆ-ଷ୍ଟିମ୍-ନାଭିଗେସନ୍ କମ୍ପାନୀର ମଜୁରି ଜାହାଜରେ ଫଲସ-ପଏଣ୍ଟ୍ ବନ୍ଦରଘାଟୀ ଠାରେ ପହଞ୍ଚିଲେ । ୧୮୬୬ ସାଲର ନଅଙ୍କ ଦୁର୍ଭିକ୍ଷ ପର ଠାରୁ ଫଲସ୍-ପଏଣ୍ଟ ବନ୍ଦର ଘାଟୀ ଓଡ଼ିଶାର ଉପକୂଳରେ ଏକ ପ୍ରଧାନ ବନ୍ଦର ରୂପେ କାର୍ଯ୍ୟ କରୁଥିଲା । ମାତ୍ର ବିଗତ ଘୂର୍ଣ୍ଣୀ-ବାତ୍ୟାରେ ବନ୍ଦରଘାଟୀର କୋଠାବାଡ଼ି ସବୁ ସମୁଦ୍ରଗର୍ଭରେ ବିଲୀନ ହୋଇଥିଲା । ସାର୍ ରିଭର୍ସ ସେଠାରେ ନୂତନ ବନ୍ଦରଘାଟୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବା ପରେ, କେନ୍ଦ୍ରାପଡ଼ା କେନାଲ ବାଟରେ ୧୮ ତାରିଖ ବୁଧବାର ଦିନ ସକାଳ ୮ଘଣ୍ଟା ବେଳେ ଯୋବ୍ରାଘାଟ ଠାରେ ପହଞ୍ଚିଲେ ।

ମାତ୍ର ଯୋବ୍ରାଘାଟରେ ପହଞ୍ଚିବା ପୂର୍ବରୁ ଗୋଟିଏ କୌତୁକାବହ ଘଟଣା ଘଟିଗଲା !

"ପୂର୍ବରୁ ସ୍ଥିର ହୋଇଥିଲା ଯେ ଗତ ୧୮ ତାରିଖ ବୁଧବାର ସକାଳ ୮ଘଣ୍ଟା ସମୟରେ ଲେଫ୍ଟେନାଣ୍ଟ ଯୋବ୍ରାଘାଟ ଠାରେ ପହଞ୍ଚିବେ ଏବଂ ସେହି ସମୟରେ ସଲାମୀ ସ୍ୱରୂପ ଗୋ୧୭ଟା ଦମ୍‌ବାଣ ଧ୍ୱନିତ ହେବ । ଏଥିରୁ ଠିକ ଘ୭ଣ୍ଟା ସମୟରେ ଲେଫ୍ଟେନାଣ୍ଟଙ୍କ ଅମଲାମାନଙ୍କ ଜାହାଜ ନଦୀ ମଧ୍ୟରେ ଦେଖାଯିବାରୁ ତାହାକୁ ମାନ୍ୟବରଙ୍କ ଜାହାଜ ମନେ କରି ବାଣୁଆ କେତେଗୁଡ଼ିଏ ତୋପବାଜି ଫାଏର କରିଦେଲା । ନଗରବାସିମାନେ ସାହେବଙ୍କ ପହଞ୍ଚିବା ମନେ କରି ଲଣ୍ଡଭଣ୍ଡ ହୋଇ ଲାଲବାଗରେ ରୁଣ୍ଡ ହେଲେ ଓ ଘାଟରେ ଥିବା ଲୋକମାନେ ବାଣୁଆର ଭ୍ରମରେ ଲଜ୍ଜିତ ଓ ବ୍ୟସ୍ତ ହେଲେ । ଶବ୍ଦ ଶୁଣି ମାଜିଷ୍ଟ୍ରେଟ ପୋଲିସ ଓ ବାରିକମାଷ୍ଟର ସାହେବମାନେ ଶୀଘ୍ର ଶୀଘ୍ର ଘାଟରେ ଉପସ୍ଥିତ ହେଲେ ଏବଂ ଅନେକ କ୍ଷଣ ଅପେକ୍ଷା କରିବା ଉତ୍ତାରୁ ଠିକ ଘ ୮ ଣ୍ଟା ସମୟରେ ସାହେବ ଓ ତାଙ୍କ ସଙ୍ଗୀ ଲୋକମାନଙ୍କ ଜାହାଜ ମାନ ଜଗତପୁର ଲକରୁ ବାହାରି ଆସିବାର ଦେଖାଗଲା । ଖ ୪ ଣ୍ଡ ଜାହାଜ ଏକ ପଛେ ଏକ ଧାଡ଼ି ହୋଇ ସେତେବେଳେ ଆସୁଥିଲା ଦୃଶ୍ୟଟି ବଡ଼ ସୁନ୍ଦର ହୋଇଥିଲା, ଏହି ସମୟରେ ବାକି ରହିଥିବା ଯୋଡ଼ିଏ ବମ୍ ସଲାମୀ ସ୍ୱରୂପ ଫାଏର ହେଲା ! ଜାହାଜ କୂଳରେ ଲାଗିବା ମାତ୍ରକେ

ମାଙ୍କଷ୍ଟ୍ରିଟ ସାହେବ ତର୍ଣ୍ଣି ଉପରକୁ ଯାଇଁ ମାନ୍ୟବର ଏବଂ ତାହାଙ୍କ ସହଧର୍ମିଣୀ ଓ କନ୍ୟାଙ୍କୁ ଅଭ୍ୟର୍ଥନା କଲେ ଏବଂ ସେମାନେ କୂଳକୁ ଆସନ୍ତେ ତିନୋଟି ଇଂରେଜ ବାଳକା ଫୁଲଡ଼ାଲି ଓ ତୋରଣ ହାତରେ ଘେନି ସେମାନଙ୍କୁ ଭେଟିଲେ ଓ ତୋରଣମାନ ଉପହାର ଦେଲେ । ଏ ଦୃଶ୍ୟ ବଡ଼ ରମଣୀୟ ହୋଇଥିଲା । ଏଥି ଉତ୍ତାରୁ କୂଳରେ ଛିଡ଼ା ହୋଇ ଥିବା ସାହେବଙ୍କ ସହିତ ଦୁଇ ଏକ କଥା କହି ମାନ୍ୟବର ଆପଣା ସ୍ତ୍ରୀ ସହିତ ବଗିରେ ବସି ଲାଲବାଗ କୋଠିକି ବିଜେ କଲେ ଓ ଅନ୍ୟ ସାହେବ ମାନଙ୍କ ବଗିମାନ ତାହାଙ୍କ ପଛେ ପଛେ ଗଲା । ପୁଲିସ ଆସିଷ୍ଟାଣ୍ଟ ଆଲେନ୍ ସାହେବ ଅଶ୍ୱାରୋହଣରେ ଆଗେ ଆଗେ ଦୌଡ଼ିଲେ ।''

ଦେଶୀୟ ଲୋକମାନେ ସେଠାରେ ମାନ୍ୟବରଙ୍କୁ ଅଭିନନ୍ଦନ, ଅଭ୍ୟର୍ଥନା ଓ ଅଭିବାଦନ ଜଣାଇବା ପାଇଁ ସକାଳ ପହରୁ ଆସି ଅପେକ୍ଷା କରି ରହିଥିଲେ ଏହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ମାତ୍ର ମାନ୍ୟବର ସେମାନଙ୍କ ଉପସ୍ଥିତି ସୁଦ୍ଧା ଯେପରି ଲକ୍ଷ୍ୟ କରି ପାରି ନ ଥିଲେ, "ଉତ୍କଳ-ଦୀପିକା'' ସେଥିରେ ଆହତ ହୋଇ ଲେଖିଥିଲେ···

"ଯଦ୍ୟପି କି ମାନ୍ୟବରଙ୍କୁ ନଦୀଘାଟ ଠାରେ ସମ୍ବର୍ଦ୍ଧନା ଜଣାଇବା ସକାଶେ ଦେଶୀୟ ଲୋକଙ୍କୁ ଅନୁମତି ଦିଆ ଯାଇ ନଥିଲା ଏବଂ ଏହାକୁ ବନ୍ଦୋବସ୍ତର ଦୋଷ ଭିନ୍ନ ଆଉ କିଛି ବୋଲି ଯାଇ ନପାରେ ଏବଂ ଏଥିରେ କେତେ ଲୋକଙ୍କ ମନ କ୍ଷୁର୍ଣ୍ଣ ହୋଇଅଛି ତଥାପି କେତେଜଣ ଦେଶୀୟ ସମ୍ଭ୍ରାନ୍ତ ଲୋକ ସେଠାରେ ଉପସ୍ଥିତ ହୋଇଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ବାବୁ ଶ୍ୟାମସୁନ୍ଦର ରାୟଗୁରୁ ଓ ଜାଗିରଦାର ହୋସେନ୍ ମହମ୍ମଦଙ୍କୁ ଆମ୍ଭେମାନେ ସେଠାରେ ଦେଖି ଆନନ୍ଦିତ ହୋଇଥିଲୁଁ । ଏହାଛଡ଼ା ଯୋବ୍ରା ଠାରେ ଅସଂଖ୍ୟ ଦେଶୀୟ ଲୋକ ଉପସ୍ଥିତ ହୋଇଥିଲେ ଏବଂ ଭିଡ଼ରେ ବାଟ ଚାଲିବା କଠିଣ ହୋଇଥିଲା । ସୁତରାଂ ଅପ୍ରକାଶ୍ୟରେ ହେଲେ ସୁଦ୍ଧା ଦେଶୀୟ ଲୋକମାନେ ଆପଣା କର୍ତ୍ତବ୍ୟ ପାଳିବାରେ ତ୍ରୁଟି କରି ନାହାନ୍ତି ।''

ଲାଲବାଗ ହତା ମଧ୍ୟରେ ମାନ୍ୟବର ଗ୍ଲେଡଷ୍ଟୋନଙ୍କ ଅଭ୍ୟର୍ଥନା ପାଇଁ ନିମନ୍ତ୍ରିତ ମାନଙ୍କର ସମାବେଶ ହୋଇଥିଲା । ରାଜା, ଜମିଦାରଙ୍କ

ଠାରୁ ଆରମ୍ଭ କରି ସାହେବ, ମେମ୍ ଓ ସହରର ବଶିଷ୍ଟ ଭଦ୍ରବ୍ୟକ୍ତିଗଣ ସେଠାରେ ଉପସ୍ଥିତ ଥିଲେ ।

"ଆଠଘଣ୍ଟିକା ଡକପା ସମୟରେ ମହାମାନ୍ୟ ଲାଟସାହେବ ଏଠାରେ ପ୍ରବେଶ ହେଲେ । ସାମିଆନା ସମ୍ମୁଖରେ ଥିବା ପଲଟନ୍ ସିପାହୀମାନେ ମାନ୍ୟ ପ୍ରଦର୍ଶନ କଲେ ଓ ବାଜା ବାଜିଲା । ଶ୍ରୀଯୁକ୍ତ କମିଶ୍ନର ସାହେବ, ଲାଟ ସାହେବ ଓ ତାଙ୍କ ପରିବାରଙ୍କୁ ନେଇ ଜରିସଜ୍ଜିତ ଆସନରେ ବସାଇଲେ ଏବଂ ମିଉନସିପାଲ୍ କମିଶନର ମାନଙ୍କୁ ନେଇ ଲାଟ୍ ସାହେବଙ୍କ ସଙ୍ଗେ ସାକ୍ଷାତ ଓ ସମ୍ମୁଖରେ ଦଣ୍ଡାୟମାନ କରାଇଲେ ଓ ଏମାନଙ୍କ ପଛରେ ରାଜା, ଜମିଦାର, ଦେଶୀୟ ହାକମ ଓ ଅନ୍ୟ ଭଦ୍ରବ୍ୟକ୍ତି ମାନେ ଛିଡ଼ା ହେଲେ । କମିଶନର ମାନଙ୍କ ସଭାପତି (ଚେୟାରମେନ୍) ଶ୍ରୀ ବାବୁ ନନ୍ଦକିଶୋର ଦାସ ଅଭିନନ୍ଦନ ପତ୍ର ପାଠ-କରନ୍ତେ ଲାଟସାହେବ ଦଣ୍ଡାୟମାନ ହୋଇ ମନୋଯୋଗ ପୂର୍ବକ ଶ୍ରବଣ କଲେ ।"

ମ୍ୟୁନସିପାଲଟୀ କମିଶନର ମାନଙ୍କର ମେଳରେ ସବାପ୍ରଥମ ଧାଡ଼ିରେ ଅମଲା ଦର୍ପନାରାୟଣ ଦାସ ଲ୍ୟଙ୍ଗାଚପ୍‌କନ୍ ପିନ୍ଧି, ମୁଣ୍ଡରେ ପଗଡ଼ି ଭିଡ଼, ସଦର୍ପ ଦୈନ୍ୟରେ ଦଣ୍ଡାୟମାନ ଥିଲେହେଁ, ମଧୁସୂଦନ ପଛରେ ଭିଡ଼ ମଧ୍ୟରେ, ନିଜ ପାଇଁ ସାମାନ୍ୟ ଟିକିଏ ସ୍ଥାନ କୌଣସି ଉପାୟରେ ବ୍ୟବସ୍ଥା କରି ପାରିଥିଲେ । ମଧୁସୂଦନ ମ୍ୟୁନସିପାଲ କମିଶନର ନଥିଲେ, ରାଜା ଜମିଦାର ନଥିଲେ, କିମ୍ବା ଦେଶୀୟ ହାକମ ନଥିଲେ । ସେଥିପାଇଁ ତାଙ୍କ ସ୍ଥାନ ଥିଲା ସମସ୍ତଙ୍କ ପଛ ଧାଡ଼ିରେ ।

ଲାଟ ସାହେବ ଠିଆ ହେବା ମାତ୍ରେ, ସମସ୍ତେ ଏକ ସମୟରେ ଠିଆ ହୋଇ ପଡ଼ିଲେ । ସେଉ ସାଇଡା ଦରବାରୀ ପୋଷାକର ଗନ୍ଧକର୍ପୂର ବାସନା ଆଘ୍ରାଣ କରି କରି, ମଧୁସୂଦନ ପାଖରେ ଠିଆ ହୋଇଥିବା ଗୌରୀଶଙ୍କରଙ୍କୁ ପଚାରିଲେ······ "ମାନ୍ୟବର ଗ୍ରେଟଲାଟ ଆସନରେ ବସି ଅଭିନନ୍ଦନପତ୍ର ପାଠ ଶୁଣିଲେ ଓ ଆମେ ସବୁ ଶୋକସଭାରେ ଠିଆ ହେବା ପରି ଠିଆ ନ ହେଲେ କଣ ଚଳନ୍ତା ନାହିଁ ?"

ଗୌରୀଶଙ୍କର ମଧୁସୂଦନଙ୍କ ହାତଟା ନିଜ ହାତ ମୁଠା ଭିତରେ ଚିପି ଧରି, ଗଳା ନୁଆଇଁ କହିଲେ··· "ଆଃ, ଚୁପ୍ କର ! ସାହେବ ଶୁଣି ପକାଇବ !"

ନନ୍ଦକିଶୋର ଅଭିନନ୍ଦନପତ୍ର ଶେଷରେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପ୍ରସ୍ତାବଟା ପଢ଼ିବା ପୂର୍ବରୁ, କଣ୍ଠଟା ପରିଷ୍କାର କରିବା ପାଇଁ ଯେତେବେଳେ ଗଳାଖଙ୍କାରି ଉଠିଲେ, ମଧୁସୂଦନ ନିଶ୍ଚଳ ଏକାଗ୍ରତାରେ ଗ୍ରେଟଲାଟଙ୍କ ମୁହଁର ଭାବଭଙ୍ଗୀ ଲକ୍ଷ୍ୟ କରିବା ପାଇଁ ଲାଗିଲେ ।

ମାନ୍ୟବର ଗ୍ରେଟଲାଟଙ୍କ ମୁଖମଣ୍ଡଳରେ ସେ ପର୍ଯ୍ୟନ୍ତ ଗୋଟାଏ ଭ୍ରୂକୁଟୀ ଯେପରି ବସା ବାନ୍ଧି ରହିଥିଲା । ମାତ୍ର ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପ୍ରସଙ୍ଗ ଉଠିବା ମାତ୍ରେ ତାହା ଏକ ସ୍ମିତ ହାସ୍ୟରେ ତରଳ ହୋଇଗଲା । ଗୌରୀଶଙ୍କର ମଧୁସୂଦନଙ୍କର ଗୋଟାଏ ହାତ ଚିପିଧରି ଗଳାସ୍ୱର ନୁଆଇଁ କହିଲେ···"ଦେଖିଲ, କଥାଟା ସାହେବ ମନକୁ ପାଇଲା ।"

ମଧୁସୂଦନ ଉତ୍ତର ଦେଲେ···"ହେଉ ଅପେକ୍ଷାକର, ଶୁଣ, ହିଜ୍ ଅନର୍ କଣ ଉତ୍ତର ଦେଉଛନ୍ତି !"

ନନ୍ଦକିଶୋର ଅଭିନନ୍ଦନ ପତ୍ରଟି ରୂପା ତାରକସୀର ଗୋଟିଏ ଖୋଳରେ ରଖି ହିଜ୍-ଅନର୍‌ଙ୍କୁ ସମର୍ପଣ କଲେ ।

ହିଜ୍ ଅନର ଉପଚରିତ ଗାମ୍ଭୀର୍ଯ୍ୟରେ "ଶ୍ରୀମତୀ ଭାରତେଶ୍ୱରୀଙ୍କ ପ୍ରତି ଆପଣ ମାନଙ୍କର ଏତାଦୃଶ ସ୍ନେହ ଓ ଭକ୍ତିରେ ସନ୍ତୋଷ" ଜ୍ଞାପନ କରିବା ପରେ, ଅଭିନନ୍ଦନ-ପତ୍ର ବର୍ଣ୍ଣିତ ବିଷୟମାନଙ୍କ ସମ୍ପର୍କରେ ତାଙ୍କର ମତାମତ ଘୋଷଣା କରିବା ଆରମ୍ଭ କଲେ—

"× × ଭବିଷ୍ୟତକୁ ସମୁଦ୍ରଜଳ ମାଡ଼ି ଆସିବାର ନିବାରଣ ନିମନ୍ତେ କିଛି ଉପାୟ କରିବାର ଯେ ଲେଖିଅଛ ତାହା ମନୁଷ୍ୟର ସାଧ୍ୟାତୀତ ପ୍ରାୟ ଅଟେ । ତେବେ ସେ ଅଞ୍ଚଳର ଲୋକମାନଙ୍କୁ ସାହାଯ୍ୟ କରି ସେମାନଙ୍କ କଷ୍ଟ ନିବାରଣ କରାଯାଇ ପାରେ । ଏଥିପାଇଁ ଆମ୍ଭେ ଯେତେ ଟଙ୍କା ମଞ୍ଜୁର କରିଅଛୁ ତାହା ଅପ୍ରଚୁର ଥିବାର ବର୍ତ୍ତମାନ ଜାଣିଲୁ । ଶ୍ରୀଯୁକ୍ତ କମିଶନର ଓ କଲେକ୍ଟର ସାହେବମାନେ ସାଧ୍ୟାନୁସାରେ ସାହାଯ୍ୟ କରୁଅଛନ୍ତି ଓ ଆହୁରି କରାଯିବ । ରେଳରାସ୍ତା ଶୀଘ୍ର ପ୍ରସ୍ତୁତ କରି ଆମ୍ଭର ନାମ ରଖିବାର ଯେ ଲେଖିଅଛ ଏଥିକୁ ଆମ୍ଭର ଶାସନର

ସମୟ ଆଉ ବାକୀ ଅଠରମାସ ମାତ୍ର ଅଛି । ଏଥି ମଧ୍ୟରେ ଏ ଗୁରୁତର କାର୍ଯ୍ୟ ହେବାର ସମ୍ଭବ ନୁହେଁ ।"

ଶ୍ରୋତୃମଣ୍ଡଳୀରୁ ଏକସମୟରେ ଏକ ନୈରାଶ୍ୟସୂଚକ ଦୀର୍ଘଶ୍ୱାସ ଗୁମୁରି ଉଠିଲା ।

ହ୍ୱିଲ୍ ଅନର ପୁଣି କହିଲେ···"ଭାରତବର୍ଷର କେତେକ ସ୍ଥାନରେ ରେଲରାସ୍ତା ହେବାର ପ୍ରସ୍ତାବ ଅଛି କିନ୍ତୁ ଏଥିରେ ବ୍ୟୟ ଅତିଶୟ ଅଟଇ । ଭାରତବର୍ଷରେ ଧନୀଲୋକ ଥିଲେହେଁ ସରକାରଙ୍କ ବିନା ସେମାନେ ଏଥିରେ ଟଙ୍କା ଲଗାଉ ନାହାନ୍ତି । ଆପଣମାନେ ଜାଣ, ବନାରସ ପୁରୀ ରେଲରାସ୍ତାର ଜରିପ କାର୍ଯ୍ୟ ଆରମ୍ଭ ହୋଇଅଛି । ଏଣୁ କରି ରାସ୍ତା ଅବିଳମ୍ବେ ପ୍ରସ୍ତୁତ ହୋଇପାରେ ଏବଂ ତାହା ଆମ୍ଭେ ଦେଖି ନ ପାରିଲେ ଆପଣ ମାନେତ ତହିଁର ଫଳ ଭୋଗ କରିବ !"

ଏଥର ମଧ୍ୟ ଶ୍ରୋତୃମଣ୍ଡଳୀରେ ଆଉ ଗୋଟାଏ ଦୀର୍ଘଶ୍ୱାସ ପଡ଼ିଲା । ମାତ୍ର ତାହା ନୈରାଶ୍ୟର ନୁହେଁ; ଆଶ୍ୱସ୍ତିର ।

ହ୍ୱିଲ୍-ଅନ୍ର କହୁଥିଲେ···"ବି.ଏ , ବି. ଏଲ୍.ପରୀକ୍ଷା ଏଠାରେ ହେବା ବିଷୟ ସ୍ଥାନୀୟ କର୍ମପ୍ରାର୍ଥୀଙ୍କ ସୁବିଧା ବିଚାରି ଆମ୍ଭେ ନିଷ୍ପତ୍ତି କରିଛୁ । ମାତ୍ର ଡେପୁଟୀ କଲେକ୍ଟରୀ ପରୀକ୍ଷାର ନିୟମ ଉତ୍କଳୀୟଙ୍କ ପକ୍ଷରେ ହ୍ରାସ ଯେ କରିବୁଁ ଏହା ଉଚିତ ବୋଧ ହେଉନାହିଁ । କାରଣ ପରୀକ୍ଷାର ନିୟମକୁ ହ୍ରାସ କଲେ ଯୋଗ୍ୟତାରେ ହ୍ରାସ ପଡ଼ିବ ଏବଂ ଅଳ୍ପ ଯୋଗ୍ୟ-ତାର କର୍ମପ୍ରାର୍ଥୀ ନିଯୋଗ କରିବାର ବାଞ୍ଛନୀୟ ନୁହେଁ ।"

ସେଠାରେ ଉପସ୍ଥିତ ଥିବା ଆଗନ୍ତୁକ ଗୋଷ୍ଠୀଙ୍କ ମନକୁ ଏ କଥାଟା ବେଶ ପାଇଥିଲା । ସେମାନଙ୍କ ଆଡ଼ୁ ଅନୁମୋଦନସୂଚକ କ୍ଷୀଣ ଧ୍ୱନି ପ୍ରତିଧ୍ୱନିରୁ ତାହା ବେଶ୍ ବାରି ହେଉଥିଲା ।

ମାତ୍ର ପରମୁହୂର୍ତ୍ତରେ ଓଡ଼ିଶାବାସୀଙ୍କ ପାଇଁ ଥିଲା ଆଶାର କଥା । ହ୍ୱିଲ୍ ଅନ୍ର କହୁଥିଲେ···

" ଏଠା କଲେଜର ଉନ୍ନତି ସଙ୍ଗେ ସଙ୍ଗେ ସୁଯୋଗ୍ୟ ବ୍ୟକ୍ତି ମାନେ ବାହାରିବେ ଓ ଅନ୍ୟଠାର ଶିକ୍ଷିତ ଲୋକଙ୍କ ସଙ୍ଗ ସମକକ୍ଷ ହୋଇ ପାରିବେ । ତେବେ ବିନା ପରୀକ୍ଷାରେ ଲୋକ ମନୋନୀତ କରିବାର

ଆମ୍ଭର ଯେ ଅଧିକାର ଅଛି ତଦନୁସାରେ କମିଶ୍ନର ସାହେବଙ୍କ ପରାମର୍ଶ ମତେ ଏ ଦେଶର ଉପଯୁକ୍ତ ଲୋକଙ୍କୁ ନିଯୁକ୍ତ କରିବାରୁ ଓ ବର୍ତ୍ତମାନ ଜଣଙ୍କୁ ନିଯୁକ୍ତ କରିଅଛୁଁ ।"

ଏ ସମ୍ବାଦରେ ସମବେତ ଓଡ଼ିଆ ଶ୍ରୋତୃମଣ୍ଡଳୀଙ୍କ ମଧ୍ୟରେ ଆହ୍ଲାଦର ସୀମା ନ ଥିଲା ।

"ଧାର୍ମିକର୍ମ ଶିକ୍ଷାର କଳ୍ପନା ଆରମ୍ଭ ହୋଇଅଛି ଓ ଏହା ସ୍ଥିର କରିବା ନିମନ୍ତେ କଲିକତାରେ ସଭା ବସିଅଛି ଏବଂ ଆପଣମାନେ ମଧ୍ୟ ସେ ସଭାକୁ ସାହାଯ୍ୟ କରିବେ । ଆପଣମାନଙ୍କ ସମ୍ବର୍ଦ୍ଧନାରେ ପରିତୃପ୍ତ ହୋଇ ଆମ୍ଭେ ଆପଣା ଓ ଆମ୍ଭର ସ୍ୱପତ୍ନୀ ଏବଂ କନ୍ୟା ପକ୍ଷରୁ ଆପଣ ମାନଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ ।"

ଲେଫ୍ଟେନେଣ୍ଟ ଗଭର୍ଣରଙ୍କ ଉତ୍ତର ଶେଷ ହେବାପରେ ସତର ଗୋଟି ବମ୍ ଫଏର୍ ଓ ବାଦ୍ୟରୋଳ ମଧ୍ୟରେ ଅଭିନନ୍ଦନ ପାଳି ବଢ଼ିଲା । ହିଜ୍-ଅନରଙ୍କ ଭାଷଣ ଶେଷ ହେବା ପରେ, କମିଶନର୍ ସାହେବଙ୍କ ଆଦେଶମତେ ବାବୁ ନନ୍ଦକିଶୋର ଦାସ ମ୍ୟୁନିସିପାଲ୍ କମିଶନର ମାନଙ୍କୁ ସାର୍-ଚାର୍ଲସ୍-ଏଲିଅଟ୍‌ଙ୍କ ସହିତ ଜଣ ଜଣ କରି ପରିଚୟ କରାଇ ଦେଉଥିଲେ ।

ଅଳ୍ପକ କୋଳାହଳ ମଧ୍ୟରେ ଗୌରୀଶଙ୍କର ମଧୁସୂଦନଙ୍କୁ ପଚାରିଲେ···"ଓଡ଼ିଆ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ବିଷୟରେ ସାହେବ କିଛି କହିଲେ ନାହିଁତ !"

ମଧୁସୂଦନ କହିଲେ···" ବୋଧହୁଏ ଭ୍ରମରେ କିଛି କହି ପାରିଲେ ନାହିଁ !"

"ଉତ୍କଳ-ଦୀପିକା"ରେ ଏ ସମ୍ପର୍କରେ ପ୍ରକାଶ ପାଇଥିଲା···
" ଗୋଟିଏ ଗୁରୁତର ବିଷୟ ଅର୍ଥାତ ସମ୍ବଲପୁର, ବ୍ରହ୍ମପୁର, ପ୍ରଭୃତି ଉତ୍କଳଭାଷା ପ୍ରଚଳିତ ସମୁଦାୟ ପ୍ରଦେଶକୁ ଏକ ଶାସନାଧୀନ କରିବାର ଯେ ପ୍ରାର୍ଥନା ଥିଲା ତହିଁର କିଛି ଉତ୍ତର ହୋଇନାହିଁ । ମାତ୍ର ତାହା ତାଙ୍କର ମନୋମତ ଥିବାର ଭାବଭଙ୍ଗୀରୁ ପ୍ରକାଶ ପାଇଥିଲା । ବୋଧହୁଏ ଭ୍ରମରେ କିଛି କହି ନାହାନ୍ତି ।"

( ଉତ୍କଳ ଦୀପିକା-ତା ୨୧ ।୧୧। ୧୮୯୫ )

× × ×

ଅପରାହ୍ଣରେ ଦରବାର ସମାରୋହ । ପୁରୀ ରାଜା ମୁକୁନ୍ଦଦେବଙ୍କୁ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ଭାଇସରସ୍ଙ୍କ ପକ୍ଷରୁ ରାଜା ସନନ୍ଦ ଦେବେ । ବସ୍ତୁତଃ ଏହି ଦୃଶ୍ୟ ଦେଖିବା ପାଇଁ କଟକରେ ପ୍ରବଳ ଜନସମାଗମ ହୋଇଥିଲା । କାଠଯୋଡ଼ୀ ଦକ୍ଷିଣ କୂଳରେ ମୁକାମଘର ଠାରେ ମୁକୁନ୍ଦଦେବ ଦଳ ବଳ ସୈନ ଅପେକ୍ଷା କରି ରହିଥିଲେ । ସେଠାରୁ ଦରବାରକୁ ଆସିବା ବେଳ ହୋଇ ଯାଇଥିବାରୁ କାଠଯୋଡ଼ୀ କୂଳ ପୁରୀଘାଟ ଠାରୁ ବାରବାଟୀ କିଲ୍ଲା ପର୍ଯ୍ୟନ୍ତ ରାସ୍ତା ଦୁଇକଡ଼େ ପିମ୍ପୁଡ଼ି ଧାଡ଼ି ପରି ଲୋକ ଛୁଟିଥିଲେ ।

“ ଦିବା ଘ୩ ଟିକା ସମୟରେ ବାରବାଟି କିଲ୍ଲା ନାଟ ମଧ୍ୟରେ ଦରବାର ହେଲା । ସେ ଗୃହଟି ଅନେକ ବ୍ୟୟରେ ସୁସଜ୍ଜିତ ହୋଇଥିଲା । ଲାଟସାହେବ ଦରବାରରେ ପ୍ରବେଶ ହୋଇ ପୁରୀ ରାଜାଙ୍କ ସଙ୍ଗେ କିଞ୍ଚିତ କଥୋପକଥନ କରି ଆସନ ଗ୍ରହଣ କଲେ ଓ କମିଶ୍ନର ସାହେବ ସେକ୍ରେଟାରୀ ସାହେବ ରାଜାଙ୍କୁ ଖିଲ୍ଲାତ ପୋଷାକ ପିନ୍ଧାଇ ଆଣିଲାରୁ ଲାଟ-ସାହେବ ତାଙ୍କ ଗଳାରେ ମୁକ୍ତାହାର ପିନ୍ଧାଇ ଦେଇ ସନନ୍ଦ ଦେଲେ ।”

ଅତୀତରେ ଏହିପରି ଏକ ଦରବାରରେ ହତଭାଗ୍ୟ ରାଜା ଦିବ୍ୟସିଂହ ଦେବଙ୍କୁ ରାଜା ସନନ୍ଦ ବାତିଲ୍ କରି, ତାଙ୍କଠାରୁ ରାଜାପଦ କାଢ଼ି ନିଆ ଯାଇଥିଲା । ଏବେ ସେହି ବିଡ଼ମ୍ବିତ ଇତିହାସର ପ୍ରତିବିଧାନ ଦେଖିବା ପାଇଁ କଟକରେ ଅକଳନ୍ତ ଜନସମାବେଶ ହୋଇଥିଲା ।

“ × × ପରିଶେଷରେ ବୋଲିବାର ଏଥର ଦରବାରର ଅଧିକ ସମାରୋହ ପୁରୀ ରାଜାଙ୍କ ହେତୁରୁ ହୋଇଥିଲା । ରାଜା ବ ୧୦ । ୧୧ବର୍ଷର ପିଲା ମାତ୍ର । ନଗର ବାହାରେ ମୁକାମଘରରେ ବସା କରି ରହିଥିଲେ । ଦରବାରକୁ ଆସିବା ଏବଂ ସେଠାରୁ ବାହୁଡ଼ିବା ବେଳେ ତାହାଙ୍କ ଦର୍ଶନ ଲାଭ ନିମିତ୍ତ ଏତେ ଲୋକ ତାହାଙ୍କ ପାଲିଙ୍କୀ ସଙ୍ଗେ ଗୋଡ଼ାଇଥିଲେ ଯେ ଅନ୍ୟ କୌଣସି ରାଜାର କଥା କି କହିବା ସ୍ୱୟଂ ମାନ୍ୟବରଙ୍କ ସକାଶ ସେତେ ବ୍ୟସ୍ତତା ଦେଖାଗଲା ନାହିଁ । ସାଧାରଣ ଲୋକଙ୍କ ଧର୍ମବିଶ୍ୱାସ ଏଥିର ମୂଳ ଅଟଇ ।”

( ଉତ୍କଳଦୀପିକା-ତା ୨୧ । ୧୧ । ୧୮୮୫ ଖ୍ରୀ)

ଏହାପରେ ନାନା "ପ୍ରମୋଦ ବୈଠକ" ପରେ ଲ୍ଲେଟଲାଟ କଟକରୁ ଭୁବନେଶ୍ବର ବାଟେ ପୁରୀ ବାହାରିଗଲେ । ପୁରୀଠାରୁ S.S. Undaunted ଜାହାଜରେ ଧାମରା ଫେରି, ସେଠାରୁ କେନାଲ ପଥରେ ଲ୍ଲେଟଲାଟ ବାଲେଶ୍ବର ହୋଇ କଲିକତା ବାହୁଡ଼ି ଗଲେ ।

ପୁରୀ ରାଜା ମୁକୁନ୍ଦଦେବଙ୍କ ରାଜା-ସନନ୍ଦ ପ୍ରାପ୍ତିରେ ଅଖ୍ୟାତ ଉତ୍କଳ ମଧୁସୂଦନଙ୍କ ସଣଗୌରବ ଖ୍ୟାତିରେ ଉଜ୍ଜ୍ୱଳ ହୋଇ ପଡ଼ିଲା । ଅନେକ ଦିନ ପର୍ଯ୍ୟନ୍ତ ଲୋକମୁଖରେ ସେଇ ଗୋଟିଏ କଥା ଲାଗି ରହିଥିଲା···"ମଧୁବାବୁ ଉତ୍କଳ ଯୋଗୁଁ ସିନା ଦଣବର୍ଷର ବାଳୁତ ଜଗନ୍ନାଥ କେନାମଣି ରାଜା ମୁକୁନ୍ଦଦେବ ହୋଇ ପାରିଲେ !"

# ଅଷ୍ଟମ ପରିଚ୍ଛେଦ

( ଏକ )

ଭାରତୀୟ-ଜାତୀୟ-କଂଗ୍ରେସର ନାମ ସେ ପର୍ଯ୍ୟନ୍ତ ଓଡ଼ିଶାରେ ଶୁଣା ନଥିଲା । ସେଥିପାଇଁ ସେଦିନ "ଉତ୍କଳ-ଦୀପିକା"ରେ ପ୍ରକାଶିତ ସେହି ବିଜ୍ଞାପନଟି କଟକର ଜନସମାଜରେ ଏକ କ୍ଷୀଣ କୌତୂହଳ ସୃଷ୍ଟି କରିଥିଲା···

"୧୮୮୫ ଡିସେମ୍ବର ମାସ ଶେଷରେ ବମ୍ବାଇଠାରେ ବସିଥିବା ଭାରତ-ଜାତୀୟ-ମହାସମିତି (Indian National Congress)ର ପ୍ରସ୍ତାବ-ମାନ ଆଲୋଚନା କରିବା ପାଇଁ ତା ୩ । ୩ । ୮୬ ଖ୍ରୀଷ୍ଟରେ କଟକ-ପ୍ରିଣ୍ଟିଙ୍ଗ-କୋମ୍ପାନୀ-କୋଠାରେ ଏକ ସଭା ହେବ । ବାବୁ ମଧୁସୂଦନ ଦାସ ତହିଁରେ ସଭାପତି ହେବେ । ଦେଶପ୍ରେମୀ ଉତ୍କଳୀୟମାନେ ଏ ସଭାରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଶ୍ରୀ ହରିଶଚନ୍ଦ୍ର ମୁଖାର୍ଜି ।" *

ବମ୍ବେ ଠାରେ ଅନୁଷ୍ଠିତ ଜାତୀୟ-କଂଗ୍ରେସର ପ୍ରଥମ ଅଧି-ବେଶନରେ ଓଡ଼ିଶାରୁ କେହି ଯୋଗ ଦେଇନଥିଲେ ; ଉତ୍କଳ-ସଭା ଏହି ଅଧିବେଶନକୁ ପ୍ରତିନିଧି ପଠାଇବା ପାଇଁ କଂଗ୍ରେସର ଆବାହକ ମାନଙ୍କ ଦ୍ୱାରା ଅବଶ୍ୟ ଯଥାବିଧି ଆମନ୍ତ୍ରିତ ହୋଇଥିଲେ । ମାତ୍ର ଠିକ୍ ସେହି ସମୟରେ କଲିକତାରେ ସୁରେନ୍ଦ୍ରନାଥ ବାନାର୍ଜିଙ୍କ ଭାରତ-ସଭା ବା ଇଣ୍ଡିଆନ୍-ଆସୋସିଏସନ୍ ଆନୁକୂଲ୍ୟରେ ଜାତୀୟ-ସମ୍ମିଳନୀ (National Conference) ୧୮୮୫ ସାଲ ଡିସେମ୍ବର ମାସ ୨୫,୨୬ ଓ ୨୭ତାରିଖରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ନେତୃବୃନ୍ଦଙ୍କର ଭାରତ-ସଭା ସହିତ ଅଧିକତର ସମ୍ପର୍କ ଦୃଷ୍ଟିରୁ, ମଧୁସୂଦନ ଓ ଗୌରୀଶଙ୍କର ପ୍ରମୁଖ, ଜାତୀୟ-କଂଗ୍ରେସ ଅଧିବେଶନରେ ଯୋଗ ନଦେଇ, କଲିକତାରେ ନାସନାଲ୍-କନଫରେନ୍ସ ଅଧିବେଶନରେ ଯୋଗ ଦେଇଥିଲେ । "ଉତ୍କଳ-ଦୀପିକା" ଲେଖିଥିଲେ··· "ଏଥିରେ ଭାରତର ଶାସନ ସଂସ୍କାର ସମ୍ପର୍କରେ

* ଉତ୍କଳ ଦୀପିକା—ତା ୨୧ । ୨ । ୧୮୮୬

ଆଲୋଚନା ମାନ ହେବ । ଉତ୍କଳବାସୀ ପ୍ରତିନିଧି ସେଥିରେ ଯୋଗଦେବା ଉଚିତ ।" *

ମାତ୍ର ଭାରତୀୟ ସମ୍ବାଦପତ୍ର ମାନଙ୍କରେ କଲିକତାର ଜାତୀୟ-ସମ୍ମିଳନୀ ଅପେକ୍ଷା ବମ୍ବେଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନ ଅଧିକ ପ୍ରଚାରିତ ଓ ଆଲୋଚିତ ହୋଇଥିଲା । ଏଥିପାଇଁ ଏକ ବିଶେଷ କାରଣ ମଧ୍ୟ ରହିଥିଲା । କଂଗ୍ରେସର ପ୍ରତିଷ୍ଠା, ସ୍ୱୟଂ ଗଭର୍ଣ୍ଣର-ଜେନେରାଲ ଲର୍ଡ଼ ଡ଼ଫରିନ୍‌ଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିବାରୁ, ଏହା ବୃହତ୍ତର ରାଜନୈତିକ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇ ପାରିଥିଲା । କଂଗ୍ରେସର ପ୍ରଥମ ସଭାପତି ଡ଼ବ୍ଲ୍ୟୁ.ସି.ବାନାର୍ଜି ଏ ସମ୍ପର୍କରେ ଲେଖିଛନ୍ତି···

"It will probably be news to many that the Indian National Congress, as it was originally started and as it has since been carried on, is in reality the work of the Marquis of Dufferin when the noble man was the Governor General of India. Mr. A. O. Hume in 1884, conceived the idea that it would be of great advantage to the country if leading Indian potiticians could be brought together once a year to discuss social matters and be upon friendly footing upon one another" †

ବସ୍ତୁତଃ ଏହା ପୂର୍ବରୁ କଲିକତାର ନାସନାଲ୍-କନଫରେନ୍‌ସ, ମାନ୍ଦ୍ରାଜର ମହାଜନ ସଭା (ସ୍ଥାପିତ ୧୮୮୧) ଓ ୧୮୮୫ ସାଲର ପ୍ରାରମ୍ଭରେ ବମ୍ବେଠାରେ ଫିରୋଜ ସାହ ମେହେଟା, ତ୍ର୍ୟମ୍ବକ ତେଲଙ୍ଗ ଓ ଆବ୍‌ବାସ ତାୟେବ୍‌ଜୀ ପ୍ରମୁଖଙ୍କ ଉଦ୍ୟମରେ ସ୍ଥାପିତ ବମ୍ବେଇ-ପ୍ରେସି-ଡେନ୍‌ସୀ-ଆସୋସିଏସନ୍ ପ୍ରଭୃତି କେତେକ ଅନୁଷ୍ଠାନ ଅନୁରୂପ ଅଭିପ୍ରାୟରେ ଗଠିତ ହୋଇ ସାରିଥିଲା । ଏ ସବୁ ବିକ୍ଷିପ୍ତ ଉଦ୍ୟମ ଓ ଅନୁଷ୍ଠାନକୁ ମହାଜାତୀୟ ପରିସରରେ ଏକତ୍ର ସମନ୍ୱିତ କରିବାର ଆବଶ୍ୟକତା ସେତେବେଳେ ଅନୁଭୂତ ହୋଇଥିଲା । ପୁଣି ଇଲବର୍ଟ-ବିଲ୍ ଆନ୍ଦୋଳନ ହିଁ ଭାରତରେ ଏକ ସୁସଂଗଠିତ ମହାଜାତୀୟ ଅନୁଷ୍ଠାନର ପ୍ରୟୋଜନ ଚିନ୍ତାଶୀଳ ସମାଜରେ କ୍ରମେ ପ୍ରବଳ ଓ ଅପ୍ରତିରୋଧ ହୋଇ

---

* ଉତ୍କଳ ଦୀପିକା—ତା ୧୯ । ୧୨ । ୧୮୮୫

† Introduction to Indian Politics : By W.C. Bannerjee.

ଉଠୁଥିଲା । ଜାତୀୟ-କଂଗ୍ରେସର ପ୍ରତିଷ୍ଠା ଥିଲା ଏସବୁ ଅଭିମୁଖ୍ୟର ଏକ ଐତିହାସିକ ପରିଣତି ।

ସୁରେନ୍ଦ୍ରନାଥ ବାନାର୍ଜି ଲେଖିଛନ୍ତି···"ନ୍ୟାସନାଲ-କନଫରେନ୍ସର ଦ୍ୱିତୀୟ ବୈଠକ ୧୮୮୫ ସାଲ୍ ଡିସେମ୍ବର ମାସର ୨୫, ୨୭ ଓ ୨୯ ତାରିଖରେ କଲିକତା ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭାରତର କେତେଗୋଟି ପ୍ରଦେଶର ପ୍ରତିନିଧିଗଣ ଉପସ୍ଥିତ ଥିଲେ । ଏଠାରେ ବ୍ୟବସ୍ଥାପକ ସଭାର ସଂସ୍କାର ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଥିଲା । ନ୍ୟାସନାଲ୍-କନଫରେନ୍ସର ଏହି ବୈଠକ କଲିକତାରେ ବସିଥିବା ବେଳେ, ବମ୍ବାଇ ସହରରେ ନାସନାଲ୍-କଂଗ୍ରେସର ପ୍ରଥମ ବୈଠକ ବସିଥିଲା । ଏହାର କାର୍ଯ୍ୟପଦ୍ଧତି ଓ ଉଦ୍ଦେଶ୍ୟ ମଧ୍ୟ ଏକ ଥିଲା । ତେବେ ଉଭୟର ଉଦ୍ୟୋଗ-ଆୟୋଜନ ସ୍ୱତନ୍ତ୍ର ଥିଲା । ଏପରିକି ପରସ୍ପର ପରସ୍ପରର ଉଦ୍ୟୋଗ ଆୟୋଜନର ସମ୍ବାଦ ପର୍ଯ୍ୟନ୍ତ ରଖି ନଥିଲେ । ଉଭୟ ଅନୁଷ୍ଠାନର ବୈଠକ ଉଭୟ ସ୍ଥାନରେ ବସିବାର ସମ୍ବାଦ ପ୍ରକାଶିତ ହେବା ପରେ ଯାଇଁ ଉଭୟର ଅସ୍ତିତ୍ୱ ଉଭୟେ ଜାଣି ପାରିଲେ । × × ଅତଃପର ଆମ୍ଭେମାନେ ସମସ୍ତେ ନାସନାଲ କଂଗ୍ରେସରେ ଯୋଗଦାନ କରୁଁ ଓ କଂଗ୍ରେସ କ୍ରମେ ଶକ୍ତିଶାଳୀ ହୋଇ ଉଠେ ।"*

ମଧୁସୂଦନ ମଧ୍ୟ ବମ୍ବେଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ଓ ସେଥିରେ ଗୃହୀତ ପ୍ରସ୍ତାବାବଳୀର ବିବରଣୀ ସମ୍ବାଦପତ୍ର ମାନଙ୍କରୁ କେବଳ ଲକ୍ଷ୍ୟ କରିଥିଲେ । ଡ଼ବ୍ଲ୍ୟୁ ସି ବାନାର୍ଜୀ ସୁରେନ୍ଦ୍ରନାଥ ପ୍ରମୁଖଙ୍କୁ କଂଗ୍ରେସରେ ଯୋଗଦେବା ପାଇଁ ଅନୁରୋଧ କରି ପତ୍ର ଲେଖିବା ପରି, ମଧୁସୂଦନଙ୍କୁ ମଧ୍ୟ ସେତେବେଳେ ଏକ ପତ୍ର ଲେଖିଥିଲେ । ପୁଣି ବମ୍ବେ-କଂଗ୍ରେସରେ ଗୃହୀତ ଏକ ପ୍ରସ୍ତାବ ଅନୁସାରେ, କଂଗ୍ରେସର ବିଭିନ୍ନ ପ୍ରସ୍ତାବାବଳୀ ଦେଶବ୍ୟାପୀ ସର୍ବତ୍ର ଆଲୋଚିତ ଓ ଅନୁମୋଦିତ ହେବା ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ପ୍ରେରିତ ହୋଇଥିଲା । ସେହି ଉଦ୍ଦେଶ୍ୟରେ ଉପରୋକ୍ତ ସଭାଟି ସେଦିନ କଟକ-ପ୍ରିଣ୍ଟିଙ୍ଗ୍ କୋମ୍ପାନୀ କୋଠାରେ ଆହୂତ ହୋଇଥିଲା ।

---

* ରାଷ୍ଟ୍ରଗୁରୁ ସୁରେନ୍ଦ୍ର ନାଥ : ଶ୍ରୀ ମଣି ବାଗ୍‌ଚୀ

ବସ୍ତୁତଃ ଓଡ଼ିଶାରେ କଂଗ୍ରେସର ତାହା ସର୍ବପ୍ରଥମ ସଭା ଓ ସେହି ଦିନୁ ବହୁ ଘାତ ପ୍ରତିଘାତ ମଧ୍ୟରେ କଂଗ୍ରେସ ସହିତ ମଧୁସୂଦନଙ୍କ ସମ୍ପର୍କ ୧୯୨୫ ପର୍ଯ୍ୟନ୍ତ ସୁଦ୍ଧା ଅକ୍ଷୁର୍ଣ୍ଣ ରହି ଆସିଥିଲା । ସ୍ୱୟଂ ମହାତ୍ମା ଗାନ୍ଧୀ ୧୯୨୫ ସାଲରେ କଟକ ଆସିଥିବା ବେଳେ ମଧୁସୂଦନଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ପୁଣି ଏକାଧିକ କଂଗ୍ରେସ ସଭାପତିଙ୍କ ସହିତ ମଧୁସୂଦନଙ୍କ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ରହିଥିଲା । ମାତ୍ର ସେତେବେଳେ କଂଗ୍ରେସ-ରାଜନୀତି ମଧ୍ୟରେ ଥାଇଁ ସୁଦ୍ଧା ମଧୁସୂଦନଙ୍କ ଚିନ୍ତାର କେନ୍ଦ୍ରବିନ୍ଦୁ ଥିଲା, ଓଡ଼ିଶାର ଅଭ୍ୟୁଦୟ ।

ଇତିହାସ ଦୃଷ୍ଟିରୁ ମଧୁସୂଦନ ଓଡ଼ିଶାରେ ଥିଲେ କଂଗ୍ରେସର ଆଦ୍ୟ ପ୍ରବର୍ତ୍ତକ । ୧୯୨୧ ସାଲ ପରଠାରୁ ଗାନ୍ଧୀ-ଯୁଗରେ କଂଗ୍ରେସର ଯେଉଁ ରୂପାନ୍ତର ହୋଇଥିଲା, ମଧୁସୂଦନ ସେଥିରେ ଯେପରି ନିଜକୁ ଖାପ ଖୁଆଇ ପାରି ନଥିଲେ । ତାଙ୍କର ଅନ୍ୟତମ ବରିଷ୍ଠ ସମସାମୟିକ ଓ କଂଗ୍ରେସ-ସଭାପତି ସୁରେନ୍ଦ୍ରନାଥ ବାନାର୍ଜୀ ପ୍ରମୁଖ ମଧ୍ୟ ସେତେବେଳକୁ ସେଥିରୁ ବିଚ୍ଛିନ୍ନ ହୋଇପଡ଼ିଥିଲେ । କଂଗ୍ରେସର ଆରମ୍ଭ ବେଳର ନେତୃତ୍ୱର ରୂପ ଓ ଚରିତ୍ର ସ୍ୱତନ୍ତ୍ର ଥିଲା । ତଥାପି ସେହି ନେତୃତ୍ୱର ଭିତ୍ତି ଉପରେ ଯେ ପରବର୍ତ୍ତୀ କାଳରେ କଂଗ୍ରେସର ସ୍ତମ୍ଭ ନିର୍ମିତ ହୋଇଥିଲା, ତାହା ଅସ୍ୱୀକାର କରାଯାଇ ନ ପାରେ । ଜାତୀୟ-କଂଗ୍ରେସର ଐତିହାସିକ ଡକ୍ଟର ପଟ୍ଟାଭି ସୀତାରାମାୟା ଯଥାର୍ଥରେ ଲେଖିଛନ୍ତି :–

"During the fifteen years of strife and struggle which the Congress had put in towards the end of the last century, the leaders of thought were mostly lawyers with a sprinkling of merchants and doctors, who believed, and believed sincerely, that what India wanted was a lucid and balanced presentation of her case before Englishman and her Parliament. For this purpose they wanted a political organisation and they found in the National Congress the required organ through which to voice for the nation's grievances and the national aspirations." *

ମଧୁସୂଦନ ଏହି ଯୁଗର ଓ ଏହି ଢାଞ୍ଚର କଂଗ୍ରେସନେତା ଥିଲେ । ସେ ଅବଶ୍ୟ ଲବଣ-ସତ୍ୟାଗ୍ରହରେ କାରାବରଣ କରିବା ପାଇଁ

---

* The History of the Congress, Vol. I—Dr. B. Pattabhi Sitaramaya.

କୁଣ୍ଠିତ ଥିଲେ, ମାତ୍ର ଲବଣ-ସତ୍ୟାଗ୍ରହର ବହୁ ପୂର୍ବରୁ ସେ ଯେ ଓଡ଼ିଶାରେ ଲବଣ-ଆନ୍ଦୋଳନର ସୂତ୍ରପାତ କରିଥିଲେ, ତାହା ଅସ୍ୱୀକାର କରାଯାଇ ନପାରେ । ମଧୁସୂଦନ ଅରଟରେ ସୂତାକଟାକୁ ଅବଶ୍ୟ ଏକ ରାଜନୈତିକ ବ୍ରତ (fad) ରୂପେ ଗ୍ରହଣ କରିନଥିଲେ । ମାତ୍ର ଓଡ଼ିଶାରେ ସ୍ୱଦେଶୀ-ଆନ୍ଦୋଳନର ସେ ଥିଲେ ଆଦ୍ୟ ସୂତ୍ରଧର । ବ୍ରିଟିଶ ରାଜଶକ୍ତି ବିରୁଦ୍ଧରେ ସେ ଅବଶ୍ୟ ବିଦ୍ରୋହର ଖଡ୍ଗ ଆସ୍ଫାଳନ କରି ନଥିଲେ । ଊନବିଂଶ ଶତାବ୍ଦୀର ଅନ୍ୟ ଜାତୀୟତାବାଦୀ ନେତାମାନଙ୍କ ପରି, ବ୍ରିଟିଶ ରାଜଶକ୍ତି ପ୍ରତି ଆନୁଗତ୍ୟ ବା ଲୟାଲଟୀ ଦ୍ୱାରା ତାଙ୍କ ରାଜନୈତିକ ଚିନ୍ତା ମଧ୍ୟ ଅନୁପ୍ରାଣିତ ଥିଲା । ମାତ୍ର ତାଙ୍କ ଲୟାଲଟୀ ବା ଆନୁଗତ୍ୟ କ୍ରୀତଦାସ-ସୁଲଭ ବଶମ୍ବଦତା ନଥିଲା ।

ସେ ଯୁଗର ଅନ୍ୟ କଂଗ୍ରେସ ନେତା ତ ଦୂରର କଥା, ସ୍ୱୟଂ ମହାତ୍ମା ଗାନ୍ଧୀ ସୁଦ୍ଧା ବହୁକାଳ ପର୍ଯ୍ୟନ୍ତ ଲୟାଲଟୀର ଏ ମୋହରୁ ମୁକ୍ତ ନଥିଲେ । ଅନାସକ୍ତ ଐତିହାସିକ ଦୃଷ୍ଟିରୁ ମଧୁସୂଦନ ଭାରତରେ କଂଗ୍ରେସର ଆଦ୍ୟ ପ୍ରବର୍ତ୍ତକ ଓ ପ୍ରତିଷ୍ଠାତା ମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ମାତ୍ର ଓଡ଼ିଶା ତାଙ୍କ ରାଜନୈତିକ ଚିନ୍ତାର କେନ୍ଦ୍ରବିନ୍ଦୁ ଥିବା ହେତୁ ଓଡ଼ିଶାର ସମସ୍ୟା ଓ ସଙ୍କଟ ତାଙ୍କର କାର୍ଯ୍ୟକ୍ରମରେ ଏକ ମୁଖ୍ୟ ସ୍ଥାନ ଅଧିକାର କରି ପାରିଥିଲା । ୧୯୦୩ ସାଲ ବେଳକୁ ମଧୁସୂଦନ କଂଗ୍ରେସରୁ ଅଲଗା ହୋଇଯିବାର ଏହା ମଧ୍ୟ ମୁଖ୍ୟ କାରଣ ଥିଲା ।

× × ×

୧୮୮୬ ସାଲ ଡିସେମ୍ବର ମାସରେ କଲିକତାରେ ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ ବସିଲା । ଏଥିରେ ଯୋଗ ଦେବା ପାଇଁ ଉତ୍କଳ-ସଭାର ପ୍ରତିନିଧି ବର୍ଗ ମଧ୍ୟ ଆମନ୍ତ୍ରିତ ହୋଇଥିଲେ । ପ୍ରତିନିଧି-ନିର୍ବାଚନ ପାଇଁ ଉତ୍କଳ-ସଭାର ଏକ ଅଧିବେଶନ କଟକ-ପ୍ରିଣ୍ଟିଙ୍ଗ୍ କୋମ୍ପାନୀ କୋଠାରେ ଆହୂତ ହୋଇଥିଲା ।

ଲେଜିସ୍‌ଲେଟିଭ୍ କାଉନସିଲ୍‌ମାନଙ୍କୁ ମନୋନୀତ ପ୍ରତିନିଧିଙ୍କ ପରିବର୍ତ୍ତେ ଲୋକନିର୍ବାଚିତ ପ୍ରତିନିଧି ପ୍ରେରଣ କରିବା ପ୍ରସଙ୍ଗ ଏହି ଅବକାଶରେ ଉତ୍ଥାପିତ ହୋଇଥିଲା । ବାବୁ କାଳୀପଦ ବାନାର୍ଜୀ ଓ

ଯୋଗେଶ୍ୱର ଚନ୍ଦ୍ର ଚନ୍ଦ୍ର "ଦେଶୀୟ ଲୋକଙ୍କୁ ପ୍ରତିନିଧି ନେବା ଉଚିତ ବୋଲି ପ୍ରସ୍ତାବ ଦେଲେ।" ମଧୁସୂଦନ ଏ ପ୍ରସ୍ତାବ ଅନୁମୋଦନ କରି ସେଦିନ ଯେଉଁ ଭାଷଣ ଦେଇଥିଲେ, ସେଥିରୁ ସେତେବେଳର ରାଜନୈତିକ-ଅବସ୍ଥାର କେତେକ ସ୍ଥୂଳ ସୂଚନା ମିଳିବ। ମଧୁସୂଦନ ଭାଷଣ ପ୍ରସଙ୍ଗରେ କହିଥିଲେ...........

"× × ଯେଉଁମାନେ ଏ ଦେଶର ଶାସନ ପ୍ରଣାଳୀର ଓ ଆପଣାର ଅବସ୍ଥା କଥା ଚିନ୍ତା କରନ୍ତି ସେମାନଙ୍କ ମଧ୍ୟରେ ଏମନ୍ତ କେହି ନାହିଁ, ଯିଏ ଏ ପ୍ରସ୍ତାବକୁ ସମର୍ଥନ ନ କରିବ। ମାତ୍ର ଦୁଃଖର ବିଷୟ ଯେ, ଏ ପ୍ରଦେଶରେ ଏ ସବୁ ଚିନ୍ତା କରିବା ଲୋକଙ୍କ ସଂଖ୍ୟା ଊଣା ଏବଂ ଆଜିର ସଭା ସେଥିର ପରିଚୟ ଦେଉଅଛି। ଅର୍ଥାତ୍ ଅତି ଅଳ୍ପ ଲୋକ ଉପସ୍ଥିତ ଅଛନ୍ତି। ଯେଉଁମାନେ ପେଟର ଚିନ୍ତାରେ ଦିବାରାତ୍ର ବ୍ୟସ୍ତ ସେମାନଙ୍କଠାରୁ ଏ ପ୍ରକାର ଗୁରୁତର ବିଷୟରେ ଭାବନା ଆଶା କରିବା ଅସଙ୍ଗତ। ମାତ୍ର ଯେଉଁମାନଙ୍କୁ ପରମେଶ୍ୱର ଏକାନ୍ତ ସଙ୍ଗତିସମ୍ପନ୍ନ ଅବସ୍ଥାରେ ରଖି ଅଛନ୍ତି ସେମାନଙ୍କୁ ପେଟର ଚିନ୍ତା ଆଦୌ ବାଧଇ ନାହିଁ। ଅଥବା ଅଳ୍ପ ସମୟ ସେ ଚିନ୍ତାରେ ବ୍ୟୟ କରିବାକୁ ହୁଅଇ। ସେମାନଙ୍କର ଏହି ଗୁରୁତର ଚିନ୍ତାରେ ମଗ୍ନ ହେବା ନିତାନ୍ତ କର୍ତ୍ତବ୍ୟ। ଏଠାକାର ସମ୍ଭ୍ରାନ୍ତ ଓ ଧନାଢ୍ୟ ଲୋକମାନେ ଏ ବିଷୟରେ ଅଧିକ ମନୋଯୋଗୀ ନ ହେଲେ କିପରି ଆମ୍ଭମାନଙ୍କର ଦୁରବସ୍ଥାର ପ୍ରତିକାର ହେବ ? ଯାହାହେଉ ଏ ନଗରବାସୀ କେତେକ ଲୋକ ଏ ଗୁରୁତର ବିଷୟର ମହତ୍ତ୍ୱ ବୁଝିପାରି ଏ ସଭାରେ ଉପଗତ ହୋଇ ଅଛନ୍ତି, ସୁଖର ବିଷୟ ଅଟେ।"

ସେଥର କଂଗ୍ରେସ ଅଧିବେଶନକୁ ଉତ୍କଳ ସଭା ପକ୍ଷରୁ କଟକରୁ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଅନ୍ୟ ଯେଉଁ ପ୍ରତିନିଧିବର୍ଗ ପ୍ରେରିତ ହୋଇଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଗୋଲକ ଚନ୍ଦ୍ର ଘୋଷ, କାଳୀପଦ ବାନାର୍ଜୀ ଓ ହରିବଲ୍ଲଭ ଘୋଷ। ଏହା ବ୍ୟତୀତ ବାଲେଶ୍ୱରର ଜାତୀୟ ସଭା ପକ୍ଷରୁ ରାଜା ବୈକୁଣ୍ଠ ନାଥ ଦେ, ଭଗବାନ ଚରଣ ଦାସ ଓ ରମେଶ ଚନ୍ଦ୍ର ମଣ୍ଡଳ ମଧ୍ୟ ଏହି ଅଧିବେଶନରେ ଯୋଗ ଦେଇଥିଲେ। ମାନ୍ଦ୍ରାଜ-ଅନ୍ତର୍ବର୍ତ୍ତୀ ବ୍ରହ୍ମପୁରରୁ ଯୋଗ ଦେଇଥିଲେ, "ବାବୁ ଗୋପାଳ ରାଓ ପନ୍ତାଲୁ, ବି. ଏ. ଉକିଲ ଏବଂ ଜମିଦାର, ବ୍ରହ୍ମପୁର ଟାଉନ କାଉନ-

ସିଲ୍ ସଭ୍ୟ ଓ ଅବଦୁଲ୍ କରିମ ସାହେବ ବାହାଦୁର, ମହାଜନ, ଜମିଦାର ଓ ଟାଉନ-କାଉନସିଲ୍ ସଭ୍ୟ ।"

କଲକତାରେ ବସିଲା କଂଗ୍ରେସର ଦ୍ୱିତୀୟ ଅଧିବେଶନ । ଏଥିରେ ସଭାପତି ଦାଦାଭାଇ ନାଓରୋଜୀ । ପ୍ରତ୍ନତାତ୍ତ୍ୱିକ ରାଜେନ୍ଦ୍ରଲାଲ ମିତ୍ର ହୋଇଥିଲେ ଅଭ୍ୟର୍ଥନା ସମିତିର ସଭାପତି । କଂଗ୍ରେସ-ମଞ୍ଚରେ ତାଙ୍କୁ ଦେଖିବା ବେଳୁ ମଧୁସୂଦନ ମନେ ମନେ ସ୍ଥିର କରି ନେଇଥିଲେ, ଏଇ ସୁଯୋଗରେ ଏ ଲୋକଟି ସହିତ ଯୋଟାଏ ବୁଝାପଡ଼ା କରିନେବା ପାଇଁ ପଡ଼ିବ । ଅଧିବେଶନର ପ୍ରାରମ୍ଭରେ ଜୋଡ଼ାସାଁକୋର ଜଣାସ୍ତମାନ ତରୁଣ କବି ରବୀନ୍ଦ୍ରନାଥ ସେଦିନ ଗାନ କରିଥିଲେ ସ୍ୱରଚିତ ଗୋଟିଏ ସଙ୍ଗୀତ······ "ଆମରା ମିଲେଛି ଆଜ ମାୟେର ଡାକେ ।" ସ୍ୱାୟତ୍ତ-ଶାସନ, ସିଭିଲ-ସର୍ଭିସର ସମସ୍ୟା ଓ ଲେଜିସ୍‌ଲେଟିଭ୍ କାଉନସିଲ୍ ବା ବିଧାନ ସଭାମାନଙ୍କର ସମ୍ପ୍ରସାରଣ ଓ ସେଥିରେ ନିର୍ବାଚିତ ସଭ୍ୟମାନଙ୍କର ସଂଖ୍ୟାବୃଦ୍ଧି ପ୍ରଭୃତି ସେଇ ସବୁ ପୁରୁଣା ପ୍ରସ୍ତାବ, ଏ ଅଧିବେଶନରେ ମଧ୍ୟ ଆଲୋଚିତ ଓ ଗୃହୀତ ହୋଇଗଲା ।

କଂଗ୍ରେସ ଅଧିବେଶନ ଶେଷରେ, ସମବେତ ପ୍ରତିନିଧିମାନଙ୍କ ସମ୍ମାନାର୍ଥେ ଗଭର୍ଣ୍ଣର ଜେନେରାଲ ଲର୍ଡ ଡଫରିନ୍‌ଙ୍କ ଗାର୍ଡ଼ନପାର୍ଟି ଥିଲା ଦ୍ୱିତୀୟ କଂଗ୍ରେସ-ଅଧିବେଶନର ଏକ ସ୍ମରଣୀୟ ଘଟଣା । ଲର୍ଡ ଡଫରିନ୍‌ଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ଏହି ମହାକାଙ୍କ୍ଷୀୟ ଅନୁଷ୍ଠାନଟି **"Her Majesty's opposition"** ରୂପେ ଅବଶେଷରେ ଗଠିତ ହୋଇ ପାରିଥିବାରୁ, ଲର୍ଡ ଡଫରିନ୍ ଏହି ଗାର୍ଡ଼ନପାର୍ଟିରେ ଯେପରି ତାହାର ଜନ୍ମୋତ୍ସବ ପାଳନ କରୁଥିଲେ ! ବେଲଭିଡ଼ିୟର ପ୍ରାସାଦର ସୁବିସ୍ତୀର୍ଣ୍ଣ ଲନ୍‌ରେ ଆୟୋଜିତ ଏହି ଗାର୍ଡ଼ନପାର୍ଟିରେ ଫୋର୍ଟ-ଉଇଲିଅମ୍ ଓ ବଙ୍ଗଳା ସେକ୍ରେଟାରିଏଟ୍‌ର ବଡ଼ ବଡ଼ ସେକ୍ରେଟାରି, ହାଇକୋର୍ଟର ବିଚାରପତି, ଲେଫଟେନେଣ୍ଟ ଗଭର୍ଣ୍ଣର ଓ ସ୍ୱୟଂ ଭାଇସରାୟ ଲର୍ଡ ଡଫରିନ୍‌ଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦେଶରୁ ଆସିଥିବା କଂଗ୍ରେସ-ପ୍ରତିନିଧି ଓ କଲକତାର ବିଶିଷ୍ଟ ନାଗରିକମାନେ ଉପସ୍ଥିତ ଥିଲେ । ଏହି ଅବକାଶରେ ସାର୍ ଅଗଷ୍ଟସ୍ ରିଭର୍ସ ଥମ୍ପସନ୍‌ଙ୍କ ଅନ୍ତେ, ବଙ୍ଗଳା-ପ୍ରେସିଡେନ୍‌ସୀର ଭାବୀ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ସାର୍ ଷ୍ଟୁଆର୍ଟ କେଲଭିନ୍ ବେଲି (୧୮୮୭—୧୮୯୦ ଖ୍ରୀ: ଅ:)ଙ୍କ ସହିତ ମଧୁସୂଦନଙ୍କର ଯେଉଁ

ପରିଚୟ ଘଟିଥିଲା, ପରବର୍ତ୍ତୀ କାଳରେ ମଧୁସୂଦନଙ୍କ ପକ୍ଷରେ ତାହା ବିଶେଷ ସହାୟକ ହୋଇଥିଲା । ସାର୍ ଷ୍ଟୁଆର୍ଟ ସେତେବେଳେ ବଙ୍ଗଳା ସରକାରଙ୍କର ଜଣେ ଉଚ୍ଚପଦସ୍ଥ ବର୍ଷୀୟାନ କର୍ମଚାରୀ ଥିଲେ ।

ଗାର୍ଡ଼ନପାର୍ଟିର ସେହି କୋଳାହଳ ମଧ୍ୟରେ ମଧୁସୂଦନ କିନ୍ତୁ ଯାହାଙ୍କୁ ଖୋଜି ବୁଲୁଥିଲେ; ସେ ଥିଲେ ଅଭ୍ୟର୍ଥନା ସମିତିର ସଭାପତି ଶ୍ରୀ ରାଜେନ୍ଦ୍ରଲାଲ୍ ମିତ୍ର । ଅତୀତରେ ଭାଷା-ଆନ୍ଦୋଳନ ବେଳେ କଟକର ଡ଼ିବେଟିଙ୍ଗ୍-ସୋସାଇଟି-ସଭାରେ ରାଜେନ୍ଦ୍ରଲାଲ୍ ଓଡ଼ିଆ ଭାଷା ସମ୍ପର୍କରେ କେତେକ ଅନୁଚିତ ଆକ୍ଷେପ କରିଥିବା ହେତୁ ଓଡ଼ିଶାରେ ତାଙ୍କୁ ନେଇ ଯେତେବେଳେ ଯେଉଁ ବାଦ ବିସମ୍ବାଦ ସୃଷ୍ଟି ହୋଇଥିଲା, ତାହା ପୂର୍ବେ ଆଲୋଚିତ ହୋଇଅଛି । ତାହା ଅବଶ୍ୟ ପ୍ରାୟ ସତର ବର୍ଷ ତଳର ଘଟଣା । ମଧୁସୂଦନ ସେତେବେଳେ କଲିକତାରେ ଛାତ୍ର । ଉତ୍କଳ-ଦୀପିକା ସ୍ତମ୍ଭରେ କେବଳ ଏ ବାଦବିସମ୍ବାଦ ସହିତ ସେ ପରିଚିତ ଥିଲେ । ରାଜେନ୍ଦ୍ରଲାଲ ସେତେବେଳେ ଯାହା କହିଥିଲେ, "କୋଡ଼ିଏ ଲକ୍ଷ ଓଡ଼ିଆ କ ଗୋଟିଏ ସ୍ୱତନ୍ତ୍ର ଭାଷା ରଖି ପାରନ୍ତି ?" —ମଧୁସୂଦନ ତଥାପି ତାହା କିନ୍ତୁ ଭୁଲି ପାରି ନଥିଲେ ।

ରାଜେନ୍ଦ୍ରଲାଲ୍ "Antiquities of Orissa" ପୁସ୍ତକର ଉପକ୍ରମଣିକାରେ ଓଡ଼ିଆମାନେ "ମ୍ଲେଚ୍ଛ" "ଅମାର୍ଜିତ" ଓ "ଭାରବାହୀ" ବୋଲି ଯେଉଁ ସବୁ ଉଦ୍ଭଟ ବୈୟାକରଣିକ ଅର୍ଥ ନିଷ୍ପନ୍ନ କରିଥିଲେ, ତାହା ମଧୁସୂଦନଙ୍କୁ ଅତ୍ୟନ୍ତ ଆହତ କରିଥିଲା । ତଥାପି ଓଡ଼ିଆ ଜାତିର କଳା-ଗୌରବର ସର୍ବପ୍ରଥମ ଆଲୋଚକ ରୂପେ ସେଥିପ୍ରତି ଆନ୍ତର୍ଜାତିକ ପଣ୍ଡିତ ସମାଜର ଦୃଷ୍ଟି ଆକର୍ଷଣ କରି ପାରିଥିବା ହେତୁ, ରାଜେନ୍ଦ୍ରଲାଲଙ୍କ ପ୍ରତି ମଧୁସୂଦନଙ୍କ ଶ୍ରଦ୍ଧା ମଧ୍ୟ ଥିଲା ଅପରିସୀମ । ମଧୁସୂଦନ ତାଙ୍କୁ ଗାର୍ଡନ ପାର୍ଟିର ସମାରୋହ ମଧ୍ୟରେ ଖୋଜି ବୁଲୁଥିବା ବେଳେ "ଗଡ୍ ସେଭ୍ ଦ କିଙ୍ଗ୍" ବ୍ରିଟିଶ ଜାତୀୟ ସଙ୍ଗୀତ ଅର୍କେଷ୍ଟ୍ରାରେ ବାଜି ଉଠିଲା । ସମସ୍ତେ ଆଟେନ୍‌ସନ୍‌ରେ ଠିଆ ହୋଇ ରହିଲେ । ତା' ପରେ ଶହାସ୍ଥର ବ୍ୟସ୍ତଚଞ୍ଚଳତା ମଧ୍ୟରେ ରାଜେନ୍ଦ୍ରଲାଲ୍‌ଙ୍କୁ ଖୋଜି ବାହାର କରିବା ମଧୁସୂଦନଙ୍କ ପକ୍ଷରେ କଷ୍ଟସାଧ୍ୟ ହୋଇ ପଡ଼ିଲା ।

କିନ୍ତୁ ଏହା ପରେ ରାଜେନ୍ଦ୍ରଲାଲଙ୍କ ସହିତ ଆକସ୍ମିକ ଭାବରେ ମଧୁସୂଦନଙ୍କର ସାକ୍ଷାତ ଘଟିଥିଲା "ଇଣ୍ଡିଆ କ୍ଲବ"ରେ, କଂଗ୍ରେସ ପ୍ରତିନିଧି

ମାନଙ୍କ ସମ୍ମାନାର୍ଥେ କୁଚବିହାର ମହାରାଜାଙ୍କ ଦ୍ୱାରା ଆୟୋଜିତ ଏକ ସାନ୍ଧ୍ୟ-ମିଳନରେ । ରାଜେନ୍ଦ୍ରଲାଲ ବଡ଼ବୋଲା ଥିବାରୁ ଅନ୍ୟର କଥା ସହଜରେ ଶୁଣି ପାରୁ ନଥିଲେ । ସେଥିପାଇଁ ଅତିଥି ମାନଙ୍କର ସମ୍ଭାଷଣ ଓ କଥୋପକଥନର କୋଳାହଳ ଠାରୁ ଦୂରରେ ଇଣ୍ଡିଆ-କ୍ଲବର ବିଲିୟାର୍ଡ଼-ରୁମ୍‌ର ଗୋଟିଏ କୋଣରେ ରାଜେନ୍ଦ୍ରଲାଲ ନୀରବରେ ବସି ହୁକା ଟାଣୁଥିଲେ । ତାଙ୍କୁ ସେଠାରେ ଦେଖିପାରି ମଧୁସୂଦନ ବିନା ଭୂମିକାରେ ଆରମ୍ଭ କଲେ···"ଆପଣଙ୍କ ଆଣ୍ଟିକ୍ୱିଟିଜ୍ ଅଫ୍ ଓଡ଼ିଶା ବହି ଥରେ ନୁହେଁ ଅନେକ ଥର ମୁଁ ପଢ଼ିଛି ।"

ରାଜେନ୍ଦ୍ରଲାଲ ଉଚ୍ଚକଣ୍ଠରେ ଉତ୍ତର ଦେଲେ···"ହଁ ଅଧିବେଶନଟା ଭଲରେ ଭଲରେ ସମାପ୍ତ ହୋଇଗଲା । ସେଥିପାଇଁ ଭଗବାନଙ୍କୁ ଅଶେଷ ଧନ୍ୟବାଦ ।"

ମଧୁସୂଦନ କଣ୍ଠସ୍ୱର ଆଉରି ଉଚ୍ଚ ପର୍ଦ୍ଦାକୁ ଚଢ଼ାଇ କହିଲେ··· "ମୁଁ ଆପଣଙ୍କ ଆଣ୍ଟିକ୍ୱିଟିଜ୍-ଅଫ୍-ଓଡ଼ିଶା ଅନେକଥର ପଢ଼ିଛି ।"

ରାଜେନ୍ଦ୍ରଲାଲ ଅନାହୂତ ଭାବରେ ନିଜ ପୁସ୍ତକର ଜଣେ ଭକ୍ତ ସେଠାରେ ଖୋଜି ପାଇଥିବାରୁ ଉଚ୍ଛ୍ୱସିତ କଣ୍ଠରେ କହିଲେ···"ବେଶ୍ ବେଶ୍, ଅତ୍ୟନ୍ତ ଆନନ୍ଦିତ ହେଲି । ଏହା ମୋ ପକ୍ଷରେ ଏକ ସୁସମ୍ବାଦ ।"

ମଧୁସୂଦନ କହିଲେ···"ସେଥିବରେ କିନ୍ତୁ ଆପଣ ଗୋଟିଏ ସମସ୍ୟାର ସମାଧାନ ଦେଇ ପାରି ନାହାନ୍ତି ! ମୋ ମତରେ ଆପଣଙ୍କ ପୁସ୍ତକର ତାହା ଏକ ଯୌକ୍ତିକ ବିଭ୍ରାନ୍ତି···logical fallacy". ଆପଣ ଆକ୍ଷେପ କରିଛନ୍ତି ଓଡ଼ିଆମାନେ ମ୍ଳେଚ୍ଛ, ଖରବାହୀ, ତଥାପି ସେମାନଙ୍କ ହାତରେ କୋଣାର୍କ-ଭୁବନେଶ୍ୱର ସମ୍ଭବ ହୋଇ ପାରିଲା କପରି ? ବଙ୍ଗାଳୀମାନେ ବୈଦେଶିକ ମୁସଲମାନ-ଶକ୍ତି ବିରୁଦ୍ଧରେ ଜାଣି ଆଙ୍ଗୁଠିଟିଏ ସୁଦ୍ଧା ଉଠାଇ ପାରିଲେ ନାହିଁ । ଅଥଚ ସେହି "ମ୍ଳେଚ୍ଛ" "ଖରବାହୀ" ମାନେ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାକୁ ସ୍ୱାଧୀନ ରଖି ପାରିଲେ କପରି ? ଆପଣ ଏହାର ଗୋଟାଏ ସଦୁତ୍ତର ଦେବା ପ୍ରୟୋଜନ ଥିଲା ।"

ରାଜେନ୍ଦ୍ରଲାଲ ବାଁହାତ ପାପୁଲି-ଟୋଲା କାନ ପାଖକୁ ଉଠାଇ ମଧୁସୂଦନଙ୍କ କଥା ଶୁଣୁଥିଲେ । ସେ କହିଲେ···"ବାସ୍ତବିକ ଏତ ଗୋଟିଏ ସମସ୍ୟା । ତୁମେ ଠିକ କଥା କହୁଛ ମିଷ୍ଟର ଦାସ୍ !"

ସୂଅଲ୍ କହିବା ପରି ଭଙ୍ଗୀରେ ମଧୁସୂଦନ କହିଲେ··· "ସେଥିରେ ଆପଣ କଟକରେ ପୁଣି କହିଦେଲେ ଓଡ଼ିଆମାନଙ୍କ ଲୋକସଂଖ୍ୟା କୋଡ଼ିଏ ଲକ୍ଷ । ସେମାନେ ଗୋଟାଏ ସ୍ୱତନ୍ତ୍ର ଭାଷା ରଖି ପାରିବେ କିପରି ?"

ରାଜେନ୍ଦ୍ରଲାଲ ମଧୁସୂଦନଙ୍କ ଆଡେ଼ ଚାହିଁ ପଚାରିଲେ···"ଏ କଥାଟା କିନ୍ତୁ କଣ ମିଛ ?"

କାନ୍ଥରେ ଭାରତବର୍ଷର ଗୋଟାଏ ମାନଚିତ୍ର ଝୁଲୁଥିଲା । ବିଲିୟାର୍ଡ ଟେବୁଲ ଉପରୁ ଗୋଟାଏ ଷ୍ଟିକ୍ ଉଠାଇ ଧରି, ମାନଚିତ୍ର ଉପରେ ତାହାକୁ ବୁଲାଇ ମଧୁସୂଦନ କହିଲେ···"ଆପଣ ଜଣେ ଐତିହାସିକ ହୋଇ ସୁଦ୍ଧା ଓଡ଼ିଶା କହିଲେ ବୁଝୁଛନ୍ତି ଏଇ 'କଟକ, ପୁରୀ, ବାଲେଶ୍ୱର ଜିଲ୍ଲା । କିନ୍ତୁ ସିଂହଭୂମି, ଧଳଭୂମି, ମେଦିନୀପୁର ଠାରୁ ଆରମ୍ଭ କରି ମଧ୍ୟପ୍ରଦେଶରେ ସମ୍ବଲପୁର, ଦେଓଭୋଗ, ଫୁଲଝର, ଶକ୍ତି, ସାରଙ୍ଗଗଡ଼ 'ସମେତ ମାନ୍ଦ୍ରାଜର ଗଞ୍ଜାମ, ଜୟପୁର, ବିଶାଖାପାଟଣା ପର୍ଯ୍ୟନ୍ତ ହେଉଛି ଓଡ଼ିଆଭାଷୀ ଅଞ୍ଚଳ । ଏହା ବ୍ୟତୀତ ଓଡ଼ିଆ ଭାଷୀ ଗଡ଼ଜାତ ସବୁ ରହିଛି । ଓଡ଼ିଆଭାଷୀ ଅଞ୍ଚଳର ଲୋକସଂଖ୍ୟା ଅନ୍ୟୂନ ଏକ କୋଟିରୁ ସାମାନ୍ୟ ଊର୍ଦ୍ଧ୍ୱ ହୋଇପାରେ । ଏମାନଙ୍କ ମାତୃଭାଷା ଓଡ଼ିଆ । ଏମାନଙ୍କ ସାହିତ୍ୟସମ୍ପଦ ବଙ୍ଗଳା ସାହିତ୍ୟର ଐଶ୍ୱର୍ଯ୍ୟ ଠାରୁ ସୁଦ୍ଧା ବେଶୀ ।"

ରାଜେନ୍ଦ୍ରଲାଲ ଜ୍ଞାନଭୋଳା ଲୋକ ! ତେଣୁ ଅକପଟ ଭାବରେ ସେ ଉତ୍ତର ଦେଲେ···"କିନ୍ତୁ କଟକରେ ସେମାନେ ମୋତେ ଏସବୁ ବୃତ୍ତାନ୍ତ କହି ନଥିଲେ ତ ! ନିଶ୍ଚୟ, ନିଶ୍ଚୟ, ଏତେବଡ଼ ଗୋଟାଏ ଐତିହାସିକ ଜାତି ନିଜର ମାତୃଭାଷା ରକ୍ଷାକରି ପାରିବ ନାହିଁ କାହିଁକି ? ନିଶ୍ଚୟ ରକ୍ଷା କରି ପାରିବ । କରିବା ଉଚିତ !"

ମଧୁସୂଦନ ଷ୍ଟିକ୍‌ଟା ବିଲିୟାର୍ଡ ଟେବୁଲ ଉପରକୁ ଫିଙ୍ଗିଦେଇ କହିଲେ···"କିନ୍ତୁ ବିଭିନ୍ନ ଶାସନାଧୀନରେ ରହି ଥିବାରୁ ଓଡ଼ିଆ ଜାତିର ବିକାଶ ଆଜି ନାନା ଭାବରେ ବାଧାଗ୍ରସ୍ତ ହୋଇଛି । ମୁଁ ଭାବୁଥିଲି ଓଡ଼ିଆ-ସମସ୍ୟାର ସମାଧାନ ଦିଗରେ ଜାତୀୟ-କଂଗ୍ରେସରେ କିଛି ଗୋଟାଏ ସୂଚନା ମିଳି ପାରିବ ! ଆପଣ କଣ କହୁଛନ୍ତି ?"

ରାଜେନ୍ଦ୍ରଲାଲ ଅମ୍ଳାନ ଭାବରେ ହସି ହସି ଉତ୍ତର ଦେଲେ···"ସେ କଥା ସୁରେନ୍‌କୁ (ସୁରେନ୍ଦ୍ର ନାଥ ବାନାର୍ଜୀ) ପଚାର! କିନ୍ତୁ କଂଗ୍ରେସ ଏସବୁ ଆଞ୍ଚଳିକ ସମସ୍ୟାରେ ଜଡ଼ିତ ହେବାପାଇଁ କୁଣ୍ଠିତ ହୋଇପାରେ । ଯାହାହେଉ ହ୍ରୁଟୀ ପାଇଁ ମୁଁ କିନ୍ତୁ ଆନ୍ତରିକ ଦୁଃଖିତ, ମିଷ୍ଟର ଦାସ୍!"

ସେଦିନର ଆଲୋଚନା ସେଇଠାରେ ସମାପ୍ତ ହୋଇଥିଲା । *

ମଧୁସୂଦନଙ୍କ ପରି ସୁରେନ୍ଦ୍ରନାଥଙ୍କର ମଧ୍ୟ ଗୋଟାଏ ଧାରଣା ଜନ୍ମିଥିଲା; କଂଗ୍ରେସ ମଞ୍ଚରେ ଆଞ୍ଚଳିକ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ସୁରେନ୍ଦ୍ରନାଥଙ୍କ ଜୀବନୀ ଲେଖକ ଲେଖିଛନ୍ତି···

"କଂଗ୍ରେସ ଥିଲା ସର୍ବଭାରତୀୟ ଅନୁଷ୍ଠାନ । କଂଗ୍ରେସ ମଞ୍ଚରେ ସର୍ବଭାରତୀୟ ସମସ୍ୟା ଗୁଡ଼ିକ କେବଳ ଆଲୋଚିତ ହୁଏ । ପ୍ରାଦେଶିକ ସମସ୍ୟାର ଆଲୋଚନା କଂଗ୍ରେସରେ ହେବାର ସୁବିଧା ହୁଏ ନାହିଁ । ସୁରେନ୍ଦ୍ରନାଥ ସେତେବେଳେ ଚିନ୍ତା କଲେ ଯେ, ଏଇ ସର୍ବଭାରତୀୟ ଆନ୍ଦୋଳନ ସହିତ ପ୍ରାଦେଶିକ ଆନ୍ଦୋଳନ ମଧ୍ୟ ଆବଶ୍ୟକ । ତାଙ୍କର ଏଇ ଚିନ୍ତାର ପରିଣତି ପ୍ରାଦେଶିକ ସମ୍ମେଳନ ବା ପ୍ରଭିନସିଆଲ୍ କନ-ଫରେନ୍‌ସ । ବଙ୍ଗଳା ଦେଶର ପରବର୍ତ୍ତୀକାଳ ରାଜନୀତିରେ ପ୍ରାଦେଶିକ ସମ୍ମିଳନୀ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । × × × ୧୮୮୮ ସାଲରେ ବଙ୍ଗୀୟ ପ୍ରାଦେଶିକ ସମ୍ମିଳନୀର ପ୍ରଥମ ଅଧିବେଶନ ହୁଏ । ଏହିର ପ୍ରୟୋଜନୀୟତାର କଥା ସୁରେନ୍ଦ୍ରନାଥ ଲେଖିଛନ୍ତି···

**The National Congress, being a convention of India could not take up for discussion questions affecting any particular province unless such questions had assumed the proportion of a national problem."** †

୧୮୮୬ ସାଲରେ କଂଗ୍ରେସର ଦ୍ୱିତୀୟ ଅଧିବେଶନ ପରେ ହିଁ, ସୁରେନ୍ଦ୍ରନାଥଙ୍କ ମନରେ ପ୍ରାଦେଶିକ-ସମ୍ମିଳନୀର ଭାବନା ଉଦିତ ହୋଇଥିଲା । କଟକରେ ପ୍ରାଦେଶିକ ସମ୍ମିଳନୀର ଗୋଟିଏ ଶାଖା ସ୍ଥାପନ ସମ୍ପର୍କରେ ମଧୁସୂଦନଙ୍କ ସହିତ ପରାମର୍ଶ ପାଇଁ କଂଗ୍ରେସ-ଅଧି-ବେଶନ ପରେ ସୁରେନ୍ଦ୍ରନାଥ ତାଙ୍କୁ ଧରି ବସିଲେ । ମାତ୍ର ମଧୁସୂଦନ

---

* ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ—ମଣି ବାଗ୍‌ଚୀ ପୃ. ୧୩୬ ।

† "ଉତ୍କଳ-ଦୀପିକା" ତା ୧ । ୪ । ୧୮୮୭ ରିଖ ସଂଖ୍ୟା ଦ୍ରଷ୍ଟବ୍ୟ ।

କହିଲେ···"ଠିକ୍ ଏହି ଉଦ୍ଦେଶ୍ୟରେ ପାଞ୍ଚବର୍ଷ ତଳୁ ଓଡ଼ିଶା-ଆସୋସିଏସନ୍ କଟକରେ ସ୍ଥାପିତ ହୋଇ ସାରିଛି ।"

ସେତେବେଳେ ଘଟଣାଚକ୍ରରେ ବଙ୍ଗଳାର ସ୍ୱାର୍ଥକୁ ଯେପରି ଓଡ଼ିଶା ସ୍ୱାର୍ଥର ପରିପନ୍ଥୀ କରି ରଖା ଯାଇଥିଲା ସୁରେନ୍ଦ୍ରନାଥ ତାହା ଠିକ୍ ବୁଝିନଥିଲେ, କିମ୍ବା ସେ ଅପ୍ରୀତିକର ସତ୍ୟ ତାଙ୍କୁ ବୁଝାଇବା ପାଇଁ ମଧୁସୂଦନ ଚେଷ୍ଟା କରି ନଥିଲେ ।

କଂଗ୍ରେସ ଅଧିବେଶନ ଶେଷରେ ଆଉ କିଛିଦିନ କଲିକତାରେ ରହିଯିବା ପାଇଁ ମଧୁସୂଦନଙ୍କର ଇଚ୍ଛା ଥିଲା । ମାତ୍ର କଟକରୁ ହଠାତ୍ ଆସିଥିଲା ଏକ ଜରୁରି ଟେଲିଗ୍ରାମ···"ପୁରୀ ମନ୍ଦିରର ଅବସ୍ଥା ସାଂଘାତିକ । ଜିଲ୍ଲା ଜଜ୍ ମନ୍ଦିରରେ ଜଉମୁଦ ଦେଲେଣି ।"

କଟକରେ ପହଞ୍ଚି ମଧୁସୂଦନ "ଉତ୍କଳ-ଦୀପିକା"ରେ ସେହି ଦୁଃସମ୍ବାଦଟି ପଢ଼ିଲେ···"ଚଳିତ ମାସ ତା୪ରିଖ ଦିନ ସକାଳ ଧୂପ ସରିବା ପରେ ସାହାଣମେଲା ହେବା ସମୟରେ ସରକାରୀ କନେଷ୍ଟବଳ ଓ ହେଡ୍ କନେଷ୍ଟବଳ ଦରେସ୍ (Uniform) ସହିତ ଶ୍ରୀଜୀଉଙ୍କ ରତ୍ନ-ସିଂହାସନକୁ ଆଉଜି ଠିଆ ହୋଇ ପିଣ୍ଡିକା ଟଙ୍କା ଜୋରକ କରିବାକୁ ଉଦ୍ୟତ ହୋଇଥିଲେ । ସୁତରାଂ ଦେଉଳ ମାରୁ ହେବାରୁ ତଦଣ୍ଡରେ ଶ୍ରୀ ଜୀଉଙ୍କର ମହାସ୍ନାନ ହେଲା ।" †

ମଧୁସୂଦନ କାଗଜ ଖଣ୍ଡ ଫିଙ୍ଗିଦେଇ ଚିତ୍କାର କରି ଉଠିଲେ··· "Disgraceful."

## ( ଦୁଇ )

ସ୍ଥାନୀୟ ଇଂରେଜ କର୍ମଚାରୀ ଗୋଷ୍ଠୀଙ୍କ ସକଳ ପ୍ରତିରୋଧ ସତ୍ତ୍ୱେ; ଜଗନ୍ନାଥ ଜେନାମଣି ଖୋର୍ଦ୍ଧା ରାଜଗାଦିରେ ଯେପରି ଖୋଦ୍ ଭାଇସ-ରୟଙ୍କ ହସ୍ତକ୍ଷେପ ଫଳରେ ରାଜା ମୁକୁନ୍ଦଦେବ ରୂପେ ସ୍ୱୀକୃତି ପାଇଲେ, ଏହା ସେମାନଙ୍କ ପକ୍ଷରେ ଘୋର ଅସହ୍ୟ ହୋଇ ରହିଥିଲା । ଭିତରେ ଭିତରେ ନିଆଁ କୁହୁଳିବା ପରି ସେମାନେ ପ୍ରତିଶୋଧ ପାଇଁ ଉପଯୁକ୍ତ

---

† ଉତ୍କଳ-ଦୀପିକା ତା ୮ । ୯ । ୧୮୮୯

ସୁଯୋଗର ପ୍ରତୀକ୍ଷାରେ ରହିଥିଲେ । ସେମାନଙ୍କ ସହିତ ସେତେବେଳେ ହାତ ମିଶାଇଥିଲେ ପୁରୀ କ୍ଷେତ୍ରର କେତେଜଣ ମହନ୍ତ । "ଉତ୍କଳ-ଦୀପିକା" ଲେଖିଥିଲେ···ଏ ବ୍ୟାପାରରେ ଲୋକେ "ଇମାରମଠର ଚେଲା ରଘୁନାଥ ରାମାନୁଜ ଦାସଙ୍କ ଅକାର୍ତ୍ତୀ ରଟାଉ ଅଛନ୍ତି ।" କୌଣସି ସଦାବର୍ତ୍ତ କୁପରିଚାଳିତ ହେଲେ ସରକାର ତାହାର ପରିଚାଳନା ନିଜ ହାତକୁ ନେଇ ରିସିଭର ନିଯୁକ୍ତ କରିବାର ବ୍ୟବସ୍ଥା ସେତେବେଳେ ସିଭିଲ-ପ୍ରୋସିଡ଼ିଓର୍-କୋଡ଼ରେ ରହିଥିଲା । ପୁରୀ ଶ୍ରୀମନ୍ଦିର ଗୋଟିଏ ସଦାବର୍ତ୍ତ ଥିଲେ ମଧ୍ୟ ତାହାର ପରିଚାଳନା ଖୋର୍ଦ୍ଧା ରାଜାଙ୍କ ହାତରେ ମୌରସୀ ସୂତ୍ରରେ ରହିବା ଓ ସେଥିରେ ସରକାର କୌଣସି ପ୍ରକାର ହସ୍ତକ୍ଷେପ କରି ନପାରିବା, ଏହି ମହନ୍ତଗୋଷ୍ଠୀ ଈର୍ଷାରେ ବରଦାସ୍ତ କରି ପାରୁ ନଥିଲେ । ଶ୍ରୀମନ୍ଦିର ପରିଚାଳନା ସରକାରଙ୍କ ହାତକୁ ଆସିଲେ ପରିଚାଳନା ପାଇଁ ଯେଉଁ କମିଟୀ ଗଠିତ ହେବ; ସେଥିରେ ଏହି ମହନ୍ତମାନେ ଗୋଟିଏ ଗୋଟିଏ ସ୍ଥାନ ଅଧିକାର କରି ପାରିବାର ପ୍ରଚ୍ଛନ୍ନ ଅଭିସନ୍ଧି ମଧ୍ୟ ସେମାନଙ୍କର ରହିଥିଲା । ଉଦ୍ଦେଶ୍ୟ—କାଳକ୍ରମେ ମନ୍ଦିର ରାଜାଙ୍କ ହାତରୁ ସେଇମାନଙ୍କ ହାତକୁ ଆସିଯିବ । ସେଥିପାଇଁ ହିନ୍ଦୁଧର୍ମଧ୍ୱଜାଧାରୀ ଏହି ମହନ୍ତଗୋଷ୍ଠୀ ହିନ୍ଦୁଧର୍ମଦ୍ରୋହୀ ଇଂରେଜ କର୍ମଚାରୀମାନଙ୍କ ସହିତ ହାତ ମିଶାଇବା ପାଇଁ କୁଣ୍ଠିତ ହୋଇନଥିଲେ । ଏହିପରି ଜଣେ ମହନ୍ତଙ୍କୁ ଆକ୍ଷେପ କରି "ଉତ୍କଳ-ଦୀପିକା"ର "ପ୍ରେରିତ ପତ୍ର" ସ୍ତମ୍ଭରେ ଗୋଟିଏ ପଦ୍ୟ ପ୍ରକାଶ ପାଇଥିଲା :

"ଭାଇରେ କଳାପାହାଡ଼ ଏଇ । ଚିହ୍ନିଥା ଭାଇ ।
ଫିରିଙ୍ଗୀ ମନକୁ ଭୁଲାଇ ଦେଉଛି
ଯେତ ମିଛ ଯେତେ ଚୁଗୁଲି କହି ॥
ଠାକୁର ରାଜାଙ୍କ ମଉରସୀ ଧନ
ବଡ ଦେଉଳକୁ ନେବ ଛଡ଼ାଇ ॥
ବାହାରକୁ-ହିନ୍ଦୁ, ଭିତରେ ଯବନ
ଧରମ ଗୁଡ଼ିଛି ପଇସା ପାଇଁ ॥
ହୃଦଯୁ ଏହାର ଅଟଇ ଅସାର
ବଡ କୁଳାଙ୍ଗାର ଅଟଇ ଏହି ॥" *

* ଉତ୍କଳ-ଦୀପିକା, ତା ୨୨।୧।୧୮୮୭

ଏହି ସମୟରେ ଘଟଣା ସବୁ ଯେପରି ଆକସ୍ମିକ ଭାବରେ ଘଟି ଯାଇଥିଲା, ରାଣୀ ସୂର୍ଯ୍ୟମଣି ପାଟମହାଦେଈ କିମ୍ବା ତାଙ୍କର ପରାମର୍ଶଦାତାମାନେ କେହି ତାର କ୍ଷୀଣତମ ସୂଚନା ପାଇ ପାରିନଥିଲେ । ମଧୁସୂଦନ ପ୍ରମୁଖ କଲିକତାରେ କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ବାହାରିବା ପରେ ୧୮ ତାରିଖ ଡିସେମ୍ବର ଦିନ, ବଡ଼ ଦେଉଳ ହଠାତ୍ ଅଗ୍ରୀମ କୋରକ୍‌ରେ ଉଠିଗଲା । ଜିଲ୍ଲାଜଜ୍ ନିଜ ନାଜରଙ୍କୁ ଦେଉଳର ରିସିଭର ନିଯୁକ୍ତ କରିଦେଲେ । ଏହାପରେ···"ଶ୍ରୀ ଜୀଉଙ୍କ ଚଳନ୍ତି ଭଣ୍ଡାରଘରେ ଥିବା ପାଟ ଓ ସୂତା ପ୍ରଭୃତି ଲୁଗାମାନ ତାଲିକା ଶେଷ ହେଲାଣି । ଆଉ ଏହି ଭଣ୍ଡାରରେ ଥିବା ବ୍ୟବହାରିକ ସୁବର୍ଣ୍ଣ ରୌପ୍ୟାଦି ନିର୍ମିତ ପୂଜୋପକରଣ ପାତ୍ର ଓ ଲାଗି ଅଳଙ୍କାରମାନ ତାଲିକା ହେଉଅଛି ।"

ଶ୍ରୀମନ୍ଦିର ଉପରେ ଏପରି ଆକ୍ରମଣ, ଅତୀତରେ କଳାପାହାଡ଼ ଓ କେଶୋଦାସ ମାରୁ ପ୍ରମୁଖଙ୍କ ଆକ୍ରମଣକୁ ସୁଦ୍ଧା ଗାମ୍ଭୀର୍ଯ୍ୟତାରେ ବଳି ପଡ଼ିଥିଲା ।

ବଡ଼ଦେଉଳର ପରିଚାଳନା ଜିଲ୍ଲାଜଜ୍‌ଙ୍କ ହାତକୁ ଯିବା ପରଠାରୁ ଆସିଷ୍ଟାଣ୍ଟ ରିସିଭର ଦେଉଳରେ ବସି ସବୁ ଆୟ ନାଜରଙ୍କ ପାଖରେ ପଇଠ ଦେଉଥିଲେ । ତେଣୁ ଅର୍ଥାଭାବରେ ମନ୍ଦିରର ଦୈନିକ ନୀତି ଚଳାଇବା କଷ୍ଟସାଧ୍ୟ ହୋଇ ପଡ଼ିଥିଲା । ରାଣୀ ସୂର୍ଯ୍ୟମଣି ପାଟମହାଦେଈ ଧାର କରଜ କରି ନିଜ ହାତରୁ କୋଠ ଭୋଗଟା କେବଳ କୌଣସି ଉପାୟରେ ଚଳାଉଥିଲେ । ରୋହିଣୀକୁଣ୍ଡର ଇଜରା ବର୍ଷକୁ ଷାଠିଏ ଟଙ୍କା ଥିଲା । କିନ୍ତୁ ମନ୍ଦିରରେ ରିସିଭର ନିଯୁକ୍ତ ହେବାପରେ···"ଇଜରାଦାରଙ୍କୁ ବେଦଖଲ କରିବାପାଇଁ ଜଣେ କନେଷ୍ଟବଳ ସେଠାରେ ପହରା ରହି, ଯାତ୍ରୀମାନେ ସେଠାରେ ଯାହା ଦେଇ ଯାଉଅଛନ୍ତି ତହସିଲଦାରଙ୍କ ଦ୍ୱାରା ତାହା ଅସୁଲ ହୋଇ ଜମା ହେଉଅଛି ।"

ଦେଉଳ କୋରକ ହେବା ବା ଜିଲ୍ଲାଜଜ୍ ଦେଉଳରେ ରିସିଭର ନିଯୁକ୍ତ କରିବା ଯେତେ ବାଧି ନଥିଲା, ବଡ଼ଦେଉଳ ଉପରେ ପୁଲିସୀ ଜୁଲୁମ ଜନଚେତନାକୁ [illegible]ତେ ବେଶୀ ଆହତ, ଉଦ୍‌ବେଳିତ ଓ ଉତ୍‌କ୍ଷିପ୍ତ କରି ଦେଇଥିଲା । ପୁରୀର ପୁଲିସ ସୁପରିଟେଣ୍ଡେଣ୍ଟ ଗାଇସ ବଛା ବଛା ମୁସଲମାନ କନେଷ୍ଟବଳ ମାନଙ୍କୁ ଦେଉଳର ସିଂହଦ୍ୱାରରେ ଜଗାଇ

ଦେଇଥିଲେ । ହିନ୍ଦୁ କନେଷ୍ଟବଲ ମାନେ ଅଣ୍ଟାରେ ଚମଡ଼ାପଟି ବାନ୍ଧି ଦେଉଳ ଚକଡ଼ା ଉପରେ ବୁଲି ବୁଲି ପହରା ଦେଉଥିଲେ । ଏସବୁ କାରଣରୁ ଶାନ୍ତ, ଶିଷ୍ଟ, ବାଧ୍ୟ ଓ ଅନୁଗତ ଓଡ଼ିଶାର ଅବଚେତନରେ ଜନକ୍ରୋଧ ନିଆଁ କୁହୁଳିବା ପରି କୁହୁଳି ଉଠିଥିଲା । "ଉତ୍କଳ-ଦୀପିକା" ଲେଖିଥିଲେ…"ଏ ମୋକଦ୍ଦମାର କଥା ଯେତେ ବ୍ୟାପିତ ହେଉଅଛି ସେତେ ଅଧିକ ହିନ୍ଦୁମାନଙ୍କର ମନସ୍ତାପ ବଢ଼ାଉଅଛି ।" କିନ୍ତୁ ଏ ସ୍ୱୈରାଚାରର ପ୍ରତିରୋଧ ପାଇଁ କେହି ସେତେବେଳେ ବାଟ ଖୋଜି ପାଉ ନଥିଲେ ।

ଏହାର ପ୍ରତିବାଦ ପାଇଁ କଟକର ଶ୍ରୀମଦ୍ଭାଗବତ-ପ୍ରଚାରିଣୀ-ସଭା ପକ୍ଷରୁ ଗୋପାଳଜୀଙ୍କ ମଠରେ ଏକ ବିରାଟ ସଭା ଯୋଗେଶ୍ୱର ଚନ୍ଦ୍ର ଓଙ୍କିଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଗଲା । "ଉତ୍କଳ-ଦୀପିକା" ଲେଖିଥିଲେ…"ଗତ ରବିବାର ଦିନ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିରର ମୋକଦ୍ଦମା ଉପଲକ୍ଷରେ ଏ ନଗରସ୍ଥ ଗୋପାଳଜୀଉ ମଠରେ ଯେଉଁ ସଭା ହୋଇଥିଲା, ତାହାକୁ ଯଥାର୍ଥରେ ବିରାଟ ସଭା ବୋଲିବାକୁ ହେବ । ଏତେବଡ଼ ସଭା ଦେଖିବାରେ ଆସିନାହିଁ । × × × କେତେ ଚେଷ୍ଟା କଲେ ମଧ୍ୟ ଅନ୍ୟ କୌଣସି ପ୍ରସଙ୍ଗରେ ଏକ ସ୍ଥାନରେ ଏତେ ଲୋକ ଦେଖିବାର ସମ୍ଭବ ନୁହଁଇ । × × × ଅନ୍ୟାନ୍ୟ ଅତ୍ୟାଚାରର ଏ ମାନେ ଅନାୟାସରେ ସହି ପାରନ୍ତି । ମାତ୍ର ଜଗନ୍ନାଥଙ୍କ ସେବାରେ କିଛି ମାତ୍ର ବିଘ୍ନ ଜାତ ହେବା ସ୍ଥଳେ ଏମାନେ କଦାପି ସୁସ୍ଥ ହୋଇ ପାରିବେ ନାହିଁ ।" *

ଏ ସଭାରେ ଅନ୍ୟୂନ ପାଞ୍ଚହଜାର ଲୋକ ଉପସ୍ଥିତ ଥିଲେ । କେବଳ କଟକ ସହରରେ ନୁହେଁ ଓଡ଼ିଶାର ପୁରପଲ୍ଲୀ ମାନଙ୍କରେ ମଧ୍ୟ ସେତେବେଳେ ସ୍ୱେଚ୍ଛାପ୍ରଣୋଦିତ ଭାବରେ ଏହିପରି ବିରାଟ ପ୍ରତିବାଦ ସଭାମାନ ଆୟୋଜିତ ହୋଇ, ସେଥିରେ ମନ୍ଦିର ଉପରେ ସରକାରୀ ଅକ୍ତିଆର ଓ ଆକ୍ରମଣର ଗଭୀର ନିନ୍ଦା କରା ଯାଉଥିଲା । ୧୮୮୭ ସାଲର "ଓଡ଼ିଶା ଆଡ଼ମିନିଷ୍ଟ୍ରେସନ୍ ରିପୋର୍ଟ"ରେ ଏହାର ଉଲ୍ଲେଖ ଦେଖିବାକୁ ମିଳେ…

* "ଉତ୍କଳ-ଦୀପିକା"—ତା ୧ । ୧ । ୮୮୭

"The Pooree temple suit was the subject of meetings in different parts of the districts and one large meeting said to have been attended by 5,000 persons was held in one of the principal maths of the Town, presided over by a Pleader of the local Bar".

ମାତ୍ର ଗରମ ପାଣିରେ ଘର ପୋଡ଼େ ନାହିଁ । ଇଂରେଜ ସରକାର କଂସାସ୍ତ ଘର ପାରା । କୁଳ ତାଳି ତାଳିରେ ସେ ପାରାକୁ ଫିଙ୍ଗାଇ ଦେବା ସମ୍ଭବ ନଥିଲା । ବଡଦେଉଳ ଉପର ସରକାରୀ ଦଖଲରୁ ମୁକ୍ତଲବ ଏହାର ପରିଚାଳନା ପୁଣି ଠାକୁରରାଜାଙ୍କ ଠାରେ ନ୍ୟସ୍ତ ହେବ, ତାହାହିଁ ଥିଲା ସେତେବେଳର ସମସ୍ୟା । ଏ ସବୁ ପ୍ରତିବାଦ-ସଭା ମାନଙ୍କରେ ସେଥିପାଇଁ ଗୋଟାଏ ପ୍ରବଳ ଜନମତ ଅବଶ୍ୟ ସୃଷ୍ଟି ହେଉଥିଲା । ମାତ୍ର ତାହାକୁ ସଙ୍ଗଠିତ ଓ ପରିଚାଳିତ କରିବା ପାଇଁ ପ୍ରୟୋଜନ ଥିଲା, ଏକ ବିଚକ୍ଷଣ ନେତୃତ୍ୱ ।

ମଧୁସୂଦନ ସେତେବେଳେ ସେହି ଅଭାବଟି ପୂର୍ଣ୍ଣ କରିଥିଲେ ।

× × ×

"ଉତ୍କଳ-ସଭା"ରେ ସେଦିନ ସେହି ବଡ଼ଦେଉଳ ପ୍ରସଙ୍ଗ ଆଲୋଚିତ ହେଉଥିଲା ।

ସଭାର ନିୟମିତ ସଭ୍ୟମାନଙ୍କ ବ୍ୟତୀତ, ସେଠାରେ ଏପରି ଅନେକେ ଉପସ୍ଥିତ ଥିଲେ ଯେଉଁମାନଙ୍କର 'ଉତ୍କଳ-ସଭା' ବା ରାଜନୀତି ସହିତ କୌଣସି ସମ୍ପର୍କ ନଥିଲା । ବଡ଼ ଦେଉଳ ବ୍ୟାପାରରେ କେବଳ ସେମାନେ ସେଠାକୁ ଆସିଥିଲେ । ବାଙ୍କୀର ଗୋବିନ୍ଦ ରଥେ ଅସଲ କଥାଟି ଆରମ୍ଭ କରିଥିଲେ—"ଏପରି କୌଣସି କାରଣ ଘଟିନାହିଁ, ଯେଉଁଥିରେ ମନ୍ଦିର ଉପରେ ସରକାରଙ୍କ ମୋକଦ୍ଦମା ଦାଏର ଯଥାର୍ଥ ।" ତାଙ୍କ କଥା ଶେଷ କରିବା ପାଇଁ ତାଙ୍କୁ ସମୟ ନଦେଇ ପଣ୍ଡିତ ନନ୍ଦ ଶତପଥୀଏ, ଦୁଇନାକରେ ପୁଡ଼ାଏ ପୁଡ଼ାଏ ନସ୍ୟ ଆଘ୍ରାଣ କରି କହିଲେ ..."ମହାଶୟ ମାନେ ବୁଝିବା ହେଉନ୍ତୁ, ରାଜା ନଥିଲେ ପରମେଶ୍ୱରଙ୍କ ପୂଜା ଅଚଳ । ମାଳାଦ୍ରୀ-ମହୋଦୟ କହନ୍ତି... ତତୋ ବନ୍ଦୋପନାନ୍ତେ ଚ ରାଜା ପୁଷ୍ପାଞ୍ଜଳି ସ୍ୱୟଂ ପ୍ରକ୍ଷିପେ ଦଣ୍ଡଭକ୍ତ୍ୟା ଚ ତତଃ କର୍ପୂର ବର୍ତ୍ତିଭିଃ ।"

ହଠାତ ଗୋଟାଏ ହରିବୋଲ ଧ୍ୱନି ମଧ୍ୟରେ ପଣ୍ଡିତଙ୍କ କଥା ମଧ୍ୟ ଆଉ ଶୁଣାଗଲା ନାହିଁ !

ହରିବୋଲ ଧ୍ୱନି ବନ୍ଦ ହେବା ମାତ୍ରେ ସୂର୍ଯ୍ୟମଣି ପାଟ ମହାଦେଈଙ୍କ ପାଖରୁ ଆସିଥିବା କେତେଜଣ ପଣ୍ଡା ଏକ ସଙ୍ଗରେ ଯାହା କହିଉଠିଲେ, ସେଥିରୁ ବୁଝା ପଡ଼ିଲା; ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାରଜଗିଆ ଶ୍ରୀ ଲୋକନାଥ ମହାପ୍ରଭୁ ଭଣ୍ଡାରଦ୍ୱାର ଚକଡ଼ାପିଣ୍ଡି ଉପରେ ବିରାଜମାନ କରୁଥିବାରୁ ସେଥି ଉପରକୁ ସର୍ବସାଧାରଣଙ୍କ ପ୍ରବେଶ ନିଷିଦ୍ଧ ଥିଲେ ସୁଦ୍ଧା, ବର୍ତ୍ତମାନ ସରକାରଙ୍କ ତରଫ କନେଷ୍ଟବଳ ମାନେ ଭଣେ ଦରେସ୍ ପିନ୍ଧି, ଅଣ୍ଟାରେ ଚମଡଉଡ଼ି ବାନ୍ଧି ତା'ଉପରେ ଚଳପ୍ରଚଳ ହେଉଅଛନ୍ତି । ହିନ୍ଦୁଧର୍ମ ଏଣିକି ବୁଡ଼ିଗଲା ଜାଣନ୍ତୁ ।"

ଏହିପରି ନାନା କଥା···ଆଉ କେତେ ସମୟ ଧରି ସେସବୁ ସମ୍ଭବତଃ ଚାଲିଥାନ୍ତା । ସେଥିରେ ବାଧାଦେଇ ମଧୁସୂଦନ କହିଲେ···

" ଏ ସବୁ ଚର୍ଚ୍ଚା କୁଣ୍ଟାରେ କିନ୍ତୁ ଆପଣମାନେ ହିନ୍ଦୁଧର୍ମ କିମ୍ବା ବଡ଼ଦେଉଳ କୌଣସିଟି ରକ୍ଷା କରି ପାରିବେ ନାହିଁ ।"

କିନ୍ତୁ ଏ ସବୁ ଆଲୋଚନା ଚର୍ଚ୍ଚାକୁଣ୍ଟା ନୁହେଁ···ଏକ ସମୟରେ ବହୁ କଣ୍ଠରେ ତାହାର ପ୍ରତିବାଦ ଫିଟି ଆସୁଥିଲା । ମାତ୍ର ମଧୁସୂଦନଙ୍କ ଏକକ ଚେଷ୍ଟାରେ ଜଗନ୍ନାଥ ଜେନାମଣି ରାଜାପଦ ପାଇ ପାରି ଥିବାରୁ ତାଙ୍କ ଉପରେ ସୂର୍ଯ୍ୟମଣି ପାଟମହାଦେଈଙ୍କର ଅଟଳ ବିଶ୍ୱାସ । ତାଙ୍କର ସହିତ ପରାମର୍ଶ ପାଇଁ କେବଳ ସୂର୍ଯ୍ୟମଣି ପାଟମହାଦେଈ ଲୋକ କଟକ ପଠାଇଥିଲେ । ଗୌରିଶଙ୍କର କହିଲେ···"ତାହେଲେ ତୁମ ପରାମର୍ଶଟା କଣ କହୁନା ?

ମଧୁସୂଦନ କିଛିକ୍ଷଣ ଗମ୍ଭୀର ଭାବରେ ଚିନ୍ତା କରି ଉତ୍ତର ଦେଲେ..." ବଡ଼ଦେଉଳ ଉପରେ ଏ ସବୁ ଜୁଲୁମରେ ସମଗ୍ର ଓଡ଼ିଆ ଜାତି ଘୋର ବିଚଳିତ; ସନ୍ଦେହ ନାହିଁ । କିନ୍ତୁ ଏହାର ପ୍ରତିକାର କଣ ?"

ଏକ ସଙ୍ଗରେ ବହୁ କଣ୍ଠରେ ପ୍ରତିଧ୍ୱନିତ ହୋଇ ଉଠିଲା··· "ପ୍ରତିକାରଟା କଣ ?"

ମଧୁସୂଦନ ସ୍ପଷ୍ଟ କଣ୍ଠରେ ଉତ୍ତର ଦେଲେ ଗୋଟିଏ ପ୍ରଶ୍ନକାର ହେଉଛି, ବାହୁବଳରେ ଦେଉଳ ବେଢ଼ାରୁ ସରକାରଙ୍କ ପକ୍ଷର ଶିରସ୍ତାର, ତହସିଲଦାର, କନେଷ୍ଟବଳ ମାନଙ୍କୁ ତଡ଼ିଦେବା । ଏଥିପାଇଁ ଆପଣମାନେ ପ୍ରସ୍ତୁତ କି ?"

ଏପରି ପରାମର୍ଶ ଶୁଣି ମୁହୂର୍ତ୍ତକ ପୂର୍ବର ସବୁ ଉତ୍ତେଜନା, ସାରବରେ, ନିଃଶବ୍ଦରେ କୁଆଡେ ମିଳିଗଲା । ପ୍ରବଳ ପ୍ରତାପଶାଳୀ ଇଂରେଜ ସରକାର ବାହାଦୂରଙ୍କୁ ଓଡ଼ିଆମାନେ ପୁଣି ବାହୁବଳରେ ବଡ଼ ଦେଉଳରୁ ତଡ଼ିବେ ? ତା'ହେଲେ ଓଡ଼ିଶାର ଇତିହାସ ତ ଅନ୍ୟ ପ୍ରକାର ହୋଇଥାନ୍ତା । ଇଂରେଜମାନେ ହୁଏତ ମୂଳରୁ ଓଡ଼ିଶା ଅଧିକାର କରି ପାରି ନଥାନ୍ତେ !

ସେଥିପାଇଁ ଆକ୍ରମଣ ଅପେକ୍ଷା ଆର୍ତ୍ତନାଦ ମଧ୍ୟରେ କେବଳ ଓଡ଼ିଆ ଜାତିର ଅନ୍ତର୍ଗ୍ଲାନି ସେଦିନ ପ୍ରଶମିତ ହେଉଥିଲା ।

ମଧୁସୂଦନ କହିଲେ..." ଯଦି ବାହୁବଳରେ ବଡ଼ଦେଉଳରୁ ସରକାରଙ୍କ ଅଫିସ୍‌ ହଟାଇବା ସମ୍ଭବ ନୁହେଁ; ତା ହେଲେ ଯେଉଁ ଆଇନ ବଳରେ ସରକାର ବଡ଼ ଦେଉଳ ଅଗ୍ରୀମ କୋରକ କରାଇ ଦଖଲ କରିଛନ୍ତି; ସେହି ଆଇନ ବଳରେ ସରକାରଙ୍କୁ ସେଠାରୁ ବେଦଖଲ କରିବା ପାଇଁ ପଡ଼ିବ । ଏଥିରେ ଏତେ ଚିନ୍ତାର ବିଷୟ କଣ ଅଛି ?"

କିନ୍ତୁ ସରକାର ବିରୁଦ୍ଧରେ ହାଇକୋର୍ଟରେ ମୋକଦ୍ଦମା ଲଢ଼ିବା ପାଇଁ ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ପାଖରେ ଅର୍ଥ କାହିଁ ? ଦୈନିକ କୋଠଭୋଗର ଖର୍ଚ୍ଚ ଚଳାଇବା ପାଇଁ ମଧ୍ୟ ରାଣୀ ସୂର୍ଯ୍ୟମଣି ପାଟ-ମହାଦେଈଙ୍କ ପାଖରେ ପାଣ୍ଠି ନଥିଲା । ଦୈନିକ କୋଠଭୋଗ ଖର୍ଚ୍ଚ ଚଳାଇବା ପାଇଁ ରାଣୀ ଋଣଭାରରେ ଅଣନିଃଶ୍ବାସୀ ହୋଇ ପଡ଼ିଥିଲେ । ଘରୁ ଖାଇ ଏ କଥାରେ ଘୋଡ଼ା ଆଗରେ ଦଉଡ଼ିବ କିଏ ?

ମାତ୍ର ହାଇକୋର୍ଟରେ ମୋକଦ୍ଦମା ଚଳାଇବା ପ୍ରସ୍ତାବଟା ସମସ୍ତଙ୍କ ମନକୁ ପାଇଥିଲା । ଅବଶେଷରେ ମଧୁସୂଦନ ସେଦିନ ନିଜ ହାତରୁ ମୋକଦ୍ଦମା ଚଳାଇବାର ଦାୟିତ୍ୱ ନେଇ, ହାଇକୋର୍ଟରେ ଅପିଲ ଦାୟର ପାଇଁ କଲିକତା ବାହାରି ପଡ଼ିଲେ ।

× × ×

କଲିକତାରେ ବାରିଷ୍ଟର ଉଡରଫ ଓ ବାରିଷ୍ଟର ସାଣ୍ଡେଲ୍ ପ୍ରମୁଖଙ୍କୁ ଧରି କୌଣସି ମତେ ଅପିଲ ଦାୟର କରାଯାଇ ପାରିଲା । ମାତ୍ର ଏ ମୋକଦ୍ଦମା ସେ ଚଳି ନ ପାରେ, ସେଥିରେ ଉଡ଼ରଫ ପ୍ରମୁଖଙ୍କର ତିଳାର୍ଦ୍ଧ ପ୍ରମାଣେ ସନ୍ଦେହ ନଥିଲା । ଆଇନତଃ ସତ୍ରାବର୍ତ୍ତି ମାନଙ୍କର ପରିଚାଳନା ସରକାର ନିଜ ହାତକୁ ନେବାରେ କୌଣସି ପ୍ରତିବନ୍ଧକ ନାହିଁ । ବଡ଼ଦେଉଳ ମଧ୍ୟ ଏକ ସତ୍ରାବର୍ତ୍ତି । ତେଣୁ ସରକାର ଏହାର ପରିଚାଳନା ନିଜ ହାତକୁ ନେଲେ, କପରି ଅସିଦ୍ଧ ହେଲା, ତାହା କେହି ଭାବି ପାରୁ ନଥିଲେ ।

କିନ୍ତୁ ଇଂରେଜମାନେ ଓଡ଼ିଶା ଅଧିକାର କରିବା ବେଳେ, ଜଗନ୍ନାଥମନ୍ଦିର ପରିଚାଳନାରେ କୌଣସି ପ୍ରକାର ହସ୍ତକ୍ଷେପ ବା ପରିବର୍ତ୍ତନ କରାଯିବ ନାହିଁ ବୋଲି ଗଭର୍ଣ୍ଣର--ଜେନେରାଲ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେସବୁ ଉଡରଫ୍ ପ୍ରମୁଖ ବାରିଷ୍ଟର ମାନଙ୍କୁ ଯେତେ ବୁଝାଇଲେ ସୁଦ୍ଧା ସେମାନଙ୍କର ସେହି ଏକ ମୌଳିକ ପ୍ରଶ୍ନର ତଥାପି କୌଣସି ସମୀଚୀନ ଉତ୍ତର ସେ ଦେଇ ପାରୁନଥିଲେ··· ବଡ ଦେଉଳର ପରିଚାଳନା ସରକାର ହାତକୁ ନେବାରେ ଆଇନତଃ ବାଧା କେଉଁଠି ? କିନ୍ତୁ ଖ୍ରୀଷ୍ଟିଆନ୍ ଇଂରେଜ ସରକାର ହିନ୍ଦୁମାନଙ୍କର ଜଗନ୍ନାଥ " ପାଗୋଡା " ସହିତ କୌଣସି ସମ୍ପର୍କ ରଖି ନ ପାରନ୍ତି ଓ ରଖିବା ଉଚିତ ନୁହେଁ ବୋଲି ଅତୀତରେ ବ୍ରିଟିଶ-ପାର୍ଲିଆମେଣ୍ଟରେ ଇଂଲେଣ୍ଡ ଓ କନାର୍ଡ଼ ପ୍ରମୁଖ ଯେଉଁ ଭାଷଣ ଦେଇଥିଲେ ତାହା ଉଲ୍ଲେଖ କରି ମଧୁସୂଦନ ପଚାରିଲେ··· "ତା'ହେଲେ ଆପଣମାନେ କଣ କହନ୍ତି ଖ୍ରୀଷ୍ଟିଆନ ସରକାରଙ୍କ ରାଜସ୍ୱରେ ହିନ୍ଦୁ ପଣ୍ଡା ପୁରୋହିତମାନେ ନିଯୁକ୍ତି ପାଇବେ ?"

ଉଡରଫ ଅସନ୍ତୁଷ୍ଟ କଣ୍ଠରେ ଉତ୍ତର ଦେଲେ···"You are a lunatic !" (ତୁମେ ଏକ ବଦ୍ଧ ପାଗଳ)

ମଧୁସୂଦନ ଏଥିରେ ନିରସ୍ତ ନହୋଇ, ବାରିଷ୍ଟରମାନଙ୍କ ପାଇଁ "ବ୍ରିଫ୍" ପ୍ରସ୍ତୁତ କରିବାରେ ଲାଗିପଡ଼ିଲେ । ଅପିଲ ଶୁଣାଣି ପାଇଁ ମାସେ ବିଳମ୍ବ ଥିଲା । ମଧୁସୂଦନ କଟକ ଫେରି

ଆସିଲେ । କିନ୍ତୁ ଉଡ଼ରଫ୍ ପ୍ରମୁଖଙ୍କ ଧନ୍ତ୍ରର ଆଲୋଚନାରୁ ସେ ବେଶ୍ ବୁଝି ପାରିଥିଲେ, ଏହା କେବଳ ଆଇନର ମାମଲା ନଥିଲା । ଉଡ଼ରଫ୍‌ଙ୍କ ଯୁକ୍ତି ଅକାଟ୍ୟ । ବଡ଼ଦେଉଳର ପରିଚାଳନା ସରକାର ହାତକୁ ନେବାରେ କୌଣସି ବାଧା ନଥିଲା । ତେଣୁ ଉପରୁ ପ୍ରଭାବ ନପଡ଼ିଲେ ଅପିଲ୍‌ରେ କେବଳ ଜିଣିବାର ସମ୍ଭାବନା ନଥିଲା । ସେଥିପାଇଁ ମଧୁସୂଦନ ସମ୍ବାଦ-ପତ୍ରର ଆଶ୍ରୟ ନେଇଥିଲେ ।

× × ×

ମଧୁସୂଦନଙ୍କ ଲାଇବ୍ରେରୀ···

ମଧୁସୂଦନ ଚିନ୍ତିତ ଭାବରେ ପାଦଚାରଣା କରୁ କରୁ ହଠାତ୍ ଟେବୁଲ ଉପରୁ ଗୋଟାଏ ରଙ୍ଗିନ୍ ପେନସିଲ ଉଠାଇ ନେଇ, ବଡ ବଡ଼ ହରଫରେ କାଗଜରେ ଲେଖିଥିଲେ······

"THE STRONGEST POINT IN A CASE IS ITS WEAKEST LINK." (ମୋକଦ୍ଦମାରେ ଯେଉଁ ଯୁକ୍ତିଟି ସବୁଠାରୁ ଶକ୍ତିଶାଳୀ ମନେହୁଏ ଅବଶେଷରେ ତାହାହିଁ ସବୁଠାରୁ ଦୁର୍ବଳ ସ୍ଥାନରେ ପରିଣତ ହୋଇଥାଏ )। ଏଣୁ ପ୍ରତିପକ୍ଷର ବ୍ୟୂହ ଭେଦ କରିବା ପାଇଁ ପ୍ରଥମେ ତାହାର ସବଳତମ ଯୁକ୍ତିଟିକୁ ବୁଝିବା ପାଇଁ ପଡ଼ିବ ।

ମଧୁସୂଦନଙ୍କ ଜୁନିୟର ଗୋକୁଳାନନ୍ଦ ଚୌଧୁରୀ କେତେବେଳେ ନିଃଶବ୍ଦରେ ଲାଇବ୍ରେରୀ ଭିତରକୁ ଆସି, କାଗଜରେ ଏ ଅଭିଲେଖର ଉଦ୍ଗୀରଣ ବିସ୍ମିତ ଦୃଷ୍ଟିରେ ଯାହିଁ ଲକ୍ଷ୍ୟ କରୁଥିଲେ ତାହା ମଧୁସୂଦନ ଜାଣି ପାରି ନଥିଲେ ।

କେତେକ୍ଷଣ ପରେ ମଧୁସୂଦନ ହଠାତ୍ ତାଙ୍କ ଆଡ଼େ ଫେରି ଚାହିଁ ପଚାରିଲେ···"ଏ ମନ୍ଦର ମୋକଦ୍ଦମାରେ ସରକାରଙ୍କର ଷ୍ଟ୍ରଙ୍ଗେଷ୍ଟ୍ ପଏଣ୍ଟଟା କଣ କହିପାରିବ ଗୋକୁଳାନନ୍ଦ ?"

ଗୋକୁଳାନନ୍ଦ ଉତ୍ତର ଦେଲେ···"ସେ'ଟାତ ଅତି ସହଜ ! ସମସ୍ତଙ୍କ ଆଖିକୁ ସେ କଥା ସ୍ପଷ୍ଟ ଦେଖାଯାଉଛି । ରାଜାଙ୍କ ହାତରୁ ସରକାର ମନ୍ଦରର ପରିଚାଳନା ଛଡ଼ାଇ ନେବାପାଇଁ ଚାହାନ୍ତି ।"

ଅସନ୍ତୁଷ୍ଟ କଣ୍ଠରେ ମଧୁସୂଦନ ଚିତ୍କାର କରି ଉଠିଲେ, "ମେଟା ହେଲା ମୋଟିଭ୍ ମୋଟିଭ୍···ଉଦ୍ଦେଶ୍ୟ ବା ଅଭିସନ୍ଧି ! ମୋଟିଭ୍

କେବେ ଷ୍ଟ୍ରେଙ୍ଗେଷ୍ଟ ପଏଣ୍ଟ ହୋଇନପାରେ ! କିନ୍ତୁ ଏଇ ଗୋଟିକ ମାତ୍ର କଣ 'ମୋଟିଭ୍' ? ଏହା ବ୍ୟତୀତ ଅନ୍ୟ ମୋଟିଭ ନାହିଁ ?" ବାଇ ଦି ୱେ, ଗୋକୁଳାନନ୍ଦ···ହାଉ ଡୁ ୟୁ ଡିସ୍ଟିଙ୍ଗୁଇସ ବିଟ୍ୱିନ୍ ମୋଟିଭ୍ ଆଣ୍ଡ ଇଣ୍ଟେନ୍ସନ୍ ?"

ମଧୁସୂଦନ ହଠାତ ପୁଣି ସେପରି ଗୋକୁଳାନନ୍ଦଙ୍କ ଉପସ୍ଥିତି ବିସ୍ମୃତ ହୋଇ ପଡ଼ିଥିଲେ ।

ଏହି ସମୟରେ "ଉତ୍କଳ-ଦୀପିକା"ରେ ଦୁଇଖଣ୍ଡି ଇଂରାଜୀରେ ଲିଖିତ ପ୍ରେରିତ ପତ୍ର "ଦି ଲ୍ୟୁନାଟିକ୍" ସ୍ୱାକ୍ଷରରେ ପ୍ରକାଶ ପାଇଥିଲା । ମଧୁସୂଦନ ହିଁ ଏ ପତ୍ର ଦୁଇଟିର ଲେଖକ ଥିଲେ । ପୁରୀ ମନ୍ଦିର ମୋକଦ୍ଦମାର ନେପଥ୍ୟରେ ଇଂରେଜ ଶାସନର ସବୁ କୂଟ ଉଦ୍ଦେଶ୍ୟ ଓ ଅଭିସନ୍ଧି ସେ ଦୁଇଖଣ୍ଡି ପତ୍ରରେ ଅତି ସୂକ୍ଷ୍ମସୂକ୍ଷ୍ମ ଭାବରେ ଉନ୍ମୋଚିତ ହୋଇଥିଲା । ତଥ୍ୟଭିତ୍ତିକ, ବିଶ୍ଳେଷଣଧର୍ମୀ ସାମ୍ବାଦିକତା-ସୁଲଭ ରଚନା ଦୃଷ୍ଟିରୁ କେବଳ ନୁହେଁ, ଏକ ସାର୍ଥକ ରମ୍ୟରଚନା ହିସାବରୁ ମଧ୍ୟ ଉକ୍ତ ପତ୍ର ଦୁଇଟି କମ୍ ଉପଭୋଗ୍ୟ ନଥିଲା ।

ପ୍ରଥମ ପତ୍ର··· (ଅନୁବାଦ)

"ଦେଶୀୟ ଭାଷା-ସମ୍ବାଦପତ୍ର ଓ ବିଭିନ୍ନ ପ୍ରେସିଡେନ୍ସୀ ମାନଙ୍କରୁ ପ୍ରକାଶ ପାଉଥିବା ଇଂରାଜୀ ସମ୍ବାଦପତ୍ର ମାନଙ୍କରେ ଜଗନ୍ନାଥ ମନ୍ଦିର ମୋକଦ୍ଦମା ସମ୍ପର୍କରେ ମୁଁ ଅନେକ ଲେଖା ଇତିମଧ୍ୟରେ ପଢି ସାରିଲିଣି । ମୁଁ ଭାବୁଛି ଏକ ପୁସ୍ତିକା ଆକାରରେ ସେ ଲେଖା ସବୁ ପ୍ରକାଶିତ ହେଲେ ଲୋକେ ତାହାକୁ ଖୁବ୍ ଆଗ୍ରହର ସହିତ ପଢ଼ନ୍ତେ । କିନ୍ତୁ ଏ ମୋକଦ୍ଦମା ଚଳାଇବାରେ ସରକାରଙ୍କର ଅସଲ ଉଦ୍ଦେଶ୍ୟଟା କଣ—ଦିନେ ସନ୍ଧ୍ୟାବେଳେ ମୁଁ ତାହା ଅନୁମାନ କରିବା ପାଇଁ ଚେଷ୍ଟା କରୁଥିଲି । ମୁଁ ଦାର୍ଶନିକ ନୁହେଁ କିମ୍ବା ଆଭିଧାନିକ ନୁହେଁ । ତେଣୁ ଉଦ୍ଦେଶ୍ୟ ଓ ଅଭିସନ୍ଧି ମଧ୍ୟରେ ପାର୍ଥକ୍ୟଟା ମୁଁ କେବେ ଠିକ ଧରି ପାରି ନାହିଁ । ତେଣୁ ପ୍ରମାଦ ବଶତଃ ମୁଁ ଯଦି ଉଦ୍ଦେଶ୍ୟ (object )ଶବ୍ଦଟା ବ୍ୟବହାର କରିଥାଏ, ତା'ହେଲେ ସମ୍ପାଦକ ମହୋଦୟ, ମୋତେ କ୍ଷମା

କରିବେ । ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଦରିଦ୍ର 'ଚଷା'ଙ୍କ ପର୍ଯ୍ୟନ୍ତ ଭାରତୀୟ ଜନ ସମାଜରେ ଯେତେ ଯେତେ ଶ୍ରେଣୀ ରହିଛନ୍ତି ଏ ବ୍ୟାପାରରେ ସେମାନେ ପ୍ରତ୍ୟେକେ ନିଜ ନିଜ ରୁଚି ଅନୁସାରେ ଯେତେ ଯେତେ ଉଦ୍ଦେଶ୍ୟ ଆରୋପ କରୁଛନ୍ତି, ସେସବୁ ମୁଁ ଗୋଟି ଗୋଟି କରି ପରୀକ୍ଷା କରି ଦେଖିଛି । ମାତ୍ର ସେଥି-ମଧ୍ୟରୁ କୌଣସିଟି କୈଫିୟତ୍ ମୋତେ ସନ୍ତୋଷଜନକ ଲାଗୁ ନାହିଁ ।

କେତେକେ ମନେ କରୁଛନ୍ତି ବଡ଼ଦେଉଳର ପୂଜାବିଧିରେ ଉନ୍ନତି ଘଟାଇବା ଏ ମୋକଦ୍ଦମାର ଉଦ୍ଦେଶ୍ୟ । କିନ୍ତୁ ଏକଥା ମୁଁ ଆଦୌ ବିଶ୍ୱାସ କରି ପାରୁନାହିଁ । କାରଣ ଏକ ଖ୍ରୀଷ୍ଟିଆନ୍ ସରକାର ପକ୍ଷରେ ହିନ୍ଦୁ ପୂଜାବିଧିର ଉନ୍ନତି ବିଧାନ ସମ୍ପର୍କରେ ଏତେଟା ତତ୍-ପରତା ଆଦୌ ଶୋଭନୀୟ ନୁହେଁ । ପୁଣି ଧର୍ମସମ୍ପର୍କିତ ବ୍ୟାପାର ମାନଙ୍କରେ ସରକାର ଏଯାବତ ଯେଉଁ ନୀତି ଗ୍ରହଣ କରି ଆସିଛନ୍ତି, ଏହା ତାହାର ବିପରୀତ ହେବ । ଖ୍ରୀଷ୍ଟିଆନ୍ ଭାରତ ସରକାର ଦରମା ଦେଇ ହିନ୍ଦୁ ପଣ୍ଡା ପଢ଼ିଆରୀ ମାନଙ୍କୁ ଯେ ନିଯୁକ୍ତ ଦେବେ ନାହିଁ, ସେଥିରେ ମୋର ସନ୍ଦେହ ନାହିଁ ! ଏହା ବ୍ୟତୀତ ଇଂଲଣ୍ଡ ତଥା ଏତଦ୍ଦେଶୀୟ ଖ୍ରୀଷ୍ଟିଆନ୍ ମାନଙ୍କୁ ଭାରତ ସରକାର ଏକ ନିର୍ଭର ପ୍ରତିଶ୍ରୁତି ଦେଇଆସିଛନ୍ତି ଯେ, ସରକାର ଏ ଦେଉଳ ସହିତ କେବେ କୌଣସି ପ୍ରକାର ସମ୍ପର୍କ ରଖିବେ ନାହିଁ ! ଏ ପ୍ରତିଶ୍ରୁତି ତତ୍କାଳୀନ ଗଭର୍ଣ୍ଣର-ଜେନେରାଲଙ୍କ ନିର୍ଦ୍ଦେଶବଳୀରେ, ତାଙ୍କ କାଉନ୍‌ସିଲର ମାନଙ୍କର ରାୟନାମାରେ, କୋର୍ଟ-ଅଫ୍-ଡିରେକ୍ଟରସ୍ ମାନଙ୍କର ବିବରଣୀରେ, ଖ୍ରୀଷ୍ଟିଆନ୍ ସଂସ୍ଥା ମାନଙ୍କୁ ଭାରତ ସରକାରଙ୍କ ପତ୍ରାବଳୀରେ ପୁଣି ହାଉସ-ଅଫ-କମନ୍‌ସ୍‌ରେ ଇଂଲେସ ଓ କାନାର୍ଡ ପ୍ରମୁଖଙ୍କ ବକ୍ତୃତାରେ ଲକ୍ଷ୍ୟ କରା ଯାଇ ପାରିବ । ତେଣୁ ମନ୍ଦିରର ପରିଚାଳନାରେ ଉନ୍ନତି ଘଟାଇବା ଏ ମୋକଦ୍ଦମାର ଉଦ୍ଦେଶ୍ୟ ବୋଲି ମୁଁ ଆଦୌ ବିଶ୍ୱାସ କରି ପାରୁନାହିଁ । ତଥାପି ଏ ମୋକଦ୍ଦମାର ଅସଲ ଉଦ୍ଦେଶ୍ୟ ଯେ ଏଇଆ — ଏହା ବିଶ୍ୱାସ କରିବା ପାଇଁ ଲୋକ ଏ ଦେଶରେ ତଥା ଇଂଲଣ୍ଡରେ ଅନେକ ଅଛନ୍ତି । ମୁଁ ଶୁଣିଛି, ଏ ମୋକଦ୍ଦମା କୁଅଡେ ଇଂଲଣ୍ଡରେ ଖ୍ରୀଷ୍ଟିଆନ୍ ଜନସମାଜର ଦୃଷ୍ଟି ଆକର୍ଷଣ କରିଛି ଓ ମନ୍ଦିରର ସୁପରିଚାଳନା, ମୋକଦ୍ଦମାର ଅସଲ ଉଦ୍ଦେଶ୍ୟ ବୋଲି ସେମାନେ ମଧ୍ୟ ବିଶ୍ୱାସ କରୁଛନ୍ତି ।

ଆଜି କେତେକେ ଭାବୁଛନ୍ତି ଯେ ମନ୍ଦିରର ଦୂଷିତ ମହା ପ୍ରସାଦ ଖାଇବା ଫଳରେ ଦେଶରେ ଯେପରି ରୋଗ ବ୍ୟାଧି ବ୍ୟାପୁଛି, ତାହାର ପ୍ରତିକାର କରିବା ଏ ମୋକଦ୍ଦମାର ଏକ ଉଦ୍ଦେଶ୍ୟ । କିନ୍ତୁ ଏଥିରେ ମଧ୍ୟ ମୋର ପ୍ରତ୍ୟୟ ଜନ୍ମୁନାହିଁ । ହିନ୍ଦୁମାନେ ମହାପ୍ରସାଦକୁ ଅତ୍ୟନ୍ତ ପବିତ୍ର ଜ୍ଞାନ କରନ୍ତି ଓ ଏଥିରୁ କୌଣସି ଅଂଶ ଫିଙ୍ଗି ଦେବା ଭଳି ଉପେକ୍ଷଣୀୟ ନୁହେଁ ବୋଲି ସେମାନେ ବିଶ୍ୱାସ କରନ୍ତି । ତୀର୍ଥ ଯାତ୍ରୀମାନେ ଏହି ପବିତ୍ର ପ୍ରସାଦକୁ ସଙ୍ଗରେ ହଜାର ହଜାର ମାଇଲ ବହନ କରି ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ଏକ ଶ୍ରେଷ୍ଠ ଉପହାର ରୂପେ ବିତରଣ କରିଥାନ୍ତି । କିନ୍ତୁ ମହାପ୍ରସାଦ ଏତେ ଦୂରରେ ପହଞ୍ଚିବା ବେଳକୁ ମନୁଷ୍ୟର ଖାଦ୍ୟୋପଯୋଗୀ ହୋଇ ଆଉ ନଥାଏ । କିନ୍ତୁ ପୁରୀ ମନ୍ଦିରର ପରିଚାଳନାରେ ଯେଉଁ ବ୍ୟବସ୍ଥା ହେଉନା କାହିଁକି, ସୁଦୂର ପଞ୍ଜାବ କିମ୍ବା ବମ୍ବେ ପ୍ରେସିଡେନ୍‌ସୀରେ ଏ ସ୍ୱାସ୍ଥ୍ୟହାନିକର ପ୍ରସାଦ ବିତରଣ ନିଷିଦ୍ଧ ହୋଇ ପାରିବ କିପରି ? ଏହାର ନିରୋଧର ଏକମାତ୍ର ପନ୍ଥା ହେଉଛି, ଏ ମହାପ୍ରସାଦ କେହି ଯେପରି ସେବନ କରି ନ ପାରନ୍ତି; ସେଥିପାଇଁ 'ପେନାଲ୍‌କୋଡ୍‌'ରେ ଗୋଟାଏ ଧାରା ଖଞ୍ଜିଦେବା । ମାତ୍ର ସେଥିପାଇଁ ବିଧାନ ପରିଷଦର ସାହସ ଅଛି ତ ?

ଏହିପରି ନାନା ବିଷୟ ମନେମନେ ଆଲୋଡ଼ନ କରୁ କରୁ ମୋ ଆଖିରେ ହଠାତ୍ ନିଦ ଲାଗି ଆସିଥିଲା । ନିଦରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି, ସାର୍ ଜର୍ଜ କାମ୍‌ବେଲ (ଲେଫଟେନେଣ୍ଟ-ଗଭର୍ଣ୍ଣର) କୌଣସି ଜଣେ ବ୍ୟକ୍ତିଙ୍କ ସହିତ କୌଣସି ଏକ ଗୁରୁତର ଆଲୋଚନାରେ ବ୍ୟସ୍ତ ଅଛନ୍ତି । ତାଙ୍କ ନାଁ ଅବଶ୍ୟ ମୁଁ ଜାଣେ ନାହିଁ । ତେବେ ତାଙ୍କର ସରକାରୀ ପଦବୀ ହେଉଛି—ଖୋର୍ଦ୍ଧାର ସେଟଲମେଣ୍ଟ ଅଫିସର । ବନ୍ଦୋବସ୍ତରେ ଖୋର୍ଦ୍ଧା ଖାଲ୍ଲର ଜମା ବୃଦ୍ଧି କରିବାରେ ଯେଉଁସବୁ ଅସୁବିଧା ରହିଛି; ତାହା ସାର୍ ଜର୍ଜଙ୍କୁ ସେ ବୁଝାଉଥିବା ମୁଁ ଶୁଣିପାରିଲି । ଖୋର୍ଦ୍ଧା ଖାଲ୍ଲର ଗୋଟାଏ ଅଂଶ ମନ୍ଦିରର ପରିଚାଳନା ପାଇଁ ବିନା ସର୍ତ୍ତରେ ଛାଡ଼ି ଦିଆ ଯାଇଥିବାରୁ, ସେ ଅଂଶରେ ଜମା ବୃଦ୍ଧି ସମ୍ଭବ ନୁହେଁ । ସାର୍ ଜର୍ଜ କିନ୍ତୁ ଖୋର୍ଦ୍ଧା ଖାଲ୍ଲର ଜମା ବୃଦ୍ଧି ପାଇଁ ଅତ୍ୟନ୍ତ ଆଗ୍ରହୀ ଥିଲେ । ସେଟଲ୍‌ମେଣ୍ଟ ଅଫିସର ଅବଶ୍ୟ ସାର୍ ଜର୍ଜଙ୍କର ଆଦେଶ ପାଳନ କରିବା ପାଇଁ ଅନିଚ୍ଛୁକ ନ ଥିଲେ । କିନ୍ତୁ ଖୋର୍ଦ୍ଧା ଖାଲ୍ଲର ଯେଉଁ ଅଂଶଟି ଖୋର୍ଦ୍ଧା

ରାଜାଙ୍କୁ ଗ୍ରାଣ୍ଟ ଦିଆ ଯାଇଥିଲା, ସେ ଅଂଶରେ କୌଣସି ପ୍ରକାରେ ଜମାବୃଦ୍ଧି କରାଯାଇ ପାରିବ ନାହିଁ ବୋଲି ଚୁକ୍ତିପତ୍ରରେ ଏକ ସର୍ତ୍ତ ଥିବା ଦୃଷ୍ଟିରୁ, ଅନ୍ୟ ଅଂଶରେ କେବଳ ଜମାବୃଦ୍ଧି କାର୍ଯ୍ୟ କରାଯାଇ ପାରିବ; ତାହାହିଁ ତାଙ୍କ ପକ୍ଷରେ ଥିଲା ସମସ୍ୟା । ମାତ୍ର ସାର୍ ଜର୍ଜ ବୁଝାଇ ଦେଲେ ଯେ, କେବଳ ରାଜସ୍ୱ ଆଦାୟ ପାଇଁ ଏ ଚୁକ୍ତିପତ୍ର ସମ୍ପାଦିତ ହୋଇ-ଅଛି । ଜମି ଉପରେ ମାଲିକାନା ସହିତ ତାହାର ସମ୍ପର୍କ ନାହିଁ । ଏ ବ୍ୟାଖ୍ୟାରେ ସେଟଲ୍‌ମେଣ୍ଟ୍ ଅଫିସରଙ୍କ ସବୁ ସନ୍ଦେହ ମୋଚନ ହୋଇଗଲା ।

ଠିକ୍ ଏହି ସମୟରେ କଣ ଗୋଟାଏ ଶବ୍ଦରେ ମୋର ନିଦ ଭାଙ୍ଗିଗଲା । ସେତେବେଳକୁ ସାର୍ ଜର୍ଜ ଓ ସେହି ସେଟଲମେଣ୍ଟ୍ ଅଫିସର ଉଭୟେ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ । ଏହାର ଅଳ୍ପକ୍ଷଣ ମଧ୍ୟରେ ମୋତେ ପୁଣି ନିଦ ଲାଗିଗଲା ଓ ଦୃଶ୍ୟଟି ମଧ୍ୟ ସ୍ୱପ୍ନରେ ପରି-ବର୍ତ୍ତିତ ହୋଇଗଲା ।

ଏଥର ସାର୍ ଜର୍ଜ ଆଉ ଜଣେ ଭଦ୍ରବ୍ୟକ୍ତିଙ୍କ ସହିତ ଆବିର୍ଭୂତ ହେଲେ । ସେ ଜଣକ ଥିଲେ, ସେକ୍ରେଟାରି-ଅଫ୍-ଷ୍ଟେଟ୍-ଫର୍ ଇଣ୍ଡିଆ । ଚୁକ୍ତିପତ୍ର ସମ୍ପର୍କରେ ସାର୍ ଜର୍ଜଙ୍କର ବ୍ୟାଖ୍ୟା ଓ ଖୋର୍ଦ୍ଧା ରାଜାଙ୍କ ଅଧୀନରେ ଥିବା ଜମିକୁ ସେଟଲମେଣ୍ଟ୍-ଅଫିସର ଖାସମହାଲ କରିବା ପ୍ରସ୍ତାବକୁ ଅତି କଠୋର କଣ୍ଠରେ ସେ ପ୍ରତ୍ୟାଖ୍ୟାନ କରିଦେଲେ । ଏହି ସମୟରେ ପୁଣି ମୋର ନିଦ ଭାଙ୍ଗିଗଲା । ଏଥର ଗୋଟିଏ ମୂଷା ଗୋଟିଏ ଟେମ୍ବଲର୍ ଟେବୁଲ ଦରଜା ଭିତରେ ଚାପି ହୋଇ ପଶି, ସେଥିରୁ ମୁକୁଳି ଆସିବା ପାଇଁ ଚେଷ୍ଟା କରୁଥିଲା ।

ଏହାର ଅଳ୍ପକ୍ଷଣ ମଧ୍ୟରେ ମୋ ଆଖିରେ ପୁଣି ନିଦ ଲାଗି ଆସିଲା । ଏଥର ସ୍ୱପ୍ନରେ ମୁଁ ଗୋଟିଏ ସମ୍ପୂର୍ଣ୍ଣ ନୂତନ ଦୃଶ୍ୟ ଦେଖିଲି । ସାର୍ ଆସ୍‌ଲି ଇଡ଼େନ୍ କେତେକ ଭଦ୍ର ବ୍ୟକ୍ତିଙ୍କ ସହିତ କୌଣସି ଏକ ଗୁରୁତର ମନ୍ତ୍ରଣା ଚଳାଇଥିଲେ । ମନ୍ତ୍ରଣାର ବିଷୟବସ୍ତୁ ଥିଲା, ଖୋର୍ଦ୍ଧା ସେଟଲ୍‌ମେଣ୍ଟ୍ । ବିଭିନ୍ନ ଭଦ୍ରବ୍ୟକ୍ତି ସେଠାରେ କି ମତାମତ ଦେଲେ ଆପଣ ତାହା ଜାଣି ଲାଭ ନାହିଁ । ମୁଁ ମଧ୍ୟ ସ୍ୱପ୍ନରେ ଶୁଣା ସେ ସବୁ ବୃତ୍ତାନ୍ତ ଯଥାର୍ଥ ଭାବରେ ଏଠାରେ ଉଦ୍ଧାର କରି ପାରିବି ନାହିଁ । ତେବେ

ଏ ମନ୍ତ୍ରଣାର ଶେଷ ନିଷ୍ପତ୍ତି ହେଲା; ଖୋର୍ଦ୍ଧା ରାଜାଙ୍କୁ ଗାଦିଚ୍ୟୁତ କରିବା ପାଇଁ, ଆଇନ ପ୍ରଣୟନ କରିବା ପାଇଁ ପଡ଼ିବ । ତା’ ହେଲେ ଖୋର୍ଦ୍ଧା ଖାସ୍‌ମହଲର ସାନ୍ନ ବନ୍ଦୋବସ୍ତରେ ଆଉ କୌଣସି ପ୍ରତିବନ୍ଧକ ଉପୁଜିବ ନାହିଁ । ଏତେବେଳକୁ ସକାଳ ହୋଇ ଆସିଥିଲା । ମୁଁ ପୁଣି ରାଷ୍ଟ୍ରୀୟ ଗୋପନତାର ଦୈନନ୍ଦିନ ପୃଥିବୀକୁ ଫେରି ଆସିଲି ।

ଏ ସ୍ୱପ୍ନ ମୋତେ ଏକ ଗୋଲକଧନ୍ଦାରେ ପକାଇଛି । ଏ ସ୍ୱପ୍ନରେ କୌଣସି ସତ୍ୟତା ଅଛି କି ନାହିଁ ତାହା ଜାଣିବା ପାଇଁ ମୁଁ ଯଥେଷ୍ଟ ଚେଷ୍ଟା କରିଛି । କିନ୍ତୁ ମୁଁ ଏତିକି କେବଳ ଜାଣି ପାରିଛି ଯେ, ଖୋର୍ଦ୍ଧା ଖାସ୍‌ମହଲର ଏହି ଅଂଶ ବଙ୍ଗଦେଉଳର ସୁପରିଣ୍ଟେଣ୍ଡେଣ୍ଟ୍ ରୂପେ ଖୋର୍ଦ୍ଧା ରାଜାଙ୍କୁ ହସ୍ତାନ୍ତରିତ ହେବା ପରେ, କେତେ ବର୍ଷ ପର୍ଯ୍ୟନ୍ତ, ସରକାର ଏହାର ପରିଚାଳନା ନିଜ ହାତରେ ରଖିଥିଲେ, ସାର୍ଟିଫିକେଟ୍ ବଧି ଦ୍ୱାରା ବକେୟା ଖଜଣା ଆଦାୟ କରୁଥିଲେ ଓ ଜମି ଜରିବ୍ କରାଉଥିଲେ । ଅର୍ଥାତ୍ ଏ ଚକ୍ରାନ୍ତ ଥିଲା ରାଜସ୍ୱ ଆଦାୟ ସମ୍ପର୍କରେ । ଜମି ମାଲିକାନା ସହିତ ତାହାର ସମ୍ପର୍କ ନଥିଲା ।

ସମ୍ପାଦକ ମହାଶୟ; ଏ ସ୍ୱପ୍ନର ରହସ୍ୟ ଭେଦ କରି ପାରିବା ଭଳି ଆପଣ କାହାକୁ ଜାଣନ୍ତି କି ? ଏହା କେବଳ ସ୍ୱପ୍ନ ନା ବାଲ୍‌ଫିତାର ଜଗତରେ କୌଣସି ବାସ୍ତବ ଘଟଣା ସହିତ ଏହାର ସାମଞ୍ଜସ୍ୟ ଅଛି ? ଏହା ଜାଣିଥିବା କୌଣସି ସରକାରୀ କର୍ମଚାରୀଙ୍କୁ ଆପଣ ଜାଣନ୍ତି କି ?”

ସାର ରିଚ୍ଚର୍ଡ଼ ଟେମ୍ପଲଙ୍କ ପୂର୍ବରୁ ବଙ୍ଗଳା-ପ୍ରେସିଡ଼େନ୍‌ସୀର ଲେଫଟେନେଣ୍ଟ ଗଭର୍ଣ୍ଣର ପଦରେ ସାର ଜର୍ଜ କାମ୍ପବେଲ ଅଧିଷ୍ଠିତ ଥିଲେ । ତାଙ୍କର ଅମଳରୁ ବଙ୍ଗଦେଉଳର ସୁପରିଣ୍ଟେଣ୍ଡେଣ୍ଟ, ଖୋର୍ଦ୍ଧା ରାଜାଙ୍କ ଅଧୀନରେ ଥିବା ଖୋର୍ଦ୍ଧା ଖାସ୍‌ମହଲକୁ ଖାସ୍ କରିବା ପାଇଁ ଯେଉଁ ସବୁ ଷଡ଼ଯନ୍ତ୍ର ନେପଥ୍ୟରେ ଚାଲିଥିଲା, ଏହି ପତ୍ରରେ ତାହା ସୂଚିତ ହୋଇଅଛି । ମାତ୍ର ତତ୍କାଳୀନ ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ଏ ପ୍ରସ୍ତାବର ପ୍ରତିରୋଧ କରିବାରୁ ଷଡ଼ଯନ୍ତ୍ରଟି ସେତେବେଳେ ସଫଳ ହୋଇ ପାରି

ନଥିଲା । ପରବର୍ତ୍ତୀ ଲେଫଟେନେଣ୍ଟ ଗଭର୍ଣ୍ଣର ସାର୍ ରିଚାର୍ଡ ଟେମ୍ପଲଙ୍କ ଦରବାରରେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କୁ ଯେପରି ରାଜା ସନନ୍ଦରୁ ବଞ୍ଚିତ କରାଯାଇଥିଲା ଓ ପରେ ସେ ଦ୍ୱୀପାନ୍ତରିତ ହୋଇଥିଲେ, ପାଠକମାନେ ତାହା ଜାଣନ୍ତି । ତାଙ୍କ ପରେ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାର୍ ଆସ୍‌ଲି ଇଡେନ ଖୋର୍ଦ୍ଧା ରାଜଗାଦୀକୁ ବିଲୋପ କରିବା ପାଇଁ ଯେଉଁ ସବୁ ଷଡ଼ଯନ୍ତ୍ର ଚଳାଇଥିଲେ ତାହା ଏହି ପତ୍ରରେ ସୂଚିତ ହୋଇଅଛି । ପତ୍ରରେ ଯେଉଁ "ମୂଷା"ର ଉଲ୍ଲେଖ ଅଛି — ତାହା ହେଉଛି "ଢୋଲ ଭିତରେ ମୂଷା"···ଯେଉଁ ମହନ୍ତମାନେ ଏ ଷଡ଼ଯନ୍ତ୍ରରେ ଇଂରେଜ କର୍ମଚାରୀ ଗୋଷ୍ଠୀଙ୍କ ସହିତ ହାତ ମିଳାଇ ଥିଲେ । ପୁରୀ ଜଗନ୍ନାଥ ମନ୍ଦିର ଖୋର୍ଦ୍ଧା ରାଜାଙ୍କର ବ୍ୟକ୍ତିଗତ ସମ୍ପତ୍ତି — ଉପରୋକ୍ତ ପତ୍ରରେ ଏହାକୁ ସାବ୍ୟସ୍ତ କରିବାର ଉଦ୍ୟମ ହୋଇଥିଲା ।

## ଦ୍ୱିତୀୟ ପତ୍ର

"ମୋର ପୂର୍ବ ଚିଠିଖଣ୍ଡି ପ୍ରକାଶ କରିଥିବା ହେତୁ ଅଶେଷ ଧନ୍ୟବାଦ । ସମ୍ବାଦପତ୍ରର ଜଣେ ସମ୍ପାଦକଙ୍କ ଠାରେ ଏସବୁ ବାତୁଳ ପ୍ରଳାପ ଉପେକ୍ଷିତ ହୋଇ ନଥିବା, ଏ ପାଗଳ ପକ୍ଷରେ କମ ଉତ୍ସାହର ବିଷୟ ନୁହେଁ । ମୁଁ ଅବଶ୍ୟ ନିଜକୁ ପାଗଳ ବୋଲି ଭାବେ ନାହିଁ । ତଥାପି କେତେକେ ମୋତେ ପାଗଳା କହୁଥାନ୍ତି । ଭାରତରେ ଜଣେ ଅତି ବୁଦ୍ଧିମାନ ୟୁରୋପୀୟଙ୍କ ସହିତ ଥରେ ଜଗନ୍ନାଥ ମନ୍ଦିର ମୋକଦ୍ଦମା ସମ୍ପର୍କରେ ମୋର ଆଲୋଚନା ହୋଇଥିଲା । ସେତେବେଳେ ସେ ମୋତେ "ଲ୍ୟୁନାଟିକ୍" (ପାଗଳ) ବୋଲି ଆକ୍ଷେପ କରିଥିଲେ । ଏହାପରେ ପତ୍ରାଳାପ ମାଧ୍ୟମରେ ଏ ଆକ୍ଷେପ ସମ୍ପର୍କରେ ବିଶଦ ଆଲୋଚନା ପାଇଁ ମୁଁ ତାଙ୍କୁ ଆହ୍ୱାନ କରିଥିଲି ଓ ଆମ ମଧ୍ୟରେ ଦୀର୍ଘ ପତ୍ରାଳାପ ଚାଲିଥିଲା । ଅବଶେଷରେ ମୋ କଥା ଯଥାର୍ଥ ବୋଲି ସେ ସ୍ୱୀକାର କରିବା ପାଇଁ ବାଧ ହୋଇଥିଲେ । ତା'ପର ଠାରୁ ମୁଁ ଜଣେ ଅତ୍ୟନ୍ତ ବୁଦ୍ଧିମାନ ବ୍ୟକ୍ତି ବୋଲି ସେ ମନେ କରୁଥିବା, ତାଙ୍କର ଜଣେ ବନ୍ଧୁଙ୍କ ଠାରେ ପ୍ରକାଶ କରିଥିଲେ । ତଥାପି ସେହିଦିନରୁ ମୁଁ ନିଜକୁ ଜଣେ ପାଗଳ ବୋଲି ଭାବି ଆସୁଛି ।

ମୋତେ କୌଣସି 'ସେକେଣ୍ଡହାଣ୍ଡ' କଥା ଭଲ ଲାଗେ ନାହିଁ । ସେଇଥିପାଇଁ ଅନ୍ୟର କୌଣସି ସେକେଣ୍ଡହାଣ୍ଡ ବହି ମୁଁ ପଢ଼େ ନାହିଁ ।

କାରଣ ଏହାର ମାର୍ଜିନ୍‌ରେ ପେନ୍‌ସିଲ୍‌ରେ ଲେଖାଯାଇଥିବା ମତାମତ ସବୁରେ ଏହା ଭାରାକ୍ରାନ୍ତ ହୋଇ ପଡ଼ିଥାଏ—ପ୍ରଥମ ସ୍ୱାମୀର ତ୍ରୁଟି, ବିକୃତ ସେକେଣ୍ଡହାଣ୍ଡ ସ୍ତ୍ରୀ ଆଦରଣ କରିଥିବା ପରି ! ଠିକ୍ ସେହି କାରଣରୁ ମଧ୍ୟ କୌଣସି ସେକେଣ୍ଡହାଣ୍ଡ ମତାମତ—ତାହା ବ୍ୟକ୍ତିଗତ ହେଉ, ସାଧାରଣ ହେଉ ଅଥବା ଲୋକପ୍ରିୟ ହେଉ—ମୁଁ ଗ୍ରହଣ କରି ପାରେ ନାହିଁ । ସେକେଣ୍ଡହାଣ୍ଡ ମତାମତର ଅର୍ଥ ହେଉଛି ଅନ୍ୟଠାରୁ ଶୁଣା ଅନ୍ୟର ମତାମତ ! ଯଦି ଆପଣ ମୋତେ କହନ୍ତି ଯେ ଜଗନ୍ନାଥ-ମନ୍ଦିର ମୋକଦ୍ଦମା ହିନ୍ଦୁ ସମାଜରେ ଯଥେଷ୍ଟ ସହାନୁଭୂତି ଉଦ୍ରେକ କରିଛି; ତାହେଲେ ସେ କଥା ମୁଁ ଆଦୌ ବିଶ୍ୱାସ କରି ପାରିବି ନାହିଁ ! କାରଣ ମୁଁ ବର୍ତ୍ତମାନ ଯେଉଁ ପାଗଳା ଗାରଦରେ ରହିଛି, ଏହା ତାହାର ଅନୁଶାସନ ଲଂଘନ କରିବ । ମୁଁ ବରଂ ସାଧାରଣ ଲୋକଙ୍କ ସାଙ୍ଗରେ ମିଶିବି—ତା'ହେଲେ ସେମାନେ ମନ ଖୋଲି ସେ ବିଷୟରେ ସେମାନଙ୍କ ମତାମତ ମୋତେ କହି ପାରିବେ ।

କୌଣସି ସେକେଣ୍ଡହାଣ୍ଡ ବସ୍ତୁରେ ମୋର ଅଭିରୁଚି ନଥିବାରୁ ପ୍ରତ୍ୟହ ସଂଜ ସକାଳେ ବୁଲିବାବେଳେ, ରାସ୍ତାରେ ଓ ଲୋକଙ୍କ ଘର ପାଖରେ ପଡ଼ିଥିବା ଛିଣ୍ଡା କାଗଜ ଟୁକୁରା ସବୁ ମୁଁ ସାଇଣ୍ଟି ସଂଗ୍ରହ କରିଥାଏ । ସେଥିପାଇଁ ଅଳିଆକାଗଜ ଟୋକେଇ ମାନଙ୍କର ମୁଁ ଏକ ବଡ଼ ଖଦ୍ଦାର । କାରଣ ସେଥିର ସେହି ଛିଣ୍ଡା କାଗଜ ଓ ପାଣ୍ଡୁଲିପି ମାନଙ୍କରୁ ତାହାର ଲେଖକ ମାନଙ୍କର ମତାମତ ଜାଣିବାରେ ଓ ବୁଝିବାରେ ଏହା ସହାୟକ ହୋଇଥାଏ । ଅଳିଆ ଟୋକେଇର ସେହି ଛିଣ୍ଡା କାଗଜ ଟୁକୁରା ମାନଙ୍କରେ ଯେଉଁ ସବୁ ତଥ୍ୟ ଓ ମତାମତ ଲିପିବଦ୍ଧ ରହିଥାଏ, ତାହାକୁ ସର୍ବସାଧାରଣ ଅଥବା ସରକାରଙ୍କ ପାଇଁ ଉଦ୍ଦିଷ୍ଟ, ପରବର୍ତ୍ତୀ ରିପୋର୍ଟ ଓ ପ୍ରସ୍ତାବ ମାନଙ୍କର ମତାମତ ସହିତ ତୁଳନା କଲେ, ତାହାର ଫଳାଫଳ ମଧ୍ୟ ମୋ ପକ୍ଷରେ ବେଶ ଲାଭପ୍ରଦ ହୋଇଥାଏ ।

ଏଇପରି ଆଳମାଳଡ଼ା ସବୁ ମୁଁ ଗୋଟିଏ ବାକସରେ ସାଇତି ରଖେ । ସେ ବାକସର ନାମ 'ହଜ୍‌ପଜ୍' ବାକ୍ସ । ଏଥିର ସାଇତା ସମ୍ପତ୍ତି ସବୁ ହେଲା ଛିଣ୍ଡାଚିଠି, ବନ୍ଧୁମାନଙ୍କର ଛିଣ୍ଡାପୃଷ୍ଠା, କେତେ ଖଣ୍ଡ ପୁରୁଣା ଦଲିଲର ଭଗ୍ନାଂଶ ଓ ସେହିପରି ଆଉରି କେତେ ପ୍ରକାର ଲେଖା

ଲେଖିର ଆଲମାଲକା । ଏ ସବୁ ଆଲମାଲକାକୁ ଏକାଠି ଯୋଡ଼ିବା ସହଜ କଥା ନୁହେଁ । ଚୀନା ଗୋଲକଧନ୍ଦା ଭିତରେ ଗୋଟିଏ ଜ୍ୟାମିତିକ ଚିତ୍ରର ବିଭିନ୍ନ ଅଂଶକୁ ଯୋଡ଼ି ଏକାଠି ଖଞ୍ଜିବା ପରି ଏହା ଏକ କଷ୍ଟସାଧ୍ୟ କଥା । ସମ୍ପାଦକ ମହୋଦୟ ମୁଁ ବର୍ତ୍ତମାନ କେତେକ ମୂଲ୍ୟବାନ ଦଲିଲ ବା ଡକୁମେଣ୍ଟର ବିଷୟବସ୍ତୁ ଆପଣଙ୍କ ଠାରେ ଉପସ୍ଥାପିତ କରୁଛି । ଆପଣଙ୍କ ପାଠକମାନେ ସେ ସବୁକୁ ଏକାଠି ଯୋଡ଼ିବେ ।

୧ନମ୍ବର—ହେଉଛି ଖଣ୍ଡେ ବହିର ଛିନ୍ନ ପୃଷ୍ଠା । ଖୋର୍ଦ୍ଧା ଗ୍ରାଣ୍ଡ-ଟ୍ରଙ୍କ୍ ରୋଡ଼ ଉପରୁ ଏ ଖଣ୍ଡ ମିଳିଥିଲା । ଏଥିରେ ଲେଖାଅଛି "ନୀତିଟି ଏପରି ହେବା ଆବଶ୍ୟକ, ଯାହାଦ୍ୱାରା ତାଙ୍କ ମନରୁ ତଥା ଅଞ୍ଚଳର ଅଧିବାସୀ ମାନଙ୍କ ମନରୁ ତାଙ୍କ ବଂଶର ପୂର୍ବ ଗରିମା ଓ ଗୌରବର ସ୍ମୃତି ସମ୍ପୂର୍ଣ୍ଣ ଲୋପ ପାଇ ପାରିବ । ଅନ୍ତତଃ ପକ୍ଷେ ଲୋକଦୃଷ୍ଟିରେ ତାଙ୍କର ସମ୍ମାନିତ ଆସନ ଓ ରାଜନୈତିକ ପ୍ରାଧାନ୍ୟକୁ ଆଉ ବଞ୍ଚାଇ ରଖିବା ଭଳି କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ । ଏକ ପ୍ରାଚୀନ ସାର୍ବଭୌମ ରାଜବଂଶର ଉତ୍ତରାଧିକାରୀ ରୂପେ 'ନେଟିଭ' ମାନଙ୍କର ତାଙ୍କ ପ୍ରତି ଆସ୍ଥା ଓ ସମ୍ମାନ, ବହୁ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ସୁପରଟେଣ୍ଡେଣ୍ଟ୍ ପଦବୀ ପ୍ରତି ଆସ୍ଥା ଓ ସମ୍ମାନ ମଧ୍ୟରେ କେବଳ ସୀମିତ ରହିବା ଆବଶ୍ୟକ ।

୨ ନମ୍ବର—ଲାଲବାଗ କୋଠି ଫାଟକ ନିକଟରୁ ମିଳିଥିବା ଖଣ୍ଡେ ହାତଲେଖା କାଗଜ । ଏଥିରେ ଏହିପରି ଲେଖାଅଛି—"ସ୍ୱତନ୍ତ୍ର ଦୃଷ୍ଟିରୁ ସରକାର ଏହା ସ୍ଥିର କରି ସାରିଛନ୍ତି ଯେ, ଜମାଧାର୍ଯ୍ୟର ସାଧାରଣ ନୀତି ଅନୁସାରେ ଅନ୍ୟ ଜମିଦାର ମାନେ ଯେତିକି ଅଧିକାର ଓ ସୁବିଧା ପାଉଛନ୍ତି, ଖୋର୍ଦ୍ଧା ରାଜା ତାହାଠାରୁ ବେଶୀ ଅଧିକାର ଓ ସୁବିଧା ଦାବୀ କରି ନପାରନ୍ତି । ନିଜ ରାଜ୍ୟ ବା 'ଇଷ୍ଟେଟ୍'କୁ ନିଜର ସ୍ୱତ୍ୱରେ ଫେରି ପାଇବାର ଆଶା ସେମାନେ ବହୁଦିନରୁ ମନରୁ ପୋଛି ସାରିଲେଣି । ଲେମ୍ବାଇ ସମ୍ପର୍କରେ ଏ ବଂଶର ପ୍ରତିପୋଷଣ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଅଛି, ତାହା ଅତ୍ୟନ୍ତ ଉଦାର । ଏହା ବ୍ୟତୀତ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ୍ ରୂପେ ତାଙ୍କୁ ଯେଉଁ ଅଧିକ ଆୟ ମିଳିବ, ତାହା ମିଶିଲେ ତାଙ୍କର ଆପତ୍ତି କରିବା ପାଇଁ କୌଣସି କାରଣ ରହିବ ନାହିଁ ।"

୩ ନମ୍ବର – କଲିକତାର ୫ ନମ୍ବର ବାଙ୍କସଲ୍ ଷ୍ଟ୍ରୀଟ୍‌ରୁ ମିଳିଥିବା ଗୋଟାଏ ହୁଇସ୍କି-ବୋତଲର ଖୋଳ । ସେଥିରେ ଲେଖାଅଛି – “ମୋର ପରାମର୍ଶ ହେଉଛି, ତାଙ୍କୁ (ଏ ଅଂଶଟି ଛୁଡ଼ି ଯାଇଛି) ମୋଟ ରାଜସ୍ୱରୁ ଶତାଂଶ ୩୫ ଜମିଦାରଙ୍କ ଭତ୍ତା ବା ମାଲିକାନା ସ୍ୱରୂପ ଦେଇ, ଖୋର୍ଦ୍ଧାର ଅଧିକାରରୁ ବଞ୍ଚିତ କରାଯାଇ ପାରିବ । ଏ ପ୍ରଦେଶ ମାନଙ୍କ ପାଇଁ ମାଲିକାନାର ଏ ହାର (ମୂଳ ଅଂଶଟି ଏଠାରେ ଛିଣ୍ଡି ଯାଇଛି) ଙ୍କ ଦ୍ୱାରା ଜମିଦାର ମାନଙ୍କର ସର୍ବନିମ୍ନ ପ୍ରାପ୍ୟର ପରିମାଣ ରୂପେ ସ୍ୱୀକୃତ ହୋଇଥିଲା । ଅପରପକ୍ଷରେ ବ୍ୟକ୍ତିଗତ ଭତ୍ତା (ଅଂଶଟି ଛିନ୍ନ) ଟଙ୍କା ମନ୍ଦିରକୁ ଆର୍ଥିକ ସାହାଯ୍ୟର ଏକ ବିକଳ୍ପ ବ୍ୟବସ୍ଥା ରୂପେ ମଧ୍ୟ ଖଞ୍ଜା ଯାଇଥିଲା । ଏ ବ୍ୟବସ୍ଥାରେ ରାଜା ଯଥେଷ୍ଟ ଲାଭବାନ ହେଉଥିବା ଦୃଷ୍ଟିରୁ ସେ ଆଉ ଅସନ୍ତୁଷ୍ଟ ହେବା ଉଚିତ ନୁହେଁ ।

୪ ନମ୍ବର—ଖଣ୍ଡେ ହାତଲେଖା କାଗଜ । ଏହାକୁ ମୁଁ କେଉଁଠାରୁ ପାଇଥିଲି, ତାହା ବର୍ତ୍ତମାନ ସ୍ମରଣ ହେଉନାହିଁ । ଏଥିରେ ଏହିପରି ଲେଖାଅଛି – “କିନ୍ତୁ ଏକଥା ସ୍ମରଣ ରଖିବା ଉଚିତ ଯେ, ରାଜା ସମ୍ପୂର୍ଣ୍ଣ ଭାବରେ ସ୍ୱେଚ୍ଛାଚାରୀ ହୋଇ ପଡ଼ିଛନ୍ତି ଓ ମନ୍ଦିରକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ରୂପେ ଜ୍ଞାନ କରୁଅଛନ୍ତି ।”

୫ ନମ୍ବର – ଲଣ୍ଡନର ପାର୍ଲିଆମେଣ୍ଟ ଷ୍ଟ୍ରୀଟ୍‌ରୁ ଆସିଥିବା ହଳେ ଯୋତାର ଖୋଳ । ଏଥିରେ ଲେଖାଥିଲା – “ଆଇନ ପ୍ରଣୟନ ଅଥବା ପ୍ରତ୍ୟାହାର ଦ୍ୱାରା ମନ୍ଦିରର ପରିଚାଳନାରେ ରାଜାଙ୍କର ସ୍ୱତ୍ୱ ଓ ଅଧିକାର କଦାପି ବାଧାଗ୍ରସ୍ତ ହୋଇ ନପାରେ ।”

୬ ନମ୍ବର – ମନେହୁଏ ଏହା ବୋଧହୁଏ ପବିତ୍ର ବାଇବେଲ ଗ୍ରନ୍ଥର ସଂଶୋଧିତ-ସଂସ୍କରଣର ପାଣ୍ଡୁଲିପି । ଏହାର ପ୍ରଚ୍ଛଦପଟରେ ଲେଖାଯାଇ ଅଛି “କଠିନ ଶପଥ” । ଏହାର ପ୍ରଥମ ପୃଷ୍ଠାରେ ଏହିପରି ଲେଖାଅଛି···ମୁଁ ତାହାକୁ ଅବଶ୍ୟ ଅବିକଳ ଉଦ୍ଧାର କରୁନାହିଁ । ମୋ ନିଜ ଭାଷାରେ ଏହାର ସାରାଂଶ କେବଳ ଏଠାରେ ଉଲ୍ଲେଖ କରୁଛି । “ମୁଁ ଶପଥ କରି କହୁଛି ଯେ ରାଜା ମନ୍ଦିର ମଧ୍ୟରେ ଅନଧିକାର ପ୍ରବେଶ କରି ଅଛନ୍ତି । ମନ୍ଦିରରେ ତାଙ୍କର କୌଣସି ଅଧିକାର

ନାହିଁ । ମନ୍ଦିରର ଇଟା ପଥର ସୁଦ୍ଧା ସେ ତାଡ଼ି ନେଇ ପଳାଇବା ପାଇଁ ବସିଚନ୍ତି ।

ଦ୍ୱିତୀୟ ପୃଷ୍ଠାରେ ଲେଖାଅଛି···"ମୁଁ ପୁଣି ଶପଥ କରି କହୁଛି ଯେ, ରାଜାଙ୍କର ସ୍ୱେଚ୍ଛାଚାରର ଓ ଆତ୍ମସାତ୍ ପ୍ରଚେଷ୍ଟାରୁ ଦେଉଳକୁ ରକ୍ଷା କରିବା ପାଇଁ ସ୍ୱୟଂ ଜଗନ୍ନାଥ ସୁଦ୍ଧା ମୋର ସାହାଯ୍ୟ ଭିକ୍ଷା କରୁଛନ୍ତି ।"

ଏହାର ତୃତୀୟ ପୃଷ୍ଠାରେ ଗୋଟିଏ ଚିତ୍ର ଅଙ୍କିତ ଥିଲା । ମୁଁ ଶିଳ୍ପୀ ନୁହେଁ । ସେଥିପାଇଁ ଚିତ୍ରଟି ଏଠାରେ ଠିକ୍ ଉଦ୍ଧାର କରିପାରୁ ନାହିଁ । ଶିଳ୍ପୀର ଚିତ୍ରକୁ ଏକ ପାଗଳର କଲମ ମୁନରେ ବର୍ଣ୍ଣନା କରିବା ଯେତିକି ସମ୍ଭବ, ମୁଁ ଏଠାରେ କେବଳ ତାହାହିଁ କରୁଛି । ରାଜା ବସିଛନ୍ତି ଜଗନ୍ନାଥଙ୍କ ସାମ୍ନାରେ ଭକ୍ତିପୂତ ଭାବରେ । ଜଣେ ପୋଲିସ କନେଷ୍ଟବଲ ତାଙ୍କ ବାମ ବାହୁକୁ ଧରି ଝିଙ୍କୁଛି । ରାଜାଙ୍କୁ ରକ୍ଷା କରିବା ପାଇଁ ଏକ ବିରାଟ ଜନତା ସେହି ପୁଲିସ କନେଷ୍ଟବଲକୁ ମଧ୍ୟ ଆକ୍ରମଣ କରୁଛି ।

ସମ୍ପାଦକ ମହୋଦୟ; ଉପରୋକ୍ତ ଚିତ୍ରଟି ସମେତ ବର୍ଣ୍ଣିତ ସବୁ ବ୍ୟାପାର, କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ନହେଲେ ହେଁ, ସେଇ ଏକ ଆନୁଷ୍ଠାନିକ ବ୍ୟକ୍ତିର କାଣ୍ଡ ! ଆପଣ ଯଦି ମୋତେ ପଚାରନ୍ତି—ମୁଁ ଏସବୁ ବିଶ୍ୱାସ କରିବାର ଯଥାର୍ଥତା କଣ ? ତା' ହେଲେ ମୋର ସଂକ୍ଷିପ୍ତ ଉତ୍ତର— ମୁଁ ଜଣେ—

"ପାଗଳ"
(ଲ୍ୟୁନାଟିକ୍)

ପୂର୍ବୋକ୍ତ ପ୍ରଥମ ପତ୍ରରେ, ଖୋର୍ଦ୍ଧାରାଜାଙ୍କୁ ଜଗନ୍ନାଥମନ୍ଦିର ପରିଚାଳନା ଅଧିକାରରୁ ବଞ୍ଚିତ କରିବା ପାଇଁ ଯେଉଁ ସବୁ ଷଡ଼ଯନ୍ତ୍ର ନେପଥ୍ୟରେ ଚାଲିଥିଲା, ତାହା ଏକ ସ୍ୱପ୍ନର ଆଙ୍ଗିକରେ ପରିବେଷିତ ହୋଇଥିଲା । ଦ୍ୱିତୀୟ ପତ୍ରରେ ସେହି ସବୁ ଷଡ଼ଯନ୍ତ୍ରର ଅନୁବୃତ୍ତି ଥିଲେ ହେଁ, ଯେପରି ଅଶ୍ଳୀଳତର ଭାବରେ, ରାଜାଙ୍କ ବିରୁଦ୍ଧରେ କେତେକ ତଥ୍ୟ-ହୀନ ଅଭିଯୋଗ ଅଣାଯାଇ ମନ୍ଦିରରେ ସରକାରୀ ରିସିଭର ନିଯୁକ୍ତ କରି ଯାଇଥିଲା; ତାହାର ବିବରଣୀ ବିବୃତ ହୋଇଥିଲା ।

ଜଗନ୍ନାଥ ମନ୍ଦିରକୁ ସରକାରୀ ପରିଚାଳନାଧୀନକୁ ଆଣିବା ପୂର୍ବରୁ ଏହା କୁପରିଚାଳିତ ହେଉଥିବା ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ଯୁକ୍ତିଯୁକ୍ତ, ତଥ୍ୟଭିତ୍ତିକ, ପ୍ରମାଣସିଦ୍ଧ ଅଭିଯୋଗ ଶପଥପାଠ ସହିତ ସରକାରଙ୍କ ପକ୍ଷରୁ ଆଗତ କରାଯାଇ ନଥିଲା । ଉପରୋକ୍ତ ପକ୍ଷରେ ତାହା ସୂଚିତ ହେବା ସଙ୍ଗେ ସଙ୍ଗେ, ଜଗନ୍ନାଥ ମନ୍ଦିର ପରିଚାଳନାରୁ ରାଜାଙ୍କୁ ବଞ୍ଚିତ କରିବା ଫଳରେ ଜନ ସମାଜରେ ଯେଉଁ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଥିଲା, ତାହା ମଧ୍ୟ ସୂଚିତ ହୋଇଥିଲା ।

ହାଇକୋର୍ଟରେ ମୋକଦ୍ଦମା ବିଚାରାଧୀନ ଥିବାବେଳେ, ଏସବୁ ଐତିହାସିକ ତଥ୍ୟ ଓ ନେପଥ୍ୟ-ପ୍ରସଙ୍ଗ ଉପସ୍ଥାପିତ କରିବା ପାଇଁ ପରିସର ଆଇନ ଦୃଷ୍ଟିରୁ ଅତ୍ୟନ୍ତ ସୀମିତ ଥିଲା । ଅଥଚ ମୋକଦ୍ଦମାର ବିଚାରରେ ଏ ସବୁ ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏ ସବୁ ପର୍ଯ୍ୟାୟକ୍ରମେ "ଉତ୍କଳ-ଦୀପିକା" ସ୍ତମ୍ଭରେ ଇଂରାଜୀରେ ପ୍ରକାଶ କରାଇ, ମଧୁସୂଦନ ଏଥିପ୍ରତି ଉଭୟ ବିଚାରପତି ଓ ଇଂରେଜ ଶାସନକର୍ତ୍ତା ମାନଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇ ପାରିଥିଲେ । କେବଳ "ଉତ୍କଳ-ଦୀପିକା"ରେ ନୁହେଁ କଲିକତାର ସାହେବୀ ସମ୍ବାଦପତ୍ର "ଷ୍ଟେଟସ୍‌ମ୍ୟାନ୍"କୁ ମଧ୍ୟ ଏ ସମ୍ପର୍କରେ ମଧୁସୂଦନ କମ୍ ପ୍ରଭାବିତ କରାଇନଥିଲେ । "ଉତ୍କଳ-ଦୀପିକା"ର ନିମ୍ନୋକ୍ତ ସମ୍ବାଦରେ ତାହାର ସୂଚନା ରହିଅଛି···"× × × ଏଥିରୁ "ଷ୍ଟେଟସ୍‌ମ୍ୟାନ" ଯଥାର୍ଥ କହିଅଛନ୍ତି କି, ଜଳ ଯୋଗାଇବା କଥାଟି ସମ୍ପୂର୍ଣ୍ଣ ନୂତନ । ମୋକଦ୍ଦମାର କୌଣସି କାଗଜ ପତ୍ରରେ ତହିଁର ଉଲ୍ଲେଖ ନାହିଁ । ସରକାରଙ୍କ କାର୍ଯ୍ୟକୁ ନିର୍ଦ୍ଦୋଷ କରାଇବା ଅଭିପ୍ରାୟରେ ସମ୍ପ୍ରତି ତହିଁର ଅବତାରଣା ହୋଇ ଅଛି । ସମ୍ପାଦକ ଆହୁରି ଲେଖି ଅଛନ୍ତି କି ରଘୁନନ୍ଦନ ସ୍ୱାମୀଙ୍କ ଦାସ ଏବଂ ରାମପ୍ରସାଦ ସିଂହ ନାମକ ଏକ ବ୍ୟକ୍ତିର ଉପକାର ନିମିତ୍ତ ସ୍ଥାନୀୟ ହାକିମମାନେ ଏ ମୋକଦ୍ଦମା ଉଠାଇ ଅଛନ୍ତି ।"*

ହାଇକୋର୍ଟରେ ମୋକଦ୍ଦମା ଅବଶ୍ୟ ଚଳାଉଥିଲେ ସାଣ୍ଡେଲ ଓ ଉଡ୍‌ରଫ ପ୍ରମୁଖ ବାରିଷ୍ଟର । ମାତ୍ର ମଧୁସୂଦନ ହିଁ ଥିଲେ ତାହାର ତଦ୍‌ବିରକାରକ । ତାଙ୍କର ପ୍ରଚେଷ୍ଟା ଅବଶେଷରେ ସଫଳ ହୋଇଥିଲା । ଦେଉଳରେ ସରକାରୀ ରିସିଭର ନିଯୁକ୍ତ କରିବା ପାଇଁ

* ଉତ୍କଳ-ଦୀପିକା— ତା ୧୬ । ୪ । ୧୮୮୭ ଖ୍ରୀ

କୌଣସି ଯୁକ୍ତିଯୁକ୍ତ କାରଣ ପ୍ରଦର୍ଶିତ ହୋଇ ନଥିବା ହେତୁ, ହାଇକୋର୍ଟ ଏ ସମ୍ପର୍କିତ ସରକାରଙ୍କ ଆଦେଶକୁ ଅସିଦ୍ଧ ଘୋଷଣା କରି ନିମ୍ନ ଆଦେଶ ଦେଇଥିଲେ·

"We think that the order appointing the receiver in this case must be set aside for the reason that in our opinion no necessity has been shown for the appointment. The suit is a suit which is brought by the Collector representing the public for the purpose of having a scheme fixed for the management of certain religious endowment of a very extensive character on the ground that it is being mismanaged by the persons who are managing it. Now as to whether that suit can be maintained, or as to what the rights of the parties in this suit may be, we have no knowledge and no means of forming or expressing any opinion whatever, but this we do say that upon the affidavits before us, it does not appear that there is any reason for supposing that the property of this endowment is being made away with or wasted in any way. What does appear is that there is a suspicion that there may be better management and it is charged that the managers of the endowment are mismanaging it, but no trace whatever is there of any specific charge of dishonesty or misconduct against them in the sense of dishonesty."

ଯୁଗ ମଠର ଉପରେ ରାଜାଙ୍କ ବ୍ୟକ୍ତିଗତ ସ୍ୱାଧିକାର ପ୍ରତିଷ୍ଠିତ ହୋଇ ନପାରିଲେ ହେଁ, ରିସିଭର ନିଯୁକ୍ତି ସମ୍ପର୍କରେ ସରକାରଙ୍କ ହୁକ୍କାପିଟା ଆଦେଶ ବିରୁଦ୍ଧରେ, ଆରମ୍ଭରୁ ଏହାହିଁ ଥିଲା ମଧୁସୂଦନଙ୍କ ଅଭିଯୋଗ । —ଗୋଟାଏ ଗୂଢ଼ ଅଭିସନ୍ଧି ଚରିତାର୍ଥ କରିବା ଉଦ୍ଦେଶ୍ୟରେ କେବଳ କୁପରିଚାଳନା ସମ୍ପର୍କରେ କେତେକ ତଥ୍ୟପ୍ରମାଣହୀନ ଅଭିଯୋଗ କରାଯାଇ, ମଠରରେ ରିସିଭର ନିଯୁକ୍ତ କରି ଯାଇଥିଲା । ଏବେ ହାଇକୋର୍ଟରେ ତାହା ଅସିଦ୍ଧ ଘୋଷିତ ହେବା ପରେ "ମୋକଦ୍ଦମା ଆପଣା ମଧ୍ୟରେ ଭାଙ୍ଗି ଦେବାକୁ" ସରକାର ବ୍ୟଗ୍ର ହୋଇ ଉଠିଥିଲେ । "ଉତ୍କଳ-ଦୀପିକା"ର ନିମ୍ନୋକ୍ତ ସମ୍ବାଦରୁ ତାହାର ବିବରଣୀ ମିଳେ···

"ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁ ଯେ, ଏ ମୋକଦ୍ଦମା ଆପଣା ମଧ୍ୟରେ ଭାଙ୍ଗି ଦେବାକୁ ଗବର୍ଣ୍ଣମେଣ୍ଟ ସମ୍ମତ

କ୍ଷୋଭ ଅଛନ୍ତି । ଚଳିତ ମାସ ତା ୬ ଂ ଖରେ ଷ୍ଟେଟସମାନ ପତ୍ରରେ ଖୋର୍ଦ୍ଧା ରାଣୀଙ୍କ ଉକିଲଙ୍କ ସ୍ୱାକ୍ଷରିତ ଏକ ପ୍ରେରିତ ପତ୍ରରେ ଲେଖା ଅଛି କି, ଉକ୍ତ ପୂର୍ବ ଶନିବାର ଦିନ ଉକ୍ତ ଉକିଲ ଅର୍ଥାତ୍ ବାବୁ ମଧୁସୂଦନ ଦାସ ଓ ଆମ୍ଭମାନଙ୍କର କମିସ୍ନର ମେଟକାଫ୍ ସାହେବ ଯେ କି ସେ ସମୟରେ କଲିକତାରେ ଥିଲେ ଏବଂ ବଙ୍ଗୀୟ ସେକ୍ରେଟାରୀ ବୋଲଟନ୍ ସାହେବ, ଯାହାଙ୍କ ଆଦେଶରେ କି ଏ ମୋକଦ୍ଦମାର କାର୍ଯ୍ୟ ଚାଲୁଅଛି, ଏହି ତିନିଜଣ ବୈଠକ କରି, ମୋକଦ୍ଦମା ସମ୍ପର୍କୀୟ ଅନେକ କଥାବାର୍ତ୍ତା କଲେ ଓ ଶେଷରେ ରାଜିନାମା କରିବାର ଧାର୍ଯ୍ୟ ହେଲା । × × × ଆମ୍ଭମାନଙ୍କର ନୂତନ ଲେପ୍ଟେନାଣ୍ଟ ସାର ଷ୍ଟୁଆର୍ଟ ସାହେବଙ୍କୁ ଏଥିପାଇଁ ଧନ୍ୟବାଦ ଦେଉଅଛୁଁ ଏବଂ ତାହା ସଙ୍ଗେ ସଙ୍ଗେ ରାଣୀଙ୍କ ଉକିଲ ବାବୁ ମଧୁସୂଦନ ଦାସଙ୍କୁ ଧନ୍ୟବାଦ ନଦେଇ ଅନ୍ୟ କଥା କହି ନପାରୁ । ଏ ଶୁଭଫଳ ଏକା ତାହାଙ୍କର ଅସୀମ ଅଧ୍ୟବସାୟ, ବିଚକ୍ଷଣତା ଏବଂ ପ୍ରାଣପଣ ଯତ୍ନରୁ ଲାଭ ହୋଇଅଛି । × × × ମଧୁବାବୁ ଯେମନ୍ତ "ବିପତ୍ତେ ମଧୁସୂଦନଂ" କଥାର ସାର୍ଥକତା ଦେଖାଇ ଅଛନ୍ତି ।"

ଯେଉଁ 'ଉତ୍କଳ ଦୀପିକା' ସ୍ତମ୍ଭରେ ଦିନେ ମଧୁସୂଦନ ଧର୍ମଚ୍ୟୁତ "କାମିନୀ ବଶଗାଃ ନରାଃ"—ଗୋଷ୍ଠୀର ଅନ୍ୟତମ ଅପାଙ୍‌କ୍ତେୟ ରୂପେ ଚିତ୍ରିତ ହୋଇଥିଲେ; ପୁଣି ଜଣେ ଅନାମଧେୟ ଅମଲା ଦର୍ପନାରାୟଣଙ୍କ ଠାରୁ ଯାହାଙ୍କୁ ନିର୍ବାଚନରେ ପରାଜୟ ସ୍ୱୀକାର କରିବା ପାଇଁ ପଡ଼ିଥିଲା; ଶତାବ୍ଦୀର ଏକ ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମାରେ ସଫଳତା ଅର୍ଜନ କରି, ସେହି 'ଉତ୍କଳ-ଦୀପିକା' ସ୍ତମ୍ଭରେ ସେ ହଠାତ୍ "ବିପତ୍ତେ ମଧୁସୂଦନଂ" ହୋଇ ଉଠିଥିଲେ । ତାଙ୍କର ସଂଗ୍ରାମ-ମଳିନ ସ୍ୱେଦସିକ୍ତ କପାଳରେ ଏହା ସେଦିନ ସୌଭାଗ୍ୟର ପ୍ରଥମ ବିଜୟ ତିଳକ ରୂପେ ଅଙ୍କିତ ହୋଇଥିଲା । ଓଡ଼ିଶାର ଘରେ ଘରେ ମଧୁସୂଦନ ପରିଚିତ ହୋଇ ପଡ଼ିଥିଲେ—"ବିପତ୍ତେ ମଧୁସୂଦନ" !

ଜଗନ୍ନାଥ ମନ୍ଦିରରେ ସରକାରୀ ରିସିଭର ନିଯୁକ୍ତି ରଦ୍ଦ ହୋଇ ଖୋର୍ଦ୍ଧା ରାଜାଙ୍କର ପାରମ୍ପରିକ ପରିଚାଳନାଧିକାର ପୁନର୍ସଂସ୍ଥାପିତ ହୋଇ ଥିବାରୁ ଓଡ଼ିଶାରେ ସର୍ବତ୍ର ଶାନ୍ତି ଓ ସନ୍ତୋଷର ବାତାବରଣ ଖେଳି ଯାଇଥିଲା । ମାତ୍ର ତାହା ଦୀର୍ଘକାଳସ୍ଥାୟୀ ହୋଇ ପାରି ନଥିଲା ।

ଅଣ୍ଡାମାନ୍‌ରୁ ସମ୍ବାଦ ଆସି ପହଞ୍ଚିଲା ଯେ, ନିର୍ବାସିତ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ବଦ୍ଧ ପାଗଳ ହୋଇ ପଡ଼ିଥିଲେ । ସେ ବର୍ଷ

ମହାରାଣୀ ଭିକ୍ଟୋରିଆଙ୍କ ଜୁବୁଲି-ଉତ୍ସବ ଉପଲକ୍ଷେ ଢବ୍ୟସିଂହ ଦେବଙ୍କ କାରାମୁକ୍ତି ପାଇଁ 'ଉତ୍କଳ ସଭା' ପକ୍ଷରୁ ଆବେଦନ କରାଯାଇ ଥିଲା । ଜୁବୁଲି ବେଳେ ଓଡ଼ିଶାରୁ "ମୋଟ ୬୩, ୩୦୫ କଏଦୀ, ଜେଲ-ଖାନା କଳାପାଣି ଓ ଦେବାଙ୍ଗ ଫାଟକରୁ ଖଲାସ ହେଲେ ।" ମାତ୍ର ଅଭିଶପ୍ତ ଢବସିଂହ ଦେବ ଖଲାସ ହୋଇ ପାରିଲେ ନାହିଁ ।

ଖଲାସ ହେବା ପୂର୍ବରୁ ସେହି ବର୍ଷ ଆଣ୍ଡାମାନରେ ତାଙ୍କର ପରଲୋକ ହୋଇଗଲା । କିନ୍ତୁ ପୁରୀ ରାଜବଂଶର ବିଡ଼ମ୍ବିତ ଇତିହାସରେ ପତନକାରତନ ସେଇଠାରେ ଘଟିନଥିଲା ।

(ତିନି)

ପାଞ୍ଚବର୍ଷ ତଳର ଅଖ୍ୟାତ, ଆଗନ୍ତୁକ ମଧୁସୂଦନ କଟକ ସହର ତଥା ଓଡ଼ିଶାର ଶିଷ୍ଟ ସମାଜରେ ସେତେବେଳକୁ ଏକ ସୁପରିଚିତ ନାମ— ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍. ଏ, ପୁଣି ପ୍ରଥମ ଆଡ୍‌ଭୋକେଟ ରୂପେ ଓଡ଼ିଶାର ଘରେ ଘରେ ତାଙ୍କର ଯଶକୀର୍ତ୍ତି ! ପୁରୀ ମନ୍ଦିର ମୋକଦ୍ଦମା ସରକାର ଉଠାଇ ନେବେ ବୋଲି କିଏ ଆଶା କରିଥିଲା ? ସରକାରଙ୍କ ବିରୁଦ୍ଧରେ ମୋକଦ୍ଦମା ଚଳାଇବା ବେଳେ ବହୁ ଇଂରେଜ କେବଳ ତାଙ୍କୁ ଯେ ପାଗଳ ବୋଲି ଅଭିହିତ କରିଥିଲେ ତାହା ନୁହେଁ; ଅନେକ ନିରୀହ ଓଡ଼ିଆ ଭଦ୍ରବ୍ୟକ୍ତି ମଧ୍ୟ ତାଙ୍କୁ ସେଇ ତାଲିକାରେ ଗଣିଥିଲେ । କିନ୍ତୁ ଏ ମୋକଦ୍ଦମାରେ ଜିତିବା ପରେ ସେ ହଠାତ ହୋଇ ଉଠିଥିଲେ ଓଡ଼ିଶାର ଗଣ-କର୍ତ୍ତା !

ଏ ସଫଳତା ଓ ବ୍ୟବସାୟିକ ସୁନାମ ବାହ୍ୟତଃ ପ୍ରୀତିପ୍ରଦ ଥିଲେହେଁ, ତାହା ମଧୁସୂଦନଙ୍କର ପ୍ରଚ୍ଛନ୍ନ ଜୀବନର ଅଶାନ୍ତି ଓ ଅସନ୍ତୋଷକୁ କେବଳ ପ୍ରବର୍ଦ୍ଧିତ କରୁଥିଲା । ବ୍ୟବସାୟରେ ଏଇ ଟିକିଏ ସୁନାମ; ଏଇ ସାମାନ୍ୟ ସଫଳତା ପାଇଁ ସେଦିନ କଣ କଲିକତା ସହରରେ ସେ ଏତେ ସଂଗ୍ରାମ କରିଥିଲେ ? ଏଇଥି ପାଇଁ ସେ କଣ ହୋଇଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ? ଅଃ···ଏଇ ଇଂରେଜୀ

ଶିକ୍ଷିତର ଦଳ ! ଏମାନେ ଅପରାହ୍ନର ସ୍ୱର୍ଣ୍ଣ ସ୍ୱପ୍ନ ପରି···ଅବାସ୍ତବ ! ଜୀବନର କଠୋର ବାସ୍ତବତା ସହିତ ଏମାନଙ୍କ ସମ୍ପର୍କ ବା କେତେ ? ସେ କଣ ଏବେ ସେହିମାନଙ୍କ ଦଳରେ ମିଶି, କେବଳ ଆଉ ଜଣେ ସଫଳ ଆଇନ-ବ୍ୟବସାୟୀର ସଂଖ୍ୟା ବୃଦ୍ଧି କରିବେ ? ଉତ୍କଳ-ସଭାରେ ଆଉରି କେତେଗୋଟି ବକ୍ତୃତା ଦେଇଦେଲେ କଣ ତାଙ୍କ କାର୍ଯ୍ୟ ଶେଷ ହୋଇଯିବ ?

ଆସନ୍ନ ସନ୍ଧ୍ୟାର ଧୂସର ଆଲୋକ ମଧ୍ୟରେ ବାରବାଟୀ କିଲ୍ଲା, ଲାଞ୍ଛିତ ଇତିହାସର ଏକ ମୌନ, ଭଗ୍ନସ୍ତୂପ ପରି ଦେଖାଯାଉଥିଲା । ଦେବଦାରୁ ଗଛ ଢ଼ଙ୍କା ଧୂଳିଆ ନାଲି ସଡ଼କ ଧାରେ ଧାରେ ମଧୁସୂଦନ ନିୟମିତ ସାନ୍ଧ୍ୟ ଭ୍ରମଣରେ ବାହାରିଥିଲେ । ସକାଳେ କାଠଯୋଡ଼ି ବନ୍ଧ ଆଉ ସନ୍ଧ୍ୟାରେ ମହାନଦୀ କୂଳେ କୂଳେ, ଦୀର୍ଘ ନିଃସଙ୍ଗ ଭ୍ରମଣ— ମଧୁସୂଦନଙ୍କ ବ୍ୟାୟାମ ଥିଲା ସେତିକି, ବିଳାସ ଥିଲା ମଧ୍ୟ ସେତିକି । ପିନ୍ଧାରେ ତାଙ୍କର ଧଳା ଟ୍ରାଉଜର ଧଳା ହାଫସାର୍ଟ ଖଣ୍ଡେ । ହାତରେ ଖଣ୍ଡେ ଷ୍ଟିକ୍ ବୁଲାଇ ବୁଲାଇ ପୂର୍ବପଟ ଗଡ଼ଖାଇ ଧାରେ ଧାରେ ସେ ମହାନଦୀ କୂଳ ଆଡ଼େ କ୍ଷିପ୍ର ପାଦରେ ଚାଲିଥିଲେ । ଟମ୍ ଟମ୍ ଗାଡ଼ିଟା ଅନେକ ପଛରେ ତାଙ୍କୁ ଅନୁସରଣ କରି ଆସୁଥିଲା । ଗଡ଼ଖାଇର ଉତ୍ତର-ପୂର୍ବ କୋଣର ଗୋଟାଏ ଗମ୍ବୁଜ ପାଖରେ ମଧୁସୂଦନ ଦଣ୍ଡେ ଠିଆ ହୋଇଗଲେ ।···ଆଜକୁ ମୋଟେ ଚଉରାଶୀ ବର୍ଷ ତଳର କଥା । କିନ୍ତୁ ଏହାରି ଭିତରେ କେତେଟା ଶତାବ୍ଦୀ ଅତିବାହିତ ହୋଇଯିବା ପରି ମନେ ହେଉଥିଲା ! ସେଦିନ କାପ୍ଟେନ ହାରକୋର୍ଟ ଓ ମେଲଭିଲ୍‌ର ସିପାହୀମାନେ ଗଡ଼ଖାଇର ଏହି ଉତ୍ତର ପଟରୁ ବାଟେସି ଖଂଜିବା ବେଳେ ସେମାନଙ୍କ ବିରୁଦ୍ଧରେ ଏ ଜାତି କାଣି ଆଙ୍ଗୁଠିଟାଏ ସୁଦ୍ଧା ଉଠାଇ ନଥିଲା ! ସେତେବେଳେ ଏ ଜାତି କଣ ଆଶା କରିଥିଲା ସେମାନଙ୍କ ଠାରୁ ? ବର୍ଗୀ ଜୁଲୁମରୁ ପରିତ୍ରାଣ ନିଶ୍ଚୟ । କିନ୍ତୁ ବର୍ଗୀ ଜୁଲୁମରୁ ପରିତ୍ରାଣ ମିଳିଲା ବା କେଉଁଠି ? ମରହଟ୍ଟା ବର୍ଗୀ ମାନଙ୍କ ପରିବର୍ତ୍ତେ, ଆସିଲେ ଆଉ ଏକ ଶ୍ରେଣୀର ବର୍ଗୀ । ମରହଟ୍ଟା ବର୍ଗୀଦଳ ଓଡ଼ିଆର ଆତ୍ମବଳ ଲୁଣ୍ଠନ କରିନଥିଲେ । ଓଡ଼ିଆର ଭାଷା, ଓଡ଼ିଆର ଅଭିମାନ ସେମାନଙ୍କ ହାତରୁ ଲୁଣ୍ଠିତ ହୋଇ ନଥିଲା । ମାତ୍ର ଏମାନଙ୍କର ଜୁଲୁମରୁ ସେତକ ସୁଦ୍ଧା ବର୍ତ୍ତି ପାରିଲା ନାହିଁ ଯେ !

କଟକ-କ୍ଲବରେ ଶ୍ୱେତାଙ୍ଗ ସାହେବ ଓ ମେମ୍ ମାନଙ୍କର ସ୍ୱାତ୍ୟନ୍ତିକ ସାନ୍ଧ୍ୟ ଆସର ଜମି ଉଠିବା ପାଇଁ ଆରମ୍ଭ କରିଥିଲା । କ୍ଲବ ସାମନା ଲନରେ ଦଳ ଦଳ ସାହେବ ମେମ୍ ଇତସ୍ତତଃ ହୋଇ ସନ୍ଧ୍ୟାର ସିବ୍‌ସରିଆ ପବନ ଆଘ୍ରାଣ କରି ବୁଲୁଥିଲେ । ଟେନିସ୍ କୋର୍ଟ ମାନଙ୍କରେ ଟେନିସ ଖେଳ ତଥାପି ଶେଷ ହୋଇ ନଥିଲା । ଉର୍ଦ୍ଦିପିନ୍ଧା ବଅରର୍ ମାନେ ଅତିଥି ମାନଙ୍କ ମଧ୍ୟରେ ବୁଲି ବୁଲି ଟ୍ରେ ମାନଙ୍କରେ ବିଭିନ୍ନ ପାନୀୟ ପରିବେଷଣ କରୁଥିଲେ ।

କେତେଟା ଯୋଡ଼ି ଗାଡ଼ି ଆଉ ଡଗ୍‌କାର୍ଟ କ୍ଲବ ଭିତରକୁ ଚାଲିଗଲା ।···ଶେଷ ଗାଡ଼ିଟାରେ ମାନେସ୍ତ୍ରୀ ସାହେବ ଦୁଇଟା ଵାଂସ୍ ଜଣ ବାହାରକୁ ଦେଖାଇ ବାରବାଟୀର ଗୋଧୂଳି ଉପରକୁ ଯେପରି ଭ୍ରୂକୁଟୀ ହାଣୁଥିଲା । ଲେକଟା ଗୋଟାଏ 'ସାଉସ୍ତ' । ଓଡ଼ିଶାରେ ଇଂରେଜ ଶାସନଟା ତ ଗୋଟାଏ ସାଡ଼ିଜମ୍ ! ଅକଥନୀୟ ଗ୍ଲାନିରେ ମଧୁସୂଦନଙ୍କ ଦେହ ଓ ମନର ପ୍ରତ୍ୟେକ ତନ୍ତୁ ଶକ୍ତ ହୋଇ ଉଠିଲା । 'କଟକ-କ୍ଲବ' ରେ ସ୍ୱାରସ୍ୟ ମାନଙ୍କ ପ୍ରବେଶ-ନିଷିଦ୍ଧ । କିନ୍ତୁ କଟକରେ ଶିକ୍ଷିତ ଓଡ଼ିଆ ସମାଜରେ ଗୋଟାଏ କ୍ଲବ୍ ଗଢ଼ି ଉଠି ପାରିଲା ବା କେଉଁଠି ?

ତୁଳସୀପୁର ଆଡ଼୍ -କଲଖାଇର ଉତ୍ତରପାଖ ରାସ୍ତାରେ ଧୂଳି ଉଡ଼ାଇ ଗୋଟାଏ ଯୋଡ଼ିଗାଡ଼ି ଆସୁଥିଲା । ଗାଡ଼ିଟା ନନ୍ଦ-କିଶୋରଙ୍କର ।

ଗାଡ଼ି ଅଟକିବା ମାତ୍ରେ ସେଥିରୁ ନନ୍ଦକିଶୋର ତଳକୁ ଡ୍ରାପ୍ସ କୁଦ ପଡ଼ କହିଲେ···"ତମକୁ କଂଗ୍ରାଚୁଲେସନ୍ ଜଣାଇବା ପାଇଁ ମୁଁ ଖୋଜି ବୁଲୁଛି ମଧୁବାବୁ ।"

କିନ୍ତୁ ଏଥିପାଇଁ ସେପରି କୌଣସି କାରଣ ଥିବା ମଧୁସୂଦନ ହଠାତ ସ୍ମରଣ କରି ପାରୁନଥିଲେ । ନନ୍ଦକିଶୋର କହିଲେ··· " କମିସନର ମେଟକାଫ୍ ସାହେବ, ଲୋକାଲ-ବୋର୍ଡର ଚେଆରମେନ୍ ପଦ ପାଇଁ ଆପଣଙ୍କ ନାମ ସୁପାରିସ କରିଥିଲେ ; ସରକାର ତାହାକୁ ଅନୁମୋଦନ କରିଛନ୍ତି ।"

ମଧୁସୂଦନଙ୍କର ମନୋପଡ଼ିଲା, କେତେଥର ଭଲେ ମେଟକାଫ୍ ଖଣ୍ଡେ ଚିଠି ଲେଖିଥିଲେ, ଲୋକାଲ୍‌ବୋର୍ଡ଼ର ସଭ୍ୟ ରୂପେ ମନୋନୀତ ହେବାରେ ମଧୁସୂଦନଙ୍କ ସମ୍ମତି ଜାଣିବା ପାଇଁ । କିନ୍ତୁ ଲୋକାଲ-ବୋର୍ଡ଼ର ଚେଆରମେନ୍ ପଦରେ ସେ ଯେ ହଠାତ ମନୋନୀତ ହେବେ, ତାହା ସେ ଆଶା କରିନଥିଲେ !

ଏହାର ଅଳ୍ପଦିନ ପୂର୍ବେ, ବଙ୍ଗୀୟ ଆତ୍ମଶାସନ-ପ୍ରଣାଳୀ ଅନୁସାରେ କଟକ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର ଭଦ୍ରକ ପ୍ରଭୃତି ସବଡିଭିଜନ ମାନଙ୍କରେ ଲୋକାଲବୋର୍ଡ ମାନ ଗଠିତ ହୋଇଥିଲା । ଏମାନଙ୍କ ମଧ୍ୟରେ କଟକ ଲୋକାଲ-ବୋର୍ଡ ଥିଲା ବୃହତ୍ତମ । ଯେଉଁମାନେ ଏହାର ପ୍ରଥମ ସଭ୍ୟ ରୂପେ ମନୋନୀତ ହୋଇଥିଲେ, ସେମାନେ ହେଲେ ଗଡ଼ଜାତ ମାହାଲର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ, ସିଭିଲ-ସର୍ଜନ୍, ପୁରୀ ଡ଼ିଭିଜନ୍‌ର ଏକ୍‌ଜିକ୍ୟୁଟିଭ ଇଂଜିନିଅର୍, ବାବୁ ବୈଦ୍ୟନାଥ ପଣ୍ଡିତ, ରାୟ ବାହାଦୁର ହରିବଲ୍ଲଭ ଘୋଷ, ମିଷ୍ଟର ମଧୁସୂଦନ ଦାସ, ବାବୁ ହରେକୃଷ୍ଣ ଦାସ, ମୁନସୀ ମହମଦ ହୋସେନ୍, ବାବୁ ବ୍ରଜେଶ୍ୱର ଚନ୍ଦ୍ର, ମୁନସୀ ମହମଦ ଅତର, ବାବୁ ରାମଦାସ ଚକ୍ରବର୍ତ୍ତୀ, ବାବୁ ମହାନନ୍ଦ ଗୁପ୍ତ, ଡେପୁଟୀ କଲେକ୍ଟର ବାବୁ ଦୀନବନ୍ଧୁ ମହାନ୍ତି, ବାବୁ ଗୋକୁଳାନନ୍ଦ ଚୌଧୁରୀ ଓ ବାବୁ ଶ୍ୟାମସୁନ୍ଦର ରାୟଗୁରୁ । *

ନନ୍ଦକିଶୋର କହିଲେ···"ସରକାରଙ୍କର ବିଶ୍ୱାସ ଆପଣଙ୍କ-ପରି ଲୋକ ଦାୟିତ୍ୱ ମୁଣ୍ଡାଇବା ପାଇଁ ବାହାରିଲେ ଯାଇଁ ଆତ୍ମଶାସନ-ପ୍ରଣାଳୀ ଏ ଦେଶରେ ସଫଳ ହୋଇପାରିବ । ଆପଣଙ୍କ ପକ୍ଷରେ ଏହା ଗୋଟାଏ ପରୀକ୍ଷା, ଜାଣନ୍ତୁ ।"

ଦାୟିତ୍ୱ କଥାଟା ଶୁଣିବାକୁ ଅବଶ୍ୟ ଗୁରୁଗମ୍ଭୀର ! କିନ୍ତୁ ଲୋକାଲ ବୋର୍ଡର ଦାୟିତ୍ୱ ଭିତରେ ନଦୀଘାଟ, ଗ୍ରାମ୍ୟରାସ୍ତା, ପ୍ରାଥମିକ ସ୍କୁଲ ଆଉ କାଞ୍ଜିଆହୁଦା । ଏ ସବୁ ଅତି ସାମାନ୍ୟ । ପ୍ରାଥମିକ ସ୍କୁଲ ଗୁଡ଼ିକର ସଂଖ୍ୟା । ଅଙ୍ଗୁଳିମେୟ । ମଫସଲ ରାସ୍ତା କହିଲେ କଅଁଶ ଗୋହିରୀ ଆଉ ହିଡବାଡ । ନଦୀଘାଟ ଆଉ କାଂଜିଆହୁଦା ନିଲାମ; ଲୋକାଲ-

* ଉତ୍କଳ-ଦୀପିକା-ତା ୧୪ । ୫ । ୮୭

ବୋର୍ଡ଼ ଅଫ୍‌ର ଏକମାତ୍ର ସମ୍ବଳ । ତଥାପି ଏହି ବିରାଟ ନିସ୍ତବ୍ଧତା ମଧ୍ୟରୁ ଓଡ଼ିଶାରେ ସ୍ୱାୟତ୍ତ-ଶାସିତ ଜନଜୀବନର ନବନିର୍ମାଣ ଆରମ୍ଭ କରିବାକୁ ପଡ଼ିବ । ଇତିହାସର ଏକ ପ୍ରବଳ ଆହ୍ୱାନ ରୂପେ, ଏହା ସେତେବେଳେ ମଧୁସୂଦନଙ୍କ ସମ୍ମୁଖରେ ଦେଖା ଦେଇଥିଲା । ସେଦିନ ମ୍ୟୁନିସିପାଲିଟୀ-ନିର୍ବାଚନରେ ସେ ସାମାନ୍ୟ କମିଶନର୍‌ଟିଏ ସୁଦ୍ଧା ହୋଇ ପାରିନଥିଲେ । ଅଥଚ ଅନାହୂତ ଭାବରେ ସେ ହଠାତ୍ ହୋଇ ଉଠିଥିଲେ କଟକ-ଲୋକାଲ୍ ବୋର୍ଡ଼ର ଚେଆରମେନ୍ ।

ବାପ୍‌ଟିଷ୍ଟ-ଗୀର୍ଜାରେ ସାନ୍ଧ୍ୟ ପ୍ରାର୍ଥନା ପାଇଁ ଘଣ୍ଟା ବାଜୁଥିଲା ।

ସନ୍ଧ୍ୟାର ମୌନ ଆକାଶକୁ ଚାହିଁ, ମଧୁସୂଦନ ମନେ ମନେ ପ୍ରାର୍ଥନା କରୁଥିଲେ···"ଶକ୍ତି ଦିଅ ! ଆଶୀର୍ବାଦ ଦିଅ !"

( ତେର )

ସେହି ବର୍ଷ ଡିସେମ୍ବର ମାସରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ ହେଉଥିଲା, ଭାରତୀୟ ଜାତୀୟ କଂଗ୍ରେସର ତୃତୀୟ ଅଧିବେଶନ ।

ଉଦ୍ୟୋକ୍ତା ମାନଙ୍କ ଠାରୁ ଆମନ୍ତ୍ରଣ ପାଇବା କ୍ଷଣି ମାନ୍ଦ୍ରାଜ ଯିବା ପାଇଁ ମଧୁସୂଦନ ପ୍ରସ୍ତୁତ ହୋଇ ପଡ଼ିଥିଲେ । ଗଞ୍ଜାମ ଜିଲ୍ଲା ଓ ଜୟପୁର ମାନ୍ଦ୍ରାଜ ପ୍ରେସିଡେନ୍‌ସୀର ଅନ୍ତର୍ଭୁକ୍ତ ଥିବାରୁ ସେଠାରେ ଓଡ଼ିଆ ଭାଷାର ଅବସ୍ଥା ଯେପରି ସଙ୍କୁଚିତ ଥିଲା, ଓଡ଼ିଆଭାଷୀମାନେ ସଂଖ୍ୟାନ୍ୟୂନ ଗୋଷ୍ଠୀ ରୂପେ ସେହିପରି ନିପୀଡ଼ିତ ଥିଲେ । ମାନ୍ଦ୍ରାଜ ଠାରେ କଂଗ୍ରେସ ଅଧିବେଶନରେ ଯୋଗ ଦେବା ଅବସରରେ ଗଞ୍ଜାମ ଓ ଜୟପୁର ପ୍ରଭୃତି ଉପାନ୍ତ ଓଡ଼ିଆ ଅଞ୍ଚଳର ସମସ୍ୟା ଅନୁଧ୍ୟାନ କରିବା ପାଇଁ ସୁଯୋଗ ମିଳି ପାରିବ ବୋଲି ମଧୁସୂଦନ ମନେ ମନେ ଆଶା ପୋଷଣ କରୁଥିଲେ ।

ମାନ୍ଦ୍ରାଜକୁ ରେଲରାସ୍ତା ନଥିଲା । ଜଳପଥ ଥିଲା ଏକମାତ୍ର ଯୋଗାଯୋଗ । ସ୍ଥାନୀୟ ଜାହାଜ-ଏଜେଣ୍ଟ ବୁଲକ କୋମ୍ପାନୀ ଅଫିସରୁ ଅନୁସନ୍ଧାନ କରିବାରେ ବୁଝାପଡ଼ିଲା, ସମୁଦ୍ରବାଟେ ଚାନ୍ଦବାଲିରୁ ଏହି

ପ୍ରାୟ ସାତଦିନର ରାସ୍ତା । ଏତେ ଦୀର୍ଘ ପଥ, ପୁଣି ସମୁଦ୍ରରେ, ମାନ୍ଦ୍ରାଜକୁ ଯିବାପାଇଁ କଟକରୁ ଆଉ କେହି ବାହାରିବେ ବୋଲି ମଧୁସୂଦନଙ୍କର ବିଶ୍ୱାସ ନଥିଲା । ଗୌରିଶଙ୍କର ଯିବାପାଇଁ ବାହାରି ଥିଲେ । ମାତ୍ର ହଠାତ୍ ଗୋଟାଏ ସରକାରୀ ଆଦେଶ ବାହାରିଲା, ସରକାରୀ କର୍ମଚାରୀ ମାନେ କଂଗ୍ରେସ ଅଧିବେଶନରେ ଆଉ ଯୋଗଦେଇ ପାରିବେ ନାହିଁ । ଏହା ସତ୍ତ୍ୱେ ଗୌରିଶଙ୍କର ବାହାରି ପଡ଼ିଲେ ।

ପୂର୍ବବର୍ଷ କଲିକତା ଅଧିବେଶନରେ ଯୋଗଦେବା ଅବଶ୍ୟ ମାନ୍ଦ୍ରାଜ ଅଧିବେଶନରେ ଯୋଗ ଦେବା ପରି ଏତେଟା ଉତ୍ତେଜନାପୂର୍ଣ୍ଣ ନଥିଲା । ଏକେତ ଦୀର୍ଘ ଜଳଯାତ୍ରା; ସେଥିରେ ପୁଣି ସରକାରୀ ନିଷେଧ ସତ୍ତ୍ୱେ ଗୌରିଶଙ୍କର କଂଗ୍ରେସ ଅଧିବେଶନରେ ଯୋଗ ଦେବା ପାଇଁ ବାହାରିଥିଲେ । ଉପଲକ୍ଷଟିକୁ ନାଟକୀୟ କରିବା ଉଦ୍ଦେଶ୍ୟରେ, ମଧୁସୂଦନ କଥା ପ୍ରସଙ୍ଗରେ ହରିଶ୍ଚନ୍ଦ୍ର ବୃଟାର୍ଗ ପ୍ରମୁଖ ଯୁବକମାନଙ୍କୁ କହିଥିଲେ......"ଜୋବ୍ରା ଘାଟରେ ଗୋଟାଏ ବିଦାୟ ସମ୍ବର୍ଦ୍ଧନାର ବ୍ୟବସ୍ଥା କର ହରିଶ । ଏଥିରେ ଅବଶ୍ୟ ଆତ୍ମବିଜ୍ଞାପନ ହେବ । ମାତ୍ର କଂଗ୍ରେସ-ଅଧିବେଶନରେ ଯୋଗ ଦେବାପାଇଁ ଓଡ଼ିଶାର ଦୁଇଜଣ ପ୍ରତିନିଧି ସମୁଦ୍ରଯାତ୍ରା କରୁଛନ୍ତି, ତାହା ମଧ୍ୟ ଦେଶବାସୀ ଜାଣିବେ । କଂଗ୍ରେସର ପ୍ରଚାର ହେବ । ମନ୍ଦ କଣ ?"

ହରିଶ୍ଚନ୍ଦ୍ର କହିଲେ......"ଆପଣ ଭାବୁଛନ୍ତି, ଆପଣମାନେ ଦୁଇଜଣ କେବଳ ମାନ୍ଦ୍ରାଜ କଂଗ୍ରେସକୁ ଯାଉଛନ୍ତି ? କିନ୍ତୁ ଘନାନାଥ ବାବୁ ମଧ୍ୟ ମାନ୍ଦ୍ରାଜ ବାହାରିଛନ୍ତି ଯେ !"

ଗୌରିଶଙ୍କର ବିସ୍ମୟରେ ପଚାରିଲେ..."ଏ ଖବର ତ ଜଣା ନଥିଲା । ଘନୁବାବୁ ଏକା ନା ତାଙ୍କ ସଙ୍ଗରେ ଆଉ କେହି ଯାଉଛନ୍ତି ?"

ହରିଶ୍ଚନ୍ଦ୍ର ଉତ୍ତର ଦେଲେ......"ସେମ୍ ସାହୁଙ୍କ ନାମ ଶୁଣିଛି । ସେମାନେ ବୁଲକ୍ କୋମ୍ପାନୀ ଅଫିସକୁ ଯାଇଥିଲେ ଟିକେଟ କିଣିବାପାଇଁ ।"

ମଧୁସୂଦନ କହିଲେ......"ତା' ହେଲେ ବେଶ୍ ତ । କଟକରୁ ଚାରିଜଣ ପ୍ରତିନିଧି ମାନ୍ଦ୍ରାଜ-ଅଧିବେଶନରେ ଯୋଗ ଦେବା ଦ୍ୱାରା ଓଡ଼ିଶାର ପ୍ରତିନିଧିତ୍ୱ ବେଶ୍ ଶକ୍ତିଶାଳୀ ହୋଇ ପାରିବ । ବାଲେଶ୍ୱରରୁ ମଧ୍ୟ ନିଶ୍ଚୟ କେହି ଆସୁଥିବେ । ଦୀର୍ଘ ସମୁଦ୍ର ଯାତ୍ରାଟା ତା' ହେଲେ ଏକଟଣା ଲାଗିବ ନାହିଁ ।"

…"କିନ୍ତୁ ଆପଣମାନେ କଟକ ଛାଡ଼ିବାର ଦୁଇଦିନ ପୂର୍ବରୁ ମାନ୍ଦ୍ରାଜ ଯିବାପାଇଁ ଗୋପୀନାଥ ବାବୁ ଟିକେଟ କାଟିଛନ୍ତି । ଓଡ଼ିଶା ପିପୁଲ୍‌ସ୍-ଆସୋସିଏସନ୍ ଆପଣମାନଙ୍କ ଉତ୍କଳ-ସଭା ଠାରୁ ସବୁ ବିଷୟରେ ଅଗ୍ରଗାମୀ ହେବ !"—ରାମଶଙ୍କର କହିଲେ ।

ଏ ସମ୍ବାଦ ଶୁଣି ଉଚ୍ଚକଣ୍ଠରେ ଗୋଟାଏ ଅଟ୍ଟହାସ ଉଠିଲା । ମଧୁସୂଦନ କହିଲେ…"ଯାହା କହନ୍ତୁ ମାଷ୍ଟର ଦା ! ଦୀନୁବାବୁ ଗୋଟାଏ କାରେକ୍ଟର !"

ମାନ୍ଦ୍ରାଜ-ଯାତ୍ରା ପୂର୍ବରୁ "ଉତ୍କଳ-ଦୀପିକା"ରେ ଗୋଟିଏ ଖବର ପ୍ରକାଶିତ ହୋଇଥିଲା…"ଏବର୍ଷ ମାନ୍ଦ୍ରାଜରେ ଯେଉଁ ସଭାର (କଂଗ୍ରେସ) ଯେଉଁ ଅଧିବେଶନ ହେବ, ତହିଁରେ ଯୋଗଦେବା ନିମନ୍ତେ ଏ ନଗରର ଦୁଇଜଣ ମାନ୍ୟବାନ୍ ବ୍ୟକ୍ତି ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ଓ ବାବୁ ମଧୁସୂଦନ ଦାସ ପ୍ରତିନିଧି ରୂପେ ଅଦ୍ୟ ଏଠାରୁ ଯାତ୍ରା କଲେ । ଏହା ଅବଶ୍ୟ ଆମ୍ଭମାନଙ୍କର ଏବଂ ସମଗ୍ର ଓଡ଼ିଶାର ସୌଭାଗ୍ୟର ବିଷୟ ।"*
ଯେଉଁଦିନ ପ୍ରତିନିଧି ଦ୍ୱୟ ମାନ୍ଦ୍ରାଜ ଅଭିମୁଖରେ ଜୋବ୍ରା ଘାଟରୁ ଯାତ୍ରା କରିବେ, ସେଦିନ ସେମାନଙ୍କୁ ବିଦାୟ-ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ସହରର ଭଦ୍ରବ୍ୟକ୍ତି ମାନଙ୍କୁ ଜୋବ୍ରା ଘାଟରେ ଏକତ୍ରିତ ହେବା ପାଇଁ ପତ୍ର ପ୍ରେରକ ଏକ ପତ୍ରରେ ଅନୁରୋଧ କରିଥିଲେ ।

ମାତ୍ର ଜୋବ୍ରା ଘାଟରେ ସେଦିନ ସେହି ପ୍ରତିନିଧିଦ୍ୱୟଙ୍କୁ ବିଦାୟ ଦେବାପାଇଁ "ଦୁଇ ତ୍ରିଜଣ ଧଡ଼ାଶୟ ବ୍ୟକ୍ତିଙ୍କ ବ୍ୟତୀତ" ଆଉ କେହି ନଥିଲେ ।

ବିଦାୟ-ସମ୍ବର୍ଦ୍ଧନାର ଏପରି ଦୈନ୍ୟରେ ଗୌରୀଶଙ୍କର ଓ ହରିଶ ପ୍ରଭୃତି ମନେ ମନେ ସଙ୍କୁଚିତ ଓ ବିଷର୍ଣ୍ଣ ବୋଧ କରୁଥିଲେ । ମଧୁସୂଦନ ଗୌରୀଶଙ୍କରଙ୍କ ପିଠିରେ ହାତ ଆପଡ଼େଇ କହିଲେ…"ଓଡ଼ିଶାର ପବ୍ଲିକ୍-ଲାଇଫ୍ ତଥାପି ଆରମ୍ଭ ହୋଇନାହିଁ ଗୌରୀଶଙ୍କର ! ଏଥିରେ ଦୁଃଖିତ ହେବା ପାଇଁ କିଛି ନାହିଁ ! ତଥାପି ଦୁଇ ତ୍ରିଜଣ ଯେ ଆସିପାରିଲେ, ସେତିକି ଯଥେଷ୍ଟ !"

* ଉତ୍କଳ-ଦୀପିକା— ତା ୧୭ । ୧୨ । ୧୮୮୭ସ ।

ବାବୁ ଦୀନାନାଥ ବାନାର୍ଜିଙ୍କ ମାନ୍ଦ୍ରାଜ-ଯାତ୍ରା ଅବଶ୍ୟ ସାଧାରଣରେ ସେପରି ପ୍ରଶଂସିତ ହୋଇପାରି ନଥିଲା । କିନ୍ତୁ ମାନ୍ଦ୍ରାଜ-ଅଧିବେଶନରୁ ପ୍ରତିନିଧିମାନେ କଟକ ଫେରିବା ପରେ, କଟକ ସହରବାସୀ ଦିନେ ରାତିରେ ହଠାତ୍ ତିନିଟା ବମ୍ ପର ପର ହୋଇ ଫୁଟିବାର ପ୍ରଚଣ୍ଡ ନିର୍ଘୋଷ ଶୁଣି ଚମକି ଉଠିଥିଲେ । ସାହେବମାନଙ୍କର ବଡ଼ଦିନ ଉତ୍ସବ ବ୍ୟତୀତ ଅନ୍ୟ ସମୟରେ ସାଧାରଣତଃ ଏତେ ଶକ୍ତିଶାଳୀ ବମ୍ ଫୁଟିନଥାଏ । ତେଣୁ ଘଟଣାଟା କଣ କେହି ବୁଝି ନପାରି ବିସ୍ମିତ ହୋଇ ପଡ଼ିଥିଲେ । କିନ୍ତୁ ପରଦିନ ସକାଳେ ଅନୁସନ୍ଧାନରୁ ବୁଝା ପଡ଼ିଲା···ବାବୁ ଦୀନାନାଥ ବାନାର୍ଜି ମାନ୍ଦ୍ରାଜରେ ଭାରତୀୟ କଂଗ୍ରେସର ତୃତୀୟ ଅଧିବେଶନରେ ଯୋଗ ଦେଇ କଟକ ଫେରି ଆସିଥିଲେ । ···ତାହାରି ଘୋଷଣା ପାଇଁ ତିନିଟା ବମ୍ ଫୁଟାଯାଇଥିଲା !

## ( ପାଞ୍ଚ )

ମାନ୍ଦ୍ରାଜ···ସେ ପର୍ଯ୍ୟନ୍ତ ରହିଥିଲା କେବଳ ଭୂଗୋଳର ପୃଷ୍ଠାରେ, କିନ୍ତୁ ହୃଦୟର ମାନଚିତ୍ରରେ ନୁହେଁ । ସମୁଦ୍ରପଥରେ ଅବଶ୍ୟ ମାନ୍ଦ୍ରାଜ ସହିତ ଉତ୍ତର-ଭାରତର ଯୋଗସୂତ୍ର ରହିଥିଲା, କିନ୍ତୁ ଭାରତୀୟ ଜାତୀୟତାର ପ୍ରାଣାବେଗ ସହିତ ନୁହେଁ । ସେଥିପାଇଁ ମାନ୍ଦ୍ରାଜରେ କଂଗ୍ରେସର ତୃତୀୟ ଅଧିବେଶନ ଗୌରୀଶଙ୍କର ଓ ମଧୁସୂଦନଙ୍କ ମାନସ-ଦୃଷ୍ଟିରେ ସେଦିନ ମହାଭାରତୀୟତାର ଏକ ନୂତନ ଚିତ୍ର ଉନ୍ମୋଚିତ କରିଥିଲା ।

ମଧୁସୂଦନଙ୍କ ବୌଦ୍ଧିକ ଓ ରାଜନୈତିକ ଭାବନାର ବିକାଶ, କଲିକତାରେ ଏକ ମହାଭାରତୀୟ ସାର୍ବଜନୀନ ପରିବେଶ ମଧ୍ୟରେ ସଂଘଟିତ ହୋଇଥିବାରୁ, ଚିନ୍ତା ଓ ଆଚରଣରେ ସେ ସମ୍ପୂର୍ଣ୍ଣ ସଂସ୍କାରମୁକ୍ତ ଥିଲେ । ପ୍ରଚଣ୍ଡ ଓଡ଼ିଆ ଭାଷାପ୍ରେମୀ ଥାଇଁ ସୁଦ୍ଧା ମଧୁସୂଦନ ଯେ ବଙ୍ଗଳାରେ କଥାବାର୍ତ୍ତା କରୁଥିଲେ, ଓଡ଼ିଆ ଭାଷାରେ ପ୍ରାଞ୍ଜଳତା ଅଥବା ବହୁଦର୍ଶିତାର ଅଭାବ ତାହାର କାରଣ ନଥିଲା । ତାଙ୍କ ଆଚରଣରେ ଏହା ଥିଲା ସେହି ସଂସ୍କାରମୁକ୍ତିର ଅନୁଶୀଳନ ମାତ୍ର । ଏହି କାରଣରୁ ପୁଣି ସେ ଜଣେ ନୈଷ୍ଠିକ ବାପ୍ଟିଷ୍ଟ୍ ଖ୍ରୀଷ୍ଟିଆନ୍ ଥାଇଁ

ପୁଣି, ହିନ୍ଦୁମାନଙ୍କର ପୁଣ୍ୟପୀଠ ଜଗନ୍ନାଥ ମନ୍ଦିରକୁ ଏକ ବିଧର୍ମୀ ଶାସନର କବଳରୁ ଉଦ୍ଧାର କରିବା ପାଇଁ ଅକୁତୋଭୟ ହୋଇ ପାରିଥିଲେ ।

ମାନ୍ଦ୍ରାଜ-କଂଗ୍ରେସର ମହାଜାତୀୟ ବାତାବରଣରେ ତାଙ୍କର ସଂସ୍କାରମୁକ୍ତ ସାର୍ବିକ ଚେତନା ଆହୁରି ଉଜ୍ଜୀବିତ ହୋଇ ଉଠିଥିଲା । ସର୍ବପ୍ରଥମଥର ପାଇଁ ସେ ଦେଖିଥିଲେ ଯେପରି ମହାଭାରତୀୟତାର ସୁମହାନ, ଧର୍ମସଂସ୍କାରମୁକ୍ତ ମହୋଦର ରୂପ । ଭାରତର ସୁଦୂର ପ୍ରାନ୍ତମାନଙ୍କରୁ ଆସିଥିବା ବହୁ ବିଭିନ୍ନଭାଷାଭାଷୀ; ବହୁ ବିଭିନ୍ନ ଧର୍ମାବଲମ୍ବୀ ପୁଣି ବହୁ ବିଭିନ୍ନ ସାଂସ୍କୃତିକ ସ୍ତରର ପ୍ରତିନିଧି ମାନଙ୍କ ସମାବେଶରେ ଅନୈକ୍ୟ ମଧ୍ୟରେ ସୁସଂବଦ୍ଧ ଐକ୍ୟର ଓ ନାନା ଆପାତ ବିଭିନ୍ନତା ମଧ୍ୟରେ ଏକ ମହାଜାତୀୟ ଅଭିନ୍ନତାର ଏକ ସମନ୍ୱିତ ରୂପ, ସେଦିନ ତାଙ୍କ ଦୃଷ୍ଟିର ନେପଥ୍ୟରେ ଲୁଚି ରହି ପାରି ନଥିଲା । ସେ ପ୍ରଥମେ ଭାରତୀୟ ଓ ତାହାପରେ ଓଡ଼ିଆ ବା ଆଉ ଯାହା କିଛି— ଏହି ସରଳ ସତ୍ୟଟି ସେଦିନ ସେ ଅତି ନିବିଡ଼ ଭାବରେ ଅନୁଭବ କରି ପାରିଥିଲେ । ଅଧିବେଶନର ସଭାପତି ତୟାବ୍‌ଜୀଙ୍କ ଅଭିଭାଷଣରେ ମଧ୍ୟ ସଂସ୍କାରମୁକ୍ତ ଜାତୀୟତାର ସେ ଉଦ୍‌ବୋଧନ ସ୍ପଷ୍ଟତର ହୋଇ ଉଠିଥିଲା ।

ତୟାବ୍‌ଜୀଙ୍କ କଥା ପଡ଼ିବାରୁ ଗୌରୀଶଙ୍କର କହିଲେ··· "ଏ କଥାଟିତ ବୁଝି ପାରିଲି ନାହିଁ ମଧୁ ! କଂଗ୍ରେସର ପ୍ରଥମ-ଅଧିବେଶନରେ ସଭାପତି ହେଲେ ଡବ୍ଲ୍ୟୁ: ସି: ବାନାର୍ଜି, ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କଲେ ପାର୍ସୀ ଦାଦାଭାଇ ନାଓ୍ୱୋଜୀ, ଏବେ ତୃତୀୟ ଅଧି-ବେଶନରେ ସଭାପତି ମୁସଲମାନ ସମ୍ପ୍ରଦାୟର ବଦ୍‌ରୁଦ୍ଦୀନ୍ ତୟାବ୍‌ଜୀ ! ଖ୍ରୀଷ୍ଟିଅନ୍ ମାନଙ୍କ ପାଳି ପଡ଼ିବ ବୋଧହୁଏ ସବା ଶେଷରେ !"

ମଧୁସୂଦନ ଉତ୍ତର ଦେଲେ···"ଏ ଅଧିବେଶନରେ ତୟାବ୍‌ଜୀଙ୍କ ସଭାପତିତ୍ୱ ସେମାନଙ୍କ ମୁହିଁ ଉପରେ ଗୋଟାଏ ବ୍ରହ୍ମ ଚାପୋଡ଼ । ସେ କଥାଟି କି ବୁଝିନ୍ତୁ ମାଷ୍ଟର ଦାଦା !"

"ବ୍ରହ୍ମ ଚାପୋଡ଼ ! କାହା ଗାଲରେ ?"—ଗୌରୀଶଙ୍କର ବିସ୍ମିତ କଣ୍ଠରେ ପଚାରିଲେ ।

ମଧୁସୂଦନ କହିଲେ···"ସେହିମାନଙ୍କ ଗାଲରେ, ଯେଉଁମାନେ ମୁସଲମାନ ମାନଙ୍କୁ କଂଗ୍ରେସଠାରୁ ଅଲଗା ରଖିବାର ଚେଷ୍ଟା ଚଳାଇ ଆସିଥିଲେ !"

ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକତାର ଉନ୍ମେଷ ଓ ଅଭିବ୍ୟକ୍ତି ବ୍ରିଟିଶ ଶାସନର ଏକ ଫଳଶ୍ରୁତି ବୋଲି କୁହା ଯାଇଥାଏ। ବ୍ରିଟିଶ ଅଧିକାର ପୂର୍ବରୁ ବିଭିନ୍ନ ଧର୍ମ, ଜାତି ଓ ସଂସ୍କୃତିର ଆଧାରରେ ଭାରତରେ ଏକାଧିକ ରାଷ୍ଟ୍ର ଓ ଜାତୀୟତା ରହିଥିଲା । ସେହିସବୁ ସ୍ୱତନ୍ତ୍ର ଜାତୀୟତାର ପାରସ୍ପରିକ ସଂଘାତ ସଂଘର୍ଷ ମଧ୍ୟରେ ଭାରତର ରାଜନୈତିକ ଇତିହାସ ଅତୀତରେ କମ୍ ବିଡ଼ମ୍ବିତ ହୋଇ ନଥିଲା। କିନ୍ତୁ ୧୮୫୭ ସାଲର ସିପାହୀ-ବିଦ୍ରୋହ ପରେ ଭାରତରେ ଜାତୀୟ ସ୍ୱାଭିମାନର ଯେଉଁ ଚେତନା ଉଦ୍ରିକ୍ତ ହୋଇଥିଲା ତାହା ପରବର୍ତ୍ତୀ କାଳରେ ଏକଚ୍ଛତ୍ରବର୍ତ୍ତୀ ଇଂରେଜ ଶାସନର ପରୋକ୍ଷ ପ୍ରେରଣାରେ ପ୍ରବର୍ଦ୍ଧିତ ହୋଇଥିଲା ଓ ଲର୍ଡ଼ ଡଫରିନ୍ ତଥା ଏ. ଓ. ହ୍ୟୁମ୍‌ଙ୍କ ପରି ଇଂରେଜ ରାଜପୁରୁଷ ମାନଙ୍କର ପ୍ରୋତ୍ସାହନରେ ୧୮୮୫ ସାଲରେ ଜାତୀୟ କଂଗ୍ରେସର ପ୍ରତିଷ୍ଠାରେ ତାହା ପରିଣତି ଲାଭ କରିଥିଲା। ଏହା ଅବଶ୍ୟ ଆଂଶିକ ଭାବରେ ସତ୍ୟ ହେଲେ ହେଁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ରେଳପଥ ଓ ଟେଲିଗ୍ରାଫ୍‌ର ବିସ୍ତାର, ସବୁ ଜାତି ବର୍ଣ୍ଣ ଧର୍ମ ଓ ପ୍ରଦେଶ ନିର୍ବିଶେଷରେ ପ୍ରଯୁକ୍ତ ହେବା ଭଳି ଏକ ସାଧାରଣ ଆଇନର ପ୍ରବର୍ତ୍ତନ, ବିଶ୍ୱବିଦ୍ୟାଳୟ ମାନଙ୍କରୁ ଇଂରାଜୀ-ଶିକ୍ଷିତ ଏକ ତରୁଣ ଗୋଷ୍ଠୀର ଅଭ୍ୟୁଦୟ ଓ ପ୍ରଶାସନିକ ଏକୀକରଣ ଭାରତରେ ଜାତୀୟ ଐକ୍ୟ ଭାବନାକୁ ଉନ୍ମେଷିତ କରିଥିଲା ସନ୍ଦେହ ନାହିଁ । ମାତ୍ର ପ୍ରକୃତ ପକ୍ଷେ ଭାରତରେ ଜାତୀୟ ଅଭ୍ୟୁତ୍ଥାନର ନେପଥ୍ୟରେ ରହିଥିଲା, ଭାରତୀୟ ସଂସ୍କୃତି ଓ ଐତିହାସିକ ଉତ୍ତରାଧିକାରର ଏକ ଶୁଭ ପ୍ରେରଣା । ସମସାମୟିକ ଇଟାଲୀରେ 'ରିସରଜିମେଣ୍ଟୋ' ଆନ୍ଦୋଳନ ଭିତରୁ ଖଣ୍ଡ-ବିଖଣ୍ଡ ଇଟାଲୀରେ ଜାତୀୟ ଐକ୍ୟର ଅଭୀପ୍ସା ଜାଗ୍ରତ ହୋଇଥିବା ପରି, ଭାରତରେ ଏହି ସାଂସ୍କୃତିକ ଅଭ୍ୟୁତ୍ଥାନ ମଧ୍ୟରୁ ଜାତୀୟ ସଂହତି ଓ ସ୍ୱାଭିମାନର ଭାବନା ଉଦ୍ରିକ୍ତ ହୋଇଥିଲା । ପ୍ରକୃତ ପକ୍ଷେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଥିଲା ଏହାର ଏକ ସ୍ୱାଭାବିକ ପରିଣତି । ସେତେବେଳେ ଲର୍ଡ ଡଫରିନ୍ ବା ହ୍ୟୁମ ଏହାକୁ ପ୍ରୋତ୍ସାହିତ କରିଥିଲେ, ଜାତୀୟତାର

ଅଭିବ୍ୟକ୍ତି ରୂପେ ସେତେ ଲୁହେଁ—ଶାସନ ପରିଚାଳନା ସମ୍ପର୍କରେ ଲୋକମତର କ୍ରିୟା ପ୍ରତିକ୍ରିୟା ଯଥାର୍ଥ ମାର୍ଗରେ ସଙ୍ଗଠିତ କରିବା ଉଦ୍ଦେଶ୍ୟରେ "Her Majesty's Opposition" ପରି ଏକ ସଂସ୍ଥାରୂପେ ସେତେ ।*

ଅପର ପକ୍ଷରେ ସିପାହୀ-ବିଦ୍ରୋହ ବେଳେ ଉତ୍ତର ଭାରତର ଜନତା ଧର୍ମ ଓ ସମ୍ପ୍ରଦାୟ ନିର୍ବିଶେଷରେ ଇଂରେଜଙ୍କ ବିରୁଦ୍ଧରେ ଯେପରି ଐକ୍ୟବଦ୍ଧ ହୋଇ ପାରିଥିଲା, ତାହା ଇଂରେଜ ଶାସକ ଗୋଷ୍ଠୀକୁ ଘୋର ବିଚଳିତ କରି ଦେଇଥିଲା । ସେଥିପାଇଁ "ଡିଭାଇଡ୍ ଆଣ୍ଡ ରୁଲ" ନୀତିରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୂତ୍ରପାତ କରି, ଜାତୀୟ ଐକ୍ୟକୁ ବିଡମ୍ବିତ କରି ରଖିବା, ଆରମ୍ଭରୁ ଭାରତରେ ବ୍ରିଟିଶ ଶାସନର କୂଟନୀତିରେ ପରିଣତ ହୋଇ ପଡ଼ିଥିଲା । ଶାସକ ଓ ଶାସିତଙ୍କ ମଧ୍ୟରେ—"Communication between the governor and the governed"—ଏକ ଯୋଗସୂତ୍ର ରୂପେ କଂଗ୍ରେସ ମଧ୍ୟ ଯେଉଁପରି ପରିକଳ୍ପିତ ହୋଇଥିଲା । ଆଲାନ୍ ଅକ୍ଟାଭିଆନ୍ ହ୍ୟୁମ୍ ପୁଣି କଂଗ୍ରେସ ପରି ଏକ ଜାତୀୟ ମିଳନ ମଞ୍ଚ ସଂଗଠନର ପ୍ରେରଣା ପାଇଥିଲେ, ଇସ୍‌ଲାମୀ ସାମ୍ପ୍ରଦାୟିକତାର ଆଦ୍ୟ ପ୍ରବର୍ତ୍ତକ ସୟଦ୍ ଅହମ୍ମଦ ଖାଁଙ୍କ ଠାରୁ ! † ଇତିହାସର ଏକ ବିଚିତ୍ର ପରିହାସରେ ଏହି ସୟଦ୍ ଅହମ୍ମଦ୍ ଖାଁ ଅବଶେଷରେ ହୋଇଥିଲେ ଭାରତୀୟ ଜାତୀୟତାକୁ ବିପନ୍ନ କରିବାର ସୂତ୍ରଧର । ଇଂ ୧୮୭୭ ସାଲରେ ସୟଦ୍ ଅହମ୍ମଦ୍ ବନାରସ୍‌ର ଜଣେ ଇଂରେଜ ଡ଼ିଭିଜନାଲ୍ କମିସନର୍ ଆଲେକଜାଣ୍ଡର ସେକ୍ସପୀୟର୍‌ଙ୍କୁ ଲେଖିଥିଲେ···At present there is no open hostility between the two communities, but on account of the so called 'educated' people, it will increase immensely in future. He who lives will

* ଡକ୍ଟର ବି. ପଟ୍ଟାଭି ସୀତାରାମାୟାଙ୍କ "A History of the Congress, Vol-I. ପୃ- ୨୩ (୧୯୩୫)

† Hector Bolitho ପ୍ରଣୀତ "Jinnah" (John Murray) ପୃ-୪୦ । ଆଲନ୍ ଅକ୍ଟାଭିଆନ ହ୍ୟୁମ ଏକଥା ସ୍ୱୀକାର କରି ଲେଖିଥିଲେ···"It was after reading Syed Ahmed Khan's book on the cause of the Indian Mutiny that I first felt the need for having a forum of public opinion of India and eventually the Indian National Congress came into existence."

see." * (ଭାରତରେ ହିନ୍ଦୁ ମୁସଲମାନ ଦୁଇ ସମ୍ପ୍ରଦାୟ ମଧ୍ୟରେ ବର୍ତ୍ତମାନ ଅବଶ୍ୟ କୌଣସି ପ୍ରକାର ଶତ୍ରୁତା ନାହିଁ । କିନ୍ତୁ ତଥାକଥିତ ଶିକ୍ଷିତ ଲୋକମାନଙ୍କ ହେତୁ ଭବିଷ୍ୟତରେ ଏହା ବେଶ୍ ବୃଦ୍ଧି ପାଇବ । ସେତେବେଳକୁ ଯିଏ ବଞ୍ଚିଥିବେ ସିଏ ଏ କଥା ଦେଖିବେ ! )

ସୟଦ ଅହମ୍ମଦ୍‌ଙ୍କ ଏହି ଭବିଷ୍ୟତବାଣୀକୁ ସଫଳ କରିବା ଉଦ୍ଦେଶ୍ୟରେ ଯେପରି ୧୮୭୭ ସାଲରେ ଭାଇସରୟ ଲର୍ଡ଼ ଲିଟନ୍ ଆଲିଗଡ଼ ଠାରେ ମହମେଡ଼ାନ୍-ଆଙ୍ଗ୍ଲୋ-ଓରିଏଣ୍ଟାଲ୍ କଲେଜର ଶିଳାନ୍ୟାସ କରିଥିଲେ । ପ୍ରକୃତ ପକ୍ଷେ ଏହି ଅନୁଷ୍ଠାନର 'ଶିକ୍ଷିତ-ସମ୍ପ୍ରଦାୟ' ଯେତେବେଳେ ମୁସଲମାନ ସାମ୍ପ୍ରଦାୟିକ ରାଜନୀତିର ପ୍ରବର୍ତ୍ତକ ଓ ପ୍ରବକ୍ତା ହୋଇ ଉଠିଥିଲେ । ୧୯୦୬ ସାଲରେ ମୁସଲିମ୍ ଲିଗ୍‌ର ସ୍ଥାପନା ପର୍ଯ୍ୟନ୍ତ, ସୟଦ ଅହମଦ୍‌ଙ୍କ "ମହମେଡାନ୍ ଏଜୁକେସନ୍ କନଫରେନ୍‌ସ୍ ହିଁ ଥିଲା ମୁସଲମାନ ସମ୍ପ୍ରଦାୟର ରାଜନୀତିକ ପୀଠ ।

୧୮୮୫ ସାଲରେ କଂଗ୍ରେସ ସ୍ଥାପିତ ହେବାର ଦୁଇବର୍ଷ ପୂର୍ବରୁ ସୁଲତାନ ଅହମଦ ୧୮୮୩ ସାଲରେ ଏକ ଭାଷଣ ପ୍ରସଙ୍ଗରେ କହିଥିଲେ ..."Now suppose that all the English were to leave India, then who would be the rulers of India ? Is it possible that under these circumstances, two Nations—the Muhammedan and Hindu-could sit on the same throne and remain equal in power ? Most certainly not." †

(ଚିନ୍ତା କରିଯାଉ, ଇଂରେଜମାନେ ଏବେ ଭାରତ ଛାଡ଼ି ଗଲେ । ସେମାନଙ୍କ ଉତ୍ତାରୁ ଏ ଦେଶର ରାଜଶକ୍ତି କାହାଠାରେ ନ୍ୟସ୍ତ ରହିବ ? ହିନ୍ଦୁ ମୁସଲମାନ ଦୁଇ ଜାତି ଏକ ସିଂହାସନ ଉପରେ ଏକାଠି ବସି ସମାନ ଭାବରେ କ୍ଷମତା ଉପଭୋଗ କରିବା କଣ ସମ୍ଭବ ? କଦାପି ନୁହେଁ ! )

ସେଥିପାଇଁ ଇଂ ୧୮୮୫ ସାଲରେ କଂଗ୍ରେସ-ମଞ୍ଚରେ ଭାରତୀୟ-ଜାତୀୟତାର କ୍ଷୀଣ ଉନ୍ମେଷ ନ ହେଉଣୁ ତାହାକୁ ବିନଷ୍ଟ କରିବା ପାଇଁ ସାମ୍ପ୍ରଦାୟିକ ବିଦ୍ୱେଷର ବିଷୋଦ୍‌ଗୀରଣ ଆରମ୍ଭ ହୋଇ ଯାଇଥିଲା ।

* ତଦୈବ – ପୃ- ୪୦
† ତଦୈବ – ପୃ- ୪୧

କିନ୍ତୁ କଂଗ୍ରେସ ଯେ ଦେଶରେ ଧର୍ମ ଓ ସମ୍ପ୍ରଦାୟ-ନିରପେକ୍ଷ ଏକ ଜାତୀୟ-ମିଳନପୀଠ ଓ ସେଥିରେ ମୁସଲମାନ ସମ୍ପ୍ରଦାୟର ମଧ୍ୟ ଏକ ସମ୍ମାନିତ ଭୂମିକା ରହିଛି; ତାହାକୁ ରେଖାଙ୍କିତ କରିବା ପାଇଁ ଯେପରି, ମାନ୍ଦ୍ରାଜ ଅଧିବେଶନରେ ବଦ୍‌ରୁଦ୍ଦୀନ୍ ତୟାବ୍‌ଜୀଙ୍କୁ ସଭାପତି ରୂପେ ଅଭିଷିକ୍ତ କରାଯାଇଥିଲା ।

ମଧୁସୂଦନ ଏହାକୁ ଲକ୍ଷ୍ୟ କରି କହିଥିଲେ···"ସେମାନଙ୍କ ମୁହଁ ଉପରେ ସେଇଥିପାଇଁ ଇଏ ଗୋଟାଏ ବ୍ରହ୍ମ ଚାପୋଡ଼ା ।"

× × ×

ସୁରେନ୍ଦ୍ରନାଥ ବାନାର୍ଜୀ ମଧ୍ୟ ଆସିଥିଲେ ମାନ୍ଦ୍ରାଜର କଂଗ୍ରେସ ଅଧିବେଶନକୁ । କଂଗ୍ରେସ ମଞ୍ଚରୁ ତାଙ୍କର ଓଜସ୍ୱିନୀ ବକ୍ତୃତା ସଙ୍ଗେ ସଙ୍ଗେ "ଭାରତ-ସଭା" ପାଇଁ ବିଜୟନଗରମ୍‌ର ମହାରାଜା ପ୍ରମୁଖଙ୍କ ଠାରୁ ପାଣ୍ଠି ଆଦାୟ କାର୍ଯ୍ୟ ମଧ୍ୟ ସମାନ ଭାବରେ ଚାଲିଥିଲା । ଜାତୀୟ କଂଗ୍ରେସ ସ୍ଥାପିତ ହେବାପରେ 'ଭାରତ-ସଭା' ଅବଶ୍ୟ ଅବାନ୍ତର ହୋଇ ପଡ଼ିଥିଲା । ତଥାପି ପ୍ରାଦେଶିକ-ସମ୍ମିଳନୀର ଭାବନା ମଧ୍ୟ ସୁରେନ୍ଦ୍ର-ନାଥଙ୍କ ରାଜନୈତିକ ଚିନ୍ତାରୁ ବିଦାୟ ନେଇ ନଥିଲା । ମଧୁସୂଦନ ଓ ଗୌରୀଶଙ୍କରଙ୍କୁ ନିଭୃତରେ ପାଇ ସେମାନଙ୍କ ଠାରେ ସେହି ବଙ୍ଗ ପ୍ରାଦେଶିକ-ସମ୍ମିଳନୀରେ ଉତ୍କଳ-ସଭା ମିଶିଯିବାର ପ୍ରସ୍ତାବ ସୁରେନ୍ଦ୍ର-ନାଥ ପୁଣି ଥରେ ଉଠାଇଲେ ।

ଗୌରୀଶଙ୍କର ପଚାରିଲେ···"ମଧୁ, କଣ କହୁଛ ?"

ମଧୁସୂଦନ ଉତ୍ତର ଦେଲେ···"ମୋ ମତରେ ଉତ୍କଳ-ସଭାକୁ ଯଦି ଲୋପ କରିବାର ପ୍ରସ୍ତାବ ହୁଏ, ତାହେଲେ ତାହାକୁ ଜାତୀୟ କଂଗ୍ରେସ ମଧ୍ୟରେ ଲୋପ କରି ଦେବାହିଁ ଉଚିତ । ଭାରତକୁ ବାଦ୍ ଦେଇ ଉତ୍କଳର ସ୍ଥିତି କେଉଁଠି ? ଭାରତ ଓ ଉତ୍କଳ ମଧ୍ୟରେ ସମ୍ପର୍କ, ମାତା ଓ କନ୍ୟାର ସମ୍ପର୍କ । ସପତ୍ନୀର ସମ୍ପର୍କ ନୁହେଁ ତ !"

ଗୌରୀଶଙ୍କର କହିଲେ···"ସେ କଥା ଠିକ । ଓଡ଼ିଶାର ଯେଉଁ ସବୁ ବିଶେଷ ସମସ୍ୟା ରହିଛି ବିଶେଷତଃ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକତ୍ର ଠୁଳ କରିବାର ସମସ୍ୟା, ତାହାର କି ବ୍ୟବସ୍ଥା ହେବ ?"

ମଧୁସୂଦନ ଉତ୍ତର ଦେଲେ···"ମୁଁ ଆଶା କରୁଛି ଜାତୀୟ କଂଗ୍ରେସରେ ତାହାର ସମାଧାନ ଅସମ୍ଭବ ହେବ ନାହିଁ ।"

ସେହିପରି ଆଶା ଧରି ମଧୁସୂଦନ ଓ ଗୌରୀଶଙ୍କର ମାନ୍ଦ୍ରାଜ ଅଧିବେଶନରୁ ଓଡ଼ିଶା ଫେରିଥିଲେ ।

× × × ×

ମାନ୍ଦ୍ରାଜ ଅଧିବେଶନ ଲେଉଟାଣି, ଘାନାନାଥ ବାନାର୍ଜୀଙ୍କ ଆମ୍ଭ-ସମ୍ବର୍ଦ୍ଧନାର ତୋପ-ଆୱାଜ ନୀରବ ହୋଇ ସାରିଥିଲେ ହେଁ, ତାହାର ପ୍ରତିଧ୍ୱନି କୌତୁହଳୀ ମାନଙ୍କ ମନରୁ ତଥାପି ନିଶ୍ଚିହ୍ନ ହୋଇ ନଥିଲା । ସେମାନେ ଅପେକ୍ଷା କରୁଥିଲେ, ମାନ୍ଦ୍ରାଜ ଅଧିବେଶନରୁ ଫେରିବା ପରେ ଗୌରୀଶଙ୍କର ଓ ମଧୁସୂଦନ କେଉଁ ଭାବରେ ସେମାନଙ୍କର ପ୍ରତ୍ୟାବର୍ତ୍ତନର ବାର୍ତ୍ତା ଘୋଷଣା କରିବେ । ଏଥିରେ ଗୌରୀଶଙ୍କର ବା ମଧୁସୂଦନଙ୍କର ଆଗ୍ରହ ସେତେଟା ନଥିଲା, ତାଠାରୁ ବେଶୀ ଥିଲା ରାମଶଙ୍କର ଓ ହରିଶ୍ଚନ୍ଦ୍ର ପ୍ରମୁଖଙ୍କର ଉତ୍ସାହ । ଘାନାନାଥଙ୍କ ତୋପ ଆୱାଜରେ ସେହି ମାନଙ୍କ ନିଶ୍ଚିନ୍ତ ଅଭିମାନର ପ୍ରଶାନ୍ତି ଯେପରି ବିଦୀର୍ଣ୍ଣ ହୋଇ ପଡ଼ିଥିଲା । ଫାରସୀରେ ଗୋଟିଏ ଆପ୍ତବାକ୍ୟ ଅଛି, "ମହାପୁରୁଷମାନେ ତ ଉଡ଼ନ୍ତି ନାହିଁ, ଚେଲାମାନେ ସେମାନଙ୍କୁ ଉଡ଼ାନ୍ତି "

ରାମଶଙ୍କର ଯେତେବେଳେ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଏକ ସଭା ଆୟୋଜନର ପ୍ରସ୍ତାବ ନେଇ ଆସିଲେ; ଗୌରୀଶଙ୍କର କୁଣ୍ଠିତ ସ୍ୱରରେ କହିଲେ···"ସମ୍ବର୍ଦ୍ଧନା ସଭା ଗୋଟାଏ କଣ ହେବ ? ସେ କଥା ମଧୁସୂଦନଙ୍କୁ ପଚାର ।"

କିନ୍ତୁ ମଧୁସୂଦନ ରାମଶଙ୍କରଙ୍କ ପ୍ରସ୍ତାବ ଶୁଣିବା ମାତ୍ରେ ଗୋଟାଏ ବହୁ ପ୍ରତ୍ୟାଶିତ ସୁଯୋଗ ହାତରେ ପାଇଥିବା ପରି ଉତ୍ସାହିତ କଣ୍ଠରେ କହିଲେ···"ବେଶ୍ ବେଶ୍ ! କିନ୍ତୁ ସଭାଟି ଯେପରି ଭଲଭାବରେ ହୁଏ ତାହାର ଆୟୋଜନ କର ।"

ଏହି ସମ୍ବର୍ଦ୍ଧନା ସଭାର ବିବରଣୀ "ଉତ୍କଳ-ଦୀପିକା"ରେ ନିମ୍ନରୂପେ ପ୍ରକାଶ ପାଇଥିଲା—

"ଭାରତର ଜାତୀୟ ମହାସମିତିର ମାନ୍ଦ୍ରାଜଠାରେ ହୋଇଥିବା ତୃତୀୟ ଅଧିବେଶନରେ ଉପସ୍ଥିତ ହେବା ନିମିତ୍ତ ଏଠା ଉତ୍କଳ-ସଭା

ତରଫରୁ ଉପସଭାପତି ମଧୁସୂଦନ ଦାସ ଓ ସମ୍ପାଦକ ଗୌରୀଶଙ୍କର ରାୟ ନିଜର ତ୍ୟାଗ ସ୍ୱୀକାର ପୂର୍ବକ ଯାଇଁ ସେଠା କାର୍ଯ୍ୟ ନିର୍ବାହାନ୍ତେ ଏ ନଗରକୁ ଫେରି ଆସିଥିବାରୁ ସେମାନଙ୍କୁ ଯଥାଯୋଗ୍ୟ ଅଭ୍ୟର୍ଥନା ପ୍ରଦାନ ନିମିତ୍ତ ଗତ ରବିବାର ଦିନ ଏଠା ଦ୍ୱିତଳଗୃହରେ ଏକ ସଭା ହୋଇଥିଲା । ଅପରାହ୍ଣ ୫ ଘଣ୍ଟାରେ ସଭା ହେବାର ବିଜ୍ଞାପନ ଦିଆଯାଇଥିଲେ ହେଁ, ଅର୍ଦ୍ଧଘଣ୍ଟା ଆଗରୁ ଲୋକେ ଆସିବାକୁ ଆରମ୍ଭ କଲେ । କ୍ରମେ ଏତେ ଲୋକ ଆସିଲେ ଯେ ଘର ବାରଣ୍ଡା ପୂର୍ଣ୍ଣ ହୋଇ ସ୍ଥାନ ନପାଇ ଅନେକ ଲୋକ ବାହୁଡ଼ିଗଲେ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଫିରିଙ୍ଗୀ ସରକାରୀ କର୍ମଚାରୀ, ଜମିଦାର ସୌଦାଗର ଅନ୍ୟୂନ ପାଞ୍ଚଶହ ବ୍ୟକ୍ତି ସଭାସ୍ଥଳକୁ ଆସି ଅଭ୍ୟର୍ଥନା କାର୍ଯ୍ୟରେ ଯୋଗ ଦେଇଥିଲେ । କେବଳ ଓକିଲଙ୍କ ସଂଖ୍ୟା ଊଣା ଥିଲା । × × × ଏଠା ମୁସଲମାନ ମାନଙ୍କର ସହାନୁଭୂତି ନଥିଲା । ବାବୁ କାଳିପଦ ବାନାର୍ଜୀ ସଭାପତି ହୋଇଥିଲେ ।

ତହୁଁ ବାବୁ ମଧୁସୂଦନ ଦାସ ସଭ୍ୟମଣ୍ଡଳୀଙ୍କ ଉତ୍ସାହମୂଳକ ମହତୀ କରତାଳି ଧ୍ୱନି ସହିତ, ଉତ୍ଥିତ ହୋଇ ଇଂରାଜୀ ଭାଷାରେ ତେଜୋପୂର୍ଣ୍ଣ ସୁଲଳିତ ବକ୍ତୃତା ଦ୍ୱାରା ଜାତୀୟ ସମିତିର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ଓ ମାନ୍ଦ୍ରାଜ ଅଧିବେଶନର କାର୍ଯ୍ୟାବଳୀ ଉତ୍ତମ ରୂପେ ବୁଝାଇ ସମୁଦାୟ ଭାରତବର୍ଷ ଓ ଇଂଲଣ୍ଡରେ ଏ ବିଷୟରେ ଆନ୍ଦୋଳନ କରିବା କାରଣ ଅନୁରୋଧ କଲେ । ଦାସ ମହାଶୟଙ୍କ ବକ୍ତୃତାଟି ପ୍ରକୃତରେ ମନୋହାରୀ ହୋଇଥିଲା ଏବଂ ଯାବତ୍‌କ୍ଷଣ ବକ୍ତୃତା କଲା ଉତ୍ତାରୁ ଯେତେବେଳେ ସେ କେତେକ୍ଷଣ ବକ୍ତୃତା କରିବାକୁ ପାଇବେ ବୋଲି ପଚାରିଲେ, ସେତେବେଳେ ସଭ୍ୟମାନେ ଏକ ବାକ୍ୟରେ ବ୍ୟକ୍ତ କଲେ ଯେ, ସେ ଯେତେକ୍ଷଣ ବକ୍ତୃତା କରିବେ, ତେତେକ୍ଷଣ ସେମାନେ ବକ୍ତୃତା ଶୁଣିବା ସକାଶେ ପ୍ରସ୍ତୁତ ଅଛନ୍ତି । ଏହାଙ୍କର ଇଂରାଜୀ ଭାଷାରେ ଉତ୍ତମ ଅଧିକାର ଥିବା ବିଷୟ କାହାରିକୁ ଅବିଦିତ ନାହିଁ । ଏବଂ ଏ ମହାଶୟ ପ୍ରାୟ ଦେଢ଼ଘଣ୍ଟା କାଳ ବକ୍ତୃତା କରିଥିଲେ ଓ ସଭ୍ୟମାନେ ଘନ ଘନ କରତାଳି ପ୍ରଦାନ ଓ ଉତ୍ସାହମୂଳକ ବାକ୍ୟମାନ ପ୍ରୟୋଗ କରି ଆପଣାର ଆନନ୍ଦ ଜଣାଇଥିଲେ । ସୟଦ ଅହମ୍ମଦ ହୁସେନ ବର୍ତ୍ତମାନ ଲକ୍ଷ୍ନୌଠାରେ ଜାତୀୟ ସମିତି ବିରୁଦ୍ଧରେ ଯେଉଁ ବକ୍ତୃତା କରି ଅଛନ୍ତି ତାକୁ ଉଲ୍ଲେଖ କରି ତଦୁକ୍ତ ଯୁକ୍ତି ତନ୍ନ ତନ୍ନ କରି ଖଣ୍ଡନ କରିଥିଲେ ଓ

କହିଲେ ମୁସଲମାନ ଧର୍ମର ଅଭିନେତା ଯେଉଁ ମହମ୍ମଦ ସ୍ୱକାୟ ସ୍ୱାର୍ଥ-ତ୍ୟାଗର ଅଦ୍ଭୁତ ଉଦାହରଣ ଦେଖାଇ, ସେହି ଭିତ୍ତିରେ ମୁସଲମାନ ଧର୍ମ ସ୍ଥାପନ କରି ଯାଇଅଛନ୍ତି ତାଙ୍କର ଧର୍ମ ଗୋଷ୍ଠୀ ହୋଇ ଆପଣାର ପୁଅ ନାତି ପୁରୁଷର କେବଳ ମଙ୍ଗଳ ବାଞ୍ଛା ରୂପ ଅଧମ ସ୍ୱାର୍ଥ ପ୍ରଣୋଦିତ ହୋଇ ସଯ୍ୟଦ ଅହମଦ ଯେ ପଚଶ କୋଟୀ ଭାରତବାସୀଙ୍କ ଉନ୍ନତିର ମୂଳରେ କୁଠାରାଘାତ କରିବାକୁ ବସି ଅଛନ୍ତି ଏହା ନିତାନ୍ତ ଦୁଃଖର ବିଷୟ । ତାଙ୍କ ବକ୍ତୃତା ଶେଷରେ ସଭାପତି ବାବୁ ଗୌରୀଶଙ୍କରଙ୍କୁ ବକ୍ତୃତା ଦେବାପାଇଁ ଅନୁରୋଧ କଲେ । ସେ ଓଡ଼ିଆରେ କହିଥିଲେ । ଶେଷରେ ପ୍ରତିନିଧିମାନଙ୍କୁ ଧନ୍ୟବାଦ ପ୍ରଦାନ ହେଲା । ଜାତୀୟ ସମିତି ପ୍ରତି ଏ ରୂପ ଆଦର ପ୍ରଦର୍ଶନ ଦେଖି ଆମ୍ଭେମାନେ ଭରସା କରୁ କି ଏହିଠାରେ ଏହା ଶେଷ ନହୋଇ ପ୍ରତିଦିନ ପରିବର୍ଦ୍ଧିତ ହେଉ । ଭାରତର ମଙ୍ଗଳର ଦ୍ୱାର ଉଦ୍‌ଘାଟିତ ହୋଇଅଛି । ଭାରତବାସୀଙ୍କ ଯତ୍ନ ଓ ଉତ୍ସାହ ବିନା ତାହା ସଂଘଟିତ ହୋଇ ପାରିବ ନାହିଁ ।''*

"ମଙ୍ଗଳର ଦ୍ୱାର ଉଦଘାଟିତ ହେଲା ! ··· ହୁଃ'' ! ···ବାବୁ ଦୀନାନାଥ ବାନାର୍ଜ୍ଜି, ସେହି ସମ୍ବର୍ଦ୍ଧନା ସଭା ପରେ ଦିନେ ସନ୍ଧ୍ୟାରେ ଲଳିତ ଚକ୍ରବର୍ତ୍ତୀଙ୍କ ଦାଣ୍ଡରେ ଠିଆ ହୋଇ ଡାକ ପକାଇଲେ...''ଲଳିତ, ଓ ହେ ଲଳିତ, ଘରେ ଅଛ ନା । କହେ ?''

କେତେକ୍ଷଣ ଡକା ଡକ ପରେ ଲଳିତ ଚକ୍ରବର୍ତ୍ତୀ ଦାଣ୍ଡକୁ ଆସିବା ମାତ୍ରେ, ବିନା ଭୂମିକାରେ ଦୀନାନାଥ ଆରମ୍ଭ କଲେ···''ସେଦିନ କଂଗ୍ରେସ ସଭାରେ ମଧୁବାବୁଙ୍କର "ମନୋହାରୀ'' ବକ୍ତୃତାଟା ଶୁଣିଛ କି ନାହିଁ ଲଳିତ ?''

"ଉତ୍କଳ-ଦୀପିକା'' ବକ୍ତୃତାକୁ "ମନୋହାରୀ'' ବୋଲି ଲେଖି-ଥିବାରୁ, ତାରି ଉପରେ ଛିଣ୍ଡି ଥିଲା ଏ ଦାପ୍ଟିକାମାଡ଼ ।

ଲଳିତ ଚକ୍ରବର୍ତ୍ତୀ ଓ ଦୀନାନାଥ ବାନାର୍ଜ୍ଜି ପି:ଏମ୍. ଆକା-ଡେମୀର ପରିଚାଳନା ଠାରୁ ଆରମ୍ଭ କରି "ଓଡ଼ିଶା-ଲୋକସଭା'' ବା ପିପଲସ୍-ଆସୋସିଏସନ୍‌ର କାର୍ଯ୍ୟାବଳୀ ପର୍ଯ୍ୟନ୍ତ ନାନା ବ୍ୟାପାରରେ ଅଭିନ୍ନ ସହକର୍ମୀ ଥିଲେ । "ଉତ୍କଳ-ଦୀପିକା'' ମଧୁସୂଦନଙ୍କ ଇଂରାଜୀ

* ଉତ୍କଳ-ଦୀପିକା – ତା ୨୯ । ୧ । ୧୮୮୮

ବକ୍ତୃତାକୁ "ମନୋହାରୀ" ବୋଲି ଯେପରି ପ୍ରଶଂସା କରିଥିଲେ, ଯାଦାନାଥଙ୍କ ପ୍ରଶ୍ନରେ ସେଥିପ୍ରତି ପ୍ରଚ୍ଛନ୍ନ ବିଦ୍ରୂପଟି ବେଶ୍ ପରିସ୍ଫୁଟ ହୋଇ ଉଠିଥିଲା । ଲଳିତ ଉତ୍ତର ଦେଲେ..."କିନ୍ତୁ ଇଂରାଜୀ ବକ୍ତୃତା ଲୋକସାଧାରଣଙ୍କ ମନୋହରଣ କରିବାର ତ କଥା ନୁହେଁ; କାରଣ ଲୋକେ ଇଂରାଜୀ ବୁଝନ୍ତି ନାହିଁ ! ମନୋହରଣ କଲେ କରିଥିବ, ସେହି ଇଂରାଜୀ ହାକିମ ଆଉ ସେମାନଙ୍କର ଗୋଡ଼ାଣିଆ ମାନଙ୍କର । ତଥାପି ମଧୁସୂଦନ ଲୋକଟି ଦାରୁଣ ସୁବକ୍ତା ! ଏକଥା ମାନିବା ପାଇଁ ପଡ଼ିବ ।"

ଯାଦାନାଥ କହିଲେ—"ସୁବକ୍ତା ନା କଚୁ ? କାହିଁକି ଓଡ଼ିଆରେ ଭାଷଣ ଦେଇଥିଲେ କଣ ମନୋହାରୀ ହୋଇ ନଥାନ୍ତା ? ଯେଉଁ ଇଂରେଜ-ମାନେ ଏ ଦେଶକୁ ପରାଧୀନ କରି ରଖିଛନ୍ତି, ସେମାନଙ୍କ ଭାଷାରେ ବକ୍ତୃତା ଦେଲେ ଭାରତର ମଙ୍ଗଳ-ଦ୍ୱାର ଉଦ୍‌ଘାଟିତ ହେବ କିପରି ?"

ଲଳିତ ଉତ୍ତର ଦେଲେ···"କିନ୍ତୁ ଜଣେ ଖ୍ରୀଷ୍ଟାନ ପୁଣି ସ୍ୱକୀ-ଚଳଣରେ ଧୋପ ଦୂରସ୍ତ ଦେଶୀ-ସାହେବ ଠାରୁ ଆଉ କଣ ବା ଆଶା କରାଯାଇ ପାରନ୍ତା ? ତୁମ କଥା ଅକ୍ଷରେ ଅକ୍ଷରେ ସତ । ମୁଁ ଭାବୁଛି ଏହାର ପ୍ରତିବାଦ କରି ଖବରକାଗଜକୁ ଗୋଟାଏ ଚିଠି ଲେଖିଲେ କିପରି ହୁଅନ୍ତା ?"

ଠିକ୍ ସେହି ଉଦ୍ଦେଶ୍ୟରେ ଯାଦାନାଥ ଲଳିତ ଚକ୍ରବର୍ତ୍ତୀଙ୍କ ପାଖକୁ ଆସିଥିଲେ । ଯାଦାନାଥ ନିଜେ ପ୍ରତିନିଧି ହୋଇ ମାନ୍ଦ୍ରାଜ ଯାଇଥିବା ହେତୁ, ପତ୍ରଟି ଲେଖିବା ତାଙ୍କ ପକ୍ଷରେ ସମୀଚୀନ ନଥିଲା ।

ଲଳିତ ଚକ୍ରବର୍ତ୍ତୀଙ୍କର ସେପରି ପତ୍ର ଲେଖିବାରେ ଅବଶ୍ୟ ଆପତ୍ତି ନଥିଲା । କିନ୍ତୁ ମଧୁସୂଦନଙ୍କ ବିରୁଦ୍ଧରେ ଚିଠି "ଉତ୍କଳ-ଦୀପିକା"ରେ ଯେ ପ୍ରକାଶ ପାଇ ପାରିବ ସେଥିରେ ତାଙ୍କର ସନ୍ଦେହ ରହିଥିଲା । ଲଳିତ ପଚାରିଲେ···"କିନ୍ତୁ ସେ ଚିଠି ଛାପିବ କିଏ ? ମଧୁସୂଦନ, ଗୌରୀଶଙ୍କର ତ ଯୋଡ଼ି !"

ଯାଦାନାଥ ଉତ୍ତର ଦେଲେ···"କାହିଁକି ? 'ସଂସ୍କାରକ' ପତ୍ରିକାରେ ତୁମ ଚିଠି ଛାପିବା ପାଇଁ ଚତୁର୍ଭୁଜ ପଟ୍ଟନାୟକ କଣ ମନା କରିବେ ?"

ଗୌରୀଶଙ୍କର, କେଶବ ସେନ୍ ଗୋଷ୍ଠୀୟ ବ୍ରାହ୍ମ-ସମାଜ ପ୍ରତି ଅନୁରକ୍ତ ଥିବାରୁ ତାଙ୍କ ପ୍ରତି ଆଦିବ୍ରାହ୍ମସମାଜ-ଅନ୍ତର୍ଗତ ଚତୁର୍ଭୁଜଙ୍କର

ସୁନଜର ନଥିଲା । ପୁଣି ଖ୍ରୀଷ୍ଟିୟାନ୍ ମଧୁସୂଦନଙ୍କୁ ମଧ ସେ ସୁଦୃଷ୍ଟିରେ ଦେଖୁନଥିଲେ ।

ଲଳିତ ଚକ୍ରବର୍ତ୍ତୀଙ୍କ ପତ୍ରଟି ଅବଶେଷରେ "ସମ୍ବାଦ" ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ଏହାର କଠୋର ପ୍ରତିବାଦ କରି ଗୌରୀଶଙ୍କର "ଉତ୍କଳ-ଦୀପିକା"ରେ ଲେଖିଥିଲେ···"ଉକ୍ତ ପତ୍ର ମଧୁବାବୁଙ୍କର କିଛି କ୍ଷତି ନ କରି ନିଜେ ଲେଖକଙ୍କର କ୍ଷତି କରିଅଛି । ଆମ୍ଭେମାନେ ପଚାରୁ ଯେବେ ଇଂରେଜ ମାନଙ୍କ ମଧ୍ୟରେ କେହି ଆମ୍ଭମାନଙ୍କର ହିତାନୁଷ୍ଠାନ କରନ୍ତି; ତେବେ କଣ ତାହା ଆମ୍ଭେମାନେ ଗ୍ରହଣ କରିବୁ ନାହିଁ ? ସାର୍ ହେନେରୀ କଟନ୍, ଡେଭିଡ଼ ହ୍ୟୁମ୍ ପ୍ରଭୃତି ମହତ୍ ଲୋକମାନେ ଏହିଁର ପ୍ରତ୍ୟକ୍ଷ ପରିଚୟ ଦେଇ ଅଛନ୍ତି । ତେବେ ତାଙ୍କର ଆମ୍ଭର ବ୍ୟବହାର ଆଜି ଭିନ୍ନ ପ୍ରକାରର ଥିବାରୁ ତାଙ୍କୁ ଆମ୍ଭମାନଙ୍କର ହିତୈଷୀ ବୋଲିଯିବ କି ନାହିଁ ?"*

ଏ ବିସମ୍ବାଦଟି ଏଇଠାରେ କିନ୍ତୁ ଶେଷ ହୋଇନଥିଲା ।

( ଛଅ )

**ବୈ**ପ୍ଳବିକତାର ଅଭିଜ୍ଞାରେ ମାନ୍ଦ୍ରାଜ କଂଗ୍ରେସ ଅଧିବେଶନରେ ଯେଉଁ ମହାଭାରତୀୟତା ସେଦିନ ଉଦ୍‌ବୋଧିତ ହୋଇଥିଲା, ତାହା କ୍ରମେ ପ୍ରବର୍ଦ୍ଧିତ ହୋଇଥିଲା ହୃଦୟାବେଗର ପ୍ରେରଣାରେ···କିନ୍ତୁ ବାସ୍ତବତାର କଠୋର ଆଘାତରେ ମଧୁସୂଦନ ବାରମ୍ବାର ପୁଣି ଫେରି ଆସୁଥିଲେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ବହୁ ବିକଟ ସମସ୍ୟାକୀର୍ଣ୍ଣ ହେଲେ ସଂକୀର୍ଣ୍ଣ ପରିଧି ଭିତରକୁ ।

ଓଡ଼ିଶା ନିମକ-ମାହାଲର ପରିଚାଳନା ହଠାତ୍ ବଙ୍ଗଳା ସରକାରଙ୍କ ଅଧୀନରୁ ମାନ୍ଦ୍ରାଜ ସରକାରଙ୍କ ଅଧୀନକୁ ବଦଳୀ ହୋଇ ଗଲା । ଏହା ଫଳରେ ଓଡ଼ିଶାରେ ଆଉ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହି ପରିସ୍ଥିତି ମଧ୍ୟରୁ ଭାରତରେ ଲବଣ-କର ବିରୋଧୀ

---

* ଉତ୍କଳ-ଦୀପିକା ତା ୧୧।୨।୧୮୮୮ଖ୍ରୀ

ଆନ୍ଦୋଳନର ଆଦ୍ୟ ସୂତ୍ରପାତ ଓଡ଼ିଶାରେ ହୋଇଥିଲା ବୋଲି କହିଲେ ଇତିହାସ ଦୃଷ୍ଟିରୁ ମିଥ୍ୟା ହେବନାହିଁ !

ଓଡ଼ିଶାରେ ଲବଣକର ବିରୋଧୀ ଆନ୍ଦୋଳନର ସୂତ୍ରପାତ ପାଇଁ ସେତେବେଳେ ଏକ ବିଶେଷ ଅର୍ଥନୈତିକ 'କାରଣ ମଧ୍ୟ ରହିଥିଲା । ବ୍ରିଟିଶ-ଶାସନର ଲବଣନୀତି ଓଡ଼ିଶାର ଲବଣ ଶିଳ୍ପକୁ ବିନଷ୍ଟ କରିଦେବା ଫଳରେ, ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାର ଅର୍ଥନୀତି କେବଳ ଯେ ଘୋର ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା ତାହା ନୁହେଁ—ଓଡ଼ିଶାର ସାଧାରଣ ଜନଜୀବନରେ ମଧ୍ୟ ଅକଥନୀୟ ପ୍ରଶାସନିକ ଦୁର୍ନୀତି ଓ ସ୍ୱେଚ୍ଛାଚାରର ମାତ୍ରା ବଢ଼ି ଉଠିଥିଲା ।

ଷ୍ଟର୍‌ଲିଙ୍ଗ୍ ଓ ଜାମସ୍‌ଙ୍କ ପରି ସଚେତନ ଇଂରେଜ ଶାସକ ଓ ଐତିହାସିକ ମାନେ ଏ ବିଡ଼ମ୍ବନାର ଦୁର୍ଗତି ସ୍ୱୀକାର କରିବା ପାଇଁ କୁଣ୍ଠିତ ହୋଇ ନାହାନ୍ତି । ଷ୍ଟର୍‌ଲିଙ୍ଗ୍‌ଙ୍କ ପ୍ରାମାଣିକତା ଉପରେ ନିର୍ଭର କରି, କଟକ ଡିଷ୍ଟ୍ରିକ୍ଟ ଗେଜେଟିଅର୍‌ର ପ୍ରଣେତା ଓମାଲି ଲେଖିଛନ୍ତି; "ଓଡ଼ିଶାର ସମୁଦ୍ରୋପକୂଳର ଦୁର୍ଗମ ଅସ୍ୱାସ୍ଥ୍ୟକର ଅଞ୍ଚଳ ମାନଙ୍କରେ ଭାରତର ଏବେ ଉତ୍କୃଷ୍ଟ ଲବଣ ପ୍ରସ୍ତୁତ ହେଉଥିଲା । ଇଷ୍ଟଇଣ୍ଡିଆ-କୋମ୍ପାନୀ ···ଏଥିରେ ଏକଚାଟିଆ କାରବାର କରି ବାର୍ଷିକ ପ୍ରାୟ ଅଠର ଲକ୍ଷ ଟଙ୍କା ଆୟ କରୁଥିଲେ ।"* କିନ୍ତୁ ଓଡ଼ିଶାର ଲୁଣ ଗୋଲାନ୍ ମାନ୍ଦ୍ରାଜ ସରକାରଙ୍କ ଅଧୀନକୁ ଚାଲିଯିବାରୁ ମାନ୍ଦ୍ରାଜୀ ଲୁଣର ସୁଲଭତା ଫଳରେ ଓଡ଼ିଶାର ଲବଣ ବ୍ୟବସାୟ କ୍ରମେ ବନ୍ଦ ହୋଇ ପଡ଼ିଥିଲା । ଫକୀରମୋହନ "ଗଳ୍ପସ୍ୱଳ୍ପ"ରେ "ବାଲେଶ୍ୱରୀ ପଙ୍ଗାଲୁଣ" ଶୀର୍ଷକ ନିବନ୍ଧରେ ବିଗତ ଶତାବ୍ଦୀରେ ଓଡ଼ିଶାର ଲବଣ-ଶିଳ୍ପର ଅଧୋଗତି ସମ୍ପର୍କରେ ଲେଖିଛନ୍ତି···

"ଲାଭ ନ ହେବାରୁ କି ସରକାର ଗୋଲାନ କାର୍ଯ୍ୟ ରହିତ କରାଇ ଦେଲେ ? ସରକାର ଚୁଲିଆ ମାନଙ୍କ ନିକଟରୁ ପ୍ରତି ମହଣ ପାଞ୍ଚଅଣା ହିସାବରେ ଗ୍ରହଣ କରୁଥିଲେ । ବିକ୍ରି ମହଣକୁ ଦୁଇଟଙ୍କା । ଫି ମହଣରେ ଟଙ୍କାଏ ଏଗାର ଅଣା ଲାଭ । କେବଳ ବାଲେଶ୍ୱର ଜିଲ୍ଲାର ନଅଲକ୍ଷ ମହଣର ଲାଭ ହିସାବ କରନ୍ତୁ । କଟକ ପୁରୀ ଜିଲ୍ଲା କଥା ଥାଉ ।"

---

* କଟକ ଡିଷ୍ଟ୍ରିକ୍ଟ ଗେଜେଟିଅର ପୃ ୧୩୩

ସରକାରଙ୍କ ଲାଭ ପ୍ରସଙ୍ଗ ଛାଡ଼ିଦେଲେ ବି ଲବଣ-ଉତ୍ପାଦନ ବାଲେଶ୍ୱର ତଥା ଉପକୂଳବର୍ତ୍ତୀ ଓଡ଼ିଶାର ଜନସାଧାରଣଙ୍କ ଅର୍ଥ-ନୈତିକ ଜୀବନରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଫକୀର-ମୋହନ ଲେଖିଛନ୍ତି···

"ବାଲେଶ୍ୱରବାସୀ ମାନଙ୍କର ଦୁଇଗୋଟି ବସ୍ତୁ ପ୍ରଧାନ ଉପଜୀବ୍ୟ—ଲବଣ ଓ ଧାନ୍ୟ । ଜିଲ୍ଲାର ପ୍ରାୟ ଏକ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲବଣ ବ୍ୟବସାୟରେ ନିଯୁକ୍ତ ଥିଲେ । ବାଲେଶ୍ୱର ଉପକଣ୍ଠସ୍ଥ ବୁଡ଼ାବଲଙ୍ଗ ନଦୀ ଜାହାଜ ଓ ନାଆକୂଳ ଜନତାରେ ପରିପୂର୍ଣ୍ଣ ଥିଲା । ବର୍ତ୍ତମାନ ଶ୍ମଶାନ କ୍ଷେତ୍ରବତ୍ ପଡ଼ି ରହିଅଛି । ବାଲେଶ୍ୱରୀ ଜାହାଜର ଚିହ୍ନମାତ୍ର ନାହିଁ । ଯେଉଁମାନେ ଜାହାଜ ଚାଳନା ଓ ନିର୍ମାଣ କାର୍ଯ୍ୟରେ ପୁରୁଷାନୁକ୍ରମରେ ନିଯୁକ୍ତ ଥିଲେ (ଅନ୍ୟାନ୍ୟ କାର୍ଯ୍ୟରେ ଅନଭ୍ୟସ୍ତ) ସେମାନେ କାହାନ୍ତି ? ଗତ ନଅଙ୍କ ଦୁର୍ଭିକ୍ଷ ଅନୁଗ୍ରହ କରି ସେ ସମସ୍ତ ଲୋକଙ୍କୁ ଶାନ୍ତିନିକେତନକୁ ନେଇ ଯାଇଅଛି ! ଅନ୍ୟଥା ସେ ଗୁଡ଼ିକ କି କଲ୍‌ବଲ୍ ହୋଇଥାନ୍ତେ ।"

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରୁ ଲୁଣ ଖୋଲ୍ଲାନ ବନ୍ଦ ହୋଇ ଯିବାର ପ୍ରଧାନ କାରଣ ଥିଲା, ମାନ୍ଦ୍ରାଜ ସରକାରଙ୍କ ଅଧୀନକୁ ଏହାର ହସ୍ତାନ୍ତର । ଏଥିପାଇଁ ଆଉ ଏକ ବିଶେଷ କାରଣ ମଧ୍ୟ ରହିଥିଲା । ଉତ୍ତର-ଓଡ଼ିଶାରେ ଯେଉଁ ପ୍ରଣାଳୀରେ ଲୁଣ ତିଆରି ହୋଇଥାଏ ମାନ୍ଦ୍ରାଜ ହତାରେ ଥିବା ଦକ୍ଷିଣ-ଓଡ଼ିଶାର ଉତ୍ପାଦନ ପଦ୍ଧତି ଠାରୁ ତାହା ସ୍ୱତନ୍ତ୍ର ଥିଲା । ଉତ୍ତର-ଓଡ଼ିଶାର ଲୁଣକୁ କୁହାଯାଏ କର୍କଚ ଲୁଣ । ଉତ୍ପାଦନ-ପଦ୍ଧତିରେ ପାର୍ଥକ୍ୟ ହେତୁ, ଦୁଇ କିସମ ଲୁଣର ଏ ପ୍ରକାର ସ୍ୱତନ୍ତ୍ର ନାମ-କରଣ ହୋଇଥିଲା ।

କର୍କଚ ଲୁଣର ଉତ୍ପାଦନ ପ୍ରଣାଳୀ ଅପେକ୍ଷାକୃତ ସହଜ ! ଜୁଆର ବେଳେ ସମୁଦ୍ରର ଲୁଣା ପାଣି ଲବଣ କ୍ଷେତମାନଙ୍କ ଭିତରକୁ ଛାଡ଼ି ଦିଆଯାଏ । ସୂର୍ଯ୍ୟ କିରଣରେ ଲବଣ କ୍ଷେତ୍ରରୁ ଲୁଣାପାଣି ସବୁ ଶୁଖିଯିବା ପରେ ଯେଉଁ ଲୁଣ ଜମି ରହେ, ତାହାକୁ କର୍କଚ ଲୁଣ କହନ୍ତି । ଏ ଲୁଣ ଉତ୍ପାଦନରେ ମଣିଷ ହାତ ଲାଗୁ ନ ଥିବାରୁ ନୈଷ୍ଠିକ ରକ୍ଷଣଶୀଳ ପରିବାର ପୁଣି ଦେବମନ୍ଦିର ମାନଙ୍କରେ କେବଳ ଏହି ଲୁଣର ହିଁ ବ୍ୟବହାର ଥିଲା । ମାତ୍ର ପଙ୍ଗା ଲୁଣର ଉତ୍ପାଦନ ପ୍ରଣାଳୀ

ଅପେକ୍ଷାକୃତ ଜଟିଳ ଓ ଶ୍ରମସାପେକ୍ଷ । କୂଅାର ବେଳେ ନାଳ କାଟି ସମୁଦ୍ରରୁ ଲୁଣୀପାଣି କୁଢ଼ାଇ ଅଣାଯାଏ । ତା ପରେ ଗୋଟିଏ ବଡ଼ ପାତ୍ରରେ ସେ ପାଣି ଓ ଲୁଣିଆମାଟିକୁ ଏକାଠି ଗୋଳାଇ ରଖାଯାଏ । ସେଥିରୁ ଗୋଟିଏ ଛିଦ୍ରବାଟେ ସେ ଲୁଣୀମାଟିମିଶା ପାଣି ଗୁଣି ହୋଇ ବାଉଁଶନର୍ଲାରେ ଅନ୍ୟ ଏକ ପାତ୍ର ଭିତରକୁ ବୋହି ଆସେ । ଏହାପରେ ଏ ପାତ୍ର ଗୁଡ଼ିକୁ ବଡ଼ ବଡ଼ ଚୂଲି ଉପରେ ରଖି ସେଥିରେ ସେହି ପାଣି ସିଝା ଯାଏ । ପାଣି ମରିଯିବା ପରେ ପାତ୍ର ଭିତରେ ଲବଣର ଯେଉଁ ଦାନାସବୁ ରହିଯାଏ, ତାହାକୁ ପଙ୍ଗାଲୁଣ କହନ୍ତି । ଓଡ଼ିଶାରେ ଲବଣ-ଉତ୍ପାଦନର ଏହି ପ୍ରଣାଳୀ ବହୁଳ ଭାବରେ ପ୍ରଚଳିତ ଥିଲା । ଏହି ଲୁଣ ଉପରେ ସରକାର ପ୍ରଥମେ ମହଣ ପ୍ରତି ତିନିଟଙ୍କା ଚାରିଅଣା ଟ୍ୟାକ୍ସ ଧାର୍ଯ୍ୟ କରିଥିଲେ । ବିଦେଶରୁ ଆମଦାନି ହେଉଥିବା ଲବଣର ମୂଲ୍ୟକୁ ବଜାରରେ ସୁଲଭ ଓ ପ୍ରତିଯୋଗିତାମଳକ କରାଇବା ଉଦ୍ଦେଶ୍ୟରେ ଏପରି ବର୍ଦ୍ଧିତ ହାରରେ ଲବଣ କର ଧାର୍ଯ୍ୟ କରା ଯାଇଥିଲା ।

ସେତେବେଳେ ଲବଣ-କରର ଏହି ବର୍ଦ୍ଧିତ ହାର ବିରୁଦ୍ଧରେ ବହୁ ଆବେଦନ ବ୍ରିଟିଶ ପାର୍ଲିଆମେଣ୍ଟକୁ ପ୍ରେରିତ ହୋଇଥିଲା । ଗୋଟିଏ ପାର୍ଲିଆମେଣ୍ଟାରି କମିଟି ଆଗରେ ସାକ୍ଷ୍ୟ ଦେଇ ୧୮୩୨-୧୮୩୩ ସାଲରେ ରାମମୋହନ ରାୟ ଏ ସଂପର୍କରେ କହିଥିଲେ·········

"As salt has by long habit become an absolute necessity of life, the poorest peasants are ready to surrender every thing else in order to procure a small proportion of this article...... if salt were rendered cheaper and better, it must greatly promote the common comforts of the people."

୧୮୩୬ ଖ୍ରୀ: ଅ: ରେ ସିଲେକ୍ଟ-କମିଟି ଏ ସମ୍ପର୍କରେ ଏକ ରିପୋର୍ଟରେ ଲେଖିଥିଲେ·········"The evils usually incident to a Government monopoly in a great article of consumption are not wanting in the salt-monopoly of India; and they are not convinced that the same amount of revenue which has been hitherto derived from the monopoly might not be, collected with equal security to the revenue and great advantage to the consumer and commerce under a com bined system of custom and excise."*

* Indian Finance in the days of the Company—P. N. Banarjee, (1928)—Chap. V.

ପାର୍ଲିଆମେଣ୍ଟାରି ସିଲେକ୍ଟ-କମିଟିର ଏହି ସୁପାରସ ଅନୁସାରେ ଲବଣ କର ୧୮୪୯ ଖ୍ରୀ:ଅ: ଠାରୁ କମି ମହଣ ଅଢ଼େଇ ଟଙ୍କା ପର୍ଯ୍ୟନ୍ତ ଆସଥିଲା । ୧୮୮୨ ଖ୍ରୀ: ଅ:ରେ ତାହା ଆଉରି କମି ଦୁଇଟଙ୍କା ହୋଇଥିଲା । ତଥାପି ଏହା ସୁଦ୍ଧା ସେତେବେଳେ ଜନସାଧାରଣଙ୍କ ପକ୍ଷରେ ଲବଣର ମୂଲ୍ୟକୁ ଦୁର୍ମୂଲ୍ୟ କରି ରଖିଥିଲା । "ଉତ୍କଳ-ଦୀପିକା" ଲେଖିଥିଲେ…

"ଲବଣକର ମହଣ ପ୍ରତି ଟ ୨୪ ରୁ ଟ୨୯ ଧାର୍ଯ୍ୟ ହୋଇ ଥିଲା । ତଥାପି ଟସର ପୂର୍ବପରି ୫° / ୯ । ହାଟରେ ଦର କମିନାହିଁ ।" †

ଲବଣକର ଲବଣର ଖୁଚୁରା ମୂଲ୍ୟକୁ ଦୁର୍ମୂଲ୍ୟ କରିଥିବା ହେତୁ ଲବଣରେ ପ୍ରବଳ ଚୋରା ବ୍ୟବସାୟ ଚାଲିଥିଲା । ଲୁଣ ଅଡ଼ଙ୍ଗ (ଉତ୍ପାଦନ ସ୍ଥାନ) ରୁ ଗୋଲାକୁ (ବନ୍ଦୀସ୍ଥାନ) ଡଙ୍ଗାରେ ଅଥବା ଶଗଡରେ ଲୁଣ ଅଣାଯିବା ବେଳେ ନାନା ଭାବରେ ସେଥିରୁ ଚୋରି ଚାଲିଥିଲା । ଏହାଫଳରେ ସରକାରଙ୍କ ଲବଣ-ରାଜସ୍ୱ ମାରା ପଡୁଥିବାରୁ, ପଙ୍ଗାଲୁଣ ପରିବର୍ତ୍ତେ ଓଡ଼ିଶାରେ ବିଦେଶୀ କର୍କଚ ଲୁଣ ଚଳାଇବା ପାଇଁ ସରକାର ପ୍ରସ୍ତାବ କରିଥିଲେ । ଓଡ଼ିଶାରେ କର୍କଚ ଲୁଣର ଉତ୍ପାଦନ ନଥିବାରୁ ସେଥିରେ ଚୋରା ବ୍ୟବସାୟ ପାଇଁ ଅବକାଶ ନଥିଲା । ଓଡ଼ିଶାର ନିମକ୍-ମହାଲ ବଙ୍ଗଳା ସରକାରରୁ ମାନ୍ଦ୍ରାଜର ଲବଣ-କମିସନରଙ୍କ ଶାସନାଧୀନକୁ ହସ୍ତାନ୍ତରିତ ହେବାର ଏହାହିଁ ଥିଲା କାରଣ । ମାତ୍ର ଏହା ଫଳରେ ଓଡ଼ିଶାର ଯେଉଁ ଅର୍ଥନୈତିକ ଦୁର୍ଗତି ଘଟିଥିଲା, ତାହା ଆଲୋଚନା କରି "ଉତ୍କଳ-ଦୀପିକା" ଲେଖିଥିଲେ…

> "ଏ ରୂପ ପରିବର୍ତ୍ତନର କାରଣ କିସ ଆମ୍ଭେମାନେ ଅବଗତ ହୋଇନାହୁଁ । ଆମ୍ଭମାନଙ୍କୁ ଏତିକି ଜଣାଅଛି ଯେ, ଏକା ମାନ୍ଦ୍ରାଜୀ ଲବଣ ପୁରୀ ଓ କଟକ ଜିଲ୍ଲାର ପ୍ରାୟ ସମସ୍ତ ହାଟକୁ ଅଧିକାର କରିଅଛି ଏବଂ ଏଥିପାଇଁ ଏ ଜିଲ୍ଲା ମାନଙ୍କରେ ପ୍ରସ୍ତୁତ ହେବା ଲବଣ ଅଧିକ ବିକ୍ରୟ ହେଉନାହିଁ ।"*

୧୯୩୦ ସାଲ ବେଳକୁ ଲବଣକର-ବିରୋଧୀ ଆନ୍ଦୋଳନ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅବଶ୍ୟ ଏକ ନାଟକୀୟ ଅଭିବ୍ୟକ୍ତି ଲାଭ କରିଥିଲା ।

† "ଉତ୍କଳ-ଦୀପିକା"— ତା ୧୫ । ୭ ୧୮୮୨

* ଉତ୍କଳ-ଦୀପିକା – ତା ୨୮ ।୪। ୧୮୮୩

ମାତ୍ର ଏହାର ବହୁ ପବରୁ ସର୍ବପ୍ରଥମ ଥର ପାଇଁ ୧୮୮୮ ସାଲରେ କଂଗ୍ରେସର ଆହ୍ଲାବାଦ ଅଧିବେଶନରେ ଲବଣ-କର ସମସ୍ୟା ଉତ୍‌ଥାପିତ ହୋଇଥିଲା । ସେହିଦିନରୁ ଜାତୀୟ କଂଗ୍ରେସର ଆଲୋଚନା ମାନଙ୍କରେ ଏହାର ଏକ ଅପେକ୍ଷାକୃତ ଗୌଣ ସ୍ଥାନ ଲାଭ କରି ଆସିଥିଲା । †

ମାତ୍ର ଆହ୍ଲାହାବାଦ କଂଗ୍ରେସର ବର୍ଷକ ପୂର୍ବରୁ, ଯେତେବେଳେ ବ୍ରିଟିଶ-ସରକାରଙ୍କ ଲବଣନୀତିର ପ୍ରତିବାଦ କରିବା ପ୍ରସ୍ତାବ "ଉତ୍କଳ-ସଭା"ରେ ଉଠିଲା, ମଧୁସୂଦନ ଗୋଟିଏ ସାଧାରଣସଭାର ଆୟୋଜନ ପାଇଁ ପରାମର୍ଶ ଦେଲେ ।

ଗୌରୀଶଙ୍କର କହିଲେ "ବେଶ୍ ତ ! ସଭା ଗୋଟାଏ ଆୟୋଜନ କରିବା କେଉଁ ବଡ଼ କଥା ? ପ୍ରିଣ୍ଟିଂ-କୋମ୍ପାନୀ କୋଠାତ ପଡ଼ିଛି । ଖାଲି ଗୋଟାଏ ବିଜ୍ଞାପନ ପାପିକାରେ ଛପାଇ ଦେଲେ ହେଲା ।"

କିନ୍ତୁ ଲବଣ-ସମସ୍ୟା ତ ଧୋବଧାଉଳିଆଙ୍କ ସମସ୍ୟା ନୁହେଁ, ଏହା ଓଡ଼ିଶାର୍ ଏକ ସାର୍ବଜନୀନ ସଂକଟ । ବୈଠକଖାନା ଛାଡ଼ି ରାଜ୍ୟପଥକୁ ନ ଓହ୍ଲାଇଲେ ଏହା ବିରୁଦ୍ଧରେ ଯଥାର୍ଥ ଭାବରେ ଜନମତ ସଙ୍ଗଠିତ କରାଯାଇ ପାରିବ ନାହିଁ ।

ମଧୁସୂଦନ କହିଲେ······"ନାଁ, ମାଷ୍ଟର୍ ଦାଦା, ଏ ସଭାର ସ୍ଥାନ ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠା ନୁହେଁ । ଏଥିପାଇଁ ଆବଶ୍ୟକ ମୁକ୍ତ ପ୍ରାନ୍ତର !"

ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାରେ ସଭା ପ୍ରତି ପାନାନାଥ ସବୁବେଳେ ଆକ୍ଷେପ କରିଥାନ୍ତି—ବୈଠକଖାନାର ଆଡ୍‌ଡ଼ା ! ତେଣୁ ତାଣ୍ଡରେ

---

† ଡକ୍ଟର ବି. ପଟ୍ଟାଭି ସୀତାରାମାୟା "History of the Congress" (vol-I) ପୃ. ୮୨ରେ ଲେଖିଛନ୍ତି········"Knowing as we do the genesis of the Tax and the recommendations made by the Salt Commission of 1836, we can not but feel a surprise that the grounds on which the Tax was attacked in 1888 by the Congress were not that it was inequitous and meant to assist British shipping industry and British export trade, but that it was recently enhanced........

ଗୋଟାଏ ବଡ ଧରଣର ସଭା ହେଉ ! ଗୌରୀଶଙ୍କର ପ୍ରମୁଖଙ୍କର ସେଥିରେ ଆପତ୍ତି ନଥିଲା । ଆବାହକ ରୂପେ ରାମଶଙ୍କର ରାୟ ପ୍ରମୁଖ ବ୍ୟକ୍ତିମାନେ ସଭା ପାଇଁ ବିଜ୍ଞାପନ ଛପାଇଥିଲେ ।

ସଭା ପୂର୍ବରୁ ଅସଲ କଥାଟି ରାମଶଙ୍କରଙ୍କର ମନେ ପଡ଼ିଗଲା । ମଧୁସୂଦନଙ୍କ ଛଡ଼ା ଏପରି ସଭା ପାଇଁ ତ ଅନ୍ୟ ବକ୍ତା ନଥିଲେ । କିନ୍ତୁ ମଧୁସୂଦନ ଇଂରାଜୀରେ ଭାଷଣ ଦେଲେ ସେ ଭାଷଣକୁ ବୁଝିବ ବା କିଏ ? ତା’ ଛଡ଼ା ମାନ୍ଦ୍ରାଜ କଂଗ୍ରେସ ଅଧିବେଶନରୁ ମଧୁସୂଦନ ପ୍ରମୁଖ ଫେରିବା ପରେ ସେମାନଙ୍କ ସମ୍ବର୍ଦ୍ଧନା ସଭାରେ ମଧୁସୂଦନଙ୍କ ଇଂରାଜୀ ଭାଷଣ ଯୋଗୁଁ ବାଦ ବିସମ୍ବାଦର ପ୍ରତିଧ୍ୱନି ସେପର୍ଯ୍ୟନ୍ତ ଆଦୌ ନୀରବ ହୋଇ ନଥିଲା ।

ରାମଶଙ୍କର ଶଙ୍କିତ କଣ୍ଠରେ ପଚାରିଲେ······“ଦାଦା ଆପଣ କ’ଣ ଏ ସଭାରେ ଇଂରାଜୀରେ ଭାଷଣ ଦେବେ ?”

ମଧୁସୂଦନ ଏହାର କୌଣସି ଉତ୍ତର ନ ଦେଇ, କେବଳ ମୁରୁକି ମୁରୁକି ହସିଲେ ।

ସଭାଟି ଆୟୋଜିତ ହୋଇଥିଲା ମ୍ୟୁନିସିପାଲିଟି ପଡ଼ିଆରେ । ସଭାରେ ଲୋକ ଥାଟପଟାଳି ମାରୁଥିଲେ । ‘ଉତ୍କଳ-ଦୀପିକା” ଲେଖିଥିଲେ······“ମ୍ୟୁନିସିପାଲିଟୀ ହାଟ ଠାରେ ଲବଣ କର ସମ୍ବନ୍ଧରେ ଏକ ବିରାଟ ସଭା ହୋଇଥିଲା ।······ଲୋକେ ବସିବାକୁ ଯାଗା ପାଇଲେ ନାହିଁ ।”

ସଭାରେ ସଭାପତିତ୍ୱ କରିଥିଲେ ବାବୁ କାଳୀପଦ ବାନାର୍ଜୀ । ସଭା ଆରମ୍ଭରେ “ଲାଲା ନିମାଇଁଚରଣ ରାୟ ସ୍ୱରଚିତ ଲବଣ କର ବିଷୟକ ଗୋଟିଏ କବିତା ଛନ୍ଦବଦ୍ଧ ମାଳିନୀରେ ଗାୟନ କଲେ ।”

ମଧୁସୂଦନ କିନ୍ତୁ ଭାଷଣ ଦେଇଥିଲେ ଓଡ଼ିଆରେ । “ଉତ୍କଳ-ଦୀପିକା” ଲେଖିଥିଲେ·········

“× × × × ମଧୁବାବୁ ଯେମନ୍ତ ସୁବକ୍ତା ତହିଁର ପରିଚୟ ପାଠକମାନେ ଅବଗତ ହୋଇ ଅଛନ୍ତି । ଓଡ଼ିଆ ଭାଷାରେ ବକ୍ତୃତା କରିବା ତାଙ୍କର ଅଭ୍ୟାସ ନଥିବାରୁ ଭାଷାଗତ ତ୍ରୁଟି ମାର୍ଜନା କରିବେ ପ୍ରାର୍ଥନା କରି କାଳୋଚିତ ସଦୁପଦେଶପୂର୍ଣ୍ଣ ବକ୍ତୃତା ସେ ଦେଇ-ଥିଲେ । ତାର ସାରମର୍ମ ଏହା—

ଭାରତବାସୀ ସମସ୍ତେ ଏକଦେଶୀୟ ହୋଇଥିବାରୁ ଭାଇ ଅଟନ୍ତି । ସମସ୍ତଙ୍କ ମନରେ ଭ୍ରାତୃଭାବ ରହିବା ଯୋଗେ ଧନୀ ଦରିଦ୍ର ମଧ୍ୟରେ କିଛି ପ୍ରଭେଦ ନାହିଁ । ବାସ୍ତବରେ ଦରିଦ୍ରମାନେ ଦେଶର ଖୁଣ୍ଟ ହୋଇଛନ୍ତି ।”

ଓଡ଼ିଆ ଭାଷଣରେ ଅନଭ୍ୟସ୍ତ ମଧୁସୂଦନଙ୍କ ଜଭରେ ଶବ୍ଦ-ବିନ୍ୟାସ ବେଳେ ବେଳେ ଅଡୁଆ ତଡୁଆ ହୋଇ ପଡୁଥିଲା । ସଭାରେ ପଛଆଡୁ କଏ ଜଣେ ପାଟି କରି ଉଠିଲା··· “ଖୁଣ୍ଟ ନାଁ ଶେଣୀ ମ ?”

ବଳେ ହସି ଉଠିଲେ । ଆଉ ବଳେ ପାଟି କରି ଉଠିଲେ “ଚୁପ୍, ଚୁପ୍” !

ମଧୁସୂଦନ ରୁମାଲରେ କେତେଥର କପାଳ ପୋଛି ଅବିଚଳିତ କଣ୍ଠରେ କହି ଚାଲିଲେ··· “ବାସ୍ତବରେ ଗରିବମାନେ ଦେଶର ଖୁଣ୍ଟ ହୋଇଛନ୍ତି ଏବଂ ଯେ ସ୍ଥଳେ ଯେ ଦିଏ ସେ ଧନୀ ଓ ଯେ ନିଏ ସେ ନିର୍ଦ୍ଧନୀ । ଯେ ସ୍ଥଳେ ଗରିବ ମାନେ କର ଦେଉଥିବା ଓ ଜମିଦାର ରାଜା ପ୍ରଭୃତି ତାହା ନେଇ ବଡଲୋକ ହେଉଥିବାରୁ ପ୍ରକୃତରେ ସେହି ଗରିବମାନେ ଧନୀ ଅଟନ୍ତି ଓ ତାହାଙ୍କର ଯେଉଁ ଶକ୍ତି ଅଛି, ତାହା ସେମାନେ ଜାଣୁ ନଥିବାରୁ ଆପଣାଲୁ ଗରିବ ଓ ଅସହାୟ ବୋଲି ଭାବୁଛନ୍ତି ।”

ସଭାରେ ସୂଚୀଭେଦ୍ୟ ସ୍ତବ୍ଧତା । ଗରିବମାନେ ଧନୀ ଆଉ ଧନୀମାନେ ଗରିବ ! ଏପରି କଥା ତ କାନ ଡ଼ିଠିବା ଦିନୁ କେହି କେବେ ଶୁଣି ନଥିଲେ ! କିନ୍ତୁ ଯୁକ୍ତିଟି ଅଲଂଘନୀୟ ! ପୁଣି ବ୍ୟଞ୍ଜନା ଦୃଷ୍ଟିରୁ ଏହାର ସତ୍ୟତା ମଧ୍ୟ ଅକାଟ୍ୟ । ଗରିବମାନଙ୍କୁ ଶୋଷଣ କରି ତ ଜମିଦାର ରାଜା ବଡ଼ଲୋକ ହେଉଛନ୍ତି । ଠିକ କଥା ! ଖାଣ୍ଟି କଥା ! ସଭା ମଧ୍ୟରେ ଗୋଟାଏ ଗୁଞ୍ଜରଣ ଉଠି ସଙ୍ଗେ ସଙ୍ଗେ ତାହା ପୁଣି ନୀରବ ହୋଇ ପଡ଼ିଲା ।

ମଧୁସୂଦନ ଦେଶର ଗରିବପଣିଆ ଓ ଦାରିଦ୍ର୍ୟର କଥା କହୁଥିଲେ··· “ଭାରତବାସୀଙ୍କ ଆର୍ଥିକ ଅବସ୍ଥା ସଙ୍ଗେ ବିଲାତବାସୀଙ୍କ ଅବସ୍ଥା ତୁଳନା କରାଯାଉ । ବିଲାତରେ ବାର୍ଷିକ ଆୟ ଜଣ ପ୍ରତି ତିନିଶହ ଟଙ୍କା । ମାତ୍ର ଭାରତବର୍ଷରେ ତାହା କୋଡ଼ିଏ ଟଙ୍କା । ଅଥଚ ବିଲାତରେ କରର ସମଷ୍ଟି ଆଠ ଟଙ୍କା ସ୍ଥଳେ ଭାରତବର୍ଷରେ ତାହା ଷୋଳଟଙ୍କା ପଡ଼େ ।”

ସଭାରେ ଉପସ୍ଥିତ ଥିବା ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ଗୋଟାଏ ଅସ୍ୱସ୍ତିପୂର୍ଣ୍ଣ ଶୃଙ୍ଖଳା ଖେଳଗଲା । ସମସ୍ତଙ୍କର ଦୃଷ୍ଟି ମଧୁସୂଦନଙ୍କ ଉପରେ ନିବଦ୍ଧ । ମଧୁସୂଦନ କହୁଥିଲେ···

"ଭାରତବାସୀମାନେ ଗରିବ ହୋଇ ଏତେ ଅଧିକ କର ଦେଉଥିବା ସ୍ଥଳେ ସେମାନଙ୍କ ଉପରେ ଆଉ ଅଧିକ ଗୋଟିଏ କର ଭିଡ଼ିବା ନିତାନ୍ତ ଅନ୍ୟାୟ ।"

କିନ୍ତୁ ମଧୁସୂଦନଙ୍କର ମନେ ପଡ଼ିଗଲା; ଲବଣକର ତ ଗୋଟାଏ ନୂଆ କର ନୁହେଁ ! ଭାଷଣର ଉଚ୍ଛ୍ୱାସ ମଧ୍ୟରେ ସେ କେବଳ ସେପରି କହି ପକାଇଥିଲେ ସିନା ! ତଥାପି ତାଙ୍କର ଯୁକ୍ତିବାଦୀ ଚିନ୍ତାରେ ଏଥିପାଇଁ ମଧ୍ୟ ସେ ଯୁକ୍ତି ନଥିଲା ନୁହେଁ । ସେ କହିଲେ ··"ଲୁଣ କର ନୂତନ କର ନ ହୋଇପାରେ । ଯେବେ ପୁରୁଣା ଘା' ଉପରେ ଆଉ ଚୋଟେ ବସିଲା ସେତେବେଳେ ତାହାକୁ ଅନାୟାସରେ ନୂତନ ପୀଡ଼ା ବୋଲାଯାଇପାରେ । ଲବଣ ସମସ୍ତଙ୍କର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ । ପୁଣି ଓଡ଼ିଶାରେ ପଖାଳ-ଖିଆ ଲୋକ ଅଧିକ । ଏପରି ଦେଶ ପ୍ରତି ଲବଣ କର ଆୟ ବଢ଼ିଲେ ସୁଦ୍ଧା ବାଧିବାର କଥା ! ଏପରି ଓଡ଼ିଶାର ନିମକ ମାହାଲ ବଙ୍ଗଳାରୁ ମାନ୍ଦ୍ରାଜକୁ ବଦଳି ହେବାରୁ ଏଠା ଲୁଣ ପୋକ୍ତାନ ବନ୍ଦ ହୋଇ ଅନେକ ଲୋକଙ୍କର ରୋଜଗାର ମାରି ହୋଇଅଛି ।"

ଅତଏବ ସେ ପ୍ରସ୍ତାବ କଲେ କି ଲବଣ କର ଉଣା କରିବା ଓ ଓଡ଼ିଶାର ନିମକ ବିଭାଗ ପୂର୍ବପରି ବଙ୍ଗଳା ସରକାରଙ୍କ ଅଧୀନରେ ରହିବା ଉଚିତ । *

ମଧୁସୂଦନଙ୍କ ପରେ, ସର୍ବସାଧାରଣଙ୍କ ପକ୍ଷରୁ କଣ୍ଟେଇ ମହାରଣା ଓଡ଼ିଆଙ୍କ ଦାରିଦ୍ର୍ୟ ବର୍ଣ୍ଣନା କରି କହିଲେ, "ସେମାନେ ବାସନ ଅଭାବରେ ଗାତ ଖୋଳି ତହିଁରେ ପତର ବିଛାଇ ତୋରାଣି ମୁନ୍ଦାଏ ଖାଇବା ଦ୍ୱାରା ପ୍ରାଣ ଧାରଣ କରୁଅଛନ୍ତି । ଏବେ ସରକାରୀ ଲବଣକର ଗାତ ଭିତରେ ସେ ତୋରାଣି ମୁନ୍ଦାକ ଉପରେ ସୁଦ୍ଧା ଦାଉ ସାଧିଲାଣି !" କଣ୍ଟେଇ ମହାରଣାଙ୍କ ବକ୍ତୃତାରେ ଅବଶ୍ୟ ତଥ୍ୟ ନଥିଲା, ସୁସଂବଦ୍ଧ ଯୁକ୍ତି ନଥିଲା; ମାତ୍ର ଥିଲା ତିକ୍ତ ଅଭିଜ୍ଞତାର କଠୋର

* "ଉତ୍କଳ-ଦୀପିକା"— ତା ୧୮ । ୨ । ୧୮୮୮ ଖ୍ରୀ

ଅଭିଜ୍ଞାନ । ତାଙ୍କ ପରେ ଗୌରୀଶଙ୍କର ଉଠିଥିଲେ ଭାଷଣ ଦେବାପାଇଁ । ମାତ୍ର ସମ୍ପାଦକମାନେ ଅନେକ ସମୟରେ ସେମାନଙ୍କ ପତ୍ରିକାରେ ପ୍ରକାଶିତ ଅନ୍ୟର ମତାମତ ପାଇଁ କୌଣସି କୌଣସି ଅସହିଷ୍ଣୁ ବାବଦୂକଙ୍କ ଦ୍ୱାରା ସାଧାରଣରେ ଆକ୍ରାନ୍ତ ହୋଇଥାନ୍ତି । ଗୌରୀଶଙ୍କର ମଧ୍ୟ ସେ ଦୁର୍ଯ୍ୟୋଗରୁ ସେଦିନ ମୁକ୍ତ ନଥିଲେ । କେତେଦିନ ତଳେ "ଉତ୍କଳ—ଦୀପିକା"ରେ କଲିକତାର କୌଣସି ରାଜା ପ୍ୟାରୀମୋହନ ଆଚାର୍ଯ୍ୟ ଲବଣକର ସପକ୍ଷରେ ଏକ ଲେଖା ଛପାଇଥିଲେ । ସେଥିପାଇଁ ଗୌରୀଶଙ୍କର ଭାଷଣ ଦେବାକୁ ଉଠିବା ମାତ୍ରେ, ସେ ରାଜା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ମତାମତର ପୋଷକତା କରୁଛନ୍ତି ବୋଲି ଦଳେ ନବୁଝି ନ ଶୁଣି, ଗଣ୍ଡଗୋଳ ଆରମ୍ଭ କରିଦେଲେ । ସେହି କୋଳାହଳ ମଧ୍ୟରେ ଗୌରୀଶଙ୍କରଙ୍କ ଭାଷଣ ଶେଷ ହୋଇଥିଲା । ଏହା ସତ୍ତ୍ୱେ ସଭାଟି ଯେ ସର୍ବତୋଭାବରେ ସଫଳ ହୋଇଥିଲା, ସେଥିରେ ସନ୍ଦେହ ନଥିଲା । "ଉତ୍କଳ-ଦୀପିକା" ଲେଖିଥିଲେ··· "ଏ ନଗରରେ ସଦାରେ ଏଡ଼େ ବଡ଼ ସଭା ଦେଖାଯାଇ ନାହିଁ । ବାବୁ ମଧୁସୂଦନ ଦାସ ଏ ସଭାର ଉଦ୍ୟମକାରୀ ଓ ତାହାଙ୍କ ଯତ୍ନ ଓ ପରିଶ୍ରମ ଯେ ଆଶାତୀତ ଭାବରେ ସଫଳ ହୋଇଛି, ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।" *

ମଧୁସୂଦନଙ୍କ ଭାଷଣର ଭାଷାରେ ଥିଲା ଅବଶ୍ୟ ଆନୁଗତ୍ୟର ବଶମ୍ୱଦତା; ମାତ୍ର ତାହାର ବ୍ୟଂଜନାରେ ଥିଲା ମଧ୍ୟ ଶାସନ ବିରୁଦ୍ଧରେ ଶାଣିତ ଆକ୍ରମଣ । ପୁଣି ଜାତୀୟତାର ଉଦ୍‌ବୋଧନ ଓ ଯୁକ୍ତିବାଦର ବୌଦ୍ଧିକତାରେ ତାହା ସମସ୍ତଙ୍କ ପ୍ରାଣକୁ ସେ ଦିନ ଗଭୀର ଭାବରେ ସ୍ପର୍ଶ କରି ପାରିଥିଲା । ଓଡ଼ିଆଭାଷାରେ ମଧ୍ୟ ମଧୁସୂଦନ ଯେ ସୁବକ୍ତା ସେଦିନ କଟକ ସହରବାସୀ ସେକଥା ପ୍ରଥମ ଥର ପାଇଁ ଜାଣି ପାରିଥିଲେ ।

ମାତ୍ର ଯେଉଁ କଥାଟି କାଳ କାଳ ପାଇଁ ତଥାପି ଅଜଣା ରହି ଯାଇଥିଲା ତାହା ହେଉଛି, ସମଗ୍ର ଭାରତରେ ଲବଣ-କର-ବିରୋଧୀ ଆନ୍ଦୋଳନର ଇତିହାସରେ ଏହାହିଁ ଥିଲା ବୋଧହୁଏ ପ୍ରଥମ ପ୍ରତିବାଦ ସଭା ! ଏହା ଗାନ୍ଧୀଙ୍କ ଲବଣ-ଆନ୍ଦୋଳନର ୪୨ ବର୍ଷ ପୂର୍ବର ଘଟଣା ।

---

* ଉତ୍କଳ-ଦୀପିକା ତା ୯ । ୬ । ୧୮୮୮ ଖ୍ରୀ

ସଭାପରେ କେତେଦିନ ଧରି, ମଧୁସୂଦନଙ୍କ ଓଡ଼ିଆ ଭାଷଣ ଓ ସେଥିର ପ୍ରସଙ୍ଗ ସହରରେ ଲୋକ ମୁଖେମୁଖେ ଆଲୋଚନାର ବିଷୟବସ୍ତୁ ହୋଇ ରହିଥିଲା ।

ଦିନେ ଦୀନାନାଥ ବାନାର୍ଜୀଙ୍କୁ କଚେରୀଛକରେ ଦେଖି, ରାମଶଙ୍କର ପଚାରିଲେ·· ······"ଗୋପାଳଜୀଉ ହାଟ ପଡିଆ ସଭାରେ ମଧୁବାବୁଙ୍କ ଓଡ଼ିଆ ବକ୍ତୃତା ଶୁଣିଲ କି ନାହିଁ ଦାଦା ?"

ଦୀନାନାଥ ଉତ୍ତର ଦେଲେ··· "ସେଦିନ ଆମର ସୁରାପାନ-ନିବାରିଣୀ-ସଭାର ଗୋଟାଏ ସଭା ଥିବାରୁ ମୁଁ ସେଠାକୁ ଅବଶ୍ୟ ଯାଇ ପାରି ନଥିଲି । ତେବେ ଯାହା ଶୁଣିଛି—ମଧୁବାବୁଙ୍କ ଓଡ଼ିଆ ବକ୍ତୃତାରେ କେତେଗୁଡିଏ ବ୍ୟାକରଣଗତ ଅଶୁଦ୍ଧି ରହିଗଲା । ମଧୁସୂଦନ କହିଲେ ଗରିବ ଲୋକମାନେ ହେଉଛନ୍ତି ଦେଶର ଖୁଣ୍ଟ ! ଗରିବ ଲୋକେ କ'ଣ କାଷ୍ଠ ପାଷାଣ ହୋଇଛନ୍ତି ଯେ ଦେଶର ଖୁଣ୍ଟ ହେବେ ସେମାନେ ?"

(ସାତ)

ପୁରୀ ଜଗନ୍ନାଥ ମନ୍ଦିର ମୋକଦ୍ଦମା ପର ଠାରୁ କଟକର ଭଗବଦ୍-ଭକ୍ତି-ପ୍ରଦାୟିନୀ-ସଭା, ବାଲେଶ୍ୱରର ହରିଭକ୍ତି-ପ୍ରଦାୟିନୀ-ସଭା ଓ ପୁରୀର ଜଗନ୍ନାଥ ସନାତନ-ଧର୍ମ ରକ୍ଷିଣୀ ସଭା ପ୍ରଭୃତି ଟିକା-ତିଳକ ବିଭୂଷିତ ସଂସ୍ଥାମାନ ଦୀର୍ଘକାଳ ହାତ ବାନ୍ଧି ବସିବା ପରେ ଏବେ ହଠାତ୍ ପୁଣି ସକ୍ରିୟ ଓ ସରବ ହୋଇ ଉଠିଥିଲେ । ଜଗନ୍ନାଥ ମନ୍ଦିର ଆନ୍ଦୋଳନ ବେଳେ ଏ ସଂସ୍ଥାମାନ ଥିଲେ ମଧୁସୂଦନଙ୍କ ରାଜନୈତିକ ଅସ୍ତ୍ର; ମାତ୍ର ଏବେ ସେମାନଙ୍କର ଗୋବଧ-ନିବାରଣ ଆନ୍ଦୋଳନ କ୍ରମେ ଯେଉଁ ଆକାର ଧରୁଥିଲା; ତାହା ମଧୁସୂଦନଙ୍କ ପକ୍ଷରେ ଦୁଶ୍ଚିନ୍ତାର କାରଣ ହୋଇ ଉଠିଥିଲା ।

ହିନ୍ଦୁ ମୁସଲମାନ ଦୁଇ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସମ୍ପ୍ରୀତି ଓ ଐକ୍ୟ ସ୍ଥାପନ ପାଇଁ ମଧୁସୂଦନ ଏ ପର୍ଯ୍ୟନ୍ତ ଯେତେ ଯାହା ଉଦ୍ୟମ କରି ଆସିଥିଲେ, ସେ ସବୁ ଘଟଣାର ଏକ ଫୁତ୍କାରରେ ହଠାତ୍ ଯେପରି ବିଡମ୍ବିତ ହୋଇ ପଡ଼ିଥିଲା ।

ତିମାଣି ଉତ୍ସବରୁ ମହାଭାରତ ଆରମ୍ଭ ହେବା ପରି ବକ୍ସୀବଜାର ପଲଟଣ-ମାର୍କେଟରେ ଗୋଟାଏ ଗୋମାଂସ ଦୋକାନ ଖୋଲା ହେବା ବ୍ୟାପାରରୁ ଏହାର ସୂତ୍ରପାତ ହୋଇଥିଲା । ପେନ୍‌ସନ୍ ଲାଇନ ଅଞ୍ଚଳରେ ବସବାସ କରି ରହୁଥିବା ମୁସଲମାନ ମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା ବୋଲି କୁହା ଯାଉଥିଲେହେଁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋ-ଖାଦକ ନଥିଲେ । ଅତୀତରେ ଇଂରେଜ ମାନଙ୍କର ମାଡ୍ରାସ-ରେଜିମେଣ୍ଟରେ ସିପାହୀ କାର୍ଯ୍ୟ କରୁଥିବା ଯେଉଁ ଦକ୍ଷିଣୀ ମୁସଲମାନମାନେ ପେନ୍‌ସନ୍ ନେବା ପରେ ସ୍ୱଦେଶକୁ ନ ବାହୁଡ଼ି କଟକରେ ବସବାସ କରି ରହିଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ; ସେମାନଙ୍କୁ ଜମିବାଡ଼ି ଦେଇ ଗୋଟାଏ ନୂଆ ବସ୍ତି ବକ୍ସୀବଜାର ଅଞ୍ଚଳରେ ସ୍ଥାପନ କରାଯାଇଥିଲା । ସେଥିପାଇଁ ତାହାର ନାମକରଣ ହୋଇଥିଲା ପେନସନ୍-ଲାଇନ୍ । ମାତ୍ର ଏ ଦକ୍ଷିଣୀ ମୁସଲମାନ ମାନଙ୍କ ମଧ୍ୟରୁ ଅଧିକାଂଶ ଗୋମାଂସ ସ୍ପର୍ଶ କରୁ ନଥିଲେ । ପୁଣି ସେ ଅଞ୍ଚଳରେ ଅଧିକାଂଶ ଅଧିବାସୀ ହିନ୍ଦୁ ଥିବା ହେତୁ ବକ୍ସୀବଜାର ମାର୍କେଟରେ ଗୋମାଂସ ଦୋକାନ ଖୋଲା ହେବା ଯୋଗ ସେମାନେ ଘୋର ଉତ୍ତ୍ୟକ୍ତ ହୋଇ ରହିଥିଲେ ।

କଟକରେ ଉତ୍କଳ-ସଭା ଆନୁକୂଲ୍ୟରେ ସେଦିନ ଗୋଟାଏ ବିରାଟ ସଭା, ବାବୁ ବୈଦ୍ୟନାଥ ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଗଲା । ଗୋହତ୍ୟା-ନିରୋଧ ଆନ୍ଦୋଳନର ନେପଥ୍ୟରେ ହିନ୍ଦୁ ମୁସଲମାନ ଦୁଇ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ଯେପରି କ୍ରମେ ତିକ୍ତ ହୋଇ ଉଠୁଥିଲା; ମଧୁସୂଦନ ତାହା ବେଶ୍ ଲକ୍ଷ୍ୟ କରି ପାରିଥିଲେ । ଏ ବିଷାଙ୍କୁର ପଲ୍ଲବିତ ହେବା ପୂର୍ବରୁ ଏହାକୁ ସମୂଳେ ବିନାଶ ନ କଲେ, ଓଡ଼ିଶା ତଥା ଦେଶର ସମୂହ କ୍ଷତି ଯେ ସୁନିଶ୍ଚିତ; ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା ।

ବାବୁ ଘନାନାଥ ବାନାର୍ଜୀ ଲବଣକର-ବିରୋଧୀ ଆନ୍ଦୋଳନ ବେଳେ ସୁରାପାନ-ନିବାରଣୀ ସଭାରେ ବ୍ୟସ୍ତ ଥିବାରୁ ହୁଏତ, ତାଙ୍କ ଓଡ଼ିଶା-ପିପଲସ୍-ଆସୋସିଏସନ୍ ପକ୍ଷରୁ ଅନ୍ୟ ସଭାଟିଏ ଆୟୋଜନ କରି ପାରିନଥିଲେ । ସେଥିପାଇଁ ତାଙ୍କ ମନେ ମନେ ଅପଶୋଷ ରହିଥିଲା । ମାତ୍ର ଏବେ, ଉତ୍କଳ-ସଭା ଯେତେବେଳେ ଗୋବଧ-ନିବାରଣୀ ସଭାର ଆୟୋଜନ କଲେ; ବାବୁ ଘନାନାଥ ନୀରବ ରହି ପାରନ୍ତେ କିପରି ? ସେ ମଧ୍ୟ ତାଙ୍କ ଅନୁଷ୍ଠାନ ପକ୍ଷରୁ ଠିକ୍ ସେହିଦିନ ଆଉ ଏକ ସମାନ୍ତରାଳ

ସଭାର ଆୟୋଜନ କରିବେଲେ । କିନ୍ତୁ "ରାନୁବାବୁଙ୍କ ସଭାରେ ପ୍ରାୟ ୨୦ଜଣ ଓ ଅପର ସଭାରେ ତହିଁର ଶତଗୁଣ ଲୋକ ଉପସ୍ଥିତ ହୋଇଥିଲେ" ବୋଲି "ଉତ୍କଳ-ଦୀପିକା" ଯାହା ଲେଖିଥିଲେ ତାହା ଦୀନାନାଥଙ୍କ ଜଖମ ଘାରେ ଲୁଣ ଛିଟା ପରି ଲାଗି ଯାଇଥିଲା । †

ସମସ୍ତଙ୍କର ଅଲକ୍ଷିତରେ ଗୋବଧ-ନିବାରଣ ଆନ୍ଦୋଳନ ଓଡ଼ିଶାରେ କ୍ରମେ ଏକ ଜନ-ଆନ୍ଦୋଳନରେ ପରିଣତ ହୋଇ ଅନ୍ୟ ସବୁ ସମସ୍ୟାକୁ ହଠାତ୍ ନିଷ୍ପ୍ରଭ କରି ଦେଇଥିଲା । ଏ ଆନ୍ଦୋଳନଟି କିପରି ବାଲେଶ୍ୱର ଆଡ଼ୁ ପ୍ରଥମେ ଆରମ୍ଭ ହେଲା, ତାହାର ବୃତ୍ତାନ୍ତ ଜଣାନାହିଁ । ମାତ୍ର ବାଲେଶ୍ୱରର ହେଡ଼ମାଷ୍ଟର ବାବୁ ମୁକୁନ୍ଦଚନ୍ଦ୍ର ବିଦ୍ୟାବାଗୀଶଙ୍କ ନେତୃତ୍ୱରେ ବାଲେଶ୍ୱରର କେତେକ ସହରବାସୀ ଗୋବଧ ନିବାରଣ ଉଦ୍ଦେଶ୍ୟରେ କଂସେଇଖାନାକୁ ଯାଉଥିବା ଗୋରୁମାନଙ୍କୁ କିଣିନେବା ପାଇଁ ଆରମ୍ଭ କଲେ । ସେଇଠାରୁ କ୍ରମେ ଆରମ୍ଭ ହୋଇଥିଲା, ଗୋବଧ-ନିବାରଣ ଆନ୍ଦୋଳନ । ✻

ଉତ୍କଳ-ସଭାର ପୂର୍ବୋକ୍ତ ଜନସଭାରେ, ଓଡ଼ିଶାରେ ଗୋହତ୍ୟା ନିରୋଧ ଆନ୍ଦୋଳନକୁ ପ୍ରସାରିତ କରିବା ପାଇଁ ଗୋଟିଏ ଉପସମିତି ଗଠନ କରିବାର ପ୍ରସ୍ତାବ ହୋଇଥିଲା । ସ୍ୱୟଂ ବାବୁ ବୈଦ୍ୟନାଥ ପଣ୍ଡିତ ସେଥିର ସଭାପତି । ଅନ୍ୟମାନଙ୍କର ଇଚ୍ଛା ମଧୁସୂଦନ ସେଥିରେ ଉପସଭାପତି ହୁଅନ୍ତୁ । ମଧୁସୂଦନ ଏକ ସଂକଟର ସମ୍ମୁଖୀନ ହୋଇ ପଡ଼ିଲେ । ଏଣୁ ମାରିଲେ ବ୍ରହ୍ମହତ୍ୟା; ତେଣୁ ମାରିଲେ ଗୋହତ୍ୟା !

ସଭା ପରେ, ଦିନେ ସକାଳେ ଯେତେବେଳେ ଶିଡ଼ୀରେ ବାବୁ ବୈଦ୍ୟନାଥ ପଣ୍ଡିତଙ୍କ ଡାକ ଶୁଭିଲା···"ମଧୁବାବୁ...ମଧୁବାବୁ ଘରେ ଅଛନ୍ତି ନାଁ ?"···ମଧୁସୂଦନ ବୁଝିଲେ ସଂକଟର ବେଳ ଆସି ପହଞ୍ଚିଗଲା !

ମଧୁସୂଦନଙ୍କ ଷ୍ଟଡ଼ି ଭିତରକୁ ବାବୁ ବୈଦ୍ୟନାଥ ପଣ୍ଡିତ, ଭଗବତ୍ ଭକ୍ତି-ପ୍ରଦାୟିନୀ ସଭାର ପଣ୍ଡିତ ନରହରି ଷଡ଼ଙ୍ଗୀ ସାର୍ବଭୌମ ଓ ପଣ୍ଡିତ ବିଶ୍ୱନାଥ ଶତପଥୀ ପ୍ରମୁଖ ଆସିବା ମାତ୍ରେ ସେହି ପ୍ରସଙ୍ଗ ପୁଣି ଆରମ୍ଭ ହୋଇଗଲା ।

---

† ଉତ୍କଳ-ଦୀପିକା—ତା ୨୫ । ୨ । ୧୮୮୮ ଖ୍ରୀ

✻ ଉତ୍କଳ-ଦୀପିକା—ତା ୨୧ । ୧ । ୧୮୮୮ ଖ୍ରୀ

ସାର୍ବଭୌମ କହିଲେ···"ବାବୁଶାହେବ ବିଦ୍ୱାନ ଶାସ୍ତ୍ରଜ୍ଞ । ତାଙ୍କୁ ଆମ୍ଭେ ଗୋ ଜାତିର ମାହାତ୍ମ୍ୟ ବୁଝାଇବା ଧୃଷ୍ଟତା ହେବ ମାତ୍ର । ଅପିଚ ଶାସ୍ତ୍ର ପ୍ରମାଣରୁ ଏକଥା ବୋଲିହୋଇ ପାରେ ଯେ, ସ୍ୱୟଂ ମହାପ୍ରାଜ୍ଞ ଭୀଷ୍ମ ଶରଶଯ୍ୟାରେ ଶାୟିତ ଥିବାବେଳେ, ଯୁଧିଷ୍ଠିରଙ୍କୁ ଗୋଜାତିର ମାହାତ୍ମ୍ୟ ପ୍ରଖ୍ୟାପନ କରି କହିଥିଲେ, ସର୍ବସୁଖପ୍ରଦ ଗୋବୃନ୍ଦ ସର୍ବଭୂତର ମାତା । ଯେଉଁ ବ୍ୟକ୍ତି ନିଜର ମଙ୍ଗଳ କାମନା କରନ୍ତି ସେ ସର୍ବଦା ଗୋସମୂହଙ୍କୁ ପ୍ରଦକ୍ଷିଣ କରିବେ । ଏପରିକି ପଦ ଦ୍ୱାରା ଗୋବୃନ୍ଦଙ୍କୁ ତାଡ଼ନା କରିବାର ଉଚିତ ନୁହେଁ ଏବଂ ଗୋବୃନ୍ଦଙ୍କ ମଧ୍ୟ ଦେଇ ଗମନ କରିବାର ସୁଦ୍ଧା ଉଚିତ ନୁହେଁ । ସେହି କାରଣରୁ ମଙ୍ଗଳାୟତନ ଦେବୀ ସ୍ୱରୂପ ଗୋବୃନ୍ଦ ସର୍ବଦା ପୂଜ୍ୟ ଅଟନ୍ତି ।"

ପଣ୍ଡିତେ ଆଉ କେତେକ୍ଷଣ ଏହିପରି ବ୍ୟାଖ୍ୟା କରିଥାନ୍ତେ; ମଧୁସୂଦନ ପଚାରିଦେଲେ···"ତା'ହେଲେ ହଳିଆ ବଳଦଙ୍କୁ ପାଞ୍ଚଣରେ ପିଟି ପିଟି ସେମାନଙ୍କୁ ଅର୍ଦ୍ଧମୃତ କରାଯାଉଅଛି କେଉଁ ଶାସ୍ତ୍ର ବଳରେ ?"

ସାର୍ବଭୌମେ ଦୁଇ ନାକପୁଡ଼ାରେ ଦୁଇ ଚୁଳା ନାସ ଶୁଙ୍ଘି ମହା-ଭାରତ ଅନୁଶାସନପର୍ବର ପ୍ରାମାଣିକତା ଉଲ୍ଲେଖ କରି କହିଲେ···"ଯଜ୍ଞ ନିମିତ୍ତ ଅଥବା କୃଷି ନିମିତ୍ତ କର୍ମରେ ନିଯୁକ୍ତ ବଳୀବର୍ଦ୍ଦଗଣଙ୍କୁ ହେବକୃତ ପ୍ରତୋଦ ଦ୍ୱାରା ତାଡ଼ନା କଲେ ଅବଶ୍ୟ ଦୋଷ ନାହିଁ !"

ଉତ୍କଳରେ ବ୍ରାହ୍ମଣ ପରି ସ୍ମୃତିମାନଙ୍କ ଶାସ୍ତ୍ରରେ ଉଭୟ ପକ୍ଷ ପାଇଁ ନାନା ଅକାଟ୍ୟ ନଜିର ରହିଛି ।

ମଧୁସୂଦନ ମଧ୍ୟ ସେହି ଆସ୍ଥାର ପରମ୍ପରାରେ ବର୍ଦ୍ଧିତ । ସକାଳେ ଗାଈ ବାଛୁରୀଙ୍କୁ ଦୁବଘାସ କେରାଏ ନଖୁଆଇଲେ ପାର୍ବତୀ ଦେଈ, ଅନ୍ନ ଜଳ ସ୍ପର୍ଶ କରିବାତ ଦୂରର କଥା, ଦିନର କାର୍ଯ୍ୟ ସୁଦ୍ଧା ଆରମ୍ଭ କରନ୍ତି ନାହିଁ—ମଧୁସୂଦନଙ୍କର ତାହା ଆଖି ଦେଖା କଥା । ହିନ୍ଦୁ ସଂସ୍କୃତିର ଗୋଜାତି ଏକ ଶ୍ରଦ୍ଧାଶୀଳ ସ୍ଥାନ ଜାତିର ଅବଚେତନରେ ଅଧିକାର କରିଅଛି । ଏହାକୁ କେବଳ ଯୁକ୍ତିବାଦ ଦ୍ୱାରା ଖଣ୍ଡନ କରି ହେବ ନାହିଁ । ପଣ୍ଡିତ ପରୀକ୍ଷିତ ନନ୍ଦଶର୍ମାଙ୍କ ଶାସ୍ତ୍ରୀୟ ବ୍ୟାଖ୍ୟା ଯେତେ ହାସ୍ୟୋଦ୍ଦୀପକ ହେଉ ପଛେ ପ୍ରତ୍ୟେକ ହିନ୍ଦୁର ଅବଚେତନର ସେ ଆଦିମ ଆବେଦନକୁ ଅସ୍ୱୀକାର କରିବା ସମ୍ଭବ ନୁହେଁ—ମଧୁସୂଦନ ସେ କଥା ସ୍ପଷ୍ଟ ବୁଝି

ଥିଲେ । ମାତ୍ର ଗୋହତ୍ୟା-ନିରୋଧ ଆନ୍ଦୋଳନ କ୍ରମେ ଯେଉଁ ଆକାର ଧାରଣ କରି ଆସୁଥିଲା, ସେଥିରେ ହିନ୍ଦୁ ମୁସଲମାନ ଦୁଇ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସମ୍ପ୍ରୀତି ବିପନ୍ନ ହେବା ସଙ୍ଗେ ସଙ୍ଗେ ଜାତୀୟ ଐକ୍ୟ ବାଧାଗ୍ରସ୍ତ ହେବା ଯେ ସୁନିଶ୍ଚିତ ଥିଲା, ସେଥିରେ ମଧ୍ୟ ମଧୁସୂଦନଙ୍କର ସନ୍ଦେହ ନଥିଲା । ବକ୍ସୀବଜାର ପଲ୍ଟଣ ମାର୍କେଟରେ ଯେଉଁ ସ୍ଥାନରେ ଗୋମାଂସ ଦୋକାନ ଖୋଲି ଯିବାର ପ୍ରସ୍ତାବ ହେଉଥିଲା, ସେଠାରୁ ଅନ୍ୟ ସ୍ଥାନକୁ ତାହା ଘୁଞ୍ଚାଇ ଦେଲେ, ବିସମ୍ବାଦଟି ମେଣ୍ଟି ଯାନ୍ତା । ମାତ୍ର ଶାସକଗୋଷ୍ଠୀଙ୍କ ଭେଦନୀତିରେ ତାହା ଅଭିପ୍ରେତ ନଥିଲା ।

ମଧୁସୂଦନ ବୈଦ୍ୟନାଥ ପଣ୍ଡିତଙ୍କୁ ଲକ୍ଷ୍ୟକରି କହିଲେ···"ଗୋ-ଜାତି ହିନ୍ଦୁମାନଙ୍କର ନମସ୍ୟ । ପୁଣି ଅନେକ ମୁସଲମାନ ମଧ୍ୟ ଗୋମାଂସ ସ୍ପର୍ଶ କରନ୍ତି ନାହିଁ । ମାତ୍ର ଇଂରେଜ ଶାସକମାନେ ସମସ୍ତେ ଗୋଖାଦକ । ଆପଣଙ୍କ ଆନ୍ଦୋଳନ ସେହିମାନଙ୍କ ବିରୋଧରେ ଯିବ; ଏ କଥା ମଧ୍ୟ ଆମେ ଭୁଲିଗଲେ ଚଳିବ ନାହିଁ ପଣ୍ଡିତଜୀ ।"···ବାବୁ ବୈଦ୍ୟନାଥ ପଣ୍ଡିତଙ୍କ ରାଜା ପଦବୀ ପାଇଁ ଦରଖାସ୍ତଟି ସେତେବେଳେ ତଥାପି ବିଚାରାଧୀନ ଅବସ୍ଥାରେ ରହିଥିଲା ।

ଔଷଧଟି ଠିକ୍ ଧରିଲା । ବୈଦ୍ୟନାଥ ପଣ୍ଡିତ କହିଲେ···"ସେଇଥି ପାଇଁ ତ ଆମ ସମସ୍ତଙ୍କର ଇଚ୍ଛା ଆପଣ ଆମ ସମିତିର ଉପସଭାପତି ହୋଇ ଏ କାର୍ଯ୍ୟ ଯେପରି ଠିକଣା ଭାବରେ ଚଳିବ, ଚଳାନ୍ତୁ ।"

ମଧୁସୂଦନଙ୍କର ସେଥିରେ ଆପତ୍ତି ନଥିଲା ।

ଗୋହତ୍ୟା-ନିରୋଧ-ସମିତି ପକ୍ଷରୁ ପୁଣି ଯେତେବେଳେ ଆଉ ଏକ ସାଧାରଣ ସଭା ହେଲା, ସେଥିରେ ମଧୁସୂଦନ ଗୋହତ୍ୟା ନିରୋଧ ପାଇଁ ବହୁ ଉଦ୍‌ବୋଧନ ଦେଇ ଶେଷରେ ଯେଉଁ ସୂତ୍ର ବତାଇଲେ, ସେଥିରେ ମୁସଲମାନମାନେ ସନ୍ତୁଷ୍ଟ, ହିନ୍ଦୁମାନେ ମଧ୍ୟ ଆପତ୍ତି କରିବାର କୌଣସି ଅବକାଶ ଖୋଜି ପାଇଲେ ନାହିଁ । ଅପରପକ୍ଷରେ ଗୋହତ୍ୟା ପାଇଁ ହିନ୍ଦୁମାନେ ଯେ ପରୋକ୍ଷରେ ଦାୟୀ, ତାହା ମଧ୍ୟ ସେମାନେ ଅସ୍ୱୀକାର କରି ପାରିଲେ ନାହିଁ ! ମଧୁସୂଦନ ମୁସଲମାନମାନଙ୍କୁ ପରାମର୍ଶ ଦେଲେ ଗୋହତ୍ୟା ନକରିବା ପାଇଁ, ହିନ୍ଦୁମାନଙ୍କୁ ପରାମର୍ଶ ଦେଲେ ହଣ୍ଡାଗୋରୁ ମୁସଲମାନ ମାନଙ୍କୁ ବିକ୍ରୀ ନକଲେ,

କଂସେଇମାନେ ଗୋରୁ ମାରିବା ପାଇଁ ଆଉ ଗୋରୁ ପାଇବେ ନାହିଁ । *

ହିନ୍ଦୁମାନେ ତ ଗୋରୁ ହତ୍ୟା ହେଲେ ମୁସଲମାନ ମାନଙ୍କୁ ଦୋଷୀ କରିଥାନ୍ତି । ଗୋହତ୍ୟା ପାଇଁ ହିନ୍ଦୁମାନେ ହିଁ ସର୍ବପ୍ରଥମେ ଦାୟୀ । ଏ ଯୁକ୍ତି ପଣ୍ଡିତ ପରୀକ୍ଷିତ ନନ୍ଦେ ସୁଦ୍ଧା ତାଙ୍କ ପାଣ୍ଡିତ୍ୟରେ କାଟି ପାରିଲେ ନାହିଁ ।

ଗୋବଧ-ନିବାରଣ ଆନ୍ଦୋଳନରେ ବଡ଼ମଜାର ଅନ୍ୟ ଯେଉଁ ଦିଗଟି ରହିଥିଲା, ତାହା ମଧ୍ୟ ମଧୁସୂଦନଙ୍କ ଯୁକ୍ତିବାଦୀ ଦୃଷ୍ଟିରୁ ବାଦ୍ ପଡ଼ି ନଥିଲା । ଯେଉଁ ସ୍ବାର୍ଥି ଜମିଦାରମାନେ ଗୋବଧ-ନିବାରଣ ଆନ୍ଦୋଳନରେ ଅଗ୍ରଣୀ ହୋଇ ବାହାରି ପଡ଼ିଛନ୍ତି, ସେଇମାନେ ଗୋଚର ଜମିକୁ ମଧ୍ୟ ଦଖଲ କରି ବସିଛନ୍ତି । ମଧୁସୂଦନ ସେଦିନ ପଣ୍ଡିତ ସାର୍ବଭୌମଙ୍କୁ ବୁଝାଇ ଦେଇଥିଲେ କଟକରେ କଂସେଇମାନେ ଦିନକୁ ପ୍ରାୟ କୋଡ଼ିଏ ଗୋରୁ ମାରୁଛନ୍ତି । "କିନ୍ତୁ ବୁଝି ଦେଖନ୍ତୁ ପଣ୍ଡିତ ମହାଶୟ, ଜମିଦାରମାନେ ଗୋଚର ସବୁ ଦଖଲ କରିସିବା ଫଳରେ, ଗୋରୁମାନେ ଚରିବାକୁ ନପାଇ, ଚର୍ଗ୍ର ଅଭାବରେ ଏହାର ଶହେଗୁଣ ସଂଖ୍ୟାରେ ମରି ଯାଉଥିବେ ! ଏହା ହେଲା ହାତରେ ନମାରି ଭାତରେ ମାରିବା ପରି କଥା । କଂସେଇ ଗୋରୁ ମାରିବା ପିନା ଆମେ ବନ୍ଦ କରିବା; କିନ୍ତୁ ସ୍ବାର୍ଥି ହିନ୍ଦୁମାନେ ଭିତରେ ଯେ ନିତ୍ୟପ୍ରତି ଗୋହତ୍ୟା କରୁଛନ୍ତି ତାହାର ପ୍ରତିକାର କଣ ? ଆପଣ ଏକଥାଟି ମଧ୍ୟ ବିଚାର କରନ୍ତୁ ।"

ମଧୁସୂଦନ ତାଙ୍କ ଉକିଲାତି ବୁଦ୍ଧିରେ ବୁଝିଥିଲେ, କଣ୍ଟକେ କୈବ କଣ୍ଟକଂ । ସାର୍ବଭୌମ ସେଦିନ ସଭାରେ ଏହି ପ୍ରସଙ୍ଗରେ ଗୋବଧ ପାଇଁ ହିନ୍ଦୁ ଜମିଦାରମାନଙ୍କୁ ଆକ୍ଷେପ କରି କହିଥିଲେ·········

"ଶ୍ରୀମତୀ ମହାରାଣୀ ଗୋଖାଦକ ହେଲେହେଁ ଏମନ୍ତ ଦୟାବତୀ ଯେ ଗୋଚର ଭୂମି ମାନ ବନ୍ଦୋବସ୍ତରେ ଛାଡ଼ି ଦେଇ ଅଛନ୍ତି । ଅଥଚ ହିନ୍ଦୁ ଜମିଦାରମାନେ ସେହି ଭୂମି ହରଣ କରୁଅଛନ୍ତି । ଗାଈର ଖାଇବା ଦ୍ରବ୍ୟରେ ହସ୍ତକ୍ଷେପ କରିବା ଗୋବଧ ତୁଲ୍ୟ ଅପରାଧ ଅଟଇ ।" †

---

* ଉତ୍କଳ-ଦୀପିକା—ତା ୮ । ୪ । ୧୮୮୮ ଖ୍ରୀ

† ଉତ୍କଳ-ଦୀପିକା—ତା ୨୫ । ୨ । ୧୮୮୮ ଖ୍ରୀ

× × × × ×

ଏହାର ଅଳ୍ପଦିନ ପରେ ପଲଟଣ-ମାର୍କେଟରେ ଯେଉଁ ସ୍ଥାନରେ ଗୋମାଂସ ଦୋକାନ ଖୋଲିବାର ପ୍ରସ୍ତାବ ଥିଲା; ସେଠାରୁ ତାହାକୁ ପୁଲିସ-ଲାଇନ ଭିତରକୁ ଘୁଞ୍ଚାଇ ନିଆଗଲା ।

ଗୋହତ୍ୟା-ନିରୋଧ ଆନ୍ଦୋଳନର ଏ ପର୍ଯ୍ୟାୟରେ ସେତିକିରେ ସେଇଠି ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ।

ମାତ୍ର ବିଭିନ୍ନ କ୍ରିୟା ପ୍ରତିକ୍ରିୟା ଫଳରେ ମୁସଲମାନମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକତା କ୍ରମେ ଯେପରି ମୁଣ୍ଡ ଟେକି ଉଠୁଥିଲା; ତାହା ମଧୁସୂଦନଙ୍କ ପକ୍ଷରେ ଘୋର ଦୁଶ୍ଚିନ୍ତାର କାରଣ ହୋଇ ପଡ଼ିଥିଲା । ସାମ୍ପ୍ରଦାୟିକ ସମ୍ପ୍ରୀତି ଓ ଜାତୀୟ ଐକ୍ୟର ବାର୍ତ୍ତା ପ୍ରଚାର ପାଇଁ ମଧୁସୂଦନ ବ୍ୟାକୁଳ ହୋଇ ଉଠିଥିଲେ । କଟକ-ଟ୍ରେଡିଙ୍ଗ୍-କୋମ୍ପାନୀ କୋଠାରେ ମୁସଲମାନମାନଙ୍କ ଜଲସାର "ଫଏଜେ ଆମ୍" ସଙ୍ଗଠନ ପକ୍ଷରୁ ଏକ ସଭା ମଧ୍ୟ ଆହୂତ ହୋଇଥିଲା ଏହି ଉଦ୍ଦେଶ୍ୟରେ । † ଏଥିରେ ସଭାପତିତ୍ୱ କରିଥିଲେ ମଧୁସୂଦନ ।

"ଉତ୍କଳ ଦୀପିକା" ଏ ସଭାର ବିବରଣୀ ନିମ୍ନରୂପେ ଲିପିବଦ୍ଧ କରିଥିଲେ·········

"ବାବୁ ମଧୁସୂଦନ ଦାସ ମୁସଲମାନମାନଙ୍କର ଏ ମେଳନ ପ୍ରତି ସହାନୁଭୂତି ଦେଖାଇ ପ୍ରାୟ ଏକଘଣ୍ଟା କାଳ ବକ୍ତୃତା ଦେଇ କହିଲେ······ ମୁସଲମାନମାନେ ଚିରକାଳ ନିମିତ୍ତ ଭାରତବର୍ଷରେ ରହିବାରୁ ହିନ୍ଦୁଙ୍କର ଭାଇ ସ୍ୱରୂପ ହୋଇଛନ୍ତି । ଏକ ରାଜ୍ ଅଧୀନରେ ଏକ ନିୟମରେ ଚାଳିତ ହେଉଥିବାରୁ ସାଧାରଣରେ କିଛି ପ୍ରଭେଦ ନାହିଁ । ହିନ୍ଦୁର ଯାହା ଅଭାବ ମୁସଲମାନମାନଙ୍କର ମଧ୍ୟ ତାହା ଅଭାବ । ଅତଏବ କୌଣସି ଅଭାବ ଦୂର କରିବା ନିମିତ୍ତ ସମସ୍ତଙ୍କୁ ମିଳି କାର୍ଯ୍ୟ କରିବାକୁ ହେବ । ମୁସଲମାନମାନେ ପୃଥିବୀର ନାନା ଦେଶରେ ରାଜତ୍ୱ କରି ଅଛନ୍ତି । ଅତଏବ ଅନ୍ୟଙ୍କ ସହିତ ମିଶିବାର ଭଲ କୌଶଳ ଜାଣନ୍ତି । ହିନ୍ଦୁ ସ୍ୱରାଜ୍ୟର ବାହାରକୁ ଯାଇ ନଥିବାରୁ ସେ ଅଳ୍ପରେ ଊଣା ଅଟନ୍ତି । କଂଗ୍ରେସ ଓ ଲକ୍ଷ୍ନୌରେ ସୟଦ ଅହମଦଙ୍କ କଥାର ଉଲ୍ଲେଖ କରି ସେ

† ଉତ୍କଳ-ଦୀପିକା—ତା ୨୪ । ୩ । ୯୮ ମସିହା

କହିଲେ କି, ଆପଣାର ଭାଇ ବିରାଦରଙ୍କୁ ଦୁଃଖକଷ୍ଟ ଦେବା ନିମିତ୍ତ ସେ ସାହେବଙ୍କ ଖୋସାମତରେ ଅଛନ୍ତି । ମାତ୍ର ସମସ୍ତଙ୍କର ବିଚାର କରିବା ଉଚିତ ଯେ, ସମସ୍ତ ମୁସଲମାନ ଦୁଃଖକଷ୍ଟ ପାଇ ପାରିବେ ନାହିଁ । ଅଧିକାଂଶ ଲୋକ ଅନ୍ୟ ଉପାୟରେ ଜୀବିକା ନିର୍ବାହ କରିବେ । ଅତଏବ ସମସ୍ତଙ୍କର ଯହିଁରେ ମଙ୍ଗଳ ହେବ, ତାହା କରିବା ଉଚିତ । ଇଂରେଜମାନଙ୍କର ଏ ଦେଶ ପ୍ରତି ମମତା ଜନ୍ମିବାର କେତେକ କାରଣ ଦର୍ଶାଇ ଓ ସେମାନଙ୍କ ସହିତ ସଦ୍ଭାବ ହେବାର ଆବଶ୍ୟକତା ପ୍ରତିପନ୍ନ କରି ସେ କହିଲେ ଯେ ବଙ୍ଗାଳୀମାନଙ୍କ ଦ୍ୱାରା ଅନେକ ଉପକାର ହୋଇଅଛି । ମାତ୍ର ଇଂରେଜ ଏ ଦେଶୀୟଙ୍କ ବିଚ୍ଛେଦ ଜନ୍ମାଇବା ରୂପ ଗୋଟିଏ ମହା ଅପକାର ସୃଷ୍ଟି କରି ଅଛନ୍ତି । ଏ ଦେଶର ହିନ୍ଦୁ ମୁସଲମାନମାନଙ୍କର ଐକ୍ୟ ବିଷୟରେ କେତେକ ଉଦାହରଣ ଦେଇ ସେ ଆପଣା ପକ୍ଷରୁ କହିଲେ ଯେ ମୁସଲମାନମାନଙ୍କ ସେବାରେ ସର୍ବଦା ନିଯୁକ୍ତ ହେବାକୁ ସେ ସୁଖୀ ମନେ କରିବେ ଓ ତାହାଙ୍କ ସାଧ୍ୟାନୁସାରେ ସେମାନଙ୍କୁ ସାହାଯ୍ୟ କରିବାକୁ ତ୍ରୁଟି କରିବେ ନାହିଁ । ଏହାପରେ ଅତାହାର ସାହେବ ମଧୁବାବୁଙ୍କୁ ଧନ୍ୟବାଦ ଦେଇ ମୁସଲମାନଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ ।"

କଟକ ସହରରେ ପାଞ୍ଚ ବର୍ଷ ତଳର ଅଖ୍ୟାତ ଆଗନ୍ତୁକ ମଧୁସୂଦନ—ସେ ଦିନକୁ ଓଡ଼ିଶାରେ ଜାତୀୟଜୀବନର କେନ୍ଦ୍ରବିନ୍ଦୁରେ ପରିଣତ ହୋଇ ପଡ଼ିଥିଲେ ।

ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ମଧୁସୂଦନଙ୍କ ରାଜନୈତିକ କର୍ମ ଯୋଜନାରେ ଅଗ୍ରପ୍ରାଧାନ୍ୟ ଲାଭ କରିଥିବା ହେତୁ ତାଙ୍କୁ କେବଳ ଜଣେ ପ୍ରାଦେଶିକ ନେତାର ତାଲିକାରେ ରଖି ଦିଆ ଯାଇଅଛି । ମାତ୍ର ଊନବିଂଶ ଶତାବ୍ଦୀର ଶେଷ ପାଦରେ ମହାଭାରତୀୟ ରାଜନୀତିର ଜାତୀୟ ପରିସର ମଧ୍ୟରେ ସେ ସର୍ବତୋଭାବରେ ଓଡ଼ିଶାର ଜାତୀୟ-ଜୀବନର ପଥନିର୍ମାତା ରୂପେ କାର୍ଯ୍ୟ କରି ଯାଇଅଛନ୍ତି । ଜାତୀୟ-କଂଗ୍ରେସରେ ଓଡ଼ିଆଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପାଇଁ ଓଡ଼ିଆ ଜାତିର ବହୁପୋଷିତ ଅଭିଳାଷ ପ୍ରତି ସୁବିଚାର ଫିଟିଥିଲେ ଓ ଓଡ଼ିଶାକୁ ଅନ୍ୟ ମାନଙ୍କ ପାଇଁ ଲର୍ଡ କର୍ଜନଙ୍କ ଭାଷାରେ "ବଳି ଦିଆ ଯାଇ ନଥିଲେ" ମଧୁସୂଦନଙ୍କ ରାଜନୈତିକ ଜୀବନ ଯେପରି ଅନ୍ୟ

ଆକାର ଧରିଥାନ୍ତା ଓଡ଼ିଶାର ରାଜନୈତିକ ଇତିହାସ ମଧ୍ୟ ସେମିତର ଭିନ୍ନ ପଥରେ ଗତି କରିଥାନ୍ତା ।

ମାତ୍ର ତାହା ବୋଧହୁଏ ଇତିହାସର ଅଭିପ୍ରେତ ନ ଥିଲା ।

## (ଆଠ)

ପିତା ରଘୁନାଥ ଚୌଧୁରୀଙ୍କ ସହିତ ମଧୁସୂଦନଙ୍କର ଲୌକିକ ସମ୍ପର୍କ ବନ୍ଧନଟି ଛିନ୍ନ ହୋଇଥିଲା । ଧର୍ମାନ୍ତରିତ ପୁତ୍ରର ମୁଖ ସୁଦ୍ଧା ଦେଖିବେ ନାହିଁ ବୋଲି ଚୌଧୁରୀ ରଘୁନାଥ ଦାସ କଲିକତାରେ ଯେଉଁ ଶପଥ କରିଥିଲେ, ତାହା ସେ ପ୍ରାୟ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ସେଥିପାଇଁ କଟେଶ୍ୱରରେ କେବେ କେବେ ପିତାପୁତ୍ରଙ୍କର ଅକସ୍ମାତ୍ ସାକ୍ଷାତ ହୋଇଗଲେ, ଉଭୟେ ଉଭୟଙ୍କୁ ଆଡ଼ କରି ଚାଲୁଥିଲେ । ମାତ୍ର ଜନନୀ ପାର୍ବତୀ ଦେଈଙ୍କ ମମତା ଅଥବା ସତ୍ୟଭାମାପୁର ଗ୍ରାମର ଆକର୍ଷଣ ମଧୁସୂଦନ ତଥାପି କାଟି ପାରି ନଥିଲେ । ତାଳବଣୀ, ଆମ୍ବତୋଟା, ଧାନକ୍ଷେତ ଆଉ ନଦୀନାଳଘେରା ସେହି ଶାନ୍ତ ପଲ୍ଲୀଗ୍ରାମ, ଟେଲଟଣୀ ବରର ଓହଳ ପରି ମଧୁସୂଦନଙ୍କ ଚିତ୍ତଭୂମିକୁ ଯେପରି ବାନ୍ଧି ରଖିଥିଲା । ପୁଣି ପାର୍ବତୀଦେଈଙ୍କ ମମତାର ସ୍ମୃତି, ବନ୍ଧୁ ନିଃସଙ୍ଗ, କର୍ମବିରଳ ମୁହୂର୍ତ୍ତରେ ମଧୁସୂଦନଙ୍କୁ ଅତ୍ୟନ୍ତ ଉଦାସ କରି ଦେଉଥିଲା !

ସେହି ଆକର୍ଷଣରେ କେବେ କେବେ ମଧୁସୂଦନ କଟକରୁ ଛୁଟି ଆସୁଥିଲେ ସତ୍ୟଭାମାପୁର ଗ୍ରାମକୁ । ପାର୍ବତୀଦେଈ ସେ ଦିନମାନଙ୍କରେ ହଜିଲାନିଧି ପାଇବା ପରି ଆହ୍ଲାଦରେ ନିଜକୁ ଯେପରି ହଜାଇ ଦେଉଥିଲେ । ମାତ୍ର ଅବଶେଷରେ ତାହା ପାର୍ବତୀ ଦେଈଙ୍କ ପକ୍ଷରେ ଏକ ଶାସ୍ତିରେ ପରିଣତ ହେଉଥିଲା । ଗାଁରେ କେତେଘଣ୍ଟା କଟାଇ ମଧୁସୂଦନ କଟକ ଫେରିଯିବା ପରେ କାନ୍ଦି କାନ୍ଦି ପାର୍ବତୀ ଦେଈଙ୍କ ଦୁଇ ଆଖି ପିଆଜ ପାଖୁଡ଼ା ପରି ରଙ୍ଗା ହୋଇ ଉଠୁଥିଲା । ତା' ପରେ ମଧୁସୂଦନ ଯେଉଁ ପର୍ଯ୍ୟନ୍ତ ଯେତେ ବାଟ, ଏପରିକି ଦାଣ୍ଡରେ ସୁଦ୍ଧା ପାଦରେ ଚାଲି ଯାଇଥିଲେ, ସେ ବାଟ ସାରା ଗୋବର ପାଣି ଛିଞ୍ଚି ଛିଞ୍ଚି ପିଣ୍ଡା ଦୁଆର ଅଗଣା ଗୋବରରେ ଲିପି ଲିପି ପାର୍ବତୀଦେଈଙ୍କ ହାତ ବୁଢ଼ି ଯାଉଥିଲା ! ମଧୁସୂଦନଙ୍କୁ କୋଳରେ କୁଣ୍ଢାଇ ସେ କାନ୍ଦୁଥିଲେ

ପଣ ! ସ୍ୱର୍ଣ୍ଣ-କୋଷର ଖଣ୍ଡନ ପାଇଁ ଅବେଳରେ ରସକୁଣ୍ଡ ଯୋଗଣରେ ବୁଡ଼ ପକାଇ ତାଙ୍କୁ ଗାଧୋଇବା ପାଇଁ ପଡ଼ୁଥିଲା । ଖାଁ ପରେ ଆସୁଥିଲା ପାଳକର । ଏହା ପ୍ରାୟ ଏକ ନୈମିତ୍ତିକ ବ୍ୟାପାରରେ ପରିଣତ ହୋଇ ପଡ଼ିଥିଲା । ସତ୍ୟଭାମାପୁର ଆସିବା ପାଇଁ ତେଣୁ ଅନେକ ସମୟରେ ମଧୁସୂଦନ ମନେ ମନେ ଶଙ୍କିତ ଓ କୁଣ୍ଠିତ ହେଉଥିଲେ । କିନ୍ତୁ ବହୁଦିନ ଧରି ଗ୍ରାମକୁ ମଧୁସୂଦନ ନ ଆସିଲେ, ପାର୍ବତୀ ଦେଈ ମଧ୍ୟ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ୁଥିଲେ ।

ସେଥର ପାର୍ବତୀ ଦେଈ କହିଲେ···"ତୁ ଚଉଦଇ ଭଳି ଆସିଲା ପରି ଭଳି ଆସୁଛୁ । ଦିନେ ରହି ପୁଣି ଚାଲି ଯାଉଛୁ । ଦିନ ଗୋଟାଏ ବି ତୁ ରହୁନୁ ନାହିଁ ଏଠି ! ଭାଗଶାଳ ପରି ଏତେ ବଡ଼ ଘର । ଖାଁ ଖାଞ୍ଚାଟାରେ ମୁଁ ଯକ୍ଷ ପରି ଆଗୋଳି ବସିଛି ଏଠି ।"

ମଧୁସୂଦନ ସ୍ମିତ ହସି ଉତ୍ତର ଦେଇଥିଲେ···"ମୁଁ ଏଠି ଦିନ ଗୋଟାଏ ରହିଲେ ତ ସେ ଦିନ ଯାକ ବୁଡ଼ ପକେଇ ପକେଇ ତୋତେ ସନ୍ନିପାତ ଘୋଟିଯିବ ।"

ସେଇ କଥାରୁ ପଡ଼ିଥିଲା ଗୋପାଳବଲ୍ଲଭଙ୍କ ମଙ୍ଗଳକୃତ୍ୟ ପ୍ରସ୍ତାବ । ଗୋପାଳବଲ୍ଲଭଙ୍କ ମଙ୍ଗଳକୃତ୍ୟ କରାଇବା ପାଇଁ ଚୌଧୁରୀ ରଘୁନାଥ ଦାସ ଓ ପାର୍ବତୀ ଦେଈ ବ୍ୟସ୍ତ । କିନ୍ତୁ ଗୋପାଳବଲ୍ଲଭଙ୍କ ସିଦ୍ ବୃକସ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ସେ ବିବାହ କରିବେ ନାହିଁ !

ଗୋପାଳବଲ୍ଲଭଙ୍କୁ ଏବେ ଡେପୁଟୀ ବୃକସ ମିଳିଥିଲା ।

କୁମୁଣ୍ଡା-ଜୟପୁର ଗାଁରେ ବାବୁ ନନ୍ଦକିଶୋର ଦାସଙ୍କ କନ୍ୟାଙ୍କ ସହିତ ଟିପଣୀ ଶୁଝା ଚାଲିଥିଲା । ଆଉ କେତେଆଡ଼ୁ ମଧ୍ୟ କେତେ ପ୍ରକାର ପ୍ରସ୍ତାବ ଉଠିଥିଲା । ଚୌଧୁରୀ ରଘୁନାଥ ଦାସଙ୍କ ଇଚ୍ଛା ନନ୍ଦକିଶୋର ଦାସଙ୍କ ଘରେ ବନ୍ଧୁ ବାନ୍ଧିବା ପାଇଁ । ପୁରୁଣା ଖାନ୍‌ଦାନ୍ ଘର । ସେଥିରେ ପୁଣି ନନ୍ଦକିଶୋର ବଡ଼ ଜାନମ । ତାଙ୍କ ପିତା ନରସିଂହ ଦାସେ ଥିଲେ ପାର୍ସୀପଡ଼ା ଡେପୁଟୀ ! ସତ୍ୟଭାମାପୁରର ଚୌଧୁରୀ ପରିବାର ସହିତ ସେମାନଙ୍କର ଦୂର ସମ୍ପର୍କିତ ସମ୍ବନ୍ଧ ରହିଥିଲା । ଏ ପ୍ରସ୍ତାବରେ ମଧୁସୂଦନଙ୍କର ମଧ୍ୟ ଆପତ୍ତି ନଥିଲା ।

ପାର୍ବତୀ ଦେଈ କହିଲେ...“ମୋର ତ କୋଉ ଗୋଟିଏ କଥା ରଖିଲୁ ନାହିଁ ଗୋବିନ୍ଦ ! ଗୋଟିଏ ଆଶା ପୂର୍ଣ୍ଣ କଲୁ ନାହିଁ ! ଏବେ ଗୋଟିଏ କଥା ରଖିବୁ ?”

ପାର୍ବତୀ ଦେଈଙ୍କ କଣ୍ଠରେ ଅଶ୍ରୁ ଓ ଅଭିମାନ !

ମଧୁସୂଦନ ପଚାରିଲେ···“ତୋର ଆଶାଟା କଣ ଶୁଣେ ?”

ପାର୍ବତୀ ଦେଈ କହିଲେ···“ ତୋ ବାହାଘର ତ ଜାଣିପାରିଲି ନାହିଁ କି ବୋହୂକୁ ଦେଖିପାରିଲି ନାହିଁ । ଗୋପାଳର ବାହାଘରଟା ଯେମିତି ମନଲାଖି ହୁଏ, ସେତିକି ମୋର ଆଶା ।”

ମଧୁସୂଦନ—“ କେମିତି ମନଲାଖି ହେବ କହ ! ମୋର ଶକ୍ତି ଥିଲେ, ମୁଁ ନିଶ୍ଚୟ ସେହିପରି କରିବି ।”

ପାର୍ବତୀ ଦେଈଙ୍କ ଆଶାଟା ସବୁଦିନେ ବଡ଼ ! ପୁଣି ପଣ୍ଡା ପ୍ରଭାବେଶୀଙ୍କୁ ଦେଖିବାରେ ସେ ଯେପରି ମୁକ୍ତହସ୍ତା, ଅତିଥି ଅଭ୍ୟାଗତଙ୍କୁ ଘର ଭିଅଣ ତେରଭଜା କରି ଖୁଆଇବାରେ ତାଙ୍କର ସେହିପରି ଆନନ୍ଦ । ଘରେ ସାଧାରଣ ପର୍ବ ପର୍ବାଣୀ ସୁଦ୍ଧା ପାର୍ବତୀ ଦେଈଙ୍କ କହିବାରେ ଏକ ବ୍ୟୟବହୁଳ ବ୍ୟାପାରରେ ପରିଣତ ହୋଇଥାଏ ।

ଏବେ ଗୋପାଳର ବିବାହ ଉତ୍ସବ ଯେପରି ଆକାରରେ ପାର୍ବତୀ ଦେଈ ମନେ ମନେ ପରିକଳ୍ପନା କରୁଥିଲେ, ତାହା ଅନୁମାନ କରିବା ମଧୁସୂଦନଙ୍କ ପକ୍ଷରେ ବିଶେଷ କଷ୍ଟସାଧ୍ୟ ନଥିଲା । ତଥାପି ସେ ପଚାରିଲେ···“ଗୋପାଳର ବିବାହ କିପରି ଭାବରେ ହେଲେ ତୋ ମନ ଶାନ୍ତି ହେବ, କହ !”

ପାର୍ବତୀ ଦେଈ ଏ ପ୍ରଶ୍ନର କୌଣସି ସ୍ପଷ୍ଟ ଉତ୍ତର ଦେଇ ପାରିଲେ ନାହିଁ । ସେ କିପରି ବା ବୁଝାଇବେ, ମଧୁସୂଦନ ଧର୍ମାନ୍ତରିତ ଓ ଧର୍ମଚ୍ୟୁତ ହୋଇଥିବା ହେତୁ ପଣ୍ଡା ପ୍ରଭାବେଶୀଙ୍କ କଥା ଛାଡ଼, ବନ୍ଧୁ ବାନ୍ଧବ ମାନେ ସୁଦ୍ଧା ଏ ବିବାହରେ ଯୋଗ ଦେବା ପାଇଁ ହୁଏତ ମୁହଁ ମୋଡ଼ିବେ । କାନ୍ଦ କୋହ ମଧ୍ୟରେ ତାଙ୍କର କଣ୍ଠରୁଦ୍ଧ ହୋଇଗଲା । ଅନେକ ଦିନର ପୁଞ୍ଜୀଭୂତ ଶୋକ ଏବେ ହଠାତ ଯେପରି ଗୋଟାଏ ଅସତର୍କ ମୁହୂର୍ତ୍ତରେ ପ୍ରକାଶର ଛିଦ୍ରପଥ ଖୋଜି ପାଇଥିଲା । ପାର୍ବତୀ ଦେଈ ବାଷ୍ପରୁଦ୍ଧ କଣ୍ଠରେ କହିଲେ···“ ଆଜି ସିନା ଏ ଘରର ଅବସ୍ଥା

ଏମିତି ହେଲା ? ନୋହିଲେ ଏ ଘରେ···" ପାର୍ବତୀ ଦେଈ ଆଉ କିଛି କହି ପାରିଲେ ନାହିଁ ।

ମାତ୍ର ମଧୁସୂଦନ ପାର୍ବତୀ ଦେଈଙ୍କ ମନକଥା ଶୁଣି ତାଙ୍କ ପ୍ରଶ୍ନର ଉତ୍ତର ଦେଇ ପାରିଥିଲେ ।

ସେଦିନ ତାଙ୍କ ମନରେ ଉଦିତ ହୋଇଥିଲା, ଗାଁରେ ଗୋଟାଏ ଅଲଗା ଘର ତୋଳିବାର ଯୋଜନା । ଗୋଟାଏ ଅଲଗା ଘର ଥିଲେ ଯେତେ ଦିନ ଇଚ୍ଛା ସେ ସେଠାରେ ରହି ପାରିବେ । ପୁଣି ଗୋପାଳର ବିବାହ ବେଳକୁ ତାଙ୍କର ଯେଉଁ ବନ୍ଧୁମାନେ ଆସିବେ, ସେମାନଙ୍କ ପାଇଁ ତ ନିଶ୍ଚୟ ଗୋଟାଏ ସ୍ୱତନ୍ତ୍ର ଘର ଆବଶ୍ୟକ ପଡ଼ିବ । କାରଣ ସାଆନ୍ତମାନେ ସେମାନଙ୍କୁ ତାଙ୍କ ମେଳରେ ପୂରାଇବେ ନାହିଁ; କିମ୍ବା ସେମାନେ ମଧ୍ୟ ସାଆନ୍ତମାନଙ୍କ ମେଳକୁ ଯିବା ପାଇଁ ମଙ୍ଗିବେ ନାହିଁ ।

ମାତ୍ର ଗ୍ରାମ ମଧ୍ୟରେ ଘର ତୋଳିବା ପାଇଁ ସ୍ଥାନ ମିଳିଲା ନାହିଁ । ଧର୍ମଚ୍ୟୁତ, ବିଧର୍ମୀ ମଧୁସୂଦନଙ୍କ ପାଇଁ ଗ୍ରାମସୀମା ମଧ୍ୟରେ ସ୍ଥାନ ମିଳିବ କିପରି ? ଶେଷକୁ ପୁରୁଷୋତ୍ତମପୁର ଓ ସତ୍ୟଭାମାପୁର ଦୋସୀମାଲିରେ ପୁରୁଷୋତ୍ତମପୁର ମୌଜା ମୁଣ୍ଡରେ ଥିବା ବାଲିପୋଖରୀ ହୁଡ଼ା ଉପରେ ନିର୍ମିତ ହୋଇଥିଲା ଡାକବଙ୍ଗଳା ଢଙ୍ଗରେ ଗୋଟିଏ ଘର । ପଛରେ ଶ୍ମଶାନ, ସାମନାରେ ପାଣି-ଶିଉଳି ଫୁଲ ଆଉ ପଦ୍ମଭରା ବାଲିପୋଖରୀ, ପଶ୍ଚିମପଟ ହୁଡ଼ା ସେପଟେ ଶୈଶବର ସ୍ମୃତିପୂତ ସେଇ ସଙ୍ଗ ତଳିଗା । ଚୌଧୁରୀ ଘର ଖାନାବାଡ଼ି, ହତା, ରସକୁଣ୍ଡ ପୋଖରୀ ହୁଡ଼ା ମଧ୍ୟ ଦେଖାଯାଏ ସେଠୁ··· ···ମୋଟେ ଡାକେ ଛଡ଼ାରେ ।

ଉତ୍ତରମୁଖା ହୋଇ ପାଗା ଗାଁ ଛାଡ଼ିଲେ ଦୂରରୁ ବାଲିପୋଖରୀ ହୁଡ଼ାର ବାଲିବନ୍ଧ ଉପରେ ସେ ଘରଟି ଦେଖାଯାଏ ଗୋଟାଏ ଦୁର୍ଗ ପାଚେରି ପରି ! ସେ ବାଟେ ଯିବା ଆସିବା ବାଟୋଇଙ୍କ ମୁହଁରେ ସେ କୋଠାର ନାଁ ହୋଇ ଉଠିଲା ······ମଧୁବାବୁ କୋଠି ! ମାତୃ-ବତ୍ସଳତାର ସ୍ମୃତି-ମନ୍ଦିର !

× × × × ×

ଇଂ ୧୮୮୮ ସାଲ, ବୈଶାଖ ମାସ ।

ଗୋପାଳବଲ୍ଲଭ ନୂଆ ଡେପୁଟୀ-କଲେକ୍ଟରୀ ଚାକିରି ପାଇଥିଲେ ବାଲେଶ୍ୱରରେ । ବିବାହ ପାଇଁ ଆସିଥିଲେ ଗ୍ରାମକୁ । ଚୌଧୁରୀ ରଘୁନାଥ

ଦାସ ଅବଶ୍ୟ କରିପିତା; ମାତ୍ର ବିବାହରେ କର୍ତ୍ତା ମଧୁସୂଦନ । ଗାଁବସ୍ତି ଦେଶଙ୍କର କୌଣସି କଥାରେ ଯେପରି ଅସନ୍ତୋଷ ନରହେ, କୌଣସି ବ୍ୟବସ୍ଥା ଯେପରି ଅକୁଳାନ ନ ହୁଏ, ସେଥିପ୍ରତି ମଧୁସୂଦନଙ୍କର ତୀକ୍ଷ୍ଣ ଦୃଷ୍ଟି ।

ସେ ଦିନ ବିବାହଟା ଶୂନ୍ୟଗର୍ଭ ଚଳଚ୍ଚେଳର ପମ୍ପା ଆଡ଼ମ୍ବର ନଥିଲା, ଅଥବା ବିବାହ ଭୋଜରେ ଅତିଥିସଂଖ୍ୟା ଓ ସେମାନଙ୍କ ଗାଡ଼ି-ଘୋଡ଼ାର ଗହଳି ଲାଗି ବିବାହ-ଉତ୍ସବ ସମାଧା ହେଉ ନଥିଲା । ତାହା ଥିଲା ଏକ ସାମାଜିକ ଉତ୍ସବ । 'ଉତ୍କଳ-ଦୀପିକା' ବିବାହ ଉତ୍ସବର ଏ ତାତ୍ପର୍ଯ୍ୟ ସମ୍ପର୍କରେ ଲେଖିଥିଲେ···

"ମନୁଷ୍ୟ ଜୀବନରେ ନାନା ଶୁଭଘଟଣା ମଧ୍ୟରେ ବିବାହକୁ ପ୍ରଧାନ ବୋଲିବାକୁ ହେବ । କାରଣ ସକଳ ଦେଶ ଓ ସକଳ ଜାତିର ଲୋକ ଯେ ଯାହାର ଶକ୍ତ୍ୟାନୁସାରେ ଏ କାର୍ଯ୍ୟକୁ ମହା ଆନନ୍ଦ ଉତ୍ସବରେ ସମାଧା କରନ୍ତି ଏବଂ ତହିଁ ମଧ୍ୟରେ ମଧ୍ୟରେ ଏକ ଏକ ବଡ଼ ଲୋକଙ୍କର ବିବାହ କାର୍ଯ୍ୟରେ ଏତେ ଅଧିକ ଉତ୍ସବ ଓ ସମାରୋହ ହୁଅଇ ଯେ ତହିଁ ପ୍ରତି ସ୍ଥାନ ବିଶେଷରେ ସର୍ବସାଧାରଣଙ୍କ ମନ ଆକୃଷ୍ଟ ହୁଅଇ ଓ ନାନା ସ୍ଥାନରୁ ଲୋକେ ତାହା ଦେଖିବାକୁ ଆସନ୍ତି ଏବଂ ତହିଁର ଚର୍ଚ୍ଚା କରନ୍ତି ।"*

ବିବାହ-ଉତ୍ସବର ଏହିପରି ଆୟୋଜନ କରିବା ମଧୁସୂଦନଙ୍କ ଅଭିପ୍ରାୟ ଥିଲା ।

ସତ୍ୟଭାମାପୁର ଗାଁରେ କେବଳ ସେ ଉତ୍ସବ ଯେ ଅଦୃଷ୍ଟପୂର୍ବ ବା ଅଶ୍ରୁତପୂର୍ବ ଥିଲା ତାହାନୁହେଁ, ସମଗ୍ର ଓଡ଼ିଶାରେ ସେପରି ବିବାହ ଉତ୍ସବ ବିରଳ ଥିଲା । "ଉତ୍କଳ-ଦୀପିକା" ଏ ଉତ୍ସବର ବିବରଣୀ ଏହିପରି ପ୍ରକାଶ କରିଥିଲେ...

"ଏ ନଗରର ଅନ୍ତଃପାତୀ ସତ୍ୟଭାମାପୁର ନିବାସି ବାବୁ ରଘୁନାଥ ଦାସଙ୍କ କନିଷ୍ଠ ପୁତ୍ର ବାବୁ ଗୋପାଳ ବଲ୍ଲଭ ଦାସଙ୍କ ଶୁଭବିବାହ ଜୟପୁର ନିବାସି ବିଖ୍ୟାତ ବାବୁ ନନ୍ଦକିଶୋର ଦାସଙ୍କ କନ୍ୟାଙ୍କ ସହିତ ଗତ ସୋମବାର ରାତ୍ରରେ ସମାଧା ହେଲା । ବାବୁ ଗୋପାଳ ବଲ୍ଲଭ ଦାସ

* ଉତ୍କଳ-ଦୀପିକା – ତା।୧୧।୪।୧୮୮୮ରିଖ

ବର୍ତ୍ତମାନ ବାଲେଶ୍ୱରର ଜଣେ ଡେପୁଟୀ କଲେକ୍ଟର ଅଟନ୍ତି । ଏହାଙ୍କ ଜ୍ୟେଷ୍ଠଭ୍ରାତା ଏବଂ ଏ ନଗରର ଜଣେ ପ୍ରଧାନ ଓକିଲ ବିଖ୍ୟାତ ବାବୁ ମଧୁସୂଦନ ଦାସ ଭ୍ରାତୃସ୍ନେହ ବଶରୁ ବହୁ ଆଡମ୍ବର ଓ ବ୍ୟୟରେ ଏ କାର୍ଯ୍ୟ ନିର୍ବାହ କରି ଅଛନ୍ତି । ଗତ ଶନିବାର ଓ ରବିବାର ଏହି ଉପଲକ୍ଷରେ ସତ୍ୟଭାମାପୁର ଠାରେ ଭାରି ମଜ୍‌ଲିସ ଓ ଭୋଜି ହୋଇଥିଲା । କଟକର ପ୍ରଧାନ ବାଣବାଲା ସାମ୍ ମହମ୍ମଦ୍ ଏବଂ ପ୍ରଧାନ ରୋଷଣିବାଲା ଅମିର ଖାନ୍ ଆପଣା ଆପଣା କାର୍ଯ୍ୟର ଭାର ନେଇଥିଲେ ଏବଂ ପ୍ରଧାନ ଗାୟିକା ଲକ୍ଷ୍ମୀବାଈ ଏବଂ ଅନ୍ୟାନ୍ୟ ଅନେକ ନାଟୁଆ ଦଳ ଉପସ୍ଥିତ ଥିଲେ । ଦୁଇରାତି ଏପରି ସମାରୋହ ପୂର୍ବକ ମଜଲସ୍ ହେଲା, ଯାହା ଏଠାରେ ବହୁଦିନ ଠାରୁ ଦେଖାଯାଇ ନାହିଁ । ମୁଜାଶ୍ରୟଙ୍କ ସନ୍ନିକଟ ନିକଟବର୍ତ୍ତୀ ଗ୍ରାମସମୂହର ବ୍ରାହ୍ମଣ କାୟସ୍ଥ ଓ ମୁସଲମାନଙ୍କୁ ଆମନ୍ତ୍ରଣ କରି ଅତି ଯତ୍ନ ଓ ସ୍ନେହପୂର୍ବକ ଭୋଜନ କରାଇଥିଲେ ଏବଂ ଅପର ଲୋକଙ୍କ ତର୍ଚ୍ଚି ଯଥୋଚିତ ରୂପେ ହୋଇଥିଲା । ଦୂରସ୍ଥ ଗ୍ରାମ ମାନଙ୍କର ଅନେକ ଦର୍ଶକ ମଜଲସ ଦେଖିବାକୁ ଆସିବାରୁ ଏମନ୍ତ ଭିଡ଼ ହୋଇଥିଲା ଯେ ସ୍ଥାନ ମିଳିବାର କଠିନ ହୋଇଥିଲା ।"

ସୋମବାର ଦିନ ବରଯାତ୍ରି ଦଳ ଜୟପୁର ବାହାରିବା ବେଳେ କେତେକ ସାନ୍ତକୁଣିଆ ଅଡ଼ି ବସିଲେ, ସେମାନେ ବର ସାଙ୍ଗରେ ଯିବେ ନାହିଁ । ମଧୁସୂଦନ ଧର୍ମଚ୍ୟୁତ, ଜାତିଚ୍ୟୁତ । ବରଯାତ୍ରି ଦଳର ପୁରୋଭାଗରେ ମଧୁସୂଦନ କର୍ତ୍ତାରୂପେ ବାହାରିବାରେ ସେମାନଙ୍କର ଜାତ୍ୟାଭିମାନ କ୍ଷୁର୍ଣ୍ଣ ହୋଇଥିଲା । ଟଣା ଘୋଷଡ଼ା ହୋଇ ସେମାନଙ୍କ ଭିତରୁ କେତେକ ବିରୂପା ନଦୀ ଘାଟ ପର୍ଯ୍ୟନ୍ତ ଯାଇଥିଲେ । ତ୍ରିବେଣେଶ୍ୱର ପାଖରେ ଘାଟପାରି । ସେଇଠାରୁ କେତେକ ସବାରି ଲେଉଟାଇ ଫେରି ଆସିଲେ । ଆଉ ଅଳ୍ପ କେତେ ଜୟପୁର ପର୍ଯ୍ୟନ୍ତ ବରଯାତ୍ରି ଦଳରେ ଯାଇଥିଲେ ।

ବିରୂପା ବାଲିରେ ହଠାତ କାଳବୈଶାଖୀ ଉଠିଥିଲା । ବରଯାତ୍ରି ଦଳଙ୍କୁ ଜୟପୁରଠାରେ ପହଞ୍ଚାଇ ଦେଇ, ମଧୁସୂଦନ ସେଠାରୁ ଅଲକ୍ଷିତରେ ସେଇ ଝଡ଼ ଭିତରେ କଟକ ଫେରି ଆସିଲେ । କଟକରେ ମଧ ବିବାହ-ଉତ୍ସବର ଆୟୋଜନ ତ ପୁଣି କରିବା ପାଇଁ ପଡ଼ିବ । ମଧୁସୂଦନଙ୍କ ଉପସ୍ଥିତି କାରଣରୁ ବିବାହବେଳେ ବରଯାତ୍ର ଅଥବା କନ୍ୟାପକ୍ଷର

ସାଆନ୍ତମାନେ ସବୁ ଅନ୍ଧ ବସନ୍ତି, ତା'ହେଲେ ତାହା ଲଜ୍ଜାର କଥା ହୁଅନ୍ତା ।

"ଉତ୍କଳ-ଦୀପିକା" ପୁଣି ଲେଖିଥିଲେ···

"ସୋମବାର ଜୟପୁର ଠାରେ ଯେତେବେଳେ ବର ରୋଷନାଇ କରି ବାହାରିଲେ ସେତେବେଳେ ପାୟ ପାଞ୍ଚହଜାର ଯାତ୍ରୀ ରୁଣ୍ଡ ହୋଇ ଥିଲେ । ଭାରି ବତାସ ହେତୁ ରୋସନାଇ ନିର୍ବାହ କରିବା କଛୁ କଠିନ ହୋଇ ଉଠିଲା । ମାତ୍ର ବାବୁଙ୍କ ଆୟୋଜନରେ କୌଣସି ତ୍ରୁଟୀ ନଥିଲା । ବିବାହର ସମସ୍ତ ଅଙ୍ଗ ଉତ୍ତମ ରୂପେ ନିର୍ବାହିତ ହେଲା । କେବଳ ସାଆନ୍ତ କୁଣିୟାଁଙ୍କ ସଂଖ୍ୟା ଊଣା ହେବା କଛୁ ଅସୁଖର କାରଣ ହୋଇଥିଲା ।

ଗତ ଗୁରୁବାର ରାତ୍ରରେ ଏହି ଉପଲକ୍ଷରେ ଏ ନଗରରେ ମଧୁ ବାବୁଙ୍କ କୋଠି ଠାରେ ନାଟକ ଅଭିନୟ ଏବଂ କଲିକତାରୁ ଆଗତ ବାଦ୍ୟକାର ଏବଂ ଖେମଟା ବାଲିଙ୍କ ବାଦ୍ୟନାଚ ଇତ୍ୟାଦି ବହୁ ଆଡ଼ମ୍ବରରେ ହୋଇଥିଲା । ନଗରବାସୀ ଅନେକ ୟୁରୋପୀୟ ସ୍ତ୍ରୀ ପୁରୁଷ ଏବଂ ଦେଶୀୟ ଭଦ୍ରଲୋକ ଆମନ୍ତ୍ରଣ ମତେ ଆସିଥିଲେ ଏବଂ ନାଟଶାଳା ଓ କୋଠିର ହତା ଏମନ୍ତ ସୁନ୍ଦର ରୂପେ ସଜ୍ଜିତ ହୋଇଥିଲା ଯେମନ୍ତ କି ସଚରାଚର ଦେଖିବାରେ ଆସଇ ନାହିଁ । ବାଣ ଓ ରୋଷନାଇରେ ପରି-ସୀମା ନଥିଲା । ସଂକ୍ଷେପରେ ସ୍ଥାନଟି ଇନ୍ଦ୍ର-ଭୁବନ ତୁଲ୍ୟ ହୋଇଥିଲା । ଏହି ବ୍ୟାପାରରେ ମଧୁବାବୁଙ୍କ ପ୍ରଶସ୍ତ ହୃଦୟକୁ ସମସ୍ତେ ପ୍ରଶଂସା କରୁଅଛନ୍ତି ।" *

ମାତ୍ର ଏହି ବିବାହରେ ମଧୁସୂଦନଙ୍କ ସମସ୍ତ ସଞ୍ଚୟ ସଙ୍କୁଚିତ ଓ ଶୂନ୍ୟ ହୋଇ ନଥିଲା; ଖୁସଲଚନ୍ଦ ମାରୱାଡ଼ୀ ପାଖରୁ ଅନେକ ଟଙ୍କା ମଧ୍ୟ ଦେଣା କରିବା ପାଇଁ ପଡ଼ିଥିଲା ।

## ( ନଅ )

କଟକରେ ଆଜି ଗୋଟିଏ ନୂତନ ସଂସ୍ଥା "ଓଡ଼ିଶା ଗ୍ରାଜୁଏଟ୍ସ୍ ଆଣ୍ଡ୍ ଅଣ୍ଡର ଗ୍ରାଜୁଏଟ୍ସ ଆସୋସିଏସନ" ସ୍ଥାପିତ ହୋଇଥିବାର

---

* ଉତ୍କଳ-ଦୀପିକା—ତା ୨୧ । ୪ । ୧୮୮୮ ଖ୍ରୀ

ସମ୍ବାଦ "ଉତ୍କଳ-ଦୀପିକା" ସ୍ତମ୍ଭରେ ପାଠ କଲାବେଳେ ଅନେକେ ବିସ୍ମୟ ଓ କୌତୁହଳରେ ପଚରାପଚରି ହୋଇଥିଲେ···ଇଏ ପୁଣି ଗୋଟିଏ କି ସଭା ? * ଉତ୍କଳ-ଭାଷା ଉନ୍ନତିବିଧାୟିନୀ ସଭା, ଉତ୍କଳ-ଉନ୍ନା-ଭିମାନୀ-ସଭା, ଶିକ୍ଷା ବିଧାୟିନୀ ସଭା, ସୁହୃତ-ସମାଜ, କଟକ-ଡିବେଟିଙ୍ଗ୍-କ୍ଲବ, କଟକ-ୟଙ୍ଗ-ମେନ୍‌ସ ଲାଇବ୍ରେରୀ ଆସୋସିଏସନ୍ ପ୍ରଭୃତି ନାନା ସଭା ଓ ଅନୁଷ୍ଠାନ, ଓଡ଼ିଆ ଭାଷାରକ୍ଷା ଆନ୍ଦୋଳନ ବେଳେ ସପକ୍ଷ ବିପକ୍ଷରେ ଛତୁ ଫୁଟିଲା ଭଳି ଫୁଟି ସେତେବେଳକୁ ମଉଳି ସାରିଥିଲା । ଅବଶେଷରେ ରହିଥିଲା 'ଉତ୍କଳ-ସଭା' ଓ କାଗଜ କଲମରେ କେବଳ ଗୌରୀନାଥ ବାନାର୍ଜୀଙ୍କ ଓଡ଼ିଶା-ପିପଲସ୍ ଆସୋସିଏସନ । ଗୌରୀନାଥଙ୍କ ସୁରାପାନ-ନିବାରଣୀ ସଭା ଓ ଉତ୍କୋଚ-ସଂହାରଣୀ ସଂଘ ମଧ୍ୟ ରହିଥିଲା, କଟକର ସାମାଜିକ ଜୀବନରେ ଗୋଟାଏ ଲଘୁ ପରିହାସ ପରି ! ଏହା ବ୍ୟତୀତ ଥିଲା ମଧୁସୂଦନଙ୍କ ଦ୍ୱାରା ଅନୁପ୍ରେରିତ ଷ୍ଟୁଡେଣ୍ଟସ୍-ଆସୋସିଏସନ୍ । ଏ ସବୁ ଉପରେ ପୁଣି "ଓଡ଼ିଶା ଗ୍ରାଜୁଏଟସ୍ ଆଣ୍ଡ୍ ଅଣ୍ଡର ଗ୍ରାଜୁଏଟସ୍ ଆସୋସିଏସନ" ଟି ପୁଣି କଣ, ତାହା ଅନେକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଥିଲା ।

ମଧୁସୂଦନ ମଧ୍ୟ ଥିଲେ ଏହାର ଉଦ୍‌ଯୋକ୍ତା ପୁଣି ସଭାପତି । ଗୋକୁଳାନନ୍ଦ ଚୌଧୁରୀ ଥିଲେ ଉପ-ସଭାପତି ଓ ବୈକୁଣ୍ଠନାଥ ଦତ୍ତ, ରାମଶଙ୍କର ରାୟ, ଚନ୍ଦ୍ରମୋହନ ମହାରଣା ଓ ନିମାଇଚରଣ ମିଶ୍ର ପ୍ରମୁଖ ଥିଲେ ଏହାର ସଦସ୍ୟ ।

ଓଡ଼ିଶାରେ ଇଂରେଜୀଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ପ୍ରତି ବର୍ଷ ବିଶ୍ୱବିଦ୍ୟାଳୟ ଡିଗ୍ରୀପ୍ରାପ୍ତ ଉପାଧିଧାରୀ ଶିକ୍ଷିତ ଯୁବକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିଲା । ସମସ୍ତଙ୍କର କେବଳ ଗୋଟିଏ ଚିନ୍ତା—ଚାକିରୀ ! ମାତ୍ର ଓଡ଼ିଶା ସେତେବେଳେ ଯେଉଁ ପରି ଭାରତ ସାମ୍ରାଜ୍ୟର ଏକ ଅବହେଳିତ କୋଣରେ, ଇତିହାସର ଗୋଟିଏ ମଳିଧରା ଛିନ୍ନପୃଷ୍ଠା ପରି, ଅଶାସନ ଓ କୁଶାସନର ଆବର୍ଜନା ମଧ୍ୟରେ ପଡ଼ି ରହିଥିଲା; ସେଥିରୁ ଓଡ଼ିଶାକୁ ପରିତ୍ରାଣ କରିବା ପାଇଁ ସେତେବେଳେ ଏହି ଶିକ୍ଷିତ ତରୁଣ ସମ୍ପ୍ରଦାୟର ସ୍ୱାଧୀନ ଚିନ୍ତା ଓ ନିରଙ୍କୁଶ ଚିନ୍ତାର

* ଉତ୍କଳ-ଦୀପିକା—ତା୧୭ । ୩ । ୧୮୯୮ ଖ୍ରୀ

ପ୍ରୟୋଜନ ରହିଥିଲା । ମାତ୍ର ସମସ୍ତେ ତ ନିପଟ ହାଟ ନେଇ ବ୍ୟସ୍ତ— ଏ ସବୁ ଚିନ୍ତା କରିବାକୁ ବେଳ କାହାର ?

ମଧୁସୂଦନ ଶିକ୍ଷିତ ଯୁବକ ମାନଙ୍କ ମଧ୍ୟରେ ଏହି ଚାକିରି ଚିନ୍ତାର ପ୍ରବଳ ବିରୋଧୀ ଥିଲେ । ଆଜୀବନ ସେ ଥିଲେ ସରକାରୀ ଚାକିରିର ବିରୋଧୀ । ବସ୍ତୁତଃ "ସ୍ପଷ୍ଟବାଦୀ" ଛଦ୍ମ ନାମରେ 'ଉତ୍କଳ-ଦୀପିକା'ର "ପ୍ରେରିତ ପତ୍ର" ସ୍ତମ୍ଭରେ ଚାକିରି-ଲାଳସାକୁ ଭର୍ତ୍ସିତ କରି ଯେଉଁ ପତ୍ରଟି ଥରେ ପ୍ରକାଶ ପାଇଥିଲା; ମଧୁସୂଦନଙ୍କ ବ୍ୟତୀତ ଆଉ କେହି ତାହାର ଲେଖକ ନଥିଲେ । ଓଡ଼ିଶାର ଶିକ୍ଷିତ ଯୁବକ ମାନଙ୍କ ଉଦ୍ଦେଶ୍ୟରେ ସେଥିରେ ଲେଖାଥିଲା···

" କେହି କେହି ବିଦ୍ୟାଳୟରେ ଥିବା ବେଳେ ସଭା କରି ଲମ୍ବ ଲମ୍ବ ବକ୍ତୃତା ଦ୍ୱାରା ଭବିଷ୍ୟତ ବାଗ୍ମିତାର ପରିଚୟ ଦେଇଥାନ୍ତି । ମାତ୍ର ସଂସାରରେ ପଦାର୍ପଣ କରିବା ମାତ୍ରକେ ସେ ସବୁ ଏକାବେଳକେ ଲୋପ ହୋଇଯାଏ । ସମୟାଭାବରେ ହେଉ ଅବା ଅହଙ୍କାରରେ ହେଉ ଆଉ କୌଣସି ସଭା ସ୍ଥଳରେ ଉପସ୍ଥିତ ହେବାକୁ ମନ ବଳାନ୍ତି ନାହିଁ । ସଦା ସର୍ବଦା କାର୍ଯ୍ୟଭାରାବନତ ବ୍ୟଥିତ ଚିତ୍ତର ପରିଚୟ ଦେଇଥାନ୍ତି । ଦେଶୀୟ ମଙ୍ଗଳାମଙ୍ଗଳର ଚିନ୍ତା କରିବା ଦୂରେ ଥାଉ ଆପଣା ଗୃହ କାର୍ଯ୍ୟର ଶୃଙ୍ଖଳା କରିବାକୁ ବେଳ ମିଳଇ ନାହିଁ । ଉନ୍ନତିର ପ୍ରାକ୍ କାଳରେ ଏ ରୀତି ଅତିଶୟ ଦୂଷଣୀୟ ଓ ତାହା ଶୀଘ୍ର ଦମନ କରିବାର ଉଚିତ । ଅତଏବ ଶିକ୍ଷିତ ଯୁବକମାନେ ଚଞ୍ଚଳ ହୁଅ, ନିଶ୍ଚେଷ୍ଟ ଭାବ ପରିତ୍ୟାଗ କର । ତୁଚ୍ଛା ସରକାରୀ ଚାକିରିକୁ ଆଶ୍ରୟ ନକରି ଉଚ୍ଚ ଆଶାର ଅନୁବର୍ତ୍ତୀ ହୁଅ । ସ୍ୱୀୟ ଅର୍ଜିତ ବିଦ୍ୟା ପରିଚାଳନା କରି ଜୀବନୋପାୟମାନ ଆବିଷ୍କାର କରି ଅଜ୍ଞତା ତିମିରାଚ୍ଛନ୍ନ ଆପଣା ଆପଣାର ଓ ଅନ୍ୟାନ୍ୟ ଭାଇବନ୍ଧୁଙ୍କର ଅବସ୍ଥାର ଉନ୍ନତି ପକ୍ଷେ ଯତ୍ନବାନ୍ ହୁଅ । ଦେଶୀୟ ହିତସାଧନରେ ବ୍ରତୀ ହୋଇ ମନୁଷ୍ୟ ଜୀବନର ମହତ୍ ଉଦ୍ଦେଶ୍ୟ ସାର୍ଥକ କର, ଏଇତା ଏକାନ୍ତ ବାଞ୍ଛନୀୟ ।"*

ଏ ପତ୍ରଲେଖକ ସ୍ୱୟଂ ମଧୁସୂଦନଙ୍କ ବ୍ୟତୀତ ଆଉ କେହି ହୋଇ ନପାରନ୍ତି । କାରଣ ଓଡ଼ିଶାର ବୌଦ୍ଧିକ କ୍ଷେତ୍ରରେ ସେତେବେଳେ "ନବ

---

* ଉତ୍କଳ-ଦୀପିକା—ତା ୨୬ । ୧ । ୧୮୮୩ ସାଲ ।

ନବ ଜାଗରଣୋପାସ୍ଯ"ର ଦୁଃସାହସିକ ଭାବନା, ଏହା ମଧୁସୂଦନଙ୍କ ବ୍ୟତୀତ ଅନ୍ୟ କାହାଠାରେ ନଥିଲା । ସମସାମୟିକ ବଙ୍ଗଳାରେ ଯେପରି ବହୁ ଶିକ୍ଷିତ-ତରୁଣ ଦେଶର ବିଭିନ୍ନ କ୍ଷେତ୍ରରେ ସର୍ବତୋମୁଖୀ ବିକାଶ ପାଇଁ କୃତସଙ୍କଳ୍ପ ହୋଇ ବାହାରିଥିଲେ; ମଧୁସୂଦନ ଓଡ଼ିଶାରେ ସେହିପରି ଏକ ତରୁଣ ଶିକ୍ଷିତ ଗୋଷ୍ଠୀର ଅଭ୍ୟୁଦୟ ଅପେକ୍ଷା କରୁଥିଲେ । ଶିକ୍ଷିତ ମାନଙ୍କର ଚିନ୍ତାରେ ଚାକିରି ପରିବର୍ତ୍ତେ ଅନ୍ୟ ଉନ୍ନତତର ଭାବନା ଅନୁପ୍ରେରିତ କରିବା ମଧୁସୂଦନଙ୍କ ଉଦ୍ଦେଶ୍ୟ ଥିଲା ।

ଓଡ଼ିଆ ଶବ୍ଦକୋଷକୁ ସେ ପର୍ଯ୍ୟନ୍ତ 'ବୁଦ୍ଧିଜୀବୀ' ଅଥବା 'ଇଣ୍ଟେଲେକ୍‌ଚୁଆଲ୍' ଶବ୍ଦଟି ଅବଶ୍ୟ ଆମ୍‌ଦାନୀ ହୋଇ ନଥିଲା । ମାତ୍ର ସେତେବେଳର ସେହି ବୁଦ୍ଧିଜୀବୀ ଗୋଷ୍ଠୀର ଦାୟିତ୍ୱହୀନ ମାନସିକ ସଙ୍କୀର୍ଣ୍ଣତା, ଚୈତନ୍ୟଶୂନ୍ୟ ଚାକିରିଧର୍ମୀ ସଙ୍କୁଚିତ ଦୃଷ୍ଟିକୋଣ ଓ 'ଉପରବାଲା' ମାନଙ୍କୁ ଆହତ ନକରିବାର ଶଙ୍କିତ ଦୈନ୍ୟ; ମଧୁସୂଦନଙ୍କୁ ମନେ ମନେ ଘୋର ଆହତ କରୁଥିଲା ।

ଅପରପକ୍ଷରେ ଓଡ଼ିଶାରେ ଶିକ୍ଷିତ ଓଡ଼ିଆ ଯୁବକମାନେ, ଚାକିରି ପାଇବା ସେମାନଙ୍କ କୃତିତ୍ୱ ଦୃଷ୍ଟିରୁ ସମ୍ଭବ ଥିଲେହେଁ, ବାସ୍ତବତା ଦୃଷ୍ଟିରୁ ସେତେବେଳେ ସହଜ ନଥିଲା । ବେଳେ ବେଳେ କିରାଣି ଚାକିରି ପାଇବା ସୁଦ୍ଧା ସେମାନଙ୍କ ଭାଗ୍ୟରେ ଜୁଟୁ ନଥିଲା । ସେହିବେଳର ପରିସ୍ଥିତି ପ୍ରତି ଆକ୍ଷେପ କରି ଫକୀରମୋହନ "ଉତ୍କଳ ଭ୍ରମଣଂ"ରେ ଲେଖିଥିଲେ—

"ହାକିମ ଓକିଲ ସବୁ ଅଟନ୍ତି ବିଦେଶୀ
ଡାକଘର କିରାଣିଟି ନୁହେଁ ମଧ୍ୟ ଦେଶୀ ।"

୧୮୮୩ ସାଲରେ ପ୍ରଥମ ଥର ପାଇଁ ରେଭେନ୍‌ସା କଲେଜରୁ ଜଣେ ଏମ୍.ଏ (ଗୋପାଳବଲ୍ଲଭ) ଓ ଜଣେ ବି.ଏଲ୍. ପାସ୍ କରିଥିଲେ । ମାତ୍ର ସେମାନଙ୍କୁ ସେତେବେଳେ ଆଶାନୁରୂପ ସରକାରୀ ଚାକିରି ମିଳିପାରି ନଥିଲା । ଗୋପାଳବଲ୍ଲଭ କିପରି ଡେପୁଟୀ ପରୀକ୍ଷାରେ ଅସଫଳ ହୋଇ ଥିଲେ, ତାହା ପୂର୍ବେ ଉଲ୍ଲେଖ କରାଯାଇଅଛି । "ଉତ୍କଳ-ଦୀପିକା" ଏ ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ଲେଖିଥିଲେ···

"ଅବଶ୍ୟ ଆମ୍ଭେମାନେ ସ୍ୱୀକାର କରୁଁ କି ଦେଶୀୟ ଶିକ୍ଷିତମାନେ ଯେତେଦିନ ସ୍ୱାଧୀନ ବ୍ୟବସାୟ ଅବଲମ୍ବନ ନକରି କେବଳ ଚାକିରିକୁ

ଲୁହିଁ ବସିବେ ତେତେବେଳେ ଦେଶର ଉନ୍ନତି ହେବ ନାହିଁ । କିନ୍ତୁ ଚାକିରୀ ମଧ୍ୟ ଗୋଟିଏ ବ୍ୟବସାୟ ଏବଂ ଯେତେକାଳ ପର୍ଯ୍ୟନ୍ତ ଦେଶୀୟ ଲୋକଙ୍କ ପ୍ରାପ୍ୟଭଳି ଚାକିରୀ ମାନଙ୍କରେ ସ୍ଥାନୀୟ ଶିକ୍ଷିତ ଲୋକଙ୍କ ବହୁତର ଅଭାବ ଦେଖାଯାଏ ତେତେବେଳେ ସରକାରୀ ଚାକିରୀ ଲୋଡ଼ିବା ଅସଙ୍ଗତ ନୁହଇ ।”*

ଶିକ୍ଷିତ ଓଡ଼ିଆ ଯୁବକ ମାନଙ୍କ ଚାକିରୀ ଦାବୀ ବୈଧାନିକ ପନ୍ଥାରେ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ, ଓଡ଼ିଶାର ଶିକ୍ଷା ସଂସ୍କୃତି ଓ ସମାଜ-ସେବା ପ୍ରଭୃତିରେ ଶିକ୍ଷିତ ଯୁବଶକ୍ତିକୁ ନିୟୋଜିତ କରିବା “ଓଡ଼ିଶା-ଗ୍ରାଜୁଏଟସ୍-ଆଣ୍ଡ-ଅଣ୍ଡରଗ୍ରାଜୁଏଟସ୍ ଆସୋସିଏସନ୍”ର ଘୋଷିତ ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ଥିଲା । ଏହି ଆସୋସିଏସନ୍‌ରେ ସୁଦ୍ଧା ମଧୁସୂଦନ ସବୁବେଳେ ଆକ୍ଷେପ କରି କହୁଥିଲେ···“ଚାକିରୀର ଚିନ୍ତା ଆଜି ଅକାଳ ବାର୍ଦ୍ଧକ୍ୟର ବଳୀରେଖା, ଏହାଛଡ଼ା ସ୍ୱାଧୀନ ପେଶା ଶିକ୍ଷିତ ଓଡ଼ିଆ ଯୁବକର କପାଳରେ ଆଜି କିଛି ଲେଖିନାହାନ୍ତି !”

କିନ୍ତୁ ଗତବର୍ଷ ଠାରୁ ଚାକିରୀ ସମସ୍ୟା କ୍ରମେ ଭୟଙ୍କର ହୋଇ ଉଠିଥିଲା । ଗତବର୍ଷ କଟକର ସ୍ମଲ-କଜ୍ କୋର୍ଟରେ ହେଡ଼କିରାଣୀ ପଦ ଖାଲି ପଡ଼ିଲା । କୋର୍ଟର ଜଜ୍ ବାବୁ ରାଧାକୃଷ୍ଣ ସେନ୍ । ସେଥିପାଇଁ ସେ ପଦରେ ମୁକରର ହେଲେ ଜଣେ ଆଗନ୍ତୁକ ! ଉତ୍କଳ-ଦୀପିକା ପ୍ରଚଣ୍ଡ ସ୍ୱରରେ ପଚାରିଥିଲେ···“ଓଡ଼ିଆ କଣ ନଥିଲେ ?”†

ମଧୁସୂଦନଙ୍କ ଲାଇବ୍ରେରୀ ପାର୍ଶ୍ୱ ହଲ ଘରେ “ଓଡ଼ିଆ ଗ୍ରାଜୁଏଟସ ଆଣ୍ଡ ଅଣ୍ଡରଗ୍ରାଜୁଏଟସ ଆସୋସିଏସନ୍”ର ଗୋଟିଏ ବୈଠକ ବସିଥିଲା, ଏହି ସମସ୍ୟାର ଆଲୋଚନା ପାଇଁ । ମଧୁସୂଦନ ସ୍ୱାସ୍ଥ୍ୟ-ଭ୍ରମଣରୁ ସେପର୍ଯ୍ୟନ୍ତ ଫେରି ନଥିଲେ । କିନ୍ତୁ ଅସୋସିଏସନ୍‌ର ଅନ୍ୟ ସବୁ ମୁଖିଆ ସଭ୍ୟ ସେତେବେଳକୁ ଏକାଠି ହୋଇ ଘମାଘୋଟ ଆଲୋଚନା ଆରମ୍ଭ କରିଦେଇଥିଲେ । ପ୍ରବଳ ଉତ୍ତେଜନା ମଧ୍ୟରେ ସମସ୍ତେ ବକ୍ତା ! ଶ୍ରୋତା କେହି ନଥିଲେ !

---

* ଉତ୍କଳ-ଦୀପିକା – ତା ୮।୩।୧୯୨୬ରିଖ

† ଉତ୍କଳ-ଦୀପିକା—ତା ୧।୧।୧୯୨୭ରିଖ

ଗୋକୁଳାନନ୍ଦଙ୍କ ଗାଁଗଡ଼ା ଗଳା ବାହାରକୁ ଶୁଭୁଥିଲା······ "ଓଡ଼ିଶାରେ ସେଟଲମେଣ୍ଟ ହେବ, ଓଡ଼ିଆମାନେ ଖଜଣା ଦେବେ । ମାତ୍ର ସେଥିରେ ଚାକରୀ ଖାଇବେ ଅନ୍ୟମାନେ !"

ଦୀପିକା ଏହାର ପ୍ରତିବାଦ କରି ଲେଖିଥିଲେ ··"ଓଡ଼ିଶାର ଭୂମି ଜରୀପ ଓ ବନ୍ଦୋବସ୍ତ ହେବ ଓଡ଼ିଆ ମାନେ ଖଜଣା ଦେବେ ଅଥଚ ସରକାରୀ କର୍ମଗୁଡ଼ିକ ଅନ୍ୟ ଲୋକେ ଯେମନ୍ତିକେ ଅତି ହତଭାଗ୍ୟ ଅଟଇ !" *

ଆଉ କିଏ ଜଣେ କହୁଥିଲେ —କଣ୍ଠସ୍ୱରରୁ ଠିକ୍ ବାରି ହେଉ ନଥିଲା—"ଏଥକୁ ଯଦି ମଧୁବାବୁ ଖାଲଗୁଡ଼ାଏ ଉଦ୍‌ବୋଧନ ଶୁଣାନ୍ତି, ଶିକ୍ଷିତ ଓଡ଼ିଆ ଯୁବକମାନେ ଏଥିପ୍ରତି ଆଖି କାନ ବୁଜି ଦେଇ ଦେଶ ସେବାରେ ଲାଗି ପଡ଼ନ୍ତୁ; ତାହେଲେ ତାହାଙ୍କୁ କାଳୀବାବୁର ଛଡ଼ା ଆଉ କଣ ଲୁହାଗିବ କହନ୍ତୁ !"

ବୈକୁଣ୍ଠ ଦତ୍ତ କହିଲେ···"ସେଇଟା କାଳୀବାବୁର ନୁହେଁ ଯେ, ପ୍ରକୃତ କାଳୀବାବୁର ହେଲା ଗତବର୍ଷର ଡେପୁଟୀ-ପରୀକ୍ଷା ଫଳ !"

ଗତବର୍ଷର ଡେପୁଟୀପରୀକ୍ଷା ଫଳ ପ୍ରକୃତରେ ବଡ଼ ବଡ଼ସ ଥିଲା । ଡେପୁଟୀ ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇଥିଲେ, ମନମୋହନ ଗୁପ୍ତ, ରାଜମୋହନ ଚକ୍ରବର୍ତ୍ତୀ, ବରଦାକାନ୍ତ ଗାଙ୍ଗୁଲୀ; ନାରାୟଣ ଚନ୍ଦ୍ର ସେନ, କ୍ଷୀରୋଦଚନ୍ଦ୍ର ସେନ୍, ଯାମିନୀମୋହନ ଦାସ, କୈଳାଶ ଗୋବିନ୍ଦ ଦାସ ଓ ପ୍ରକାଶ ଚନ୍ଦ୍ର ସିଂହ—ସେମାନଙ୍କ ମଧ୍ୟରେ ଓଡ଼ିଶାବାସୀ କେହି ନଥିଲେ ! ଛଅଜଣ ଯାକ ଥିଲେ ପୂର୍ବବଙ୍ଗଳାର ଅଧିବାସୀ ! ଅଥଚ ଓଡ଼ିଶା ଥିଲା ସେମାନଙ୍କର ନିଯୁକ୍ତିର ସ୍ଥଳ !

ଡେପୁଟୀ ପରୀକ୍ଷାର ଏ କିମ୍ଭୂତ ଫଳାଫଳରେ, ଓଡ଼ିଶାର ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ମର୍ମାହତ ହୋଇଥିଲେ । ଗୋକୁଳାନନ୍ଦ କହିଲେ·· "ଡେପୁଟି ପରୀକ୍ଷା ଓଡ଼ିଶାରେ ହୋଇଥିଲେ ଓଡ଼ିଆ ମାନଙ୍କ ପ୍ରତି ଏପରି ଅବିଚାର ହୋଇ ନଥାନ୍ତା ।"

---

* ଉତ୍କଳ-ଦୀପିକା ତା ୨୭ । ୨ । ୧୮୮୭ ଇଂ

ଡେପୁଟୀ ପରୀକ୍ଷା ଫଳ ଘେନି ବୈଠକରେ ହଠାତ ଗୋଟାଏ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇ ପଡ଼ିଲା । ଏହି ସମୟରେ ମଧୁସୂଦନ ହଲ୍ ଘର ଭିତରକୁ ପଶି ଆସିବା ମାତ୍ରେ ଆଲୋଚନାଟି ସେଇଠାରେ ବନ୍ଦ ହୋଇଗଲା । ମଧୁସୂଦନ ଗୋଟାଏ ଆର୍ମଚୌକୀ ଉପରେ ବସି ପଡ଼ି ପଚାରିଲେ... "ଡେପୁଟୀମାନେ ଶିକ୍ଷାନବିସ ଥିବା ବେଳେ କେତେ ବେତନ ମିଳେ କହିପାରିବ କେହି ?"

ଏହାର ଉତ୍ତର ଦେବାକୁ କେହି ହଠାତ୍ ଭରସିଲେ ନାହିଁ । ଗୋକୁଳାନନ୍ଦ ଉତ୍ତର ଦେଲେ ... "ମାସିକ ପଚିଶ ଟଙ୍କା !"

ମଧୁସୂଦନ ପଚାରିଲେ ... "ସ୍ୱାଧୀନ ଭାବରେ ମାସକୁ ପଚିଶ ଟଙ୍କା ଉପାର୍ଜନ କରିବା କ'ଣ ଶିକ୍ଷିତ ଓଡ଼ିଆ ଯୁବକମାନଙ୍କ ପକ୍ଷରେ ଗୋଟାଏ ବଡ଼ କଷ୍ଟ କଥା ?"

ମଧୁସୂଦନଙ୍କୁ ମୁହେଁ ମୁହେଁ ଜବାବ ଦେବାରେ ଗୋକୁଳାନନ୍ଦ କେବେ କୁଣ୍ଠିତ ଅଥବା ଶଙ୍କିତ ନଥିଲେ । ସେ କହିଲେ... "ମାସକୁ ପଚିଶ ଟଙ୍କା ଶିକ୍ଷିତ ଓଡ଼ିଆ ଯୁବକମାନେ ସ୍ୱାଧୀନ ଭାବରେ ଉପାର୍ଜନ କରିପାରିବେ କି ନାହିଁ, ସେଇଟା ସମସ୍ୟା ନୁହେଁ ! ଓଡ଼ିଆ ଶିକ୍ଷିତ ଯୁବକମାନେ, ମାସକୁ ପଚିଶ ଟଙ୍କା ବେତନ ପାଇଁ ସେ ଯୋଗ୍ୟ ବିବେଚିତ ହୋଇ ପାରୁ ନାହାନ୍ତି; ତାହାହିଁ ହେଲା ପ୍ରକୃତ ସମସ୍ୟା ।"

ମଧୁସୂଦନ ହୁକାରୁ କଳେ ଧୂଆଁ ଛାଡ଼ି କହିଲେ..."ମୁଁ ଜାଣେ, ଗୋକୁଳାନନ୍ଦ ଜାଣେ, ତୁମେ ଜଣେ ଓକିଲ !"

ଏହାପରେ କେଉଁ କଥା କୁଆଡ଼ୁ କପରି ଆରମ୍ଭ କରାଯାଇ ପାରିବ କେହି ଭାବି ସ୍ଥିର କରି ପାରୁ ନଥିଲେ ! ପୂର୍ବ ବୈଠକର ବିବରଣୀ, ବୈକୁଣ୍ଠ ନାଥ ଦତ୍ତ ପାଠ କଲେ । କେତେମାସ ତଳେ କମିସନର ମେଟକାଫ୍ଙ୍କ ଜରିଆରେ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାର ଷ୍ଟୁଆର୍ଟ ବେଲିଙ୍କ ନିକଟକୁ ଆସୋସିଏସନ ପକ୍ଷରୁ ଗୋଟିଏ ସ୍ମାରକ ପତ୍ର ପ୍ରେରିତ ହୋଇଥିଲା ।

ମଧୁସୂଦନ ପଚାରିଲେ..."ତାହାର କୌଣସି ଉତ୍ତର ମିଳିଲାଣି ?"

ମାତ୍ର ତାହାର ତ ଦୂରର କଥା, ତାହାର ପ୍ରାପ୍ତି ସ୍ୱୀକାର ସୁଦ୍ଧା ମିଳି ନ ଥିଲା । ମଧୁସୂଦନ କହିଲେ… "ଯେଉଁଠି ଶିକ୍ଷିତ ଯୁବକମାନଙ୍କ ଅବସ୍ଥା ଏଇଆ ; ସେଠି ସାଧାରଣ ଓଡ଼ିଆ ଚାଷୀ କୃଷକର ଅବସ୍ଥା କଣ ହୋଇଥିବ ଭାବି ପାରୁଛ ତ ? ଶିକ୍ଷିତ ଯୁବକମାନେ ନିଜ କଥା ଚିନ୍ତା କରିବା ପୂର୍ବରୁ, ଏମାନଙ୍କ କଥା ମଧ୍ୟ ଚିନ୍ତା କରିବା ଆବଶ୍ୟକ ।"

ଗୋକୁଳାନନ୍ଦ ପଚାରିଲେ… "ସେ କଥାତ ଆପଣ ବରାବର କହୁଛନ୍ତି । କିନ୍ତୁ ଏହାର ପ୍ରତିକାର କଣ ?"

ଚନ୍ଦ୍ରମୋହନ ମହାରଣା କହିଲେ… "ଏହାର ପ୍ରତିକାର ହେଉଛି, ଓଡ଼ିଶାରେ ଇଂରାଜୀ ସ୍କୁଲ୍ କଲେଜ ସବୁ ବନ୍ଦ କରିଦେବା । ଓଡ଼ିଆ ଯୁବକମାନେ ଇଂରାଜୀରେ ସୁଶିକ୍ଷିତ ହୋଇ ପଦ୍ଧ ସରକାରୀ ଚାକିରୀ ନ ପାଇଲେ, ତା'ହେଲେ ସ୍କୁଲ୍ କଲେଜ ଫିଟାଇ, ଗୁଡ଼ାଏ ଶିକ୍ଷିତ ବେକାର ସୃଷ୍ଟି କରିବା ସାର ହେବ ସିନା !"

ମଧୁସୂଦନ ଆରାମଚୌକୀ ଉପରୁ ଉଠିପଡ଼ି ଉତ୍ତେଜିତ ଭାବରେ ହଲ୍ ଭିତରେ ପାଦଚାରଣା କରି କହିଲେ… "ଚନ୍ଦ୍ର ମୋହନ, I say do not lose your perspective ! ଚାକିରୀ ପାଇଁ ଦେଶକୁ ପୁଣି ଗୋଟାଏ ଶତାବ୍ଦୀ ପଛକୁ ଘୂଞ୍ଚାଇ ନିଅ ନାହିଁ ! If you ask my honest opinion ମୁଁ ଚାହେଁ ଓଡ଼ିଶାର ଘରେ ଘରେ ଇଂରାଜୀ ଶିକ୍ଷିତ ବେକାର ଅସନ୍ତୁଷ୍ଟର ଦଳ ! ଇତିହାସ, ଆକାଶଭେଦୀ, ପରିତୃପ୍ତ ମାନଙ୍କର ସୃଷ୍ଟି ନୁହେଁ ! ଆଦିମ ପ୍ରସ୍ତର ଯୁଗରୁ ଏ ପର୍ଯ୍ୟନ୍ତ, ଇତିହାସରେ ଯେତେ ଯାହା ପ୍ରଗତି ହୋଇଛି ତାହାର ମୂଳ ପ୍ରେରଣା ଆସିଛି; ଶିକ୍ଷିତମାନଙ୍କର କ୍ଷୁଧା, ଅସନ୍ତୋଷ ମଧ୍ୟରୁ । କ୍ଷୁଧା ଅଶିକ୍ଷିତକୁ ଭିକ୍ଷୁକ କରେ । ମାତ୍ର ଶିକ୍ଷିତର କ୍ଷୁଧା ମଧ୍ୟରୁ ଜନ୍ମ ନିଏ ଯୁଗ-ପରିବର୍ତ୍ତନ । ମୁଁ ସ୍ପଷ୍ଟ ଭାବରେ ଦେଖି ପାରୁଛି, ଏହି ଇଂରାଜୀ ଶିକ୍ଷାର ପ୍ରସାର ମଧ୍ୟରେ ଏ ଦେଶରୁ ଦିନେ ଇଂରେଜ ଶାସନ ବିଦାୟ ନେବାକୁ ବାଧ ହେବ ! ମାକଲେ ୧୮୩୩ ସାଲରେ ଭାବିଥିଲେ ଭାରତୀୟମାନେ ଇଂରାଜୀ ଶିକ୍ଷାପ୍ରାପ୍ତ ହେଲେ, ଭାରତରେ ବ୍ରିଟିଶ ମାନଙ୍କର ବାଣିଜ୍ୟ ବ୍ୟବସାୟ ବଢ଼ିବ ; ଚାର୍ଲସ ଉଡ଼ ଶିକ୍ଷାନୀତି ସମ୍ପର୍କରେ ତାଙ୍କର ପ୍ରସିଦ୍ଧ ଡେସ୍‌ପାଚ ଲେଖିଲା ବେଳେ ହୁଏତ ଭାବିଥିଲେ, ଇଂରେଜୀ ଶିକ୍ଷା ଭାରତରେ ଗୋଟିଏ ନୂତନ ଶ୍ରେଣୀ ସୃଷ୍ଟି କରିବ !… "Indian in blood and colour but English in tastes, in morals, in opinions

and in intellect" ଇଂରାଜୀ ଶିକ୍ଷା ଦ୍ୱାରା ଭାରତରେ ଇଂରାଜୀ ଶାସନକୁ ସୁପ୍ରତିଷ୍ଠ କରିବା, ସେମାନଙ୍କର ଉଦ୍ଦେଶ୍ୟ ଥିଲା । ମାତ୍ର ଇତିହାସ ଏଥିରେ ସେମାନଙ୍କୁ ଯେ ନିଶ୍ଚିତ ଭାବରେ ପ୍ରତାରିତ କରିବ ଓ ଏହି ଇଂରାଜୀ ଶିକ୍ଷା ଅବଶେଷରେ ଭାରତରେ ଇଂରେଜ ଶାସନର ଅବସାନ ଘଟାଇବ, ସେଥିରେ ମୋର ସନ୍ଦେହ ନାହିଁ ।''

ପ୍ରତିନିଧି ଦଳ ଏ ସମ୍ପର୍କରେ ନୂତନ କମିସନର ଜର୍ଜ ଟୟନ୍‌ବୀଙ୍କୁ ସାକ୍ଷାତ କରିବା ପାଇଁ ପ୍ରସ୍ତାବ ଗୃହୀତହେବା ପରେ, ବୈଠକ ସେଇଠାରେ ସେଦିନ ଶେଷ ହୋଇଥିଲା ।

ଦୁଇଟି ଦୃଷ୍ଟିକୋଣ ମଧ୍ୟରେ କିନ୍ତୁ ଗୋଟାଏ ମୌଳିକ ପାର୍ଥକ୍ୟ ରହିଥିଲା ! ମଧୁସୂଦନଙ୍କ ଦୃଷ୍ଟିରେ ଆଧୁନିକ ପାଶ୍ଚାତ୍ୟ ଶିକ୍ଷା ଥିଲା ଅବହେଳିତ ମୌନତାରେ ମୂକ ଆର୍ତ୍ତନାଦ ପରି ପଡ଼ି ରହିଥିବା ଓଡ଼ିଆ ଜାତିର କଣ୍ଠରେ ପ୍ରତିବାଦର ଭାଷା, ବଞ୍ଚିବା ପାଇଁ ଏକ ଆହ୍ୱାନ··· ମାତ୍ର ସେମାନଙ୍କ ଦୃଷ୍ଟିରେ ପାଶ୍ଚାତ୍ୟ ଶିକ୍ଷା ଥିଲା; ଜୀବିକାର୍ଜନର ନିର୍ବିଘ୍ନ ରାଜପଥ !

ମଧୁସୂଦନ ମନକୁ ମନ ସ୍ୱଗତୋକ୍ତି କରିବା ପରି କହିଲେ···"ମୁଁ କଣ ଇଚ୍ଛା କରିଥିଲେ, ଗୋଟାଏ ଡେପୁଟୀ ହୋଇ ପାରି ନ ଥାନ୍ତି ?"

ଓଡ଼ିଶାରେ ସରକାରୀ ବିଭାଗ ମାନଙ୍କରେ ନିଯୁକ୍ତି ପାଇବାରେ ଯୋଗ୍ୟତାସମ୍ପନ୍ନ ଶିକ୍ଷିତ ଓଡ଼ିଆ ଯୁବକମାନଙ୍କ ବାଟରେ ଯେପରି କଣ୍ଟା ଛିଟା ଯାଉଥିଲା, ତାହା ମଧୁସୂଦନଙ୍କୁ ଚିନ୍ତିତ କରି ଦେଇଥିଲା । ସମୁଦ ଅହମଦ୍ ନିଜ ପୁଅ ପୁତୁରାଙ୍କ ଚାକିରୀ ପାଇଁ ବ୍ୟାକୁଳ ବୋଲି ସେ ତାଙ୍କୁ ଆଉ ସମାଲୋଚନା କରିବେ କଣ ? ··· ଘଟଣାଚକ୍ରରେ ତାହା ମଧ୍ୟ ନିଜ ବ୍ୟାକୁଳତାର କାରଣ ହୋଇ ପଡ଼ିଥିଲା ।

## (ଦଶ)

୧୮୮୮ ସାଲ ମେ ମାସ···ପ୍ରଚଣ୍ଡ ନିଦାଘ । ସାଇକେଲ ଧାରଣାରେ ମୁଣ୍ଡିଲୋ 'ଗସ୍ତବଙ୍ଗଳା''କୁ ଆସୁଥିଲେ ଡେପୁଟୀ-ମାଜିଷ୍ଟ୍ରେଟ ବାବୁ ବ୍ରଜ କିହାରୀ ନାୟକ—ଭଙ୍ଗାରପୁର ଚୌଧୁରୀ ମାନଙ୍କ ବିପକ୍ଷରେ

ପ୍ରଜାପୀଡ଼ା ମାମଲାର ସରଜମିନ୍ ତଦନ୍ତ ପାଇଁ। ଜମିଦାରୀର ମୁଖଣ୍ଡ ପ୍ରଜାମାନଙ୍କୁ ତଲବ୍ ହୋଇଥିଲା ତଦନ୍ତବେଳେ ଖୋଦ୍ ଉପସ୍ଥିତ ରହି ସାକ୍ଷ୍ୟ ପ୍ରମାଣ ଦେବା ପାଇଁ।

ସେଥିପାଇଁ ବୁଢ଼ୀପୋଢ଼ା ଖରା, ତତଲା ଝାଞ୍ଜିସତ୍ତ୍ୱେ ପ୍ରାୟ ଶହେ ଭଲ ଚାଷୀ ସାଇବସି ଅଞ୍ଚଳରୁ ଚାଲି ଚାଲି ଆସିଥିଲେ ମଧୁସୂଦନଙ୍କ ପାଖକୁ!···"ବନ୍ଦେ ମଧୁସୂଦନଂ" ସେତେବେଳେ ଓଡ଼ିଶାର ଘରେ ଘରେ ଗଡ଼ଜାତ ମାହାଲର ରାଜପ୍ରାସାଦ ଠାରୁ ମୋଗଲବନ୍ଦୀ ପ୍ରଜାର କୁଟୀର ପର୍ଯ୍ୟନ୍ତ ସର୍ବତ୍ର ଯେପରି ଏକ ରକ୍ଷାମନ୍ତ୍ରରେ ପରିଣତ ହୋଇ ଯାଇଥିଲା।

ବସ୍ତୁତଃ ମଧୁସୂଦନ ଓଡ଼ିଶା ଜନସମାଜରେ ହଠାତ୍ ଏପରି ଆସନରେ ଅଭିଷିକ୍ତ ହୋଇଥିଲେ, ଯେଉଁଥିପାଇଁ ଅନେକ ସମୟରେ ପ୍ରତ୍ୟେକ ବିବାଦରେ ବିଭିନ୍ନ ବିବାଦମାନ ପକ୍ଷ ମଧୁସୂଦନଙ୍କ ପାଖକୁ ଆସୁଥିଲେ ସାହାଯ୍ୟ ପରାମର୍ଶ ପାଇଁ। ଭଗବଦ୍‌ଭକ୍ତ ପ୍ରଦୀପ୍ତିମା ସଭାର ସାର୍ବଭୌମ ଓ ଜଲସାଇ-ଫାସୁଜେ ଆମ୍‌ର ମୌଲଭୀ; ବଙ୍ଗପ୍ରେମୀ କାଳୀ ବାନାର୍ଜୀ ଓ ବଙ୍ଗବିରୋଧୀ ଗୋକୁଳାନନ୍ଦ, ଡେପୁଟିପଦ ଲାଳସୀ ପ୍ରାର୍ଥୀ ଓ ଦେଶାତ୍ମବୋଧର ନୂତନ ପ୍ରେରଣାରେ ଅନୁପ୍ରେରିତ ଯୁବସମାଜ···ମଧୁସୂଦନଙ୍କ ବୈଠକଖାନା ଅନେକ ସମୟରେ ଏହିପରି ପରସ୍ପରବିରୋଧୀ ଓ ପାରସ୍ପରିକ ସମ୍ପର୍କବିହୀନ ଗୋଷ୍ଠୀର ଯୁକ୍ତିତର୍କ, କଳହ କୋଳାହଳରେ ମୁଖରିତ ଥିଲା!

ଭଙ୍ଗାରପୁର ଜମିଦାର ଚୌଧୁରୀ କାଶୀନାଥ ଦାସ, ଉତ୍କଳ-ସଭାର କେବଳ ସଭାପତି—ଯାହାର ଉପସଭାପତି ଥିଲେ ସ୍ୱୟଂ ମଧୁସୂଦନ—ନଥିଲେ; ସେ ମଧ୍ୟ ଥିଲେ ମଧୁସୂଦନଙ୍କର ପ୍ରଧାନ ରାଜନୈତିକ ସହକର୍ମୀ ଓ ଅନ୍ୟାନ୍ୟ ନାନା କର୍ମଯୋଜନାରେ ମୁଖ୍ୟ ସମର୍ଥକ। କେବଳ ଭଙ୍ଗାରପୁରର ଚୌଧୁରୀ ନୁହନ୍ତି, ଓଡ଼ିଶାର ବହୁ ଜମିଦାରଙ୍କର ମଧ୍ୟ ମଧୁସୂଦନ ଥିଲେ ବିଶ୍ୱସ୍ତ ଆଇନ-ପରାମର୍ଶଦାତା! ତଥାପି ଭଙ୍ଗାରପୁର ଜମିଦାରୀର ଅତ୍ୟାଚାରିତ ପ୍ରଜାମାନଙ୍କର ମଧ୍ୟ ତ୍ରାଣକର୍ତ୍ତା ରୂପେ, ମଧୁସୂଦନଙ୍କ ଉପରେ ଥିଲା ଅବିଚଳିତ ପ୍ରତ୍ୟୟ। ସେମାନଙ୍କ ପାଇଁ ମଧୁସୂଦନଙ୍କୁ ବିସର୍ଜନ ଦେବାକୁ ପଡ଼ିଥିଲା, ଚୌଧୁରୀଙ୍କ ପରି ଏକ ପ୍ରଭାବଶାଳୀ ଜମିଦାରଙ୍କର ବଳିଷ୍ଠ ପୃଷ୍ଠପୋଷକତା!

ପ୍ରାୟ ମାସକ ତଳେ ସେମାନେ ମଧୁସୂଦନଙ୍କ ପାଖକୁ ଆସିଥିଲେ—ଜମିଦାର ପକ୍ଷରୁ ପ୍ରଜାପୀଡ଼ନର ଅସୁମାରି ଅଭିଯୋଗ ନେଇ । ମଧୁସୂଦନ ସେତେବେଳେ ସେମାନଙ୍କ ପକ୍ଷରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦରଖାସ୍ତ କରିଥିଲେ ଏ ସବୁର ପ୍ରତିବିଧାନ ପାଇଁ । ସେହି ସବୁ ଅଭିଯୋଗର ସରଜମିନ ତଦନ୍ତ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶରେ ଆସୁଥିଲେ ଡେପୁଟୀ ବାବୁ ରାସବିହାରୀ ନାୟକ ।

ଖରସିଝା, ଧୂଳି ଧୂସରିତ ଗୁଡ଼ାଏ କ୍ଲାନ୍ତ, ଶ୍ରାନ୍ତ, ଖିନ୍ନଗ୍ରସ୍ତ ମୂର୍ତ୍ତି ! ବଳଦ ପରି ସେମାନଙ୍କ ଭମା ଭମା ଆଖିରେ ଅସହାୟ କିଂକର୍ତ୍ତବ୍ୟ-ବିମୂଢ଼ତା । ଡେପୁଟୀ ରାସବିହାରୀ ନାୟକଙ୍କ ସରଜମିନ୍ ତଦନ୍ତ ସେମାନଙ୍କୁ ଅରଣ୍ୟରୁ ଯାଇଁ କାନ୍ତାରରେ ପଡ଼ିବାପରି ଲାଗୁଥିଲା··· ମଧୁସୂଦନ ନିଜେ ମୁଣ୍ଡିଳୋ-ବଙ୍ଗଳାକୁ ସରଜମିନ୍ ତଦନ୍ତ ବେଳେ ନ ଆସିଲେ ସେମାନେ କଣ ଜମିଦାର ଆଉ ଦୋପଟୀଙ୍କ କୋପରୁ ଧନ ଜୀବନରେ ବଞ୍ଚିବେ ?

ସେମାନଙ୍କ ଆଶଙ୍କା ଆତଙ୍କରେ ପରିଣତ ହୋଇଥିଲା । ମଧୁସୂଦନ କହିଲେ···"ଡେପୁଟୀ ରାସବିହାରୀ ନାୟକଙ୍କୁ ସରଜମିନ୍ ତଦାରଖ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ ପଠାଇଛନ୍ତି । ତଦାରଖ ବେଳେ ତମ ହାରିଗୁହାରି ତାଙ୍କୁ କହିବ । ତମ କଥା ସେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ ଦେବେ, ତାହେଲେ ସରକାର ଯାହା ପ୍ରତିବିଧାନ କରିବାର କରିବେ । ମୁଁ ସେଠାକୁ ଯାଇଁ ଲାଭ କଣ ? ବରଂ ଗୋକୁଳାନନ୍ଦକୁ କହୁଛି, ସେଇ ଗଲେ ମଧ ଚଳିବ । ଆଗେ ରିପୋର୍ଟ ଆସୁ ତାପରେ ଯାହା ହେବାର ହେବ ।"

ଏକ ସମୟରେ ଗୁଡ଼ାଏ ଆତଙ୍କ ଯେପରି ଏକସଙ୍ଗରେ ଆର୍ତ୍ତନାଦ କରି ଉଠିଲା । ଯାଇବସିବାର ଲୋକମାନେ ଏକ ସମୟରେ ନାନା କଣ୍ଠରେ ଯାହା ସବୁ କହିଗଲେ, ତାହାର ସାରକଥା ହେଲା; ଚୌଧୁରୀଙ୍କର କୋପରେ, ଗର୍ଭିଣୀ ଗାଈ ବାଟ ଖୁଣ୍ଟୁଛି; ବାଘ ବକରୀ ଏକା ଘାଟରେ ପାଣି ପିଉଛନ୍ତି । ଆମମାନଙ୍କ ହେଲେ ଦଣ୍ଡ; ଦଣ୍ଡ ନଦେଲେ ମାଡ଼ । ମାଡ଼ ଖାଇ ସେଦିନ ତ ଜଣେ, ତିନି ଦିନରେ ମରିଗଲା ! ସେଥିରେ ପୁଣି ଓଡ଼ିଶା ମୁଲକର ଦଣ୍ଡମୁଣ୍ଡର କର୍ତ୍ତା, ଖୋଦ୍ ଡିଭିଜନାଲ କମିଶନର୍ ମେଟ୍‌କାଫ୍

ସାହେବ, ଓଡ଼ିଶାରୁ ବଦଳି ହେବା ପୂର୍ବରୁ ଭଙ୍ଗାରପୁର ଜମିଦାରଙ୍କ ଘରେ ପଦ ପକାଇ ଯାଇଥିବେ । ଏଥିକୁ କୋଉ ଡେପୁଟୀ ତାଙ୍କ ବିରୁଦ୍ଧରେ ରିପୋର୍ଟ ଦେବାକୁ ଭରସିବ ?

ପ୍ରଜାମାନଙ୍କ ଆଶଙ୍କା ଯେ ଅକ୍ଷରେ ଅକ୍ଷରେ ସତ୍ୟ; ସେଥିରେ ମଧୁସୂଦନଙ୍କର ସନ୍ଦେହ ନ ଥିଲା । ଅଥଚ ଏହିପରି ଜମିଦାର ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ମଧୁସୂଦନ ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରବର୍ତ୍ତନ ଦାବି କରି ଆସୁଥିଲେ । ତାଙ୍କର ଦୃଢ଼ ଧାରଣା ଥିଲା ଓଡ଼ିଶା ବିଭାଜନରେ ଚିରସ୍ଥାୟୀ ସୂତ୍ରରେ ବନ୍ଦୋବସ୍ତ ନଥିବାରୁ ଜମିଦାର ମାନେ ସେମାନଙ୍କର ଅଞ୍ଚଳରେ ବିକାଶ ଅଥବା ପ୍ରଜାପାଟକଙ୍କ ଅବସ୍ଥାର ଉନ୍ନତି ପ୍ରତି କୌଣସି ଦୃଷ୍ଟି ଦେଉ ନଥିଲେ । ମାତ୍ର ଭଙ୍ଗାର-ପୁର ଜମିଦାରଙ୍କର ଅକଥନୀୟ ପ୍ରଜାପୀଡ଼ନ ତାଙ୍କର ସେ ବିଶ୍ୱାସକୁ ଦୋହଲାଇ ଦେଇଥିଲା । ତଥାପି ସେତେବେଳେ ପ୍ରଜାମାନଙ୍କ ପକ୍ଷରୁ ଉପସ୍ଥିତ ରହିବା ନିଷ୍ପତ୍ତିରେ ପହଞ୍ଚିବା ପାଇଁ ତାଙ୍କୁ ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ଲାଗି ନଥିଲା ।

ମଧୁସୂଦନ ଗମ୍ଭୀର କଣ୍ଠରେ ପଚାରିଲେ···"ମୋର ଫି ଜ୍, ଓକିଲ ପାଉଣା କେତେ ବୁଝିଛ ତ ?"

ପାଉଣା କଥା ଶୁଣି ଋଷିମାନେ ପରସ୍ପର ଆଡ଼େ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହାଁ ଚାହିଁ ହେଲେ । ସାଇକଣି ପ୍ରଗନ୍ନାର ଅବସ୍ଥା ମଧୁସୂଦନଙ୍କୁ ଅଛପା ନଥିଲା । ଗତ ଦୁଇବର୍ଷ ଥିଲା ବଢ଼ି । ଏ ବର୍ଷକୁ ମରୁଡ଼ି । ସେମାନେ ଫି ଜ୍ ଦେବେ କୁଆଡ଼ୁ ? ନଜରଖଣ ଅସମ୍ଭବ ! ସେମାନଙ୍କ ଆଖିରେ, ମୁହଁରେ ଅସହାୟତା ଓ ଅସ୍ୱସ୍ତି ଫୁଟି ଉଠୁଥିଲା ।

ମଧୁସୂଦନ କହିଲେ···"ଭଙ୍ଗାରପୁର ବୈଧଗଙ୍କର ମୁଁ ବନ୍ଧା ଓକିଲ । ଫି ବର୍ଷ ସେମାନଙ୍କ ପାଖରୁ ମୋତେ କେତେ ପାଉଣା ମିଳେ ଜାଣିଛ ତ ?"

ଋଷିମାନେ ବୁଝିଲେ, ଟଙ୍କା ନ ପାଇଲେ ମଧୁବାବୁ ଓକିଲ ପାଟେ ଧରିବେ ନାହିଁ । ଋଷିମାନଙ୍କ ଭିତରେ ଗୋଟାଏ ଅସ୍ଫୁଟ ଯିଦ୍ ଆରମ୍ଭ ହୋଇଗଲା··· ହଉ, ଜମିବାଡ଼ି ବିକିବା ପଛେ, ମଧୁବାବୁ ଓକିଲକୁ ନେବା ।

ହରି ସାଉତଙ୍କ ପଗ୍ଗରିଲେ···"ହେଉ, ଆପଣଙ୍କ ପାଉଣା କେତେ ହେଉଛି । ଦେବା । ଆପଣଙ୍କ ପାଉଣାଟା କଣ ଆଜି ରହିଯିବ ?"

ହରି ସାଉତଙ୍କ ଦୁଇ ଆଖି ଭିତରକୁ ଚାହିଁ ମଧୁସୂଦନ କହିଲେ···"ମୋର ପାଉଣା ହେଉଛି···ହାକମ ପାଖରେ ଜମିଦାରଙ୍କୁ ଦେଖି ତମେମାନେ ଡରିଯିବ ନାହିଁ । ତମେ ଡରିଗଲେ ମୁଁ ସେଠାକୁ ଯିବି ନାହିଁ ।"

ଚାଷିମାନଙ୍କ କଣ୍ଠରୁ ଏକ ସଙ୍ଗରେ ବାହାରି ଉଠିଲା···ହରିବୋଲ ।

"ଉତ୍କଳ-ଦୀପିକା" ଲେଖିଥିଲେ···

" × × × ପ୍ରଜାମାନଙ୍କ ପକ୍ଷରୁ ବାବୁ ମଧୁସୂଦନ ଦାସ ଏବଂ ବାବୁ ଗୋକୁଳାନନ୍ଦ ଚୌଧୁରୀ ଓକିଲମାନେ ଉପସ୍ଥିତ ହେଲେ । ସେଠାର ଗଡ଼ବଙ୍ଗଳାରେ କଚେରୀ ହେଲା ଏବଂ ଶତ ଶତ ପ୍ରଜା ସେଠାରେ ରୁଣ୍ଡ ହୋଇ ଡେପୁଟୀ ମାଜିଷ୍ଟ୍ରେଟଙ୍କ ପ୍ରଶ୍ନ ମତେ ନିମ୍ନଲିଖିତ ଅତ୍ୟାଚାରମାନ ଜଣାଇଲେ, ଯଥା:—

(୧) କୌଣସି ପ୍ରଜା ଜମିଦାରଙ୍କ ସ୍ୱାମୀଙ୍କୁ କାରପରଦାଜ କିମ୍ବା ତାହାଙ୍କ ଘରର କୌଣସି ପାନ ସାଆନ୍ତଙ୍କୁ କିଛି ଲାଞ୍ଚ ଦେଲେ କୌଣସି ଯୋତ ସାଉ ବିଶିଷ୍ଟ ପ୍ରଜାକୁ ବଳପୂର୍ବକ ବେଦଖଲ କରି ତାହାର ଜମି ଉକ୍ତ ପ୍ରଜାକୁ ଦେବା ।

(୨) କୁମାରପୂର୍ଣ୍ଣିମା ସମୟରେ ପ୍ରତ୍ୟେକ ଗୁଡ଼ିଆ ପ୍ରଜା ଠାରୁ ୫ ୦ । ଲେଖାଏଁ ରସୁମ ନେବା ।

(୩) ଜମିଦାରଙ୍କ ଗାଈଗୋରୁ ଗୋଠି ପ୍ରଜାର କ୍ଷେତକୁ ଗୋରୁ ଛାଡ଼ିଦେବା ଏବଂ ଏହି ଅତ୍ୟାଚାରରୁ କୌଣସି ପ୍ରଜାକୁ ରକ୍ଷା କରିବା କାରଣ କେବେ କେବେ ତାହାଠାରୁ ଲାଞ୍ଚ ମାଗିବା । ଜମିଦାରଙ୍କ ପରିବାରସ୍ଥ ବ୍ୟକ୍ତିମାନଙ୍କର ଭଲ ଗୋରୁ ଓ ରଖୁଆଳ ଥିବାରୁ ଏପରି ଅତ୍ୟାଚାର ପ୍ରଜାମାନେ ଅହରହ ଭୋଗ କରନ୍ତି ।

(୪) ପ୍ରଜାଙ୍କ ଖାନାବାଡ଼ୀରେ ଥିବା ଗଛମାନଙ୍କର ଫଳ ଜମିଦାରଙ୍କ ମନୁଷ୍ୟ ଜବରଦସ୍ତି ତୋଳାଇ ନେବା । ଏ ଅତ୍ୟାଚାର ପ୍ରଜାମାନଙ୍କୁ ଏମନ୍ତ ବାଧୁଅଛି ଯେ, କଥିତ ହୁଅଇ ଜଣେ ପ୍ରଜା ଆପଣା ବାରିରେ ଥିବା ଗୋଟିଏ ଆମ୍ବଗଛର ସମସ୍ତ ବଉଳ ନଷ୍ଟ କରିଦେଲା । କାରଣ ପ୍ରଜାର

ପରିବାରୀସ୍ଥ ବ୍ୟକ୍ତିମାନେ ଆମ୍ବଗଛକୁ ଜଗିଥିବା ପ୍ରତ୍ୟକ୍ଷେ ତହିଁର ଫଳଭୋଗୀ ହେବେ ନାହିଁ ଓ ଜମିଦାରର ମନୁଷ୍ୟ ବଳପୂର୍ବକ ସବୁ ତୋଳି ନେବେ, ଏ କଷ୍ଟ ସହିବାର ନୁହଇ ।

(୫) ପ୍ରତ୍ୟେକ ପ୍ରଜାଠାରୁ ଜମିଦାରର ଲୋକମାନେ ବାଉଁଶ ନଳା ଓ ପାଳ ଆଦି ଆଦାୟ କରନ୍ତି ।

(୬) କାର୍ତ୍ତିକମାସ ଲାଟବନ୍ଧ ସମୟରେ ପ୍ରତ୍ୟେକ ପ୍ରଜାକୁ ତାହାର ଦେୟ ଖଜଣା ମଧ୍ୟରୁ କେତେଟଙ୍କାର ପାଉଣା ତାହାର ଇଚ୍ଛା ବିରୁଦ୍ଧରେ ଦିଆଯାଏ ଓ ଉକ୍ତ ଟଙ୍କା ବାବଦକୁ ଟଙ୍କା ପ୍ରତି ଏକଟଙ୍କା ଦଶଅଣା ମୂଲ୍ୟର ଧାନ ବା ରବିଫସଲ ସମୟରେ ତାହାଠାରୁ ଆଦାୟ ହୁଅଇ ।

(୭) ଏକଜଣ ପ୍ରଜା ପ୍ରକାଶ କଲା କି ତାହା ପରିବାରର ଅନ୍ୟ-ଲୋକ ମାନେ ମରିଯିବାରୁ ତାହାଠାରୁ ଆଣ୍ଠୁକୁଡ଼ା ଭଣ୍ଡ ସ୍ୱରୂପ ଟ୧୦ଙ୍କା ଆଦାୟ ହୋଇଥିଲା ।

(୮) ପ୍ରଜାମାନେ ଜରିମାନା ନଦେଲେ ଭାରି ମାଡ଼ ହୁଅଇ ଏବଂ ଏହି କାରଣରୁ ଏକ ବ୍ୟକ୍ତିକୁ ଏମନ୍ତ ମାଡ଼ ହେଲା ଯେ, ତହିଁର ବନ୍ଧନରେ ସେ ମରିଗଲା ।”

ଏହିପରି ଅଭିଯୋଗର ତାଲିକା ସେଦିନ ଆଉରି କେତେ ଲମ୍ବି ଥାନ୍ତା କେଜାଣି ? ଖୋଦ ଜମିଦାର ହାକିମଙ୍କ ପାଖରେ ଖଟେଣ୍ଟ କୁର୍ଶୀ ପକାଇ ବସି ରହିଥିଲେ ସୁଦ୍ଧା ପ୍ରଜାମାନେ ତାଙ୍କ ପ୍ରତି ଭ୍ରୂକ୍ଷେପ ନକରି, ମଧୁସୂଦନଙ୍କ ଜେରାବେଳେ ଜଣ ଜଣ କରି ସାକ୍ଷ୍ୟ ପ୍ରମାଣ ଦେଇ ଯାଉଥିଲେ । ପ୍ରଜା ପକ୍ଷର ଏ ସମ୍ମୁଖ ଆକ୍ରମଣ ଆଉ ସହ୍ୟ କରି ନପାରି ଚୌଧୁରୀ ସେଠାରୁ ଉଠି ଭିତରକୁ ପଳାଇ ଗଲେ । ଡେପୁଟୀ ବାବୁ ସୁର ବିହାରୀ ନାୟକଙ୍କର ଶରୀର ହଠାତ୍ ପୀଡ଼ିତ ହୋଇ ପଡ଼ିବାରୁ ସେ ମଧ୍ୟ ତଦନ୍ତ ଅଧାରେ ଛାଡ଼ି ସେଠାରୁ ଉଠି ଆସିଲେ ।

ତଦନ୍ତର ଫଳାଫଳ ଯାହାହେଉ; ପ୍ରଜାପକ୍ଷ ବୁଝିଥିଲେ ସେମାନଙ୍କର ଜିତ୍ ହୋଇଛି !

ହାକିମ ଗସ୍ତବଙ୍ଗଳା ବାରଣ୍ଡାରୁ ଉଠି ଭିତରକୁ ଚାଲିଯିବା ମାତ୍ରେ ଚାଷିମାନେ ମଧୁସୂଦନଙ୍କୁ ଶୂନ୍ୟେ ଶୂନ୍ୟେ ଉଠାଇ, ହରିବୋଲ

ଧ୍ୱନ ଦେଇ ନାଚିବା ପାଇଁ ଆରମ୍ଭ କରିଥିଲେ । "ଉତ୍କଳ-ଦୀପିକା" ଲେଖିଥିଲେ...

"ପ୍ରଜାମାନେ ତହାରଖ ଦିନ ଏମନ୍ତ ସାହସ ଦେଖାଇ ଥିଲେ ଯେ, ଜମିଦାର ଉପସ୍ଥିତ ଥିବା ପ୍ରତ୍ୟକ୍ଷେ ତାହାଙ୍କୁ ଅନାଇଲେ ନାହିଁ ଏବଂ ତାହାଙ୍କ ସାକ୍ଷାତରେ ମଧୁବାବୁଙ୍କୁ ବେଢ଼ି ହାତରେ ଝେଣ୍ଡ ଧରି ହରିବୋଲ ଇତ୍ୟାଦି ଦେଉଥିଲେ ।" *

( ଏଗାର )

ଉତ୍ସବକ୍ଷେତ୍ରର ଆବର୍ତ୍ତନ ପରେ ନଭେମ୍ବର ମାସରେ ଓଡ଼ିଶା ପରିଦର୍ଶନରେ ଆସୁଥିଲେ... ସାର ରିଭର୍ସ ଥମ୍ପସନ୍‌ଙ୍କ ପରେ ବଙ୍ଗଳା ପ୍ରେସିଡେନ୍‌ସୀର ନୂତନ ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣର ସାର ଷ୍ଟୁଆର୍ଟ କୋଲଭିନ୍ ବେଲି । ଏହି ଉପଲକ୍ଷରେ ଉପଚରିତ ରୀତିରେ କଟକରେ ଦରବାର ହେବ । ମାନପତ୍ର ପାଠ କରାଯିବ । ସେଇ ଏକା ଥୋଡ଼ ବଡ଼ି ଖଡ଼ା... ଖଡ଼ା ବଡ଼ି ଥୋଡ଼ ! ମାତ୍ର ପାର୍ଥକ୍ୟ ଭିତରେ ଏତିକି, ଅନ୍ୟ ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣର ମାନଙ୍କ ତୁଳନାରେ ସାର ଷ୍ଟୁଆର୍ଟ୍ ଓଡ଼ିଶା ପ୍ରତି ସହାନୁଭୂତିଶୀଳ । ତାଙ୍କର ହସ୍ତକ୍ଷେପ ଫଳରେ ଖୁର୍ଦ୍ଧା ମନ୍ଦିର ମୋକଦ୍ଦମାରେ ଗୋଟାଏ ସନ୍ତୋଷଜନକ ସୁସମାଧାନ ହୋଇଥିଲା । ସେଥିପାଇଁ ଓଡ଼ିଶାବାସୀ ତାଙ୍କ ଆଗମନ ଅବକାଶରେ ଓଡ଼ିଶା ପ୍ରତି କେତେକ ସୁବିଚାର ଆଶା କରୁଥିଲେ । ଏଥର ସମ୍ବର୍ଦ୍ଧନାର ସମାରୋହଟା ତେଣୁ ଅପେକ୍ଷାକୃତ ଅଧିକ ଜାକଜମକ ହୋଇଥାନ୍ତା ! ମାତ୍ର ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ସେବର୍ଷ ପୁଣି ପଡ଼ିଥିଲା ମରୁଡ଼ି ଓ ଦୁର୍ଭିକ୍ଷ !... ମରୁଡ଼ି ଓ ଦୁର୍ଭିକ୍ଷରୁ ଯେପରି ଓଡ଼ିଶାର ପରିତ୍ରାଣ ନଥିଲା ! ସେଥିପାଇଁ ସମ୍ବର୍ଦ୍ଧନା-ସମାରୋହର ଉତ୍ସାହଟା କେତେକାଂଶରେ ମଳିନ ପଡ଼ି ଯାଇଥିଲା । ଉତ୍କଳ ସଭାର ବୈଠକ ବସିଥିଲା, ମାନପତ୍ରର ଚିଠା ସମ୍ପର୍କରେ ଆଲୋଚନା ପାଇଁ ।

* ଉତ୍କଳ-ଦୀପିକା ତା ୨ । ୭ । ୧୮୮୮ଖ୍ରୀ ।

କିନ୍ତୁ ମାନପତ୍ରର କଥା ପ୍ରସଙ୍ଗ ରହିଲା ପଛକୁ। ଗୌରୀଶଙ୍କର ହଠାତ୍ ଆରମ୍ଭ କରିଦେଲେ କଂଗ୍ରେସର ପ୍ରସଙ୍ଗ । ଅଲ୍ଲାହାବାଦ କଂଗ୍ରେସ-ଅଧିବେଶନକୁ ଓଡ଼ିଶାରୁ ଅବଶ୍ୟ ପ୍ରତିନିଧି ଯିବେ। ମାତ୍ର ସେମାନେ ଉତ୍କଳ-ସଭାର ପ୍ରତିନିଧି ନ ହୋଇ, ବଙ୍ଗଳା ପ୍ରେସିଡେନ୍‌ସୀ ଶାଖା କଂଗ୍ରେସର ପ୍ରତିନିଧି ରୂପେ ଯୋଗଦେବା ଗୌରୀଶଙ୍କରଙ୍କ ଅଭିପ୍ରାୟ ଥିଲା। ଏଥିରେ ମଧୁସୂଦନଙ୍କର ଆପତ୍ତି ନଥିଲା। କିନ୍ତୁ ବଙ୍ଗଳାରେ ସୁରେନ୍ଦ୍ରନାଥ ବାନାର୍ଜୀ କଂଗ୍ରେସ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ସୁଦ୍ଧା, ବଙ୍ଗଳା-ପ୍ରଭିନସିଆଲ୍-କନଫରେନ୍‌ସ୍ ନାମରେ ଗୋଟିଏ ନୂତନ ସଙ୍ଗଠନ ମଧ୍ୟ ସ୍ଥାପନ କରିଥିଲେ। ବଙ୍ଗଳାର ଯେଉଁ ବିଶେଷ ସମସ୍ୟା ଗୁଡ଼ିକ ଜାତୀୟ କଂଗ୍ରେସ ମଞ୍ଚରୁ ଆନ୍ଦୋଳିତ ହେବାର ଅବକାଶ ନଥିଲା; ସେହିପରି ସବୁ ପ୍ରାଦେଶିକ ସମସ୍ୟା ପାଇଁ ବଙ୍ଗଳା-ପ୍ରଭିନ୍‌ସିଆଲ୍ କନଫରେନ୍‌ସ୍ ଉଦ୍ଦିଷ୍ଟ ଥିଲା।

ମଧୁସୂଦନ କହିଲେ···"ଓଡ଼ିଶାରେ କଂଗ୍ରେସର ଗୋଟିଏ ଶାଖା ସ୍ଥାପିତ ହେଉ । ମାତ୍ର ଉତ୍କଳସଭାକୁ ସେଥିରେ ବିଲୋପ କରିଦେବା ଉଚିତ ହେବ ନାହିଁ । ଗଂଜାମର ସ୍କୁଲ୍, କୋର୍ଟ-କଚେରୀ ମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ ପୁଣି ମାନ୍ଦ୍ରାଜରେ ଥିବା ଓଡ଼ିଆଭାଷୀ ଅଞ୍ଚଳ-ମାନଙ୍କର ଓଡ଼ିଶା ସହିତ ଏକତ୍ରୀକରଣ ପ୍ରସ୍ତାବ ମାନ୍ଦ୍ରାଜ-କଂଗ୍ରେସରେ ଉତ୍ଥାପିତ କରିବାର ଚେଷ୍ଟା ହୋଇଥିଲା। ସେଥିପାଇଁ କିନ୍ତୁ ସୁଯୋଗ ମିଳିଲା ନାହିଁ । କଂଗ୍ରେସରେ ଆଜି କେବେ ଯଦି ଏ ସମସ୍ୟା ଉତ୍ଥାପିତ ହୁଏ; ମାନ୍ଦ୍ରାଜର ପ୍ରତିନିଧିମାନଙ୍କ ପକ୍ଷରୁ ତାହାର ଯେ ବିରୋଧ ହେବ, ସେଥିରେ ମୋର ସନ୍ଦେହ ନାହିଁ । ସେହିପରି ଓଡ଼ିଶାରେ ଶିକ୍ଷିତ ଓଡ଼ିଆ ମାନଙ୍କୁ ଉପଯୁକ୍ତ ପଦ ପଦବୀରେ ନିଯୁକ୍ତି ମିଳିବାର ଦାବୀ କଂଗ୍ରେସ ମଞ୍ଚରେ ଆଲୋଚିତ ହେବାର ତ ଅବକାଶ ନାହିଁ ! ଆଉ ଯଦିବା କେବେ ତାହା ଆଲୋଚିତ ହୁଏ; ତାହେଲେ ବଙ୍ଗଳାର ପ୍ରତିନିଧିମାନେ ମଧ୍ୟ ତାହାକୁ କେତେଦୂର ସମର୍ଥନ କରିବେ, ତାହା ସନ୍ଦେହଜନକ ! ପୁଣି ଆପଣମାନେ ଜାଣି ରଖନ୍ତୁ; ଓଡ଼ିଶାର ଲୁଣ-ମହାଲକୁ ମାନ୍ଦ୍ରାଜ ସଲ୍ଟ-କମିଶନରଙ୍କ ଅଧୀନରୁ ବଙ୍ଗଳା ସରକାରଙ୍କୁ ଫେରାଇ ଆଣିବା ପାଇଁ ଆମ୍ଭେମାନେ ଦାବୀ କଲେ; ସେଥିପ୍ରତି କଂଗ୍ରେସ ମଞ୍ଚରୁ କେବେ ସମର୍ଥନ ମିଳିବ ? କଂଗ୍ରେସର କାର୍ଯ୍ୟକ୍ରମରେ ଏ ସବୁର ସ୍ଥାନ ନାହିଁ। ସେଥିପାଇଁ ଓଡ଼ିଶାର

ବିଶେଷ ସମସ୍ୟାମାନ ରହିଥିବା ପର୍ଯ୍ୟନ୍ତ "ଉତ୍କଳ-ସଭା" ରହିଥିବ ଓ ରହିବା ପାଇଁ ବାଧ୍ୟ । ତଥାପି ଓଡ଼ିଶା ପାଇଁ ଗୋଟିଏ ସ୍ୱତନ୍ତ୍ର କଂଗ୍ରେସ-କମିଟୀ ଗଢ଼ିବାରେ ଆପତ୍ତି ନାହିଁ।'

ଏଥିରେ କାହାର ମଧ୍ୟ ଆପତ୍ତି ନଥିଲା ! ଓଡ଼ିଶାର ନାନା ବିଶେଷ ସମସ୍ୟାର ସମାଧାନ ପାଇଁ "ଉତ୍କଳ-ସଭା"ର ଆବଶ୍ୟକତା ସମ୍ପର୍କରେ କାହାର ସନ୍ଦେହ ନଥିଲା । ଏହି ସଭାରେ ସେଦିନ ଓଡ଼ିଶା ପାଇଁ ବଙ୍ଗଳା-କଂଗ୍ରେସର ପରିସରରେ ଗୋଟିଏ ସ୍ୱତନ୍ତ୍ର କଂଗ୍ରେସ-କମିଟୀ ମଧୁସୂଦନଙ୍କ ସଭାପତିତ୍ୱରେ ଗଠିତ ହୋଇଥିଲା । ଇତିହାସ ଦୃଷ୍ଟିରୁ ଗୋପବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଶା-କଂଗ୍ରେସ ସଙ୍ଗଠିତ ହେବାର ପ୍ରାୟ ଛଅ ଦଶନ୍ଧି ପୂର୍ବରୁ ଓଡ଼ିଶାରେ ଏହାହିଁ ଥିଲା ସର୍ବପ୍ରଥମ କଂଗ୍ରେସ-କମିଟୀ !

ଆହ୍ଲାହାବାଦ-କଂଗ୍ରେସ ଅଧିବେଶନକୁ ପ୍ରତିନିଧି ନିର୍ବାଚନର ପ୍ରସଙ୍ଗ ଆସିବାରୁ ମଧୁସୂଦନ କହିଲେ···"ଏଥର କିନ୍ତୁ ଓଡ଼ିଶାରୁ ମୁସଲମାନ ସମ୍ପ୍ରଦାୟର ପ୍ରତିନିଧିମାନେ ଯେପରି ଆହ୍ଲାହାବାଦ ଅଧିବେଶନରେ ଯୋଗ ଦିଅନ୍ତି, ସେ ଦିଗରେ ଚେଷ୍ଟା ହେବା ଆବଶ୍ୟକ ।"

କିନ୍ତୁ ସଭାରେ ଉପସ୍ଥିତ ଥିବା ଅଧିକାଂଶ ସଭ୍ୟଙ୍କର କଂଗ୍ରେସ କାର୍ଯ୍ୟାବଳୀ ପ୍ରତି ଆଗ୍ରହ ନଥିଲା । ଗ୍ଲେଡଷ୍ଟୋନଙ୍କ ଅଭ୍ୟର୍ଥନା ଓ ତାଙ୍କୁ ମାନପତ୍ର ଦେବା ପ୍ରସଙ୍ଗର ଆଲୋଚନା ପାଇଁ କେବଳ ସେମାନେ ସେଠାକୁ ଆସିଥିଲେ ! କିନ୍ତୁ ଆଲୋଚନାଟି ଭିନ୍ନ ଆଡେ ଗତି କରୁଥିବା ଦେଖି ପଛରୁ ଜଣେ କହି ଉଠିଲେ···"ଅସଲ କଥାଟି ପଡ଼ୁ । କଂଗ୍ରେସ କଥା କଂଗ୍ରେସ-କମିଟୀ ବୁଝିବେ । ଗ୍ଲେଡଷ୍ଟୋନ ସାହେବଙ୍କୁ ଯେଉଁ ମାନପତ୍ର ଦିଆଯିବ, ସେଥିରେ ଆମ ପକ୍ଷରୁ କେଉଁ କେଉଁ ଦାବୀ ରହିବ, ସେହି କଥାଟି ଏଠାରେ ଛିଡ଼ିଯାଉ ।"

ଦୀନବନ୍ଧୁ ମହାନ୍ତି, ମୁକ୍ତ୍ୟାର ହଠାତ ଉଠିପଡ଼ି କହିଲେ ··"ଆଉ ସବୁ କଥା ପଛକୁ । ଆଗେ ରେଲୱାସ୍ତା ଫିଟିବା କଥା ମାନପତ୍ରରେ ରହୁ । ପୂର୍ବ ଗ୍ଲେଡଷ୍ଟୋନ ଅମ୍ପସନ୍ ସାହେବ କହି ଯାଇଥିଲେ ରେଲବାଟ ଫିଟିବ । କିନ୍ତୁ କାହିଁ ରେଲବାଟ ? ବିଲେଇ ଆଇଲେ ମୂଳରୁ ଗାଆ ପଦ, ସେଇ କଥା ପୁଣି ପ୍ରଥମେ ଗାଇବା ପାଇଁ ପଡ଼ୁଛି ।"

ରେଳରାସ୍ତା କଥା ପଡ଼ିବା ମାତ୍ରେ, ମଧୁସୂଦନ ପକେଟରୁ ଖଣ୍ଡେ ଚିଠି କାଢ଼ି କହିଲେ···"ମେଜର ବ୍ରାକେନ୍‌ବରୀଙ୍କ ଠାରୁ ଓଡ଼ିଶାରେ ରେଳବାଟ ସମ୍ପର୍କରେ ମୁଁ ଖଣ୍ଡେ ଚିଠି ପାଇଥିଲି । ସେ ଚିଠିଖଣ୍ଡ ସେତେବେଳେ ଦୀପିକାରେ ପ୍ରକାଶ ପାଇଥିଲା । * ବନାରସରୁ-ପୁରୀ ରେଳବାଟ ପରିବର୍ତ୍ତେ, ଭାରତ ସରକାର ପ୍ରଥମେ କଲିକତାରୁ ପୁରୀ ପର୍ଯ୍ୟନ୍ତ ରେଳବାଟ ପିଟାଇବା ପାଇଁ ସମ୍ମତ ଥିବା ଜଣାଇଛନ୍ତି ।"

ମଧୁସୂଦନ ଚିଠିଖଣ୍ଡ ପଢ଼ିଲେ···

**From:— Major M.C Brackenbury, Royal Engineer, Under Secretary to Government to Babu Madhusudan Das, Vice-President, Orissa Association, dated 29. 6.88.**

**"I am directed to acknowledge the receipt of your memorial dated 14. 5. 88 addressed to His Honour the Lt. Governor of Bengal, by the Orissa Association praying for reasons stated therein that speedy measures may be adopted for the construction of Banaras-Puri Railway and asking that if the whole project cannot be undertaken atonce., the portion between Calcutta and Puri taken up immediately. In reply I am to say that the Government of India fully recognises the importance of railway communication in Orissa and it will be glad to entertain further scheme for its development."**

ଦୀନବନ୍ଧୁ ଏଥିରେ କିନ୍ତୁ ଆଶ୍ୱସ୍ତ ହେବାଭଳି ନଥିଲେ । ସେ କହିଲେ···"ଉତ୍କଳ-ସଭା ଆରମ୍ଭ ହେବା ଦିନୁ, ପୁଣି ଆମ କାନ ଉଠିବା ଦିନୁ ସେଇ ଏକ କଥା ବରାବର ଶୁଣି ଶୁଣି ଆସୁଛୁ । ଏତେଆଡ଼େ ଏତେ ରେଳବାଟ ପିଟିଗଲାଣି । ଓଡ଼ିଶା ଭାଗ୍ୟ ପଥର ତଳେ ! ସେଇ ରେଳପଥ କଥା ମାନପତ୍ରରେ ପୁଣି ଥରେ ଦାବୀ କରାଯାଉ ।"

ରେଳପଥ ଥିଲା ଓଡ଼ିଶାର ସର୍ବସମ୍ମତ ଦାବୀ । ସେଥିରେ କାହାର ଆପତ୍ତି ନଥିଲା । ସେହିପରି ଅନ୍ୟ ପ୍ରସଙ୍ଗ ମାନଙ୍କ ମଧ୍ୟରେ ପଡ଼ିଲା ଲବଣ-କର ବିଲୋପ, ଜଳସେଚନର ପ୍ରସାର ଓ ସେଟଲମେଣ୍ଟ-ଅତ୍ୟାଚାର ପ୍ରଭୃତି ପ୍ରସଙ୍ଗ । ମାନପତ୍ରରେ ଏ ସବୁ ଉଲ୍ଲେଖ କରି ସେଥିପ୍ରତି ଲ୍ଲେଟଲାଟ ସାହେବଙ୍କ ଦୃଷ୍ଟି ଆକର୍ଷଣ କରିବା ସମସ୍ତଙ୍କର ଅଭିପ୍ରାୟ ।

* ଉତ୍କଳ-ଦୀପିକା ତା ୬ । ୧୦ । ୧୮୮୮ରିଖ ।

"ମ୍ୟୁନିସିପାଲିଟୀ ପକ୍ଷରୁ ଯେତେବେଳେ ଗୋଟିଏ ମାନପତ୍ର ଦିଆଯାଉଛି, ଚେୟାରମେନ୍ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ତାହାକୁ ଆନୁଷ୍ଠାନିକ ଭାବରେ ଯଥାବିଧି ଅବଶ୍ୟ ପାଠ କରିବେ। ତେଣୁ ଉତ୍କଳ-ସଭା ପକ୍ଷରୁ ଯେଉଁ ମାନପତ୍ର ଦିଆଯିବ, ଏକ ପ୍ରତିନିଧି ଦଳ ବରଂ ଗ୍ରେଟଲାଟଙ୍କ ସହିତ ଏସବୁ ଦାବୀ ବିଷୟରେ ପ୍ରତ୍ୟକ୍ଷ ଆଲୋଚନା କରନ୍ତୁ। ତା'ହେଲେ ଥମସନ୍ ସାହେବଙ୍କ ପରି ବେଲୀ ସାହେବ ଆମକୁ ଏଥର ଆଉ ମୁରୁକି ହସି ଉଡ଼େଇ ଦେଇ ପାରିବେ ନାହିଁ।"

ପଛରୁ ଜଣେ ବିସ୍ଫୋରଣ କରି ଉଠିଲେ..." ହଃ ବେଳକଥା ପଡ଼ିଛି! ଅନୁଗୁଳ ଅଞ୍ଚଳରେ ଅନ୍ନାଭାବରେ ବାଘରା ଓଲୁଅ ମହୁଲ ଖାଇ ବଞ୍ଚିବା ପାଇଁ ସୁଦ୍ଧା ଲୋକେ ଜଙ୍ଗଲରେ ଆଉ ସେ ସବୁ କନ୍ଦ ମୂଳ, ଖୋଜି ପାଉନାହାନ୍ତି! କମିସନର ଓର୍‌ସଲି ସାହେବଙ୍କ ଆଗରେ ଲୋକେ ସେ ପଦାର୍ଥ ସବୁ ନକଲ ହୋଇ ଦେଖାଇଲେ। ତେବେ ବି ପ୍ରତିକାର ହେଲା ନାହିଁ! ଓଲଟି ଏତେବେଳେ ଖଜଣା ଆଦାୟ ପାଇଁ ଧୂମ୍ ଲାଗି ଯାଇଛି। ପ୍ରଜାମାନଙ୍କ କଥା ଶୁଣନ୍ତୁ— ଏ ଦୁର୍ଭିକ୍ଷ ବେଳେ ଖଜଣା ଅସୁଲ ଦେଇ ନପାରି ସବରାକାର ମାନେ ସୁଦ୍ଧା, ଖାଇବା ବାସନ ପିନ୍ଧିବା ଲୁଗା ପର୍ଯ୍ୟନ୍ତ ବନ୍ଧୀ କରୁଅଛନ୍ତି! ଗ୍ରେଟଲାଟ ସାହେବ ଯେତେବେଳେ ଆସୁଛନ୍ତି ଏ ଦୁରବସ୍ଥାର ତ ଗୋଟାଏ ବିହିତ ପ୍ରତିକାର କରିବା ଆବଶ୍ୟକ!"

ସେବର୍ଷ କେବଳ ଅନୁଗୁଳରେ ନୁହେଁ; ଓଡ଼ିଶାର ଆହୁରି ଅନେକ ଅଞ୍ଚଳ ଦାରୁଣ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥିଲା। ଓଡ଼ିଶାରେ ଏ ଦୁର୍ଭିକ୍ଷ ବାଧା ନୂତନ ନୁହେଁ। ୧୮୬୬ ସାଲ ପର ଠାରୁ ପ୍ରତି ଦୁଇ ତିନି ବର୍ଷରେ ଏହିପରି ଗୋଟିଏ ବଡ଼ ଦୁର୍ଭିକ୍ଷ ଲାଗି ରହିଛି।

ଆଉ ଜଣେ କହିଲେ..." ଗ୍ରେଟଲାଟ ସାହେବ ଯାହା ପ୍ରତିକାର କରିବେ, ଅନ୍ତତ୍ର ଧାବନ୍ତି ଧାବନ୍ତି। ଭୂମିକୁ ଜଳ ମଡ଼ାଇବାର ବ୍ୟବସ୍ଥା ପାଇଁ ଉତ୍କଳ-ସଭା ପକ୍ଷରୁ ଥରକୁ ଥର ଦାବୀ କରାଯାଇ ଆସୁଛି। ସରକାର ଜଳ ତ ଯୋଗାଇ ପାରିଲେ ନାହିଁ, ଓଲଟି ଜଳକରର ଯେଉଁ ହାର ସ୍ଥିର କଲେ, ସେଥିରେ ଚାଷୀମାନେ ଜଳକର ଦେବାପାଇଁ କଂସା ବାସନ ସୁଦ୍ଧା ବନ୍ଧା ପକାଇଲେ। ଆହେ... ଓଡ଼ିଶା ଭାଗ୍ୟ ପଥର ତଳେ! ସେ ସବୁ ପୁରୁଣା ଚର୍ଚ୍ଚୁ କୁଟି ଆଉ ଲାଭ କଣ?"

ଏହିପରି ନାନା ଆଲୋଚନା ପରେ ଆଉ ସବୁ କଥା ପଛକୁ ରଖି, ମାନପତ୍ରରେ ଦୁର୍ଭିକ୍ଷ ସଙ୍କଟକୁ ପ୍ରଥମ ସ୍ଥାନ ଦେବା ସ୍ଥିର ହୋଇଗଲା ।

କିନ୍ତୁ ଏସବୁର ସମାଧାନ ମାମୁଲି ପ୍ରଶାସନିକ ସ୍ତରରେ ହୋଇ ପାରିବ । ସେଥିପାଇଁ ଉତ୍କଳ-ସଭା ପକ୍ଷରୁ ମାନପତ୍ର ନଦେଲେ ମଧ୍ୟ ଚଳିବ । ମାତ୍ର ଓଡ଼ିଆଜାତି ପକ୍ଷରେ ଯାହା ଜୀବନମରଣ ସମସ୍ୟା, ଯାହା ଉପରେ ତାହାର ସତ୍ତା ଓ ସ୍ଥିତି ନିର୍ଭର କରେ; ତାହା ହେଉଛି ଓଡ଼ିଆ-ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ! ସେତେବେଳେ ବମ୍ବେ ପ୍ରେସିଡେନ୍‌ସୀ ସହିତ ମଧ୍ୟପ୍ରଦେଶରେ ପଶ୍ଚିମାଞ୍ଚଳର ମିଶ୍ରଣ ପ୍ରସ୍ତାବ ଯୋଗ, ଭାରତରେ ପ୍ରଦେଶମାନଙ୍କର ପୁନର୍ଗଠନ ସମସ୍ୟା ପୁଣି ଥରେ ଆନ୍ଦୋଳିତ ହେଉଥିଲା । ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ସମସ୍ୟା ପ୍ରତି ଏହି ଅବକାଶରେ ନୂତନ ଲେଫଟେନାଣ୍ଟ-ଗଭର୍ଣ୍ଣରଙ୍କ ଦୃଷ୍ଟି ଆକର୍ଷଣ କରିବା ପ୍ରସ୍ତାବ କେହି ଉଠାଇବେ ବୋଲି ମଧୁସୂଦନ ଅପେକ୍ଷା କରିଥିଲେ । କିନ୍ତୁ ମାନପତ୍ରରେ ସେ ଦାବୀ ଉତ୍ଥାପନ ସମ୍ପର୍କରେ କାହାରି ଠାରୁ କୌଣସି ପ୍ରସ୍ତାବ ନ ଆସିବାରୁ, ମଧୁସୂଦନ ଅବଶେଷରେ କହିଲେ···

"ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପ୍ରସଙ୍ଗଟା କଣ ବାଏଁ ବାଏଁ ଉଡ଼ିଯିବ ?"

ସମସ୍ତେ ନିରୁତ୍ତର । ଆଶାପ୍ରତ୍ୟୟହୀନ, ଉତ୍ସାହ ଉଦ୍ଦୀପନାହୀନ ଏକ ଉଦାସୀନ ନୀରବତା ମଧ୍ୟରେ ମଧୁସୂଦନଙ୍କ ପ୍ରଶ୍ନ କ୍ଷୀଣ ଆଲୋଡ଼ନଟିଏ ସୁଦ୍ଧା ସୃଷ୍ଟି କଲାନାହିଁ । ଗୌରୀଶଙ୍କର କହିଲେ···"ମାନପତ୍ର ମାନଙ୍କରେ ସେଇ ଏକା କଥା ଲେଖି ଲେଖି, କଲମ ଦନ୍ତୁରା ହୋଇଗଲାଣି, ସେଇ ଏକା ମାନପତ୍ର ପଢ଼ି ପଢ଼ି ମୁହଁ ପଟା ହୋଇ-ଗଲାଣି ! ପୁଣି ଯେତେବେ ଦରକାର ଆଇଲେ ମୂଳରୁ ଟାଆଁ ହେବାର ହେଉ; ଆପତ୍ତି କଣ ? କିନ୍ତୁ ଥମ୍‌ସନ୍‌ ସାହେବ ଯେପରି ଏ ପ୍ରସଙ୍ଗଟି ଶୁଣି ସାରି କୌଣସି ମତାମତ ନଦେଇ ଶ୍ରୀଦନ୍ତ ଦେଖାଇ କେବଳ ହସି ଦେଇଥିଲେ, ଏଥରେ ହ୍ୱିଲ୍‌-ହନ୍‌ର ଯଦି ସେହିପରି ସବୁ ଶୁଣି ମୁରୁକି ହସି ଦିଅନ୍ତି ··ସେଥିରୁ କଏ ବା ବୁଝିବ କଣ ? ଦାନ୍ତନିକୁଟି ହସିବା କାନ୍ଦିବା ସମାନ ପରି ଏକଥା !"

ଏଥର କିନ୍ତୁ ସଭାରେ ମାନପତ୍ର ପାଠ କରାଯିବା ବିଷୟରେ ମଧୁସୂଦନଙ୍କର ଉତ୍ସାହ ନଥିଲା । ସେ କହିଲେ···"ମ୍ୟୁନିସିପାଲିଟୀ ପକ୍ଷରୁ ଯେତେବେଳେ ଗୋଟିଏ ମାନପତ୍ର ଦିଆ ଯାଉଛି, ଚେଆରମେନ୍ ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତୀ ତାହାକୁ ଆନୁଷ୍ଠାନିକ ଭାବରେ ଯଥାବିଧି ଅବଶ୍ୟ ପାଠ କରିବେ । ତେଣୁ ଉତ୍କଳ ସଭା ପକ୍ଷରୁ ଯେଉଁ ମାନପତ୍ର ଦିଆଯିବ, ଗୋଟିଏ ପ୍ରତିନିଧି ଦଳ ବରଂ ଛୋଟଲାଟଙ୍କ ସହିତ ସେ ସବୁ ଦାବି ବିଷୟରେ ପ୍ରତ୍ୟକ୍ଷ ଆଲୋଚନା କରନ୍ତୁ । ତା ହେଲେ ଥମ୍ପସନ୍ ସାହେବଙ୍କ ପରି ବେଲି ସାହେବ ଆମକୁ ଏଥର ଆଉ ମୁରବି ହସି ଫାଙ୍କି ଦେଇ ପାରିବେ ନାହିଁ !"

ସାର ଷ୍ଟୁଅର୍ଟ ବେଲିଙ୍କୁ ପ୍ରଦତ୍ତ ମାନପତ୍ରରେ ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ସମ୍ପର୍କରେ ମଧୁସୂଦନ ଲେଖିଥିଲେ···
**At a time when it is proposed to transfer the western portion of Central Provinces to Bombay** *presidency*, **we** *feel it our* **duty to** *solicit* **your attention to the fact that the country where the Oriyas reside is anomalously placed under administration of Bengal, Madras and Central Provinces. We would, therefore, ask your honour to place territorial limits where the Oriya language is under one administrative unit and knit together under one administration a large population who speak one language and have the same tradition and custom."**

× × ×

ମାତ୍ର ଲେଫ୍ଟେନେଣ୍ଟ-ଗଭର୍ଣ୍ଣରଙ୍କ ସହିତ ସାକ୍ଷାତ ପରେ ଲାଲବାଗ କୋଠୀରୁ ସେଦିନ ଫେରି ଆସିବାବେଳେ, ପ୍ରତ୍ୟେକେ ବେଶ୍ ଆହତ ପରି ଅନୁଭବ କରୁଥିଲେ ।

ଗୌରୀଶଙ୍କର କହିଲେ···"ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକାଠି ଠୁଳ କରିବାର ପ୍ରସ୍ତାବ ଏଥରକୁ ମିଶାଇ ତିନିଜଣ ଲେଫ୍ଟେନେଣ୍ଟ-ଗଭର୍ଣ୍ଣରଙ୍କ ଦରବାରରେ ଏହିପରି ଭାବରେ ତିନି ତିନି ଥର ନାକଚ ହୋଇଗଲା । ୧୮୭୫ ସାଲରେ ବାଲେଶ୍ୱର ଠାରେ ଲେଫଟେନେଣ୍ଟ-ଗଭର୍ଣ୍ଣର ସାର ରିଚାର୍ଡ଼ ଟେମ୍ପଲ୍‌ଙ୍କୁ ବାବୁ ବିଚିତ୍ରାନନ୍ଦ ଦାସ ଓ ଶ୍ୟାମାନନ୍ଦ ଦେ ଯେଉଁ ସ୍ମାରକ ପତ୍ର ଦେଇଥିଲେ, ତାହା ଚାଲି ତାଙ୍କ ଅଳିଆ ଟୋକେ-

ଇଂରେ ! ସାର ରିଭର୍ସ ଥମସନ୍ ସେ ଦାବୀକୁ ଉଡ଼ାଇଦେଲେ ମୂରଙ୍କ ହସାରେ ! ଆଜି ଜଣେ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ସାର ଷ୍ଟୁଆର୍ଟ ବେଲୀଙ୍କ ଦରବାରରେ ଓଡ଼ିଆଙ୍କ ଦାବୀ ଏବେ ସେଇ ଦଶା ଭଜିଲା !"

'ଉତ୍କଳ-ସନ୍ତ୍ରା'ର ମାନପତ୍ରଟି କାର୍ତ୍ତିକ ଟେକଜାଣି ଗ୍ରେଟଲାଟ ସାହେବଙ୍କ ମେଜାଜ୍‌ଟିକୁ ବିଗିଡ଼ାଇ ଦେଇଥିଲା । ବେଲୀ ସାହେବ ମାନପତ୍ରର ଉତ୍ତର ଦେବାକୁ ଯାଇଁ ଯାହାସବୁ କହିଲେ ତାହା "ସମ୍ପ୍ରୋଚିତ ବା ସୁରୁଚିପୂର୍ଣ୍ଣ" ନୁହେଁ ବୋଲି "ଉତ୍କଳ-ଦୀପିକା" ନିଷ୍ଠୁର କ୍ରୋଧରେ ଆକ୍ଷେପ କରିଥିଲେ। ଛୋଟଲାଟ ସାହେବଙ୍କ ସହିତ ଆଲୋଚନା ବେଳେ ଦୁର୍ଭିକ୍ଷରେ ହଜାରର ଲୋକ ମରିଗଲେଣି ବୋଲି ଯେତେବେଳେ ଜଣେ ଅଭିଯୋଗ କଲେ ଛୋଟଲାଟ ସାହେବ ଶ୍ଳେଷପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ···"ସ୍ଥାନୀୟ କର୍ମଚାରୀ ମାନେ ଫସଲର ଅବସ୍ଥା ସମ୍ପର୍କରେ ଯେଉଁ ରିପୋର୍ଟ ଦେଇଛନ୍ତି, ଆମ୍ଭେ ତାହାକୁ ସମ୍ପୂର୍ଣ୍ଣ ବିଶ୍ୱାସ କରୁଅଛୁ । ଜଣେ ଭଦ୍ରଲୋକଙ୍କୁ ପଚାରିବାରେ ସେ କହିଲେ ହଜାରର ଲୋକ ମରିଗଲେଣି ଏବଂ ମରୁଅଛନ୍ତି । ଆମ୍ଭେ ପଚାରିଲୁ ଆପଣ କିପରି ବଞ୍ଚି ଅଛନ୍ତି ? ସେ କହିଲେ ପ୍ରାୟ ଶେଷ ଦଶା ଘଟିଅଛି । ଏପ୍ରକାର କଥାରେ କିଏ ନିର୍ଭର କରିପାରେ ?"

ଏ ଭଦ୍ରଲୋକ ଥିଲେ ଓଡ଼ିଶା-ପିପଲସ୍ ଆସୋସିଏସନ୍‌ର କାର୍ଯ୍ୟଦାର ବାବୁ ଦୀନାନାଥ ବାନାର୍ଜୀ । 'ଉତ୍କଳ ସଭା'ର ପ୍ରତିନିଧିମାନେ ସାହେବଙ୍କ ସହିତ ଭେଟ ହେବା ପୂର୍ବରୁ ସେ ଯାଇଥିଲେ ସାହେବ ମଉସୁଫ୍‌ଙ୍କ ସହିତ ସାକ୍ଷାତ ପାଇଁ । ମାତ୍ର ପରିଣାମଟି ନିତାନ୍ତ ଶ୍ଳାଘାପୂର୍ଣ୍ଣ ନଥିଲା ।

ଓଡ଼ିଶାରେ ରେଲପଥର ନିର୍ମାଣ ସମ୍ପର୍କରେ ଛୋଟଲାଟ ଉତ୍ତର ଦେଲେ···"ଅର୍ଥାଭାବରୁ ବଙ୍ଗଳା ବା ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଓଡ଼ିଶାରେ ରେଲବାଟ ପ୍ରସ୍ତୁତ କରିବାକୁ ଅକ୍ଷମ ।" ନିମ୍ନ ମାହାଲ ମାନ୍ଦ୍ରାଜରୁ ବଙ୍ଗଳା ଅଧୀନକୁ ପୁଣି ଫେରି ଆସିବା ସମ୍ପର୍କରେ ବେଲୀଙ୍କ ଉତ୍ତର ସେହିପରି ଥିଲା ନୈରାଶ୍ୟଜନକ···"ଲୁଣ ପୋକ୍ତାନ ବିଷୟ ଆମ୍ଭ ହାତରୁ ମାନ୍ଦ୍ରାଜକୁ ବାହାରି ଯାଇଥିବାରୁ ଆମ୍ଭର କୌଣସି କ୍ଷମତା ନାହିଁ । ତଥାପି ଚିନ୍ତାର ପରାମର୍ଶ କରିବୁ !"

ମାତ୍ର ଓଡ଼ିଆଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପ୍ରସଙ୍ଗରେ ବେଲୀ ସାହେବ ଗୋଟାଏ ଆଶାଜନକ ଉତ୍ତର ଦେବେ ବୋଲି ଯାହା ଆଶା କରାଯାଇଥିଲା, ତାହା କେବଳ ଘୋର ନିରାଶା ନୁହେଁ; ପ୍ରତିନିଧି ଦଳ ପ୍ରତି ଏକ ଅନୁଚିତ ଅପମାନରେ ପରିଣତ ହୋଇଥିଲା । ସାହେବଙ୍କ ମତରେ ପ୍ରସ୍ତାବଟି କୁଆଡ଼େ ହାସ୍ୟଜନକ ! "ଉତ୍କଳଦୀପିକା" ଲେଖିଥିଲେ···ବେଲୀ ସାହେବଙ୍କ ମତରେ···

"ଓଡ଼ିଆ ଭାଷା ପ୍ରଚଳିତ ସମସ୍ତ ଭୂମିଖଣ୍ଡକୁ ଏକ ଶାସନାଧୀନ କରିବା କଥା ହାସ୍ୟଜନକ ଅଟଇ । ବେହାରରେ ହିନ୍ଦୀଭାଷା ପ୍ରଚଳିତ । ସେଠା ଲୋକେ ହିନ୍ଦୀ ଭାଷା ଘେନ ଏହିପରି ପ୍ରାର୍ଥନା କରିପାରନ୍ତି ।"

ବେଲୀ ସାହେବଙ୍କ ଦରବାର ସମ୍ପର୍କରେ "ଉତ୍କଳ-ଦୀପିକା" କଠୋର ସମାଲୋଚନା କରି ଲେଖିଥିଲେ···

"ଆମ୍ଭେମାନେ ଏଥିପୂର୍ବେ କହିଅଛୁଁ ଯେ ଦରବାରକୁ ଆମନ୍ତ୍ରଣ ବିଷୟରେ ବଡ଼ ଅସନ୍ତୋଷ ଜାତ ହୋଇଥିଲା ଏବଂ ପଞ୍ଚ ଦରବାର ଦେଖିବାର ସ୍ପୃହାଟି ବାହାରିବା ହାରୁ ତାହା ଆଂଶିକ ସଂଶୋଧନ ହୋଇଥିଲେହେଁ ଯେଉଁ ଦେଶୀୟ ଲୋକମାନେ ଦରବାରରେ ଉପସ୍ଥିତ ହେଲେ ସେମାନେ ମାନ୍ୟବରଙ୍କ ବକ୍ତୃତା ଶୁଣି ଅତ୍ୟନ୍ତ ହତାଶ ହେଲେ । ଦରବାର ଗୋଟିଏ ବୃହତ ରାଜକୀୟ ବ୍ୟାପାର । ରାଜା ପ୍ରଜାଙ୍କର ସମ୍ମିଳନ ଏବଂ ପରସ୍ପର ସହାନୁଭୂତି ପ୍ରଦର୍ଶନର ସ୍ଥାନ ଅଟଇ । ପ୍ରଜା ରାଜାଙ୍କ ଠାରେ ରାଜଭକ୍ତି ଦେଖାଇବେ ଏବଂ ରାଜା ଦୟା ଓ ଉପଦେଶପୂର୍ଣ୍ଣ ବାକ୍ୟ ଦ୍ୱାରା ପ୍ରଜାଙ୍କୁ ଆପ୍ୟାୟିତ କରିବେ । ଏ ଦରବାରରେ ତାହା କିଛି ଦେଖାଗଲା ନାହିଁ । ସାର ଷ୍ଟିବାର୍ଟ ବେଲୀ ଦରବାରରେ ଯାହା କହିଲେ, ତହିଁରୁ ଜଣାଗଲା ଯେମନ୍ତ ଉତ୍କଳ-ସଭା ଅଭିନନ୍ଦନ ପତ୍ର ଦେଇ ନଥିଲେ ତାହାଙ୍କର ଆଦୌ କିଛି କହିବାର ନଥିଲା ଏବଂ ତହିଁ ଉତ୍ତରରେ ଯାହା କହିଲେ ତାହା ସମୟୋଚିତ ବା ସୁରୁଚିପୂର୍ଣ୍ଣ ବୋଲି ବୋଲି ଯାଇ ନପାରେ । ଆମ୍ଭେମାନେ ସ୍ୱୀକାର କରୁ ଯେ, ସେ କୂଟ ରାଜନୈତିକଙ୍କ ପରି କଥା ନକହି ଆପଣା ମନର ଚିନ୍ତା ସରଳ ଭାବରେ ପ୍ରକାଶ କରି ଅଛନ୍ତି । ଏକଥା ପ୍ରଶଂସନୀୟ । ମାତ୍ର ଏହାଦ୍ୱାରା ଅପ୍ରିୟ ବାକ୍ୟର ଔଚିତ୍ୟ ସମ୍ପାଦିତ ହୋଇ ନପାରେ । ଆଦୌ ସମ୍ବାଦପତ୍ର ଦରବାରକୁ ଆମନ୍ତ୍ରିତ ହୋଇ ନଥିଲା ଏବଂ ଅଭିନନ୍ଦନପତ୍ରରେ ତହିଁର କିଛି ପ୍ରସଙ୍ଗ ନଥିଲା । ସମ୍ବାଦ-

ପଦକୁ ଆକ୍ରମଣ କରିବାର କି ପ୍ରୟୋଜନ ହେଲା ଆମ୍ଭେମାନେ ବୁଝି ପାରୁ ନାହୁଁ । ଉତ୍କଳ ସଭାରୁ ଯେଉଁମାନେ ଅଭିନନ୍ଦନ ପତ୍ର ପ୍ରଦାନ କଲେ ସେମାନେ ସମ୍ଭ୍ରାନ୍ତ ବ୍ୟକ୍ତି । ତାହାଙ୍କ ସହିତ ପୂର୍ବଦିନ ଠାରୁ ମାନ୍ୟବର ମହୋଦୟଙ୍କର ପରିଚୟ ହୋଇଥିଲା । ସେମାନେ ଅନ୍ନକଷ୍ଟର ଆଶଙ୍କା ଥିବା କଥା କହିବାରୁ ପୂର୍ବଦିନ ସେ ସମ୍ପର୍କରେ ଅନ୍ୟ କେହି ଭଦ୍ରଲୋକ ଗୋଟାଏ ଅସଙ୍ଗତ କଥା କହିଥିଲା ବୋଲି ତହିଁର ଦାୟିକା ସେମାନଙ୍କୁ ଦେବା କି ଉଚିତ ବା ସୁରୁଚିପୂର୍ଣ ହେଲା ? ମହୋଦୟ ଯେମନ୍ତ ଭାବରେ କଥା କହିଲେ ତହିଁରୁ ସ୍ପଷ୍ଟ ଜଣାଗଲା କି ଅନୁକୂଳ ଦୁର୍ଭିକ୍ଷ ପ୍ରସଙ୍ଗରେ ଶ୍ରୀଯୁକ୍ତ କମିଶ୍ନର ସାହେବ ଉତ୍କଳ ସଭାକୁ ଯେଉଁ ଉତ୍ତର ଦେଇଥିଲେ ଏବଂ ଯାହା ଆମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଅଛୁ ଠିକ୍ ସେହି ଭାବ ତାହାଙ୍କ ମନରେ ଲାଗି ଯାଇଅଛି । ଅର୍ଥାତ ସ୍ଥାନୀୟ ହାକିମଙ୍କ କଥାରେ ସେ ସମ୍ପୂର୍ଣ ନିର୍ଭର କରିଅଛନ୍ତି । ଲୋକଙ୍କର ଭ୍ରମ ବୁଝି ପାରିଲେ ଉପଦେଶ ବାକ୍ୟ ଦ୍ୱାରା ତାହା ସଂଶୋଧନ କରିଥାନ୍ତେ । ଅନ୍ନକଷ୍ଟର ନାମ ଶୁଣି ଖଡ୍ଗହସ୍ତ ହେବା ସୁବିଚାର ହୋଇନାହିଁ । ଅନ୍ନକଷ୍ଟ କେହି ଲୋଡ଼ନ୍ତି ନାହିଁ । ଠାବେ ଠାବେ ତହିଁର ଆଶଙ୍କା ହୋଇଅଛି ବୋଲି ଲୋକେ ତାହା ଜଣାଇବାକୁ ବାଧ୍ୟ ହୋଇଅଛନ୍ତି ଏବଂ ଯେ ସ୍ଥଳେ ମାନ୍ୟବର ମହୋଦୟ ତହିଁର ତଦନ୍ତ ନିମିତ୍ତ ଆସିଅଛନ୍ତି ଏବଂ ନାନା କାର୍ଯ୍ୟ ଦ୍ୱାରା ତାହାଙ୍କର ସଦୟ ହୃଦୟର ପରିଚୟ ଆମ୍ଭେମାନେ ପାଇଅଛୁଁ ସେ ସ୍ଥଳେ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ ଈଶ୍ୱର ନକରନ୍ତୁ କୌଣସି ଠାରେ ଅନ୍ନକଷ୍ଟ ଘଟିଲେ ସେ ପ୍ରାଣପଣେ ତହିଁର ପ୍ରତିକାର କରିବେ । ଆମ୍ଭମାନଙ୍କ ଗୁହାରି ପ୍ରତି ଟିକିଏ କର୍କଶ ଭାବର ଉତ୍ତର ହେଲା ବୋଲି ଆମ୍ଭେମାନେ ହତାଶ ହୋଇନାହୁଁ ବା ହେବୁନାହୁଁ । କେବଳ ଦରବାରରେ ସେପରି କଥା ଶୁଣିବାକୁ କଷ୍ଟ ହେଲା ବୋଲି ତାହା ଜଣାଇବାକୁ ବାଧ୍ୟ ହେଲୁ । × ×" । †

ଯେତେବେଳେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣର ପ୍ରସଙ୍ଗ ଉଠିଲା; ଲେଫଟେନେଣ୍ଟ-ଗଭର୍ଣ୍ଣର ସାର୍ ଷ୍ଟୁଆର୍ଟ କଲଭିନ୍ ବେଲ୍ଲି ତାହାକୁ ପଦପାଠେ ଖାରଜ୍ କରି କହିଦେଲେ " ରିଡ଼କ୍ୟୁଲସ " !...

ଲାଲବାଗ କୋଠୀରୁ ଫେରିବା ବେଳେ ଗୌରୀଶଙ୍କର ପଚାରିଲେ..." ଏହାପରେ " ?

† ଉତ୍କଳ-ଦୀପିକା—ତା ୨୪ । ୧୧ । ୧୮୮୮ଇଂ

ମଧୁସୂଦନ ଗମ୍ଭୀର କଣ୍ଠରେ ଉତ୍ତର ଦେଲେ···

"Knock, knock and the door will be opened unto you"

× × ×

ଦରବାର ଶେଷରେ ଗ୍ରେଟଲାଟ କାଠଯୋଡ଼ି ଘାଟଠାରୁ ବଗି ଡାକରେ ଖୋରଧାକୁ ଯାତ୍ରା କଲେ ।

ଝଡାସ୍ତୁ-ସମ୍ଭାଷଣର ପାଲି ଓ ସଲାମୀ ତୋପର ଆଓ୍ୱାଜ ବଗୀ-ଡାକର ଧୂଳି ଘୂର୍ଣ୍ଣୀ ମଧ୍ୟରେ ନୀରବ ହୋଇଗଲା ! କିନ୍ତୁ ଏହାପରେ ଗ୍ରେଟଲାଟ ବେଲୀଙ୍କ କଟକ-ଆଗମନକୁ ବହୁବର୍ଷ ଧରି ଲୋକସ୍ମୃତିରେ ଜାଗ୍ରତ କରି ରଖିଥିଲା, ବାଙ୍କୀ ପଣ୍ଡିତ ଗୋବିନ୍ଦରଥଙ୍କ "ଲାଟଦର୍ଶନ" ପଦ୍ୟ । ବଶମ୍ବଦତାର ଆବରଣ ତଳେ, ପ୍ରଖର ବଦ୍ରୂପରେ ଏପରି ଦୁର୍ବିନୀତ ପ୍ରଚଣ୍ଡ କଟାକ୍ଷ, ଊନବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ଇତିପୂର୍ବେ ଆଉ ଶୁଣା ନଥିଲା । ରାଧାନାଥଙ୍କ 'ଦରବାର'ର ବହୁ ପୂର୍ବରୁ ଏହା ଥିଲା ସର୍ବପ୍ରଥମ, ସାର୍ଥକ ସାଟାୟାର :—

।। ପ୍ରଥମ ଶ୍ଳୋକ ।। ଅଭ୍ୟର୍ଥନା ।।

" ନ୍ୟାୟଶୀଳ ଲାଟ ଷ୍ଟିଓ୍ୱାର୍ଟ ଆସ ଆସ ଉତ୍କଳେ
ଦେଖିବାକୁ ଥିଲା ବାସନା ଆଜି ଫଳିଲା ଫଳେ ।।
ତବ ଦରଶନେ ଆନନ୍ଦ ଉପୁଜଇ ଅନ୍ତରେ
ରାଜା ପ୍ରଜାଙ୍କ ଯେବେ ସଂସାର କିବା ଅଛି ଅନ୍ୟରେ ।।
ଚିର ପ୍ରଚଳିତ ବଚନ ରାଜା ପ୍ରଜା ମଧ୍ୟରେ
ରହିଥିଲେ ସୁଖି ମିଳନ ଲକ୍ଷ୍ମୀ ରହନ୍ତି ଘରେ ।।
ଯେଉଁ ରଜା ପ୍ରଜା ଉପରେ ଘୃଣାଭାବ ପତନ
କରନ୍ତି ସେଠାରେ କମଳା ହୋନ୍ତି ବିଷଣ୍ଣ ମନ ।।
ଦରିଦ୍ର ଉତ୍କଳ ଭବନେ କୋଟି କୋଟି ମାନବ
ସୂତକ ପରାଏ ସ୍ୱହାନ୍ତି ଆଜି ବଡ଼ ଉତ୍ସବ ।।
ଆମ୍ଭ ଭାଗ୍ୟେ ଆଜି ଘଟିଲା ଅନ୍ଧକାର ଉତ୍କଳ
ରାଜ କରଣରେ ଭୂଷିତ ହୋଇ ଦଣେ ଉଜ୍ଜ୍ୱଳ ।।
ମହାମାନ୍ୟ ଲାଟ ଷ୍ଟୁଓ୍ୱାର୍ଟ କମିଶନ ପୁରରେ
ଆମୋଦ ଭୋଜନ କଷ୍ଟିତ କାଳ କାଟ ସୁଖରେ ।।

ଅନ୍ତ ସ୍ଥାନ ଆମ୍ଭେ ପରଜା ଦେବୁଁ କି ଉପହାର
ପେଟର ଜ୍ୱାଳାରେ ବ୍ୟାକୁଳ ଘଟିଅଛି ବିକାର ॥
ଦେଶ ପ୍ରଚଳିତ ନିୟମେ ରାଜଭେଟି ବସ୍ତୁର
କାଠଯୋଡ଼ୀ ଗର୍ଭ ତୋଳଣ କାଚନିର୍ମିତ ବାର ॥
ଆଞ୍ଜୁଳିଏ ଜଳ ଉତ୍ସର୍ଗ କଲୁଁ ତୁମ୍ଭ ନାମରେ
ଓଡ଼ିଆଙ୍କ ଉପହାର ଏ ମଣ ହୃଦପଦ୍ମରେ ॥
ଉଦାର ପ୍ରକୃତି ରାଜାଙ୍କ ପାଶେ ଆଶା ନିଶ୍ଚୟ
ଏ ଜଳ ଆଞ୍ଜୁଳି ହୋଇବ କୋଟିନିଧି ଆଳୟ ॥

॥ ଦ୍ୱିତୀୟ ସ୍ତୋକ ॥ ନଗର ବର୍ଣ୍ଣନା ॥

କି ଅପୂର୍ବ ଶୋଭା ଧରିଲା ରାଜଧାନୀ କଟକ
ନହବତ ବାଜା ବାଜିଲା ସୁରଙ୍ଗେ ଚମକ ॥
ରାଜ ରାଜୁଡ଼ାରୁ ଆସିଲେ ପୂରିଗଲା ନଗରୀ
ଲାଟଦରଶନେ ଭ୍ରମୁଛି ନରସ୍ରୋତ ଲହରୀ ॥
ରାଜମାନେ ଜର ଆସିଲେ ଲାଲପଗଡ଼ିଶିର
ଅଶ୍ୱରଥ ଚଢ଼ି ନଗର କଲେ ଅତି ରୁଚିର ॥
ତୈଳ ବିବର୍ଜିତ ଜଟିଳ କେଶଧାରୀ ପରଜା
ଆବାକାବା ହୋଇ ଚାହାନ୍ତି ସ୍ୱର୍ଗ ଭାବନ୍ତି ରଜା ॥
ବଲ୍ଲମ ବନ୍ଧାରୀ ପାଇକେ ନିଶେ ହାତ ପକାଇ
ଇଷ୍ଟାସ୍ତ୍ରମନ୍ତ୍ର ପ୍ରାସ୍ତେ ରହିଲେ ରାଜମାର୍ଗକୁ ଘେରି ॥
ଦ୍ୱାରେ ଦ୍ୱାରେ କେତେ ଝୁଲୁଛି ନବ ତୋରଣ ମାଳ
ରମ୍ଭା ତରୁ ଉଭା ହୋଇଛି ପୂର୍ଣ୍ଣକୁମ୍ଭର ଜାଳ ॥
ସ୍ଥାନେ ସ୍ଥାନେ ଶୋଭା ଫଟକ ଚକ୍ଷୁ ରଞ୍ଜନ କରେ
ମଙ୍ଗଳ ବଚନ ଲିଖିତ ତହିଁ ସ୍ୱର୍ଣ୍ଣ ଅକ୍ଷରେ ॥
ବୃହତ୍ ଝଣ୍ଡା ଉଡ଼େ କେତନ ଧୀରେ ବାୟୁ ଲହରେ
ଶୁଭ ଚିହ୍ନ ସବୁ ଅଙ୍କିତ ଘରଆଗେ ନଗରେ ॥
କଳାକାନ୍ତି ଧଳା ଧରିଲା ଦଶା ହୋଇଲା ଦୂର
ଉପଗତ ହେବୁ କଟକେ ଲାଟ ଶ୍ରୀ ବାହାଦୁର ॥

॥ ତୃତୀୟ ସ୍ତୋକ ॥ ଆତ୍ମନିବେଦନ ॥

ଅସମୟେ ଲାଟ ଆସିଲେ ମନ ହେବ ବିକଳ
ସୌଭାଗ୍ୟେ ବର୍ଷକୁ ଦେଖିଲୁ ଅଛି ଚର୍ମ କେବଳ ॥

ଇନ୍ଦ୍ର କୋପାନଳେ ସର୍ବଙ୍କୁ ଅନାବୃଷ୍ଟି ଜନିତ
ଦୁର୍ଭିକ୍ଷ ଜନ୍ମିଲା ଦେଶରେ ଅନ୍ନକଷ୍ଟ ପୀଡ଼ିତ ।।
କି କହିବୁଁ ସେହି ଦୁର୍ଦ୍ଦଶା ମନ ଅତି ବ୍ୟାକୁଳ
ଅପ୍ରାପ୍ତ ଐଶାନ୍ୟ କୋଣକୁ ଦୁଧ ଉଆ ଚାଉଳ ।।
ତୁମ୍ଭେ ଲାଟ ବଡ଼ ଦୟାଳୁ ଅଛ କର୍ଣ୍ଣଗୋଚର
ଆଶାବାନ୍ଧି ତେଣୁ ଆସିଛୁ ଆଜି ତୁମ୍ଭ ପାଶର ।।
କହିବାକୁ ବଡ଼ ବାସନା ଉଠୁ ନାହିଁ ରସନା
ବିଲାତେ ଚାଉଳ ରପ୍ତାନି କରି ଦିଅନ୍ତୁ ମନା ।।
ବିଚାର ବନ୍ଦିରେ ଆତୁର ହେଉଁ ବଡ଼ କାତର
କୋର୍ଟଫିସ୍ ପୀଡ଼ା ଦେହରୁ ରକ୍ତ ଶୋଷେ ପ୍ରଖର ।।
ବିଲାତି ଆଇନ ଜାଲରେ ହୋଇଅଛୁଁ ବନ୍ଧନ
ଦେଶଉପଯୋଗୀ ଆଇନେ କର ପ୍ରଜାଶାସନ ।।
ଶସ୍ତ୍ର ଆଇନରେ ଆମ୍ଭର ନୁହେଁ ଶସ୍ୟ ରକ୍ଷଣ
ବିଚାର କପଟ କରିବୁ ତୁମ୍ଭେ କର ପ୍ରଦାନ ।।
ଦିନୁ ଦିନ କର ବଢ଼ିଲା ହେଲା ଅତି ଦୋହନ
ନାନାବାଟେ ଧନ ଚାଲିଲା କ୍ରମେ ହେଉଁ ପତନ ।।
ସଂସାର ଚଳିବା ଏଣିକି କ୍ରମେ ହେଲା କଠିନ
ବଡ଼ଲୋକ ଠାରୁ ସାନଟି ଯାଏ କଷ୍ଟ ଭାଜନ ।।
ବିଲାତ ବିଲାସ ଦରବେ ଧନ ଗଲା ବହୁତ
ଦେଶୀ କାରିଗରେ ଆକାଶ ଚାହିଁ ହେଲେଣି ଭୀତ ।।
ଏ ସବୁରେ ପ୍ରତିବିଧାନ ନକରିଲେ ତୁରିତ
ଜାଣି ଥାଅ ଲାଟ ନିଶ୍ଚୟ ପ୍ରଜା ହେବେ ବଞ୍ଚିତ ।।
ଆମ୍ଭର କି ଚାରା ଆମ୍ଭେତ ମୂଆଁ ଘାସ ମାତର
ପରଜା ଦେଖଣ ରାଜନ ସିନା କରନ୍ତୁ ଘର ।।
ଟବଲ ବେଲ ବୋଲି ନମଣ ଏହା କେବେ ମନର
ସ୍ୱରୂପ ବଚନ ଏ ଅଟେ ଭବିଷ୍ୟତ ଗର୍ଭର ।।
ଗଞ୍ଜାମ ସମ୍ବଲପୁରର ଯୋଗ କଟକେ ଆଣି
କରିବାକୁ ପୂର୍ଣ୍ଣ ଚହୁଁଛି ଆମ୍ଭ ପ୍ରାର୍ଥନା ବାଣୀ ।।
ଗୋଜାତିର କୁଳବିନାଶ ହେଉଅଛି ସାଧନ
ଆଇନବଳରେ ଗୋଜାତି ରକ୍ଷା କର ବନ୍ଧନ ।।

ଭାରତର ନାନା ପ୍ରଦେଶେ ଚଳେ ଧୂମଶକଟ
ଉତ୍କଳ କପାଳେ କମ୍ପାଇଁ ଅଛି ଏତେ ସଙ୍କଟ ॥
ଦୁର୍ମୂଲ୍ୟ ହୋଇଛି ଲବଣ ବୃଦ୍ଧି ହେବାରୁ କର
ସମୁଦ୍ର ପାଣିକି ଏଣିକି ଲୋକେ ଦେବେ ଆଦର ॥
କେତୋଟି ଉତ୍କଳ ଚନ୍ଦ୍ରମା ପାଲଟିଣ ଖଷଯ
କଷିବାକୁ ଧନ ଅର୍ଜନ ପାଇବାକୁ ସୁଯଶ ॥
ଜଗନ୍ନାଥପୁରେ ବାଞ୍ଛନ୍ତି ଗାଇଖାନା ଟିକସ
କରନ୍ତୁ ଭୃଗୁଙ୍କ ଆଶ୍ରମ ଟଳାଇବା ମାନସ ॥
ଏ କଥା ଘଟିଲେ ପଡ଼ିବ ହିନ୍ଦୁଧର୍ମେ ଆଘାତ
ପ୍ରାର୍ଥନା କରୁଛୁ ହେ ଲାଟ ଘଟାଇବ ବ୍ୟାଘାତ ॥
ଆହୁରି ଗୋଟିଏ ସାମାନ୍ୟ କଥା ଦୁଃଖ ହେତୁରେ
କହିବାକୁ ମନ ବଳଇ ଆଜ ତୁମ୍ଭ ଛାମୁରେ ॥
ଦରବାର ନିମନ୍ତ୍ରଣରେ ଦେଶୀଙ୍କର ଲାଞ୍ଛନା
ତହିଁରେ ହେବକି କଟକେ ଅନୁସନ୍ଧାନମନା ॥
ବିଦାୟ ନେଉଛୁ ହେ ଲାଟ ଓଡ଼ିଆଙ୍କ ଉପରେ
ଦୟା ରଖିଥିବ କାଖିରେ ତବ ଉଚ୍ଚ ହୃଦରେ ॥'' *

( ବାର )

ଆଲ୍ଲାହାବାଦ କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ଉତ୍କଳ-ସଭାର ପ୍ରତିନିଧି ଦଳର ତାଲିକାଟି ଏଥର ବେଶ୍ ଲମ୍ବା ହୋଇଥିଲା । ତାଲିକାଟି ଉପରେ ଆଖି ବୁଲାଇବା ମାତ୍ରେ ମଧୁସୂଦନଙ୍କ ଶୀର୍ଣ୍ଣ ମୁହଁରେ ସନ୍ତୋଷର ଗୋଟିଏ ସ୍ମିତରେଖା ଉକୁଟି ଉଠିଲା । ତାଲିକା ଆରମ୍ଭ ହୋଇଥିଲା, ବହାଲିଲାଲ ପଣ୍ଡିତଙ୍କ ଠାରୁ, ଶେଷ ହୋଇଥିଲା ମୁନସୀ ମହମଦ୍ ଅଖତାର୍‌ଙ୍କ ଠାରେ ! † ଉତ୍କଳ ସଭାର ଯେଉଁ ବୈଠକରେ

* ଉତ୍କଳ-ଦୀପିକା ତା ୨୪ । ୧୧ । ୧୮୮୮ ଈଖ

† ଆଲ୍ଲାହାବାଦ୍ ଅଧିବେଶନରେ ପ୍ରତିନିଧିରୂପେ ଯୋଗଦେବା ପାଇଁ ନିମ୍ନ ପ୍ରତିନିଧି ମାନଙ୍କ ନାମ ପ୍ରସ୍ତାବିତ ହୋଇଥିଲା;—ବିହାରୀ ଲାଲ ପଣ୍ଡିତ, ଜଗମୋହନ ରାୟ, ଶ୍ୟାମ ସୁନ୍ଦର ରାଜଗୁରୁ, ମଧୁସୂଦନ ଦାସ, ରାମସେନ୍, ମୁନସୀ ସୁଲତାନ୍ ଅହମଦ୍ ଓ ମୁନସୀ ମହମଦ୍ ଅଖତାର୍ ।

ପ୍ରତିନିଧି-ତାଲିକା ଚୂଡ଼ାନ୍ତ ହୋଇଥିଲା, ସେଥିରେ ଅସୁସ୍ଥତା ବଶତଃ ମଧୁସୂଦନ ଯୋଗଦେଇ ପାରି ନଥିଲେ । ପୁରୁଣା କଲିକ୍-ବ୍ୟାଧିଟା ଗତ କେତେଦିନ ହେବ, ତାଙ୍କୁ ପୁଣି ଶଯ୍ୟାଶାୟୀ କରି ରଖିଥିଲା ।

ଏବେ ତାଙ୍କ ଷ୍ଟଡ଼ିରେ ତାଲିକାଟି ଉପରେ ଆଖି ବୁଲାଇବା ବେଳେ, ସେଥିରେ ମୁସଲମାନ ସମ୍ପ୍ରଦାୟର ଦୁଇଜଣ ପ୍ରତିନିଧି ମୁନ୍‌ସୀ ସୁଲତାନ୍ ଆହମଦ୍ ଓ ମୁନ୍‌ସି ମହମଦ୍ ଅଖତାର୍‌ଙ୍କ ନାମ ଦେଖି ସେ ଆନନ୍ଦିତ ହୋଇ ଉଠିଥିଲେ । ସୟ୍ୟଦ ଅହମଦ୍‌ଙ୍କ ସାମ୍ପ୍ରଦାୟିକ ରାଜନୀତିର କଂଗ୍ରେସ-ବିଦ୍ୱେଷ ସତ୍ତ୍ୱେ ଏଥର ଓଡ଼ିଶାରୁ ଦୁଇଜଣ ମୁସଲମାନ ପ୍ରତିନିଧି ଯେ କଂଗ୍ରେସ ଅଧିବେଶନରେ ଯୋଗ ଦେବେ, ତାହା ତାଙ୍କ ପକ୍ଷରେ ସନ୍ତୋଷର କାରଣ ଥିଲା । ଓଡ଼ିଶାର ମୁସଲମାନ ସମ୍ପ୍ରଦାୟକୁ କଂଗ୍ରେସର ଜାତୀୟ ଆନ୍ଦୋଳନ ପ୍ରତି ଅନୁରକ୍ତ କରାଇବା ପାଇଁ ମଧୁସୂଦନ ମାନ୍ଦ୍ରାଜ ଅଧିବେଶନ ପର ଠାରୁ ଯେଉଁ ଉଦ୍ୟମ ଚଳାଇଥିଲେ, ଏବେ ତାହାର ସଫଳତାର ଏହି କ୍ଷୀଣ ସଙ୍କେତରେ ସେ ମନେ ମନେ ଉତ୍‌ଫୁଲ୍ଲ ହୋଇ ପଡ଼ିଥିଲେ ।

ଏହି ସମୟରେ ଜଗନ୍ନାଥ-ଥିଏଟର-କ୍ଲବର ସେକ୍ରେଟାରୀ କୃତ୍ତିବାସ ଷ୍ଟଡ଼ି ଭିତରକୁ ଆସିବା ମାତ୍ରେ ମଧୁସୂଦନ କହିଲେ···"ଜାଣିଛ କୃତ୍ତିବାସ ଏଥର କଂଗ୍ରେସ ଅଧିବେଶନକୁ ଏକା ସଙ୍ଗରେ ଯାଉଛନ୍ତି, 'ବିହାରି-କର୍ମକାଣ୍ଡ'ର ସ୍ମାର୍ତ୍ତ ବିହାରୀଲାଲ ପଣ୍ଡିତ ଆଉ ମୁନସୀ ମହମଦ୍ ଅଖତାର । ସେମାନଙ୍କ ସଙ୍ଗରେ ମଧ୍ୟ ଅଛନ୍ତି ପାଦ୍ରୀ ସାମସେନ୍ ରାଉତ ! ଏ ଗୋଟାଏ ସୁସମ୍ବାଦ ନୁହେଁ ?"

କୃତ୍ତିବାସ ରେଭେନ୍‌ସା କଲେଜର ଛାତ୍ର । ଜଗନ୍ନାଥ ଥିଏଟର-କ୍ଲବ୍‌ର ଅନ୍ୟତମ ପ୍ରତିଷ୍ଠାତା । କୃତ୍ତିବାସ ନିଜେ ଅବଶ୍ୟ ଅଭିନେତା ନଥିଲେ । ମାତ୍ର ଅଭିନୟର ଆୟୋଜନରେ ତାଙ୍କର ଉତ୍ସାହ ଥିଲା ପ୍ରଚୁର । ରାଜନୀତି ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା କିମ୍ବା ସେସବୁ ସେ ବୁଝୁନଥିଲେ । ସେ ସେଠାକୁ ଆସିଥିଲେ ଭିନ୍ନ ଉଦ୍ଦେଶ୍ୟରେ । ତେଣୁ ମଧୁସୂଦନଙ୍କ ଜିଜ୍ଞାସିତ ବିଷୟଟି ସୁସମ୍ବାଦ କି ଦୁଃସମ୍ବାଦ, ତାହା ବୁଝି ନପାରି ଅସ୍ୱସ୍ତି ପୂର୍ଣ୍ଣ ଭାବରେ ସେ କେବଳ ମୁଣ୍ଡ କୁଣ୍ଡାଇ ହେଉଥିଲେ ।

କୃତ୍ତିବାସ କହିଲେ "ଆମ୍ଭେମାନେ ଏକ ଭୟଙ୍କର ବିପଦରେ ପଡ଼ିଛୁ ସାର !"···କୃତ୍ତିବାସଙ୍କ କଣ୍ଠରେ ଆକସ୍ମିକ ବିପଦର ସୂଚନା !

ମଧୁସୂଦନ କହିଲେ···"କିନ୍ତୁ ମୁଁ କଣ ଭାବୁଛି ଜାଣ କୃତ୍ତିବାସ ?"

କୃତ୍ତିବାସ ଅସହାୟ କଣ୍ଠରେ ମୁଣ୍ଡ ହଲାଇ ହଲାଇ ଉତ୍ତର ଦେଲେ···"ନାଁ ସାର୍ ।"

ମଧୁସୂଦନ କହିଲେ···"ମୁଁ ଭାବୁଛି, ହାଉଡ଼ା ଷ୍ଟେସନରୁ ଏକା କମ୍ପାର୍ଟମେଣ୍ଟରେ ଯେତେବେଳେ ବାବୁ ବିହାରୀଲାଲ ପଣ୍ଡିତ ଆଉ ମୁନ୍‌ସୀ ମହମଦ୍ ଅଖତାର ଉଠିବେ, ସେତେବେଳେ ପରିସ୍ଥିତିଟା ହେବ କପରି ?"

କୃତ୍ତିବାସ ଏ ପ୍ରହେଳିକାପୂର୍ଣ୍ଣ କଥାର ଉଦ୍ଧ ବିସର୍ଗ ବୁଝି ନପାରି ଅସହାୟ କଣ୍ଠରେ କହିଲେ..."ଆମର ପରିସ୍ଥିତି ଯେ ଏଣେ ଆହୁରି ସଙ୍କଟପୂର୍ଣ୍ଣ ସାର୍ !"

···"କଣ ? ବ୍ୟାପାର କଣ ? ପୁଣି କେଉଁଠି ପୋଲିସ-କେସରେ ପଡ଼ିଲ ନାଁ କଣ ?"—ମଧୁସୂଦନ ପଚାରିଲେ ।

କୃତ୍ତିବାସ ଉତ୍ତର ଦେଲେ···"ପୋଲିସ୍-କେସ ଠାରୁ ଏହା ଆହୁରି ଭୟଙ୍କର ସାର୍ !"

ମଧୁସୂଦନ ବିରକ୍ତ କଣ୍ଠରେ କହିଲେ···**Ah ! do not waste my time !** ବ୍ୟାପାରଟା କଣ ଖୋଲି କୁହନା !"

କିନ୍ତୁ ବ୍ୟାପାରଟି କପରି ଆରମ୍ଭ କରାଯାଇ ପାରିବ, କୃତ୍ତିବାସ ତାହା ଭାବି ସ୍ଥିର କରି ପାରୁ ନଥିଲେ ।

ଜଗନ୍ନାଥ-ଥିଏଟର୍‌ର ତରୁଣ-ଗୋଷ୍ଠୀ ସେଦିନ ଊନବିଂଶ ଶତାବ୍ଦୀର କଟକ ସମାଜରେ ଥିଲେ ବିଦ୍ରୋହୀ "ଆଙ୍ଗ୍ରୀ" ସମ୍ପ୍ରଦାୟ । ଥିଏଟରରେ ସ୍କୁଲ କଲେଜର ଛାତ୍ରମାନେ ଅଭିନୟ କଲେ ସେମାନଙ୍କ ଭବିଷ୍ୟତ କ୍ଷତି ହେବା ଆଶଙ୍କାରେ ସେମାନଙ୍କୁ ଭିକ୍ଟୋରିଆ-ଆମେଚର-ଥିଏଟର୍ ଗୋଷ୍ଠୀର ମୁରବୀମାନେ ପ୍ରଶ୍ରୟ ଦେଉନଥିଲେ । ଶୁଚିବିଚାରବାଦୀ "ଉତ୍କଳ-ଦୀପିକା" ଲେଖିଥିଲେ···"ଏହା କି ସୁରୁଚି ପ୍ରଣୋଦିତ ଯେ ସାଧାରଣଙ୍କ ସମ୍ମୁଖରେ ସ୍କୁଲ ବାଳକ ଖେମଟା ନାଚ ନାଚିବେ ?"*

---

* ଉତ୍କଳ-ଦୀପିକା ତା ୨ । ୬ । ୧୮୮୮ ଖ୍ରୀ ।

ମୁରବିମାନଙ୍କର ଏସବୁ ପ୍ରତିରୋଧର ପ୍ରତିବାଦ ରୂପେ ସ୍କୁଲ କଲେଜର ଛାତ୍ରମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା···"ଜଗନ୍ନାଥ-ଥିଏଟର"। କୃତ୍ତିବାସ ତାହାର ଅନ୍ୟତମ କର୍ମକର୍ତ୍ତା ଥିଲେ । ସେମାନଙ୍କ ଆଡ୍‌ଡା ଥିଲା ନୂଆସଡ଼କରେ ଭୋଳ ବିଶ୍ୱାସଙ୍କ ଘର । ନାଟକ ଓ ଅଭିନୟରେ ଭୋଳାବିଶ୍ୱାସଙ୍କର ଆଗ୍ରହ ଯେପରି ଅପରିସୀମ ଥିଲା ଉତ୍ସାହ ଓ ପୃଷ୍ଠ-ପୋଷକତା ସେହିପରି ଥିଲା ଅମାପ ।

କୃତ୍ତିବାସ ଅବଶେଷରେ କହିଲେ···"ଭୋଳାବାବୁ ଆମକୁ ଶେଷରେ ମନା କରିଦେଲେ, ତାଙ୍କ ଘରେ ଆମେ ଆଉ ଅଭିନୟ କରି ପାରିବୁ ନାହିଁ । ଆମର "ଆଦର୍ଶ ସତୀ" ଆଉ "ଭଣ୍ଡ ଦଳପତି" ନାଟକ ମଉଳିର ହୋଇଗଲା ସାର୍ ।"

ମଧୁସୂଦନ ପଚାରିଲେ···"ତୁମେମାନେ ସେଥିରେ ଖେମ୍‌ଟା ନାଚିବ ପରା ?"···ବସ୍ତୁତଃ ଭୋଳ ବିଶ୍ୱାସ ତାଙ୍କ ଗୃହରେ ସେହି କାରଣରୁ ଅଭିନୟ ପାଇଁ ଅନୁମତି ଦେଇନଥିଲେ ।

କୃତ୍ତିବାସ କହିଲେ,···"କିନ୍ତୁ ବିନା ଖେମଟା ନାଚରେ ଭଣ୍ଡ-ଦଳପତି ନାଟକ ଉତ୍ତରିବ କିପରି ସାର୍ ?"

"ଭଣ୍ଡ ଦଳପତି ! ବାଃ, ନାଁଟାତ ବେଶ ଶାର୍ପ୍ । ତୁମ୍ଭେମାନେ ଠିକ୍ କରୁଛ କୃତ୍ତିବାସ । ଏ ଦଳପତି ମାନଙ୍କର ଭଣ୍ଡତାର ମୁଖା ନଫିଟାଇବା ପର୍ଯ୍ୟନ୍ତ ଦେଶ ବା ସମାଜ କାହାରି କଲ୍ୟାଣ ନାହିଁ ।" ମଧୁସୂଦନ ଉଚ୍ଛ୍ୱସିତ କଣ୍ଠରେ କହିଲେ, "ତୁମର ଏ ଅଭିନୟ ମୁଁ ନିଶ୍ଚୟ ଦେଖିବା ପାଇଁ ଆସିବି କୃତ୍ତିବାସ ।"

ସେତେବେଳର ଶିକ୍ଷିତ ହିନ୍ଦୁ ଯୁବକ ମାନଙ୍କର ଉଚ୍ଛୃଙ୍ଖଳତାକୁ ପରିହାସ କରି 'ଭଣ୍ଡ ଦଳପତି' ପ୍ରହସନ ରଚିତ ହୋଇଥିଲା । ଏଥିରେ ଖେମ୍‌ଟା-ନାଚର ଅନୁପାନ ଥିଲା ପ୍ରଚୁର ।

ମଧୁସୂଦନ କଲିକତାରେ ରହୁଥିବା ବେଳେ ନାସନାଲ୍-ଥିଏଟର-ଆନ୍ଦୋଳନ ମଧ୍ୟରେ ଜାତୀୟ ଜୀବନର ଉଦ୍‌ବୋଧନ ବେଶ୍ ଲକ୍ଷ୍ୟ କରିଥିଲେ । ସେଥିପାଇଁ କଟକ ଆସିବା ଦିନୁ କଟକରେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚର ଅଭାବ ସେ ଅନୁଭବ କରି ଆସୁଥିଲେ । ସେତେବେଳେ ବାବୁ କାଳୀ ବାନାର୍ଜି, ଭୋଳ ବିଶ୍ୱାସ ଓ ଲକ୍ଷ୍ମୀନାରାୟଣ

ରାୟ ଚୌଧୁରୀ ପ୍ରମୁଖ କେତେକ ବଙ୍ଗୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଘରେ ଅଭିନୟ ପାଇଁ କେତେକ ବ୍ୟବସ୍ଥା ଥିଲା । କିନ୍ତୁ ବିଭିନ୍ନ ଉପଲକ୍ଷରେ ସେମାନଙ୍କ ଘରେ ଯେଉଁ ନାଟକ ସବୁ ଅଭିନୀତ ହେଉଥିଲା, ସେସବୁ ମୁଖ୍ୟତଃ ଥିଲା ବଙ୍ଗଳା ନାଟକ । ସେଠାରେ ଓଡ଼ିଆ ନାଟକ ଅଭିନୀତ ହେବାର ସୁଯୋଗ ନଥିବାରୁ ତାହାର ଅଭିବ୍ୟକ୍ତି ବାଧାଗ୍ରସ୍ତ ହୋଇ ରହିଥିଲା । କଟକରେ ସେଥିପାଇଁ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚର ଅଭାବ ନାଟ୍ୟପ୍ରେମୀମାନେ ଅନୁଭବ କରି ଆସୁଥିଲେ ।

କେତେବର୍ଷ ତଳେ କଟକକୁ ଆସିଥିଲେ ଧାରବାରର ହିନ୍ଦୁ-ଥିଏଟର ଦଳ । ସୁଦୃଶ୍ୟ ଚିତ୍ରପଟ ସଂଯୋଜିତ ମଞ୍ଚ ନିର୍ମାଣ କରି ସେମାନେ କେତେକ ହିନ୍ଦୀ ପୌରାଣିକ ନାଟକ ଦେଖାଇଥିଲେ । "ଉତ୍କଳ-ଦୀପିକା" ଲେଖିଥିଲେ···"ଧାରବାର ହିନ୍ଦୁ ଥିଏଟର ଦଳ ଅଲ୍ପଦିନ ହେଲା ଏଠାରେ ପହଞ୍ଚି ଥିବାର ଆମ୍ଭେମାନେ ପୂର୍ବେ ଲେଖିଥିଲୁ । ସେମାନେ କଟକ ମ୍ୟୁନିସିପାଲ୍ ହାଟରେ ନିଜର ପାଞ୍ଚଶହ ଟଙ୍କା ବ୍ୟୟରେ ସୁପ୍ରଶସ୍ତ ନାଟ୍ୟଶାଳା ନିର୍ମାଣ କରି ସୋମବାର ଦିନ ଅଭିନୟ ଦେଖାଇଥିଲେ ।" * ଟିକେଟ୍‌ର ମୂଲ୍ୟ ମାତ୍ର ଚାରିଅଣା ଥିଲେହେଁ ଏ ଥିଏଟର ଦେଖିବା ପାଇଁ ବିଶେଷ ଦର୍ଶକ ସମାଗମ ହୋଇ ନଥିଲା । ତଥାପି ଏହି ଧାରବାର-ଥିଏଟରରୁ କଟକର ନାଟ୍ୟ ପ୍ରେମୀ ମାନଙ୍କ ମଧ୍ୟରେ ସହରରେ ଗୋଟିଏ ଆଧୁନିକ ମଞ୍ଚ ନିର୍ମାଣର ଭାବନା ଅନୁପ୍ରେରିତ ହୋଇ ଉଠିଥିଲା ।

୧୮୮୭ ସାଲରେ ମହାରାଣୀ ଭିକ୍ଟୋରିଆଙ୍କ ଜୁବିଲୀ ଉତ୍ସବ ଅବକାଶରେ କଟକ ସହରରେ ନାଟକ ଅଭିନୟର ଗୋଟାଏ ଧୂମ୍ ପଡ଼ିଯାଇଥିଲା । ସେତେବେଳେ କେତେକ ନାଟ୍ୟୋତ୍ସାହୀ ବ୍ୟକ୍ତି ଟିକେଟ ବିକ୍ରୀ କରି ବିକ୍ରୀଲବ୍ଧ ଅର୍ଥରେ ଗୋଟିଏ ସ୍ଥାୟୀ ମଞ୍ଚ ନିର୍ମାଣ ପାଇଁ ଉଦ୍ୟମ କରିଥିଲେ । ବାବୁ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଘରେ "ପାର୍ଥ-ବିଜୟ" ନାଟକ ଅଭିନୀତ ହୋଇଥିଲା । " ସ୍ଥାନୀୟ ସାନ ବଡ଼ ଇଂରେଜ କର୍ମଚାରୀ ଓ ସେମାନଙ୍କର ମେମ୍ ମାନେ ଓ ଦେଶୀୟ ସମସ୍ତ ଶ୍ରେଣୀର ସମ୍ଭ୍ରାନ୍ତ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ମାତ୍ର ଅଭିନେତା ମାନେ ଗୋଟିଏ ସ୍ଥାୟୀ

* ଉତ୍କଳ-ଦୀପିକା—ତା ୧୩ । ୧ । ୧୮୮୩ ଇସ୍ତ

ନାଟ୍ୟଶାଳା ସ୍ଥାପନ କରିବା ଉଦ୍ଦେଶ୍ୟରେ ଟିକେଟ ବିକ୍ରୟର ବ୍ୟବସ୍ଥା କରିଥିଲେହେଁ, ଆଶାନୁଯାୟୀ ଅର୍ଥ ସାହାଯ୍ୟ ଜୁଟି ପାରିଲା ନାହିଁ ।" †

"ଓଡ଼ିଆ ନାଟ୍ୟକଳା"ର ପ୍ରଣେତା ଅଧ୍ୟାପକ ଗିରିଜାଶଙ୍କର ରାୟ ଲେଖିଛନ୍ତି··· "ଏହି ସମୟରେ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନ କରିବା ଦିଗରେ ଉତ୍କଳର ବରପୁତ୍ର ଶ୍ରୀ ମଧୁସୂଦନ ଦାସଙ୍କର ଉତ୍ସାହ ଜାତ ହୋଇଥିଲା ଓ କଟକ ନଗରରେ ତାଙ୍କର ଅର୍ଥାନୁକୂଲ୍ୟରେ ତାଙ୍କର ଘର ଠାରେ ଗୋଟିଏ ସ୍ଥାୟୀ ନାଟ୍ୟଶାଳା ନିର୍ମିତ ହୋଇଥିଲା । ତା୧୭ରିଖ ଡିସେମ୍ବର ୧୮୮୭ ମସିହାରେ ଏହି ନାଟ୍ୟଶାଳାରେ ସୌଖୀନ ଅଭିନେତାମାନେ "ହରିଶ୍ଚନ୍ଦ୍ର" ନାଟକର ଅଭିନୟ କରିଥିଲେ । ଉତ୍କଳର ନାନା କ୍ଷେତ୍ରରେ ମଧୁସୂଦନ ଯେପରି ଅଗ୍ରଣୀ ଏ କ୍ଷେତ୍ରରେ ମଧ୍ୟ ସେହିପରି ସେ ଅଗ୍ରଣୀ । ତାଙ୍କରି ଉତ୍ସାହ ଓ ଅକାତର ଅର୍ଥବ୍ୟୟରୁ ସ୍ଥାୟୀ ନାଟ୍ୟଶାଳା ସ୍ଥାପିତ ହୋଇଥିଲା ଏବଂ ନାଟ୍ୟକାରମାନେ ନୂତନ ନାଟକ ଲେଖିବାରେ ଓ ଅଭିନେତାମାନେ ଅଭିନୟରେ ଉତ୍କର୍ଷ ସାଧନ କରିବାରେ ସଚେଷ୍ଟ ହୋଇଥିଲେ ।" *

ଓଡ଼ିଆ ନାଟକର ଅଭିବ୍ୟକ୍ତିରେ ମଧୁସୂଦନଙ୍କ ଅବଦାନ, ତାଙ୍କ ରାଜନୈତିକ—ଜଟିଳ ଜୀବନର ଏକ ଅନାବିଷ୍କୃତ ଦିଗ । ସଙ୍ଗଠନ ଓ ସମାଲୋଚନା ଦ୍ୱାରା ଓଡ଼ିଆ ନାଟକକୁ ମାର୍ଜିତ ଓ ଏହାର ସ୍ତର ଉନ୍ନତ କରିବାରେ ସେ ଯଥାର୍ଥରେ ପଥିକୃତ ଥିଲେ । *

ରାଜନୀତି ଆଜି ଅବଶ୍ୟ ବ୍ରୋକରଧର୍ମୀ ମାମଲତକାର ମାନଙ୍କର ଅମାର୍ଜିତ କୂଟ କୌଶଳ ଓ ପ୍ରଚୁରସର୍ବସ୍ୱତାରେ ପର୍ଯ୍ୟବସିତ ହୋଇଅଛି । ସେଥିପାଇଁ ବ୍ରୋକରସ୍ ଓ ବସେସ (Brokers and Bosses) ଧର୍ମୀ-ରାଜନୀତିରେ, ଜନନେତାମାନଙ୍କ ଠାରେ ସାହିତ୍ୟ, ସୁରୁଚି ଓ ବୌଦ୍ଧିକତା ସେମାନଙ୍କର ଅବଗୁଣ ରୂପେ ବିବେଚିତ ହେଉଅଛି । ରାଜନୀତି ପ୍ରତି ବୁଦ୍ଧିଜୀବୀମାନେ ଆଉ ଆକୃଷ୍ଟ ହେଉ ନଥିବାର ଏହା ଏକ ପ୍ରଧାନ କାରଣ । ମାତ୍ର ଭାରତୀୟ ରାଜନୀତିର ପୂର୍ବସୂରୀମାନେ ଏକାଧାରରେ ଥିଲେ

† ଓଡ଼ିଆ ନାଟ୍ୟକଳା—ଶ୍ରୀ ଗିରିଜାଶଙ୍କର ରାୟ, ପୃ. ୭୧

* ତତ୍ରୈବ—ପୃ ୭୧

* ତତ୍ରୈବ—ପଞ୍ଚମ ପରିଚ୍ଛେଦ

—କବି, ଲେଖକ, ଐତିହାସିକ, ବାଗ୍ମୀ, ଶିଳ୍ପୀ, ସେବକ, ସାମ୍ବାଦିକ ଓ ଜନନେତା । ଜାତୀୟ ଜୀବନର ସର୍ବତୋମୁଖୀ ଉଜ୍ଜୀବନ ପାଇଁ ସେମାନଙ୍କୁ ଏକାଧାରରେ ସବୁ କିଛି ହେବା ପାଇଁ ପଡ଼ିଥିଲା । ସେହି ପରିପ୍ରେକ୍ଷୀରେ ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ଏ ସମସ୍ତ ବିଭବ ଅତି ସୁସ୍ପଷ୍ଟ ଥିଲା । ମଧୁସୂଦନ ସାହିତ୍ୟରୁ ପାଇଥିଲେ ଅନାବିଳ ଆବେଗ, ଇତିହାସରୁ ପାଇଥିଲେ ଜାତୀୟ ଅଭ୍ୟୁଦୟର ପ୍ରେରଣା ଓ କଳା ମଧ୍ୟରୁ ପାଇଥିଲେ ଶୈଳ୍ପିକ ଅଭିବୃଦ୍ଧିର ଯୋଜନା । ବସ୍ତୁତଃ ମଧୁସୂଦନଙ୍କ ଜୀବନୀ ଥିଲା ଏ ସବୁର ଏକ ସୁସଂବଦ୍ଧ ସମାହାର ।

ଭୋଳ ବିଶ୍ୱାସ ତାଙ୍କ ରଙ୍ଗମଞ୍ଚରେ ଅଭିନୟ ପାଇଁ, ଜଗନ୍ନାଥ-ଥିଏଟର୍ କ୍ଲବ୍‌କୁ ମନା କରିଦେବାରୁ, କୃତ୍ତିବାସ ନିରୁପାୟ ହୋଇ ମଧୁସୂଦନଙ୍କ ଦ୍ୱାରସ୍ଥ ହୋଇଥିଲେ, ତାଙ୍କ ମଞ୍ଚରେ ଅଭିନୟ ପ୍ରଦର୍ଶନର ଅନୁମତି ପାଇଁ । ଗୁଣ୍ଡମାନଙ୍କ ଚରିତ ନଷ୍ଟ ହେବା ଆଶଙ୍କା, ପୁଣି ଶୁଚିବାୟୀମାନଙ୍କର ଆକ୍ରମଣ ଭୟରେ ସେମାନଙ୍କ ପ୍ରତି କାହାରିଠାରୁ ସେତେବେଳେ କୌଣସି ସାହାଯ୍ୟ ମିଳିବାତ ଦୂରର କଥା; ସହାନୁଭୂତି ସୁଦ୍ଧା ମିଳି ପାରି ନଥିଲା ।

ମଧୁସୂଦନ କହିଲେ··· "ବେଶ୍ ତ, ତୁମେମାନେ ଆମ ରଙ୍ଗମଞ୍ଚରେ ଅଭିନୟ କର । ମୋର ଆପତ୍ତି ନାହିଁ । କିନ୍ତୁ ଗୋଟିଏ ସର୍ତ୍ତରେ, ବଙ୍ଗଳା ନାଟକ ତୁଳନାରେ ତୁମ ନାଟକ ଯେପରି ଊଣା ନପଡ଼େ !"

ଅବଶେଷରେ ମଧୁସୂଦନଙ୍କ ରଙ୍ଗମଞ୍ଚରେ "ଜଗନ୍ନାଥ-ଥିଏଟର" ଆଦର୍ଶ ସତୀ ଓ ଭଣ୍ଡ ଦଳପତି ଦୁଇ ରାତି ଅଭିନୟ କରିଥିଲେ । *

କିନ୍ତୁ 'ଭଣ୍ଡ-ଦଳପତି' ପ୍ରହସନର ଅଭିନୟ ଯୋଗେ ସହରର ମୁରବି ସମାଜରେ ଗୋଟାଏ ଭାରି ଆଲୋଡ଼ନ ସୃଷ୍ଟି ହୋଇ ଯାଇଥିଲା । ଅଧ୍ୟାପକ ଗିରିଜାଶଙ୍କର ରାୟ "ଓଡ଼ିଆ-ନାଟ୍ୟକଳା" ପୁସ୍ତକରେ ଲେଖିଛନ୍ତି ··"ରଙ୍ଗଭୂମିରେ ସ୍କୁଲ ବାଳକ ମାନଙ୍କର ବାରାଙ୍ଗନା ରୂପରେ ଖେମଟା ନାଚ ଅତ୍ୟନ୍ତ ରୁଚିବିଗର୍ହିତ ହୋଇଥିଲା ଓ ସର୍ବସାଧାରଣଙ୍କ ମଧ୍ୟରେ ଏହା ତୁମୁଳ ଆନ୍ଦୋଳନ ଜାତ କରିଥିଲା ।" †

---

* ଉତ୍କଳ-ଦୀପିକା — ୭।୧।୧୬।୧୮୮୮ଖ୍ରୀ

† ଓଡ଼ିଆ ନାଟ୍ୟକଳା — ପୃ. ୭୩

ଅଭିନୟ ପରେ ଗୌରୀଶଙ୍କର କହିଲେ··· "ତୁମେ କନ୍ତୁ ଜଗନ୍ନାଥ-ଥିଏଟରର ପିଲାମାନଙ୍କୁ ଏପରି ଉତ୍ସାହ ଦେବାଟା ଠିକ୍ ହେଲା ନାହିଁ ମଧୁ ! ଏଥିରେ ସେମାନଙ୍କର ଉଚ୍ଛୃଙ୍ଖଳତା ଆଉରି ବଢ଼ିଲା ସିନା !"

ମଧୁସୂଦନ କହିଲେ··· "ମାଷ୍ଟର ଡାଦା ! ଶହ ଶହ ବର୍ଷ ଧରି ଭୟ, ସଂକୋଚ, ଶାସନ ମଧ୍ୟରେ ଏ ଦେଶର ଯୁବକ ଅକାଳ ବୃଦ୍ଧ ପାଲଟିଛନ୍ତି । ସେମାନଙ୍କୁ ସମସ୍ତେ ଶିଖାଇଛନ୍ତି ଡରି ଡରି, ମୁଣ୍ଡମାଡ଼ି, ଆଗକୁ ହାତେ ମାପି ଦୁଇହାତ ପଛକୁ ଘୁଞ୍ଚିବା ପାଇଁ ! ସେମାନେ ଥରେ ଦୁର୍ବିନୀତ, ଦୁଃସାହସୀ, ଉଚ୍ଛୃଙ୍ଖଳ ହୁଅନ୍ତୁ ନାଁ ? କ୍ଷତି କଣ ?"

ମାତ୍ର ଗୌରୀଶଙ୍କର—ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପର ସପ୍ତାହରେ ମଧୁସୂଦନ "ଶିକ୍ଷିତ ପଣ୍ଡା—କ୍ଲବ୍"କୁ ଆମନ୍ତ୍ରଣ କରି ନିଜ ମଞ୍ଚରେ ରାମଶଙ୍କରଙ୍କ "କାଞ୍ଚିକାବେରୀ" ଅଭିନୟ କରାଇ ଥିଲେ । *

× × × ×

ଆହ୍ଲାହାବାଦ କଂଗ୍ରେସ ଅଧିବେଶନର ସମୟ ହୋଇଥିଲା । ଶେଷ ମୁହୂର୍ତ୍ତରେ ଶାରୀରିକ ଅସୁସ୍ଥତା ହେତୁ ମଧୁସୂଦନ ଆହ୍ଲାହାବାଦ ଅଧିବେଶନରେ ଯୋଗ ଦେଇ ପାରିନଥିଲେ । ଓଡ଼ିଶାରୁ ସେଥର ଯୋଗ ଦେଇଥିଲେ କେବଳ, ବାବୁ ରାମସେନ୍ ରାଉତ ଓ ମୁନ୍‌ସୀ ମହମଦ୍ ଆଖ୍‌ତାର ।

* ଉତ୍କଳ-ଦୀପିକା—ତା ୮।୧୨।୯୮ ଈ

# ନବମ ପରିଚ୍ଛେଦ

( ଏକ )

ସି. ଟି. ମେଟକାଫ୍ ଙ୍କ ପରେ ଓଡ଼ିଶା ଡିଭିଜନ୍ ର କମିସନର୍ ପଦରେ ନିଯୁକ୍ତ ହୋଇ ଆସିଥିଲେ ଐତିହାସିକ ଜର୍ଜ ଟୟୁନ୍ ବୀ । ସେତେବେଳେ ଓଡ଼ିଶା ଶାସନରେ କମିସନର୍ ହିଁ ଥିଲେ ସର୍ବମୟ କର୍ତ୍ତା । କମିସନର ଥିଲେ ପୁଣି ଓଡ଼ିଶା ଗଡ଼ଜାତ-ମାହାଲ ମାନଙ୍କର ସୁପରିଣ୍ଟେଣ୍ଡେଣ୍ଟ୍···ହର୍ତ୍ତା କର୍ତ୍ତା ବିଧାତା ! କମିସନରଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ଗଡ଼ଜାତ ରାଜାମାନେ ଉଠ୍ ବସ୍ ହେଉଥିଲେ । ଗଡ଼ଜାତ ରାଜାମାନଙ୍କର ତଥାକଥିତ ସାର୍ବଭୌମତ୍ୱ ସୀମିତ ଥିଲା କେବଳ ବହୁସ୍ଫୀତ ନିଷ୍ଫଳ ଆସ୍ଫାଳନରେ, ସେମାନଙ୍କ ପାହାଡ଼ଜଙ୍ଗଲଘେରା 'ରାଜ୍ୟ' ମାନଙ୍କରେ··· କାହା ରାଜ୍ୟ ଷାଠିଏ କୋଶ; କାହାର ବା ବିଶାଶହେ ! ମାତ୍ର ସେମାନଙ୍କ ଠାରେ ସାମାନ୍ୟ ଅବାଧତାର ଲକ୍ଷଣ ପ୍ରକାଶ ପାଇଲେ, ଅଥବା ସେମାନଙ୍କ ବିରୁଦ୍ଧରେ ପ୍ରଜାପାଟକଙ୍କ ଠାରୁ କୁଶାସନର ଅଭିଯୋଗ ଉଠିଲେ; ସେମାନଙ୍କୁ ରାଜ୍ୟଚ୍ୟୁତ କରିବା ପାଇଁ କମିସନର୍ ମାନଙ୍କୁ ମୁହୂର୍ତ୍ତେ ବିଳମ୍ବ ଲାଗୁନଥିଲା ! ଏହିପରି ଭାବରେ କମିସନର୍ ମାନେ ବ୍ରିଟିଶସାମ୍ରାଜ୍ୟର ପ୍ରତିଭୂ ରୂପେ ଓଡ଼ିଶାରେ ଥିଲେ ସର୍ବଶକ୍ତିମାନ୍ ।

କମିସନର୍ ମେଟକାଫ୍ ଙ୍କ ସହିତ ମଧୁସୂଦନଙ୍କର ଥିଲା ଅଭିନ୍ନ ବନ୍ଧୁତା । ମଧୁସୂଦନ ବୁଝିଥିଲେ, ଓଡ଼ିଶାର କଲ୍ୟାଣ ଦୃଷ୍ଟିରୁ ଇଂରେଜ ଶାସନକର୍ତ୍ତା ମାନଙ୍କ ସହିତ ସୁସମ୍ପର୍କ ସ୍ଥାପନର ଆବଶ୍ୟକତା । ବନ୍ଧୁତ୍ୱର ଅନ୍ତରଙ୍ଗତ ସମ୍ପର୍କ ମଧ୍ୟରେ ଅନେକ କାର୍ଯ୍ୟ କରାଇ ପାରିବା ସମ୍ଭବ; ଶାସନର ନିୟମ, କାନୁନ୍ ଓ ବିଧିବିଧାନ ମଧ୍ୟରେ ଯାହା ସୁଗମ ନଥିଲା ।

୧୮୮୮ ସାଲ ମାର୍ଚ୍ଚ ମାସରେ ମେଟକାଫ୍ ଓଡ଼ିଶାରୁ ବିଦାୟ ନେଇଗଲେ । ସେହି ଉପଲକ୍ଷରେ ମଧୁସୂଦନ ଆୟୋଜନ କରିଥିଲେ

ବଦାନ୍ୟ-ସମ୍ବର୍ଦ୍ଧନା । ଏଥିପାଇଁ ଶୁଦ୍ଧ୍ଆ, ଫୁଲର ସତରଞ୍ଜି, ଗୋସନାଇ ପ୍ରଭୃତିର ସୁବନ୍ଦୋବସ୍ତ କରି ତାଙ୍କର ତେର ବ୍ୟୟ ହୋଇଥିଲା ।'' †

ସମାରୋହଟି ମନୋରଞ୍ଜକ ହୋଇଥିଲେହେଁ ତାହା କିନ୍ତୁ କେତେକ ମହଲରେ ତୀବ୍ର ଭାବରେ ସମାଲୋଚିତ ହୋଇଥିଲା । ଏପରିକି 'ଉତ୍କଳ-ଦୀପିକା' ସୁଦ୍ଧା ମେଟକାଫ୍‌ଙ୍କ ବଦାନ୍ୟ-ସମ୍ବର୍ଦ୍ଧନା ପାଇଁ ମଧୁସୂଦନଙ୍କ ତୀବ୍ର ସମାଲୋଚନା ପାଇଁ କୁଣ୍ଠିତ ହୋଇ ନଥିଲେ । ତଥାପି 'ଦୀପିକା' ଲେଖିଥିଲେ ''× × ଯାହାହେଉ, ଆମ୍ଭେମାନେ ବୁଝିଅଛୁ ଯେ ଇଂରାଜୀ ଓ ଦେଶୀୟଙ୍କ ମଧ୍ୟରେ ସଦ୍ଭାବ ସ୍ଥାପନ ଉଦ୍ଦେଶ୍ୟରେ ମଧୁବାବୁ ଏ ମଜ୍‌ଲିସ୍ ରଚନା କରିଥିଲେ ।'' ✳

ପ୍ରକୃତପକ୍ଷେ ମେଟ୍‌କାଫ୍‌ଙ୍କ ବଦାନ୍ୟ ସମ୍ବର୍ଦ୍ଧନା ଆୟୋଜନରେ ମଧୁସୂଦନଙ୍କର ତାହାହିଁ ଥିଲା ଏକମାତ୍ର ଉଦ୍ଦେଶ୍ୟ ।

ଟଏନ୍‌ବୀ ଥିଲେ ଐତିହାସିକ । ଅରଣ୍ୟପର୍ବତଘେରା ନଦୀ-ନିର୍ଝରିଣୀବେଷ୍ଟିତ ମନ୍ଦିରମାଳିନୀ ରହସ୍ୟାବୃତ ଓଡ଼ିଶାର ଇତିହାସ ପ୍ରତି ଟଏନ୍‌ବୀ, ତାଙ୍କ ପୂର୍ବସୂରୀ ଷ୍ଟର୍ଲିଙ୍ଗ, ଜାମ୍‌ସ୍ ଓ ରେଭେନ୍‌ସାଙ୍କ ପରି ଆକୃଷ୍ଟ ହୋଇ ପଡ଼ିଥିଲେ । ସେହି ସୂତ୍ରରେ ମଧୁସୂଦନଙ୍କ ସହିତ ଟଏନ୍‌ବୀଙ୍କ ସମ୍ପର୍କ ଆରମ୍ଭରୁ ଘନିଷ୍ଠ ହୋଇ ଉଠିଥିଲା । କିନ୍ତୁ ତାହା ବାଧାଗ୍ରସ୍ତ ହୋଇଥିଲା କେନ୍ଦୁଝର-''ଧରଣୀ-ମେଳି'' ବ୍ୟାପାରରେ । ଗଡ଼ଜାତର ସାମନ୍ତରାଜାମାନଙ୍କୁ ଟଏନ୍‌ବୀ ଦୁଇ ଆଖିରେ ଦେଖି ପାରୁ ନଥିଲେ । କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣଙ୍କୁ ରାଜ୍ୟରୁ ନିର୍ବାସିତ କରିବା ପାଇଁ ଟଏନ୍‌ବୀ ଯେପରିକି ପଣ ଧରି ବସିଥିଲେ ।

କେନ୍ଦୁଝର ଗଡ଼ରେ ମାଛ କାନ୍ଦାଣା-ଯୋଡ଼ ଖୋଳା ପାଇଁ ବେଠୀ ବେଗାରିର ପ୍ରବଳ ଜୁଲୁମର ପ୍ରତିବାଦରେ ଭୂୟାଁମାନେ ୧୮୯୧ ସାଲରେ ଧରଣୀଧରଙ୍କ ନେତୃତ୍ୱରେ ଏକ ମେଳି କରିଥିଲେ । ମେଳିର ସର୍ଦ୍ଦାର ଧରଣୀଧର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ସାହାଯ୍ୟ ଓ ପୃଷ୍ଠପୋଷକତାରେ କଟକ ସର୍ଭେ ସ୍କୁଲରେ ଶିକ୍ଷା ସମାପ୍ତ କରି,

† ଉତ୍କଳ-ଦୀପିକା, ତା ୧୦ । ୩ । ୧୮୮୮ ଖ୍ରୀ ।

✳ ଉତ୍କଳ-ଦୀପିକା, ତା ୧୦ । ୩ । ୧୮୮୮ ଖ୍ରୀ ।

କେନ୍ଦୁଝରରେ ସର୍ଭେୟର୍ ରୂପେ ନିଯୁକ୍ତ ହୋଇଥିଲେ । କିନ୍ତୁ ଭୂୟାଁ ମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର କରୁଥିବା ଅପରାଧରେ ଧରଣୀଧର କ୍ରମେ ରାଜାଙ୍କର ବିଷଚକ୍ଷୁରେ ପଡ଼ିଥିଲେ ଓ ମହାରାଜା ଧନୁର୍ଜୟ ନାରାୟଣ ତାଙ୍କୁ ଗିରଫ କରିବା ପାଇଁ ସୁଯୋଗର ଅବକାଶ ଅପେକ୍ଷା କରି ରହିଥିଲେ । ଏହି ସମୟରେ ମାଝିକାଟଣା ଯୋର୍ଡ଼ି ଖୋଳାରେ ବେଠୀ ଜୁଲୁମ ବିରୁଦ୍ଧରେ, ଭୂୟାଁ ମାନଙ୍କ ମଧ୍ୟରେ ମେଳି ଆରମ୍ଭ ହେବାରୁ ଧନୁର୍ଜୟ ନାରାୟଣ ଧରଣୀଙ୍କ ଭାଇଙ୍କୁ ଗିରଫ କରିନେଲେ । ଏହାପରେ ରାଜନିପୀଡ଼ନରୁ ନିଜ ନିସ୍ତାରର ସମ୍ଭାବନା ନଦେଖି; ଧରଣୀଧର ଭୂୟାଁ-ମେଳିରେ ନେତୃତ୍ୱ ନେଇଥିଲେ ।

ଏ ମେଳିର ଇତିହାସ ଓ ସେଥିରେ ସୁପ୍ରସିଦ୍ଧ ଔପନ୍ୟାସିକ ତତ୍କାଳୀନ ଅସିଷ୍ଟାଣ୍ଟ ଦେୱାନ ଫକୀରମୋହନ ସେନାପତିଙ୍କ ଭୂମିକା ପୁଣି ବିଦ୍ରୋହୀ ଭୂୟାଁ ମାନଙ୍କ କବଳରୁ ତାଙ୍କର ନାଟକୀୟ ଆତ୍ମରକ୍ଷାର ବିବରଣୀ, ସେ ନିଜ "ଆତ୍ମଚରିତ"ରେ ବିଶଦ ଭାବରେ ବର୍ଣ୍ଣନା କରି ଅଛନ୍ତି । ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ଅବଶେଷରେ ଇଂରେଜ ସୈନ୍ୟବାହିନୀର ହସ୍ତକ୍ଷେପ ଫଳରେ ମେଳି ଶାନ୍ତ ପଡ଼ିଲା । ଧରଣୀ ଗିରଫ ହୋଇ ମେଳିରେ ନେତୃତ୍ୱ ନେଇଥିବା ଅପରାଧରେ ପାଇଲେ ପାଞ୍ଚବର୍ଷ ସଶ୍ରମ କାରାଦଣ୍ଡ । ଅନ୍ୟ ଆସାମୀ ମାନଙ୍କୁ ମିଳିଲା ପ୍ରତ୍ୟେକଙ୍କୁ ଦୁଇ ତିନ ବର୍ଷ ହିସାବରେ ସଶ୍ରମ କାରାଦଣ୍ଡର ଆଦେଶ । ମାତ୍ର ମହାରାଜା ଧନୁର୍ଜୟ ନାରାୟଣଙ୍କ ପ୍ରଜାପୀଡ଼ନ ହେତୁ ଶାନ୍ତିପ୍ରିୟ, ନିରୀହ ଭୂୟାଁମାନେ ଯେ ବିଦ୍ରୋହୀ ହୋଇଥିଲେ, ସେଥିରେ ଟେମ୍ପଲ୍‌ଙ୍କର ସନ୍ଦେହ ନଥିଲା । ଫକୀରମୋହନଙ୍କ ସବୁ ପ୍ରକାର କୂଟ କୌଶଳ ସେଠାରେ ହାର ମାନିଥିଲା । ଟେମ୍ପଲ୍‌ଙ୍କ ଆଦେଶ ହେଲା—ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଯଥାଶୀଘ୍ର କେନ୍ଦୁଝରଗଡ଼ ପରିତ୍ୟାଗ କରି ଚାଲିଯିବେ, ନଚେତ ପୋଲିସ ତାଙ୍କୁ ସେଠାରୁ ଧରି ଆଣିବା ପାଇଁ ବାଧ୍ୟ ହେବ ! ମୟୂରଭଂଜର ସୁପରିଣ୍ଟେଣ୍ଡେଣ୍ଟ ଡବ୍ଲିଉ ସାହେବ, ମୟୂରଭଂଜରୁ ବଦଳି ହୋଇ କେନ୍ଦୁଝରର ଶାସନ ଦାୟିତ୍ୱ ଗ୍ରହଣ କରିବେ । ସେ ପର୍ଯ୍ୟନ୍ତ ଫକୀରମୋହନ ସେନାପତି ରହିବେ କେନ୍ଦୁଝର ଜିଲ୍ଲା ଦାୟିତ୍ୱରେ । ଟେମ୍ପଲ୍‌ଙ୍କର ଉପରୋକ୍ତ ଆଦେଶ ନାମା; ମହାରାଜାଙ୍କ ନିକଟକୁ ଏକ ଚରମପତ୍ର ଆକାରରେ ଫକୀର-

ମୋହନଙ୍କୁ ଲେଖିବା ପାଇଁ ପଡ଼ିଥିଲା । ମାତ୍ର ସେଥିରେ ସ୍ୱାକ୍ଷର ଦେଇଥିଲେ ସ୍ୱୟଂ ଟେମ୍ପୁଲ୍‌ଙ୍କ ।

ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ରାଜ୍ୟଚ୍ୟୁତ ହୋଇ କଟକ ପଳାଇ ଆସିଲେ । ମହାରାଜା ରାଜ୍ୟଚ୍ୟୁତ, ପୁଣି ସୁପରିଟେଣ୍ଡେଣ୍ଟ ଟେମ୍ପୁଲଙ୍କ କୋପଦୃଷ୍ଟିରେ ପଡ଼ିଛନ୍ତି । ତେଣୁ ତାଙ୍କର ଶୁଭାକାଂକ୍ଷୀ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ନନ୍ଦକିଶୋର ଦାସ ତାଙ୍କୁ କୌଣସି ପ୍ରକାର ପ୍ରତ୍ୟକ୍ଷ ସାହାଯ୍ୟ ଦେବା ଅବସ୍ଥାରେ ନଥିଲେ । ଅତି ସଂକ୍ଷେପରେ ସେ କେବଳ ପରାମର୍ଶ ଦେଲେ···“ଆପଣଙ୍କୁ ମୁଁ ପରାମର୍ଶ ଦେଉଛି ବା ଆପଣ ମୋ ସଙ୍ଗରେ ଦେଖା ସାକ୍ଷାତ କରୁଛନ୍ତି, ଟେମ୍ପୁଲ୍‌ଙ୍କ ଜାଣିଲେ ମୋ ଅବସ୍ଥା ଆପଣଙ୍କଠୁ ବଳି ପଡ଼ିବ । ଆପଣ ମଧୁବାବୁଙ୍କ ସହିତ ଦେଖା କରନ୍ତୁ । ରକ୍ଷା ପାଇବାର ଯଦି କୌଣସି ଉପାୟ ଥାଏ, ତାହେଲେ ମଧୁବାବୁ କେବଳ ତାହାର ପରାମର୍ଶ ଦେଇ ପାରିବେ ।”

× × ×

ରାତି । ମେଘ ଅନ୍ଧାର । ମଧୁସୂଦନ ଉପରମହଲାରେ ତାଙ୍କ ‘ଷ୍ଟଡି’ ରେ ଗୋଟାଏ ମୋକଦ୍ଦମାର ନଥିପତ୍ର ଓଲଟାଉଥିଲେ । ଗୋଟାଏ ଘୋଡ଼ାଗାଡ଼ି ସୁରଙ୍ଗାବନ୍ଧ ରାସ୍ତା ଉପରେ ଆସି, ଗାଡ଼ିବାରନ୍ଦା ତଳେ ରହିବାର ଶବ୍ଦ ଶୁଭିଲା । ଏପରି ଅସମୟରେ କିଏ କାହିଁକି ଆସିଲା ଭାବି, ମଧୁସୂଦନ ମନେ ମନେ ଈଷତ୍ ଉଦବିଗ୍ନ ହୋଇ ଉଠିଲେ ।

କ୍ରମେ ଆଗନ୍ତୁକ ଜଣକ ସିଡ଼ି ପାହାଚରେ ଉପରକୁ ଉଠି ଆସୁଥିବାର ପାଦଶବ୍ଦ ଶୁଭିଲା···ତା’ ପରେ ଧର୍ଦ୍ଧ । ସେପଟେ କବାଟ ଦେହରେ ଟକ୍ ଟକ୍ ଶବ୍ଦ; ଭିତରକୁ ଆସିବା ପାଇଁ ସାଙ୍କେତିକ ଅନୁମତି ଭିକ୍ଷା । ସେଥିରେ ଏକ କିଂକର୍ତ୍ତବ୍ୟବିମୂଢ଼ ଅସହାୟତା ମଧୁସୂଦନ ସ୍ପଷ୍ଟ ଲକ୍ଷ୍ୟ କରି ପାରୁଥିଲେ । ସ୍ଲିପିଙ୍ଗ୍ ଗାଉନ୍‌ଟା ଦେହ ଉପରେ ସଜାଡ଼ି ହୁକାନଳୀଟା ତଳେ ଫିଙ୍ଗି ଦେଇ ମଧୁସୂଦନ ଚଉକି ଉପରୁ ଉଠିପଡ଼ି କହିଲେ···“କମ୍ ଇନ୍” !

କେରୋସିନ୍ ଲାମ୍ପ୍‌ର ମୃଦୁ ଆଲୋକରେ ମଧୁସୂଦନ ଆଗନ୍ତୁକଙ୍କୁ ହଠାତ୍ ଚିହ୍ନି ପାରିଲେ ନାହିଁ । ମୁହଁରେ କେତେ ଦିନର ଅଯତ୍ନବର୍ଦ୍ଧିତ

ଦାଢ଼ୀ । ଗୈରିକଧୂସ୍ତୁ ବସ୍ତ୍ରର ମଳିନତା ପୁଣି କ୍ଳାନ୍ତ ଓ ଦୁଶ୍ଚିନ୍ତାର କାଳିମା ସତ୍ତ୍ୱେ ଆଗନ୍ତୁକଙ୍କ ଠାରେ ସାମ୍ରାଜ୍ୟର ସୂଚନା ଅସ୍ପଷ୍ଟ ନଥିଲା । ଏହାଙ୍କୁ କେଉଁଠି ଦେଖିଥିବା ପରି ମନେ ହେଉଥିଲା— ମାତ୍ର ମଧୁସୂଦନ ସେସବୁ ହଠାତ୍ ସ୍ମରଣ କରି ପାରୁ ନଥିଲେ । ଷ୍ଟଡ଼ି ଭିତରେ ସୂଚୀଭେଦ୍ୟ ନୀରବତା । କାନ୍ଥଘଣ୍ଟାରେ ପେଣ୍ଡୁଲମ୍‌ର ଶବ୍ଦ ସେଥିରେ ବାରମ୍ବାର କୁଠାରାଘାତ କରି ତାହାକୁ ଭାଙ୍ଗିବା ପରିବର୍ତ୍ତେ ଯେପରି ଆହୁରି ଘନୀଭୂତ କରି ଦେଉଥିଲା ।

ଆଗନ୍ତୁକ ପଚାରିଲେ···"ମୋତେ ଚିହ୍ନି ପାରୁଛନ୍ତି ତ ?"

କଣ୍ଠସ୍ୱର ପରିଚିତ ମନେ ହେଲା । ମଧୁସୂଦନ ଈଷତ୍ ଅପ୍ରତିଭ କଣ୍ଠରେ କହିଲେ··· "ଆପଣ ? କେନ୍ଦୁଝରର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ? ମାତ୍ର ମୁଁ ବିଶ୍ୱାସ କରି ପାରୁନାହିଁ । ମନେ ପଡ଼ିଲା, ଆପଣଙ୍କ ସହିତ ସାକ୍ଷାତ ହୋଇଥିଲା ଥରେ ନନ୍ଦକିଶୋର ବାବୁଙ୍କ ଘରେ ।"

ବାସ୍ତବିକ୍ ସେହି ଅସମୟରେ ସେପରି ଅବସ୍ଥାରେ ମଧୁସୂଦନଙ୍କ 'ଷ୍ଟଡ଼ି'ରେ ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ନିତାନ୍ତ ଅବିଶ୍ୱାସ୍ୟ ଭାବରେ ଅପ୍ରତ୍ୟାଶିତ ଥିଲେ ।

ଧନୁର୍ଜୟ କ୍ଳାନ୍ତ ଭାବରେ ଖଣ୍ଡେ ଚଉକି ଉପରେ ବସି ପଡ଼ି କହିଲେ··· "ଆପଣ ବିଶ୍ୱାସ କରି ନପାରିଲେ କିଛି ଭୁଲ ହେବନାହିଁ ମଧୁବାବୁ ! ମୁଁ ତ ଆଜି କେନ୍ଦୁଝରର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ନୁହେଁ ! ମୁଁ ଆଜି ଗଡ଼ରୁ ନିର୍ବାସିତ । ପୁଣି ମୋର ଆସିଷ୍ଟାଣ୍ଟ ଦେୱାନ୍ ଫକୀରମୋହନ ସେନାପତିଙ୍କ ହାତରେ ! ଏକଥା କିଏ ବା ବିଶ୍ୱାସ କରିବ କୁହନ୍ତୁ ?"

ତା'ପରେ ସନ୍ତର୍କଧୂଳିରେ ମଇଳା ଜାମା ପକେଟରୁ ଖଣ୍ଡେ ମୋଡ଼ା ହୋଇଥିବା ସରକାରୀ ଚିଠି କାଢ଼ି ମଧୁସୂଦନଙ୍କ ଆଡ଼େ ତାହା ବଢ଼ାଇ ଧରି ଧନୁର୍ଜୟ କହିଲେ···

"ଏଇ ଦେଖନ୍ତୁ, ମୋର ଆସିଷ୍ଟାଣ୍ଟ ଦେୱାନ୍ ଫକୀରମୋହନ ସେନାପତିଙ୍କର ଚିଠି । ଗଡ଼ ଛାଡ଼ି ନଆସିଲେ, ପୁଲିସ ମୋତେ ବାନ୍ଧି ଆଣିବ ! ···ଆପଣ ବିଶ୍ୱାସ କରି ପାରିବେ ଏପରି ଚିଠି ?"

କେନ୍ଦୁଝରର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କର ଏପରି ପରିଣତି ଘଟିବ ବୋଲି, ମଧୁସୂଦନ ବହୁପୂର୍ବରୁ ଆଶଙ୍କା କରିଥିଲେ । କେନ୍ଦୁଝର ମହାରାଜାଙ୍କ କୌଣସି କୈଫିୟତ୍ ଶୁଣିବା ପାଇଁ ଟମ୍ପ୍‌ସନ୍ ସମ୍ପୂର୍ଣ୍ଣ ନାରାଜ । ମେଳବେଳେ ଟମ୍ପ୍‌ସନ୍ ମଧୁସୂଦନଙ୍କୁ ଅତି ରୁଢ଼ ଭାବରେ କହିଥିଲେ··· "ଆପଣଙ୍କର ବାଜେ କଥା ଶୁଣିବା ପାଇଁ ମୋର ସମୟ ନାହିଁ । କେନ୍ଦୁଝର ରାଜା ଅବାଧ, ଅକର୍ମାଣ୍ୟ ଇତ୍ୟାଦି ।" ଟମ୍ପ୍‌ସନ୍ ସେହି ମର୍ମରେ ମଧ୍ୟ ବଙ୍ଗଳାର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କୁ ପଠାଇଥିଲେ ରିପୋର୍ଟ ।

ମଧୁସୂଦନ କହିଲେ···"ଟମ୍ପ୍‌ସନ୍‌ଙ୍କ ଆଦେଶରେ ଫକୀରମୋହନ ସେପରି ଚିଠି ଲେଖିଛନ୍ତି ସିନା । ସେଥିପାଇଁ ତାଙ୍କୁ ଆପଣ ଦାୟୀ କରୁଛନ୍ତି କାହିଁକି ?"

ଧନୁର୍ଜୟ ଚଉକିରୁ ଉଠି, ମଧୁସୂଦନଙ୍କ ଦୁଇହାତ ଧରି ପକାଇ କହିଲେ··· "ମୁଁ ଆଜି ଦାଣ୍ଡର ଫକୀର ମଧୁବାବୁ । ଆପଣଙ୍କୁ ଫିଜ୍ ଦେବା ପାଇଁ ମୋର ଆଜି ସମ୍ବଳ ନାହିଁ । କିନ୍ତୁ ମୋର ଇଜ୍ଜତ୍ ଆପଣଙ୍କ ହାତରେ ।"

"ଆପଣ ଏପରି ଧୈର୍ଯ୍ୟ ହରାଇବେ ନାହିଁ ମହାରାଜା ସାହେବ । ବର୍ତ୍ତମାନ କୋଠୀକୁ ଫେରିଯାନ୍ତୁ । ଯାହା କରିବା କଥା ମୁଁ କରିବି । ସେ ଦାୟିତ୍ୱ ମୁଁ ନେଲି ।"···

ଧନୁର୍ଜୟ ଆର୍ତ୍ତନାଦ କରିବା ପରି କହିଲେ···"ନାଇଁ, ନାଇଁ କୋଠୀ ନୁହେଁ ମଧୁବାବୁ । କୋଠୀରୁ ପରା ପୁଲିସ ମୋତେ ପୁଣି ଗିରଫ କରି ନିଏ ?" ···ଧନୁର୍ଜୟଙ୍କ ଦୁଇ ଆଖିରେ ବନ୍ୟ ଆତଙ୍କ । ସେ ଅନୁନୟ କରିବା ପରି କହିଲେ··· "କିଛି ଗୋଟାଏ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ମୁଁ ଏଇଠି ରହିବି ମଧୁବାବୁ । ଆପଣ ମୋତେ ଆଶ୍ରୟ ଦେବେ ନାହିଁ ?"

ତା'ପରେ ଟେବୁଲ ଉପରୁ ଖଣ୍ଡେ ସାଦା କାଗଜ ଟାଣି ନେଇ, ଧନୁର୍ଜୟ ସେଥିରେ ନିଜର ଗୋଟାଏ ଦସ୍ତଖତ ଦେଇ କହିଲେ···"ଏଇ ହାଣ୍ଡନୋଟ୍ କରିଦେଲି ମଧୁବାବୁ ! ଆପଣ ଏଥିରୁ ଯାହା ଇଚ୍ଛା ପ୍ରାପ୍ୟ ଆଦାୟ କରି ପାରନ୍ତି ।"

ଧନୁର୍ଜୟ ଥରେ ଥରେ କମ୍ପିତ ହାତରେ ସେ କାଗଜ ଖଣ୍ଡ ମଧୁସୂଦନଙ୍କ ଆଡ଼େ ବଢ଼ାଇ ଦେଲେ । ମଧୁସୂଦନ କାଗଜ ଖଣ୍ଡ ଟୁକୁରା ଟୁକୁରା କରି ଚିରିଦେଇ ତଳକୁ ଫିଙ୍ଗି ଦେଇ କହିଲେ··· "ଆପଣ ବଡ଼ କ୍ଲାନ୍ତ ମହାରାଜା ସାହେବ । ଚାଲନ୍ତୁ ବିଶ୍ରାମ କରିବେ ।"

## (ଦୁଇ)

**ବେଲିଙ୍କ** ପରବର୍ତ୍ତୀ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର୍ "ବଙ୍ଗେଶ୍ୱର" ସାର୍ ଚାର୍ଲସ୍ ଏଲ୍‌ଅଟ୍‌ଙ୍କ ଦରବାରରେ କେନ୍ଦୁଝର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ରାଜଚ୍ୟୁତ ଆଦେଶ ବିରୁଦ୍ଧରେ ଆବେଦନ ନେଇ ମଧୁସୂଦନ ଆସିଥିଲେ କଲିକତା··· କମିଶନର୍ ଟେମ୍ପଲ୍‌ଙ୍କ ଠାରୁ ସୁବିଚାରର ଆଶା ଆଉ ନଥିଲା !

ଗ୍ରାଣ୍ଡ୍-ହୋଟେଲର ସେଇ ଦୁଇ କୋଠରି ବିଶିଷ୍ଟ ସୁଟ୍··· ନମ୍ବର ୫୩ ··· ପୁରୀ ମନ୍ଦିର ମୋକଦ୍ଦମା ସଂକ୍ରାନ୍ତରେ ସେଇଠାରେ ସେ ମାସାଧିକ କାଳ ଅତିବାହିତ କରିଥିଲେ । ଏବେ କେନ୍ଦୁଝର ବ୍ୟାପାରରେ ପୁଣି କେତେଦିନ ସେ ଏଠାରେ ଅପେକ୍ଷା କରିବାକୁ ପଡ଼ିବ; ତାହାର ସ୍ଥିରତା ନଥିଲା । ଚିଫ୍-ସେକ୍ରେଟାରି ସାର୍ ହେନେରି କଟନ୍‌ଙ୍କ ସହିତ ବାରମ୍ବାର ସାକ୍ଷାତ ପରେ ସୁଦ୍ଧା ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣରଙ୍କ ସହିତ ସାକ୍ଷାତ ପାଇଁ ସେ ତଥାପି ଗୋଟାଏ ଆପଏଣ୍ଟ୍‌ମେଣ୍ଟ୍ ସୁଦ୍ଧା ଯୋଗାଡ଼ କରି ପାରି ନଥିଲେ । ବ୍ୟାପାରଟି ଯେପରି ଜଟିଳ ସେଥିରେ କେନ୍ଦୁଝର ମହାରାଜାଙ୍କ ବକ୍ତବ୍ୟ କପରି ଉପସ୍ଥାପିତ କରାଯାଇ ପାରିବ ତାହାର ମଧ୍ୟ କୌଣସି କୂଳକିନାରା ସେ ସ୍ଥିର କରି ପାରୁ ନଥିଲେ !

ସକାଳ···

ଖୋଲା ଝରକା ବାଟେ, ଗୋଟାଏ ପାତଳ କୁହୁଡ଼-ପର୍ଦ୍ଦା ଭିତରେ ଆଖିରେ ପଡ଼ୁଥିଲା; ହୁଗୁଲୀ ନଦୀଘାଟରେ ମେଳା ମେଳା ଷ୍ଟିମର ଓ ଜାହାଜର ମାସ୍ତୁଲ । ବନ୍ଦର ଘାଟ ଛାଡ଼ିବା ପୂର୍ବରୁ କେତେଟା ଷ୍ଟିମର୍‌ର ସାଇରେନ୍ ସକାଳର ଶାନ୍ତ ସ୍ତବ୍‌ଧତାକୁ ବିଦୀର୍ଣ୍ଣ କରି ଦେଉଥିଲା । ଘୋଡ଼ାଗାଡ଼ି ସବୁ ଛୁଟିଥିଲେ ବନ୍ଦର ଘାଟ ଆଡ଼େ ।

ଟେବୁଲ ଉପରେ ଏନ୍‌ଗେଜ୍‌ମେଣ୍ଟ-ପ୍ୟାଡ଼ ଉପରେ ଲେଖା ଥିଲା··· ଶୈଳ ହାଜରା, ବେଥୁନ୍ ହଷ୍ଟେଲ;—ହରଗୋପାଳ ସିଂହ, ୭୩ ନମ୍ବର, ଭୁଲାପଟ୍ଟୀ ଲେନ୍ ।

ଶୈଳର ଶିକ୍ଷା ଦାୟିତ୍ୱ ମଧୁସୂଦନ ନିଜହାତକୁ ନେବା ଜନ୍ମୁ ତାକୁ ବେଥୁନ-ସ୍କୁଲ-ହଷ୍ଟେଲରେ ରଖିଥିଲେ । ଝିଅଟା ବେଶ୍ ବୁଦ୍ଧିମତୀ । ଅନ୍ୟ ଦୁଇ ପୁଅକନ୍ୟା ଚନ୍ଦ୍ରକାନ୍ତ ଓ ସୁଧାଂଶୁବାଳାଙ୍କୁ ଧରି ପ୍ରସନ୍ନମୟୀ ରହୁଥିଲେ ସେଇ ଚବିଶପରଗଣା-ରୋଡ଼୍ ଘରେ । ଅମ୍ବିକା ସିମ୍‌ଲାରେ । ପ୍ରସନ୍ନମୟୀର ଦେହ ଅସୁସ୍ଥ ଥିବା ଖବର କେତେଦିନ ତଳେ ଅମ୍ବିକା ଖଣ୍ଡେ ଚିଠିରେ ସଂକ୍ଷେପରେ ଲେଖିଥିଲା କେବଳ ! ପ୍ରସନ୍ନମୟୀକୁ ମଧ୍ୟ ଥରେ ଦେଖି ଆସିବା ଉଚିତ । ସେଥର ପ୍ରଦର୍ଶନୀରେ ହରଗୋପାଳ ସିଂହଙ୍କ ତାରକସୀ-କଳ ଦେଖିବା ଦିନୁ, ମଧୁସୂଦନ ସେଥିପ୍ରତି ଆକୃଷ୍ଟ ହୋଇ ପଡିଥିଲେ । ଓଡ଼ିଶା ତାରକସୀର ଉତ୍କର୍ଷ ପାଇଁ ସେହିପରି ଏକ କଳର ଆବଶ୍ୟକ ଥିଲା । ସେହି ଉଦ୍ଦେଶ୍ୟରେ ହରଗୋପାଳଙ୍କ ସହିତ ମଧୁସୂଦନ ସେହିଦିନୁ ବରାବର ସମ୍ପର୍କ ରଖି ଆସିଥିଲେ । ଏଥର ମଧ୍ୟ ଭୁଲାପଟ୍ଟୀଲେନ୍‌ରେ ତାଙ୍କ କାରଖାନାକୁ ଯିବା ପାଇଁ ମଧୁସୂଦନ ସ୍ଥିର କରି ଆସିଥିଲେ ।···ମାତ୍ର ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣରଙ୍କ ସହିତ ଦେଖା ନ ହୁଏଁବା ପୂର୍ବରୁ ସେଥିପାଇଁ ବୋଧହୁଏ ସୁଯୋଗ ନଥିଲା ।

ସକାଳ ପବନରେ ଟେବୁଲ ଉପରେ କେନ୍ଦୁଝର ନଥୀର ପୃଷ୍ଠା ସବୁ ଆନ୍ଦୋଳିତ ହୋଇ ଉଠୁଥିଲା ; ଆଉ ତା ସହିତ ତାଳ ରଖି ଆନ୍ଦୋଳିତ ହେଉଥିଲା, ମଧୁସୂଦନଙ୍କ ଚିନ୍ତାରେ ସେଇ ବିଭ୍ରାନ୍ତିକର ଜିଜ୍ଞାସା ··ଏ ମୋକଦ୍ଦମାରେ ପ୍ରତିପକ୍ଷର ସବଳତମ ଯୁକ୍ତିଟି କଣ ? ତାହା ଆବିଷ୍କାର କରି ପାରିଲେ; ତାହାହିଁ ହୁଅନ୍ତା ଯେପରି ଆକ୍ରମଣ ପାଇଁ ଦୁର୍ବଳତମ ଘାଟୀ ।

କେନ୍ଦୁଝର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ରାଜ୍ୟଚ୍ୟୁତ କରିବା ପାଇଁ, ସରକାରଙ୍କର କ୍ଷମତା ଅନସ୍ୱୀକାର୍ଯ୍ୟ । ଗଡଜାତର ଏହି ବହୁସ୍ୱୀକୃତ ସାମନ୍ତମାନେ ନାମକୁ ମାତ୍ର ଥିଲେ ସର୍ବଭୌମ—ରାଜ୍ୟ ମଧ୍ୟରେ ଦଣ୍ଡ ମୁଣ୍ଡ କ୍ଷମତାର ଅଧିକାରୀ ! ମାତ୍ର ସୁପରିଟେଣ୍ଡେଣ୍ଟ୍ ମାନଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ସେମାନେ ଉଠ ବସ୍ ହେଉଥିଲେ । ସେ ପର୍ଯ୍ୟନ୍ତ ଇଂରେଜ ଶାସନର ଆଇନ କାନୁନ, ବିଧିର ଶୃଙ୍ଖଳା ଓ ନୀତି ନିୟମ

ସ୍ୱତନ୍ତ୍ର ସେମାନେ ମାନି ଚଳୁଥିଲେ, ସେ ପର୍ଯ୍ୟନ୍ତ ସେମାନେ ଯେତେ ଅତ୍ୟାଚାରୀ, ଶୋଷକ ଓ ପ୍ରଜାପୀଡ଼କ ହେଲେ ସୁଦ୍ଧା, ସେଥିରେ ଇଂରେଜ ଶାସନକର୍ତ୍ତା ମାନଙ୍କର କୌଣସି ଆପତ୍ତି ନଥିଲା । ମାତ୍ର ସେଥିରୁ ସାମାନ୍ୟ ବ୍ୟତିକ୍ରମ ଘଟିଲେ ସେପରି ମହାରାଜାମାନଙ୍କୁ ନିର୍ବାସିତ କରିଦେବା ପାଇଁ ସେମାନଙ୍କୁ ମୁହୂର୍ତ୍ତେ ମାତ୍ର ବିଳମ୍ବ ଲାଗୁନଥିଲା । ପୁଣି ଗଡ଼ଜାତର ପ୍ରଜାମାନେ ଶାସନ ବିରୁଦ୍ଧରେ ସୁପରିଣ୍ଟେଣ୍ଡେଣ୍ଟ୍ ବା କଟକର କମିସନର୍ଙ୍କ ଠାକୁ ଆବେଦନ କରିବାର ବ୍ୟବସ୍ଥା ମଧ୍ୟ ରହିଥିଲା । ସେପରି ଆବେଦନ ମିଳିଲେ ତାହାର ଅନୁସନ୍ଧାନ ପରେ, ରାଜାମାନଙ୍କୁ ବିହିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦିଆ ଯାଉଥିଲା । ନ ମାନିଲେ ରାଜ୍ୟଚ୍ୟୁତ, କ୍ଷମତାରୁ ନିର୍ବାସନ ! ପୁଣି ଜନ ବାମ୍ସ୍ କମିସନର୍ ଥିବା ବେଳେ ଗଡ଼ଜାତର ରାଜାମାନେ ତ ତାଙ୍କୁ କରପତ୍ର ଯୋଡ଼ି ରହିଥିଲେ । ଇତିପୂର୍ବରୁ ବାଙ୍କୀ ଓ ଅନୁଗୁଳ ପରି ରାଜ୍ୟମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଲୋପ କରି, ସେ ସବୁ ଖାସମାହାଲ୍ ସହିତ ମିଶାଇ ଦିଆ ଯାଇଥିଲା ।

ବସ୍ତୁତଃ କେତେକ ଗଡ଼ଜାତ ରାଜାଙ୍କ ମଧ୍ୟଯୁଗୀୟ ଆଚରଣ ଓ ସେମାନଙ୍କ ଶାସନର ଆହ୍ୱାନ ଚରିତ୍ର ବାମ୍ସ୍ଙ୍କ ପରି ସ୍ପର୍ଶକାତର, ଇଂରେଜ ଶାସକ ମାନଙ୍କୁ ଅତ୍ୟନ୍ତ କମୁତ ଲାଗୁଥିଲା । ବାମ୍ସ୍ ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ୍ ହୋଇ ଆସିବା ବେଳେ, ନିଜକୁ "ଭାଲୁ ନାଚର ସର୍ଦ୍ଦାର" ବୋଲି ମନେ କରିଥିବା ତାଙ୍କ ଆତ୍ମକାହାଣୀରେ ଲେଖିଛନ୍ତି । *

ଦରଜାରେ ଠକ୍ ଠକ୍ ଶବ୍ଦ ଶୁଭିଲା । ହୋଟେଲ୍‌ର ସର୍ଭିସ୍ ବଅରର୍ ହୋଇଥିବ ଭାବି ମଧୁସୂଦନ ଅନ୍ୟମନସ୍କଭାବରେ କହିଲେ··· "କମ୍ ଇନ୍" ।

ମାତ୍ର ଅମ୍ବିକା ପର୍ଦ୍ଦା ଆଡ଼େଇ ଆସୁଥିବା ଦେଖି ମଧୁସୂଦନ ଉଲ୍ଲସିତ କଣ୍ଠରେ କହିଲେ ···" ଆରେ ଅମ୍ବିକା ଯେ ! ସିମଳା ଯାଉନ୍ ପରା ! କୈଳ କପରି ? ତାକୁ ସାଙ୍ଗରେ ଆଣିଥିଲେ ତ ପାରିଥାନ୍ତ !"

---

* "...in other words a sort of bear leader to seventeen petty chieftains living on the hill country on the west of Orissa." (Memoirs—ପୃ ୨୫୯)

ଅମ୍ବିକା ଡାକ୍ତରଙ୍କ ମୁହଁରେ ଦୁଶ୍ଚିନ୍ତା, କ୍ଳାନ୍ତି ଓ ଅସନ୍ତୁଷ୍ଟିର ସୁତ୍ପଷ୍ଟ ଛାପ । ଚୌକି ଉପରେ ବସି ପଡ଼ି ସେ କହିଲେ···"ସିମ୍ଲା ଆଉ ଯାଇ ପାରିଲି କୁଆଡ଼ୁ ? ପ୍ରସନ୍ନର ଜ୍ୱରଟା ଦିନକୁ ଦିନ ଖରାପ ଆଡ଼କୁ ଗତି କରିବା ଭଳି ମନେ ହେଉଛି !"···

"କିନ୍ତୁ ପ୍ରସନ୍ନର ଜ୍ୱରଟା ମ୍ୟାଲେରିଆ ବୋଲି ତୁ ତ ମୋତେ ଲେଖିଥିଲୁ ଅମ୍ବିକା ! ସେ ଜର ଠିକ୍ ଛାଡ଼ିଯିବ । କଲିକତାରେ ପ୍ରସନ୍ନର ମନଟା ଭଲ ରହୁନାହିଁ ବୋଲି ମୋର ମନେହୁଏ । ତାକୁ ବରଂ ତୋ' ସାଙ୍ଗରେ ସିମଲା ନେଇଗଲେ ସେଠାରେ ତାହାର ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଯାନ୍ତା !"···ମଧୁସୂଦନ ପରାମର୍ଶ ଦେଲେ ।

ଅସ୍ୱସ୍ତିପୂର୍ଣ୍ଣ ନୀରବତା ମଧ୍ୟରେ ଅମ୍ବିକା ମଧୁସୂଦନଙ୍କ ପରାମର୍ଶଟାକୁ ସେପରି ଗଳାଧଃକରଣ କରୁଥିଲେ । ତା'ପରେ ଏତେ ସକାଳୁ ସକାଳୁ ଆସିବାର ଅସଲ ଉଦ୍ଦେଶ୍ୟଟା ବ୍ୟକ୍ତ କରି ଅମ୍ବିକାଚରଣ କହିଲେ···"ମୋତେ ଟଙ୍କା ଶହେଟା ଦେଇ ପାରିବୁ ଭାଇ ? କଲିକତାରେ ବସି ବସି ମୋର ପକେଟ ବିଲକୁଲ୍ ଖାଲି ହୋଇ ପଡ଼ିଛି !"

ପ୍ରସନ୍ନମୟୀର ଚିକିତ୍ସା ପାଇଁ ଟଙ୍କାର ପ୍ରୟୋଜନ ଥିବ ଭାବି, ମଧୁସୂଦନ ଦରାଜ ଭିତରୁ ଦୁଇଟା ଶହେ ଟଙ୍କିଆ ନୋଟ ଅମ୍ବିକା ଆଡ଼େ ବଢ଼ାଇ ଦେଇ କହିଲେ···"ପ୍ରସନ୍ନର ଚିକିତ୍ସା ପାଇଁ ତୋର ବ୍ୟସ୍ତ ହେବା ଦରକାର ନାହିଁ ଅମ୍ବିକା । ସେମାନେ କଟକରେ ଥିଲେ ବେଶ୍ ଥିଲେ । ତୁ ତ ବର୍ଷର ଅଧେଦିନ ସିମଲାରେ । ଏଠି ଦଉଟା ପିଲା ମାନଙ୍କୁ ଧରି ଏକୁଟିଆ କଲିକତାରେ ପଡ଼ି ରହିବାକୁ ଭଲ ଲାଗୁ ନାହିଁ ତାକୁ । ତୁ ସେମାନଙ୍କୁ କଟକରୁ ଫେରାଇ ଆଣିବାଟା ଠିକ୍ ହେଲା ନାହିଁ କିନ୍ତୁ !"

ପ୍ରାୟ ବର୍ଷକ ତଳେ ପ୍ରସନ୍ନମୟୀ ପ୍ରଭୃତି କେତେଦିନ ଜଳବାୟୁ ପରିବର୍ତ୍ତନ ପାଇଁ କଟକରେ ମଧୁସୂଦନଙ୍କ ଘରେ ରହି ଆସିଥିଲେ

ଅମ୍ବିକା ଖଣ୍ଡେ ସିଗାରେଟରେ ନିଆଁ ଧରାଇ କହିଲେ··· "ଏହାପରେ ତୁ ବରଂ ସେମାନଙ୍କୁ କେତେଦିନ ପାଇଁ କଟକ ନେଇଯା-ଯାଇ । ମୁଁ ଉଠୁଛି !"

ଅମ୍ବିକାର କଣ୍ଠସ୍ୱର ଅସ୍ୱାଭାବିକ ଭାବରେ କମ୍ପିତ ଓ ଅନ୍ୟମନସ୍କ ଶୁଭୁଥିଲା । ବଦଳ ଭେଲଭେଟ୍ ପର୍ଦ୍ଦା ଉହାଡ଼ରେ ଅମ୍ବିକା କ୍ରମେ ଅଦୃଶ୍ୟ ହୋଇଗଲା । ଅସ୍ଥି···ଶୈଳର ଖବରଟା ଅମ୍ବିକା ଠାରୁ ଲୁଚି ରହିଲା ନାହିଁ ଯେ ! ଅମ୍ବିକାର ଆନ୍ତରିକତାହୀନ ଆଚରଣ ମଧୁସୂଦନଙ୍କୁ କମ୍ଭୀର କ୍ଷୋଭ ହେଉଥିଲା ।

ରୁମ୍-ବଏରର୍ ଗୋଟାଏ ଟ୍ରେ'ରେ ସକାଳ ଚା' ଓ ଖଣ୍ଡେ 'ଇଂଲିଶମାନ' କାଗଜ ଆଣି ରଖିଦେଇ ଗଲା ।

ଖବରକାଗଜ ପଢ଼ିବାରେ ଜମାରୁ ମଧୁସୂଦନଙ୍କର ଆଗ୍ରହ ନଥିଲା । ପ୍ରଥମ ପୃଷ୍ଠାରେ ପ୍ରକାଶିତ ଚାରିକୋଣିଆ ବିଜ୍ଞାପନ ଗୁଡ଼ାକ ଉପରେ ଅନ୍ୟମନସ୍କ ଭାବରେ ଆଖି ବୁଲାଇବା ବେଳେ ମଧୁସୂଦନଙ୍କ ମୁଣ୍ଡରେ କେନ୍ଦୁଝର ମୋକଦ୍ଦମାର ସେଇ ଅଡୁଆ ସମସ୍ୟାଟା ପୁଣି ରୁଦ୍ଧ ହୋଇ ପଡ଼ୁଥିଲା । ସେହି ଛନ୍ଦାଛନ୍ଦ ଭିତରେ ପୁଣି ଭାସି ଉଠୁଥିଲା, ପ୍ରସନ୍ନମୟୀର ସଂସାର ।

ଚା' କପ୍‌ରେ ଚୁମୁକ୍ ଦେଉଁ ଦେଉଁ ମଧୁସୂଦନଙ୍କ କ୍ଲାନ୍ତକ୍ଳାନ୍ତ ମସ୍ତିଷ୍କରେ ହଠାତ୍ ଯେପରି ଗୋଟାଏ ବିଜୁଳି ଚମକି ଉଠିଲା । ନିଦରେ ବାଇବାଇଲା ଭଳି ପରି ସେ ଚିତ୍କାର କରି ଉଠିଲେ···"The Proof ? Where is the proof ?"

କେନ୍ଦୁଝର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଯେ ଘୋର ଅତ୍ୟାଚାରୀ ପ୍ରଜାପୀଡ଼କ, ତାହାର ପ୍ରମାଣ କଣ ? ସାକ୍ଷ୍ୟପ୍ରମାଣସିଦ୍ଧ କେଉଁ ଅଭିଯୋଗ ଉପରେ ନିର୍ଭର କରି, ଟେମ୍ପଲ୍‌ଙ୍କ କଲମ ଗାରକେ ମହାରାଜାଙ୍କୁ ରାଜ୍ୟଚ୍ୟୁତ କରିଦେଲେ ?"

କେନ୍ଦୁଝର-ନଥି ଭିତରୁ ଫକୀରମୋହନ ସେନାପତିଙ୍କ ରିପୋର୍ଟ ଖଣ୍ଡି କାଢି ମଧୁସୂଦନ ତନ୍ନ ତନ୍ନ ଭାବରେ ତାହାର ପ୍ରତ୍ୟେକ ବାକ୍ୟ, ପ୍ରତ୍ୟେକ ଶବ୍ଦ, ଗଭୀର ମନୋନିବେଶ ସହିତ ପୁଣି ପଢ଼ିବା ପାଇଁ ଲାଗିଲେ ।

ଧରଣୀ ଓ ଅନ୍ୟ ମେଳିଆ ସର୍ଦ୍ଦାରମାନେ ବନ୍ଦୀ ହେବା ପରେ, କେନ୍ଦୁଝରଗଡ଼ ଠାରେ ମେଳିର ବିଚାର ହୋଇଥିଲା । ବିଚାର ପାଇଁ ସ୍ୱୟଂ ଟେମ୍ପଲ୍‌ଙ୍କ ସଙ୍ଗରେ ଜଣେ ମାତ୍ର ଖାନସମା ଧରି "କଟକରୁ ଷ୍ଟିମର

ଯୋଗେ କଲକତା ଆସି ସେଠାରୁ ରେଳଯୋଗେ ଚକ୍ରଧରପୁର ଓ ସେଠାରୁ ହାତୀରେ ଚଢ଼ି କେନ୍ଦୁଝର ଗଡ଼ରେ ଉପସ୍ଥିତ ହୋଇଥିଲେ ।

ବସ୍ତୁତଃ ସେତେବେଳେ ଫକୀରମୋହନ ଏକାଧାରରେ ଥିଲେ ଟେପ୍ନସନ୍ଙ୍କ ସାହେବଙ୍କ ପେସ୍କାର, ପୁଣି କେନ୍ଦୁଝର ଦରବାର ପକ୍ଷରୁ ରାଜକାର୍ଯ୍ୟ ଅଭିଯୋକ୍ତା ! ଟେପ୍ନସନ୍ଙ୍କ ପକ୍ଷରୁ ସେ ଗୁହା ମାନଙ୍କୁ ଜେରା କରୁଥିଲେ, ପୁଣି କେନ୍ଦୁଝର-ଦରବାର ପକ୍ଷରୁ ମଧ୍ୟ କରୁଥିଲେ ଜବାବସୁଆଲ ।

କେଉଁ କାରଣରୁ ପ୍ରଜାମେଳ ଆରମ୍ଭ ହେଲା, ତାହାର ଜବାବ ମହାରାଜାଙ୍କ ଠାରୁ ତଲବ୍ ହୋଇଥିଲା । ମାତ୍ର ସେ ଜବାବ ଦରଖାସ୍ତ ଗଠା କରିଥିଲେ ସ୍ୱୟଂ ଫକୀରମୋହନ । ଭବିଷ୍ୟକାଳରେ ସେ ଯେ ଓଡ଼ିଆ-ଉପନ୍ୟାସର ସ୍ରଷ୍ଟାଙ୍କର ହେବେ ତାହାର ସୂଚନା ସେତେବେଳେ ଟେପ୍ନସନ୍ଙ୍କୁ ଅବଶ୍ୟ ଜଣା ନଥିଲା । ମାତ୍ର ରିପୋର୍ଟରେ ଯେପରି ମହାରାଜା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ମେଳ ପାଇଁ ଅମାନିଆଁ ସର୍ଦ୍ଦାର ମାନେହିଁ କେବଳ ଦାୟୀ ବୋଲି ଚିତ୍ରିତ ହୋଇଥିଲା, ସେଇଥିରେ ଥିଲା ଫକୀରମୋହନଙ୍କ ପ୍ରଖର କଳ୍ପନାପ୍ରବଣତାର ପରିଚୟ । ତାହା କିନ୍ତୁ ଟେପ୍ନସନ୍ଙ୍କୁ ବିଶ୍ୱାସ-ଯୋଗ୍ୟ ମନେ ହୋଇ ନଥିଲା ।

ଫକୀରମୋହନ ରିପୋର୍ଟଟି ପଢ଼ିବା ମାତ୍ରେ ଟେପ୍ନସନ୍ ଭୟଙ୍କର କ୍ରୁଦ୍ଧ ହୋଇ ଚିତ୍କାର କରି ଉଠିଲେ···"ତୁମେ ନିଶ୍ଚୟ ଏ ରିପୋର୍ଟ ଲେଖିଛ ! ଏଇଟା ତୁମରି ଫିକର । ମୁଁ ତୁମକୁ ଜେଲ୍ ଦେବି ।"

ଫକୀରମୋହନଙ୍କ ରିପୋର୍ଟ ପଢ଼ା ସେଭକରେ ସେଇଠି ଶେଷ ହୋଇଥିଲା ।

ମଧୁସୂଦନ ଏବେ ସେଇ ରିପୋର୍ଟଟି ପଢ଼ିବାବେଳେ ମନକୁ ମନ ପ୍ରଶ୍ନ କରୁଥିଲେ··· ରିପୋର୍ଟ ଫକୀରମୋହନ ଲେଖିଥାନ୍ତୁ ବା ମହାରାଜା ନିଜେ ଲେଖିଥାନ୍ତୁ; କିନ୍ତୁ ଏହାକୁ ଅସିଦ୍ଧ ସାବ୍ୟସ୍ତ କରିବା ପାଇଁ ଟେପ୍ନସନ୍ଙ୍କ ଠାରେ କଣ ବା ପ୍ରମାଣସିଦ୍ଧ ସାକ୍ଷ୍ୟ ଥିଲା ? ବ୍ରିଟିଶ-ଆଇନର କାର୍ଯ୍ୟବିଧି ଧାରରେ ହାତୀ ପଲେ ଗଳିଯାଏ କିନ୍ତୁ ପିମ୍ପୁଡ଼ି ଯେପରି ନଗଲେ, ଟେପ୍ନସନ୍ ସେଥିସମ୍ବନ୍ଧରେ ଅବଶ୍ୟ ପରିଚିତ ନଥାଇ ପାରନ୍ତି, ମାତ୍ର ସେହି ଛିଦ୍ରପଥ ହେଲା ବହୁ ଉଦ୍ଭିମିତ ଆଇନର-ଶାସନର ରାଜପଥ ! ଅତୀତରେ ପୁରୀ ମନ୍ଦିର କୁପରିଚାଳିତ ହେଉଥିବା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣଯୋଗ୍ୟ ଅଭିଯୋଗ ନଥାଇଁ, ସରକାର ହୁଙ୍କାପିଟା

ସ୍ୱଭାବରେ ମଧ୍ଵର ପରିଚାଳନା ନିଜ ହାତକୁ ନେଇଥିବାରୁ କଲିକତା ହାଇକୋର୍ଟରେ ତାହା ଅସିଦ୍ଧ ଘୋଷିତ ହୋଇଥିଲା । ଏବେ କେନ୍ଦୁଝର ମହାରାଜାଙ୍କ ରାଜ୍ୟଚ୍ୟୁତ ସମ୍ପର୍କରେ ମଧ୍ୟ ଠିକ୍ ସେହି ପ୍ରକାର ପରିସ୍ଥିତି ରହିଥିଲା । ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଯେତେ ପ୍ରଜାପୀଡ଼କ ହୋଇଥାନ୍ତୁ ପଛେ, କାଗଜପତ୍ରରେ ତାହାର କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲା ।

ଟେମ୍ପଲ୍‌ଙ୍କ ଅଦାଲତରେ ଧରଣୀ ପ୍ରଭୃତି ଆସାମିମାନଙ୍କ ମାମଲା ତଦନ୍ତ ସମୟରେ ଯେଉଁ ଭୂୟାଁମାନେ ସାକ୍ଷ୍ୟ ଦେଇଥିଲେ, ସେମାନେ ସମସ୍ତେ ମେଳିଆ ଭୂୟାଁମାନଙ୍କ ଅପରାଧରୁ ମୁକ୍ତ ହୋଇଥିବା ବିଷୟ ପ୍ରକାଶ କରିଥିଲେ । ଫକୀରମୋହନ ଏସବୁ ନଥିଦୋରସ୍ତିରେ ଅତ୍ୟନ୍ତ ସିଦ୍ଧହସ୍ତ ଥିଲେ । ତଥାପି ଏସବୁ ସତ୍ତ୍ୱେ ଟେମ୍ପଲ୍ ମହାରାଜାଙ୍କୁ ରାଜ୍ୟଚ୍ୟୁତ କରି, ୱାଲୀ ସାହେବଙ୍କୁ କେନ୍ଦୁଝରର ମେନେଜର ରୂପେ ଓ ସେ ମୟୂରଭଞ୍ଜରୁ ଆସିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଫକୀରମୋହନ କେନ୍ଦୁଝର କଲ୍ୟାର ଦାୟିତ୍ୱରେ ରହିବେ ବୋଲି ଯେପରି ଆଦେଶ ଦେଇଥିଲେ ତାହା ପୂର୍ବେ ବର୍ଣ୍ଣିତ ହୋଇଅଛି !

× × × ×

ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣର ସାର୍ ଚାର୍ଲ୍‌ସ୍ ଆଲଫ୍ରେଡ୍ ଏଲିୟଟ୍‌ଙ୍କ ସହିତ ସାକ୍ଷାତ ପାଇଁ ଅବଶେଷରେ ଅନୁମତି ମିଳିଲା । ଗ୍ରେଗା ଚପ୍‌କନ୍ ପିନ୍ଧି ମୁଣ୍ଡରେ ଗୋଟାଏ ପଗଡ଼ି ବାନ୍ଧି ମଧୁସୂଦନ ଭିତରକୁ ଆସି କୁର୍ଣ୍ଣିସ କରିବା ମାତ୍ରେ ସାର ଚାର୍ଲ୍‌ସ୍‌ଙ୍କ ଭ୍ରୂଲତା ଦୁଇଟି ଅସନ୍ତୁଷ୍ଟ ଭାବରେ କୁଞ୍ଚିତ ହୋଇ ଉଠିଲା । ମଧୁସୂଦନ କେନ୍ଦୁଝର ମହାରାଜାଙ୍କ ବ୍ୟାପାରରେ ଆସିଥିବା ଶୁଣିବା ମାତ୍ରେ, ସାର ଚାର୍ଲ୍‌ସ ବିସ୍ଫୋରଣ କରି ଉଠିବା ପରି କଣ୍ଠରେ ଚିତ୍କାର କରି ଉଠିଲେ···"କେନ୍ଦୁଝର ରାଜା ପକ୍ଷରୁ ତୁମେ ଆସିଥିଲେ ଏଇ ମୁହୂର୍ତ୍ତରେ ଅବିଳମ୍ବେ ଚାଲିଯାଇପାର ଏଠୁ ! କେନ୍ଦୁଝର ରାଜା ସମ୍ପର୍କରେ ଯେଉଁ ଆଦେଶ ଆମେ ଦେଇ ସାରିଛୁ, ତାହା ଚୂଡ଼ାନ୍ତ ଓ ଅପରିବର୍ତ୍ତନୀୟ ।"

ହଠାତ ଏପରି ଆକସ୍ମିକ ବିସ୍ଫୋରଣ ପାଇଁ ମଧୁସୂଦନ ପ୍ରସ୍ତୁତ ନଥିଲେ । କୌଣସି ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣରଙ୍କ ଠାରୁ ପୁଣି ସେ କେବେ ଏପରି ତାଚ୍ଛଲ୍ୟପୂର୍ଣ୍ଣ ବ୍ୟବହାର ପାଇ ନଥିଲେ । ଏ

ପରିସ୍ଥିତିରେ ଆକ୍ରମଣହିଁ ଆତ୍ମରକ୍ଷାର ଶ୍ରେଷ୍ଠ ପନ୍ଥା । ମଧୁସୂଦନ ଭିତରେ ଭିତରେ ବହ୍ନ୍ୟୁଦ୍ଗିରଣ କରି ଉଠୁଥିଲେହେଁ, ଶାନ୍ତ ଅବିଚଳିତ କଣ୍ଠରେ ଉତ୍ତର ଦେଲେ···"ୟୋର ହନର୍, ଆପଣ ଯଦି କେନ୍ଦୁଝର ମହାରାଜାଙ୍କ ପ୍ରତି ଅବିଚାର ସମ୍ପର୍କରେ ସର୍ବୋଚ୍ଚ ଶାସନକର୍ତ୍ତା ରୂପେ କୌଣସି କଥା ଶୁଣିବା ପାଇଁ ପ୍ରସ୍ତୁତ ନଥାନ୍ତି; ତାହେଲେ ମୋର ସେଥିରେ କହିବାର ନାହିଁ । ମୁଁ ବରଂ ମୋର ସମୟ ନଷ୍ଟ ନ କରି ଏଠାରୁ ଚାଲିଯିବି । କିନ୍ତୁ ମୋତେ ବିଦାୟ ଦେବା ସଙ୍ଗେ ସଙ୍ଗେ ବ୍ରିଟିଶ ନ୍ୟାୟ-ବିଚାରର ଧାରଣାକୁ ମଧ୍ୟ ଆପଣ ଯେ ଏ ଦେଶରୁ ବିଦାୟ ଦେବେ, ସେଥିରେ ମଧ୍ୟ ମୋର ସନ୍ଦେହ ନାହିଁ !"

କିନ୍ତୁ ସାର ଗ୍ରିଅର୍ସଙ୍କ ଅଫିସ-ପ୍ରକୋଷ୍ଠରୁ ମଧୁସୂଦନ ବାହାରି ଆସିବା ବେଳେ, ନିଜକୁ ଯଦି କେହି ବେଶୀ ଆହତ ସେ ଅନୁଭବ କରୁଥିଲେ; ତା ହେଲେ ସେ ଥିଲେ ସ୍ୱୟଂ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ସାର ଗ୍ରିଅର୍ସ ଆଲଫ୍ରେଡ୍ ଏଲପ୍ରିଟ । ମଧୁସୂଦନ ବାହାରକୁ ଆସିବା ମାତ୍ରେ ସେ ପାଟି କରି ଡାକି ଉଠିଲେ···" କମ୍ ହିଅର୍ !"

ମଧୁସୂଦନ ଯନ୍ତ୍ରଚାଳିତ ପରି ଭିତରକୁ ପୁଣି ଫେରି-ଆସି ସାର ଗ୍ରିଅର୍ସଙ୍କ ଆଡେ ସ୍ଥିର ଦୃଷ୍ଟିରେ ଚାହିଁବା ମାତ୍ରେ ସେ ଅସ୍ୱସ୍ତିପୂର୍ଣ୍ଣ କଣ୍ଠରେ କହିଲେ···" ପ୍ଲିଜ୍ ଟେକ୍ ୟୋର ସିଟ୍ !"

ମଧୁସୂଦନ ଖଣ୍ଡେ ଚଉକି ଟାଣି ବସିବା ପରେ, ସାର ଗ୍ରିଅର୍ସ ଦୁଇ ହାତରେ ଗୋଟାଏ ମୋଟା ପେନସିଲ ଘୁରାଇ ଘୁରାଇ କହିଲେ "ଦାଟ୍ ରାଜା ଇଜ୍ ଏ ଡେସ୍‌ପଟ୍ !" କେନ୍ଦୁଝର ରାଜା ଘୋର ଅତ୍ୟାଚାରୀ !

ମଧୁସୂଦନ ଉତ୍ତର ଦେଲେ···" ମୋଗଲ ମଧ୍ୟ ଜଣେ ଡେସ୍‌ପଟ୍ ଥିଲେ । କିନ୍ତୁ ସେଥିପାଇଁ ତାଙ୍କର ସାର୍ବଭୌମତ୍ୱ କଣ ଆଇନ ଦୃଷ୍ଟିରେ ଅସିଦ୍ଧ ହୋଇଥିଲା ? ଏବେ ସୁଦ୍ଧା ଅନ୍ୟନ୍ୟ କଣ ଡେସପଟ୍ ମାନଙ୍କର ଅଭାବ ରହିଛି ବୋଲି ଆପଣ ଭାବୁଛନ୍ତି ? ମଧୁସୂଦନଙ୍କ କଣ୍ଠରେ ଶାଣିତ ଶ୍ଳେଷର ବ୍ୟଞ୍ଜନା ।

ବହଳ ଭ୍ରୂଲତା ତଳେ ସାର ଗ୍ରିଅର୍ସଙ୍କ ଆଖି ଦୁଇଟି ଗଭୀର ଅସ୍ୱସ୍ତିରେ ତଳକୁ ନଇଁ ଗଲା । ସେ ପଚାରିଲେ···" ନାଉ, ହ୍ୱାଟସ୍ ୟୋର କେସ୍ ?"

ମଧୁସୂଦନ ଉଲଟି ପଚାରିଲେ... "କେନ୍ଦୁଝର ରାଜା ଯେ ଡେସ୍‌ପଟ୍' ଓ ତାଙ୍କ ଅତ୍ୟାଚାର ହେତୁ ରାଜ୍ୟରେ ଏତେବଡ଼ ଗୋଟାଏ ମେଳି ଘଟିଗଲା; ତାହାର ପ୍ରମାଣ କଣ ? ଭୂୟାଁମାନେ ସମସ୍ତେ ସାକ୍ଷ୍ୟ ଦେଲେ, ମୁଷ୍ଟିମେୟ ମେଳିଆଙ୍କ ଅପରାଧ ଏ ଅଶାନ୍ତିର କାରଣ ! ଦରବାରର ରିପୋର୍ଟ ମଧ୍ୟ ସେଇଆ । ତା ସତ୍ତ୍ୱେ ଟେମ୍ପୁଲ୍‌ସ୍ ସାହେବ ଗୋଟାଏ ଫ୍ରିକ୍ ଓ୍ୱିମ୍‌ରେ କେବଳ, ମହାରାଜାଙ୍କୁ ରାଜ୍ୟଚ୍ୟୁତ କଲେ ? ଏଇଟା କଣ ବ୍ରିଟିଶ-ଜଷ୍ଟିସ୍ !"

ସାର ଚାର୍ଲ୍‌ସ୍ ଅସ୍ୱସ୍ତିପୂର୍ଣ୍ଣ ଭାବରେ ଗୋଟାଏ ହାତ କାଗଜଦାନ ଟେବୁଲ୍ ଉପରେ ଘୂରାଇ ଘୂରାଇ କହିଲେ... "ତୁମେ ବର୍ତ୍ତମାନ ଯାଇପାର । ଆମେ ନିଜେ ସମସ୍ତ ବିଷୟ ଆଉଥରେ ତଦନ୍ତ କରି ଯାହା କରିବା କରିବୁ ।"

ଫକୀରମୋହନ ଏହାପରର ବିବରଣୀ "ଆତ୍ମଚରିତ" ରେ ଲେଖିଛନ୍ତି:—

"ଉତ୍କଳର ସର୍ବପ୍ରଧାନ ଉକିଲ ବାବୁ ମଧୁସୂଦନ ଦାସ କେନ୍ଦୁଝର ମହାରାଜାଙ୍କ ତରଫରୁ କଲିକତାକୁ ଯାଇଁ ଲେଫଟେନେଣ୍ଟ୍ ଗଭର୍ଣ୍ଣରଙ୍କ ଦରବାରରେ ମହାରାଜାଙ୍କ ବିପକ୍ଷରେ ଟେମ୍ପୁଲ୍‌ସ୍ ସାହେବଙ୍କ ଦ୍ୱାରା ଆନୀତ ବିଦ୍ରୋହ ସମ୍ବନ୍ଧରେ ଦୋଷ-ମାନ ଖଣ୍ଡନ କରି ମହାରାଜାଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କଲେ । ସ୍ୱୟଂ ଲେଫଟେନେଣ୍ଟ୍ ଗଭର୍ଣ୍ଣର ସରଜମିନ୍ କେନ୍ଦୁଝରରେ ଉପସ୍ଥିତ ହୋଇ ସମସ୍ତ ବିଷୟ ତଦନ୍ତ କରିବାର ଆଦେଶ ପ୍ରଚାରିତ ହେଲା । କିନ୍ତୁ ସେ କେଉଁଝର ନଯାଇଁ କଟକ ମୁକାମରେ ଉପସ୍ଥିତ ହୋଇ କେନ୍ଦୁଝର-ବିଦ୍ରୋହ ସମ୍ବନ୍ଧୀୟ ମୋକଦ୍ଦମା ନିଷ୍ପତ୍ତି କରି ଆପଣା ରାଜ୍ୟକୁ ଫେରିଯିବା ସକାଶେ ମହାରାଜାଙ୍କୁ ଅନୁମତି ଦେଲେ ।"

ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ପୁଣି ଶାସନକ୍ଷମତା ଫେରି ପାଇଲେ ।

ଏହି ଦିନରୁ ଆରମ୍ଭ ହୋଇଥିଲା—ସାର ଚାର୍ଲ୍‌ସ୍ ଆଲ୍‌ଫ୍ରେଡ୍ ଏଲିୟଟ୍‌ଙ୍କ ସହିତ ମଧୁସୂଦନଙ୍କର ପ୍ରୀତିପୂର୍ଣ୍ଣ ବନ୍ଧୁତ୍ୱ ଓ ଓଡ଼ିଶା ପ୍ରତି ଏକ ସମ୍ବେଦନଶୀଳ ଦୃଷ୍ଟିକୋଣ । ଭାରତରେ କାର୍ଯ୍ୟକାଳ ସମାପ୍ତ ହେବା ପରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ପରେ ମଧ୍ୟ ସେ ଓଡ଼ିଶା ପ୍ରତି

ସହାନୁଭୂତି ସମ୍ପନ୍ନ ରହିଥିଲେ । ବିଶେଷତଃ ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦ-ବିରୋଧୀ ଆନ୍ଦୋଳନ ବେଳକୁ ସେ ଅବସର ଗ୍ରହଣ କରିଥିଲେହେଁ, ଓଡ଼ିଶା ଓ ଓଡ଼ିଆଭାଷା ସପକ୍ଷରେ ତାଙ୍କର ପ୍ରଭାବ ପ୍ରୟୋଗ କରିବାରୁ ସେ ବିରତ ନଥିଲେ । ଯେଉଁ ମଧୁସୂଦନଙ୍କୁ ଦିନେ ବସିବା ପାଇଁ ସେ ପ୍ରଥମେ ଖଣ୍ଡେ ଚଉକୀ ସୁଦ୍ଧା ଦେଇ ନଥିଲେ; ୧୮୯୮ ସାଲରେ ସେହି ମଧୁସୂଦନଙ୍କୁ " My Dear Sir" ସମ୍ବୋଧନ କରି ଇଂଲଣ୍ଡରୁ ସେ ଖଣ୍ଡେ ପତ୍ରରେ ଲେଖିଥିଲେ..." × × ×

**Orissa has long been a backwater into which no fresh stream entered and of which too little was known; and I would hope the opening of the East Coast Railway will do much to bring it more into contact with the world. You also, as your influence and experience are enlarged will be able to help redressing such inequalities."**

ଟେମ୍ପଲ୍ କିନ୍ତୁ ଏ ଘଟଣାରେ ଶେଷ ପର୍ଯ୍ୟନ୍ତ ବାହାକାମୁଡ଼ି ହୋଇ ରହିଥିଲେ ।

## (ତିନି)

କଟକରୁ କଲିକତା ଲେଉଟାଣି ବାଟରେ ଭଦ୍ରଖ ଠାରେ ଲେଫଟେନେଣ୍ଟ ଗଭର୍ଣ୍ଣର୍ ସାର ଚାର୍ଲସ୍ ଆଲଫ୍ରେଡ୍ ଏଲିୟଟ୍ ଓ ଚିଫ୍-ସେକ୍ରେଟାରୀ ସାର ହେନେରୀ କଟନ୍ କାମ୍ପ୍ ପକାଇ ରହିଥିଲେ । ମହାରାଜା ଶାସନ କ୍ଷମତା ଫେର ପାଇଥିବାରୁ ଓ୍ୱାଲିସ୍ ସେଇଠାରୁ ସିଧା ବାହୁଡ଼ି ଯାଇଥିଲେ ମୟୂରଭଞ୍ଜ । ସାହେବ ମାନଙ୍କ କାମ୍ପ୍ ଉଠିଯିବା-ପରେ ଫକୀରମୋହନ ହାତୀରେ ଚଢ଼ି ଫେରି ଆସିଥିଲେ ଆନନ୍ଦପୁର— ତାଙ୍କର ପୂର୍ବ କର୍ମସ୍ଥାନକୁ । ମାତ୍ର ସେ ବୁଝି ଥିଲେ ମହାରାଜା ଶାସନକ୍ଷମତା ଫେରପାଇବା ପରେ ସେଠାରୁ ତାଙ୍କର ଦିନକାଳ ଶେଷ ହୋଇ ଆସିଥିଲା । ଓଭରସିଅର୍ ବିଶ୍ୱାନନ୍ଦ ଓ ସିରସ୍ତାଦାର ପ୍ରମୁଖ ମହାରାଜାଙ୍କ କାନକୁହା ପାଖଲୋକେ ମହାରାଜାଙ୍କୁ ବୁଝାଇ ଦେଇଥିଲେ, ମେଳି ମୂଳରେ ଥିଲେ ସ୍ୱୟଂ ଫକୀରମୋହନ; ପୁଣି ତାଙ୍କର ଯୋଗୁଁ ମହାରାଜା ରାଜ୍ୟଚ୍ୟୁତ ହୋଇଥିଲେ । ବିଶେଷତଃ ମହାରାଜାଙ୍କ ନିର୍ବାସନ ପାଇଁ ଟେମ୍ପଲ୍‌ଙ୍କ ଆଦେଶ ଫକୀରମୋହନ ନିଜ ହାତରେ

ଲେଖିଥିବାରୁ ତାଙ୍କ ବିରୁଦ୍ଧରେ କାନଭୁହା ମାନଙ୍କର ଯେତେ ସବୁ ମିଛ ଅଭିଯୋଗ, ମହାରାଜାଙ୍କ ମନରେ ଦୃଢ଼ୀଭୂତ କରିଦେଇଥିଲା ।

ସାନ୍ତାଳ ମାନଙ୍କର ଗୋଟାଏ ପଦ୍ୟ ଫକୀରମୋହନଙ୍କର ମନେ ପଡ଼ିଗଲା···

"ପାଚିଲା ଧାନ, ବାଜିଲା ଗୁଙ୍ଗୁ, ଗାଲର ଉପରେ ଗାଲ
ହେଲା ଚଉଡ, ସରିଲା ଧାନ, ଯେଉଁଠି ଖାଲ ସେଇଠି ଗୁଲ !"

ସେ ମଧ୍ୟ ଏଇ ଯାଯାବର ସାନ୍ତାଳ ମାନଙ୍କ ପରି; ତାଙ୍କ ହାଣ୍ଡି କେଉଁଠି କଳା ପଡ଼ି ପାରିଲା ନାହିଁ ! ଏବେ କେନ୍ଦୁଝରରୁ ମଧ୍ୟ ବିଦାୟ ନେବାର ବେଳ ଆସି ଯାଇଥିଲା । ମନର ଅସ୍ଥିରତା ଓ ଉଦ୍‌ବେଗ ଶାନ୍ତ କରିବା ପାଇଁ ଫକୀରମୋହନ ହାତୀ ପିଠି ଉପରେ କାଗଜ ପେନ୍‌ସିଲ୍ ଧରି ଆରମ୍ଭ କରିଥିଲେ "ଉତ୍କଳ ଭ୍ରମଣଂ"'ର ରଚନା । ଏଣେ ସକାଳ-ଡାକ୍‌ରେ ବେନାମୀ "ଉତ୍କଳ ଭ୍ରମଣଂ" ପାଇଁ ଏହାର ଲେଖକ କିଏ ଅନୁମାନ କରି ନପାରି ମଧୁସୂଦନ ମନେ ମନେ ଯଥେଷ୍ଟ ବିସ୍ମିତ ହୋଇଥିଲେ । 'ଉତ୍କଳ-ଦୀପିକା' ମଧ୍ୟ ଲେଖିଥିଲେ···

"ଆମ୍ଭେମାନେ ଡାକଯୋଗେ ଖଣ୍ଡେ ବେନାମୀ ପୁସ୍ତିକା ଉପହାର ପାଇ ବଡ଼ ଧନ୍ଦାରେ ପଡ଼ିଅଛୁ । × × × ଏଥିକୁ ପୁସ୍ତକର ମୁଖପତ୍ରରେ ଏହାର ପରିଚୟ ଏପରି ଦିଆ ଯାଇଅଛି । ଯଥା ଉତ୍କଳ-ଭ୍ରମଣଂ କେନଚିତ ଉତ୍କଳ-ପୁତ୍ରେଣ ବିରଚିତଂ, ଅବଶ୍ୟ ମୁଦ୍ରା ଯନ୍ତ୍ରେଣ ମୁଦ୍ରିତଂ ।"*

ଆନନ୍ଦପୁରରେ ପହଞ୍ଚିବାର ଦୁଇଦିନ ମଧ୍ୟରେ ଏହାର ଲେଖା ଓ ଛପା ସମାପ୍ତ ହୋଇଥିଲା । ସ୍ୱାଗତକର୍ତ୍ତା ମଧୁସୂଦନଙ୍କ ଉଦ୍ଦେଶ୍ୟରେ ଫକୀର-ମୋହନ ଏଥିରେ ଲେଖିଥିଲେ···

"ଆସ ଆସ Mr. Das କରେଁ Shake hand
ଉଜ୍ଜ୍ୱଳ ହୋଇଛି ତୁମ୍ଭ ଯୋଗେ Motherland.
ଭଲବେଳେ କରିଅଛ ଓକିଲାତି ପାସ୍
ସାବାସ୍ ସାବାସ୍ ଭାଇ ସାବାସ୍ ସାବାସ୍ ।"

ମାତ୍ର କେନ୍ଦୁଝରରେ ମଧୁସୂଦନଙ୍କ ସହିତ ସେକ୍‌ହାଣ୍ଡ୍ ପାଇଁ ଫକୀରମୋହନଙ୍କର ଆଉ ଅବକାଶ ନଥିଲା ।

* ଉତ୍କଳ-ଦୀପିକା ତା ୧୨।୩।୧୮୯୨ରିଖ

ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ରାଜ୍ୟ ଫେରି ପାଇଥିଲେହେଁ, ରାୟ ବାହାଦୁର ନନ୍ଦକିଶୋର ଦାସ, କେନ୍ଦୁଝରର ପଲିଟିକାଲ୍ ଏଜେଣ୍ଟ୍ ରୂପେ ନିଯୁକ୍ତ ହୋଇ ଆସିଥିଲେ । ଭୂୟାଁମାନଙ୍କ ମଧ୍ୟରେ ବିକ୍ଷୋଭ କିନ୍ତୁ ତଥାପି ଶାନ୍ତ ପଡ଼ି ନଥିଲା । ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ସେମାନେ ମହାରାଜା ରୂପେ ଗ୍ରହଣ କରିବା ପାଇଁ ଆଉ ପ୍ରସ୍ତୁତ ନଥିଲେ । ଭୂୟାଁମାନଙ୍କ ଆପତ୍ତି ସେଟଲମେଣ୍ଟ୍ ବିରୁଦ୍ଧରେ । ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଗାଦିକୁ ଫେରିଲେ ଭୂୟାଁମାନଙ୍କ ଉପରେ ସେଟଲ-ମେଣ୍ଟ ଦାଉ ପୁଣି ବଢ଼ିବ । ...ଏହାହିଁ ଥିଲା ସେମାନଙ୍କର ଆଶଙ୍କା ।

ଆନନ୍ଦପୁର ଠାରେ ପହଞ୍ଚିବା ମାତ୍ରେ ଭୂୟାଁମାନଙ୍କ ତରଫରୁ ପୁଣି ମେଳିର ଆଭାସ ମିଳିଲା । ଭୂୟାଁମାନଙ୍କର ଏକ କଥା — ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ସେମାନେ ଚାହାନ୍ତି ନାହିଁ । ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣର ସାର୍ ଚାର୍ଲ୍‌ସ ଆଲଫ୍ରେଡ଼୍ ଏଲିୟଟ୍ ମଧ୍ୟ ତାଙ୍କୁ ଚାହୁଁ ନଥିଲେ । କିନ୍ତୁ ମଧୁ-ସୂଦନ ଯଦି ସାର ଚାର୍ଲସ୍‌ଙ୍କୁ ମନାଇଁ ପାରିଲେ, ଏ ଅମଣିଆଁ ଭୂୟାଁ ମାନଙ୍କୁ ମଣାଇବାକୁ ବା କେତେ ବିଳମ୍ବ ଲାଗିବ ?

ବୈତରଣୀ ନଦୀ ପାର ହେବା ପାଇଁ ମହାରାଜାଙ୍କର ସାହସ କୁଳାଉ ନଥିଲା । ନଦୀର ଅପର ପାଖରେ ଧନୁକାଣ୍ଡ ଧରି ଦଳଦଳ ଭୂୟାଁ । ଭୂୟାଁଙ୍କର ଚିତ୍କାର କୋଳାହଳ କରୁଥିଲେ । ନନ୍ଦକିଶୋର ଅବସ୍ଥା ଦେଖି କହିଲେ...“ଏଠାରୁ ବରଂ ଭଦ୍ରଖ ଫେରିଯାଇଁ ସେଠାରୁ ସୈନ୍ୟବାହିନୀ ପଠାଇବାର ବନ୍ଦୋବସ୍ତ କରିବା ଉଚିତ ।”

ମଧୁସୂଦନ କିନ୍ତୁ ନଦୀଘାଟକୁ ଯାଇଁ କେତେଜଣ ଭୂୟାଁଙ୍କୁ ପଚାରିଲେ··· “ତୁମେମାନେ ନିଜର ରାଜାଙ୍କୁ ଚାହଁ ନାହିଁ କେଉଁଥିପାଇଁ ?” ଏକ ସଙ୍ଗରେ ଅନେକ ଗୁଡ଼ିଏ ଭୂୟାଁ କହି ଉଠିଲେ··· “ରାଜା ପୁଣି ଗାଦିକୁ ଫେରିଲେ ବନ୍ଦୋବସ୍ତ ଦାଉ ବଢ଼ିବ ।”

ବସ୍ତୁତଃ ସେତେବେଳର ବନ୍ଦୋବସ୍ତ ଜୁଲୁମ ଭୂୟାଁ ମେଳିର ଅନ୍ୟତମ ପ୍ରଧାନ କାରଣରେ ପରିଣତ ହୋଇଥିଲା । ମାତ୍ର ମଧୁସୂଦନ ସେମାନଙ୍କୁ ବୁଝାଇ ଦେଲେ, ରାଜା ବନ୍ଦୋବସ୍ତ କରିବେ ନାହିଁ ! ବନ୍ଦୋବସ୍ତ କରିବେ ଖୋଦ୍ ସରକାରଙ୍କ ତରଫର ପଲିଟିକାଲ୍ ଏଜେଣ୍ଟ୍ ନନ୍ଦକିଶୋର ବାବୁ ! ରାଜା ତ ତମରି ଭୂୟାଁମାନଙ୍କର ପିଲା ! ତାର ଅମଲାମାନେ କଣ ଦୋଷ କରିଥିଲେ ବୋଲି, ରାଜାକୁ କଣ ତଡ଼ିଦେବରେ ତମେ ? ତମର ନିଜ ପିଲା ଦୋଷ କଲେ, ତୁମେ ନିଜ ପିଲାଙ୍କୁ ତଡ଼ି ଦିଅ କରେ ?

କିନ୍ତୁ କଣ୍ଠରୁ ଏକ ସଙ୍ଗରେ ବାହାରି ପଡ଼ିଲା···"ସତ୍ୟ କଥା, ସତ୍ୟ କଥା। ଭଲା ତ ଆମରି ଘରର ପିଲା।"

ବିକ୍ଷୋଭ ମୁହୂର୍ତ୍ତକ ମଧ୍ୟରେ ଶାନ୍ତ ପଡ଼ିଗଲା। ରାଜା, ନନ୍ଦକିଶୋର ଓ ମଧୁସୂଦନ ପ୍ରମୁଖ ନିର୍ବିଘ୍ନରେ ବୈତରଣୀର ଅପର ପାର୍ଶ୍ୱରେ କଟେଶ୍ୱ ଠାରେ ପହଞ୍ଚିଲେ।

ଫକୀରମୋହନ ସେପରି ସେମାନଙ୍କ ପ୍ରତୀକ୍ଷାରେ ଅପେକ୍ଷା କରି ରହିଥିଲେ। ନନ୍ଦକିଶୋର ପ୍ରମୁଖ ପହଞ୍ଚିବାର ପରଦିନ ପଲିଟିକାଲ୍ ଏଜେଣ୍ଟଙ୍କ ସାକ୍ଷାତରେ ସେ ଅଫିସ ଓ ତହବିଲ ପ୍ରଭୃତିର ସମର୍ପଣ କରି ଆନନ୍ଦପୁରରୁ ବାହାରି ଆସିଲେ।

"ଉତ୍କଳ-ଦୀପିକା" ଲେଖିଥିଲେ···

"ମହାରାଜା ଆନନ୍ଦପୁର ମୁକାମରେ ଉପସ୍ଥିତ ହେବା ସମୟରେ ସେଠା ଭୂୟାଁମାନେ ପୁଣି କିଛି ଗୋଳମାଳର ଆଭାସ ଦର୍ଶାଇଥିଲେ ଓ ବନ୍ଦୋବସ୍ତ ନିବାରଣ ନିମନ୍ତେ ଜିଦ କରିଥିଲେ। କିନ୍ତୁ ସେ ସମସ୍ତ କାର୍ଯ୍ୟରେ ମହାରାଜାଙ୍କର କୌଣସି ଅଧିକାର ନଥିବା ବିଷୟ ଓକିଲବାବୁ ମଧୁସୂଦନ ଦାସ ସେମାନଙ୍କୁ କହି ସାନ୍ତ୍ୱନା ପ୍ରଦାନ କରିବାରୁ ଓ ରାୟ ବାହାଦୁର ନନ୍ଦକିଶୋର ଦାସଙ୍କ ଦ୍ୱାରା ବନ୍ଦୋବସ୍ତ ହେବାର ବୁଝି-ପାରିଲରୁ ଭୂୟାଁମାନେ ଶାନ୍ତ ହେଲେ। × × କେନ୍ଦୁଝରର ଭଲ ମନ୍ଦରେ ଦାୟୀ ବାବୁ ମଧୁସୂଦନ ଦାସ। ତାଙ୍କର ଓକିଲାତି ପଣରେ ମହାରାଜା ପୁନରାୟ ରାଜ୍ୟପ୍ରାପ୍ତ ହେଲେ ଓ ତାଙ୍କର ବାକ୍ୟାନୁସାରେ ଭୂୟାଁମାନେ ମହାରାଜାଙ୍କୁ ସେବା କଲେ। ବାବୁ ମହୋଦୟ ମହାରାଜାଙ୍କ ଠାରୁ ପୁରସ୍କାର ସ୍ୱରୂପ ଘରେ ହାତୀ ପାଇ ଅଛନ୍ତି। *

କିନ୍ତୁ ସେ ହାତୀ ଉପରେ ଲଦା ଥିଲା ମହାରାଣୀ ଭିକ୍ଟୋରିଆ-ମାର୍କା ଲକ୍ଷେ ଟଙ୍କା !

କେନ୍ଦୁଝର ଗଡ଼ରୁ ଜଣେ ପୋଲିସ ସବ୍‌ଇନସ୍‌ପେକ୍ଟର ମହା-ରାଜାଙ୍କ ଠାରୁ ସେ ଟଙ୍କା ଧରି ମଧୁସୂଦନଙ୍କ ନିକଟକୁ ଆସିଥିଲେ। ଟଙ୍କା ଗଣା ସରିବା ପରେ ଟଙ୍କା ସବୁ ଗୋଟାଏ ଲୁହା ସିନ୍ଦୁକ ଭିତରେ ଥାକ ଥାକ ହୋଇ ରଖା ଯାଉଥିଲା।

---

* ଉତ୍କଳ-ଦୀପିକା, ତା ୨୧।୩।୧୮୯୨

ସିନ୍ଦୁକ ବନ୍ଦ କରିବା ପୂର୍ବରୁ, ମଧୁସୂଦନ ତାଙ୍କର ବିଶ୍ୱସ୍ତ ଭୃତ୍ୟ ହାଡ଼ିଆ-ସର୍ଦ୍ଦାରକୁ କହିଲେ···"ଗୋଟାଏ ଶକ୍ତ ତାଲା ଦେଖି ଆଣ ।"

ହାଡ଼ିଆ ତାଲା ଆଣିବା ପାଇଁ ଚାଲିଯିବା ପରେ, ମଧୁସୂଦନ ଅନ୍ୟମନସ୍କ ଭାବରେ ସିନ୍ଦୁକ ଭିତରୁ ଅଂଜୁଳାଏ ଟଙ୍କା ଦୁଇହାତରେ ଉଠାଇ ଧରିଲେ ।

ଆଖି ଆଗରେ ଭାସି ଉଠିଲା କଲିକତାର ପଥେ ପଥେ, ତାଙ୍କ ସଂଗ୍ରାମ-ବିକ୍ଷତ ଯୌବନର ସେଇ ବିବର୍ଣ୍ଣ ଦିନ ଗୁଡ଼ିକ । ଅଂଜୁଳାରୁ ଟଙ୍କା ସବୁ ଝଣ ଝାଣ ହୋଇ ସିନ୍ଦୁକ ଭିତରକୁ ଖସି ପଡ଼ିଲା । ମଧୁସୂଦନ ସ୍ୱପ୍ନଚାଳିତ ପରି ମନକୁ ମନ କହି ଉଠିଲେ···"A handful of dust which a man might throw away from his hands and still be a man !"

କେନ୍ଦୁଝରରୁ ଆସିଥିବା ସବ୍‌ଇନସ୍‌ପେକ୍ଟର କହିଲେ,··· "ତୁମ୍ଭେ ଖଣ୍ଡେ ରସିଦ ପାଇଁ କହିଥିଲେ ହଜୁର ।" ମଧୁସୂଦନ ଭୁଲି ପଡ଼ି ପଚାରିଲେ··· "ହ୍ୱାଟ୍ ?"

ସବ୍‌ଇନସ୍‌ପେକ୍ଟର ଜଣାକ ଅସ୍ୱସ୍ତି ପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ··· "ତୁମ୍ଭେ କହିଥିଲେ ହଜୁରଙ୍କ ପାଖରୁ ଟଙ୍କାର ଖଣ୍ଡେ ରସିଦ ନେବା ପାଇଁ ।"

ମଧୁସୂଦନଙ୍କ ଆଖି ଆଗରେ ଭାସି ଉଠିଲା, ସେଦିନ ରାତିରେ ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଖଣ୍ଡେ ସାଦା ହାଣ୍ଡନୋଟ୍‌ରେ ଦସ୍ତଖତ ଦେବାର ଦୃଶ୍ୟ । ମଧୁସୂଦନ କହିଲେ···"ତୁମର ମହାରାଜାଙ୍କୁ କହିଦେବ, ମିଷ୍ଟର୍ ଦାସ କାହା ପାଖରୁ ସାଦା ହାଣ୍ଡ୍ ନୋଟ ରଖେ ନାହିଁ, କିମ୍ବା କାହାକୁ ଟଙ୍କାର ରସିଦ ଦିଏ ନାହିଁ !"

ଏ ମହାରାଜାମାନେ ଜାଣି ବା ବୁଝନ୍ତି, ଇନକମ୍-ଟ୍ୟାକସ୍‌ର ଝାମେଲା ?

ସବ୍‌ଇନସ୍‌ପେକ୍ଟର କିଂକର୍ତ୍ତବ୍ୟବିମୂଢ଼ ପରି ସେଠାରୁ ଫେରି ଯାଉଥିଲେ, ମଧୁସୂଦନ ହାଡ଼ିଆକୁ ଡାକି କହିଲେ··· "ହାଡ଼ିଆ ସବ୍-ଇନସ୍‌ପେକ୍ଟର ବାବୁଙ୍କୁ ହଜାରେ ଟଙ୍କା ବାଟ ଖର୍ଚ୍ଚ ପାଇଁ ଦେଇ ଦେ, ରସିଦ ରଖିବା ଦରକାର ନାହିଁ !"

---

## (ଚାରି)

ଢୋଲମିଆଁ ବଜାର ଆଉ ମିସନ୍‌ରୋଡ୍‌ର ମୋଡ଼ । ସେଠି ଥିଲା ଚପ୍‌ବେକ୍ ସାହେବର ଗୋଟାଏ ଭଙ୍ଗାକୋଠୀ ଆଉ ତା' ଚାରିପଟେ ଦୁଇମାଣ ଦୁଇଗୁଣ୍ଠ ଦୁଇବିଶ୍ୱା ଜମିର ହତା; ସେଥିରେ ବଗିଚା ଓ ପୁଷ୍କରିଣୀ । ପଶ୍ଚିମକୁ ଗୋଟାଏ ଦେବଦାରୁ ଜଙ୍ଗଲ । ଦକ୍ଷିଣ ପୂର୍ବକୁ ଓଡ଼ିଶା ମିସନ୍ ପ୍ରେସ୍ ଓ ପୂର୍ବପଟକୁ ବର୍‌କ୍‌ଲି ପ୍ରଭୃତି ମିସନାରୀ ମାନଙ୍କର କୋଠୀ···ଛାୟାଘନ ଦେବଦାରୁ ବୀଥିକା ଭିତରେ ଖଣ୍ଡେ ଖଣ୍ଡେ ଚଉପଟ ଘର ! ଉତ୍ତରପଟେ ବାହାରି ଯାଇଛି ନାଲି ଧୂଳିଆ ମିସନ୍‌ରୋଡ୍, ବକ୍‌ସୀବଜାର ପଲଟଣ ମାର୍କେଟ୍ ପର୍ଯ୍ୟନ୍ତ ।

ଏ ଜାଗାର ଜମିଦାର ଥିଲେ ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ । ଚପ୍‌ବେକ୍ ସାହେବ ତାଙ୍କଠାରୁ ୧୮୮୩ ସାଲରେ ଜାଗା ଖଣ୍ଡିକ ବର୍ଷକୁ ଟ ୭୦୪୩ ପାଇ ଜମାରେ ପଟ୍ଟା ସୂତ୍ରରେ ନେଇ ସେଠାରେ ଗୋଟାଏ କୋଠୀ ତିଆରି କରିଥିଲେ । ଚପ୍‌ବେକ୍ ସାହେବ ଏ ଦେଶକୁ ଆସିଥିଲେ ବ୍ୟବସାୟ ସୂତ୍ରରେ । ମାତ୍ର ତାଙ୍କର ଦୁଇଟା ଜାହାଜ ଗୁନ୍ଦବାଲୀ ଠାରେ ମାଡ଼ ଖାଇବା ପରେ ସର୍ବସ୍ୱାନ୍ତ ଦେବାଳିଆ ହୋଇ ସେ କଟକରୁ ବିଦାୟ ନେଇ ଯାଇଥିଲେ । ତା'ପରେ ଦେଣା ପରିଶୋଧ ପାଇଁ ୧୮୮୯ ସାଲରେ ଚପବେକ୍ ସାହେବଙ୍କ କୋଠୀ ଆଉ ହତା ଡାକନିଲାମରେ ଉଠିଥିଲା । ମଧୁସୂଦନ ସେତେବେଳେ ଏ ଜାଗା ଖଣ୍ଡିକ ଧରିଥିଲେ ନିଲାମରେ । ସେହି ଜମିରେ ଗୋଟାଏ ଘର ତିଆରି ପାଇଁ ମଧୁସୂଦନ ସେତେବେଳେ ଯୋଜନା କରିଥିଲେ । ସେଇ ଘର ଆଜିର "ମଧୁସ୍ମୃତି" !

ଶଙ୍କର ମୋହରର ପୁଣି ଥରେ ସେତେବେଳେ ପରାମର୍ଶ ଦେଇଥିଲେ···" ଏଠା ଅପେକ୍ଷା ତେଲେଙ୍ଗାବଜାର ଅଞ୍ଚଳ ବ୍ୟବସାୟ ଦୃଷ୍ଟିରୁ ଲାଭଜନକ ହୁଅନ୍ତା ।"

ମଧୁସୂଦନ ଶାଣିତ ବଜ୍ରପ୍ରବୋଲା କଣ୍ଠରେ ଉତ୍ତର ଦେଇଥିଲେ···" ଓଃ ! ବ୍ୟବସାୟେର୍ ଜନ୍ୟ ଆମାକେ ତେଲେଙ୍ଗା ବାଜାରେ ଥାକ୍‌ତେ ହବେ ବୁଝି ?"

ମଧୁସୂଦନଙ୍କ ଉତ୍ତରରୁ ବ୍ୟଞ୍ଜନାଟି ବୁଝି, ଶଙ୍କର ମୋହନ୍ତର ଏଥର ମଧ୍ୟ ନୀରବ ରହିଥିଲେ । ତା'ପରେ ତପବେଳ ସାହେବ ହତାରେ ଘର ତିଆରି କାର୍ଯ୍ୟ ଆରମ୍ଭ ହୋଇଥିଲେହେଁ; ଅର୍ଥାଭାବରୁ ତାହା ବିଶେଷ ଅଗ୍ରଗତି କରି ପାରି ନଥିଲା !

ବିହାରିବାଗ୍‌ରେ ମଧୁସୂଦନ କିନ୍ତୁ ବେଶ୍ ଥିଲେ । ସେଠାରେ ପୁଣି ଥିଲା ମଧୁସୂଦନଙ୍କ ନବନିର୍ମିତ ନାଟ୍ୟମଞ୍ଚ—ଯାହା କ୍ରମେ କଟକରେ ନାଟ୍ୟ-ଆନ୍ଦୋଳନର କେନ୍ଦ୍ରବିନ୍ଦୁରେ ପରିଣତ ହୋଇ ପଡ଼ିଥିଲା । ମାତ୍ର ଏବେ ଅମ୍ବିକାର ପିଲାମାନେ ମଧୁସୂଦନଙ୍କ ସଂସାରରେ ଆଶ୍ରୟ ନେବା ପର ଠାରୁ ବିହାରିବାଗ୍ ଘର ସେମାନଙ୍କ ପାଇଁ ଆଉ ପ୍ରଶସ୍ତ ନଥିଲା । ତା'ପରେ ମଧୁସୂଦନଙ୍କ ଆବଶ୍ୟକ ଥିଲା କେବଳ ଗୋଟାଏ ପ୍ରଶସ୍ତ ବାସଗୃହ ଅଥବା ବ୍ୟବସାୟ ପାଇଁ ଦପ୍ତର ନୁହେଁ—ତାଙ୍କର ପ୍ରୟୋଜନ ଥିଲା, ଓଡ଼ିଶାରେ ନବଜୀବନର ଅଭ୍ୟୁଦୟ ପାଇଁ ଏକ ସୁସଙ୍ଗଠିତ ପ୍ରାଣକେନ୍ଦ୍ର !

ମୂଳକୋଠାର ଦୋମହଲା ତିଆରି ଚାଲିଥିଲା । ତାହାର ଉତ୍ତର-ପୂର୍ବ କୋଣକୁ ଆଉ ଗୋଟାଏ କୋଠାର ମୂଳଦୁଆ ମଧ୍ୟ ଦିଆ ସରିଥିଲା । ସେଠାରେ ଆରମ୍ଭ ହେବ ଗୋଟାଏ ଆର୍ଟ୍ ସ୍କୁଲ୍, ଓଡ଼ିଆ ଯୁବକ ମାନଙ୍କୁ କାରିଗରୀ ବିଦ୍ୟା ମାନଙ୍କରେ ତାଲିମ ଦେବା ପାଇଁ । ଦକ୍ଷିଣ ପାଖକୁ ତିଆରି ଚାଲିଥିଲା ଗୋଟାଏ ପ୍ରଶସ୍ତ ଟେନିସ୍‌କୋର୍ଟ । ମଧୁସୂଦନ ଘରତିଆରି କାର୍ଯ୍ୟ ତଦାରଖ ପାଇଁ ଆସିଥିଲେ । ଦିନେ ଦିନେ ଅପରାହ୍ଣରେ ମହାନଦୀ କୂଳକୁ ବୁଲି ବାହାରିବା ବେଳେ ଘର ତିଆରି ଦେଖିବା ପାଇଁ ମଧୁସୂଦନ ସେଠାକୁ ଆସିଥାନ୍ତି । ହତାର ଗୋଟାଏ କୋଣରେ ଗୋଟାଏ ପିଜୁଳି ଗଛ ମୂଳରୁ ଶୈଳ, ସୁଧାଂଶୁ ଓ ଚନ୍ଦ୍ର ପ୍ରଭୃତିଙ୍କର ଚିତ୍କାର ଓ ଅକାରଣ ହଟ୍ଟଗୋଳ ଶୁଭୁଥିଲା ।

ପ୍ରସନ୍ନମୟୀ କେତେମାସ ତଳେ ଯେଉଁ ବିଛଣା ଧରିଥିଲେ ସେଥିରୁ ଆଉ ଉଠିନଥିଲେ । ତାପରେ ଅମ୍ବିକା ସିମ୍‌ଲାରେ ସେଆଡ଼େ ଦ୍ୱିତୀୟ ବିବାହ କରି ରହିଲା । ପ୍ରସନ୍ନମୟୀର ଶିଶୁପୁତ୍ର କନ୍ୟା ମାନଙ୍କ ପାଇଁ ଅମ୍ବିକାର ଦ୍ୱିତୀୟ ସଂସାରରେ ସ୍ଥାନ ନଥିଲା । ସେଥର କଲିକତାରେ ପ୍ରସନ୍ନମୟୀ ଶେଷଶଯ୍ୟାରେ ମଧୁସୂଦନଙ୍କୁ ତାର ଶେଷ ଅନୁରୋଧ ଜଣାଇଥିଲା— ଦୁଇ ବିନ୍ଦୁ ନୀରବ ଅଶ୍ରୁରେ । ଅମ୍ବିକାର

ହିଂସାପୂ ସଂସାରରେ ତାଙ୍କର ପୁତ୍ରକନ୍ୟା ମାନଙ୍କ ପାଇଁ ଯେ ସ୍ଥାନ ନଥିଲା; ଜୀବନର ଶେଷମୁହୂର୍ତ୍ତରେ ତାହାହିଁ ଥିଲା ପ୍ରସନ୍ନମୟୀର ଏକମାତ୍ର ଉତ୍ପୀଡ଼କ ଚିନ୍ତା । ପ୍ରସନ୍ନମୟୀ, ବାଷ୍ପରୁଦ୍ଧ କଣ୍ଠରେ କହିଥିଲେ··· " ଏ ପିଲାମାନେ ଲାଗିଲେ !"

ତା'ପରେ ଚନ୍ଦ୍ର ଓ ସୁଧାଂଶୁ ପ୍ରଭୃତିଙ୍କୁ ଚନ୍ଦବାଲିଆସ୍କୋଲ୍ରୁ ସଙ୍ଗରେ ଧରି ମଧୁସୂଦନ ଚାଲି ଆସିଥିଲେ କଟକ । ବସ୍ତୁତଃ ମଧୁସୂଦନଙ୍କ ରିକ୍ତ ସଂସାରର କଠୋର ନୀରବତା ଜୀବନଗୃହପଲ୍ୟରେ ହଠାତ୍ ମୁଖରିତ ହୋଇ ଉଠିଥିଲା । ସେହିକବେଳେ ମଧୁସୂଦନ ଶୈଳଙ୍କୁ ମଧ ବେଥୁନ୍-ସ୍କୁଲ ହଷ୍ଟେଲରୁ କଟକକୁ ପାଇଁ ଘେନି ଆସିଥିଲେ କଟକ । ଶୈଳ ସେତେବେଳେ ଏଣ୍ଟ୍ରାନ୍ସ ଦଶମ ଶ୍ରେଣୀର ଛାତ୍ରୀ । ତାହା ୧୮୯୨ ସାଲର ଘଟଣା । *

ଶୈଳ ଦଶମ ଶ୍ରେଣୀର ଛାତ୍ରୀ; ସେତେବେଳକୁ ସତର ବର୍ଷ ବୟସର ଯୁବତୀ । ମାତ୍ର ନବଯୁବତୀସୁଲଭ ବ୍ରୀଡ଼ା ବା ସଙ୍କୋଚର ଲେଶ ମାତ୍ର ତାଙ୍କ ଠାରେ ନଥିଲା । କଟକର ବିବର୍ଣ୍ଣ ସମାଜମଣ୍ଡଳୀରେ ସେ ଥିଲେ ଯେପରି ଏକ ବିଚିତ୍ରବର୍ଣ୍ଣା ପ୍ରଜାପତି ! କୁମାରୀ ବୟସର ନିଃସଙ୍କୋଚ ଚପଳତା ତାଙ୍କ ଠାରୁ ତଥାପି ବିଦାୟ ନେଇ ନଥିଲା ! ବାଳିକାର ଅପାପବିଦ୍ଧ ସାରଲ୍ୟ ସହିତ ନବଯୌବନର ବୁଦ୍ଧିଦୀପ୍ତ ଶିକ୍ଷା-ମାର୍ଜିତ ଲାବଣ୍ୟ ତାଙ୍କର ଦେହେସ୍ତରେ ଆଣିଥିଲା ଏକ କମନୀୟ ସୌଷ୍ଠବ । କିନ୍ତୁ ତାଙ୍କର ଚାଲିଚଳନରେ ଥିଲା ବାଳକସୁଲଭ ଏକ ଉଦ୍ଧତ ଚଞ୍ଚଳତା ।

ଓଡ଼ିଶାର ନାରୀସମାଜରେ ବୁଦ୍ଧିମତୀ, ଆଧୁନିକ ଶିକ୍ଷାରେ ସୁଶିକ୍ଷିତା ପୁଣି ଚଟୁଳା ମାନଙ୍କର ଅଭ୍ୟୁଦୟ ପାଇଁ ମଧୁସୂଦନଙ୍କ ପ୍ରତୀକ୍ଷା ଯେପରି ଶୈଳ ଠାରେ ରୂପ ପରିଗ୍ରହ କରିଥିଲା ।

---

* ଶୈଳବାଳା ତାଙ୍କ ଆତ୍ମଚରିତ "A look back and After"ରେ ଲେଖିଛନ୍ତି···"After my mother's death in 1892, he brought us all to Cuttack to stay with him. My father married a second time and stayed in Simla. So we brothers and sisters stayed at Cuttack which was our home."··· ପୃ ୬

ପିତାମହୀ ଅଥବା ଜନନୀ ଯାବତୀ ଦେବୀଙ୍କ ଠାରୁ ଏମାନେ ଶାନ୍ତି ଓ ନିଷ୍ଠା, ଶିକ୍ଷା ଓ ସଂସ୍କାର, ପୁଣି ଜୀବନାଦର୍ଶ ଓ ଚଳଣିରେ ଅବଶ୍ୟ ସ୍ୱତନ୍ତ୍ର ଥିଲେ । ମାତ୍ର ଯୁଗର ପରିବର୍ତ୍ତନ ପରେ ଏହିପରି ନବୀନା ମାନଙ୍କର ନବଯୁଗର ପ୍ରଭାତ ଯେ ଆସନ୍ନ ହୋଇ ଆସିଥିଲା, ସେଥିରେ ମଧ୍ୟ ମଧୁସୂଦନଙ୍କର ସନ୍ଦେହ ନଥିଲା । କିନ୍ତୁ ଓଡ଼ିଶାରେ ସେତେବେଳେ ଲଣ୍ଡନ-ମିସନ୍ ସୋସାଇଟୀ ଅଥବା ବେଥୁନ୍ ସ୍କୁଲ ପରି ନାରୀଶିକ୍ଷାର କୌଣସି ଶିକ୍ଷାୟତନ ନଥିଲା । ଓଡ଼ିଶାରେ ସେହିମାନ ନାରୀଶିକ୍ଷାର କ୍ଷୀଣ ସତ୍ରପାତ ହୋଇଥିବାରୁ, ସେପର୍ଯ୍ୟନ୍ତ ଇଂରାଜୀ ଶିକ୍ଷିତା, ସାମାଜିକା ମାନଙ୍କର ଆବିର୍ଭାବ ତଥାପି ଘଟି ନଥିଲା । ସେଥିପାଇଁ ମଧୁସୂଦନଙ୍କ ଅଲକ୍ଷିତରେ ଶୈଳ ତାଙ୍କର ମାନସକନ୍ୟାରେ ପରିଣତ ହୋଇ ପଡ଼ିଥିଲା । ଶୈଳକୁ ନିଜର କର୍ମସଙ୍ଗିନୀ ରୂପେ ସେ ମନେ ମନେ ବାଛି ନେଇଥିଲେ ।

ବଗିଚାର କେଉଁ ଅରମା କୋଣରୁ ଶାଣ୍ଟୁ କଣ୍ଠରେ ଶୈଳର ଅକାରଣ ଚିତ୍କାର ସହିତ ସୁଧାଂଶୁ ଓ ଚନ୍ଦ୍ର ପ୍ରଭୃତିଙ୍କର କୋଳାହଳ ଶୁଣିବା ବେଳେ, ଅନାସ୍ୱାଦିତ ସନ୍ତାନବତ୍ସଳତାରେ ମଧୁସୂଦନଙ୍କର ଅନ୍ତଃସ୍ଥଳ ସିକ୍ତ ହୋଇ ଉଠୁଥିଲା । ଶୈଳ ଗୋଟାଏ ପିଜୁଳି କାମୁଡ଼ି ଯେତେବେଳେ ମଧୁସୂଦନଙ୍କ ପାଖକୁ "ଦାଦା, ଦାଦା" ଚିତ୍କାର କରି ଧାଇଁ ଆସିଲା, ମଧୁସୂଦନ କପଟ ଗାମ୍ଭୀର୍ଯ୍ୟରେ କହିଲେ···"ଏତେ ବଡ଼ ଧାଙ୍ଗିଡ଼ୀଟା ହୋଇ ବି ତୁ ସେଇ ସୁଧା ଆଉ ଚନ୍ଦ୍ର ସାଙ୍ଗରେ ପିଜୁଳି ପାଇଁ ଝଗଡ଼ା କରୁଛୁ ଶୈଳ ?"

ଅର୍ଦ୍ଧଭୁକ୍ତ ପିଜୁଳୀରୁ ଆଉ କଳେ କାମୁଡ଼ି, ଶୈଳ କହିଲା··· "ବାଃରେ ! ପିଜୁଳି ଗଛଟା ତ ମୋର । ସୁଧା ଆଉ ଚନ୍ଦ୍ରଙ୍କର ମୋ ପିଜୁଳୀ ଗଛ ଉପରେ କି ଅଧିକାର ଅଛି ଶୁଣେ ? ସେମାନେ ସିମ୍ଲା ଚାଲି ଯାଉ ନାହାନ୍ତି ବାବା ପାଖରେ ରହିବେ !"

ମଧୁସୂଦନ ଚିତ୍କାର କରି ଉଠିଲେ···"ଆଃ, ଚୁପ୍ କର ଶୈଳ ! ସେମାନେ ସିମ୍ଲା ଯିବେ କାହିଁକି ? ସେମାନେ ମଧ୍ୟ ଏଇଠି ରହିବେ । ଏ ଘର ମଧ୍ୟ ସେମାନଙ୍କର !"

ଶୈଳ ଖଣ୍ଡିଆ ପିଜୁଳିଟା ଅଭିମାନରେ ଫିଙ୍ଗିଦେଇ କହିଲା··· "ଏ ଘରଟା ସେମାନଙ୍କର କିପରି ହେଲା ଶୁଣେ ? ମୁଁ ସିନା ଆପଣଙ୍କର ଝିଅ, ସେମାନେ ଏଠାରେ କିଏ ?"

ଶୈଳ କଣ୍ଠରେ ଅଭିମାନ ନଥିଲା, ଥିଲା ଈର୍ଷ୍ୟାଜର୍ଜରିତ ଉଷ୍ମା । ମଧୁସୂଦନ ହଠାତ୍ ଗମ୍ଭୀର ଓ ଉଦାସ ହୋଇ ପଡ଼ିଥିଲେ । ସେ କହିଲେ ···"ଶୈଳ, ଏ ଦୁନିଆ ଗୋଟାଏ ମୁସାଫିରଖାନା ! ସମସ୍ତେ ଆସିବେ, ରହିବେ, ଯିବେ । ଏ ଜାଗା, ଘର ଦିନେ ଥିଲା ଡଫ୍‌ବେକ୍ ସାହେବର ! ମୁଁ ଧରିଲି ନିଲାମରେ । ପୁଣି ମୋ'ଠାରୁ କିଏ ଏହାକୁ ନିଲାମରେ ଧରିବ, ସେ-କଥା ଈଶ୍ୱର ଜାଣନ୍ତି !"

ତା'ପରେ ମନକୁ ମନ ଗୁଣୁ ଗୁଣୁ କଣ୍ଠରେ ଗାଇ ଉଠିଲେ··· "ଚଲୋ ମୁସାଫିର୍ ବାନ୍ଧୋ ଗଣ୍ଠରିଆ···"

ମଧୁସୂଦନ ଓ ଶୈଳ ବୁଲି ବୁଲି ଟେନିସକୋର୍ଟ ପାଖରେ ଆସି ପହଞ୍ଚିଥିଲେ । ଶୈଳ ପଚାରିଲା···"ଏ କୋର୍ଟରେ ତୁମେ ଟେନିସ୍ ଖେଳିବ ଦାଦା ?"

ମଧୁସୂଦନ କହିଲେ···"ନାଁରେ ପାଗ୍‌ଲୀ, ମୁଁ ଆଉ ଟେନିସ୍ ଖେଳ ଶିଖିଲି କୁଆଡ଼ୁ ?"

ମଧୁସୂଦନଙ୍କ ମନୋଦୃଷ୍ଟିରେ ଭାସିଉଠିଲା ସଂଗ୍ରାମବହୁଳ ଯୌବନର, ଆନନ୍ଦଉତ୍ସବହୀନ ଶ୍ରମକ୍ଳାନ୍ତ ଦିନ ଗୁଡ଼ିକ ! ସେ ଗମ୍ଭୀର କଣ୍ଠରେ କହିଲେ···"ଅନ୍ୟମାନେ ଖେଳିବେ ଏଠି ! ତୁ ମଧ୍ୟ ଖେଳିଲେ ଆପତ୍ତି ନାହିଁ । ଖେଳ ଯିଏ ଖେଳୁ, ଠିକ୍ ଭାବରେ ଖେଳି ପାରିଲେ କେବଳ ହେଲା !"

ଅପରାହ୍ଣର ଛାୟା ଦେବଦାରୁ ବୀଥିକା ଶୀର୍ଷରେ କ୍ରମେ ଗାଢ଼ ହୋଇ ଆସୁଥିଲା । ମହାନଦୀ ଆଡ଼େ ମଧୁସୂଦନ ଏକା ଏକା ବୁଲି ବାହାରିଗଲେ । ସବୁଆଡ଼େ ଅସ୍ୱାଭାବିକ ସ୍ତବ୍ଧତା । ଗଛ ଡାଳ ମାନଙ୍କରେ ପତ୍ରଟିଏ ସୁଦ୍ଧା ହଲୁ ନଥିଲା । ରୌଦ୍ରଦଗ୍ଧ ମାଟିର ଉତ୍ତପ୍ତ ନିଶ୍ୱାସ ହଠାତ୍ ଯେପରି ନିରୁଦ୍ଧ ହୋଇ ପଡ଼ିଥିଲା ।

ଆକାଶରେ ଝଡ଼ର ସଙ୍କେତ । ମଧୁସୂଦନ ଧୀର ମନ୍ଥର ପାଦରେ ଦେବଦାରୁ ବୀଥିକାର ନିଭୃତ ଅନ୍ଧକାର ମଧ୍ୟରେ ଗୋଟିଏ ନିଃସଙ୍ଗ ଛାୟାପରି କ୍ରମେ ମିଳାଇ ଯାଉଥିଲେ ।

# ଦଶମ ପରିଚ୍ଛେଦ

## (ଏକ)

ଖ୍ରୀ : ଅ : ୧୮୯୫...ଓଡ଼ିଶାର ରାଜନୈତିକ ଇତିହାସରେ ଏକ ସ୍ମରଣୀୟ ବର୍ଷ । ଓଡ଼ିଆର ଜାତୀୟ ଚେତନା ଏକ ଆକସ୍ମିକ ଆଗ୍ନେୟ ସଙ୍କଟ ମଧ୍ୟରେ ଯେପରି ରୂପ ପରିଗ୍ରହ କରିଥିଲା !

ଓଡ଼ିଶାର ଭାଗ୍ୟ—ବିଡମ୍ବିତ ଆକାଶରେ ହଠାତ ଅଙ୍ଗ ଏକ ଝଡ଼ ଉଠିଥିଲା; ପୁଣି ସେଇ ଓଡିଆ ଭାଷାକୁ କେନ୍ଦ୍ର କରି ! ମଧ୍ୟପ୍ରଦେଶର ଚିଫ୍-କମିସନର୍ ସାର୍ ଆଣ୍ଡ୍ରୁ ଫ୍ରେଜର୍‌ଙ୍କ ହୁଙ୍କାପିଠା ଆଦେଶ ବଳରେ ୧୮୯୫ ସାଲ ୨୫ ତାରିଖ ଜାନୁୟାରୀ ଦିନ ସମ୍ବଲପୁର ଜିଲ୍ଲାରୁ "ଓଡ଼ିଆ" ଭାଷାର ଉଚ୍ଛେଦ ସମ୍ପର୍କରେ ପ୍ରକାଶ ପାଇଥିଲା ସରକାରୀ ଘୋଷଣା । ତାହା ଓଡ଼ିଆ ଜାତିର କଟାଘାରେ ଯେପରିକି ଲୁଣ ବୋଳି ଦେଇଥିଲା !

ବ୍ୟକ୍ତିର ଜୀବନ ପରି ଜାତିର ଇତିହାସରେ ମଧ୍ୟ ଅନେକ ସମୟରେ କାଳବୈଶାଖୀ ଝଡ଼ ଉଠେ; ଆକାଶରେ ଘୋଟିଯାଏ ଝୁଞ୍ଜ ଅନ୍ଧକାର; ଦୁର୍ଭାଗ୍ୟର ଜଟାଜୂଟ ମେଲା···ସେତେବେଳେ ମନେ ହୋଇଥାଏ ଏଇ ଯେପରି ସୃଷ୍ଟିର ଶେଷ ସୀମାନ୍ତ ! ଏହାପରେ ବିଲୟ ଓ ବିସ୍ମୃତି ! ମାତ୍ର ତାହାର ନେପଥ୍ୟରେ ମଧ୍ୟ ଲୁଚି ରହିଥାଏ ଏକ ଆଲୋକିତ ସୁପ୍ରଭାତର ସୂର୍ଯ୍ୟୋଦୟ !

ଦୂରଦ୍ରଷ୍ଟା, ଦୁର୍ବାର, ଆଶାବାଦୀ କେବଳ, ସେହି ଝଡ଼ ଓ ଅନ୍ଧକାର ମଧ୍ୟରେ ଦେଖି ପାରିଥାଏ ନବପ୍ରଭାତର ଆଲୋକ । ସେହି ଦୁର୍ବାର ଆଶାବାଦ, ଏକ ଆତ୍ମପ୍ରତ୍ୟୟହୀନ, କ୍ଲାନ୍ତ, ପରାଜିତ ଜନତାକୁ ଆଲୋକିତ ଦିଗନ୍ତ ଆଡ଼େ ଆଗେଇ ନେଇଥାଏ ! ଧର୍ମ-ନେତୃତ୍ୱ ଠାରୁ ରାଜନୈତିକ-ନେତୃତ୍ୱ ପର୍ଯ୍ୟନ୍ତ ମୋଜେସ୍, ଯୀଶୁ ଓ ମହମ୍ମଦଙ୍କ ଠାରୁ ହିନ୍ଦୁ ପୁରାଣର ବିଭିନ୍ନ ଅବତାରଙ୍କ ପର୍ଯ୍ୟନ୍ତ; ସବୁ ନେତୃତ୍ୱର ଶେଷ କଥା ଏଇଆ । ସୌଭାଗ୍ୟ ସମୃଦ୍ଧି ବଣ୍ଟନର ଠିକାଦାରୀ ନେତୃତ୍ୱ ନୁହେଁ ! ତାହା ଏକ ପ୍ରକାର ଦସ୍ୟୁବୃତ୍ତି । ସେସବୁ ଦସ୍ୟୁ-ନେତା

ମାନଙ୍କର କର୍ମ ! ମାତ୍ର ସଙ୍କଟ ମଧ୍ୟରୁ ପରିତ୍ରାଣ ଓ ସେଥିପାଇଁ ସଙ୍କଟ ପୀଡ଼ିତ ଜନତା ପ୍ରାଣରେ ଆତ୍ମଶକ୍ତିର ସଞ୍ଚାର ପ୍ରକୃତ ନେତୃତ୍ୱର ଧର୍ମ ! ଏପରି ନେତୃତ୍ୱରେ ଲାଭ କ୍ଷତି କଳନା, ହାତେ ମାପି ଗୁଡ଼ଖଣ୍ଡେ ଗୁଳିବାର ଦୈନ୍ୟ, କିମ୍ବା ଅନ୍ୟର ସହାନୁଭୂତି ପାଇଁ ଦୟନୀୟ କାରୁଣ୍ୟ ନଥାଏ । ଏ ସବୁ ନେତୃତ୍ୱ ନାମରେ କ୍ଷମତାର ସହଜ ସୌଭାଗ୍ୟ ଅଥବା ଭିକ୍ଷାବୃତ୍ତି ମାତ୍ର । ଏପରି ନେତା ହେବା ପାଇଁ ଆବଶ୍ୟକ, କୁଟୀଳ, ବ୍ୟବସାୟାତ୍ମିକା ବୁଦ୍ଧି, ଚକ୍ର ଓ ଚକ୍ରାନ୍ତ ରଚନାରେ ସୂକ୍ଷ୍ମ ପ୍ରତିଭା; ରୁଚିହୀନ ଆତ୍ମମ୍ଭରିତା ଓ ପରିଶେଷରେ ଭୋଟ-ବୁଭୁକ୍ଷା ! ମାତ୍ର ପୂର୍ବୋକ୍ତ ପ୍ରକାରର ନେତୃତ୍ୱ ଏହାଠାରୁ ମୌଳିକ ଭାବରେ ସ୍ୱତନ୍ତ୍ର ! ଏ ନେତୃତ୍ୱରେ ଇତିହାସ ଠାରୁ ସହାନୁଭୂତି ବା କରୁଣାଭିକ୍ଷା ନଥାଏ । ଏ ନେତୃତ୍ୱ ଇତିହାସର ଆଘାତ ସହ୍ୟ କରି, ଇତିହାସର ମୋଡ଼ ଫେରାଇ ଥାଏ ।

ଏହା ଏକ ଦୁଃସାହସିକ ପ୍ରତିକୂଳ-ସନ୍ତରଣ ।

ମଧୁସୂଦନଙ୍କ ନେତୃତ୍ୱ ଏଇପରି ଧାତୁରେ ହିଁ ଗଠିତ ହୋଇଥିଲା ।

ମଧୁସୂଦନଙ୍କ ସମ୍ମୁଖରେ ଯେଉଁଦିନ ଆସିଥିଲା ସେହିପରି ଏକ ସମସ୍ୟା ଓ ସଙ୍କଟ !

× × ×

ଲେଫଟେନେଣ୍ଟ ଗଭର୍ଣ୍ଣର ସାର ଷ୍ଟୁଆର୍ଟ ବେଲୀଙ୍କୁ ମିଶାଇ ସେ ପର୍ଯ୍ୟନ୍ତ ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ଦାବୀ ତିନି ତିନି ଥର ଇଂରେଜ ଶାସକର ଦରବାରରେ ବିଫଳ ହୋଇ ସାରିଥିଲା । ନାସିକାକୁଞ୍ଚନ ବ୍ୟତୀତ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ମାନଙ୍କ ଠାରୁ ଅନ୍ୟ କୌଣସି ସଦୁତ୍ତର ନଥିଲା । ତଥାପି ଏହି ବହୁପୋଷିତ ଅଭିଳାଷର ଅନ୍ତିମ ସଫଳତାରେ ଓଡ଼ିଆ ଜାତିର ସଂଶୟ ମଧ୍ୟ ନଥିଲା !

ଭଞ୍ଜଭୂମି ଗଞ୍ଜାମର ଓଡ଼ିଆଭାଷୀ ମାନଙ୍କର ବହୁ ଦାବୀ ଓ ଆନ୍ଦୋଳନ ଫଳରେ ଓଡ଼ିଆ ଭାଷା ମାନ୍ଦ୍ରାଜ-ବିଶ୍ୱବିଦ୍ୟାଳୟରେ ୧୮୭୩ ଖ୍ରୀ : ଅ : ରୁ ଅବଶ୍ୟ ପ୍ରବର୍ତ୍ତିତ ହୋଇ ପାରିଥିଲା ।* ତଥାପି ଓଡ଼ିଆ

* Trends of Political Events in Orissa from 1882 to 1936 A.D —ପୃ ୧୧

ସେଠାରେ କୋର୍ଟ-କଚେରୀର ଭାଷା ରୂପେ ସ୍ୱୀକୃତ ହୋଇ ପାରି ନଥିଲା । ୧୮୭୨ ଖ୍ରୀ.ଅ ରେ ଓଡ଼ିଆକୁ କଚେରୀଭାଷା ରୂପେ ପ୍ରଚଳନ କରିବା ପାଇଁ ପ୍ରଚେଷ୍ଟା ଅବଶ୍ୟ ହୋଇଥିଲା । ମାତ୍ର ଓଡ଼ିଆ ଭାଷା ପ୍ରତି "ତେମନ୍ତ ଶ୍ରଦ୍ଧା" ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଗଞ୍ଜାମରେ ଓଡ଼ିଆ ଅନ୍ୟତମ ସରକାରୀ ଭାଷା ରୂପେ ପ୍ରଚଳିତ ହେବାପରେ ଜଣେ ପତ୍ରପ୍ରେରକ "ଗଞ୍ଜାମ ଗେଜେଟ'ରେ ନିମ୍ନ ପତ୍ରଟି ପ୍ରକାଶ କରିଥିଲେ...."ତେଲେଙ୍ଗା ଭାଷାରେ ଲେଖାଇ ଓଡ଼ିଆ ଲୋକେ ଦାଖଲ କରିବା ଅର୍ଜିମାନଙ୍କରେ ଅର୍ଜିଦାରର ତାତ୍ପର୍ଯ୍ୟ ଜଣାଇବାରେ ହୁଡ଼ିଲା ପରେ ଅନେକ କଥାର ଦୃଷ୍ଟାନ୍ତ ହେଲା । ଅର୍ଜିରେ ଜଣା କରିବାକୁ ଉଦ୍ଦେଶ୍ୟ କରିବା ଭାବ ଫିଟି ଯାଇଁ, ତହିଁର ପ୍ରତ୍ୟକ୍ଷ ବିରୁଦ୍ଧ ହୋଇଥିବା ଭାବ କେତେକ ସଙ୍ଗତରେ ସମ୍ଭବିଲା । ଓଡ଼ିଆ ଭାଷାରେ ଥିବା ଯାବନ୍ତ ଅର୍ଜି କଚେରୀମାନଙ୍କରେ ଦାଖଲ କରି ଘେନବାର ହେଉଅଛି ବୋଲି ଓ ତେଲେଙ୍ଗାରେ ଲେଖା ହୋଇଥିଲେ କେଉଁ ପ୍ରକାରେ ଶ୍ରଦ୍ଧା କରାଯାଉଅଛି ଓଡ଼ିଆରେ ଲେଖା ହୋଇଥିଲେ ମଧ୍ୟ ତେମନ୍ତ ଏକ ଶ୍ରଦ୍ଧା କରାଯିବ ବୋଲି ସର୍ବସାଧାରଣରେ ଜଣା ହୋଇନାହିଁ ।" *

ଅବଶେଷରେ ଗଞ୍ଜାମର ସରକାରୀ କଚେରୀ ଓ ଅଦାଲତ ମାନଙ୍କରେ ଓଡ଼ିଆଭାଷା (ଗଭର୍ଣ୍ଣମେଣ୍ଟ ଅର୍ଡ଼ର ନଂ ୨୦୨୪ ତା ୧।୮। ୧୮୯୦ ) ପ୍ରବର୍ତ୍ତିତ ହୋଇଥିଲା । ଏହାପରେ ଓଡ଼ିଆ ଭାଷାଭାଷୀ ଗଞ୍ଜାମ ଜିଲ୍ଲାର ଓଡ଼ିଶା ସହିତ ମିଶ୍ରଣ ଓ ଓଡ଼ିଆଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣର ସମ୍ଭାବନା ନିକଟତର ହୋଇଥିବା ପରି ମନେ ହେଉଥିଲା ।

ଅନ୍ତରରେ ଶାସନ ଦୃଷ୍ଟିରୁ ସମ୍ବଲପୁର ଜିଲ୍ଲାକୁ ଛୋଟନାଗପୁର ସହିତ ମିଶାଇବା ପରେ ହିନ୍ଦୀ ସେଠାରେ କୋର୍ଟ-କଚେରୀ ଭାଷା ରୂପେ ପ୍ରବର୍ତ୍ତିତ ହୋଇଥିଲା । ମାତ୍ର ଜନସାଧାରଣଙ୍କ ତୀବ୍ର ବିରୋଧ ଓ ପ୍ରତିବାଦ ଫଳରେ ସେଠାରେ ଓଡ଼ିଆଭାଷା ପୁନଃପ୍ରଚଳିତ ହୋଇଥିଲା । କିନ୍ତୁ ଖ୍ରୀ : ଅ: ୧୮୯୫ ରେ ସାର୍ ଆଣ୍ଡ୍ରୁ ଫ୍ରେଜରଙ୍କ ହୁକାପିଠା ଆଦେଶରେ ସମ୍ବଲପୁର ଜିଲ୍ଲାରୁ ଓଡ଼ିଆଭାଷାର ବିଲୋପ କରି ହିନ୍ଦୀ ଭାଷାକୁ ଜବରଦସ୍ତ ଲଦି ଦିଆ ଯାଇଥିଲା । ଏହା ଓଡ଼ିଆ ଜାତିର ବହୁପୋଷିତ

* ସୁରେନ୍ଦ୍ର ବଢ଼ିହା ପୃ ୧୩୯

ଆଖା ମ ୂଳରେ ଯେପରି ଗଭୀର କୁଠାରାଘାତ କରିଥିଲା; ତାହା ବର୍ଣ୍ଣନା କରିବା ଅପେକ୍ଷା ଅନୁମାନ କରିବା ଅପେକ୍ଷାକୃତ ସହଜ ।

× × ×

କଟକରେ କେହି ସେ ପର୍ଯ୍ୟନ୍ତ ସେଣ୍ଟ୍ରାଲ୍ ପ୍ରଭିନ୍‌ସେସ୍ ବା ମଧ୍ୟ-ପ୍ରଦେଶର ଚିଫ୍-କମିସନ୍‌ର୍‌ଙ୍କ ଘୋଷଣା ସ୍ୱଚକ୍ଷୁରେ ଦେଖି ନ ଥିଲେ କିମ୍ବା ଜାଣି ନ ଥିଲେ । ସେ ଦୁଃସମ୍ବାଦ ପ୍ରଥମେ ପ୍ରକାଶ ପାଇଥିଲା "ସମ୍ବଲପୁର ହିତୈଷିଣୀ" ପତ୍ରିକାରେ । ଗୌରୀଶଙ୍କରଙ୍କ ଦୃଷ୍ଟିରେ ତାହା ପଡ଼ିବା ମାତ୍ରେ ସେ ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ଭାବରେ ମଧୁସୂଦନଙ୍କ ପାଖକୁ ଧାଇଁ ଆସିଥିଲେ, ସେହି ଦୁଃସମ୍ବାଦ ଦେବା ପାଇଁ ।

ମାତ୍ର 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ଓଡ଼ିଆଭାଷାର ଉଚ୍ଛେଦ ସମ୍ପର୍କରେ ଗଦ୍ୟାକାରରେ ଯାହା ପ୍ରକାଶ ପାଇଥିଲା ସେ ସବୁ ଉତ୍କଳମାତାଙ୍କ ଶୋକ, ବିଳାପ ଓ କାରୁଣ୍ୟ ! ସେଥିରେ କୌଣସି ତଥ୍ୟ ନଥିଲା; ଏପରିକି ଚିଫ-କମିସନର୍‌ଙ୍କ ଆଦେଶନାମାର ପ୍ରତିଲିପି ମୁଦ୍ଧା ନଥିଲା ।

ମଧୁସୂଦନ ବିରକ୍ତିରେ କାଗଜ ଖଣ୍ଡକ ଫିଙ୍ଗି ଦେଇ କହିଲେ··· "ମାଷ୍ଟର୍ ବା ! ଓଡ଼ିଆମାନଙ୍କର 'ଇମୋସନ'ଟା ନିଶ୍ଚୟ ବେଶୀ, ମାତ୍ର ଇମୋସନ୍ କେବଳ ଯଥେଷ୍ଟ ନୁହେଁ । ଚିନ୍ତାରେ ବିଶ୍ଳେଷଣ ପୁଣି ବିଶ୍ଳେଷଣ ପାଇଁ ତଥ୍ୟ ନଥିଲେ 'ଇମୋସନ୍' ମଧ୍ୟ ଶୂନ୍ୟଗର୍ଭ ହୋଇପଡ଼େ । କାହାକୁ ଭିତ୍ତି କରି ଆମେ ଏହାର ପ୍ରତିବାଦ କରିବା ? ସେଥିପାଇଁ ତଥ୍ୟ କାହିଁ ? **I want facts, facts, hard soild facts** ! ଏ ସବୁ ଶୁଦ୍ଧ ଚୌପଦୀ **bad poetry** ପୁଣି **worse journalism** । ଏଥିରେ କଣ ହେବ ମାଷ୍ଟର ବା ?"

ଗୌରୀଶଙ୍କର କିନ୍ତୁ ସମ୍ବଲପୁରରୁ ଓଡ଼ିଆଭାଷାର ଉଚ୍ଛେଦ ସମ୍ବାଦରେ ଘୋର ମର୍ମାହତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥିଲେ । ସେ କହିଲେ···"ମୁଁ ଭାବୁଚି ମଧୁ, ଏଥର ପତ୍ରିକାରେ ଏହାର ଗୋଟାଏ କଡ଼ା ପ୍ରତିବାଦ ଛାପିବା ପାଇଁ ପଡ଼ିବ ! ତୁମେ ଗୋଟାଏ ସମ୍ପାଦକୀୟ ଲେଖ ।"

ମଧୁସୂଦନଙ୍କ ଅକାରଣ କ୍ରୋଧାଗ୍ନିରେ ଏଥର ସେପରି ନୂତନ ଇନ୍ଧନ ଯୋଗାଇଲା । ସେ ବିସ୍ଫୋରଣ କରି କହିଲେ···"ଉତ୍କଳ-ଦୀପିକାରେ ଆମ ପ୍ରତିବାଦଟା ପଢ଼ି ସାର ଆଣ୍ଡ୍ରୁ ଫ୍ରେଜର୍ ଆଉ ଭାଇସରଏ ଲର୍ଡ଼ ଏଲ୍ଗିନ୍‌ଙ୍କ ପିଳେହୀ ତ ନିଶ୍ଚୟ ପାଣି ହୋଇ ଉଠିବ ! ଇଏ ହେଉଛି ମାଲୋ ମା ମୁଁ ଯେଉଁ ଡାଳରେ ବସୁଛି, ସେ ଡ଼ାଳ ଭାଙ୍ଗି ପଡ଼ୁଛି ପରି କଥା !"

ତା'ପରେ ହଠାତ୍ ଅଟକି ଯାଇ ମଧୁସୂଦନ ନିଜକୁ ସଂଯତ କରିନେଇ କହିଲେ···"କିନ୍ତୁ ପ୍ରତିବାଦଟା ଯେ ଲେଖିବେ ସେଥିପାଇଁ ଫାକ୍ଟସ୍ କାହିଁ ? ଏଥିପାଇଁ ଦରକାର (୧) ଚିଫ୍ କମିସନର୍‌ଙ୍କ ଆଦେଶ-ନାମା (୨) ସ୍ଥାନୀୟ ଅଫିସର ମାନଙ୍କ ରିପୋର୍ଟର ନକଲ (୩) ପୂର୍ବେ ଓଡ଼ିଆ ଭାଷା ପ୍ରଚଳନ ଆଦେଶର ପ୍ରତିଲିପି (୪) ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଓ ଅନ୍ୟ ଭାଷାଭାଷୀଙ୍କ ଷ୍ଟାଟିଷ୍ଟିକସ୍ । ତା'ପରେ ମୋର ମନେ ପଡ଼ୁଛି କାପ୍ଟେନ୍ ବ୍ରୁକସ୍ ସମ୍ବଲପୁରରେ ଓଡ଼ିଆ ଭାଷା ସମ୍ପର୍କରେ ୧୮୭୭ ସାଲରେ ଗୋଟିଏ ରିପୋର୍ଟ ଲେଖିଥିଲେ । ତାର ନକଲ ମଧ୍ୟ ଆବଶ୍ୟକ ପଡ଼ିବ ।"

ମଧୁସୂଦନଙ୍କ ବିସ୍ଫୋରଣରେ ଗୌରୀଶଙ୍କର ମନେମନେ କିଛିଟା କ୍ଷୁଣ୍ଣ ହୋଇଥିଲେହେଁ ତାଙ୍କ ପରାମର୍ଶର ଯଥାର୍ଥତା ସ୍ପଷ୍ଟ ବୁଝି ପାରି-ଥିଲେ । "ହିତୈଷିଣୀ"ର ଗୁରୁ ଓ କାରୁଣ୍ୟ ଉଚ୍ଛ୍ୱାସରୁ ପରିସ୍ଥିତିଟା ଠିକ୍ ବୁଝି ପାରିନଥିଲା । ସେ କହିଲେ "ଏଥିପାଇଁ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳ ଦେବ କୋହିଲେ ହିତୈଷିଣୀ ସଂପାଦକ ନୀଳମଣି ବିଦ୍ୟାରତ୍ନଙ୍କ ପାଖକୁ ଗୋଟାଏ ଚିଠି ଲେଖିଲେ, ସେମାନେ ସେ ସବୁ କାଗଜପତ୍ର ଅବଶ୍ୟ ପଠାଇ ଦେଇ ପାରିବେ ।"

ଏ ଘଟଣାର ଯଥେଷ୍ଟ ପୂର୍ବରୁ 'ଉତ୍କଳ-ଦୀପିକା' ସ୍ତମ୍ଭରେ ସମ୍ବଲପୁରର ଓଡ଼ିଶା ସହିତ ମିଶ୍ରଣ ପାଇଁ ଗୌରୀଶଙ୍କର ମସୀଯୁଦ୍ଧ ଚଳାଇ ଆସିଥିଲେ । ମଧ୍ୟପ୍ରଦେଶକୁ ଭାଙ୍ଗି ଲର୍ଡ଼ ନର୍ଥବ୍ରୁକ୍ ଏଥର ବିଭିନ୍ନ ଅଞ୍ଚଳକୁ ଅନ୍ୟ ପ୍ରଦେଶ ମାନଙ୍କ ସହିତ ମିଶାଇ ଦେବାର ପ୍ରସ୍ତାବ କଲା-ବେଳେ,—'ଉତ୍କଳ-ଦୀପିକା'ରେ ଗୌରୀଶଙ୍କର ଲେଖିଥିଲେ······

"ଯଦ୍ୟପି କ କୌଣସି କାରଣରୁ ସମ୍ବଲପୁର ଏବେକାଳ ମଧ୍ୟ-ପ୍ରଦେଶର ଅନ୍ତର୍ଗତ ହୋଇଅଛି ତଥାଚ ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶ ବୋଲି ଜ୍ଞାନ କରିବାକୁ ହେବ । ଏ ଦୁଇ ରାଜ୍ୟର ଭାଷା ଏକ ଓ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ଚଳଇ । ଗ୍ରେଟନାଗପୁରର ଭାଷା ପୃଥକ । × × ପ୍ରଚଳିତ ଭାଷା ବିବେଚନାରେ ରାଜ୍ୟବିଭାଗ କରିବା ସମ୍ବନ୍ଧରେ ଉଚିତ ଅଟଇ ଓ ଏ ଯୁକ୍ତି ଅନୁସାରେ ସମ୍ବଲପୁରକୁ କଦାଚ ଓଡ଼ିଶାରୁ ବିଚ୍ଛିନ୍ନ କରିବାର ଉଚିତ ନୁହଇଁ ।" *

ଇତି ପୂର୍ବରୁ ସୁଦୂର ଖ୍ରୀ. ଅ. ୧୮୫୫ ସାଲରେ ଏଚ୍. ରିକେ-ଟସ୍‌ଙ୍କ ପରି ଜଣେ ଇଂରେଜ ରାଜପୁରୁଷ ସୁଦ୍ଧା ସମ୍ବଲପୁର ଜିଲ୍ଲାର ଓଡ଼ିଆ ସ୍ୱରୂପ ସମ୍ପର୍କରେ ଲେଖିଥିଲେ··· "ସମ୍ବଲପୁରର ଅଧିବାସୀ-ମାନଙ୍କ ପକ୍ଷରୁ ଯଦି କୌଣସି ଯୁକ୍ତିଯୁକ୍ତ ଦାବୀ ଓ ବଳବତ୍ତର ଆପତ୍ତି ନଥାଏ; ତାହାହେଲେ ମୋର ଦୃଢ଼ ଅଭିମତ ଯେ ସମ୍ବଲପୁର ଓଡ଼ିଶା ସହିତ ମିଶିଯିବା ଉଚିତ ।" † ରିକେଟସ୍‌ଙ୍କ ପରାମର୍ଶରେ ସେତେବେଳେ ସମ୍ବଲପୁରରୁ ହିନ୍ଦୀଭାଷା ଉଠିଯାଇଁ ପୁଣି ଓଡ଼ିଆଭାଷା ପ୍ରଚଳିତ ହୋଇଥିଲା ।

କିନ୍ତୁ ଓଡ଼ିଶା ସହିତ ସମ୍ବଲପୁରର ସ୍ୱାଭାବିକ ମିଶ୍ରଣ ପରିବର୍ତ୍ତେ ବ୍ରିଟିଶ-ଶାସନର କୂଟ ଅଭିସନ୍ଧିରେ ଏବେ ସମ୍ବଲପୁରରୁ ଓଡ଼ିଆଭାଷାର ପ୍ରଚଳନ ପୁଣି ରହିତ କରି, ଓଡ଼ିଶା ସହିତ ସମ୍ବଲପୁର ମିଶ୍ରଣର ସମ୍ଭାବନାକୁ ଯେପରି ସୁଦୂର ପରାହତ କରାଯାଇଥିଲା; ତାହା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ମର୍ମାନ୍ତିକ ଭାବରେ ଆହତ କରିଥିଲା ।

( ଦୁଇ )

"ହିତୈଷିଣୀ"ର ସମ୍ପାଦକ ନୀଳମଣି ବିଦ୍ୟାରତ୍ନ କିମ୍ବା ବାମଣ୍ଡା ରାଜା ବାସୁଦେବ ସୁଢ଼ଳ ଦେବଙ୍କ ଠାରୁ ତଥାପି କୌଣସି ସମ୍ବାଦ ନଥିଲା;

---

* ଉତ୍କଳ-ଦୀପିକା ତା ୧୬ । ୧୧ । ୧୮୭୬

† Selections from the Records of the Bengal Government No. xx - pp. II.

କିମ୍ବା ସମ୍ବଲପୁରରୁ ଓଡ଼ିଆ ଭାଷାର ଉଚ୍ଛେଦ ସମ୍ପର୍କରେ ସେଉଁସବୁ ତଥ୍ୟ ଓ ଦଲିଲ ପତ୍ର ପଠାଇବା ପାଇଁ ସେମାନଙ୍କ ପାଖକୁ ଲେଖା ଯାଇଥିଲା; ତାହାର ମଧ୍ୟ କୌଣସି ସଙ୍କେତ ନଥିଲା । ଓଡ଼ିଆ ଭାଷା-ବିଲୋପ ଆଦେଶ ଯେନ ସାରା ଓଡ଼ିଶାରେ ଗୋଟାଏ ତହଲ; ମାତ୍ର ଆଦେଶନାମାର ବ୍ୟାପାର ବୃତ୍ତାନ୍ତ କି କଣ; ତାହା କେହି ସେପର୍ଯ୍ୟନ୍ତ ତଥାପି ଜାଣି ନଥିଲେ । ମଧୁସୂଦନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା, 'ଉତ୍କଳ-ସଭା' ପକ୍ଷରୁ ଭାଇସରାୟ ଲର୍ଡ଼ ଏଲଗିନ୍‌ଙ୍କ ନିକଟକୁ ଗୋଟାଏ ସ୍ମାରକ ପତ୍ର ପଠାଇବା ପାଇଁ । ମାତ୍ର କି ତଥ୍ୟ ଦେଇ ତାହା ପ୍ରସ୍ତୁତ କରାଯିବ, ତାହାହିଁ ଥିଲା ତାଙ୍କ ପକ୍ଷରେ ସମସ୍ୟା ।

ଜନ୍ ବିମସ୍‌ଙ୍କ "କମ୍ପେରେଟିଭ୍ ଗ୍ରାମାର୍ ଅଫ୍ ଇଣ୍ଡୋ-ଆରିଆନ୍ ଲାଂଗୁଏଜେସ୍" ଗ୍ରନ୍ଥର ପୃଷ୍ଠା ପରେ ପୃଷ୍ଠା ମଧୁସୂଦନ ଓଲଟାଇ ଯାଉଥିଲେ ନିବିଷ୍ଟ ଭାବରେ । ତାଙ୍କର ପ୍ରଶସ୍ତ କପାଳ ଉପରେ ବଳି-ରେଖା ସବୁ ଈଷତ୍ କୁଞ୍ଚିତ ହୋଇ ଉଠିଥିଲା । "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ" ଆନ୍ଦୋଳନ ବେଳେ ବିମସ୍‌ଙ୍କ ଅନନ୍ୟସାଧାରଣ ଅଧ୍ୟବସାୟ ଓ ଗବେଷଣାପ୍ରସୂତ ଏହି ଗ୍ରନ୍ଥ ଭାରତରେ ଭାଷାତତ୍ତ୍ୱର କେବଳ ଯେ ମୂଳପତ୍ତନ କରିଥିଲା ତାହାନୁହେଁ; ଓଡ଼ିଆଭାଷାର ବସ୍ତ୍ର-ହରଣ ବେଳେ, ଏହା ଓଡ଼ିଆଭାଷାର ମର୍ଯ୍ୟାଦା ମଧ୍ୟ ରକ୍ଷା କରି ପାରିଥିଲା । ମଧୁସୂଦନ ସେତେବେଳେ ଏହା ପାଠ କରିବାର ଅବକାଶ ଅବଶ୍ୟ ପାଇ ନଥିଲେ । ଏବେ କିନ୍ତୁ ତାହା ପାଠ କଲାବେଳେ ଓଡ଼ିଆ-ଭାଷା ଓ ସାହିତ୍ୟର ଐତିହ୍ୟରେ ସେ କମ୍ ଗୌରବାନ୍ୱିତ ବୋଧ କରୁ ନଥିଲେ ।

କାନ୍ଥରେ ଭାରତର ମାନଚିତ୍ର ଝୁଲୁଥିଲା ।

ମଧୁସୂଦନ ବହି ଖଣ୍ଡିକ ଧରି ମାନଚିତ୍ର ପାଖକୁ ଉଠିଯାଇଁ ବହିର ବର୍ଣ୍ଣନା ଅନୁସାରେ ତା'ଉପରେ ଗୋଟାଏ ଲାଲ୍ ପେନ୍‌ସିଲରେ ରେଖା ବୁଲାଇ ବୁଲାଇ ପଢ଼ୁଥିଲେ···

"But when the case of Oriya comes to be considered, it must be remembered that it is spoken not only by five millions in the settled and the civilised districts of the sea-coast, but by an uncounted and widely dispersed mass of wild tribes in the

vast tract of mountains which covers hundreds of miles inland and extends as far west as Nagpore and south as Telengana."

ମାନଚିତ୍ର ଉପରେ ବାଦଲ ନାଲି ରେଖାଟିଏ ଉତ୍ତରରେ ମେଦିନୀପୁର ଠାରୁ ଦକ୍ଷିଣରେ ଭିଜାଗାପାଟଣା, ଉତ୍ତରପୂର୍ବରେ ସିଂହଭୂମି ଓ ପଶ୍ଚିମରେ ନାଗପୁର ପର୍ଯ୍ୟନ୍ତ ଅଞ୍ଚଳକୁ ଗୋଟିଏ ବଳୟ-ରେଖା ଧରି ବେଷ୍ଟନ କରି ଗଲା···ଜଣେ ନିରପେକ୍ଷ, ବୈଦେଶିକର ଗବେଷଣା-ଲବ୍ଧ ଦୃଷ୍ଟିରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଭୌଗୋଳିକ ଆଲେଖ୍ୟ।

ମଧୁସୂଦନ ପେନ୍ସ ମାନଚିତ୍ର ଆଡ଼େ ଦଣ୍ଡେ ଚାହିଁ ତା'ପରେ ଘର ଭିତରେ ବୁଲି ବୁଲି ପୁଣି ପଢ଼ିବା ପାଇଁ ଲାଗିଲେ···

"Moreover it is far beyond the power of a handful of English and Bengalis settled in Orissa to stamp out the mother tongue of all these millions—"

ମଧୁସୂଦନ ଦଣ୍ଡେ ଅଟକି ରହିଗଲେ।

"ବେଙ୍ଗଲୀ" ମାନଙ୍କ ସ୍ଥାନରେ କେବଳ "କେତେଜଣ ଛିଦ୍ରାନ୍ୱେଷୀ ଅମଲା" ଲଗାଇଦେଇଲେ ବିମ୍ସ୍‌ଙ୍କ ସେଦିନର ଉକ୍ତି, ଏବେ ସୁଦ୍ଧା ଅକାଟ୍ୟ ରହିଥାନ୍ତା।

"ଉତ୍କଳ ଦୀପିକା"ରେ ପ୍ରକାଶ ପାଇଁ ମଧୁସୂଦନ ଇଂରେଜୀରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ···"Banishment of Oriya From Central Provinces"। ମାତ୍ର ପ୍ରବନ୍ଧରେ ପ୍ରକାଶିତ ଅଭିମତକୁ ଏକ ଆନୁଷ୍ଠାନିକ ମର୍ଯ୍ୟାଦା ଦେବାପାଇଁ ପ୍ରବନ୍ଧରେ ସେ ନିଜର ନାମୋଲ୍ଲେଖ କରିନଥିଲେ। ତାହା ଧାରାବାହିକ ଭାବରେ ସମ୍ପାଦକୀୟ ଅଗ୍ରଲେଖ ରୂପେ ପ୍ରକାଶିତ ହୋଇଥିଲା। ସମସ୍ୟାଟିକୁ ଇଂରାଜୀରେ ଆଲୋଚନା କଲେ ସେଥିପ୍ରତି ଇଂରେଜ ଶାସକଗୋଷ୍ଠୀ ବିଶେଷତଃ ଭାଇସରାୟ ପ୍ରମୁଖଙ୍କ ଦୃଷ୍ଟି ପଡ଼ିବ, ଏହାହିଁ ଥିଲା ମଧୁସୂଦନଙ୍କ ଅଭିପ୍ରାୟ।

ରମଣଙ୍କର ସଦ୍ୟପ୍ରକାଶିତ "ଉତ୍କଳ-ଦୀପିକା" ଖଣ୍ଡେ ଧରି ଆସିଥିଲେ, ପ୍ରବନ୍ଧର କିଛି ଭାଗ ସଂଗ୍ରହ କରିବା ପାଇଁ।

"ଉତ୍କଳ-ଦୀପିକା"ର ସେହି ସଂଖ୍ୟାରେ ମଧ୍ୟ "ହୁଲୁଲ୍ କୁତ୍ କୁତ୍" ଛଦ୍ମନାମରେ ପ୍ରକାଶ ପାଇଥିଲା, କୌଣସି ଜଣେ ପତ୍ର-ପ୍ରେରକଙ୍କର ଖଣ୍ଡେ ଚିଠି ! ରାମଶଙ୍କର ଉଲ୍ଲସିତ କଣ୍ଠରେ କହିଲେ··· "ହୁଲୁଲ୍ କୁତ୍ କୁତ୍"ଙ୍କ ଚିଠିଟି ପଢ଼ିଛନ୍ତି ଦାଦା ? ସମ୍ବଲପୁରରୁ ଓଡ଼ିଆ ଭାଷାବିଲୋପ ଯେନ ଚିଠିଟା ଲେଖା ।"

ରାମଶଙ୍କରଙ୍କ ହାତରୁ "ଉତ୍କଳ-ଦୀପିକା" ଖଣ୍ଡ ଟାଣି ନେଇ ମଧୁସୂଦନ ସେଥିରେ ସେଇ ଚିଠିଖଣ୍ଡ ପଢ଼ିଗଲେ···

"ଶ୍ରୀଲ ଶ୍ରୀଯୁତ ଶ୍ରୀ ଶ୍ରୀ ଉତ୍କଳ-ଦୀପିକା ସମ୍ପାଦକ
ମହାଶୟଙ୍କ ସମୀପେଷୁ···

ମହାଶୟ,

ସମ୍ବଲପୁରରୁ ଓଡ଼ିଆଭାଷା ଉଠିଯିବାର ଆଦେଶ ପ୍ରଚାରିତ ହୋଇଥିବାରୁ ଆଜିକାଲି ସମ୍ବଲପୁର ହିତୈଷିଣୀ କେବଳ ସେହି ବିଷୟର କହିବାରେ ପରିପୂର୍ଣ୍ଣ ହେଉଅଛନ୍ତି । ଏହାସବୁ କେବଳ ବାଳକର ରୋଦନ । ସାରକଥା ଅତି ଅଳ୍ପ । ଓଡ଼ିଆଭାଷା ଯେ ଗୋଟିଏ ଜୀବନ୍ତ ସ୍ୱାଧୀନ ଭାଷା, ଏହାର ପୁରାତନ ଗ୍ରନ୍ଥ ମାନଙ୍କରେ ଯେ ଅନେକ ଶିକ୍ଷଣୀୟ ବିଷୟ ଅଛି, ଅନେକ ଅମୂଲ୍ୟ ରତ୍ନ ଅଛି । ଏହା କିଛି ସାନ୍ତାଳ ମାନଙ୍କର ଭାଷା ପରି ନୁହେଁ, ଏ ସବୁ ବିଷୟ କହିବା ପାଇଁ ହିତୈଷିଣୀ ସାହସୀ ହେଉ ନାହାନ୍ତି । କିନ୍ତୁ ଯେତେବେଳେ ଓଡ଼ିଆ ବଙ୍ଗଳା ନେଇ ଆନ୍ଦୋଳନ ଲାଗିଥିଲା ସେତେବେଳେ ସ୍ୱର୍ଗୀୟ ବାବୁ ରଙ୍ଗଲାଲ ବନ୍ଦୋପାଧ୍ୟାୟ ପ୍ରଭୃତି ଉପରୋକ୍ତ କାରଣ ମାନଙ୍କୁ ଦର୍ଶାଇ କୃତକାର୍ଯ୍ୟ ହୋଇଥିଲେ । କିନ୍ତୁ ହିତୈଷିଣୀଙ୍କର ସେସବୁ କହିବାକୁ ବାଟ କାହିଁ ? ସେ ପରା କାଲି ଘୋଷଣା କରି ବୁଲୁଥିଲେ ଯେ, ପୁରାତନ ଓଡ଼ିଆ ସାହିତ୍ୟ କେବଳ ଅଶ୍ଳୀଳ ବିଭତ୍ସ କ୍ରୀଡ଼ାରେ ପରିପୂର୍ଣ୍ଣ ? ତୁଳସୀଦାସଙ୍କ ହିନ୍ଦୀ ରାମାୟଣ ପାଇଁ ପରା ଏତେ ଲଢ଼ୁଥିଲେ ? ହିନ୍ଦୀଭାଷା ଚଳିଲେ ସ୍ୱର୍ଗକୁ ଯିବାର ବାଟଟା ସିଧା ହୋଇଯିବ ନାହିଁକି ? ଆଉ ନରକ ଦର୍ଶନର ଦ୍ୱାର ରୁଦ୍ଧ ହେବ ନାହିଁକି ? ଯେଉଁମାନେ ଓଡ଼ିଆଭାଷା ଉଠାଇ ଦେବାର ପକ୍ଷପାତୀ ସେମାନେ ଉପରୋକ୍ତ କାରଣମାନ ଦର୍ଶାଇ ନାହାନ୍ତି ତ ? ଓଡ଼ିଆ ଭାଷା ଶିଖିଲେ ଅପକାର ବ୍ୟତୀତ ଉପକାର ନାହିଁ ବୋଲି କହି ନାହାନ୍ତି ତ ? ସବୁ ବିଜ୍ଞାୟ ରଖି ହିତୈଷିଣୀ କପଟ କାର୍ଯ୍ୟ କରୁଛନ୍ତି ଦେଖାଯାଉ ।

ମୌଳିକ ନାମ ଠିକ୍ ନରଖିଲେ ଏହିପରି ହଟହଟାରେ ପଡ଼ିବାକୁ ହୁଏ । ଅଲମତି ବିସ୍ତରେଣ ।

ଆପଣଙ୍କର ବଶମ୍ବଦ,
ହୁତୁଲ୍ କୁତ୍ କୁତୁ ।"*

ଚିଠିଖଣ୍ଡ ପଢ଼ି ସାରି ମଧୁସୂଦନ ପଚାରିଲେ···
"ଏ ହୁତୁଲ୍ କୁତ୍ କୁତୁଟି କିଏ ରାମଶଙ୍କର ?"

ରାମଶଙ୍କର କହିଲେ···"ତାହା ତାଙ୍କ ନାଁ ଟା ଠିକ୍ ପିଠାଇ କହୁନାହାନ୍ତି ।"

ମଧୁସୂଦନ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ କହିଲେ··· "ଦୁର୍ଭାଗ୍ୟ" !

× × ×

"ଦୀପିକା" ପ୍ରେସ୍‌ରେ ଗୌରୀଶଙ୍କରଙ୍କ ସହିତ ଦେଖା ହେବା ମାତ୍ରେ ମଧୁସୂଦନ ସେଇ ପ୍ରଶ୍ନ ପଚାରିଲେ···"ମାଷ୍ଟର ଦା, ତୁମର ହୁତୁଲ୍ କୁତ୍ କୁତୁଟି କିଏ ?"

ଗୌରୀଶଙ୍କର ଉତ୍ତର ଦେଲେ···"କେଉଁ ହୁତୁଲ୍ କୁତ୍ କୁତୁ ?"

ମଧୁସୂଦନ କହିଲେ... "ଯାହାଙ୍କ ଚିଠି "ଉତ୍କଳ-ଦୀପିକା"ରେ ଛପିଛି । କିନ୍ତୁ ମାଷ୍ଟର୍ ଦାଦା, ଓଡ଼ିଆଭାଷାର ଅସ୍ତିତ୍ୱ ଲୋପ ପାଇବାକୁ ବସିଥିବା ବେଳେ, ପ୍ରାଚୀନ ନୂତନ ସାହିତ୍ୟ ମଧ୍ୟରେ ବାଦ ବିସମ୍ବାଦର ଏଇ କଣ ବେଳ ?"

ଏକ ପକ୍ଷରେ ଉପେନ୍ଦ୍ର ଭଞ୍ଜ ଓ ଅପରପକ୍ଷରେ ରାଧାନାଥଙ୍କୁ ଘେନି 'ଇନ୍ଦ୍ରଧନୁ' ଓ 'ବିଜୁଳୀ' ମଧ୍ୟରେ ଯେଉଁ ଦାମ୍ଭିକାମାଡ଼ ଚାଲିଥିଲା; ସେଥିରେ ପ୍ରାଚୀନ ସାହିତ୍ୟ ସପକ୍ଷରେ 'ଦୀପିକା'ର ସମ୍ପାଦକ ଗୌରୀଶଙ୍କର ଲେଖନୀ ଉଞ୍ଚାଇବା ବେଳକୁ ନୀଳମଣି ବିଦ୍ୟାରତ୍ନ "ସମ୍ବଲପୁର ହିତୈଷିଣୀ"ରେ ଉପେନ୍ଦ୍ର ଭଞ୍ଜ ପ୍ରମୁଖଙ୍କ ବିରୁଦ୍ଧରେ ମସୀଯୁଦ୍ଧ ଘୋଷଣା କରିଥିଲେ । ସେଇ ବିବାଦଟି ଆଲୋଚିତ ଚିଠିରେ ହିତୈଷିଣୀ ସମ୍ପର୍କରେ ଯେପରି ଫୁଟି ଉଠିଥିଲା; ତାହା ମଧୁସୂଦନଙ୍କ ଦୃଷ୍ଟିରୁ ବାଦ ପଡ଼ି ନ ଥିଲା । ଗୌରୀଶଙ୍କର କହିଲେ···" ମୁଁ ସତ କହୁଛି ମଧୁ,

---

* ଉତ୍କଳ-ଦୀପିକା, ତା ୨୩ । ୨ । ୧୮୯୫

ସେ ଚଠିଟା ଛାପାଖାନାରେ ମୋ ଅଜ୍ଞାତ-ସାରରେ କେହି ଛପାଇ ଦେଇଛି । ମୁଁ ମଧ ତମର ପରି ସେ ଚିଠିଖଣ୍ଡ ପତ୍ରିକାରେ ପଢ଼ି କମ୍ ବିସ୍ମିତ, ଦୁଃଖିତ ହୋଇନାହିଁ ।"

ମଧୁସୂଦନ ଘର ଭିତରେ ପାଦଚାରଣା କରୁ କରୁ କହିଲେ..." ଓଡ଼ିଶାର ମନ୍ଦିର ଓ ମୂର୍ତ୍ତି ମାନଙ୍କୁ ଦେଖିଲେ, କିଏ କିନ୍ତୁ ବିଶ୍ବାସ କରି ପାରିବ ଯେ ଓଡ଼ିଆ ଜାତି ଠାରେ ପରମିତ ବୋଧ, ସେନ୍ସ୍-ଅଫ୍-ପ୍ରପୋରସନ୍‌ର ଏପରି ଅଭାବ ଘଟିପାରେ ?ଅଥଚ ସେଇଆ ହେଉଛି ପରିସ୍ଥିତି । ନନ୍-ଏସେନ୍‌ସିଆଲସ୍ ନେଇ ଆମେ ସବୁ ଏପରି ବ୍ୟସ୍ତ ଯେ ପ୍ରକୃତ ସମସ୍ୟା ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ନ ଥାଏ। ଏ ଚିଠିଖଣ୍ଡ ସେଇ ବିଲକ୍ଷଣର ଆଉ ଗୋଟାଏ ଉଦାହରଣ । ଆଜି ଆମର ସଙ୍କଟ କିଏ ? ହିତୈଷିଣୀ ପତ୍ରିକା ନା ମଧ୍ୟପ୍ରଦେଶର ଚିଫ୍-କମିଶନ୍‌ରଙ୍କ ଆଦେଶ ? ହିତୈଷିଣୀ ବରଂ ସବୁ ପ୍ରଥମେ ଏ ଦୁଃସମ୍ବାଦ ଆମ ଦୃଷ୍ଟିକୁ ଆଣି ପାରିଥିବା ହେତୁ ତାଙ୍କୁ ତ ଧନ୍ୟବାଦ ଦେବାର କଥା ।

ଆଲୋଚନାର ମୋଡ଼ ଫେରାଇ ଗୌରୀଶଙ୍କର କହିଲେ..."ସେ କଥା ଠିକ୍ । କିନ୍ତୁ ଏ ପର୍ଯ୍ୟନ୍ତ ତ ବିଦ୍ୟାରତ୍ନ କିମ୍ବା ବାମଣ୍ଡା ରାଜା କାହାରି ଠାରୁ ଆମେ କୌଣସି କାଗଜପତ୍ର ପାଇଲେ ନାହିଁ । ତେବେ ଇତିମଧ୍ୟରେ ସମ୍ବଲପୁରର ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର, ମଦନ ମୋହନ ମିଶ୍ର ଆଉ ବଳଭଦ୍ର ସୁଆର ପ୍ରଭୃତି କେତେକ ବନ୍ଧୁଙ୍କ ଠାରୁ ଯେଉଁ ଖବର ମିଳୁଛି, ସେଥିରୁ ଜଣା ପଡ଼ୁଛି; ସମ୍ବଲପୁରରୁ ଅମଲା ମାନଙ୍କୁ ବଦଳି କରିବାରେ ଅସୁବିଧା ହେଉଥିବାରୁ, ମଧ୍ୟପ୍ରଦେଶରେ ପ୍ରଚଳିତ ହିନ୍ଦୀ ଭାଷାକୁ ସମ୍ବଲପୁରର କୋର୍ଟ, କଚେରୀ, ସ୍କୁଲ ମାନଙ୍କରେ ପ୍ରଚଳନ କରିବା ପାଇଁ ଚିଫ୍ କମିସନର୍ ଏହିପରି ଗୋଟାଏ ଅବୁଝାମଣା ଆଦେଶ ଜାରି କରିଛନ୍ତି ।"

ମଧୁସୂଦନ ବିସ୍ମିତ କଣ୍ଠରେ ପଚାରିଲେ..."ସମ୍ବଲପୁରରୁ ଓଡ଼ିଆଭାଷା ଉଠାଇ ଦେଲେ ଅମଲା ବଦଳିଟା ସହଜ ହେବ କିପରି ?"

ଗୌରୀଶଙ୍କର ଉତ୍ତର ଦେଲେ..."ଚିଫ୍ କମିସନର୍‌ଙ୍କ ଏହାହିଁ ଧାରଣା ଯେ ଭାଷାଗତ କାରଣରୁ ସମ୍ବଲପୁରକୁ ମଧ୍ୟପ୍ରଦେଶର ଅନ୍ୟ ଆଉ ଅମଲାମାନଙ୍କୁ ବଦଳି କରିବା ସମ୍ଭବ ହେଉ ନଥିବାରୁ, ଶାସନରେ ଦୁର୍ନୀତି ବ୍ୟାପୁଛି । ସମ୍ବଲପୁରରେ ହିନ୍ଦୀଭାଷା ଚଳିଲେ, ମଧ୍ୟପ୍ରଦେଶର

ଅନ୍ୟ ଆଡ଼୍‌ ଅମଲା ମାନଙ୍କୁ ସହଜରେ ଅଦଳବଦଳ କରି ହୋଇ ପାରିବ ।"

ମଧୁସୂଦନ ବିସ୍ଫୋରଣ କରି ଉଠିଲେ···"ଅମଲାମାନଙ୍କ ଭାଷାଜ୍ଞାନ ଉପରେ କଣ ଗୋଟାଏ ଦେଶର ଶାସନ ନିର୍ଭର କରିବ ? ତା ହୋଇଥିଲେ ଓଡ଼ିଶାରେ ବଙ୍ଗାଳୀ ଅମଲା ମାନଙ୍କର ପ୍ରାଦୁର୍ଭାବ ଯେପରି ଓ ଓଡ଼ିଆ ଭାଷା ସହିତ ସେମାନଙ୍କର ଯେପରି ପରିଚୟ ନାହିଁ; ଖାଲି ଓଡ଼ିଶାରେ କାହିଁକି, ବିହାର ଡ଼ିଭିଜନ୍‌ରେ ମଧ ଏହି କାରଣରୁ ବଙ୍ଗଳା ସରକାରୀ ଭାଷା ରୂପେ ଚଳି ଆସୁଥିଲା ! ବିହାରରେ କଇଥୀ ଲିପି ଚଳୁଥିଲା । କଇଥୀ ଅକ୍ଷର ପଢ଼ିବା ଲେଖିବାରେ ହାକିମ ମାନଙ୍କର ଅସୁବିଧା ହେବାରୁ ବିହାର ଡ଼ିଭିଜନରେ କଇଥୀ ପରିବର୍ତ୍ତେ ଦେବନାଗରୀ ଲିପି ପ୍ରବର୍ତ୍ତନ ପାଇଁ ସରକାର ସ୍ଥିର କରିଥିଲେ । ମାତ୍ର ଏହାର ପ୍ରବଳ ପ୍ରତିରୋଧ ହେବାରୁ ଅବଶେଷରେ ସେଇ କଇଥୀ ଲିପି ଅପରିବର୍ତ୍ତିତ ରଖିବା ପାଇଁ ସରକାର ବାଧ ହୋଇଥିଲେ । ମୁଁ ମଧ ଏବେ ଭାବୁଥିଲି, ସମଗ୍ର ଭାରତରେ ଗୋଟାଏ ଲିପି ଚଳିବା ଉଚିତ । ମାତ୍ର ଦେଖାଗଲା, ସେଥିରେ ଅସୁବିଧା ଅନେକ । ପ୍ରତ୍ୟେକ ଭାଷାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ତାହାର ଲିପିରେହିଁ ପ୍ରକାଶ ପାଇଥାଏ । ବିହାରରେ ଗୋଟାଏ ଲିପି ଯେତେବେଳେ ବଦଳି ପାରିଲା ନାହିଁ, ସମ୍ବଲପୁରର ଲୋକଙ୍କ ମାତୃଭାଷାଟା ବଦଳି ଯିବ କିପରି ?"

ଗୌରିଶଙ୍କର କହିଲେ···" ଶାସନଟା ଲୋକଙ୍କ ପାଇଁ ସବୁ କାଳେ ଉଦ୍ଦିଷ୍ଟ; ଲୋକେ କୌଣସି କାଳେ ଶାସନ ପାଇଁ ଉଦ୍ଦିଷ୍ଟ ନୁହନ୍ତି । ଓଡ଼ିଶାର ସବୁ ବଡ଼ବଡ଼ କର୍ମଚାରୀ ଅଣଓଡ଼ିଆ, ବିଦେଶୀ । ବଙ୍ଗାଳୀ ଡେପୁଟୀ ମାନଙ୍କ କଥା ଛାଡ଼ । ରେଭେନ୍‌ସା ବୀମ୍‌ସ୍‌ଙ୍କ ପରି ଯେଉଁ ସାହେବମାନେ ଓଡ଼ିଶାକୁ ଶାସନକାର୍ଯ୍ୟରେ ଆସିଥିଲେ, ସେମାନେ ସମସ୍ତେ ଓଡ଼ିଆଭାଷାରେ ପ୍ରବୀଣ ଥିଲେ । ଓଡ଼ିଆ କହିବା, ବୁଝିବା ପଢ଼ିବା ସେମାନଙ୍କ ପକ୍ଷରେ କଷ୍ଟସାଧ ନଥିଲା । ଏବର କଲେକ୍ଟର ଷ୍ଟିଭେନ୍‌ସନ୍‌ ସାହେବ ସେଦିନ କହୁଥିଲେ, ସେ ଭାରତ ଆସିବା ପୂର୍ବରୁ ଇଂଲଣ୍ଡରେ ଓଡ଼ିଆ ଭାଷା ଶିକ୍ଷା କରିଥିଲେ । କିନ୍ତୁ ମଧ୍ୟପ୍ରଦେଶର ଚିଫ୍‌ କମିଶନର୍‌ କହୁଛନ୍ତି; ହିନ୍ଦୀଭାଷୀ ଅମଲାମାନେ ଓଡ଼ିଆ ବୁଝି ପାରିବେ ନାହିଁ ! ତାଙ୍କ ମତରେ ସମ୍ବଲପୁରର ଓଡ଼ିଆଭାଷା ଛତିଶଗଢ଼ୀ

ଲିଖାର ଗୋଟାଏ ରୂପାନ୍ତର ମାତ୍ର ! ହିନ୍ଦୀ ସହିତ ଏହାର ସାଦୃଶ୍ୟଟା ବେଶୀ !"

ମଧୁସୂଦନ ଉତ୍ତର ଦେଲେ···"ଚିଫ୍‌କମିସନର୍ ଗୋଟାଏ ନୂଆ କଥା ଆଉ କହିଲେ କଣ ? ବୀମ୍‌ସ ତ ତାଙ୍କ କମ୍ପେରେଟିଭ୍ ଗ୍ରାମାରରେ ଲେଖି ସାରିଛନ୍ତି···"Oriya is in many respects more like Hindi than Bengali."

ଗୌରୀଶଙ୍କର ଆର୍ତ୍ତନାଦ କରିବା ପରି କଣ୍ଠରେ କହିଲେ···"ଆଃ ଆଉ ଆଉ ସେ କଥା ଆଉ କୁହ ନାହିଁ ମଧୁ ! ବୀମସ୍‌ଙ୍କ ପ୍ରମାଣ ଉଠାଇଲେ ତ ଚିଫ୍‌କମିସନର୍‌ଙ୍କ ଆଦେଶନାମା ଯଥାର୍ଥ ।"

ମଧୁସୂଦନଙ୍କ ଦୁଇ ଆଖିରେ ବିତର୍କର ଉତ୍ତେଜନା ଶାଣଦିଆ ଛୁରୀ ପରି ଚମକି ଉଠିଲା । ସେ କହିଲେ···"ନା, ନା ମାଷ୍ଟରଦା, ବୀମସ୍‌ଙ୍କ ପ୍ରମାଣ ଅନୁସାରେ ହିନ୍ଦୀ ଓ ଓଡ଼ିଆ ମଧ୍ୟରେ କେତେକ ପରିମାଣରେ ସୌସାଦୃଶ୍ୟ ଥିବା ଦୃଷ୍ଟିରୁ, ସମ୍ବଲପୁରର ସରକାରୀ ଅଫିସ ମାନଙ୍କରେ ଅମଳ ଅଦଳ ବଦଳରେ କୌଣସି ପ୍ରକାର ଅସୁବିଧା ଦେଖା ଦେବା କଥା ନୁହେଁ ! ଆଉ ସମ୍ବଲପୁରୀ ଓଡ଼ିଆ ଛତିଶଗଡ଼ୀ ଲିଖାର ଗୋଟାଏ ରୂପାନ୍ତର ବୋଲି ଯାହା କୁହା ଯାଉଛି; ତାହା ମଧ୍ୟ ଠିକ୍ ନୁହେଁ । ବୀମ୍‌ସ୍‌ଙ୍କ ମତରେ ଲିଖା ହେଉଛି ସମ୍ବଲପୁରୀ ଓଡ଼ିଆର ଗୋଟାଏ ବିକୃତ ରୂପ । ଆଉ ଭାଷା ଦୃଷ୍ଟିରୁ ବିଚାର କଲେ ଦେଖିଯିବ; ଇଂଲଣ୍ଡର ଇଂରାଜୀ ଭାଷା ସହିତ ସ୍କଟ୍‌ଲଣ୍ଡ୍‌ରେ ଅଥବା ଆୟାର୍‌ଲଣ୍ଡ୍‌ରେ ପ୍ରଚଳିତ ଇଂରାଜୀ ଭାଷାର କୌଣସି ମେଳ ନାହିଁ । ପୁଣି· ଆମେରିକାରେ ଯେଉଁ ଇଂରାଜୀ ଭାଷା ଚଳେ ଇଂଲଣ୍ଡରେ ତାହା ଅଚଳ । ତେଣୁ ଭାଷାତତ୍ତ୍ୱ ଦୃଷ୍ଟିରୁ ମଧ୍ୟପ୍ରଦେଶ-ଆଦେଶଟି ଅତ୍ୟନ୍ତ ଭ୍ରମାତ୍ମକ ।"

ଗୌରୀଶଙ୍କର କହିଲେ···"ଏସବୁ ଚମତ୍କାର ତଥ୍ୟ, ଏହାକୁ ନେଇ ପ୍ରବନ୍ଧ ଲେଖାଯାଇ ପାରେ; କଲେଜ ଶ୍ରେଣୀରେ ପିଲା ମାନଙ୍କୁ ଏହା ମଧ୍ୟ ଶିକ୍ଷା ଦିଆ ଯାଇପାରେ । କିନ୍ତୁ ମଧ୍ୟପ୍ରଦେଶ ସରକାରଙ୍କୁ ଏ କଥା ବୁଝାଇବ କିପରି ?"

ମଧୁସୂଦନ ଚିନ୍ତିତ କଣ୍ଠରେ ଉତ୍ତର ଦେଲେ···"ସେଇଟା ସମସ୍ୟା !"

ସମ୍ବଲପୁରରୁ ଓଡ଼ିଆ-ଭାଷା ଉଚ୍ଛେଦ ସମ୍ପର୍କରେ ଯେଉଁ ଘୋଷଣା ପ୍ରକାଶ ପାଇଥିଲା, ସେଥିରେ ଲୁହା ଯାଇଥିଲା···

" × × ଆସନ୍ତା ୧୮୯୭ ସାଲ ପହିଲ ଜାନୁୟାରୀ ଠାରୁ, ହିନ୍ଦୀ ଭାଷା ସମ୍ବଲପୁରର କୋର୍ଟ କଚେରୀ ମାନଙ୍କରେ ସରକାରୀ ଭାଷା ରୂପେ ପ୍ରଚଳିତ ହେବ ।"

୧୮୯୫ ସାଲଟା ଥିଲା ନୋଟିସ୍-ପିରିୟଡ୍ ! ଇତି ମଧ୍ୟରେ ଦଶ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ବେତନ ପାଉଥିବା ସରକାରୀ କର୍ମଚାରୀ ମାନଙ୍କୁ ବାଧ୍ୟତାମୂଳକ ଭାବରେ ହିନ୍ଦୀଭାଷା ଶିକ୍ଷା କରିବା ପାଇଁ ଆଦେଶନାମାରେ କଠୋର ନିର୍ଦ୍ଦେଶ ରହିଥିଲା ! ସେତେବେଳକୁ ସମ୍ବଲପୁର ଜିଲ୍ଲାରେ ହିନ୍ଦୀସ୍କୁଲର ସଂଖ୍ୟା ମୋଟେ ଗୋଟିଏ । ସମ୍ବଲପୁର ଜିଲ୍ଲା ବହୁଳ ଭାବରେ ଓଡ଼ିଆ ଭାଷାଭାଷୀ ହୋଇଥିବାରୁ ସେଠାରେ ହିନ୍ଦୀ ସ୍କୁଲର କୌଣସି ପ୍ରୟୋଜନ ସୁଦ୍ଧା ନଥିଲା । ସେଥିପାଇଁ ଚିଫ୍-କମିସନର୍ଙ୍କ ଆଦେଶନାମାରେ, ବରଗଡ଼ ସ୍କୁଲରେ ପ୍ରାଇମେରୀ ଷ୍ଟାଣ୍ଡାର୍ଡ ପର୍ଯ୍ୟନ୍ତ ହିନ୍ଦୀରେ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଥିଲା । ପୁଣି ଯେଉଁ କର୍ମଚାରୀମାନେ ମଧ୍ୟପ୍ରଦେଶର ଅନ୍ୟ ଜିଲ୍ଲା ମାନଙ୍କରୁ ସମ୍ବଲପୁରକୁ ବଦଳି ହେବେ, କଥିତ ଓଡ଼ିଆରେ ("Colloquial knowledge of Oriya") ସେମାନେ ପାରଦର୍ଶିତା ଅର୍ଜନ କରିବା ମଧ୍ୟ ବାଧ୍ୟତାମୂଳକ କରାଯାଇଥିଲା ।

ମଧୁସୂଦନ କହିଲେ..."କିନ୍ତୁ ଅଫିସରମାନେ ଯେ କଥିତ ଓଡ଼ିଆଭାଷା ଶିକ୍ଷା କରିବେ; ତାହା କିପରି ? ଓଡ଼ିଆ ବହି କାଗଜ ନ ପଢ଼ିଲେ ଓଡ଼ିଆଭାଷା ଆୟତ୍ତ ହୋଇ ପାରିବ ନାହିଁ ' ଶୁଦ୍ଧ ଓଡ଼ିଆ ଭାଷା ଆୟତ୍ତ ନଥିଲେ, କଥିତ ଓଡ଼ିଆ ଆୟତ୍ତ ହୋଇ ପାରିବା ସମ୍ଭବ ନୁହେଁ । କେନାଲ୍-ବିଭାଗରେ ବିହାରର ଦୁଇଜଣ ଅଫିସର ବର୍ତ୍ତମାନ କଟକରେ ଅଛନ୍ତି— ବାବୁ ମାଧବଲାଲ, ବାବୁ ଜଗଦୀଶ ସହାୟ । ସେମାନେ ହିନ୍ଦୀଭାଷୀ ହୋଇ ସୁଦ୍ଧା ଲିଖିତ ଓଡ଼ିଆ ପଢ଼ି କଥିତ ଓଡ଼ିଆ ଭାଷାକୁ ତ ବେଶ୍ ଆୟତ୍ତ କରିନେଲେଣି ! ତା' ହେଲେ ମଧ୍ୟପ୍ରଦେଶର ହାକିମମାନେ କେବଳ କଥିତ ଓଡ଼ିଆଭାଷା ଶିକ୍ଷା କରିବେ ବୋଲି ହୁକୁମର ତାତ୍ପର୍ଯ୍ୟଟା କଣ ?'

ସମ୍ବଲପୁରରୁ କେତେଜଣ ବିଶିଷ୍ଟ ଅଧିବାସୀ ମଧୁସୂଦନଙ୍କ ପାଖକୁ ଆସିଥିଲେ ଓଡ଼ିଆ-ଭାଷା-ଉଚ୍ଛେଦ ସମ୍ପର୍କରେ ଆଲୋଚନା ପାଇଁ । ସମ୍ବଲପୁର ଜିଲ୍ଲାରୁ ଓଡ଼ିଆ ଭାଷା ଉଚ୍ଛେଦ ଯେଉଁ ଯେଉଁ ପରିମାଣରେ ବିକ୍ଷୋଭ ଆନ୍ଦୋଳନ ପ୍ରକାଶ ପାଇବା ଆଶା କରାଯାଉଥିଲା, ସେତେବେଳେ ସେ ପରିମାଣରେ ତାହା ପ୍ରକାଶ ପାଇ ନଥିଲା । କଟକରେ ଉତ୍କଳ-ସଭା ପକ୍ଷରୁ ଆନ୍ଦୋଳନଟା କେବଳ ସୃଷ୍ଟି କରିଦେଲେ ତ ହେବ ନାହିଁ । ଏଥିପାଇଁ ସମ୍ବଲପୁରର ଅଧିବାସୀ ମାନଙ୍କ ମଧ୍ୟରେ ଆନ୍ଦୋଳନ ଓ ଉତ୍କଣ୍ଠା ପ୍ରକାଶ ପାଇବା ମଧ୍ୟ ଆବଶ୍ୟକ । ସମ୍ବଲପୁରରୁ ଶ୍ରୀ ଶ୍ରୀପତି ମିଶ୍ର ପ୍ରମୁଖଙ୍କୁ ମଧୁସୂଦନ ସେହି ଉଦ୍ଦେଶ୍ୟରେ କଟକ ଆମନ୍ତ୍ରଣ କରିଥିଲେ । ସମ୍ବଲପୁରରୁ ଓଡ଼ିଆ ଭାଷାର ଉଚ୍ଛେଦ ସମ୍ପର୍କୀୟ ଆଦେଶନାମା ଯେଉଁ ସେମାନଙ୍କ ସହିତ ଉପରୋକ୍ତ ମର୍ମରେ ଆଲୋଚନା ଚାଲିଥିଲା ।

ଶ୍ରୀପତି ମିଶ୍ର ପଚାରିଲେ···"ଜଗନ୍ନାଥଙ୍କ ମହାପ୍ରସାଦ ଯୋଗୁ ସମ୍ବଲପୁରରୁ ଓଡ଼ିଆ ଭାଷା ଲୋପ କରିବା ଦରକାର ପଡ଼ିଲା ବୋଲି, ସରକାରୀ ରିଜଲ୍ୟୁସନ୍‌ରେ ଯାହା ଲେଖାଅଛି ଆପଣ ସେଥିରୁ ବୁଝି ପାରୁଛନ୍ତି କିଛି ?"

"ରିଜଲ୍ୟୁସନ୍" ରେ ଲେଖାଥିଲା···

"But the exceptional character of the language renders such transfers impossible in Sambalpur. This disadvantage is aggravated by the local custom of "Mahaprasads" or "brotherhoods", a custom described by Captain Saurin Brooke in the Central Provinces Gazette of July 21st, 1877. Under this custom in Orissa, men of different castes bind themselves to one another in an offensive and defensive alliance, which if originally designed as a cement of friendship, has certainly proved an effective barrier to the discovery and remedy of administrative evils."

ସମ୍ବଲପୁରରୁ ଅନ୍ୟତମ ଆଗନ୍ତୁକ, ବ୍ରଜମୋହନ ପଟ୍ଟନାୟକ ପଚାରିଲେ··· "କିନ୍ତୁ ମହାପ୍ରସାଦ ସହିତ ସମ୍ବଲପୁରରେ ଓଡ଼ିଆ ଭାଷାର ଅଥବା ଶାସନ ବିଭ୍ରାଟର ସମ୍ପର୍କଟା କେଉଁଠି, ଆମେ ତ ବୁଝି ପାରିଲୁ ନାହିଁ ।"

ପ୍ରବଳ ହରର୍ଷ ଓ ଅସନ୍ତୋଷ ମଧ୍ୟରେ ସୁଦ୍ଧା ମଧୁସୂଦନ ଅଟ୍ଟହାସ ସମ୍ବରଣ କରି ପାରିଲେ ନାହିଁ । ହସି ହସି ସେ ଉତ୍ତର ଦେଲେ—"ଚିଫ୍‌କମିଶନର ଯାହେବଙ୍କର ଧାରଣା, ଏ ଜଗନ୍ନାଥଙ୍କ ମହା-ପ୍ରସାଦ ବସ୍ତୁଟି ହେଲା ସାକ୍ଷାତ ଓଡ଼ିଆଭାଷା ! ସମ୍ବଲପୁରର ଆସାମୀ-ମାନେ ପରସ୍ପର ସହିତ ମହାପ୍ରସାଦ ସମ୍ବନ୍ଧରେ ବାନ୍ଧ ହୋଇ ଥିବାରୁ, ପୁଲିଶ ତଦାରଖରେ ସାକ୍ଷୀ ଗୁଡ଼ା ମିଳ ପାରୁନାହାନ୍ତି । ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି । ସେଥିପାଇଁ ଓଡ଼ିଆଭାଷାଟା ସମ୍ବଲପୁରରୁ ଉଠିଗଲେ ମହାପ୍ରସାଦ ମଧ୍ୟ କୁଆଡ଼େ ଉଠିଯିବ ! ମହାପ୍ରସାଦ ଉଠି ଗଲେ, ପୋଲିସ ତଦାରଖରେ ଆଉ କୌଣସି ଅସୁବିଧା ରହିବ ନାହିଁ । ଏ ଗୋଟିଏ ଚମତ୍କାର ପୁଲିଶ ବୁଦ୍ଧି !"

ଶ୍ରୀପତି ମିଶ୍ର ପଚାରିଲେ···କିନ୍ତୁ ଖାଲି ସମ୍ବଲପୁର କାହିଁକି; କଟକ ପୁରୀ ଜିଲ୍ଲା ମାନଙ୍କରେ କଣ ଲୋକେ ମହାପ୍ରସାଦ ବସୁନାହାନ୍ତି ? ପୁଣି ସମ୍ବଲପୁର ଅପେକ୍ଷା ଛତିଶଗଡ଼ୀ ଅଞ୍ଚଳରେ ତ ମହାପ୍ରସାଦର ମାହାତ୍ମ୍ୟଟା ବେଶୀ । ସେଥିପାଇଁ ମହାପ୍ରସାଦ ସହିତ ଓଡ଼ିଆଭାଷାର ସମ୍ପର୍କଟା ଆମ୍ଭେମାନେ ଆଦୌ ବୁଝି ପାରିଲୁ ନାହିଁ !"

ମଧୁସୂଦନ କହିଲେ ··" ଏ ବ୍ୟାପାରଟି ହେଲା, ଶିରଃପୀଡ଼ାର ପ୍ରତିକାର ପାଇଁ ଶିରଶ୍ଛେଦର ବ୍ୟବସ୍ଥା । ଯଦି ଶାସନଗତ ସୁବିଧା ପାଇଁ ଓଡ଼ିଆଭାଷା ଲୋପ କରିବାର ନୀତି ଇଂରେଜ ସରକାର ସ୍ୱୀକାର କରନ୍ତି; ତା' ହେଲେ ଫ୍ରି-ମାସନସ୍ ଲଜ୍ ମାନଙ୍କରେ ବେଳେ ବେଳେ ଯେଉଁ ଘରୁ ବଭ୍ରାଟ ଦେଖାଦିଏ, ତାହାର ପ୍ରତିକାର ପାଇଁ, ଲଜ୍ ମାନଙ୍କରୁ ଇଂରେଜୀ ଭାଷା ମଧ୍ୟ ଉଠାଇଦେବାର ଆବଶ୍ୟକ ପଡ଼ନ୍ତା ।"

× × ×

ଅବଶେଷରେ ମଧୁସୂଦନ ପ୍ରମୁଖଙ୍କ ତାଡ଼ନାରେ "ହିତୈଷିଣୀ"ର ସମ୍ପାଦକ, ଉତ୍କଳ-ମାତାଙ୍କ "ଶୋକ" ଓ "ବିଳାପ" ପ୍ରଭୃତି ବନ୍ଦ କରି, ସମ୍ବଲପୁର ଓ ମଧ୍ୟପ୍ରଦେଶରେ ଓଡ଼ିଆଭାଷାଭାଷୀଙ୍କ ସଂଖ୍ୟା ଅନୁଧ୍ୟାନ କରି, ମଧ୍ୟପ୍ରଦେଶରେ ଓଡ଼ିଆଭାଷୀ ମାନେ ଏକ ଅଳ୍ପାଂଶ ଓ ସେଥିପାଇଁ ଓଡ଼ିଆକୁ " ଅଳ୍ପଲୋକର ଭାଷା " ବୋଲି ଯାହା କୁହା ଯାଉଥିଲା, ପ୍ରାମାଣିକ ଭାବରେ ତାହାର ଖଣ୍ଡନ କରିଥିଲେ ।

'ହିତୈଷିଣୀ'ର ଜନସଂଖ୍ୟାରୁ ପ୍ରକାଶ ପାଉଥିଲା; ସମ୍ବଲପୁର ଜିଲ୍ଲାର ଲୋକସଂଖ୍ୟା ୭ ଲକ୍ଷ ୯୬ ହଜାର ୪୧୩ଜଣଙ୍କ ମଧ୍ୟରୁ, ମୋଟ ୫ ଲକ୍ଷ ୯୫ ହଜାର ୬୦୧ଜଣ ଓଡ଼ିଆଭାଷା ବ୍ୟବହାର କରୁଥାନ୍ତି । " ଉତ୍କଳ-ଦୀପିକା " ଏ ପ୍ରସଙ୍ଗରେ ଲେଖିଥିଲେ :—

" ମାତ୍ର ଓଡ଼ିଆଙ୍କ ମଧ୍ୟରେ ବାସ ଏବଂ ସେମାନଙ୍କ ସଙ୍ଗେ କାରବାର କରିବା ହେତୁ ଅଧିକାଂଶ ମୁସଲମାନ ଏବଂ ଅନ୍ୟାନ୍ୟ ଜାତି-ମାନେ ଯେ ଓଡ଼ିଆ କହିବା ଓ ଲେଖିବା ପଢ଼ିବାକୁ ଶିଖି ଅଛନ୍ତି ଏବଂ ମାତୃଭାଷା ରୂପେ ବ୍ୟବହାର କରନ୍ତି ଏହା ବୋଲିବା ବାହୁଲ୍ୟ ।"

ସମ୍ବଲପୁର ସହିତ ସଂଶ୍ଳିଷ୍ଟ "କରଦଜାତ" ବା ଗଡ଼ଜାତ ମାନଙ୍କରେ ଓଡ଼ିଆଭାଷାଭାଷୀଙ୍କ ସଂଖ୍ୟା ସେତେବେଳେ ଏହି ପ୍ରକାର ଥିଲା :—

| ଜିଲାର ନାମ | ମୋଟ ଲୋକସଂଖ୍ୟା | ଓଡ଼ିଆଙ୍କ ସଂଖ୍ୟା |
|---|---|---|
| ବାମଣ୍ଡା | ୧,୩୮,୩୬୭ | ୭୯,୭୭୭ |
| ରେଢ଼ାଖୋଲ | ୨୦,୩୩୫ | ୧୯,୩୩୮ |
| ସୋନପୁର | ୧,୯୪,୨୮୫ | ୧,୯୦,୧୩୮ |
| ପାଟଣା | ୩,୩୨,୧୯୭ | ୩,୨୨,୭୧୯ |
| କଳାହାଣ୍ଡି | ୩,୨୬,୨୯୫ | ୨,୮୯,୧୪୮ |
| | ୧୦,୦୮,୮୩୯ | ୮,୭୧,୧୧୮ |

ଅଥଚ ମଧ୍ୟପ୍ରଦେଶ ଚିଫ୍-କମିଶନରଙ୍କ ହୁକ୍କାପିଠା ଆଦେଶ ବଳରେ ଏହି ଓଡ଼ିଆଭାଷୀ ଗଡ଼ଜାତ ମାନଙ୍କରୁ ମଧ୍ୟ ଓଡ଼ିଆଭାଷା ଲୋପ ପାଇବା ସୁନିଶ୍ଚିତ ଥିଲା ।

ମଧ୍ୟପ୍ରଦେଶରେ ଓଡ଼ିଆଭାଷୀଙ୍କ ଜନସଂଖ୍ୟା ସମ୍ପର୍କରେ "ଉତ୍କଳ-ଦୀପିକା " ଲେଖିଥିଲେ :—

" × × ମଧ୍ୟପ୍ରଦେଶର ଅନ୍ୟାନ୍ୟ ବ୍ରିଟିଶ ରାଜ୍ୟରେ ୯୦ ହଜାର ଏବଂ ଦେଶୀୟ ରାଜ୍ୟରେ ୪୪ ହଜାରରୁ ଅଧିକ ଓଡ଼ିଆ ବାସ କରନ୍ତି । ସୁତରାଂ ସମସ୍ତ ମଧ୍ୟପ୍ରଦେଶରେ ସ୍ଥୂଳରେ ୧୬ ଲକ୍ଷ

ଓଡ଼ିଆ ବାସ କରନ୍ତି ଏବଂ ସେ ପ୍ରଦେଶର ମୋଟ ଜନସଂଖ୍ୟା ଏକ କୋଟି ୬୯ ଲକ୍ଷ । ଅତଏବ ସମ୍ବଲପୁର 'ହିତୈଷିଣୀ' ଯଥାର୍ଥ କହନ୍ତି ଯେ ମଧ୍ୟପ୍ରଦେଶର ଚିଫ୍ କମିଶନରଙ୍କ ଏକ ଅଷ୍ଟମାଂଶ ପ୍ରଜା ଓଡ଼ିଆଭାଷା ବ୍ୟବହାର କରୁଥିବା ସ୍ଥଳେ, ତାହାକୁ ଅଳ୍ପଲୋକର ଭାଷା ବୋଲି ଉପେକ୍ଷା କରାଯାଇ ନପାରେ ।" *

ଏହା ସତ୍ତ୍ୱେ, ସମ୍ବଲପୁରରେ ଓଡ଼ିଆଭାଷାର ଅସ୍ତିତ୍ୱ ଉପରେ ଇଂରେଜ ଶାସନ-କର୍ତ୍ତୃପକ୍ଷ ପ୍ରଚଣ୍ଡ କଳାପାହାଡ଼ୀ ଆକ୍ରମଣ ଆରମ୍ଭ କରି ଦେଇଥିଲେ ।

× × ×

ମେ' ମାସ ୩ ତାରିଖ, ଶୁକ୍ରବାର, ୧୮୯୫ ମସିହା···

ସେଦିନ ପ୍ରିଣ୍ଟିଙ୍ଗ—କୋମ୍ପାନୀ କୋଠାରେ ଉତ୍କଳ-ସଭାର ଗୋଟିଏ ସାଧାରଣ ଅଧିବେଶନ ଆହୂତ ହୋଇଥିଲା; ସମ୍ବଲପୁରରୁ ଓଡ଼ିଆଭାଷା ଉଚ୍ଛେଦ ପ୍ରସଙ୍ଗରେ ଆଲୋଚନା ପାଇଁ । ସେଥିସହିତ ମଧ୍ୟ ରହିଥିଲା, 'ଉତ୍କଳ-ସଭା'ର ସଭାପତି ଚୌଧୁରୀ କାଶୀନାଥ ଦାସଙ୍କ ବିୟୋଗ ପରେ, ତାଙ୍କ ସ୍ଥାନରେ ଆଉ ଜଣେ ସଭାପତିଙ୍କ ନିୟୋଗର ସମସ୍ୟା । ବାବୁ ମଧୁସୂଦନ ଦାସଙ୍କୁ ସର୍ବସମ୍ମତ ଭାବରେ ସଭାପତି ରୂପେ ମନୋନୀତ କରିବାରେ, ସାଧାରଣ-ଅଧିବେଶନରେ ଅବଶ୍ୟ କୌଣସି ପ୍ରତ୍ୟକ୍ଷ ପ୍ରତିରୋଧ ହୋଇ ନଥିଲା । ମାତ୍ର ସହରରେ ଏତେ ଏତେ ମହାଜନ ଜମିଦାର ଥାଉଁ ଥାଉଁ, ମଧୁସୂଦନଙ୍କ ପରି ଜଣେ ଓକିଲ 'ଉତ୍କଳ-ସଭା'ର ସଭାପତି ହେବେ—ଏ କଥା କେତେକଙ୍କ ମନକୁ ଆଦୌ ପାଇ ନ ଥିଲା ! ମାତ୍ର ସେପରି ମହାଜନ ଜମିଦାର ଆକାରରେ ଏପରି ଗରୁ ଓ ଆଚରଣରେ ଏପରି ମନ୍ଥର ଯେ, "ସେମାନଙ୍କର ସାଧାରଣ ବିଷୟରେ ବିଶେଷ ମନୋଯୋଗୀ ହେବାର ଦେଖିବା ଆଉ ସଭାର ଅଧିବେଶନରେ ସୁଦ୍ଧା ଉପସ୍ଥିତ ହେବା ବିରଳ ।" ସେଥିପାଇଁ "ଉତ୍କଳ-ଦୀପିକା" ଲେଖିଥିଲେ :···

* ଉତ୍କଳ-ଦୀପିକା ତା ୧୧।୫।୧୮୯୫

" ପ୍ରକୃତରେ ଯେଉଁ ମାନଙ୍କର ସ୍ୱଦେଶର ସାଧାରଣ ହିତା ହିତରେ ବିଶେଷ ଆସ୍ଥା ଓ ସହାନୁଭୂତି ଅଛି ଯେଉଁମାନେ ସାଧାରଣ କାର୍ଯ୍ୟ ଅନୁରୋଧରେ କାୟିକ ଓ ମାନସିକ ଶ୍ରମ ସ୍ୱୀକାର କରିବାକୁ ପ୍ରସ୍ତୁତ ଏବଂ ସମୟ ପଡ଼ିଲେ ନିଜର ସୁବିଧା ବା ସ୍ୱାର୍ଥକୁ ଉପେକ୍ଷା କରନ୍ତି ଅଥଚ ଯେତେବେଳେ ଯେଉଁ ସାଧାରଣ ପ୍ରସଙ୍ଗ ଉପସ୍ଥିତ ହୁଏ ତହିଁର ସୁମୀମାଂସା କରିବାକୁ ବିଚକ୍ଷଣ ସେହିମାନେ ସମାଜର ପ୍ରଧାନଲୋକ ଏବଂ ସଭାର ଭାରବାହକ ହେବାର ଯୋଗ୍ୟ । ସେମାନଙ୍କୁ ଛାଡ଼ି ଅନ୍ୟଙ୍କୁ ସଭାପତି କରିବା ବିଫଳ ଅଟେ ।"

ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଓଡ଼ିଶାରେ ସେତେବେଳେ ସେପରି " ଭାର ବାହକ " ଆଉ କେହି ଆଖିରେ ପଡୁନଥିଲେ । ମଧୁସୂଦନଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ପ୍ରତି ଏହା ଥିଲା ଏକ ସାର୍ବଜନୀନ ଅକୁଣ୍ଠ ସ୍ୱୀକୃତି !

ଏହାପରେ ଆସିଲା, ସମ୍ବଲପୁରରୁ ଓଡ଼ିଆଭାଷା ଉଚ୍ଛେଦର ପ୍ରସଙ୍ଗ ।

" ଦ୍ୱିତୀୟ ପ୍ରସଙ୍ଗ ଅର୍ଥାତ ସମ୍ବଲପୁରର ଭାଷା ପରିବର୍ତ୍ତନ ସମ୍ବନ୍ଧରେ ସଭାପତି ବାବୁ ମଧୁସୂଦନ ଦାସ ଏକ ତେଜସ୍ୱୀ ଦୀର୍ଘ ବକ୍ତୃତା ଦ୍ୱାରା ପ୍ରକାଶ କଲେକି ଖାସ ସମ୍ବଲପୁର ଜିଲ୍ଲାର ମୋଟ ଲୋକସଂଖ୍ୟା ସ୍ଥୂଳରେ ୮ଲକ୍ଷ ମଧ୍ୟରୁ ୬ ଲକ୍ଷ ଓଡ଼ିଆ ହେବାରୁ ସେ ଜିଲ୍ଲା ସର୍ବୋତୋ-ଭାବରେ ଓଡ଼ିଆରାଜ୍ୟ ତହିଁରେ ସନ୍ଦେହ ନାହିଁ । ଅପର ଦୁଇଲକ୍ଷ ଲୋକଙ୍କ ମାତୃଭାଷା ଓଡ଼ିଆ ନହେଲେ ମଧ୍ୟ ଓଡ଼ିଆଙ୍କ ସଙ୍ଗେ ବାସ ଓ କାରବାର କରିବା ଦ୍ୱାରା ଓଡ଼ିଆଭାଷା ଲେଖାପଢ଼ା କରିବାକୁ ଓ କହିବାକୁ ସେମାନେ ଜାଣନ୍ତି । ସୁତରାଂ ସମ୍ବଲପୁର ପ୍ରକୃତରେ ଓଡ଼ିଆ ରାଜ୍ୟ ଏବଂ ଯେ ସ୍ଥଳେ ଗବର୍ଣ୍ଣମେଣ୍ଟ ସୁବିବେଚନା ପୂର୍ବକ ସର୍ବସ୍ଥରେ ଏହି ରାଜନୀତି ପ୍ରଚାର କରିଅଛନ୍ତି, ଯେଉଁ ରାଜ୍ୟର ଅଧିକାଂଶ ଲୋକଙ୍କର ଯେଉଁ ମାତୃଭାଷା ସେହି ରାଜ୍ୟର ଅଦାଲତ ଓ କଚେରୀ ମାନଙ୍କରେ ସେହି ଭାଷା ପ୍ରଚଳିତ ହେବ, ସେ ସ୍ଥଳେ ମଧ୍ୟପ୍ରଦେଶର ପ୍ରଧାନ କମିସନର ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇଦେଇ ତହିଁ ପରିବର୍ତ୍ତରେ ହିନ୍ଦୀ ଭାଷା ପ୍ରଚଳିତ ହେବାର ଯେଉଁ ଆଦେଶ ପ୍ରଚାର କରିଅଛନ୍ତି,

ତାହା ବଡ଼ ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ ଅଟେ । ଚିଫ୍ କମିଶନର୍ ମହୋଦୟ ଏହି ପରିବର୍ତ୍ତନର ଯେଉଁ ହେତୁ ଦେଖାଇ ଅଛନ୍ତି ତାହା ଅଧିକତର ଆଶ୍ଚର୍ଯ୍ୟ ଅଟେ । ସେ କହନ୍ତି କି ମଧ୍ୟପ୍ରଦେଶର ଅନ୍ୟାନ୍ୟ ସ୍ଥାନରେ ହିନ୍ଦୀ ପ୍ରଚଳିତ ଥିବା ପ୍ରତ୍ୟକ୍ଷେ ସମ୍ବଲପୁରରେ ଭିନ୍ନ ଭାଷା ଓଡ଼ିଆ ପ୍ରଚଳିତ ଥିବାରୁ ସୁଶାସନ ଉଦ୍ଦେଶ୍ୟରେ କର୍ମଚାରୀ ପରିବର୍ତ୍ତନର ସୁବିଧା ହେଉନାହିଁ ଏବଂ ପୁଲିସ ବିଭାଗରେ ସର୍ବାପେକ୍ଷା ଅଧିକ ଅସୁବିଧା ଘଟୁଅଛି । ଏଥିରୁ ଶାସନକାର୍ଯ୍ୟରେ ଲୋକଙ୍କ ସୁବିଧା ଅପେକ୍ଷା ସରକାରୀ କର୍ମଚାରୀଙ୍କ ସୁବିଧା ଅଧିକ ଦେଖିବାକୁ ହେବ ଏହା ନୂଆ କଥା ଅଟେ । ଲୋକମାନେ ଆପଣା ଧନପ୍ରାଣ ରକ୍ଷା ଓ ସୁବିଚାର ପାଇବା ନିମନ୍ତେ କର ଛଡ଼ା କୋର୍ଟ-ଫିସ୍ ଇତ୍ୟାଦି ଦ୍ୱାରା ଖରଚ ଦେଉଅଛନ୍ତି । ଯେଉଁମାନେ ଅର୍ଥବ୍ୟୟ କରୁଅଛନ୍ତି ସେମାନଙ୍କର ସୁବିଧା ପ୍ରତି ଦୃଷ୍ଟି କରିବାକୁ ହେବ ନାହିଁ ମାତ୍ର ଯେଉଁମାନେ ଶାସନ କାର୍ଯ୍ୟ ଲୋକଙ୍କ ହିତ ନିମନ୍ତେ ନିର୍ବାହ କରିବା କାରଣ ସେହି ଅର୍ଥ ବେତନାଦି ରୂପେ ଭୋଗ କରୁଅଛନ୍ତି ସେମାନଙ୍କର ସୁବିଧା ଦେଖିବାକୁ ହେବ, ଏ କେମନ୍ତ ବିଚାର ? କେତେଜଣ ସରକାରୀ କର୍ମକାରକ ଲୋକଙ୍କ ଭାଷା ଶିଖିବାକୁ ଆଳସ୍ୟ କରିବେ ବୋଲି ଲକ୍ଷଲକ୍ଷ ଲୋକଙ୍କୁ କଷ୍ଟ ଦେବା କି ଉଚିତ ? ଯେଉଁ ଯେଉଁ ରାଜ୍ୟ ଖଣ୍ଡରେ ଯେଉଁ ଯେଉଁ ଭାଷା ପ୍ରଚଳିତ ତାହା ସରକାରୀ କର୍ମଚାରୀଙ୍କୁ ଶିଖିବା ପାଇଁ ସରକାର ବିଶେଷ ନିୟମ କରିଅଛନ୍ତି ଏବଂ ତହିଁ ପାଇଁ ପୁରସ୍କାର ଦେବାର ନିୟମ ମଧ୍ୟ କରିଅଛନ୍ତି । ତଥାପି ଯେଉଁମାନେ ଅବହେଳା କରିବେ ସେମାନଙ୍କ ପାଇଁ କି ଲୋକେ ସୁବିଚାରରୁ ବଞ୍ଚିତ ହେବେ ? ଯେତେ ଉପାୟ କଲେ ମଧ୍ୟ ଲୋକେ ଆପଣା ମାତୃଭାଷା ଛାଡ଼ିବେ ନାହିଁ କି ସମସ୍ତେ ହିନ୍ଦୀଭାଷା ଶିଖି ପାରିବେ ନାହିଁ । ତାହା ସମ୍ଭବ ହେଲେ ଇଂରାଜଶାସିତ ସର୍ବସ୍ଥଳରେ ଏକା ଇଂରାଜୀ-ଭାଷା ପ୍ରଚଳିତ ହୋଇ ପାରନ୍ତା ଓ ତହିଁରୁ ଅଧିକ ସୁବିଧା ଆଉ କୌଣସି ରୂପେ ହେବାର ନୁହେଁ । ଫଳରେ କଚେରିର ଭାଷା ପରିବର୍ତ୍ତନରେ ଲୋକଙ୍କର କଷ୍ଟର ସୀମା ରହିବ ନାହିଁ । ପୁଲିସର ଭାଷା ଭିନ୍ନ ହେବା ଆଉରି ଅଭୁତ । ପୁଲିସ ଏବେ ଆମ୍ଭକୁ ଆମ୍ଭଭାଷା ଲେଖି କେତେ ବିଭ୍ରାଟ ଘଟାନ୍ତି, କାହାର ଅବିଦିତ ନାହିଁ । ଯେବେ ସେହି ପୁଲିସ ମୋକଦ୍ଦମାର ଅନୁସନ୍ଧାନ ବେଳେ ଲୋକେ ଯାହା କହିବେ ତାହା ନ ଲେଖି ଆପଣା ମନକୁ ଭାଷାନ୍ତର କରି ଲେଖିବେ ଅଥବା ଏକ କଥାକୁ

ଅନ୍ୟ କଥା ବୁଝିବେ ତେବେ ଯେ ଆଉ କେତେ ଅନସ୍ଥ ହେବ, ଯାହାଙ୍କର ଟିକଏ ବୁଦ୍ଧି ଅଛି ତାହାଙ୍କୁ ବୁଝାଇ କହିବାର ଆବଶ୍ୟକ ନାହିଁ ।

ଚିଫ୍ କମିସନର୍‌ଙ୍କର ଆଉ ଗୋଟିଏ ପ୍ରଧାନ ଆପତ୍ତି ଏହିକି, ସମ୍ବଲପୁରରେ ମହାପ୍ରସାଦବନ୍ଧର ବିଶେଷ ପ୍ରଚଳନ ଥିବାରୁ ହାକିମ ଠାରୁ ଅମଲା ମୋକଦ୍ଦମା ପର୍ଯ୍ୟନ୍ତ ମିଶିଯାଇ, କେହି କାହାର ବିରୁଦ୍ଧରେ କିଛି କହୁ ନଥିବାରୁ ବିଚାରକାର୍ଯ୍ୟର ବଡ କ୍ଷତି ହେଉଅଛି । ଏଥକୁ ଭାରତ ବର୍ଷର ସମସ୍ତ ଦେଶରେ ହିନ୍ଦୁମାନେ ମହାପ୍ରସାଦକୁ ମାନ୍ୟ କରନ୍ତି ଏବଂ ମହାପ୍ରସାଦବନ୍ଧ ପ୍ରଥା ସର୍ବତ୍ରରେ ପ୍ରଚଳିତ ଥିବା ସ୍ଥଳେ କେବଳ ଓଡ଼ିଆଭାଷା କଚେରି ଅଦାଲତରୁ ଉଠିଗଲେ ତହିଁର ଅବୈଧ ବ୍ୟବହାର କିପରି ଉଠିଯିବ, ବୋଧଗମ୍ୟ ହେଉନାହିଁ । ପ୍ରକୃତରେ ମହାପ୍ରସାଦ ଯଦି ଏତେ ଅନର୍ଥର ମୂଳ ହୋଇଅଛି ତେବେ ପୁରୀ ମନ୍ଦିର ଉଠାଇ ଦେବା ବିନା ତହିଁର ଯୁକ୍ତିସଙ୍ଗତ ଉପାୟ ଦେଖା ଯାଉନାହିଁ । ମଧ୍ୟପ୍ରଦେଶର ବିଚକ୍ଷଣ ପ୍ରଧାନ କମିଶନର୍ ତାହା କରିବାକୁ ସାହସୀ ହେବେ କି ? ସଂକ୍ଷେପରେ ଚିଫ୍ କମିସନର୍‌ଙ୍କ ଆଦେଶ ଆପାଦମସ୍ତକ ଭ୍ରମପୂର୍ଣ୍ଣ ଏବଂ ତାହା ରହିତ ହେବା ଉଚିତ ।"

"ଉତ୍କଳ-ଦୀପିକା" ପୁଣି ଲେଖିଥିଲେ " ଏହି ସୁଯୁକ୍ତିପୂର୍ଣ୍ଣ ଆପତ୍ତିମାନ ଶୁଣି ସମସ୍ତ ସଭ୍ୟ ଏକମତ ହୋଇ ଧାର୍ଯ୍ୟ କଲେ କି ଏ ସଭାର ବିବେଚନାରେ ଚିଫ୍-କମିସନର୍‌ଙ୍କ ଆଦେଶ ନିତାନ୍ତ ବିରକ୍ତିଜନକ ଏବଂ ଅନ୍ୟାୟ ଏବଂ ଏହି ଆଦେଶକୁ ରହିତ କରିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟକୁ ଆବେଦନପତ୍ର ପଠାଇବାର ଉଚିତ । ଆବେଦନ ପ୍ରସ୍ତୁତ କରି ଆଗାମୀ ଅଧିବେଶନରେ ଉପସ୍ଥିତ କରିବା କାରଣ ଗୋଟିଏ ସବ୍-କମିଟୀ ଗଠିତ ହୋଇ ସଭା ଭଙ୍ଗ ହେଲା ।" *

ଉଲ୍ଲେଖ କରିବା ନିଷ୍ପ୍ରୟୋଜନ, ଆବେଦନପତ୍ର ପ୍ରସ୍ତୁତ କରିବା ପାଇଁ ଏହି ସଭାରେ ଗୋଟିଏ ସବ୍-କମିଟୀ ଗଠିତ ହୋଇଥିଲେହେଁ, ଏ ଦାୟିତ୍ୱ କାର୍ଯ୍ୟତଃ ମଧୁସୂଦନଙ୍କ ଉପରେ ନ୍ୟସ୍ତ ହୋଇଥିଲା ।

---

* ଉତ୍କଳ-ଦୀପିକା, ତା ୧୧ । ୫ । ୧୮୯୫

ସମ୍ବଲପୁରରେ କିନ୍ତୁ ଓଡ଼ିଆଭାଷା ବିଲୋପ ଯେଉଁ ପରିମାଣରେ ଆଲୋଡ଼ନ ବିଲୋଡ଼ନ ପ୍ରକାଶ ପାଇବା କଥା, ତାହାର କୌଣସି ସଙ୍କେତ ନଥିଲା । ସେଥିପ୍ରତି ଆକ୍ଷେପ କରି କମିଶନର ଷ୍ଟିଭେନସନ୍ ଥରେ ମଧୁସୂଦନଙ୍କୁ କହିଲେ···"ସମ୍ବଲପୁରବାସୀ ଯେତେବେଳେ ଓଡ଼ିଆଭାଷାର ଉଚ୍ଛେଦ ଯୋଗ ବ୍ୟସ୍ତ ବା ବିବ୍ରତ ନୁହନ୍ତି; ଆପଣମାନେ କଟକରେ ଯେତେ ଚିତ୍କାର କଲେ ସୁଦ୍ଧା ତାହାର ଫଳ କଣ ? ସମ୍ବଲପୁରବାସୀ ହିନ୍ଦୀଭାଷାକୁ କୋର୍ଟ କଚେରି ଭାଷା ରୂପେ ଯେ ନିର୍ବିବାଦରେ ଗ୍ରହଣ କରିଅଛନ୍ତି; ଏହା କଣ ତାହାର ପ୍ରମାଣ ନୁହେଁ ?"

ମଧୁସୂଦନ ଉତ୍ତର ଦେଲେ···"କିନ୍ତୁ ଏ ଅବାସ୍ତବ ଆଦେଶର ପରିବର୍ତ୍ତନ ଓ ଓଡ଼ିଆଭାଷାର ପୂନର୍ପ୍ରଚଳନ ସମ୍ପର୍କରେ ସମ୍ବଲପୁରବାସୀ ଏତେ କୃତନିଶ୍ଚିତ ଯେ ଏଥିପାଇଁ ଆନ୍ଦୋଳନ କରିବା ସେମାନେ ସମୟର ଅପଚୟ ରୂପେ ଜ୍ଞାନ କରନ୍ତି । ବ୍ରିଟିଶ ଶାସନର ନ୍ୟାୟବୋଧ ଉପରୁ ସେମାନେ ତଥାପି ଆସ୍ଥା ହରାଇ ନାହାନ୍ତି !"

ମାତ୍ର ଷ୍ଟିଭେନସନ୍‌ଙ୍କର ଏପରି ଆକ୍ଷେପର ଯାଥାର୍ଥ୍ୟରେ ମଧୁସୂଦନଙ୍କର ତିଳାର୍ଦ୍ଧ ପ୍ରମାଣେ ସନ୍ଦେହ ନଥିଲା । ସମ୍ବଲପୁରରେ ଜନ-ସାଧାରଣଙ୍କ ପ୍ରତିବାଦ ଓ ଅସନ୍ତୋଷକୁ ଏକ ସଂଗଠିତ ରୂପ ଦେବା ପାଇଁ, ସେତେବେଳେ ସେଠାରେ କୌଣସି ସଙ୍ଗଠନ ନଥିଲା । ମଧ୍ୟ ପ୍ରଦେଶର ଏକ ଉପେକ୍ଷିତ କୋଣରେ ଅବହେଳିତ, ବିସ୍ମୃତ ଅଞ୍ଚଳ ରୂପେ ସମ୍ବଲପୁରର ଜନଜୀବନରେ ସେତେବେଳେ କୌଣସି ପ୍ରାଣଚାଞ୍ଚଲ୍ୟ ନଥିଲା ।

ମଧୁସୂଦନ ସମ୍ବଲପୁରର ଶ୍ରୀପତି ମିଶ୍ର ପ୍ରମୁଖଙ୍କ ପାଖକୁ ସେଥିପାଇଁ ଲେଖିଥିଲେ, ଓଡ଼ିଶାରେ ଆନ୍ଦୋଳନ ଯେତେ ବ୍ୟାପକ ହେଉ ନା କାହିଁକି ସମ୍ବଲପୁରବାସୀଙ୍କ ସ୍ୱତନ୍ତ୍ର ଭାବରେ ଗୋଟାଏ ଆନ୍ଦୋଳନ ଠିଆ କରାଇବା ପାଇଁ ପଡ଼ିବ । ତା ନହେଲେ ଭାରତ ସରକାର ଧରିନେବେ, ସମ୍ବଲପୁରରୁ ଓଡ଼ିଆ ଭାଷାର ବିଲୋପ ଓ ହିନ୍ଦୀ ଭାଷାର ପ୍ରଚଳନରେ ସମ୍ବଲପୁରବାସୀଙ୍କର କିଛି ଯାଏ ଆସେ ନାହିଁ । ସମ୍ବଲପୁରର ତତ୍‌କାଳୀନ ଅବସ୍ଥା ବର୍ଣ୍ଣନା କରି ଶ୍ରୀପତି ମିଶ୍ର "ଶିମିଳାପାସା" ପୁସ୍ତକରେ ଲେଖିଛନ୍ତି···

" × × ଓଡ଼ିଶା ଅଂସୋସିଏସନ୍ ଏବଂ ପତ୍ରିକା ପ୍ରଭୃତି ସମ୍ପାଦକମାନେ ସମ୍ବଲପୁରବାସୀଙ୍କର ପୃଷ୍ଠପୋଷକ ହୋଇଥିଲେ । × × ତଥାପି ବୈଦେଶିକ ସ୍ୱାର୍ଥାବରଣ ଶିଥିଳ ହେବା ପରିବର୍ତ୍ତେ ଧୀରେ ଧୀରେ ଘନୀଭୂତ ହେଉଥିଲା । ସମ୍ବଲପୁରବାସିଗଣ ନୈରାଶ୍ୟର ନିବିଡ଼ାନ୍ଧକାରରେ ନିମଜ୍ଜିତ ହେଲେ । × × × ଯାହାହେଉ ଭଗବାନଙ୍କୁ ସ୍ମରଣ କରି ସଂଗ୍ରାମରେ ପ୍ରବୃତ୍ତ ହେଲୁ । ଦ୍ୱାର ଦ୍ୱାର ଭ୍ରମଣ କରି ଲୋକମାନଙ୍କର ନୈତିକ ନାଡ଼ିକା ପରୀକ୍ଷା କରି ଦେଖିଲୁ । ସମସ୍ତେ ନୈରାଶ୍ୟରେ ଆଚ୍ଛନ୍ନ ।" *

କିନ୍ତୁ ମଧୁସୂଦନଙ୍କ ତାଡ଼ନା ଓ ପ୍ରୋତ୍ସାହନରେ ଅବଶେଷରେ ସମ୍ବଲପୁରରେ ଆନ୍ଦୋଳନ ଓ ଆଲୋଡ଼ନର କ୍ଷୀଣ ସୂଚନା ପ୍ରକାଶ ପାଇଥିଲା । ସୋମନାଥବାବୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ସମ୍ବଲପୁରରେ ଆହୂତ ହୋଇ ସେଥିରେ ଓଡ଼ିଆଭାଷା ଲୋପର ତୀବ୍ର ପ୍ରତିବାଦ କରାଯିବା ସଙ୍ଗେ ସଙ୍ଗେ ଭାରତ ସରକାରଙ୍କ ନିକଟକୁ ଇଂରାଜୀ ଓ ଓଡ଼ିଆରେ ଗୋଟିଏ ସ୍ମାରକପତ୍ର ପଠାଯିବା ପାଇଁ ସ୍ଥିର ହେଲା । ସ୍ମାରକପତ୍ର ତିଆରି କରିବାର ଦାୟିତ୍ୱ ଧରଣୀଧର ମିଶ୍ରଙ୍କ ଉପରେ ଅର୍ପିତ ହୋଇଥିଲା । ମାତ୍ର ଆନ୍ଦୋଳନର ପ୍ରାଣକେନ୍ଦ୍ର ରହିଲା କଟକରେ ।

× × ×

ମେ ମାସର ଅସହ୍ୟ ନିରୁଦ୍ଧ ଉତ୍ତାପରେ ଉତ୍ପୀଡ଼ିତ ରାତ୍ରି···

କାନ୍ଥ ଘଣ୍ଟାରେ ରାତି ବାରଟା ବାଜିଲା । ରାମଶଙ୍କରଙ୍କ କ୍ଳାନ୍ତିରେ ଗୋଟାଏ ହାଇ ମାରି କହିଲେ···" ଦାଦା, ମେମୋରାଣ୍ଡମଟା ଜଣେ ଗୋଟାଏ ଥିସିସ୍ ହୋଇ ଯାଉଛି ଯେ !"

ବାସ୍ତବିକ ମଧୁସୂଦନ ଲାଇବ୍ରେରୀ ମଧ୍ୟରେ ଏ ପାଖରୁ ସେପାଖ ପାଦଚାରଣୀ କରି କରି, ଆତ୍ମବିସ୍ମୃତଭାବରେ ରାମଶଙ୍କରଙ୍କୁ ଯେଉଁ ଡିକ୍ଟେସନ୍ ଦେଉଥିଲେ; ତାହା ଭାଇସରୟ ରାଇଟ ଅନରେବଲ୍ ଭିକ୍ଟର୍ ଆଲେକଜାଣ୍ଡାର୍ ବ୍ରୁସ୍, ଆର୍ଲ-ଅଫ୍-ଏଲଗିନ୍‌ଙ୍କ ଉଦ୍ଦେଶ୍ୟରେ

* ଶିମିଳା—ଯାତ୍ରା-ଲେଖକ ଶ୍ରୀପତି ମିଶ୍ର । (ଉତ୍କଳ—ସାହିତ୍ୟ ପ୍ରେସ, ପୃ ୬୬-୬୭)

ଓଡ଼ିଶାର ଏକ ସରକାରୀ ସ୍ମାରକପତ୍ର ପରିବର୍ତ୍ତେ, ବିଶ୍ୱବିଦ୍ୟାଳୟ ଅଫିସ୍ ହେବାର ଅଧିକ ଉପଯୋଗୀ ଥିଲା । ମଧୁସୂଦନ ଡିକ୍ଟେସନ୍ ଦେଉଥିଲେ···

"That the language of a race to be of any value must be an epitome of the principal events in the history of a race; hence a language which retains everything ancient in it with a conservative tenacity while it adpots and assimilates everything new, however foreign to its native genius, is superior to one which from want of a love of conservatism sacrifices ancient words and forms to a conventional abbreviation of vo cabulary and pronounciation."

ଉପସ୍ଥିତ ସମସ୍ୟା ସହିତ ଏ ଭାଷାତତ୍ତ୍ୱର ଅବଶ୍ୟ କୌଣସି ସମ୍ପର୍କ ନଥିଲା । ମାତ୍ର ମଧୁସୂଦନ ଜନ୍ମାରେ ଥିଲେ ଫଣ୍ଡାମେଣ୍ଟାଲିଷ୍ଟ୍ ବା ତତ୍ତ୍ୱବାଦୀ । ବିଷୟଟି ଯେତେ ସାଧାରଣ ହେଉ ପଛେ, ତାହାକୁ ଏହି-ପରି ତତ୍ତ୍ୱର ଆବରଣ ନଦେଲେ, ସେ ସନ୍ତୁଷ୍ଟ ହୋଇ ପାରୁ ନଥିଲେ ।

'ମହାପ୍ରସାଦ'ର ଚଳଣି ଫଳରେ ଶାସନରେ ଦୁର୍ନୀତି ବ୍ୟାପୁଛି ଯଦି ? ଧରି ନିଆଯାଉ ତାହାହିଁ ସତ୍ୟ !

ମଧୁସୂଦନ ହଠାତ ବୁଲି ପଡ଼ି ପଚାରିଲେ···" ରାମଶଙ୍କର କହି-ପାରିବ, ଏ ଆର୍ଗୁମେଣ୍ଟ୍ ର ଉଇକେଷ୍ଟ ଲିଙ୍କ୍ଟା କେଉଁଠି ?"

ରାମଶଙ୍କରଙ୍କ ପକ୍ଷରେ ତାହାର କୌଣସି ସଦୁତ୍ତର ଦେବା ସେ ଅବସ୍ଥାରେ ସେତେବେଳେ ସମ୍ଭବ ନଥିଲା ।

ମଧୁସୂଦନ ନୀରବରେ କେତେକ୍ଷଣ ପାଦଚାରଣା କରି କହିଲେ···" ଇଏ ଗୋଟାଏ ଭାରି ଇଣ୍ଟରେଷ୍ଟିଙ୍ଗ୍ ପଏଣ୍ଟ୍ ଅଫ୍ ଜୁରିସ-ପ୍ରୁଡେନ୍ସ୍ ! ପେନାଲ୍-କୋଡ଼ରେ କେଉଁଥିପାଇଁ ଲାଞ୍ଚ ଘୂଷ ଦେବାକୁ ଦଣ୍ଡନୀୟ ଅପରାଧ କରାଯାଇ ପାରିଲା ନାହିଁ ? କହିପାରିବ ରାମଶଙ୍କର ?"

ସମ୍ବଲପୁରରୁ ଓଡ଼ିଆଭାଷା ବିଲୋପ ପୁଣି ସେଥିରେ ମହା-ପ୍ରସାଦର ପ୍ରସଙ୍ଗ ସହିତ ପେନାଲ୍‌କୋଡ଼ର ସମ୍ପର୍କଟା ରାମଶଙ୍କର ସେହି ରାତିଅଧରେ ଯାଏ ଠିକ୍ ଧରି ପାରୁ ନଥିଲେ; ତାହା ହେଲେ

ମଧୁସୂଦନ ସେଥିପାଇଁ ଅକାରଣରେ ବିରକ୍ତ ହେବାର କୌଣସି କାରଣ ଅବଶ୍ୟ ନଥିଲା ।

ମଧୁସୂଦନ ଅସନ୍ତୁଷ୍ଟ କଣ୍ଠରେ ଲାଇବ୍ରେରୀ ଦାୟିତ୍ୱରେ ଥିବା ତାଙ୍କର ମୋହରରଙ୍କୁ ଡାକଲେ···" ଚୈତନ୍ୟ ! ହେ ଚୈତନ୍ୟ-ଚରଣ ! ···ଅଚୈତନ୍ୟ ହୋଇଗଲ ନା କଣ ?"

ପ୍ରକୃତପକ୍ଷେ ସେତେବେଳକୁ ଚୈତନ୍ୟଚରଣ ପାଖଘରେ ଗୋଟିଏ ଚଉକି ଉପରେ ଆଖି ମେଲି ଘୁଙ୍ଘୁଡ଼ି ମାରିବା ଆରମ୍ଭ କରିଥିଲେ । ମଧୁସୂଦନ କହିଲେ···" ରାମଶଙ୍କର ଲ'-କମିସନ୍ ରିପୋର୍ଟଟା କାଢ଼ ତ ।"

କାନ୍ଥ ଘଣ୍ଟାରେ ରାତି ଗୋଟାଏ ବାଜିଲା ।

କିନ୍ତୁ ସେଲଫ୍ ପରେ ସେଲଫ୍ ଭର୍ତ୍ତି ବହି ଓ ରିପୋର୍ଟର ଜଂଜାଳ ମଧ୍ୟରୁ ଲ' କମିଶନ୍ ରିପୋର୍ଟଟା କେଉଁଠୁ କପରି ରାମଶଙ୍କର ଆବିଷ୍କାର କରିବେ ବୁଝି ପାରିଲେ ନାହିଁ ! ମଧୁସୂଦନ କହିଲେ···"ସେଇ ବାଁହାତ ରାକ୍‌ର ତୃତୀୟ ସେଲ୍ଫରେ, ଲ' କମିସନ୍ ରିପୋର୍ଟ ଟା ପାଇବ ।"

ସେହି ବିରାଟ ଲାଇବ୍ରେରୀର ପ୍ରତ୍ୟେକ ବହି, ଜର୍ଣ୍ଣାଲ, ରିପୋର୍ଟ୍ ମଧୁସୂଦନଙ୍କ ନଖଦର୍ପଣରେ ଯେପରି ରହିଥିଲା । ରାମଶଙ୍କର ରିପୋର୍ଟ ଖଣ୍ଡ ସେଲଫରେ ଯଥା ସ୍ଥାନରୁ କାଢ଼ି ମଧୁସୂଦନଙ୍କ ହାତକୁ ବଢ଼ାଇ ଦେବା ମାତ୍ରେ ମଧୁସୂଦନ ସେଥିରୁ ଗୋଟାଏ ପୃଷ୍ଠା ଖୋଲି ପଢ଼ିଲେ···

' It would be absurd in such a state of society to reproach the giver of a bribe with corrupting the nature of public servants as it would be to say the traveller who delivers his money when a pistol is held to his breast .corrupts the virtue of a highway man."

ମଧୁସୂଦନ କହିଲେ···" ରାମଶଙ୍କର ଏ ହେଲା ବ୍ରିଟିଶ ସେନ୍‌ସ ଅଫ୍ ହ୍ୟୁମର୍ କେବଳ ନୁହେଁ, ଲଜିକ୍ ମଧ୍ୟ । ବାଟ-ମାରଣା ଡକାୟତର ପିସ୍ତଲ୍ ମୁହଁରେ ବାଟୋଇ ଯଦି କିଛି ଅର୍ଥ ଦେଇ ଆତ୍ମରକ୍ଷା କରେ, ତାହେଲେ ଏହାକୁ କଣ ଘୁଷ ଦେବା କୁହାଯିବ ? ଆଉ ଯଦି ବା କୁହାଯାଏ ତା'ହେବ କଣ ଦେବା ଲୋକର ଅପରାଧ ?··· ନିଶ୍ଚୟ ନୁହେଁ ! କଦାପି ନୁହେଁ !"

କାନ୍ଥଘଣ୍ଟାରେ ରାତି ଦୁଇଟା ବାଜିଲା ।
ରାମଶଙ୍କର ଅବସନ୍ନ ଭାବରେ ହାଇ ମାରିଲେ ।

ମଧୁସୂଦନ କହିଲେ...“ବର୍ତ୍ତମାନ ସେଇ ଲଜିକ୍‌କୁ ଏ କ୍ଷେତ୍ରରେ ଆପ୍ଲାଇ କର ! ପୁଲିଶ ଯଦି ମହାପ୍ରସାଦର ବନ୍ଧନ ଭେଦ ମୋକଦ୍ଦମା ତଦାରଖ କରି ପାରୁ ନାହାନ୍ତି; ତା’ ହେଲେ ସେଥିପାଇଁ କଣ ମହାପ୍ରସାଦ ଲୋପ କରିଦେବାକୁ ପଡ଼ିବ ? ଏ ଦାୟିତ୍ୱ କଣ ଯେଉଁମାନେ ମହାପ୍ରସାଦ ବସୁଛନ୍ତି, ସେମାନଙ୍କର ?···କିନ୍ତୁ ରାମଶଙ୍କର, ଓଡ଼ିଆ-ଭାଷା କୋର୍ଟ କଚେରୀରୁ ଉଠାଇ ଦେଲେ, ମହାପ୍ରମାଦ ଉଠିଯିବ କିପରି ? ସେଥିପାଇଁ ଜଗନ୍ନାଥ ମନ୍ଦିର ବନ୍ଦ କରି ଦେବାକୁ ପଡ଼ିବ ! ମହାପ୍ରସାଦ ସଙ୍କଟର ସେଇ ତ ଏକମାତ୍ର ସମାଧାନ ! କିନ୍ତୁ ବ୍ରିଟିଶ ସରକାର ତାହା ପାରିବେ ତ ? ପୁରୀ ମନ୍ଦିର ମୋକଦ୍ଦମା କିନ୍ତୁ, ସେ କଥା ପ୍ରମାଣିତ ହୋଇ ଯାଇଛି ! ମୋ ସଙ୍ଗରେ କିପରି ରଫା କରିବେ, ସେଥିପାଇଁ ଲେଫଟେନେଣ୍ଟ-ଗଭର୍ଣ୍ଣର ବେଲିଙ୍କ ଠାରୁ ଚିଫ୍-ସେକ୍ରେଟାରୀ ହୋଲକଙ୍କ ପର୍ଯ୍ୟନ୍ତ ସେତେବେଳେ କାହାକୁ ବୁଦ୍ଧି ଦିଶିଲା ନାହିଁ !”

ମଧୁସୂଦନଙ୍କର ମନେ ପଡ଼ିଗଲା, ସ୍ମାରକପତ୍ର ଲେଖା ହଠାତ ଅଟକି ଯାଇଛି । ସେ ପୁଣି ପାଦଚାରଣା ଆରମ୍ଭ କରି କହିଲେ··· “ଲେଖ···ମେମୋରିଆଲ୍‌ଟା ଅଧା ପଡ଼ିଛି ।”

ରାମଶଙ୍କର ଗୋଟାଏ ହାଇ ଚୁପିରଖି ପଚାରିଲେ··· “ସମ୍ବଲପୁରର ପପୁଲେସନ୍ ଷ୍ଟାଟିସଟିକ୍‌ସ୍‌ଟା ଦେବେ ନାହିଁ ଦାଦା ?”

ମଧୁସୂଦନ ଅସହିଷ୍ଣୁ କଣ୍ଠରେ କହି ଉଠିଲେ···“ଆଃ···ତୁମେ ବୁଝୁଛ କଣ ରାମଶଙ୍କର ? ସମ୍ବଲପୁର ଜିଲାର ଓଡ଼ିଆଭାଷାଭାଷୀ ଚରିତ୍ରକୁ କଣ ଚିଫ୍‌କମିସନର୍ ଅସ୍ୱୀକାର କରୁଛନ୍ତି ? ସେଥିପାଇଁ ଷ୍ଟାଟିସଟିକ୍‌ସ୍ ଆବଶ୍ୟକ ?”

× × ×

ସ୍ମାରକପତ୍ରଟି ପ୍ରସ୍ତୁତ ହୋଇ ଯଥାସମୟରେ ବଡ଼ଲାଟ ଏଲଗିନ୍‌ଙ୍କ ନିକଟକୁ ପ୍ରେରିତ ହୋଇଥିଲା । ସମ୍ବଲପୁର ଅଧିବାସୀ ମାନଙ୍କ ପକ୍ଷରୁ

ହଜାର ହଜାର ଦସ୍ତଖତ ସଂଗୃହୀତ ହୋଇ ଇଂରାଜୀ ଓ ଓଡ଼ିଆରେ ସ୍ମାରକପତ୍ରମାନ ମଧ୍ୟ ପ୍ରେରିତ ହେଲା । ମାତ୍ର ସେ ସବୁକୁ ଚକଟାରେ ବରଖାସ୍ତ କରିବା ପାଇଁ ଲର୍ଡ଼ ଏଲଗିନ୍‌ଙ୍କୁ ମୁହୂର୍ତ୍ତଟିଏ ସୁଦ୍ଧା ଲାଗି ନ ଥିଲା ।

ସମ୍ବଲପୁରର କୋର୍ଟ କଚେରୀ ମାନଙ୍କରେ ହିନ୍ଦୀଭାଷା ପ୍ରଚଳନ ପାଇଁ ଚିଫ୍ କମିସନର୍‌ଙ୍କ ଆଦେଶ ବଡ଼ଲାଟ ଲର୍ଡ଼ ଏଲଗିନ୍‌ଙ୍କ ଦ୍ୱାରା ଅନୁମୋଦିତ ହେବାପରେ, ଓଡ଼ିଆଭାଷୀ ଅଞ୍ଚଳର ପରିସର ମଧ୍ୟରୁ କାଳ କାଳ ପାଇଁ ସମ୍ବଲପୁର ବିଚ୍ଛେଦର ସମ୍ଭାବନା ଏକ ଆଶଙ୍କାରେ ପରିଣତ ହୋଇ ପଡ଼ିଲା ।

× × ×

ଏହାର ଅଳ୍ପଦିନ ପରେ ମଧୁସୂଦନ କଟକ ଜିଲ୍ଲାବୋର୍ଡ଼ର ଭାଇସ୍‌ଚେଆରମେନ୍ ପଦରୁ ତାଙ୍କର ଇସ୍ତଫା ସରକାରଙ୍କୁ ପଠାଇ ଦେଲେ । ଏହା ଥିଲା, ମଧୁସୂଦନଙ୍କର ନୀରବ ପ୍ରତିବାଦ !

ମଧୁସୂଦନ କଟକ ଜିଲ୍ଲାବୋର୍ଡ଼ର ଭାଇସ୍‌ଚେଆର୍‌ମେନ୍ ଥିବାବେଳେ ଚେଆରମେନ୍‌ଙ୍କ ସମସ୍ତ କ୍ଷମତା ତାଙ୍କୁ ଅର୍ପିତ ହୋଇଥିଲା । ଏହାକୁ ଯେପରି ନିଷ୍ଠା ଓ ଦକ୍ଷତାର ସହିତ ମଧୁସୂଦନ ସେତେବେଳେ ସମ୍ପାଦନ କରି ଥିଲେ, ତାହା "ଉତ୍କଳ-ଦୀପିକା"ର ନିମ୍ନ ଅଭିମତରୁ ସ୍ପଷ୍ଟ ହେବ:—

"ବାବୁ ମହୋଦୟ ଅନେକ ବର୍ଷ କଟକ ଡ଼ିଷ୍ଟ୍ରିକ୍ଟବୋର୍ଡ଼ର ଭାଇସ୍-ଚେଆରମେନ୍ ଥିଲେ । ମାତ୍ର ବାସ୍ତବରେ ସେହି ସମୟର ଚେଆର ମେନ୍ ତାଙ୍କୁ ସମସ୍ତ କ୍ଷମତା ଅର୍ପଣ କରିବାରୁ ସେ କଚେରୀର ସମସ୍ତ କାର୍ଯ୍ୟ ନିର୍ବାହ କରୁଥିଲେ ମଧ୍ୟ ଜିଲ୍ଲାବୋର୍ଡ଼ର କାର୍ଯ୍ୟ ପରିଦର୍ଶନ ନିମନ୍ତେ ନିଜ ବ୍ୟୟରେ ମୋଫସଲ ଭ୍ରମଣ କରୁଥିଲେ ଓ ଇତପୂର୍ବରେ ଅନେକ କାଳ କଟକ ସ୍ଥାନୀୟ ବୋର୍ଡ଼ର ଚେଆର୍‌ମେନ ମଧ୍ୟ ଥିଲେ ।" *

କଲେକ୍ଟର ଷ୍ଟିଭେନ୍‌ସନ୍ ମଧୁସୂଦନଙ୍କୁ ପଚାରିଥିଲେ ଆକସ୍ମିକ ଇସ୍ତଫାର କାରଣ । କିନ୍ତୁ ସମ୍ବଲପୁରର ଓଡ଼ିଆଭାଷା ବିଲୋପ କରି,

* ଉତ୍କଳ-ଦୀପିକା ତା ୨୮।୪।୧୯୦୦

ଇଂରେଜ ସରକାର ଓଡ଼ିଆଜାତି ପ୍ରତି ଯେଉଁ ଅବିଚାର କଲେ, ତାହାର ପ୍ରତିବାଦ ସ୍ୱରୂପ ମଧୁସୂଦନ ଯେ ଇସ୍ତଫା ଦେଇଥିଲେ; ତାହା ସେ ଷ୍ଟିଭେନସନ୍‌ଙ୍କ ପାଖରେ ପ୍ରକାଶ କରି ନଥିଲେ । ସାଧାରଣରେ ମଧ୍ୟ ତାହା ପ୍ରକାଶ କରିଥିଲେ ପରିସ୍ଥିତିରେ ଯେ କୌଣସି ପରିବର୍ତ୍ତନ ହୋଇଥାନ୍ତା; ତାହାର ସମ୍ଭାବନା ମଧ୍ୟ ନ ଥିଲା । ମଧୁସୂଦନ ସଂକ୍ଷେପରେ କେବଳ ଉତ୍ତର ଦେଇଥିଲେ...“I wish utilise my time in other more urgent public matters ”

---

# ଏକାଦଶ ପରିଚ୍ଛେଦ

## ( ଏକ )

ବ୍ରିଟିଶ ପାର୍ଲିଆମେଣ୍ଟରେ ୧୮୯୨ ସାଲର ଇଣ୍ଡିଆ-
କାଉନ୍‌ସିଲ୍-ଆଇନ୍ ଅନୁମୋଦିତ ହେବା ପରେ, ଭାରତର ବିଧାନସଭା
ମାନଙ୍କରେ ନିର୍ବାଚିତ ପ୍ରତିନିଧି ମାନଙ୍କର ସଂଖ୍ୟା ପୂର୍ବ ତୁଳନାରେ ବୃଦ୍ଧି
ପାଇଥିଲା । ସେହି ଅନୁସାରେ ବଙ୍ଗଳା ଲେଜିସଲେଟିଭ କାଉନ୍‌ସିଲକୁ
ସଭ୍ୟ ନିର୍ବାଚନ ପାଇଁ ବଙ୍ଗଳା ସରକାରଙ୍କର ନିୟମାବଳୀ
ସାଧାରଣରେ ପ୍ରକାଶ ପାଇଥିଲା । ବର୍ଦ୍ଧମାନ, ଭାଗଲପୁର ଓ ଢାକା
ଡିଭିଜନରୁ ଜଣେ ଲେଖାଏ ତିନିଜଣ ଓ ଓଡ଼ିଶା ଓ ଛୋଟନାଗପୁର ଏହି
ଦୁଇ ଡିଭିଜନରୁ ଏକ ଜଣ, ଏହିପରି ମୋଟରେ ଚାରିଜଣ ବଙ୍ଗଳା
ଲେଜିସଲେଟିଭ କାଉନ୍‌ସିଲକୁ ନିର୍ବାଚିତ ହେବେ । ଏଥିରୁ ତେଣୁ ଓଡ଼ିଶାର
ମ୍ୟୁନିସିପାଲିଟୀ ମାନଙ୍କ ପକ୍ଷରୁ ଜଣେ ପ୍ରତିନିଧି କାଉନ୍‌ସିଲକୁ ନିର୍ବାଚିତ
ହେବାର ସମ୍ଭାବନା ରହିଥିଲା । ମାତ୍ର ସେଥିପାଇଁ ଯେଉଁ ପ୍ରସ୍ତୁତି ଓ ଶୃଙ୍ଖଳା
ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ପ୍ରକାଶ ପାଇବା ଆଶା କରାଯାଉଥିଲା;
କୁତ୍ରାପି ତାହାର କ୍ଷୀଣତମ ସଙ୍କେତ ସୁଦ୍ଧା ପରିଲକ୍ଷିତ ହେଉନଥିଲା ।
"ଉତ୍କଳ-ଦୀପିକା" ଏଥିପ୍ରତି ଆକ୍ଷେପ କରି ଲେଖିଥିଲେ :—

" × × ଏଥିରୁ ସମ୍ବାଦମାନରୁ ଅବଗତ ହେଲୁଁ ଯେ
ଉପରଲିଖିତ ତିନି ବିଭାଗରୁ ( ଢାକା, ବର୍ଦ୍ଧମାନ ଓ ଭାଗଲପୁର )
କେତେକ ଯୋଗ୍ୟ ଲୋକ ଏଥି ମଧ୍ୟରେ ସଦସ୍ୟ ପଦର ପ୍ରାର୍ଥୀ ହୋଇଛନ୍ତି,
ମାତ୍ର ଓଡ଼ିଶା ଓ ଛୋଟନାଗପୁରରୁ କେହି ପ୍ରାର୍ଥୀ ହୋଇ ନାହାନ୍ତି ।
ବଙ୍ଗଳା ମଧ୍ୟରେ ଏହି ଦୁଇ ବିଭାଗ ଅନୁନ୍ନତ ବୋଲି ଏପରି ଘଟିଅଛି
କି ? ଅନ୍ତତଃ ଓଡ଼ିଶାରୁ କେହି ପ୍ରାର୍ଥୀ ହେବାର ତେଣିକି ଆଉ ଏ ପର୍ଯ୍ୟନ୍ତ
ସେ ବିଷୟ କାହାରି ମନରେ ପଡ଼ିବାର ଜଣା ଯାଉନାହିଁ ।
ଯେବେ ଏଥର ନିର୍ବାଚନ ନିମନ୍ତେ କେହି ନ ବାହାରିବେ ତେବେ
ଲୋକେ ବୁଝିବେ ଯେ ଏ ପ୍ରଦେଶରେ ସେପରି ଯୋଗ୍ୟ ଲୋକର
ଅତ୍ୟନ୍ତ ଅଭାବ ଅଥବା ଯେଉଁମାନେ ଅଛନ୍ତି ସେମାନଙ୍କ ସାଧାରଣ

କାର୍ଯ୍ୟକାରଣତା ଏତେ ପ୍ରବଳ ହୁଅନ୍ତି ଯେ ସତ୍ୟ ଓ ନ୍ୟାୟ ସ୍ୱୀକାର କରି-ବାକୁ ତର୍କିରେ ପ୍ରବୃତ୍ତ ହେବେ।" *

କିନ୍ତୁ ବଙ୍ଗଳା ଲେଜିସ୍‌ଲେଟିଭ୍‌ କାଉନସିଲକୁ ପ୍ରାର୍ଥୀ ହେବା ପାଇଁ ଓଡ଼ିଶାରୁ ଯୋଗ୍ୟ ଲୋକ ଯେ ନଥିଲେ ନୁହେଁ। ମାତ୍ର ସେଥିପାଇଁ ହଠାତ୍ କେହି ଭରସି ପାରୁନଥିଲେ। ଓଡ଼ିଶାର ମ୍ୟୁନିସିପାଲିଟି ମାନ କୌଣସି ଜଣେ ପ୍ରାର୍ଥୀଙ୍କୁ ସର୍ବସ୍ୱୀକୃତ ଭାବରେ ମନୋନୀତ କରି-ବାରେ ସନ୍ଦେହ ରହିଥିଲା। ପୁଣି ଛୋଟନାଗପୁରର ମ୍ୟୁନିସିପାଲିଟି ମାନଙ୍କରୁ ସମର୍ଥନ ନମିଳିଲେ ଓଡ଼ିଶା ମ୍ୟୁନିସିପାଲିଟି ମାନଙ୍କର ସମର୍ଥନରେ କେବଳ ନିର୍ବାଚିତ ହେବାର କୌଣସି ସମ୍ଭାବନା ନଥିଲା।

କଟକ ଜିଲ୍ଲାବୋର୍ଡର ଭାଇସ-ଚେଆର୍‌ମେନ୍‌ ଦାୟିତ୍ୱରୁ ଅବ-ସାର କଲାବେଳେ ଲେଜିସ୍‌ଲେଟିଭ୍‌ କାଉନସିଲ୍‌କୁ ନିର୍ବାଚିତ ହେବାର ଭାବନା ମଧୁସୂଦନଙ୍କର ଯେ ନଥିଲା ନୁହେଁ। ମାତ୍ର ନାନା କାରଣରୁ ସାଧାରଣରେ ସେ ତାହା ପ୍ରକାଶ କରି ନଥିଲେ। ନିର୍ବାଚନ ପାଇଁ କିଏ ବା କେଉଁମାନେ ପ୍ରାର୍ଥୀ ହେଉଛନ୍ତି ତାହା ବୁଝି, ପରିସ୍ଥିତି ଓ ଶକ୍ତି କଳନା ପାଇଁ ମଧୁସୂଦନ ଉପଯୁକ୍ତ ସୁଯୋଗର ପ୍ରତୀକ୍ଷାରେ ରହିଥିଲେ। ଏତିକିବେଳେ ଆସିଲା, ପୁନାରେ କଂଗ୍ରେସ ଅଧିବେଶନ। ପୁନା ଯିବା ପୂର୍ବରୁ ମଧୁସୂଦନ "ଆରତକର କୋମ୍ପାନୀ ଷ୍ଟୋର୍‌କୁ" ଆସି ଥିଲେ, କେତେଟା ତାରକସୀ ଉପଢୌକନ କିଣିବା ପାଇଁ।

ଚଉଧୁରୀ ବଜାରରେ ବାବୁ ଗୌରୀଶଙ୍କର ରାୟଙ୍କ କୋଠା ପାଖକୁ " ଆରତକର କମ୍ପାନୀ" ଙ୍କ ମନୋହର ଷ୍ଟୋର ସହରର ଏକମାତ୍ର ସମ୍ଭ୍ରାନ୍ତ ଡ଼ିପାର୍ଟମେଣ୍ଟାଲ ଷ୍ଟୋର। ଚନ୍ଦର କୋଣା ଶାଢ଼ୀ ଠାରୁ ବିଲାତି ରେସମୀ ଧୋତି କପଡ଼ା, ସୌଖୀନ ଷ୍ଟେସନାରୀ ଠାରୁ କଲିକତା ତମାଖୁ, ସୁନାରୁପା ଅଳଙ୍କାର ଠାରୁ ତାର କସୀ ପର୍ଯ୍ୟନ୍ତ, ସବୁ ପଦାର୍ଥ ସେଠାରେ ମିଳିଥାଏ।

ପୁନା କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ଯିବା ପୂର୍ବରୁ, ସେଠାରେ କେତେକ ପରିଚିତ ବନ୍ଧୁ ଓ ପ୍ରତିନିଧିଙ୍କ ମଧ୍ୟରେ

* ଉତ୍କଳ-ଦୀପିକା, ତା ୪।୫।୧୮୯୫

ସ୍ମୃତିସ୍ତମ୍ଭ ପ୍ରଦର୍ଶନ ଉଦ୍ଦେଶ୍ୟରେ କିଛି ତାରକସୀ କାମ କିଣିବା ପାଇଁ ମଧୁସୂଦନ ଆରତକର କୋମ୍ପାନୀଙ୍କ ଡିପାର୍ଟମେଣ୍ଟାଲ ଷ୍ଟୋରକୁ ଆସିଥିଲେ ।

ମଧୁସୂଦନ ଗୋଟାଏ ତାରକସୀ ଅତରଦାନ ମନୋଯୋଗ ସହିତ ତନ୍ନ ତନ୍ନ କରି ପରୀକ୍ଷା କରି ଦେଖୁଥିଲେ । ସେହି ଅତରଦାନ୍ ଓଜନରେ ପ୍ରାୟ ଦୁଇଭରି ହେବ—ମୂଲ୍ୟ ପଚିଶଟଙ୍କା । ଆଉରି ପାତଳ ଓ ଓଜନ କମ ଥିଲେ, ମୂଲ୍ୟ ଆଉରି ସମ୍ଭବତଃ ଚଢ଼ା ହୋଇଥାନ୍ତା । ଅତରଦାନଟିକୁ ଚାହିଁ ମଧୁସୂଦନ ମନେମନେ ହିସାବ କରୁଥିଲେ, ଜଣେ କାରିଗରକୁ ଏଥିପାଇଁ ଅନ୍ତତଃ ଦଶଦିନରୁ କମ୍ ସମୟ ଲାଗି ନଥିବ···ଦିନକୁ ମଜୁରୀ ଟଙ୍କାଏ ହେଲେ ତେର । ସେମାନଙ୍କର ପରିଶ୍ରମ ଓ କାରିଗରୀକୁ ଶୋଷଣ କରି ବ୍ୟବସାୟୀ ମାନେ ଯେପରି ଅନେକ ଗୁଣ ଲାଭ ଉଠାଉଥିଲେ; ତା ଫଳରେ ତାରକସୀ ଶିଳ୍ପ ପ୍ରାୟ ଉଚ୍ଛନ୍ନ ହେବାକୁ ବସିଥିଲା । ମଧୁସୂଦନ ଅତରଦାନରେ ସେଇ ଶୋଷଣ ଓ ଢଳପୂର ଚିହ୍ନ ଆହତ ଦୃଷ୍ଟିରେ ଚାହିଁ ଲକ୍ଷ୍ୟ କରୁଥିଲେ ।

ତାରକସୀ କାରୀଗର ମାନଙ୍କୁ ସଙ୍ଗଠିତ କରି, ଏହି ଲୁପ୍ତପ୍ରାୟ ଶିଳ୍ପକୁ ପୁନରୁଜ୍ଜୀବିତ କରିବା ପାଇଁ ବହୁଦିନରୁ ମଧୁସୂଦନଙ୍କର ଏକ କର୍ମଯୋଜନା ଥିଲା । ମାତ୍ର ସେଥିପାଇଁ ସେପର୍ଯ୍ୟନ୍ତ ତାଙ୍କୁ ସୁଯୋଗ କିମ୍ବା ଅବକାଶ ମିଳିନଥିଲା । ଏବେ ତାରକସୀର ସେଇ ଅତରଦାନକୁ ଦେଖି ସେଇ ଭାବନା ତାଙ୍କ ମନ ମଧ୍ୟରେ ପୁଣି ଉଙ୍କି ମାରି ଉଠୁଥିଲା ।

ହଠାତ ଯଜ୍ଞେଶ୍ୱର ଚନ୍ଦ୍ରଙ୍କ ଡାକରେ ତାଙ୍କର ଅଭିନିବେଶ ଭାଙ୍ଗିଗଲା । ଯଜ୍ଞେଶ୍ୱର କହିଲେ···"ବଙ୍ଗଳା କାଉନ୍‌ସିଲକୁ ନିର୍ବାଚନରେ ଓଡ଼ିଶାରୁ ଜଣ କେହି ପ୍ରାର୍ଥୀ ହେବେ ନାହିଁ ? ନିର୍ବାଚନ ତ ବୋଧହୁଏ ଜାନୁୟାରୀ ମାସରେ !"

ତାରକସୀର ଗୋଲାପଫୁଲଟାଏ ମଧୁସୂଦନ ଦେଖୁଥିଲେ । ତାହା ମନୋନୀତ ହେଲା ନାହିଁ । ଫୁଲଟା ପାତଳ ହୋଇଥିଲେ ଆଉରି ସୁନ୍ଦର ହୋଇଥାନ୍ତା । କିନ୍ତୁ ସେଥିପାଇଁ ଯେଉଁ ସରୁ କଳାବତୁ ଦରକାର, ତାହାର ଉପଯୁକ୍ତ ମଜୁରୀ ଦେବବା କିଏ ?

ମଧୁସୂଦନ ଗୋଲ୍ଡପ୍ଲେଟ୍ ଆଡ଼େଇ ରଖି କହିଲେ··· "ଓଡ଼ିଶାର ମ୍ୟୁନିସିପାଲିଟୀମାନେ ନିର୍ବାଚନ ପାଇଁ ଡେଲିଗେଟ ବାଛିବେ ଜାନୁୟାରୀ ମାସରେ । କିନ୍ତୁ ନିର୍ବାଚନ ହେବ ଫେବୃୟାରୀରେ । ଆପଣ ପ୍ରାର୍ଥୀ ହେଉଛନ୍ତି ନାଁ କଣ ? ହେବା ତ ଉଚିତ ।"

ଯଜ୍ଞେଶ୍ୱର ବିମର୍ଷ ସ୍ୱରରେ ସ୍ମିତହସି କହିଲେ···" ଏଇ ମ୍ୟୁନିସିପାଲିଟୀର ବାଂଲାଇ ସମ୍ଭାଳିବା ଦିନ ଅଣ୍ଟୁନାହିଁ । ଆଉ କାଉନସିଲ୍ ? କିନ୍ତୁ ଧର୍ମପୁତ୍ରଙ୍କର ଇଚ୍ଛା ଆପଣ ପ୍ରାର୍ଥୀ ହେଲେ ସବୁ ଦୃଷ୍ଟିରୁ ଭଲ ହୁଅନ୍ତା !"

ଯଜ୍ଞେଶ୍ୱରଙ୍କ ଆଡ଼େ ଚାହିଁ ମଧୁସୂଦନ ପଚାରିଲେ···" ହାରିବା ପାଇଁ ଆଉ କେଉଁ ରାଜା ହେଉନାହାନ୍ତି ପରା ! କିନ୍ତୁ ଯଜ୍ଞେଶ୍ୱର ବାବୁ ଗୋଟାଏ ଦୃଷ୍ଟିରୁ ସାଧାରଣ ଜୀବନରେ ପ୍ରତିନିଧିତ୍ୱ ଗୋଟାଏ 'ଗାମ୍ବଲ୍' ନୁହେଁ କି ? A leap in the dark ଜୟୁଧର୍ମିଟା । ଅବଶ୍ୟ ସବୁବେଳେ ରାଜଧର୍ମ ହେବା ମଧ୍ୟ ଉଚିତ ନୁହେଁ । ସାଧାରଣ କ୍ଷେତ୍ରରେ ଅନେକ ସମୟରେ ହାରିବା ପାଇଁ ମଧ୍ୟ ପଡ଼ିଥାଏ ।"

ଯଜ୍ଞେଶ୍ୱର ଏ ତତ୍ତ୍ୱର ବା କି ଉତ୍ତର ଦିଅନ୍ତେ ? ସେ ନୀରବ ରହିଲେ ।

ମଧୁସୂଦନ ପଚାରିଲେ···"ହରିବଲ୍ଲଭ ବାବୁ ପୁଣି ବାଲେଶ୍ୱରରୁ ରାଜା ବୈକୁଣ୍ଠନାଥ ଦେ, ଏମାନେ କଣ କେହି ପ୍ରାର୍ଥୀ ହେଉନାହାନ୍ତି ?"

ଯଜ୍ଞେଶ୍ୱର ଉତ୍ତର ଦେଲେ··· "ଛୋଟନାଗପୁର ଡିଭିଜନ୍ ଓଡ଼ିଶା ସହିତ ଏଥର ମିଶିଥିବାରୁ, ସେମାନେ କେହି ଭରସି ପାରୁନାହାନ୍ତି !"

ମଧୁସୂଦନଙ୍କୁ ସେକଥା ଅଜଣା ନଥିଲା । ଛୋଟନାଗପୁର ଡିଭିଜନ୍‌ର ମ୍ୟୁନିସିପାଲିଟୀ ମାନଙ୍କରେ ଖ୍ରୀଷ୍ଟିଆନ୍ ମାନଙ୍କର ପ୍ରାଧାନ୍ୟ । ପୁଣି ଛୋଟନାଗପୁର ଡିଭିଜନ୍‌ରୁ ବିଳକ୍ଷ ସମର୍ଥନ ନମିଳିଲେ, ନିର୍ବାଚନରେ ଜୟଲାଭର ସମ୍ଭାବନା ନଥିଲା ।

ମଧୁସୂଦନ ଏଥିପାଇଁ ନୀରବରେ ମଧ୍ୟ ପ୍ରସ୍ତୁତ ହେଉଥିଲେ । ଏଥିରେ ପ୍ରଧାନ ସହାୟକ ହୋଇଥିଲେ, ସାନ୍ତାଲପରଗଣାର କଲେକ୍ଟର

ହ୍ୟୁ ମାକଫର୍‌ସନ୍ । ମାକଫର୍‌ସନ୍ କଟକରେ ଆସିଷ୍ଟାଣ୍ଟ୍ କଲେକ୍ଟର ଥିବା ବେଳେ, ମଧୁସୂଦନଙ୍କର ଗୋଟିଏ ପେଗୁଘୋଡ଼ା ତାଙ୍କର ଅସାବଧାନତାରୁ ଦୁର୍ଘଟଣାରେ ମୃତ୍ୟୁମୁଖରେ ପଡ଼ିଥିଲା । ସେହି ମୂଲ୍ୟବାନ ଘୋଡ଼ା ପାଇଁ ମାକଫର୍‌ସନ୍‌ଙ୍କର ବହୁ ଜାଗର ସତ୍ତ୍ୱେ ମଧୁସୂଦନ କୌଣସି କ୍ଷତିପୂରଣ ନେଇନଥିଲେ । *

ଏହାର ଅଳ୍ପଦିନ ପରେ ମାକ୍‌ଫରସନ୍ କଟକରୁ ସାନ୍ତାଳ-ପ୍ରଗନ୍ନାକୁ ବଦଳି ହୋଇ ଆସିଥିଲେ । ମାତ୍ର ସେହିଦିନୁ ମଧୁସୂଦନଙ୍କ ପ୍ରତି ସେ ମନେ ମନେ ଋଣୀ ହୋଇ ରହିଥିଲେ । ଏବେ ବଙ୍ଗଳା-କାଉନ୍‌ସିଲ୍‌କୁ ନିର୍ବାଚନ ପ୍ରସଙ୍ଗ ଉଠିବାରୁ ମାକଫର୍‌ସନ୍ ମଧୁସୂଦନଙ୍କୁ ପତ୍ରଯୋଗେ ଛୋଟନାଗପୁର ଡିଭିଜନ୍‌ର ମ୍ୟୁନିସିପାଲିଟି ମାନଙ୍କର ସମର୍ଥନ ମିଳିପାରିବ ବୋଲି ଆଶ୍ୱାସନା ଦେଇଥିଲେ । ମାତ୍ର ଓଡ଼ିଶାରେ କେଉଁ ପରିମାଣରେ ସମର୍ଥନ ମିଳିବ ସେଇ ଅପେକ୍ଷାରେ ମଧୁସୂଦନ ତାଙ୍କର ପ୍ରାର୍ଥୀତ୍ୱ ସାଧାରଣରେ ଘୋଷଣା କରି ନଥିଲେ । ପୁଣି ଏଥିପାଇଁ ତାଙ୍କୁ ସମସ୍ତେ ପ୍ରଥମେ ଅନୁରୋଧ କରନ୍ତୁ—ଏହା ମଧ ଥିଲା ତାଙ୍କର ଅନ୍ୟତମ ଅଭିପ୍ରାୟ । ମଧୁସୂଦନଙ୍କ ଅନମନୀୟ ଅଭିମାନରେ ଶ୍ରେଷ୍ଠଭିକ୍ଷା ନଥିଲା !

ଯଜ୍ଞେଶ୍ୱର ଚନ୍ଦ୍ରଙ୍କ ସହିତ ସେଠାରେ ଏସବୁ ଆଲୋଚନା କରିବାର କୌଣସି ପ୍ରୟୋଜନ ନଥିଲା । ମଧୁସୂଦନ କହିଲେ···"ସେଇ ଛୋଟନାଗପୁର ଦେଖ ତ ବପଦ ! ପୁନାରେ କଂଗ୍ରେସ ଅଧିବେଶନରୁ ମୁଁ ଫେରେ, ତା' ପରେ ଯାବତନ୍ତ ଯାହା ଗୋଟାଏ ନିଷ୍ପତ୍ତି କରିବା ।"

× × ×

ମଧୁସୂଦନ ଯଥାସମୟରେ ନିର୍ବିରୋଧରେ ବଙ୍ଗଳା କାଉନ୍‌ସିଲ୍‌କୁ ନିର୍ବାଚିତ ହୋଇଗଲେ । ଏ କ୍ଷେତ୍ରରେ ବ୍ୟବସ୍ଥାପକ ସଭାରେ ସେ ଥିଲେ ଓଡ଼ିଶାର ସର୍ବପ୍ରଥମ ନିର୍ବାଚିତ ଲୋକପ୍ରତିନିଧି । ମଧୁସୂଦନଙ୍କ ପୂର୍ବରୁ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବଙ୍ଗଳା-ଲେଜିସଲେଟିଭ କାଉନସିଲରେ ସଭ୍ୟ ରହିଥିଲେ । ମାତ୍ର ସେତେବେଳେ ନିର୍ବାଚନ ପ୍ରଥା

* "Life of Madhusudan As Seen By Many Eyes" ପୁସ୍ତକରେ Sir Hugh Mackpherson, K. C. S. I., I. C. S ଙ୍କ ଲିଖିତ "My Oldest Indian Friend' ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ପ୍ରଚଳିତ ନଥିଲା । ସେଥିପାଇଁ "ଉତ୍କଳ-ଦୀପିକା" ଲେଖିଥିଲେ···"ସ୍ଥାନୀୟ ଲୋକଙ୍କ ଇଚ୍ଛା ଓ ମତ ଅନୁସାରେ ଗବର୍ଣ୍ଣମେଣ୍ଟ ଦାସ ମହାଶୟଙ୍କୁ ନିଯୁକ୍ତ କରି କୃତଜ୍ଞତାଭାଜନ ହୋଇ ଅଛନ୍ତି ।"

× × ×

ଇଂ ୧୮୯୬ ରୁ ୧୮୯୮, ୧୮୯୮ରୁ ୧୯୦୦ ଓ ୧୯୦୦ରୁ ୧୯୦୨ ପର୍ଯ୍ୟନ୍ତ, ମଧୁସୂଦନ ବଙ୍ଗଳା ଲେଜିସ୍‌ଲେଟିଭ କାଉନ୍‌ସିଲ୍‌ରେ ଓଡ଼ିଶାରୁ ସଭ୍ୟ ରହିଥିଲେ । ବଙ୍ଗନେତା ସୁରେନ୍ଦ୍ରନାଥ ବାନାର୍ଜୀ ଓ ମଧୁସୂଦନଙ୍କ ପ୍ରିୟସୁହୃଦ ଆଶୁତୋଷ ମୁଖାର୍ଜୀ ମଧ୍ୟ ସେତେବେଳେ ବଙ୍ଗଳା ବ୍ୟବସ୍ଥାପକ ସଭାର ସଭ୍ୟ ଥିଲେ । ଲେଜିସଲେଟିଭ୍ କାଉନ୍‌ସିଲ୍ ମାନଙ୍କରେ ସେତେବେଳେ ପ୍ରଶ୍ନ ପଚାରି କେବଳ କେତେକ ଗୋ-ବସ୍ତୁସି ଉତ୍ତର ପାଇବା ବ୍ୟତୀତ, ସଭ୍ୟମାନଙ୍କର ଭାଷଣ ଦେବା ବା ସମାଲୋଚନା କରିବାର ସୁଯୋଗ ନଥିଲା । ଓଡ଼ିଶାର ସ୍ୱାର୍ଥ ଓ ବିଶେଷ ସମସ୍ୟା-ସମ୍ପର୍କିତ କେତେକ ପ୍ରଶ୍ନ ମଧୁସୂଦନ ବଙ୍ଗଳା କାଉନସିଲ୍‌ରେ ସେତେବେଳେ ପଚାରିଥିବା, କାଉନ୍‌ସିଲ ବିବରଣୀରୁ ଜଣାପଡ଼େ ।

ଓଡ଼ିଆ ପ୍ରାର୍ଥୀ ମାନଙ୍କର ଆବଶ୍ୟକୀୟ ଯୋଗ୍ୟତା ଥିବା ସତ୍ତ୍ୱେ, ସେମାନଙ୍କୁ ସେତେବେଳେ ମୁନସିଫ୍ ଚାକିରି ପ୍ରଭୃତି ଚାକିରି ମାନଙ୍କରେ ନିଯୁକ୍ତ ଦିଆ ଯାଉ ନଥିଲା । କାଉନ୍‌ସିଲ୍‌ରେ ସଭ୍ୟ ରୂପେ ଶପଥ ଗ୍ରହଣ କରିବା ପରେ ପରେ ମଧୁସୂଦନ ସେହି ପ୍ରଶ୍ନ ଉତ୍ଥାପିତ କରି ଥିଲେ···

**"In appointing Munsifs for Orissa, will the Government be pleased to take into consideration the superior claims of candidates who, having obtained their B. L. degree from the Cuttack Ravenshaw College, are practising as pleaders in Orissa, and who have consequently a knowledge of the language and of all that is peculiar to Orissa."**

ଏହାର ଉତ୍ତର ଦିଆଯାଇଥିଲା ସ୍ୱାଭାବିକ କାଇଦାରେ······

**"The Lieutnant Governor will place himself in commnuication with the Highcourt on the subject of the Hon'ble Member's question."** ★

---

★ **Supplement to the Calcutta Gazette, April 1, 1896, PP 543.**

ଏ ସମ୍ପର୍କରେ ବଙ୍ଗଳା ସରକାରରେ ଯେଉଁ ପତ୍ରାଳାପ ଚାଲିଥିଲା, ପାଠକମାନଙ୍କର କୌତୂହଳ ନିବାରଣାର୍ଥେ ନିମ୍ନରେ ତାହା ପ୍ରଦତ୍ତ ହେଲା:—

From the Officiating Assistant Secretary to the Government of Bengal, to the Hon'ble Mr M. S. Dash, Cuttack, dated 11th May, 1896 (No. 811 D)

"With reference to the question you asked in the Bengal Legislative Council on the 28th March last, regarding the appointment of Munsifs in Orissa, I am directed by the Chief Secretary to Government to forward herewith for your information a copy of letter No 1024 of the 24th April last from the High Court, Calcutta, dealing with the subject."

Letter No. 1024.

From J. W Richardson, Esqr. Registrar of the High Court of Judicature at Fort William in Bengal, Appellate side, to the Chief Secretary to the Government of Bengal, dated, Calcutta, the 24th April, 1896.

"With reference to your letter No. 52 dated the 12th instant, I am directed to say that the list of Acting Munsif contains the name of Babu Gagan Bihari Chowdhury a native of Cuttack, who is now employed at Puri. So far as in known no application from a native of Orissa to be enrolled has been rejected, but with the exception already referred to no such application appears to have been received.

2. I am to add that even if local candidates for such employment are now more mumerous it is doubtful whether it would be desirable to none but Oriyas in the Province of Orissa."

ମାତ୍ର ସରକାରୀ ପକ୍ଷର ଏପରି ଗତାନୁଗତିକ ଉତ୍ତରର ନେପଥ୍ୟରେ ଯୋଗ୍ୟ ଓଡ଼ିଆ ପ୍ରାର୍ଥୀମାନଙ୍କ ପ୍ରତି ଯେଉଁ ଅବିଚାର ଚାଲିଥିଲା, ତାହା ପ୍ରକାଶ କରିବାର ଅବକାଶ ସେତେବେଳେ ସେଠାରେ ଅବଶ୍ୟ ନଥିଲା ।

ଓଡ଼ିଶାରେ ନିମ୍‌କ ମାହାଲର ପରିଚାଳନା ବଙ୍ଗଳା ସରକାରଙ୍କଠାରୁ ମାନ୍ଦ୍ରାଜ ସରକାର ଅଧୀନକୁ ହସ୍ତାନ୍ତରିତ ହୋଇଯିବା ଫଳରେ, ଓଡ଼ିଶାର ଲବଣଶିଳ୍ପ କିପରି ନଷ୍ଟ ହୋଇଥିଲା ତାହା ପୂର୍ବେ ଆଲୋଚିତ ହୋଇଅଛି । ଓଡ଼ିଶାର ଲବଣଶିଳ୍ପକୁ ରକ୍ଷା କରିବା ଉଦ୍ଦେଶ୍ୟରେ ମଧୁସୂଦନ କାଉନ୍‌ସିଲରେ ଗୋଟିଏ ପ୍ରଶ୍ନ ପଚାରିଲେ···

(a) Will the Government be pleased to state whether any step has been taken to retransfer the Salt Department of Orissa from the Madras to the Bengal Government.

(b) Has the attention of Government been drawn to the fact that the practical result of placing the Salt Department of Orissa under the Madras Government has been the closing of a local manufacturing industry and consequent loss of livelihood to several thousands of men.

(c) Has the attention of Government been drawn to the Judgment of the Sessions Judge in Criminal Appeal (No. 29 B. 1st quarter of 1893) which was published in Utkal Dipika of the 20th May, 1893, which shows how harassing and illegal the proceedings of the Salt officers engaged to prevent illicit manufacture in Orissa have been ?

(d) If the attention of the Government has not *been drawn* to this Judgment, will the Government be pleased to refer to it and take early steps to remedy the evil."

ଏହାର ଉତ୍ତରରେ ସରକାରଙ୍କ ପକ୍ଷରୁ ମିଷ୍ଟର୍ ନ୍ୟସ୍‌ଲେ ଉତ୍ତର ଦେଇଥିଲେ···

"(a) The question of transferring the administration of the Salt Department in Orissa from Madras to Bengal is now under consideration in communication with the Government of India.

(b) The Hon'ble Member is understood to refer to the gradual withdrawal of licences for manufacture of *Panga* salt in Orissa This policy was deliberately adpoted in 1884, with the concurrence of the Government of India, experience having shown that *Panga* manufacture is difficult of supervision and

dangerous to the revenue while the Salt which it produces cannot compete on even terms with other kinds of Salt.

(c) and (d) The attention of the Government had not been drawn to the judgement quoted but in connection with somewhat similar cases, the question of amending the Salt Law for the whole of Bengal including Orissa, is now under consideration in communication with the Government of India." *

ଇତିମଧ୍ୟରେ ସମ୍ବଲପୁରର କୋର୍ଟ କଚେରୀ ମାନଙ୍କରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ ଦାବୀରେ ବଙ୍ଗଳା ଲେଜିସଲେଟିଭ୍ କାଉନସିଲରେ ଉଚ୍ଚ କଣ୍ଠ କରିପାରିବାର ଉପାୟ ନଥିଲା। ସେତେବେଳେ ମଧୁସୂଦନଙ୍କ ମନରେ ଉଦିତ ହୋଇଥିଲା ଇଂଲଣ୍ଡ ଯାଇଁ ସେଠାରେ ଭାରତ ସଚିବ ଓ ପାର୍ଲିଆମେଣ୍ଟ୍ ସଦସ୍ୟ ମାନଙ୍କୁ ପ୍ରଭାବିତ କରିବାର ଭାବନା। ସେ ସମୟରେ ସବୁ ବିଶିଷ୍ଟ ଭାରତୀୟ ରାଜନୀତିକ-ନେତା ଇଂଲଣ୍ଡ ଯାଇଁ ସେଠାରେ ବିଭିନ୍ନ ଭାରତୀୟ ସମସ୍ୟା ସମ୍ପର୍କରେ ଜନମତ ସୃଷ୍ଟି କରିବାକୁ ଏକ ରାଜନୈତିକ କାର୍ଯ୍ୟକ୍ରମରେ ପରିଣତ କରିଥିଲେ। ବ୍ରିଟିଶ ପାର୍ଲିଆ-ମେଣ୍ଟ ଭାରତଶାସନର ସର୍ବୋଚ୍ଚ କର୍ତ୍ତା ଥିବାରୁ ଶାସନର ଅବିଚାର ବିରୁଦ୍ଧରେ ପ୍ରତିକାର ଖୋଜିବା ପାଇଁ ସମସ୍ତଙ୍କ ଆଖି ସେତେବେଳେ ବ୍ରିଟିଶ ପାର୍ଲିଆମେଣ୍ଟ ଉପରେ ନିବଦ୍ଧ ରହୁଥିଲା। ସମ୍ବଲପୁର ସମସ୍ୟା ଯୋଗ ମଧୁସୂଦନ ତେଣୁ ଇଂଲଣ୍ଡ ଯିବା ପାଇଁ ମନେମନେ ସିଦ୍ଧାନ୍ତ କରି ସାରି-ଥିଲେ। ବ୍ୟବସାୟ ଦୃଷ୍ଟିରୁ ଥରେ ଇଂଲଣ୍ଡ ଅଡ଼ି ବୁଲି ଆସିବାର ପ୍ରୟୋଜନ ମଧ୍ୟ ରହିଥିଲା। ବାରିଷ୍ଟରୀ ତିନିବର୍ଷ ପଢ଼ି ପରୀକ୍ଷା ଦେଇ, ବାରିଷ୍ଟର୍ ହେବା ପାଇଁ ତାଙ୍କର ତ ଆଉ ସମୟ ନଥିଲା !

ବାରିଷ୍ଟରୀ ପାଠଟା ବା କି କଷ୍ଟ ? ବର୍ଷକୁ ଚବିଶଟା ଡିନର୍‌ରୁ ଛ'ଟା ଡିନରରେ କେତେ ବୋତଲ ସେରୀ, ପୋର୍ଟ, ସାମ୍ପେନ୍ ହଜମ୍ କରି ପାରିଲେ ପାଠ ଛୁଟିଲା। ଗୋଟାଏ ଡିନ୍‌ରର ମୂଲ୍ୟ ପୁଣି ଅଢ଼େଇ ଶିଲିଙ୍ଗ୍‌ରୁ ସାତେ ତିନ୍ ! 'ରୋମାନ୍ ଲ' ଆଉ 'କମନ୍ ଲ' ପାଇଁ କେତେଖଣ୍ଡ ନୋଟ ବହି ଯଥେଷ୍ଟ। ବାରିଷ୍ଟରୀ ସହିତ ଭାରତୀୟ ଆଇନର କୌଣସି ସମ୍ପର୍କ ନାହିଁ; ତଥାପି ମଫସଲ ମାନଙ୍କ ଠାରୁ ମୋଟା ଫି ଆଦାୟ ପାଇଁ, 'ବାର୍-ଆଟ୍-ଲ' ସାଇନ୍ ବୋର୍ଡ଼ଟା ଯଥେଷ୍ଟ !

---

* Supplement to the Calcutta Gazette, April 1896,—pp652-653

ଏହି ସମୟରେ ଇଂ ୧୮୯୭ ସାଲ ଆରମ୍ଭରେ; ମଧୁସୂଦନ ହଠାତ ଶୂଳବ୍ୟାଧିରେ ଶଯ୍ୟାଶାୟୀ ହୋଇ ପଡ଼ିଲେ । କଲକତାର ବିଶିଷ୍ଟ ସର୍ଜନ୍ ମାନେ ନିଦାନ ଦେଲେ, ବ୍ୟାଧିଟି ଆପେଣ୍ଡିସାଇଟିସ୍ । ଅପରେସନ୍ ଏହାର ସେତେବେଳେ ଏକ ଗୁରୁତର ବ୍ୟାପାର ଥିଲା । ଔଷଧପ୍ରୟୋଗ ଦ୍ୱାରା ବ୍ୟାଧିର ଲକ୍ଷଣ ସବୁ ସାମାନ୍ୟ ଉପଶମ ହେବା ମାତ୍ରେ, ମଧୁସୂଦନ ୧୮୯୭ ସାଲ ମଧ୍ୟଭାଗରେ ବିଲାତ ଯିବାପାଇଁ ପ୍ରସ୍ତୁତ ହୋଇ ପଡ଼ିଲେ ।

---

# ଦ୍ୱାଦଶ ପରିଚ୍ଛେଦ

**ଅ**ନ୍ୟାନ୍ୟ ନାନା କ୍ଷେତ୍ରରେ ମଧୁସୂଦନ ପଥିକୃତ ବା ଅଗ୍ରସୂରୀ ଥିବା ପରି, ପଶ୍ଚିମଯାତ୍ରାରେ ମଧ୍ୟ ଥିଲେ ପ୍ରଥମ ଉତ୍କଳୀୟ । ତାଙ୍କ ପୂର୍ବରୁ ଅନ୍ୟ କୌଣସି ଓଡ଼ିଆ "କଳାପାଣି" ପାରି ହୋଇ, ସାତ ସମୁଦ୍ର ତେର ନଈ ସେପାରି "ମ୍ଳେଚ୍ଛଦେଶ" ଇଂଲଣ୍ଡକୁ କେବେ ଯାଇ ନଥିଲେ । ଇଂଲଣ୍ଡ ସେପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ପାଇଁ ରହିଥିଲା କେବଳ ଇତିହାସର ପୃଷ୍ଠା ଓ ଭୂଗୋଳର ମାନଚିତ୍ରରେ । ସେଥିପାଇଁ ବିଲାତଯାତ୍ରୀ ମଧୁସୂଦନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଜୋବ୍ରା-ଘାଟରେ ସେଦିନ ବେଶ୍ ଲୋକଭିଡ଼ ହୋଇଥିଲା । ସେମାନଙ୍କ ମଧ୍ୟରେ କୌତୁହଳୀ ଜନତା ଓ ସ୍କୁଲ କଲେଜର ଛାତ୍ରମାନଙ୍କ ଠାରୁ ଆରମ୍ଭ କରି, ସହରର ବିଶିଷ୍ଟ ଭଦ୍ରବ୍ୟକ୍ତି ଓ ଶ୍ୱେତାଙ୍ଗ କର୍ମଚାରୀ ଗୋଷ୍ଠୀଙ୍କ ପର୍ଯ୍ୟନ୍ତ ସବୁ ଶ୍ରେଣୀର ଲୋକ ରହିଥିଲେ ।

କଲିକତା ବେଥୁନ୍-କଲେଜରୁ ଆଇ.ଏ. ପାଶ୍ କରିବା ପରେ, ଶୈଳ ଫେରି ଆସିଥିଲେ କଟକ । ବେଥୁନ୍ କିମ୍ବା କନଭେଣ୍ଟ୍‌ରେ ଶୈଳ ବି. ଏ ପାସ୍ କରନ୍ତୁ, ଏହା ଥିଲା ମଧୁସୂଦନଙ୍କ ଇଚ୍ଛା । ସେତେବେଳେ ରେଭେନ୍ସା କଲେଜରେ ଛାତ୍ରୀ ମାନଙ୍କର ପ୍ରବେଶିକା ଏକପ୍ରକାର ନିଷିଦ୍ଧ ଥିଲା । ଶୈଳ ମୁଣ୍ଡରେ ସେଥିପାଇଁ ଘୂରିଥିଲା, ସେହି ରେଭେନ୍ସା କଲେଜରେ ବି. ଏ. ପଢ଼ିବାର ଝୁଙ୍କ । ସେ ଜାଣନ୍ତି ମଧୁସୂଦନଙ୍କୁ କହିଲେ...ତାଙ୍କ ଅନୁପସ୍ଥିତିରେ ଶୈଳ କଟକରେ ରହି, ଘରଦ୍ୱାର ଦେଖାଶୁଣା କରିବେ । ମଧୁସୂଦନଙ୍କ ଘରସଂସାର ଉପରେ ଶୈଳର ଏକାଧିପତ୍ୟ ଅଧିକାର ଦୁହିଁଙ୍କ ମଧ୍ୟରେ କେଉଁଦିନ ଅଲକ୍ଷିତରେ ଯେପରି ସ୍ୱୀକୃତ ହୋଇ ସାରିଥିଲା । ଶୈଳର ବୟସ ସେତେବେଳକୁ ବାଇଶି ।

ମଧୁସୂଦନଙ୍କୁ ବିଦାୟ ଦେବା ପାଇଁ ଶୈଳ ମଧ୍ୟ ଆସିଥିଲେ ଜୋବ୍ରା ଘାଟ ପର୍ଯ୍ୟନ୍ତ । ସଙ୍ଗରେ ଗୁଡ଼ାଏ ବାକ୍ସ । ପ୍ରତ୍ୟେକ ବାକ୍ସ

ଉପରେ ଛପା ଲେବୁଲ୍···"ଅନରେବଲ୍ ମିଷ୍ଟର୍ ଏମ୍. ଏସ୍. ଦାସ, ଲଣ୍ଡନ ।"

ସ୍ୱତନ୍ତ୍ର କାବିନ୍ ଭିତରେ ବାକ୍‌ସ ସବୁ ଗୋଟି ଗୋଟି କରି ଗଣି ଶୈଳ ହିସାବ ରଖୁଥିଲେ ।

ତାରକସୀ-ଜିନିଷବୋଝାଇ ବାକ୍‌ସଟା ମଧୁସୂଦନଙ୍କର ହଠାତ ମନେ ପଡ଼ିଯିବାରୁ ସେ ପଚାରିଲେ···"ଶୈଳ, ଫିଲ୍‌ଗିରି ବାକ୍‌ସଟା ଦେଖା ଯାଉ ନାହିଁତ ! ଛାଡ଼ି ଆସିଥିଲେ ତ ମୁସ୍କିଲ !"

ଶୈଳ କହିଲା···" ଏଇ ଯେ ବର୍ଥ ତଳେ ସେ ବାକ୍‌ସଟା ରହିଛି । କିନ୍ତୁ ଆପଣ ଏତେ ଫିଲ୍‌ଗିରି ନେଇ ସେଠାରେ କଣ କରିବେ ଦାଦା ? କଟକର ଦୋକାନ ମାନଙ୍କରେ ସୁଦ୍ଧା ଏତେ ସୁନ୍ଦର ଫିଲ୍‌ଗିରି ମିଳିବ ନାହିଁ ।"

ମଧୁସୂଦନ ରୁଷ୍ଟ କଣ୍ଠରେ ଉତ୍ତର ଦେଲେ···" ସବୁ କଥାରେ ତୋର ଗୋଟାଏ ଲୋଭ ! ଫିଲ୍‌ଗିରି ସବୁ ଦେଖି ତୋର ଲୋଭ ହେଉଛି !···ଫିଲଗିରି ନେବି ନାହିଁତ ବିଲାତକୁ ଆଉ ନେବି କଣ ? କୋଣାର୍କ, ଭୁବନେଶ୍ୱର ଦେଉଳକୁ ତ ଆଉ ବିଲାତକୁ ଉଠାଇ ନେଇ ପାରିବି ନାହିଁ ! ଓଡ଼ିଆ ଜାତିର ପରିଚୟ ବିଲାତରେ ଦେବା ପାଇଁ ଆଉ ଅଛି ବା କଣ ? ଏଇ ତାରକସୀରେ ତ ସେମାନେ ପାଇବେ ଓଡ଼ିଆ ଜାତିର ପରିଚୟ ! ୟୁରୋପ ଯନ୍ତ୍ର ଦ୍ୱାରା ସବୁ ତିଆରି କରି ପାରେ ! କିନ୍ତୁ ଓଡ଼ିଆ କାରିଗରର ଆଙ୍ଗୁଠିରେ ତିଆରି ଏ ସୂକ୍ଷ୍ମ ତାରକସୀ ନୁହେଁ ।"

ଷ୍ଟୀମର୍ ଛାଡ଼ିବା ବେଳ ହୋଇଥିଲା ! ଏହି ସମୟରେ କାବିନ୍ ଭିତରକୁ ହଠାତ ରାମଶଙ୍କର ପଶି ଆସି କହିଲେ··· "ଦାଦା, ଛାପା ବହି ସବୁ ପ୍ରେସ୍‌ରେ ଆପଣ ଛାଡ଼ି ଆସିଥିଲେ ଯେ ।"

ରାମଶଙ୍କରଙ୍କ ଦୁଇ କାଖରେ ଛପା ପାମ୍ଫଲେଟ୍‌ର ଦୁଇଟା ପାକେଟ । ଓଡ଼ିଶାର ବିଭିନ୍ନ ପ୍ରଶାସନିକ ଓ ରାଜନୈତିକ ସମସ୍ୟା ସେଥିରେ ଆଲୋଚିତ ହୋଇଥିଲା । ବିଲାତରେ ପାର୍ଲିଆମେଣ୍ଟ ସଦସ୍ୟ ମାନଙ୍କ ମଧ୍ୟରେ ବିତରଣ ପାଇଁ ମଧୁସୂଦନ ସେହି ପାମ୍ଫଲେଟ୍ ସବୁ ଛପାଇ ସଙ୍ଗରେ ନେଉଥିଲେ ।

ଷ୍ଟୀମର୍ ଛାଡ଼ିବାର ହୁଇସିଲ୍ ବାଜିଲା ।

ଚଳନ୍ତା ଷ୍ଟୀମ୍‌ରରୁ ଜୋବରା ଘାଟରେ ବିଦାୟ ଦେବା ପାଇଁ ଠିଆ ହୋଇଥିବା ଜନଗହଳି କ୍ରମେ ଦୂରରୁ ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଥିଲା । ଶୈଳ ସେଇ କୋର୍ ଗାର୍ଡ଼ିଂ ପାଖରେ ଠିଆ ହୋଇ ଧଳା ରୁମାଲ୍ ହଲାଉଥିବା ଦେଖାଯାଉଥିଲା ।

ଶୈଳ କ୍ରମେ ଅଦୃଶ୍ୟ ହୋଇଗଲା ।

× × ×

ଅପରେସନ୍ ପରେ ନର୍ସିଂ-ହୋମରୁ ଛୁଟି ପାଇବା ମାତ୍ରେ, ମଧୁସୂଦନ ବାହାରି ପଡ଼ିଥିଲେ ଲଣ୍ଡନର ଆବିଷ୍କାରରେ ! ସଙ୍ଗରେ ଲଣ୍ଡନ-ମିସନାରୀ-ସୋସାଇଟୀ-କଲେଜର ପୂର୍ବତନ ଅଧ୍ୟକ୍ଷ ରେଭରେଣ୍ଡ୍ ଜେ.ପି. ଆଷ୍ଟନ୍ । ଭାରତରେ କର୍ମକ୍ଷେତ୍ରରୁ ଅବସର ନେଇ ଆଷ୍ଟନ୍ ଏବେ ଲଣ୍ଡନ୍‌ର ସହରତଳୀ ଅଞ୍ଚଳରେ ବସବାସ କରି ରହୁଥିଲେ ।

ଲଣ୍ଡନ ସହରର ଜନାକୀର୍ଣ୍ଣ ରାସ୍ତାରେ ଗୋଟାଏ କାବ୍‌ରେ ବସି, ରେଭରେଣ୍ଡ ଆଷ୍ଟନ୍‌ଙ୍କ ସହିତ ଯିବାବେଳେ, ମଧୁସୂଦନଙ୍କର ମନେ ପଡ଼ୁଥିଲା, ଦୂର ଅତୀତରେ ତାଙ୍କ ସହିତ ମଧୁସୂଦନଙ୍କର ଶେଷ ସାକ୍ଷାତ ବେଳର କଥା । ସେତେବେଳେ ଆଷ୍ଟନ୍ ତାଙ୍କୁ ଯେପରି କହିଥିଲେ··· "Get out, you Satan" ଓ ମଧୁସୂଦନ ତାର ଯେଉଁ ଉତ୍ତର ଦେଇଥିଲେ "ଭବିଷ୍ୟତରେ କେଉଁଦିନ ଯଦି ଏହି ସଇତାନ୍ ସହିତ ସାକ୍ଷାତ ପାଇଁ ଆପଣଙ୍କର ଅବକାଶ ଆସେ, ସେଦିନ ଆପଣ ସେଇ ସଇତାନକୁ ନିଶ୍ଚୟ ଭିନ୍ନ ଭାବରେ ସମ୍ବର୍ଦ୍ଧନା କରିବେ"—ସେ ସବୁ ମଧୁସୂଦନଙ୍କର ମନେ ପଡ଼ି ଯାଉଥିଲା ! ମଧୁସୂଦନଙ୍କର ସେହି ଭବିଷ୍ୟତ ବାଣୀ ଲଣ୍ଡନରେ ଅକ୍ଷରେ ଅକ୍ଷରେ ସତ୍ୟ ହୋଇଥିଲା !

ଲଣ୍ଡନ ଆସିବା ପୂର୍ବରୁ ମଧୁସୂଦନ ତାଙ୍କର ପରମ ଉପକାରୀ ଆଷ୍ଟନ୍‌ଙ୍କ ନିକଟକୁ ପତ୍ର ଲେଖିଥିଲେ । ସାଉଦାମ୍ପଟନ୍‌ରେ ଜାହାଜ ଲାଗିବା ମାତ୍ରେ, ସେହି ଅପରିଚିତ ଭୂମିରେ ଯାହାଙ୍କ ସହିତ ମଧୁସୂଦନଙ୍କର ପ୍ରଥମ ସାକ୍ଷାତ ହୋଇଥିଲା, ସେ ଥିଲେ ସେହି ସଦାଶୟ, ଶୁଭଚିନ୍ତକ, ରେଭରେଣ୍ଡ୍ ଜେ.ପି. ଆଷ୍ଟନ୍ । ଭାରତରେ ଆଷ୍ଟନ୍ ଥିଲେ ଅତ୍ୟନ୍ତ ଉଗ୍ର

ଓ ମେଜାଜ ପ୍ରକୃତର । ମାତ୍ର ସ୍ୱଦେଶଙ୍କୁ ସେ ଫେର ହୋଇପଡ଼ୁଥିଲେ ଅତ୍ୟନ୍ତ କୋମଳ ଓ ବଶମ୍ବଦ ।

ବହୁବର୍ଷର ବ୍ୟବଧାନ ପରେ ନିଜ ଭ୍ରାତ ମଧୁସୂଦନଙ୍କୁ ଦେଖି, ରେଭରେଣ୍ଡ୍ ଆଷ୍ଟନ୍‌ଙ୍କର ଆହ୍ଲାଦର ଅନ୍ତ ନଥିଲା । ତାଙ୍କ ସହିତ ପାଦ୍ରୀ-ଗୋଷ୍ଠୀର ଯେଉଁ କେତେଜଣ ସେଠାକୁ ଆସିଥିଲେ, ମଧୁସୂଦନଙ୍କ ସହିତ ସେମାନଙ୍କୁ ପରିଚିତ କରାଇ ରେଭରେଣ୍ଡ ଆଷ୍ଟନ ଉଚ୍ଛ୍ୱସିତ କଣ୍ଠରେ କହିଲେ···"ଇଏ ଥିଲେ ମୋର ଅତି ପ୍ରିୟ ବେଙ୍ଗଲୀ ଛାତ୍ର, ଲଣ୍ଡନ-ମିସନାରି-ସୋସାଇଟୀ କଲେଜରେ । ଆଜି ସେ ବେଙ୍ଗଲ-କାଉନସିଲରେ ଜଣେ ଅନରେବଲ ମେମ୍ବର ।"

ମଧୁସୂଦନ ମନ ଭିତରେ ଗୋଟାଏ ପ୍ରଚଣ୍ଡ ବିସ୍ଫୋରଣ ଚାପି ରଖି କହିଲେ···"ମୁଁ ଓଡ଼ିଶାର ଲୋକ, ଓଡ଼ିଆ ! ଆପଣ ସବୁଦିନେ ମୋର ଭୂଗୋଳ ନେଇ ଏଇପରି ଭୁଲ୍ କରିଥାନ୍ତି ଫାଦର ! ବେଙ୍ଗଲ କାଉନ୍-ସିଲ୍‌କୁ ମୁଁ ଓଡ଼ିଶାରୁ ହିଁ ନିର୍ବାଚିତ ହୋଇଛି । ଓଡ଼ିଆମାନେ ଏକ ଐତିହାସିକ ଜାତି ।"

ଓଡ଼ିଶା ? ସେ' ପୁଣି କେଉଁଠି ? ଭାରତର କେଉଁ ପ୍ରାନ୍ତ କେଉଁ କୋଣରେ ?

ଜଣେ ପାଦ୍ରୀ ଅକାରଣ ଗାମ୍ଭୀର୍ଯ୍ୟରେ ଦାଢ଼ୀ ସାଉଁଳେଇ ସାଉଁଳେଇ ସ୍ୱଗତୋକ୍ତି କରିବା ପରି ମନକୁ ମନ କହିଲେ···

**"What did *you* say ? Orissa ! Never heard the name !"**

ମଧୁସୂଦନ ଦାନ୍ତରେ ଦାନ୍ତ ଚାପି ଉତ୍ତର ଦେଲେ···

**"Your Geography has only to improve" !**

ଖ୍ରୀଷ୍ଟିୟ ସୁଲଭ ଔଦାର୍ଯ୍ୟରେ ପାଦ୍ରୀ ଜଣକ ଗୋଟିଏ ହାତ ଆଶୀର୍ବାଦ ମୁଦ୍ରାରେ ଉପରକୁ ଉଠାଇ କହିଲେ···

**"Lord show the path to the new brother' who has come amongst us."**

କିନ୍ତୁ ଓଡ଼ିଶା ସମ୍ବନ୍ଧରେ ଏହି ଅଜ୍ଞ ପାଦ୍ରୀ ଜଣକ କାହିଁକି, ସ୍ୱୟଂ ପ୍ରଧାନମନ୍ତ୍ରୀ ଲର୍ଡ ସାଲିସ୍‌ବରି ଅଥବା ସେକ୍ରେଟାରି-ଅଫ୍-ଷ୍ଟେଟ୍ ଜର୍ଜ

ହାମିଲଟନ୍ ସୁଦ୍ଧା ପରିଚିତ ନଥିବେ ! ଇଂରେଜୀ ଐତିହାସିକ ମାନଙ୍କ ଭାଷାରେ ବ୍ରିଟିଶ ସାମ୍ରାଜ୍ୟରେ ଓଡ଼ିଶା ଥିଲା ଏକ ନବ୍ୟ "ବୋଏସିଆ", ଆଦ୍ଧମ, ବନ୍ୟଭୂମି !

ମଧୁସୂଦନଙ୍କ ପରିଧାନରେ ତୋରସ୍ତ ସୁଟ୍, ଫ୍ରକ୍ କୋଟ୍, ଓ୍ୱେଷ୍ଟ କୋଟ୍ ଉପରେ ଦୁଇସାରି ଘଡ଼ିଚେନ୍, କିନ୍ତୁ ମୁଣ୍ଡରେ ଗୋଟାଏ ଡ଼ାଲିଆ ପଗଡ଼ି । ରେଭରେଣ୍ଡ୍ ଆଷ୍ଟିନ୍‌ଙ୍କ ମୁଣ୍ଡରେ "ଟପମ୍ପା-ହାଟ୍" ପାଖରେ ମଧୁସୂଦନଙ୍କ ଡ଼ାଲିଆ ପଗଡ଼ିଟି ଲଣ୍ଡନର ରାଜପଥରେ ପଥଚାରୀ ମାନଙ୍କର ବେଶ କୌତୁହଳ ଉଦ୍ରେକ କରୁଥିଲା । ଗୋଟାଏ "ଟପମ୍ପା-ହାଟ୍" ମୁଣ୍ଡରେ ଦେବାପାଇଁ ଆଷ୍ଟିନ୍ ମଧୁସୂଦନଙ୍କ ଉପରେ ଅଧ୍ୟକ୍ଷସୁଲଭ ପ୍ରଭାବ ଯଥେଷ୍ଟ ପ୍ରୟୋଗ କରିଥିଲେ । ମାତ୍ର ପଗଡ଼ିଟା ଯେ ମଧୁସୂଦନଙ୍କ ପକ୍ଷରେ ଥିଲା ଓଡ଼ିଶାର ବର୍ଣାଢ଼୍ୟ ସ୍ୱାଦୀନତାର ଗୋଟାଏ ଉଦ୍‌ଘୋଷଣ ! ପଗଡ଼ିଟାକୁ ସେ ଛାଡ଼ି ପାରିବେ କପରି ?

କିନ୍ତୁ ପଗଡ଼ୀ ସତ୍ତ୍ୱେ, ଟି.ଇ. ରାଭେନ୍‌ସା ମଧୁସୂଦନଙ୍କୁ ଓଡ଼ିଆ ବୋଲି ପ୍ରଥମେ ବିଶ୍ୱାସ କରି ପାରିନଥିଲେ ! ମଧୁସୂଦନ ଭାରତ ଛାଡ଼ିବା ପୂର୍ବରୁ ରାଭେନ୍‌ସାଙ୍କ ନିକଟକୁ ମଧ୍ୟ ପତ୍ର ଲେଖିଥିଲେ । ରାଭେନ୍‌ସା ଓଡ଼ିଶାରେ କମିସନର୍ ଥିବାବେଳେ, ତାଙ୍କ ସହିତ ମଧୁସୂଦନଙ୍କର ସାକ୍ଷାତ ପରିଚୟ ଘଟି ନଥିଲା । ରାଭେନ୍‌ସା ଓଡ଼ିଶାରୁ ବିଦାୟ ନେବା ପରେ, ମଧୁସୂଦନ ଓଡ଼ିଶା ଆସିଥିଲେ । ପ୍ରଥମ ସାକ୍ଷାତରେ ତେଣୁ ସେ ମଧୁସୂଦନଙ୍କୁ ଚିହ୍ନି ପାରିବାର କୌଣସି ସମ୍ଭାବନା ନଥିଲା । ସେଥିପାଇଁ ସସେକ୍‌ସ୍‌ରେ ରାଭେନ୍‌ସାଙ୍କ ବାସଭବନକୁ ଯାଇଁ ସେଠାରେ ତାଙ୍କ ସହିତ ସାକ୍ଷାତ ଉଦ୍ଦେଶ୍ୟରେ ବାହାରିଥିଲେ ମଧୁସୂଦନ । କିନ୍ତୁ ସସେକ୍‌ସ୍‌ରେ ଟ୍ରେନ୍‌ରୁ ଓହ୍ଲାଇବା ମାତ୍ରେ, ଜଣେ ଶୁଭ୍ରକେଶ, ଖର୍ବକାୟ ବୃଦ୍ଧ ଇଂରେଜ ପଗଡ଼ିଧାରୀ ମଧୁସୂଦନଙ୍କୁ ଦେଖି ସନ୍ଦେହଯୁକ୍ତକଣ୍ଠରେ ପଚାରିଲେ···
"Mr Das."

ତା'ପରେ ମଧୁସୂଦନଙ୍କ ସହିତ କରମର୍ଦ୍ଦନ କଲେ, ଦୁହେଁ ଯେପରି ବହୁଦିନର ପରିଚିତ ବନ୍ଧୁ ।

ସେହି ବୃଦ୍ଧ ଜଣକ ରାଭେନ୍‌ସା ।

ରାଭେନ୍‌ସାଙ୍କ ସହିତ ପ୍ରଥମ ସାକ୍ଷାତର ବିବରଣୀ ମଧୁସୂଦନ, ଲିପିବଦ୍ଧ କରି ଲେଖିଛନ୍ତି···

"ମୁଁ କହିଲି, ରାଭେନ୍‌ସା ସାହେବ, ମୁଁ ଅତ୍ୟନ୍ତ ଦୁଃଖିତ ଯେ ଆପଣ ଅଯଥା ଏତେ ପରିଶ୍ରମ କରି ଆସିଲେ । ଆପଣଙ୍କ ଘର ଖୋଜି ବାହାର କରିବା ମୋ ପକ୍ଷରେ ଆଦୌ କଷ୍ଟକର ହୋଇ ନଥାନ୍ତା ।" ସେ ଉତ୍ତର ଦେଲେ···"କିନ୍ତୁ ମୁଁ ଭାବିଲି ଏଠାକୁ ଆସି ଆପଣଙ୍କୁ ପାଛୋଟି ନେବା ମୋର କର୍ତ୍ତବ୍ୟ ।" × × × କିଛି ସମୟ ପରେ ରାଭେନ୍‌ସା ପଚାରିଲେ··· "ଏ ପ୍ରଶ୍ନ ପଚାରୁଛି ବୋଲି ମନରେ କିଛି ଭାବିବେ ନାହିଁ । କିନ୍ତୁ ଆପଣ କଣ ପ୍ରକୃତରେ ଓଡ଼ିଆ ?" ମୁଁ କହିଲି "ମୋ ଦେହର ପ୍ରତ୍ୟେକ ବିନ୍ଦୁ ରକ୍ତ ଓଡ଼ିଆର !" ରାଭେନ୍‌ସା କହିଲେ···"ଓଡ଼ିଆଜାତିକୁ ମୁଁ ଖୁବ ଶ୍ରଦ୍ଧା କରେ । ଜଣେ ଓଡ଼ିଆ ସହିତ ମୁଁ ଯେପରି ଅକୁଣ୍ଠିତ ଭାବରେ କଥାବାର୍ତ୍ତା କରିପାରେ, ଅନ୍ୟ କାହା ସହିତ ସେପରି ପାରେ ନାହିଁ ।" *

ରାଭେନ୍‌ସା ଓଡ଼ିଆରେ କଥୋପକଥନ କରୁଥିଲେ ! ଲଣ୍ଡନ ସହରରେ ଜଣେ ଖାଣ୍ଟି ଇଂରେଜ ମୁହଁରୁ ଓଡ଼ିଆକଥା ଶୁଣି ମଧୁସୂଦନଙ୍କ ଆହ୍ଲାଦର ଯେପରି ସୀମା ନଥିଲା । ରେଭରେଣ୍ଡ ଆଷ୍ଟିନ୍‌ଙ୍କର ସେହିପରି ବିସ୍ମୟର ମଧ୍ୟ ସୀମା ନଥିଲା । ରାଭେନ୍‌ସା ଖଣ୍ଡେ ଚୁରୁଟ ମଧୁସୂଦନଙ୍କ ଆଡ଼େ ବଢ଼ାଇ ଧରି ତନ୍ନ ତନ୍ନ କରି ପଚାରିଲେ, କେନ୍ଦୁଝର ଓ ନୟାଗଡ଼ ମେଳି କଥା । କର୍ମକ୍ଷେତ୍ରରୁ ଅବସର ନେବା ପରେ ସୁଦ୍ଧା, ଓଡ଼ିଶା ପ୍ରତି ରାଭେନ୍‌ସାଙ୍କ ମମତା ଅତୁଟ ରହିଥିଲା ।

ମଧୁସୂଦନ ତାଙ୍କୁ ତାରକସୀର ଗୋଟିଏ ଦିଆସିଲିଖୋଳ ଉପହାର ଦେଇଥିଲେ, ଓଡ଼ିଶାର ସ୍ମୃତିଚିହ୍ନ ରୂପେ । ମାତ୍ର ଓଡ଼ିଶାର ବିଭିନ୍ନ ସମସ୍ୟା ତାଙ୍କୁ ବୁଝାଇବାର ଆବଶ୍ୟକ ନଥିଲା । ରାଭେନ୍‌ସାଙ୍କର କେବଳ ଗୋଟିଏ ମାତ୍ର ଚିନ୍ତା, ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର ।

ମଧୁସୂଦନ କହିଲେ···"କଲେଜ ଶିକ୍ଷା ଅବଶ୍ୟ ବ୍ୟାପୁଛି । ଆପଣଙ୍କ ଦ୍ୱାରା ସ୍ଥାପିତ ରାଭେନ୍‌ସା କଲେଜ ବର୍ତ୍ତମାନ ଏକ ପୂର୍ଣ୍ଣାଙ୍ଗ

* ଉତ୍କଳ-ଦୀପିକା ତା ୧୮।୪।୧୯୦୦

କଲେଜ । ମାତ୍ର ଶିକ୍ଷାର ପ୍ରସାର ହେଲେ କଣ ହେବ ଶିକ୍ଷିତ ଓଡ଼ିଆ ଯୁବକମାନେ ସବୁ ଯୋଗ୍ୟତା ସତ୍ତ୍ୱେ ଆଶାନୁରୂପ ଭାବରେ ଚାକିରି ପାଇପାରୁ ନାହାନ୍ତି !"

ଓଡ଼ିଶା ପ୍ରତି ରାଭେନ୍‌ସାଙ୍କ ସମବେଦନା ଓ ଶୁଭେଚ୍ଛା ବିଶେଷତଃ ଶିକ୍ଷାର ପ୍ରସାର ସମ୍ପର୍କରେ ସେ ଯେପରି ଚିନ୍ତିତ ଥିଲେ, ମଧୁସୂଦନଙ୍କୁ ଲିଖିତ ରାଭେନ୍‌ସାଙ୍କ ନିମ୍ନ ପତ୍ରରୁ ତାହା ସ୍ପଷ୍ଟ ହେବ···

South Hill
South Sussex

30th November, 1898

My dear friend,

I enclose you a X' mas Card and my hearty and best wishes will be with you not only yourself but with all my dear old Oia friends. Will you kindly let every of them who remember me know that my heart is still *in* Orissa and though I am growing old they are not forgotten.

I shall be very pleased to hear from time to time how the Country is getting on. I pray you may enjoy peace, plenty and prosperity especially in:education.

Remember me most kindly and affectionately to the Rajahs and Chiefs of the Garjat States. I have from time.to time...reports of their loyalty and progress. May God bless and prosper Orissa is the fervent prayer of your ever sincere and affectionate old friend.

T. E. Ravenshaw.

I still have the little silver match box you so kindly sent me. It is now before me and reminds me of Oriyas. Is there any probability of your coming again to England ? If so you will not fail to come and see me.

T. E. R.

ଓଡ଼ିଶାର ଅନ୍ୟତମ ବନ୍ଧୁ ସାର ଚାର୍ଲସ୍ ଆଲଫ୍ରେଡ଼ ଏଲ୍‌ପ୍ଟ୍‌ଙ୍କ ସହିତ କିନ୍ତୁ ସାକ୍ଷାତ ହୋଇ ପାରିଲା ନାହିଁ । ସେତେବେଳେ କାର୍ଯ୍ୟୋ-ପଲକ୍ଷରେ ସେ ଲଣ୍ଡନ ବାହାରେ ରହୁଥିଲେ । ସାର ଚାର୍ଲସ୍ ବଙ୍ଗଳାର

ଲେଫଟେନେଣ୍ଟ ଗଭର୍ଣ୍ଣର ଥିବାବେଳେ, କେନ୍ଦ୍ରୁର-ମେଳ ସମ୍ପର୍କରେ ତାଙ୍କ ସହିତ ମଧୁସୂଦନଙ୍କର ସାକ୍ଷାତ ପରିଚୟ ଘଟିଥିଲା । ସେହି ପରିଚୟ କ୍ରମେ ପରସ୍ପର ପ୍ରତି ସମ୍ଭ୍ରମ ଓ ସମ୍ବେଦନଶୀଳ ବନ୍ଧୁତ୍ୱରେ ପରିଣତ ହୋଇଥିଲା । ସାର ଚାର୍ଲସ୍ ମଧ୍ୟ ରେଭେନ୍‌ସାଙ୍କ ପରି ଓଡ଼ିଶାର ଅତ୍ୟନ୍ତ ଶୁଭାକାଂକ୍ଷୀ ଥିଲେ । ଶିକ୍ଷିତ ଓଡ଼ିଆ ଯୁବକମାନଙ୍କୁ ଚାକିରି ଦେବାରେ ବଙ୍ଗଳା ସରକାରରେ ଯେପରି ପ୍ରଶାସନିକ ଅବସ୍ଥାର ଲାଗି ରହିଥିଲା; ସାର ଚାର୍ଲସ୍ ପରୋକ୍ଷ ପ୍ରଭାବରେ ତାହାର ସମାଧାନ ଦିଗରେ ଉଦ୍ୟମ କରିବା ମଧୁସୂଦନଙ୍କର ଉଦ୍ଦେଶ୍ୟ ଥିଲା । ମାତ୍ର ସାର ଚାର୍ଲସ୍ ସେତେବେଳେ ଲଣ୍ଡନ ବାହାରେ ଥିବାରୁ ତାଙ୍କ ସହିତ ସାକ୍ଷାତ ହୋଇ ପାରିଲା ନାହିଁ । କିନ୍ତୁ ମଧୁସୂଦନଙ୍କ ପତ୍ରର ଉତ୍ତରରେ ସାର ଚାର୍ଲସ୍ ଲେଖିଥିଲେ···

April 7,1898
Wessil Lodge
Wembledon.

My dear Sir,

I am sorry to read the numerous instances which you quote in your letter where Bengalis have been preferred to Uriyas in posts for which presumably there were Uriya candidates who were suitable and efficient. I hope your new Lt. Governor Sir John Woodburn will be able to hold the balance more fairly and I am writing to him to mention this among other things, which I commend to his attention. Orissa has long been a back water into which no fresh stream entered and of which too little was known and I would hope the opening of the East Coast Railway will do much to bring it more into contact with the world. You also as your influence and experience are enlarged will help in redressing such inequalities. I think that one result of your comparative isolation will be to keep the plague away from you. x x x

Believe me with kind regards.

C. A.Elliot.

ଗ୍ଲାଉସେଷ୍ଟର୍‌ରେ ସାକ୍ଷାତ ହେଲା, ବ୍ରିଟିଶ କଂଗ୍ରେସ କମିଟିର କର୍ଣ୍ଣଧାର ସାର ଉଇଲିଅମ୍ ୱେଡ୍‌ର୍‌ବର୍ଣ୍ଣଙ୍କ ସହିତ । ଇଂ ୧୮୮୯ ସାଲ,

ବମ୍ବେ କଂଗ୍ରେସ ଅଧିବେଶନରେ ୱେଡରବର୍ଣ୍ଣ ସଭାପତିତ୍ୱ କରିଥିଲେ । ଦ୍ୱିତୀୟ ଥର ପାଇଁ ୧୯୧୦ ସାଲ ଆହ୍ଲାବାଦ କଂଗ୍ରେସ ଅଧିବେଶନରେ ସେ ମଧ୍ୟ ବରିତ ହୋଇଥିଲେ ସଭାପତି ରୂପେ । ବମ୍ବେ କଂଗ୍ରେସ ଅଧି-ବେଶନ ବେଳୁ ମଧୁସୂଦନଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା । ସେକ୍ରେଟାରି-ଅଫ୍-ଷ୍ଟେଟ୍ ସାର ଜର୍ଜ ହାମିଲଟନ୍‌ଙ୍କ ସହିତ ସାକ୍ଷାତ ପାଇଁ, ୱେଡରବର୍ଣ୍ଣଙ୍କ ସାହାଯ୍ୟର ପ୍ରୟୋଜନ ଥିଲା । ପୁଣି ୱେଡର୍‌ବର୍ଣ୍ଣଙ୍କୁ ଓଡ଼ିଶାର ବିଚ୍ଛିନ୍ନ ସମସ୍ୟା ସମ୍ପର୍କରେ ଅବହିତ କରାଇବା ମଧ୍ୟ ମଧୁ-ସୂଦନଙ୍କର ଥିଲା ଅନ୍ୟତମ ଉଦ୍ଦେଶ୍ୟ ।

ୱେଡରବର୍ଣ୍ଣ ମଧୁସୂଦନଙ୍କ ଠାରୁ ତାରକସୀର ଉପହାର ପାଇ ମୁଗ୍‌ଧ, ବିହ୍ୱଳିତ ! ଏପରି ସୁନ୍ଦର ସୂକ୍ଷ୍ମ ତାରକସୀ, ସେ ଇତିପୂର୍ବରୁ ଆଉ କେବେ ଦେଖି ନଥିଲେ ବୋଲି ସ୍ୱୀକାର କରିବା ପାଇଁ ୱେଡ଼ର୍‌-ବର୍ଣ୍ଣଙ୍କର ତିଳାର୍ଦ୍ଧ ପ୍ରମାଣେ କୁଣ୍ଠା ନଥିଲା ।

ମଧୁସୂଦନ କହିଲେ···"ଏପରି କଳାଗତ ଉତ୍କର୍ଷ, କେବଳ ଗୋଟାଏ ଅଭ୍ୟାସଲବ୍‌ଧ କାରିଗରି କୌଶଳ ନୁହେଁ । ଏହା ପଛରେ ପାରମ୍ପରିକ କଳାଚର୍ଚ୍ଚାର ଗୋଟାଏ ବଳିଷ୍ଠ ପରମ୍ପରା ନଥିଲେ; ଏପରି ଉତ୍କର୍ଷ ସମ୍ଭବ ହୁଅନ୍ତା ନାହିଁ । ଭାରତରେ ଯେଉଁ ଜାତିପ୍ରଥାକୁ ଆପଣ-ମାନେ ଏତେ ନିନ୍ଦା କରନ୍ତି; ସେ ଜାତିପ୍ରଥା ଓ ଆପଣମାନଙ୍କ 'ଗିଲ୍‌ଡ଼' ମଧ୍ୟରେ ପ୍ରଭେଦ ବା କଣ ? ଜାତିପ୍ରଥାର ସେହି ପାରମ୍ପରିକ ସଂସ୍କାର ମଧ୍ୟରେ ତ ଏ ଉତ୍କର୍ଷ ସମ୍ଭବ ହୋଇ ପାରିଛି ! ଅବଶ୍ୟ ଜାତିପ୍ରଥା, ବର୍ଣ୍ଣ-ବୈଷମ୍ୟ ଠାରୁ ସ୍ୱତନ୍ତ୍ର ! କିନ୍ତୁ ଜାଣନ୍ତି ସାର୍ ୱେଡରବର୍ଣ୍ଣ, ଯେଉଁ ହାତରେ ଏପରି ସୁନ୍ଦର ଶିଳ୍ପ ସୃଷ୍ଟି ସମ୍ଭବ ହୋଇ ପାରିଛି, ସେଇ ହାତ ଦୈନ୍ୟ ଓ ଭିକ୍ଷାରେ ଯେତେ ପ୍ରସାରିତ ହେଲେ ସୁଦ୍ଧା, ଉପଯୁକ୍ତ ମଜୁରି ତ ଦୂରର କଥା, ନ୍ୟାଯ୍ୟ ପାରିଶ୍ରମିକ ସୁଦ୍ଧା ମିଳୁପାରୁ ନାହିଁ । ଯେଉଁ ଜାତି, କୋଣାର୍କ, ଭୁବନେଶ୍ୱର ଗଢ଼ି ପାରିଲା; ତାହାର ଭାଷା ଯେ ସେହିପରି ମହାନ୍ ଓ ଐତିହାସିକ, ସେଥିରେ କଣ ସନ୍ଦେହ ଥାଇପାରେ ? ମାତ୍ର ସେଇ ଭାଷା ଆଜି ବ୍ରିଟିଶ ଶାସନର ନାନା ଅବିଚାର ମଧ୍ୟରୁ ତାହାର ସ୍ୱାଧିକାରରୁ ସୁଦ୍ଧା ବଞ୍ଚିତ !"

କିନ୍ତୁ ବ୍ରିଟିଶ ସରକାର ଆଉ ବ୍ରିଟିଶ ଜାତି ଏକ ନୁହେଁ ! ବ୍ରିଟିଶ ମାନଙ୍କ ମଧ୍ୟରେ ପୁଣି ଶ୍ରମିକ ନେତା କେୟାର ହାର୍ଡ଼ି, ହଲ୍‌ଫୋର୍ଡ଼

ନାଇଟ୍, ମାକ୍‌ସଟନ୍, କର୍ଣ୍ଣେଲ୍ ୱେଜ୍‌ଉଡ୍, ହେନ୍‌ରି କଟନ୍, ଚାର୍ଲସ ରବର୍ଟସ୍, ପେଥିକ ଲରେନସ୍‌ଙ୍କ ପରି ଅନେକ ଭାରତପ୍ରେମୀ ଅଛନ୍ତି, ଯେଉଁମାନେ ବ୍ରିଟିଶ ଔପନିବେଶିକ ଶାସନନୀତିର କଠୋର ସମାଲୋଚକ ଓ ବିରୋଧୀ। ଭାରତଶାସନ ଉପରେ ସେମାନଙ୍କ ମତାମତର କୌଣସି ପ୍ରଭାବ ନଥିଲା ସତ୍ୟ; ମାତ୍ର ଭାରତ ଓ ଭାରତବାସୀଙ୍କ ପ୍ରତି ସେମାନଙ୍କ ଶୁଭେଚ୍ଛା, ଭାରତ ପକ୍ଷରେ ସେତେବେଳେ ବିଧିପ୍ରେରିତ ଏକ ଆଶୀର୍ବାଦ ସ୍ୱରୂପ ହୋଇଥିଲା। ସେହିମାନଙ୍କ ପ୍ରଚେଷ୍ଟାରେ ଇଂଲଣ୍ଡର ଜନସାଧାରଣ ଭାରତୀୟମାନଙ୍କ ସମସ୍ୟା ସହିତ ପରିଚିତ ହୋଇ ପାରିଥିଲେ। ବ୍ରିଟିଶ-କଂଗ୍ରେସ-କମିଟିର କର୍ଣ୍ଣଧାର ସାର ଉଇଲିଅମ୍ ୱେଡ଼ରବର୍ଣ୍ଣ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ମଧୁସୂଦନ ତାଙ୍କୁ ଓଡ଼ିଶାର ସମସ୍ୟା ସମ୍ପର୍କରେ ଦୁଇଖଣ୍ଡି ପୁସ୍ତିକା ଉପହାର ଦେଇଥିଲେ। ତାହାର ପୃଷ୍ଠାଗୁଡ଼ିକ ଉପରେ ଅନ୍ୟ-ମନସ୍କ ଭାବରେ ଆଖି ବୁଲାଇ, ସାର ଉଇଲିୟମ କହିଲେ··· "ଭାରତ ଶାସନରେ ଶୀଘ୍ର ଏକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଲର୍ଡ କର୍ଜନ୍ ଭାରତର ବଡ଼ଲାଟ ପଦରେ ନିଯୁକ୍ତ ହେଉଥିବା ଶୁଣାଯାଉଛି। ତେବେ ଏ ପରିବର୍ତ୍ତନ ଭାରତବାସୀ ବିଶେଷରେ ଓଡ଼ିଶାବାସୀଙ୍କ ପାଇଁ କୌଣସି ମୌଳିକ ପରିବର୍ତ୍ତନ ଆଣିବ କି ନାହିଁ; ଭବିଷ୍ୟତରେ ତାହା କେବଳ ଜଣା ପଡ଼ିବ।" ଇତି ମଧ୍ୟରେ ସେକ୍ରେଟାରି-ଅଫ୍-ଷ୍ଟେଟ ଲର୍ଡ-ଜର୍ଜ ହାମିଲ୍‌ଟନଙ୍କ ସେକ୍ରେଟାରି ସାର ଚାର୍ଲସ ଡିଲକାଙ୍କ ସହିତ ସାକ୍ଷାତ କରିବା ପାଇଁ ସାର ଉଇଲିଅମ, ମଧୁସୂଦନଙ୍କୁ ପରାମର୍ଶ ଦେଇଥିଲେ।

ସେ ସମୟରେ ମଧୁସୂଦନଙ୍କୁ ଏକ ପତ୍ରରେ, ସାର ଉଇଲିଅମ୍ ୱେଡ଼ରବର୍ଣ୍ଣ ଲେଖିଥିଲେ···

23, September, 1897.
Meredith.
Gloucester.

Dear Mr. Das,

I thank you for the revised copy of your note on Orissa. I have also received the beautiful specimen of Cuttack Silver which you have so kindly sent me as a remembrance. I never saw more artistic piece of filigree work and I accept it in the

friendly spirit in which it is offered though I am sorry that you should have incurred the expense on my account.

Poor India seems now to be suffering from every calamity to which a nation can be subjected, but I see some signs that the people of their country are gradully opening their eyes to the *ruinous policy pursued by official rulers.*

Yours sincerely,
W. Wedderburn.

ସାର ଚାର୍ଲ୍‌ସ ଡିଲକଙ୍କ ଠାରୁ ଯେଉଁ ପତ୍ର ମିଳିଥିଲା, ତାହାଥିଲା ବେଶ୍ ଆଶାପ୍ରଦ । ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ କେବଳ ସହାନୁଭୂତି ପ୍ରକାଶ କରିନଥିଲେ । ସମାଧାନ ପାଇଁ ତାଙ୍କର ପ୍ରଚେଷ୍ଟାର ପୂର୍ଣ୍ଣ ପ୍ରତିଶ୍ରୁତି ମଧ୍ୟ ରହିଥିଲା ସେହି ପତ୍ରରେ···

4, S. Mansfield Gardens
Hampstad
Sept., 8. 1897

Dear Sir,

I shall have much pleasure in reading your two pamphlets. I fully sympathise with the *Uriyas* in their case which you explained to me and I shall be glad to have an opportunity of talking the subject over with Lord George Hamilton.

Believe me,

Yours very truly,
C. Dilkie.

ଇଣ୍ଡିଆ-ଅଫିସ୍‌ର ଲର୍ଡ଼ ଜର୍ଜ ହାମିଲ୍‌ଟନ୍ ମଧ୍ୟ ମଧୁସୂଦନଙ୍କୁ ସାକ୍ଷାତ କରି ଓଡ଼ିଶାର ସମସ୍ୟା ପ୍ରତି ସହାନୁଭୂତି ସମ୍ପନ୍ନ କର୍ଣ୍ଣପାତ କରିଥିଲେ । ସାକ୍ଷାତ ପୂର୍ବରୁ ଲର୍ଡ଼ ଜର୍ଜ ହାମିଲ୍‌ଟନ୍‌ଙ୍କ ନିକଟକୁ ମଧୁସୂଦନ ତାଙ୍କର ଦୁଇଖଣ୍ଡି ପୁସ୍ତିକା ସହିତ ପଠାଇ ଦେଇଥିଲେ, କୋଣାର୍କ ଓ ଭୁବନେଶ୍ୱର ପ୍ରଭୃତି ଉତ୍କଳୀୟ କୀର୍ତ୍ତିରାଜିର କେତେକ ଫଟୋଗ୍ରାଫ୍ । ଓଡ଼ିଆମାନେ ଯେ ଏକ ପ୍ରାଚୀନ, ସୁସମୃଦ୍ଧ ଐତିହାସିକ ଜାତିର ଦାୟାଦ ଓ ଆଜି ଭାଗ୍ୟବିଡ଼ମ୍ବିତ ଭାବରେ, ବ୍ରିଟିଶ ସାମ୍ରାଜ୍ୟର ଏକ ବିସ୍ମୃତ କୋଣରେ ଅବହେଳିତ ଭାବରେ ପଡ଼ି ରହିଛନ୍ତି, ଏହି ଆଲୋକଚିତ୍ର ସବୁ ସିନା ତାର ପ୍ରମାଣ ! ଭାରତସଚିବ ଲର୍ଡ଼

ହାମିଲ୍ଟନ୍ ଏହି ଆଲୋକଚିତ୍ର ଗୁଡ଼ିକରେ ଦେଖିବେ ଯେ, ଶାନ୍ତି ଓ ସୌଭାଗ୍ୟ ସମୃଦ୍ଧ ଓଡ଼ିଶାର ଶବ ମୂର୍ତ୍ତିକା ଦୁଇଖଣ୍ଡିରୁ ପାଇବେ, ବ୍ରିଟିଶ ଶାସନରେ ଓଡ଼ିଆର ଦୁର୍ଗତିର ଆଲେଖ୍ୟ । ଅଥଚ ଏହି ଓଡ଼ିଆମାନେ ଯେ ଇଂରେଜମାନଙ୍କୁ ଅଭ୍ୟର୍ଥନାରେ ପ୍ରଥମେ ଅଭ୍ୟର୍ଥନା କରିଥିଲେ, ଲର୍ଡ଼ ହାମିଲ୍ଟନଙ୍କୁ ତାହା ଜଣାଇ ଦେବାରେ ମଧୁସୂଦନ ମଧ୍ୟ କାର୍ପଣ୍ୟ କରିନଥିଲେ ! କିନ୍ତୁ ପ୍ରତିଦାନରେ ସେମାନେ ବ୍ରିଟିଶ ଶାସନରୁ ଏହା କେବେ ଆଶା କରିନଥିଲେ ! ସେମାନଙ୍କର ଭାଷାର ଅସ୍ତିତ୍ୱ ବିପନ୍ନ ! ଓଡ଼ିଆ ଭାଷାଭାଷୀ ଭୂମିଖଣ୍ଡ ବିଖଣ୍ଡିତ ! ରେଳପଥ କଣ ଓଡ଼ିଶାବାସୀ ତଥାପି ଜାଣି ପାରିଲେ ନାହିଁ ! ଶିକ୍ଷିତ ଓଡ଼ିଆ ଯୁବକମାନେ ତୁଳନୀୟ ଯୋଗ୍ୟତା ସତ୍ତ୍ୱେ, ବ୍ରିଟିଶ ଶାସନରେ ରାଜକର୍ମରୁ ବଞ୍ଚିତ ! ଓଡ଼ିଶାର ପାରମ୍ପରିକ ଶିଳ୍ପ ସବୁ ଅବହେଳିତ ଅଥବା ବିସ୍ମୃତ ! ଜଳସେଚନ ଅଭାବରୁ ମରୁଡ଼ିଜଳା ଶସ୍ୟକ୍ଷେତ ସବୁ ମରୁଭୂମି···ତାଲିକାଟି ଲମ୍ବାଇବା ପାଇଁ ଉପାଦାନର ଅଭାବ ନଥିଲା ।

ଲର୍ଡ ଜର୍ଜ ହାମିଲ୍ଟନ୍ ଖଣ୍ଡେ ପତ୍ରରେ ମଧୁସୂଦନଙ୍କୁ ସେତେବେଳେ ଲେଖିଥିଲେ···

India Office
20. 9. 97

Dear Mr. Das,

I have to thank you for the valuable and interesting papers which you have sent me and which I certainly read with interest. I have also to express my thanks for the photographs you are good enough to send me.

I am always glad to listen to and receive suggestions from distinguished natives of India, who like yourself desire to help the Government in their work by practical suggestion and criticism and I know well from your past career that you have always made use of your position. × ×

Believe me.

Yours sincerely,
George Hamilton.

ବ୍ରିଟିଶ-ସାମ୍ରାଜ୍ୟର ରାଜଧାନୀ ଲଣ୍ଡନରେ ମଧୁସୂଦନ ଯେପରି ଏକା ପକ୍ଷରେ ଆବିଷ୍କାର କରୁଥିଲେ ଓଡ଼ିଶା ପ୍ରତି ବ୍ରିଟିଶ ଶାସକ

ଗୋଷ୍ଠୀଙ୍କ ମନୋଭାବ; ଅପର ପକ୍ଷରେ ଯେମାନେ ମଧ୍ୟ ମଧୁସୂଦନଙ୍କ ମଧ୍ୟରେ ଆବିଷ୍କାର କରୁଥିଲେ, ବ୍ରିଟିଶ-ଶାସନରେ ଓଡ଼ିଶାର ସ୍ୱରୂପ ଓ ଓଡ଼ିଆର ପରିଚୟ ।

ମଧୁସୂଦନ କିନ୍ତୁ କେତେ ଟିକିଏ ଦେଖି ପାରିଲେ ବା ବୁଝି ପାରିଲେ, ଉନବିଂଶ ଶତାବ୍ଦୀଶେଷର ଲଣ୍ଡନ ? ଏକ ଦିଗରେ ମାକ୍ସ ମୁଲର ଓ ଏଡ୍‌ଉଇନ୍ ଆରନଲ୍ଡ୍ ପ୍ରମୁଖ ମନୀଷୀମାନେ ସେତେବେଳେ ଯେପରି ଉଦ୍‌ଘାଟିତ କରିଥିଲେ ପ୍ରାଚ୍ୟ ମନୀଷାର ତୋରଣଦ୍ୱାର, ଅପର ପକ୍ଷରେ କାର୍ଲ ମାର୍କସ୍‌ଙ୍କ "ଦାସ୍ କାପିଟାଲ୍"ର ଇଂରେଜି ଅନୁବାଦ (ପ୍ରକାଶ: ୧୮୮୭ ଖ୍ରୀ.ଅ.) ସେହିପରି ଉନ୍ମୋଚିତ କରିଥିଲା, ଶ୍ରେଣୀ-ସଂଗ୍ରାମର ରକ୍ତପିଚ୍ଛିଳ ପଥ, ବର୍ଣାର୍ଡ୍ ଶଙ୍କ "ଫାବିଆନ୍ ଏସେଜ୍", କେୟାର୍ ହାର୍ଡିଙ୍କ ଇଣ୍ଡିପେଣ୍ଡେଣ୍ଟ୍ ଲେବର୍ ପାର୍ଟି, ରସ୍କିନ୍ ଓ ଉଇଲିଅମ୍ ମରିସ୍‌ଙ୍କ ନବ୍ୟ-ରୋମାଣ୍ଟିସିଜମ୍...ସେତେବେଳେ ଲଣ୍ଡନ୍‌ର ବୌଦ୍ଧିକ ଓ ଚିନ୍ତକ ସମାଜରେ ଏକ ଗଭୀର ଆଲୋଡନ ସୃଷ୍ଟି କରିଥିଲା । ମାତ୍ର ସେସବୁ ମଧୁସୂଦନଙ୍କ ଅନୁଭୂତିରେ କୌଣସି ରେଖାପାତ କରିପାରି ନଥିଲା ।

ଶୟନ ଓ ଜାଗରଣରେ ତାଙ୍କର ଏକମାତ୍ର ଚିନ୍ତାଥିଲା—ବ୍ରିଟିଶ ଶାସକଗୋଷ୍ଠୀ, ପାର୍ଲିଆମେଣ୍ଟ ସଦସ୍ୟ ଓ ସାମ୍ବାଦିକମାନଙ୍କୁ ବ୍ରିଟିଶ ଶାସନରେ ଓଡ଼ିଶା ଓ ଓଡ଼ିଆର ଦୁର୍ଗତି ସମ୍ବନ୍ଧରେ ସେ କପରି ସଚେତନ କରାଇ ପାରିବେ । ତା'ହେଲେ ସମାଧାନର ପଥ ବହୁଳାଂଶରେ ସୁଗମ ହୋଇ ପାରିବ । ଏହି ଅଭିପ୍ରାୟରେ ଲଣ୍ଡନ୍‌ରେ ଅବସ୍ଥାନ କାଳରେ ମଧୁସୂଦନ ଖଣ୍ଡେ ପୁସ୍ତିକା ଛପାଇ ବିତରଣ କରିଥିଲେ..."A Brief Account of Orissa under British Administration." ସାର ଜନ୍ ଉଡ୍‌ର୍‌ବର୍ଣ୍ଣ୍, ଲର୍ଡ଼ ଜର୍ଜ ହାମିଲଟନ୍ ଓ ସାର୍ ଚାର୍ଲସ୍ ଡିଲ୍‌କ୍ ପ୍ରମୁଖ ସେତେବେଳେ ମଧୁସୂଦନଙ୍କୁ ଲେଖିଥିବା ପତ୍ରରେ ତାହାର ସୂଚନା ରହିଅଛି । ଉକ୍ତ ପୁସ୍ତିକା'ରୁ ଗୋଟିଏ ଅନୁଚ୍ଛେଦ ନିମ୍ନରେ ପ୍ରଦତ୍ତ ହେଉଅଛି...

"In laying these lines before the authorities as well as the English Public, I beg to request you to consider .whether the treatment which the province received under British administration

**is calculated to enhance the confidence which the people of Orissa have shown to the British Nation. The Government will have to make amends for the wrongs done to Orissa."**

ବ୍ରିଟିଶ ଶାସନର ସୁବିଚାର ଉପରେ ମଧୁସୂଦନଙ୍କର ଥିଲା ଅଖଣ୍ଡ ବିଶ୍ୱାସ । ବ୍ରିଟିଶ ସାମ୍ରାଜ୍ୟର ଛତ୍ରଚ୍ଛାୟା ତଳେ ଭାରତ ତଥା ଓଡ଼ିଶା ଓ ଓଡ଼ିଆଜାତି ତାହାର ଐତିହାସିକ ଲକ୍ଷ୍ୟରେ ଉପନୀତ ହେବାରେ ତାଙ୍କର କ୍ଷୀଣତମ ସନ୍ଦେହ ନଥିଲା । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇ ପାରେ, ଦକ୍ଷିଣ-ଆଫ୍ରିକାରେ ମହାତ୍ମାଗାନ୍ଧୀ ମଧ୍ୟ ସେତେବେଳେ ଠିକ୍ ଏହିପରି ବିଶ୍ୱାସରେ ବୁଅର୍-ଯୁଦ୍ଧରେ ଇଂରେଜ ସୈନ୍ୟବାହିନୀ ପାଇଁ ସ୍ୱେଚ୍ଛାସେବକ ସଂଗ୍ରହ କରୁଥିଲେ । ବ୍ରିଟିଶ ସାମ୍ରାଜ୍ୟ ପ୍ରତି ଆନୁଗତ୍ୟ ସେତେବେଳେ ଦେଶାତ୍ମ-ବୋଧର ପରିପନ୍ଥୀ ନଥିଲା ।

ଭାରତରେ ସୃଷ୍ଟି ପଡ଼ିଥିଲା ଭୟାବହ ଦୁର୍ଭିକ୍ଷ । ଓଡ଼ିଶା ମଧ୍ୟ ଦୁର୍ଭିକ୍ଷର ହାତରୁ ବାଦ୍ ପଡ଼ି ନଥିଲା । ଲଣ୍ଡନରେ ଆଉ କିଛି ଦିନ ଅତି-ବାହିତ କରିବା ମଧୁସୂଦନଙ୍କର ଅଭିପ୍ରାୟ ଥିଲେହେଁ ସେଥିପାଇଁ କିଛି ଅବସର ନଥିଲା । ଯଥାଶୀଘ୍ର ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ପାଇଁ ସେ ଉଦ୍‌ବିଗ୍ନ ହୋଇ ଉଠିଥିଲେ । ତଥାପି ଏତେଦୂର ସେତେବେଳେ ଆସିଛନ୍ତି; ଥରେ କଣ୍ଟିନେଣ୍ଟର ଦେଶ ସବୁ ବୁଲି ଦେଖିଯିବାର ଲୋଭ ସେ ସମ୍ବରଣ କରି ପାରିନଥିଲେ । କଣ୍ଟିନେଣ୍ଟରୁ ଫେରିବା ବାଟରେ ପିରାମିଡ୍ ଓ ଉପକଥାର ଦେଶ ଇଜିପ୍ଟର ଆକର୍ଷଣ ମଧ୍ୟ ତାଙ୍କ ପକ୍ଷରେ ଥିଲା ଅଲଂଘନୀୟ ।

୧୮୯୭ ସାଲ ସେପ୍ଟେମ୍ବର ୧୦ ତାରିଖ ଦିନ ମଧୁସୂଦନ ଇଂଲଣ୍ଡ ତ୍ୟାଗ କରି କଣ୍ଟିନେଣ୍ଟ ଅଭିମୁଖରେ ଯାତ୍ରା ଆରମ୍ଭ କଲେ ।

ଇଜିପ୍ଟରେ 'ଫାରାଓ' ମାନଙ୍କର ପିରାମିଡ଼ର ଛାୟା ତଳେ ବସି ସ୍ୱଦେଶରେ ବନ୍ଧୁମାନଙ୍କ ନିକଟକୁ ପତ୍ର ଲେଖିବାବେଳେ, ଦିଗନ୍ତବିସ୍ତାରୀ ମରୁଭୂମିର ନୀଳ ମରୀଚିକା ଆଡ଼େ ଚାହିଁ, ମଧୁସୂଦନଙ୍କ ମାନସଦୃଷ୍ଟିରେ ଭାସି ଉଠୁଥିଲା···ଫାରାଓ ମାନଙ୍କର ପିରାମିଡ଼ ତୋଳିବା ପାଇଁ ସୂର୍ଯ୍ୟ-ଦଗ୍ଧ ମରୁଭୂମିରେ ଭାରବାହୀ ପଶୁ ପରି ପଥର ବୋହି ବୁଲୁଥିବା ନିପୀଡ଼ିତ, କ୍ଳାନ୍ତ ତୃଷାର୍ତ୍ତ ଇହୁଦୀର ଦଳ । କ୍ରୀତଦାସତ୍ୱର ଲାଞ୍ଛନା ଓ ନିପୀଡ଼ନ ମଧ୍ୟରୁ ମୋଜେସ୍ ସେହି ଆତ୍ମପ୍ରତ୍ୟୟହୀନ ଇହୁଦୀମାନଙ୍କୁ

ସେମାନଙ୍କ ସ୍ୱପ୍ନଶ୍ରୁତ "ପିତୃଭୂମି" ପଥରେ ଆଗେଇ ନେଉଥିବାର ଦୃଶ୍ୟ ମଧୁସୂଦନ ଯେପରି ସ୍ପଷ୍ଟ ଦେଖି ପାରୁଥିଲେ । ସେହି ସୁପ୍ରାଚୀନ ଇହୁଦୀମାନଙ୍କ ପରି ଐତିହାସିକ ଓଡ଼ିଆ ଜାତି ଆଜି ତାହାର ପିତୃଭୂମିରେ ନିର୍ବାସିତ, ତାହାର ଭାଷାରୁ ବଞ୍ଚିତ, ତାହାର ସ୍ୱାଧିକାରରୁ ଉତ୍ପାଟିତ ! ସେଦିନର ଇହୁଦୀମାନଙ୍କ ପରି ଓଡ଼ିଆଜାତି ମଧ୍ୟ ଭାରତ ଉପନିବେଶରେ ଆଜି ଭାରବାହୀ ବଳଦ !

କିନ୍ତୁ କାହାନ୍ତି ପରିତ୍ରାଣର ସେ ଆଲୁଚୋଉସ୍ଥ ସାରଥୀ··· ମୋଜେସ୍ ?

× × ×

ନଭେମ୍ବର ମାସରେ ମଧୁସୂଦନ ଓଡିଶା ଫେରି ଆସିଲେ । ବିଲାତ-ପ୍ରତ୍ୟାଗତ ମଧୁସୂଦନଙ୍କୁ "ମଙ୍ଗଳବାଦ ଓ ସମାଦର ପ୍ରଦାନ" ଉଦ୍ଦେଶ୍ୟରେ ଯଥାବିଧି ପ୍ରିଣ୍ଟିଂ-କୋମ୍ପାନୀ କୋଠାରେ ଗୋଟିଏ ସାଧାରଣ ସଭା ଆୟୋଜିତ ହୋଇଥିଲା । ସହରର ସବୁ ସମାଜର ଲୋକ, "ଜମିଦାର, ମହାଜନ, ରାଜକୁମାର"ଙ୍କ ଠାରୁ ଆରମ୍ଭ କରି "ଗାର୍ଡ଼ିଆନ୍, ଟ୍ୟୁଟର, ଛାତ୍ର ଓ ଦର୍ଶକ"ଙ୍କ ପର୍ଯ୍ୟନ୍ତ ମଧୁସୂଦନଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଏହି ସଭାରେ ସମବେତ ହୋଇଥିଲେ । ହରିବଲ୍ଲଭ ଘୋଷ ହୋଇଥିଲେ ସଭାର ସଭାପତି । ବିଲାତର ଅନୁଭୂତି ବର୍ଣ୍ଣନା କରି ମଧୁସୂଦନ ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ*···

"ବିଲାତରେ ଯେଉଁ ଦିଗକୁ ଦେଖିବ, ସେମନ୍ତେ ଜଣିକିଆ କଥା ନାହିଁ । ସକଳ ବିଷୟରେ ମେଳ । ଅର୍ଥାତ ବହୁ ଜନ ମିଶି କାର୍ଯ୍ୟ କରିବାର ବ୍ୟାପାର । ଚିରିଆଡେ ଦେଖ, ବ୍ୟବସାୟୀ, କ୍ରେତା, କଳବାଲା, ରାଜନୈତିକ, ସାମାଜିକ ଓ ଧର୍ମପ୍ରଚାରକ ପ୍ରଭୃତି ସମସ୍ତଙ୍କ ବିଷୟ ସଭା ସମିତି ଆଲୋଚନାରେ ହୁଏ । କେହି ଆପଣା ମନକୁ ଚାଲିବାର ନାହିଁ । ସମସ୍ତେ ଆପଣା ଆପଣା ଦଳଭୁକ୍ତ ଲୋକଙ୍କ ମତାଧୀନ । ଦଳଭୁକ୍ତ ବଡ଼ଲୋକ ଗରିବ ଲୋକଙ୍କ ସଙ୍ଗେ ମିଶି ପରାମର୍ଶ କରୁଅଛୁ । ଏହାହିଁ ବିଲାତର ଉନ୍ନତିର କାରଣ । ଏ ବିଷୟ ଅସ୍ମଦ୍ଦେଶୀୟଙ୍କ ଶିକ୍ଷା କରିବା ଉଚିତ । ଏଠାରେ ଶିକ୍ଷିତ ଲୋକେ ସାଧାରଣ ଲୋକଙ୍କ ଠାରୁ ପ୍ରାୟ ପୃଥକ ରହନ୍ତି ।

* ଉତ୍କଳ ଦୀପିକା—ତା ୩।୧୨।୧୮୯୭ରିଖ ।

ସୁତରାଂ ସେମାନଙ୍କ ଚିନ୍ତା ଭିନ୍ନ ଦିଗରେ ଯାଏ ଏବଂ ଐକ୍ୟତା ସ୍ଥାପିତ ହୋଇ ପାରେ ନାହିଁ । ପରସ୍ପର ମେଳ ହେତୁ ବିଶ୍ୱାସ ଦୃଢ଼ ହୁଏ ଏବଂ ସେହି ବିଶ୍ୱାସ ସ୍ଥିର ରଖିବା ସକାଶେ ସତ୍ୟତା ଅବଲମ୍ବନ କରିବାକୁ ହୁଏ । ବିଶ୍ୱାସ ହେବାରୁ ଲୋକେ ଯୌଥ କାରବାରରେ ଟଙ୍କା ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ । ତଦ୍ୱାରା ବ୍ୟବସାୟର ଉନ୍ନତି । ଏ ଦେଶରେ ବିଶ୍ୱାସ ଅଭାବରୁ ଲୋକେ ଆପଣା ସଞ୍ଚିତ ଧନ ଲୁଚାଇ ରଖନ୍ତି । ରାଜନୈତିକ ବ୍ୟାପାରରେ ପାର୍ଲିଆମେଣ୍ଟ ସଦସ୍ୟମାନଙ୍କୁ ଲୋକେ ବଡ଼ ମନେ କରନ୍ତି । ମାତ୍ର ସେମାନେ ଲୋକଙ୍କ ଦ୍ୱାରା ମନୋନୀତ ହୋଇ ସେ ପଦ ପାଇଛନ୍ତି । ନିଯୋଗକର୍ତ୍ତାଙ୍କ ପରାମର୍ଶର ଅଧୀନରେ ସେମାନଙ୍କୁ ଚାଲିବାକୁ ହୁଏ । ସାଧାରଣ ଲୋକଙ୍କ ମତ ହେଉଛି ଜନମତ ।"

ଭାରତରେ ସେତେବେଳକୁ ଅବଶ୍ୟ ପାର୍ଲିଆମେଣ୍ଟାରୀ ରାଜନୀତିର କ୍ଷୀଣ ସୂତ୍ରପାତ ହୋଇଥିଲା । ମାତ୍ର ଲେଜିସଲେଟିଭ୍-କାଉନ୍‌ସିଲମାନଙ୍କରେ ଜନମତର ପ୍ରଭାବ ନଥିଲା; ଅଥବା ଜନମତର ପ୍ରାଧାନ୍ୟ ସେଠାରେ ସ୍ୱୀକୃତ ହେଉ ନଥିଲା । କିନ୍ତୁ ଜନମତ ଯଥାର୍ଥ ଭାବରେ ସଙ୍ଗଠିତ ନ ହେଲେ, ପୁଣି ସାଧାରଣ ବ୍ୟାପାରମାନଙ୍କର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ନଥିଲେ, ଜନମତର କୌଣସି ବଳିଷ୍ଠ ପ୍ରଭାବ ରହିବା ସମ୍ଭବ ନୁହେଁ । ଏହା ଲକ୍ଷ୍ୟକରି ବିଳାତରୁ ଫେରିବା ପରଠାରୁ ଓଡ଼ିଶାର ବିଶେଷ ସମସ୍ୟା ମାନଙ୍କର ସାମାଧାନ ଉଦ୍ଦେଶ୍ୟରେ ଓଡ଼ିଶାବ୍ୟାପୀ ଏକ ସୁସଙ୍ଗଠିତ ରାଜନୈତିକ ଅନୁଷ୍ଠାନ ସ୍ଥାପନ କରିବାର ଭାବନା ମଧୁସୂଦନଙ୍କୁ ବିଶେଷଭାବରେ ପ୍ରଭାବିତ କରିଥିଲା ।

୧୮୯୮ ସାଲ ନବବର୍ଷ ଦିନ, ରାଭେନ୍‌ସା କଲେଜର ଛାତ୍ରମାନେ ମଧୁସୂଦନଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଯେଉଁ ସଭାର ଆୟୋଜନ କରିଥିଲେ, ମଧୁସୂଦନ ସେହି ସଭାରେ ଭାଷଣ ପ୍ରସଙ୍ଗରେ ଏ ବିଷୟଟିକୁ ଆହୁରି ବିଶଦ ଭାବରେ ଉପସ୍ଥାପିତ କରିଥିଲେ । ଭାଷଣର ବିଷୟବସ୍ତୁ ଥିଲା-ବ୍ରିଟିଶ ରାଜନୈତିକ ଜୀବନ ।"ଉତ୍କଳ-ଦୀପିକା"ର ସମ୍ପାଦକୀୟଙ୍କ ବିବରଣୀ ଅନୁସାରେ..."eloquent and intellectual address".

× × ×

କଲିକତାରୁ ଫେରିବା ପରେ ମଧୁସୂଦନ ଲୋକମୁଖରେ ପରିଚିତ ହୋଇ ପଡ଼ିଥିଲେ 'ମଧୁ ବାରିଷ୍ଟର' ! ମାତ୍ର ସାଇନ-ବୋର୍ଡ଼ରେ ଲେଖା ଥିଲା, ଆଡ଼ଭୋକେଟ ! କାରଣ-ବାର-ଆଟ୍-ଲ' ଡ଼ିପ୍ଲୋମା ପାଇଁ ମଧୁସୂଦନ ବିଲାତ ଯାଇ ନଥିଲେ; କମ୍ବା ସେ ବାରିଷ୍ଟର ହୋଇ ନ-ଥିଲେ । ତଥାପି ବାରିଷ୍ଟର-ପ୍ରସିଦ୍ଧି ହେତୁ ବ୍ୟବସାୟର ପ୍ରସାର ହଠାତ ଯେପରି ସ୍ଫୀତ ହୋଇ ଉଠିଥିଲା; ଉପାର୍ଜନର ପରିମାଣଟା ମଧ୍ୟ ସେହିପରି ବେଶ୍ ବୃଦ୍ଧି ପାଇଥିଲା । କିନ୍ତୁ ଓକିଲାତି ବ୍ୟବସାୟ ଅପେକ୍ଷା ସାଧାରଣ ରାଜନୈତିକ ଜୀବନହିଁ ସେତେବେଳେ ମଧୁସୂଦନଙ୍କ ଚିନ୍ତା ଓ ଭାବନାକୁ ସର୍ବତୋଭାବରେ ଆଚ୍ଛନ୍ନ କରି ରଖିଥିଲା !

"ଉତ୍କଳ-ସଭା" ଆନୁକୂଲ୍ୟରେ ଓଡ଼ିଶାରେ ଯେପର୍ଯ୍ୟନ୍ତ ସଙ୍ଗଠିତ ରାଜନୈତିକ ଜୀବନର ଯେଉଁ କ୍ଷୀଣ ସୂତ୍ରପାତ ହୋଇଥିଲା; ତାହାର ପରିସର କେବଳ କଟକ ଜିଲ୍ଲା ମଧ୍ୟରେ ହିଁ ସୀମାବଦ୍ଧ ରହିଥିଲା । "ଉତ୍କଳ-ସଭା"ର ପ୍ରତିଯୋଗିତା ପାଇଁ ପୁଣି ଗଢ଼ି ଉଠିଥିଲା, ଓଡ଼ିଶା ପିପୁଲସ୍ ଆସୋସିଏସନ୍ । ଦୁଇ ଅନୁଷ୍ଠାନର ଉଦ୍ଦେଶ୍ୟ ଏକ । ତଥାପି ବ୍ୟକ୍ତିଭିତ୍ତିର ସଂଘାତ ହେତୁ ଦୁଇ ଅନୁଷ୍ଠାନ ପରସ୍ପର ଠାରୁ ଅଲଗା । ଓଡ଼ିଶା-ପିପୁଲସ୍ ଆସୋସିଏସନ୍‌ର ପରିସର ମଧ୍ୟ "ଉତ୍କଳ-ସଭା" ପରି କଟକ ବାହାରକୁ ସମ୍ପ୍ରସାରିତ ହୋଇ ପାରି ନଥିଲା ।

କଟକର ଶିକ୍ଷିତ ସମାଜରେ ପୁଣି ଭାଷା, ଜାତି ଓ ସମ୍ପ୍ରଦାୟ ଘେନି ସେତେବେଳେ ନାନା ଅନୈକ୍ୟ । ମ୍ୟୁନିସିପାଲିଟୀ ନିର୍ବାଚନ ବେଳେ କଟକରେ ଓଡ଼ିଆ ବଙ୍ଗାଳୀଙ୍କ ମଧ୍ୟରେ ବିଦ୍ୱେଷ ଯେପରି ତୀବ୍ର ହୋଇ ଉଠିଥିଲା, ତାହା ପୂର୍ବେ ଉଲ୍ଲେଖ କରାଯାଇଅଛି । ଭାଷାଗତ, ଗୋଷ୍ଠୀଗତ ଓ ଜାତିଗତ ସଂକୀର୍ଣ୍ଣତା ଭୁଲି ଓଡ଼ିଶାବାସୀ ମାନେ ପ୍ରତ୍ୟେକେ ଏକ ସଙ୍ଗଠନରେ ସମ୍ମିଳିତ ନ ହେଲେ ଅବହେଳିତ ଓଡ଼ିଶାର ବିଶେଷ ସମସ୍ୟା ମାନଙ୍କର ନ୍ୟାୟୋଚିତ ସମାଧାନର କୌଣସି ସମ୍ଭାବନା ନ ଥିଲା । ଏହି ଉଦ୍ଦେଶ୍ୟରେ ସହରର ସବୁ ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତି-ମାନଙ୍କର ଏକ ସଭା, ମଧୁସୂଦନ ନିଜ ବାସଭବନରେ ଦିନେ ଆୟୋଜନ କରିଥିଲେ । କାର୍ଯ୍ୟସୂଚୀ ପ୍ରସ୍ତୁତି ପାଇଁ ସବୁ ଗୋଷ୍ଠୀ ଓ ସମ୍ପ୍ରଦାୟର

ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ନେଇ, ଏହି ସଭାରେ ଏକ ସବ୍-କମିଟୀ ଗଠିତ ହୋଇଥିଲା । ବଙ୍ଗୀୟମାନଙ୍କ ପକ୍ଷରୁ ହରିବଲ୍ଲଭ ଘୋଷ, ଓଡ଼ିଆଙ୍କ ପକ୍ଷରୁ ଅବଦୁସ୍ ସମଦ୍, ମାଦ୍ରାଜୀ ମୁସଲମାନଙ୍କ ପକ୍ଷରୁ ହାଜୀ ମହମଦ୍, ମାଦ୍ରାଜ ହିନ୍ଦୁଙ୍କ ପକ୍ଷରୁ ଏସ୍.ରାଓ, ମାରୱାଡ଼ୀଙ୍କ ପକ୍ଷରୁ ଖୋସାଲ୍‌ଚାନ୍ଦ, ଖ୍ରୀଷ୍ଟିଆନ୍‌ଙ୍କ ପକ୍ଷରୁ ସାମସନ୍ ରାଉତ ଓ ରେଭରେଣ୍ଡ ସେମ୍‌ସାହୁ ପ୍ରମୁଖ ଏହି ସବ୍-କମିଟୀରେ ସ୍ଥାନ ପାଇଥିଲେ । *

ପରବର୍ତ୍ତୀ କାଳର ଉତ୍କଳ-ସମ୍ମିଳନୀର ମୂଳଭିତ୍ତି ଏଇଠାରେ ସେଦିନ ସବୁ ଧର୍ମ ଓ ଭାଷାଭାଷୀ ଗୋଷ୍ଠୀର ମୁଖ୍ୟବ୍ୟକ୍ତି ମାନଙ୍କର ଭ୍ରାତୃ-ମିଳନ ମଧ୍ୟରେ ସ୍ଥାପିତ ହୋଇଥିଲା । ଓଡ଼ିଆର ସଂଜ୍ଞା ଆଉ କେବଳ ଓଡ଼ିଆ ଭାଷାଭାଷୀ ମାନଙ୍କ ମଧ୍ୟରେ ସୀମିତ ହୋଇ ରହିଲା ନାହିଁ । ଭାଷା, ଧର୍ମ, ଜାତି ଓ ଗୋଷ୍ଠୀ ନିର୍ବିଶେଷରେ ଯେଉଁମାନେ ଓଡ଼ିଶାକୁ ଶୈଶବର କ୍ରୀଡ଼ାଭୂମି, ଯୌବନର କର୍ମଭୂମି, ବାର୍ଦ୍ଧକ୍ୟର ବିଶ୍ରାମଭୂମି ଓ ମୃତ୍ୟୁ ପରେ ଅନ୍ତିମ ବିଶ୍ରାମଭୂମି ରୂପେ ଗ୍ରହଣ କରିଛନ୍ତି; ସେମାନେ ସମସ୍ତେ ଓଡ଼ିଆ । ଓଡ଼ିଶାର ସର୍ବାଙ୍ଗୀନ ଅଭିବୃଦ୍ଧି ଓ ଅଭ୍ୟୁଦୟ ପାଇଁ ସେ ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ଆବଶ୍ୟକ— ଏହା ହିଁ ଥିଲା, ସେ ଦିନର ସେହି ସମ୍ମିଳନର ବାର୍ତ୍ତା !

ମାତ୍ର ଉତ୍କଳ-ସମ୍ମିଳନୀର ସମ୍ଭାବନା ସେପର୍ଯ୍ୟନ୍ତ ତଥାପି ଭବିଷ୍ୟତ ଗର୍ଭରେ ଲୁକ୍କାୟିତ ରହିଥିଲା ।

---

* ଉତ୍କଳ-ଦୀପିକା, ତା ୭ । ୫ । ୧୯୦୮

# ତ୍ରୟୋଦଶ ପରିଚ୍ଛେଦ

**ଆ**ପାତତଃ ଲର୍ଡ଼ ଏଲଗିନ ଭାଇସରସ୍ ଥିବା ପର୍ଯ୍ୟନ୍ତ ଓଡ଼ିଆ-ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ଦୂରର କଥା, ସମ୍ବଲପୁର ପ୍ରଶାସନରେ ଓଡ଼ିଆଭାଷା ପୁନର୍ପ୍ରଚଳନର କୌଣସି ସମ୍ଭାବନା ନ ଥିଲା । ମଧୁସୂଦନ ଲଣ୍ଡନରେ ଥିବାବେଳେ ଭାରତୀୟ ଲବୀରେ ଶୁଣି ଆସିଥିଲେ, ନିକଟରେ ଲର୍ଡ଼ ଏଲଗିନ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହେବାକୁ ଯାଉଛି । ତାଙ୍କ ପରବର୍ତ୍ତୀ ଭାଇସରୟ ରୂପେ ଭାରତ ହୋଇଥିଲେ ଲର୍ଡ଼ କର୍ଜନ୍ । ଭାରତୀୟ ସଂସ୍କୃତି ଓ ପ୍ରାଚୀନ କୀର୍ତ୍ତିରାଜି ପ୍ରତି ଲର୍ଡ଼ କର୍ଜନଙ୍କର ଶ୍ରଦ୍ଧା ଥିଲା ଅପରିସୀମ ।

ଅଧୁନା ଖଣ୍ଡ ବିଖଣ୍ଡିତ ଜନପଦର ଶତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବିଡ଼ମ୍ବିତ ଓଡ଼ିଶା ତ ଥିଲା, ସେହି ଭାରତୀୟ ସଂସ୍କୃତିର ମର୍ମ-ଭୂମି···ଏହାର ପ୍ରତି ଧୂଳିକଣାରେ ଉତ୍କୀର୍ଣ୍ଣ ରହିଥିଲା ତାହାର ମୃତ୍ୟୁ-ହୀନ ସ୍ୱାକ୍ଷର । ତାର ପ୍ରଭାବରେ ଯଦି ଲର୍ଡ଼ କର୍ଜନ୍‌ଙ୍କୁ ପ୍ରଭାବିତ କରିହୁଏ ! ମାତ୍ର କାବ୍ୟ-ରସିକ ଲର୍ଡ଼ ଏଲଗିନ୍ ସେଥିରେ ଟଳିବାର ପାତ୍ର ନଥିଲେ । ଇତିମଧ୍ୟରେ ସମ୍ବଲପୁରରୁ ଯେଉଁମାନେ ଆସୁଥିଲେ ମଧୁସୂଦନଙ୍କ ପାଖକୁ ପରାମର୍ଶ ପାଇଁ; ମଧୁସୂଦନ ସେମାନଙ୍କୁ ବ୍ୟବସ୍ଥା ଦେଉଥିଲେ··· ଲାଟ ବଡ଼ଲାଟଙ୍କ ପାଖକୁ ସେଇସବୁ ଦରଖାସ୍ତ, ସ୍ମାରକପତ୍ର, ଟେଲିଗ୍ରାମ ! ଅନ୍ତତଃ ଲର୍ଡ଼ ଏଲଗିନ୍ ଭାରତରୁ ବିଦାୟ ନେବା ପର୍ଯ୍ୟନ୍ତ ଅସମ୍ପାଦନଟା ସେଇଥିରେ ସେଇପରି ବନ୍ଦ ରହିଥାଉ ! ତା'ପରେ ବରଂ ଦେଖାଯିବ, ଲର୍ଡ଼ କର୍ଜନ୍‌ଙ୍କ ରାଜତ୍ୱରେ ଯଦି ଓଡ଼ିଆଙ୍କ କପାଳ ଫିଟେ !

କିନ୍ତୁ ୟୁରୋପରୁ ଫେରିବା ପରଠାରୁ; ଏସବୁ ସମସ୍ୟା ମଧୁସୂଦନଙ୍କ ଦୃଷ୍ଟିରେ ହଠାତ ଗୌଣ ହୋଇ ପଡ଼ିଥିଲା । ପାଶ୍ଚାତ୍ୟ ଦେଶମାନଙ୍କରେ ସେ ଦେଖି ଆସିଥିଲେ, ଶିଳ୍ପବିପ୍ଳବ ଓ ବୈଜ୍ଞାନିକ ଅଭ୍ୟୁଦୟ, ଯେପରି ଏକ ନୂତନ ପୃଥିବୀ ଓ ନୂତନ ସମାଜର ତୋରଣଦ୍ୱାର ଉଦ୍‌ଘାଟିତ କରିଥିଲା । କିନ୍ତୁ ଭାରତ, ବିଶେଷତଃ ଓଡ଼ିଶାରେ ପାଦ

ଦେବା ମାତ୍ରେ ସେ ସ୍ପଷ୍ଟ ଅନୁଭବ କରିପାରିଲେ; କାଳର ରଥଚକ୍ର ଓଡ଼ିଶାରେ ଯେପରି ଦୁଇ ଶତାବ୍ଦୀ ତଳେ ଅଟକି ଯାଇଥିଲା । ନୂତନ ଉପନିବେଶ, ନୂତନ ବୈଜ୍ଞାନିକ କୌଶଳ, ନୂତନ ବାଣିଜ୍ୟପଦ୍ଧତି ଓ ନୂତନ ସମାଜର ଆବିଷ୍କାରରେ ଇଂଲଣ୍ଡ ନିୟୋଜିତ ଥିବା ବେଳେ, ଓଡ଼ିଶାରେ ଚିନ୍ତା—ଓଡ଼ିଶାର କୋର୍ଟ କଚେରିରେ ଓଡ଼ିଆ ଭାଷାକୁ କିପରି ଟିକିଏ ସ୍ଥାନ ମିଳିପାରିବ, ଓଡ଼ିଆମାନେ କିପରି ଖଣ୍ଡେ କିରାଣି ଚାକିରି ପାଇ କୃତକୃତ୍ୟ ହୋଇପାରିବେ ! ଇଂଲଣ୍ଡରେ ଫାବିଆନ୍ ମାନେ ମୁକ୍ତ ଅବାରିତ ଚିନ୍ତାରେ ଦୁର୍ଦ୍ଧର୍ଷ ସାହିତ୍ୟ ସୃଷ୍ଟି କରୁଥିବା ବେଳେ, ଓଡ଼ିଶାରେ ସାହିତ୍ୟଚିନ୍ତା ଥିଲା, କିପରି ପାଠ୍ୟ ପୁସ୍ତକ ତିଆରି ହେବ—ଲାଟ ବଡ଼ଲାଟ ମାନଙ୍କ ଉଦ୍ଦେଶ୍ୟରେ ମାନପତ୍ର ଲେଖାଯିବ କିପରି ! ଊନବିଂଶ ଶତାବ୍ଦୀର ସୀମାନ୍ତରେ ସାମ୍ୟବାଦର ଭାବନା ଇଂଲଣ୍ଡର ସାମାଜିକ ଓ ରାଜନୈତିକ ଜୀବନରେ ଏକ ନୂତନ ଆଲୋଡ଼ନ ସୃଷ୍ଟି କରୁଥିବା ବେଳେ, ଓଡ଼ିଶାରେ ଚିନ୍ତା ପରମାନେଣ୍ଟ୍ ସେଟଲମେଣ୍ଟ୍ କିପରି ପ୍ରବର୍ତ୍ତିତ ହୋଇ ପାରିବ !···ଭାରତ ଓ ଇଂଲଣ୍ଡ ପୁଣି ଓଡ଼ିଶା ଓ ଇଂଲଣ୍ଡ ମଧ୍ୟରେ ଯେପରି ଶତାବ୍ଦୀ ଶତାବ୍ଦୀର ଅଲଂଘନୀୟ ବ୍ୟବଧାନ !

ସମସ୍ୟାର ସ୍ୱରୂପ ଚିନ୍ତା କରି ମଧୁସୂଦନ ମ୍ରିୟମାଣ ହୋଇ ପଡ଼ିଥିଲେ ସତ୍ୟ; ମାତ୍ର ନିରୁତ୍ସାହିତ ହୋଇ ନଥିଲେ । ସେ ବୁଝିଥିଲେ, ଇଂଲଣ୍ଡର ଅଭ୍ୟୁଦୟ ଓ ଅଭିବୃଦ୍ଧି ମୂଳରେ ଯାହା ଅଛି; ତାହା ହେଲା ଶ୍ରମର ମର୍ଯ୍ୟାଦା ଓ ଯୌଥ ପ୍ରଚେଷ୍ଟା । ଓଡ଼ିଶାର ଜନସମାଜରେ ଶ୍ରମର ମର୍ଯ୍ୟାଦା ନଥିଲା । ଯୌଥପ୍ରଚେଷ୍ଟାର ଭାବନା ଓଡ଼ିଶାରେ ଥୋପି ଭାବନାଶ୍ରିତ ହୋଇ ରହିଥିଲା ।

ଓଡ଼ିଶା ଉତ୍କଳର ରାଜଧାନୀ କଟକରେ ଭଦ୍ରଜନୋଚିତ ଗୋଟାଏ କ୍ଲବ ସୁଦ୍ଧା ନଥିଲା ! ସହରର କେତୋଟି ସ୍ୱଚ୍ଛଳ ଘରର ତେଲ-ଚିକଟାବସା ବୈଠକଖାନାରେ ପରଚର୍ଚ୍ଚା ଅଥବା ବିଶ୍ୱନିନ୍ଦା ଥିଲା, କଟକର ସାମାଜିକ ଜୀବନ ! ଏଠାରେ ଯୌଥଜୀବନ କହିଲେ ବୁଝାଉଥିଲା ଯୌଥକଳହ ପାଇଁ ଗୋଟାଏ କ୍ଷେତ୍ର । 'କ୍ଲବ'ର ଅର୍ଥ ଏଠାରେ ସମସ୍ତେ ଚିରଦିନ ବୁଝିଥାନ୍ତି ବୋଧହୁଏ ବାଡ଼ିଆପିଟା ପାଇଁ "ଠେଙ୍ଗା" ଅର୍ଥରେ !

ମଧୁସୂଦନ ଅନେକ ଦିନରୁ ମନେମନେ ଚିନ୍ତା କରୁଥିଲେ "ପ୍ଲୁନଅନ୍-କ୍ଲବ" ନାମରେ ଗୋଟିଏ କ୍ଲବ୍ ପ୍ରତିଷ୍ଠା ପାଇଁ । ମାତ୍ର ନାନା ପ୍ରତିବନ୍ଧକ ମଧ୍ୟରେ ସେ ପରିକଳ୍ପନା ତଥାପି ପରିକଳ୍ପନାରେ ରହି ଯାଇଥିଲା । ସମବାୟ ଭିତ୍ତିରେ ଆଧୁନିକ ଯାନ୍ତ୍ରିକ କୌଶଳରେ କଟକର ତାରକସୀ ଶିଳ୍ପର ପୁନରୁଦ୍ଧାର ଓ ଅନ୍ୟ କୁଟୀରଶିଳ୍ପର ବିକାଶ ପାଇଁ ଓଡ଼ିଶାରେ ଗୋଟିଏ ଶିଳ୍ପବିଦ୍ୟାଳୟର ପ୍ରତିଷ୍ଠା, ମଧୁସୂଦନଙ୍କର ମଧ୍ୟ ଆଉ ଏକ ସ୍ୱପ୍ନ ଥିଲା । ମାତ୍ର ସେଥିରେ ମଧ୍ୟ ପ୍ରତିବନ୍ଧକ ରୂପେ ଦେଖା ଦେଇଥିଲା—କ୍ଷମତାପ୍ରାପ୍ତ ମାନ୍ଧାତାଗୋଷ୍ଠୀର ଅଦୂରଦର୍ଶୀ ପ୍ରତିରୋଧ । ଇଂଲଣ୍ଡରୁ ଫେରିବା ପରେ ସେହି ସବୁ ପରିକଳ୍ପନା ମଧୁସୂଦନଙ୍କ ଭାବନାରେ ପୁଣି ଉଜ୍ଜୀବିତ ହୋଇ ଉଠିଥିଲା ।

ଓଡ଼ିଆମାନଙ୍କୁ ଯୌଥ ବ୍ୟବସାୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ମଧୁସୂଦନ ଏକ "ଯୌଥ-ଭଣ୍ଡାର" ପ୍ରତିଷ୍ଠା କରିଥିଲେ । "ଉତ୍କଳ-ଦୀପିକା" ଏ ସମ୍ପର୍କରେ ଲେଖିଥିଲେ···

" ଶ୍ରଦ୍ଧାସ୍ପଦ ବାବୁ ମଧୁସୂଦନ ଦାସ ବିଲାତରୁ ଫେରିଆସି ଏ ସ୍ଥାନୀୟ ଲୋକଙ୍କୁ ବ୍ୟବସାୟ ବାଣିଜ୍ୟରେ ପ୍ରବୃତ୍ତ କରାଇବା ବିଷୟରେ ଯେତେ ଚେଷ୍ଟା ଓ ଯତ୍ନ କରୁଅଛନ୍ତି; ତାହା ସମୟ ସମୟରେ ପାଠକ ମାନଙ୍କୁ ଜଣାଇଛୁଁ । ସେ କେବଳ ଏ ସ୍ଥାନର ନାନା ଶ୍ରେଣୀର ଭଦ୍ରଲୋକ ମାନଙ୍କୁ ପୁନଃ ପୁନଃ ଆପଣା କୋଠିକୁ ଆମନ୍ତ୍ରଣ କରି ଉପାଦେୟ ପରା-ମର୍ଶ ଦେଇ ନିଶ୍ଚିନ୍ତ ହୋଇ ନରହି କାର୍ଯ୍ୟାରମ୍ଭ କରିଅଛନ୍ତି । ତାହାଙ୍କ ଚେଷ୍ଟାରେ ଯେଉଁ ଯୌଥଭଣ୍ଡାର ସ୍ଥାପିତ ହୋଇଅଛି; ତହିଁର ମୂଳଧନ ଟ ୧୦,୦୦୦ ହେଲା । ଦାଦନ ଲଗାଣି କରି ଧାନଗୁଡ଼ର ଆମଦାନି ଆରମ୍ଭ କରି ସଙ୍ଗେ ସଙ୍ଗେ ବିକ୍ରୟର ବନ୍ଦୋବସ୍ତ କରାଯାଉଅଛି···ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରେ ଶିଙ୍ଗ, ଚମଡ଼ା ରପ୍ତାନି ହୁଅଇ । ଯେବେ ଏହି ଦୁଇ ପଦାର୍ଥର ଉତ୍କୃଷ୍ଟ ଶିଳ୍ପକାର୍ଯ୍ୟ ପ୍ରସ୍ତୁତ ହୁଅନ୍ତା ତେବେ ତାହା ଅନ୍ୟ ଦେଶରେ ବିକ୍ରୟ ହୁଅନ୍ତା ଓ ଶ୍ରମକାରୀଙ୍କ ଲାଭ ହୁଅନ୍ତା । ମରାଦଣ୍ଡୀ ଯୋତା ଓ ଶିଙ୍ଗର ଦ୍ରବ୍ୟ ପ୍ରସ୍ତୁତରେ ମଧ୍ୟ ମଧୁବାବୁ ଅନେକ ଅର୍ଥ ଓ ପରିଶ୍ରମ ବ୍ୟୟ କରି ନୂତନ କୌଶଳମାନ ବାହାର କରି ଅଛନ୍ତି । ତଦ୍ୱାରା ତହିଁରୁ ଅନେକ ପ୍ରୟୋଜନୀୟ ମନୋହର ଦ୍ରବ୍ୟ ପ୍ରସ୍ତୁତ ହୋଇ ପାରିବ । ଶିଙ୍ଗ ଉପରେ ନାନା ଚିତ୍ର କରିବା, ରୁପେଲି ରଙ୍ଗ କରିବା, ଶିଙ୍ଗକୁ ନରମ ଓ ଜଳ ପରି ଦ୍ରବ କରି, ଇଚ୍ଛା

କରି ନାନା ଆକାରରେ ପରିଣତ କରିବା ଶିକ୍ଷା ଦେଉଅଛନ୍ତି । ଶିଙ୍ଗର ଫରସି, ପେଟଲଗା ବୋତାମ୍, ଫୁଲଫଳ ପ୍ରସ୍ତୁତ ହେବାର ଦେଖିଲୁଁ । ଏପରି ବେତର କାଠର କେତେକ ଦ୍ରବ୍ୟ ପ୍ରସ୍ତୁତ କରାଉଛନ୍ତି । ରୂପାର ତାରକସୀ କାମ ମଧ୍ୟ ହେଉଅଛି । ଅଳ୍ପ ଶ୍ରମରେ ବଣିଆମାନେ କରିପାରିବାର କୌଶଳ ଉଦ୍ଭାବିତ ହୋଇଅଛି । ଗ୍ରାମ୍ୟ ଶିଳ୍ପ ମଧ୍ୟରେ ଯେସବୁ ଏଠାରେ ପ୍ରଧାନ ଓ ଯହିଁରେ ଉନ୍ନତିର ଓ ଲାଭର ଆଶା ଅଛି; ସେସବୁ ଖୋଜି ବାହାର କରି କି ଉପାୟରେ ଉତ୍କର୍ଷ ସାଧନ ହେବ, ସେ ସର୍ବଦା ତାର ଚିନ୍ତା କରୁଅଛନ୍ତି ଓ ମଧ୍ୟ କୃତକାର୍ଯ୍ୟତା ଲାଭ କରୁଅଛନ୍ତି ।''*

ଯୌଥଭଣ୍ଡାରରେ କେବଳ ମଧୁସୂଦନ ସନ୍ତୁଷ୍ଟ ରହି ନଥିଲେ ।

ଓଡ଼ିଶାର ଶୈଳ୍ପିକ ଓ ଔଦ୍ୟୋଗିକ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ପାଇଁ ଯୌଥପ୍ରଚେଷ୍ଟା ମଧ୍ୟ ଆବଶ୍ୟକ । ମଧୁସୂଦନଙ୍କ ମୁଣ୍ଡରେ ଘୂରିଥିଲା, ସେହି ଉଦ୍ଦେଶ୍ୟରେ ଏକ 'ସମିତି' ଗଠନର ଚିନ୍ତା ।

ମଧୁସୂଦନଙ୍କ ବାସଭବନର ଲନ୍‌ରେ ସେଦିନ ପାଦଚାରଣ କରୁ କରୁ, ଗୌରୀଶଙ୍କର କହିଲେ···"ଓଡ଼ିଶାରେ କଣ ସଭା ସମିତିର ଆଉ ଅଭାବ ଅଛି ମଧୁ ? "ଉତ୍କଳ-ସଭା" ଆଣ୍ଡ 'ଗ୍ରାଜୁଏଟସ୍ ଅଣ୍ଡରଗ୍ରାଜୁଏଟସ୍ ଆସୋସିଏସନ୍' ଗାନୁବାବୁଙ୍କର 'ଓଡ଼ିଶା ପିପଲସ୍ ଆସୋସିଏସନ୍' ଏହିପରି ଆଉରି ଅଛି ନାନା ସଭାସମିତି ! ସେହି ସବୁ କଣ ଯଥେଷ୍ଟ ନୁହେଁ ? ପୁଣି ଗୋଟାଏ ସମିତି ଦରକାର ?"

ମଧୁସୂଦନ ଅସନ୍ତୁଷ୍ଟ କଣ୍ଠରେ ଉତ୍ତର ଦେଲେ···"ମୋର ଅଭିପ୍ରାୟଟା ତମକୁ ମୁଁ ଠିକ୍ ବୁଝାଇ ପାରିଲି ନାହିଁ, ମାଷ୍ଟର ଦାଦା । 'ଉତ୍କଳ-ସଭା' ର ଲକ୍ଷ୍ୟ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ କିପରି ଏକ ଶାସନାଧୀନରେ ଏକାଠି ହେଲ ହେବ । କିନ୍ତୁ ତା'ପରେ କଣ ? ଓଡ଼ିଶା ଯଦି ଦାରିଦ୍ର୍ୟ, ଅଶିକ୍ଷା ଆଉ ଅନଗ୍ରସରତାର ଅନ୍ଧକୂପ ହୋଇ ରହିଥାଏ; ତା' ହେଲେ ଓଡ଼ିଆଭାଷୀ ଅଞ୍ଚଳମାନ ଏକାଠି ହେଲ ହେଲେ ବି କାହାର କି ଲାଭ ହେବ ? ଗ୍ରାଜୁଏଟସ୍-ଅଣ୍ଡରଗ୍ରାଜୁଏଟସ୍ ଆସୋସିଏସନ୍‌ର ଏକମାତ୍ର ଚିନ୍ତା, ଓଡ଼ିଆମାନେ କିପରି ଚାକିରି ପାଇବେ । ଓଡ଼ିଆ କୃଷକ, ଶ୍ରମିକର

---

* ଉତ୍କଳ-ଦୀପିକା ତା ୧।୧୦।୧୮୯୮ରିଖ

ସେଥିରେ କି ଲାଭ ? ମୋର ଉଦ୍ଦେଶ୍ୟ···ଏପରି ଏକ ସମିତି ଗଠିତ ହେଉ; ଯାହା ଓଡ଼ିଶାର ସର୍ବାଙ୍ଗୀନ କଲ୍ୟାଣ ପାଇଁ କାର୍ଯ୍ୟ କରିବ; ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ; ସେଥିନିମନ୍ତେ ନେତୃତ୍ୱ ମଧ୍ୟ ନେବ।"

"ତା'ହେଲେ ସମିତି ବା ସଭା ନାମ ନଦେଇ ସେଥିପାଇଁ ଅନ୍ୟକିଛି ଗୋଟାଏ ନାମ ଚିନ୍ତା କର"—ଗୌରୀଶଙ୍କର ପରାମର୍ଶ ଦେଲେ। "ଛତୁ ଫୁଟିଲା ପରି ଯେତେ ଯେତେ ସମିତି ଫୁଟି ଉଠି ପୁଣି ମଉଳି ଯାଉଛି; ସେଥିପ୍ରତି ଲୋକମାନଙ୍କର କପରି ଗୋଟାଏ ଅଶ୍ରଦ୍ଧା ଜନ୍ମିଗଲାଣି। ପୁଣି ସବୁ ସମିତି ସୀମାବଦ୍ଧ ରହିଯାଉଛି କେବଳ ବକ୍ତୃତା ଆଉ ପ୍ରସ୍ତାବରେ।"

ଅବଶେଷରେ ଏହି ସମିତିର ନାମ ରହିଥିଲା···"ହିତକରୀ ମିଳନ"।*

ଏହାର କୌଣସି ରାଜନୈତିକ ଆଭିମୁଖ୍ୟ ନଥିଲା। ଓଡ଼ିଶାର ଆର୍ଥିକ ଓ ସାମାଜିକ ଅବସ୍ଥାର ଉନ୍ନତି କଳ୍ପେ ସମ୍ମିଳିତ ପ୍ରଚେଷ୍ଟାର ଏହା ଥିଲା ଏକ ମିଳନପୀଠ।

ସେଦିନ ହିତକରୀ-ମିଳନର ସାପ୍ତାହିକ ରବିବାସରୀୟ ଅଧିବେଶନରେ, ଏକା ଅଭିରାମ ଭଂଜଙ୍କ ବ୍ୟତୀତ, ଅନ୍ୟ କେହି "ହିତକାମୀ" ଉପସ୍ଥିତ ନଥିଲେ। ମଧୁସୂଦନଙ୍କ ଆର୍ଟ-ୱେୟାରସ୍-କାରଖାନାକୁ ମହାଜନ ମାନଙ୍କ ବିରୁଦ୍ଧ ପ୍ରଚାରରେ ବଣିଆମାନେ ଆସିବା ହଠାତ୍ ବନ୍ଦ କରି ଦେଇଥିଲେ। ଅଭିରାମ ଓ ମଧୁସୂଦନଙ୍କ ମଧ୍ୟରେ ପଡ଼ିଥିଲା ସେହି ପ୍ରସଙ୍ଗରେ ଆଲୋଚନା।

ମାନସିଂହପାଟଣାର ବଣିଆମାନେ ଆରମ୍ଭରେ କେତେଦିନ ମଧୁସୂଦନଙ୍କ ନବପ୍ରତିଷ୍ଠିତ "ଓଡ଼ିଶା ଆର୍ଟ ୱେୟାରସ୍" ବା ଆର୍ଟ ସ୍କୁଲର କାରଖାନାକୁ ଆସିବା ପରେ, ଆଉ ଆସିବା ବନ୍ଦ କରି ଦେଇଥିଲେ। ଏକା ମୁକୁନ୍ଦସିଂ ବଣିଆ ଛଡ଼ା, ପ୍ରତିଦିନ ସକାଳ ସଞ୍ଜ ଦୁଇଓଳି, କେଉଁଦିନ ଜଣେ ଆଉ କେଉଁଦିନ ବା ଦୁଇଜଣ ତାରକସୀ ବଣିଆଙ୍କୁ ସଙ୍ଗରେ ଧରି କାରଖାନାକୁ ଆସୁଥିଲା।

ମଧୁସୂଦନ ତାରକସୀ ଶିଳ୍ପର ଉନ୍ନତି ସଙ୍ଗେସଙ୍ଗେ ତାରକସୀ କାରିଗର ମାନଙ୍କୁ କାବୁଲି-ମହାଜନ ଓ ବ୍ୟବସାୟୀ ମାନଙ୍କର

* ଉତ୍କଳ-ଦୀପିକା—ତା ୨୪।୧୨।୧୮୯୮ ରିଖ

ଶୋଷଣରୁ ରକ୍ଷା କରିବା ପାଇଁ ଆର୍ଟ-ୱେୟାରସ୍ ପ୍ରତିଷ୍ଠା କଲେ । କଲିକତାର ସେଇ ତାରକସୀ କଳ ଆସିଲା, ଆଉର ସରୁ କଣାବରୁ ତିଆରି କରି, ତାରକସୀରେ ସୂକ୍ଷ୍ମ କାରିଗରି ପାଇଁ । ଯେଉଁମାନେ ସନ୍ତ ଆଉ ଶିଆଡ଼ୀରେ ଦିନସାରା ତାର ଟାଣି ଟାଣି ଦିନକୁ ଦଶପଇସା ସୁଦ୍ଧା ରୋଜଗାର କରି ପାରୁ ନଥିଲେ, ସେମାନେ ଏବେ ଦୈନିକ ଦଶଅଣାରୁ ଟଙ୍କାଏ ପର୍ଯ୍ୟନ୍ତ ରୋଜଗାରର ଉପାୟ ଖୋଲିଗଲା । ମାତ୍ର ମହାଜନମାନେ ଦେଖିଲେ କାରଖାନାଟି ଏପରି ଚାଲିଲେ, ସେମାନଙ୍କର ବ୍ୟବସାୟ ବୁଡ଼ିଯିବ ! ବଣିଆ-ବ୍ୟବସାୟୀ ମାନେ ବୁଝିଲେ, କାରିଗର ମାନେ ଯଦି କାରଖାନାରେ ଦିନକୁ ଦଶଅଣାରୁ ଟଙ୍କାଏ ପର୍ଯ୍ୟନ୍ତ ରୋଜଗାର କରନ୍ତି; ତା'ହେଲେ ସେମାନଙ୍କ ପାଖକୁ କୋଉ କାରିଗର ବା ଆସିବ ଶସ୍ତାରେ କାମ ନେବା ପାଇଁ ? ସେଥିପାଇଁ ସେମାନେ ବଣିଆଁମାନଙ୍କ ଭିତରେ ଗୋଟାଏ କୋକୁଆଭୟ ଖେଳାଇ ଦେଲେ···"ମଧୁବାବୁ ବାରିଷ୍ଟର ! ତା କାରଖାନାରେ ଭଲଥାଏ ମନ୍ଦଥାଏ ! କୋଉଦିନ ସୁନାରୁପା ମସାଏ ଗଳାଏ କୁଆଡ଼େ ଏପାଖ ସେପାଖ ହେବ ତ ତମକୁ ସଜା ଖଟାଇ ଦେବ !"

ଏହାପରେ ବଣିଆମାନେ କ ଆଉ "ଆର୍ଟ-ୱେୟାରସ୍" ଦୁଆର ମାଡ଼ନ୍ତି ?

ଅଭିରାମ କହିଲେ···"ଅନ୍ନ ଚିନ୍ତା ଚମତ୍କାରା, କାତରେ କବିତା କୁତଃ ? ଦାରିଦ୍ର୍ୟ ଓଡ଼ିଆଙ୍କ ଅସ୍ଥିମଜ୍ଜା ଶୋଷିନେଇଛି ! ମୁଠାଏ ଅନ୍ନ ବର୍ତ୍ତମାନ ସେମାନଙ୍କ ପକ୍ଷରେ ସମସ୍ୟା । ଆର୍ଟର ଚିନ୍ତା ପାଇଁ ସେମାନଙ୍କର ବେଳ କାହିଁ ?"

ମଧୁସୂଦନ କ୍ଷିପ୍ତ କଣ୍ଠରେ ଚିତ୍କାର କରି ଉଠିଲେ···"ଉଇଥ୍‌ଡ୍ର, ଉଇଥ୍‌ଡ୍ର ୟୋର୍ ଷ୍ଟେଟ୍‌ମେଣ୍ଟ୍, ଆଇ ସେ !"

କିନ୍ତୁ ଏପରି ଅକାରଣ ବିସ୍ଫୋରଣର ଅର୍ଥ ବୁଝି ନପାରି, ମଧୁସୂଦନଙ୍କ ଆଡ଼େ ଅଭିରାମ ବିସ୍ମିତ ଦୃଷ୍ଟିରେ ଅନାଇଁ ରହିଲେ । ମଧୁସୂଦନଙ୍କ ବିସ୍ଫୋରଣ ତଥାପି ପ୍ରଶମିତ ହୋଇ ନଥିଲା । ସେ କହିଲେ···"ତୁମର ଏ ବକ୍ତବ୍ୟ ପ୍ରତ୍ୟାହାର କର ଅଭିରାମ । ମୁଁ କହୁଛି; ମିଷ୍ଟର ଦାସ୍ କହୁଛି···ତୁମର ବକ୍ତବ୍ୟ ପ୍ରତ୍ୟାହାର କର ।"

ଅଭିରାମ ଅପ୍ରତିଭ ପରି କହିଲେ···"ମୁଁ ଭୁଲ୍‌ଥିଲି କରି ନେଲି ସାର୍ ।"

ମଧୁସୂଦନଙ୍କ କଣ୍ଠସ୍ୱର ହଠାତ ପୁଣି ପରିବର୍ତ୍ତିତ ହୋଇଗଲା । ଯେଉଁ କଣ୍ଠରେ ମୁହୂର୍ତ୍ତକ ପୂର୍ବେ ଥିଲା ଅହେତୁକ କ୍ରୋଧର ବିସ୍ଫୋରଣ, ସେହି କଣ୍ଠରେ ଏବେ ଫୁଟି ଉଠିଥିଲା, ବେଦନାଦଗ୍ଧ ଗାମ୍ଭୀର୍ଯ୍ୟ । ମଧୁସୂଦନ କହିଲେ···"ଅଭିରାମ; ଓଡ଼ିଆ ଦରିଦ୍ର ହୋଇପାରେ ଧନରେ, କିନ୍ତୁ ମନରେ ନୁହେଁ । ଓଡ଼ିଆ ଆଜି ଦରିଦ୍ର । କାରଣ ସେ ମନରେ, ଚିନ୍ତାରେ ହୋଇ ପଡ଼ିଛି ଦରିଦ୍ର ! ଦାରିଦ୍ର୍ୟଟା ଧନରେ ନଥାଏ ଅଭିରାମ; ଦାରିଦ୍ର୍ୟ ଥାଏ ମନରେ । ମୋ ବୋଉ ସବୁବେଳେ କହନ୍ତି, ଯାହାର ମନ ଯେତେ, ତାହାର ପ୍ରଭୁ ତେତେ । ଆମେ ଯଦି ମନରେ ଦରିଦ୍ର ହେଉ, ଶତ ଚେଷ୍ଟା ସତ୍ତ୍ୱେ ଆମକୁ କେହି ଧନରେ ଧନୀ କରି ଦେଇ ପାରିବେ ନାହିଁ ।"

ଅଭିରାମ କହିଲେ···"କିନ୍ତୁ ମଣିଷ ଧନରେ ଯେଉଁଠି ଦରିଦ୍ର, ସେଠି ତାର ମନର ଐଶ୍ୱର୍ଯ୍ୟ ଆସିବ କେଉଁଠୁ ?"

ହଲ ଘର ଭିତରେ ଏପାଖରୁ ସେପାଖ ପାଦଚାରଣା କରୁ କରୁ ମଧୁସୂଦନ ପ୍ରଶ୍ନ କଲେ···"ଓଡ଼ିଆ ଆଜି ଧନରେ କାହିଁକି ଦରିଦ୍ର ଜାଣିଛ ଅଭିରାମ ? ଭାରତୀୟ ଦାରିଦ୍ର୍ୟର ମୂଳ କେଉଁଠି ବୁଝିଛ ତୁମେ ? ଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ହେଲେ, ପ୍ରଥମେ ବୁଝିବା ପାଇଁ ପଡ଼ିବ ସମ୍ପଦସୃଷ୍ଟିର ମୂଳ ଅସ୍ତ୍ର କଣ ?"

ମଧୁସୂଦନ ଦଣ୍ଡେ ରହିଯାଇଁ, ଏକ ନାଟକୀୟ ଭଙ୍ଗୀରେ ଗୋଟାଏ ଶିରାଳ ବାହୁ ପ୍ରସାରିତ କରି କହିଲେ···"ପୃଥିବୀରେ ସବୁ ସମ୍ପଦ ସୃଷ୍ଟି କରେ ହାତ— ମଣିଷର ଏଇ ହାତ ! ଯେଉଁଦିନ ଓଡ଼ିଶାର ଜନସମାଜ ମନୁଷ୍ୟ ହାତର କଦର୍ ବୁଝି ଥିଲା; ସେଦିନ ଓଡ଼ିଶାର ଶିଳ୍ପୀ ଗଢ଼ି ଥିଲେ କୋଣାର୍କ ଭୁବନେଶ୍ୱର, ଓଡ଼ିଶାର କବି ଲେଖିଥିଲେ କାବ୍ୟ ମହାକାବ୍ୟ, ଓଡ଼ିଶାର ସୈନିକ ବିସ୍ତାର କରିଥିଲେ ଆଗଙ୍ଗାଗୋଦାବରୀ ବିସ୍ତୃତ ସାମ୍ରାଜ୍ୟ, ଓଡ଼ିଶାର ସାଧବ ଆବିଷ୍କାର କରିଥିଲେ ନୂତନ ଉପନିବେଶ ! ମାତ୍ର ଯେବଠାରୁ ଆମ ସମାଜରେ ଶ୍ରମ ହେଲା ମର୍ଯ୍ୟାଦାଚ୍ୟୁତ, ସେହିଦିନ ଠାରୁ ଆରମ୍ଭ ହେଲା ଆମର ଦାରିଦ୍ର୍ୟ ! ଏହାର ସମାଧାନ ତ ଆମରି ହାତରେ । ଆଜି ଆମ ସମାଜରେ କାହିଁ ସେ

ହାତର ମୂଲ୍ୟ ? ଆମେ ଜାତି ସ୍ୱଭାବରେ ଆଜି ଶ୍ରମକୁଣ୍ଠିତ । କାରଣ ଏଠାରେ ଶ୍ରମର ମର୍ଯ୍ୟାଦା ନାହିଁ । ଅପରପକ୍ଷରେ ଶ୍ରମିକ ମାନଙ୍କ ପ୍ରତି ଆମର ଘୃଣା । ଏଥିରେ ଏ ଦେଶର ଦାରିଦ୍ର୍ୟ ଘୁଞ୍ଚିବ କିପରି ? ଗୋପାଳ ବଟାଗାରେ ଏମ୍. ଏ. ପାସ୍ କଲା । ମୁଁ କହିଲି, ଗାଁରେ ଜମି ପଡ଼ିଛି, କଟକରେ ଯେଉଁ ବାଟେ ରେଲରାସ୍ତା ଯାଉଛି, ତାର ପୂର୍ବକୁ ମୋର ତିରିଶ ଏକର ନମ୍ବର ଜମି ରହିଛି ସେଥିରେ ଫାର୍ମିଙ୍ଗ୍ ଆରମ୍ଭ କର । ମାତ୍ର କୃଷକଟା ତା' ଦୃଷ୍ଟିରେ ଅତ୍ୟନ୍ତ ନ୍ୟୂନ, ଅସମ୍ମାନଜନକ ଦିଶିଲା । ସେ ହେଲା ଡେପୁଟୀ । ତୁମେ ବି ତ ସେଇଆ ହେବ ଅଭିରାମ । ଓଡ଼ିଆଙ୍କ ଦାରିଦ୍ର୍ୟ ତା'ହେଲେ, ଘୁଞ୍ଚିବ କିପରି ?"

ମଧୁସୂଦନ ପୁଣି କହିଲେ···"କିନ୍ତୁ ଯେଉଁ ଇଂଲଣ୍ଡ ଦେଶର ଲୋକେ ଭାରତରେ ସାମ୍ରାଜ୍ୟ ବିସ୍ତାର କରିଛନ୍ତି, ସେମାନଙ୍କ ଦେଶର ସମାଜଟା କଣ ଜାଣିଛ ? ସେ ଦିନ ସ୍ୱୟଂ ପ୍ରିନ୍ସ ଅଫ୍ ୱେଲସ୍ ଏକ ଶୁଖୁଆ ହାଟକୁ ଆହୂତ ହୋଇ କେଉଟମାନଙ୍କୁ ସମ୍ମାନିତ କରି ଫେରିଲେ । ବିଲାତର ଖୋଦ୍ ପ୍ରଧାନମନ୍ତ୍ରୀ ଲର୍ଡ ରୋଜବରି ବାହାଦୁର ସେଫିଲ୍ଡର ଛୁରୀନିର୍ମାତା କମାରମାନଙ୍କ ଆମନ୍ତ୍ରଣରେ ଆହୂତ ହୋଇ, ସେଠାରେ ବୈଦେଶିକ ରାଜନୀତି ସମ୍ପର୍କରେ ସୁଦୀର୍ଘ ବକ୍ତୃତା ଦେଲେ । ଜଣେ ବାଳକ ଇଂରାଜ, ଟେଲି ଦୋକାନରେ ଟଙ୍କା ଭଙ୍ଗାଇବା ବେଳେ ମହାରାଣୀଙ୍କ ଚେହେରା ଦେଖାଇ କହୁଥିଲା : "ଦେଖୋ କଲୁ ଏ କି ହାମାରା ଜାତ୍ ହୈ !" ମୁଁ ଏହି ଚେହେରାର ଜାତି ନକହି, ସେ କହିଲା, ଏଇ ଚେହେରା ମୋର ଜାତି ! ଆତ୍ମାଦରଟା କେତେଦୂର ଦେଖ । ଦିନକରେ ଏକ ଜାହାଜର କପ୍ତାନ୍ ସହିତ କଥୋପକଥନ ହେଲା ବେଳେ ସେ କହି ବସିଲା, ଏ ଭାରତ ସାମ୍ରାଜ୍ୟ ମୋର । ମୁଁ କୋଡ଼ିଏ ବର୍ଷ ଏହି ଅକୂଳ ସମୁଦ୍ରରେ ସବୁ ବିପଦ ଅଗ୍ରାହ୍ୟ କରି ଯେ ପରିଶ୍ରମ କରୁଛି; ସେ କାହା ସକାଶେ ? ବିଲାତର ଗୌରବ ମୋ ପରିଶ୍ରମର ଫଳ । କି ଅଦ୍ଭୁତ ଆତ୍ମାଦର ! ଇଂରାଜ ବଡ଼ ଠାରୁ ଶ୍ରେଷ୍ଠ ଯାଏ ଆତ୍ମାଦରପ୍ରିୟ ଓ ସ୍ୱଜାତିପ୍ରେମିକ ! ମାତ୍ର ଆମେ ? ଆମେ ଶ୍ରମଜୀବୀ ମାନଙ୍କୁ କଣ ସେପରି ସମ୍ମାନ ଦେଉ ?···କିନ୍ତୁ ଅଭିରାମ, **Remember the greatest King is but a man** ."*

* ଉତ୍କଳ-ଦୀପିକା— ତା ୧୫।୧।୧୮୯୫ ସଂଖ୍ୟାରେ "ସ୍ୱଜାତି ପ୍ରେମ" ନାମରେ ମଧୁସୂଦନ ଏହି ମର୍ମରେ ଏକ ପ୍ରବନ୍ଧ ଲେଖିଥିଲେ ।

ଅପରାହ୍ନ ଗଡ଼ି ଆସିଥିଲା । ବାହାରକୁ ବୁଲିଯିବା ପାଇଁ କୋଚ୍‌ଓ୍ୱାନ୍ ଧଳା ଘୋଡ଼ାଟାଏ ଯୋଚି, ଡଗ୍-କାର୍ଟଟା ପୋର୍ଚ୍ ତଳକୁ ଆଣିଥିଲା । ଗାଡ଼ୀ ଶବ୍ଦ ଶୁଣି ମଧୁସୂଦନ କୋଚ୍‌ଓ୍ୱାନ୍‌କୁ ଡାକି କହିଲେ··· "ଗାଡ଼ୀ ଓ୍ୱାପସ୍ ନେଇଯାଅ ।" ବାହାରକୁ ବୁଲିଯିବା ପାଇଁ ତାଙ୍କର ସବୁ ଇଚ୍ଛା ହଠାତ ଯେପରି ଲୋପ ପାଇଥିଲା ।

କେତେକ୍ଷଣ ମାରବଟରେ ତଳମହଲର ଅଫିସଘର ଭିତରେ ପାଦଚାରଣା କରିବା ପରେ ମଧୁସୂଦନ କାନ୍ଥରେ ଝୁଲୁଥିବା କ୍ରୁଶବିଦ୍ଧ ଯୀଶୁଙ୍କର ପ୍ରତିକୃତି ଆଡ଼େ ଚାହିଁ କହିଲେ···"ମହାପୁରୁଷ ଯେସସ୍ ଖ୍ରୀଷ୍ଟ ସେଇଥିପାଇଁ ସାମାନ୍ୟ ଲୋକମାନଙ୍କୁ ଏକଥା କହିଥିଲେ:—

"Ye are the salt of the earth—Ye are the light of the world".

× × ×

କିନ୍ତୁ ତାରକସୀ ବଣିଆମାନେ ଆର୍ଟ-ଓ୍ୱେଆର୍ସ କାରଖାନାକୁ ନଆସିବା ବ୍ୟାପାରଟା ଏତେଦୂର ଲମ୍ବି ଲମ୍ବି ଶେଷକୁ ଯେ ଯେସସ୍ ଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ଯାଇପାରେ; ଅଭିରାମ ତାହା ସୁଦୂରତମ ଚିନ୍ତାରେ ସୁଦ୍ଧା କଳ୍ପନା କରି ପାରୁନଥିଲେ । ଏହି ସମୟରେ ତାରକସୀ କାରିଗର ମୁକୁନ୍ଦ ସିଂ ସନ୍ତର୍ପିତ ପାଦରେ ଅଫିସ ଭିତରକୁ ପଶି ଆସିଲା । ପ୍ରତ୍ୟହ ଯେଉଁ ଦୁଇ ତିନିଜଣ ବଣିଆଁ କାରିଗରଙ୍କୁ ମୁକୁନ୍ଦ ସିଂ ସଙ୍ଗରେ ଧରି କାରଖାନାକୁ ଆଣୁଥିଲା; ଆଜି ସେମାନେ ସୁଦ୍ଧା ଆସିବା ବନ୍ଦ କରି ଦେଇ ଥିଲେ ।

ମୁକୁନ୍ଦ ଅସ୍ୱସ୍ତିପୂର୍ଣ୍ଣ ଭାବରେ କାନମୁଣ୍ଡା ଆଉଁସି ଆଉଁସି କହିଲା···" ଭିକାରି ସେଠୀ ଆଉ ନାଭସାହୁ ଆଜି ସକାଳେ ମୋ ସାଙ୍ଗରେ ବାହାରିଥିଲେ । ସେମାନଙ୍କ କାନରେ ଡଗରପଡ଼ାର ଧନସାହୁ କି ମନ୍ତ୍ର ଫୁଙ୍କିଦେଲା କେଜାଣି, ସେମାନେ ଆଉ କାରଖାନାକୁ ଆସିବେ ନାହିଁ ବୋଲି ସେଇଠୁ ଫେରିଗଲେ ।"

ଏ ସମ୍ବାଦରେ ମଧୁସୂଦନଙ୍କ ଠାରୁ ବିସ୍ଫୋରଣ ଆଶଙ୍କାରେ ମୁକୁନ୍ଦ ଶଙ୍କିତ ହୋଇ ଉଠିଥିଲା । ମାତ୍ର ମଧୁସୂଦନ ଶାନ୍ତ କଣ୍ଠରେ କହିଲେ···"ସେମାନେ ଯଦି ମୋ କାରଖାନାକୁ ନ ଆସୁଛନ୍ତି, ତାହେଲେ ସେ ଦୋଷ ମୋର ! କାରଣ ମୁଁ ସେମାନଙ୍କୁ ମୋ କାରଖାନା

କଥା ବୁଝାଇ ପାରୁ ନାହିଁ । ବୁଝି ନପାରିବା ଲୋକର ଦୋଷରୁ ସେ ଆମେ ଆଗେଇ ପାରୁ ନାହୁଁ, ତାହା ନୁହେଁ ମୁକୁନ୍ଦ—ବୁଝାଇ ପାରିବା ଲୋକର ଅଭାବରୁ ଓଡ଼ିଶାରେ ସବୁ ଉଦ୍ୟମ ପଣ୍ଡ ହୋଇ ଯାଉଛି । ସେ ଦୋଷ ସେମାନଙ୍କର ନୁହେଁ ମୁକୁନ୍ଦ—ସେ ଦୋଷ ମୋର । ଚାଲ...ମୁଁ ଯିବି ବର୍ତ୍ତମାନ ସେହି ବଣିଆ ମାନଙ୍କ ଘରକୁ । ସେମାନଙ୍କୁ ବୁଝାଇବି ମୋ କାରଖାନାର କଥା । ତା'ପରେ ଦେଖିବ, ସେମାନେ ଆପେ ଆପେ ଆସିବେ---ତୁମେ ସେମାନଙ୍କୁ ଡାକିଯିବା ଆଉ ଆବଶ୍ୟକ ପଡ଼ିବ ନାହିଁ ।"

ଗାଡ଼ୀ ପୁଣି ତିଆର କରିବା ପାଇଁ ମଧୁସୂଦନ ହାଡ଼ିଆ ସର୍ଦ୍ଦାରିଙ୍କୁ ଡାକି ଆଦେଶ ଦେଲେ । ଅଳ୍ପକ୍ଷଣ ପରେ ସେଇ ଡଗ୍-କାର୍ଟଟି ପୁଣି ପୋର୍ଚ୍ଚ ତଳକୁ ଆସିଲା । ଗାଡ଼ୀରେ ଅବଶ୍ୟ ବସିବେ ନାହିଁ ମଧୁସୂଦନ—ତାହା କେବଳ ତାଙ୍କ ପଛେ ପଛେ ଅନୁସରଣ କରି ଚାଲିବ । ମାତ୍ର ଗାଡ଼ୀରେ ସେଇ କଳା ପଞ୍ଚଘୋଡ଼ା ପୁଣି ଯୋଚା ହୋଇଥିବା ଦେଖି, ମଧୁସୂଦନ ଚିତ୍କାର କରି ଉଠିଲେ···" ଖୋଲ୍, ଫିଟା ସେ ଘୋଡ଼ାକୁ । **no horse should be yoked twice in a day".**

ପଞ୍ଚଘୋଡା ଥରେ ଯେତେବେଳେ ଯୋଚା ଯାଇଥିଲା; ଦିନକ ଭିତରେ ଅନ୍ୟଥରେ ପୁଣି ସେଇ ଘୋଡାକୁ ଯୋଚିବା ଅନ୍ୟାୟ । ଘୋଡ଼ା ତ ପ୍ରସ୍ତୁତ ରହିଥିଲା । ମାତ୍ର ଆରୋହୀ ଯଦି ପ୍ରସ୍ତୁତ ନଥିଲା; ତା-ହେଲେ ଆରୋହୀର ଖିଆଲପାଇଁ ଏକା ଘୋଡା କଦାପି ଦ୍ୱିତୀୟଥର ଯୋଚା ଯାଇ ନପାରେ !

ଘୋଡ଼ା ସମ୍ପର୍କରେ ମଧୁସୂଦନଙ୍କର ଏହା ଥିଲା ଏକ ଅଲଂଘନୀୟ ଆଚରଣ ପଦ୍ଧତି । କଚଓ୍ୱାନ୍ ଗାଡ଼ୀ ଫେରାଇନେଇ ଏଥର ସେଥିରେ ଏକ ସେଗୁ ଘୋଡ଼ା ଯୋଚି ପୋର୍ଚ୍ଚ ତଳେ ଆଣି ଠିଆ କରାଇଲା । ମଧୁସୂଦନ ସେତେବେଳକୁ କାନ୍ତ ପାଦରେ ଚାଲି ଚାଲି, ରାସ୍ତା ଉପରକୁ ବାହାରି ଆସିଥିଲେ ।

ମୁକୁନ୍ଦ ସିଂ ଓ ଅଭିରାମ ତାଙ୍କ ପଛେ ପଛେ ଚାଲିଥିଲେ ଦୂରତ୍ୱ ରକ୍ଷା କରି । ସମସ୍ତଙ୍କ ପଛରେ ଧୀରେ ଧୀରେ ଅନୁସରଣ କରି ଚାଲିଥିଲା ଡଗ୍-କାର୍ଟ । ସେହି ନୀରବ ପଟୁଆରର ପୁରୋଭାଗରେ ଚାଲିଥିଲେ ମଧୁସୂଦନ—ନିଃସଙ୍ଗ ପଥିକ ପରି ।

× × ×

ମଧୁସୂଦନ ଜୀବନରେ ଏକାଧିକ ବାର ପରାଜିତ ହୋଇଥିଲେ ସତ୍ୟ—ମାତ୍ର କଦାପି ଅବଦମିତ ହୋଇନଥିଲେ । ସବୁ ନିରୁତ୍ସାହଜନକ ପରିସ୍ଥିତି ଓ ଈର୍ଷାତୁର ପ୍ରତିରୋଧ ମଧ୍ୟରେ ଅଜସ୍ର ଅର୍ଥ ବ୍ୟୟ ଓ ଅକ୍ଲାନ୍ତ ଉଦ୍ୟମରେ ମଧୁସୂଦନଙ୍କ "ଓଡ଼ିଶା ଆର୍ଟ ୱେୟାରସ୍" ସମଗ୍ର ଭାରତରେ କ୍ରମେ ଏକ ପ୍ରସିଦ୍ଧ ଅନୁଷ୍ଠାନରେ ପରିଣତ ହୋଇଥିଲା । ତତ୍କାଳୀନ ବଙ୍ଗଳାର ଅନ୍ୟତମ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଆଚାର୍ଯ୍ୟ ପି. ସି. ରାୟ "ଓଡ଼ିଶା ଆର୍ଟ୍ ୱେୟାରସ୍" ସମ୍ପର୍କରେ ଲେଖି ଥିଲେ···

'He had organised a workshop where nearly 100 men were engaged in the craft, specially the delicate gold and silver filigree works for which Cuttack was famous at one time. Mr. Das seemed to wax eloquent over the possibilities of the delicate arts which had been in vogue from time immemorial, but for want of support was almost dead. He spent quite a fortune out of his own purse for the resuscitation of the lost glories".

କେବଳ ସ୍ୱଦେଶରେ ନୁହେଁ, ଶିଳ୍ପୋନ୍ନତ ପାଶ୍ଚାତ୍ୟ ଦେଶ ମାନଙ୍କରେ ସୁଦ୍ଧା, "ଓଡ଼ିଶା ଆର୍ଟ ୱେୟାରସ୍"ର ନିର୍ମିତ ଓଡ଼ିଆ କାରିଗର ମାନଙ୍କର ତାରକସି କାମ, ଅକୁଣ୍ଠ ପ୍ରଶଂସା ଅର୍ଜନ କରି ପାରିଥିଲା ।

ସେ' ଦିନ ଡାକରେ ଲଣ୍ଡନରୁ ବି: ଡି: ବେନେଟ୍‌ଙ୍କ ପାଖରୁ ଆସିଥିଲା ଖଣ୍ଡେ ଚିଠି···

7, Fopstone Road
Earles Court
London, S. W.

Dear Mr. Das,

The few Cuttack art specimen I brought home, have been so much appreciated I wonder if you could send me some more. Everyone thinks the things so very wellfinished and

my father said he had no idea the work could be (so) well done." x x x x

Sincerely Yours
B. D. Beckett

ଚିଠିଖଣ୍ଡ ଆଦ୍ୟୋପାନ୍ତ ପଢ଼ିବା ପାଇଁ ମଧୁସୂଦନ ଅପେକ୍ଷା କରି ପାରି ନଥିଲେ । ମଧୁସୂଦନ କାରଖାନା ଭିତରକୁ ଚିଠି ଖଣ୍ଡ ହାତରେ ଧରି ଧାଇଁ ଆସିଲେ । ମୁକୁନ୍ଦ ସେତେବେଳେ ତାରକସୀରେ ଗୋଟାଏ ଫଟୋଗ୍ରାଫ୍ ଫ୍ରେମ୍ ତିଆରି କରୁଥିଲା । ତାରକସୀରେ ଯେ ଏପରି ପଦାର୍ଥ ତିଆରି ହୋଇପାରେ, କଟକର କାରିଗର ମାନଙ୍କର ତାହା ଧାରଣାରେ ନଥିଲା । ମୁକୁନ୍ଦ ସେହି ଫ୍ରେମ ତିଆରିରେ ଲାଗିଥିବା ବେଳେ ମଧୁସୂଦନ କାରଖାନା ଭିତରକୁ ଆସି, ଚିଠିଖଣ୍ଡି ପଢି କହି ଉଠିଲେ··· "ମୁକୁନ୍ଦ, ରାମ, ହରମୋହନ··· ବେକେଟ୍ ସାହେବ ବିଲାତରୁ ଯାହା ଲେଖି ପଠାଇଛନ୍ତି, ବୁଝିଲ ତ ? କଟକର ତାରକସୀ ବିଲାତି ଲୋକଙ୍କ ଆଖି ସୁଦ୍ଧା କପରି ଧାଁ ଧାଁ କରି ଦେଇଛି, ଏଇତ ହାତେ ହାତେ ତାର ପ୍ରମାଣ ! ଏ ଗୌରବ ମୋର ନୁହେଁ··· ଏ ଗୌରବ ତମର, ପ୍ରତ୍ୟେକ ଓଡ଼ିଆ କାରିଗରର !"

ସାହେବମାନେ "ଓଡ଼ିଶା ଆର୍ଟ ୱେଆରସ୍"ର କଳା ସୌଷ୍ଠବରେ ମୁଗ୍ଧ ହୋଇ ଏହାର ସ୍ୱେଚ୍ଛାନିଯୁକ୍ତ ବିକ୍ରେତାରେ ପରିଣତ ହୋଇ ପଡ଼ିଥିଲେ । ହାଓଡ଼ାର ଜଣେ ଇଂରେଜ ମାଜିଷ୍ଟ୍ରେଟ୍ ଲେଖିଥିଲେ···

Magistrate's House
Howrah

Dear Sir.

x x x

I have shown things to some friends, who were much pleased with them. If you could send me a dozen catalogues, I will be able to get some orders.

Yours truly
Sd/ (Illegible)

ଆଉର କୌଣସି ଇଂରେଜ, ମିଷ୍ଟର ଇ. ବି. ହାବସ୍ "ଓଡ଼ିଶା-ଆର୍ଟ-ୱେଆରସ୍"ର ଏକ ବିବରଣୀ ଦେଇ ଲେଖିଥିଲେ···

"I was to have the opportunity of paying two visits to the Orissa School of Art maintained by Mr. M.S. Das. The principal industry is gold and silversmiths work and in particular the filigree works for which Cuttack is celebrated. Work is also done in horn and ivory carving. The goldsmiths work in design and execution was excellent."

ବଙ୍ଗଳାର ଲେପ୍‌ଟେନେଣ୍ଟ ଗଭର୍ଣ୍ଣରଙ୍କ ସହଧର୍ମିଣୀ ଲେଡ଼ୀ ଉଡ୍‌ବର୍ଣ୍ଣଙ୍କ ସେକ୍ରେଟାରୀ ଲେଖିଥିଲେ···

Lieutenant Governor's Camp
Bengal
*13. 11. 1970*

Dear Sir,

x x x

Lady Woodburn asks me to say that she thought the workmanship excellent and the things sent very pretty. She wishes the institution every success.

Yours Sincerely.
( illegible )

ମିଷ୍ଟର ଓ୍ୱେବ୍‌ଷ୍ଟର ନାମକ କୌଣସି ଇଂରେଜ ରାଜକର୍ମଚାରୀ, "ଓଡ଼ିଶା-ଆର୍ଟ-ଓ୍ୱେଆରସ୍" ପ୍ରତି ଉଚ୍ଛ୍ୱସିତ ପ୍ରଶଂସା ଜ୍ଞାପନ କରି ଲେଖିଥିଲେ···

To all who are interested in the future of Indian art I would recommend a visit to the "Orissa Art Wares" in Cuttack, a venture promoted by Mr. M. S. Das, a citizen of this town with a view to improving the condition of the Uria artisan. The visitor will find among wares elegant articles for the toilet table, bones, belt clasps, card cases etc. in the light filigree works of gold and silver for which Cuttack is famous. I was especially struck with the dainty little gold brooches, which are marvellously cheap. He will find also work of horn and ivory overlaid with gold, which is still a secret. All that is sold here is made on the premises by Uria workmen, their native ingenuity aided by the newer patterns which Mr. Das places at their disposal and the labour lightened by the use of machinery at certain stages. Altogether a vissit will be well repaid, whether the excellence

of the wares only be considered or whether the undertaking be regarded as a model of what may be done to improve the local art.........''

"ଓଡ଼ିଶା ଆର୍ଟ୍ ୱେଆରସ୍'' ପ୍ରତି ଏହିପରି ବହୁ ଉଚ୍ଛ୍ୱସିତ ପ୍ରଶଂସାପତ୍ରରେ ଓଡ଼ିଆ କାରିଗର ଓ ଶିଳ୍ପୀର କଳାକୁଶଳତା ସେଦିନ ବଙ୍ଗଳା ଓ ଉତ୍ତରଭାରତ ଠାରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ସର୍ବତ୍ର ବିଚ୍ଛୁରିତ ହୋଇ ପଡ଼ିଥିଲା ।

ଏପରି ଏକ ବିଦଗ୍ଧ ଜାତି ବ୍ରିଟିଶସାମ୍ରାଜ୍ୟର ପରିସର ମଧ୍ୟରେ ଯଦି ସୁବିଚାର ନପାଏ, ତା'ହେଲେ ସେଥିପାଇଁ ଓଡ଼ିଆର ଅନଗ୍ରସରତା ବା ତଥାକଥିତ ଅଶିକ୍ଷିତତା ତ ଦାୟୀ ନୁହେଁ !···ସେ ଦାୟିତ୍ୱ ବ୍ରିଟିଶ-ଶାସକଗୋଷ୍ଠୀର ।

"ଓଡ଼ିଶା ଆର୍ଟ୍ ୱେଆରସ୍''ର କୃତିତ୍ୱ ମଧ୍ୟରେ ମଧୁସୂଦନ ସେଦିନ ଅନୁଭବ କରିଥିଲେ ଏକ ଅନାସ୍ୱାଦିତପୂର୍ବ ସନ୍ତୋଷ ଓ ସଫଳତା । ଏହା ତାଙ୍କ ଦୃଷ୍ଟିରେ ଥିଲା ଯେପରି ଓଡ଼ିଆର ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟର ସଙ୍କେତ !

ବର୍ଷ ଦୁଇଟା ମଧ୍ୟରେ ମଧୁସୂଦନଙ୍କ ଓଡ଼ିଶା-ଆର୍ଟ-ୱେଆରସ୍'' କେଉଁ ପରିମାଣରେ ସୁନାମ ଅର୍ଜନ କରିପାରିଥିଲା, ତାହା "ଉତ୍କଳ-ଦୀପିକା''ର ନିମ୍ନୋକ୍ତ ଆଲୋଚନାରୁ ସୁସ୍ପଷ୍ଟ ହେବ···

"× × × ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରେ ଏ ନଗରର ରୁପାର ତାରକସି କାର୍ଯ୍ୟ ପ୍ରାୟ ୪୦ ବର୍ଷ ହେବ ବିଲାତର ପ୍ରଦର୍ଶନୀକୁ ପ୍ରେରିତ ହୋଇ ସେଠାରେ ପ୍ରଥମ ପୁରସ୍କାର ଲାଭ କରିଥିଲା ଏବଂ ତଦ୍ୱାରା ତହିଁର ବିକ୍ରୟ ଏତେ ବୃଦ୍ଧି ହୋଇଥିଲା ଯେ, କାରିଗର ମାନେ ଯୋଗାଇ ପାରୁ ନଥିଲେ । ଆଦର ଦେଖି ଢାକା ପ୍ରଭୃତି ସ୍ଥାନର କାରିଗରମାନେ ପ୍ରତି-ଯୋଗିତାରେ ପ୍ରବୃତ୍ତ ହେଲେ ଏବଂ ସମଧିକ ଯତ୍ନ ଓ ଚେଷ୍ଟା ଦ୍ୱାରା ଉନ୍ନତି ଲାଭକଲେ । ଏଣେ ଓଡ଼ିଶାର ବଣିଆମାନେ ଅଳ୍ପ ବୃଦ୍ଧି ହେତୁ ଭବିଷ୍ୟତ ଦୃଷ୍ଟି ନରଖି ଶସ୍ତାରେ ବିକିବା ଆଶାରେ କ୍ରମଶଃ ମୋଟା ଜିନିଷ ପ୍ରସ୍ତୁତ କଲେ । ସୁତରାଂ ସେ ଦ୍ରବ୍ୟର ସୁଖ୍ୟାତି କ୍ରମେ ଲାଘବ ହେଉଅଛି ! ତାର-କସି କାର୍ଯ୍ୟରେ ପୂର୍ବଖ୍ୟାତି ଜାଜ୍ୱଲ୍ୟମାନ ରଖିବା ଏବଂ ଶିଙ୍ଗ ଓ ସୁନା ରୁପାର ଦ୍ରବ୍ୟ ଗଠନର ଉନ୍ନତିସାଧନ ଏବଂ ସୁଲଭ ମୂଲ୍ୟରେ ବିକ୍ରୟ

ହାଇ ସମଧିକ ପ୍ରସ୍ତର ଅଭିପ୍ରାୟରେ ସ୍ୱଦେଶାନୁରାଗୀ ବିଚକ୍ଷଣ ବାବୁ ମଧୁସୂଦନ ଦାସ ପ୍ରାୟ ଦୁଇବର୍ଷ ହେଲା ଆପଣା କୋଠିରେ ଗୋଟିଏ ଶିଳ୍ପଶାଳା ସ୍ଥାପନ କରିବାର ପାଠକମାନଙ୍କୁ ଜଣାଅଛୁ ।...ମଧୁବାବୁ ଲେଖା ପଢ଼ା ଶିଖି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଉପାଧିରେ ଏବଂ ଆଇନ ବ୍ୟବସାୟରେ ଖ୍ୟାତି ଲାଭ କରି ଅଛନ୍ତି । ସେ କେବେ କୌଣସି ଶିଳ୍ପଶାଳାରେ ଦୀକ୍ଷିତ ହୋଇନଥିଲେ । କିନ୍ତୁ ସୁଶିକ୍ଷା ଓ ସାଧୁକାମନାର କି ଅସୀମ ବଳ ! ସ୍ୱଦେଶୀୟ କାରିଗର ମାନଙ୍କର ଉନ୍ନତି ଚେଷ୍ଟାରେ ଉତ୍ସାହିତ ହୋଇ ସ୍ୱୀୟ ଅସାଧାରଣ ବୁଦ୍ଧି ଓ ପ୍ରତିଭା ବଳରେ ଗୋଟିଏ କାରଖାନା ଫିଟାଇ ଅଳ୍ପ ମୂଲ୍ୟ ଓ ସମୟରେ ଦ୍ରବ୍ୟ ପ୍ରସ୍ତୁତ କରିବାର ଉପଯୋଗୀ କ୍ଷୁଦ୍ର କ୍ଷୁଦ୍ର କଳମାନ ପ୍ରସ୍ତୁତ କରି କେତେଜଣ କାରିଗରଙ୍କୁ ଶିକ୍ଷା ଦେଇ ଏମନ୍ତ ସୁନ୍ଦର କାର୍ଯ୍ୟମାନ ପ୍ରସ୍ତୁତ କରିବାକୁ ସମର୍ଥ ହୋଇଅଛନ୍ତି ।"

"ଓଡ଼ିଶା ଆର୍ଟ ୱର୍କ୍ସ"କୁ କେନ୍ଦ୍ରକରି କଟକରେ ଏକ ଆର୍ଟ ସ୍କୁଲ ମଧ୍ୟ ଗଢ଼ି ଉଠିଥିଲା । ସିଙ୍ଗ, ହାତୀଦାନ୍ତ, ବେତ, ବାଉଁଶ ଓ ଚମଡ଼ା ପ୍ରଭୃତିରେ ବିଭିନ୍ନ ପ୍ରକାରର ସୁରୁଚିସମ୍ପନ୍ନ ପଦାର୍ଥ ତିଆରି କରିବା ପାଇଁ କାରିଗର ମାନଙ୍କୁ ତାଲିମ ଦେବା ଏହି ଆର୍ଟ ସ୍କୁଲର କାର୍ଯ୍ୟକ୍ରମ ଥିଲା । ବହୁ ଦିନୁ କଟକରେ ଏହିପରି ଏକ ଆର୍ଟ-ସ୍କୁଲ ସ୍ଥାପନ ପାଇଁ, ଲେଫଟେନେଣ୍ଟ ଗଭର୍ଣ୍ଣରମାନଙ୍କ ଠାରେ ନିବେଦନ କରାଯାଇ ଆସୁଥିଲେହେଁ ତାହା ଫଳପ୍ରଦ ହୋଇ ପାରି ନ ଥିଲା । ମଧୁସୂଦନ ଏବେ ନିଜର ବ୍ୟକ୍ତିଗତ ଉଦ୍ୟମରେ ଏହି ସ୍କୁଲଟି ସ୍ଥାପନ କରିଥିଲେ । ଇତିମଧ୍ୟରେ ବଙ୍ଗଳା ଲେଜିସଲେଟିଭ କାଉନସିଲରେ ମଧୁସୂଦନଙ୍କର କାର୍ଯ୍ୟକାଳ ସମାପ୍ତ ହୋଇଥିଲା । ସମ୍ମୁଖରେ ପୁଣି ଆସିଥିଲା ନିର୍ବାଚନର. ଆହ୍ୱାନ ।

# ଚତୁର୍ଦ୍ଦଶ-ପରିଚ୍ଛେଦ

ଗତବର୍ଷ ତଳେ ଓଡ଼ିଶା ଓ ଛୋଟନାଗପୁର ଡ଼ିଭିଜନ୍‌ର ମ୍ୟୁନିସି- ପାଲିଟୀମାନଙ୍କ ପକ୍ଷରୁ ମଧୁସୂଦନ ବଙ୍ଗଳା ଲେଜିସଲେଟିଭ କାଉନସିଲ୍‌କୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ଏଥର ନିର୍ବାଚନ ପାଇଁ ପଡ଼ିଥିଲା ଓଡ଼ିଶାର ଜିଲ୍ଲାବୋର୍ଡ଼ମାନଙ୍କର ପାଳି । ଏ ସମ୍ପର୍କରେ ଘୋଷଣା ପ୍ରକାଶ ପାଇଥିଲା···

"ରାଜସାହି ବିଭାଗର ଜିଲ୍ଲାବୋରଡ଼ ମାନଙ୍କର ପ୍ରତିନିଧି ସ୍ୱରୂପ ତାହିରପୁରର ମାନ୍ୟବର ରାଜା ଶଶିଶେଖରେଶ୍ୱର ରାୟ ବାହାଦୁର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ନିଯୁକ୍ତ ହୋଇଅଛନ୍ତି । ଆସନ୍ତା ଜୁନମାସ ୧୬ ତାରିଖରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ । ସନ ୧୮୯୩ ସାଲର ଗବର୍ଣ୍ଣମେଣ୍ଟଙ୍କର ଆଦେଶମତେ ସେହି ପଦ ନିମନ୍ତେ ଏକ ଜଣ ମନୋନୀତ କରିବାର ପାଳି ଓଡ଼ିଶା ବିଭାଗର ଜିଲ୍ଲା ବୋରଡ଼ଙ୍କର ପଡ଼ିଅଛି । ଅତଏବ ବଙ୍ଗେଶ୍ୱର ଆଦେଶ ଦେଉ ଅଛନ୍ତି କି, ଓଡ଼ିଶାର ନିମ୍ନଲିଖିତ ଜିଲ୍ଲାବୋରଡ଼ ମାନେ ଏକ ଜଣ ଲେଖାଏଁ ପ୍ରତିନିଧି ପଠାଇବେ ସେ ସେମାନେ ଏକଜଣ ସଦସ୍ୟ ବାଛି ଦେବେ । ଯଥା:—

| ଜିଲ୍ଲାବୋର୍ଡ଼ | ସାଧାରଣ ବାର୍ଷିକ ଆୟ |
| --- | --- |
| କଟକ | ଟ ୧, ୧୪, ୯୫୯ |
| ବାଲେଶ୍ୱର | ଟ ୭୧, ୯୮୯ |
| ପୁରୀ | ଟ ୫୭, ୭୦୭ |

ଆୟାନୁସାରେ କଟକର ଯୋଡ଼ିଏ ଏବଂ ଅପର ଦୁଇ ଜିଲ୍ଲାବୋରଡ଼ର ଗୋଟିଏ ଲେଖାଏଁ ଭୋଟ ( ମତ ) ଦେବାର ଅଧିକାର ଅଛି । ବିଭାଗୀୟ କମିସନର ସାହେବ ଉପରଲିଖିତ ଜିଲ୍ଲାବୋରଡ଼ ମାନଙ୍କୁ ପତ୍ର ଲେଖିବେ ଏବଂ ତାହା ପାଇଁ ପ୍ରତ୍ୟେକ ଜିଲ୍ଲା ବୋରଡ଼ ଗୋଟିଏ ଲେଖାଏଁ ବିଶେଷ ଅଧିବେଶନ କରି ଏକଜଣ ପ୍ରତିନିଧି ନିର୍ବାଚନ କରି କମିଶନର ସାହେବଙ୍କୁ ଜଣାଇବେ···।"*

* ଉତ୍କଳ-ଦୀପିକା, ତା ୨୧।୪।୧୯୦୦ ଇଂ

ବଙ୍ଗଳା-ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ପାଇଁ ମଧୁସୂଦନଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଥିଲେ—ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ଓ କଟକର ଗଭର୍ଣ୍ଣମେଣ୍ଟ-ଆଡ୍‌ଭୋକେଟ୍ ରାୟ ବାହାଦୁର ହରିବଲ୍ଲଭ ଘୋଷ । ରାଜା ବୈକୁଣ୍ଠନାଥ ଦେ ବାଲେଶ୍ୱରରେ ସବୁ ଭୋଟ-ପାଇପିବା ଏକପ୍ରକାର ସୁନିଶ୍ଚିତ ଥିଲା । ମାତ୍ର କଟକ ଓ ପୁରୀରୁ ସେ ବିଶେଷ ସମର୍ଥନ ପାଇବାର ସମ୍ଭାବନା ନଥିଲା । କଟକରେ ଗଭର୍ଣ୍ଣମେଣ୍ଟ ଆଡ୍‌ଭୋକେଟ ରୂପେ ରାୟ ବାହାଦୁର କମ୍ ସୁପ୍ରତିଷ୍ଠିତ ନଥିଲେ । ପୁଣି ପୁରୀରେ ତାଙ୍କର ପ୍ରଭାବ ମଧୁସୂଦନଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ବୋଲି ସେତେବେଳେ ଅନୁମିତ ହେଉଥିଲା । ତେଣୁ ବଙ୍ଗଳା-ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ପାଇଁ ମଧୁସୂଦନ ଓ ହରିବଲ୍ଲଭଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ଓଡ଼ିଶାବାସୀ ଅତ୍ୟନ୍ତ କୌତୂହଳର ସହିତ ଲକ୍ଷ୍ୟ କରୁଥିଲେ ।

× × ×

"ଉତ୍କଳ-ଦୀପିକା" ଏହି ତିନି ପ୍ରାର୍ଥୀଙ୍କ ସମ୍ପର୍କରେ ଆଲୋଚନା କରି ଲେଖିଥିଲେ...

"ବାବୁ ମହୋଦୟ ( ମଧୁସୂଦନ ) ଅନେକ ବର୍ଷ କଟକ ଡିଷ୍ଟ୍ରିକ୍ଟବୋର୍ଡର ଭାଇସ୍‌ଚେଆରମେନ୍ ଥିଲେ । ମାତ୍ର ବାସ୍ତବିକରେ ସେହି ସମୟର ଚେଆରମେନ୍ ତାଙ୍କୁ ସମସ୍ତ କ୍ଷମତା ଅର୍ପଣ କରିବାରେ ସେ କଚେରୀର ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ ମଧ୍ୟ ଜିଲ୍ଲାବୋର୍ଡର କାର୍ଯ୍ୟ ପରିଦର୍ଶନ ନିମନ୍ତେ ନିଜ ବ୍ୟୟରେ ମୋଫସଲ ଭ୍ରମଣ କରିଥିଲେ ଓ ଇତିପୂର୍ବରେ ଅନେକ କାଳ କଟକର ସ୍ଥାନୀୟ ବୋର୍ଡର ଚେଆରମେନ୍ ମଧ୍ୟ ଥିଲେ ।

୨ ) ସନ ୧୮୯୬ ଓ ୧୮୯୭ ସାଲରେ ବ୍ୟବସ୍ଥାପକ ସଭାର ସଭ୍ୟ ଥିଲା ସମୟରେ ସେ ଓଡ଼ିଶାର ଅନେକ ହିତକର କାର୍ଯ୍ୟ କରିଥିଲେ । ତାଙ୍କର ଉଦ୍ୟମରେ ଜଣେ ମୁସଲମାନ ଉପାଧିଧାରୀ ଅଧସ୍ତନ ଏକ୍‌ଜିକ୍ୟୁଟିଭ ସର୍ଭିସରେ ନିଯୁକ୍ତ ହୋଇଥିଲେ ଓ ସେ ଓଡ଼ିଶାର ବନ୍ଦୋବସ୍ତ ସମ୍ବନ୍ଧରେ କେତେକ ବିଷୟରେ ପରାମର୍ଶ ଦେଇଥିଲେ ଓ ଆହୁରି କେତେକ ଅଭିଯୋଗ ପ୍ରଭୃତି ସଭାର ଗୋଚରରେ ଆଣାଇଥିଲେ । ସଭାରେ ଦୁଇବର୍ଷ କାର୍ଯ୍ୟ କରି ସେ ପ୍ରଶଂସା ଲାଭ କରିଅଛନ୍ତି ।

୩ ) ଓଡ଼ିଶାରେ ଥାଇଁ ଦେଶର ଅନେକ ମଙ୍ଗଳଜନକ କାର୍ଯ୍ୟ ସେ କରି ଅଛନ୍ତି ।

୪ ) ଇଉରୋପ ପରିଭ୍ରମଣ ଦ୍ୱାରା ଅନ୍ୟାନ୍ୟ ଦେଶର ପ୍ରତିନିଧି ସଭାର ଜ୍ଞାନଲାଭ କରିଅଛନ୍ତି ।

୫ ) ପରିଶେଷରେ ସେ ଜଣେ ଓଡ଼ିଶାବାସୀ ଅଟନ୍ତି ।...

ଶୁଣାଯାଉଅଛି ଯେ କଟକରୁ ସରକାରୀ ଉକିଲ ହରିବଲ୍ଲଭ ଘୋଷ ରାୟ ବାହାଦୁର ଜଣେ ପ୍ରାର୍ଥୀ ଅଟନ୍ତି । × × ସେ ସମସ୍ତଙ୍କ ପରିଚିତ ।

ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ମଧ୍ୟ ଜଣେ ପ୍ରାର୍ଥୀ ଅଟନ୍ତି । ରାଜା ବାହାଦୁର ୧୮୮୪ ସାଲରେ ବ୍ୟବସ୍ଥାପକ ସଭାର ସଭ୍ୟ ପଦରେ ତତ୍କାଳୀନ ଛୋଟଲାଟ ବାହାଦୁର ସାର୍ ରିଭର୍ସ୍ ଟମ୍ପସନ୍‌ଙ୍କ ଦ୍ୱାରା ମନୋନୀତ ହୋଇଥିଲେ ।

ଆମ୍ଭେମାନେ ଆଶା କରୁ ଡିଷ୍ଟ୍ରିକ୍ଟ ବୋର୍ଡ଼ର ସଭ୍ୟମାନେ ନିରପେକ୍ଷ ଭାବରେ ସୁଯୋଗ୍ୟ ସଭ୍ୟ ନିଯୁକ୍ତ କରିବା ଦ୍ୱାରା ଓଡ଼ିଶାର ଗୌରବ ବଢ଼ାଇବେ ।" *

ସେ ଦିନ କମିସନର୍‌ଙ୍କ ଆହ୍ୱାନକ୍ରମେ ଦୁର୍ଭିକ୍ଷ-ସଭା ଆହୂତ ହୋଇଥିଲା, ମଧ୍ୟଭାରତ ଓ ବମ୍ବାଇ ପ୍ରଭୃତି ପ୍ରଦେଶ ମାନଙ୍କରେ ଦୁର୍ଭିକ୍ଷ-କ୍ଲିଷ୍ଟ ଜନସାଧାରଣଙ୍କୁ ସାହାଯ୍ୟ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ । କମିସନର୍‌ଙ୍କ ଅଫିସରେ "ଆଠଜଣ ୟୁରୋପୀୟ ଓ ଅର୍ଦ୍ଧଶତରୁ ଅଧିକ ଦେଶୀୟ ଭଦ୍ରଲୋକ ତହିଁରେ ଉପସ୍ଥିତ ଥିଲେ ।" ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ରାୟ ବାହାଦୁର ହରିବଲ୍ଲଭ ଘୋଷ, ରେଭରେଣ୍ଡ ବେଲ୍ସି ଓ ମଧୁସୂଦନ ଦାସ ପ୍ରମୁଖ "ଦୁର୍ଭିକ୍ଷର ପୀଡ଼ା ବିଶଦ ରୂପେ ପ୍ରକାଶ କରି ସାହାଯ୍ୟର ଆବଶ୍ୟକତା" ସମ୍ପର୍କରେ ଭାଷଣ ଦେବା ପରେ ସ୍ୱୟଂ କଲେକ୍ଟର-ସାହେବ ସଭାସ୍ଥଳରେ ଚାନ୍ଦା ସଂଗ୍ରହ ଆରମ୍ଭ କରିଦେଲେ । ମୟୂରଭଂଜ ଓ କନିକାର ରାଜାମାନେ ପ୍ରତ୍ୟେକ ଏକ ହଜାର ଓ ଦର୍ପଣର କୁମାର ହରିହରନାଥ ପଣ୍ଡିତ ଓ ବଦ୍ରୀଲାଲ ପଣ୍ଡିତ ପ୍ରତ୍ୟେକେ ପାଞ୍ଚଶହ ଟଙ୍କା ଦୁର୍ଭିକ୍ଷ ପାଣ୍ଠିକୁ ଦାନ କଲେ ।

* ଉତ୍କଳ ଦୀପିକା—ତା ୨୮ । ୪ । ୧୯୦୦ ଖ୍ରୀ

ମଧୁସୂଦନଙ୍କ ପାଖକୁ ଚାନ୍ଦାଖାତା ଆସିବା ମାତ୍ରେ, ସେଥିରେ ସେ ଏକକାଳୀନ ଦୁଇଶହ ଟଙ୍କା ଓ ମାସିକ ପଚାଶ ଟଙ୍କା ହିସାବରେ ପାଞ୍ଚମାସକୁ ଦୁଇଶହ ପଚାଶ ଟଙ୍କା ଚାନ୍ଦା ଦେବାର ପ୍ରତିଶ୍ରୁତି ସ୍ୱାକ୍ଷର କରି ଦେଲେ ।

ରାୟ ବାହାଦୁରଙ୍କ ଦୁଇପାଖରେ ବସିଥିଲେ, ତାଙ୍କର ଦୁଇ ପ୍ରଧାନ ସମର୍ଥକ ବାବୁ ହରିଚରଣ ବାନାର୍ଜୀ ଓ ବାବୁ ନିମାଇଁ ଚରଣ ମିତ୍ର । ନିମାଇଁ ଚରଣ ରାୟବାହାଦୁରଙ୍କ କାନରେ ଅନୁଚ୍ଚ କଣ୍ଠରେ କହିଲେ— "ମଧୁବାବୁଙ୍କ ଅପେକ୍ଷା ଆପଣ ଅନ୍ତତଃ ଶହେ ଟଙ୍କା ବେଶୀ ଚାନ୍ଦା ଲେଖି ଦିଅନ୍ତୁ । ଆଗରେ ନିର୍ବାଚନ କିନା !"

ରାୟବାହାଦୁରଙ୍କ ପାଖକୁ ଚାନ୍ଦାଖାତା ଆସିବା ମାତ୍ରେ, ସେ ମଧୁସୂଦନଙ୍କ ଆଡେ ଥରେ ଚାହିଁଲେ; ତା' ପରେ କୋଟ୍ ପକେଟରୁ ପାଞ୍ଚଖଣ୍ଡ ଶହେ ଟଙ୍କିଆ ନୋଟ୍ କାଢି ଚାନ୍ଦା ଖାତାରେ ସ୍ୱାକ୍ଷର କରି-ଦେଲେ ।

ରାମଶଙ୍କର ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସେ ମଧୁସୂଦନଙ୍କ ପାଖକୁ ଉଠି ଆସି ତାଙ୍କ କାନରେ କହିଲେ··· "ଆପଣ ଚାନ୍ଦାଟାକୁ ଆଉରି କିଛି ବଢ଼ାଇ ଦିଅନ୍ତୁ ଦାଦା ! ରାୟବାହାଦୁର ପାଞ୍ଚଶହ ଟଙ୍କା ଦେଲେଣି !"

ମଧୁସୂଦନ ବିସ୍ଫାରିତ କରି ଉଠୁଥିଲେ । ମାତ୍ର ପର ମୁହୂର୍ତ୍ତରେ ନିଜକୁ ସଂଯତ କରି ଅନୁଚ୍ଚ କଣ୍ଠରେ ରାମଶଙ୍କରଙ୍କୁ ସେ କହିଲେ···"ଚାନ୍ଦା-ଦେବାରେ ନିଲାମ ବଢ଼ି କେହି ପପୁଲାର୍ ହୁଏ ନାହିଁ ରାମ-ଶଙ୍କର !"

ମଧୁସୂଦନଙ୍କଠାରୁ ଅନ୍ତତଃ ପଚାଶଟଙ୍କା ଅଧିକ ଚାନ୍ଦା, ପୁଣି ନଗଦ ପାଞ୍ଚଶହ ଟଙ୍କା ସଙ୍ଗେ ସଙ୍ଗେ ଗଣି ଦେଇଥିବା ହେତୁ, ରାୟବାହାଦୁରଙ୍କ ସମର୍ଥକ ମାନଙ୍କ ମୁହଁରେ ଫୁଟି ଉଠିଥିଲା, ଗର୍ଭଜିଣିବାର ଆତ୍ମସନ୍ତୋଷ । ମଧୁସୂଦନ କୃପାପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ହରିବଲ୍ଲଭଙ୍କ ନିଦୁଆଳୀ କ୍ଳାନ୍ତ ଆଖି ଆଡ଼େ । ରାୟବାହାଦୁର ଆଖି ନୁଆଇଁ ନେଲେ ।

ଦୁର୍ଭିକ୍ଷସଭା ଶେଷ ହୋଇଥିଲା ।

× × ×

ଦୁର୍ଭିକ୍ଷ-ସଭାରୁ ସିଧା ଫେରି 'ଉତ୍କଳ-ଦୀପିକା' ଅଫିସରେ ପହଞ୍ଚିବା ମାତ୍ରେ ଗୌରୀଶଙ୍କର କହିଲେ···"ରାୟ ବାହାଦୁରଙ୍କ ପୋଇଁ ପ୍ରତ୍ତର ମତ୍ତ ହରି ବାନାର୍ଜୀ ଆଜି ନମାଇଁ ମିନ ଗ୍ରୁପି ବାଣ୍ଟି ଛନ୍ତି, ଦେଖିଲଣି ମଧୁ ?"

" କଣ ଲେଖିଛନ୍ତି ସେମାନେ ରାୟବାହାଦୁରଙ୍କ ସପକ୍ଷରେ ?" ମଧୁସୂଦନ ପଚାରିଲେ ।

ଗୌରୀଶଙ୍କର ଉତ୍ତର ଦେଲେ..." ପଢ଼ି ଦେଖନା ! ସେମାନଙ୍କର ବକ୍ତବ୍ୟ ହେଉଛି, ବ୍ୟବସ୍ଥାସଭାରେ ଆଇନ କାନୁନ୍ ସବୁ ତିଆରି ହୋଇଥାଏ । ଏପରି ବ୍ୟକ୍ତିଙ୍କୁ ସେଠାକୁ ଯିବା ଆବଶ୍ୟକ, ଯିଏ ଆଇନ୍ କାନୁନ୍ରେ ସରକାରଙ୍କୁ ଠିକ୍ ଠିକ୍ ପରାମର୍ଶ ଦେଇ ପାରିବେ । ସେଥିପାଇଁ ସରକାରୀ ଓକିଲ ରାୟ ବାହାଦୁରଙ୍କ ପ୍ରାର୍ଥୀତ୍ୱ ସର୍ବଥା ସମର୍ଥନଯୋଗ୍ୟ । ତୁମେ ଏହାର କିଛି ଗୋଟାଏ ଉତ୍ତର ଦିଅ ମଧୁସୂଦନ । ତା'ନହେଲେ ଭୋଟରମାନେ ବିଗିଡ଼ି ଯିବେ !"

ମଧୁସୂଦନ ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ··· "ରାୟବାହାଦୁରଙ୍କର ଆବଶ୍ୟକ ଭୋଟ ! କିନ୍ତୁ ମିଷ୍ଟର ଦାସ ଚାହେଁ justice ! ନ୍ୟାୟବିଚାର ! ସେଥିପାଇଁ ରାୟବାହାଦୁରଙ୍କୁ କୌଣସି ଉତ୍ତର ଦେବା ମୋର ଉଦ୍ଦେଶ୍ୟ ନୁହେଁ ! କିନ୍ତୁ ଉତ୍ତର ଦେବାର ହେଲେ ମୁଁ ଉତ୍ତର ଦେଇପାରନ୍ତି, ବଙ୍ଗଳା-ସରକାର ମହମିଡ଼ାନ୍ ପିଲ୍ଗ୍ରୀମସ୍-ବିଲ୍ ଗଠନ କରିବା ପୂର୍ବରୁ ନିଶ୍ଚୟ ସରକାରୀ ଓକିଲ ରାୟବାହାଦୁରଙ୍କ ପରାମର୍ଶ ନେଇ ତାହାର ଗଠନ କରିଥିଲେ । ଅଥଚ ବ୍ୟବସ୍ଥା ସଭାରେ ମୁଇଁ କରିଥିଲି ସେଥିରେ ଆଇନଗତ ତ୍ରୁଟୀର ସଂଶୋଧନ ! ଯେଉଁପରି ମ୍ୟୁନିସିପାଲିଟୀ ରାସ୍ତାରେ ବାଜା ବଜାଇ ପଟୁଆର ବାହାର କରିବା ଉପରେ, ସରକାରୀ ଓକିଲ ରାୟବାହାଦୁରଙ୍କ ପରାମର୍ଶରେ ହୋଇଥିଲା ଟିକସ ବସାଇବାର ପ୍ରସ୍ତାବ ! କିନ୍ତୁ ମିଷ୍ଟର ଦାସର ସଂଶୋଧନ ପ୍ରସ୍ତାବରେ ସେ ପ୍ରସ୍ତାବ ରଦ୍ଦ ହୋଇଥିବା ଓଡ଼ିଶାବାସୀ ସମସ୍ତେ ଜାଣନ୍ତି । ଏହା ସତ୍ତ୍ୱେ ଯଦି ରାୟବାହାଦୁରଙ୍କ ସମର୍ଥକ ମାନେ ଜଣେ

ବିଶିଷ୍ଟ ଅଇନଜୀବୀଙ୍କୁ ବଙ୍ଗଳା କାଉନ୍‌ସିଲ୍‌କୁ ପଠାଇବା ପାଇଁ ପ୍ରସ୍ତାବପତ୍ର ଗ୍ରହଣ କରନ୍ତୁ, ତାହେଲେ ମୋର ଏକମାତ୍ର ଉତ୍ତର··· "Mr.Das wants only justice" !

ପୁରୀ ଜିଲ୍ଲାବୋର୍ଡରେ ବହୁପକ୍ଷ ସମର୍ଥନ ପାଇବେ ବୋଲି ରାୟ-ବାହାଦୁର ଯେଉଁ ଆଶା ପୋଷଣ କରିଥିଲେ, ତାହା ବ୍ୟର୍ଥ ହୋଇଗଲା । ପୁରୀ ଜିଲ୍ଲାବୋର୍ଡ ଅବିସମ୍ବାଦିତ ଭାବରେ ମଧୁସୂଦନଙ୍କୁହିଁ ପ୍ରତିନିଧି ରୂପେ ମନୋନୀତ କରିଦେଲେ । ସେଠାରେ ରାୟ ବାହାଦୁରଙ୍କ ସପକ୍ଷରେ କୌଣସି ପ୍ରସ୍ତାବ ସୁଦ୍ଧା ଉଠି ପାରିଲା ନାହିଁ । ଏହାପରେ କଟକ ଜିଲ୍ଲା ବୋର୍ଡର ନିଷ୍ପତ୍ତିକୁ ସମସ୍ତେ ଉତ୍‌କଣ୍ଠାର ସହିତ ଅପେକ୍ଷା କରି ରହିଲେ ।

ଅବଶେଷରେ ସଦସ୍ୟ ନିର୍ବାଚନ ପାଇଁ କଟକ ଜିଲ୍ଲାବୋର୍ଡ଼ ବିଶେଷ ଅଧିବେଶନର ଦିନ ଅସିଗଲା ।

" ଉତ୍କଳ-ଦୀପିକା " ଏହି ଅଧିବେଶନର ଏକ ବିବରଣୀ ଦେଇ ଲେଖିଥିଲେ—

"ଓଡ଼ିଶାର ସଦସ୍ୟ ନିର୍ବାଚନ ସମ୍ବନ୍ଧରେ ଗତ ସୋମବାର ସକାଳ ୮ଘଣ୍ଟା ବେଳେ କଟକ ଜିଲ୍ଲା ବୋରଡର ଯେଉଁ ଅଧିବେଶନ ହୋଇଥିଲା, ତାହା ଗୋଟିଏ ବୃହତ ସଭା ଥିଲା । ଏହି ସଭା ଜିଲ୍ଲା ବୋରଡ଼ର ନୂତନ ମେମ୍ବର ମାନଙ୍କର ପ୍ରଥମ ଅଧିବେଶନ ଥିଲା । ବଙ୍ଗୀୟ ବ୍ୟବସ୍ଥାପକ ସଭା ନିମନ୍ତେ ସଦସ୍ୟ ମନୋନୀତ କରିବାର ଅଧିକାର ଗୋଟିଏ ଅତ୍ୟନ୍ତ ଗରିଷ୍ଠ ବ୍ୟାପାର ଯାହାକି ଅନେକ ବର୍ଷରେ ଥରେ ହାତକୁ ଅସିବାର କଥା ଏବଂ ତହିଁରେ ସମସ୍ତ ମେମ୍ବର ମାନଙ୍କର ଯୋଗଦେବା ନିତାନ୍ତ କର୍ତ୍ତବ୍ୟ । ଏହି ବିବେଚନାରେ କେବଳ ଯାଜପୁର ଓ କେନ୍ଦ୍ରାପଡ଼ାର ସବ୍‌ଡିବିଜନ୍‌ ଅଫିସରମାନେ ଓ ଆଉ ଏକଜଣ ଛଡା ଅନ୍ୟ ସମସ୍ତ ମେମ୍ବର (୧୬ଜଣ) ସମବେତ ହୋଇ-ଥିଲେ ଏବଂ ତହିଁ ମଧ୍ୟରେ ସଦସ୍ୟ ପଦପ୍ରାର୍ଥୀ ରାୟ ହରିବଲ୍ଲଭ ବୋଷ ବାହାଦୁର ଏବଂ ବାବୁ ମଧୁସୂଦନ ଦାସ ମେମ୍ବରମାନେ ଉପସ୍ଥିତ ଥିଲେ ।"

ପୁଣି ଜିଲ୍ଲାବୋର୍ଡରେ କୌଣସି ସମର୍ଥନ ନପାଇ, ରାୟ-ବାହାଦୁରଙ୍କ ମନୋବଳ ଭାଙ୍ଗି ପଡ଼ିଥିଲା । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସୁଦ୍ଧା ରାୟବାହାଦୁର ପରାଜିତ ଦିଶୁଥିଲେ । ପ୍ରକୃତପକ୍ଷେ ଏ ପ୍ରତିଯୋଗିତାରେ ତାଙ୍କର ଇଚ୍ଛା ନଥିଲା । ହରିଚରଣ ବାନାର୍ଜୀ ଓ ନିମାଇଁ ମିତ୍ର ପ୍ରମୁଖ ସମର୍ଥକ ମାନଙ୍କର ବାଧ୍ୟବାଧକତାରେ କେବଳ, ସେ ଏତେଦୂର ଅଗ୍ରସର ହୋଇଥିଲେ । ମାତ୍ର ଜାନକୀନାଥ ବୋଷଙ୍କ ଆଶୀର୍ବାଦ ତଥାପି ମିଳି ନଥିଲା ।

ଜିଲ୍ଲାବୋର୍ଡର ସାଧାରଣ ଅଧିବେଶନର କର୍ମସୂଚୀ ସମାପ୍ତ ହେବା ପରେ, ପ୍ରତିନିଧି ନିର୍ବାଚନ ପାଇଁ ବିଶେଷ ଅଧିବେଶନ ଆରମ୍ଭ ହେଲା । ଜାନକୀନାଥ ଗୋଟାଏ ବୈଧାନିକ ପ୍ରଶ୍ନ ଉତ୍‌ଥାପନ କରି କହିଲେ, ଜିଲ୍ଲାବୋର୍ଡର ନୂତନ ସଦସ୍ୟ ମାନଙ୍କର ନାମ ଗେଜେଟରେ ଯଥାବିଧି ଘୋଷିତ ହୋଇଛି ସତ୍ୟ; ମାତ୍ର ଚେଆରମେନ୍‌ଙ୍କ ନାମ ସରକାର ତଥାପି ଘୋଷଣା କରି ନାହାନ୍ତି । ସେଥିପାଇଁ ଜିଲ୍ଲା ବୋର୍ଡର ଏ ଅଧିବେଶନ ଆଇନସଙ୍ଗତ ବୋଲି କୁହାଯାଇ ନପାରେ !

ଏ ବିଶେଷ ଅଧିବେଶନଟି ଯଦି ଏହି ଆଳରେ ସ୍ଥଗିତ ରହିଯାଏ ତା' ହେଲେ ରାୟବାହାଦୁରଙ୍କ ପକ୍ଷରେ ଏହା ଏକ କୂଟନୈତିକ ବିଜୟ ହେବ ଓ କଟକ ଜିଲ୍ଲାବୋର୍ଡର ନିଷ୍ପତ୍ତିକୁ ଏହା ବହୁ ପରିମାଣରେ ପ୍ରଭାବିତ କରି ପାରିବ—ଜାନକୀନାଥଙ୍କର ଏହାହିଁ ଥିଲା ଯୋଜନା ।

ଜିଲ୍ଲାବୋର୍ଡର ସଦସ୍ୟ ମାନେ ସ୍ତବ୍ଧ । ସ୍ୱୟଂ କଲେକ୍ଟର ସୁଦ୍ଧା ଏକ ଅସ୍ୱସ୍ତିପୂର୍ଣ୍ଣ ପରିସ୍ଥିତିର ସମ୍ମୁଖୀନ ହୋଇ ପଡ଼ିଥିଲେ । ମଧୁସୂଦନ ତାଙ୍କ ଆସନରୁ ଉଠି କହିଲେ···"My learned young friend wants to make a distinction, without a difference. ଆଇନତଃ ଜିଲ୍ଲା କଲେକ୍ଟର ଏକ୍‌ସଅଫିସିଓ ଚେଆରମେନ୍ ଅଟନ୍ତି । ଆଇନର ଏ ଘୋଷଣା ଦୃଷ୍ଟିରୁ, ନୂତନ ଚେଆରମେନ୍ ରୂପେ କଲେକ୍‌ଟରଙ୍କ ନାମ ଗେଜେଟରେ ପ୍ରକାଶିତ ହେବା ନହେବା ଅବାନ୍ତର କଥା । ତା' ପରେ ମିଷ୍ଟର ବୋଷ୍ ବର୍ତ୍ତମାନ ଯେଉଁ ଆପତ୍ତି ଉଠାଉଛନ୍ତି ଅଧିବେଶନ ଆରମ୍ଭରେ ସେପରି ଆପତ୍ତି ସେ ନ ଉଠାଇଥିବାର ହେତୁ କଣ ? ଏକ ଅଧିବେଶନର ଗୋଟିଏ ଅଂଶ ଆଇନସିଦ୍ଧ ଓ ଅପର ଅଂଶଟି ଅସିଦ୍ଧ; ଏପରି କୌଣସି ନଜିର କୁତ୍ରାପି ଥିବା ତ ମୋର ମନେ ହୁଏ ନାହିଁ !"

ଗୁରୁଶିଷ୍ୟଙ୍କ ମଧ୍ୟରେ ସେଇଠାରେ ସେଦିନ ସମ୍ମୁଖ ସଂଘର୍ଷର ପ୍ରଥମ ସୂତ୍ରପାତ ହୋଇଥିଲା ।

ଏ ବିସମ୍ବାଦର ନିଷ୍ପତ୍ତି ଘୋଷଣା କରି କଲେକ୍ଟର କହିଲେ…
"Mr. Bose, your objection is overruled. Now the Board will proceed to elect its representative for the election to Bengal Council."

ଗୌରିଶଙ୍କର ପ୍ରସ୍ତାବ କଲେ, ଗଭର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣ ଅନୁସାରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ମନୋନୀତ କରିବା କାରଣ ଏହି ବୋରଡ଼ ପକ୍ଷରୁ ରେଭରେଣ୍ଡ ବେଲି ସାହେବଙ୍କୁ ପ୍ରତିନିଧି ନିଯୁକ୍ତ କରିଯାଉ ଏବଂ ତାହାଙ୍କୁ ଉପଦେଶ ଦିଆଯାଉକି ସେ ବାବୁ ମଧୁସୂଦନ ଦାସଙ୍କୁ ମନୋନୀତ କରିବାର ଯତ୍ନ କରିବେ । *

ସଯ୍ୟଦ ମକବୁଲ୍ ଅଲ୍ଲୀ ଗୌରିଶଙ୍କରଙ୍କ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ରେଭରେଣ୍ଡ ବେଲୀ ପାଦ୍ରୀସୁଲଭ ଗାମ୍ଭୀର୍ଯ୍ୟ ଓ ନିଷ୍ଠାର ସହିତ ଆସନରୁ ଉଠି, ଏ ପ୍ରସ୍ତାବ ପ୍ରତି ତାଙ୍କର ସମ୍ମତି ଓ ସମର୍ଥନ ଥିବା ଜଣାଇ ଦେଲେ ।

ଏହାପରେ ଅନ୍ୟ ଦୁଇ ପ୍ରାର୍ଥୀଙ୍କ ସମ୍ପର୍କରେ କିଛିର ଆଲୋଚନା ହେବା ଉଚିତ—ଏହି ମର୍ମରେ କିଛି କହିବା ପାଇଁ ଜାନକୀନାଥ ଆସନ ଛାଡ଼ି ଉଠିବାମାତ୍ରେ ତାଙ୍କୁ ବସାଇ ଦେଇ ରାୟବାହାଦୁର କହିଲେ କି, "ତାହାଙ୍କର ଶାରୀରିକ ଏବଂ ମାନସିକ ଅବସ୍ଥା ବର୍ତ୍ତମାନ ଭଲ ନଥିବା ଓ ସେ ଯେ ସମସ୍ତ ସମ୍ମାନ ପାଇଛନ୍ତି ଓ ତହିଁ ଉପରେ ଅଧିକ ସମ୍ମାନ ନିମିତ୍ତ ବ୍ୟସ୍ତ ନଥିବା ଓ ସେ କେବଳ ବନ୍ଧୁମାନଙ୍କ ଉପରୋଧରେ ପ୍ରାର୍ଥୀ ହୋଇଥିବାରୁ ତାହାଙ୍କ ବିବେଚନାରେ ସଭାରେ ଆଗତ ହୋଇଥିବା ପ୍ରସ୍ତାବ ଏକମତରେ ଗୃହୀତ ହେବା ଉଚିତ ।"

ରାୟବାହାଦୁରଙ୍କ ବକ୍ତବ୍ୟ ଶେଷ ହେବା ମାତ୍ରେ, ସେ ମୁଣ୍ଡ ନୁଆଇଁ ସଭାକକ୍ଷ ତ୍ୟାଗ କରି ଚାଲିଗଲେ । ତାଙ୍କ ପଛେ ପଛେ ତାଙ୍କ ସମର୍ଥକ ମାନେ ମଧ୍ୟ ଗୋଟିକ ପରେ ଗୋଟିଏ ସଭାକକ୍ଷରୁ ବାହାରି ଚାଲିଗଲେ ।

* ଉତ୍କଳ-ଦୀପିକା ତା ୧୯ । ୫ । ୧୯୦୭

× × ×

ବାହାରେ ବୈଶାଖର ରୌଦ୍ର ଦଗ୍ଧ ଆକାଶରୁ ଝରି ପଡ଼ୁଥିଲା ମୁଠା ମୁଠା ସ୍ଫୁଲିଙ୍ଗ। ବୋର୍ଡ଼ ଅଫିସ ବାହାରେ ନିର୍ବାଚନ ଫଳାଫଳକୁ ଅପେକ୍ଷା କରି ଗୋଟାଏ ବରଗଛର ଛାଇରେ ଠିଆ ହୋଇଥିଲେ ରେଭେନସା କଲେଜର କେତେଜଣ ଛାତ୍ର। ସେମାନଙ୍କ ମଧ୍ୟରୁ ବ୍ରଜସୁନ୍ଦର (ଦାସ)ଙ୍କୁ ଦେଖି ମଧୁସୂଦନ ତାଙ୍କୁ କୁଣ୍ଢାଇ ପକାଇ କହିଲେ ..“ ବ୍ରଜସୁନ୍ଦର ଶୁଣିଛି ତୁମେ ଦ୍ୱିତୀୟ ଶ୍ରେଣୀରେ ଏଫ୍. ଏ. ପାସ କରିଛ। ମାତ୍ର ମୁଁ ଆଶା କରିଥିଲି ତୁମେ ପ୍ରଥମ ଶ୍ରେଣୀରେ ପାସ୍ କରିବ ବୋଲି। ପୁରୀର ଲୋକନାଥ ପଟ୍ଟନାୟକ ବି ଦ୍ୱିତୀୟ ଶ୍ରେଣୀରେ ପାସ୍ କଲା। ଆଉ ଗୋପବନ୍ଧୁ ଦାସ ସିଏ ତମ ସାଙ୍ଗରେ ଦ୍ୱିତୀୟ ଶ୍ରେଣୀରେ ପାସ୍ କଲେ, ସେ କାହାନ୍ତି ? ତୁମ ସମସ୍ତଙ୍କୁ ମୋର ନିମନ୍ତ୍ରଣ ରହିଲା, କାଲି ସନ୍ଧ୍ୟାରେ ନିଶ୍ଚୟ ଆସିବ।”

ବ୍ରଜସୁନ୍ଦର କହିଲେ ..“ ଗୋପବନ୍ଧୁ ବର୍ତ୍ତମାନ ତାଙ୍କ ଗାଁ ସୁଆଣ୍ଡୋରେ। ସେ କଟକ ଫେରିଲେ ମୁଁ ତାଙ୍କୁ ଆପଣଙ୍କ ପାଖକୁ ଦିନେ ନେଇ ଆସିବ।”

ମଧୁସୂଦନ କହିଲେ...“ ହଁ, ହଁ, ତାଙ୍କୁ ନିଶ୍ଚୟ ଆଣିବ ବ୍ରଜସୁନ୍ଦର ! ତାଙ୍କ ଠାରେ ମୁଁ ଏକ ଅସାଧାରଣ ପ୍ରତିଭା ଲକ୍ଷ୍ୟ କରିଛି।...ଆଉ, ଇଏ କିଏ ଚିନ୍ତାମଣି ନାଁ ?”

ପ୍ୟାରୀମୋହନ ଏକାଡେମୀର ଛାତ୍ର ଚିନ୍ତାମଣି ଆଗୁଆ ମଧୁସୂଦନଙ୍କ ସାମନାକୁ ଆସିବା ପାଇଁ ଭରସି ପାରୁ ନଥିଲେ। ମାତ୍ର ସେ ବର୍ଷ ସେ ରେଭେନ୍ସା କଲେଜିଏଟ୍ ସ୍କୁଲର ଗର୍ବ ଚୂର୍ଣ୍ଣ କରି, ପ୍ୟାରୀମୋହନ ଏକାଡେମୀରୁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏଂଟ୍ରାନସ୍ ପାସ୍ କରିଥିଲେ।

ଚିନ୍ତାମଣି ସଙ୍କୁଚିତ, ସନ୍ତର୍ପିତ ଭାବରେ ପାଖକୁ ଆସିବା ମାତ୍ରେ ମଧୁସୂଦନ ତାଙ୍କୁ ଦୁଇ ବାହୁରେ କୋଳାଗ୍ରତ କରି, ସ୍ୱଗତୋକ୍ତି କରିବା ପରି ମନକୁ ମନ କହିଲେ ..“ ଆଃ...ପ୍ୟାରୀମୋହନ ଆଜି ବଞ୍ଚିଥାନ୍ତେ କି ! ଚିନ୍ତାମଣି, ତୁମେ ବି କାଲି ଆସିବ ! ସମସ୍ତେ ଆସିବ !
...ତୁମେମାନେ ତ ମୋ ଜାତିର ଭବିଷ୍ୟତରେ !”

ଯେଉଁମାନେ ଆସିଥିଲେ ମଧୁସୂଦନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ, ସେମାନେ ମଧୁସୂଦନଙ୍କ ଦ୍ୱାରା ଏପରି ସମ୍ବର୍ଦ୍ଧିତ ହୋଇ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । ଏବେ ଗୁଡ଼ିଏ ଆଶାୟୀ ଯୁବକଙ୍କୁ ପଛରେ ଛାଡ଼ି ମଧୁସୂଦନ ଏକା ଯାଇ ପାରିଲେ ନାହିଁ । ସେହି ପ୍ରଚଣ୍ଡ ନିଦାଘରେ ଯୁବକମାନଙ୍କ ପୁରୋଭାଗରେ ମଧୁସୂଦନ ଚାଲି ଚାଲି ସକାଳୁଆ କଟେସ୍ଥ ଲେଉଟାଣି ଲୋକଙ୍କ ଭିତରେ ଚାଲିଥିଲେ, ରାୟ ବାହାଦୁରଙ୍କ ବାସ-ଭବନ ଅଭିମୁଖରେ ।

ଅନେକ ପଛରେ ମଧୁସୂଦନଙ୍କ କୋଚଗାଡ଼ିଟା ଧୀରେ ଧୀରେ ଆସୁଥିଲା, ନାଲିଆ ଧୂଳି ଆଉ ମୁଠା ମୁଠା ଶୁଖିଲାପତ୍ରର ଚୂର୍ଣ୍ଣ ଉଡ଼ାଇ ।

# ପଞ୍ଚଦଶ-ପରିଚ୍ଛେଦ

ଊନବିଂଶ ଶତାବ୍ଦୀର ବିଦାୟ ଘୋଷଣା କରି, କଟକର ଶାନ୍ତ ଆକାଶରେ ପ୍ରତିଧ୍ୱନିତ ହୋଇ ଉଠିଥିଲା, ନୂଆ ଫିଟିଥିବା ରେଳପଥରେ ସକାଳୁଆ ପୁରୀଏକସ୍‌ପ୍ରେସ୍ ଟ୍ରେନ୍‌ର ହେପରୁଆ ହୁଇସିଲ୍···ମହାନଦୀର ସେତୁ ଉପରୁ ତାହା ଶୁଭୁଥିଲା ଯେଉଁ ବିଜୟୀ ସେନାପତିର ଜୟଶଙ୍ଖ ପରି ।

୧୯୦୦ ସାଲ ମାର୍ଚ୍ଚ ମାସରେ ହାଓଡ଼ା-ପୁରୀ ଲାଇନ୍‌ରେ କୁଆଖାଈ, କାଠଯୋଡ଼ି ଓ ମହାନଦୀ ସେତୁମାନଙ୍କର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ, ଯାତ୍ରୀବାହୀ ରେଳ ଚଳାଚଳ କଟକ ବାଟେ ଆରମ୍ଭ ହୋଇଥିଲା । * ଓଡ଼ିଆଜାତିର ପ୍ରାୟ ଅର୍ଦ୍ଧଶତାବ୍ଦୀର ଗୋଟାଏ ବହୁପୋଷିତ ସ୍ୱପ୍ନ ଊନବିଂଶ ଶତାବ୍ଦୀ ଶେଷରେ ପୂର୍ଣ୍ଣ ହୋଇଥିଲା । ଏହି ଶୁଭ ସମ୍ବାଦ ଘୋଷଣା କରି "ଉତ୍କଳ-ଦୀପିକା ଲେଖିଥିଲେ:—

"ବଙ୍ଗଳା-ନାଗପୁର ରେଳବାଇର ଆଉ ଏକ ଅଂଶ ଅର୍ଥାତ କୋଲାପୁର ଠାରୁ ରାଜପୁର ଖାଲ ପର୍ଯ୍ୟନ୍ତ ଚଳନ୍ତ ମାସ ତା୨୪ ରିଖ ଠାରୁ ଫିଟିଅଛି । × × କଟକ ଠାରୁ ଯେଉଁ ମାଲଗାଡ଼ି ଅପରାହ୍ଣ ଘ ୪ । ୨୦ ମିନିଟରେ ଯାଞ୍ଚ କରିବ ଘ ୭ । ୩୦ ମିନିଟରେ ଭଦ୍ରଖରେ ପହଞ୍ଚି ୨୦ ମିନିଟ ଉତ୍ତାରୁ ସେଠାରୁ ବାହାରି ରାତ୍ର ଘ ୯ । ୪୩ ମିନିଟରେ ବାଲେଶ୍ୱର, ଘ ୧।୧୩ରେ ଖଡ଼ଗପୁର ଏବଂ ଘ ୫ । ୧୨ରେ ରାଜପୁର ଖାଲଠାରେ ପହଞ୍ଚିବ । ସେଠାରୁ ଯାତ୍ରୀମାନେ ଷ୍ଟିମରରେ ଚଢ଼ି ସକାଳ ଘ ୮ ଘଣ୍ଟା ବେଳେ କଲିକତା ଆର୍‌ମେନୀ ଘାଟରେ ପହଞ୍ଚିବେ । କଲିକତାର ଯାତ୍ରୀମାନେ ଦିବା ଘ ୧୧ । ୩୦ରେ କଲିକତା ଆର୍‌ମେନୀ ଘାଟରୁ ବାହାରି ଶେଷ ରାତ୍ର ଘ ୩ । ୫ ମିନିଟ ବେଳେ କଟକ ଓ ଘ ୭।୪୫ ମିନିଟରେ ପୁରୀରେ ପହଞ୍ଚିବେ । ଏହାଦ୍ୱାରା କଟକ ଓ କଲିକତା ମଧ୍ୟରେ ଯିବା ଆସିବାର ସମୟ ପ୍ରାୟ ଘ ୧୭ ଘଣ୍ଟା ହୋଇଅଛି ।"†

ସକାଳର ଖବରକାଗଜ ଖୋଲି ମଧୁସୂଦନ ସେଦିନ ହଠାତ ଅନ୍ୟମନସ୍କ ହୋଇ ପଢ଼ୁଥିଲେ । ଏନଗେଜ୍‌ମେଣ୍ଟ ପ୍ୟାଡ୍‌ରେ

---

* ଉତ୍କଳ ଦୀପିକା—ତା ୫ । ୫ । ୧୯୦୦ ଇଖ

† ଉତ୍କଳ ଦୀପିକା—ତା ୨୭ ୫ । ୧୯୦୦ ଇଖ

ଲେଖାଥିଲା···ଭାଇସରୟ ଲର୍ଡ଼ କର୍ଜନଙ୍କ ଓଡ଼ିଶା ଆଗମନ ଉପଲକ୍ଷେ, ଅଭିନନ୍ଦନପତ୍ର ରଚନା କରିବା ପାଇଁ ଉତ୍କଳ-ସଭାର ବୈଠକ ।

ଊନବିଂଶ ଶତାବ୍ଦୀର ଅନ୍ତିମ ପ୍ରହରରେ ଓଡ଼ିଶାକୁ ସର୍ବ-ପ୍ରଥମ ଥର ପାଇଁ ଆସୁଥିଲେ ଭାରତର ଭାଇସରୟ ଅର୍ଲ କର୍ଜନ୍ ଅଫ୍-କେଡ଼ଲ୍‌ଷ୍ଟନ୍ ! ୧୮୯୯ ସାଲ ଜାନୁୟାରୀରେ ଲର୍ଡ଼ ଏଲ୍‌ଗିନ୍‌ଙ୍କ ଅନ୍ତେ ଭାଇସରୟ ଗାଦିରେ ସ୍ଥଳାଭିଷିକ୍ତ ହେବା ପରେ ଲର୍ଡ କର୍ଜନଙ୍କର ସର୍ବପ୍ରଥମ କାର୍ଯ୍ୟକ୍ରମ ଥିଲା—ଓଡ଼ିଶା ପରିଦର୍ଶନ ।

ଇତିପୂର୍ବେ ଯେତେ ଯେତେ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ଓଡ଼ିଶା ଆସିଥିଲେ, ସେମାନେ ସମସ୍ତେ ପ୍ରଥମେ ପଦାର୍ପଣ କରିଥିଲେ, ଓଡ଼ିଶା ଭୂଭାଗର ରାଜଧାନୀ କଟକରେ । ମାତ୍ର ଲର୍ଡ କର୍ଜନଙ୍କ ଓଡ଼ିଶା-ପରି-ଦର୍ଶନ ଆରମ୍ଭ ହେଉଥିଲା; ପୁରୁଷୋତ୍ତମ ପୁରୀ ଠାରୁ !

ମଧୁସୂଦନ ଲଣ୍ଡନ୍‌ରେ ଲର୍ଡ଼ କର୍ଜନଙ୍କ ସମ୍ପର୍କରେ ଠିକ୍ ଶୁଣିଥିଲେ ! ପ୍ରତ୍ନତତ୍ତ୍ୱ ଓ ଇତିହାସ ପ୍ରତି ଲର୍ଡ କର୍ଜନଙ୍କର ଆକର୍ଷଣ ଥିଲା ଅସୀମ । ମଧ୍ୟଯୁଗୀୟ ଓଡ଼ିଶାର ବିଜୟ ସୌରଭ, ଉତ୍କଳୀୟ ସଂସ୍କୃତିର ଅନନ୍ୟ ସୌଜାତ୍ୟ ଓ ମନ୍ଦିର-ମାଳିନୀ ଉତ୍କଳର ଅନବଦ୍ୟ ସ୍ଥାପତ୍ୟ, ଲର୍ଡ଼ କର୍ଜନଙ୍କ ପ୍ରତ୍ନତାତ୍ତ୍ୱିକ କୌତୁହଳକୁ ଉଦ୍ଦୀପିତ କରିବା ହିଁ ସ୍ୱାଭାବିକ ଥିଲା । ତେଣୁ ପୁରୁଷୋତ୍ତମ ପୁରୀ ବ୍ୟତୀତ ଓଡ଼ିଶାର ଅନ୍ୟ କେଉଁ ସହର ତାଙ୍କ ଭ୍ରମଣ-ସୂଚୀରେ ଅଗ୍ରାଧିକାର ଲାଭ କରି ପାରିଥାନ୍ତା ? ଐତିହାସିକ କର୍ଜନ୍ ପୁଣି ଜାଣିଥିଲେ, ତାଙ୍କର ପୂର୍ବ ପୁରୁଷମାନେ ଓଡ଼ିଶା ଅଭିଯାନରେ ହାରକୋର୍ଟ ଓ ମେଲ୍‌ଭିଲ୍‌ଙ୍କ ନେତୃତ୍ୱରେ ଏହି ପୁରୀଠାରେ ହିଁ ପ୍ରଥମେ ପଦାର୍ପଣ କରିଥିଲେ । ସେହି ଐତିହାସିକ ସ୍ମୃତିର ଉଦ୍‌ବୋଧନ ପାଇଁ ଲର୍ଡ଼ କର୍ଜନ୍, ମାନ୍ଦ୍ରାଜ ଆଡୁ ରେଳପଥରେ ଚିଲିକା କୂଳର ବଡ଼କୁଳ ପର୍ଯ୍ୟନ୍ତ ଆସି, ସେଠାରେ କିଛିକ୍ଷଣ ଅବସ୍ଥାନ କରିବା ପରେ, ସେଠାରୁ ସିଧା ଆସୁଥିଲେ ପୁରୀ । ୧୮୦୩ ଖ୍ରୀ. ଅ. ରେ ସେହିଠାରୁ ତ ହାରକୋର୍ଟ ଓ ମେଲଭିଲ୍‌ଙ୍କ ଅଭିଯାନୀଦଳ ନୌକାରେ ମାଣିକପାଟଣା ପର୍ଯ୍ୟନ୍ତ ଚିଲିକାର ପାଣି ବାଟରେ ଆସିଥିଲେ ! "ଉତ୍କଳ-ଦୀପିକା" ଲେଖିଥିଲା···"ସେ ଏ ନଗରରେ ( କଟକ ) ପଦାର୍ପଣ ନ କଲେହେଁ ଉତ୍କଳର ପ୍ରାଚୀନ ରାଜଧାନୀ ଓ

ଏ ପ୍ରସିଦ୍ଧ ତୀର୍ଥ ଶ୍ରୀକ୍ଷେତ୍ରର ପଦାର୍ପଣ କରିବାକୁ ମନ ବଳାଇ ଓଡ଼ିଶାବାସୀଙ୍କୁ ଯଥେଷ୍ଟ ଗୌରବାନ୍ୱିତ କରିଅଛନ୍ତି ।" *

ପୁରୀ ଓ ଭୁବନେଶ୍ୱରର ପ୍ରସିଦ୍ଧ ମନ୍ଦିରମାନ ଦର୍ଶନ କରି, ଚକ୍ଷୁକର୍ଣ୍ଣର ବିବାଦ ଭଂଜନ କରିବା ଲର୍ଡ କର୍ଜନଙ୍କର ଓଡ଼ିଶା ଆଗମନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସେଥିପାଇଁ ପୁରୀ ଓ ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା ପ୍ରସ୍ତୁତିର ବିରାଟ ପର୍ବ । ସରକାରୀ କର୍ମଚାରୀ ମାନଙ୍କୁ ଦଣ୍ଡେ ନିଃଶ୍ୱାସ ମାରିବା ପାଇଁ ବେଳ ନଥିଲା । ଶିଉଳୀବସା ମନ୍ଦିର ମାନଙ୍କରୁ ବହୁ ଅନାଦୃତ ବିସ୍ମୃତ ବର୍ଷର ଶିଉଳୀ ଓ ଆଗଛା ସଫା କରିବାରେ ମିସ୍ତ୍ରୀମାନଙ୍କର ମଧ୍ୟ ବିଶ୍ରାମ ନଥିଲା ।

ବହୁବର୍ଷ ତଳେ, ୧୮୭୨ ଖ୍ରୀ. ଅ. ରେ ଭାଇସରାୟ ଲର୍ଡ ମେଓଙ୍କର ଓଡ଼ିଶା ଆସିବାର ଥିଲା । ସେହି ବର୍ଷ ଫେବୃୟାରୀ ମାସରେ ସେ ଆଣ୍ଡାମାନ ଦ୍ୱୀପ ପରିଦର୍ଶନ କରି, ସେଠାରୁ ଜାହାଜରେ ଓଡ଼ିଶା ଆସିଥାନ୍ତେ । ମାତ୍ର ସେଠାରେ ପୋର୍ଟବ୍ଲେଆର୍ ଠାରେ ଶେରଅଲ୍ଲୀ ନାମକ ଜଣେ ଓହାବୀ କଏଦୀର ଛୁରୀକାଘାତରେ ଲର୍ଡ ମେଓ ପ୍ରାଣ ହରାଇଥିଲେ । ସେହି ଦୁର୍ଘଟଣା ପର ଠାରୁ ଅନ୍ୟ କୌଣସି ଭାଇସରାୟ ଆଉ ଓଡ଼ିଶା ଆସିନଥିଲେ । ଓଡ଼ିଶା ଇଂରେଜ ଶାସନର ପୂର୍ଣ୍ଣ ଗୋଟିଏ ଶତାବ୍ଦୀ ଶେଷରେ ସୁଦ୍ଧା, ଇଂରେଜଶାସକ ମାନଙ୍କ ନିକଟରେ ଆଣ୍ଡାମାନ ପରି ତଥାପି ଅନାବିଷ୍କୃତ, ରହସ୍ୟମୟ ଓ ଭୟସଙ୍କୁଳ ହୋଇ ରହିଥିଲା । ସେଥିପାଇଁ ଲର୍ଡ କର୍ଜନଙ୍କ ଆଗମନର ଅବ୍ୟବହିତ ପୂର୍ବରୁ ବଙ୍ଗଳାର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ସାର ଜନ୍ ଉଡ୍‌ବର୍ଣ୍ଣ ଭାଇସରାୟଙ୍କ ନିରାପତ୍ତା ବ୍ୟବସ୍ଥା ସ୍ୱଚକ୍ଷୁରେ ତନଖି ଯାଉଥିଲେ ।

ସନ୍ଧ୍ୟାରେ ପ୍ରିଣ୍ଟିଙ୍ଗ୍ କୋମ୍ପାନୀ କୋଠାରେ ଉତ୍କଳ-ସଭାର ଏକ ଅଧିବେଶନ ଆହୂତ ହୋଇଥିଲା, ଲର୍ଡ କର୍ଜନ୍‌ଙ୍କୁ ପୁରୀ ଠାରେ ଯେଉଁ ମାନପତ୍ର ଦିଆଯିବ, ତାହାର ବିଷୟବସ୍ତୁ ଆଲୋଚନା କରିବା ପାଇଁ । ମାତ୍ର ଆଉ ପୁଣି ମାନପତ୍ର ଦେବାରେ ମଧୁସୂଦନଙ୍କ ପ୍ରତ୍ୟୟ ନଥିଲା । ସମ୍ବଲପୁରର କୋର୍ଟ କଚେରୀ ମାନଙ୍କରେ ଓଡ଼ିଆଭାଷାର ପୁନର୍ପ୍ରଚଳନ ଓ ଏକ ଶାସନାଧୀନରେ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀ-

ଉତ୍କଳ ଦୀପିକା—ତା ୧୫ । ୧୨ । ୧୯୦୦ରିଖ

କରଣ ଠାରୁ ଆରମ୍ଭ କରି, ଶାସନ ବିଭାଗରୁ ବିଚାର ବିଭାଗର ପୃଥକୀକରଣ ପର୍ଯ୍ୟନ୍ତ ବହୁ ଆବେଦନ, ବହୁ ସ୍ମାରକପତ୍ର, ଗ୍ରେଟଲାଟ ବଡ଼ଲାଟ ମାନଙ୍କର ଅଳଆକାଗଜର ପରିମାଣ କେବଳ ବୃଦ୍ଧି କରୁଥିଲା । ତା-ଉପରେ ଲର୍ଡ଼ କର୍ଜନ୍‌ଙ୍କୁ ପୁଣି ଗୋଟାଏ ମାନପତ୍ର ଦେଲେ ଉପଚରିତ ସୌଜନ୍ୟରକ୍ଷା ହୋଇପାରେ; ମାତ୍ର ଲଭ ଦୃଷ୍ଟିରୁ ତାହାର କୌଣସି ମୂଲ୍ୟ ମଧୁସୂଦନଙ୍କ ଦୃଷ୍ଟିରେ ଅନ୍ତତଃ ନଥିଲା । ମାନପତ୍ର ଯେଉଁମାନେ ରଚନା କରିବେ କରନ୍ତୁ—କିନ୍ତୁ ମାନପତ୍ର ତାରକସୀର ଯେଉଁ ଆଧାରରେ ଲର୍ଡ଼ କର୍ଜନଙ୍କୁ ଅର୍ପିତ ହେବ; ତାହାର ନକ୍‌ସା କରିବାରେ ମଧୁସୂଦନ ଅଧିକ ଚିନ୍ତିତ ଥିଲେ । ନକ୍‌ସାଟି ଏପରି ହେବା ଆବଶ୍ୟକ, ଯେଉଁଥିରେ ପ୍ରତିଫଳିତ ହୋଇପାରିବ, ଉତ୍କଳୀୟ ସଂସ୍କୃତିର ଐତିହ୍ୟ ପୁଣି ଓଡ଼ିଆ କାରିଗରର ଅନନ୍ୟସାଧାରଣ କଳାକୁଶଳତା, ଲର୍ଡ଼ କର୍ଜନ ଯେଉଁଥିରୁ ବୁଝି ପାରିବେ, ଓଡ଼ିଆ ଜାତି ଅତୀତରେ କଣ ଥିଲା ଓ ବ୍ରିଟିଶ ଶାସନରେ କଣ ହୋଇଛି ତାର ଅବସ୍ଥା ! ଯେଉଁ ଜାତିର ଐତିହ୍ୟ ଏପରି ମହାନ୍, ଯାହାର କୀର୍ତ୍ତିରାଜି ଏପରି କାଳଜୟୀ ଓ କଳାକୁଶଳତା ଏପରି ବିସ୍ମୟୋଦ୍ଦୀପକ; ବ୍ରିଟିଶ ଶାସନରେ ସେ ଜାତିର ଜଭ କଟା ହେବା ସଙ୍ଗେସଙ୍ଗେ ତାର ହାତକଟା ମଧ୍ୟ ଚାପରି ଗଲାଣି—ଲର୍ଡ଼ କର୍ଜନଙ୍କୁ ସୂଚନାରେ ଜଣାଇ ଦେବା ମଧୁସୂଦନଙ୍କ ଅଭିପ୍ରାୟ ଥିଲା । ମାନପତ୍ରର ଶିଷ୍ଟଚରିତ ଭାଷାରେ ଓଡ଼ିଶାର ଦୈନ୍ୟ ଓ ଅସହାୟତା ପ୍ରକାଶ କରି ଯେଉଁମାନେ ଲର୍ଡ଼ କର୍ଜନଙ୍କର କୃପାଦୃଷ୍ଟି ଆକର୍ଷଣ କରିବା ପାଇଁ ବ୍ୟାକୁଳ, ସେମାନଙ୍କ ସହିତ ମଧୁସୂଦନଙ୍କର କୌଣସି ବିବାଦ ନଥିଲା । ମାତ୍ର ଓଡ଼ିଆର ଲୋକିତ, ଶୀର୍ଣ୍ଣ, କ୍ଷିପ୍ତ ଦୈନ୍ୟ ପରିବର୍ତ୍ତେ, ଭାଇସରୟଙ୍କ ପାଖରେ ମଧୁସୂଦନ ଯାହା ଉପସ୍ଥାପିତ କରିବା ପାଇଁ ବ୍ୟାକୁଳ ଥିଲେ; ତାହା ଥିଲା, 'ଓଡ଼ିଆ ହାତର ଐନ୍ଦ୍ରଜାଲିକ ଐଶ୍ୱର୍ଯ୍ୟ ।

ସକାଳ ଡାକରେ ଗଦାଏ ଚିଠି ଆସିଥିଲା ।

ଅନ୍ୟମନସ୍କ ଭାବରେ ଚିଠି ଗୁଡ଼ାକ ଉପରେ ଆଖି ବୁଲାଇବା ବେଳେ ମଧୁସୂଦନଙ୍କ ଆଖିରେ ପଡ଼ିଲା, କଲିକତା ୟୁନାଇଟେଡ଼-ସର୍ଭିସେସ୍-କ୍ଲବ୍‌ର ମନୋଗ୍ରାମ୍ ଅଙ୍କା ଖଣ୍ଡେ ଲଫାପା । ବାରିଷ୍ଟର ଏସ୍ ସାର୍ଜ୍‌ଲିଙ୍କ ଚିଠି ହୋଇଥିବ ଭାବି, ମଧୁସୂଦନ ଖଣ୍ଡେ ସୁଦୃଶ୍ୟ ଆଇଭୋରୀ

ସେପରକଟର୍ ଢଙ୍ଗରେ ତାହାକୁ ଖୋଲି ବସିଲେ । ଗାଙ୍ଗୁଲୀଙ୍କ ସହିତ ବ୍ୟବସାୟିକ ସମ୍ପର୍କ ବ୍ୟତୀତ, ଯେଉଁ ସମ୍ପର୍କ ଗଭୀରତର ଥିଲା; ତାହା ଓଡ଼ିଶା ଆର୍ଟ-ୱେୟାରସ୍‌କୁ କେନ୍ଦ୍ରକରି । କଲିକତାର ସାହେବମାନଙ୍କ ମଧ୍ୟରେ ଆର୍ଟ-ୱେୟାରସ୍ ନିର୍ମିତ ତାରକସୀ ଦ୍ରବ୍ୟମାନଙ୍କୁ ବିକ୍ରୀତ କରି ସେମାନଙ୍କ ଠାରୁ ଅର୍ଡର ସଂଗ୍ରହ କରିବାରେ ଗାଙ୍ଗୁଲୀ ସ୍ୱେଚ୍ଛା ନିଯୁକ୍ତ ଭାବରେ ମଧୁସୂଦନଙ୍କର ପରମ ସହାୟକ ଥିଲେ ।

ଆର୍ଟ ୱେୟାରସ୍‌ର ମାନେଜର ଯୋଷେଫ୍ ସେତେବେଳେ ଅଫିସ ଭିତରକୁ ପଶି ଆସିବା ମାତ୍ରେ ମଧୁସୂଦନ ଅସନ୍ତୁଷ୍ଟ ଭାବରେ ଗାଙ୍ଗୁଲୀଙ୍କ ଚିଠିଖଣ୍ଡ ଯୋଷେଫ୍‌ଙ୍କ ଆଡ଼େ ଫିଙ୍ଗି ଦେଇ କହିଲେ··· ପଢ଼, ଗାଙ୍ଗୁଲୀର ଏ ଚିଠିଖଣ୍ଡ ପଢ଼,···କୁଆଡ଼େ ଗଲା ସେ! ହାରାମଯାଦା । ତା'ପରେ ହାଡ଼ିଆ ଉଦ୍ଦେଶ୍ୟରେ ଅକାରଣରେ ଚିତ୍କାର କରି ମଧୁସୂଦନ ବିସ୍ଫୋରଣ କରି ଉଠିଲେ···ବୋଲାଓ ମୁକୁନ୍ଦ ସିକୋ । ସକାଳୁ ସକାଳୁ ମଧୁସୂଦନଙ୍କ ଏପରି ବିସ୍ଫୋରଣର କାରଣ ବୁଝି ନପାରି ଯୋଷେଫ୍ କିଂକର୍ତ୍ତବ୍ୟବିମୂଢ଼ ଭାବରେ ଗାଙ୍ଗୁଲୀଙ୍କ ଚିଠି ଖଣ୍ଡିକ ଉପରେ ଆଖି ବୁଲାଇନେଲେ, ଗାଙ୍ଗୁଲୀ ଲେଖିଥିଲେ···

"I have received the gold elephant brooch. It is beautiful but rather too heavy. It should be scooped out inside ; I think however I must take the instructions of Dr. Verrall (our English Doctor) who sent the order through Mr......"

ଅଫିସ ଭିତରେ ଏ ପାଖରୁ ସେ ପାଖ ଅଶାନ୍ତ ଭାବରେ ପାଦଚାରଣା କରି ମଧୁସୂଦନ ପଚାରିଲେ···"ପଢ଼ିଲ ତ ଗାଙ୍ଗୁଲୀର ଚିଠି ? ମୁକୁନ୍ଦକୁ ମୁଁ କାନେ କାନେ କହୁଛି ; ଆଉରି ପାତଳ କର, ମେସିନଠାରୁ ସୁଦ୍ଧା ଆଉରି ସୂକ୍ଷ୍ମ କର । କିନ୍ତୁ ମୁକୁନ୍ଦର ବୁଦ୍ଧି ଟା ଯେପରି ମୋଟା, କାମଟା ମଧ୍ୟ ସେହି-ପରି । ଫଳରେ ଓଡ଼ିଶା ତାରକସୀର ଏଇ ବଦନାମ୍···ପଢ଼ିଲ ତ ଯୋଷେଫ୍ ! ଏଇମାନେ ଓଡ଼ିଶାର ଶତ୍ରୁ,···ଅଥଚ ଏମାନଙ୍କ ପାଇଁ ଗୋଟାଏ ଫରଚ୍ୟୁନ୍ ମୁଁ ଉଡ଼ାଇ ସାରିଲିଣି ।"

"ଓଡ଼ିଶା-ଆର୍ଟ-ୱେୟାରସ୍"ରେ ପ୍ରସ୍ତୁତ କୌଣସି ଦ୍ରବ୍ୟରେ ସାମାନ୍ୟତମ ତ୍ରୁଟି ମଧୁସୂଦନଙ୍କୁ ଏହିପରି ଉତ୍ତେଜିତ କରି ଦେଉଥିଲା ।

ଯୋଷେଫ୍ ଚିଠିଖଣ୍ଡ ମଧୁସୂଦନଙ୍କ ଆଡ଼େ ବଢ଼ାଇଦେଇ କହିଲେ···"ଟାଙ୍ଗ୍ଲି ତ ବ୍ରୁଚ୍‌ଟାକୁ ପସନ୍ଦ କରିଛନ୍ତି । ଡକ୍ଟର ଭେଟେରେଲ୍ ମଧ୍ୟ ପସନ୍ଦ କରିବେ ନିଶ୍ଚୟ । କିନ୍ତୁ ଆପଣ ଯଦି ଓଡ଼ିଶା-ଆର୍ଟ-ୱେୟାରସ୍‌ର ଜିନିଷକୁ ପପୁଲାର କରିବା ପାଇଁ ଚାହାନ୍ତି, ତା ହେଲେ ଜିନିଷର ଦାମ ଶସ୍ତା ହେବା ଆବଶ୍ୟକ । ଶସ୍ତାରେ ବିକ୍ରୀ କରିବା ପାଇଁ ହେଲେ ଜିନିଷ ସବୁ ଆଉର ପାତଳ କରିବା ସମ୍ଭବ ନୁହେଁ । କାରଣ ସେହି ପରିମାଣରେ ମଜୁରୀ ବଢ଼ିଗଲେ ଲାଭ ତ ରହିବ ନାହିଁ ; ବରଂ ହାତରୁ କ୍ଷତି ପଡ଼ିଯିବ !"

ଯୋଷେଫ୍‌ଙ୍କ ଯୁକ୍ତିରେ ମଧୁସୂଦନ ଆଉରି ଉତ୍ତେଜିତ ହୋଇ କହିଲେ···"ତୁମେ କଣ ଭାବୁଛ ପପୁଲାର ହେବା ପାଇଁ ମୋତେ ଚିପ୍ (Cheap) ହେବା ପାଇଁ ପଡ଼ିବ ? ପପୁଲାରିଟୀ ଚିପ୍‌ନେସ୍‌ରେ ନ ଥାଏ ଯୋଷେଫ୍ ! ପପୁଲାରିଟୀ ଥାଏ ଷ୍ଟାଣ୍ଡାର୍ଡରେ ଷ୍ଟାଣ୍ଡାର୍ଡକୁ ତଳକୁ ଖସାଇ ଦୋକାନଦାରୀ ଚାଲିପାରେ । ମାତ୍ର ଓଡ଼ିଶା-ଆର୍ଟ-ୱେୟାରସ୍ ନୁହେଁ ।"

ଯୋଷେଫ୍ ଦେଖିଲେ ଆଉ ତର୍କ କଲେ ଲାଭ ତ କିଛି ହେବ ନାହିଁ । ବରଂ ସକାଳୁ ସକାଳୁ ଗୁଡ଼ାଏ ଗାଳି ଶୁଣିବା ପାଇଁ ପଡ଼ିବ । ମଧୁସୂଦନଙ୍କ କ୍ରୋଧ କିନ୍ତୁ ତଥାପି ଶାନ୍ତ ହୋଇ ନଥିଲା । ସେ କହିଲେ··· "ଟାଙ୍ଗ୍ଲିଙ୍କୁ ଆଜି ଟେଲିଗ୍ରାମ କର । ବ୍ରୁଚ୍‌ଟା ପାର୍ସଲ୍‌ରେ ଫେରାଇ ଦେବେ । ଡକ୍ଟର ଭେଟେରେଲ୍‌ଙ୍କ ଇନ୍‌ଷ୍ଟ୍ରକସନ୍ ପାଇଁ ଅପେକ୍ଷା କରିବାର ଆବଶ୍ୟକ ନାହିଁ ।"

ମଧୁସୂଦନ ସେହିପରି ପାଦଚାରଣା କରୁ କରୁ କହିଲେ··· "ଚିଠି ମଧ୍ୟ ଲେଖ । ସେଥିରେ ଲେଖିବ ବ୍ରୁଚ୍‌ଟା ଠିକ୍ ତିଆରି ନ ସରୁଣୁ ଭୁଲରେ ତାହା ପଠାଇ ଦିଆଯାଇଥିଲା ।" ତା'ପରେ କଣ୍ଠସ୍ୱର ସ୍ୱାଭାବିକ ସ୍ତରକୁ ଆଣି ମଧୁସୂଦନ କହିଲେ···"ଜାଣ ଯୋଷେଫ୍ ! ସୁନାମ ସୃଷ୍ଟି କରିବା ସହଜ ; ମାତ୍ର ତାହାକୁ ମେନ୍‌ଟେନ୍ କରିବା ବଡ଼ କଷ୍ଟ । ଓଡ଼ିଶା ଆର୍ଟ-ୱେୟାରସ୍‌ର ସୁନାମ ଆଜି ଇଂଲଣ୍ଡ ଠାରୁ ୟୁରୋପ ପର୍ଯ୍ୟନ୍ତ ବିସ୍ତାରିତ ହୋଇ ପଡ଼ିଛି । ସେଦିନ ଲଣ୍ଡନରୁ ବେକେଟ୍ ସାହେବ ଲେଖିଥିଲେ; ସେଠାର ବଡ଼ ବଡ଼ ଜୁଏଲରମାନେ ସୁଦ୍ଧା ଓଡ଼ିଶା-ଆର୍ଟ-ୱେୟାରସ୍‌ର କାରିଗିରୀ ଦେଖି ଆଖି ଖୋଷୁଛନ୍ତି ! ହାତରେ ଏପରି ସୂକ୍ଷ୍ମ,

ସୁନ୍ଦର ଜିନଷ ତିଆରି ହୋଇପାରେ ବୋଲି ସେମାନଙ୍କ କଳ୍ପନାକୁ ସୁଦ୍ଧା ଆସୁନାହିଁ ।”

ଯୋଷେଫ୍ କହିଲେ...“ଆପଣଙ୍କ କଥା ସାର୍ ଠିକ୍ ! କିନ୍ତୁ ମୁକୁନ୍ଦ କହୁଥିଲା ମଜୁରି ବଢ଼ିଯାଉଛି !”

ମଧୁସୂଦନ ପୁଣି ଚିତ୍କାର କରି ଉଠିଲେ...“ତୁମେ କଣ ଭାବୁଛ ଯୋଷେଫ୍, ଓଡ଼ିଶା-ଆର୍ଟ-ୱେର୍ସ ଆରମ୍ଭ ହୋଇଛି ଆରତ କର କୋମ୍ପାନୀ ? ପାଞ୍ଚଟଙ୍କାର ବାଟେ ଜିନଷକୁ ପଚିଶ ଟଙ୍କାରେ ବକ୍ରୀ କରି, ନିଜର ଲାଭ କରି ଓଡ଼ିଶାର ବଦ୍‌ନାମ୍ କରାଇବ ? ତୁମେ କଣ ଭାବଛ ମିସ୍ତ୍ରୀର ଦାସ ଲାଭ ପାଇଁ ଏ କାରଖାନା ଖୋଲିଛି ?”

ଏହି ସମୟରେ ମୁକୁନ୍ଦକୁ ଅଫିସ ବାହାରେ ପର୍ଦ୍ଦା ଆଢୁଆଳରେ ଦେଖି ଚଡ଼ାଗଳାରେ ଡାକିଲେ...“ଭିତରକୁ ଆସ ମୁକୁନ୍ଦ ।”

ମୁକୁନ୍ଦ ହାତରେ ନିର୍ମିତପ୍ରାୟ ତାରକସୀର କାସ୍କେଟ୍ । ସେଥିରେ କେବଳ ଲର୍ଡ଼ କର୍ଜନ୍‌ଙ୍କ ନାମ ଓ ତାଙ୍କ ଉଦ୍ଦେଶ୍ୟରେ ସୌଜନ୍ୟମୂଳକ ଅଭିଲେଖ ଉପରେ ମୀନପଥର ସବୁ ଖଞ୍ଜା ହେବାକୁ ବାକି ରହିଥିଲା । ବଳୀଖଣ୍ଡକୁ ଠେଲି ଦେବା ପରି ମୁକୁନ୍ଦ ଭିତରକୁ ଆସିବା ମାତ୍ରେ, ତା ହାତରେ କାସ୍କେଟ୍‌ଟା ଦେଖି, ମଧୁସୂଦନଙ୍କ କ୍ରୋଧ ହଠାତ୍ ଶାନ୍ତ ପଡ଼ିଗଲା ।

କାସ୍କେଟ୍‌ଟି ବାସ୍ତବିକ ଅନନ୍ୟସାଧାରଣ ଭାବରେ ସୁରୁଚିସମ୍ପନ୍ନ ଓ ସୁନ୍ଦର ହୋଇଥିଲା । ଲତାପତ୍ର ବିତାନର ପୃଷ୍ଠଭୂମିରେ ଶ୍ରୀଜଗନ୍ନାଥ ମନ୍ଦିରର ଶିଖର ଓ ଜଗମୋହନ ପୁଣି ସେଥିରେ ଥିବା ସୂକ୍ଷ୍ମାତିସୂକ୍ଷ୍ମ କାରୁକର୍ମ ସବୁ ତାରକସୀରେ ଉତ୍କୀର୍ଣ୍ଣ ହୋଇଥିଲା । ସମାଲୋଚକ ଦୃଷ୍ଟିରେ କେତେକ୍ଷଣ କାସ୍କେଟ୍‌ଟିକୁ ନିରୀକ୍ଷଣ କରିବା ପରେ ମଧୁସୂଦନ କହିଲେ...“ଦୁଇ ପାଖର ଏ କଦଳୀଗଛର ପତ୍ର କିନ୍ତୁ ଠିକ୍ ହେଲା ନାହିଁ ମୁକୁନ୍ଦ । ପତ୍ରସବୁ ଏପରି ପାତଳ ହେବା ଆବଶ୍ୟକ, ଯେପରି ପବନରେ ଦୋହଲିଲା ପରି ମନେ ହେବ ।”

ଏତେବେଳକେ ଗୋଟାଏ ଭୟଙ୍କର ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବାର ସ୍ୱସ୍ତିରେ ମୁକୁନ୍ଦ ଦୀର୍ଘନିଶ୍ୱାସ ପକାଇ କହିଲା...“ଏ କାମଟା ଶେଷ ହୋଇନାହିଁ ଆଜ୍ଞା ! ହରମୋହନ ଆଉ ନାଥ ଆ ଉପରେ ପୁଣି ଆଣ୍ଟିର

ହୁଇସ୍ଵନ କାମ କରିବେ ! ତା'ପରେ ଯାଇଁ ବଡଲାଟ ବାହାଦୁରଙ୍କ ନାଁ ଉପରେ ପଥର ଖଞ୍ଜା ଯିବ !"

ମଧୁସୂଦନ ଗାଙ୍ଗୁଲୀଙ୍କର ହାଣ୍ଡି କ୍ରୋଡ ପେନ୍ ବଟ୍ଟୋରଣ ଇଞ୍ଚ-ମଧ୍ୟରେ ଭୁଲ ସାରିଥିଲେ । ମୁକୁନ୍ଦ ହାତରେ କାସ୍‌କେଟ୍‌ଟା ଧରି ଚାଲି ଯାଉଥିଲା ; ମଧୁସୂଦନ ଭୁଲ ଲାଗିବା ପରି ତାହାକୁ ଅଟକାଇ କହିଲେ···"ତମେ ସବୁ ଓଡ଼ିଆଜାତିର ଗର୍ବ, ଓଡ଼ିଆ ଜାତିର ଗୌରବ । ତମମାନଙ୍କର ଐଶ୍ୱର୍ଯ୍ୟ ନିକଟରେ ମୁଁ ଦରିଦ୍ର ! ମୁଁ ବା କଣ ଦେଇ ପାରିବ ତମକୁ ?"···ତା'ପରେ ମାନେଜରଙ୍କ ଆଡ଼େ ଗୁହିଁ ସେ କହିଲେ "ଯୋଷେଫ୍, ଯେଉଁ କାରିଗରମାନେ ଏ କାସ୍‌କେଟ୍ ତିଆରି କରିଛନ୍ତି, ସେମାନେ ସମସ୍ତଙ୍କୁ ମୋ ଆକାଉଣ୍ଟସ୍‌ରୁ ଶଏ ଏକ ଟଙ୍କା କରି ଦେବ । ସେମାନଙ୍କ ମଜୁରି ଉପରେ । ସେମାନେ ଅନେକ ଖଟିଛନ୍ତି କଳୁ !"

ଏପରି ଖିଆଲି ମେଜାଜ୍ ସହିତ ଯୋଷେଫ୍ ବହୁ ପରିଚିତ ଥିଲେ । ଅସହାୟ ଭାବରେ ସେ ମୁଣ୍ଡ ହଲାଇ କହିଲେ···" ୟେସ ସାର୍ !"

ମାତ୍ର ମଧୁସୂଦନଙ୍କ "ଆକାଉଣ୍ଟସ୍" ସେତେବେଳେ ଯେ, ମାରୱାଡ଼ୀ ଖୋସାଲଚାନ୍ଦ୍‌ଙ୍କ ଠାରୁ ହୁଣ୍ଡୀ ଲେଖା ଋଣ ଉପରେ ନିର୍ଭର କରୁଥିଲା—ତାହା ଜଣାଇଦେବା ପାଇଁ ମାନେଜର ଯୋଷେଫଙ୍କର ସାହସ କୁଳାଉ ନଥିଲା ।

× × ×

"ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ବଙ୍ଗେଶ୍ୱର" ସାର୍ ଜନ୍ ଉଡ୍‌ବର୍ଣ୍ଣ କଲିକତାରୁ ସମୁଦ୍ରପଥରେ ପୁରୀ ପହଞ୍ଚିଥିଲେ । ଉତ୍କଳ-ଦୀପିକା ଲେଖିଥିଲେ···

" ଗତ ରବିବାର ( ୯ ତାରିଖ) ପ୍ରାତଃ ପାଞ୍ଚଘଣ୍ଟା ସମୟରେ ପୁରୀ ଠାରେ ସମୁଦ୍ରରେ ଜାହାଜ ଲଙ୍ଗର କରିବାର ଅଳ୍ପ-କ୍ଷଣ ପରେ ପୁରୀର କଲେକ୍ଟର୍ ଲୁସନ୍ ସାହେବ ଏବଂ ଏକ୍‌ଜିକ୍ୟୁଟିଭ ଇଂଜିନିୟର୍ ଆରକଟ୍ ସାହେବ ଜାହାଜକୁ ଯାଇଁ ମାନ୍ୟବର ବଙ୍ଗେଶ୍ୱର ସାର୍ ଉଡ୍‌ବର୍ନ୍ ବାହାଦୁର, ତାହାଙ୍କର ସ୍ତ୍ରୀ ଓ କନ୍ୟା ଏବଂ ସମଭିବ୍ୟାହାର ଲୋକମାନଙ୍କୁ ଘେନିଆସିଲେ ।"

ପ୍ରାତଃଭୋଜନ ପରେ ସାର ଜନ୍ ଶ୍ରୀଜଗନ୍ନାଥ ମନ୍ଦିର ବାହାରେ ବୁଲିଆସି ପ୍ରଦକ୍ଷିଣ ଶେଷ କରି ଏଗାରଟା ବେଳେ ରେଳଗାଡ଼ୀରେ କାହାରି ଆସିଲେ ଭୁବନେଶ୍ୱର ଅଭିମୁଖରେ । ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର ଦର୍ଶନ ଲର୍ଡ଼ କର୍ଜନଙ୍କର ଏକ ବିଶେଷ କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ସେତେବେଳେ ଏହି ପ୍ରସିଦ୍ଧ ମନ୍ଦିରର ଜୀର୍ଣ୍ଣ ସଂସ୍କାରରେ ଧୁମ୍ ପଡ଼ି ଯାଇଥିଲା । ଉତ୍କଳ-ଦୀପିକା ଲେଖିଥିଲେ—

" ଖଣ୍ଡଗିରି—ସଡ଼କ ପାଖରେ ରେଳଗାଡ଼ୀରୁ ଓହ୍ଲାଇ ପ୍ରାୟ ଏକମାଇଲ ଆସିବା ନିମନ୍ତେ କଟକରୁ ପ୍ରେରିତ ଘୋଡ଼ାଗାଡ଼ୀରେ ବସି ମନ୍ଦିର ନିକଟରେ ପ୍ରବେଶ ହୁଅନ୍ତେ ମନ୍ଦିର-କମିଟୀର ସଭ୍ୟ ବାବୁ ପ୍ରିୟନାଥ ବନ୍ଦ୍ୟୋପାଧ୍ୟାୟ ଓ ବାବୁ ରାସବିହାରୀ ନାୟକଙ୍କ ଦ୍ୱାରା ମନ୍ଦିର ଦ୍ୱାର ସନ୍ନିକଟୀନ ମଣ୍ଡପକୁ ଆନୀତ ହେଲେ ।"

ବ୍ରାହ୍ମଣ—ମଣ୍ଡଳୀଙ୍କ ଦ୍ୱାରା ଜୟଧ୍ୱନି ପରେ ପୁରୋହିତେ ଅଭିନନ୍ଦନ—ଶ୍ଳୋକ ପାଠ କଲେ ।

" ନମ୍ରା ଭାରତ ସାମ୍ରାଜ୍ୟାଃ ବୟ୍ମାନସ୍ୱାଗତାଃ ପ୍ରଜାଃ
ଶ୍ରୀ ଭୁବନେଶ୍ୱରାଗାର-ସଭ୍ୟ ଜନ ପୁରୋଧସାଂ ॥
ବୃତାଃ ଶ୍ରଦ୍ଧନିଧେଃ ସ୍ଥାନେ ଦାରକନ୍ୟାସମାବୃତଂ
ଯୋଗ୍ୟମତ୍ରେ ଭବନ୍ତଂ ନଃ ଗ୍ରାହ୍ୟନ୍ତୁ ସ୍ୱାଗତାର୍ଥ ନମ୍ ॥
ପ୍ରାଚୀନ କୀର୍ତ୍ତି ରକ୍ଷସ୍ୱଂ ଯତମାନୋ ନିରନ୍ତରଂ
ଭବାନ୍ ଅସ୍ମା ଗତୋସ୍ତ୍ୱଃ ତେନାସ୍ମାକଂ କୃତଜ୍ଞତା ॥
ଆରୋଗ୍ୟଂ ଦୀର୍ଘମାୟୁଶ୍ଚ କୁଟୁମ୍ବ ସମ୍ପଦାଯୁକ୍ତ
ଶ୍ରିୟଂ ଚ ଗୁଣିନେ ଭୂୟଂ ଦଦାତୁ ଭୁବନେଶ୍ୱରଃ ॥" *

ସ୍ତୂପୀକୃତ ଉପେକ୍ଷା ଓ ଅବହେଳାର ଶତାବ୍ଦୀବ୍ୟାପୀ ଶୈବାଳ ତଳୁ ମୁକ୍ତି ପାଇ ଲିଙ୍ଗରାଜ-ମନ୍ଦିର ଶିଖର ମଧ୍ୟାହ୍ନର ସୂର୍ଯ୍ୟାଲୋକରେ ଅଗ୍ନିଶିଖା ପରି ଉଜ୍ଜ୍ୱଳ ଦିଶୁଥିଲା । ଶିଖର ପାର୍ଶ୍ୱ ମାନଙ୍କରେ ଉତ୍କୀର୍ଣ୍ଣ ଥିବା ସୂକ୍ଷ୍ମ ସୂଚୀକର୍ମ, ଲତା, ପୁଷ୍ପ ଓ ମୂର୍ତ୍ତି ସବୁ ହଠାତ ଯେପରି ଜୀବନ୍ତ ଉଠିଥିଲେ । ଲିଙ୍ଗରାଜ ମନ୍ଦିର ମଧ୍ୟରେ ଭାଇସରୟଙ୍କ ପ୍ରବେଶ ନିଷିଦ୍ଧ । ମନ୍ଦିର ଦେଖିବା ପାଇଁ ମନ୍ଦିର ସାମନାରେ କୋଠିଏ

* ଉତ୍କଳ-ଦୀପିକା ତା ୧୬।୧୨।୧୯୦୦ରିଖ

ଅଷ୍ଟାଳିକାର ଛାତ ଉପରେ ମଣ୍ଡପ ନିର୍ମିତ ହୋଇଥିଲା । ସାର୍ ଜନ୍ ଉଡ୍‌ବର୍ଣ୍ଣ ସେହିଠାରୁ ମନ୍ଦିର ଦର୍ଶନ କରି, ପର୍ଶୁରାମେଶ୍ୱର, ରାଜାରାଣୀ ଓ ବ୍ରହ୍ମେଶ୍ୱର ପ୍ରଭୃତି ମନ୍ଦିର ପରିଦର୍ଶନ ପରେ ଅପରାହ୍ନ ୩ଘଣ୍ଟା ବେଳେ ଟ୍ରେନରେ ବାହାରିଗଲେ ବଡ଼ଲାଟ…ବଙ୍ଗଳା ପ୍ରେସିଡେନ୍‌ସୀର ଦକ୍ଷିଣ ସୀମା ସେହିଠାରୁ ଶେଷ ।

ଲର୍ଡ଼ କର୍ଜନ ସେହିଠାରେ ଓଡ଼ିଶା ଡ଼ିଭିଜନ୍‌ରେ ପ୍ରଥମ ପଦାର୍ପଣ କରିବେ । ଲର୍ଡ଼ କର୍ଜନଙ୍କ ଆଗମନ ଉପଲକ୍ଷେ "ଉତ୍କଳ-ପତ୍ରିକା" ଲେଖିଥିଲେ…

"ଲର୍ଡ଼ ମେଓଙ୍କ ଉତ୍ତାରେ ଛଅଜଣ ବଡ଼ଲାଟ ଭାରତବର୍ଷ ଶାସନ କରିଥିଲେ ହେଁ ଓଡ଼ିଶା କାହାରି ଦୃଷ୍ଟିଗୋଚର ହୋଇ ନଥିଲା । ଏ ଦେଶର ପରିଦୁଃଖ ଅବସ୍ଥା ଏବଂ ଗମନାଗମନର ଅସୁବିଧା ତହିଁର ପ୍ରଧାନ କାରଣ । ଅଧୁନା ଦେଶର ଖ୍ୟାତି ବୃଦ୍ଧି ହୋଇ ନଥିଲେହେଁ ରେଳପଥ ଦ୍ୱାରା ଗମନାଗମନର ଅସୁବିଧା ଦୂର ହୋଇଅଛି । ସୁତରାଂ ଯାହା ଅଦ୍ୟାବଧି ଘଟି ନଥିଲା ତାହା ବର୍ତ୍ତମାନ ଘଟିଲା—ରାତି ପାହିଲେ ବଡ଼ଲାଟ ଓଡ଼ିଶାରେ ପଦାର୍ପଣ କରିବେ ।" *

× × ×

ପ୍ରାୟ ଗୋଟିଏ ଶତାବ୍ଦୀ ତଳେ, ସେଦିନ ୧୮୦୩ ସାଲରେ ମେଲଭିଲ୍ ଓ ହାରକୋର୍ଟ ସଙ୍ଗରେ ଇଂରେଜ ଫୌଜ ଧରି ମାଣିକ-ପାଟଣା ମୁହାଣ ବାଟେ ପୁରୀ ମଙ୍ଗଳା ଘାଟରେ ପହଞ୍ଚିବା ବେଳେ, ପଣ୍ଡା ପଡ଼ିଆରୀ ମାନେ ଯେତେ ଜୋରରେ ଘଣ୍ଟଘଣ୍ଟା ପିଟି, ଶଙ୍ଖ ଫୁଙ୍କି ଥିଲେ; ଏବେ ଭାଇସରୟ ଲର୍ଡ କର୍ଜନଙ୍କୁ ଅଭ୍ୟର୍ଥନା କରିବାରେ ସେମାନଙ୍କ ଘଣ୍ଟ ପିଟା ଶଙ୍ଖଫୁଙ୍କା ଓ ଆଶୀର୍ବାଦ ଶ୍ଳୋକାବୃତ୍ତି ସେତେବେଶୀ ଉଚ୍ଚକିତ ହୋଇ ଉଠିଥିଲା ।

ଗୋଟାଏ ପ୍ରତାରିତ ପ୍ରବଞ୍ଚିତ ଶତାବ୍ଦୀର ଦୀର୍ଘଶ୍ୱାସ ଯେପରି ଅଭ୍ୟର୍ଥନା-ଉତ୍ସବର ସେହି କୋଳାହଳ ମଧ୍ୟରେ ନୀରବ ହୋଇ ପଡ଼ିଥିଲା ।

---

* ଉତ୍କଳ-ଦୀପିକା ତା ୧୫।୧୨।୧୯୦୦ଖ୍ରୀ

ଷ୍ଟେସନଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ସଡ଼କ ଓ ବଡ଼ଦାଣ୍ଡ କଡେକଡେ ରମ୍ଭାତରୁ, କଳସ ଓ ତୋରଣର ସଜ୍ଜା; ଦ୍ୱାରେଦ୍ୱାରେ ଶଙ୍ଖଧ୍ୱନି ସହିତ ଆଶୀର୍ବାଦ ଶ୍ଳୋକର ଆବୃତ୍ତି । ତୋରଣମାନଙ୍କର ଦୁଇ ପାଖରେ ନର୍ତ୍ତକୀ ମୂର୍ତ୍ତିମାନଙ୍କର ମନୋହର ଭଙ୍ଗିମା ।

ସିଂହଦ୍ୱାର ସାମନାରେ ଏକ ସୁସଜ୍ଜିତ ମଣ୍ଡପରେ ଲର୍ଡ଼ କର୍ଜନ୍‌ଙ୍କ ସମ୍ବର୍ଦ୍ଧନା ପାଇଁ ଆୟୋଜନ ହୋଇଥିଲା । ଶ୍ରୀମନ୍ଦିର ବାହାର ବେଢ଼ା, କାଣ୍ଡି ମେଘନାଦ ପାଚେରିର କାଳାଙ୍କିତ ସ୍ମରଣାଙ୍କିତ ଅନାଦି ସ୍ତୁପ ତଳେ, ଭିଡ଼ ବାନ୍ଧି ଠିଆ ହୋଇଥିଲେ, ଓଡ଼ିଶାର ଶିଷ୍ଟ ଓ ବିଶିଷ୍ଟଙ୍କ ଦଳ; ହିଜ୍-ଏକ୍‌ସେଲେନ୍‌ସୀଙ୍କ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଆୟୋଜିତ ଦରବାର-ମଣ୍ଡପରେ ବସିବା ପାଇଁ ସେମାନଙ୍କର ସ୍ଥାନ ନଥିଲା । ବଙ୍ଗଳା-ବ୍ୟବସ୍ଥାପକ ସଭାର ବିଶିଷ୍ଟ ସଭ୍ୟ, ପୁଣି ଓଡ଼ିଶାର ଅବିସମ୍ବାଦିତ ଜନ-ନେତା ରୂପେ ମଧୁସୂଦନଙ୍କ ପାଇଁ ସେହି ମଣ୍ଡପରେ ସ୍ଥାନ ଅବଶ୍ୟ ସୁନିର୍ଦ୍ଦିଷ୍ଟ ଥିଲା । ମାତ୍ର ସେ ସେହି ଅନାମଧେୟ ମାନଙ୍କ ଦଳରେ ଠିଆ-ହୋଇ, ଲର୍ଡ଼ କର୍ଜନଙ୍କ ସମ୍ବର୍ଦ୍ଧନାର ସମାରୋହ ଦୂରରୁଁ ଦେଖୁଥିଲେ । ତାଙ୍କ ଦୃଷ୍ଟି ପଥରେ ଭାସି ଉଠୁଥିଲା, ଗୋଟିଏ ଶତାବ୍ଦୀ ତଳର ସେହି ବିଡ଼ମ୍ବିତ ଦୃଶ୍ୟ; ଯେଉଁଦିନ ପଠାଣ-ମୋଗଲ-ମରହଟ୍ଟା ଶାସନର ଶତ ପୀଡ଼ନ ଓ ଲୁଣ୍ଠନ ମଧ୍ୟରୁ ପରିତ୍ରାଣ ପାଇଁ ଓଡ଼ିଆ ଜାତି ବ୍ରିଟିଶ ଶକ୍ତିକୁ ଏହି ପୁରୁଷୋତ୍ତମ ପୀଠରେ ପ୍ରଥମ ସ୍ୱାଗତ ଅଭିନନ୍ଦନ ଜଣାଇଥିଲା ! ଇତିହାସର ପରିହାସରେ ବ୍ରିଟିଶ ଶାସକ ଠାରେ ସେହି ଜାତିର ଭିକ୍ଷା ଆଜି, ତାହାର ଇତିହାସ-ପ୍ରସିଦ୍ଧ, ଅପୌରୁଷେୟ କୀର୍ତ୍ତି ଶ୍ରୀମନ୍ଦିରକୁ କାଳଗ୍ରାସରୁ ରକ୍ଷା କରିବା ପାଇଁ ! ପଠାଣ-ମୋଗଲମାନେ ଓଡ଼ିଶାର ମନ୍ଦିର ମାନଙ୍କୁ କଳା-ପାହାଡ଼ୀ ଆକ୍ରମଣରେ ବିନଷ୍ଟ କରିଥିଲେ ସତ୍ୟ ; ମରହଟ୍ଟାମାନେ ବର୍ଗୀ-ଜୁଲୁମ୍‌ରେ ଓଡ଼ିଆକୁ ନିଷ୍ପେଷିତ କରିଥିଲେ ସତ୍ୟ—ମାତ୍ର ଇଂରେଜମାନଙ୍କ ପରି ଓଡ଼ିଆ ଜାତିର ସ୍ୱାଭିମାନ ଓ ଆତ୍ମପ୍ରତ୍ୟୟକୁ ଚୂର୍ଣ୍ଣ କରି ତାହାର କେହି ଏପରି ଅଣ୍ଟା ଭାଙ୍ଗି ଦେଇ ନଥିଲେ ! ହିଜ୍ ଏକ୍‌ସ୍‌ଲେନସୀଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ପତ୍ର ପଠିତ ହେବା ପରେ, ତାହା ତାରକସୀ ନିର୍ମିତ କାସ୍‌କେଟ୍‌ରେ ଲର୍ଡ଼ କର୍ଜନଙ୍କ ହସ୍ତରେ ଅର୍ପିତ ହେଲା । କାସ୍-କେଟ୍‌ଟି ଦେଖି ଲର୍ଡ଼ କର୍ଜନ କେବଳ ମୁଗ୍ଧ ନୁହଁନ୍ତି, ବିସ୍ମିତ ।

ସାର୍ ଜନ୍ ଉଡ୍‌ବର୍ଣ୍ଣ, ମଧୁସୂଦନଙ୍କୁ ଉପଚରିତ ରୀତିରେ ଲର୍ଡ଼ କର୍ଜନଙ୍କ ସଙ୍ଗେ ପରିଚିତ କରାଇଦେଇ କହିଲେ···"ଏହାଙ୍କଦ୍ୱାରା

ସ୍ଥାପିତ ଓଡ଼ିଶା-ଆର୍ଟ-ପ୍ରେସ୍‌ଆରମ୍ଭରେ ଏହି କାସ୍‌କେଟ୍‌ଟି ନିର୍ମିତ ହୋଇଛି ।”

ଲର୍ଡ଼ କର୍ଜନ ତାରକସୀ କାସ୍‌କେଟ୍‌ର ସୂଚୀକର୍ମ ଉପରେ ଧୀରେ ଧୀରେ ଅଙ୍ଗୁଳି ବୁଲାଇ କହିଲେ···“ଏକଦା ଯେଉଁ ଜାତିର ମୂର୍ତ୍ତି ପ୍ରତିଭା, ଗ୍ରୀସ୍ ଓ ଇଜିପ୍ଟର ଭାସ୍କର୍ଯ୍ୟମହିମାକୁ ମ୍ଳାନ କରି, ଓଡ଼ିଶାର ମନ୍ଦିର ମାନଙ୍କର ପଥର ଦେହରେ ଶଳସିତ ହୋଇଥିଲା ; ଆଜି ତାହା ନିର୍ଜୀବ ଧାତୁକୁ ସୁଦ୍ଧା ପ୍ରାଣବନ୍ତ କରି ପାରୁଛି !···ଏଇ କାସକେଟ ତ ତାହାର ନିଦର୍ଶନ !···ଓ୍ୱାଣ୍ଡରଫୁଲ ଓ୍ୱାର୍କମ୍ୟାନସିପ୍ !”

ମଧୁସୂଦନଙ୍କ ସହିତ କରମର୍ଦ୍ଦନ କରି ଲର୍ଡ଼ କର୍ଜନ କହିଲେ ...“Oh ! you are that indefatigable memorialist !”

ବସ୍ତୁତଃ ଲର୍ଡ଼ କର୍ଜନ ଭାଇସରୟପଦାଭିଷିକ୍ତ ହେବାଦିନୁ ସମ୍ବଲପୁରରେ ଓଡ଼ିଆଭାଷାର ପୁନର୍ପ୍ରଚଳନ ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ଠାରୁ ଆରମ୍ଭ କରି ଶାସନ ବିଭାଗରୁ ବିଚାର ବିଭାଗ ପୃଥକୀକରଣ ପ୍ରିପର୍ଯ୍ୟନ୍ତ ମଧୁସୂଦନଙ୍କ ବହୁ ଆବେଦନ, ସ୍ମାରକପତ୍ର ଓ ଟେଲିଗ୍ରାମ୍‌ରେ ତାଙ୍କ ଦପ୍ତର ପ୍ରାୟ ପ୍ଳାବିତ ହୋଇ ଯାଇ-ଥିଲା । ସେସବୁ ଯେ ଭାଇସରୟ ଲର୍ଡ଼ କର୍ଜନଙ୍କ ଚିନ୍ତାରେ କୌଣସି ରେଖାପାତ କରି ନଥିଲା ତାହା ବୁଝିବାରେ ମଧୁସୂଦନଙ୍କ ପକ୍ଷରେ କୌଣସି ଅସୁବିଧା ନଥିଲା ! ମାତ୍ର ସେସବୁ ଅଗଣିତ ଆବେଦନ ନିବେଦନ ଯାହା ପାରିନଥିଲା ଏବେ ସେହି ତାରକସୀ କାସ୍‌କେଟ୍‌ଟି ଦ୍ୱାରା ତାହା ସାଧିତ ହୋଇଥିଲା—ଅର୍ଥାତ ଓଡ଼ିଆ ଜାତିର ସମସ୍ୟା ଓ ସଙ୍କଟ ପ୍ରତି ଲର୍ଡ଼ କର୍ଜନଙ୍କ ହୃଦୟରେ କିଞ୍ଚିତ ସମବେଦନା ଉଦ୍ରିକ୍ତ ହୋଇଥିଲା ! ଓଡ଼ିଶା ଓ ଓଡ଼ିଆ ପ୍ରତି ‘ଭାରତେଶ୍ୱର’ ଲର୍ଡ଼ କର୍ଜନ ହଠାତ ବିଶମ୍ବଦ ହୋଇ ଉଠିଥିଲେ !

ପୁଣି ଶ୍ରୀମନ୍ଦିରର ବିଶାଳତା ଲର୍ଡ଼ କର୍ଜନଙ୍କୁ ଯଦି ବିହ୍ୱଳିତ କରିଥିଲା; ମନ୍ଦିରମାଳିନୀ ଭୁବନେଶ୍ୱର ତାଙ୍କୁ ଉତ୍କଳୀୟ ଶିଳ୍ପକଳାର ପ୍ରଶଂସାରେ ଶତମୁଖ କରି ଦେଇଥିଲା ।

ବାଇନୋକୁଲାର ଲଗାଇ ଲିଙ୍ଗରାଜ ମନ୍ଦିରର ଲଳିତ ଭାସ୍କର୍ଯ୍ୟ ଯେତେ ନିରୀକ୍ଷଣ କରି ଦେଖିଲେ ସୁଦ୍ଧା ତାଙ୍କର ସେଥିରେ ତୃପ୍ତି ନ-ଥିଲା । କ୍ଲାନ୍ତି ଅବସାଦ ନ ଥିଲା । ମନ୍ଦିରର ଇତିବୃତ୍ତ ଓ ତାହାର

କଳାକୌସ୍ତୁଭ ସମ୍ପର୍କରେ ଲର୍ଡ଼ କର୍ଜନଙ୍କ ନାନା ଜିଜ୍ଞାସା ଓ ଅନୁସନ୍ଧାନର ସଦୁତ୍ତର ଦେବା ପାଇଁ ସେଠାରେ କେହି ସେପରି ନ ଥିଲେ ! ଲର୍ଡ କର୍ଜନଙ୍କର ହଠାତ ମନେ ପଡ଼ିଲା, ପୃଷ୍ଠ ଠାରେ ପଶ୍ଚାତସ୍ଥ ହୋଇଥିବା ମଧୁସୂଦନଙ୍କ କଥା ।

ଲର୍ଡ଼ କର୍ଜନ୍ ପଚାରିଲେ···"Where is Mr. Das ?"

ମଧୁସୂଦନ ଏହିପରି ଏକ ସୁଯୋଗର ପ୍ରତୀକ୍ଷାରେ ରହିଥିଲେ । ରାଜେନ୍ଦ୍ରଲାଲଙ୍କ "Antiquities of Orissa" ଇତିମଧ୍ୟରେ ତାଙ୍କର ନଖଦର୍ପଣ ପରି ହୋଇସାରିଥିଲା । କେଶରୀ-ସମ୍ରାଟ ମାନଙ୍କର କାଳଜୟୀ ଭୁବନେଶ୍ୱର ଓ ସେହି ପ୍ରସଙ୍ଗରେ ଓଡ଼ିଆ ଜାତିର କଳାକୀର୍ତ୍ତୀ ଲର୍ଡ କର୍ଜନଙ୍କୁ ଶୁଣାଇବାରେ ସେ ପ୍ରଗଲ୍‌ଭ ହୋଇ ଉଠିଥିଲେ ।

ମଧୁସୂଦନ କହିଲେ···"ବ୍ରିଟିଶ ସାମ୍ରାଜ୍ୟରେ ଓଡ଼ିଆ ଆଜି 'ବୋହେମିଆନ୍' ମାନଙ୍କ ପରି ଅମାର୍ଜିତ, ଅଶିକ୍ଷିତ ଓ ଅନଗ୍ରସର ତାଲି-କାରେ ଆସି ପାରୁଥାଏ । ଓଡ଼ିଆର ଭାଷା, ଓଡ଼ିଆର ସ୍ୱାଧିକାର ଆଜି ଅବହେଳିତ ହୋଇ ଯାଉଥାଏ । ମାତ୍ର ଦଶମ ଏକାଦଶ ଶତାବ୍ଦୀରେ ୟୁରୋପରେ ଯେତେବେଳେ ମେଟାଲର୍ଜୀର ନାମ ଗନ୍ଧ ସୁଦ୍ଧା ଜଣା ନଥିଲା ; ସେତେବେଳେ ଓଡ଼ିଆ ଶିଳ୍ପୀ ଓ ବୈଜ୍ଞାନିକ-ମାନେ ଏହାର ମନ୍ଦିର ମାନଙ୍କରେ ଯେଉଁ ଲୁହା ବିମ୍ ସବୁ ଖଂଜି ଯାଇ-ଥିଲେ, ପ୍ରତି ସ୍କୋୟାର-ଇଞ୍ଚରେ ତାହାର "ଟେନସାଇଲ୍ ଷ୍ଟ୍ରେଙ୍ଗ୍‌ଥ୍" (tensile strength) ୨୫ ଟନ୍ ବୋଲି ଇଂଜିନିୟରମାନେ ପରୀକ୍ଷା କରି ଏବେ ବିସ୍ମୟରେ ସ୍ୱୀକାର କରିଛନ୍ତି ! ଅଥଚ ମୁଁ ଇଂଲଣ୍ଡରେ ଥିବା ବେଳେ ଅନୁସନ୍ଧାନ କରି ବୁଝିଛି, କେତେ ବର୍ଷ ତଳ ପର୍ଯ୍ୟନ୍ତ ସୁଦ୍ଧା ଇଂଲଣ୍ଡରେ ପ୍ରତି ସ୍କୋୟାର ଇଞ୍ଚରେ ଟେନ୍‌ସାଇଲ-ଷ୍ଟ୍ରେଙ୍ଗ୍‌ଥ୍ ପ୍ରାୟ ୨୩ ଟନ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିଥିଲା ! ମାତ୍ର ଓଡ଼ିଆ ଜାତିର ଦୁର୍ଭାଗ୍ୟ ସେ ଆଜି ଇଂରେଜମାନଙ୍କ ଶିକ୍ଷାରୁ ବଞ୍ଚିତ ! ତାହାର ଏହିସବୁ ଐତି-ହାସିକ କୀର୍ତ୍ତୀ, ଅବହେଳାରେ ଅନାଦରରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଛି ! ତାହାକୁ ରକ୍ଷା କରିବା ସୁଦ୍ଧା ତା'ପକ୍ଷରେ ସମ୍ଭବ ହେଉ ନାହିଁ !"

ଲର୍ଡ଼ କର୍ଜନ୍ ସେତେବେଳେ କିନ୍ତୁ ଏ ସବୁ ଇଂରେଜଜାତିର ତଥ୍ୟ ପ୍ରତି ମନୋଯୋଗୀ ନଥିଲେ । ତାଙ୍କର ବିମୁଗ୍ଧ ଦୃଷ୍ଟିରେ

ଲିଙ୍ଗରାଜ ମନ୍ଦିରର ଶିଖରେ ଏକ ଅନାବିଷ୍କୃତ ବସ୍ତୁସ୍ପ ପରି ଉଦ୍ଭାସିତ ହୋଇ ଉଠିଥିଲା ।

ଲର୍ଡ କର୍ଜନ କହିଲେ···"ଆଃ···ଏହାର ସରକମ୍‌ଫାଇନଅର ଟାଓ୍ୱାର୍ କ ଗ୍ରେସ୍‌ଫୁଲ ! ଗ୍ରୀକ୍, ଇଜିପ୍‌ସିଆନ୍ ସ୍ଥପତି ମାନଙ୍କର ସ୍ୱପ୍ନ ଏଇଠାରେ ଯେପରି ସଫଳ ହୋଇ ପାରିଛି !"

ମଧୁସୂଦନ ଉତ୍ତର ଦେଲେ···"ମନ୍ଦିରର ବାହାରଟା ଗୋଟାଏ ଅପଟିକାଲ୍ ଇଲ୍ୟୁଜନ୍, ମନ୍ଦିରର ଭିତର ଗୁଡ କିନ୍ତୁ ଫ୍ଲାଟ, ଚତୁଷ୍କୋଣାକାର ! ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ଏହା ଏକ ବିଶେଷତ୍ୱ ।"

ଲର୍ଡ କର୍ଜନ ଆଖିରୁ ବାଇନୋକୁଲାର୍ ଖସାଇ ମଧୁସୂଦନଙ୍କ ଦୁଇ ଆଖି ଭିତରକୁ ଚାହିଁ ପଚାରିଲେ..."କିନ୍ତୁ ଓଡ଼ିଶାର ସେ ଶିଳ୍ପୀକୁଳ ଆଜି ଗଲେ କୁଆଡେ ମିଷ୍ଟର୍ ଦାସ ? କାହାନ୍ତି ସେମାନେ ?"

ମଧୁସୂଦନ ଉତ୍ତର ଦେଲେ···"ଦାରିଦ୍ର୍ୟ ସେମାନଙ୍କୁ ଧ୍ୱଂସ କରିଛି । ପ୍ରବଳ ପ୍ରତାପୀ ବ୍ରିଟିଶ ଶାସନ ସୁଦ୍ଧା ସେମାନଙ୍କୁ ସେ ଦୁର୍ଗତିରୁ ରକ୍ଷା କରି ପାରିଲା ନାହିଁ ! ୟୋର ଏକ୍‌ସେଲେନ୍‌ସୀ ହିସାବ କରି ଦେଖିଛି ମୁଁ, ଦୈନିକ ଜଣେ କାରିଗର ଚାରି ସ୍କୋୟାର ଇଞ୍ଚ ପଥର କାମ ପାଇଁ ଅଠଅଣା, ଛଅ ପେନ୍‌ସ ସୁଦ୍ଧା ମଜୁରି ପାଏ ନାହିଁ ! କାମ ଆଜିର ହୋଇଥିଲେ, ମଜୁରି ସେଥିରୁ ମଧ କମ୍ !"

ଲର୍ଡ କର୍ଜନ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ ମଣ୍ଡପ ଉପରୁ ତଳକୁ ଓହ୍ଲାଇ ଆସିଲେ ।

ସେହିଦିନ ଲର୍ଡ କର୍ଜନଙ୍କ ମନରେ ଉଦିତ ହୋଇଥିଲା, ଭାରତରେ ପ୍ରତ୍ନକୀର୍ତ୍ତୀ ସଂରକ୍ଷଣ ପାଇଁ ମନୁମେଣ୍ଟ-ପ୍ରିସର୍ଭେସନ୍-ଆକ୍ଟ୍‌ର ଭାବନା ।

ଭୁବନେଶ୍ୱରରୁ କଲିକତା ଲେଉଟାଣି ବାଟରେ କଟକ ଷ୍ଟେସନରେ କିଛିକ୍ଷଣ ଅଟକି ଲର୍ଡ କର୍ଜନଙ୍କର ସ୍ପେସାଲ୍ ଟ୍ରେନ୍ କଲିକତା ଅଭିମୁଖରେ ଯାତ୍ରା ଆରମ୍ଭ କରିଥିଲା ।

× × ×

ବଡ଼ଲାଟ ଲର୍ଡ଼ କର୍ଜନଙ୍କ ଆଗମନର ଉତ୍ତେଜନା ଓ ତା'ପରେ ପରେ ବଙ୍ଗବିଭାଗର ଉତ୍ସବ ମୁଖରିତ କୋଳାହଳ ଶେଷରେ କଟକର ବାତାବରଣ ପୁଣି ଆଲୋଡ଼ନହୀନ ସ୍ୱାଭାବିକ ନୀରବତା ଭିତରକୁ ଫେରି ଆସିଲା ।

ପ୍ରତିବର୍ଷ ପରି ବର୍ଷାନ୍ତ-ମିଳନ ଉପଲକ୍ଷେ ମଧୁସୂଦନଙ୍କ ବାସଭବନରେ ନୈଶଭୋଜିର ବିରାଟ ଆୟୋଜନ ହୋଇଥିଲା । ଅଳ୍ପ ପୂର୍ବେ ଶେଷ ଅତିଥିମାନେ ବିଦାୟ ନେଇ ଯାଇଥିଲେ । ତଳ-ମହଲରେ ଖାନସମା ବାବୁର୍ଚ୍ଚିମାନେ, କଟ୍‌ଲେରୀ କ୍ରକେରୀ ପ୍ରଭୃତି ଧୁଆପୋଛା କରି ଯଥା ସ୍ଥାନରେ ସାଇତି ରଖୁଥିଲେ ।

ରାତି ପାହିଲେ ବିଂଶ ଶତାବ୍ଦୀର ପ୍ରଥମ ପ୍ରଭାତ !

କାଥଲିକ୍-ଚର୍ଚ୍ଚରେ ନୈଶ-ପ୍ରାର୍ଥନାର ଶୁଭୁଥିଲା । ବିଦାୟୀ ଶତାବ୍ଦୀର ବେଦନାହତ ସଙ୍ଗୀତପରି ମଧୁସୂଦନ ଅଫିସ ହଲ ଭିତରେ ଏପାଖରୁ ସେପାଖ ପାଦଚାରଣା କରି ଯେପରି ଶତାବ୍ଦୀର ହିସାବଖାତା ମିଳାଉ ଥିଲେ !

...ଊନବିଂଶ ଶତାବ୍ଦୀ, କାଳର ଖାତାଆନ୍‌ରେ କେଉଁ ଆଙ୍କ ହଜିଗଲା ! ଏହି ଶତାବ୍ଦୀର ଆରମ୍ଭରେ ଓଡ଼ିଆ ଜାତି ଇଂରେଜ ଶକ୍ତିକୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲା ମୋଗଲ-ମରହଟ୍ଟା ଯୁଗର : ଲୁଣ୍ଠନ, ପୀଡ଼ନ ଓ ନିଷ୍ପେଷଣରୁ ପରିତ୍ରାଣ ପାଇଁ ! ମାତ୍ର ଦଶଣାମରେ କୋମ୍ପାନୀ ଶାସନର ଜୁଲୁମ, ମରହଟ୍ଟା ବର୍ଗୀ ଅମଳକୁ ସୁଦ୍ଧା ବଳି ପଡ଼ିଲା ! ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରିକରଣ ପାଇଁ ଓଡ଼ିଆର ବହୁପୋଷିତ ଅଭିଳାଷର ପରିଣତି ହେଲା, ସମ୍ବଲପୁରରୁ ଓଡ଼ିଆଭାଷାର ବହିଷ୍କାରରେ । ଓଡ଼ିଶାରେ ଇଂରେଜୀ ଶିକ୍ଷାର କ୍ରମବିକାଶ ଘଟିଲା...ଶିକ୍ଷିତ ଓଡ଼ିଆ ଯୁବକର ବେକାରୀ ଜ୍ୱାଳା କେବଳ ପ୍ରବର୍ଦ୍ଧିତ କରିବା ପାଇଁ !

ଓଡ଼ିଶା ଇତିହାସରେ ଗୋଟାଏ ପ୍ରବଞ୍ଚିତ ଶତାବ୍ଦୀ !

ନିଶୀଥ ରାତ୍ରିର ସ୍ତବ୍ଧତା ଚିରି ଦୂରରେ ମହାନଦୀ ବ୍ରିଜ୍ ଉପରେ କେଉଁ ଗୋଟାଏ ଟ୍ରେନ୍‌ର ହୁଇସିଲ୍ ଚିତ୍କାର କରି ଉଠୁଥିଲା...ସଙ୍କଟପୀଡ଼ିତ ଇତିହାସର ଦୁସ୍ତର ପଥରେ ଦୁର୍ଜ୍ଜୟ ଅଗ୍ରଦୂତର ଦୁଃସାହସିକ ଆହ୍ୱାନ ପରି !

---

# ଷଷ୍ଠଦଶ ପରିଚ୍ଛେଦ

(ଏକ)

୧୯୦୧ ସାଲ···ବର୍ଷାଋତୁର ଶେଷ । ଆକାଶ ତଥାପି ଅନିଶ୍ଚିତ । ବର୍ଷଣକ୍ଳାନ୍ତ ମେଘ ବେଳେ ବେଳେ ଅସରାଏ ଅସରାଏ ଝରି ପଡ଼ି ଭାଦ୍ରବର ମାଳମା ମଧ୍ୟରେ ପୁଣି ମିଶିଯାଉଛି । ଅଳ୍ପ ପୂର୍ବେ ଅସରାଏ ବର୍ଷା ହୋଇଥିଲା । ହାଉଡ଼ା ବମ୍ବେ ଲଇନ୍‌ରେ ଝାରସୁଗୁଡ଼ା ଷ୍ଟେସନ୍‌ର ଜଙ୍ଗଲ, ଟେଗୈରିକ ପ୍ରାନ୍ତରରେ ସେହି ବର୍ଷାପାଣିର ଛନ୍ଦାନନ୍ଦ ସ୍ରୋତଧାରା ତଥାପି ଶୁଖି ନଥିଲା ।

ଅଳ୍ପପୂର୍ବେ ଝାରସୁଗୁଡ଼ା—ସମ୍ବଲପୁର ପାସେଞ୍ଜର ଗାଡ଼ିରୁ ପାଞ୍ଚଜଣ ଯାତ୍ରୀ ଓହ୍ଲାଇ, ଷ୍ଟେସନ୍ ଓ୍ୱେଟିଂ ରୁମ୍‌କୁ ବିଶ୍ରାମ ନେବା ପାଇଁ ଆସିଥିଲେ । ମାତ୍ର ଓ୍ୱେଟିଂ ରୁମ୍ କହିଲେ ଖପରଲ୍ଲା ଗ୍ରୁଡ଼ଣୀ ଗୋଟାଏ ଅପ୍ରଶସ୍ତ ମେଲା । ଭିତରଟା ଖପରା ଓ ଅଇଁଠା ଶାଳପତ୍ରର ଯେପରି ଗୋଟାଏ ଆବର୍ଜନା ସ୍ତୂପ । କେତେଟା ବୁଲା ଭିକାରୀ ତାରି ଭିତରେ ସେମାନଙ୍କର ଯାଯାବର ସଂସାର ପାତିଥିଲେ । ଆଉ କେତେଟା ରୁମ-ଛଡ଼ା କୁକୁର ମଧ୍ୟ । ଏହି ଯାତ୍ରୀମାନଙ୍କ ମଧ୍ୟରେ ଯିଏ ପ୍ରମୁଖ ଥିଲେ, ତାଙ୍କର ଚନ୍ଦନଚର୍ଚ୍ଚିତ କପାଳ, ଆନାସିକା ହରିମନ୍ଦିର ତିଳକ ଓ କାନ୍ଧରେ ନାମାବଳୀ ସହିତ ସମ୍ବଲପୁରୀ ମଠା ଗୃଦରରୁ, ସେ ଜଣେ ନୈଷ୍ଠିକ ସମ୍ଭ୍ରାନ୍ତ ବ୍ୟକ୍ତି ପରି ଅନୁମିତ ହେଉଥିଲେ ।

ସେ ଥିଲେ ସମ୍ବଲପୁର ଗୋପାଳଜୀ ମଠର ମହନ୍ତ ଶ୍ରୀ ବିହାରୀ ଦାସ ମହାରାଜ ।

ଓ୍ୱେଟିଂ-ରୁମର ଅବସ୍ଥା ଦେଖି ତା ଭିତରକୁ ଯିବା ପାଇଁ ତାଙ୍କର ପ୍ରବୃତ୍ତି ହେଉନଥିଲା । ବାଟରେ ପଡ଼ିଥିବା ଭଙ୍ଗା ଖପରା ଉପରେ ଡେଇଁ ଡେଇଁ ଯାଉଁ ଯାଉଁ ସେ କହିଲେ···"ପଟ୍ଟନାପୂର୍ବେ ସେଇ ଆମ୍ବଗଛ ତଳେ ଡେରା ପକାଇବା । ଇଷ୍ଟେସନ୍ ଘର ଭିତରଟା ଯାକ ଅସ୍ପୃଶ୍ୟ ଆଉ ଉଚ୍ଛିଷ୍ଟ··· !"

ତା' ପରେ ସେଇ ଯାତ୍ରୀଦଳ ଆସି ଡେରା ପକାଇଥିଲେ, ଲାଇନ୍ କଡ଼ରେ ଗୋଟାଏ ଝଙ୍କାଳିଆ ଆମ୍ବଗଛ ମୂଳେ।

ରାତିରେ ବମ୍ବେ-ମେଲ୍‌କୁ ସେମାନଙ୍କର ଅପେକ୍ଷା।

ସେହି ଯାତ୍ରୀମାନେ ଥିଲେ—ସମ୍ବଲପୁର ସହରର ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର, ମଦନମୋହନ ମିଶ୍ର, ବଳଭଦ୍ର ସୁଆର ଏବଂ ଯାତ୍ରୀଦଳର ନେତା ବା ପ୍ରମୁଖ ମହନ୍ତ ଶ୍ରୀ ବିହାରୀ ଦାସ ମହାରାଜ।

ସେମାନେ କିନ୍ତୁ ତୀର୍ଥଯାତ୍ରୀ ନଥିଲେ !

ସେମାନଙ୍କ ଗନ୍ତବ୍ୟ ସ୍ଥଳ ଥିଲା ସିମିଲା···ଭାରତ ସରକାରଙ୍କ ଗ୍ରୀଷ୍ମକାଳୀନ ରାଜଧାନୀ ! ଏହି ପ୍ରତିନିଧି ଦଳ ସିମିଲା ଯାଇଥିଲେ ଲର୍ଡ କର୍ଜନଙ୍କୁ ସାକ୍ଷାତ କରି, ସମ୍ବଲପୁରର କୋର୍ଟ କଚେରୀ ଓ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ ପାଇଁ ଭାଇସରୟ୍ ଲର୍ଡ-କର୍ଜନଙ୍କ ସହାନୁଭୂତି ଆକର୍ଷଣ କରିବା ଅଭିପ୍ରାୟରେ।

ପ୍ରତିନିଧିଦଳର ଅନ୍ୟତମ ଶ୍ରୀପତି ମିଶ୍ର "ଶିମିଳାଯାତ୍ରା" ପୁସ୍ତକରେ ଲେଖିଛନ୍ତି···

" ସମ୍ବଲପୁର ଘୋର ଅରଣ୍ୟ ସମାକୀର୍ଣ୍ଣ ପାର୍ବତ୍ୟଦେଶରେ ଅବସ୍ଥିତ ଥିବାରୁ ସମ୍ବଲପୁରରେ ଶିକ୍ଷିତ ବ୍ୟକ୍ତିର ଅଭାବ ଥିଲା। ସୁତରାଂ ରାଜକାର୍ଯ୍ୟାଳୟରେ ମରହଟ୍ଟା ଏବଂ ହିନ୍ଦୁସ୍ଥାନୀମାନେ ଆଧିପତ୍ୟ ଲାଭ କରିଥିଲେ। × × ଓଡ଼ିଆଭାଷା ଏମାନଙ୍କର ପ୍ରଧାନ ଅନ୍ତରାୟ ହୋଇ ଥିଲା। ଏମାନେ ମନେ କଲେ ଯେ ଓଡ଼ିଆ ଭାଷା ପରିବର୍ତ୍ତିରେ ଅଦାଲତରେ ହିନ୍ଦୀଭାଷା ପ୍ରଚଳନ କରି ପାରିଲେ ସମ୍ବଲପୁରର କାର୍ଯ୍ୟାଳୟମାନଙ୍କରେ ଏମାନଙ୍କର ଆଧିପତ୍ୟ ଅକ୍ଷୁର୍ଣ୍ଣ ରହିବ। ତେଣୁ ଏମାନେ ସରକାରୀ ରିପୋର୍ଟ ମାନଙ୍କରେ ଆପଣା ଆପଣା ସ୍ୱାର୍ଥପର ମତ ଲିପିବଦ୍ଧ କରି ଆନ୍ଦୋଳନର ସୂତ୍ରପାତ କଲେ। × × ସମ୍ବଲପୁରର ସୁସନ୍ତାନ ଧରଣୀଧର ମିଶ୍ର ସ୍ୱୀୟ କୌଶଳ-ଅସ୍ତ୍ରାଗାରରୁ ବାଛି ବାଛି ସୁତୀକ୍ଷ୍ଣ ସାୟକ

ମାନ ପ୍ରେରଣ କରିବାକୁ ଲାଗିଲେ । କିନ୍ତୁ ବୈଦେଶିକ ମାନଙ୍କର ସ୍ୱାର୍ଥ-ବରଣ ଭଙ୍ଗିରେ ଛିନ୍ନ ହେଲା ନାହିଁ । *

ସେଥିପାଇଁ ଅବଶେଷରେ " ଆମ୍ଭେ ମାତୃଭାଷାର ପୁନରୁଦ୍ଧାର କଲ୍ପେ ଶ୍ରୀ ବ୍ରଜମୋହନ ପଟ୍ଟନାୟକ, ଶ୍ରୀ ମଦନମୋହନ ମିଶ୍ର, 'ଶ୍ରୀ ବଳଭଦ୍ର ସୁଆର ଏବଂ ଶ୍ରୀ ବିହାରୀ ଦାସ ମହାନ୍ତ ମହାରାଜାଙ୍କ ସହିତ ସିମିଳାକୁ ଗମନ କରିଥିଲୁ ।" †

ସିମିଳାରେ ସେତେବେଳେ ଏକ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହେଉଥିଲା । ସେହି କାରଣରୁ ବିଭିନ୍ନ ପ୍ରାଦେଶିକ ଶାସନକର୍ତ୍ତାମାନେ ସେଠାରେ ଅବସ୍ଥାନ କରୁଥିଲେ । ସେହି ସୂତ୍ରରେ ମଧ୍ୟପ୍ରଦେଶର ଚିଫ୍ କମିସନର ସାର୍ ଆଣ୍ଡ୍ରୁ ଫ୍ରେଜର ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସମ୍ବଲପୁରର ଓଡ଼ିଆଭାଷାଭାଷୀ ଅଧିବାସୀମାନଙ୍କ ପ୍ରତି ଅବିଚାରର ପ୍ରତିକାର ପାଇଁ ସେହି ସମୟରେ ସେଠାକୁ ଏକ ପ୍ରତିନିଧିଦଳ ଯାତ୍ରା କରିବା ପାଇଁ ମଧୁସୂଦନ ପରାମର୍ଶ ଦେଇଥିଲେ ।

ଲର୍ଡ କର୍ଜନ୍‌ଙ୍କ ପ୍ରାଇଭେଟ ସେକ୍ରେଟାରୀ ଲରେନ୍ସ୍‌ଙ୍କ ପାଖକୁ ମଧୁସୂଦନ ମଧ୍ୟ ପଠାଇଥିଲେ ଏକ ସୁଦୀର୍ଘ ଟେଲିଗ୍ରାମ୍···

From

Mr. M. S. Das, Cuttack.

To

Private Secretary to the Viceroy, Simla.

The Oriyas of Sambalpur have submitted a memorial to H. E. against the Order of the Chief Commissioner of C. P. dated January 1895 abolishing Oriya as Court and Official language. I am informed the present C. C. has gone to Simla and may discuss the subject matter of the memorial. The Orissa Association submitted a memorial on 20-6-1895 complaining against C. C.'s order pointing out the order was impolitic, impractical and opposed to recognised policy of Government. Kindly lay Orissa Association's memorial before H. E. The people of Orissa fully support the memorial submitted by Sambalpur people. The Orissa Association and Oriyas generally

* " ଶିମିଳା—ଯାତ୍ରା"—ଉତ୍କଳ-ସାହିତ୍ୟ ପ୍ରେସ (୧୯୧୮) ପୃ ୭୫

† ତତ୍ରୈବ ଭୂମିକା ।

sincerely hope H. E. Lord Curzon being the first Viceroy to visit Orissa will vouchsafe personal attention to the grievance. About the time C. C. passed the order Cooke Commissioner of Orissa suggested to Bengal Government to include Sambalpur in Orissa as it was before. Please draw H E.'s attention to the correspondences also." *

ଏତିକି ଥିଲା ଏ ପ୍ରତିନିଧିଦଳଙ୍କ ସିମିଳାଯାତ୍ରାର ପୃଷ୍ଠଭୂମି ।

ମଦନ ମିଶ୍ରେ ସ୍ୱଗତୋକ୍ତି କଲା ପରି କହିଲେ···" ଆଚ୍ଛା ମଧୁବାବୁଙ୍କ ଖବର କଣ ? କେଉଁଠୁ ସେ ସିମିଳା ବାହାରିଲେଣି ? ତା' ନହେଲେ ଆମେ ସିମିଳାରେ ଅନ୍ଧାର ଘରେ ବାଡ଼ି ବୁଲେଇ ହେବା ଯିବା ସିମିଳା କଏ ଆଗେ କଏ ?"

ସମସ୍ତଙ୍କର ମନେ ପଡ଼ିଲା, ସତେ ତ ! ସମ୍ବଲପୁରରୁ ବାହାରିବା ପୂର୍ବରୁ ଏ ସମ୍ବାଦ ଜାଣିବା ଉଚିତ ଥିଲା । ମାତ୍ର ସିମିଳା-ଯାତ୍ରାର ଉତ୍ତେଜନା ମଧ୍ୟରେ ସେ କଥାଟି ସମସ୍ତେ ଭୁଲି ଯାଇଥିଲେ ।

ବଳଭଦ୍ର ସୁଆର କହିଲେ···"ମିଶ୍ରେ ମଣୁଷନେ ଏମିତି ପଚରୁଛିଆ ପର ! ସେଇ କଥାଟା ସମ୍ବଲପୁରରେ ଆଉ ମନେ ପଡ଼ି ପାରିଲା ନାହିଁ ! କଥା ପଡ଼ିଲା, ମଧୁବାବୁ ବଙ୍ଗଳା ଲେଜିସଲେଟିଭ ଆସେମ୍ବ୍ଲି କାର୍ଯ୍ୟରେ କଲିକତାରେ ଥାଇ ପାରନ୍ତି ।ମାତ୍ର ସେତେବେଳେ ଆସେମ୍ବ୍ଲିର ଅଧିବେଶନ ନ ଥିଲା !

ଏ ସମସ୍ୟାର ଗୋଟାଏ ସମାଧାନ ଦେଇ ବାବୁ ବ୍ରଜମୋହନ ପଟ୍ଟନାୟକ କହିଲେ···"ଏଲାହାବାଦରେ ତ୍ରିବେଣୀସ୍ନାନ ପାଇଁ ଆମେ ତ ଗୋଟିଏ ଦିନ ରହିବା । ମଧୁବାବୁଙ୍କ ଖବର ସେଇଠି ମିଳିଯିବ । ଏଲାହାବାଦରେ ତାଙ୍କର ଗୋଟାଏ ଠିକଣା ମୋତେ ସେ ଦେଇଥିଲେ ।"

ମାତ୍ର ଏଲ୍ଲାହାବାଦ୍‌ରେ ସୁଦ୍ଧା ମଧୁସୂଦନଙ୍କର କୌଣସି ସମ୍ବାଦ ମିଳିଲା ନାହିଁ । ଅବଶେଷରେ ନିଜର ଶକ୍ତି ସାମର୍ଥ୍ୟ ଉପରେ ନିର୍ଭର କରି ପ୍ରତିନିଧିଦଳ ଲର୍ଡ଼ କର୍ଜନଙ୍କ ସହିତ ସାକ୍ଷାତ ପାଇଁ ସିମିଳା ସହରରେ ପହଞ୍ଚିଲେ ।

---

* ଉତ୍କଳ-ଦୀପିକା ତା ୧୯।୮।୧୯୦୧

ମଧୁସୂଦନ କିନ୍ତୁ ସିମିଲା ଆସି ନଥିଲେ ।

କଟକଠାରେ ସେ ତଥାପି ଅପେକ୍ଷା କରୁଥିଲେ ଭାଇସରୟ ଲର୍ଡ କର୍ଜନଙ୍କ ସେକ୍ରେଟାରୀ ଲରେନ୍ସଙ୍କ ଠାରୁ ତାଙ୍କ ଟେଲିଗ୍ରାମର ଉତ୍ତର ।

ଅବଶେଷରେ ଲର୍ଡ଼ କର୍ଜନଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଲରେନ୍ସଙ୍କ ଠାରୁ ଆସିଥିଲା, ସେହି ବହୁ ପ୍ରତୀକ୍ଷିତ ବାର୍ତ୍ତା···

**From W. Lawrence,**
**Private Secretary to Viceroy**
**To Hon'ble *Mr. M. S. Das.***

**(Dated Simla, the 12th September 1901).**

**"I have shown your letter of the 4th instant and its enclosures to the Viceroy. I have also shown some of your telegrams. It is understood that Mr. Fraser has before him a representation on the subject on the use of Oriya in Sambalpur. When Mr. Fraser's report is received by the Govt. of India H. E. will go into the matter. With my kind regards."**

ଲରେନ୍ସଙ୍କ ଠାରୁ ମଧୁସୂଦନଙ୍କ ନିକଟକୁ ଆସିଥିବା ଚିଠି ଖଣ୍ଡିକ ଉପରେ ଆଉ ଥରେ ଗମ୍ଭୀର ଭାବରେ ଆଖି ବୁଲାଇ ନେଇ ଗୌରୀଶଙ୍କର କହିଲେ···

"ଏହି ହେଉଛି ମାହେନ୍ଦ୍ର ମୁହୂର୍ତ୍ତ! ଏତକବେଳେ ଭାଇସରୟ ଲର୍ଡ କର୍ଜନଙ୍କ ସଙ୍ଗେ ସାକ୍ଷାତ ଆଲୋଚନା କରି ଆସିଲେ, ସୁଫଳପ୍ରଦ ହୁଅନ୍ତା ।"

କିନ୍ତୁ ଚିଫ୍-କମିଶନର ଫ୍ରେଜର୍‌ଙ୍କ ରିପୋର୍ଟ ଭାଇସରୟ ବିବେଚନା କରିବା ପୂର୍ବରୁ, ସମ୍ବଲପୁରରେ ଓଡ଼ିଆଭାଷାର ପୁର୍ନପ୍ରଚଳନ ସମସ୍ୟା ସମ୍ପର୍କରେ ସାକ୍ଷାତଆଲୋଚନାର କୌଣସି ପ୍ରତ୍ୟକ୍ଷ ସୁଫଳ ସମ୍ପର୍କରେ ମଧୁସୂଦନଙ୍କର ସନ୍ଦେହ ରହିଥିଲା । ସେ କହିଲେ···"ଫ୍ରେଜରଙ୍କ ରିପୋର୍ଟ ଉପରେ ଯେ ସବୁ କଥା ନିର୍ଭର କରେ, ସେ କଥା ମଧ୍ୟ ନୁହେଁ ! ଭାରତ ରାଜନୀତିରେ ଗୋଟାଏ ବିରାଟ ସମସ୍ୟାର ସମାଧାନ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ ପ୍ରଶ୍ନ ଉପରେ ନିର୍ଭର କରୁଛି ।"

ସେ ସମସ୍ୟା ଥିଲା, ବଙ୍ଗପ୍ରଦେଶର ପୁନର୍ଗଠନ ସମସ୍ୟା । ରାଜନୈତିକ ଓ ପ୍ରଶାସନିକ ଦୃଷ୍ଟିରୁ ବଙ୍ଗଳା ପ୍ରଦେଶକୁ ଦୁଇ ଭାଗରେ ବିଭକ୍ତ କରିବାର ପ୍ରସ୍ତାବ ସେତେବେଳେ ବଙ୍ଗଳାରେ ସରକାରୀ ସ୍ତରରେ ଅତ୍ୟନ୍ତ ଗୋପନୀୟ ଭାବରେ ବିଚାରାଧୀନ ରହିଥିଲା । ବଙ୍ଗ-ବିଭାଗ ଉପରେହିଁ ସେତେବେଳେ ଓଡ଼ିଶା ଡିଭିଜନ୍ ସହିତ ସମ୍ବଲପୁର ଜିଲ୍ଲାର ମିଶ୍ରଣ ପ୍ରଶ୍ନ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ସେତେବେଳେ ବ୍ରିଟିଶ-ଶାସିତ ଭାରତ ସହିତ ବେରାରର ମିଶ୍ରଣ ଅବକାଶରେ ଭାରତୀୟ ପ୍ରଦେଶ ମାନଙ୍କର ପୁନର୍ଗଠନ ପ୍ରଶ୍ନ ପୁଣି ଥରେ ଆନ୍ଦୋଳିତ ହୋଇଥିଲା । ସେହି ସୂତ୍ରରେ ମଧ୍ୟ ଉଠିଥିଲା ବଙ୍ଗଳା ପ୍ରଦେଶର ପୁନର୍ଗଠନ ପ୍ରଶ୍ନ ! ଢ଼ାକା, ମୟୂମନସିଂହ ଓ ଚଟ୍ଟଗ୍ରାମ ପ୍ରଭୃତି ଡିଭିଜନ୍‌କୁ ମିଶାଇ ପୂର୍ବ-ବଙ୍ଗଳା ପ୍ରଦେଶ ଗଠନ ଏହି ପ୍ରସ୍ତାବର ଅନ୍ତର୍ଭୁକ୍ତ ଥିଲା । ବଙ୍ଗଳାର ଲେଫଟେନେଣ୍ଟ ଗଭର୍ଣ୍ଣର ସାର ଜନ୍ ଉଡ୍‌ବର୍ନ୍ ଏ ପ୍ରସ୍ତାବର ପ୍ରବର୍ତ୍ତକ ଥିଲେ । ପରବର୍ତ୍ତୀ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜର୍ ଏ ପ୍ରସ୍ତାବକୁ ବ୍ୟାପକତର କରି ଏହାକୁ ଏକ ଚୂଡ଼ାନ୍ତ ରୂପ ଦେଇଥିଲେ ! ମାତ୍ର ସେ କଥା ପରେ ।

ବଙ୍ଗଳା ଲେଜିସଲେଟିଭ-କାଉନ୍‌ସିଲର ଜଣେ ପ୍ରଭାବଶାଳୀ ସଭ୍ୟ ରୂପେ ମଧୁସୂଦନ ଏ ସବୁର କିଛି କିଛି ଆଭାସ ପାଇସାରିଥିଲେ । ସେଥିପାଇଁ ଭାରତୀୟ ପ୍ରଦେଶ ମାନଙ୍କର ପୁନର୍ଗଠନ ସମ୍ପର୍କିତ ବୃହତ୍ତର ପ୍ରଶ୍ନର ସମାଧାନ ପୂର୍ବରୁ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃପ୍ରଚଳନର ସମସ୍ୟା ସମ୍ପର୍କରେ କୌଣସି ଶେଷ ନିଷ୍ପତ୍ତି ନିଆ ଯିବାରେ ମଧୁସୂଦନଙ୍କର ସନ୍ଦେହ ରହିଥିଲା ।

ମଧୁସୂଦନଙ୍କ ମନେ ପଡ଼ିଲା, ସମ୍ବଲପୁରରୁ ଏକ ପ୍ରତିନିଧି ଦଳ ଭାଇସରୟଙ୍କ ସହିତ ସାକ୍ଷାତ ପାଇଁ ସିମିଳାରେ ପହଞ୍ଚି ସାରିଲେଣି । ମଧୁସୂଦନ କହିଲେ··· 'କଟକରୁ କୌଣସି ପ୍ରତିନିଧିଙ୍କୁ ସେମାନଙ୍କ ସଙ୍ଗରେ ଦେଖିଲେ, ଭାଇସରୟ ହୁଏତ ମନେ କରି ପାରନ୍ତି, ଏ ଆନ୍ଦୋଳନଟା ସମ୍ବଲପୁରବାସୀଙ୍କର ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ନୁହେଁ । ସେଥିପାଇଁ ମୁଁ ଜାଣିଶୁଣି, ସେମାନଙ୍କ ଠାରୁ ଦୂରରେ ରହିଛି ! କିନ୍ତୁ ସେମାନେ ଯେ ଭାଇସରୟଙ୍କ ସହିତ ସାକ୍ଷାତ ପାଇଁ ସୁବିଧା କରି ପାରିଥିବେ ସେଥିରେ ମୋର ସନ୍ଦେହ !''

କାର୍ଯ୍ୟତଃ ତାହାହିଁ ହୋଇଥିଲା ।

ସମ୍ବଲପୁରର ପ୍ରୋକ୍ତ ପ୍ରତିନିଧିଦଳ ସିମିଳାରେ ଭାଇସରୟ ଲର୍ଡ଼ କର୍ଜନ କିମ୍ବା ଚିଫ୍ କମିସନର ସାର୍ ଆଣ୍ଡ୍ରୁ ଫ୍ରେଜର କାହାରି ସହିତ ସାକ୍ଷାତ କରି ନପାରି ଉତ୍ତରଭାରତରେ କେତେକ ତୀର୍ଥ ପର୍ଯ୍ୟଟନ କରି ସମ୍ବଲପୁର ଫେରି ଆସିଥିଲେ । ତେବେ ପ୍ରତିନିଧି ଦଳ ଫ୍ରେଜର୍ଙ୍କ ସେକ୍ରେଟାରୀ ହର୍ମଙ୍କ ପାଖରୁ ସେତେବେଳେ ଏହିପରି ଏକ ପ୍ରତିଶ୍ରୁତି ପାଇଥିଲେ, ପରିସ୍ଥିତିର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପାଇଁ ଖୋଦ୍ ଫ୍ରେଜର୍ସାହେବ ନିକଟରେ ସମ୍ବଲପୁର ଆସିବେ । ତେଣୁ ସିମିଳାରେ ଭାଇସରୟଙ୍କ ସହିତ ପ୍ରତିନିଧି ଦଳଙ୍କର ସାକ୍ଷାତର ଆବଶ୍ୟକ ନଥିଲା । ସେ ପରିସ୍ଥିତିରେ ମଧୁସୂଦନଙ୍କର ସିମିଳା ଯିବାର ତେଣୁ କୌଣସି ଉପଯୋଗିତା ନଥିଲା ।

କେନ୍ଦୁଝର ରାଜାଙ୍କ ସହିତ ଅକ୍ଟୋବର ମାସରେ ସେ ବାହାରି ଗଲେ ସିଂହଳ ଭ୍ରମଣରେ ।

ସେହିବର୍ଷ ଶୀତଋତୁରେ ଚିଫ୍ କମିସନର୍ ଫ୍ରେଜର୍ ଆସିଥିଲେ ସମ୍ବଲପୁର ପରିଦର୍ଶନରେ ।

..."ସହରରେ ଉପନୀତ ହେଲାକ୍ଷଣି ଶ୍ରୀମାନ ଫ୍ରେଜର୍ ମହୋଦୟ ବହୁ ସହସ୍ର ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅଭ୍ୟର୍ଥିତ ହୋଇଥିଲେ । ଲୋକମାନେ ତାହାଙ୍କୁ ଦେବାର୍ଚ୍ଚନ ବିଧିରେ ପୂଜା କରିଥିଲେ । ବ୍ରାହ୍ମଣମାନେ ମନ୍ତ୍ରୋଚାରଣ ପୂର୍ବକ ତାହାଙ୍କୁ ଦୁର୍ବାକ୍ଷତ ଏବଂ ଅନ୍ୟାନ୍ୟ ଉପକରଣରେ ପୂଜା କରିଥିଲେ । ପରଦିନ ଶ୍ରୀମାନ୍ ଫ୍ରେଜର୍ ମହୋଦୟ ଅଶ୍ୱପୃଷ୍ଠରେ ଏକାକୀ ବିଚରଣ କରିବାକୁ ଲାଗିଲେ । × × ଭ୍ରମଣ ଶେଷ କରି ଶାସନକର୍ତ୍ତା ସହର ଏବଂ ମଫସଲର ସକଳ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରି ସମସ୍ତଙ୍କ ମତ ଜିଜ୍ଞାସା କଲେ । ସମସ୍ତେ ଏକ ବାକ୍ୟରେ କହିଲେ ଯେ ସମ୍ବଲପୁରରେ ଓଡ଼ିଆଭାଷା ପ୍ରଚଳିତ ହୋଇ ଓଡ଼ିଶାରେ ମିଳିତ ହେଉ ।" *

ସମ୍ବଲପୁରରେ ଓଡ଼ିଆଭାଷା ପ୍ରଚଳିତ ହେଲେ, ପ୍ରଶାସନିକ ଦୃଷ୍ଟିରୁ ଏହା ମଧ୍ୟ ପ୍ରଦେଶ ବା ସେଣ୍ଟ୍ରାଲ ପ୍ରଭିନ୍ସେସ୍‌ରେ ପୁଣି ଅନ୍ତର୍ଭୁକ୍ତ ହୋଇ ରହିବାରେ ସେହି ଭାଷାଗତ ଅସୁବିଧା ରହିଥିଲା । ସେଥିପାଇଁ ଓଡ଼ିଶା ଡିଭିଜନ୍‌ରେ ସମ୍ବଲପୁରର ମିଶ୍ରଣ ଅବଧାରିତ ଥିଲା । ମାତ୍ର

* ସିମିଳାଯାତ୍ରା ପୃ୭୦-୭୧

ସମ୍ବଲପୁର ଓଡ଼ିଶାରେ ମିଶିଲେ ବଙ୍ଗଳା—ପ୍ରେସିଡ଼େନ୍‌ସୀର ପରିସର ଓ ଲୋକସଂଖ୍ୟା ଆଉରି ବୃଦ୍ଧି ପାଇବା ସୁନିଶ୍ଚିତ ଥିଲା । ମାତ୍ର ଶାସନ ଦୃଷ୍ଟିରୁ ବଙ୍ଗଳା ପ୍ରେସିଡେନ୍‌ସୀର ଆୟତନ ଓ ଲୋକସଂଖ୍ୟା କମାଇବା ସେତେବେଳେ ଥିଲା ଭାରତ ସରକାରଙ୍କ ତଗର ! ସେଥିପାଇଁ ଓଡ଼ିଶା ଡ଼ିଭିଜନ୍‌କୁ ବଙ୍ଗଳା-ପ୍ରେସିଡ଼େନ୍‌ସୀରୁ କାଢ଼ି ଆଣି, ତାହାକୁ ସେଣ୍ଟ୍ରାଲ ପ୍ରଭିନ୍‌ସେସ୍‌ରେ ମିଶାଇବା, ଭାରତ ସରକାରରେ କେତେକ ମୁଖ୍ୟ ପଦାଧିକାରୀଙ୍କ ମଧ୍ୟ ଅଭିପ୍ରେତ ଥିଲା ।

ସମ୍ବଲପୁରରେ ଓଡ଼ିଆଭାଷାର ପୁନର୍ପ୍ରଚଳନ ସମ୍ପର୍କରେ ଚିଫ୍-କମିସନର୍ ଫ୍ରେଜରଙ୍କ ଅନୁକୂଳ ରିପୋର୍ଟର ସମ୍ବାଦ ପାଇବା ମାତ୍ରେ, ମଧୁସୂଦନ ସ୍ଥିର କଲେ, ଭାଇସରୟ ଲର୍ଡ଼ କର୍ଜନଙ୍କ ସହିତ ସାକ୍ଷାତ ପାଇଁ ଏହାହିଁ ମାହେନ୍ଦ୍ର ମୁହୂର୍ତ୍ତ ! ସମ୍ବଲପୁର ଜିଲ୍ଲାରେ ଓଡ଼ିଆଭାଷାର ପୁନର୍-ପ୍ରଚଳନ, ତାଙ୍କ ଦୃଷ୍ଟିରେ ସେତେବେଳେ ସେତେ ଗୁରୁତ୍ୱପୂର୍ଣ୍ଣ ନଥିଲା, ତତୋଧିକ ମହତ୍ତ୍ୱପୂର୍ଣ୍ଣ ଥିଲା, ଓଡ଼ିଶା ଡ଼ିଭିଜନ୍‌ରେ ସମ୍ବଲପୁର ଜିଲ୍ଲାର ମିଶ୍ରଣ । ସମ୍ବଲପୁର ଜିଲ୍ଲା ଓଡ଼ିଶାରେ ମିଶିବା ପରେ, ମାନ୍ଦ୍ରାଜ-ପ୍ରେସିଡେନ୍‌ସୀରେ ଥିବା ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଓଡ଼ିଶା ଡ଼ିଭିଜନ୍‌ରେ ମିଶ୍ରଣର ପଥ ଆପେଆପେ ପରିଷ୍କାର ହୋଇଯିବ । କିନ୍ତୁ ସମ୍ବଲପୁରରେ ଓଡ଼ିଆଭାଷା ପୁନର୍-ପ୍ରଚଳିତ ହେବା ପରେ ସୁଦ୍ଧା ଏହା ଯଦି ଓଡ଼ିଶା ଡ଼ିଭିଜନକୁ ନଆସି ସେଣ୍ଟ୍ରାଲ୍-ପ୍ରଭିନ୍‌ସେସ୍‌ର ଅଙ୍ଗୀଭୂତ ହୋଇ ରହେ, ତା ହେଲେ ଏକ ଶାସନାଧୀନରେ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀ-କରଣର ଦାବୀ ଯେଉଁ ତିମିରରକୁ ସେହି ତିମିରରେ ରହିଯିବ ।

ମଧୁସୂଦନ ଆଉ କାଳ ବିଳମ୍ବ ନକରି ଭାଇସରୟ ଲର୍ଡ଼ କର୍ଜନଙ୍କ ସହିତ ସାକ୍ଷାତ ପାଇଁ ସିମିଲା ବାହାରି ପଡ଼ିଲେ । *

---

* ଶ୍ରୀଚନ୍ଦ୍ରକୁମାର ଦାଙ୍କର "A few recollections" ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି...

"Mr Das wrote a long letter to Lord Curzon in 1901 on the subject of amalgamation of the Oriya people. He gave the letter to me to read The letter contained most forceful arguments. Subsequently he went upto Simla to have an interview with Lord Curzon. Lord Curzon would not agree with Mr. Das's views and Mr. Das felt it so keenly that he was almost in tears. Not being daunted he made a most persistent appeal in the name of a race which had been unjustly treated, in the name of "Mother Orissa"...... At last Mr. Das's eloquence and advocacy triumphed." (As Seen by Many Eyes— ପୃ ୮)

କିନ୍ତୁ ଏହି ସାକ୍ଷାତ ପରେ, ଲର୍ଡ଼ କର୍ଜନ ଓଡ଼ିଶା ଆସିଥିଲେ ବୋଲି ଏହି ନିବନ୍ଧରେ ସେ ଯାହା ଉଲ୍ଲେଖ କରିଛନ୍ତି, ତାହା ତଥ୍ୟ ସମର୍ଥିତ ନୁହେଁ । କାରଣ କର୍ଜନ ଓଡ଼ିଶା ଆସିଥିଲେ ଏହାର ପୂର୍ବବର୍ଷ, ୧୯୦୦ ସାଲରେ ! ବଙ୍ଗଳା ଲେଜିସଲେଟିଭ କାଉନସିଲର ଜଣେ ଲବ୍‌ଧପ୍ରତିଷ୍ଠ ସଦସ୍ୟ ରୂପେ, ମଧୁସୂଦନ ସେତେବେଳେ ଭାଇସରୟ ଲର୍ଡ କର୍ଜନଙ୍କ ଠାରେ ଅପରିଚିତ ନଥିଲେ ! ବଙ୍ଗ-ବ୍ୟବସ୍ଥାପକ-ସଭାରେ ବେସରକାରୀ ସଭ୍ୟ ମାନଙ୍କୁ ଅଧିକତର ଅଧିକାର ଓ ସୁଯୋଗ ଦେବା ପାଇଁ ଯେଉଁ ଦାବୀ ଉଠୁଥିଲା, ମଧୁସୂଦନ ଥିଲେ ତାହାର ପ୍ରବକ୍ତା । †

ମଧୁସୂଦନ ମଧ୍ୟ ଥିଲେ ଜାତୀୟ-କଂଗ୍ରେସର ଜଣେ ବିଶିଷ୍ଟ ପ୍ରତିନିଧି । ଲର୍ଡ଼ କର୍ଜନଙ୍କ ଓଡ଼ିଶା ଆଗମନ ଅବକାଶରେ ମଧୁସୂଦନଙ୍କ ସହିତ ସେହି ପରିଚୟ ଘନିଷ୍ଠତର ହୋଇଥିଲା ।

---

† ବଙ୍ଗ-ବ୍ୟବସ୍ଥାପକ-ସଭାର ବଜେଟ ଅଧିବେଶନ ସମ୍ପର୍କରେ ଉତ୍କଳ-ଦୀପିକା ତା ୧୯ । ୪।୧୯୦୨ ସଂଖ୍ୟାରେ ଏହାର ଏକ ବିବରଣୀ ଦେଇ ଲେଖିଥିଲେ···

" + + + ଓଡ଼ିଶା ସଦସ୍ୟ ମାନ୍ୟବର ମିଷ୍ଟର ମଧୁସୂଦନ ଦାସ ଗୋଟିଏ ପ୍ରଧାନ ବିଷୟ ଅବତାରଣା କରିଥିଲେ । ସେ କହିଲେ ପ୍ରଜାଙ୍କର ଦୁଃଖ ଅଭାବ ଗଭର୍ଣମେଣ୍ଟଙ୍କୁ ଜଣାଇବା ଓ ଗଭର୍ଣମେଣ୍ଟଙ୍କ ସଦଭିପ୍ରାୟ ବୁଝିବାରେ ଲୋକଙ୍କର ଯେପରି ଭ୍ରମ ନ ଘଟେ ତାହା ଦେଖିବା ବେସରକାରୀ ସଭ୍ୟ ମାନଙ୍କର ପ୍ରଧାନ କାର୍ଯ୍ୟ ଓ ଶାସକ ଶାସିତ ମାନଙ୍କର ଆଗ୍ରହ ବ୍ୟବହାର ଓ ଶିକ୍ଷା ଅବସ୍ଥା ପ୍ରତି ବିଚାର କଲେ ଉକ୍ତ କାର୍ଯ୍ୟ ସାମାନ୍ୟ ଓ ଅପ୍ରୟୋଜନୀୟ ନୁହେଁ । ମାତ୍ର ଏକଜଣ ବେସରକାରୀ ସଭ୍ୟର କାର୍ଯ୍ୟକାଳ ଦୁଇବର୍ଷ । ତହିଁମଧ୍ୟରେ ସେ ସବୁ ବିଷୟ ଆଲୋଚନା ନିମନ୍ତେ ଦୁଇ ଦିନରୁ ଅଧିକ ଅବସର ପାଏ ନାହିଁ । ପୁଣି ଅନେକ ସମୟରେ ଏପରି ଘଟେ ଯେ ଆବଶ୍ୟକୀୟ ସମ୍ବାଦ ଅଭାବରୁ ବେସରକାରୀ ସଭ୍ୟମାନେ ଯେ କଥା ବା ସଂସ୍କାରର ପରାମର୍ଶ ଦିଅନ୍ତି, ଗବର୍ଣମେଣ୍ଟଙ୍କର ତାହା ଗ୍ରାହ୍ୟ ହୁଏ ନାହିଁ । ସମ୍ବାଦ ( ତଥ୍ୟ ) ସମସ୍ତ ସରକାରୀ କର୍ମଚାରୀ ମାନଙ୍କ ହସ୍ତରେ । ବେସରକାରୀ ସଭ୍ୟ ସେ ସବୁ ପ୍ରାପ୍ତ ହେବା କଠିନ । ଏବଂ ବେଳେ ବେଳେ ସେମାନଙ୍କର ସମ୍ବାଦ ( ତଥ୍ୟ ) ପାଇବାକୁ ପ୍ରାର୍ଥନା ଯଥାରୂପରେ ଅଗ୍ରାହ୍ୟ ହୁଏ । ··ମାନ୍ୟବର ଡକ୍ଟର ( ସାର ) ଆଶୁତୋଷ ମୁଖାର୍ଜ୍ଜି ( ବିଶ୍ୱବିଦ୍ୟାଳୟ ତରଫ ସଦସ୍ୟ)ମଧୁସୂଦନ ଦାସଙ୍କ କଥାର ସମର୍ଥନ କରି କହିଲେ କି ବେସରକାରୀ ସଭ୍ୟମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ସାଧନ ନିମନ୍ତେ ବର୍ତ୍ତମାନ ଠାରୁ ଅଧିକ ସୁଯୋଗ ଦିଆଗଲେ, ବ୍ୟବସ୍ଥାପକ ସଭାର ଉପକାରିତା ବଢ଼ିବ ।"

× × ×

ସିମିଳାରେ ଭାଇସରାୟଙ୍କ 'ଷ୍ଟଡ଼ି'ରେ ଉପଚରିତ ସୌଜନ୍ୟ-ବିନିମୟ ପରେ, ଲର୍ଡ କର୍ଜନ୍‌ଙ୍କ ଚଉଖଣ୍ଟିଆ ମୁହଁର ରେଖାସବୁ କଠୋର ହୋଇ ଉଠିଥିଲା । ସେ ଈଷତ୍ କ୍ଳାନ୍ତ, ଅପ୍ରସନ୍ନ କଣ୍ଠରେ କହିଲେ "ଆପଣଙ୍କ ମେମୋରାଣ୍ଡମ୍ ଓ ଟେଲିଗ୍ରାମ ପ୍ରଭୃତି ମୁଁ ଦେଖିଛି, ଫ୍ରେଜର୍‌ଙ୍କ ରିପୋର୍ଟ ମଧ୍ୟ ପାଇଛି । ସମ୍ବଲପୁରରେ ଓଡ଼ିଆଭାଷାର ପୁନଃପ୍ରଚଳନ ସମ୍ପର୍କରେ ଭାରତ ସରକାରଙ୍କ ଆଦେଶ ଯଥାଶୀଘ୍ର ପ୍ରକାଶ ପାଇବ ବୋଲି ମୁଁ ଆଶା କରୁଛି ।" ଲର୍ଡ କର୍ଜନଙ୍କ ଦୁଇ ଆଖି ଭିତରକୁ ସ୍ଥିର ଦୃଷ୍ଟିରେ ଚାହିଁ ମଧୁସୂଦନ ନାଟକୀୟ ଭଙ୍ଗୀରେ କହିଲେ···"ଗୋଟାଏ ଭୁଲ ବୁଝାମଣା ବଶତଃ ସରକାର ସମ୍ବଲପୁର ଜିଲ୍ଲାରୁ ଓଡ଼ିଆଭାଷାର ବିଲୋପ କରିଦେଲେ ! ସେ ଭ୍ରମର ସଂଶୋଧନ ଆପଣଙ୍କ ହସ୍ତରେ ହୋଇଥାନ୍ତା ! ସେଥିରେ ତ ଆମର ସନ୍ଦେହ ନଥିଲା ! କିନ୍ତୁ ସେହି ସାମାନ୍ୟ କଥାରେ ଆପଣଙ୍କୁ ବିବ୍ରତ କରିବା ପାଇଁ, ମୁଁ କଣ ଏତେ ଦୂର ଆସିଛି ? ନା ଏଇଥିପାଇଁ ଓଡ଼ିଶାବାସୀ ମୋତେ ଏତେ ଆଶାରେ ଏଠାକୁ ପଠାଇଛନ୍ତି ?"

ଲର୍ଡ କର୍ଜନ ଟେବୁଲ ଉପରେ ଗୋଟାଏ ପେପରଓ୍ୱେଟ୍ ଶାନ୍ତ ଭାବରେ ଘୁରାଇ ଘୁରାଇ ପଚାରିଲେ···"ତୁମର ଅସଲ ମତଲବ୍‌ଟା କଣ ?"

ମଧୁସୂଦନ ଉତ୍‌ଥାପନ କଲେ, ଏକ ଶାସନାଧୀନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପାଇଁ ସେହି ବହୁ ବିଡ଼ମ୍ବିତ ଅଭିଳାଷର କାହାଣୀ···ସେକ୍ରେଟାରୀ-ଅଫ-ଷ୍ଟେଟ ସାର ଷ୍ଟାଫ୍‌ର୍ଡ଼ ନର୍ଥ କୋଟ୍‌ଙ୍କ ଠାରୁ ଭାଇସରାୟ ଲର୍ଡ ଏଲ୍‌ଗିନ୍‌ଙ୍କ ପର୍ଯ୍ୟନ୍ତ ତିନିଗୋଟି ଦୀର୍ଘ ପ୍ରବଞ୍ଚିତ ଦଶକର ଇତିହାସ ! ଦୀର୍ଘ ବକ୍ତବ୍ୟରେ ଗୋଟାଏ ନାଟକୀୟ ଉପସଂହାର ଟାଣି, ମଧୁସୂଦନ କହିଲେ···"ଉତ୍କଳଜନନୀଙ୍କ କ୍ଷତବିକ୍ଷତ ଦେହ ଆଜି ଆପଣଙ୍କ ପରି ଜଣେ ମହାମାନ୍ୟଙ୍କର ସଂଜୀବନୀ ସ୍ପର୍ଶ ଅପେକ୍ଷା ରଖିଅଛି । ସେ ଆଶା କଣ ବ୍ୟର୍ଥ ହେବ ? ଆପଣ ତ ସ୍ୱଚକ୍ଷୁରେ ଦେଖି ଆସିଛନ୍ତି, ସେହି ପୁଣ୍ୟଭୂମି ଉତ୍କଳର ଅତୀତ, ତାର ଐତିହ୍ୟ···!"

ଲର୍ଡ କର୍ଜନ ମଧୁସୂଦନଙ୍କ ଉପରେ ସ୍ଥିର ଦୃଷ୍ଟି ନିବଦ୍ଧ ରଖି ପଚାରିଲେ···"ହଠାତ୍ ଡ଼ିପାର୍ଟମେଣ୍ଟାଲିଜମ୍‌ର ଫାଙ୍କା କାହିଁ ପାଇବ ମୋତେ ମିଷ୍ଟର ଦାସ୍ ?"

ହଠାତ୍ ଡ଼ିପାର୍ଟମେଣ୍ଟାଲିଜମ୍‌ର ବ୍ୟାପାର ଏହା ଭିତରକୁ କୁଆଡ଼ୁ ଆସିଲା, ମଧୁସୂଦନ ତାହା ବୁଝି ପାରିଲେ ନାହିଁ ! କିନ୍ତୁ ଉପସ୍ଥିତ ପ୍ରସଙ୍ଗ ସହିତ ଏହାର ଗୋଟାଏ କୌତୁକାବହ ସମ୍ପର୍କ ରହିଥିଲା । ଲର୍ଡ଼ କର୍ଜନ୍‌ଙ୍କ ଅଜ୍ଞାତସାରରେ ପ୍ରଦେଶମାନଙ୍କର ପୁନର୍ଗଠନ ସମ୍ପର୍କରେ ଭାରତ ସରକାରଙ୍କ ସେକ୍ରେଟାରୀମାନେ ସେତେବେଳେ ବଢ଼ାଇଚାଲିଥିଲେ ସରକାରୀ ଫାଇଲର ପୃଷ୍ଠାସଂଖ୍ୟା ! ଅଥଚ ଯେଉଁ ଭାଇସରୟ ଏହା ପ୍ରଥମେ ଜାଣିବା କଥା; ସିଏ ଏ ସମ୍ପର୍କରେ ଥିଲେ ସମ୍ପୂର୍ଣ୍ଣ ବେମାଲୁମ ! ସମ୍ବଲପୁରରେ ଓଡ଼ିଆ-ଭାଷାର ପୁନର୍ପ୍ରଚଳନ ଓ ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣ ସମ୍ପର୍କରେ ସାର ଆଣ୍ଡ୍ରୁଙ୍କ ନୋଟ୍‌ରୁ ସେ ପ୍ରସଙ୍ଗ ଜଣା ପଡ଼ିଲା ସିନା ! ଲର୍ଡ଼ କର୍ଜନ ଏ ସମ୍ପର୍କରେ (ମେ.୧୯୦୭)ଲେଖିଥିଲେ...

"It seems to me a most extraordinary thing that this discussion should have been going on for more than a year without any mention of the matter ever being made to the Head of the Government. Had not Mr. Fraser casually attended to it, when he was staying with me last summer, and in private correspondence, I should have had no inkling that the subject had ever been mooted. And yet during the period Secretaries and Deputy Secretaries have been calmly carving about and rearranging provinces on paper, colouring and recolouring the map of India according to geographical, historical, political and linguistic considerations—in the manner that appeared most to their fancy and finally on Jan. 29,1908, Sir C. Rivaz recorded that "The idea of transferring Orissa from Bengal to the Central Provinces must be dropped and that the idea of forming Orissa into a separate Chief Commissionership can not be entertained......I really feel disposed to ask : Is there no such thing as a Head of the Government, and what are Secretaries for but to keep him acquainted with the administration ?"

ଭାରତଶାସନର ଡ଼ିପାର୍ଟମେଣ୍ଟ ମାନଙ୍କରେ କେବଳ ଏପରି ଉଦ୍ଭଟ କାଣ୍ଡ ଘଟିପାରେ ବୋଲି ଆକ୍ଷେପ କରି ଲର୍ଡ଼-କର୍ଜନ ପୁଣି ଲେଖିଛନ୍ତି···

"People sometimes ask what departmentalism is. To any such I give this case as an illustration. Departmentalism is not a moral delinquency. It is an intellectual hiatus—the complete

absence of thought or apprehension of anything outside the purely departmental aspects of the matter under discussion. For fourteen months it never occurred to a single human being in the departments to mention the matter, or to suggest that it should be mentioned. Round and round like the diurnal revolution of the earth went the file, stately, solemn, sure and slow; and now in due season it has completed its orbit and I am invited to register the concluding stage".

ବ୍ରିଟିଶ-ଶାସିତ ଭାରତ ସମ୍ଭବତ ବେଶୀର ମିଶ୍ରଣ ଅବକାଶରେ, ଭାରତୀୟ ପ୍ରଦେଶ ମାନଙ୍କର ପୁନର୍ଗଠନ ସମ୍ପର୍କରେ ଏପରି ଗୋଟାଏ ବ୍ୟାପକ ଯୋଜନାର ନକ୍ସା ଭାଇସରୟ ଲର୍ଡ଼ କର୍ଜନଙ୍କର ଅଜ୍ଞାତ-ସାରରେ, ତାଙ୍କ ଅଧସ୍ତନ ସେକ୍ରେଟାରୀ ମାନଙ୍କ ଦ୍ୱାରା ଯେପରି ପ୍ରସ୍ତୁତ ହୋଇଥିଲା, ତାହା ଲର୍ଡ଼ କର୍ଜନଙ୍କୁ ବିବ୍ରତ କରି ଦେଇଥିଲା ।

ଲର୍ଡ଼ କର୍ଜନ କହିଲେ···"ବ୍ରିଟିଶ ସାମ୍ରାଜ୍ୟରୁ ଅଷ୍ଟ୍ରେଲିଆ ମହାଦେଶ ହସ୍ତାନ୍ତର ପ୍ରସ୍ତାବ କଲୋନିଆଲ୍-ଅଫିସରେ ପୂର୍ଣ୍ଣ ଗୋଟାଏ ବର୍ଷ ଧରି ବିତର୍କିତ ହେଉଥିବ; ଅଥଚ ପ୍ରଧାନମନ୍ତ୍ରୀ ଚେମ୍ବରଲେନ୍ ସେକଥା ସ୍ୱପ୍ନାବସ୍ଥାରେ ସୁଦ୍ଧା ଜାଣିନଥିବେ ! ଅରେଞ୍ଜ-ରିଭର୍ କଲୋନୀ ଅଥବା ନାଟାଲ୍‌ର ସୀମାନିର୍ଦ୍ଧାରଣ ସମ୍ପର୍କରେ ଗୋଟାଏ ବ୍ୟବସ୍ଥାର ମସୁଧା ଚାଲିଥିବ; ଅଥଚ ଲର୍ଡ଼ ମିଲନର ତାହା ଜାଣି ନଥିବେ ! —ଏପରି ଗୋଟାଏ ପରିସ୍ଥିତି ତୁମେ କଳ୍ପନା କରି ପାରୁଛ ମିଷ୍ଟର ଦାସ୍ ?"

କିନ୍ତୁ ବ୍ୟାପାରଟା କ୍ରମେ ଯେପରି ଅଦାବେସାଗର ଜାହାଜ ମରୁଭୂଇବା ପରି ହେଉଥିଲା; ମଧୁସୂଦନ ତାହା ବେଶ ଅନୁଭବ କରି ପାରୁଥିଲେ । ପରିସ୍ଥିତିକୁ ନିଜ ସପକ୍ଷରେ ପ୍ରୟୋଗ କରିବା ଅଭିପ୍ରାୟରେ ମଧୁସୂଦନ କହିଲେ—"ଓଡ଼ିଶାକୁ ଗୋଟାଏ ସ୍ୱତନ୍ତ୍ର ଚିଫ୍ କମିସନରସିପ୍ ବା ଉପନିବେଶରେ ପରିଣତ କରିବାର ଚିନ୍ତା ବର୍ଜନ କରିବା ପାଇଁ ରିଭାଜ୍ ସାହେବ ଯେଉଁ ପରାମର୍ଶ ଦେଇଛନ୍ତି; ତାହା କିନ୍ତୁ ଘୋର ଅନ୍ୟାୟ । ଆପଣଙ୍କ ଦୃଷ୍ଟିକୁ ଏ ପ୍ରସ୍ତାବଟି ଆରମ୍ଭରେ ଆସିଥିଲେ ଆପଣ ଯେ ଓଡ଼ିଶା ପ୍ରତି ଅଧିକତର ସୁବିଚାର କରିଥାନ୍ତେ, ଏ ବିଷୟରେ କେବଳ ମୋର କାହିଁକି ପ୍ରତ୍ୟେକ ଓଡ଼ିଶାବାସୀର ଦୃଢ଼ ପ୍ରତ୍ୟୟ ରହିଛି···ତଥାପି ଏବେ ସୁଦ୍ଧା ଯୁଆର ଏକ୍‌ସେଲେନ୍‌ସୀ ଇଚ୍ଛା କଲେ ଓଡ଼ିଶା ପ୍ରତି ସେ ଅବିଚାରର ପ୍ରତିବିଧାନ କରିପାରନ୍ତି !"

କାନ୍ଥରେ ଝୁଲୁଥିବା ଭାରତର ଗୋଟାଏ ମାନଚିତ୍ର ଆଡ଼େ ଚାହିଁ ଲର୍ଡ଼ କର୍ଜନ ପଚାରିଲେ···"କିନ୍ତୁ ଓଡ଼ିଶାରେ ସମ୍ବଲପୁରକୁ ମିଶାଇବା ପାଇଁ ଏପରି କଣ ବା ଅଲଂଘନୀୟ କାରଣ ରହିଛି ? ମୁଁ ଭାବୁଛି ସମ୍ବଲପୁର ଜିଲ୍ଲାରେ ଓଡ଼ିଆଭାଷାର ପୁନର୍ପ୍ରଚଳନହିଁ ଯଥେଷ୍ଟ । ସମ୍ବଲପୁର ଓଡ଼ିଶାରେ ମିଶିଲେ ବଙ୍ଗଳା-ପ୍ରେସିଡେନ୍ସୀର ଆୟତନ ଆହୁରି ବୃଦ୍ଧି ପାଇଯିବ । କିନ୍ତୁ ଶାସନରେ ସୁବିଧା ପାଇଁ ବଙ୍ଗଳା ପ୍ରେସିଡେନ୍ସୀର ଆୟତନକୁ ହ୍ରାସ କରିବା ହେଲା, ବର୍ତ୍ତମାନ ଭାରତ ସରକାରର ଚିନ୍ତା !"

ମଧୁସୂଦନ କହିଲେ···"କିନ୍ତୁ ସମ୍ବଲପୁର ଓଡ଼ିଶା ଡିଭିଜନ୍‌ରେ ମିଶିଲେ ସେ ଉଦ୍ଦେଶ୍ୟ ବାଧାଗ୍ରସ୍ତ ହେବାର ତ କୌଣସି କାରଣ ନାହିଁ ! ଢାକା, ମୟମନସିଂହ, ଚଟ୍ଟାଗଙ୍ଗ ଜିଲ୍ଲାମାନଙ୍କୁ ବଙ୍ଗଳାରୁ ଅଲଗା କରି ଆସାମ ସହିତ ମିଶାଇବା ପାଇଁ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ହ୍ୱାଇଟ ସାହେବଙ୍କ ଯୋଜନା ରହିଛି । ଏ ପରିସ୍ଥିତିରେ ବରଂ ସମ୍ବଲପୁର ଓଡ଼ିଶା ଡିଭିଜନ୍‌ରେ ମିଶି ପାରିଲେ, ବଙ୍ଗଳା ପ୍ରେସିଡେନ୍ସୀର କ୍ଷୟକ୍ଷତି କେତେକାଂଶରେ ସେ ପୂରଣ ହୋଇ ପାରିବ, ତାହା ନୁହେଁ; ବଙ୍ଗଳା-ପ୍ରେସିଡେନ୍ସୀରେ ଲୋକ ସଂଖ୍ୟାରେ ମଧ୍ୟ ଆନୁପାତିକ ଭାରସାମ୍ୟ ସୁରକ୍ଷିତ ହୋଇ ପାରିବ !"

ଲର୍ଡ଼ କର୍ଜନ ମାନଚିତ୍ର ଉପରୁ ଦୃଷ୍ଟି ଫେରାଇ ଉତ୍ତର ଦେଲେ, "ତାହା ଅବଶ୍ୟ ଏକ ବୃହତ୍ତର ପ୍ରଶ୍ନ । ମାତ୍ର ସମ୍ବଲପୁରରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ ସମ୍ପର୍କରେ ଭାରତ ସରକାରଙ୍କର କୌଣସି ଆପତ୍ତି ନାହିଁ । ବଙ୍ଗଳାର ଲେଫଟେନେଣ୍ଟ୍ ଗଭର୍ଣ୍ଣର ସାର୍ ଜନ୍ ଉଡ଼୍‌ବର୍ଣ୍ଣ ନିକଟରେ ଓଡ଼ିଶା ଭ୍ରମଣରେ ଆସିବେ । ତାଙ୍କ ରିପୋର୍ଟ ଉପରେ ସମ୍ବଲପୁରର ମିଶ୍ରଣ ପ୍ରଶ୍ନ ନିର୍ଭର କରିବ ।"

ଭାଇସରୟ କର୍ଜନ୍‌ଙ୍କ ସହିତ ସାକ୍ଷାତକାର ଏଇଠାରେ ସେଦିନ ଶେଷ ହୋଇଥିଲା ବହୁତ ଆଶା ଓ ସମ୍ଭାବନା ମଧ୍ୟରେ ! *

* ବସ୍ତୁତଃ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନର୍ପ୍ରଚଳନ ଓ ଓଡ଼ିଶା ଡିଭିଜନ୍‌ରେ ସମ୍ବଲପୁର ଜିଲ୍ଲାର ଅବସ୍ଥାପନ ପ୍ରସଙ୍ଗରୁ ଏହାର ଦୁଇବର୍ଷ ପରେ ବଙ୍ଗଭଙ୍ଗ ପ୍ରସ୍ତାବର ସୂତ୍ରପାତ ହୋଇଥିଲା । ବିଶଦ ଆଲୋଚନା ପାଇଁ **Lovat Fraser**ଙ୍କ ଲିଖିତ **India under Curzon and After** ପୁସ୍ତକରେ, **The Two Bengals** ଦ୍ରଷ୍ଟବ୍ୟ ।

× × ×

ସମ୍ବଲପୁର ଜିଲ୍ଲାରେ ସରକାରୀ ଭାଷାରୂପେ ଓଡ଼ିଆଭାଷାର ପୁନର୍ପ୍ରଚଳନ ସମ୍ପର୍କରେ ଚିଫ୍‌-କମିଶନର୍‌ ସାର୍‌ ଆଣ୍ଡ୍ରୁ ଫ୍ରେଜରଙ୍କ ରିପୋର୍ଟ ଯଥାସମୟରେ ଭାଇସରୟ ଲର୍ଡ କର୍ଜନଙ୍କ ଠାରେ ଉପସ୍ଥାପିତ ହୋଇଥିଲା । ସମ୍ବଲପୁର ଜିଲ୍ଲାକୁ ମଧ୍ୟପ୍ରଦେଶରୁ ଅଲଗା କରି ଏହାକୁ ଓଡ଼ିଶା ସହିତ ମିଶାଇବା ପାଇଁ ସାର ଆଣ୍ଡ୍ରୁ ତାଙ୍କ ରିପୋର୍ଟରେ ସୁପାରିଶ କରିଥିଲେ । କିନ୍ତୁ ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣ ପ୍ରଶ୍ନ ଏକ ବୃହତ୍ତର ସମସ୍ୟା ସହିତ ଜଡ଼ିତ ହୋଇ ପଡ଼ିଥିବାରୁ, ମଧ୍ୟପ୍ରଦେଶରୁ ସମ୍ବଲପୁରକୁ ବିଚ୍ଛିନ୍ନ କରିବା ସମ୍ପର୍କରେ ଭାରତ ସରକାର ନୀରବ ରହିଲେ । ୧୯୦୨ ସାଲ ଜୁନ୍‌ ମାସରେ ପ୍ରକାଶ ପାଇଲା ସମ୍ବଲପୁର ଜିଲ୍ଲାରେ ଓଡ଼ିଆଭାଷାର ପୁନର୍ପ୍ରଚଳନ ପାଇଁ ସରକାରୀ ଘୋଷଣା ।

ମଧୁସୂଦନ କହିଲେ···"ଏଇତ ହେଲା ଶାସନ ! ଏଥିରେ ଭୁଲ କରିବା ପାଇଁ ଲାଗେ ଗୋଟାଏ ମୁହୂର୍ତ୍ତ, କଲମର ସାମାନ୍ୟ ଗୋଟାଏ ଗାର, କିନ୍ତୁ ତାହାର ସଂଶୋଧନ ପାଇଁ ଲାଗିଯାଏ ଦୀର୍ଘ ଆଠବର୍ଷ !"

ବସ୍ତୁତଃ ଆଠବର୍ଷ ତଳେ ୧୮୯୫ସାଲରେ ଲର୍ଡ ଏଲଗିନ୍‌ ଭାଇସରୟ ଥିବା କାଳରେ ମଧ୍ୟପ୍ରଦେଶର ଚିଫ୍‌-କମିସନର ସାର୍‌ ଜନ୍‌ ଉଡ୍‌ବର୍ଣ୍ଣଙ୍କ ଏକା କଲମଗାରକେ ସମ୍ବଲପୁର ଜିଲ୍ଲାର ସ୍କୁଲ୍‌, କୋର୍ଟ କଚେରୀ ମାନଙ୍କରୁ ଓଡ଼ିଆ ଭାଷାର ଉଚ୍ଛେଦ ହୋଇଥିଲା ! ଏବେ ଦୀର୍ଘ ଆଠବର୍ଷ ପରେ ୧୯୦୨ସାଲରେ ହେଉଥିଲା ତାହାର ସଂଶୋଧନ !

× × ×

"ଉତ୍କଳ-ଦୀପିକା" ଅଫିସରେ ଚାଲିଥିଲା ଏହି ପ୍ରସଙ୍ଗର ଆଲୋଚନା । ଗୌରୀଶଙ୍କର କହିଲେ···"ଲର୍ଡ କର୍ଜନ ବେମାରୀ ଚିହ୍ନିଲେ ସିନା, ତାହାର ନିଦାନ କିନ୍ତୁ ଦେଇ ପାରିଲେ ନାହିଁ ! ସମ୍ବଲପୁର ଜିଲ୍ଲା ଯଦି ଓଡ଼ିଶାକୁ ନ ଆସେ ତା ହେଲେ ପୁଣି କେତେ ବର୍ଷ ପରେ ମଧ୍ୟପ୍ରଦେଶର ଆଉ କେଉଁ ଚିଫ୍‌-କମିସନର ସେଇ ଭାଷାଗତ କାରଣରୁ ସମ୍ବଲପୁର ଜିଲ୍ଲାରୁ ଓଡ଼ିଆଭାଷାର ଉଚ୍ଛେଦ ପାଇଁ ପୁଣି ସେ ଗୋଟାଏ ହୁକ୍କାପିଠା ଆଦେଶ ଜାରୀ ନ କରିବେ, ଏଥିରେ କେଉଁ ସ୍ଥିରତା ଅଛି ?"

ମଧୁସୂଦନ କହିଲେ ..“ସମ୍ବଲପୁର ଓ ଗଂଜାମ ଓଡ଼ିଶାରେ ମିଶିଲେ ବଙ୍ଗଳା ପ୍ରେସିଡ଼େନ୍‌ସୀର ଆୟତନ ବୃଦ୍ଧି ପାଇଯିବ ବୋଲି, ଭାରତ ସରକାରରେ ସେକ୍ରେଟାରୀମାନେ ଏହା ବିରୁଦ୍ଧରେ କଳ ମୋଡ଼ୁଛନ୍ତି ! ସେମାନଙ୍କୁ ନ ମଙ୍ଗାଇବା ପର୍ଯ୍ୟନ୍ତ ଏହାର ସମାଧାନ ନାହିଁ ! ବଙ୍ଗଳାର ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାର୍ ଜନ୍ ଉଡ଼୍‌ବର୍ଣ୍ଣ ତ ଖୋଦ ଓଡ଼ିଶା ଆସୁଛନ୍ତି ! ଦେଖ, ତାଙ୍କୁ ଯଦି ଏ ପ୍ରସ୍ତାବରେ ମଙ୍ଗା ଯାଇପାରେ !”

## ( ଦୁଇ )

୧୯୦୨ ସାଲ ଅଗଷ୍ଟ ତୃତୀୟ ସପ୍ତାହ ଆରମ୍ଭରେ ସାର ଜନ୍ ଉଡ଼ବର୍ଣ ପୁଣି ଓଡ଼ିଶାଗସ୍ତରେ ଆସୁଥିଲେ କଟକ । ଏହି ସାର ଜନ୍ ମଧ୍ୟପ୍ରଦେଶର ଚିଫ୍ କମିଶନର୍ ଥିବା ବେଳେ, ତାଙ୍କର ଆଦେଶରେ ସମ୍ବଲପୁର କୋର୍ଟ କଚେରୀ ମାନଙ୍କରୁ ଓଡ଼ିଆଭାଷା ବିଦାୟ ନେଇଥିଲା । ମଧ୍ୟପ୍ରଦେଶର ଚିଫ୍-କମିସନର୍ ଥିବା ବେଳେ, ଶାସନର ସୁବିଧା ଦୃଷ୍ଟିରୁ ସେ ସମ୍ବଲପୁର ପ୍ରଶାସନରୁ ଓଡ଼ିଆ ଭାଷାର ବିଲୋପ ସାଧନ କରିଥିଲେ । ଏବେ କିନ୍ତୁ ଘଟଣାଚକ୍ରରେ ବଙ୍ଗଳା-ପ୍ରେସିଡେନ୍‌ସୀର ଲେଫଟେନେଣ୍ଟ ଗଭର୍ଣ୍ଣର ରୂପେ ସେ ହୋଇଥିଲେ ଓଡ଼ିଶା ଡିଭିଜନ୍‌ର ଶାସନକର୍ତ୍ତା । ମଧ୍ୟପ୍ରଦେଶର ଚିଫ୍‌କମିସନର୍ ଥିବା ବେଳେ, ଓଡ଼ିଶା ଓ ଓଡ଼ିଆ ସମସ୍ୟାର ସେ ଥିଲେ ଯେତିକ ବିରୋଧୀ—ଏବେ ଓଡ଼ିଶା-ପ୍ରଶାସନର କର୍ତ୍ତା ରୂପେ, ଓଡ଼ିଶା ପ୍ରତି ସେ ହୋଇ ଉଠିଥିଲେ ସେତିକ ସହାନୁଭୂତିଶୀଳ ! ତଥାପି ଅତୀତରେ ଅନ୍ୟ ଲେଫ୍ଟେନାଣ୍ଟମାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ କଟକର ରାଜନୈତିକ ସମାଜରେ ଯେପରି ଉତ୍ସାହ ପ୍ରକାଶ ପାଇଥାଏ, ଏଥର ସାର ଜନ୍‌ଙ୍କ ପାଇଁ ତାହା ସେପରି ପରିଲକ୍ଷିତ ହେଉନଥିଲା । ଉପଚାରିକ ଭାବରେ ସାର୍ ଜନ୍ ଉଡ୍‌ବର୍ଣ୍ଣ୍‌ଙ୍କୁ ମାନପତ୍ର ଦେବା ପାଇଁ ଏଥର ‘ଉତ୍କଳ-ସଭା’ର କୌଣସି ଆଗ୍ରହ ନଥିଲା ।

ପ୍ରତ୍ୟେକ ପରିସ୍ଥିତିରେ ମଧୁସୂଦନ ହଠାତ ଗୋଟାଏ ନୂତନ ଦିଗ୍ ଦର୍ଶନର ସୂଚନା ଦେଇଥାନ୍ତି । “ଉତ୍କଳ-ସଭା” ପକ୍ଷରୁ ଯେତେବେଳେ ମାନପତ୍ର ଦେବା ପାଇଁ କୌଣସି ଆଗ୍ରହ

ପରିଲକ୍ଷିତ ହେଲା ନାହିଁ; ମଧୁସୂଦନ ସ୍ଥିର କଲେ ତାଙ୍କର "ଓଡ଼ିଶା ଆର୍ଟ ୱାର୍କସ୍" କାରିଗର ମାନଙ୍କ ପକ୍ଷରୁ ସାର୍ ଜନ୍ ଉଡ୍‌ବର୍ଣ୍ଣଙ୍କୁ ମାନପତ୍ର ଦେଇ ଅଭିନନ୍ଦିତ କରାଯିବ ।

କିନ୍ତୁ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣରଙ୍କ ପରି ମହାମାନ୍ୟ ପ୍ରତାପଶାଳୀ ବ୍ୟକ୍ତିଙ୍କୁ ତାରକସିବଣିଆ, ମିସ୍ତ୍ରୀ, କାରିଗର ମାନେ ମାନପତ୍ର ଦେବେ; ଆଉ ହିଜ୍ ଅନର୍ ସେମାନଙ୍କ ହାତରୁ ତାହା ଗ୍ରହଣ କରିବା ପାଇଁ ସମ୍ମତ ହେବେ; ଏକଥାଟା ଚୌଧୁରୀଙ୍କର ପ୍ରମୁଖ କାହାରି ମନକୁ ପାଉନି ନାହିଁ ! ଚୌଧୁରୀଙ୍କର କହିଲେ..." ତାରକସୀ ବଣିଆମାନେ ହିଜ୍ ଅନରଙ୍କୁ ମାନପତ୍ର ଦେବେ—ଏକଥା ତ ଆମ୍ଭେମାନେ କେହି ଏ ପର୍ଯ୍ୟନ୍ତ ଚିନ୍ତା ସୁଦ୍ଧା କରି ପାରିନାହୁଁ । ପୁଣି ଓଡ଼ିଶାରେ ଏତେ ମାନ୍ୟ ଗଣ୍ୟ ଧନୀ ବ୍ୟକ୍ତି ଥାଉଁ ଥାଉଁ ବଙ୍ଗେଶ୍ୱର ସାର୍ ଜନ୍ ଉଡ୍‌ବର୍ଣ୍ଣଙ୍କୁ ମାନପତ୍ର ଦେବା ପାଇଁ ଆଉ କେହି ମିଳିଲେ ନାହିଁ ଯେ, ଶେଷକୁ ବଣିଆ ମାନଙ୍କୁ ତାହା ଦେବାପାଇଁ ପଡ଼ିଲା—ଏ କଥା କଣ ହିଜ୍ ଅନର୍‌ଙ୍କ ମନରେ ଉଠିବ ନାହିଁ ?"

ମଧୁସୂଦନ ଉତ୍ତର ଦେଲେ..."ଆପଣ ଦେଖିବେ ବଣିଆମାନଙ୍କ ହାତରୁ ମାନପତ୍ର ପାଇ ସାର ଜନ୍ ବରଂ କୃତକୃତ୍ୟ ହେବେ। ଓଡ଼ିଆ ଜାତିର ଇତିହାସରେ ଯେ ଆଧୁନିକ ଯୁଗର ମୋଡ଼ ଫିଟିଛି, ସେ କଥା ସେ ଉପଲବ୍‌ଧି କରି ପାରିବେ । ଇଂରେଜମାନେ ଶ୍ରମର ମର୍ଯ୍ୟାଦା ବେଶି ବୁଝନ୍ତି । ଆଜି ଶିଳ୍ପ-ବିପ୍ଳବ ଫଳରେ କେବଳ ଇଂଲଣ୍ଡରେ ଯେ ଗୋଟାଏ ନୂଆ ଯୁଗ ଆସିଛି, ସେ କଥା ସେମାନେ ମଧ୍ୟ ଜାଣନ୍ତି !"

ତା ପରେ ମଧୁସୂଦନ ଆରମ୍ଭ କଲେ, ସେ ଇଂଲଣ୍ଡ ଯାଇଥିବା ବେଳେ ନିଜ ଅଭିଜ୍ଞତାର କାହାଣୀ । ଥରେ ବିଲାତର ପ୍ରଧାନମନ୍ତ୍ରୀ ଲର୍ଡ ରୋଜ୍‌ବରି କିପରି ସେଫିଲ୍‌ଡର ଛୁରୀନିର୍ମାତା କମାର ମାନଙ୍କ ଆମନ୍ତ୍ରଣରେ ସେମାନଙ୍କର କାରଖାନାକୁ ଆମନ୍ତ୍ରିତ ହୋଇ ଆସିଥିଲେ ଓ ପାନଭୋଜନାନ୍ତେ ବୈଦେଶିକ ରାଜନୀତି ସମ୍ବନ୍ଧରେ ସେମାନଙ୍କୁ ଗୋଟିଏ ସୁଦୀର୍ଘ ବକ୍ତୃତା ଦେଇଥିଲେ, ତାହାରି ସେ ପୁନରାବୃତ୍ତି କରି ବସିଲେ ।

ମଧୁସୂଦନ କହିଲେ..." ଦେଖ, ମହାମନ୍ତ୍ରୀ ତ କମାରଶାଳରେ ଉପସ୍ଥିତ ! ଖାଲି କଣ ସେତିକି ? ପ୍ରିନ୍‌ସ୍-ଅଫ୍-ୱେଲସ୍ ଲଣ୍ଡନର ଏକ ଶୁଳୁଆ ହାଟକୁ ଆମନ୍ତ୍ରିତ ହୋଇ ଦୋକାନୀମାନଙ୍କୁ ସେଠାରେ

ସମ୍ମାନିତ କରିଥିଲେ । * ଆଜି ହ୍ୱିଜ୍-ଅନର୍ ଆର୍ଟ ସ୍କୁଲ୍‌କୁ ଆସି ତାରକସୀ ବଣିଆମାନଙ୍କ ହାତରୁ ମାନପତ୍ର ନନେବେ କାହିଁକି ?"

ଗୌରୀଶଙ୍କରଙ୍କର ଏଥିରେ ଆପତ୍ତି କରିବାର କାରଣ ନଥିଲା । କିନ୍ତୁ ମଧୁସୂଦନଙ୍କ ବକ୍ତୃତାରେ ବିରାମ ନଥିଲା । ସେ କହି ଚାଲିଥିଲେ··· "ଓଡ଼ିଶାର ପ୍ରକୃତ ନିର୍ମାତା, ଏହାର ଶିଳ୍ପୀ ଓ କୃଷକ କୁଳ ! ଓଡ଼ିଆ କୃଷକଙ୍କ ଶୌର୍ଯ୍ୟ ବଳରେ ଓଡ଼ିଶା ପରିଚିତ ଇତିହାସର ପୃଷ୍ଠାରେ, ଓଡ଼ିଆ ଶିଳ୍ପୀ କାରିଗରଙ୍କ କଳାକୁଶଳତାରେ ଓଡ଼ିଶା ପରିଚିତ ବିଶ୍ୱର ସଭ୍ୟ ସମାଜରେ। ଓଡ଼ିଶାରେ ଶିଳ୍ପ-ଯୁଗର ପ୍ରତିଷ୍ଠା ଏବେ ସେହିମାନଙ୍କ ଦ୍ୱାରା କେବଳ ସମ୍ଭବ । ରଜା, ଜମିଦାର, ଓକିଲ, ହାକିମ, ରାୟବାହାଦୁର, ରାୟସାହେବମାନେ ଓଡ଼ିଶାର ଉପଭୋକ୍ତା ହୋଇପାରନ୍ତି—ମାତ୍ର ତାହାର ନିର୍ମାତା ନୁହନ୍ତି !"

ଲେଫ୍ଟେନେଣ୍ଟ—ଗଭର୍ଣ୍ଣର ମାନେ କଟକ ପରିଦର୍ଶନରେ ଆସିଲେ, ସହରର ଶିଷ୍ଟ ବିଶିଷ୍ଟ ମଣ୍ଡଳୀ, ମ୍ୟୁନିସିପାଲିଟୀ ଓ ବିଭିନ୍ନ ପ୍ରତିନିଧିମୂଳକ ସଂସ୍ଥା ପକ୍ଷରୁ ମାନପତ୍ର ଗ୍ରହଣ କରିବାର ବିଧି ଏ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଶ୍ରମିକ, ଦିନମଜୁରିଆ ମାନେ କେବେ ଯେ, ଲେଫ୍ଟେନେଣ୍ଟ-ଗଭର୍ଣ୍ଣରଙ୍କ ପରି ସମ୍ମାନାର୍ହ ହର୍ତ୍ତାକର୍ତ୍ତାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରି ପାରନ୍ତି, ଏ ଧାରଣା ସେବେଳର ସମାଜରେ ନଥିଲା । ମାତ୍ର ଇଂଲଣ୍ଡରେ ଥିବାବେଳେ ମଧୁସୂଦନ ସ୍ୱଚକ୍ଷୁରେ ଦେଖି ଆସିଥିଲେ, ସେଠାରେ ବଳୀୟର ପ୍ରବଳ ପ୍ରତାପଶାଳୀ ପ୍ରଧାନମନ୍ତ୍ରୀ ସୁଦ୍ଧା ସାଧାରଣ ଶ୍ରମିକ ସମାଜର ସମାସ୍କନ୍ଧ ପରି ମିଶିଥାନ୍ତି । ପାଶ୍ଚାତ୍ୟ ଦେଶ ମାନଙ୍କରେ ଶିଳ୍ପ-ବିପ୍ଳବ ପରେ, ସମାଜରେ ଶ୍ରମ ଓ ଶ୍ରମିକର ମର୍ଯ୍ୟାଦା ଯେଉଁ ନୂତନ ସ୍ୱୀକୃତି ଲାଭ କରିଥିଲା, ତାର ମଧ୍ୟରେ କେବଳ ଶୈଳ୍ପିକ ଅଭ୍ୟୁତ୍ଥାନ ନୁହେଁ, ଗଣତାନ୍ତ୍ରିକ ନବଜାଗରଣ ମଧ୍ୟ ସମ୍ଭବ ହୋଇ ପାରିଥିଲା । କିନ୍ତୁ ଭାରତର ସାମନ୍ତବାଦୀ ମଧ୍ୟଯୁଗୀୟ ସମାଜରେ ଦୈହିକ ଶ୍ରମ ଯେପରି ଘୃଣାର ପାତ୍ର ଥିଲା, ଶ୍ରମଜୀବୀ ମଧ୍ୟ ସେହିପରି ଅପାଙ୍‌କ୍ତେୟ ରହିଥିଲା । ଭାରତରେ ବୁଦ୍ଧିଜୀବୀ ଓ ଶ୍ରମଜୀବୀଙ୍କ ମଧ୍ୟରେ ସେ ଦିନର ସେ ବ୍ୟବଧାନ ଆଜି ଗୋଟିଏ ଶତାବ୍ଦୀ ଅତିବାହିତ ହେବା ପରେ ସୁଦ୍ଧା ଘୁଞ୍ଚିଲା ନାହିଁ ! ଭାରତୀୟ ସମାଜରେ ଏହି କାରଣରୁ ବୁଦ୍ଧିଜୀବୀମାନେ

* ଉତ୍କଳ ଦୀପିକା—ତା ୧୯ । ୧ । ୧୮୯୫ ମସିହା ପୃ ୧୯

ଜନତାର ବିଶ୍ୱାସଭାଜନ ହୋଇ ପାରି ନାହାନ୍ତି; ଭାରତୀୟ ସମାଜ ସ୍ଥାଣୁ ଓ ସ୍ଥବିର ଅବସ୍ଥାରେ ରହିଯାଇଅଛି !

ଗତ ଶତାବ୍ଦୀର ଆରମ୍ଭରେ, ମଧୁସୂଦନ ଭାରତୀୟ ସମାଜର ଏ ବିକୃତି ସ୍ପଷ୍ଟ ବୁଝିଥିଲେ । ଶ୍ରମିକର ମର୍ଯ୍ୟାଦା ନବଢେବା ପର୍ଯ୍ୟନ୍ତ ସମାଜର କଲ୍ୟାଣ ନାହିଁ କିମ୍ବା ଶ୍ରମର ଗୁଣାତ୍ମକ ବିକାଶ ନାହିଁ— ଏଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା !

ସେହିକ ହେଣୁ ଓଡିଶା-ଆର୍ଟ-ୱେଆରସ୍‌ର ତାରକସୀ ଶିଳ୍ପୀ ବଣିଆ ମାନେ ଯେତେବେଳେ ଗଡଜାତର ମହାରାଜାଙ୍କ ଠାରୁ ଆରମ୍ଭ କରି, କମିସନର୍‌, କଲେକ୍ଟରଙ୍କ ପରି ଉଚ୍ଚ ପଦାଧିକାରୀ ରାଜପୁରୁଷମାନେ ଆଉଁଥାନ୍ତି, ଲେଫ୍‌ଟେଣ୍ଟ-ଗଭର୍ଣ୍ଣର୍‌ ଉଡବର୍ଣ୍ଣଙ୍କ ଉଦ୍ଦେଶ୍ୟରେ ତାଳପତ୍ର ଖେଦାରେ ଲେଖା ମାନପତ୍ର ପାଠ କଲେ; କେବଳ କଟକ କାହିଁକି ସମସାମୟିକ ଭାରତୀୟ ସମାଜରେ ତାହା ଯେ ଏକ ଅଭୂତପୂର୍ବ ଘଟଣା ଥିଲା; ସେଥିରେ ସନ୍ଦେହ ନାହିଁ !

ଓଡିଶା ଆର୍ଟ-ୱେଆରସ୍‌ ବା ଆର୍ଟସ୍କୁଲ ପକ୍ଷରୁ ଲେଫଟେଣ୍ଟ ଗଭର୍ଣ୍ଣର ସାର ଜନ୍‌ ଉଡ୍‌ବର୍ଣ୍ଣ୍‌ଙ୍କୁ ମାନପତ୍ର ଦେବା ପାଇଁ, ମଧୁସୂଦନ କର୍ମଚଞ୍ଚଳତାର ଗୋଟାଏ ଘୂର୍ଣ୍ଣୀଝଡ଼ ଆରମ୍ଭ କରି ଦେଇଥିଲେ ।

ଲେଫ୍‌ଟେଣ୍ଟ-ଗଭର୍ଣ୍ଣର ସାରଜନଙ୍କ କଟକ ଆଗମନ ଅବକାଶରେ ଓଡିଶା-ଆର୍ଟ-ୱେଆରସ୍‌ରେ ତାରକସୀ ଶିଳ୍ପୀମାନେ ତାଳପତ୍ରରେ ଲେଖି ତାଙ୍କୁ ଏକ ମାନପତ୍ର ଅର୍ପଣ କରିଥିଲେ । ଉତ୍କଳ-ଦୀପିକା ଏ ସମ୍ବାଦ ପ୍ରକାଶ କରି ଲେଖିଥିଲେ···

" ବଙ୍ଗଳାର ଛୋଟଲାଟ ସାର ଜନ୍‌ ଉଡବର୍ଣ୍ଣ କଟକ ଗସ୍ତରେ ଆସି ମଧୁସୂଦନ ଦାସଙ୍କର ଶିଳ୍ପାଗାରମାନ ସାଢେ ପାଞ୍ଚଟା ବେଳେ ପରିଦର୍ଶନ କରିଥିଲେ । ସେ ପ୍ରସ୍ତୁତ ଦ୍ରବ୍ୟମାନ ଦେଖି ପସନ୍ଦ କରି ଏକ ବକ୍ତୃତା ଦେଇଥିଲେ । ମଧୁବାବୁ ତାଙ୍କ ବକ୍ତୃତାର ମର୍ମ ସର୍ବ-ସାଧାରଣ ଉପସ୍ଥିତ ବ୍ୟକ୍ତିଙ୍କୁ ବୁଝାଇ ଦେଇଥିଲେ । ( ଛୋଟ ) ଲାଟ ଦୁଇ ଶହ ଟଙ୍କାର ଏକ ପୁରସ୍କାର ଘୋଷଣା କରିଥିଲେ, ତତ୍‌ପର ଲାଟସାହେବ ମଧୁବାବୁଙ୍କ କୋଠିଠାରୁ ଲାଲବାଗ କମିସନରଙ୍କ କୋଠିକୁ ଆସିଲେ ।" *

* ଉତ୍କଳ-ଦୀପିକା—ତା ୧୩।୮।୧୯୦୧ ପୃ ୧୬୭

କଲିକତାର "ଷ୍ଟେଟସମ୍ୟାନ୍" ପତ୍ରିକା ତା ୨୭।୮।୧୯୦୨ରିଖ ସଂଖ୍ୟାରେ ଏହି ବିବରଣୀ ନିମ୍ନରୂପେ ଲିପିବଦ୍ଧ କରିଥିଲେ···

"The workmen of the Orissa Art Wares presented an Address in Oriya, written upon palmleaf, artistically ornamented and contained in a silver casket of excellent make, and bearing the figure in miniature of the Bhubaneswar Temple. They expressed their sincere gratitude to Sir John for his kind condescension to receive their address and their hope for help and encouragement at the hands of the Government

HIS HONOUR'S REPLY

In reply, His Honour made a kind and sympathetic reply, which he asked Mr. Das, to interpret in Oriya. He wished to say that of all the presents he had received, he considered that of these humble and poor workmen the most precious. As he would hold his office only for a few months longer, he was not in a position to do anything that would elevate them to wealth and eminence, but he would never fail to make honourable mention of their case to his successor. He would talk to the Viceroy about the matter and hoped that after him other people in authority might visit the institution and show their sympathy.

His Honour then went round and inspected each article manufactured by the workmen, and observed with great care and interest their manner of working of drawing out wares, of setting stones, etc. and handled their simple tools and implements to the intense delight of the workmen"

ଇତିମଧ୍ୟରେ ଓଡ଼ିଶାରେ ଶିଳ୍ପବିକାଶର ପ୍ରାଣକେନ୍ଦ୍ର ରୂପେ, "ଓଡ଼ିଶା-ଆର୍ଟ-ୱେୟାରସ" ଭାରତ ତଥା ଭାରତ ବାହାରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ପ୍ରଶଂସା ଦୃଷ୍ଟି ଆକର୍ଷଣ କରି ପାରିଥିଲା । ଓଡ଼ିଶା-ଆର୍ଟ-ୱେୟାରସ କାରଖାନା ସହିତ କାରିଗର ମାନଙ୍କୁ ଶିଳ୍ପକର୍ମରେ ତାଲିମ ଦେବା ଉଦ୍ଦେଶ୍ୟରେ ଗୋଟିଏ ଆର୍ଟ-ସ୍କୁଲ ସ୍ଥାପନ ପାଇଁ ମଧ୍ୟ ମଧୁସୂଦନ ଉଦ୍ୟମ କରିଥିବା ବଙ୍ଗଳାର ତତ୍କାଳୀନ ଜନନେତା ସାର ସୁରେନ୍ଦ୍ର ନାଥ ବାନାର୍ଜୀ ମଧୁସୂଦନଙ୍କୁ ଲେଖିଥିବା ଏକ ପତ୍ରରୁ ଜଣାପଡେ :

Simaltola
Dt. 16-5-1901

My Dear Mr. Das,

I am still here and have received your registered letter and I am charmed with its contents. I will have something to say about your school and workshop in the *Bengalee*. It is a noble work upon which you are engaged and in which you are bound to receive the sympathies of all true levers of their country. I trust you will organise an Industrial Exhibition in connection with the Provincial Conference of next year.

I shall be here for about three or four weeks longer. Nothing pleases me so much as solitude and the mountains and I get both here. I have to work hard for my paper but the sight of the mountains around and the jungles close by have a most exhilerating effect upon my mind. I hope you are in good health.

Yours sincerely
Surendra N. Banerjee

ଓଡ଼ିଆ ଜାତିର କଳାନୈପୁଣ୍ୟର ଅଭ୍ୟୁଦୟ ମଧ୍ୟରେ ଓଡ଼ିଆର ଲୁପ୍ତ-ଗୌରବର ପୁନରୁଦ୍ଧାର, ମଧୁସୂଦନଙ୍କର ଏକ ପ୍ରିୟତମ ସ୍ୱପ୍ନ ଥିଲା । ୧୯୧୩ ମସିହାର ଉତ୍କଳ-ସମ୍ମିଳନୀରେ ସଭାପତି-ଅଭିଭାଷଣରେ ସେ କହିଥିଲେ ······

"ସମସ୍ତ ମନୁଷ୍ୟଙ୍କର ହାତ, ଆଖି, କାନ, ନାକ ଓ ଜିଭ ଅଛି । ଶିକ୍ଷାଦ୍ୱାରା ବୁଦ୍ଧିର ଯେ ପ୍ରକାର ଉନ୍ନତି ହୋଇପାରେ, ପରିଚାଳନା ଦ୍ୱାରା ହସ୍ତାଦିମାନଙ୍କର ମଧ୍ୟ ସେହି ପ୍ରକାର ଉନ୍ନତି ହୋଇପାରେ । ସାଧାରଣ ଚକ୍ଷୁ ଅପେକ୍ଷା ସୁଶିକ୍ଷିତ ଚକ୍ଷୁର ମୂଲ୍ୟ ଅଧିକ ହୁଏ । ଯେଉଁ ହାତ କୋଡ଼ି ଧରି ମାଟି ହାଣି ସାରା ଦିନ ପରିଶ୍ରମ କରି ଦୁଇ ଅଣା ପଇସା ରୋଜଗାର କରୁଅଛି, ସେ ହାତ ଶିଳ୍ପୀର ହାତ ହେଲେ ଦିନରେ ଦୁଇଟଙ୍କା ରୋଜଗାର କରିପାରେ । ହସ୍ତାଦି ମାନଙ୍କର ଶିକ୍ଷା ଦ୍ୱାରା ଯେ ଜାତିର ଆର୍ଥିକ ଅବସ୍ଥା ଭଲ ହୋଇପାରେ, ତାହାର ଦୃଷ୍ଟାନ୍ତ ପୃଥିବୀରେ ଅନେକ ଦେଖାଯାଏ । ଜର୍ମାନ ଜାତିର କାନ ସୁଶିକ୍ଷିତ । ଏମାନେ ସଙ୍ଗୀତ ବିଦ୍ୟାରେ ନିପୁଣ, ଏହାର ଫଳ ଏହି ଯେ ପୃଥିବୀର ସମସ୍ତ ଦେଶରେ ଜର୍ମାନୀ ନିର୍ମିତ ବାଦ୍ୟଯନ୍ତ୍ରର ବିକ୍ରୟ ହେଉଅଛି ଏବଂ ତଦ୍ୱାରା ସେ ଜାତି କୋଟି

କୋଟି ଧନ ଉପାର୍ଜନ କରୁଅଛନ୍ତି । ଫ୍ରେଞ୍ଚ ଜାତି, ଚକ୍ଷୁ, ନାସିକା ଓ ଜିହ୍ୱାକୁ ସୁଶିକ୍ଷିତ କରି ଅଛନ୍ତି । ଫ୍ରେଞ୍ଚ୍ ଜାତୀୟ ଲୋକଙ୍କର ସୁଶିକ୍ଷିତ ଚକ୍ଷୁ ଥିବାରୁ ସେମାନେ କେଉଁ କେଉଁ ପଦାର୍ଥ ସୁନ୍ଦର କେଉଁ କେଉଁ ରଙ୍ଗ ସୁଦୃଶ୍ୟ, ଏ ବିଷୟ ଭଲ ବିବେଚନା ଓ ପ୍ରଚାର କରି ପାରନ୍ତି । ଏହି ହେତୁରୁ ଫ୍ରାନ୍ସ ଦେଶରୁ ସବୁ ଜାତିର ପରିଧେୟ ବସ୍ତ୍ର ଟୋପି ଏବଂ ଅନ୍ୟାନ୍ୟ ବିଳାସ ପଦାର୍ଥ ପ୍ରତ୍ୟେକ ଲୋକ ବହୁ ମୂଲ୍ୟରେ କ୍ରୟ କରୁଅଛନ୍ତି । ଆହୁରି ମଧ୍ୟ ଫ୍ରେଞ୍ଚ ଜାତି ସେମାନଙ୍କର ଜିହ୍ୱା ଓ ନାସିକାକୁ ସୁଶିକ୍ଷିତ କରି ଥିବାରୁ ଫ୍ରେଞ୍ଚ ଦେଶର ପାଚକମାନେ ବେଶି ବେତନରେ ନାନା ଦେଶରେ କାର୍ଯ୍ୟ ପାଉଅଛନ୍ତି । ଅଧିକ ଉଦାହରଣ ଦେବା ଅନାବଶ୍ୟକ । ଯାହା ଉଲ୍ଲେଖ କରାଗଲା, ତହିଁରୁ ଆପଣମାନେ ବୁଝି ପାରିବେ ଯେ, ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସୁଶିକ୍ଷିତ ହେବା ଦ୍ୱାରା ଜାତିର ଉନ୍ନତି ସମ୍ପାଦନା ଓ ଜାତୀୟ ଧନ ବୃଦ୍ଧି ହୋଇପାରେ । ମୁଁ ବୋଧକରେ ଉପସ୍ଥିତ ଉତ୍କଳବାସୀଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଭୁବନେଶ୍ୱର ରାଜାରାଣୀ ମନ୍ଦିରରେ ଥିବା ପ୍ରସ୍ତରଖୋଦିତ ମୂର୍ତ୍ତିମାନ ଦେଖିଥିବେ । ଓଡ଼ିଶାରେ ଯେଉଁ ହାତ ସେ ମୂର୍ତ୍ତି ନିର୍ମାଣ କରିଥିଲା, ସେ ହାତ ଆଜି ଥିଲେ ମର୍ମର ପଥରରେ ଯେଉଁ ମୂର୍ତ୍ତି ପ୍ରସ୍ତୁତ କରିଥାନ୍ତା, ତାହା ବହୁମୂଲ୍ୟ ହୋଇଥାନ୍ତା । କିନ୍ତୁ ଯେ ବ୍ୟକ୍ତି ସେହି ସବୁ ମୂର୍ତ୍ତି ପ୍ରସ୍ତୁତ କରୁଥିଲେ, ତାହାଙ୍କ ବଂଶଧର-ମାନେ ବର୍ତ୍ତମାନ ପଥରର ଶିଳ ଚକି ତିଆରି କରି ସାମାନ୍ୟ ଅର୍ଥ ଉପାର୍ଜନ କରୁଅଛନ୍ତି । କିଛିଦିନ ପୂର୍ବେ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆଙ୍କର ଜଣେ କର୍ମଚାରୀ ମୋତେ କହିଥିଲେ ଯେ, ପଥରର ସେ ପ୍ରକାର ମୂର୍ତ୍ତି ଓଡ଼ିଶାରେ କରାଇ ପାରିଲେ କଲିକତାରେ ଏବଂ ଅନ୍ୟାନ୍ୟ ସ୍ଥାନରେ ଗଭର୍ଣ୍ଣମେଣ୍ଟ ଯେଉଁ ବହୁମୂଲ୍ୟ ଅଟ୍ଟାଳିକାମାନ ନିର୍ମାଣ କରୁଅଛନ୍ତି ସେହି ସବୁ ମୂର୍ତ୍ତି ଅଟ୍ଟାଳିକାର ଶୋଭା-ନିମନ୍ତେ ବ୍ୟବହାର କରାଯାଇପାରନ୍ତା । କିନ୍ତୁ ତାହାହେବା ବର୍ତ୍ତମାନ ଅସମ୍ଭବ ! ଓଡ଼ିଶାରେ ପଥର ଅଛି, ଯେଉଁମାନେ ମୂର୍ତ୍ତି ତିଆରି କରୁଥିଲେ ସେମାନଙ୍କ ବଂଶର ଲୋକେ ଅଛନ୍ତି । ସେମାନଙ୍କର ହାତ ଅଛି । ମାତ୍ର ସେ ହାତ କାର୍ଯ୍ୟ କରିପାରୁନାହିଁ । ଯେଉଁ ହାତ ଅଛି ତାହା ପଥୁରିଆର ହାତ, ପଥୁରିଆ ଜାତିର ଅବନତ ଅବସ୍ଥାର ହାତ । ଉନ୍ନତ ଅବସ୍ଥାରେ ପଥୁରିଆ ଜାତିର ଯେଉଁ ହାତ ଥିଲା, ସେ ହାତ ବର୍ତ୍ତମାନ ନାହିଁ । ସେ ହାତକୁ ପୁନର୍ବାର ଉନ୍ନତ କରିବାକୁ ହେଲେ, ଶିକ୍ଷା ଓ ଅଭ୍ୟାସ ଆବଶ୍ୟକ । ଉନ୍ନତ ଅବସ୍ଥାର ହାତ ଯେଉଁ କାର୍ଯ୍ୟ

ସହାଜରେ କରୁଥିଲା, ବର୍ତ୍ତମାନ ଅବନତ ହାତ କଷ୍ଟରେ ମଧ୍ୟ ସେ କାର୍ଯ୍ୟ କରି ପାରବ ନାହିଁ । ଏହି ଉଦାହରଣରୁ ଆପଣମାନେ ବୁଝିବେ ଜାତର ହାତର ମୂଲ୍ୟ କିପରି ବଢ଼ି ପାରେ ଓ କମି ପାରେ ।''

ବିଲାତରୁ ଫେରିବା ପରଠାରୁ ମଧୁସୂଦନଙ୍କ ଭାବନାରେ ଶିଳ୍ପ-ବିପ୍ଳବ ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲା; ଓଡ଼ିଶା-ଆର୍ଟ ୱେୟାରସ୍ ଥିଲା ତାହାର ଏକ ପରିଣତି । ମାତ୍ର ବୃହତ୍ତର ଓ ବ୍ୟାପକତର ପରିବେଶରେ ଓଡ଼ିଶାର ଶିଳ୍ପାୟନ ପାଇଁ ତାଙ୍କର ଉଦ୍ୟମ ଓ ଯୋଜନାର ଅନ୍ତ ନ ଥିଲା । ବସ୍ତୁତଃ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଉଦ୍ୟମ ସହିତ ଓଡ଼ିଶାର ଶିଳ୍ପାୟନକୁ ସମନ୍ୱିତ କରିବା ତାଙ୍କ ରାଜନୈତିକ ଚିନ୍ତାର କେନ୍ଦ୍ରବିନ୍ଦୁରେ ପରିଣତ ହୋଇ ପଡ଼ିଥିଲା ।

× × ×

ସାର ଜନ୍ ଉଡ଼ବର୍ଣ୍ଣଙ୍କର ଏଥର ଥିଲା ଶେଷ କଟକ ପରିଦର୍ଶନ । ଲେଫଟେନେଣ୍ଟ ଗଭର୍ଣ୍ଣର ରୂପେ ତାଙ୍କର କାର୍ଯ୍ୟକାଳ ଓଡ଼ିଶାରେ ଶେଷ ହେବାକୁ ଯାଉଥିଲା । ମାତ୍ର ସେହି ସ୍ୱଳ୍ପ କାଳ ମଧ୍ୟରେ ମଧୁସୂଦନ ଓ ସାର୍ ଜନ୍ଙ୍କ ମଧ୍ୟରେ ବନ୍ଧୁତ୍ୱ ବେଶ ଘନିଷ୍ଠ ଓ ପ୍ରୀତିପୂର୍ଣ୍ଣ ହୋଇ ଉଠିଥିଲା ।

ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପ୍ରସଙ୍ଗ ମଧୁସୂଦନ ଏହି ଅବକାଶରେ ଉତ୍ଥାପିତ କରିଥିଲେ ସାର ଜନ୍ଙ୍କ ଠାରେ । ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ପୁଣି ପ୍ରଚଳିତ ହେବାପରେ ଓଡ଼ିଶା ସହିତ ଏହାର ମିଶ୍ରଣ ପ୍ରଶାସନ ଦୃଷ୍ଟିରୁ ଅବଧାରିତ ଥିଲା । ଓଡ଼ିଶା ସହିତ ସମ୍ବଲପୁର ଜିଲ୍ଲାର ମିଶ୍ରଣ ପରେ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶାରୁ ଅଲଗା ରଖାଯାଇ ପାରିବ କପରି ?—ସାର୍ ଜନ୍ଙ୍କଠାରୁ ମଧୁସୂଦନ ଏ ସମ୍ପର୍କରେ ଗୋଟାଏ ନିର୍ଦ୍ଦିଷ୍ଟ ସମର୍ଥନ ଆଶା କରୁଥିଲେ ।

ସାର୍ ଜନ୍ କଥାଟାକୁ ଅନ୍ୟ ଆଡ଼େ ବୁଲାଇ ନେବା ଉଦ୍ଦେଶ୍ୟରେ କହିଲେ..."କିନ୍ତୁ ସବୁ ସତ୍ତ୍ୱେ ବ୍ରିଟିଶ ଶାସନ ଓଡ଼ିଶା ପ୍ରତି ମହାକଲ୍ୟାଣକର ହୋଇଛି, ଏ କଥା ଆପଣ ଅସ୍ୱୀକାର କରି ପାରିବେ ନାହିଁ ମିଷ୍ଟର ଦାସ୍ ! ଓଡ଼ିଆଭାଷା-ଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ଦେଖିବା ପାଇଁ ମୁଁ ହୁଏତ ବଞ୍ଚି ନ ଥିବି ! କିନ୍ତୁ ମୁଁ ତୁମକୁ କହିପାରେ, ହୋମ-ସେକ୍ରେଟାରୀ

ହସ୍‌ଲେ ଓଡ଼ିଶା ପ୍ରତି ଅବଶେଷରେ ସୁବିଚାର କରିବା ପାଇଁ ଯାଉଛନ୍ତି । ଏହାର ପରିଣତ ଅତି ସୁଦୂରପ୍ରସାରୀ ହୋଇପାରେ ! ”

ଏହାର ଅଳ୍ପଦିନ ପରେ ୧୯୦୨ ସାଲ ନଭେମ୍ବର ମାସରେ ସାର୍ ଜନ୍ ଉଡ଼ବର୍ଣ୍ଣଙ୍କର ପରଲୋକ ହୋଇଥିଲା । ଉତ୍କଳ-ଦୀପିକା ସାର୍ ଜନ୍‌ଙ୍କ ପ୍ରତି ଶ୍ରଦ୍ଧାଂଜଳି ନିବେଦନ କରି ଲେଖିଥିଲେ···

“ଗ୍ଲେଟଲାଟ ଉଡବର୍ଣ୍ଣ ସାହେବଙ୍କ ପରଲୋକ ହେଲା । ସେ ଲାଟ ଥିବାବେଳେ ମଧୁବାବୁଙ୍କ ଶିଳ୍ପ କାରଖାନାମାନ ଦେଖିବାକୁ ଆସିଥିଲେ । ସ୍ମରଣ କରାଯାଇପାରେ ସେ ସେ ମଧ୍ୟପ୍ରଦେଶର ଚିଫ୍ କମିସନର ଥିବା ବେଳେ ଓଡ଼ିଆ ଭାଷା ବଦଳରେ ହିନ୍ଦୀଭାଷା ସମ୍ବଲପୁରରେ ଚଳାଇଲେ ଓ ଯେତେ ପ୍ରତିବାଦ ହେଲା, ତାର ଫଳ ଫଳିଲା ନାହିଁ । ସେ ପୁଣି ପରେ ବଙ୍ଗଳାର ଗ୍ଲେଟଲାଟ ହୋଇ ଆସିଲେ ଓ ଓଡ଼ିଶା ତାଙ୍କ ଶାସନାଧୀନରେ ରହିଲା । ସେ ସମ୍ବଲପୁର ଓଡ଼ିଆଙ୍କ ପ୍ରତି ଯେତେ ଅନ୍ୟାୟ କରିଥାନ୍ତୁ, ବଙ୍ଗଳାକୁ ଆସି ଓଡ଼ିଶାର ଶିଳ୍ପୋନ୍ନତିରେ ସେ ମନ ବଳାଇଲେ । ତାଙ୍କ ନାମାନୁସାରେ କଟକ ବଡ ଡାକ୍ତରଖାନାରେ ସ୍ତ୍ରୀଲୋକଙ୍କ ପାଇଁ ଉଡ୍‌ବର୍ଣ୍ଣ ଚିକିତ୍ସା-କେନ୍ଦ୍ର ସ୍ଥାପିତ ହୋଇଅଛି ।” *

ନାନା ଭାବରେ ୧୯୦୨ସାଲ ଓଡ଼ିଶାର ରାଜନୈତିକ ଇତିହାସରେ ଥିଲା ଏକ ଯୁଗାନ୍ତକାରୀ ବର୍ଷ । ଏହି ବର୍ଷ କଲିକତା ବିଶ୍ୱବିଦ୍ୟାଳୟରେ ମଧୁସୂଦନଙ୍କ ଉଦ୍ୟମରେ ସିଣ୍ଡିକେଟ୍‌ର ବିରୋଧ ସତ୍ତ୍ୱେ, ଏଫ୍.ଏ. ଓ.ବି. ଏ. ରେ ଓଡ଼ିଆ ପାଠ୍ୟନିର୍ଦ୍ଦିଷ୍ଟରେ ସ୍ଥାନ ପାଇ ପାରିଥିଲା । ଓଡ଼ିଆଭାଷାଭାଷୀ ଅଞ୍ଚଳ ମାନଙ୍କର ଏକ ଶାସନାଧୀନରେ ଏକତ୍ରୀକରଣ ସମ୍ପର୍କରେ ଏହି ବର୍ଷ ମିଳିଥିଲା କେତେକ ଆଶାସୂଚକ ସଙ୍କେତ ! ଏହି ବର୍ଷ ପୁଣି ଓଡ଼ିଶାରେ ଶୁଣା ଯାଇଥିଲା, ଶିଳ୍ପାଯୁଗର କ୍ଷୀଣ ପଦଧ୍ୱନି ! ଓଡ଼ିଶାର ଇତିହାସରେ ଏ ବର୍ଷଟି ଥିଲା ପ୍ରତିଶ୍ରୁତିପୂର୍ଣ୍ଣ !

---

* ଉତ୍କଳ-ଦୀପିକା ପୃ ୩୬୮ (୧୯୦୨ ସାଲ)

# ସପ୍ତଦଶ ପରିଚ୍ଛେଦ

## ( ଏକ )

ଲର୍ଡ କର୍ଜନଙ୍କ ଆଦେଶ ବଳରେ ୧୯୦୩ସାଲ ଜାନୁଆରୀ ପହିଲା ଠାରୁ ସମ୍ବଲପୁର କୋର୍ଟ କଚେରୀ ମାନଙ୍କରେ ଓଡ଼ିଆ ଭାଷା ପୁଣି ପ୍ରବର୍ତ୍ତିତ ହୋଇଥିଲା । ୧୯୦୨ସାଲରେ ଯାହା ସବୁ ଥିଲା ସମ୍ଭାବନା, ୧୯୦୩ ସାଲରେ ସେ ସବୁ କ୍ରମେ ଯେପରି ପ୍ରତିଶ୍ରୁତିରେ ରୂପାନ୍ତରିତ ହେବାପାଇଁ ଯାଉଥିଲା ! ପଞ୍ଚାବନ ବର୍ଷ ବୟସ, ଓଡ଼ିଶାର ଜଳବାୟୁରେ ଆଶାଶୂନ୍ୟ କ୍ଳାନ୍ତ ବାର୍ଦ୍ଧକ୍ୟ ନିଶ୍ଚୟ ! ଡେପୁଟୀ ମାଜିଷ୍ଟ୍ରେଟ ହୋଇଥିଲେ ମଧୁସୂଦନଙ୍କୁ ଏହି ବୟସରେ କର୍ମକ୍ଷେତ୍ରରୁ ଅବସର ନେବା ପାଇଁ ପଡ଼ିଥାନ୍ତା ! ମାତ୍ର ଏବେ ପଞ୍ଚାବନ ବର୍ଷ ବୟସରେ ଆଶାବାଦୀ ତରୁଣର ପ୍ରାଣସ୍ପନ୍ଦନରେ, ମଧୁସୂଦନ ହଠାତ୍ ଯେପରି କେତେବର୍ଷ ପଛେଇ ଯାଇଥିଲେ ! ଓଡ଼ିଶାରେ ଶୈଳ୍ପିକ-ଜାଗରଣ ପାଇଁ "ଉତ୍କଳ-ଶିଳ୍ପୋନ୍ନତି-ସଭା" ନାମରେ ଗୋଟିଏ ନୂତନ ଅନୁଷ୍ଠାନ ଗଠନ ପାଇଁ ବୈଠକ, ଆଲୋଚନା, କର୍ମବ୍ୟସ୍ତତା ମଧ୍ୟରେ ମଧୁସୂଦନଙ୍କ ବିଶ୍ରାମ ନଥିଲା । ଶୈଳ୍ପିକ ଅଭ୍ୟୁଦୟ ବ୍ୟତୀତ ଜାତୀୟ ଅଭ୍ୟୁତ୍ଥାନ ସମ୍ଭବ ନୁହେ—ଏ ଭାବନା ମଧୁସୂଦନଙ୍କ ଚିନ୍ତାରେ ଦୃଢ଼ୀଭୂତ ହୋଇ ସାରିଥିଲା । ତାହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ତାଙ୍କର ଉଦ୍ୟମରେ ଅନ୍ତ ନଥିଲା ।

ଇଂ ୧୯୦୫ ସାଲରେ ବଙ୍ଗ-ଭଙ୍ଗର ପ୍ରତିବାଦ ରୂପେ ସ୍ୱଦେଶୀ ଆନ୍ଦୋଳନର ଆରମ୍ଭ ଓ ତାହାର ବର୍ଷକ ପରେ ଇଂ ୧୯୦୬ ସାଲରେ ଦାଦାଭାଇ ନାଓରୋଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଲିକତା କଂଗ୍ରେସ ଅଧିବେଶନରେ "ସ୍ୱଦେଶୀ ପ୍ରସ୍ତାବ" * ଗୃହୀତ ହୋଇଥିଲା ।

---

* ଏହି ପ୍ରସ୍ତାବରେ କୁହାଯାଇଥିଲା...

"Resolved that this Congress accords its most cordial support to the Swadeshi movement and call upon the people of this country to labour for its success, by making earnest and sustained efforts to promote the growth of indigenous industries and to stimulate the production of indigenous articles by giving them preference over imported commodities even at some sacrifice." (History of the Congress, Vol. I By P. Sitaramaya.)

କିନ୍ତୁ ଏହାର ତିନବର୍ଷ ପୂର୍ବେ, ଓଡ଼ିଶା ତ ଦୂରର କଥା ଭାରତରେ ମହାଜାଗ୍ରତ ସ୍ତରରେ ସୁଦ୍ଧା କୁହାପି ସ୍ୱଦେଶୀ ଶିଳ୍ପୋନ୍ନତିର ଭାବନା ବିଶେଷ ଶୁଣାଯାଇ ନ ଥିଲା । ୧୯୦୧ ସାଲର କଲିକତା-କଂଗ୍ରେସ ଅଧି-ବେଶନରେ ସର୍ବପ୍ରଥମ ଗୋଟିଏ ଶିଳ୍ପପ୍ରଦର୍ଶନୀର ଆୟୋଜନ ହୋଇଥିଲା । ମଧୁସୂଦନ ସେହି ଶିଳ୍ପ-ପ୍ରଦର୍ଶନୀକୁ "ଓଡ଼ିଶା ଆର୍ଟ ୱେ୍ଆରସ୍"ରେ ନିର୍ମିତ ଦ୍ରବ୍ୟ ସମ୍ଭାର ଧରି ଯାଇଥିଲେ । 'ଉତ୍କଳ-ଦୀପିକା' କଲିକତା କଂଗ୍ରେସର ଏହି ବିବରଣୀ ଦେଇ ଲେଖିଥିଲେ···

"କଂଗ୍ରେସ ସହିତ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ହୋଇଥିଲା । ମଧୁବାବୁଙ୍କ କାରଖାନାର ଜିନିଷପତ୍ର ସେଠାରେ ପ୍ରଦର୍ଶିତ ହୋଇଥିଲା । ନାନା ସ୍ଥାନର ଦ୍ରବ୍ୟ ମଧ୍ୟରେ ମଧୁସୂଦନଙ୍କ ଶିଳ୍ପାଗାର ପ୍ରସ୍ତୁତ ସୁନାରୂପା ତାରକସି କାମ, ଚର୍ମାଙ୍କ ଯୋତା, ଶିଙ୍ଗ କାମ ଇତ୍ୟାଦି କଂଗ୍ରେସ ଦର୍ଶକ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଥିଲା" । *

୧୯୦୨ ସାଲ ଅହମେଦାବାଦ କଂଗ୍ରେସ ଅଧିବେଶନରେ ମଧ୍ୟ ଗୋଟିଏ ଶିଳ୍ପ ପ୍ରଦର୍ଶନୀ ବରୋଦା ମହାରାଜାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଶିଳ୍ପୋନ୍ନତି ସହିତ ରାଜନୈତିକ ଜାଗରଣର ଅଭେଦ୍ୟ ସମ୍ପର୍କର ସୂଚନା ଦେଇ ସେହି ଅଧିବେଶନର ସଭାପତି ସୁରେନ୍ଦ୍ରନାଥ ବାନାର୍ଜି ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ ··

"We the men of the Congress regard the industrial and the political movements as indissolubly linked together—we hold that they act and react upon each other, and by their mutual interaction swell the volume of both. †

ସ୍ୱଦେଶୀ ଶିଳ୍ପର ଭାବନା ଏହିପରି ତତ୍ତ୍ୱାସ୍ତରରେ ରହିଥିଲେହେଁ, ସଂଗଠିତ ଓ ଯୋଜନାବଦ୍ଧ ଭାବରେ ତାହାର ଅନୁଶୀଳନ କୁହାପି ପରିଲକ୍ଷିତ ହେଉ ନଥିଲା ।

ସେଥିପାଇଁ ସେଦିନର ବୈଠକରେ ଓଡ଼ିଶାରେ ସ୍ୱଦେଶୀ ଶିଳ୍ପର ପ୍ରସଙ୍ଗ ଉଠାଇବା ବେଳେ, ଗୌରୀଶଙ୍କର କହିଲେ···"ସମ୍ବଲପୁରରେ ଓଡ଼ିଆଭାଷା ପ୍ରଚଳିତ ହେବାପରେ ଅବିକା ପଢ଼ିଛି ଓଡ଼ିଆ ଭାଷାଭାଷୀ

---

* ଉତ୍କଳ-ଦୀପିକା-ତା ୪।୧।୧୯୦୨ ପୃ ୩

† ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ—ମଣି ବାଗ୍‌ଚୀ ପୃ ୯୮୩

ଅଞ୍ଚଳମାନଙ୍କୁ ଏକ ଶାସନାଧୀନରେ ରଖିବା ପ୍ରସ୍ତାବ; ଷ୍ଟେଟସ୍ମ୍ୟାନ୍ ବୋରଡ଼ିଲନ୍ ସାହେବଙ୍କ ଠାରେ ଉପସ୍ଥାପିତ କରାଯିବାର ପ୍ରସଙ୍ଗ । ଏତେବେଳେ ମଧୁବାବୁ କାଢ଼ିଲେଣି ଉତ୍କଳ ଶିଳ୍ପୋନ୍ନତି ସଭା ! ଓଡ଼ିଶାରେ କେତେଟା ସଭା, ସମ୍ମିଳନୀ ହେବ ଶୁଣେ ?''

କଟକ ପ୍ରିଣ୍ଟିଙ୍ଗ କୋମ୍ପାନୀ କୋଠାରେ ବସିଥିଲା, ଉତ୍କଳ ସଭାର ଘରୋଇ ବୈଠକ ।

ରାୟ ବାହାଦୁର ହରିବଲ୍ଲଭ ଘୋଷ କହିଲେ···"ମନ୍ତ୍ରୀମାନଙ୍କର ସମବାୟ ସମିତି ଗଢ଼ିବା ପାଇଁ ମଧୁବାବୁ ଲାଗି ପଡ଼ିଥିଲେ । ସେଦିନ ତେଲେଙ୍ଗାବଜାର ମୋଚୀ ସାହିରେ ବୁଲୁଥିଲେ ମୋଚି ମାନଙ୍କର ଗୋଟାଏ କୋମ୍ପାନୀ ଠିଆ କରିବା ପାଇଁ । ଏବେ ପୁଣି ମୁଣ୍ଡରେ ଭୂତ ବସିଲାଣି ଉତ୍କଳ ଶିଳ୍ପୋନ୍ନତି ସଭା !''

ରାୟବାହାଦୁରଙ୍କ କଥାରେ ବୈଠକରେ ଗୋଟାଏ ହାସ୍ୟରୋଳ ଉଠିଲା । କିନ୍ତୁ ମଧୁସୂଦନ ସେଥିରେ ନିରୁତ୍ସାହିତ ନହୋଇ କହିଲେ··· ''ଓଡ଼ିଆଭାଷୀ ଅଞ୍ଚଳ ସବୁ ଏକାଠି ମିଶିବ ସତ୍ୟ । ମାତ୍ର ସେ ଓଡ଼ିଶା ଯଦି ଅର୍ଥନୈତିକ ଦିଗରୁ ଥାଏ ଅନୁନ୍ନତ, ଅନଗ୍ରସର, ତା'ହେଲେ, ସେପରି ଓଡ଼ିଶାରେ ଓଡ଼ିଶାବାସୀଙ୍କର କି ଲାଭ ? ସେମାନଙ୍କ ପାଇଁ ଅବସ୍ଥା ହେବ ଯୋଉ ଛମିରେକୁ ସେଇ ଛମିରେ !''

ଶିଳ୍ପ-ପ୍ରସଙ୍ଗ ଉଠିଲେ ମଧୁସୂଦନ ପ୍ରଗଲ୍ଭ ହୋଇ ଉଠୁଥିଲେ । ସେ କହି ଚାଲିଲେ, ଓଡ଼ିଆ ଜାତିର ଜିନିଅସ୍, ତାହାର ଅନ୍ତର୍ନିହିତ ପ୍ରତିଭା ରହିଛି, ତାର କଳାକର୍ମରେ ! ଜର୍ମାନୀ ଜାତିର କାନ ଯେପରି ସୃଷ୍ଟି କରିଛି ତାହାର ଶ୍ରେଷ୍ଠ ସଙ୍ଗୀତ, ଫରାସୀ ଜାତିର ଜିଭ ଯେପରି ସେମାନଙ୍କୁ କରି ପାରିଛି ପୃଥିବୀରେ ଶ୍ରେଷ୍ଠ ସୂପକାର, ଓଡ଼ିଆର ଆଙ୍ଗୁଠି ସେହିପରି ବଞ୍ଚିବ ଓଡ଼ିଆକୁ ପ୍ରସିଦ୍ଧ କରାଇବ କାରିଗର ରୂପେ ! ଓଡ଼ିଆଭାଷୀ - ଅଞ୍ଚଳ ମାନଙ୍କର ଏକତ୍ରୀକରଣ ସେ ଦିଗରେ ଗୋଟାଏ ପନ୍ଥା ସିନା !''

ମଧୁସୂଦନଙ୍କ ଯୁକ୍ତି ଯେପରି ଥିଲା ଅକାଟ୍ୟ, ତଥ୍ୟ ମଧ୍ୟ ଥିଲା ସେହିପରି ଅବିସମ୍ବାଦିତ । ସେହିଦିନ ଉତ୍କଳ ଶିଳ୍ପୋନ୍ନତି ସଭାର ପ୍ରାଥମିକ ଭିତ୍ତିପତ୍ତନ ହୋଇଥିଲା, ସେହି ଘରୋଇ ବୈଠକରେ । କେବଳ ଓଡ଼ିଶାରେ

ତାହାଁଙ୍କ; ସମଗ୍ର ଭାରତରେ ଯୋଜନାବଦ୍ଧ ଶିଳ୍ପ-ଜାଗରଣର ତାହା ଆଦ୍ୟ-ପ୍ରୟାସ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

× × ×

୧୯୦୩ ସାଲର ବର୍ଷାରମ୍ଭ···

ସମ୍ରାଟ ସପ୍ତମ ଏଡ୍‌ୱାର୍ଡ଼ଙ୍କ ଅଭିଷେକୋପଲକ୍ଷେ କଟକର ଲାଲବାଗ-କୋଠୀ ହତାରେ ଆୟୋଜିତ ହୋଇଥିଲା ଦରବାର ସମାରୋହ । *

ଏଥିରେ ଯୋଗ ଦେବା ପାଇଁ ଗଡ଼ଜାତର ରାଜାମହାରାଜାଙ୍କ ଠାରୁ ଆରମ୍ଭ କରି ଜମିଦାରୀ ଇଲାକାର ଜମିଦାର ଓ ଅନ୍ୟ ଶିଷ୍ଟ ବିଶିଷ୍ଟ ମଣ୍ଡଳୀ କଟକରେ ସମବେତ ହୋଇଥିଲେ । ମଧୁସୂଦନଙ୍କ ମନରେ ଉଦିତ ହେଲା, ଏଇ ଦରବାର-ମେଳା ପରି ଓଡ଼ିଆ ଜାତିର ଯଦି ଗୋଟାଏ ମହାମେଳା, ମିଳନପୀଠ ଗଠିତ ହୋଇ ପାରନ୍ତା, ଜାତିର ଅଭ୍ୟୁତ୍‌ଥାନରେ ତାହା ପରମ ସହାୟକ ହୁଅନ୍ତା । ଓଡ଼ିଶାରେ ସେପର୍ଯ୍ୟନ୍ତ ଉତ୍କଳ-ସଭା ଓ ଓଡ଼ିଶା-ପିପଲସ୍-ଆସୋସିଏସନ୍ ସେହିପରି ମିଳନପୀଠ ରୂପେ କାର୍ଯ୍ୟ କରି ଆସିଥିଲେ । କିନ୍ତୁ ଗୌରୀଶଙ୍କର ଦୀନାନାଥ ବାନାର୍ଜୀଙ୍କ ମୃତ୍ୟୁ ପରଠାରୁ ଓଡ଼ିଶା-ପିପୁଲସ୍-ଆସୋସିଏସନ୍‌ର ଅବସ୍ଥା ଜୀବନ୍ମୃତ । ପୁଣି ଉତ୍କଳ-ସଭା ବା ଓଡ଼ିଶା-ଆସୋସିଏସନର କର୍ମପରିସର ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କୋଠାର ବୈଠକଖାନା ଡେଇଁ ତଥାପି ବାହାରକୁ ଯାଇ ପାରି ନଥିଲା । ପୁରୀ, ବାଲେଶ୍ୱର ଓ ସମ୍ବଲପୁରର ପ୍ରତିନିଧିମୂଳକ ଅନୁଷ୍ଠାନ ମାନଙ୍କ ସହିତ ଏହାର ଯୋଗସୂତ୍ର ଥିଲେହେଁ; ବିଚ୍ଛିନ୍ନ ଓଡ଼ିଆଭାଷାଭାଷୀ ଭୂଖଣ୍ଡ ପୁଣି ଗଡ଼ଜାତ ମାନଙ୍କ ସହିତ ଏହାର କୌଣସି ଯୋଗସୂତ୍ର ସ୍ଥାପିତ ହୋଇପାରି ନଥିଲା । ଓଡ଼ିଆ ଜାତିର ଐକ୍ୟ ଶାସନ କ୍ଷେତ୍ରରେ ସ୍ୱୀକୃତ ହେଉ ବା ନହେଉ ଜାତୀୟ ଚେତନାରେ ସୁଦ୍ଧା ଏହା ତଥାପି ସଂହମିତ ହୋଇ ପାରି ନଥିଲା । ହୃଦୟର ଯୋଗସୂତ୍ର ଯେଉଁଠାରେ ନାହିଁ, ସେଠାରେ ଜାତୀୟ ଅଥବା ସାଂସ୍କୃତିକ ଐକ୍ୟର ଆକର୍ଷଣ ଆସିବ କାହୁଁ ? ୧୮୯୮ ସାଲରେ ମଧୁସୂଦନ ବିଲାତରୁ ଫେରିବା ପରେ, ଏ ଅଭାବ ବେଶ୍ ତୀବ୍ର ଭାବରେ ଅନୁଭବ କରିଥିଲେ । ଗ୍ରେଟ ବ୍ରିଟେନ୍‌ରେ ସେ ଦେଖି ଆସିଥିଲେ ବ୍ରିଟିଶ ଜାତିର ଜାତୀୟତା, ୟୁରୋପରେ ଲକ୍ଷ୍ୟ କରି

* ଉତ୍କଳ-ଦୀପିକା ୧୦।୧।୧୯୦୩

ଆସିଥିଲେ ବିଭିନ୍ନ ଜାତି ମଧ୍ୟରେ ଆବେଗଗତ ଓ ସାଂସ୍କୃତିକ ଐକ୍ୟର ଚେତନା । ଏ ସବୁ ତାଙ୍କ ଦୃଷ୍ଟିରୁ ବାଦ ପଡ଼ିନଥିଲା । କିନ୍ତୁ ଓଡ଼ିଶାରେ ସେ ପର୍ଯ୍ୟନ୍ତ ତାହାର କ୍ଷୀଣତମ ସତ୍ତା ସୁଦ୍ଧା ସଞ୍ଚାରିତ ହୋଇ ନଥିଲା । ଓଡ଼ିଶାର ସାଧାରଣ ଜୀବନରେ -ଓଡ଼ିଆ, ବଙ୍ଗାଳୀ, ହିନ୍ଦୁ, ଖ୍ରୀଷ୍ଟିୟାନ୍, ପାର୍ସୀ, ମୁସଲମାନ ଏହିପରି ବିଗ୍ରହର ଯେମିତି ଶତ ବିଭେଦ ! ସେଥିରେ ଓଡ଼ିଆ ଜାତିର ଭ୍ରାତୃ ମିଳନର ଆଶା ଥିଲା ଦୁରାଶା; ସମ୍ଭାବନା ଥିଲା ବିଡମ୍ବନା । ପ୍ରତ୍ୟେକେ ନିଜ ନିଜର କ୍ଷୁଦ୍ର ଅହମିକା ଓ ବିଭେଦ ଯେମିତି ବ୍ୟସ୍ତ । ଓଡ଼ିଆ ଜାତିର ସମୃଦ୍ଧ ଚିନ୍ତା ପାଇଁ କାହାର ବା ଅବକାଶ କାହିଁ ? ସେତେବେଳେ ଓଡ଼ିଶାବାସୀ ମାତ୍ରେ ସମସ୍ତଙ୍କର ଏକ ଜାତୀୟ ମିଳନ-ପୀଠର ସଙ୍ଗଠନ ପାଇଁ ମଧୁସୂଦନ ବିଭିନ୍ନ ଗୋଷ୍ଠୀର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଯେମିତି ଉଦ୍ୟମ ଆରମ୍ଭ କରିଥିଲେ । ମାତ୍ର ନାନା କ୍ରିୟା ପ୍ରତିକ୍ରିୟା ମଧ୍ୟରେ ତାହା ବେଶୀ ଦୂର ଅଗ୍ରସର କରି ପାରି ନଥିଲା । ଏବେ ଅଭିଷେକ-ଦରବାରର ଉତ୍ସବ କୋଳାହଳ ମଧ୍ୟରେ ମଧୁସୂଦନଙ୍କ ମନରେ ପୁଣି ଥରେ ଜାଗିଥିଲା ସେଇ ଭାବନା ।

ଗୌରୀଶଙ୍କରଙ୍କର ଆପତ୍ତି ନଥିଲା । ମାତ୍ର ଓଡ଼ିଶା ଆସୋସିଏସନ୍‌ର କର୍ମ ପରିସର ବଢ଼ାଇ ପାରିଲେ ଏହି ଉଦ୍ଦେଶ୍ୟ କଣ ସାଧିତ ହୋଇ ପାରନ୍ତା ନାହିଁ ?— ଗୌରୀଶଙ୍କର ପଚାରିଲେ ।

ଗୋକୁଳାନନ୍ଦ ଚୌଧୁରୀ ଓ ଭିକାରୀଚରଣ ପଟ୍ଟନାୟକ ପ୍ରମୁଖ ଜମିଦାର ମାନେ ସେଠାରେ ସେଦିନ ଉପସ୍ଥିତ ଥିଲେ । ସେମାନେ କହିଲେ ପ୍ରସ୍ତାବଟି ମନ୍ଦ ନୁହେଁ । ବଙ୍ଗଳା-ପ୍ରଭିନ୍‌ସିଆଲ-କନଫରେନ୍‌ସ ପରି ଏକ ଅନୁଷ୍ଠାନ ଓଡ଼ିଶାରେ ଯଦି ସଂଗଠିତ ହୋଇ ପାରନ୍ତା; ତାହେଲେ ଓଡ଼ିଶାର ଜାତୀୟ ଅଭ୍ୟୁତ୍ଥାନରେ ତାହା ସହାୟକ ହୁଅନ୍ତା । କଂଗ୍ରେସ ମହାଜାତୀୟ ସମସ୍ୟା ଯେମିତି ବ୍ୟସ୍ତ । ଓଡ଼ିଶା ପରି ପ୍ରଦେଶ ବା ଅଞ୍ଚଳ ମାନଙ୍କର ବିଶେଷ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ କଂଗ୍ରେସରେ ଅବକାଶ କାହିଁ ? ପୁଣି ଓଡ଼ିଶା-ଆସୋସିଏସନ୍ ବା ଉତ୍କଳ-ସଭାର ସମ୍ମେଳନ ତୁଳନାରେ ଏ ପ୍ରକାର ଏକ ସମ୍ମିଳନୀର ଆବେଦନ ବ୍ୟାପକତର, ଗଭୀରତର ହୋଇ ପାରନ୍ତା; ସନ୍ଦେହ ନାହିଁ ।

ପ୍ରସ୍ତାବରେ କାହାର ଦ୍ୱିମତ ନଥିଲା । ମାତ୍ର କାର୍ଯ୍ୟରେ ଏହା ପରିଣତ ହେବ କପରି ? ବିଲେଇ ବେକରେ ଘଣ୍ଟି ବାନ୍ଧିଲେ ତ ବାନ୍ଧିବେ ସେଇ ମଧୁବାବୁ !

ଆଠଗଡ଼ ରାଜା ଶ୍ରୀକରଣ ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ ଏ ପ୍ରସ୍ତାବରେ ମହା ଉତ୍ସାହିତ । କଲିକତାର ହିନ୍ଦୁମେଳା ପରି ଗୋଟାଏ ମେଳା ଓଡ଼ିଶାରେ ତଥାପି ସମ୍ଭବ ହୋଇ ପାରୁ ନଥିବାରୁ, ତାଙ୍କର ଅବଶୋଷ ଅନେକ ଦିନର । ମଧୁସୂଦନଙ୍କ ପ୍ରତ୍ୟେକ କଥାରେ କେନ୍ଦୁଝର ମହାରାଜା ଧନୁର୍ଜୟନାରାୟଣଙ୍କର ସମ୍ମତି । ଲାଲବାଗ କୋଠୀରେ ଦରବାର ଶେଷ ହେବା ପରେ, ମଧୁସୂଦନଙ୍କ କୋଠୀରେ ଆରମ୍ଭ ହୋଇଗଲା, ଓଡ଼ିଆର ଜାତୀୟ-ଦରବାରର ଆୟୋଜନ । 'ଉତ୍କଳ-ଦୀପିକା' ଏହାର ବିବରଣୀ ନିମ୍ନରୂପେ ପ୍ରକାଶ କରିଥିଲେ···

"ମାନ୍ୟବର ମଧୁସୂଦନ ଦାସଙ୍କ ଗୃହରେ ଉତ୍କଳର ଭଦ୍ରମଣ୍ଡଳୀଙ୍କ ସମ୍ମିଳନୀ ହୋଇଥିଲା । ତାଙ୍କର ହତା ଓ ସଭାସ୍ଥଳ ସଜାସଜ ହୋଇଥିଲା । ମଧୁବାବୁ ସମସ୍ତଙ୍କୁ ଆହ୍ୱାନ କରି ଆମ ଦେଶରେ ଏକତାର ଅଭାବ ବିଷୟରେ ବକ୍ତୃତା ଦେଇଥିଲେ ଓ ଏକଜୋଟ ହୋଇ ଜନ୍ମଭୂମିର ସେବା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ତାହାକୁ ଅନ୍ୟ ବକ୍ତା ମାନେ ସମର୍ଥନ କଲେ । ଜାତୀୟ ସଙ୍ଗୀତ ବୋଲା ଯାଇଥିଲା । ସମସ୍ତେ ସଭା ସମ୍ମୁଖରେ ଦଣ୍ଡାୟମାନ ହୋଇ ସନ୍ତୋଷ ପ୍ରକାଶ କରିଥିଲେ । ପରି- ଶେଷରେ ଆଠଗଡ ରାଜା ଶ୍ରୀକରଣ ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ ପ୍ରସ୍ତାବ କଲେ ଯେ ପ୍ରତିବର୍ଷ ଓଡ଼ିଶାରେ ମହାମେଳା କରାଯାଉ । ଏହିପରି ସମ୍ମିଳନୀର ଗୋଟିଏ ଦିବସ ଧାର୍ଯ୍ୟ କରାଯାଉ । ସମସ୍ତ ଭଦ୍ରମାନ୍ୟବର୍ଗଙ୍କର ମତ ପରେ ଶେଷରେ ସମସ୍ତଙ୍କର ମୁଖପାତ୍ର ସ୍ୱରୂପ କେନ୍ଦୁଝର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ବାବୁ ମଧୁସୂଦନ ଦାସଙ୍କ ଉପରେ ଏ ସଂଗଠନର ଭାର ନ୍ୟସ୍ତ କଲେ ।" *

ଏହିପରି ଭାବରେ ଉତ୍କଳ-ସମ୍ମିଳନୀର ଭିତ୍ତି ୧୯୦୩ ସାଲ ଜାନୁୟାରୀ ମାସରେ ସେଦିନ, ମଧୁସୂଦନଙ୍କ ବାସଭବନରେ, ତାଙ୍କର ଆନୁକୂଲ୍ୟ ଓ ଉଦ୍ୟମରେ ସ୍ଥାପିତ ହୋଇଥିଲା । ତାହା ୧୯୦୩ ସାଲ ଜାନୁୟାରୀ ୭ ତାରିଖ···ଓଡ଼ିଶାର ରାଜନୈତିକ ଇତିହାସରେ ଏକ ସ୍ମରଣୀୟ ଦିବସ !

* ଉତ୍କଳ ଦୀପିକା—ତା ୧୦ । ୧ । ୧୯୦୩ ଦ୍ରଷ୍ଟବ୍ୟ

ଏହି ମିଳନର ପ୍ରେରଣାରେ ଗଂଜାମ ଓ ସମ୍ବଲପୁରର ଅଧିବାସୀ ମାନେ ଓଡ଼ିଶା ସହିତ ଏକ ଶାସନାଧୀନରେ ମିଶ୍ରଣ ପାଇଁ, ଭାଇସରସ୍ଙ୍କ ଠାରେ ସ୍ମାରକପତ୍ର ଉପସ୍ଥାପିତ କଲେ । ବାଲେଶ୍ୱରର ରାଜା ବୈକୁଣ୍ଠ ନାଥ ଦେ ମଧ୍ୟ ଗ୍ରହଣ କରିଲେ ଗୋଟାଏ ସ୍ମାରକପତ୍ର, ଓଡ଼ିଆଭାଷାଭାଷୀ ଅଞ୍ଚଳ ମାନଙ୍କର ବଙ୍ଗଳା ସରକାରଙ୍କ ଅଧୀନରେ ଏକତ୍ରୀକରଣ ପାଇଁ । ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ସବୁଆଡ଼େ 'ସାଜ ସାଜ' ରବ !

ଏହି ସମୟରେ ଦିନେ ମଧୁସୂଦନଙ୍କ ଷ୍ଟଡ଼ି ଭିତରକୁ ଗୋକୁଳା-ନନ୍ଦ ଚୌଧୁରୀ ଆସି କହିଲେ···"ଆଜିର ପାଇଓନିଅର୍ କାଗଜଟା ଦେଖିଛନ୍ତି ସାର୍ ?"

ମଧୁସୂଦନ ଟେବୁଲ ଉପରୁ ମୁଣ୍ଡ ଉଠାଇ ପଚାରିଲେ···"ଖବର କଣ ? କି ଖବର ବାହାରିଛି ପାଇଓନିଅରରେ ?"

ଗୋକୁଳାନନ୍ଦ ଉତ୍ତର ଦେଲେ···"ଓଡ଼ିଆ ଭାଷାଭାଷୀ ଅଞ୍ଚଳ-ମାନ ମଧ୍ୟପ୍ରଦେଶ ଅଧୀନରେ ରଖିବା ପାଇଁ ଭାରତ ସରକାର ମସୁଧା କରୁଛନ୍ତି ।"

ସମ୍ବଲପୁର ଜିଲ୍ଲାରେ ଓଡ଼ିଆଭାଷାର ପୁନର୍ପ୍ରଚଳନ ସମସ୍ୟା ଆନ୍ଦୋଳିତ ହେବା ଦିନୁ ଭାରତସରକାରରେ ଏପରି ପ୍ରସ୍ତାବ କେତେଥର ଯେ ନ ଉଠିଛି ନୁହେଁ ।

ମଧୁସୂଦନ ପଚାରିଲେ··· "ଆଲ୍ଲାହାବାଦର ପାଇଓନିୟର ଏ ସମ୍ବାଦଟା ପାଇଲେ କେଉଁଠୁ ?"

ତାପରେ ସ୍ୱଗତୋକ୍ତି କରିବା ପରି କହି ଉଠିଲେ···

"ନନ୍‌ସେନ୍‌ସ୍ !"

ଗୋକୁଳାନନ୍ଦ ଆଶା କରୁଥିଲେ ମଧୁସୂଦନ ଏ ସମ୍ବାଦକୁ ସ୍ୱାଗତ କରିବେ ! କିନ୍ତୁ ମଧୁସୂଦନଙ୍କ ପ୍ରତିକ୍ରିୟାରେ ତାଙ୍କ ମୁହଁଟା ମଳିନ, ଗମ୍ଭୀର ହୋଇ ଉଠିଲା ।

( ଦୁଇ )

**ସେ**ଦିନ ସକାଳଟା କଟିଥିଲା, କଠୋର ପରିଶ୍ରମ ଓ କର୍ମବ୍ୟସ୍ତତା ମଧ୍ୟରେ । ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ମିଷ୍ଟର ଜେମସ୍ ବୋର୍ଡିଲନ୍ ଆସିଥିଲେ ଆର୍ଟ-ଓ୍ୱେ ଆରସ୍ ପରିଦର୍ଶନରେ । ଜନ୍ ବୋର୍ଡ଼ିଲନ୍‌ଙ୍କୁ ସାକ୍ଷାତ କରିବା ପାଇଁ କଟକ ଆସିଥିଲେ ମୟୂରଭଂଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ । ଓଡ଼ିଶାର ଦେଶୀୟ ରାଜନ୍ୟମଣ୍ଡଳୀଙ୍କ ମଧ୍ୟରେ ସେ ଯେପରି ଥିଲେ ଅଗ୍ରଗଣ୍ୟ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର କଲ୍ୟାଣ ସାଧନରେ ମଧ୍ୟ ସେହିପରି ଥିଲେ ନିରଳସ । ମଧୁସୂଦନ ତେଣୁ ଠିକ୍ ବୁଝିଥିଲେ, ନିଜର କର୍ମ-ଯୋଜନାରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ ଆଗ୍ରହୀ କରାଇ ପାରିଲେ, ସବୁ ଦିଗରୁ ତାହା ସୁଫଳପ୍ରଦ ହେବ । ଓଡ଼ିଶା ଗଡ଼ଜାତର ଅନ୍ୟ ରାଜାମାନେ ଶିଳ୍ପବିସ୍ତାର ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ପ୍ରଭୃତି ମଧୁସୂଦନଙ୍କ ବିଭିନ୍ନ କର୍ମଯୋଜନା ସହିତ ସମ୍ପୃକ୍ତ ହୋଇ ସାରିଥିଲେହେଁ, ମୟୂରଭଂଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଙ୍କ ସହିତ ସେ ପର୍ଯ୍ୟନ୍ତ ତାଙ୍କର ଘନିଷ୍ଠ ଯୋଗସୂତ୍ର ସ୍ଥାପିତ ହୋଇ ପାରିନଥିଲା ।

ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ସାର୍ ଜନ୍ ବୋର୍ଡ଼ିଲନ୍‌ଙ୍କ ସହିତ ସାକ୍ଷାତ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ କଟକ ଆସିଥିବା ଅବକାଶରେ ମଧୁସୂଦନ ଦେଖିଲେ, ସେଥିପାଇଁ ଏକ ସୁଯୋଗ ଉପସ୍ଥିତ ହୋଇଅଛି । ସେହି ଅଭିପ୍ରାୟରେ, ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ, ସେଦିନ ସନ୍ଧ୍ୟାରେ ମଧୁସୂଦନ ନିଜ ବାସଭବନରେ ଏକ ଉଦ୍ୟାନ-ମିଳନର ଆୟୋଜନ କରିଥିଲେ ।

× × ×

ସନ୍ଧ୍ୟାରେ ଉଦ୍ୟାନ-ମିଳନ ।

ବାହାର ଲନ୍‌ରେ ଉଦ୍ୟାନମିଳନ ପାଇଁ ପ୍ରସ୍ତୁତିର କୋଳାହଳ ତଥାପି ନୀରବ ହୋଇନାହିଁ । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରେଭେନ୍‌ସା କଲେଜର ଛାତ୍ରମାନେ ଦଳ ଦଳ ହୋଇ ପହଞ୍ଚି ଗଲେଣି । ଶୈଳବାଳା ହୋଇଛନ୍ତି ସେମାନଙ୍କ ନେତ୍ରୀ । ଶୈଳବାଳାଙ୍କ ନିର୍ଦ୍ଦେଶ ଅନୁସାରେ, ଉଦ୍ୟାନ-ମିଳନ ପାଇଁ ପ୍ରସ୍ତୁତିରେ ଶେଷ ସ୍ପର୍ଶ ଦିଆ ଚାଲିଛି । ତାର

ମସ୍ତିଷ୍କରେ ବେଳେ ବେଳେ ଶୁଭୁଛି, କନିକାର ତରୁଣ ରାଜା ରାଜେନ୍ଦ୍ର-ନାରାୟଣ ଭଞ୍ଜଦେଓଙ୍କ କଣ୍ଠସ୍ୱର । ସେ ମଧ୍ୟ ଉଦ୍ୟାନ-ମିଳନର ଆୟୋଜନରେ ନିଜକୁ ପୂର୍ଣ୍ଣ ଉତ୍ସାହରେ ମିଶାଇ ଦେଇଅଛନ୍ତି । ସମ୍ପ୍ରତି ତାଙ୍କର ଅଭିଭାବକତ୍ୱର ଦାୟିତ୍ୱ ମଧୁସୂଦନଙ୍କ ଉପରେ ନ୍ୟସ୍ତ ହୋଇଥିଲା । ମଧୁସୂଦନ ତାଙ୍କ ଲାଇବ୍ରେରୀ ଭିତରେ ପାଦଚାରଣା କରି ମନେମନେ ଗୋଟିଏ ଭାଷଣର ଖସଡ଼ା ପ୍ରସ୍ତୁତ କରୁଥିଲେ । ଉଦ୍ୟାନ-ମିଳନରେ ଆମନ୍ତ୍ରିତମଣ୍ଡଳୀଙ୍କୁ ଗୋଟିଏ ଉଦ୍‌ବୋଧନ ଦେବା ପାଇଁ ପଡ଼ିବ । ଉଦ୍‌ବୋଧନଟି କେବଳ ବୁଦ୍ଧିଗ୍ରାହ୍ୟ ହେଲେ ଚଳିବ ନାହିଁ; ସେଥିରେ ମଧ୍ୟ ଥିବା ଆବଶ୍ୟକ ପ୍ରାଣର ଆବେଗ ।

ଏହି ସମୟରେ ଗୋକୁଳାନନ୍ଦ ଲାଇବ୍ରେରୀ ଭିତରକୁ ଆସି କହିଲେ···"ରାଜା ବୈକୁଣ୍ଠ ନାଥ ଦେ ଆସି ଗଲେଣି ସାର୍ !"

ମଧୁସୂଦନ କାନ୍ଥ ଘଣ୍ଟାକୁ ଚାହିଁ ଦେଖିଲେ, ଛଅଟା ବାଜିବା ପାଇଁ ତଥାପି ପନ୍ଦର ମିନିଟ ବାକି । ନିମନ୍ତ୍ରଣ କିନ୍ତୁ ସନ୍ଧ୍ୟା ଛଅଟାରେ । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରାଜା ବୈକୁଣ୍ଠନାଥ ଆସି ପହଞ୍ଚି ଯାଇଥିଲେ । ମଧୁସୂଦନ କହିଲେ···"ତାଙ୍କୁ ବୈଠକଖାନାରେ ବସାଅ ।"

ଗୋକୁଳାନନ୍ଦ ଚାଲି ଯାଉଥିଲେ; ମଧୁସୂଦନ ତାଙ୍କୁ ଅଟକାଇ ପଚାରିଲେ···"ଜନନୀ ଆଉ ଜନ୍ମଭୂମି ମଧ୍ୟରେ କିଏ ଶ୍ରେଷ୍ଠ ଗୋକୁଳାନନ୍ଦ ?"

ଏପରି ଏକ ପ୍ରଶ୍ନର ଉତ୍ତର ପାଇଁ ଗୋକୁଳାନନ୍ଦ ପ୍ରସ୍ତୁତ ନଥିଲେ । ସେ ଉତ୍ତର ଦେଲେ···"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ! ଉଭୟେ ଶ୍ରେଷ୍ଠ ! "

ମଧୁସୂଦନ କହିଲେ···"ନାଁ, ନାଁ, ଗୋକୁଳାନନ୍ଦ, ଜନନୀ ତୁଳନାରେ ଜନ୍ମଭୂମି ଅଧିକ ଗରୀୟସୀ !"

ରାଜା ବୈକୁଣ୍ଠନାଥଙ୍କ ଆସିବା ସମ୍ବାଦ ସହିତ, ଜନନୀ ଓ ଜନ୍ମ-ଭୂମି ମଧ୍ୟରେ ତୁଳନାର କି ତାତ୍ପର୍ଯ୍ୟ ଥିଲା, ଗୋକୁଳାନନ୍ଦ ବୁଝି ପାରିଲେ ନାହିଁ । ମାତ୍ର ସେଦିନ ସନ୍ଧ୍ୟାରେ ଉଦ୍ୟାନ-ମିଳନରେ ମଧୁସୂଦନଙ୍କ ଭାଷଣରେ ତାହାହିଁ ଥିଲା ବିଷୟବସ୍ତୁ ।

"ଉତ୍କଳ-ଦୀପିକା" ଏହି "ଉଦ୍ୟାନ-ମିଳନ"ର ବିବରଣୀ ଏହି-ପରି ଲିପିବଦ୍ଧ କରିଥିଲେ···

"ଶନିବାର ଦିନ ଶ୍ରଦ୍ଧାସ୍ପଦ ମଧୁସୂଦନ ଦାସ ସେହି ଉପଲକ୍ଷେ ଆପଣା କୋଠିରେ ଏକ ଉଦ୍ୟାନ-ମିଳନର ଆୟୋଜନ କରିଥିଲେ । ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ, ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବ ଓ କନିକାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ରେଭେନ୍ସା କଲେଜର ଛାତ୍ରବର୍ଗ ଓ ସହରର ବହୁ ଗଣ୍ୟମାନ୍ୟ ସରକାରୀ ବେସରକାରୀ ଭଦ୍ରଲୋକ ଉପସ୍ଥିତ ଥିଲେ । ସମସ୍ତେ ଆସନ ଗ୍ରହଣ କଲାପରେ, ଉତ୍କଳ-ବନ୍ଦନା ଓ ଉତ୍କଳ ଜାତୀୟ ସଙ୍ଗୀତମାନ ଗାନ ହେଲା ଓ ଜାତୀୟ ଭାବୋଦ୍ଦୀପକ ଗୀତମାନ ପାଠ କରାଗଲା । ମଧୁବାବୁ ଏକ ସରସ ସୁଦୀର୍ଘ ଓ ହୃଦୟଗ୍ରାହୀ ବକ୍ତୃତା ଇଂରାଜୀରେ ପ୍ରଦାନ କରିଥିଲେ । ବକ୍ତୃତାଟି ସମୟୋଚିତ ଓ ମନୋହର ହୋଇଥିଲା । ତାର ସାରମର୍ମ ଏହି :

"ମାତା ଠାରୁ ମାତୃଭୂମିର ପ୍ରେମ ଗରୀୟାନ୍ । ପୁତ୍ର ମରିଗଲେ ତାହାର ମୃତ ଦେହ ସଡ଼ି ଯାଏ । ମାତା ତାକୁ ଆଉ ଆଦର କରେ ନାହିଁ । ମାତ୍ର ଜନ୍ମଭୂମି ତାହାକୁ ଫିଙ୍ଗି ନଦେଇ ଆପଣା କୋଡ଼ରେ ଧାରଣ କରେ । ଆମ୍ଭମାନଙ୍କ ଏହିଭଳି ଜନ୍ମଭୂମି ଉତ୍କଳର ଅବସ୍ଥା ଅତୀବ ଶୋଚନୀୟ ହୋଇ ପଡ଼ିଅଛି । ଉତ୍କଳର ଭୂତପୂର୍ବ ଗୌରବମାନ କ୍ରମାଗତ ନଷ୍ଟ ହେଉଅଛି ଓ ଦେଶ ଲୋକେ ଅଳସୁଆ ଓ ନିଶ୍ଚେଷ୍ଟ ହୋଇ ତାର ଗୌରବ ସଂରକ୍ଷଣର କୌଣସି ଉପାୟ କରୁନାହାନ୍ତି । ଜାତି ଗୋଟିକର ମୂଳମ ଶକ୍ତି ତାର ମଧ୍ୟଭାଗରେ ନିହିତ ଅଛି । ଉପରର ବାହ୍ୟ ଆବରଣ କୌଣସି କାର୍ଯ୍ୟର ନୁହଇ । ମନୁଷ୍ୟ ଦେହର ଜୀବନୀଶକ୍ତି ଯେପରି ତାହାର ଅନ୍ତରରେ ନିହିତ ଅଛି । ଉପରର ଆବରଣ ଅକର୍ମଣ୍ୟ । ଦେଶର ଜୀବନ ମଧ୍ୟ ତାହାର ଅନ୍ତର୍ନିହିତ ଖଣିଜ ଦ୍ରବ୍ୟ ପ୍ରଭୃତିର ଉତ୍ପାଦନ ଉପରେ ନିର୍ଭର କରୁଛି । ଏ ଓଡ଼ିଶା ଖଣ୍ଡରେ ଗଡ଼-ଜାତ ଜୀବନ ଅଛି । ଏଥିରେ ପ୍ରଚ୍ଛନ୍ନ ସମ୍ପଦ ଭରି ରହିଅଛି ।"

ଗଡ଼ଜାତକୁ ପରଦାନସିନ ସ୍ତ୍ରୀଲୋକଙ୍କ ସଙ୍ଗେ ତୁଳନା କରି ମଧୁସୂଦନ କହିଲେ "ଜର୍ମାନୀ ଦେଶର ଲୋକମାନେ ସ୍ତ୍ରୀ ଲୋକର.

ଅର୍ଥ ଯାହା ବୁଝନ୍ତି, ସେହି ଅର୍ଥରେ ସେ ଗଡ଼ଜାତକୁ ସ୍ତ୍ରୀ ବୋଲି କହିବେ । ସ୍ତ୍ରୀଲୋକର ଅର୍ଥ ଭବିଷ୍ୟତ ଜାତି ପୁତ୍ରର ମାତା । ସ୍ତ୍ରୀଲୋକ ଯୋଗ୍ୟ ପୁତ୍ର ପ୍ରସବ କଲେ ଆପେ ଧନ୍ୟା ହେବା ସଙ୍ଗେ ସଙ୍ଗେ ଦେଶର ମୁଖୋଜ୍ଜ୍ୱଳ କରିବାର କାରଣ ହୁଅଇ । ସେହି ଗଡ଼ଜାତର ଯୋଗ୍ୟପୁତ୍ର ମୟୂରଭଞ୍ଜ ମହାରାଜା ଆଜି ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ । ତାଙ୍କର ଗୁଣାବଳୀ ତାଙ୍କର ପତ୍ରମାନଙ୍କରୁ ସମୁଚିତ ଭାବେ ଅବଗତ ହେବ ।”

ତତ୍‌ପର ରେଭେନ୍‌ସା କଲେଜର ଛାତ୍ରବୃନ୍ଦଙ୍କୁ ସମ୍ବୋଧନ କରି ସେ କହିଲେ; ମହାରାଜା ଏହି କଲେଜରେ ପଢ଼ି ସୁଯୋଗ୍ୟ ଚରିତ୍ର-ବାନ ହୋଇଅଛନ୍ତି । ତାଙ୍କୁ ଅନୁକରଣ କରିବା ଉଚିତ । ତାଙ୍କର ମହାରାଜା ପଦବୀ ଅକିଞ୍ଚିତକର ଅଟେ । ସେ ଯେଉଁ ମନୁଷ୍ୟୋଚିତ ଗୁଣ ମାନଙ୍କରେ ଭୂଷିତ ହୋଇଅଛନ୍ତି ତଦ୍ ଦୃଷ୍ଟେ ସେ ପଦ କୌଣସି କାର୍ଯ୍ୟର ନୁହଇ । ଛାତ୍ରମାନେ ତାଙ୍କର ଆଦର୍ଶ ସମ୍ମୁଖରେ ରଖି କାର୍ଯ୍ୟକ୍ଷେତ୍ରରେ ଅବତରଣ କଲେ ଅତି ସୁଖର ବିଷୟ ହେବ ।”

ମହାରାଜା ଉତ୍ତରରେ କହିଲେ ଉତ୍କଳର ହିତସାଧନ ପାଇଁ ସର୍ବାନ୍ତଃକରଣରେ ବ୍ରତୀ ହୋଇ ସେ ଜୀବନ ନିୟୋଜିତ କରିବେ ।

କମିସନର କେ. ଜି. ଗୁପ୍ତ ସାହେବ କହିଲେ, ଭାରତର ଉନ୍ନ-ତିରେ ଉତ୍କଳର ଉନ୍ନତି ଓ ଉତ୍କଳର ଉନ୍ନତିରେ ଭାରତର ଉନ୍ନତି ! ସମସ୍ତଙ୍କର ଦେଶ ମାତୃକାଙ୍କ ସେବା କରିବା ଉଚିତ ।

ମଧୁବାବୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଲେ । ମଧୁବାବୁ ସମୁଦାୟ କାର୍ଯ୍ୟ ଏପରି ସୁନ୍ଦର ଭାବରେ ବନ୍ଦୋବସ୍ତ କରିଥିଲେ ଯେ ତହିଁରେ କଣିକାମାତ୍ର ତ୍ରୁଟୀ ଲକ୍ଷିତ ହେଲା ନାହିଁ ।” *

ଏହାପରେ ଉତ୍କଳ-ସାହିତ୍ୟ-ସମାଜରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଉଦ୍ଦେଶ୍ୟରେ ମଧୁସୂଦନ ଆୟୋଜନ କରିଥିଲେ ଅଭ୍ୟର୍ଥନା-ସମାରୋହ । ଓଡ଼ିଆ ସାହିତ୍ୟର ଉନ୍ନତି ବିନା ଓଡ଼ିଆ ଜାତିର ଉନ୍ନତି ନାହିଁ—ଏହା ଥିଲା ମଧୁସୂଦନଙ୍କ ଉଦ୍‌ବୋଧନର ସାରତତ୍ତ୍ୱ । ମହାରାଜା ଶ୍ରୀରାମଚନ୍ଦ୍ର ପୂର୍ଣ୍ଣ ପ୍ରାଣରେ ସେଦିନ ଏହାକୁ ସମର୍ଥନ କରିଥିଲେ ।

* ଉତ୍କଳ-ଦୀପିକା ତା ୧୪।୩।୧୯୦୩ରିଖ

୧୯୦୩ ସାଲ ଆରମ୍ଭରେ ସମ୍ରାଟ ସପ୍ତମ ଏଡୱାର୍ଡ଼ଙ୍କ ଅଭିଷେକୋତ୍ସବ ଉପଲକ୍ଷେ ଆୟୋଜିତ ଦରବାର ବେଳେ ଓଡ଼ିଶାରେ ଜାତୀୟ ସ୍ପନ୍ଦନର କ୍ଷୀଣ ଧ୍ୱନି ଏହିପରି ଭାବରେ କ୍ରମେ ଏକ ଆହ୍ୱାନରେ ପରିଣତ ହୋଇଥିଲା ।

( ତିନି )

୧୯୦୩ ସାଲର ଇଷ୍ଟର୍...ଅପ୍ରେଲ୍ ମାସ ଶନିବାର । ବ୍ରହ୍ମପୁର ଷ୍ଟେସନ ପ୍ଲାଟଫର୍ମ୍ ଲୋକରେ ଲୋକାରଣ୍ୟ, ପ୍ଲାଟଫର୍ମ୍ ବାହାରେ ଖଲ୍ଲିକୋଟ ରାଜାଙ୍କର ଗୋଟାଏ ଘୋଡ଼ାଗାଡ଼ି ଅପେକ୍ଷା କରି ରହିଥିଲା । କଟକ ଆଡ଼ୁ ଆସି ମାନ୍ଦ୍ରାଜ ମେଲ୍ ପହଞ୍ଚିବାରେ ଯେତିକି ବିଳମ୍ବ ହେଉଥିଲା, ପ୍ଲାଟଫର୍ମରେ ଲୋକସଂଖ୍ୟା ସେତିକି ବଢ଼ି ବଢ଼ି ଚାଲିଥିଲା । ସେହି ଲୋକ-ଗହଳି ଭିତରେ ନବଗଠିତ ଗଂଜାମ-ଜାତୀୟ-ସମିତିର ସ୍ୱେଚ୍ଛାସେବକ ଓ ମୁଖିଆମାନେ ବ୍ୟସ୍ତ ବିବ୍ରତ ଭାବରେ ଇତଃସ୍ତତ ହେଉଥିଲେ ।

ଗଂଜାମ-ଜାତୀୟ-ସମିତିର ପ୍ରଥମ ଅଧିବେଶନ ବ୍ରହ୍ମପୁର ସହରରେ ଅନୁଷ୍ଠିତ ହେଉଥିଲା । ଅଧିବେଶନରେ ଯୋଗ ଦେବା ପାଇଁ ବିଶେଷ ଭାବରେ ଆମନ୍ତ୍ରିତ ହୋଇ କଟକରୁ ଆସୁଥିଲେ ମଧୁସୂଦନ । ଓଡ଼ିଶା ସହିତ ମିଶ୍ରଣ ପାଇଁ ଗଂଜାମରେ ସେତିକିବେଳେ ଯେଉଁ ବିପୁଳ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଥିଲା; ଗଂଜାମ-ଜାତୀୟ-ସମିତିର ଏହି ଆୟୋଜନ ଯେପରି ତାହାର ସଙ୍କେତ ବହନ କରିଥିଲା ।

୧୯୦୨ ସାଲରେ ଗଂଜାମର ଓଡ଼ିଆଭାଷୀ ଅଧିବାସୀ ମାନେ, ଓଡ଼ିଶା ସହିତ ଗଂଜାମର ମିଶ୍ରଣ ପାଇଁ, ଭାଇସରୟ ଲର୍ଡ କର୍ଜନ୍‌ଙ୍କ ଠାରେ ଏକ ସ୍ମାରକପତ୍ର ଉପସ୍ଥାପିତ କରିଥିଲେ । ଶହ ଶହ ଓଡ଼ିଆ ସେ ସ୍ମାରକ ପତ୍ରରେ ସ୍ୱାକ୍ଷର ଦେଇ, ଓଡ଼ିଆ ଜାତିର ଭ୍ରାତୃତ୍ୱ-ବନ୍ଧନରୁ ସେମାନଙ୍କୁ ନିର୍ବାସିତ କରାଯାଇ ଅଛି ବୋଲି ଅଭିଯୋଗ କରି ଏହାର ସୁବିଚାର ପ୍ରାର୍ଥନା କରିଥିଲେ । ଗଂଜାମକୁ ଓଡ଼ିଆଭାଷୀ ଭୂଖଣ୍ଡର ଏକ ବିଚ୍ଛିନ୍ନ ପ୍ରତ୍ୟଙ୍ଗ ସହିତ ତୁଳନା କରାଯାଇ ଏହି ସ୍ମାରକପତ୍ରରେ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗଳା ହାତାରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନରେ ଏକତ୍ରୀକରଣ କରିବା ପାଇଁ ପ୍ରାର୍ଥନା କରା ଯାଇଥିଲା...

...and they pray not for a patchwork redistribution but that the Government of India will be graciously pleased to bring together the scattered divisions inhabited by Oriya speaking peoples, i.e. Ganjam in Madras, Sambalpur in the Central Provinces, and Orissa in Bengal, under the Government of Bengal or under any one Government and one *University*".*

ମାତ୍ର ସେତେବେଳେ ପ୍ରଦେଶ ମାନଙ୍କର ପୁନର୍ଗଠନ ପ୍ରସ୍ତାବ ଭାରତ ସରକାରରେ ବିଚାରାଧୀନ ରହିଥିବାରୁ, ସମ୍ବଲପୁର ଜିଲ୍ଲାରେ ଓଡ଼ିଆଭାଷା ପୁନର୍ପ୍ରଚଳିତ ହେବା ପରେ ସୁଦ୍ଧା, ଏହା ଯେପରି ଓଡ଼ିଶାକୁ ନ ଆସି ତଥାପି ମଧ୍ୟପ୍ରଦେଶରେ ରହିଗଲା; ତାହା ଇତିପୂର୍ବେ ଆଲୋଚିତ ହୋଇଅଛି । ସେଥିକାରଣରୁ ଗଂଜାମବାସୀ ଓଡ଼ିଆ ମାନଙ୍କର ଏ ସ୍ମାରକ ପତ୍ର ଭାଇସରୟଙ୍କ ନଥିପତ୍ର ଗହଳଭିତରେ ସେହିପରି ମଧ୍ୟ ପଡ଼ି ରହିଥିଲା । ତା'ପରେ ୧୯୦୩ ସାଲ ଆରମ୍ଭରେ ଖଲ୍ଲିକୋଟର ରାଜା ବାହାଦୁର ହରିହର ମର୍ଦ୍ଦରାଜଙ୍କ ଉଦ୍ୟମରେ, ଗଞ୍ଜାମର ଜମିଦାର ଓ ଜନନେତା ମାନେ ଏକତ୍ରିତ ହୋଇ ଓଡ଼ିଶା ସହିତ ମିଶ୍ରଣଦାବୀକୁ ବଳବତ୍ତର ଓ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଗଂଞ୍ଜାମ-ଜାତୀୟ-ସମିତି ଗଠନ କରିଥିଲେ ।

ସେହି ଗଂଞ୍ଜାମ-ଜାତୀୟ-ସମ୍ମିଳନୀର ପ୍ରଥମ ଅଧିବେଶନ ଅପ୍ରେଲ ମାସ ଇଷ୍ଟର-ଅବକାଶରେ ଆହୂତ ହୋଇଥିଲା । ଏଥିରେ ଯୋଗ ଦେବା ପାଇଁ ବିଶେଷ ଭାବରେ ଆମନ୍ତ୍ରିତ ହୋଇଥିଲେ ମଧୁସୂଦନ । ସମ୍ମିଳନୀରେ ଯୋଗଦେବା ପାଇଁ ମଧୁସୂଦନଙ୍କ ସହିତ ଆସୁଥିଲେ ବିଶ୍ୱନାଥ କର, ନନ୍ଦକିଶୋର ବଳ ଓ ଗୋପାଳଚନ୍ଦ୍ର ପ୍ରହରାଜ । ସେମାନଙ୍କର "ଯଥାଯୋଗ୍ୟ ସମାଦର"ନିମିତ୍ତ ସେଦିନ ବ୍ରହ୍ମପୁର ଷ୍ଟେସନରେ ବିପୁଳ ଜନ-ସମାଗମ ହୋଇଥିଲା ।

" ଉତ୍କଳ-ଦୀପିକା" ମଧୁସୂଦନଙ୍କ ବ୍ରହ୍ମପୁର ଆଗମନର ବିବରଣୀ ପ୍ରକାଶ କରି ଲେଖିଥିଲେ···

" ଗଞ୍ଜାମ-ଜାତୀୟ-ସମିତି ଏ ନଗରର ବିଖ୍ୟାତ ମଧୁସୂଦନ ଦାସଙ୍କର ଆଦର ଅଭ୍ୟର୍ଥନା ଅତି ବିଶେଷ ଭାବରେ କରିଥିଲେ । ସେ

* The Oriya Movement —ପୃ ୨୪

ବ୍ରହ୍ମପୁର ଯାତ୍ରା କରିବାର ସମ୍ବାଦ ପାଇ ଅନେକ ଲୋକ ତାଙ୍କ ଅଭ୍ୟର୍ଥନାର୍ଥେ ବ୍ରହ୍ମପୁର ରେଳ ଷ୍ଟେସନରେ ସମବେତ ହୋଇଥିଲେ ଓ ତାଙ୍କର ଘୋଡ଼ାଗାଡ଼ି ସ୍ୱହସ୍ତରେ ଟାଣିନେବା ପାଇଁ ଚେଷ୍ଟା କରିଥିଲେ। ଦାସ ମହାଶୟ ତାହା ଜାଣି ମହାବ୍ୟସ୍ତ ହେଲେ। ସେ କହିଲେ ଏପରି କରିବା ପରିବର୍ତ୍ତରେ ବରଂ ପାଦରେ ଚାଲି ଯିବା ଶ୍ରେୟସ୍କର। ଏହା କହି ଦୌଡ଼ନ୍ତେ ସମବେତ ଜନମଣ୍ଡଳୀଙ୍କର ସଂକଳ୍ପ ପରିତ୍ୟକ୍ତ ହେଲା। ତହୁଁ ଗାଡ଼ିରେ ଘୋଡ଼ା ଯୋଗୁ ହେଲା। ତହିଁରେ ବସି ସେ ବସାକୁ ଗଲେ। ଏହି ଘଟଣାରେ ଅନେକ ଲୋକ ତାଙ୍କପ୍ରତି ବେଶି ଅନୁରକ୍ତ ହେଲେ। ମଧୁବାବୁ କହି ପକାଇଲେ "ଭଦ୍ରଲୋକ କଣ ଘୋଡ଼ା ପାଲଟି ଯିବେ ?" *

ବସ୍ତୁତଃ ଚେହ୍ଲାବନ ବ୍ରହ୍ମପୁର ଠାରେ ଗଞ୍ଜାମ-ଜାତୀୟ-ସମ୍ମିଳନୀ ମଣ୍ଡପରେ "ଉତ୍କଳ-ସମ୍ମିଳନୀ"ର ଭିତ୍ତି ସ୍ଥାପିତ ହୋଇଥିଲା।

× × ×

ବ୍ରହ୍ମପୁର ସମ୍ମିଳନୀ ସମାପ୍ତ ହେବାପରେ ଓଡ଼ିଶା-ଆସୋସିଏସନ୍‌ର ଏକ ସଭା ଆହୂତ ହେଲା, ଗଂଜାମବାସୀ ଓଡ଼ିଆମାନଙ୍କର ଆବେଦନ-ପତ୍ରର ବିଷୟର ଆଲୋଚନା ପାଇଁ। "ଉତ୍କଳ-ଦୀପିକା" ରେ ଏହି ସଭାର ବିଜ୍ଞାପନ ଏହିପରି ଭାବରେ ପ୍ରକାଶ ପାଇଥିଲା···

"ଉତ୍କଳ ଭାଷାଭାଷୀ ସମସ୍ତ ଭୂମିଖଣ୍ଡ ବଙ୍ଗୀୟ ଗବର୍ଣମେଣ୍ଟ ବା ଏକ ସ୍ୱତନ୍ତ୍ର ଶାସନରେ ରଖିବା କାରଣ ଗଞ୍ଜାମବାସୀମାନେ ଏକ ଆବେଦନ ପତ୍ର ଦେଇଛନ୍ତି ଓ ଉତ୍କଳ-ସଭା ( Orissa Association) ଏ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ବୁଧବାର ଦିନ ଏକ ସଭା ହେବ।"

ଗଞ୍ଜାମ ଜାତୀୟ ସମିତିର ସ୍ମାରକପତ୍ରରେ ଓଡ଼ିଶା ସହିତ ମିଶ୍ରଣ ପାଇଁ ଯେଉଁ ଦାବୀ ହୋଇଥିଲା; ପାଦ୍ରୀ ରେଭରେଣ୍ଡ ହ୍ୱାଇଟ, ରେଭରେଣ୍ଡ ଶେମସାହୁ ଓ ଓକିଲ ଶରତଚନ୍ଦ୍ର ମୁଖାର୍ଜୀ ପ୍ରମୁଖଙ୍କ ଦ୍ୱାରା ଆସୋସିଏସନ୍ ପକ୍ଷରୁ ତାହା ସମର୍ଥିତ ହୋଇଗଲା।

* ଉତ୍କଳ-ଦୀପିକା—ତା ୧୮।୪।୧୯୦୩

ମାତ୍ର କେବଳ ଏଇଥିପାଇଁ ଯେ ଓଡ଼ିଶା-ଆସୋସିଏସନ୍‌ର ଏ ସଙ୍କଳ୍ପ ଆଦୃତ ହୋଇଥିଲା ତାହା ନୁହେଁ ! ଗଞ୍ଜାମ-ଜାତୀୟ-ସମିତିର ଦାବୀ ଏପରି ସର୍ବସ୍ୱୀକୃତ ଥିଲା ଯେ; ସେଥିପାଇଁ କୌଣସି ସ୍ୱତନ୍ତ୍ର ମଞ୍ଚ ବା ସମ୍ମିଳନୀ ଆହ୍ୱାନ କରିବାର ପ୍ରୟୋଜନ ନଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ ଏକତ୍ରିତ ହେବା ସମ୍ପର୍କରେ ଓଡ଼ିଶାରେ ଦ୍ୱିମତ ନ ଥିଲା ! ମାତ୍ର କେଉଁ ସରକାର ଅଧୀନରେ ଏ ଅଞ୍ଚଳମାନ ଏକତ୍ରିତ ହେବ, ଓଡ଼ିଆଭାଷୀ ଅଞ୍ଚଳମାନ ରହିବ କେଉଁ ପ୍ରଦେଶରେ ବଙ୍ଗଳା ନାଁ ମଧ୍ୟପ୍ରଦେଶରେ, ତାହା ଯେମିତି କେବଳ ସେତେବେଳେ ଏକ ବାଦ ବିସମ୍ବାଦର ସୂତ୍ରପାତ ହୋଇଥିଲା ।

ପାଦ୍ରୀ ରେଭରେଣ୍ଡ୍ ହାଲ୍ ହଠାତ କେଉଁଦିନ ସମ୍ବଲପୁର ଆଡ଼୍ ଆସି, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ମଧ୍ୟପ୍ରଦେଶ ଅଧୀନରେ ରଖାଯିବାର ପ୍ରସ୍ତାବ ଚଳାଇଦେଲେ, ତାହାର ନିର୍ଦ୍ଦିଷ୍ଟ ସମ୍ବାଦ ଜଣାନାହିଁ । ମାତ୍ର ଗୋକୁଳାନନ୍ଦ ଚୌଧୁରୀ ହଠାତ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ମଧ୍ୟପ୍ରଦେଶ ସହିତ ମିଶ୍ରଣ ପ୍ରସ୍ତାବର ମୁଖ୍ୟ ପ୍ରବକ୍ତା ହୋଇ ଉଠିଥିଲେ । ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ମଧ୍ୟପ୍ରଦେଶ ଅଧୀନରେ ରଖିବାର ପ୍ରସ୍ତାବ ସରକାରୀ ନଥିପତ୍ରରେ ମଧ୍ୟ ବହୁଦୂର ଅଗ୍ରସର କରି ସାଇଥିଲା । ଏହାର ସୂଚନା ଆଲ୍ଲାହାବାଦର "ପାଇଓ୍ୟୋନିଅର୍" ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିବା ପୂର୍ବରୁ ଉଲ୍ଲେଖ କରାଯାଇଅଛି ।

"ଓଡ଼ିଶା-ଆସୋସିଏସନ" ଅଧିବେଶନ ନେପଥ୍ୟରେ ସେହି ପ୍ରଚ୍ଛନ୍ନ ବିସମ୍ବାଦ କୁହୁଳାଣିଆଁ ପରି ଧୂମାୟିତ ହେଉଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପାଇଁ ଭାଇସରୟ ଲର୍ଡ କର୍ଜନଙ୍କୁ ଗୋଟାଏ ସ୍ମାରକପତ୍ର ଦେବାର ପ୍ରସ୍ତାବ ଉଠିଲା । ଏହା ମଧ୍ୟ ସର୍ବବାଦୀସମ୍ମତ । କାହାର କିଛି ଆପତ୍ତି କରିବାର ନଥିଲା । ମାତ୍ର ଏକତ୍ରୀ-କରଣ ପ୍ରଶ୍ନ ଉଠିବା ବେଳେ, ସେହି ଅସମାଧିତ ପ୍ରସଙ୍ଗ ଉଠିଲା··· କେଉଁ ପ୍ରଦେଶରେ ? କାହା ଶାସନାଧୀନରେ ?"

ମଧୁସୂଦନଙ୍କୁ ନିରୋଳାକୁ ଡାକିଆଣି ଉକିଲ ମାୟାଧର ଦାସ କହିଲେ···"ଆପଣ ଗୋକୁଳାନନ୍ଦ ବାବୁଙ୍କୁ ବୁଝାନ୍ତୁ । ମଧ୍ୟପ୍ରଦେଶ ସହିତ ମିଶ୍ରଣ ପାଇଁ ପ୍ରସ୍ତାବରେ ଉଲ୍ଲେଖ ନରହିଲେ, ପ୍ରସ୍ତାବର ସେ ଖୋଲାଖୋଲି ବିରୋଧ କରିବେ ବୋଲି କହି ସାରିଲେଣି । କିନ୍ତୁ ଏପରି

ବ୍ୟାପାରରେ ଐକ୍ୟ ନରହିଲେ, ଆମ୍ଭମାନଙ୍କର ଦାବୀ ଯେ ଦୁର୍ବଳ ହୋଇଯିବ; ସେକଥା କଣ ଆପଣଙ୍କୁ ବୁଝାଇବା ପାଇଁ ହେବ ?"

—"କିନ୍ତୁ ବଙ୍ଗଳାରେ ଏକାଠି ରହିବା ବିରୁଦ୍ଧରେ ଗୋକୁଳାନନ୍ଦର ଏତେ ଜିଦ କାହିଁକି ?—"ମଧୁସୂଦନ ପଚାରିଲେ ।

ମାସ୍ତ୍ୟାଧର କହିଲେ— "ଆଗନ୍ତୁକ ମାନଙ୍କର ଉତ୍ପାତ ଯେପରି ଲାଗି ରହିଛି, ସେମାନେ ପୁଣି ଓଡ଼ିଶାରେ ହିନ୍ଦିକୁ ଯେପରି ଗୋଟାଏ ସବ-ସିଡ଼ିଆରି-ରୁଲିଙ୍ଗ୍-ରେସ୍ ରୂପେ ଜ୍ଞାନ କରୁଅଛନ୍ତି; ଗୋକୁଳାନନ୍ଦଙ୍କ ପ୍ରତିବାଦ ତାର ବିରୁଦ୍ଧରେ ! ଓଡ଼ିଆଭାଷାଭାଷୀ ଅଞ୍ଚଳମାନ ବଙ୍ଗଳା ଅଧୀନରେ ରହିଲେ, ଓଡ଼ିଆଙ୍କ ଦୁର୍ଦ୍ଦଶା ଆଉରି ବଢ଼ିବ ବୋଲି ତାଙ୍କର ଆଶଙ୍କା ।"

"ଇଏ ସିନା ସ୍ୱେର ଉପରେ ମାନ କରି ଖପରିରେ ଖାଇବା ପରି କଥା !" ମଧୁସୂଦନ କହିଲେ…"ଓଡ଼ିଶା ଠାରୁ ବରଂ ମଧ୍ୟପ୍ରଦେଶ ଆଉରି ଅନୁନ୍ନତ ! ମଧ୍ୟପ୍ରଦେଶରେ ନାହିଁ ଅଛି ବିଶ୍ୱବିଦ୍ୟାଳୟ; ନାହିଁ ଅଛି ହାଇକୋର୍ଟ ! ଓଡ଼ିଶାକୁ ଯେତେବେଳେ କଲିକତା ହାଇକୋର୍ଟ, କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ରହିବା ପାଇଁ ପଡ଼ୁଛି, ଓଡ଼ିଶା ବଙ୍ଗଳାହିତା ମଧ୍ୟରେ ରହିବାହିଁ ଯୁକ୍ତିଯୁକ୍ତ ହେବ । କିନ୍ତୁ ସେ କଥା ଏବେ ପଡ଼ିଛି କାହିଁକି ? ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସବୁ ପ୍ରଥମେ ଏକ ଶାସନାଧୀନରେ ରହିବାର ମାତ୍ର ସ୍ୱୀକୃତ ହୋଇଯାଉ । ତେଣିକି ଓଡ଼ିଶା କେଉଁ ପ୍ରଦେଶରେ ରହିବ; ସେ ବିଚାର ପରେ ହେବ !"

ଅବଶେଷରେ ଏହିପରି ମର୍ମରେ ଗୋଟିଏ ପ୍ରସ୍ତାବ ଆଗତ କରିବା ପାଇଁ ସ୍ଥିର ହେଲା । ତାହାର ବିଷୟବସ୍ତୁ ହେଲା :—(୧) ସମ୍ବଲପୁର, ଛୋଟନାଗପୁର, ଗଂଜାମ, ଭିଜାଗାପଟ୍ଟମ୍ ଏଜେନ୍‌ସୀ ଓ ମେଦିନୀପୁର ଓଡ଼ିଶା ଡିଭିଜନରେ ମିଶିବ (୨) ଏସବୁ ଅଞ୍ଚଳ କଲିକତା ହାଇକୋର୍ଟ ଓ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ (୩) ଆସାମ ପରି ଏହି ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଜଣେ ଚିଫ୍-କମିସନର୍‌ଙ୍କ ଦ୍ୱାରା ଶାସିତ ହେବ (୪) ଏପରି ଏକତ୍ରୀକରଣ ପରେ, "ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ କି ବଙ୍ଗଳା ସଙ୍ଗେ ରହିବ, ଜାତିସ୍ୱ ଉନ୍ନତି ଦୃଷ୍ଟିରେ ଗବର୍ଣମେଣ୍ଟ ତାହା ବିଚାର କରିବେ ।" *

---

* ଉତ୍କଳ-ଦୀପିକା ୨୫।୪। ୧୯୦୩

ଗୋକୁଳାନନ୍ଦ ଚୌଧୁରୀ ଏ ପ୍ରସ୍ତାବ ଆଗତ କଲେ । ରାମଶଙ୍କର ରାୟ ଓ ମାଧବଧର ଦାସଙ୍କ ଦ୍ୱାରା ସମର୍ଥିତ ହୋଇ ଏହା ଅନୁମୋଦିତ ହୋଇଗଲା ।

ମେମୋରିଅଲ୍ ଲେଖା କରିବା ପାଇଁ ପ୍ରସ୍ତାବ ଆଣିଲେ ଗୋପାଳଚନ୍ଦ୍ର ପ୍ରହରାଜ । ପ୍ରସ୍ତାବକୁ ସମର୍ଥନ କଲେ ବ୍ରଜସୁନ୍ଦର ଦାସ । ମେମୋରିଆଲ ଲେଖା କମିଟିରେ ରହିଲେ ମଧୁସୂଦନ, ଗୋକୁଳାନନ୍ଦ ଚୌଧୁରୀ, ରାମଶଙ୍କର ରାୟ, ପାଦ୍ରୀ ରେଭେରେଣ୍ଡ ହାଓ୍ୱେଲସ୍ ଓ ରେଭରେଣ୍ଡ ହ୍ୱାଇଟ । ଏ ସମସ୍ତ କାର୍ଯ୍ୟଭାର ତୁଲାଇବାର ଦାୟିତ୍ୱ ନ୍ୟସ୍ତ ହେଲା, ଉତ୍କଳ-ସଭା ବା ଓଡ଼ିଶା-ଆସୋସିଏସନ୍ ଉପରେ ।

ଏ ସମସ୍ତ ପ୍ରସ୍ତାବ ନିର୍ବିବାଦରେ ଗୃହୀତ ହୋଇଯିବା ପରେ, ବାବୁ ଜାନକୀନାଥ ବୋଷ, ହଠାତ୍ ପୁଣି ଆରମ୍ଭ କରିଦେଲେ ସେଇ ବିସମ୍ବାଦ···ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ପ୍ରୟୋଜନ ନାହିଁ ! ଗଂଜାମ ଓ ସମ୍ବଲପୁର ବଙ୍ଗଳାରେ ମିଶିଲେ ମଧ୍ୟ "ବଙ୍ଗଦେଶ ଅତି ବଡ଼ ସୀମାବିଶିଷ୍ଟ ହେବ ନାହିଁ । ଅତଏବ ସ୍ୱତନ୍ତ୍ର ପ୍ରଦେଶ ନହୋଇ ଓଡ଼ିଆଭାଷୀ ଅଞ୍ଚଳ ବଙ୍ଗଳା ପ୍ରଦେଶ ଅନ୍ତର୍ଭୁକ୍ତ ହେଉ ।" ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ ଜାନକୀବାବୁଙ୍କୁ ସମର୍ଥନ କରି, ଓଜସ୍ୱିନୀ ଭାଷାରେ ଗୋଟାଏ ଭାଷଣ ଦେଲେ । ଏହାର ପ୍ରତିବାଦ ପାଇଁ ବଙ୍ଗ-ବିରୋଧୀମାନେ ଯେପରି ସଜବାଜ ହୋଇ ଉଠୁଥିଲେ; ସେଥିରେ ବିସମ୍ବାଦଟି ତିକ୍ତ ହୋଇ ପଡ଼ିବାର ଆଶଙ୍କା କରି, ଜାନକୀବାବୁଙ୍କ ଯୁକ୍ତିର ଖଣ୍ଡନ ପାଇଁ ମଧୁସୂଦନ ଠିଆ ହୋଇ ପଡ଼ିଲେ ।

ମଧୁସୂଦନ କହିଲେ···"ଆସାମ ଏକ ସମୟରେ ବଙ୍ଗଳାର ଅଧୀନ ଥିଲା । ବର୍ତ୍ତମାନ ତାହା ସେଥିରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ପ୍ରଦେଶ ହୋଇଅଛି । ଚଟ୍ଟଗ୍ରାମ ଆଜ ପର୍ଯ୍ୟନ୍ତ ବଙ୍ଗଳାରେ ରହିଛି । ତାକୁ ବଙ୍ଗଳାରୁ ମଧ୍ୟ କାଟି ନେବାର ସୂଚନା ମିଳୁଛି । ଏପରି ସ୍ଥଳେ ଏଲହାବାଦ "ପାଇଓନିୟର୍"ଙ୍କ ପ୍ରକୃତ ସମ୍ବାଦ (ଓଡ଼ିଶା ମଧ୍ୟପ୍ରଦେଶରେ ମିଶିବା) ଅମୂଳକ ନୁହେଁ । ଆମ୍ଭମାନଙ୍କ ଆକାଂକ୍ଷା ହେଉଛି ଏପରି ସ୍ୱତନ୍ତ୍ର ପ୍ରଦେଶ ପ୍ରାର୍ଥନା ଅସଙ୍ଗତ ନୁହେଁ । ନିତାନ୍ତ ପକ୍ଷରେ ଯେବେ ଓଡ଼ିଶା ବଙ୍ଗଦେଶରୁ ବିଚ୍ଛିନ୍ନ ହୁଏ ତେବେ ଏହାର ପୃଥକ ଶାସନ ହେଉ । ଚିଫ୍-କମିସନର୍ ବା ଲେଫ୍ଟନେଣ୍ଟ ନିୟୋଗ କ୍ଷମତା ଆମର କି ଜାନକୀବାବୁଙ୍କର ନାହିଁ ।

ଲର୍ଡ କର୍ଜନଙ୍କୁ ସିମିଳା ଠାରେ ଓ ସେ ପୁଣି ଭୁବନେଶ୍ୱରକୁ ଆସିବା ବେଳେ ମୁଁ ଏଇ କଥା କହିଥିଲି । ସେ ( ଲର୍ଡ କର୍ଜନ )ମତ ପ୍ରକାଶ କଲେ ଯେ, ଓଡ଼ିଆଭାଷୀ ଅଞ୍ଚଳ ଏକତ୍ରିତ ହୋଇ ବଙ୍ଗଳାରେ ମିଶିଲେ ବଙ୍ଗଳା ଅତି ବୃହଦାକାର ହୋଇଯିବ, ତେଣୁ ଏପରି ପରିବର୍ଦ୍ଧିତ ବଙ୍ଗଳାକୁ ଦୁଇଖଣ୍ଡ କରିବାର ସୂଚନା ସେ ଦେଇଥିଲେ । ”

ତେଣୁ ମୂଳ ବଙ୍ଗଳା ପ୍ରଦେଶ ଯେତେବେଳେ ବିଭକ୍ତ ହେବାକୁ ଯାଉଛି; ସେତେବେଳେ ଜଣେ ଚିଫ୍ କମିସନରଙ୍କ ଅଧୀନରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର-ଶାସନ ଦାବି କରିବା ଅଯୌକ୍ତିକ ହେବ ନାହିଁ ବୋଲି ମଧୁସୂଦନ ସେଦିନ ସେଠାରେ ସ୍ପଷ୍ଟ ଘୋଷଣା କରିଥିଲେ ।

ମଧୁସୂଦନ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଚାହିଁ ନଥିଲେ ବୋଲି ତାଙ୍କ ପ୍ରତିପକ୍ଷ ଗୋଷ୍ଠୀଙ୍କ ଠାରୁ ସମାଲୋଚନା ଶୁଣା ଯାଇଥାଏ । ମଧୁସୂଦନ ତାଙ୍କ ଜୀବଦ୍ଦଶାରେ ମଧ୍ୟ ଏଇପରି ସମାଲୋଚନା ଶୁଣିଥିଲେ । କିନ୍ତୁ ଜଣେ ଚିଫ୍ କମିସନର୍‌ଙ୍କ ସ୍ୱତନ୍ତ୍ର ଶାସନାଧୀନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ-ମାନ ଏକତ୍ରିତ ରହିଲେ, କାର୍ଯ୍ୟତଃ ତାହା ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେବ, ସେଥିରେ ତାଙ୍କର ସନ୍ଦେହ ନଥିଲା । ଏହା ସମ୍ଭବ ହୋଇ ନ ପାରିଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କୁ ବଙ୍ଗଳା ଶାସନାଧୀନରେ ଏକତ୍ର ରଖାଯିବା ମଧୁସୂଦନଙ୍କ ଦୃଢ଼ ସିଦ୍ଧାନ୍ତ ଥିଲା । ମଧ୍ୟପ୍ରଦେଶ ପରି-ବର୍ତ୍ତେ ବଙ୍ଗଳା ସହିତ ଏ ସବୁ ଓଡ଼ିଆଭାଷୀ ଅଞ୍ଚଳ ଏକ ଶାସନାଧୀନରେ ଏକତ୍ର ରହିଲେ, ମେଦିନୀପୁର ଜିଲ୍ଲାର ଓଡ଼ିଶା ସହିତ ପୁନର୍ମିଶ୍ରଣର ସମ୍ଭାବନା ବରଂ ଉଜ୍ଜ୍ୱଳ ଥିଲା । ଏହି କାରଣରୁ କେବଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପରିବର୍ତ୍ତେ ଏକ ଶାସନାଧୀନରେ ଓଡ଼ିଆ-ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ମଧୁସୂଦନଙ୍କ ଚିନ୍ତା ଓ କର୍ମଯୋଜନାରେ ଅଗ୍ରାଧିକାର ଲାଭ କରିଥିଲା ।†

---

† ୧୯୦୨ ସାଲରେ ବଙ୍ଗଳା କାଉନସିଲକୁ ନିର୍ବାଚନ ପ୍ରତିଯୋଗୀତା ବେଳେ, ମଧୁସୂଦନ ତାଙ୍କ ଇସ୍ତାହାରରେ ଲେଖିଥିଲେ ···

**"My opinion on the second question was that if practicable Orissa should be converted into a chief commissionership. Failing that it should be under Bengal Government. I had some correspondence on the subject with Rev. Howells. The whole correspondence has found a place in the Parliamentary Blue**

ଦୀର୍ଘକାଳର ବ୍ୟବଧାନ ପରେ ଆଜି ସେଦିନର ସେହି ପରିସ୍ଥିତି ପ୍ରତି ସିଂହାବଲୋକନ କଲେ, ମଧୁସୂଦନଙ୍କ ସିଦ୍ଧାନ୍ତ ଯେପରି ଯୁକ୍ତିସିଦ୍ଧ ସେହିପରି ଅଭ୍ରାନ୍ତ ମନେହୁଏ । ପରବର୍ତ୍ତୀ କାଳରେ ୧୯୧୨ ସାଲ ପରେ ଓଡ଼ିଶା ବିହାର ଅଧୀନରେ ଏକ ସବ୍-ପ୍ରଭିନ୍ସେସ୍ ରୂପେ ମଧ୍ୟ ୧୯୩୬ ସାଲ ପର୍ଯ୍ୟନ୍ତ ରହିଲା । ମାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ବେଳେ, ଓଡ଼ିଆଭାଷୀ ମେଦିନୀପୁର ଜିଲ୍ଲା ଓଡ଼ିଶାରୁ କାଳକାଳ ପାଇଁ ବିଚ୍ଛିନ୍ନ ରହିଗଲା !

× × ×

ସେଦିନ ଅଧିବେଶନ ଆରମ୍ଭରେ ସଭାପତି ରୂପେ ମଧୁସୂଦନ ଯେଉଁ ଉଦ୍‌ବୋଧନ ଦେଇଥିଲେ, ସେଥିରେ ଇଂ ୧୮୭୧ ସାଲ ଠାରୁ ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପାଇଁ ସେ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଯେଉଁ ସମସ୍ତ ଆନ୍ଦୋଳନ ଚାଲି ଆସିଥିଲା, ତାହାର ଗୋଟିଏ ସଂକ୍ଷିପ୍ତ ଇତିହାସ ପ୍ରଦାନ କରିଥିଲେ । "ଉତ୍କଳ-ଦୀପିକା" ଏହି ସଭାର ବିବରଣୀ ଲିପିବଦ୍ଧ କରି ଲେଖିଥିଲେ···

"ଗଞ୍ଜାମ ବାସୀଙ୍କର ଗଭର୍ଣ୍ଣର ଜେନେରାଲଙ୍କୁ ପ୍ରେରିତ ଓଡ଼ିଶା ମିଶ୍ରଣ ସମ୍ବନ୍ଧୀୟ ଆବେଦନପତ୍ର ସମ୍ପର୍କରେ ଏଠା ଓଡ଼ିଶା-ଆସୋସିଏସନ୍ ତରଫରୁ ଗତ ବୁଧବାର ଦିନ ଏକ ସଭା ହୋଇଥିଲା । ଅନେକ ସର୍ବ ଶ୍ରେଣୀର ବିଶିଷ୍ଟ ଭଦ୍ରଲୋକ ଯୋଗ ଦେଇଥିଲେ । କେତେକ ଇଉରୋପୀୟ ମହିଳା, ପାଦ୍ରୀ ହାଉଏଲସ୍, ପାଦ୍ରୀ ଗ୍ରିଣ୍ଡ୍ ସାହେବ ମାନେ ଉପସ୍ଥିତ ଥିଲେ । ଏ ସଭା ପ୍ରିଣ୍ଟିଂ କମ୍ପାନୀ ଠାରେ ୨୨।୭।୦୩ ଦିନ ହୋଇଥିଲା ।

ବାବୁ ମଧୁସୂଦନ ଦାସ ସଭାପତି ହୋଇଥିଲେ । ଉତ୍କଳ-ସମ୍ମିଳନୀ ବିଷୟକ ସଙ୍ଗୀତ ( ଜନ୍ମ ଦେଶ ସୁବା ) ହାରମୋନିୟମ ସହିତରେ ବୋଲା ପାଇଁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମଧୁବାବୁ ତାଙ୍କର ସ୍ୱାଭାବିକ ରସାଳ, ପ୍ରଖର, ଗମ୍ଭୀର, ଚିନ୍ତାଯୁକ୍ତ ଓଡ଼ିଆ ଭାଷାରେ ଏକ

---

Books. Mr. Howells advocated Orissa's union with Central Provinces for purposes of administration and I suggested a public meeting to ascertain public opinion, which he did not do it. I believe it honestly that it was more advantageous to be united with Bengal. Whether I was right or wrong the future will show."

ସ୍ୱଧର ବକ୍ତୃତା ଦେଇ ସଭାର ଉଦ୍ଦେଶ୍ୟ ବୁଝାଇ ଦେଇଥିଲେ । ସେ ଅତି ବଳିଷ୍ଠ ଭାବରେ କହିଲେ —

" ଭାଇମାନେ—ଉତ୍କଳରେ ଭାଇ ଶବ୍ଦଟି ସାଧାରଣତଃ ବଡ଼ଭାଇ ଠାରେ ପ୍ରୟୋଗ ହେବାର ଦେଖାଯାଏ । ମୁଁ ଏ ସଭାରେ ଉପସ୍ଥିତ ଭଦ୍ର ଲୋକଙ୍କୁ ଭାଇ ବୋଲି ସମ୍ବୋଧନ କରି ସେମାନଙ୍କୁ ବଡ଼ ଓ ମୁଁ ନିଜକୁ ଶ୍ରେଷ୍ଠ ବୋଲି ମନେ କରୁଅଛି । ଆଜ ଯେମନ୍ତ ଏକ ମାତାର ସ୍ତନ୍ୟରେ ପ୍ରତିପାଳିତ ପୁତ୍ରମାନେ ଭାଇ କହାନ୍ତି, ତେମନ୍ତ ଯେଉଁ ମାନେ ଉତ୍କଳ ମାତାର ସ୍ତନ୍ୟ ପାନ ଦ୍ୱାରା ଦୀର୍ଘ କାଳ ବା ଅଳ୍ପ କାଳ ଶରୀର ପୋଷଣ କରୁଛନ୍ତି ସେମାନେ ଭାଇ ଅଟନ୍ତି । ଉତ୍କଳ ମାତାର ସେବା କରିବା ଓ ଶୁଭ ମନାସିବା ସେମାନଙ୍କ କର୍ତ୍ତବ୍ୟ । ସମସ୍ତ ଉତ୍କଳକୁ ଏକ ଶାସନାଧୀନ କରିବା ଉଦ୍ୟମ ନୂତନ ନୁହେଁ । ସନ ୧୮୯୧ ମସିହାରୁ ସମୟ ସମୟରେ ଏହାର ଚର୍ଚ୍ଚା ହୋଇ ଆସୁଅଛି । ତହିଁ ବହୁ ପୂର୍ବରୁ ଗଞ୍ଜାମ ମାନ୍ଦ୍ରାଜ ଅନ୍ତର୍ଭୁକ୍ତ ଥିଲା, ସ୍ୱାଧୀନ ନରପତିଙ୍କ ଅଧିନରେ ଗଂଜାମ ଓଡ଼ିଶାର ଅଂଶ ଥିଲା । ସନ ୧୮୬୧ ସାଲରେ ସମ୍ବଲପୁର ମଧ ଓଡ଼ିଶା ଅନ୍ତର୍ଭୁକ୍ତ ଥିଲା ଓ ଓଡ଼ିଶା କମିସନରଙ୍କ ଶାସନାଧୀନ ଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଜଣେ ଭାରତ ସଚୀବ ସାର ଷ୍ଟାଫୋର୍ଡ ନର୍ଥକୋଟ୍ ମଧ ଓଡ଼ିଶାକୁ ବଙ୍ଗଳାରୁ କାଢ଼ି ନେଇ ଭିନ୍ନ ଶାସନରେ ରଖିବା ପ୍ରସ୍ତାବ ଦେଇଥିଲେ । ୧୮୭୫ରେ ସ୍ୱର୍ଗୀୟ ପ୍ରାତଃସ୍ମରଣୀୟ ବିଚିତ୍ରାନନ୍ଦ ଦାସ ବଙ୍ଗଲାଟ ସାର ରିଚାର୍ଡ ଟେମ୍ପଲଙ୍କୁ ଏ ସମ୍ବନ୍ଧରେ ଏକ ସ୍ମାରକପତ୍ର ଦେଇଥିଲେ । ଉତ୍କଳ-ସଭା ବା ଓଡ଼ିଶା ଆସୋସିଏସନ୍ ୧୮୮୫ ସାଲରେ ବଙ୍ଗଲାଟଙ୍କୁ ସ୍ମାରକ ପତ୍ର ଦେଇ ଓଡ଼ିଆ ଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ଦାବୀ କରିଥିଲେ । ୧୮୯୫ ସାଲରେ ଓଡ଼ିଶାର ତତ୍କାଳୀନ କମିସନର ଉତ୍କଳପ୍ରେମୀ କୁକ୍ ସାହେବ ଗଞ୍ଜାମ ଓ ସମ୍ବଲପୁରକୁ ଓଡ଼ିଶାଭୁକ୍ତ କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ଥିଲେ । ମୁଁ ମଧ ନିଜେ ୧୮୯୭ ମସିହାରେ ବିଲାତ ଯାଇଁ ତତ୍କାଳୀନ ଭାରତ ସଚୀବ ଲର୍ଡ଼ ଜର୍ଜ ହାମିଲଟନ୍ଙ୍କୁ ଏ ପ୍ରସଙ୍ଗରେ କହି, ଏକ ପୁସ୍ତିକା ଛପାଇ, ବିଲାତର୍ ପାର୍ଲିଆମେଣ୍ଟର ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଇଥିଲି ଓ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇବାର ପ୍ରତିବାଦ ଜଣାଇଥିଲି । ଏ ଶତାବ୍ଦୀର ପ୍ରାରମ୍ଭରେ ସମ୍ବଲପୁରବାସୀମାନେ ମଧ ସେହିପରି ପ୍ରାର୍ଥନା କରି ଅଛନ୍ତି । ତିନବର୍ଷ ତଳେ ମୁଁ ସିମିଲା ଯାଇଁ ବଡ଼ଲାଟ ଲର୍ଡ

କର୍ଜନଙ୍କୁ ଏ ବିଷୟ ଜଣାଇବାରେ ସେ ସ୍ୱୟଂ ଓଡ଼ିଶା ପରିଦର୍ଶନରେ ଆସି ଓଡ଼ିଆଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିଥିଲେ । ସମ୍ପ୍ରତି ଏଲାହାବାଦ ପାଇଓନିୟର କାଗଜରେ ପ୍ରକାଶ ପାଇଛି ଯେ, ଓଡ଼ିଶା ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ ହେବ । ଗତ ଦରବାର ସମୟରେ ଓଡ଼ିଶାର ଲୋକେ ଓ ବିଶିଷ୍ଟ ରାଜା ଜମିଦାରମାନେ ଏ ସମ୍ବନ୍ଧରେ ଏକ ସମ୍ମିଳନୀ କରିବାକୁ ପ୍ରସ୍ତାବ କରିଅଛନ୍ତି । ମୁଁ ମଧ୍ୟ ସେଥିରେ ଅଂଶ ଗ୍ରହଣ କରିଥିଲି । ଅତଏବ ବିଷୟଟି ଅତ୍ୟନ୍ତ ଗୁରୁତର ଓ ଓଡ଼ିଶାର ଭବିଷ୍ୟତ ଶାସନ ଏଥି ଉପରେ ନିର୍ଭର କରୁଅଛି । ଅତ୍ୟନ୍ତ ଧୀରତା ଓ ବିଚକ୍ଷଣତା ସହିତ ଅଦ୍ୟ ତାହାର ମୀମାଂସା କରିବାକୁ ମୁଁ ଅନୁରୋଧ କରେ ।'' *

ମଧୁସୂଦନ ଉତ୍କଳ-ସଭାର ଏହି ଅଧିବେଶନରେ ସେଦିନ ସର୍ବ-ସମ୍ମତି ରୂପେ, ଓଡ଼ିଶା କେଉଁ ପ୍ରଦେଶରେ ରହିବ, ସେ ବାଦବିସମ୍ବାଦରେ ଆପାତତଃ ସାମୟିକ ଭାବରେ ଗୋଟାଏ ପୂର୍ଣ୍ଣଚ୍ଛେଦ ପକାଇ ଅଧିବେଶନର କାର୍ଯ୍ୟାବଳୀକୁ ସର୍ବସମ୍ମତ କରାଇବା ପାଇଁ ଯେତେ ଚେଷ୍ଟା କଲେ ସୁଦ୍ଧା, ତାହା କିନ୍ତୁ ସଫଳ ହୋଇ ପାରି ନଥିଲା ।

ବଙ୍ଗଳା ପ୍ରଦେଶରେ ଓ ବଙ୍ଗଳା ଶାସନରେ ଏକତ୍ର ରହିବା ପାଇଁ ଜାନକୀବାବୁଙ୍କ ପ୍ରସ୍ତାବ ଉପରେ ଭୋଟ ନେବା ପାଇଁ ଦାବୀ ଉଠିଲା । ଭୋଟ ନଆସିବାରେ କିନ୍ତୁ ଜାନକୀବାବୁଙ୍କ ପ୍ରସ୍ତାବ ରଦ୍ଦ ହୋଇ-ଗଲା ।

ଜାନକୀବାବୁ ପ୍ରମୁଖ ବଙ୍ଗମିଶ୍ରଣବାଦୀ ମାନେ ସେଦିନ ମନମାରି ଉତ୍କଳ-ସଭା ଅଧିବେଶନରୁ ଫେରିଲେ । ମଧୁସୂଦନଙ୍କ ନେତୃତ୍ୱ ସେମାନଙ୍କ ପ୍ରତିଷ୍ଠା ପ୍ରତି କ୍ରମେ ଯେ ଏକ ଚ୍ୟାଲେଂଜରେ ପରିଣତ ହେଉଥିଲା, ତାହା ବୁଝିବା ପାଇଁ ସେମାନଙ୍କର ଆଉ ବାକି ନଥିଲା !

---

* ଉତ୍କଳ ଦୀପିକା, ତା ।୨୫।୪।୧୯୦୩

# ଅଷ୍ଟାଦଶ ପରିଚ୍ଛେଦ

## ( ଏକ )

**କେ**ତେଦିନ ଧରି ସହରର ନାନା ସ୍ଥାନରେ, ଓକିଲଖାନା ଠାରୁ ଆରମ୍ଭ କରି ବୈଠକଖାନା ପର୍ଯ୍ୟନ୍ତ, ଯାହା କାନ ଫୁସଫାସରେ ଚାଲିଥିଲା; ତାହା କ୍ରମେ ଲୋକାପବାଦରେ ପ୍ରକଟିତ ହୋଇ ଉଠିଥିଲା··· ମଧୁବାବୁ "ରିସିଭର ଅଫ୍ ଷ୍ଟୋଲନ୍ ପ୍ରପର୍ଟୀ"! ଡାକୁ ଦଳଙ୍କ ସଙ୍ଗରେ ତାଙ୍କର କୁଆଡ଼େ ସଲ୍ଲାସୂତର ରହିଛି ! ମଧୁବାବୁ ଆବେଟର ! ଡକାୟତ-ମାନେ ଯେଉଁ ସୁନାରୁପା ଡକାୟତି କରି ଆଣନ୍ତି, ମଧୁବାବୁଙ୍କ ତାରକସୀ କାରଖାନାରେ ସେ ସବୁ ଆଉଟା ହୋଇଥାଏ ! ଓଡ଼ିଶା ଆର୍ଟ-ୱେଆରସ୍ କାରଖାନା ତ ସେହି ଅଭିପ୍ରାୟରେ ଖୋଲାଯାଇଛି ! ତାରକସୀ ଶିଳ୍ପର ଉନ୍ନତି, ବାହାରକୁ ଲୋକଦେଖାଣିଆ ପିନା ! ତା' ନହେଲେ ଘରକୁ ହାଣ୍ଡି ଖର୍ଚ୍ଚ ଚାଲୁଥାନ୍ତା କିପରି ? ସଭା ସମ୍ମିଳନୀରେ ହଜାରହଜାର ଟଙ୍କା ଉଡ଼ାଇବା ପାଇଁ ଅମାପ ଟଙ୍କା ମିଳୁଥାନ୍ତା କେଉଁଠୁ ?······ଇତ୍ୟାଦି ।

ମାନସିଂହପାଟଣାରେ ଜଣେ ବଣିଆ ମହାଜନ ଘରୁ ବହୁ ପରିମାଣରେ ସୁନାରୁପା ଡକାୟତି ହୋଇଯିବା ଘଟଣାକୁ କେନ୍ଦ୍ର କରି ମଧୁସୂଦନଙ୍କ ବିରୁଦ୍ଧରେ ଏହିପରି ଚରିତ୍ର-ସଂହାର ଅଭିଯାନ ପ୍ରତିପକ୍ଷ-ମାନେ ଆରମ୍ଭ କରିଦେଇଥିଲେ !

ପୁଲିସ ତଦନ୍ତରେ ମାନସିଂହପାଟଣାର ଦୁଇଜଣ ନିରପରାଧ ବ୍ୟକ୍ତି ରଙ୍ଗା ଓ ଦାମା ଚାଲାଣ ହୋଇଗଲେ । ଅନଙ୍ଗମୋହନ ଚକ୍ରବର୍ତ୍ତୀ କଟକର ପୋଲିସଦାରୋଗା; ମିଷ୍ଟର ସୁର୍ କଟକର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ । ସେମାନେ ଯେତେବେଳେ ସାକ୍ଷ୍ୟ ପ୍ରମାଣ ବଳରେ ଏ ଦୁଇଜଣ "ଭୟଙ୍କର" ଡକାୟତଙ୍କୁ ଚାଲାଣ କରିଛନ୍ତି; କିଏ ବା ବାହାରିବ ସେମାନଙ୍କ ପିଠିରେ ପଡ଼ିବା ପାଇଁ ?

କିନ୍ତୁ ରଙ୍ଗା ଓ ଦାମାଙ୍କ ପକ୍ଷରେ ବାହାରି ପଡ଼ିଲେ ମଧୁସୂଦନ ! ଡକାୟତିର ବିବରଣୀ ଓ ତାହାର ତଦନ୍ତ ପଦ୍ଧତିରୁ

ମଧୁସୂଦନଙ୍କର ସନ୍ଦେହ ନଥିଲା ଯେ, ରଙ୍ଗା ଓ ଦାମା ନିର୍ଦ୍ଦୋଷ ! ପୋଲିସ କେବଳ ସନ୍ଦେହ ଓ ପାରିପାର୍ଶ୍ୱିକ ପ୍ରମାଣ ବଳରେ ସେ ଦୁହିଁଙ୍କୁ ଗିରଫ କରିଥିଲା ! କିନ୍ତୁ ଚୋରି ମାଲ୍ ସେମାନଙ୍କଠାରୁ ବରାମଦ୍ ହୋଇ ନଥିଲା; କିମ୍ବା ଡକାୟତି ସମ୍ପର୍କରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳି ନଥିଲା ।

ରଙ୍ଗା ଓ ଦାମାଙ୍କୁ ଜାମିନ୍‌ରେ ଆଣିବା ପାଇଁ, ସେମାନଙ୍କ ନିର୍ଦ୍ଦୋଷତା ପ୍ରମାଣ କରିବା ଉଦ୍ଦେଶ୍ୟରେ, ମଧୁସୂଦନ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସୁର ସାହେବଙ୍କୁ ପଚାରିଲେ··· "ଆସାମୀମାନେ ଯଦି ଏ ଡକାୟିତି କରିଛନ୍ତି, ତାହେଲେ ଲୁଟିମାଲ ସେମାନଙ୍କଠାରେ ବରାମଦ୍ ହୋଇଥିବ ନିଶ୍ଚୟ ?"

ସୁର୍ ସାହେବ ଜାଣନ୍ତି ମାମଲାରେ ଏଇଠାହିଁ ହେଲା ସବୁଠାରୁ ଦୁର୍ବଳ ଅଂଶ । ତଥାପି ଏତେବଡ଼ ଗୋଟାଏ ଡକାୟିତିରେ ପୋଲିସ ଯଦି କେତେଜଣଙ୍କୁ ଗିରଫ କରି ସଜା ଦେଇ ନପାରିଲା; ତା ନହେଲେ ପୋଲିସର ଆଉ କି ସୁନାମ ରହିବ ?

ସୁର୍ ସାହେବ ଜାମିନ ଦରଖାସ୍ତର ବିରୋଧ କରି ତାଚ୍ଛଲ୍ୟପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ···"ଏ ପର୍ଯ୍ୟନ୍ତ ଯଦି ଲୁଟି ମାଲ୍ ଆପଣ ଦେଖି ନଥାନ୍ତି, ତା ହେଲେ ଯଥା ସମୟରେ ସେ ସବୁ ଦେଖିବା ପାଇଁ ପାଇବେ ।"

ସୁପରିଣ୍ଟେଣ୍ଡେଣ୍ଟ ସୁର୍‌ଙ୍କ ଉତ୍ତରରେ ସେଦିନ ଯେଉଁ ଇଙ୍ଗିତ ପ୍ରଚ୍ଛନ୍ନ ରହିଥିଲା, ମଧୁସୂଦନ ସେତେବେଳେ ଠିକ୍ ତାହା ଧରିପାରି ନଥିଲେ । କିନ୍ତୁ ଆଟର୍ଣ୍ଣିକ ଗୋଷ୍ଠୀର ଅନଙ୍ଗମୋହନ ଚକ୍ରବର୍ତ୍ତୀ ଓ ସୁର୍ ସାହେବଙ୍କ ବୁଦ୍ଧିରୁ ବାହାରି ପଡ଼ିଲା, ଚୋରା ସୁନାରୁପା, ମଧୁସୂଦନଙ୍କ ଆର୍ଟ ୱେୟାରସ୍ କାରଖାନାରେ ଆଉଟା ହୋଇ ସାରିଛି । ସେ ସବୁ ଆଉ ମିଳିବ କାହୁଁ ?— ଏଇ ମର୍ମରେ ସେମାନେ ମଧ୍ୟ ଗୋଟାଏ ରିପୋର୍ଟ ପଠାଇଦେଲେ ଉପରକୁ । ପ୍ରତିପକ୍ଷମାନଙ୍କୁ ଚରିତ୍ର-ସଂହାର ପାଇଁ ଗୋଟାଏ ଅମୋଘ ଅସ୍ତ୍ର ମିଳିଗଲା !

ସେତେବେଳେ "ରାସ୍ତାରେ ବାଜା ବଜାଇବାକୁ ବିରୋଧ କରି ଓ ଯାତ୍ରାରେ ଅଯଥା ହସ୍ତକ୍ଷେପ କରି ପୁଲିସ ସାହେବ ଏ ନଗରର ସାଧାରଣ ଲୋକଙ୍କର ଅସନ୍ତୋଷର ପାତ୍ର" ଥିଲେ । * ଏଥିପାଇଁ

* ଉତ୍କଳ-ଦୀପିକା-ତା ୨୦।୭।୧୯୦୩

କଟକର ପୋଲିସ-ବିଭାଗ ମଧୁସୂଦନଙ୍କ ନିର୍ଭୀକ ସମାଲୋଚନା ଓ ପ୍ରତିବାଦରେ କ୍ଷତବିକ୍ଷତ ହୋଇ ଗାଉଁଲି ବାଘ ପରି ରହିଥିଲେ । ଏବେ ତାହାର ପ୍ରତିଶୋଧ ନେବା ପାଇଁ ସେମାନଙ୍କୁ ଯେପରି ଗୋଟାଏ ସୁଯୋଗ ମିଳି ଯାଇଥିଲା; ମଧୁସୂଦନଙ୍କ ପ୍ରତିପକ୍ଷ ମାନଙ୍କୁ ମଧ୍ୟ ସେହିପରି ମିଳି ଯାଇଥିଲା ଏକ ବିଧିପ୍ରେରିତ ଅବକାଶ !

ପୋଲିସ-ରିପୋର୍ଟରେ ମଧୁସୂଦନ ହୋଇ ଉଠିଥିଲେ "ଆବେଟର୍, ରିସିଭର୍ ଅଫ୍ ଷ୍ଟୋଲନ୍ ପ୍ରପର୍ଟି"।

ମଧୁସୂଦନଙ୍କ ସମ୍ପର୍କରେ ପୋଲିସର ଏ ରିପୋର୍ଟ ସରକାରୀ ମହଲରେ ଏକ ଭୂମୂଳ ଆନ୍ଦୋଳନ ସୃଷ୍ଟି କରିଦେଲା !

ଉପରୁ ହୁକୁମ ଆସିଲା ଏହାର ବିହିତ ତଦନ୍ତ ପାଇଁ । କମିସନର କେ. ଜି. ଗୁପ୍ତ ଓ କଲେକ୍ଟର ଫିସର୍ ତଦନ୍ତର ଦାୟିତ୍ୱ ନନେଇ ଛୁଟିରେ ଚାଲିଗଲେ । ଯେଉଁ ପୁଲିସ ଅଫିସରମାନେ ମାନସିଂହପାଟଣା ଡକାୟତି ତଦନ୍ତ କରି ମଧୁସୂଦନ "ରିସିଭର ଅଫ୍ ଷ୍ଟୋଲନ୍ ପ୍ରପର୍ଟୀ" ଥିବା ଉଦ୍‌ଭାବନ କରିଥିଲେ, ସେମାନଙ୍କୁ ସରକାରରୁ ମିଳିଲା, ସୁନାଘଡ଼ି ଓ ଚେନ୍ ଉପହାର । ରଙ୍ଗା ଓ ଦାନ ଆଣ୍ଡାମାନ ଦ୍ୱୀପକୁ ଦ୍ୱୀପାନ୍ତରିତ ହୋଇଗଲେ ! ମଧୁସୂଦନଙ୍କ ସମ୍ପର୍କରେ ଅଭିଯୋଗର ତଦନ୍ତ ପାଇଁ କଲିକତାରୁ ଆସିଥିଲେ ଇନସପେକ୍ଟର-ଜେନେରାଲ ସାର ରବର୍ଟ କାରଲାଇଲ୍ । ସ୍ୱୟଂ ଲେଫ୍‌ଟେନାଣ୍ଟ-ଗଭର୍ଣ୍ଣର ସାର ଆଣ୍ଡ୍ରୁ ଫ୍ରେଜର [illegible]ା କଟକ ଆସିଲେ ଏହି ବ୍ୟାପାରରେ ।···ମଧୁସୂଦନଙ୍କୁ ଯେ ଭାରି ଗୋଟାଏ କଡ଼ା ସଜା ମିଳିବ, ସେଥିରେ ମଧୁସୂଦନଙ୍କ ଚରିତ୍ର-ସଂହାରକାରୀ ମାନଙ୍କର ଆଉ କୌଣସି ସନ୍ଦେହ ରହିଲା ନାହିଁ । ତଦନ୍ତର ଫଳାଫଳ ଓ ସଜାର ସ୍ୱରୂପଟା ଦେଖିବା ପାଇଁ କେବଳ ସେମାନେ ଅପେକ୍ଷା କରି ରହିଲେ !

ଡକ୍ଟର ସଚ୍ଚିଦାନନ୍ଦ ସିନ୍‌ହା ଏ ସମ୍ପର୍କରେ ଲେଖିଛନ୍ତି···"କିଛୁ ଦିନ ପରେ ଆଉ ଏକ ଡକାୟତି ମାମଲାରୁ ଜଣା ପଡ଼ିଲା ମାନସିଂହପାଟଣା ଡକାୟତି ଦଳେ ପକ୍କା ଡକାୟତଙ୍କ ଦ୍ୱାରା ସଂଘଟିତ ହୋଇଥିଲା । ସମଗ୍ର ଦେଶରେ ଏହା ସେତେବେଳେ ଏକ ପ୍ରବଳ ଚାଞ୍ଚଲ୍ୟ ସୃଷ୍ଟି କରିଦେଲା । ଏହାପରେ ସରକାର ଦ୍ୱୀପାନ୍ତରିତ ହୋଇଥିବା ଆସାମୀମାନଙ୍କୁ ମୁକୁଳାଇ ଦେଲେ । ତଦନ୍ତକାରୀ ପୋଲିସ ଅଫିସରମାନେ ନହେଲେ

ସସ୍‌ପେଣ୍ଡ । ମଧୁସୂଦନ ଏ ବୃତ୍ତାନ୍ତ ଜାଣିବା ମାତ୍ରେ, ତାଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ମିଥ୍ୟା ଅଭିଯୋଗ କରାଯାଇଥିବା ହେତୁ, ଲେଫ୍‌ଟେଣ୍ଟ ଗଭର୍ଣ୍ଣରଙ୍କ ପାଖକୁ କଡ଼ା ପ୍ରତିବାଦ କରି ପତ୍ର ଲେଖିଲେ । ଦେଶର ବଡ଼ ବଡ଼ ଜାତୀୟତାବାଦୀ ସମ୍ବାଦପତ୍ରମାନ ଏହା ବିରୁଦ୍ଧରେ କଠୋର ମନ୍ତବ୍ୟ ପ୍ରକାଶ କରି, ଏ ସବୁ ସମ୍ବାଦ ବେଶ ବିସ୍ତାରିତ ଭାବରେ ଛାପିଲେ । ପରିଣାମରେ ସରକାରଙ୍କ ପକ୍ଷରୁ ମଧୁସୂଦନ ଦାସଙ୍କୁ କ୍ଷମା ପ୍ରାର୍ଥନା କରାଯାଇଁ ତାଙ୍କ ପ୍ରତି ସରକାରଙ୍କ ଆସ୍ଥା ଓ ବିଶ୍ୱାସ ଅବିଚଳିତ ଥିବା ଜଣାଇ ଦିଆଗଲା ।···ଏହାର ଅଳ୍ପଦିନ ପରେ "ଦି ଅର୍ଡ଼ର ଅଫ୍ ଷ୍ଟେପ୍ଲିଡ଼ ପ୍ରପର୍ଟିଜ୍"ଙ୍କୁ ମିଳିଥିଲା ସି. ଆଇ. ଇ ( କମାଣ୍ଡର ଅଫ୍ ଦି ଅର୍ଡ଼ର ଅଫ୍ ଦ ଇଣ୍ଡିଆନ୍ ଏମ୍ପାୟାର୍ ) ଉପାଧି !" *

ମଧୁସୂଦନଙ୍କ ବିରୁଦ୍ଧରେ ପୋଲିସ୍‌ର ଅଭିଯୋଗ ମିଥ୍ୟା ପ୍ରମାଣିତ ହେବା ପରେ, କଟକର ଖ୍ରୀଷ୍ଟିୟାନ୍ ସମାଜ ପକ୍ଷରୁ ପୋଲିସର ନିନ୍ଦା କରାଯାଇ ଏକ ପ୍ରସ୍ତାବ ଗୃହୀତ ହୋଇଗଲା ।

ମଧୁସୂଦନ ଅଗ୍ରଗାମୀ ନଥିଲେ ଡକାୟତି ଅଭିଯୋଗରେ ଦୁଇ ଜଣ ନିରପରାଧ ବ୍ୟକ୍ତି ଯାବଜ୍ଜୀବନ ଦ୍ୱୀପାନ୍ତରିତ ହୋଇ ରହିଥାନ୍ତେ ! "ଉତ୍କଳ-ସଭା" ପକ୍ଷରୁ ଏକ ସାଧାରଣ ଅଧିବେଶନ ଆହୂତ ହେଲା, ମଧୁସୂଦନଙ୍କୁ ସାଧୁବାଦ ଅର୍ପଣ କରିବା ପାଇଁ···

"ଯେଉଁ ମାନସିଂହପାଟଣା ଡକାୟତି ମକଦ୍ଦମା ସମ୍ପର୍କରେ କଟକ ପୁଲିସ ସାହେବ ମଧୁବାବୁଙ୍କ ନାମରେ ଗୁପ୍ତ ରିପୋର୍ଟ କରିଥିଲେ, ସେଥିରେ ମୁଦାଲି ମାନେ ଖଲାସ ହୋଇଛନ୍ତି । ଏଥି ନିମନ୍ତେ କଟକରେ ଉତ୍କଳ-ସଭାର ଏକ ବିରାଟ ସାଧାରଣ ସଭା ହୋଇ ପୁଲିସ ବିଭାଗର ଅସାଧୁତା ଓ ଅକର୍ମଣ୍ୟତା ସମ୍ବନ୍ଧରେ ଅଲୋଚନା ହୋଇ ମଧୁବାବୁଙ୍କୁ ଧନ୍ୟବାଦ ଅର୍ପଣ କରାଗଲା ।" †

ପ୍ରତିପକ୍ଷ ମାନଙ୍କର ଏହିପରି ଚକ୍ରାନ୍ତମୂଳକ ଶତ ଆକ୍ରମଣ ମଧୁସୂଦନଙ୍କୁ ବାରମ୍ବାର ସମ୍ମୁଖୀନ ହେବା ପାଇଁ ପଡ଼ିଥିଲା । ଏହାକୁ

---

* Life of Madhusudan Das—As Seen by Many Eyes ପୁସ୍ତକରେ ଡକ୍ଟର ସଚ୍ଚିଦାନନ୍ଦ ସିଂହାଙ୍କ ନିବନ୍ଧ-ପୃ ୧୫୦

† ଉତ୍କଳ-ଦୀପିକା—ତା ୧୭ । ୬ । ୧୯୦୩

ଲକ୍ଷ୍ୟ କରି, ଜଣେକ ଇଂରେଜ ବସ୍ତୁବାଦୀ ସାର୍ ଡି. ଏସ. ମାକଫରସନ୍ ଆଇ. ସି. ଏସ, କେ. ସି. ଏସ. ଆଇ ଲେଖିଥିଲେ···

"He had much to contend with enemity such a man could not fail to arouse and the opponents who hampered his statesmanship most were his own people, but he held on his course, determined that Orissa should rise again and that the Oriyas should advance and attain self-sufficiency.*

ବସ୍ତୁତଃ ଓଡ଼ିଶା ରାଜନୀତିରେ ଚରିତ୍ର ସଂହାର ଦୌଡ଼ାଦୌଡ଼ି ଏ ପର୍ଯ୍ୟନ୍ତ ଯେପରି ଏକମାତ୍ର ଲକ୍ଷଣୀୟ ଆଭିମୁଖ୍ୟ ହୋଇ ରହି ଆସିଛି !

( ଦୁଇ )

ଓଡ଼ିଶା ସହିତ ମିଶ୍ରଣ ପାଇଁ ଗଞ୍ଜାମର ଓଡ଼ିଆମାନଙ୍କ ସ୍ମାରକ-ପତ୍ରର ପ୍ରତିରୋଧ କରି, ଗଞ୍ଜାମର ତେଲୁଗୁମାନେ ଇତିମଧ୍ୟରେ ଭାଇସରୟ କର୍ଜନଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଥିଲେ । ସେଥିରେ ନାନା କୌଶଳରେ କେତେକ ଓଡ଼ିଆଭାଷୀଙ୍କ ଠାରୁ ସ୍ୱାକ୍ଷର ସଂଗ୍ରହ କରା ଯାଇଥିଲା । ଗଞ୍ଜାମର ଓଡ଼ିଆଭାଷୀମାନେ ସଂଖ୍ୟାଗରିଷ୍ଠ । ମାତ୍ର ତେଲୁଗୁମାନେ ପ୍ରତିପତ୍ତିଶାଳୀ । ଏବେ ଓଡ଼ିଶା ସହିତ ମିଶ୍ରଣ ପାଇଁ ଗଞ୍ଜାମର ଓଡ଼ିଆମାନଙ୍କ ଦାବୀକୁ ତେଲୁଗୁମାନେ ଯଦି ବିରୋଧ କରନ୍ତି; ତାହେଲେ ଗଞ୍ଜାମ କାଳ କାଳ ପାଇଁ ମାନ୍ଦ୍ରାଜ ପ୍ରଦେଶରେ ରହିଯିବା ଅସମ୍ଭବ ନଥିଲା !

ଏଣେ ମଧ୍ୟପ୍ରଦେଶ ସହିତ ଓଡ଼ିଶାର ମିଶ୍ରଣ ସମ୍ପର୍କରେ ଜନରବ ଯେପରି ବିଦ୍ରୋହନ ପ୍ରବଳ ହୋଇ ଉଠୁଥିଲା, ସେଥିରେ ଏ ସମ୍ଭାବନା କ୍ରମେ ଏକ ଆଶଙ୍କାରେ ପରିଣତ ହେଉଥିଲା । ଏହିସବୁ କାରଣରୁ ମଧୁସୂଦନ ବେଶ୍ ଚିନ୍ତିତ ହୋଇ ଉଠୁଥିଲେ । ଶତ୍ରୁପକ୍ଷର ଅପବାଦ ଜାଲରୁ ସମ୍ମାନର ସହିତ ଉତ୍ତୀର୍ଣ୍ଣ ହୋଇ ସୁଦ୍ଧା ତାଙ୍କ ମନରେ ସ୍ୱସ୍ତି ନଥିଲା ।

ସେଦିନ ସକାଳେ ମଧୁସୂଦନ ତାଙ୍କ ଅଫିସଘରେ ବସି ଗୋଟାଏ ମୋକଦ୍ଦମାର ନଥିପତ୍ର ଓଲଟାଉଥିଲେ । ଏହି ସମୟରେ ଅଭିରାମଭଞ୍ଜ ଓ ତାଙ୍କ ପଛେ ପଛେ ଏକରାମ୍ ରସୁଲ୍ ବେଶ ଉତ୍ତେଜିତ ଭାବରେ

*Life of Madhusudan As Seen By Many Eyes—ପୃ ୧୭୬

ଅଫିସଭିତରକୁ ପଶି ଆସିବା ମାତ୍ରେ, ଏକାବେଳକେ କହି ଉଠିଲେ···
" କାଲିର ଇଂଲିଶମାନ୍ କାଗଜ ଦେଖିଛନ୍ତି ସାର୍ ?"

ଟେବୁଲ ଉପରେ ଗଦା ହୋଇଥିଲା ସକାଳ ଡାକରେ ଆସିଥିବା ଗୁଡ଼ିଏ ଖବରକାଗଜ ଆଉ ଗେଜେଟ୍‌ର ପାକେଟ୍ । ସେ ସବୁ ତଥାପି ଖୋଲା ହୋଇନଥିଲା ।

ମଧୁସୂଦନ ପଚାରିଲେ···" ଖବର କଣ ? କଣ ବାହାରିଛି ଇଂଲିଶମାନ୍‌ରେ ?"

ଅଭିରାମ ଭଞ୍ଜ ସେଦିନର "ଇଂଲିଶମାନ" କାଗଜ ଖଣ୍ଡ ଖୋଲି ମଧୁସୂଦନଙ୍କ ଆଡ଼କୁ ବଢ଼ାଇଦେଇ କହିଲେ···" ଇଂଲିଶମାନ୍ ଲେଖିଛି, ଏହା ସମ୍ଭବ ଯେ ଓଡ଼ିଶା ମଧ୍ୟପ୍ରଦେଶ ସଙ୍ଗରେ ମିଶିବ ଓ ତହିଁରେ ଜଣେ ଲେଫଟେନେଣ୍ଟ ଗଭର୍ଣ୍ଣର ରହିବେ । ଛୋଟନାଗପୁର ବଙ୍ଗପ୍ରଦେଶ ସହିତ ସାମିଲ୍ ହୋଇ ରହିବ ।" †

ସେତେବେଳେ ଭାରତୀୟ ପ୍ରଦେଶ ମାନଙ୍କର ପୁନର୍ଗଠନ, ବିଶେଷତଃ ବଙ୍ଗବିଭାଗ ଦେଇ ଯେଉଁ ସବୁପରି କଳ୍ପନା ଚାଲିଥିଲା; ବଙ୍ଗଳାକୁ ସେଥିରୁ ଅକ୍ଷତ ରଖିବା ଉଦ୍ଦେଶ୍ୟରେ ଓଡ଼ିଶାକୁ ମଧ୍ୟପ୍ରଦେଶ ସହିତ ମିଶାଇଦେବା ପାଇଁ, ଭାରତ ସରକାରରେ ମସୁଧା ଚାଲିଥିଲା । ପୁଣି ଓଡ଼ିଶାକୁ ମଧ୍ୟପ୍ରଦେଶ ସହିତ ମିଶାଇ ଦେଲେ ମଧ୍ୟପ୍ରଦେଶ ପାଇଁ ଗୋଟାଏ "ସିବୋର୍ଡ" ସମୁଦ୍ରକୂଳ ମଧ୍ୟ ମିଳିଯିବ—ଏହାହିଁ ଥିଲା ଭାରତ ସରକାରଙ୍କ ବିଚାର ! ବିଶେଷତଃ ଓଡ଼ିଶାର ଗୋଟିଏ ଗୋଷ୍ଠୀ ମଧ୍ୟ ଏଥି ପାଇଁ ଭିତରେ ଭିତରେ ବେଶ୍ ତତ୍ପର ହୋଇ ଉଠିଥିଲେ । ମଧ୍ୟ-ପ୍ରଦେଶରେ ମିଶିଲେ ଓଡ଼ିଶାରୁ ବଙ୍ଗ ପ୍ରାଧାନ୍ୟ ଲୋପ ପାଇବ—ଏହା ଥିଲା ସେମାନଙ୍କର ଧାରଣା । ପାଦ୍ରୀ ହାଉଏଲ୍ ମଧ୍ୟ ସରକାରୀ ସ୍ତରରେ ଏଥିପାଇଁ ତାଙ୍କ ପ୍ରଭାବର ଜାଲ ଇଂଲଣ୍ଡପର୍ଯ୍ୟନ୍ତ ବିସ୍ତାର କରି ଚାଲିଥିଲେ । କାରଣ ତାଙ୍କ ମିଶନ୍‌ର ପ୍ରଧାନ କର୍ମକେନ୍ଦ୍ର ଅବସ୍ଥିତ ଥିଲା ନାଗପୁରରେ ! ତେଣୁ "ଇଂଲିଶମାନ୍"ରେ ପ୍ରକାଶିତ ସମ୍ବାଦ ନିତାନ୍ତ ଭିତ୍ତିହୀନ ନଥିଲା ।

ମଧୁସୂଦନ କହିଲେ···"କିନ୍ତୁ ତୁମେ ଏ କଥା, ଗୋକୁଳାନନ୍ଦଙ୍କୁ ବୁଝାଅ ! ମୁଁ ତ ଏତେ ବୁଝାଇଲି, ଓଡ଼ିଶାକୁ କଲିକତା ବିଶ୍ୱବିଦ୍ୟାଳୟ

† ଉତ୍କଳ ଦୀପିକା—ତା ୧୬ । ୯ । ୧୯୦୩

ଆଜି କଲିକତା ହାଇକୋର୍ଟ ଅଧୀନରେ ରହିବା ପାଇଁ ପଡ଼ିଥିବା ବେଳେ, କେବଳ ଶାସନକ୍ଷେତ୍ରରେ ଓଡ଼ିଶାକୁ ମଧ୍ୟପ୍ରଦେଶ ସହିତ ଯୋଡ଼ିବାରେ ଲାଭ ପରିବର୍ତ୍ତେ କ୍ଷତିହିଁ ହେବ ବେଶୀ ! ଜାନକୀବାବୁଙ୍କ ଦଳ ପରି ବଙ୍ଗଳା ସହିତ ଓଡ଼ିଶାର ମିଶ୍ରଣ ପାଇଁ ଏଚେଷ୍ଟା ଉତ୍ସାହ ନ ଦେଖାନ୍ତେ, ତାହେଲେ ଗୋକୁଳାନନ୍ଦ ପ୍ରଭୃତି ହୁଏତ ବଙ୍ଗଳା ସହିତ ମିଶ୍ରଣର ଏଚେଷ୍ଟା ଵିରୋଧ କରନ୍ତେ ନାହିଁ !"

ଏକରାମ ରସୁଲ କହିଲେ···"ପାଦ୍ରୀ ହାଉଏଲେସ୍‌ଙ୍କ ମିସନ୍‌ର ହେଡ୍‌କ୍ୱାର୍ଟରସ ନାଗପୁରରେ ଥିବାରୁ, ଓଡ଼ିଶାକୁ ନେଇ ମଧ୍ୟପ୍ରଦେଶରେ ମିଶାଇବା ପାଇଁ ସେ ଆଗ୍ରହୀ—ଏକଥା ମୁଁ ବେଶ୍ ବୁଝି ପାରୁଛି; ମାତ୍ର ଗୋକୁଳାନନ୍ଦ ଚୌଧୁରୀ ଏଥିରେ ହଠାତ୍ ପାଦ୍ରୀ ହାଉଏଲସ୍‌ଙ୍କ ସହିତ ମିଶିଯିବାର ରହସ୍ୟ ତ ବୁଝି ପାରିଲି ନାହିଁ !"

ମଧୁସୂଦନ କହିଲେ···"ଏଥିରେ ବୁଝିବାର ବା ଅଛି କଣ ? ଗୋକୁଳାନନ୍ଦଙ୍କ ପୂର୍ବପୁରୁଷ ମରହଟ୍ଟା ମାନଙ୍କ ଠାରୁ ଯେଉଁ ଜମିଦାରୀ ପାଇଥିଲେ, ଇଂରେଜ ମାନଙ୍କ ଅମଳରେ ହେଉଛି ସେମାନେ ହରାଇ ବସିଲେ । କେବଳ ଗୋକୁଳାନନ୍ଦ ବୋଲି ନୁହନ୍ତି; କେତେକ ମଧ୍ୟ ତାଙ୍କରି ପରି, ଇଂରେଜ ଶାସନ ତୁଳନାରେ ବରଂ ମରହଟ୍ଟା ବର୍ଗୀ ଶାସନ ଭଲ ଥିଲା ବୋଲି ଭାବନ୍ତି ! ସେଥିପାଇଁ ବଙ୍ଗଳା ପରିବର୍ତ୍ତେ ମଧ୍ୟପ୍ରଦେଶରେ ମିଶିବା ଗୋକୁଳାନନ୍ଦଙ୍କ ଇଚ୍ଛା । ଓଡ଼ିଶାରେ ଇଂରେଜ କହିଲେ ତ ଲୋକେ ବୁଝୁଛନ୍ତି କଲିକତାର ବଙ୍ଗାଳୀଙ୍କୁ !"

ଅଭିରାମ କହିଲେ···"କିନ୍ତୁ ଓଡ଼ିଶା ତୁଳନାରେ ମଧ୍ୟପ୍ରଦେଶ ଆହୁରି ଅନୁନ୍ନତ, ଆହୁରି ବ୍ୟାକ୍‌ୱାର୍ଡ ! ମଧ୍ୟପ୍ରଦେଶରେ ଓଡ଼ିଶା ମିଶିଲେ ଆମେ ଆହୁରି ଶହେ ବର୍ଷ ପଛେଇ ଯିବୁ ସନ୍ଦେହ ନାହିଁ ! ପୁଣି ଯେଉଁ ମଧ୍ୟପ୍ରଦେଶରେ ଥାଇଁ ସମ୍ବଲପୁର ଜିଲ୍ଲାରୁ ଓଡ଼ିଆଭାଷା ଉଠିଗଲା; ସେହି ମଧ୍ୟପ୍ରଦେଶରେ ଓଡ଼ିଆ ମାନଙ୍କର ସ୍ୱାର୍ଥ ସଂରକ୍ଷିତ ହୋଇ ପାରିବ ବୋଲି ଆଶା କରାଯିବ କପରି ?"

---

* ମଧ୍ୟପ୍ରଦେଶ ସହିତ ଓଡ଼ିଶାର ମିଶ୍ରଣ ଆନ୍ଦୋଳନରେ ଗୋକୁଳାନନ୍ଦଙ୍କ ଭୂମିକା ସମ୍ପର୍କରେ **"The Oriya Movement"** ରେ ଲେଖିଛନ୍ତି···**This movement was led by Babu Gokulananda Choudhury and Rev. George Howells.'** (ପୃ ୨୮)

ସେପର୍ଯ୍ୟନ୍ତ କିନ୍ତୁ ବଙ୍ଗଳା ଅଥବା ମଧ୍ୟପ୍ରଦେଶ, କେଉଁ ପ୍ରଦେଶ ସହିତ ଓଡ଼ିଶା ମିଶିବ, ସେ ସମ୍ପର୍କରେ କୌଣସି ସ୍ଥିର ସିଦ୍ଧାନ୍ତ ଗୃହୀତ ହୋଇ ନଥିଲା । ଇତିପୂର୍ବେ ଓଡ଼ିଶା-ଆସୋସିଏସନ୍ ବା ଉତ୍କଳ-ସଭାର ଯେଉଁ ସାଧାରଣ ଅଧିବେଶନ ହୋଇଥିଲା, ସେଥିରେ ଏ ପ୍ରଶ୍ନର ନିଷ୍ପତ୍ତି ଗବର୍ଣ୍ଣମେଣ୍ଟଙ୍କ ଉପରେ ଛାଡ଼ି ଦିଆ ଯାଇଥିଲା ।

ମଧୁସୂଦନ କହିଲେ···"ବର୍ତ୍ତମାନ 'ଇଂଲିଶମ୍ୟାନ୍‌ର' ଏ ସମ୍ବାଦ ଦୃଷ୍ଟିରୁ ଆମେ ଓଡ଼ିଶାବାସୀଙ୍କ ପକ୍ଷରୁ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦେବା ଉଚିତ—ମଧ୍ୟ ପ୍ରଦେଶ ସହିତ ଓଡ଼ିଶାର ମିଶ୍ରଣ କରିବା ନ୍ୟାୟ ନୁହେଁ ! କମିସନର କେ. ଜି. ଗୁପ୍ତଙ୍କ ପାଖକୁ ଆମେ ଗୋଟାଏ ପ୍ରତିନିଧି ଦଳରେ ଯାଇ ଏକଥା ଜଣାଇଆସିଲେ, ଏହାର ରିପୋର୍ଟ ସେ ଭାରତ ସରକାରଙ୍କୁ ପଠାଇ ଦେବେ । କିନ୍ତୁ ପ୍ରତିନିଧିଦଳରେ ଗୋକୁଳାନନ୍ଦ ଆଉ ପାଦ୍ରୀ ହାଉଏଲ୍‌ସ ରହିବା ଆବଶ୍ୟକ । ତା ନହେଲେ ସେମାନେ ଆଉ ଏକ ପ୍ରତିନିଧି ଦଳରେ ଯାଇ ମଧ୍ୟପ୍ରଦେଶ ସହିତ ଓଡ଼ିଶାର ମିଶ୍ରଣ ପାଇଁ ଦାବୀ ଦାଖଲ୍ କରି ଆସିବା ଅସମ୍ଭବ ନୁହେଁ !"

ମଧୁସୂଦନଙ୍କ ପରାମର୍ଶ ଅନୁସାରେ, ଏକ ପ୍ରତିନିଧି ଦଳ କମିସନର କେ. ଜି. ଗୁପ୍ତଙ୍କୁ ସାକ୍ଷାତ କଲେ, ମଧ୍ୟପ୍ରଦେଶ ସହିତ ମିଶ୍ରଣର ବିରୋଧ କରି । କମିସନର କେ. ଜି. ଗୁପ୍ତ ଏ ପ୍ରସ୍ତାବକୁ ସେଦିନ ଯେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇ ଥିଲେ ତାହା ଏଠାରେ ଉଲ୍ଲେଖ ନକଲେ ମଧ୍ୟ ଚଳିବ ! "ଉତ୍କଳ-ଦୀପିକା"ଏ ସାକ୍ଷାତକାରର ବିବରଣୀ ପ୍ରକାଶ-କରି ଲେଖିଥିଲେ···

"ତା ୭ ।୯। ୧୯୦୩ ରିଖ ଦିନ କେ. ଜି. ଗୁପ୍ତ କମିସନର୍‌ଙ୍କ ନିକଟକୁ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଯାଇଥିଲେ । ରେଭରେଣ୍ଡ ହାଉଏଲସ୍, ରେଭରେଣ୍ଡ ହ୍ୱାଇଟ, କନିକା ରାଜା ସାହେବ, ଗୋକୁଳାନନ୍ଦ ଚଉଧୁରୀ, ଅଭିରାମ ଭଂଜ ଓ ଏକରାମରସୁଲ୍ ସେ ପ୍ରତିନିଧି ଦଳରେ ଥିଲେ । ମଧୁବାବୁ କହିଲେ: ଓଡ଼ିଶା ମଧ୍ୟପ୍ରଦେଶ ସଙ୍ଗେ ମିଳିବାର ଯେଉଁ ଜନରବ ଶୁଣାଯାଉଛି ତହିଁରେ ଆମ୍ଭେମାନେ ବ୍ୟଥିତ ଓ ଚିନ୍ତିତ (perturbed) । ବଙ୍ଗଳା ସଙ୍ଗେ ରହି ଓଡ଼ିଶାର ଯେ ଉନ୍ନତି

ହୋଇଅଛି ତହିଁର ହାନି ହେବ ଓ ଓଡ଼ିଶା ଅର୍ଦ୍ଧଶତାବ୍ଦୀ ପଛକୁ ଘୁଞ୍ଚିବ । ଆମ୍ଭେମାନେ ଗଞ୍ଜାମ ଓ ସମ୍ବଲପୁରର ଓଡ଼ିଶା ସଙ୍ଗେ ମିଶ୍ରଣ ଚାହୁଁ । ଏ ଜନରବ (ମଧ୍ୟପ୍ରଦେଶ ସହିତ ମିଶ୍ରଣ) ସତ୍ୟ ହେଲେ ଅତି ବିପଦଜନକ । ବଙ୍ଗଳା ସଙ୍ଗେ ବହୁଦିନର ସମ୍ପର୍କ ଅବିଚ୍ଛିନ୍ନ । ଅତଏବ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶା ନଯାଉ ।”

କେ. ଜି. ଗୁପ୍ତ ଉତ୍ତରରେ କହିଲେ···

"I am glad to meet the representatives of all communities. It was perhaps suggested that by amalgamation of Orissa with C.P, the latter will get a sea board. But the language, religion and custom is one in Bengal and Orissa. There is no difference in religion in Bengal and Orissa as Chaitanya's Vaishnavism is common. I have every sympathy for your cause." *

କମିସନର୍ କେ. ଜି. ଗୁପ୍ତଙ୍କ ଆଶ୍ୱାସନାରେ ପ୍ରତିନିଧିଦଳ ଆଶ୍ୱସ୍ତ ହୋଇ ଫେରିଲେ । ମାତ୍ର ବଙ୍ଗଳା ଓ ଓଡ଼ିଶାରେ ପ୍ରଚଳିତ ଭାଷା ଏକ ବୋଲି କେ. ଜି. ଗୁପ୍ତ ଯାହା କହିଲେ, ସେଥିରେ ଗୋକୁଳାନନ୍ଦ ମହାକ୍ଷୁର୍ଣ୍ଣ ହୋଇ ଫେରିବା ବାଟରେ ଡ଼ଗ ମେଲିଲେ···

“ପଳାଇ ପଶିଲି ମାଉସୀ ଘରେ
ମାଉସୀ ପିଟିଲା ଦୁଇ ଚାହାରେ !”

( ତିନି )

**ମ**ଧୁସୂଦନ କଲିକତାରୁ ହଠାତ ଫେରିଆସିଥିଲେ ଗୋପାଳ-ବଲ୍ଲଭଙ୍କ ଠାରୁ ଟେଲିଗ୍ରାମ ପାଇ—ସତ୍ୟଭାମାପୁରରେ ପାବଙ୍କ ଦେଇ ପ୍ରାପ୍ତ ଶେଷଶଯ୍ୟାରେ !

କାର୍ତ୍ତିକମାସିଆ ଦିନ । ସବୁଆଡ଼େ ଗୋଟାଏ ଶୁଚିସ୍ନାତ ବାତାବରଣ । ଚୈଧିଶାଘର ଭିତର ଖଞ୍ଜା । ଖ୍ରୀଷ୍ଟିଆନ୍ ମଧୁସୂଦନଙ୍କ ପକ୍ଷରେ ଯେ ଅଲଂଘ୍ୟ ରହିଥିଲା; ମଧୁସୂଦନ ତାହା ବେଶ ବୁଝିଥିଲେ । ମୃତ୍ୟୁଶଯ୍ୟା ପାଖକୁ ଜଣେ ଖ୍ରୀଷ୍ଟିଆନ୍ ଆସିଥିବା ହେତୁ

* ଉତ୍କଳ-ଦୀପିକା-ତା ୧୬।୫।୧୯୦୩

ମଡ଼ାଭାଇ ମାନେ ଶବସତ୍କାର ବେଳେ ଯଦି ଆପତ୍ତି ଉଠାନ୍ତି, ତା ହେଲେ ତାହାକୁ ସମ୍ଭାଳିବା ପୁଣି କାଠିକର ପାଠ ହେବ !

ମଧୁସୂଦନ ଇତିମଧ୍ୟରେ ଓଡ଼ିଶାର ବିଶିଷ୍ଟ ମଣ୍ଡଳୀରେ ଶୀର୍ଷ ସ୍ଥାନୀୟ ହୋଇଥିବା ହେତୁ, ରୈଧୁଖିଦର ବାହାର ପିଣ୍ଡାରୁ ଦାଣ୍ଡପଟ ବୈଠକଖାନା ଭିତର ପର୍ଯ୍ୟନ୍ତ ଯାଇ ପାରୁଥିଲେହେଁ, ଭିତର ପ୍ରସ୍ଥକୁ ଯିବା ପାଇଁ ତାଙ୍କ ବାଟରେ ଯେପରି ଗୋଟାଏ ପାଚେରୀ ଠିଆ ହୋଇ-ରହିଥିଲା !

ଧର୍ମାନ୍ତର ପରେ ସୁଦ୍ଧା ପାର୍ବତୀ ଦେଈଙ୍କ ଅକୃତ୍ରିମ ମାତୃସ୍ନେହରୁ ମଧୁସୂଦନ କିନ୍ତୁ ବଞ୍ଚିତ ହୋଇ ନଥିଲେ । ଏକନୈଷ୍ଠିକ ଶୁଚି ବିକାର-ଗ୍ରସ୍ତ ପରିବାରର କର୍ତ୍ତ୍ରୀ ଥାଇଁ ସୁଦ୍ଧା, ଧର୍ମାନ୍ତରିତ ପୁତ୍ର ମଧୁସୂଦନଙ୍କୁ ପରିଣତ ବୟସ ସତ୍ତ୍ୱେ, କୋଳକୁ ଟାଣି ନେବା ପାଇଁ ସେ କୁଣ୍ଠିତ ହେଉ ନଥିଲେ । ଏହି ସ୍ନେହମୟୀ ଜନନୀଙ୍କ ସାନ୍ନିଧ ପାଇଁ ସତ୍ୟଭାମା-ପୁର ଗ୍ରାମ ବାହାରେ ମଧୁସୂଦନ ଗୋଟାଏ ଘର ସୁଦ୍ଧା ତିଆରି କରିଥିଲେ; ବେଳେ ବେଳେ ସେଠାରେ କିଛି ସମୟ ଅତିବାହିତ କରିବା ପାଇଁ । ମାତ୍ର ସେଥିପାଇଁ କେଉଁଠି ବା ମିଳନ୍ତା ଅବକାଶ ? ଯେଉଁ କେତେଦିନ ସେଠାରେ ରହିବାପାଇଁ ମଧୁସୂଦନ ଗ୍ରାମକୁ ଆସିଲେ; ସେ ସମୟ ଅତିବାହିତ ହେଲା, ଗାଁ ମୁଣ୍ଡରେ ଥିବା ପଞ୍ଚ ତାଳବଣୀର ତାଳଗଛ ମାନଙ୍କରୁ କିପରି ତାଳଗୁଡ଼ ଉତ୍ପାଦନ କରାଯାଇ ପାରିବ; ତାଳପତ୍ରରେ କି କି କୁଟୀର ଶିଳ୍ପ ହୋଇ ପାରିବ, ଏହିପରି ଗବେଷଣାରେ । ତଥାପି ସେଠାରେ ଯେଉଁ କେତୋଟି ଦିନ ଅତିବାହିତ ହେଉଥିଲା; ଏହିପରି ନାନା କର୍ମଜଂଜାଳ ସତ୍ତ୍ୱେ ପାର୍ବତୀ ଦେଈଙ୍କ ସାନ୍ନିଧ୍ୟରେ ମଧୁସୂଦନଙ୍କ ନିଃସଙ୍ଗ ଜୀବନର ସେହି ରିକ୍ତ ଦିନଗୁଡ଼ିକ ପ୍ରୀତିପୂର୍ଣ୍ଣ ଓ ସ୍ନିଗ୍ଧ ହୋଇ ଉଠୁଥିଲା ।

ମଧୁସୂଦନଙ୍କ ଧର୍ମାନ୍ତର ପିତା ରଘୁନାଥଙ୍କୁ ବିମୁଖ କରି-ଥିଲେହେଁ ମାତା ଓ ପୁତ୍ରଙ୍କ ମଧ୍ୟରେ କିନ୍ତୁ କୌଣସି ବ୍ୟବଧାନ ସୃଷ୍ଟି କରି ପାରିନଥିଲା । ଦୁଇବର୍ଷ ତଳେ ମଧୁସୂଦନଙ୍କ ଗୋଟାଏ ପାଦରେ ଦୁଷ୍ଟବ୍ରଣ ହେଲା । ଅସହ୍ୟ ଯନ୍ତ୍ରଣାରେ ମଧୁସୂଦନ ଶଯ୍ୟାଶାୟୀ ହେଲେ । ପାର୍ବତୀ ଦେଈଙ୍କୁ ଦେଖିବା ପାଇଁ ସବୁବେଳେ ମା ମା ଡାକ, ମଧୁସୂଦନ ହଠାତ ବୟସରେ ଯେପରି ଶିଶୁ ହୋଇ ପଡିଲେ ।

କିନ୍ତୁ ଖ୍ରୀଷ୍ଟିଆନ୍ ମଧୁସୂଦନ ଘରକୁ କଣ ପାର୍ବତୀ ଦେଈ ଆସିବେ ? ସେହି ସନ୍ଦେହରେ ମଧୁସୂଦନ ନିଜ ପୀଡ଼ାର ସମ୍ବାଦ ପାର୍ବତୀ ଦେଈଙ୍କୁ ପଠାଇଲେ ନାହିଁ । ଶୈଳବାଳା ସେତେବେଳେ ଗ୍ରାମକୁ ଆସିଥିଲେ ପାର୍ବତୀଦେଈଙ୍କୁ କଟକ ନେଇଯିବା ପାଇଁ ।

ସତ୍ୟଭାମାପୁର ଗ୍ରାମରେ ଶୈଳବାଳାଙ୍କୁ ଦେଖି ନାତୁଣୀ-ସ୍ନେହରେ ପାର୍ବତୀ ଦେଈଙ୍କ ପାଦ ଯେପରି ମାଟିରେ ଆଉ ପଡ଼ିଲା ନାହିଁ । ଶୈଳବାଳା କିନ୍ତୁ ଖ୍ରୀଷ୍ଟିଆନ୍ ଝିଅ, ସାହେବୀ କାଇଦାରେ ବଢ଼ିଛି ! ଏଠି ଖାଇବ କଣ ? ଗାଧୋଇବ କିପରି ? ଶୋଇବ କେଉଁଠି ?···ପାର୍ବତୀ ଦେଈଙ୍କର ଏହିପରି ନାନା ସମସ୍ୟା । ମାତ୍ର ଶୈଳବାଳା ସେ ସବୁ ସମସ୍ୟାର ସହଜ ସମାଧାନ କରିଦେଇ କହିଲେ···"ଶୋଇବି ତୁମରି ପାଖରେ, ଗାଧୋଇବା ପାଇଁ ଏଇ ସେ ଏତେ ସୁନ୍ଦର ପୋଖରୀ, ଆଉ ଖାଇବା ପାଇଁ ପିଠା, ଚୂଡ଼ା, ମୁଢ଼ି, ଯାହା ଖୁସି !"

ଶୈଳବାଳାଙ୍କ ଠାରୁ ଶୁଣାକଥା, ପାର୍ବତୀ ଦେଈଙ୍କ ବଖାଣରେ ଶୈଳବାଳା ହଳପାଟେଲ ମାଖି ରସକୁଣ୍ଡ ପୋଖରୀରେ ବୁଡ଼ ପକାଇ ଯେତେବେଳେ ପଖାଳ କଂସା ପାଖରେ ଆସି ବସିଲେ, ପାର୍ବତୀ ଦେଈଙ୍କର ସେତେବେଳେ ଯେପରି ଆହ୍ଲାଦର ଅନ୍ତ ନଥିଲା । ଗୋପାଳବଲ୍ଲଭଙ୍କ ପତ୍ନୀ ବସନ୍ତଙ୍କୁ ଡାକି ପାର୍ବତୀ ଦେଈ କହିଲେ···"ଆଲୋ ହେ ବୋହୂ, କହୁଥିଲୁ ପରା ଝିଅ ସାହେବୀ ଖାନା ନ ହେଲେ ଠାʼରେ ବସିବ ନାହିଁ; ଦେଖିଲୁ ଆ କେମିତି ତୋରାଣୀ ତେଣ୍ଟୁଛି !"

କୌଣସି ବାରଣ ନମାନି ଶୈଳ ସଙ୍ଗରେ ପାର୍ବତୀ ଦେଈ କଟକ ଚାଲି ଆସିଥିଲେ ମଧୁସୂଦନଙ୍କ ରୋଗଶଯ୍ୟା ପାଖକୁ ।

ଏବେ ସେଇ ପାର୍ବତୀ ଦେଈ ମୃତ୍ୟୁଶଯ୍ୟାରେ ।

ମାତ୍ର ଏଇ ଶେଷ ମୁହୂର୍ତ୍ତରେ ମଧୁସୂଦନ ତାଙ୍କ ପାଦରେ ଥରେ ହାତ ମୁଣ୍ଡା ବୁଲାଇ ପାରିଲେ ନାହିଁ । ତାଙ୍କୁ ଥରେ ଶେଷ ବିଦାୟ ଦେଇ ପାରିଲେ ନାହିଁ ! ଭିତର ଅଗଣାରେ ମୃତ୍ୟୁଦାନ ପାଇଁ ବ୍ୟବସ୍ଥାର କୋଳାହଳ !

ବୈଠକଖାନାରେ ହେମାଳିଆ ଶୂନ୍ୟତା ଭିତରେ, ମଧୁସୂଦନ ଅସହାୟ ଭାବରେ ପାଦଚାରଣା କରି, କେବଳ ଏପାଖ ସେପାଖ ହେଉ-

ଥିଲେ । ଗୋପାଳବଲ୍ଲଭଙ୍କ ଡାକରେ ମଧୁସୂଦନ ଚମକିପଡ଼ିଲେ । ଦୁଃସମ୍ବାଦ ନିଶ୍ଚୟ !

ଗୋପାଳବଲ୍ଲଭ କହିଲେ···"ଭିତରକୁ ଆସନ୍ତୁ । ବୋଉ ଆପଣଙ୍କୁ ଦେଖିବେ ବୋଲି ଠାରି ଠାରି କହୁଛନ୍ତି !"

ପାର୍ବତୀଦେଈଙ୍କ ଶଯ୍ୟା ପାଖକୁ ଆସି ମଧୁସୂଦନ ଆକୁଳ କଣ୍ଠରେ ଡାକ ଛାଡ଼ିଲେ···" ମା ! ମା ! ମୁଁ ଆସିଛି !"

ମାତ୍ର ପାର୍ବତୀ ଦେଈଙ୍କ ପ୍ରାଣବାୟୁ ସେତେବେଳକୁ ଉଡ଼ିଯାଇଥିଲା । ଏତେ ନିକଟରେ ଥାଇଁ ସୁଦ୍ଧା ସେ ମା'ଙ୍କୁ ଶେଷଥର ପାଇଁ ଦେଖିପାରିଲେ ନାହିଁ ! ଆତ୍ମସଂଯମର ସବୁ ନିଗଡ଼ ଭାଙ୍ଗି ମଧୁସୂଦନଙ୍କ ଆଖିରୁ ଦୁଇ ଧାର ଲୁହ ଗଡ଼ି ଆସିଲା । *

ସେହି ବେଦନା-ବ୍ୟାକୁଳ ମୁହୂର୍ତ୍ତରେ ମଧୁସୂଦନଙ୍କ ଚେତନାରେ ମାତୃଶୋକର ବ୍ୟଥା ସ୍ୱତଃସ୍ଫୂର୍ତ୍ତ ଏକ ଶ୍ଳୋକ ଆକାରରେ ହଠାତ ଯେପରି ସ୍ପନ୍ଦିତ ହୋଇ ଉଠିଲା···

" ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆଙ୍କୁ ପାଇଲି ନାହିଁ !"

( ଗ୍ଲର )

ମାତୃ-ବିୟୋଗ ଶୋକରେ ମୁହ୍ୟମାନ ହେବା ପାଇଁ ଅବସର ନଥିଲା ।

---

* " ଉତ୍କଳ-ଦୀପିକା" ତା ୨୪।୧୦।୧୯୦୩ ସଂଖ୍ୟାରେ ପାର୍ବତୀ ଦେଈଙ୍କ ମୃତ୍ୟୁ ସମ୍ବାଦ ଏହିପରି ପ୍ରକାଶ କରିଥିଲେ···

"ଏ ନଗରର ବିଖ୍ୟାତ ଓକିଲ ମଧୁସୂଦନ ଦାସଙ୍କ ମାତା ସୋମବାର ଦିନ ପରଲୋକ ପ୍ରାପ୍ତ ହେଲେ । ତାଙ୍କ ବୟସ ୮୨ରୁ ଅଧିକ ହୋଇଥିଲା । ଯାହାଙ୍କ ଜ୍ୟେଷ୍ଠ ପୁତ୍ର ମଧୁସୂଦନ ବିଦ୍ୟାବୁଦ୍ଧି ସଦ୍‌ସଙ୍ଗ ସ୍ୱଦେଶାନୁରାଗ ସାଧାରଣ ହିତ ବ୍ରତ ଗୁଣ ହେତୁରୁ ସମଗ୍ର ଓଡ଼ିଶାରେ ଶୀର୍ଷ ସ୍ଥାନୀୟ, ଯାହାଙ୍କ କନିଷ୍ଠ ପୁତ୍ର ଗୋପାଳବଲ୍ଲଭ ଡେପୁଟୀ କଲେକ୍ଟର କେନ୍ଦୁଝର, ଦେଓ୍ୱାନ ଓ କମିସନର୍‌ଙ୍କ ପର୍ସନେଲ ଆସିଷ୍ଟାଣ୍ଟ ଭାବେ ଏକ ସୁଦକ୍ଷ ଉଚ୍ଚ କର୍ମଚାରୀ ରୂପେ ପ୍ରଶଂସିତ ସେ ଯୋଗ୍ୟ ପୁତ୍ରଦ୍ୱୟଙ୍କ ସମକ୍ଷରେ ଦେହତ୍ୟାଗ କଲେ । ତାଙ୍କର ଆତ୍ମାର ସଦଗତି ହେଉ ।"

କତଜନ ଛୁଟି ଆଉ ଅଳ୍ପଜନ ରହିଲେ । ସେତିକବେଳେ ଓଡ଼ିଶା ଓ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧି ମାନଙ୍କର ଏକ "ଜାତୀୟ-ସମିତି" କଟକ ଠାରେ ଆହ୍ୱାନ କରିବା ପାଇଁ ମଧୁସୂଦନ ତତ୍ପର ହୋଇ ଉଠିଥିଲେ । ଗତବର୍ଷ ବ୍ରହ୍ମପୁରଠାରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ-ସମ୍ମିଳନୀରେ ଯୋଗ ଦେବା ବେଳେ,ଏହିପରି ଏକ ସମ୍ପୂର୍ଣ୍ଣାଙ୍ଗ ସମ୍ମିଳନୀ କଟକରେ ଆହ୍ୱାନ କରିବାର ଭାବନା ମଧୁସୂଦନଙ୍କ ମନରେ ଉଦିତ ହୋଇଥିଲା ।

ଏପରି ସମ୍ମିଳନୀ ଆହ୍ୱାନ କରିବାର ଆଉ ଏକ କାରଣ ମଧ୍ୟ ରହିଥିଲା । ଲର୍ଡ଼ କର୍ଜନଙ୍କ ବଙ୍ଗ-ଭଙ୍ଗ ଘୋଷଣା ଓ ରିସ୍‌ଲେ-ସର୍କୁଲାର ସେପର୍ଯ୍ୟନ୍ତ ପ୍ରକାଶ ପାଇ ନଥିଲା । ବଙ୍ଗ-ଭଙ୍ଗର ସମ୍ଭାବନା ଓ ଆଶଙ୍କାରେ ବଙ୍ଗଳା କ୍ରମେ ଯେପରି ଅଗ୍ନିଗର୍ଭ ହୋଇ ଉଠୁଥିଲା; କଲିକତାରେ ମଧୁସୂଦନ ତାହାର ଆଭାସ ପାଇ ସାରିଥିଲେ । ଭାରତ ସରକାରଙ୍କ ହୋମ—ସେକ୍ରେଟାରି ରିସ୍‌ଲେ ଭାରତୀୟ ପ୍ରଦେଶମାନଙ୍କର ପୁନର୍ଗଠନ ସମ୍ପର୍କରେ ଏକ ଯୋଜନା ପ୍ରସ୍ତୁତ କରୁଥିବା ଓ ସେ ଯୋଜନାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ ଏକତ୍ରିତ ହେବା ପାଇଁ ପ୍ରସ୍ତାବ ରହିଥିବା ବଙ୍ଗଳା ସରକାରଙ୍କ ସୂତ୍ରରୁ ମଧୁସୂଦନ ପାଇ ସାରିଥିଲେ । ସମ୍ବଲପୁର ଜିଲ୍ଲା ଓଡ଼ିଶା ସହିତ ମିଶ୍ରଣ ପାଇଁ ମଧ୍ୟପ୍ରଦେଶ ଆଡ଼ୁ ଅବଶ୍ୟ କୌଣସି ବିରୋଧ ନ ଥିଲା । ମାତ୍ର ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ହେନି, ମାନ୍ଦ୍ରାଜ ସରକାରଙ୍କର ଥିଲା ପ୍ରବଳ ଆପତ୍ତି ! ତେଣୁ ଏକ ଶାସନାଧୀନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ, ଭାରତ ସରକାରଙ୍କ ପ୍ରସ୍ତାବରେ ଥିଲେ ହେଁ; ଅନ୍ୟ ପ୍ରାଦେଶିକ ସରକାର ମାନଙ୍କର ବିରୋଧ ଫଳରେ ତାହା କାର୍ଯ୍ୟକାରୀ ହେବାରେ ପୂର୍ଣ୍ଣ ଆଶଙ୍କା ରହିଥିଲା ।

ଭାରତୀୟ ଜାତୀୟ କଂଗ୍ରେସକୁ ଏ ସମସ୍ୟା ପ୍ରତି ଆକୃଷ୍ଟ କରିବା ଅଭିପ୍ରାୟରେ ମଧୁସୂଦନ ବର୍ଷକ ତଳେ, ୧୯୦୨ ସାଲ ଅହମଦାବାଦ କଂଗ୍ରେସ ଅଧିବେଶନରେ ସଭାପତି ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସହିତ ଆଲୋଚନା କରିଥିଲେ । କଲିକତାର ଗ୍ରାଣ୍ଡ-ହୋଟେଲ୍‌ରେ ଏ ସମ୍ପର୍କରେ ଦୀର୍ଘ ଆଲୋଚନା ହୋଇଥିଲା ଦୁଇ ନେତାଙ୍କ ମଧ୍ୟରେ । ମାତ୍ର ଲର୍ଡ଼ କର୍ଜନ୍‌ଙ୍କ ପ୍ରସ୍ତାବିତ ବଙ୍ଗ-ଭଙ୍ଗ ବିରୋଧରେ ସେତେବେଳେ ବଙ୍ଗଳାର ଜନମତ

ଥିଲା ପ୍ରଚଣ୍ଡ । ଭାରତୀୟ କଂଗ୍ରେସର ରାଜନୀତିକୁ ମଧ୍ୟ ଏହା କ୍ରମେ ସଂକ୍ରମିତ କରୁଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକତ୍ରିତ ହୋଇ ଅଖଣ୍ଡିତ ବଙ୍ଗଳା ପ୍ରଦେଶ ଅଧୀନରେ ରହିବା ଲର୍ଡ କର୍ଜନଙ୍କ ପ୍ରସ୍ତାବର ମୂଳସୂତ୍ର ଥିବାରୁ, ବଙ୍ଗଭଙ୍ଗ ସହିତ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀ-କରଣ ସମସ୍ୟାଟି ଜଡ଼ିତ ହୋଇ ପଡ଼ିଥିଲା । ତେଣୁ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଭାରତୀୟ ଜାତୀୟ କଂଗ୍ରେସରେ ଗୋଟାଏ ପ୍ରସ୍ତାବ ଗ୍ରହଣ ପାଇଁ ସୁରେନ୍ଦ୍ରନାଥଙ୍କୁ ଯେତେବେଳେ ମଧୁସୂଦନ ଅନୁରୋଧ କଲେ, ଜାତୀୟ-କଂଗ୍ରେସର ପରିସର ମଧ୍ୟରେ ଏପରି ପ୍ରସ୍ତାବ ସମ୍ଭବ ନୁହେଁ ବୋଲି ସେ ମଧୁସୂଦନଙ୍କୁ ସ୍ପଷ୍ଟ ନାସ୍ତି କହି ଦେଇଥିଲେ । ସେହିଦିନୁ ମଧୁସୂଦନ ବୁଝିଥିଲେ, ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଓଡ଼ିଶାବାସୀଙ୍କୁ କଂଗ୍ରେସ ଉପରେ ନିର୍ଭର ନକରି ନିଜ ପାଦରେ ଠିଆ ହେବାପାଇଁ ପଡ଼ିବ । *

ଓଡ଼ିଆଭାଷାଭାଷୀ ଅଞ୍ଚଳର ପ୍ରତିନିଧି ମାନଙ୍କର ପ୍ରସ୍ତାବିତ "ଜାତୀୟ-ସମ୍ମିଳନୀ" କଟକ ଠାରେ ଅହ୍ୱାନ କରିବାର ଏହାହିଁ ଥିଲା ଉଦ୍ଦେଶ୍ୟ । କିନ୍ତୁ ଏପରି ଏକ ସମ୍ମିଳନୀ ଆହ୍ୱାନ କରିବା ପୂର୍ବରୁ ଯଥେଷ୍ଟ ପ୍ରସ୍ତୁତି ଆବଶ୍ୟକ । ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ପୁଣି କାହାର କୌଣସି ସ୍ପଷ୍ଟ ଧାରଣା ନଥିଲା । ସେଥିପାଇଁ ସମିତିର ପ୍ରସ୍ତୁତି ଓ ଆଭିମୁଖ୍ୟର ସ୍ପଷ୍ଟୀ-କରଣ ଉଦ୍ଦେଶ୍ୟରେ କନିକା ରାଜବାଟୀରେ ମଧୁସୂଦନ ଅହ୍ୱାନ କରିଥିଲେ ଏକ ପ୍ରାଥମିକ ବୈଠକ । କେନ୍ଦୁଝରର ରାଜାଙ୍କ ସମେତ ସହଭାଗୀ ସବୁ

---

* ସ୍ୱର୍ଗୀୟା ଶୈଳବାଳା ଦାସ "Life of Madhusudan As seen By Many Eyes" ପୁସ୍ତକରେ ସୁରେନ୍ଦ୍ରନାଥ ଓ ମଧୁସୂଦନଙ୍କ ମଧ୍ୟରେ ଏ ଆଲୋଚନା ଲିପିବଦ୍ଧ କରି ଲେଖିଛନ୍ତି...

**In 1902, My late father and late Sir Surendranath Banerjee had a great discussion about the difficult problem of Orissa, in the Grand Hotel, Calcutta, during X' mas week. × × My father wanted that the Indian National Congress should take up the question of Orissa, that the Oriya speaking tracts should be amalgamated as a Province. But Surendra Nath was not in favour of taking up provincial question in Congress and so my father parted from the National Congress."** (ପୃ ୧୫)

ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେଦିନ ସେଠାକୁ ଆମନ୍ତ୍ରିତ ହୋଇଥିଲେ ।

କନିକାରାଜା ରାଜେନ୍ଦ୍ରନାରାୟଣଙ୍କ ପ୍ରସ୍ତାବ ମତେ, କେନ୍ଦୁଝର ରାଜା ଏହି ସଭାରେ ସଭାପତିତ୍ୱ କରିଥିଲେ ।

ସଭାର ସମୟ ପ୍ରସଙ୍ଗ ଉଠିବାରୁ ଅଭିରାମଭଂଜ କହିଲେ···"ବଡ଼ଦିନ ଛୁଟିରେ ମାନ୍ଦ୍ରାଜରେ କଂଗ୍ରେସ ଅଧିବେଶନ ବସୁଛି, ମଧୁବାବୁ ଓ ଅନ୍ୟମାନେ ସେଥିରେ ଯୋଗ ଦେବାପାଇଁ ମାନ୍ଦ୍ରାଜ ଯାଇ ପାରନ୍ତି । ତେଣୁ ଆମର ଜାତୀୟ-ସମିତି ଅଧିବେଶନଟା ବଡ଼ଦିନ ଛୁଟୀପରକୁ ଘୁଞ୍ଚାଇ ଦେବା ଉଚିତ ହେବ ।"

ମଧୁସୂଦନ ଗୋଟାଏ ଡ଼ଗ ମେଲ କହିଲେ···"ରଂଜା ରଂଜାଇଲ କାକୁଡ଼ି ପାଇଁ କି ବଳେ ମାଡ଼ଗଲ୍ପ ପୋଇ ! ଜାତୀୟ କଂଗ୍ରେସ ଆରମ୍ଭ ଦିନୁ ମୁଁ କଂଗ୍ରେସରେ ଯୋଗଦେଇ ଆସୁଛି । ଓଡ଼ିଶାରେ କଂଗ୍ରେସର ବାର୍ତ୍ତା ପ୍ରଚାର ପାଇଁ ମୁଁ ଅନେକ ସଭା ସମିତି ମଧ କରିଛି । ଓଡ଼ିଶା ପାଇଁ କଂଗ୍ରେସରେ ଗୋଟିଏ ଶାଖା ଆମେ ମଧ ଗଠନ କରିଥିଲୁ, କେତେବର୍ଷ ତଳେ । ମାତ୍ର ଗତବର୍ଷ ସୁରେନ୍ଦ୍ର ବାନାର୍ଜୀଙ୍କ ସହିତ ଓଡ଼ିଶାର ସମସ୍ୟା ଆଲୋଚନା କରିବା ଦିନୁ ଜାତୀୟ କଂଗ୍ରେସରେ ଓଡ଼ିଶାର ବିଶେଷ ସମସ୍ୟାର ଯେ ସମାଧାନ ମିଳିପାରିବ, ସେ ଆଶା ମୋର ତୁଟି ଯାଇଛି । କଂଗ୍ରେସ ଅଧିବେଶନରେ ଓଡ଼ିଆଭାଷୀଙ୍କ ଦାବୀ ଉଠିବାର ପୁଣି କୋଣସି ସମ୍ଭାବନା ନାହିଁ ! ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣର ଦାବୀକୁ ଏକଦିଗରେ ବଙ୍ଗାଳୀମାନେ ବିରୋଧ କରିବେ ମେଦିନପୁର ଯିବ; ଅନ୍ୟ ଦିଗରେ ମାନ୍ଦ୍ରାଜୀ ମାନେ ବିରୋଧ କରିବେ, ଗଂଜାମ ଯେପରି ଓଡ଼ିଶାରେ ନମିଶେ ! ସହିତେ ପୁଣି, ଜାତୀୟ-କଂଗ୍ରେସ-ଅଧିବେଶନ ମାନ୍ଦ୍ରାଜରେ ବସୁଛି ! ଏ ପରିସ୍ଥିତିରେ ମାନ୍ଦ୍ରାଜ କଂଗ୍ରେସ ଅଧିବେଶନରେ ଆମେ ଆଉ ଯୋଗ ଦେଇ ଲାଭ ନାହିଁ !"

ଆଲୋଚନା ପରେ ବର୍ଷ ଶେଷ ଆଡ଼କୁ କଟକରେ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପ୍ରତିନିଧି ମାନଙ୍କୁ ନେଇ ଏକ ସମ୍ମିଳନୀ ଆହ୍ୱାନ କରିବାର ପ୍ରସ୍ତାବ ଏହି ସଭାରେ ସ୍ୱୀକୃତ ହେଲା । ସମ୍ମିଳନୀର ଆୟୋଜନ ପାଇଁ ଗୋଟିଏ କମିଟି ନିଯୁକ୍ତ ହେଲା । କନିକା ରାଜା ରାଜେନ୍ଦ୍ର ନାରାୟଣ ହେଲେ ଏହାର ସଭାପତି ଓ ମଧୁସୂଦନ ହେଲେ

ସମ୍ପାଦକ, ଯାମସେନ୍ ଗୁପ୍ତ, ଅଭିରାମ ଭଞ୍ଜ ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ ନେଇ ଗଠିତ ହେଲା ସୁଯୋଗ୍ୟ ସମ୍ପାଦକମଣ୍ଡଳୀ । *

ଓଡ଼ିଆ ଜାତୀୟତାର ତାହା ଉନ୍ମେଷ କାଳ ! ନେସନ୍ ବା ଜାତିର ଅର୍ଥ ପାଶ୍ଚାତ୍ୟ ଦେଶ ମାନଙ୍କରେ ଯାହା ବୁଝାଏ, ଭାରତରେ ତାହାର ଅର୍ଥ ସ୍ୱତନ୍ତ୍ର । ଭାରତରେ ଜାତି କହିଲେ ବୁଝାଏ ଧର୍ମ, ସମ୍ପ୍ରଦାୟ, ଭାଷାଗୋଷ୍ଠୀ ଓ ଏ ସବୁ ମଧ୍ୟରେ ଏକ ସଂକୀର୍ଣ୍ଣ ଜାତିଆଣ । ଶତ ପ୍ରଚ୍ଛନ୍ନ ଓ ପ୍ରକାଶ୍ୟ ବିରୋଧ ବିଦ୍ୱେଷ ମଧ୍ୟରେ ଏ ଜାତି ପୁଣି ଶତଧା ବିଭକ୍ତ । ଏପରି ସ୍ଥିତିରେ ଉତ୍କଳୀୟ ମାନଙ୍କର ଜାତୀୟ-ସମ୍ମିଳନୀ ଏକ ବିଡ଼ମ୍ବନା ସିନା !

ମଧୁସୂଦନ ସେଦିନ ସେହି ସଭାରେ ତେଣୁ ଓଡ଼ିଆ ଜାତି ଓ ଜାତୀୟତା ସମ୍ପର୍କରେ ବିଶ୍ଳେଷଣ କରି ପ୍ରସ୍ତାବିତ ଜାତୀୟ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଭାଷଣ ପ୍ରସଙ୍ଗରେ କହିଥିଲେ···

"ଇଉରୋପରେ ନେସନ୍ ଅର୍ଥାତ ଜାତି ଶବ୍ଦ ଗୋଟିଏ ରାଷ୍ଟ୍ର ବା ଦେଶର ଲୋକସମୂହକୁ ବୁଝାଏ । ଇଉରୋପୀୟ ଜାତିସମୂହ ପରସ୍ପର ଠାରୁ ଯେଉଁ ପରିମାଣରେ ବିଭିନ୍ନ, ଭାରତବର୍ଷର ପ୍ରାଦେଶିକ ଲୋକ ସମୂହ ସେହିପରି ନାନା ବିଷୟରେ ପରସ୍ପରଠାରୁ ବହୁ ପରିମାଣରେ ବିଭିନ୍ନ । ଏହି ହେତୁରୁ ଭାରତବର୍ଷରେ ଜାତୀୟତା ଶବ୍ଦ ଗୋଟିଏ ବିଶେଷ ଅର୍ଥରେ ବ୍ୟବହୃତ ହେବାର ଦେଖାଯାଏ । ଏକ ଜାତିର କେତେକ ବ୍ୟକ୍ତି ସହିତ ଅନ୍ୟ ଏକ ଜାତିର କେତେକ ବ୍ୟକ୍ତିଙ୍କର ପରସ୍ପର ବିରୋଧ ଥିବାର ଦେଖାଗଲେ, ଲୋକେ ଭ୍ରମରେ ପଡ଼ି ବ୍ୟକ୍ତିଗତ ବିରୋଧକୁ ଜାତୀୟ ବିଦ୍ୱେଷରେ ପରିଣତ କରିବାକୁ ଚେଷ୍ଟା କରନ୍ତି । ଏହା ଦୁଇ ଜାତି ବା ସମାଜ ମଧ୍ୟରେ ମିତ୍ରଭାବ ରକ୍ଷା ପକ୍ଷରେ ଗୋଟିଏ ମହା ପ୍ରତିବନ୍ଧକ ଅଟେ । ଲୋକେ ଧୀରଭାବରେ ବିଚାର ନକରି ଯେତେଦିନ ଯାଏ ଏହିପରି ଦ୍ୱେଷଭାବରେ ଉତ୍ତେଜନାରେ ଚାଳିତ ହେଉଥିବେ, ସେ ପର୍ଯ୍ୟନ୍ତ ଦୁଇଜାତି ମଧ୍ୟରେ ମିତ୍ରଭାବ ବର୍ଦ୍ଧିତ ହେବା ଅସମ୍ଭବ । ଅତଏବ ଦୁଇ ଜାତି ବା ସମାଜ ମଧ୍ୟରେ ମିତ୍ରତା ବର୍ଦ୍ଧନ କରିବା ପାଇଁ, ଦୃଢ଼ ନିବନ୍ଧ ସହିତ କୌଣସି ଜାତୀୟ ଅନୁଷ୍ଠାନ କରିବା ଏକାନ୍ତ ଆବଶ୍ୟକ । ତାହା ହେଲେ କେତେକ ବ୍ୟକ୍ତିମାନଙ୍କ ମଧ୍ୟରେ ବିରୋଧ ଥିଲେ ସୁଦ୍ଧା,

---

* ଉତ୍କଳ-ଦୀପିକା—ତା ୩୧ |୧୦ | ୧୯୦୩

ଦୁଇ ଜାତି ବା ସମାଜ ମଧ୍ୟରେ ବନ୍ଧୁଭାବ ସୁରକ୍ଷିତ ହୋଇ ଅବିଚ୍ଛିନ୍ନ ରହିପାରିବ ।

ବିଧାତା ଓଡ଼ିଶାର ଲୋକମାନଙ୍କୁ ଅନ୍ୟ ଯେଉଁ ଯେଉଁ ଜାତି-ମାନଙ୍କ ସଂସ୍ପର୍ଶରେ ଆଣି ଅଛନ୍ତି; ସେମାନଙ୍କ ଠାରୁ ଉତ୍କଳୀୟମାନେ ବହୁ ଶିକ୍ଷା ଲାଭ କରିଅଛନ୍ତି ଏବଂ ଆହୁରି ଅନେକ ଶିକ୍ଷା ଲାଭ କରି ପାରିବେ । ବ୍ୟକ୍ତି ସମ୍ବନ୍ଧରେ ଯେପରି, ଜାତି ସମ୍ବନ୍ଧରେ ମଧ୍ୟ ସେହିପରି ବକ୍ତବ୍ୟ ଯେ ଯେ ଶିକ୍ଷାର୍ଥୀ ହେବ, ତାହାର ପ୍ରଥମେ ନିଜର ଅଭାବ ଓ ତ୍ରୁଟି ଜାଣିବା ଆବଶ୍ୟକ । ଅପର ସହିତ ଆପଣାର ସମ୍ବନ୍ଧ ଭଲରୂପେ ବୁଝି ନପାରିଲେ, ନିଜର ଦୋଷ ଓ ଅଭାବ ଉତ୍ତମ ରୂପେ ଜଣା ପଡ଼େ ନାହିଁ । ଅତଏବ ଏକ ଜାତିର ଉନ୍ନତି ନିମିତ୍ତ ଅପର ଜାତିର ସଙ୍ଗ ଆବଶ୍ୟକ ଏବଂ ପ୍ରସ୍ତାବିତ ଉତ୍କଳୀୟ ସର୍ବଜନୀନ ସଭା ସେହି ନୀତି ଅନୁସାରେ ପ୍ରତିଷ୍ଠିତ ହେବା ଉଚିତ । ଉକ୍ତ ମହାସଭାରେ ଓଡ଼ିଆ ଜାତି ଓ ସେଥି ସଙ୍ଗେ ଏକୀଭୂତ ଉତ୍କଳୀୟମାନେ ନିମନ୍ତ୍ରଣକାରୀ ଓ ଶିକ୍ଷାର୍ଥୀର ସ୍ଥଳାଭିଷିକ୍ତ ହେବେ ଏବଂ ଅନ୍ୟ ଜାତିର ଲୋକମାନେ ନିମନ୍ତ୍ରିତ ଅତିଥି ଏବଂ ମାନନୀୟ ଶିକ୍ଷା-କର ଆସନରେ ପ୍ରତିଷ୍ଠିତ ହେବେ । ବର୍ତ୍ତମାନ ଅବସ୍ଥାରେ ଦୋଷାଦୋଷ ବିଚାର ଅପେକ୍ଷା ଆତ୍ମନିର୍ଭରତା ସହିତ ଉଦ୍‌ଯୋଗ ଅଧିକ ଶ୍ରେୟସ୍କର । ଏହା ଜାଣି ଶାସନତନ୍ତ୍ରର ସମାଲୋଚନା ଓ ଧର୍ମ ବିଷୟକ ତର୍କାଦି ସମ୍ପୂର୍ଣ୍ଣରୂପେ ବର୍ଜନ କରିବା ଉଚିତ ।"

ଉତ୍କଳୀୟ ଅଭ୍ୟୁଦୟର ଏପରି ଦୁଃସାହସିକ ଉଦ୍ୟମରେ ସେତେବେଳେ କୌଣସି ପ୍ରକାର ରାଜନୈତିକ, ଧାର୍ମିକ, ଅଥବା ସାମ୍ପ୍ରଦାୟିକ ଆଭିମୁଖ୍ୟକୁ ସ୍ଥାନ ଦେବା, ମଧୁସୂଦନଙ୍କର ଅଭିପ୍ରେତ ନଥିଲା ।

ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଓ ଓଡ଼ିଶାର ସ୍ୱତନ୍ତ୍ର ରାଷ୍ଟ୍ରସତ୍ତା ମଧୁସୂଦନଙ୍କ ଦୃଷ୍ଟିରେ ଚରମ ଓ ପରମ ଲକ୍ଷ୍ୟରେ ପରି-ଣତ ହୋଇଥିଲା । ବଙ୍ଗଳା ସେତେବେଳେ ବଙ୍ଗ-ଭଙ୍ଗ ଘେନି ରାଜନୈତିକ ବିସ୍ଫୋରଣରେ ଅଗ୍ନିଗର୍ଭ, ମାତ୍ର ଖଣ୍ଡବିଖଣ୍ଡ ଓଡ଼ିଶାର ଏକତ୍ରୀକରଣ ଧ୍ୱଂସାତ୍ମକ ଆନ୍ଦୋଳନ ମଧ୍ୟରେ ସମ୍ଭବ ନଥିଲା ! ସେଥିପାଇଁ ସମସାମୟିକ ରାଜନୀତିର ଧ୍ୱଂସ ଘୂର୍ଣ୍ଣି ଠାରୁ ଓଡ଼ିଶାକୁ ଯଥାସମ୍ଭବ ଦୂରେଇ ରଖିବା ମଧୁସୂଦନଙ୍କ ରାଜନୈତିକ କାର୍ଯ୍ୟକ୍ରମର ପ୍ରଧାନ ଆଭିମୁଖ୍ୟ ଥିଲା ।

# ଊନବିଂଶ ପରିଚ୍ଛେଦ

( ଏକ )

**ଅ**ବଶେଷରେ ୧୯୦୩ ସାଲ ଡ଼ିସେମ୍ବର ୩ତାରିଖ ଦିନ, ଭାରତ ସରକାରଙ୍କ ଗେଜେଟରେ ପ୍ରକାଶ ପାଇଥିଲା, ବହୁ ପ୍ରଶଂସିତ ରିସ୍‌ଲେ-ସର୍କୁଲର୍—ବିଂଶ ଶତାବ୍ଦୀର ଯୁଗାନ୍ତକାରୀ ରାଷ୍ଟ୍ରୀୟ ଘୋଷଣା ! ବଙ୍ଗ ବିଭାଗ ପାଇଁ ଲର୍ଡ଼ କର୍ଜନଙ୍କ ସିଦ୍ଧାନ୍ତ ହୋମ-ସେକ୍ରେଟାରୀ ରିସ୍‌ଲେଙ୍କ ସ୍ୱାକ୍ଷରିତ ସର୍କୁଲରରେ ପ୍ରକାଶ ପାଇଥିବାରୁ ଇତିହାସରେ ଏହା ରିସ୍‌ଲେ-ସର୍କୁଲର ନାମରେ ପ୍ରସିଦ୍ଧ ।

ଲର୍ଡ଼ କର୍ଜନଙ୍କ ଏହି ପ୍ରସ୍ତାବରେ ଭାରତବର୍ଷର ମାନଚିତ୍ରକୁ ନୂତନ ଭାବରେ ଅଙ୍କିତ କରିବାର ପ୍ରୟାସ ହୋଇଥିଲା । ଲର୍ଡ଼ କର୍ଜନଙ୍କର ପ୍ରସ୍ତାବ ଥିଲା, ବଙ୍ଗଳା ପ୍ରଦେଶରୁ ସମଗ୍ର ଚଟ୍ଟଗ୍ରାମ ଡ଼ିଭିଜନ୍ କାଟିନେଇ ଉକ୍ତ ବିସ୍ତୀର୍ଣ୍ଣ ବଙ୍ଗଳାଭାଷୀ ଅଞ୍ଚଳକୁ ଢ଼ାକା ଓ ମୈମନସିଂହ ସହିତ ମିଶାଇ, ଆସାମ ପ୍ରଦେଶର ଅନ୍ତର୍ଭୁକ୍ତ କରିବା । ବଙ୍ଗଳାର ଲୋକ-ସଂଖ୍ୟା ଓ ଆୟତନରେ ଯେଉଁ କ୍ଷତି ହେବ, ତାହାର କ୍ଷତିପୂରଣ ସ୍ୱରୂପ ବିଭିନ୍ନ ଶାସନାଧୀନରେ ଥିବା, ବିକ୍ଷିପ୍ତ ଓଡ଼ିଆଭାଷାଭାଷୀ ଅଞ୍ଚଳ-ମାନଙ୍କୁ ଏକତ୍ରିତ କରି, ବଙ୍ଗଳା ଶାସନର ପରିସର ମଧ୍ୟରେ ରଖିବା ଥିଲା,ଲର୍ଡ଼ କର୍ଜନଙ୍କର ଦ୍ୱିତୀୟ ପ୍ରସ୍ତାବ । ରିସ୍‌ଲେ-ସର୍କୁଲର୍‌ରେ ଲର୍ଡ଼ କର୍ଜନଙ୍କର ବଙ୍ଗ-ଭଙ୍ଗ ପ୍ରସ୍ତାବ ବଙ୍ଗଳା ପରି ଓଡ଼ିଶାର ରାଜନୀତିରେ ମଧ୍ୟ ଆଣିଥିଲା ଏକ ଯୁଗାନ୍ତର—କିନ୍ତୁ ଦୁଇ ସ୍ୱତନ୍ତ୍ର, ପରସ୍ପରବିରୋଧୀ କାରଣରୁ ! ବଙ୍ଗଭଙ୍ଗ ପାଇଁ "ଦୁର୍ଜନ" କର୍ଜନଙ୍କର ପ୍ରବଳ ନିନ୍ଦାବାଦରେ ବଙ୍ଗଳା ଅଗ୍ନିଗର୍ଭ ହେବା ବେଳକୁ, ଏକ ଶାସନାଧୀନରେ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ହେତୁ, ଲର୍ଡ଼ କର୍ଜନଙ୍କ ପ୍ରତି କୃତଜ୍ଞତା ଜ୍ଞାପନରେ ଓଡ଼ିଶା ହୋଇ ଉଠିଥିଲା ମୁଖର । 'ଉତ୍କଳ-ଦୀପିକା' ଲେଖିଥିଲେ···

" କିଛି ନ୍ୟୁ ଉତ୍କଳର ରାଜକୀୟ ସଂଯୋଗ ସାଧନ ନିମନ୍ତେ ବିଂଶ ବର୍ଷରୁ ଊର୍ଦ୍ଧ୍ୱକାଳ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରି ଆସୁଅଛନ୍ତି ।

ଏତେକାଳ ତାହା ଶୁଣା ଯାଉନଥିଲା । ସମ୍ପ୍ରତି ଭାରତ ସରକାର ସେ ବିଷୟରେ ଅନୁକୂଳ ମତ ପ୍ରକାଶ କରିଅଛନ୍ତି । ଆମ୍ଭେମାନେ ଲର୍ଡ଼ କର୍ଜନଙ୍କୁ କୃତଜ୍ଞତା ଜଣାଉଅଛୁଁ ଓ ବଙ୍ଗଲାଟ ସାର ଆଣ୍ଡ୍ରୁ ଫ୍ରେଜର ଏଥିରେ ସାହାଯ୍ୟ କରିଥିବାରୁ ତାଙ୍କୁ " ଉତ୍କଳବନ୍ଧୁ " ବୋଲି ଅଭିହିତ କରିବା ଉଚିତ ।" *

ମଧୁସୂଦନଙ୍କ ଶ୍ମୃତିରେ ସହରର ପ୍ରବୀଣ ଓ ତରୁଣ ମାନଙ୍କର ଭିଡ଼ । ଗେଜେଟ ପୃଷ୍ଠାରେ ରିସ୍‌ଲେ-ସର୍କୁଲାରକୁ ଯେତେବାର ପାଠ କଲେ ସୁଦ୍ଧା କାହାର ତୃପ୍ତି ନଥିଲା ! ଗୌରୀଶଙ୍କର କହିଲେ " ଆମେ ଯାହା ଆଶା କରି ନଥିଲୁ; ସେ ଅଞ୍ଚଳ ସବୁକୁ ସୁଦ୍ଧା ରିସ୍‌ଲେ ସର୍କୁଲାରରେ ଓଡ଼ିଆ ଅଞ୍ଚଳ ରୂପେ ସ୍ୱୀକାର କରାଯାଇଛି ।"

ରିସ୍‌ଲେ-ସର୍କୁଲାରରେ ଓଡ଼ିଆଭାଷାଭାଷୀ ଅଞ୍ଚଳର ସୀମା ସରହଦ୍ ବର୍ଣ୍ଣନା କରି କୁହା ଯାଇଥିଲା···

"× × Oriya has been already referred to as the prevalent language of Orissa both in the plain districts and in the Tributary Mahals. It is also the vernacular of a large surrounding area."

ରିସ୍‌ଲେ-ସର୍କୁଲାରରେ ଏହା ସୂଚିତ ହୋଇଥିଲା—

( **କ** ) ସମ୍ବଲପୁର ଓ ମଧ୍ୟପ୍ରଦେଶ ଅଧୀନରେ ଥିବା ସମୀପବର୍ତ୍ତୀ କେତେକ କରଦ ରାଜ୍ୟ ।

( **ଖ** ) ବଙ୍ଗଳା ଅଧୀନରେ ଥିବା ଛୋଟନାଗପୁର ଅର୍ନ୍ତବର୍ତ୍ତୀ ସିଂହଭୂମି ଜିଲ୍ଲାର ଏକ ଅଂଶ ।

( **ଗ** ) ମାନ୍ଦ୍ରାଜ ଅଧୀନରେ ଥିବା ଗଂଜାମ ଜିଲ୍ଲା । ଏ ଜିଲ୍ଲାର ମୋଟ ୧୭,୮୯,୦୦୦ ଅଧିବାସୀଙ୍କ ମଧ୍ୟରୁ ୧୨,୭୫,୦୦୦ ଓଡ଼ିଆଭାଷୀ ଅଟନ୍ତି ।

( **ଘ** ) ମାନ୍ଦ୍ରାଜ ଶାସନାଧୀନ ଗଂଜାମ ଏଜେନ୍‌ସୀ ଅଞ୍ଚଳ । ଏଥିରେ ବାସ କରୁଥିବା ମୋଟ ୩,୨୧,୦୦୦ ଅଧିବାସୀଙ୍କ ମଧ୍ୟରୁ ୮୭,୦୦୦ ଓଡ଼ିଆ ଭାଷୀ ଅଟନ୍ତି । ଏ ଅଞ୍ଚଳର ସଂଖ୍ୟା ଗରିଷ୍ଠ ( ୧,୫୭,୦୦୦ ) ଅଧିବାସୀ କନ୍ଧଭାଷା ବ୍ୟବହାର କରିଥାନ୍ତି । ଏହା ଏକ ଦ୍ରାବିଡ଼ୀୟ ଭାଷା ।

* ଉତ୍କଳ ଦୀପିକା—ତା ୧୯ । ୧୨ । ୧୯୦୩

ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ, ଓଡ଼ିଆଭାଷା ଏହାର ସ୍ଥାନ ଅଧିକାର କରିବ । ଏ ଅଞ୍ଚଳରେ ତେଲୁଗୁଭାଷୀଙ୍କ ସଂଖ୍ୟା ମାତ୍ର ୫,୮୦୦ !

(ଙ) ମାଡ୍ରାଜ ଶାସନାଧୀନରେ ଥିବା ଭିଜାଗାପାଟଣାର ଏଜେନ୍‌ସୀ ଅଞ୍ଚଳ । ଏଥିର ୮,୫୦,୦୦୦ ଅଧିବାସୀଙ୍କ ମଧ୍ୟରୁ ୪,୦୮,୦୦୦ ଓଡ଼ିଆଭାଷୀ ଅଟନ୍ତି ।" *

ଅଭିରାମ କହିଲେ···"କିନ୍ତୁ ମେଦିନୀପୁରଟା ଏଥିରୁ ବାଦ୍ ପଡ଼ିଗଲା ଯେ !"

ମଧୁସୂଦନ କହିଲେ···"ଚଟ୍ଟଗ୍ରାମ ଡିଭିଜନ ବଙ୍ଗଳାରୁ କାଟିନେବା ପରେ ମେଦିନୀପୁରକୁ ଅଲଗା କରିଥିଲେ, ବଙ୍ଗଳାର କଣ୍ଠାଗା'ରେ ଲୁଣ-ଛିଟା ପରି ହୋଇଥାନ୍ତା ସିନା ! କିନ୍ତୁ ଏସବୁ ଭାରତସରକାରଙ୍କ କେବଳ ପ୍ରସ୍ତାବ ! ବିଲାତ ପାର୍ଲିଆମେଣ୍ଟ ଏହାକୁ ଅନୁମୋଦନ ନ କରିବା ପର୍ଯ୍ୟନ୍ତ ଏହାର କୌଣସି ଅର୍ଥ ନାହିଁ । ଆମେ ସଂଗଠିତ ଭାବରେ ଆନ୍ଦୋଳନ ନ କଲେ, ଏସବୁ ଅଞ୍ଚଳ ଯେ ରିସ୍‌ଲେ ସାହେବଙ୍କ କଲମ ମୂନରେ ଓଡ଼ିଶାକୁ ମିଳିଯିବ, ତାହା ନୁହେଁ !"

ଓଡ଼ିଶାର ପ୍ରସ୍ତାବିତ ଜାତୀୟ-ସମ୍ମିଳନୀ ପାଇଁ ଉପଯୁକ୍ତ ସମୟ ଉପସ୍ଥିତ ହୋଇଥିଲା ।

× × × ×

ଡିସେମ୍ବର ଶେଷ ବେଳକୁ ସମ୍ମିଳନୀ···ଇଦଗା ପଡ଼ିଆରେ ସମ୍ମିଳନୀ ମଣ୍ଡପ ପାଇଁ କଂଟ୍ରାକ୍ଟରଙ୍କୁ ଠିକା ଦିଆ ସରିଥିଲା । ମଧୁସୂଦନଙ୍କ ବାସଭବନରେ ଖୋଲା ଯାଇଥିଲା ଅଭ୍ୟର୍ଥନା ସମିତିର ଅଫିସ । ଟେନିସ କୋର୍ଟରେ ରେଭେନ୍‌ସା କଲେଜ ଛାତ୍ରମାନଙ୍କର କୋଳାହଳ । ସ୍ୱେଚ୍ଛା-ସେବକ ହେବାପାଇଁ, ଦଳ ଦଳ ହୋଇ ସେମାନେ ଆସି ଭିଡ଼ିବାନ୍ଧିଥିଲେ । ଶୈଳବାଳା ସେମାନଙ୍କର ନେତ୍ରୀ ··· ସ୍ୱେଚ୍ଛାସେବକ ବାହିନୀର "କମାଣ୍ଡର" ।

ମଧୁସୂଦନ ତାଙ୍କ ଷ୍ଟଡ଼ିରେ ଯୁଗ୍ମସମ୍ପାଦକ ଅଭିରାମ ଭଞ୍ଜଙ୍କୁ ଧରି ବସିଥିଲେ, ସମ୍ମିଳନୀ ପାଇଁ ନିମନ୍ତ୍ରଣ ପତ୍ରର ଚଠା କରିବା ପାଇଁ ।

---

* The Oriya Movement—By Two Bachelors of Arts—ପୃ ୩୧୪

ଅଭିରାମ ଭଞ୍ଜ କହିଲେ···"ଓଡ଼ିଶା-ଜାତୀୟ-ସମ୍ମିଳନୀ ନାଁଟା କିନ୍ତୁ ଭଲଥିଲା ସାର୍ !"

ମଧୁସୂଦନ ଚଉକିରୁ ଉଠି ପାଦଚାରଣା କରୁ କରୁ ଗମ୍ଭୀର କଣ୍ଠରେ ପଚାରିଲେ···"ଅଭିରାମ ! କାନ୍ ୟୁ ଡିଫାଇନ୍ ନେସନ୍ ?" ଓଡ଼ିଆମାନେ ଭାରତୀୟ ଜାତିର ଗୋଟାଏ ଶାଖା...ଓଡ଼ିଆ-ମାନେ ଗୋଟାଏ ରେସ୍ ; କିନ୍ତୁ ସେମାନଙ୍କୁ ଗୋଟାଏ ସ୍ୱତନ୍ତ୍ର ନେସନ୍ ବା ଜାତି କୁହାଯାଇ ନ ପାରେ ! ତେଣୁ ଓଡ଼ିଶା-ଜାତୀୟ-ସମିତିର କ'ଣ ଅର୍ଥ ଥାଇ ପାରେ ?"

ମଧୁସୂଦନ ସ୍ୱଗତୋକ୍ତି କଲାପରି କହି ଚାଲିଲେ···"ଓଡ଼ିଶା କହିଲେ ତ ପୁଣି ଆଜି ବୁଝାଏ ବଙ୍ଗଳା ପ୍ରଦେଶର କେଉଁ କୋଣରେ ପଡ଼ି ରହିଥିବା ଗୋଟାଏ ଡିଭିଜନ୍; ତିନୋଟା ଜିଲ୍ଲା, କଟକ, ପୁରୀ, ବାଲେଶ୍ୱର ! ସମଗ୍ର ଓଡ଼ିଆଭାଷାଭାଷୀ ଅଞ୍ଚଳର ଭାଇମାନଙ୍କ ପ୍ରାଣକୁ ସ୍ପର୍ଶ କରିପାରିବା ଭଳି ଆବେଦନ ଏଥିରେ କାହିଁ ?"

ମଧୁସୂଦନଙ୍କ ଯୁକ୍ତି ଅକାଟ୍ୟ । ଅଭିରାମ ତାହାର କୌଣସି ସଦୁତ୍ତର ଚିନ୍ତା କରି ପାରୁ ନ ଥିଲେ । ମଧୁସୂଦନ ହଠାତ ନୀରବ ହୋଇ ପୁଣି ପାଦଚାରଣା କରିବା ପାଇଁ ଆରମ୍ଭ କରିଥିଲେ । କିଛିକ୍ଷଣ ଏହିପରି କଟିବା ପରେ, ମଧୁସୂଦନ ଅଭିରାମଙ୍କ ଆଡ଼େ ଫେରିଚାହିଁ କହିଲେ··· "ଓଡ଼ିଶା-ଜାତୀୟ-ସମିତି ପରିବର୍ତ୍ତେ ଉତ୍କଳ-ସମ୍ମିଳନୀ ଲେଖ, ଅଭିରାମ । ଉତ୍କଳ କେବଳ ଗୋଟାଏ ନାମ ନୁହେଁ—ଐତିହାସିକ ଓଡ଼ିଶାର ଏହା ଗୋଟାଏ ସିମ୍ବଲ୍ । ବହିର୍ଭୂତାଞ୍ଚଳର ଓଡ଼ିଆ ଭାଇମାନଙ୍କୁ ଏଇ ଉତ୍କଳ ନାମଟା ଅଧିକ ଅନୁପ୍ରାଣିତ କରି ପାରିବ ।"

ଐତିହାସିକ ଓଡ଼ିଶାର କଳା ଓ କୀର୍ତ୍ତି, ସାମ୍ରାଜ୍ୟ ଓ ସମୃଦ୍ଧି, ଉତ୍‌ଥାନ ଓ ଅଭ୍ୟୁଦୟ 'ଓଡ଼ିଶା' ନାମ ମଧ୍ୟରେ କିନ୍ତୁ ସୂଚିତ ହୋଇ ପାରୁ ନ ଥିଲା । ଏହା ତୁଳନାରେ ପ୍ରାଚୀନତର ଉତ୍କଳ ନାମଟି ନିଶ୍ଚିତ ଭାବରେ ଅଧିକ ଭାବଦ୍ୟୋତକ ଥିଲା । ଅଭିରାମ ଯନ୍ତ୍ରଚାଳିତ ପରି ଶିଟାରେ ଲେଖାଥିବା ଓଡ଼ିଶା-ଜାତୀୟ-ସମିତି ଶିରୋନାମାଟା କାଟିଦେଇ, ତା'ଉପରେ ଲେଖିଲେ "ଉତ୍କଳ-ସମ୍ମିଳନୀ !"

ମଧୁସୂଦନ ପାଦସ୍ମରଣା କରୁ କରୁ କହିଲେ···"ଏ ଉତ୍କଳ-ସମ୍ମିଳନୀ ନାମଟା କିନ୍ତୁ ମୋର ଆଇଡ଼ିଆ ନୁହେଁ ଅଭିରାମ ! ଏହାର ମଧ୍ୟ ଗୋଟାଏ ଇତିହାସ ଅଛି । ଆଜକୁ ଚଉଦ ବର୍ଷ ତଳେ କଟକରେ କରଣ-ମାନେ ଗୋଟାଏ ଜାତିଆଣ-ସଭା ଗଢ଼ି ତାହାର ନାମ ଦେଉଥିଲେ ଉତ୍କଳ-ସମ୍ମିଳନୀ । ମୁଁ ସେତେବେଳେ ତାର ବିରୋଧ କରିବାରୁ ସେ ଉଦ୍ୟମ ସେଇଠି, ସେତିକରେ ଶେଷ ହୋଇଥିଲା । * ସେଦିନ ମୁଁ କହିଥିଲି ଯଦି ସମଗ୍ର ଓଡ଼ିଆଭାଷାଭାଷୀ ଭାଇମାନଙ୍କର କେବେ ଏକ ସମ୍ମିଳନୀ ବସେ ତା'ହେଲେ ତାହାର ନାମ ହେବ—ଉତ୍କଳ-ସମ୍ମିଳନୀ ।"

ଏବେ ଭ୍ରାତୃମିଳନର ସେହି ବହୁ ପ୍ରତୀକ୍ଷିତ ଅବକାଶ ଆସିଥିଲା ।

"ଉତ୍କଳଦୀପିକା" ଏ ସମ୍ବାଦ ଘୋଷଣା କରି ଲେଖିଥିଲେ···

"୩୦।୩୧ ତାରିଖରେ ଉତ୍କଳ-ସମ୍ମିଳନୀ ସଙ୍ଗେ ଏକ ଶିଳ୍ପ ପ୍ରଦର୍ଶନୀ ହେବ ଓ ସେଥିକୁ ଗଞ୍ଜାମ, ସିଂହଭୂମି ଓ ସମ୍ବଲପୁରର ପ୍ରତିନିଧି ମାନଙ୍କୁ ଆମନ୍ତ୍ରଣ ହୋଇଅଛି । ଗଞ୍ଜାମରୁ ଅନେକ ଲୋକ ଆସୁଅଛନ୍ତି । ସମସ୍ତେ ନବ୍ୟନ୍ୟାୟପ୍ରସାଦ ପିନ୍ଧି ଏଥିରେ ଯୋଗ ଦେବେ ।" †

(ଦୁଇ)

**ସେ**ଦିନ ସାନ୍ଧ୍ୟ ଭ୍ରମଣରେ ବାହାରିଥିବା ବେଳେ ମଧୁସୂଦନ କବି ରାଧାନାଥ ରାୟଙ୍କ ଘର ଆଗରେ ଅଟକି ଯାଇଁ ଡାକିଲେ...

"ରାଧାନାଥ ବାବୁ ! ରାଧାନାଥ ବାବୁ !"

ହଠାତ ମଧୁସୂଦନଙ୍କୁ ଦାଣ୍ଡ ଦୁଆରେ ଦେଖି ରାଧାନାଥ ବିସ୍ମିତ ହୋଇ ଉଠିଲେ । ଉତ୍କଳ-ସମ୍ମିଳନୀ ଆୟୋଜନରେ ମଧୁସୂଦନଙ୍କୁ ନିଃଶ୍ୱାସ ନେବା ପାଇଁ ଅବସର ନଥିଲା । ରାଧାନାଥ କିନ୍ତୁ ସେ ସବୁଥିରେ ନିସ୍ପୃହ । ନିତାନ୍ତ ଉଦାସୀନ ଭାବରେ, ସେତେବେଳେ ସାଧାରଣ ଜୀବନର କୋଳାହଳ ଠାରୁ ଦୂରରେ ସେ ଦିନାତିପାତ କରୁଥିଲେ । ତାଙ୍କଠାରେ ମଧୁସୂଦନଙ୍କର ହଠାତ କି ପ୍ରୟୋଜନ ଥାଇପାରେ ରାଧାନାଥ ବୁଝି

* ଉତ୍କଳ-ଦୀପିକା—ତା ୧୬।୧।୧୮୮୯

† ଉତ୍କଳ-ଦୀପିକା ତା ୧୬।୧୬।୧୯୦୩

ପାରିଲେ ନାହିଁ ।... "ହାତରେ ଆଉ ସମୟ ନାହିଁ । ଆପଣଙ୍କୁ ଗୋଟାଏ ଗୀତ ଲେଖିଦେବା ପାଇଁ ପଡ଼ିବ ରାଧାନାଥ ବାବୁ, ସମ୍ମିଳନୀ ଆରମ୍ଭରେ ଗାନ କରାଯିବା ପାଇଁ !"

ରାଧାନାଥ ମଧ୍ୟ ସେତେବେଳେ ସାନ୍ଧ୍ୟ ଭ୍ରମଣରେ ବାହାରିଥିଲେ । ମଧୁସୂଦନଙ୍କ ସଙ୍ଗରେ କାଠଯୋଡ଼ୀ ବନ୍ଧ ଉପରକୁ ଉଠୁ ଉଠୁ, କବି-ସୁଲଭ ନମ୍ରତାରେ ସେ କହିଲେ..."ମୁଁ କି ଗୀତ ଲେଖିବି ମଧୁବାବୁ ? ବରଂ ସେ ଦିନ ଆପଣଙ୍କ ବୈଠକଖାନାରେ ଆପଣଙ୍କର ସେଇ "ମାଆ ମାଆ ବୋଲି କେତେ ମୁଁ ଖୋଜିଲି" ଗୀତଟି ଶୁଣି ମୁଁ ଅଭିଭୂତ ହୋଇ ପଡ଼ିଥିଲି । ସେଥିରେ ଉଦ୍‌ବୋଧନ ଅଛି । ପ୍ରାଣକୁ ସ୍ପର୍ଶ କରି ପାରିବାଭଳି ସ୍ପନ୍ଦନ ଅଛି । ସେଇ ଗୀତଟି ବରଂ ବୋଲାନ୍ତୁ—ନୋହିଲେ ଅନ୍ୟ ଗୀତଟି...

"ଗଙ୍ଗା ଗୋଦାବରୀ          ଯମୁନା କାବେରୀ
ପୂଜା ପାଇ ନାନା ଘାଟେ
ଛାଡ଼ି ନିଜ ମାନ          ଯୋଡ଼ି ଜାତି ପ୍ରାଣ
ପ୍ରବେଶିଲେ ସିନ୍ଧୁ ତଟେ ।"

ମଧୁସୂଦନ ଇତିମଧ୍ୟରେ ହଠାତ ହୋଇ ଉଠିଥିଲେ ଉତ୍କଳର ଚାରଣ କବି । ଅନେକ ଗୀତ ସ୍ୱତଃସ୍ଫୂର୍ତ୍ତି ଭାବରେ ସେ ରଚନା କରିଥିଲେ ରାତି ରାତି ଉଜାଗର ରହି ।

ରାଧାନାଥ କହିଲେ"...ଓଡ଼ିଆ ପଦ୍ୟରେ ଏପରି ସ୍ୱର , ଏପରି ମେଜାଜ୍, ଏପରି ଉଦ୍‌ବୋଧନ ଇତିପୂର୍ବରୁ କିନ୍ତୁ ଆଉ କେବେ ଶୁଣା ଯାଇନଥିଲା । ଆପଣଙ୍କର ଏପରି ସୁନ୍ଦର ପଦ୍ୟ ସବୁ ଥାଉଁ ଥାଉଁ ମୁଁ ଆଉ କି ଗୀତ ଲେଖିବି, ସମ୍ମିଳନୀରେ ବୋଲାଯିବା ପାଇଁ ?"

ମଧୁସୂଦନ କହିଲେ..."ନାଁ-ନାଁ ରାଧାନାଥ ବାବୁ, ସେ ଗୀତ ସବୁ କିନ୍ତୁ ସମ୍ମିଳନୀର ଉଦ୍‌ବୋଧନ ବେଳେ ବୋଲାଯିବା ଉଚିତ ନାହିଁ । ସେଥିରେ ଅଛି କେବଳ ଉତ୍କଳ ଜନନୀଙ୍କର ଉଦ୍‌ବୋଧନ ।"

ମଧୁସୂଦନ ପୁଣି କହିଲେ..."ମୁଁ ଚାହେଁ କିନ୍ତୁ ଉତ୍କଳ-ସମ୍ମିଳନୀ ମଣ୍ଡପରେ ଭାରତର ବନ୍ଦନା । ଭାରତକୁ ଛାଡ଼ି ଉତ୍କଳ କାହିଁ ?

ଉତ୍କଳମାତା ତ ସେହି ଭାରତ ଜନନୀଙ୍କ ପ୍ରତିରୂପ ମାତ୍ର ! ଉତ୍କଳମାତାଙ୍କ ପାଇଁ ଆମେ କିନ୍ତୁ ସବୁ ଭାରତଜନନୀଙ୍କୁ ଭୁଲି ଯାଉଁ, ତାହେଲେ ତାହା ଆମ ଜାତୀୟ ଜୀବନର ବିକାଶରେ ସହାୟକ ହେବ ନାହିଁ ।"

ରାଧାନାଥ ପଚାରିଲେ···"କିନ୍ତୁ କଥାଟା କପରି ପରସ୍ପର-ବିରୋଧୀ ହେଉ ନାହିଁ ?"

ମଧୁସୂଦନ ଉତ୍ତର ଦେଲେ···"ନାଁ ନାଁ, ଏଥିରେ ପରସ୍ପର ବିରୋଧୀ ହେବା ଭଳି କିଛି ନାହିଁ ରାଧାନାଥ ବାବୁ ! ବଙ୍କିମଚନ୍ଦ୍ରଙ୍କ "ବନ୍ଦେମାତରମ୍" ସଙ୍ଗୀତ ଆଜି ବଙ୍ଗଳା ଜାତିର ଜାତୀୟ ସଂଗ୍ରାମର ଉଦ୍‌ବୋଧନ ସଙ୍ଗୀତରେ ପରିଣତ ହୋଇ ପାରିଛି । ମୁଁ ଚାହେଁ ଆପଣ ମଧ୍ୟ ଲେଖିବେ, ସେଇପରି ଏକ ସଙ୍ଗୀତ—ସଂସ୍କୃତରେ । ସଂସ୍କୃତ ତ ସବୁ ଭାରତୀୟ ଭାଷାର ଜନନୀ ! ତେଣୁ ମାତୃବୋଧନ ପାଇଁ ସଂସ୍କୃତ ଛଡ଼ା ଆଉ କି ଭାଷା ଥାଇପାରେ ?"

× × ×

ସାନ୍ଧ୍ୟ ଭ୍ରମଣରୁ ଫେରି ମଧୁସୂଦନ ଫାଟକ ଭିତରକୁ ପଶିବା ବେଳକୁ, କମିସନର୍ କେ. ଜି. ଗୁପ୍ତଙ୍କ ଘୋଡ଼ାଗାଡ଼ୀଟା ଘୁରିଆସିଛି ରାସ୍ତା ଉପରେ ହତା ଭିତରୁ ବାହାରି ଯାଉଥିଲା । ମଧୁସୂଦନ ଗାଡ଼ି ଭିତରେ ଦେଖି ପାରିଲେ ଗୁପ୍ତ ସାହେବଙ୍କୁ । କେ. ଜି. ଗୁପ୍ତ ଯେ ତାଙ୍କୁ ଦେଖି ନଥିବେ, ଏପରି ସନ୍ଦେହ କରିବାପାଇଁ କୌଣସି କାରଣ ନଥିଲା ।

ବ୍ୟାପାରଟା ମଧୁସୂଦନଙ୍କୁ କପରି କମିତ ଲାଗିଲା । କେ. ଜି. ଗୁପ୍ତଙ୍କ ସହିତ ମଧୁସୂଦନଙ୍କ ବ୍ୟକ୍ତିଗତ ସମ୍ପର୍କ ବେଶ୍ ଅନ୍ତରଙ୍ଗ ଥିଲା । କେ. ଜି. ଗୁପ୍ତ ଉପଚରିତ ସୌଜନ୍ୟ ବିନିମୟ ନକରି, ଅପରିଚିତ ପରି ମଧୁସୂଦନଙ୍କୁ ଏଡ଼ାଇ ଚାଲିଯିବେ—ଏପରି ପରିସ୍ଥିତି ମଧୁସୂଦନ ଚିନ୍ତା କରି ପାରୁ ନଥିଲେ !

ଚିନ୍ତିତ ଭାବରେ ମଧୁସୂଦନ ହତା ଭିତରକୁ ପଶିବା ମାତ୍ରେ ଲକ୍ଷ୍ୟ କଲେ ଏକ ଅସ୍ୱାଭାବିକ ସ୍ତବ୍ଧତା । ଷ୍ଟୁଡ଼ୀ ପାଖକୁ ଲାଗିଥିବା କାମରାରେ ଖୋଲି ଯାଇଥିଲା ସମ୍ମିଳନୀ-ଅଭ୍ୟର୍ଥନା-ସମିତି ଅଫିସ । ଅଫିସରେ ଅଭିରାମ କିମ୍ବା ଗୋପାଳ କେହି ନଥିଲେ । ଟେନିସ କୋର୍ଟ

ଆଉ୍ତେ ସ୍ୱେଚ୍ଛାସେବକ ମାନଙ୍କ କାମ ଅଡୁ କେବଳ ସାମାନ୍ୟ କୋଳାହଳ ଶୁଭୁଥିଲା···ତାହା କନ୍ତୁ ଗୃପା କଣ୍ଠରେ; ଯେପରି ହଠାତ୍ କେଉଁଠି, କଣ ଗୋଟାଏ ଦୁର୍ଘଟଣା ଘଟି ଯାଇଛି !

ବେହେରା ହରଆ ହୁକା ସାଜ ମଧୁସୂଦନଙ୍କୁ ଦେବା ମାତ୍ରେ ମଧୁସୂଦନ ପଚାରିଲେ···"ଗୁପ୍ତ ସାହେବ ଆସିଥିଲେ ତରା !"

ହରଆ ଉତ୍ତର ଦେଲା···"ହଁ ହଜୁର, ଗୁପ୍ତ ସାହେବ ଅସିଥିଲେ । ମିସିବାବାଙ୍କ ସାଙ୍ଗରେ ଉପର ବୈଠକଖାନାରେ କଣ କଥାବାର୍ତ୍ତା ହେଲା । ତାପରେ ମିସିବାବା ମୋତେ କହିଲେ, ଗୁପ୍ତ ସାହେବଙ୍କ ଗାଡ଼ୀ ଡାକ ଆଣ । ମୁଁ ଗାଡ଼ି ଡାକ ଦେଲି । ଗୁପ୍ତ ସାହେବ ପଚାରିଲେ, ମୋତେ ତା'ହେଲେ ଏଠାରୁ ତୁମେ ତଡ଼ି ଦେଉଛ ? ମିସିବାବା କହିଲେ···ନାଁ, ମୁଁ ତଡ଼ି ଦେଉ ନାହିଁତ ! ମୁଁ ଭାବୁଛି; ଆପଣଙ୍କର ଏଠି ଆଉ ରହିବା ସୁନ୍ଦର ହେବ ନାହିଁ ! ତା'ପରେ ଗୁପ୍ତ ସାହେବ ଗାଡ଼ୀରେ ବାହାରିଗଲେ । ମିସିବାବାଙ୍କ ସାଙ୍ଗରେ ତାଙ୍କର କଥା କଟାକଟି ହେଲା ପରା !"

ମଧୁସୂଦନଙ୍କ ପରିବାରରେ ଶୈଳବାଳାଙ୍କ ଡାକ ନାମ ହୋଇଥିଲା ମିସିବାବା ।

ମଧୁସୂଦନ କହିଲେ···"ମିସିବାବାଙ୍କୁ ଡାକ ଆଣ ।"

ଶୈଳବାଳା ଷ୍ଟଡ଼ୀ ଭିତରକୁ ଅସିବା ମାତ୍ରେ କହି ଉଠିଲେ··· "ଦୁଃସମ୍ବାଦ ବାବା ! ଆପଣଙ୍କର ସମ୍ମିଳନୀ ହୋଇ ପାରିବ କି ନାହିଁ, ବର୍ତ୍ତମାନ ସନ୍ଦେହ !"

ମଧୁସୂଦନ ବିସ୍ମିତ କଣ୍ଠରେ ପଚାରିଲେ···"କନ୍ତୁ ବ୍ୟାପାର କଣ ? ସମ୍ମିଳନୀ ହୋଇ ପାରିବ ନାହିଁ କାହିଁକି ? ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ପ୍ରତିଶ୍ରୁତି ପଠାଇ ସାରିଛନ୍ତି, ସମ୍ମିଳନୀରେ ସଭାପତି ହେବେ । ପୁରୀରୁ ରାମଚନ୍ଦ୍ର ଦାସ, ସମ୍ବଲପୁରରୁ ବ୍ରଜ-ମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ବେହେରା, ରାମନାରାୟଣ ମିଶ୍ର, ମେଦନୀପୁରରୁ ଉତ୍କଳ ରାଧାନାଥ ପଣ୍ଡା, ବାଲେଶ୍ୱରରୁ ରାଜା ବୈକୁଣ୍ଠ ନାଥ ଦେ, ଭାଇଜାଗାପଟ୍ଟନମ୍‌ରୁ ବିକ୍ରମ ଦେବ ବର୍ମା, ଗଂଜାମରୁ ଖଲିକୋଟ ଆଠଗଡ଼ର ରାଜାମାନେ; ସମସ୍ତେ ସମ୍ମିଳନୀରେ ଯୋଗ ଦେବା ପାଇଁ

ଆସୁଛନ୍ତି ବୋଲି ଚିଠି ପଠାଇ ସାରିଲେଣି । ସମ୍ମିଳନୀରେ ବର୍ତ୍ତମାନ ଆଉ ବାଧା କେଉଁଠି ?"

ଶୈଳବାଳା ଉତ୍ତର ଦେଲେ..."ଗୁପ୍ତ ସାହେବ ଗୋଟାଏ ସର୍କୁଲାର ପଠାଇ ଦେଲେଣି, ରାଜା, ଜମିଦାର ଆଉ ସରକାରୀ କର୍ମଚାରୀ ମାନଙ୍କ ପାଖକୁ...ସେମାନେ ଯେପରି ସମ୍ମିଳନୀରେ କେହି ଯୋଗ ନ ଦିଅନ୍ତି !"

ଗତ କେତେଦିନ ଧରି ସରକାରୀ କର୍ମଚାରୀ ମାନେ ସମ୍ମିଳନୀର ପ୍ରସ୍ତୁତିରୁ ହଠାତ ନିଜକୁ ଦୂରେଇ ନେଉଥିଲେ । ଏପରିକି ପ୍ରସ୍ତୁତି କମିଟିର ସଭାପତି କନିକା ରାଜା ରାଜେନ୍ଦ୍ରନାରାୟଣ ସୁଦ୍ଧା ହଠାତ ଯେପରି ସମ୍ମିଳନୀ ବ୍ୟାପାରରେ କରଛଡା ଦେବା ଆରମ୍ଭ କରିଥିଲେ, ସେଥିରୁ ଏହିପରି କିଛି ଗୋଟାଏ ମଧୁସୂଦନ ମନେ ମନେ ଆଶଙ୍କା କରୁଥିଲେ । ମଧୁସୂଦନ ପଚାରିଲେ..."କିନ୍ତୁ ତୁମେ ଏସବୁ ଜାଣିଲ କିପରି ?"

ଶୈଳବାଳା କହିଲେ..."ଗୁପ୍ତ ସାହେବ, ଆସି ମୋତେ କହିଲେ, ସମ୍ମିଳନୀ ସ୍ୱେଚ୍ଛାସେବିକା-ବାହିନୀର ଜେନେରାଲ୍-ଅଫିସର-କମାଣ୍ଡିଂ୍ ରୂପେ ତୁମର କର୍ତ୍ତୀ ମୁଁ ଆଉ ଦେଖି ପାରିବି ନାହିଁ ଶୈଳ ! ମୁଁ ପଚାରିଲି...କାହିଁକି ? କଥା କଣ ? ମୋ ପାଟିରୁ ବାହାରି ପଡ଼ିଲା, ସମ୍ମିଳନୀରେ ଯୋଗ ନଦେବା ପାଇଁ, ଆପଣ ରାଜା ଜମିଦାର ଆଉ ସରକାରୀ କର୍ମଚାରୀ ମାନଙ୍କ ଉପରେ ସର୍କୁଲାର ଜାରି କରିଛନ୍ତି ପରା ! ଏଇପରି ତ ଗୋଟାଏ ଗୁଜବ ଶୁଣାଯାଉଛି କେତେଦିନ ଧରି । ଗୁପ୍ତସାହେବ ନୀରବରେ ତଳକୁ ମୁଣ୍ଡ ନୁଆଇଁ ରହିଲେ । ମୁଁ ହଠାତ କହିଦେଲି, ଆପଣ ଏପରି ସର୍କୁଲାର ପ୍ରତ୍ୟାହାର କରି ନିଅନ୍ତୁ ।"

"ଗୁପ୍ତ ସାହେବ କଣ ଉତ୍ତର ଦେଲେ ?"—ମଧୁସୂଦନ ଉଦବିଗ୍ନ କଣ୍ଠରେ ପଚାରିଲେ ।

ଶୈଳବାଳା କହିଲେ..." ଗୁପ୍ତ ସାହେବ କହିଲେ...I do not like to discuss the question with you. ମୁଁ ହରିଆକୁ କହିଲି, ଗୁପ୍ତ ସାହେବଙ୍କ ଗାଡ଼ୀ ଡାକି ଆଣ । ଗୁପ୍ତ ସାହେବ ପଚାରିଲେ..." ମୋତେ କଣ ତୁମ ଘରୁ ତଡ଼ି ଦେଉଛ ଶୈଳ ?" ମୁଁ ଉତ୍ତର ଦେଲି...ନା, ମୁଁ ତଡ଼ି ଦେଉ ନାହିଁ ଯେ, ଆପଣ ଯେତେବେଳେ ସମ୍ମିଳନୀର ବିରୋଧ

କରୁଛନ୍ତି; ସେ ପରିସ୍ଥିତିରେ ଆପଣଙ୍କୁ ଆମ ଘରେ ଦେଖିଲେ ଲୋକେ ଆମକୁ ସନ୍ଦେହ କରିବେ । ତା' ପରେ ଗୁପ୍ତ ସାହେବ ଚାଲିଗଲେ ।'' *

ଟେଲିଗ୍ରାମ ମଧୁସୂଦନ ... ଟେବୁଲ ଉପରକୁ ଟେଲିଗ୍ରାମ ଫିଙ୍ଗିଦେଇ ମଧୁସୂଦନ କହିଲେ... "ଠିକ୍ କରିଛନ୍ତି !''

କିନ୍ତୁ ବର୍ତ୍ତମାନ ଉପାୟ ?

ଏହି ସମୟରେ ଅଭିରାମ ଭଞ୍ଜ ହାତରେ ଗୋଟାଏ ଟେଲିଗ୍ରାମ ଧରି ସେଠାକୁ ଆସି କହିଲେ...''ମୟୂରଭଞ୍ଜର ମହାରାଜା, ସମ୍ମିଳନୀକୁ ଆସିପାରୁ ନାହାନ୍ତି ବୋଲି, ଏଇ ପଠାଇଛନ୍ତି ଟେଲିଗ୍ରାମ ! କଣ ହେବ ଏବେ ?'' ଅଭିରାମଙ୍କ କଣ୍ଠରେ ଉଦ୍‌ବେଗ ।

ମଧୁସୂଦନ ଚଉକୀ ଉପରୁ ଉଠିପଡ଼ି ଶାନ୍ତ କଣ୍ଠରେ କହିଲେ... "ଅନ୍ୟ ରାଜା ଜମିଦାର ମାନଙ୍କ ପାଖରୁ ମଧ୍ୟ ଠିକ୍ ଏଇପରି ଟେଲିଗ୍ରାମ ମାନ ଆସିଥିବ । ଗୁପ୍ତ ସାହେବ ଗୋଟାଏ ସର୍କୁଲାର ଜାରି କରିଛନ୍ତି– ରାଜା, ଜମିଦାର ଆଉ ସରକାରୀ କର୍ମଚାରୀମାନେ ଯେପରି ଉତ୍କଳ-ସମ୍ମିଳନୀରେ ଯୋଗ ନଦିଅନ୍ତି ।''

ଅଭିରାମ କହିଲେ..." କେତେଦିନ ଧରି ଏଇପରି ଗୋଟାଏ ଗୁଜବ୍ ଅବଶ୍ୟ ଶୁଣା ଯାଉଥିଲା । ମାତ୍ର ଆମେ କେହି ସେ କଥା ବିଶ୍ୱାସ କରି ପାରୁ ନଥିଲୁ । କିନ୍ତୁ ଗୁପ୍ତ ସାହେବ ହଠାତ ଏପରି ଗୋଟାଏ ନିଷେଧ ଜାରି କରିବାର ମତଲବ୍ କଣ ?''

ମଧୁସୂଦନ ଷ୍ଟଡ଼ି ଭିତରେ ପାଦଚାରଣା କରୁ କରୁ କହିଲେ... " ସୁରେନ୍ ବାନାର୍ଜୀ ମୋତେ ଲେଖିଥିଲେ କଟକରେ ବେଙ୍ଗଲ-ପ୍ରଭିନ୍‌ସିଆଲ୍-କନଫରେନ୍‌ସର ଆୟୋଜନ କରିବା ପାଇଁ । ଜାନକୀ-ବାବୁ ଓ ସୁରେଶ ଚକ୍ରବର୍ତ୍ତୀ ପ୍ରମୁଖ ମୋ ପାଖକୁ ମଧ୍ୟ ଆସିଥିଲେ ସେଇ ପ୍ରସ୍ତାବ ନେଇ । ମୁଁ କିନ୍ତୁ ସେମାନଙ୍କୁ ସ୍ପଷ୍ଟ କହିଥିଲି; ବଙ୍ଗଳାର ରାଜନୀତି ଓଡ଼ିଶା ଭିତରକୁ ଟାଣିବାରେ ଆମର ଲାଭ ନାହିଁ । ବଙ୍ଗଳା-ପ୍ରଭିନ୍‌ସିଆଲ୍ କନଫରେନ୍‌ସ ବଙ୍ଗଳାରେ ହେଉ...ଓଡ଼ିଶାରେ କାହିଁକି ? ଆଜି ଓଡ଼ିଶା ଓ ବଙ୍ଗଳାର ସ୍ୱାର୍ଥ ପରସ୍ପର ବିରୋଧୀ । ବଙ୍ଗଳାର ସମସ୍ୟା ବଙ୍ଗ-ଭଙ୍ଗ, ଓଡ଼ିଶାର ସମସ୍ୟା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ! ସେହି ମର୍ମରେ ସୁରେନ୍ ବାନାର୍ଜୀଙ୍କୁ ମଧ୍ୟ ମୁଁ ଲେଖି ଦେଇଥିଲି । ସେହିଦିନରୁ କିନ୍ତୁ ମୋର ଗୋଟାଏ ଆଶଙ୍କା ଥିଲା, ଉତ୍କଳ-

* Life of Madhusudan Das—As Seen By Many Eyes—ପୃ ୧୫୭

ସମ୍ମିଳନୀ ପ୍ରତି ଏପରି ଗୋଟାଏ ଆକସ୍ମିକ ପ୍ରତିବନ୍ଧକ କେତେବେଳେ କେମିତି ଦେଖା ଦେଇ ପାରେ।"

ମଧୁସୂଦନ ଟେବୁଲ ପାଖକୁ ଫେରିଆସି କହିଲେ..."ଆଜି ରାତିରେ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ଆଣ୍ଡ୍ରୁ ଫ୍ରେଜରଙ୍କ ପାଖକୁ ପଠାଯିବ ଟେଲିଗ୍ରାମ, ଏ ଅନ୍ୟାୟ ଆଦେଶର ପ୍ରତ୍ୟାହାର ପାଇଁ।"

ମଧୁସୂଦନ ଅଭିରାମଙ୍କୁ ଟେଲିଗ୍ରାମର ଡିକ୍‌ଟେସନ ଆରମ୍ଭ କରିଦେଲେ। ଟେଲିଗ୍ରାମରେ ପଠା ଯାଇଥିଲା, ସମ୍ମିଳନୀରେ ଗୃହୀତ ହେବାକୁ ଥିବା ପ୍ରସ୍ତାବ ଗୁଡ଼ିକର ଗୋଟାଏ ବିଶଦ ବିବରଣୀ।

ଟେଲିଗ୍ରାମ୍‌ଟା କ୍ରମେ ଗୋଟାଏ ସୁଦୀର୍ଘ ରିପୋର୍ଟରେ ପରିଣତ ହୋଇଥିଲା।

ଏହାର ଅଳ୍ପଦିନ ପରେ ଲେଫଟେନେଣ୍ଟ ଗଭର୍ଣ୍ଣର୍ ସାର୍ ଆଣ୍ଡ୍ରୁ ଫ୍ରେଜର୍‌ଙ୍କ ପାଖରୁ ଗୁପ୍ତ ସାହେବଙ୍କ ନିକଟକୁ ନିର୍ଦ୍ଦେଶ ଆସିଲା—ସର୍କ୍ୟୁଲାର ପ୍ରତ୍ୟାହାର ପାଇଁ।

ଗୁପ୍ତ ସାହେବ ମଧୁସୂଦନଙ୍କୁ ତାଙ୍କ ଅଭିଯୋଗମିଶା କଣ୍ଠରେ କହିଲେ..."ଆପଣ ମୋର ଜଣେ ବନ୍ଧୁ ହୋଇ, ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣରଙ୍କ ଠାରେ ମୋ. ବିରୁଦ୍ଧରେ ଅଭିଯୋଗ କରିବା ପୂର୍ବରୁ ମୋତେ ଥରେ ସୁଦ୍ଧା ପଚାରିଲେ ନାହିଁ ?"

ମଧୁସୂଦନ ଉତ୍ତର ଦେଲେ..." ଆପଣ ମୋର ଜଣେ ବନ୍ଧୁ ହୋଇ ସମ୍ମିଳନୀ ବିରୁଦ୍ଧରେ ସେପରି ଗୋଟାଏ ସର୍କ୍ୟୁଲାର ଅନୁମୋଦନ ଜାରି କରିବା ପୂର୍ବରୁ ମୋତେ ଥରେ ପଚାରିନଥିଲେ ତ ?"

## ( ତିନି )

**ଷୋ**ଳବର୍ଷ ପୂର୍ବେ ୧୮୯୭ ସାଲରେ ମାନ୍ଦ୍ରାଜରେ ବସିଥିଲା ଭାରତୀୟ ଜାତୀୟ କଂଗ୍ରେସର ତ୍ରୟୋଦଶ ଅଧିବେଶନ। ସେତେବେଳେ ମାନ୍ଦ୍ରାଜ ସହିତ ରେଳପଥର ସଂଯୋଗ ନଥିଲା। ସମୁଦ୍ରରେ ଜଳପଥରେ ଗଲେ ମାନ୍ଦ୍ରାଜ ସାତଦିନର ବାଟ। ସେଥିପାଇଁ ସେ ବର୍ଷ କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ଓଡ଼ିଶାରୁ ପ୍ରତିନିଧି ମାନଙ୍କର ବିଶେଷ

ଆଗ୍ରହ ନଥିଲା । କିନ୍ତୁ ମଧୁସୂଦନ ସେହି ଦୀର୍ଘ ଜଳପଥ ଅତିକ୍ରମ କରି ମାନ୍ଦ୍ରାଜ ଯାଇଥିଲେ ମହାଭାରତୀୟତାର ଉଦ୍‌ବୋଧନରେ । ଓଡ଼ିଶା-ଆସୋସିଏସନ୍ ବା ଉତ୍କଳ-ସଭାକୁ ଭାରତୀୟ ଜାତୀୟ କଂଗ୍ରେସ ସହିତ ମିଶାଇ ଦେବାପାଇଁ ସୁଦ୍ଧା; ସେତେବେଳେ ଗୋଖଲେଙ୍କର ପ୍ରମୁଖଙ୍କୁ ସେ ପ୍ରବର୍ତ୍ତାଇ ଥିଲେ ।

ମାତ୍ର ଏବେ ୧୯୦୩ ସାଲ ବେଳକୁ କଂଗ୍ରେସ ସମ୍ପର୍କରେ ତାଙ୍କର ମୋହଭଙ୍ଗ ଘଟିଥିଲା । ଓଡ଼ିଶାର ସମସ୍ୟା ପ୍ରତି, ଭାରତୀୟ ଜାତୀୟ କଂଗ୍ରେସ କେବଳ ଯେ ଉଦାସୀନ ରହିଥିଲା ତାହା ନୁହେଁ; ଓଡ଼ିଆ-ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଓଡ଼ିଶାର ବହୁପୋଷିତ ଦାବୀ ପ୍ରତି, କଂଗ୍ରେସ ମଞ୍ଚରୁ ମଧ୍ୟ ବେଳେ ବେଳେ ଶୁଣା ଯାଇ ଆସୁଥିଲା ବିରୋଧର ସ୍ୱର । ଗତବର୍ଷ କଂଗ୍ରେସ ସଭାପତି ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ପର ଠାରୁ, ଓଡ଼ିଶାର ବିଶେଷ ସମସ୍ୟା ଦୃଷ୍ଟିରୁ, କଂଗ୍ରେସ ପ୍ରତି ମଧୁସୂଦନଙ୍କର ଆଉ ସେ ଆକର୍ଷଣ ନଥିଲା । ଏଥର ମାନ୍ଦ୍ରାଜରେ କଂଗ୍ରେସର ଊନବିଂଶ ଅଧିବେଶନ, ମଧୁସୂଦନଙ୍କର ସେ ମୋହଭଙ୍ଗକୁ ଚୂଡ଼ାନ୍ତ କରିଦେଲା ।

କଂଗ୍ରେସର ବିଷୟ ନିର୍ବାଚନ କମିଟିରେ ପ୍ରସ୍ତାବ ଆସିଥିଲା, କେବଳ ବଙ୍ଗ-ଭଙ୍ଗର ବିରୋଧ ପାଇଁ । ଓଡ଼ିଶାର ପ୍ରଶ୍ନ ସେଥିରେ ନଥିଲା । କିନ୍ତୁ ବ୍ରହ୍ମପୁରର ତେଲୁଗୁ ପ୍ରତିନିଧି ଜି. ରାଘବରାଓ ସେଥିରେ ଏକ ସଂଶୋଧନ ଯୋଡ଼ିଲେ, ଗଂଜାମ ଜିଲ୍ଲା ସମେତ ଗଂଜାମ ଓ ଭିଜାଗାପଟ୍ଟମ୍ ଏଜେନ୍‌ସୀକୁ ମାନ୍ଦ୍ରାଜ ପ୍ରଦେଶରୁ ଅଲଗା କରି ଓଡ଼ିଶା ସହିତ ମିଶ୍ରଣର ପ୍ରସ୍ତାବ ବିରୁଦ୍ଧରେ । ଅବଶେଷରେ ପ୍ରସ୍ତାବଟି ହୋଇଥିଲା ଏହିପରି···

"That this Congress views with deep concern the present policy of the Government of India in breaking up territorial Divisions which have been of long standing and are closely united by ethnological, legislative, social and administrative relations, and the Congress deprecates the separation from Bengal of Daca, Mymensingh, Chittagong Divisions and portions of Chota Nagpur Division, and also the separation of the District of Ganjam, and the Agency tracts of Ganjam and Vizagapatam from the Madras Presidency."

ଜି. ରଘବରାଓଙ୍କର ଏ ପ୍ରସ୍ତାବକୁ ବିରୋଧ କରିବା ପାଇଁ ମାନ୍ଦ୍ରାଜ-କଂଗ୍ରେସରେ ଓଡ଼ିଶାର କୌଣସି ପ୍ରତିନିଧି ନଥିଲେ । ଥିଲେ ଯେ ପରିଣତିରେ କୌଣସି ଇତର ବିଶେଷ ହୋଇଥାନ୍ତା, ତାହା ନୁହେଁ । ତାମିଲ-ଭାଷୀ ପ୍ରତିନିଧି ଭି. କୃଷ୍ଣସ୍ୱାମୀ ଆୟାର, ରଘବରାଓଙ୍କ ପ୍ରସ୍ତାବର ବିରୋଧ କରି, ମାନ୍ଦ୍ରାଜରୁ ଗଂଜାମ ଓ ଭିଜାଗାପାଟ୍ଟମ୍ ଏଜେନ୍ସୀର ପ୍ରସ୍ତାବିତ ବିଚ୍ଛେଦ ସମ୍ପର୍କରେ ଅଂଶଟିକୁ ବାଦଦେବା ପାଇଁ ଆଣିଥିଲେ ଏକ ସଂଶୋଧନ ପ୍ରସ୍ତାବ । ଏହା ମଧ୍ୟ ଯଥାବିଧି ସମର୍ଥିତ ହୋଇଥିଲା । କିନ୍ତୁ ସଂଶୋଧନ ଉପରେ ଭୋଟ ନଆସିବାରୁ ଏହା ନାକଚ ହୋଇ ଯାଇଥିଲା । *

ମାନ୍ଦ୍ରାଜରେ ଜାତୀୟ କଂଗ୍ରେସ ମଞ୍ଚରେ ଓଡ଼ିଶାର ନ୍ୟାଯ୍ୟୋଚିତ, ଐତିହାସିକ ଦାବୀ ଏହିପରି ଅବହୃଗତ ଭାବରେ ପଦଦଳିତ ହେଉଥିବା ବେଳେ, ଇଦ୍‌ଗାପଡ଼ିଆରେ ଉତ୍କଳ-ସମ୍ମିଳନୀର ମଣ୍ଡପ କିନ୍ତୁ ମୁଖରିତ ହୋଇ ଉଠିଥିଲା, କବିବର ରାଧାନାଥଙ୍କ ଉଦ୍‌ବୋଧନ ସଙ୍ଗୀତରେ···

"ସର୍ବେଷାଂ ନୋ ଜନନୀ ଭାରତ ଧରଣୀ
କଳ୍ପଲତେୟଂ
ଜନନୀ ବତ୍ସଳ ତନୟଗଣେଷ୍ୱତ୍
ସମ୍ୟକ ଶର୍ମ୍ମ ବିଧେୟଂ"

ଓଡ଼ିଶାର ଜନଜୀବନରେ ସେଦିନ ଏକ ଅଭୂତପୂର୍ବ ଆଲୋଡ଼ନ । ମହାରାଜାଙ୍କ ଠାରୁ ଆରମ୍ଭ କରି ପଲ୍ଲୀର କୃଷକ, ପର୍ଯ୍ୟବେକ୍ଷକ ରୂପେ ସ୍ୱୟଂ କମିସନର୍ କେ. ଜି. ଗୁପ୍ତଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ରତମ କିରାନୀ—ଉତ୍କଳ ସାହିତ୍ୟର ରଥୀ ମହାରଥୀ, ରାଧାନାଥ, ଫକୀର ମୋହନ, ମଧୁସୂଦନ ଓ ଗଙ୍ଗାଧର ପ୍ରମୁଖଙ୍କ ଠାରୁ କଲେଜ ଛାତ୍ର ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ସେଦିନ ଯୋଗ ଦେଇଥିଲେ ମାତୃ ପୂଜାର ସେହି ମଣ୍ଡପରେ । ସେ ପର୍ଯ୍ୟନ୍ତ ଭାରତରେ ରାଜନୈତିକ-ସମ୍ମିଳନୀ ମାନଙ୍କରେ କାର୍ଯ୍ୟାବଳୀ ଇଂରାଜୀ ଭାଷାରେ ପରିଚାଳିତ ହେବା ଥିଲା ପ୍ରତିଷ୍ଠିତ ବିଧି । ମାତ୍ର ମଧୁସୂଦନ ସେଥିରେ ଆଣିଥିଲେ ବ୍ୟତିକ୍ରମ—ସମ୍ମିଳନୀର କାର୍ଯ୍ୟାବଳୀ ପରିଚାଳିତ ହୋଇଥିଲା ମାତୃଭାଷା ଓଡ଼ିଆରେ ।

* The Oriya Movement ପୃ ୩୦-୩୧

କଲିକତାର "ଅମୃତ ବଜାର ପତ୍ରିକା", ଉତ୍କଳ-ସମ୍ମିଳନୀର ଏହି ବୈଶିଷ୍ଟ୍ୟକୁ ରେଖାଙ୍କିତ କରି ଲେଖିଥିଲେ···

"The Utkal Union or the Orissa Conference which commenced its sittings at Cuttack on the 30th December and terminated its proceedings on the New Years Day had some peculiar features.

The most striking of these is that this is the first time that a long number of Indian Chiefs, Rajahs, Jemindars and the gentry of an Indian Province were found assembled together for the purpose of improving their material condition by mutual help. In Orissa the princes were brought together with the aristocracy, the gentry and the poor. Not only do the princes and the people in that Province speak the same language but they are all bound by the same ties of religion, customs, usages and associations. The whole movement was thus actuated by one feeling of nationality, its main object being to unite all the Oriya speaking peoples into one race." *

"ଅମୃତ ବଜାର ପତ୍ରିକା"ର ସମ୍ପାଦକ ସ୍ୱୟଂ ମୋତିଲାଲ ଘୋଷ ମଧ୍ୟ ଉତ୍କଳ-ସମ୍ମିଳନୀର ଏହି ସର୍ବପ୍ରଥମ ଅଧିବେଶନରେ ଯୋଗ ଦେଇଥିଲେ । ତାଙ୍କ ମତରେ ପତ୍ରିକାର ପୂର୍ବତନ ସମ୍ପାଦକ ଶିଶିର କୁମାର ଘୋଷଙ୍କ ଦ୍ୱାରା ୧୮୭୬ ସାଲରେ ଝିଙ୍କରଗାଛରେ ଆୟୋଜିତ ରଇୟତ-ସମ୍ମିଳନୀ ପରେ, ଉତ୍କଳ ସମ୍ମିଳନୀ ହିଁ ଥିଲା, ସମଗ୍ର ଭାରତରେ ଦ୍ୱିତୀୟ ସାର୍ବଜନୀନ ସମାବେଶ ! †

ମାନ୍ଦ୍ରାଜ ଠାରେ କଂଗ୍ରେସର ଊନବିଂଶ ଅଧିବେଶନରେ ଭାରତୀୟ ପ୍ରଦେଶ ମାନଙ୍କର ପୁନର୍ଗଠନ ସମ୍ପର୍କରେ ଭାଇସରୟ ଲର୍ଡ କର୍ଜନଙ୍କ ପ୍ରସ୍ତାବ ଓ ସେଥି ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣର ବହୁଘୋଷିତ ସମ୍ଭାବନା, ଏକମୁଖରେ ଭର୍ତ୍ସିତ, ପ୍ରତ୍ୟାଖ୍ୟାତ ହେଉଥିବା ବେଳେ, ଉତ୍କଳସମ୍ମିଳନୀର ସର୍ବପ୍ରଥମ ପ୍ରସ୍ତାବରେ, ଓଡ଼ିଆ-ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀକରଣ ପ୍ରସ୍ତାବ

* Amrit Bazar Patrika ତା ୯-୧-୧୯୦୪

† Patrika Centenary Brochure—ପୃ ୪୭

ପାଇଁ ଭାଇସରସ୍ନ ଲର୍ଡ କର୍ଜନଙ୍କୁ ଅପରୁ ହୋଇଥିବା ଓଡ଼ିଆଜାତିର ସଙ୍କୁଚିତଙ୍କ ଧନ୍ୟବାଦ । କେନ୍ଦୁଝରର ମହାରାଜା ଏ ପ୍ରସ୍ତାବ ଆଗତ କରିଥିବାଲ ଓ ଖଲ୍ଲିକୋଟର ରାଜାଙ୍କ ଦ୍ୱାରା ଏହା ସମର୍ଥିତ ହେବା ପରେ, 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର, ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ ସମ୍ବଲପୁରର ବାବୁ ବ୍ରଜମୋହନ ପଟ୍ଟନାୟକଙ୍କ ଦ୍ୱାରା ଏହା ଯଥାବିଧି ଅନୁମୋଦିତ ହୋଇଥିଲା ।

ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଭୌଗୋଳିକ ଓ ପ୍ରଶାସନିକ ଏକତ୍ରିକରଣ କେବଳ ମଧୁସୂଦନଙ୍କର ଅଭିପ୍ରେତ ନଥିଲା, କିମ୍ବା ଏହା ଉତ୍କଳ ସମ୍ମିଳନୀର ଏକମାତ୍ର ଲକ୍ଷ୍ୟ ନଥିଲା । "ଉତ୍କଳୀୟ ମାନଙ୍କର ନୈତିକ ବିକାଶ ଓ ଉତ୍କଳର ଶୈଳ୍ପିକ ତଥା ଅର୍ଥନୈତିକ ଅଭିବୃଦ୍ଧି" ପାଇଁ ଉତ୍କଳ-ସମ୍ମିଳନୀ ଆନୁକୂଲ୍ୟରେ ଶିଳ୍ପାନୁଷ୍ଠାନ ସଭାର ସଂଗଠନ ପାଇଁ, ତାଳଚେରର ମହାରାଜା ଆଣିଥିଲେ ଏକ ପ୍ରସ୍ତାବ । ସ୍ୱୟଂ ମଧୁସୂଦନଙ୍କ ଦ୍ୱାରା ଏହା ସମର୍ଥିତ ହୋଇଥିଲା ।

ସାହିତ୍ୟକୁ ବାଦ ଦେଇ ଜାତି କାହିଁ ? ଓଡ଼ିଆଭାଷା ଓ ସାହିତ୍ୟର ଉନ୍ନତତର ବିକାଶ ଦିଗରେ ସୁପରିକଳ୍ପିତ ପଦକ୍ଷେପ ନେବା ଲକ୍ଷ୍ୟରେ ଏକ ଷ୍ଟାଣ୍ଡିଙ୍ଗ-କମିଟି ଗଠନ ପାଇଁ କବିବର ରାଧାନାଥ ଆଣିଥିଲେ ଏକ ପ୍ରସ୍ତାବ । କବି ମଧୁସୂଦନ ରାଓ, ଗୋପାଳବଲ୍ଲଭ ଦାସ ଓ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ଏ ପ୍ରସ୍ତାବ ସମର୍ଥିତ ହୋଇଥିଲା ଘନଘନ କରତାଳି ଧ୍ୱନି ମଧ୍ୟରେ । ଏହି ଷ୍ଟାଣ୍ଡିଙ୍ଗ କମିଟୀ ଗଠିତ ହୋଇଥିଲା ନିମ୍ନୋକ୍ତ ବ୍ୟକ୍ତିମାନଙ୍କୁ ନେଇ—ରାୟ ବାହାଦୁର ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀର ମୋହନ ସେନାପତି, ବିଶ୍ୱନାଥ କର, ଅଭିରାମ ଭଂଜ, ଏମ୍. ଏ, ବି. ଏଲ୍, ନନ୍ଦକିଶୋର ବଳ. ବି. ଏ., ମଧୁସୂଦନ ଦାସ ବି. ଏଁ. ଓ ଗୋପାଳ ଚନ୍ଦ୍ର ପ୍ରହରାଜ ବି. ଏ. ବି, ଏଲ୍ ।

କିନ୍ତୁ "ଉତ୍କଳୀୟ" କହିଲେ କେବଳ ଓଡ଼ିଆଭାଷାଭାଷୀ ମାନଙ୍କୁ ବୁଝାଏ ନାହିଁ । ଓଡ଼ିଶା ଯେଉଁମାନଙ୍କର ଜନ୍ମଭୂମି ଓ କର୍ମଭୂମି ସେମାନେ ସମସ୍ତେ ଉତ୍କଳୀୟ । ସେଥିପାଇଁ ସମଗ୍ର ଓଡ଼ିଆଭାଷାଭାଷୀ ଅଞ୍ଚଳର ନାମ ରହିଥିଲା "ଉତ୍କଳ" । ଭାଷାଗତ ଅଥବା ସାମ୍ପ୍ରଦାୟିକ ବିଦ୍ୱେଷରେ ପୂର୍ଣ୍ଣଚ୍ଛେଦ ପକାଇ, ଉତ୍କଳର ଅଭ୍ୟୁତ୍ଥାନରେ "ଉତ୍କଳୀୟ ମାନଙ୍କର ସଖ୍ୟ

ଓ ଭ୍ରାତୃଭାବ "ସର୍ବାଦୌ ଆବଶ୍ୟକ । ଏଥିପାଇଁ ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ ରାଜା ବୈକୁଣ୍ଠନାଥ ଦେ ବାହାଦୁର । ସମ୍ବଲପୁରର ଶ୍ରୀ ରାମନାରାୟଣ ମିଶ୍ର ଓ ମେଦିନୀପୁରର ଶ୍ରୀ ରାଧାନାଥ ପଣ୍ଡାଙ୍କ ଦ୍ୱାରା ଏହା ସମର୍ଥିତ ହୋଇଥିଲା । ଏ ପ୍ରସ୍ତାବକୁ ଅନୁମୋଦନ କରି ମଧୁସୂଦନ ସମ୍ମିଳନୀ-ମଞ୍ଚରୁ ସେଦିନ କହିଥିଲେ···

''ସ୍ଥିର ସମୁଦ୍ରରେ ଚନ୍ଦ୍ରର ଗୋଟିଏ ପ୍ରତିବିମ୍ବ ଦେଖାଯାଏ । ମାତ୍ର ତରଙ୍ଗ ଉଠିଲେ ଶତ ଶତ ପ୍ରତିବିମ୍ବ ଖେଳଯାଏ । ଆଜି ଭାଇମାନଙ୍କୁ ଦେଖି ଆମ୍ଭମାନଙ୍କ ହୃଦୟରେ ପ୍ରେମତରଙ୍ଗ ଉଠିବାରୁ ମୁଁ ଭାଇମାନଙ୍କୁ ଦେଖି ସେହିପରି ଆନନ୍ଦିତ ହେଉଅଛି । ଧାତୁ ଅଗ୍ନି ସାହାଯ୍ୟରେ ତରଳ ଯାଇଥାଏ ଏବଂ ହିନ୍ଦୁଙ୍କର ବିଶ୍ୱାସ ଯେ ଅଷ୍ଟଧାତୁ ଏକତ୍ର ମିଶି ଏମନ୍ତ ଏକ ଧାତୁମୟ ପଦାର୍ଥ ଉତ୍ପନ୍ନ ହୁଏ, ଯାହା କି ଅନେକ ମହତ୍ତ୍ୱ କାର୍ଯ୍ୟ ସାଧନ କରିଥାଏ । ଅତଏବ ଏହି ଭ୍ରାତୃପ୍ରେମ ଦ୍ୱାରା ଆମ୍ଭେମାନେ ଏପରି ଭାବରେ ଦ୍ରବୀଭୂତ ହେବା ଯେ, ଏହି ନବନିର୍ମିତ ଉତ୍କଳଖଣ୍ଡ ଅନେକ ଶୁଭକାର୍ଯ୍ୟ କରିପାରିବ । ଇତିହାସ ଅବଲୋକନ କଲେ ଜଣାଯାଏ ଯେ, ନାନା ସ୍ଥାନର ଲୋକେ ଇଂଲଣ୍ଡକୁ ଆସି ଏକତ୍ର ବାସ କରି ମିଶ୍ରଣ ଦ୍ୱାରା ଇଂରେଜ ଜାତି ହୋଇଛି ଏବଂ ଇଉରୋପରେ ମହତ କାର୍ଯ୍ୟମାନ ସାଧନ କରୁଅଛି । ଆମ୍ଭେମାନେ ସେହିପରି ମିଶିବା ଆବଶ୍ୟକ ।··· ଉତ୍କଳ-ଜନନୀ ବର୍ତ୍ତମାନ ଦାରୁଣ ଦୁଃଖ ଓ କ୍ଳେଶରେ । ଏ ଦୁଃଖ ଦେଖି କିଏ ନିଶ୍ଚିନ୍ତ ହୋଇ ରହିପାରେ ? ଅତଏବ ଆମ୍ଭେମାନେ ଏକତ୍ରିତ ହୋଇ ଉତ୍କଳ ଜନନୀଙ୍କ ସେବା ଓ ଦୁଃଖମୋଚନ ନିମନ୍ତେ ପ୍ରସ୍ତୁତ ହେବା । ଏହି ମହାବ୍ରତରେ ନିଯୁକ୍ତ ହେବା ବେଳେ, ଭାଇମାନେ ମନେରଖିବ, ମହମଦ୍ ଏକ ସମୟରେ କହି ଯାଇଛନ୍ତି, ଭ୍ରାତୃ ପ୍ରେମ ବିସ୍ତାର ନିମନ୍ତେ ହୃଦୟର ଅପବିତ୍ର ଅଂଶକୁ ତ୍ୟାଗ କରି ପବିତ୍ର ରକ୍ତ ପ୍ରଦାନ କରି ଯାଇପାରେ । ଭାଇମାନେ, ଯେଉଁମାନେ ମାତୃସେବାରେ ବ୍ରତୀ ହେବ, ସେମାନେ ପ୍ରଥମେ ଆତ୍ମଗର୍ବ ଓ ସ୍ୱାର୍ଥପରତା ତ୍ୟାଗ କର । ମୁଁ ବା ତୁମ୍ଭେମାନେ ଆଜି କି କାଲି ଇହ ସଂସାରରୁ ଚାଲିଯିବା । ମାତ୍ର ଜାତି ଚିରଂଜୀବୀ ।··· ନଦୀ ଓ ହ୍ରଦଜଳ ସବୁ ଦିଗରୁ ଆସି ସମୁଦ୍ରରେ ପତିତ ହେଲାପରେ ଏକ ମୂର୍ତ୍ତି ଏବଂ ଏକ ରଙ୍ଗ ଧାରଣ କରି ସମୁଦ୍ରଜଳ ନାମରେ ଖ୍ୟାତ ହୋଇ ମହାସମୁଦ୍ର ନାମ ଧାରଣ କରେ ।"

ଉତ୍କଳ-ସମ୍ମିଳନୀ "ମହାସିନ୍ଧୁ"ରେ ସେହିପରି ନିଜର ପ୍ରାଣ ବିନ୍ଦୁ ମିଶାଇ ଦେବା ପାଇଁ ଯେଉଁ ଥିଲା, ମଧୁସୂଦନଙ୍କର ଉଦ୍‌ବୋଧନ । ସମ୍ମିଳନୀ ମଣ୍ଡପରୁ ଏହି ଉଦ୍‌ବୋଧନ କ୍ରମେ ପ୍ରତିଧ୍ୱନିତ ହୋଇ ଉଠିଲା ବିଚ୍ଛେଦଗ୍ରସ୍ତ ଓଡ଼ିଶାର କୋଣେ କୋଣେ, ସୁଦୂର ପଲ୍ଲୀପ୍ରାନ୍ତର ଠାରୁ ଆରମ୍ଭ କରି ସହରର ରାଜପଥ ପର୍ଯ୍ୟନ୍ତ—

"ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡ଼ ସିନ୍ଧୁ ନୀରେ ।"

ଠିକ୍ ଗୋଟିଏ ଶତାବ୍ଦୀ ପୂର୍ବେ, ଯେଉଁ ଓଡ଼ିଆଜାତି ବ୍ରିଟିଶ-ଅଧିକାରର କ୍ଷତ ଉତ୍ପୀଡ଼ନ ଓ ଗ୍ଲାନି ମଧ୍ୟରେ ଆତ୍ମପ୍ରତ୍ୟୟହୀନ ଅଚୈତନ୍ୟରେ ଧରଣୀଶାୟୀ ହୋଇ ପଡ଼ିଥିଲା; ଏବେ ତାହାର କଣ୍ଠରେ ଫୁଟିଥିଲା ନବଜାଗରଣର ଆହ୍ୱାନ···

"ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୁଜା
ସେହି ତୋର ମାତା ସେହି ତୋର ଭ୍ରାତା
କର ସେହି ପାଦ ପୂଜା ।"

ମଧୁସୂଦନ ଥିଲେ ଏହି ନବଜାଗରଣର ବୈତାଳିକ···ଅନ୍ଧକାର ଶତାବ୍ଦୀ ଶେଷରେ ନୂତନ ଓଡ଼ିଶାର ଆକାଶରେ ସୂର୍ଯ୍ୟୋଦୟ ।

---

ରଚନାକାଳ :
ଜାନୁଆରୀ ୧୯୬୯—ମାର୍ଚ୍ଚ ୧୯୭୦



# ସୁରେନ୍ଦ୍ର ମହାନ୍ତି

ଜନ୍ମ ଇଂ ୧୯୨୨ ସାଲ ଜୁନ୍ ୨୧ ତାରିଖ—କଟକ ଜିଲ୍ଲା ସାଲେପୁର ଥାନାନ୍ତର୍ବର୍ତ୍ତୀ ପୁରୁଷୋତ୍ତମପୁର ଗ୍ରାମରେ । ' ୪୯ରେ ପ୍ରଥମ ବନ୍ଧିବଦ୍ଧ ରଚନା "ପୃଥିବୀର ଆଲୋକ" ନ ୬୬, ବାରିପଦା ମହାରାଜାଜନ୍ମୋତ୍ସବ-ସମିତି ଦ୍ୱାରା ଶ୍ରେଷ୍ଠ ନାଟିକା ରୂପେ ପୁରସ୍କୃତ ହେବ । ପରଠାରୁ ଲେଖକ ଜୀବନର ଆରମ୍ଭ । ମାତ୍ର ନାଟକ ଅପେକ୍ଷା କ୍ଷୁଦ୍ରଗଳ୍ପରେ ରୁଚି ଅଧିକ ଥିବା ହେତୁ କ୍ଷୁଦ୍ରଗଳ୍ପ ରଚନା ପ୍ରତି ଆକୃଷ୍ଟ ହୋଇ ଇତମଧ୍ୟରେ ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରିଅଛନ୍ତି । "ସବୁଜ ପତ୍ର ଓ ଧୂସର ଗୋଲାପ" କ୍ଷୁଦ୍ରଗଳ୍ପ ସଂକଳନ ଓଡ଼ିଶା-ସାହିତ୍ୟ ଆକାଡେମୀ ଦ୍ୱାରା ପୁରସ୍କୃତ । ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଯୁଗାନ୍ତର ଆଣିଥିବା ସମାଲୋଚକ ମାନଙ୍କ ଦ୍ୱାରା ସ୍ୱୀକୃତ ଏହାଙ୍କର ଅନ୍ୟତମ ଉପନ୍ୟାସ ନୀଳଶୈଳ ୧୯୬୯ ସାଲ ପାଇଁ ସାହିତ୍ୟ ଆକାଡେମୀ ପୁରସ୍କାର ଲାଭ କରିଅଛି ୧୯୫୨ ଠାରୁ ୧୯୫୬ ଓ ୧୯୫୭ ଠାରୁ ୧୯୬୨ ପର୍ଯ୍ୟନ୍ତ ଯଥାକ୍ରମେ ଭାରତ ପାର୍ଲିଆମେଣ୍ଟର ରାଜ୍ୟସଭା ଓ ଲୋକସଭାରେ ସଭ୍ୟ ଥିଲେ । ରାଜ୍ୟସଭାର ସଦସ୍ୟ ଥିବା ବେଳେ ୧୯୫୫ ସାଲରେ ଚୀନ ପରିଭ୍ରମଣ କରିଥିଲେ । ପେକିଙ୍ଗ୍ ଡାଏରି, ଓଡ଼ିଆରେ ଏକ ଅନବଦ୍ୟ ଭ୍ରମଣବୃତ୍ତାନ୍ତ ! ଅନ୍ୟ ରଚନାବଳୀ ମଧ୍ୟରେ ଅନ୍ଧଦିଗନ୍ତ (ଉପନ୍ୟାସ), ଓଡ଼ିଆ ସାହିତ୍ୟର ଆଦିପର୍ବ ଓ ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ପ୍ରଭୃତି ଉଲ୍ଲେଖଯୋଗ୍ୟ । ସଂପ୍ରତି—ସଂପାଦକ "କଳିଙ୍ଗ" ।